

ଅପଣ ଉତ୍କଳର ଜଣେ ସୁନାମଧ... । ଅପଣ ରାଜପୁର

ସହରର ଉଚ୍ଚ ବୁନିଆଦ ବଂଶଜ ... ଙ୍କର ପୁତ୍ର । ଅପଣଙ୍କ



ନଟବର ଶ୍ରୀ କୃଷ୍ଣପ୍ରସାଦ ବସୁ ।

...ତା ଜଣେ ସଙ୍ଗୀତ-ସଜ୍ଜକା ଓ ନାଟ୍ୟାମୋଦୀ । ...ଦନରୁ ସଙ୍ଗୀତ ବଦ୍ୟାପ୍ରତି ଅପଣଙ୍କର ଅତି ...ହ ଦେଖାଯାଉଥିଲା ଓ କଲେଜରେ ...ଥିବା ସମୟରେ ଅପଣ କଟକର ଓସ୍ତାଦ-...ଙ୍କ ସହିତ ମିଳାମିଶା କରି ଯନ୍ତ୍ର ଓ ଗାନ ...ଆ ହାସଲ କରିଥିଲେ । ପଢ଼ା ଛଡ଼ି ଅପଣ ...ଠାରେ ଗୋଟିଏ ନୂଆ ଧରଣର ନାଟକଦଳ ...ଳି କରି ଓଡ଼ିଶାକୁ ଆଧୁନିକ ନାଟ୍ୟାଭିନୟ ...ସଙ୍ଗୀତର ପଥ ପ୍ରଦର୍ଶାଇ ଥିଲେ । ତାହା ...ର ଉତ୍କଳର ନାନା ସ୍ଥାନରେ ନବଗୁଡ଼ ସମ୍ପଲ ନାଟ୍ୟଦଳମାନ ... କରୁଥିଲେ । ଅପଣ କୈମ୍ଭିକ ପୁରାଣ ନୂତନ ଜୀବନରୁ ଓଡ଼ିଆ ସଙ୍ଗୀତର ଉନ୍ନତି ନିମନ୍ତେ ଉତ୍ସର୍ଗ କରିଅଛନ୍ତି । ଅପଣଙ୍କର ଅନେକ ଶିଷ୍ୟ ସଙ୍ଗୀତ ବଦ୍ୟାରେ ସୁନାମ ଅର୍ଜନ କରେଣି । ଓଡ଼ିଆରେ ବେକର୍ଡ ହୋଇଥିବା ସଙ୍ଗୀତ ଓ ଡ୍ରାମାମାନଙ୍କ ମଧ୍ୟରୁ ଅଧିକାଂଶ ଅପଣଙ୍କ ଦ୍ୱାରା ରଚିତ ଓ ସମ୍ପାଦିତ । ଅପଣ ଏକାଧାରରେ କବି, ନଟ, ନାଟ୍ୟକାର ଓ ଗୀତ-ରଚୟିତା । ଅପଣଙ୍କର ଅନେକ ଗୁଡ଼ିଏ ଅପ୍ରକାଶିତ ନାଟକ ମଧ୍ୟରୁ ଜନ୍ମାଷ୍ଟମୀ, ଗମ୍ଭୁମୁର, ଯଯାତି, ବହୁଳା ଓ ଲକ୍ଷ୍ମୀପୂଜା ବହୁତ ପ୍ରସିଦ୍ଧ ।

ଅପଣ ଅଜି ଉତ୍କଳର ଅଭିବାଦନ ଗ୍ରହଣ କରନ୍ତୁ ।

ପତ୍ର ଅଞ୍ଚଳରେ ବାହାରିବ — ...ପ୍ରାଜ ଗଳ — କଟକ

Digitized by srujanika@gmail.com



# ବିଲୁଆ ବିଚାର

[ଡଗରର ଉଦ୍ଦେଶ୍ୟ ରସ ସୃଷ୍ଟି । ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ ବକ୍ରୋକ୍ତି ପରେ ଆନନ୍ଦର ସଞ୍ଚାର କରିବା ତାର ଉଦ୍ଦେଶ୍ୟ ।]

## ସମ୍ପାଦକୀୟ

ଆମର ଜଣେ ଓଡ଼ିଶୀ ମନ୍ତ୍ରୀ, ମଙ୍ଗଳ-କୃତ୍ୟର ନବ ଉନ୍ମାଦନାରେ ପ୍ରେମଗଦ୍ଗଦ ହୋଇ କହି ପକାଇଲେ, "ଗଭର୍ଣ୍ମେଣ୍ଟ ଗୋଟିଏ ଏକାନ୍ନବର୍ତ୍ତୀ ହିନ୍ଦୁ ପରିବାର ଏବଂ ଆଉ ଗଭର୍ଣ୍ଣର ତାର କର୍ତ୍ତା ।" ଆମେ ଶୁଣିଥିଲୁଁ ଏପରି କର୍ତ୍ତାମାନେ ଦଶରଥଙ୍କ ଭଳି ଏକାଧିକ କତ୍ରୀ ଗ୍ରହଣ କରୁଥିଲେ । ଏବେ ଯୁଗରେ ତାହା ଯଦି ସମ୍ଭବ ହୁଏ ତେବେ ପାଠକ କହି ପାରିବେ କି, ଏ ସ୍ଥଳରେ କିଏସେ କିଏ ?

\+ + +

ଷଣ୍ଢ (John Bull)ଦେଶର ବଡ଼ ଲାଟ ସାହେବ ଭାରତକୁ ବହୁତ ପ୍ରଜନକ ଷଣ୍ଢ (Stud Bull) ଦାନ କରୁଛନ୍ତି । ତାଙ୍କର ଏହି ଗୋ-ପ୍ରେମ ଦେଖି ଭଗବାନ ତାଙ୍କ ନାମ ଶେଷରେ 'ଗୋ' ଶବ୍ଦ ଯୋଗ କରିଛନ୍ତି ଯେ ! ଜୀର୍ଣ୍ଣଶୀର୍ଣ୍ଣ ଓଡ଼ିଆ ଗୋ-ଜାତି ଉପରେ ପ୍ରଭୁଙ୍କର କେବେ ଦୃଷ୍ଟି ପଡୁଛି ?

\+ + +

ଓଡ଼ିଶାରେ ଦକ୍ଷିଣୀ ମନ୍ତ୍ରୀ ମଣ୍ଡଳ ଗଢ଼ା ହେଲା ବୋଲି ଅନେକ ଉତ୍ତରାଞ୍ଚଳଅଙ୍କ ଳଗଡ଼ା ପାଟିକୁ ଖାତ ଛୁରୁ ନାହିଁ । ଏ ନ୍ତ୍ରିଚକ୍ର ଅମ୍ଭେମାନେ 'ଗୁରୁପାଣି'ର ବ୍ୟବସ୍ଥା କରୁଅଛୁଁ । ଏଥିରେ ଗୋଟାଏ ଉଥି ଯେ ଉତ୍ତରରେ ଗୁରୁ ସନ୍ଧ୍ୟାଣୀର ହବ । ଏଥିପାଇଁ ଅନୁରୋଧ କରୁଁ କି ନୂଆ ମନ୍ତ୍ରୀଗଣ ତାଙ୍କ ନୂଆ ପ୍ରୋଗ୍ରାମ ଭିତରେ ଉତ୍ତର-ଦକ୍ଷିଣ ମିଳନର ଗୋଟାଏ ସୁଯନ୍ତ୍ରା ବାହାର କରନ୍ତୁ । ଆମ ମତରେ ବୈବାହିକ ମିଳନ ଠାରୁ ଆଉ କିଛି ସୁସ୍ୱାଦୁ, ସୁନ୍ଦର, ସୁଦୃଢ଼ ହୋଇ ନ ପାରେ । ମନ୍ତ୍ରୀମାନେ ଘଟକତା କଲେ ଏହା ସୁକର ହୋଇପିବ ।

\+ + +

କଂଗ୍ରେସ ବଗୃରରେ ବାଲେଶ୍ୱର ଭାଗରେ ଓଡ଼ିଶା ଅସେମ୍ବ୍ଲିର ଚନ୍ଦ୍ରଶେଣୀ ସ୍ୱଭାପତିତ୍ୱ ପକାଇ ଆଉ ଜିଲ୍ଲାମାନଙ୍କୁ ମନ୍ତ୍ରିତ୍ୱ ଦିଆ ହୋଇଥିଲା । ବର୍ତ୍ତମାନ କର୍ମବିପାକର ମାରପେଞ୍ଚରେ ପଡ଼ି ଫଳଟା ଫଳିଛି ଓଲଟା । ଆଶାୟୀମାନେ ଅକାଶ-କସ୍ତୁଁ ଓ ଶଲକା ମାଛ ଆଶାରେ ବର୍ତ୍ତମାନ ପାଇଁ ପାଟିଟାକୁ ମାରି ରହନ୍ତୁ ।

ଆପଣା ହସ୍ତେ ଜିହ୍ୱା ଛେଦ ——

\+ + +

କଂଗ୍ରେସବାଲା ମନ୍ତ୍ରୀ ହେଲେ କୁଆଡ଼େ ତାଙ୍କ ଦରମାଟା ପୂରା ଆତ୍ମସାତ୍ ନ କରି ଅଧେ ଖଣ୍ଡେ କଂଗ୍ରେସକର୍ମୀଙ୍କୁ ଦେବେ । କଂଗ୍ରେସ କର୍ମ ବୋଇଲେ ଠିକ୍ କଣ ? ହରିଜନ କର୍ମୀ, କୃଷକ କର୍ମୀଙ୍କୁ ଦରମା ଦେବା ଖଦଡ଼ ପାଣ୍ଠି ବା ଗ୍ରାମୋନ୍ନତି ପାଣ୍ଠିକୁ ଦେବା, ଇଲେକ୍‌ଶନ୍ ପାଣ୍ଠି ପାଇଁ ଜମା ରଖିବା, ନା ଅଲୌକିକ ମତର ଖବର କାଗଜ କାଢ଼ିବା ? କଂଗ୍ରେସ ମାଲିକମାନେ ଉତ୍ତର ଦେବେ କି ?

\+ + +

ଏସେମ୍ବ୍ଲି ମେମ୍ବରମାନଙ୍କୁ ହଲପ୍ ନେଇ କହିବାକୁ ପଡ଼ିବ ଯେ ସେମାନେ ସମ୍ରାଟଙ୍କୁ ମାନି ରହିବେ ଓ ତାଙ୍କର ବିରୁଦ୍ଧାଚରଣ କରିବେ ନାହିଁ । ପ୍ରଶ୍ନ ଉଠୁଛି ଏଭଳି ଶପଥ କରି ଥିବା କଂଗ୍ରେସ ମେମ୍ବରମାନେ କଂଗ୍ରେସର 'ପୂର୍ଣ୍ଣ ସ୍ୱାଧୀନତା' ନୀତି ସହିତ ଏହି ରାଜଭକ୍ତି ନୀତିକୁ ଚଳାଇବେ କିପରି ? ଜଣେ ବନ୍ଧୁ କହିଲେ "ବିଲାତର ପ୍ରଧାନ ମନ୍ତ୍ରୀ ବଲ୍‌ଡୁଇନ ଓ ତାଙ୍କ ସଙ୍ଗୀମାନେ ଏପରି ହଲପ କରିଥିଲେ ତ ! ଅଷ୍ଟମ-ଏଡ଼ୱାର୍ଡଙ୍କୁ ଗାଦି ଛଡ଼ାଇବାଲାଗି ତାହା ବାଧିଲା ନାହିଁ ତ !" ଆଇନ୍ କିନିଷଟା ବଡ଼ ନରମା ପଦାର୍ଥ । ଦରକାର ମୁତାବକ ଯେଉଁ ବାଟରେ ବୁଲାଇଲେ ସେହି ବାଟରେ ବୁଲିବ । ପେଞ୍ଚ ମାରି ଜାଣିଲେ ହେଲା ।

"ମହାଜନୋ ଯେନ ଗତଃ ସ ପନ୍ଥା"

\+ + +

ସରକାର ଅଧୀନରେ ମନ୍ତ୍ରୀ ହେବାଟା 'ଗୃହକର୍ମ' ଗ୍ରହଣ ବୋଲି କୁହାଯିବ କି ନାହିଁ ବୋଲି ଜଣେ କଂଗ୍ରେସୀ ଭାବୀ ମନ୍ତ୍ରୀଙ୍କୁ ପଚରା ଯାଇଥିଲା । ସେ ଉତ୍ତର ଦେଲେ "ହଁ, ସେଟା ଗୃହକର୍ମ—ମାତ୍ର ପେଟ ପୋଷା ଉଦ୍ଦେଶ୍ୟରେ ଗୃହକର୍ମ କରିବାଟା

Digitized by srujanika@gmail.com

ବାଲ୍ଆ ବାଡ଼ିର

ମିଳା ଗୋଲମୀ, ଦେଶ ସେବା ପାଇଁ ଗୃହର ଭାଡ଼ବାଟା ତାହା ନୁହେଁ । ଉଦ୍ଦେଶ୍ୟ ସେଥିନି ଟପାଡ ଅଛୁ । ସାଧାରଣ ଲୋକ ମନ୍ତ୍ରୀ ହେଲେ ସେଟା ହେବ 'ନୌକର' ମାତ୍ର ମାର୍କାମରା ଦେଶସେବାଙ୍କର ସେଥିରେ ଦୋଷ ପଡ଼ିବ ନାହିଁ । ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରଲେ ପ୍ରାୟଶ୍ଚିତ ଲେଖୁନାହିଁ । 'ଦେଶସେବା' ନାମରେ ଆମେ କାଅଁ ଚିଲଲେ ତୁଣ୍ଡ ପୋଡିବ ନାହିଁ । ଦେଶପାଇଁ ପଲ୍ଙ୍କ, କାଲ୍ଆ ଖାଇ ପେଟ ଫାମ୍ପିଲେ ମଧ୍ୟ ଆମେ ତହିଁରେ ହଟିବୁଁ କପର ?"

ଅଜ ଜଣେ କହିଲେ "ମାଂସଟା ଆମିଷ ହୋଇ ପାରେ, ମାତ୍ର ସୁରୁଆଟା ସେ ନିର୍ଯ୍ୟାସ । ନିର୍ଯ୍ୟାସ ଅଖାଦ୍ୟ ନୁହେଁ—ବରଂ ପଥ୍ୟ । ମନ୍ତ୍ରୀତ୍ୱଟା ଗୃହର ନୁହେଁ—ଗୃହର ନିର୍ଯ୍ୟାସ ।"

\+ + +

ଶୁଣା ହେଉଛି ପ୍ରେମ ସକାଶେ ସିଂହାସନ ତ୍ୟାଗୀ ରାଜା ଅଷ୍ଟମ ଏଡ୍‌ୱାର୍ଡ଼ କ୍ରୁଅଡ଼େ ଷଷ୍ଠ ଜର୍ଜଙ୍କ ରାଜ୍ୟାଭିଷେକ ପରେ ପରେ ପ୍ରେମାଭିଷେକ କରିବେ । ତାଙ୍କ ଭାଇଙ୍କ ମୁଣ୍ଡରେ ରତ୍ନମୁକୁଟ ଚଢ଼ିବା ସଙ୍ଗେ ସଙ୍ଗେ ତେବେଣି ଏହି ପ୍ରେମଯୋଗୀଙ୍କ ମୁଣ୍ଡରେ ନୀଳମୁକୁଟ ଚଢ଼ିବ । ସେ ଯେତେବେଳେ ରତ୍ନଖଚିତ ରାଜଦଣ୍ଡ ଧରିବେ, ତାହା ପରେପରେ ଏ ଫୁଲଶର ଧରିବେ । ହାୟରେ, ବୁଢ଼ା ବଲ୍‌ଡ୍‌ଇନ୍ ତୁମେ ଏ ଯୁବକର ପ୍ରେମର ଗଭୀର ବୁଝି ପାରିଲ ନାହିଁ ଯାହା । ସାମ୍ରାଜ୍ୟର ପ୍ରଜା ମାନେ ରାଜା ରାଣୀଙ୍କର ଜୟଗାନ କରୁଥିବା ବେଳେ, ଏ ଧରଣୀର ତରୁଣ, ସବୁଜ, ପ୍ରେମିକ ପ୍ରେମିକା ଦଳ ଆସ ସମସ୍ତେ ଶଙ୍ଖ ହୁଳାହୁଳିରେ ଦମ୍ପତିଙ୍କ ଉଲୁଲାଇ ଦିଅ ।

\+ + +

ବଙ୍ଗଳାର ମନ୍ତ୍ରୀ ତାଙ୍କ ଦେଶରେ ଅବୈତନିକ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପ୍ରଚଳନ କରିବେ ବୋଲି ଖବର କବାବ ଦେଇଛନ୍ତି । ଏଣେ ଆମ ମନ୍ତ୍ରୀମାନେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ସ୍ଥାପନରେ ସେହିପରି ଜୋରରେ ଲଗି ପଡ଼ିଛନ୍ତି । ଏଥିରୁ ଜଣାଯାଉଛି ବଙ୍ଗଦେଶରେ ଶିଶୁଶିକ୍ଷା ଲୋଡ଼ା ଓ ଆମଦେଶରେ ଉଚ୍ଚଶିକ୍ଷା ଲୋଡ଼ା । ଏଥିରୁ ଓଡ଼ିଶାଟା ବଙ୍ଗଳା ଠାରୁ ଅଧିକ ଶିକ୍ଷିତ ବୋଲି ଧରିବା ଅନ୍ୟାୟ କି ?

\+ + +

ଭାରତ ସୀମାନ୍ତରେ ଇପିର ଫକିର ବୋଲି ଜଣେ ଧର୍ମଗୁରୁ ତାଙ୍କ ଶିଷ୍ୟମାନଙ୍କୁ ନେଇ ଗୋଟାଏ ଜଙ୍ଗୀଦଳ ସଜାଇ ଅଛନ୍ତି । ସେମାନେ ବ୍ରିଟିଶ ସିପାହୀ କେଶ ଟଣା ଭିଡ଼ା କରି ବଡ଼ ହଇରାଣ କଲେଣି । ଶିଷ୍ୟମାନଙ୍କ ବିଶ୍ୱାସ ଫକିର ସାହେବ ଯୋଗବିଦ୍ୟାବଳ-ରେ ଗୋଲାଗୋଳିକୁ ପାଣି କରି ପାରନ୍ତି ଓ ବୋମାକୁ କାଗଜ କରି ଉଡ଼ାଇ ଦଅନ୍ତି । ଏ ଫକିରଙ୍କୁ ତ ପଇସା କଉଡ଼ି ଦେଇ ୟୁରୋପ ନେଇଗଲେ ହୁଅନ୍ତା । ତାହାହେଲେ ଯୁଦ୍ଧ ସାଜ ସରଞ୍ଜାମ ନିମନ୍ତେ ଆଉ କୋଟି କୋଟି ଟଙ୍କା ଖରଚ କରିବାକୁ ପଡ଼ନ୍ତା ନାହିଁ । ଏ ଦହାଳ ବୁଦ୍ଧିଟା କାହାକୁ ଆସୁ ନାହିଁ ନା ?

\+ + +

ଆମ ଦେଶରେ କଂଗ୍ରେସ ନାମଧାରୀ କେତେକ ବ୍ୟକ୍ତି ଏବେ କୃଷକ ହୋଇ ଅଛି ଏକ ନୂଆ ମତଲବ ପାଇଁ 'କୃଷକଆନ୍ଦୋଳନ' ନାମରେ ଏକ ନୂଆ ଆନ୍ଦୋଳନ ଆର[illegible] କରିଛନ୍ତି । ଗୃଷୀଙ୍କ ଭଲ କରିବା ବାହାନାରେ ମହାଜନ, ଜମିଦାରଙ୍କ ସଙ୍ଗରେ କ[illegible] ଲଗାଇବା ଓ ତାଙ୍କବିରୁଦ୍ଧରେ ମତ[illegible] ହୋଇଛି ଏମାନଙ୍କର ପ୍ରଧାନ କାମ । ଏଥି[illegible] ଆଉ କିଛି ହେଉ ନ ହେଉ ଆ[illegible] ଭିତରେ ବାଡ଼ିଆ ପେଟା ଲଗିବାଟା ନିଶ୍ଚ[illegible] ସମସ୍ତେ ମିଳି ସରକାର ସାଥିରେ ଲଢ଼ି[illegible] କଂଗ୍ରେସ ନୀତିଟା ପଡ଼ିଯାଉଛି ପଛ[illegible] ଏତେ ମାଡ଼ ଗୁଣ୍ଡ ଖାଇ, ଜେଲ ଯାଇ, [illegible] ଦେଇ କଂଗ୍ରେସ ଦେଶକୁ ଯେତିକ ଅ[illegible] ଟାଣି ନେଇଥିଲା, ଏ ଆନ୍ଦୋଳନ ଫଳ[illegible] ତାର ଦୋହରି ପଛକୁ ଘୁଞ୍ଚିବାର [illegible] ନାହିଁ ତ ?

ଏ ଆଶଙ୍କା ଥିବା ସ୍ଥଳେ ଆମ ମତ[illegible] ଯେଉଁ କଂଗ୍ରେସବାଲା ଜମିଦାର, ପୁଞ୍ଜି[illegible] ଅଛନ୍ତି, ତାଙ୍କୁଇ କୃଷକ ସଭାର ସଭ[illegible] କଲେ ପଥ ସୁଗମ ହୋଇ ଯାଆନ୍ତା ! (ମୋଚି[illegible])

———

**ହସ ଖୁସି :—**

"ମିଛ କଥା କହିବା [illegible] କେବଳ ସାତପାଁ ଲୋକ ମିଛ କ[illegible] ପାଇ ଯାଆନ୍ତି ନାହିଁ କି ?

\+ + +

ଶିକ୍ଷକ—ତୋର ବାପାଙ୍କର ନାମ କ[illegible]

ଛାତ୍ର— କାହା ନା ? ବାପା ନା ? କିଏ ମୁଁ ତ ଜାଣେ ନାହିଁ ସ[illegible]

ଶିକ୍ଷକ—ଅସଭ୍ୟ । ମିଥ୍ୟାବାଦୀ ।

ଛାତ୍ର—ଆପଣ ସେଦିନ କହୁଥିଲେ—"ଯାହା ନିଜେ ନ ଦେଖିଛ ନ ଜାଣିଛ ତାକୁ ବିଶ୍ୱାସ କରିବା ଉଚିତ ନୁହେଁ ।"

Digitized by srujanika@gmail.com



# ବହୁରୂପୀ

ଡିଟେକ୍ଟିଭ୍ ଉପନ୍ୟାସ ଓଡ଼ିଆରେ ନୂଆ ।
ଲେଖକ ମଧ୍ୟ ଏ ଦଗରେ ନୂଆ, ତାଙ୍କୁ ନାଟ୍ୟକାର, ନଟ ଉଭୟ ରୂପରେ ଓଡ଼ିଶାର ଲୋକେ ଦେଖିଥିବେ । ଦେଖାଯାଉ, ଲେଖକ ମୂଳରୂପ ବଦଳାଇ ବହୁରୂପୀର ଲେଖକ ରୂପରେ କେତେଦୂର କୃତିତ୍ୱ ଲାଭ କରୁଛନ୍ତି ।—

ଲେଖକ:—ଶ୍ରୀ ଯତୀନ୍ଦ୍ର ମୋହନ ମୁଖାର୍ଜୀ
( ମଣି ବାବୁ )

କାହାଣୀ

୧

ରାସ ପୂର୍ଣ୍ଣିମା । ଧରଣୀ ତରଳ ରଜତ ଧାରାରେ ପରିପ୍ଲାବିତା । ମଧୁବନ ଜମିଦାରଙ୍କର ଠାକୁର-ବାଡ଼ୀରେ ଆଜ ରାସୋତ୍ସବ । ଯାତ୍ରା, ନାଟ ଇତ୍ୟାଦିରେ ରାସ-ଅଗଣା ମୁଖରିତ । ଗ୍ରାମ-ବାସୀଙ୍କର ଉତ୍ସାହର ଶେଷ ନାହିଁ । ଗ୍ରାମ୍ୟ ରୂପସୀଗଣ ନାନା ବେଶଭୂଷାରେ ଭୂଷିତା ହୋଇ ଉତ୍ସବରେ ମାତିଛନ୍ତି । ସନ୍ଧ୍ୟା ପ୍ରହରକ ସରିକି ଖଣ୍ଡେ ସୁନ୍ଦର ମୋଟରକାର ରାସ ଅଗଣାର ସୁସଜ୍ଜିତ ତୋରଣ ସମ୍ମୁଖରେ ଆସି ଠିଆ ହେଲା । ଆରୋହୀ ଜଣେ ସୁନ୍ଦର ଯୁବା ପୁରୁଷ, ହାତରେ ବହୁମୂଲ୍ୟ ହୀରକାଙ୍ଗୁରୀୟ ଝଲି ଦିଶୁଛି । ପରିଚ୍ଛଦ ସାଧାରଣ ହେଲେ ମଧ୍ୟ ସୁରୁଚି-ସମ୍ପନ୍ନ । ଯୁବକର ଚକ୍ଷୁ ସୁନ୍ଦର ଅଥଚ ଦୃଷ୍ଟି ଜ୍ୱାଳାମୟୀ ! ଅଙ୍ଗ ପ୍ରତ୍ୟଙ୍ଗ ସୁଗଠିତ ।

ମୋଟରରୁ ଓହ୍ଲାଇ ଯୁବକ ରାସମଣ୍ଡପ ଆଡ଼କୁ ଅଗ୍ରସର ହେଲେ । ଜମିଦାର ବାବୁଙ୍କର ନାଏବ ବାବୁ ଉଠିଆସି ତାଙ୍କୁ ପାଛୋଟି ନେଇଗଲେ । ଆଗନ୍ତୁକ ଠାକୁର ଦର୍ଶନ କରି ପକେଟରୁ ଗୋଟିଏ 'ଗିନି' ବାହାର କଲେ ଓ ଠାକୁରଙ୍କର ସମ୍ମୁଖରେ ଥୁଆ ହୋଇଥିବା ଥାଳି ଉପରେ ଧୀରେ ଥୋଇ ଦେଇ ବାହାରି ଆସିଲେ । ନାଏବ ବାବୁ ତାଙ୍କୁ ମଜଲିସ ମଧ୍ୟରେ ଯୋଗ୍ୟ ସମାଦରରେ ଆଣି ବସାଇଲେ । ପ୍ରାୟ ଅର୍ଦ୍ଧ-ଘଣ୍ଟା ଯାତ୍ରା ଦେଖି ଆଗନ୍ତୁକ ବାହାରେ ଆସି ନିଜ କାର୍‌ରେ ବସି ମୋଟର ଛାଡ଼ିଦେଲେ ।

ଆଗନ୍ତୁକ ଚାଲିଯିବାର ଅବ୍ୟବହିତ ପରେ ଉପସ୍ଥିତ ଯୁବକ ମହଲରେ ସମାଲୋଚନାର ପର୍ବ ଆରମ୍ଭ ହୋଇଗଲା । ସମସ୍ତେ ସମସ୍ୱରେ କହିଲେ:—"ଏ ବାବୁ କିଏ ? ଏଙ୍କୁ କେଉଁଠି ଆମେ କେହି କେବେ ଦେଖି ଥିବାର ଜଣା ପଡୁ ନାହିଁ ତ !" ସେ ବିଷୟରେ କେହି କିଛି ସ୍ଥିର କରି ନ ପାରି ସେ ପ୍ରସଙ୍ଗ ଛାଡ଼ି ଦେଲେ । ସମସ୍ତେ ପୁଣି ଯାତ୍ରା ଦେଖିବାରେ ମନୋନିବେଶ କଲେ ।

ପାହାନ୍ତା ପହରକୁ ଯାତ୍ରା ଭାଙ୍ଗିବା ପରେ ବାଟରେ ଗୁଲ୍ଲ-ଗୁଲ୍ଲ ତାଙ୍କର ରୂପର ସମାଲୋଚନା ଆରମ୍ଭ ହେଲା । ଜଣେ କହିଲା "ଯୁବକର ରୂପଟି ସୁନ୍ଦର କିନ୍ତୁ ଆଖି ଦ'ଟା ଯେପରି କି ଡାଆଣୀ ଆଖି ।" ଅନ୍ୟ ବ୍ୟକ୍ତି କହି ବସିଲା "ବାବୁଙ୍କର ହାତ ଗୁଡ଼ାକ ଦେହକୁ ମାନୁ ନାହିଁ" । ତୃତୀୟ କହିଲା, "ଛାତିଟା ବେଶି ଆଗକୁ ବାହାରି ପଡ଼ି ବଡ଼ ଅସୁନ୍ଦର ଦିଶୁଛି ।" ଏହିପରି ନାନା ଭ୍ରୂକୁଟି-ଭଙ୍ଗିରେ ସୁନ୍ଦର ଯୁବକ କ୍ରମେ ଅସୁନ୍ଦର ହୋଇ ଗଣିତ ହେଲେ ।

ଏହାତ ଗଲା ଯୁବକ ମଣ୍ଡଳୀର କଥା । ଏଣିକି ଗ୍ରାମ୍ୟ ରୂପସୀମାନଙ୍କର ନୂତନ ଆଗନ୍ତୁକ ସମ୍ବନ୍ଧରେ କଥା ଅଧିକ ଉପାଦେୟ । ପ୍ରଥମେ ଆଗନ୍ତୁକ ଠାକୁର-ଅଗଣା ମଧ୍ୟରେ ପଦାର୍ପଣ କରିବା ମାତ୍ରକେ 'ପ୍ରଖର-ନୟନା' ତାଙ୍କର 'ଆଳସ୍ୟ-ପରାୟଣା' ସଙ୍ଗିନୀଙ୍କ ମୁହଁରୁ ପର୍ଦ୍ଦା ଦେହକୁ ଲଗାଇ ଦେଇ କହିଲେ "ଦେଖ ମ, ଦେଖ ମ, କିଏ ଜଣେ ମଟର-ବାବୁ ଆସିଛନ୍ତି, ଠିକ ଯେପରି ବୈଠା ଯୁଗର ମାଧ୍ୱୀ-ମୂରତ ଛବି !" ଆଳସ୍ୟ ପରାୟଣା ଦୃଷ୍ଟିପାତ କରି ଅସ୍ତା କଲେ । ତୃତୀୟା ନଥ ଭାରରେ 'ଓହଳିତ-ନାସିକା-ସୁନ୍ଦରୀ' କହିଲେ "ମା'ଲୋ, ଏଇଟା କିଏ ଲୋ—ଏମିତ ଜନ୍ ଜନ୍ ହେଉଛି ?" ଚତୁର୍ଥୀ 'ରୁଣୁ-ଝୁଣୁ-ସୁନ୍ଦରୀ'-କହିଲେ "ଏ ମରଦଟା ଗୁଲୁଛି ନା ଯେମିତି ନାଚୁଛି ?" ଏହିପରି ସେହି ଆଗନ୍ତୁକ ଥିବାଯାଏ ରୂପସୀ ମଣ୍ଡଳୀ

Digitized by srujanika@gmail.com

## ବହୁରୂପୀ

ନାଟ ଯାତ୍ରାର ଆମୋଦ ଗ୍ଲାଢ଼ ତାଙ୍କର କଥାରେ ପରସ୍ପର ମଧ୍ୟରେ ଗହଳ ଆରମ୍ଭ କରିଥିଲେ । ତହିଁ ମଧ୍ୟରୁ ଯେଉଁମାନେ ସମଧିକ ନାଟ୍ୟାମୋଦକୀ ଥିଲେ ଅଟକୁଳ ଗୁଲ୍ ପିବା କ୍ଷଣି ସେମାନେ ଅସ୍ପଷ୍ଟର ନିଶ୍ୱାସ ମାତ୍ର ବକ୍ଷିଲେ । "ଯା, ରଣା ।"

ଯାତ୍ରା ନାଟ ଇତ୍ୟାଦ ଭାଙ୍ଗି ଯିବାର ଅଳ୍ପ କାଳ ପରେ ଜମିଦାର ବାବୁଙ୍କର ଘରଅଡ଼ୁ ଭାରି ଗହଳ ଶୁଭିଲା । ସେତେ-ବେଳକୁ ଫସର ଫାଟି ଗଲାଣି ।

---

୨

ଶ୍ରୀଦୁଆର ଗ୍ରାମର ମହାନଦୀ କୂଳରେ ଗୋଟିଏ ସୁନ୍ଦର କୋଠା; ଠିକ ତାର ମଧ୍ୟଦେଶରେ ଗୋଟିଏ ସ୍ୱଚ୍ଛନୀର, ନାତି ବୃହତ ପୁଷ୍କରଣୀ । ପୁଷ୍କରଣୀର ଚତୁର୍ଦ୍ଦିଗରେ ସୁବିନ୍ୟସ୍ତ ପୁଷ୍ପୋଦ୍ୟାନ । ଠିକ ଯେପରି ଖଣ୍ଡିଏ ସ୍ୱଚ୍ଛ ଦର୍ପଣ ଫୁଲର ଫ୍ରେମରେ ବନ୍ଧା ହୋଇଛି । ପୁଷ୍କରଣୀର ଉପର ଦିଗକୁ ସୁନ୍ଦର କୋଠାଟିଏ ନିଜର ସୁନ୍ଦର ଦେହେଦେହ ସ୍ୱଚ୍ଛ ଦର୍ପଣରେ ପ୍ରତି-ଫଳିତ ଦେଖି ହସୁଛି । କୋଠା ପଶ୍ଚାତକୁ ନାନା ପ୍ରକାର ଦୁର୍ଲ୍ଲଭ ଔଷଧି ବୃକ୍ଷ ଲତା ରୋପିତ । ବଗିଚାଟି ଉଚ୍ଚ ପ୍ରାଚୀର ବେଷ୍ଟିତ ।

ଏ ସମସ୍ତର ଅଧିକାରୀ ନରୋତ୍ତମ ଦାସ କବିରାଜ । କବିରାଜ ଏ ଅଞ୍ଚଳରେ ଅମୃତ-ହସ୍ତ ସୁଚିକିତ୍ସକ ବୋଲି ପରିଚିତ । ସମୟ ସମୟରେ ଦେଶ ବିଦେଶରୁ ଅଗଣିତ ରୋଗୀଗଣ ତାଙ୍କର ଚିକିତ୍ସାଳୟରେ ରହି ମଧ୍ୟ ଚିକିତ୍ସିତ ହୁଅନ୍ତି ।

କବିରାଜଙ୍କ ଚିକିତ୍ସାଳୟର ଗୋଟିଏ ଘରେ ୧୪ । ୧୫ ବର୍ଷର ଗୋଟିଏ ବାଳକ ରୋଗୀ ହୋଇଛି । ବାଳକର ପିତା ନାହିଁ । ତାର ପିତୃବ୍ୟ ଏହି କଠିଣ ରୋଗର ଚିକିତ୍ସା ନିମନ୍ତେ ତାକୁ ଆଣିଛନ୍ତି । କୌଣସି କଣ କେହି ଠିକ୍ ପାରୁ ନାହାନ୍ତି । କଟକର ବଡ଼ ବଡ଼ ଡାକ୍ତରମାନେ ରୋଗ ନିର୍ଣ୍ଣୟରେ ଅକ୍ଷମ ହେଲେଣି । ରୋଗୀ ଦିନକୁ ଦିନ ଶୁଖି ଯାଉଛି, ଅଥଚ କୌଣସି ରୋଗ ଦେହରେ ଥିଲା ଭଳି ଜଣା ପଡ଼ୁନାହିଁ । ଏ କେତେଦିନ ହେଲା ସେ ଏକାବେଳକେ ଶଯ୍ୟାଶାୟୀ ହୋଇ ରହିଛି । ଆହାରରେ ମଧ୍ୟ ରୁଚି ନାହିଁ । ଚକ୍ଷୁ କ୍ଷୀଣ, ଦେହ କୋଟରଗତ । ବାଳକ ମଝି ମଝି କ୍ଷୀଣ କଣ୍ଠରେ 'ବାପା' ବୋଲି ଡାକେ, ପର ମୁହୂର୍ତ୍ତରେ ନୀରବ ହୋଇ ପଡ଼ି ରହେ । କ୍ଷଣେ ସ୍ଥିର ରହି ବାଳକ କହି ଉଠିଲା—ବାପା ଲୋ !

ବାବା— କଣ ବାପ ? କଷ୍ଟ ହେଉଛି ?

ବାଳକ—ହିଁ, ବଡ଼ କଷ୍ଟ ।

ବାବା— କେଉଁଠି ହେଉଛି ?

ବାଳକ—ପେଟରେ—

ବାବା— ଔଷଧ ଟିକେ ଖା—

କହି ଔଷଧ ଢାଳିଲେ ।

ବାଳକ—ନା, ସେ ଔଷଧ ଖାଇବି ନାହିଁ । ତାକୁ ଖାଇଲେ ପେଟ ଜ୍ୱଳି ଯାଏ—ଅଧିକ କଷ୍ଟ ହୁଏ ।

ବାବା— ଖା, ନଇଲେ ଭଲ ହବୁ କେମିତି ?

ବାଳକ—ମୁଁ ଅଉ ଭଲ ହେବି ନାହିଁ ।

ବାବା— ଛିଃ, ସେମିତି କହନ୍ତି ନାହିଁ । ନେ—ଖା, ଔଷଧ ଖା, ଏହା କହି ରୋଗୀର ନିଷେଧ ସତ୍ତ୍ୱେ ଏକ ପ୍ରକାର ଜୋର କରି ଔଷଧ ଖୁଆଇ ଦେଲେ । ଔଷଧ ଖାଇ-ବାର ପ୍ରାୟ ମିନିଟ ୧୫ ପରେ ବାଳକ ଅତ୍ୟନ୍ତ ବ୍ୟସ୍ତ ହେଲା । ମଝେ ମଝେ ଅସ୍ଫୁଟ ଆର୍ତ୍ତନାଦ । "ପେଟ ଗଲା—ପୋଡ଼ି ଗଲା !" କହି ବିକଳ ହୋଇ ଗଡ଼ିବାକୁ ଲାଗିଲା । ପିତୃବ୍ୟ ନିଶ୍ଚଳ ପ୍ରତିମା ପରି ବସି ଥାନ୍ତି । ଅସହ୍ୟ ଯନ୍ତ୍ରଣାରେ ହୀନ ବଳ ହୋଇ କ୍ଷୀଣ କଣ୍ଠରେ ବାଳକ କହିଲା—"ମୋ ତଣ୍ଟି ଚିପି ଦିଅ—ମରି ଯାଏଁ ।"

ବାବା— ଥିର ହୋଇ ଶୋଇ ପଡ଼—

ବାଳକ—ମତେ ଏକା ଥରକେ ମାରି ପକାଅ, ଏମିତି—

ବାବା— କଥା କହିଲେ ରୋଗ ବଢ଼ିବ । ତୁନି ହୋଇ ପେଟ ମାଡ଼ି ଶୋଇ ପଡ଼ ଦେଖେ—

ବାଳକ—ଏକା ଥରକେ ଶୋଇବି ! ଓଃ ମରି ଗଲି !! ଓହୋ !!

କବିରାଜ ପ୍ରବେଶ କଲେ ।

"କଣ, କଣ ହେଉଛି ?"

ବାଳକ—ମତେ ମାରି ପକାଅ—ଜଲ୍‌ଦି—ଅଉ ସହି ପାରୁ ନାହିଁ—ଓଃ—ଓହୋ !!

୧୯ପୃଷ୍ଠା ଦେଖନ୍ତୁ

Digitized by srujanika@gmail.com



# ବହିପତ୍ର

## ସହକାର—ନବମ ଓ ଦଶମ ସଂଖ୍ୟା

### ( ପଦ୍ୟାଂଶ )

ଧରଣୀବାସ – ଶ୍ରୀ ବିନୋଦ ଚନ୍ଦ୍ର ନାୟକ । ଅଧୁନିକତା ଅଛି । ଭାବଟା ପୁରୁଣା । ଛନ୍ଦର ଅନୁପ୍ରମତା ପରିଲକ୍ଷିତ ହୁଏ । ଯଥା—'ପୂର୍ବ ଗଗନେ ।'

ରେଙ୍ଗୁନଯାତ୍ରୀ--ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । ଗାଉଁଲି ଶବ୍ଦ ବିଶେଷତଃ ପଦ୍ୟରେ ଫୁଟାଇବାରେ ଲେଖକଙ୍କର ବିଶେଷତ୍ୱ ଅଛି । ରେଙ୍ଗୁନଯାତ୍ରୀ ପଦ୍ୟଟି ଯେ କେତେ ସ୍ୱାଭାବିକ ହୋଇଛି । ତାହା ସାମାନ୍ୟ ଗୋଟିଏ ପଦରୁ ଜଣାଯିବ :—

ଅଗରେ ବଗୁଛି ଡ଼ାହୁଆ ବିଲରେ
ଛୁଟଏ ନଈ ବାଢ଼,
ତହିଁ ମିଶାଇଛି ମୋର ବାଢ଼,
ଟିକିଏ ବସିବା ଗୁଲ ତା' ଘରରେ
ଆଉ ଦେଖିବା ଆଶା ତୁ ଛାଡ଼ ।

କାର୍ତ୍ତିତରୁ—ଶ୍ରୀ——। ଏହାର ସମାଲୋଚନା ନ ହେବା ମଙ୍ଗଳ କର ।

ଶାନ୍ତି ବିହଗ – ଶ୍ରୀ——। ଲେଖାଟି ସଂଖ୍ୟାଟିକୁ 'ବିଶ୍ରୀ' କରି ପକାଇଛି ।

ଭ୍ରମ——ଶ୍ରୀ ରାଉତରାୟ । ଏହାକୁ 'ଯୁଗଲେଖା' କୁହାଯାଇ ପାରେ । ଦେଶ, ଲେଖକଙ୍କ ଠାରୁ ଏଭଳି ଅଦ୍ଭୁତ ସୁନ୍ଦର ଏବଂ ଉତ୍ତେଜନା ପୂର୍ଣ୍ଣ ଲେଖା ଗୃହେ ।

"ମଣିଷର ଗୋଡ଼ ଚପୁଛି ଭାଇ ହେ
ମଣିଷ ପୃଥିବୀ ବେକ,
ମଣିଷ ମାଉଁସ ମଣିଷ ଖାଉଛି
ନ ଦେଖିବା କଥା ଦେଖ ।"

"ଭେକ ଉପାସରେ ଓଜୁଣୀ ପରିଏ
ଝଡ଼ୁଛି ମଣିଷ ମୁଣ୍ଡ,
ଶ୍ୟାମଳା ଧରଣୀ ହେଲାଣି ମଶାଣୀ
ବହୁଛି ରକତ ସୁଅ ।"

ଏହି ପଙ୍କ୍ତି ଗୁଡିକ ପ୍ରାଣରେ ସଜୋର ଆଘାତ କରେ ।

ଧର୍ମବୀର—ଶ୍ରୀ——। ସମ୍ପାଦକ ମହାଶୟ ଅଜ୍ଞାତ ଲେଖକଟିଙ୍କୁ ଉତ୍ସାହିତ କରିବା ମାନସରେ ପଦ୍ୟଟି ଦେଇଥିଲେ ଭଲ କାମ କରିଛନ୍ତି ବୋଲି କହିପାରୁଁ । କାରଣ ଲେଖକ ସ୍ୱୟଂ ଯୁଗରୁ କ୍ରମେ କ୍ରମେ ଅଧୁନିକ ସମୟ ପର୍ଯ୍ୟନ୍ତ ଅସିବାର ଆଶା ପୋଷଣ କରିବା ନିତାନ୍ତ ଅନ୍ୟାୟ ହୋଇ ନ ପାରେ ।

### ( ଗଳ୍ପାଂଶ )

ପରିଣତି—ଶ୍ରୀ କାଳିପ୍ରସନ୍ନ କର—ଗଳ୍ପ ନ କହି ଗୋଟାଏ ଘଟଣାର ବିବରଣୀ କହିଲେ ଲେଖାଟି ଅନେକାଂଶରେ ନିର୍ଦ୍ଦୋଷ ଜଣା ପଡ଼ନ୍ତା । ଲେଖକ 'ଚରିତ ଓ ନଷ୍ଟ ଚିତ' ଦୁଇଟି ପରସ୍ପର ଭାବ ବିରୋଧ ବିଶେଷଣ ଗୋଟିଏ ବିଶେଷ୍ୟ 'ଝିଅ' ପୂର୍ବରେ ଯୋଗ ନ କରିଥିଲେ ଭଲ ହୋଇ ଥାନ୍ତା । "ଅଧିକନ୍ତୁ, ବାଲ୍ୟ-ଶିକ୍ଷା ତାର ସୌନ୍ଦର୍ଯ୍ୟକୁ ବଢ଼ାଇ ଥିଲା ଜଡତା କୁଣ୍ଠା ମୁକ୍ତ କରି ।" ଏହି ପଦ୍ୟମୟ ବାକ୍ୟଟିକୁ ଗଦ୍ୟ କଲେ ଏହିପରି ହୁଏ-"ଅଧିକନ୍ତୁ ବାଲ୍ୟ ଶିକ୍ଷା ତାହାର ସୌନ୍ଦର୍ଯ୍ୟକୁ ଜଡ଼ତା ଓ କୁଣ୍ଠା ମୁକ୍ତ କରି ବଢାଇ ଥିଲା ।" 'କରି ବଢ଼ାଇ ଥିଲା'—ଏପରି କ୍ରିୟା ଓଡ଼ିଆରେ ବ୍ୟବହାର ହୁଏ କି ନାହିଁ ଅମେ ଜାଣୁନାହିଁ । ବଙ୍ଗଳାରେ ହେବାର ଶୁଣାଯାଏ । ଯଥା—କରେ ଦିଲେ ।

ଚତୁର୍ଥ ଧାରା—ଶ୍ରୀ ଶଙ୍କରକର ମୃଦୁକାର । ନାମ କରଣୀ ଟି ଠିକ୍ ହୋଇନାହିଁ । 'କିଧାରର' ନାମ ଦିଆ ହୋଇ ଥିଲେ ଭଲ ହୋଇଥାନ୍ତା । ଲେଖାଟି ବେଶ ଉପଭୋଗ୍ୟ । ଲେଖକଙ୍କର ରହସ୍ୟପୂର୍ଣ୍ଣ ଲେଖାରେ ହାତ ଅଛି । 'ଜୀବନ ଏହି କାନନ୍ଦ ଭଗବାନଙ୍କର ଦୁର୍ବୋଧ ପ୍ରଶ୍ନ ଚିହ୍ନ ।' ପ୍ରଭୃତି ଅନେକ ରହସ୍ୟପୂର୍ଣ୍ଣ ଉପଭୋଗ୍ୟ ବିଷୟ ଏଥିରେ ସନ୍ନିହିତ । ଲେଖକ 'ସେ ଭିତରେ' କଥାଟା ଇଂରେଜରୁ ଧାର କରିଛନ୍ତି, ନା ଓଡ଼ିଆର କୌଣସି ପ୍ରାମ୍ୟ କଥା ସେ ?

ଦୁର୍ଗ—ଶ୍ରୀ ନବକିଶୋର ଦାସ । ଲେଖକ ଅନୁଭୂତିର ଲେଖକ ଲେଖାଟି ସାଧାରଣ ପରି ଅଲଗା ବୋଧ ହେଉଥିଲେ ମଧ୍ୟ ମନ୍ଦ ହୋଇ ନାହିଁ । କର୍ମୀର ରୁକ୍ଷ ଜୀବନ ଉପରେ ଯୁବତୀର କୋମଳ ଗୃହିଣୀ ବା ସ୍ୱର୍ଗ ନେ ଏକାନ୍ତ ଦରକାର ଏ ବିଷୟରେ ସମସ୍ତେ ଏକମତ ହେବେନାହିଁ । ଲେଖକ କଳ୍ପନା ତ୍ୟାଗ କରି ଥରେ ବାସ୍ତବ ସ୍ୱର୍ଗର ଅନୁଭୂତି ପାଇଲେ ତାହାଁର ଅବସାଦ କପରି ଅପେ ବୁଝି ପାରିବେ ।

## ହସ ଖୁସି—

ଜଜ୍—ତମେ କେବଳ ଚୋରାଟକୁ ଗ୍ରେପ୍ତାର କରି ନିବସ୍ତ୍ର ହେଲ ନାହିଁ—ସମସ୍ତ ସୁନା ଚୁଡ଼ା ନଧି ନେଇଗଲ ।

ଚୋର—କାରଣ ମୁଁ କୌଣସି ପଣ୍ଡିତଙ୍କ ଠାରୁ ଶୁଣିଥିଲି ଯେ ଦେବଳ ଅର୍ଥହିଁ ଅନର୍ଥର ମୂଳ ।

ଧୂମକେତୁ—ଶ୍ରୀ ଭଗବାନ ପତି । ଅନେକ ଦିନରୁ ଦେଖା ଦେଲାଣି—ପୁଣି ଅନେକ ଦିନ-ଯାଏ ରହିବ । ସେ ବିଷୟରେ ମତ ଦେବା ବର୍ତ୍ତମାନ ଉଚିତ ହେବନାହିଁ ।

ରିକ୍ସାବାଲା—ଶ୍ରୀ ସଃ ରାଉତରାୟ । ସଚ୍ଚି ବାବୁଙ୍କ ହାତରେ ତାଙ୍କର ପଦ୍ୟ ପରି ଗଳ୍ପ ସେତେ ସୁନ୍ଦର ନ ହେଉଥିଲେ ମଧ୍ୟ, ଯୁଗ୍ମ ସଂଖ୍ୟା ସହକାରରେ ରିକ୍ସାବାଲା ଏକମାତ୍ର ଉପଭୋଗ୍ୟ ଗଳ୍ପ ।

—✽—

Digitized by srujanika@gmail.com

ସମୀକ୍ଷା

## ନବଭାରତ— ୭ମ ୮ମ ସଂଖ୍ୟା
( ଚୈତ୍ର )

ଅନୁଭବ:— ଜେଟେକେ ମତରେ ଓଡ଼ିଆ ଭାଷାର ଅନ୍ତର୍ଗତ ଅର୍ଥ 'ଭାଲ୍ଗାର୍ ଷ୍ଟୁପିଡ୍ ଅଫେଣ୍ଡର୍'। ନବଭାରତ ଯଦି ସେଥି ମତରେ ସେଠାରେ ହୋଇଥାନ୍ତି ତେବେ ଏ ଲେଖାକୁ Place of honour ଦେବାରେ ଅପେକ୍ଷା କରି ନାହାନ୍ତି। ସେଥି ନେଇ ଦୁଃଖ। ପଢ଼ାର ଭଙ୍ଗୀ ମନ୍ଦ ନୁହେଁ। କିନ୍ତୁ ଲେଖା ଶୈଳୀ ବର୍ଣ୍ଣନାର ଅନୁକରଣ ନୁହେଁ—ଅନୁକରଣ ଦ୍ୱାରା ଦୁର୍ଗନ୍ଧମୟ ହୋଇ ପଡ଼ିଛି।

"ଯାହା ଠିକ୍ ନେଇ—ନିମିଦାରପର—ହୃଦୟ ୧୨ ଦେଖିବାକୁ ଦୁଷ୍ଟ ଓ ହିପ୍ନୋଟାଇଜ୍" ଏଭଳି ଲେଖାକୁ ଅନେକ ଅପେକ୍ଷା କରୁନାହାନ୍ତି। କିନ୍ତୁ ଏହାର ଧଳା ନେ ସ୍ୱାଭାବିକ ତେଣୁ ଭୁଲିବ।

ଶିଳ୍ପୀକୁ ବାକ୍ୟ ଶେଷରେ ନ' ରଖି ମହିଳେ ଜେଉଁଠି କେନ୍ଦ୍ରି ଦେବାଟାକୁ ମଧ୍ୟ ଅନେକ ଦୋଷାବହ ମନେ କରୁନାହାନ୍ତି କିନ୍ତୁ ସେହିଠା ଧର୍ମ ସ୍ଥଳରେ ଶୋଭା ପାଏ ନାହିଁ। "ଜଡ଼ତା ଦୂର କରି ଜୀବନରେ ଆଣିଲା ସ୍ୱାଧୀନତା।" ଏଠାରେ 'ଅଣିଲା'କୁ ବଳିଷ୍ଠ କରିବା ଅଣି ଲେଖକ ଭାଷାକୁ ପାଣିପରି ତରଳ କରିଛନ୍ତି। କିନ୍ତୁ 'ଅଭିଯାନ କରିବାକୁ ଚଞ୍ଚଳ ହୁଏ କୁଣ୍ଠିତ।' ଏଠାରେ 'ହୁଏ' ଟାକୁ ଶେଷରୁ ଆଗ ଅଣି ଭାଷାଟାକୁ ମାଟି କରିଦେବା ହେତୁ ଅନେ ତାର ପର୍ଯ୍ୟା କରିବାକୁ ମଧ୍ୟ 'ହେଉଁ' କୁଣ୍ଠିତ।

'ଲୁଲୁପେନ ଭାଷ୍ର' 'ଦରିଦ୍ରିନରୁ ପଥରେ'। ଏତକ୍ରି ଖାଣ୍ଟି ଓଡ଼ିଆ ଶବ୍ଦ ଚୋରାଇବାକୁ ସାହସ ହୁଏନାହିଁ। ଭାଷାର ଦୋଷ ଏହି ଲେଖ ଠାଏ ଠାଏ ଅତି ମୂଢ଼ର ହୋଇଛି।

'କଳେବର ନବ ଯାହା ସୁହେଁ, ଯନ୍ତ୍ରଳେ ତାହା ଚୋଟାଇବା ଠିକ୍ ନୁହେଁ। ମାତ୍ର ଦୁଃଖ ଯାହା ଶୁଣିହି ସେଲଟାର କବନର ଭୁଲ୍‌ତା—ତ ଭାରତା ଯାଏ ବୃଦ୍ଧି ଅଟେ ନାହିଁ, ତାଳରେ ମଧ୍ୟ ବୃଦ୍ଧି ଅଟେ ନାହିଁ। ଏବଂ ଯାଇ ଉପରଲେ ହିଁ ବୃଦ୍ଧି ଯାଏ ଯେ ପାଉଥିଲ।'

ଭଥାଟା ନବୀନ ସତ। ତେଣୁ ଅନୁଭୂତି ମାଟେ ଭଲ ଲାଗିବ।

ସ୍ୱରାଜ୍—ଗୋଲକ ଚନ୍ଦ୍ର ଦାସ।

ଲେଖାଟି ସୁନ୍ଦର ହୋଇଛି। ଓଡ଼ିଆ ପତ୍ରିକା ସ୍ତମ୍ଭରେ ଏହା ଗୋଟିଏ ଭଲ ଗଳ୍ପ ଭାବରେ ସ୍ଥାନ ପାଇ ପାରେ। ଜୀବନରେ ଯେତେବେଳେ ଏମିତ ଗୋଟିଏ ଦାନ୍ତ ସ୍ଥାନ ଅଟେ, ମଣିଷ କ'ଣ କରିବ ଲାଭ ଠିକ୍ କରି ପାରେ ନାହିଁ ସେତେବେଳେ ଖାଲି ଲଢ଼ା ହୋଇ ପଡ଼େ ଅଜଣା ଲକ୍ଷ୍ୟ। ସେହି ଲାଞ୍ଛନାର ଅନ୍ଧକାରରେ, ତାର ଏକମାତ୍ର ସଙ୍ଗୀ ହେଉଛି ଭାବନା—'ଚଳିବ କିପରି ?' 'ଦୁନିଆ କେଉଁ ଆଡ଼େ ଯିବ ?'

ମନେ ହୁଏ ଲେଖକ ଚେଷ୍ଟା କରିଥିଲେ ଗଳ୍ପର ଚରିତ୍ର ଶ୍ରବଣଟିକୁ ଅନ୍ତର ସୁନ୍ଦର କରି ଫୁଟାଇ ପାରିଥାନ୍ତେ।

ଜଟିଳ ପାଇଲ— ଅତି ପୁରୁଣା ହୋଇଗଲାଣି। ତେଣୁ ସମାଲୋଚନା କରିବାକୁ ରୁଚି ହୁଏ ନାହିଁ।

ବାଜେ କଥା:—ବିଭୂତିଭୂଷଣ ଝିପ୍ରା।

କଥାଟା ପୁରୁଣା ହେଲେ ପଛେ, ପ୍ରକାଶ ଭଙ୍ଗୀ ନୂଆ ହେଲେ ଭଲ ଲାଗେ। ଲେଖକ ଗଳ୍ପର ଉପାଦାନକୁ ଯେଉଁ ପ୍ରଣାଳୀରେ ସଜାଇଛନ୍ତି ତାହା କେବଳ ନୂତନତ୍ୱର ଅଭାବ କରିବାର ଚେଷ୍ଟା ମାତ୍ର।

ଅନେକ ଅନ୍ଧକାର ସୁଖ, ଦୁଃଖ, ଜୀବନ ମରଣର ଅପାତ ପାର୍ଥକ୍ୟ ସ୍ଥଳେ ମଧ୍ୟ ତାହା ଯେ ପ୍ରକୃତତଃ ଏକ, ଏ ଉପନ୍ୟାସର ଦର୍ଶନ ମନ୍ତ୍ରିପର କ୍ଷୁ—ହୃଦୟର ନୁହେଁ। ତେଣୁ ଲେଖାଟି ସେତେ ହୃଦୟସ୍ପର୍ଶୀ ହୋଇ ପାରିନାହିଁ। ଗାଢ଼ାଭଳତା ଲେଖାର ଭାବ ଧରୁ ଦୂରରେ ପଡ଼ନ୍ତ-ବୋଧ-ଗମ୍ୟ ହୋଇ ନାହିଁ।

ଲେଖକ ଦର୍ଶନ ତତ୍ତ୍ୱ ଲେଖିବାକୁ ଯାଇଁ ଗାଣିତକ ସତ୍ୟକୁ ଅପେକ୍ଷା କରିଛନ୍ତି। ତାହା ନୋହିଥିଲେ, ତାର ଶୁଣ୍ଡ ସ୍ତବକର ଲଘୁତା, ଦୂରତା ସେ ଜାନୋ ବୋଲି ଜାଣିତ କହି ନଥାନ୍ତେ। କାରଣ ଦେଖିବାକୁ ଗଲେ ଉଭୟରେ ଦୂରରେ ଅଛି ଶୁଣ୍ଡେ ସ୍ତବକ ଅପେକ୍ଷାକୃତ ଛୋଟ ଏବଂ ଅଳ୍ପ ଦୂରବର୍ତ୍ତୀ ପରି ମନେ ହୁଏ।

ଦୂରନ୍ତି ଅଗ୍ନି:—ଚନ୍ଦ୍ରଶେଖର ଦାସ।

ଲେଖାରେ ଦାର୍ଶନିକତା ଅଛି। ପ୍ରକାଶ ଭଙ୍ଗୀ ମନ୍ଦ ନୁହେଁ। ଏହାକୁ ଗଦ୍ୟ କବିତା ଭୁଲି ଯାଇ ପାରେ।

ଟେବୁଲ:—ଶଚୀ ରାଉତ ରାୟ। ଅମର ମଠ ଶଚୀବାବୁ ଗଦ୍ୟରେ ଯେତେ ସିଦ୍ଧ ହସ୍ତ ନୁହନ୍ତି ସେତେ ପଦ୍ୟରେ। ତେଣୁ ବସ୍ତୁ ନହି କରି ମଧ୍ୟ ସେ ଟେବୁଲର ଶୁଖିଲା କାଠରୁ ପାଣି ଭୁଡ଼ାଇ ପାରି ନାହାନ୍ତି। ମନେ ହୁଏ କବିତ୍ୱ ଟିକୁ ଟିକଏ ରଭସିକ କରିଥିଲେ ସୁନ୍ଦର ହୋଇଥାନ୍ତା।

ଉତର ତେଣ:— ନକଲ ନବସ। humourର ମୂଳବସ୍ତୁ ହେଉଛି— ମଜାଟା ଭିତରେ ଥିବ ଯେତକ ପଦାରେ ଥିବ ସେତିକ। ମାତ୍ର ଭିତର ଟେସ ବେଶୀ ଖୋଲା ହୋଇ ଯିବାରୁ ସେପରି ମଜା ଲାଗୁ ନାହିଁ।

ପତ୍ୟର ଅଭେଦ:—ଅନୁବାଦ ହିସାବରୁ ବିଶେଷତ୍ୱ ମନ୍ଦ ନୁହେ।

ପଦ୍ୟାଂଶ— ନବଭାରତରେ ପ୍ରକାଶିତ ପଦ୍ୟ ମାନଙ୍କରୁ ଗୋଟିଏ ହେଲେ ସମାଲୋଚନା କରିବାକୁ ମନ ବଳିଲା ନାହିଁ। ତେବେ ଏତିକ କହିପାରେ ଯେ 'ଫାଲ୍‌ଗୁନୀ' ପୁରୁଣା ହେଲେ ବି ଛନ୍ଦ-ମଧୁର। 'ବ୍ୟର୍ଥତା' ବ୍ୟର୍ଥତାରେ ହିଁ ପୂର୍ଣ୍ଣ। 'ଚିରନ୍ତନ' ଅତି ସାମୟିକ। ଅନେକରେ ସବୁ 'ଅମେଳ' ହୋଇ ଯାଇଛି। 'ଅଲୁହା ପ୍ରଶ୍ନ' ଅଲୁହା ହିଁ ରହିଗଲା।

Digitized by srujanika@gmail.com



# ଟାକୁଆ ଗାଲ

## ମଜା କଥା

ଲେଖକ :—ଲୁବ୍ଧାଳଅ ।

ମୁଁ ବାହାହେଲି ଟିକିଏ ବେଶୀ ବୟସରେ । ତା' ବୋଲି 'ଅମୁକ—ମା'ଙ୍କୁ ମୋର କନିଆ ମାଇପ ବୋଲି କେବେ କହିବାଟା ଭାରି ଅନ୍ୟାୟ । ଅମୁକ ମା ବୋଲି କହିବାର ମତଲବଟା ବୋଧହୁଏ ବୁଝି ପାରୁଥିବେ । ଅଳିକ ଗୁରୁବର୍ଷ ହୋଇଗଲାଣି । ଆମ ଯୌବନର ଛଡ଼ା ହୋଇ ଯେ ଦୁଇ ଦଶଣର ଗାର ହେଲାଣି, ମୁଁ ସ୍ଥାନ କଣାଳଅ ଇମିତ ବେଳରେ ବାହା ହେଇଥିଲି ଯେ ଛୁଅପିଲାର ବାପ ହେଇ ପାରିଲି ନାହିଁ ଅଜଯାବେ । ଗାଲ ମିଛଟାରେ ଗାଁ ଲୋକଙ୍କରେ ଅପବାଦ ଯେ ମୁଁ ବୁଢ଼ା । କ'ଣ କରିବ, କାହା ମୁହଁରେ ହାତ ଦେବ । ଗାଲ ଦାନ୍ତ ତ ଦିନକୁ ଦିନ ଭିତର ପାତାଳକୁ ପଶି ଯାଉଛି ତାର ଅନ୍ତ ନାହିଁ । ମୁଁ ଏବେ ଦୋଷ ଦେବି କାହାକୁ ?

ମୋ ବୟସ କିମିତି ବେଶୀ ଗୋଟାଏ କଣ ? ଏ କୋଡ଼ ପଞ୍ଚାପାଞ୍ଚ ହବ । ବାହାହେଇ ଥିଲି ୩୫ । ୩୬ ରେ । ସେଥିରେ ମୋର କି ଦୋଷ ? ଗାଲ ଦ'ଣ । ପାଇଁତ ଦୁନିଆ ଯାକରେ କନିଆ ମିଳିଲା ନାହିଁ ମୋତେ । କେଉଁଠି ମୋ ମନ ମାନିଲା ତ କନିଆ ଘର ମନ ମାନିଲା ନାହିଁ । କେଉଁଠି କନିଆ ଘର ରାଜି ହେଲେ ତ ମୁଁ ରାଜି ହେଲି ନାହିଁ । ଏମିତି ଏମିତି ହେଇ ଶେଷରେ ଏଇ ବାଣ୍ଡୀ ପାଲରେ ପଡ଼ିଲି । ତା'ର ବୟସରେ କିଛି ଥାଆନ୍ତା ନଥାନ୍ତା କିଏ ଜାଣେ । ମୋର ଯେତେବେଳେ ବୟସ ଗଡ଼ ଗଡ଼ିବାକୁ ବସିଲା, ସେତେବେଳେ ଏ ଦେଶରେ ଭାରି ଗୋଟାଏ ଆନ୍ଦୋଳନ ଚାଲିଲା ଯେ ବର ଯେମିତି କନିଆକୁ ଦେଖିକରି ବାହା ହେଉଛନ୍ତି, କନିଆ ସେମିତି ଦେଖି ଶୁଣି ବାହା ହେବେ । ମୋର ଯେତେବେଳେ ଦୁଷ୍କର୍ମ । ସେ ଆନ୍ଦୋଳନ ଯଦି ଟିକେ ଥାନ୍ତା ତେବେ ମୁଁ ନିଶ୍ଚୟ ବାଡୁଅ ଅବସ୍ଥାରେ ମରି ଆମ ଗାଁ ବରଗଛରେ ଝପିଶ ହୋଇ ବସିଥାନ୍ତି ।

ଏବେ ଘଟଣା ବଡ଼ ଗୁରୁତର-ନା-ଗୁରୁଷ୍ଟ ହୋଇ ଠିଆ ହେଲା । ମୋର ଯେତେବେଳେ ବୟସ ଚାଳିଶି—ଯୌବନର ଦକ୍ଷିଣା ପବନ ଖାଲି ବକୁଳ ବାସନା ନେଇ ପେଲି ପକେଇ ଯାଉଥାଏ, ସେତିକି ବେଳେ ଏବେ ଗୋଟିଏ ନବୀନ ବସୁଧା ବାଲା ହାବୁଡ଼ି ଗଲି । ମନର ମୋର ଉଚ୍ଛାଟ ହେଲା । ତାକୁ ନ ବାହାହେଲେ ଏ ଜୀବନ ଆଉ ରହିବ ନାହିଁ ବୋଲି ପ୍ରତିଜ୍ଞା କଲି । ହଠାତ୍ ଦିନେ ମୋର ଜଣେ ବନ୍ଧୁ ଖବର ଦେଲା ଯେ ସେ ମୋର ଫଟ ମାଗି ପଠେଇଛନ୍ତି । ମଲିତ ଅପି ମୁଁ । କ'ଣ କରିବ । କାଢ଼ିବ ସବୁଠାରୁ ଭଲ ଫଟ ବାଲା ବୋଲି ଯାର ନାମ ଅଛି, ଲୁହୁଜ ନା ଲୁହୁଜ କଅଣ, ତା'ର ପାଖକୁ ଗଲି । କହିଲି, ସେଇନା ଲୁପିଅ ନେଏରା ଲେଏରା, ବଡ଼ିଆ ଫଟ୍ ଏକ୍ଟୋ ଉଠାବେ ଦୋ ।" ସେ ହଟସ ସନ୍ନା ପାଣି କରି ସ୍କ୍ରିନ ଦେଇ ଚଉକି ଟେବୁଲ ଫୁଲ-ଦାନୀ କେଉଁଠି ଯେମିତି ରହିବାର ରହି ମୋତେ ବସିବାକୁ କହିଲା । ମୋର ଫଟ ଉଠେଇବାର ଉଦ୍ଦେଶ୍ୟ ତାକୁ ବୁଝାଇ ଦେଇ କହିଲି । ସେ ଦେଖିବାପାଇଁ ତାର ଝିଅଟି ବେଶୀ ଦାମିକା କେମେରାଟା ଆଣିଲା । କହିଲା, କେମେରାର ପାୱାର୍ ଏତେ ବେଶୀ ଯେ ସବୁ ସବୁ ଗୁଣ୍ଡବାଳ ବି ଗୋଟିଗୋଟି ହୋଇ ଦେଖାଯିବ । ମୋତେ ଏ କଥା ଶୁଣି ଭାରି ଡର ମାଡ଼ିଲା । ଗୁଣ୍ଡ ବାଳ ଯଦି ଗୋଟିଗୋଟି ହୋଇ ଦେଖାଯିବ ତେବେ ଟାକୁଆ ଗାଲଟା, ଯଉଥିରେ ପୋଷେ ବୁଢ଼ିଆ ଥିବ ତାର ଦଶା କଅଣ ହବ ?

ତେଣୁ ହୁକୁମ ଦେଲି, ରେଡି ମିଷ୍ଟର ଜିଅନ୍, ଟୁ—ଥ୍ରୀ ।

ଫଟ ହେଲା । ଫଟ ବାଲା ମୋ ଉପରେ ଭାରି ଚିଡ଼ିଲା । ମୁଁ କହିଲି ମୋର କି ଦୋଷ ? ସେ ମେ କହିଲ ଯେ ଏ କେମେରାରେ ସବୁ ପ୍ରତି-ଫଳିତ ହଣିବ । ମୋ ଟାକୁଆ ଗାଲଟା ଆହୁରି ବେଶୀ ଟାକୁଆ ଜଣାଯିବ, ସେଥିପାଇଁ ମୁଁ ଗାଲ ଉଠାଇ ଟିକିଏ ଫୁଲେଇ ଦେଇଥିଲି ।

ସେ ଫଟ ହେଲା ନାହିଁ । ଅଉ ଥରେ ଫଟ ଉଠାଇଲା । ଏଥର ଅଉ ଫଟ ବାଲାକୁ କିଛି ନ କହି, ମୋଟା ଧ୍ୟାନରେ ଭଙ୍ଗା ଦୁଇ-ଟିଲ ଭଳି ଭାବ ପାଇ ଦୁଇ ଗାଲରେ ପାନ ଭରି

(୧୬ ପୃଷ୍ଠା ଶେଷାଂଶ ଦେଖନ୍ତୁ)

Digitized by srujanika@gmail.com

# ଡଗର ଶବ୍ଦଧନ୍ଦା

## ଟ୨୫ଙ୍କା ପୁରସ୍କାର !

'ଡଗର'ର ଗ୍ରାହକ ମାତ୍ରେ

**ବିନା ମୂଲ୍ୟରେ**

| | | | | | | |
|---|---|---|---|---|---|---|
| ୧ ଶ | ୨ (ର) | ଶ | ■ | ୩ | ୪ | ୫ କ |
| ୬ (ପ) | | ■ | ୭ | ■ | ୮ ପୁ | |
| ଥ | ■ | ୯ | ଡ | ୧୦ | ■ | କା |
| ■ | ୧୧ | ନ | ■ | ୧୨ ମା | | ■ |
| ୧୩ | ପ | ■ | ୧୪ ବା | ■ | ୧୫ | ୧୬ ଡ |
| | ■ | ୧୭ | | ର | ■ | |
| ୧୮ ର | | ଶୀ | ■ | ୧୯ ପ | | ର |

**ଏକଅଣା ଡ଼ାକଟିକଟ ସହ**

| | | | | | | |
|---|---|---|---|---|---|---|
| ୧ ଶ | ୨ (ର) | ଶ | ■ | ୩ | ୪ | ୫ କ |
| ୬ (ପ) | | ■ | ୭ | ■ | ୮ ପୁ | |
| ଥ | ■ | ୯ | ଡ | ୧୦ | ■ | କା |
| ■ | ୧୧ | ନ | ■ | ୧୨ ମା | | ■ |
| ୧୩ | ପ | ■ | ୧୪ ବା | ■ | ୧୫ | ୧୬ ଡ |
| | ■ | ୧୭ | | ର | ■ | |
| ୧୮ ର | | ଶୀ | ■ | ୧୯ ପ | | ର |

**ଏକଅଣା ଡ଼ାକଟିକଟ ସହ**

| | | | | | | |
|---|---|---|---|---|---|---|
| ୧ ଶ | ୨ (ର) | ଶ | ■ | ୩ | ୪ | ୫ କ |
| ୬ (ପ) | | ■ | ୭ | ■ | ୮ ପୁ | |
| ଥ | ■ | ୯ | ଡ | ୧୦ | ■ | କା |
| ■ | ୧୧ | ନ | ■ | ୧୨ ମା | | ■ |
| ୧୩ | ପ | ■ | ୧୪ ବା | ■ | ୧୫ | ୧୬ ଡ |
| | ■ | ୧୭ | | ର | ■ | |
| ୧୮ ର | | ଶୀ | ■ | ୧୯ ପ | | ର |

ପ୍ରତ୍ୟେକ ଉତ୍ତର ପାଇଁ
ପ୍ରବେଶିକା ମୂଲ୍ୟ
ଏକଅଣା ମାତ୍ର

ଗ୍ରାହକ ନଂ
ନାମ ____________________
ଠିକଣା ____________________
____________________
କେତୋଟି ଉତ୍ତର ____________________

ଦୁଇଟି ଉତ୍ତର
ଏକା ସଙ୍ଗରେ ଦେଲେ
ଗୋଟିଏ ବିନା ମୂଲ୍ୟରେ
ଦେଇ ହୁଏ

### ସିଧା ଭାବରେ

୨ । ଅନ୍ଧ ଜନ ଯାହା ମାଗେ ।
୩ । ବାରଘର ଏହା ଅଟେ ।
୭ । ପୀରତି—ବଷମ ।
୮ । ଏ ମିଷ୍ଟାନ୍ନ ଓଷାବାରରେ ଲାଗେ ।
୯ । କୃଷ୍ଣ ରାଧାଙ୍କର ପ୍ରେମ—ହୋଇଥିଲେ ।
୧୧ । ମିଁଏ ସନମାନ ଦେଖାଏ ।
୧୨ । ବଡ଼ ବଇଷିମର ଏହା ନହେଲେ ନଚଳେ ।
୧୩ । ଅଳଙ୍କାର ବିଶେଷ ।
୧୪ । ଫୁଲର ଧାଧାଲିଶ ରଙ୍ଗ ।
୧୬ । ଏହା କେଶ ବେଳ ବାହାରେ ଗୁଡ଼େ ।
୧୮ । ଭଲ ଲୋକେ ଏହାକୁ ଘୃଣା କରନ୍ତି ।
୧୯ । ଅଧିକାଂଶ ପର୍ବତରେ ଦେଖାଏ ।

### ବିଜ୍ଞାପନ ।

ଏକ ନମ୍ବର ଶବ୍ଦଧନ୍ଦା ପ୍ରତିଯୋଗୀତାର ନିର୍ଦ୍ଦିଷ୍ଟ ସମୟ ଅନ୍ତେ ଅଭ ନକଥରେ ୨ନମ୍ବର ଶବ୍ଦଧନ୍ଦା ବାହାରିବା । ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନେ ତତ୍ପୂର୍ବରୁ ୧ ନମ୍ବର ଶବ୍ଦଧନ୍ଦା ସମ୍ବନ୍ଧରେ ମତାମତ ଯେତେ ଅଳ୍ପରେ ପାରନ୍ତି ଲେଖି ପଠାଇଲେ ଡଗର ତାହା ଆନନ୍ଦରେ ଏହି ସ୍ତମ୍ଭରେ ସ୍ଥାନ ଦେବ ।

'ନାଗରାଜ'

୨ ନମ୍ବର ଶବ୍ଦଧନ୍ଦା ।
ଅପୂର୍ଣ୍ଣ— ନିକଟରେ— ଅପୂର୍ଣ୍ଣ
ଜଣଙ୍କର ଟଙ୍କା ଡାକଦେବ ।

### ଉପର ତଳ ଭାବରେ

୧ । ନସୃମ ।
୨ । ମହାଭାରତ ସମୟରେ ଲଢିଥିଲ ।
୪ । ଏହାକୁ ଦମନ କର ।
୫ । ଝଡ଼ରେ ଝଡ଼େ ।
୭ । ଏହା ଛାଡ଼ିଲେ ବୁଢ଼ଇ ଭେଳା ।
୯ । ଏହା ନଦେଲେ ଭଲକଥା କହିବନାହିଁ ।
୧୦ । ବଷ୍ଟୁ ପ୍ରିୟା ।
୧୧ । ମୃତ୍ୟୁର ଅଗ୍ରଚର ।
୧୩ । ଯଥାକାଳରେ ପ୍ରଭୁସେବାରେ ଲାଗେ ।
୧୪ । ଚତୁର ଲୋକ ବିପଦବେଳେ ଏହା ପାଏ
୧୫ । ଦେଶରେ ଅନ୍ତର୍ଯୁଦ୍ଧ ଲାଗିଲେ ସୈନ୍ୟମାନେ ଏଥିଲାଗି ଏହା ହୋଇଥାନ୍ତି ।
୧୬ । ଦେବ ଶିରରେ ଶୋଭପାଏ ।

## ନିବେଦନ

ପ୍ରତିଶ୍ରୀ ଖରଚ ଲାଗେ । ସେଥିପାଇଁ 'ଡଗର' ଥରେ ଆପଣଙ୍କ ଦୁଆରକୁ ଅଧିକ ନୂତନର ବାରତା ଦେବାପାଇଁ । ଆପଣ ତାକୁ ଆପଣାର ମନେ ଆଦର କରିବେ ଏତକ ତାର ଜଣାଣ । ପ୍ରଥମ ସଂଖ୍ୟା ପାଇବା ମାତ୍ରକେ ଆପଣ ଯଦି ତାର ବାର୍ଷିକ ବଳ୍ପିଷ୍ଟ ୫ ୧୮ ମନିଅର୍ଡର କରି ପଠାଇ ଦିଅନ୍ତି ତେବେ ସେ ବଡ଼ ଅନୁଗ୍ରହକୁ ଚିରଦିନ ଭୋଲି ମନେ କରିବ ।

ସାଧାରଣ ସମ୍ପାଦକ

Digitized by srujanika@gmail.com

# ପ୍ରତିଯୋଗୀତା ।

ପାଇପାରିବେ ।

## ଟ୨୫ଙ୍କା ପୁରସ୍କାର !!

### ଧନ୍ଦା ଭେଦର ଉପାୟ ।

ଉପରେ ଯେଉଁ ବନ୍ଧଟି ଦିଆ ଯାଇଛି, ତାର ସିଧା ବାଗରେ ସାତୋଟି ଓ ଉପରତଳ ଭାବରେ ସାତୋଟି ଘର । ଏପରି ମୋଟ ୪୯ଟି ଘର ଭିତରୁ କେତେକ ଘର ବନ୍ଦ ଅଛି, କେତେକ ଘରେ ଅକ୍ଷର ଦିଆ ଯାଇଛି ଓ ଆଉ କେତେକ ଘର ଖାଲି । ଏହି ଖାଲି ଘରମାନଙ୍କରେ ଏପରି ଗୋଟିଏ ଗୋଟିଏ ଅକ୍ଷର ବସାଇବାକୁ ହେବ ଯେପରି ସମସ୍ତ ଅକ୍ଷର ମିଶି ସିଧା ଆଡ଼େ ଓ ଉପର ତଳକୁ କେତେ ଗୁଡ଼ିଏ ଶବ୍ଦ ଗଢ଼ିବ । ଶବ୍ଦଗୁଡ଼ିକ ଯେଉଁଠାରୁ ଆରମ୍ଭ ହେବ ସେଇ ଘରମାନଙ୍କରେ ନମ୍ବର ଦିଆଯାଇଛି ଏବଂ ଯେଉଁଠାରେ ଶେଷହେବ ତାର ପର ଘର ଗୁଡ଼ିକୁ ବନ୍ଦ କରି ଯାଇଛି । ଅଲେଖା ଅକ୍ଷର ଗୁଡ଼ିକୁ ନିଶ୍ଚୟ କରିବା ନିମନ୍ତେ ଘରର ନମ୍ବର ବା ଶବ୍ଦର ନମ୍ବର ଅନୁସାରେ ଉପର ଶବ୍ଦ ଗୁଡ଼ିକର ଅର୍ଥ ବା କେତେକ ଅର୍ଥ ସୂଚକ ବିଷୟ ଦିଆଗଲା ।

ଉଦାହରଣ:—ପ୍ରଥମ ଘର ମୁଣ୍ଡରୁ ମଧ୍ୟରୁ ୧ ନମ୍ବର ଘରେ 'ଶ' ଓ ତୃତୀୟ ଘରେ 'ଣ' ଅଛି । ଚତୁର୍ଥ ଘର ବନ୍ଦ ଓ ଦ୍ୱିତୀୟ ଘର ଖାଲି । ତେଣୁ ଦ୍ୱିତୀୟ ଘରେ ଏପରି ଗୋଟିଏ ଅକ୍ଷର ଦେବାକୁ ହେବ ଯାହାଦ୍ୱାରା ଗୋଟିଏ ଶବ୍ଦ ହେବ । ସେ ଶବ୍ଦର ମୂଳଅକ୍ଷର 'ଶ' ଓ ଶେଷ ଅକ୍ଷର 'ଣ' ହୋଇଥିବ । ଏ ଶବ୍ଦ ସିଧା ବାଗରେ ରହିଥିବାରୁ ଏହି ଶବ୍ଦର ନମ୍ବର (ଏକ) ଅନୁଯାୟୀ ସିଧା ବାଗରେ ଲେଖା ଯାଇଥିବା ୧ ନମ୍ବର ଶବ୍ଦର ଅର୍ଥ ସଙ୍ଗେ ସମାନ ହେବ । ଅର୍ଥାତ୍ ସେ ଶବ୍ଦର ଅର୍ଥ ହେବ, ଆରତ ଜନ ଯାହା ମାରେ । ଶ ଓ ଣ ପୂର୍ବରୁ ଦିଆ ଯାଇଥିବାରୁ ଏହି ଶବ୍ଦ 'ଶରଣ' ହେବ ।

ସେହିପରି ଉପର ତଳ ଭାବରେ ୧ ନମ୍ବର ଶବ୍ଦର ତିନି ଅକ୍ଷର ମଧ୍ୟରୁ 'ଶ' ଓ 'ଅ' ଦିଆଅଛି । ଦ୍ୱିତୀୟ ଅକ୍ଷରଟି 'ପ' ହେଲେ ଶବ୍ଦଟି 'ଶପଅ' ହେବ ଏବଂ ତାର ଅର୍ଥ 'ଉପର ତଳ ଭାବରେ' ଦିଆ ଯାଇଥିବା ଏକ ନମ୍ବର ଅନୁସାରେ 'କସମ' ହେବ । ଏହିପରି ଭାବରେ ସମସ୍ତ ଘର ଗୁଡ଼ିକ ପୂରଣ କରନ୍ତୁ ।

### ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ ।

ଏହାର ଉତ୍ତର ସିଲ୍‌କରି ହୋଇ ଗୋପୀନାଥ ପ୍ରେସର ପାଣ୍ଡି ରକ୍ଷକଙ୍କ ନିକଟରେ ରଖାଯାଇଛି । ଏହି ସିଲ୍ ଦିଆ ହୋଇ ରହିଥିବା ଉତ୍ତର ସହିତ ଯାହାର ଉତ୍ତର ମିଳିବ ସେ ପ୍ରଥମ ପୁରସ୍କାର ଟ୧୫ଙ୍କା ପାଇବ । ଯାହର ଗୋଟିଏ ମାତ୍ର ଭୁଲ ହେବ ସେ ଦ୍ୱିତୀୟ ପୁରସ୍କାର ଟ୬୯ ପାଇବ ଓ ଯାହାର ଯୋଡ଼ିଏ ଭୁଲ ହେବ ସେ ତୃତୀୟ ପୁରସ୍କାର ଟ୪୯ ପାଇବ । ଏହାଠାରୁ ଅଧିକ ଭୁଲ ହୋଇଥିବା କାଗଜ ବାଦ ହୋଇଯିବ ।

କେବଳ ଗୋପୀନାଥ ପ୍ରେସ, ଭଦ୍ରକରୁ ବାହାରୁଥିବା ଡଗରରୁ କଟାହୋଇଥିବା କୁପନରେହିଁ ଉତ୍ତର ଦେବାକୁ ହେବ ।

ଏହି ପ୍ରତିଯୋଗୀତାରେ ଗୋଟିଏ ଉତ୍ତରର ପ୍ରବେଶିକା ମୂଲ୍ୟ ଟ୦/ ଉତ୍ତର ସହ ଦେବ । ତାହା ଡଗର ଅଫିସକୁ ନୋଟ ବା ମନିଅର୍ଡର ଦ୍ୱାରା କିମ୍ବା ଏକ ପଇସିଆ ଟ୦/ର ଡାକ ଟିକଟ ଦ୍ୱାରା ପଠାଇବାକୁ ହେବ । ଏକସଙ୍ଗରେ ଦୁଇଟି ଉତ୍ତର ଦେଲେ ତୃତୀୟଟି ବିନା ମୂଲ୍ୟରେ ଦିଆଯାଇ ପାରେ କୌଣସି ଲୋକ ଏକ ସମୟରେ ଟ୨ଙ୍କା ଦେଲେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବ ।

ଉତ୍ତରରେ ନିଜ ନାମ ଠିକଣା, ଗ୍ରାହକଙ୍କ ସ୍ପଷ୍ଟ ଭାବରେ ଲେଖିବାକୁ ହେବ ।

କୌଣସି ଅଡୁଚିର ଚରମ ନିଷ୍ପତ୍ତିକାରକ 'ଡଗର'ର ଧନ୍ଦା ପ୍ରତିଯୋଗିତା ସମ୍ପାଦକ ଅଟନ୍ତି ।

ଠିକ୍ ଉତ୍ତର ଡଗରର ପର ସଂଖ୍ୟାରେ ପ୍ରକାଶ ପାଇବ ଓ ତତ୍‌ପର ସଂଖ୍ୟାରେ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କର ନାମ ପ୍ରକାଶ ପାଇବ ।

ଏକାଧିକ ଲୋକଙ୍କର ଉତ୍ତର ଠିକ ହେଲେ ପୁରସ୍କାର ସମାନ ଭାବରେ ବାଣ୍ଟି ଦିଆଯିବ ।

କୌଣସି ଲୋକ ଏକାଧିକ ପୁରସ୍କାର ପାଇବାର ଥିଲେ କେବଳ ଉତ୍କୃଷ୍ଟ ପୁରସ୍କାରଟି ପାଇବେ ।

## ଡଗର କାହିଁକି ପଢ଼ିବେ ?

୧ । ଆପଣଙ୍କର ମନ ଭଲ ନାହିଁ—ଡଗର ଆପଣଙ୍କୁ ହସାଇ ହସାଇ ଭୁଲାଇ ଦେବ । (ମଜା କଥା—ହସ ଖୁସି ବିଭାଗ)

୨ । ଆପଣଙ୍କ ସମୟ କଟୁ ନାହିଁ । ଡଗର କଥା ଛଳରେ ଆପଣଙ୍କୁ ବହଲାଇ ଦେବ । (କାହାଣୀ ବିଭାଗ)

୩ । ଆପଣଙ୍କ ଦେହ ଭଲ ନାହିଁ—ଡଗର ଆପଣଙ୍କୁ ପଥ୍ୟ ଦେଇ ସୁସ୍ଥ କରିଦେବ । (ଯୌନ ଓ ଯୌବନ ବିଭାଗ)

୪ । ଆପଣ ଜୀବନ ସଂଗ୍ରାମରେ ହତାଶ ହୋଇ ପଡ଼ିଛନ୍ତି, ଡଗର ଆପଣଙ୍କର ଉଜ୍ଜ୍ୱଳ ଭବିଷ୍ୟତର ରଶ୍ମିରେଖା ଦେଖାଇ ଉଦ୍‌ଜୀବିତ କରିବ । (ଭାଗ୍ୟଫଳ ବିଭାଗ)

୫ । ଆପଣ ବେକାର ହୋଇ ବସିଛନ୍ତି—ଡଗର ଆପଣଙ୍କୁ ଦାନା ଯୋଗାଇବ । (ଶବ୍ଦ ଧନ୍ଦା ବିଭାଗ)

୬ । ଆପଣଙ୍କ ପିଲାଏ ମନ ଲଗାଇ ପାଠ ପଢ଼ୁ ନାହାନ୍ତି—ଡଗର ତାଙ୍କୁ ବାଟକୁ ନେଇ ଆସିବ—(ନାଗ ବନ୍ଧୁ ବିଭାଗ)

୭ । ଦେଶର ଜଟିଳ ରାଜନୀତି ଆପଣଙ୍କର ଜାଣି ହେଉ ନାହିଁ—ଡଗରର ସମ୍ପାଦକୀୟ ଆପଣଙ୍କ ପାଇଁ ଖାଣ୍ଟି ବୈଜ୍ଞବ ଲିବଗୀର ବ୍ୟବସ୍ଥା କରିବ ।

Digitized by srujanika@gmail.com

# ଆଶୀର୍ବାଣୀ ।

ସ୍ୱାଗତ ନବୀନବନ୍ଧୁ ହେ ଶିଶୁ ଡଗର,
ଅର୍ପ ନବୋତ୍ଫୁଲ କଣ୍ଠେ ମଙ୍ଗଳ ମନ୍ତ୍ରର ।
ସ୍ୱଜାତିର ହୁଅ ଦୂତ, ପ୍ରଜାଙ୍କର ମିତ୍ର,
ଦେଖାଅ ଉନ୍ନତ ନବ ସାହିତ୍ୟର ଚିତ୍ର ।
ହୁଅ ତୁମ୍ଭେ ଦୀର୍ଘଜୀବୀ, ସିଦ୍ଧ-ମନୋରଥ,
ପୁଷ୍ପାସ୍ତୃତ ହେଉ ତବ ପୁଣ୍ୟ ଗତି ପଥ ।
ଲଭ ଶିଶୁ ସମାଦର ପ୍ରାସାଦେ କୁଟୀରେ,
ବିଶ୍ୱବାଣୀ ଅଶୀର୍ବାଦ ବର୍ଷୁ ତବ ଶିରେ ।

**ଶ୍ରୀ ଚିନ୍ତାମଣି ମହାନ୍ତି, କବିଶେଖର ।**

# ଭୋଟ-ଅପ୍‌ଶୋଷ୍ ।

## ପ୍ରଥମ ପର୍ବ

ହାୟରେ ହାୟ ଏକ ହେଲା !—ଏ କି ହଃହାଃ !
କର୍ମେ ମୋର ଏହିକି ଥିଲା !—ଛିଃ ଲୋକଙ୍କ ଠଟ୍ଟା !
ଘରଖର୍ଚ୍ଚ ଫିଟାଇ ଦେଲି ଭୁସ୍ତକେ ବାଜି ପୁଣି
ଦେଖଟା ସାସ ଝମଝମେ ଅଧାର ଦେବ ଗୁଣି ।
ଧାଡ଼କି ଧାଡ଼ ଅସିବେ ଗଡ଼ ଓଡ଼ିଆ ମେଣ୍ଢା ଦଳ,
ପଡ଼ିବେ ଅସି ଶଥର ପାଦେ ହୋଇଣ ଶାନ୍ତ ଶଳ ।
ନଡ଼ିଅବୋଷ ନର୍ମାଲ୍ୟରେ ମିଶାଇ ରେଡ଼ି ତେଲ,
ଧରମ ବନ୍ଧୁ ବଖାଇ କେତେ କରି ଥାଅନ୍ତି ଖେଳ ।
ଅପାଳକ ସଭଜେ ହୋଇ ଥାଅନ୍ତି ବଲୁଅ ରଜା,
ଅଗଡ଼ର ଦେଇଥାଅନ୍ତି ଘୋଡ଼ା ଦୋରଡ଼ା ସଜା ।
ସପାର୍ଶ୍ୱଦେ ସଉଦାବେ ଯାଇ ଥାଅନ୍ତି ପେଲ,
ଯେନ ତେନ ପ୍ରକାରରେ କରିଣ ଠେଲା ଠେଲି ।
କିନ୍ତୁ ଅବରେ ପଶୁର ଜଣା ମାଟିଖିଅଙ୍କ ଦଳ,
ଅଣ ଧୂତଅ କରଦେଲେ ସେ ସକଳ ଗଣ୍ଡଗୋଳ ।
'ଯୁକ୍ତା ଯୁକ୍ତି' କରିକି ଯେତେ ସବୁ ହୋଇଲା ଫାଙ୍କା,
ତହୁପତ୍ତାଙ୍ଗ୍ ମାରିଲେ ସବୁ ରହିଲ୍ ଏକା ଏକା ।
ଦାନା ମସ ଖୁଚାଭ ଏକା ପାଇଲେ ଅଗ୍ର କେତେ,
ଜଳକା ହୋଇ ରହିଲେ ବୃନ୍ଦ ମାରିଣ ଏକା ପେଟେ
ମଁହିରୁ ଅସି ମିରଡାଇଲୁ ନେଲେ ମାଉ ମେଳେ ।
ହାୟରେ ହାୟ ଏବେ ଖାଲି ଜାଣଣା ହେଲା ସାର୍,
କଣ୍ଠି ଝୁଲ୍ ଅସା ବର ହେବ ଭୁଳିଅ ପାର୍ ।

(ଦ୍ୱିତୀୟ ପର୍ବ ପାଇଁ ଅପେକ୍ଷା କରନ୍ତୁ)

## ଡଗରର ନିୟମାବଳି ।

୧ । ଅବର୍ତ୍ତିବ— ଓଡ଼ିଆ ମାସର ପ୍ରଥମ ଓ ତୃତୀୟ ସପ୍ତାହ ।
୨ । ଭିକ୍ଷା— ବାର୍ଷିକ ଟ ୨୧ ଷାଣ୍ମାସିକ ଟ୧୧ ଖଣ୍ଡି ଟ୦/
୩ । ବିଜ୍ଞାପନ ପାଇଁ ଦସ୍ତୁର୍ଦ୍ଦୌ— ପୃଷ୍ଠା ଟ ୮୧
୪ । ସୁଯୋଗ— ଯେ କୌଣସି ସଂଖ୍ୟାରୁ ଗ୍ରାହକ ହୋଇ ପାରିବେ ।
୫ । ସମ୍ପର୍କ— ଗ୍ରାହକ ନମ୍ବର ନଦେଲେ ଉତ୍ତର ମିଳେ ନାହିଁ ।
୬ । ଲେଖା— ପ୍ରତ୍ୟେକ ବିଷୟ ଉକ୍ତ ବର୍ଷରର ସମ୍ପାଦକଙ୍କ ଠାରୁ ଡଗର ମାର୍ଫତରେ ପଠାଇବାକୁ ହୁଏ ।

Digitized by srujanika@gmail.com



# ବିବାହପ୍ରଥା

**ଡାକ୍ତର ନିଳାଦ୍ରୀ ଦତ୍ତ** ଏମ୍. ଏ. ଏମ୍.

ଓଡ଼ିଆ ସାହିତ୍ୟରେ ଏ ଦିଗରେ ଲେଖା ଆଦୌ ନାହିଁ କହିଲେ ଚଳେ । ଅଥଚ ଏହା ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ଏକାନ୍ତ ପ୍ରୟୋଜନୀୟ । ସେଥିପାଇଁ 'ଡଗର' ଧାରବାହିକ ଭାବରେ ଏ ବିଷୟରେ ଆଲୋଚନା କରିବାକୁ ସ୍ଥିର କରିଛି ।

ଯୌନ ଓ ଯୌବନ

ବିବାହ ଓ ଯୌନ ତତ୍ତ୍ୱ ।

ଆମ ଦେଶରେ ଆଜି କାଲି ଦେଖାଯାଏ ଯେ ଲୋକମାନେ କୌଣସି ବନ୍ଧାବନ୍ଧ ଭିତରେ ପଶି ଦୁଃଖ ଅନୁଭବ କରିବାକୁ ନାରାଜ । ସେମାନେ କେବଳ ଉପରୁ ଲହୁଣୀ ଛଡ଼ା ଖାଇବାକୁ ଚାହାନ୍ତି; ଦୁଧ ଅଉଟା, ଦହି ତିଆରି ଓ ଦହି ମନ୍ଥନର କଷ୍ଟ ନେବାକୁ ଆଦୌ ଚାହାନ୍ତି ନାହିଁ । ବିଶେଷତଃ ଶିକ୍ଷିତ ଯୁବକ ଯୁବତୀମାନେ ହାତ ଗଣ୍ଠିରେ ବନ୍ଧା ହେବାକୁ ଭାରି ଅମଙ୍ଗ । ମୁଁ ମୋର ବୁଢ଼ା ବାଳିଆ କଳ୍ପନା ବୁଦ୍ଧି ଓ ମୋଟ ଉପମା, ସାହାଯ୍ୟରେ ଯେତେଦୂର ବୁଝିଛି ତାର କାରଣ ହେଉଛି ଦୁଧ ବଜାରରେ ଶସ୍ତା ଦରରେ ମିଳିବାରୁ ଲୋକେ ଘରେ ଗାଈ ପୋଷିବାକୁ ନାରାଜ । ଗାଈମାନେ ମଧ୍ୟ ଚରି ବୁଲି ଖାଇବାର ସୁବିଧା ହେବାରୁ ଶ୍ୱାସରୁଦ୍ଧ ଅନ୍ଧାରିଆ ଗୁହାଳରେ ରହିବାକୁ ବଡ଼ ଅଡୁଆ ମନେ କରୁଛନ୍ତି । ତେବେ ଏପରି ହେବାର କାରଣ ଖୋଜିଲେ ଅନେକ ସୂତ୍ର ଦେଖିବାକୁ ମିଳେ ।

ପ୍ରଥମତଃ ଦେଖାଯାଏ ଯେ ସବୁ କାଳରେ ସବୁ ଦେଶରେ ଯିଏ ବଡ଼ ଭାଇ ବା ବାପା-ହେଲା ସେ ଯେତେ ଅପାଠୁଆ ବା ମୂର୍ଖ ହେଉ ପଛେ ପିଲାଙ୍କ ଉପରେ ଗୁରୁ ପଣିଆ କରିବାକୁ ଛାଡ଼େ ନାହିଁ । ଟୋକାମାନଙ୍କର ଦରବଳା ବୁଦ୍ଧିର ମାପ କାଠିରେ ବୁଢ଼ା ଗୁଡ଼ାକ ସବୁବେଳେ ନିର୍ବୁଦ୍ଧିଆ ଓ ନିପଟ ବେକୁବ । ପୁଣି ବୁଢ଼ାମାନଙ୍କର ମୋଟ (high power) ଚସମାରେ ଟୋକା ଗୁଡ଼ାକ ବଡ଼ ଅମାନିଆ ଓ ବଗଲା ଦେଖା ଯାନ୍ତି । ଏହି ସଂଘର୍ଷ ଫଳରେ ଟୋକାମାନେ 'ସୃଷ୍ଟିଛଡ଼ା' 'ଘର ପୋଡ଼ା' ବା 'ନଷ୍ଟ' ହୋଇ ଯାଆନ୍ତି ।

ଦ୍ୱିତୀୟରେ ଅଧୁନାତ ଯୁଗରେ ହିନ୍ଦୁ ମୁସଲମାନ ଖ୍ରୀଷ୍ଟିୟାନାଦି ଭିନ୍ନ ସମ୍ପ୍ରଦାୟର ଛାତ୍ର ଛାତ୍ରୀ ଏକତ୍ର ପଠନ, ସହବାସ ଓ ଏକ ପ୍ରକାର ଶିକ୍ଷା ପ୍ରାପ୍ତି ହେତୁ ସେମାନଙ୍କର ମନୋବୃତ୍ତି ସମ୍ପ୍ରଦାୟ ଭେଦରେ ବିଭିନ୍ନ ହେଲେ ମଧ୍ୟ ଏକ ଭାବରେ ଗଠିତ ହେଉଛି, ତେଣୁ ସେମାନଙ୍କ ଉପରେ କୌଳିକ ସାମାଜିକ ବା ଧାର୍ମିକ ସନାତନ ରୀତି ପୂର୍ଣ୍ଣରୂପେ ପ୍ରଭାବ ବିସ୍ତାର କରି ପାରୁ ନାହିଁ ।

ତୃତୀୟରେ ପ୍ରତ୍ୟେକ ଜାତିର ସାମାଜିକ ବା ଧାର୍ମିକ ନିୟମ ଗୁଡ଼ିକ ଅପଣା ଅପଣା ଜାତିର ବ୍ୟବହାର ପାଇଁ 'ମାପ କାଠି' ଯେପରି ଦେଶ ଭେଦରେ କଟକୀ ସେର, ବାଲେଶ୍ୱରୀ ସେର ଗୌଣୀ ମାଣ, ପାଉଣ୍ଡ ଅଉନ୍ସର ବ୍ୟବହାର ହୁଏ ପ୍ରତ୍ୟେକ ସମାଜରେ ଚଳନ ପକ୍ଷେ ସୁବିଧା ପାଇଁ ଦେଶକାଳୋପ-ଯୋଗୀ ନିୟମମାନ ଗଠିତ ହୋଇଥାଏ । ତତ୍ପରବର୍ତ୍ତୀ ଯୁଗରେ ବିଶେଷତଃ ଯେତେ-ବେଳେ ଦେଶରେ ରାଜାର ପରିବର୍ତ୍ତନ ବା କୌଣସି ଧର୍ମ ପ୍ରବର୍ତ୍ତକଙ୍କର ଆବିର୍ଭାବ ହୁଏ, ସେତେବେଳେ ଧାର୍ମିକ ଓ ସାମାଜିକ ନିୟମାବଳୀର ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇପଡ଼େ । ତାହାର କାରଣ ରାଜା ତାଙ୍କର ସ୍ୱଦେଶ ଓ ସ୍ୱଜାତି ଅନୁକୂଳ ଧାର୍ମିକ ଓ ସାମାଜିକ ନିୟମ ଗୁଡ଼ିକ ପ୍ରବର୍ତ୍ତନ ପାଇଁ ମୁଖ୍ୟ ବା ଗୌଣ ଭାବରେ ଯତ୍ନବାନ ହୁଅନ୍ତି ଓ ଦୂରଦର୍ଶୀ ପ୍ରତିଭାଶାଳୀ ଧର୍ମ ପ୍ରବର୍ତ୍ତକ ମଧ୍ୟ ଲୋକ ହିତାର୍ଥେ ପୁରାତନ ନିୟମର ସଂଶୋଧନ ଓ ନୂତନ ନିୟମମାନ ଗଠନ କରନ୍ତି । ଏହି ପରିବର୍ତ୍ତନର ପ୍ରଥମାବସ୍ଥାରେ ଲୋକେ ପୁରାତନ ନିୟମ ଲଙ୍ଘନରେ କୁଣ୍ଠା ବୋଧ କରନ୍ତି କିନ୍ତୁ ନବ ଶିକ୍ଷା ବା ଧର୍ମର ପ୍ରଭାବ ଓ ଭିନ୍ନ ସମାଜ ଓ ଦେଶର ଲୋକଙ୍କର ଏକତ୍ର ମିଳନର ସୁବିଧା ହେତୁ ପ୍ରତ୍ୟେକ ସମାଜ ତାର ପ୍ରାଚୀନ

ପର ସଂଖ୍ୟାରେ ବାହାରିବ ।

---

ହସ୍ତ ମୈଥୁନର ଅପକାରିତା ।

ଲେଖକ:—ହାକିମ ମହମ୍ମଦ ଫାରୁକ ([illegible])

---

ନିୟମ ପାଳନରେ ଶିଥିଳ ହୁଏ । ଏହି ସମୟଟା ଠିକ୍ ବର୍ଷା ଓ ଶୀତ କାଳର ମଧ୍ୟ-ବର୍ତ୍ତୀ ହେମନ୍ତ ଋତୁ ପରି ବା ନୂଆବହୂ ବାପ-ଘରୁ ଆସି ପ୍ରଥମେ ଶ୍ୱଶୁର ଘରେ ରହିବା ପରି । କାଳକ୍ରମେ ସମାଜ ଓ ଧର୍ମ ତାର ଆଦର୍ଶ ଭ୍ରଷ୍ଟ ହେବାକୁ ବାଧ୍ୟ ହୁଏ । ଏହି ସମୟରେ ଲୋକଙ୍କର ଧାରଣା ଦୃଢ଼ ହୁଏ ଯେ ସମାଜ ଓ ଧର୍ମର ନିୟମାବଳୀ କୃତ୍ରିମ ଓ ପରିବର୍ତ୍ତନଶୀଳ, ତେଣୁ ଲୋକେ ପୂର୍ବ ଗଠିତ ନିୟମ-ମାନ ଛାଡ଼ି ନିଜ ନିଜର ସୁବିଧା ଓ ରୁଚିବାନୁ-କୂଳ ମାପ କାଠିରେ ଚାଲି ଯଥେଚ୍ଛାଚାରୀ ହେବାକୁ ବିଶେଷ ଅସୁବିଧା ମନେ କରନ୍ତି ନାହିଁ ।

Digitized by srujanika@gmail.com

## ବିବାହ ପ୍ରଥା ।

ଚତୁର୍ଥରେ ପରାଧୀନତା ପ୍ରତି ଘୃଣା । ଏହା ସ୍ୱାଭାବିକ ଯେ ଲୋକେ ଶିକ୍ଷିତ ହେଲେ ବା ନିଜର ଅବସ୍ଥା ବୁଝି ପାରିଲେ, ଶାରୀରିକ ମାନସିକ ଆଧ୍ୟାତ୍ମିକ ଓ ସାମାଜିକ ଆଦି ପ୍ରତ୍ୟେକ ବିଷୟରେ ସ୍ୱାଧୀନ ହେବାକୁ ଇଚ୍ଛା କରନ୍ତି । ତେଣୁ କୌଣସି ଗୋଟାଏ ଶୃଙ୍ଖଳାରେ ରହିବାକୁ ସେ ଚାହେଁ ନାହିଁ ।

ପଞ୍ଚମରେ ସ୍ତ୍ରୀ ପୁରୁଷଙ୍କର ମନୋମତ ପତି ପତ୍ନୀ ଅଭାବର ଅଶାନ୍ତି ।

ବିବାହିତ ଜୀବନ, ଅବିବାହିତମାନଙ୍କ ପାଇଁ ଠିକ୍ "ଦିଲ୍ଲୀ କା ଲଡୁ" ପରି ଶିକ୍ଷିତ ଯୁବକ ଯୁବତୀ ସେମାନଙ୍କର ଶିକ୍ଷାର ମାତ୍ରାରେ "ଦେଖିଲା ଶୁଣିଲା" ବଳରେ ଓ ଅନୁଭବର ଅଭାବରେ ବିବାହିତ ଜୀବନଟାକୁ ଗୋଟାଏ ପିଞ୍ଜରାରେ ପକ୍ଷୀ ବା ବନ୍ଦୀର ଜୀବନ ସହ ତୁଳନା କରନ୍ତି ଓ ଠିକ୍ କରି ପାରନ୍ତି ନାହିଁ ଯେ ଏପରି ଜୀବନଟା ସୁଖକର କି ଦୁଃଖକର ! ଆଧୁନିକମାନେ ଯେ ଏପରି ଭାବୁଛନ୍ତି ତାହା ନୁହେ ପୂର୍ବକାଳରେ ମଧ୍ୟ ଏହିପରି ଉପଲବ୍ଧି କରି କେତେକ ବ୍ରହ୍ମଚାରୀ ବା ବ୍ରହ୍ମଚାରିଣୀ ହୋଇ ଅବିବାହିତ ଜୀବନ କଟାଇ ଥିଲେ । ସ୍ପଷ୍ଟ ଭାବରେ ଦେଖିଲେ ସେମାନେ ଯେ ଅବିବାହିତ ରହୁଥିଲେ ତାହା ନୁହେ, ନିଜର ଅଭୁତ ବିଶିଷ୍ଟ ମୂଳ ଜୀବନକୁ ବିବାହ ନ କରି 'ଧର୍ମପତ୍ନୀ' ବା 'ଈଶ୍ୱର ପତ୍ନୀ'ଙ୍କୁ ବିବାହ କରୁଥିଲେ । ସେମାନଙ୍କର ବିବାହ ବ୍ୟାପାରଟା ଶାରୀରିକ ନ ହୋଇ ମାନସିକ ହୋଇଥାଏ ।

ଷଷ୍ଠରେ ପାଶ୍ଚାତ୍ୟ ରୁଚିର ସମର୍ଥନ:— ଲକ୍ଷ୍ୟ କଲେ ବେଶ୍ ଜଣାପଡ଼େ ଯେ ପାଶ୍ଚାତ୍ୟ ଶିକ୍ଷା ପ୍ରାପ୍ତ ପ୍ରାଚ୍ୟ ଶିକ୍ଷାର ଉପାସକ । କୁକୁଡ଼ା ଖାଇବା, ସ୍ତ୍ରୀମାନଙ୍କ ପର୍ଦ୍ଦାରେ ନ ରଖିବା ପ୍ରାଚ୍ୟ ମତେ ନିଷିଦ୍ଧ କିନ୍ତୁ ପାଶ୍ଚାତ୍ୟ ମତେ ଆଦୌ ନିଷିଦ୍ଧ ନୁହେଁ । ଲୋକେ ଘରେ ବାଧ୍ୟ ହୋଇ ପୁରୁଣା ପ୍ରଥାନୁସାରେ ଚଳନ୍ତି ମାତ୍ର ବାହାରେ ବିପରୀତ ଭାବରେ କାର୍ଯ୍ୟ କରନ୍ତି ଯଥା ଘରେ ବ୍ରାହ୍ମଣ ରନ୍ଧା ନ ହେଲେ ଚଳିବ ନାହିଁ କିନ୍ତୁ ବାହାରେ, ହୋଟେଲର ବାବର୍ଚ୍ଚି ମିଆଁ ରନ୍ଧା ପ୍ରତି ବେଶି ଟାଣ ।

ବୁଢ଼ାମାନେ ପୁରାତନର ଅନୁକୂଳରେ ଓ ଟୋକାମାନେ ପୁରାତନର ପ୍ରତିକୂଳରେ ଠିଆ ହୁଅନ୍ତି । ଏହିପରି ଗୋଟାଏ ସଂଘର୍ଷ (tug of war) ଚାଲେ । ଦୁଇ ଅଟର ଟଣା ଓଟରେ ନବ ଚାନଙ୍କୁ ପ୍ରାପ୍ତ ହୁଏ । ଫଳରେ କେତେକ ହିନ୍ଦୁର ପାଉର ଦେଇ କ୍ରମେ କ୍ରମେ ନ ଉଠି ଏକାଥରକେ ତଅଁ-ମାର ପ୍ରତ୍ୟେକ ବିଷୟରେ ଉପରକୁ ଉଠି-ବାକୁ ଚାହାନ୍ତି ।

ଏପରି କ୍ଷେତ୍ରରେ ସାବଧାନ ନ ହେଲେ ଭାବୁଲର ଅମୀର ଅମାନୁଲ୍ଲାଙ୍କ ପରି ରାଜ୍ୟ ଭ୍ରଷ୍ଟ ହେବାକୁ ହୁଏ ବା ଭଲର ପରି ଲଟିଲେ ଯୋଉ ଗତି ହୁଏ ଠିକ୍ ସେହିପରି ହେବ ।

ବର୍ତ୍ତମାନ ଦେଖିବା ବିବାହ ପ୍ରଥାର ଆବଶ୍ୟକତା କଅଣ ?

ବାଳକ ହୃଦୟରେ ସ୍ନେହର ଅକର୍ଷଣ ପ୍ରବଳ ଥାଏ, କିନ୍ତୁ ଯୌବନ ଗମେ ସ୍ନେହ ଗୌଣ ଭାବରେ ରହେ ଓ ଭକ୍ତ ସ୍ଥାନରେ ପ୍ରୀତିର ଆକର୍ଷଣ ମୁଖ୍ୟ ଓ ପ୍ରବଳ ହୁଏ । ତେଣୁ, ଯୁବକ ଯୁବତୀ ପରସ୍ପର ପ୍ରତି ଆକୃଷ୍ଟ ହୁଅନ୍ତି । ଏହି ଆକର୍ଷଣ ସ୍ୱାଭାବିକ । ପରବର୍ତ୍ତୀ ଜୀବନରେ ନର ନାରୀ ପରସ୍ପର ଠାରୁ ସ୍ୱ ସ୍ୱ ଅଭାବ ପୂରଣ କରି ସୁଖ ଶାନ୍ତିରେ କାଳ କଟାଇବା ପାଇଁ ସମାଜରେ ବିବାହ ପ୍ରଥା ପ୍ରଚଳିତ ।

ବିବାହରେ ନର ନାରୀଙ୍କର ମାନସିକ ବନ୍ଧନ ମୁଖ୍ୟ ଓ ଶାରୀରିକ ବନ୍ଧନ ଗୌଣ ଅଟେ କିନ୍ତୁ ଆଧୁନିକ ବିବାହ ପ୍ରଥାରେ ମନୋବନ୍ଧନ ଥାଉ ବା ନ ଥାଉ ଦେହ ବନ୍ଧନକୁ ଜାତି, ସମାଜ ଓ ଧର୍ମବନ୍ଧନ ଦ୍ୱାରା ଏପରି ଦୃଢ଼ କରାଯାଏ ଯେ ଅନେକ ସ୍ଥଳେ ନରନାରୀ ବିଶେଷତଃ ନାରୀମାନେ ଆଜୀବନ ଅଶାନ୍ତି ଭୋଗ କରିବାକୁ ବାଧ୍ୟ ହୁଅନ୍ତି ଏବଂ ତାହାର ଉଚ୍ଚାଟ ପରିଣାମରେ ଆତ୍ମହତ୍ୟାଦି ବ୍ୟାପାର ମଧ୍ୟ ଘଟିବାର ଦେଖାଯାଏ ।

ଏହି ବିବାହ ପ୍ରଥା ଖ୍ରୀଷ୍ଟିୟାନ ସମ୍ପ୍ରଦାୟକୁ ବିଶେଷ ଦୃଢ଼ ଭାବରେ ବାନ୍ଧି ରଖିଛି କାରଣ ଏ ସମାଜମତେ ବିବାହିତ ନରନାରୀ ମଧ୍ୟରୁ ଜଣେ ଜୀବିତ ଥିବାଯାଏ ଅନ୍ୟ ଜଣେ ସହଜରେ ବିବାହ କରି ପାରିବ ନାହିଁ । ହିନ୍ଦୁ ମୁସଲମାନ ଭଉଣୀମାନଙ୍କର ମଧ୍ୟ ସେଥିରୁ ରକ୍ଷା ପାଇବାର ଉପାୟ ନାହିଁ । କିନ୍ତୁ ସୁଖ ବା ଦୁଃଖର ବିଷୟ ଯେ ହିନ୍ଦୁ ମୁସଲମାନ ଭାଇ-ମାନେ ଏ ବନ୍ଧନରୁ ମୁକ୍ତ । କାରଣ ସେମାନଙ୍କର ବହୁ ବିବାହରେ ଅଧିକାର ଅଛି ।

କ୍ରମଶଃ—

## ଅପୂର୍ବ ସୁଯୋଗ ।

ଯେଉଁମାନେ 'ଡଗର'ର ଗ୍ରାହକ ହେବେ, ସେମାନେ ତାଙ୍କର କୌଣସି ରୋଗର ପ୍ରତିକାର ସମ୍ବନ୍ଧରେ ଉତ୍ତର ସମ୍ପାଦକଙ୍କଠାରୁ ଲେଖିଲେ ତାହାର ଯଥା ସମ୍ଭବ ବିଧାନ ଏହି ସ୍ତମ୍ଭରେ ପ୍ରକାଶ କରାଯିବ । କୌଣସି ଗ୍ରାହକ ଗୋଟିଏ ପ୍ରଶ୍ନରୁ ଅଧିକ ୧ବର୍ଷ ମଧ୍ୟରେ କରି ପାରିବେ ନାହିଁ । ପ୍ରଶ୍ନଟି ପାଞ୍ଚ ଧାଡ଼ିରୁ ଯେପରି ଅଧିକ ନହୁଏ । ଅଧିକ ହେଲେ ପ୍ରତ୍ୟୋତ୍ତପାଇଁ ୫୦। ଫିସ୍ ଦେବାକୁ ହୁଏ । ପ୍ରକାଶ ଥାଉନ ପ୍ରଶ୍ନ ଓ ତାର ଉତ୍ତର ଉଭୟ ଉତ୍ତରରେ ପ୍ରକାଶିତ ହେବ । ରୋଗୀର ନାମ ଅତି ଗୋପନରେ ରଖାଯିବ । କେବଳ ଗ୍ରାହକ ନମ୍ବର ପ୍ରକାଶ କରାଯିବ ମାତ୍ର ।

( ପତ୍ରକାରକ ନିଜର ଗ୍ରାହକ ନମ୍ବର ନାମ ଠିକଣା ଓ ତାଙ୍କର ବୟସ ଉଲ୍ଲେଖ ନ କଲେ ଉତ୍ତର ମିଳେ ନାହିଁ । )

Digitized by srujanika@gmail.com

## ବହୁରୂପୀ

କବିରାଜ ମହାଶୟ ପକେଟରୁ ଗୋଟିଏ ଷ୍ଟେଟ ଶିଶି ବାହାର କରି ନୀଳ ରଙ୍ଗର 'ଅରଗ' ଢାଳି ରୋଗୀର ଜିହ୍ୱାରେ ଲଗାଇ ଦେଲେ । ମନ୍ତ୍ରଶକ୍ତି ପରି ମୁହୂର୍ତ୍ତ ପରେ ବାଳକ ସ୍ଥିର ହୋଇ ଶୋଇ ପଡ଼ିଲା ।

ବାଳକ ଶୋଇବାର ଅଳ୍ପକ୍ଷଣ ପରେ ସେ ଘରେ ପ୍ରବେଶ କଲେ ଗୋଟିଏ ଅନିନ୍ଦ୍ୟ ସୁନ୍ଦରୀ ଯୁବତୀ କହିବା ବାହୁଲ୍ୟ ଯୁବତୀ କବିରାଜଙ୍କର ଜୀବନ-ସଙ୍ଗିନୀ । ଯୁବତୀ ପ୍ରବେଶ କରି ପ୍ରଶ୍ନ କଲେ —"ରୋଗୀ କଣ ଶୋଇଛି ?" ଉତ୍ତର ହେଲା 'ହଁ ।' ରୋଗୀର ବାପା ଏ ପର୍ଯ୍ୟନ୍ତ ନିଶ୍ଚଳ ପ୍ରତିମା ପରି ଶଯ୍ୟା ପାର୍ଶ୍ୱରେ ବସିଥିଲେ କିନ୍ତୁ ବହୁକ୍ଷଣ ଯାବତ୍ ବାଳକକୁ ଭୀଷଣ ଯନ୍ତ୍ରଣା ପରେ ଏପରି ସ୍ଥିର ହୋଇ ପଡ଼ି ରହିବାର ଦେଖି ବ୍ୟସ୍ତ ହୋଇ କବିରାଜଙ୍କୁ ଆକୁଳ କଣ୍ଠରେ ପଚାରିଲେ —"ଏ କଣ ହେଲା କବିରାଜେ ! ଅଉ କଣ 'ଚାନ୍ଦ'ର ଚେତା ଫେରିବ ନାହିଁ ?" କବିରାଜଅଣୀ ବିରକ୍ତ ସ୍ୱରରେ ଉତ୍ତର ଦେଲେ, "ଛିଃ, ପୁରୁଷ ହୋଇ ଏମିତି ଧୈର୍ଯ୍ୟ ହରାଉଛ ନା ? ସ୍ଥିର ହୁଅ ।" ମନ୍ତ୍ରମୁଗ୍ଧ ଫଣୀ ପରି ବାପୁ ନତମସ୍ତକ ହୋଇ ରହିଲେ ।

"ଆସ ଏଠାରେ ତାହାର ରହିବାର ଆବଶ୍ୟକ ନାହିଁ, ରୋଗୀର ବିଶ୍ରାମରେ ବ୍ୟାଘାତ ହେବ; ଝିଅ ଶାଶୂ ଘର ଯିବାର ପାଳି ଏଠାରେ ଚଳିବ ନାହିଁ, ଏଇଟା ଚିକିତ୍ସାଳୟ !' ଏହା କହି କବିରାଜ ଏବଂ ରୋଗୀର ପିତୃବ୍ୟର ହାତ ଧରି, ଏକ ପ୍ରକାର ଟାଣି ଘୋଷାରି ସେ ସ୍ଥାନରୁ ନେଇ ଚାଲିଗଲେ ।

ଅଚେତନପ୍ରାୟ ବାଳକ-ରୋଗୀ ଏକାକୀ ସେହି ଜନ ଶୂନ୍ୟ କକ୍ଷରେ ରାତ୍ରିର ନିସ୍ତବ୍ଧତା ମଧ୍ୟରେ ପଡ଼ି ରହିଲା । ତାର ଭଲ-ମନ୍ଦ ଦେଖିବାକୁ ରାତ୍ରରେ ସେଠାରେ କେହି ନ ଥିଲେ । ଏକା ଭଗବାନ ବ୍ୟତୀତ !

---

### ୩

ବୈତରଣୀ ନଦୀ କୂଳରେ ଗ୍ରାମର ଉପକଣ୍ଠରେ ଭାଗବତ ଟୁଙ୍ଗିଟିଏ । ସେ ଦିନ ବେଳା ୩ଟା ଠାରୁ ବର୍ଷା ଆରମ୍ଭ ହୋଇଛି, ସନ୍ଧ୍ୟା ବେଳକୁ ଗ୍ରାମର କେତେକ ରସିକ ଧରଣର ବ୍ୟକ୍ତି ଭାଗବତ ଟୁଙ୍ଗୀରେ ଆସି ଗଞ୍ଜେଇର ଘନଧୂମ ମଧ୍ୟରେ ପଶୋଜିଙ୍କ ମାତ୍ର ଚଳେଇଛନ୍ତି । ମଧ୍ୟ ମଧ୍ୟରେ ଗଞ୍ଜେଇ-ଆକ୍ରାନ୍ତ-କଣ୍ଠରେ ତାଳ, ଲୟ ବିହୀନ କଣ୍ଠ-ଗାନ ବି ଚାଲିଛି ।

ରାତ୍ରି ପ୍ରାୟ ଦୁଇ ଘଡ଼ି ହେବ, ଏପରି ସମୟରେ ଜଣେ ସୁନ୍ଦର ବଳିଷ୍ଠ ଯୁବକ ହଠାତ୍ ଟୁଙ୍ଗୀରେ ଆସି ଉପସ୍ଥିତ ହେଲେ । ଗାୟକର ଗୀତ ବନ୍ଦ ହୋଇଗଲା, ବାଦକର ଉତ୍ଥିତ ହସ୍ତ ଶୂନ୍ୟରେ ଅଚଳ ହୋଇଗଲା । ଯେଉଁ ଭକ୍ତ 'ବମ୍ ଶଙ୍କର' କହି ସଦ୍ୟ ପ୍ରଦଗ୍ଧାଗ୍ନି ଗଞ୍ଜେଇ ଚିଲମକୁ ମସ୍ତକରେ ଛୁଆଇଁ ମୁହଁ ପାଖକୁ ନେଉଥିଲେ ସେ ଶରବ ଇତଃସ୍ତତ କରୁଁ କରୁଁ କେତେବେଳେ ଯେ ଚିଲମ ଅଟଣର ହୋଇ ଯାଇ ଅମାବସ୍ୟା ତୁଲ୍ୟ ତାଙ୍କର ମଳିନ ପରିଧେୟରୁ ଅଗ୍ନି ଅର୍ଦ୍ଧଗ୍ରାସ କରି ସାରିଲାଣି ସେ ତାହା ଜାଣି ପାରି ନ ଥିଲେ । ଏମାନଙ୍କର ଏପରି ଅବସ୍ଥା ଦେଖି ଆଗନ୍ତୁକ ମୁରୁକିକି ମୁରୁକେଇ ହସୁଥିଲେ । ତାଲେ ସେମାନେ କଣ ଭାବରେ ଏହା ମନେ କରି ଆଗନ୍ତୁକ ଆପଣାର ପ୍ରତ୍ୟୁତ୍ପନ୍ନ-ମତିତ୍ୱରେ ତତ୍‌କ୍ଷଣାତ୍ ସେ ହସ୍ତକୁ ଘୋଡ଼ାଇଦେଇ ବର୍ଷାସିକ୍ତ ହେତୁ କମ୍ପନର ଭାବ ଦେଖାଇ ପଚାରିଲେ "ମଞ୍ଜୁଶ୍ରୀ ଗ୍ରାମକୁ ବାଟ କେଉଁଆଡ଼େ କହି ପାରିବ ?" ତାହାକୁ ଉତ୍ତର ନ ଦେବାର ଦେଖି ପୁନଶ୍ଚ ଉଦ୍‌ବେଗ-ପୂର୍ଣ୍ଣ କଣ୍ଠରେ ସେହିପରି ପ୍ରଶ୍ନ କଲେ । ଭଦ୍ରତା ହେତୁ ହେଉ ବା ଭୀତି ହେତୁ ହେଉ ତାଙ୍କ ମଧ୍ୟରୁ ସମଧିକ ସାହସୀ ଯୁବକ ଜଣେ କହିଲା "ଏ ଘରର ଉତ୍ତର ପଶ୍ଚିମ କୋଣକୁ ଯେଉଁ ବାଟ ପଡ଼ିଛି ସେହି ବାଟେ ସିଧା ଗଲେ ମଞ୍ଜୁଶ୍ରୀ ଗ୍ରାମର ପଥ ଦିଶିବ ।"

ଆଗନ୍ତୁକ—ବାଟ କେତେ ହେବ ?
ସାହସୀ ଯୁବକ—କୋ ୩ । ୪ ଶ ହେବ ।
କିନ୍ତୁ-ତୁମେ-ଆପଣ ଏତେ ରାତିରେ—
ଆଗନ୍ତୁକ—ଭାରି ଦରକାର । ମୋର ଭାଇଟି ବଡ଼ ବେମାର । ନମସ୍କାର ।

ବିଦ୍ୟୁତ ଗତିରେ ଆଗନ୍ତୁକ ପୁନଶ୍ଚ ଝଡ଼ ବୃଷ୍ଟି ତୁଚ୍ଛ କରି ଭାଗବତ ଟୁଙ୍ଗୀରୁ ବାହାରି ହୋଇଗଲେ ।

ଅଚେନ୍ତ ଯୁବକ ବାହାରି ଯିବା ମାତ୍ରକେ ଜଣେ ଉଠି ଯାଇ ଆଗେ କବାଟଟାରେ ଶିକୁଳି ଦେଇ ଦେଲା । ଦ୍ୱିତୀୟ ଜଣେ କଲା "କିରେ, ଦୁଆର କିଳି ଦେଲୁ କାହିଁକି ?" ତୃତୀୟ କହିଲା "ଦୋଉ, ଦୋଉ; ଝଡ଼ ରାତି !"

Digitized by srujanika@gmail.com

## ବହୁରୂପୀ

୨ୟ—ତୁମକୁ ଏତେ ଡର ନା ? ମୁଁ ଇଁଅସ ରାତରେ ମଶାଣିରେ ଯାଇ ପୂଜା ଦେଇ ଆସିଛି, ସେ ଦିନୁଁ ଡାହାଣୀ, ଶଙ୍ଖଚୁଣୀ ମୋ ମୁଠା ଭିତରେ ।

ଯେଉଁ ବ୍ୟକ୍ତିର ଲୁଗା ଗଞ୍ଜେଇ ଚିଲମ ଅଣେଇ ହୋଇ ଯିବାରୁ ପୋଡ଼ି ଯାଉଥିଲା ସେହି ଏପରି କଥାରେ ଅସୀମ ସାହସୀକତାର ପରିଚୟ ଦେଉଥିଲେ ।

୪ର୍ଥ—ହଁ, ଦେଖିଲୁ ଦେଖିଲୁ ମୁଠା ଭିତରର ଡାହାଣୀ, ଶଙ୍ଖଚୁଣୀ ତୋର ପିନ୍ଧିଲା ଲୁଗାକୁ ଓହ୍ଲେଇ ଆସିଛି ପରା !

୨ୟ—ଏଁ—କାହିଁ ?—ଅରେ, ଅରେ ମୋ ଲୁଗା—

ମାଟିରେ ଗଡ଼େଇ ଚଢ଼େଇ ହୋଇ ଲୁଗାର ନିଆଁ କଷ୍ଟରେ ଲିଭାଇଲେ । ଅତଏବ ମଦିଅ ହୋଇ ଥିବାରୁ ଅଗ୍ନି ତାର କାର୍ଯ୍ୟ ଶେଷ କରି ପାରି ନ ଥିଲା । ନଚେତ୍ ଏତେବେଳକୁ ପରିଧେୟ ଓ ପରିଧାନକାରୀ କାହାରି ନିସ୍ତାର ନ ଥାନ୍ତା ।

ନିଆଁ ଲିଭିଲା ପରେ ଦ୍ୱିତୀୟ ବ୍ୟକ୍ତି ଅପ୍ରସ୍ତୁ ଧରି କହି ବସିଲା "ସତ କଥା ଭାଇ, ସେଇ ମୋ ଲୁଗାରେ ନିଆଁ ଲଗେଇ ଦେଇ ଯାଇଥିଲା । ମୁଁ ଅନ୍ଧ ତର ବଣରେ ଘରୁ ଚାଲି ଆସିଥିଲି । ଦିହ ଭଲ ଅସି ନ ଥିଲା । ସେ ନିଆଁ କଣ ତୁମେ କେହି ଲିଭେଇ ପାରି ଥାନ୍ତ କି ?— ମୁଁ ଦିହ ଭଲ ଦେବା ମାତ୍ରକେ ଅପେ ଅପେ ଲିଭିଗଲା ନା !"

୪ର୍ଥ—ଏଇଟା ହଳଦିଆ—ବେହିଆଟାଏ । ନିଆଁର ଅଧେ ଲୁଗା ପୋଡ଼ି ଜଙ୍ଘର ଦି'ଟା ଫୋଟକା ହେଇ ଗଲାଣି ତେବେବି ଏଇଟାର କଥା ଶୁଣ ।

୨ୟ—ତୁମେ ସବୁଆଏ ତ' ମୂର୍ଖ, କଣ ବୁଝିବ ! ମୁଁ ନ ପଢ଼, ତ ପାଖରେ ତୁମେ କେହି ପଢ଼ି ଥାନ୍ତ କି ?— ବୁଝନ୍ତ ସେତେବେଳେ ।

୪ର୍ଥ—ସେତେବେଳେ ଉଧୁବନ୍ଧୁ, ତୁ—ନା ?—ବାହାପିଅ !—

୫ମ—ଆଜ୍ଞା, ଥାଉ,— ଅପଣା ଭିତରେ କଳି କରନା । ତୁଛାଟାକୁ ଜୀଅ ଖୋଲୁ ଖୋଲୁ ପାପ ଛାଡ଼ ନାହିଁ । ଅଚ୍ଛା ସେ ଲୋକଟା କିଏ ? ଭଲ ଲୋକଙ୍କ ପରି ସୁନ୍ଦର ଚେହେରା ବେଶ ଭୂଷା, ଝଡ଼ ଅନ୍ଧାରରେ ପୁଣି ଲୁଗାଚଡ଼େ ଗୋଟା ପୁଣି ଓଦା ସରସର ହେଇ ଧାଇଁଛି ?

ଦ୍ୱିତୀୟ କହିଲା "ହଇଭାଇ ଏମାନେ ମୋ କଥାକୁ ଟାହୁଲି କରି ଉଡ଼େଇ ଦେଉଛନ୍ତି । କିନ୍ତୁ ମୁଁ ବିଦ୍ୟା ଟିକେ ଜାଣେ ବୋଲି କହୁଛି ତୁମେ ଆମ ଗାଁରେ ପୁରୁଣା ମଣିଷ, ଅଚ୍ଛା କହିଲ ଭଲା ଏମିତ ଝଡ଼ିରେ ଭଲ ଘର ପିଲା ବାହାରକୁ ବାହାରନ୍ତି ନା ?"

୫ମ—ଅଚ୍ଛା ତୁମେ କହିଲ ଡାହାଣୀ ଶଙ୍ଖଚୁଣୀ; ତେବେ ସେ ସ୍ତ୍ରୀ ନ ହୋଇ ପୁରୁଷ ବେଶରେ କାହିଁକି ଆସିଲା ?

୨ୟ—ଅରେ ଭାଇ ତାଙ୍କର କଣ ଠିକଣା ଅଛି ?—ସେମାନେ ପରା କାମରୂପୀ, ଯେଉଁ ବେଶ ଇଚ୍ଛା ସେ ବେଶ ଧରି ପାରନ୍ତି । ଖାଲି ମଣିଷ କଣ, ଗାଈ, ବାଛୁରୀ, ଭୁଷୁଣ୍ଡି ସବୁ ହୋଇ ପାରନ୍ତି । ଚାଲ୍ ମୋ ଘରେ ପୋଥି ଅଛି ଦେଖେଇ ଦେବି । ଯେଉଁ ବ୍ୟକ୍ତି ଦୁଆର ଖୋଲି ଦେଇଥିଲା ସେ କହିଲା "କି ଦୁର୍ଯୋଗରେ ରାତି ପାହୁଥିଲା, କିଜାଣି ? ମଣିଷ ଆଜି କେତେ ହଇରାଣ ହେଲା—ଓହୋ ! ବର୍ଷାକୁ ଟିକେ ଉଣା ପଡ଼ିଲାଣି, ଚାଲ ଘରକୁ ଯିବା, ରାତିଟା ବଡ଼ ନିଛନ୍ନ ଲାଗୁଛି । ଦେହଟାବି ଚହିଁକି ଚହିଁକି ଉଠୁଛି । ଭଗବାନେ ! ତୁମେ ଶରଣ ।

ସମସ୍ତେ ସେହି କଥାରେ ରାଜି ହେଲେ । ସେତେବେଳକୁ ରାତି ବହୁତ ହେଲାଣି । ଗାଁ ଗଣ୍ଡାରେ ଚୁପି, ମୂଲିଆ ଲୋକେ ଦିନ ଯାକ ଖଟି ଖଟି ଥକ୍କ ହେଉଣୁ ତାଟି କବାଟ ପକାଇ ଦଅନ୍ତି । ଆଜି ପୁଣି ବର୍ଷା ରାତି । ସମସ୍ତେ ଧୀରେ ଧୀରେ ଭାଗବତ ଟୁଙ୍ଗୀରୁ ବାହାରି ଯେଝା ଘରକୁ ଗଲେ । ସମସ୍ତେ କିନ୍ତୁ ମୁହଁରେ ଯେତେ ସାହସର ବାକ୍ୟ ଉଚ୍ଚାରଣ କଲେ ସୁଦ୍ଧା ଛନଛାରେ ସେହି ରାତିଟା ଯାକ ତାଙ୍କର କାହାରି ଭଲ ନିଦ୍ରା ନ ହେବାର କଥା ଅମ୍ଭେମାନେ ବିଶ୍ୱସ୍ତ ସୂତ୍ରରେ ଅବଗତ ହୋଇଥିଲୁଁ ।

(କ୍ରମଶଃ)

---

**ହସଖୁସି:—**

"ଜୀବନ ବୀମା କରନ୍ତୁ । ... ... ଆକସ୍ମିକ ମୃତ୍ୟୁ ହେଲେ ସମସ୍ତ ବୀମା ଟଙ୍କା ଏକ ସମୟରେ ମିଳିବ ।"

ତେବେ ପ୍ରେତ ଲୋକ ଅଛି ବୋଲି ବିଶ୍ୱାସ ନ କରିବେ କାହିଁକି ?

× × × ×

'ନବଯୌବନ' ଔଷଧ ସେବନ କଲେ ୪୦ ବର୍ଷର ଲୋକ ୨୦ ବର୍ଷ ର ଯୁବା ଭଳି ଦେଖାଯିବ ।"

୨୦ ବର୍ଷର ଯୁବା ମା ପେଟକୁ ଫେରି ଯିବାର ସମ୍ଭାବନା ନାହିଁ ତ ?

Digitized by srujanika@gmail.com



# ନାଗବଚା ଦଳ

( ତେର ବର୍ଷରୁ ଊଣା ବୟସର ପଢ଼ୁଆ ପିଲାଙ୍କପାଇଁ )

ସ୍ନେହର ବାଳକବାଳିକାମାନେ,

ମୋର ତମମାନଙ୍କ ଉପରେ ଭାରି ଭରଷା । ତମେ ଆମ ଦେଶର ସରସ ଦଳ । ତମେ ଦିନେ ପୁଣି ସତେଜ ହୋଇ ଉଠିବ । ଏ ଦେଶର ମଙ୍ଗଳ ପାଇଁ ତମେ ଦିନେ ଜୀବନ ପଣ କରିବ । ଏ ଦେଶର ଉନ୍ନତି ତମରି ଉପରେ ନିର୍ଭର କରି ରହିଛି । ଦେଶର ମୁହଁ ତମେ ଉଜ୍ଜ୍ୱଳ କରିବ । ସେ ଆଶା ମୋର ଅଛି । ସେଥିପାଇଁ ମୁଁ ତମକୁ ଏତେ ଭଲ ପାଏ ପରା ! ମୋର ଭାରି ଆଶା ତମେ ସମସ୍ତେ ମିଶି ମୋତେ ଅଜା ବୋଲି ଡାକନ୍ତ । କଣ ଡାକିବ ନାହିଁ ? ମୋର ବିଶ୍ୱାସ ତମେ ଡାକିବ । ମୁଁ ତମକୁ ନିଜର ନାତି ନାତୁଣୀ ଭଳି ସ୍ନେହ ଆଦର କରେ—କରୁଥିବି । ତମେ ମୋତେ ସାକ୍ଷାତରେ କେବେ ଦେଖିବାକୁ ପାଇବ ନାହିଁ କିନ୍ତୁ ଏହି କାଗଜର ପ୍ରତି ସଂଖ୍ୟାରେ ମୁଁ ତମକୁ ଏହି ପୃଷ୍ଠାରେ ଏହି ଭଳି ଅକ୍ଷରରେ ଦେଖା ଦେବି । ଆମ ଦେଶର ଗଛ, ସବୁଜ ଦଳ ତମେ । କିଏ କେତେ ଆଡ଼େ ରହିଛ । ତମ ସମସ୍ତଙ୍କୁ ଭାବରେ ଏକାଠି କରିବା ପାଇଁ ମୁଁ ଆଜି ବାହାରିଛି । ତମ ପିଲାଏ ଯିଏ ଯେଉଁଠି ଥାଅ, ଯିଏ ଯେଉଁ ଜାତି ଯେଉଁ ଧର୍ମର ହୁଅ, ଅନ୍ତତଃ ତମେ ଗୋଟାଏ ଦଳ ବାନ୍ଧି ରହି-ବାକୁ, କାମ କରିବାକୁ ଶିଖ । ସେଥିପାଇଁ ମୁଁ ଆଜି ଏହି ନାଗବଚ୍ଚ ସଂଘ ଗଢ଼ିଛି । ତମକୁ ପ୍ରତିଥର ନୂଆ ନୂଆ କଥା କହି ନୂଆ ନୂଆ ବିଷୟ ଶିଖାଇବି । ତମ ସାଙ୍ଗରେ ହସିବି ଖେଳିବି, ତମକୁ ହସାଇ ଦେବାଇ, କୌତୁକିଆ କଥା କହି ଖେଳିବାର କହିବି । ତମେ କିମିତି ଭଲ ଶ୍ରେଷ୍ଠ ଗପ ଲେଖିବ ଭଲ ଛବି ଆଙ୍କିବ, ସେଥିପାଇଁ ଉତ୍ସାହ ଦେବି । ତମ ମଥା କିପରି ନାନା ଅଡ଼େ ଖେଳିବ ସେଥିପାଇଁ ମଜା ମଜା ବିଷୟ ଚିନ୍ତା କରିବାକୁ ଯୋଗାଇବି । ଖାଲି ମୋ ପାଖକୁ ୫୦/ ର ପଇସିଆ ଡାକ-ଟିକଟ ପଠାଇ ଦେଲେ ତମକୁ ମୁଁ ଆମ ସଂଘ ଭିତରେ ଭର୍ତ୍ତି କରିନେବି । ଇତି ।

ତମର ପ୍ରିୟ

ଅଜା

ମୋ ଠିକଣା

"ପ୍ରିୟ ଅଜା"

**"ଡଗର ଅଫିସ, ଭଦ୍ରକ ।"**

ସ୍ନେହର ବାଳକବାଳିକାମାନେ,

ଆଜି ଗୋଟିଏ କଥା ଶିଖ । ଏହାକୁ ଗୋଟିଏ ଭେଲ୍‌କିବିଦ୍ୟା ବା 'ଇନ୍ଦ୍ରଜାଲ' ବୋଲି ତମେ ମନେ କରିବ, କିନ୍ତୁ ପ୍ରକୃତରେ ଏହା ତା' ନୁହେଁ । ଦ୍ରବ୍ୟର ଗୁଣ ଅତି ଅଦ୍ଭୁତ । କେଳାର ବାଂଶଠାରୁ ବେଶୀ ଆଶ୍ଚର୍ଯ୍ୟ ଜନକ । ଗୋଟିଏ ସେହିପରି ଦ୍ରବ୍ୟ ଗୁଣର କୁହୁକ ଶିଖି ରଖ । ଦେଖିବାକୁ ଭାରି ମଜା । ଗୋଟିଏ ଅଣ୍ଡାକୁ ତମେ ଘ ୨୪ ଘଣ୍ଟା ସିର୍କାରେ ପକାଇ ରଖ । ତା ପରେ ତମେ ଗୋଟିଏ ଶିଶି ଆଣି ତମ ସାଙ୍ଗକୁ କହ ଯେ ଏହି ଶିଶି ମୁହଁରେ ଏ ଅଣ୍ଡାଟି ଗଳାଇବ । ସିର୍କାରେ ବୁଡ଼ି ରହି ଅଣ୍ଡାଟି କିମିତି ନରମ ହୋଇ ଯାଇଥିବ ଯେ ଅତି ସହଜରେ ଶିଶି ଭିତରେ ପଶିଯିବ ।

ଅଚ୍ଛା, ଆଜି ଏତିକି ଥାଉ । ଆର ଥରକୁ ତମକୁ ଖାଇବାର ବିଷୟରେ କିମିତି ଧୂଆଁ ନ ଉଠିବ ସେ ବାଟ ବତାଇ ଦେବି । ଭଗବାନ ତମକୁ ବୁଦ୍ଧି ଓ ସାହସ ଦିଅନ୍ତୁ ।

ତମର

ପ୍ରିୟ ଅଜା

ହିନ୍ଦୁ ଶାସ୍ତ୍ର ମତରେ ପରଲୋକ ଅଛି । ଅନେକ ଭୂତ ଗପ ଆମ ଦେଶରେ ବି ଶୁଣା-ଯାଏ । ନାଗବଚ୍ଚ ସଂଘର ଯେଉଁ ସଭ୍ୟ ସବୁ-ଠାରୁ ଭଲ ଗୋଟିଏ ସତ୍ୟ ମୂଳକ ଭୂତ ଗଳ୍ପ ଥା ୧୫ ତା ଭିତରେ ଲେଖି ଦେବ ସେ ୫ଟଙ୍କା ପୁରସ୍କାର ପାଇବ । ପୁରସ୍କାର ପାଇବା ପିଲାର ନାମ ଏଥିରେ ବାହାରିବ । ପଠାଉଥିବା ଯେ ଲାଗିଥିବ ତାର ନାମ ଓ ଗ୍ରାମ ଦେବାକୁ ଲେଖକ ଯେପରି ନ ଭୁଲନ୍ତି ।

ପ୍ରିୟ ଅଜା

## କିପରି ବଡ଼ ମଣିଷ ହେବ ?

ପିଲାମାନେ, ଯଦି ତଳ ପ୍ରଶ୍ନର ସତ ସତ ଓ ଠିକ୍ ଠିକ୍ ଉତ୍ତର ଦେଇ ପାରିବ ତେବେ ତମେ କ'ଣ ଭଲ ପାଅ, ତମେ କି କାମ କଲେ ଭଲ ହେବ, କ'ଣ କଲେ ତମେ ଜୀବନରେ ସୁଖୀ ହୋଇ ପାରିବ ଉତ୍ତର ତାହା ପର ସଂଖ୍ୟାରେ ବତାଇ ଦେବି ।

୧ମ ପ୍ରଶ୍ନ :— ମନେକର ଜଣେ ଋଷି ଆସି ତମକୁ ବର ଦେଲେ, ତମେ ଯାହା ମନକରିବ ତା ହୋଇଯିବ । ନିମ୍ନ ଲିଖିତ ଲୋକଙ୍କ ଭିତରେ ତମେ କ'ଣ ହେବାକୁ ପସନ୍ଦ କରିବ ? ଘରଣୀ, ଶିକ୍ଷକ, ସିନେମାଷ୍ଟାର୍, ଫୁଟ୍‌ବଲ୍ ଖେଳୁଆଡ଼, ଟାଇପିଷ୍ଟ, ଘୋଡ଼ାଚଢ଼ା, ଦୋକାନୀ, ବ୍ୟବସାୟୀ, ସର୍କସ୍‌ମ୍ୟାନ୍ ବା ଜୋକର, ଅବଧାରକ, ପୋଲିସ୍, ଦୁଆରୀ, ଉଡ଼ାଜାହାଜ ଚାଳକ, ଇଞ୍ଜିନ ଡ୍ରାଇଭର, ଜାହାଜ କପ୍ତାନ, ଗୋଏନ୍ଦା ପୁଲିସ୍, କବି, ଡାକ୍ତର, ନର୍ସ, ଇଞ୍ଜିନିଅର, ଯାଦୁକର, ରଜା, ଓକିଲ, ଲେଖକ, ଚିତ୍ରକର ।

( ୨ୟ ପ୍ରଶ୍ନ ପର ସଂଖ୍ୟାରେ ବାହାରିବ )

Digitized by srujanika@gmail.com

# ଆପଣଙ୍କର ବୈଶାଖ ମାସରେ ଜନ୍ମ ହୋଇଛିକି !

## ଆପଣଙ୍କ ଭାଗ୍ୟଫଳ ଦେଖନ୍ତୁ ।

ଜ୍ୟୋତିଷ ଶାସ୍ତ୍ର ମତରେ ପ୍ରତି ମାସ ସେକେଣ୍ଡ ସମୟ ପ୍ରଭେଦରେ ଭାଗ୍ୟଫଳର ତାରତମ୍ୟ ପରିଲକ୍ଷିତ ହୁଏ । ଏହା ଜାଣି ମଧ୍ୟ ପଣ୍ଡିତ ଲୋକ ପଦ୍ଧତିରଣ ବସ୍ତୁ ବୈଶାଖ ମାସରେ ଜନ୍ମ ଲଭିଥିବା ବ୍ୟକ୍ତିମାନଙ୍କର ଚରିତ୍ର ଓ ଭାଗ୍ୟ ସମ୍ବନ୍ଧରେ ଅତି ସ୍ଥୁଳଭାବରେ ନିମ୍ନରେ ଲେଖିଛନ୍ତି ।

ସ୍ୱାସ୍ଥ୍ୟ - ସୁସ୍ଥ, ଦୀର୍ଘାୟୁ ଓ ସୁବଲକ୍ଷଣ ସଂଯୁକ୍ତ

ଧର୍ମ - ସାତ୍ତ୍ୱିକ ଭାବାପନ୍ନ

ବିଦ୍ୟା - ସୂକ୍ଷ୍ମବୋଦ୍ଧା, ଗୁଣବାନ୍ ଓ ବିଦ୍ୟାର୍ଥୀ ।

ସ୍ୱଭାବ - ଭୋଗୀ । ସୌଖିନ୍ ।

ଭାଗ୍ୟ - ସୁଖୀ । ସୌଭାଗ୍ୟସଂଯୁକ୍ତ

(ଜ୍ୟେଷ୍ଠ ମାସରେ ଜନ୍ମିଥିବା ବ୍ୟକ୍ତିମାନଙ୍କର ବିଶଦ ଭାଗ୍ୟଫଳ ନିମନ୍ତେ ଅପେକ୍ଷା କରନ୍ତୁ ।)

## 'ଡଗର' ଗ୍ରାହକ—ଭୁଲନ୍ତୁ ନାହିଁ ।

ଡଗର ଗ୍ରାହକ ମାନେ ତାଙ୍କର ଜନ୍ମଦିନ ଓ ସମୟ ଲେଖି ପଠାଇଲେ ତାଙ୍କର କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ବିନା ମୂଲ୍ୟରେ ଏହି ସ୍ତମ୍ଭରେ ପ୍ରକାଶ କରାଯିବ । କୌଣସି ଗ୍ରାହକ ଗୋଟିଏ ବର୍ଷରେ ୧ରୁ ଅଧିକ ପ୍ରଶ୍ନ କରି ପାରିବେ ନାହିଁ । କଲେ, ପ୍ରତି ପ୍ରଶ୍ନ ପାଇଁ ୫୦ । ଫିସ୍ ଦେବାକୁ ହେବ ।

ଏହି କୁପନ କାଟି ପଠାନ୍ତୁ ।

ଗ୍ରାହକ ନଂ

ନାମ __________

ଠିକଣା __________

ଜନ୍ମ ଦିନ ଓ ସମୟ __________

ପ୍ରଶ୍ନ __________

## ଟାକୁଆ ଗାଲର ଦୁଃସ୍ଥା ଉଦ୍ଧାର ।

ଗଲା । ଫିଟବାର ବିଶେଷ ବୁଝି ପାରିଲି ନାହିଁ । କିନ୍ତୁ ଏଥର ଫିଟ ଉଠିଲା ବେଳକୁ ଦେଖା-ଗଲା ଯେ ଅଣି ତଳ ଦାନ୍ତ ତଳକୁ ଦୁଇ ପାଖରେ ଦୁଇଟି ଚନ୍ଦ୍ରବନ୍ଧନୀ ପଥ ଯାଇଛି ଯେମିତ । ନିବସ୍ତ୍ର ହେଲି । କିନ୍ତୁ ବାର ବାର ତିନି ବାର କଥା, କ୍ରମଶଃ ଅଧିକ ପ୍ରସ୍ତୁତ ହେଲି । ଏଥର ଫିଟ ବାଲିକୁ ବେଶୀ ଫିସ୍ ଦେଇ ମୋ ଘରକୁ ଡାକି ପଠାଇଲି । ଦୁଇ ଗାଲରେ କାହୁଅ ଜେମି ନିଦେଇ ଖାସ ମୁହଁରେ ଚକ୍ ଯୋଡି ମଡ଼େଇ ଦେଇ ଫିଟ ବାଲାକୁ ଅନେଇ ବସି ଆଇଁ । ଫିଟ ବାଲା ମୋତେ ଗୁହଁ ଏମିତ ଡୁରିଗଲା ଯେ ତା ହାତରୁ କେମେରାଟି ତଳେ ଗଡ଼ିପଡ଼ି ଶହେ ଖଣ୍ଡ ହୋଇଗଲା ।

ଅଉ ପୁଣି କେବେ ଫିଟ ଉଠାଇବାକୁ ମନ କରିନାହିଁ କି ତାର ପର ପାଞ୍ଚ ବର୍ଷ ଯାଏ ବାହା ହବାକୁ ମନ କରି ନାହିଁ ।

ଦୈବ କ୍ରମରୁ ମିଛକୁ ଝିଅଟିଏ ବନ୍ଧନ ହୋଇ ତାର ଗୋଟିଏ ଆଖି ଫୁଟି ନ ଯାଏ—ମୋର ଭାଗ୍ୟ ନ ଖୋଲେ । ଆମ ବାହାଘର ବେଳକୁ ମିଛ ଝିଅ ମୋତେ ଦେଖି ନ ଥିଲେ କି ମୁଁ ତାଙ୍କୁ ଦେଖି ନ ଥିଲି ।

ଏ କଥା ଶୁଣି କେହି ଯେପରି ମନେ ନ କରନ୍ତି ଯେ ଅଳ ଗାଲ ନାଶ ଜାତ ପଡ଼ଲୁ ଯେଉଁ ହାଡ ହବାର ସମ୍ଭାବନା ଅଛି ସେ ସେମାନେ ଯଦି ଛୁଆ ଜନ୍ମ କରିବେ ସେତେବେ ପୁରୁଷ 'କାହିଁକି ନ କରିବେ, ତାଙ୍କ ଉତ୍ତରରେ ମୁଁ ଅଳ ଛୁଆର ବାପ ହୋଇନାହିଁ ।

—✣—

Printed by Nityananda Mahapatra at the Gopinath Press, Bhadrak.

Digitized by srujanika@gmail.com



ଟାକି ରହନ୍ତୁ !

ଟାକି ରହନ୍ତୁ

ଡଗର ଆପଣଙ୍କୁ ଚଗାଇବ

ପ୍ରଖ୍ୟାତ ଲେଖକଙ୍କ [illegible] ପ୍ରସୂତ [illegible] ସମୃଦ୍ଧ

# ନବ ରାମାୟଣ

## ପ୍ରଧାନ ଚରିତ୍ର

| | | |
|---|---|---|
| ଲଙ୍କେଶ | | ଜନକ ଲଙ୍କାର ଅଧିପତି |
| ମେଘନାଦ | ... | ତସ୍ୟ ପୁତ୍ର ( Heir apparcut ) |
| ଅତିକାୟ | ... | ,, (ପାଳିତ) |
| ଶ୍ରୀରାମ | ... | ସୂର୍ଯ୍ୟବଂଶର ମହାଭାଗୀ ରାଜପୁତ୍ର |
| ବିଭୀଷଣ | ... | ତସ୍ୟ ଅନୁଚର ( ଭାବୀ ଭୂପେଶ ) |
| ସୁଗ୍ରୀବ | | ଭଦ୍ର ଯବନ ସଖା । |
| ଇନ୍ଦ୍ର | ... | ଐରାବତ (ଗଜ) ପତି |

ଅନ୍ୟାନ୍ୟ ଅନେକ ରହସ୍ୟମୟ ଚରିତ୍ରରେ ପରିପୂର୍ଣ୍ଣ ।
ଶୀଘ୍ର ଡଗରର ଗ୍ରାହକ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com

ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ, ୧ମ ବର୍ଷ— ୨ୟ ସଂଖ୍ୟା ।






## ଜନନେତା ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସ

ଆପଣ ଉତ୍କଳର ସାହିତ୍ୟାକାଶରେ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର । ଆପଣ ଉତ୍କଳର ପ୍ରସିଦ୍ଧ ମାସିକପତ୍ର ନବଭାରତ ଓ ସାପ୍ତାହିକ ଲୋକମତର ଜନ୍ମଦାତା ଓ ଜନୟିତ୍ରୀ । ସ୍ୱର୍ଗୀୟ ଗୋପବନ୍ଧୁଙ୍କ କର୍ମ ସହିତ ଆପଣଙ୍କର ଜୀବନ ସମ୍ପୂର୍ଣ୍ଣ ଭାବରେ ଜଡ଼ିତ ଥିଲା । 'ସତ୍ୟବାଦୀ' ଜନ୍ମରେ ଆପଣଙ୍କର ତ୍ୟାଗ ଓ ନିଷ୍ଠା ଯେ କୌଣସି ଯୁବକର ଆଦର୍ଶ । ଆପଣ ସାଧାରଣ ଅବସ୍ଥାରୁ ନିଜର ବୁଦ୍ଧି ଓ [illegible] ବଳରେ ବଡ଼ ଧନବାନ୍, ମାନ୍ୟବାନ ଓ ଶକ୍ତିମାନ୍ ହୋଇଅଛନ୍ତି । ଆପଣଙ୍କର ଗୀତାବ୍ୟାଖ୍ୟା ଆପଣଙ୍କୁ ଉତ୍କଳ ସାହିତ୍ୟରେ ଅମର କରି ରଖିବ । ଆପଣଙ୍କର ବହୁମୁଖୀ ପ୍ରତିଭା ଜନ୍ମରେ ଡଗର ଏକ ଆପଣଙ୍କୁ ତାର ଅନ୍ତରର ବହୁ ଶ୍ରଦ୍ଧା ଜଣାଉଛି ।

**ପରବର୍ତ୍ତୀ ଆକର୍ଷଣ— 'ଏ କି ହଟହଟା !'**

Digitized by srujanika@gmail.com



# ବିଲୁଆ ବିଚାର

[ପ୍ରତ୍ୟେକ ବସ୍ତୁର ଲଘୁ ଦୃଷ୍ଟିରେ ଦେଖି ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ ନିର୍ଦ୍ଦୋଷ କୌତୁକ ହାସ୍ୟ ରସ ସଞ୍ଚାର ଇହାର ମୁଖ୍ୟ ଉଦ୍ଦେଶ୍ୟ ।]

## ସମ୍ପାଦକୀୟ

ଜଗନ୍ନାଥେ ଏକଦିନେ ଦରିଅ କୂଳରେ ହାଉଆ ଖାଇ ବୁଲୁଥିଲେ ଗୋଧୂଳି ବେଳେ । ଜଣେ ଦଇତା ତାଙ୍କୁ ଶଙ୍କି ଶଙ୍କି ପଚାରିଲା "ମାହାପ୍ରଭୁ, ତମର ଏ କି ଲୀଳା ଅଛି ? ଲୁଙ୍ଗି ପିନ୍ଧା ହୋଇଛ କାହିଁକି ?" ଠାକୁରେ ଉତ୍ତର ଦେଲେ "ଆମେ ହଉଛୁଁ ଯୁଗ ପ୍ରବର୍ତ୍ତକ । ଏବକାର ଯୁଗଧର୍ମ ହୋଇଛି ହିନ୍ଦୁ+ମୁସଲମାନ ମିଳନ । ସେଥିପାଇଁ ଆମେ ଦିନବେଳେ ମୁସଲମାନ ଓ ରାତିରେ ହିନ୍ଦୁ ହେଉଛୁଁ । ତାହା ନ ହେଲେ ମାଲ୍ଲିକ ମନ୍ଦିର ପରି ଆମ ବଡ଼ ଦେଉଳରେ ପୁଣି ଘଣ୍ଟାପିଠା ବନ୍ଦ ହୋଇ ଯିବନ୍ତି !"

\+ + +

ଦେଶପାଳ କହୁଛନ୍ତି କି ଯାହାର ଆତ୍ମସମ୍ମାନଜ୍ଞାନ ଥିବ ସେ ଏ ପରିସ୍ଥିତିରେ ମନ୍ତ୍ରୀ ପଦ ଗ୍ରହଣ କରିବ ନାହିଁ । ମାତ୍ର ଆମ ମନ୍ତ୍ରୀମାନେ ଆପଣା ନାମ ମୂଳରେ "ମାନ୍ୟବର" ଉପାଧି ବ୍ୟବହାର କରୁଅଛନ୍ତି ଓ ଜଣେ ମନ୍ତ୍ରୀ ତାଙ୍କ ନାମ ମୂଳରେ 'ମାନ'କୁ ଧରି ବସିଛନ୍ତି । ଏପରି ସ୍ଥଳରେ ଆମ ମନ୍ତ୍ରୀଙ୍କର ସମ୍ମାନଜ୍ଞାନ ନାହିଁ ବୋଲି କହିବା ଭାରି ଅନ୍ୟାୟ ।

\+ + +

ଓଡ଼ିଶାରେ ହିନ୍ଦୀ ପ୍ରଚାରର ଖୁବ୍ ଧୂମ୍ ଲାଗିଛି । ଏହା ଫଳରେ ଓଡ଼ିଆ ଭାଷାର ମଧ୍ୟ ବହୁତ ବହୁତ ଲାଭ ହେବାର ଆଶା । ବଙ୍ଗଳା ସହଯୋଗରେ ତ ପ୍ରଗତିର ବାଟ ଫିଟିଲାଣି; ଏବେ ହିନ୍ଦୀ ସହବାସରେ ସଂଗତ ହେଲେ ବଞ୍ଚିବୁ । ଦୁଇ ଭାଷାର ଘାତ ପ୍ରତିଘାତରେ Cross breed ହୋଇ ଏକ ନୂତନ ଓଡ଼ିଆ ଭାଷାର ପଇଦା ହୋଇପାରେ ଅଥବା ମୋଉ ବି ହୋଇପାରେ । ମୟୂର ପୁଚ୍ଛ ଧାରଣରେ ତ ଏଣିକି— ଏବେ ପୁଣି କୁକୁଟ ଚୂଳ ମଣ୍ଡନରେ ଉତ୍କଳ—ଭାରତୀ-ରୂପ ତାଙ୍କର କି ଅଭିନବ ରୂପ ହେଉଛି ଦେଖାଯାଉ । ଶ୍ରୀଯୁକ୍ତ ଗୋବିନ୍ଦ ତ୍ରିପାଠୀ ଏହି ସମସ୍ୟାର ସମାଧାନ କରିବେକି ?

\+ + +

କଥାରେ ଅଛି "ଓଡ଼ିଆସେ ଦାତା ନେହିଁ" । ଓଡ଼ିଆ ପେଟକୁ ନ ଖାଇ ପରକୁ ପୋଷେ । ଏବେ ଶିକ୍ଷା ବିଭାଗ ଓଡ଼ିଆ ପଣ୍ଡିତଙ୍କ ଦାନା ମାରିବାର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ତେଣେ ଗାନ୍ଧିବାଲା-ମାନେ ହିନ୍ଦୀ ପଣ୍ଡିତ ଆମଦାନିର ବ୍ୟବସ୍ଥା କରୁଥିବାର ଜଣାଯାଏ । ଆମେ ପରାମର୍ଶ ଦେଉଛୁଁ କି ଓଡ଼ିଆ ପଣ୍ଡିତମାନେ ଟିକି ଛାଡ଼ି ଚୁଟି ରଖନ୍ତୁ ଓ ତାହା ଉପରେ ଗାନ୍ଧୀ ଟୋପି ଲଗାନ୍ତୁ । ସେତେବେଳେ ଯାହା ଦେଖିବେ ସେହିପରି କରିବେ । ଲୋକ ବୋଲେ ବଞ୍ଚିଲେ, ମହ୍ନିତ ଛଣା ଷଣ୍ଢେ ଅନ ।

\+ + +

ନୂଆ ନୂଆ ସ୍କୁଲରେ ପାଠ ପଢ଼େଇବା ପାଇଁ ଆମ ଡିପି ସାହେବ ଭାରି ଭାବୁଛନ୍ତି । 'ମା' କଥା କହି ପିଲାଙ୍କୁ ପଢ଼ାଇ 'ମ' ଅକ୍ଷର ଶିଖେଇବା ସୁବିଧା ବୋଲି ସେ କହନ୍ତି । ଆମେ କହୁଁ, ତା ବଦଳରେ, ମହାରାଜା ମାନଧାତା, ମଙ୍ଗଳରାଜ ଶିଖାଇଲେ କେମିତି ହୁଅନ୍ତା ?

\+ + +

ଆଜିଯାଏଁ ସେ ଅସେମ୍ବ୍ଲି ବୈଠକ ଠିକ ହୋଇ ପାରୁ ନାହିଁ, ତାର କାରଣ କଣ ? ଯୁକ୍ତପ୍ରଦେଶର ଲାଟ କହୁଛନ୍ତି କଂଗ୍ରେସ ବାଲାଙ୍କ ଦୋଷ । କଂଗ୍ରେସବାଲା କହୁଛନ୍ତି ସରକାରର ଦୋଷ । ଏହିପରି ଗର୍ଜା ଧୁମ୍ରା ଖୁବ୍ ଲାଗିଛି । ମାତ୍ର ଆମେ କହୁଁ, ଏ କାହାରି ଦୋଷ ନୁହେଁ— ନୂଆ ପାଞ୍ଜିର ଦୋଷ । ଏଥର ନୂଆ ପାଞ୍ଜିରେ ଅଛି ଗର୍ଜନ ୧୭ ହାତକୁ ବର୍ଷଣ ତିନି ହାତ ।

\+ + +

କେତେକ ଲୋକ ଜମିଦାରୀ ଉଠି ଯାଉ ବୋଲି ଭାରି ରଡ଼ି ଛାଡ଼ି କଲେଣି ଯେମିତି ଜଣାଗଲାଣି ହାତ କଥାରେ ସତୀ ସରକାର ହଲପିବେ । କିନ୍ତୁ ଆମେ ପଚାରୁଛୁ ଜମିଦାରୀ ସବୁ ଶାସ ହେଲେ ମୋଟକୁ ଖଣ୍ଡେ ଖଣ୍ଡେ ତହସିଲ୍‌ଦାରୀ ମିଳିବନି ? ସେକଥା ଆଗରୁ ଠିକ ହୋଇଯାଉ, ନୋହିଲେ ଶେଷକୁ ଉଚ୍ଛିନ୍ନ କଂଗ୍ରେସ ସଭାପତିଙ୍କ ଓ ଏସେମ୍ବ୍ଲି ନେତୃତ୍ୱର ବଳି ଚଢ଼ି ମାତଗୋଡ଼ ହେବନ୍ତି ! (ଧୂର୍ଜଟୀଶ)

## କୁତୁକୁତୁ

ହାକିମ — ତମେ ଦୋଷୀ କି ଦୋଷୀ ନୁହଁ?

କଏଦୀ:— ସେ ବିଷୟରେ ମୁଁ ବିଚାର କରେଁ ।

Digitized by srujanika@gmail.com



# ହାଲଚାଲ

## ପ୍ରଦେଶ:—

ଶିକ୍ଷା ବିଭାଗ ପ୍ରାଥମିକ ଶିକ୍ଷାର ଆମୂଳପରିବର୍ତ୍ତନ ଫନ୍ଦିରେ ଅଛନ୍ତି ।

ଉତ୍କଳରେ କିପରି ବହୁଳ ଭାବରେ ହିନ୍ଦି ପ୍ରଚାର ହେବ, ତାହା ବିଚାର କରିବା ପାଇଁ କଟକରେ ଏକ ବିଶେଷ ସଭା ବସିଥିଲା ।

ଦେଶର ଚାରିଆଡ଼େ କୃଷକସଙ୍ଘ ଗଢ଼ୁଛି । ପ୍ରତ୍ୟେକ ସଙ୍ଘରେ ସଭାପତି ସାଧାରଣତଃ ଅକୃଷକ ମାନେ ହିଁ ହେଉଥିବାର ଦେଖାଯାଏ ।

ଖୋର୍ଦ୍ଧା ଅଞ୍ଚଳରେ ଭୀଷଣ ଘରପୋଡ଼ି ହେବା ଫଳରେ ଲୋକେ ବହୁତ କ୍ଷତିଗ୍ରସ୍ତ ହୋଇଛନ୍ତି ।

କଂଗ୍ରେସ ସଭାପତି ଶ୍ରୀ ହରେକୃଷ୍ଣ ମହତାବ୍ ଉତ୍କଳରେ କଂଗ୍ରେସ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଦଶହଜାର ଟଙ୍କାର ଗୋଟିଏ ପାଣ୍ଠି ସଂଗ୍ରହ କରୁଛନ୍ତି ।

## ଦେଶ:—

ମହାତ୍ମା ଗାନ୍ଧି ଗୁଜରାଟର ହରିପୁର ଗ୍ରାମରେ ଏଥର କଂଗ୍ରେସ ହେବ ବୋଲି ସ୍ଥିର କରିଛନ୍ତି ।

ପ୍ରେସିଡେଣ୍ଟ ଜହରଲାଲ, କଂଗ୍ରେସ ଶୋଭାଯାତ୍ରାମାନଙ୍କରେ ଲାଲପତାକା ଉଡ଼ାଇବା ବେଆଇନ ବୋଲି ଘୋଷଣା କରିଛନ୍ତି ।

ଖବର ମିଳିଛି ଯେ ବଡ଼ଲାଟଙ୍କର ଲର୍ଡଜେଟ-ଲେଣ୍ଡଙ୍କ ସହିତ ମତଗତ ଅମେଳ ହେଲୁ ସେ ଇସ୍ତଫା ଦେବାର ବାଟ ଖୋଜୁଛନ୍ତି ।

ଲକ୍ଷ୍ନୌ ସହରରେ ମୁସଲମାନ ଧର୍ମର ଶିଆ ଓ ସୁନ୍ନି ନାମକ ଦୁଇଟି ସମ୍ପ୍ରଦାୟ ମଧ୍ୟରେ ଭୀଷଣ ସଂଘର୍ଷ ହୋଇଯାଇଛି ।

ଖାଣ୍ଟିଫର ଯୋଗୁ ଜଣେ ଗୋରାସୈନ୍ୟ ବୋଗଡ଼ିଂ ଭଳାଦାଳକକୁ ଗୁଳିକରି ହତ୍ୟାକରିବା ଅପରାଧରେ ୫୦୦ ଟଙ୍କା ଜରିମାନା ଦେବ ବୋଲି ଦଣ୍ଡାଜ୍ଞା ହୋଇଛି ।

କଲିକତା ହୋଟ କଲର ଶ୍ରମିକମାନେ ବଙ୍ଗଳାର ପ୍ରଧାନମନ୍ତ୍ରୀଙ୍କ ଯେଉଁ କଥାଅନୁଯାରେ ଧର୍ମଘଟ ବନ୍ଦ କରିଥିଲେ ତାହା ପାଳନ ହେଉ ନାହିଁ ବୋଲି ଅଭିଯୋଗ କରିଛନ୍ତି ।

ବଙ୍ଗଳାର ପ୍ରଧାନମନ୍ତ୍ରୀଙ୍କ ହୁକୁମକୁ ଅଇ, ସି, ଏସ, ଗୋରା ମାଜିଷ୍ଟ୍ରେଟମାନେ ଠିକରୂପେ ତାମିଲ ନ କରୁ ଥିବାରୁ ସେ ଇସ୍ତଫା ଦାଖଲ କରି ପାରନ୍ତି ବୋଲି ତାଙ୍କର ଗୋଟିଏ ପତ୍ରରୁ ପ୍ରକାଶ ।

## ବିଦେଶ:—

ଭାଇସ୍‌ରୟଙ୍କ ରଜା ଅଷ୍ଟମ ଏଡୁଅର୍ଡ଼ [ଡ଼ିଉକ୍ ଅଫ୍ ଉଇଣ୍ଡସର] ଜୁନ ତିନ ତାରିଖରେ ବାହାହେବେ ।

ଷଷ୍ଠ ଜର୍ଜଙ୍କ ଦରବାରରେ କେବଳ ସମ୍ଭ୍ରାନ୍ତ ବଂଶୀୟମାନଙ୍କର ପ୍ରାଧାନ୍ୟ ଲକ୍ଷିତ ହୋଇଥିଲା ।

ବିଲାତରେ ବନ୍ଦୀ ହୋଇଥିବା ରାଜପରିବାରଙ୍କ ଛବି ଭିତରେ ବଡ଼ଲାଟ ଉଇଣ୍ଡସରର ଡ଼ିଉକଙ୍କ ପ୍ରତିକୃତି ନାହିଁ ।

'ବ୍ରିଟେନ ହିଁ ପୃଥିବୀର ଶାନ୍ତି ରକ୍ଷକ ।' ଓ 'ବ୍ରିଟେନ ଯୁଦ୍ଧ ପାଇଁ ସବୁବେଳେ ତିଆରି' ଏଭଳି ଦୁଇଟି ଉଲ୍ଟା କଥା ସେ ଦେଶର ପ୍ରଧାନ ମନ୍ତ୍ରୀଙ୍କ ମୁହଁରୁ ବାହାରିଛି ।

ବିଲାତର ପ୍ରଧାନମନ୍ତ୍ରୀ ବଲଡୁଇନ ଇସ୍ତଫା ଦେଇଛନ୍ତି । ତାଙ୍କ ସ୍ଥାନରେ ଚେମ୍ବରଲେନ ମନ୍ତ୍ରୀ ହେବେ ।

ବୁଢ଼ା ମନ୍ତ୍ରୀ ମାକଡୋନେଲ୍ଡ ଇସ୍ତଫା ଦେଇଛନ୍ତି । ସେ ପ୍ରରୁଷାନୁକ୍ରମରେ ବ୍ୟବହାର କରିବାପାଇଁ ମଧ୍ୟ ଅର୍ଲ୍ ଉପାଧି ନେବାକୁ ରାଜି ହେଲେ ନାହିଁ ।

ଶ୍ରମିକମାନଙ୍କୁ ଉଦ୍‌ବୋଧନ କରି ଜର୍ମାନର ଗୃହହେଲର ହିଟଲର କହିଛନ୍ତି ଯେ ଅଧୁନା ପୃଥିବୀର ବିଷମ ଅର୍ଥିକ ଅବନତିନ ମଧ୍ୟରେ ଜର୍ମାନୀର ଅବସ୍ଥା ଅଭିଷିତ । ଏହାର କାରଣ କେବଳ ଜର୍ମାନୀରେ ମାଲିକ ଓ ମୂଲିଆର ପାର୍ଥକ୍ୟଭାବକୁ ଭୁଲି ଯାଇଛି ।

ଗୋଟିଏ ଫରାସି ରମଣୀ ଏକାବେଳକେ ସାତୋଟି ସନ୍ତାନ ପ୍ରସବ କରିଛି ।

ପ୍ରେସିଡେଣ୍ଟ ଲେବର୍ଣ୍ଣ ପ୍ୟାରିଠାରେ ଏକ ବସ୍ତ୍ରବିପଣୀ ଖୋଲିବେ ।

ରୁଷଦେଶର ଓଗପୁ ଚିଫ୍ ଯା ଗୋଡାଙ୍କୁ ଯେଉଁ ଯେଉଁ ଅପରାଧରେ ସୁପର୍ଦ କରାଯାଇଛି, ତନ୍ମଧ୍ୟରୁ ଷ୍ଟାଲିନଙ୍କ ବିରୁଦ୍ଧରେ ହତ୍ୟାଷଡ଼ଯନ୍ତ୍ର ଓ ଟ୍ରଟସ୍କୀୟ ମାନଙ୍କର ମୁକ୍ତି ପ୍ରଚେଷ୍ଟା ପ୍ରଧାନ ।

ମୁଖଶିଳ୍ପ ଗବେଷଣା ବିଭାଗ ରୁଷରେ ଏପରି ଏକ ତରଳ ଉପାଦାନ ଆବିଷ୍କାର କରିଛନ୍ତି ଯାହା ଅତିଅଳ୍ପ ସମୟ ଭିତରେ ବିଷାକ୍ତ ବାଷ୍ପାକାର ଧାରଣକରି ବହୁପରିସର ମଧ୍ୟରେ ଥିବା ସମସ୍ତ ଜୀବଜନ୍ତୁ ମାନଙ୍କର ପ୍ରାଣ ନାଶ କରିପାରିବ । ଏହାର ପ୍ରତିବିଧାନ ପାଇଁ କୌଣସି ମୁଖା [ mask ] କ୍ଷମ ହୋଇ ପାରିବ ନାହିଁ ।

ଏମେରିକାରେ ଏକ ଅଦ୍ଭୁତଯୁଦ୍ଧ ଆକାଶ ଯାନ ନିର୍ମିତ ହେଉଛି । ତାର ଓଜନ ୪୦୦୦୦ ପାଉଣ୍ଡ ।

ମାର୍କିନ ସଭାପତି ରୁଜଭେଲ୍ଟ ମନ୍ତ୍ରୀମଣ୍ଡଳ ପରିଷଦ ଗଠନର ଉଦ୍ୟୋଗ କରୁଥିବା ସମ୍ବାଦ ମିଥ୍ୟା ।

ଚୀନଦେଶରେ ୭୦ ଜଣ ନିଃସହାୟ କ୍ରୁଷ୍ଟ ରୋଗୀଙ୍କୁ ସରକାରଙ୍କ ଆଜ୍ଞାରେ ହତ୍ୟା କରାଯାଇଛି ।

ଛ ମାସ ତଳେ ବୋମ୍ବାଇ ସହରରେ ହିନ୍ଦୁ ମୁସଲମାନ ଗୋଳ ହୋଇ ଶହ ଶହ ଲୋକ ହାଣ ଖାଇଥିଲେ । ଏବେ ପୁଣି ଭୀଷଣ ଦଙ୍ଗା ମାଡ଼ ଲାଗିଛି ।

ଏତେଦିନ ଯାଏ ସ୍ପେନ ଯୁଦ୍ଧରେ ଇଟାଲି ଓ ଜର୍ମାନି ବିପ୍ଳବୀଙ୍କୁ ଭିତରିଆ ସାହାଯ୍ୟ କରୁଥିଲେ । ଏବେ ଗୋଟାଏ ବାହାନା କରି ବାହାର ପଡ଼ ରଙ୍ଗର ଧରିଲେଣି । ଏହା ଫଳରେ ୟୁରୋପ ବ୍ୟାପୀ ଯୁଦ୍ଧ ଲାଗିଯିବା ସମ୍ଭବ ।

Digitized by srujanika@gmail.com

# ବହୁରୂପୀ



ଏଥର ପର୍ବ

ଚମକି ଉଠିବେ—

ପୂର୍ବାଭାସ :—

୧ । ମଧୁବନ ଜମିଦାରଙ୍କ ରାସ ଉତ୍ସବ ସ୍ଥାନରେ ଜଣେ ନୂତନ ଆଗନ୍ତୁକର ଆବିର୍ଭାବ ଓ ପ୍ରସ୍ଥାନ । ଯାହା ଫଳ ପରେ ଅନ୍ତଃପୁରରେ ଚଞ୍ଚଳ ।

୨ । ଗୋଟିଏ ବାଳକ ଉଦରରେ ଭୟଙ୍କର ଯନ୍ତ୍ରଣା ହେତୁ କୌଣସି କବିରାଜ ଗୃହରେ ଶଙ୍କାନ୍ୱିତ । ନିକଟରେ ତାର ପିତୃବ୍ୟ ।

୩ । ଭଗବନ୍ତଙ୍କୁ ଦେଇ ଜଣେ ଆଗନ୍ତୁକ ମଞ୍ଜୁଶ୍ରୀ ଗ୍ରାମ ଦଗରେ ଶଣବାଗ୍ରରେ ଯାଉଥିଲେ । ତାଙ୍କର ଅନୁଜ ସେଠାରେ ପୀଡ଼ିତ ଥିବାର ପ୍ରକାଶ ।

ଲେଖକ:— ଶ୍ରୀ ଯଗନ୍ ମୋହନ ମୁଖର୍ଜୀ
( ମନ୍ନ ବାବୁ )

କାହାଣୀ

ପ୍ରେମାଙ୍କର

ହତ୍ୟା କାଣ୍ଡ

## ୪

ଅତଃପର ଆଶ୍ଚର୍ଯ୍ୟର କଥା ! :— ରାସପୂର୍ଣ୍ଣମୀ ରାତ୍ରିରେ ଏତେ ପହରା— ଏତେ ଲୋକଗହଳ ମଧ୍ୟରେ ମଧୁବନ ଜମିଦାର ସାହେବଙ୍କର ବୋମହଲରେ ଥିବା ଗନ୍ଧାଘର ଖୋଲି ପ୍ରକାଣ୍ଡ ଲୋହାର ବିଶିଷ୍ଟ ସିନ୍ଦୁକ ମଧ୍ୟରୁ ନଗଦ ଟଙ୍କା ଓ ସୁନା ରୂପା ସହିତ ବାର ହଜାର ଟଙ୍କା ଚୋରି କରି ଚୋର ପଳାଇଛି । ଅଦ୍ଭୁତ ଅଦ୍ଭୁତ ଯେ ବୋମହଲରେ ଯେଉଁ ଗୁରୁକର ଶୋଇଥିଲା ତାକୁ ମଧ୍ୟ ତଣ୍ଟି ଚିପି ହତ୍ୟାକରି ଯାଇଛି ! ପ୍ରଭାତ ନ ହେଉଣୁ ଦାବାଗ୍ନିପରି ଏ ସମ୍ବାଦ ଗ୍ରାମସାରା ବ୍ୟାପ୍ତ ହୋଇଗଲାଣି । ଜମିଦାର ଘରୁ ରାସୋତ୍ସବ ଶେଷ ହୋଇଛି କି ନାହିଁ ଏଣେ ପୁଲିସୋତ୍ସବ ଗ୍ରାମରେ ଆରମ୍ଭ ହୋଇଗଲା ।

ସକାଳ ବେଳେ ଥାନାର ଦାରୋଗା ସାହେବ ଖବର ପାଇବା ମାତ୍ରକେ ଆସି ଉପସ୍ଥିତ ହୋଇଛନ୍ତି । ଯାହା, ନାଟ ଦେଖିବା ହେତୁ ନିଦ୍ରାଳୁ ନିସ୍ତେଜ ଗ୍ରାମବାସୀମାନଙ୍କୁ, ପୁଲିସ ଏ ଅଭିନବ ରହସ୍ୟର ତଥ୍ୟ ଆବିଷ୍କାର କରିବା ନିମନ୍ତେ ଅଭୂତ, ଅଶ୍ରୁତ, ନବାବିଷ୍କୃତ ନିଗ୍ରହରେ ପୀଡ଼ିତ କରିମଧ୍ୟ ବିଫଳକାମ ହୋଇ ବେଳ ଗୁରୁଘଣ୍ଟାଙ୍କ ଥାନାକୁ ପ୍ରସ୍ଥାନ କଲେ । ପୁଲିସର ଲୋକମାନେ ତଦନ୍ତକାରୀ ଫେରିବା ସମୟରେ ଗ୍ରାମର ଆଖପାଖ କରି ୫ ଜଣ ସ୍ୱଭାବ ଦାଗୀଙ୍କୁ ଧରିନେଇ ଯାଇଥିଲେ, ପଛକୁ ନିର୍ଦ୍ଦୋଷ ହୋଇ ସେମାନଙ୍କୁ ମଧ୍ୟ ସନ୍ଧ୍ୟା ପୂର୍ବରୁ ଛାଡ଼ିଦେଲେ ।

ମଧୁବନର ଜମିଦାର ସାହେବ ଜଣେ ମାନ୍ୟ ବ୍ୟକ୍ତି । ଜିଲ୍ଲାର ସରକାରୀ ବଡ଼ ବଡ଼ ହାକିମ ହୁକୁମାମାନଙ୍କୁ ସେ ସମୟୋପଯୋଗୀ ପୂଜାଦ୍ୱାରା ସନ୍ତୁଷ୍ଟ କରିବା ବିଷୟରେ ମଧ୍ୟ ଅପଟୁ ନଥିଲେ ।

ଜିଲ୍ଲା ପୁଲିସର ବଡ଼ ହାକିମ ଏ ସମ୍ବାଦ ପାଇ, ବିଶେଷତଃ ସାଧାରଣ ପୁଲିସ କର୍ମଚାରୀଙ୍କ ଦ୍ୱାରା ଜମିଦାର ଘର ଚୋରି ଓ ଖୁନ୍ ସମ୍ବନ୍ଧରେ କୌଣସି କିନାରା ନହେବାର ଦେଖି ଡିଟେକ୍ଟିଭ୍ ପୁଲିସ ହାତରେ ଏ ତଦନ୍ତର ଭାର ଅର୍ପଣ କରିଛନ୍ତି ।

ବନବିହାରୀ ବାବୁ ଜଣେ ସୁଦକ୍ଷ ଡିଟେକ୍ଟିଭ ବୋଲି ସେ ସମୟରେ ଖ୍ୟାତଥିଲେ । ସାହେବ ନିଜେ ତାଙ୍କୁ ତାଙ୍କର ବଙ୍ଗଳାକୁ ଡକାଇ ତଦନ୍ତର ଭାର ଅର୍ପଣ କଲେ । ଜମିଦାର ସାହେବ ସେହି ସମୟରେ ସେଠାରେ ଉପସ୍ଥିତ ଥିଲେ । ସେ ମଧ୍ୟ ବନବିହାରୀ ବାବୁଙ୍କୁ କହିଥିଲେ ଯେ ଏ ମୋକଦ୍ଦମାର ଅନୁସନ୍ଧାନରେ କୃତ-କାର୍ଯ୍ୟ ହେଲେ । ସରକାରୀ ପାରିତୋଷିକ ବ୍ୟତୀତ ସେ ନିଜେ ହଜାରେ ଟଙ୍କା ପୁରସ୍କାର ଦେବେ । ବନବିହାରୀ ବାବୁ ହସି ହସି କହିଲେ "ମୁଁ କାର୍ଯ୍ୟ କରିବି । ସେଇଟା ମୋର ଜୀବନର ବ୍ରତ, କିନ୍ତୁ ଫଳ ଭଗବାନଙ୍କ ହାତରେ ।" ତା ପରେ ସାହେବଙ୍କୁ ଅଭି-ବାଦନ କରି କୋଠିରୁ ବିଦାୟ ହେଲେ ।

ବନବିହାରୀ ବାବୁ ଜମିଦାରଙ୍କର ମୋଟରରେ ସେହିଦିନ ତାଙ୍କ ଗ୍ରାମକୁ ଗଲେ । ସେଠାରେ ସମସ୍ତ ଦେଖି ଶୁଣି ସହରକୁ ଫେରିଲେ । ସୁବିଧା ଜନକ କୌଣସି ନିଦର୍ଶନ ସଂଗ୍ରହ କରି ପାରିଲେ ନାହିଁ । ଥାନାରେ ଆସି ଶୁଣିଲେ ଯେ ଜମିଦାରଙ୍କର ଗୁହରର ଲାସ ଅଦ୍ୟାପି ପୋଡ଼ିବାକୁ ଦିଆ ହୋଇ ନାହିଁ, ସାହେବଙ୍କ ହୁକୁମରେ । ରାସ ପୂର୍ଣ୍ଣମୀ ପରେ ପାଞ୍ଚଦିନ ଅତିବାହିତ ହୋଇ ଗଲାଣି । ସପ୍ତାହ କାଳ ରଖିବାକୁ ସାହେବଙ୍କର ହୁକୁମ ହୋଇଛି । ଡାକ୍ତର ଖାନାର "ପୋଷ୍ଟ-ମାର୍ଟମ" ଘରକୁ କାଳ ବିଳମ୍ବ ନକରି ବନବିହାରୀ ବାବୁ ଧାଇଁଲେ । ପ୍ରାୟ ଏକଘଣ୍ଟା

Digitized by srujanika@gmail.com

ବାଳ ଲକ୍ଷକୁ ତନ୍ନ ତନ୍ନ କରି ପରୀକ୍ଷା କଲେ । ଡାକ୍ତର ଔଷଧ "ଇନଜେକ୍ଟ" କରିବାରୁ ଲୋମ ବିବର୍ଣ୍ଣ ହୋଇଗଲେ ମଧ୍ୟ ପଡ଼ି ଯାଇ ନାହିଁ ।

ସେତେବେଳକୁ ବେଳ ଗଡ଼ି ଆସିଲାଣି । ବନବାବୁ ନିରାହାର ଅଛନ୍ତି । ତଥାପି କର୍ତ୍ତବ୍ୟ ତାଙ୍କର କ୍ଷୁଧା, ତୃଷା ଭୁଲାଇ ଦେଇଛି । ପୁନର୍ବାର ପରୀକ୍ଷା ଆରମ୍ଭ କଲେ— ହଠାତ୍ ତାଙ୍କ ଆଖିରେ ପଡ଼ିଲା ଲୋମର କେନ୍ଦ୍ରଦେଶରେ ଅଙ୍ଗୁଳୀର ଦାଗ । ଲୋମ ଔଷଧ ଯୋଗେ ବିବର୍ଣ୍ଣ ହୋଇଥିବା ହେତୁ ତାହା ଅସ୍ପଷ୍ଟ ଥିଲା କିନ୍ତୁ ଶ୍ୟେନ-ଚକ୍ଷୁ ବନବାବୁଙ୍କର ଆଖିକୁ ଠକାଇ ପାରିନଥିଲା । ବନବାବୁ ସେହିକ୍ଷଣି ଡାକ୍ତରଙ୍କର ପାଖରୁ ତଦୁପଯୋଗୀ ସାମଗ୍ରୀମାନ ଆଣି ସେହି ଅଙ୍ଗୁଳୀ ଚିହ୍ନର ଛାପ ଉଠାଇନେଲେ । ଡାକ୍ତରବାବୁ ପଚାରିଲେ "କଣ କିଛି ପାଇଲେ"?

ବନ— ହଁ ଏତେବେଳକେ ଅକୂଳରେ ବୁଡ଼ି ମରୁଥିଲି' ଦେହଭାରବହି ପହଁରିବା ପାଇଁ ଖଣ୍ଡେ ଛୋଟ କାଠ ଧରିଛି ।

ଡାକ୍ତର— ଈଶ୍ୱର କରନ୍ତୁ ଆପଣ ସେହି ଛୋଟ କାଠ ସାହାଯ୍ୟରେ ଏ ରହସ୍ୟ-ସାଗର ପାରି ହୁଅନ୍ତୁ ।

ବନ— ଭଗବାନଙ୍କର ଇଚ୍ଛା ।

ସନ୍ଧ୍ୟା ହୋଇ ଆସିଲାଣି । ପରସ୍ପର ପରସ୍ପର ନିକଟରୁ ବିଦାୟ ନେଇ ଘରକୁ ବାହୁଡ଼ିଗଲେ । ସେ ଘଟଣାଟାକୁ ଭାବି ଭାବି ବନବିହାରୀ ବାବୁ ପୁହାଇ ଦେଇ ଥିଲେ ।

୬

"ନାଏବ ବାବୁ ଘରେ ଅଛନ୍ତି !"

ଜଣେ ଢଦାଢାର, ବଳିଷ୍ଠଦେହ ପ୍ରୌଢ଼ ବାହାରୁ ଆସି ଅଦ୍ୱାନକାରୀକୁ ପଚାରିଲା "ତୁମେ କୋଉଠୁ ଆସିଛ? କି ଦରକାର ଏତେ ରାତିରେ ?"

ଆଗନ୍ତୁକ— ମୁଁ ରତନ ପୁରରୁ ଆସୁଛି । ନାଏବବାବୁ ଅଛନ୍ତି ?

ଚାକର— ନା ସେ ନାହାନ୍ତି ।

ଆଗନ୍ତୁକ— କୋଉଠିକି ଯାଇଛନ୍ତି ।

ଚାକର— ମୁଁ ଜାଣେନା ।

ଆଗନ୍ତୁକ— ଘରେ ବୀଣା ଅଛି ନା ?

ଚାକର— ତୁମେ କିଏ ହୋ ?

ଆଗନ୍ତୁକ— ମୁଁ ତାର ମାମୁଁ । ତୁମେ ଗାଁରୁ କିଏ— ଆଗେ ତୁମେ ତ ଏଠି ନଥିଲ ?

ଚାକର— ମୁଁ ନାଏବଙ୍କ କଚେରିରେ ଥାଏ । ମାସେ ହେବ ଆସିଛି । ମୁଁ ତମକୁ ଚିହ୍ନୁନା ।

ଆଗନ୍ତୁକ— ଓଃ, ସେଇଥିପାଇଁ ମତେ ଚିହ୍ନି ପାରୁନାହିଁ । ହଉ ଚାଲ ଭିତରକୁ ।

ଚାକର— ନା, ତୁମେ-ଆପଣ ଠିଆହୁଅ, ମୁଁ ଦେଈଙ୍କି ଡାକେ ସେ ଚିହ୍ନିଲେ ଯାଇ ଭିତରକୁ ଯିବ ।

ଚାକର ଛୋଟେଇ ଛୋଟେଇ ଭିତରକୁ ଯାଇ ବୀଣାକୁ ଡାକିଆଣି କବାଟ କଡ଼ାରୁ ନୂତନ ଆଗନ୍ତୁକଙ୍କୁ ଦେଖାଇ ତା-ପରେ ତାଙ୍କଠାରୁ ଅନୁମତି ଆଣି ମାମୁଁ ବାବୁଙ୍କୁ ଭିତରକୁ ନେଇଗଲା ।

ସାମାନ୍ୟ ପରିଚୟ ଦେବାର ଆବଶ୍ୟକ । ଉପରୋକ୍ତ ନାଏବ ବାବୁ ଶ୍ରୀ ଚକ୍ରଧର ଦାସ ଗୋଟିଏ ବଡ଼ ଜମିଦାରୀର ନାଏବ । ଜମିଦାର ରହନ୍ତି କଲିକତାରେ, ସୁତରାଂ ନାଏବ ବାବୁ ପ୍ରଜାଙ୍କର 'ମା-ବାପ !' ଘର ତାଙ୍କର ମଞ୍ଜୁରୀରେ । ବଡ଼ଭାଇ ତାଙ୍କର ପୂର୍ବରୁ ସେହି ଜମିଦାରୀର ନାଏବ ଥିଲେ, ହଠାତ୍ ତାଙ୍କର ମୃତ୍ୟୁ ହେବାରୁ କନିଷ୍ଠ ଚକ୍ରଧର ସେହି କାମରେ ମୁତା-ୟିନ ହୋଇଛନ୍ତି ।

ଚକ୍ରଧର ବାବୁଙ୍କର ଜ୍ୟେଷ୍ଠଭ୍ରାତାଙ୍କର ପୂର୍ବରୁ ସ୍ତ୍ରୀ ବିୟୋଗ ହୋଇଥିଲା । ସେ ମରିବା ବେଳେ ତାଙ୍କର ପୁଅ, ଝିଅ ଦୁଇଟିକି ତାଙ୍କର ପିତୃବ୍ୟଙ୍କ ହାତରେ ଶେଷ ସମର୍ପଣ କରି ଦେଇ ଯାଇଥିଲେ । ଚକ୍ରଧରବାବୁ ଏ ପର୍ଯ୍ୟନ୍ତ ବିବାହ କରି ନାହାନ୍ତି ବା ସେ ଦିଗକୁ ତାଙ୍କର ଭବିଷ୍ୟତ ଇଚ୍ଛା ଥିବାର ମଧ୍ୟ ଜଣା ପଡ଼େ ନାହିଁ । ଚକ୍ରଧର ବାବୁଙ୍କର ଭ୍ରାତୃଷ୍ପୁତ୍ର ରୋଗାକ୍ରାନ୍ତ ହେବାରୁ ତ୍ରୈମୁଆରସ୍ଥ ବିଖ୍ୟାତ କବିରାଜ ନରୋତ୍ତମ ଦାସଙ୍କର ଚିକିତ୍ସାଳୟକୁ ଚକ୍ରଧରବାବୁ ସାଙ୍ଗରେ ନେଇ ଯାଇଛନ୍ତି । ସେହି କାରଣରୁ ସେ ଗୃହରେ ଅନୁପସ୍ଥିତ ।

ନାଏବ ବାବୁଙ୍କର ଘର, ବଡ ଘର; ଦାସ ଦାସୀର ଅଭାବ ନାହିଁ । କିନ୍ତୁ ଘରେ ନାଏବ ବାବୁଙ୍କର ନିଜର ଲୋକ ମଧ୍ୟରେ ବାଳିକା ବୀଣା ଏକାକୀ । ଭାଇର ଏପରି ରୋଗ—ସେ ଯାଇଛି ବାବା ବି ତାର ଚାଲିଯାଇଛନ୍ତି ତାରି ସାଙ୍ଗରେ । ବୀଣାର ନୀରବ ବେଦନା ସଜୀବ ହୋଇ ଦେହ-ବାସ ଘୁଞ୍ଚ ସ୍ତମ୍ଭ ଗୃହପାଖରେ ବିକଳରେ କାନ୍ଦି ବୁଲୁଥିଲା ! ବାଟ ଧରିଲା ମାମୁଁଠାରେ ଅଳି । ଜଳମଗ୍ନ ବ୍ୟକ୍ତି ଯେପରି କୁଟା ଖଣ୍ଡକୁ ଜାକି ଧରେ ବୀଣାର ବାସ-ଛଡ଼ା ନୀରବ ବେଦନା ଅଜାଡ଼ି ହୋଇ ପଡ଼ିଲା ତାର ମାମୁଁ ଦେହରେ । ବୀଣାର ମାତା ତାର ଅତି ଶୈଶବରେ ଦେହ ତ୍ୟାଗ କରିଥିଲେ । ସୁତରାଂ ମାମୁଁ ଘରକୁ ଯିବାର ସୌଭାଗ୍ୟ ଓ ସୁବିଧା ସେ କେବେ ପାଇ ନଥିଲା । ବୀଣାର ଜ୍ଞାନ ହେବାପରେ ତାର ପିତୃବ୍ୟ-ଦତ୍ତ-ପରିଚୟ ଅନୁସାରେ ସେ ତାର ମାମୁଁଙ୍କର ପରିଚୟ

(୧୩ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com



# କୀର୍ତ୍ତିଚନ୍ଦ୍ର

(ହାସ୍ୟରସାତ୍ମକ ଗଳ୍ପ)

ଲେଖକ:— ଜିତାମିତ୍ର

## ମଜା କଥା

ମୋ ସାନ ଭାଇ ଟଲଷ୍ଟା ପିଲଟି ଦିନରୁ ଯେପରି ଚଗଲା ସେହିପରି ଅମାନିଆ। ସାନ ପୁଅ ବୋଲି ବଡ଼ ଗେହ୍ଲା ସେ। ତାହାର ମୁହଁ ପାଇ ମୋତେ କଣ, ଚନ୍ଦ୍ର ସୂର୍ଯ୍ୟଙ୍କୁ ବି ମାନେ ନାହିଁ। ଖାଇ ସାରି ତା ହାତରେ ଥରେ ହେବ। କାହା ବଳେଇକୁ ବାନ୍ଧିଲା, କାହା କୁକୁରକୁ ମାରିଲା, କାହା ବାଡ଼ିରୁ କାକୁଡ଼ି ଚୋରିଲା, ଢେଳା ଅମ୍ବ ପାରିଲା, କାହା ମାଠିଆ ଭାଙ୍ଗିଲା, ଏହିପରି ଦିନରେ ପଚାଶ ଫେରାଦ। ବାପା ସବୁ ଜଟିଳ କଥାରେ ପିଟେଇ ନଥିଲେ—ଏକାବେଳେ ସନ୍ଧ୍ୟାବେଳେ ବାପାଙ୍କ କାନରେ ପଡ଼ ଗଲେ ସେ ବଡ଼ଜୋର କାନମୋଡ଼ାଟାଏ ବା ଗାଲ-ଚପୁଡ଼ାଟାଏ ଖାଏ। ସେ ତାକୁ ଖାତିରକୁ ଆଣେ ନାହିଁ। ତହିଁରେ ପୁଣି ଏପରି ହେଲା ମାଙ୍କେ ବଜ୍ରର ଶରଧାଟା ଅନ୍ତର ଜଳୁଛି ଭଳି। ସେ ବି ତାହାଙ୍କ ବଳ ଗେହ୍ଲେଇ ହୋଇ ପଡ଼ିଲେ ସହିଲ କାନ୍ଦେ। ଏଥିରେ ଫଳ ଯାହା, ତାହା ଜାଣି ପାରୁଥିବେ।

ପହିଲୁ ପହିଲୁ ମୁଁ ତାକୁ ଚଟ୍‌କାପୁଡ଼ାଟାଏ ଦଉଥିଲି। ମାତ୍ର ଦେଖିଲି ଠିକ ଯେଉଁ ଦିନ ତାକୁ ମାରିଥିବି ବା ଗାଳି ଦେଇଥିବି ତହିଁ ଆରଦିନକୁ ହୁଏ ମୋ ଲୁଗା ଚିରି ଯାଇଥିବ, କମିଜରେ ବୋତାମ ନ ଥିବ, କଲମଟା ଭଙ୍ଗା ହୋଇଥିବ, ଖାତା ବା ବହି ଚିରା ହୋଇଥିବ ଇତ୍ୟାଦି। ପ୍ରତିବାଦ ବା ଫେରାଦରେ ଫଳ ନାହିଁ, ବରଂ ଓଲଟା ଫଳର ସମ୍ଭାବନା। ଏହି କାର୍ଯ୍ୟ କାରଣ ଜଣା ପଡ଼ିବା ଦିନ ଠାରୁ ମୁଁ ବି ତାକୁ ଡରି ରହିଲି।

ମୁଁ ଯେତେବେଳେ ୧୨।୧୩ ବର୍ଷର, ସେ ସେତେବେଳେ ୪।୫ ବର୍ଷର ପିଲା। ଦିନେ ସେ ଖଣ୍ଡେ କାଗଜକୁ ମୋଡ଼ି, ତହିଁରେ ନିଆଁ ଲଗାଇ ପିକା ପରି ଟାଣୁଥିଲା। ବାପା ଦେଖି ତା କାନ ଧରି ପଚାରିଲେ "ହଇରେ, ଏ ସବୁ କାହୁଁ ଶିଖିଲୁ?" ସେ ଚଟ୍ କରି ଉତ୍ତର ଦେଲା "ଭାଇ, ସିଗାରେଟ ଖାଆନ୍ତି।" ତତ୍‌କ୍ଷଣାତ୍ ମୋ ଟେବୁଲ ଡ୍ରୟର ଖାନତଲାସ ହେଲା ଓ ଖଣ୍ଡିଏ ସିଗାରେଟ ମିଳିଲା। ଫଳରେ ଏପରି ମାଡ଼ ଖାଇଲି ଯେ, ମୋର ଅପେ ଶ୍ରେଷ୍ଠ ସିଗାରେଟ ଖିଆ ସେହି ଦିନଠୁଁ ଛାଡ଼ିଗଲା।

ଅତଏବ ସତ ମୁଁ ତାକୁ ଡର ଡର କରି ଚଳୁଥାଏଁ, କାଳେ କେତେବେଳେ ଚୁଗୁଲି ମାରିବ।

ମୋର ୧୬।୧୭ ବର୍ଷ ବେଳକୁ ମୁଁ ଫାଷ୍ଟକ୍ଲାସକୁ ଉଠିଲି। ଟଲଷ୍ଟା ୫ ବର୍ଷ ଅଠ ହେଲାଣି। ଏଇଥର ସେ ସ୍କୁଲରେ ନାମ ଲେଖାଇବାର କଥା। ମୁଁ ଭାବିଲି ସ୍କୁଲରେ ପଶିଲେ ମୋ ପାଲରେ ପଡ଼ିବ ତ—କଡ଼ ହୋଇଯିବ ଏଥର। ଦିନେ ତାକୁ ହସି ହସି କହି ବି ଦେଲି ସେ କଥା। ସେ ରାଗରେ ମୁହଁ ଥମଥମ କରି ଚାଲିଗଲା। ମୁଁ ତାକୁ ଖେଳ୍‌ବାର ନ କରି ଉଡ଼ାଇ ଦେଲି, ମାତ୍ର କିଏ ଜାଣିଥିଲା ଏଥିପାଇଁ ମୋ ଭାଗ୍ୟରେ ଏତେ ଦୁଃଖ ଅଛି ବୋଲି!

କୈଶୋର ଓ ଯୌବନର ସନ୍ଧି କାଳରେ ପିଲାଙ୍କ ସ୍ୱାସ୍ଥ୍ୟ ଯଉଁ ଖେଳ ଘଟି ଥାଏ ମୁଁ ସେଥିରୁ ଅବ୍ୟାହତ ପାଇ ନ ଥିଲି। ଲୁଚିକି ଲୁଚିକି ଲେଖୁଥାଏଁ କବିତା—। ପ୍ରକୃତରେ ମୁଁ ଯେ କାହାକୁ ଭଲ ପାଉଥିଲି ବା କାହାରିକୁ ଲକ୍ଷ୍ୟ କରି ଲେଖୁଥିଲି ତାହା ନୁହେଁ—ଖାଲି ହୃଦୟ କଣ କେଜାଣି ମନ ହୁଏ,—ବାହାରି ପଡ଼େ ପ୍ରେମ କବିତା—, ଏଇଟା ଦେଖାଶିଖା ଓ ବୟସ, ଅବେଷ୍ଟନୀ ବା ସ୍ୱଭାବର ଗୁଣ ତାହା କହି ପାରିବି ନାହିଁ। ଗୋଟାଏ କଥା ଅଛି ଯେ ଅଉ ଛନ୍ଦୋବଦ୍ଧ ଭିତରେ ପ୍ରାଣ, ଜୀବନ, ହୃଦୟ, ନିଶ୍ୱାସ, ରକ୍ତ, ଫୁଲ, ଆକାଶ, ଚନ୍ଦ୍ର, ତାରା, କୋକିଳ, ବସନ୍ତ, ମଳୟ, ଅରୁଣ ଗୋଲାପ ଇତ୍ୟାଦି ଶବ୍ଦ ଲଗାଇ ଗୁଡ଼ାଏ ଲେଖି ପକାଇଲେ ଅନ୍ତେ ଗୋଟାଏ କବିତା ହୁଏ। ଏହି—ଅଉ କିଛି ନୁହେ।

ସେ ଯାହାହେଉ ମୁଁ ଏ ସବୁ ଖୁବ୍ ସାବଧାନରେ ଲେଖେଁ ଓ ମନେ ମନେ ଲୁଚାଇ ରଖେଁ। ଦିନେ ମାସିକ ପତ୍ରିକାରେ ଗୋଟାଏ ଗଳ୍ପ ପଢ଼ି ପଢ଼ି ମନ ବଳିଲା ଗଳ୍ପଟାଏ ଲେଖିଲେ ହୁଅନ୍ତା। ପ୍ଲଟ୍‌ଟାଏ ଭାବିବାକୁ ବେଶୀ ପଡ଼ିଲା ନାହିଁ। ମୋ ବୟସର ପିଲାଙ୍କ ପକ୍ଷରେ ଯେଉଁ ଭଳିଆ ଗଳ୍ପ ଅତି ସହଜ, ପୁରୁଷ ଓ ନାରୀର ସେହିଥି। ସେହି ମାମୁଲି ଧରଣର ପ୍ରେମ ଉତ୍-କଣ୍ଠାରହିତ, ସଂଶୋଧିତ। ପିଲା ଏକଦମ୍ ପାଗଳ ହେଲା। ଶେଷ ଲୁଚି ଲୁଚି ଲଭ୍ ହେଲା। ବାପ ମା ଦୁହେଁ ଦେବାକୁ ମଙ୍ଗିଲେ ନାହିଁ। ଦେଖା ସାକ୍ଷାତ ବନ୍ଦ ହୋଇ ଗଲା। ଏହାପରେ ଉଭୟଙ୍କ ତଳେ ତଳେ। ପତ୍ର ବିନିମୟ, ହା-ହୁତାଶ, ଆତ୍ମହତ୍ୟା ଏହି ସବୁ।

Digitized by srujanika@gmail.com

ପ୍ରେମ ପତ୍ର ସେତେବେଳକୁ ଅବଶେଷ ପୂର୍ଣ୍ଣ ହୋଇ-ପାରେ, ମୋ କ୍ଷମତା ଅନୁଯାୟୀ ଲେଖିଲି ।

ଏତିକିଦୂର ଲେଖିଛି, ଆଉ ତେଣିକି କଲମ ଚଳିଲା ନାହିଁ । ବରହାନ୍ତିକ କରତ କି ମିଳନାନ୍ତକ କରିବି ଏହାଠା ଠିକ୍ କରି ନ ପାରି ଖାତାଟା ରଖିଦେଲି ।

ହଁ, ଭୁଲି ଯାଇଛି, ପ୍ରେମିକଙ୍କର ନାମ ଦେଇଥିଲି—ନଟବର । ଆଉ ପ୍ରେମିକାର ନାମ ସରଳା । ଏ ନାଁ ଦୁଇଟା ଯେ ବାଛି ବାଛି ଦେଇଥିଲି ବା କାହାରିକୁ ଲକ୍ଷ୍ୟ କରି ଦେଇଥିଲି ତାହା ନୁହେଁ । ଆମ ସ୍କୁଲରେ କଣେ ନାମଜାଦା ଫୁଟବଲ ଖେଳାଳୀ ନଟ । ହଠାତ୍ ସେହି ନାଁଟା ଆଖିରେ ପଡ଼ିଗଲା; ବସାଇ ଦେଲି । ଆଉ ଆମ ପାଖ ଦଉଡ଼ଣା ବେଣୁଧର ବାବୁଙ୍କ ଝିଅ—ସରଳା । ସବୁବେଳେ ଦେଖୁଥିଲି ଶୁଣୁଥିଲି ବୋଲି ସେହି ନାଁଟା ଅଜାଣତରେ ମନକୁ ଆସିଗଲା । ଭଲ ନ ଭାବି ନ ଚିନ୍ତି ନାୟିକାର ନାମ ରଖିଦେଲି—ସରଳା । ନାଁଟା ନିହାତି ମନ୍ଦ ବି ନୁହେଁ । ହେଉ କହୁଛି ବେଣୁ ବାବୁଙ୍କ ଝିଅ ସରଳା କଥା ମୋର ଖିଆଲକୁ ବି ଆସିନାହିଁ । ମୁଁ କେବେହେଲେ ଲଭ୍ ଦୃଷ୍ଟିରେ ତା ପ୍ରତି ଆକୃଷ୍ଟ ହୋଇ ନ ଥିଲି କି ସେ ଝିଅଟାର ସେହିଭଳି ଆକର୍ଷଣୀ ଶକ୍ତି ବି ନ ଥିଲା ।

ହେଲେ କଣ ହେବ, ମୋର ଶନିଗ୍ରହ ଚଳିଥା ମୋତେ ଫେରରେ ପକାଇ ଦେଲା । ଶୀତ ଦିନ । ଭୋର ହୋଇବାର ପୂର୍ବ ଝଡ଼ାଇବାର ମଉସୁମ । ଆମ ସ୍କୁଲଟିର ପ୍ରଧାନ ଶିକ୍ଷକ ସେବେଳେ ବେଣୁ ବାବୁଙ୍କ ଘରକୁ ଯାଇ ତାଙ୍କ ସାଙ୍ଗରେ ସ୍କୁଲ କହିଲେ । ସୂର୍ଯ୍ୟ ନଉଠିଲେ ପ୍ରଭାତ ଜଣିବା ପାଇଁ ବହୁ ଠାଏଁ ହୁଇ ସୂର୍ଯ୍ୟ ଦରସା ମାଡିଲେ ବା ନ ପାଇଲେ ଉଦ୍ଧର ନଦରେ । ସେ ଦିନ ସୁର୍ଯ୍ୟ ଦ ଥିଲା କି କଣ କାରଣରେ ଅଦେଖ ସ୍ନାନ ଦେଇ କରିବା ପାଇଁ ବାଗଡର ଦୃଗଳାବ ହେଲା । ମୁଁ ତ ଯାଇଛି ସ୍କୁଲକୁ । ବାପା ମୋ ପଢ଼ା ଘରେ ପଶି, ମୋ ଦରଜା ଖୋଲି ସେହି ଗଳ୍ପ ଖାତାଠାରୁ ଖଣ୍ଡେକେତେ ପୃଷ୍ଠା ଛିଣ୍ଡାଇ ପାନ୍ଦ ହୋଇଥା ଯାଇ ବେଣୁ ବାବୁଙ୍କ ପୁଅପାଖରେ ହାଜର । ଦୁଇ ବଜାରୟାଙ୍କ ମେଳ ତାଙ୍କ ଅଗଣା ଚହଳିରେ ମଇଦା ଅଠା ତିଆର କରୁଛନ୍ତି—କାଗଜ ଗୁଡ଼ାକ ଥୁଆ ହୋଇଛି ପାଖରେ । ଏତିକିବେଳେ ସରଳା ଆସି ସେଠି ପହଞ୍ଚି, ତାଙ୍କ ପାଖରେ ବସି ପଡ଼ିଲା । ସେ ତେର ଚଉଦ ବର୍ଷର ଅବିବାହିତ ଝିଅ । ଗାର୍ଲସ୍ ସ୍କୁଲରେ ପାଠ ବି କିଛି ପଢ଼ିଛି । ତା ଆଖିରେ ପଡ଼ିଗଲା ସେ ଲେଖା କାଗଜ । ପିଲାଳିଆ କୌତୁକରେ ଉଠାଇ ନେଇ ପଢ଼ିଲା । ମୋ ଭାଗ୍ୟ ଇମିତ ଯେ ଅଗ ଦିନ ଗଳ୍ପର ଚିଠିଟା ଗୋଟାଏ ପୃଷ୍ଠାର ମୂଳରୁ ଲେଖା ହୋଇଛି—ପୁଣି ସେହି ପୃଷ୍ଠାଟିକୁ ଅଣିଛି ଛିଣ୍ଡାଇ । ସରଳାର ନାଁ ବି ଅଛି ଆଉ ପ୍ରିୟତମେ, ଜୀବନ ସଙ୍ଗିନୀ ଏପରି କିଛି ସମ୍ବୋଧନ ବି ହୋଇଥିବ, ଠିକ୍ ମନେ ନାହିଁ କଣ । ଚିଠିଟା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ତଳେ ନଟବରର ନାମ ବି ଦିଆ ହୋଇନାହିଁ । ଚିଠିଟା ପଢି ସରଳା ପଚାରିଲା "ଚାରେ ଚଲା ଏ ଚିଠି କାହାର ?"

ଅଠା ଘାଣ୍ଟୁ ଘାଣ୍ଟୁ, ଚଲା କହି ଦେଲା 'ତୋହର', ଚଲା ସେତେବେଳକୁ ଅକ୍ଷର ଚିହ୍ନି ନାହିଁ । ଖାଲି ଅନ୍ୟ ମନସ୍କ ଭାବରେ କହିଦେଲା 'ତୋହର ।' ଏଣେ ସତକୁସତ ତ ସରଳାର ନାମ ଅଛି । କଥାଟା ଖାପ ଖାଇଗଲା ।

ସରଳା ପଚାରିଲା "କିଏ ଦେଇଛି ରେ ?" ତା କାମରେ ବାଧା ପଡ଼ୁଛି ବୋଲି ଚଲା ବିରକ୍ତ ହୋଇ କହିଲା 'ମୁଁ ଜାଣେ ନା ।'

ସରଳାର କୌତୂହଳ ବଢିଲା । ସେ କହିକରି ପୁଣି ପଚାରିଲା "କହୁନୁ କାହିଁ ଚଳ ?"

ଚଲା ଏତିକିବେଳେ ସରଳା ମୁହଁକୁ ଅନାଇ ଦେଖିଲା ଯେ କ୍ରୋଧ ଓ ଲଜ୍ଜାରେ ପ୍ରାୟ ଅଥୟ ହେଉଛି, ମୁହଁଟା ଲାଜରେ ନାଲି ପଡ଼ି ଯାଉଛି ।

ଏଣେ ବଳକଟେ ପିଲା—ଦେଖ ତାର ଚଦମାସି ବୁଦ୍ଧି ! ସେ ବୁଝିଲା ଯେ କଥାଟା ଗୋଟାଏ କଣ ଖରାପ ଆଡ଼କୁ ଯାଉଛି । ଭଲ ପାଦ ମିଳିଛି । ମୋ ଉପରେ ପ୍ରତିଶୋଧ ନେବାର ସୁବିଧା । ତାର ଫେଇଁ ଉଠିଲା । ସେ ପଟାପଟ୍ ଉତ୍ତର ଦେଲା "ନା କହିବି ନାହିଁ ?"

ସରଳା—ନ କହିଲେ ଛାଡ଼ିବି ନାହିଁ—ତୋତେ ।

ଚଲା—କଣ କରିବୁ ?

ସରଳା-- ଯିମିତି କହିବୁ ସିମିତି କୁହାଇବି ଏହା କହି ସେ ତାର ହାତକୁ ମୁଠାଇ ଧରିଲା । ସେ ନରମ ହୋଇପଡ଼ି କହିଲା "କହିବି ତ କଣ ଦବୁ ?" ସରଳା କହିଲା ଦି' ପଇସାର ଚନାବାଦାମ ଦେବି । ଚଲା କହିଲା "ଆଉ ଗୋଟାଏ ନୂଆ ଗୁଡ଼ି କିଣିବାକୁ ପଇସା ଦବୁ ?" ସରଳା କହିଲା 'ହଉ ।' ଚଲା କହିଲା 'ଆଗ ଦେ ।' ସରଳା ସେହିକ୍ଷଣି ଯାଇଁ ଯାଇ ଗୋଟିଏ ଏକଅଣି ଆଣି ତା ହାତରେ ଦେଇ କହିଲେଇ କହିଲା "ଠିକ୍ କହୁବୁ ତ ଅଧୁଲି ଦେବି ।" ଚଲା ସ୍ୱରରେ ସଇତାନ ଗୁଡ଼ିଲା । ସେ କହିଲା 'ଭାଇ ଦେଇଛନ୍ତି ।'

ସରଳା—କଣ ତୋ ମୁରଲି ଭାଇ ?

ଚଲା—ହଁ

ସରଳା—କଣ କହିଲେ ?

ଚଲା- କହିଲେ 'ସରଳାକୁ ଦବୁ ।'

ସରଳା—ଆଉ କେବେ ଦିଅନ୍ତି ?

ଚଲା—କେତେଥର ଦେଲେଣି ନା ! ମୁଁ ତାକୁ ଚରି ପକାଏଁ । କହିଦିଏଁ ଦେଇଚି ବୋଲି ।

କଥାକୁ କଥା ଏପରି ଲାଗି ଯାଇଥିଲା ଯେ ସରଳାର ସବୁ କଥା ବିଶ୍ୱାସ ହୋଇଗଲା । ହେବାର କଥା ମଧ୍ୟ ।

ସ୍କୁଲରୁ ଆସି ମୁଁ ଖେଳିବାକୁ ଗଲି । ସନ୍ଧ୍ୟାବେଳେ ବହି ଖୋଲି ପଢ଼ା ଆରମ୍ଭ କରିଛି କି ନାହିଁ, ତେଣୁ ବାପାଙ୍କର ଡାକ ପଡ଼ିଲା

୧୬ ପୃଷ୍ଠାର ଅବଶିଷ୍ଟ ଦେଖନ୍ତୁ

Digitized by srujanika@gmail.com



# ବହିପତ୍ର

(ଶୂନାଚାର୍ଯ୍ୟ)

## ସହକାର ଫାଲ୍ଗୁନ ୧୧ଶ ସଂଖ୍ୟା

### (ପଦ୍ୟାଂଶ)

ଚୈତ୍ର ବସନ୍ତ—ଶ୍ରୀ ମଧୁସୂଦନ ଶତପଥୀ।

ଓଡ଼ିଆ ଭାଷା, ଓଡ଼ିଆ ଭାବ ଓ କବିତାର ନାନା ଆବଶ୍ୟକୀୟ ଖାଣ୍ଟି ଉପାଦାନ ନେଇ କବିତାଟି ଅତି ସୁନ୍ଦର ହୋଇଛି। ଏହାର ଭାଷାଠୁଁ ଖାଣ୍ଟି 'ଓଡ଼ିଆ' ଭାବ ଗୁଡ଼ିକ ଅତି ସହଜ ଓ ସୂକ୍ଷ୍ମ ଭାବରେ କବିତାର ପଂକ୍ତିରେ 'ଦାଗ' ଉଠିଛି। କୋଇଲିକମରୀକା, ଫୁଲ-ଝାଲିରଥ, ପୁନା ଯୋଗିଷଥ, କାକର ବନ୍ଧୁର ଓ ଅନ୍ୟାନ୍ୟ ଶବ୍ଦ ଗୁଡ଼ିକ ଖାଣ୍ଟି ଓଡ଼ିଆ। କିନ୍ତୁ 'ତୁଇଁ ଦେଲୁ କିଏ' 'କିଏ କହିଗଲା'... ଦ୍ୱାରା ଲେଖକ ଅତର୍କ (surprise) ସୃଷ୍ଟି କରିବାକୁ ଚେଷ୍ଟା କରି ଭୁଲ କରିଛନ୍ତି। ଏପରି ଧାରଣା ଅତି ପୁରାତନ। ବାସ୍ତବିକ୍ ଏହାଦ୍ୱାରା କିଛି effect ବଢ଼ିନାହିଁ, ବରଂ କବିତାର ଗତିକୁ ଦୁର୍ବଳ କରି ପକାଏ।

'ରୁକ୍ଷ'—ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ।

କବିତାଟି ମିଲ୍ଟନ୍ଙ୍କର ସେହି more is meant than meets the ear କଥାଟିକୁ ସ୍ପଷ୍ଟ ଭାବରେ ପ୍ରତିପାଦନ କରୁଛି। ନିଖିଳ ଜଗତର ରୁକ୍ଷତା ଚିତ୍ରକୁ ଅତି ସହଜ ଭାବରେ ଏକ ଅପ୍ରଶସ୍ତ ଗଣ୍ଡୀ ମଧ୍ୟରେ ଅତି ଦକ୍ଷତାର ସହିତ ସେ ପ୍ରକାଶ କରି ପାରିଛନ୍ତି। କିନ୍ତୁ ଭାଷାର ଗତି ଅଧିକ ଗମ୍ଭୀର ଅଧିକ quiet ହେବା ଉଚିତ ଥିଲା। ଭାବକୁ ଭାଷା ଠିକ୍ ରୂପ ଦେଇ ପାରି ନାହିଁ। ହଠାତ୍ ବନ୍ଧୁକ ଫୁଟାଇଥିଲା ପରି ମନେ ହୁଏ। ଏଥିରେ ଗୋଟାଏ ଏପରି 'jar' ଅଛି ଯାହାକି ଏହାର 'effect' ଉପରେ ବାଧା ଆଣିଛି।

ଉପମାରେ ବ୍ୟତିକ୍ରମ କେବଳ ଦୁଇ ଜାଗାରେ ଦେଖିବାକୁ ମିଳିଲା। ଚେଷ୍ଟା କରିଥିଲେ ତାହା ସହଜରେ ଦୂର କରାଯାଇ ପାରିଥାନ୍ତା।

"ଶାଳ୍ମଳୀର ଫେନ ପରି" "ଧାଡ଼ିଏ ଶିତ" ଭଲ ଶୁଭୁନାହିଁ। 'ଅବସରେ' କ୍ଷୁଦ୍ର ପାଞ୍ଚ 'ପାକୁ ଠାକୁ' କରିବା ଭଦ୍ରତାର ବିଷୟ। ଆଧୁନିକ କବିତାର ଯଥାର୍ଥ ring ଆଣିବା ପାଇଁ ଲେଖକଙ୍କର ଜନନୀ-କବିତା ଭଲ-ଭଳି ପଢ଼ିବା ଦରକାର।

### (ଗଳ୍ପାଂଶ)

ଗୌରୀ-ଦାନ—ଭବଚନ୍ଦ୍ର ଶ୍ରୀ କାଳିପ୍ରସନ୍ନ କର

ଭବଚନ୍ଦ୍ରଙ୍କର ଚେଷ୍ଟା କେଉଁ ଦିଗରେ ତାହା ଠିକ୍ କଳନା କରି ହୁଏ ନାହିଁ। ସମସ୍ତ ସମୟରେ ସେ ଆଧୁନିକ ହୋଇ ପାରନ୍ତି ଓ ସମସ୍ତ ସମୟରେ ଖୁବ୍ ପଛରେ ପଡ଼ି ଯାଆନ୍ତି। କିନ୍ତୁ ଏହି ଦୁଇଟି କଥା ଯେତେବେଳେ ଏକ ଲେଖା ମଧ୍ୟରେ clash କରିବାର ଦେଖି ଭୟ ଲାଗିଲାଣି। 'ଗୌରୀଦାନ' ଏଠି ତାହା ସମ୍ବନ୍ଧରେ କିଛି ନ କହିବା ଭଲ। artistic worth ଲେଖାଟିରେ ନାହିଁ କହିଲେ ଚଳେ। କିନ୍ତୁ ଭାଷାରେ ଭବଚନ୍ଦ୍ରଙ୍କର ଯେ କିଛି ଦକ୍ଷତା ଥିଲା ପରି ମନେହୁଏ। ସେ କେଉଁ theory work out କରିବାକୁ ଯାଇଛନ୍ତି ତାହା ଆଧୁନିକ ସମାଜ ବହୁଦିନରୁ ମାନି ନେଲାଣି। କେବଳ ଗୋଟାଏ Sentimentality ବୋଲି କହିବାକୁ ଅବଶ୍ୟ କରୁଛି। ଗଳ୍ପ ତିଆରି କରି ଏପରି ଅସୁନ୍ଦର ଭାବରେ 'ଗୌରୀଦାନ' ବିରୁଦ୍ଧରେ ଯୁକ୍ତି ଦେଖାଇ ସେ ଯେ କଣ mean' କରୁଛନ୍ତି ବୁଝି ହେଲା ନାହିଁ।

ବଟ ଓ ଅଶ୍ୱତ୍ଥ—ଶ୍ରୀ ଭଗୀରଥ ଭୂୟାଁ।

ଲେଖାଟି ବଡ଼ Picturesque ହୋଇଛି। ତରୁଣ, ତରୁଣୀ, ବଂଶୀ, ପୋଖରୀକୂଳ ପ୍ରଭୃତି ଦରକାରୀ ଉପାଦାନ ନେଇ ଗଳ୍ପ ତିଆରି କରି ଲେଖକ ଅଭିଜ୍ଞତାର ସ୍ପଷ୍ଟ ପରିଚୟ ଦେଇଛନ୍ତି। କବି Keatsଙ୍କ ପକ୍ଷରେ ତାହା ସମ୍ଭବ ମାତ୍ର ସବୁ ଶ୍ୟାମଙ୍କୁ ନୁହେ।

ଗଳ୍ପ ହିସାବରେ ଏହା ଯେ "Jack and the Beanstalk" ଠାରୁ ଅଧିକ ସ୍ୱାଭାବିକ ବା ସମ୍ଭବ ତାହା କହି ହେବ ନାହିଁ। କିନ୍ତୁ ଲେଖକଙ୍କର art ସୃଷ୍ଟିର ଚେଷ୍ଟା ଅନ୍ୟ ଦିଗରେ—ଗଳ୍ପ ଗଢ଼ିବା ଦିଗରେ ନୁହେଁ। କିନ୍ତୁ ସେଥିପାଇଁ treatment ଅତି ଚମତ୍କାର ହେବା ଦରକାର। ମାତ୍ର ଲେଖକ କେଉଁ ଦିଗରୁ ପାରି ଉଠି ନାହାନ୍ତି। ଭାଷାର ଗତି ସବୁ ସମୟରେ କ୍ଲିଷ୍ଟ ଓ ଅସ୍ୱାଭାବିକ ହୋଇ ପଡ଼ିଛି।

କିନ୍ତୁ ଶେଷଟି ଅତି ଉତ୍କୃଷ୍ଟ। ଏ ସମସ୍ତ ଦୋଷ ସତ୍ତ୍ୱେ ଲେଖକଙ୍କର finish କରିବାର ପ୍ରବୃତ୍ତି ଦେଖି ଲାଗେ, ଗପ ଲେଖାର art ମାଲୁମ୍ ଅଛି ବୋଲି କୁହା ଯାଇପାରେ।

ଦାମିଲ୍—ଶ୍ରୀ ରାମପ୍ରସାଦ ସିଂହ।

ପ୍ରତିହିଂସା ପରି ରାମ ବାବୁଙ୍କର କଳାଜ୍ଞାନ ବିଷୟରେ ଯାହା ଧାରଣା ହୋଇଥିଲା ତାହା ପୂର୍ଣ୍ଣ ଭାବରେ ସମର୍ଥିତ କରୁଛି ଏହି କ୍ଷୁଦ୍ର ଗଳ୍ପଟି। ଏଥିରେ ସେ Story techniques ପୁରାପୁରି ଅନୁସରଣ କରିଛନ୍ତି। ଭାଷା ଅତି ସୁନ୍ଦର—ଭାବର ଯଥାର୍ଥ ଅବଲମ୍ବନ କାର୍ଯ୍ୟ କରୁଛି। "ଶତପାଶ ପ୍ରଳୟ ବନ୍ଧନ ଦେବତାର ଏହି ନିଷ୍ଠୁର ଗାୟତ୍ରୀ।" "ତୁନ୍ଦ୍ରାରେ ଭୂମିକମ୍ପ ହୁଏ, ସହ୍ୟରେ ଭୂମିକମ୍ପ ହୁଏ ... ... ... କିନ୍ତୁ ଜେଲ ଭିତରେ ପ୍ରତ୍ୟାବେଶ ଅଟଳ, ଅଚଳ !!" ଅତି ଚମତ୍କାର।

"ଶୋକ ବର୍ଷ ତଳର କଥା"ର placing ଅତି ଉତ୍କୃଷ୍ଟ। ଅତି କ୍ଷୁଦ୍ର ପରିସର ମଧ୍ୟରେ ଏକ ପୂର୍ଣ୍ଣତା ଆଣି ଲେଖକ artistର ସ୍ପଷ୍ଟ ପରିଚୟ ଦେଇଛନ୍ତି।

ଆହତ ହୃଦୟର ଚିତ୍ର ତାହାର ଲେଖାଟିକୁ ପ୍ରାଣଦାନ କରୁଛି।

ଭାଷାର ଗତି ଅଉ ଟିକିଏ କୋମଳ ଓ ପ୍ରାଣସ୍ପର୍ଶୀ ହେବା ଉଚିତ ଥିଲା। "ମଣିଭୃଙ୍ଗ, ତନକ ଗଇଜ" ଆଦ୍ୟ ଓ ପ୍ରାନ୍ତରେ ରଖି ଲେଖକ ଯେଉଁ artistic cycle କରିଛନ୍ତି ତାହା ବଡ଼ ପୁରାତନ ଓ ଅସୁନ୍ଦର।

(୧୦ ପୃଷ୍ଠାର ଶେଷ ଦେଖନ୍ତୁ)

Digitized by srujanika@gmail.com

# ଡଗର ଶବ୍ଦଧନ୍ଦା

'ଡଗର'ର ପାଠକ ମାତ୍ରେ

## ଟ୨୫ଙ୍କା ପୁରସ୍କାର !

**ବିନା ମୂଲ୍ୟରେ**



**ଏକଅଣା ଡାକଟିକଟ ସହ**



**ଏକଅଣା ଡାକଟିକଟ ସହ**



ପ୍ରତ୍ୟେକ ଉତ୍ତର ପତ୍ରି
ପ୍ରବେଶିକା ମୂଲ୍ୟ
ଏକଅଣା ମାତ୍ର
କିନ୍ତୁ ଉତ୍ତର ଏକ ସଙ୍ଗରେ
ଦେଲେ ଗୋଟିଏ ବିନା
ମୂଲ୍ୟରେ ଦେଇ ହୁଏ

ନାମ ______________________

ଠିକଣା ______________________

______________________

କେତୋଟି ଉତ୍ତର ______________________

ଜୁଲାଇ ଏକ ତାରିଖ
ଦିନ ୧୦ ଟା ମଧ୍ୟରେ
ସମସ୍ତ ଉତ୍ତର
ପହଞ୍ଚିବା ଦରକାର

### ସିଧା ଭାବରେ

୧ । ଅରତ ଜନ ଯାହା ମାଗେ ।
୩ । ବାରଘର ଏହା ଅଟେ ।
୭ । ପୀରତ—ଉଷମ ।
୮ । ଏ ମିଷ୍ଟାନ୍ନ ଓଷାବାରରେ ଲାଗେ ।
୯ । କୃଷ୍ଣ ରାଧାଙ୍କର ପ୍ରେମ—ହୋଇଥିଲେ ।
୧୧ । ଯିଏ ସନମାନ ଦେଖାଏ ।
୧୨ । ଉତ୍କଳ ବଇଷିମର ଏହା ନହେଲେ ନଚଳେ ।
୧୩ । ଅଳଙ୍କାର ବିଶେଷ ।
୧୫ । ଫୁଲର ସାଧାରଣ ରଙ୍ଗ ।
୧୭ । ଏହା ବେଶୀବେଳ ବାଟରେ ଗଲେ ।
୧୮ । ଭଲ ଲୋକେ ଏହାକୁ ଘୃଣା କରନ୍ତି ।
୧୯ । ଅଧିକାଂଶ ପର୍ବତରେ ପଡ଼ିଥାଏ ।

### ବିଜ୍ଞାପନ ।

ଏକ ନମ୍ବର ଶବ୍ଦଧନ୍ଦା ପ୍ରତିଯୋଗୀତାର ନିର୍ଦ୍ଦିଷ୍ଟ ସମୟ ଅନ୍ତେ ଅଛି ନିକଟରେ ୨ନମ୍ବର ଶବ୍ଦଧନ୍ଦା ବାହାରିବ । ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନେ ତତ୍ପୂର୍ବରୁ ୧ ନମ୍ବର ଶବ୍ଦଧନ୍ଦା ସମ୍ବନ୍ଧରେ ମତାମତ ଯେତେ ଅଳ୍ପରେ ପାରନ୍ତି ଲେଖି ପଠାଇଲେ ଡଗର ତାହା ଆନନ୍ଦରେ ଏହି ସ୍ତମ୍ଭରେ ସ୍ଥାନ ଦେବ ।

'ନାଗରାଜ'

୨ ନମ୍ବର ଶବ୍ଦଧନ୍ଦା ।
ଅମୁକ— ନିକଟରେ— ଅମୁକ
ଜଖପର ଟଙ୍କା ଡାଳଦେବ ।

### ଉପର ତଳ ଭାବରେ

୧ । ନମ୍ରମ ।
୨ । ମହାଭାରତ ସମୟରେ ଲାଗିଥିଲା ।
୪ । ଏହାକୁ ଦମନ କର ।
୫ । ଝଡ଼ରେ ଝଡ଼େ ।
୬ । ଏହା ଛାଡ଼ିଲେ ବୁଢ଼ଇ ଭେଳା ।
୯ । ଏହା ନଦେଲେ ଭଲକଥା କହନାହିଁ ।
୧୦ । ବସ୍ତ୍ର ପ୍ରିୟା ।
୧୧ । ମୃତ୍ୟୁର ଅଗ୍ରଚର ।
୧୩ । ଯଥାକାଳରେ ପ୍ରଭୁସେବାରେ ଲାଗେ ।
୧୪ । ଚତୁର ଲୋକ ବିପଦବେଳେ ଏହା ପା‹
୧୬ । ଦେଶରେ ଅନ୍ତର୍ଯୁଦ୍ଧ ଲାଗିଲେ ସୈନ୍ୟମାନେ ଏଥିଲାଗି ଏହା ହୋଇଥାନ୍ତି ।
୧୭ । ଦେବ ଶିରରେ ଶୋଭାପାଏ ।

## ଆପଣଙ୍କର ଜ୍ୟେଷ୍ଠମାସରେ ଜନ୍ମ କି ?

ତା ହେଲେ ଅପଣ ନିଶ୍ଚୟ ସମସ୍ତ କର୍ମରେ ନିପୁଣ ହୋଇଥିବେ । ଥ ପଣ ବ୍ୟବସାୟ କଲେ ଅପଣଙ୍କର ବହୁତ ଲାଭ ହେବ । ଯଦି କୃଷ୍ଣ ପକ୍ଷରେ ଜନ୍ମ ହୋଇଥାନ୍ତି, ତେବେ ଅପଣ ଅବଶ୍ୟ ଗୁଣସମ୍ପନ୍ନ ବ୍ୟକ୍ତି ହେବାର ସମ୍ଭାବନା; ପରିଷ୍କାର ପରିଚ୍ଛନ୍ନତା ପ୍ରତି ଅପଣଙ୍କର କଦାପି ଦୃଷ୍ଟି ରହେ ନାହିଁ । ଅପଣଙ୍କ ସ୍ୱାସ୍ଥ୍ୟ ଶୁଭ ଶୁଭ ମିଶ୍ରଫଳ ଯୁକ୍ତ ।

ଲାଲ ପଦ୍ମଲୋଚନ ରାୟ

Digitized by srujanika@gmail.com

# ପ୍ରତିଯୋଗୀତା ।

ପାଇପାରିବେ ।

## ଟ ୨୫ ଙ୍କା ପୁରସ୍କାର !!

### ଧନ୍ଦା ଭେଦର ଉପାୟ ।

ଉପରେ ଯେଉଁ ବକ୍ସଟି ଦିଆ ଯାଇଛି, ତାର ସିଧା ବାଗରେ ସାତୋଟି ଓ ଉପରତଳ ଭାବରେ ସାତୋଟି ଘର । ଏପରି ମୋଟ ୪୯ଟି ଘର ଭିତରୁ କେତେକ ଘର ବନ୍ଦ ଅଛି, କେତେକ ଘରେ ଅକ୍ଷର ଦିଆ ଯାଇଛି ଓ ଆଉ କେତେକ ଘର ଖାଲି । ଏହି ଖାଲି ଘରମାନଙ୍କରେ ଏପରି ଗୋଟିଏ ଗୋଟିଏ ଅକ୍ଷର ବସାଇବାକୁ ହେବ ଯେପରି ସମସ୍ତ ଅକ୍ଷର ମିଶି ସିଧା ଆଡ଼େ ଓ ଉପର ତଳକୁ କେତେ ଗୁଡ଼ିଏ ଶବ୍ଦ ଗଢ଼ିବ । ଶବ୍ଦଗୁଡ଼ିକ ଯେଉଁଠାରୁ ଆରମ୍ଭ ହେବ ସେହି ଘରମାନଙ୍କରେ ନମ୍ବର ଦିଆଯାଇଛି ଏବଂ ଯେଉଁଠାରେ ଶେଷହେବ ତାର ପର ଘର ଗୁଡ଼ିକୁ ବନ୍ଦ କରି ଯାଇଛି । ଅଦେଖା ଅକ୍ଷର ଗୁଡ଼ିକୁ ନିଶ୍ଚୟ କରିବା ନିମନ୍ତେ ଘରର ନମ୍ବର ବା ଶବ୍ଦର ନମ୍ବର ଅନୁସାରେ ଉପର ଶବ୍ଦ ଗୁଡ଼ିକର ଅର୍ଥ ବା କେତେକ ଅର୍ଥ ସୂଚକ ବିଷୟ ଦିଆଗଲା ।

ଉଦାହରଣ:—ପ୍ରଥମ ଘର ଶ୍ରେଣି ମଧ୍ୟରୁ ୧ ନମ୍ବର ଘରେ 'ଶ' ଓ ତୃତୀୟ ଘରେ 'ଣ' ଅଛି । ଚତୁର୍ଥ ଘର ବନ୍ଦ ଓ ଦ୍ୱିତୀୟ ଘର ଖାଲି । ତେଣୁ ଦ୍ୱିତୀୟ ଘରେ ଏପରି ଗୋଟିଏ ଅକ୍ଷର ଦେବାକୁ ହେବ ଯାହାଦ୍ୱାରା ଗୋଟିଏ ଶବ୍ଦ ହେବ । ସେ ଶବ୍ଦର ପ୍ରଥମ ଅକ୍ଷର 'ଶ' ଓ ଶେଷ ଅକ୍ଷର 'ଣ' ହୋଇଥିବ । ଏ ଶବ୍ଦ ସିଧା ବାଗରେ ରହିଥିବାରୁ ଏହି ଶବ୍ଦର ନମ୍ବର (ଏକ) ଅନୁଯାୟୀ ସିଧା ବାଗରେ ଲେଖା ଯାଇଥିବା ୧ ନମ୍ବର ଶବ୍ଦର ଅର୍ଥ ସଙ୍ଗେ ସମାନ ହେବ । ଅର୍ଥାତ୍ ସେ ଶବ୍ଦର ଅର୍ଥ ହେବ, ଆର୍ତ୍ତ ଜନ ଯାହା ମାଗେ । ଶ ଓ ଣ ପୂର୍ବରୁ ଦିଆ ଯାଇଥିବାରୁ ଏହି ଶବ୍ଦ 'ଶରଣ' ହେବ ।

ସେହିପରି ଉପର ତଳ ଭାବରେ ୧ ନମ୍ବର ଶବ୍ଦର ତିନି ଅକ୍ଷର ମଧ୍ୟରୁ 'ଶ' ଓ 'ଥ' ଦିଆଅଛି । ଦ୍ୱିତୀୟ ଅକ୍ଷରଟି 'ପ' ହେଲେ ଶବ୍ଦଟି 'ଶପଥ' ହେବ ଏବଂ ତାର ଅର୍ଥ 'ଉପର ତଳ ଭାବରେ' ଦିଆ ଯାଇଥିବା ଏକ ନମ୍ବର ଅନୁସାରେ 'ନିୟମ' ହେବ । ଏହିପରି ଭାବରେ ସମସ୍ତ ଘର ଗୁଡ଼ିକ ପୂରଣ କରନ୍ତୁ ।

### ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ ।

ଏହାର ଉତ୍ତର ସିଲ୍‌କରି ହୋଇ ଗୋପୀନାଥ ପ୍ରେସର ପାଣ୍ଡି ଭକ୍ତଙ୍କ ନିକଟରେ ରଖାଯାଇଛି । ଏହି ସିଲ୍ ଦିଆ ହୋଇ ରହିଥିବା ଉତ୍ତର ସହିତ ଯାହାର ଉତ୍ତର ମିଳିବ ସେ ପ୍ରଥମ ପୁରସ୍କାର ଟ୧୫ଙ୍କା ପାଇବ । ଯାହର ଗୋଟିଏ ମାତ୍ର ଭୁଲ ହେବ ସେ ଦ୍ୱିତୀୟ ପୁରସ୍କାର ଟ୬୧ ପାଇବ ଓ ଯାହାର ଯୋଡ଼ିଏ ଭୁଲ ହେବ ସେ ତୃତୀୟ ପୁରସ୍କାର ଟ୪୧ ପାଇବ । ଏହାଠାରୁ ଅଧିକ ଭୁଲ ହୋଇଥିବା କାଗଜ ରଦ୍ଦ ହୋଇଯିବ ।

କେବଳ ଗୋପୀନାଥ ପ୍ରେସ, ଉତ୍କଳରୁ ବାହାରୁଥିବା ଡଗରରୁ କଟାହୋଇଥିବା କୁପନରେହିଁ ଉତ୍ତର ଦେବାକୁ ହେବ ।

ଏହି ପ୍ରତିଯୋଗୀତାରେ ଗୋଟିଏ ଉତ୍ତରର ପ୍ରବେଶିକା ମୂଲ୍ୟ ଟ୦/ ଉତ୍ତର ସହ ଦେବ । ତାହା ଡଗର ଅଫିସକୁ ଷ୍ଟେଜ ବା ମନିଅର୍ଡ଼ର ଦ୍ୱାରା କିମ୍ବା ଏକ ପଇସିଆ ଟ୦/ର ଡାକ ଟିକଟ ଦ୍ୱାରା ପଠାଇବାକୁ ହେବ । ଏକାଥରକେ ଅନେକ ଉତ୍ତର ଦେଲେ ଦ୍ୱିତୀୟଟି ଟ୦/ ମୂଲ୍ୟରେ ଦିଆଯାଇ ପାରେ କୌଣସି ଲୋକ ଏକ ସମୟରେ ଟ୬/ଙ୍କା ଦେଲେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରିବ ।

ଉତ୍ତରରେ ନିଜ ନାମ ଠିକଣା, ଗ୍ରାହକଙ୍କ ସ୍ପଷ୍ଟ ଭାବରେ ଲେଖିବାକୁ ହେବ ।

କୌଣସି ଆପତ୍ତିର ଚରମ ନିଷ୍ପତ୍ତି କାରକ 'ଡଗର'ର ଧନ୍ଦା ପ୍ରତିଯୋଗିତା ସମ୍ପାଦକ ଅଟନ୍ତି ।

ଠିକ୍ ଉତ୍ତର ଡଗରରେ ପ୍ରକାଶ ପାଇବ ଓ ତହିଁପର ସଂଖ୍ୟାରେ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କର ନାମ ପ୍ରକାଶ ପାଇବ ।

ଏକାଧିକ ଲୋକଙ୍କର ଉତ୍ତର ଠିକ ହେଲେ ପୁରସ୍କାର ସମାନ ଭାବରେ ବାଣ୍ଟି ଦିଆଯିବ !

କୌଣସି ଲୋକ ଏକାଧିକ ପୁରସ୍କାର ପାଇବାର ସ୍ଥଳେ କେବଳ ଉତ୍କୃଷ୍ଟ ପୁରସ୍କାରଟି ପାଇବେ ।

## ଡଗର କାହିଁକି ପଢ଼ିବେ ?

୧ । ଆପଣଙ୍କର ମନ ଭଲ ନାହିଁ—ଡଗର ଆପଣଙ୍କୁ ହସାଇ ହସାଇ ଭୁଲାଇ ଦେବ । (ମଜା କଥା—ହସ ଖୁସି ବିଭାଗ)

୨ । ଆପଣଙ୍କ ସମୟ କଟୁ ନାହିଁ । ଡଗର କଥା ଛଳରେ ଆପଣଙ୍କୁ ବହଲାଇ ଦେବ । (କାହାଣୀ ବିଭାଗ)

୩ ଆପଣଙ୍କ ଦେହ ଭଲ ନାହିଁ—ଡଗର ଆପଣଙ୍କୁ ପଥ୍ୟ ଦେଇ ସୁସ୍ଥ କରିଦେବ । (ଯୌନ ଓ ଯୌବନ ବିଭାଗ)

୪ । ଆପଣ ବେକାର ହୋଇ ବସିଛନ୍ତି—ଡଗର ଆପଣଙ୍କ ବାଟ ଦେଖାଇବ । (ଗଢ ଗଢା ବିଭାଗ)

୫ । ଆପଣଙ୍କ ପିଲାଏ ମନ ଲଗାଇ ପାଠ ପଢ଼ୁ ନାହାନ୍ତି—ଡଗର ତାଙ୍କୁ ବାଟକୁ ନେଇ ଆସିବ—(ନାଗ ବନ୍ଧୁ ବିଭାଗ)

୬ । ଦେଶର ଉନ୍ନତି ରାଜନୀତି ଆପଣଙ୍କର ଜଣା ହେଉ ନାହିଁ—ଡଗରର ସମ୍ପାଦକୀୟ ଆପଣଙ୍କ ପାଇଁ ଜାଣିବା ଶିଖିବାର ବ୍ୟବସ୍ଥା କରିବ ।

Digitized by srujanika@gmail.com



# ଅପ୍ରାକୃତିକ ଯୌନ ପ୍ରକ୍ରିୟା ।।

**ହକିମ୍ ମହମ୍ମଦ ଫାରୁକ୍**

୧୩ ବର୍ଷରୁ ଊର୍ଦ୍ଧ୍ୱ ବାଳକ ବାଳିକାମାନଙ୍କର ଏହା ପଢ଼ିବା ଅନୁଚିତ । ଅଭିଭାବକ ଓ ଶିକ୍ଷକମାନେ ଏ ବିଷୟରେ ସତର୍କ ରହିଲେ, 'ଡଗର' କୃତଜ୍ଞ ହେବ :— (ସମ୍ପାଦକ)

## ଯୌନ ଓ ଯୌବନ

ବାଲ୍ୟ ଜୀବନ ଅତି ପବିତ୍ର । ସ୍ୱର୍ଗୀୟ ସ୍ୱଚ୍ଛତାରେ ବିଭାସିତ । ଦେବତାର ମହାଦାନ ସେ । ମନୁଷ୍ୟ ନିଜକୁ ଏହି ଦାନ ଗ୍ରହଣର ଯୋଗ୍ୟ ପାତ୍ର କରି ପାରିଲେ ପ୍ରକୃତ ମନୁଷ୍ୟ ବା ସୁପୁରୁଷ ହୁଏ । ଅନ୍ୟଥା ସେ ପଶୁଠାରୁ ହୀନ ।

ଆମ ଦେଶର ବାଳକମାନେ ହିଁ ଆମର ଏହି ପୁଣ୍ୟ ଜନ୍ମଭୂମିର ଭବିଷ୍ୟତ୍ । ଦେଶର ଉନ୍ନତି ପତନ ନିର୍ଭର କରେ ଏହି ଦେବଶିଶୁ ଗୁଡ଼ିକ ଉପରେ । ଏହି ଫୁଲ ଗୁଡ଼ିକ ଅକାଳରେ କୀଟ ଦଂଷ୍ଟ ହୋଇଗଲେ ଦେଶର ଭବିଷ୍ୟତ ଯେ ଘନ ଅନ୍ଧକାରମୟ ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।

ଆମ ଦେଶର ଏହି ତରୁଣ ସନ୍ତାନ ଗୁଡ଼ିକ ଯେଉଁ ଯେଉଁ କାରଣରୁ ମଳିନ ହୋଇ ପଡନ୍ତି ତହିଁ ମଧ୍ୟରୁ ସବୁ ପ୍ରଥମ ଏବଂ ସର୍ବ ପ୍ରଧାନ, ଅପ୍ରାକୃତିକ ଯୌନ ପ୍ରକ୍ରିୟା ବା ଯୌନବୃତ୍ତି ।

ଏହି ଅପ୍ରାକୃତିକ ଯୌନବୃତ୍ତି ପାଇଁ ବାଳକମାନେ ଯେଉଁ ଯେଉଁ ଉପାୟ ଅବଲମ୍ବନ କରନ୍ତି ତନ୍ମଧ୍ୟରୁ ହସ୍ତ ମୈଥୁନ ଗୋଟିଏ । ଏହାକୁ ଇଂରାଜୀରେ masturbation କହନ୍ତି । ଏହି ରୋଗର ଉତ୍ପତ୍ତି ସ୍ଥାନ ଅମେରିକା, ବର୍ତ୍ତମାନ ଏହା ଗୋଟାଏ ପୃଥିବୀ ବ୍ୟାପୀ ସମସ୍ୟା । ସ୍ୱାଧୀନ ଦେଶ ମାନଙ୍କରେ ଯୁବକ ଯୁବତୀମାନଙ୍କୁ ଏହି ପାପରୁ ମୁକ୍ତ କରିବା ପାଇଁ ଶିକ୍ଷା କେନ୍ଦ୍ରମାନଙ୍କରେ ଯୌନ ସମ୍ବନ୍ଧୀୟ ଆଲୋଚନା ହୁଏ । ମାତ୍ର ପରାଧୀନ ଦେଶରେ ତାହା ଲୁପ୍ତ ।

ଏହି କୁଅଭ୍ୟାସ ସାଧାରଣତଃ ଛାତ୍ର ଅବିବାହିତ ଯୁବକ, ଓ ଭଣ୍ଡ ତପସ୍ୱୀ ମାନଙ୍କ ମଧ୍ୟରେ ବିଶେଷ ଭାବରେ ଦେଖାଯାଏ ।

ଦକ୍ଷିଣ ବିଖ୍ୟାତ ୟୁନାନି କବିରାଜ ହାକିମ ଅଜମଲ ଖାଁ ୧୯୨୦ ସାଲ ନାମରେ ମନ୍ତବ୍ୟରେ କହିଛନ୍ତି, "ଏ ବର୍ଷ ମୁଁ ୭୦ ହଜାର ରୋଗୀଙ୍କୁ ପରୀକ୍ଷା କରି ଦେଖିଛି ଯେ ତନ୍ମଧ୍ୟରୁ ୪୦ ହଜାର ଯୁବକ ହସ୍ତ ମୈଥୁନ ଓ ଉକ୍ତ ପ୍ରକାର ଅନ୍ୟାନ୍ୟ ଅପ୍ରାକୃତିକ ଯୌନ ପ୍ରକ୍ରିୟା ହେତୁ ପ୍ରମେହ ବା Spermatorrhoea ରେ ଆକ୍ରାନ୍ତ ।"

ଏହା ଶୁଣିଲେ ସ୍ୱଭାବତଃ ହୃତ୍‌କମ୍ପ ହୁଏ । ଏହି ହୀନବୀର୍ଯ୍ୟ ଯୁବକ ମାନେହିଁ ଏ ଦେଶର ଭବିଷ୍ୟତ ବଂଶଧର ମାନଙ୍କର ଜନକ- ଏଥିରେ ଦେଶର ଅଧୋଗତି ନହୋଇ ଉନ୍ନତି ହେବ କିପରି ?

ମନୁଷ୍ୟ ପ୍ରାକୃତିକ ଜୀବ । ମନୁଷ୍ୟ ପ୍ରକୃତିର ପର୍ଯ୍ୟାୟରୁ ବାହାରକୁ ଗଲେ ପ୍ରକୃତି ମଧ୍ୟ ମନୁଷ୍ୟର ଅନୁକୂଳ ହେବା ସ୍ୱାଭାବିକ । ଅପ୍ରାକୃତିକ ଯୌନକ୍ରିୟା ଜୀବନ ପକ୍ଷରେ ଯେ କେତେ ମାରାତ୍ମକ ତାହା ସାଧାରଣଙ୍କର ଧାରଣାତୀତ । ଗୋଟିଏ ଅପ୍ରାକୃତିକ ଯୌନ କ୍ରିୟା ପ୍ରବୃତ୍ତ ଯୁବକର ଆତ୍ମ କାହାଣୀ ଏ ସ୍ଥଳରେ ଉଲ୍ଲେଖ କଲେ ଏହାର ମାରାତ୍ମକତା ସହଜରେ ବୁଝାପଡ଼ିବ ।

[ଆର ସଂଖ୍ୟାକୁ ଅପେକ୍ଷା କରନ୍ତୁ]

---

ବହିପତ୍ର :—

## ନାୟିକା । ଚତୁର୍ଥ—ପଞ୍ଚମ ଖଣ୍ଡ ।

ପଦ୍ୟାଂଶ

ଖଣ୍ଡାୟତ ଶିଶୁର ଗାନ—ଶ୍ରୀ କୁବେର ବଳାଇ । କବିତାଟି ନିତାନ୍ତ ମନ୍ଦ ନ ହେଲେ ମଧ୍ୟ ପ୍ରଥମ ସ୍ଥାନ ପାଇବାର ଯୋଗ୍ୟ ହୋଇ-ନାହିଁ ।

ଦୁଃଖ ଦର୍ଶ—ଶ୍ରୀମତୀ ସାରମଣି ଦେବୀ । ଲେଖିକାଙ୍କର ଏହା ନୂତନ ଉଦ୍ୟମ ମନେହୁଏ ।

ପାଇକ ବାଳା—ଶ୍ରୀ ବିନୋଦ ଚନ୍ଦ୍ର ନାୟକ । ପଦ୍ୟଟି ଅତି ଚମତ୍କାର ହୋଇଛି । ଲେଖକଙ୍କୁ ଏଭଳି ଲେଖା ଲେଖିବାକୁ ଅନୁ-ରୋଧ କରୁଁ ।

ମୋ କ୍ଷୁଦ୍ର ପକ୍ଷୀ—ଶ୍ରୀ କେତକୀ ଦେବୀ । ସ୍ଥାନଟି ସୁନ୍ଦର ହୋଇଛି ।

ତାର ଜାର... କୁଳ—ଶ୍ରୀ ଦେ: ଚ: ପରିଡ଼ା । ଏହା ଖଣ୍ଡ କାବ୍ୟ କ୍ଷମା କବିତା, ବୁଝି ପାରିଲୁ ନାହିଁ । ଠିକ ଗୋଟିଏ କବିତା ଲେଖା ହୋଇଅଛି । 'ଶୁଅ ଶୁଅ ଉତ୍କଳର ଖଣ୍ଡାୟତ କୁଳ' ତେବେ ଏହି ଢଙ୍ଗରେ ଲେଖିଲେ ବଡ଼ ପ୍ରଶଂସା ପାଆନ୍ତା ବୋଧହୁଏ ।

ତୃଷ୍ଣାର ହାହାକାର—ଶ୍ରୀ ବଳଭଦ୍ର ନାୟକ । ପଦ୍ୟ ନ କହି ପଦ ପକା ଗଦ୍ୟ କହିଲେ କଥାଟା ଭଲ ଭାବରେ ବୁଝି ହୁଅନ୍ତା ।

( ଗଳ୍ପାଂଶ )

ଉନ୍ମେଷ—କବିରୁଚି । କଥାଟେ ମନ୍ଦନୁହେଁ ତେବେ ପ୍ରକାଶ ଭଙ୍ଗୀର ନିପୁଣତା ଅଭାବ ।

ଅସୀମ ସଙ୍ଗୀତ—ଶ୍ରୀ ଲକ୍ଷ୍ମୀକାନ୍ତ ବର୍ମା । ଲେଖାଟି ପଢ଼ି ମନେହୁଏ ଲେଖକ ପ୍ରକୃତରେ କଳାବିତ୍ । ଭାବ, ଭାଷା, ଭଙ୍ଗୀ ସବୁ ଜାଗାକୁ ପରି ମନେହୁଏ । "ଏଇ ଝରଣା ଜୀବନ ପଥରେ ଯେ ଯେପରି ଅଜ କୌଣସିଥିର ସ୍ୱପନ ଦେଖେ ନା । ଏଇ ଦୃଷ୍ଟି ତାକୁ ନିମିତ ଅଦେଖ ଯାଇଛି ।"

ପ୍ରତିଦିନର ବହୁଘଟା କଥାଟାକୁ ଏପରି ସୁନ୍ଦର ରୂପ ଦେଇ ଲେଖିବା ଅଳ୍ପ ଲେଖକଙ୍କ-ଦ୍ୱାରା ସମ୍ଭବ ହୁଏ ।

'ଯାସ ଦହଟାକୁ ଖିନ ଛିନ କରି ଅନେଇଲି । ସତେ ଯେମିତି ଜଗାର ହାତ ଚିହ୍ନ ସେଥିରେ କେଉଁଠି ଲାଗି ରହିଛି ।'

'ଭରି ନିଅ ଆମ୍ଭ ପର ମେଞ୍ଚାକରେ ନୂହଁ ମାତ୍ର ଦେଲେ ଯେମିତି, କି ତା' ଗୃହି ଅନ୍ଧର ବେଶୀ ଭଲ ଲାଗୁଛି ।'

ପ୍ରଚଣ୍ଡ ଅନୁଭୂତି ବ୍ୟତିରେକେ ସାଧାରଣ ଲୋକ ପକ୍ଷରେ ଏହା ଲେଖିବା ସହଜ ନୁହେଁ ।

'ନୂଆଁସିର ଅନୁରୋଧରେ ଜଗା ତାର ହେ କଳା ଜଣ ବପଚିଳ କାଟି ପଠାଇଛି । ସେଥିରେ ଯେ ମନେ କରୁଛି— ଯେମିତି ନୂଆଁଶିଙ୍କ ଅଗ ଅପେକ୍ଷା ସେ ବେଶୀପାଇଛି— × × × ।' କଥାଟି ବଡ଼ ସ୍ୱାଭାବିକ— ବେଶ୍ ସୁନ୍ଦର ।

ଓଡ଼ିଆରେ ଏଭଳି ଗଳ୍ପ କ୍ୱଚିତ୍ ଦେଖାଯାଏ

Digitized by srujanika@gmail.com



# ସଙ୍ଗୀତ—ସମ୍ପର୍କେ

## କଳାକଉତୁକ।

ଲେଖକ:—ଶ୍ରୀ କୃଷ୍ଣପ୍ରସାଦ ବସୁ।

ନବୀନ ଉତ୍କଳର ଦ୍ୱାରେ ଦ୍ୱାରେ ଘୋଷଣା କରୁଛି 'ଉତ୍ସବ' ପ୍ରଭୁଙ୍କ ଉତ୍କଳର ମହା ଅହ୍ୱାନ··· ସେ ଅହ୍ୱାନ ନିର୍ଜୀବଙ୍କୁ ସଜୀବ କରିବ···ସୁପ୍ତିରେ ଆଣିଦେବ ଉଦ୍‌ବୋଧନର ସ୍ପନ୍ଦନ·· ଆଘାତ କରିବ ମର୍ମର ଉତ୍ସର ତନ୍ତ୍ରୀରେ ତାହାର ସ୍ନିଗ୍ଧ ଅଭୟବାଣୀ··· ସ୍ଖଳିତ ହେବ ଉତ୍କଳ ଜଡ଼ତା···ଚମକି ଫିଙ୍ଗି ଦେବ ଦୁର୍ବଳ ଅଙ୍ଗତାର ଦାରୁଣ ଯନ୍ତ୍ରଣା··· ଛିଣ୍ଡି ଭୁଟାଇ ଦେବ ଦୁର୍ବଳତାର ଶୃଙ୍ଖଳ··· ନାଚି ଉଠିବ ନବ ଦୁର୍ବାଦଳର ଆସ୍ତରଣରେ ତରୁଣ ତେଜୋମୟ ପ୍ରାଣ ପୁଞ୍ଜ···ଦେଖିବ ଦୂରେ ଦିଗନ୍ତ ବିସ୍ତୃତ ମହା ନୀଳିମା···ଗୌରବ ରଞ୍ଜିତ ହେବ ସୁକୁମାର ହସ୍ତ···ଲୁଚି ଯିବ କାଳିମା···ଦୀପ୍ତ ହେବ ପ୍ରୋଜ୍ଜ୍ୱଳ ମୁଖମଣ୍ଡଳ··· ବାଜି ଉଠିବ ମାଙ୍ଗଲ୍ୟଶଙ୍ଖ···ବନ୍ଦାଣି ଗାଇବେ ପୃଥ୍ୱୀକ୍ରମ ରମ୍ୟାତରୁ ଧୂପଧୀପ ଅମର ଗୃହେ ଗୃହେ··· ଶୁଭିବ ନବୀନବୀର୍ଯ୍ୟର ନବୀନ ଉଦ୍‌ଯାତ୍ରାଗୀତ—

ଉତ୍ତିଷ୍ଠତ! ଜାଗ୍ରତ! ପ୍ରାପ୍ୟବରାନ୍ନିବୋଧତ! ଏଇତ ଆମର କାମନା। ମଙ୍ଗଳ-ସ୍ୱ ବାଞ୍ଛାକଳ୍ପ-ତରୁଙ୍କର ଶ୍ରୀପାଦପଦ୍ମରେ··· ଭୂଷିତ ହେଉ ଜଗତର ଏ ଅର୍ଘ୍ୟ ଧାନ୍ୟ ଦୁର୍ବାରେ।

ଆଜି ଉତ୍ସବକର ଅହ୍ୱାନ ସଙ୍ଗୀତ ସମ୍ପର୍କେ ଦୁଇପଦ କଥା ଲେଖିବାକୁ—

ଉତ୍କଳ ଚିରଦିନ ଉତ୍କଳ···ଉତ୍କର୍ଷ କଳାର ଉତ୍କଳ···କିନ୍ତୁ ହାୟ ଅତୀତର ସେହି ଗୌରବଗାଥା ସ୍ମରଣ କରିବା ବ୍ୟତୀତ ବର୍ତ୍ତମାନ ଅଛି କଣ ଆମର··· ପିଲାଦିନରେ ଶୁଣିଲେ ଆମର ସୁଦୂର ପଲ୍ଲୀଜୀବନ ମଧ୍ୟରେ ଗଣ୍ଡେ ଅଧେ ଧ୍ରୁପଦ ଶୁଣୁଥିଲୁଁ··ବଡ଼ ବଡ଼ ଗାହାଣ ପାଲା କରେଇରେ ଶୁଣୁଥିଲୁଁ ଗଣ୍ଡେ ଅଧେ ପ୍ରବନ୍ଧ···ଯୁଗଳବନ୍ଧ ଇତ୍ୟାଦି ତାଳ ଭେଦର ଗୀତ ଖଣ୍ଡେ ଖଣ୍ଡେ···ଝୁଲଣ ରାସ ସମୟରେ କୀର୍ତ୍ତନୀୟାଙ୍କର ମୃଦଙ୍ଗ ଲଟେଇରେ ତାଳଭଙ୍ଗୀର ସ୍ପୁରଣ···କିନ୍ତୁ ଆଜିକାଲି ନବୀନ ଯୁଗର ପିଲାଙ୍କ ବୋଧହୁଏ ନସ ତଳ ସ୍ୱପ୍ନ... କିନ୍ତୁ ଆଜି ଉତ୍କଳର ଏକ ପ୍ରାନ୍ତରୁ ଅନ୍ୟପ୍ରାନ୍ତ ଯାଏଁ ତନ୍ନ ତନ୍ନ ଖୋଜିବୁଲିଲେ ମଧ୍ୟ ଗଜ-ଗୋଷ୍ଠିଙ୍କ କଥା ବାଦ ଦେଲେ କେତୋଟି ଧ୍ରୁପଦ ଶିଖିଲି ବା ଠିକ୍ ଗାଇବାର ଓସ୍ତାଦ୍ ଅଛନ୍ତି କହିଲୁ ତ...ଅଥଚ ସଙ୍ଗୀତ ଏପରି ଗୋଟିଏ କଳାବିଦ୍ୟା ଯାହାର ରସାନଭିଜ୍ଞ ବ୍ୟକ୍ତିଙ୍କୁ ପଶୁ ଶ୍ରେଣୀରେ ଗଣ୍ୟ କରିବାକୁହେବ ବୋଲି କେହି କେହି ମତ ପ୍ରକାଶ କରନ୍ତି··· ଗଞ୍ଜାମ ଅଞ୍ଚଳରେ କିଛିଏ ଅଧେ ଆଲୋଚନା ଏ ଯାଏଁ ଜୀବିତ ଥିବାର ଦେଖାଯାଉଛି···କିନ୍ତୁ ସେଠାରେ ମଧ୍ୟ ଆଲୋଚନା ଯେ ବିଶେଷ ଭାବେ ସନ୍ତୋଷଜନକ ତାହା ବୋଧ ହେଉନାହିଁ··· କେବଳ ହିପଷ୍ଠା (ତାହାମଧ୍ୟତପ୍ରତପ୍ତ ଜାତର··· ଖଣ୍ଡମିଶ୍ର ବା ସଙ୍କୀର୍ଣ୍ଣ ଜାତର ହିପଷ୍ଠା ଶୁଣିବାର ଯତ୍ନ କରି ଶୁଣିବାର ସୌଭାଗ୍ୟ ପାଇନାହିଁ), ଏକତାଳ, ଝମ୍ପା, ଅଠତାଳ (ତାହାମଧ୍ୟ ଉକ୍ତ ଟ୍ରେତଟପ୍ର) ବ୍ୟତୀତ ମଟା ବା ଧ୍ରୁବ ତାଳର ଗୀତ ଅତି ଦୁର୍ଲ୍ଲଭ··· ପୁଣି ଯେଉଁ ଗୀତ ଶୁଣା ହେଉଛି ତାହାମଧ୍ୟ ବେଢଙ୍ଗ···ସେଥିରେ ତାନ ଆଳାପ ଅସ୍ଥାୟୀ ଅନ୍ତରା ଆଭୋଗ ସଞ୍ଚାରୀର ପୃଥକ୍ ପୃଥକ୍ ଗଢ଼ ବା ରୂପ କିଛି ନାହିଁ, ଯେଉଁ ରାଗିଣୀର ରୂପବାଦ ଅସ୍ଥାୟୀ ଅନ୍ତର ଆଭୋଗ ସଞ୍ଚାରୀର ଆଳାପ ବା ଅଙ୍ଗ ନ ଥାଏ ତାହାକୁ 'ଚତୁଷ୍ପଦ' ବୋଲିଯାଇ ନ ପାରେ। କିନ୍ତୁ ଆମେ ବର୍ତ୍ତମାନ ଚତୁଷ୍ପଦର ନିନ୍ଦା କରୁଥାଏଁ—ଗୁରୁପଦ ବଶିଷ୍ଟ କବିତାକୁ।

ପ୍ରଥମେ ସ୍ୱରମାନଙ୍କର ସାଧନ କରି କଣ୍ଠ ଅଭ୍ୟସ୍ତ ହୋଇଗଲେ ଚତୁଷ୍ପଦର ଗୀତ ଶିକ୍ଷା କରିବାକୁ ହୁଏ...ଅକ୍ଷର ନ ଚିହ୍ନି ପୋଥି ମୁଖସ୍ତ କରିବା ଯେପରି, ସ୍ୱର ସାଧନା ନ କଲେ ଗୀତ ଗାଇବାକୁ ଯତ୍ନ କରିବା ଠିକ୍ ସେହିପରି ଏହି ସାଧାରଣ କଥାଟି ଏ ପର୍ଯ୍ୟନ୍ତ ମଫସଲର ପ୍ରାୟ ଅଧିକାଂଶଙ୍କୁ ଅଜଣା; ଏପରି କି ବହୁ ବିଶିଷ୍ଟ ସମ୍ଭ୍ରାନ୍ତ ବିଦ୍ୱାନ ବାରିଷ୍ଟର ହାକିମ ହୁକୁମାଙ୍କୁ ଦେଖାଯାଏ ଯେଉଁମାନେ ଏ ବିଷୟରେ କିଛି ଜାଣନ୍ତି ନାହିଁ କିମ୍ବା ଜାଣିବାର ପ୍ରୟାସ କରନ୍ତି ନାହିଁ···ଏହି ତ ଆମ ଦେଶର ବର୍ତ୍ତମାନ ଅବସ୍ଥା···ପୁଣି ଆମ ବଳଅ ସଙ୍ଗୀତ ପ୍ରେମୀ ଲୋକଙ୍କୁ ଆପଣମାନେ ପଚାରୁଛନ୍ତି ସଙ୍ଗୀତଜ୍ଞ··· କିନ୍ତୁ ଆମେ ଜାଣୁଁ କେତେ, ତାହା ଆମେ କିଛି କିଛି ବୁଝି ପାରୁଁ, ଦେଖୁଁ ଯେତେବେଳେ ଅନ୍ୟ ଦେଶର ଶିଶୁ ବା ଦାଣ୍ଡବୁଲା ଭିକାରି ଗାୟକଙ୍କୁ···ସେମାନଙ୍କର ସ୍ୱନର ପଟୁତା ସାଧନାର ଦକ୍ଷତା ପ୍ରଯୋଜନାର ପାରିପାଟ୍ଯ, ଆମର କଳ୍ପନାତୀତ··· ଆମେ ମନେ ମନେ ହସୁ ଯେ ଏହି କ୍ଷୀଣ ଏଣ୍ଡ ଦଶତାକୁ ଆମର ଗୁରୁପିଠି ଏତେ ଆଦର କରନ୍ତି··· ପୁଣି ବାହୁ ଯେ ଆମେ କେତେ ତଳେ··· ଆମର ସବୁ ଗର୍ବ ଦମ୍ଭ ଧୂଳି ହୋଇଯାଏ···ଦୃଷ୍ଟାନ୍ତ ଶୁଣନ୍ତୁ ୧ଦ୍ୟ କାହାଣୀର ଖବର...ଲକ୍ଷ୍ନୌରୁ ଆସିଥିଲେ ମହମ୍ମଦ୍ କଲେଜର Principal

Digitized by srujanika@gmail.com

ଅଧକ୍ଷ ସ୍ୱର୍ଗତଶ୍ରୀଙ୍କ ପ୍ରଛ୍ଛିଶିଷ୍ୟ ରତନ ଜାନକର। କଲିକତାରେ ସଙ୍ଗୀତର ଉପାଧ୍ୟମାନ ଦେବାକୁ ଯାବତୀୟ ବଶିଷ୍ଟ ବ୍ୟକ୍ତି ଠୁଲ...ସଙ୍ଗୀତଜ୍ଞ ଓସ୍ତାଦ ବଙ୍ଗର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଗୁଜରାଟ ହନସ୍ଥାଙ୍କ ଶିଷ ଟାଣ୍ଡିର ନାନା ଦେଶର...ଭ୍ରମ୍ୟକୁ ମୁଁ ଓ ମାଧ ଯାଇଥିଲୁଁ... ସଙ୍ଗୀତ ସମ୍ମିଳନୀରେ Park Streetରେ ହେଲା ଅଭ୍ୟର୍ଥନା ଓ ତଦୁପଲକ୍ଷେ 'ଜଲ୍‌ସା'... ମାନନୀୟ ରତନଜାନକର ଗାଇଲେ ୧ ଟା ବାଜିବାକୁ ଥାଏ ପାଞ୍ଚ ମିନିଟରେ ଶେଷ କଲେ ୧୦ଟା ପାଞ୍ଚ ମିନିଟରେ ଗୀତ ଯାତୋଟି ଅକ୍ଷର 'ସାରଦା ବଦ୍ୟାଦାଜୀ' ... ଅନ୍ୟ ପଦ୍ୟର ହୋଇନାହିଁ ... କେବଳ ଅଳାପ କେବଳ ତାନ...ସମସ୍ତେ ମନ୍ତ୍ରମୁଗ୍ଧ ସ୍ତମ୍ଭିତ...ଏତଦ୍ଭିନ୍ନ ଅନ୍ୟ ଯେ ହିଅ ଗୁଡ଼ିକ ବା ହେମେନ୍ଦ୍ର ବାବୁ ଯାହା ଗାଇଲେ ତାହାମଧ କି ବଚନ...ଷ୍ଟ୍ରବୁ-ଆଡ଼୍ଁ ଅମେ କେଉଠି...ଅମ ମଗଜ କେତେ ଷ୍ଟ୍ରି କେତେ... ରତନଜାନ୍‌କର ସଙ୍ଗୀତ ସମ୍ରାଟ କହିଲେ ଚଳେ...ତାଙ୍କର ଲୁଗା, ଯାମା, କୋଟ, ଟୋପି ମିଶି ନ ସୁକାର ହୁଏ କ ନା... ବକ୍ତୃତା ମଧ୍ୟରେ କହିଲେ 'ଶିକ୍ଷା ଦେବା ଯୋଗୁଁ ଶିଖିବାକୁ ସମସ୍ତ ପାଉନାହିଁ, ମୋଟେଯୋଗ୍ୟତାର ହାନି ହୋଇଛି'...ଅଥଚ ଅମ ଦେଶରେ ପୁଅ ହାରମାନରେ ଯନ୍ତ୍ରମ୍ କନ୍ତ୍ରମ୍ ଗୀତ ଶଣ୍ଡେ ଗାଇଲାକ୍ଷଣି ସିଦ୍ଧ-ସାମର୍ଥ...ଅଉ ଶିଖିବାର ନାହିଁ, ଶୁଣିବାର ନାହିଁ, ବାପ ମା' ବୋଧ... ସାହି ପଡ଼ିଶା ବୋଧ...ଉଅ ହାକିମ ହୁକୁମା-ଙ୍କର ପ୍ରଶଂସା...ବାଜିଲା ଢୋଲ ବାଇଦ... ଛୁଅକ ଗୁରୁ ଲୁଣ୍ଡ... ବସ୍ କାମ ଫଏର... ଏଣିକି ଉପାଧି 'ଓସ୍ତାଦ୍' । ଭବନ୍ତୁ ବର୍ଣ୍ଣ କର କେତେଜଣ ଓସ୍ତାଦ ଅଛନ୍ତି ଅମ ଦେଶରେ ଗୀତ ଗୋଟାଏ ଧାଡ଼ିକୁ ଅନ୍ତତଃ ମିନିଟ୍ ପାଞ୍ଚ ଖେଳେଇଲେ... ଅମର ବୌଦ୍ଧ ଗୀତ ଅଠ-ଥାଡ଼-ହଦ ୪ ମିନିଟ୍...କାରଣ ସେ ଦେଖନ୍ତି ଗ୍ରାମୋଫୋନ ଗୀତ ଗାଏ ୩ ମିନିଟ । ତହିଁରୁ ଅଧିକ ଯିବାକୁ ହେଲେ ନାନା ଭଙ୍ଗି...ନାନା ପୃଥକ ପୃଥକ ସ୍କୁଲ ପ୍ରୟୋଜନ ... କିନ୍ତୁ ଏସବୁ ଶିଖିବାଲାଗି କଠିନଶ୍ରମ ଲୋଡ଼ା । ପ୍ରବଳ ଅଧ୍ୟବସାୟ ଅବଶ୍ୟକ...କ ପ୍ରୟୋଜନ ଏତେ ଦୁଃଖର ! ଯେତେବେ 'ଘନ ବରକର୍ଣ୍ଣ' ଧ ଧାଡ଼ି ଗଲା ଚମକାଇ ଗାଇଦେଲେ ହପୋଟି କିଲଟର ଓଜନ ବାରଷ୍ଟର ଉଦ୍ୟଶିଷ୍ଟ ସମସ୍ତେ ବୋଧ...କ ପ୍ରୟୋଜନ ଏତେ ଦୁଃଖର ? ଏପର ମଧ ଦେଖିଛି ଯେ ଭଲ ଖେଳର ଗୀତ ସମାଦର ପାଇ ନାହିଁ—ପାଇଲା 'ରେ ଫୁଲ ଚୋଟେ କଏ ଗଚିଛି!'... ଅବଶ୍ୟ କଳା ବଦ୍ୟାର ମର୍ଯ୍ୟାଦା ବୁଝିବାକୁ ସାଧାରଣଙ୍କର କ୍ଷମତା ନ ଥାଏ...କିନ୍ତୁ ଏତେ ଅନଭିଜ୍ଞତା ହାସ୍ୟାସ୍ପଦ ନୁହେ କି? ହୁଏତ ମୋର ଏ କଥା ଗୁଡ଼ିକରେ କାହାର କାହାରଙ୍କୁ ଅସୁଖ ଲାଗି-ପାରେ...କିନ୍ତୁ ମୁଁ କିଛି ବାହୁଲ୍ୟ ଲେଖୁ-ନାହିଁ...ଯାହା ସାର ସତ୍ୟ...ଭୁକ୍ତଭୋଗୀ ପ୍ରତ୍ୟକ୍ଷ ଦର୍ଶୀ ଏହାର ସଂସ୍କାର ଉଦ୍ଦେଶ୍ୟରେ ପ୍ରତିକାର ପାଇଁ କହୁଛି...ଏଥିରେ ଭାବିବାର ଯଥେଷ୍ଟ ଅଛି...

ଅଉ ଗୋଟାଏ କଥା ଅନେକ ପ୍ରାଚୀନ ପ୍ରେମୀଙ୍କୁ ନବ ଯୁଗର ସ୍ୱର ବପର୍ଯ୍ୟସ୍ତ ଚଟ୍ଟଳ ପ୍ରାୟ ଜଣାଯାଏ...ପ୍ରାଚୀନର ଅନାଦର କରୁ ନାହିଁ...କିନ୍ତୁ ଯହିଁଲାଗି ପ୍ରାଚୀନର ଅଦର ପ୍ରୟୋଜନ ତାହା ଯେବେ ନୋହିଲା ସେ ବୃଥା ଗର୍ବରେ ଫଳ କଣ ? ପ୍ରାଚୀନକୁ କୁଣ୍ଢେଇ ଧରିଲେ ଉନ୍ନତିର ଅଶା ଅତି ଅଳ୍ପ.. ଅଉ ଶତଚେଷ୍ଟା କଲେ ମଧ ସ୍ରୋତକୁ ପାହାଡ଼ ଉପରକୁ ଠେଲି ହେବନାହିଁ, ନବୀନ ଜବରଦସ୍ତି ତାର ଅସନ ମାଡ଼ି ନେବ... କାବ୍ୟର ପ୍ରସଙ୍ଗ ବାଦଦେଇ ସଙ୍ଗୀତର ସଂଖ୍ୟା କଥାହେଉ... ରାମ୍ଭ ଭଜନଅବ୍ଦ ପ୍ରାପ୍ତ ସମସ୍ତ ଅଛି ଦାମୋଦର ବାବୁଙ୍କ ସଙ୍ଗୀତ ସାଗରରେ ସେତେ ମୋଟ ପ୍ରାପ୍ତ ୭୦୦, ଅପ୍ରକାଶିତ ଥାଇନ୍ତୁ ୫୦୦; ଗୋପାଳ-କୃଷ୍ଣ, ବନମାଳି, ହାଡବନ୍ଧୁ, ଗୌରହର ସବୁ ଲଗାଇଲେ ମଧ ଦୁଇ ହଜାରରୁ ଅଧିକ ନୁହେଁ... ଏତକରେ କୋଟିଏ ଲୋକର ଗୋଟାଏ ଉନ୍ନତ ଜାତି ବଶାଳ ଭୂଖଣ୍ଡର ପେଟ ପୂର ଯିବ କି ? ସାଗର ସଙ୍ଗୀତ, ପ୍ରକୃତ ବର୍ଣ୍ଣନା ଯୁଦ୍ଧ ଗୀତ, ନାବକ ଗୀତ, ଋତୁ ବର୍ଣ୍ଣନା, ଶିଶୁଖେଳ, ବ୍ରତ ଓଷା ଗୀତ, ସ୍ୱଦେଶୀ ଗୀତ, ହାସ୍ୟ ପରହାସର ଗୀତ, ସମାଜ ସମାଲୋଚ-ନାର ଗୀତ, ଏ ସବୁ ନୂତନ ତଥର ହେବ କାହିଁକି ? ପୁଣି ଚମ୍ପୂ କେତୋଟିକ ବାଦ-ଦେଲେ ଅନ୍ୟାନ୍ୟ ଗୀତ ସବୁ ଓଢ଼ଣି ଇତ୍ୟାଦ ଅଖ୍ୟା ପାଇ ଗୀତ ହୁଏ ତହିଁରେ ଅଧିକାଂଶରେ ଅବେଗ ସଞ୍ଚାରର ବ୍ୟବହାର ନ ଥାଏ... ଚମ୍ପୂ ଗାୟକମାନେ ଅବେଗ ସଞ୍ଚାର ବ୍ୟବହାର ଜାଣି ସ୍ୱରର ସାଧାରଣରେ ଦେଖାଯାଏ ନାହିଁ—ଏ ସମସ୍ତ ସଙ୍ଗୀତ ଜଗତରେ ସ୍ରାଷଣ ତ୍ରୁଟି ବୋଲି ଧରିବାକୁ ହେବ—କିନ୍ତୁ ଏଥିକ ପ୍ରତିକାର କଣ ?

ଶୁଦ୍ଧ ମାର୍ଗ ସଙ୍ଗୀତର ପ୍ରଚାର ଯଥେଷ୍ଟ ପରିମାଣରେ ନୋହିଲାଯାଏ...ଅମର ଏ ଅଭାବ ସମସ୍ତ ଦୂର ହେବାର ଅଶା କଳ୍ପନା ...ଓ ଅମ୍ଭେମାନେ ବସ୍ତୁତଃ ଭାରତୀୟ ସଙ୍ଗୀତ ଅସନରେ ସ୍ଥାନ ପାଇ ପାରୁ ନାହିଁ,, ଅମେ ଦରିଦ୍ର...ଅମ ଦେଶରେ ଏପର ଧନିକ ନାହାନ୍ତି ଯେଉଁମାନେ ଦେଶ ବଦେଶରୁ ଓସ୍ତାଦ ଅଣାଇ ପ୍ରତିପାଳନ କରି ପାରିବେ ଓ ସାହି ପଡ଼ିଶାଙ୍କୁ ଶିକ୍ଷା ଦିଅଇବେ...ପୁଣି ଅମର ଅବସ୍ଥା ଏପର ନୁହେଁ ଯେ ଅମେ ନିଜେ ନିଜର ବ୍ୟୟରେ ଦେଶବଦେଶବୁଲି ଶିକ୍ଷା ପାଇପାରୁ ...କିନ୍ତୁ ଅମର ସୌଭାଗ୍ୟ ଯେ ଏ ବିଷୟରେ ଶିକ୍ଷିତ ସାଧାରଣଙ୍କର ଦୃଷ୍ଟି ପଡ଼ିଛି । କଟକରେ ପୁରୀରେ ଓ ଯାଜପୁରରେ ଶିକ୍ଷା ସଦନ ମାନ ପ୍ରତିଷ୍ଠିତ ହେଲାଣି...ଶିକ୍ଷାର୍ଥିଙ୍କର ଅଭାବ ଅଛି ଏହା ମଧ କହି ହେବନାହିଁ...ପ୍ରତକ୍ଷ ଦେଖୁଛୁ ଗ୍ରାମେ ଗ୍ରାମେ ସହର ମଫସଲର ସର୍ବତ୍ର ଯାତ୍ରା ଦଳ ମାନ ଅଛନ୍ତି...ସେ ଗୁଡ଼ିକ କୃଷିଜୀବୀ ପଲ୍ଲୀବାସୀଙ୍କର ଅଣଷ୍ଟିର ମଣ୍ଡପ...ସେମାନଙ୍କର ଥିଏଟର ବାୟସ୍କୋପ ଖବରକାଗଜ ସଭ୍ରସମିତି

(୧୬ ପୃଷ୍ଠାର ଶେଷ ଦେଖନ୍ତୁ)

Digitized by srujanika@gmail.com

( ୪ ପୃଷ୍ଠା ଉତ୍ତାରୁ )

ପାଇଛି । ମାମୁଁ ଯେତେବେଳେ ଆସନ୍ତି ଭଣଜା ଭଣିଜୀଙ୍କ ପାଇଁ ଲୁଗା, କଣ୍ଢେଇ, ମିଠେଇ ନେଇ ଆସନ୍ତି । ଯେ କେତେ ଦିନ ଏଠାରେ ସେ ରହନ୍ତି ସ୍ନେହରେ ଘେରି ରଖନ୍ତି ତାଙ୍କର ଭଣଜା ଭଣିଜୀଙ୍କି । କିନ୍ତୁ ବୀଣା ତାଙ୍କୁ ସବୁଦିନ ଡ଼ରେ । କେଜାଣି କାହିଁକି, ଯେତେ ଆଦରକରି ଡାକିଲେ ମଧ୍ୟ ମାମୁଁର ଖୁବ୍‌ପାଖକୁ ବୀଣା କେବେ ଭରସେଇ ଯାଇନାହିଁ । ଆଜି ତାର ମନଟା ସଙ୍ଗୀହରା, ବେଦନା ଭରା ଥିବାରୁ ତାର ଏକମାତ୍ର ଆତ୍ମୀୟକୁ ବୀଣା ଶୋକର ଆବେଗରେ କୁଣ୍ଢେଇ ଧରିଲା । ମାମୁଁ ନାନା ମିଷ୍ଟ ଆଶ୍ୱାସନାରେ ବୀଣାର ବେଦନା ଲଘବ କରିବାକୁ ଚେଷ୍ଟା କଲେ । ବହୁ କଷ୍ଟରେ କୃତକାର୍ଯ୍ୟ ହେଲେ ମଧ୍ୟ ।

ମାମୁଁ ଆସି ପହଞ୍ଚିଥିଲା ବେଳକୁ ରାତ ପ୍ରାୟ ଘଣ୍ଟାଏ ହେବ । ବୀଣାର ମନଟା ଟିକେ ଥୟ ଧରିବାରୁ ମାମୁଁର ଭୋଜନାନ୍ତେ ପାନ ଦେବାକୁ ଆସି ପଚାରିଲେ "ମାମୁଁ ତୁମେ ଏତେ ରାତିରେ କୁଆଡ଼େ ଆସିଲ ?"

ମାମୁଁ ଉତ୍ତର କଲେ "ସକାଳେ କହିବି । ମୁଁ ବଡ଼ କ୍ଳାନ୍ତ-ବାଟ ଚାଲି ଥକି ପଡିଛି ।—ନିଦ ବି ଝାଙ୍କୁଛି ।"

ବୀଣା ଆଉ ବିରକ୍ତ ନକରି ଶୋଇବାକୁ ଦାସୀ ସହିତ ଚାଲିଗଲା । ପରଦିନ ପ୍ରଭାତରେ ମାମୁଁର ପ୍ରାତଃକୃତ୍ୟ ଶେଷହେଲା ପରେ ମାମୁଁ ଭଣିଜୀ କଥାବାର୍ତ୍ତା ହେବାକୁ ବସିଲେ । ମାମୁଁ ତାଙ୍କର ଆସିବା ଉଦ୍ଦେଶ୍ୟ ଜଣାଇଲେ ।

ବୀଣା ଶୁଣିଲା ତାର ଭ୍ରାତାର ରହିବାର ଠିକଣା ନାହିଁ । ଆଜି ଦିନଟା କଟେଇବା ନାହିଁ । ତାକୁ ପୁଣି କଟକରୁ ବଡ଼ ସାହେବ ଡାକ୍ତରଙ୍କର ଚିକିତ୍ସାପାଇଁ ଅଣାହୋଇଛି । ନାଏବବାବୁ ମଧ୍ୟ ସେହିଠାରେ ଅଛନ୍ତି । ଭାଇର ଭଉଣୀକି ଥରେ ଦେଖିବାର ଇଚ୍ଛା ।

ବୀଣା ମୁଣ୍ଡରେ ବଜ୍ର ପଡିଲା ! ବାପା ଯାଇଛନ୍ତି, ଭାଇ ବି ଯିବା ଉପରେ ! ! ଆଉ କଣ ତାର ଠିକଣା ରହିଲା ! ପୂର୍ବାପର ବିଚାର କରିବାର କ୍ଷମତା ଲୋପ ପାଇଲା ! ପାଗଳିନୀପରି ସେହି ମୂହୂର୍ତ୍ତରେ ଦାସୀକୁ ପାଲଙ୍କି ଅଣାଇବାର ବନ୍ଦୋବସ୍ତ କରି ସେହିପରି ଅଧିଆ, ଅଗାଧୁଆ ମାମୁଁ ସହିତ କଟକ ବାହାରି ଗଲା । ସେହି କଦାକାର ଚୁଲିଚଟା ସାମାନ୍ୟ ବାଧା ଦେଇଥିଲା । ମାମୁଁ ବାବୁଙ୍କର ଏକାଡୋଡ଼ରେ ଅଣ୍ଡା ହୋଇ ମୁଣ୍ଡ କୁଣ୍ଡାଇ କୁଣ୍ଡାଇ ଚୁପି ହୋଇ ରହିଗଲା ।

୬

ପୂର୍ବବର୍ଣ୍ଣିତ ଘଟଣାମାନ ଘଟିଲେ ପ୍ରାୟ ଦୁଇମାସ ଅତୀତ ହୋଇଯାଇଛି । ଉଦ୍ଦେଶ୍ୟହୀନ ଜନସମ୍ପର୍କର ଅଙ୍କୁରିତ ଘରେ ପରିଶ୍ରମ କରି ମଧ୍ୟ କିଛି କରି ପାରି ନାହାନ୍ତି । ନାଏବ ବାବୁଙ୍କର ଭାତୁଷ୍ପୁତ୍ର ନରୋତ୍ତମ ଦାସ କବିରାଜଙ୍କର ଚିକିତ୍ସାଳୟରେ ଶରନିଦ୍ରା ଲାଭକରି ଅଛନ୍ତି । ଭ୍ରାତୁଷ୍ପୁତ୍ରୀ ମଧ୍ୟ ସେହିଦିନୁ ମେ ମାତୁଳାଳୟକୁ ଯାଇଛନ୍ତି ଆଉ ଫେରିନାହାନ୍ତି । ନାଏବବାବୁ ଯେତେ କର୍ମଚାରୀ, ପିଅଦା ଏଣେ ତେଣେ ପଠାଇଲେ ମଧ୍ୟ ସନ୍ଧାନ ମିଳିଲା ନାହିଁ । ଅବଶେଷରେ ଥାନାରେ ଡାଏରି ଲେଖାଇ ଆସି ସରକାରଙ୍କର ଉପରେ ଭ୍ରାତୁଷ୍ପୁତ୍ରୀର ଅନୁସନ୍ଧାନର ଭାର ଦେଇ ନାଏବ ସୁସ୍ଥିର ହୋଇଛନ୍ତି ।

ନାଏବ ବାବୁଙ୍କର ସୁବୃହତ୍ ବାସଗୃହ ଆପଣା ଲୋକର ଅଭାବରେ ସବୁବେଳେ ଖାଁ ଖାଁ ହୋଇ ଖାଇ ଗୋଡ଼ାଉଛି । ଗ୍ରାମବାସୀ ଓ ବନ୍ଧୁ ବାନ୍ଧବଙ୍କର ଅନୁରୋଧାତିଶଯ୍ୟରେ ପ୍ରାୟ ୪୦ବର୍ଷ ବୟସରେ ନାଏବବାବୁ ବିବାହ କଲେ । ମହା ମହୋତ୍ସବରେ ବାଲେଶ୍ୱରର ଜଣେ ଜମିଦାରଙ୍କର ଏକମାତ୍ର କନ୍ୟା ସହିତ ପ୍ରୌଢ଼ ନାଏବଙ୍କର ଶୁଭ ବିବାହ ଗତ ମାସରେ ସମ୍ପନ୍ନ ହୋଇ ଯାଇଛି । ବିବାହୋତ୍ସବରେ ନାଏବଙ୍କର ବନ୍ଧୁ ନରୋତ୍ତମ ଦାସ କବିରାଜ ଓ ତାଙ୍କର ଗୁଣବତୀ ପତ୍ନୀ ମଧ୍ୟ ନିମନ୍ତ୍ରିତ ହୋଇ ଆସିଥିଲେ, କିନ୍ତୁ ଠିକ୍ ବିବାହର ପରଦିନ ହଠାତ୍ ଅତି ପ୍ରତ୍ୟୁଷରୁ କାହିଁକି ବାହାରି ଗଲେ । ନାଏବବାବୁ ସେତେବେଳେ ନାନା କାର୍ଯ୍ୟରେ ବ୍ୟସ୍ତଥାଇ ମଧ୍ୟ ବହୁତ ବାଟ କବିରାଜଙ୍କର ସଙ୍ଗେ ସଙ୍ଗେ ଯାଇଥିଲେ । ଲୋକେ କହନ୍ତି ବାଟରେ ତୁଣ୍ଡହେଲା ପରି ଜଣା ପଡ଼ିଥିଲା ।

ନିଜର ରୋଜଗାର, ତାହା ସହିତ ନାଏବଙ୍କର ଜ୍ୟେଷ୍ଠ ଭ୍ରାତାଙ୍କର ସଞ୍ଚିତ ଧନରେ ୪ । ୫ ଟା ସିନ୍ଦୁକ ପୂର୍ଣ୍ଣ ହେବାର କଥା । ଖୁବ୍ ଗୋପନରେ ଗ୍ରାମବାସୀମାନେ ସମୟ ସମୟରେ ଭଗବତ ଟୁଙ୍ଗୀରେ କଥୋପକଥନ କରି ଥାନ୍ତି । ଆହୁରି ମଧ୍ୟ ନାଏବଙ୍କର ଜ୍ୟେଷ୍ଠ ତାଙ୍କର ସ୍ଥାବର ଅସ୍ଥାବର ସମସ୍ତ ସମ୍ପତ୍ତି ତାଙ୍କର ପୁତ୍ର ଓ କନ୍ୟା ନାମରେ ଉଇଲ କରି ଯାଇଥିବାର କଥା ମଧ୍ୟ ସେଠାକାର ଅନେକ ପୁରୁଣାଲୋକ କହନ୍ତି । ଉଇଲର ସାକ୍ଷୀ ଥିଲେ ମଞ୍ଜୁରୀ ଗ୍ରାମର ଦୁଇଜଣ ଲୋକ ଏବଂ ନାଏବ ସ୍ୱୟଂ । ସେ ଦୁଇଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନ୍ୟଜଣେ ଆଜକୁ ଦୁଇବର୍ଷ ହେବ କେଉଁଆଡ଼େ ଯେ ଚାଲି ଯାଇଛନ୍ତି ତାର ସମ୍ବାଦ ନାହିଁ । ତାଙ୍କ ଭିଟା ଉପରେ ବର୍ତ୍ତମାନ ନାଏବଙ୍କର ବୃହତ ଗୁହାଳ ଘର ଠିଆ ହୋଇଛି । ଗୁହାଳ ଘରଆଡ଼େ ଗହଳ ବାଉଁସ ବଣ । ସେହି ବାଉଁସବଣ ଭିତରେ ଦକ୍ଷିଣକୁ ବଙ୍କାଇଏ ପୁରୁଣା କୋଠାଅଛି, ସେଇଟାରେ ପ୍ରାୟ ସବୁବେଳେ କୁଞ୍ଚି ପଡିଥାଏ । ସମୟେ ସମୟେ ମଧ୍ୟରାତ୍ରରେ ସେ ଘର ମଧ୍ୟରୁ କ୍ଷୀଣ

Digitized by srujanika@gmail.com

ଆଲୋକ-ରଶ୍ମି ଦୃଶ୍ୟକୁ ପଛ ଦେଇ ପଥିକ ମନରେ ଭୀତି ଉତ୍ପାଦନ କରାଏ ! ଏ ଘର ସମ୍ବନ୍ଧରେ ଅନେକ ଭୌତିକ ରହସ୍ୟର ଅଦ୍ଭୁତ କଥାମାନ ଗ୍ରାମବାସୀମାନେ ସଭୟରେ ଉଚ୍ଚାରଣ କରନ୍ତି । କିନ୍ତୁ ତାର ସତ୍ୟାସତ୍ୟ ନିରୂପଣ କରିବାର କଥା ଅଦ୍ୟାବଧି ଠିକ ଜଣା ନାହିଁ ।

ବିବାହ ହେବାର ଅଳ୍ପଦିନ ପରେ ନାଏବବାବୁ ପରର ଚାକିରୀରୁ ଫୁରସତ ନେଇ ନିଜର ସମ୍ପତ୍ତି ଦେଖିବାକୁ ମନଯୋଗୀ ହେଲେ । ତାଙ୍କର ନିଜର ସମ୍ପତ୍ତି ଦେଖିବାକୁ ଲୋକ ନାହିଁ ସେ ବା କାହିଁକି ପରର ଗୋଲାମୀ କରିବେ । ପୁଣି ଏତେ ଦିନ ସେ ଏକା ଥିଲେ, ବର୍ତ୍ତମାନ ନବ ବିବାହିତ ପତ୍ନୀଙ୍କୁ ଛାଡ଼ି ପରର ଦାସତ୍ୱ ସୂତ୍ରରେ ଏତେ ଦୂର ବିଦେଶ ବୁଲିବାର ତାଙ୍କର ଆଉ ସୁବିଧା ହେଲନାହିଁ । ଭଗବାନଙ୍କ ଅଜ୍ଞାତ କେହି ନାହିଁ— ସମ୍ପତ୍ତି ହେଲା ନାଏବଙ୍କର ନିଜର; ତାହା ତତ୍ତ୍ୱାବଧାନ କରିବାରେ ତାଙ୍କର ତ' ଆଗ୍ରହ ହେବାର କଥା— କର୍ତ୍ତବ୍ୟ ମଧ୍ୟ !

ଏଥିପୂର୍ବରୁ ଅର୍ଥାତ୍ ବିବାହ ପୂର୍ବରୁ ନାଏବବାବୁଙ୍କ ଚରିତ୍ର, ଅଶୁଭ ବ୍ୟବହାର ସମ୍ବନ୍ଧରେ ଅନେକ ଭୟାନକ କଥା ଶୁଣା ଯାଉଥିଲା । ସେହି ଅଜ୍ଞାତ ସମୟରେ ଗ୍ରାମରେ ନାଏବବାବୁ ଥିବା ସମୟରେ ଗ୍ରାମର କୌଣସି ଭଦ୍ରବ୍ୟକ୍ତି ତାଙ୍କ ସହିତ ସାମାନ୍ୟ ବାକ୍ୟାଳାପ କରିବାକୁ ମଧ୍ୟ ସର୍ବଦା ସଙ୍କୁଚିତ ହୁଅନ୍ତି । ବର୍ତ୍ତମାନ ସେହି ନାଏବବାବୁ ସମ୍ପୂର୍ଣ୍ଣ ବଦଳି ଯାଇଛନ୍ତି । ବରଂ ଏଣିକି ନାଏବବାବୁ ଗ୍ରାମବାସୀଙ୍କର ପ୍ରତ୍ୟେକ ସୁଖ, ଦୁଃଖରେ ଯୋଗ ଦେବାକୁ ଅନନ୍ୟ ଆଗ୍ରହାନ୍ୱିତ । ଅଳ୍ପଦିନ ମଧ୍ୟରେ ଗ୍ରାମର ନାନା ସତ୍କାର୍ଯ୍ୟରେ ସେ ଅଗ୍ରଣୀ ହୋଇ ଗ୍ରାମବାସୀଙ୍କର ବଡ଼ ପ୍ରଶଂସାର ପାତ୍ର ହୋଇ ପଡ଼ିଛନ୍ତି ।

ଏଣେ ଗୋଟାଏ ବଡ଼ ଆଶ୍ଚର୍ଯ୍ୟର କଥା ଯେ ବିବାହର ପରଦିନଠାରୁ ସେହି ଗୃହାଳୟର ସଂଲଗ୍ନ ବାଉଁଶ ବଣର ପୁରୁଣା କୋଠା ମଧ୍ୟରୁ ଆଉ ଭୌତିକ ଆଲୋକର କ୍ଷୀଣ ରଶ୍ମି ବାହାରି ଦୂରପଥଗାମୀ ପଥିକମାନଙ୍କୁ ଭୟ ଦେଖାଏ ନାହିଁ । ଏପରି ସବୁ ଅଦ୍ଭୁତ ପରିବର୍ତ୍ତନର କାରଣ ଗ୍ରାମବାସୀମାନେ ଲକ୍ଷ୍ମୀ-ଶ୍ରୀ ବିଶିଷ୍ଟ ସାଧ୍ୱୀ ନାଏବପତ୍ନୀଙ୍କଠାରେ ନିରୂପିତ କରନ୍ତି । ପ୍ରକୃତରେ ନାଏବଙ୍କର ନୂତନ ସହଧର୍ମିଣୀ ରୂପ ଗୁଣରେ ଅତୁଳନୀୟା ବୋଲି ଗ୍ରାମ୍ୟ ରୂପସୀମାନେ କହିବାର ଶୁଣାଯାଏ ।

ବିବାହପରେ ପ୍ରାୟ ଏକମାସ କଟିଯାଇଛି । ଦିନେ ନାଏବବାବୁ ତାଙ୍କ ଦାଣ୍ଡଘରେ ବସି ଗ୍ରାମର କେତେକ ମୁଖିଆ ମୁଖିଆ ଲୋକମାନଙ୍କ ସହିତ ପରାମର୍ଶ କରୁଥିଲେ ଯେ ଗ୍ରାମରେ 'ମାଇନର ସ୍କୁଲ' ବସାଇବେ ଓ ଜଣେ କବିରାଜ ବା ହୋମିଓପାଥିକ ଡାକ୍ତର ଜଣେ ଆଣିଇ ଅଳ୍ପ ପଇସାରେ ଗୋଟିଏ ଦାତବ୍ୟ ଚିକିତ୍ସାଳୟ ଖୋଲାଇବେ; ଏପରି ସମୟରେ ଡାକପିଅନ ନାଏବଙ୍କ ହାତରେ ଖଣ୍ଡେ ରେଜେଷ୍ଟ୍ରୀ-ଚିଠି ଦେଇଗଲା । କଥା କହୁଁ କହୁଁ ନାଏବବାବୁ ଚିଠି ଫିଟାଇ ପଢ଼ୁଥିଲେ— ହଠାତ୍ ତାଙ୍କ ମୁହଁ ଗ୍ଳାନ ହୋଇ ଉଠିଲା । କାଳେ କିଏ ସେପରି ପରିବର୍ତ୍ତନ ଲକ୍ଷ୍ୟକରି କିଛି ମନେ କରିବ ଏହା ଭାବି ତତ୍‌କ୍ଷଣାତ୍ ନାଏବବାବୁ ସେ ଭାବକୁ ଢାଙ୍କିଦେଲେ ଅନ୍ୟାନ୍ୟ ନାନା କଥାରେ । କିନ୍ତୁ କାହିଁକି ସେ ପତ୍ରଟା ପାଇଲା ବେଳୁଁ ନାଏବବାବୁଙ୍କର ମୁଖ କଥା କହୁଥିଲେ ସୁଦ୍ଧା ମନଟା ପ୍ରାଣକୁ ନଛୁଇଁଲା ଭଳି ଜଣା ପଡ଼ୁଥିଲା । ସେତେବେଳକୁ ବେଳମଧ୍ୟ ବହୁତ ହୋଇ ଯାଇଥିଲା । ନାଏବବାବୁ ବାହ୍ୟିକ ଭଦ୍ରତା ସହିତ ସେ ଦିନର ପ୍ରସଙ୍ଗ ସେଇଠାରେ ବନ୍ଦ କରିବାର ଇଚ୍ଛା ଜଣାଇ ବନ୍ଧୁମାନଙ୍କୁ ବିଦାୟ ଦେଲେ ।

ଗ୍ରାମଛାଡ଼ି କିଛିଦିନପାଇଁ ବିଦେଶ ଯିବାର ଅତ୍ୟନ୍ତ ଅବଶ୍ୟକ ଥିବାର କଥା ବନ୍ଧୁମାନଙ୍କୁ କହି ସେମାନଙ୍କ ନିକଟରୁ ଛୁଟିନେଇ ସେହି ରାତ୍ରରେ ନାଏବବାବୁ ଗ୍ରାମ ପରିତ୍ୟାଗ କଲେ ।

(କ୍ରମଶଃ)

## ଭୋଟ ଅଫ୍‌ଶୋଷ (ଦ୍ୱିତୀୟ ପର୍ବ)

ହାୟରେ ହାୟ ଏ କି ହେଲା ଏ କି ଦୁଃଦଶା,
କେନାହଲେ ବା'କ ହୋଇ ଥାନ୍ତା ହାୟରେ କର୍ମଦଶା !
ସିଏ ତ ବଲ ମୂଳରୁ ଯଦି ହୋଇଥାନ୍ତା ନାସ୍ତି,
Tantalise କରିବାଟା ବହୁତ ବିଷମ ଶାସ୍ତି ।

ଅଢ଼େଇ ବରୁ ଖାଇଲା ଯୋଡ଼ ହେବାରୁ ବୁଢ଼ା ଗାନ୍ଧି,
କଥା ପଦକେ କଥା ଦେଲା ଅଡ଼ୁଥ ପଦା ଫାନ୍ଦ ।
ମୁଣ୍ଡ କଣ୍ଢା କହିଲୁ ଅଣା ବାନ୍ଧକୁଁ ମୁଣ୍ଡେ ଥାଟୀ,
ଏ ପାଇଁ କେତେ ନଷ୍ଟ ମୋଢ଼ା ହଲିଲ କେତେ ଦାଢ଼ି ।
ନଷିଲ ନଖ, ଦାଢି ଏକା ଗଲେ ପଚର ଫାଣ୍ଟ,
କୃଷକ ନଗର ଦେନ ଗୁଳିକେ ବେଶର ବାଣ୍ଟ ।
ଏତେ ଜାଲିଆ କଃଡଣା ହୋଇଲା ସବୁ ମାଟି;
ମଃହନ୍ଦ କୋଠା ଭଡ଼ା, ମଠର କଣିବା କଥା,
ହାକିମଗିରି, ଦେଶ ଉଦ୍ଧାର, ସବୁ ହେଲା ବୃଥା ।
ମାସକୁ ମାସ ହଜାର ଟଙ୍କା, ଅଧିକ ଅଛି T. A.
ସ୍ପେସିଆଲ କେରେଜ, ଗାର୍ଡ଼ନପାର୍ଟି ସହଜେ ଯାଏ କିଏ ।

ପୁଲିସ ଆଉ ହାକିମଙ୍କର ସଲାମ୍ ରିସେପ୍‌ସନ,
କାହାର ଭାଗ୍ୟେ ଦୁନିଆଁରେ ମିଳେ ଘନ ଘନ ?
ବ୍ୟର୍ଥ ହେଲା ପଇସା ଖରଚ ବ୍ୟର୍ଥ ଚେଷ୍ଟା ଲଢ଼ା,
ଷିଣ୍ଡି ଅମାଲୁ ଖାଇଁ ଖାଇଁ ନିଇଗଲା ଆସି ଗଢ଼ା ।
କିନାଥ ଗୋସେଇଁ କହିଥିଲେ ଧାଲ ପାର,
ମାଢ଼ ଆସି ବଢ଼ା ଭାତ ମଙ୍କିଲୁ ନେଲେ ମାରୁ ।
ମିଳା ମିଶି ହେବ ବୋଲି କରିଲି ଗୁଣ୍ଡି ଗୁଣ୍ଡି,
ଆଖିରୁ ଆସି ପାଣି ମଳ—କାନୁ,—କଣ,—କାହିଁ—

( ତୃତୀୟ ପର୍ବ ପାଇଁ ଅପେକ୍ଷା କରନ୍ତୁ )

Digitized by srujanika@gmail.com



# ନାଗବଚା ଦଳ

ମୋ ଦେଶର ନାଗଛୁଆମାନେ,

ଅଜଯାଏ ତମ ଭିତରୁ କେହି ଆମ ଦଳରେ ମିଶି ନାହଁ। ତମେ ମିଶିବ ମୁଁ ଜାଣେ। ଆଉ ମିଶିଲେ ତମେ ବହୁତ କାମ କରି ପାରିବ। ଚୁଆପାପ ହେଲା ବୋଲି କ'ଣ ତାର ବଳ ନାହିଁ ? ଅଛି। ତା ବଳ ସେ ଅଢ଼ାଇ ଅଙ୍ଗୁଳ୍। ତା' ବଳକୁ ଗଦ ନାହିଁ ବା ପଦ ନାହିଁ। ତମେ ଥରେ ତମ କଲମଭିଡ଼ା ଦେଖେଇ ଦିଅ। ତମେ ସମସ୍ତେ ଗୋଠବାନ୍ଧି ଆମ ଦେଶରେ ଗୋଟେ ନୂଆ କଥା କର। ତମେ ଏ ଗୋଠରେ ମିଶିବାପାଇଁ ଯେଉଁ ଅଣେ ଅଣେ ପଇସା ଦେବ ତାକୁ କେମିତି ଖରଚ କରିବା ଜାଣ ? ତମ ଭିତରୁ ଯେ ଭଲ ଗପ କି କବିତା ଲେଖିବ, ଯିଏ ଭଲ ଛବି କାଟିବ ତାକୁ ସେଇ ପଇସାରୁ ପୁରସ୍କାର ଦିଆଯିବ। ତା ଛବି ଏଥିରେ ବାହାରିବ। ନାଗବଚା ଦଳରେ ଯିଏ ଭଲ ଗୀତ ଗାଇ ନାମ କରିବ, ଯିଏ ଭଲ ଫୁଟବଲ ଖେଳ ନାମ କରିବ, ଯିଏ ଭଲ ଘୋଡ଼ା ଚଢ଼ି ଜାଣିବ, ଯିଏ ଭଲ ଦୌଡ଼ି ଜାଣିବ, ପହଁରି ଜାଣିବ ତାକୁ ମୁଁ ଅଲଗା ଉତ୍ସାହ ଦେବି। ସେ ଯେପରି ଖୁବ୍ ବଡ଼ ହେବ ତାକୁ ବାଟ ବତାଇ ଦେବି। ତମେ ଅଜଯାଏଁ କେହି ଏ ଦଳରେ ମିଶିନାହଁ। ବଡ଼ ଦୁଃଖର କଥା। ଆଶାକରେଁ ଶୀଘ୍ର ତମେସବୁ ଗ୍ରାହକ ହେବ।

ହଁ, ଅଜ ତମକୁ ସାଇକଲ ବତୀରେ କେମିତି ଧୂଆଁ ନ ଉଠିବ ତାର ବାଟ ବତାଇ ଦେବାକୁ କହୁଥିଲି। ତମେ ଜାଣ ରାତିରେ ସାଇକଲ ଚଢ଼ି ଯାଉଁ ଯାଉଁ ବତୀରେ ଧୂଆଁ ହେଇ କି ବିରକ୍ତ କରେ। କେବେ କେବେ ଲିଭିଯାଏ। ସେତେ. ଉପାଧ୍ୟ କଲେ ସେ ନ ଶୁଣେ। କିନ୍ତୁ ମୁଁ ଅଜ ଯେଉଁ ବାଟ କହୁଛି ସେଥିରେ ସେ ନିଶ୍ଚେ ସାଇକଲ ବତୀ ବିନା ଧୂଆଁରେ ଜଳାଇ ଚାଲିଯିବ।

ପ୍ରଥମେ ବଳତାକୁ କଟି ଏ ଟେକ ଦିଅ। କଇଁଚ ଅଣି ତାକୁ 'V' ଧରଣରେ କାଟିଦିଅ। ଠିକ ମଝି ମଝି ଭାଗରେ ତା'ର ଉଚ୍ଚତା ରହିବ ଓ ଧୀରେ ଧୀରେ ଦୁଇ ପାଖକୁ ଉଠିଯିବ। ବତୀର ଉଚ୍ଚତା ଯେତେ ବତୀଟା ଉପରକୁ ରହିବ ତାର ଅଧା। ସେହି ଅନୁପାତରେ କାଟ କିରାସିନ ନଦିଅ ତେଲ ମିଶାଇ ଲଣ୍ଠନ ଚାଳିଲେ ଆଉ ଧୂଆଁ ଉଠିବ ନାହିଁ।

ତମର
ପ୍ରିୟ ଅଜା

## କିପରି ବଡ଼ ମଣିଷ ହୁବ ?

୧। ତମ ଭିତରୁ ଯିଏ, ସିନେମାଷ୍ଟାର, କବି, ଚିତ୍ରକର, ଟାଇପିଷ୍ଟ, ଭଲ ଘରଣୀ, ନର୍ସ, ଯାଦୁକର ହେବାକୁ ଇଚ୍ଛା କର ସେମାନଙ୍କର ପରିଷ୍କାର ପରିଚ୍ଛନ୍ନତା ଉପରେ ସବୁବେଳେ ବିଶେଷ ଦୃଷ୍ଟି ଦେବା ଉଚିତ। ମନ ସବୁବେଳେ ଖୋଲାସା ରଖିବ। ଏକ ସମୟରେ ଅନେକ ଗୁଡ଼ାଏ କଥା ଭାବି ମନକୁ ଅସ୍ଥିର କରିଦେବ ନାହିଁ। କପଟ ଲୋକକୁ ସବୁବେଳେ ଘୃଣା କରିବ। ଦୁଃଖୀ ଲୋକଙ୍କୁ ଦୟା କରିବ।

୨। ଯିଏ ରାଜକୁମାର, କମ୍ପାନୀ ମ୍ୟାନେଜର, ପୋଲିସ, ହାକିମ, ଶିକ୍ଷକ ହେବାକୁ ଇଚ୍ଛା କରନ୍ତି, ସେ ବଡ଼ କ୍ଷମତାପ୍ରିୟ। କ୍ଷମତା ଲୋଭ ନିଜକୁ ଶକ୍ତିଶାଳୀ କରି ପକାଏ। ସେଥିପାଇଁ ସେପରି ବ୍ୟକ୍ତିମାନେ ନିଜକୁ ବଡ଼ ଶକ୍ତିଶାଳୀ ବୋଲି ବାହାନା କରିଥାନ୍ତି।

୩। ଯେଉଁମାନେ ଖେଳାଳି, ଘୋଡ଼ସବାର, ଯୋଦ୍ଧା, ଜାହାଜ ଚାଳକ ଭ୍ରମଣକାରୀ, ବା ଦାୟିତ୍ୱପଦରୁ ହେବାକୁ ଚାହାନ୍ତି ସେମାନେ, ଜୀବନଟା ହାହାକାରମୟ, ଜୀବନରେ କିଛି କରି ପାରିଲି ନାହିଁ, ଏ ଜୀବନକୁ ରଖିବିନାହିଁ, ଏଭଳି ଭାବନା ମନକୁ ଆଣିବେ ନାହିଁ।

୪ ଯେଉଁମାନେ ଅଫିସର, ଦୋକାନୀ, ବୈଜ୍ଞାନିକ, ଡାକ୍ତର, ରାଜନୀତିଜ୍ଞ ହେବ, ସେ ସବୁବେଳେ ମସ୍ତିଷ୍କ ଚାଳନା କରିବା ଉଚିତ। ସେମାନେ ଖୁବ୍ ବିଚକ୍ଷଣ ହେବା ଦରକାର। କଠିନ ଅଙ୍କକୁ ଉତ୍ତର କରିବା, ଅଦ୍ଭୁତ ପ୍ରଶ୍ନକୁ ଖୋଲିବା, ଆକାଶରେ ତାରା ଗଣିବା, ଏକ ପାଖରୁ ହଜାରେ ଯାଏ ଅଙ୍କ ପ୍ରତିଦିନ ଅଭ୍ୟାସ କରି ଲେଖିବା ପ୍ରଭୃତି ଯେଉଁ କାମରେ ମନଯୋଗ ବିଶେଷ ଲୋଡ଼ା, ସେଇସବୁ କାମ କରିବାକୁ ଚେଷ୍ଟା କରିବ।

---

ଲୁଚୁଲୁଚୁ :—

ଶିକ୍ଷକ—ଓୟେଷ୍ଟିନ୍ କେଉଁଠି ?

ଛାତ୍ର—ସ୍ୱର୍ଗରେ। ... ...

ଗୁରୁ—ଯାହା କରିବ ପ୍ରାଣ ଦେଇ କରିବ।

ଶିଷ୍ୟ—ତାହେଲେତ ତାର ଫଳଭୋଗ କରି ପାରିବ ନାହିଁ।

ଦାନକଲେ ପାପରୁ ମୁକ୍ତି ମିଳେ। ତେବେ ହାକିମ ହୁକୁମାଙ୍କୁ ଘୋଷ ଦେବାଟା ଦାନ ଭିତରେ ଗଣା ନହେବ କାହିଁକି ? ...

ଗୋଟିଏ କମ୍ପାନୀର ଏଜେଣ୍ଟ କୌଣସି ଭଦ୍ରଲୋକଙ୍କୁ ଭିଜିଟିଂ କାର୍ଡ ଦଉଁ ଦଉଁ ଭିତରେ ତାର ଫ୍ରେମିକାର ଫଟୋ ଦେଇ କହିଲା—ମୁଁ ଏହି କମ୍ପାନୀ ଅଧୀନରେ ଚାକିରି କରେଁ।

ଭଦ୍ରଲୋକ ତାହା ତାକୁ ଫେରାଇଦେଇ କହିଲେ— ମୋର ବିଶ୍ୱାସ ତମେ ତାକୁ କେବେ ସପ୍ଲାଏ କରି ପାରିବ ନାହିଁ।

Digitized by srujanika@gmail.com

ମ୍ପୃଷ୍ଠା ଉତ୍ତାରୁ

"ଯୁ—ବ—କ ।" ସ୍ୱରଟା ଶୁଣି ଚହଲି ଗଲି । ବାପାଙ୍କ ଇମିତ କେବେ ମୋତେ ଡାକନ୍ତି ନାହିଁ ! ଡର ଡର ହୋଇ ଗଲି । ଯାଇ ଦେଖିଲି ବାପା ଓ ବେଣୁବାବୁ ଦୁହେଁ ବସିଛନ୍ତି, ଦୁହିଁଙ୍କ ମୁହଁ ହାଣ୍ଡିପରି । ମୁଁ ଯାଇ ଧୀରେ ଧୀରେ ଛିଡ଼ା ହେଲି । କ୍ଷଣକ ପରେ ବାପା ମୋ ଅଡ଼କୁ ଚାହିଁ ଦେଇ କହିଲେ "ଇଏ ହିଁରୁ ଜଣ—କୁଳ ଚନ୍ଦ୍ରମା !" ମୁଁ ତ କାଠ ! କଣ ହେଲା ଏ ? ବାପା କହିଲେ "ଭଲ ପାଠ ପଢ଼ା ହଉଛି ! ଏଇ ଦେଖ୍ ।" ଏହା କହି କାଗଜ ଖଣ୍ଡେ ମୋ ଆଡ଼କୁ ବଢ଼ାଇ ଦେଲେ । ମୁଁ ଦେଖିଲି ମୋର ସେହି ଗଳ୍ପଟାର ଇଂରେଜି ଅନୁବାଦ ପରି କିଛି । ମୋତେ କିଛି ବୁଝି ପାରିଲି ନାହିଁ । ମୋତେ ନୀରବ ଦେଖି ବାପା କହିଲେ କିଛି ବୁଝି ପାରୁ ନାହିଁ ପରା ! ଅହା ! ଲକ୍ଷେଣ ନିର୍ମଳ୍ୟ !—ତୋହର ଅକ୍ଷର ନା ?"

ମୁଁ—ଆଜ୍ଞା ହଁ ।

ବାପା—ଏ ଗଳ୍ପଟି କାହାଁକ ଦେଇଛୁ ? ବୁଡ଼ ମରୁ ନାହୁଁ ?

ମୁଁ—ବାପା, ଆପଣ ଭୁଲ ବୁଝୁଛନ୍ତି—ମୁଁ

ବାପା—ହିଁ—ରୁ—ରୁ—ତୋ ଛଡ଼ା ଆଉ କିଏ ବୋଲି ମୁଁ କଣ କହୁଛି !

ମୁଁ—ନା, ମୁଁ କିଛି ଖରାପ ଉଦ୍ଦେଶ୍ୟରେ—

ବାପା—ଚୁପ୍—rascal—ବଦ୍‌ମାସ—ଜୋତାରେ ଛାଲ ଉତାରି ଦେବି ।

ମୁଁ ଥରିବାକୁ ଲାଗିଲି । ମୋ ଉପରେ ଦୟା ପରବଶ ହୋଇ ବେଣୁବାବୁ କହିଲେ "ପିଲାଲୋକ, ସାବଧାନ କରାଇ ଦିଅନ୍ତୁ ।" ବାପା କହିଲେ—"ପଡ଼, ପଡ଼ ତାଙ୍କ ଗୋଡ଼ତଳେ—ଆଉ ଏପରି କରିବୁ ନାହିଁ—ଭଦ୍ରଲୋକ ପିଲା ହୋଇ ଭଦ୍ରଲୋକର ଇଜ୍ଜତ ମହତ ଖାଇଲୁ—ମା ବାପଙ୍କ ମୁହଁରେ କାଳି ଲଗାଇଲୁ । ଏପରି ପୁଅ ଶେଯରୁ ମରିଥିଲେ ଭଲ ହୋଇଥାନ୍ତା ।"

ମୁଁ ସେତେବେଳକୁ କାଠ ପାଲଟି ଗଲିଣି । କଥା କହିବାର ବା ଗୋଡ଼ତଳେ ପଡ଼ିବାର କ୍ଷମତା ନାହିଁ । ବାପା ବି ବୁଝି ପାରିଲେ ମୋ ଦଶା ହୋଇଥିବ—କାରଣ ସେ ଉଠିପଡ଼ି ବେଣୁବାବୁଙ୍କ ହାତ ଧରି ପକାଇ କହିଲେ "ଭାଇ, ମାଫକର—ବାପ ସେତେବେଳେ ହୋଇଛୁଁ, ସବୁ ସହିବାକୁ ପଡ଼ିବ ।" ବେଣୁବାବୁ ବି ବ୍ୟସ୍ତହୋଇ ଉଠି ପଡ଼ିଲେ ଓ ହାତ ଛଡ଼ାଇ ନେଇ କହିଲେ "ଛି, ଛି, ମୋର କଣ ସୁବଳ ପୁଅ ନୁହେଁ ନା ସରଳା ଆପଣଙ୍କର ଝିଅ ନୁହେ ।" କିଛି ମନରେ ଦୁଃଖ କରିବେ ନାହିଁ—ମୁଁ ଯାଉଛି । ଏହା କହି ସେ ଚାଲି ଗଲେ । ମୁଁ ବି ଅପ୍ରେ ଅପ୍ରେ ଆସି ବିଛଣାରେ ଯାଇ ପଡ଼ିଲି । ସେ ଦିନ ଆଉ ଖାଇବାକୁ ଉଠିଲି ନାହିଁ ।

ତାପରେ ଶୁଣାଗଲା ଏଇ ଘଟଣା ଯୋଗୁଁ ସରଳାକୁ ଆଉ ଘର ମିଳୁ ନାହାନ୍ତି । ତେଣୁ ବାଧହୋଇ ମୁଁ ହେଲି————

## ସଙ୍ଗୀତ ସମ୍ପର୍କେ

କିଛି ନ ଥାଏ···କର୍ମକ୍ଲାନ୍ତ କୃଷକକୁ ନବଜୀବନ ଦେବାର ଏକମାତ୍ର ପଲ୍ଲୀ ଉପାଦାନ··· ଏହି ସାନ୍ଧ୍ୟ ବୈଠକ...ଭଲମନ୍ଦ ପଞ୍ଚାଏ ଶିକ୍ଷାର୍ଥୀ ମଧ୍ୟ ଥାନ୍ତି···ଅଳ୍ପ ବ୍ୟୟରେ କାର୍ଯ୍ୟ ହାସଲ କରିବାକୁ ଗଲେ ଏହି ଗୁଡ଼ିକୁ ସଂସ୍କୃତ କରାଇ ଏମାନଙ୍କ ମଧ୍ୟରେ ମାର୍ଗ ସଙ୍ଗୀତର ଧାରା ଓ ଗତି ପ୍ରଚାର କରାଇବାକୁ ହେବ । ଏହି ଗ୍ରାମ୍ୟ ଓସ୍ତାଦ୍ ମାନେ ଅର୍ଦ୍ଧଶିକ୍ଷିତ ଅଶିକ୍ଷିତ ବା ଅଳ୍ପମୂଲ ଯାହା ହେଉନ୍ତୁ ପଛେ ସେମାନଙ୍କ ଦ୍ୱାରା ବହୁତ କାର୍ଯ୍ୟ ହୋଇପାରିବ··· ସେହିମାନଙ୍କୁ ଶୁଦ୍ଧସ୍ୱର ଓ ବର୍ଜ୍ଜନ ସମ୍ମତ ପ୍ରଣାଳୀରେ ଶିକ୍ଷା ଦେଲେ ଧୀରେଧୀରେ କାଳକ୍ରମେ ସବୁ ଅଭାବ ଦୂରୀଭୂତ···କେବଳ ଏଥିରେ ଅଳ୍ପସମୟ ନାହିଁ କହିହେବ ନାହିଁ···ହେଲେ ତାହା ସଂଶୋଧନ କରିବାକୁ ବିଶେଷ କଷ୍ଟ ଲାଗିବ ନାହିଁ···ସେଇମାନେ ଓସ୍ତାଦ୍ ହୋଇ ଅବସ୍ଥା ଅନୁସାରେ ଏବେ ଯେ ଏଡ଼େ କଷ୍ଟ ଭୋଗିଲେଣି ସେ ସେ ଦୋଷ ସଂଶୋଧନ ପାଇଁ ସମୟରେ କଷ୍ଟସାଧନର କଷ୍ଟ ସ୍ୱୀକାର କରିବେ ଏ ବଡ଼ ସହଜ ନୁହେଁ, ହେଲେ ଓସ୍ତାଦମାନେ ଅବଶ୍ୟ ବହୁଦୂର, ଦେଶ ବିଦେଶର କଥା କିଛି ଜାଣନ୍ତି ଶୁଣା ଥାଏ··· ସେହିମାନଙ୍କୁ ବୁଝା ସୁଝା କରି ମଡାଇବାକୁ ହେବ··· ସାଧାରଣ ପ୍ରଚଳିତ ସ୍ୱର ସ୍ଥାନକ ମଧ୍ୟରେ ମାର୍ଗ ସଙ୍ଗୀତର ଧାରା ସଂଯୋଗ କରିବାକୁ ହେବ । ଜାଜପୁର ଓ ଭଦ୍ରକ ଅଞ୍ଚଳର ଦୁଇ ଗୁଡ଼େଇ ଦଳରେ ମାର୍ଗ ସଙ୍ଗୀତପ୍ରତି ଦୃଷ୍ଟି ରଖି କାର୍ଯ୍ୟକରିବା ଆରମ୍ଭ ହେଲଣି··· ଏହିସବୁ ଶୁଦ୍ଧ ପ୍ରଣାଳୀରେ [ଯାହାକୁ ଲୋକେ ଭବୁଛନ୍ତି ନବ୍ୟ ବୋଲି, ଏ ନବ୍ୟ ନୁହେଁ ଶୁଦ୍ଧ] ଶିକ୍ଷାକରି ବା ଅବଲୋକନ ହୋଇ ଯେଉଁ ଛାତ୍ରମାନେ ବାହାରିଲେଣି ସେମାନଙ୍କର ବର୍ଗ ଓ ଠାଣି ଅବଶ୍ୟ କିଛି ଉନ୍ନତ ପ୍ରଣାଳୀର ଜଣାଯାଉଛି···ସେମାନେ ପୁଣି ଓସ୍ତାଦ୍ ହୋଇ ହେବାକୁ ବାହାରିଲେ ଏହି ପ୍ରାଚୀନ ଓସ୍ତାଦମାନେ ଅଡ଼ୁଆରେ ପଡ଼ିବେ···[ଏଠାରେ ଓସ୍ତାଦ୍ ଶବ୍ଦରୁ କେହି ବୁଝିବେ ନାହିଁ ମୁଁ ସଙ୍ଗୀତ ବିଦ୍ୱାନ ମାନଙ୍କୁ ଲକ୍ଷ୍ୟ କରୁଛି ମୁଁ ପଲ୍ଲୀବାସୀଙ୍କର ନାଟ୍ୟ ଗୁରୁଙ୍କୁହିଁ ଲକ୍ଷ୍ୟ କରିକହୁଛି] ଏହି ଅନଭିଜ୍ଞ ଉଦାସୀନ ନାଟ୍ୟ ଗୁରୁମାନେ ଏହି ବେଳରୁ ମଧ୍ୟ ସତର୍କ ନୋହିଲେ ମଫସଲ ସାଧାରଣ ଅଶିକ୍ଷିତଙ୍କୁ ଉତ୍ତେଜିତ କରି ଖସିଯିବା କଠିନ ହେବ...ଏଣେ କଳପ୍ରବାଦେ ଚଢ଼ି, ବାଦ୍ୟଯନ୍ତ୍ରାଦି ଅନିଷ୍ଟରେ ଭୁଲିଲେଣି···ଗ୍ରାମ୍ୟ ଓସ୍ତାଦ୍ ମାନେ ଟିକିଏ ଦୃଷ୍ଟି ବା କଷ୍ଟ ସ୍ୱୀକାର କରି ମୂଳ ସୂତ୍ର ସବୁ ନିଜେ ବୁଝି ନିଅନ୍ତୁ ଏବଂ ଛାତ୍ର ଗୋଷ୍ଠିଙ୍କୁ ସେହି ମାର୍ଗ ସଙ୍ଗୀତର ପାଠ ଦିଅନ୍ତୁ···ସେମାନେ ନିଜେ ଉପକୃତ ହେବେ, ଦେଶର ସଙ୍ଗୀତ ପଦ୍ଧତି ମଧ୍ୟ ଉନ୍ନତ ହେବ···

ମନେ ରଖିବା ଉଚିତ ଯେ ମାତ୍ରା ଓ ସ୍ୱର ଜ୍ଞାନ ଦରକାର ହୁଏ···ତପରେ ସ୍ୱର ଲିପି ଦେଖି ସ୍ୱର ବାହାର କରିବାକୁ ହୁଏ ତାହାହିଁ ଶିକ୍ଷା କରିବା ସର୍ବାଦୌ ପ୍ରୟୋଜନ...

ଗୁରୁ ଅଭାବରେ ସ୍ୱରଲିପି ଦେଖି ଅଭ୍ୟାସ କରିବା ଆମ ପକ୍ଷରେ ସୁବିଧା ଜନକ । ଏହା ଶିକ୍ଷା କରିବାକୁ କୌଣସି ମେଧାବୀ ଛାତ୍ରଙ୍କୁ ଏକ ବର୍ଷରୁ ଅଧିକ ଲାଗିବ ନାହିଁ ।

୧୨ ପୃଷ୍ଠା ଉତ୍ତାରୁ

Digitized by srujanika@gmail.com



କାନ ପାରନ୍ତୁ

ଟାଙ୍କି ରହନ୍ତୁ!

ଡଗର ଆପଣଙ୍କୁ ଶୁଣାଇବ

ସୁପ୍ରସିଦ୍ଧ ଲେଖକଙ୍କ ଲେଖନୀ ପ୍ରସୂତ ହାସ୍ୟରସମୟ

# ନବ ରାମାୟଣ

**ପ୍ରଧାନ ଚରିତ୍ର**

| | | | |
|---|---|---|---|
| ରାବଣ | ... | ... | କନକ ଲଙ୍କାର ଅଧୀଶ୍ୱର |
| ମେଘନାଦ | ... | ... | ତସ୍ୟ ପୁତ୍ର ( Heir apparent ) |
| ଅତିକାୟ | ... | ... | ,, (ଲାଳିତ) |
| ଅକ୍ଷୟ କୁମାର | ... | ... | ,, (ପାଳିତ) |
| ରାମଚନ୍ଦ୍ର | ... | ... | ମନ୍ଦଭାଗୀ ଦଶରଥ ରାଜପୁତ୍ର |
| ବିଭୀଷଣ | ... | ... | ରାମଭକ୍ତ |
| ଜାମ୍ବୁବାନ | ... | ... | ଭାଲୁ ଭାଲୁଅ ବୁଢ଼ା ଯୂଥପତି |
| ହନୁମାନ | ... | ... | ଲଙ୍କାପୋଡ଼ା ମର୍କଟ ଦଳବାଗ୍ମୀ |
| ଇନ୍ଦ୍ର | ... | ... | ଐରାବତ (ଗଜ) ପତି |

ଅନ୍ୟାନ୍ୟ ଅନେକ ରହସ୍ୟମୟ ଚରିତ୍ରରେ ପରିପୂର୍ଣ୍ଣ ।
ଶୀଘ୍ର ଡଗରର ଗ୍ରାହକ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Printed & Published by Nityananda Mahapatra at the Gopinath Press Bhudmk

Digitized by srujanika@gmail.com





## କୁମାରୀ ପ୍ରତିମା ରାୟ ଚୌଧୁରୀ ।

ଆପଣ କଟକର ସୁଖ୍ୟାତ ଜମିଦାର ବର୍ଗୀୟ ଶ୍ରୀଯୁକ୍ତ କମଳାଚରଣ ରାୟ ଚୌଧୁରୀଙ୍କର ସୁଯୋଗ୍ୟା କନ୍ୟା । ସଙ୍ଗୀତ ଆପଣଙ୍କର ପୂର୍ବ ଜନ୍ମର ସଂସ୍କୃତ ବୋଲି କହିଲେ ଅନ୍ୟାୟ ହେବ ନାହିଁ । ଆପଣ ଯେତେବେଳେ ସାମାନ୍ୟ ଛଅ ବର୍ଷର ଶିଶୁ— ସେ ସମୟରୁ ଆପଣଙ୍କଠାରେ ସଙ୍ଗୀତର ବିକାଶ ହୋଇ ଥିଲା । ସେତେବେଳେ ଆପଣଙ୍କର ଦରଦୀ ମଧୁର 'ନବଘନଶ୍ୟାମ ସୁରତ ମନୋହର' ଗୀତ ଶୁଣି ଆପଣଙ୍କର ଗୁଣଗ୍ରାହୀ ପରିବାରବର୍ଗ ଆପଣଙ୍କ ଗୀତି ପ୍ରତିଭାର ପରିଚୟ ପାଇଥିଲେ ଏବଂ ଆପଣଙ୍କର ପିତୃବ୍ୟ ଶ୍ରୀଯୁକ୍ତ ଅମଳାଚରଣ ରାୟ ଚୌଧୁରୀ ଆପଣଙ୍କର ଉପଯୁକ୍ତ ଶିକ୍ଷା ନିମନ୍ତେ ଚେଷ୍ଟିତ ହେଲେ । ଗୀତ ଶିଳ୍ପୀ ଶ୍ରୀଯୁକ୍ତ ପଞ୍ଚାନନ ସାନ୍ୟାଲ୍ ଆପଣଙ୍କର ପ୍ରଥମ ଶିକ୍ଷକ । ଉତ୍କଳର ବରେଣ୍ୟ ସଙ୍ଗୀତଜ୍ଞ ଶ୍ରୀଯୁକ୍ତ ଗୋକୁଳ ଶ୍ରୀଚନ୍ଦନ ଆପଣଙ୍କର ସଙ୍ଗୀତ ଶିକ୍ଷାର ପ୍ରଧାନ ସହାୟକ । ୧୯୩୪ ମସିହା ନିଖିଳ ଉତ୍କଳ ସଙ୍ଗୀତ ସମ୍ମିଳନୀ ଓ ଅନ୍ୟାନ୍ୟ ପ୍ରତିଯୋଗିତାମାନଙ୍କରେ ଯେପରି ଭାବରେ ପୁରସ୍କୃତ ହୋଇଛନ୍ତି ତାହା ଆପଣଙ୍କର ଅଦ୍ଭୁତ ପ୍ରତିଭାର ନଗଣ୍ୟ ଅର୍ଜ୍ଜନା । ହିଜ୍ ମାଷ୍ଟରସ୍ ଭଏସ୍ କମ୍ପାନୀର ରେକର୍ଡ ଦ୍ୱାରା ଆପଣଙ୍କର ସଙ୍ଗୀତ ଲହରୀ ଉତ୍କଳର ଘରେ ଘରେ ଆଜି ଖେଳଯାଏ । ଉପରେ ଆପଣଙ୍କର ସେହି ପ୍ରତିଭାର ଗୋଟିଏ ପୁରା [illegible] ।

Digitized by srujanika@gmail.com



# ବିଲୁଆ ବିଚାର

[ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଏଥିର ମୁଖ୍ୟ ଉଦ୍ଦେଶ୍ୟ | ]

## ସମ୍ପାଦକୀୟ

ଶୁଣାଯାଉଛି ପୁରୀର ଜଗନ୍ନାଥ ମହାପ୍ରଭୁଙ୍କର ଭାତ ସବୁ ବଡ଼ ଖରାପ ହେଉଛି | ଭୋଗସବୁ ଠିକ ହଉ ନାହିଁ | ଯାହା ହଉଚି, ଅଖାଦ୍ୟ | ଏ ଅଧୁନାତନ ଯୁଗରେ ତ ସବୁ ପୁରୁଣା କଥା ମୂଳପୋଛ ହୋଇ ଧନ୍ ଧାନ୍ ନୂଆ ହୋଇଥ ବହୁଛି | ଯାଙ୍କୁ ରୋଧ କରିବ କିଏ ? ଏକା ଜଗନ୍ନାଥେ କାହିଁକି ସେହି ମରହଟ୍ଟି ପୁରୁଣା-କାଳିଆ ଗତରେ ଚଳିବେ ? ହାଲସଭ୍ୟତା ତ ଗୁରୁଅଡ଼େ ଚୋଟିଲଣି | ସମ୍ପ୍ରତିଙ୍କର ରୁଚି ବଦଳି ଗଲଣି | ସବୁ ନୂଆ idea ନୂଆ taste. ସେଇ ଅରମା ଅମଳର ଅଭଡ଼ା ଅମିଳ, ଖାଜା, ଅମାଲୁ ଆଉ କେତେକେ ଭଲ ଲାଗିବ ? ଅତେ କହୁଁ, ଏଣିକି ଯେ ଗୁଣ୍ଡିଆ ଗୁଆର ଗୁଡ଼ାକ ଡ଼ିସମିସ କରି ଦ, ଏନ୍ଥର ହୋଟେଲରେ Contract order ଦିଆଯିବାର ବ୍ୟବସ୍ଥା ହେଉ |

× × ×

ଓଡ଼ିଶାରାଜଧାନୀ କୁଆଡ଼େ ବାରଙ୍ଗ ବା ଚନ୍ଦକାବରେ ହେବାର ଲାଗିଲାଣି | ଗଞ୍ଜାମ, ପୁରୀ, କଟକ ସବୁକିଛିରେ ତ ହୋଇଗଲା ଥରେ ଥରେ | ବାଲେଶ୍ୱରଆ ସବୁ ନାମର୍ଦ୍ଦା ଗଲେ କୁଆଡ଼େ କି ? ଗଞ୍ଜବାଲା, ସୁନ୍ଦିପୁର ସବୁ ଏତେ ଗନ୍ଧ ଥାଇ ଥାଇ ବାମନ ହୋଇରହିଛି କାହିଁକି ? ଦେଖ୍ ଗଲଲ୍ଲା ଘନାକେତେ |

× × ×

ଅଳ୍ପଦିନ ତଳେ ଭଦ୍ରକ ସବଡିଭିଜନରେ ଗୋଟାଏ କୃଷକ ସମ୍ମିଳନୀ ହୋଇଥିଲା | ସଭାପତି ହୋଇଥିଲେ ପଣ୍ଡିତ ନୀଳକଣ୍ଠ ଦାଶ | ସଭା ଭାଙ୍ଗିଲା ପରେ ବାଟରେ ଜଣେ ଭଦ୍ରଲୋକ ଦେଖିଲେ ଯେ ଗୋଟିଏ ସାତ ବର୍ଷର ପିଲା ତା' ବାପ ସାଙ୍ଗରେ ସଭା ଦେଖିବାକୁ ଯାଇଥିଲା | ଭଦ୍ରଲୋକ ପିଲାଟିକୁ ପଚାରିଲେ, 'କେଉଁଠିକୁ ଯାଇଥିଲୁରେ?" ସେ କହିଲା—'ଯାତ୍ରାଦେଖି'

ଭଦ୍ର—କଣ ଦେଖିଲୁ ?

ପିଲା—ଅଳ୍ପ ଜନ୍ମିଲା | ହାରମନି ବାଜା ବାଜିଲା | ଗୀତ ଗାଇଲେ | ରଜା ନାଚିଲେ | ମାଙ୍କଡ଼ ନାଚିଲା—ଦୁଅଣ୍ଡ ନାଚିଲା | ସବୁଠୁଁ ବେଶୀ ନାଚିଲେ ଯେ ନାରଦ ମୁନି | ସେ ଲଗାଇ ଥିଲେ ମସ୍ତ ଏକ ପାକଳ ଦାଢ଼ି |

---

ପଣ୍ଡିତ ଲିଙ୍ଗରାଜ କହୁଛନ୍ତି— 'ହାଁଙ୍ଗି' ମାନଙ୍କୁ ସାଧାରଣ ସେବାରୁ ତଡ଼ିଦିଅ |

---

ଲୋକପ୍ରତିନିଧି ଦକ୍ଷିଣୀ ମନ୍ତ୍ରୀ ମଣ୍ଡଳୀ ଏଥର ଭଦ୍ରକରେ ରତ୍ନ କରିଗଲେ | ଭଦ୍ରକର 'କେଳେ' ଲୋକ ପ୍ରତିନିଧି ମାନଙ୍କୁ ଭଲ ଭୋଜନ ଆଦର ଅଭ୍ୟର୍ଥନା କରିଥିଲେ | ମେନକିନ୍, ଥିଏଟର, ଗୋଟିପିଲା ପ୍ରଭୃତି ତ ଥିଲା, ଅଧିକା ତାହା ସଙ୍ଗରେ ବ ଥିଲା ସେହି ମାମୁଲି ଧଡ଼ାଧଡ଼ି ଧଡ଼ାବାଜି ଓ ଗଙ୍ଗା ଏଣ୍ଡ୍ରକୋର ଠୋଲ | ବଡ଼କଡ଼ଅଙ୍କ ପାଇଁ ଅବଶ୍ୟ ବ, ଏନ ଥର କୋମ୍ପାନୀ ଖାନା ଓ ଗୁ ଯୋଗାଇ ଥିଲେ | ଏ ଗରମ ଦିନରେ ବୋଧହୁଏ ଓଡ଼ିଆ ମନ୍ତ୍ରୀଙ୍କୁ ଗୁ ଠାରୁ ଦହି ପଖାଳ ଅଧିକ ଉପାଦେୟ ହୋଇଥାଆନ୍ତା | ଭଦ୍ରକର "କେଳେ" ଏହା ନୋଟ କରିବେକି ?

Public women (ସାଧାରଣମହିଳା) ମାନଙ୍କର ଥାନା ରେଜିଷ୍ଟରରେ ଯେପରି ନାମ ଲେଖା ଥାଏ, ଅଜଣାଲା ଭଦ୍ରକରେ ସେହିପରି ଗୋଟାଏ ରେଜଷ୍ଟର ଖୋଲା ହୋଇ public men [ ସାଧାରଣ ମନୁଷ୍ୟ ] ମାନଙ୍କର ନାମ ଲେଖା ହୋଇ ରହୁଛି ବୋଲି ଶୁଣିଲୁ | ଦରକାର ପଡ଼ିଲେ, ତୁମେ ମାନେ ସେହିମାନେହିଁ ସାଧାରଣ (public) ହୋଇ ବାହାରିବେ | କଥା ଯଦି ସତ ହୋଇଥାଏ ତେବେ ତାଙ୍କ ଗୋଟାଏ ଗୋଟାଏ(badge) ମୁଦା ମିଳିଲେ ଭଲ ହୁଅନ୍ତା |

× × ×

ବିହାରର ପ୍ରଧାନ ମନ୍ତ୍ରୀ ଯୁକ୍ତ ପ୍ରଦେଶର ପ୍ରଧାନ ମନ୍ତ୍ରୀଙ୍କୁ ଷ୍ଟିମର ପାରେ ଭେଟି ଦେଇଥିଲେ | ଭେଟିର ପ୍ରଧାନ ଉପାଦାନ ଥିଲା ଛତୁ | ସେଠି ଏ ତାଙ୍କୁ ଯେ ଯୁକ୍ତ ବନ୍ଧୁତ ଟେକା ଟେକି ହୁଏ ଅଭ ପଡ଼ିବାରୁ ପାଣି ଢୋଳେ ଲେଖା ପିଇ ଏହି ଗୀତ ଗାଇ ଗାଇ ଶୋଇବାକୁ ଗଲେ

ଯୁକ୍ତ ପୁରୁଷ ଶୋଇବା
ଭୂତ ପୁରୁଷ ମୁଁ ତ ପୁରୁଷ
ହେଁଇ କାହିଁ ପାଇଁ ଧୋଇବା ?

---

### ଅନ୍ୟାନ୍ୟ ପୃଷ୍ଠାରେ


| | | |
|---|---|---|
| ହଟହଟା ... | (ମହାକଥା) | ୪ ପୃଷ୍ଠା |
| ବିନ୍ଧୁଭୂଗୀ ... | (କାହାଣୀ) | ୩ ,, |
| ଶୈବ୍ୟଅରଣ୍ୟ | (ରୂପକଥା) | ୯ ,, |
| କଳାକମ | (ଓଡ଼ିଆ ବୈଷ୍ଣବ ଇତିହାସ) | ୧୦ ,, |
| ଖବର ଅନ୍ତରେ ... | ... | ୨ ,, |
| ବହୁପ୍ରେ | | ୭ ,, |
| ନାଟବଶୁଦଳ ... | ... | ୧୫ ,, |
| ଟିକାଲି | ... | ୧୨ ,, |
| ଶବ୍ଦଧାନ | | ୮ ,, |


Digitized by srujanika@gmail.com



# ଖବର ଅନ୍ତର

## ଓଡ଼ିଶା

ପୁରୀ ଜିଲ୍ଲା ରାଜନୈତିକ ସମ୍ମିଳନୀରେ ପଣ୍ଡିତ ନୀଳକଣ୍ଠ ସଭାପତି ହୋଇଥିଲେ । ସେଠି ଅନ୍ୟ ନେତାମାନଙ୍କ ପଦ୍ଧତି କଳଗୋଳ ଲାଗିବାରୁ ନେତାମାନେ ପଣ୍ଡିତ ଦାସଙ୍କୁ 'ପକ୍ଷପାତ' ବୋଲି କହି ବାହାରି ଆସିଲେ ।

ଭଦ୍ରକ ଥାନା ସେନାପତିର ଶାଖା ସାଳନ୍ଦୀ ନଦୀ ମୁହଁରେ ବାଡ଼ ଓ ବନ୍ଧ ସରକାର ଦେଇ ଥିବାରୁ ଶତ ଶତ ମୌଜା ଗୃହୀ ମହଲରେ ଘୋର ଆତଙ୍କ ପଡ଼ିଛି । ଏ ନଦୀର ପାଣି ସେମାନଙ୍କ କୃଷିର ଏକମାତ୍ର ଭରସା ।

ଯାଜପୁରରେ ଯେଉଁ ନିଖିଳ ଉତ୍କଳ ରାଜନୈତିକ ସମ୍ମିଳନୀ ଗତ ୧୨ତାରିଖରେ ହେବାର ଥିଲା ବର୍ଷାଯୋଗୁ ତାର ଗରମ ଛାଡ଼ି ଯିବାରୁ ଅକ୍ଟୋବର ମାସକୁ ମୁଲତବି ରହିଲା ।

ଓଡ଼ିଶା ମନ୍ତ୍ରୀ ତିନିହେଁ ସାଙ୍ଗ ହୋଇ ବାଲେଶ୍ୱରରେ ଭୋଜିଖାଇ ଆସି ଭଦ୍ରକରେ ନାଟ ତାମସା ଦେଖିଲେ ଓ ଭୋଜି ଖାଇଲେ । ଯାଜପୁର ଯାଇ ନ ପାରିବାରୁ ସେଠା ନାତୁଆମାନେ ବଡ଼ ଅଭିମାନ କରିଥିଲେ । ଶୁଣାଯାଏ ଏବେ ତାହା ଭାଙ୍ଗିଛି ।

ଉତ୍ତର ବାଲେଶ୍ୱର ଦୁଲୁପାଲ ନାମକ ଗ୍ରାମରେ ଭୟଙ୍କର ପୁଲିସ ଅତ୍ୟାଚାର ହୋଇଛି ବୋଲି ଖବର କାଗଜ ମାନଙ୍କରେ ପ୍ରକାଶ । ଏ ସମ୍ପର୍କରେ ଓଡ଼ିଶା ଆସେମ୍ବ୍ଲିର ନିରପେକ୍ଷ ସଭାପତିଙ୍କ ଘର ଖାନତଲାସ ହୋଇଛି ।

ନରସିଂହପୁର ରାଜାଙ୍କ ବିରୁଦ୍ଧରେ କିଛି କଥା କହିଥିବା ଅପରାଧରେ ପଣ୍ଡିତ ପ୍ରାଣକୃଷ୍ଣଙ୍କର ବିଚାର ଚାଲିଛି ।

ଆମ ମନ୍ତ୍ରୀମାନଙ୍କୁ ହଇରାଣ କରିବା ପାଇଁ ୩୪ ଜଣ ଓଡ଼ିଶା ଏସେମ୍ବ୍ଲି ସଭ୍ୟ ଏକ ଅନାସ୍ଥା ପତ୍ର ଲାଟଙ୍କଠାକୁ ପଠାଇବାର ବ୍ୟବସ୍ଥା କଲେଣି ।

ଅନ୍ଧାର ମୁଲକର ପ୍ରଜାମାନେ କଟକ ଟାଉନ ହଲରେ ବଜୁଲବଣ ଛାଳି ଏକ ସଭା କରୁଛନ୍ତି । ପଟ୍ଟାଭିସୀତାରାମାୟା ତାର ସଭାପତି ।

ବାଣପୁରଠାରେ ଏକ ମସ୍ତ କୃଷକ ସମ୍ମିଳନୀରେ ମହତାବ ସଭାପତି ହୋଇଥିଲେ । ଗୋଷ୍ଠିଗତ ଆନ୍ଦୋଳନ କୃଷକ ସ୍ୱାର୍ଥର ହାନି କରିବ ବୋଲି କୃଷକଙ୍କ କୋଷ୍ଠିରୁ ଜଣାଯାଇ ଥିବାର ଦୂରଦର୍ଶୀ ନେତାମାନଙ୍କର ମତ ସେଠାରେ ପ୍ରକାଶ ପାଇଛି ।

## ଦେଶୀ

ମାଲୟ ଦର୍ଶନ କରି ପଣ୍ଡିତ ଜହର ଲାଲ ଫେରିଛନ୍ତି । ସେ ଚଟ୍ଟଗାଙ୍ଗଠାରେ କହିଛନ୍ତି, 'ଫାସିବାଦ ଦେଶ ପକ୍ଷରେ ମାରାତ୍ମକ ।' କଲିକତାଠାରେ ସେ ଲାଟ ଜେଟ ଲେଣ୍ଡଙ୍କ କଥାରେ ଜବାବ ଦେଇଛନ୍ତି—'ନୂଆ ଶାସନ ସଂସ୍କାର ସମ୍ବନ୍ଧରେ କଂଗ୍ରେସର ମତ ଅପରିହାର୍ଯ୍ୟ ।'

ଲର୍ଡ ବେଡ଼େନ ପାବେଲଙ୍କର ଭାରତ ପ୍ରତି ଅସଭ୍ୟ ଭ୍ରୂକ୍ଷେପରେ ମାନମାର ମାନ୍ଦ୍ରାଜୀ ଜଣେ ବିଶିଷ୍ଟ ବାଳଚର ନେତା ସେ ଆନ୍ଦୋଳନରୁ ଛୁଟିଛଡ଼ା ଦେଇଛନ୍ତି ।

ସରଭେଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିକୁ ୩୨ ବର୍ଷ ହେବାରୁ ତାର ଜନ୍ମ ଦିନ ପଣ୍ଡିତ ହୃଦୟ ନାଥ କୁଞ୍ଜରୁଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି ।

ରାଜନୈତିକ ବନ୍ଦୀମାନଙ୍କୁ ଛାଡ଼ ଦେବାର ଦାବୀକୁ ସରକାର ଏପର୍ଯ୍ୟନ୍ତ ପୂରଣ କରୁ ନ ଥିବାରୁ କାକୋରୀ ଷଡ଼ଯନ୍ତ୍ର ମମଲାର ଅସ୍ଥାୟୀ ସଭାପତି ବର୍ଣ୍ଣୀ ୧୪ ଦିନ ହେବ ଅନଶନ କଲେଣି । ପଥର ପାଣି ହୋଇନାହିଁ ।

ମଧ୍ୟପ୍ରଦେଶର ଲାଟ ସେ ଦେଶର କଂଗ୍ରେସ ନେତାଙ୍କୁ ପୁଣି ଥରେ ଅଧେ ଖାଲୁଲା ବୁଝା କରିବାକୁ ଡକରା ପଠେଇଛନ୍ତି ।

ମନ୍ତ୍ରୀତ୍ୱଟା କଂଗ୍ରେସବାଲାଙ୍କୁ ରୁଚୁ ନଥିବାରୁ ବଡଲାଟ ଏବେ ଏକ ରୁଚିକର ବ୍ୟବସ୍ଥା କରି କହିଛନ୍ତି କି ବିଶେଷ କ୍ଷମତା ବିଷୟ ଛାଡ଼ି ଅନ୍ୟ ବେଳେ ଲାଟ ଓ ମନ୍ତ୍ରୀଙ୍କ ଭିତରେ ଫଟା ଫଟି ହବାର ଆଶଙ୍କା ନାହିଁ । ଯେଉଁଠି ଫଟାଫଟି ଲାଗିବ ସେଠି ମନ୍ତ୍ରୀ ଇସ୍ତଫା ଦେଇ ପାରନ୍ତି ବା ମନ୍ତ୍ରୀଙ୍କୁ ଲାଟ ତଲବ୍ ଦେଇ ପାରନ୍ତି ଏ କି କଥାରୁ କଥେ ହବ ବୋଲି ଲର୍ଡ଼ ଜେଟଲେଣ୍ଡଙ୍କ କଥାକୁ ଅବୃତ୍ତ କରିଛନ୍ତି ।

ଜର୍ମାନ ଅବରୋହୀମାନେ ସ୍ୱର୍ଗାରୋହଣ କରିବା ଉଦ୍ଦେଶ୍ୟରେ ହିମାଳୟର ନଙ୍ଗା ପର୍ବତରେ ଚଢ଼ୁଁ ଚଢ଼ୁଁ ଅଧାସ୍ୱର୍ଗରେ ଦେଖି ଖପରରେ ପଡ଼ିଗଲେ । ତାଙ୍କ ନେତା ଜଣକ ରକ୍ଷା ପାଇ ଯାଇଛନ୍ତି ।

ଆଗାମୀ ଅଗଷ୍ଟ ମାସରେ ପୋଷ୍ଟଅଫିସ ଟିକଟରେ ଷଷ୍ଠ ଜର୍ଜ ବାହାରିବେ । ପଇସା ଦେଲେ ଦେଖା ମିଳିବ ।

## ବିଦେଶୀ

ଲଣ୍ଡନରେ ବସିଥିବା ନିଖିଳ ସାମ୍ରାଜ୍ୟ ସଭା ସର୍ବଶେଷରେ ରାଜଭକ୍ତିର କଥା ଦୁରସ୍ତ କରି ଅଧିବେଶନ ସାଙ୍ଗ କରିଛନ୍ତି ।

ଲର୍ଡ ଜେଟ୍‌ଲେଣ୍ଡଙ୍କ ନବତମ ମୁଖବନ୍ଧରୁ ଜଣାଯାଏ ଯେ କଂଗ୍ରେସ ନୂଆ ଶାସନ ସଂସ୍କାରକୁ ରଦ୍ଦ କରିବା ପ୍ରସ୍ତାବ ଉଠାଇ ନ ନେବା ଯାଏଁ ମିଳାମିଶା କେମିତିକା କେମିତିକା ।

ଫ୍ରାନ୍ସ ଦେଶରେ ଭର୍ସେଲସ୍ ନଗରର ଅକ୍ଷମମାନେ ତାଙ୍କ ରୋଗ ଶଯ୍ୟାରୁ ପଳାଇ ଯାଇ ସରକାର ତାଙ୍କ ପାଇଁ ଭଲ ଖାଇବା

ଷୋହଳ ପୃଷ୍ଠାରେ ଦେଖନ୍ତୁ

Digitized by srujanika@gmail.com

# ବହୁରୂପୀ



**କାହାଣୀ**

ପୂର୍ବାଭାସ:—

ରାସ ପୂର୍ଣ୍ଣମୀ ରାତ୍ରିରେ ମଧୁବନ ଜମିଦାରଙ୍କ ଘରେ ପଶି ତାଙ୍କ ଗୁପ୍ତକରର ତାଳାଭାଙ୍ଗି ମାରପକାଇ ନଗଦ ଟଙ୍କା ଓ ସୁନା ମିଶି ବାରହଜାର ଟଙ୍କା ଚୋରି ହୋଇ ଯାଇଛି। ଡିଟେକ୍ଟିଭ ବନବିହାରୀବାବୁ କୌଣସି ସନ୍ଧାନ ନପାଇ କେବଳ ଶବର ବେକରେ ବସିଥିବା ହତ୍ୟାକାରୀର ଅଙ୍ଗୁଳି ଚିହ୍ନର ଫଟୋ ଉତାରି ନେଇଛନ୍ତି।

ନାଏବବାବୁଙ୍କର ପୀଡ଼ିତ ଭ୍ରାତୁଷ୍ପୁତ୍ର କବିରାଜ ଗୃହରେ ମୃତ। ଭ୍ରାତୁଷ୍ପୁତ୍ରୀ ବୀଣା ମାତୁଳ ବେଶରେ ଆସିଥିବା କୌଣସି ଛଦ୍ମବେଶୀଦ୍ୱାରା ଅପହୃତ।

ନାଏବବାବୁ ନୂତନ ବିବାହ କରିଛନ୍ତି। ତାହା ପରେ ପରେ ହଠାତ୍ ତାଙ୍କ ପୂଜାଳୟଘରେ ଭୌତିକ ଲୀଳା ବନ୍ଦହୋଇ ଯାଇଛି। ବିଦେଶ ଯିବାର ବିଶେଷ ଆବଶ୍ୟକତା ଜଣାଇ ନାଏବ ବାବୁ ହଠାତ୍ ଘରଛାଡ଼ି ଚାଲିଯିବାର ରହସ୍ୟ ବୁଝିହେଉନାହିଁ।

ଲେଖକ:—ଶ୍ରୀ ଯତୀନ୍ଦ୍ର ମୋହନ ମୁଖର୍ଜୀ

(୭)

ନାରଣବାବୁ ଜଣେ ବଡ଼ ଧନୀ, ଚାଉଳର ବେପାରୀ। କଟକ ସହର ତୁଳସୀ ପୁରରେ ଏବଂ ଚାନ୍ଦବାଲି ବନ୍ଦରରେ ତାଙ୍କର ଦୁଇଗୋଟି ସୁବୃହତ କୋଠି ଅଛି। କଟକ ଓ ଚାନ୍ଦବାଲିରେ ତାଙ୍କର କର୍ମଚାରୀମାନେ ରହନ୍ତି କିନ୍ତୁ ନିଜେ ମାଲିକ ନାରଣବାବୁ ରହନ୍ତି ପ୍ରାୟ ପୁରୀରେ। ନାରଣବାବୁ ବୟସରେ ନବୀନ ହେଲେ ମଧ୍ୟ ବୁଦ୍ଧିରେ ବଡ଼ ପ୍ରବୀଣ। କର୍ମସ୍ଥଳୀରେ ନ ରହି ମଧ୍ୟ ସୁଚାରୁରୂପେ ନିଜର ବ୍ୟବସାୟ ଚଳାନ୍ତି। କର୍ମଚାରୀମାନେ ମାଲିକଙ୍କୁ ବଡ଼ ଭୟ କରନ୍ତି।

ନାରଣବାବୁଙ୍କର କଟକ ମହାନଦୀରେ ଖଣ୍ଡେ ସୁନ୍ଦର ଷ୍ଟିମ୍ ବୋଟ ଆଉ ଖଣ୍ଡେ ମୋଟର-ଲଞ୍ଚ ଅଛି। କାମ ନଥିବା ସମୟରେ ବିଶେଷତଃ ଛୁଟିଦିନରେ ମଧ୍ୟ ମଧ୍ୟରେ ବାବୁ କେତେବେଳେ ନରାଜ, କେତେବେଳେ ଧବଳେଶ୍ୱର କେତେବେଳେ ଗୈତୁଆର ଇତ୍ୟାଦି ସ୍ଥାନମାନଙ୍କୁ ଡଙ୍ଗା ମଉଜରେ ବାହାରି ଯାଆନ୍ତି। ଚାନ୍ଦବାଲିରେ ମଧ୍ୟ ତାଙ୍କର ଖଣ୍ଡେ ମୋଟର-ଲଞ୍ଚ ଥାଏ।

ପୁରୀରେ ଚନ୍ଦନ ଯାତ୍ରା! ପୁରୀବାସୀଙ୍କର ବଡ଼ ଆମୋଦର ସମୟ। ପଣ୍ଡା, ସୁଆର ପିଲାମାନେ ପାଚିଲା ଗାମୁଛାରେ ଦେହ ଘୋଡ଼ାଇ ମଲିଫୁଲ ମାଳ କାନରେ ଝୁଲାଇ ନରେନ୍ଦ୍ର ସରୋବରର ସୁବିମଳ ବକ୍ଷରେ ଖୋଳ-ବାଡ଼ା ଧରି ସନ୍ତରଣ କରି। ଭାଙ୍ଗ ନିଶାରେ ଆଖି ଢୁଲୁ ଢୁଳୁ—ଆନନ୍ଦ ବିଭୋର ହୋଇ ଓଡ଼ିଶୀ ଗୀତ ଗାଇ ଦେଉଛନ୍ତି। ମଦନମୋହନ ମହାପ୍ରଭୁ ଓ ପଞ୍ଚ-ମହାଦେବ ପଟୁଆର କରି ଚାପରେ ବିଜେ ହେଲେ। ଚାପରେ ଆଖଡ଼ା ପିଲା ଓ ମାହାରୀ ନୃତ୍ୟ ଚାଲିଛି। ନରେନ୍ଦ୍ର ସରୋବରର ଚତୁର୍ଦ୍ଦିଗ ଲୋକରେ ଲୋକାରଣ୍ୟ—ନାନାରଙ୍ଗର ବାଦ୍ୟ, ନାମ ସଂକୀର୍ତ୍ତନରେ ଦିଗ ମୁଖରିତ। ଜନଗହଳରେ ନାରଣବାବୁ ଅନ୍ୟ ଜଣେ ଭଦ୍ର ବ୍ୟକ୍ତି ସହିତ କଥାବାର୍ତ୍ତା ହେଉଁ ହେଉଁ ସରୋବର ଚାରିପଟେ ଚାପ ସଙ୍ଗେ ସଙ୍ଗେ ସ୍ଥଳ ପଥରେ ବୁଲୁଛନ୍ତି। ଦିନ ଗଡ଼ି ସରିଗଲା। ନାରଣବାବୁ ଓ ତାଙ୍କର ସଙ୍ଗୀ ଭଦ୍ର ବ୍ୟକ୍ତି ନାରଣ-ବାବୁଙ୍କର ମୋଟରରେ ଚଢ଼ି ତାଙ୍କର ସମୁଦ୍ରକୂଳସ୍ଥ ବାସଭବନକୁ ବାହାରି ଗଲେ। ସେତେବେଳକୁ ପ୍ରାୟ ସନ୍ଧ୍ୟା ହୋଇଗଲାଣି।

ଜଳପାନ ଓ ଚାପାନ ପରେ ନାରଣବାବୁ ଓ ତାଙ୍କର ସଙ୍ଗୀ ଦୋମହଲା ଉପରକୁ ଗଲେ। ଏଠାରେ କହିବା ଆବଶ୍ୟକ ଯେ ନାରଣବାବୁ ତାଙ୍କ ଗୃହରେ ଏକାକୀ। ସେ ଅଦ୍ୟାବଧି ବିବାହ କରି ନାହାନ୍ତି। ଦାସ, ଦାସୀ କର୍ମଚାରୀ ବ୍ୟତୀତ ନାରଣ-ବାବୁଙ୍କର ଆପଣାର ଲୋକ କେହି ନାହିଁ। ସୁତରାଂ ତାଙ୍କର ଅନ୍ତଃପୁର ବୋଲି କିଛି ନଥାଏ। ଉପରେ ଯାଇ ଦୁଇବନ୍ଧୁ ନିମ୍ନୋକ୍ତ ଭାବରେ କଥୋପକଥନ କରୁଥିଲେ। ବୈଶାଖର ଜ୍ୟୋତ୍ସ୍ନା ରାତ୍ରି ଖୁସି ଗଳ୍ପର ଉପଯୁକ୍ତ ଅବସର!—

ନାରଣ—ତୁମର ହଠାତ୍ ସେପରି ଚିଠି ଲେଖିବାଟା ଅନ୍ୟାୟ ହୋଇଛି।

ଭଦ୍ରଲୋକ—ଆଉ କେତେଦିନ ଅପେକ୍ଷା କରନ୍ତି ?

ନାରଣ—ଆଉ ମାସେ ପନ୍ଦର ଦିନ ଅପେକ୍ଷା କରିଥିଲେ କଣ ଶାସ୍ତ୍ର ଅଶୁଦ୍ଧ ହୋଇ ଯାଉଥିଲା କି ?

ଭଦ୍ରଲୋକ—ନା, ଠକାଠକି ମୁଁ ଭଲ ପାଏ ନାହିଁ।

ନାରଣ—ଆରେ ଜନ୍ମ ହୋଇଛୁ ତ' ଠକିବୁ, ଠକେଇବୁ, ଶିଖିବୁ ଶିଖେଇବୁ!

ଭଦ୍ର—ଏ ଗୁଡ଼ାକ ତୁମର ନ୍ୟାୟଶାସ୍ତ୍ରର ପୋଥି-ତର୍କ।

ନାରଣ—ଉହୁଁ, ଏଗୁଡ଼ାକ ଚତୁରର କାର୍ଯ୍ୟ! ଭୁଲଭୁଲିଆ ହେବାଟା ମୂର୍ଖର ଭ୍ରମ।

ଭଦ୍ର—ତୁମେ ଖାଲି ଗାଳିଦେବ, ଅସଲ କଥା ବୁଝିବ ନାହିଁ।

ନାରଣ—ଗାଳି ଖାଇବାର କାମ କଲେ ଲୋକେ ଗାଳି ଖାଆନ୍ତି।

ଭଦ୍ର—ଚିଠି ନ ଦେଇ କଣ କରିଥାନ୍ତି କହିଲ ? ଆଉ ସେଥିରେ ବା କଣ ଦୋଷ ହେଲା ?

Digitized by srujanika@gmail.com

ନାରଣ—ବଡ଼ ମାଛକୁ, ଅସଲ-ଖେଳ ଅଛି ଯେ, ଖେଳେଇ ଖେଳେଇ ବେଦମ କରି ଧୀରେ ଓ ସହଜରେ ସିନା ଉପରକୁ ଟାଣି ଅଣି ଥାଏ। ତାକୁ ତରବର ହୋଇ ଟାଣ କରି ଝିଙ୍କାଏ ମାରିଲେ ଡୋର ଛିଡ଼ି ମାଛ ଟା ଖସିଯିବ ନାହିଁକି ?

ଭଦ୍ର—ଯା ହେବାର ତ' ହେଲାଣି, ଏବେ କିହ କଣ କରିବ ?

ନାରଣ—ଯାଅ, ତାକୁ ବହଲେଇ କାମ ହାସଲ କରିବାର ଚେଷ୍ଟା କରିବ। କାଲି ସକାଳ ଗାଡ଼ିରେ ଘରକୁ ବାହୁଡ଼ି ଯାଅ।

ଭଦ୍ର—କେଉଁଠି ?—ତା ଘରକୁ ?—ମୁଁ ଯିବନାହିଁ। ବାହାଘରର ଦିନର ଅପମାନ ମୁଁ ଭୁଲି ପାରିବି ନାହିଁ।

ନାରଣ—ହଉ ଠିକେ ଭୁଲ। ଅହେ ଓଲୁ, ତା ଘରକୁ ଯିବାକୁ ପଡ଼ିବ ନାହିଁ। ତୁମ ପାଖକୁ ସେ ଅଜ କାଲି ଭିତରେ ଆପେ ଅସିବ। ଖାଁଅ ଦେଖିବ ହୁଏତ ସେ ଅସି ସାରିଲାଣି କି କଣ।

ଭଦ୍ର—ତୁମେ କେମିତି ଜାଣିଲ ସେ ମୋଠିକି ଅସିବ ?

ନାରଣ—ମୁଁ ମନ୍ତ୍ର ଜାଣେ, 'କାକ-ଚରିତ' ପଢ଼ିଛି।

ଭଦ୍ର— ସତ କଥା ?

ଏମିତି ସମୟରେ ପୃଷ୍ଠାସଂଖ୍ୟା ସଂବାଦ ପଠାଇଲା ଜାଗା ହେବ କି ? ଉଭୟେ ରାତି ଅଧିକ ହେବାର ଜାଣି ପୃଷ୍ଠାସ୍ୱକୁ ଭାତ ବାଢ଼ିବାକୁ କହିଲେ। ତହିଁ ଆରଦିନ ସକାଳ ଗାଡ଼ିରେ ଅଗନ୍ତୁକ ଭଦ୍ରଲୋକ ତାଙ୍କ ଘରକୁ ବାହାରି ଗଲେ।

## (୮)

ଶ୍ରୀଦୁଆର କବିରାଜଙ୍କ ଘରେ ଅଜ ଜଣେ ଅତିଥି ଅସିଛନ୍ତି। କବିରାଜ ନରୋତ୍ତମ ଦାସଙ୍କ ବୈଠକ ଖାନାରେ ବସି ନାଏବ ଚକ୍ରଧର ବାବୁ ଲମ୍ବ ନଳ ବିଶିଷ୍ଟ ଅଲବଲା ହୁକାରେ ଏକାଗ୍ର ମନେ ଧୂମ୍ର ପାନ କରୁଥିଲେ। କବିରାଜ ରୋଗୀ ଦେଖିବାକୁ ଟାଙ୍ଗୀ ଗ୍ରାମକୁ ଯାଇଛନ୍ତି ବୋଲି ତାଙ୍କର ଭୃତ୍ୟମାନଙ୍କଠାରୁ ଶୁଣିଲେ। କବିରାଜଙ୍କ ଭୃତ୍ୟମାନେ ନାଏବଙ୍କୁ ପୂର୍ବରୁ ଚିହ୍ନି-ଥିଲେ ବୋଲି ତାଙ୍କର ପରିଚର୍ଯ୍ୟାରେ ତ୍ରୁଟି କରି ନ ଥିଲେ—ବିଶେଷତଃ ସେମାନେ ନାଏବଙ୍କଠାରୁ ଖୁବ୍ ମୋଟା ବକ୍‌ସିସ୍ ପାଆନ୍ତି। ଟାଙ୍ଗୀ ତ' ସେଠାରୁ ଅଧିକ ଦୂର ନୁହେଁ ସୁତରାଂ କବିରାଜ ଶୀଘ୍ର ଫେରି ଅସିବେ ଏହି ଅଶାରେ ନାଏବ ବାବୁ ଜଳ-ଯୋଗ ଓ ଚା ପାନ ପରେ ହୁକାର ଧୂମ୍ର କୁଣ୍ଡଳ ସହିତ ତାଙ୍କର ମନସ୍ଥିତାର କୁଣ୍ଡଳୀକୃତ-ଭାବ ମିଶାଇ ଦେଇ ଅପେକ୍ଷା କରୁଥିଲେ।

ବେଳ ପ୍ରାୟ ୧୧ଟା ବେଳେ କବିରାଜ ମହାଶୟ ଅସି ଉପସ୍ଥିତ ହେଲେ। ନାଏବ ବାବୁଙ୍କୁ ଦେଖି କହିଲେ "କି ହୋ, ଅପୂର୍ବ ଯେ ? ଚାଷ ବଣା ହେବାରୁ ଗରିବ କୁଟୀରରେ ପଦଧୂଳି ପଡ଼ିଗଲା କି ?—ହଉ ହଉ ମୁଁ ଟିକେ ଲୁଗାପଟା ପାଲଟେଇ ଅସେ।"

ପାଞ୍ଚମିନିଟ ମଧ୍ୟରେ କବିରାଜ ଫେରି ଅସିଲେ ପରିଚ୍ଛଦ ବଦଳାଇ।

କବିରାଜ—ଭୋଜନ ହେଲାଣି ?

ନାଏବ—ନା ତୁମ ଅପେକ୍ଷାରେ ଥିଲି ବସି।

କବିରାଜ—ମୋର ସୌଭାଗ୍ୟ। କୁଆଡ଼େ ଅଇଲ ଏତେ ଦିନ ପରେ କହିଲ ?

ନାଏବ—ତୁମ 'ଓ୍ୟାରେଣ୍ଟ' ପାଇ—

କବିରାଜ—ସାମାନ୍ୟ କାଙ୍ଗାଳୀଟାର ପୁଣି 'ଓ୍ୟାରେଣ୍ଟ' କଣ ମ !

ନାଏବ—ଏକଦମ୍ 'ବଡ଼ ଓ୍ୟାରେଣ୍ଟ'—ଅଉ ମୋର ରକ୍ଷା—

ହଠାତ୍ କବିରାଜ ମଧ୍ୟ ପଥରେ କଥା ବନ୍ଦ କରି ଦେଇ କହିଲେ "ଚାଲ ଉପର ଘରକୁ ଯିବା, ଏ ସବୁ କଥା ଏଠାରେ ହେବା ଉଚିତ ନୁହେଁ। ଅଜି ବେଳବି ବହୁତ ହୋଇ ଗଲାଣି—ମତେ ବଡ଼ ଭୋକ କଲାଣି, ଅହାରାନ୍ତେ କଥାବାର୍ତ୍ତା।"

ଉଭୟେ ରେଲ ଓ ନୌକା ଭ୍ରମଣ ହେତୁ କ୍ଲାନ୍ତ ହୋଇ-ଥିଲେ। ଅହାରାନ୍ତେ ସାମାନ୍ୟ ବିଶ୍ରାମ କରି ସାରି ଦୋମହଲାର ଗୋଟିଏ ନିଭୃତ କୋଠରୀରେ ବସି କଥୋପକଥନ ଆରମ୍ଭ କଲେ।

କବିରାଜ—ତୁମ ପଥର କଣ୍ଟା ଗୁଡ଼ାକ ଯେ ଓପାଡ଼ି ଦେଇ ସାଫ ପରିଷ୍କାର କରି ଦିଅଗଲି ତାରମୂଲ୍ୟ କଣଟି ୧୦୦୦୯ ?

ନାଏବ—ଟ ୧୦୦୦୯ଙ୍କା କଣ ଜଣେ ସାମାନ୍ୟ ଗୃହକର୍ତ୍ତା ପକ୍ଷରେ ଊଣା ହୋଇଛି।

କବିରାଜ—ଶୂନ୍ୟ ଅଗରେ ପେଟ ଅଣ୍ଡି ଲୁଗ୍ଭଇବାର ଲାଭ ନାହିଁ ନାଏବ ବାବୁ ! ଅଉ ଖେଳନାହିଁ ମ !

ନାଏବ—ତୁମେ ଯେ ଖାଲି ରାଗି ଯାଉଛ, କଥା ଭିତରକୁ ଟିକେ ପଶ। ସେଦିନ ସେମିତି ବାହାଘର ପରଦିନ ସନଟା ବାରଗୁଗୁଲି ଥିଲାବେଳେ କଣ ଗୋଟାଏ କଥାରେ ଅଖିଅ ପଲେଇ ଅସିଲି, ଏଗୁଡ଼ାକ କଣ ବନ୍ଧୁର କାମ?

କବିରାଜ—ବନ୍ଧୁ ତୁମର ତୁମ ପାଇଁ ଜାନ୍, ମାନ୍ ସବୁ ଦେବାକୁ ପ୍ରସ୍ତୁତ, କିନ୍ତୁ ତାର ମୂଲ୍ୟ କଣହଜାରେଟା ଟଙ୍କା !

ନାଏବ—ଅହେ, ଗରିବର ରକ୍ତ ଚୁହା ପଇସାର କଣ··· ଛାଡ଼ ଅଉ ପାଞ୍ଚଶହ। (୧୩ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com



# ହଟ ହଟା

(ହାସ୍ୟରସାତ୍ମକ ଗଳ୍ପ)

ଲେଖକ:— ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ଢବାକର ବାବୁ ତରବରରେ ଘର ଅଡ଼କୁ ଆସି ଡ଼ାକ ପକାଇଲେ "ହଇ ହୋ, ଶୁଭୁଛି ନା—କୁଆଡ଼େ ଗଲ କି!" ତାଙ୍କ ଘରଣୀ ହାରବଉ ଘରଘର ଭିତରୁ ଏ ଅଡ଼କୁ ବାହାର ଆସି କହିଲେ "କଣ କି, କହୁନା।"

ଢବା—କଣ କି ଜୁଆଇଁ ଚିଠି ଲେଖିଛନ୍ତି ଆଜ ସଞ୍ଜ ଗାଡ଼ିରେ ଆସି ପହଞ୍ଚିବେ—ଆଉ କାଲି ହାରକୁ ସାଙ୍ଗରେ ନେଇଯିବେ।

ହାରବଉ—କାହିଁ କି ମା! ଝିଅଟା ଏତେ କାଳକେ ଆସିଚି—ମାସ ଗୋଟାଏ ବି ରହିବ ନାହିଁ ନା—କଣ ଏତେ ବଳେଇ ପଡ଼ୁଛି କି?

ଢବା—ଆରେ ସେ କଥା ତମ ଜୁଆଇଁଙ୍କି କହନ୍ତୁ ନା—ମୁଁ ଯେ ତା'ର ଶ୍ୱଶୁର।

ହାରବଉ—ତମର ସବୁ କଥାରେ ଖାଲି ଝାଳୁଳି। ମୁଁ କହୁଚି କି ଝିଅଟା ଆଇଲା କି ନ ଆଇଲା, ଚୁଲ, ଚୁଲ, ଚୁଲ! କଣ ବଣରେ ଅଛ ନା ବୁଦାରେ ଅଛ! ତା ଲାଗି କଣ କାହାର ଅଚଳ ହେଇ ଯାଇଛି ସେଠି?

ଢବା—ଅଚଳ ଯାହାର ହଉଚି ସେ କଥା ସେ ଜାଣେ। ମୁଁ ଜାଣିବି କାହିଁ? ଜାଣିଥିଲି ଅବଶ୍ୟ, ଯେବେ ଯେତେବେଳେ ଟୋକା ହୋଇଥିଲି। ଏହାକହି ହାରବଉଙ୍କ ଗାଲରେ ଅଙ୍ଗୁଳିଟି ମାରିଦେଲେ।

ହାରବଉ ଖଣ୍ଡେ ବାଟ ଘୁଞ୍ଚିଯାଇ ଓଠ ଦୁଇଟା ଫୁଲେଇ ଦେଇ କହିଲେ "ବୁଢ଼ା ମିଣିପଟିଏ ହେଲଣି—ସେଇ କଥା ତମର ଗଲ ନାହିଁ। ଝିଅଟା ଅଛି ପରା—"

ଏତିକି ବେଳେ ହାର ସେଆଡ଼ୁ ଡାକ ପକେଇଲା ବଉଲୋ ବଉ, ସରଘର କବାଟଟା ମେଲି କରିଦେଇ ଗଲ ଯେ ଦଶାହଣ କୁକୁରଟା ପଶି ସବୁ ଖାଇଲାଣି। ହାରବଉ ତରବର ହୋଇ ଧାଇଁଯାଇ ଦେଖିଲେ ସତକୁ ସତ କାଳୀ କୁକୁରଟା ଚୁକୁଲ ଚୁକୁଲ କରି ସଫେଇଛି।

ହାର କହିଲା "ବଉ, ତୁ ତ ସମସ୍ତିଙ୍କୁ କହୁ—ନିଜେ କମିତି ଭଲ ଦୁଆରଟା ଜଗୁଥିଁ କରୁ—"

ହାରବଉ—କଣ କରିବି ଝିଅ, ସେ କୁକୁରଟା ହେଉଚି ମୋ ମୁଦେଇ। ମୁଁ କଣ ଯାଇ ଥାଆନ୍ତି କି—ତୋର ବାପା ତ—ଏଇ ମିଣିପଠା ଲାଗି ମୋର ସବୁ ଉଜୁଡ଼ିଲା।

କୁକୁରଟା ତ ଖସି ଗଲା—ରାଗଟା ପଡ଼ିଲା ବିଚରା ଢବାକରଙ୍କ ଉପରେ। ଯେତେ ବକର ୨ ହେବାର ହେଇ ସାରି କହିଲେ 'ଦେଖ ହାର, ତୁ ସବୁବେଳେ କଥା ରଖିଥିବୁ— ଯେତେବେଳେ ସେ ଅଲପେଇସ କୁକୁର ପୁଣି ପଶିବ, କବାଟକୁ କିଳିଦେଇ ମତେ ଡ଼ାକ ପକେଇବୁ। ଆଜ ତାକୁ ମାରି ତା ମାଉଁସ ପିଞ୍ଜି ଦେବି। ତା ଲହୁରେ ଚଟା ପିଇଲେ ଭାତ ଖାଇବି। ମୋର ଗୃହଜନ, ଡ଼ାଲି ସବୁ ମାରିଦେଲା।"

ଝିଅ କହିଲା "ମୁଁ ଯାଉଚି ବଖଣ୍ଡେ ଠେଙ୍ଗଣି ସଜ କରି ରଖିବି। ମାତ୍ର ଏଥର ଯଦି ପଳାଏ, ତେବେ ଫୋପାଡ଼ି ତାକୁ ମାରିଦେବି।

ହାରବଉଙ୍କର ରାଗ ଟିକିଏ ଥମି ଯିବାରୁ

# ମଜା କଥା

ତାଙ୍କର ମନେ ପଡ଼ିଲା ଜୁଆଇଁର ଚିଠି କଥା। ସେ କହିଲେ "ହଇଲୋ ହାର, ଶୁଣିଲୁଣି, ଜୁଆଇଁ ଚିଠି ଦେଇଛନ୍ତି ଆଜି ସଞ୍ଜ ଗାଡ଼ିରେ ଆସି କାଲି ତତେ ସାଙ୍ଗରେ ନେଇଯିବେ।"

ଏତିକି କହି ସଜ ସଜ ହୋଇ ପଡ଼ିଲେ। "ମୋ କପାଳଟା ସେମିତି ଲୋ—ଏତେ— ଦିନରେ ଝିଅଟା ଆସିଥିଲା ଯେ, ଦିନ ପନ୍ଦର ଟା ବି ରହି ପାରିଲା ନାହିଁ। ହ—ପର ଘର ତ—ଖାଲି ଜନ୍ମ ହେଇଛନ୍ତି କଷ୍ଟ ଦବାକୁ।"

ଝିଅ ଚାଲିଗଲା ଠେଙ୍ଗଣି ଖୋଜିବାକୁ, ମା ଗଲେ ଘରଘର ସଜାଡ଼ିବାକୁ। ମାତ୍ର ସେ ଦିନ ଆଉ କୁକୁର ଆସିଲା ନାହିଁ।

( ୨ )

ଠିକ ବେଳକୁ ଆସି ପହଞ୍ଚିଲେ ଜୁଆଇଁ। ତହିଁ ଆରଦିନ ୪ଟା ଗାଡ଼ିରେ ସ୍ତ୍ରୀକୁ ନେଇ ବାହାରି ଯିବେ। ସେ ଚାକିରିଆ ଲୋକ। ଶନିବାର ପାଇ ଚାଲି ଆସିଛନ୍ତି; ରବିବାର ଛୁଟି; ସୋମବାର ସକାଳୁ ହାଜର ହେବାକୁ ହେବ କଚେରିରେ। ଶାଶୁ ଯେତେ ଅଟକାଇଲେ ମଧ ରହିବାର ଉପାୟ ନାହିଁ ତାଙ୍କର।"

ସକାଳେ ଶ୍ୱଶୁର କହିଲେ "ବାପା ଗାଧୋଇ ପଡ଼ି ଆସ। ଭାତ ହବାକୁ ତ ଡେରି ହବ— ଦି'ଟା ପାଟିରେ ପକାଇ ଦେଲେ ପିତ୍ତ ଶାନ୍ତ ହୋଇଯିବ।"

ଜୁଆଇଁ ଗଲେ ଗାଧୋଇ। ଉଦା ଗାମୁଛା ବେଢ଼ାଇ ଘରକୁ ଆସିଲେ ସୁଟକେସରୁ ବାସି-ଲୁଗା ବାହାର କରି ପିନ୍ଧିବେ ବୋଲି। ମାତ୍ର ହାଣ୍ଡି ଘରେ ଦେଖିଲେ ସେ ସୁଟକେସଟି ନାହିଁ। ଶ୍ୱଶୁର କହିଲେ "ଓହୋ, ଟଙ୍କା ପଇସା ଥିବ ମେଲଟାରେ ପଡ଼ିଲେ କିଏ ନେଇଯିବ ବୋଲି ମୁଁ କାଲି ରାତିରେ ତମ

Digitized by srujanika@gmail.com

ସୁଟକେଶଟା ଭିତରେ ବସିଦେଇ ଅଛି । ବନ୍ଦ ଥିବ, ତାହାର ପଛ ପଟଟା । ଯାଅ, ଯାଅ ଲୁଗା ପାଲଟି ପକା ଚଞ୍ଚଳ, ଡେରି ହେବ ।"

କୁଅଁରି ବନବହାସ ପରିଅଢ଼କୁ ଯାଇ ଦେଖିଲେ କେହୁ କୁଅଡ଼େ ନାହାନ୍ତି । ତାହାଣ ପଛ ପଟଟାରେ ଶିକୁଳି ବନ୍ଧ ହୋଇଛି । ସେ ଏତେବେଳେ ସୁଦ୍ଧା କଣ କରିବେ ଠିକ କରି ପାରୁନେ ନାହିଁ । କୁଅଁରି ଲୋକ, ତାକୁ ଛନ୍ତି ବା କାହାକୁ ! ବୁଦ୍ଧିକରି ଶିକୁଳିଟି ଖୋଲି ଘର ଭିତରେ ପଶିଲେ । ଘରଟା ଏବେ ଅନ୍ଧାରୁଅ । କେଉଁଥି ସୁଟକେଶଟା ଅଛିରେ ପଡ଼ୁନୁ ନାହିଁ । ଏମିତି ବେଳେ ଅନ୍ଧାରିଁ ଅନ୍ଧାରିଁ ହାତ ବାଢେଇଲ୍ ଗୋଟାଏ ପଦାର୍ଥରେ ଯେ ଧୂଳି ଥାଇ ବଡ ବଡ଼ାଏ ହାଣ୍ଡି ଅଟିକା ପଡ଼ି ରହିଲା । ହାତ କୁଅଡ଼େ ଥିଲା, ଶବ୍ଦ ପାଇ ଧାଇଁଅସି ଦେଖିଲା ଯେ ସବୁଦରବଜା ଫୁଲା । ତାର ଆଉ ସନ୍ଦେହ ରହିଲା ନାହିଁ ଯେ କୁକୁର ପଶିଛି । ସେ ଦୁଇ ପଟେକଥି "ବଡ଼ଲୋକ ବଡ, ଧାଇଁଅ—ଗଲଟେପରିଷ ଝରିପଡରେ ପଶିଛି ।"

ହାଡବରି ଡାକା ମାଇଲେ "କିଏ ବଦମାସ ଟି. ଶବି ଗୁନ୍ଦଥିବ । ତୁ ଥିବ କଣ ବାହାରୁ ଥାଇ କବାଟ ଅଜ୍ଟେଇ ଅଣ । ମୁଁ ଯାଉଛି ଠେଙ୍ଗା ଦ'ଟା ନେଇ ଅଜ ତା ଦଫା ରଫା କରିବ ।"

କୁଅଁରି ବଡଘର କଥା ଶୁଣି ଏକାବେଳକେ ଅଚଳ ହୁଡ଼ମ୍ । ଅକସ୍ମାତ୍ ବଜ୍ର ପଡିଲେ ଲୋକ ଯେପରି କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଯାଏ, କୁଅଁରିର ହେଲା ସେହିପରି ଅବସ୍ଥା । ସେ ଅଡ଼ଷ୍ଟାଟା ବୁଝି ପାରୁନାହାନ୍ତି କି କଥା ବି କହି ପାରୁନାହାନ୍ତି ।

କଥା କଣ ? ଏଁ—ନୋଟେ ବାହାରିକି ମାରିବେ । ପୁଣି ମୋହର ଶାଶୁ ଆଉ ମୋହର ସ୍ତ୍ରୀ ।

ଶାଶୁ ଅସି ହିଅକୁ କହୁଲେ "ଦେଖ ହାଡ଼, ତୁ ଏଇ ଠେଙ୍ଗାଟା ଧର, ମୁଁ ଏଇଟା ଧରୁଛି । ଦଟେଁ ଦୁଆର ଦ' ପାଖରେ ଲୁଚେଇ ରହିଥିବା । ତୁ କବାଟ ଖୋଲିଦେଇ କରି ଦେ । ଯିମିତ ସେ ଅକାଳ ମନୁଷେ ବାହାରିବ, ଦ'ହେଁଯାକ ଦକା କସିକି ଯେ ଯିମିତ ଏକାଥରକେ ପାକାଡ଼ । ବୁଝିଲୁ ?

ଏ କଥା ଶୁଣି କୁଅଁରିଙ୍କ ହଳକ ଶୁଖିଲା । ସେ ଦେଖିଲ ମୃତ୍ୟୁ ନିଶ୍ଚୟ । ସବୁ, ବନ୍ଧୁର ହୋଇ ତାକୁ ମାରିବା ପାଇଁ ଅଗରୁ ଷଡ଼ଯନ୍ତ୍ର କରିଛନ୍ତି । ଶଶୁର ବ ଅଛନ୍ତି ଏଥିରେ । ନୋହିଲେ ସେ କାହିଁ ନିଚ୍ଛାଟାରେ ବାହାନା କରି ମୋତେ ଏ ଘରକୁ ପଠାଇ ଦେଇ ଥାଆନ୍ତେ । ଯାହା ହେଲା ହେଲ, ଅପଣାର ସ୍ତ୍ରୀ—ଯାହା ହାତ ଧରି ବଡ ହୋଇଥିଲ—କେତେ ଅଦରର, କେତେ ଶରଧାର—ଆଉ ସେ ଭାବି ପାରିଲା ନାହିଁ । ଲଜ୍ଜାରେ, ଭୟରେ, ଥକାବଟରେ ତାର ମୁଣ୍ଡ ଘୂରେଇ ଗଲା—ଛାତ ଫାଟିବାକୁ ଲାଗିଲା, ଚେତି ଶୁଖିଗଲା ।

ଶାଶୁ କହୁଲେ "ଦେଖିଲୁଣି କେତେ ଚଲାଖ ଏ ନଚ୍ଛଅ—ଜାଣିପାରି ଥିରଥିର ହୋଇ କହୁଛି । ଅମେ ହୁଡଏ ଏଣେତେଣେ ହେଲେ—ମାଇବ ଛୁ ।

ଝିଅ କହିଲା "ମୁଁ ବଡ ଘର ଭିତରେ ପଶି ତାକୁ ବ'ଟେଇ ବାଟେଇ ମାଇବା । ପାପ ଲଗିବ ତ ଲାଗୁ ।"

କୁଅଁରିଙ୍କର ଚମକ ଭାଙ୍ଗିଲା । ଏ ଯେ ନସ୍ତ୍ରୀ ମରଣ । ଅତ ନାକଟରେ !

ଜୀବନ ଠାରୁ ତ ଅଉ କଛନାହିଁ । ସେ ପ୍ରାଣ ଅତୁରରେ ବନ୍ଧବନ୍ଧ ଜ୍ଞାନଶୂନ୍ୟ ହୋଇ ଗୋଟାଏ ସିକା ବାଟେ ଚଢି ଘର ଡେଇଁ ପଳାଇବା ଉଦ୍ଦେଶ୍ୟରେ ସିକାକୁ ଧରି ଓହଳି ପଡ଼ିଲେ । ମଣିଷଟାର ଓଜନ କି ସିକାଟା ସହି ପାରେ । ଉପରୁ ଛିଣ୍ଡିଲା—ପଟାସ୍ । କୁଅଁରି ପଡ଼ିଲେ ଭୁଇଁରେ । ତାଙ୍କ ମୁଣ୍ଡ ଉପରେ ପଡ଼ିଲା ସିକାରେ ଥିବା ଦହି ବେହେଡ଼ । ବେହେଡ଼ଟା ତ ଫାଟୁ ହୋଇଗଲା ଅଉ କୁଅଁରି ପଡ଼ିଲେ ତହିଁରେ ଗୋଟାଯାକ ଗାଧୋଇ ।

ଏଣେ ମା, ଝିଅ ଦହେଁ ଅଉ ସମ୍ଭାଳି ନ ପାରି ପଶିଲେ ଘର ଭିତରେ । ଦୁଇଟା ଯୋଡ଼ାର ହିଟ୍ଲ ଧାରିଣୀ ଜଗତଜ୍ଜନନୀ ।

କୁଅଁରି ଜୀବନ ବଳକେ ଗୁଣ୍ଡି ହେଲେ ଗୋଟାଏ ଅନ୍ଧାରିଆ କଣରେ । ସେ କଣରେ କୁଡା ହୋଇଥିଲା ଚୁଣ୍ଡା । ସେ ସବୁ ଦେହରେ ଲାଗିଗଲା ।

ଝାସଣଦା ଦୁହେଁ ଯିମିତ ଯ୍ୟାଙ୍କ ଅଡ଼କୁ ଟଛ କରିଛନ୍ତି—କୁଅଁରି ଧଡ଼କନା ଉଠି ଛୁ— "ହେଇ ଗଲି ଲୋ" ବୋଲି କହି ବୁଲି-ପଡ଼ିଲା ବେଳକୁ କୁ—ଅ—ରି । ମା—ଝିଅ ଦ'ହେ ହାତେ ଲେଖାଏଁ ଜଭ କାମୁଡ—କାଠ ।

ଶଶୁର ଯେ ଥିଲେ ଦାଣ୍ଡରେ । ଗୋଳ ଶୁଣି ଧାଇଁ ଅଇଲେ । ଘଟଣା ଦେଖି ମୁଣ୍ଡରେ ହାତ ଦେଇ ସେଇଠି ସେମିତି ବସି ପଡ଼ିଲେ ।

## କୁତୁ କୁତୁ

ଥରେ ଜଣେ ଗୋରା ଲୋକ ଓ ତାର ମେମ୍ ଗୋଟିଏ ହୋଟେଲରେ ଖାଇଲେ । ହୋଟେଲ ବାଲା ପାଉଣାର ବିଲ୍ ଖଣ୍ଡିଏ ଦେଲା ।

ଗୋରା ତାହା ପଢ଼ି କହିଲା "ଏ କଣ ? ମେମ ମଦର ଦାମ ଲେଖିଛ । ଅମେ ତ ମଦ ଛୁଇଁନାହୁଁ ।" ହୋଟେଲ ବାଲା କହିଲା— "ସେଥିରେ କଣ ଅଛି ...... ମଦ ଥିଲା ତ ସେଠି ।"

ଗୋରା "ଅଚ୍ଛା ହଉ" ବୋଲି କହି ଗ୍ଲାସେଟ ଟଙ୍କା ଦେଲା ।

ହୋଟେଲ ବାଲା କହିଲା, "ଏ କଣ ?"

ଗୋରା କହିଲା "ତମେ ମୋ ସ୍ତ୍ରୀକୁ ଚୁମା ଦେଇ ଥିବା ବାବଦ ଟଙ୍କାଟିଏ କାଟିନେଇଛି ।"

ହୋଟେଲ ବାଲା କହିଲା "ରାମ ରାମ, ମୁଁ ତାଙ୍କୁ ଛୁଇଁ ନାହିଁ କେବେ ।"

ଗୋରା କହିଲା "ସେଥିରେ କଣ ହେଲା—ଥିଲା ତ ସେ ସେଠି ।"

ହୋଟେଲ ବାଲା ତ କାଠ ।

Digitized by srujanika@gmail.com



# ବହିପତ୍ର

ସହକାର ୧୮ଶ ଭାଗ, ୧ମ ସଂଖ୍ୟା

କାରାଗାର ( କବିତା ) ଶ୍ରୀ ଶଚ୍ଚିଦାନନ୍ଦ ରାଉତରାୟ ।

କବିତାଟି ସଚିବାବୁଙ୍କର ଯଶ ଅକ୍ଷୁଣ୍ଣ ରଖିଛି—ବରଂ ବଢ଼ାଇଛି । ଭାବର ଗାମ୍ଭୀର୍ଯ୍ୟରେ ମୂଳରୁ ଶେଷ ଯାଏଁ ଗୌରବ ମୟ । ଭାଷା ଉପଯୋଗୀ ହେଲେ ମଧ୍ୟ ଅଧିକ ଉନ୍ନତ କରାଯାଇ ପାରନ୍ତା ।

"କାରାଗାର ! କାରାଗାର !
ଲୌହ କପାଟ ତୋର ଶରଦନ ମୁକ୍ତିର ସିଂହଦ୍ୱାର ।"

ଏହି ଧାଡ଼ିଟି କବିତାର ମୂଳ ଭାବ ( Central idea ) ଯେପରି ସୁନ୍ଦର ସେହିପରି ପ୍ରାଣସ୍ପର୍ଶୀ ।

ସାନ୍ତ୍ୱନା (ଗଳ୍ପ) ପଣ୍ଡିତ ଗୋଦାବରୀଶ ମିଶ୍ର ଏମ୍. ଏ. M. L. A.

ଗଳ୍ପଟି 'ଚଳନ ସଇ' । ସୁଖର କଥା ଗୋଦାବରୀଶବାବୁ ପୁଣି ରସ ସାହିତ୍ୟରେ ମନ ଦେଲେଣି । ବହୁତ ଦିନ Politics ଓ bellitics ସାଧନାରେ ଅଭ୍ୟାସ ଛାଡ଼ି ଯାଇଛି । ମାତ୍ର ଟିକିଏ ହାତମସ୍ଟ କରି-ନେଲେ ତାଙ୍କର ସିଦ୍ଧହସ୍ତ ପୁଣି ଦୁରସ୍ତ ହୋଇଯିବ ।

ରୁଦ୍ଧ ଗବାକ୍ଷ :—ଶ୍ରୀ ଦିଗମ୍ବର ଭୂୟାଁ, ବି. ଏ. ବି. ଇ. ଡି.

ଏ ଗବାକ୍ଷ ଚିରଦିନ ରୁଦ୍ଧ ରହିଥିଲେ ଭଲ ହୋଇ ଥାଆନ୍ତା । ରସିକ ମେସ୍ ମେମ୍ବରମାନେ ଭଦ୍ରଲୋକର ସଧବା ବଧୂ ସହିତ ରସିକତା କରି ବ୍ୟଗ୍ର ଯୌବନା' ସେହି 'ସ୍ତ୍ରୀ' ସହିତ ପ୍ରେମ କରିଥିଲେ ବରଂ ସୁରୁଚିର ପରିଚୟ ଦେଇଥାନ୍ତେ । ବିଷୟ ଓ ନଗ୍ନ ଅଶ୍ଳୀଳ ତ ହେଲା, କିଛିଏ Art ଥିଲେ ବି ପାଠଯୋଗ୍ୟ ହୋଇଥାନ୍ତା । ଏପରି ଲେଖା ଉତ୍କଳରେ ସର୍ବଶ୍ରେଷ୍ଠ ପତ୍ରିକାର ଖାତିରିକି ଯେ କୌଣସି ବଜାରୁ ପତ୍ରିକାର ମର୍ଯ୍ୟାଦା ନଷ୍ଟ କରନ୍ତା ।

ମରିଚିକା (ଗଳ୍ପ) ଶ୍ରୀ କାଳିପ୍ରସନ୍ନ କର

ଗଳ୍ପଟିର ଭାଷା ମଧୁର । 'ସ୍ୱୀନାର୍ ସପନ' 'ଆଠ' ଦେଖାଉଚା, 'ଅଙ୍କା ବଙ୍କା' 'କେଉଁ ସେ ଫିଲ୍ମଟି କାଳରେ' ପ୍ରଭୃତି ଭଲ ଭଲ ବଙ୍ଗଳା ଶବ୍ଦ ଓ Idiom ଭରି ହୋଇଛି । ମୂଳରୁ ଶେଷ ଯାଏ ମନେ ହୁଏ ଯେପରି କୌଣସି ବଙ୍ଗଳା ଲେଖାକୁ ଅନୁବାଦ ବା ଭାଷାନ୍ତର ନକରି ଅକ୍ଷରାନ୍ତର ବା ଶବ୍ଦାନ୍ତର କରି ଦିଆ ହୋଇଛି । ଆଶାକରୁଁ କର ମହାଶୟ ଯଦି ଓଡ଼ିଆ ଲେଖୁଛନ୍ତି ତେବେ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ପ୍ରତି ଟିକିଏ ଦୃଷ୍ଟି ଦିଅନ୍ତୁ ।

ମଧ୍ୟବର୍ତ୍ତିନୀ, ଶ୍ରୀ ବଳଭଦ୍ରଭୂଷଣ ତ୍ରିପାଠୀ ।

ଲେଖା ଗଳ୍ପ ପରି ଲାଗୁଥିଲେ ମଧ୍ୟ ପ୍ରକୃତରେ ଗଳ୍ପ ନୁହେଁ । ମନସ୍ତତ୍ତ୍ୱର ଗୋଟିଏ ସମସ୍ୟା କୌଶଳରେ ସମାଧାନ କରା ହୋଇଛି । ଭାଷା ସୁନ୍ଦର ଓ ବଳଶାଳୀ । ଭାବଟା ଶେଷ ଆଡ଼କୁ ଟିକିଏ କ୍ଳିଷ୍ଟ ଓ ଅପରିସ୍ଫୁଟ ହୋଇ ପଡ଼ିଛି । ନୂଆ ଢାଞ୍ଚାର ମୂଳ ଟିକିଏ ଘଷା ମଜା ହୋଇ ପାଲିସ୍ ହୋଇଗଲେ ଏ ଲେଖକଙ୍କଠାରୁ ବହୁତ ଭଲ ମାଲ ମିଳିବାର ଭରସା ଅଛି ।

ଚନ୍ଦନଚର୍ଚ୍ଚା (ଗଳ୍ପ) ଶତାବ୍ଦୀ

ଉପାଦେୟ କଥା । ଶତାବ୍ଦୀ ଯେ ଜଣେ ଅସଲ ପକ୍କା ଲେଖକ ଏଥିରେ ସନ୍ଦେହ ନାହିଁ । ଆଶାକରୁଁ ସେ ନିୟମିତ ଭାବରେ ସହକାରର ଲେଖା ଲେଖି ପାଠକ ବର୍ଗଙ୍କୁ ଆପ୍ୟାୟିତ କରୁଥିବେ ।

ନିର୍ବାକ ସ୍ତୁତି (ପଦ୍ୟ) ଶ୍ରୀ ନବକିଶୋର ଦାସ ବି. ଏ.

କବିତାଟି ସ୍କୁଲ ମାଗେଜିନରେ ସ୍ଥାନ ପାଇବାର ଯୋଗ୍ୟ ।

(ନବଭାରତ ଓ ଉତ୍କଳ ସାହିତ୍ୟ ସମ୍ପାଦକ ମାନଙ୍କ ଦୟାରୁ ହସ୍ତଗତ ହୋଇ ନାହିଁ । ତେଣୁ ଏଥର କ୍ଷମା ଲାଭ ହୋଇଛି ।)

ଶୁକ୍ଳାଚାର୍ଯ୍ୟ

# ଚିଠିପତ୍ର

ଡ଼ଗର ସମ୍ପାଦକେ,

ତଳ ପତ୍ରଟି ମୁଁ ସମାଜକୁ ପଠାଇଥିଲି । ତାହା ବୋଧହୁଏ ରୁଚିକର ନହେବାରୁ ତାଙ୍କର ଉଦାର କାଗଜରେ ସ୍ଥାନ ଦେଇନାହାନ୍ତି । ଆପଣ ତାହା ଅବିକଳ ପ୍ରକାଶ କଲେ କୃତଜ୍ଞ ରହିବି ।

ଶ୍ରୀ ସୀତାକାନ୍ତ ମହାପାତ୍ର
(ସମାଜଙ୍କ ପାଇଁ ପତ୍ରଟି ଏହି)

ସମାଜ ସମ୍ପାଦକ ମହାଶୟ,

କିଛିଦିନ ତଳେ ସମାଜରେ ପ୍ରକାଶ ପାଇ-ଥିଲା ଯେ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ କଲିକତା ବିଶ୍ୱବିଦ୍ୟାଳୟ ଅଧୀନକୁ ନେଇ ଯିବାକୁ ମୟୁରଭଞ୍ଜର ମହାରାଜା ସ୍ଥିର କରି ଅଛନ୍ତି ବୋଲି ଆପଣ ବିଶ୍ୱସ୍ତ ସୂତ୍ରରୁ ଅବଗତ ଅଛନ୍ତି । ସେହି ସମୟରେ ଆପଣ ଉକ୍ତ ମହା-ରାଜାଙ୍କ ପ୍ରତି ବିଶେଷ ଆକ୍ଷେପ କରି ଲେଖି-ଥିଲେ । ଏହାର କିଛିଦିନ ପରେ ବାରିପଦାର କେତେ ଜଣ ଓକିଲ ଆପଣଙ୍କ ଲେଖାରେ 'ମର୍ମାହତ' ହୋଇ ତାହାର 'ଘୋର ଓ ତୀବ୍ର ପ୍ରତିବାଦ' କରି ଏକପତ୍ର ପ୍ରକାଶ କରିଥିଲେ । ଉକ୍ତ ପତ୍ରରେ ସେମାନେ କହିଥିଲେ ଯେ ମହାରାଜ ରାମଚନ୍ଦ୍ରଙ୍କ ପୁତ୍ର ମହାରାଜ ପ୍ରତାପ ଚନ୍ଦ୍ରଙ୍କ ଠାରୁ ଏପରି ଓଡ଼ିଆ ଜାତିପ୍ରୀତି ବିରୁଦ୍ଧ କାର୍ଯ୍ୟ ଆଶଙ୍କା କରିବା ଅନ୍ୟାୟ । ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ ବା ପ୍ରାକୃତିକ ଉତ୍କଳର ଯେ କୌଣସି ଉଚ୍ଚ ଇଂରାଜୀ ବିଦ୍ୟାଳୟ କଲିକତା ବିଶ୍ୱବିଦ୍ୟାଳୟ ଅଧୀନକୁ ଗଲେ ଉତ୍କଳ ଦେଶର ତଥା ଓଡ଼ିଆ ଜାତି ବା ଭାଷାର କି କି କ୍ଷତି ହେବ ମୁଁ ଭାବି ସ୍ଥିର କରି ପାରୁ ନାହିଁ । ଆପଣ ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ବିଖ୍ୟାତ ସଭ୍ୟ । କେଉଁ ପ୍ରକାର କ୍ଷତି ଭୟରେ ଆପଣ ଭୀତ ହୋଇ-ଥିଲେ, ତାହା ଅନୁଗ୍ରହ କରି ସମାଜରେ ପ୍ରକାଶ କରି ପାରିବେକି ? ବାରିପଦାର ଉକ୍ତ ଭଦ୍ରବ୍ୟକ୍ତିମାନେ ଦୟାକରି ସେମାନଙ୍କର ଆଶଙ୍କାର କାରଣ ସାଧାରଣଙ୍କୁ ଜଣାଇବେକି ?

ଉତ୍କଳ — ଆପଣଙ୍କର
୧୦ । ୬ । ୩୭ — ଶ୍ରୀ ସୀତାକାନ୍ତ ମହାପାତ୍ର ।

Digitized by srujanika@gmail.com

# ଡଗର ଶବ୍ଦଧନ୍ଦା

‘ଡଗର’ର ପାଠକ ମାତ୍ରେ

## ଟ୨୫ଙ୍କା ପୁରସ୍କାର !

ବିନା ମୂଲ୍ୟରେ



ଏକଅଣା ଡ଼ାକଟିକଟ ସହ



ଏକଅଣା ଡ଼ାକଟିକଟ ସହ



ପ୍ରତ୍ୟେକ ଉତ୍ତର ସଙ୍ଗେ ପ୍ରବେଶିକା ମୂଲ୍ୟ ଏକଅଣା ମାତ୍ର

ଦୁଇଟି ଉତ୍ତର ଏକ ସଙ୍ଗରେ ଦେଲେ ଗୋଟିଏ ବିନା ମୂଲ୍ୟରେ ଦେଇ ହୁଏ

ନାମ ______________________

ଠିକଣା ______________________

______________________

କେତୋଟି ଉତ୍ତର ______________________

ଜୁଲାଇ ଏକ ତାରିଖ ଦିନ ୧୦ ଟା ମଧ୍ୟରେ ସମସ୍ତ ଉତ୍ତର ପହଞ୍ଚିବା ଦରକାର

### ସିଧା ଭାବରେ

୧ । ଅରତ ଜନ ଯାହା ମାଗେ ।
୩ । ବାରଧର ଏହା ଅଛେ ।
୭ । ପୀରତ—ବଷମ ।
୮ । ଏ ମିଷ୍ଟାନ୍ନ ଓଷାବାରରେ ଲାଗେ ।
୯ । କୃଷ୍ଣ ରାଧାଙ୍କର ପ୍ରେମ—ହୋଇଥିଲେ ।
୧୧ । ଯିଏ ସନମାନ ଦେଖାଏ ।
୧୨ । ଭରତ୍ ବର୍ଷର ଏହା ନହେଲେ ନଷ୍ଟଲେ ।
୧୩ । ଅଳଙ୍କାର ଭଟ୍ଟେଷ ।
୧୫ । ଫୁଲର ସାଧାରଣ ରଙ୍ଗ ।
୧୭ । ଏହା ବେଣୀବେଳ ବାଟରେ ଗୁଳେ ।
୧୮ । ଭଲ ଲୋକେ ଏହାକୁ ଘୃଣା କରନ୍ତି ।
୧୯ । ଅଧିକାଂଶ ପର୍ବତରେ ପଡ଼ଥାଏ ।

### ବିଜ୍ଞାପନ ।

ଏକ ନମ୍ବର ଶବ୍ଦଧନ୍ଦା ପ୍ରତିଯୋଗୀତାର ନିର୍ଦ୍ଦିଷ୍ଟ ସମୟ ଅନ୍ତେ ଅଢ ନିକଟରେ ୨ନମ୍ବର ଶବ୍ଦଧନ୍ଦା ବାହାରିବ । ପୁରସ୍କାର ପ୍ରାପ୍ତ ବ୍ୟକ୍ତି-ମାନେ ତତ୍‌ପୂର୍ବରୁ ୧ ନମ୍ବର ଶବ୍ଦଧନ୍ଦା ସମ୍ବନ୍ଧରେ ମତାମତ ଯେତେ ଅଳ୍ପରେ ପାରନ୍ତି ଲେଖି ପଠାଇଲେ ଡଗର ତାହା ଆନନ୍ଦରେ ଏହି ସ୍ତମ୍ଭରେ ସ୍ଥାନ ଦେବ ।

‘ନାଗରାଜ’

୨ ନମ୍ବର ଶବ୍ଦଧନ୍ଦା ।

ଅସୁହ— ନିକଟରେ— ଅପୁଚ୍ଛ

ଛଅପର ଟଙ୍କା ଡାଳଦେବ ।

### ଉପର ତଳ ଭାବରେ

୧ । ନସୁମ ।
୨ । ମହାଭାରତ ସମୟରେ ଲଢିଥିଲା ।
୪ । ଏହାକୁ ଦମନ କର ।
୫ । ଝଡ଼ରେ ଝଡ଼େ ।
୬ । ଏହା ଛାଡ଼ଲେ ବୁଢ଼ାଲ ଭେଳା ।
୯ । ଏହା ନଦେଲେ ଭଲକଥା କହିବନାହିଁ ।
୧୦ । ବିଷ୍ଟ୍ର ପ୍ରିୟା ।
୧୧ । ମୃତ୍ୟୁର ଅଙ୍ଗରର ।
୧୩ । ଯଥାକାଳରେ ପ୍ରବେଶବାରେ ଲାଗେ ।
୧୪ । ଚରୁର ଲୋକ ବିପଦବେଳେ ଏହା ପାଏ ।
୧୬ । ଦେଶରେ ଅନ୍ନାଭାବ ଲାଗିଲେ ସୈନ୍ୟମାନେ ଏଥିଲାଗି ଏହା ହୋଇଥାନ୍ତି ।
୧୭ । ଦେବ ଶିରରେ ଶୋଭାପାଏ ।

### ଧନ୍ଦା ଭେଦର ଉପାୟ ।

ଉପରେ ଯେଉଁ ବାକ୍ସଟି ଦିଆ ଯାଇଛି, ତାର ସିଧା ବାଟରେ ସାତୋଟି ଓ ଉପରତଳ ଭାବରେ ସାତୋଟି ଘର । ଏପରି ମୋଟ ୪୯ଟି ଘର ଭିତରୁ କେତେକ ଘର ବନ୍ଦ ଅଛି, କେତେକ ଘରେ ଅକ୍ଷର ଦିଆ ଯାଇଛି ଓ ଆଉ କେତେକ ଘର ଖାଲି । ଏହି ଖାଲି ଘରମାନଙ୍କରେ ଏପରି ଗୋଟିଏ ଗୋଟିଏ ଅକ୍ଷର ବସାଇବାକୁ ହେବ ଯେପରି ସମସ୍ତ ଅକ୍ଷର ମିଶି ସିଧା ଆଡ଼େ ଓ ଉପର ତଳକୁ କେତେ ଗୁଡ଼ିଏ ଶବ୍ଦ ଗଢ଼ିବ । ଶବ୍ଦଗୁଡ଼ିକ ଯେଉଁଠାରୁ ଆରମ୍ଭ ହେବ ସେଇ ଘରମାନଙ୍କରେ ନମ୍ବର ଦିଆଯାଇଛି ଏବଂ ଯେଉଁଠାରେ ଶେଷହେବ ତାର ପର ଘର ଗୁଡ଼ିକୁ ବନ୍ଦ କରି ଯାଇଛି । ଅବେକ୍ଷା ଅକ୍ଷର ଗୁଡ଼ିକୁ ନିଶ୍ଚୟ କରିବା ନିମନ୍ତେ ଘରର ନମ୍ବର ବା ଶବ୍ଦର ନମ୍ବର ଅନୁସାରେ ଉପର ଶବ୍ଦ ଗୁଡ଼ିକର ଅର୍ଥ ବା କେତେକ ଅର୍ଥ ସୂଚକ ବିଷୟ ଦିଆଗଲା ।

Digitized by srujanika@gmail.com

# ପ୍ରତିଯୋଗୀତା ।

ପାଇପାରିବେ ।

## ଟ୨୫ଙ୍କା ପୁରସ୍କାର !!

ଉଦାହରଣ:—ପ୍ରଥମ ଘର ନମ୍ବରଟି ମଧ୍ୟରୁ ୧ ନମ୍ବର ଘରେ 'ଶ' ଓ ତୃତୀୟ ଘରେ 'ଣ' ଅଛି । ଚତୁର୍ଥ ଘର ବନ୍ଦ ଓ ଦ୍ୱିତୀୟ ଘର ଖାଲି । ତେଣୁ ଦ୍ୱିତୀୟ ଘରେ ଏପରି ଗୋଟିଏ ଅକ୍ଷର ଦେବାକୁ ହେବ ଯାହାଦ୍ୱାରା ଗୋଟିଏ ଶବ୍ଦ ହେବ । ସେ ଶବ୍ଦର ମୂଳଅକ୍ଷର 'ଶ' ଓ ଶେଷ ଅକ୍ଷର 'ଣ' ହୋଇଥିବ । ଏ ଶବ୍ଦ ସିଧା ବାଗରେ ରହିଥିବାରୁ ଏହି ଶବ୍ଦର ନମ୍ବର (ଏକ) ଅନୁଯାୟୀ ସିଧା ବାଗରେ ଲେଖା ଯାଇଥିବା ୧ ନମ୍ବର ଶବ୍ଦର ଅର୍ଥ ସଙ୍ଗେ ସମାନ ହେବ । ଅର୍ଥାତ୍ ସେ ଶବ୍ଦର ଅର୍ଥ ହେବ, ଅରତ ଜନ ଯାହା ମାଗେ । ଶ ଓ ଣ ପୂର୍ବରୁ ଦିଆ ଯାଇଥିବାରୁ ଏହି ଶବ୍ଦ 'ଶରଣ' ହେବ ।

ସେହିପରି ଉପର ତଳ ଭାବରେ ୧ ନମ୍ବର ଶବ୍ଦର ତିନି ଅକ୍ଷର ମଧ୍ୟରୁ 'ଶ' ଓ 'ଥ' ଦିଆଅଛି । ଦ୍ୱିତୀୟ ଅକ୍ଷରଟି 'ପ' ହେଲେ ଶବ୍ଦଟି 'ଶପଥ' ହେବ ଏବଂ ତାର ଅର୍ଥ 'ଉପର ତଳ ଭାବରେ' ଦିଆ ଯାଇଥିବା ଏକ ନମ୍ବର ଅନୁସାରେ 'କସମ' ହେବ । ଏହିପରି ଭାବରେ ସମସ୍ତ ଘର ଗୁଡ଼ିକ ପୂରଣ କରନ୍ତୁ ।

### ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ ।

ଏହାର ଉତ୍ତର ସିଲ୍‌କରା ହୋଇ ଗୋପୀନାଥ ପ୍ରେସର ପାଣ୍ଡି ରକ୍ଷକଙ୍କ ନିକଟରେ ରଖାଯାଇଛି । ଏହି ସିଲ୍ ଦିଆ ହୋଇ ରହିଥିବା ଉତ୍ତର ସହିତ ଯାହାର ଉତ୍ତର ମିଳିବ ସେ ପ୍ରଥମ ପୁରସ୍କାର ଟ୧୫ଙ୍କା ପାଇବ । ଯାହାର ଗୋଟିଏ ମାତ୍ର ଭୁଲ ହେବ ସେ ଦ୍ୱିତୀୟ ପୁରସ୍କାର ଟ୬୯ ପାଇବ ଓ ଯାହାର ଯୋଡ଼ିଏ ଭୁଲ ହେବ ସେ ତୃତୀୟ ପୁରସ୍କାର ଟ୪୯ ପାଇବ । ଏହାଠାରୁ ଅଧିକ ଭୁଲ ହୋଇଥିବା କାଗଜ ରଦ୍ଦ ହୋଇଯିବ ।

କେବଳ ଗୋପୀନାଥ ପ୍ରେସ, ଭଦ୍ରକରୁ ବାହାରୁଥିବା ଡଗରରୁ କଟାହୋଇଥିବା କୁପନରେହିଁ ଉତ୍ତର ଦେବାକୁ ହେବ ।

ଏହି ପ୍ରତିଯୋଗୀତାରେ ଗୋଟିଏ ଉତ୍ତରର ପ୍ରବେଶିକା ମୂଲ୍ୟ ଟ୦/ ଉତ୍ତର ସହ ଦେବ । ତାହା ଡଗର ଅଫିସକୁ ଚେକ ବା ମନିଅର୍ଡରରେ ଦ୍ୱାରା କିମ୍ବା ଏକ ପଇସିଆ ଟ୦/ର ଡାକ ଟିକଟ ଦ୍ୱାରା ପଠାଇବାକୁ ହେବ । ଏକାସଙ୍ଗରେ ଦୁଇଟି ଉତ୍ତର ଦେଲେ ଦୁଇଗୁଣ ହିଁ ମୂଲ୍ୟରେ ଦିଆଯାଇ ପାରେ କୌଣସି ଲୋକ ଏକ ସମୟରେ ଟ୨୯କା ଦେଲେ ଯେତେ ଇଚ୍ଛା ତେତେ ଉତ୍ତର ଦେଇ ପାରିବ ।

ଉତ୍ତରରେ ନିଜ ନାମ ଠିକଣା, ଗ୍ରାହକଙ୍କୁ ସ୍ପଷ୍ଟ ଭାବରେ ଲେଖିବାକୁ ହେବ ।

କୌଣସି ଅସୁବିଧାର ଚରମ ନିଷ୍ପତ୍ତିକାରକ 'ଡଗର'ର ଧନ୍ଦା ପ୍ରତିଯୋଗିତା ସମ୍ପାଦକ ଅଟନ୍ତି ।

ଠିକ୍ ଉତ୍ତର ଡଗରରେ ପ୍ରକାଶ ପାଇବ ଓ ତତ୍ପର ସଂଖ୍ୟାରେ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କର ନାମ ପ୍ରକାଶ ପାଇବ ।

ଏକାଧିକ ଲୋକଙ୍କର ଉତ୍ତର ଠିକ ହେଲେ ପୁରସ୍କାର ସମାନ ଭାବରେ ବାଣ୍ଟି ଦିଆଯିବ ।

କୌଣସି ଲୋକ ଏକାଧିକ ପୁରସ୍କାର ପାଇବାର ଥିଲେ କେବଳ ଉତ୍କୃଷ୍ଟ ପୁରସ୍କାରଟି ପାଇବେ ।'

## ଭୋଟ ଅପ୍‌ଶୋଷ । (ତୃତୀୟ ପର୍ବ)

ହାମ୍ବରେ ହାମ୍ବ ଏବେ ହେଲା    ଏକ ହଟ ହଟା !
ଆମେ ତ ଘରେ ଶୋଇଥିଲୁ    ମନଷ୍ଟା କର ଝଟା,
ହଠାତ୍ ଖଣ୍ଡେ ମିଳି ଗଲା    ପୁଷ୍କରର ପଷ୍ଟା ।
ଭାବିଲୁ ମନେ ଏଇଟା ଆମ    କାମର ପୁରସ୍କାର,
ହାତ ତଆର ଦେଖଣା ଏବେ    ହୋଇଯିବ ଉଦ୍ଧାର ।
ସଭିଙ୍କୁ ଛାଡ଼ି ଆମକୁ ଯେବେ    ବରଣ କଲେ ପ୍ରଭୁ,
ସେଇ ଭଳିଆ ଆମେ ବି ଏବେ    ପତିବ୍ରତା ହବୁଁ ।
ପ୍ରଶ୍ନ ନିଅଙ୍କ ଭଲ ମନ    ଆମକୁ ଏହା ଲାଗେ,
ତାଙ୍କର ମୁଣ୍ଡେ ମାଲଷା ଦେଇ    ସାଉଁଳ ଦବୁଁ ଆଗେ ।
'ଭୁତ୍ତାରୁଅ' ବୋଲି ଆମକୁ (ଯେ)    କହିବ କହୁ ଥାଉ,
କହଠା ପାଣି କଉଁ ଆଡ଼କୁ    ବହୁଛି ଦେଖାଯାଉ ।
'ତନ ମୁଷଲେ ନାହିଁ କୁଶଳ'    ଅଛି ଶାସ୍ତ୍ର କଥା
ଏହି ବଚନ ଜାଣି ଆମେ    କହିଦେବୁଁ ଅନ୍ୟଥା

ଏତେକ ଏହା ସରୁବେଳେ    ଛାତିରେ ଅଛି ଦରୁ
ଅଜାଣତେ କଉଁ ବେଳରେ    ବାଜି ଯିବ ଧକ୍କା ।
ଘଡ଼ି ଅଧରେ ବାଡ଼ିହୁଆରେ    ଶଙ୍ଖା, ଘାଟୀ ଥୋଇ,
ଲେଖନ୍ତି ଯିରୁଁ ମାନେ ମାନେ    ପୁନର୍ମୁଷିକ ହୋଇ ।
ଝୁରୁଛୁ ଏବେ କାହିଁକି ଏଥେଁ    ପୁରଇଁଲୁ ହାତ,
ପଡ଼ିଥିଲା କାହିଁକି ପେଟେ    ଆମର ଡାଲି ଭାତ ।
ଛାଡ଼ିଲେ ଆଖି ଫୁଟିଯାଏ    ରଖିଲେ ଯାଏ ପ୍ରାଣ,
ନାଗ ଚନ୍ଦ୍ରା ସରି ଅଜ    ହୋଇଲୁ ହଇରାଣ ।
ଜାମ ଜମଲେ ଏହିକଣିକା    ପିଠିରେ ବୁଲୁଛି ହାତ,
ଜାମ ସରିଲେ କନେ ଅଛି    ଓଛଆଡ଼ିଆ ଜାତ ।
ଖେବସ୍ତୁର ସଞ୍ଜରୁଣୀର    ହେବେ ମିଳାମିଶା,
ମୁହଁ କରିଛୁ ଆମର ସେଦିନ    ହବ କଉଁ ଦଶା ।

Digitized by srujanika@gmail.com



# ଓଡ଼ିଆ ରେକର୍ଡର ଇତିହାସ

## କଳାକର୍ମ

ଶ୍ରୀ ଶରଣ ଚନ୍ଦ୍ର ଘୋଷ ।

କୋଡ଼ିଏ ଦିନ ନୁହେଁ— ପାଞ୍ଚ ବର୍ଷ ଆଗର କଥା । ସେତେବେଳେ ଓଡ଼ିଆ ରେକର୍ଡ ନ-ଥିଲା କହିଲେ ଚଳେ । ଯେଉଁ ଗୋଟିଏ ଯୋଡ଼ିଏ ରେକର୍ଡ ବାହାରି ଥିଲା, 'ଏବନ୍ଧୋ ହେ ପିତ୍ରୁମାତୃହେ' ପରି ତାକୁ ଓଡ଼ିଆ ପ୍ରେମୀ ସଜ୍ଜନ ଖଣ୍ଡେ କେତେବେଳେ କେମିତି ପାଖରେ ରଖିବାର ଦେଖାଯାଉ ଥିଲା । ସମସ୍ତେ ବଙ୍ଗଳା ରେକର୍ଡ଼ କିଣିବାକୁ ବାଧ ହେଉଥିଲେ । ଶ୍ରୀଯୁକ୍ତ ମୋହନ ସୁନ୍ଦର ଦେବ ଓ ବାବୁ କାଳି ଚରଣ ପଟ୍ଟନାୟକ ସେହି ଯୁଗର ଗାୟକ । ସେ ସମୟର ସଙ୍ଗୀତରେ ସ୍ୱରର ତାରତମ୍ୟ ଆଦୌ ପରି-ଲକ୍ଷିତ ହେଉ ନଥିଲା । ଏକ ପ୍ରକାର ରବ ଗୋଟିଏ ଭାବ ଅଭ୍ୟସ୍ତ ସ୍ୱର ଶୁଣିବାକୁ ଲୋକଙ୍କୁ ସେପରି ସୁଖକର ବୋଧ ହେଉନଥିଲା ।

ଓଡ଼ିଆ ରେକର୍ଡର ଇତିହାସରେ ଶ୍ରୀ ଗୌରାଙ୍ଗ ଚନ୍ଦ୍ର ଦାସଙ୍କର ଅବଦାନ ଓ ତାଙ୍କର ଉଦ୍ଯୋଗରେ ଲୋଟଣୀ ପାଣି— ଝୁମୁ ଝୁମୁ ଝୁମୁରୁ ଝୁମୁ— ପ୍ରଭୃତି ଗୋଟିଏ ଯୁଗ ପ୍ରବର୍ତ୍ତନରେ ସାହାଯ୍ୟ କରିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଗୌରାଙ୍ଗ ବାବୁ ଯେତେବେଳେ ରେକର୍ଡ଼ ଜଗତରେ ଶିଶୁ କିନ୍ତୁ ତାଙ୍କର ଏହିସବୁ ଗୀତ ଏତେ ଆଦର ହେବାରୁ ଜଣିଲା ଯେ ବାଧହୋଇ ହିଜ୍‌ମାଷ୍ଟରସ୍ ଭଏସ୍ କମ୍ପାନୀକୁ ତାଙ୍କର ପରମ୍ପରା ଘାତ ବଦଳାଇ-ବାକୁ ପଡ଼ିଲା । ନୂଆ ନୂଆ ଗୀତପାଇଁ ସେମାନେ ନୂତନ ନୂତନ ଆର୍ଟିଷ୍ଟ (ଗାୟକ) ଖୋଜି ବୁଲିଲେ । ଗୌରାଙ୍ଗ ବାବୁଙ୍କର ଏହି [illegible]ଜୀବନରେ ଅନ୍ୟ ଜଣଙ୍କର ମଧ୍ୟ କୃତିତ୍ୱ ଥିଲା । [illegible] ହେଉଛନ୍ତି ଯାଜପୁରର ସଙ୍ଗୀତାଚାର୍ଯ୍ୟ [illegible] କୃଷ୍ଣ ପ୍ରସାଦ ବସୁ । ଏହାଙ୍କର ରଚନା ଏବଂ [illegible]ଯୋଜନାହିଁ ଗୌରାଙ୍ଗ ବାବୁଙ୍କୁ ଯଶସ୍ୱୀ କରି-ଥିଲା ।

ଏହାଙ୍କପରେ ଉଲ୍ଲେଖ ଯୋଗ୍ୟ ଗାୟକ ହେଉଛନ୍ତି ବାଣୀକଣ୍ଠ ନିମାଇଁ ଚରଣ ହରି-ଚନ୍ଦନ । କଣ୍ଠ ମାଧୁର୍ଯ୍ୟରେ ସେ ଅନନ୍ୟ । ସେଥିପାଇଁ ଜନ ସମାଜରେ ଅତି ଅଳ୍ପସମୟ ମଧ୍ୟରେ ତାଙ୍କର ସୁଖ୍ୟାତି ବ୍ୟାପିଗଲା । ପ୍ରଥମ ସଙ୍ଗୀତରେ ସେ ଜଣାଇ ଦେଲେ ଯେ କେବଳ ପ୍ରାଚୀନ ଢାଞ୍ଚାରେ ଗାଇଲେ ଚଳେନାହିଁ ତହି ସଙ୍ଗେ ସଙ୍ଗେ କଣ୍ଠ ମାଧୁର୍ଯ୍ୟ ମଧ୍ୟ ଲୋଡ଼ା । ଗୌରାଙ୍ଗ ବାବୁ ନିମାଇଙ୍କ ମଧ୍ୟରେ ପାର୍ଥକ୍ୟ ଅଛି ଯଥେଷ୍ଟ । ଗୌରାଙ୍ଗ ବାବୁ ଉତ୍ତର ଭାର-ତୀୟ ସଙ୍ଗୀତର ଆଦର କରନ୍ତି, ମାତ୍ର ନିମାଇ ବାବୁ ଦକ୍ଷିଣ ଭାରତ ବା ଦ୍ରାବିଡୀ ସଙ୍ଗୀତା-ମୋଦୀ । ନିମାଇ ବାବୁ ଛାନ୍ଦ ଓ ଦକ୍ଷିଣୀ ଗୀତ ଗାଇ ଓଡ଼ିଶାର ସମ୍ମାନକୁ ଯେ ବହୁ ପରିମାଣ-ରେ ବଢ଼ାଇ ଦେଇଛନ୍ତି ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ବାଣୀକଣ୍ଠଙ୍କର ଲଳିତ କଣ୍ଠରେ ଉତ୍କଳର ପୂଜ୍ୟ କବରେଣ୍ୟ ବନକୃଷ୍ଣ, ଗୋପାଳକୃଷ୍ଣ, ଭଞ୍ଜ, ଅଭିମନ୍ୟୁଙ୍କର ରଚନା ଆଜି ପ୍ରକୃତରେ ଅମୃତ ବର୍ଷି ଓଡ଼ିଆଙ୍କୁ ଚେତାଇ ଦେଉଛି । ନିମାଇ ବାବୁଙ୍କର 'ବଉଳକୁ ଆଲିଙ୍ଗନ' ରେକର୍ଡ଼ଟି ଯାହାର ନାହିଁ ତା ଘରେ ଗ୍ରାମୋ-ଫୋନ ରଖିବା ଯଥାର୍ଥ ନୁହେଁ ବୋଲି ଲୋକେ ନିନ୍ଦା କରନ୍ତି ।

ନୀଳଗିରିର ବାବୁ ଗୋକୁଳାନନ୍ଦ ମହାନ୍ତି ଏହାଙ୍କର ସମସାମୟିକ । ବାବୁ ଜଗବନ୍ଧୁ ସାହୁ, ମିସ୍ ତୋଫାବାଲି, କୃଷ୍ଣ ପ୍ରସାଦ ବୋଷ ଓ ଲକ୍ଷ୍ମୀଧର ସାହୁ ପ୍ରଭୃତି ମଧ୍ୟ ଏହି ସମୟରେ ରେକର୍ଡ ଗାୟକ ରୂପେ ପରିଚିତ ହୋଇଥିଲେ । କିନ୍ତୁ ଗୋକୁଳାନନ୍ଦ ମହାନ୍ତି ଓ ମାଷ୍ଟର ଲକ୍ଷ୍ମୀଧରଙ୍କ ଛଡ଼ା ଅନ୍ୟାନ୍ୟ କେହି ସେପରି କୃତିତ୍ୱ ଦେଖାଇ ପାରିଲେ ନାହିଁ । ଗୋକୁଳ ବାବୁଙ୍କ ଗଳା ଯେ କେତେ ମଧୁର ତାହା ତାଙ୍କର ଗୋଟିଏ ପ୍ରସିଦ୍ଧ ଗୀତ 'ହେ ମୋ ବାଲୁଙ୍କା କରି' ପ୍ରମାଣ କରିଦିଏ । ଗୀତର ରଚୟିତା ଓଡ଼ିଶାର ଅନ୍ୟତମ ଗୀତକବି ଶ୍ରୀଲକ୍ଷ୍ମୀକାନ୍ତ ମହାପାତ୍ର । ଗୀତଟିର ଭାବ ଭାଷା ସୁର ଓ ସର୍ବୋପରି ଗାୟକଙ୍କର କଣ୍ଠସ୍ୱର ଗୀତଟିକୁ ଜନସମାଜରେ ଯଥେଷ୍ଟ ଆଦୃତ କରିଛି ।

ମାଷ୍ଟର ଲକ୍ଷ୍ମୀଧର ଯେଉଁ ଗୀତରେ ନାମ କରିଥିଲେ ସେ ହେଉଛି – 'ମୁହିଁ ମୁହିଁ ପଥ ଭୁଲିଗଲି' ନବୀନ ଗାୟକଙ୍କର କଣ୍ଠସ୍ୱର ଶ୍ରୋତା-ମାନଙ୍କର ବଡ଼ ପ୍ରିୟ ।

ମିସ୍ ତୋଫାବାଲି ମଧ୍ୟ ମନ୍ଦ ଗାଉନାହାନ୍ତି । ତାଙ୍କର କୀର୍ତ୍ତନଟି ବେଶ୍ ହୋଇଛି । କୃଷ୍ଣବାବୁ କିନ୍ତୁ ଚେଷ୍ଟାକରି ନିଜେ ଅସଫଳକାମ ହୋଇଛନ୍ତି ତାଙ୍କର କଣ୍ଠସ୍ୱର ଆଦୌ ରେକର୍ଡ଼ର ଉପଯୋଗୀ ନୁହେଁ । ବାବୁ ଜଗବନ୍ଧୁ ସାହୁ ଚଳନୋପଯୋଗୀ ଗାଇଛନ୍ତି । ଲକ୍ଷ୍ମୀକାନ୍ତ ବାବୁଙ୍କର ରଚନାର ପ୍ରାଣସ୍ପର୍ଶୀ ଭାବ କେତେକାଂଶରେ ସଙ୍ଗୀତର ଦୋଷକୁ ଢାଙ୍କିପକାଇଛି । ସନ୍ଦେହ ନାହିଁ ଲକ୍ଷ୍ମୀକାନ୍ତ ବାବୁଙ୍କର ସଙ୍ଗୀତ ରୁଚିକୁ କୌଣସି ସୁଗାୟକ ଦ୍ୱାରା ଗୀତ ହୋଇଥିଲେ ଜନସାଧାରଣରେ ତାର ଆଦର ଖୁବ୍ ଉଚ୍ଚରେ ହୋଇଥାନ୍ତା । ଜଗବନ୍ଧୁ ବାବୁଙ୍କର ଦୋଷ ନୁହେଁ ଏହା ତାଙ୍କର ଗଳା ଦୋଷ ।

(ପୁଣି ପର ସଂଖ୍ୟାରେ ଆଲୋଚିତ ହେବ)

### କୁଟୁକୁଟୁ

ଜଣେ ଗରାଖ ଦୋକାନକୁ ଯାଇ କହିଲା "କିଣିବା ପସନ୍ଦ ନ ହେଲେ ତମେ ବଦଳେଇ ଦେବଟି ?"

ଦୋକାନୀ କହିଲା "ହଁ, ଦେବ",

ସେଥିରୁ ସେ ଖଣ୍ଡିଏ ବହି ବାହାର କରି କହିଲା "ଏ ବହିଟି ମୁଁ କିଣିଥିଲି ତମଠୁଁ । ପଢ଼ିସାରି ଦେଖିଲି ଯେ କିଛି ଭଲ ନୁହେଁ । ଆଉ ଖଣ୍ଡେ ବଦଳେଇ ଦିଅ ତେବେ ।"

Digitized by srujanika@gmail.com



# ଅପ୍ରାକୃତିକ ଯୌନ ପ୍ରକ୍ରିୟା

**ହକିମ୍ ମହମ୍ମଦ ଫାରୁକ୍**

୧୮ ବର୍ଷରୁ ନିମ୍ନ ବାଳକ ବାଳିକାମାନଙ୍କର ଏହା ପଢ଼ିବା ଅନୁଚିତ । ଅଭିଭାବକ ଓ ଶିକ୍ଷକମାନେ ଏ ସମ୍ବନ୍ଧରେ ସତର୍କ ରହିଲେ, 'ଡଗର' କୃତଜ୍ଞ ହେବ :— (ସମ୍ପାଦକ)

## ଯୌନ ଓ ଯୌବନ

(ପୂର୍ବ ସଂଖ୍ୟାରେ ପ୍ରକାଶିତ ଉତ୍ତାରୁ)

ରୋଗୀର ନାମ ଉଲ୍ଲେଖ କରିବା ଅନ୍ୟାୟ ଓ ଚିକିତ୍ସାଧର୍ମ ବିରୁଦ୍ଧ । ମୁଁ ଏ ସ୍ଥଳରେ ତାର ସ୍ୱହସ୍ତ ଲିଖିତ ଇତିହାସରୁ କେତେକ ଅଂଶ ପ୍ରକାଶ କରୁଛି ମାତ୍ର । ଏହାର ସତ୍ୟତା ସମ୍ବନ୍ଧରେ କାହାର ସନ୍ଦେହ ହେଲେ ମୁଁ ସେହି ହସ୍ତଲିପିଟି ଦେଖାଇ ଦେଇ ପାରେ ।

ଦିନେ ବଡ଼ି ସକାଳୁ ମୋତେ ଡାକରା ପଡ଼ିଲା । ଗଲି । ଭଦ୍ରକର ଜଣେ ସରକାରୀ ଅମଲାଙ୍କ ଘର । ଶୁଣିଲି ରୋଗୀଟି ତାଙ୍କର ସାନଭାଇ ।

ରୋଗୀର ରୂପ ଦେଖି ହଠାତ୍ ଚମକି ପଡ଼ିଲି । ଉଜ୍ଜ୍ୱଳ ଗୌରବର୍ଣ୍ଣ ଯୁବକ ସେ । ବର୍ତ୍ତମାନ ଅସ୍ଥି କଙ୍କାଳ ମାତ୍ର ସାର । ଯୁବକଟି ମୋତେ ଦେଖି ତାର କ୍ଷୀଣ ହସ୍ତ ଦୁଇଟିକୁ ଯୋଡ଼ି ନମସ୍କାର କଲା । ମୁଁ ପ୍ରତି ନମସ୍କାର କରି ଶଯ୍ୟା ନିକଟରେ ଗୋଟିଏ ଚଉକିରେ ବସିଲି । ସେ ଉଠି ବସିବା ପାଇଁ ବ୍ୟଗ୍ରତା ପ୍ରକାଶ କଲା । ମୁଁ ବାରଣ କଲି । ରୋଗୀଟି ତତ୍ପରେ ନମ୍ର ନତ ଏବଂ ଅସ୍ପଷ୍ଟ ସ୍ୱରରେ କହିଲା— 'ଆଜ୍ଞା, ଜୀବନର ଆଶା ଆଉ ନାହିଁ । ଆପଣ ଦେଖନ୍ତୁ, ଏଇ ଶେଷ ଚେଷ୍ଟା । ସେଥିଁ କେତୋଟି ଦିନ ନିଃଶ୍ୱାସ ଚଳୁଛି, ମୋତେ ଟିକିଏ ଦୁନିଆଟାକୁ ଭଲ କରି ଦେଖିବାକୁ ଦିଅନ୍ତୁ । ଆଉ କିଛି ଆଶା ମୋର ନାହିଁ । ଜୀବନ ପ୍ରତି ମମତା ମଧ ନାହିଁ ।

ତାର ଏତାଦୃଶ କରୁଣ କାହାଣୀ ଶୁଣି ମୁଁ ଅଧୀର ହେଲି । ରୋଗୀକୁ ପୁଙ୍ଖାନୁପୁଙ୍ଖରୂପେ ପରୀକ୍ଷା କରିବାକୁ ମୋର ସ୍ୱତଃ ଗୋଟାଏ ଆଗ୍ରହ ଜନ୍ମିଲା । ଝରକା ଖୋଲି ଦେଲି । ପର୍ଯ୍ୟାପ୍ତ ଆଲୁଅ ପଡ଼ିଲା । ମୁଁ ଓ ରୋଗୀର ଭାଇ ଉଭୟ ମିଶି ତାକୁ ଚଉକିର ଆଶ୍ରାରେ ବସାଇଲୁଁ । ଦେହ ଅତି ଦୁର୍ବଳ । ଶରୀର ଜୀର୍ଣ୍ଣ । ମୁଖମଣ୍ଡଳ ଜ୍ୟୋତିହୀନ । ଚକ୍ଷୁ କୋଟରଗତ । ଅତ୍ୟଧିକ ରକ୍ତ ସ୍ୱଳ୍ପତା ଯୋଗୁ ଦେହର ବର୍ଣ୍ଣ ଧଳା ଫିକା ଦେଖା ଯାଉଥିଏ । ମୁଁ ସମସ୍ତ ବାହ୍ୟିକ ପରୀକ୍ଷା ସାରିଲା ପରେ ରୋଗନିର୍ଣ୍ଣୟ ମୋ ପକ୍ଷରେ କଠିନ ହୋଇ ପଡ଼ିଲା । ପଚାରିଲି-ଅନ୍ୟ ଚିକିତ୍ସକମାନେ କେଉଁ ରୋଗର ଚିକିତ୍ସା କରିଥିଲେ ? ସେ ଉତ୍ତର ଦେଲା, ଡାକ୍ତରମାନେ ପ୍ରଥମେ କୃମି ଓ ତତ୍ପରେ ଅଗ୍ନିମାନ୍ଦ୍ୟର ଚିକିତ୍ସା କରିଥିଲେ । କିନ୍ତୁ ବହୁ ଔଷଧ ସେବନ କରି ମଧ ସାମାନ୍ୟ ଫଳ ବି ପାଇ ନାହିଁ ।

ତତ୍ପରେ ମୁଁ ନାଡ଼ି ପରୀକ୍ଷା କଲି । ନାଡ଼ିର ଗତି ଦେଖି ମୁଁ ଏକାବେଳକେ ହତାଶ ହୋଇ ପଡ଼ିଲି । ଅସତ୍ ଉପାୟରେ ବୀର୍ଯ୍ୟହାନି ଦ୍ୱାରା ନାଡ଼ି ଯେ ଏତେ କ୍ଷୀଣ, ଦୁର୍ବଳ ଓ ମୃତ୍ୟୁସୂଚକ ହୋଇ ପାରେ ମୁଁ ପ୍ରଥମେ ଏହା ବିଶ୍ୱାସ ମଧ କରି ପାରିଲି ନାହିଁ ।

ତାହାପରେ ମୁଁ ରୋଗୀକୁ କେତେକ ପ୍ରଶ୍ନ କଲି । ସେ ସଙ୍କୁଚିତ ବୋଧକଲା । ମୁଁ ତାର ଭାଇଙ୍କି ବାହାରକୁ ଯିବାକୁ କହିଲି । ସେ ଗଲେ । ତଥାପି ରୋଗୀ ନିଜ ମୁଖରେ ସମସ୍ତ ସ୍ୱୀକାର କରିବାକୁ କୁଣ୍ଠିତ ହେବାର ଦେଖି ମୁଁ ତାହାର ରୋଗର ଇତିହାସ ଲେଖିବାକୁ ଅନୁରୋଧ କରି ଆସିଲି ।

ମୋର କହିବା ଅନୁସାରେ ତତ୍ପରଦିନ ସକାଳର ପତ୍ରଟା ମୋ ନିକଟକୁ ପଠାଯାଇ ଥିଲା । ମୁତ୍ର ପରୀକ୍ଷା କରି ମୋର ଆଉ ଲେଶ ମାତ୍ର ସନ୍ଦେହ ରହିଲା ନାହିଁ ଯେ ଏହା କେବଳ ମାତ୍ର ହସ୍ତମୈଥୁନ ଓ ପୁଂମୈଥୁନର କୁଫଳ । ପିଶାଚର ରୂପ ଦେଖି ମୁଁ ଆତଙ୍କ ବିବଶ ହୋଇ ପଡ଼ିଲି । ରୋଗୀକୁ ମୃତ୍ୟୁ ମୁଖରୁ ରକ୍ଷା କରିବାର ଉପାୟ ମୋତେ ଦିଶିଲା ନାହିଁ ।

ସେ ଦିନ ରୋଗୀ ନିକଟକୁ ଗଲି । ସେ ଦୀର୍ଘ ଦୁଇପୃଷ୍ଠା ବ୍ୟାପୀ ତାର ରୋଗର ଗୋଟାଏ ବିସ୍ତୃତ ଇତିହାସ ମୋ ହାତକୁ ବଢ଼ାଇ ଦେଇ କହିଲା, 'ମୋର ଅନୁରୋଧ, ଏହା ଆପଣ ଆଉ ମୋ ଛଡ଼ା ଦ୍ୱିତୀୟ ବ୍ୟକ୍ତି ଯେପରି ନ ଜାଣନ୍ତି । ଭାଇଙ୍କୁ ଆପଣ କଦାପି ଏ ଲଜ୍ଜାକର ବ୍ୟାପାର ଜଣାଇବେ ନାହିଁ ।'

ସାଧାରଣଙ୍କର ଉପକାର ହେବ ମନେକରି ମୁଁ ସେହି ଇତିବୃତ୍ତର କିୟଦଂଶ ବର୍ଣ୍ଣନା କରିବି ।

[ପର ସଂଖ୍ୟାକୁ ଅପେକ୍ଷା କରନ୍ତୁ]

ପ୍ରିୟ ସମ୍ପାଦକ ମହାଶୟ !

ଦୁର୍ଭାଗ୍ୟ ବଶତଃ ମୁଁ ପୂର୍ବରୁ 'ଡଗର' ପତ୍ରିକାର [illegible] ଗ୍ରାହକ ହୋଇ ନ ପାରି ଦୁଃଖିତ ଅଛି । ବର୍ତ୍ତମାନ ମୁଁ ମନି ଅର୍ଡ଼ର ଦ୍ୱାରା ୧୨ ପଠାଇଲି । ମୋର ଗ୍ରାହକ ନମ୍ବର ଜଣାଇବେ । ଓ ନିମ୍ନ ରୋଗଟିର ଉପଚାର ଛପାଇ ବାଧିତ କରିବେ ।

ଭବଦୀୟ ଶ୍ରୀ ———

ମୋର ସ୍ତ୍ରୀର ବୟସ ୨୧ ବର୍ଷ । ତାର ମୁହଁରେ କଳାଦାଗ ସବୁ ହୋଇ ସୌନ୍ଦର୍ଯ୍ୟ ନଷ୍ଟ କରି ଦେଉଛି । ଏହାର ପରୀକ୍ଷିତ ଫଳପ୍ରଦ ଔଷଧର ପ୍ରୟୋଜନ ।

ଏହାର ଉତ୍ତର
ପର ସଂଖ୍ୟାରେ ବାହାରିବ
(ସମ୍ପାଦକ)

## ଅପୂର୍ବ ସୁଯୋଗ

ଡଗର ଗ୍ରାହକ ମାନେ ତାଙ୍କ ଶରୀର ସମ୍ବନ୍ଧରେ ଯେ କୌଣସି ପ୍ରଶ୍ନ ବର୍ଷକ ମଧ୍ୟରେ ଥରେ ମାତ୍ର କରି ପାରନ୍ତି । ପ୍ରଶ୍ନର ଉତ୍ତର ଡଗରରେ ପ୍ରକାଶ ପାଇବ । ପ୍ରଶ୍ନ ଏକାଧିକରୁ ଅଧିକ ହେଲେ ଲାଇନ ପ୍ରତି ୫ ୦ । ଫିସ୍ ଦେବାକୁ ହେବ । (ସମ୍ପାଦକ)

Digitized by srujanika@gmail.com

# ଚିଠାଉ

"ଡଗର" ସମ୍ପାଦକ ମହୋଦୟ, ସମୀପେଷୁ –

"ଡ଼ଗର" ହସ ଭଙ୍ଗ କରି ଚାଲିବାକୁ ଆରମ୍ଭ କରିଛି। ଓଡ଼ିଆ ଜାତି ଏକ ସମୟରେ ଢଗ ଢଗ କରି ଜଳି ଯାଉଥିଲା — ତେଣୁ ଋଷିଆରେ **ଓଡେ଼ସା** ଦେଶ ସ୍ଥାପନ କରିଥିଲା। ଋଷିଆକୁ ଋଷାଦେଶ କହନ୍ତି। ଓଡ଼ିଶାକୁ ଋଷ୍ୟଦେଶରେ ଓଷା କହନ୍ତି। ଋଷା ଆଉ ଓଷା ମଧ୍ୟ ପ୍ରାକୃତିକ ଭାବରେ ସମାନ ହୋଇଯିବ। ସୁତରାଂ ଓଡ଼ିଆ ଜାତି ଆଉ ଋଷିଆର ଲୋକେ ଏକଦା ଏକ ସାମ୍ରାଜ୍ୟର ଅନ୍ତର୍ଗତ ଥିଲେ, ଏବଂ ତାହା ନିଶ୍ଚୟ ଓଡ଼ିଶା ସାମ୍ରାଜ୍ୟ ଥିଲା। ପୁଣି ଋଷଦେଶ ଯାହାର ପ୍ରାଚୀନ ନାମ (ସେହି ଦେଶର ନାମ ଋଷା — ଚାର୍ଟ ଦେଖନ୍ତୁ।) ସେହି ଓଡ଼ିଆ, ତାହା ନିଶ୍ଚିତ ଓଡ଼ିଶାର ଅନ୍ତର୍ଗତ ଥିଲା। ପୁଣି ଆପଣତ ଜାଣନ୍ତି ଓଡ଼ିଶାର ପ୍ରାଚୀନ ନାମ କଳିଙ୍ଗ। ସେହି କଳିଙ୍ଗ ଯବ ଦ୍ୱୀପରେ ବିସ୍ତୃତ ହୋଇଥିଲା। ଯବ ଦ୍ୱୀପବାସୀ ମାନଙ୍କୁ କ୍ଲିଂ ବୋଲି କହନ୍ତି। ଅତଏବ ବିସ୍ତୃତ ଓଡ଼ିଆ ସାମ୍ରାଜ୍ୟ କେତେ ବଡ଼ ଥିଲା ତାହା ଭାବନ୍ତୁ। କିନ୍ତୁ ଆଜିର ମୂର୍ଖ, ଓଡ଼ିଆ ଏପରି କି ତଥାକଥିତ ପାଠୁଆ ଓଡ଼ିଆ ଏ କଥା କହିଲେ ଠଟ୍ଟା କରିବେ। ୰ବିଶ୍ୱନାଥ କର ଠଟ୍ଟା କରୁଥିଲେ। ସିଂହଳ ଦେଶ ଓଡ଼ିଆଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଥିଲା- ବିଜୟ ସିଂହ ତାମ୍ରଲିପ୍ତ ବନ୍ଦରରୁ ଯାଇଥିଲେ — ମେଦିନୀପୁର ଓଡ଼ିଆ ଏପରି କଥା ହସରେ ଉଡ଼ାଇ ଦେବେ। ପୁଣି ଯଦି କହିବ ଯେ ମହୀଶୂର ରାଜାଙ୍କର ଉପାଧି **ଓଡେ଼ୟାର** ସେହି ଓଡ଼ିଆ ଶବ୍ଦରୁ ହୋଇଛି, ଲୋକେ — ପାଠୁଆ ଲୋକେ ପୁଣି ହସି ଉଡ଼ାଇ ଦେବେ। ଅଥଚ ଶ୍ୱେତଗଙ୍ଗଦେବଙ୍କ ରାଜ୍ୟ ମହୀଶୂର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ଏବଂ ୧୨୦୦ ଶହ ବର୍ଷର ରାଜା ମହୀଶୂରରେ ରାଜୁତି କରୁଥିଲେ। ଏହା ଆର. ଡି. ବେନାର୍ଜିଙ୍କ ଇତିହାସରୁ ଦ୍ରଷ୍ଟବ୍ୟ। ପୁଣି ଯଦି କହିବ ଯେ ସମସ୍ତ ମୋର ଜନ୍ମଭୂମି ଉତ୍କଳ ଖଣ୍ଡ ଥିଲା ତାହାହେଲେ ହସି ଉଡ଼ାଇ ଦେବେ। ଆମ ତଥାକଥିତ ସଂସ୍କୃତ ପାଠୁଆମାନେ – ସ୍ୱତନ୍ତ୍ରଭାବେ ଏମାନେ କିଛି ଜାଣନ୍ତି ନାହିଁ। ଯଦି କହିବ ବଳାଙ୍ଗିର ସମ୍ବଲପୁରର ଛିଅ ଗଡ଼ଜାତ ଦେଶରେ ରାଣୀ ହୋଇଥିଲେ ତାହାହେଲେ ହସ ବଢ଼ାଇ କରି କଥାଟାକୁ ଏହି ଓଡ଼ିଆ ଭଦ୍ରମାନେ ଉଡ଼ାଇଦେବେ। ଉଡ୍ଡିୟାନ ତନ୍ତ୍ରର କୋଟିଏ ପ୍ରଧାନ କେନ୍ଦ୍ର ଥିଲା। ତାହା ହରପ୍ରସାଦ ଶାସ୍ତ୍ରୀ କହିଛନ୍ତି। ଏ ବିଷୟରେ ବରୋଦାର ଓରିଏଣ୍ଟାଲ ସିରିଜର ସାଧନମାଳା ଗ୍ରନ୍ଥଦ୍ୱୟ ଦ୍ରଷ୍ଟବ୍ୟ। ଏହି ଉଡ୍ଡିୟାନ ତନ୍ତ୍ରର ଅର୍ଥ ଜର୍ଜିଙ୍କୁ ଯାହା ଯେଉଁ ଯାଏ। ଏହା କହିବାକୁ ଠଟ୍ଟା କରି ତାମିଲ ନାଗ ଗ୍ରନ୍ଥମାନଙ୍କରେ ସ୍ପଷ୍ଟ ଲେଖା ହୋଇଛି ଯେ ଓଡ୍ର ଓଡ୍ର ଧାତୁରୁ ଉତ୍ପନ୍ନ ଯାହାର ଅର୍ଥ ପଳାଇବା, ଯେ ଶବ୍ଦ ସମ୍ଭବତଃ ପଳାଏ। ଛି-ଛି। ଉଡ୍ଡିୟାନରୁ ଯେ ଓଡ୍ର ଶବ୍ଦର ପ୍ରକୃତ ଅର୍ଥ ମିଳେ ଏ କଥା ଆମ ଓଡ଼ିଆଙ୍କୁ ମଧ୍ୟ ଭଲ କରି ଜଣା ନାହିଁ।

R. D. Benerjee ତାଙ୍କର History of Orissa ପ୍ରଥମଖଣ୍ଡ ୧୨ ପୃଷ୍ଠାରେ ଲେଖିଛନ୍ତି:—

"The Ganga—Vansa chiefs of the Bamra state are distinctly descended from the Eastern Gangas who claim direct descent from the Western Gangas of Mysore."

ଯଦି କହିବ ଓଡ଼ିଶା ମତ୍ସ୍ୟ ଦେଶ ଏବଂ ମତ୍ସ୍ୟ ଦେଶର ରାଜା ବିରାଟ ଥିଲେ, ଆମର ଲୋକେ ଠଟ୍ଟା କରି ଉଡ଼ାଇ ଦେବେ। କୀଚକ-ବଧ ଉତ୍ସବରେ ଥିଲେ ଏ କଥା କହିଲେ ଖାଲି ହସିବେ।

ସମ୍ବଲପୁରରେ ରାଜମଣ୍ଡଳୀ ବିଶ୍ୱବିଦ୍ୟାଳୟ ଲଳିତଗିରି ଉଦୟଗିରିରେ ବିଶ୍ୱବିଦ୍ୟାଳୟ ଥିଲା। ଏହା କହିଲେ ସେହି ଠଟ୍ଟା।

ଯଦି କହିବ ଦଶାର୍ଥ ପ୍ରଶ୍ନରେ, ଲୋକେ ଠଟ୍ଟା କରିବେ। ଅଥଚ ଦଶାର୍ଥ ଦର୍ଶନ ଶବ୍ଦର ଅପଭ୍ରଂଶ ମାତ୍ର। ସବୁ କ୍ଷେତ୍ରଠାରୁ ଏହି କ୍ଷେତ୍ରର ପ୍ରାଧାନ୍ୟ ହୋଇଁ ଏହା ଦଶାର୍ଥ ନାମରେ ଅଭିହିତ।

ଯଦି କହିବ ଓଡ଼ିଆଣୀ ମାନେ ଅତି ସୁନ୍ଦରୀ ଥିଲେ ଆଜି ଖାଇବା ବିନା ଅସୁନ୍ଦରୀ ହୋଇ ଯାଇଛନ୍ତି, ଠଟ୍ଟା କରି ଅନେକ କଥାଟାକୁ ପୁଣି ଉଡ଼ାଇଦେବେ — ଅଥଚ History of Prostitution in India. ବହିର ୧୩୪ ପୃଷ୍ଠାରେ ତଳ ଲେଖା ଅଛି ଦେଖନ୍ତୁ —

"King Indradyumna once visited Purushottam Kshetra which he selected as the site for the erection of a temple of God Vishnu (Jagannath). The king simply enchanted with the revishing beauty of the women here who were all proud of their superb youth, ettractive bodies and tremendous hips. These Oriya women were as adept in the art of music as in the finesse of sexual pleasure."

ଅଥଚ ଓଡ଼ିଆଙ୍କ ଭିତରେ ସୌନ୍ଦର୍ଯ୍ୟ ଅଛି ବୋଲି ବଙ୍ଗାଳି ଜାଣନ୍ତି ନାହିଁ ବୋଲି କହନ୍ତି ଏବଂ ଅନେକ ଓଡ଼ିଆ ମଧ୍ୟ ସେହି କଥାରେ ହଁ ଭରନ୍ତି। ଆଜି ଏତିକି।

ଆପଣଙ୍କର
ଲକ୍ଷ୍ମୀ ନାରାୟଣ ସାହୁ

Digitized by srujanika@gmail.com

( ୪ପୃଷ୍ଠା ଉତ୍ତାରୁ )

ଜବରଜ—ଅମେ କଣ ଉଦାସୀ କି ? ତୁମ ମାଲ ତୁମ ଘରକୁ ନାଇ ଅବା ଯେଉଁଠି ଇଚ୍ଛା ସେଠିକି ନାଅ, ଅମ ହେପାଜତରେ ଅଜ ରଖିବାଦରକାର ନାହିଁ କି ଟଙ୍କାର ବି ଦରକାର ନାହିଁ ।

"ଅରଣ୍ୟ ଅଣ୍ଡ ।"

ନିଭୃତ ଗୃହର ପଶ୍ଚାତର କବାଟ ଖୋଲି ଜବରଜ ପତ୍ନୀ ଉପରେକ୍ତ ବାକ୍ୟ ଉଚ୍ଚାରଣ କରି ପ୍ରବେଶ କଲେ । ପ୍ରଥମେ ଏପରି ସ୍ଥାନରେ ଏପରି ଅପ୍ରତ୍ୟାଶିତ ଉତ୍ତର ଶୁଣି ଉଭୟେ ଚକିତ ହୋଇଗଲେ—କାରଣ ସେ ନିଭୃତ କକ୍ଷ ପ୍ରବେଶର ଅଧିକାର କାହାର ନାହିଁ । କିନ୍ତୁ ପଛରେ ମୋହିନୀକୁ ଦେଖି ଉଭୟେ ଆଶ୍ୱସ୍ତ ହେଲେ ।

ନାଏବ—ତୁମେ ନଥିବାରୁ ଏତେ କଥା । ଜବରଜ ବଡ଼ ଖଣ୍ଡ-ଝୋପୀ । ତୁମେ କୋଉଠିକି ଯାଇଥିଲ କି ?

ମୋହିନୀ—ମୁଁ ଗୋଟାଏ କାମରେ କଟକ ଯାଇଥିଲି । ଠିକ୍ ବେଳେ ଆସି ପହୁଞ୍ଚି ଯାଇଛି ।

ଜବରଜ—ତୁମେ କଣ ମୋହିନୀ ଏତିକିରେ ରାଜି ?

ମୋହିନୀ—ପୂରାପୂରି ଦୁଇ ହଜାର ।

ଜବରଜ—ନା, କମରେ ୫୦୦୦ ।

ନାଏବ—ମତେ ଏଠି ମାରି ପକାଅ ନାହିଁ ।

ମୋହିନୀ—ଯାଅନ୍ତୁ ନାଏବ ବାବୁ କାଲି ମୋର ଲୋକ ମାରଫତ ୫୨୦୦୦ ପଠାଇ ଦେବେ । ଏଇ ସାମାନ୍ୟଟିରେ ଅମେ କଣା କରିବୁ ତୁମର ।

ନାଏବ—ହଉ, ଆଉ କଣ କରିବି—

ଜବରଜ—ଖରଚ ଗୁଡ଼ାକ କଣ ବିନା ଲାଭରେ ଯିବ ନା ?

ନାଏବ—ଖରଚ ଯା' ହୋଇଯାଇଛି ତା ମୁଁ ଦେବି କିନ୍ତୁ ଆଉ ଡେରି କରିବା ଉଚିତ ନୁହେଁ । ସବୁ ଶେଷ କରି ଦିଅ—କାମ ସରୁ ।

ସେହିସମୟରେ କଣ ଗୋଟାଏ ସାମାନ୍ୟ ଶବ୍ଦ ଘରର ଭିତର ଦିଗରୁ ଶୁଣାଗଲା । ଠିକ୍ ସେଇ ପାଖକୁ ଗୋଟାଏ ଗୁପ୍ତ ଦ୍ୱାର ଅଛି । ହଠାତ୍ ସମସ୍ତେ କଥା ବନ୍ଦ କରି ଶସ୍ତ୍ର ପଦରେ ସେ ଦିଗକୁ ଦୌଡ଼ିଗଲେ କିନ୍ତୁ କିଛି ସନ୍ଧାନ ନକରି ପାରି ଫେରି ଆସିଲେ । ଅଜ ସେ ଦିନ ସେ ବିଷୟରେ ଅନ୍ୟ କଥା ହୋଇ ନାହିଁ । ଉହୁଁ ଅରଦାନ ପକାଲେ ନାଏବ ଲୋକ ନେଇ ତାଙ୍କ ଘର ବାଟ ଧରିଲେ ।

( ୯ )

"ଅଜ ମୋର ଭାଉ ପେଟକୁ ମାରୁଛି, କିଛି ଖାଇବ ନାହିଁ ।"

ବଡ଼ ବ୍ୟଥିତ ସ୍ୱରରେ ଏହି କଥା ଗୁଡିକ ପରମାସୁନ୍ଦରୀ ଗୋଟିଏ ଷୋଡ଼ଶୀ ପ୍ରାୟ ତାହାର ସମାନ ବୟସର ତାହାର ବ୍ୟଥାରେ ବ୍ୟଥିତ ଅନ୍ୟଜଣକୁ କହିଲା "ଛିଃ, ମୋ ରାଣଟି, ଅ' ଦିଟା ଖାଇବୁ ଅ । ସବୁଟା ରାତି ଉପାସ ରହିବୁ ନା ?—ଖାଲି ଉପାସରେ ହାଡ଼ ଶୁଖିଯାଏ ପରା !"

ପାଠକ ! ଚିହ୍ନି ପାରିଲେ କି ପ୍ରଥମ ଜଣକ କିଏ ? ଇଏ ଅମର ସେହି ହତଭାଗିନୀ ବୀଣା । ମାମୁଁ ବୋଲି ପରିଚୟ ଦେଇ ଯେଉଁ ଯୁବକ ତାକୁ ମଞ୍ଜୁଶ୍ରୀ ତାର ଜନ୍ମଦାତା ଗୃହରୁ 'ବୀଣାର ଭାଇ ମୃତ୍ୟୁ ଶଯ୍ୟାରେ ପଡ଼ିଛି,' କହି ନେଇ ଆସିଥିଲେ ସେହି ତାକୁ ଏଠାରେ ଛାଡ଼ିଦେଇ ସେହିଦିନରୁ କେଉଁଠି ଯେ ଉଭେଇ ଯାଇଛନ୍ତି ତାର ଠିକଣା ନାହିଁ । ବୀଣା "ମାମୁଁ କାହିଁ, ଭାଇ କାହିଁ" ବୋଲି ଦୁଇଗୃହ ଦିନ ଖାଲି କାନ୍ଦିଲା । ତାହାପରେ ନିଜର ପୋଡ଼ା ଭାଗ୍ୟକୁ ଧିକ୍କାର ଦେଇ ନିରୁପାୟ ହୋଇ ସ୍ଥିର ହେଲା । ଏଠାକାର ତାର ଯେଉଁ ସମବୟସ୍କା ସଙ୍ଗିନୀ ମୁହୂର୍ତ୍ତ ବୀଣା କଥା କହୁଥିଲା, ସେ ତାକୁ ନିଜର ଭଗ୍ନୀର ଅଧିକ ସ୍ନେହରେ ତାର ଦୁଃଖର ବୋଝ ବହୁତ ଊଣା କରି ଦେଇଛନ୍ତି । ରାକ୍ଷସୀ ଘେରି ରହୁଁଙ୍କର ଅଶୋକ ବନରେ ସୀତା ଦେବୀଙ୍କୁ ଯେପରି ବିଭୀଷଣ ପତ୍ନୀ ସରମା ମିଳିଥିଲେ, ଏହି ନବ-ଗୃହସ-ସଙ୍କୁଳ ସୁସଜ୍ଜିତ ସୁନ୍ଦର ମାୟାପୁରୀରେ ବୀଣାକୁ ମିଳିଛି ତାର ଦୁଃଖର ସଙ୍ଗିନୀ-ହାସବନ୍ତୀ ।

ଧଳା ହଠାତ୍ ତାହାଙ୍କ ବୀଣାର ପୂର୍ବ ଗଚ୍ଛିତ ଶୋକ ସମୁଦ୍ର ଉଚ୍ଛୁଳି ଉଠିଲା । ଦିବା ଅସ୍ତ ହେବା ସଙ୍ଗେ ସଙ୍ଗେ ବୀଣା ଶଯ୍ୟା ଆଶ୍ରୟ କରିଛି । ହାସବନ୍ତୀ ଗୃହ ଦୁଇଥର ଆସି ବୀଣାକୁ ସେସେଇ ଘରକୁ ଯିବାପାଇଁ କେତେ ଡାକିଲେ ମଧ୍ୟ ସେ କୁଠି ଉଠୁ ନଥିଲା । ହାସ ଏକୁଟିଆ ରୋଷେଇ କରୁଛି । ବୀଣା ସବୁ-ଦିନ ସନ୍ଧ୍ୟା ହେଲେ ତା ସହିତ ରୋଷେଇ ଘରକୁ ଯାଇ ଗଳ୍ପ କରେ । ରନ୍ଧନ କାର୍ଯ୍ୟରେ ହାସକୁ ସାହାଯ୍ୟ କରେ । ସେହି ସଙ୍ଗେ ସଙ୍ଗେ ସୁଖ ଦୁଃଖର କେତେକ କଥା ଉଭୟେ କହନ୍ତି । ଅଜି ଶତ ଅନୁରୋଧରେ ମଧ୍ୟ ବୀଣା ଯାଇ ନାହିଁ । ସନ୍ଧ୍ୟାବେଳ ଅଜି ବୀଣା ଖାଲି କାନ୍ଦୁଛି । ଲୁଚି, ଲୁଚି—ହାସ ତା' ଅଦ୍ୟାପି ଜାଣି ପାରିନାହିଁ । ସେ ମନେ କଲା ବୀଣାର ଦେହ ଭଲ ନଥିବ; ସେହି କାରଣରୁ ତାକୁ ଆଉ ଅଧିକ ବିରକ୍ତ କରିବା ଅନୁଚିତ ମନେକରି ଏକୁଟିଆ ରୋଷେଇବାସ ଶେଷ କରି ତାର ବାପାଙ୍କୁ ଖାଇବାକୁ ଦେଇ ବୀଣାକୁ ଖାଇବା ପାଇଁ ଡାକିବାକୁ ଆସିଥିଲା । ହାସର ବୀଣା ସହିତ ପ୍ରତ୍ୟହ ସେ ଏକାଠି ଖାଏ ଏକାଠି ଶୁଏ ! ହାସର ପିତାଙ୍କର ମଧ୍ୟ ତାର ସ୍ପଷ୍ଟ ସେହିପରି ଆଦେଶ ଥିଲା । ହାସ

Digitized by srujanika@gmail.com

ବାପାଙ୍କୁ ଖୁବ୍ ଭଲ ପାଏ । ହାବୁର ମା ନାହିଁ, ବାପ ତାର ସବୁ । ହାବୁର ପିତା ଗୃଦବାଲ୍‌ର ବଡ଼ ମହାଜନ ଓ ବେପାରୀ ନାରଣ ବାବୁଙ୍କ ଗୋଦାମର ପ୍ରଧାନ କର୍ମଚାରୀ । ଦ'ପଇସା ଭଲ ରୋଜଗାର କରନ୍ତି । ହାବୁମଣିର ବାପ ପଞ୍ଚାଶ ବର୍ଷ ପାରନ୍ତେ ଅନାୟାସରେ, ତାଙ୍କର ପତ୍ନୀ ବିୟୋଗାନ୍ତେ ଜଣେ ପାଚକ ତାଙ୍କର ଥିଲା କିନ୍ତୁ ହାବୁ ବୟଃପ୍ରାପ୍ତା ହେବା ମାତ୍ରକେ ତାକୁ ଛାଡ଼ି ଦେଇ ନିଜେ ରାନ୍ଧି ତାର ବାପାଙ୍କୁ ଖୁଆଇବାକୁ ଭଲ ପାଏ । ବାପା ତାର କେତେ ମନା କଲେ ମଧ୍ୟ ସେ ଶୁଣେ ନାହିଁ ।

ତାର ବାପା ଯେଉଁଦିନ ବୀଣାକୁ ଆଣି ତା ଜିମ୍ମା କରି ଦେଲେ ସେହିଦିନୁ ବୀଣାକୁ ସେ ଠିକ୍ ନିଜ ଭଉଣୀ ପରି ମନ ସ୍ନେହରେ ଦେଖି ଆସିଛି । ଆଜି ତାର ସ୍ନେହର ସାମଗ୍ରୀକୁ ଏପରି ଅବସ୍ଥାରେ ଦେଖି ସେ ମନରେ ବଡ଼ ବ୍ୟଥା ପାଇଲା । ପୁଣି ସେ ଯେତେବେଳେ ଜାଣି ପାରିଲା ଯେ ବୀଣା ଆଖିରୁ ତାର ଲୁହର ସ୍ରୋତ ଅଜାଡ଼ି ହୋଇ ପଡ଼ୁଛି—ଶୋକ ସ୍ନେହର ଆବେଗରେ ବୀଣାକୁ ସେ କୁଣ୍ଢେଇ ଧରିଲା । ବୀଣା ଧଡ଼ ପଡ଼ ହୋଇ ଉଠି ନିଜର ଦୁଃଖ ଭୁଲିଯାଇ ନିଜ ପଣତ କାନିରେ ହାବୁର ଲୁହ ପୋଛିବାକୁ ଲାଗିଲା ।

"ଚାଲ, ହାବୁ ମୁଁ ଖାଇବି" କହି ହାବୁକୁ ଟିକି ଟିକି ହେସେଇ ଘର ଆଡ଼କୁ ନେଇଗଲା । ନିଜେ ଭାତ ତିଅଣ ବାଢ଼ି, ଗୁଣ୍ଡା କରି ହାବୁ ପାଟିରେ ଆଗେ ଗୁଞ୍ଜିଦେଲା । ହାବୁ ଖାଲୁ ଖାଲୁ ହସି ଦେଲା, ତାହା ଦେଖି ବୀଣା ମଧ୍ୟ ହସିଲା । ତାହାପରେ ଦୁଇ ଜଣ ଯାକ ଖାଇସାରି ଶୋଇବାକୁ ଆସିଲେ । ଦାସୀ ଆଗରୁ ବିଛଣା ଝାଡ଼ି ଝୁଡ଼ି ପାରି ଦେଇ ଯାଇଥିଲା । ବିଛଣାରେ ଶୋଇ ଦୁହେଁ ଗଳ୍ପ ଆରମ୍ଭ କରିଦେଲେ ।

ହାବୁ—ମୁଁ ମଲେ ଆକାଶର ଦେହୁ ତାରାଟିଏ ହେବି ।

ବୀଣା—ମୁଁ ମଲେ ଚାନ୍ଦ ଜହ୍ନା ହେବି ।

ହାବୁ—ମଲା ଛଟକିଟା ମତେ କଣ ଧୂମକେତୁ ଭାବିଲୁ କି ?

ବୀଣା—ଧୂମକେତୁ ମୁଁ ହେବି ନା ! ଏମିତି ଅଛି ଅରୁନ୍ଧତୀ ତେଜସ୍ୱୀ ହେବି ।

ହାବୁ—ଯା ହେଉ ପଛକେ କେହି କାହାରିକୁ ଛାଡ଼ିବା ନାହିଁ ।

ବୀଣା—ମୁଁ ତ ସବୁ ଛାଡ଼ ଉଠେ ପାଇଛି ଛାଡ଼ିବି କେମିତି ? କିନ୍ତୁ ତୁ ତ ବଡ଼ଲୋକର ଝିଅ ମୋ ପାଖରେ ଆଉ କେତେଦିନ ବନ୍ଧା ହୋଇ ରହିବୁ ?

ହାବୁ—ମୁଁ ଯେଉଁଠିକି ଯାଏ ତତେ ଛାଡ଼ିବି ନାହିଁ ।

ବୀଣା—ଢେର ଲୋକ ସେମିତି କହୁଥାନ୍ତି । ଯେତେବେଳେ ବର ଆସିବ—

ହାବୁ—ମୋର ଆସିଲେ ବି ତୋର ଆସିବ ।

ବୀଣା—କି ଲୋ ! କଣିକୁ ଜଣେ ଦୁହେଁ ଯାଉ, ବାଇଗଣ ପଡ଼ିବା ପରି ବାଣ୍ଟି କରିବା କି ?

ହାବୁ—ମୁଁ ଯେଉଁଠି ବାହା ହେବି ସେମାନେ ଦ'ଭାଇ ଥିବେ ।

ବୀଣା—(ହସି) ତୋ କଥା ଯେ ଠିକ୍ ଜେଜେ ବାପାଙ୍କ ରଜାଝିଅ ମନ୍ତ୍ରୀ ଝିଅ କଥା ଭଳି ହେଲା ଲୋ !

ହାବୁ—ଯେମିତି ହେଉ ଆମେ ଏକାଠି ରହିବା ସବୁଦିନେ । ଆଚ୍ଛା ତୁ ଆଜି କାନ୍ଦିଲୁ କାହିଁକି କହିଲୁ ?

ବୀଣା—ବାପାଙ୍କ କଥା ମନେ ପଡ଼ିଗଲା । ଆଜି ତାଙ୍କର ଦିନ ।

କହୁ କହୁ ବୀଣା ଆଖିରୁ ପାଣି ଟୋପାଏ ବୋହି ପଡ଼ିଲା । ହାବୁ କହିଲା "ପୁଣି"? ବୀଣା "ନା" କହି ବସ୍ତ୍ର ହସ୍ତରେ ସେ ଲୁହ ଟୋପାକ ପୋଛି ଦେଲା । ଦୁଇଜଣ ଯାକ ଗଳ୍ପ କରୁ କରୁ ରାତି ପୁହାଇ ଦେଲେ । କେତେ କଥା—ଭଲ, ମନ୍ଦ, ସୁଖ ଦୁଃଖ !—

ଅଦ୍ୟାଏ ହାବୁ ବୀଣାର ଏତେ ଆପଣାର ହୋଇ ମଧ୍ୟ ତାର ପ୍ରକୃତ ପରିଚୟ ପାଇ ନଥିଲା । ଆଜି ରାତ୍ରରେ ବୀଣା ତାର ପୂର୍ବର ସମସ୍ତ ଇତିହାସ କହି ପକାଇଲା ହୃଦୟର ଆବେଗରେ ଦୁହେଁ ବହୁତ କାନ୍ଦିଲେ । ପ୍ରାୟ ପାହାନ୍ତା ପହରକୁ ନିଦ୍ରା ବଳ ପ୍ରୟୋଗ କରି ସବୁ ବ୍ୟଥା ପୋଛି ନେଇଗଲା ଦୁଇଟି ସମବେଦନା ପୂର୍ଣ୍ଣ ବ୍ୟଥିତ ହୃଦୟର ।— [କ୍ରମଶଃ]

---

କୁତୁକୁତୁ—

ଥରେ ଜଣେ ବଡ଼ ଆଫିସ୍ ନେତା କହିଲେ "ଏତ ଛିଦ ନହାନ ମୋତେ ଭଲ ଲାଗେ ନା" ତାଙ୍କର ମାନେ କଣ ? ... ...

ନୋକର ବାବୁ ଦେଖିଲେ ତାଙ୍କ ଅଫିସରୁ ଟଙ୍କା ଚୋରି ଯାଉଛି । ସବୁ କର୍ମଚାରୀଙ୍କୁ ଡକାଇ ପଚାରିଲେ । କେହି ତ ମାନିଲେ ନାହିଁ । ଟିକିଏ ରାଗିଯାଇ କହିଲେ "ତମର ଭିତରୁ କେହି ଜଣେ ନିଶ୍ଚୟ ନେଇଛ । ତାକୁ ମଦ ଧରିବ ତ ଧକ୍କା ଦେଇ ବାହାର କରିଦେବି ।"

ତେବେ ସବୁ କର୍ମଚାରୀ କହି ଉଠିଲେ "ହଜୁର ମୁଁ ନେଇଛି ।"

Digitized by srujanika@gmail.com




ବାହାରିଲା !   ବାହାରିଲା ! !

ଡଗର ଆପଣଙ୍କୁ ଶୀଘ୍ର ଶୁଣାଇବ

ପ୍ରଖ୍ୟାତ ଲେଖକଙ୍କ ଲେଖନୀ ପ୍ରସୂତ ହାସ୍ୟରସମୟ

# ନବ ରାମାୟଣ

### ପ୍ରଧାନ ଚରିତ୍ର

| | | | |
|---|---|---|---|
| ରାବଣ | ... | ... | କନକ ଲଙ୍କାର ଅଧୀଶ୍ୱର |
| ମେଘନାଦ | ... | ... | ଜ୍ୟେଷ୍ଠ ପୁତ୍ର ( Heir apparent ) |
| ଅତିକାୟ | ... | ... | (ଜାଲିତ) |
| ଅକ୍ଷୟ କୁମାର | ... | ... | ,, (ପାଳିତ) |
| ରାମଚନ୍ଦ୍ର | ... | ... | ମହାପାପୀ କ୍ଷତ୍ରିୟ ରାଜପୁତ୍ର |
| ବିଭୀଷଣ | ... | ... | ରାମଭକ୍ତ |
| ଜାମ୍ବୁବାନ | ... | ... | ଭାଲୁ ଭାଲୁଆ ବୃଦ୍ଧ ଯୂଥପତି |
| ହନୁମାନ | ... | ... | ଲଙ୍କାପୋଡ଼ା ମର୍କଟ ଦଳବାଣ୍ଟ |
| ଇନ୍ଦ୍ର | ... | ... | ଐରାବତ (ଗଜ) ପତି |

ଅନ୍ୟାନ୍ୟ ଅନେକ ରହସ୍ୟମୟ ଚରିତ୍ରରେ ପରିପୂର୍ଣ୍ଣ ।
ଶୀଘ୍ର ଡଗରର ଗ୍ରାହକ ଶ୍ରେଣୀ ଭୁକ୍ତ ହୁଅନ୍ତୁ ।

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com





**ନାଟ୍ୟ-ସମ୍ରାଟ ଅଶ୍ୱିନୀ କୁମାର ଘୋଷ ।**

ଆପଣ ଉତ୍କଳର ଅପ୍ରତିଦ୍ୱନ୍ଦୀ ନାଟ୍ୟକାର । ଦରିଦ୍ର ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଆପଣଙ୍କର ଅଜସ୍ର ଦାନ ମଧ୍ୟରେ ଆପଣଙ୍କର କୋଣାର୍କ ଓ କଳାପାହାଡ଼ ଆଜି ସେମାନଙ୍କର ସ୍ୱୀୟ ପ୍ରଭା ବିସ୍ତାର କରି ଗୁଣୀ ସମାଜକୁ ଚମତ୍କୃତ କରିଛନ୍ତି । ଏ ଦେଶରେ ଆପଣଙ୍କର ଉତ୍ସାହ, ସାହସ ଓ ସର୍ବୋପରି ଆପଣଙ୍କର ଅଧ୍ୟବସାୟ ଏ ଦେଶରେ ବିରଳ । ଦାରିଦ୍ର୍ୟର ଉତ୍ପୀଡ଼ନ, କାଳର କଷାଘାତ ଆପଣଙ୍କୁ ସାମାନ୍ୟ ମାତ୍ରାରେ ବିକୃତ କରିବାକୁ ସକ୍ଷମ ହୋଇନାହିଁ । ଆପଣ ଓଡ଼ିଶାର ନାନା ସ୍ଥାନରେ ଅଭିନନ୍ଦିତ ଓ ସମ୍ମାନିତ ହୋଇଛନ୍ତି । ଉଗର ଆଜି ଆପଣଙ୍କର ସେହି ଅଭିନନ୍ଦନ ଦାନରେ ଯୋଗ ଦେବାର ସୁଯୋଗ ପାଇ ନିଜକୁ

Digitized by srujanika@gmail.com



# ବିଲୁଆ ବିଚାର

## ସମ୍ପାଦକୀୟ

[ପ୍ରତ୍ୟେକ ବସ୍ତୁକୁ ଲଘୁ ଦୃଷ୍ଟିରେ ଦେଖି ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ ନିର୍ମଳ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଏଗରର ମୁଖ୍ୟ ଉଦ୍ଦେଶ୍ୟ ।]

'କେତେକ ଜନ୍ମ ମିନିଷ୍ଟର ହୋଇ ଜନ୍ମି ଥାନ୍ତି, କେତେକ ନିଜ ବାହୁ ବଳରେ ବଡ଼ ମିନିଷ୍ଟରତ୍ୱ ହାସଲ କରନ୍ତି, ଅଉ କେତେକଙ୍କ ମଥାରେ ଆଖ୍ୟା ଛପର ଫାଡ଼ି ବଡ କାଞ୍ଚଟାଏ ଲଦି ଦିଅନ୍ତି । ଆମର ଏ ଅସ୍ତମିତ ମନ୍ତ୍ରି-ମଣ୍ଡଳୀଙ୍କ ଭିତରୁ କିଏ ସେ କିଏ ତାହା କେହୁ ପାଠକ-ଠିକ କରି ଦେଇ ପାରିବେ କି ?

× × ×

ମନ୍ତ୍ରୀ ହେବା ଲଗି ଗ୍ରୁହିଁ ବସିଛୁଁ ହେ ରାମଜି
ଅତୁଳ ସାଗରେ ଅଟେ ଭାସୁଛୁଁ ,,
ଥରେ ହେଲେ ଯଦ ଦିଅନ୍ତ କରି ,,
ଭବ ସାଗରରୁ ଯାଆନ୍ତୁ ତରି ,,
... ... ... ...
ତମ ଦୁଃଖ ଅଜ ସହୁ ନୋହୁଛି ହେବେଟେ
ହୃଦ ତ ମୋହର ଦାହ ହେଉଛି ,,
ଯଦ ତମେ ଏତେ କରିଛ ମନ ,,
ଗୁଣି ଦୁଇ ଥରେ ମଜାଠା ଧନ ,,

୭ତାରିଖ ଜୁଲାଇ ରାତି ବାରଟା ବେଳେ Radioରେ ଏହିପରି ବାତ୍ତନା ଶୁଣା-ଗଲା । ପରେ ଖବର ମିଳିଲା ଯେ ଓ୍ୱାର୍ଦ୍ଧା-ଠାରେ ଯେଉଁଠି ପ୍ରାଦେଶିକ ଏସେମ୍ବ୍ଳିର କଂଗ୍ରେସ ନେତାମାନେ ଓ ଗାନ୍ଧିଜୀ ଏକାଠି ହୋଇଥିଲେ ଏବାତ୍ତନାର ଉତ୍ପତ୍ତି ହେଉଥୁ ।

+ + +

କଟକ କାଠଯୋଡ଼ି କୂଳରେ ଗୋଟିଏ ଲୁହା ତାର ଅପଣା ଭାମରେ ମାଉଥିଲା । ତାକୁ କିଏ କହିଣ ତାକୁ କହିଲା—ଶୁଣି-ଲଣି ମାଉସି—ଏଥର କଂଗ୍ରେସବାଲା ମନ୍ତ୍ରୀ ହେବେ । ସେ କହିଲା—"ହଁ, ପ୍ରଭୁ ରେ ସାଇଶ୍ରେ ସେଇ 'ମ୍ୟା' କରନ୍ତି—କଅଣ ଗଡ଼େଇ ଗଡ଼ାଅନ୍ତି ।"

+ + +

କଂଗ୍ରେସର ମନ୍ତ୍ରୀତ୍ୱ ଗ୍ରହଣରେ ଅଜ ଯେଉଁ ଆନନ୍ଦ-ଦେଖାଯାଏ ତାହା କଂଗ୍ରେସର ପ୍ରକ୍ଷିପ୍ତ, ରକ୍ଷିତ-ସ୍ୱାର୍ଥ ଓ ଶୋଷକ ସମ୍ପ୍ରଦାୟର ବାଜଯ୍ଯ ଉଲ୍ଲାସ ବୋଲି ଆମର ଅପରିହାର୍ଯ୍ୟ ମତ । ଏ ବିଜୟୁ ଉଲ୍ଲାସ ଅସୁସ୍ଥ (unhealthy) ମନୋବୃତ୍ତିର ପରିଚାୟକ । କାରଣ, ବ୍ୟକ୍ତି ବିଶେଷ କେହି ବା ଗୋଟାଏ ସମ୍ପ୍ରଦାୟ କିମ୍ବା ବିଶାଳ ଜାତି ହେଉ, ନିଜର ଅଧୋ-ଗତରେ ଅଧିକାଂଶ ସମୟରେ ଏହିପରି ଧ୍ୱଂସାତ୍ମକୀ ନିଶ୍ଚିନ୍ତ ଆନନ୍ଦ ପ୍ରକାଶ କରିବା ତାହା ପକ୍ଷରେ ନିତାନ୍ତ ସ୍ୱାଭାବିକ ।—ସା: ସ:

ଜବାହରଲାଲ କାଳେ ଗାନ୍ଧିଜୀଙ୍କୁ ଡାକି କହିଲେ, "ଏସବୁ ମନ୍ତ୍ରୀ ହବା ପାଇଁ କଦା କୋଡ଼ା କରୁଛନ୍ତି । ହେବେ ତ ହୁଅନ୍ତୁ । ଯେତେବେଳେ କେଉଁଠାଏ ଲୋକଙ୍କ ଖାଇବେ ସେତେବେଳେ ମନ୍ତ୍ରୀ ଘର ଧରି ପିଟିବ ଯେ ।" ଗାନ୍ଧିଜୀ କେମିତି ତାର ଉତ୍ତର ଦେଲେ—"ସେତେବେଳେ ତମେ ମୁଁ ଦୁଇଜଣ ଥାଇଁ କହିବା—ପିଲେ ଆମର ଭର୍ତ୍ତି ମାନୁଥିଲେ ।"

+ + +

କଂଗ୍ରେସବାଲା ମନ୍ତ୍ରୀ ହେବା ପ୍ରସ୍ତାବ କଂଗ୍ରେସ କମିଟିରେ ପାସ ହେବା ଖବର ବଙ୍ଗଳାର କଂଗ୍ରେସ ନେତାଙ୍କ ମୁହଁରୁ କାଳେ ବାହାରି ପଡ଼ିଲା—'ତଳରେ ଦେଲ ପାରିବ, ବାଜିବ କି କଲ ?"

+ + +

ଅନ୍ତ୍ରନେତା ପଟ୍ଟାଭି ସୀତାରାମୟା କଟକରେ ଗୋଟାଏ ସଭାରେ ସଭାପତି ହୋଇ ବ୍ରହ୍ମପୁରରେ ଯାଉ ଏକ ବକ୍ତୃତା ପ୍ରସଙ୍ଗରେ ତେଲଗୁ ଓ ଓଡ଼ିଆ । ଓଡ଼ିଆ ଦେଶରେ ତେଲଗୁ ବକ୍ତୃତା ନଦେବା ପାଇଁ ଓଡ଼ିଆମାନେ କେତେ କହି ବୁଝାଇଲେ ଶୁଣିଲେ ନାହିଁ । ଜଣେ ବୃଦ୍ଧ ଲୋକ କହିଲେ ସେଥିପାଇଁ ତାଙ୍କର କିଦୋଷ? ଅଟମ ତ ତାକୁ ଡାକି ଆଣି କହିଲ—"ଅ ବଳଦ ପୋଡେଇ ବନ୍ଧ ।"

+ + +

ପାରଳାର ଦ୍ୱାରା ସାହେବ ଇସ୍ତଫା ଦେବା ଅଗରୁ, ଶୁଣିଲି, ଥରେ କୁସୁମଳା ଦେଖି-ବାକୁ ଯାଇଥିଲେ । ସେଠୁ ଫେରି ଅସି ରାଧା ଭାବରେ ମହେଶ୍ୱର ପଟ୍ଟନାୟକଙ୍କୁ କହିଲେ— "ଅରେ ସଖି, ଅପଣା ମହତ ଅପେ ରଖି" ।

+ + +

ଯୁକ୍ତ ପ୍ରଦେଶର ଅସ୍ଥାୟୀ ମାଧ୍ୟ ମନ୍ତ୍ରୀ ଛତାରି ନବାବ କାଳେ ଅଗରୁ ଇସ୍ତଫା ଦେଇ ବସିଛନ୍ତି । ଅତ ବଡ଼ତା, ସେ କାଳେ ଏକତ କଂଗ୍ରେସ ବାଲାମାନଙ୍କ ଉଦ୍ଦେଶ୍ୟରେ କେଉଁଠି ଗୀତ ଏ କହିଥିବାର ଶୁଣାଯାଏ—"ମୋତେ ଧାଇନା ମୁଁ ମଲିଣି" ।

+ + +

ପୁତୁରା ଦେବାଳୁ



# ଖବର ଅନ୍ତର

## ଓଡ଼ିଶା

କିଏ ନାହିଁ । କିନ୍ତୁ ଓଡ଼ିଶା କଂଗ୍ରେସୀ ଏସେମ୍ବ୍ଲି ସଭ୍ୟଙ୍କ ଭିତରୁ କେତେଜଣ ଅନ୍ୟ ଦଳକୁ ଖସିପିବେ ବୋଲି ଏକ ଘୋର ଅଜଙ୍କ ଧୂଆଁ ଦିଶୁଛି ବୋଲି ଖବରକାଗଜମାନଙ୍କରେ ପ୍ରକାଶ ।

କଟକରେ ଭୟଙ୍କର ବର୍ଷା ହୋଇଛି । ମହାନଦୀ ଓ କାଠଯୋଡ଼ୀର ବନ୍ୟା ମାଡ଼ି ଆସୁଛି । ଧଉଳେଶ୍ୱରର ସ୍ଥିତି ବିପଦ ।

ଅଭାବ ଗଡ଼ଜାତରେ ଅଲୁଅ ଜାଳିବାକୁ ଯାଇଁ ଶ୍ରୀଯୁକ୍ତ ଦୟାନିଧି ଶତପଥି ଗିରଫ ହୋଇଛନ୍ତି ।

ସମ୍ରାଟ ପିତା ତୁଳ୍ୟ । ପିତାଙ୍କୁ ଗାଳି-ଗୁଲଜ କରିବାରୁ ପିତା ଏବେ ପଣ୍ଡିତ ପ୍ରାଣକୃଷ୍ଣ ପଡ଼ିହାରୀଙ୍କୁ ୬ମାସ ପାଇଁ ମାମୁ ଘରକୁ ପଠାଇ ଦେଇଛନ୍ତି ।

ନଈରେ ଭରକଣ କୁମ୍ଭୀର ସହିତ ଜଳ କରିବା ହୋଇଛି ଏସେମ୍ବ୍ଲି ମେମ୍ବର ଚକ୍ରଧର ବେହେରା ଗିରଫ ହୋଇଛନ୍ତି ।

ଭଦ୍ରକକୁ ଶିକ୍ଷା ମନ୍ତ୍ରୀ ଆସିଥିଲେ । ଅଫିସରମାନଙ୍କୁ ସେ ସାଧାରଣ ସେବକ ହୋଇ ସାଧାରଣଙ୍କ ସଙ୍ଗରେ ମିଶିବାକୁ ଉପଦେଶ ଦେଇ ରାବଣ କାନରେ ରାମନାମ କହି ଚାଲିଗଲେ ।

ଅବଳା ଶବ୍ଦ ଅଭିଧାନରୁ ଉଠିଯିବାର ଆନ୍ଦୋଳନ ଚାଲିଥିବା ବେଳେ ଭଦ୍ରକରେ ଜଣେ ବାଳିକା ଗୋଟିଏ ବାଳକକୁ ସୁଅରେ ଭାସି ଯାଉଥିବାବେଳେ ରକ୍ଷା କରିଛନ୍ତି ।

ଭାରତର ଜୁଲିଅସ୍‌ ସିଜର ଗୋପବନ୍ଧୁଙ୍କର ଶ୍ରାଦ୍ଧ ଦିବସ ଉତ୍କଳର ଗ୍ରାମଅଡ଼େ ପାଳିତ ହୋଇ ଯାଇଛି ।

ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଖୋଦ ସରକାରଙ୍କ ବିରୁଦ୍ଧରେ ବାକ୍ୟ ବାଣ ପେଶିଥିବାରୁ ୧୨୪ ଧାରା ଅନୁସାରେ ଗିରଫ ହୋଇଛନ୍ତି ।

ସରକାରୀ କମିଟିର ସୁପାରିସରୁ ଅନୁମାନ ହୁଏ, ଓଡ଼ିଶାରେ ବିଶ୍ୱବିଦ୍ୟାଳୟଟିଏ ଅଦୂର ଭବିଷ୍ୟତରେ ହୋଇ ପାରେ ।

ଓଡ଼ିଶା ଲାଟ ସାହେବ ଜଣାଇଛନ୍ତି ଯେ ଓଡ଼ିଆ ଏସେମ୍ବ୍ଲି ଏମାସ ୨୮ ତାରିଖରେ ହେବ ।

## ଦେଶୀ

ରେଲୱେ ଏନକ୍ୱାଏରୀ କମିଟି ରିପୋର୍ଟରେ ଏକ ନୂଆ କଥା କହୁଛନ୍ତି କି ରେଲବାଇ କର୍ମଚାରୀମାନେ ବଡ଼ ଅଭଦ୍ର ଏବଂ ଅସାଧୁ ବା ଅନ୍ୟ କଥାରେ ଚୋର ।

ପଞ୍ଜାବ ଅସେମ୍ବ୍ଲିରେ ଏକ ସାହେବ ନବ ଅଗନ୍ତୁକ ସଭାପତିଙ୍କ ରଖୁଆଳ ହୋଇ ବସିବାର ଦେଖି ସଭ୍ୟମାନେ ଆପତ୍ତି ଉଠାଇ ଥିଲେ । ସଭାପତି ସେଥିରେ ବାଧା ଦେବାରୁ ସଭ୍ୟମାନେ ମାନେ ମାନେ ବାହାର ଅସିଲେ ।

ଟଙ୍କା ମୂଲ୍ୟଙ୍କ ଅଭାବରୁ ଟଙ୍କା ଚୋରଙ୍କର ନିଅଣ୍ଟ ପଡ଼ିଛି । ସେଥିପାଇଁ ତାର ଦର ଚଢ଼ି ଗଲଣି । କିନ୍ତୁ ମୂଲ୍ୟଙ୍କ ଦର ଚଢ଼ି ନାହିଁ ।

ଓ୍ୟାର୍ଦ୍ଧାଠାରେ ଚନ୍ଦନ କାଳ ପ୍ରାଦେଶିକ ନେତାମାନେ ଉଦାବସ୍ଥା କରିବା ପରେ କାର୍ଯ୍ୟକାରୀ କମିଟି ମନ୍ତ୍ରୀତ୍ୱ ଗ୍ରହଣ କରିବା ପ୍ରସ୍ତାବ ପାସ୍ କରି ଫକାଇଲା ଛେପ ପୁଣି ଚୋଟିଛନ୍ତି ।

ସିମଲାରେ ଗଲା ସପ୍ତାହରେ ବଡ଼ଲାଟ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ସମିତି ସ୍ଥାପନ କଲେ । ସେହିଠାରୁ ବୋଧହୁଏ ଦେଶର ଗ୍ରାମ-ଅଞ୍ଚଳକୁ ସ୍ୱାସ୍ଥ୍ୟ ବିତରଣ କରାଯିବ ।

ଭଲ ମେଣ୍ଢା ପଇଦା କରିବା ପାଇଁ ବେଲ୍‌ଜିୟମ୍‌ରେ ୮୦,୦୦୦ ଟଙ୍କା ଖର୍ଚ୍ଚ ହୋଇ ଗୋଟିଏ ମେଣ୍ଢା ଗୁହାଳ ତିଆରି ହେଉଛି । ଓଡ଼ିଆମାନେ ଏଥିପାଇଁ ଭାରି ମନ ଖରାପ କରୁଛନ୍ତି । ତାଙ୍କ ନା' ବୁଡ଼ିଲା !

ଲୋକଙ୍କର ଭଲ ଲାଗି ବଙ୍ଗଳାର ପ୍ରଧାନ ମନ୍ତ୍ରୀ ରାଜବନ୍ଦୀମାନଙ୍କୁ ଖଲାସ କରୁ ନାହାନ୍ତି ବୋଲି କହୁଛନ୍ତି । ଏ ଉପଲକ୍ଷରେ ବର୍ଣ୍ଣୁଙ୍କୁ ବଙ୍ଗଳାର 'ଲୋକେ' ଏକା ଭାରି ବାହା ବା ଦେଇଛନ୍ତି ଏଥିପାଇଁ ।

## ବିଦେଶୀ

ପାଲେଷ୍ଟାଇନ୍ କମିଶନ୍ ପାଲେଷ୍ଟାଇନକୁ ଦାଖଣ୍ଡ କରି ଆରବ ଓ ଜୁମାନଙ୍କ ଭିତରେ କଣ୍ଟୁଅର କରି ଦେଇ ଇଂରେଜମାନଙ୍କୁ ହନୁ ମଧ୍ୟସ୍ଥ ରଖି ଦେଇ ମଜା ମାରିବାକୁ ସୁପାରିସ କରିଛନ୍ତି ।

ସ୍ପେନ ଉପକୂଳରୁ ଇଟାଲି ଜର୍ମାନୀ ଅପସାରିତ ହେବା ପରେ ଫରାସୀ ଓ ଇଂରାଜୀମାନେ ଭଲ ଲୋକୀ କରି ସେ ସ୍ଥାନ ପୂରଣ କରିବାକୁ କହିବାରୁ ସେମାନେ ମଙ୍ଗୁ ନାହାନ୍ତି । ସ୍ପେନ ଯୁଦ୍ଧରେ ଅନଧିକାର ହସ୍ତକ୍ଷେପ ନହେବାର ବନ୍ଦୋବସ୍ତ ସ୍ଥାଣୁ ହୋଇ ରହିଛି ।

ଜର୍ମାନୀରେ ଅଧର୍ମୀଙ୍କ ସଂଖ୍ୟା କମେ କମୁଛି ।

ଫରାସୀ ସର୍କାରଙ୍କର ଭୟଙ୍କର ଅର୍ଥ ସଙ୍କଟ ପଡ଼ିଛି । ରାଜ କୋଷରେ ମୋଟେ ୨୦ ଲକ୍ଷ ମୁଦ୍ରା (ଫ୍ରାଙ୍କ) ରହିଛି ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହେଉଛନ୍ତି ।

ମସ୍କୋଠାରେ କଳଟସବୀ କଂଗ୍ରେସ କରିବା ପାଇଁ ପ୍ରାଦେଶୀକ ଅଫିସରମାନଙ୍କର ନୂତନ ନିର୍ବାଚନ ହେବାର ଇନ୍ତଜାମ ହେଉଛି ।

ଏପ୍ସ୍ୟାରେ ଦେଖନ୍ତୁ ।

Printed and Published at the Gopinath Press, Bhadruk,—and by Editor, N. Mahapatro.

Digitized by srujanika@gmail.com

# ବହୁରୂପୀ



**କାହାଣୀ**

ପୂର୍ବାଭାସ:—

ରସ ପୂର୍ଣ୍ଣିମୀ ରାତିରେ ମଧୁବନ ଜମିଦାରଙ୍କ ଘରେ ପଶି ତାଙ୍କ ଶୁଆଘର ଭିତରୁ ତିରିଶି ହଜାର ଟଙ୍କା ନଗଦ ଓ ସୁନା ମଣି ବାରହଜାର ଟଙ୍କା ଚୋରି ହୋଇ ଯାଇଛି । ଡିଟେକ୍ଟିଭ ବନବିହାରୀବାବୁ କୌଣସି ସନ୍ଧାନ ନପାଇ କେବଳ ଶବର ଜେଲରେ କରିଥିବା ହତ୍ୟାକାଣ୍ଡର ଅଙ୍ଗନ ଚଣ୍ଡର ପଟ ଉଦ୍ଧାର କରୁଛନ୍ତି । ନାଏବ ବାବୁଙ୍କର ପ୍ରୀତିର ଗୁଲୁସୁନ୍ଦରୀ କବିରାଜଙ୍କ ମନ୍ଦିରରେ ମୃତ । କ୍ରୁଦ୍ଧ ମୁନି ବାଣୀ ମାଳୁଣୀ ବେଶରେ ଅସିଥିବା କୌଣସି ଛଦ୍ମବେଶୀ ଦ୍ୱାରା ଅପହୃତ । ନାଏବବାବୁ ନୂତନ ଚରିତ୍ର କରୁଛନ୍ତି ।

କବିରାଜଙ୍କ ଘରେ କବିରାଜ ଓ ନାଏବ ବାବୁଙ୍କ ଭିତରେ କୌଣସି ଦେଣା ପାଉଣା ନେଇ କଥାବାର୍ତ୍ତା ହେଉଥିବା ବେଳେ ଗୁପ୍ତ ଦ୍ୱାର କବାଟରେ ହଠାତ୍ ଗୋଟିଏ ଶବ୍ଦ ଶୁଣାଗଲା । କାରଣ କେହି ନିର୍ଦ୍ଦେଶ କରି ପାରିଲେ ନାହିଁ—ଏହି ସଂଖ୍ୟାରେ ତାର ଠେର ମିଳିବ—

ଲେଖକ:—ଶ୍ରୀ ପଗନ୍ଦ ମୋହନ ମୁଖର୍ଜୀ

## (୧୦)

ବନବିହାରୀ ଜଣେ ନାମଜାଦା ଡିଟେକ୍ଟିଭ । ଏଥର କାର୍ଯ୍ୟରେ ସେ ଯେପରି ହତାଶ ହୋଇଛନ୍ତି ସେପରି ସେ ତାଙ୍କ ଜୀବନ ସାରା କେବେ ହୋଇ ନ ଥିଲେ । ପ୍ରାୟ ସାଢ଼େ ତିନିମାସ ଚେଷ୍ଟା କରି ସୁଦ୍ଧା କର୍ମସମୁଦ୍ରର କୂଳ ପାଇ ନାହାନ୍ତି । ପୁଲିସର ବଡ଼ ସାହେବ ବନବିହାରୀ ବାବୁଙ୍କର ରହସ୍ୟ ମୟ ଚୋରି, ଡକାଇତି, ଖୁନ, ଧରିବାର ପ୍ରତ୍ୟୁତ୍ପନ୍ନମତିତ୍ୱ ଉପରେ ବଡ଼ ଅସ୍ଥାବାନ । ଏଥରକ କାର୍ଯ୍ୟରେ ବିଳମ୍ବ ଦେଖି ଥରେ, ଦୁଇଥର ଥଟ୍ଟା କରି କହିଲେଣି—"ବନବିହାରୀ ବାବୁ ପରି ଅଜା କାଲି ଜଣେ ନୂଆ ଛୁଆ ତାଙ୍କର ସନ୍ଧାନ କରୁଛନ୍ତି ।—ଗୁରୁ ତାଙ୍କର ଅତୁଳନୀୟ ସୁନାମକୁ ଦେଇ ଦେଇ କାଙ୍ଗାଳ ହୋଇ ଯାଉଛନ୍ତି ପରା ?" ବନବାବୁ ଲଜ୍ଜାରେ ଅଉ ସେଦିନଠୁଁ ସାହେବଙ୍କ ସହିତ ଦେଖାକରି ନାହାନ୍ତି ।

ବଡ଼ କଷ୍ଟରେ ବନବାବୁ କାଳ ହରଣ କରୁଥିଲେ— ଅଭାବ ବା ତାଙ୍କୁ ଦୁଃଖକର ହେଉ ନଥିଲା, ସର୍ବଦା ଭାବନା କିପରି ସେହି ଚତୁର ଚୋରକୁ ଧରିବେ । ସନ୍ଧ୍ୟାବେଳେ ଦିନେ ଡାକଖାନା ଯାଉଛନ୍ତି ଏପରି ସମୟରେ ତାଙ୍କର ମନହେଲା ଥରେ ନାଏବବାବୁଙ୍କ ସହିତ ଦେଖାକରିବା ଉଚିତ । କେ'ଜାଣେ କାହିଁକି ତାଙ୍କ ଉପରେ ବାବୁଙ୍କର ସନ୍ଦେହ ହେଲା, ଏ ସବୁ କାଣ୍ଡର ସୂତ୍ର ତାଙ୍କର ପାଖରୁ ଅବଶ୍ୟ ମିଳିବ । ସେହିଦିନ ସନ୍ଧ୍ୟା ଗାଡ଼ିରେ ସେ ମଞ୍ଜୁପୁର ଗଲେ । ଯାଇ ଦେଖନ୍ତି ନାଏବ ଗ୍ରାମରେ ନାହାନ୍ତି । କେହି ମଧ୍ୟ କହି ପାରିଲେ ନାହିଁ ସେ କେଉଁଠିକି ଯାଇଛନ୍ତି । ବିବାହ ପରେ ଦିନକ ପାଇଁ ଗ୍ରାମ ଛାଡ଼ି ସେ ବାହାରକୁ ଯାଇ ନ ଥିଲେ । କିନ୍ତୁ ଅଜା କ କାର୍ଯ୍ୟରେ ଏପରି ଅଜ୍ଞାତ ଅନ୍ତର୍ଦ୍ଧାନ ? ଜଣେ ଗ୍ରାମବାସୀ ଠାରୁ ଶୁଣିଲେ ସେ ଗୋଟାଏ ରେଜେଷ୍ଟ୍ରି ପତ୍ର ପାଇ ଏଠାରୁ ବାହାରି ଯାଇଛନ୍ତି । ପୋଷ୍ଟ ଅଫିସରୁ ବୁଝିଲେ ରେଙ୍ଗୁନରୁ ତାଙ୍କ ନାମରେ ଅଜା ଖଣ୍ଡେ ରେଜେଷ୍ଟ୍ରି ପତ୍ର ଅସିଥିଲା । ଅଉ କାଳ ବିଳମ୍ବ ନ କରି ଅଜିଅ ଅସିଅ ସେହି ଅନ୍ଧାର ରାତିରେ ରେଲ ବାଡ଼ି ଦେଇ ଷ୍ଟେସନକୁ ଅସି ଡାଉନ ଗାଡ଼ି ଧରିଲେ । ଅଉ ମୁହୂର୍ତ୍ତେ ବିଳମ୍ବ କରିଥିଲେ ସେ ଦିନ ଗାଡ଼ି ଫେଲ୍ ହୋଇ ଥାନ୍ତେ । ଠିକ ପାହାନ୍ତାରେ କଟକରେ ଗାଡ଼ି ପହଞ୍ଚେ । ଷ୍ଟେସନରେ ନିତ୍ୟକର୍ମ ସାରି ଗୁ କପେ ପିଇ ଦେଇ 'ଜୋବରା' ଘାଟରେ ଖଣ୍ଡେ ଡଙ୍ଗା ଭଡ଼ା କରି ରେଙ୍ଗୁନର ଅଭିମୁଖରେ ଯାତ୍ରା କଲେ ।

ନାଏବ ବାବୁ ମଧ୍ୟ ସେହିଦିନ ରେଙ୍ଗୁନ ଯାଉଥିଲେ । କିନ୍ତୁ ସେ ପୂର୍ବରୁ ରେଲ ଗାଡ଼ିରେ ବସି ଥିବାରୁ ବନବାବୁ ତାଙ୍କୁ ଷ୍ଟେସନରେ ଦେଖି ନାହାନ୍ତି । ବନବାବୁ ପ୍ରାୟ ଗାଡ଼ି ଚାଲିବା ଅବସ୍ଥାରେ ଗାଡ଼ିରେ ଉଠିଛନ୍ତି—ଷ୍ଟେସନ ମାଷ୍ଟର ଶହାନ୍ତ କରୁ-କରୁ ସେ ଗାଡ଼ିରେ ଲମ୍ଫଦେଇ ଉଠି ଯାଇଥିଲେ । ଜୋବରାରେ ନାଏବ ଡଙ୍ଗା ଭଡ଼ା କରୁଥିବା ବେଳେ ବନବାବୁ ନାଏବଙ୍କୁ ଦେଖିଲେ । ସେ ଡଙ୍ଗାରେ ବସି ପ୍ରାୟ ହା ୧୦୦ । ୧୫୦ ଡ ମହାନଦୀ ବକ୍ଷରେ ଗୁଲ୍ ପିବା ପରେ ବନ ବାବୁ ଦ୍ୱିତୀୟ ନୌକାରେ ନାଏବଙ୍କ ଅଲକ୍ଷିତରେ ତାଙ୍କୁ ଅନୁସରଣ କଲେ । ନୌକାରୁ ଓହ୍ଲାଇ ଦେଖନ୍ତି ନାଏବ ବାବୁ ଗୋଟିଏ ସୁନ୍ଦର ଉଦ୍ୟାନ ମଧ୍ୟସ୍ଥ ଗୋଟିଏ ଦୋମହଲା କୋଠା ଘରର ଯାହାର ପାର ହୋଇ ସିଡ଼ି ଉପରକୁ ଚଢ଼ୁଛନ୍ତି । ସେ ଗୁଲପିବାର କିଛିକ୍ଷଣ ପରେ ବନବାବୁ ଯାଇଁ ଠିକ ଦାଣ୍ଡ ଘରର ଦକ୍ଷିଣକୁ ଥିବା ଗୋଟିଏ ଗହଳିଆ 'ହାସନାହନା' କୁଞ୍ଜ ଭିତରେ ଅଙ୍ଗ ଢାଙ୍କି ଅତି ସନ୍ତର୍ପଣରେ ବସି ରହିଲେ ।

କ୍ରମେ ଖବର ମାଉ ଅସିଲା । ବନବାବୁ ବୁଝିଲେ ଗୃହସ୍ୱାମୀ ନାହାନ୍ତି । ତାଙ୍କଠାରେ ନାଏବଙ୍କର ଦରବାର, ସୁତରାଂ ସେ

Digitized by srujanika@gmail.com

ଶୀଘ୍ର ଏ ମୁକାମ ଛାଡ଼ୁ ନାହାନ୍ତି । ଅଉ, ନାଏବ ବାବୁ ତ' ଦରିୟା ଆଳୁଅ, ଗୁ ଇତ୍ୟାଦିରେ ପେଟ ଥଣ୍ଡା କରି ଅର୍ଦ୍ଧ ବୁଜି ହୁକା-ସୁନ୍ଦରୀଙ୍କ ଅଧର ଚୁମ୍ବନରେ ରତ !—ବନବାବୁଙ୍କର କାଲିଠାରୁ ଏକରକମ ନିରାହାର ଚାଲିଛି । ସେ ଅଉ ସେ ହେନା କୁଞ୍ଜରେ ରହିବାର ଆବଶ୍ୟକ ମନେ କଲେ ନାହିଁ, ସେ ସ୍ଥାନ ମଧ୍ୟ ନିରାପଦ ନୁହେଁ, କାରଣ ଏକା ବେଳେକେ ଦାଣ୍ଡ ସାମନା । ସେଠାରୁ ଉଠି ଧୀରେ ଧୀରେ ଅତି ସନ୍ତର୍ପଣରେ କୋଠା ପଛକୁ ଯେଉଁଠି ଫଳର ବଗିଚା ଥିଲା ସେହି ଦିଗକୁ ଗଲେ । ତା ପରେ ଭାବିଲେ ହୁଏତ ଏ ଦିଗକୁ ମାଳି, ଚାକରମାନେ ଆସି ପାରନ୍ତି କାରଣ କବିରାଜଙ୍କର ମୋଟର ଗାଡ଼ିର ଘର ଓ ଗୁହାଳ ଏହି ଦିଗକୁ ।

ନାନା ସୁବିଧା, ଅସୁବିଧା ଚିନ୍ତା କରୁଁ କରୁଁ ସ୍ଥିର କଲେ ଦୋମହଲର ଛାତ ଉପରେ ଯାଇଁ ରହିବା ସବୁଠାରୁ ନିରାପଦ—ବିଶେଷତଃ ଯଦି କିଛି ଗୁପ୍ତପରାମର୍ଶ ହୁଏ ତାହା ଉପର ମହଲରେ ହେବ ନିଶ୍ଚୟ । ଭାବନା ସଙ୍ଗେ ସଙ୍ଗେ ବନବାବୁ କୋଠା ଉପରକୁ କାନ୍ଥ ବାହି ବାହି ଚଢ଼ିଗଲେ । ସେଠାରେ ପହଞ୍ଚି ପକେଟରୁ ପାଉଁରୁଟି ଖଣ୍ଡେ ବାହାର କରି ଆପାତତଃ ଜଠର-ଜ୍ୱାଳା ନିବାରଣ କଲେ ।

ତାହାପରେ କବିରାଜ, ନାଏବ ବାବୁ ପଛକୁ କବିରାଜ ପତ୍ନୀ ଉପର ମହଲରେ ନିଭୃତ କକ୍ଷ ମଧ୍ୟରେ ଯାହା କଥାବାର୍ତ୍ତା ହୋଇଥିଲେ ତାହା ସମସ୍ତ ଶୁଣିଲେ । ସବୁ ଶୁଣି ତାଙ୍କ ଧାରଣା ଧୀରେ ଧୀରେ ସତ୍ୟରେ ପରିଣତ ହୋଇଥିଲା ।

ନାଏବ ବାବୁ କବିରାଜଙ୍କୁ ଦୁଇ ହଜାର ଟଙ୍କା ଦେବେ ସେମାନଙ୍କର 'ମାନ ଓ ଜୀବନର' ମୂଲ୍ୟ ସ୍ୱରୂପ, ନ ଦେଲେ ତାଙ୍କ "ମାଲ ସେମାନେ ଅଉ ତାଙ୍କ ହେପାଜତରେ ରଖିବାକୁ ନାରାଜ !"

'ମାଲଟା' ସଜୀବ କି ନିର୍ଜୀବ । ଏହି ପ୍ରଶ୍ନର ଉତ୍ତର ସକାଶେ ବନବାବୁ ବଡ଼ ବିଚଳିତ ହେଲେ । ତା ପରେ କଥା-ଗୁଡ଼ାକ ଅଉ ଟିକିଏ ଭଲ କରି ଶୁଣିବା ପାଇଁ ବନବାବୁ ଯେମିତି କାନ୍ଥ କଡ଼କୁ ଅଧିକ ଟିକିଏ ଲାଗିଗଲେ, ଇଟାର କାନ୍ଥଟା ଦୁଲୁକି ଗଲା, ସଙ୍ଗେ ସଙ୍ଗେ ଗୋଟାଏ ଅସ୍ପଷ୍ଟ ଶବ୍ଦ ହେଲା । ସେହି ଶବ୍ଦ ଶୁଣି ଘର ଭିତରର ଲୋକମାନେ ସଭୟେ ବାହାରକୁ ବାହାରି ପଡ଼ିଲେ । ବନ ବାବୁଙ୍କର ଭାଗ୍ୟକୁ ଅଦୂରରେ ଗୋଟାଏ 'ସିମେଣ୍ଟ'ର ଶୂନ୍ୟ ପିପା ଥିଲା, ବନବାବୁ ତାରି ଭିତରେ ଯାଇଁ ପଶିଗଲେ ନଚେତ୍ ସେହିଦିନ ଧରା ପଡ଼ିଥାନ୍ତେ । ଧରା ପଡ଼ିଥିଲେ ଏହି ସହାୟହୀନ ସ୍ଥାନରେ ବୋଧହୁଏ ତାଙ୍କର ଦୁର୍ଦ୍ଦଶାର ସୀମା ରହନ୍ତା ନାହିଁ । ଲୋକମାନେ ଏଣେତେଣେ ଖୋଜି ବ୍ୟର୍ଥ ମନୋରଥ ହୋଇ ଫେରିଗଲା ପରେ ବନବାବୁ ସେତିକି ମାତ୍ର ପାଥେୟ ଯୋଗାଡ଼ କରି ପିମ୍ପାରୁ ବାହାରି ଧଳା-ଭୂତ ସାଜି ସେ ସ୍ଥାନରୁ ଅକ୍ଷତ ଦେହରେ ଆସିଲେ । ଅକୂଳରେ କୂଳର କ୍ଷୀଣାଲୋକ ଦିଶିଲା ।

## ( ୧୧ )

ଶୁକ୍ଳ ନବମୀର ରାତି । ଘଇତାମାରି ପାଟ ମଝିଦେଇ ଦୁଇ ଜଣ ସ୍ତ୍ରୀଲୋକ ଚାଲିଛନ୍ତି ଭାରି ଭାରି ପଦରେ । ସେ ଦିଗର ବାଟ ଘାଟ ସେମାନଙ୍କୁ ମାଲୁମ ଥିବା ଭଳି ଜଣା ପଡ଼ୁ ନ ଥିଲା କାରଣ ସେମାନେ ଠିକ ବାଟରେ ଚାଲୁ ନ ଥିଲେ । ନ' ଘଣ୍ଟା ଜହ୍ନ ସେ ଦିନ । ଜହ୍ନ ଥିବାଯାଏ ସ୍ତ୍ରୀଲୋକ ଦୁଇଟି ବାଟ ଚାଲୁଥିଲେ । କିନ୍ତୁ ଅଉ ଜହ୍ନ ବୁଡ଼ିବାର ବେଶୀ ବିଳମ୍ବ ନାହିଁ । ପଥ ଚାଲିବାରେ ଅନଭ୍ୟସ୍ତ-ପଦ ଅବଳା ଦ୍ୱୟ ଥକି ପଡ଼ିଲେଣି । ତା ପରେ କ୍ରମେ ଅନ୍ଧକାର ମାଡ଼ି ଆସୁଛି । ପ୍ରଥମା ଦ୍ୱିତୀୟାକୁ କହିଲା "କଣ କରିବା, ଜହ୍ନ ଯେ ବୁଡ଼ି ଆସିଲାଣି । ନିକଟରେ ଗାଁ ଗଣ୍ଡା ଦିଶୁନାହିଁ, କୁଆଡ଼େ ଯିବା ।"

ଦ୍ୱିତୀୟା—ଯମ ଦୁଆରକୁ । କିନ୍ତୁ ମୋ ପାଇଁ ତୁଚ୍ଛାଟାରେ ତୁ ଯେ ମରିବୁ; ଏଇ ମୋର କଷ୍ଟ ।

ପ୍ରଥମା—ଛାଡ଼ ସେକଥା—ଚାଲ, ମଲେ ଏକା ସଙ୍ଗେ ମରିବା ।

ପୁଣି ଦୁହେଁ ଚାଲିଲେ । ଜହ୍ନ ବି ବୁଡ଼ି ଗଲାଣି । ତଥାପି ଏକମୁହାଁ ହୋଇ ଚାଲିଛନ୍ତି । ଯେପରି ଅନନ୍ତ ପଥର ଯାତ୍ରୀ, ଅନନ୍ତର ନିର୍ଦ୍ଦେଶରେ ଅବିରାମ ଗତି କରୁଛନ୍ତି । ଏପରି କିଛିଦୂର ଯିବା ପରେ ସେମାନେ ସଡ଼କ ଧରିଲେ । ଅଦୂରରେ ଗୋଟାଏ କ୍ଷୀଣ-ଆଲୋକର ରେଖା ଦିଶିଲା । ଅତିର ତୀବ୍ର ବେଗରେ ଆଶାନ୍ୱିତା ହୋଇ ଦୁଇ ତରୁଣୀ ଧାଇଁବାକୁ ଲାଗିଲେ । ନିକଟରେ ଯାଇ ଦେଖିଲେ କେତେଜଣ ଶଗଡ଼ିଆ ରାସ୍ତା ଧାରରେ ଗାଡ଼ି ଛାଡ଼ି ଦେଇ ଲଣ୍ଠନ ଜାଳି ଶୋଇଛନ୍ତି । ଏହି ଭୀଷଣତା ଓ ନିର୍ଜନତା ମଧ୍ୟରେ ମଣିଷର ମୁହଁ ଦେଖି ଅସହାୟ ଅବଳା ପ୍ରାଣ ଟିକିଏ ଆଶ୍ୱସ୍ତ ହେଲା । ଅଜାଣରେ 'ମାଲେ' କହି ତରୁଣୀ ଦ୍ୱୟ ବସି ପଡ଼ିଲେ । ନିର୍ଜନ ରାତିରେ ରମଣୀ କଣ୍ଠ ସ୍ୱର ଶୁଣି ଜଣେ ଶଗଡ଼ିଆ ଧଡ଼ପଡ଼ ହୋଇ ଉଠି ବସିଲା । ଏତେ ରାତିରେ ଏପରି ସ୍ଥାନରେ ଏପରି ଦୁଇଜଣ ସୁନ୍ଦରୀ ରମଣୀ ମୂର୍ତ୍ତି ଦେଖି ମୂର୍ଖ କୁସଂସ୍କାର-ପ୍ରବୃତ୍ତ ଶଗଡ଼ିଆ ଭୟରେ ଥରିବାକୁ ଆରମ୍ଭ କଲା । ମୁଖ ଭାଷା ଶୂନ୍ୟ, ଚକ୍ଷୁ ବିସ୍ଫାରିତ ।

( ୧୩ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com



ଇକନମିକ୍‌ସ ଗୋସ ଗ୍ରାଜୁଏଟ କ୍ଲାସରେ ଆମେ ଥାଉଁ ମୋଟରେ ପନ୍ଦର,—ବାରଜଣ ପୁରୁଷ, ବାକି ସବୁ ସ୍ତ୍ରୀ । ପୁରୁଷଙ୍କ ଭିତରେ ଅଧିକାଂଶ ବଙ୍ଗାଳୀ, ବାକି କେତେକ, ଅର୍ଥାତ ମଦ୍ରାସୀ, ତେଲଙ୍ଗା, ପଞ୍ଜାବୀ ପ୍ରଭୃତି । ଓଡ଼ିଆ ବୋଲି ଏକା ମୁଁ । ଆମେ ପୁରୁଷ ତକ ସବୁ ହିନ୍ଦୁ; ବ୍ରାହ୍ମ କେହି ଥିଲେ ଥାଇ ପାରନ୍ତି, ଠିକ୍ ଜଣା ନାହିଁ । ସ୍ତ୍ରୀ ଛାତ୍ରୀ ତିନି ଜଣରୁ ଜଣେ ହିନ୍ଦୁ ବା ବ୍ରାହ୍ମ, ଜଣେ ଖ୍ରୀଷ୍ଟିଆନ ଆଉ ଜଣେ ମୁସଲମାନ । ଏକେ Co-education, ତହିଁରେ M. A. କ୍ଲାସ—ଏହି ନର୍ତ୍ତାର୍ଣ୍ଣ ହାଉଆରେ ମଧ୍ୟ ଛାତ୍ରୀ ସମ୍ପୂ ଅଲଗା ହୋଇ ବସନ୍ତି । ତାଙ୍କର ଯେପରି ଗୋଟାଏ ଅଲଗା ସମାଜ । ପ୍ରଫେସରଙ୍କ ଆସିବା ପୂର୍ବରୁ ଓ ଯିବା ପରେ ଆମର ଲାଗି-ଯାଏ ଏକ ଆଡ୍ଡା । ସେଇଠି ଚର୍ଚ୍ଚା ହୋଇ-ଯାଏ ରାଜ୍ୟଯାକର Present topics. ଏ ଆମର ଯେତେବେଳେ ଗୃଲିଯାଏ ଘମା-ଘୋଟ ହଲ୍ଲା, ଛାତ୍ରୀ ଗୁଡ଼ିକ ମଲା ମାଇଲା ପରି ଏକାଠିଗୁଞ୍ଜାଗୁଞ୍ଜି ହୋଇ ହେଉ ଥାଆନ୍ତି ଫୁସ୍‌ରୁ ଫାସର ।

ଆମ କଥାରେ ତାଙ୍କ କାନ ଥାଏ କି ନାହିଁ କେଜାଣି, ଆମର ଛାତ୍ର ଭୁଣ୍ଡ ହୁମାକୁଦା ମାରୁଥିଲେ ମଧ୍ୟ କାନ ଯୋଡ଼ାକ ଘାଲମାର microphone ଭଳି ଠାକ ରହିଥାଏ ତାଙ୍କର ଆଡ଼କୁ । ଏହି ଦୁଃଖ ଯେ କଥା ଗୁଡ଼ାକ ଶୁଭେ ନାହିଁ କିଛି, ତେହେଲେ ସେମାନଙ୍କ ପ୍ରଭେଦ ହାବ ଭାବ ଆମ ନଜର ଏଡ଼ାଇ ପାରେ ନାହିଁ ଏବଂ ସେଥିରୁ ତାଙ୍କ କଥାବାର୍ତ୍ତାର ଧରଣ ଓ ବିଷୟକୁ ଆମେ

# ଏକା କଥା

(ହାସ୍ୟରସାତ୍ମକ ଗଳ୍ପ)

ଲେଖକ:—ଶ୍ରୀ କାଲେଜ ଛାତ୍ର

ଅନୁମାନ ବା କଳ୍ପନା ଉପରେ ଛାଡ଼ି ଦେଇ ସନ୍ତୁଷ୍ଟ ହୋଇ ରହିବାକୁ ବାଧ୍ୟ ହେଉଁ । ହଁ, ଆମ ଭିତରେ ବାଗ୍‌ବିତଣ୍ଡା ବା ଯୁକ୍ତିତର୍କ ତ ହୁଏ ଅନେକ, କିନ୍ତୁ ତହିଁମଧ୍ୟରେ ଆପଣା ଆପଣାର Originality, ଓ ବାକ୍‌ପଟୁତା ଦେଖାଇବାର ଅବସର ଖୋଜୁଥାନ୍ତି ସମସ୍ତେ—କେହି ଶୁଣୁ ବା ନ ଶୁଣୁ. ସମସ୍ତଙ୍କର ଲକ୍ଷ୍ୟ ସେହି ଏକ—ମୋ କଥାଟାର effect କିପରି ହେଉଛି ସେ ଆଡ଼େ । କାହିଁକି ନା, ପ୍ରତ୍ୟେକ ବକ୍ତାର ବକ୍ର ଦୃଷ୍ଟି କଥାଟାକୁ ଯଥା ବା ଅଯଥା ଭାବରେ କହି ଦେଇ ସାରିଲା ଛଣି, ଗୃଲିଯାଏ ଷଣାକ ଲାଗି ସେହି ଆଡ଼କୁ । ପ୍ରତ୍ୟେକର ଏହି ଦୁର୍ବଳତା ବା ସବଳତା ପ୍ରତ୍ୟେକଙ୍କୁ ମାଲୁମ, ଏକା କେହି କାହା ଆଗରେ କହି ପାରେ ନାହିଁ, ଯାହା ମରମରେ ।

ଆମେ ଯେପରି ରୂପସୀ ଜଚୁର ସମସ୍ତ ରୂପ ଠାଣି, ଗୃଲି, ଚଳଣି, ହାବ, ଭାବ ପ୍ରଭୃତିକୁ ଲକ୍ଷ୍ୟ କରି ପ୍ରତ୍ୟେକର ସମ୍ବନ୍ଧରେ ଗୋଟିଏ ଲେଖାଏଁ opinion କରି ରଖିଥାଉଁ । ସେମାନେ ଯେ ଆମ ସମ୍ବନ୍ଧରେ ତଦ୍‌ରୂପ ବା ତତୋଧିକ କରୁଥିବେ ଏଥିରେ କାହାରି ସନ୍ଦେହ ନଥିଲା ଏବଂ ନିଜ ଉପରେ ସେହି openion ଟା ଯେପରି ଭଲ ହେବ ସେଥିଁଇ ପ୍ରତ୍ୟେକ ଯୁବକର ଯତ୍ନ ଯେ ନ ଥାଏ ତାହା କେହି କହି ପାରିବେ ନାହିଁ । ଆଉ ଏକ ନାଗିଯା ମନୁଷ୍ୟ ମାତ୍ରର ସ୍ୱଭାବ ଯେ ସେ ସବୁବେଳେ ଭାବୁଥାଏ ମୋ ତୁଳନାରେ ବାକି ସମସ୍ତେ ନାଙ୍କର । ଅତଏବ ମୋତେ ସେମାନେ ମନେ ମନେ hero ଭାବରେ admire କରୁଥିବେ ଓ ଆଉ ସଭିଙ୍କୁ poor fool ବୋଲି ଉପହାସ ବା ଦୟାର ଚକ୍ଷୁରେ ଦେଖୁଥିବେ । ଆମେ ବୁଝିପାରୁଁ ନା ଯେ ଆମେ

# ମଜା କଥା

ସମସ୍ତେ ଯେହି ପଞ୍ଚ ପର୍ଯ୍ୟାୟ ଭୁକ୍ତ । ମାତ୍ର ଏଉଟା ପୁରୁଷ ମାତ୍ରର ସହଜାତ ଦମ୍ଭ ବା ଅହଙ୍କାର ।

ଛାଡ଼—କଥାଟା କୁହେଁ । ଆମ ଭିତରେ ଜଣେ ପଞ୍ଜାବୀ ଛାତ୍ର ଥାଏ, ତା' ନା' ଦୟାଲ ସିଂ । ଠୋକ'ଟା କୁଆଡ଼େ ଜଣେ ଜ୍ୱୋତ୍ରପତିର ପିଲା ମାତ୍ର ଭାରି ସରଳ, ମେଳିଆ ଓ ସାଧାସିଧା ଲୋକ । ଦୋଷ ଭିତରେ ଭାରି ବକବା । ଆମେ ବାର ଜଣ ପିଲା ଦିନ ଭିତରେ କ୍ଲାସରେ ଯେତକ ବାଜେ କଥା କହୁଁ ସେଥିରୁ ଅଧେ ତାହାର ଭାଗରେ । ଆଉ ଯୁକ୍ତି ଗୁଡ଼ାକ ତାର ବ ଅଦ୍‌ଭୁତ ଧରଣର । ତାର କଥା ଶୁଣିଲେ ହସ ବ ମାଡେ ଆଉ ବା ପ୍ରତି ଗୋଟାଏ ଶ୍ରଦ୍ଧା ବ ଆସେ । ମୋଟରେ ଜଣାଯାଏ ତାର ମୁଣ୍ଡ ଭିତରର କୌଣସି ଗୋଟାଏ ଗ୍ରନ୍ଥି ଢିଲା ରହି ଯାଇଛି । ଯାହାହେଉ ସମସ୍ତଙ୍କର ସେ ବଡ଼ ପ୍ରିୟ, ତାର ପ୍ରଧାନ କାରଣ ସେ ବଡ sincere—ଯାହା କହେ, ମନେ ହୁଏ ତାହା ସେ ପ୍ରାଣେ ପ୍ରାଣେ ଅନୁଭବ କରୁଛି ଓ ହୃଦୟରୁ ଅଜାଡି ଦେଉଛି ।

କହୁଛି, ଦୟାଲ ସିଂର ମତ ସବୁ ଅଦ୍ଭୁତ ଧରଣର । ତତ୍ପୋଷର ସେଲା,—ଦେଖା, ଖାମଖିଆଲି । ସେ କହେ "ଏଇଯେ ଆମ ଦେଶର ଦୁର୍ଦ୍ଦଶା, ଏ ସବୁ ଦାରିଦ୍ର୍ୟ ହେତୁ । ଅର୍ଥାଭାବଟା ଆମର ସବୁ ଅନିଷ୍ଟର, ସବୁ ଅବନତିର ମୂଳ । ଆଉ ଏ ଅଭାବ ବା ଦାରିଦ୍ର୍ୟଟା କାହିଁକି ହେଉଛି ଜାଣ ? ଅମେଳ ହେତୁ, ଫାଙ୍କ ଫାଙ୍କ ହେତୁ । ଶହ ଶହ ଜାତି ଶହ ଶହ ଧର୍ମ, ଶହ ଶହ ଭାଷା । ଏହାର remedy ସରକାର ହାତରେ ନାହିଁ, କଂଗ୍ରେସ ହାତରେ ନାହିଁ, ବକ୍ତୃତାରେ ନାହିଁ କି ଖବର କାଗଜରେ ନାହିଁ । ଅଛି ଗୋଟାଏ ଜିନିଷରେ । ସେଇଟା ସାମାଜିକ ମିଳନ । ଯଦି ଭାରତବାସୀ ମାତ୍ରେ ଗୋଟାଏ ଧର୍ମାବଲମ୍ବୀ ହୋଇ ଯାଆନ୍ତେ,

Digitized by srujanika@gmail.com

ଏବେ ଯଦିଓ ଅମର ହୋଇ ଯାଅନ୍ତା ମୁକ୍ତି। ଗୋଟାଏ ଧର୍ମ କରିବା ଲାଗି ଆଗରୁ ଅନେକ ଚେଷ୍ଟା ହୋଇଛି, ସବୁ ଧର୍ମର ମୂଳତତ୍ତ୍ୱ ନେଇ ଗୋଟାଏ Cosmopolitan ଧର୍ମ ଗଢ଼ିବା ପାଇଁ; ଯଥା ଶିଖ ଧର୍ମ ଆର୍ଯ୍ୟ ସମାଜ ବ୍ରାହ୍ମ ସମାଜ ପ୍ରଭୃତି। ମାତ୍ର ସେ ସବୁ ହୋଇଛି ଘୋର failure—ବରଂ ଫଳ ତାର ହୋଇଛି ଓଲଟା। ଅଧିକ ଅଧିକ ଫାଙ୍କ ଫାଙ୍କ କରି ଧର୍ମର ସଂଖ୍ୟା ବଢ଼ାଇ ଦେଇଛନ୍ତି। ଏ ସବୁ ଅସ୍ୱାଭାବିକ ଉପାୟ, ତେଣୁ ଆଶାନୁରୂପ ଫଳ ହୋଇନାହିଁ। ଭାରତବାସ ମଧ୍ୟ ପ୍ରାୟ ସେହିପରି। ଶାନ୍ତି ପ୍ରତିକାର ସ୍ୱାଭାବିକ ଉପାୟ ଅଛି ଯୁବକ ଯୁବତୀମାନଙ୍କ ହାତରେ—ସେଇଟା ହେଉଛି ଯୌନ ମିଳନ। ତାହାଠାରୁ ଆଉ ଜଗତର ସ୍ୱାଭାବିକ ଉପାୟ ଅଛି କଣ ଅଛି ? ବୈଧ ବିବାହ ହେଉ ବା ନ ହେଉ ମୋର ତହିଁରେ ଯାଏ ଆସେ ନା। Free, ଅବାଧ ଚୈତ୍ରିକ ମିଳନ ହେଲେ ବି ହେଲା। ଯେଉଁମାନେ ବିବାହ କରନ୍ତୁ, ଯେମାନେ ବିବାହ କରନ୍ତୁ, ଆପତ୍ତି ନାହିଁ। ସେଥିରେ କେତେଟା ବିଲ ପାସ ବି ଅଛି। ତେବେ ସେଥିରେ ସହଜରେ କିଛି ଅଧିକ ଫଳ ଫଳିବାରୁ ଲଜ୍ଜିତ ଅଧିକ ଲୋଡ଼ା। ସେ ଯାହା ହେଉ ଦରକାର କେବଳ, inter- caste, inter-communial, inter-religious inter- marriage ବା inter-course. ହେଲେ ତ ହେବ କଣ ଜାଣ ? ପଇଦା ହବ ଗୋଟାଏ ନୂଆ cross breed race ଯାହା କି ତେଜରେ, ବୀର୍ଯ୍ୟରେ, ଶୌର୍ଯ୍ୟରେ ହେବ ସର୍ବଶ୍ରେଷ୍ଠ। ଏବେ ତାଙ୍କର ଭିତରେ ହୋଇଯିବ ଗୋଟାଏ ଧର୍ମ, ଗୋଟାଏ ଜାତି।

ଉଚିତ କେବେ ଏହି ହୋଇ ପାରୁ ନାହାନ୍ତି କାହିଁକି ଜାଣ ? ମନ ଅଛି ଇନ୍ଦ୍ରିୟର ଲୋଭ ଛାଡ଼ି ପାରୁ ନାହାନ୍ତି କେହି ଗୋଟାଏ ଜାତି—ଅହଙ୍କାର। ହିନ୍ଦୁ, ଶିଖ, ମୁସଲମାନ, ଖ୍ରୀଷ୍ଟିୟାନ, ବଙ୍ଗାଳୀ, ଓଡ଼ିଆ, ଅସାମୀ, ଆନ୍ଧ୍ର, ଗୁଜୁରାଟୀ, ମରହଟ୍ଟା ପ୍ରତ୍ୟେକେ ଧରିଛନ୍ତି ଆପଣା culture, ଆପଣା tradition ଯେତିକି ଭଣ୍ଡି ପୁରୁଣାକାଳିଆ, ଅଳିଆ ଆବର୍ଜନା, ଭଙ୍ଗା, ଦେଶ ଗୁଣେ civilisation., convention କୁ। ଏଇଟା ହେଉଛି ପ୍ରଧାନ ଅନ୍ତରାୟ। ଏହି ଦମ୍ଭଟା ଛାଡ଼ିଲେ ମାତ୍ରକେ ସବୁ ତୋଳିଯିବ—ଏକ। କିନ୍ତୁ ତାହା ଶିକ୍ଷାରେ ବା ବକ୍ତୃତାରେ ହୋଇ ପାରିବ ନାହିଁ, Practical ways ଲୋଡ଼ା।

ଏହିରୂପେ ଜନ୍ମ ହେବ ଯେ cosmo-politan child, ସେ କରି ପାରିବ ନାହିଁ ଗୋଟାଏ କିଛି culture ର ସର୍ବ। ସେ ହେବ ସାର୍ବଭୌମ ମାନବ। ସବୁକୁ କହିବ ସେ ନିଜର, ସମସ୍ତିକୁ କହିବ ସେ ନିଜର।

ଏହି ଯେଉଁ ନୂଆ ଜାତି ସୃଷ୍ଟି ହେବ ତାର ଗୋଟାଏ କିଛି ଧର୍ମ ରହିଲେ ହେବ, ନ ରହିଲେ ବି ନାହିଁ। ତେବେ no-religion ଅବସ୍ଥା ବେଶୀ ଦିନ ରହି ପାରେ ନା—ସୁତରାଂ ମୂଳରୁ ଗୋଟାଏ କିଛି ରହିବା ଉଚିତ। ଏଥିପାଇଁ ନୂଆ ଧର୍ମ ସୃଷ୍ଟି କଲେ ତାର ହୋଇଯିବ ପୁଣି ସେହି ଆର୍ଯ୍ୟ ବା ବ୍ରାହ୍ମ ସମାଜର ଦଶା। ଅତଏବ ଗୋଟାଏ ପୁରୁଣାକର ଧର୍ମ ଥିଲେ ଭଲ। ଏ ଧର୍ମଟା ହେଉଛି ହିନ୍ଦୁ ଧର୍ମ। ସାମ୍ପ୍ରଦାୟିକତା ବାଦ ଦେଇ ନିର୍ଭେଜାଲ ହିନ୍ଦୁ ଧର୍ମ, ଯାହା ଗୀତା ଦେଖାଇଛି। ସେଠାରୁ broad ଧର୍ମ ତ ଆଉ କେହି ନାହିଁ। ଠିକ୍ କହିବାକୁ ଗଲେ ଏଇଟା ମାନବ ଧର୍ମ।

ମୁଁ ନିଜେ ହିନ୍ଦୁ ବୋଲି କହୁ ନାହିଁ। ହିନ୍ଦୁ ଧର୍ମକୁ ସ୍ୱତନ୍ତ୍ର ଧର୍ମ କରିବାର ମୋର ବଡ଼ ଯୁକ୍ତି ହେଉଛି ଯେ ଏହା majority ଧର୍ମ। Democracy ର ନିୟମ majority କୁ ମାନିବା। ଅଧିକ ପୁଣି ହିନ୍ଦୁଧର୍ମଟା ଏଠା ମାଟିର ଧର୍ମ (religion of the soil)—ଏଠା ହାଓ୍ୱାର ଧର୍ମ—indeginus, ଆଉ ଏଠା ଲୋକଙ୍କ ହୃଦୟ ଧାରୁରେ ସହିତ ଓ ପ୍ରାଣକୁ ସ୍ପର୍ଶ କରିବା ସହଜରେ।

ଏହି ହେଲା ଦୟାଳ ଫିଲୋର ମୋଟା ମୋଟି ମତ—ଯାହାକୁ ଆମେ ଟେକ୍ସରେ Dayalism ବୋଲି କହୁଁ। ଯେତେବେଳେ କହିବସେ, ସେ ହୋଇଯାଏ ପ୍ରାୟ ପାଗଳ—ଲେକ୍ଚରବେଳେ, ଲେଖେ ବଖାଣେ, ତାର ଠିକଣା ନାହିଁ।

ହେଲା summer vacation--ସପ୍ତାହେ ତଳ ବନ୍ଦ ହୋଇ ଘରକୁ ଗଲି। ଜୁଲାଇ ମାସ କଲେଜ ଫିଟିଲା। ମୁଁ ଯେଉଁଦିନ ଘରୁ ଆସିଲି ପହିଲୁ ଷ୍ଟେସନରେ ଦେଖା ହେଲା ଦୟାଳ ଫିଦ ସାଙ୍ଗରେ। ଦେଖି ପ୍ରଥମେ ଚିହ୍ନି ପାରିଲି ନାହିଁ। କାରଣ ସେ ଦୟାଳ ସେ ନଥିଲା। ଲୋକଟା ଅଳ୍ପ ଲମ୍ବା ଲଜ୍ଜା, ଗୋରା ତକ ତକ। ଗଜସ ଗଜସ ଚକ୍ଷୁ, ମୁଣ୍ଡରେ ଛୋଟ ଛୋଟ ବାଳ। ଆଜି ତାର ଅଦ୍ଭୁତ ବେଶ ଦେଖି ଚମକି ପଡ଼ିଲି। ପାଇଜାମା, ଅଚକନ ପିନ୍ଧି, ହାତରେ ଗଣ୍ଡେ ବଡ଼ ହିଲ୍ଡୁ ରୁମାଲ, ଆଖିରେ ସୁର୍ମା, ଦାନ୍ତ କାଳୁସ, ଓଠରେ ନେସାଏ ଛେଳି ଦାଢ଼ି, ମୁଣ୍ଡରେ ଏକ ନାଲି ଫେଜ୍ ଟୋପି। ଏ କଣ !

ଦୟାଳ ମୋତେ ଦେଖି ହଠାତ୍ ସଙ୍କୁଚିତ ହୋଇ ପଡ଼ିଲା, ତା ପରେ ହସି ହସି ମୋ ପାଖକୁ ଚାଲି ଆସି କହିଲା "Hallo, old boy—good evening" ମୁଁ ଭାବିଲି ପାଗଳଟାର ଏ ଗୋଟାଏ ଖିଆଲ ବା ବଢ଼ଲୋକ ବୁଦ୍ଧି। ସେ ମୋ ହାତ ଧରି ପକାଇ କହିଲା "Don't be astonished—ଶୁଣିଛ ତ ସବୁ କଥା ?"

ମୁଁ କହିଲି "ନାହିଁ ତ"

(ଏଗାର ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com



# ଅପ୍ରାକୃତିକ ଯୌନ ପ୍ରକ୍ରିୟା ।

ଯୌନ ଓ ଯୌବନ

**ହକିମ ମହମ୍ମଦ ଫରୁକ୍**

୧୩ ବର୍ଷରୁ ଊଣା ବାଳକ ବାଳିକାମାନଙ୍କର ଏହା ପଢ଼ିବା ଅନୁଚିତ । ଅଭିଭାବକ ଓ ଶିକ୍ଷକମାନେ ଏ ବିଷୟରେ ସତର୍କ ରହିଲେ, 'ଡଗର' କୃତଜ୍ଞ ହେବ :— ସୂତ୍ରଧର

ସେ ତାର ଅତି ଗୋପନ ଏହିପରି ଭାବରେ ଲେଖିଥିଲା :—

ମୋର ବୟସ ୨୨ ବର୍ଷ । ପିତାମାତାଙ୍କର ମୁଁ ଏକମାତ୍ର ସନ୍ତାନ । ମୁଁ ପିଲାଦିନେ ମନ୍ଦ ପଢୁ ନ ଥିଲି । ଯଥାସମୟରେ ମୁଁ ଗ୍ରାମ୍ୟ ମାଇନର ସ୍କୁଲରୁ ବୃତ୍ତି ନେଇ ଶହରକୁ ପଢ଼ିବାକୁ ଆସିଲି । ବାପା ମୋତେ ଭିକ୍ଟୋରିଆ ସ୍କୁଲରେ ନାମ ଲେଖାଇ ଦେଇ ଘରକୁ ଫେରିଗଲେ । ମୁଁ ମୋର ଶୃଙ୍ଖଳିତ ପାଠାଭ୍ୟାସ ଦ୍ୱାରା ଅତି ଅଳ୍ପଦିନ ମଧ୍ୟରେ ଶିକ୍ଷକମାନଙ୍କର ଅତି ପ୍ରିୟ ପାତ୍ର ହୋଇଗଲି । ସେତେବେଳେ ମୋର ବୟସ ୧୨ କି ୧୩ ହେବ । ମୁଁ ଯେତେବେଳେ ସେକେଣ୍ଡ କ୍ଲାସକୁ ଉଠିଲି ସେତେବେଳେ ମୋର······ସଙ୍ଗରେ ଅତ୍ୟନ୍ତ ବନ୍ଧୁତ୍ୱ ହୋଇଗଲା । ମୁଁ ତାକୁ ମୋର ଅନ୍ତରର ଅନ୍ତରତମ ବନ୍ଧୁ ବୋଲି ମନେ କରୁଥିଲି । ସେ ମୋର ସହପାଠୀ ଓ ଜଣେ ଖୁବ୍ ବଡ଼ ଲୋକର ସନ୍ତାନ । ଦୁହେଁଯାକ ହଷ୍ଟେଲରେ ଏକା ରୁମ୍‌ରେ ଥାଉଁ । ଦୁଇ ଜଣଙ୍କର ସିଟ୍ ପାଖ ପାଖରେ ପକାଇ ନେଇ ଥିଲୁଁ । ସାଙ୍ଗରେ ପଢୁଁ, ସାଙ୍ଗରେ ଖେଳୁ, ସାଙ୍ଗରେ ବୁଲୁଁ, ସାଙ୍ଗରେ ଖାଉଁ—କେବଳ ଶୋଇବା ସମୟକୁ ଛାଡ଼ି ଦେଲେ ଆମ ଦୁହିଁଙ୍କର କେତେବେଳେ ହେଲେ ତଫାତ୍ ଘଟେ ନାହିଁ । ସେହିସମୟର ଘଟଣା ମନେ ପଡ଼ିଲେ ମୋର ହୃତ୍‌କମ୍ପ ହୁଏ । ସେ ବନ୍ଧୁଟିର ବନ-ମୟରେ ଆଣିଦେଲା ମୋର ସର୍ବନାଶ ।······ ତାର କୁଶିକ୍ଷା ଫଳରେ ମୁଁ ହସ୍ତମୈଥୁନରେ ଲିପ୍ତ ହେଲି । ଏହାର ବିଷମୟ ପରିଣାମ ସମ୍ବନ୍ଧରେ ମୋର ଲେଶମାତ୍ର ଜ୍ଞାନ ନ ଥିଲା । ମୁଁ ଏହାର କ୍ଷଣିକ ସୁଖରେ ଅତ୍ୟନ୍ତ ଭୁଲି ଯାଇଥିଲି । ମନୁଷ୍ୟକୁ ଏ ସୁଖ ଈଶ୍ୱରଙ୍କର ମହା ଦାନ ବୋଲି ମନେ କରୁଥିଲି । ସବୁବେଳେ ଉଦ୍ଦାମ ଲାଳସା ଚରିତାର୍ଥ ସମ୍ବନ୍ଧୀୟ ଆଲୋଚନାରେ ମୁଁ ଲିପ୍ତ ରହୁଥିଲି । ସେ ଥିଲା ଏ ଅଭିଯାନରେ ମୋର ପ୍ରେରଣା ଦାତା ଓ ଆଦର୍ଶ । କେବଳ ଆମେ ଦୁହେଁ, ଏହା ଧ୍ୱଂସାତ୍ମକ ରୋଗ ଭଳି ଅନେକ ସହପାଠୀଙ୍କୁ ମଧ୍ୟ ଗ୍ରାସ କରିଥିଲା । ଅତଏବ ଲଜ୍ଜାର କଥା ଯେ ଏଥିପାଇଁ ଆମ୍ଭମାନଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ଚାଲୁଥାଏ । ଏ ସମ୍ପର୍କରେ ଅମନୋଯୋଗୀ ଛାତ୍ରଙ୍କୁ ଆମ୍ଭେମାନେ କ୍ଲୀବ ବୋଲି ପରିହାସ କରୁଁ । ସମସ୍ତଙ୍କ ମଧ୍ୟରେ ମୁଁ ନିଜକୁ ଜଣେ ସୁପୁରୁଷ ବୋଲି ପ୍ରମାଣିତ କରାଇଲି ।

ମୋର ମନେ ଅଛି, ଡାକ୍ତରମାନେ ପରୀକ୍ଷା କରି ଆସିବାବେଳେ, ମୋର ଛାତି ଥର ଥର ହୁଏ । ଲଜ୍ଜାରେ ଆପେ ଆପେ ମୁଖ ନୀଳ ହୋଇଯାଏ । କିନ୍ତୁ କୌଣସି ଡାକ୍ତର ମୋର ପ୍ରକୃତ ରୋଗ ଧରି ପାରନ୍ତି ନାହିଁ । ସେମାନେ ରିପୋର୍ଟ ଦିଅନ୍ତି–ଭିଟାମିନର ଅଭାବ । ଲିଭର ଖରାପ ହୋଇଯାଇଛି । ଆଖି ଖରାପ, ମସ୍ତିଷ୍କ ଦୁର୍ବଳ ଇତ୍ୟାଦି । ମୋର ଗୁରୁଜନମାନେ ବ୍ୟସ୍ତ ହୋଇ ଉଠନ୍ତି । ମୋର ପିଉସି ମୋତେ ବଡ଼ ସ୍ନେହ କରୁଥିଲେ । ମୁଁ ଛଅ ଦିନର ହୋଇଥିଲି—ମା ମରିଗଲେ । ସେହି ଦିନଠୁଁ ସେ ମୋତେ ପୁଅଠାରୁ ଅଧିକ ସ୍ନେହ କରନ୍ତି । ତାଙ୍କର ପୁଅ ନ ଥିଲେ । ମାର ଅଭାବ ମୁଁ ଦିନେ ପାଇଁ ହେଲେ ବୁଝି ନାହିଁ । ତେବେ ଏତିକି ମା ଦୁଧ ନପାଇ ଥିବା ଯୋଗୁ କି କ'ଣ ମୋର ଦେହର ଦୃଢ଼ ଓ ବଳିଷ୍ଠ ଗଠନ ହୋଇ ପାରି ନାହିଁ ।

ଏହି କୁଅଭ୍ୟାସ ପରେ ପରେ ମୋର ଘନ ଘନ ସ୍ୱପ୍ନ ସ୍ଖଳନ ହେବାକୁ ଲାଗିଲା । ଡାକ୍ତରଙ୍କ ରିପୋର୍ଟ ଦେଖି ବାପା ବଡ଼ ବ୍ୟସ୍ତ ହୋଇ ପଡ଼ିଲେ । ମୋର କ୍ରମେ ସ୍ମୃତି ଶକ୍ତି ହ୍ରାସ ହେବାକୁ ଲାଗିଲା । ଯେଉଁ ଅଙ୍କଗୁଡ଼ିକ ମୁଁ ୫ମିନିଟରେ ଅନାୟାସ କରି ପାରୁଥିଲି, ତାହା ସାରାଦିନ ଅଭ୍ୟାସ କଲେ ମଧ୍ୟ ମନେ ରହିଲା ନାହିଁ । ମୁଁ ପ୍ରଥମ ହୋଇ ସେକେଣ୍ଡ କ୍ଲାସକୁ ଉଠିଲି । କିନ୍ତୁ ଫାଷ୍ଟ ଟରମିନାଲ ପରୀକ୍ଷାରେ ଦେଖିଲି ଯେ ମୁଁ ଯଥାକଥାରେ କେବଳ ମାତ୍ର ପାସ୍ ମାର୍କ ରଖିଛି । ଶିକ୍ଷକମାନେ ତ ଚକିତ ହୋଇ ପଡ଼ିଲେ । ବୃତ୍ତି ପାଇବାର ଆଶା ମୋଠାରେ ଆଉ ରହିଲା ନାହିଁ । ମୋର ଏ ଅଧୋଗତି ଦେଖି ସେମାନେ ଏହାର କାରଣ ମୋତେ ପଚାରନ୍ତି । ମୁଁ କିଛି କହିପାରେ ନାହିଁ । ହସ୍ତମୈଥୁନର ପରିଣାମରେ ଯେ ଏଭଳି ଘଟିବ ଏ ଧାରଣା ମୋର ପ୍ରକୃତରେ ନ ଥିଲା । ବାପା ଥରେ ଜ୍ୟୋତିଷ ଡାକି ମୋର କୋଷ୍ଠି ଗଣନା କଲେ । ସେ କହିଲେ ଯେ ବର୍ଷଟେ ମୋର ମନ ଓ ଶରୀର ଅସୁସ୍ଥ ରହିବ । ମୁଁ ବି ଠିକ୍ ତାଙ୍କ କଥାରେ ବିଶ୍ୱାସ କଲି । ମୋର କୁଅଭ୍ୟାସ ପରିତ୍ୟାଗ କରିବାକୁ ମୁଁ କେବେ ମନ ଦେଇନାହିଁ । ଥରେ ମୋର ହକିଷ୍ଟଙ୍କୁ ମଧ୍ୟ ପଚାରିଥିଲି । ସେ କହିଲେ, 'ତୋର ବର୍ତ୍ତମାନ ପୂର୍ଣ୍ଣ ଯୌବନ । କାର୍ଯ୍ୟାଧିକ୍ୟ ହେତୁ ତୋର ମସ୍ତିଷ୍କ ଦୁର୍ବଳ ଓ ଚପଳ ହୋଇଛି' ତାଙ୍କୁ ପ୍ରତିକାର ସମ୍ବନ୍ଧରେ ପଚାରିବାରୁ ସେ କହିଲେ, 'ଏପରି ଅବସ୍ଥାରେ ବିବାହ କରିବା ଉଚିତ । ଯଦି ସେଥିରେ ଅସୁବିଧା ଥାଏ ତେବେ ଯେ କୌଣସି ଉପାୟରେ ତୋତେ ସହବାସ କରିବାକୁ ହେବ ।'

'ତେବେ ତୁ କହୁଛୁ କ'ଣ, ଦେଖା—'

'ନା ହେଉଥିଲେ ରୋଗ ସଙ୍କଟାପନ୍ନ ହୋଇପଡ଼ିବ ।'

(କ୍ରମଶଃ)

Digitized by srujanika@gmail.com

# ୧ନମ୍ବର ଶବ୍ଦ ଧନ୍ଦାର ଉତ୍ତର

## ସିଧା ଭାବରେ

୧ । ଅରତ ଜନ ଯାହା ମାଗେ ।
୩ । ବାରଥର ଏହା ଅସେ ।
୬ । ପୀରତ—ବିଷମ ।
୮ । ଏ ମିଷ୍ଟାନ୍ନ ଓଷାବାରରେ ଲାଗେ ।
୯ । କୃଷ୍ଣ ସଖାଙ୍କର ପ୍ରେମ—ହୋଇଥିଲେ ।
୧୧ । ଯିଏ ସନମାନ ଦେଖାଏ ।
୧୨ । ଝରଡ଼ ବଇଷିମର ଏହା ନହେଲେ ନଚଳେ ।
୧୩ । ଅଲଙ୍କାର ବଟେଣସ ।
୧୫ । ଫୁଲର ସାଧାରଣ ରଙ୍ଗ ।
୧୬ । ଏହା ବେଶୀବେଳ ବାଟରେ ଗୃଳେ ।
୧୮ । ଭଲ ଲୋକେ ଏହାଙ୍କୁ ଘୃଣା କରନ୍ତି
୧୯ । ଅଧିକାଂଶ ପର୍ବତରେ ପଡ଼ିଥାଏ ।

| | | | | | | |
|---|---|---|---|---|---|---|
| ୧ ଶ | ୨ (ର) | ଣ | | ୩ ବା | ୪ ର | ୫ କ |
| ୬ (ପ) | ଥ | | ୭ ସ | | ପୁ | ଲି |
| ଥ | | ୯ କା | ଡ | ୧୦ ର | | କା |
| | ୧୧ ସା | ନ | | ୧୨ ମା | ଳା | |
| ୧୩ ଗୃ | ଘ | | ୧୪ ବା | | ୧୫ ସ୍ନେ | ୧୬ ଡ |
| ମ | | ୧୭ ମ | ଠ | ର | | ସ୍ତ |
| ୧୮ ର | ଖୁ | ଣୀ | | ୧୯ ପ | ଡ | ର |

## ଉପର ତଳ ଭାବରେ

୧ । ନସ୍ପୃମ ।
୨ । ମହାଭାରତ ସମସ୍ତରେ ଲାଗିଥିଲା ।
୪ । ଏହାକୁ ଦମନ କର ।
୫ । ଝଡ଼ରେ ଝଡ଼େ
୭ । ଏହା ଛାଡ଼ଲେ ବୁଢ଼ାଇ ହେଲା ।
୯ । ଏହା ନଦେଲେ ଭଲକଥା କହୁବନାହିଁ
୧୦ । ବସ୍ତ୍ର ପ୍ରିସ୍ତ୍ରା ।
୧୧ । ମୃତ୍ୟୁର ଅଗ୍ରଚର ।
୧୩ । ଯଥାକାଳରେ ପ୍ରଭୁସେବାରେ ଲାଗେ।
୧୪ । ଚତୁର ଲୋକ ବିପଦବେଳେ ଏହା ପାଏ
୧୬ । ଦେଶରେ ଅନ୍ତର୍ଯୁଦ୍ଧ ଲାଗିଲେ ସୈନ୍ୟମାନେ ଏଥିଲାଗି ଏହା ହୋଇଥାନ୍ତି ।
୧୭ । ଦେବ ଶିରରେ ଶୋଭାପାଏ ।

ଏ ଶବ୍ଦ ଧନ୍ଦାରେ ସମ୍ପୂର୍ଣ୍ଣରୂପେ ଠିକ୍ ହୋଇଥିବା କିମ୍ବା ଗୋଟିଏ ଭୁଲ୍ ଅଥବା ଯୋଡ଼ିଏ ଭୁଲ ଥିବା ଉତ୍ତର ମିଳିନାହିଁ । ସୁତରାଂ ନିୟମ ଅନୁସାରେ ଦୁଇରୁ ଅଧିକ ଭୁଲ୍ ଥିବା ଉତ୍ତର ରଦ୍ଦ ହୋଇ ଯିବାର କଥା । ମାତ୍ର ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ ସବୁଠାରୁ କମ୍ ୭, ୮, ଓ ୯ଟି କରି ଭୁଲ୍ କରିଥିବା ଲୋକମାନଙ୍କୁ ସାନ୍ତ୍ୱନା ପୁରସ୍କାର ଦିଆଗଲା । ନିଜର ଦେଇଥିବା ଉତ୍ତର ସହିତ ଏହା ମିଳାଇ ଦେଖନ୍ତୁ ।

## ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନଙ୍କର ନାମ ।

ଶ୍ରୀ ମହାବିଦ୍ୟା ଦେଈ—ସାତୋଟି ଭୁଲ ... ... ଟ ୩୧
ମିସନ୍ ବାଳିକା ସ୍କୁଲ, ବାଲେଶ୍ୱର

ବ୍ରଜଗୋପାଳ ଦାସ—ଅଠୋଟି ଭୁଲ ... ...
ଗୁଡ଼ିଗଡ଼ିଆ ବାଲେଶ୍ୱର
ନଟବର ବହଳୀ—ଅଠୋଟି ଭୁଲ ... ...
ହରପୁର ପୋ: ବଡ଼ହାଟ, ବାଲେଶ୍ୱର

ପ୍ରତ୍ୟେକ ଟ ୧୫ କରି ମୋଟ ଟ ୩୧

ଶ୍ରୀ ଦୁର୍ଗା ପ୍ରସାଦ ତ୍ରିପାଠୀ—୯ଟି ଭୁଲ୍
ଗ୍ରା: ଭୁଲଝୀ ପୋ: ବରପାଲି ସମ୍ବଲପୁର
ଶ୍ରୀ ଘନଶ୍ୟାମ ମିଶ୍ର—୯ଟି ଭୁଲ୍
ରେଭେନ୍ସା କଲେଜିଏଟ୍ ସ୍କୁଲ କଟକ
ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ—୯ଟି ଭୁଲ
କୁଅଁସ, ଭଦ୍ରକ
ଶ୍ରୀ ନିତ୍ୟାନନ୍ଦ ମହାପାତ୍ର—୯ଟି ଭୁଲ
କୁଅଁସ, ଭଦ୍ରକ

ପ୍ରତ୍ୟେକ ଟ ୦୮କରି ମୋଟ ଦୁଇଟଙ୍କା ପାଇବେ ଓ ସେମାନେ ଅଦନ୍ତା ପ୍ରତିଯୋଗୀତା ବେ ବିନା ପ୍ରବେଶିକାରେ ମାତ୍ର ଗୋଟିଏ ଉତ୍ତର ଦେଇ ପାରିବେ ।

—*—

ଆସୁଛି— ଆସୁଛି— ଆସୁଛି—

## ପର ସଂଖ୍ୟାରେ ଦେଖିବେ !

୨ନମ୍ବର ଧନ୍ଦା

ଏ ଶବ୍ଦ ଧନ୍ଦାରେ ବିଶେଷତ୍ୱ କ'ଣ ଜାଣନ୍ତି ? ସମ୍ପୂର୍ଣ୍ଣ ଠିକ୍ ଉତ୍ତର ନ ମିଳିଲେ ସବୁଠାରୁ କମ୍ ଭୁଲ କରିଥିବା ପ୍ରତିଯୋଗୀ ପ୍ରଥମ ପୁରସ୍କାର ପାଇବ ।

ପ୍ରସ୍ତୁତ ହୁଅନ୍ତୁ !

ସାବଧାନ ହୁଅନ୍ତୁ— ... ଆଲର୍ଟ ଥାଆନ୍ତୁ—

Digitized by srujanika@gmail.com

**ବିଲୁଆ ବିଗୁର** (ପ୍ରଥମ ପୃଷ୍ଠା ଉତ୍ତାରୁ)

ଗୋଟାଏ ଖବର କାଗଜର ବିଶେଷ ବାର୍ତ୍ତା ସ୍ତମ୍ଭରେ ବାହାରି ଥିଲା ଯେ ଜଣେ ଲୋକର ପଛ ପଟେ ଗଛ ଉଠିଲା । ସେ ଘରେ ଘରେ ବୁଲି କହୁ ହେଉଛି—ମୋ ମୁଣ୍ଡରେ ଗଛ ।' ତହିଁ ଆରଦିନ ଭ୍ରମ ସଂଶୋଧନ ବୋଲି ବଡ଼ ବଡ଼ ଅକ୍ଷର ତଳେ ଲେଖା ଥିଲା—"ଆମ୍ଭେମାନେ ବିଳମ୍ବିତ ଖବର ପାଇଲୁଁ ଯେ ଏଥି ପୂର୍ବରୁ କଂଗ୍ରେସ କମିଟି ୱାର୍ଦ୍ଧାଠାରେ ବସି ଅଫିସ ବା ମନ୍ତ୍ରୀତ୍ୱ ନେବା ଉଚିତ ବୋଲି ପ୍ରସ୍ତାବ ପାସ୍ କରି ସାରିଲେଣି । ଗାନ୍ଧି ଓ ଜହରଲାଲ୍ ଦୁହେଁ କାନେ କହୁ ହେଉଛନ୍ତି—'କଂଗ୍ରେସର ଝଣ୍ଡା ଉଚ୍ଚ ହେଁ'—ଗିରି ନାହିଁ । ସୁତରାଂ କାଲି ବିଶେଷ ବାର୍ତ୍ତା ସ୍ତମ୍ଭରେ ଯାହା ବାହାରିଥିଲା ତାହା ଏହାର ପରବର୍ତ୍ତୀ ଘଟଣା ହୋଇଥିବାରୁ ପାଠକ ତାହାକୁ ସାଧାରଣ ସମ୍ବାଦ ବୋଲି ଧରି ଏହାକୁ ତାହା ସ୍ଥାନରେ ପଢ଼ିବେ ।"

+ + +

ଓଡ଼ିଶାରେ କୌଣସି ହିନ୍ଦି ପ୍ରଚାର ବିଦ୍ୟାଳୟ ଛାତ୍ରମାନେ ଲୁଅଟେ଼ ଅଭ ଦରମା ଦେବାକୁ ନାରାଜ । ସେମାନେ କାରଣ ଦେଖାଉଛନ୍ତି ଯେ, "ଗାନ୍ଧିଜୀ ଯେତେବେଳେ କହୁଛନ୍ତି ହିନ୍ଦି ପ୍ରଚାରକମାନେ ପଛକେ ହିନ୍ଦି ଅକ୍ଷର ଚିହ୍ନି ନଥାନ୍ତୁ ହିନ୍ଦି ବ୍ୟାକରଣ ଜାଣି ନଥାନ୍ତୁ କ୍ଷତି ନାହିଁ କିନ୍ତୁ ତାଙ୍କର ଚରିତ୍ର ଠିକ୍ ଥିବା ଉଚିତ । ତା ଯଦି ହୁଏ ଆମ୍ଭେମାନେ ଚରିତ୍ର ସମ୍ବନ୍ଧରେ ବକ୍ତୃତା ବିନା ପଇସାରେ ପାଦ୍ରିଙ୍କ ଠାରୁ ନଶୁଣି ଏଠିକି ପଢ଼ିବାକୁ ଆସିବୁ କାହିଁକି ?"

+ + +

ଗୋପ ବାବୁ ଗ୍ରାମ ସଂଗଠନ କରୁଥିଲେ । ତାଙ୍କୁ ମହୁମାଛି ପାଳିବାର ଦେଖି ଜଣେ କଂଗ୍ରେସ ନେତା ପଚାରିଲେ, "ଏହାକୁ ଗୋଟାଏ ଜନ୍ତୁସ୍ପୃ ଶିଳ୍ପ ବୋଲି ଆପଣ କଣ ମତ ପୋଷଣ କରନ୍ତି ?" ସେ କହିଲେ—'ନିଶ୍ଚୟ । ମାତ୍ର ତାହା ଭିତରେ ଅଦ୍ଭୁତ ମଧ୍ୟ ଏକ ଗୁପ୍ତ ରହସ୍ୟ ଅଛି । ତାହା ତୁମ୍ଭେ କେଉଁଠାରେ ପ୍ରକାଶ ନକଲେ କହିବି ।' ପ୍ରଶ୍ନକର୍ତ୍ତା ପ୍ରତିଶ୍ରୁତ ଦେବାରୁ ସେ କାନେ କହିଲେ—'ମୁଁ ଏଠାରେ ମହୁମାଛି ସୈନ୍ୟ ନେଇ ଏକ ବୃହତ ବାହିନୀ ଗଢ଼ୁଛି । ଦରକାର ହେଲେ ଭାରତର ସ୍ୱାଧୀନତା ପାଇଁ ଏମାନେ ସରକାରଙ୍କ ସଙ୍ଗରେ ଲଢ଼ିବେ ।'

+ + +

ଭଦ୍ରକରେ କୌଣସି ସାଧାରଣ ଅନୁଷ୍ଠାନର ଉତ୍ସବରେ ପରିଚାଳନା ସମିତି ପକ୍ଷରୁ ଯେଉଁ ବିବରଣୀ ପାଠ କରାଗଲା ଏଥିରେ ସମିତିର ସଭ୍ୟମାନଙ୍କୁ ତାଙ୍କର କାର୍ଯ୍ୟ ପାଇଁ ଭୂରି ଭୂରି ପ୍ରଶଂସା କରାଯାଇଥିଲା । ଏପରି ହେବାର କାରଣ ପଚାରିବାରୁ ସେ କହିଲେ—'ଅତେ ନିଜକୁ ଶଂସିଲେ ନ ହେଲେ ଯେ କେହି ଶଂସିବେ ନାହିଁ ।'

**ଖବରଅନ୍ତର** [ ୭ପୃଷ୍ଠା ଉତ୍ତାରୁ ]

ଦେଶ ଦ୍ରୋହୀ ୨୮ ଜଣ ବଡ଼ କର୍ମଚାରୀଙ୍କୁ ରୁଷ୍ ସର୍କାର ପ୍ରାଣଦଣ୍ଡ ଦେଇଛନ୍ତି । ନିକଟରେ ମାର୍ଶେଲ୍ ବ୍ଲୁଚରଙ୍କ ସାମନାରେ ୮ଜଣ ସେନାପତିଙ୍କୁ ଗୁଳି କରାଯାଇଛି ।

ଯେ ମାସରେ ନିଯୁକ୍ତ ହେବା ପରେ ପରେ ସେନାପତି ବ୍ଲୁଚରଙ୍କୁ ମସ୍କୋଠାକୁ ରୁଷ ସରକାର ତଲବ କରିଛନ୍ତି । ରହସ୍ୟ ଜଣା ପଡ଼ୁନାହିଁ ।

ଆୟାରଲଣ୍ଡ ନିର୍ବାଚନରେ ତ୍ୟାଗୀ ଡି ଭାଲେରାଙ୍କ ଦଳ ଜୟଯୁକ୍ତ ହୋଇଛନ୍ତି । କିନ୍ତୁ ପ୍ରତିଦ୍ୱନ୍ଦ୍ୱୀ ନିଜ ଜୋରରେ ଠିଆ ହେବାକୁ କ୍ଷମତା ନପାଇବାରୁ ଶ୍ରମିକଦଳଙ୍କୁ ସାଙ୍ଗକୁ ଟାଣୁଛନ୍ତି । ପୁଣି ଥରେ ସାଧାରଣ ନିର୍ବାଚନ ହେବାର ଆଶଙ୍କା ମଧ୍ୟ ରହିଛି ।

ଜାପାନରେ ମୂଲିଆମାନେ ଭାରି ଅସନ୍ତୋଷ ପ୍ରକାଶ କରିଛନ୍ତି । ଯାହା ଭିତରେ ୭୦୪ ଗୋଟି ମାଲିକ ଓ ମୂଲିଆଙ୍କ ଭିତରେ ମକଦ୍ଦମା ଦାଏର ହୋଇଛି । ଶତକଡ଼ା ୩୦ ଟଙ୍କା ମୂଲ ବଢ଼ାଇବା ପାଇଁ ମୂଲିଆମାନେ ଦାବି କରୁଛନ୍ତି ।

ପୃଥକ୍ଟୋଠାରେ ସଶସ୍ତ୍ର ଚୀନା ସୈନ୍ୟ ଜାପାନୀ ପୋଲିସ ଅଫିସରେ ପଶି ଜଣେ ଜାପାନୀକୁ ଟାଣି ଆଣିଛନ୍ତି ।

## (ଜରୁରି ଖବର)

ସବୁଆଡ଼େ କଂଗ୍ରେସ ମନ୍ତ୍ରୀମାନେ ପଦ ଗ୍ରହଣ କରି ସାରିଲେଣି । ଓଡ଼ିଶାର ଭାଗ୍ୟଡୋର ପଡ଼ିଛି ତିନି ଓକିଲଙ୍କ ହାତରେ । ପ୍ରଧାନ ମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ—ଶିକ୍ଷା, ଅର୍ଥ ଓ ଶାସନ ବିଭାଗ । ଶ୍ରୀ ନିତ୍ୟାନନ୍ଦ କାନୁନଗୋ—ରାଜସ୍ୱ ମନ୍ତ୍ରୀ ଓ ରାଜସ୍ୱ ଶ୍ରୀଯୁକ୍ତ ବୋଧରାମ ଦୁବେ—ସ୍ୱାୟତ୍ତ ଶାସନ ଆଇନ ଓ ବାଣିଜ୍ୟ । ଦେଖାଯାଉ ଏ ଦଳ ଜିତୁଛି । ନହେଲେ ତ କଣ ପଣ୍ଡିତେ ଅଛ ।

ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ ହେବେ ସଭାପତି ଓ ଶ୍ରୀଯୁକ୍ତ ନନ୍ଦକିଶୋର ଦାସ ସ: ସଭାପତି ଏ ନୂଆ ହୈଦ୍ୟାକ ବାଲେଶ୍ୱରଙ୍କ କରଣ ଜନ୍ମ!

## ଡଗରର ଦରନାମ

| | | |
|---|---|---|
| ବର୍ଷକୁ ମଫସଲ ପାଇଁ | ୧ଡାକ | ଟ ୨୯ |
| ,, ଗ୍ରାହକମାନଙ୍କ ସକାଶେ | ,, | ଟ ୧୫ |

ଏଜେଣ୍ଟଙ୍କ ହାତରୁ ନଗଦ ପ୍ରତି ଖଣ୍ଡର

ମୂଲ୍ୟ ଟ ୦/

ଶୀଘ୍ର ପଠାଇ ଶୀଘ୍ର ଗ୍ରାହକ ହୁଅନ୍ତୁ ।

ଏଜେଣ୍ଟ ହୋଇ ଘରେ ବସି ରୋଜଗାର କରନ୍ତୁ

Digitized by srujanika@gmail.com



# ଓଡ଼ିଆ ରେକର୍ଡର

## ଇତିହାସ

ଶ୍ରୀ ଚରଣ ଚନ୍ଦ୍ର ଘୋଷ

( ପୂର୍ବ ପ୍ରକାଶିତ ପରରୁ )

ବର୍ତ୍ତମାନ ହିଜ ମାଷ୍ଟରସ ଭଏସ, କମ୍ପାନୀର ନବୀନ ଗାୟକ ମାନଙ୍କ ସମ୍ବନ୍ଧରେ ପଦେ ଅଧେ କହେଁ। ନୂତନ ଆର୍ଟିଷ୍ଟ ମାନଙ୍କ ଭିତରୁ କୁମାରୀ ପ୍ରତିମା ରାୟ ଚୌଧୁରୀ, ସୁକୁମାର ଦାସ୍, ବାବୁ ରାସ ବିହାରୀ ପ୍ରଧାନ ଓ ବାବୁ ଚରଣ ଚନ୍ଦ୍ର ଘୋଷ, ଗୁଣୀ-ସମାଜର ଦୃଷ୍ଟି ଆକର୍ଷଣ କରିଥିବାର ଜଣାଯାଏ। ଏମାନଙ୍କର ଏହି ଅଭିଯାନ କେତେଦୂର ସାଫଲ୍ୟ ମଣ୍ଡିତ ହୋଇଛି ସୁଧୀ ଶ୍ରୋତୃବର୍ଗମାନେହିଁ ତାହାର ଉତ୍କୃଷ୍ଟ ବିଚାରକ। ତେବେ ଏତକ କୁହା ଯାଇ ପାରେ ଯେ ଏହି ସବୁଜ ଦଳର ସତେଜ ସଙ୍ଗୀତକୁ ଆଲୋଚନା କରିବାର ସମୟ ଆସିନାହିଁ। ମାତ୍ର କୁମାରୀ ପ୍ରତିମାଙ୍କର ଅଦ୍ଭୁତ ପ୍ରତିଭା ବଳରେ ଅତି ଅଳ୍ପ ସମୟ ମଧ୍ୟରେ ସେ ଓଡ଼ିଆ ରେକର୍ଡ଼ ରାଜ୍ୟରେ ଅସାମାନ୍ୟ ପ୍ରତିଷ୍ଠା ଲାଭ କରିଛନ୍ତି। 'ମୁଁ ପର ଘରୋଇଣୀ କୃଷ୍ଣଦ୍ୱାରେ ଓ ଚନ୍ଦ୍ରାବଳୀ କି ଭୋଳେ ଦେଲ ମେଲାଣି" ତାଙ୍କର ଏହି ଦୁଇଟି ସଙ୍ଗୀତ ଯଥେଷ୍ଟ ଆଦୃତ ହେଉଛି।

ଏଥର ଅନ୍ୟାନ୍ୟ କମ୍ପାନୀମାନଙ୍କର କଥା କହେଁ। ମେଗାଫୋନରେ ବାବୁ କାଶୀନାଥ ମହାନ୍ତି ଦେଇଛନ୍ତି ଜାତୀୟ ସଙ୍ଗୀତ। ବାବୁ ଅକ୍ଷୟ କୁମାର ଦାସ ଓ ବାବାଜୀ ଚରଣ ପୃଷ୍ଟି ମଧ୍ୟ ମେଗାଫୋନର ଆର୍ଟିଷ୍ଟ। କାଶୀନାଥ ବାବୁ ଓ ଅକ୍ଷୟ ବାବୁଙ୍କର ଗୀତକୁ ଲୋକେ ଆଦର କରୁଛନ୍ତି। କାଶୀନାଥ ବାବୁଙ୍କର ରଚନା ପ୍ରକୃତରେ [illegible]। କିନ୍ତୁ ଅକ୍ଷୟ ବାବୁ ରଚନା ଉପରେ ଟିକିଏ ଦୃଷ୍ଟି ଦେଇ ପାରିଲେ ଭଲ ହୁଅନ୍ତା। ଗାୟକ ଓ ଲେଖକ ଉଭୟ ହିସାବରେ ନାମ କରିବାର ପ୍ରଲୋଭନ ଏଡ଼ାଇ ପାରିଲେ ସେ ଅନ୍ତତଃ କୋଣଟିକରେ ନିପୁଣତା ନିଶ୍ଚୟ ଦେଖାଇ ପାରନ୍ତେ। ପୃଷ୍ଟିଙ୍କର ସଙ୍ଗୀତ ଶୁଣିବାର ଉପଯୋଗୀ ନୁହେଁ। ଏହି କମ୍ପାନୀ ପ୍ରକାଶିତ ବାବୁ କାଶୀନାଥ ସାହୁଙ୍କର ଗୀତ ଗୁଡିକ ମନ୍ଦ ହୋଇନାହିଁ।

ହିନ୍ଦୁସ୍ଥାନରେ ଯେଉଁ ଦୁଇଜଣ ଗାଇଛନ୍ତି ତନ୍ମଧ୍ୟରୁ ରବୀନ୍ଦ୍ର ନାଥ ଘୋଷଙ୍କର ଗୀତ କେତେକାଂଶରେ ସାଫଲ୍ୟ ମଣ୍ଡିତ ହୋଇଛି। ମାତ୍ର ତାଙ୍କର ରେକର୍ଡ଼ ଖଣ୍ଡିକର ଅଦର ସଙ୍ଗୀତ ଯୋଗ୍ୟ ବମ୍ବା ଟହସଲଗ୍ନ ବାଦ୍ୟ ଯୋଗୁଁ ତାହା ବୁଝିବା କଠିନ। ରବିବାବୁଙ୍କର ଗଳା ଅସ୍ପଷ୍ଟ। 'ନ ଯିବ ମୁଁ ଯମୁନା' ଗୀତଟି ତାଙ୍କର ସ୍ୱର ଲାଳିତ୍ୟ ଯୋଗୁଁ ମଧୁର ଲାଗେ।

ଯେନୋଲା ସାଧାରଣତଃ ନାଟକହିଁ ବାହାର କରେ। ବାବୁ ରାଧା ମୋହନ କରବାଜ ଯେଉଁ ଗୀତ ଦେଇଛନ୍ତି ତାର ସାଫଲ୍ୟ ସମ୍ବନ୍ଧରେ ଶ୍ରୋତାମାନେ ହିଁ କହିବେ। ଶ୍ରୀଯୁକ୍ତ ମନ ମୋହନ ସାହୁଙ୍କର 'ଦାନାର ସେକାଢ଼ କରରେ ବ୍ରଜୀ' ଗୀତଟି ଉଚ୍ଚଅଳା ସ୍ୱରରେ ତାଙ୍କର ସ୍ଥୂଳ କଣ୍ଠରେ ମନ୍ଦ ଶୁଣାଯାଉ ନାହିଁ। ଲକ୍ଷ୍ମୀକାନ୍ତ ବାବୁଙ୍କର ଯେଉଁ ଜାତୀୟ ସଙ୍ଗୀତ ସେ ଗାଇଛନ୍ତି ତାହା ତେତେଦୂର ସାଫଲ୍ୟ ମଣ୍ଡିତ ହୋଇ ନାହିଁ। ବଂଶୀ ଘେଗା ରେକର୍ଡ଼ଟି ଶୁଣିଲେ ଅନାବିଲ ଓଡ଼ିଆ ଭାଷାର ଲାଳିତ୍ୟ ବୁଝା ପଡ଼େ। ମାତ୍ର ତହିଁରେ ଦୁଇଟି ପୁରୁଷ ପିଲା ନ ଗାଇ ବାଳିକାଟିଏ ଯଦି ରାଧା ରୂପରେ ଗାଇଥାନ୍ତା ତେବେ ତାହା ଅଧିକ ସୁନ୍ଦର ଓ ସୁଶ୍ରାବ୍ୟ ହୋଇ ଥାନ୍ତା।

(ଏହା ପରେ ନାଟକ ସମ୍ବନ୍ଧରେ ଆଲୋଚନା ହେବ)

# କଳାକମ

## ଚିଠାଉ

ମାନନୀୟ ଡଗର ସମ୍ପାଦକ ମହୋଦୟ

ସମୀପେଷୁ—

ମହାଶୟ,

ଆମ୍ଭେ ଏଠାରେ ଗୋଟିଏ ସଭା ସ୍ଥାପନ କରିବାର ଉଦ୍ୟୋଗ କରୁଅଛୁଁ। ତାହାର ନାମ "ତେଲ-ଲଗା ସଭା।" ଏଥିର ମେମ୍ବର ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବହୁତ ଫାଏଦା ହାସଲ ହୋଇ ପାରିବ। ମେମ୍ବର ଚାନ୍ଦା ଠେକଏ ଖାଣ୍ଟି ତେଲ ମାତ୍ର। ଯେଉଁମାନଙ୍କର ମେମ୍ବର ହେବାର ଇଚ୍ଛା, ସେମାନେ ଶୀଘ୍ର ଫିସ ସହ ଦରଖାସ୍ତ କରନ୍ତୁ। ଆମ୍ଭେ ଏହା ଜନ ହିତ ଉଦ୍ଦେଶ୍ୟରେ କରୁଅଛୁଁ। ଏହାର ବହୁଳ ପ୍ରଚାର ହେଲେ ଦେଶର ପ୍ରଭୂତ ଉପକାର ସାଧିତ ହେବ। ଯେ କୌଣସି 'ସ୍ୱାଧୀନ' ଓ 'ସାଧାରଣ' ମାନବ ମେମ୍ବର ହୋଇ ପାରିବେ। ଯାହାଙ୍କର ଅଲଗ ସ୍ଥାନ ଥିବ, ଜମିଦାର ସେରସ୍ତାରେ ଦଖଲ ଥିବ ବା ଯେ କୌଣସି ଅନାହାରୀ କର୍ମ ହାସଲ କରିଥିବେ ସେହିମାନଙ୍କୁ ଆଗେ ନିଆଯିବ। ଆଉ ଯେଉଁମାନେ ସଭାର ଭିତରେ ଅଧସେରେ ନିର୍ମଳ ତେଲ ତଳପାରେ ମାଲିସ୍ କରି ଦିଅଇ ଦେଇ ପାରିବେ ସେମାନଙ୍କୁ ଅନାୟାସ ଲାଇଫ ମେମ୍ବର ( Life member ) କରାଯିବ। ଇତି।

ଆପଣଙ୍କର
ସମ୍ପାଦକ
ଢେଙ୍କିମର୍ଦ୍ଦନ ସଭା, କଲୁଠୋଲଗଳି
B. N. R.

ପୁ: ପ୍ରକାଶ ଥାଉକି ଏ ବିଜ୍ଞାପନ ପତ୍ର ଛପାଇବାର ଖରଚ ବାବଦକୁ କଳସ୍ତରେ ବେଢ଼ ତେଲ ପଠାଇଲୁଁ; ଅନୁଗ୍ରହ କରି ଗ୍ରହଣ କରିବେ, ଓ ଦରକାର ହେଲେ କାର୍ଯ୍ୟରେ ଲଗାଇ ପାରିବେ।

Digitized by srujanika@gmail.com

(ଷଷ୍ଠ ପୃଷ୍ଠା ଦ୍ରଷ୍ଟବ୍ୟ)

"କେତେ ଶୁଣିବ ଅସ curious ଅଉ romantic ହ।" ଏତିକି କହି ମ୍ୟାନେଜର ଘୋଡ଼ାଏ ଲବେଳା ଦେଇ ଅବକୁ ମୋତେ ଛାଡ଼ ଦେଇଗଲ। ମୋ ପାଖରେ ବସି ସେ କହିଲ "ମନେ ଅଛି ତ, ଆମ କ୍ଲାସର ସେହି ମୁସଲମାନ ଝୋଙ୍କା କଥା?"

ମୁଁ କହିଲି—ଏଇ ଫତେମା?

ସେ କହିଲ "ହଁ Miss ଫତେମା—Mrs ଅବ୍ଦୁଲ ଫ—rather, Begum Abdulla.

ମୁଁ କିଛି ବୁଝି ପାରିଲି ନାହିଁ। ଦସ୍ତାଲ ପର ଖାଣ୍ଟି ଦିଲଟା ସେ ଜଣେ ଭଦ୍ର ମହିଳାକୁ ଏପରି ଝଟା କରିବ ଏହା ମୁଁ ଅବୋଧ ଧାରଣା କରି ପାରିଲି ନାହିଁ।

ସେ କହିଲ "ଆଶ୍ଚର୍ଯ୍ୟ ହେଉଛ? ହବାର କଥା। ସେଇଥିପାଇଁ wonderful—"

ତୋଟେ ଛେପ ଗିଳି ସେ ହୁଏ ଅମି ଗଳା ଓ ପୁଣି ଉଚ୍ଚା ଗଳାର କହିବାକୁ ଆରମ୍ଭ କଲା—

"ତମେ ତ ସବୁ ଶୁଣିଥିବ ଗୁଲଗଳ ମୁଁ ବ ମନେ କରିଥିଲ ଯିବ ବୋଲି, କିନ୍ତୁ ଆମ-ଆଡ଼ ଯାଉଁ ଗରମ ସେଥିରେ ଯିବାକୁ ମନ ବଳିଲା ନାହିଁ। ଛୁଟିରେ ଏଠାରେ ବସି ରହିବାକୁ ଭ ଭଲ ଲାଗିଲା ନାହିଁ, ଭାବିଲି ଥରେ ଜଗନ୍ନାଥଙ୍କୁ ବୁଲି ଆସେଁ। ଜଗନ୍ନାଥର ଭଣ୍ଡାର ଗାଧିଟା ମୋର ବଡ଼ ପସନ୍ଦ ହୁଏ ଅଉ ହିନ୍ଦୁର ସର୍ବପ୍ରଧାନ ତୀର୍ଥ ପୁରୀରେ ଏହା ହିନ୍ଦୁ ଧର୍ମର ମର୍ମଟା କଣ ପକାଶ ହେଉଛି ବୋଲି ମୋର ମନେ ହୁଏ। ତା ପରେ ବଡ଼ attractive ସମୁଦ୍ର ବାଲିଆ ଓ ସମୁଦ୍ର ସ୍ନାନ।

ଧର୍ମଶାଳାରେ ଘୋଟାଏ କୋଠରୀ ନେଇ ରହିଲି। ନିତ ଜଗନ୍ନାଥ ଦର୍ଶନ, ମହାପ୍ରସାଦ ଭୋଜନ ଓ ସମୁଦ୍ର କୂଳ ଭ୍ରମଣ ଚାଲିଥାଏ। ଅଜ୍ଞାତ ଭିତରେ ଲାଗୁଥାଏ ବଡ଼ ଏକା ଏକା। କଥାଟିଏ କହିବାକୁ କେହୁ ନାହିଁ—

ମୁଁ ଠୋ ଠୋ କରି ହସି ଦେଲି।

ସେ କହିଲ "ହସି ଦେଲ ଯେ! ମୋର ଅଭ୍ୟାସଟା ତ ଜାଣ। weakness କହ ବା ଯାହା କହ, ସେଇଟା ମୋର nature। ମୁଠାଏ ବକାବକି ନ କଲେ ମୋତେ ନିଦ ଅସେ ନାହିଁ।

ହଁ, ଯଦି ସୂର୍ଯ୍ୟାସ୍ତ ପରେ, ଢେଉ ଓ ଗର୍ଜନରେ ସଙ୍ଗୀତ ଶୁଣୁଥିଲା ବେଳରେ ତାର ଚେହେରା ଦେଖି ସେହି ସମୁଦ୍ର କିନାରରେ। ସେ କେଉଁ ଅଛି, ମୁଁ ଏଣ—"

"କାହାର ମ?"

"ଓଃ, ସତେ! ସେଇ ଯେ, ସେଇ ଫତେମା—ମିସ୍ ଫତେମା ଭୁଲିବ?"

"ହଁ, ତା' ପରେ?"

"ତା' ପରେ, ଅପରିଚିତ ସ୍ଥାନରେ ଚିହ୍ନା ମୁହଁ ଦେଖିଲେ ମନ ଯାହା ହୁଏ। ଭାବିଲି କଥା କହିବି କି ନାହିଁ। ଆଳାପ ନଥିଲେ ମଧ୍ୟ ପରିଚିତ—ଅନ୍ତତଃ Class mate ତ! ଏ ସ୍ଥଳରେ କିଛି ନ କହିବାଟା ଅଭଦ୍ରତା… ଅଉ ସେ ବ ଭାବିବ ଏଇଟା idiot ଟାଏ। କହିଦେଲି "good evening" ଭାବିଥିଲି ସେ ଘୋଟାଏ ମାମୁଲି ଗୁଡ଼ ଇଭିନିଂ ମାରି ଚାଲିଯିବ। ମାତ୍ର ସେ ଛିଡ଼ା ହୋଇ ଯାଇ କହିଲା "good evening—fine breeze" ଦେଖିଲି avoid କରିବାର ଲକ୍ଷଣ ନୁହେଁ—ବରଂ ଆଳାପ ଲଗାଇବାର ଆଗ୍ରହ। ମୁଁ ବ ସେଇପରି ଆରମ୍ଭ କରିଦେଲି। କଥାକୁ କଥା କ୍ରମେ ଆଳାପ ଜମି ଉଠିଲା। ଓଃ, କେଡ଼େ smart ସେ—କେତେ sweetness ତା ଭିତରେ! ଆଶ୍ଚର୍ଯ୍ୟ ହୋଇଗଲି।

ସେ କହିଲା 'ବଡ଼ ଏକା ଲାଗିଲାଣି,—ହୁଏ ବସିବାକୁ ଆପତ୍ତି ଅଛି କି?' ମୁଁ ବ ବୋଧହୁଏ ସେଇଆ ଖୋଜୁଥିଲି—ତାରଣ ମୁହୂର୍ତ୍ତି ଭିତରେ ଆମେ ଦୁହେଁ ସେହି ବାଲିରା ଆସନରେ ବସି ପଡ଼ିଲୁଁ। ସମୁଦ୍ରର ଢେଉ ଲାଳାୟିତ ଭାବରେ ଗାଧୁ ଆମ ପାଦତଳ ଛୁଇଁ ଯାଉଥିଲା। ସପ୍ତମୀର ଚନ୍ଦ୍ର ଆମ ମୁଣ୍ଡରେ ତାର ସ୍ନିଗ୍ଧ କିରଣ ଢାଳି ଦେଉଥିଲା।—ଚନ୍ଦ୍ର କିରଣରେ ପୁରୀ ସମୁଦ୍ର, ତମେ ଦେଖିଛ? ସୁନ୍ଦର, ସୁନ୍ଦର।"

"ଦେଖିଥିବି ଅନେକ ଥର, ମାତ୍ର ଏପରି ଭାବରେ ତାର ସୌନ୍ଦର୍ଯ୍ୟ ଉପଭୋଗ କରିବାର ସୁଯୋଗ କେବେ ମିଳି ନାହିଁ ମୋତେ।"

ମୋ କଥା ଶୁଣି ଦସ୍ତାଲ ହସିଲା। କହିଲା "ତା ଠିକ୍—ଏ opertunity ମିଳିବା ଖୁବ୍ rare—କିନ୍ତୁ ଯାହାକୁ ମିଳେ, ତା ହୃଦୟର ଘୋଟାଏ ପର୍ଦ୍ଦା ଖୋଲି ଯାଏ—ଘୋଟାଏ ନୂଆ ଜଗତ ଉଦ୍ଘାଟିତ ହୋଇ ଉଠେ। ତା ପରେ ମୋର ପରିଚୟ ସେ ପାଇଲା—ତାର ପରିଚୟ ଦେଲା। ସେଇଥିରୁ ଜାଣିଲି ତାର ବାପା ଖାଁ ବାହାଦୁର ଅବଦୁଲ୍ ଲତିଫ ଜଣେ ଉଚ୍ଚପଦସ୍ଥ ଷ୍ଟେଟ୍ କର୍ମଚାରୀ। ପୁରୀ ଆସିଛନ୍ତି ଚେଞ୍ଜରେ। ମା ନାହାନ୍ତି। ପିତାଙ୍କର ଏକମାତ୍ର ସନ୍ତାନ ସେ।

ଏହାପରେ କେତେ କଣ କଥାବାର୍ତ୍ତା ହେଲା ଏବଂ କେତେ କ୍ଷଣ ଯେ ହେଲା ମୋର ଖିଆଲ ନାହିଁ। ମୁଁ ଯେପରି ଘୋଟାଏ ଅଲୌକିକ ସ୍ୱପ୍ନ ରାଜ୍ୟରେ ଉଡ଼ି ବୁଲୁଥିଲି ସ୍ୱପ୍ନର ଆବେଶରେ। ହଠାତ୍ ଫତେମା କହିଲା, well, ଅନେକ ରାତି ହେଲାଣି। ବାବା club ରୁ ଫେରିବେ। କାଲି ଏତିକିବେଳେ ଆସି ପାରିବେ କି?' ମୋର ଚମକ ଭାଙ୍ଗିଲା। ମୁଁ ବ ଉଠି ପଡ଼ି ଆଜ୍ଞା ଶିରୋଧାର୍ଯ୍ୟ କରି ବିଦାୟ ନେଲି।

ଏହାପରେ ଦେଖା ସାକ୍ଷାତ ଚାଲିଲା ଦିନ ପରେ ଦିନ। ଯେବେ ବସିଛୁ—କେତେବେଳେ ମେଘ

Digitized by srujanika@gmail.com

ଷଣ୍ଢେ ଉଠାଇ ଅଣିଲାଣି ମାଲୁମ ନାହିଁ । ବୃଷ୍ଟି ହେଲା, ସେତେବେଳେ ପବନଟା ଖୁବ୍ ଜୋର ଚିହ୍ନିଲା ଓ ଟମ୍ ଟପ୍ କରି ବର୍ଷା ପଡ଼ାଇଲା । ଫତିମା କହିଲା "ଆମ୍ଭ ବସା ଏଇଟା—ଚାଲନ୍ତୁ ଯିବା—ବର୍ଷା ଛାଡ଼ିଗଲେ ଯିବେ ।"

ଫତିମାର ଘର କୋଠରୀରେ ଯାଇ ହେଲିଁ । ମେଘ ଛାଡ଼ୁ ନ ଥିଲେ । ଘଡ଼ିକୁ ଚାହିଁ ସେ କହିଲା ବାପାଙ୍କର ଆସିବାର ବେଳ ହୋଇଗଲା—ଆପଣଙ୍କୁ ଏବେ ଯିବାକୁ ହେବ । ବଡ଼ କଷ୍ଟ ହେଲା, ମାଫ କରିବେ ।

'ଓ ସେ କଥା ନା' କହି ମୁଁ ଉଠିବାକୁ ଯାଉଚି, ଫତିମା କହିଲା—'ହେଇ ବାପା ଆସି ଗଲେଣି' । ବାସ୍ତ ଘରେ ସେ ଅଛନ୍ତି—ଆପଣ ସେବାଟେ ଆଉ ଯାଇ ପାରିବେ ନାହିଁ । କଟ୍ଟ orthodox ମୁସଲମାନ ସେ—ଯୁବକ ଯୁବତୀଙ୍କ ଅବାଧ ମିଳନର ସେ ଶତ୍ରୁ । ସେ ଜାଣିଲେ ଆମ ଦୁହିଁଙ୍କର ଅପମାନନାର ସୀମା ରହିବ ନାହିଁ । ଗୋଟାଏ ଭୀଷଣ କାଣ୍ଡ କରି ବସିବେ । ଆପଣ ଗୋଟାଏ କାମ କରନ୍ତୁ—ଏହି ଝରକା ବାଟେ ଡେଇଁ ପଡ଼ି ବାହାରି ଯାଆନ୍ତୁ ।"

ମୋର ଅକ୍କଲ ଗୁଡ଼ୁମ୍ । ତାଙ୍କ କଥାମୁ ନ କରି ଖିଡ଼କି ବାଟେ ଡେଇଁ ପଡ଼ିଲି । ଯାଇ ପଡ଼ିଲି ଗୋଟାଏ ନର୍ଦ୍ଦମା କୁଣ୍ଡ ଭିତରେ । ଶବ୍ଦ ହେଲା ଝପାସ୍ । ଦୁଇଟା ଶିକାରୀ କୁକୁର ଭଜ୍ଜନ କରି ଧାଇଁ ଆସି ଗର୍ତ୍ତ ଉପରେ ଦପାଦପ କମ୍ପାଇ ଦେଲେ । ସେ କୁଣ୍ଡ ଭିତରୁ ଉଠିବାର ବି ମୋର ସାହସ ନ ଥିଲା । ବୁଦ୍ଧିଟା ପାଇ ଯାଇଥିଲା ଏକାବାରେ—ଲୋପ । ଶବ୍ଦ ଶୁଣି ଦୁଇଟା ଗୁର୍ଖା ସେହି କୌଣ ଲଣ୍ଠନ ଧରି ଧାଇଁ ଆସିଲେ—ତା ପଛେ ଆସିଲେ ଖାଁ ବାହାଦୁର ସ୍ୱୟଂ—ହାତରେ ଏକ ଗୁଳିଭରା ପିସ୍ତଲ ।

ମୁଁ ପଚାଏ ମଇଳା ପାଣିରେ ଛିଡ଼ା ହୋଇଛି, କୁକୁର ଓ ମଣିଷର ଗୁଡ଼ପିଟି ଦେଖୁଛନ୍ତି । ଖାଁ ବାହାଦୁର ପିସ୍ତଲ ଦେଖାଇ କହିଲେ "ଖବରଦାର, ପଳାଇବାର ଫିକର କର ନା—ଗୁଳି କରି ଖପରି ଉଡ଼ାଇ ଦେବି ।" ମୁଁ ଦୁଇ ହାତ ଯୋଡ଼ି କହି "ଚୋର ନୁହେଁ gentleman—ଜଗନ୍ନାଥ ଯାତ୍ରୀ । ଖାଁ ବାହାଦୁର କହିଲେ "ଓଃ ଜେଣ୍ଟଲ-ମେନ ଚୋର । Most dangerous—ତାହେଲ keep quiet—ଗୁଳି କରି ମାରିବି ଅଉ କୁକୁରକୁ ଖୁଆଇବି—now ready—"

ମୁଁ ଆଖି ବୁଜି ଦେଲି । ଅକସ୍ମାତେ ଏତେ ବଡ଼ ଜୀବନଟା ଗଲା । ଏହି ସମୟରେ ଫତିମା ଧାଇଁ ଆସି କହିଲା D'addy, daddy, shoot କରନ୍ତୁ ନାହିଁ—ଏ ଚୋରଟା ସୁଣ୍ଡରେଁ ହେଉ ଟିକିପି ବଡ଼ ସୁନ୍ଦର ମାନବ ।' ବୋଧ ହୁଏ ଏ ସଦୁପଦେଶ ଖାଣ୍ଟି ଧାର୍ମିକ ଖାଁ ବାହାଦୁରଙ୍କ ମନକୁ ଡିଇଗଲା । ସେ କହିଲେ " ଠିକ୍ କହୁଛୁ ବେଟି । ଅରେ ଚୋର ତୁ ଯଦି ପବିତ୍ର ଇସଲାମ ଧର୍ମ ଗ୍ରହଣ କରିବୁ ତେବେ ତୋର ଜୀବନଟା ଫେରାଇ ଦେଇ ପାରେଁ । କଣ କହୁଛୁ ? Chose between the two—life or death ? Islam or ଜାହାନ୍ନମ୍ ?."

ମୁଁ କହିଲି "Life and Islam"

ଖାଁ ବାହାଦୁର କହିଲେ "All right"

ତା ପରେ କଣ ହେଲା ଆଉ କହି ବା ଦରକାର ନାହିଁ । ମୋର ନୂଆ ନାମ ହେଲା ଅବଦୁଲ୍ଲା ମି—ଆଉ ମିସ୍ ଫତିମା ହେଲେ ମିସେସ୍ ଅବଦୁଲ୍ଲା ବା ବେଗମ ସିଦ୍ଧ ।

ଏତିକି କହି ଦଣ୍ଡିଲ ଚୁପ ହେଲା । ମୁଁ ସେତେବେଳକୁ କଥାଟା ଶୁଣି କାଠ ମାରି ଗଲିଣି । ଏ କଣ ଗୋଟାଏ ଗୁଲ୍ ମାରୁଛି ନା ମୋତେ fool ବନାଉଛି ? ଦସ୍ତୁଲ କହିଲା "ବିଶ୍ୱାସ ହେଉ ନାହିଁ ?"

ମୁଁ କହିଲି—ହିଁ—ତେବେ Islam at the point of bayonet ?

"ଏକ ରକମ୍ ସେହିପରି । ତେବେ ମୁଁ କହିପାରେଁ ଯେ no happier couple ever existed."

"ତମର principle ?"

"principle ? ସେଇଟା ତ ଦରକାର ନାହିଁ । goal ଟା ତ ଅଛି ଠିକ୍—ଯାହା ଓକଟ ଯାଉଛି means ଟା । ତହିଁରେ କିଛି ଯାଏ ଆସେ ନା" ଏତିକି କହି ଦସ୍ତୁଲ ଉଠିଲା ।

ମୁଁ ଡାକି କହିଲି "ଆଉ ତମର ସେ ହିନ୍ଦୁ ଧର୍ମ ?" ସେ ମୋ ଆଡ଼କୁ ନ ଫେରି ଚାଲି ଯାଉଁ ଯାଉଁ ଜୋର ଗଳାରେ କହିଲା "ଓଃ—ସେ ଏକା କଥା ।"

## ଡଗରର ସମ୍ପାଦକ ମଣ୍ଡଳୀ ।

| | | |
|---|---|---|
| ସମ୍ପାଦକୀୟ | ... | ଦୀର୍ଘଗ୍ରୀବ |
| ମଜା କଥା | ... | କୃତୀଳଅ |
| ଲୀଳକା | ... | କପିବର |
| ହସ ଖୁସି | ... | ନକଲ ନବସ୍ |
| କାହାଣୀ | ... | ଶୁକଦେବ |
| ନାଗବନ୍ଧୁ ଦଳ | | ପ୍ରିୟ ଅଜା |
| ଯୌନ ଓ ଯୌବନ | ... | ପୁଷ୍ପଧନ୍ୱା |
| ସ୍ୱର୍ଗ୍ୟଫଳ | | ବୃହସ୍ପତି |
| କଳା କଉତୁକ | ... | ଚିତ୍ରରଥ |
| ବହିପତ୍ର | ... | ଶୁକ୍ରାଚାର୍ଯ୍ୟ |
| ଚିଠାଉ | ... | ଗଣପତି |
| ଶବ୍ଦଧନ୍ଦା | ... | ନାଗରାଜ |
| ଖବର ଅନ୍ତର | ... | ସ୍ୱର |

### ହସଖୁସି :—

ଜଣେ ନାହାକ ପାଖରେ ହାତ ଦେଖାଇଲା ହାତ ଦେଖି ନାହାକ କହିଲା "ତୁମେ କୋଡ଼ିଏ ବର୍ଷ ବୟସରେ ବାପା ହବ ଆଉ ବାଇଶରେ ମରିବ । ପିଲାଝିଲା ତମର ପାଞ୍ଚୋଟି ଲେଖିଛି ।

ଲୋକ—ଅସମ୍ଭବ କଥା—ଯା ତ କିମିତ ହବ ?

ନାହାକ—ଅରେ ଯା—ତମେ ଯେ ବାପା ହବ ଗୋଟିଏ ଝପବା କନ୍ୟା—ତାର ସ୍ୱର୍ଗେ ଗୃହସ୍ଥି ଛୁଆ ଅଗରୁ ।

Digitized by srujanika@gmail.com

( ୪ ପୃଷ୍ଠା ଉତ୍ତାରୁ )

"ବାଘ !-ବାଘ ! !—ଏତକମାତ୍ର ଶବ୍ଦ ଶଗଡ଼ିଆର ଭୟ ବିହ୍ୱଳିତ କଣ୍ଠରୁ ବାହାରି ପଡ଼ିଲା । ସେଇ ଶବ୍ଦ ଶୁଣି ଆଉ ଜଣେ ଉଠି ବସିଲା 'କାହିଁରେ କଣ ?' ପ୍ରଥମ ଶଗଡ଼ିଆ ହାତ ଠାରି ଦେଖାଇ ଦେଇ ତାକୁ ଜୁଣ୍ଟାଇ ଧଇଲା । ଉଭୟେ ସମସ୍ୱରରେ ଉଚ୍ଚ-ସ୍ୱରରେ ସେହି ଭୟ ସୂଚକ ଶବ୍ଦ 'ବାଘ-ବାଘ ' ଜଡ଼ିତ କଣ୍ଠରେ କହୁକହୁ ଥରିବାକୁ ଲାଗିଲେ । ସବୁ ଶଗଡ଼ିଆ ଏଭାଥରକେ ଉଠି ବସିଲେ । କିନ୍ତୁ ସମସ୍ତେ ନିର୍ବାକ ।

ଶଗଡ଼ିଆମାନଙ୍କର ଏପରି ଅବସ୍ଥା ଦେଖି ସମାଗତ ତରୁଣୀ ମଧ୍ୟରୁ ପ୍ରଥମା କହିଲା "ଶଗଡ଼ିଆ ଭାଇ, ତୁମେମାନେ ଡ଼ରନାହିଁ । ଆମେ ଡାହାଣୀ, ଶଙ୍ଖୁଣୀ ନୋହୁଁ; ତୁମ ପରି ବାଟୋଇ ।" ତାଙ୍କ ମୁଖରୁ ଏଭଳି କଥା ଶୁଣି ଶଗଡ଼ିଆ ଜଣେ ସାହସ ବାନ୍ଧି ପଚାରିଲା—"ତୁମେ ମା କୁଆଡ଼େ ଯିବ ମା ?—ଘର କେଉଁଠି ?"

ତରୁଣୀ—ଘର ଆମର କଳକତା ଗଡ଼, ଆମେ ବରମ୍ପା ଷ୍ଟେସନକୁ ଯାଉଥିଲୁଁ ବାଟ ବଣା ହୋଇ ଏଠି ଆସି ପହଞ୍ଚିଲୁଁ ।

ଶଗଡ଼ିଆ—ଏତେ ରାତିରେ ତୁମେ ମାଇପି ଦୁ'ଜଣ ଏକୁଟିଆ ବାହାରିଛ ?

୨ୟ ତରୁଣୀ—କଳକତାରେ ଆମ ଭାଇ କାମ କରନ୍ତି । ଚିଠି ପାଇଲୁ ସେ ବାଧକରେ ପଡ଼ିଛନ୍ତି । ଆମର ଆଉ କେହି ନାହାନ୍ତି—ପାଗଳ ହୋଇ ଘରୁ ବାହାରି ଆସିଲୁ । ସ୍ତ୍ରୀ-ଲୋକ, ମନ କଷ୍ଟରେ ବାଉଳା ହୋଇ ଘରୁ ସିନା ବାହାରି ପଡ଼ିଲୁଁ, କିନ୍ତୁ ବାଟ ତ' ଜାଣୁ ନା, ସେଥିପାଇଁ ଭୁଲିଭୁଲି ବାଟ ବଣା ହୋଇ ଯାଇଛୁଁ । ତୁମେମାନେ ଡ଼ର ନାହିଁ । ତୁମେ ଯିବ କୁଆଡ଼େ ।

ଶଗଡ଼ିଆ—ଆମ ଶଗଡ଼ କେନ୍ଦୁଝର, ଆନନ୍ଦପୁର ଯିବ ।

୧ମ ତରୁଣୀ—ତା ହେଲେ ଆମକୁ ବି ସାଙ୍ଗ ମିଳିଲା । ବାଟରେ ଆମକୁ ବରମ୍ପା ବା ଗ୍ରଡ଼ିଆ ଷ୍ଟେସନରେ ଛାଡ଼ି ଦେଇଯିବ ।

ଏହିପରି ନାନା କଥାବାର୍ତ୍ତା ହେଉଁ ହେଉଁ ରାତି ପ୍ରାୟ ଶେଷ ହୋଇ ଆସିଲା । ତରୁଣୀ ଦୁଇ ଜଣ ଠିଆ ହୋଇ ଥିଲେ । ଗୋଟାଏ ଶଗଡ଼ର ବସ୍ତା ଉପରେ ଶୋଇ ପଡ଼ିଲେ ।

ରାତି ପାହିବାକୁ ଅଳ୍ପ ସାମାନ୍ୟ ବାକିଥିବ ଅଛି ଏପରି ସମୟରେ ଲଣ୍ଠନ, ମଶାଲ, ଠେଙ୍ଗା ବାଡ଼ି ଧରି ପ୍ରାୟ ଜ୍ଞ୭।୮ ଣ ଲୋକ ସେହି ଶଗଡ଼ ପାଖକୁ ଆସିଲେ । ଏତେ ଅଳ୍ପ ଓ ଲୋକ ଗହଳରେ ଶଗଡ଼ିଆମାନେ ଉଠି ବସିଲେ । କିନ୍ତୁ ତରୁଣୀ ଦୁଇ-ଜଣ ଏତେ ଥକ୍କା ହୋଇଥିଲେ ଯେ ତାଙ୍କର ନିଦ୍ରା ଆଦୌ ଭାଙ୍ଗି ନ ଥିଲା । ଆଗତ ଲୋକମାନଙ୍କ ମଧ୍ୟରୁ ଜଣେ କହି ଉଠିଲା "ଏଇ ଏଇଠିରେ ।"

ଆଗତ ଲୋକମାନେ ଶଗଡ଼ିଆମାନଙ୍କୁ ଖୁବ୍ ଟାଣେ ଘେରିଲେ । ସେମାନେ ଗୋଡ଼ହାତ ଧରି ଅନୁନୟ ବିନୟ କରି ତାଙ୍କର ନିର୍ଦ୍ଦୋଷତାର ବହୁତ ପ୍ରମାଣ ଦେଲେ ସୁଦ୍ଧା ସାଡ଼ ଜଣା ହେଲା ନାହିଁ । ତରୁଣୀ ଦ୍ୱୟ ନିଦ୍ରାରୁ ଉଠି ଏପରି ଅବସ୍ଥା ଦେଖି କହିଲେ "ଏମାନଙ୍କର କିଛି ଦୋଷ ନାହିଁ । ଏମାନେ କିଛି ଜାଣନ୍ତି ନାହିଁ ବରଂ ଆମକୁ ବଣ ଦେବତା ମନେ କରି ଏଠି ସ୍ଥାନ ଦେଇଛନ୍ତି ।"

ଶଗଡ଼ିଆ—ମା, ତୁମ କହମା ! ତୁମେ କିଏ କୋଉଠୁ ଆଇଲ ଆମେ ଜାଣୁନା । ଆମେ ଗରିବ ଲୋକ—ମୂର୍ଖ ଲୋକ, କଣ ଜାଣିବୁ !

ଆଗତ ପାଇକମାନେ ବଳ ପୂର୍ବକ ଗୋଟାଏ ଶଗଡ଼କୁ ବସ୍ତାଯାକ ତଳକୁ ଫୋପାଡ଼ି ଦେଇ ସେହି ଶଗଡ଼ରେ ତରୁଣୀ ଦ୍ୱୟଙ୍କୁ ଧରି ବସାଇଲେ ଓ ଗୃହବାଲ୍ଲ ଅଭିମୁଖରେ ଲୋକଙ୍କାଣି ଶଗଡ଼ ଛାଡ଼ିଦେଲେ । ଦ୍ୱିତୀୟା ତାହିବାକୁ ଆରମ୍ଭ କଲା, କିନ୍ତୁ ପ୍ରଥମାର କ୍ରୂରନେତ୍ର ଚକ୍ଷୁ ଓ ତେଜସ୍ୱୀ ଚାହାଣୀ ଶକ୍ତି ସ୍ଥିର ହୋଇ ରାଉ ଉପରେ ବସିଲା । ସେତେବେଳକୁ ସିନ୍ଦୂରା ଫାଟି ଗଲାଣି ।

## ( ୧୨ )

କିଛି ବାଟ ଗଲା ଉତ୍ତାରୁ ଜଣେ କହିଲା "ହଇରେ ସେଆଡ଼େ ଗୃହଙ୍କୁ ନା—ରାତ ସେ ପାହି ଗଲାଣି, ପୁଣି ସଦର ରାସ୍ତାଟାରେ ସ୍ୱାଙ୍ଗ୍ ନେଇ କୁଆଡ଼େ ଯିବା ? ଦ୍ୱିତୀୟ ଉତ୍ତର ଦେଲା "ଅଉ କରିବା କଣ ? ତୁ ଜଣ ସୂର୍ଯ୍ୟ ଉଇଁବାଟ! ଅଟ-କେଇ ଦବୁ ?"

ପ୍ରଥମ—ଅରେ ଓଲୁ, ଏଇକ୍ଷଣି ଲୋକବାକ ଚାଲିବେ, ଗାଉ ମଝିରେ ଅସିବ । ସେତିକି ବେଳେ ଏ ଟୋକୀ ଦିହ ଖଲାନ୍ତି ,କଣ କରିବୁ କହିଲୁ ?

ଦ୍ୱିତୀୟ—ନାହିଁ ରେ, ଯେତେହେଲେ ମାଇପି ଜାତ—ଧରା-ପଡ଼ଯାଇ ତାଙ୍କର ଅଧାଳ ଗୁଡ଼ୁମ୍ ହୋଇ ଗଲାଣି । ସେ ପୁଣି ଜୁଵ ବହଳ କରିବେ ।

ପ୍ରଥମ—ତଉ ବୁଦ୍ଧିଟା ତୋର—ଯାହା ନ ପାଇ ଭୁନା ହୋଇ ରହିଛନ୍ତି । ଯେ ରାତିଟାରେ ଏତେ ଅପବା ନିଛୁଟିଆ ବାଟରେ ଚାଲି ଆସି ପାରିଲେ, ଏଟିକି ଡର ପାଇବେ ନାହିଁ ପରି ! ଏ ପାଜି ଝିଅଙ୍କ ପୋଡ଼ାଭ ଦୁଇଥର ଅଛନ୍ତି ।

Digitized by srujanika@gmail.com

ଦ୍ୱିତୀୟ—ଭଣ କହୁଛୁ ତେବେ—ସ୍ତ୍ରୀଙ୍କୁ ଏଠି ଛାଡ଼ି ଦେଇ ଖସିବା ?

ପ୍ରଥମ—କାମ ବରବସି ଦରବସ୍ତ କରିବା ମୋର ହାଲତ୍ ନୁହେଁ, ଜାଣିଲୁ ? ଏବେ ତହଲ୍‌ବ୍‌ରେ ଧରିଲ—ପୁଣି ବାଟରେ ଶିକାର ଛାଡ଼ିଦେଇ ଯିବା ! ଗଫଲତ ମୋତେ ଆସେ ନାହିଁ ।

ଦ୍ୱିତୀୟ—ଧରା ପଡ଼ିଗଲେ ମରୁ ଯିବ ଯେ ।

ପ୍ରଥମ—ଧରା କାହିଁକି ପଡ଼ିବୁ ? ମୁଁ କହୁଛି, ଗଡ଼ିକି ଛାଡ଼ି ସ୍ତ୍ରୀଙ୍କୁ ନେଇ ତଳ ବାଟରେ ଖସିବା—ଗାଁ ଭିତରକୁ ନ ପଶି, ବଲ୍, ପାଟ ମଝିରେ ଯାଇଁ ଯାଉଁ ଯଦି କୋଉଠି ଜୋର ଫୋରରେ ଉଙ୍ଗା ମିଳିଯାଏ ଅଛୁର ସୁବିଧା ।

ଦ୍ୱିତୀୟ—ଟୋକୀ ଯଦି ନ ମଙ୍ଗନ୍ତି ଯିବାକୁ ?

ପ୍ରଥମ—ଭଣ ହଲ୍ଲା କରିବେ ? ତେବେ ବୁଝିଲୁ ଏକଦମ ସାଫ୍—

ଏହା କହି ସେ ହାତେ ଲମ୍ବର ଛୁରୀଟାଏ ବାହାର କରି ଦେଖାଇଲା । ହୁକୁମ ମାତ୍ରେ ଶଗଡ଼ ଅଟକିଲା ଓ ବଳଦ ଫିଟାଇ ଦିଆଗଲା । ପ୍ରଥମ ଲୋକଟା ଯୁବତୀ ଦୁହିଁଙ୍କୁ କହିଲା "ତୁମେ ଏଇଠି ଓହ୍ଲାଇ ପଡ଼ । ପାଟି ନ କରି ଥିର୍ ଥିର୍ ଆମ ସାଙ୍ଗରେ ଚାଲ, ଯଦି ଭଲ ଚାହଁ ଅଛ ।"

ପ୍ରଥମ ଯୁବତୀ କହିଲା "ଆମର ଉଠିବାର ଶକ୍ତି ନାହିଁ । ଦେହ ହାତ ଯାକ ଥରୁଛି—ଚଳାପ ଲହୁ ଲୁହାଣ । ଚାଲିବୁ କିପରି ?" "ଯେମିତି ପାରିବ ସିମିତି ଚାଲିବ । ବଦମାସି କରନା କହି ଦେଉଛି । ନୋହିଲେ ଟେକିକରି ନେଇଯିବୁ ।"

"ଯାହା ଇଚ୍ଛା ତାହା କର ପଛେ, ଆମେ ଏଠୁଁ ଘୁଞ୍ଚିବୁ ନାହିଁ । ଏ କଥା ଶୁଣି ଜଣେ ଲୋକ କହିଲା ଡାହିଁକି ଲଗାଉଛୁ—ଅବଦୁଲ୍ ଭାଇ—ଚାଲ ପଳେଇବା—ଯେତିକି ହେଲା ସେତିକି ।" ଅବଦୁଲ ଗର୍ଜି ଉଠିଲା । ବିକଟ ଚିତ୍କାର କରି କହିଲା "ବେଇମାନ୍, ନିମକ ହାରାମ—ଡରୁଛୁ ! ଗଲେ ମୁଣ୍ଡ ରହିବ କି ? ବଦ୍‌ସିନ୍ ଭଣ ଏଟା ମୁଁ ନେବି ? ଏପରି ବେହୁଦା ଲୋକଙ୍କୁ ଏପରି ଜାଗାରେ ଆଣି ମରି ବାଟରେ ହାତହତା । ମୋର ହୁକୁମ—ମାନିବ କି ନାହିଁ । ନ ମାନିବାର ଫଳ ଜାଣିଛ ତ । ଏହା କହି ସେ ଶଗଡ଼କୁ ଗୋଇଠା ମାରିଲା । ଶଗଡ଼ଟା ଏକ ପାଖିଆ ଟେକି ହୋଇ ଦେଖାଦେଖି ଭୂଇଁରେ ଚାପେକି ହୋଇଗଲା । ରମଣୀ ଦୁହିଁଟି ଚୋଟାଚୋଟ ଭୟରେ ଘୋଟ ଏ ପଛ ଚିତ୍କାର କରି ଉଠିଲେ ।

ଅବଦୁଲ ବଜ୍ର ନିର୍ଘୋଷରେ କହିଲା "ଆସ, ଏ ଦୁଇଟାଙ୍କୁ ମୁହଁରେ ଲୁଗା ପୁରାଇ ବାନ୍ଧି ପକାଅ । ଦୁଇଜଣ ଲେଖାଏଁ ଧରି ଟେକି ନେଇଚାଲ । ଜଲଦି, ଜଲଦି । ଫରଚୁ ହେଲା ବେଳକୁ ଯେପରି ଜୋର ଜଙ୍ଗଲରେ ପହଞ୍ଚି ଥିବା ।

ହୁକୁମ ମାତ୍ରେ ଛ' ସାତୁଟା ବଳିଆର ମର୍ଦ୍ଦ ଏକାଜୋଟରେ ରମଣୀ ଦୁହିଙ୍କୁ ବାନ୍ଧିବା ପାଇଁ ଶଗଡ଼ ଉପରକୁ ଚଢ଼ି ଗଲେ । ରମଣୀଦ୍ୱୟ ଆସନ୍ନ ବିପଦ ଦେଖି କାତର ସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲେ ।

ଅବଦୁଲ କହିଲା "ଚୁପ୍ ରହୋ,—ଶେଷ କଥା କହୁଛି ଥିର ହୋଇ ଓହ୍ଲାଇ ଆସି ଆମ ସାଙ୍ଗରେ ଚାଲ—ନୋହିଲେ ଏହିକ୍ଷଣି ଦୁହିଁଙ୍କୁ ଜବେଇ କରିଦେବି ।" ଏହା କହି ଲମ୍ବ ଛୁରୀଟା ଏପାଖ ସେପାଖ ଦୋହଲାଇ ଦେଲା ।

ଏହି ସମୟରେ ଉଲ୍‌କା ପରି ଉଜ୍ଜ୍ୱଳ ଆଲୋକ ରଶ୍ମି ଧପ୍ କରି ଶଗଡ଼ ଉପରେ ପଡ଼ିଲା । ସମସ୍ତେ ଚମକି ଉଠି ପୂର୍ବଦିଗକୁ ଚାହିଁବା ମାତ୍ରେ ଭଁ—ଭଁ ହେ କରି ଗୋଟାଏ ମଟର ଗାଡ଼ି ନିମେଷ ମଧ୍ୟରେ ଶଗଡ଼ ଆଗରେ ଛିଡ଼ା ହୋଇଗଲା । ଡ୍ରାଇଭର ହାକିଲା—"ଅଚ୍ଛା, ବୁଢ଼୍‌ବକ୍, କୌନ ହେ । ରାସ୍ତାମେ ଗାଡ଼ି ଖଡ଼ା କରକେ—" ତାର କଥା ସରିବା ପୂର୍ବରୁ ଜଣେ ବଳିଷ୍ଠ ଯୁବକ ମଟର ଉପରୁ ଲମ୍ଫ ପ୍ରଦାନ କରି ଶଗଡ଼ ଆଗରେ ଛିଡ଼ା ହୋଇଗଲେ ।

ରମଣୀ ଦ୍ୱୟ ସାହସ ପାଇ ଶଗଡ଼ରୁ ତଳକୁ ଡେଇଁ ପଡ଼ିଲେ । ଜଣେ କହିଲା "ଆମେ ଅସହାୟା ସ୍ତ୍ରୀଲୋକ—ବାଟରେ ଡକାଏତଙ୍କ ହାତରେ ପଡ଼ିଛୁଁ—ରକ୍ଷାକର ।"

ଅବଦୁଲ ଅଗଭର ହୋଇ କହିଲା "ବାବୁ ତମ କାମରେ ତମେ ଯାଅ—ଯାଙ୍କ କଥା ଶୁଣୁଛ କାହିଁକି । ଏ ଆମର ନିଜର ଜନାନା ଲୋକ ଅଛନ୍ତି ।" ଏହାକହି ଯୁବତୀଙ୍କୁ ଧରିବାକୁ ଆସିଲା । ନବାଗତ ଯୁବକ କହିଲେ "ଖବରଦାର, ସ୍ତ୍ରୀଲୋକଙ୍କ ଦେହରେ ହାତ ଦେ ନା—ତମେ ସବୁ କିଏ, ଏମାନେ କିଏ, କୁଆଡ଼େ ଯାଉଛ, ଆଗେ ସବୁକଥା କହାଅ—ତା ପରେ—"

ଅବଦୁଲ ରାଗ ହୋଇ କହିଲା "ତୁ କିଏ ମ, ଆମର ଖବର ନବାକୁ ଆସୁଛୁ ? ସାହାଗିର ଆଦମି, ଆପଣା କାମରେ ଚାଲିଯା ।

ଯୁବକ—ମୁଁ କିଏ ? ମୁଁ ଉମର ଜମ ।

ଘୋଡ଼ାଳ ପ୍ରଷ୍ଟାରେ ଦେଲୁ

Digitized by srujanika@gmail.com



# ନାଗବରା ଦଳ

ପ୍ରିୟ ନାତି ନାତୁଣୀ ଗଣ,

ଆମ ଜଗନ୍ନାଥ ମହାପ୍ରଭୁ ରଥରେ ବସି- ବାକୁ ମାଉସୀ ବାଡ଼ୀ ଯାଇ, ସେଠି ଅଠ ଦିନ ଭଲ ଡାଲିଭାତ ଖାଇ ପୁଣି ଆପଣା ଦେଉଳକୁ ଲେଉଟି ଲେଣି। ରଥ ହେଉଛି ଆମ ଓଡ଼ିଆ ଠାକୁରଙ୍କର ସବୁଠୁଁ ବଡ଼ ଯାତ। ଏହା ପୁରୀରେ ହୁଏ, ଅନେକ ଲୋକେ ଆସନ୍ତି, ଯେଉଁଠି ଯେଉଁଠି ଜଗନ୍ନାଥ ଅଛନ୍ତି, ରଥଯାତ୍ରା ହୁଏ। ଆଉ ତମ ଗାଁରେ ହୁଏ ନା? ଯଦି ପାଖ ନଗରରେ କେଉଁଠି ହେଲେ ହେଉଥିବ, ତେବେ ତମେ ସବୁ ଯାତ ଦେଖି- ବାକୁ ଯାଇ ଥିବ ତ! ମୁଣ୍ଡ କୁଣ୍ଡାଇ, ହଳଦି ଲଗାଇ, ଲୁଗୁ ନାଇ, ପେଟ ଲୁଗା ପିନ୍ଧି କେତେ କେତେ ପ୍ରକାରରେ ବେଶ ଭୂଷଣ ହୋଇ ଥିବ ନିଶ୍ଚେ। ମୁଁ ଯାହା ତମର ଏ ସଜବାଜଟା ଦେଖି ପାରିଲି ନାହିଁ। ନ ଦେଖିଲେ କଣ- ହବ, ମନେ ମନେ ଜାଣି ପାରୁଛି ସବୁ, ଆଜି ତମ ଘରେ ମଜାଟା ବି ମାରୁ ନଥିଲ। କିଏ ଅଣ୍ଟାରେ କଣ୍ଢେଇ କିଣିଥିବ, କିଏ ଖେଳଣା ଆଣିଥିବ, କିଏ ଥୋପ ମାଳ ମୁଣ୍ଡାଇ ଥିବ, କିଏ ପିଁ ପିଁ ବାଜା ବଜାଇଥିବ ଆଉ କିଏ ବା ଚଣା ଉଖୁଡ଼ା, ଜଳେବି ମିଠାଇ ଖାଇଥିବ। ମନେ ପଡ଼ିଲା କ୍ଷଣି ବୁଢ଼ା ପାଟିରୁ ଲାଳ ବହୁଛି। ମନ ହଉଛି ତମ ପେଟରେ ପଶି ଯାଆନ୍ତି କି, ତମ ପେଟ ବାଟେ। ନାତି ନାତୁଣୀଏ, ଭଲ ଯାତ ଅଛି ସେଥିରୁ ପୁଳାଏ ପୁଳାଏ ମୋ- ନାଁରେ ପାଣି ଛଡ଼ାଇ ଦିଅ— ତେବେ ଯାଇଁ ଭଲ। ଓଡ଼ିଆ ପାଇଁ ଅନେକ ପଦାର୍ଥ କାହିଁକି ନାହିଁ କି ଓଡ଼ିଆ ସେମାନଙ୍କୁ ଅଣ୍ଟିବ ନାହିଁ। କାହିଁକି ଜାଣ? ଓଡ଼ିଆର ସବୁ ବଡ଼ ବଡ଼। ତା ଅଖିଟା ବଡ଼, କହୁଣିଟା ବଡ଼, ଜଗନ୍ନାଥଟା ବି ବଡ଼। ଦେଖୁ ନାହିଁ, ଓଡ଼ିଆର ଜଗନ୍ନାଥ ସେ ବଡ଼ ଠାକୁର, ତାଙ୍କର ବଡ଼ଦାଣ୍ଡ ଦେଉଳ, ବଡ଼ ଧୂପ। ଓଡ଼ିଆର କ୍ଷେତ୍ର ଯେ କ୍ଷେତ୍ର- ସେଠି ସବୁ ଶିବ ସମ୍ଭବ ପୂର୍ଣ୍ଣ ରହୁଛନ୍ତି। ଆମ ଦେଶର ଦରିଆ ନା—ମହୋଦଧି। ଆମର ମଶାଣିଭୂଇଁ ସ୍ୱର୍ଗଦ୍ୱାର। ଏଥିରୁ ବୁଝ, ଓଡ଼ିଆ ଜାତିଟା କେଡ଼େ ବଡ଼ ଜାତି, ଓଡ଼ିଶା ଦେଶଟା କେଡ଼େ ବଡ଼ ଦେଶ, ଓଡ଼ିଆମାନେ କେଡ଼େ ମହତ୍—ଉଦାର। ଏଇ କଥାଟି ମୋର ମନେ ରଖିଥା ପିଲାଏ— ବଡ଼ ହେଲେ ଆପଣାକୁ ସବୁଠାରୁ ବଡ଼ ବୋଲି ଯେପରି ଭାବୁ ପାରିବ। ଆଜି ଏତିକି।

ତମର
ପ୍ରିୟ ଅଜା

## ନାଗବଗ୍ରୁ କିଏ ?

୧। ଯେ ଷୋଳବର୍ଷରୁ ଊଣା ପଢ଼ୁଆ ପିଲା ବା ପିଲି ହୋଇଥିବ।

୨। ଡଗରର ଗ୍ରାହକ ହୋଇଥିବ ଓ ଏକଅଣା ପ୍ରବେଶିକା ମୂଲ୍ୟ ପ୍ରିୟ ଅଜା ଠାକୁ ପଠାଇ ଦେଇଥିବ,

ସେ ନାଗବଗ୍ରୁ ହୋଇପାରିବ, ତା' ନାମ ଡଗରରେ ଛପା ହେବ।

ତମର
ପ୍ରିୟ ଅଜା

## କୁତୁକୁତୁ

ଅପରିଚିତ ଭଦ୍ରବ୍ୟକ୍ତି—(ଜଣେ ଭଦ୍ରବ୍ୟକ୍ତିଙ୍କୁ) ଅଛି ଅଣାଏ ପଇସା ଦେବେକି? ମୋର ଭଙ୍ଗା ଦର ଯାଅନ୍ତା। ମୋ ପାଖରେ ପଇସା ସରି ଯାଇଛି।

ଭଦ୍ରବ୍ୟକ୍ତି—ମୋ ନିକଟରେ ସିକିକାଟିଏ ଅଛି।

ଅପରିଚିତ ଭଦ୍ରବ୍ୟକ୍ତି—ବେଶ୍ ଭଲ କଥା। ତେବେ ମୁଁ ଘୋଡ଼ାଗାଡ଼ିରେ ଯିବି।

ଜଣେ ଭଦ୍ରଲୋକ ଗୋଟିଏ ପିଲା କଇଁ କଇଁ ହୋଇ କାନ୍ଦୁଥିବାର ଦେଖି ସହାନୁଭୂତି ସ୍ୱରରେ କହିଲେ "ତୁମେ କାନ୍ଦୁଛ କାହିଁକି?" ବାଳକଟି ଉତ୍ତର ଦେଲା, "ମହାଶୟ ମୋର କୁକୁରଟି ମରି ଯାଇଛି।" ଭଦ୍ରବ୍ୟକ୍ତି କହିଲେ, "କୁକୁର ସେପରି କାନ୍ଦିବା ଉଚିତ ନୁହେଁ। ଗଲ ସପ୍ତାହରେ ମୋର ବୁଢ଼ିମା ମରି ଯାଇଛନ୍ତି। ମୁଁ ତ କାନ୍ଦିନି।"

ପିଲାଟି ଉତ୍ତର ଦେଲା—"ହଁ, ହଁ, ତୁମେ ତ ତୁମର ବୁଢ଼ିମାକୁ ପିଲାଟି ଦିନରୁ ପାଳି ଆଣି ନ ଥିଲ।"

ରାମ—କ'ଣ କହିବା କଥା କହୁଛ, ଦୁଇ ଦଳର ଲୋକ କ୍ଷେତ୍ରର ଅନୁରୋଧ କରି ଯାଉଛନ୍ତି ସେମାନଙ୍କ ବାକ୍ସରେ ଭୋଟ ଟିକଟ ପକାଇବାକୁ ହେବ। ଗୋଟିଏ ଦଳ ବାକ୍ସରେ ପକାଇଲେ ଅନ୍ୟ ଦଳ ଅମୁର ଅସନ୍ତୁଷ୍ଟ ହେବେ।

ଶ୍ୟାମ—ବେଶ୍, ଦୁଇ ଦଳକୁ ସନ୍ତୁଷ୍ଟ କରିବା କଥା କହୁବା ନଆଡ଼? ଆଜି ଭୋଟ ଦେବା ପାଇଁ ଗଲେ ତେବେ ଟିକେଟ ଯଥା ଘର ଭିତରକୁ ପଶିଯିବ। ତାପରେ ଟିକେଟକୁ ଦୁଇଖଣ୍ଡ କରି ଦୁଇ ବାକ୍ସର ଖଣ୍ଡେ ଖଣ୍ଡେ ପକାଇଦେବ।

ଜଣେ ସ୍ତ୍ରୀ—ତମେ କ'ଣ ନିଜ ହାତରେ ରାନ୍ଧି ଖାଇବାକୁ ଅଲଗା ଖର୍ଚ୍ଚ ପଡ଼ୁଛି?

ଦ୍ୱିତୀୟା—ହଁ, ନିଶ୍ଚୟ, ମୁଁ ଯେଉଁଦିନୁ ରାନ୍ଧିଲିଣି ସେ ଦିନୁ ସ୍ୱାମୀ ମୋର ଅନେକ ଦେଶ ଖାଇବାକୁ ଚାର ଥର ଖାଉଛନ୍ତି।

'ବସନ୍ତ'

## ମନେ ରଖିବ

ପର ହଣ୍ଡାରେ ବାଢ଼ିବ।
ଆପଣଙ୍କର ଚୋଟ ଦେଖି ଭଲ ହୁଅନ୍ତି
ନବ ରାମାୟଣ।

Digitized by srujanika@gmail.com

(୧୫ପୃଷ୍ଠା ଉତ୍ତାରୁ)

ଅବଦୁଲ—ଅରେ ଦେଖୁଛ ଯ୍ୱାର ଦମାର୍! ଧରବେ—ଏ ଭନଙ୍କୁ ଏଭ ସଙ୍ଗରେ ସାବାଡ଼୍ କରଦେ। ଅଟକା ମଟର। ଡ୍ରାଇଭରଟାକୁ ଚ—କହିବା ମାତ୍ରେ ସମସ୍ତ ଭୁଭାଏତ କ୍ଷିପ୍ର ବ୍ୟାଘ୍ର ପରି ଝପଟି ଆସିଲେ ସେହି ଯୁବକ ପାଖକୁ। ବିପଦ ଦେଖି ମଟର ଡ୍ରାଇଭର ବାଟରୁ ଏକ କୁଦାମାରି ଦୌଡ଼ିବାକୁ ଆରମ୍ଭ କରିଦେଲା।

ଗୁଡ୍ରୁମ୍—ଦୁଇ ବନ୍ଧୁକ ପ୍ରକମ୍ପିତ କରି ହଠାତ ଶବ୍ଦ ହେଲା ଗୁଡୁମ୍। ସ୍ଥାନଟି ଧୂଆଁରେ ପୂର୍ଣ୍ଣ ହୋଇଗଲା। ସେହି ଶବ୍ଦ ହେଲା ମାତ୍ରେ ନୃଶଂସ ଆତତାୟୀମାନଙ୍କ ହସ୍ତରୁ ଅସ୍ତ୍ର ଖସି ପଡ଼ିଲା ଓ ସମସ୍ତେ ଅଚଳ ପ୍ରତିମା ପରି ଯଥା ସ୍ଥାନରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଛିଡ଼ା ହୋଇଗଲେ। ଯୁବକ ଡାକି କହିଲେ, "ସଯ୍ତାନ ଗଣ, ଏକପଦ ଅଗ୍ରସର ହେଲେ ତୁମ ପ୍ରାଣ ମୋ ହାତରେ।"

ଅବଦୁଲ ସ୍ତମ୍ଭୀତ ହୋଇ ଦେଖିଲା, ଆଗନ୍ତୁକ ଯୁବକ ଯୁବତୀ ଦୁହିଁଙ୍କୁ ଓଗାଳି ଛିଡ଼ା ହୋଇଛନ୍ତି—ଦୁଇ ହାତରେ ଉଦ୍ୟତ ଅଗ୍ନ୍ୟସ୍ତ୍ର ପିସ୍ତଲ। ସେ ଧୀରେ ଧୀରେ ବିନା ବାକ୍ୟ ବ୍ୟୟରେ ପଛକୁ ହଟିଲା। ସେତେବେଳକୁ ଅନ୍ୟ ପକ୍ଷୀମାନେ ପ୍ରାଣ ନେଇ ପଳାୟନ କରିଥିଲେ। ସେ ଏକାକୀ ନିରୁପାୟ ହୋଇ ଦୌଡ଼ିବାକୁ ଆରମ୍ଭ କଲା।

ଯୁବକ ଦେଖିଲେ ଯେ ତାକୁ ଗୁଣ୍ଡାଙ୍କ ପଛରେ ଗୋଡ଼ାଇବା ନିଷ୍ପ୍ରୟୋଜନ, ବିଶେଷତଃ ବାଲି ମଝିରେ ଏକାକୀ। ଏଣେ ଯୁବତୀ ଦ୍ୱୟଙ୍କୁ ବାଧା ସିମାରେ ବା ଦେଇଯିବେ। ସୁତରାଂ ସେ ସେମାନଙ୍କୁ ମଟରରେ ଉଠିବାକୁ କହିଲେ ଓ ଡ୍ରାଇଭରକୁ ଅପେକ୍ଷା କରି କାଳକ୍ଷୟ କରିବା ଅନୁଚିତ ମନେକରି ନିଜେ ଷ୍ଟିଅରିଂ ଧରି ଭଦ୍ରକ ଅଭିମୁଖରେ ବେଗରେ ମଟର ଛାଡ଼ିଦେଲେ।

ମଟର ଆସି ଭଦ୍ରକ ଥାନାରେ ପହଞ୍ଚିଲା। ହରନ୍ ଶବ୍ଦ ଶୁଣି ଦୁଇ ତିନି ଜଣ ସିପାହି ତରବର ହୋଇ ଧାଇଁ ଆସି ସଲାମ୍ ଦେଲେ। ଯୁବତୀ ଦୁହିଁଙ୍କୁ ମଟରରେ ରଖି ଯୁବକ ମୁନସି-ବାବୁଙ୍କ ଘରେ ଉପସ୍ଥିତ ହେଲେ। ମୁନସି ମଧ୍ୟ ଅଧୂଆ ମୁହଁରେ କବାଟ ଖୋଲିଲେ। ନିର୍ଜନରେ ପାଞ୍ଚ ମିନିଟ କଥାବାର୍ତ୍ତା ହେଲା ପରେ ଦୁହେଁ ଯାକ ମଟର ନିକଟକୁ ଆସିଲେ। ତହୁଁ ଯୁବକ ତରୁଣୀ ଦ୍ୱୟଙ୍କୁ କହିଲେ, "ଆପଣମାନଙ୍କ ପରିଚୟ ଜାଣିପାରେ କି? ନିର୍ଭୟରେ କହନ୍ତୁ, ଆମେ ପୁଲିସର ଲୋକ।"

ପ୍ରଥମ ଯୁବତୀ—ଆପଣ ଯେ ହୁଅନ୍ତୁ, ଆମର ଜୀବନ ଦାତା। ମୋ ପିତାଙ୍କ ନାମ ସଦାଶିବ ମହାନ୍ତି, ମୋ ସଙ୍ଗିନୀ ମାଦେବ ଚଣ୍ଡିପୁର ବାବୁଙ୍କ ଝିଅଟି।

[କ୍ରମଶଃ]

## 'ନେ-ତା'

ପାସ୍‌ଟାକୁ ହାସଲ କରି ପଢ଼ିଲା ବିଷମ ଚିନ୍ତା,
ପେଟଟାକୁ ପୋଷିବା ଲାଗି ଏବେ କରିମା କେନ୍ତା!
ଯଉଁ ଅଡ଼କୁ ଗୃହିଁଲା ଯଣି ସେ ଅଡ଼େ ଦିଶେ ଫାଙ୍କା,
ଏଡ଼େ ବଡ଼ ଦୁନିଆଟାରେ କଉଁଠି ଅଛି—ଟଙ୍କା?
ସେଇ ଟଙ୍କାଟା ସବୁରି ମୂଳେ—ସେଇଟା ଯା'କୁ ଜୁଟେ,
ତାହାରି ଛୁଣ୍ଡା ଚଟିର ତଳେ ସବୁରି ଚୁଟି ଲୋଟେ।
ନଉକରିଟା ମନ୍ଦ ନୁହେଁ—କିନ୍ତୁ, ବୁରି ଦାମ୍,
ପଇସା ଅଛି ଙ୍କିଆଁ, ମାତ୍ର ବିଲକୁଲ୍ ବଦନାମ୍।
ସ୍ୱାଧୀନ ବେପାର କରି ବସିଲେ capital ଟି କେଡ଼ା,
ଦି' ପଇସା ଖାସା ଅଛି ନାମ ବି ଅଛି ଥୋଡ଼ା।
ପେଟ୍ରିଅଟି businessଟା କିନ୍ତୁ ସବ୍‌ସେ ଅଚ୍ଛା,
ପଇସା କଉଡ଼ି, ନାମ ଖାତିର ଯାହାକୁ ଯେତେ ଇଚ୍ଛା।
ସେଇଥିପାଇଁ ଜେଲ୍ ଯାଇ, ସମାଜ ସଂସ୍କାର ଦୀକ୍ଷା,
ଶିକ୍ଷା ସ୍କୁଲ୍ ପକାଇ ଭାବେ ମାଗିଲି ମହତ ଭିକ୍ଷା।
ଏତିକିବେଳେ ନୂତନ ପନ୍ଥା ଫିଟାଇ ଦେଲେ ଗାନ୍ଧୀ,
ଲେଙ୍ଗୁଟି ଖୋଲି ବେଦମ୍ ପେଲି ଗୃଲିଲି କମର ବାନ୍ଧି।
ଦାନାକେତେ ମଜଲ ମାରି ମାମୁଁ ଘରର କଣେ,
ବାହାରେ ଅସି ଦେଖିଲି ନେତା ବନି ଯାଇଛି କଣେ।
ହୋଇତ ଗଲା ସାହାଣ ମେଲା ମିଳାଇ ଗଲା ଭୋଟ,
ନାଗୁଆ ତେଲ ଭଳିଆ ପେଲି ଗୃଲିଲି ସବ ଘୋଟ।
ରାମା, ଭୀମା, ଚେମା, ଶାମା ହରିଆ, ଭାଗା, ଜଗା,
ନେତା ସାଜି ହୋଇଲେ ଛିଡ଼ା ଯେତିକି ଭିକ ମଗା।
ସବୁବୋଇ ତେ। ନେ-ତା ହ୍ୟାୟ ଦେଖା ନାହିଁ ଙ୍କୋଇ,
ଛୁଡାଇ ଥୋଇ ଥୋମଣି ମାଙ୍କି ପଡ଼ିଲି ଏବେ ଶୋଇ।

---

## ସାବଧାନ

ଯେଉଁମାନେ ଇତିମଧ୍ୟରେ ସେମାନଙ୍କର ଚନ୍ଦା
ଟ୨୯
ଦେବାକୁ ଭୁଲିଥିବେ
ପର ସଂଖ୍ୟାଠାରୁ ସେମାନଙ୍କୁ ଆଉ
ଉଟାର
ମିଳିବ ନାହିଁ।

REG. NO. P-441

THE DAGARO.




# ନିବେଦନ ।

'ଡଗର' ଅପେ ଅପେ ଆପଣଙ୍କ ଦୁଆରକୁ ଯାଇ ଆପଣଙ୍କର ସେବା କରି ଆସିଛି—ଅକୁଣ୍ଠିତ ଚିତ୍ତରେ । ତାହା ସଙ୍ଗେ ସଙ୍ଗେ ଆପଣଙ୍କୁ ବିନୟ କରି ମାଗିଛି ତାର ସେଇ କ୍ଷିଦ୍ରବନ୍ଦିଗାଭର ସାମାନ୍ୟ ଇନାମ୍ ଯୋଗାଏ ମୁଦ୍ରା । ତାର ଅନୁଗ୍ରହରେ ମହତ୍ ହୃଦୟ ଗ୍ରାହକ—ତାର ସେବାରେ ବହୁଜନ ସନ୍ତୁଷ୍ଟ । ତାର ସୌଭାଗ୍ୟ ଯେ ସେ ଆଜି ସେଥିପାଇଁ ବହୁ ଅପ୍ରତ୍ୟାଶିତ ସ୍ଥାନରୁ ଡାକରା ପାଉଛି । କିନ୍ତୁ ତାର ଅନେକେ ହେବା ପାଇଁ ମଧ୍ୟ ସାମାନ୍ୟ ପାରିଶ୍ରମିକ ପାଞ୍ଚଶହିକ ଦେବାପାଇଁ ମନଯୋଗୀ ହୋଇ ନାହାନ୍ତି । ଡଗର ପ୍ରଥମେ ସେମାନଙ୍କୁ କୃତଜ୍ଞ ସ୍ୱରେ କ୍ଷମା ଭିକ୍ଷା କରି କହିବାକୁ ଚାହେଁ ଯେ ତାର ପର ସଂଖ୍ୟା ପ୍ରକାଶିତ ହେବା ପୂର୍ବରୁ ଯେଉଁମାନେ ତାର ପାରିଶ୍ରମିକ ପଠାଇ ନ ଦେବେ ସେମାନଙ୍କର ସେବା କରିବା ପାଇଁ ଡଗର ସମ୍ପୂର୍ଣ୍ଣ ଇଚ୍ଛୁକ ଓ ସକ୍ଷମ ପ୍ରସ୍ତୁତ ଥିଲେ ମଧ୍ୟ ଉପର୍ଯ୍ୟୁପରି ଅପେକ୍ଷା ଅବସ୍ଥାରେ ଅନନ୍ୟୋପାୟ ହୋଇ ଚଳିବାକୁ ଅକ୍ଷମ ହେବ ।।

ସା: ସ:

**ବାହାରିଲା !** **ବାହାରିଲା ! !** **ବାହାରିଲା ! ! !**

ପର ସଂଖ୍ୟାକୁ ଚାହିଁ ରହନ୍ତୁ ।

**ଆପଣଙ୍କର**

ଚିର ଅଭିପ୍ସିତ

ଚିର ଅବାଞ୍ଛିତ

# ନବ ରାମାୟଣ

ଲକ୍ଷ ମୁଦ୍ରା !

ଟଙ୍କାଏ ଶହ !

Digitized by srujanika@gmail.com

ଶ୍ରାବଣ ପ୍ରଥମାର୍ଦ୍ଧ    ୧ମ ବର୍ଷ    ୬ମ ସଂଖ୍ୟା ।



କୌତୁକ ନାଟ୍ୟ

**ନବ ରାମାୟଣ**

ମଜା କଥା

**ପହିଲ କେସ୍**



**ସୁଗାୟକ ଶ୍ରୀ କିରଣଚନ୍ଦ୍ର ଘୋଷ**

ଆପଣ ନିଜର ଉଦାରତା, ଅମାୟିକତା ଓ ସ୍ନେହ ପ୍ରବଣତା ଗୁଣରେ ସମସ୍ତିଙ୍କୁ ଆପଣାର କରି ନେଇ ଓଡ଼ିଆ ଓ ବଙ୍ଗ ପରିବାର ମଧ୍ୟରେ ପ୍ରତିପତ୍ତିଶାଳୀ ହେଲେ ମଧ୍ୟ ୧୨ଥ ବର୍ଷ ଓ ସଙ୍ଗୀତ ପ୍ରତି ଅବସ୍ଥା ହୋଇ ବ୍ୟବସାୟ ଦ୍ୱାରା ପାଟନାବସ୍ଥାରେ ସୁଗାୟକ ବୋଲି ଖ୍ୟାତି ଅର୍ଜନ କରିଛନ୍ତି । ଆପଣଙ୍କର ଗ୍ରାମୋଫୋନ ଗୀତ ଶୁଣିକି ସମସ୍ତେ ଆଦର ଲାଭ କରୁଛି ଓ ଅନେକ ଉତ୍କଳବାସୀ ଯୁବକଙ୍କୁ ସଙ୍ଗୀତ କଳା ଅନୁଶୀଳନରେ ଉତ୍ସାହିତ କରୁଛି ।

ଅବ ଆପଣ ଜଗତର ଅଭିନନ୍ଦନ ଓ ଶୁଭେଚ୍ଛା ଗ୍ରହଣ କରନ୍ତୁ ।

ପ୍ରାଜକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର,    ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com



# ବିଲୁଆ ବିଚାର

[ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, ନିର୍ଦ୍ଦୋଷ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଏଥିର ମୁଖ୍ୟ ଉଦ୍ଦେଶ୍ୟ । ]

## ସମ୍ପାଦକୀୟ

ରାଜେନ୍ଦ୍ର ପ୍ରସାଦ ଆସି ଓଡ଼ିଶାର ମନ୍ତ୍ରୀ ବଛା କଣ୍ଟର ଶେଷ ମୀମାଂସା କରି ଓ ମିଳାମିଶି କାମ କରିବା ପାଇଁ ଉପଦେଶ ଦେଇ ଗଲେ । ଏବେ କଥା ହେଉଛି ଯେପରି ଜଣା ଯାଉଛି ମନ୍ତ୍ରୀ ବଛାଟା କାହାର ମନକୁ ପାଇ ନାହିଁ । ପାଇବ ବା କିପରି ? ଯେଉଁଠି ୩୬ ଜଣରୁ ୩୬ ଜଣ ମନ୍ତ୍ରୀ ହେବାକୁ ଯୋଗ୍ୟ, ସେଠି କେମିତି ତିନି ଗୁଣ୍ଡାରେ ତାହାର ପାଞ୍ଚି ଠାକୁ ମରିବ ?

\+ + +

ଏ ଗୋଳମାଳର ଭଲ ଗୋଟାଏ ରାସ୍ତା ଆମ ମନକୁ ଆସୁଛି । ଗବର୍ଣ୍ଣ-ମେଣ୍ଟର ଯେତେ ବିଭାଗ ( depart-ment) ଅଛି ତାକୁ ସବୁ ଠିକ ଠିକ ଭାଗ ଅଲଗା କରିଦେଲେ ଓ ଆଉ କେତୋଟା ବଢ଼ାଇ ଦେଇ ପାରିଲେ କିଛି ଖରାପ ହେବନାହିଁ ? ସଭାପତି, ଉପସଭାପତି ତ ଗଲେ—ବାକି ୫୧୫୦୦୯ ଦରମାକୁ ଏହି ୩୪ଜଣ ଭିତରେ ବାଣ୍ଟି ଦେଲେ ସବୁ କଳି ମେଣ୍ଟି ଯାଆନ୍ତା ପରା ।

\+ + +

ଅସନ୍ତୁଷ୍ଟଙ୍କୁ ସନ୍ତୋଷ କରିବା ପାଇଁ ଏଇଟା ସେକେଣ୍ଡର କରିବାରକଥା । କେବଳ କଥା ହେଉଛି ଯେଉଁଠି ଏତେକ୍ତ ଏକ ସବସ, ସେଠି କିଏ କାହାର ତଳିଆ ହେଉଛି ? 'ଭଜନ ବଡ଼ା ଗଲ୍ !'

\+ + +

କଂଗ୍ରେସର ଜମିଦାର-କାରଣ ନୀତି ଦେଖି ଅତି-ବୁଦ୍ଧିଆ ବଙ୍ଗଳାର ଜମିଦାର-ମାନେ କାକରଷଣ ସଙ୍ଗେ ମେଳ ବାନ୍ଧି-ଲେଣି । ତହିଁ ଭିତରେ ବଡ଼ ବଡ଼ କଂଗ୍ରେସ ନାମ ବି ଅଛନ୍ତି । ଏଥର ଶ୍ରେଣୀ-ସଂଘର୍ଷ ପାଇଁ ଲାଗିଥିବ ବୋଲି (କେହୁ ) ଆଶଙ୍କା କରୁଛନ୍ତି । ଦୁଇଜଣ କଳି ଲାଗିଲେ ତୃତୀୟ ଜଣଙ୍କୁ ଭଲ । ଅତଏବ କହୁଁ ଶ୍ରେଣୀ ସଂଘର୍ଷର କୌଣସି ଭୟ ନାହିଁ । କାରଣ ଜମିଦାର ଓ ରକ୍ଷିତ-ସ୍ୱାର୍ଥଙ୍କୁ ଏକାବେଳେ ମୂଳପୋଛ କରିଦେଲେ ସେମାନେ ତ କୃଷି ମୂଲିଆ ବନିଯିବେ ସବୁ । ଅଲଗା 'ଶ୍ରେଣୀ' ଥିଲେ ସିନା 'ସଂଘର୍ଷ' ଲାଗିବ !

\+ + +

ମାନ୍ଦ୍ରାଜର ପ୍ରଧାନ ମନ୍ତ୍ରୀ ରାଜଗୋପାଳା-ଚାରୀ ରୋକା ଶୋଷିଙ୍କ ପେଟପାଟଣା କରୁଛନ୍ତି । ସେ ସେଥିପାଇଁ ପ୍ରତ୍ୟେକ ମେମ୍ବର-ଙ୍କର ରାସ୍ତା ଖର୍ଚ୍ଚା ଓ ଖୋରାକ ବାଦେ ମାସକୁ ଶହେ ଟଙ୍କା ଦରମା ଦେବାର ପ୍ରସ୍ତାବ କରିଛନ୍ତି । ଗରିବ ଓଡ଼ିଆ ଦେଶରେ ଜମା ପଚିଶ ଟଙ୍କାର ବ୍ୟବସ୍ଥା ହୋଇଛି । ଅନେକ ମେମ୍ବର ପୂରା ଦସ୍ତୁର ଦେଶ କାମରେ ଲାଗି ପାରିବେ ଓ ଅଛନ୍ତି । ସମସ୍ୟା ବିସ୍ତୁପଣମାଣରେ ଦୂର ହୋଇ ଯିବ ଏଥର । ହାତରୁ ଖାଇ ଘୋଡ଼ା ଲଞ୍ଚ ଧରି ଆଉ କେତେକାଳ କିଏ ଦୌଡ଼ୁଥିବ ?

\+ + +

କାଲି ଯେ ମାଡ଼ ଖାଉଥିଲେ, ବନ୍ଦୀ ହୋଇ ଜେଲଖାନା ଯାଉଥିଲେ, ଗାଁରେ ଭିକ ମାଗି ବୁଲୁଥିଲେ ଆଜି ସେହିମାନେ ହୋଇଗଲେ ଖୋଦ ସରକାର । ତାଙ୍କର ଆଜ୍ଞା ମାନି ହଜୁର (ହଜୁର) କରିବାକୁ ହେବ । ହାକିମ ହୁକୁମା ଓ ପୁଲିସବାଲାମାନେ କଣ କହୁଛନ୍ତି ? "ପୁରୁଷର ଭାଗ୍ୟ ପଡ଼ନ୍ତ ଗଲେ !" ନାହିଁ କି ?

\+ + +

ଶୁଣା ଯାଉଛି କ୍ରିଆଡ଼େ ଏଣିକି ସବୁ ସରକାରି ଅଫିସର, ଉଚ୍ଚବର୍ଗଆ ଉପରୁ ତଳକୁ ବଡ଼ ବଡ଼ ହାକିମ ଯାଏଁ ଖଦଡ଼ ପିନ୍ଧିବେ । ଏତେ ଖଦଡ଼ ହଠାତ୍ ମିଳିବ କାହୁଁ ? କେହି ଜଣେ ପ୍ରସ୍ତାବ କରିଛନ୍ତି କି ସେମାନଙ୍କ ଘରଣୀମାନେ ସୂତା କାଟନ୍ତୁ । ଆଉ କଣେ କହନ୍ତି କି ବିହାରେ ଗୋଟାଏ ଖଦଡ଼ ମିଲ୍ ବସାନ୍ତୁ । ଗାନ୍ଧିଜୀ କଣ କହୁ-ଛନ୍ତି ଏ ସମ୍ବନ୍ଧେ ?

\+ + +

ମାନ୍ଦ୍ରାଜ ସରକାର କ୍ରିଆଡ଼େ ୭ଜଣ ମନ୍ତ୍ରୀଙ୍କ ପାଇଁ ୭ଟା ମଟରକାର କିଣିଛନ୍ତି— ତାର କାରଣ, ସେମାନଙ୍କର ମଟର କିଣିବାର ଶକ୍ତି ନାହିଁ । ଓଡ଼ିଶା ତ ଗରିବ ଦେଶ । ଆଉ ଆମ ମନ୍ତ୍ରୀଏ ବି ବୁଲିବାକୁ ଆରମ୍ଭ କଲେଣି; କେବଳ ତରବରିଆ କାମ ଲାଗି ଖଣ୍ଡେ ଖଣ୍ଡେ ସାଇକଲ ଓ ଭଲ ମନ୍ଦ ସଙ୍ଗରେ ଖଣ୍ଡେ ଖଣ୍ଡେ ହାତୀ ହେଲେ ଚଳନ୍ତା ନାହିଁକି ?

\+ + +

କଥାରେ ଅଛି—

"ସକାଳ ବରଷା, ବରଷା ନୁହେ
ସକାଳ କୁଣିଆ, କୁଣିଆ ନୁହେ"

ସେହିପରି, ବାଲେଶ୍ୱର ଲୋକାଲବୋର୍ଡ଼ର ଅର୍ଡ଼ର ଅର୍ଡର ନୁହେ । କାରଣ ଆମେ ଶୁଣୁଛୁଁ, ଆଜି ଯାହା ଗୋଟାଏ ଅର୍ଡର ହେଉଛି, କାଲିକି ତାହା ପୁଣି ବଦଳି ଯାଉଛି । ବହୁତ ଲୋକଙ୍କୁ ମୁଣ୍ଡକୁହା ରଖିଲେ ଓ ସମସ୍ତଙ୍କ ମନ ରଖିବାକୁ ଗଲେ ଶାସନ ଚଳାଇବା ଦୁଷ୍କର । ଏଣେ ପୁଣି ଘର ଭିତରେ ଦୋମୁହିଁଆ !

\+ + ×

( ୧୧ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com



# ଖବର ଅନ୍ତର

## ଓଡ଼ିଶା ଖବର

ଗୋଟିଏ ନୂଆ ଓଡ଼ିଆ ଦୈନିକ ଖବର କାଗଜ କଟକରୁ ବାହାରିବାର ଶୁଣା ଯାଉଛି ।

\+ \+ \+

ପୁରୀର କଂଗ୍ରେସ ଏମ୍, ଏଲ୍, ଏ, ଶ୍ରୀଯୁକ୍ତ ମୋହନ ଦାସ ଗୋଟିଏ ଅନାବାଦ ପୋଖରୀରୁ ମାଛ ଧରିବା ଯୋଗୁଁ ଚାଲାଣ ହୋଇଛନ୍ତି ।

\+ \+ \+

ବାଲେଶ୍ୱରର ଜନପ୍ରିୟ ଓ ସମ୍ମାନିତ ଦେଶ ସେବକ ଡାକ୍ତର କୃଷ୍ଣଚନ୍ଦ୍ର ମହାନ୍ତି ଆଉ ଇହଧାମରେ ନାହାନ୍ତି । ଟନା ବାଧକରେ ସେ ହଠାତ୍ ଦେହ ଛାଡ଼ିଗଲେ ।

\+ \+ ×

ବାଲେଶ୍ୱର ଅଞ୍ଚଳରେ ଏକ ମାରାତ୍ମକ ରୋଗ ଦେଖା ଯାଉଛି । ତଣ୍ଟି ବଥା କରି ରୋଗୀ ଚବିଶ ଘଣ୍ଟା ଭିତରେ ମାରା ପଡ଼ୁଛି ।

\+ \+ \+

ଆମର ସ୍ୱାସ୍ଥ୍ୟ ମନ୍ତ୍ରୀ ମାନଧାତା ଗୋରଚନ୍ଦ ଦେଶର ଓ ପ୍ରଜାଙ୍କର ଭଲ ଲାଗି କେତେ ଗୁଡ଼ିଏ ଆଇନ ତିଆରି କରୁଥିଲେ । ମାତ୍ର ସେ ଇସ୍ତଫା ଦେବାରୁ ସରକାରୀ ଭାବରେ ପେଶ ନ କରି ସେହି ସବୁ ଆଇନକୁ ବେସରକାରୀ ଭାବରେ ଅସେମ୍ବ୍ଲିରେ ଆଗତ କରିବେ ।

\+ \+ \+

ଓଡ଼ିଶାର ମୁସଲମାନମାନେ ଲଗାଇ ଥିଲେ କି ଜଣେ ମୁସଲମାନ ମନ୍ତ୍ରୀ କରାଯାଉ । ମାତ୍ର କେହି ଜଣେ ହେଲେ କଂଗ୍ରେସିଆ ମୁସଲମାନ ମେମ୍ବର ନ ଥିବାରୁ ତାହା ହେବା ଅସମ୍ଭବ ବୋଲି ଖବର ମିଳିଛି । ସବୁଆଡ଼େ ବଡ଼ ସ୍ୱାର୍ଥ ଅଳ କରିବା ଖସଲତ ପାଇଛି ଲାଗିଣି କି ?

\+ \+ \+

କନିକାର ପ୍ରଜା-ନେତା ଓ ଅସେମ୍ବ୍ଲି ମେମ୍ବର ଶ୍ରୀଯୁକ୍ତ ଚକ୍ରଧର ବେହେରାଙ୍କୁ ପୋଲିସ ଗିରଫ କରିଥିଲା । ଏବେ ବିନା ସର୍ତ୍ତରେ ଛାଡ଼ି ଦେଇଛି । ଏ କଣ ନୂଆ ଶାସନର ଫଳ ?

\+ \+ \+

ଓଡ଼ିଶାର ପ୍ରଥମ ଛାପାଖାନା ପ୍ରିଣ୍ଟିଂ କମ୍ପାନି ଓ ପ୍ରଥମ ଖବର କାଗଜ ଉତ୍କଳ ଦୀପିକା ପ୍ରେସ ଏବେ ନିଲାମ ହୋଇଗଲା । ମହାଜନ ମୟୁରଭଞ୍ଜର ରଜତବ ସାହେବ ଧରିଛନ୍ତି । ଗୌରୀଶଙ୍କରଙ୍କ କୀର୍ତ୍ତି ଓ ଓଡ଼ିଆର ଗର୍ବର ଜିନିଷ ଲୋପ ପାଇଲା । ତେବେ ସୁଖର କଥା ମହାରାଜା ରାମଚନ୍ଦ୍ରଙ୍କ ଭଲ ହାତରେ ପଡ଼ିଛି । ଏଥିରୁ ଆଶା ହୁଏ ସେ ଏହି ଜାତୀୟ କୀର୍ତ୍ତିଟି ରକ୍ଷି ଏହାର ଉନ୍ନତି କରାଇବେ ।

\+ \+ \+

ରାଜ ଦ୍ରୋହରେ ପଡ଼ିଥିବା କଂଗ୍ରେସ ନେତା ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର ଓ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିଆରୀ ନୂଆ ମନ୍ତ୍ରୀଙ୍କ ହୁକୁମରେ ଛାଡ଼ ପାଇଲେ ।

\+ \+ \+

## ଦେଶୀ ଖବର

ପାଟଣା ନିକଟରେ ପଞ୍ଜାବ-ହାଉଡ଼ା ଏକ୍ସପ୍ରେସ ରେଲଗାଡ଼ି ଲାଇନ ଚ୍ୟୁତ ହୋଇ ମାଡ ଖାଇଛି । ଶହ ଶହ ଲୋକ ହତାହତ ହୋଇଛନ୍ତି ।

\+ \+ \+

ମାନ୍ଦ୍ରାଜ ମନ୍ତ୍ରୀମାନଙ୍କ ଦରମା ଟ ୫୦୦୲ ଲେଖାଏଁ ଓ ଖୋଲାଖି ଘରଭଡ଼ା ବାବଦ ଟ ୧୫୦୲ ଲେଖାଏଁ ହେବାର ଯୋଗାଡ଼ ହୋଇଛି । ପାର୍ଲାମେଣ୍ଟର ସେକ୍ରେଟାରୀମାନଙ୍କର ଟ ୨୫୦୲ ଓ ଟ ୧୦୦୲ ହେବ ଏବଂ ମେମ୍ବରମାନଙ୍କର ଟ ୧୦୦୲ ଓ ତଥିସହ ଖୋରାକି ଓ ଯାତ୍ରା ଖର୍ଚ୍ଚା ।

\+ \+ \+

ଛଅ ଗୋଟି କଂଗ୍ରେସି ପ୍ରଦେଶରେ ନୂଆ ମନ୍ତ୍ରୀମାନେ କେହି ଟ ୫୦୦୲ ଅଧିକ ଦରମା ନେବେ ନାହିଁ ବୋଲି ସ୍ଥିର ହୋଇଛି ।

\+ \+ \+

କଂଗ୍ରେସ କାହିଁକି ମନ୍ତ୍ରୀତ୍ୱ ନେଲା ଓ ମନ୍ତ୍ରୀମାନେ କଣ କଣ କରିବେ ଓ କିପରି ଚଳିବେ ସେ ସମ୍ବନ୍ଧରେ କଂଗ୍ରେସ-ଗୁରୁ ମହାତ୍ମା ଗାନ୍ଧିଙ୍କର ଏକ ଉପଦେଶ ପତ୍ର ବାହାରିଛି । ସେମାନେ ଅତି ସାଧାରଣ ଗରିବ ଭାବରେ ଚଳିବେ ଓ କେବଳ ଗରିବଙ୍କର ଭଲ କରି ପୂର୍ଣ୍ଣ ସ୍ୱାଧୀନତାର ବାଟ ସାଫ କରିବେ ।

\+ \+ \+

କଂଗ୍ରେସ ମନ୍ତ୍ରୀମାନେ ଯେଉଁ ଦିନ ଶାସନର ଲଗାମ ଧରିଲେ ସେ ଦିନ ସବୁ ଆଡ଼େ ଜାତୀୟ ପତାକା ଉଡ଼ାଇ ସରକାରିଆ ଲୋକଙ୍କୁ ଚମକାଇ ଦେଇଛନ୍ତି ।

\+ \+ \+

ମାନ୍ଦ୍ରାଜର ଅସେମ୍ବ୍ଲି ସଭାପତି ସାମ୍ବମୂର୍ତ୍ତି ଖଣ୍ଡେ ଲେଙ୍ଗୁଟିଆ କରିଥ ପିନ୍ଧି ଓ ଦେହଁର ଘୋଡ଼ ହୋଇ ସଭାରେ ବସିଲେ । ତାଙ୍କର ମୂର୍ତ୍ତି ଗଣେଶ-ଅଦ୍ଭୁତ । ଗୋରା ଚପକନରେ ଅଭ୍ୟସ୍ତ ଆମ ଓଡ଼ିଶୀ ସଭାପତି କଣ କରୁଛନ୍ତି ଦେଖାଯାଉ ।

\+ \+ \+

## ବିଦେଶୀ ଖବର

ଇଟାଲିର ଜବରଦସ୍ତ ମାଲିକ ମୁସୋଲିନୀ କହୁଛନ୍ତି ଯେ ଯୁଦ୍ଧର ଆଶଙ୍କା ବନ୍ଦ-କରିବା ପାଇଁ ଏକ ଶସ୍ତ୍ର ନିବାରଣୀ ସଭା ବସୁ । ଏପାଇଁ ସେ ଆମେରିକାର ପ୍ରେସିଡେଣ୍ଟଙ୍କୁ ଅଗ୍ରଣୀ ହେବା ନିମନ୍ତେ ଡାକୁଛନ୍ତି । ଚୋର ମୁହଁରେ ରାମ ନାମ ।

\+ \+ \+

ଚୀନ ଓ ଜାପାନ ମଧ୍ୟରେ ଲଢ଼େଇ ଲାଗିଛି । ଉଭୟ ପକ୍ଷ ଦୁମ୍‌ଦାମ୍ ହୋଇ ବାହାରି ପଡ଼ିଛନ୍ତି । ଧୀରେ ଧୀରେ ଚୀନକୁ ଜାପାନ ଗ୍ରାସ ଅଳ୍ପ ଗିଳିବାକୁ ବସିଛି ।

\+ \+ \+

ଆୟର୍ଲାଣ୍ଡରେ ପାର୍ଲିଅମେଣ୍ଟ ଭୋଟ ଏବେ ହୋଇଗଲା । ସମସ୍ତେ ଭାବିଥିଲେ କେଜାଣି ଇଂରେଜ ବିଦ୍ୱେଷୀ ଡି ଭାଲେରାଙ୍କ ଦଳ ହାରିଯିବେ । ମାତ୍ର ତାଙ୍କର ଦଳର ଜିତା ପଟ ହୋଇଛି ଓ ଡି ଭାଲେରା ପ୍ରେସିଡେଣ୍ଟ ହୋଇଛନ୍ତି । ମଣିଷ ଭାବେ ଏକ, ଦଇବ କରଏ ଆନ ।

\+ \+ \+

ବିଲାତରେ ଶ୍ରମିକ ନେତା ଲାନ୍ସବରି ପୃଥିବୀର ଶାନ୍ତି ପାଇଁ ଲାଗି ପଡ଼ିଛନ୍ତି । ହିଟଲର, ମୁସୋଲିନୀ ପ୍ରଭୃତି ବଡ଼ମାନଙ୍କୁ ସେଥିପାଇଁ ସେ ଦେଖା ସାକ୍ଷାତ କରୁଛନ୍ତି । ମୁସୋଲିନୀ ଜବାବ ଦେଇଛନ୍ତି କି ସେ ଶାନ୍ତି ଚାହାନ୍ତି । ଅବିସିନିଆରେ ଯେପରି ଶାନ୍ତି ଚାହିଁଥିଲେ ନା ?

( ୧୬ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com



# ବହୁରୂପୀ

**କାହାଣୀ**

ପୂର୍ବାଭାସ:—

ଓଭରସିଅର ବନବିହାରୀବାବୁ ମଧୁବନ ଜମିଦାରଙ୍କ ଘର ଖୁଣୀର ଅନୁସନ୍ଧାନ କରୁଥିଲେ । ନାଏବ ବାବୁଙ୍କର ମାଲିକ ଯୁବରାଜ ଚୌଧୁରୀ ନବାବଙ୍କ ଗୃହରେ ମୃତ । ଯୁବରାଜ୍ଞୀ ରାଣୀ ମାରୁଳ ବେଶରେ ଆସିଥିବା କୌଣସି ଛଦ୍ମବେଶୀ ଦ୍ୱାରା ଅପହୃତ । ନାଏବ ନୂତନ ବିବାହ କରିଛନ୍ତି ।

କବିରାଜଙ୍କ ଘରେ କବିରାଜ ଓ ନାଏବ ବାବୁଙ୍କ ଗୁପ୍ତ ପରାମର୍ଶ ବନବିହାରୀ ବାବୁ ଛକି ଶୁଣିଲେ ।

ବଣ ଭିତର ଦେଇ ଦୁଇଟି ଯୁବତୀ ପଳାଉ ଥିଲେ । ଗୁଣ୍ଡାଙ୍କ ହାତରୁ ରକ୍ଷା ପାଇବାକୁ ଶରଣାର୍ଥୀଙ୍କ ପାଖରେ ଆଶ୍ରୟ ନେଲେ । ଏହି ସମୟରେ ଦଳେ ଡକାଏତ ଆସି ସେମାନଙ୍କୁ ଧରିଲେ । ଗଛ ପାଖ ଦେଇ ସେମାନେ ଯୁବତୀମାନଙ୍କୁ ବାନ୍ଧି ନେଇ ଯିବାର ଉଦ୍ୟମ କରୁଛନ୍ତି, ସେ ଅଦୂର ମଟର ଖଣ୍ଡେ ଆସିଲା । ତାର ଆରୋହୀ ଯୋଡ଼ା ପିସ୍ତଲର ଫାଙ୍କା ଆଓ୍ୱାଜ କରିବାରୁ ଡକାଏତ ପଳାଇଲେ । ପୁଲିସ ଗୁଏନ୍ଦା ଯୁବତୀମାନଙ୍କୁ ଉଦ୍ଧାର କଲେ ।

ଲେଖକ:—ଶ୍ରୀ ଯତୀନ୍ଦ୍ର ମୋହନ ମୁଖର୍ଜୀ

ଏ କଥା ଶୁଣି ଯୁବକ ଚମକି ପଡ଼ିଲେ ଓ ଭଗବାନଙ୍କ ଉଦ୍ଦେଶ୍ୟରେ ତାଙ୍କର ଦୁଇହାତ ସ୍ୱତଃ ମଥା ଉପରକୁ ଉଠି ପଡ଼ିଲା ।

ଯୁବକ—ଆଚ୍ଛା ଆପଣମାନେ ଏପରି ଅବସ୍ଥାରେ ପଡ଼ିଲେ କିପରି ?

ତରୁଣୀ—ଆମ୍ଭେମାନେ ପ୍ରାଣ ଭୟରେ ଘର ଛାଡ଼ି ପଳାଇ ଆସୁଥିଲୁଁ । ବାଟ ଘାଟ ଜଣା ନାହିଁ, ସେଥିପାଇଁ ଡକାଏତଙ୍କ ହାତରେ ପଡ଼ିଲୁଁ । ଡକାଏତ ଗୁଡ଼ାକ ଆମକୁ ବାନ୍ଧି ନେଇ ଯିବାର ବନ୍ଦୋବସ୍ତ କରୁଥିଲେ, ଆପଣ ଆସି ପହଞ୍ଚିଲେ ।

ଯୁବକ—ଓଃ, ଆପଣମାନେ କେଉଁଠିକି ଯିବେ ବୋଲି ଉଦ୍ଦେଶ୍ୟରେ ବାହାରି ଥିଲେ କହିବେ କି ?

ତରୁଣୀ—ଜଣକରେ କିଏ ବନବିହାରୀ ବାବୁ ବୋଲି ପୁଲିସ୍ ଗୋଏନ୍ଦା ଅଛନ୍ତି, ତାଙ୍କର ଆଶ୍ରୟକୁ । ତେଣୁ ମାରେ ରେଲ ଚଢ଼ି ଯାଉ ଥାଆନ୍ତୁ ।

ଯୁବକ—ମୁଁ ସେହି ବନବିହାରୀ ବାବୁଙ୍କ ସହକାରୀ ନବୀନ, ମୋ ସାଙ୍ଗରେ ତାଙ୍କଠାକୁ ଯିବାରେ ଆପତ୍ତି ଅଛି କି ?

ତରୁଣୀ—ଆପଣ ପରୀକ୍ଷା କରୁଛନ୍ତି ! ଆପଣଙ୍କୁ ଆମେ ତ ସେହି ଅନୁରୋଧ କରୁଥାଉ । ଆପଣ ଯେତେବେଳେ ଆସେ—

ଯୁବକ—ଅଚ୍ଛା, ତେବେ ମୁନସୀ ବାବୁଙ୍କ ବସାରେ ରାତ୍ରିଟା କଟାଇ ନିଅନ୍ତୁ । ତାଙ୍କର ପିଲାମାନେ ଅଛନ୍ତି, କୌଣସି ଅସୁବିଧା ବା ସଙ୍କୋଚର କାରଣ ନାହିଁ। ଘଣ୍ଟାକ ମଧ୍ୟରେ ପ୍ରସ୍ତୁତ ହୋଇଗଲେ ଷ୍ଟେସନରେ ଗାଡ଼ି ଧରିବା ।

ତତ୍ପରେ ସମସ୍ତେ ମୁନସିଙ୍କ ଘରକୁ ଗଲେ ଓ କାର୍ଯ୍ୟକର୍ମ ...ରିନେଲେ । ମୁନସି ଗୃହିଣୀ ତରବର ହୋଇ କିଛି କିଛି ଖାଦ୍ୟ ଓ ଚା'ଜଳ ଦେଇ ଅପଣାର ଆତିଥେୟତା ଦେଖାଇଲେ । ନବୀନ ବାବୁ କେବଳ ପୋଷ୍ଟ ଅଫିସକୁ ଯାଇ ବନବିହାରୀ ବାବୁଙ୍କ ଠାକୁ ଗୋଟିଏ ତାର କରି ଦେଇ ଆସିବା ପରେ, ସେ ମଟରକୁ ଥାନାରେ ରଖି ନୂତନ ମଟର ଆଣାଇ ତିନିଜଣ ଯାକ ଷ୍ଟେସନ ଅଭିମୁଖରେ ବାହାରି ଗଲେ ।

କଟକ ଷ୍ଟେସନରେ ଗାଡ଼ି ପହଞ୍ଚିବା ବେଳକୁ ସେଠାରେ ଦୁଇଜଣ ପଦସ୍ଥ ପ୍ରହରୀ ଅପେକ୍ଷା କରୁଥିଲେ । ଗୋଟାଏ ଟାକ୍ସି ଭଡ଼ା କରି ସମସ୍ତେ ବନବିହାରୀ ବାବୁଙ୍କ ଘରେ ଉପସ୍ଥିତ ହେଲେ । ବନବାବୁ ମଧ୍ୟ ଟେଲିଗ୍ରାମ ପାଇ ସବିଶେଷ ଜାଣିବା ନିମନ୍ତେ ଉଦ୍‌ଗ୍ରୀବ ହୋଇ ନବୀନର ଅପେକ୍ଷାରେ ରହିଥିଲେ । ନବୀନକୁ ଦେଖିଲା ମାତ୍ରେ କହି ଉଠିଲେ "କଣ କି ନବୀନ—କଥା କଣ ?"

ନବୀନ—କରି କହୁଛି । ଆଗେ ଏମାନଙ୍କୁ ଘର ଭିତରକୁ ନେଇ ବିଶ୍ରାମ ଓ ଜଳଖିଆ ଖାଇବାର ବନ୍ଦୋବସ୍ତ କରନ୍ତୁ । ଆମେ ସମସ୍ତେ ପ୍ରାୟ ଉପବାସ । ଭଗବାନ ଆମର ସହାୟ—ଆମେ ତ ମଝି ଦରିଆରେ ଭାସୁଥିଲୁଁ—ଅକସ୍ମାତ ଏପରି କୂଳ ଲଗାଇ ଦେଲେ କିଏ ?

ବନବାବୁ ତରୁଣୀ ଦୁହିଁଙ୍କୁ ଘରଅନ୍ତଃପୁରକୁ ନେଇଯାଇ ନିଜ ଗୃହିଣୀଙ୍କ ହେପାଜତରେ ରଖାଇଦେଇ ଅଳ୍ପକ୍ଷଣ ମଧ୍ୟରେ ବୈଠକଖାନାକୁ ଆସିଲେ । ନବୀନ ସେତେବେଳକୁ ଟେବୁଲ ଉପରେ ମୁଣ୍ଡଟି ଥୋଇ ନାପେଚା ବାଟରେ ମଟର ଚଳାଇ ଥାଆନ୍ତି ।

ବନବିହାରୀ ତାଙ୍କୁ ହଲାଇ ଦେଇ କହିଲେ, "ବଡ଼ ପରିଶ୍ରମ ହୋଇଛି, ନାହିଁ ।" ନବୀନ ଅପ୍ରତିଭ ହୋଇ କହିଲେ "ଅଜ୍ଞ ଭିତ ସାରି ଅନିଦ୍ରା ଆଉ ପୁଣି ଉତ୍କଣ୍ଠା ।"

ବନ—ବେଶ୍ ବେଶ୍ ଆରାମ ହୋଇ ସାର, ଶୁଣିବା ।

Digitized by srujanika@gmail.com

ନବୀନ—ନାହିଁ, ଏଇଟଣି ଶୁଣିଲୁ । କଥା ଗୁଡ଼ାକ ପେଟରେ ରଖି ସେ ଆରାମ ଲଗୁନାହିଁ ।

ବନବାବୁ ହସି କହିଲେ "ସେ କଥା ଏକା ତମ ନାଦ କହି ଦେଉଛୁ ।" ତାହାପରେ ଦୁହେଁଯାକ କଥୋପକଥନ ଆରମ୍ଭ କରିଦେଲେ ।

## ( ୧୩ )

ସଦାଶିବ ବାବୁଙ୍କର ସଂସାରରେ ଥିଲ ଗୋଟାଏ ମାତ୍ର ବନ୍ଧନ, ତାଙ୍କର ଆଦରଣୀ କନ୍ୟା ହୀରାମଣି । ସେ ବନ୍ଧନର ରଜ୍ଜୁଟା ତାଙ୍କର କର୍ମ ଦୋଷରେ ପୁଣି ତାଙ୍କର ଦୋଷରେ ଛିନ୍ନ ହୋଇ ଯାଇଛି । ବନ୍ଧନ ଛିଡ଼ିଗଲେ ଜନ୍ତୁ ଯେପରି ଏଣେତେଣେ ବୁଲିବୁଲେ, ସେହିପରି ବୁଲୁଛନ୍ତି ସଦାଶିବ ବାବୁ ଦିଗ ବଦିଗ-ହରା ! ସେ ବର୍ତ୍ତମାନ ପାଗଳ । କାର୍ଯ୍ୟ, କର୍ମ ସବୁ ଛାଡ଼ି ଦେଇଛନ୍ତି । ତାଙ୍କର ଦେହ ଥିଲ ଭାରି ବଳିଷ୍ଠ—ସେ ସ୍ୱାସ୍ଥ୍ୟ ତାଙ୍କର ଆଉ ନାହିଁ । ପ୍ରୌଢ଼ ହେଲେ ମଧ୍ୟ ସଦାଶିବ ବାବୁଙ୍କ ଦେହରେ ପାଞ୍ଚଟା ଯୁବକର ଶକ୍ତି ଥିଲା । ସେ ହୋଇ ଯାଇଛନ୍ତି ଜୀର୍ଣ୍ଣ-ଚର୍ମ ବୃଦ୍ଧ ! ସମୟ ସମୟରେ ସଦାଶିବ ବାବୁ ତାଙ୍କର ପ୍ରତିଦ୍ୱନ୍ଦ୍ୱୀର ନାମ ଉଚ୍ଚାରଣ କରି ଦନ୍ତେ ଦନ୍ତ ଘର୍ଷଣ,କରନ୍ତି ପରି ମୁହୂର୍ତ୍ତରେ ପିଞ୍ଜରାବଦ୍ଧ ବ୍ୟାଘ୍ର ପରି ନିଶ୍ଚେଷ୍ଟ, ନିଥର ହୋଇ ଶୋଇ ପଡ଼ନ୍ତି !

ସଦାଶିବ ବାବୁଙ୍କର ପଡ଼ୋଶୀମାନେ ଦିନେ ସକାଳେ ଉଠି ଦେଖିଲେ ଗୃହସ୍ୱାମୀ ଘର ଦୁଆର, ମାଲମତ୍ତା ସବୁ ଛାଡ଼ିଦେଇ ଚାଲି ଯାଇଛନ୍ତି । ଦୁଆର ଖୋଲା, ଘରର ଜିନିଷ ଗୁଡ଼ାକ ସବୁ ଏଣେତେଣେ ବିକ୍ଷିପ୍ତ ହୋଇ ପଡ଼ିଛି—ଘରର ମେଝିଆରେ କେତେ ଗୁଡ଼ାଏ ଟଙ୍କା ବି ବୁଣା ହୋଇଛି । କେତେକ ଲୋଭୀ-ଙ୍କର ଏଭଳି ଦୋଷ ଦେଖି ଲୋଭ ହୋଇଥିବାର ସମ୍ବାଦ ମିଳେ କିନ୍ତୁ ବଡ଼ ଦୁଃଖର ବିଷୟ—ସେଇ ଲୋଭୀମାନଙ୍କର ପକ୍ଷ ହୋଇ ଆମ୍ଭେମାନେ କହୁଁ—ଯେ କୌଣସି ଦୁଷ୍ଟ ପ୍ରକୃତ—କିନ୍ତୁ ସଦାଶିବ ବାବୁଙ୍କର ଶୁଭକାଂକ୍ଷୀ—ପଡ଼ୋଶୀ ଜିନିଷପାତିମାନ ସଜାଡ଼ି ରଖି ଦେଇ ସବୁ ଘରେ ତାଲା ଲଗାଇ ଦେଲେ । ଦୁଇଜଣ 'ଠାଣି' ମଧ୍ୟ ରାତରେ ସଦାଶିବ ବାବୁଙ୍କର ଘର ଜଗିବା ପାଇଁ ସେ ବନ୍ଦୋବସ୍ତ କରିଥିଲେ ।

ଏହି ଘଟଣାର ଦୁଇ ଦିନ ପରେ ଗୃନ୍ଦବାଲର ବଡ଼ ବେପାରୀ ଓ ମହାଜନ ନାରଣ ବାବୁ ଆସି ତାଙ୍କ ଗୋଦାମରେ କମ୍ପିତ ହୋଇ ସବୁକଥା ଶୁଣିଲେ । ଶୁଣିବା ମାତ୍ରକେ ସଦାଶିବ-ବାବୁଙ୍କ ଘରକୁ ଗଲେ । ଯେଉଁ ଲୋକ ତାଲା ପକାଇ ଥିଲ ତାଙ୍କୁ ଡକାଇ ତାଲା ଖୋଲାଇ ମାଲ ସବୁର ତାଲିକା କରି ସେ ଲୋକଙ୍କୁ କହିଲେ "ତୁମର ଆଉ ଜଗି ରହିବାର ଦରକାର ନାହିଁ, ମୋର ନିର ଶୁଭାର୍ଥୀ ବନ୍ଧୁ ଓ ସୁଦକ୍ଷ କର୍ମଶୂର ସଦାଶିବର ଘର ଓ ସମ୍ପତ୍ତିର ଭାର ମୁଁ ଆଜଠୁଁ ନିଜେ ନେଲି ।" ତାର ପରେ ନାରଣ ବାବୁ ତାଙ୍କର ତାଲା ସବୁ ଘରେ ପକାଇ ଜଣେ ପହରାବାଲା ସବୁବେଳେ ରହିବାର ବନ୍ଦୋବସ୍ତ କରିଦେଇ ଚାଲିଗଲେ ।

ନାରଣ ବାବୁଙ୍କର ବଡ଼ ଲମ୍ବା କାର୍ଯ୍ୟ, ସେ କୌଣସି ସ୍ଥାନରେ ଦିନେ ଦୁଇ ଦିନର ବେଶି ରହନ୍ତି ନାହିଁ—ଠାକୁ ତ ପ୍ରାୟ ଆସନ୍ତି ନାହିଁ । କେବଳ ତାଙ୍କର ବନ୍ଧୁ ଓ ବିଶ୍ୱସ୍ତ କର୍ମଚାରୀଙ୍କର ଏପରି ଦୁର୍ଦ୍ଦଶାର କଥା ଶୁଣି ସେବା-ବତ୍ସଳ ନାରଣ-ବାବୁ ଗୃନ୍ଦବାଲ ଆସିଥିଲେ । କାର୍ଯ୍ୟାନ୍ତେ ନାରଣ ବାବୁ ଗୃନ୍ଦ-ବାଲ ଛାଡ଼ିଲେ । ଗୃନ୍ଦବାଲ ଛାଡ଼ିବା ଦିନ ଖୁବ୍ ଗଭୀର ରାତରେ ଥରେ ନାରଣ ବାବୁ ସଦାଶିବ ବାବୁଙ୍କର ଘରକୁ ଆସିଥିବାର କଥା ଗ୍ରାମବାସୀମାନେ କହୁଥିବାର ଶୁଣାଯାଏ । କି ଉଦ୍ଦେଶ୍ୟରେ ସେ ରାତରେ ନାରଣ ବାବୁ ସଦାଶିବ ବାବୁଙ୍କ ଘରକୁ ଆସିଥିଲେ ତାହା ଏକା ସେହି ଜାଣନ୍ତି କି ଯେ ଦିନ ରାତି କରୁଛି ସେହି ଜାଣେ !

ଅନେକ ଗ୍ରାମବାସୀ କହନ୍ତି ଯେ ସଦାଶିବ ବାବୁ ଯେତେ ପାପ କରିଛନ୍ତି ତାର ଫଳ ଭୋଗ ସେ କରିବେ ନାହିଁ ତ' ଆଉ କିଏ କରିବ ! ବୋଧହୁଏ ସେମାନେ ଈର୍ଷାରେ ସେପରି କହନ୍ତି—ଅବା ହୋଇଥିବ ସେ କଥା ସତ୍ୟ କିଏ ଜାଣେ ! ନରର ମାୟା ନାରାୟଣ ବି ଯେତେବେଳେ ବୁଝି ନ ପାରନ୍ତି ସେତେବେଳେ ଆମେ ତ' ଛାର ମନୁଷ୍ୟ !

## ( ୧୪ )

ବହୁଦିନ ପରେ ନାଏବ ବାବୁଙ୍କର ବାଉଁଶ ବଣ ମଧ୍ୟସ୍ଥ ସେହି ଏକୁଟିଆ କୋଠା ଘରର କବାଟ ଫାଙ୍କ ବାଟେ ଆଜି ଆଲୋକର କ୍ଷୀଣ ରେଖାଟିଏ ବାହାରି ଧାନ ବିଲ ମଧ୍ୟସ୍ଥ ଗ୍ରାମ୍ୟ-ପଥ ଉପରେ ଆସି ଥରି ଥରି ଶୋଇଛି । ଦୂରରୁ ରଜତ ସର୍ପର ଭ୍ରମ ଉତ୍ପାଦନ କରୁଛି । ନାଏବ ବାବୁଙ୍କର ବିବାହ ପରେ ଗତ ଦୁଇ ମାସ ମଧ୍ୟରେ ଗ୍ରାମବାସୀମାନେ ଆଉ କେବେ ସେ ଭୌତିକ ଆଲୋକ ଦେଖି ନ ଥିଲେ, ଆଜି ମଧ୍ୟରାତରେ ପୁଣି ତାର ଆବିର୍ଭାବ ଦେଖି ମନେ ମନେ କେତେ ପ୍ରକାର ନୂତନ ସନ୍ଦେହର ସୃଷ୍ଟି କରୁଛନ୍ତି ।

ଆସ ପାଠକ ! ଧୀରେ, ଅତି ସନ୍ତର୍ପଣରେ—ସେହି ଘର ପାଖକୁ । ରୁଦ୍ଧ ଶ୍ୱାସରେ ଆସ ଥରେ ସେହି କବାଟ ଫାଙ୍କ ବାଟେ

(୧୩ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

## ମଜା କଥା

# ପହିଲୁ କେସ

(ହାସ୍ୟରସାତ୍ମକ ଗଳ୍ପ)

ଲେଖକ:—ନୂଆ ଓକିଲ



ଓକିଲାତି ପାଶ କରି ସାରି ଲାଇସେନ୍ସ ଖଣ୍ଡି ଯେଉଁଦିନ ମିଳିଲା, ସେଇଦିନ ପଡ଼ିଲା ବିଷମ ଚିନ୍ତା—ଅଫିସ କଣ କରିବ । ଯାହା-ହେଉ ପାଞ୍ଚିରୁ ଶହେ ଟଙ୍କାଏ ଦେଇ ଅନୁକୂଳ କରି ବାହାରି ପଡ଼ିଲି । ହୋଟେଲରେ ଅସ୍ଥାୟୀ ବସା ବାନ୍ଧି ରହି ଘରଟିଏ ଭଡ଼ା ନେଲି; ଟେବୁଲ, ଚେୟାର, ବେଞ୍ଚ, ବୁକ୍‌ସେଲଫ, ଖଟ ଏମିତି ଅନେକ କିଣି ପକାଇ ଦୁଇଟା କୋଠ ଆଲମାରୀର ବସତ କରିଦେଲି । ବାସ୍ତ ବେଉସା କରିବାକୁ ଗଲେ ଚଳଚଳଣ ତ ଦରକାର । ଭେକ ନଥିଲେ ଭିକ ମିଳେ ନାହିଁ ।

ଅପଣାର ପଢ଼ା ଅଇନ ବହି ଯେ-କେତେ ଖଣ୍ଡ ଥିଲା ତାକୁ ଓ ଦୁଇଗୋଟି ଖଣ୍ଡ ମାଗିଗୁଡ଼ି ଆଣି ସେଲଫ ଓ ଟେବୁଲ ଉପରେ ସଜାଇ ଦେଲି । ସାଇନବୋର୍ଡ, କେଲେଣ୍ଡର, ଫାଇଲ ବକ୍ସ ପ୍ରଭୃତି ସାମାନ୍ୟ ୨ ଅସବାବ୍ ପତ୍ର ଠିକ କରାଇନେଇ ବସିଗଲି ଦସ୍ତୁର—ମୁତାବକ ଓକିଲ ସାଜି । ସବୁବେଳେ ମନେ ହେଉଥାଏ ହେଇ କିଏ ଆସିଲା ପରା ! ଦେଖିଲା ବେଳକୁ ହୁଏ ତେବେ ଜଣେ ବନ୍ଧୁ, ନଇଲେ ମ୍ୟୁନିସିପାଲିଟି ଜମାଦାର, ଅନ୍ତତଃ ପକ୍ଷେ ଜଣେ ଫେରି-ବାଲା । ମକ୍କେଲର ଦେଖା ନାହିଁ । ଗୁଡ଼ାଏ ମିଛିମିଛିକା କାଗଜପତ୍ର ରଖିଥାଏଁ ପାଖରେ, ଓ ପଢ଼ୁଥାଏ ଖବର କାଗଜ କିମ୍ବା ମାସିକ ପତ୍ରିକା । ସାବଧାନ ଥାଏଁ କେହି ଅସିଗଲେ କାଗଜ ଖୋଲାଇ ପକାଇବ କିମ୍ବା ବହିଟାଏ ଖୋଲି ଦେବ । କିନ୍ତୁ ଭାଗ୍ୟରେ ତାହା ଘଟିଲା ନାହିଁ କେବେ । ଏ ଗଲା ବସାର କଥା ।

କଚେରୀର ହାଲ ଚହଟ । ପ୍ରଥମେ ଦୁଇଟା ମୁଣ୍ଡ ଖଅର କରିବାକୁ ପଡ଼ିଲା । ଚଳଣି ଲୁକଣ ବେଶ ହୋଇ ଠିକ ଦଶଟାରେ କଚେରି ଯିବାକୁ ପଡ଼େ । କାମ ଭିତରେ ବାର ଲାଇବ୍ରେରୀରୁ ମିଟିଙ୍ଗ, ମିଟିଙ୍ଗରୁ ବାର ଲାଇ-ବ୍ରେରୀ ଗୁଲଣ୍ଡା ମାରିବା ଓ ଷ୍ଟେସନମାନଙ୍କରେ ନରଯବ ହେବା । କାଳେ କିଏ ଭାବିବ ଏଓକିଲର କାମ ନାହିଁ ବୋଲି, ସେହି ଡରରେ ମନ ଥିଲେ ମଧ ଗଛ ମୂଳରେ ବେଶି ବେଳ ରହି ହୁଏ ନାହିଁ । ଚହ୍ଲା ଲୋକ ପାଖରେ ଦେଖା ହେଲେ, ହସି ଦପଦ କହିଦେଇ "କାମ ଅଛି—ଟିକେ ଅସେଁ" ବୋଲି ମିଛଟାରେ ଗୋଟାଏ ବାହାନା ଧରି ମିସିଲ ଅଡ଼କୁ ତରବର ହୋଇ ଯିବାକୁ ପଡ଼େ । ଏସବୁ ଲୁଅଡ଼େ business tactics (ବେଉସା ଫିକର)

ଦିନେ ଜଣେ ବନ୍ଧୁ ହଠାତ୍ ପଚାରି ଦେଲେ "ଛରେ, କେତେ କେଶ ମିଳୁଛି?" ମୁଁ ଦାନ୍ତ ନିକୁଟି କହିଲି "ଏଇ—ଅଳ୍ପ ଅଳ୍ପ ।"

ବନ୍ଧୁ—କଣ ? ଅଳ୍ପ ଅଳ୍ପ ? ଅଠେଇଶ ଦିନ ହେଲା କଏନ୍ କଲୁଣି ପରା,—ଅଳ୍ପ ଅଳ୍ପ କଣରେ ?

ଏହା କହି ସେ ମୋ କୋଟ ପକେଟରେ ହାତ ମାରିଦେଲେ । ଶୁଭିଲା ଠଣ୍ ଠଣ୍ । ସେଇଠୁ ସେ ଦାନ୍ତ ଓ ବତ୍ରିଶ ପାଟି ହସଟିଏ ହସି ଦେଇ ଚାଲିଗଲେ । ମୁଁ ସେଇଠୁ ମୋର ଭୁଲ ବୁଝି ପାରିଲି । ମନେ ପଡ଼ିଗଲା ସେଇ ପୁରୁଣା ଇଂରାଜୀ ବଚନଟା "If you want to be great, pretend to be great" (ଯଦି ଅପେ ବଡ଼ ହେବାକୁ ଚାହଁ ତ ଅପଣାକୁ ବଡ଼ ବୋଲି ଦେଖାଇ ହୁଅ) ମତ ଏକା self advertisementର ଯୁଗ ଏଏ । 'ମୁଁ କିଛି ନୁହେଁ, ମୋର କେହି ନାହିଁ' ବୋଲି କହି ଦେଲେ ଅପେ ତ ତମେ ସାଇ ତଳକୁ ଖସିବ । ଲୋକେ ବି ଖଣ୍ଡା ଛପରରେ ପକାଇବେ ନାହିଁ । ଅତ୍ମବିଶ୍ୱାସ ଓ ପରନିର୍ଭର ଦୁହେଁ ଜଡ଼େଇଯାଇ ସେଥିରେ ସର୍ବନାଶ । ଅପଣାର ଅକ୍ଷମତା, ଅଯୋଗ୍ୟତା, ଦୁର୍ବଳତା, ମତମାନ୍ ନ ପ୍ରକାଶ କରିବା, ଅନ୍ୟକେ ଯେ ଫମ୍ପାରେ ଘର କରିବା । ବିଶେଷତଃ ବେଉସାରେ ପଶିଲେ ଅତ୍ମପ୍ରଚାର ଅତ ଲୋଡ଼ା ।

ସେହି ଦିନଠୁଁ ଅସ୍ତେ ଟଙ୍କା ଚାରିଟା ରୁମାଲରେ ବାନ୍ଧି କଚେରୀକୁ ଅସେଁ । ଅନ୍ତ-ଜାଗା, ୪ଟା ବେଳକୁ ତାକୁ ଖୋଲି ପକେଟରେ ପକାଇ ଦିଏଁ । ଖରଚ ବୁଲି ପଡ଼ିଲେ ବା ପାନ ଖଣ୍ଡେ କାଢ଼ି ଖାଇଲେ ବା କେହି ପାଙ୍ଗି ହାତ ମାରିଦେଲେ ଯେପରି ଅଳ୍ପ କିଛିତ ଝମ୍ ଝମ୍ କରି ଶୁଭିବ । 'ଇମିତିକା ହଉଚି' ବୋଲି କେହି ପଚାରିଲେ, ଉତ୍ତର ଦିଏଁ "ଏଇ, ସାମାନ୍ୟ ୫ । ୭ ଟଙ୍କା ଭିତରେ ।" ମିଛତ ନୁହେଁ । ଟଙ୍କାଟିଏ ହେଲେ ବି ୫ । ୭ 'ଭିତରେ' ତା ମିଛ ହେଲେ ବି ଓକିଲଙ୍କ ପକ୍ଷେ ଧର୍ତ୍ତବ୍ୟ ନୁହେ ।

ଏଇପରି ଭାବରେ ୧୫ ଦିନ ବିତିଲା, ଏଯାଏଁ ଜଣେ ହେଲେ ମକ୍କେଲ ବା ଗୋଟିଏ ହେଲେ ମକଦ୍ଦମା ଅସିଲା ନାହିଁ । ଟଙ୍କାଏ ଅଠଣା ଯାହା ମିଳୁଥାଏ ବନ୍ଧୁସହ କରି । କେସ୍ ନାହିଁ ? ଭାବନାଟା କଣ ଏଥିପାଇଁ ଗ୍ଲୁଇବ । ପ୍ରଥମେ ମନେ ମନେ ହେଉଥିଲି 'ସବୁର ଗଛରେ ମେଓ୍ୱା ଫଳେ'—ମାତ୍ର ମଣିଷର ଧୈର୍ଯ୍ୟ ତ—କେତେ ଦେଖିବୁ ଭାଙ୍ଗି-ଲାଣି । ମନେ ମନେ ଠିକ କଲି "ଗୋଟାଏ ଅଧେ କେସ୍ ଛତ ନାମ ନ କଲେ କେମିତି ଅସିବ କାହିଁ ? ମାତ୍ର ପ୍ରଥମେ ଏପରି କେସ ବା ଅସୁଛି କେଉଁଠୁ ? ଲୋକର ଧନ, ମାନ,

Digitized by srujanika@gmail.com

ଜୀବନ ନେଇ ଯାଉଛି ଟଣାଟଣି ସେଠି ଖୁସ-ଖାତିରି ଦସ୍ତୀ କରି ମୋପରି ନୂଆ ଲୋକଙ୍କୁ କେସ ଦଉଛି କଏ ? ବିନା ଫିସରେ, ଅନା-ହାରି ଭାବରେ କେସ କରିବାକୁ ହେବ । ଅବଶ୍ୟ କେସଟା strong ଥିବ । ଏ କେଉଁ କେସ ମିଳୁନାହିଁ—ଯହିଁରେ strong ଅଛି weak । ଏକଥା କାହାରିକୁ କହି ବି ହେଉନାହିଁ; ଲାଜ କଥା । ଅଥଚ ଏପାଖ ସେ ପାଖ ହେଇ ହେଇ ଚେଷ୍ଟା କରି କରି ଲୁଅନ୍ତୁ କିଛି ଘଟିଲା ନାହିଁ । ଯେଉଁ ମୋହରିର ମିଳିଛନ୍ତି, ସେ ମୋ ଠାରୁଁ ବି ସରସ । ଏଇ-ପରି ୨ ପ୍ରାୟ କୋଡ଼ିଏ ଦିନ ଗଲିଗଲା । ମାସଟା ମୁଣ୍ଡ ଲଗିବନା କଣ ? ଧିକ୍କାର ଅପ୍ତ-ଥାଏ, ତାହିଁକି ଏଥିରେ ପଡ଼ିଲି । ଇସ୍କୁଲ ମାଷ୍ଟରୀ କଣ୍ଡେ କରିଥିଲେ ଦରମା ଅଛି ଟିଉସନରେ ଏତେବେଳକୁ—' କ ଫୁଜମାର ।

ସନେ କଟେରୀ ହତା ଭିତରକୁ ପଶି ଦେଖିଲି, ବାଂଟ ପାଖ ଗଛମୂଳରେ ମାଇପିଟିଏ ବସି କାନ୍ଦୁଛି । ତା କୋଳରେ ଗୋଟିଏ ବର୍ଷ ଦୁଇର ପିଲା । ମୁଁ କରୁଣ ସ୍ୱରରେ ପଚାରିଲି "ମା ତୋର କଣ ହେଇଚ—କାନ୍ଦୁଛୁ" । ସେ କହିଲା "ବାପା ମୁଁ ଚଢ଼ ଗରିବ, ଅଜକ ପନ୍ଦର କୋଡ଼ିଏ ଦିନ ହେବ ମ୍ୟାର ବାପକୁ ପୁଲିସ ଧରି ନେଇଛି, ଜେଲ ଦେବ । ସବୁ କହୁଛନ୍ତି ଲଢ଼ିଲେ ଖଲାସ ପାଇଯିବ । ମୋର କଏ ଅଛି ଯେ ଲଢ଼ିବ—ପଇସା କାହୁଁ ପାଇବ । ସେ ଭଗବାନଙ୍କ ତ ଭରସା ।"

ଏଇ ତ ଠିକ୍ ସୁଯୋଗ ମିଳିଛି । ମଣିଷ ଯାହା ଖୋଜେ, ଭଗବାନ ତାର ଉପାୟ କରି ଦିଅନ୍ତି । ଏହା ଭାବି ତାର ସ୍ୱାମୀ ନାଁ, ଗାଁ ପଚାରି ନେଇ ଓ ତାକୁ କହିଲି "ଅଚ୍ଛା ମା, କିଛି ଚିନ୍ତା କର ନା—ମୁଁ ତୋର ସବୁ କରି ଦେବି । ପଇସା ଲାଗିବ ନାହିଁ । ମୁଁ ଜଣେ ଓକିଲ । ବୁଝିଲୁ ।" ସେ ମୋତେ ଲଥକନା ଜୁହାରଟିଏ ହୋଇ କାନ୍ଦପକାଇ କହିଲା "ଠାକୁରେ ତମ ପୁଅର ଭଲ କରନ୍ତୁ ।"

ମୁଁ ମହାଉତ୍ସାହରେ ପୁଲିସ ଅଫିସକୁ ଯାଇ ଘଣ୍ଟାଣ୍ଟା ବୁଝିନେଲି । ମୋକଦମା ସୃଷ୍ଟି ହୋଇ ସାରିଲାଣି । ଚୋରି କେସ୍ । ସାକ୍ଷୀ ଜବାନବନ୍ଦି ସବୁ ଯାଇଛି । ଟେସ୍ ହେବ । ଏଣିକି କେସ୍ ଓ ସଫେଇ । ମାତ୍ର ମୁଦାଲା ପକ୍ଷରୁ ଓକିଲ ଓ ତଦବିର କିଛି ନଥିବାରୁ ବୋଧହୁଏ ଏଇ ତାରିଖରେ ଫଇସଲ ହୋଇଯିବ ।

ମକଦ୍ଦମା ପଡ଼ିଲା । ମୁଁ ଯାଇ ହାକିମଙ୍କୁ କହିଲି "ହଜୁର ଏ ଗରିବ ଲୋକ । ମୁଁ ମୁଦାଲା ତରଫରୁ ଓକାଲତନାମା ଦେବି । କାଗଜ ପତ୍ର କିଛି ଦେଖି ନାହିଁ । ଅତଏବ କିଛି ସମୟ ଦିଅଯାଉ ।" ହାକିମଙ୍କର ଅନ୍ୟ ଇଚ୍ଛାର କାର୍ଯ୍ୟ ବି ଥିଲା, କାରଣ ସେ ସହଜରେ ମଙ୍ଗି ଯାଇ ଦଶ ଦିନ ସମୟ ଦେଲେ ।

ଏହା ଭିତରେ ମୁଁ ହାତରୁ ଖରଚ କରି ପୁଲିସ ରିପୋର୍ଟ, ଚାର୍ଜ ସିଟ୍, ଜବାନବନ୍ଦି ପ୍ରଭୃତିର ନକଲ ଆଣିଲି । ମୋର ଅଉ କିଛି କାମ ନାହିଁ, ବାର ବାର ତାକୁହି ପଢ଼ିବା, ଆଇନ ବହି ଓ ନଜିର ଘାଣ୍ଟିବାରେ ଦିନ ଗତ ଲାଗିଛି । ଯେଉଁଠି ସନ୍ଦେହ ହେଉଛି ଅନ୍ୟାନ୍ୟ ପୁରୁଣା ଓକିଲଙ୍କୁ ବି ପଚାରି ନେଉଛି । ପ୍ରାୟ ସମସ୍ତେ କହୁଛନ୍ତି Very good case । ଜଣେ କହିଲେ Well begun—ନିଶ୍ଚୟ ଖଲାସ ହୋଇଯିବ । ବାସ୍ତବିକ ମୁଁ ଦେଖିଲି prosecutionରେ ଏତେ ଦୋଷ ଅଛି ଯେ, ହାକିମ ବାବାର ବୃଷ ନାହିଁ ଦଣ୍ଡଦେବ । ମନଟା ଲୁଣ୍ଠେ ଗୋଟେ । ପଏଣ୍ଟ ଗୁଡ଼ାକ ସବୁ ନୋଟ କରି ରଖିଥାଏଁ ।

ଏଣେ ମାଇକିନାଟା ଅସି ମୋ ଉପରେ ସର୍ତ୍ତ୍ୟାର ହୋଇଛି । ସେ ଅଜି ମୋ ବସାକୁ ଦି ଯାଏ । କହିଲା 'ଯିବ ଲୁଅତେ—କଣ ହାକିମ ବାବୁ ?' ମୁଁ ବି ଦେଖିଲି ହ୍ୟାକୁ ଏତେ-ବେଳେ ହତ ଛଡ଼ା କରିବାର ନୁହେ । ପହିଲି କେସ୍ଟା ଯେମିତି ହେଉ ଜିତିବା ଦର-କାର । ତେଣିକି ଅପେ ଅପେ କେଶ ଅସିବ । ସବୁଥିରେ ଅଉ କଣ ଯାଉଥିବ । ପହିଲି ପହିଲି ଅବଶ୍ୟ କମ କମ ଫିସ ନେବି—ତା ପରେ କେଶ ବେଶି ହୋଇଗଲେ ବଢ଼ାଇ ଦେବି ଫିସ—ଚୁକ୍ତି କରିଦେବି—ନୋହିଲେ ଫେରାଇ ଦେବି । ଏହିପରି କେତେ ଭବିଷ୍ୟତର କଳ୍ପନା ଜଳ୍ପନାରେ ମସଗୁଲ୍ ହୋଇ ରହିଥାଏଁ ।

ତାରିଖ ଅଉ ଦୁଇଦିନ ଅଛି, ସ୍ତ୍ରୀଲୋକଟି କହିଲା, 'ବାବୁ ମୁଁ ଟିକିଏ ଯାଉଛି ଗାଆଁକୁ—ଘର ଦ୍ୱାର କଣ ହେଲା ଦେଖି ଅସେଁ । ଅଠ-ଦିନ ହେଲା ବହିଲଣି, ତେଣେ ସବୁ ଉଜୁଡ଼ି ଯିବନି—ମନଟା ଗୁଡ଼େଇ ହେଉଛି ।'

ମୁଁ କହିଲି 'ଅଚ୍ଛା ଯା—ଏକା ତାରିଖ ଅଗ ଦିନକୁ ଅସିବୁ ଟି ।' ସେ କହିଲା "ନ ଅସି ଯିବ ଲୁଅତେ । ମୋ କାମ, ମୁଁ କଣ ରହିବ ।" ଏତିକି କହି ସେ ଜୁହାରଟିଏ ହେଲା—ମୁଁ ତାକୁ ବିଦା ଦେଇ ପାଇଖାନା ଗଲିଗଲି ।

\+ + +

କାଲି ତାରିଖ । ମନଟା ମୋର ଉଡ଼ୁଛି ସେହି କେସରେ । ରାତିରେ ଭଲ ନିଦ ହେଲା-ନାହିଁ, କାଲି ମୋର ପ୍ରଥମ ଅଭିନୟ, ହାକିମ ଶୁଣିବେ, ପାଞ୍ଚ ଜଣ ଓକିଲ ଶୁଣିବେ ଅଉ ପଚାଶ ଜଣ ଦେଖଣାହାରି ଶୁଣିବେ, ମୋର ପହିଲି କେଶଟାରେ ଲୋକଙ୍କର ଯାହା Impression ହେବ ତାର ମୂଲ୍ୟ ଖୁବ୍ ବେଶୀ । କେମିତ ଭାବରେ ଜେରା କରିବ, କେତେବେଳେ କିପରି tone ଓ ରୂପ କରି-ବାକୁ ହେବ, ଇତ୍ୟାଦି ଛେଚିକୁ ଚେଚ ଭାବି ଯାଉଛି । ସେ ଭାବନାର ଅନ୍ତ ନାହିଁ । ପ୍ରତିଥର ଯେପରି ନୂଆ ନୂଆ idea strike କରି ଯାଉଛି । ତା ପରେ argument, ସେଇଟା ଅସଲ । ଯଦି impressive କରି put କରି ନ ପାରେ । ଯଦି ଇଂରେଜୀ ଭୁଲ ହୋଇ

[୧୧ ପୃଷ୍ଠା ଦେଖନ୍ତୁ]

Digitized by srujanika@gmail.com



# ଅପ୍ରାକୃତିକ ଯୌନ କ୍ରିୟା ।

ଯୌନ ଓ ଯୌବନ

ହାକିମ ମହମ୍ମଦ ଫାରୁକ୍

୧୩ ବର୍ଷରୁ ଊଣା ବାଳକ ବାଳିକାମାନଙ୍କର ଏହା ପଢ଼ିବା ଅନୁଚିତ ।
ଅଭିଭାବକ ଓ ଶିକ୍ଷକମାନେ ଏ ବିଷୟରେ ସତର୍କ ରହିଲେ
'ଡଗର' କୃତଜ୍ଞ ହେବ :— ପୁଷ୍ପଧନ୍ୱା

(ପୂର୍ବ ପ୍ରକାଶିତ ଉତ୍ତରୁ)

"ଅଜି ତେବେ କଣ ?

"ଅଜି——"

ଏହି ସମୟରେ ଥରେ ବାପା ଆସି ପହଞ୍ଚିଲେ ଓ ମୋର ଅବସ୍ଥା ଦେଖି ଖ୍ୟାତନାମା ବାଲୁକେଶ୍ୱର କବିରାଜଙ୍କ ଠାକୁ ନେଇ ଗଲେ । ସେ ମୋତେ ପରୀକ୍ଷା କଲେ ଓ କେତେ ଗୁଡ଼ିଏ ପ୍ରଶ୍ନ ପଚାରିଲେ । ମୁଁ ତାଙ୍କୁ ନିମ୍ନଲିଖିତ ଉତ୍ତର ଗୁଡ଼ିକ ଦେଇଥିଲି ।

୧ । ସମୟ ସମୟ ମୁଣ୍ଡ ବୁଲାଏ ଓ ବେଳେ ବେଳେ ବିନ୍ଧେ ।

୨ । ମୋର ସ୍ମରଣ ଶକ୍ତି ଲୋପ ପାଉଛି ଓ ସବୁ ଗୋଳେଇ ଯାଉଛି ।

୩ । ଖାଇଲେ ଜୀର୍ଣ୍ଣ ହେଉନାହିଁ ବା ଖାଇବାକୁ ରୁଚୁନାହିଁ । ପେଟରେ ବାୟୁ ହେଉଛି ।

୪ । ଡାକ ପେଟ ବେଳେ ବେଳେ ଦରଜ ହେଉଛି ।

୫ । ନିଦ ଭଲ ହେଉନାହିଁ ଓ ନାନା ଦୁଶ୍ଚିନ୍ତା ମଧ୍ୟରେ ଅଳ୍ପ ନିଦ ହେଉଛି ।

୬ । ବେଶି ଚାଲିଲେ ଫଁ ଫଁ ହୋଇ ପଡ଼େ ଓ ଘନ ଘନ ନିଶ୍ୱାସ ବହେ । ଅଳ୍ପ ପରିଶ୍ରମରେ ଝାଳ ବହେ ଅଧିକ ।

୭ । ପ୍ରସ୍ରାବ ବାରମ୍ବାର ହୁଏ, ପରିମାଣ ଅଧିକ, ରଙ୍ଗ ଧଳା । ରାତିରେ ଏଥିପାଇଁ ନିଦର ବ୍ୟାଘାତ ଘଟେ ।

୮ । କୋଷ୍ଠ କଠିନ ଓ ଥରେ ଥରେ ୨ ଦିନ ତିନି ଦିନ ୨ ଗୋଟିଏ ଦସ୍ତ ଭଳି ଗୁହ ଥିବ ହୁଏ ।

୯ । ସଙ୍ଗମେଳରେ ବହୁକ୍ଷଣ ବସି ଥିବା ତାମସା କରିବାକୁ ବିରକ୍ତ ଲାଗେ ।

୧୦ । ହାତ ଗୋଡ଼ ଜଳା ପୋଡ଼ା କରେ ଉଣା ଅଧିକ ।

୧୧ । ମଳ ନିର୍ଗମନ ବେଳେ ପ୍ରସ୍ରାବ ଦ୍ୱାର ଦେଇ ଅଠାଳିଆ ପଦାର୍ଥ ନିର୍ଗତ ହୁଏ ଏବଂ ବେଳେ ୨ ଦୁଇ ଗୁର ବିନ୍ଦୁ ଧଳା ତରଳ ପଦାର୍ଥ ପଡ଼େ ।

୧୨ । ମନ ଅସ୍ଥିର ଓ ନାନା ଦୁଶ୍ଚିନ୍ତା ପୂର୍ଣ୍ଣ ।

୧୩ । ସ୍ୱପ୍ନଦୋଷ ମାସରେ ୧୦ । ୧୨ ଥର ହୋଇଯାଏ ଅଜ୍ଞାତରେ ।

( ନୋଟ—ଏଠାରେ ଜାଣିବା ଉଚିତ ଯେ ସ୍ୱାସ୍ଥ୍ୟବାନ୍ ଯୁବକର ମାସ ମଧ୍ୟରେ ଥରେ ଦୁଇ ଥର ସ୍ୱପ୍ନ-ସ୍ଖଳନ ହେଲେ ତାହା ରୋଗ ମଧ୍ୟରେ ଗଣ୍ୟ ନୁହେଁ । ଅବଶ୍ୟ ନ ହେବା ଖୁବ୍ ଭଲ । ତହିଁରୁ ଅଧିକ ହେଲେ ପ୍ରତିକାର ଆବଶ୍ୟକ ।)

୧୪ । ସନ୍ଧି ଘନ ଘନ ହୁଏ ।

୧୫ । ପୁରୁଷାଙ୍ଗ ଉପରେ କଳା ଶିରମାନ ଦେଖା ଯାଉଛି ଓ ତାହା ଡାହାଣ ଆଡ଼କୁ ବାଙ୍କି ଯାଉଛି ।

୧୬ । ଶୋଇରୁ ଉଠିଲେ ଆଖିରେ ଅନ୍ଧାର ହୋଇଯାଏ ।

କବିରାଜ ମହାଶୟ ଓ ବାପା କଣ କଥା-ବାର୍ତ୍ତା ହୋଇ ସାରି ମୋର ଔଷଧ ଓ ପଥ୍ୟାପଥ୍ୟ ବ୍ୟବସ୍ଥା କରି ଦେଲେ । ସ୍କୁଲ ହେଡ଼ମାଷ୍ଟର ମଧ୍ୟ ମୋ ଉପରେ କଡ଼ା ନଜର ରଖିବା ପାଇଁ ଜଣେ ମାଷ୍ଟରଙ୍କୁ ବରାଦ କଲେ ।

ନାନା କାରଣରୁ ମୋର ଏ କୁ ଅଭ୍ୟାସଟା କମିଗଲା ଓ କବିରାଜଙ୍କ ଔଷଧର ମଧ୍ୟ ଫଳ ଦେଖାଗଲା । ହାୟ, ମୁଁ ଯେବେ ଏତେବେଳେ ଛାଡ଼ିଦେଇ ପାରି ଥାଆନ୍ତି ମୋର ଦଶା ଆଜି ଅନ୍ୟ ପ୍ରକାର ହୋଇ ଥାଆନ୍ତା । କିନ୍ତୁ ମୁଁ ମୋର ସେହି ହୀନ ପ୍ରବୃତ୍ତିରେ ଆଉ ଥରେ ଅଧିକ ମାତ୍ରାରେ ଅଭ୍ୟାସରେ ପଡ଼ିଗଲି । ପ୍ରଥମେ ପ୍ରଥମେ ଅନିଚ୍ଛା ଥିଲା; ମାତ୍ର ସେ ସଙ୍ଗୀ ମୋତେ ବୁଝାଇଲା ଯେ ଏଥିରେ ଦୋଷ ନାହିଁ ଓ ଏହାଦ୍ୱାରା ରୋଗ ହୁଏ ନାହିଁ । କେତେ ଜଣ ମାଷ୍ଟରଙ୍କ ଉଦାହରଣ ବି ସେ ଦେଖାଇଲା । ଏଣେ ମୋର ତ ସୁଧାର୍ତ୍ତି ଛାଡ଼ି । ଲୋଭ ସମ୍ବରଣ କରି ପାରିଲି ନାହିଁ । ହସ୍ତ ଓ ନରକ ସେବନରେ ପ୍ରବୃତ୍ତ ହୋଇଗଲି ।

କିଛି ଦିନ ପରେ ବାପା ମୋତେ ପୁଣି କବିରାଜଙ୍କ ଠାକୁ ନେଇଗଲେ । ସେ ମୋତେ ପରୀକ୍ଷା କରି ସାରି ମୁଖ ବିକୃତ କରି କହିଲେ "ଏ ହତଭାଗ୍ୟ ପିଲାର କିଛି ହେବ ନାହିଁ । ଏହାର ପାଠ ବନ୍ଦ କରି ଘରକୁ ନେଇ ଯାଆନ୍ତୁ, ବିବାହ କରାଇ ଦେବେ ।" ବାପା ନିଶ୍ୱାସଟିଏ ପକାଇ ଫେରିଲେ । କବିରାଜଙ୍କ ଉପଦେଶ ଅନୁସାରେ ମୋର ବିବାହ ହୋଇଗଲା । ମଧୁ-ଶଯ୍ୟା ରାତିରେ ଅନେକ କାମନା ନେଇ ଘରେ ପଶିଲି । ମାତ୍ର ସବୁ ବୃଥା ପରି ଲାଗିଲା । ମଧୁରହାସମୟୀ, ଉଦ୍‌ଭିନ୍ନ-ଯୌବନା ନବ-ବଧୂର ଅଙ୍ଗ ସ୍ପର୍ଶରେ ଉତ୍ତେଜନା ଜନ୍ମିଲା । କି ଲଜ୍ଜା, କି କ୍ଷୋଭ । କିଛିଦିନ ଅନ୍ତେ, ବହୁ ଚେଷ୍ଟାରେ ସଙ୍ଗମ କ୍ରିୟା ହେଲା ସତ୍ୟ, ମାତ୍ର ସଫଳକାମ ହେଲି ନାହିଁ । ଅନେକ ପରବର୍ତ୍ତୀରେ, ଦୁଃଖ ଓ ଅବସାଦ ଘେରିଗଲା । ସ୍ପର୍ଶ ମାତ୍ରେ ବୀର୍ଯ୍ୟପାତ ହୋଇଯାଏ । ତାହା ମଧ୍ୟ ଅକାଳେ ସକାଳେ । ପୂର୍ଣ୍ଣ ଯୁବତୀ ସ୍ତ୍ରୀର ଏଥିରେ ଯେ କି ନିରାଶା ଓ କଷ୍ଟର କାରଣ ମୁଁ ହେଲି ତାହା ତାର ମୁଖ ଭାବରୁ ଜାଣିପାରେ । ସମୟ ସମୟରେ ଆତ୍ମହତ୍ୟା କରିବାକୁ ମନ ବଳେ ।

ତାର ନାରୀ ଜୀବନଟା ବ୍ୟର୍ଥ କରି ଦେଲି ସିନା ! ମାତ୍ର ସେ ମୁହଁ ଫିଟାଇ କିଛି କହେ ନାହିଁ ।

ଏଣେ ବାପାଙ୍କର କାଳ ହୋଇ ଗଲା । ମୋ ସ୍ତ୍ରୀର ପରାମର୍ଶରେ ତାଙ୍କ ଦୟ-ପାତାଳରେ ୬ ମାସ ରହିଲି । କିଛି ଫଳ ହେଲା ନାହିଁ । ପଡ଼ିବା ଉଣ୍ଡି ଆଉ ନାହିଁ—ଉପାର୍ଜନର କ୍ଷମତା ନାହିଁ—ଜୀବନରେ ଆଶା ନାହିଁ । ଏ ଅବସ୍ଥାରେ ଆପଣଙ୍କ ଶରଣାପନ୍ନ ହୋଇଛି । ରକ୍ଷା କର ମୋ ହୃଦୟ !

ରାବଣ—କନକ ଲଙ୍କାର ଅଧୀଶ୍ୱର ।
ମେଘନାଦ—ତସ୍ୟ ପୁତ୍ର crown priuce.
ଅତିକାୟ— ,, (ଲକ୍ଷତ)
ଅକ୍ଷୟ କୁମାର— ,, (ପାଳତ)
ରାମଚନ୍ଦ୍ର—ମହାଭାଗୀ ଶଢିମ୍ବ ସଙ୍ଗୁଣ ।
ବିଭୀଷଣ—ରାମ ଭକ୍ତ ।



# ନବ ରାମାୟଣ

ଅତିକାବ୍ୟ ।

କପିବର ହନୁମନ୍ତ ବିରଚିତ

ଜାମ୍ବୁବାନ—ବୃଦ୍ଧ ବୃଷ୍ଟ୍ରକ ପଣ୍ଡ ।
ହନୁମାନ—ଲଙ୍କାପୋଡ଼ା କପି ।
ଇନ୍ଦ୍ର—ଐରାବତ ପଣ୍ଡ ।
ବରୁଣ, କାଳନେମୀ, ନଳ, ନୀଳ, ଗନ୍ଧ-ଗବାକ୍ଷ, ଅଙ୍ଗଦ ପ୍ରଭୃତି ଅନେକ ରହସ୍ୟମୟ ଚରିତ୍ରରେ ପରିପୂର୍ଣ୍ଣ ।

## ମଙ୍ଗଳାଚରଣ

ଉତ୍କଳ ଭାରତ ମା ଗୋ, ଏଙ୍କଡ଼ ବାସିନୀ,
ପୂଜିବାକୁ ତୋର ପଦ ବଳାଇଛି ମନ
ମହାର୍ଘ ଯେସନେ; ମାତ୍ର ପୂଜା ଆୟୋଜନ
କରି କରି ପାଇଲଣି ବସ୍ତୁ ଚହଲଫ ।
ଯୁଣ୍ଡର ଗୋବର ତଳ ହେଲଣି ବରଫ ।
ତଥାପି ନପାରି ଥିର ମନ ମୃଗାବକ,
ମାଗୁଛି ଶରଣ ମା ଗୋ; ତୋର ଦୟା ବଳେ
କୁନ୍ଥା ମୋ କଲମ ମୁନ ଓଗାଳୁ ନାବତେ
ନାଟ, ନଭେଲ, ଛନ୍ଦା ବ୍ୟଙ୍ଗ ରସାବଳୀ ;
ଯାହା ଗିଳ ଓଡ଼ ଓଡ଼ ରସିକ ଉତ୍କଳୀ
ଦଣ୍ଡେ ହେଲେ ପେଟଜ୍ୱାଳା, ପିଠିଜ୍ୱାଳା ଭୁଲି
ହାସ୍ୟ-ଲାସ୍ୟ-ରସାମୋଦେ ଉଠନ୍ତୁ ଝମ୍ପି ।
ରସିକ ଗ୍ରାହକେ ରସ କରନ୍ତୁ ଗ୍ରହଣ,
'ସ୍ପୋର୍ଟସମେନ' ପ୍ରିଉଠରେ, ଲୁଟନ୍ତୁ କୌତୁକ
ଅହରିକ; ଅବା ଥିବେ ଯେ ବଦ-ରସିକ,
ଘଅନ୍ତୁ ସେ ଅଣ୍ଟିବୃଜ—ଜାଳେ କେତେବେଳେ
ଛେଲି, ମୂଷା, ବାନ୍ତ କରି ହେବେ ହଇସଣ !

ଶାଗଲେ ଗୋ, ଅନ୍ଧାରରେ ଦେଖାଉଛି ବାଟ
ଅଧମ ସନ୍ତାନେ ତୋର, ଜ୍ୱାଳି ଟର୍ଚ୍ଚ ବତି
ଫୋକସ୍ କରଦେ ତହିଁ, ଲଗିଅଛି ଯହିଁ
କାଳିଆ-ଅସୁର ବଣ ଲଙ୍କା ଦାଣ୍ଡରେ ।
କପିର କଳ୍ପନା ଯାହା ନପାରିବ ଭେଦି
X-Ray ତୋର ତାହା ଦେଉ ପ୍ରକଟାଇ ।

ଅଭୟେ ଗୋ, ମାତୃଅଛି ଡର ଭୟଙ୍କର,
ତେଣୁ ଏ ବିନତି ମା ଗୋ କର ଧରି ମୋର
ଘେନିଯାଅ ଯେଉଁ ସ୍ଥଳେ, ଯହିଁ ଲଙ୍କପତି
ଭୁବନସ୍ୟ ଶିର ବକ୍ଷ ବିଚରଣ ଦକ୍ଷ,
ମଦମତ୍ତ ଫନ୍ଦାବାଜୀ ଦନ୍ତାବଳ ସହ
କରନ୍ତି କନକପୁରେ ନିଶଙ୍କ ବସତି ।
ପୁଣି ଯାହା ମେଘନାଦ ପ୍ରାଚୀର ବେଷ୍ଟିତ,
ସଶସ୍ତ୍ର ସଙ୍ଗିନଧାରୀ ପ୍ରହରୀ ରକ୍ଷିତ ।
ଭୁଲିଅଛି ନୀତ-ଚନ୍ଦ୍ର ଯହିଁ ଭବାନିଶି;
ଅବିର କୌଶଳ ଜାଲ ବନ୍ଧୁଛି ଅସୁର;
ସାମ, ଦାନ, ଦଣ୍ଡ, ଭେଦ, କୃଷ୍ଣ ଜଟୁଅଳି
ପାଳକର ଲାଗିଛନ୍ତି ଗୃହ ଦରଜାରେ;
Policy ଓ diplomacy ଦୁଇ ସହୋଦର
ମନ୍ତ୍ରୀରୂପେ ହେଉଛନ୍ତି ନ'ରପର ସଦା ।
କେଉଁବଳେ ସ୍ଥିର କପି କରିବ ସାହସ
ପଶିବାକୁ ତହିଁ, ଯହିଁ ମାଛି ନବଖଣ୍ଡ !
ଜେତା ଯୁଗ କଥା ମୋର ନାହିଁତ ପାସୋର
ସେତେବେଳ ପଶିଲି ଯେବେ କନକ ଲଙ୍କାରେ
ନାଗପାଶେ ବାନ୍ଧି ମୋତେ ଇନ୍ଦ୍ରଜିତ ବୀର
ଲାଙ୍ଗୁଡରେ ଦେଲେ ନିଆଁ ଲଗାଇ ସ-ରଙ୍ଗେ;
ଅଦ୍ୟାବ ଦାଗ ତାର ଯାଇ ନାହିଁ ଲିଭି ।
ଦେଖାଣି କଅଛି ପୁଣି କପିର କପାଳେ !
ଅଲ୍ଟି ଖୋଳି ଖୋଳି ପୁଣି ଯେବେ ମହାଦେବ
ନ ବାହାର, ଅଗକର ବାହାରିବେ ସାପ,
ତୋ ନାମ ଗାଇବି ମରି ମାଉକ ଭରସା !

Digitized by srujanika@gmail.com

# ମୂଳିଆକାଣ୍ଡ ।

ଲଙ୍କା କଟକର ଏକ ଧନାଢ୍ୟ କୋଠରୀ,
ହାଲ୍ ଫେସନରେ ଯାହା ହୋଇଛି ସଜ୍ଜିତ,
ଶୋଭିତ କାନ୍ଥରେ ଝୁଲେ ଛବି କେତେ ଶତ,
ମୁଣ୍ଡ ପରେ ଘୂରୁଅଛି ବିଜୁଳିର ଫ୍ୟାନ,
ତାହା ତଳେ ବସିଛନ୍ତି କୁଶନ ଅସନ
ଲଙ୍କେଶ, ବର୍ଦ୍ଧିତ ଗାତ୍ର, ଅଚଳ ମୂରତ ।
ଏବେ ଶୀତକାଳ, ତୁଚ୍ଛ ପଙ୍ଖାର ପବନ
ଅଗ୍ରା ଭର ପାରୁନାହିଁ ଲମ୍ବା ମୁଣ୍ଡ heat
ଧୂ-ଧୂ ହୋଇ ଜଳେ ତାହା ହୁତାଶନ
ଅଲକେ, ଉଦ୍‌ଭିଦ ଶୂନ୍ୟ ମରୁସ୍ଥଳ ଯଥା;
ଘନ ଘନ ବାମହସ୍ତ ବୁଲି ତହିଁ ପରେ
କେତେଥରେ ପାଳିବ କନ୍ଧ ନାନାରୁ ସେ ତାପ !
ସଲ ଘଡ଼ି ଗୋଟା ପରେ ଗୋଟା ଯାଏ ଉଡ଼ି,
ସୁବାସିତ, ସାଉଁଳାଅ, ମ୍ୟାନିଲା ସିଗାର;
ଧୂମ୍ର ଯାର କୁଣ୍ଡଳିତ ହୋଇ ମୁଣ୍ଡପରେ
ଅଙ୍ଗଲଗ୍ନ ଶନ୍ତାପର ଉଡ଼ୁଛି ବଳୟ
ଶୂନ୍ୟେଶୂନ୍ୟେ—ବାଷ୍ପଭୂତ, ନାହିଁ ଥଳକୂଳ ।
ସାମନା ଟେବୁଲ ପରେ ପଡ଼ିଛି ଚିଠି
ଗୁଡ଼ାଏ ଲଫାପା ମୁକ୍ତ ଚିଠି, ଟେଲିଗ୍ରାମ !
ତହିଁ ମଧ୍ୟେ ନୋଟବହି ହୋଇଅଛି ପେଲ,
ଜଡ଼ି ଅଛି ପୃଷ୍ଠା ଯାର ହୋଇ ଫର ଫର ।
ତହିଁରେ ହୋଇଛି ଲେଖା ନାନା ଅଙ୍କାବଳି
ଲାଲ୍ ପେନ୍‌ସିଲ ଦାଗ ଦିଗେ ଝିଁ ଝିଁ ।
ଥରେ ଥରେ ବାମହାତରେ ନେଇ ତା ଉଠାଇ
ନିବଦ୍ଧ ନୟନେ ଦେଖୁଛନ୍ତି ଲଙ୍କପତି,
ଅମ୍ଳିଳ ଶୃଙ୍ଖଳ ଭଳି ଭର ଓଷ୍ଠ ବେନି;
ପୁଣି ତାହା ଦେଉଛନ୍ତି ପକେଟରେ ଫୋପାଡ଼ି
ପୁଣି ଯାଉଛନ୍ତି ବହି ବଂଶ କାଗୁ ତୁଳି
ଚାମୁଣ ପେନ୍‌ସିଲ ମୂଳ,—ପୁନଶ୍ଚ ଚହିଁକି
ଝର ଲେଖନୀକୁ ଖୋଲି ଯାଉଛନ୍ତି ଲିଖି
Inspiration ଶମୁଖରେ ଚେଇଁ ଉଠେ ଯଥା
କଲ୍ପନା ଦଧିଅ ମଧ୍ୟେ ହାଲୁଛଡ଼ା କବି ।

ସଦନା ପମ୍ପଢ଼ୁ କ୍ଲବ ଛିନାସ୍ତି ନପାଇ
ଭଲାଟ ଲଦଢ଼ି ଗୃହେ ଟେକା ଯାଉ ଗାଇ
ମଣ୍ଡ ସାଇଁ ସାଇଁ ଥଭ ଭାନ ଟଙ୍କ ...
ଟେମ୍ପା ଟେମ୍ପା ପେଟ, ପୁଣି ଉଠୁଥିବ ହାଇ
ଯେତେବେଳେ ବଳାମୁଖ ଲଙ୍କାପତିଙ୍କର,
ବାଜିବ ଟେଲିଫୋ ଘଣ୍ଟା,—ତମକି ଲଙ୍କେଶ
ଦ୍ରୁତପାଦେ ଯନ୍ତ୍ରଲଗ୍ନ କରି କର୍ଣ୍ଣ-ମୁଖ
ଶୁଣିଲେ ନିବଟେ—ପୁଣି ଛିଦ୍ରନ୍ୟାସ ବଟେ
ଅନୁଗ୍ର କଣ୍ଠର ସ୍ୱର ବଢ଼ଣି ବେଗେ
ବୋଲିଲେ Yes sir, no sir, —
pardon, very well.
ଟୋପର ଯନ୍ତ୍ର ପୁଣି ଆସି ବସିଣ ସୁଠାରେ
ଅର୍ଦ୍ଧର କହିଲେ 'ବଲଦ ଛଡ଼ ଗଧମ ଗ୍ରୁ' ।
ପୁଣି ଅବିରାମ ସଟେ ଭୁଷିଯୁ ଅଛନ୍ତି;
ଧୂମପାତ୍ରୁ ସ୍ଥିର ଶୂନ୍ୟ ଭାବ ଭାବି ଏତେଣ
ନ ଲଭି ଅପର ସ୍ଫୁର୍ତ୍ତି ପ୍ରିୟଜନଙ୍କର
ଅଙ୍ଗମାନେ ତଳ ଛଳ ହୋଇଛି ଶୀତଳ ।

ସ୍ୱପ୍ନାବେଶୀ ଉଠି ସଜା ଛାଡ଼ିଲେ ହୁଙ୍କାର
"ବରଫ ବରଫ" ବୋଲି; ଅସି ପିଲ୍ଟି ଡାକର
ଦ୍ରୁତ୍ତଗ୍ରୀ ଲହ୍ୱାର ଧାଯି ଦ୍ରବ୍ୟ-ପଦାର୍ଥ
ଯୋଗାଇଲେ ବରଫିତ ଜଳ ତତକ୍ଷଣେ ।
ଯୋଉଁ ଏ ଚୁମୁକ ମାରି ଦେଇ ଲେଉଟାଇ
ନୋଟବହି ଅବେ ପୁଣି ଫେରିବ ନୟନ
ଉଲସ ବାସୁରୁ ପୁଣି ରହିଲେ ପଡ଼ିଏ ।
ବକୁରି ଭାଙ୍ଗି ଅଧି, ପଞ୍ଚମ ପଞ୍ଚାଇ
'ହଜୁର ଭୈଷ୍ୟାର ଗାନା'—ସଟକୋଠ ପଟକୋଠ;
ବଡ଼ ଦୁଃସ୍ୱ ଶୁଣି ତାକୁ ଭଣ୍ଡିଲେ ଲଙ୍କେଶ
"ବାଅର, ବାପୁର, ଯୋଡ଼ା—ଜଲଦ କରେ ଫୁଙ୍କ,"
ଦ୍ରୁତଗତି ଜମେଦ ମାନେ ଧାଇଁଲେ ସକଳେ;
ଲବଯୋଡ଼ ରଡ଼ ଶୁଣି ମାନବ ଦେପଳ ।

(କ୍ରମଶଃ) (ଅଗତ ସଂଖ୍ୟାରେ ବାହାରିବ ।)

Digitized by srujanika@gmail.com



# ବହିପତ୍ର

**ସହକାର—ଅଷ୍ଟାଦଶ ଭାଗ**

**୨ୟ ସଂଖ୍ୟା ଜ୍ୟେଷ୍ଠ**

ପ୍ରଚ୍ଛଦପଟ—

ନୂଆବର୍ଷର 'ସହକାର' ନୂଆ ବେଶ ପିନ୍ଧି ବାହାରିଛନ୍ତି । ପ୍ରଚ୍ଛଦପଟର ବିବର୍ଣ୍ଣ ଛବିଟି ଗତ ବର୍ଷର ଛବି ଠାରୁ ଅନେକ ଅଂଶରେ ଶ୍ରୀ-ଯୁକ୍ତ ଓ ଉନ୍ନତ । ଶିଳ୍ପୀ ଖ୍ୟାତ ଛବିକର ଶ୍ରୀ ଉପେନ୍ଦ୍ର ମହାରଥୀ । ଛବିଟିର ବର୍ଡ଼ର (Border) ଖାଣ୍ଟି ଓଡ଼ିଶୀ ଢୋଟି-ଭଳି ବୋଲି ଅନୁଭବ ହେଲା ଭଳି ଲାଗିଲା । ମୂଳଛବି ଭାରତୀୟ ଢଙ୍ଗ ଅନୁସାରେ । ମେଘ ଉପରେ ଦେଇ ତୀର୍ଯ୍ୟକ (Slanting) ଭାବରେ ବସି ଥିବା ଡାକ୍ତରବଳନ୍ଦାର ଛବିଟି ବଡ଼ ସ୍ୱାଭାବିକ । ଏହି ସୁନ୍ଦର ପରିକଳ୍ପନାରେ ଶିଳ୍ପୀଙ୍କର ଯଥେଷ୍ଟ ବାହାଦୁରି ଅଛି । ଅବେଣ୍ଟୀ ଦୁହେଁ କିନ୍ତୁ ସିଧା ହୋଇ ବସି-ଛନ୍ତି । ସେମାନେ ମଧ୍ୟ ଏହି ବ୍ୟୋମଯାନ-ଗ୍ରେହଣୀ ବେଳେ ବାହନର ଗତି ସହିତ ସାମଞ୍ଜସ୍ୟ ରଖି ଆପଣାର ଭାରକେନ୍ଦ୍ର ( Balance ) ଠିକ ( Adjust ) କରି ପାରିଥିଲେ ଛବିଟି ଅଧିକ Natural ହୋଇ ଥାଆନ୍ତା ।

ମହିଳା ମହଲ—

ନେହାତ ସମ୍ପାଦକ ଉକ୍ତ ସଂଖ୍ୟାରୁ ଖାସ ମହିଳାମାନଙ୍କ ହାତରେ ଏହି ମହଲ ଛାଡ଼ିଦେଇ ନିଜର Gallantry ର ପରିଚୟ ଦେଇଛନ୍ତି । ଆଶାକରୁଁ ସବୁଲେଖିକା ଲେଖିକା ଯେ ମହଲଟିକୁ ବେଶ ଲିପି ଦେଇ ଯଥା ସ୍ୱରୂପ ରଖି ପାରିବେ । ମୋଟ ଉପରେ ସହକାରର ଏ ପ୍ରଚେଷ୍ଟା ପ୍ରଶଂସନୀୟ । ସହକାର ଏ ଉଷର ମରୁଭୂମିରେ ଯେ ଦିନକୁ ଦିନ ନୂଆ ନୂଆ ଡାଳପତ୍ର ମେଲାଇ ବଢ଼ି ପାରୁଛି ଏହା ପତ୍ରଗୁଳକର ଅକ୍ଷୟ ଜୀବନୀ ଶକ୍ତିର ( Vitality ) ପରିଚୟ ଦେଉଛି ।

ଭଲଥା—(ଗଳ୍ପ)—ଲେଖକ—
ଶ୍ରୀ ଛଡ଼ା ବଟା

ଗଳ୍ପଟିର ଉଦ୍ଦେଶ୍ୟ ଭଲ, ମାତ୍ର humourଟା ଭଲ ଫୁଟି ପାରିନାହିଁ । ତଥାପି ଏହିଭଳି ତିକ୍ତ ମଧୁର ଗଳ୍ପର ପ୍ରୟୋଜନ ଅଛି, ଦେଶ, କାଳ, ପାତ୍ରରେ ।

ନାହିଁ ଯଦି—( କବିତା ) ଲେଖକ—
ଶ୍ରୀଅଜୟ ବାହାଦୁର ଦ୍ୱିବେଦୀ ।

କ୍ଷୁଦ୍ର କବିତାଟି ମର୍ମସ୍ପର୍ଶୀ । ଲେଖକଙ୍କର କ୍ରମୋନ୍ନତି କାମନା କରୁଁ ।

ହାତୁଡ଼ି—(କବିତା) ଶ୍ରୀ ସଚ୍ଚିଦାନନ୍ଦ
ରାଉତରାୟ

ଯୁଗୋଚିତ ଲେଖା । ସଚ୍ଚି ବାବୁଙ୍କର ମୁକ୍ତଏମ ଲେଖନୀ ଦେଉଦେଉନ ହୋଇ ଅଗ୍ନି ବର୍ଷଣ କରୁଛି । ଭଲ କଥା ।

ନାଲି ଦେଉଳର ପ୍ରତିମା—ଶ୍ରୀ ଗୋପିନାଥ
ମହାନ୍ତି ଏମ୍. ଏ.

ଯେପରି ମୌଳିକ ସେହିପରି ଚିନ୍ତାଶୀଳ ଲେଖା । ସମସ୍ତଙ୍କର, ବିଶେଷତଃ ସାହିତ୍ୟାନୁରାଗୀଙ୍କର ପଢ଼ିବା ଉଚିତ ଥରେ ।

ମହିଳା ମହଲ—

ମହିଳା ମହଲର ପତ୍ରଗୁଳିକା ଅପଣା ହାତରେ ମହଲଟି ଗଢ଼ି ଭଲ ଚଳଣ ଦେଖାଇଛନ୍ତି ।

ଅନୁ—ଶ୍ରୀମତୀ ହରିପ୍ରିୟା ଦେବୀ

ଲେଖିକାଙ୍କର ଭାବ ଅଛି, ହୃଦୟ ଅଛି । ସାଧନା ନାହିଁ, ଅଭ୍ୟାସ କଲେ ବଳିଲ ଆସିଯିବ ।

ବାସ୍ତବତା—(ଗଳ୍ପ)—ଶ୍ରୀ ସଚ୍ଚିଦାନନ୍ଦ
ରାଉତରାୟ ।

ଗଳ୍ପଟି ଯେପରି ଜୀବନ୍ତ ସେହିପରି ପ୍ରାଣସ୍ପର୍ଶୀ । ସଚ୍ଚି ବାବୁଙ୍କର ନୂତନ ଅଭିଯାନଟି ସାଫଲ୍ୟ ମଣ୍ଡିତ ହେଉ ।

**୩ୟ ସଂଖ୍ୟା, ଆଷାଢ଼ ।**

ଛବି— ବାଳ ଗଣେଶଙ୍କର ନୃତ୍ୟ ଛବିଟିର ପରିକଳ୍ପନା ଓ ରୂପାୟନ ଦୁହେଁ ଦୁହେଁ ସରସ । ଶିଳ୍ପୀ ମହାରଥୀଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଉଛୁଁ ।

ଜୋଛନା ରାତିରେ (ଗଳ୍ପ) ଶ୍ରୀ କାର୍ତ୍ତିକ ରଥଶର୍ମା

ଗଳ୍ପଟି ପଢ଼ିଲେ ପ୍ରାଣ ଭିତରେ ଜୋଛନା-ପରି ଶୁଭ୍ରଏମ ସ୍ୱପ୍ନର ଛାୟା ମାଡ଼ିଆସେ । ଭାଷାରେ ମଧୁରତା, ଭଙ୍ଗୀରେ ଚତୁରତା ଅଛି ।

ସ୍ୱପ୍ନ—(ପଦ୍ୟ) ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ ।

ଏ କବିତାଟି ଭାବରେ, ଭାଷାରେ, ଛନ୍ଦରେ, ଗତିରେ ଅନନ୍ୟ ସୁନ୍ଦର । ସଚ୍ଚିବାବୁଙ୍କର କାଳ ହୋମଳ ମଧୁ ସ୍ୟନ୍ଦୀ ଲେଖନୀ ଅଗ୍ନି ବର୍ଷଣ କଲାବେଳେ କବିଙ୍କର ସ୍ୱରୂପ ପ୍ରକଟ ହେଉଛି ।

ସନ୍ନ୍ୟାସୀ—(ଗଳ୍ପ) ଶ୍ରୀ କାଳିପ୍ରସନ୍ନ ନନ୍ଦ ।

ମନ୍ଦ ନୁହେଁ । ସମାଜର ଗୋଟିଏ ଚିରନ୍ତନ ଛବି ସୁନ୍ଦର ଭାବରେ ଫୁଟାଇଛନ୍ତି ଓ ଗୋଟିଏ ଜଟିଳ ସମସ୍ୟାର ସମାଧାନ ମଧ୍ୟ କରିଛନ୍ତି । ତେବେ ଏତିକି ଯେ ଗଳ୍ପଟି ବଙ୍ଗଳା ଢଙ୍ଗରେ ଲେଖା ହୋଇଥିଲେ ଅଧିକ ମାନ ଥାଆନ୍ତା ।

ରାଜପଥ ଛବି—(ଶିଳ୍ପ) ଶ୍ରୀମତୀ······

ଛବିଟି ଯେପରି ସ୍ୱାଭାବିକ ସେହିପରି ଅମୋଦ ଜନକ । ଶ୍ରୀମତୀଙ୍କ ଲେଖାରେ ଶ୍ରୀ ଅଛି ।

ମହିଳା ମହଲକୁ ସମ୍ପାଦିକା ଏଥର ଦଳଦ ଦେଇ ସାଙ୍ଗରେ ସ୍ନୋ-ପାଉଡର ମଖାଇ ଶୋଭିତ କରିଛନ୍ତି ।

ଉଦବୋଧନ—(ପଦ୍ୟ) ଶ୍ରୀମତୀ ଅପର୍ଣ୍ଣା ଦେବୀ ଚୌଧୁରୀ ।

ଅନ୍ତଃସଲିଳା—(ଗଳ୍ପ) ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ

ଗଳ୍ପଟି ଏକେପ୍ରକାର । ଅବନୀକୁ ଅତି ଖୋଲାକରି ଦେବାଦ୍ୱାରା ଗଳ୍ପର ଅର୍ଥ ନଷ୍ଟ ହୋଇ ଯାଉଛି । ସେ ଅଧିକ ବଡ଼ ଓ ମହତ ହୋଇ ପାରି ଥାଆନ୍ତା ଯଦି ସେ ଅପଯଶ ହୋଇ ନାୟକର ଛାତିପରେ — ଛି — ଛି —

ପୁଣି "ତୁମେ ଜାଣନାହିଁ" କଥାଟା ପର ମୁହୂର୍ତ୍ତରୁ ଜଣେ ଉପଦେଶ ଦେବାପାଇଁ ଅସ୍ୱାଭାବିକ । ଯଦି କେହି କହେ ତାକୁ କଣ କହନ୍ତି ? !

Digitized by srujanika@gmail.com

(୨ୟ ପୃଷ୍ଠା ଉତ୍ତାରୁ)

ଯାଏ ବା ଅଟକି ଯାଏ । ବଡ଼ ଢେଷମ କଥା । ମନେ ମନେ ବନ୍ଧୁଟାଙ୍କ ର rehearsal କରି ନେଉଥାଏ । ଯେତେ ଭାବିଲି କାଲି ସକାଳେ କାଗଜ ପତ୍ର ଗୁଡ଼ାକ ପୁଣି ଥରେ ଦେଖି ସାରି argumentଟା ଲେଖି ପକାଇ ମୁଖସ୍ତ କରିନେବି । ଦେଖାଇ ଦେବି ନୂଆ ଓକିଲର କରାମତିଟା ।

ସଞ୍ଜ ପାହିଲା । ମୁଁ ଦାନ୍ତ ଧୋଉଛି, ଅସି ପହଞ୍ଚିଲା ସେ ମାଇକିନା । ତାକୁ ଦେଖି ମୋର ମନର ଉଦ୍ବେଗ ଅନ୍ତର ବଢିଗଲା । ଗୋଟାଏ ବଡ଼ ଗମ୍ଭୀର "ହୁଁ—ଅସିଲୁ" ବୋଲି କହି ଦେଇ ଧଡ଼ପଡ଼ କରି ଉଠି ବାହାରିଲି ଅଫିସ ଘରକୁ । ସେଇଠୁ ସେ କହିଲା "ବାବୁ ଟିକିଏ ରହନ୍ତୁ ।"

ମୁଁ—କଣ କହୁଚୁ—ଅଜି ସବୁ ତାରିଖ—ଦେଖେ କାଗଜ ପତ୍ର ଗୁଡ଼ାକ—ଢେର କାମ ।

ସେ—ହଉ, ମୋ କଥା ଟିକେ ଶୁଣି ଯାଆନ୍ତୁ ।

ମୁଁ—କଣ, ଚଞ୍ଚଳ କହି ପକା ।

ସେ ମନ୍ଦ ମନ୍ଦ ହୋଇ କହିଲା "ବାବୁ ତମେ ମୋ ପାଇଁ ଢେର କଲଚ—

"ଓଃ, ତୋଠଉଁ କଣ ପ୍ରଶଂସା ଶୁଣିବାକୁ ମୁଁ ଚାହୁଁଛି—

"ନା ହିଁ, ଯେ—କଣକି—ଅପଣ ଯେତେ କଲେଣି—ଅଉ ଅପଣଙ୍କୁ କଷ୍ଟ ଦେବିନାହିଁ ।

ମୁଁ ବୋକା ହୋଇ ଛିଡା ହୋଇ ଯାଇ ତା ମୁହଁକୁ ବଲ ବଲ କରି ଗୃହିଁ ରହିଲି ।

ସେ କହିଲା "ଅପଣ ମୋପେଇଁ ଯାହା କରିଛନ୍ତି ଆଉ କେହି କରନ୍ତା ନାହିଁ—

ମୁଁ—ସେଥିରୁ କଣ ହେଲା ? ମୁଁ କଣ ତାର ମୂଲ ଖୋଜୁଛି ?

ସେ—ସେଇକଥା ତ କହୁଚି— ଅପଣ ପୋଲିସରେ ପୋଲିସରେ ହାତରୁ ଖରଚ କରି ଏତେ କରିଛନ୍ତି । ଅମ ଗାଁରେ ସବୁ କହିଲେ-ପୋଲି ଓକିଲରେ ମକଦ୍ଦମା ହୁଏ ନାହିଁ ।

ମୁଁ— ଓଃ, ତେବେ ତୁ ମୋତେ ପଇସା ଦବାକୁ ମନ କରୁଚୁ ପରା ! ପଇସା କଉଠୁ ପାଇବୁ ଯେ ?

ସେ— ଗାଈଟିଏ ଥିଲା—ତାକୁ ବିକି ନଅଟି ଟଙ୍କା ଅଣିଥିଲି—

ମୁଁ ହସି କହିଲି "ହଉ, ରଖିଥା ତୋ ଟଙ୍କା, ଖଲାସ କରି ଅଣିଲେ ନେବି ।

ସେ—ଖଲାସ ଯେ ହେଇ ପାରିବ ନାହିଁ ବାବୁ—ପୋଲିସରେ ଯେ କାମ କରନ୍ତି ତାଙ୍କର ବୁଦ୍ଧି ଅକଲ କମ—ସେ ଓକିଲ କେମିତି ଖଲାସ କରିବେ ?

ମୁଁ ଥମ୍ କରି ବସି ପଡ଼ିଲି । ସେ ପୁଣି କହିଲା "ମୁଁ କାଲି ବୋବାଇ ଏଠିକାର ବଡ଼ ଓକିଲ ମାଧ ବାବୁଙ୍କୁ କହିଛି, ସେ ମକଦ୍ଦମା ନବାକୁ ରାଜି ହେଇଛନ୍ତି କମ ଟଙ୍କାରେ ।

କଥା କହିବାକୁ ମନ କଲି ଯେ ତଣ୍ଟି ଖୋଲିଲା ନାହିଁ । ବହୁତ କଷ୍ଟରେ ବୁଝିଲି ୨ କହିଲି "ତେବେ ଏଠିକି କାହିଁକି ଅଇଲୁ ?

ସେ—"ଅପଣଙ୍କ ଦାନା ଖାଇଚି—ଉପକାର ପାଇଚି—ପଦେ କହି ନଗଲେ—ଇମିତି ନିମକହାରମା କାମ କରନ୍ତି ନା !

ଏତିକି କହି କୁହାଉଟିଏ ହୋଇ ସେ ଗ୍ଲିଗଲା । ମୋ ମୁଣ୍ଡ ସେତେବେଳକୁ ଚରକି ପରି ଘୂରୁଥିଲା । ଅଉ ଅଖିରେ ସୋରିଷ ଫୁଲ ଫୁଟି ଯାଉଥିଲା ।

ସେଠି କେତେବେଳ ଯାଏ ବସି ରହିଲି ମନେ ନାହିଁ । ସେବେଯାଁ ଅସି ଡାକି ଦେବାରୁ ଉଠି ଗାଧୋଇ ଗଲି । ଖାଇଲି ତ ନଅଁ ପାଇଁସ । ଇଚ୍ଛା ହେଲା ଦେହ ଖରାପ ବୋଲି ମନକୁ ଭୁଲାଇ ଶୋଇ ପଡ଼େଁ । ମାତ୍ର ଭାବିଲି ଶୋଇ ରହିଲେ ବେଶି କଷ୍ଟ ହେବ । ସଜବାଜ ହୋଇ କଚେରି ବାହାରିଲି । ଅଫିସ ଘରକୁ ପଶି ଯାଉଥିଲେ ମନେ ପଡ଼ିଗଲା ତା କେସର କାଗଜପତ୍ର କଥା । ସବୁ କାଗଜ ସେଲଫ ଉପରେ ବିଡ଼ା ବାନ୍ଧି ଥୋଇ ଦେଇଥିଲି ଅଗ ରାତିରେ ।

ସେତକ ବି ଉଡ଼ିଭେଇ ଯାଇଛି । ସେଦିନଠୁଁ ନିୟମ କଲି ଉପାସେ ମରିବି ପଛେ, ପୋଲିସରେ ଅଉ କେସ ନେବି ନାହିଁ । ଅଯି-ଯାକେ ସେ ପ୍ରତିଜ୍ଞା ରଖିଛି ।

( ୧ମ ପୃଷ୍ଠା ଉତ୍ତାରୁ )

## ବିଲୁଆ ବିଗ୍ରର ।

ଯୁକ୍ତ ପ୍ରଦେଶରେ ଯେଉଁ କଂଗ୍ରେସୀ ମନ୍ତ୍ରୀମଣ୍ଡଳୀ ଗଢା ହୋଇଛି, ତାହିଁ ମଧ୍ୟରେ ଜଣେ ପଣ୍ଡିତା ମହିଳା ଅଛନ୍ତି । ମାନ୍ଦ୍ରାଜରେ ମଧ୍ୟ ଜଣେ ମହିଳା ଉପ-ସଭା-ପତି (ନା ପତ୍ନୀ ?) ହୋଇଛନ୍ତି । ଏତେ ବଡ଼ ନୂଆ କଥାଟା ମାନ ଅଗ କରି କରିବାର ସମ୍ମାନ ସେମାନେ ମାରି ନେଲେ, ଅଉ ଅମ ନେତାଏ ଏତକ ବୁଦ୍ଧି କରି ପାରିଲେ ନାହିଁ ! ଅମ ଭିତରେ କଣ ଯୋଗ୍ୟା ନେତ୍ରୀର ଅଭାବ ଥିଲା ? ବିଲକୁଲ ବେରସିକ ଓଡ଼ିଆ ! Gallantry କେବେହେଲେ ଶିଖିବେ ?

× + +

ଶୁଣାଯାଉଛି କୁଅଡ଼େ ଜଣେ ଓଡ଼ିଆ ମେମ୍ବରାଣୀଙ୍କୁ ମନବୋଧ ହିସାବରେ Whip କାମ ଦିଆଯିବ । ଚାବୁକରେ ଅଭ୍ୟସ୍ତ ହାତର ଗୁହ୍ଲକର ଦାଉ କଂଗ୍ରେସ ମେମ୍ବରମାନେ ସହି ପାରିବେ ତ ? ଅନ୍ତତଃପକ୍ଷେ ଜଣେ ମହିଳାଙ୍କୁ ପାର୍ଲାମେଣ୍ଟାରୀ ସେକ୍ରେଟାରୀ କଲେ ପ୍ରଧାନ ମନ୍ତ୍ରୀଙ୍କ ଗୁଣଗ୍ରାହିତା ଜଣା ପଡ଼ନ୍ତା ଓ ନାରୀସମାଜର ମାନ ରକ୍ଷା ହେଲା ବୋଲି ଅମେ ଜାଣନ୍ତୁ ।

× + +

ଏଥରକା ରଥଯାତ୍ରାର ଦିନ ସେଦିନ ବହୁତ ଘାଣ୍ଟ ଘଟଣ ହୋଇଗଲା । ଅମେ ଭାବିଥିଲୁ ତା୯ରିଖରେ ରଥ ନ ହୋଇ ୧୦ ରେ ହେଲେ ହିନ୍ଦୁଧର୍ମ୍ମଟା ଉଠିଯିବ ପରା । ଜଗନ୍ନାଥ ମାହାପ୍ରଭୁଙ୍କର ବି ଏ ଯୁଗରେ କରାମତି ଗଲାଣି । ଅଗକାଳ ହୋଇଥିଲେ ଅପେ ଭସି ଅସି ରଥରେ ବସିଥାଅନ୍ତେ ୯ ତାରିଖ ଦିନ । ଯାହାହେଉ ଏହାଭିତରେ ବେଉପାରିଙ୍କର ମାର୍ଚ୍ଚପେଞ୍ଚ ଥିଲା ତାହା ଅଖି ନଥିଲା ଲୋକ ବି ବୁଝି ପାରିବ ।

Digitized by srujanika@gmail.com



# ଓଡ଼ିଆ ରେକର୍ଡର

## ଇତିହାସ

ଶ୍ରୀ କରୁଣଚନ୍ଦ୍ର ଘୋଷ

ଏଥର ଓଡ଼ିଆ ନାଟକ ଯାହା ଗ୍ରାମୋଫୋନରେ ବନ୍ଦ ହୋଇଛି, ସେ ସମ୍ବନ୍ଧରେ ପଦେ ଅଧେ କହିବି। ହିଜ ମାଷ୍ଟରସ ଭଏସ କମ୍ପାନି ପ୍ରଥମେ ସାହସ କରି ଓଡ଼ିଆ ନାଟକ ବାହାର କଲେ—ବାମନାବତାର। ଏହାଟି ଭଲ ଆଦର ପାଇଥିଲା। ତା ପରେ ବାହାରିଲା—ଧ୍ରୁବ ଚରିତ। ଏହା ମଧ୍ୟ ମନ୍ଦ ହୋଇ ନାହିଁ। ଏ ଦୁଇଟି ଯାକ ବାବୁ କୃଷ୍ଣ ପ୍ରସାଦ ବସୁଙ୍କ ରଚନା। ଏ କମ୍ପାନି ଏବେ "କୃଷ୍ଣଜନ୍ମ" ବାହାର କରିଛନ୍ତି। ଲେଖକ ବାବୁ ଅଦ୍ୱୟ କୁମାର ଦାସ। ଏହିଟି କେତେଦୂର ଭଲ ବା ମନ୍ଦ ହୋଇଛି ତାହା ଗ୍ରାହକେ ବିଚାର କରିବେ। ମେଗାଫୋନ କମ୍ପାନି ଯେ ସବୁ ବାହାର କରିଛି, ତନ୍ମଧ୍ୟରେ "କୋଣାର୍କ" ଉଲ୍ଲେଖ ଯୋଗ୍ୟ। ଅଶ୍ୱିନୀ ବାବୁଙ୍କର ଅମର ନାଟକ କୋଣାର୍କର ଯେ ଶେଷରେ ଏ ଦୁରବସ୍ଥା ହେବ ତାହା ସ୍ୱପ୍ନରେ କେହି ଭାବି ନଥିଲା। ରେକର୍ଡିଂ ତ ଭଲ ହୋଇନାହିଁ, ବରଂ ତରବର ହୋଇ ଅଷ୍ଟମ ବୃନ୍ଦ ସ୍କୁଲ ପିଲାଙ୍କ ଭଳି ଘୋଷାପାଠ ମୁଖସ୍ଥ ବୋଲି ଯାଉଛନ୍ତି। ମନେହୁଏ କିଛି କାଟିକୁଟି ଦେଇଥିଲେ ଅଧିକ ଜମି ଆସନ୍ତା।

ମେଗାଫୋନର ଖଣ୍ଡିକିଆ ରେକର୍ଡ ଧ୍ରୁବ ଓ ପ୍ରହ୍ଲାଦ କେତେକ ପରିମାଣରେ ସଫଳ ହୋଇଛି। ଏହାଙ୍କର କଳାପାହାଡ଼ ବାହାରିବ ଶୀଘ୍ର। ସେନୋଲାରେ ବାହାରିଛି "ଶ୍ରୀମନ୍ଦିର"। ଏହି ନାଟକଟି ସବୁଠାରୁ ଭଲ ହୋଇଛି। "କେଦାର ଗୌରୀ" ମଧ୍ୟ ବେଶ ସଫଳ।

ହିନ୍ଦୁସ୍ଥାନରୁ ବାହାରିଛି "ସୀତା ବିବାହ।" ଏହି ନାଟକଟି ଭଲ ହେବା ଦୂରେ ଥାଉ, ଓଡ଼ିଶାର ନାଟ୍ୟ କଳାକୁ ଜଗତ ସମକ୍ଷରେ ବଡ଼ ସ୍ଥାନ କରି ପକାଇଛି। ଏଥିପାଇଁ ଶ୍ରୀଯୁକ୍ତ ମୋହନ ସୁନ୍ଦର ଗୋସ୍ୱାମୀ ଓ ବାବୁ ପ୍ରିୟନାଥ ଗାଙ୍ଗୁଲି ଦାୟୀ।

ଆଉ ଗୋଟିଏ କଥା କହି ମୋର ବକ୍ତବ୍ୟ ଶେଷ କରିବି। ବିଗତ ଆଠବର୍ଷ ହେଲା ମୁଁ ଥିଏଟରଦଳ ସମ୍ପର୍କରେ ଥାଇ ଗୋଟାଏ କଥା ଲକ୍ଷ କରିଛି। କଥାଟା ମନକୁ ପୀଡ଼ା ଦିଏ। ଓଡ଼ିଆ ରେକର୍ଡର ଗାୟକମାନଙ୍କ ମଧ୍ୟରୁ ଅନେକେ ଥିଏଟର ଦଳରେ ଥାଇ କ୍ଲାରିଓନେଟ ବଜାନ୍ତି। ଫଳରେ ତାଙ୍କ ଫୁସ୍‌ଫୁସରେ ଅତିମାତ୍ରା ଆଘାତ ଲାଗି ତାକୁ ଦୁର୍ବଳ କରି ପକାଏ ଓ କଣ୍ଠନାଳୀ ମଧ୍ୟରେ ବରବରିକା (Granulation) ବାହାରି କଣ୍ଠ କର୍କଶ ହୁଏ ଓ ତାର ମଧୁରତା ନଷ୍ଟ ହୋଇଯାଏ। ଉନ୍ନତ ନାଟ୍ୟଦଳମାନଙ୍କରୁ ଏବେ ଅନ୍ୟଅଡ଼େ କ୍ଲାରିଓନେଟ ଉଠିଯାଇ ହାଡ଼ୀ ଡମଙ୍କ ହାତରେ ପଡ଼ିଲାଣି ଓ ତାର ସ୍ଥାନ ଅଧିକାର କଲେଣି ବେହେଲା ପ୍ରଭୃତି ତାରଯନ୍ତ୍ର! ଏବେବି ସମୟ ଅଛି। ଯେଉଁମାନେ ପ୍ରକୃତ ଗାୟକ ହେବାକୁ ଇଚ୍ଛାକରନ୍ତି ସେମାନେ ଯେପରି ବଂଶୀକୁ ପରିତ୍ୟାଗ କରନ୍ତି, ଏତିକି ମୋର ଶେଷ ଅନୁରୋଧ।

---

## ଗୁଡୁ ଗୁଡୁ

ଭଣ୍ଡାରୀ, ବାବୁଙ୍କ କ୍ଷୌର କରୁଁ କରୁଁ ଗୋଟାଏ ଭୟଙ୍କର ଡକାଏତି ଓ ଖୁନ କଥା କହିବାକୁ ଲାଗିଲା। ବାବୁ କହିଲେ "ଚୁପ୍ କର, ମୋ ଦେହର ଲୋମ ଟାଙ୍କୁରି ଉଠୁଛି ଆଉ ବାଳ ଛିଡ଼ା ହୋଇ ଯାଉଛି।" ଭଣ୍ଡାରୀ କହିଲା "ଆଜ୍ଞା ଆପଣଙ୍କ ବାଳ ଗୁଡ଼ାକ ଶୁଆ—ଛୁର ଗଳୁ ନାହିଁ। ଠିଆ ହେଲେ ସୁବିଧା ହେବ ବୋଲି ଏ କଥାଟା କହୁଚି ପରା।

# କଳାକମ

## ଚିଠାଉ

ଡଗର ସମ୍ପାଦକ ମହୋଦୟ,

ନୂଆ ଓଡ଼ିଶା ପ୍ରଦେଶରେ ଅର୍ଥକୁ ଖରଚ କଳେଇ ପଡୁଛି ବୋଲି ମନ୍ତ୍ରୀମାନଙ୍କର ବଡ଼ ଦୁର୍ଭାବନା। ନୂଆ ଟିକସ ନ କଲେ ଉପାୟ ନାହିଁ। ଏଣେ ଗରିବ ଦେଶରେ କାହା ଉପରେ ଟିକସ କରିବେ ତାର ବି ବାଟ ମିଳୁ ନାହିଁ।

ମୋ ମଗଜରେ ଏକ ଭଲ ବୁଦ୍ଧି ଆସିଛି। ଏ ଭଳି ବୁଦ୍ଧି ଖୋଲା ଖୋଲିରେ କହି ଦେବାର ନୁହେଁ। ତେବେ ଦେଶର ଉପକାର ପାଇଁ କହୁଛି। ତାହା ଏହି:—

ଏ ଟିକସର ନାମ ହେବ "ନେତା ଟିକସ।" ଯେଉଁମାନେ 'ନେତା' ସେହିମାନେ ଏ ଟିକସ ଦେବେ ବା ଯେଉଁମାନେ ଏ ଟିକସ ଦେବେ ସେହିମାନଙ୍କୁ ନେତା ବୋଲି କୁହାଯିବ।

ଯେ ଖାଲି ନିଶ ରଖିବେ ତାଙ୍କର ଦୁଇ ଟଙ୍କା, ଯାହାଙ୍କର ନିଶ ଦାଢ଼ୀ ଉଭୟ ଥିବ ତାଙ୍କର ପାଞ୍ଚଟଙ୍କା, ଯେ ସଭାରେ ହାତ ମୁହଁ ହଲାଇ ବକ୍ତୃତା ଦେବେ ତାଙ୍କର ପାଞ୍ଚ ଟଙ୍କା, ଯେ ଖବର କାଗଜରେ ଅପର ପକ୍ଷଙ୍କୁ ନିନ୍ଦା କରି ଲେଖିବେ ତାଙ୍କର ପାଞ୍ଚ ଟଙ୍କା, ଯେ ସାଧାରଣ ଚାନ୍ଦା ଉଠାଇ ନିଜେ ଜମିବାଡ଼ି ଓ କୋଠାବାଡ଼ି କରୁଥିବେ ତାଙ୍କର ଦଶ ଟଙ୍କା, ଯେ କୌଣସି ସଭାର ମେମ୍ବର ହୋଇ ଭତା, ଗସ୍ତଖର୍ଚ୍ଚା ପାଉଥିବେ ତାଙ୍କର ଦଶ ଟଙ୍କା।

ଏହି ସବୁ ଗୁଣମାନଙ୍କରୁ ଯାହାର ଯେତେ ବେଶି ଥିବ ସେ ସେତିକି ବଡ଼ ନେତା ବୋଲି ଧାର୍ଯ୍ୟ ହେବ ଓ ଯାହାର ସବୁ ଗୁଣ ଥିବା ହେତୁ ସର୍ବାଧିକ ଟିକସ ଦେବ ସେ ହେବ ନେତା ଶ୍ରେଷ୍ଠ।

ଦବାକୁ ମରିବାକୁ କେହି ଦୁଃଖ ପାଏ ନା। ମାତ୍ର ଏ ଟିକସ ଦେବାକୁ ସମସ୍ତେ ସୁଖ ପାଇବେ ଓ ବଳେ ପଶି ଦେବେ। ଏ ଟିକସର ରସିଦ, ନେତା ହେବାର ସାର୍ଟିଫିକେଟ।

ଆପଣଙ୍କର
ଶ୍ରୀ ସୁବୁଦ୍ଧି

Digitized by srujanika@gmail.com

( ୪ପୃଷ୍ଠା ଉତ୍ତାରୁ )

ଗୃହଁ ଦେଖିବା ଦେଉଁ ପ୍ରେତ ଘର ଭିତରେ ଡ଼ାଆଣି ଅଲଅ କାଲଛୁ ! କି ଭୀଷଣ !! ଏସେ ଏକ ନୁହେଁ –ଏକ, ଦୁଇ, ତନି ! ତନିଟା ଜୀବନ୍ତ ପ୍ରେତ !!! ଅପାଦ ମସ୍ତକ କୃଷ୍ଣବାସାବୃତ, ମୁହଁ ଅସ୍ୱାଭାବିକ ରଙ୍ଗା, ଛ'ଟା ଗୋଲ୍ ଗୋଲ୍ କୋଟରଗତ ଚକ୍ଷୁ ଅଗ୍ନି ବର୍ଣ୍ଣରେ ଠିକ ଜ୍ୱଳ ଚକଚକ୍ ଜ୍ୱଳୁଛୁ !!!!

ତନି ଗୁଟିଏ ମଦ ବୋତଲ ପ୍ରେତମାନଙ୍କ ସମ୍ମୁଖରେ ଥୁଆ ହୋଇଛୁ–ସବୁପାକ ବିଲାତ ମାଲ । ଗୋଟାଏ ରୁପାର ଗିଲାସ ବି ଅଛୁ ଅଉ ଗୋଟାଏ ମସ୍ତବଡ଼ ଥାଳରେ, ବୋଧହୁଏ ମାଂସର ତରକାରି ଥୁଆ ହୋଇଛୁ ବାସରୁ ଜଣା ପଡୁଛି । ବୋତଲ ମଧ୍ୟରୁ ଦୁଇଟା ଶୂନ୍ୟ ଗର୍ଭ ହୋଇ ତଳେ ଗଡୁଛି । ତୃତୀୟଟାରୁ ପ୍ରାୟ ଅର୍ଦ୍ଧେକ ଉଠି ଗଲଣି–ବାକି ଅର୍ଦ୍ଧେକ ଉପରେ ମାଡ଼ ଗୁଲଛି । ତୃତୀୟ ବୋତଲ ବି ଶୂନ୍ୟ ହୋଇଗଲା ଦେଖୁଁ, ଦେଖୁଁ–ମାଂସ ଥାଳ ବି ପ୍ରାୟ ଶୂନ୍ୟ–ଅଉ ଗୋଟାଏ ମାତ୍ର ବୋତଲ ବାକି ରହିଲା । ଅଯାଚତଃ ସେ ସେହିଟାକୁ ଫୁରସତ ଦେଇ ତନିଟା ପ୍ରେତ ସମଧିକ ରକ୍ତ ଚକ୍ଷୁ ଓ ନିଶା ଜଡିତ କଣ୍ଠରେ କଥା ଆରମ୍ଭ କରି ଦେଲେ । ଓଃ ! ନିଶା ଖିଅ-ଲରେ ସମୟ ସମୟରେ ଯେତେବେଳେ ତନିଟା ପ୍ରେତ ଏକାଠି ବିକଟ ଚିତ୍କାର କରି ଉଠୁଛନ୍ତି ସେତେବେଳେ କେତେ କାଳର ପୁରାତନ କୋଠା ସେ ନିନାଦରେ ସନ୍ତ୍ର ହୋଇ ଥର ଉଠିଲା ପରି ଜଣା ପଡୁଛୁ !

ଅମାବସ୍ୟା ରାତିର ଭୀଷଣ ଅନ୍ଧକାରକୁ ସାଥି କରି ବିଲ୍ ମଝିରେ କିଏ ଏ ନିର୍ଭୀକ ଦୁଇଜଣ ?––ଏଇ ଘର ଆଡ଼କୁ ଧାଇଁ ଆସୁଛନ୍ତି ପରି ! ପଳେଇ ଆସ ପାଠକ ! ଆଉ ଆମର ଏ ସ୍ଥାନରେ ଦରକାର ନାହିଁ "ଆପେ ବଞ୍ଚିଲେ ବାପର ନା !"

୧ମ ପ୍ରେତ—ଶଳା ସଦାଶିବଟା ପାଗଳହୋଇ ସବୁ ମାଟିକଲା ।

୨ୟ ପ୍ରେତ—ସାବାଡ଼ ନ କରି ଛାଡ଼ି ଦେବାଟା ବଡ ଭୁଲ୍ କାମ କରିଛ ତୁମେ ।

୧ମ ପ୍ରେତ—ଅରେ ମୁଁ କଣ ସେତେବେଳେ ସେଠି ଥିଲି କି ? ନଇଲେ ଝିଅଟା ଯାଆନ୍ତା କୁଆଡ଼େ ଯେ ଏତେକଥ ହୁଅନ୍ତା । ଏଇ ଆମର ଗୁଣଧର ( ତୃତୀୟକୁ ଦେଖାଇ ) ସବୁ କଥାରେ ତରବର–ଦେଲେ ହୁକୁମନାମା ଛାଡି କି ମାଷ୍ଟ ପକାଅ ସେହିଟାକୁ, ପୁଣି ଭାର ଦଅଗଲା ତାର ସାଙ୍ଗୀ ହାତରେ ତାକୁ ହତ୍ୟା କରିବାକୁ । ନିର୍ବୁଦ୍ଧିଆ ବୁଢ଼ା ଓଲୁ !

୩ୟ ପ୍ରେତ—ଓହ୍ଃ, କଣ ?—ଆମେ ହୁକୁମ ଦବୁଁ, ହୁକୁମ-ତାମିଲ କରିବାଲା କାଲପାଚ ବୁଝିଁ ସିନା କାମ କରିବା ମୋର ଦୋଷ କଣ—ଏଁ ଗୃକର—

୧ମ ପ୍ରେତ—ଥାଉ, ଥାଉ; ନିଜ ବୁଦ୍ଧିର ଧ୍ୱଜା ଆଉ ଉପରକୁ ବେଶୀ ଟେକ ନାହିଁ । ଦୁନିଆ ସାରା ଯେ ତାର ଫଡ଼ ଫଡ଼ ନାଦରେ ମୂର୍ଚ୍ଛା ଯିବେ !

୨ୟ ପ୍ରେତ—ଲେକ ପଗ୍ରା ପଠା ହୋଇଥିଲା—କଣ ହେଲା ?

୧ମ ପ୍ରେତ—ଲେକ ବି ପଠେଇ ଥିଲେ ଆମର ଗୁଣଧର ! ଶଳା ବାଛି ବାଛି ବଜ୍ରମୂର୍ଖ ପାଇକ ପରି ପାଞ୍ଚଟା । ଗୁରୁର ଉପରେ ପୁଣି ବାଟରେ ବାଟପାଡ଼ା ହେଇଛି !

୨ୟ ପ୍ରେତ—କେମିତି ?

୧ମ ପ୍ରେତ—ସେ ଝିଅ ଦିଟାକୁ ଧରିଥିଲେ ଘମୁକା ବଣ ଭିତରେ ବାଟରେ ଅଣୁଁ ଅଣୁଁ ଗୋଟାଏ ଧୋବଧୋବଲିଆ ଟୋକାର ତୋଡ଼ ଦେଖି ଛ'ଟାଯାକ ଚ୍ଛୁ ! ହଇ ହେ ଗୁଣ-ଧର ! ଆମର କଣ ପଠାଣ ନ ଥିଲେ ?—ଡାଡ଼-କାମୁଡ଼ା କୁକୁର ପରି ସେ ବଣ ଭିତରେ ଟୋକାଟାର ତଣ୍ଟି ଚିପି ଚଛରେ ଝୁଲେଇ ଦେଇ ଆସି ଥାନ୍ତେ ସେମାନେ । ତା ହୋଇଥିଲେ ସବୁ ଶଳା ଶାଳୀଙ୍କି ସାବାଡ଼ କରିଦେଇ ଏତେ ବେଳକୁ ଅଉ ବୋ ୪ ତଲ ଉଡ଼େଇ ଥାନ୍ତି । ମୋର ବେଶି ଡ଼ର ହଉଛି । ଟୋକା ଦିଟା ଯଦି ପୁଲିସ ହାତରେ ପଡିଥାନ୍ତି ତେବେ ସବୁ ପେଣ୍ଡ ଫିଟିଯିବ । ଅମେ କେହୁ ବଞ୍ଚା ପାଇପାରିବା ନାହିଁ ।

୨ୟ ପ୍ରେତ—ଅରେ ମରିବା ନାଁ ଅମେ ମରିବୁଁ ଦ'ଜଣ । ତୁମର ତ' କୋଉ କାମରେ ଖୋଲା ଖୋଲି ଭାବରେ ନାମ ନେଇ ନାହିଁ । ତୁମେ ଯେ ବଡ଼ ଗୁଣିଆ । ତୁମର ପାହାରରେ ଯେ ସାପ ମରିବ ଅଥଚ ବାଡ଼ି ଭାଙ୍ଗିବ ନାହିଁ ।

୧ମ ପ୍ରେତ—ତୁମେମାନେ ଧରା ପଡ଼ିଲେ ପୁଲିସ ମାଡ଼ରେ କଣ ମୋର ଗୁପ୍ତ ପେଣ୍ଡ ନ ଫିଟାଇ ଛାଡିବ ।

୨ୟ ପ୍ରେତ—ମର ଗଲେ ବି ତା ହେବ ନାହିଁ । ପୁଲିସର 'ବେଲବାଡ଼'ଠୁଁ ତୁମର ଦାଉଆ ଚକକୁ ଆମର ଭୟ ବେଶୀ ।

ତୃତୀୟ ପ୍ରେତ ବାକି ବୋତଲଟାରୁ କିଛ ମଧ୍ୟରେ 'କର୍କ' ଫିଟାଇ ଦେଲେ । ପୁଣି ସମସ୍ତେ ମିଶି ତେଣ୍ଟା ଶେଷ କରି ପକାଇଲେ । ଗୃହ ବୋତଲ ପାର କରି ଝୁଡା ଏମାନଙ୍କର

Digitized by srujanika@gmail.com

ଦେହର କେଣେ ବି ଚିହ୍ନ ନାହିଁ । ପୁଣି ଦରଜାର । ଅଦ୍ଭୁତ ସେଠି ନାହିଁ, ଦ୍ୱିତୀୟ ଦୁଆର ପିଟାଇ ଗୋଦାମକୁ ଅଣିବାକୁ ଚାହାଁଲେ । ଗୋଦାମଟା ବାଙ୍କିଶ ବଣ ସେପାରି ବୋଲି 'ହଁ' ବନ୍ଧୁକଟାଏ ହାତରେ ଧଇଲେ ।

ଦୁଆର ପିଟାଇବା ମାତ୍ରେ ଅନ୍ୟ ଦୁଇ ଜଣ ଚୋର କବି ଘର ଭିତରକୁ ୨ୟ ପ୍ରେତକୁ ଠେଲିଦେଇ ପଶି ଆସିଲେ । ତିନି ପ୍ରେତ ସହିତ ଦୁଇଟା ମନୁଷ୍ୟର ଘୋର ଯୁଦ୍ଧ ହେଲା ସେହି ଘର ଭିତରେ । ଯୁଦ୍ଧ ହେଉଁ ହେଉଁ ଆକ୍ରମଣକାରୀ ଦୁଇଜଣ ଯେମିତି ଘର ମଝିକି ଚାଲି ଆସିଛନ୍ତି ଦ୍ୱିତୀୟ ପ୍ରେତ ହଠାତ୍ ଧାଇଁ ଯାଇ ପଶ୍ଚିମ ଦିଗସ୍ଥ କାନ୍ଥ ମୂଳରେ ସବଳେ ପଦାଘାତ କଲା; ହଠାତ୍ ଘର ମଝିଟା ତଳକୁ ଧସି ଗଲା, ଆକ୍ରମଣକାରୀ ଦ୍ୱୟ ପାତାଳ ପୁରୀକି ଖସି ପଡ଼ିଲେ । ସଙ୍ଗେ ସଙ୍ଗେ କାନ୍ଥ ଦୁଇ ପଟରୁ ଦୁଇଟା ସିମେଣ୍ଟ ଛାତ ଲେହିଁଆ ଆସି ଧସା ସ୍ଥାନର ଉପରେ ଠିକ ଯୋଡ଼ି ଖାଇ ଲୁଚିଗଲା । ଘରର ମଝିଟା ଯେ ଧସି ଯାଇଥିଲା ତାହା ଆଉ କେହି ଅନୁମାନ କରି ମଧ୍ୟ ପାରିବେ ନାହିଁ ।

ପ୍ରେତ ତିନିଜଣ ଆକ୍ରମଣକାରୀ ଦ୍ୱୟଙ୍କୁ ସେହି ଭୌତିକ-ଘରେ ଜୀବନ୍ତ ସମାଧି ଦେଇ ପ୍ରସ୍ଥାନ କଲେ । ଘଣ କର୍ପୂର ଅତ୍ୟଧିକ ଉନ୍ମାଦନାରେ ବୋଧହୁଏ, ତିନି ପ୍ରେତ ପୈଶାଚିକ ନୃତ୍ୟ କରି କରି ବିକଟ ହାସ୍ୟରବରେ କର୍ଦ୍ଦମ ଧାନ୍ୟକ୍ଷେତ୍ର ଭେଦି କରି କରି ମଞ୍ଜୁଶ୍ରୀ ରେଲ ଷ୍ଟେସନ ଅଭିମୁଖରେ ପ୍ରସ୍ଥାନ କରିଥିଲେ । ରାତି ସେତେବେଳକୁ ତୃତୀୟ ପ୍ରହର ଅତୀତ ପ୍ରାୟ ।

## (୧୫)

ପ୍ରେତ ତ୍ରିମୂର୍ତ୍ତି ଆକ୍ରମଣକାରୀ ଦୁଇ ଜଣଙ୍କୁ ସେହି ଭୌତିକ ଗୃହ ଗର୍ଭରେ ଜୀବନ୍ତ ସମାଧି ଦାନ କରି ପ୍ରସ୍ଥାନ କଲା-ବେଳେ ଘଣ କର୍ପୂର ବିକଟ ଉନ୍ମାଦନା ହେତୁ ହେଉ ବା ମତ୍ତତା ଜନିତ ଭ୍ରମ ହେତୁ ହେଉ ଦୁଆରରେ କୁଞ୍ଚି ପକାଇ ଦେଇ ଯିବାକୁ ଏକାବେଳକେ ଭୁଲି ଯାଇଥିଲେ । ଯାହାହେଉ ସେ ଘର ଆଡ଼କୁ ଦିବା ଭାଗରେ ମଧ୍ୟ କେହି ଆସିବାକୁ ସାହସ କରନ୍ତି ନାହିଁ । ରାତିବେଳ କଥା ନାହିଁ ! ସ୍ଥାନଟି ପ୍ରାୟ ସମସ୍ତେ ଜାଣନ୍ତି ସେଠାକୁ ଗଲେ ମୃତ୍ୟୁ ନିଶ୍ଚୟ !!

ପ୍ରେତମାନେ ସେ ସ୍ଥାନ ପରିତ୍ୟାଗ କରିବାର ଅର୍ଦ୍ଧଘଣ୍ଟା ପରେ ଜଣେ ଦୀର୍ଘକାୟ ଜୀର୍ଣ୍ଣ ଦେହ ପ୍ରୌଢ଼ ଭଦ୍ରଲୋକ ହଠାତ୍ ସେହି ଘରର କବାଟଟା ଆସ୍ତେ ବେଗରେ ଖୋଲି ଦେଇ ଚତୁର୍ଥ ପ୍ରେତ ସର 'ଅବିନାଶମନ୍ତ୍ର' ଘର ଭିତରକୁ ବାହୁଡ଼ି ପଶିଗଲା । ଘରେ ପ୍ରବେଶ କରି ଅନ୍ଧକାର ହେତୁ ହେଉ ବା କ୍ଳାନ୍ତି ହେତୁ ହେଉ ଘରର ପଶ୍ଚିମ ଦିଗସ୍ଥ କାନ୍ଥ ଉପରେ ଭୀଷଣ ଭାବେ ପିଟି ହୋଇଗଲା । ହଠାତ୍ ଘର ମଝିର ମେଝିଆଟା ଦୁ'ପାଖକୁ ଲୁଚି-ଗଲା; ସେହି ସଙ୍ଗେ ସଙ୍ଗେ ମନୁଷ୍ୟ କଣ୍ଠର 'ଗୀଁ, ଗୀଁ' ଶବ୍ଦ ଅଗ-ନ୍ତୁକର କର୍ଣ୍ଣରେ ବାଜିଲା ! ଘରେ ଭୀଷଣ ଅନ୍ଧକାର କିନ୍ତୁ ବାହାରେ ସେତେବେଳକୁ ପ୍ରାୟ ଫରସ ଫାଟି ଗଲାଣି । ଅଗନ୍ତୁକ ଦୁଆରଟା ଭଲ କରି ଖୋଲି ଦେବାରୁ ଘର ଭିତରଟା ଟିକିଏ ଫର୍ଚ୍ଚା ଦିଶିଲା—ଅଗନ୍ତୁକ ତଥାପି ଅନୁମାନ କରି ପାରୁ ନାହାନ୍ତି ଯେ କେଉଁଠାରୁ ଆସୁଛି । ପୁଣି ପକା ମେଝିଆଟା ଏପରି ଆଁ କରି ରହିଛି ! ଏକି ଭୌତିକ କାଣ୍ଡ !!—ଅଗନ୍ତୁକ ପ୍ରଥମେ ସାମାନ୍ୟ କମ୍ପି ଉଠିଥିଲେ କିନ୍ତୁ ପର କ୍ଷଣରେ ସାହସ ଲୁଣ୍ଠେଇ ଭଲ କରି କାନ ପାରି ଶୁଣି ବୁଝି ପାରିଲେ ଶବ୍ଦଟା ସେହି ମେଝିଆ ତଳୁ ବାହାରୁଛି ।

ସେ ଘର ଭିତରେ ଅନ୍ୟ କିଛି ତ' ନ ଥିଲା ମଦ ବୋତଲ ଗିଲାସ ବ୍ୟତୀତ । କାହାକୁ ଅବଲମ୍ବନ କରି ତଳେ ଓହ୍ଲାଇବେ ? ଅନ୍ଧକାର ମଧ୍ୟରୁ ପାଇଲେ ତଳେ ବିଛା ହୋଇଥିବା ଖଣ୍ଡେ ସତରଞ୍ଚି ଓ ତା ଉପରେ ବିଛା ହୋଇଥିବା ଖଣ୍ଡେ ଦଫା ଗୁଦଡ଼ି ।

କ୍ଷିପ୍ର ହସ୍ତରେ ସେହି ବିଛଣା ଗୁଦଡ଼ିଟା ଚିରିଫାଳି କରି ଖଣ୍ଡ ଖଣ୍ଡ ଯୋଡି ଦଉଡ଼ି ପରି କରି ଦୁଆର କୁହୁଣ୍ଡା ଦେହରେ ବାନ୍ଧି ଅନ୍ୟ ପ୍ରାନ୍ତଟା ଧରି ତଳକୁ ଓହ୍ଲାଇ ପଡ଼ିଲେ । ଭିତରେ ଅନ୍ଧାରି ଅନ୍ଧାରି ଦେଖିଲେ ଦୁଇଟି ଲୋକ ପଡି 'ଗୀଁ ଗୀଁ' ହେଉ-ଛନ୍ତି—ବୋଧହୁଏ ଶ୍ୱାସ ରୋଧ ହେଉଛି । ଗୋଟାଏ ଟର୍ଚ୍ଚ ମଧ୍ୟ ଜଣଙ୍କ ହାତରୁ ପାଇଲେ, ସେଇଟା ତାଙ୍କୁ ସେ ଅବସ୍ଥାରେ ବେଶ୍ ସାହାଯ୍ୟ କଲା । ଗର୍ତ୍ତଟା ପ୍ରାୟ ସାତ ଫୁଟ ଗଭୀର । ଦୁଇଟା ଲୋକଙ୍କୁ ନେଇ ସେହି ବନା-ଦଲା ଦଉଡ଼ି ସାହାଯ୍ୟରେ ଉଠିବା ପ୍ରାୟ ଅସମ୍ଭବ ସେଥିହେତୁ କଣ କଣ କରି ସେମାନଙ୍କୁ ଉପରକୁ ଉଠାଇ ଆଣିଲେ । ଗୋଟାଏ ପାଣି କଳସି ଘରେ ଥିଲା । ସେଥିରୁ ପାଣି ଆଣି ଉଭୟଙ୍କ ମୁଣ୍ଡରେ, ଆଖିରେ ଛାଟ ଦେବାରୁ ଧୀରେ ଧୀରେ ତାଙ୍କର ଜ୍ଞାନ ସଞ୍ଚାର ହେଲା, ସେତେବେଳକୁ ସକାଳ ହୋଇ ଆସିଲଣି । ତିନିଜଣ ଯାକ ତାର ପରେ ସେହି ଘରୁ ବାହାରି ଧୀରେ ଧୀରେ ମଞ୍ଜୁଶ୍ରୀ ଷ୍ଟେସନ ଅଭିମୁଖରେ ପ୍ରସ୍ଥାନ କଲେ ।

ବାଟରେ ଯାଉଁ ଯାଉଁ ଗାଡ଼ି ମଧ୍ୟରେ ପଡ଼ିଥିବା ଲୋକ-ଦ୍ୱୟଙ୍କ ମଧ୍ୟରୁ ଅଳ୍ପ ବୟସ୍କ ଜଣକ ସେମାନଙ୍କର ଉଦ୍ଧାର କର୍ତ୍ତାଙ୍କୁ ପ୍ରଶ୍ନ କଲେ "ମହାଶୟଙ୍କର ନାମ କଣ ସଦାଶିବ ବାବୁ ?"

[କ୍ରମଶଃ]

Digitized by srujanika@gmail.com



# ନାଗବଗା ଦଳ

ହେ ପିଲେ,

ତମ ଭିତରୁ ବହୁତ ଇସ୍କୁଲରେ ପଢୁଥିବ ନିଶ୍ଚେ । ଅଚ୍ଛା, ତମର ଏଇଯେ ଗ୍ରୀଷ୍ମଛୁଟି ହୋଇଥିଲା, ସେଥିରେ ଗାଁକୁ ଯାଇଥିବ ତ? ଗାଁରେ ଯାଇ କଣ କଣ ଭଲ କାମ୍ କରିପାରିବବି? ମୁଁ ଜାଣେ, କେହି କହିବ ନାହିଁ । କାରଣ କଣ ଜାଣ ? କାରଣଟା ଏଇଯେ ଛୁଟିଟା ଯାକ ଫୁର୍ତ୍ତି କରି ଉଡ଼େଇ ଦେଇଥିବ । ପାଠ ତ ପଢ଼ିଥିବ ଯାହା, ତା ମା ବାପୁଳୀ ଜାଣନ୍ତି । ଖାଲି ତାସ, ବନଶୀ, ଇତ୍ୟାଦିକ । ଆଉ ବଡ଼େ ବଡ଼େ ଭୋଜନ ଓ ଦ୍ରବ୍ୟ ଶପ୍ପନ । ହାୟରେ, ଆମର ସେ ଦିନ କୁଆଡ଼େ ଗଲା ! ପୁଣି ଥରେ ପିଲା ହୁଅନ୍ତି କି ତମର ପରି— ଦେଖନ୍ତି କାହାକୁ କେତେ ଫୁର୍ତ୍ତି ମାରି ଅଟେ ।

ୟୁରୋପ ପ୍ରଭୃତି ଦେଶର ପିଲାଏ ଏପରି ଛୁଟି ପାଇଲେ କଣ କରନ୍ତି ଜାଣ ? ସେମାନେ ବି କମ ମଉଜ କରନ୍ତି ନାହିଁ । ଏକା ତମ ଆମ ଭଳିଆ ଅଳସୁଆ ମଉଜ ତାଙ୍କୁ ଭଲ ଲାଗେ ନାହିଁ । ଏ ସମୟରେ ସେ ଅବଶ୍ୟ ବହି ଘୋଷନ୍ତି ନାହିଁ—କିନ୍ତୁ ଫୁର୍ତ୍ତି ଭିତରେ କେତେ କଥା ଶିଖି ପକାନ୍ତି ଓ କେତେ କାମ ହାସଲ କରି ନିଅନ୍ତି । ସେମାନେ ପ୍ରାୟ ଏ ବେଳରେ ବାହାରକୁ ବୁଲିବାପାଇଁ ଚାଲି-ଯାଆନ୍ତି ମେଳ ହୋଇ । ଏକାଏକା ପର-ଗାଁଅରେ ପର ସହରରେ ବୁଲିଲେ କେତେ କଣ ଦେଖା ହୁଏ, କେତେ କଥା ଶିଖା ହୁଏ ତାହା କହିଲେ ସରିବ ନାହିଁ । ତମେ ଯଦି ସେହିପରି ପାଞ୍ଚ ସାତ ଜଣଖାଏ ମିଳି ବୁଲି ବାହାରି ଥାଆନ୍ତ, ତମର ଆନନ୍ଦ କି ଭଣା ହୋଇ ନ ଥାନ୍ତା । ତା ପରେ ଜାଣି ଥାଆନ୍ତ କେତେ କଥା । ଏଥର ଅଡ଼ାର କଥା ମନେ ରଖି-ଥିବ ତ ଆରଥରକୁ ପରୀକ୍ଷା କରି ଦେଖିବ । ଖରଚ ପାଇଁ ଡରିବ ନାହିଁ । ମନ ଥିଲେ, ଉତ୍ସାହ ଥିଲେ, ସେଥିପାଇଁ ଅଟକି ଯିବ ନାହିଁ କିଛି । ଯେ ତାହା କରି ନ ପାରିବ ସେ ତ ଆପଣା ଗାଁଅରେ କେତେ କାମ କରି-ପାରେ । ସମିତିଟିଏ ଗଢ଼ି ଓ ତାହା ସାଙ୍ଗରେ ଆପେ ମିଶି ସେ କରି ପାରିବ ଗାଁଅର ବାଟ ବନ୍ଧା, ମଇଳା ସଫା, ଜଙ୍ଗଲ କଟା, ନାଳ ଖୋଲା, ଦଳ କଟା—ଏହିପରି କେତେ କେତେ ଭଲ କାମ । ପୁଣି ଲୋକଙ୍କୁ ବୁଝାଇ ସେ କ୍ଲବ କି ଲାଇବ୍ରେରୀଟିଏ କରାଇ ପାରେ—ସାମାନ୍ୟ ଭାବରେ । ସେଠିକି ପାଖ ଜଣ ଆସିବେ, ପାଞ୍ଚ କଥା ଶୁଣିବେ, କହିବେ, ବହି, ଖବର କାଗଜ ପଢ଼ିବେ ଇତ୍ୟାଦି । ଏହା ଦ୍ୱାରା ଦେଶର, ଜାତିର, ସମାଜର, ଗ୍ରାମର କେତେ ଉନ୍ନତି ହୋଇ ପାରିବ କହିଲ ! ଆଉ ପିଲା ଦିନରୁ ଏ କାମ କରି ତମେ ନିଜେ ବି ବଡ଼ କାଳକୁ 'ଜଣେ' ହୋଇ ପାରିବ । ଲୋକେ ତ ମାନିବେ, ଆପଣା ମନ ବି ମାନିବ ।

ଏଥର ଏତିକି । ଗ୍ରୀଷ୍ମଛୁଟିରେ କରେ ସମସ୍ତ କଟାଇଲ ତାହା ଲେଖି ଅକାରରେ ଲେଖି ମୋ ଠାକୁ ପଠାଇଲେ, ଯଦି ଭଲ ହୋଇ-ଥିବ, ତେବେ ତାହା ମୁଁ ଉଗରରେ ଛପାଇବି ।

ପ୍ରିୟ ଅଜା ।

ପ୍ରିୟ ନାତୁଣୀଏ,

ଗୋଟାଏ ଜଳଖିଆ ତିଆରି ଶିଖେଇ ଦେବି, ଯଦି କହିବ ଅଜାକୁ ଦେଖାଏ ଦେବ ଦେଖିବୁ ଚମତ୍କାର । ପତୁରୁ ବା ଅମୃତମଣ୍ଡା ଫଳ ଆମ ଦେଶରେ ବହୁତ ହୁଏ । ନଫସଲରେ କେହି ପଚାରନ୍ତି ନାହିଁ ତାକୁ । ପାଚିଲେ ଯାଇ ଖାଆନ୍ତି । କେତେକଙ୍କୁ ପତୁରୁ ଗନ୍ଧାଏ । ମାତ୍ର ପତୁରୁ ଦେହକୁ ବଡ଼ ହିତ । ଶୁଣ:—

କଞ୍ଚା ପତୁରୁ ଛଡ଼ାଇ, ମଞ୍ଜି କାଢ଼ି ପାଣିରେ ସିଝାଇବ । ସିଝିଲେ ପାଣି ଗାଳି ଦେବ । ତା ପରେ ଘିଅ ଦେଇ ଖୁବ୍ ଚକଟିବ । ତହିଁ ଉପରୁ ଧୀରେ ଧୀରେ ଦୁଧ ଢାଳିବ ଓ ପରେ ଚିନି ପକାଇ ଘାଣ୍ଟିବ । ଶେଷରେ ଡାଲଚିନି ଓ ଅଳେଇଚ ଗୁଣ୍ଡ ଛିଞ୍ଚି ଦେବ । ଏହାକୁ ପତୁରୁର ମୋହନ ଭୋଗ କହନ୍ତି । ଯେମିତି ସୁଆଦ ସେମିତି ସ୍ୱାସ୍ଥ୍ୟକାରୀ । ନିଶ୍ଚୟ ଖାଇବ । ତୋର

ପ୍ରିୟ ଅଜା ।

## ନାଗବଗ୍ର କିଏ ?

ଷୋଳ ବର୍ଷରୁ ଅଧିକ ବୟସ ହୋଇ ନ ଥିବା ଯେ କୌଣସି ବାଳକ ବାଳିକା ନାଗବଗ୍ର ଦଳର ମେମ୍ବର ହୋଇପାରିବେ । ପ୍ରବେଶିକା ଫିସ୍ ଏକଅଣା ମାତ୍ର ।

ମେମ୍ବର ମାନଙ୍କର ଉତ୍ତର ଗ୍ରାହକ ହେବା ଦରକାର ।

ମେମ୍ବରମାନେ ପରସ୍ପର ମଧ୍ୟରେ ଖବର ଆଦାନ ପ୍ରଦାନ କରିପାରିବେ ଓ ଭଲ ଛୋଟ ଲେଖା ପଠାଇଲେ 'ପ୍ରିୟ ଅଜା" ତାହା ଉଗରରେ ଛପାଇବେ ।

## କୁତୁ କୁତୁ

ସ୍ୱାମୀ, ସ୍ତ୍ରୀ ଓ ପିଲା ସାଙ୍ଗ ହୋଇ ରେଲରେ ଯାଉଥିଲେ । ଟିକେଟ କଲେକ୍ଟର ପିଲାଟିର ଟିକେଟ ମାଗିବାରୁ ବାପ ଉତ୍ତର ଦେଲା ଯେ ସେ ତାର ବର୍ଷରୁ କମ ଥିବାରୁ ଟିକେଟ ଲାଗିବ ନାହିଁ । ଟିକେଟ ବାବୁ କହିଲେ "ଏତ ବାର-ବର୍ଷ ପରି ଦେଖା ଯାଉଛି ।" ତହୁଁ ତାର ବାପ କହିଲା "ମୁଁ ତ କମା ଗ୍ୟାରି ବର୍ଷ ହେଲା ବାହା ହୋଇଛି ।"

Digitized by srujanika@gmail.com

( ୨ ପୃଷ୍ଠା ଉତ୍ତାରୁ )

### ଓଡ଼ିଶା ଖବର

ଗତ ଜୁଲାଇ ତା ୨୮ ଋଖରେ ଓଡ଼ିଶା ବ୍ୟବସ୍ଥାପକ ସଭାର ପ୍ରଥମ ବୈଠକ ହେଲା । ଶ୍ରୀଯୁକ୍ତ ମୁକୁନ୍ଦପ୍ରସାଦ ଦାସ ସଭାପତି ଓ ଶ୍ରୀଯୁକ୍ତ ନନ୍ଦକିଶୋର ଦାସ ଉପ-ସଭାପତି ନିର୍ବାଚିତ ହେଲେ । ଅଉ କେହି ପ୍ରତିଦ୍ୱନ୍ଦୀ ନ ଥିଲେ ।

× × ×

ପାରଳା, କନକା, ଖଲିକୋଟ, ଓ ଖଡିଅଲର ନରପତିମାନେ ମେମ୍ବର ହୋଇଥିଲେ ସୁଦ୍ଧା ସେଦିନ ସଭାରେ ଯୋଗ ଦେଇ ନାହାନ୍ତି । କେଉଁ ଦୁଃଖରେ ?

× × ×

ଇତିମଧ୍ୟରେ କମିଟିମାନ ଗଢ଼ା ହୋଇ ପ୍ରଜାସ୍ୱତ୍ୱ, ସ୍ୱାୟତ୍ତ ଶାସନ ଦେବୋତ୍ତର ଅଇନ ପ୍ରଭୃତିର ସଂଶୋଧନରେ ଲାଗି ଗଲେଣି ।

× × ×

କଂଗ୍ରେସୀ ମନ୍ତ୍ରୀମାନେ ଚୋଦନ୍ ରାଜବନ୍ଦୀ ମାନଙ୍କ ଖଲାସ, କେତେକ ସମିତି ଉପରୁ ବାରଣ ଲୋପ, କେତେକ ଖବର କାଗଜଙ୍କ ବ୍ୟାରିଷ୍ଟ୍ରି ଟଙ୍କା ଓ୍ୟାପସ ଓ ବାସନ ରଦ୍ଦ, ବେଙ୍କ ଏଡ୍‌ୟାଡ଼ ମୁଲତବି ଇତ୍ୟାଦି କରିଦେଇ ଚମକାଇ-ଦେଲେଣି । ସାବ୍ବାସ !

× × ×

ଓଡ଼ିଶା ଅସେମ୍ବ୍ଲିର ପ୍ରଥମ ବୈଠକ ବେଳେ ସଭାପତିଙ୍କ ହୁକୁମରେ ସେଇଠି ବନ୍ଦେ ମାତରମ୍ ଜାତୀୟ ସଙ୍ଗୀତ ମେମ୍ବରମାନେ ଗାଇଲେ । ସେଠି ଯେତେ ଲୋକ ଥିଲେ, ସମସ୍ତେ ଠିଆ ହେଲେ । ହେଲେ ନାହିଁ ଏକା ଡଇଜଣ ସାହେବ କର୍ମଚାରୀ । ଦେହ କେତେକ ସନ୍ଦେହ !

× × ×

### ବିଦେଶୀ ଖବର

ବିଲାତ ସରକାର ସ୍ପେନର ବିଦ୍ରୋହୀ ଦଳଙ୍କୁ ଏବେ ଯୋଦ୍ଧା ଦଳ ବୋଲି ମାନିଲେଣି । ଏହାର ଅର୍ଥ ତାଙ୍କୁ ଓ ତାଙ୍କ ବିପକ୍ଷଙ୍କୁ ଗୋଟିଏ ଗୋଟିଏ ସରକାର ବୋଲି ସ୍ୱୀକାର କଲେ । ଅଗି ଯୁଦ୍ଧ ଆଉ କେତେ ଦିନ ରହିବ ?

\+ + +

## ଆପଣଙ୍କ ଜନ୍ମ ଅଗଷ୍ଟ ମାସରେ କି ?

ଅଗଷ୍ଟରେ ଯାହାଙ୍କର ଜନ୍ମ ହୋଇଥିବ ସେ ସ୍ୱାଧୀନଚିନ୍ତାଶୀଳ ଓ ବୁଦ୍ଧିମାନ ହୁଅନ୍ତି । ଅଧିକା ମନକୁ ସେ ଯାହା କରି ଯାଆନ୍ତି ପ୍ରାୟ ତାହା ଠିକ ହୁଏ । ନିଜର ବୁଦ୍ଧି, ବିବେଚନା ଓ ପ୍ରତିଭା ଖଟାଇ ସେମାନେ ଜୀବନରେ ସଫଳତା ଲାଭ କରନ୍ତି । ସେମାନେ ପ୍ରାୟ ଖୁସ୍‌ମିଜାଜୀ ଲୋକ ହୁଅନ୍ତି ଓ ଭଲ କଥାକୁ ଖୁବ ପାଆନ୍ତି ।

ଏମାନଙ୍କର ସ୍ୱଭାବ କଡ଼ା ହୋଇ ଥାଏ ସୁତରାଂ ଅଳ୍ପ ସଂଯମ ଦରକାର । ଏମାନେ ଆପଣାର ଦାୟିତ୍ୱ ନେଇ ବହୁ ବ୍ୟସ୍ତ ହୋଇଥାନ୍ତି । ଏହାଙ୍କ ଜୀବନର ଆଦର୍ଶ ଖୁବ୍ ଉଚ୍ଚ ଓ ମହତ୍ତ୍ୱ ହୋଇଥାଏ । ଏମାନେ ଶୀଘ୍ର ରାଗି ଯାଆନ୍ତି ମାତ୍ର ଶୀଘ୍ର ପରର ଅନିଷ୍ଟ କରନ୍ତି ଓ ପରକୁ କ୍ଷମା ମଧ୍ୟ କରନ୍ତି ।

ପ୍ରତି ମାସର ୯ ଓ ୧୪ ତାରିଖମାନଙ୍କରେ ଏମାନେ ସତର୍କ ରହିବା ଉଚିତ ।

ଶ୍ୱାସଯନ୍ତ୍ରର ଦୁର୍ବଳତା, ହୃଦ୍‌ରୋଗ, ଭୟାନକ ଜ୍ୱର ଏମାନଙ୍କର ପ୍ରଧାନ ରୋଗ ।

ରବିବାର ଏମାନଙ୍କର ଶୁଭ ଦିବସ । ମର୍କତ ଓ ହୀରକ ଏହାଙ୍କର ଶୁଭ ରତ୍ନ । ୫ ଓ ୭ ଏମାନଙ୍କର ଶୁଭ ସଂଖ୍ୟା । ସବୁଜ, ଲାଲ ଓ ବାଦାମୀ ରଙ୍ଗକୁ ଏମାନେ ଭଲ ପାଆନ୍ତି ।

ସେପ୍ଟେମ୍ବର ବା ଡିସେମ୍ବର ମାସରେ ଜନ୍ମ ହୋଇଥିବା ବର ବା କନ୍ୟାକୁ ଏମାନଙ୍କର ବିବାହ କରିବା ବିଧେୟ ।

(ବୃହସ୍ପତି)

ସଂଗ୍ରାମୀ ଦେଶରେ ଅର୍ଥ ସଙ୍କଟ ଉପସ୍ଥିତ ହୋଇଛି । ଏବେଣଡ଼ ଯୁଦ୍ଧ ଦରିଆଙ୍ଗାମ ଉଥରର ସୀମା ନାହିଁ !

\+ + +

ବେଲ୍‌ଜିଅମର ରଣ ମନ୍ତ୍ରୀ ଫ୍ରାନ୍ସରେ ବକ୍ତୃତା ଦେଇଛନ୍ତି ଯେ ଅମ ଦେଶ ବାଟେ କୌଣସି ସେନା ଦଳଙ୍କୁ ଅସିବାକୁ ଛାଡ଼ିବୁଁ ନାହିଁ । ଅଉ ଜର୍ମାନକୁ ଡର କଣ ?

\+ + +

ରୁଷିଅର ଭୂତପୂର୍ବ ନେତା ଟ୍ରଟ୍‌ସ୍କି ବର୍ତ୍ତମାନ ମେକ୍‌ସିକୋରେ ରହି ପୁଣି ଦଳ ଗଢ଼ୁଛନ୍ତି । ସେ ରୁଷ ସରକାରର ବିରୋଧୀ ।

ହସାଇବ ମନ୍ତ୍ରି ହବ **ଉଗର** ରସାଇବ ହେଲାଇବ

ଉଗର ପ୍ରତି ପକ୍ଷରେ ଥରେ ବାହାରିବ ।

ବାର୍ଷିକ ମୂଲ୍ୟ ଡାଓଟି ଟଙ୍କା ଅଗ୍ରୀମ ପଠାଇଲେ ଉଗର ବର୍ଷେ କାଳ ଆପଣଙ୍କ ଦ୍ୱାରରେ ବାର ଥର ପହଞ୍ଚୁ ଥିବ ।

ଟଙ୍କାଟିଏ ଦେଇ ଆପଣ ଯେ କୌଣସି ମାସରୁ ଛମାସିଆ ଗ୍ରାହକ ହୋଇ ପାରିବେ ।

(ସ୍କୁଲ ଛାତ୍ରମାନଙ୍କ ପାଇଁ ୫ ୧୨)

ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।

କଲିକତା ଉତ୍କଳ ଯାଦବ ସମିତିର ସମ୍ପାଦକ ଶ୍ରୀଯୁକ୍ତ ଗୋକୁଳଚନ୍ଦ୍ର ଦାଶ ଯାଦବ ଲେଖି ଅଛନ୍ତି:—

କେନ୍ଦ୍ରାପଡ଼ା ସବଡିଭିଜନର ଖଣ୍ଡାୟତ ଓ ଅନ୍ୟାନ୍ୟ ଜାତି ଯାଦବମାନଙ୍କ ଉପରେ ଯେଉଁ ଅତ୍ୟାଚାର କରୁଛନ୍ତି ତାହା ତଦନ୍ତ କରି ନିଷ୍ପତ୍ତି କରିବାର ଭାର ଶ୍ରୀଯୁକ୍ତ ଯଦୁମଣି ମଙ୍ଗରାଜ ଓ ଶ୍ରୀଯୁକ୍ତ ଲୋକନାଥ ମିଶ୍ର ଏମ୍, ଏଲ, ଏମାନେ ଗ୍ରହଣ କରି ଥିବାରୁ ଅମ୍ଭେ ଆନନ୍ଦ ପ୍ରକାଶ କରୁଅଛୁଁ ଓ ସୁବିଚାର ପାଇଁ ଅନୁରୋଧ କରୁଅଛୁଁ ।

ଓଡ଼ିଶାର ପ୍ରଧାନ ମନ୍ତ୍ରୀ ମୁସଲମାନ ଅଭିନନ୍ଦନ ଉତ୍ତରରେ ଯାହା କହି ଅଛନ୍ତି ତାହା ଜାଣି ଉତ୍କଳ ଯାଦବ ସମିତି ଆଶାନ୍ୱିତ ହୋଇ ଅଛନ୍ତି ଓ ଭଦ୍ରକ-କେନ୍ଦ୍ରାପଡ଼ାରେ ଯାଦବମାନଙ୍କ ପ୍ରତି ଯେଉଁ ଉତ୍ପୀଡନ ହେଉଅଛି ତହିଁର ପ୍ରତିକାର ନିମନ୍ତେ ମନ୍ତ୍ରୀମାନଙ୍କର ଦୃଷ୍ଟି ଆକର୍ଷଣ କରୁ ଅଛନ୍ତି ।

—୦—

Printed and Published at the Gopinath Press, Bhadrak,—and by Editor, N. Mahapatra.

Digitized by srujanika@gmail.com

REG. NO. P-441

THE DAGARO.



# ଉତ୍କଳର ଘରେ ଘରେ ପ୍ରବେଶ କରୁଛି !

| କାନ୍ତକବି<br>ଲକ୍ଷ୍ମୀକାନ୍ତଙ୍କ<br>**ବୁକୁ ରକ୍ତରେ ଲେଖା**<br>**ଜୀବନ ସଙ୍ଗୀତ** | ହଜାର ହଜାର ତରୁଣ ତରୁଣୀ ଆଦର କରି ଡଗର ପଢ଼ୁଛନ୍ତି ।<br>ଲୋକେ ଜାଣିଲେ ସିନା ବେପାର ବଢ଼ିବ ।<br>**ବିଜ୍ଞାପନ ବେପାରର ମୂଳ ।** | ଜାତୀୟ କବି<br>ଲକ୍ଷ୍ମୀକାନ୍ତଙ୍କର<br>**ଅନଳ ଉଦ୍ଗାର**<br>**ଦୁନ୍ଦୁଭି** |
|---|---|---|

ଡଗରରେ ବିଜ୍ଞାପନ ଦେଇ ଆପଣଙ୍କ ବେପାର ଉନ୍ନତ କରନ୍ତୁ ।

| ଚକଚକିଆ ରଙ୍ଗଢଙ୍ଗିଆ<br>ଛବି ବହି<br>**ଚିଡ଼ିଆ ଖାନା**<br>ପାଞ୍ଚଅଣା | ସୁନ୍ଦର ଗୀତବହି<br>**ସୁନାପୁଅ**<br>ପୁଅ ହାତରେ ଦିଅନ୍ତୁ ।<br>ଦୁଇ ଅଣା | ମନ ଭୁଲାଣୀ ଗୀତବହି<br>**କୁମାରୀ**<br>ଝିଅ ହାତରେ ଦିଅନ୍ତୁ ।<br>ଛଅ ଅଣା |
|---|---|---|

(କଟକ, ଗୋପିନାଥ ପ୍ରେସ ଓ କଟକର ସମସ୍ତ ବଡ଼ ବଡ଼ ଦୋକାନରେ ମିଳେ ।)

Digitized by srujanika@gmail.com

ଶ୍ରାବଣ ଦ୍ୱିତୀୟାର୍ଦ୍ଧ

୧ମ ବର୍ଷ

୬ଷ୍ଠ ସଂଖ୍ୟା




ନବ ରାମାୟଣ ।

ଭାଗ୍ୟଦୋଷ ।




"ଖିଲାଫତ୍, ଅସହଯୋଗ, ସତ୍ୟାଗ୍ରହ, ହରିଜନ, ଖଦି ଔଷଧ ଖୁଆଇ
ସ୍ୱାଧୀନତାକୁ ବଞ୍ଚାଇ ପାରିଲି ନାହିଁ । ଏବେ 'ମନ୍ତ୍ରୀତ୍ୱ'ର
ଇନ୍‌ଜେକ୍‌ସନ୍ ଦେଇ ଦେଖେଁ
ଫଳ କଣ ହେଉଛି ... ... ... 'ଡାକ୍ତର'



# ବିଲୁଆ ବିଚାର

[ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, ନିର୍ଦ୍ଦୋଷ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଉଗରର ମୁଖ୍ୟ ଉଦ୍ଦେଶ୍ୟ ।]

## ସମ୍ପାଦକୀୟ

**ମ**ଣିଷ ମାଉଁସ ଥରେ ପାଟିରେ ଲାଗିଲେ, ବାଘକୁ କୁଆଡ଼େ ଆଉ କିଛି ରୁଚେ ନାହିଁ । ମନ୍ତ୍ରିତ୍ୱର ସ୍ୱାଦ ଥରେ ଯେ ପାଇଛି ତାକୁ ଅରଜ, ଜବାବ ରୁଚିବ କେମିତିକେ ? ଏଥିପାଇଁ ଆମର ଜଣେ ଗଳାପଟିଆ ମନ୍ତ୍ରୀ ଏ ଦୁଆର ସେ ଦୁଆର ହୋଇ ? ଶେଷ ସ୍ୱର୍ଗରେ ବାଳ ଛିଣ୍ଡାଇ ମଲେଣି । ତାହା ଦେଖି ବରମପୁରର ଜାତୀୟ-ଦଳର ମୁଖପତ୍ର ପ୍ରଜାବନ୍ଧୁ ଦଳ ଅବଶୋଷରେ ଗୁଡ଼ାଏ ଓକିଲ ପକାଉଛନ୍ତି । ଆମେ କହୁ "ହେ ବନ୍ଧୁ ଦୁଃଖ କରନା—ଦୁନିଆର ଦସ୍ତୁର ଏହିୟା । କଥାରେ ଅଛି 'ସବୁ ଗଛ ଲଗେଇବ—ମଣିଷଗଛ ଲଗେଇବ ନାହିଁ' ।"

* * *

ଓଡ଼ିଶା କୋ-ବେଙ୍କ ମାନଙ୍କର ଯେଉଁ ଶୋଚନୀୟ ଅବସ୍ଥା ସେଥିରେ ସେ ସବୁ ବେଶୀଦିନ ଚଳିବା ଦୁଷ୍କର । କେବଳ ଏଓୟାଡ଼ କୋଙ୍କ ନିଲାମ କରି ପାଣି ହାତ ଢେଲ ହାତ କରି ଚଳୁଛନ୍ତି । ଏଣେ ଲୋକେ ହଇରାଣ ଓ ସର୍ବସ୍ୱାନ୍ତ ହେବାର ଜାଣି କଂଗ୍ରେସୀ ମନ୍ତ୍ରୀ ଆସନ୍ତା ଡିସେମ୍ବର ତକ୍ ଏଓୟାଡ଼ ବନ୍ଦ କରି ଦେଇ ଅଛନ୍ତି । ଏଥିରେ ଅଣ୍ଡ ଫଳଟା ହେବ ଯେ ବେଙ୍କ-ଗୁଡ଼ାକ ଏକଦମ୍ ଅଚଳ ହୋଇ ପଡ଼ିବେ । ଅଉ ଯେଉଁ ଡିପୋଜିଟରମାନେ ଟଙ୍କା ଫେରସ୍ତ ମାଗୁ ଥିଲେ ତାଙ୍କୁବି ଜବାବ ଦେବାକୁ ଗୋଟାଏ ବାଟ ମିଳିଲା । ସବୁ ତ ହେଲା—ଏକା ଆମେ ଖାଇବୁଁ କଣ ବୋଲି କେତେକ ବେଙ୍କ କର୍ମଚାରୀ ବାହୁନା ଧରି-ଲେଣି । ଆମେ କହୁଁ, "ବାବୁ, ଅନେକ ଖାଇ ଖାଇ ବଦହଜମ ଧରିଛି—ଏବେ କିଛିଦିନ ଲଂଘନ ଦିଅ ।

"ଅଜୀର୍ଣ୍ଣେ ଲଂଘନଂ ପଥ୍ୟଂ"

* * *

ଏଥରକାର ମହାନଦୀ ବଢ଼ିଟା ଯେପରି ଗୋଟାଏ ଅହନ୍ତା ରଖି ହୋଇଗଲା । ଅଉ ବର୍ଷେ ଅପେକ୍ଷା କରିଥିଲେ କଣ ଚଳନ୍ତା ନାହିଁ ? ଇତ ମଧ୍ୟରେ କଟକରେ ରାଜଧାନୀ ହେବା କଥାଟା ଫଇସଲ୍ ହୋଇ ସାରିଥାନ୍ତା ତାହାହେଲେ । ତେଣିକି ବଢ଼ିଟା ପଛେ ଯେତେ ଇଚ୍ଛା ସେତେ ହଉଥାଉ । ଯେଉଁ ପକ୍ଷ ଏହି ବଢ଼ିର ଦୋହାଇ ଦେଇ କଟକରେ ରାଜଧାନୀ ହେବାକୁ ବାଧା ଦେଉଥିଲେ ତାଙ୍କର ପୋ'ବାର ପଡ଼ିଗଲା । କଟକ ପକ୍ଷ ବାଲାଙ୍କର ମୁହଁ ଟିକିଏ ଭଲପଟ ହୋଇଗଲା ପରି । ଏଣିକି ବାରଙ୍ଗ-ନାରଙ୍ଗ, ଖୋରଧା-ଶରଧା, ତ୍ରୈଦୁଆର-ବହାର, ରଙ୍ଗେଇଲୁଣ୍ଡା-ଶତାପାଣ୍ଡ୍ର ସବୁ ଚେଙ୍ଗେଇ ଉଠିବେ ଥୋକାଏ ଥୋକାଏ । କିନ୍ତୁ କଟକ ଛଟକରୁ ଅଟକ କରିପାରିବା ସହଜ ନୁହେଁ ।

* * *

ଏଇକ୍ଷଣି ଦୁନିଆରେ ଏପରି ଗୋଟାଏ ପ୍ରେମର ଢେଉ ଖେଳୁଛି ଯେ ଗୁରୁଅଡ଼େ ଘୋଡ଼ା ମଇଁଷି, ସାପ ନେଉଳ, ସଉତୁଣୀ ସଉତୁଣୀ କୋଳାକୋଳି, ଢଳାଢଳି, ଗଳାଗଳି ଆରମ୍ଭ କରି ଦେଲେଣି । ଏଥିରେ ମଣିଷର ଅକ୍ତିଆର ନାହିଁ—ଯୋଗ ଯୋଗର କଥା । ବିଲାତରେ ପ୍ରଧାନ ମନ୍ତ୍ରୀ କୁଆଡ଼େ ମୁସୋଲିନୀଙ୍କ ଠାକୁ ପ୍ରେମପତ୍ର ଦେଇଛନ୍ତି । ଆମ ବଡ଼ଲାଟ ସ୍ୱୟଂ ଗାନ୍ଧିଜୀଙ୍କୁ ଡକାଇ ପ୍ରେମାଳାପ କରିସାରିଛନ୍ତି ।

**ଆ**ମ କଂଠ ଦାସେଁବ ସେଦିନ ପବିତ୍ର ଶ୍ରୀକ୍ଷେତ୍ର ଧାମରେ ପ୍ରଧାନ ମନ୍ତ୍ରୀ ବିଶ୍ୱନାଥଙ୍କ ଗଳାରେ ଫୁଲମାଳ ଦେଇ ମଧୁର ମିଳନ କଲେ । ମାହାର୍ଦ୍ଧ ଶୀତଳ ତୁଣ୍ଡି ଥିଲାକି ନା ସେକଥା ଜଣା ନାହିଁ । ଯାହାହେଉ ଏସବୁ ଲକ୍ଷଣ ଶୁଭ, ସନ୍ଦେହ ନାହିଁ । ମାତ୍ର ଏହା କେଉଁ ଗ୍ରହ ସାଙ୍ଗରେ କେଉଁ ଗ୍ରହର ଯୋଗ ହେଉଥିରୁ ଘଟୁଛି ତାହା ଏକା ବାରକୋଲି ମହାପାତ୍ରେ କହି ପାରିବେ ।

* * *

**ମ**ହାତ୍ମା ଗାନ୍ଧିଙ୍କ ପରାମର୍ଶ ଅନୁସାରେ ମନ୍ତ୍ରୀମାନେ ସବୁ ଅବକାରୀ ପଦାର୍ଥ ବନ୍ଦ କରିବାର କଥା ଶୁଣି ଚଳବଲେଶ୍ୱର ମହା-ଦେବଙ୍କ ସେବାୟତ ଓ ଭକ୍ତମାନେ ଭାରତେଶ୍ୱରୀ ମହାରାଣୀଙ୍କ ଠାକୁ ଏକ ଦର-ଖାସ୍ତ ଗଠା କରୁଛନ୍ତି । ଶିନାଥପୁର ଶ୍ରୀ ପଞ୍ଚାନନ ମହାପାତ୍ରେ ଓକିଲ ଆଇନ, ନଜିର ମୁକାବିଲା କରି ଏହାର ମୁସାବିଦା ରେ ଲାଗିଛନ୍ତି । ଆମ ଖବର କାଗଜରେ ଏଥିର ଆନ୍ଦୋଳନ ଚଳାଇବା ପାଇଁ ଆମ ପାଖକୁ ଏକ ପତ୍ର ଓ ଏକମାତ୍ର ତର୍ପଣ ଆସିଥିବାରୁ ଆମେ ଏକଥା ଜାଣିଲୁ । ଦରଖାସ୍ତର ପ୍ରଧାନ ପଏଣ୍ଟ ଏହିଯେ ଏତଦ୍ୱାରା ପବିତ୍ର ହିନ୍ଦୁ ଧର୍ମରେ ହସ୍ତକ୍ଷେପ କରାହେଉଛି । ଗଞ୍ଜେଇ ଓ ଭାଙ୍ଗ ଉଠିଗଲେ ମହାଦେବପୂଜା ଚଳିବ ନାହିଁ, ଶିନାଥମେଳା, ପଞ୍ଚାନନମେଳା, ସପ୍ତା ଓଗେର ଉଠିଯିବ ଇତ୍ୟାଦି ।

**ଆ**ମେ ଏଥିସହିତ କୃଷିବିଭାଗ ମନ୍ତ୍ରୀ ଓ କୃଷକ ସଙ୍ଘର ଦୃଷ୍ଟି ଆକର୍ଷଣ କରୁଅଛୁଁ । ଧାନଗଛ ଉଠାଇ ଦେଇ ଗଞ୍ଜା ଚାଷ କଲେ କୃଷକକୁଳ ଅଧିକ ଲାଭବାନ ହେବେ ଓ ଦେଶ ଆତ୍ମନିର୍ଭରଶୀଳ ହେବ ।

ଏ ପ୍ରସଙ୍ଗରେ କାଳୀଭକ୍ତମାନଙ୍କୁ ଉପ-ଦେଶ ଦେଉଛୁଁ କି ସେମାନେ ତାଙ୍କର ପ୍ରଧାନ ମ-କାରର ରକ୍ଷା ନିମନ୍ତେ ଏବେଠୁ-ବେଳୁଁ ଯତ୍ନବାନ ହୁଅନ୍ତୁ ।

(ଖୋଲପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ଖବର ଅନ୍ତର



## ଓଡ଼ିଶା ଖବର

ପ୍ରବୀଣ ମେମ୍ବର ଶ୍ରୀଯୁକ୍ତ ଜଗନ୍ନାଥ ଦାସ ଏମ୍, ଏ, ଏମ, ଏଲ୍, ଏ, ମହାଶୟ ଓଡ଼ିଶା ବ୍ୟବସ୍ଥାପକ ସଭାର କଂଗ୍ରେସ ଦଳର ସେକ୍ରେଟର ନିଯୁକ୍ତ ହୋଇଛନ୍ତି ।

* * *

ନୂଆ କଂଗ୍ରେସ ମନ୍ତ୍ରୀମାନେ ଗାନ୍ଧିଜୀଙ୍କ ବରାଦ ମୁତାବକ ମାଦକ ଦୋକାନ ଉଠାଇବାର କାମ ଶ୍ରୀଗଣେଶ କଲେଣି । ଅନୁଗୁଳରେ ପ୍ରଥମ ପରୀକ୍ଷା ଚାଲିବ ।

ନିଶା ଖିଆଙ୍କ ଭେକାଳ ବୁଡ଼ିଲା ।

* * *

ପୁରୀରେ ପ୍ରଧାନ ମନ୍ତ୍ରୀଙ୍କୁ ପହୁଅର କରି ସହର ବାହାରେ ବୁଲାଇ ଥିଲେ ଓ ସିଂହଦ୍ୱାରରେ କୋଡ଼ିଏ ହଜାର ସରିକି ଲୋକ ଜମା ହୋଇ ସଭା କରିଥିଲେ ।

* * *

ପ୍ରଧାନ ମନ୍ତ୍ରୀ ହୁକୁମ ଦେଇଛନ୍ତି କି ଏଣିକି ପୁଲିସବାଲା ଆଉ ରିପୋର୍ଟ ଲେଖିବା ପାଇଁ ସାଧାରଣ ସଭାମାନଙ୍କରେ ପାଦ ଧୂଳି ପକାଇବେ ନାହିଁ ।

* * *

ଶୁଣାଯାଏ ବାଲେଶ୍ୱର ପୁଣି ବନ୍ଦର ହେବ । ଜଣେ ଧାନ ବେପାରି ସେଠ ଲୋଖାନି ବନ୍ଦର ତିଆରିର ଖରଚ ଦେବେ । ବାଲେଶ୍ୱର ଭାଗ୍ୟ ଫେରିଲା କି ?

* * *

କଟକ ମ୍ୟୁନିସିପାଲିଟି ନିର୍ବାଚନରେ କଂଗ୍ରେସ ପକ୍ଷୀୟ ପ୍ରାର୍ଥୀମାନେ ଅଧିକ ସଂଖ୍ୟାରେ ନିର୍ବାଚିତ ହୋଇଛନ୍ତି । ବାକି ଜ୬ଣ ସରକାର ମନୋନୀତ କରିବେ । ବର୍ତ୍ତମାନ କଂଗ୍ରେସ ସରକାର ଥିବାରୁ ସେମାନେ ନିଶ୍ଚୟ କଂଗ୍ରେସ ଦଳ ସହିତ ଏକମତ ହେବେ । ଅତଏବ କଟକ ମ୍ୟୁନିସିପାଲିଟିର ଶାସନ ଯେ କଂଗ୍ରେସ ଦଳ ହାତରେ ରହିବ ଏହା ସୁନିଶ୍ଚିତ ।

* * *

ମହାନଦୀ, କାଠଯୋଡ଼ିରେ ଭୀଷଣ ବନ୍ୟା ହୋଇଗଲା । ଏତଦ୍ୱାରା କଟକ ଓ ପୁରୀ ଜିଲ୍ଲାର ବହୁ ଅଞ୍ଚଳ ଧୋଇ ଯାଇଛି । ସମ୍ବଲପୁରର ଅବସ୍ଥା ମଧ୍ୟ ଭୟାବହ ।

* * *

ରାୟ ବାହାଦୁର ଲୋକନାଥ ମିଶ୍ର ପୁରୀର ସର୍କାରୀ ଓକିଲ ରୂପେ ପୁର୍ନନିଯୁକ୍ତ ହୋଇଅଛନ୍ତି ।

କଂଗ୍ରେସ ମନ୍ତ୍ରୀଙ୍କ ଉଦାରତା ।

* * *

## ଦେଶ ଖବର

ମହାତ୍ମା ଗାନ୍ଧୀଙ୍କୁ ଆମନ୍ତ୍ରଣ କରି ବଡ଼ଲାଟ ସାହେବ ଦିଲ୍ଲୀରେ ଖୁସବାସ କରୁଛନ୍ତି ।

* * *

'କଳାପାଣି ପାରି' ଆଣ୍ଡାମାନ ଦ୍ୱୀପରେ ଥିବା ରାଜନୈତିକ ବନ୍ଦୀ ପ୍ରାୟ ୨୫୦ ଜଣ ଉପାସ ରହୁଛନ୍ତି; ତାଙ୍କ ଦରଖାସ୍ତ ଶୁଣା ଗଲା ନାହିଁ ବୋଲି ।

* * *

ଏଥିପାଇଁ ବଡ଼ଲାଟ ସଭାଠାରୁ ବଙ୍ଗଳାର ଛୋଟଲାଟ ସଭାଯାକେ ଆନ୍ଦୋଳନ ଲାଗିଛି । କୋଡ଼ିଏ ଡାକ୍ତର ପଠା ଯାଇଛନ୍ତି ଉପବାସୀମାନଙ୍କୁ ହେପାଜତ କରିବା ସକାଶେ ।

* * *

ବଙ୍ଗ ନେତା ସୁଭାଷ ବୋଷ ସେଠା ଲାଟଙ୍କୁ ଲେଖିଛନ୍ତି କି ଏ ବନ୍ଦୀମାନଙ୍କୁ ବିନା ସର୍ତ୍ତରେ ଛାଡ଼ି ଦେଲେ ସେ କଂଗ୍ରେସ ତରଫରୁ ନିରୁପଦ୍ରବତା ସପକ୍ଷରେ ଜବର ପ୍ରଚାର ଲଗାଇବେ ।

* * *

ଶୁଣାଯାଏ ଡା: ଖାଁ ସାହେବ ସୀମାନ୍ତ ପ୍ରଦେଶରେ ପ୍ରବେଶ ଅଧିକାର ପାଇ ସେଠି କଂଗ୍ରେସୀ ମନ୍ତ୍ରୀଦଳ ଗଢ଼ିବେ ।

* * *

ମାନ୍ଦ୍ରାଜ ପ୍ରଧାନ ମନ୍ତ୍ରୀ ସାଲେମ ଜିଲ୍ଲାରେ ମଦ ଦୋକାନ ବିଲକୁଲ ଉଠାଇ ଦେବାର ହୁକୁମ ଦେଇଛନ୍ତି । କ୍ରମେ କ୍ରମେ ଅନ୍ୟ ଜିଲ୍ଲାରେ ଏହା ହେବ ।

* * *

ମାନ୍ଦ୍ରାଜ ମନ୍ତ୍ରୀ ମଣ୍ଡଳୀ ସବୁ ସରକାରୀ ଚାକିରିଆମାନଙ୍କୁ ଏକ ଆବେଦନ ଜଣାଇଛନ୍ତି କି ସେମାନେ ଆପଣା ଇଚ୍ଛାରେ ନିଜର ଦରମା କମାଇ ଦିଅନ୍ତୁ ଓ ଖଦଡ଼ ପିନ୍ଧନ୍ତୁ । ଦେଖାଯାଉ ।

* * *

## ବିଦେଶୀ ଖବର

ଚୀନ-ଜାପାନ ମଧ୍ୟରେ ଲଢ଼େଇ ଲାଗି ଥିବାରୁ ଚୀନ ସରକାର ଜାପାନୀ ମୁଲକରେ ଥିବା ଚୀନ ବାସୀମାନଙ୍କୁ ନିଜ ଦେଶକୁ ଫେରି ଆସିବା ପାଇଁ ହୁକୁମ ଦେଇଛନ୍ତି । ଏଥିରୁ ଜଣାଯାଏ ଲଢ଼େଇ ଘମାଘୋଟ ଲାଗିବ !

* * *

ତେଣେ ସ୍ପେନରେ ଯେଉଁ ଲଢ଼େଇ ଚାଲିଛି ତହିଁରେ ଜାତୀୟ (ବିଦ୍ରୋହୀ) ଦଳ ପ୍ରାୟ ଜିତା ପଟ ଧରିଲେଣି । ସମ୍ଭବ ରାଜଧାନୀ ମାଦ୍ରିଦ ସହର ଶୀଘ୍ର ଦଖଲ କରିବେ ।

* * *


ହସାଇବ ମଜ୍ଜାଇବ **ଡଗର** ରସାଇବ ହେଜ୍ଜାଇବ

ଡଗର ପ୍ରତି ପକ୍ଷରେ ଥରେ ବାହାରିବ ।

ବାର୍ଷିକ ମୂଲ୍ୟ ଦଓଟି ଟଙ୍କା ଅଗ୍ରୀମ ପଠାଇଲେ ଡଗର ବର୍ଷେକାଳ ଆପଣଙ୍କ ଦ୍ୱାରରେ ବାଡ଼ି ଧରି ପହଞ୍ଚୁଥିବ ।

ଟଙ୍କାଟିଏ ଦେଇ ଆପଣ ଯେ କୌଣସି ମାସରୁ ଛ ମାସିଆ ଗ୍ରାହକ ହୋଇ ପାରିବେ ।

(ସ୍କୁଲ ଛାତ୍ରମାନଙ୍କ ପାଇଁ ଟ୧୷)

ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।


ଆମ ରଜା-ରାଣୀ ଅୟୁରଲାଣ୍ଡର ଖାସ ମୁଲକ ଅଲଷ୍ଟରକୁ ଅଭିଷେକ—ଦିଗ ଭ୍ରମଣରେ ଯାଇ ଥିଲେ । ସେଠି ଦୁଷ୍ଟ ଲୋକେ ସେହି ଉତ୍ସବ ବେଳରେ କଷ୍ଟମ ହାଉସରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଓ ଗୋଟାଏ ଖୋଲ ଡ଼ିନାମାଇଟରେ ଉଡ଼ାଇ ଦେଇ ସ୍ୱାଗତ କରି ଦେଲେ ।

* * * *

(ଷୋଳପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ବହୁରୂପୀ



**କାହାଣୀ**

ପୂର୍ବାଂଶ:—

× × × ×

ବୀଣା ବାଉଲ ବେଶରେ ଆସିଥିବା କୌଣସି ଛଦ୍ମବେଶୀ ଦ୍ୱାରା ଅପହୃତ । ନାଏବ ନୂତନ ସମ୍ବାଦ କହନ୍ତି ।

ଜମିଦାରଙ୍କ ଘରେ ଜମିଦାର ଓ ନାଏବ ବାବୁଙ୍କ ଗୁପ୍ତ ପରାମର୍ଶ ବନବିହାରୀ ବାବୁ ଛକି ଶୁଣିଲେ ।

ଦୁଇଟି ଯୁବତୀଙ୍କୁ ଡକାଏତମାନେ ବାଟରେ ଧରି ନେଉ-ଥିବା ବେଳେ ନବୀନ ତାଙ୍କୁ ଉଦ୍ଧାର କରି ଜଙ୍ଗଲ ଭେଦ କରି ଗଲେ ଓ ବନବିହାରୀ ବାବୁଙ୍କ ଜିମା କଲେ । ସଦାଶିବ ପାଗଳ ହୋଇଗଲେ । ତାଙ୍କ ଘରୁ ଆସି ଜିମା କରି ନେଲେ ବୃନ୍ଦାବନର ବୈରାଗୀ ନାରାୟଣ ବାବୁ । ରାତିରେ ଗୋଟାଏ ଜାଗାଟିଆ ଘରେ ଡକାଏତମାନେ ମଦ ପିଉଥିବା ବେଳେ ବନବିହାରୀ ଓ ନବୀନ ସେମାନଙ୍କୁ ଆକ୍ରମଣ କରନ୍ତେ ଅଦ୍ଭୁତ କୌଶଳ ଦ୍ୱାରା ସେମାନେ ପାତାଳ ଗର୍ତ୍ତରେ ବନ୍ଦୀ ହୋଇଗଲେ । ସଦାଶିବ ହଠାତ୍ ଆସି ସେମାନଙ୍କୁ ଉଦ୍ଧାର କଲେ ।

ଲେଖକ:—ଶ୍ରୀ ପଣ୍ଡି[illegible] ମୋହନ [illegible]ଣ୍ଡୀ

ସଦାଶିବ—ମୁଁ ଆପଣଙ୍କୁ ବୋ-ବେବା ଚିହ୍ନା ଚିହ୍ନୁଛି—ଆପଣଙ୍କ
ଘର କଳାକାରେ ନା ? ଆପଣ ପୁଲିସ ଇଲାକାରେ କାମ
କରନ୍ତି ବୋଧହୁଏ—ନାମ ନବୀନ ବାବୁ ନା କଣ ।

ନବୀନ—ଆଜ୍ଞା ହଁ ।

ସଦାଶିବ—ଇଏ ମହାଶୟ—

ନବୀନ—ମୋର ବନ୍ଧୁ, ଡିଟେକ୍ଟିଭ୍ ଇନ୍‌ସପେକ୍ଟର ବନବିହାରୀ
ବାବୁ ।

ସଦାଶିବ—ଆପଣମାନେ ଏଠି, ଏପରି ଅବସ୍ଥାରେ କିପରି ?

ନବୀନ—ଆସିଥିଲୁଁ କାର୍ଯ୍ୟରେ ।

ସଦାଶିବ—ତା'ତ ବୁଝିଲି, କିନ୍ତୁ ଏପରି ଅବସ୍ଥାରେ କିପରି
ପଡ଼ିଲେ ।

ବନବାବୁ ଏତେବେଳ ପର୍ଯ୍ୟନ୍ତ ଚୁପ କରି ଚାହିଁ ରହିଥିଲେ । ସଦାଶିବ ବାବୁଙ୍କ ପରିଚୟ ପାଇ ସେ ତାଙ୍କର କାର୍ଯ୍ୟୋଦ୍ଧାରର ନୂଆ ପ୍ରକାଶର ଆଶାରେ ଈଶ୍ୱରଙ୍କୁ ମନେ ମନେ ଧନ୍ୟବାଦ ଦେଇ ସଦାଶିବ ବାବୁଙ୍କୁ କହିଲେ—

"ଆପଣଙ୍କୁ ଲୁଚାଇବାର କିଛି ଆବଶ୍ୟକ ନାହିଁ, ଯେତେବେଳେ ଆପଣ ଆମ୍ଭମାନଙ୍କର ପ୍ରାଣଦାତା ଓ ବନ୍ଧୁ । ବାଳକ ନବୀନ ନୂତନ ଏ କାର୍ଯ୍ୟରେ ପଶିଛି । ତାର ଏହି ନୂତନ ପ୍ରଣାଳୀ ପରାଜୟରେ ବୋଧହୁଏ ଲଜ୍ଜା ହୋଇଛି । ସେଥିପାଇଁ ସେ ଲୁଚାଇବାର ଚେଷ୍ଟା କରୁଛି !"

ଏହା ଶୁଣି ଟିକିଏ ଅପ୍ରତିଭର ମୃଦୁହାସ୍ୟ ନବୀନ ବାବୁଙ୍କର ମୁଖ ମଣ୍ଡଳରେ ଖେଳିଗଲା । ବନବାବୁ କହିବାକୁ ଆରମ୍ଭ କଲେ :—

"ଆମେ ଆସିଥିଲୁ, ନରହତ୍ୟାକାରୀ ଦସ୍ୟୁ ନାଏବ ଗଙ୍ଗାଧର ବାବୁ ଓ ତାଙ୍କର ସାହାଯ୍ୟକାରୀଙ୍କ ସନ୍ଧାନରେ । ଏଠାରେ ଆସି ସମସ୍ତ ଦୋଷୀଙ୍କୁ ଏକତ୍ର ଦେଖି ଓ ତାଙ୍କର ଭବିଷ୍ୟତ ଭୟଙ୍କର କର୍ମ—ପନ୍ଥାର କଥୋପକଥନ ବାହାରୁ କାନପାରି ଶୁଣି, ଗୋଟାଏ ସୁବିଧାରେ ଭିତରେ ପ୍ରବେଶ କରି ତାଙ୍କୁ ଆକ୍ରମଣ କରିବା ସମୟରେ ହଠାତ୍ ତଳର ମେଝିଆଟା ଧସି ଯାଇ ଆମକୁ ଜୀବନ୍ତ ସମାଧି ଦେଇଥିଲା । ଅଭ୍ୟନ୍ତର ଦେଶର ରୁଦ୍ଧ 'କାର୍ବୋନ-ଗ୍ୟାସରେ' ଆମେ ଚେତନା ହରାଇଥିଲୁଁ, ବୋଧହୁଏ ଆଉ ମିନିଟ୍ ୫ । ୧୦ ର ବିଳମ୍ବରେ ଆମର ପ୍ରାଣ ଯାଇଥାନ୍ତା । ଭଗବାନ ଆପଣଙ୍କୁ ଆମର ଉଦ୍ଧାର ପାଇଁ ଠିକ ସମୟରେ ପଠାଇଥିଲେ; କିନ୍ତୁ ଆପଣ ଏଠାକୁ କାହିଁକି ଆସିଥିଲେ ଆଉ କି କୌଶଳ ବଳରେ ଆମକୁ ଆସନ୍ନ ମୃତ୍ୟୁ ମୁଖରୁ ଉଦ୍ଧାର କଲେ ତାହା ଶୁଣିବାର ମୋର କୌତୂହଳ ହେଉଛି ।"

ସେମାନେ ମେଡ଼ିକେଲକୁ ଷ୍ଟେସନରେ ପହଞ୍ଚି ଗଲେ କି । ସେଠାରେ କର୍ତ୍ତବ୍ୟକର୍ମ ସାରି ଫେରି ଗାଡ଼ିରେ ଚଢିଲେ । ଗାଡ଼ି ମଧ୍ୟରେ ସଦାଶିବ ବାବୁ ତାଙ୍କର ଇତିହାସ ଆରମ୍ଭ କଲେ !

"ମୋର ଦୁଃଖର କଥା କଣ କହିବି:—ନାରାୟଣ ବାବୁଙ୍କର ବୃନ୍ଦାବନ ଗୋଦାମର ପ୍ରଧାନ କର୍ମଚାରୀ ଥିଲି । ତାଙ୍କର ବଡ଼ ବିଶ୍ୱାସୀ, ବଡ଼ ଅନୁଗତ; ମୋର ସଂସାରରେ ଆପଣାର ବୋଲିବାକୁ କେହି ନଥିଲା, ମୋର ଏକମାତ୍ର ଅଦେଖଣୀ କନ୍ୟା ବ୍ୟତୀତ ! ସେ ଥିଲା ମୋର ସବୁ—ମୁଁ ଥିଲି ମଧ୍ୟ ତାର ସବୁ !—ଭଗବାନ ବୋଧହୁଏ ଏତେ ସୁଖ ସହ୍ୟ କରି ପାରିଲେ ନାହିଁ । ଦିନେ ମୋର ପ୍ରଭୁଙ୍କର ସଙ୍ଗୀ ସେହି ନରଘାତକ କବ

Digitized by srujanika@gmail.com

ଆଜି ନରୋତ୍ତମ ମୋ ଉପରେ ହୁକୁମନାମା ଜାରି କରିଛି ଯେ ମୋର କନ୍ୟା ଦ୍ୱାରା—”

ହଠାତ୍ ମଧ୍ୟ ପଥରୁ କଥା ବନ୍ଦ ହୋଇଗଲା । ଜଣେ ଲୋକ ଆପାଦ ମସ୍ତକ ଆଲଖାଲ୍ଲାରେ ଢାକି ଓ ମୁଖା ପିନ୍ଧି ହଠାତ୍ ଗାଡ଼ି ଭିତରେ ପଶି ଆସି 'କ୍ଲୋରୋଫର୍ମ' ସିକ୍ତ ରୁମାଲ ସଦାଶିବ ବାବୁଙ୍କ ମୁହଁରେ ମାଡ଼ି ଦେଇ ପଲକ ପଡ଼ିବା ମାତ୍ରକେ ସଦାଶିବ ବାବୁଙ୍କୁ ଟେକି ନେଇ ଚଳନ୍ତା ରେଲଗାଡ଼ି ଉପରୁ ଲମ୍ଫ ଦେଇ ଅନ୍ଧକାର-ଘେରା ରାତ୍ରିରେ ଅଦୃଶ୍ୟ ହୋଇଗଲେ । ମୁହୂର୍ତ୍ତ ମଧ୍ୟରେ ଏ ସମସ୍ତ ଘଟଣା ଘଟିଗଲା । ବନବାବୁ ଓ ନବୀନ ବାବୁ ସଦାଶିବ ବାବୁଙ୍କ ସାମନା ବେଞ୍ଚରେ ବସି କଥା ଶୁଣୁଥିଲେ । ସେମାନେ ଏପରି ଦେଖି ଅଣ୍ଟାରୁ ପିସ୍ତଲ ବାହାର କରୁ କରୁ ସଦାଶିବ ବାବୁଙ୍କୁ ଧରି ଆତତାୟୀମାନେ ପଳାଇଗଲେ । 'ଏଲାର୍ମ-ଚେନ' ଟାଣି ଗାଡ଼ି ବନ୍ଦ କରାଇ ଦସ୍ୟୁର ଅନୁସନ୍ଧାନରେ ବନ ବାବୁ ଓ ନବୀନ ବାବୁ ଯାଉଁ ଯାଉଁ ଆତତାୟୀଗଣ ବଣ ମଧ୍ୟରେ ଅଦୃଶ୍ୟ ହୋଇଗଲେ । ତଥାପି ସେମାନେ ଦସ୍ୟୁମାନଙ୍କର ପଶ୍ଚାତ୍ ଧାବନ କଲେ ।

ଟ୍ରେନ କିଛିବେଳ ଅପେକ୍ଷା କରି ଡିଟେକ୍ଟିଭମାନଙ୍କର ଫେରିବା ଅଧିକ ବିଳମ୍ବ ଦେଖି ସିଟି ବଜାଇ ବଜାଇ ଧୀରେ ଧୀରେ କିଛି ଦୂର ଯାଇ ତାପରେ ନିଜ ଗତିରେ ଚାଲିଲା । ଆରୋହୀମାନେ ସମସ୍ତେ ଭୀତ ତ୍ରସ୍ତ ହୋଇ ଉଠିଲେ, ଏପରି କାଣ୍ଡ ଚଳନ୍ତା ଟ୍ରେନ ମଧ୍ୟରେ ଘଟିବାର ଦେଖି !—

ତାପରେ ଶୁଣାଗଲା ଡିଟେକ୍ଟିଭମାନେ ସାରାଦିନ ଖୋଜି ଖୋଜି ମଧ୍ୟ ଡାକ୍ତର ବାବାଙ୍କ ସନ୍ଧାନ ନ ପାଇଁ ଖାଲି-ହାତରେ ପୁଣି କଟକ ଫେରି ଆସିଥିଲେ । କେବଳ ଖଣ୍ଡେ ଅର୍ଦ୍ଧଛିନ୍ନ କାଗଜର ଚିରା ଫେରିବାବେଳେ ବଣ ପ୍ରାନ୍ତରୁ ଗୋଟାଇ ଆଣିଥିଲେ,—ଯହିଁ କିଛି କାର୍ଡ଼ରେ ଲେଖା ଏକ ଅକ୍ଷରରେ ।

## ( ୧୭ )

କବିରାଜ ନରୋତ୍ତମ ଦାସଙ୍କ ଚିକିତ୍ସାଳୟକୁ ଆଜି ଜଣେ ନୂତନ ବଡ଼ଲୋକ ରୋଗୀ ଆସିଛନ୍ତି, କବିରାଜ ବଡ଼ ବ୍ୟସ୍ତ । ରୋଗୀ କୁଆଡ଼େ କଲିକତା ଓ ବମ୍ବେର ରଞ୍ଜନ-ରଶ୍ମି ଚିକିତ୍ସାଳୟରୁ ଫେରି ଆସିଛନ୍ତି ବିଫଳ-କାମ ହୋଇ । ରୋଗ ତାଙ୍କର କଣ ଏପର୍ଯ୍ୟନ୍ତ କୌଣସି ଡାକ୍ତର ସ୍ଥିର କରି ପାରି ନାହାନ୍ତି । ଦିନ ଭିତରେ ରୋଗୀ ପ୍ରାୟ ୨୦ । ୨୫ ଥର ମୋହ ହୋଇ ପଡ଼ନ୍ତି । ସବୁବେଳେ ପ୍ରାୟ ଆଖି ବୁଜି ପଡ଼ି ରହିଥାନ୍ତି । କେବେ କେବେ ଟିକିଏ ଆଖି ଖୋଲି ଚାହାନ୍ତି—ଉଦାସଶୂନ୍ୟ ଦୃଷ୍ଟିରେ । ତାଙ୍କର ସହିତ ତାଙ୍କ ଭାଇ ଆସିଛନ୍ତି । ସାଙ୍ଗରେ ଜଣେ ଚାକର, ପୂଜାରୀ ତାଙ୍କର ନିଜ ଗ୍ରାମରୁ ଆଣିଛନ୍ତି । ରୋଗୀଙ୍କର ଘର ମେଦିନୀପୁର ଜିଲ୍ଲାରେ । ସେଠାରେ ତାଙ୍କର ପ୍ରକାଣ୍ଡ ଜମିଦାରୀ—ଆୟ ପ୍ରାୟ ବାର୍ଷିକ ଲ ୩ । ୪ କ୍ଷ ଟଙ୍କା । ଜମିଦାର ବାବୁ ତାଙ୍କର ଏକମାତ୍ର ଭ୍ରାତାଙ୍କୁ ପ୍ରାଣରୁ ଅଧିକ ଭଲ ପାଆନ୍ତି, ସେଥିପାଇଁ ସେ କବିରାଜଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ସେ ଯଦି ସେ ତାଙ୍କର ଭାଇଙ୍କୁ ଆରୋଗ୍ୟ କରିଦେବେ ତେବେ ସେ ଟ୧୦୦୦୦ଙ୍କା ପୁରସ୍କାର ଦେବେ । କବିରାଜ ମହାଶୟ ତାଙ୍କର ସାଧ୍ୟାନୁସାରେ ଚେଷ୍ଟା କରୁଛନ୍ତି ଦେଖୁ ଲୋକରବେ—ଫଳ ତ ଭଗବାନଙ୍କ ହାତରେ ।

ଜମିଦାର ମହାଶୟ କବିରାଜଙ୍କର ଚିକିତ୍ସାଳୟର ସମସ୍ତ ମହଲଟା ନେଇଛନ୍ତି ଏବଂ ସେଥିପାଇଁ ଭଡ଼ା ମଧ୍ୟ ମାସିକ ଟ୨୦୦ ହିସାବରେ ଦେଉଛନ୍ତି । କାରଣ, ସେମାନେ ଥିବା ସମୟରେ ଅନ୍ୟ କୌଣସି ରୋଗୀ ଆସି ଚିକିତ୍ସାଳୟରେ ଯେପରି ରହି ନ ପାରନ୍ତି ।

ପ୍ରାୟ ଏକମାସ ଅତୀତ ହେବାକୁ ବସିଲାଣି । ଅଦ୍ୟାପି ରୋଗୀର କୌଣସି ଶୁଭ ପରିବର୍ତ୍ତନ ଦେଖାଯାଉ ନାହିଁ । କବିରାଜ ଆଉ ଦୁଇ ଦିନ ଚେଷ୍ଟା କରି ଦେଖିବେ ବୋଲି କହୁଛନ୍ତି । ତା' ପରେ ଯଦି କିଛି ପରିବର୍ତ୍ତନ ଦେଖା ନ ଯାଏ ତେବେ ସେ ରୋଗୀଙ୍କୁ ବିଦାୟ ଦେବେ; କିନ୍ତୁ ଯଦି ଏହା ମଧ୍ୟରେ ସାମାନ୍ୟ କିଛି ଲକ୍ଷଣ ଦେଖା ଦିଏ ତେବେ ସେ ତିନିମାସ ଚିକିତ୍ସା କରି ଦେଖିବେ । ଜମିଦାର ମହାଶୟ ଏ ପ୍ରସ୍ତାବରେ ରାଜି ହୋଇଛନ୍ତି ।—ତାଙ୍କର ସେ ଏକମାତ୍ର ଭାଇ ସେ—ତା' ପରେ ଭାଇଟି ପୁଣି ନବ ବିବାହିତ; ଜମିଦାର ବୃଦ୍ଧ ହୋଇଛନ୍ତି । ତାଙ୍କର ପୁତ୍ର କନ୍ୟା କିଛି ହୋଇନାହିଁ—ଭାଇଟିକୁ ସେ ପୁତ୍ରର ଅଧିକ ସ୍ନେହ କରନ୍ତି । ଜମିଦାର ଦିନରାତି ପାଖରେ ବସି ରୋଗୀର ଶୁଶ୍ରୂଷା କରନ୍ତି । କେଉଁଠିକି ବୁଲିବାକୁ ମୁଦ୍ଧା ଯାଆନ୍ତି ନାହିଁ । କେବଳ ସନ୍ଧ୍ୟା ହେଲେ ତାଙ୍କର ଚିନ୍ତାକ୍ଲିଷ୍ଟ, ଉତ୍ତପ୍ତ ମସ୍ତିଷ୍କର ଭାର ଲାଘବ କରିବା ଉଦ୍ଦେଶ୍ୟରେ ମହାନଦୀର ଶୀତଳବାୟୁ ସେବନ କରିବାକୁ ବାହାରି ଯାଆନ୍ତି । କେବେ କେବେ ତାଙ୍କୁ ମଧ୍ୟ ରାତିରେ କବିରାଜ ମହାଶୟଙ୍କର ଫୁଲ, ଫଳର ବଗିଚା ଆଡ଼େ ବୁଲିବାର ଦେଖାଯାଏ । କବିରାଜ ଏହା ଦେଖି ଅନେକଥର ବାରଣ କରିଛନ୍ତି ଯେ ତାଙ୍କ ବାଡ଼ି ପଟେ ଫଳ ବଗିଚା ଆଡ଼କୁ ଅନ୍ଧକାର ରାତିରେ ବୁଲିଯିବା ନିରାପଦ ନୁହେଁ ।

(କ୍ରମଶଃ)

Digitized by srujanika@gmail.com

# ମଜା କଥା

# ଭାଗ୍ୟଦୋଷ

(ହାସ୍ୟରସାତ୍ମକ ଗଳ୍ପ)

ଲେଖକ:—ଡାକ୍ତର ବେଗୃଗ୍ରମ



ଚାକିରିଟା ପାଇଲା ଦିନଠୁଁ ସାରା ଜମ୍ବୁଦ୍ୱୀପଟା ଘୂରି ଘୂରି ଶେଷେ ଯଉଁଠି ପରମାନେଣ୍ଟ ସ୍ଥାନଟା ମିଳିଲା ପରି ଜଣାଗଲା ସେ ଗୋଟାଏ ସବ୍-ଡିଭିଜନ ସହର। ବାରବୁଲା ଚାକିରିଟାରେ ରହି ଏ ଯାଏ ମୋର 'ପରିବାର'ଙ୍କୁ ସାଙ୍ଗରେ ନେଇ ପାରି ନ ଥିଲି। ନେବାର ବାଧା ଥିଲା ଅନେକ ପ୍ରକାର। ତହିଁ ମଧ୍ୟରେ ପ୍ରଧାନ, ଆମ ଶାଶୁ।

ଶାଶୁ ଥିଲେ ବିଧବା ଓ ତାଙ୍କର ସେହି ଝିଅଟିକୁ ଆଖି ଅନ୍ତର କରିବା ପାଇଁ ଥିଲେ ଏକଦମ୍ ନାରାଜ। ବଡ଼ ଘରେ ବଡ଼ ହୋଇଥିଲି ବୋଲି ବୋଧହୁଏ ମୁଁ ବି ଟିକିଏ ଡରି ଡରି ଚଳୁଥିଲି।

ସେ ଯାହାହେଉ, ମୋର ଯେତେବେଳେ ସ୍ଥାୟୀ ସ୍ଥାନଟିଏ ମିଳିଗଲା, ମୁଁ ବି ଟିକିଏ ଜୋର କରି ବସିଲି ଏବଂ ପାଞ୍ଚ ଜଣ ବି କହିଲେ ବୋଲିଲେ। ଶାଶୁ ବାଧ୍ୟହୋଇ ଝିଅକୁ ଛାଡ଼ିଲେ ଏଥର, ଆପଣା ଘର କରିବାକୁ।

ଡାକ୍ତରଖାନା ଓ ହସପିଟାଲର ଭାର ପଡ଼ିଲା ମୋ ଉପରେ। ଡାକ୍ତର ହେଲେ ମଧ୍ୟ ସବ୍-ଡିଭିଜନରେ ଡାକ୍ତର ଗୋଟାଏ ହାକିମ। ହାକିମି ଥାଉ ବା ନ ଥାଉ, ହାକିମଙ୍କ ସାଙ୍ଗରେ ପଟି ହୋଇ ଚଳିବାକୁ ଓ ହାକିମି କାଇଦାରେ ରହିବାକୁ ପଡ଼େ। ଏଥିକୁ ଯାହା ଦରମା ଖୋରାକ। ପ୍ରାକ୍ଟିସ ବୋଲି ନଦାରଦ। ଯାହା ଅଛି, ଅଧେ ମାଗଣା, ଅଧେ ବାକି।

ମାସେ ଯାଇଛି କି ନ ଯାଇଛି, ସବ୍‌ଡିଭିଜନ ବଡ଼ ହାକିମ କହିଲେ "ଆପଣ ମଟର କାର କାହାନ୍ତି?" ମୁଁ କହିଲି "ଏଣେ ତେଣେ ଛନ୍ନ-ଛାଡ଼ିଲା ହୋଇ ବୁଲୁଥିଲି—କପର କରିବ।"

ସବ୍—ଏବେ ତ ମୁଣ୍ଡମାରି ରହିଲେ—ଏଥର କରନ୍ତୁ।

ମୁଁ—ଏଠି ତ ତାର ଦରକାର ଦେଖୁନାହିଁ।

ସବ୍—ଦରକାର ବେଦରକାର କଥା ନୁହେଁ ସେ—ଏଇଟା dignity ଆଉ prestigeର କଥା। ଆଜି କାଲି ଏଟା ନ କଲେ ନ ଚଳେ।

ଡବୁବାବୁଙ୍କ ପତ୍ନୀଙ୍କ ମୁହଁରେ ବି ସେଇ କଥା।

ଏ ତ ବାହାରର କଥା—ଭିତରେ ମଧ୍ୟ ସେଇ ଜୁଲୁମ। "ବାହାରକୁ ବୁଲିଯାଇ ହେଉ ନାହିଁ। ମାନ୍ ରହୁନାହିଁ" ଇତ୍ୟାଦି।

ବାଧ୍ୟ ହୋଇ ଗଣ୍ଡେ ସେକେଣ୍ଡହାଣ୍ଡ ବେବି-କାର କିଣିଲି। ନିଜେ ଡ୍ରାଇଭରି କରିବି ଓ ତେଲ ଖରଚ କମ।

ଏହାପରେ ଦିନ କେଇଟା ଚାଲିଗଲା।

ଦିନେ ଖବର ଆସିଲା ଶାଶୁ ସାଆନ୍ତାଣୀ ଝିଅକୁ ଦେଖିବା ପାଇଁ ଆସିବେ। ଝିଅର ଗୋଡ଼ ତଳେ ପଡ଼ୁ ନାହିଁ। ତାର ନିଜର ଘର କରଣା ଓ ସମ୍ପଦ ବଳକୁ ଦେଖେଇବ। ମୋର କିନ୍ତୁ ଫାଶି ଉଠିଲା। ତାଙ୍କ ଖିଟି-ଖିଟିଆ ସ୍ୱଭାବ ଓ ଅସନ୍ତୋଷିଆ ଚାଲିଚଳଣ କଥା ଆଗରୁ ଶୁଣିବାକୁ ବାକି ନ ଥିଲା। ଯମ ଦଶା ପଡ଼ିଲା ପରି ଲାଗିଲା। କିନ୍ତୁ ମନର ଭାବ ମନରେ ଲୁଚାଇ ବାହାରେ ଖୁବ୍ ଖୁସିର ଭାବ ଦେଖାଇ ହେଲା—ଉପରେ ଉପରେ।

ଶାଶୁ ଆସି ପହଞ୍ଚିଲେ। ନିଜେ କାର୍ ନେଇ ଷ୍ଟେସନରୁ ନେଇ ଆସିଲି। ଷ୍ଟେସନ ସେଠିକି ୩ ମାଇଲ। ସାଙ୍ଗରେ ଆସିଥିଲା ତାଙ୍କର କୁଳନନ୍ଦନ ୧୨।୧୩ ବର୍ଷର ପିଲା, ଭାଇ। ସେମାନେ ଆସିଲା କ୍ଷଣି ଆମର ଧାରା-ବାହିକ, ଶୁଖୁଶୁଖୁଆ ସଂସାର ସ୍ରୋତରେ ନୂଆକରି ଗୋଟାଏ ବାଧା ପଡ଼ି କଣ ଅଟକିଥ ହୋଇଗଲା। ଏତିକି ସାନ୍ତ୍ୱନା ଯେ ସେମାନେ ବେଶି ଦିନ ରହିବେ ନାହିଁ—କାରଣ ଘର-ଦ୍ୱାର ପକାଇ ଆସିଛନ୍ତି।

ମୋର ଡାକ୍ତରଖାନା ଡ୍ୟୁଟି, ଜେଲଖାନା, ଓ ସ୍କୁଲ ବୋର୍ଡିଂ ଡ୍ୟୁଟି, ବଡ଼ ହାକିମଙ୍କ ସଲାମି ଦେବା ଡ୍ୟୁଟି ଛଡ଼ା ଆଉ ଗୋଟିଏ ନୂଆ ଡ୍ୟୁଟି ଜୁଟିଲା ଶାଶୁଙ୍କର ନାନା ପ୍ରକାର ଫରମାସି ଖଟିବା ଓ ଘଡ଼ା ସାଆନ୍ତଙ୍କର ନାନା ଅଳି ଯୋଗାଇବା। ତହିଁରେ ପୁଣି ପ୍ରତିଦିନ ନିଜେ ଡ୍ରାଇଭରି କରି ମା', ଝିଅ, ପୁଅ ତିନି ଜଣଙ୍କୁ ବୁଲେଇ ନେବା। ଦିନ କେଇଟା ଭିତରେ ନାକେଦମ୍ ହୋଇ ପଡ଼ିଲି।

କାର୍ ବାହାରିଲା କ୍ଷଣି ଖ୍ୟାର ଖ୍ୟାଟାଏ, ତାର ତା ଠାଏ କଣିକାଷ୍ଟା ହୋଇଗଲା ନାମୁଦ୍। ତହିଁରେ ପୁଣି ପେଟ ମସ୍ତ ରୋଗୀ ବୋଲି ଶାଶୁଙ୍କର ଖାଇବାର ରକମ ଅଲୌକିକ—ଯାହା ଆମ ଡାକ୍ତରି ବିଦ୍ୟାରେ ନାହିଁ। ଭାତ ନ ଖାଇ ସନ୍ଦେଶ, ରସଗୋଲା ଖାଆନ୍ତି। ଡାଲି ବଦଳରେ ରବିଡ଼ି ଖାଇବାକୁ ପଡ଼େ—ଦହିର ସରବତ, ବେଲର ମୋରବ୍ବା—ଏଇପରି କେତେ କଣ। ଏଣେ ଚୋରାରେ ଔଷଧ ବି ଚାଲିଥାଏ।

ଏହାପରେ ଅସଲ ବିପଦ ସେ ଟୋକାଟା। ଏକେତ ଅଳିଅର ପିଲା, ତହିଁକି ବଡ଼ ଘର ପୁଅ। ସାତଝୁଣ୍ଟି ମାଡ଼୍ ଗାତରେ ଅଭ୍ୟସ୍ତ। ସେଇ ଘରକୁ ଆସି ଦେଖିଲା ବେଳକୁ ତଳ ହେଲେ ବି ଛ ଗୋଟାଏ କରି ରଖିଥିବ। ମୋର ମୋଟା ମୋଟା ଡାକ୍ତରି ବହିରୁ ରଙ୍ଗିନ ଛବି ସବୁ ଛିଣ୍ଡାଇ ଦିନେ କାନ୍ଥରେ ମାରି ଦେଇଛି। ସରକାରୀ କାଗଜ ପତ୍ର ବୁହାକରେ ବସି ଚଟକି ଛଟ କାଟି ଥୋଇଛି। ଏହାପରେ କେତେ କହିବି! ସବୁଠାରୁ ଚମକିଲି ସେ ଯେଉଁଦିନ ମୋ ହାତ ବ୍ୟାଗଟା ଖୋଲି ତହିଁରେ ଥିବା ଛୁରୀ, କଇଞ୍ଚି ପ୍ରଭୃତି ସୂକ୍ଷ୍ମ ଯନ୍ତ୍ର ସବୁ ବାହାର କାଢ଼ି କାଗଜର ଫୁଲ କାଟିବାରେ ଲାଗି ଯାଇଛି। କିଛି କହି-ବାର ତ ଯୋ ନାହିଁ। ଶାଶୁ ମନ ଊଣା କରିବେ।

Digitized by srujanika@gmail.com

ପ୍ରେୟସୀ ଶୁଣି କହିଲେ "ପିଲାଟା ଦିନ ପାଇଁ ଅସିଛି—ଯାହା କରିବ କରୁ—କିଛି କୁହ ନାହିଁ । ଯାହା ଲୋକସାନ କରିଥିବ, ମୁଁ ଭରଣା କରି ଦେଉ ପଡ଼ିଛି ।" ମୁଁ ଚୁପ୍ । କିନ୍ତୁ ମନ ବିଦ୍ରୋହୀ ହୋଇ ଉଠୁଥାଏ । ଏ ଗ୍ରହ ଯୋଡ଼ାକ କେବେ ମୋତେ ଛାଡ଼ୁଛନ୍ତି ।

* * *

ପ୍ରିୟତମା କହିଲେ "ବାଉ କହୁଛନ୍ତି କାଲି ଯିବେ ବୋଲି ।"

ମୋ ଅନ୍ତରାତ୍ମା ଆନନ୍ଦରେ ନାଚି ଉଠିଲା । ମୁଁ ସମ୍ଭାଳି ନ ପାରି କହିଲି "ଅଚ୍ଛା ବେସ୍ ।" ପ୍ରିୟା ମୁହଁଟା କୁଞ୍ଚୁଆଇ ପକାଇ କହିଲେ "ହଁ, ତମେ ସେଇଆ ଖୋଜୁ ନାହଁ କି—ଯେତେହେଲେ ପର ତ !"

ମୁଁ ମୋର ଭୁଲଟା ସମଝି ଯାଇ କହିଲି "ଅରେ ନାହିଁ ହୋ,—ମୁଁ—ମୁଁ—ତମେ ତମେ—ବୁଝିଲ କି——"

ପ୍ରିୟା କହିଲେ "ହଁ ବୁଝିଲି ଯେ—ମୁଁ କହୁଛି ତମେ ତାଙ୍କୁ ଆଉ କିଛିଦିନ ଅଟକାଅ—ତମ କଥା ବାଉ ମାନିବ ।"

ରକ୍ଷା ପାଇଗଲି ଅଳ୍ପରେ । 'ହଁ' ଭରି-ଦେଇ ଶାଶୁଙ୍କୁ ଯାଇ କହିଲି ସେ କଥା । ସେ କହିଲେ "ମୋ ଦେହଟା ଏଠି ଭଲ ଅଛି—ସେଥିପାଇଁ ଝିଅ ବି କହୁଛି ସେ କଥା । ମୁଁ କହିଲି ଯେ—ଏକା ଦିନ ଧରି ପାରିଛି—ତେଣେ ଘର ଦୁଆର ସବୁ ଖାଲି—"

ମୁଁ—ସେ କଥା ସତ ଏକା—କିଏ ବା ଅଛି—ସବୁ ତ ପର ଲୋକଙ୍କ ହାତରେ । ତେବେ ମୁଁ ଔଷଧ କିଛି ତିଆରି କରି ଦଉଚି—ସାଙ୍ଗରେ ନେଇ ଯାଆନ୍ତୁ । ମାସେ ପରେ ପୁଣି ଚିଠି ଲେଖିବେ । ଯାଇ ଦେଖି ଆସିବି ।

ଶାଶୁଙ୍କର ଉତ୍ତର ଇଚ୍ଛାଟା ଦେଖିଲି ମୁଁ ଟିକିଏ ବଳେଇ ଥିଲେ ରହିଥାନ୍ତେ । ମାତ୍ର ମୁଁ ତାଙ୍କ ଉପରେ ଏପରିଏକ ଗୁଳି ମାରିଲି ଯେ, କାଟ ରହିଲା ନାହିଁ । ମନେ ମନେ ଅପଣା ବାହାଦୁରିରେ ଅପେ ଖୁସି ହେଲି ଖୁବ୍ । ଝିଅ ଯେତେ ଅଟକେଇଲେ ଅଉ ସେ ମାନିଲେ ନାହିଁ ।

କଥା ହେଲା କାଲି ସକାଳ ୭ ଟା ଗାଡ଼ିରେ ଯିବେ । ଏଠୁଁ ୬।। ଟାରେ ବାହାରିବାକୁ ପଡ଼ିବ । ମୁଁ ଯାଇ ମାସକର ଔଷଧ ତିଆରି କରିବା ପାଇଁ କମ୍ପାଉଣ୍ଡରକୁ କହିଲି । ଅପେ ମଟର ନେଇ ଦୁଇ ଟିଣା ପେଟ୍ରୋଲ କିଣି ଟାଙ୍କିରେ ଭରିତି କରି ରଖିଲି । ଅଉ ଟିକିଏ ଭଲକରି ଗାଡ଼ିଟାକୁ ବି ଦେଖି ନେଲି, ଯେପରି ଯିବାବେଳେ ହଠାତ୍ କିଛି ବିକାମ ବିଗଡ଼ି ନ ବସେ ।

ରାତିରେ ସ୍ତ୍ରୀଙ୍କୁ କହିଲି "ତମ ବାଉ ତ ଏକ ଜିଦିଆ ଲୋକ—ଯେତେ କହିଲି ରହିଲେ ନାହିଁ । କଣ କରିବା—ଯାଆନ୍ତୁ ଏଇକ୍ଷଣି—କହୁଚ, ପୁଣି ଅସିବେ ।"

ସ୍ତ୍ରୀ—କଣ କହୁଚ ? ସେ ଅସିବ ନା ତୁମେ ଯିବ ? କହ ରହୁଛି, ମୁଁ ବି ଯିବି ।

ଭଲ କଥାତ । "ଅଚ୍ଛା ଦେଖାଯିବ" ବୋଲି କହି ଶୋଇ ପଡ଼ିଲି ।

ରାତି ପାହିଲା କ୍ଷଣି ନିଦ ଭାଙ୍ଗିଗଲା । ଦେଖିଲି ପ୍ରିୟା ପାଖରେ ନାହାନ୍ତି । ସେ ବୋଧହୁଏ ବାଉଙ୍କର ଯିବାର ସଜାଳି କରିବା ପାଇଁ ଉଠି ଗଲେଣି । ଅପେ ଉଠିବି ବୋଲି ଭାବୁଛି—ମନେ ପଡ଼ିଲା, ଉଠିଲେ ଏହିକ୍ଷଣି ସେ ମୁହଁ ହାଣ୍ଡି କରି କହିବେ "ତମକୁ ତ ରାତିସାରା ନିଦ ନାହିଁ ।" ଏହି ସମୟରେ ସେ ଅସି ମୋତେ ଡ଼ାକିଲେ । ମୁଁ ଆଖି ମଳି ଉଠିଲି । ସେ କହିଲେ "ବେଳ ହୋଇ ଗଲାଣି—ବାଉ ତେଣେ ବାହାରି ଛିଡ଼ା ହୋଇ-ଛନ୍ତି । ତମର ନିଦ ଭାଙ୍ଗୁ ନାହିଁ !" ମୁଁ ମୁହଁଟା ଧୋଇ ପକାଇ, କମିଜ ଖଣ୍ଡ ଗଳାଇ ଦେଇ ବାହାରି ପଡ଼ିଲି । ପ୍ରାୟ ୬ । ୭ ମିନିଟ ମଧ୍ୟରେ ଆମ ମଟର ଭେଁ ଭେଁ ରଡ଼ି କରି ବାହାରି ଗଲା ।

ଦଦରା ଗାଡ଼ିଟା ଯେତେ ସମେଇ ପାରେ ତତକ୍ଷଣ ବଳ ମୁଁ ପାରୁ ପର୍ଯ୍ୟନ୍ତେ ସ୍ପିଡ୍ ଦେଇ ଯାଉଛି । ଯେପରି ଟ୍ରେନ ଅସିବା ପୂର୍ବରୁ ପହଞ୍ଚିବ ।

ମାଇଲ ପରେ ମାଇଲ । ଏକ, ଦୁଇ, ତିନ—ହଠାତ୍ ବିକଟ ଗର୍ଜ୍ଜନ କରି ଗାଡ଼ିଟା ଦମ୍ କିନା ବନ୍ଦ ହୋଇଗଲା । ଓହ୍ଲାଇ ପଡ଼ି ଇଞ୍ଜିନ, ଫିଞ୍ଜିନ ସବୁ ଖୋଲି ଦେଖିଲି ତନ୍ନ ତନ୍ନ କରି । ଡ଼ାକ୍ତର ଲୋକ, ମଣିଷର ବେମାରି ଦେଖି ଠିକ କରୁଛି, ମାତ୍ର ଗାଡ଼ିଟାର ବେମାରି ଧରି ପାରିଲି ନାହିଁ । ବିରକ୍ତି ଓ ହତାଶାରେ ଛିଡ଼ାହୋଇ ଗଲା କ୍ଷଣି ଟୋକାଟା "ହୋ-ହୋ" କରି ହସି ଉଠିଲା । ମୋ ଦେହ ଜଳି ଗଲା । ମନ ହେଲା ଏକା ଚାପୁ-ଡ଼ାକେ ତାର ଗାଲ ଉଡ଼େଇ ଦିଅନ୍ତି । ସେ କହିଲା, "ତେଲ ଅଛି କି ?" ଶାଶୁ କହିଲେ "ସେପ—ବସିଥିଲା ଟା ।" ମୁଁ ସନ୍ଦେହ କରି ଟାଙ୍କିଟା ଦେଖେଁ ଯେ ଟୋପାଏ ବି ତେଲ ନାହିଁ । କାଲି ରାତିରେ ଦୁଇ ଟିଣା କିଏ ପୁରାଇ ରଖିଛି—ଗଲା କୁଆଡ଼େ !

ଯାହା ହେଉ ନିରୁପାୟ । ଅନ୍ତର ପ୍ରାୟ ମାଇଲେ ଅଛି ରେଲ ଷ୍ଟେସନ । କହିଲି "କଣ ଚାଲି ଯାଇ ପାରିବେ ?" ଘଡ଼ି ଦେଖିଲି ଅଉ ୧୦ ମିନିଟ ବାକି । ଅସମ୍ଭବ—

ଚାହିଁଲୁ, ଯଦି ଅଉ ମଟର ଅସୁଥାଏ । କିନ୍ତୁ ମୋ ଦୁର୍ଭାଗ୍ୟକୁ ମଟର ମରୁଡ଼ି ପଡ଼ିଲା ସେ ଦିନ । ଶେଷେ ଚାକରଟାରୁ ଜଗାଇ ଦେଇ ବସାକୁ ଫେରିଲୁଁ ପଦବ୍ରଜରେ ।

ଶାଶୁ କିନ୍ତୁ ବଡ଼ ବ୍ୟସ୍ତ ହେବାକୁ ଲାଗିଲେ । ତାଙ୍କୁ ପ୍ରବୋଧ ଦେଇ କହିଲି "କାଲି ପୁଣି ଛାଡ଼ି ଅସିବି ।" ସେ କହିଲେ "ନାହିଁ ମୁଁ ତ ଆଉ ଏଇକ୍ଷଣି ଯାଇ ପାରିବି ନାହିଁ—ପନ୍ଦର ଦିନ ଭିତରେ ଅଉ ଭଲ ଦିନ ନାହିଁ ଯେ ।"

ମୋ ମୁଣ୍ଡରେ ବଜ୍ର ପଡ଼ିଲା ।

(୧୬ ପୃଷ୍ଠାରେ ଦେଖନ୍ତୁ)

Digitized by srujanika@gmail.com

# ବହିପତ୍ର



## ପ୍ରଗତି—ପ୍ରଥମଭାଗ—ପ୍ରଥମ ସଂଖ୍ୟା

କଟକ—ଶ୍ରୀ ପ୍ରେସରେ ମୁଦ୍ରିତ, ପାକ୍ଷିକ ପତ୍ରିକା । ବାର୍ଷିକ ମଫସଲ ୪୲୵, ସହର ୪୲୵ ଓ ପ୍ରତିଖଣ୍ଡ ଛ ପଇସା ।

ନବ ସଙ୍ଗିନୀଙ୍କୁ ଅମ୍ଭେମାନେ ସମାଦରରେ ସଂଖୋଳ ନେଉଛୁଁ । ଓଡ଼ିଆ ଗ୍ରାହକଙ୍କର ଯେଉଁ ଅବସ୍ଥା ସେଥିରେ ଏ ଦେଶର ପତ୍ର ପତ୍ରିକାମାନଙ୍କ ପରି ପ୍ରଗତିର ପଞ୍ଚଂଗତି ନ ହେଲେ ରକ୍ଷା; ମାତ୍ର ଯେଉଁ ଜବରଦସ୍ତ ଓ ନାମଜ୍ୟାଦା ସମ୍ପାଦକଙ୍କ ମଣ୍ଡଳ ଅଛନ୍ତି ସେଥିରେ ଆଶାକରୁଁ ପ୍ରଗତି ଉତ୍ତରୋତ୍ତର ଶ୍ରୀ-ସମ୍ପନ୍ନ ଶାଳିନୀ ହୋଇ ଦୀର୍ଘ ଜୀବନ ଲାଭକରିବ । ଭଗବାନଙ୍କୁ ପ୍ରାର୍ଥନା ସହଯୋଗିନୀ ସୁସ୍ଥ, ସବଳ ଓ ସତେଜ ରହି ତାର ସୁମହତ୍ ଉଦ୍ଦେଶ ସଫଳ କରୁ ।

ମା—ନୃସିଂହ ଚରଣ ମହାନ୍ତି । ସୁବିଖ୍ୟାତ ଉପନ୍ୟାସ Motherର ଅନୁବାଦ । ଏହିପରି ବିଦେଶୀ ସୁସାହିତ୍ୟ ଅନୁବାଦ ଦ୍ୱାରା ଆମର ମାତୃଭାଷା ଉନ୍ନତ ହେବ ।

ମୁକ୍ତକର (ପଦ୍ୟ)—ଶ୍ରୀ ଚ, ବର୍ମା ।
ବର୍ମା ମହାଶୟଙ୍କ ତୁଳୀର ସଫେଇ ଦେଖାଥିଲୁ । ଏବେ କଲମର ସଫେଇ ଦେଖି ଖୁସୀ ହେଲୁଁ । ସୌନ୍ଦର୍ଯ୍ୟ ପିପାସୀ artist ତ 'ଗୁପ୍ତ ସୌନ୍ଦର୍ଯ୍ୟ' ଅନ୍ୱେଷୀ । ଅଥଚ ପୁଣି 'ମୁକ୍ତ'ଟା ପାଇଁ ଏତେ ବ୍ୟସ୍ତ କାହିଁକି ?

ସ୍ୱପ୍ନସମର୍ପଣ (ପଦ୍ୟ)—ଶ୍ରୀ ବୋହେମିଅନ୍ Ideaଟି ଭଲ । ପଦ୍ୟାକାରରେ ନ ଲେଖି କବିତା ଗଦ୍ୟ କରିଥିଲେ ଦୋଷ କଣ ଥିଲା କି ?

ଚୁମ୍ବକ—ଶ୍ରୀ ଶ୍ରୀନିବାସ ମିଶ୍ର ।
ଓଡ଼ିଆ ଗ୍ରାମ୍ୟ ଜୀବନର ମଧୁର ସ୍ପନ୍ଦନ । ବେଶ୍ ସ୍ୱାଭାବିକ ହୋଇଛି ।

ସ୍ମରଣେ (ପଦ୍ୟ)—ଶ୍ରୀମତୀ କରୁଣା ଦେବୀ
କବିତାଟି ଭଲ ଲାଗିଲା । ଲେଖିକାଙ୍କର କଳାଜ୍ଞାନ ଓ ଶକ୍ତିଅଛି ।

ବିଏସେ (ପଦ୍ୟ)—ଶ୍ରୀମତୀ ସୁଧାଂଶୁମାଳୀ ଚଟ୍ଟୋପାଧ୍ୟାୟ । ପିଲାଳିଆ କବିତା । ଅଭ୍ୟାସ କଲେ ହେବ ।

ଦୀପଶିଖା (ଗଳ୍ପ)—ଶ୍ରୀ ପତି ରାଉତରାୟ । କରୁଣ ଆବରଣ ମଧ୍ୟରେ ଜ୍ୱଳନ୍ତ ଅଗ୍ନି ଶିଖା । ଭାଷା ଜୀବନ୍ତ ।

## ସହକାର ୧୮ଶ ଭାଗ, ଚତୁର୍ଥ ସଂଖ୍ୟା—ଶ୍ରାବଣ—

ଅଙ୍ଗୁଠି (ଗଳ୍ପ)—ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । କଥାଟି ଭଲ, ମାତ୍ର ଭଲ ଫୁଟିପାରି ନାହିଁ ।

ବିଜନ ବନି ଶେଷ ସରଣୀ (ପଦ୍ୟ)—ଶ୍ରୀ.ଚ. ଭାବ, ଭାଷା; ଛନ୍ଦ ଏକାବେଳକେ ଅନେକ ସରସ । କେବଳ "ପାଦା ପୁରୁ"ଟା ଧର ହେଲା ନାହିଁ ।

ପ୍ରଦୋଷେ ମହେନ୍ଦ୍ରତନୟା ତୀରେ—(ପଦ୍ୟ) ଶ୍ରୀ ଅଦ୍ୱୈତ ଚରଣ ମହାନ୍ତି । ସ୍ୱଦେଶାଠୀ କାବ୍ୟର ମନ୍ଦ ଅନୁକରଣ ନୁହେଁ ।

ଗଣ ସାହିତ୍ୟ—ଶ୍ରୀମତୀ ସରଳା ଦେବୀ ।
ଫଳ୍ଗାନଶୀଳ, ବିକାଶଶୀଳ, ବିପ୍ଳବଶୀଳ ଲେଖାମାନ ଲେଖିବା ପାଇଁ ଲେଖକମାନଙ୍କୁ ଆହ୍ୱାନ କରୁଛନ୍ତି । କଥାଟା ଖୁବ୍ ସତ । ସାହିତ୍ୟଟା ସମାଜର 'ମଶାଲ' ହେଉଛି, 'ଦର୍ପଣ' ମଧ୍ୟ ହେଉଛି । ଗଣର ସୁଖ, ଦୁଃଖ, ଜୀବନ, ମରଣ, ଆଶା, ଆକାଂକ୍ଷା ନେଇ ଯେ ଯୁଗ-ସାହିତ୍ୟ ହେବା ଉଚିତ ତାହା କେହି ମନା କରୁନାହିଁ । ଖାଲି ମାତ୍ର କଥାରେ କହିଲେ ତ ହୁଏନାହିଁ । ଖାଣ୍ଟି ସାହିତ୍ୟକ ତାହା ନ କରି କହି ପାରେ ନା । ତେବେ ଗୋଟିଏ କଥା ଯେ, ଏହାର ଯେତେ ପ୍ରୟୋଜନୀୟତା (Utility) ଥାଉ, ଏସବୁ ସାମୟିକ ସାହିତ୍ୟ—ଗଣ ବା ସମାଜର ଗତି ଅନୁସାରେ ବଦଳୁଥିବ । ଏହାଛଡ଼ା ଆଉ ଗୋଟାଏ ଜିନିଷ ଅଛି, ଯାହା ଅପରିବର୍ତ୍ତନୀୟ,—ଯାହା ପେଟ ପିଠିର ଉପରେ—ଇନ୍ଦ୍ରିୟର ବାହାରେ—ଯେ ବୁଭୁକ୍ଷାକୁ ତୃପ୍ତି ଦେଇପାରେ ଯାହା, ତାହାହିଁ—ଚିରନ୍ତନ ସାହିତ୍ୟ । ସେ ସାହିତ୍ୟର କ୍ଷୟ ନାହିଁ, ବିନାଶ ନାହିଁ—ଚିର ନବୀନ, ଚିର ସବୁଜ ସେ ।

ପାରିବାରିକ ଆକର୍ଷଣ (ଗଳ୍ପ)—
ଶ୍ରୀ ବୈଦ୍ୟନାଥ ସାହୁ ବି. ଏ. ଅତି ସାଧାରଣ ଗପ ।

ଅନ୍ତରବାଣୀ (ପଦ୍ୟ)—ଶ୍ରୀ କୁବେର ଦଳାଇ
କଞ୍ଚା ଲେଖା—ତେବେ ଆଶା ଜନକ ।

ସନ୍ଦେହ (ପଦ୍ୟ)—ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ ।
କବିଙ୍କ ଅନ୍ତରରେ ସନ୍ଦେହର ଆନ୍ଦୋଳନ ପ୍ରତିଧ୍ୱନିତ ହୋଇ ଲେଖନୀରେ ଜାଳି ଉଠିଛି । କବି ଆବେଗରେ ଗାଇଛନ୍ତି—

"ସ୍ୱର୍ଗକୁ ତୋହର ଜନମେ ମଡ଼ିବ
ଚନ୍ଦ୍ରିକା ଜନମେ ଶୋଷି,
ଭୂମିକମ୍ପ ତ ଜନମ ଲଭଇ
ଭେଦିବ ତୋର ବେଶ୍ରୀ ।"

ଶାପମୁକ୍ତା—(ଗଳ୍ପ)—
କବିଚନ୍ଦ୍ର ଶ୍ରୀ କାଳୀପ୍ରସନ୍ନ କବି ।
ଗଳ୍ପଟି realistic ହେଲେ ମଧ୍ୟ ନଗ୍ନ ସାହିତ୍ୟର ଆଦର୍ଶ ଉଚ୍ଚ ହେବା ଉଚିତ । 'ଚୂଡ଼ମାଚ,' 'ବଚଯା,' 'ପିଭ୍ ଜଳବା,' ପ୍ରଭୃତିର କଣ ଭଲ ଓଡ଼ିଆ ଶବ୍ଦ ନାହିଁ ?

ଅଶ୍ରୁ ତପସ୍ୟା (ପଦ୍ୟ) ଶ୍ରୀ ଉଦୟନାଥ ଷଡ଼ଙ୍ଗୀ
ନୂତନତ୍ୱ ନାହିଁ ।

ବର୍ଷା ବିରହ (ପଦ୍ୟ)—ଶ୍ରୀମତୀ ହରିପ୍ରିୟା ଦେବୀ
ଭଲ ବୋଲି କହିବାକୁ ହେବ ।

କନ୍ୟାଦାୟ—ଶ୍ରୀ ଶରତ୍ ଚନ୍ଦ୍ର ମୁଖାର୍ଜୀ
ପକ୍କା ହାତର ପକ୍କା ଲେଖା । କ୍ଷୁଦ୍ର ପରିସର ମଧ୍ୟରେ ଗୋଟିଏ ଜଟିଳ ସମସ୍ୟାର artistic ସମାଧାନ ।

Digitized by srujanika@gmail.com

# ୨ୟ ଡଗର ଶବ୍ଦଧନ୍ଦା

## ଟ ୨ ଙ୍କା ପୁରସ୍କାର !

'ଡଗର'ର ପାଠକ ମାତ୍ରେ

| ଏକଅଣା ଡ଼ାକଟିକଟ ସହ | ଏକଅଣା ଡ଼ାକଟିକଟ ସହ | ବିନା ମୂଲ୍ୟରେ |
|---|---|---|










ପ୍ରତ୍ୟେକ ଉତ୍ତର ପାଇଁ
ପ୍ରବେଶିକା ମୂଲ୍ୟ
ଏକଅଣା ମାତ୍ର
ଦୁଇଟି ଉତ୍ତର ଏକ ସଙ୍ଗରେ
ଦେଲେ ଗୋଟିଏ ବିନା
ମୂଲ୍ୟରେ ଦେଇ ହେବ

ନାମ ______________________

ଠିକଣା ______________________

______________________

କେତୋଟି ଉତ୍ତର ______________________

ଅକ୍ଟୋବର ଏକ ତା
ଦିନ ୧୦ ଟା ମଧ୍ୟ
ସମସ୍ତ ଉତ୍ତର
ପହଞ୍ଚିବା ଦରକାର

### ସିଧା

୧ । ଭ୍ରାନ୍ତି ।
୩ । ବେପାର ।
୫ । ୨ ତଳ ବାଟରେ ଯାହା ତାହା ।
୭ । ଏହା ବାଡ଼ ଝିଡ଼ାଏ ।
୮ । ଏହା ପାଇଲେ ଗୋଡ଼ ଆଉ ତଳେ ନାହିଁ ।
୧୦ । ବର୍ଷା ଋତୁରେ ଏହା ପଡ଼େ ।
୧୧ । ଏହା ଅଧେ ଅଧେ ପଡ଼ିଲେ ନଖାଇ କିଏ ଛାଡ଼େ ?
୧୩ । ଏ ଗହଣାକୁ ପୁଅ ଝିଅ ସମସ୍ତେ ପିନ୍ଧନ୍ତି
୧୬ । ଏଥିରେ ମୁହଁ ଫୁଲିଯାଏ ।
୧୭ । ଏହା କଥା କହିଲେ ଚାଲିବାକୁ କଷ୍ଟ ହୁଏ ।
୧୮ । [illegible] ଶିକାର ।

### ବିଜ୍ଞାପନ

'ଶବ୍ଦଧନ୍ଦା' ଓଡ଼ିଆରେ ନୂଆକରି ହେଉଛି । ଇଂରାଜୀରେ ଏପରି ଧନ୍ଦାର ବହୁଳ ପ୍ରଚାର (Crossword puzzle) । ଟିକିଏ ଅକଲ ଖରଚ କରି ପାରିଲେ ଧନ୍ଦାଭେଦ କରିବାକୁ ଯେତିକି ମଜା ଲାଗିବ ସେହିପରି ଲାଭ ମଧ୍ୟ ଅଛି । ଧନ୍ଦା ସମ୍ବନ୍ଧେ ପ୍ରତିଯୋଗୀମାନେ ନିଜର

ମତାମତ ଅଳ୍ପରେ ଲେଖିଲେ ଡଗରରେ ପ୍ରକାଶ କରାଯିବ । ମନେରଖନ୍ତୁ—ଠିକ ଉତ୍ତର ନମିଳିଲେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପୁରସ୍କାର ପାଇବ ।

### ଉପର ତଳ

୧ । ଯେ ଏହା ସତମତେ ଚଳାଏ ଲକ୍ଷ୍ମୀ ତା ସ୍କନ୍ଧରେ ବସନ୍ତି ।
୨ । ଏଥିରେ ଲୁଣ ନ ଥିଲେ ରସିକ ଅପଦସ୍ତ ହୁଏ ।
୪ । ଏହା ନ ଥିଲେ ମନୁଷ୍ୟ କାମରେ ଆଗେଇ ପାରେ ନାହିଁ ।
୬ । ଗୋଲ୍‌କାର ଆଧାର ।
୮ । ଶୟନ ସମୟରେ ଏଥିରେ ଆରାମ ମିଳେ।
୯ । ଡଗରର ବାର୍ଷିକ ମୂଲ୍ୟ 'ଡାକସହ ବର୍ତ୍ତମାନ' ଦୁଇଟଙ୍କା ।
୧୨ । ...ଦେବୁ କଣେ କଣରେ ପ୍ରୀତି ସବୁ?
୧୪ । ବହୁ ବର୍ଦ୍ଧାଇ କରେ ।
୧୫ । ଏହା ମରଣକୁ ଡାକି ଆଣେ ।

### ଧନ୍ଦା ଭେଦର ଉପାୟ

ଉପରେ ଯେଉଁ ତିନୋଟି ନକ୍ସା ଦିଆ ଯାଉଛି, ତାର ସିଧା ବାଟରେ ସାତୋଟି ଓ ଉପର ତଳ ଭାବରେ ସାତୋଟି ଘର । ଏପରି ମୋଟ ୪୯ଟି ଘର ଭିତରୁ କେତେକ ଘର ବନ୍ଦ ଅଛି, କେତେକ ଘରେ ଅକ୍ଷର ଦିଆଯାଇଛି ଓ ଅନ୍ୟ କେତେକ ଘର ଖାଲି । ଏହି ଖାଲି ଘରମାନଙ୍କରେ ଏପରି ଗୋଟିଏ ଗୋଟିଏ ଅକ୍ଷର ବସାଇବାକୁ ହେବ ଯେପରି ସମସ୍ତ ଅକ୍ଷର ମିଶି ସିଧା ଆଡ଼େ ଓ ଉପର ତଳକୁ କେତେ ଗୁଡ଼ିଏ ଶବ୍ଦ ଗଢ଼ିବ । ଶବ୍ଦଗୁଡ଼ିକ ଯେଉଁଠାରୁ ଆରମ୍ଭ ହେବ ସେହି ଘର ମାନଙ୍କରେ ନମ୍ବର ଦିଆଯାଇଛି ଏବଂ ଯେଉଁଠାରେ ଶେଷ ହେବ ତାର ପର ଘର ଗୁଡ଼ିକୁ ବନ୍ଦ କରି ଦିଆଯାଇଛି । ଅଣଲେଖା ଅକ୍ଷର ଗୁଡ଼ିକୁ ନିର୍ଣ୍ଣୟ କରିବା କ୍ରମରେ ଘରର ନମ୍ବର ବା ଶବ୍ଦର ନମ୍ବର ଅନୁସାରେ ଉପର ଶବ୍ଦ ଗୁଡ଼ିକର ଅର୍ଥ ବା ଦ୍ୱିତୀୟ ଅର୍ଥ—ସଙ୍କେତ ଦିଆଗଲା ।

[illegible] ଯାହା ଯାଉଛନ୍ତି ଅର୍ଥକୁ ବ୍ୟାଖ୍ୟାଥିବ ।

Digitized by srujanika@gmail.com

# ପ୍ରତିଯୋଗୀତା ।

ପାଇପାରିବେ ।

## ଟ ୬ ଙ୍କା ପୁରସ୍କାର !!

ଉଦାହରଣ:—ପ୍ରଥମ ଘର ଗୁଡ଼ିକ ମଧ୍ୟରୁ ୧ନମ୍ବର ଘରେ 'ଗ' ଓ ସପ୍ତମ ଘରେ 'ନ' ଅଛି । ଚତୁର୍ଥ ଘର ବନ୍ଦ ଓ ଦ୍ୱିତୀୟ ଘର ଖାଲି । ଅତଏବ ଶବ୍ଦଟି ତିନି ଅକ୍ଷରର ହେବ, ଯାହାର ମୂଳ ଅକ୍ଷର 'ଗ' ଓ ଶେଷ ଅକ୍ଷର 'ନ' ହୋଇଥିବ । ମଝି ଅକ୍ଷରଟି ବାହାର କରିବାର କଥା । ଏ ଶବ୍ଦ ସିଧା ଭାଗରେ ରହି ଥିବାରୁ ଏହି ଶବ୍ଦର ନମ୍ବର (୧) ଅନୁଯାୟୀ ସିଧା ଭାଗରେ ଲେଖା ଯାଇଥିବା ଏକ ନମ୍ବର ଅର୍ଥ ସଙ୍ଗେ ସମାନ ହେବାର କଥା—"ଗୃହାନ୍ତ" । ଏଣୁ ଉତ୍ତର ଶବ୍ଦଟି ହେଲା 'ଗଗନ' ।

ସେହିପରି ଉପର ତଳ ଭାବରେ ୧ନମ୍ବର ଶବ୍ଦର ଅର୍ଥ ଦିଆ ହୋଇଛି । "ଯେ ଏହା ସୁବିଧାମତ ଚଳାଏ ଲକ୍ଷ୍ମୀ ତା ସ୍କନ୍ଧରେ ବସନ୍ତି" । ତିନି ଅକ୍ଷରର ଶବ୍ଦଟିଏ ହେବ । ପ୍ରଥମ ଅକ୍ଷର 'ଗ' ଓ ଦ୍ୱିତୀୟ ଅକ୍ଷର 'ର' ଅଛି । ଅର୍ଥ ସଙ୍ଗରେ ମିଳାଇ ବାକି ଅକ୍ଷରଟି ବାହାର କରନ୍ତୁ । ଏହିପରି ଭାବରେ ସବୁ ଖୋଲା ଘର ଗୁଡ଼ିକ ପୂରଣ କରନ୍ତୁ । (ମନେ ରଖିବେ, ଗୋଟିଏ ଗୋଟିଏ ନମ୍ବରରେ ଅର୍ଥ ସହିତ ମିଳୁଥିବା ଏକାଧିକ ଶବ୍ଦ ହୋଇପାରେ ।)

### ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ ।

ଏ ଧନ୍ଦାର ଠିକ ଉତ୍ତର ଗୋପିନାଥ ପ୍ରେସ ପାଣ୍ଡେ ରକ୍ଷକଙ୍କ ଠାରେ ସିଲ ବନ୍ଦ ହୋଇ ରଖା ହୋଇଛି । ଯାହାର ଉତ୍ତର ଏହା ସଙ୍ଗେ ଠିକ ମିଳିଯିବ ତାଙ୍କ ପାଇଁ ପ୍ରଥମ ପୁରସ୍କାର—ଟ ୩୯ । ଯାହାର ଗୋଟିଏ ଭୁଲ ଥିବ ତାଙ୍କପାଇଁ ଦ୍ୱିତୀୟ ପୁରସ୍କାର—ଟ ୨୯ ଓ ଯୋଡ଼ିଏ ଭୁଲ ଥିବା ଉତ୍ତରର ପୁରସ୍କାର ଟ ୧୯ ।

ଯେ କୌଣସି ବ୍ୟକ୍ତି ପ୍ରତିଯୋଗିତାରେ ଯୋଗ ଦେଇ ପାରିବେ । କେବଳ ଡଗରରେ ଛପା ହୋଇଥିବା କୁପନକୁ କାଟି ତହିଁରେ ଉତ୍ତର ଦେବାକୁ ହେବ । ବାଜେ କାଗଜରେ ଲେଖିଲେ ଅଗ୍ରାହ୍ୟ ହେବ ।

ପ୍ରତ୍ୟେକ ଉତ୍ତର ସଙ୍ଗରେ ୫୦/୍ ପ୍ରବେଶିକା ଫିସ୍ ଦେବାକୁ ହେବ । ତାହା ସ୍ୱହସ୍ତେ ବା ଲୋକ ଦ୍ୱାରା ଡଗର ଅଫିସରେ ଜମା ଦେବେ ଅଥବା ଡାକ ଦ୍ୱାରା ଉତ୍ତର ପଠାଇଲେ ତହିଁ ସଙ୍ଗେ ଶୁଳ୍କ ପଇସାର ପଇସିକିଆ ଡାକ ଟିକଟ ଗୁଡ଼ିଏ ପଠାଇବେ । ଏକା ବ୍ୟକ୍ତି ଏକ ସଙ୍ଗରେ ଦୁଇଟି ଉତ୍ତର ଦେଲେ ଦୁଇଅଣା ଫିସ ଦେବେ ଏବଂ ଧନ୍ଦା ମୂଲ୍ୟରେ ଅଧିକା ଫର୍ମଟିଏ ଦେଇ ପାରିବେ ।

କେହି ଟ ୨୯ ଦେଲେ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରେ ।

ଉତ୍ତରରେ ନିଜ ନାମ—ଠିକଣା ସ୍ପଷ୍ଟ ଭାବରେ ଗୋଟି ଗୋଟି କରି ଲେଖିବେ ।

ଠିକ୍ ଉତ୍ତରଟି ଯଥା ସମୟରେ ଡଗରରେ ବାହାରିବ ଓ ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନଙ୍କ ନାମ ପ୍ରକାଶିତ ହେବ ।

ଏକାଧିକ ବ୍ୟକ୍ତିଙ୍କ ଉତ୍ତର ଠିକ ହେଲେ, ଶ୍ରେଣୀ ଅନୁସାରେ ପୁରସ୍କାର ସମାନ ଭାବରେ ବାଣ୍ଟି ଦିଆ ଯିବ ।

କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ କେବଳ ଉତ୍କୃଷ୍ଟ ପୁରସ୍କାରଟି ପାଇବେ ।

---

### କୁତୁ କୁତୁ

ଜଣେ ବାଳକ ଗୋଟିଏ ଦୋକାନରେ ପଶିଯାଇ ପଚାରିଲା, "ବଥା ମାରିବା ପାଇଁ ଆପଣ କୌଣସି ଔଷଧ ରଖିଛନ୍ତି ?

ଦୋକାନଦାର ପଚାରିଲେ—"କାହିଁ କେଉଁଠି ବଥା ହେଉଛି ଦେଖେଁ ।"

ପିଲାଟି କହିଲା, "ନାଁ, ନାଁ, ଏଇକ୍ଷଣି ବଥା ନାହିଁ ଯେ; କିନ୍ତୁ ବାପା ମୋର ସ୍କୁଲ ପ୍ରଗ୍ରେସ ରିପୋର୍ଟ ପଢ଼ୁଛନ୍ତି ।"

ବସନ୍ତ—

ଜଣେ ଭଦ୍ରଲୋକ ତାଙ୍କର ପ୍ରିୟ ଦାମିକା କୁକୁରଟି ହଜାଇ କେହି ଲୋକ ଖୋଜି ଆଣି ଦେଲେ ଖୁବ୍ ବେଶୀ ପୁରସ୍କାର ଦେବେ ବୋଲି ଲେଖି ଖବର କାଗଜ ଅଫିସକୁ ପଠାଇ ଦେଲେ ଖବର କାଗଜରେ ଛାପିବା ପାଇଁ । କେହି କିଛି ଉତ୍ତର ନ ଦେବାରୁ ସେ ଖବର କାଗଜ ଅଫିସକୁ ନିଜେ ଘଟଣା ବୁଝିବାକୁ ଆସିଲେ । ସେ ଯାଇ ଅଫିସ ଜଗୁଆଳିଙ୍କୁ ପଚାରିଲେ,:—

"ମେନେଜର କାହାନ୍ତି ?"

ଜଗୁଆଳି—ସେ ନାହାନ୍ତି ।

ଭଦ୍ରଲୋକ—ସମ୍ପାଦକ ?

ଜଗୁଆଳି—ସେ ନାହାନ୍ତି ।

ଭଦ୍ରଲୋକ—କିରାଣି ?

ଜଗୁଆଳି—ସେ ବି ନାହାନ୍ତି ।

ଭଦ୍ରଲୋକ—ପିଅନ ?

ଜଗୁଆଳି—ସେ ମଧ୍ୟ ଆପଣଙ୍କର ପୁରସ୍କାର ଲୋଭରେ ଆପଣଙ୍କ କୁକୁର ଖୋଜିବାକୁ ଯାଇଛନ୍ତି ।

ବସନ୍ତ—

Digitized by srujanika@gmail.com



# ଓଡ଼ିଶାରେ ସଙ୍ଗୀତ ଶିକ୍ଷା

## କଳାକର୍ମ

ଶ୍ରୀ କୃଷ୍ଣପ୍ରସାଦ ବସୁ

ପୂର୍ବ ପ୍ରବନ୍ଧରେ ଆମ୍ଭେମାନେ ବ୍ୟକ୍ତ କରିଥିଲୁଁ ଯେ ଏ ପ୍ରକାର ଶୋଚନୀୟ ଅବସ୍ଥାରୁ ମୁକ୍ତ ହେବାର ଏକମାତ୍ର ଉପାୟ ନବ ଯୁଗର ବାଳକ ବାଳିକା ବିଦ୍ୟାର୍ଥୀଙ୍କ ମଧ୍ୟରେ ଅଳ୍ପ ବହୁତ ସଙ୍ଗୀତର ଚର୍ଚ୍ଚା ବା ଆଲୋଚନା ପ୍ରବେଶ କରାଇବା, ଏବଂ ଗ୍ରାମେ ୨ ଥିବା ଯାତ୍ରା ଦଳର ଓସ୍ତାଦ୍‌ମାନଙ୍କୁ ଉପଯୁକ୍ତ କରି ଶୁଦ୍ଧ ସ୍ୱର ଓ ବୈଜ୍ଞାନିକ ପ୍ରଣାଳୀମାନ ଶିଖାଇବା ।

ଆଜି ପୁଣି ସେହି ସମ୍ପର୍କରେ ନାନା କଥାର ଆଲୋଚନା କରିବାକୁ ଯାଉଛୁଁ...ଉଦ୍ଦେଶ୍ୟ, ତ୍ରୁଟି ଗୁଡ଼ିକ ଦେଖାଇ ଦେଇ ତତ୍‌ପରେ ତାହାର ପ୍ରତିବିଧାନର ଉପାୟ ନିର୍ଦ୍ଦେଶ କରିବୁଁ ଏବଂ ଧାରାବାହିକ ରୂପେ ମୌଳିକ ସୂତ୍ର ଓ ଶୁଦ୍ଧ ସ୍ୱର ଗ୍ରାମ ପ୍ରକାଶ କରିବୁଁ—

ଆମର ବର୍ତ୍ତମାନ ରୁଚି କେଉଁଠି, ଟିକିଏ ଭାବି ଦେଖନ୍ତୁ...ବିଚାର କଲେ ଦେଖିବେ ଆମେ ସଙ୍ଗୀତଠାରୁ ବର୍ତ୍ତମାନ କୋଳାହଳର ଅଧିକତର ସମାଦର କରୁଅଛୁଁ—ଶୁଦ୍ଧ ସଙ୍ଗୀତର ମାଧୁର୍ଯ୍ୟ ଭୋଗ କରିବାର ସୌଭାଗ୍ୟରୁ ବହୁକାଳ ବଞ୍ଚିତ ହୋଇ, କେଉଁଟା ସଙ୍ଗୀତ ଏବଂ କେଉଁଟା କୋଳାହଳ ଆମେ ବାରି ପାରୁ ନାହୁଁ—ଏବଂ କୋଳାହଳକୁ ସଙ୍ଗୀତର ସ୍ଥାନରେ ସ୍ଥାପନ କରୁଛୁଁ । ଧରନ୍ତୁ ଦୋଳ ଯାତ୍ରା କଥା—ଠାକୁରଙ୍କ ମେଲଣ । ଡେଲିଙ୍ଗି ଅଛି...ଢୋଲ ଅଛି...କୀର୍ତ୍ତନ ଅଛି...ଗୋଟିପୁଅ ନାଚ ଅଛି...କରତାଳ, ବାଡ଼ିକାଠ, ବାଣ ତୁବଡ଼ି, ଶଙ୍ଖ, ବଡ଼ ବଡ଼ ଝାଞ୍ଜ, ବାଡ଼ିଅ, କ୍ରୁଷ୍ଟି କେତେଜଣ ଆୟୋଜନ ରହିଛି...କିନ୍ତୁ ବ୍ୟବସ୍ଥାଟି ହୋଇଛି ବଡ଼ି ଚମତ୍କାର...ସବୁ ଚାଲିଛି ଏକତ୍ର...ଢୋ ଢେ'...ହୋ ହୋ...ନା ମଧୁର ଶୁଭିଲା, ନା ଢୋଲିଆର କାରିଗରି ଦେଖାଗଲା, ନା ଡେଲିଙ୍ଗି ସାନାଇର ମାଧୁରି ପାଇଲୁଁ...ନା କୀର୍ତ୍ତନ ଭଜନ ହେଲା—ଏତେ ଅର୍ଥବ୍ୟୟ ଏତେ ଆୟୋଜନର ଫଳ କଣ—କୋଳାହଳ ତ... ଏଥିପରିବର୍ତ୍ତେ ପଣେ ଖଣ୍ଡେ ଘଣ୍ଟ ବାଡ଼େଇ ଥିଲେ ତ ଭଲ ହୋଇଥାନ୍ତା...ଅନ୍ତତଃ ମାଙ୍କଡ଼ ଘଉଡ଼େଇବା ହୁଣର ଅଭାବ ନଥିଲା ତ !...କାହିଁକି, ସଭିଙ୍କୁ ନୀରବ ରଖି ପୃଥକ ୨ ଭାବରେ ଜଣ ଜଣଙ୍କର କୃତିତ୍ୱ ବା ଯୋଗ୍ୟତା ଦେଖାଇଥିଲେ କି କ୍ଷତି ହୁଅନ୍ତା !—ଏହି ପ୍ରକାର ଦଶା ସର୍ବତ୍ର ।

କଳା ବିଦ୍ୟା ମାତ୍ରହିଁ ଅନୁଶୀଳନ ସାପେକ୍ଷ...ଶୁଦ୍ଧ ସଙ୍ଗୀତର ମର୍ମ ବୁଝିବା ବଡ଼ ସହଜ ନୁହେଁ...ସଂସାରରେ ଭଲ ଦରବ ବିକାଏ ନାହିଁ; ମନ୍ଦ ମଧ ବିକାଏ ନାହିଁ, କିନ୍ତୁ ଭଲ ବୋଲି ଭ୍ରମ ହେଉଥିବ, ଏ ପ୍ରକାର ମନ୍ଦ ଦ୍ରବ୍ୟର ଆଦର ସମଧିକ, ବିକ୍ରି ମଧ ବହୁତ...ଅବଶ୍ୟ ଖାଣ୍ଟିଏ ନକଲି ଦ୍ରବ୍ୟ ଅଧିକ ଦିନ ଚଳେ ନାହିଁ...ନକଲି ପଛେ ନକଲି ଦ୍ରବ୍ୟ ଉଦ୍ଭାବନ କରି ବାହାର କରିବାକୁ ହେବ, ନୋହିଲେ ବଣିଜ ଚଳେ ନାହିଁ—morality ଏବଂ utility ଏ ଦୁହିଙ୍କ ମଧ୍ୟରୁ କେଉଁଟା ଗ୍ରହଣୀୟ ତାହା ଯେପରି ମୀମାଂସା କରିବା କଠିନ...ସଙ୍ଗୀତ କ୍ଷେତ୍ରରେ ଠିକ ସେହିପରି । ବହୁକାଳ ଏହିପ୍ରକାର ନକଲି ଦ୍ରବ୍ୟର ମୋହରେ ପଡ଼ି ଯାଇ ଆମେ ଆସଲ ଦ୍ରବ୍ୟକୁ ସମ୍ପୂର୍ଣ୍ଣରୂପେ ଭୁଲି ଗଲୁଣି—ସଙ୍ଗୀତ ମଧ୍ୟରୁ ଆମେ କେଉଁ ପ୍ରକାର ସଙ୍ଗୀତକୁ ଧରିବୁଁ ବିଚାର କରି ପାରୁ ନାହୁଁ—ଧ୍ରୁପଦ ଖିଆଲ ଠୁଂରି କି ଅଧୁନିକର ନାଟ୍ୟ ସଙ୍ଗୀତରେ ରସିବୁଁ...ଅଧୁନିକ ସଙ୍ଗୀତ ଶୁଣିବାକୁ ସରଳ ପରି ଜଣାଯାଏ, କିନ୍ତୁ ରାଗରାଗିଣୀ ସ୍ୱର ବିଜ୍ଞାନରେ ପ୍ରକୃତ ଦକ୍ଷତା ନଥିଲେ ଅଧୁନିକ ସ୍ୱର ରଚନା କରିବା ବଡ଼ କଠିନ ..ଆପଣଙ୍କର ଗୀତ ଯେଉଁକି ହେଉ, ପାଲା ହେଉ, କୀର୍ତ୍ତନ ହେଉ, ଧ୍ରୁପଦ, ଖିଆଲ, ଠୁଂରି, କଣ୍ଡ୍ରସବଇଷିମ ଭକାରଙ୍କ ଗୀତ ହେଉ...ଯାହା ହେଉ ମନା ନାହିଁ...ମାତ୍ର କଣ୍ଠସ୍ୱର, ତାଳ, କାନ, ଓ ଅବେଷ୍ଟନୀର କ୍ଷେତ୍ରକୁ ବିଚାର କରିବା ଲାଗି ଧ୍ୟାନ ଧାରଣା ଉପର ରଖିବାକୁ ହେବ...ଏବଂ ଏହି ସମସ୍ତ ଉପକରଣ ତିଆରି କରିବାର ଏକମାତ୍ର ଉପାୟ ସ୍ୱରସାଧନା ଓ ତାଳସାଧନା; ଏବଂ ଏହି ବିଧି-ବନ୍ଧନ, କୌଶଳ ଓ ଦକ୍ଷତା ଶିକ୍ଷା ଦେବା ପାଇଁ ଧ୍ରୁପଦ ଓ ଖିଆଲର ସର୍ଜନା...ଧ୍ରୁପଦ ଖିଆଲ ଆଦି ମାର୍ଗ ସଂଗୀତରେ ସୁଦକ୍ଷ ଶିଳ୍ପି ନ ହୋଇ କେହି ଜଣେ ଭଲ ଗାୟକ ହୋଇଛନ୍ତି ଏ ପ୍ରକାର ଦୃଷ୍ଟାନ୍ତ ଅତି ବିରଳ...କି ଅନ୍ଧ କୃଷ୍ଣବାବୁ, ଶଚୀବର୍ମ୍ମା, ପଙ୍କଜ ମଲ୍ଲିକ, ମୃଣାଲ ବାବୁ, ଜ୍ଞାନ ବାବୁ ଯାହାଙ୍କୁ ଦେଖନ୍ତୁ ସେମାନେ ମାର୍ଗ ସଙ୍ଗୀତର ଖିଆଲ, ଠୁଂରି ଇତ୍ୟାଦିରେ ଦକ୍ଷ ହୋଇଥିବାରୁ ଅଧୁନିକ ନାଟ୍ୟ ସଙ୍ଗୀତ ସେମାନଙ୍କର କଣ୍ଠରେ ଯେ ରୂପ ଧାରଣ କରୁଛି ଅନ୍ୟତ୍ର ସେ ରୂପ ମିଳେ ନାହିଁ । କିନ୍ତୁ ଏହି ମାର୍ଗ ସଙ୍ଗୀତର ଶିକ୍ଷା ଏତେ ଲୁପ୍ତ ହୋଇଛି ଯେ ଯେତେବେଳେ ଏହିପରି ଉଦାସୀନଭାବ ଆଉ କିଛିକାଳ ରହେ, ତେବେ ଏ ସମସ୍ତ ମହାମୂଲ୍ୟ ବସ୍ତୁ ଅଳୀକ କାହାଣିରେ ପରିଗଣିତ ହେବା ବିଚିତ୍ର ନୁହେଁ । ଆମ୍ଭେମାନେ ଚମ୍ପୂର ଯେଉଁ ଗୀତ ସବୁକୁ ଏତେ ଉଚ୍ଚସ୍ଥାନ ଦେଉଁ ତାହାହିଁ ଖିଆଲ...ତେବେ ଖିଆଲ ଗୀତକୁ ପ୍ରକାଶ କରିବାର ତ୍ରୁଟି ଯୋଗୁଁ ଆମର ସେ ଗୀତ ଗୁଡ଼ିକ ଯଥାଯୋଗ୍ୟ ସମାଦର ପାଉନାହିଁ—

କ୍ରମଶଃ

Digitized by srujanika@gmail.com

# ଜବାବ

ଓଡ଼ିଶାରେ ଯେ ଏ ହିନ୍ଦି ଭାଷାର ପ୍ରଚାର ଚାଲିଛି ଏଥିଲାଗି ମୁଁ କଣ କରିବି—ଏଇ କଥା ଟି ମତେ ସମ୍ପାଦକ ପଚାରିଚନ୍ତି । ମୁଁ ଇଥିଁ କଣ କରିବି ? ମୋର କି ବାପ ଶ୍ରାଦ୍ଧ କି ପୁଅ ବିଭା ବନ୍ଦ ହୋଇ ଯାଉଚି ଯେ ମୋର ଏତେ ମୁଣ୍ଡ ବଥେଇବ ସିଥି ଲାଗି । ଏ ଓଡ଼ିଆ ଭାଷାଟା ଅଜକୁ ପ୍ରାୟ ହଜାରେ ବର୍ଷ ହବ ଅଛି । ଇମିତି କେତେ ପରଗଡ଼-ପ୍ରିୟ ଅଧି ମୁଣ୍ଡ ବାଡ଼େଇ ଯାଇଛନ୍ତି—ସେଥିରେ ତାଙ୍କ କପାଳ ଫାଟିଛି ସିନା; ଓଡ଼ିଆର କଣ ହୋଇ ଯାଇଛି ? ଓଡ଼ିଆ ଭାଷାର ଜନ୍ମସ୍ଥାନ ମଫସଲ ଗାଁ; ସେ ସେଇ ପଖାଳଖିଆ ଭିତରେ ସାଗପେଜ ଖାଇ ବଢ଼ିଛି, ମାହାଦେବଙ୍କ ବୃଷଭ ଭଳି । ସେଇଠାରେ ତାର ଆଶ୍ରମ । ସହରର ଏ ଠେଙ୍ଗୁଆ ବା ଶୁଆ ଭାଷା ତାର କଣ କରିବ ?

ଆଉ, କଣ କରିବା ଦରକାର ବା କଣ ? ଏ ଶ୍ରେଷ୍ଠ ଦେଶର ଶ୍ରେଷ୍ଠ ଭାଷା । ଏହାର ସମାଧି ହବା ଉଚିତ । ତା ଜାଗାରେ ବଡ଼ ଦେଶ ବଙ୍ଗଳା ବା ହିନ୍ଦୁସ୍ଥାନର ଭାଷା ଆସିବା ଉଚିତ । ଦେଖୁନ, ଏ ଜଗତଟାରେ କଣ ହଉଚି ? ସୁଇଡେନ, ନରୱେ, ହଲଣ୍ଡ, ବେଲଜିଅମ୍, ସୁଇଜରଲେଣ୍ଡ ଚେକୋସ୍ଲୋଭାକିଆ, ପୋଲାଣ୍ଡ ଇତ୍ୟାଦି ସଭ୍ୟ ପୃଥିବୀର ଯେତେ ଶ୍ରେଷ୍ଠ ଦେଶ ଓ ଶ୍ରେଷ୍ଠ ଭାଷା—ସମସ୍ତେ ଇମିତି ନିଜ ନିଜର ଭାଷାକୁ ଛାଡ଼ି ବଡ଼ ବିଲାତର, ଫ୍ରାନ୍ସର କି ରୁଷିଆର ଭାଷାରେ କଥାବାର୍ତ୍ତା ହଉଚନ୍ତି, ଲେଖାଲେଖି କରୁଛନ୍ତି । ତୁମେ କହିବ, କାଇଁ ଇମିତି କଥାତ ଆମେ କେବେ ଶୁଣିନାହୁଁ; ସ୍ୱିସ୍ ଲେଖକ ତା ଭାଷାରେ ଲେଖେ, ବେଲଜିଅନ୍ ଲେଖକ, ତା ଭାଷାରେ ଲେଖେ । ତୁମେ ଗଧ, ତୁମେ ବୋକା, ତୁମେ ଅନୁଦାର, ତୁମେ ମୋଟେ ଅଜ କାଲିକାର ପ୍ରଗତି (ଧରଗତି) ସାହିତ୍ୟ ପଢ଼ିନାହଁ । ତୁମେ ଅବଶ୍ୟ ସ୍ୱୀକାର କରିବ ଯେ ଆମେ ଜଣେ ବଡ଼ ଧରଣର ସାହିତ୍ୟିକ, ଆମେ ଲେଖକ, ଆମେ କବି । ଆମେ ଯେବେ ଏତେ କଥା—ତା ହେଲେ ଆମେ କଣ ମିଛ କହି ପାରୁଁ ? ଆଉ ତୁମେ କଣ ? ହେଲେ ଗୋଟାଏ ଖଣ୍ଡିଆ କାଗଜର ସମ୍ପାଦକ, ପାଁଶ ହଜାରକର ଚାକର; ତୁମେ କଣ ମିଛ କହନାହଁ ? ତୁମ ହୃଦୟ, ତୁମର ଶିକ୍ଷା, ତୁମର ଆଦର୍ଶ କଣ ଉଦାର ଓ ମହତ ହୋଇ ପାରେ ? ଅତଏବ ତୁମରି ଭୁଲ, ଆମରି କଥା ଟି ଠିକ୍ ।

ତା ପରେ ସେ ଦେଶ ଗୁଡ଼ାକରେ ଯେବେ ବା ଭୁଲରେ ନିଜ ଭାଷାରେ କଥା କୁହା ଓ ଲେଖା ଲେଖି ହେଉଥାଏ, ତାହେଲେ ସେ ତାଙ୍କର ଅସଭ୍ୟତାର ଫଳ । ସେମାନେ ତ ଆମଭଳି ବଙ୍ଗଳା, ହିନ୍ଦି ଓ ଇଂରାଜି ପଢ଼ି ବଡ଼ଲୋକ ହୋଇ ପାରନାହାନ୍ତି, ସେମାନଙ୍କ ମୁଣ୍ଡରେ ଏପରି ଉଚ୍ଚ ଦରର ଭାବ ସବୁ ପଶିବ କିମିତି ? ଆଉ ଇଂରେଜି ଭାଷାର ଯେବେ ସେ ଦେଶରେ ପ୍ରଚାର ହୋଇ ପାରୁନାହିଁ, ତାହେଲେ ସେ ଇଂରେଜି ଲେଖକମାନଙ୍କର ଅଧମତା । ଦେଖନା, ଆମେ ଏଣିକି ଇଂରେଜି ବଙ୍ଗଳାରେ ଲେଖି ଉପରେ ସେ ଭାଷାଗୁଡ଼ାକୁ ଏହା-ବେଳେକେ ଅଧା ସ୍ୱର୍ଗକୁ ଉଠେଇ ଦବୁଁ । ସେଦିନ ବିଲାତର ପ୍ରଧାନମନ୍ତ୍ରୀ ବାଲ୍‌ଡୱିନ୍ ସାହେବ କହିଥିଲେ ଯେ ଇଂରେଜ କବିତା ଇଂରେଜି ଲୋକ ପଢ଼ନ୍ତି ନାହିଁ—ସେହି ହେତୁରୁ ଇଂରେଜର କବି ଓ ଲେଖକମାନେ ଅତ୍ୟନ୍ତ ଗରିବ । ବାଲ୍‌ଡୱିନ୍ ସାହେବଟା "ଅସ୍ତ୍ର" ଗଧ । ସେ 'ସେକେଲେ' । ତାଙ୍କ କଥା ଗୋଟାଏ କଥାରେ ଲେଖା ନା ? ଇଂରେଜର କବି ଓ ସାହିତ୍ୟିକମାନେ ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ରୋଜଗାର କରୁଚନ୍ତି । ବିଲାତର ଅତି ଲୋକପ୍ରିୟ ଗଳ୍ପ ସାହିତ୍ୟିକ ଏଡ଼ଗାର ୱାଲେସ ମଲାବେଳକୁ ତାଙ୍କର କେତେ ହଜାର ଟଙ୍କା କରଜ ଥିଲା ।

ୱାଲେସ୍, ଓଃ ! ସେତ କେବକାଳର ଲୋକ, ମଲେଣି ଆସି ୧୯୩୫ ସାଲରୁ । ତା କଥାଟା ଗୋଟାଏ କଥା ନା ? ଏଇତ ହଉଚି, ତୁମର ବୋକାମିର ପରିଚୟ । ତୁମେ ନିତାନ୍ତ ଅନୁଦାର ନହୋଇ ଥିଲେ ଏ କଥାଗୁଡ଼ାକ ଜାଣି ପାରନ୍ତ ! ସେମାନଙ୍କ କଥା ଛାଡ଼ ଦିଅନା । ଏଇ ଆମେ, ଆମେ କେତେ ବଡ଼ଲୋକ, ଆମେ ଯେବେ ଇଂରେଜୀରେ ଲେଖୁଁ, ତାହେଲେ ଦେଖିବ ଆମେ ହଜାର ହଜାର ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ରୋଜଗାର କରି ପକାଇବୁଁ । ଆଉ ତୁମେ ସବୁ ଯେଉଁମାନେ ଓଡ଼ିଆ ସାହିତ୍ୟ, ଓଡ଼ିଆ ଭାଷାକୁ କାମୁଡ଼ି ପଡ଼ିଚ—ତୁମେ ଗୋବର ଖାତରେ ଲଙ୍ଗୁଳା ପୋକ ହୋଇ ପଡ଼ିଥିବ । ନାଇଁ ଯଦି କହ ଯେ ଆମେ ଦୟାକରି ଓଡ଼ିଆରେ ପଦେ ଅଧେ କେତେବେଳେ ଲେଖିବୁଁ ତା ହେଲେ ଆମ ମନକୁ ଯିମିତି ଆସିବ, ସିମିତି ହବ । ଆମେ ବଙ୍ଗଳା, ହିନ୍ଦୁସ୍ଥାନ, ଇଂରେଜି, ତେଲଗୁ, ତାମିଲ ଏସବୁର ଗୋଟାଏ ଖେଚଡ଼ି ତିଆରି କରି ସେଥିରେ ଓଡ଼ିଆ ଭାଷାର ଟିକିଏ ଫୋଡ଼ଣ ଦେଇ ତୁମ ଆଗରେ ବାଢ଼ିଦେଲେ ତୁମେ ତାକୁ ଜଗନ୍ନାଥଙ୍କ ମହାପ୍ରସାଦ ପରି ମୁଣ୍ଡରେ ଲଗେଇ କୃତକୃତ୍ୟ ହୋଇଯିବ ।

ଲେଖକ :—ଶ୍ରୀ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ

ଦେଶର ରମା, ଧମା, ଶ୍ୟାମାଙ୍କ ସାଙ୍ଗରେ ଆମର କଣ ଅଛି ? ଆମେ ସାହିତ୍ୟ ଲେଖିଚୁଁ, ଆମ ଅଣ୍ଟା ଟାଣ କରିବାକୁ, ଆମ ପେଟଟା ଭର୍ତ୍ତିକରିବାକୁ, ନହେଲେ ଆମ ନା' ଡ଼ିବ ଡ଼ିବ ବଜେଇବାକୁ । ରମା ଶ୍ୟାମା ଧମା ବୁଝିବା ନ ବୁଝିବା ସାଙ୍ଗରେ ଆମର କଣ ଅଛି ? ସେମାନଙ୍କର ଦରକାର ହୁଏତ ବୁଝିବା ପାଇଁ—ସେମାନେ ବୈଷ୍ଣବ ପାଣି ନଇଲେ ଗୋବିନ୍ଦ ରଥଙ୍କ ଲେଖା ପଢ଼ନ୍ତୁ । ତାଙ୍କର ହାଡ଼ ଭଙ୍ଗା ପଇସା ଦେଇ ଆମ ବହି କିଣନ୍ତୁ । ନ ବୁଝି ପାରିଲେ ବୋଲି ଯେବେ ନକିଣିଲେ ତାହେଲେ ଆମେ ନଲେଖିବୁଁ ଏବେ । ଆଉ ତୁମେ ଗୁଡ଼ାକ

Digitized by srujanika@gmail.com

ଯେବେ କହିବ ଯେ ନବୁଢା ଓଡ଼ିଆ ଭାଷାରେ ଯଥାସମ୍ଭବ ଓଡ଼ିଆ ଭାଷା ଲେଖାହେବ ବୋଲି ତା' ହେଲେ ଦେଖିତ ଦେଖି, ତୁମେ ଭଲ ଲୋକ ତ ଏପରି ସାହିତ୍ୟ ଯେଉଁଥିରେ କି ଗୋଟିଏ ବୋଲି ସଂସ୍କୃତ ଶବ୍ଦ ନଥିବ। ତୁମେ ଯଦି କହୁଥାଅ ଯେ "ଅମେ ଯଥା ସମ୍ଭବ ଓଡ଼ିଆ ଭାଷାରେ ଲେଖିବୁଁ, କିନ୍ତୁ ଦରକାର ହେଲେ ସଂସ୍କୃତ, ବଙ୍ଗଳା, ହିନ୍ଦି ଏପରି କି ଇଂରେଜିରୁ ଶବ୍ଦ ବ୍ୟବହାର କରିବା; କିନ୍ତୁ ସେ ଶବ୍ଦକୁ ବାକ୍ୟ ଭିତରେ ଏପରି ଭାବରେ ରଖିବାକୁ ହବ ଯେପରି ସାଧାରଣ ଲୋକଙ୍କର ବାକ୍ୟଟାର ଅର୍ଥ ବୁଝିବାକୁ କଷ୍ଟ ହବନାହିଁ"— ତା'ହେଲେ ସେଗୁଡ଼ାକ ଅବାନ୍ତର। ଅମେ ଏତେ କଥା ବୁଝିବାକୁ ଅମର ସମୟ ନାହିଁ; ଅତଏବ ତୁମ କଥାର ପିଠିର ପଣ ବାଦଦେଇ ପଣକ ଉପରେ ଅମେ ଚିନ୍ତା, ତୁଚ୍ଛଣି, ଦାମ୍ଭିକାମାଡ଼ କରି ବସିବୁଁ। ଏ ବଡ଼ ସାହିତ୍ୟିକମାନଙ୍କ କାମ। ବଡ଼ଲୋକ ହେଲେ ଇମିତ କରନ୍ତି। ଯେଉଁମାନେ ଛୋଟ ଲୋକ, ସେଇମାନେ କେବଳ କଥାଟା ବୁଝି ଧୈର୍ଯ୍ୟଧରି ଲେଖାଲେଖି କରି-ପାରିବେ। ତୁମେ ଯଦି ଏତିକି ଜାଣି ନଥାଅ ଯେ ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାଇଲେ ଦୋଷ-ନାହିଁ—ତା'ହେଲେ ତୁମଠାରୁ ବଳି ଅଧମ ଏ ଜଗତରେ କେହି ନ ଥିବେ।

ଓଡ଼ିଶାରେ ଯେତେବେଳେ ଏପରି ସାର-ବାନ, ନ୍ୟାୟବାନ୍, ଯୁକ୍ତିଯୁକ୍ତ ଲେଖା ବାହା-ରୁଛି ସେତେବେଳେ ସମ୍ପାଦକଙ୍କର ବା ଗୋଷ୍ଠି ପତିଙ୍କର ଭୟ କରିବାର କଣ ଅଛି ? ଏ ସାହିତ୍ୟର ସଂଗଠନ ପାଇଁ ତାହାର କିଛି କରିବା ଲୋଡ଼ାନାହିଁ। ହୋଟେଲ୍ ହେନାର୍ ଗନ୍ଧ ବାସନ୍ତୀ ନାକରୁ ଚାଲିଗଲା ପରେ ମଧ ମନରେ ଲାଗିରହେ, କିନ୍ତୁ ଡୁଡୁରା ଫୁଲର ଗନ୍ଧ ନାକରୁ ଚାଲିଯିବା ସାଙ୍ଗେ ସାଙ୍ଗେ ଲୋକ ଦୁଃସ୍ୱପ୍ନ ପରି ଏକାବେଳେକେ ପାସୋରି ପକାଏ।

ତା ଉପରକୁ, ସବୁ ଯୁଗର ସବୁ ସାହିତ୍ୟରେ ଇମିତ ଗୋଟାଏ ପର୍ବ ଦିକେଣ ହାପୁସି ବେଳ ଅସିଥାଏ। ଦେଶନଙ୍କର ଅଧାଫାରସି ଅଧା ଲହନ ଇଂରେଜ ଭାଷା ଅଜ ନାହିଁ— ଇଂରେଜ ଭାଷା ଭାଷିଙ୍କ ଭିତରୁ ପଦହପଣ ଉଣିଶିଗଣ୍ଡା ଟନକଡ଼ା ଲୋକ ବୋଧହୁଏ ଦେଶନଙ୍କ ନାଁ ଜାଣି ନାହାନ୍ତି। ଯେତେ-ବେଳେ ପାଖ ପଡ଼ିସାଙ୍କ ଘର ସହଗରମ ହେଇଯିବ, ସେତେବେଳେ ତାଙ୍କ ଘରର ତାତିଲା ପବନ ଅମ ଘରକୁ ଅଳପେ ବହୁତେ ବୋହି ଅସିବ। ଅମ ଘରର ପଖାଳ ଥଣ୍ଡା ବାଜ ସେ ଗରମ ପବନ ମଧ ଥଣ୍ଡା ହୋଇ-ଯିବ ଦିନେ। ବଙ୍ଗଳା ସାହିତ୍ୟର ଗରମଭାବ ଗଲାଣି; ଇଲେ ଜଣାଯାଏ ଯେପରି ସେଥିରେ ଲୁହାଡ଼ ମାଡ଼ ଗ୍ରୁଲାଚ। ହିନ୍ଦି ସାହିତ୍ୟ ଅମରପରି ପରିଗତ ପରିଚେଷ୍ଟାରେ ଅଛି। ତେବେ ଭୟ କାହିଁକି ସମ୍ପାଦକ ଭାଇ ? ମା ଭୈଃ।

ତୁମେ, ଭାଇ, ମୋତେ ବଳବ ବୋଧହୁଏ। କହିବ କଣମ, ମୁଁ ସିନା ସ୍ତ୍ରୀଙ୍କୁ କହିଥିଲି ଗୋଟେ ରସବିହୀନ କଥା କିଛି ଲେଖିବେ ବୋଲି, ଇମିତ ଗୁଡ଼େ ବାଜେ କଥା ଲେଖି ମତେ ଭଣ୍ଡେଇ ଦବାକୁ ଚେଷ୍ଟା କରୁଛନ୍ତି ସେ ମୁଁ କଣ ପିଲା ହେଇଚ। କଣ କରିବି ଭାଇ; ବାଜେ କଥା ଲେଖିବା ମୋର ଅଭ୍ୟାସ ପଡ଼ି ଗଲାଣି। ତେବେ ତୁମ ମନ ଚିନ୍ତିତ ହଳିବାକୁ ହେବ। ସେଥିପାଇଁ ଲେଖୁଚି।

ଏ ପରିଗତ, ପରିଚେଷ୍ଟାର ପ୍ରେମଯୁଅରେ ପଥରବନ୍ଧ ପକାଇବାର ଗୋଟିଏ ମାତ୍ର ଉପାୟ ମନେ ପଡ଼ୁଛି। ଅମ ସ୍ୱରାଜ୍ୟ ସରକାର ଯେବେ ବଙ୍ଗଳା-ପ୍ରେମିଙ୍କୁ ବଙ୍ଗଳାକୁ ଓ ହିନ୍ଦି ପ୍ରେମିଙ୍କୁ ବିହାରକୁ ପେଷି ଦିଅନ୍ତେ, କହନ୍ତେ ବାବୁ ହେ, ତୁମ ପ୍ରେମିକଙ୍କ ପାଖକୁ ଯାଅ, ସେଇଠି ଚଳନ୍ତ, ରହିବ, ଖାଇବ ପିଇବ କରିବ, ଯେତେବେଳେ ଯାଏ ଓଡ଼ିଶାର ସମା ଧାମା ଶ୍ୟାମାଙ୍କ ଅଡ଼କୁ ତୁମର ମନ କଡ଼କଚ—ସେଦିନଯାଏ "ପଥ ପରୁସ ପିତା ଘର ଯିବ, ଅଉ ଓଡ଼ିଶା ମନେ ନ କରିବ;" ତା ହେଲେ ମୋର ମନେ ହୁଏ ଏ ମୋହ ଭାଙ୍ଗି ପାରିବ। ନିଜଘରେ ବସି ପଡ଼ିଶା ଘର ପ୍ରତି ପ୍ରେମ କରିବା ଏକ କଥା; ଅଉ ପଡ଼ିଶା ଘର ପ୍ରଣୟିନୀଙ୍କୁ ଘେନି ପ୍ରତାରଣା କଲିବା ଅଉ ଏକ କଥା।

ହଁ, ଅଉ ଗୋଟିଏ କଥା। କଥା ଲମ୍ବେଇଲେ ଅନେକ ବାଟ ଯିବ। ଅଉ ବାଟ ଯେତେକ ଯିବ, ଟେଣ୍ଟପଲିଅ ସେତିକ ଖିଞ୍ଚାହବ। ତୁଞ୍ଚାଟାରୁ ଏ ବୁଢ଼ା ହାଡ଼ରେ ବଳଶିପଲିଅ ମିଳିବ କାହିଁ ? ଗୋଟିଏ କଥା। ଓଡ଼ିଶାରେ ବିଦେଶୀ ସାହିତ୍ୟ, ବିଦେଶୀ ସଙ୍ଗୀତ, ବିଦେଶୀ ସଭ୍ୟତା ବିଦେଶୀ ମମତାର ସୁଅଟା ତ ଖୁବ୍ ଜୋରରେ ଚାଲିଚି। କିନ୍ତୁ ମୋର ଯେମିତି ମନେହୁଏ—ଏ ଖାଲି ଭଡ଼ଙ୍ଗ। ଭଡ଼ଙ୍ଗିଆ ମାନେ ଯିମିତି କରନ୍ତି ନାଇଁ—ନିଜ ବଡ଼ ଲୋକ ଦେଖେଇବା ପାଇଁ, ମୁଁ ଇମିତ ଅମୁକ ସାହେବଙ୍କ ସାଙ୍ଗରେ ଖାନା ଖାଇଲି, ଅମୁକ ରଜା ମତେ ଇମିତ ଖାତିର କଲେ, ଅମୁକ କୋଟିପତି ମତେ ଇଅତିକା ପୂଜା କଲେ, ଇତ୍ୟାଦି; ଏଭିଟା ଠିକ ସେଇପରି। ବିଦେଶୀ ଭାଷା, ସାହିତ୍ୟ, ସଙ୍ଗୀତ ବିଷୟରେ ଯେବେ ଅମର କାରସାଦି, ଏତେ ତା' ହେଲେ ସେଇଟା ବିଦେଶରେ ନ ଫୁଟି ନିଜ ଦେଶରେ ଗନ୍ଧଉଚି କାହିଁ ? ବଙ୍ଗଳାର କୃଷ୍ଣଚନ୍ଦ୍ର ପ୍ରଭୃତି ଗାୟକ ମାନେ ହିନ୍ଦି ସଙ୍ଗୀତ ରାଜ୍ୟରେ ଖୁବ୍ ତ ନାଁ କଲେଣି।

ପ୍ରମଥେଶ, ଯମୁନା ପ୍ରଭୃତି ବଙ୍ଗଳାର ଅଭିନେତା ଓ ଅଭିନେତ୍ରୀମାନେ ହିନ୍ଦି ନାଟ୍ୟ ଜଗତରେ ଖୁବ୍ ଉଚ୍ଚଆସନ ଦଖଲ କରି ବସିଛନ୍ତି। ସେହିପରି ସଇଗଲ ପ୍ରଭୃତି ହିନ୍ଦି ଅଭିନେତାମାନେ ବଙ୍ଗଳା ନାଟ୍ୟ ଜଗତରେ ନାମ ଅର୍ଜିଛନ୍ତି। ଏମାନେ ନିଜଦେଶ ଓ ନିଜ

( ୧୬ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

ରାବଣ—କନକ ଲଙ୍କାର ଅଧୀଶ୍ୱର ।
ମେଘନାଦ—ତସ୍ୟ ପୁତ୍ର crown prince.
ଅତିକାୟ— ,, (ଲାଳିତ)
ଅକ୍ଷୟ କୁମାର— ,, (ପାଳିତ)
ରାମଚନ୍ଦ୍ର—ମହାତାପୀ କ୍ଷତ୍ରିୟ ରାଜପୁତ୍ର ।
ବିଭୀଷଣ—ରାମ ଭକ୍ତ ।



ଜାମ୍ବବାନ—ବୃଦ୍ଧ ଭଲ୍ଲୁକ ପତି
ହନୁମାନ—ଲଙ୍କାପୋଡ଼ା କପି ।
ଇନ୍ଦ୍ର—ଐରାବତ ପତି ।
ବରୁଣ, କାଳନେମୀ, ନଳ, ନୀଳ, ଗନ୍ଧ-
ଗବାକ୍ଷ, ଅଙ୍ଗଦ ପ୍ରଭୃତି ଅନେକ ରହସ୍ୟମୟ
ଚରିତ୍ରରେ ପରିପୂର୍ଣ୍ଣ ।

# ନବ ରାମାୟଣ

ଅତିକାବ୍ୟ ।

କପିବର ହନୁମନ୍ତ ବିରଚିତ

## ମୂଳିଆକାଣ୍ଡ ।

( ପୂର୍ବପ୍ରକାଶିତ ଉତ୍ତାରୁ )

ଜତ୍‌ପରେ ସ୍ଫଟିକ ପାତ୍ର ଆସିଲା ତକ୍ଷଣେ;
ସୋତ୍ସାହେ ଲଗାଇ ମୁଖ ଶୋଷିଲେ ନିଃଶେଷେ
ଦାନବେନ୍ଦ୍ର, ଚକ୍ଷୁ ବୁଜି ସେହି ସୁଧାଧାର;
ଛାଡି ଅଗ୍ରମର 'ଅହା' ଉକ୍ତି ସ୍ୱାଦାବେଶେ ।
ଲାଗିଲା ଚୁକୁଟ ପୁଣି, ଦେଖିଲେ ସାଗ୍ରହେ
ବାମକରେ ବଳୟିତ କଙ୍କଣ ଘଡ଼ିକା ।
'ଓଃ' ଶବ୍ଦ ଉଚ୍ଚାରଣ ଦେଲେ ଘଣ୍ଟା ଟିପି ।
ବାଜିଲା ଉନାର ବେଲ୍, ଧାଇଁଲେ ସସମ୍ଭ୍ରମେ
ଖାନସମା, ବବୁର୍ଚ୍ଚି ଆଦି ଯେତେ ଅନୁଚର ।

ଏକାଳେ ଶୁଭିଲା ଦୂରେ ମଟରର ହର୍ଣ୍ଣ
ଚକିତେ ଉଦ୍ୟାନ ସ୍ଥିତ ତରୁ ପୁଷ୍ପାବଳୀ
ଉଜ୍ଜ୍ୱଳ ଆଲୋକ ଘାତେ ଉଠିଲେ ଚହଟି ।
ମୁହଁ ଦେଇ ବାରେମାତ୍ର ବାତାୟନ ପଥେ
କୂଟ-ନୀତି ଶାସ୍ତ୍ର-କଳା-ପଣ୍ଡିତ-ହଟୋଟି,
ଅବର ଆସୁରୀ-ମାୟା-ବେଦ-ବିଶାରଦ
ରକ୍ଷନାଥ ଚକ୍ଷୁ ବୁଜି ବସିଲେ ଢୁଳାଇ,
ଢୁଳାଇ ଗାମ୍ଭୀର୍ଯ୍ୟ ଯାକ ବଦନ ମଣ୍ଡଳେ ।
ଧୈର୍ଯ୍ୟର ମୂରତି ଅହା—ଯେହ୍ନେ ମହୋଦଧି
ଶୀତକାଳେ କ୍ଷଣେ କ୍ଷଣେ ବାତଳ ବତାସେ
ରହିଯାଏ ତେଜ, ଶୂନ୍ୟ ନିଷ୍କମ୍ପ, ନିଶ୍ଚଳ ।

ଶୁଭିଲା ବାରଣ୍ଡା ପ୍ରାନ୍ତେ ଧୀର ଯୋତା ନାଦ,
ପାଦ ଟିପି ଟିପି ଜଣେ ସୁସ୍ଥୂଳ ଯୁବକ

ସଭୟେ ପଶିଲେ ଗୃହେ—ଅସିଣ ନବଟେ
ହେଲେ ଛୁଡ଼ା କଷ୍ଟକ୍ଷଣ—ମାତ୍ର ରକ୍ଷପତି
ନଗୁହିଁଲେ ଚକ୍ଷୁମେଲି ତଥାପି ସେ ଥରେ;
ସତେକି ଯେପରି ଶତ୍ରୁ ଉଦ୍‌ବେଗ ବିହ୍ୱଳ,
ବାତ୍ୟାଜନ୍ୟ ରବେ ଯଥା ପଦ୍ମ ପୁଷ୍କରଣୀ ।
କ୍ଷଣେ ରହି ଯୁବାବର ସମ୍ଭ୍ରମ ବିଧାନେ
ମୁଦ୍ରା କାଶଟିଏ କାଶିଦେଲେ ଚୁପି ଚୁପି ;
ତଥୁଁମେଲି ରକ୍ଷେଶ nod ଟିଏ ମାରି
କୋଇଲେ ମୃଦୁଏମ୍ କଣ୍ଠେ "ବତ୍ସ ମେଘନାଦ
ଆସିଲଣି କେତେବେଳୁ—ସୁସ୍ଥ ତ ଶରୀର ?
ମେଘ—କୁଶଳ ଶରୀର ପିତଃ,
ମାତ, ମାତ, ମାତ,
ରାବଣ—ବୁଝିଲି, ବୁଝିଲି ଏବେ,"
ନାହିଁ ପ୍ରୟୋଜନ,
ଶୁଣିବାକୁ ବେଶୀ କଥା—
ଯେଉଁବୀର ଜିଣିଥିଲା ଅମର କଟକ
ଛଳେ, ବଳେ, କୌଶଳେ ମୋହର
ସେହି, ସେହି, ଆଜ ଛାର ରଣ କପି ହସ୍ତେ
ଚିତ୍‌ପଟାଙ୍ଗ ହୋଇଗଲା—ଦୈବ ଦୁର୍ବିପାକେ ।
Diplomacy, duplicity,
hypocrisy ଆଦି,
ଧର୍ମବଳ, ବୁଦ୍ଧିବଳ, ମାନ ଅର୍ଥବଳ
ସବୁ ହେଲା ବ୍ୟର୍ଥ,
ଘଟାଇଲେ ବିଲକୁଲ ଅନର୍ଥ
ସ୍ୱାର୍ଥାନ୍ୱେଷୀ, ମହାଧୂର୍ତ୍ତ ତାର୍ଥିକାଙ୍କ ଦଳ ।

Digitized by srujanika@gmail.com

ମେଘ—ହୁନାଅନ୍ତୁ ଉଠିଗଲ ଜମାନ୍, ଇମାନ,
ବଡ଼ ସାନ, ସମସ୍ତେ ସମାନ୍,
ବଦ୍‌ନାମ୍‌ଭ, ବେଇଜ୍ଜତ, ବେକୁଫ, ବେ-ମାନ !

ଶ୍ରବଣ—ଦେଖ ବନ୍ଧୁ, ନହୁଅ ଅଥୟ,
ସବୁର ଚଳିବେ ମେଓ୍ୱା ଫଳେ ସୁନିଶ୍ଚୟ,
ଜରନାହିଁ ଜୟ-ରଣେ ଜୟ ପରାଜୟ,
ଦକ୍ଷିବା ଲଜ୍ଜାର ଭଳି—
ଖେଳାଯାଅ ଖେଳ ମନଇଚ୍ଛା—
Sportsମେନ Spirit ରେ,
ଜାଣିରଖ ହୁନାଅଟା କ୍ରୀଡ଼ାଭୂମି ଯଥା ।

ମେଘ—ମାହ ପିଉଃ—ମନେକରଏ ଦେଇ ଗୁଳ ଟିପି
ଗଣ୍ଡା ଗଣ୍ଡା ବେଇମାନେ ବାଅନ୍ତି ମୁଁ ଜାଣ୍ଡି
ସବୁ ହୋଇଯାନ୍ତା ଅଣ୍ଡା ଏକା ମିନିଟରେ—
କୁଣ୍ଡାମିର ଶାସ୍ତି ଉପଯୁକ୍ତ
ହୋଇଥା ଯେପରି ଥରେ ଷଡ଼ମୁଖ ରଣେ ।

ଶ୍ରବଣ—ଏ ନୁହେ ସମୟ ତାର—
ଉଠେ ଯେତେବେଳେ ହାଉଯ୍ୱା ଭୂମ୍ପଲ ତୁଫାନେ
ନୁଇଁଦେବ ମଥା ତୁମ୍ଭେ ପହିଲ ପହିଲ—
ମାହ ଚଢ଼ିଗଲେ ତାର ପ୍ରଥମ ଶକ୍‌ସ
ନାକମଧ୍ୟେ ଧୂମାଧୂମି ଲଟାପଟା ବେଳେ
ପଛଅଡ଼ୁ ଦେବ କଷି ଭୁଜୁର ବାଡ଼ିଅ—
ପଳାଇବେ ଫେରୁଭୁଲ ହୋଇ ଛନ୍‌ଛତର ।
ଏହୁଷଣି ଯାଅ ତୁମ୍ଭେ ବିଶ୍ରାମ ଭାଗରେ,
ଖାଇଦେଇ ଏକ ଡୋଜ ଶ୍ରମ-ସହାରଣୀ,
ଅସମ ବାସ୍ପିକା ଅଭ ସ୍ନାନଦ୍ରା ଜାରଣୀ । !
କାଲି ପ୍ରଭାତେ ସମସ୍ତଙ୍କୁ ଡ଼ାକି ଗହଣେ
କହିବା ବସିବ ସବୁ ପଶ୍ଚାର ଉତ୍ତର ।

ତହୁଁ ମେଘନାଦ ବୀର ଚଳିଲେ ସ୍ୱଗୃହେ;
ସ୍ୱସ୍ଥାନେ ରହିଲେ ବସି ଲଙ୍କା ଅଧିଶ୍ୱର
ଜାଗ ରାତ୍ର ଜଗାଗଲେ ସନ୍ତ୍ରସ୍ତ ସତ୍ତ୍ୱର
ଅକୁଳି ଶ୍ରବଣାକୁଳୀ ମହା ଯାତ୍ରାରେ ।
ଜୌଇତ ଜାତର ଅଦ୍ଧ ଚଲି ବାବଦାରେ
ଅଶ୍ରୁ ମଧ୍ୟ ମଣ୍ଡ ଜାକି ପଡ଼ିଲେ ଘୁମାଇ
ଶେଷରେ ଅଧିକ ଜାଗି ରକ୍ଷଦନ୍ତ ଗହଣେ
ଶଯ୍ୟାରେ, ହାଲୁକ ୯୨ ଦଣ୍ଡା, ପଙ୍ଖାରୂପେ ।

ନାଷାଙ୍କେ ଶ୍ରୁଭିଲ ଡ଼ାକ 'କୋଇନ୍ଦ୍ୟାପ୍ୟ, ହୋଇଦାପ୍'
ଧଡ଼ପଡ଼େ ଉଠି ସଦ୍ୟ ପ୍ରହରୀ ମଣ୍ଡଳୀ
ଧାଇଁଲେ ଜଗୁଡ଼ ପଡ଼ି ଗୋଡ଼ାପରେ ଗୋଡ଼ା ।
କୋଇଲେ ଜଡ଼ିତ ନେତେ ଘଡ଼ିକୁ ଅନାଇ
ରଯପତ, ଚକ୍ଷୁ ମେଲି "ଓରକୋଇ ଅପ୍ପା"?
"ହଜୁର, ନଅପ୍ପା" ବୋଲି ପ୍ରଥମ ପ୍ରହରୀ
ମାରିଲ ସଲାମ୍, ପଦନୁର ପଡ଼ ଘନ୍ଟ ।

ଶ୍ରବଣ—କାହେ ନହିଁ, ବୁଡ଼ବକ, ବେବୁଦ୍, ଶୁଅର
ଇଲ୍‌ଦଣ୍ଡବେ, ଜଲ୍‌ଦକରୋ, ବୁଲାଓ ବୁଲାଓ—

ପ୍ରହରୀ—କାହାସେ ବୁଲଓେଁ, ଫର୍ମାଇୟେ କାହାଁ ଯାଓଁଗେ

ଶ୍ରବଣ—ଯାଓ ଜହାନ୍ନମ, ଗଧା, ଶୁଅର, ରାସ୍କେଲ ।
ପଳାଇଲେ ରକ୍ଷୀବୃନ୍ଦ ପଛଦୁଆ ମାରି ।
ଏକାକୀ ରହିଲେ ପୁଣି ରକ୍ଷକୁଳ ନାଥ
ଗର୍ଜ୍ଜିଉଠି, ବନ୍ଦୀକୃତ କ୍ରୁଦ୍ଧ ବ୍ୟାଘ୍ର ବତ ।
ଘନ ଘନ ନାସାପଥେ ଜମିଲ ବୋଠସ୍ତ
ଝାଞ୍ଜି ପିଟିଦଏ ଯଥା ଗ୍ରୀଷ୍ମ ଦ୍ୱିପ୍ରହରେ ।
ଡାକ୍ତରେ ଜୁଟିଲେ ଅର ଟଙ୍ଗା ତସ୍‌ଵୀର,
ଲିଡ୍ସା ଡରବାର ବୃନ୍ଦ ଉଠିଲେ ଝଙ୍କଣି
ପଙ୍ଖା ଗତ ହେଲା ବନ୍ଦ, ମନ୍ଦ ଦୀପାବଳୀ
ଖେଳିଲ ଢେଲାସନେ ଯେସନ ବିଜୁଳି
Positive, Negative ଲାଗି ଝଟାପଟା ।
ତହୁଁ ଟାଣିଆଣି ମେଜୁ ଟେଲିଗ୍ରାମ ଫର୍ମ
ଘର୍ମ ପୋଛି କପାଳରୁ, ଲେଖିଲେ ଶ୍ରବଣ,
ଉପରେ urgent ଲେଖି ଦେଲେ ପଠିଅଇ
ଅତଶୀଘ୍ର ଅଙ୍କାଡାଙ୍ଗ ଦ୍ୱାରା ମାଗଫରେ ।
ଏଅନ୍ତେ ହୋଇଣ ଅଣ୍ଡା କମ୍ପିତ ମାତର
ଭଣ୍ଡାରେ ରସଇଣ ପଡ଼ଲେ ଘୁମାଇ
ସାହାନ୍ତାରେ ଯେବେ ଡାଳ ଢଲା ଜାଅ-ଜାଅ ।

ଏଥିଅନ୍ତେ ଭକ୍ତମାନେ ଶୁଣ ମନଦେଇ,
ଛଡ଼ା ସୁଧା ରସଧାରା ଦେବି ଏବେ ଫେଇ ।
ହସିବେ ରସିବେ ରସଗ୍ରାହୀ ଥିଲେ ଯେତେ,
ଅରସିକେ ନାଚବେଟି ହୋଇ ଥେଇ ଥେଇ ।
ମୂଳିଅ ଭଣ୍ଡାର କଥା ଅମୃତ ସମାନ,
ଶୁଣିବ ଶୁଣିବ ଧୀରେ, ଧୀରେ ଭାଗ୍ୟବାନ ।

(ଏସନ୍ତା ସଂଖ୍ୟାରୁ 'ଦୋମୁନା ବାଣ୍ଡ' ବାହାରିବ ।)

Digitized by srujanika@gmail.com



# ନାଗବଚା ଦଳ

ପ୍ରିୟ ବଚକାନ ଗଣ,

ତମେ କଅଣ ଜାଣିଛ ? ଏକଥା ଶୁଣି ସଭିଏଁ ବୁଢ଼ାଙ୍କୁ ହସିବ ପରା ! କହିବ ତ, "ଆମେ ଆପଣାକୁ ଜାଣିନାହୁଁ ସେ ଏ ବୁଢ଼ାଟା ପୁଣି ପଚାରୁଚି ! ବୁଢ଼ାର ଅକଲ୍ ହଜିଗଲାଣି ନା କଣ !" ହଁ, ସତ କଥା ତ ! ବୁଢ଼ା ହେଲେ ତ ଅକଲ୍ ହଜିଯାଏ । ତମ ଅଜା ହଜିଲେ ହଜିଥିବ । କିନ୍ତୁ ହେ ଟୋକା ଟୋକୀଏ, ବୁଢ଼ା କଥାକୁ ଠାଟ୍ଟା କରି ଉଡ଼େଇ ଦିଅ ନା । ଟିକିଏ ବିଚାର କରି ଦେଖ । ତେବେ ମୋ କଥାଟାର ଅର୍ଥ ସମଝି ପାରିବ ।

ମୁଁ ପୁଣି ପଚାରୁଛି ତମେ ଆପଣାକୁ ଆପେ ଚିହ୍ନିଛ—ଜାଣିଛ—ବୁଝିଛ କି ? ଯେ କହିବ "ହଁ"—ସେ ଆଗୁ ମୋ କଥା ଶୁଣ । ମୁଁ ପୁଣି ତାକୁ ପଚାରିବି "ଆଚ୍ଛା, ଯଦି ଜାଣିଛ, ତେବେ କହିଲ ଭଲା, କଣ ବୋଲି ଜାଣିଛ ?" ତମେ ବୋଧହୁଏ କହିବ "ଆମେ ନାଗବଚ୍ଚ"। ହଉ, ଯଦି ନାଗବଚ୍ଚ, ତେବେ ତମର କି ଗୁଣ ଅଛି କହିଲ ? ସେତେବେଳକୁ ପାଟି ଫିଟୁ ନଥିବ । ସେଇଥିପାଇଁ କହୁଥିଲି ଆପେ ଆପଣାକୁ ଚିହ୍ନ ଆଗେ । ଯେ ଆପଣାକୁ ଚିହ୍ନି ପାରିବ ସେହି ଏକା ହୋଇ ପାରିବ ଅସଲ 'ନାଗବଚ୍ଚ ।'

ସତରେ, ତମର ନାଗବଚ୍ଚର ଗୁଣ କଣ ଅଛି ? ସେହିପରି ତେଜ, ସେହିପରି ସାହସ, ସେହିପରି ଦମ୍ଭ, ସେହିପରି ଫଣା ! ସବୁବେଳେ ଫଁ ଖୋପ୍, ସବୁବେଳେ ଫୁର୍ତ୍ତି, କୁଛ ପରବା ନେଇଁ ଭାବ ? ଏଇପରି ମିଜାଜ ଯଦି ରଖି ପାରିବ ତେବେ ଯାଇ ନାଗବଚ୍ଚ । ସମୁଦ୍ର ସନ୍ତରି ଯିବ, ପର୍ବତ ଡେଇଁ ପଡ଼ିବ, ଶତ୍ରୁଙ୍କୁ ଦଳି ପକାଇବ । ତମେ ଯେତିକି ୨ ବଢ଼ୁଥିବ ତମ ରାଜ୍ୟ ସେତିକି ୨ ବଢ଼ୁଥିବ । ତମ ନିଆଁରେ ପବନ ଅଟକି ଯିବ, ତମ ତେଜରେ ସୂର୍ଯ୍ୟ ମଣ୍ଡଳ ପଡ଼ିବେ ।

ଆପଣା ଉପରେ ଭରସା ରଖି, ଆପଣା ଶକ୍ତିରେ ନିର୍ଭର ରଖି, ଆପଣା ବାଟ ଆପେ ସଫା କରି ଚାଲ । ଚାଲ, ଚାଲ, ଆଗେଇ ଚାଲ । ପଛକୁ ଚାହିଁବାର ବେଳ ନାହିଁ । ବସି ରହିବାର ଫୁରସତ ନାହିଁ । ବରାବର ଆଗକୁ ହୋଇ ମାଡ଼ି ଚାଲ । ଦେଖିବ, କିଛି ବାଧା ବିଘ୍ନ ରହିବ ନାହିଁ । ଯଦି କିଛି ଅକସ୍ମାତ ପଡ଼ିଯାଏ ତ ସେ ତମ ଆଗରେ ଚୂନ୍‌ଚୂନ୍ ହୋଇ ଉଡ଼ିଯିବ ।

ଏତେ କଥା କହିଲି କାହିଁକି ଜାଣ ? ତମେ ଭାରତ ଦେଶର ଭବିଷ୍ୟତ । ତମେହିଁ ଏ ଦେଶ ଉଠିବ, ଜାତି ଉଠିବ, ଦୁନିଆରେ ମୁଣ୍ଡ ଟେକି ଠିଆ ହେବ । ଏ ମାନ ଦେଶର ଅଣିବ କିଏ ? ତମେ, ତମେ, ତମେ । ସେହି ଦିନକୁ ନଜର ରଖି ଆଗକୁ ଚାଲ—ଏତେବେଳଠୁଁ ନିଜକୁ ତିଆରି କର । ସେ ଡାକ ଆସିଲାଣି । ଶୁଣୁଛ ଦୁଲ୍ ଦୁଲ୍ ହୋଇ ବାଜିଲାଣି । ତମକୁ କଣ ମାଲୁମ ହଉ ନାହିଁ କିଲେ ।

ଶୁଣ ଶୁଣ କାନ ଡେରି ଶୁଣ ସେ ଡାକ— ଚାରି ଆଡ଼େ ପବନ ଗର୍ଜ୍ଜି ଉଠୁଛି । ହିମାଳୟ ପର୍ବତ, ବାଜନ ତାର ପ୍ରତିଧ୍ୱନି ଦଉଛି । ସାଗର ଉପରୁ କଲ୍ଲୋଳ ହୋଇ ଉଠୁଛି ।—ତମ ବୁକୁ ଭିତରେ ତାର ବଜ୍ର ଗମ୍ଭୀର ଶବ୍ଦ କାନ ବାଜୁ ନାହିଁକି ?—ତମର ଶିରେ ଶିରେ ତାର କଳ୍ପନା ଶିହରଣ ଅଟୁ ନାହିଁକି—ତମର ରକ୍ତ ସେହି ସ୍ପର୍ଶରେ ଚଞ୍ଚଳ ହୋଇ ଉଠୁ ନାହିଁକି ? ଅଖିଳ ସମସ୍ତେ ସମସ୍ୱରରେ ହୁଙ୍କାର ଉଠାଅ— ମା ଭୈ— ମା ଭୈ—

ପ୍ରିୟ ଅଜା

ଛତା କିପରି ରଖିବ—

ଛତା ଓଦା ହୋଇଥିଲେ ତାହା କେବେ ମୁଡ଼ି ରଖିଦେବ ନାହିଁ । ଖୋଲି ଦେଇ ଥୋଇବ । ଶୁଖି ଯାଉଥିଲେ ମୁଡ଼ି ରଖିଦେବ । ଯଦି କେତେବେଳେ ଓଦା ଛତାକୁ ମୁଡ଼ି ଥୋଇବାକୁ ପଡ଼େ, ମନେରଖ ତାକୁ ଓଲଟା ଭାବରେ ଅର୍ଥାତ୍ ହାଣ୍ଡଲ ତଳକୁ କରି କଣରେ ଡେରି ଦେବ । ତାହା ହେଲେ ଆପେ ପାଣି ଗଡ଼ିଯାଇ ଛତା ଶୁଖିଯିବ । ଏଥିରେ ଛତା ବଞ୍ଚିଯିବ । ସିଧାକରି ଓଦା ଛତାକୁ ଠିଆ କଲେ ପାଣି ନିଗିଡ଼ି ତାର ଗୋଡ଼ ପାଖରେ ଜମିବ ଓ କନା ଏବଂ ଲୁହା ଅଂଶକୁ ନଷ୍ଟ କରିଦେବ । ଏପରି କଲେ ଛତାର ଅବଶ୍ୟ ଅପକାର ହୁଏ ।

\+ + +

ଜୋତା କଷ୍ଟ ହେବ—

କେତେକ ଜୋତା ଟାଇଟ ହୋଇ ଗୋଡ଼ ତଳ ଛାଲେ ୨ ଖାଇଯାଏ ବା ଫୋଟକା କରାଏ । ଜୋତା ଦେଇଁପାର ଏପରି ହେଉଥିବ ସେଠି ଗଣ୍ଡେ ଜୋତା ଉପର ପାଣିରେ ଭିଜାଇ ମାଡ଼ି ଦେବ । ଏଥିପାଇଁ ଅନେକ କାଳେ ସେଠି ଜୋତା ନରମ ହୋଇ ଢିଲା ହୋଇଯିବ । ଆଉ ଗୋଡ଼କୁ କାଟିବ ନାହିଁ ।

× × ×

ସାବୁନ ଶେଷ—

ସାବୁନ ଘଷିଲେ ଶେଷକୁ ପତଳା ଟୁକୁଡ଼ା ରହିଯାଏ । ତାହା କୌଣସି କାମରେ ଲାଗି ପାରେ ନାହିଁ । ଫଳତଃ ତାକୁ ଫିଙ୍ଗି ଦିଅନ୍ତି । ଏପରି ସାବୁନ ଟିକି ଜମିଦେଇଥିବ । ଗୁଡ଼ାଏ ଜମିଗଲେ ତାକୁ ସବୁ ନେଇ ଟିକିଏ ଦୁଧ ପକାଇ ଗରମ କରିବ । ସବୁ ତରଳି ଗଲେ ବଡ଼ ସାବୁନ ହୋଇଯିବ । ତାହା କୁଗାଧୁଆ କାମରେ ଲାଗିବ ।

✝ ✝ ✝

Digitized by srujanika@gmail.com

## ଜବାବ ।

[୧୨ ପୃଷ୍ଠା ଉତ୍ତାରୁ]

ଦେଶର ଲୋକଙ୍କୁ ଭୁଲ ବୁଝାନ୍ତି । ନିଜର ଗୋଷ୍ଠୀ ଠିକ ରଖି ସେମାନେ ପର ଗୋଷ୍ଠରେ ପଶି ନାଁ ଓ ପଇସା ରୋଜଗାର କରୁଛନ୍ତି । କିନ୍ତୁ କେତେଜଣ ପର-ପ୍ରେମୀ ଓଡ଼ିଆ ପରଦେଶରେ ନାଁ କମିଛନ୍ତି ? ପରଦେଶରେ କେତେ ପଇସା ଅରଜି ଓଡ଼ିଆ ନିଜ ଦେଶକୁ ନେଇ ପାରୁଛନ୍ତି ।

ଓଡ଼ିଶା ଛୋଟ ଦେଶ । ଓଡ଼ିଆ ଛୋଟ ଭାଷା । ଏଥିରେ କାମ ସରେନା ଭଲ ହବ ସେତେ ସହଜ, ପରଦେଶରେ ଯୁଝିବା ତାଠାରୁ ତେର କଷ୍ଟକର । ପରଦେଶୀ ସାହିତ୍ୟ ପଢ଼ିବା ଦରକାର, ପରଦେଶୀ ସଭ୍ୟତା ବୁଝିବା ଦରକାର, ଦରକାର ପଡ଼ିଲେ ମଧ୍ୟ ମାନିବା ଦରକାର, ପରର ଉନ୍ନତି ଦେଖି ନିଜକୁ ଉନ୍ନତ କରିବାର ଚେଷ୍ଟା କରିବା ମଧ୍ୟ ଦରକାର । କିନ୍ତୁ ବଙ୍କିମଙ୍କ "ଆନନ୍ଦମଠ" ପଢ଼ି ଲକ୍ଷ୍ମୀକାନ୍ତ ବାବୁଙ୍କ "ଦନୁଜଦଳନ" ପରି ନିଜ ଭାଷା ଓ ସାହିତ୍ୟଟାକୁ ବୁଡ଼ାଇ ମାରିବା ବଡ଼ଲୋକଙ୍କ ଆଖିରେ ବଡ଼କଥା ହୋଇପାରେ, ମାତ୍ର ଆମ ଛୋଟ ଲୋକଙ୍କ ଆଖିରେ ନିହାତି ଛୋଟ କଥା ।

ଶେଷରେ କେତେକ କହନ୍ତି ଯେ ଭାଷାଟାକୁ ନୂଆ ନୂଆ ଭାବ ପ୍ରକାଶ କରିବାର ଉପଯୋଗୀ କରିବାକୁ ହେଲେ, ପରଦେଶୀ ଭାଷାରୁ ନୂଆ ନୂଆ ଭାବ, ଶବ୍ଦମାଳା ଓ ବାକ୍ୟ ପ୍ରତିଷ୍ଠା କରିବା ଦରକାର । ଅର୍ଥ ? ବଙ୍ଗଳା ଓ ହିନ୍ଦୀ ଯେ ମୂଳ ମାଟିରୁ ଆସିଛି ଓଡ଼ିଆ ମଧ୍ୟ ସେଇଠୁ । ସେମାନେ ଯେତେବେଳେ ନୂଆ ଭାବ ପ୍ରକାଶ କରିବାକୁ ନୂଆ ଶବ୍ଦ ସୃଷ୍ଟି ତିଆରି କରି ପାରିଲେ, ତୁମେ କାହିଁକି ଓଡ଼ିଆରେ ସେହିପରି ଶବ୍ଦ ତିଆରି ନକରିବ ? ଇଂରେଜ ଭାଷା ଲୁଟରାରେ ଓଡ଼ିଆର ଅବସ୍ଥା ଯାହା, ବଙ୍ଗଳାର ଅବସ୍ଥା ମଧ୍ୟ ସେଇଆ । ବଙ୍ଗଳାରେ ବଙ୍କିମଙ୍କ ବୈଶିଷ୍ଟ୍ୟ ଇଂରେଜୀ ପରିବର ବଙ୍ଗଳା ଶବ୍ଦ ତିଆରି କରିବାର ଉଦ୍ୟମ ଚାଲିଛି । ଓଡ଼ିଆରେ ଏଏ କରୁଛି । ଆମେ ଖାଲି ଗୁହଁ ଚପିଚୁ, ବଙ୍ଗାଳି ତିଆରି କଲେ ଆମେ ତାକୁ ଲୁଣ୍ଠନ ପକାଉଛୁଁ । ଆଜି ଭଲ, ଆଜି ଲଜ୍ଜା ନାହିଁ । କହିଲେ ଏ ଦେଶରେ କେତେବେଳେ ସହିବାର ଇଚ୍ଛା ଥିଲେ ବି ସହିହୁଏ ନାହିଁ ।

## ଭାଗ୍ୟଦୋଷ ।

(୬ଷ୍ଠ ପୃଷ୍ଠା ଉତ୍ତାରୁ)

ଗ୍ୟାରେଜରେ ପହଞ୍ଚି ଦେଖିଲି ଟ୍ୟାଙ୍କ୍ ଖୋଲି ତେଲ ଶୁଖାଇ ସବୁ ତଏ ବାହାର କରି ଦେଇଛି । କାହାକୁ କା କହିବ ! ଗୃହିଣୀ କହିଲେ "କମର ଦୋଷ ।" ମୁଁ ଭାବିଲି ହଁ, "ମୋ ଭାଗ୍ୟର ଦୋଷ ।"

ସେଇଦିନ ସଂସାରରେ ମା'ପୁଅଙ୍କ ଭିତରେ ଲାଗିଲା କଳି । ମୋ କାନରେ ଲୁଣ ବାଜିଲା । ପୋ'ଟାକୁ ଡାକି ପଚାରିଲି "କାଲିଙ୍କ ସାଙ୍ଗରେ କାହିଁକି ଲଢ଼େଇ କରୁଛୁ ରେ ?" ସେ ଟୁପୁରୁ ଟୁପୁରୁ କହିଲା "ତମେ ବୁଝିବ କି, ମୋତେ ସେ ଦିନ ଦୁଇ ପଇସା ଦେବ ବୋଲି, ଲଜ୍ଜା ହଉଛି ଟଙ୍କାଟିଏ । ଆମ ସରଳ ବୋଲି ନା କଣ ? ଆଜି ତା କଥା ମୁଁ ଶୁଣିବ ନାହିଁ ।"

"କଥାଟା କଣ କହ ନ ?"

"ଜଣ ବା, ବଜାର କହିଥିଲ ତୁ ଯଦି ଆମ ଯିବା ବେଳ ଭାଙ୍ଗି ଦେଇ ପାରିବୁ, ତେବେ ଦେବ ଦୁଇ ଟଙ୍କା । ମୁଁ ତ ଭଲ ।"

"ହଜିଗଲା କାଲି ?"

"ସେଇ ସେ, କାଡ଼ ଉପରୁ ପେଟ୍ରୋଲ ଖୋଲି ଦେଲି ।"

ଅରେ ରେ — ଏ ତ ଏକ ସଇତାନର ଡାଙ୍ଗ ସେବେ ! ତା ଉପରେ ମୋର ରାଗ ହେଲା ସେତେବେଳେ ତଥାପି ସୁଣି ହସ ବି ମାଡ଼ିଲା ସେତେବେଳେ । ମୁଁ ଦେଖିଲି ଏ କଥା ଯଦି ମୋ କାନରେ ପଡ଼ିଛି ବୋଲି ଜାଣିଲେ ପିଲା ତ ଲାଜ ପାଇଯିବେ, ଆଉ ଆଖିର ମୁହଁ ଦେଖାଇ ପାରିବେ ନାହିଁ । ସେଥିପାଇଁ ମୁଁ ତାର ପିଠି ଆଉଁସି ଦେଇ ସାନୁ-ନେଇ କହିଲି "ସୁନା ଭଉଣୀ ମୋର, ତୁ ଏ କଥା କାହାରିକୁ କହ ନା, ବଡ଼ ଗୋଳ ଲାଗିବ ।" ସେ କହିଲା "ମୋ ଟଙ୍କା ?" ମୁଁ ବାକ୍ସରୁ ଟଙ୍କାଟିଏ ବାହାର କରି ତା ହାତରେ ଗୁଞ୍ଜି ଦେଲି ।

## ଖବର ଅନ୍ତର ।

(୨ ପୃଷ୍ଠା ଉତ୍ତାରୁ)

୧୯୩୮ ମସିହା ଫିବ୍ରୁଆରି ୧୪, ୧୫, ୧୬ ତାରିଖ ମାନଙ୍କରେ ଭାରତ କଂଗ୍ରେସ [illegible] ହେବ ।

ଜାନୁଆରି ତା ୨ ରିଖରେ ପ୍ରତିନିଧିମାନେ ସଭାପତି ନିର୍ବାଚନ କରିବେ ।

ଜାନୁଆରି ତା ୬ ରିଖ ମଧ୍ୟରେ ଭୋଟଦାତାମାନେ ପ୍ରତିନିଧି ନିର୍ବାଚନ କରିବେ ।

୧୯୩୭ ସେପ୍ଟେମ୍ବର ତା ୩୦ ରିଖ ଯାଏ ପ୍ରାଥମିକ କଂଗ୍ରେସ ମେମ୍ବର ଫର୍ଦ୍ଦ ଚାଲିବ ।

* * *

ବିହାରର ମହାପଣ୍ଡିତ ରାହୁଲ ଜୀ ପୁଣି ଲହାସା ପର୍ଯ୍ୟଟନ କରୁଛନ୍ତି ।

* * *

ଭାରତ ହିତୈଷୀ ଏନ୍‌ଡ୍ରୁଜ ସାହେବ ଭାରତରେ ପଦାର୍ପଣ କରି ଅଛନ୍ତି ।

* * *

## ବିଲୁଆ ବିଚାର ।

(୧୨ ପୃଷ୍ଠା ଉତ୍ତାରୁ)

ଖବର ମିଳିଛି ଓଡ଼ିଶା ବ୍ୟବସ୍ଥାପକ ସଭା ସ୍ଥାନାଭାବ ବଶତଃ ରେଭେନ୍ସା କଲେଜ ହଲରେ ବସିବ । ବାସାଭାବରୁ କଲେଜ ବୋର୍ଡ଼ିଂର ଦଶଟା କୋଠରୀ ଖାଲି କରାଯିବ ଯେ ଯହିଁରେ ମେମ୍ବର ମାନେ ବସା ବାନ୍ଧିବେ । ଏଣୁ ଛାତ୍ର— ଅଧ୍ୟାପକ ଅଭିଭାବକଙ୍କୁ ଚିନ୍ତା କଲେ ଯେ ସଭ୍ୟମାନେ ପୁରୁଣା ଓଡ଼ିଶୀ ଛନ୍ଦରେ ତାଲିମ ଦେଉଛନ୍ତି । ହୋଷ୍ଟେଲର [illegible] ଉପରେ [illegible] ବ୍ୟବସ୍ଥା [illegible] ।

* * *

Printed and Published at the Gopinath Press, Bhadrak,—and by [illegible].

Digitized by srujanika@gmail.com

REG. NO. P-441

THE DAGAR




# ଉତ୍କଳର ଘରେ ଘରେ ପ୍ରବେଶ କରୁଛି !

କାନ୍ତକବି
ଲକ୍ଷ୍ମୀକାନ୍ତଙ୍କ
**ବୁକୁ ରକ୍ତରେ ଲେଖା**
**ଜୀବନ ସଙ୍ଗୀତ**

ହଜାର ହଜାର ତରୁଣ-ତରୁଣୀ ଆଦର କରି ଡଗର ପଢ଼ୁଛନ୍ତି ।

ଲୋକେ ଜାଣିଲେ ସିନା ବେପାର ଚଳିବ !

## ବିଜ୍ଞାପନ ବେଉସାର ମୂଳ ।

ଜାତୀୟ କବି
ଲକ୍ଷ୍ମୀକାନ୍ତଙ୍କର
**ଅନଳ ଉଦ୍ଗାର**
**ଦୁନ୍ଦୁଭି**

ଡଗରରେ ବିଜ୍ଞାପନ ଦେଇ ଆପଣଙ୍କ ବେଉସାର ଉନ୍ନତି କରନ୍ତୁ ।

---

ଚକଚକିଆ ରଙ୍ଗଢଙ୍ଗିଆ
ଛବି ବହି
**ଚିଡିଆ ଖାନା**
ପାଞ୍ଚଅଣା

ସୁନ୍ଦର ଗୀତବହି
**ସୁନାପୁଅ**
ପୁଅ ହାତରେ ଦିଅନ୍ତୁ ।
ଦୁଇ ଅଣା

ମନ ଭୁଲାଣୀ ଗୀତବହି
**କୁମାରୀ**
ଝିଅ ହାତରେ ଦିଅନ୍ତୁ ।
ଛଅ ଅଣା

(ଭଦ୍ରକ, ଗୋପିନାଥ ପ୍ରେସ ଓ କଟକର ସମସ୍ତ ବଡ଼ ବଡ଼ ଦୋକାନରେ ମିଳେ ।)

ପ୍ରଯୋଜକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର,

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପା

Digitized by srujanika@gmail.com







ଶ୍ରୀ ଶୁଭମନ୍ତ୍ର







ଆପଣମାନେ ଓଡ଼ିଶା ବ୍ୟବସ୍ଥାପକ ସଭାର ପଞ୍ଚମହା—କ୍ଷିତି ଅପ୍ ତେଜ ମରୁତ୍ ବ୍ୟୋମ ସଦୃଶ। କେବଳ ଏତିକି ନୁହେଁ, ଆପଣମାନେ ଓଡ଼ିଶାର ତଥା କଥିତ ହର୍ତ୍ତା କର୍ତ୍ତା ଦୈବ ବିଧାତା। ସେଥିପାଇଁ ଜଗତ ଆପଣଙ୍କୁ ସନ୍ତ୍ରସ୍ତ ଦୃଷ୍ଟିରେ ଦେଖିପାରେ, କିନ୍ତୁ ଆପଣଙ୍କର ତ୍ୟାଗ, ନିଷ୍ଠା, ଏବଂ ସାହସ ନିମନ୍ତେ ଆପଣମାନେ ଆଜି ତାର ବହୁ ନିକଟରେ—କେବଳ ଜଗତର ନୁହେଁ ସମଗ୍ର ଦେଶର ଆପଣମାନେ ପ୍ରକୃତ ବନ୍ଧୁ। ଜଗତ ଆପଣମାନଙ୍କୁ ଆଜି ତାର ଭକ୍ତି, ଶ୍ରଦ୍ଧା ଓ ସ୍ନେହ ଅର୍ପଣ କରୁଛି।—

Digitized by srujanika@gmail.com



# ଇଲେକ୍ଟ୍ରୋ ପ୍ଲେଟିଂ କାରୁକାର୍ଯ୍ୟ

( ସୁନା, ରୁପାର ଅଲଙ୍କାର )

ଟ ୨୦୯ ଙ୍କା ପୁରସ୍କାର ! ଟ ୨୦୯ ଙ୍କା ପୁରସ୍କାର ! !

ଭଦ୍ରବ୍ୟକ୍ତିମାନଙ୍କର ଫରମାସୀ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା ରୁପା ଏବଂ ବହୁମୂଲ୍ୟ ପଥରର ଚମତ୍କାର ଅଲଙ୍କାର ମାନ ମନଲୋଭା ତିଆର କରଥାଉଁ । ଅସ୍ମମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ରବ୍ୟକ୍ତି ଅସ୍ମମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରି ଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଲଙ୍କାର ପ୍ରସ୍ତୁତ କରଥାଉଁ ବାହାରର ଗ୍ରାହକମାନେ ଅମ୍ଭେମାନେ ତାହାଙ୍କୁ ଠକାଇ ଦେବାକୁ ଚାହୁଁନାହୁଁ । ପ୍ରତ୍ୟେକ ପଦାର୍ଥକୁ ତାଲ ୨ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇଥାଉଁ । କେହି କୌଣସି ପ୍ରକାର ଦୋଷ କମ୍ପା ମିଶା ଧରିପାରିଲେ ଅମ୍ଭେମାନେ ଟ ୨୦୯ ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବିନୀତ

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ( ଜହୁରୀ )

ବାଲୁବଜାର, ପୋଃ ଚୌଧୁରୀ ବଜାର, କଟକ ।

| | | | |
|---|---|---|---|
| ହାର | ତୋଳାପ୍ରତି | ମଜୁରି | ଟ ୬୯ |
| ଗୋଖରୁ ଚୁଡ଼ି | ” | ” | ଟ ୧୨ |
| ଚେନ | ” | ” | ଟ ୨୨ |
| ବଳା | ” | ” | ଟ ୨୨ |
| ବାଉଟି | ” | ” | ଟ ୨୯ |
| ଖଡ଼ୁ | ” | ” | ଟ ୩୯ |
| କାନ ଫୁଲ | ” | ” | ଟ ୨୨ |
| ମାଙ୍କ ଯୋଡ଼ା | ” | ” | ଟ ୨୨ |
| ମୁଦି | ” | ” | ଟ ୯୯ ଠାରୁ ଟ୨୨ |
| ଖୋସା କଣ୍ଟା | ” | ” | ଟ ୫୯ |
| ପାନିଆ | ” | ” | ଟ୨୨ |



Digitized by srujanika@gmail.com



# ବିଲୁଆ ବିଚାର

[ ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, ନିର୍ଦ୍ଦୋଷ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଏଥିରର ମୁଖ୍ୟ ଉଦ୍ଦେଶ୍ୟ ]

ସମ୍ପାଦକୀୟ

ଜଣେ କଂଗ୍ରେସବାଲା ଆମକୁ ଲେଖିଛନ୍ତି :—

"କଂଗ୍ରେସ ୱାର୍କିଂ କମିଟିର ମନୋଭାବ ଜଣାପଡ଼େ କି କଂଗ୍ରେସ ମନ୍ତ୍ରୀ ଓ ମେମ୍ବର-ମାନଙ୍କ ଦରମା, ଏଲାଉନ୍‌ସ, ଖୋରାକି ଇତ୍ୟାଦି ଯେତେ ନ ନିଅନ୍ତି ବା ଯେତେ ଅଳ୍ପ ନିଅନ୍ତି ସେତେ ଭଲ । ଭାରତର ଦାରିଦ୍ର୍ୟକୁ ଲକ୍ଷ କରି ସେମାନେ ଏପରି କହୁଥିବାର ବୁଝା ପଡ଼ୁଛି । ଏରୂପ ସ୍ଥଳେ ଓଡ଼ିଆ ଲୋକଙ୍କର ଅବସ୍ଥା ଦୃଷ୍ଟିରୁ ସେମାନଙ୍କର ପ୍ରତିନିଧିମାନଙ୍କର କେତେ ନେବା ଉଚିତ ଏବଂ ମୂଳରୁ ନେବା ଉଚିତ କି ନାହିଁ ତାହା ବିଚାର କରି ଆପଣଙ୍କ ଏଥିରରେ ଲେଖନ୍ତୁ ।"

* * *

ପତ୍ର ପ୍ରେରକଙ୍କ କଥା ବୋଧହୁଏ ଠିକ୍ । ଭାରତବାସୀଙ୍କ ଦୈନିକ ଆୟ ପାଞ୍ଚ ବା ଛ'ପଇସା ହାରାହାରି । ସେଥିରେ ପୁଣି ଓଡ଼ିଆ ଲୋକେ ଓଳିଏ ପଖାଳ ଲୁଣ-ଟିକା ମାରି ଖାଆନ୍ତି । ଏଥିରେ ତାଙ୍କ ପ୍ରତିନିଧିମାନେ କଣ ଖାଇ ଚଳି ପାରିବେ ତାହା ସେଇମାନେ ବିଚାର କରନ୍ତୁ । ୱାର୍କିଂ କମିଟି ଆହୁରି ମଧ୍ୟ କହୁଛନ୍ତି କି ଯେଉଁମାନଙ୍କର 'ଅଛି' ସେମାନେ ନ ନିଅନ୍ତୁ ବରଂ । ଏ କଥା ହେଲେ ତ ଆମ ମନ୍ତ୍ରୀମାନେ, ଅନ୍ତତଃ ମନ୍ତ୍ରୀ ଦୁଇ ଜଣ, ସଭାପତି ଆପଣେ ଓ କେତେକ ମେମ୍ବର ଅନାହାରୀ ହୋଇ ରହିବାର କଥା । ଅଭାବ ପକ୍ଷେ 'ଶୂଳପାଣି' ଓ 'ପାଗଳଘାଣ୍ଟ'ର ଖଇରୁ ମାସିକ ନେଇ ରହିବା ଉଚିତ ହୁଏ କି ? କାରଣ ଏ ସମସ୍ତେ ପ୍ରତିଷ୍ଠା-ବନ୍ତ ଦେଶସେବକ ଭଲଣ୍ଟିଅର । ତେବେ ସରକାରୀ କାମରେ ଗଡ଼ାଯାତ ଖରଚଟା ନ ନେଲେ ଚଳିବ କିପରି ?

* * *

ଗୋଟାଏ ବଡ଼ ବଢ଼ିଆ ପ୍ରସ୍ତାବ ହେଉଛି କି ଓଡ଼ିଶା ବନ୍ୟା ସାହାଯ୍ୟ ପାଇଁ ଗୋଟାଏ ସ୍ଥାୟୀ ଭଲଣ୍ଟିଅର ବା ସେବକ ଫୌଜ ଗଠନ କରି ରଖାଯାଉ । ଏ କଥାର ଅର୍ଥ ଯେ ଓଡ଼ିଶାରେ ବରାବର ବନ୍ୟା ହେଉଥାଉ ଓ ବରାବର ସାହାଯ୍ୟ ଦିଆ ଯାଉଥାଉ । ସ୍ଥାୟୀ ସାହାଯ୍ୟ ଠାରୁ ଗୋଟାଏ ସ୍ଥାୟୀ ପ୍ରତିକାରର ବ୍ୟବସ୍ଥା କଣ କାହାରିକୁ ଦିଶୁନାହିଁ ? କଥାଟା ଯେପରି "ରୋଗ ହେଉଥାଉ ଓ ଔଷଧ ଦିଆଯାଉ ଥାଉ ।" ରୋଗ କିପରି ନ ହେବ ତାର ଉପାୟ କିଏ ଚିନ୍ତୁଛି ? ଏ ଓଡ଼ିଶା ଓ ଓଡ଼ିଆଙ୍କ ଭାଗ୍ୟ ସିନା । ଖାଲି ଭିକ୍ଷା, ଦୟା, ଦାନ ଇତ୍ୟାଦି ଗିଳି ବଞ୍ଚିବେ । ଏପରି ବଞ୍ଚିବା ଠାରୁ ମରିବା ସେ ଭଲ ।

* * *

ମନ୍ତ୍ରୀ କାନଗୋଇ ପ୍ରସ୍ତାବ କରିଛନ୍ତି କି ନଈମାନଙ୍କର ସବୁ ବନ୍ଧ ଗୁଡ଼ିକ ଭାଙ୍ଗି ଦେଲେ ବନ୍ୟା ପାଣି ଖେଳି ହୋଇଯାଇ-ଅନିଷ୍ଟ କମ୍ କରିବ ? ଖୁବ ଭଲ କଥା । Socialistic ଯୁଗର ଧାରା ଟି ଏ ? ଜଣକର ବିପଦ ସମସ୍ତେ ବାଣ୍ଟି ନେଲେ ଜଣକର ବୋଝ ପାଞ୍ଚ ଜଣର ମୁଠିରେ ପରଣତ ହେବ । ପୁଣି ଗୁରୁଅଡ଼େ ପଟୁ ପଡ଼ି ଫସଲ ହେବ ଭଲ । ସେଇ କଥା ସେ କହି ଦିଅନ୍ତୁ ଭଲ । ବନ୍ଧଭଙ୍ଗା କାନୁଗୋଇ ବୋଲି ଯୁଗ ଯୁଗକୁ ନାମ ଥିବ ।

ମଧ୍ୟପ୍ରଦେଶ କଂଗ୍ରେସ ମନ୍ତ୍ରୀ ହୁକୁମ ଦେଇଛନ୍ତି କି ଯେଉଁ ସବୁ ଅନାହାରୀ ମାଜିଷ୍ଟ୍ରେଟ ଅଛନ୍ତି ସେମାନେ ଆଉ ସେ କାମ କରିବେ ନାହିଁ । ଏଣିକି ଭଲ କାର୍ଯ୍ୟ-ଦକ୍ଷତାଧାରୀ କର୍ମୀମାନଙ୍କୁ ସେ କାମରେ ନିଯୁକ୍ତ କରାଯିବ । ମନ୍ତ୍ରୀ ଓ ମେମ୍ବର ଯେତେ ତ ହେଲେ ବାକି ରହିଗଲେ ଅନେକ । ଯାହାଙ୍କର ବଡ଼ ଅବଶୋଷ ଯେ ସେମାନେ କିଛି ଗୋଟାଏ ହୋଇ ନ ପାରିଲେ ବୋଲି ସେଥିରୁ ଥୋକାଏ ଅବଶ୍ୟ ଜିଲାବୋର୍ଡ଼, ଲୋକାଲବୋର୍ଡ଼, ମ୍ୟୁନିସିପାଲିଟିରେ ଗଳିଯିବେ । ବାକି ଯଦି ରହି ଯାଆନ୍ତି ତାଙ୍କୁ ତ ପୁଣି provide କରିବାକୁ ହେବ ! ସେ ଯାହାହେଉ, ଏ ଯାକେ ଏ ଅନାହାରୀ କାମଟା ପାଉଥିଲେ କେବଳ ହାକିମମାନଙ୍କର ତେଲଲଗା ତେଲିଆ ମୁଣ୍ଡିଆପାକ—ତେଲ ଲଗାଇ ପ୍ରତିବଦଳରେ ପିଠି-ଆଉଁସା ପାଇବା ଭାବରେ । ସେଗୁଡ଼ିକର ଭେକାଳ ବୁଡ଼ିଲା ! ଏତିକି ଦୁଃଖ ।

* * *

ମନ୍ତ୍ରୀ ହେବା ଯେ ହଁଠାର୍ । ଏ କଥା ଆମ ନିଶା-ନିବାରଣୀ କଂଗ୍ରେସ ମନ୍ତ୍ରୀମାନେ ବୁଝି ସାରିବେଣି । ମାଗି ଆଣିଲା ଭଳି ଓଡ଼ିଶା ସରକାରଙ୍କ ବା କେଇଟା ଟଙ୍କାର ବଜେଟ୍ । ସେଥିରେ ପୁଣି କାରଣ ଆଉ ୧୩ ଣ ଦାବି ଯେ ଆମ ପାଇଁ ଟିକିଏ budget ରେ provision କର । ସବୁ ତ ଜାଣି ସେ କରିବେ । କିନ୍ତୁ କେତେଣେ ଯେ ହିମିହିମା ରୋଗପରି ବ୍ରହ୍ମ ଦେଖିଛୁ କାମଜ୍ୱର ମାଡ଼ି ଆସୁଛି ଲୋକଙ୍କୁ ସେଥିରୁ

Digitized by srujanika@gmail.com

ରକ୍ଷା କରିବା ପାଇଁ ମନ୍ତ୍ରୀମାନେ କ'ଣ କରୁଛନ୍ତି ? ଆମ ମତରେ Art of Kissing ଶିକ୍ଷା ଦେବା ପାଇଁ ଗୋଟାଏ Academi ଗଢ଼ା ହେଉ ଓଡ଼ିଶାରେ । ସେଠି Co-Education ଦିଆଯିବ । କାରଣ ଶୁଣାଯାଏ ଏ ରୋଗରେ ଚିକିତ୍ସା ପାଇଁ ସ୍ତ୍ରୀ ଓ ପୁରୁଷ ଉଭୟ ଲିଙ୍ଗ ଲୋଡ଼ା ହେବେ । ସ୍ତ୍ରୀ ରୋଗୀକୁ ପୁରୁଷ ଚୁମା ଦେବ ଓ ପୁରୁଷ ରୋଗୀକୁ ସ୍ତ୍ରୀ ଚୁମା ଦେବ ଚୁମା ଦେବାବାଲା ପୁଣି ତାର କେହି ଆତ୍ମୀୟ ହେଲେ ବ୍ୟାଧି ଉପଶମରେ ବ୍ୟାଘାତ ଘଟିବ । ଆମ୍ଭମାନଙ୍କର ଏକାନ୍ତ ବିଶ୍ୱାସ ଏ training ପାଇବାପାଇଁ ବହୁ ସ୍ୱେଚ୍ଛାସେବକ ଆଗୁସାର ହୋଇ ପଡ଼ିବେ । ଯେଉଁମାନେ ଦେଶର ସେବକ ବୋଲି ନିଜକୁ ପରିଚୟ ଦେଇ ନେତା କିମ୍ବା ନେତ୍ରୀ ହେବାକୁ ଚାହାନ୍ତି ସେ ଭଦ୍ର ପୁରୁଷ ବା ଭଦ୍ର ମହିଳା -ମାନଙ୍କୁ ଆମ୍ଭେମାନେ ଏତଦ୍ୱାରା ଆହ୍ୱାନ କରୁଛୁ ଯେ ସେମାନେ ପ୍ରସ୍ତାବିତ ଅନୁଷ୍ଠାନରେ ଯୋଗ ଦେଇ ନିଜର ଭବିଷ୍ୟତ ପଥ ଉଜ୍ଜ୍ୱଳ କରନ୍ତୁ । ଯେଉଁମାନେ ପଛଘୁଞ୍ଚା ଦେବେ ସେମାନେ coward, ସେମାନଙ୍କର moral courage ନାହିଁ ବୋଲିବାକୁ ହେବ । ଆମ୍ଭେମାନେ ଏହି ସୁଯୋଗରେ ବୈଜ୍ଞାନିକ ବା ଚିକିତ୍ସକମାନଙ୍କୁ ଅନୁରୋଧ କରୁ କି କିପରି ଭାବରେ ଚୁମ୍ବନ ଦେଲେ ରୋଗ ସହଜରେ ଓ ସମୂଳେ ବିନାଶ ପାଇବ ସେ ବିଷୟରେ ଅନୁସନ୍ଧାନ ଓ research କରନ୍ତୁ । ଇଁରେଜମାନଙ୍କର ଯେତେ Sexual literature ଅଛି ତାହା ଯଥେଷ୍ଟ ନ ହେଲେ ଆମ୍ଭମାନଙ୍କର ରତି ଶାସ୍ତ୍ର, କୋକଶାସ୍ତ୍ର ପୋଥିମାନ ଆବିଷ୍କାର କରିବା ପାଇଁ ପ୍ରାଚୀ କିମ୍ବା ହିନ୍ଦୁସ୍ଥାନ ସାହିତ୍ୟକୁ ବିଦାୟ କରାଯାଉ । ପରିଶେଷରେ ଗୋଟିଏ କଥା । ଏହି ଚୁମ୍ବନଗୁଡ଼ିକ ଯେପରି ନିଷ୍କାମ, ନିଷ୍କଳଙ୍କ ନିର୍ଦ୍ଦୋଷ ହୁଏ ସେଥିପାଇଁ ଗାନ୍ଧିଜୀଙ୍କଠାରୁ ପରାମର୍ଶ ଆଣିବା ଉଚିତ ।

* *

ଆମ ଲାଟସାହେବ ସେ ଦିନ ଏକ ସଭାରେ ଭାଷିଗଲେ ପ୍ରେମଗଦ୍‌ଗଦ୍ କଣ୍ଠରେ—"ମୁଁ ଆପାତତଃ ଜଣେ ଓଡ଼ିଆ" ସେ ଏ କଥା କହିଲାରୁ ଗୋଟାଏ ଦାବୀ ଉଠିଲା ଯେ ଯେଉଁ ତେଲଙ୍ଗା କିମ୍ବା ବଙ୍ଗାଳୀ ଆମର ବଡ଼ ଗୁରୁ ଏଠି ଅଛନ୍ତି ସେମାନେ ବି ନିଜକୁ ଆପାତତଃ ଓଡ଼ିଆ ବୋଲି କହନ୍ତୁ । ତାହା ଶୁଣି ତାଙ୍କ ଭିତରୁ କେତେ କହିଲେ—ଭାଇ ଆମେ କ'ଣ ନିଜକୁ ଓଡ଼ିଆ ବୋଲିବାକୁ ରାଜି ନାହୁଁ କି, ଆମର ଯେ ବଡ ହାକିମ (ଅର୍ଥାତ୍ ଆମ ଘରଣୀ) ଆମେ ନିଜକୁ ଓଡ଼ିଆ କହିଲା-କ୍ଷଣି ସେ ଯେ କାମୁଡ଼ି ଗୋଡ଼ାଇବେ ।

* * *

ଆଉ ସବୁ ପ୍ରଦେଶରେ ତ ଲାଟ ପ୍ରଭୃତିଙ୍କୁ ଖଦଡ଼ ପିନ୍ଧାଇ କଂଗ୍ରେସ ମନ୍ତ୍ରୀମାନେ ନାମ ମାରିନେଲେ । ଓଡ଼ିଆ ମନ୍ତ୍ରୀମାନେ ସବୁ ପଛ ବୁଦ୍ଧିଆ । ଏବେ ଭାବ ହେଲେ ଆଉ କ'ଣ ହେବ ? ତେବେ ଉପରଠୁ ଯଦି ବୁଦ୍ଧି କିଣନ୍ତି ତ ଓଡ଼ିଆର ମାନ ଯୁଗ ଯୁଗକୁ ରହିଯାନ୍ତା । ଆମେ କହୁଁ ହେ ଓଡ଼ିଆ ମନ୍ତ୍ରୀବୃନ୍ଦ, ଆପଣମାନେ ଲାଟଙ୍କୁ ଉପହାର ନଦେଇ ଲାଟ ପତ୍ନୀଙ୍କୁ ଉପହାର ଦେଲେ କିମିତି ହୁଅନ୍ତା ? ସେ ସିନା ଖଦଡ଼ ଦେଇଥିଲେ । ଆପଣ ଏବେ ଗ୍ରାମ୍ୟଶିଳ୍ପ ପଦାର୍ଥ ଦିଅନ୍ତୁ । ଯଥା ଶଙ୍ଖା-ସିନ୍ଦୁର-ବ୍ରହ୍ମପୁରୀ ଶାଢ଼ୀ । ଲାଟ ସାହେବ ତ ଓଡ଼ିଆ ବୋଲି କହିଛନ୍ତି—ଲାଟ ସାହେବାଙ୍କୁ କଟକୀତାରକସୀ ଦଣ୍ଡି ନଥ, ଖଡ଼ୁ, ପାହୁଡ଼ ପିନ୍ଧାଇ ଦେଲେ ଭାରି ସୁନ୍ଦର ମାନନ୍ତା ଏକା । ସାକ୍ଷାତ ଲକ୍ଷ୍ମୀ କି ସରସ୍ୱତୀ ସ୍ୱର୍ଗରୁ ଓହ୍ଲାଇ ଆସିଲାପରି ଦିଶନ୍ତା ।

* * *

ଏଣ୍ଡାମାନର ମଶାମାନେ ବଡ଼ ଲାଟଙ୍କଠାକୁ ଏକ Representation ପଠାଇଥିବାର ଖବର ବାର୍ତ୍ତା ମିଳିଛି । ତାର ମର୍ମ ଏହି—"ଏକଦା ଆମ୍ଭେମାନେ ଦିଲ୍ଲୀଶ୍ୱରୋବା ଜଗଦୀଶ୍ୱରୋବା ମହାମାନ୍ୟ ଶ୍ରୀଲଶ୍ରୀଯୁକ୍ତ ଶ୍ରୀଶ୍ରୀ ବଡ଼ଲାଟ ସାହେବଙ୍କ ଜାତିର ସବ ପୁରୁଷ ଥିଲୁ । ଭାରତର ପରୋକ୍ଷ (indirect) ଶୋଷଣ ନୀତିରେ ଆମ୍ଭେମାନେ ପରିତୃପ୍ତ ନ ହେବାରୁ ବହୁ ତପସ୍ୟା ଫଳରେ ଆମ୍ଭମାନଙ୍କର ଦୟାଶୀଳ ଯିଶୁ ଆମ୍ଭମାନଙ୍କୁ ଭାରତବାସୀଙ୍କର ପ୍ରତ୍ୟକ୍ଷ ରକ୍ତ ଶୋଷଣ କରିବାର ସୁବିଧା ଏବଂ ସୁଯୋଗ ଦେଇ ଆମ୍ଭମାନଙ୍କୁ ମଶକ ଜନ୍ମ ଦେଇଛନ୍ତି । ଆମ୍ଭମାନଙ୍କ ମଧ୍ୟରୁ ଯେଉଁମାନଙ୍କୁ ସନ୍ତ୍ରାସବାଦୀମାନେ ହତ୍ୟା କରିଥିଲେ ତାର ଉପଯୁକ୍ତ ପ୍ରତିଶୋଧ ନେବା ନିମନ୍ତେ ସେମାନଙ୍କୁ ଓ ସେମାନଙ୍କର ଭାଇ ଭଣଜା ପିଲା କବିଲା ବାପ ଗୋସାପଙ୍କୁ ଅଣ୍ଡାମାନରେ ଜନ୍ମ କରାଇଥିଲେ । ଏହି କେତେଦିନ ହେବ ଅଣ୍ଡାମାନ ବନ୍ଦୀମାନେ ଉପବାସ କରିବା ହେତୁ ସେମାନେ ରକ୍ତ ହୀନ ହୋଇ ପଡିଛନ୍ତି । ତେଣୁ ଆମ୍ଭମାନଙ୍କର ଦାନା ଉପରେ ଘୋରତର ବାଧା ପଡ଼ୁଛି । ଏହାର ଆଶୁ ପ୍ରତିକାର ନ ହେଲେ ଆମ୍ଭମାନଙ୍କର ବଂଶ ନିପାତ ହେବାର ଯଥେଷ୍ଟ ଭୟ ରହିଛି ଅତଏବ ଆମ୍ଭେମାନେ ପ୍ରାର୍ଥନା କରୁଁ ଯେ ଏମାନଙ୍କୁ ଜବରଦସ୍ତି ଖୁଆଇ ପିଆଇ ମୋଟ ଶୋଠ ନ କଲେ ଆମ୍ଭେମାନେ ଭୟଙ୍କର ଅଭିଶାପ ଦେବୁ ।

* * *

ବ୍ରାହ୍ମଣ ଖୋଜନ୍ତି ଶ୍ରାଦ୍ଧ, ଶାଗୁଣା ଖୋଜେ ମଡ଼, ଆଉ ନେତାଯାକ ଖୋଜନ୍ତି ବଢ଼ୀ ଓ ମରୁଡ଼ି । କାରଣ ସବୁ ପଇସାରେ ଚୂଡ଼ା ଚୁଡ଼ିଲ ବାଣ୍ଟି ସହଜରେ ନାମ ମାରି ନେବାଟାକୁ ଛାଡ଼େ କିଏସେ ? ତଦ୍ୱାରା ନେତା ପଣିଆ ବି ବେଶ୍ ଟେରେଇଯାଏ ।

Digitized by srujanika@gmail.com



# କାହାଣୀ

## ବହୁରୂପୀ

ଲେଖକଃ—ଶ୍ରୀ ଯତୀନ୍ଦ୍ର ମୋହନ ମୁଖର୍ଜୀ

ପୂର୍ବାଭାସଃ—

ଉଡ଼େକ୍‌ଟିଭ ବନବିହାରୀ ବାବୁ ମଧୁବନ ଜମିଦାରଙ୍କ ଘର ଖୁଣୀର ଅନୁସନ୍ଧାନ କରୁଥିଲେ। ନାଏବ ବାବୁଙ୍କର ପୀଡ଼ିତ ଭ୍ରାତୁଷ୍ପୁତ୍ର ଗୌହାରର କବିରାଜ ଗୃହରେ ମୃତ। ଭ୍ରାତୁଷ୍ପୁତ୍ରୀ ବୀଣା ମାତୁଳ ବେଶରେ ଆସିଥିବା କୌଣସି ଛଦ୍ମବେଶୀ ଦ୍ୱାରା ଅପହୃତ। ନାଏବ ବାବୁ ନୂତନ ବିବାହ କରିଛନ୍ତି! କବିରାଜଙ୍କ ଘରେ କବିରାଜ ଓ ନାଏବ ବାବୁଙ୍କ ଗୁପ୍ତ ପରାମର୍ଶ ବନବିହାରୀ ବାବୁ ଛକି ଶୁଣିଲେ।

ଦୁଇଟି ଯୁବତୀଙ୍କୁ ଡକାଏତମାନେ ବାଟରେ ଧରି ନେଉଥିବା ବେଳେ ଉଡ଼େକ୍‌ଟିଭ ବନୁବାବୁଙ୍କ ସଙ୍ଗୀ ନବୀନ ତାଙ୍କୁ ଉଦ୍ଧାର କଲେ। ନାରଣ ବାବୁଙ୍କ କର୍ମଗୁରୁ ସଦାଶିବ ବାବୁ ଆଦରଣୀ କନ୍ୟା ହୀରାମଣୀକୁ ହରାଇ ପାଗଳ ହୋଇ ଘର ଛାଡ଼ି ପଳାଇଲେ। ତାଙ୍କ ଘରର ଜିମା ନେଲେ ନାରଣବାବୁ।

ରାତିରେ ଗୋଟିଏ ନିର୍ଜନ ଘରେ ଡକାଏତମାନେ ମଦ ପିଉଥିବା ବେଳେ ବନ ବିହାରୀ ବାବୁ ଓ ନବୀନ ସେମାନଙ୍କୁ ଆକ୍ରମଣ କରନ୍ତେ ଅଦ୍ଭୁତ କୌଶଳ ଦ୍ୱାରା ସେମାନେ ପାତାଳ ପୁରୀରେ ବନ୍ଦୀ ହୋଇଗଲେ। ସଦାଶିବ ହଠାତ୍ ଆସି ସେମାନଙ୍କୁ ଉଦ୍ଧାର କଲେ।

ସଦାଶିବ ଓ ଡ଼ିଟେକ୍‌ଟିଭ ଦ୍ୱୟ କଣ୍ଟକ ଗାଡ଼ିରେ ଚଢ଼ି କଥା ବାର୍ତ୍ତା ହେଉଥିବା ସମୟରେ ଚଳନ୍ତା ଟ୍ରେନରୁ ସଦାଶିବ ବାବୁଙ୍କୁ କ୍ଲୋରଫର୍ମ ଦ୍ୱାରା ବେହୋସ କରି ଡକାଏତମାନେ ନେଇ ପଳାଇଲେ।

କବିରାଜ ନରୋତ୍ତମଙ୍କ ଚିକିତ୍ସାଳୟକୁ ଜଣେ ବଡ଼ଲୋକ ରୋଗୀ ଆସିଛନ୍ତି।

---

କାରଣ ସେତେଣେ ବଡ଼ ବିଷଧର ସର୍ପର ଭୟ! ଜମିଦାର ଦୁଃଖ କ୍ଲିଷ୍ଟ, ହତାଶ ବଚନରେ ପ୍ରାୟ ଉତ୍ତର ଦିଅନ୍ତି "ମୋର ମରଣ ନାହିଁ, ମୋ ପାଇଁ ଚିନ୍ତିତ ହେବେନାହିଁ, ତା ହୋଇଥିଲେ ଭଗବାନ କଣ ଏତେ ମନଃ କଷ୍ଟ ଦିଅନ୍ତେ!" ଏପରି କରୁଣ ଉତ୍ତରରେ 'ସହସ୍ର-ମାରୀ-ଚିକିତ୍ସକ'ର କଠିଣ ହୃଦୟ ମଧ୍ୟ ବିଗଳିତ ହୋଇଯାଏ ସେ ଆଉ କିଛି କହି ନ ପାରି ନତ ମସ୍ତକରେ ଫେରି ଆସନ୍ତି।

କବିରାଜଙ୍କର ବହୁଦର୍ଶିତା ଗୁଣରେ ରୋଗୀର ଟିକିଏ ଶୁଭ ପରିବର୍ତ୍ତନ ଦେଖା ଦେଉଛି। ରୋଗୀ ଆଉ ସବୁବେଳେ ଆଖି ବୁଜି ପଡ଼ି ରହୁନାହିଁ, ମୂର୍ଚ୍ଛା ଯିବାର ସଂଖ୍ୟା କମି ଆସିଲାଣି। ସମସ୍ତଙ୍କର ମୁଖରେ ହାସ୍ୟ ଓ ଆନନ୍ଦର ଚିହ୍ନ ପରିସ୍ଫୁଟ। କବିରାଜ ଏଥର ପ୍ରତିଜ୍ଞା କରି କହିଛନ୍ତି ଆଉ ଦେଢ଼ ମାସ ମଧ୍ୟରେ ସେ ରୋଗୀକୁ ସମ୍ପୂର୍ଣ୍ଣ ଆରୋଗ୍ୟ କରି ପାରିବେ।

ଆଜି ସନ୍ଧ୍ୟାବେଳୁ 'ସତ୍ୟ-ନାରାୟଣ' ପୂଜା ହେଉଛି। ଗ୍ରାମର ବହୁତ ଗଣ୍ୟ ମାନ୍ୟ ଲୋକ, କବିରାଜଙ୍କର ବନ୍ଧୁବାନ୍ଧବ ସମସ୍ତେ ଆଜି ନିମନ୍ତ୍ରିତ ହୋଇ ଆସିଛନ୍ତି। ରାତିରେ ଭୋଜନ ପରେ 'ନଚେଇ-ପାଲା' ଆରମ୍ଭ ହୋଇଛି। ନାଏବ ଚକ୍ରଧର ବାବୁ ମଧ୍ୟ ନିମନ୍ତ୍ରିତ ହୋଇ ଆସିଛନ୍ତି। କବିରାଜ ପତ୍ନୀ ଦୁଇ ମାସ ହେବ ସେଠାରେ ନାହାନ୍ତି। ତାଙ୍କ ପିତ୍ରାଳୟକୁ ଯାଇଛନ୍ତି। କବିରାଜଙ୍କର ଅନ୍ୟ ବନ୍ଧୁ କାର୍ଯ୍ୟ ଥିବା ହେତୁ ଆସି ପାରି ନାହାନ୍ତି। ପାଲାଟି ବଡ଼ ଜମି ଯାଇଛି। ସମସ୍ତେ ଏକାଗ୍ର ମନରେ ପାଲା ବାଲାଙ୍କର ବଚନିକା ଓ କବିତ୍ୱ ଉପଭୋଗ କରୁଛନ୍ତି। କେବଳ ଜମିଦାର ସାହେବ ସମୟ ସମୟରେ ତାଙ୍କର ଭାଇ ପାଖକୁ ଯାଇ ଘଣ୍ଟାଏ, ଅଧ ଘଣ୍ଟାଏ ରହି ପୁଣି ଆସି ବସୁଛନ୍ତି। ରାତି ପ୍ରାୟ ଦୁଇଟା ବେଳେ ପାଲା ଭାଙ୍ଗିଲା। ସମସ୍ତେ ଯେଝା ଘରକୁ ଗଲେ। ନାଏବ ବାବୁ କବିରାଜଙ୍କ ଗୃହରେ ସେ ରାତିରେ ଅତିଥି ହୋଇ ରହିଲେ। କବିରାଜ ମହାଶୟ ଦିନଯାକ ଖଟି ଖଟି ବଡ଼ କ୍ଲାନ୍ତ ହୋଇଥିଲେ, ପାଲା ଭାଙ୍ଗି ଯିବାର ଅର୍ଦ୍ଧ ଘଣ୍ଟା ପୂର୍ବରୁ ଶୋଇବାକୁ ଚାଲିଗଲେ, ନାଏବ ବାବୁ ମଧ୍ୟ ତାଙ୍କ ସହିତ ଉଠି ଯାଇଥିଲେ। ଜମିଦାର ବାବୁ ପାଲା ଶେଷ ପର୍ଯ୍ୟନ୍ତ ଥିଲେ। କାରଣ ତାଙ୍କର ବ୍ୟୟରେ ଏ ସବୁ ହୋଇଛି, ସେ ଉଠିଗଲେ ଗ୍ରାମର ଭଦ୍ରଲୋକମାନେ ତାଙ୍କୁ ଅଭଦ୍ର ମନେ କରି ପାରନ୍ତି— ବିଶେଷତଃ ଜମିଦାର ବଡ଼ ଭଲ ଲୋକ, ତାଙ୍କର ବଡ଼ ଲୋକୀ ମିଜାଜ ଆଦୌ ନାହିଁ।

ସେ ଦିନ ଶୁକ୍ଳ ଚତୁର୍ଦ୍ଦଶୀ। ଜମିଦାରଙ୍କର ଭାଇର ଦେହ କ୍ରମେ ଭଲ ହେଉଥିବାର ଦେଖି ତାଙ୍କର ଭାରି ଆନନ୍ଦ ହୋଇଛି। ଏପରି ସୁନ୍ଦର ଜ୍ୟୋତ୍ସ୍ନାମୟୀ ରଜନୀରେ ଲୋକର ମନ ସ୍ୱତଃ ପ୍ରଫୁଲ୍ଲିତ ହୁଏ। ଦିନଯାକ [illegible]ଗାଲ ଭୋଜନ, ସନ୍ଧ୍ୟାରେ ଭଦ୍ରଲୋକଙ୍କୁ ନିମନ୍ତ୍ରଣ—ତତ ପରେ ରାତିରେ ପାଲା ଦେଖିବା,—ଏ ସବୁରେ ଜମିଦାରଙ୍କର ଦେହ ମଧ୍ୟ ଗରମ ହୋଇ ଯାଇଥିଲା [illegible] ଆଉ ହେଲାନାହିଁ। କଣ କରିବେ?—ଇଚ୍ଛାଠାରେ ଶଯ୍ୟାରେ ପଡ଼ି ରହିବାକୁ ତାଙ୍କୁ

Digitized by srujanika@gmail.com

ଭଲ ଲାଗିଲା ନାହିଁ, ବିଛଣାରୁ ଉଠି ସେ ବାଡ଼-ପଛ ପଟ ବଗିଚା ଆଡ଼କୁ ବୁଲିବାକୁ ବାହାରି ଗଲେ । ସାରା ଗ୍ରାମଟା ସୁଖ-ସୁପ୍ତ, ନିଦ୍ରା ନାହିଁ ଖାଲି ଜମିଦାର ସାହେବଙ୍କ ଚକ୍ଷୁରେ ! ଧୀର ମନ୍ଥର ଗତିରେ ସେ ପ୍ରକାଣ୍ଡ ବଗିଚାରେ ଇତସ୍ତତଃ ବୁଲୁଛନ୍ତି । ଏତେ ଦୂରକୁ ଜମିଦାର ଅନ୍ୟ କେଉଁ ଦିନ ବୁଲି ଆସି ନ ଥାନ୍ତି । ତେଣେ ଜଙ୍ଗଲ ଆରମ୍ଭ ହୋଇଛି । ଏକା ମନରେ ସେ ଚାଲୁଛନ୍ତି । ହାତରେ ଖଣ୍ଡେ 'ଛଡ଼ି' ଅଛି । ହଠାତ୍ ତାଙ୍କର ଗତି ରୋଧ ହେଲା ।

ଏ କଣ ? ଭୀଷଣ ଜଙ୍ଗଲମୟ ସ୍ଥାନରେ ରାତ୍ରିର ଶେଷ ଯାମରେ ଏ କି ମୂର୍ତ୍ତି !! ଗୋଟିଏ କଙ୍କାଳାବଶିଷ୍ଟ ବାଳକର ହସ୍ତ ଧରି ପ୍ରକାଣ୍ଡ କୃଷ୍ଣଦୈତ୍ୟ ଏକ ଗର୍ତ୍ତ ମଧ୍ୟରୁ ବାହାରି ଆସୁଛି !!! ନିର୍ଭୀକ ହୃଦୟ ବୃଦ୍ଧ ଜମିଦାର କିନ୍ତୁ ଭୀତ ହୋଇ ନାହାନ୍ତି ।—ଧନ୍ୟ ସାହସ ତାଙ୍କର !—ସେ ତ୍ୱରିତ ପଦରେ ରହସ୍ୟଟା ଭଲ କରି ଦେଖିବା ଉଦ୍ଦେଶ୍ୟରେ ଗୋଟିଏ ନିକଟସ୍ଥ ଗହଳିଆ ବୁଦା ମୂଳରେ ଲୁଚି ଗଲେ ।

ଗର୍ତ୍ତରୁ ବାହାରି ଆସି କଙ୍କାଳର ହାତଟା ଝିଙ୍କି ନେଇ ଅସୁରଟା ମାଟିଆ ଭିତରୁ ବାହାରିବା ଭଳି ଗମ୍ଭୀର କର୍କଶ କଣ୍ଠରେ କହିଲା, "ସେଇଠି ବସି ହଗ" କଙ୍କାଳଟି ଅତି କଷ୍ଟରେ କୁନ୍ଥେଇ କୁନ୍ଥେଇ ତାର କ୍ଷୀଣ କଣ୍ଠରେ ଯନ୍ତ୍ରଣା ସୂଚକ ନାନା ଶବ୍ଦ କରି ସେଠାରେ ବସି ରହିଥାଏ । ଅସୁରଟା ପୁଣି ତାକୁ ଧକ୍କାଏ ମାରି କହିଲା "କିରେ ମଲୁକି ?—ରାତିସାରା ବସି ହଗୁଥିବୁ କି ?" ବାଳକ ଉଠି କହିଲା "ଭାଇ ମତେ ଏତେ କଷ୍ଟ ଦେନା—ତୋର ମଙ୍ଗଳ ହେବ । ଏକାଥରକେ ମାର—" କ୍ରୂର ଅସୁରଟା ଭାରି ରାଗିଯାଇ ତାର ତଣ୍ଟିଟା ଚିପି ଧରି ଚୋପାରି ନେବା ମାତ୍ରକେ ବାଳକଟି 'କେଁ' କରି ଗୋଟାଏ ଆର୍ତ୍ତନାଦ କରି ସେହିଠାରେ ବୁଲେଇ ହୋଇ ପଡ଼ିଗଲା । "ଶଳାଟା ମଲା ନା କଣ ?—ଆରେ ଉଠ" କହି, ଅସୁରଟା ପୁଣି ନଇଁପଡ଼ି କାନ ଫୁଙ୍କି, ମୁଣ୍ଡରେ ପାଣି ସିଞ୍ଚି ଦେବାରୁ ବାଳକର ଜ୍ଞାନ ହେଲା । "ଶଳା ଟୋକାଟା ମତେ ବଡ଼ ହଇରାଣ କଲା—ରାତି ନାହିଁ, ଦିନ ନାହିଁ ଖାଲି ହଗିବ । ଅରେ ତୁ ମରୁନାହୁଁ ? ନରଭୋଗିଆଟା, ଆଉ ମତେ ତା ହେଲେ ଏଠି ରଖନ୍ତା ନାହିଁ ।" ଏହା କହି ଅସୁରଟା ଟୋକାଟାକୁ ଝିଙ୍କିନେଇ ଚାଲିଲା । ବାଳକ କ୍ଷୀଣ କଣ୍ଠରେ କହିଲା "ବାଘ ନାଏବ ଥିଲେ—ଘିଅ, ଦୁଧ, ଛୁରୁ ନ ଥିଲା—ଏଠି ବଗଡ଼ା, ଗୋଲା ଚାଉଳର ଭାତ ଖାଇ ମୁଁ ଆଉ ବେଶି ଦିନ ବଞ୍ଚିବି ନାହିଁ ଯେ, ତୁମେ ଡର ନାହିଁ ।"

ଏ କଥା ଗୁଡ଼ାକ ଜମିଦାରଙ୍କର କାନରେ ବାଜିବା ମାତ୍ରକେ ସେ ସିଂହ ପରି ଏକ ଲମ୍ଫରେ ବୁଦା ମୂଳୁ ବାହାରି ଅସୁରଟା ସମ୍ମୁଖରେ ଉପସ୍ଥିତ ହୋଇ ତାର ଛାତିରେ ପିସ୍ତଲର ମୁହଁଟା ଲଗାଇ ଦେଇ କହିଲେ "ପାଟି କଲେ ମରଣ !—ପିଲାକୁ ନେଇ ମୋ ସାଙ୍ଗରେ ଧୀରେ ଧୀରେ ଚାଲିଆ ।"

ଅସୁରଟା ଦେହରୁ ମୁଣ୍ଡ ପାଏ ଥରିଗଲା ଏ ଆକସ୍ମିକ ଆକ୍ରମଣରେ, ପିଲାଟାର କଥା ମଧ୍ୟ ବନ୍ଦ ହୋଇଗଲା ଆନନ୍ଦରେ କି ଭୟରେ ତାହା ସେହି ଜାଣେ !

ଦୁଇ ଜଣକୁ ସାଙ୍ଗରେ ନେଇ ଜମିଦାର ବାବୁ ତାଙ୍କ ବସାକୁ ଆସି ଡାକିଲେ "ନବୀନ ଜଲ୍‌ଦି ଉଠ, ସମସ୍ତଙ୍କୁ ଉଠାଅ ଏଇ ମୁହୂର୍ତ୍ତରେ, ରାତି ଶେଷ ହେବା ପୂର୍ବରୁ ଖୁଣୀମାନେ ଗିରଫ ହେବେ । ନବୀନ ବାବୁ ରୋଗ ଶଯ୍ୟାରୁ ବିଦ୍ୟୁତ ବେଗରେ ଉଠି ପ୍ରଭୁଙ୍କ ଆଦେଶ ବିନା ବାକ୍ୟରେ ପାଳନ କଲେ । ଅସୁରଟାକୁ ହାତ କଡ଼ି, ଗୋଡ଼ ବେଡ଼ୀ ପିନ୍ଧାଇ ଗୋଟାଏ ଘରେ ବନ୍ଦୀ କରି ରଖିଲେ । ବାଳକକୁ ପାଖେ ପାଖେ ରଖିଲେ ।

ରାତ୍ରି ପ୍ରଭାତ ହେବାକୁ ଆଉ ଘଡ଼ିଏ ପ୍ରାୟ ଅଛି । ଜମିଦାରଙ୍କର ଚାକର ବାକରମାନେ ପୁଲିସ ବେଶରେ ସଜ୍ଜିତ ହୋଇ କବିରାଜଙ୍କର ଘର ଘେରାଉ କଲେ । ପ୍ରଭାତ ହେବା ମାତ୍ରେ ନାଏବ ଓ କବିରାଜ ନିଦ୍ରାରୁ ଉଠି ଆଖି ମଳି ମଳି ବାହାରକୁ ଆସିବା ମାତ୍ରକେ ସେମାନଙ୍କ ହାତରେ ତ୍ୱରିତ ବେଗରେ ଲୌହ ବଳୟ ପିନ୍ଧାଇ ଦିଆଗଲା ।

କବିରାଜ ମହାଶୟ ତାଙ୍କର ସମ୍ମୁଖସ୍ଥ ବୃଦ୍ଧ ଜମିଦାରଙ୍କୁ ସମ୍ବୋଧନ କରି କହିଲେ "ଏ ସବୁ କଣ ?" ଜମିଦାର ଉତ୍ତର ଦେଲେ "ଚକ୍ରରେ, ଚକ୍ରରେ ଆଲିଙ୍ଗନ ! ଦେଖନ୍ତୁ ମୋର ଭାଇ ଭଲ ହୋଇ ଯାଇଛନ୍ତି । ଆସନ୍ତୁ ମୋ ସହିତ, ଆପଣଙ୍କର ପାଉଣା ପାଇବେ । ଆଉ ନାଏବ ବାବୁ ଆପଣ ଦୁଃଖ କରିବେ ନାହିଁ । ଆପଣଙ୍କର ଭ୍ରାତୁଷ୍ପୁତ୍ରୀ ଉଭୟଙ୍କୁ ଜୀବିତ, ଦେଖି ପ୍ରାଣ ଶୀତଳ କରିବେ ଆସନ୍ତୁ !"

ସେ ଦିନ ବନ୍ଧୁକଧାରୀ ପୁଲିସ ଓ ଘରି ନୌକାରେ ସମସ୍ତଙ୍କୁ ନେଇ ମହାନଦୀରେ ବନବିହାରୀ ବାବୁ ଓ ନବୀନ କଟକ ଯାତ୍ରା କଲେ । ଗ୍ରାମବାସୀମାନେ ସମସ୍ତେ ସନ୍ତୁଷ୍ଟ ଚିତ୍ତରେ ଏ ଦୃଶ୍ୟ ନଦୀକୂଳରେ ଅବଲୋକନ କରୁଥିଲେ ।

( କ୍ରମଶଃ )

Digitized by srujanika@gmail.com

# ମଜାକଥା



ବାପାଙ୍କ ଜରୁରି ଟେଲିଗ୍ରାମ ପାଇ ଘରେ ଆସି ଗୋଡ଼ ଦେଇଛି କି ନ ଦେଇଛି ନୂଆବଉ ଶଙ୍ଖଟାଏ ବଜେଇ ଦେଇ କର-କର କର ହସି ଉଠିଲେ । ମୁଁ ଠିକ୍ ଏ ଦାନ୍ତ ନିକୁଟା ହସଟିଏ ହସିଦେଇ ପଚାରିଲି "କଥା କଣ ମ ?" "ବସିଲେ ଜାଣିବ"ବୋଲି କହିଦେଇ ହସି ହସିକା ସେ ପଳେଇଲେ ।

ମୁଁ ଟେଲିଗ୍ରାମ ପାଇ ଆସିଛି । ମନଟା ଯାହା ହଉଥିବ । ବିପଦ ନ ପଡ଼ିଲେ ତ କେହି ଟେଲିଗ୍ରାମ କରେନା ଆମ ଦେଶରେ । ଭାବିଥିଲି ଗୋଟାଏ କେହି ବେମାର୍ ବା ଖତମ । କିନ୍ତୁ ନୂଆବଉଙ୍କର ଅଭ୍ୟର୍ଥନାର ରକମଟା ଦେଖି ସେ ଭୟର ଭାବଟା ମନରୁ ଖସି ଗଲା ସତ, ଏକା ତାଙ୍କ ଭଳିଆ ହାଲ୍ ଖୁସିଆ ହସଟାଏ ହସି ଦବାକୁ ମୋର ମନର ଅବସ୍ଥା ନ ଥିଲା । ସେଇଥି ପାଇଁ ତାଙ୍କ ଚନ୍ଦ୍ରବଦଆ ହସ ସାଙ୍ଗରେ ମୋର ଶରକା ହସଟା ଖାପ ଖାଇଲା ନାହିଁ ।

ଯାହାହଉ ମନଟା ଯେ ଠିକ୍ ଏ ହାଲୁକା ହେଇଗଲା, ଏଟା ଠିକ୍ । ଘରେ ବଉ ଦେଖିଲା କ୍ଷଣି ହୁରିଟାଏ ପକେଇ କହିଲେ "ଗଲ କୁଆଡ଼େ କି ହୋ—ବାଇଆ ଅଇଲାଣି ।" ଆରେ ! ମୁଁ ଏତେ ବାଟରୁ ଅଇଲି—କଥା ନାଇଁ, ବାର୍ତ୍ତା ନାଇଁ—କମିତି ଅଇଲୁ—ଗୋଡ଼ ଧୋଇଲୁଣି ନା—କଣ ଖାଇବୁ ଇତ୍ୟାଦ ବ୍ୟସ୍ତ ନାଇଁ—ଯେମିତି କି ଗୋଟାଏ ଅଲଗା ପାଖ ଛଡ଼ା ପର କଥାଟା କହୁଛି ! ଏଇ ବଉ ପୁଣି—ଇମିତିକାଟା କେବେ ତ ଦେଖି ନ ଥିଲି । ଘଡ଼ପରି ଗୋଟାଏ ଗୋଳଆରେ ପଡ଼ିଗଲା ପରି ଲଗିଲା ମୋତେ । ମୁଁ କିଛି ନ କହି ବଲବଲ କରି ଗୁହିଁ ରହିଲି ଘଡ଼ିଏ । ବଉ ମୋ ଅବସ୍ଥା ଟା ବୁଝିପାରି କହିଲା "ବାପାଙ୍କ ସାଙ୍ଗରେ ଦେଖା ହେଲାଣି ?" "ନାଇଁ—ମୁଁ ତ ଏଇ ଅସୁଛି ।" "ଓଃ, ତେବେ ଗୋଡ଼ହାତ ଧୋଇ, ଲୁଗା ପାଲଟି ପକା । ମୁଁ ଦେଖେଁ ଘରେ କଣ ଅଛି ।"

ଏତକି କହି ସେ ବାହାର ଯାଉଁ ଯାଉଁ ଡାକ ମାରିଲା "ବଡ଼ ବୋହୂ, ବଡ଼ ବୋହୂ ।" ମୋ ସାନ ଭଉଣୀ ମାଲି ଦୌଡ଼ି ଆସି କହିଲା "ନୂଆବଉ ହଳଦ ବାଟୁଛନ୍ତି ।"

ବଉ—ଏତେବେଳେ ହଳଦ କିସ ହବକି?

ମାଲି—କୁଆଡ଼େ ସାନ ଭାଇ ଦେହରେ ବୋଳିବେ ।

## ଖୁଦାକା ମରଜି

ଲେଖକଃ—ବରଯାତ୍ରୀ

ଏ କଥା ଶୁଣି ବଉ ତ ରାଗି ଖୁଣ୍ । କହିଲା "ଦର ବୁଢ଼ୀଟା ହେଲେଣି, ପିଲାଟା ସାଙ୍ଗରେ ଲଗାଇଛନ୍ତି । ସେଇଥିପାଇଁ ଶଙ୍ଖ ଫୁଙ୍କା ହଉଥିଲା କି ? ଓହୋ, ବୁଝିଲି ଏବେ । ପିଲାଟା ଅଇଲା, ହାଲିଆ ହେଇ ହେଇ,—ଖାଇ ନାଇଁ ପିଇ ନାଇଁ—ଭାଉଜଙ୍କର ବସେଇ ପଡ଼ିଲା ଟାପରା—ନା ଶନ୍ଧା !"

* * *

କଥାଟା ତ ଛପିଲା ନାହିଁ । ବାପା ବୁଲି-ବାଲି ଆସି ମୋତେ ଡାକି କହିଲେ "ହଇରେ ବାଇଆ, ତୁ ତାର କେତେ-ବେଳେ ପାଇଲୁ ?"

ମୁଁ—ସକାଳେ, କାଲି ।

ବାପା—ସାଙ୍ଗେ ସାଙ୍ଗେ ବାହାରି ଅଇଲୁ ପରା ।

ମୁଁ—ନ ଆସନ୍ତି କମିତି । କିଛି ତ ଲେଖା ନ ଥିଲା, ମନଟାରେ ଧୋକା ହେଲା—

ବାପା—ନାଇଁ, କଥା କଣକି ଏଇ ତେ। ବଉ ଲଗେଇଛି ଯେ…ହଇ ହେ କୁଆଡ଼େ ଗଲ କି !

ବାପାଙ୍କର ଆଉ କଥାଟା ବୁଝା ହେଲା ନାହିଁ । ଇମିତି କି କଥାଟେ ଯେ ଆପେ କହି ପାରୁ ନାହାନ୍ତି । ବଉର ସାହାଯ୍ୟ ଦରକାର ! ମୁଁ ବି ଆଶଙ୍କାସରୁ କିଛି କିଛି ବୁଝିଲିଣି ।

ବଉ ଆସିଲା । ବାପା ତାକୁ ସାକ୍ଷୀ କରି କହିବାକୁ ଆରମ୍ଭ କଲେ "ମୁଁ ବାଇଆକୁ କହୁଥିଲି ସେଇ କଥା । ବୁଝିଲ ?"

ବଉ—କଉ କଥା ମ, କହୁନା ।

ବାପା—ଯଉଥି ପାଇଁ ତାର କରିଥିଲି ଆସିବା ପାଇଁ ।

ବଉ—ହଅ, ଏବେ କି କଥାଟେ ଯେ କହି ପକଉ ନ ?

କଥାଟା ତ ଜଣା ପଡ଼ିଲାଣି । ମାତ୍ର ସେଥିପାଇଁ ଏତେ ସଙ୍କୋଚ କାହିଁକି ? ବାପା ଗଳାଟା ଖଙ୍କାରି ନେଇ କହିଲେ ବୁଝିଲୁ ବାଇଆ, ତୋ ବଉ ଆସି ବୁଢ଼ୀ ହେଲା, କହୋ କହୁନା …

ବଉ—ମୁଁ କଣ କହିବି ?

ବାପା—ହଁ, ତୋ ବଉ କୁଆଡ଼େ ମରିଯିବ ବୋହୂ ଦେଖି ପାରିବ ନାହିଁ ।

ଏହା କହି ବାପା ଠୋ ଠୋ କରି ହସିଲେ । ବଉ କହିଲା "ଆପେ ତ ବୁଢ଼ା ହେଲଣି, ସେଇ କଥା କହୁ ନ, ମୋ ଉପରେ କାହିଁକି ଗଡ଼େଇ ଦଉଚ ମିଛୁଟାରେ ?

ବାପା—ହଁ ହୋ, ସେଇ ଏକା କଥା ନୁହେଁ ନା ।

ପୁଣି ମୋ ଆଡ଼କୁ ଗୁହିଁ କହିଲେ, ବୁଝିଲୁ ମୁଁ ଗୋଟାଏ ପାତ୍ରୀ ଠିକଣା କରିଛି । ମୁଁ କିଆଁ କରିବି ଆପେ ଆପେ ନାହିଁ, ଭଗବାନ ଜୁଟେଇ ଦେଇଛନ୍ତି । ଭାରି ବଡ଼ ଘର, ଆଉ…ସେ…ବୁଝିଲୁ ନା ବାହା ଖରଚ ପାଇଁ ତୋ ପଢ଼ା ଖରଚ ପାଇଁ ନଗଦ ପାଞ୍ଚ ହଜାର ଦଉଛନ୍ତି ।"

ବାଃ, ଏ ତ ଅତି ସାଧାରଣ କଥା । ଆଉ ଭଲ କଥା ବି । ଏଥିପାଇଁ ଏତେ ଗୌର ଚନ୍ଦ୍ରିକା, ଏତେ ସଙ୍କୋଚ, ଏତେ

Digitized by srujanika@gmail.com



ଅଙ୍ଗ ଅଙ୍ଗ କାହିଁକି ? ସ୍ତ୍ରୀ ଭିତରେ କିଛି ଅଛି ନା କଣ ? ମୋ ମନରେ କିମିତିକା ଗୋଟାଏ ଖଟକା ଲାଗିଲା । ସନ୍ଦେହଟା ଭାଙ୍ଗି ଦେଇ ବାପ କହିଲି "ଅଜ କନିଆ କଥାଟା କହୁ ନ ।"

ବାପା ରାଗିଗଲା ପରି ହୋଇ କହିଲେ "କନିଆ କଥା ଆଉ କଣ—ଟିକିଏ ଅସୁନ୍ଦର, କାଳୀ । ଏଇତ, ତା ତୁମେ ନିଜେ ତ ଭିତର—ପୁଣି ମଣିଷ ତ ତମକୁ ବାହା ହେଇଥିଲେ ।" ମୋ ବାପ ଥିଲା ସତରେ କାଳୀ, ଆଜ ମୁଁ ବି ନେଇଥିଲି ମା ଗୁଣି—ସୁତରାଂ କପାଳିଆ ।

ବାପର ସେଥିପାଇଁ ମନ ନ ଥିଲେ ବି ମୁହଁ ଫିଟାଇ କହିବାର ଜୁ ନ ଥିଲା । ବାପାଙ୍କର ଏହି ଝାଙ୍କୁଲରେ ସେ ଏକା-ବେଳେ ମାଛୁଟି ହୋଇଗଲା । ବାପା ପୁଣି ହସି କହିଲେ ଟିକିଏ ଯାକୁଲା ସ୍ୱରରେ, "ଯେତେ ହେଲେ "ଭୁଲ କନିଆ କାଳୀ ।" ସେଥିରେ କଣ ହେଲା । କାଳୀ ବହୂ ଏକା ଲକ୍ଷ୍ମୀବନ୍ତ ।"

ଏତେବେଳେ ବୁଝିଲି କାହିଁକି ମୋତେ ଏଥିପାଇଁ ଏତେ କାଇଦାରେ sound କରି ହେଉଥିଲା । ବାପାଙ୍କର ଅସଲ ଲୋଭ ଟଙ୍କା । କାରଣ କନିଆର ସୌନ୍ଦର୍ଯ୍ୟରେ ତାଙ୍କର ତ କିଛି ଯାଏଆସେ ନାହିଁ । ସୁନ୍ଦରୀ ହେଉ ଯାହା କରିବ, କାଳୀ ବି ତହିଁରୁ କିଛି କମ କରିବ ନାହିଁ ! ମୁଁ ବି ସବୁଆଡ଼ୁ ଭାବି ଚିନ୍ତି କରିମ ଆଦର ଚୁନ ହୋଇ ରହିଲି । ମନକୁ ଯେତେ ପାରିଲି ବୁଝେଇଲି । ଏକା ସତ କହୁଛି, ମନଟା ଭିତରେ ଗୋଟାଏ କିମିତିକା ବେଦନା ରହିଗଲା । ଯଉଁଟା ଥିବାରୁ ଏ କାଳରେ ବାହା ବେଳର ଯଉ ମିଠାମିଠା, ଫୁରୁଫୁରିଆ ଭାବଟା ଅସେ, ତାହା ଆଉ ନଥାଏ । ଖାଲି ଗୋଟାଏ ଧାରାବାହିକ ନିତ୍ୟ କର୍ମ କରିବାକୁ ଗଲାପରି ମନେ ହେଉଥାଏ । ମନ ପୋଡ଼ିଲେ ସିନା ସମସ୍ତେ ଜାଣନ୍ତି, ମନ ପୋଡ଼ିଲେ କାଣେ କିଏ ? କିନ୍ତୁ ଜଣେ ଏକା ଜାଣିଲା । ସେଇ କଥା କହୁଛି ।

× × × ×

ବାପା ଥିଲେ ମାମଲତକାରିଆ ଲୋକ । ଅନେକ ଦେଖିଛନ୍ତି, ଅନେକ ଠକିଛନ୍ତି । ଠକି ଠକି ଅନେକ ଶିଖିଛନ୍ତି ମଧ୍ୟ । ସେ ଅକଡ଼ ବସିଲେ ଯେ ଜବାବ ହୋଇଥିବା ନଗଦ ଟଙ୍କା ଓ ସୁନା ଆଗତୁରା ଦେବାକୁ ହେବ । କନ୍ୟା ପକ୍ଷ କହିଲେ କି ବେଦୀ ଉପରେ ଦେବେ । ମାତ୍ର ବାପା ମାନିଲେ ନାହିଁ । ଅଗତ୍ୟା ବାଧ୍ୟ ହୋଇ ତାହା କରିବାକୁ ପଡ଼ିଲା । ବାକି ସୁନା କଥା । ସୁନାଟା ତ ଗହଣା ରୂପରେ ଆସିବ । ଗହଣାଟା ତ ଝିଅ ଦେହରେ ବା ବାକ୍‌ସରେ ଆସିବା ଦରକାର । ବାପା କହିଲେ "ସେ ବାଗ ମୁଁ ଭେଲ ଜାଣେ—ହାତଗଣ୍ଠି ପଡ଼ ସାରିଲେ, ଯଦି ଆମକୁ ଧପାନ୍ତି, ଆମେ କଣ କରିବୁଁ ? ଝିଅଟାକୁ ତ ଆଉ ଫେରାଇ ଦେଇ ପାରିବୁଁ ନାହିଁ ।" ଅନେକ ଯୁକ୍ତି ତର୍କ ପରେ ବାପା ସଫା କରି ଦେଲେ, "କହିଲେ ମୁଁ ଖାସ ଜାଣି ଶୁଣି ଅସୁନ୍ଦର କନ୍ୟା ଘରକୁ ଆଣୁଛି, ଏହି ଟଙ୍କା ଆଉ ସୁନା ଲୋଭରେ—ତମେ ବି କନ୍ୟାର ଅବଗୁଣ ପାଇଁ ଦରଦ ଏତିକି । ଏଥିରେ ଆଉ କଥା କଣ ! ଆଗ ଟଙ୍କା ଆଉ ସୁନା ହାତରେ ରଖିବା ତ ବଡ଼ ଅନୁକୂଳ କରି-ଇବ । ନୋହିଲେ ତମ ଇଚ୍ଛା ।" ଏ ଭଳିଆ ଦୃଢ଼ ଜବାବ ପାଇ, କନ୍ୟା ପକ୍ଷ ଅତି ସାମାନ୍ୟ ଗହଣା କନ୍ୟା ପାଇଁ ରଖି ବାକି ୫୦ ଭରି ସୁନାର ଅଳଙ୍କାର ହାତଗଣ୍ଠି ଆଗରୁ ଆମ ଜମା କରିବାର ଜବାବ ଦେଇ ଗଲେ ।

ନଗଦା ନଗଦ ପାଞ୍ଚୋଟି ହଜାର ଗଣି ନେଇ ସାରି ଆମର ବାହାଘର କାମ ଆରମ୍ଭ ହେଲା । ଯଥା ସମୟରେ ମୁଁ ବର ସାଜି କନ୍ୟା ଘରେ ପହଞ୍ଚିଲି । ଯାଇ ଦେଖିଲି ଯେ ତାଙ୍କର ଘରେ ସେଦିନ ଆଉ ଗୋଟାଏ ବାହାଘର । ସେ ବର ମୋ ଆଗରୁ ଆସି ସାରିଲାଣି । ଅବଶ୍ୟ ଅନ୍ୟ ଏକ ଚଉପାଢ଼ିରେ ବସିଛି, କାରଣ ବରକୁ ବର ଭେଟାଭେଟି ହେବା ନିଷେଧ ।

ଆମ ଶ୍ୱଶୁରଙ୍କର ଗୋଟିଏ ଗରିବ ରାଣ୍ଡ ଭଉଣୀ ଥିଲେ, ସେ ତାଙ୍କର ଘରେ ଥାଆନ୍ତି । ତାଙ୍କର ଝିଅଟିଏ । ତାକୁ ବାହା ଦେବାର ଭାର ଆମ ଶ୍ୱଶୁରଙ୍କ ଉପରେ । ଏକା ଖରଚରେ ଯିବ ବୋଲି ହିସାବୀ ଶ୍ୱଶୁର ମହାଶୟ ଏକା ଦିନରେ ଦୁଇ ବାହାଘର ପାଇଁ ଲଗ୍ନ ଧରିଛନ୍ତି । ପ୍ରକୃତ ଧରିବାକୁ ଗଲେ ଆପଣା ଝିଅର ବାହାଘରେ, ଗୋଟାଏ ବୋଝ ଉତାରିବା ପରି ଭଣିଜୀଟିକୁ ସେଇ ସାଙ୍ଗରେ ଉଠାଇ ଦେବେ ।

ଯଦିଚ ଭଣିଜୀର ବର ଆଗରୁ ଆସିଲାଣି, ଝିଅର ବର ନ ଆସିବା ଯାକେ ସେ ବାହା-ଘର ହେଇ ପାରୁନାହିଁ । କାରଣ ଆଗ ଝିଅର ବର ବେଦୀକୁ ଯାଇ ସାରିଲେ ଭଣିଜୀ ବର ଯିବ । ଝିଅର ତ ବାହାଘର, ଭଣିଜୀଟା ଖାଲି ଅନୁଗ୍ରହୀତା ମାତ୍ର । ଜଣାଗଲା ସମସ୍ତେ କେବଳ ଆମରି ଅପେକ୍ଷାରେ ରହିଛନ୍ତି ।

ବର ଆସିଲା କ୍ଷଣି ବାପା ତାଙ୍କର ପାଉଣା ଆଦାୟରେ ଲାଗିଗଲେ । ବାହାଘର ଆଗରୁ କଡ଼ା କଡ଼ା କରି ସବୁ ଅଳଙ୍କାର ଦେଖି ଆପଣା ବାକ୍‌ସରେ ରଖିଲେ । ସାମାନ୍ୟ କେତେ ଖଣ୍ଡ ରୁପାର କନ୍ୟା ପିନ୍ଧିବା ପାଇଁ ଦେଲେ । ଜବାବ ହେଲା ବାହାଘର ସରିଲେ ଆମ ଲୋକ ଯାଇ କନ୍ୟାକୁ ପିନ୍ଧାଇ ଦେବ ।

* * *

ବାହାଘର ଯଥାରୀତି ହୋଇଗଲା । ଖିଆ ପିଆ, ଧାଁଆ ନିଆ ସବୁ ସରିଲା । ସଅଁପା ସଅଁପି, କାନ୍ଦ ବୋବାଳି, ଦହି ଚୋରାଣୀ ଜୁଆ କଉଡ଼ି ଇତ୍ୟାଦି ଯାହା ଯେପରି

( ୧୧ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com



# ବହିପତ୍ର

## ଭଞ୍ଜ ପ୍ରଦୀପ ।

ସା ୧୩୪୪ ଲ ଚୈତ୍ରର ଭଞ୍ଜପ୍ରଦୀପ ପାଇ ଅନନ୍ଦିତ ହେଲୁଁ । ଗଠନ ପରିପାଟୀରେ ଏହି ପତ୍ରିକାଟି ଉତ୍କଳରେ ଶ୍ରେଷ୍ଠତମ । କାରଣ, ଏହାର ଆଶ୍ରୟଦାତା ବଡ଼ ଜବର ।

ଏହି ସଂଖ୍ୟାଟି ଅନେକଗୁଡ଼ିଏ ସୁଚିନ୍ତିତ ପ୍ରବନ୍ଧରେ ପରିଶୋଭିତ । ତହିଁ ମଧ୍ୟରୁ ବାରିପଦା ସାହିତ୍ୟ ସମାଜର ବାର୍ଷିକ ସମ୍ମିଳନରେ ପଠିତ ଭାଷଣାଦି ଅଧିକ । ଏତିକି ଦୁଃଖ ଯେ କାଳନ୍ଦୀ ବାବୁଙ୍କ ହାତ-ସଫେଇ ଏଥିରେ କିଛି ଦେଖା ପଡ଼ୁନାହିଁ । କିଛି କିଛି ଗଳ୍ପ, କବିତା କୌତୁକାଦି ହାଲୁକା ଧରଣର ଲେଖା ରହିଥିଲେ ପ୍ରଦୀପର ଜ୍ୟୋତି ସାଧାରଣର ମନ ଲାଖି ହୁଅନ୍ତା ପରି ।

ସ୍ପନ୍ଦନ—ଶ୍ରୀ ନୀଳମଣି ରାଉତ ।

କ୍ଷୁଦ୍ର ସଂଗୀତ ପୁସ୍ତକ, ବାଲେଶ୍ୱର ନିଉ ଉତ୍କଳ ପ୍ରେସରେ ମୁଦ୍ରିତ; ମୂଲ୍ୟ—୫୦/୦ । ଗୀତ ଗୁଡ଼ିକ ନବୀନ କବିଙ୍କ ସ୍ୱରଚିତ । ବେଶ୍ ଭାବ ଗର୍ଭିକ, କରୁଣ ରସାପ୍ଲିତ । ସ୍ଥାନେ ସ୍ଥାନେ ମୃଦୁ ମଧୁର ମଧ୍ୟ । ଆମ୍ଭେ-ମାନେ କବିଙ୍କର ଉନ୍ନତି କାମନା କରୁଁ ।

## ଉତ୍କଳ ସାହିତ୍ୟ ଶ୍ରାବଣ ୧୩୪୪

ପଦ୍ୟାଂଶ—

ମୂଆଜ୍ଜନ—ମୂଆଜନର ସ୍ୱର ଯେପରି କରୁଣ ପ୍ରାଣସ୍ପର୍ଶୀ ଓ ଭାବ ଯେପରି ପ୍ରଶାନ୍ତ ଗମ୍ଭୀର ଲେଖକଙ୍କର ଭାଷା ତଦନୁରୂପ ରୂପ ଦେଇ ପାରିଛି ଭଳି ମନେ ହେଉ ନାହିଁ ।

ଜନନୀ ବନ୍ଦନା—ଲକ୍ଷ୍ମୀକାନ୍ତଙ୍କର ବନ୍ଦନାରେ ଜନନୀଙ୍କର ବୈଦିକ ଯୁଗାନୁ-ରୂପ ରୂପ ପରିକଳ୍ପନା ପରେ ବିଚ୍ଛନ୍ଦ ବାବୁଙ୍କର ଓଡ଼ିଆଣୀ ଜନନୀଙ୍କର ବନ୍ଦନା ସାହିତ୍ୟର ଓ ଜାତିର ଗୋଟିଏ ସମ୍ପଦ ।

କି ହେଲା—ଉଦ୍ଭଟଟି ମନ୍ଦ ନୁହେଁ ।

ଗଳ୍ପାଂଶ

କ୍ରୀଡ଼ା ପୁତ୍ତଳିକା—ଭାଷା ସାଧାରଣ—ଭଙ୍ଗୀରେ ନୂତନତ୍ୱ ନାହିଁ, ତେବେ ଗୋଟାଏ ସତ୍ୟକୁ (ଅବଶ୍ୟ ଲେଖକଙ୍କ ଦୃଷ୍ଟିରୁ) ପ୍ରତିଷ୍ଠିତ କରିବାର ପ୍ରଚେଷ୍ଟା ବହୁ ପରିମାଣରେ ସୁଫଳ ହୋଇଛି । ସମାପନ ସୁନ୍ଦର ।

ସୁଲକ୍ଷଣା-ଓଡ଼ଶାର ଗଦ୍ୟ ସାହିତ୍ୟ ଆରମ୍ଭ ସମୟର ଭାଷାର ନମୁନା ଦେଖିଲେ ଆନନ୍ଦ ଓ କୌତୁକ ଉଦ୍ରେକ ହବାର କଥା । ଗଳ୍ପଟି ମନ୍ଦ ନୁହେଁ—କିନ୍ତୁ ଶବ୍ଦଗତ ବୈଚିତ୍ର୍ୟ ନାହିଁ ।

## ନବ ଭାରତ ମିଥୁନ ୧୩୪୪

ପଦ୍ୟାଂଶ

ପ୍ରତିଧ୍ୱନି—'ଏକୁ ଭାବ—ଲହର ଯଦି ସେ ବୁକୁ ଜଳେ ଭାସେ' କଥାଟି ବା ଭାବଟି ସୁନ୍ଦର । କିନ୍ତୁ ଏତିକି ପାଇଁ ଏତେ ଆଡ଼ମ୍ବର କାହିଁକି ? ଭାବ ପ୍ରସାରଣରେ Art ଫୁଟେ ନାହିଁ—ବରଂ ସଙ୍କୋଚନରେ ସନ୍ନିହିତ ଥାଏ ବେଶୀ ।

ବୁଢ଼ା ଦଳେଇ—କବିତାଟିରେ ପ୍ରାଚୀନ ସାହିତ୍ୟର ପ୍ରଭାବ ପଡ଼ିଛି । ଲେଖାଟି ଖୁବ୍ ଶୁଭ ମୁହୂର୍ତ୍ତରେ ଲେଖକଙ୍କ କଲମରୁ ବାହାରିଛି ବୋଲି ମନେ ହେଉ-ନାହିଁ । ବର୍ଣ୍ଣନା, ଭାଷା ଭାବ ସବୁ ସୁନ୍ଦର କିନ୍ତୁ ତଥାପି ଅଧିକତର ମଧୁର ଆସ୍ୱାଦ ପାଇଁ ମନ ଯାଉଥିବା ବେଳେ ତୃପ୍ତି ବୋଧ ନ ହେବା ସ୍ୱାଭାବିକ ।

ଅମୁହା ଦେଉଳ—କବିତାଟି ଭଲ ଲାଗିଲା—ଟିକିଏ ନୂତନତ୍ୱ ଥିଲା ବୋଲି । କିନ୍ତୁ ଅତୀତର ସ୍ୱର୍ଣ୍ଣ ସୁଖକୁ ବିଶ୍ୱାସ କରି ନ ହେବା ସ୍ଥଳେ ସେ ଯୁଗର ଦେବତାଙ୍କୁ ଭକ୍ତି ନ ହେବା ମଧ୍ୟ ସ୍ୱାଭାବିକ । ତେଣୁ ଏତିକି କହିବୁଁ ଏ ଦେଉଳ—ଚିରଦିନ ଅମୁହା ଥିଲା—ଅଛି ଓ ରହିବ । ଭାଷା ଭଲ ।

ଗଳ୍ପାଂଶ

ଶିଉ ବିରହୀ—ଗଳ୍ପଟିର ନାୟକୁ ଯଥାର୍ଥ ପ୍ରମାଣ କରିବାପାଇଁ ତାହାକୁ ଗଳ୍ପର ଶେଷରେ ଯେ କୌଣସି ଉପାୟରେ ଉଲ୍ଲେଖ କରିବାର ମୋହ ଲେଖକଙ୍କର ଅଛି । ଭାଷା ନ ଜାଣି ଲେଖିବା ଅନୁଚିତ । କିନ୍ତୁ ଲେଖକଙ୍କର ବଙ୍ଗ ଭାଷା ଉପରେ Command ଖୁବ୍ ଥିଲାପରି ଜଣାଯାଏ । ତାଙ୍କର 'ଗଣନାହୀନ' ବଙ୍ଗ ଶବ୍ଦର ଯେପରି ନିନ୍ଦା 'କରେଁନା କାହିଁକି' ତାର 'ଅବେଗର ସୁର୍'ରେ ଚିହ୍ନର ପାଠକ ଆଖିରେ ଲୁହ 'ଭରି ଉଠେ'—ତାକୁ ସେ ଦେବତା 'କରି ତୋଳେ ।'

ମହରିକାର ଭାଷା ସୁନ୍ଦର । ଲେଖ-କଙ୍କର ଅନୁଭୂତି ଅଛି । ଶିକ୍ଷା ଦାନ ମଧ୍ୟ ଉନ୍ନତ ।

ସୋମନାଥ ବିତ ମନୁଷ୍ୟ—ସମାଜର ଏହି ଦଗଡ଼ା ଲୋକ ଦୃଷ୍ଟିରେ ଆହୁରି ସୁନ୍ଦର ଭାବରେ ପ୍ରକାଶ କରିବା ଉଚିତ । ଲେଖା ସମୟୋଚିତ ସୁନ୍ଦର—କିନ୍ତୁ ଭାଷା ବିଷୟ-ବସ୍ତୁର ଠିକେଠିକ ଉପଯୋଗୀ ନୁହେଁ ।

ଭାଇ ବନ୍ଧୁ—ପତ୍ରିକାଟିର ଏହି ସଂଖ୍ୟାର ସର୍ବୋତ୍କୃଷ୍ଟ ଗଳ୍ପ । ଗଳ୍ପଟି ଅତି କରୁଣ ଓ ପ୍ରାଣସ୍ପର୍ଶୀ ।

## ପ୍ରଗତି ୪ର୍ଥ ସଂଖ୍ୟା

ଅଶ୍ଳୀଳ—ଗଦ୍ୟ କବିତା—ଶ୍ରୀପତି ରାଉତରାୟ । ବିଷୟ ବସ୍ତୁ ଖୁବ୍ ସୁନ୍ଦର । ପ୍ରକାଶ ଭଙ୍ଗୀ ତହୁଁ ଭଲ । କିନ୍ତୁ ଗଦ୍ୟ ହେଉ ପଦ୍ୟ ହେଉ ତାର ଗୋଟାଏ ଛନ୍ଦ ଥାଏ । ଗଦ୍ୟର ସୁବିଧା ଛନ୍ଦଟା ବାଧ୍ୟ ହୀନ, ଅବାଧ; ଅତଏବ କବିର ସହଜ ସ୍ଫୂର୍ତ୍ତିର ସୁବିଧା କରିଦିଏ । କିନ୍ତୁ ପ୍ରାଣରେ ଆବେଗ ବାଜେ ଯାହା, ତାହା ଏହି ଛନ୍ଦଟା ଆମର ମନେହୁଏ ସଚି ବାବୁଙ୍କର କଲମ ପଦ୍ୟର ଧରା ବନ୍ଧା ଭିତରେ ଯେପରି ସହଜ ଗତି କରିପାରେ ଗଦ୍ୟର ମୁକ୍ତ ଦ୍ୱାର ପାଇ ତାହା ପାରୁନାହିଁ ।

୧୭ ପୃଷ୍ଠା ଦେଖନ୍ତୁ

Digitized by srujanika@gmail.com

# ୨ୟ ଉଗର ଶବ୍ଦଧନ୍ଦା ପ୍ରତିଯୋଗୀତା ।

୫ ୬ଙ୍କା ପୁରସ୍କାର ! — 'ଉଗର' ପାଠକ ମାନେ ପାଇପାରିବେ । — ୫ ୬ଙ୍କା ପୁରସ୍କାର !!

**ଏକଅଣା ଡାକଟିକଟ ସହ**

| | | | | | | |
|---|---|---|---|---|---|---|
| ୧ ଚ | ୨ (ର) | ସ | ■ | ୩ ବ | ଣି | ୪ |
| ୫ ର | | ■ | ୬ | ■ | ୭ | ଦ |
| | ■ | ୮ | ର | ୯ | ■ | |
| ■ | ୧୦ | ଲ | ■ | ୧୧ ଡା | | ■ |
| ୧୨ | ■ | ୧୩ ପ | ୧୪ | କ | ■ | ୧୫ |
| ୧୬ ଶୋ | | ■ | ପ୍ର | ■ | ୧୭ | ଡ |
| ର | ■ | ୧୮ | | | ■ | କ |

**ଏକଅଣା ଡାକଟିକଟ ସହ**

| | | | | | | |
|---|---|---|---|---|---|---|
| ୧ ଚ | ୨ (ର) | ସ | ■ | ୩ ବ | ଣି | ୪ |
| ୫ ର | | ■ | ୬ | ■ | ୭ | ଦ |
| | ■ | ୮ | ର | ୯ | ■ | |
| ■ | ୧୦ | ଲ | ■ | ୧୧ ଡା | | ■ |
| ୧୨ | ■ | ୧୩ ପ | ୧୪ | କ | ■ | ୧୫ |
| ୧୬ ଶୋ | | ■ | ପ୍ର | ■ | ୧୭ | ଡ |
| ର | ■ | ୧୮ | ର | | ■ | କ |

**ବିନା ମୂଲ୍ୟରେ**

| | | | | | | |
|---|---|---|---|---|---|---|
| ୧ ଚ | ୨ (ର) | ସ | ■ | ୩ ବ | ଣି | ୪ |
| ୫ ର | | ■ | ୬ | ■ | ୭ | ଦ |
| | ■ | ୮ | ସ | ୯ | ■ | |
| ■ | ୧୦ | ଲ | ■ | ୧୧ ଡା | | ■ |
| ୧୨ | ■ | ୧୩ ପ | ୧୪ | କ | ■ | ୧୫ |
| ୧୬ ଶୋ | | ■ | ପ୍ର | ■ | ୧୭ | ଡ |
| ର | ■ | ୧୮ | ର | | ■ | କ |

## ସିଧା

୧ । ଚୂଡ଼ାନ୍ତ ।
୩ । ବ୍ୟାପାର ।
୫ । ୨ ଭଲ କାଗଜରେ ଯାହା ତାହା ।
୭ । ଏହା ବିଷ ଛଡ଼ାଏ ।
୮ । ଏହା ପାଇଲେ ଗୋଡ଼ ଆଉ ଉଠେନାହିଁ ।
୧୦ । ବର୍ଷା ଝଡରେ ଏହା ପଡ଼େ ।
୧୧ । ଏହା ଅପେ ଅପେ ପଡଲେ ନଖାଇ କିଏ ଛାଡ଼େ ?
୧୩ । ଏ ଗହଣାକୁ ପୁଅ ଝିଅ ସମସ୍ତେ ଘେନନ୍ତି
୧୬ । ଏଥିରେ ମୁହଁ ଫୁଲିଯାଏ ।
୧୭ । ଏହା ବଥା କଲେ ଚଳିବାକୁ କଷ୍ଟ ହୁଏ ।
୧୮ । ବ୍ୟାଘ୍ରର ଶିକାର ।

## ସାଙ୍କେତିକ ଅର୍ଥ

ନାମ ____________

ଠିକଣା ____________

____________

____________

କେତୋଟି ଉତ୍ତର ____________

## ଉପର ତଳ

୧ । ଯେ ଏହା ବ୍ରତମତ ଚଳାଏ ଲକ୍ଷ୍ମୀ ତା ସ୍କନ୍ଧରେ ବସନ୍ତି ।
୨ । ଏଥିରେ ଜ୍ଞାନ ନଥିଲେ ରସିକ ଅପଦସ୍ତ ହୁଏ ।
୪ । ଏହା ନ ଥିଲେ ମନୁଷ୍ୟ କାମରେ ଆଗେଇ ପାରେ ନାହିଁ ।
୬ । ଗୋଲକାର ଆଧାର ।
୮ । ଶୟନ ସମୟରେ ଏଥିରେ ଆରାମ ମିଳେ
୯ । ଉଗରର ବାର୍ଷିକ ମୂଲ୍ୟ 'ଡାକସହ ବର୍ତ୍ତମାନ' ଦୁଇଟଙ୍କା ।
୧୨ । …ଦେବୁ କେତେ କଣେ ପ୍ରୀତି ସହୁ ?
୧୪ । ବନ୍ଧୁ ବନ୍ଧାଇ କରେ ।
୧୫ । ଏହା ମଣଙ୍କୁ ଡ଼ାକ ଆଣେ ।

## ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ ।

ଏ ଧନ୍ଦାର ଠିକ ଉତ୍ତର ସମ୍ପାଦକଙ୍କଠାରେ ସିଲବନ୍ଦ ହୋଇ ରଖା ହୋଇଛି । ଯାହାର ଉତ୍ତର ଏହାସଙ୍ଗେ ଠିକ ମିଳିଯିବ ତାଙ୍କପାଇଁ ପ୍ରଥ ପୁରସ୍କାର—୫୩୯ । ଯାହାର ଗୋଟିଏ ଭୁଲଥିବ ତାଙ୍କ ପାଇଁ ଦ୍ୱିତୀୟ ପୁରସ୍କାର—୫୨୯ ଓ ଯୋଡ଼ଏ ଭୁଲଥିବା ଉତ୍ତରର ପୁରସ୍କାର ୫୧୯ । ଠିକ ଉତ୍ତ ଅଭାବରେ ସବୁଠାରୁ କମ ଭୁଲ ହୋଇଥିବା ଉତ୍ତର ପାଇଁ ପୁରସ୍କାର ମିଳିବ । ଯେ କୌଣସି ବ୍ୟକ୍ତି ପ୍ରତିଯୋଗୀତାରେ ଯୋଗଦେଇ ପାରିବେ । କେବ ଉଗରରେ ଛପାହୋଇଥିବା କୁପନକୁ କାଟି ତହିଁରେ ଉତ୍ତର ଦେବାକୁ ହେବ । ବାଜେ କାଗଜରେ ଲେଖିଲେ ଅଗ୍ରାହ୍ୟ ହେବ । ଉତ୍ତର ଅକ୍ଟୋବ ତା୨୦ରିଖ ମଧ୍ୟରେ ପହଞ୍ଚୁଥିବା ଦରକାର । ପ୍ରତି ଉତ୍ତର ସଙ୍ଗରେ ୫୦/ ପ୍ରବେଶିକା ଫିସ୍ ଦେବାକୁ ହେବ । ତାହା ସ୍ୱହସ୍ତେ ବା ଲୋକଦ୍ୱାରା ଉଗ ଅଫିସରେ ଜମାଦେବେ ଅଥବା ଡ଼ାକଦ୍ୱାରା ଉତ୍ତର ପଠାଇଲେ ତଥିସଙ୍ଗେ ଗୃହ ପଇସାର ପଇସିକିଆ ଡାକଟିକଟ ଗୃହଖଣ୍ଡ ପଠାଇବେ । ଏକା ବ୍ୟ ଏକ ସଙ୍ଗରେ ଦୁଇଟି ଉତ୍ତର ଦେଲେ ଦୁଇଅଣା ଫିସ ଦେବେ ଏବଂ ବିନା ମୂଲ୍ୟରେ ଅଧିକା ଖଣ୍ଡିଏ ଦେଇ ପାରିବେ । କେହି ୫୦୧ ଦେଲେ ସେ ଇଚ୍ଛା ଦେତେ ଉତ୍ତର ଦେଇପାରେ । ଉତ୍ତରରେ ନିଜ ନାମ—ଠିକଣା ସ୍ପଷ୍ଟ ଭାବରେ ଗୋଟିଟି କରି ଲେଖିବେ । ଠିକ ଉତ୍ତରଟି ଯଥା ସମୟରେ ଉଗ ରରେ ବାହାରିବ ଓ ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କ ନାମ ପ୍ରକାଶିତ ହେବ । ଏକାଧିକ ବ୍ୟକ୍ତିଙ୍କ ଉତ୍ତର ଠିକ ହେଲେ, ଶ୍ରେଣୀ ଅନୁସାରେ ସମାନ ଭାବ ବାଣ୍ଟି ଦିଆଯିବ । କୌଣସି ବ୍ୟକ୍ତି ପୁରସ୍କାର ପାଇବାର ଥିଲେ କେବଳ ଉତ୍କୃଷ୍ଟ ପୁରସ୍କାରଟି ପାଇବେ ।

Digitized by srujanika@gmail.com

ମନ୍ତ୍ରୀ କେମନ୍ତେ ଯାଇଥିଲେ କଟକ ଜିଲାବୋର୍ଡ଼୍‌କୁ ଭୋଜି ଖାଇ । ଭୋଜିରେ ଖାଉଁ ଖାଉଁ ତାଙ୍କ ଅତିଥେୟୀ (host) ଙ୍କୁ ପଚାରିଲେ, ହଇହେ, ମୋ ପାଇଁ କାହିଁ loaf, sandwich ଆଉ ସଭିଙ୍କର କାହିଁ ଶିଙ୍ଗଡ଼ା ରସଗୋଲା ? ତାର ଉତ୍ତର ମିଳିଲା —ପଙ୍କ୍ତିବର୍ଣ୍ଣୀ ମଧ୍ୟ ସ୍ପଷ୍ଟଂ Position ବିଭାଗଶଃ ।

Loaf, sandwich cake buscuit
ଡାଲ୍‌ମୁଟ୍ ସିଙ୍ଗଡ଼ା ଉଦୈବଚ ।

* * *

ମନ୍ତ୍ରୀ କହିଲେ, ବନ୍ୟା ପ୍ରପୀଡ଼ିତ ଲୋକଙ୍କ ପାଇଁ ସରକାର ଯଥାସାଧ୍ୟ ସାହାଯ୍ୟ ଦାନ କରିଥିଲେ, କରୁଛନ୍ତି ଏବଂ କରିବେ । ତାହା ଶୁଣି ଜଣେ କଲେଜିଏଟ୍ ସ୍କୁଲ୍ ପିଲା କହିଲା, Sir, ଆମର କ୍ରିୟାର କାଳ ଜ୍ଞାନ ଅଛି । ଆଜି ଆମ ଅବଧାନେ ପଢ଼ାଇ ଥିଲେ-"ଭୂତ,ଭବିଷ୍ୟ,ବର୍ତ୍ତମାନ।"

ଆଉ ଜଣେ ସମାଲୋଚକ କହିଲେ, କରୁଛନ୍ତି କମ୍ବା କରିବେ ଏକଥା କହିବାଟା ଶୋଭା ପାଇଲା—"କରୁଥିଲେ" ଏକଥା କହିବାବେଳେ ମନ୍ତ୍ରୀ କ'ଣ ଅମୃତହରିହୋଇ ସେ ମୁଗର ଲାଟ ଭାବିନେଲେ କି ଆପଣଙ୍କୁ ? * * *

ମନ୍ତ୍ରୀ ଏବେ ଗୋଟାଏ ଶିକ୍ଷା ସମ୍ବନ୍ଧୀୟ (Comunique) ଘୋଷଣା ପ୍ରଚାର କରନ୍ତୁ ବୋଲି ଅନେକେ ତାଙ୍କୁ ଉପଦେଶ ଦେଉଛନ୍ତି । ସେଥିରେ, illustration (ଶବ୍ଦ)ଦିଆ ହୋଇ ସମସ୍ତଙ୍କୁ ବୁଝାଇ ଦିଆ ଯିବ—ଏଭଳି ମୁରୁକି ହସ ଯେ ପ୍ରେମ ହସ—ଏଭଳି ନାଫଡ଼ାହସ ଯେ ଅହ୍ଲାଦହସ ଗେଲବସରହସ ନାମ ଫିଙ୍କିକଟା ହସ ଖାଡିଚି ହସ ନାମ ଉଲମୁହାଁ ମାଇପି ହସନାମ ଭେଣ୍ଡା ହସ ମିଣିପି ହସ ଯେ ଦେଢ଼ା ହସ ଆନନ୍ଦ ହସ ଯେ 'ହୋ, ହୋ', ବେଖାତର ବା ଡେମ କେଅର ହସ ଯେ 'ହି ହି' ଇତ୍ୟାଦି । ଏହି ଘୋଷଣା ଆମ Ravenshaw Girls School Principal ଙ୍କ ଠାରୁ ପଠାଯିବ । * *

ଭିତି କୋଣରେ ଗୁଜବ ଉଠିଛି ଯେ ମେନସ୍‌ଫିଲ୍‌ଡ଼ ସାହେବ ଆମ ଜାତୀୟ ଗୀତିକୁ ଆସେମ୍ବ୍ଲି ହଲରେ ଅପମାନନା କରିଥିବା ଯୋଗୁ ଦୁଃଖ ପ୍ରକାଶ କରିବେ ନାହିଁ ବୋଲି ମନ୍ତ୍ରୀଙ୍କ ଠାରୁ ଲେଖିଛନ୍ତି । ମନ୍ତ୍ରୀକାଳେ ସେ ଅପମାନଟାକୁ ପାକିଟିରେ ପୁରେଇ ନେଲେ। କିନ୍ତୁ ସାମାନ୍ୟ କଥାରେ ସେଦିନ ବାଳିକା ବିଦ୍ୟାଳୟରେ ଯେଉଁ ଭୁରୁଡ଼ି କାଢ଼ିଲେ ତାହା ଶୁଣି ଲୋକେ କହୁଛନ୍ତି — ଅଣ୍ଟ କହୁଥାଏ ମାଇପି ଆଗେ କଥା ନ ବାହାରେ ପାଇକ ଆଗେ । * * *

## ମନ୍ତ୍ରୀଙ୍କ ପଛଆଡ଼େ ।

ଲେଖକ—ହେବେ ମନ୍ତ୍ରୀ ।

ଆମେ ଶୁଣିଲୁଁ ମନ୍ତ୍ରୀଙ୍କର କାଳେ ଗୋଟାଏ ଶ୍ରେଣୀ ଅଛି । ସେହି ଶ୍ରେଣୀ ଅନୁପାତରେ ମନ୍ତ୍ରୀମାନଙ୍କୁ ଖାତିର ଦେଖାଉଛି ସମ୍ମାନ, ଅସମ୍ମାନ କରାଯାଏ । ଗୋରା ଏକଜିକ୍ୟୁଟିଭ୍ ମେମ୍ବରଙ୍କୁ ଦେଖିଲେ କାଳେ ଲୋକଙ୍କ ଲୁଗାରେ ଛେର ପଡ଼ିଯାଏ, ରାଜୁଡ଼ା ମନ୍ତ୍ରୀଙ୍କୁ ଦେଖିଲେ କାଳେ ଝୁଲ୍‌କମ୍ପ ହୁଏ, ଖୋସାମତିଆ ମନ୍ତ୍ରୀଙ୍କୁ ଦେଖିଲେ କାଳେ ଭକ୍ତି ଆସେ ଆଉ କଂଗ୍ରେସ ମନ୍ତ୍ରୀଙ୍କୁ ଦେଖିଲେ ହସମାଡେ । ଏ ମନ୍ତ୍ରୀଙ୍କ ଭିତରୁ ଶ୍ରେଷ୍ଠ ମନ୍ତ୍ରୀ କିଏ, ଏ ସମସ୍ୟାର ସମାଧାନ ପାଇଁ ରେଭେନ୍‌ଶ ଗାର୍ଲସ କଲେଜର ପ୍ରିନ୍‌ସିପାଲଙ୍କୁ ପଚାରିଲେ ସେ ତାଙ୍କ ମାଷ୍ଟ୍ରିଆଣୀମାନଙ୍କୁ ପଚାରି ଭଲ ଜବାବ ଦେଇ ପାରନ୍ତେ । * *

ଆମେ ଶୁଣୁଛୁଁ ପ୍ରଧାନମନ୍ତ୍ରୀଙ୍କର ପ୍ରତ୍ୟେକ କାର୍ଯ୍ୟରେ ଆଉ ଜଣେ ମନ୍ତ୍ରୀ ଲୋଡ଼ା ହେଉଛନ୍ତି । ମନ୍ତ୍ରୀଙ୍କ ସେ ଲୋଡୁଛନ୍ତି କମ୍ବା ମନ୍ତ୍ରୀ ଯାଇଁ ନିଜକୁ ଲୋଡ଼ାଇ ହେଉଛନ୍ତି ସେ ସମ୍ବନ୍ଧରେ ସଠିକ ସମ୍ବାଦ ଆମେ ପାଇ ନାହୁଁ । ତେବେ ମନ୍ତ୍ରୀଙ୍କ ପକ୍ଷରୁ ଆମେ ସମାଲୋଚକମାନଙ୍କୁ ଏତିକି କହି-ଦେବାକୁ ଚାହୁଁ ଯେ ଚନ୍ଦ୍ରଗୁପ୍ତଙ୍କର ମଧ୍ୟ ଗୋଟିଏ ଗୁଣକାର ଲୋଡ଼ାଥିଲା—ଚନ୍ଦ୍ର-ନାଥଙ୍କର ନ ହେବ କାହିଁ ? * *

ଆଉ ଗଲା ଭୋଟବେଳା, ସମସ୍ତେ କହିଲେ—ଏଡ଼ଭୋକେଟ ଜେନେରାଲଙ୍କୁ ଉଡ଼ାଦିଅ, ସେ କଂଗ୍ରେସ ବିରୋଧୀ ଲୋକ । କିନ୍ତୁ କେହି ଠିକ୍ ଏ ମନ୍ତ୍ରୀଙ୍କ ଅସୁବିଧାଟା ବୁଝିଲେ ନାହିଁ । ସେ ଯେଉଁ ଉଦାର-ତଟା ଦେଖାଇ ନାମ ମାରିନେବାକୁ ଚାହୁଁଛନ୍ତି ସେଥା ପୁଣି ନ ହେବ କାହିଁ ଉପାୟରେ । * * *

ଆମ ପ୍ରଧାନ ମନ୍ତ୍ରୀ ଯେଉଁଠି ଅଛନ୍ତି ସେହା ସେଠା ଗୋଟେ ଭୂତ ଘର । କିନ୍ତୁ କଂଗ୍ରେସ ବାଲା କହନ୍ତି, ଆମ ମନ୍ତ୍ରୀଙ୍କୁ ଭୂତ ଡରେ । ମାତ୍ର ଏତଦ୍ୱାରା ଏହା ପ୍ରତିପାଦ୍ୟ ହେଉ ନାହିଁ ଯେ ମନ୍ତ୍ରୀଙ୍କୁ ଯେ ଡରେ ସେ ଭୂତ । ଯେଉଁ ଗୋରା ତିନିଜଣ ଏସେମ୍ବ୍ଲିରେ ବନ୍ଦେମାତରଂ ବୋଲା ହେଉଥିଲାବେଳେ ଗାଣ୍ଡିମାଡି ବସିଯାଇଥିଲେ ସେମାନଙ୍କୁ ଆମେ ଏହା କହିଦେବାକୁ ଚାହୁଁ, ମନ୍ତ୍ରୀଙ୍କୁ ଯେ ଡରେ ସେ ଭୂତ ନୁହେଁ । *

ସେଦିନ ପ୍ରଧାନ ମନ୍ତ୍ରୀ ବଜେଟ ଆଗରୁ ମଧୁସ୍ମୃତି ଦେଖିବାକୁ ଯାଇଥିଲେ । ଏବେ ଶୁଣିଲୁଁ ରାଧାନାଥ ଓ ମଧୁସୂଦନଙ୍କ ସ୍ମୃତି ସ୍ଥାନ ପରିଦର୍ଶନ କରି ଆସିଛନ୍ତି । ନୀତିଟା ମନ୍ଦ ନୁହେଁ । ଶିକ୍ଷା ସମ୍ବନ୍ଧରେ ପ୍ରେରଣା ପାଇବା ପାଇଁ ଏପରି ପରିଦର୍ଶନ ଏକା ବଡ଼ ଲୋଡ଼ା । କୌଣସି ଜୀବନ୍ତ ମଣିଷ କଅଣ କିଛି ପ୍ରେରଣା ଦେଇ ପାରିଲେ ନାହିଁ । ସାକାରଠାରୁ ନିରାକାରର ପ୍ରେରଣା ବଳବତ୍ତର । * *

## ନିକଟରେ ବାହାରିବ

କୌତୁକ ଚନ୍ଦ୍ରାନନ ଚମ୍ପୂ । ଇଚ୍ଛୁକ ଗ୍ରାହକ ଟଙ୍କା ରଖନ୍ତୁ ।

Digitized by srujanika@gmail.com

ମହାଶୟ,

କେତେକ କଂଗ୍ରେସ ଭାବାପନ୍ନ ନେତା ଡଗରକୁ ଗୋଟିଏ କଂଗ୍ରେସ ବିରୋଧୀ ପତ୍ରିକା ବୋଲି ସମାଲୋଚନା କରିବାକୁ କୁଣ୍ଠା ବୋଧ କରୁନଥିବା ଦେଖି ମୋର କ୍ଷୋଭ ଓ ଦୁଃଖ ହୁଏ। ଏହି ଅଙ୍କ ବା ରସାନଭିଜ୍ଞ ବ୍ୟକ୍ତି ଗୁଡ଼ିକ ବାସ୍ତବିକ ଦୟାର ପାତ୍ର। ପହଁରି ନ ଜାଣି ନଈକୁ ଡେଇଁ ପଡ଼ିଲେ ଲୋକର ଯେଉଁ ଅବସ୍ଥା ହୁଏ ଏ ଭଦ୍ରବ୍ୟକ୍ତିମାନେ ଠିକ୍ ସେହିପରି ହେଉଛନ୍ତି। ହାସ୍ୟରସର ଉଦ୍ଦେଶ୍ୟ କ'ଣ ତା' ଏହି ଭଦ୍ରବ୍ୟକ୍ତିମାନଙ୍କୁ ଅଜଣା। ହାସ୍ୟାତ୍ମକ ସମାଲୋଚନା ବ୍ୟକ୍ତି ବିଶେଷଙ୍କୁ ଲୋକଚକ୍ଷୁରେ ନିକୃଷ୍ଟ କରେ ନାହିଁ ବରଂ ଉଚ୍ଚସ୍ଥାନ ଦିଏ। ଗାମା ଭୀମାଙ୍କୁ ନକଲ କରି ଅଷ୍ଟା ଉପହାସ କଲେ ସାଧାରଣ କ'ଣ ଅମୋଦ କରିବେ ? ସେଥିପାଇଁ ଲୋକଚକ୍ଷୁରେ ଯେଉଁମାନେ ପ୍ରଧାନ ବ୍ୟକ୍ତି ସେମାନଙ୍କୁ ନିର୍ଦ୍ଦୋଷ ବିଦ୍ରୂପ କରିବାଦ୍ୱାରା ତାଙ୍କୁ ଅଧିକ ଲୋକଚକ୍ଷୁକୁ ଅଣାଯାଏ ଏବଂ ସେମାନଙ୍କର ପ୍ରାଧାନ୍ୟ ତଦ୍ୱାରା ବଢ଼େ। ଅନ୍ୟାନ୍ୟ ସାହିତ୍ୟରେ ବ୍ୟଙ୍ଗ ଚିତ୍ର, ହାସ୍ୟାତ୍ମକ ସମାଲୋଚନା ଯଥେଷ୍ଟ ଦେଖିବାକୁ ମିଳେ। ଓଡ଼ିଆ ସାହିତ୍ୟରେ ତାର ଏକାନ୍ତ ଅଭାବ। ଡଗର ଯେ ସାହିତ୍ୟର ରସ ଅଙ୍ଗ କେତେକାଂଶରେ ପୂରଣ କରୁଛି ଏହା ବୋଲିବା ଅଯଥା ନୁହେଁ। ଯେଉଁମାନଙ୍କୁ ଡଗର ଚକ୍ଷୁଶୂଳ ହେଉଛି, ମୁଁ ଏହା କହିପାରେଁ ଯେ ସେମାନଙ୍କର ନିଜର ବହୁଦୋଷ ଅଛି। ତାର ସଂଶୋଧନ ଲୋଡ଼ା। ଯେଉଁମାନଙ୍କର ଡଗରକୁ ହୃଦୟଙ୍ଗମ କରିବାର ଅଭିଳାଷ ଅଛି ସେମାନଙ୍କୁ ଅନୁରୋଧ ସେମାନେ Punch ପ୍ରଭୃତି ଇଂରାଜୀ ପତ୍ରିକା ପଢ଼ନ୍ତୁ।

ଆପଣଙ୍କର

ସରଳା ଦେବୀ

ଡଗର ସମ୍ପାଦକ ମହୋଦୟ, ଆପଣଙ୍କ 'ଡଗର'ରେ ସୁବୁଦ୍ଧି ମହାଶୟଙ୍କ ଚାଠାଉ ଦେଖି ମୋ ବୁଦ୍ଧି ମଧ୍ୟ ଗଜେଇ ଉଠିଲା। ଆପଣ ଅନୁଗ୍ରହ କରି ମୋର ବୁଦ୍ଧିକୁ ଦଉଡ଼ାଇ ନେଲେ ମୁଁ ଚିର କୃତଜ୍ଞ ହେବି।

ସୁବୁଦ୍ଧି ମହାଶୟ,

ଓଡ଼ିଶା ପରି ଧୋଇ ମରୁଡ଼ି ଦେଶରେ ଆଜି ଏ ଦୁର୍ଦ୍ଦିନରେ ମଧ୍ୟ ଆପଣଙ୍କ ବୁଦ୍ଧି ଯେ ବନ୍ୟାବୃତ୍ୟାତ ଠେଲି ଗଜେଇଛି ତାହା ଦେଖି ଓଡ଼ିଶାର ଭବିଷ୍ୟତ ଭାଗ୍ୟର କ୍ଷୀଣ ଆଶା ମୋର ବଳବତୀ ହୋଇ ଉଠିଲା।

ଆପଣ 'ନେତା ଟିକସ' କଥା ଲେଖିଛନ୍ତି ମୁଁ ବୁଦ୍ଧି ଦଉଡ଼ାଇ ଛକପକାଇ ଦେଖିଲି ସେଥିରେ ଆମ ଓଡ଼ିଶା ସରକାରର ବିଶେଷ ଆୟବୃଦ୍ଧି ସମ୍ଭାବନା ନାହିଁ। କାରଣ ଦେଖନ୍ତୁ କେତେ ଜଣ ଗୋଠଛଡ଼ା ସାମ୍ୟବାଦୀ ଭେଣ୍ଡିଆଙ୍କୁ ଛାଡ଼ିଲେ ଆଉ ସମସ୍ତେ ତ ଗାନ୍ଧିବୁଢ଼ାଦ୍ୱାରା "ନୀତ" ଅତଏବ

# ଚିଟାଉ

ଯେବେ ଟିକସ ବସେ ତେବେ ଏକା ସେହି ମାଖୁନା ଗାଲୁଆ ଓ ଠାଙ୍ଗରା ମୁଣ୍ଡିଆ ବୁଢ଼ା ନେତା ଉପରେ ବସିବ। ସେଥି ମୁସ୍କିଲ ଯେ ଟିକସ ବାବଦରେ ଲୋକ ନିୟମ କରିବାକୁ ଅଛନ୍ତି ସମସ୍ତିତ ତାର କିଛି ନାହିଁ ଆଉ ଚଳନ୍ତି ସମ୍ପତ୍ତି ଭିତରେ ତାର ଚଷମା, ଦାନ୍ତପାଟି ଦିଖଣ୍ଡ ବା ତିନି ହାତିଆ କରିଆ ଖଣ୍ଡେ ଏହା ନିୟମ କଲେ ଭକ୍ତମାନେ ଦାମ ବଢ଼ାଇ ନାଅନ୍ତି ସତ କିନ୍ତୁ ସେଥିରେ ସୁବିଧା ନୁହେଁ।

ହଉ ଯଦବା ଦାଢ଼ି ନିଶ ଉପରେ ଟିକସ କରିବ କହୁଛନ୍ତି ସେଠା ଏମିତି ହେବା ଆଦୌ ଉଚିତ ନୁହେଁ। କାରଣ ଯେ ନିଶ ରଖିଛି ତାର ହୁଏତ ଗାମୁଛା ବା ଧୋତି ଖଣ୍ଡେ ହଜିଛି ଆଉ ଯେ ନିଶ ଦାଢ଼ି ଉଭୟ ରଖିଛି ସେ ବିଗୁରର ନିଶ୍ଚୟ ସୁନା ମୁଦି ବା ଶାଲବନାତ ବେଶୀ ଦାମିକିଆ ଜିନିଷ ହଜିଛି। ଏକେ ତ ତାଙ୍କର କ୍ଷତି ହୋଇଛି ତାପରେ ପୁଣି ବୋଝ ଉପରେ ନଳିତା ବିଡ଼ାପରି ସେମାନେ ଟିକସ ଦେବେ ଏହା କିଣ ରାଇଜର ବୁଝାମଣା ? ଯାର କମ ଦାମିଆ ଜିନିଷ ହଜିଛି ବୋଲି କେବଳ ନିଶ ରଖିଛି ତା' ଉପରେ ହେବ ଦୁଇ ଆଉ ଯାର ବେଶି କ୍ଷତି ହୋଇଛି ବୋଲି ନିଶ ଦାଢ଼ି ଉଭୟ ରଖିଛି ସେ ଦେବ ପାଞ୍ଚ ଟଙ୍କା ଟିକସ। ଆଚ୍ଛା ମଜା ତ।

ନିଶ ଦାଢ଼ି ହେଲା national wealth ତାକୁ ଯେଉଁମାନେ ରକ୍ଷା କରନ୍ତି ସେମାନେ ହେଲେ ଜାତିର ପୂଜ୍ୟ ଯେଉଁମାନେ ଏହା ନଷ୍ଟ କରୁଛନ୍ତି ପାରି ନାହିଁ ବା ହେବ ନାହିଁ ତାଙ୍କର ଉପରେ ଟିକସ ବସିବା ଉଚିତ ଏବଂ ଏଥିରୁ ମଧ୍ୟ ବେଶ ଦି' ପଇସା ଆୟ ହେବ। କାରଣ ଟିକସରୁ ଛାଡ଼ ପାଇବା ପାଇଁ ଯିଏ ଯେତେ ଦାଢ଼ି ରଖିଲେ ମଧ୍ୟ ଚିକଣ ଗାଲୁଆ ଲୋକ ସଂଖ୍ୟା ଅଧେରୁ ତ କେବେ କମ ହେବ ନାହିଁ।

ଆପଣ ଲେଖିଛନ୍ତି ସଭାରେ ହାତମୁହଁ ହଲାଇ ବକ୍ତୃତା ଦେଲେ ତାଙ୍କ ଉପରେ ପାଞ୍ଚଟଙ୍କା ଟିକସ। ଆଉ ଟିକସରୁ ଛାଡ଼ ପାଇବା ପାଇଁ ଯେବେ ସବୁତା ଗୋଡ଼ ହଲାଇ ବକ୍ତୃତା ଆରମ୍ଭ କରନ୍ତି ତେବେ ଶ୍ରୋତା ପାଇବା ମୁସ୍କିଲ।

ଖବର କାଗଜରେ ଅପରର ନିନ୍ଦା ଲେଖିଲେ ତ ଟିକସ ଦେବାକୁ ହେବ ଅତଏବ ଏ ପନ୍ଥା ଛାଡ଼ି ନିଜର ରାଗ ମେଣ୍ଟାଇବା ପାଇଁ ଅପରପକ୍ଷର ନିଶ ଦାଢ଼ି ଧରି ଯେବେ ଜୋତାର ସଦ୍‌ବ୍ୟବହାର କରନ୍ତି ତେବେ କିଅଣ ଆପଣ ଶାନ୍ତିରକ୍ଷା କରି ପାରିବେ ?

୧୬ ପୃଷ୍ଠା ଦେଖନ୍ତୁ।

Digitized by srujanika@gmail.com

( ୬ ପୃଷ୍ଠା ଉତ୍ତରୁ )

ହେବାର ସବୁ ହେଲା । ତେବେ ଏତକ ଦେଖାଗଲା ଯେ ଆମ ଶ୍ୱଶୁର ସାଆନ୍ତେ ଆଉ ଦାଣ୍ଡକୁ ଆସି ନାହାନ୍ତି । ଶୁଣିଲି ତାଙ୍କର ଭାରି ମୁଣ୍ଡ ବଥାଉଛି । ବାହା ସରିଲେ ଅଳଙ୍କାର ଗୁଡ଼ାକ ନେଇ କନିଆକୁ ପିନ୍ଧାଇବାର କଥା ଥିଲା । ତାହା ମଧ୍ୟ ହେଲା ନାହିଁ--କାରଣ ତାହା ବନ୍ଦୋବସ୍ତ କରିବାକୁ କନ୍ୟା କେହି ଅଇଲେ ନାହିଁ ବାପାଙ୍କର ଯଉ ଢଙ୍ଗ ସେ କି ଉପରେ ପଡ଼ି ଯାଚକରି ଦଅନ୍ତେ ? ସେ ବି ମନେ ମନେ ଖୁସ୍ । ଖୁସିଟା ନ ଥାଏ କେବଳ ଜଣଙ୍କର--ଯାହାର ସବୁଠୁ ଖୁସି ଥିବାର କଥା । ସେ ବେଚାରି ହଉଛି--ମୁଁ । ଖାଲି ବାଧ୍ୟରେ ପଡ଼ି ଢେଙ୍କୀ ଗିଳିବାକୁ ହେଉଛି । ମନେ ମନେ ଭାବୁଥାଏଁ "କନ୍ୟାକୁ ବାଭା ହେଲି ନାହିଁ--ବାଭା ହେଲି ତା ବାପର ଠଙ୍କାକୁ" ଏଇପରି ଚିନ୍ତା ମନ ନେଇ ବାହୁଡ଼ିଲି ।

ମଧୁଶଯ୍ୟା ଆଗରୁ ନୂଆବହୁଙ୍କର ଯଉ ସବୁ ଫର୍ଦ୍ଦି ଗେହ୍ଲା, ଚାପରା, ମୋତେ ଖାଲି ବିଷ ପରି ଲାଗୁଥାଏ । ମୁହଁ ଫିଟେଇ ଥରେ କହି ପକେଇଲି "ହଃ--ଯଉ ସୁନ୍ଦରୀଟାଏ ତ କରି ଦେଇଛ ।"

ନୂଆବହୁ କହିଲେ "ଏତେ କଥା ନା ! ଘା ପାଦ ନଖକୁ ତମେ ସରି ହେବ ନା !" କଥାଟା ମୋତେ ଆହୁରି ଖରାପ ଲାଗିଲା ଯେପରି କଟା ଘା'ରେ ଲୁଣ ଛିଟା ! ହଉ, ମୁଁ ନିଜେ କାଳିଆ ବୋଲି ସିନା ଏ କଥା କହିଲେ । ଯେତେହେଲେ ପୁରୁଷ ପୁଅତ-- ପୁରୁଷର ରୂପ ଦରକାର କିଏ ? ତା ବୋଲି ମୋର କଣ ସଉକଟା କଲା ! ମୋର କଣ ସୁନ୍ଦରୀ, ଗୋରା ସ୍ତ୍ରୀ ଲାଭ କରିବାର ଅଧିକାର ନାହିଁ ! ବଡ଼ ଆତ୍ମଧିକ୍କାର ଆସିଲା । ରାଗରେ, ଲାଜରେ, ଅଭିମାନରେ ସେଠୁ ଗୁଳିଗଲି । ବେଶି କଷ୍ଟ ହେଉଥାଏ ଭାବି ଯେ କଲେଜରେ ସାଙ୍ଗ ସାଙ୍ଗଙ୍କ ଆଗରେ କଣ କହିବି ଯେତେବେଳେ ସମସ୍ତେ ଆସି ପଚାରିବେ--ବହୁଟି କମିତକା ବୋଲି । ଡର ହେଉଥାଏ କଥାଟା ଛପି ରହିବ ନାହିଁତ ।

※ ※

ତହିଁ ଆର ଦିନ ସକାଳୁ ମୋର ଚେହେରା ଓ ଫୁର୍ତ୍ତି ଦେଖି ସମସ୍ତେ ଚମକି ପଡ଼ିଲେ । ନୂଆବୋଉ କହିଲେ "କିହୋ ବର--କନ୍ୟାକୁ ଦେଖି ତ ବଡ଼ ଫର ଫର !" ବାସ୍ତବିକ ମନଟା ଅତି ଆନନ୍ଦ ହେଲେ ଯେ କହନ୍ତି "ଗୋଡ଼ ତଳେ ଲାଗୁ ନାହିଁ" ବୋଲି, ସେ କଥାଟା ମୁଁ ଏବେ ବୁଝିଲି । ମୋର ଏକା ବୁକୁଟା କାହିଁକି, ଦେହଟାଯାକ ଏତେ ହାଲୁକା ଲାଗୁଥାଏ ଯେ ମନ ହେଉଥାଏ କୁଆଡ଼େ ଉଡ଼ି ଯାଆନ୍ତି । ଆଗରୁ ପ୍ରସ୍ତୁତ କରିଥିଲି ଘରକୁ ପାଇଥିଲି ଏକ ଭଦ୍ରକାଳୀ କି ତାଡ଼କା ମୂର୍ତ୍ତି ଦେଖିବି ବୋଲି—କିନ୍ତୁ ଦେଖିଲା ବେଳକୁ--କଣ କହିବି--"ଅପୂର୍ବ ସୁନ୍ଦରୀ," "ସ୍ୱର୍ଗ ଅପସରୀ ନ ହେଉ ପଛକେ, ଶତହେ ପରୀକ୍ଷରେ "ରୂପବତୀ" ବୋଲି ତାକୁ ନ କହିବାର କଉ--ଣ ଶ୍ରୀ ନାହିଁ । ଯଦି କେହି କହେ, ତାକୁ ବେରସିକ, ଅନ୍ଧ, ଗୁଆଁର, ଜଙ୍ଗଲି ଭଣ୍ଡାକୁଲାର ବୋଲି ରାଇଜଯାକ ତା ମୁହଁରେ ଛେପ ପକେଇବେ ।

କିଏ କଣ କାଉଁରୀକାଠି ଛୁଆଁଇ ବଦଳି ଦେଇଗଲା ! ନା, କେଉଁ ପୋଖରୀର ସୁନା ପାଣିରେ ବୁଡ଼ାଇ ଆଣିଲା । ଏ ଯେ ପରୀ ରାଜ୍ୟ କାହାଣୀଠାରୁ, ଆରବ୍ୟ ଉପନ୍ୟାସ ଠାରୁ ଆହୁରି ତାଜ୍ଜବ କଥା ମନ ହେଉଥାଏ । ମୋ ସ୍ତ୍ରୀର ଫଟୋ ଦୈନିକ ଖବର କାଗଜରେ ଛପାଇ ଦେବି କିବା କଂଗ୍ରେସ ସଭା ମଝିରେ ଛିଡ଼ା କରାଇ ଦେଇ ଡାକ ଫୁକାରରେ ଦେଖାଇଦେବି ହଜାର ହଜାର ଲୋକଙ୍କୁ ।

ମୁଁ ଏକା ନୁହେ--ଘରଟାଯାକ ସମସ୍ତେ ଯେପରି ଆଶ୍ଚର୍ଯ୍ୟ, ସେହିପରି ଖୁସି । ରହସ୍ୟଟା କଣ ବୁଝିବାର ଉପାୟ ନାହିଁ । ମୁଁ ଯେତେ ବାଟରେ ପଚାରିଲି, କିଛି ଉତ୍ତର ପାଇଲି ନାହିଁ । ଆଉ ସମସ୍ତେ ବି ବହୁତ ପ୍ରକାର ଜାଣିବାର ଚେଷ୍ଟା କଲେ । ଅବଶ୍ୟ ଖୋଲିକରି ପଚାରିବାର ବାଟ ନ ଥିଲା । କନିଆ ବି କଥାଟା ବୁଝିପାରି ଟିକିଏ ମୁରୁକି ମୁରୁକି ହସେ, ମାତ୍ର ତୁଣ୍ଡ ଫିଟାଇ କିଛି କହେନାହିଁ ।

କଥାଟା ଜଣା ପଡ଼ିଲା ତେଡ଼ି ଦିନ । କୁଣିଆ କେହି ନାହିଁ—ସାମାନ୍ୟ ଚାକରଟିଏ ଯେମିତି ଭଣ୍ଡାରି ଜଣେ ଆସିଲା । ତାହାର ଠାରୁଁ ଭେଦ ମିଳିଲା । ସେଇ କହିଲା କି "ସାଆନ୍ତଙ୍କ ବଡ଼ ପୁଅ ଗଲେ ତାଙ୍କ ଭଉଣୀ ଘରକୁ, ମୁଁ ଅଇଲି ଏଠେଇଁକି ।"

"ଆରେ ଏଇପରି ସାଆନ୍ତଙ୍କ ଝିଅଟା ?"

"ନାହିଁ ସାଆନ୍ତେ, କଥାଟା କଣ ବୁଝି ନାହାନ୍ତି ? ଏ ବାବୁ ତ ସାଆନ୍ତଙ୍କ ଜୁଆଁଇ ହବାର ଠିକ ହେଇଥିଲା । ଏକା—କଣ କହିବି ସାଆନ୍ତେ, ଯାଙ୍କ ରୂପ ଦେଖି ଆମ ସାଆନ୍ତାଣୀ ଅଡ଼ି ବସିଲେ କି ଯାଙ୍କୁ ଜୁଆଁଇ କରିବେ ନାହିଁ । ଆଉ ,ବରଟି ଯେ ଆସି ଥିଲା ଭଣିଜୀ ପାଇଁ, ତାର ଚେହେରା ଭଲ । ବାବୁ ଆମର ଯେତେ କହିଲେ, ବୁଝେଇଲେ, ସେ ମାନିଲେ ନାହିଁ ଜନ୍ ସୁଦ୍ଧା । ଶେଷ ତାଙ୍କର କଥା ରହିଲା । ଖାଲି ବେଦୀ ବାହାରିକ ହେଇଗଲା ଶେଷ ବଖତରେ । ଭାଣିଜୀ କିଏ, ଝିଅ କିଏ । ଏକା କଥା । ଏଠିକି ଆସିଲେ ଭାଣିଜୀ. ସେଠିକି ଗଲେ ଝିଅ ।"

ମୋର କାଳିଆ କୋଚରା ଚେହେରା ସୌଭାଗ୍ୟ କାରଣ ହେଲା । ଠଙ୍କାକୁ ଠଙ୍କା, ସୁନାକୁ ସୁନା—ଆଉ ସବୁଠାରୁ ପାଇଲି ସୁନ୍ଦରୀ କନିଆ ।

କାଟପଟି ତାର ବନ୍ଦ ହେଇଥାଉ ।

Digitized by srujanika@gmail.com

## କାଣିଆ—କପିଳା ଦେଉଛି !

ସମ୍ପାଦକେ,

ଯେ ଦିନ ବଡ଼ଲାଟ ଓ ଗାନ୍ଧିଜୀଙ୍କର ଯାହା ଦେଖା ହୋଇ ଗଲା, ସେଠି ଯାହା ଯାହା ଫୁସୁରୁ ଫାସର ହେଲେ ତାହା ଖୋଦ ଖବରକାଗଜିଆଙ୍କ କାନରେ ବି ଜାଣେ ନାହିଁ, କି ଅମୁକ ସୂତ୍ରର କଣା ଅବଧାନ ବି ଠଉର କରି ପାରିବେ ନାହିଁ—ହେଲେ ମୁଁ ଗୋଟାଏ କାଣିଆ କାନରେ ତାହା ଯାଇ ଶୁଣି ଆସିଲି । ତମର ଯଦି ଜାଣିବାକୁ ମନ ଅଛି, ଆସ ମୋ ପାଖକୁ ଘୁଞ୍ଚି, ମୁଁ ତମ କାନ ପାଖରେ ଫୁସ୍ ଫୁସ୍ କରି କହିଦେବି । ସାବଧାନ କାହାରି ଆଗରେ କହିବ ନାହିଁ—ଭାରି ଗୁପ୍ତ୍‌ଚରିଆ କଥା ଟି !

ବଡ଼ଲାଟ ସାହେବ ଗୋଟାଏ ବାରଣ୍ଡାରେ ଏକୁଟିଆ ବସି ଅପେକ୍ଷା କରୁଥିଲେ । ମହାତ୍ମାଜୀ ଭିତରକୁ ପଶିଲା କ୍ଷଣି ସେ ଚଉକିରୁ ଉଠି ଆଗେଇ ଆସିଲେ । ମହାତ୍ମା ତାଙ୍କୁ ଦେଖିଲା କ୍ଷଣି ହସି ଦେଇ ଯୁଇହାତ ଟେକି ଦେଇ ନମସ୍କାର କଲେ, ହିନ୍ଦୁ ଧରଣରେ । ମାତ୍ର ଲାଟ ନମସ୍କାର କରିବେ କି ସଲାମ କରିବେ କି ଗୁଡ୍‌ମର୍ଣିଂ କରିବେ ତାର ଠିକଣା କରି ନ ପାରି ଏପରି ଅଡୁଆରେ ପଡ଼ିଗଲେ ଯେ ପଡ଼ିଏ କାଳ ଏପାଖ ସେପାଖ ହୋଇ କିଛି କରି ପାରିଲେ ନାହିଁ । ଗାନ୍ଧିଜୀ ତାହା ବୁଝି ପାରି ହାତଟା ବଢ଼ାଇ ଦେଲାରୁ ସେ ଗୋଟାଏ ହାତ ପାଇଯାଇ ରକ୍ଷା ପାଇଲେ ଓ କର ମର୍ଦ୍ଦନ କଲେ ।

ତା ପରେ ଲାଟ କହିଲେ ବୈଠିୟେ । ଗାନ୍ଧୀ କହିଲେ "ଆପ୍ ବୈଠିୟେ"
ଲାଟ—"ଆଗେ ଆପ୍ ବୈଠିୟେ"
ଗାନ୍ଧୀ—"ଆଗେ ଆପ୍ ବୈଠିୟେ"

ଏହିପରି ପଡ଼ିଏ ଗଲା । ଶେଷକୁ ଲାଟ ଗାନ୍ଧିଙ୍କି ଧରି ବସାଇ ଦେଲେ । ବୁଢ଼ାହାଡ଼ ଥରଥର ହୋଇ ଦୁହେଁଟା ଚେୟାରରେ ବସିଲେ ।

ଆଗେ ଲାଟ କଥା କହିଲେ ।

"ତାହେଲେ, ଆପଣ ସୀମାନ୍ତକୁ ଯାଉଛନ୍ତି ?"

"ମୋ ସାନଭାଇ ଗଫୁର 'ସୀମାନ୍ତଗାନ୍ଧି' ଓ ମୁଁ ସାଙ୍ଗ ହୋଇ ଯିବୁଁ ।"

"ଏକ ଗାନ୍ଧୀରେ ତ ଅସ୍ଥିର ! ଦୁଇ ଗାନ୍ଧୀ ମିଳିଲେ କି ରକ୍ଷା ଅଛି ?"

"ଗାନ୍ଧିଜୀ ହସିଲେ । କହିଲେ, "ଆପଣ ବୁଝି ନାହାନ୍ତି । ଆମେ ଦୁହିଙ୍କି ଦୁଇ ଶକ୍ତିମାନ ସତ, ଯେପରି positive ଆଉ negative Electricity; ଅଲଗା ଅଲଗା ଥିଲେ ଆମର ତେଜ ଓ କାଟଣ । ଆପଣ ଜାଣନ୍ତି ମୁଁ ହିନ୍ଦୁ (positive) ଓ ସେ ମୁସଲମାନ (negative)—ସାଙ୍ଗରେ ଥିଲେ ସବୁ ଥଣ୍ଡା ।

ଲାଟ—ଆଚ୍ଛା, ବେଶ୍ । ସୀମାନ୍ତ ଦେଶରେ ଖୁବ ଭଲ ଛେଳି ମିଳନ୍ତି । ଛେଳି ଦୁଧ ଖୁବ ଖାଇବେ । ମୋ ପାଇଁ ଗୋଟାଏ ଭଲ ଦୁଧିଆଳୀ ଛେଳି ବାଛି ଆଣିବେ କି ?

ଗା—ନିଶ୍ଚୟ ଆଣିବି । ଆପଣ କଣ ଛେଳି ଦୁଧ ଖାଇବାକୁ ମନ କଲେଣି କି ?

ଲା—ହିଁ—ଛେଳି ଦୁଧ ଖୁଆଡ଼େ ବାଇ ନାଶ କରେ, ଦସ୍ତ ଖୋଲାସା କରେ, ଆଉ ମଗଜରେ ଖୁବ ଶାନ୍ତିବୁଦ୍ଧି ପଇଦା କରେ ।

ଗା—ତା ସାଙ୍ଗରେ ଆପଣ ଭୁସ୍ ବ୍ୟବହାର କରିବେ, ଗରମ ପାଣିରେ ଲେମ୍ବୁ ରସ ଖାଇବେ ଓ ସପ୍ତାହରେ ଦିନେ ଉପାସ ରହିବେ ।

ଲା—ସୀମାନ୍ତରେ ଗୋଜାତି ବଡ଼ ଉତ୍କୃଷ୍ଟ ।

ଗା—ହିଁ, ଆପଣ ଗୋଟାକେତେ ପ୍ରଜନନ ଷଣ୍ଢ ( stud bulls ) ଯଦି ଦିଅନ୍ତେ, ମୁଁ ସାଙ୍ଗରେ ନେଇଯାଆନ୍ତି । ସେଠା ଲୋକେ ପ୍ରଚୁର ଗୋ ଦୁଗ୍ଧ ଓ ମାଂସ ଖାଇବାକୁ ପାଇଲେ ନାସ୍ତିକଲିଣ, ଲଟଲବାଜ ସବୁ ଛାଡ଼ ଦିଅନ୍ତେ । ତାଙ୍କୁ କବଜ କରିବା ପାଇଁ ସରକାରଙ୍କୁ ସୈନ୍ୟ ଟିକେ ପାଇବାକୁ ଦରକାର ଓ ଖରଚ କରିବାକୁ ପଡ଼ନ୍ତା, ତାହା ଆଉ ପଡ଼ନ୍ତା ନାହିଁ ।

ଲିନ୍‌ଲିଥ୍‌ଗୋ ସାହେବ ଗଦଗଦ ହୋଇ ଗାନ୍ଧିଙ୍କୁ କୁଣ୍ଢାଇ ପକାଇଲେ ଓ କହିଲେ "ଆପଣ ଠିକ୍ କହୁଛନ୍ତି । ଏ ଛେଳିଦୁଧ ଖାଇବାର ବୁଦ୍ଧି । ଦେଖନ୍ତୁ, ଆମେ ଦୁହେଁ ଛେଳି ଦୁଧ ଖାଇବା ଆଉ ଭାରତର ଲୋକଙ୍କୁ ଗାଈଦୁଧ ଖୁଆଇବା । ଗାଈ ଦୁଧରେ ଦେହ ମୋଟା ହୁଏ ଆଉ ବୁଦ୍ଧି ବି ହୁଏ ମୋଟା । ତାହାହେଲେ ଆମର ବୁଦ୍ଧିରେ ସେ ସବୁଦିନେ ଭୁଲିଥିବେ । ଆପଣ ମୋ ସଙ୍ଗରେ ମିଳି 'ଷଣ୍ଢ' ଚଲାଇ ଦିଅନ୍ତୁ—ମୁଁ ବି ଛେଳି ଚଲାଇ ଦେବି ।

ଏତିକିବେଳେ ମୋତେ ଛିଙ୍କ ମାଡ଼ିଲା । ମୁଁ ଯିମିତି ଛିଙ୍କି ପକେଇଛି, ଲାଟ ସାହେବ ଉଇଁଟି ମଇଁଟି ଚାରି ଆଡ଼କୁ ଚାହିଁଲେ । ଧରା ପଡ଼ିବା ଡରରେ ଛିନ୍‌ଛାଟ୍ । ଆଉ କଣ କଥାବାର୍ତ୍ତା ହେଲା ଶୁଣି ପାରିଲି ନାହିଁ ।

"ମାଛି"

---

## କୁଉ କୁଉ

ଜଣେ ଗହଳି ଚଷମା ଦୋକାନରେ ପହଞ୍ଚି ଗୋଟିଏ ଚଷମା ଆଖିରେ ଲଗାଇଲା । ଦେଖି କହିଲା "ଏ ମୋ ଆଖିକୁ ଲାଗୁନାହିଁ । ଆହୁରି ତେଜ କାଚ ଦିଅ ।" ଚଷମାବାଲା କହିଲା "ହିଁ,—ଇଏ ଯେ ନ ୨ ମ୍ବର କାଚ ।"

ଇସ୍ପାଠ୍ ତେଜା ଅଛି ?"

"ହିଁ—ନ ୧ ମ୍ବର ।"

"ତା'ଠୁ ତେଜ ?"

"ତାଠୁ ତେଜ ଖୋଜିଲେ ତମର ବାଡ଼ି ଖଣ୍ଡେ ଦରକାର ।"

Digitized by srujanika@gmail.com

ରାବଣ—କନକ ଲଙ୍କାର ଅଧୀଶ୍ୱର ।
ମେଘନାଦ—ଜ୍ୟେଷ୍ଠପୁତ୍ର crown prince
ଅତିକାୟ— „ (ମଳାଉ)
ଅକ୍ଷୟ କୁମାର— „ (ସାଳାଉ)
ରାମଚନ୍ଦ୍ର—ମହାତ୍ୟାଗୀ କ୍ଷତ୍ରିୟ ରାଜପୁତ୍ର ।
ବିଭୀଷଣ—ରାମ ଭକ୍ତ ।



ଜାମ୍ବୁବାନ—ବୃଦ୍ଧ ଭଲ୍ଲୁକ ମନ୍ତ୍ରୀ ।
ହନୁମାନ—ଲଙ୍କାପୋଡ଼ା କପି ।
ଇନ୍ଦ୍ର—ଐରାବତ ପତି ।
ବରୁଣ, କାଳନେମୀ, ନଳ, ନୀଳ, ଗବ୍ୟ-ଗବାକ୍ଷ, ଅଙ୍ଗଦ ପ୍ରଭୃତି ଅନେକ ଅନ୍ୟାନ୍ୟ-ମାନ ଚରିତ୍ରରେ ସନ୍ନିବିଷ୍ଟ ।

ଦୋମୁନା କାଣ୍ଡ ।

# ନବ ରାମାୟଣ

କବିବର ହନୁମନ୍ତ ବିରଚିତ

ଅଛ କାବ୍ୟ

ବାଜୁଛି ବିବିଧ ବାଦ୍ୟ ମଙ୍ଗଳ ମଧୁର
ପଡ଼ୁଅଛି ଶଙ୍ଖ ହୁଳାହୁଳି—ଉଠୁଛି ଉଚ୍ଛୁଳ
ଅଭିନବ band ବାଦ୍ୟେ ଦଗଦଗନ୍ତର ।
ଆନନ୍ଦେ ଅଧୀର ହୋଇ ଋକ୍ଷ କପି ଗଣ
ଗାଉଛନ୍ତି, ନାଚନ୍ତି ସର୍ବେ ବିଜୟ ଉଲ୍ଲାସେ ।
କେ ବଜାଏ କିରାସିନ କାନସ୍ତରା ଟିଣ
ଦୁଇଖଣ୍ଡ ଚୂପ କାଠି ଦେଇ,
କେ ପୁଣି ନଡ଼ିଆ ପତ୍ରେ କରନ୍ତି ମଧୁର
ଅଦ୍ଭୁତ ଭେଣ୍ଡାର ନଳେ ନିର୍ମାଣିଛି ତୁରୀ ।
ଜୟ ଶବ୍ଦ ଓଳାଲନ୍ତି ବାନର ବାହିନୀ
ଅନନ୍ତା ଘୁଡ଼ନ୍ତି ବଡ଼ 'ଙ୍କେଁ-ଙ୍କେଁ' ଧ୍ୱନି କରି
ପାଠଗଣ ଶିଁ-ହୁଁ ଶବ୍ଦେ କମ୍ପାନ୍ତି ଗଗନ ।
ଥକା ହୋଇ ଶୋଇଛନ୍ତି ରାମ ଗୁଣମଣି
ପାର୍ଶ୍ୱରେ ଲକ୍ଷ୍ମଣ ବୀର ବିଷମ ସନ୍ଧାନୀ
ପ୍ରଶାନ୍ତ ବଚନ ପୁଣି ନିତ୍ୟ ଆନନ୍ଦିତ
ରଣ ବିଧି ବିଜ୍ଞାନରେ ସୁଦକ୍ଷ ନିପୁଣ ।
ଚରଣ ଚାପନ୍ତି ଧୀରେ ବୀର ହନୁମନ୍ତ
ରଣ କ୍ଳାନ୍ତି, ପରିଶ୍ରାନ୍ତ ଅତି
ଢଳେ ହନ୍ତସନ୍ତ ଯେହ୍ନେ
ବୀର୍ଯ୍ୟବନ୍ତ ଅକ୍ଷୟ କୁମରେ ।
ବସି ବସି ଦେଲେଦେଲେ ଲାଗିଆସେ ଆଖି
ଥାକି ଥାକି ମାରି ଦ୍ୟନ୍ତି ହାଇ
କହିଲେ ଲକ୍ଷଣ ଭାଇ, 'ସାବଧାନ ହନୁ,
ମାଉଲଣି ନିଦ ଯେବେ ଯାଅ ପଡ଼ି ଶୋଇ ।
ଆରପଟେ ପେଟ କାଢ଼ି ବୀର ଜାମ୍ବୁବାନ
କରୁଛନ୍ତି ଅନ୍ତରାଳେ ଦନ୍ତ କଟ କଟ ।
ମିଟି ମିଟି ଯୁଗଳ ନୟନ,
ପାର୍ଶ୍ୱେ ବସି ଉଟ ଉଟ ହେଉଛନ୍ତି ଥୋକେ
ଦାବନୁଳ ଭାଲୁ ଦଳ ।
ଏମନ୍ତ ସମୟେ ହନୁ ପଡ଼ିଲେ ଭୁଲାଇ
ରାମଙ୍କ ଚରଣୋପରି ।
କି ହାଲୁ କି କାଲୁ ହୋଲ ତତକ୍ଷଣେ ଲକ୍ଷଣ
ଦୋଉଇଲେ ଉଚ୍ଚାସ କରି ଗୋଟାଏ ଚାପୁଡ଼ା
ହନୁମନ୍ତ ଗଣ୍ଡ ସ୍ଥଳେ ।
ହିକଲେ ଗୃହାନ୍ତେ ହନୁ ଚମକ ଉଗ୍ରସେ
ଶୁଭିଲା ଭଲ୍ଲୁକ ଦଳେ ହାସ୍ୟ କୋଳାହଳ ।
ଅସହ୍ୟ ଏ ଟିଟିକାରୀ !
କ୍ରୁଦ୍ଧ ଭାଲୁଦଳ,
ହେଲେ ହସି !
କି ଅପୂର୍ବ !
ଧାଇଁଲେ ଲାଙ୍ଗୁଡ଼ ଟେକି ସରୋଷେ ମାରୁତି,
ଉଠାଇ ହେନ୍ତାଳ ଠେଙ୍ଗା,
ମଇଁଷି ପଗଡ଼ା ଲାଗି ଯାହା ପ୍ରୟୋଜନ ।
ନିମେଷେ ଜାମ୍ବେବ ଉଠେ ହୋଇଯାଇ ଛିଡ଼ା
ଦାଢ଼ିକୁ ହଲାଇ ବେଗେ କବାଡ଼ି ଧରି
ସବେଗେ ଆସିଲେ ମାଡ଼ି ଦେଖାଇ କହୁଡ଼ି ।
ଗାଲ ଫୁଲୁଉଚ ସୁଣ୍ଢ ଶୃଙ୍ଗଳ ପହିଲ
ତାହା ପଛେ ଢେଙ୍ଗା ଠୁଙ୍କା ଠୁଙ୍କି:
କପିକୁଳ ଗଲେ କ୍ଷେପି, ଚଢ଼ିଣେ ଭାଲୁଗଣ
ହୁଟାପଟା ଘମାଘୋଟ ଲାଗିଲା ବିଷମ
ଛଡ଼ାଛଡ଼ି, ହୁଡ଼ାହୁଡ଼ି, ଭିଡ଼ାଭିଡ଼ି ପୁଣି
ମଡ଼ାମଡ଼ି, କୋଡ଼ାକୋଡ଼ି ଗଡ଼ାଗଡ଼ି କ୍ଷଣ ।
ନାଚନ୍ତି ଜାମ୍ବେବ ଭାଲୁ ହୋଇ ଦାଲୁଦାଲୁ
ସଙ୍ଗ ସେନାବୃନ୍ଦ;
ଡୁମ୍ବା କୁଦା ମାରି ମାରି ବାନର ମଣ୍ଡଳୀ
ବାଲୁ ବାଲୁ ବାଲ ତାଙ୍କ ପକାନ୍ତି ଓଟାରି ।
ଶେଷେ ହନୁ ପଇଡ଼ଣ ଜାମ୍ବେବଙ୍କ ଦାଢ଼ୀ
ସଦମ୍ଭେ ଦାଉଡ଼ ଦେଇ
ବସିଲେ ଟି ମାଡ଼ି ।
ଲାଙ୍ଗୁଡ଼ ଗୁଡ଼ାଇ ଦେଇ ବେକଟିରେ ଟାଣେ
ଦେଲେ ଭିଡ଼ ଦାନ୍ତରୁ ବାମୁଡ଼ ।
ଛାଡ଼ ଛାଡ଼, ଗଲା ପ୍ରାଣ, ହାଡ଼ ଗଲା ଭାଙ୍ଗି
ଏମନ୍ତେ ଛାଡ଼ିଲେ ବଡ଼ ବୁଢ଼ା ଜାମ୍ବୁବାନ ।
ତତକ୍ଷଣେ ଲକ୍ଷ୍ମଣ ବୀର ହୋଇ ଉଭବୀର
ସ୍ଥାପରେ ଯୋଖିଲେ ଶର
ଏତେ କାଣ୍ଡେ ଦୁଇପକ୍ଷୀ ଜିଣାଶିବା ଆଗେ ।
ଏହେ ଦାଡ଼ା ଟ୍ରେମାଲିମ ରଘୁକୁଳ ନାଥେ
ପେଣ୍ଡ ସେହୁ ମାରିବାକୁ ବଳାବଳ ଥିଲା ।

Digitized by srujanika@gmail.com

ଉଦ୍ୟାନ ଶଯ୍ୟା ପାଇ
ଛାଡ଼ୁଥିଲେ ନାକବାଲି ଘୁଙ୍ଗୁଡ଼ି,
କମାରର ଭାଟି ପରି ନାଚୁଥିଲା ଛାତି ।
ସୁଗ୍ରୀବ ଓ ବିଭୀଷଣ ବସି ଏକାନ୍ତରେ,
ସଂଗ୍ରାମର ହାଲଚାଲ କରୁଥିଲେ ଚର୍ଚ୍ଚା
ଅନର୍ଗଳ ଯାଉଥିଲେ ବକି ବିଭୀଷଣ
ଆପଣାର ବାହାଦୁରି, ପୁଣି ନୀତି ଜ୍ଞାନ
ଦାନ୍ତକୁ କାମୁଡ଼ି ପୁଣି ହାତକୁ କଚୁଡ଼ି ।
Politics ଅନ୍ତର୍ଗତ ଯେତେ 'ବାଦ' ବିଦ୍ୟା
ଶୁଣୁଥିଲେ ଧୀର ହୋଇ ମାଟକେ ସୁଗ୍ରୀବ
କାଲ ଆଗେ ରେଙ୍କାଇଲା ପରି ବୁଢ଼ାମୂଳା
ଚୁଲାଇ ଚୁଲାଇ ଜଉ ଲାଗ ଦାଢ଼ିପରେ ।
ଗୋଳ ଶୁଣି ସଚକିତ ଉଠନ୍ତେ ସୁଗ୍ରୀବ
ବୋଇଲେ ରାବଣାନୁଜ,
ବସ, ବସ, ଶୁଣିଯାଅ ନିଝ୍‌ନେସଲଙ୍କ ଯୁକ୍ତି
Karl Marx ମତକୁ ଯେ କାଟିଛି କେମନ୍ତେ
ମାତ୍ର ସେହି କଷ୍ଟିନ୍ୟା ନିବାସୀ
Darwin ଙ୍କ ବଂଶଧର ଅତି ଗୋ-ଚରେ
ବବରର ଅନୁବର କୁଜ୍ଞା ମଗଜରେ
ଏ ସବୁ ism କାହୁଁ ମାରିବ ବା ଗଜା ?
ନ ମାନି ସେ କଥା କେସବୁ ଉଠିଲେ ତକ୍ଷଣେ
ଧାଇଁ ଧାଇଁ ଦେଖନ୍ତି ବୀର ହନୁମାନ
କଗୁଡ଼ କାମୁଡ଼େ ତଳେ ବସିଅଛି ମାଡ଼ି
ଉପାଡ଼ନ୍ତି ଦାଢ଼ୀ ପୁଣି ଅନ୍ୟ କପିବୃନ୍ଦେ ।
ସସମ୍ଭ୍ରମେ ସୁଗ୍ରୀବାର ଛାଡ଼ିଲେ ହୁଙ୍କାର
"କି କର କି କର ହନୁ—ହାଁ—ହାଁ—ରହ,
ଆପଣା ମଧ୍ୟରେ କିଆଁ ଲଗାଇଛ କଳି !
ଦେଖୁନାହ, ଶତ୍ରୁସେନା ସମ୍ମୁଖେ ତୁମ୍ଭର
ବୃଥା ବିବାଦରେ କରୁଅଛ ବଳକ୍ଷୟ !"
ବୋଇଲେ ମାରୁତି, ଶୁଣ ଅହେ କପିରାଜ,
ଏହି ବୁଢ଼ା ଭାଲୁ ସବୁ ଅନାବନା 'ଟୋଙ୍କା'
ଉଡ଼ରେ ଉପରେ ଠାଇ ଗଢ଼ି ଅଛି ଦଳ
ବଢ଼ୁ କିଛୁ ଧରି ପୁଣି କପି କେତେଜଣେ
କୋଳାଣି ଫିଟାଇ
ରଚାଇ ଦୁର୍ନାମ;
ଦଳର ତଳର ଧୋଇ ମାଛ ଓ ଲୁଣ୍ଠିଇ
ଦଳୁକରି ବଦନାମ କରୁଛି ପ୍ରଚୁର
ମାଡ଼ ଖାଇକି ବଢ଼ାଉଛି ଟେକି ଅପଣାର
ଅଳଙ୍କାରେ ଉଠାଇ ଖୋଜନା
ତୋଳୁଛି ସାଙ୍ଗ ଦେଇ ହାତ ଏକଦମ୍ ସାଫ୍ ।

ଏହା ଶୁଣି ଶପି ଆଜି ମାରିବ ନିଶ୍ଚୟ
ଏହା ମୋର ଜାଣ ଦୃଢ଼ବ୍ରତ
ପଡ଼ୁପଛେ ଅଭିଶାପ, ନାହିଁ ପାପ ଏଥେ ।
ତଗ୍ରହି ନୟନ ତହୁଁ ବୋଇଲେ ସୁଗ୍ରୀବ
"ଆରେ ଓଲ୍ ! ବୁଝୁ ନାହୁଁ ହେଉ ଆପଣାର,
ଏ ସବୁ ଗୋଳରେ ଅଛି କିସ ପ୍ରୟୋଜନ ?
ରାବଣ ମାରିବା ଆଉ ସୀତା ଉଦ୍ଧାରିବା
Contract ଆମର ଏହି ଦୁଇ କାମ ପାଇଁ
ତହୁଁ ବଳି ନୁହଇ ଉଚିତ ?
କିଏ ଘଷୁଅଛ ପିଠି ଶିମୁଳି ଗଛରେ ?
ମୂଲ ଦେବ କିଏ ?"
ଏତେ କହି ଦୁଇ ଜଣେ ଦେଇ ସେ ଛଡ଼ାଇ
ଦୁହିଙ୍କୁ ଓଠାରି ଆଣି କଲେ ମେଣ୍ଟମାଣ୍ଟ
ତହୁଁ ହନୁମନ୍ତ କହି excuse please, regret
ଜାମ୍ବୁବେ ମାଗିଲେ କ୍ଷମା ।
ଜାମ୍ବବ ମୁରୁକି ହସି ବଢ଼ାଇଲେ ହାତ
ହନୁ ହାତେ ହାତ ଦେଇ କଲେ shake hand.
ତହୁଁ ସବେ ଉଠିପଡ଼ି ହେଲେ କୋଳାକୋଳି
ମିଶାମିଶି, ହସାହସି, ଦାଢ଼ୀ ଘଷାଘଷି ।
ଚୂନ ଧୂଆପତ୍ର ଆଉ ବିଡ଼ି ଖିଲିପାନ
ଦିଆନିଆ ହୋଇଗଲା ମେଳ ଛନ୍ଦ ରୂପେ ।
ଏକାଳେ ଉଠିଲେ ରାମ ଆଖି ମଳି ମଳି
ମନେ ମନେ ଖୁସ୍ ମାତ୍ର ଉପରେ ଅପ୍‌ସୋସ୍ ।
ଶୁଣି ସବୁ କଥା ରାମ ଭାଷିଲେ ଗମ୍ଭୀରେ,
"କେଉଁବୁଦ୍ଧ, ହୋଇଛକି ଅନ୍ଧ ?
ହୃନ୍ଦ ଆଜି କରିଲ କିପାଇଁ,
ଅତି ମନ୍ଦ—ନିନ୍ଦାର ବିଷୟ,
ସଂହତିର ବନ୍ଧନ ଛୁଟାଇ,
ଲଗାଇଛ ଏଭଳି ଦ୍ୱନ୍ଦର,
ଆପଣା ଅନ୍ଦରେ !
ଜାଣ ନାହିଁ ବାହାରିଛି କହର ଗୁଣ୍ଡୁକ
Disciplinary action ଅଟେ ଯାର ନାମ ?
ସେହି ଖଣ୍ଡା ପ୍ରୟୋଗରେ ଦେବ ଥଣ୍ଡା କରି
ମେଣ୍ଟାଇଲା ଗଣ୍ଡା ଗଣ୍ଡା ହୁଣ୍ଡା ପଣ୍ଡାଗଣେ
ଛାଡ଼ ଏହି ଷଣ୍ଢାମି ସ୍ୱଭାବ,
ଭୁଲ କଥା ଭାବ,
Team spirit ରେ ସବେ କାର୍ଯ୍ୟ କର ଯାଇ ।
ଏ ଅନ୍ତେ ଯୋଗସ୍ୱପାର୍ଶ୍ୱ ଗଲେ ରଘୁରାଣ
ଜଲ୍ଟାଧର ସଙ୍ଗେ ଗୃହେ ବୀରହନୁମାନ । (କ୍ରମଶଃ)

Digitized by srujanika@gmail.com



# ନାଗବଚା ଦଳ

ପ୍ରିୟ ନାଗ ଟୋକାଏ,

ସମସ୍ତେ ଶୁଣି ସାରିଥିବ, ଦେଖିସାରିଥିବ ଓ କେହି କେହି ଅଙ୍ଗେ ନିଭେଇ ସାରିଥିବ ଏଥର ଯେଉଁ ଭୟଙ୍କର ବଢ଼ି ହୋଇଗଲା । ବୁଢ଼ା ବୁଢ଼ା ଲୋକେ କହୁଛନ୍ତି ଏଭଳି ବଢ଼ି ବ ୧୦୦ବର୍ଷ ଭିତରେ ଦେଖା ନ ଥିଲା ବୋଲି । ଯାହାହେଉ ବଢ଼ି ତ ହେବାର ହେଲା—ସେଥିକୁ ହାତ ବା କାହାର—ମାତ୍ର କେତେ ଧାନ ବିଆର ସେ ଧୋଇ ନେଇଗଲା, କେତେ କ୍ଷେତରେ ଯେ ବାଲି ବିଛେଇ ଦେଲା, କେତେ ଘର ଦୁଆର ଭସି ଯାଇ ବସି ଯାଇଥିବା ଗାଁମାନଙ୍କୁ ଧଂସ କରିଦେଲା, ତାର କଣ କଳନା ଅଛି ? ଯେ ମଣିଷ ମଲେ ସେ ତରିଗଲେ—ଯେ ଗାଈଗୋରୁ ଭାସିଗଲେ ସେ ବି ତରିଗଲେ । ଆଉ ବାକି ଯେ ବଞ୍ଚିଲେ, ତାଙ୍କର କଥା ପଚାର । ସେ ଏଇକ୍ଷଣି କଣ କରିବେ, କିମିତି ଚଳିବେ କି ଖାଇ ବଞ୍ଚିବେ, ବିଲରେ ଧାନ ନାହିଁ, ଘରେ ଧାନ ନାହିଁ, ବାଡ଼ିରେ ଡ଼ମଣା ହେଉଁନି,—ଫଇସଲ କିଆରିରେ ଜଙ୍ଘେ ଅଣ୍ଟେ ପାଣି, ଏପରି ଅବସ୍ଥାରେ ତାଙ୍କ ଦଶା ହେବ କଣ ? ଘରେ କିଛି ମାଲ ଜମା ଅଛି ଯେ ବିକି ଭାଙ୍ଗି ଖାଇବେ ? ପିନ୍ଧିବା ବାସ ଖଣ୍ଡେ ତ ଅନେକଙ୍କର ନ ଥିବ, କହ ଭଉଣୀଏ ଲଜ୍ଜାରେ ଦାଣ୍ଡକୁ ବାହାରି ପାରୁ ନ ଥିବେ, ଓଦା ଭୂଇଁରେ, ଫଟା ଦେହରେ ଶୋଇ ଦିନ କାଟୁଥିବେ ପିଲା ବାଲକେ, ମରଦ ମାଇପେ, କେତେଣେ ଖଟ, ଚାଦର, ବିଛଣା, ଗୁଲ ଖଣ୍ଡେ ନ ଥିବ ଯେ ମୁଣ୍ଡ ଗୁଞ୍ଜିବେ ?

ମୁଁ ପଚାରୁଛି ଏ ବେଳରେ ତୁମେ କଣ କରୁଛ ? ତୁମେ କହିବ କି ଆମେ ଦରବ ଖାଇପିଇ, ଖେଳି ବୁଲି ଆରାମରେ ରହିବୁ—ଆଉ କଣ ? ହେ ପିଲେ, ଆରାମରେ ରହିବାର ଶୋଇବାର ବେଳ କି ଇଏ ? ତୁମର ଭାଇ, ଭଉଣୀ, ମା ମାନେ ହାହାକାର କରି ମରୁଛନ୍ତି, ତୁମ ପାଟିକି ଭାତ ରୁଚୁଛି କିମିତି ? ତୁମ ଆଖିକି ନିଦ ଆସୁଛି କିମିତି ?

ତୁମ ମନ ଏଇକ୍ଷଣି ସବଳ, ତୁମ ହୃଦ ଏଇକ୍ଷଣି ନିଷ୍ପାପ, ତୁମେ ଦେବ ଶିଶୁ ସ୍ୱର୍ଗର ଜୀବ, ଅମୃତସନ୍ତାନ । ସଂସାରର କଷ୍ଟ, ଦୁନିଆର କପଟ ତୁମକୁ ଛୁଇଁ ନାହିଁ, ତୁମେ ତରୁଣ, ତୁମେ ସବୁଜ, ତୁମେ ସଜ, ତାଟକା । ତେଜ ବୋଲ, ସାହସ ବୋଲ, ଉତ୍ସାହ ବୋଲ ସବୁ ତୁମରି ଠେଇଁ ଅଛି । ଆମ ବୁଢ଼ା ବୁଢ଼ାଙ୍କ କଥା ତ ସରିଲାଣି, କାମତ ବଢ଼ିଲାଣି, ଆମର ସଞ୍ଜ ହେଲାଣି, ତୁମର ସକାଳ ଆଗରେ । ଏ ବେଳରେ ଉଠ ପିଲାଏ, ଦେଖାଇ ଦିଅ ଜଗତକୁ ଓଡ଼ିଆ ନାଗବଚ୍ଚା, ଓଡ଼ିଆ ବୀର ଶିଶୁ, ଦେଶର, ଜାତିର, ଭାଇର ବିପଦରେ କଣ କରି ପାରେ । ତୁମେ ଯେପରି ନିଃସ୍ୱାର୍ଥ ଭାବରେ ପରପାଇଁ ସ୍ୱାର୍ଥ ତ୍ୟାଗ କରି ପାରିବ ବଡ ବଡ ତାହା ପାରିବେ ନାହିଁ । ଜୀବନଟା ତୁମ ପାଖରେ ତୁଚ୍ଛ—ଆଉ ସାମାନ୍ୟ ଟଙ୍କାଟିଏ ବା ଇଏ ପାଉଲେ ଆମକୁ ଭାରି ବଳ । ତୁମେ କହିପାର, କି ଆମେ ଛୋଟା ଟୋକାର ଗୁଡ଼ାଏ କଣ କରିବୁଁ ? ସରକାର ଅଛି ଯାହା କରିବାର କରୁଛନ୍ତି ତ । ବଡ଼ଲୋକେ, କଂଗ୍ରେସବାଲା ସେବାଦଳ କରିବେ ନାହିଁକି ! ତା ସତ, ଏକା ତମେ ଯାହା କରିବ, ସେପରି କେହି କରି ପାରିବେ ନାହିଁ । ତୁମ ପ୍ରାଣ ପରି କାହାର ପ୍ରାଣ ହୋଇ ପାରିବ ନାହିଁ । ମୁମୂର୍ଷୁ ଭାଇ ଭଉଣୀଙ୍କ ଅନ୍ତର ସାଙ୍ଗରେ ତୁମେ ନିଜର ଅନ୍ତର ମିଶାଇ ଦେବ, ତାହା ବଡ଼ବଡ଼ଆ ପାରିବେ କି ? କିଏ ନାମ ପାଇଁ, କିଏ ଦାମ ପାଇଁ କରୁଛନ୍ତି ସିନା ! କିନ୍ତୁ ତୁମେ ଯେ କରିବ ତୁମପାଇଁ—ଅର୍ଥାତ୍ କିଛି ପାଇଁ ନୁହେଁ ।

ଆସ ପିଲେ, ତୁମେ ନିଜର ଜଳଖିଆ ପଇସାରୁ ଗୋଟିଏ କରି ରଖ, କେହି କେହି ଜଳଖିଆ ଛାଡ଼ିଦେଇ ସେ ପଇସା ଦିନାକେତେ ସଞ୍ଚ, କିଏ ଲୁଣ, କିଏ ଚିନି, କିଏ ଦୁଧ ଛାଡ଼ିଦିଅ କିଛିଦିନ ସକାଶେ— ସେଥିରେ ଯାହା କିଛି ହୁଏ ତାକୁ ପଠାଇ ଦିଅ ତାଙ୍କ ସାହାଯ୍ୟ ପାଇଁ, ଏଭଳି ଦାନ ଅସଲ ଦାନ, ପ୍ରାଣର ଦାନ । ଭଗବାନ ଏଭଳି ଦାନର ମର୍ଯ୍ୟାଦା ବୁଝିବେ । ଧର୍ମ ବୁଝିବ, ସାମାନ୍ୟ ବୋଲି ହସିବ ନାହିଁ— ସମୁଦ୍ରକୁ ଗଙ୍ଗେ ବୋଲି ଉଡ଼ାଇ ଦେବ ନାହିଁ—ଏହାର ଗୁଣ ବହୁତ, ମୂଲ୍ୟ ବହୁତ ।

ଆଉ, ଯେ ଯାହାର, ଦଳଦଳ ହୋଇ ବାହାରି ଯାଅ—ଦ୍ୱାରେ ଦ୍ୱାରେ ଭିକମାଗ —ପଇସା, ପୁରୁଣା ଲୁଗା, ହେଁସ, କତର୍ କନ୍ଥା, ଚୁଡ଼ାଗୁଡ଼ଲ, ଯେ ଯାହା ଦେଉ । ତା ପରେ ଯେ ପାରିବ ତାକୁ ସବୁ ନେଇ ଆପେ ବୁଲି ଯାଇ ସେ ସବୁ ଥାନକୁ ସର୍ବହରାମାନଙ୍କ ଜୀବନ ସାଙ୍ଗରେ ନିଜର ଜୀବନ ମିଶାଇ ଦେଇ ତାଙ୍କର ଦୁଃଖ ହରଣ କର । କି ପାଠ ପଢ଼ୁଛ ପିଲାଏ ଇସ୍କୁଲରେ, ପୋଥିରେ ? ଏ ପାଠଠୁଁ ବଡ଼ ପାଠ ନାହିଁ— ଯଉଁ ପାଠ ଇହକାଳ ପରକାଳ ଯୁଗଯୁଗକୁ ସାଥୀ ହେବ ।

ଆଜି ଏତିକି

ତୁମର

ପ୍ରିୟ ଅଜା

Digitized by srujanika@gmail.com

## ବିଲୁଆ ବିଗୁର

(୨ ପୃଷ୍ଠା ଉତ୍ତାରୁ)

ଓଡ଼ିଆ ଛାତ୍ରମାନେ ମନ୍ତ୍ରୀମାନଙ୍କୁ ଅଭିନନ୍ଦନ ଦେବାକୁ ଯାଇ 'ବନ୍ଧୁ' ସମ୍ବୋଧନ କରିଥିଲେ। ଛାତ୍ରଙ୍କ ପକ୍ଷରୁ ଆମ୍ଭମାନଙ୍କର ଏହି ଅନୁରୋଧ ଯେ ଆମ ଦେଶରେ ଏ ଶବ୍ଦର ବହୁଳ ଭାବରେ ପ୍ରଚଳିତ ଅର୍ଥକୁ ନ ନେଇ ସ୍ୱୀୟ ଉଦାରତା ଗୁଣରେ ତାହାର ମୌଳିକତା ଏବଂ ହାର୍ଦ୍ଦିକତା ଉପରେ ଦୃଷ୍ଟି ଦେବେ।

* * *

କଂଗ୍ରେସବାଲାମାନେ ବର୍ଷାଦିନିଆ କାଇଁଙ୍କ ଭଳିଆ ଖାଲି ଲାଜବାଜ ହଉଛନ୍ତି। ପରୁଏ ପୁଣି କଟକ ମିନିସିପାଲିଟି ଦଖଲ କରିବାକୁ ବାହାରିଲେଣି। ଗୋପାଳଜୀଙ୍କର ଏଥିପାଇଁ ଭାରି ମନଉଣା। ଏ ସିଂହା ଅଲଣା ଖିଆ ନାଗମିଷ୍ଟିଆ ଗାନ୍ଧିବାଲାଗୁଡ଼ାଙ୍କ ପାଲରେ ପଡ଼ିଲେ ଲଗଛପି ମାଛଖିଆ ମାମଲତ ଆଉ ପଟିବ ନାହିଁ। ସେଥିପାଇଁ ସେ ପରା ଏବେ ମାଛ ହାଟଟାକୁ ତାଙ୍କ ମନ୍ଦର ବେଢ଼ା ପାଖକୁ ଉଠାଇ ଆଣିବା ପାଇଁ ମିନିସିପାଲିଟି ମାଲିକଙ୍କୁ ସପନାଦେଶ କରିଛନ୍ତି। ଆମର ବିଶ୍ୱାସ ସର୍ବକାରୀ ମିନିସିପାଲିଟି ଏଥିରେ ହେଳା କରିବେ ନାହିଁ।

* * *

## ଡଗର ନିୟମାବଳୀ।

—o—

ଡଗର ମାସରେ ଦୁଇ ଥର ବାହାରେ।
ଡଗରର ବାର୍ଷିକ ଅଗ୍ରୀମ ମୂଲ୍ୟ ୫୨
ଛାତ୍ରମାନଙ୍କ ପାଖରେ ଅଗ୍ରୀମ ୫୧୷
ଅର୍ଦ୍ଧବର୍ଷ ୫୦/

ଠିକଣା:—

| | |
|---|---|
| ହେଡ଼ ଅଫିସ<br>୬, ଭିକ୍ଟୋରିଆ ଲେନ<br>ବ୍ରହ୍ମବାଗିଚା<br>କଟକ | ସବ୍ ଅଫିସ<br>ଗୋପିନାଥ ପ୍ରେସ,<br>ଭଦ୍ରକ। |

## ବହିପତ୍ର।

(୭ ପୃଷ୍ଠା ଉତ୍ତାରୁ)

ରକ୍ତ ବାଲି—ଗଳ୍ପ—ଶ୍ରୀ ଶିଶିର କୁମାର ଦାସ। ଗଳ୍ପଟି ଛୋଟ, ଅତଏବ "ବୋର୍" ହେବାର ଭୟ ନାହିଁ—'ଟେକ୍‌ନିକ୍' ସଉପାଏ ମଧ୍ୟ।

ପରପାର—ପଦ୍ୟ—ବି, ବର୍ମ୍ମା—ଶିରୋନାମା ଦେଖିଲେ ଯେତେ ବଡ଼ଟାଏ ମନେ ହୁଏ ତାହା ନୁହେଁ। ନିଛକ ପ୍ରେମ କବିତା।

ଅମରାବତୀ ରେକର୍ଡ଼ କମ୍ପାନୀ—ଶ୍ରୀ ହର୍ଷବର୍ଦ୍ଧନ—ହାସ୍ୟ ଗଳ୍ପ। ପୂଜା ସଂଖ୍ୟାରେ ବଙ୍ଗଳା ପତ୍ରିକାମାନଙ୍କରେ 'ଅଘରଦ୍ୱାର' ଯେପରି ବ୍ୟଙ୍ଗ ଚିତ୍ର ସବୁ ବାହାରେ ସେହିପରି ଗୋଟାଏ।

ତୁମେ ଯଦି ଭଲ ପାଅ ମୋତେ—ପଦ୍ୟ—ମିସ୍, ଏ, ଜେ, ସାହୁ। କ୍ଷୁଦ୍ର କବିତାଟିର ଭାବଟି ମୌଳିକ। ପ୍ରକାଶ ଭଙ୍ଗୀ ସ୍ୱାଭାବିକ।

ଶ୍ରାବଣ ଧାରା—ଗଳ୍ପ—ଶ୍ରୀ ଅତୁଲ ରାଏ ଆଗାମୀ ସଂଖ୍ୟାରେ ସମାପ୍ୟ 'ହେଉଁ ହେଉଁ' ଏହି ସଂଖ୍ୟାରେ ସରି ଯାଇଛି। ବିଶେଷ କିଛି କହି ହେଉନାହିଁ—କାରଣ ଆମ ଛାତ ଉପରେ 'ଇସ୍‌ପ୍ରିଙ୍ଗ'ର ଆଘାତଟାଏ ବି ଲାଗି ନାହିଁ।

ଇତ୍ୟାଦି—ଗୁରୁଳିଛି……

ମାଟି ଓ ଯନ୍ତ୍ର—କବିତା—ଶ୍ରୀ ରାମକୃଷ୍ଣ ଶାସ୍ତ୍ରୀ ସାହିତ୍ୟ-କାବ୍ୟ-ବ୍ୟାକରଣ ଇତ୍ୟାଦି। କବିତାଟିରେ ବାଛିବାର କିଛି ନାହିଁ; ପ୍ରଶଂସା କରିବାର ଅନେକ ଅଛି। ଏହିପରି କବିତା-ସାହିତ୍ୟର ଉଦ୍ଦେଶ୍ୟ ସାଧନ କରେ ଓ ଭାଷାର ସମ୍ପଦ ବୃଦ୍ଧି କରେ।

(ଆସନ୍ତା ସଂଖ୍ୟାରୁ ନବ ରାମାୟଣ 'ଫେଷ୍ଟିଭ୍ ବାଣ୍ଡ' ବାହାରିବ)

## ଚିଠାଉ।

(୧୦ ପୃଷ୍ଠା ଉତ୍ତାରୁ)

ସାଧାରଣ ଗୃହରେ ଯେ ଜମି ବାଡ଼ି ଓ କୋଠାଘର କରିଥିବେ ବାସ୍ତବିକ ତାଙ୍କର ଟିକସ ଦେବା ଉଚିତ କିନ୍ତୁ ଏଥିରେ ଆମର ମୋଟା ଆୟ ହେବ ନାହିଁ। ଯେଉଁମାନେ ରାଜା ରାଜୁଡ଼ା ବା ଧନୀ ମହାଜନଙ୍କ ପଇସାରେ ପେଟ ଫୁଲାଇଲେଣି କମ୍ପା କେନ୍ଦ୍ର ଗୃହାରୁ ଗୃହ ଆଦାୟ କରି ଚଳିବା ଯୋଗାଡ଼ କଲେଣି ଏହିମାନଙ୍କ ଉପରେ ଟିକସ ହେବା ଉଚିତ। ଏଥିରୁ ଏହି ଗଣତନ୍ତ୍ର ଯୁଗରେ ଯେଉଁଟା ଭଲ ହେବ ତାହା କରିବ।

ଆପଣଙ୍କର
'ଦୁର୍ବୁଦ୍ଧି'

## କୁତୁ କୁତୁ

ମାଷ୍ଟର—ତୋ ହାତରେ କଣ ହୋଇଛି ଯେ କନା ବାନ୍ଧିଛୁ?

ପିଲା—କୁକୁର ଛୁଆର କେତୋଟା ଦାନ୍ତ ଜାଣିବା ପାଇଁ ତା ପାଟି ଖୋଲିଥିଲି ସେ ମୋର କେତୋଟା ଆଙ୍ଗୁଳି ତାହା ଜାଣିବା ପାଇଁ ସେ ପାଟି ବୁଜି ଦେଲା।

## ଅନ୍ୟାନ୍ୟ ପୃଷ୍ଠାରେ

—o—

ବିଲୁଆ ବିଗୁର — — ୧
ବହୁରୂପୀ (କାହାଣୀ) — ୩
ଖୁଦାକା ମରଜୀ (ମଜା କଥା) ୫
ବହିପତ୍ର — — ୭
ମନ୍ତ୍ରୀଙ୍କ ପଛଆଡ଼େ — ୯
ଚିଠାଉ — — ୧୦
କାଶିଆ କପିଲା ଭେଟ — ୧୦
ନବ ରାମାୟଣ — — ୧୩
ନାଗବନ୍ଧ — — ୧୫
ଶବ୍ଦଧନ୍ଦା — — ୮

—o—

Printed and Published at Obsurath Press, Cuttack—and by Editor, N. Mahapatr

## ସାବଧାନ ! ଠକାମିକି ସାବଧାନ ! ନକଲକୁ ସାବଧାନ !

ଆମ୍ଭର ଅସଲ ଅଲବର ଗୁଡ଼ାଖୁ ଯାହାକି ଆଜ ସଂସାରରେ ପ୍ରସିଦ୍ଧ ତାହା ଆମ୍ଭର ପିତା ମହୋଦୟ ୰ ଅକବର ଖାଁଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ବର୍ତ୍ତମାନ ଅନେକ ଲୋକ ଖରାପ ଗୁଡ଼ାଖୁ ତିଆରି କରି ଆମ୍ଭର ନାମରେ ବିକୁଅଛନ୍ତି । ତାହା ପ୍ରତି ସାବଧାନ ରହନ୍ତୁ । ସେହି ସାବଧାନ ନିମିତ୍ତ ଆମ୍ଭେ ଆମ୍ଭର ଗୁଡ଼ାଖୁକୁ ରେଜିଷ୍ଟ୍ରି କରିଅଛୁଁ । ତେଣୁ ଆମ୍ଭେ ଆପଣମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଗୁଡ଼ାଖୁ କିଣିବାବେଳେ ଆମ୍ଭର ଚନ୍ଦ୍ର ତାରା ଟ୍ରେଡ଼ମାର୍କା ଦେଖି ଗୁଡ଼ାଖୁ କିଣିବେ । ଯଦି ଆପଣମାନେ ଆମ୍ଭର ଆମ୍ଭ ନିକଟରୁ ଗୁଡ଼ାଖୁ କିଣିବେ ତେବେ ଠକାମିରେ ପଡ଼ି ପାରିବେ ନାହିଁ ।

ପ୍ରୋପ୍ରାଇଟର—ହାଜି ଅଲତାଫ ଖାଁ ଓ କଣର ଖାଁ
। ମୁ । ବାଲୁବଜାର, ପୋଃ ଅଃ ବୃନ୍ଦାବନୀଗୌଡ଼
କଟକ ( ବି. ଏନ୍. ଆର୍. )

---

ଆପଣଙ୍କର ମରମ କଥା ପାଇବେ
ଶ୍ରୀମାନ୍ ଜ୍ଞାନାନନ୍ଦଙ୍କର
ମରମ ଦାଗ୍ଧ
ଅମର କବିତା

# ମରମରେ

ମୂଲ୍ୟ—୫୦ ୰

---

ଓଡ଼ିଶାର ଶ୍ରେଷ୍ଠ ମାସିକ ପତ୍ରିକା

# ସହକାର

ପଢ଼ନ୍ତୁ

---

# 'ବିଶଲ୍ୟ କରଣୀ ମଲମ୍'

ଛିଣ୍ଡା ଘା, ପୋଡ଼ା ଘା, ମୁଣ୍ଡ ବଥା, ଦେହୋଲା ବନ୍ଧା, ଦଦ୍ରୁ, ଦାଗି, ଗିଲ୍‌ଟି ଇତ୍ୟାଦି ସବ ପ୍ରକାର ବ୍ୟଥା ଯନ୍ତ୍ରଣାର ଅବ୍ୟର୍ଥ ମହୌଷଧ । ଓଡ଼ିଶା କେମିକେଲରେ "ବିଶଲ୍ୟ କରଣୀ"ର ପ୍ରସ୍ତୁତ କାରକମାନଙ୍କ ଦ୍ୱାରା ପରୀକ୍ଷିତ ଓ ପ୍ରସ୍ତୁତ । ଦି ନାର୍ଦ୍ଦର୍ନ ଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନୀ କାରଖାନାରେ ହୋଇ ବଜାରରେ ଖୁବ ଆଦର ପାଉଅଛି ।

ଶ୍ରୀ ଗୋବିନ୍ଦଚନ୍ଦ୍ର ଦାସ ।
ପ୍ରୋପ୍ରାଇଟର
ଦି ନାର୍ଦ୍ଦର୍ନ ଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନୀ ।
କଟକ ।

---

ଘା; ଘାଇଭଙ୍ଗା; ବ୍ୟଥା; ମଚକା; ବଗ୍ଲ କାନ୍ଦୁଡ଼ା, ମେଣ୍ଢା
ମୁଣ୍ଡିଆ ବାତ; ପକ୍ଷା ଘାତ ପ୍ରଭୃତି ସମସ୍ତ ପ୍ରକାର
ଯନ୍ତ୍ରଣାକୁ

# ଅସଲି ପଞ୍ଚଗୁଣା ତୈଳ

ମୂଲ୍ୟ ୫୦ । ମାତ୍ର ।

---

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

**ଯୋଗଶକ୍ତି**

ଏହାର ଗୁଣ ଯେଉଁମାନେ ପରୀକ୍ଷା କରିଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ନିସ୍ତେଜ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ନାରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ହାତୀକୁଳ ପରି ଶକ୍ତି ଦେଖିଲେ । ଦାଃ୧୫ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୮ ମାତ୍ର ।

**ରତି ଶକ୍ତି**

ଏହା ବ୍ୟବହାର କଲେ ବୃଦ୍ଧ ଯୁବକ ତୁଲ୍ୟ ରତିଶକ୍ତି ପାଏ । ଯେଉଁମାନେ ଧ୍ୱଜଭଙ୍ଗ ଓ ଶୁକ୍ରତାରଲ୍ୟ ହେତୁ ହତୋତ୍ସାହ ହୋଇ ଅଛନ୍ତି, ସେମାନଙ୍କୁ ଏହା ଈଶ୍ୱରଙ୍କ ଶକ୍ତି ପରି ଫଳ ଦିଏ । ଥରେ ପରୀକ୍ଷା କରନ୍ତୁ । ଦାଃ୧୫ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୪

**କର୍ପୂରରସ୍ଥ**

ହଇଜା ଗୋଟିଏ ଭୟଙ୍କର ରୋଗ । ଗ୍ରାମ ଗ୍ରାମ ଲୋକର ଅମୂଲ୍ୟ ଜୀବନ ନଷ୍ଟ କରିଦିଏ । ଗୋଟିଏ ଶିଶି କର୍ପୂରରସ୍ଥ ଘରେ ରଖନ୍ତୁ, ଆଉ ଭୟର କାରଣ ରହିବ ନାହିଁ ।

— ବଡ଼ ଶିଶିର ମୂଲ୍ୟ ୫୦୪, ଛୋଟ ଶିଶିର ମୂଲ୍ୟ ୫୦ —

| | |
|---|---|
| ନହ୍ମା ସଡ଼କ<br>ପୋଃ ଅଃ ବୃନ୍ଦାବନୀଗୌଡ଼,<br>କଟକ । | ବୈଦ୍ୟରାଜ<br>C/O ଶ୍ରୀ ବାଲୁକେଶ୍ୱର ଆଚାର୍ଯ୍ୟ<br>ଭିଷଗାଚାର୍ଯ୍ୟ<br>କବିରାଜ<br>ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ<br>ଆୟୁର୍ବେଦାଚାର୍ଯ୍ୟ । |

---

# 'ଚ୍ୟାଲେଞ୍ଜ' ???

ଆପଣଙ୍କ ମୂଲ୍ୟବାନ ଜୀବନର ପରମାୟୁ ବୃଦ୍ଧି କରିବାକୁ ଚାହିଁଲେ ସର୍ବଦୋଷ ହରହୃତ ଚ୍ୟାଲେଞ୍ଜ ଫାର୍ମେସୀର ପେଟେଣ୍ଟ, ତାହା ବ୍ୟବହାର କରନ୍ତୁ ।

ପ୍ରସ୍ତୁତ କାରକ
ଉତ୍କଳ କେମିକ୍ୟାଲ
ଲିମିଟେଡ୍

Digitized by srujanika@gmail.com

REG. NO. P—141

THE DAGARA



# ଡାକ୍ତର- ରଘୁନାଥସାହୁ

ଏଚ, ଏମ୍, ବି,ଙ୍କର ଆବିଷ୍କୃତ

ସର୍ବପ୍ରକାର ଜ୍ୱରର ଓ ପିଲେଇର ଅଣ ବାହୁଡ଼ ବଜ୍ରବାଣ ।

[illegible] ସମସ୍ତ ପ୍ରକାର ରୋଗର ଚମତ୍କାରୀ ଔଷଧ ମିଳେ ।

## ସାଗରସୁଧା

ଅଦାଲତ କଚେରୀ ସାମନା

ପୋ: ଚୁଡ଼ଙ୍ଗସାହୀ, କଟକ ।

---

ହାତୀ ମାର୍କା

## ବାଲି କାଗଜ



ଏହି କାଗଜରେ ଲେଖିଲେ କାଳି ଚହଟେ ନାହିଁ ଓ ଏହାକୁ [illegible] ସହଜରେ ନଷ୍ଟ [illegible] ନାହିଁ ।

ଏଜେଣ୍ଟ:—[illegible] ଲାଲ [illegible] ଲାଲ, କଟକ ।

---



ଅଥଳ ଦାନ୍ତ ବନାଇବା ଓ ଦୋହଲିଆ ଦାନ୍ତ ଚକଚକ କରିବା ପାଇଁ

ଦାନ୍ତ ଡାକ୍ତର ଶ୍ରୀ ନବକିଶୋର ପୃଷ୍ଟି—କଟକ

ଓଡ଼ିଶାର ସର୍ବ ପ୍ରଥମ ଓ ପ୍ରବୀଣ ଅଟନ୍ତି ।

ବିନା ଫିସରେ ପରାମର୍ଶ ଦିଆଯାଏ ।

---

ପ୍ରକାଶକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com




କୌତୁକ କାବ୍ୟ

ନବ ରାମାୟଣ ।

ମଜା କଥା

...ହି ପଦପଲ୍ଲବ ମୁଦାରଂ




ମନ୍ତ୍ରୀ—ଏମାନେ ଆମ ରକ୍ତ ଶୋଷଣ କରି ଗଣ୍ଡି ବଢ଼ାଇଛନ୍ତି—[illegible] ମୁଁ ତାଙ୍କ ବିଧ୍ୱଂସ ସାଧନ କରିବି ।

[illegible]—ସାବଧାନ—ମୋ ଧରମ ପୁଅଙ୍କ ଦେହରେ ହାତ ଦେଲେ ଭଣ୍ଡିଆ ଦେଇ ନିକାଲ କରିଦେବ !


Printed and Published at the Gopinath Press, Bhadrak, and by Editor, N. Mahapatra.



Digitized by srujanika@gmail.com



# ଇଲେକ୍ଟ୍ରୋ ପ୍ଲେଟିଂ କାରୁକାର୍ଯ୍ୟ

( ସୁନା, ରୁପାର ଅଳଙ୍କାର )

ଟ ୨୦୯ ଙ୍କା ପୁରସ୍କାର !                ଟ ୨୦୯ ଙ୍କା ପୁରସ୍କାର ! !

ଭଦ୍ରବ୍ୟକ୍ତିମାନଙ୍କର ଫରମାସୀ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା ରୂପା ଏବଂ ବହୁମୂଲ୍ୟ ପଥରର ଚମତ୍କାର ଅଳଙ୍କାର ମାନ ମନଲାଖି ତିଆରି କରୁଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଅନେକ ଦିନରୁ ଅଛି ଯାଏ କୌଣସି ଭଦ୍ରବ୍ୟକ୍ତି ଅମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରି ଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ତାହାର ଚାକଚକ୍ୟରେ ଅମ୍ଭେମାନେ କାହାରିକୁ ଭୁଲାଇଦେବାକୁ ଚାହୁଁନାହୁଁ । ପ୍ରତ୍ୟେକ ପଦାର୍ଥକୁ ତନ୍ନ ତନ୍ନ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରିପାରିଲେ ଅମ୍ଭେମାନେ ଟ ୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବିନୀତ
ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ( ଜହୁରୀ )
ବାଲୁବଜାର, ପୋଃ ଚାନ୍ଦନୀଚୌକ, କଟକ ।

| | | | |
|---|---|---|---|
| ହାର | ତୋଳାପ୍ରତି | ମଜୁରି | ଟ ୩୯ |
| ଗୋଖରୁ ଚୁଡ଼ି | ” | ” | ଟ ୧୫ |
| ଚେନ | ” | ” | ଟ ୨୫ |
| ବାଲି | ” | ” | ଟ ୨୫ |
| ଚୁଡ଼ି | ” | ” | ଟ ୨୯ |
| ଖଡ଼ୁ | ” | ” | ଟ ୩୯ |
| କାନ ଫୁଲ | ” | ” | ଟ ୨୫ |
| ମାଙ୍କ ଯୋଡ଼ା | ” | ” | ଟ ୨୫ |
| ମୁଦି | ” | ” | ଟ ୪୯ ଠାରୁ ଟ୨୫ |
| ଖୋସା କଣ୍ଟା | ” | ” | ଟ ୫୯ |
| ଫାନିଆ | | ” | ଟ ୨୫ |



Digitized by srujanika@gmail.com



# ବିଲୁଆ ବିଚାର

[ ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, ନିର୍ମଳ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଏଥିରେ ମୁଖ୍ୟ ଉଦ୍ଦେଶ୍ୟ ]

ସମ୍ପାଦକୀୟ

ଶୁଣାଅଛୁ ରଜାପୁଅଙ୍କୁ ପାଠ ପଢ଼ାଇଲା ବେଳେ ଅବଧାନେ କହନ୍ତି "କ" ବୋଲିବାକୁ ସ୍ୱାମୀଙ୍କ ଶ୍ରୀମୁଖରୁ ଆଜ୍ଞା ହେଉ" ତେବେ ଯାଇ ସ୍ୱାମୀ ଶ୍ରୀମୁଖରେ ବୋଲନ୍ତି 'କ'।

ସେ ଦିନ ଆମ ଆସେମ୍ବ୍ଲିର ସଭାପତି ଜଣେ ସଭ୍ୟଙ୍କୁ କହିପକାଇଲେ Sit down-"ବସିପଡ଼ନ୍ତୁ"। ସେଥିରେ କୁଆଡ଼େ ଆଉ ଜଣେ ପୁରୁଖା ସଭ୍ୟ ସଭାପତିଙ୍କ ଅସଭ୍ୟତାରେ ଖପା ହୋଇ ପ୍ରତିବାଦ କଲେ। ମାତ୍ର ଆମେ କହୁଁ, ସଭାପତି ଯେ ସଭାପତି—ସେ ତ "ସଭ୍ୟ" ନୁହନ୍ତି।

* * *

କେତେ ଲୋକ ଆମକୁ ପଚାରୁଛନ୍ତି କି, ସଭାପତିଙ୍କର କଣ କହିବା ଉଚିତ ଥିଲା। ଆମେ ଶୁଣିଥିଲୁଁ, ଇସ୍କୁଲରେ ମାଷ୍ଟର ପିଲାଙ୍କୁ କହନ୍ତି Sit down—ସଭାପତି ତ ଆଉ ବାଳୁତ ଯାଇ ନାହାନ୍ତି ଯେ ସାଦା କଥାଟାକୁ ବୁଲେଇ diplomatic ଭାଷାରେ କହିବେ। ଆଉ ପାଠ୍ୟ ପୁସ୍ତକରେ ବି ଏ କଥା କେଉଁଠି ଲେଖା ନାହିଁ। ସେଥିପାଇଁ କଟକ ଟ୍ରେନିଂ କଲେଜ ଅବଶ୍ୟ ଦାୟୀ। ସଭାପତିଙ୍କର ଦୋଷ ନାହିଁ।

ତେବେ ଏତିକି କହୁଥାଉଁ ଯେ ଇଂରାଜୀରେ କହୁଥିଲେ କହିଥାନ୍ତେ "May it please his membership to resume his seat ?" ଉର୍ଦ୍ଦୁରେ ଫର୍ମାଇଥାନ୍ତେ "ତସରିଫ ରଖିଯେ।" ସାଧୁ ଓଡ଼ିଆରେ ବୋଲିଥାନ୍ତେ "ଆସନ ଉପରେ ଶ୍ରୀ ନିତମ୍ବ ସ୍ଥାପିବାକୁ ଶ୍ରୀଅଙ୍ଗରୁ ଇଚ୍ଛା ହେଉ।"

ଟେରିପଦୀରେ ହୁଅନ୍ତା—
"ପିକଭାଷୀରେ, ଆସି ବସ......।"

* * *

ଆମକୁ ଜଣେ ପଚାରିଲେ ମଧ୍ୟ ପ୍ରଦେଶର କଂଗ୍ରେସ ମନ୍ତ୍ରୀମାନେ ତ ବ୍ୟାୟାମକୁ ବାଧ୍ୟତାମୂଳକ କରି ଦେଲେଣି ଆମ ମନ୍ତ୍ରୀମାନେ କାହିଁକି ପଛେଇଛନ୍ତି ସେଥିରେ ? ଜଣେ ଆଗନ୍ତୁକ ତାର ଉଚିତ ଜବାବ୍ ଦେଲା—ଆରେ ଏ ଦେଶର ଯେଉଁ ଖଚଡ଼ା ଟୋକାଗୁଡାକ ଅଛନ୍ତି ତାଙ୍କର ଠିକିଏ ବଳ ହେଲେ ଏଇ ମତା ହୁଡ଼ା ମନ୍ତ୍ରୀମାନଙ୍କୁ ମାଡ଼ ବସି ଯଦି ଦି ବିଧା ଲେଖା ଦିଅନ୍ତି ତେବେ ସେ କ'ଣ ଆଉ ଜଗତରେ ରହିବେ ? ଆମେ କହିଲୁ, ନାହିଁ, ତାଙ୍କର ପ୍ରତ୍ୟେକ କର୍ମରେ ସେଭଳି ମନ୍ଦ ଉଦ୍ଦେଶ୍ୟ ଆରୋପ କରିବା ଉଚିତ ନୁହେଁ। ତେବେ କଥାଟା ସ୍ୱା ହୋଇ ପାରେ—ଏ ଦେଶର ଲୋକେ ବଳିଷ୍ଠ ହେଲେ ସେମାନେ ଏଇ ନଅଙ୍କିଆ ରୂପ ନେଇ ତାଙ୍କର ଉପଯୁକ୍ତ ପ୍ରତିନିଧି (ବା ପ୍ରତିକୃତି) ହୋଇ ପାରିବେ କିପରି ?

* * *

ଆସେମ୍ବ୍ଲି କେତେ ସମୟ ବସିବ, ଏ ବିଷୟରେ ଭାରି କଜିଆ ଲାଗିଲା। କଂଗ୍ରେସ ବିରୋଧୀମାନେ କହିଲେ ୫ଟା ଯାଏ ବସୁ। କଂଗ୍ରେସ ପକ୍ଷମାନେ କହିଲେ ୪ଟା ଯାଏ ବସୁ। ପ୍ରଧାନ ମନ୍ତ୍ରୀ ତା ସପକ୍ଷରେ କହିଲେ—ଅମେ ଖୋଜୁଁ 'quality not quantity' ସେଇଥିପାଇଁ ପରା ସେ ଏତେ ଉମେଦବାର ଥାଉଁ ଥାଉଁ ତାଙ୍କ ସାଙ୍ଗଙ୍କୁ ଜମା ଦୁଇ ଜଣ କେଳେ ମନ୍ତ୍ରୀ କରି ନେଇଛନ୍ତି ?

* * *

ମନ୍ତ୍ରୀଙ୍କ ଦରମା ୫୦୦ ନ ହୋଇ ୪୦୦ ହେଉ ବୋଲି ପ୍ରସ୍ତାବ ଆସିଥିବା ବେଳେ ଆମ ଏଠିକି ଯେଉଁ ସନ୍ନ୍ୟାସୀ ଜଣକ ଭାରତ ଜଳବାୟୁରେ ଆମିଷ ଭୋଜନର ଅପକାରିତା ସମ୍ବନ୍ଧରେ ବକ୍ତୃତା ଦେବାକୁ ଆସିଥିଲେ, ସେ ବସିଥିଲେ ଭୋଜନରେ। ଭୁଲ୍ କ୍ରମେ ପୂଜାରୀ ତାଙ୍କୁ ମାଛ ଦେଇଦେଲା। ତହୁଁ ଜଣେ ପ୍ରତିବେଶୀ ଆମିଷଭୋଜୀ ପାଟିକରି ଉଠିଲେ 'ହାଁ—ହାଁ—କି କଲ,-କିକଲ ବାବାଜୀଙ୍କ ପତ୍ରେ ମାଛ ବାଢ଼ିଲ ?' ବାବାଜୀ ତହୁଁ କହିଲେ, "ଅଚ୍ଛା ଅଚ୍ଛା—ରାମଜୀକା ମରଜୀସେ ଯୋ ଆତା ହେ ଉସକୋ ଅନେ ଦୋ—" ପରେ ଶୁଣିଲୁ ଗରିବ ଦେଶ ଓଡ଼ିଶାର ମନ୍ତ୍ରୀମାନେ ଏହି ସନ୍ନ୍ୟାସୀଙ୍କଠାରୁ ଦୀକ୍ଷା ନେଇଥିଲେ—ଆଉ ଯେଉଁ ଧନୀକ ଜଣକ ଦରମା କାଟ ପ୍ରସ୍ତାବ ଆଣିଥିଲେ ସେ ହେଉଛନ୍ତି, ତାଙ୍କ ପ୍ରତିବେଶୀଙ୍କ ବନ୍ଧୁ।

ଜଣେ ଉଗ୍ର ପାଠକ ଲେଖିଛନ୍ତି—ମହାଶୟ ୭ମ ସଂଖ୍ୟା ଡଗରର ପ୍ରଥମ ପୃଷ୍ଠାରେ ଯେଉଁ 'ପଞ୍ଚମହା'ଙ୍କର ଛବି ବାହାରିଛି, ସେଥିରୁ କିଏ କ'ଣ ତା' ଜଣାଇ ବାଧିତ କରିବେ କି ?

ଏ ପାଠକଟି ବିଲକୁଲ୍ ବେରସିକ। ରସକୁ କାଢ଼ି ଦେଲେ ତାର ମଧୁରତା ଉଡ଼ିଯାଏ—ଘୋଡ଼ାଇ ରଖିଲେ ବଢ଼େ। ଯେପରି ଓଢ଼ଣାବୃତ ନବବଧୂଙ୍କର ବଦନ।

ବାଲ୍ଅବଗ୍ଗର

ତେବେ ପାଠକଙ୍କ କୌତୂହଳ ନିବାରଣ ପାଇଁ ଓ ତାଙ୍କ ମନରଖିବା ପାଇଁ ଆମେ କହୁଛୁଁ ।

ମୁଣ୍ଡରେ ଯେ ବସିଛନ୍ତି ସେ ପ୍ରଧାନ ଓ ପ୍ରଥମ ଭୂତ ଅର୍ଥାତ୍ କ୍ଷିତି—solid. ତାଙ୍କ ଡାହାଣ ଜଙ୍ଘକୁ ଅପ୍ ଅର୍ଥାତ୍ ପାଣି, cannals, ନଈବନ୍ଧ ଇତ୍ୟାଦି, କ୍ଷିତିଙ୍କ ବାମରେ 'ତେଜ'—ଯେଉଁ ତେଜ ନିଶା ଖାଇଲେ ବାହାରେ କି ଯେଉଁ ତେଜ ବଣ ଜନ୍ତୁଙ୍କର ଥାଏ ଯାହା ହେଉ ଗୋଟିଏ ଅଥବା ଉଭୟ ହୋଇଥିବ, ଅପ୍‌ଙ୍କ ତଳକୁ ମରୁତ୍—ଅର୍ଥାତ୍ ଖାଲି ପବନ—ବର୍ଷଣ ନାହିଁ । ତେଜଙ୍କ ତଳକୁ ବ୍ୟୋମ—ଅର୍ଥାତ୍ ଶୂନ୍ୟ, ଫାଙ୍କା a big 0—zero.

* * *

ଜଣେ ଆସେମ୍ବ୍ଲି ସଭ୍ୟଙ୍କୁ ପଚାରିଲୁ, ହଇ ହୋ, ସବୁ resolution, Cut motion ତ ହୋଇଗଲା ବିକଳାଙ୍ଗ ଉତ୍କଳର ମିଶ୍ରଣ ଦାବିକର ଗୋଟାଏ କିଛି ହେଲା ନାହିଁ ତ ? ସେ ଉତ୍ତର ଦେଲେ ଉତ୍କଳର ଗୋଟିଏ ଅଙ୍ଗ ଆଣି ତ ସମ୍ଭାଳି ପାରୁ ନାହୁଁ, ଆଉ ପୁଣି ଅଧିକା ମିଶାଇଲେ ନିଜ ଗାଡ଼ ନିଜେ ଖୋଳିବୁ ସିନା ? ଦେଖୁ ନାହିଁ, ପ୍ରଧାନ ମନ୍ତ୍ରୀ ପଦଟାକୁ କିପରି ମାଉ ଜେଉଛନ୍ତି ସେ ଦକ୍ଷିଣୀ ଗୁଡ଼ାକ ? ଆମେ ଗଛ ଲଗାଇବୁଁ, ଏ ଫଳ ଖାଇବେ? ଯାହା ତାହାକ ଯଉଁ ଖଣ୍ଡିଏ ୨ ମନ୍ତ୍ରୀତ୍ୱ କି ସଭାପତିତ୍ୱ ଆମ ଭାଗରେ ପଡୁଛି ତାକୁ ବି ହରାଇ ବସିବୁ ନା କ'ଣ ? ଏଥିପାଇଁ ଓଡ଼ିଶା କଂଗ୍ରେସ ସିଂହଭୂମକୁ ବିହାର ସାଙ୍ଗରେ ଛାଡ଼ି ଦେଲା । ଏ ଯୁକ୍ତି ଶୁଣି ଆମେ ନୀରବ । ଯେତେହେଲେ ଖାଣ୍ଟି ରାଜନୀତିଜ୍ଞ ଏମାନେ ।

* * *

ଥରେ ଗୋଟିଏ ବଗ ଗୋଟିଏ କୋକିଆକୁ ଖାଇବାକୁ ଡାକିଲା । ସେ ଏପରି ଗୋଟିଏ ସରୁମୁହାଁ ଜାଗାରେ ଖୋଳି ବାଢ଼ିଲା ଯେ କୋକିଆ ଜଭ ବଡେଇ ବଡେଇ ଆଉ ଜଭ ପାଇଲା ନାହିଁ, ଖାଲି ବସି ଫନ୍ଦକୁ ଗୁଣିବାରେ ଲାଗିଲା । ବଗ କିନ୍ତୁ ସରୁ ଥଣ୍ଟରେ ଠୁକୁ ଠୁକୁ କରି ସବୁ ଖୁମ୍ପି ଖାଇଗଲା । ସେଦିନ ମନ୍ତ୍ରୀଙ୍କ ଘରେ ଯଉଁ ସାହେବମାନେ କଦଳୀ ପତ୍ରରେ ଭୋଜନ କଲେ ତାଙ୍କ ଅବସ୍ଥା କୋକିଆପରି ହୋଇ ନାହିଁ ତ ?

* * *

ଦିନ ୫ଟା ଯାଏ ଆସେମ୍ବ୍ଲି ବସିବା କଥାରେ କେତେକ ସଭ୍ୟ ଆପତ୍ତି ଉଠାଇ ଥିଲେ । ସେଥିପାଇଁ ତାଙ୍କୁ ସବୁ ଲୋକେ ଥଟ୍ଟା କରି କହିଲେ, ବେଶୀ ଟଙ୍କା ପାଇବାର ଏ ଗୋଟାଏ ଭଲ ଫିକର ଏକା । କିନ୍ତୁ ଆମେ କହୁଁ ମଣିଷଭଳି ମଣିଷ ଏମାନେ । ଏଇମାନଙ୍କ ପରିଂ ବିନା ଯେଉଁ ସରକାର ଶୋଷଣ କରୁଥିଲା ସେ କି କେବେ ପୋଷଣ କରିବାକୁ ରାଜି ହୁଅନ୍ତା ।

* * *

ଦିନେ ସକାଳୁ ଆମେ ଦେଖିଲୁଁ ଯେ ପଞ୍ଚାଏ ଲୋକ ପ୍ରଧାନ ମନ୍ତ୍ରୀଙ୍କ ଘର ଆଡ଼କୁ ଧାଇଁଛନ୍ତି । ଯାହାକୁ ପଚାରିଲୁଁ, କି ହୋ, କୁଆଡେ ଯାଉଛ ?

ସମସ୍ତଙ୍କ ମୁହଁରେ ସେହି ଏକ କଥା—"ମୋର ଭର ନାହିଁ ।" ପରେ ଶୁଣିଲୁ ଏ ସବୁ ମନ୍ତ୍ରୀ ଠାକୁରଙ୍କ ଦଇତା ମେକାପ୍‌ଗିରି କରିବାକୁ ଯାଇଥିଲେ, ଠାକୁରଙ୍କ ନାନାଦି ସେବାଭିତରେ କେତେକ ନମ୍ବରେ ଦେଲୁଁ । ଯଥା—ତାମ୍ବୁଲ ସେବା, ତଇଲ ସେବା, ପରଶା ସେବା, ଘରପା (ଖୋସାମତ୍) ସେବା, ଆଉଁସା ସେବା, ବେଉସା ସେବା, ଚିଟିଦେବା ସେବା, ପଟି ଦେବା ସେବା ଇତ୍ୟାଦି । ଏଥି [illegible] ବେଠି ନୁହେଁ କି ଭେଟି ନୁହେଁ କିନ୍ତୁ କ'ଣ ସେ କଥା ଗୋପାଳ ପହରାଜେ ଭଲ କହିପାରିବେ କିନ୍ତୁ ଆମେ କହିବୁ ଏଟାକୁ 'ଯେପରେମ୍' ।

* * *

ପ୍ରଧାନମନ୍ତ୍ରୀ ବଜେଟ୍ ବକ୍ତୃତାରେ କହିଥିଲେ—ମାନଧାତା ଯଉଁ ଲାଉଁଳା ଛୁଆକୁ ପକେଇ ଦେଇ ଯାଇଥିଲେ ତାକୁ ସେ ମହା ଯତ୍ନରେ ପାଳିଛନ୍ତି । ଛୁଆଟି ତ ମିଶିଧ ହେଲା ଏବେ ସେ ମା ବୋଲି ଡାକିବ କାହାକୁ ? ଦୁଇଜଣ କାଳ କଲେ ଜଣକୁ ମା ଆଉଜଣକୁ ବାପ ବୋଲି ଡାକିଲେ ଚଳିବ ନାହିଁ ?

* * *

ପ୍ରଧାନମନ୍ତ୍ରୀଙ୍କ ତଳ ପାଟି ଦାନ୍ତ ଉପୁଡ଼ି ଯାଇଛି । ତାଙ୍କ ପ୍ରତିଯୋଗୀ, ପ୍ରତିବେଶୀ ମାନଧାତାଙ୍କ ଉପରପଟ ଦାନ୍ତ ନାହିଁ । ତାଙ୍କର plus ଯାଗାରେ ଏହାଙ୍କର minus ଏହାଙ୍କର plus ଯାଗାରେ ତାଙ୍କର minus ତେଣୁ ଜମାକୁ ଖରଚ ସମାନ । ସୁତରାଂ ଏହାଙ୍କ ବଜେଟ୍ ତାଙ୍କ ବଜେଟରେ ଫରକ ବେଶୀ କିଛି ହେବନାହିଁ ।

* * *

ମନ୍ତ୍ରୀଙ୍କ ଶ୍ରୀଅଙ୍ଗ ଲାଗି ମଠରଟି ଏବେ ଏଡ଼ଭୋକେଟ୍ ଜେନେରଲଙ୍କ ଦୁଆରେ ପଡି କାନ୍ଦୁଛି । ଦିନେ ସେ ମାନଧାତାଙ୍କ ନିତମ୍ବ ସ୍ପର୍ଶରେ ଧନ୍ୟ ହୋଇଥିଲା । ଆଜି ତାର ଏପରି ରୂପ ଦେଖି ଯିଏ ଦେଖୁଛି ସେ ହାୟ ହାୟ କରୁଛି । * *

ଦୁଇଜଣ ବ୍ରାହ୍ମଣ ମନ୍ତ୍ରୀଙ୍କ ଭିତରେ ଜଣେକରଣ ରହିଯାଇଛିବୋଲି କେତେକ ଛ ଦଉଡ଼ିଆ ତାଙ୍କୁ ବଦନାମ କରି ଦେବା ଲାଗି ନାନା ଉପାୟ କରୁଛନ୍ତି ବୋଲି ଶୁଣି କଟକର ବଜାର ପିଲାଏ ବୋଲୁଛନ୍ତି—ଏଣ୍ଟ୍ କାଣ୍ଟି ଗଲା ଖରେ—ଯାଇଁ ହାରୁଚିଲା ବାହ୍ମୁଣ ଘରେ ଏଣ୍ଟ୍ ଦୁବେ ଚେଣ୍ଟୁ ଦାସେ—ଲାଞ୍ଜିକୁ ଦେଲେ ଜେଲ୍ ମାସେ ।

* * *

ପ୍ରଧାନ ମନ୍ତ୍ରୀ ବ୍ୟବସ୍ଥା ସଭାରେ ବକ୍ତୃତା ଦେବା ବେଳେ ତାଙ୍କ ସେକ୍ରେଟେରୀଙ୍କ ପାଖରୁ ଆରମ୍ଭ କରି କମିଶନର କାଲଟର ସବ୍ ରେଜିଷ୍ଟ୍ରାର ପର୍ଯ୍ୟନ୍ତ ସମସ୍ତଙ୍କୁ ଭାରି ଠେକୁଛନ୍ତି । ଅବଶ୍ୟ ଉଦାରତା ତା ସଙ୍ଗେ ସଙ୍ଗେ ଅହିଂସା ମଧ୍ୟ । *



# କାହାଣୀ

## ବହୁରୂପୀ

ପୂର୍ବାଭାସ:— ଲେଖକ:—ଶ୍ରୀ ଯତୀନ୍ଦ୍ର ମୋହନ ମୁଖାର୍ଜି

ଡିଟେକ୍‌ଟିଭ ବନବିହାରୀ ବାବୁ ମଧୁବନ ଜମିଦାରଙ୍କ ଘର ଖୁଣୀର ଅନୁସନ୍ଧାନ କରୁଥିଲେ । ନାଏବ ବାବୁଙ୍କର ପୀଡ଼ିତ ଭ୍ରାତୁଷ୍ପୁତ୍ର ଚୌଦ୍ଧାରର କବିରାଜ ଗୃହରେ ମୃତ । ଭ୍ରାତୁଷ୍ପୁତ୍ରୀ ବୀଣା ମାଉସୀଙ୍କ ବେଶରେ ଆସିଥିବା କୌଣସି ଛଦ୍ମବେଶୀ ଦ୍ୱାରା ଅପହୃତ । ନାଏବ ବାବୁ ନୂତନ ବିବାହ କରିଛନ୍ତି । କବିରାଜଙ୍କ ଘରେ କବିରାଜ ଓ ନାଏବ ବାବୁଙ୍କ ଗୁପ୍ତ ପରାମର୍ଶ ବନବିହାରୀ ବାବୁ ଛକି ଶୁଣିଲେ ।

ଦୁଇଟି ଯୁବତୀଙ୍କୁ ଡକାଏତମାନେ ବାନ୍ଧି ଧରି ନେଉଥିବା ବେଳେ ଡିଟେକ୍‌ଟିଭ ବନୁବାବୁଙ୍କ ସଙ୍ଗୀ ନବୀନ ତାଙ୍କୁ ଉଦ୍ଧାର କଲେ । ନାରଣ ବାବୁଙ୍କ କର୍ମଚ୍ୟୁତ ସଦାଶିବ ବାବୁ ଆଦରିଣୀ କନ୍ୟା ହାରାମଣୀକୁ ହରାଇ ପାଗଳ ହୋଇ ଘର ଛାଡ଼ି ପଳାଇଲେ । ତାଙ୍କ ଘରର ଜିମା ନେଲେ ନାରଣବାବୁ ।

ରାତିରେ ଗୋଟିଏ କୁଞ୍ଜଟିଆ ଘରେ ଡକାଏତମାନେ ମଦ ପିଉଥିବା ବେଳେ ବନ ବିହାରୀ ବାବୁ ଓ ନବୀନ ସେମାନଙ୍କୁ ଆକ୍ରମଣ କରନ୍ତେ ଅଦ୍ଭୁତ କୌଶଳ ଦ୍ୱାରା ସେମାନେ ପାତାଳ ପୁରୀରେ ବନ୍ଦୀ ହୋଇଗଲେ । ସଦାଶିବ ହଠାତ୍ ଆସି ସେମାନଙ୍କୁ ଉଦ୍ଧାର କଲେ ।

ସଦାଶିବ ଓ ଡିଟେକ୍‌ଟିଭ୍ ଦ୍ୱୟ କଟକ ଗାଡ଼ିରେ ଚଢ଼ି କଥା ବାର୍ତ୍ତା ହେଉଥିବା ସମୟରେ ଚଳନ୍ତା ଟ୍ରେନରୁ ସଦାଶିବ ବାବୁଙ୍କୁ କ୍ଲୋରଫର୍ମ ଦ୍ୱାରା ବେହୋସ କରି ଡକାଏତମାନେ ନେଇ ପଳାଇଲେ ।

କବିରାଜ ନରୋତ୍ତମଙ୍କ ଚିକିତ୍ସାଳୟକୁ ଯେଉଁ ରୋଗୀ ଆସିଥିଲେ ସେ ଓ ତାର ପିତା ଯଥାକ୍ରମେ ନବୀନ ଓ ବନୁ ବାବୁ ହଠାତ୍ ଦିନେ ନିଜରୂପ ପ୍ରକାଶକରି ନାଏବ ଓ କବିରାଜ ଉଭୟଙ୍କୁ ବନ୍ଦୀ କରିନେଲେ ଏବଂ ନାଏବଙ୍କ ଭ୍ରାତୁଷ୍ପୁତ୍ରଙ୍କୁ ଡକାଏତମାନଙ୍କ ହାତରୁ ଉଦ୍ଧାର କଲେ ।

( ୧୭ )

ନାଏବ ଚକ୍ରଧର ଓ କବିରାଜ ନରୋତ୍ତମ ଦାସଙ୍କର ଦୋଷ ସାବ୍ୟସ୍ତ ହୋଇ ଦୌରା ଜଜ୍‌ଙ୍କ ବିଚାରରେ ପ୍ରତ୍ୟେକଙ୍କୁ ବ ୬ ର୍ଷ ଲେଖାଏଁ ସଶ୍ରମ ଜେଲ ଦଣ୍ଡର ଆଦେଶ ହେଲା । ତା ଛଡ଼ା ମା ୬ ସ ଲେଖାଏଁ ନିର୍ଜନ କାରାଗାର ମଧ୍ୟ ଥିଲା । ନାଏବଙ୍କର ଭ୍ରାତୁଷ୍ପୁତ୍ର ଓ ଭ୍ରାତୁଷ୍ପୁତ୍ରୀ ଉଭୟେ ବନବାବୁଙ୍କର ହେପାଜତରେ ରହିଲେ ଏବଂ ସେମାନଙ୍କର ପିତାର୍ଜିତ ସମସ୍ତ ସମ୍ପତ୍ତିର ଏକଜିକ୍ୟୁଟର ହେଲେ ବନବିହାରୀ ବାବୁ । ନାଏବଙ୍କର ଘର ଅନୁସନ୍ଧାନ ସମୟରେ ଗୋଟାଏ ଜୀର୍ଣ୍ଣ ଉଇଲ ଆଲମାରୀ ମଧ୍ୟରୁ ବାହାରିଥିଲା । ନାଏବ ବାବୁ ଯେ ସେ ଉଇଲଟାକୁ କାହିଁକି ପୋଡ଼ି ନ ଦେଇ ରଖିଥିଲେ ତାହା ସେହି ଜାଣନ୍ତି । ବୋଧହୁଏ ଏମାନେ ମୃତ ବୋଲି ସେ ନିଶ୍ଚିନ୍ତ ହୋଇଥିଲେ । ଚତୁର କବିରାଜ ସେମାନଙ୍କୁ ଗୁମ୍ କରି ରଖିଥିଲେ ତାଙ୍କର ଗୁରୁଙ୍କ ପରାମର୍ଶରେ । ସେମାନଙ୍କୁ ହତ୍ୟା କରିଥିଲେ ନାଏବ ତାଙ୍କ ମୁଠା ଭିତରୁ ଖସି ଯାଆନ୍ତେ, ବାର ବାର ଦୁହିଁବାର ସୁବିଧା ଆଉ ସେ ପାଇ ପାରନ୍ତେ ନାହିଁ । ସଦାଶିବ ବାବୁଙ୍କର କନ୍ୟା ମଧ୍ୟ ତାର ସଙ୍ଗିନୀ ସହିତ ବନ ବାବୁଙ୍କର ଘରେ ରହିଲେ ।

ସମସ୍ତ ସୁବିଧା ଈଶ୍ୱର ଘଟାଇ ଦେଲେ କିନ୍ତୁ ଅଦ୍ୟାବଧି ଶତ ଚେଷ୍ଟାରେ ମଧ୍ୟ ସଦାଶିବ ବାବୁଙ୍କର ସନ୍ଧାନ ମିଳିଲାନାହିଁ । ସଦାଶିବ ବାବୁଙ୍କୁ ଦସ୍ୟୁମାନେ ଚଳନ୍ତା ଗାଡ଼ିରୁ ଟେକି ନେଇ ଯିବା ପରେ ବନବାବୁ ଓ ନବୀନବାବୁ ସେମାନଙ୍କର ବୃଥା-ଅନୁସନ୍ଧାନରୁ ଫେରିବା ବେଳେ ଯେଉଁ କାଗଜ ବିଡ଼ାକ ପାଇଥିଲେ ତହିଁରେ ଅନେକ ଆଦେଶ ପତ୍ର ଥିଲା:—ନାଏବଙ୍କର ଭ୍ରାତୁଷ୍ପୁତ୍ରଙ୍କୁ ଖୁଣ ନକରି ଲୁଚାଇ ରଖିବାର ଆଦେଶ ସେଥିରେ ଥିଲା । ନାଏବଙ୍କର ଭ୍ରାତୁଷ୍ପୁତ୍ରୀକୁ ହତ୍ୟା କରିବାର ଆଦେଶ କବିରାଜ ଦେଇଥିଲେ ବୋଲି ତାହା ଉହ୍ୟ ନ କରି କବିରାଜଙ୍କୁ ଯେଉଁ ପତ୍ର ଲେଖା ହୋଇଥିଲା ତାହା ମଧ୍ୟ ସେଥିରେ ଥିଲା । ଆଉ ନାଏବଙ୍କର ଜ୍ୟେଷ୍ଠ ଭ୍ରାତାଙ୍କୁ ବିଷଦେଇ ମାରିବାର ସଙ୍କେତ ମଧ୍ୟ ସେଥିରେ ଥିଲା ଏବଂ ସେହି ସମୟରେ ନାଏବଙ୍କର ବାଳକ ଭ୍ରାତୁଷ୍ପୁତ୍ରକୁ ବିଷ ବଟିକା ଦେଇ ପେଟମରା ରୋଗ ଉତ୍ପନ୍ନ କରାଇବାର ପରାମର୍ଶ ପତ୍ର ଗୋଟାଏ ମଧ୍ୟ ଅତି ଜୀର୍ଣ୍ଣ-ଶୀର୍ଣ୍ଣ ଭାବେ ସେହି ବିଡ଼ାରେ ଥିଲା । ମଧୁବନ ଜମିଦାରଙ୍କର ଘରେ ଚୋରି ଓ ହତ୍ୟାର ପ୍ରମାଣ ମଧ୍ୟ ଏଥିରୁ ମିଳେ । ସେଦିନ ତାଙ୍କର ମୋଟର ଚଳାଇବାର ଆଦେଶ ପତ୍ର ଲେଖା ହୋଇଥିଲା ସଦାଶିବ ବାବୁଙ୍କୁ ।.........କିନ୍ତୁ ସବୁ ପତ୍ରର ସ୍ୱାକ୍ଷରକାରୀ 'କାଳା !'—କିଏ ସେ ?—

ସଦାଶିବ ବାବୁ ଏ ସବୁର ସନ୍ଧାନ ଜାଣିଥିଲେ ବୋଲି ବୋଧହୁଏ ଜୀବନ ଭିକ୍ଷୁକର ପୁଲିସ ସମ୍ମୁଖରୁ ତାଙ୍କୁ 'କ୍ଲୋରୋ-ଫର୍ମ' ସାହାଯ୍ୟରେ ଦୁର୍ବଳ ଓ ଚେତାଶୂନ୍ୟ କରି ଅଜଣା ଲୋକମାନେ ଚଳନ୍ତା ରେଲ ଗାଡ଼ିରୁ ଟେକିନେଇ ପଳେଇଥିଲେ ।

Digitized by srujanika@gmail.com

ଶତ ସହସ୍ର ଚେଷ୍ଟା କରି ମଧ୍ୟ ବନବାବୁ ଅଜ୍ଞାତ ନାର-ଘାତକ ଲୀଳାର ଚିହ୍ନ ସୁଦ୍ଧା ପାଇ ନାହାନ୍ତି । ନାଏବ ଓ କବିରାଜଙ୍କୁ ଜେଲ ଦେଇ ବନବାବୁଙ୍କର ମନ ତୃପ୍ତ ହୋଇ ନାହିଁ । ସେହି ଚିନ୍ତାରେ ବନବାବୁଙ୍କର ମନରେ ଶାନ୍ତି ନାହିଁ । ନୂତନ ଉପାୟମାନ ଉଦ୍ଭାବନ କରି ସୁଦ୍ଧା ସର୍ଦ୍ଦାରଣୀର ସନ୍ଧାନ କରିପାରିଲେ ନାହିଁ । ଥରେ ଦୁଇଥର ଜେଲ ମଧ୍ୟରେ ନାଏବ ଓ କବିରାଜଙ୍କୁ ଅନେକ ରକମ ଫୁସୁଲା-ଫୁସୁଲି କରିଛନ୍ତି—ଲୀଳାର ସନ୍ଧାନ ଦେଲେ ସେମାନଙ୍କୁ ସେ ଜେଲରୁ ମୁକ୍ତ କରାଇ ଦେବେ । ସେଥିରେ ମଧ୍ୟ ନିରାଶ ହୋଇଛନ୍ତି । ସବୁ ଦିଗରୁ ନିରାଶ ହୋଇ କ୍ଷୁଣ୍ଣ ମନରେ ବନବାବୁ କାଳାତିପାତ କରୁଥିଲେ ।

( ୧୮ )

ଜେଲକୁ ଆସି ନାଏବ ଓ କବିରାଜ ନିର୍ଜ୍ଜନ କାରାବାସ ଦଣ୍ଡ ପ୍ରଥମେ ଭୋଗ କରୁଥିଲେ । ନାଏବଙ୍କର ଦେହ ଜେଲକୁ ଆସି ଭାଙ୍ଗି ଗଲାଣି—ସେ ପେଟ ନାହିଁ—ଫୁଲ୍ଲା ଗାଲ ନାହିଁ ! ଦେଖିଲେ ତାଙ୍କୁ ଆଉ ଚିହ୍ନି ହେଉ ନାହିଁ ଯେପରି ବ ୬୦ ବର୍ଷର ବୃଦ୍ଧ ! ସେ ମନେ ମନେ ମଧ୍ୟ ନିଜର କୃତ ପାପର ପ୍ରାୟଶ୍ଚିତ କରୁଛନ୍ତି । ସ୍ନେହଶୀଳ ଜ୍ୟେଷ୍ଠଙ୍କୁ ବିଷ ପ୍ରୟୋଗରେ ହତ୍ୟା କରାଇଛନ୍ତି, ଭ୍ରାତୃଷ୍ପୁତ୍ର ଓ ଭ୍ରାତୃଷ୍ପୁତ୍ରୀକୁ ହତ୍ୟା କରାଇବାକୁ ଉଦ୍ୟତ ହୋଇଥିଲେ । ତାଙ୍କର ତ' କିଛି ଅଭାବ ନ ଥିଲା, ଗେହ୍ଲା ପୁଅ ହୋଇ ବୁଲୁଥିଲେ !—ଏ ବୁଦ୍ଧି ଦେଲା କିଏ ? କୁସଙ୍ଗୀର କୁପରାମର୍ଶରେ ସେମାନଙ୍କର ଅର୍ଥ ଶୋଷଣର କୂଟନୀତି ବୁଝି ନ ପାରି ସେ ଆପଣାକୁ ଭୁଲି ପଥଭ୍ରଷ୍ଟ ହୋଇଥିଲେ !

ଭଗବାନ ତୁଳା ଦଣ୍ଡ ଧରି ମୁଣ୍ଡ ଉପରେ ବସିଛନ୍ତି । ମନୁଷ୍ୟ ଯେତେ ଲୁଚାଇ ପାପ କଲେ ମଧ୍ୟ ସେ ଯେ ଅନ୍ତର୍ଯ୍ୟାମୀ ! ସବୁ ଦେଖନ୍ତି !—ଏବେ ତାଙ୍କର ବିଚାର ଆରମ୍ଭ ହୋଇଛି ! ଜେଲ ଡାକ୍ତରମାନେ ନାଏବଙ୍କ ଠାରେ କ୍ଷୟ ରୋଗର ସନ୍ଦେହ କରୁଛନ୍ତି ।

ତାଙ୍କର ନିର୍ଜ୍ଜନ କାରାବାସ ଦଣ୍ଡ ପାଞ୍ଚମାସ ଭୋଗ ହୋଇ ଗଲାଣି; ଆଉ ମାସେ ବାକି ଅଛି । ନାଏବ ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି ଏ ମାସକ ମଧ୍ୟରେ ଯେପରି ଭଗବାନ ତାଙ୍କୁ ଉଦ୍ଧାର କରନ୍ତି । ଆଉ ବଞ୍ଚିବାର ତାଙ୍କର ଇଚ୍ଛା ନାହିଁ । କବିରାଜ ଚବିଶ ଘଣ୍ଟା ଗଣୁଛନ୍ତି ଓ ମନେ ମନେ ଗାଳି ଦେଉଛନ୍ତି "ଆମକୁ ଫସେଇ ଦେଇ ଲୀଳା ଏବେ ଦିନ ଭଲରେ ସ୍ଥିର ହୋଇ ବସିଛି ?—ଶୁଣି ପାରନ୍ତି କପରି ସେ ଜଣ କହିବେ ? ଆମେ ସେ ଏକୁଟିଆ ଘରେ ବନ୍ଦୀ, ଲୁଚାରେ ସମସ୍ତ ଜାଣିଛି !"

ସେ ଦିନ କିଣ ଗୋଟିଏ ବଡ ପର୍ବ ଥିଲା । ଜେଲର ରାଜ ବନ୍ଦୀମାନେ ସୁପରିଣ୍ଟେଣ୍ଡେଣ୍ଟଙ୍କର ଅନୁମତି ନେଇ ଜେଲ ମଧ୍ୟରେ ପୂଜା, ଖିଆପିଆ ଓ ଥିଏଟର କରୁଛନ୍ତି । କବିରାଜ ଭାବିଲେ "ଆଜି ଏହି ସୁବିଧାରେ ଯଦି ସେ ନ ଆସେ ତେବେ ଆଉ ଏପରି ସୁବିଧା ମିଳିବ ନାହିଁ—ଆମେ ଏହିଠାରେ ମରିବୁଁ ।" ରାତି ବାରଟା ମଧ୍ୟରେ ଥିଏଟର ସରିବ । ଖିଆପିଆ ସାରି ରାତି ୮ଟା ବେଳକୁ ଥିଏଟର ଆରମ୍ଭ ହେଲା । ସ୍ୱୟଂ ଜେଲର ବାବୁ ଓ ଜେଲର ଅନ୍ୟାନ୍ୟ ସମସ୍ତ କଏଦୀ ଉଲ୍ଲାସରେ ଥିଏଟର ଦେଖୁଛନ୍ତି । କେବଳ ନିର୍ଜ୍ଜନ କାରାବାସର ବନ୍ଦୀମାନେ ସେ ସୁଖରୁ ବଞ୍ଚିତ !

ଥିଏଟର ମହାସମାରୋହରେ ଚାରି ଘଣ୍ଟା ଚାଲିଲା । ରାତି ଠିକ ବାରଟା ବାଜିବାର ମି ୫ । ୧୦ ମିନିଟ ପରେ ଥିଏଟର ଭାଙ୍ଗିଲା । ଜେଲର ୱାର୍ଡରମାନେ ଓ ସ୍ୱୟଂ ଜେଲର ବାବୁ ପ୍ରତି କଏଦୀକୁ ନିରୂପିତ ଘରମାନଙ୍କରେ ରଖି ଆସିଲେ । ତାହା ପରେ ପ୍ରାୟ ଏକ ଘଣ୍ଟା ଲାଗି ସିନ୍ ଇତ୍ୟାଦି ଖୋଲି, ପୋଷାକ ଗୁଡ଼ିକ ସଜାଡ଼ି ରଖି ସୁବନ୍ଦୋବସ୍ତ ଭାବରେ ଗାଡ଼ିରେ ଉଠାଇ ଭଡ଼ାଦାରଙ୍କୁ ଜେଲ ମଧ୍ୟରୁ ବିଦାୟ ଦେଇ ଫାଟକ ବନ୍ଦ କରି ଫେରିଲେ । ସବୁ କାର୍ଯ୍ୟ ସାରିବାକୁ ରାତି ପ୍ରାୟ ୨ଟା ବାଜିଗଲା । ଏହାପରେ ଜେଲର ବାବୁ ପୁଣି ଥରେ ସବୁ ଘର ବୁଲି ଆସି ନିଜ ଘରକୁ ଶୋଇବାକୁ ଚାଲି ଗଲେ । ସବୁ ନିସ୍ତବ୍ଧ ହେଲା ।

ରାତିର ଶେଷ ପହରା ବଦଳାଇ ସମୟ ଆସିଲା । ପୁରାତନମାନେ ଚାଲିଗଲେ । ନୂତନ ଜଗୁଆଳମାନେ ଆସ୍ତେ ଆସ୍ତେ କ୍ଳାନ୍ତ ପଦରେ ନିଜ ନିଜ ସ୍ଥାନରେ ଅଗ୍ରସର ହେଲେ । ଆଜି ଟିକିଏ ସମସ୍ତେ କ୍ଳାନ୍ତ ହୋଇ ପଡିଛନ୍ତି କାରଣ ପ୍ରାୟ ସବୁ ୱାର୍ଡରମାନେ ଥିଏଟର ଦେଖିବାକୁ ଆସିଥିଲେ । ଅନ୍ୟ ଦିନ ଯାହାର ଡ୍ୟୁଟି ପଡ଼ି ନ ଥାଏ ସେ ତାର ଖଟିଆରେ ପଡ଼ି "ରାମ ହୋ" ଗୀତ ଗାଇଁ ଗାଇଁ ଘୋର ନାସିକା ଗର୍ଜ୍ଜନ ସହ ଫୁରସତ ସମୟଟା କଟାଇ ଦେଇଥାଏ ।

ନିର୍ଜ୍ଜନ କାରାକକ୍ଷ ଦୁଆରର ପ୍ରହରୀ ମଧ୍ୟ ବଦଳ ହେଲା । ପୁରୁଣା ସ୍ଥାନରେ ନୂତନ ଆସି ଉପସ୍ଥିତ ହେଲା ।

ଗୋଟିଏ ଖୁବ୍ ତୀବ୍ର ଆଲୋକ-ରଶ୍ମି କବିରାଜଙ୍କର ନିର୍ଜ୍ଜନ କାରା କକ୍ଷର ଦୁଆରର ତାଲା ଉପରେ ପଡିଲା । ଦେଖୁ ଦେଖୁଁ ପ୍ରକାଣ୍ଡ ଲୁହାର ତାଲାଟା ତରଳ ପାଣି ପରି ହୋଇ ବହି ପଡିଲା । କବିରାଜ ମହାଶୟ ସେତେବେଳକୁ ନିଦ୍ରା ଦେଶରେ ସୁଖ ସ୍ୱପ୍ନ ଦେଖି ହସି ଉଠିଲେ । ସାଙ୍ଗେ ସାଙ୍ଗେ ଏକ ଧକ୍କା !

(ପର ସଂଖ୍ୟାକୁ ବାହାରିବ ଅପେକ୍ଷା କରନ୍ତୁ)

Digitized by srujanika@gmail.com



# ମଜାକଥା

ଜୋ—ତୁମ୍ଭମାନେ ସ୍ୱାମୀ ସ୍ତ୍ରୀ ଭିତରେ କେବେ ମନ ପୁଷ୍ଟି ହୁଏ ନା—ତୁମ୍ଭଙ୍କ ପ୍ରାଣରେ ରହିଯାଏ କେବଳ ଏ ଅନ୍ତରେ ଜୀବନ୍ତ ଆକାଂକ୍ଷା ।

ମୋର ପ୍ରାଣଟା ଥିଲା ଚାଲିକା—ଠିକ୍ ଏ ମୂର୍ତ୍ତି ଲଖା ଉଷା ବୁଲିବାକୁ ଭଲ ଲାଗେ—ଯେପରି ହୁଜାପତି । ଲିଲିର ନ୍ୟାଯ୍ୟ ଦାବିଟା କଏ ଛଡ଼ାଇ ନେଇଗଲା ପରି ମେ ସବୁବେଳେ କହେ ଆପତ୍ତି । ଦିନେ ତାକୁ ଖୋଲି କହିଦେଲି My dear, ମୁଁ ଠିକ୍ ଏ ନିରମିଷ ଆମୋଦ କରିବାକୁ ଯାଏ ବୋଲି ସେଥିରେ ତୁମର ତଳ ପାଉ-ଣାର ତ ଉଣା ହୁଏ ନା ।

## ଦେହି ପଦପଲ୍ଲବ ମୁଦାରଂ

ଲେଖକ:—ନଟବର

ମୁଁ ଥିଲି ଠିକ୍ ଏ ସ୍ୱାଧୀନ-ଚେତା ରକମର ଲୋକ । ସ୍ୱାଧୀନଚେତା ବୋଇଲେ ଆଜିକାଲି ଯାହା ବୁଝାଯାଏ—ଶୁଣିଛି ନ କରି ଖଦଡ଼ ପିନ୍ଧିବା, ଭୋଟ ଲଢ଼େଇ କରି ବକ୍ତୃତା ଝାଡ଼ିବା, ତାହା ନୁହେଁ; ଦୁନିଆର ପାଞ୍ଚଲକ୍ଷ ଜୁଣେଇଣ ଗଣ୍ଡା ଲୋକ ଯେପରି ସ୍ୱେଚ୍ଛାରେ ପତ୍ନୀର ଅଧୀନ ରହି-ବାକୁ ସୁଖ ପାଆନ୍ତି ବା ସୁଖ ପାଉଛନ୍ତି ବୋଲି ମନକୁ ବୁଝାନ୍ତି, ମୁଁ ନ ଥିଲି ସେ ଧରଣର ପତି । କାରଣ ପତ୍ନୀ ଜାତିଟା ଯେ ପତି ବାପୁଡ଼ାକୁ ହାତ କବଜ ଭିତରେ ରଖି-ବାକୁ ଚାହାନ୍ତି ଏବଂ ସେ ଅଧିକାରଟା ତାଙ୍କର ଟିକେ ମାତ୍ର ବ୍ୟତିକ୍ରମ ହେବାର ଜାଣିଲେ ତୁମୂଳ ବିଦ୍ରୋହ କରିବସନ୍ତି, ଏ କଥାଟା ମୁଁ ବୁଝିପାରିଲି ଲିଲିକୁ ବାହା ହେବାର ମାସ ଦୁଇଟା ଭିତରେ । ଆଉ ସ୍ପଷ୍ଟ ବୁଝିଲି ଯେ ଅନ୍ଧ ଗୋ-ବେଚେରା ନାକଟୁଣା ସ୍ୱାମୀକୁ ସେମାନେ ଭଲ ପାଉ-ଥିଲେ ମଧ୍ୟ ଜୀବନର ସରସତା ବା ମଧୁ-ରତା ଅନୁଭବ କରନ୍ତି ନାହିଁ ତା ସାଥିରେ । ନାଗ୍ରିକାଙ୍କର ତୃପ୍ତି ହୁଏ ସେହି ରକମର ସ୍ୱାମୀ ପାଇ ଯେ ସବୁବେଳେ ଚେତାଗ ହେବାକୁ ଧାଉଁଥିବ ଏବଂ ନାରୀ ତା ନାକ-ରେ ଦଉଡ଼ି ଲଗାଇ ତା ପିଠିରେ ଚୋବୁକ ବାଇ ଅନ୍ୟକୁ ଥିବ 'ସାଓସ୍ତ୍ରୀ' ବା ଜବାବ କରୁଥିବ । ଏହି ରୂପ ନାଟ୍ୟ ବେଣୀ ସଂସାରରେ ନାରୀର ତୃପ୍ତି । ଲିଲି ମୋତେ ଖୁବ୍ ଭଲ ପାଉଥିଲା, କାରଣ ମୁଁ ଏହି ପ୍ରକାରର ସ୍ୱାମୀ ଥିଲି । ମୁଁ ବି ତାକୁ ବେଶ୍ ଭଲ ପାଉଥିଲି କାରଣ ସେ ବି ସେପରି ନିର-ମାଣୀ, ବା ବଣମୁହା ସ୍ତ୍ରୀ ନ ଥିଲା । ଏତ

ସେ ଉତ୍ତର ଦେଲା "ନପଠ ମାଂସା-ଶୀର ଅମିଷ ନେଇ ଘଣ୍ଟା ଚକଟା କଲେ ଲୋଭ ସମାଳି ରହିବା ଅସମ୍ଭବ ।"

ମୁଁ କହିଲି "ଅଚ୍ଛା, ମୁଁ ଯଦି ଚବଣ ଘଣ୍ଟା ତମ ପିଛା ଧରି ରହୁଥାଏଁ ଆଉ ଦିନରାତି 'ଦେହି ପଦ ପଲ୍ଲବ ମୁଦାରଂ' ଗାଉଥାଏଁ, ଭଲ ଲାଗିବଟି ?"

ଲିଲି କହିଲା—"କରି ପାରିବଟି ତା ?"

ମୁଁ କହିଲି "ଦେହିପଦ"ର ଅବସ୍ଥାଟା ନ ଥାଉ ଭୁଲଟାରେ କହିଦେଲେ ତାର ମୂଲ୍ୟ, ମର୍ଯ୍ୟାଦା ବା ମାଧୁରୀ କଣ ? ସେଇଥିପାଇଁ ତ ଚେଷ୍ଟା କରି ସେ ଅବ-ସ୍ଥାଟା ଆଗେ ସୃଷ୍ଟି କରିବାକୁ ପଡ଼େ; ପ୍ରିୟେ,—ଦେଖିବ ରସଟା ଜମିବ ।"

ଏମାନଙ୍କ—X . — X X

ଲିଲି ତା'ର ହକ୍ ପାଉଣା ଟିକିକ ପାଇ ଖୁସ୍ । ଏହିପରି କିଛି ଦିନ ଗଲା; କିନ୍ତୁ ଲିଲିର ସନ୍ଦେହଟା ତୁଟିଲା ନାହିଁ । ନାରୀ ଜାତିଟା ବଡ଼ ସନ୍ଦେହ-ମନା । ମୁଁ ଜାଣି ପାରିଲି ତାର କୌଣସି ନୋ ଦଳେଇଟେ ଘୁରୁଛି । କହିଲି "ପ୍ରାଣର ଲିଲି, ଟିକିଏ ଉଦାର ହୁଅ ।" ସେ କହିଲା "ଏ ଉଦାରତା ତୁମେ ମୋ ପ୍ରତି ଦେଖାଇ ବାକୁ ରାଜି ଅଛଟି ?" ମୁଁ କହିଲି "ଖୁବ୍ ରାଜି—ପରୀକ୍ଷା କରିଦେଖ । ତୁମେ ଯଦି ସୁଖପାଅ ସେଥିରେ, ମୋର ଆପତ୍ତି ନାହିଁ । ଏ କଥାଟା ସେତେ ବୀରତ୍ୱ ଦେଖାଇ କହିଦେଲି, ଅନ୍ତର ଭିତରେ ଅବଶ୍ୟ ସେ ସାହସ ନ ଥିଲା—କେବଳ କଥାର ପେଞ୍ଚରେ ପଡ଼ି ଆଉ ପୁରୁ-ଷର ଅହଙ୍କାର ବଜାୟ ରଖିବାକୁ ସାହ କହିଦେଲି ମାତ୍ର । ସେ କହିଲା "ଆଚ୍ଛା, ଦେଖାଯିବ ।"

* * * *

"କୁଆଡ଼େ ଯାଇଥିଲ ?"

"ଯୁଆଡ଼େ ଗଲି—ତମର କଣ ?"

"ମୋର କଣ ! ମୁଁ କଣ କେହି ନୁହେ ?"

"କିଏ ମନା କଲା ? ତମେ ସବୁ—ଏ ଘରର ମାଲିକ ତମେ; ହେଲେ ଏତକ ଉଦାରତା—"

ଏତକ କହି ଲିଲି ମୁହଁ ବୁଲାଇ ଦେଲା ।

ମୁଁ ଚୁପ୍ କରି ରହିଲି । ଲିଲି ସେହି ଦିନଠୁଁ ଏହିପରି ବଦମାସି ଖେଳୁଛି, ଆଉ କହିଲେ ଏହିପରି ଉତ୍ତର ଦେଉଛି । କ୍ରମେ ଦେଖିଲି ସେ ଯେତେବେଳେ ଇଚ୍ଛା ସେତେବେଳେ ବାହାରି ବୁଲିଯାଏ—ସମୟ ନାହିଁ ଅସମୟ ନାହିଁ, ଯିବା ଆସି-ବାର । ପଚାରିଲେ ହସି ଦେଇ କହେ "ଅଳ୍ପ ଲୋକ ତ ! ଏଇ ଟିକିଏ ନିର୍ଦ୍ଦୋଷ ଆମୋଦ କରିବାକୁ ଦେବ ନାହିଁ ? ଯେତେହେଲେ ମଣିଷ ତ ! ତମର ପାଉଣା ତ କେହି ବୁଡ଼ାଇ ଦେଉ ନାହିଁ; କିନ୍ତୁ ଯେତିକି ହକ୍ ସେତିକି ଦାବି କର । ଏ ଯୁଗରେ କେହି ତ କାହାର ଗୁଲାମ ଗୁଲା-ମଣୀ ନୁହେ ଯେ ସବୁବେଳେ ଆଜ୍ଞା, ହଜୁର ହେଉଥିବ । ନାରୀର ପୁଣି ସଉକଟା, ପୃଥିବୀଟା ଅଛି ତ ! ଆପେ ଯାହା ଚାହିଁ, ପର ବେଳକୁ ମନା କରିବାଟା କେଉଁ ଗା ନ୍ୟାୟ"—ଇତ୍ୟାଦି । ତାସ୍ ତାସ୍ କ ଭୁଲ କରୁଛି । ଟୋକିଏ beg to rem... in ... ନ ହେଲେ କିଏ ବାଇ ନ ବୋଲ ଲେଖି ଅଲବତ୍ କେଉଁ ମୋଡ଼ରେ କେଉଁ

Digitized by srujanika@gmail.com

ଝଙ୍କମାରରେ ଏଇ ନବ୍ୟା, ସଭ୍ୟା, ଶିକ୍ଷିତା ଲୋକାଙ୍କୁ— । ସ୍ତ୍ରୀ ଯେ ସବୁଦିନେ ସ୍ୱାମୀର ସେବିକା । ସେଥିପାଇଁ ତ ସେ ଦାସୀ ଆଉ ପୁରୁଷ ସ୍ୱାମୀ ବା ପତି । ଆଧୁନିକତା, ସ୍ୱାଧୀନତା ପ୍ରଭୃତିର ତ ଗୋଟାଏ ସୀମା ଅଛି ! ସମାନ ଅଧିକାର ପୁଣି ଗୋଟାଏ କଣ ? ପ୍ରବନ୍ଧ ଲେଖାରେ, ବକ୍ତୃତାରେ ସିନା ଭୁଲାଯାଏ ସେ କଥା—practical fieldରେ କଏ ଏହା ସହିବ ?

ଦିନକୁଦିନ ଏହିପରି ସବୁ ନାନା ଘଟଣା ଦେଖି, ନାନା ଦୁଶ୍ଚିନ୍ତା, ଅନିଦ୍ରା ଭିତରେ ମନଟା ହୋଇ ଉଠିଲା ଏକଦମ୍ ବିଦ୍ରୋହୀ । ଲିଲି ଆଉ ମୋ ଭିତରେ ବ୍ୟବଧାନର ଗୋଟାଏ ମରୁଭୂମି ବଢ଼ିବାକୁ ଲାଗିଲା ଦିନ ଦିନ । ମୁଁ ଯେତେବେଳେ ଏହିରୂପ ଭୂଷ କୁହୁଳାରେ ଜଳୁଥାଏଁ, ଲିଲି ବେଶ୍ ସ୍ୱଚ୍ଛନ୍ଦରେ ହସିଖେଳି ବୁଲୁଥାଏ । ତାର ଏ ଭାବ ମୋତେ ଦିଏ ଅଦ୍ଭୁତ କଷ୍ଟ —ଦେହଟା ବିଷ ଚଢ଼ିଲାପରି ହୋଇଯାଏ । ଶେଷରେ ଠିକ୍ କଲି ପ୍ରତିଶୋଧ ନେବାକୁ ହେବ । କେତେଜଣ ଇୟାର ବନ୍ଧୁଙ୍କ ସାଙ୍ଗରେ ଠିକ୍ ହେଲା ଶିକାର କରିବାକୁ ଯିବା ଜଙ୍ଗଲକୁ ଆଡ଼େ । ନୌକା ଖେଳ, ପିକ୍‌ନିକ୍, ତାସ୍, ନାଚଗାନ,—ସବୁ । ସେଥିପାଇଁ ଦୁଇଜଣ ନର୍ତ୍ତକୀ ଗାୟିକା ଯିବାର ଠିକ୍ ହେଲା । ଲିଲିକୁ କହିଦେଲି ଯେ ମୁଁ ବନ୍ଧୁମାନଙ୍କ ସହିତ ମଫସଲ ଭ୍ରମଣରେ ଯାଉଛି ତିନିଦିନ ସକାଶେ । ଭାବିଲି ଏ ଫୁର୍ତ୍ତିରେ ମନଟା ବି ଭଲ ହେବ ଆଉ ପ୍ରତିଶୋଧର ପ୍ରବଳତାରେ ଜ୍ୱାଳାଟା ବି କମିଯିବ । ଲିଲିକୁ ଜାଣିଶୁଣି ଶୁଣାଇଲି ତା ମନରେ କଷ୍ଟ ଦେବା ଉଦ୍ଦେଶ୍ୟରେ; ସେତିକି ଦେଖିଥିଲେ ଆସିଥାନ୍ତା ଗୋଟାଏ କେତେକ ତୃପ୍ତି, କିନ୍ତୁ ସେ କଥାଟା ଶୁଣି ଖାଲି ଛୋଟିଆ ହସଟିଏ ଦେଇ କହିଲା "ସେଥିପାଇଁ ମୋର ଅନୁମତିର ଦରକାର ନାହିଁ ତ ! ତମ ସ୍ୱାଧୀନତାରେ ହସ୍ତକ୍ଷେପ କରିବାକୁ ତ ମୁଁ ଚାହୁଁ ନାହିଁ ।" ମନଟା ଖଟା ହୋଇଗଲା । ତଥାପି ମୋର ଜିଦ୍ ମୁଁ ଛାଡ଼ିଲି ନାହିଁ ।

ତହିଁ ଆରଦିନ ସକାଳେ ମୋର ଲଗାପଟା ସଜାଡ଼ୁଛି ତଳେ ଖଣ୍ଡେ ଚିଠି ଉଡ଼ିଆସି ପଡ଼ିଥିବାର ଦେଖିଲି । ସେଥିରେ ଲେଖାଅଛି—

ପ୍ରାଣର ଲିଲି,

ତମର 'ସେ' ଚିଲିକା ମଫସଲରେ ବାହାରି ଯାଉଛନ୍ତି ବୋଲି ଲେଖିଛ । ତୋତେ ସାଙ୍ଗରେ ନ ନେଲେ ନାହିଁ ! ଆଚ୍ଛା ହେଉ ଏଇ ସୁବିଧାରେ ଆମେ ବି ଆମ ମଉଜ କରିବା । ଏକୁଟିଆ ହେତୁ କିଛି ଚିନ୍ତା କରିବୁ ନାହିଁ । ମୁଁ ଠିକ୍ ସମୟରେ ପହଞ୍ଚିବି । ଗୁରିଟା ବେଳକୁ ବାହାରିଯିବା, ସଜାଇ ଥିବୁ । ଇତି ।

ତୋର
କମଳ

ଚିଠିଟା ପଢ଼ି ମୋର ମୁଣ୍ଡଟା ଘୂରିଗଲା । ଓଃ, ଭିତରେ ଭିତରେ ଏତେ କଥା ! ରାକ୍ଷସୀ ! କେବେ ଏହି କମଳ ସାଙ୍ଗରେ ଏତେ ପ୍ରେମ ! ମୋ ଯିବାକଥା ଜାଣି ପୁଣି ମଉଜ ମାରିବାର ଷଡ଼ଯନ୍ତ୍ର ! ଏପରି ସ୍ତ୍ରୀ ଠାରୁ ବାରବିଳାସିନୀ ଶତଗୁଣେ ଶ୍ରେୟସ୍କର ! ମନହେଲା ଏହିକ୍ଷଣି ଲିଲିକୁ ଚିରି ଖଣ୍ଡ ୨ କରି ପକାନ୍ତି । ସେହି ରାଗରେ ସେ ଚିଠି ଖଣ୍ଡିକ ଚିରି ଟିକି ୨ କରି ପକାଇଲି ! କୌଣସିମତେ ନିଜକୁ ସମ୍ଭାଳି ନେଇ ବାହାରି ପଡ଼ିଲି । ବାରଣ୍ଡାରେ ଲିଲି ଚେୟାର ଖଣ୍ଡିକରେ ବସିଥିଲା । ତା ଆଡ଼କୁ ଟିକିଏ ଚାହିଁବାକୁ ବି ମନ ହେଲାନାହିଁ । ସେ ପଛରୁ ଡାକି ଅତି ସହଜ ସ୍ୱରରେ କହିଲା "ଚିଲିକାରୁ ମାଛ ମଞ୍ଜି ଆଣିବଟି ?"

ଏହା ଉପରେ ପୁଣି ଥଟ୍ଟା । କଲିଜା ଭିତରେ ଛୁରୀ ଚାଲିଗଲା । ଷ୍ଟେସନରେ ଯାଇ ସାଙ୍ଗ ଓ ସଙ୍ଗୀମାନଙ୍କ ଭେଟହେଲା । ସମସ୍ତେ ବେଶ୍ ଫୁର୍ତ୍ତି ମିଜାଜରେ ଅଛନ୍ତି । ଠିକଣ କଥା ହୋଇଗଲା । ଟ୍ରେନ ଆସିଲା । ସମସ୍ତେ ଧାଁଦଉଡ଼ ହୋଇ ଗାଡ଼ି ଚଢ଼ିଲେ । ମୁଁ କିନ୍ତୁ 'ସେହି ଓଏଟିଂ ରୁମର ଆରାମ ଚେୟାରରେ ଆଖିବୁଜି ପଡ଼ିଛି । ଜଣେ ବନ୍ଧୁ ଆସି ଘୋସାରି ପକାଇ କହିଲା "ଅଚ୍ଛା ଲୋକ ତ ! ଟ୍ରେନ ଯେ ଛାଡ଼ିବାକୁ ବସି-ଲାଣି ।" ମୁଁ ତା ଆଡ଼କୁ ବଲବଲ କରି ଚାହିଁଲି । ମୋ ଚେହେରା ଦେଖି ସେ ଚମକି ପଡ଼ିଲା । କହିଲା "ଏ କଣ ! ଦେହ ଖରାପ ହେଲା କି ?"

'ହୁଁ—।' ସେ ପୁଣି କହିଲା "ଟ୍ରେନରେ ବସିଲେ ଟିକେ ହାଓ୍ୱା ଲାଗି ଭଲହୋଇଯିବ— ଚାଲ ।" ମୁଁ କହିଲି 'କ୍ଷମାକର ଭାଇ, ମୋର ଉଠିବାର ଶକ୍ତି ନାହିଁ ।—ମୁଁ ଫେରୁଛି ଏଇଠୁଁ ।'

ଆଉ ବେଶି କଥାବାର୍ତ୍ତା ହେବାର ବେଳ ନାହିଁ । ଗାଡ଼ିର ହୁଇସିଲ ବାଜିଲା । ସେ ଦୌଡ଼ି ଚାଲିଗଲା, ମୁଁ କିଛିକ୍ଷଣ ପରେ ଉଠିଲି । ସୁଟ୍‌କେସ୍‌ଟା ଧରି ଖଣ୍ଡେ ରିକ୍‌ସାରେ ବସିପଡ଼ି କହିଲି 'ଚାଲ ।'

"କଉଠିକି ଯିବେ ବାବୁ"

"ଯେଣେ ଇଚ୍ଛା"

ମୋ ମୁହଁକୁ ରିକ୍‌ସାବାଲା ଥରେ ଚାହିଁ ନୀରବରେ ରିକ୍‌ସା ଚଲାଇ ଦେଲା ।

❋ ❋ ❋

ନଇକୂଳରେ ବୁଲି ବୁଲି ରାତି ଅଧିକ ହେଲାରୁ ରିକ୍‌ସାବାଲା କହିଲା "ବାବୁ ଆଉ ପାରିବି ନାହିଁ ।" ମୁଁ ତହୁଁ ଓହ୍ଲାଇ ତାକୁ ବିଦା କରିଦେଲି ଓ ବାଲି ଉପରେ ଯାଇ ବସିଲି । କଣ ଚିନ୍ତା ଗୁଡ଼ାଏ ଭାବୁଛି ତାର ଠିକଣା ନାହିଁ, କିନ୍ତୁ ଏତିକି ବୁଝୁଛି ମନ ଭିତରଟା ଯେପରି ଶୂନ୍ୟ ହୋଇ ଯାଉଛି ଓ ଶିରାଶିରାରେ ବିଷ ଚଢ଼ୁଛି ।

ରାତି କେତେ କେଜାଣି, ସେଠୁଁ ଉଠି ଲୁଅରେ ଯାଉଛି ତାର ଠିକଣା ନାହିଁ ।

( ୧୨ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com



# ବହିପତ୍ର

## ସହକାର—୫ମ ସଂଖ୍ୟା ଭାଦ୍ର

ସର୍ବନାଶର ପଥେ—ସଚ୍ଚି ବାବୁଙ୍କର ଧ୍ୱଂସ ଓ ବିପ୍ଳବର ଅଗ୍ନି ବାଣୀ ! ଏ ଅଗ୍ନି ଓଡ଼ିଆର ବାସି ପଖାଳକୁ କେତେଦିନେ ତତାଇବ !

'ମିଠାହାତ' ଗଳ୍ପରେ humour ସାଙ୍ଗେ ସାଙ୍ଗେ ମୃଦୁଏମ pathosର ମିଠା ଅନୁଭୂତ ହୁଏ।

'କମ୍ ଭୁଡ'ର ଭାଷା ଯେପରି ମୁକ୍ତ ଓ ଖାଣ୍ଟି, ଭାବ ବି ସେଇପରି ମୌଳିକ।

'ଛାୟାପଥ' metaphysical କବିତା।

'ପଡ଼ଛାର ମାୟା'—ଖବର କାଗଜ ରିପୋର୍ଟ ପରି ଲାଗୁଛି। ଯେଉଁଠି୨ କରୁଣ ରସ ପୂରାଇବାର ଚେଷ୍ଟା ହୋଇଛି, ସେଠି ବୈଷ୍ଣବ ପାଣିଆ ନାଟକ ପରି ହୋଇଯାଇଛି।

ଛାତର ରକ୍ତ—ଶ୍ରୀ ରାମପ୍ରସାଦ ସିଂହ (ଗଳ୍ପ) ଗଳ୍ପଟି ଭାବରେ, ଭାଷାରେ, ସ୍ୱାଭାବିକତାରେ, ପରିପୁଷ୍ଟିରେ, ସବୁ ବିଷୟରେ ସରସ। ଏ ଭଳିଆ ସର୍ବାଙ୍ଗ ସୁନ୍ଦର କ୍ଷୁଦ୍ର ଗଳ୍ପ—ଖୁବ୍ ଅଳ୍ପ ଦେଖା ଯାଏ। ଏଭଳି ପ୍ରାଣସ୍ପର୍ଶୀ ଲେଖା ସାହିତ୍ୟ ଭଣ୍ଡାରର ଉଜ୍ଜ୍ୱଳ ରତ୍ନ ।

ବିଶ୍ୱାମିତ୍ର ଓ ମେନକା—ଶ୍ରୀମତୀ ହରିପ୍ରିୟା ଦେବୀ। ଅମିତ୍ରାକ୍ଷରୀ ନାଟ୍ୟ କବିତା। ମନ୍ଦ ହୋଇନାହିଁ। ମୁଦ୍ରାକର ଦୋଷରୁ ଅନେକ ଧାଡ଼ି ଓଲଟ ପାଲଟ ହୋଇ ଠାଏ ଠାଏ କବିତାର 'ମାଧୁର୍ଯ୍ୟ ନଷ୍ଟ କରି ଦେଇଛି ।

ମିଳନର ଧାର—ଗଳ୍ପ ନାମରେ 'ଧାର' ପଦଟି କି ଅର୍ଥରେ ଓ କି ଉଦ୍ଦେଶ୍ୟରେ ଦିଆ ହୋଇଛି ତାହା ବୁଝି ହେଲା ନାହିଁ।

ଅପରିଚିତ, ଅଜ୍ଞାନ କୁଳଶୀଳ ବାବାଜୀ ଜଣେ ନାଗୁଟିଆ ନଈଘାଟରେ ଗୋଟିଏ ଭଦ୍ର ଗୃହସ୍ଥର କୁମାରୀ କନ୍ୟାକୁ ହଠାତ୍ ମାଡି ବସିବାରେ କଉଁଲା ମଧୁର ପ୍ରେମ ବିକଶିଲା ଯେ ବାଳିକା ଉହୁଁ ନ କରି କୋକିଳ 'କୁହୁ' କଲା ? ଏତକ outraging medosty କି rape ତାହା ପିଙ୍ଗଳ କୋଡ ଅଭିଜ୍ଞ ଲେଖକ ଭଲ କହି ପାରିବେ। ଆମେ ନୁଖୁରା ପାଠକ ଏଥିରେ ବିଭତ୍ସରସ ଛଡ଼ା ଆଉ କିଛି ପାଇଲୁଁ ନାହିଁ।

## ଉତ୍କଳ ସାହିତ୍ୟ—ଭାଦ୍ର ୧୩୪୪

ବନ୍ୟା—ଲେଖା ପ୍ରାଞ୍ଜଳ,ଭାବ ପରିସ୍ଫୁଟ। 'ବୁଭୁକ୍ଷୁ ସେ ଗ୍ରାମବାସୀ ଗରିବ ଅନଲେ—ଫିଙ୍ଗେ କିଛି ଖାଦ୍ୟ ନେଇ,— ଅନନ୍ତ ବିପନ୍ନ ମୂକ ଗ୍ରାମବାସୀ ପାଶେ—ଏ ନୁହେଁ କି ଉପହାସ,—କ୍ରୂର ପ୍ରହସନ ?' ସୁଚିନ୍ତା, କିନ୍ତୁ ଲେଖକ ଟିକିଏ ଶବ୍ଦ ଆଡ଼ମ୍ବରକୁ ଏଡ଼ାଇବାକୁ ଚେଷ୍ଟା କଲେ ଭଲ ହୁଅନ୍ତା। ଉଦାହରଣ ସ୍ୱରୂପ ଉପର ପଂକ୍ତିରେ 'ଅନନ୍ତ' ଶବ୍ଦର ପ୍ରୟୋଗ ସେ ସ୍ଥଳରେ ଅଯଥା।

ଜୀବନନଦୀର ତୀରେ—ଆଦ୍ୟ ଓ ପ୍ରାନ୍ତ ମଝିରେ ଗୋଟାଏ ସାହାରା ମରୁଭୂମି। ଏହି ମରୁଭୂମି ପାର ହୋଇଗଲେ ଶେଷ ଭାଗଟି 'ଅକୁହା ରହିଲା ହୃଦେ ଯେ ବେଦନାସବୁ * * କିଆଁ ବୃଥା ପ୍ରାଣ ପୀଡ଼େ' ଜଳ ଭଳି ସୁଗକର।

କାନ୍ତ-ଅବାହନ—ଲେଖାଟି ନାମକୁ ଯଥାର୍ଥ କରିଛି। ଲେଖକ ଜଣେ ଯେ ସୁସାହିତ୍ୟିକ ଏଥିରେ ସନ୍ଦେହ ନାହିଁ।

ଅଷାଢ଼ୀ ସଂଘର ୨ୟ ବୈଠକ। ଲେଖାଟି ମୋଟ ଉପରେ ମନ୍ଦ ନୁହେଁ। ବରଂ ଭଲ। କିନ୍ତୁ 'ପୀଡ଼ା ଦେଇ ଲାଗିଲା' କେଉଁ ଭାଷାରୁ ଆମଦାନୀ ? 'ପୀଡ଼ା ଦଉଛି ଲାଗଲ'ର ଅନୁକରଣ ନୁହେଁ ତ। ଏହି ଅଯଥା ବଙ୍ଗଭାଷାର ପ୍ରଚଳନ ପ୍ରତି ସାବଧାନ ହେବା ଲେଖକଙ୍କର ନିତାନ୍ତ ଉଚିତ।

ନିଜ ଗାଡ଼େ ନିଜେ—ଓଡ଼ିଆ ଭାଷାରେ ଗଦ୍ୟ ସୃଷ୍ଟି ହେବା ସମୟର ଲେଖା ଉପଭୋଗ୍ୟ।

ଭାଗ୍ୟଚକ୍ର—ଘୂରୁଛି।

ବନ୍ଦୀ—ଛୋଟ କିନ୍ତୁ ମେଳା। ଲେଖକଙ୍କର ଗଳ୍ପ ଲେଖାରେ ବେଶ୍ ହାତ ଅଛି।

## ନବ ଭାରତ—କାର୍ତ୍ତିକ ୧୩୪୪

ବନ୍ଦୀର ବନ୍ଦନା—କବିତାଟି ଭାଷାରେ ଏବଂ ଭାବରେ ଅତୁଳନୀୟ। ଠାଏ ଠାଏ ବାକ୍ୟ ଯୋଜନାରେ inconsistancy ରହି ଯାଇଛି । ଯଥାଃ—'ବିଜୟ-ଆନତ', 'ଥାନାର ଘଣ୍ଟା ବାଜେ—ଜାଗିଉଠେ ଭୟେ ଲାଜେ।'

ବେଠି ନା ଭେଠି ?—ମର୍ମସ୍ପର୍ଶୀ ଏବଂ suggestive। ଦୁନିଆରେ 'ଭୁଲିଆ ପରି ଦଳିତ ଜାତିର ଅଭାବ ନାହିଁ। ସେଥିପାଇଁ 'ଭୁଲିଆ ଗଡ଼ଜାତର ବଣରେ' କାହିଁକି ମଣିଷ ବସତି ଯେଉଁଠି ଅଛି 'ସେଠି ସେ ଏବେ ବି ଅଛି।'

ଅଜଣା ଅତିଥି—ଆଗରୁ ଅଜଣା ଥିଲା—ସେଥିପାଇଁ ସେ ଆଜି ନୂଆ। ମଣିଷର ଗୋଟାଏ ତୀକ୍ଷ୍ଣ ଅନୁଭୂତି ତାର ପ୍ରଚଣ୍ଡ ମନୋବୃତ୍ତି ସହଯୋଗରେ କେତେ ନିଷ୍ଠୁର ସତ୍ୟକୁ ଯେ ଡାକି ଆଣେ ତାର ଗୋଟିଏ କରୁଣ ଚିତ୍ର ଏ।

ଆଇ ଏ ଗଲେ ବିଏ—ନିଃ ପ୍ରାଃ ସ୍କୁଲ ମାଷ୍ଟର ପରେ ଏହି ହାସ୍ୟ ବ୍ୟଞ୍ଜକ କବିତାଟି ସମାଜର ଏକା ଗୋଟିଏ ପ୍ରକଟ ଶୋଚନୀୟ ଦୁଃଖକୁ ଉନ୍ମୋଚନ କରିଛି। ସେଥିପାଇଁ ସୁନ୍ଦର ହୋଇଛି।

ମୁକ୍ତିପଥେ—ଅଧ୍ୟମାତ୍ର।

କଦ୍ୟ-ଗବିତା—ଏହାର ଅର୍ଥ କଣ ? ଲେଖା ଭଲ କିନ୍ତୁ ଭାବ ନାହିଁ। ଗଦ୍ୟ କବିତାକୁ ସଲକ୍ଷୀ ଭାବରେ ସମାଲୋଚନା କରି ତାହା ଓଡ଼ିଆ ସାହିତ୍ୟର ଅବର୍ଜନା ବୋଲି କହିବାକୁ ଯାଇଥିଲେ ଆମେ କହିବୁ ଯେ ବକ୍ତା ବିଦ୍ରୂପିତଙ୍କ ସହିତ ଆମେ ଏକ ମତ ନୋହୁଁ। କିନ୍ତୁ ଯଦି ତା' ଭିତରେ ବ୍ୟକ୍ତିଗତ ଅକ୍ରୋଶ ଥାଏ ଆମେ କୌଣସି କହିବାକୁ ଚାହୁଁନାହୁଁ। ଯୋଜନା ସୁନ୍ଦର।

Digitized by srujanika@gmail.com

ପରୀକ୍ଷକ—ଅଙ୍କ ମୁଁ କିଛି ବୁଝିନାହିଁ—ପାପ ପୁଣ୍ୟ ନୀତି ଅନୀତି କିଛି ବୁଝିନାହିଁ । ଟେଣ୍ଟର କରୁଣ ଜୀବନରେ ଏ କଥା ବଡ଼ ସ୍ୱାଭାବିକ । ଦେବେଶ ଲେଖାଟି ଯଥେଷ୍ଟ ସୁଖପାଠ୍ୟ ହୋଇଛି । ଭାଷା ବଳିଷ୍ଠ ।

ଦାନ ପ୍ରତିଦାନ—ଲେଖକ ବୁଦ୍ଧିଙ୍କର ଏହା ଲେଖିବା ପୂର୍ବରୁ ସ୍ୱୀକାର କରିବା ଉଚିତ ଥିଲା ଯେ 'ନେଇଆଣି ହୋଇ ଜାଣିଲେ ସେଇଠି ବନ୍ଧ୍ୟା ଭଲ'। ହୁଣାଅନେକ ସ୍ଥଳରେ ସମସ୍ତେ ନିଜର ମୌଳିକତା ରକ୍ଷା କରିବା ନ ଜାଣିଲେ, ଅନୁକରଣ ନ କଲେ ମଣିଷର ମନୁଷ୍ୟତ୍ୱ ରହନ୍ତା ନାହିଁ—ତେବେ ସଚ୍ଚି ବାବୁ ଯଦି 'ହୁବହୁ' ଅନୁକରଣ କରି ପକାଇ ଦେଇ ଆନ୍ତି ତେବେ ନିତାନ୍ତ ଦୁଃଖର କଥା ।

## ପ୍ରଗତି—ଚତୁର୍ଥ ସଂଖ୍ୟା

'ଇଚ୍ଛା' ଏଥର ବେଶ୍ ଭଲ ଖୁସିଆ ହୋଇଛି ।

'ଚିତ୍ରକର ବ୍ୟଥା' କବିତାଟି ଖୁବ୍ କାବ୍ୟମୟ—କେବଳ ଟିକିଏ 'ଅରୂପ'

'ବନ୍ଦୀ' କବିତା artistର ହାତର suggestive ଗାରଟିଏ ।

'ତୁମେ ସୁନ୍ଦର'—ଗଳ୍ପଟା ଠିକ୍ ଗଳ୍ପ ନୁହେଁ; ତେବେ କଳ୍ପନା ମନୋବୃତ୍ତିର ବିଶ୍ଳେଷଣ ଆଲେଖ୍ୟ ।

ସଚ୍ଚି ବାବୁଙ୍କର 'ଦୁଇଟି କବିତା'ର ପ୍ରଥମଟି 'ମୁକ୍ତି' ଓ ଦ୍ୱିତୀୟଟି 'ବର୍ଷା'। କବିତାରେ ମୁକ୍ତିକୁ ଉପରେ ପରି ଲାଗୁ ନାହିଁ; ତାଙ୍କର 'ଦୁଧ-ଭଳଖା'ର ଉଦ୍ଧାର ଗୋଟିଏ ଦାନ୍ତ ପାଇଁ ଭଲନାହିଁ ବେଶି । ମାତ୍ର ଅଙ୍କ ଜାଣିବା ବାଲା ଲୋକର "ସୁକୋମଳ ଦାନ୍ତ" ରଖିବାପାଇଁ dentistର ଅଭାବ ନାହିଁ ତ !

'ବର୍ଷା' କବିତାଟିରେ କବିପ୍ରାଣର ଉଚ୍ଛଳ ଉନ୍ମାଦନା ଫୁଟି ଉଠିଛି । ବନ୍ଧା ଛନ୍ଦର କବିତାଟି ଖାସା 'ନୂଆ' ଓ free ହୋଇପାରିଛି; ସୁତରାଂ କବିତାର 'ମଜ୍ଜା' [illegible] ।

ଶ୍ରୀ ସୁଧାରମଣ ରାଏ ଓଡ଼ିଆ ଟେକାଡ଼ ସମ୍ବନ୍ଧରେ କେତେକ ଅଧିକା ତଥ୍ୟ ଶୁଣାଇ ଭଲ କରିଛନ୍ତି । ସେଥିପାଇଁ ତାଙ୍କୁ ଧନ୍ୟବାଦ ।

ଶ୍ରୀମତୀ [illegible] ଷଡ଼ଙ୍ଗୀ ତାଙ୍କ ଭଉଣୀମାନଙ୍କୁ କହୁଛନ୍ତି କି ସେମାନେ ନିଜ ଗୁଣ ପଦାକୁ ବାହାର କରି ଲେଖନ୍ତୁ । ଏହା ଠାରୁ ଆଉ ଭଲ ଉପଦେଶ ନାହିଁ । ତେବେ ଜଣାଯାଏ ଲେଖିକା ମହୋଦୟା 'ନାରୀ ଉପରେ ପୁରୁଷର ଅତ୍ୟାଚାର' ପାଇଁ ବଡ଼ ବ୍ୟଥିତ । ସେ ବିଷୟରେ ଆଲୋଚନା ଓ ଆନ୍ଦୋଳନ ଚଳାଇଲେ ଭଲ ହେବ ସନ୍ଦେହ ନାହିଁ । ଅତ୍ୟାଚାରିତ ପୁରୁଷ ଜାତି ବି ଏଣିକି ସେହିଭଳି ଏକ ଦଳ ହୋଇ counter agitation ଚଳାଇବେ କି ? ତାହା ହେଲେ ଯାଇ କଥାଟା ଖୋଲସା ହୋଇ ମେଣ୍ଟମାଣ୍ଟକୁ ଆସନ୍ତା !

ଶ୍ରୀ ଚନ୍ଦ୍ରମଣି ଦାସଙ୍କର 'ଦେଶ ଶିକ୍ଷା' ଗଳ୍ପଟି ବେଶ ସୁପାଠ୍ୟ, ଭାଷା ଖୁବ୍ ଉଚ୍ଚଳ । କେବଳ ଦୋଷ ବୋମାର ଆୟୋଜନରେ ଓଡ଼ିଆ ପାଠକଙ୍କ ଛାତିରେ ଛନକା ନ ପଶିଲେ ରକ୍ଷା ।

ସଞ୍ଜୟ 'ଜବାବ'ଟିରୁ ରସ ନିଗିଡ଼ି ପଡ଼ୁଛି । ମାତ୍ର ଏଠି କହ ଯେ ଆଶା ମେଣ୍ଟୁ ନାହିଁ । ଅଭିଜ୍ଞ ଗୃହିଣୀଙ୍କୁ ମନ ରହିଲା ।

ପ୍ରିୟା ଓ ପ୍ରୀତି—ଶ୍ରୀ ବୋହେମିଅନ୍ । ଏ ଯୁଗର ଯୁବକ ଏସବୁ idea ବାହାରକରି ଭଲ । ମାତ୍ର idea ଆଉ practice ଭିତରେ ତଫାତ୍ । ଆଶା କରୁଁ Bohemean ମହାଶୟ 'ଆପଣ ଆଚରି ଧର୍ମ ଜୀବେର ଶିଖାଏ' ରୂପ moral courage ହାସଲ କରିଥିବେ । ଝିଅମାନେ ଜାଣିଲେ ଯେ ମହା ବିଭ୍ରାଟ !

କଳା—ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ. [illegible] ଅତି ପରିଚିତ ଲକ୍ଷ୍ମୀନାରାୟଣ ବାବୁଙ୍କର ଏହି ପ୍ରବନ୍ଧଟି ଯେ ଉପାଦେୟ, ଏଥିରେ ସନ୍ଦେହ ନାହିଁ । କଳା ସମ୍ବନ୍ଧରେ ଲେଖକ [illegible] ଓ [illegible] ଗୋଟିଏ [illegible]—ଯାହା ନୂତନ ଲେଖକ ଲେଖିକା ତଥା କଳା ପ୍ରିୟ ଓ କଳାକାରଙ୍କୁ ନାନା ଭାବରେ ସାହାଯ୍ୟ କରିପାରିବ ।

ହାଇଫେନ—ଶ୍ରୀ ଚନ୍ଦ୍ରମଣି ଦାସ—ଏ realistic ସାହିତ୍ୟ ଯୁଗରେ ହାଇଫେନ ଗୋଟିଏ ultra realistic ଗଳ୍ପ । ହାଇଫେନର ବିଷୟ ବସ୍ତୁ ଓ ଲେଖାର ଢଙ୍ଗ ଦେଖି ମନେ ହୁଏ ଲେଖକ ଜଣେ ସୁଦକ୍ଷ ହାତୁଡ଼ି । ଅନୁଭବୀ ନ ହେଲେ ଏପରି ସ୍ୱାଭାବିକ ଲେଖା ଲେଖି ହୁଏନାହିଁ । ହଁକ କଥାରେ ଠକ୍ ୨ କାହିଁ ?

ସମାଜର ଏହା ଗୋଟାଏ secret ମାତ୍ର ଏତେ open ଯେ ତାକୁ secret ବୋଲି କହିବା ଉଚିତ ନୁହେଁ ।

ଏ ବାସ୍ତାମିକ ସୃଷ୍ଟିରେ କଣାରୁ ଫଳର ଅଭାବ ନାହିଁ କି ସାରଡ଼ା ପୋକର ବି ଅଭାବନାହିଁ; 'ଆଦ'ଠାରୁ କାଉଞ୍ଜ ଯାଏ ନଅଟା ରସ ଅଛି ଯେତେବେଳେ, ହାଇଫେନ ତା ଭିତରୁ ଗୋଟାଏ କେଉଁଥିରେ ପଡ଼ିଲେ ହେଲା । କାହାର ଯେତେ ହେଲେ!

ଆଧୁନିକ ଯୁଗର ଧାରା ଅନୁସାରେ ଗୃହଆଡ଼େ mass ବା 'ଗଣ' ବ୍ୟକ୍ତି ବା individual କୁ ଉଡ଼ାଇ ଦେଉଛି । ହାଇଫେନର ନାଟଶେଷରେ, ସେ ପୁରୁଷ—ପୁରୁଷ ମଧ୍ୟରେ ପ୍ରେମକୁ mass ଭାବ ଦେଇପାରିଛି ।

ଏ କଥାଟି ମରିଦ ପୁଅଙ୍କ ହାତରେ ପଡ଼ିଲେ ଯେଉଁ ଫଳ ଦେଖାଇବ ତାହୁଁ ବଳି ଦେଖାଇବ ମାଇକିନାଙ୍କ ହାତକୁ ଗଲେ ।

ନାରୀ ସ୍ୱାଧୀନତା ପ୍ରୟାସୀଣୀମାନଙ୍କ ମଗଜ ଭାଙ୍ଗି ହାଇଫେନ ପୁରୁଷ ଜାତି ପ୍ରଭୂତ ଉପକାର କରିପାରେ । ଆହୁରି [illegible] birth control ନେଇ ଯେଉଁ ବୈଜ୍ଞାନିକ [illegible], ତାଙ୍କୁ ବି ହାଇଫେନ ନୂଆବାଟ ଦେଖାଇ ଦେବ । ଆମ ମତରେ ବନ୍ଧୁଟିର ନାମ ହାଇଫେନ ନ ହୋଇ [illegible] ହୋଇଥିଲେ ଓ କେବଳ [illegible] dash ହୋଇ ରହିଥିଲେ ଅଧିକ [illegible] suggestive ହୋଇ [illegible] ଓ [illegible] ଆନ୍ତା କି !

# ୨ୟ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା ।

୫୬ଙ୍କା ପୁରସ୍କାର !

'ଡଗର' ପାଠକ ମାତ୍ରେ ପାଇପାରିବେ ।

୫୬ଙ୍କା ପୁରସ୍କାର !!

ଏକଅଣା ଡାକଟିକଟ ସହ



ଏକଅଣା ଡାକଟିକଟ ସହ



ବିନା ମୂଲ୍ୟରେ



## ସିଧା

୧ । କୃତାନ୍ତ ।
୩ । ବିଦ୍ୟାର୍ଥି ।
୫ । ୨ ତଳ ବାଗରେ ଯାହା ତାହା ।
୭ । ଏହା କଷ୍ଟ ଝଡ଼ାଏ ।
୮ । ଏହା ଯାଇଲେ ଗୋଡ଼ ଆଉ ଉଠେନାହିଁ ।
୧୦ । ବର୍ଷା ଝଡ଼ରେ ଏହା ପଡ଼େ ।
୧୧ । ଏହା ଅଟେ ଅଟେ ପଡ଼ିଲେ ନଖାଇ ବଏ ଗଛେ ?
୧୩ । ଏ ଗଡ଼ଣାକୁ ପୁଅ ଝିଅ ସମସ୍ତେ ଦେଖନ୍ତି
୧୬ । ଏଥିରେ ମୁହଁ ଫୁଲିଯାଏ ।
୧୭ । ଏହା କଥା କହିଲ ଲୋକଙ୍କୁ କଷ୍ଟ ହୁଏ ।
୧୮ । ଚମ୍ପାଦ୍ରର ଶିକାର ।

## ସାଙ୍କେତିକ ଅର୍ଥ

ଠିକଣା __________

ଟିକେଟୋଟି ନମ୍ବର __________

## ଉପର ତଳ

୧ । ସେ ଏହା ଗୁଞ୍ଜନରେ ଚଳାଏ ଲକ୍ଷ୍ମୀ ଯା 'ସ୍ୱଭଗ ବସନ୍ତ
୨ । ଏଥିରେ ଜଳ ନଥିଲେ ଜୀବ ଅସ୍ତବ୍ୟସ୍ତ ହୁଏ ।
୪ । ଏହା ନ ଥିଲେ ମନୁଷ୍ୟ ବାପଲଙ୍କୁ ଅନେକ ଖାଏ ନାହିଁ ।
୬ । ଗୋଲାକାର ଅଧା ।
୮ । ଶୟନ ସମୟରେ ଏଥିରେ ଆରାମ ମିଳେ ।
୯ । ଡଗରର ବାର୍ଷିକ ମୂଲ୍ୟ 'ଡାକସହ ଅଙ୍କମାନ' ବୁଝିବା ।
୧୨ । ...ଦେବୁ କହେଗା କାହାକୁ ପ୍ରୀତି ବନ୍ଧୁ ?
୧୪ । ଚନ୍ଦ୍ର ଚନ୍ଦ୍ରଲ କର ।
୧୫ । ଏହା ମରଣକୁ ଡାକି ଆଣେ ।

## ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ ।

ଏ ଧନ୍ଦାର ଠିକ ଉତ୍ତର ସମ୍ପାଦକଙ୍କଠାରେ ସିଲକରି ରଖା ଯାଇଅଛି । ଯାହାର ଉତ୍ତର ଏହା ସହିତ ଠିକ ମିଳିଯିବ ତାଙ୍କୁ ପ୍ରଥମ ପୁରସ୍କାର—୫୩୯ । ଯାହାର ଗୋଟିଏ ଭୁଲ ଥିବ ତାଙ୍କ ପାଇଁ ଦ୍ୱିତୀୟ ପୁରସ୍କାର—୫୨୯ ଓ ଯୋଡ଼ିଏ ଭୁଲଥିବା ଉତ୍ତରକୁ ପୁରସ୍କାର ୫୧୯ । ଠିକ ଉତ୍ତର [illegible] ସବୁଠାରୁ କମ ଭୁଲ ହୋଇଥିବା ଉତ୍ତର ପାଇଁ ପୁରସ୍କାର ମିଳିବ । ଯେ କୌଣସି ବ୍ୟକ୍ତି ପ୍ରତିଯୋଗୀତାରେ ଯୋଗଦେଇ ପାରିବେ । କେବଳ [illegible] ଛପାହୋଇଥିବା କୁପନକୁ କାଟି ତହିଁରେ ଉତ୍ତର ଦେବାକୁ ହେବ । ଅନ୍ୟ କାଗଜରେ ଲେଖିଲେ ଅଗ୍ରାହ୍ୟ ହେବ । ଉତ୍ତର [illegible] ମଧ୍ୟରେ ପହଞ୍ଚିଥିବା [illegible] । ପ୍ରତି ଉତ୍ତର ସଙ୍ଗେ [illegible] ଫିସ୍ ଦେବାକୁ ହେବ । ତାହା ଷ୍ଟାମ୍ପରୁ [illegible] ଉତ୍ତର ପଠାଇଲେ ପ୍ରତି ଉତ୍ତର ପାଇଁ ଏକ ଅଣାର ଡାକଟିକଟ ସ୍ୱତନ୍ତ୍ର ପଠାଇବେ । ଏହା [illegible] କାର୍ଯ୍ୟାଳୟରେ ଜମାଦେବେ ଅଥବା ଡାକଦ୍ୱାରା ଉତ୍ତର ପଠାଇଲେ [illegible] ପଠାଇବେ । [illegible] ଦୁଇଟି ଉତ୍ତର ଦେଲେ ଦୁଇଅଣା ଫିସ ଦେବେ ଏବଂ [illegible] ଅଧିକା ଖଣ୍ଡିଏ ଦେଇ ପାରିବେ । [illegible] ଉତ୍ତର ନେଇପାରିବେ । ଉତ୍ତରଦାତା ନିଜ ନାମ—ଠିକଣା ସ୍ପଷ୍ଟ ଭାବରେ ଲେଖିବେ । ଠିକ ଉତ୍ତର [illegible] ତାହାଙ୍କ [illegible] ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କ ନାମ ପ୍ରକାଶିତ ହେବ । ଏକାଧିକ ବ୍ୟକ୍ତିଙ୍କ ଉତ୍ତର ଠିକ ହେଲେ, ଶ୍ରେଣୀ [illegible] ଭାଗ [illegible] ଦିଆଯିବ । କୌଣସି [illegible] ପୁରସ୍କାର ପାଇବା [illegible] ଉତ୍କୃଷ୍ଟ ପୁରସ୍କାରଟି ପାଇବେ ।

Digitized by srujanika@gmail.com

# କଳାକ୍ରମ



ଖିଆଲ ଗୀତ ସବୁରେ ପ୍ରାୟ ତାଳକୁ ତାଳ ଅକ୍ଷରକୁ ଅକ୍ଷର ନାନାପ୍ରକାର ବୈଚିତ୍ର୍ୟ ଥାଏ । ସେ ସମସ୍ତ କାରୁକାର୍ଯ୍ୟକୁ କଣ୍ଠର ଅଧିକାରାଧୀନ କରିବା ପାଇଁ ପ୍ରଥମ ଶିକ୍ଷାର୍ଥୀମାନେ ଶିକ୍ଷା ସମୟରେ ସମ୍ପୂର୍ଣ୍ଣ ଧାଡ଼ିଟିକୁ ଏକସଙ୍ଗେ ନ ଶିଖି ସାମାନ୍ୟ ଏକ ତାଳ ବା ଦୁଇ ତାଳ ଅନ୍ତର୍ଗତ ବାକ୍ୟାଂଶର ସ୍ୱରମାନ ଖଣ୍ଡ ଖଣ୍ଡ ଅଭ୍ୟାସ କରି, ପୁଣି ଦୁଇ ତାଳ ଶିଖନ୍ତି: ଏହି ପ୍ରକାରେ ଧୀରେ ଧୀରେ ମାସେ ଦୁଇ ମାସରେ ଗୋଟାଏ ଗୀତ ଅଭ୍ୟସ୍ତ ହୁଏ... କିନ୍ତୁ ମଜଲିସରେ ଗାଇଲା ବେଳେ ସେହି ଖଣ୍ଡିଆ ଫାଳ ଗୁଡ଼ିକ ବାରମ୍ବାର କୋଉଟ୍ ପାଉଟ୍ ନ କରି ପୂର୍ଣ୍ଣ ପଂକ୍ତି ଅବିଭକ୍ତ ଭାବରେ ଗାଇବାହିଁ ରୀତି...

ସାଧାରଣ ଦକ୍ଷିଣୀ ନାଟ ପଟ୍ଟାରେ ଦେଖୁ "କ ହେଲ୍ଲଃରେ" "କ ହେଲ୍ଲଃରେ" ହୁଏତ ଏହି ଧାଡ଼ି ଟି ଗାଇଲେ ଦଶଥର ପୁଣି ଗାଇଲେ "କହିତ ନୁ—" କୁ ଦଶଥର... ଏହିପରି ଛୁଲ ଛଛୁଲ କରି ଗାଇଲେ, ଗୀତ ମଧ୍ୟରେ ନା ଥାଏ ତାନ ଆଲାପ କୁଡ଼କୁଡ଼ି ଉଦ୍ଧାର ସ୍ୱରର ବୈଚିତ୍ର୍ୟ, ନା ଉକ୍ତି ତାଳର ବ୍ୟବଧାନରେ ମିଳେ କହିବାର ମୀମାଂସା । ପୁଣି ଅନ୍ୟ ଗୋଟିଏ ଭ୍ରମଯୋଗୁଁ ମଝେ ମଝେ ନାନା ରସ ଭଙ୍ଗ ଘଟେ । ଗୀତର ଭାବକୁ ନୃତ୍ୟ ଓ ଭାବ ସାମଞ୍ଜସ୍ୟ ମିଳେ ନାହିଁ । ହୁଏତ ଗୀତ ଗୁଲିଛି... "ଶ୍ୟାମ ଭୁଜଙ୍ଗୀ ମଞ୍ଜରୀ, ଚନ୍ଦନେ ଦେବ ଶ୍ୟାମଙ୍କର ଶ୍ୟାମ ନାମ ମନ୍ତ୍ର କରି ଶ୍ରବଣରେ ଶୁଣାଇ ଥିବ" ତାରୁଣ୍ୟରେ ହାସ ଆହ୍ଲାଦ ହେବାର କଥା... ଏଣେ ନାଚୁଥିବା ଝିଅଟି ଅଛି ଠାଇ ମୁହଁକୁ ଦେଖାଇ ନୂ ନୂ ନାଚ ନାନା ପ୍ରକାର ଅସଙ୍ଗତ ଲାସ୍ୟ ଦେଖାଉଛି—ଏବଂ ଗୀତ ସଙ୍ଗରେ ନାଚଟା ଅଲଗା ଲାଗି ରହୁଛି । ସେଥିରେ ପିଲାର ପ୍ରାଣ କେଉଁଠି? ସେ ଗାଇ ପାରୁଛି ନା ନାଚ ପାରୁଛି... ଅଗତ୍ୟା କେଉଁଠି ପଦେ କେଉଁଠି ବେନାଏ ଛାଟିଦେଇ ଗୁଲି ଯାଉଛି: ବଢ଼ିଗଲା ବେଳକୁ ପିଲାଟି ନା ହେଲେ ଗାୟକ ନା ହେଲେ ନର୍ତ୍ତକ... କିଶୋର ନାରୀ ସୁଲଭ ସ୍ୱଭାବ ଭଙ୍ଗୀ ଗତ ମଧ୍ୟରେ ବହୁକାଳ ଅତିବାହିତ କରି ଯୌବନରେ ନିଜର ଅସଲ ମୂର୍ତ୍ତି ଧରି କାମ ବଡ଼ ଅଡ଼ୁଆରେ ପଡ଼ ଯାଉଛି... ଏହି ପ୍ରକାର ନାନା କାରଣରୁହିଁ ଦକ୍ଷିଣିଦଳ ଏବଂ ପରୋକ୍ଷରେ ଦକ୍ଷିଣି ସଙ୍ଗୀତ ଉପରେ ଆଦର ଊଣା ହୋଇ ଯାଉଛି... ଆଉ ଏକ କଥା, ଯେଉଁ ଭାଷାକୁ ଅନୁବାଦ କରି ବୁଝିବାକୁ ହୁଏ ତାହା କଲିଜାକୁ ବାଜେନାହିଁ—

## ଓଡ଼ିଶାରେ ସଙ୍ଗୀତ ଶିକ୍ଷା

ଶ୍ରୀ କୃଷ୍ଣପ୍ରସାଦ ବସୁ

ଅର୍ଥ ଗୌରବ ମଧ୍ୟରେ ମାଧୁର୍ଯ୍ୟ ଉପଭୋଗ କରିବାକୁ ଅଭିଧାନ ପଢ଼ା ବାବୁଭାୟାଙ୍କର ସଂଖ୍ୟା ଖୁବ କମ... ପ୍ରାଣ ଖୋଜୁଛି ସହଜେ ସରଳେ ତରଳି ଯିବାକୁ... ଏଣେ ଠିକ ସେତେଣେ ଗାଇବା ଭଙ୍ଗିରେ ରସ ହାନିତା ଏ ଉଭୟ କାରଣରୁ ଦକ୍ଷିଣି ଦଳର ସଂଖ୍ୟା ମଧ୍ୟ ବଢ଼ କମ—ସମଗ୍ର ଓଡ଼ିଶାରେ ଅଞ୍ଚଳେ ମଧ୍ୟ ୮।୧୦ଟି ଦଳରୁ ଅଧିକ ମିଳିବା କଠିନ । କିନ୍ତୁ ଏହି ସମସ୍ତ ଅପର୍ଯ୍ୟାୟ ଲାଗି ଯେ ପରିଚାଳକମାନଙ୍କ ଦାୟୀ ତା' ନୁହେଁ । ଅଳ୍ପ ଟଙ୍କାରେ, ଅଳ୍ପ ବ୍ୟୟରେ, ଗୀତ ବାଦ୍ୟ ନୃତ୍ୟର ସାମଞ୍ଜସ୍ୟ ରଖି ସରଳତା ଓ ସବୁ ସଙ୍ଗୀତର ନିର୍ଦ୍ଦୋଷ ଆସ୍ୱାଦନ ଲାଗି ଏ ପ୍ରକାର ଗୋଟିଏ ଦଳ ଯେ ଉଦ୍ଭାବନ କରିଥିଲେ ସେ ପ୍ରତିଭାର ଅତି ବଡ଼ ଏବଂ ବିଶିଷ୍ଟ ପରିଚୟ ଦେଇଛନ୍ତି...

କିନ୍ତୁ ପରବର୍ତ୍ତୀ ଯୁଗରେ ମୂର୍ଖ ଓ ଅଜ୍ଞାନଙ୍କ ହାତରେ ପଡ଼ିବାରୁ ଏହାଁ ପ୍ରତିମା ମାନ୍ତ୍ର ହୋଇଛନ୍ତି । ତହିଁ ଉପରେ ଆଜି କାଲି ରେଳ ଷ୍ଟିମାର ପ୍ରସାଦରେ ବିଲାତର ବିଗ୍ରହ ଗାଡ଼ି । ମଧ୍ୟ ଆମର ଏ ପଲ୍ଲି ଗ୍ରାମରେ ଟେକି ବାସ୍କୋପ ମଧ୍ୟରେ ନାଟ ଦେଖାଇ ଚାଲି ଯାଉଛନ୍ତି... ଲୋକଙ୍କର ରୁଚି ପ୍ରବୃତ୍ତି ସମସ୍ତ ଦିନକୁ ଦିନ ବଦଳି ଯାଉଛି... ଏଥିକୁ ଆମର ସେ ବିଶିଷ୍ଟ ଶିଳ୍ପ ସମ୍ପଦକୁ ବଞ୍ଚାଇ ରଖିବାକୁ ଗଲେ ଅନ୍ତତଃ ନବ୍ୟ ଆଖି ନବ୍ୟ କାନର ରୁଚିକର ଉପାଦାନରେ ମଣ୍ଡନ କରିବାକୁ ହେବ... କିନ୍ତୁ ସେ ଅଭିଜ୍ଞତା ସେ ପ୍ରତିଭା ଅଛି କେତେଜଣଙ୍କର... ଯେତେବେଳେ ସଙ୍ଗୀତର ମାର୍ଗ ପ୍ରଣାଳୀର ବହୁଳ ଚର୍ଚ୍ଚା ଓ ସାଧନା ହୁଏ ସେତେବେଳେ ବା ଏ କଳା ବିଦ୍ୟାକୁ ରକ୍ଷା କରିବାର ଲୋକେ ବାହାରିଲେ ବାହାରିବେ ନହେବା ଏହିପରି ଫାଙ୍କିଦିଆ କାର୍ଯ୍ୟରେ ଆମର ଉଦ୍ଦେଶ୍ୟ ସଫଳ ହେବ ନାହିଁ ।

ଆଉ ଏକ ଅନ୍ତରାୟ ପୂର୍ବରୁ ଚମୂର ସ୍ୱରମାନଙ୍କର ଲିପି ନାହିଁ... କେବଳ ଶ୍ରୁତ ଶିକ୍ଷାରେ କାର୍ଯ୍ୟ ଚାଲିଛି ତାହାର ଫଳରେ ତିନି ନକଲରେ ଅସଲ ପାର—ଗୀତର ନଥି ପତ୍ରରୁ ଜାଣିଲି ସେ କାଳରେ ଗାଉଥିଲେ ଗୀତ ସାବେରିରେ... କିନ୍ତୁ ବର୍ତ୍ତମାନ ଯେଉଁ ରାଗିଣୀରେ ପ୍ରକଟ ହେଲା ତାହା ସାବେରୀରୁ କେତେ ବାହାର... ନାହିଁ, ସେ ମୂର୍ତ୍ତି ନାହିଁ... ସାବେରୀର ସେ ଆଲାପ ନାହିଁ । ଏହି "କ ହେଲରେ" ଗୀତଟି ସାବଲାର ଜଣେ ବାଙ୍କା ଗୁରୁ ନୀଳମଣି ଦେବଙ୍କ ତାନାଲାପ ସହିତ ଶୁଣାଇ ଥିଲେ... ନାନା ସ୍ଥାନରେ ଶୁଣିଲେ... ଅନ୍ୟ ଅନ୍ୟ କେହି ଦେଖାଇ ପାରିଲେ ନାହିଁ— ୰ ଅପର୍ଣ୍ଣା ପାଣିଗ୍ରାହୀଙ୍କର 'ମୀନ ନୟନା'ର ଝଙ୍କାର ଯେ ଶୁଣିଛନ୍ତି ସେ ଜାଣନ୍ତି ଅନ୍ତତଃ ଏହି ଓଡ଼ିଆ ଖିଆଲ ଗୁଡ଼ିକ ଉ ମୂର୍ତ୍ତିରେ ପ୍ରକଟ ହୋଇପାରେ । ସେ ବା ପ୍ରକଟ କରି ପାରୁଛନ୍ତି ତାହାଙ୍କ ଅମର ଏ ଅଞ୍ଚଳରେ ତାହା ମିଳୁନାହିଁ କାହିଁକି...

(ପର ସଂଖ୍ୟାରେ ବାହାରିବ)

Digitized by srujanika@gmail.com

(୬ ପୃଷ୍ଠା ଉତ୍ତାରୁ)

ଗୋଡ଼ ଦୁଇଟା ଚାଲିବାକୁ ଲାଗିଲା । କେତେ ବେଳକେ ଯାଇ ମୋହର ଘର ଆଗରେ । କିଛି ନ ଭାବି, କୌଣସି ଉଦ୍ଦେଶ୍ୟ ନ ରଖି ଅଜାଣତରେ ଭୋଳରେ ଅବଶ ପ୍ରାଣଟା ଅଭ୍ୟାସ ବଶତଃ ଦେହଟାକୁ ଟାଣି ନେଇ ଗଲା ଦୁନିଆର ଏକମାତ୍ର ଆଶ୍ରୟ ମୋର ଘର ଭିତରକୁ । ଗୃହଅଡ଼ ନିସ୍ତବ୍ଧ । ଡାକ ମାରିବାରୁ ଗୃହର ଦାଣ୍ଡ ଦୁଆର ଖୋଲିଦେଲା । କିଛି ନ କହି ଏକା ଥରକେ ମୋର ଶୋଇବା ଘର ଆଗରେ ଯାଇ ଦେଖିଲି କବାଟ ବନ୍ଦ । ଘର ଭିତରେ ଅଳ୍ପ ଆଲୁଅ ଜଳୁ ଥିବାର ଜଣା ପଡ଼ିଲା । ଦୁଇଜଣଙ୍କର ଅସ୍ପଷ୍ଟ କଣ୍ଠ ସ୍ୱର କାନରେ ବାଜିଲା । ଓଃ, କେତେବେ ଏଇଥି ପାଇଁ— ଅଚ୍ଛା ! ମୁଣ୍ଡରେ ମୋର ସମ୍ଭ୍ରାନ୍ତ ସର୍ବଥାର ହୋଇଗଲା । କବାଟରେ ଦୁଇ ଧକ୍କା ମାରି ଡାକି ଦେଲି—ଖୋଲ । ଭିତରୁ ଲିଲି କହିଲା 'କିଏ !' ମୁଁ ମାତ୍ର କଡ଼ମଡ଼ କରି କହିଲି 'ଯମ !' ସେ ଭିତରୁ ଉତ୍ତର ଦେଲା "ଯମର ତ ଏତେବେଳେ ଆସିବାର କଥା ନୁହେଁ ଏଠିକି ।" ନିମା. ଦେହ ଅଧିକ ଜଳିଗଲା । ରାଗରେ ଭଗାଇଁଠାଏ କଷିଲି କବାଟକୁ ।

"ଯମଙ୍କର ପୁଣି ଉଦ୍ଧତା ଅଛି—ଏ କେଡ଼େ ଅସଭ୍ୟ କଥା !" ଲିଲି କହିଲା । ତାର ଏ ଟାହିଲ ସ୍ୱରଟା ମୋ କାଳିଜାକୁ ଲାଗିଗଲା ତୀର୍ କରି । ତା ପରେ ସେ କବାଟଟା ଖୋଲି ଦେଇ ଦୁଆର ମାଡ଼ି ଛିଡ଼ା ହୋଇ ଗଲି ନିମା ସାମନାରେ । ମୁହଁଟା ତାର ବିବର୍ଣ୍ଣ ଶୁଷ୍କ ଓ ଭୟ ଜନ୍ୟ । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । କିନ୍ତୁ ମୋର ଭାବିବାର ଶକ୍ତି ଲୋପ ପାଇଥିଲା ସେତେବେଳେ । କହିଲି "ଏଏ କିଏ ?" ସେ ଉତ୍ତର ଦେଲା "ମୋର ଜଣେ ବନ୍ଧୁ ।"

"କଣ ରାତି ଅଧରେ ଏକୁଟିଆ ବନ୍ଧୁ ?"

ସେଥିରେ କଣ ହେଲା ? ବନ୍ଧୁର ପୁଣି ବେଳକାଳ କଣ ?

"ଓଃ ଶଯ୍ୟା ବନ୍ଧୁ ?"

"ତା ନୁହେଁ କଣ ।"

"ବାଟ ଛାଡ଼ ଦେଖେଁ"

"ପ୍ରବେଶ ନିଷେଧ"

"ମୋ ଘରେ !"

"ମୋର ବି ଘର"

ଅସହ୍ୟ । ଆଉ ସମ୍ଭାଳି ପାରିଲି ନାହିଁ । ଧକ୍କାଏ ମାରି ଲିଲିକୁ ପେଲି ଦେଲି । ମନ ହେଲା ଚିକଟିକି କରି ତା ହାଡ଼ ମାଉଁସ ପିଷି ଦେବି । ଘର ଭିତରକୁ ପଶି ଅଳ୍ପ ଆଲୁଅରେ ଦେଖିଲି କିଏ ଜଣେ ଶୋଇଛି ମୋର ଖଟରେ । ପାଗଳ ପରି ଧାଇଁଗଲି ତା ଛାତି ଉପରେ ଚଢ଼ି ବସି ରକ୍ତ ପିଇଯିବି । ଲିଲି ଆଲୁଅଟା ଡେଙ୍ଗା-ଦେଇ ଡାକିଲା 'କମଳ !' ଆଲୁଅ ପଡ଼ିବାରୁ ଦେଖିଲି ଜଣେ ଯୁବତୀ । ଅମ୍ଭାର ରହିଗଲି । କମଳ ଉଠିପଡ଼ି କହିଲା "ମୁଁ ହିଁ ଆପଣଙ୍କର ପ୍ରତିଦ୍ୱନ୍ଦୀ—ଲିଲି ପ୍ରତି ମୋର ପ୍ରେମ ଆପଣଙ୍କ ଠାରୁ ଊଣା ନୁହେ । ଖାଣ୍ଟି ପ୍ରେମିକ ଯେ, ସେ ପ୍ରେମର ମର୍ଯ୍ୟାଦା ରଖେ । କିନ୍ତୁ ଆପଣଙ୍କ ଭଳି ବ୍ୟକ୍ତିର ମନରେ ଏ ଈର୍ଷା ଉଠେ କି ? ଛି. ଛି, ଏଇଥି ପାଇଁ ପର ପ୍ରେମିକ ବୋଲି ଗର୍ବ କରୁଛନ୍ତି !"

ମୋର ତ ବକା ଗୁମ୍ । ମଗଜରୁ ଉଠିଥିବା ଗରମ ରକ୍ତ ଗୁଡ଼ାକ ଜମି ବରଫ ପାଲଟି ଗଲା ଏକାବେଳେକେ । ବୁଦ୍ଧିଟା ଟଗାଳେଇ ଯାଇ ଟଗାଳବଧାନର ଘାଣ୍ଟି ଚକେଟି ହୋଇ ବାଟ ଭୁଲିଗଲା କୁଆଡ଼େ । ମୋର ଏ ଅବସ୍ଥା ଦେଖି ଲିଲି କହିଲା "ତୁମର ଏ ଅଶିଷ୍ଟତା ପାଇଁ କମଳ ପାଖରେ କ୍ଷମା ମାଗ ।"

"ଆରେ ମହାନୁଭବତା ପାଇଁ" ମୁଁ ସମ୍ଭାଳି ନେଇ କହିଲି ଲିଲି—କମଳକୁମାର ମୋର ବାଲ୍ୟ ବନ୍ଧୁ, ସହପାଠୀ ।

ତମେ ମିଛ ବୋଲି ମୁଁ ତାକୁ ଡକାଇ ଆଣିଥିଲି ।

"ତେବେ ପୁଅ ନାମଟା ଲୁଚାଇ ଖାଲି 'କମଳ' କହିଥିଲ କାହିଁକି ? ସେଥିରେ ତମର ହୋଇଛି ଭୁଲ ।"

"ମୋର ଭୁଲ ହୋଇପାରେ ମାଫ ତମର ଦୋବାମି ।"

ସବୁଆଡ଼ୁ ପରାସ୍ତ, ଅପଦସ୍ତ, ବିଧ୍ୱସ୍ତ ହୋଇ ଲଥକରି ମୁଁ ତଳେ ପଡ଼ିଯାଇ କହିଲି

"ଦେହି ପଦ ପଲ୍ଲବ ମୁଦାରଂ"

ଲିଲି ଉଆଁମାରି ପଳାଇଲା ଓ କମଳ ଠୋ ଠୋ କରି ହସି ଉଠିଲା ।

---

## କୁତୁ କୁତୁ

ମୁନସିଙ୍କ ସ୍ତ୍ରୀକୁ ଜ୍ୱର ହେଉଥାଏ । ଡାକ୍ତର ଆସି ନ ପାରି ଥର୍ମୋମିଟରଟା ଦେଇ କହିଲେ "ଜ୍ୱର କେତେ ଅଛି ଦେଖିଥାସ ।" ସେତେବେଳକୁ ଅନ୍ଧାର ହୋଇ ଗଲାଣି । ମୁନସିଙ୍କୁ ଅଙ୍କ ଦିଶିଲା ନାହିଁ । ସେ ଦିଅ-ସିଲି ଜାଳି ତା ଉପରେ ଥର୍ମୋମିଟର ଧରି ଦେଖିଲେ—୧୫୦ ଡିଗ୍ରୀ ! କହିଲେ ଏ ଜ୍ୱରକୁ ମୁଁ ପାରିବିନାହିଁ—Fire Brigade କୁ ଡାକ ।"

* * *

ଜଣେ ବଜାରରୁ ଦଶଟଙ୍କା ଦେଇ ଗ୍ରାମ ଚଢ଼େଇଟିଏ କିଣିଲା । ଦୋକାନୀ କହି-ଥିଲା ସେ ଗୀତ ଗାଏ ।

ଦୁଇ ଦିନ ପରେ ସେ ଲୋକ ଚଢ଼େଇଟି ଫେରାଇ ଆଣି କହିଲା "ଏଥିକୁ ଫେରାଇ ନିଅ—ଚଢ଼େଇଟା ଠକ ।"

କାହିଁକି ? ମୁଁ କହିଥିଲି ଗୀତ ଗାଏ ବୋଲି, ନାଚିପାରେ ବୋଲି କହି ନ ଥିଲି ।

* * *

Digitized by srujanika@gmail.com

ବାରବୁଲାବବର ସମ୍ପାଦକେ !

ଯେଉଁଠି ମାଛି ପଡ଼ିଲେ ନବଖଣ୍ଡ ସେ ସଭା ଭିତରକୁ ଯିବାର କାହା ବୁତାର କଥା ? ତେବେ ମୁହାଁଟିଏ ବୋଲି, ବେଳେବେଳେ ସଭା-ପତିଙ୍କ ଟେବୁଲ ତଳେ ଥାଇଁ ଉଙ୍କି ମାରି ଯାହା ଦେଖିଛି ତହିଁରୁ ପଦେ ଅଧେ ବଖାଣିବ । ଶୁଣିମା ହେଉ:—

ସେକ୍ରେଟରୀ ଆସି ବଡ଼ ଗମ୍ଭୀର କଣ୍ଠରେ ଯେମିତି କହିଲେ 'Honourable the speaker,' ମୋ ଛାତି ଥରି ଉଠିଲା । ମୁଁ ମନେ କଲି, ଏ ରଙ୍ଗମଞ୍ଚ ଉପରକୁ ଗୋଟାଏ ଲମ୍ବା ଚଉଡ଼ା ପଞ୍ଝା ହାତୀ ମରଦ ଟାଏ ସାଜ ପିନ୍ଧି ପୃଥ୍ୱୀ ଦୁଲୁମାଦୁଲ କରି 'ବାହାରିଲେ ଭୁଜଗସ୍ତୁ ବିଜୟେ' ଶୁଣାଇ ଆସିବେ । ଦେଖିଲି ବେଳକୁ ଗୋଟିଏ ବାଣୁଆଁ ଦରବୁଢ଼ା ବୋଗା ମଣିଷଟିଏ ମେଲେରିଆ ଦେଶରୁ ଆସିଲା ପରି ଅଖାରୁ ପଟେ ଘୋଡ଼େଇ ହୋଇ ବାହାରି ପଡ଼ିଲେ । ଗୋଡ଼ରେ ଥିଲା ଗୋସାପ ଅମଳର ଯୋତା—ଏଡ଼େ ଏଡ଼େ ଦନ୍ତା କାଢ଼ି ବାହାର କରି । ସମସ୍ତେ କହିଲେ ଠିକ୍ କାଗାଳିଆ କଂଗ୍ରେସ ସଭାପତି ଏକା ।

ମନ୍ତ୍ରୀ ତିନିଜଣ ଗୋଟେ ପଟରେ ବସି ଥାନ୍ତି—ବିନାଥ ଗୋସେଇଁଙ୍କ ପରି । ତିନି ଜଣଙ୍କର ତିନି ପ୍ରକାର ବେଶ । ତିନି ପ୍ରଦେଶରୁ ଖଣ୍ଡେ ଖଣ୍ଡେ ଆସି ଓଡ଼ିଶା ତିଆରି ହୋଇଛି ବୋଲି ତିନିହେଁ ତିନି ଦେଶର ପ୍ରତିନିଧି ମୂଳକ ପୋଷାକ ପିନ୍ଧିଥାନ୍ତି । ଜଣଙ୍କର ବ୍ରହ୍ମପୁରୀ ଚଦର ଖଣ୍ଡ ବଗ ବେକକୁ ଢାଙ୍କି ସୌନ୍ଦର୍ଯ୍ୟ ବୃଦ୍ଧି କରୁଥାଏ । ଜଣଙ୍କର ପଶ୍ଚିମୀ ପୋଷାକ ଉପରେ ଓଡ଼ିଶୀ ଚଦର ଖଣ୍ଡିକ ବାନ୍ଧିବାର ଓଡ଼ିଶାର ମିଳନ ଚିହ୍ନ ପରି ଦିଶୁଥାଏ । ଆଉ ଭୋଲା ମହେଶ ଙ୍କର ମଧ୍ୟପ୍ରଦେଶୀ କୋଟ ଟି ତାଙ୍କୁ ବସ୍ତ୍ର ମନ୍ଦ ମାଳାର ପ୍ରକୃତ ପ୍ରତିନିଧି ବୋଲି ବେଶ୍ ପରିଚୟ ଦେଉଥିଲା ଏକା ।

ସଭାର ଉପପତି କରଣ ସାଆନ୍ତଙ୍କ ଭଳି ତୁନି ହୋଇ ବସିଥାନ୍ତି ଗୁଦର ଖଣ୍ଡେ ଘୋଡ଼େଇ ହୋଇ । ପେଟରେ ଦେଶୀ ମାଲ ଥିଲେ ଲୋକ ଏଭଳି ଗମ୍ଭୀର ଦେଖା-ଯାନ୍ତି । ଦେଖାଯାଉ କେବେ ଓକାଳିବେ ସେ ।

ଏଇସବୁ ଗୋରା ଚମଡ଼ା ପାଖରେ ଅଙ୍ଗାର ବରଣ ସଭ୍ୟ ଜଣକ ଝଟ ଝଟ ଦିଶୁ ଥାନ୍ତି । କିନ୍ତୁ ବସିବାର ସେ ଠାଣି ଦେଖି ବେଶ୍ ବୁଝା ଯାଉଥିଲା ଯେ ଏ ଲିଭିଲା ଅଙ୍ଗାର ତଳେ ଜଳନ୍ତା ନିଆଁ ବି ଅଛି । ତା ପରେ ଦେଖାଯାଉଥିଲେ ଲକ୍ଷ୍ମୀସରସ୍ୱତୀ ଦି'ଜଣ । ଠାକୁରାଣୀ ଦୁହେଁ ଅଭୟା-ବରଦା ଭଳି ମନେ ହେଉଥିଲେ । ମୂଷା ତ ଲକ୍ଷ୍ମୀଙ୍କ ଧାନ ଖାଇବାରେ ପଟୁ ଆଉ ଗଣେଶଙ୍କ ବାହାନ ସେଥିପାଇଁ ଡରେ ଆଉ ତାଙ୍କ ଆଡ଼କୁ ଚାହିଁଲି ନାହିଁ ।

## ବ୍ୟବସ୍ଥା ସଭାରେ ଉକ୍ତି

ଲେଖକ—ଚୁଟିଆମୂଷା ।

ପୁରୁଣା ପଣ୍ଡିତେ ବସିଥିଲେ ଶେଷ ଆଡ଼କୁ । ଚୁଟି କିନ୍ତୁ ନ ଥିଲା—ତା ବଦ-ଳରେ ଥିଲା ପାଚିଲା କେଶ । ପୁଣି ପାଚିଲା କେଶ ସାଙ୍ଗରେ ପାକଳିଆ କଥା । ତକତକ ଗୋରା ମୁହଁରେ ବିଷାଦ କାଳିମା ବି ଦେଖା ଯାଉଥିଲା ଅଳପ ଅଳପ ।

ସବା ଶେଷକୁ ବସିଥିଲେ ଏ ଦଳର ସମ୍ପାଦକେ । ସମ୍ପାଦକଙ୍କ ଭଳିଆ ବେହେରା-ଗାଦ ମାଡ଼ି ବସିଥିଲେ ବି ବେଶ୍ । ବେଳେ ବେଳେ ଉତ୍ତେଜିତ ହେଉଥିଲା ପରି ଜଣା ଯାଉଥିଲା କିନ୍ତୁ ।

ଏ ପାଖକୁ ଚାହିଁଦେଲି । ଏ ମାଙ୍କୁଅସା ଜଣକ କିଏ ? ଖଦଡ଼ଧାରୀ ତ ! ଗୋଡ଼ରେ ଯୋତା ନାହିଁ । ସବୁଲତାରେ ଏ କଂଗ୍ରେସ ବାଲାଙ୍କୁ ବଳିଯିବେ ପରା । କିନ୍ତୁ ଚୁଳୁ-ଚରଣ କଂଗ୍ରେସିଆଙ୍କ ସାଙ୍ଗରେ ସେ ଖାଲି ଗୋଡ଼ରେ ଦଉଡ଼ି ପଛକୁ ପଡ଼ି ଯିବାର ଭୟ ଅଛି ଯଥେଷ୍ଟ ।

ତାଙ୍କ ପାଖକୁ ଆଉ ଜଣେ ଫୁରୁ ଫୁରୁ ହେଉଥାନ୍ତି । ଏଭଳି ସଭାରେ ଗୋଡ଼ ଦେବା ତାଙ୍କର ନୂଆ ବୋଧହୁଏ । ତେବେ ଲୋକଟାର ଉଚ୍ଚ ଆକାଂକ୍ଷା ଥିଲା ପରି ଜଣା ଯାଉଥିଲା ।

ସେ ପାଖରେ ତ ଦେଖିଥିଲି ହରିଜନ ପଞ୍ଚାଏ ହରିଙ୍କ ଜନ ଭଳିଆ ଚୁପ୍ ଚୁପ୍ ବସି ଥିଲେ । ଏ ପାଖରେ କିନ୍ତୁ ଏ ଶିବଙ୍କ ଜନ କିଏ ?

ତାଙ୍କ ପାଖକୁ ବପୁବନ୍ତ ରଜା ଜଣକ ପେଟରେ ମାଲ ମସଲା ଥିଲାପରି ଲାଗୁଛି—ଆମ ଗଣେଶଙ୍କ ଭଳି ଚୂଷ୍ କିନ୍ତୁ ଥୋଡ଼-ପାହାଡ଼ କାହିଁ ?

ସେ ଧାଡ଼ିରେ ଆଉ ନଜର ଦେଲି ଭଳିଆ ଦେଖିଲି ନାହିଁ କାହାକୁ । ତାଙ୍କ ପଛ ପଟେ ଭିଡ଼ ଥାଟ୍‌ରେ ବସିଥାନ୍ତି ଆଉ ଜଣେ ଗୁଲଗୁଲିଆ ପିଲା ରଜା । କଲେଜ ଜୀବ-ନର ଫୁର୍ତ୍ତିଟାର ଅଭ୍ୟାସ ଅଛି ଗୁଲି ଗଲଣରେ ।

ଝାଙ୍ଗର ମୁଣ୍ଡିଆ ଜଣାଶୁଣା ଲୋକ ଜଣେ ତାଙ୍କ ପାଖକୁ କିଏ ବସିଛନ୍ତି ଦୋଦୋ ଶହା କଲି । ସତେ ଯିମିତ ମଉନ (ମୋହନ ?) ମୁହାଁ ଜଣେ । ବାନପ୍ରସ୍ଥ ନେଲେଣି କି ?

ପ୍ରତାପୀ ସମ୍ପାଦକେ, ଏ ଗଳ୍ପ ସଭା ବନ୍ଦନା । ଆଜି ଏତିକରେ ଥାଉ ।

ଶ୍ରୀ ଚରଣରେ ଶତକୋଟି

"ଚୁଟିଆ ମୂଷା ।"

କୁତୁ କୁତୁ

ବୁଢ଼ା—ମୋର ୯୫ ବର୍ଷ ହେଲା—ଏକା ମୋର ଜଣେହେଲେ ଦୁଷମନ ନାହିଁ ।

ବନ୍ଧୁ—ସତେ ! ସେଇଥିପାଇଁ ଭଲ ମଣିଷ ତୁମେ ।

ବୁଢ଼ା—ନାହିଁହେ—ଯେତକ ଥିଲେ—ସବୁ ଖସିଲେଣି ।

Digitized by srujanika@gmail.com

ରାବଣ—କନକ ଲଙ୍କାର ଅଧୀଶ୍ୱର ।
ମେଘନାଦ—ଭସ୍ୟପୁତ୍ର crown prince
ଅତିକାୟ— „ (ଲାଳିତ)
ଅକ୍ଷୟ କୁମାର— „ (ପାଳିତ)
ରାମଚନ୍ଦ୍ର—ମହାତ୍ୟାଗୀ କ୍ଷତ୍ରିୟ ରାଜପୁତ୍ର ।
ବିଭୀଷଣ—ରାମ ଭକ୍ତ ।



ଜାମ୍ବୁବାନ—ବୃଦ୍ଧ ଭଲ୍ଲୁକ ପତି ।
ହନୁମାନ—ଲଙ୍କାଦଗ୍ଧା କପି ।
ଇନ୍ଦ୍ର—ଐରାବତ ପତି ।
ବରୁଣ, କାଳନେମୀ, ନଳ, ନୀଳ, ଗବ-
ଗବାକ୍ଷ, ଅଙ୍ଗଦ ପ୍ରଭୃତି ଅନେକ ରହସ୍ୟ-
ମୟ ଚରିତ୍ରରେ ପରିପୂର୍ଣ୍ଣ ।

ଦୋମୁନା କାଣ୍ଡ ।

# ନବ ରାମାୟଣ

ଅତିକାବ୍ୟ

କବିବର ହନୁମନ୍ତ ବିରଚିତ

ଆଖେର୍ ଦୋମୁନା କାଣ୍ଡ—ଏବେ ମାର ଦମ୍
ମିଠା କଡ଼ା ଝାଲ ବଡ଼ା ଗରମା ଗରମ୍ ।
ଦୋମୁନା କାଣ୍ଡର ଗୁଣ ବଡ଼ ଅଦଭୁତ,
ଘାଉଲା ନ କର ଖାଲି ଦଏ କୁତୁକୁତୁ ।

ରସିକ ଗ୍ରାହକେ ରସ ନିଅ ବାଛି ବାଛି,
ନର୍ଦ୍ଦମାରେ ଢୁଅ ଘାଣ୍ଟି ହୋଇଥିଲେ ମାଛି ।
କବ ତୁଣ୍ଡ ମେଣ୍ଢା ମୁଣ୍ଡ, କରନାହିଁ ରୋଷ,
ହନୁମନ୍ତ କପି କରେ ଧରନାହିଁ ଦୋଷ ।

## ତେଶିରା କାଣ୍ଡ ।

ବସିଛି ସମର-ସଭା, ମନ୍ତ୍ରଣା ଆଗାରେ,
ଉପସ୍ଥିତ ଏକେ ଏକେ ଚମୂପତି ଗଣ ।
ସ୍ୱକୀୟ ବାହନୀ ଛାଡ଼ି ଆସିଛନ୍ତି ଧାଇଁ,
ଅର୍ଜେଣ୍ଟ ମେସେଜ ପାଇ ଶ୍ରୀସ୍ୱାମୀ ଗହଣେ ।
ଅତିକାୟ, ବକ୍ର ଦନ୍ତ, ଦୀର୍ଘ ଶୃଙ୍ଗ ଆଦି
ଯେତେ ରକ୍ଷ ବୀର ବୃନ୍ଦ, ସୁଦକ୍ଷ ସମରେ
ଆଦର ଅଛନ୍ତି କେତେ ସାମନ୍ତ ନୃପତି,
ସ୍ୱାର୍ଥ ଆଶେ ଯେଉଁମାନେ ଭିଡ଼ୁଛନ୍ତି ଅଣ୍ଟା,
ଖଣ୍ଡେ ଖଣ୍ଡେ ଜାୟଗୀର ପାଇବେ ଇନାମ୍ ।
ଗୁପ୍ତଚର ବିଭାଗର ବଡ଼ ଅଫିସର
ଶୁବର ସାରଣ ମନ୍ତ୍ରୀ ବସି ଏକଧାରେ
ଘାଣ୍ଟି ଯାଉଛନ୍ତି ଧୀରେ ଫାଇଲ୍ ଗଦା ଗଦା
ଚଳନ୍ତି ମେସିନ୍ ଭଳି ଅବିରାମ ଭାବେ ।
ଫମିତ ବ୍ଲାଡାର ପରି ଉଦର ତାଙ୍କର
କରଇ ଟେବୁଲ କାମ, ତିନ ଫୁଟ ଲମ୍ବା ।
ତାଙ୍କ ନନା ଶୁକ ମନ୍ତ୍ରୀ, ପ୍ରଧାନ ସଚିବ
ବସିଛନ୍ତି ମୁଣ୍ଡ ମାଣ୍ଡି, ମୁଖ କରି-ହାଣ୍ଡି ।
ରଣଭୂମି ମାନଚିତ୍ର, ସକଳ frontର
ମେଲା ହୋଇଅଛି ଆଗେ, ଟେବୁଲ ଉପରେ,
ନାଲି ନେଳୀ ଟିକ୍ ମାର୍କା, କ୍ରସ ମାର୍କ ଦିଆ,
ତହିଁରେ ବୁଲାଇ ଚକ୍ଷୁ, ବୀର ବଂଶ ନେତ୍ର
ଫାଙ୍କୁଲ ବଦନେ, ପୁଣି ଓଷ୍ଠେ ଓଷ୍ଠ ଚାପି,
ସୁଗମ୍ଭୀରେ ପଚାରନ୍ତି ସମର ବାରତା ।
ଦିଶୁଛନ୍ତି ରକ୍ଷପତି ଅତି ଶାନ୍ତ ମତି

ତୁଫାନ ଆଗରୁ ଯଥା ଦିଶଇ ଆକାଶ
ଅଥବା ଅନଳୋଦ୍‌ଗାର ଅନନ୍ତ ପୂର୍ବରୁ
ଦିଶେ ଯଥା ଅଗ୍ନି ଗର୍ଭ ଭିସୁଭିଅସ୍ ଗିରି ।
ସ୍ୱାମୀଙ୍କର ଗତିବିଧି ଜ୍ଞାନରେ ନିପୁଣ
ରକ୍ଷ ସେନାପତି ବୃନ୍ଦ ଗଣନ୍ତି ପ୍ରମାଦ,
ମାନ ଅର୍ଥ ଭୟେ, ଅବା ଜାନ୍, ମାନ୍ ଭୟେ,
ସକଳେ ଅଛନ୍ତି ଠାକ କର୍ମକୁ ଆଦର
ଦୋହରା ଆସାମୀ ଯଥା କାଠଗଡ଼ା ମଧ୍ୟେ,
କାହାର ଫୁଟିବ ପେଟ, କାହାର ମୁଣ୍ଡିଆ
କାର ନାକ, କାନ, କାର ଚୁଟି ହେବ କଟା
ଯିବ କାର ଜମିଜମା, କାହାର ମହିନା,
କାର ପଦ, କାର ମଦ, କାର ଦାନା କନା ।
ଗୁହୁଁ ଗୁହୁଁ ରକ୍ଷେଶଙ୍କ ବକ୍ଷ ଗଲା ଫୁଲି
କର୍ମ-କାର ଭାଉବର ହୋଇ ଠେଲି ଠେଲି
ଅଥବା ଇଞ୍ଜିନ ଗର୍ଭେ ଲାଗିଲା ଉତ୍ତାପ
ବୟଲର ଫାଟି ଅବା ହେବ ଶତମାତ୍ର !
କ୍ରମେ ହୋଇଗଲା ବଂଶ ଚକ୍ଷୁ ରକ୍ତ ବର୍ଣ୍ଣ
ଉଗାର ଅନଳ ଶିଖା ଗରମ ଗରମ୍
ମଶାଣି ପଦାରେ ଯଥା ଉଠଇ ଉଜ୍ଜ୍ୱଳି
ଟିପି ଟିପି ବର୍ଷାକୁଳ ଅନ୍ଧାର ନିଶାରେ
ଡାଆଣୀ ଆଲୁଆ ବଳୀ ଜ୍ୱାଳି ଦପ୍ ଦପ୍
କମ୍ପିଲେ ବୀରେନ୍ଦ୍ର କୁଳ ରକ୍ଷ ସେନାପତି ।
ଏକକୁ ଅପରେ ଗୁହ୍ନି, କେହୁ ଏବା ଠରେ
ବରଡ଼ା ପତର ଭଳି ଖର ତୁଫାନରେ ।

Digitized by srujanika@gmail.com

କୁଅଁରେ, କଣ୍ଠରେ ଅବା କେଉଁ ମତେ ବାଜେ
ଟେକୁବା ସମ୍ଭର୍ ଦେବ ବଟେ ପୋଛ ମାଥ ।
କେ ଭାବେ 'ଯଃପଳାୟତି ସ ଏବ ଜୀବତି'
ମାତ୍ର ଉଠିବାକୁ ଗଲେ ପାଦ ନ ଗଚ୍ଛତି !
ଏକାଳେ ରାବଣ ମନ୍ତ୍ରୀ ବସି ସ୍ୱ ଠାବରେ
ହୋଇଲେ ମୂର୍ଚ୍ଛିତ—ହାୟ ହାୟ ଏ କି ହେଲା ?
ଚୋଳଣି ଧାଇଁଲେ ସବେ—ଟେକା ଟେକି କରି
ବସାଇ ଦେଖିଲେ ତାଙ୍କ ଦୁଇ କଷ ବହି
ଶୁଭ୍ର ଫେନ ଘଷି ଘଷି ଆସୁଅଛି ଭସି ।
ଏଣେ ଲଗା ପତ୍ରା ସବୁ ବିଲ୍‌କୁଲ ଖରାପ ।
ସୁରଜଣ ରକ୍ଷୀ ଆସି ଉଠାଇଲେ ଲାସ୍
ଝୁରିରେ ଲଦନ କରି ପେଟିଟିକୁ ଖାସ୍
ଏହା ଦେଖି ରାବଣଙ୍କ ଅକ୍‌କାଲ ଗୁଡୁମ୍
ଛାଡ଼ିଗଲା ସବୁ ରାଗ, ଗୋସ୍‌ସା ଆଦି ଯେତେ
ଆଖିରୁ ଲଭିଲା ନାଲି, ନାକରୁ ହୁତାଶ
ହାୟ ହାୟ ବୋଲି ସବେ ଛାଡ଼ିଲେ ନିଶ୍ୱାସ ।
ଧନ୍ୟ ସେ ରାବଣ, ଆଜି ଅଛୁ ବଳି ଦେଇ
ରକ୍ଷା କରି ଦେଲେ ଯାହା ଏତେ ବନ୍ଦ୍ ରୁନ୍ଦେ ।
ଏଥିରେ ଅଭୁତ୍ଥାଗ ଅନନ୍ତ ସ୍ୱରଗ
ଅଢ଼ର ଅଯତ୍ନ କୀର୍ତ୍ତି ଲଭିଲେ ରାବଣ ।
ତହୁଁ ଦଶାନନ ଧୀରେ ବୋଲନ୍ତି ବଚନ
ରୁହିଁ ଅତିକାୟ ବୀରେ ପ୍ରଶାନ୍ତ ମୂରତି
ଦୁରନ୍ତ ତୁଫାନ ଅନ୍ତେ ନୀରସ ଧରଣୀ—

ରାବଣ—ଜାତ ପୁତ୍ର କି ଖବର, ତୁ କି ହେଲୁ ପୁଣି ।
କେମନ୍ତେ ଗଲବା ହାତି, ଚଢ଼ାଇଲେ ପକ୍ଷୀ
ଚାନର ଜଙ୍ଘ କରଣ, କାଟିନେଇ ଶତା ?

ଅତି—କି କହିବି ତାତେ—
ଦେଖ ଭୀଷଣ ସମର,
ଧରି ଅସ୍ତ୍ରହସ୍ତ,
ରାକ୍ଷି ଦଳ ନାହିଁ ତର
ଧମାଧମ ଗୁଳିଗୁଳା ମଝିରେ
ଧଡ଼ଧଡ଼, ଝଲୁଆ ହୋଷ୍କାର
କିଛି ନ ରହିଲା ବାକି ସକଳ ପ୍ରାନ୍ତର
ଅବିରତ କଳବଳ ଗୁଳିଗୋଳା ଖବର ।
ମିତ୍ର, ସୁତ, ଭୂଗଲି ଯେ ଗତ
ଭୁଇଁ ପଡ଼େ ଶସ୍ତ୍ର ଛୁଟେ ଗ୍ରହଣଲେ ଲଢ଼ା ଲଢ଼ି ।

ମାତ୍ର ପ୍ରଭୋ, ଆମେ ଗାଇ ଦଇବ ଦଉଡ଼,
ଯେଉଁଙ୍କ ଭିଡ଼ଇ ଦେଉଣ ପଡ଼ଇ ପିତାକୁ ।

ରାବଣ—ପୁଣି ସେ ଦଇବ କଥା !
କାହିଁଥିଲା କହ ପୌରୁଷ ତୁମର
ଯାହା ବଢ଼ାଇବା ଲାଗି ଖୁଆଇ ପିଆଇ
ବସାଇ, ହସାଇ ପୋଷିଥିଲି—ଏତେକାଳ !
ଏହି ତାର ଫଳ !
ଲଙ୍କା ନାହିଁ ଶେଷ ଲାଗେ ହେଲା ନପୁଂସକ ?
ଓଃ—ନାହିଁତ ତୁମର ଦୋଷ,
ଭାଗ୍ୟଦୋଷ ମୋର
କଲୁ ଶନି ହୋଇଅଛି ବଡେଣ ସପ୍ତଜନ୍ମ
ଅଚ୍ଛା, ବତ୍ସ କହରେ ବୃତ୍ତାନ୍ତ
ଅକ୍ଷୟକୁମାର ମୋର ପଡ଼ିଲା କେମନ୍ତେ ।

ଅତି—ସମର ଗହଣେ ଯେଉଁ ଅଛି ଲଙ୍କା ପୋଡ଼ା
ପଶୁ ଜାତି, ମୂଢ଼ ମତି, ମାଡ଼ରେ ସାଉଡ଼,
ବିଶାଳ ମର୍କଟ ସେନା କରିଛି ଉଆର
ସେହି ସେନା ଢେଙ୍କା,
କରିଲା ଭୀଷଣ ରଣ କୁମାର ସହିତେ ।
ଆନ୍ ବାଦ୍ୟ ତୁରୀ ଭେରୀ, ନାମ ସଂକୀର୍ତ୍ତନ
ସବୁ ଚାଲି ପଣ୍ଡ, ସେହି ଲଢ଼ି ଅଗୋଗଣ୍ଡ,
ଲଣ୍ଡ ଭଣ୍ଡ କଲା ହୁଣ୍ଡା ରକ୍ଷ ପଣ୍ଟୁଗଣେ ।
ହନୁର ପ୍ରଭାବ ଆଗେ ଜାଣନ୍ତି ଆପଣେ,
କନକ ପ୍ରାଚୀର ବେଢ଼ା ସ୍ୱର୍ଣ୍ଣ ଲଙ୍କା ପୁର
ଉତ୍ତରେ ଅଛଇ ଯାର ପଞ୍ଚ ମୁଖ ଦ୍ୱାର,
ପଶି ତହୁଁ ହଟେଜ ସେହି ମର୍କଟ ଅର୍ଭକ
ସର୍ବନାଶ ଉଆଇଲା ପୋଡ଼ା ଗର୍ଭ ଢାଳ ।
ହାତ ଖାଦ କରି ଦେଲା ସ୍ୱାର ସେ ବର୍ବର ।
ଷଣ୍ମୁଖରୁ ଆଜ୍ଞା ଦେଇ ପଟୁଆ ହୋଇଆନ୍ତା ତର
ଖଣ୍ଡ ଖଣ୍ଡ କରି ତାକୁ ଦେଇଆନ୍ତୁ ଫିଙ୍ଗି
ଉତ୍ତାଳ ତରଙ୍ଗାକୁଳ ଅଥଳ ଜଳକୁ
ପଡ଼ିଆନ୍ତା କାଳିଆର ବାଳିଆ ପାଞ୍ଚିଲେ ।
ମାତ୍ର ଲମ୍ବୁ ଜମ୍ବୁ ବାହୁ ଦେଲେ ଜୀବଦାନ
ନିମକ୍‌ହାରାମ୍ ସେହି ଅଭିକା ବେଇମାନ୍
ଚଉଣି ଚୁଟିଆ, ପଞ୍ଚି ଦାଆ, ଗଞ୍ଜି ଶିଆ ।

( ୧୭ ପୃଷ୍ଠା ଦେଖ )

Digitized by srujanika@gmail.com



# ନାଗରିକ ଦଳ

ହେ ପିଲେ,

ତମେ ସବୁ ଜାଣିଥିବ ଏବେ ଆମ ଓଡ଼ିଶା ସରକାରର ମାଲିକ ଛଅ ଜଣ ଓଡ଼ିଆ ପୁଅ ହୋଇଛନ୍ତି। ସେମାନଙ୍କ ନାଁ—ମନ୍ତ୍ରୀ। କଥାକୁ ଲାଟ ସାହେବଙ୍କ ମନ୍ତ୍ରୀ ଏମାନେ। କିନ୍ତୁ ଧରିବାକୁ ଗଲେ ସବୁ ଶାସନ କାମ, ଆଇନ କାନୁନ୍ ଏଇମାନଙ୍କ କଥାରେ ଚାଲିବ। ଯେତେ ଜଜ୍ କଲେକ୍ଟର, ହାକିମ ହୁକୁମା ବଡ଼ବଡ଼ିଆ ଅଫିସରଯାକ ସମସ୍ତେ ସେମାନଙ୍କର ହୁକୁମରେ ଚଳିବେ ଓ କାମ କରିବେ। ପ୍ରକୃତରେ ଏଇମାନେ ଆମ ଶାସନର ମାଲିକ।

ଏମାନେ କିପରି ହେଲେ ଜାଣ ? ଲକ୍ଷ ୨ ଚାଷୀ, ମୂଲିଆ, ମହାଜନ, ଜମିଦାର ସବୁ ଶ୍ରେଣୀର ଲୋକ ଭୋଟ ଦେଇ ଜଣ ଜଣଙ୍କୁ ବାଛିଲେ। ସେମାନେ ଓଡ଼ିଶା ଆଇନ ସଭାର ମେମ୍ବର ହେଲେ। ସେମାନେ ପୁଣି ତାଙ୍କର ଭିତରୁ ଏଇ ଛଅ ଜଣଙ୍କୁ ବାଛି ମନ୍ତ୍ରୀ କଲେ; ଅବଶ୍ୟ ଲାଟ ସାହେବଙ୍କ ମଞ୍ଜୁରିରେ।

ଆଚ୍ଛା କହିଲ, ଏତେ ଲୋକ ଥାଉଁ ୨ ସେମାନଙ୍କୁହି କାହିଁକି ବଛା ଗଲା ? ଲାଟ ସେମାନଙ୍କ ମୁଣ୍ଡରେ କାହିଁକି ଶାଢ଼ୀ ବାନ୍ଧିଲେ। ସେଇସବୁ କିଛି ଗୁଣ ଥିଲା ବୋଲି ସିନା। ସେମାନଙ୍କର ତ ତମରି ପରି ଯୋଡ଼ାଏ ହାତ ଯୋଡ଼ାଏ ଗୋଡ଼। ପାଠ ଯେତେ ପଢ଼ିଛନ୍ତି ତାହା ଅଧିକ କେତେ ଲୋକ ବି ପଢ଼ିଥିବେ। ତେବେ ସେମାନଙ୍କୁ ଏତେ ମାନ କାହିଁ ?

ତାର ଅସଲ କାରଣ ହେଉଛି ବିଶ୍ୱାସ, ଯାହାକୁ କହନ୍ତି ପରତିଆ। ସମସ୍ତେ ଏଇମାନଙ୍କୁ ବିଶ୍ୱାସ କଲେ ଯେ ଏମାନେ ନ୍ୟାୟ ଭାବରେ ସଚ୍ଚୋଟ ଭାବରେ, ନିର୍ଭୟ ଭାବରେ କାମ ଚଳାଇ ପାରିବେ। ଅସଲ କଥା ଚରିତ୍ରର ବଳ। ଚରିତ୍ର ଠିକ ନ ଥିଲେ ଏ ବିଶ୍ୱାସ, ଏ ନିର୍ଭର ଆସିବ କାହୁଁ ? ଲକ୍ଷ ୨ ଲୋକେ ତାଙ୍କ ଗଳା ଛୁରୀ ସେମାନଙ୍କ ହାତରେ ସଁପି ଦେଇଛନ୍ତି କିପରି ?

ଏମାନେ ସବୁ ଦିନେ ତମରି ପରି ପିଲା ଥିଲେ। ତମରି ଭଳି ପାଠ ପଢ଼ୁଥିଲେ, ଖେଳୁଥିଲେ, ନାଚୁଥିଲେ, ଡେଇଁଥିଲେ। ଆଜି ତମେ ପିଲା ହୋଇଚ, କାଲି ବଢ଼ିଯିବ। ଯଦି ତମର ଚରିତ୍ର ଠିକ ରଖି ପାରିଥିବ, ଲୋକଙ୍କର ବିଶ୍ୱାସ ଭାଜନ ହୋଇ ପାରିବ। ସମସ୍ତେ ତମକୁ ଦେଶର 'ଆମର' ବୋଲି କହି ପାରିବେ ଏହି ଦିନରୁ ସେହି ସବୁ କାମ କର। ନିଜର ଛୋଟ ୨ ସ୍ୱାର୍ଥକୁ ଛାଡ଼ି ପାଞ୍ଚ ଜଣଙ୍କ ଉପକାର ପାଇଁ, ଦଶ ଜଣଙ୍କ ଭଲ ପାଇଁ, ପଚିଶି ଜଣଙ୍କ ମଙ୍ଗଳ ପାଇଁ ମନରେ ଭାବ, କାମରେ କର, ତୁଣ୍ଡରେ କୁହ।

ଗୁଣ ବୁଝିଲେ ଲୋକେ ତମକୁ 'ଆପଣାର' ବୋଲି କହିବେ। ତମେ ଆପେ ୨ ବଡ଼ ହୋଇଯିବ। ବଡ଼ ହେବି ବୋଲି ମନକଲେ କେହି ବଡ଼ ହୁଏ ନା। କାମ କଲେ ଯାଇ ହୁଏ।

ମାତ୍ର "ଯାହା ନୋହିବ ବାଳକାଳେ, ତାହା ନୋହିବ କାଳେ କାଳେ।" ସେଥିପାଇଁ ଏହି କାଳରୁ; ଏଇ ପିଲା କାଳରୁ ବଡ଼ ବଡ଼ ଚରିତ୍ର ଧର, ବଡ଼ ୨ କାମ କରିବାକୁ ମନ କର। ବଡ଼ଙ୍କର ଜୀବନୀ ପଢ଼। ସେଥିରୁ ଅନେକ ଜାଣିବ। ଜାଣି, ସେଇ ମୁତାବକ ନିଜକୁ ତିଆରି କରିବ। ମନଟାକୁ ଉଚ୍ଚ ରଖିଥିବ। ତାହାହେଲେ ଦିନେ ବେଳ ପଡ଼ିଲେ ତମେହି ଉଚ୍ଚକୁ ଉଠିବ, ବଡ଼ ହେବ।

ଏକା କଥା ରଖିଛ, ବଡ଼ ' ଅଛି ହୋଇଗଲେ ଜଗା ବୁଢ଼ାକୁ ପାଶୋର ଦେବନାହିଁ। ଠିକ୍ ୨ ମନରେ ରଖିଥିବଟି। ଯଦି ବୁଢ଼ା ଜୀଇ ଥାଏ, ତମକୁ ବଡ଼ ହବା ଦେଖିଲେ କେତେ ଖୁସି ହେବ କହିଲ ଭଲା ! ସେ ଦିନ କଣ ଆସିବ ନାହିଁ ପିଲେ ?

—o—

ସମସ୍ତେ ଗ୍ରାମଫୋନ ଦେଖିଥିବ, ତାର ଗୀତ ବି ଶୁଣିଥିବ। "ରେକର୍ଡ଼ ବୋଲି ଗୋଟିଏ ୨ ଥାଳିଆ ଜିନିଷ ଥାଏ ତାକୁ କଳରେ ଲଗାଇ ଦେଇ କଳ ଲୋଇ ଦେଲେ, ଆପେ ୨ ଗୀତ ବି ବାହାରେ, କଥା ବି ବାହାରେ।

ଆଉ ଦିନ୍ ଦିନ୍ କେତେ ଖବର କାଗଜ ଦେଖୁଥିବ। ଯେପରି ସମାଜ, ଅମୃତ ବଜାର, ଆଶା ପ୍ରଭୃତି। ସେଥିରେ ରାଜ୍ୟ ଯାକର କଥା ଓ ଖବର ଥାଏ ତାକୁ ଲୋକେ ପଢ଼ି ସବୁ ଜାଣନ୍ତି।

ବଡ଼ ବଡ଼ ଖବର କାଗଜ ପଢ଼ିବାକୁ ବହୁତ ସମୟ ଲାଗେ ବୋଲି ଜଣେ କାରିଗର ଏବେ ଏକ ପ୍ରକାର ଖବର କାଗଜ ଛପାଉଛନ୍ତି ଯାହାକୁ ଆଉ କଷ୍ଟ କରି ପଢ଼ିବାକୁ ହେବ ନାହିଁ। କାଗଜଟାକୁ ନେଇ ଗୋଟାଏ କଳରେ ଲଗାଇ ଦେଲେ, କଳଟା ଖବର କାଗଜରେ ଲେଖା ଥିବା କଥା ଗୁଡ଼ାକ ଆପେ ୨ ପଢ଼ି ଶୁଣାଇ ଦେବ। ତମେ ବସି ୨ ବା ଅନ୍ୟ କାମ କରୁ ୨ ଖାଲି କାନଟା ଦେଇଥିଲେ ଖବର କାଗଜ ପଢ଼ା ହୋଇଗଲା। ପରିଶ୍ରମ ନାହିଁ ଆଉ ସମୟ ବି ଲାଗିବ କମ୍।

—o—

Digitized by srujanika@gmail.com

## ଟେଶିଗ କାଣ୍ଡ ।

( ୧୪ ପୃଷ୍ଠା ଉତ୍ତାରୁ )

ରାବଣ—ଧୀରେ, ଧୀରେ, ବତ୍ସ,—
ପରାଜୟ ସମରରେ ହୋଇଅଛୁ ପରା
ମିଜାଜ ଗରମ ତବ !
କୋନ୍ ହ୍ୟାୟ !
ଲଓ ଡାବ୍ ନରମ୍ ନରମ୍ ।
ଥଣ୍ଡା କର ମୁଣ୍ଡଟା ପହ୍ଲେ ।
ଅଙ୍ଗା ମାତ୍ରେ ଅଣିଗଲେ ଗଣ୍ଡା ଦୁଇ ଡାବ
ଚଅଁ ଚଅଁ ଗଲେ ପିଇ ବୀର ଅତିକାୟ
ସଅଁ ସଅଁ ପକାଇ ନିଶ୍ୱାସ
ହଦ ପାଣି ପିଏ ଯଥା ତୃଷିତ ମଇଁଷି ।
ରାବଣ—ଆରେ ବତ୍ସ
ଏତେକାଳ ପାଇ ପାଇ ମୋ ଠାରୁ ତାଲିମ୍ ।
ମାଲୁମ୍ କରିଲୁ ନାହିଁ ମୋର ରାଜନୀତି,
ବ୍ରିଟିସ ପଲିସି ଯାହା—Wait and see
କାୟାଟି ଯେମନ୍ତ ତୋର ବୁଦ୍ଧିଟି ତେମନ୍ତ ।
ଏବେ କହ କିସ ହେଲା ସମରର ଫଳ
କେମନ୍ତେ ଜୁଝିଲା ରଣେ ଅକ୍ଷୟ କୁମର !
ଅତି—କି କହିବ ଅକ୍ଷୟର ଅକ୍ଷୟ ସାହସ,
ଚକ୍ଷେ ଯାହା କରିଛୁ ବୀକ୍ଷଣ
କେଡ଼େ ବିଚକ୍ଷଣ ।
ଲକ୍ଷିବାକୁ ଶକ୍ୟ ନାହିଁ ମୋର
ପିତା ଯାର ଚଢ଼େ ଘୋଡ଼ା, ପୁତ୍ର ଥୋଡ଼ା ଥୋଡ଼ା,
ମାତ୍ର ସେହି ଦରଗଢ଼ା,
କାନ ଫୋଡ଼ା, ଖଡ଼ା ଖିଆ, ହନୁଁ ମୁହଁ ପୋଡ଼ା
ମହର୍ଗିଆ ମଡ଼ା
ଦେଲାତ ପଢ଼ାଇ ପାଠ,
ଫୁଟ୍‌କିରେ କ୍ଷଣ ମାତ୍ରେ ଦେଇଣ ଉଡ଼ାଇ ।
ଗଡ଼ଯାଇ ଅକ୍ଷୟ କୁମର
ପଡ଼ିଲେ ଧଡ଼ାସ୍ କରି ହୋଇ ଚିତମାରି ।

(କ୍ରମଶଃ)

ଓଡ଼ିଶାରେ ନୂତନ ଆବିଷ୍କାର
ଜଗତ ବିଖ୍ୟାତ ହାକମୀ (ୟୁନାନୀ) ଚିକିତ୍ସା ଶାସ୍ତ୍ରର
ଅମୃତ ତୁଲ୍ୟ ସାର ଔଷଧ ।

**ତୀରୟାକ୍-ସୁଲେମାନୀ**

ସମସ୍ତ ପ୍ରକାର ପେଟ ରୋଗର ଅବ୍ୟର୍ଥ ମହୌଷଧ ।

ପାକସ୍ଥଳୀର ବିକାର (ପେଟର ଦୋଷ) ସମସ୍ତ ରୋଗର ମୂଳ—ଏହାର ଏକମାତ୍ର ୟୁନାନୀ ସାର ଔଷଧ ତୀରୟାକ ସୁଲେମାନୀ ଅଟେ । ଏହା ସେବନ ଦ୍ୱାରା ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଅମ୍ଳୋଦ୍‌ଗାର, କୋଷ୍ଠ-ବଦ୍ଧତା, ପେଟ କାମୁଡ଼ା, ପେଟ ଫମ୍ପା, ପେଟରେ ବାୟୁ ଜନ୍ମିବା, ଓ ବାୟୁ ଗୋଳା, ସର୍ବ ପ୍ରକାର ଶୂଳ, ଅଜୀର୍ଣ୍ଣ ହାକୁଟି, ବେକ ଓ ଛାତି ପୋଡ଼ା, ଆହାର ପରେ ବାନ୍ତି, ଅର୍ଶ, ପ୍ଲୀହା, ଯକୃତ, ଇତ୍ୟାଦି ଆରୋଗ୍ୟ ହୁଏ । ସ୍ତ୍ରୀଲୋକଙ୍କ ତଳପେଟ ବେଦନା ବା ଅନିୟମିତ ରଜସ୍ୱଲା, ଆରୋଗ୍ୟ ହୁଏ । ବାତଜର ରୋଗୀଙ୍କ ପାଇଁ ବହୁ ଉପକାର । ମୂଲ୍ୟ ୧ ଶିଶି ପୂରା ଉପଲକ୍ଷେ ଟ୧୮ ସ୍ଥଳେ, ଟ୦୮ ମାତ୍ର—ସେବନ ବିଧି ଔଷଧ ସଙ୍ଗେ ଦିଏ ।

ଆକସିର୍-ସୁଜାକ (ଧାତୁରୋଗ ପାଇଁ) ଯନ୍ତ୍ରଣା ଦାୟକ ନୂତନ ବା ପୁରାତନ ଧାତୁ ପଡୁଥିବା ୩ ଦିନ ସେବନରେ ଯାବତୀୟ ଜ୍ୱାଳା ଓ ଯନ୍ତ୍ରଣା ଦୂରୀଭୂତ ହୋଇ ମାରାତ୍ମକ କଷ୍ଟ ରୋଗରୁ ଆରୋଗ୍ୟ ଲାଭ ହୁଏ । ମୂଲ୍ୟ ପ୍ରତି ଶିଶି ଟ୦୮ । ଏତଦ୍‌ଭିନ୍ନ ସମସ୍ତ ପ୍ରକାର ରୋଗର ଔଷଧ ମିଳେ । ରୋଗର ବିବରଣ ଲେଖି ଜଣାଇଲେ ଔଷଧ ପଠାଉଁ ।

ସର୍ବତ୍ର ଏଜେଣ୍ଟ ଆବଶ୍ୟକ—ଆମ୍ଭ ନିକଟ ବହୁ ପ୍ରକାର ପେଟେଣ୍ଟ ଔଷଧମାନ ରକ୍ଷିତ ଅଛି ।

ହାକିମ—ଏମ୍-ଏ-ରସିଦ, ବାଲୁବଜାର, କଟକ ।

ପୂଜା ଉପଭୋଗ

**ପାଟାଣ୍ଡାଇସ ହୋଟେଲ**

ଏକମାତ୍ର ବିଶିଷ୍ଟ ଓ ବିଶୁଦ୍ଧ ଓଡ଼ିଆ ହିନ୍ଦୁ ହୋଟେଲ
ଗୁଡ଼ିଲଆଗଞ୍ଜ (କଟକ)

ଏଠାରେ ସାଧାରଣ ଆଗନ୍ତୁକମାନଙ୍କଠାରୁ ଆରମ୍ଭ କରି ଅତି ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି । ଏପରି କି ଏ ସହରରେ ଏପରି ଉଚ୍ଚଦରର ଓ ସର୍ବ-ସାଧାରଣର ସୁବିଧା ହୋଟେଲ ଏକମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ ପଙ୍ଖା, ପାଇପି ପାଣି ଓ କାଠ ଟେବୁଲ, ଚେୟାର ଇତ୍ୟାଦି ବରାଦ ଅନୁଯାଇ ଯୋଗାଇବାକୁ ହୁଏ । ଅନ୍ୟାନ୍ୟ ହୋଟେଲ ଠାରୁ ଖର୍ଚ୍ଚ କମ କରାଯାଏ । କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ କାନନ୍‌ଗୋ ।

ଶ୍ରୀମାନ୍ ରଘୁନାଥ ମହାନ୍ତିଙ୍କର **'ଶବର ବାଳା'** ପଢ଼ନ୍ତୁ ।

ଅରୁଣୋଦୟ ପ୍ରେସ, କଟକ ।

FOR—ALL SORTS OF

**MEDICINES**

PLEASE COME TO

**CROWN MEDICAL HALL,**
**RANIHAT, CUTTACK.**

Digitized by srujanika@gmail.com

**ସାବଧାନ ! ଠକାମିକି ସାବଧାନ ! ନକଲିକି ସାବଧାନ !**

ଆମ୍ଭର ଅସଲ ଅକବର ଗୁଡ଼ାଖୁ ଯାହାକି ଅଳ୍ପ ସମୟରେ ପ୍ରସିଦ୍ଧି ଲାଭ କରିଛି ତାହା ଆମ୍ଭର ପିତା ମହୋଦୟ ୰ ଅକବର ଖାଁଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ବର୍ତ୍ତମାନ ଅନେକ ଲୋକ ଖରାପ ଗୁଡ଼ାଖୁ ତିଆରି କରି ଆମ୍ଭର ନାମରେ ବିକୁଅଛନ୍ତି । ତାହା ପ୍ରତି ସାବଧାନ ହୁଅନ୍ତୁ । ସେହି ସାବଧାନ ନିମିତ୍ତ ଆମ୍ଭେ ଆମ୍ଭର ଗୁଡ଼ାଖୁକୁ ରେଜେଷ୍ଟ୍ରି କରିଅଛୁଁ । ତେଣୁ ଆମ୍ଭେ ଆପଣମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଗୁଡ଼ାଖୁ କିଣିବାବେଳେ ଆମ୍ଭର ଚନ୍ଦ୍ର ତାରା ଟ୍ରେଡ଼ମାର୍କା ଦେଖି ଗୁଡ଼ାଖୁ କିଣିବେ । ଯଦି ଆପଣମାନେ ଆମ୍ଭର ଆମ୍ଭ ନିକଟରୁ ଗୁଡ଼ାଖୁ କିଣିବେ ତେବେ ଠକାମିରେ ପଡି ପାରିବେ ନାହିଁ ।

ପ୍ରୋପ୍ରାଇଟର—ହାଜି ଅଲତାଫ ଖାଁ ଓ କଦର ଖାଁ
। ମୁ । ବାଲୁବଜାର, ପୋଃ ଅଃ ବୃନ୍ଦାବନଗୌଡ଼
କଟକ ( ବି. ଏନ୍. ଆର୍. )

---

ଆପଣଙ୍କର ମରମ କଥା ପାଇବେ
ଶ୍ରୀମାନ୍ ନିତ୍ୟାନନ୍ଦଙ୍କର
ମରମ ଦାଣ୍ଡୀ
ଅମର କବିତା

# ମରମ'ରେ

ମୂଲ୍ୟ—॥୦

---

ଓଡ଼ିଶାର ଶ୍ରେଷ୍ଠ ମାସିକ ପତ୍ରିକା

# ସହକାର

ପଢ଼ନ୍ତୁ

---

# 'ବିଶଲ୍ୟ କରଣୀ ମଲମ'

କଟା ଘା, ପୋଡ଼ା ଘା, ମୁଣ୍ଡ ବିଥା, ଫୋଲା ବନ୍ଧା, ଚକା, ଦାଗି, ଗିଲ୍‌ଟି ଇତ୍ୟାଦି ସର୍ବ ପ୍ରକାର ବ୍ୟଥା ଯନ୍ତ୍ରଣାର ଅବ୍ୟର୍ଥ ମହୌଷଧ । ଓଡିଶା କେମିକେଲରେ "ବିଶଲ୍ୟ କରଣୀ"ର ପ୍ରସ୍ତୁତ କାରକମାନଙ୍କ ଦ୍ୱାରା ପରୀକ୍ଷିତ ଓ ପ୍ରସ୍ତୁତ ! ଦି ନିଉ ଓଡିଶା ଇଣ୍ଡଷ୍ଟ୍ରିଆଲ କମ୍ପାନୀ କାରଖାନାରେ ହୋଇ ବଜାରରେ ଖୁବ ଆଦର ପାଉଅଛି ।

ଶ୍ରୀ ଗୋବିନ୍ଦଚନ୍ଦ୍ର ଦାସ ।
ପ୍ରୋପ୍ରାଇଟର
ଦି ନିଉଓଡ଼ିଶା ଇଣ୍ଡଷ୍ଟ୍ରିଆଲ କମ୍ପାନୀ ।
କଟକ ।

---

ଘା; ଘାଉଜ; ବ୍ୟଥା; ମଚକା; ବିଛା କାମୁଡ଼ା, ପେଣ୍ଡା ମୁଣ୍ଡିଆ ବାତ; ପକ୍ଷା ଘାତ ପ୍ରଭୃତି ସମସ୍ତ ପ୍ରକାର ଯନ୍ତ୍ରଣାକୁ

# ଅସଲି ପଞ୍ଚଗୁଣା ତୈଳ

ମୂଲ୍ୟ ॥୦ । ମାତ୍ର ।

---

ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

**ଯୋଗଶକ୍ତି**

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, ନିସ୍ତେଜ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରୁଚିହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଧାର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳିତ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବିଜୁଳିପରି ଶକ୍ତି ଖେଳେ । ଦୀ୧୫ନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

**ରତି ଶକ୍ତି**

ଏହା ବ୍ୟବହାର କଲେ ବୃଦ୍ଧ ଯୁବକ ତୁଲ୍ୟ ରତିଶକ୍ତି ପାଏ । ଯେଉଁମାନେ ଧ୍ୱଜଭଙ୍ଗ ଓ ଶୁକ୍ରତାରଲ୍ୟ ହେତୁ ହାହତୋସ୍ମି ହୋଇ ଅଛନ୍ତି, ସେମାନଙ୍କୁ ଏହା ଐଶ୍ୱରିକ ଶକ୍ତି ପରି ଫଳ ଦିଏ । ଥରେ ପରୀକ୍ଷା କରନ୍ତୁ । ଦୀ୧୫ନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୧

**କର୍ପୂରାରିଷ୍ଟ**

ହଇଜା ଗୋଟିଏ ଭୟଙ୍କର ରୋଗ । ଗୃହୁଁ ଗୃହୁଁ ଲୋକର ଅମୂଲ୍ୟ ଜୀବନ ନଷ୍ଟ କରିଦିଏ । ଗୋଟିଏ ଶିଶି କର୍ପୂରାରିଷ୍ଟ ଘରେ ରଖନ୍ତୁ, ଆଉ ଭୟର କାରଣ ରହିବ ନାହିଁ ।

— ବଡ଼ ଶିଶିର ମୂଲ୍ୟ ୫୦୧, ଛୋଟ ଶିଶିର ମୂଲ୍ୟ ୫୦। —

| | |
|---|---|
| ନୟା ସଡ଼କ | ବୈଦ୍ୟରାଜ<br>C/o ଶ୍ରୀ ବାଲୁକେଶ୍ୱରଅଗ୍ରୱାଲ<br>ଭିଷକବର |
| ପୋଃ ଅଃ ବୃନ୍ଦାବନଗୌଡ଼, କଟକ । | କବିରାଜ<br>ଶ୍ରୀ ଲକ୍ଷ୍ମୀନାରାୟଣ ଅଗ୍ରୱାଲ<br>ଆୟୁର୍ବେଦାଚାର୍ଯ୍ୟ |

---

# 'ଚ୍ୟାଲେଞ୍ଜ' ???

ଆପଣଙ୍କ ମୂଲ୍ୟବାନ କଲମର ପରମାୟୁ ବୃଦ୍ଧି କରିବାକୁ ହେଲେ ସର୍ବଦୋଷ ବର୍ଜିତ ଚ୍ୟାଲେଞ୍ଜ ଫାଉଣ୍ଟେନ ପେନ୍, କାଳି ବ୍ୟବହାର କରନ୍ତୁ ।

ପ୍ରସ୍ତୁତ କାରକ
ଓଡ଼ିଶା କେମିକାଲ
ଲିମିଟେଡ୍

Digitized by srujanika@gmail.com

REG. NO. P-141

THE DAGAR

# ଡଗର


## ଡାକ୍ତର - ରଘୁନାଥ ସାହୁ

ଏଚ୍, ଏମ୍, ବି, କୋର ଅବଷ୍ଟ

ସର୍ବପ୍ରକାର ଜ୍ୱରରୁ ଓ ପିଲେଇରୁ ଅଣ ବାହୁଡ଼ା ବଳ୍ପ୍ରାଣ ।

ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗର ହୋମିଓପାଥିକ ଔଷଧ ମିଳେ ।

## ସାଗରସୁଧା

ଅଦାଲତ କଚେରୀ ସାମନା

ଠିକଣା: ଗୁଣ୍ଡମାଟଚୌକ, କଟକ ।

ହାତୀ ମାର୍କା

## ବାଲି କାଗଜ

ଏହି କାଗଜରେ ଲେଖିଲେ କାଳି ଫେଇ ନାହିଁ ଓ ଏହାକୁ ପୋକ ସହଜରେ ନଷ୍ଟ କରି ପାରନ୍ତି ନାହିଁ ।

ଏଜେଣ୍ଟ:—ଚଣ୍ଡୀ ଲାଲ ଗଟେମ୍ଭର ଲାଲ, କଟକ ।





ସୁନ୍ଦର ଦାନ୍ତ ବନ୍ଧାଇବା ଓ ପରୀକ୍ଷା କରାଇବା

ଦାନ୍ତ ଚିକିତ୍ସା କରାଇବା ପାଇଁ

ଦାନ୍ତ ଡାକ୍ତର ଶ୍ରୀ ନବକିଶୋର ମିସ୍ତ୍ରୀ—କଟକ

ଓଡ଼ିଶାରେ ସର୍ବ ପ୍ରଥମ ଓ ପ୍ରବୀଣ ଅଟନ୍ତି ।

ବିନା ଫିସରେ ପରାମର୍ଶ ଦିଆଯାଏ ।


ପ୍ରକାଶକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com

ଆଶ୍ୱିନ ପ୍ରଥମାର୍ଦ୍ଧ ୧୩୪୬ ସାଲ ଗାନ୍ଧି ଜୟନ୍ତୀ ସଂଖ୍ୟା ୯ ମ ଖଣ୍ଡ





ଆପଣଙ୍କର ନବସପ୍ତତିତମ ଜନ୍ମ ଦିବସରେ, ହେ ଦରିଦ୍ର ସଖା !—
ଲାଞ୍ଛନା ପ୍ରପୀଡ଼ିତ ବିପନ୍ନ ଉତ୍କଳର ଦରିଦ୍ରତମ ସେବକ
ଡ଼ଗର ଆଜି ଆପଣଙ୍କୁ ଅଶେଷ ଶ୍ରଦ୍ଧାଭାବରେ
ପ୍ରଣିପାତ କରୁଅଛି ।

Digitized by srujanika@gmail.com



# ଇଲେକ୍ଟ୍ରୋ ପ୍ଲେଟିଂ କାରୁକାର୍ଯ୍ୟ

( ସୁନା ଏବ ରୁପାର ଅଳଙ୍କାର )

୧୪ କ୍ୟା ଗୁଲ୍ଡ !          ୨୨ କ୍ୟା ଗୁଲ୍ଡ !!



ଗ୍ରାହକମାନଙ୍କର ଫରମାସି ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବ ବହୁ ମୂଲ୍ୟ ପଥରର ସୌଖୀନ ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରୁଅଛୁ । ଆମ୍ଭମାନଙ୍କର କାର୍ଯ୍ୟ ସୁ ଖ୍ୟାତ ହେତୁ ଅନେକ ଦେଶୀ ବିଦେଶୀ କମ୍ପାନୀ ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ ସର୍ଟିଫିକେଟ ଦେଇଅଛନ୍ତି । ଆମ୍ଭମାନେ ଏହି ବୈଜ୍ଞାନିକ ଯୁଗର ନୂତନ ପ୍ରଥା ଅନୁସାରେ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ଯାହାକୁ ସୁନା ଅଳଙ୍କାରଠାରୁ ଅନେକମାନେ ତାହାକୁ ସୁବର୍ଣ୍ଣ ଦେବାକୁ ବହୁ ନାହିଁ । ଉକ୍ତ ... ଦେଖିବାର ସୁବିଧା ଅନେକ ଦେଇ ଆସିଛି । ... ପ୍ରସ୍ତୁତ ଅଛୁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନା—

ଇତି ।

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ (ଜହୁରୀ)**
ବାଲୁବଜାର, ପୋ: ଚୁଡ଼ଙ୍ଗସାହି—କଟକ ।



| | | | |
|---|---|---|---|
| ହାର | ତୋଳା ପ୍ରତି | ମଜୁରି | ୧ ୩ ୦ |
| ଚୋଡ଼ିଆ ବୁଟି | ,, | ,, | ୧ ୧ ୮ |
| ତେଜି | ,, | ,, | ୧ ୬ ୮ |
| ବଳା | ,, | ,, | ୧ ୪ ୦ |
| ଚୁଡ଼ି | ,, | ,, | ୧ ୨ ୯ |
| ଗଣ୍ଡି | ,, | ,, | ୧ ୪ ୯ |
| ତାର ଫୁଲ | ,, | ,, | ୧ ୨ ୩ |
| ମଳ ଯୋଡ଼ା | ,, | ,, | ୧ ୨ ୫ |
| ମୁଦି | ,, | ,, | ୧୮୦ରୁ ୧ ୨୩ |
| ଖୋସା ଦଣ୍ଡା | ,, | ,, | ୧ ୪ ୯ |
| ପାହୁଡ଼ | ,, | ,, | ୧ ୨ ୫ |

# ଉତ୍କଳର ଘରେ ଘରେ ପ୍ରବେଶ କରୁଅଛି !

**ହଜାର ହଜାର ତରୁଣ ତରୁଣୀ ଆଦର କରି ତାହାର ଗ୍ରାହକ ହେଉଛନ୍ତି ।**

କୋକେ ଜାଣିଲେ ସିନା ବେପାର କରିବ !

**ବିଜ୍ଞାପନ ଦେଉ ସାର ମୂଳ ।**

ଉତ୍କଳର ବିଜ୍ଞାପନ ନେଇ ଅଧିକାଂଶ ଦେଖାଯାଏ ଏହି ଥିରେ

Digitized by srujanika@gmail.com



# ଗାନ୍ଧିଜୀ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

> "I feel that the removal of untouchability is such a tremendous reform in Hindusim that it must have a reaction throughout the world. It will be a total denial of any existence if my method of approach proves a failure."
>
> *GANDHIJEE*

ଭାରତ ରକ୍ତ-ଶତାବ୍ଦୀ ଗତେ ଅତୀତ ବକ୍ଷେ ଲଭି,
ଉଦିଲ ଯୋଦ୍ଧା ତବ ନାମେ ବାଜେ ଡିଣ୍ଡିମ ଉତ୍ସବ ।
ତବ ନାମ ଆସେ ସାଗର ସେପାରୁ ମୌସୁମୀ ସଙ୍ଗେ ଭାସି,
ତବ ନାମ ଗାଏ ହିମାଳୟ ସୀମା ଧବଳ ତୁଷାର ରାଶି ।
ସମର ସଜ୍ଜା ନାହିଁ ତବ ଅଙ୍ଗ ମଲ୍ଲାବରଣ ସାର,
ତଥାପି ଦେହର ପ୍ରତି ପଞ୍ଜର ଋଷି ଦଧୀଚିର ହାଡ଼ ।
କଳା ମଥା ପରେ ସହି ସୈନିକ ଗର୍ବୀ ଗୋରାର ଲାଠି,
ଭେଜି ଯାଇନ ହିଁ ଉପନିବେଶୀର ନିଗ୍ରୋ ଦେଶୀୟ ମାଟି ।
ଦେଶ ଭାଇ ସଙ୍ଗେ ନିଗ୍ରହ ନେଲ ହସି ହସି ନିଜେ ସହି,
ରୁହାଇଲ ବୀର ଶୀତଳ ରକ୍ତ ସମରେ ସତ୍ୟାଗ୍ରହୀ !
ଦୁର୍ବଳ ପରେ ପଶୁବଳୀ-ଦଳ-ପୀଡ଼ନ ଚମ୍ପାରଣେ,
ଦେଖି ଅଭିନବ ନିର୍ମାଣ କଲ ନିରସ୍ତ୍ର ମହାରଣେ ।
ଇସ୍ଲାମ୍ ପରେ ଆଘାତ୍ ଦେଖି ଯେ ଖିଲାଫତ୍ କଲ ଜାନ୍,
'ଏକତାହିଁ ବଳ' ଏ କଥାରେ ଯୋଖି ହିନ୍ଦୁ ମୁସଲମାନ୍,
ପର ଉପକାରେ ପେଶି ଭାରତରୁ ନୋଙ୍ଗା ଯେ ଇଂରମାନେ,
ଜାଲିଅନା ବାଲା ବାଗ ମଇଦାନ ଜ୍ୱାଳା ପାଇ ପ୍ରତିବାଦେ,
ତଥାପି ଧରିଲ ଅହିଂସ ଭାବେ ଅସ୍ତ୍ର ଅସହ ଯୋଗ,
ସତ୍ୟହିଁ ତାର ଜନମ ସାଧନା ଧର୍ମହିଁ ଉପଭୋଗ ।
ସର୍ଦ୍ଦାର କର ଅର୍ଗଳ ଭରେ ଯେବେ ହାହାକାର ରବ—
ଯଡ଼େ, ଇଜାରର ବର୍ଦ୍ଦୋଲି ଦେଶେ ସର୍ଦ୍ଦାର ବଲ୍ଲଭ ।
ଭାରତର ମୋତି ଭାରତ ଜହର ଜଲ ଜାଗି ତବ ଡାକେ
ଜଡ଼ ଜଗତର ସ୍ତବକ ଜୀବନ ଜଗାଏ ଦୁର୍ବିପାକେ ।
ଅବଶ ସାଗର ତୀରଭୂମିରେ ବେଳାରେ ଖାର ଉପାଡ଼ିବା ପଣେ
ଲବଣ କର ରଦ୍ କଲ ଯାହିଁ ଅଇନ୍ ଅମାନ୍ୟ ରଣେ ।
ସୁପ୍ତ ଭାରତେ ଲୁପ୍ତ ବୈଭବ ବର୍ଣ୍ଣା ଫେରାଇ ଆଣି,
ସ୍ୱଦେଶ ପ୍ରୀତିର ନିର୍ଦ୍ଦେଶେ ଦେଶେ ଘୋଷିଲ ମନ୍ତ୍ର ବାଣୀ—
"ଭାରତର ଯେତେ ଭୋକାଶୋଷୀ ଅଛ ଆସ ଆଜ ଦଳେ ଦଳେ
ସ୍ୱଦେଶୀହିଁ ଧନ ସ୍ୱଦେଶ ସ୍ୱାଧୀନ କର ସ୍ୱଦେଶୀର ବଳେ ।"
ହୁଙ୍କାର କହିଛ,"ସ୍ୱାଧୀନତା ଅଟେ ହକ୍ ଦାବି ମାନବର,
ପ୍ରାଣ ଦେଇ ଆଣ ନାହିଁ ଉହୁଁ ବଳ ପୁଣ୍ୟ ଅଧିକାର,
ଭୟ ଠାରୁ ବଳି ପାପ ନାହିଁ ଆଉ, କର୍ମେ ସ୍ୱାଧୀନତା
ସ୍ୱାଧୀନତା ଅଟେ ସୁପଥେ ଚଳନ, ଆତ୍ମ ନିର୍ଭରତା,"
ଶିଖାଇଛ ତମେ ଦୁର୍ବଳ ଜନେ 'ଆତ୍ମ-ଶକତି' ବଳ,
ଶତ୍ରୁ ହୃଦୟ ଜୟ କରିବାର ଅଭିନବ କୌଶଳ ।
ଧନ୍ୟ ହେ ଆଜି ଜଗତ ଧନ୍ୟ ତମର ଆଲୋକ ଲଭି,
ନବ ଭାରତର ପ୍ରାଚୀ ନଭେ ତମେ ପ୍ରାଚୀନ ଅରୁଣ ଛବି ।
ଶୂଦ୍ରବର୍ଣ୍ଣ ଭୁଲି ଯେବେ ଅନ୍ଧ ଅବନତ ଭାରତୀୟ,
ଆଦର୍ଶ ତମେ ଶୂଦ୍ର ବୈଶ୍ୟ ବ୍ରାହ୍ମଣ କ୍ଷତ୍ରିୟ;
ସଂଯତ ଯାର ପ୍ରତି ଇନ୍ଦ୍ରିୟ ସଂଯମୀ ଫଳତ୍ୟାଗୀ,
ପ୍ରତିଷ୍ଠା ଯେହୁ ଜୀବନ କରିଛି ଭାରତ ମୁକତି ଲାଗି;
ଅଟେ ଯାହାର ଆଦରର ଧନ ଖଦଡ଼ ଯାର ପ୍ରାଣ,
ହରିଜନ ଯାର ବୁକୁର ବେଦନା ସେବା ଯାର ସମ୍ମାନ;
ଉଦିଛ ହେ ତମେ ଆଦର୍ଶ ଋଷି ଭାରତର ହିତକାର,
ଗରିବର ସଖା ଗରିବର ଧନ ଦୀନ କୌପୀନ ଧାରୀ !
ଜଗତ ଆଗରେ ବୀର ସନ୍ନ୍ୟାସୀ ଥୋଇ ଅଛ ନୂଆସାଧ,
ଗଙ୍ଗା ଯମୁନା ଯୋଗ କରାଇଛ ଧର୍ମ ଓ ରାଜନୀତି ।
ଜନମିଛ ତମେ ପରମ ହିନ୍ଦୁ ସଂଯମୀ ସର୍ବତ୍ୟାଗୀ,
ଜଗତର ଆଜି ଦ୍ୱିତୀୟ ଖ୍ରୀଷ୍ଟ ପ୍ରାଣ ଦେଇ ପରଲାଗି,
ସତ୍ୟ ପାଳିଛ ଚରିଛ ଲଢ଼ାଇ ଦୋହନ୍ ଧର୍ମ ଭାଷି,
ଧନ୍ୟ ହେ ତମେ ଶଙ୍କରମତର ନବତନ ସନ୍ନ୍ୟାସୀ ।

ସବୁ ଜାତି ସବୁ ଧର୍ମର ଯେତେ ଭାରତୀୟ ନର ନାରୀ,
ଗାଅ ଆଜି ସବୁ ଗାନ୍ଧୀର ଜୟ ନବ-ଜୀବ-ସଞ୍ଚାରୀ !
ଭାରତର କୋଟି ଗରିବ ଦୁଃଖୀ ପାଇଁ ଯିଏ କାନ୍ଦିଛି,
ଅତ୍ୟାଚାରିତ ପୀଡ଼ିତର ସଖା ସେହି ତମ ଗାନ୍ଧିଜୀ ।
ପତିତୋଦ୍ଧାର ପାଇଁ ଉପବାସେ ଢାଳି ଢାଳି ଦିଏ ପ୍ରାଣ,
ଗାଅ ଗାଅ ସେହି ଗରିବବନ୍ଧୁ ଗାନ୍ଧିର ଜୟ ଗାନ ।
ତେତିଶ କୋଟି ଭାରତୀୟ ପ୍ରାଣ ଗାଉ ଆଜି ସମୁଦାୟ,
ଗାଅ ଗାଅ ସବୁ ଉପବାସୀ ବୀର ଗାନ୍ଧିର ଜୟ ଜୟ !
"ଭାରତର କୋଟି ଗରିବ ଦୁଃଖୀ ପାଇଁ ଯିଏ କାନ୍ଦନ୍ତି,
ଅତ୍ୟାଚାରିତ ପୀଡ଼ିତର ସଖା ଜୟ ଜୟ ଗାନ୍ଧିଜୀ ।"

Digitized by srujanika@gmail.com



# ବିଲୁଆ ବିଚାର

[ ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, ନିର୍ଦ୍ଦୋଷ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଡଗରର ମୁଖ୍ୟ ଉଦ୍ଦେଶ୍ୟ ]

## ସମ୍ପାଦକୀୟ

କଟକରେ ରାଜଧାନୀ ହେବା କଥା ଭାଏନ ହୋଇ ଗିବାରୁ କଟକୀ ମଶାକୁଳଙ୍କ ହୃଦୟରେ ଚହଳ ପଡ଼ି ଯାଇଛି । Sanitary department କୁଆଡ଼େ ରାଜଧାନୀ ମଧ୍ୟରେ ମଶା ରଖାଇ ଦେବେ ନାହିଁ—ହୁଏ ତେବେ ମୋଡ଼ିବେ ନୋହିଲେ ଦୂରେ ତଡ଼ିବେ ।

ମାତ୍ର ଏମାନେ ତ ଜଙ୍ଗଲୀ ମଶା ନୁହନ୍ତି—ଏ ଯେ ଖାସ୍ ଖାନ କଟକୀ କୋଠି ମଶା—ସିଅଣ ଲୋକଙ୍କ ପାଖରେ ଥାଇ ଅସଲ ସିଦ୍ଧାଣିଆ । ସେମାନେ ଲାଡ଼୍‌ଟା ଫାଉଣ୍ଟରେ ଏକ ସଭା କରି ଗୋଟାଏ କାର୍ଯ୍ୟକାରୀ କମିଟି ଗଠନ କରିଛନ୍ତି । ତା'ର ନାମ ହୋଇଛି 'ମଶକ-ବିନାଶ-ବିଦ୍ୱେଷିଣୀ ଓ ନର୍ଦ୍ଦମା ସଂରକ୍ଷିଣୀ ସ୍ୱାର୍ଥ-ସଂଘ' ଏ ସଙ୍ଘର ମୁଖ ପତ୍ର ସ୍ୱରୂପ ଗୋଟିଏ ସମ୍ବାଦପତ୍ର ବାହାରିବ—ତାର ନାମ ହେବ 'କଦସୀ' । ଏମାନଙ୍କର ଗୋଟିଏ ଜବର deputation ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀଙ୍କ ଠାକୁ ପଠା ହୋଇଛି । ସେମାନେ କହନ୍ତି କି ସ୍ୱରାଜ୍ୟ ସରକାର ଅଧୀନରେ ଥାଇ ସେମାନଙ୍କର 'ଜନ୍ମଗତ ଦାବୀ' ଉପରେ ଯେପରି ହସ୍ତ କ୍ଷେପ କରା ନ ହୁଏ । ଅଧିକ, ସେମାନେ 'ଶୋଷକ' ଶ୍ରେଣୀଭୁକ୍ତ ହେଲେ ମଧ୍ୟ ଗରିବଙ୍କ ରକ୍ତ ଶୋଷଣ କରନ୍ତି ନାହିଁ ଯେ ତାଙ୍କ ତଣ୍ଟି ଚିପିବାର ବନ୍ଦୋବସ୍ତ କରିବାକୁ ହେବ । ବରଂ ସେମାନେ ସହରର ବଡ଼ଲୋକଙ୍କ ରକ୍ତ ଖାଆନ୍ତି ବୋଲି ତାଙ୍କ ନୀତି ମୂଳ କମ୍ୟୁନିଷ୍ଟ ଦଳଙ୍କ ଢାଞ୍ଚାରେ ସମାନ । ଯଦି କଂଗ୍ରେସ ସରକାର ତାଙ୍କର ଜୀବନ ରକ୍ଷା ନ କରନ୍ତି, ସେମାନେ ତୁମୁଳ ଆନ୍ଦୋଳନ ଲଗାଇବେ— ଏବଂ ଯଦି କରନ୍ତି, ମନ୍ତ୍ରୀମଣ୍ଡଳୀର ଜୟ ଜୟ କାର ଘୋଷିବେ ।

\+ + + +

ମାନଧାତା ସାହେବ ଲାଟ ସଭାରେ 'ରାଣ୍ଡି' ଶବ୍ଦ ବ୍ୟବହାର କରିବାରୁ କେତେକ ସଭ୍ୟ ମୁହଁଟାକୁ ହାଣ୍ଡି କରି ଆପତ୍ତି ଉଠାଇଲେ । ସେଥିରେ ମାନଧାତା ବାବୁ କ୍ଷେପି ଉଠି ଅନର୍ଗଳ ବକିଗଲେ—ରା—ରା—ରା— । କଥାଟା ବୁଢ଼ା ସଭାପତିଙ୍କର ବି ଦେହରେ ଗଲା ପରି ଲାଗିଲା । ରାଣ୍ଡି ଶବ୍ଦରେ ଦୋଷଟା ଯେ କ'ଣ ଆମକୁ ମାଲୁମ ପଡ଼ୁ ନାହିଁ । ଦୋଷ ଥିଲେ 'ଭାଷା-କୋଷ'ରେ ଏ ଶବ୍ଦ କେବେ ନ ଥାନ୍ତା । ବିଶେଷତଃ Colloquial (ପ୍ରଚଳିତ) ବାକ୍ୟମାନେ ଏହାକୁ (ରାଣ୍ଡି) କୁ ବଡ଼ relish (ଉପଭୋଗ) କରିବେ ।

ତାପରେ ଆମକୁ ଯେପରି ଲାଗୁଛି ଦଳ-ନେତା ହୋଇ ମନ୍ତ୍ରୀତ୍ୱର ଗାଡ଼ି ଚଢ଼ିବାର ଯୋଗ୍ୟତା ହାସଲ କରିବାକୁ ହେଲେ ଏହି ଶବ୍ଦଟିର ସଂଜ୍ଞା ରୂପ ଅର୍ଥାତ୍ ରାଣ୍ଡିଆ ବିଶେଷଣଟା ଥିବା ଦରକାର । ଆମ ଓଡ଼ିଶା ଏସେମ୍ବ୍ଲିର ସରକାର ଦଳର ନେତା ଓ ବିରୋଧୀ ଦଳର ନେତା ଉଭୟେ ଏକ୍ସ୍‌ପା ନୁହନ୍ତି କି ?

\+ + +

କୌଣସି କୃଷକ ସଭାରେ ଭାଇ ଶ୍ରୀଯୁକ୍ତ ନବ ଚୌଧୁରୀ କହିଥିଲେ 'ହେ କୃଷକ ଭାଇମାନେ ଯେଉଁ ଜମିଦାର ତୁମମାନଙ୍କୁ ସଳା ବୋଲି ଥରେ କହିବ ତୁମେ ତାକୁ ଲେଉଟାଇ ଶହେ ଥର ହଜାରେ ଥର କହ—'ଶଳା-ଶଳା-ଶଳା ।' ଏହା ଶୁଣି କୁଆଡ଼େ କେତେଜଣ ଜମିଦାର ତାଙ୍କ ଦୁଆରକୁ ଆସି ପଚାରିଲେ, 'ଭାଇ, ବରପଣ କ'ଣ ମାଗୁଛ ?" ନବବାବୁ ତାଳେ ଉତ୍ତର ଦେଲେ—ତମ ଜମିଦାରୀ ତକ ।

\+ + +

ଆମ ଉତ୍କଳୀ ପ୍ରବୋଧ ବାବୁ ପ୍ରଥମେ ଜିଲ୍ଲା ଜଜ୍ ହେବାକୁ ଯାଇ କେଞ୍ଚେ, ତାପରେ ଆଡ଼ଭୋକେଟ ଜେନେରେଲ୍ ହେବାକୁ ଯାଇ କେଞ୍ଚେ ତାପରେ ଇଲେକ୍ସନ ବିଚାରପତି (tribunal) ହେବାକୁ ଯାଇ କେଞ୍ଚାଏ—ଏପରି ତିନି କେଞ୍ଚା ଖାଇ ଏଥର ଏକାଥରକେ ମାରିନେଲେ—'ମେଞ୍ଚାଏ' । ପୁଣି ଅସଲ ଜଜବୃତ୍ତି ଦ୍ୱାରରେ ଅସ୍ଥଲ ହୋଇଗଲା । ଅଲ୍ଲା କର୍ ଦେଖା ତୋ ଛପର ଫାଡ଼୍‌କେ ଦେତା ।

\+ + +

'ବାନପ୍ରସ୍ଥ ଗ୍ରହଣ କଲେଣି କି ?' ଗଳ୍ପ ସଂଖ୍ୟାରେ କୌଣସି ଏସେମ୍ବ୍ଲି ସଭ୍ୟଙ୍କ ସମ୍ବନ୍ଧରେ ଏଭଳି ମତ ଜଣେ ପତ୍ରପ୍ରେରକ (ଚୁଟିଆ ମୂଷା)ଙ୍କ ଠାରୁ ଆମେ ଶୁଣିଥିଲୁ । ମାତ୍ର ଏବେ ଶୁଣୁଛୁ ଯେ ସଭ୍ୟ ଜଣକ ପ୍ରକୃତରେ ବାନପ୍ରସ୍ଥ ନେଲେଣି । ତେଣେ ଇନ୍ଦ୍ରପ୍ରସ୍ଥରେ ପ୍ରାସାଦ ନିର୍ମାଣ ଚାଲିଛି । ଆମେ ସମ୍ବାଦ ପାଇଛୁଁ ଯେ ସେ ଏ ଷ୍ଟେଟ ସଭାରେ ବସି ନିଜର ମାନ ମହତ ପଦାରେ ନ ପକାଇ ଭାରତର ଶ୍ରେଷ୍ଠତମ ବ୍ୟବସ୍ଥା ସଭାରେ ବସିବାକୁ ଚାହୁଁଛନ୍ତି । ମନ୍ଦ ନୁହେଁ । ତେବେ ବଡ଼ଲୋକେ କହନ୍ତି 'ଧ୍ରୁବେ ତେଜି ଅଧ୍ରୁବରେ ଯେ ବଳା ମତି—ଧ୍ରୁବେ ସେ ହରାଏ କାହିଁ ଅଧ୍ରୁବ ପ୍ରାପତି ?' ସେ କଥା ଉଦାହରଣ ଦେବାକୁ ସଭ୍ୟ ମହୋଦୟଙ୍କ ଅବସ୍ଥା ଉଲ୍ଲେଖ ନ ହେଲେ ରକ୍ଷା ।

ବୁଢ଼ା ହେଲେ ବାନପ୍ରସ୍ଥ ନେବା ଉଚିତ କିନ୍ତୁ ଯୁବକ ପ୍ରବର କାହିଁକି ଅକାଳ ବାର୍ଦ୍ଧକ୍ୟ ହେଲା ଏଥିର ରହସ୍ୟ ବୁଝି ପଡ଼ୁନାହିଁ । କଟକ ଜିଲ୍ଲା ବୋର୍ଡର କେତେକ ସଭ୍ୟ ଓ କର୍ମଚାରୀଙ୍କ ମୁହଁରେ ଆମେ ଗୋଟାଏ ଢଗ ଶୁଣିଥିଲୁ— ଥରେ ସଙ୍ଗି—ଅପଣା ମହତ ଆପେ ରଖି । ସେ କଥାଟା କ'ଣ ଏ ସ୍ଥଳରେ ଖାପ ଖାଇବ କି ?

୧୬ପୃଷ୍ଠା ଦେଖନ୍ତୁ

Digitized by srujanika@gmail.com



# କାହାଣୀ

## ବହୁରୂପୀ

ଲେଖକ:—ଶ୍ରୀ ଯତୀନ୍ଦ୍ର ମୋହନ ମୁଖାର୍ଜୀ

**ଯାହା ଘଟିଛି:—**

ରୈଦ୍ଧାରର କବିରାଜଙ୍କ ପତ୍ନୀ ବହୁରୂପିଣୀ ଲୀଳାର ଲୀଳା ଅଦ୍ଭୁତ । ରାଜପୁତ୍ରନେଇ ଗଡରେ ମଧୁବନ ଜମିଦାରଙ୍କ ଗୃହକୁ ଭଣ୍ଡିଟପି ଘରେ ପଶି ଲୁଟି କରିନେବା ବ୍ୟକ୍ତି କିଏ ଜାଣନ୍ତି ? ଗୃହପାଳର ଅଜବ ବେପାରୀ ନାରଣବାବୁ ଜଣକ କିଏ ଜାଣନ୍ତି ? ନାଏବ ଚକ୍ରଧରଙ୍କ ବଡ଼ ଭାଇଙ୍କୁ ବିଷଦେଇ ମାରିବାର ଷଡ଼ଯନ୍ତ୍ର କାରୀ କିଏ ଜାଣନ୍ତି ? ନାଏବ କପଟ ନାସ୍ତିକଙ୍କ ଭାଇର ସମ୍ପତ୍ତି ଭୋଗ କରିବେ ତାର ପରାମର୍ଶ ଦାତା ଯିଏ ସେ ସେହି—କବିରାଜ ପତ୍ନୀ ଲୀଳା ।

ସମସ୍ତେ ଶୁଣିଲେ ନାଏବଙ୍କ ପୁତ୍ରର ପେଟମରା ରୋଗରେ ମରିଗଲା । ଝିଅଟି ବୀଣାକୁ କିଏ ଜଣେ ମାମୁଁ ବୋଲି କହି ଭୁଲାଇ ନେଇ ପଳାଇଲା । କିନ୍ତୁ ପ୍ରକୃତରେ ସେ ଦୁହିଁଙ୍କ ଲୁଚାଇ ଲୀଳା ନାଏବଙ୍କୁ ନିଜ ମୁଠା ଭିତରେ ରଖି ବାରମ୍ବାର ଟଙ୍କା ଅଦାୟ କରୁଥିଲା ।

ସୁଦକ୍ଷ ଡିଟେକ୍‌ଟିଭ ବନବିହାରୀବାବୁ ଲୀଳାର ଅନୁସନ୍ଧାନରେ ଲାଗିଲେ । ବୀଣାକୁ ଛଦ୍ମବେଶୀ ନାରଣବାବୁଙ୍କ କର୍ମଗୁରୁ ସଦାଶିବ ବାବୁଙ୍କ କନ୍ୟା ହୀରାମଣୀ ପାଖରେ ଛଡ଼ା ଯାଇଥିଲା । ସେ ଦୁହେଁ ଶିଖାଣିଝି ହୋଇ ସେହି ରାକ୍ଷସିଣୀ କବଳରୁ ରକ୍ଷା ପାଇବା ପାଇଁ ପଳାଇ ଆସୁଥିବା ବେଳେ ଲୀଳାର ଡକାୟତ ଦଳଙ୍କ ହାତରେ ଧରା ପଡ଼ିଲେ । ମାତ୍ର ଦୈବାତ୍ ବନବାବୁଙ୍କ ସହକର୍ମୀ ନବୀନ ସେହି ବାଟରେ ଯାଉଥିବାରୁ ତାଙ୍କୁ ଉଦ୍ଧାର କଲା ।

ଏଣେ କନ୍ୟା ହୀରାମଣୀକୁ ହରାଇ ସଦାଶିବବାବୁ ପାଗଳ ହୋଇ ଘରଛାଡ଼ି ପଳାଇଲେ । ଦିନେ ରାତିରେ ଗୋଟିଏ ନିଛାଟିଆ ଘରେ ଡକାଏତମାନେ ମଦ ପିଉଥିବା ବେଳେ ବନବିହାରୀବାବୁ ଓ ନବୀନ ସେମାନଙ୍କୁ ଆକ୍ରମଣ କରନ୍ତେ ସେମାନଙ୍କର ଅଦ୍ଭୁତ କୌଶଳ ଦ୍ୱାରା ଦୁହେଁଯାକ ପାତାଳପୁରୀରେ ବନ୍ଦୀ ହୋଇଗଲେ । ମାତ୍ର କନ୍ୟା-ହରା ବିଚଳିତ ସଦାଶିବ ତାଙ୍କୁ ଉଦ୍ଧାର କଲେ ।

ଏହାପରେ ସଦାଶିବ ଓ ଗୋଏନ୍ଦାଦ୍ୱୟ କଟକ ଗାଡ଼ିରେ ଚଢ଼ି କଥାବାର୍ତ୍ତା ହେଉଥିବା ସମୟରେ ଚଳନ୍ତା ଟ୍ରେନରୁ ସଦାଶିବ ବାବୁଙ୍କୁ କ୍ଲୋରୋଫର୍ମ ଦ୍ୱାରା ବେହୋଷ କରି ଡକାଏତମାନେ ନେଇ ପଳାଇଲେ ।

ବନବାବୁ ପୁଣି ଜଣେ ଜମିଦାର ବେଶରେ କବିରାଜ ଗୃହରେ ରହି ତାଙ୍କ ଭାଇ (ଛଦ୍ମବେଶୀ ନବୀନ)ର ଚିକିତ୍ସା କରାଉଥିବା ସମୟରେ ନାଏବଙ୍କ ଷଡ଼ଯନ୍ତ୍ରର ସନ୍ଧାନ ପାଇଲେ । ହଠାତ୍ ସେ ନିଜରୂପ ପ୍ରକାଶ କରି ନାଏବ ଓ କବିରାଜଙ୍କୁ ବନ୍ଦୀ କରି ନେଇ ଗଲେ । ସେମାନଙ୍କୁ ଜେଲ୍‌ଦଣ୍ଡ ହେଲା ।

ଜେଲ ଭିତରେ ଯେଉଁଦିନ ରାଜବନ୍ଦୀମାନେ ଥିଏଟର କରୁଥିଲେ ସେହିଦିନ ଶେଷ ରାତିର କଥା । ହଠାତ୍ କବିରାଜଙ୍କ ନିର୍ଜନ କାରାକକ୍ଷର ତାଲା ଉପରେ ଆଲୋକ ରଶ୍ମି ଦେଖାଗଲା; ସଙ୍ଗେ ସଙ୍ଗେ ଲୁହା ତାଲାଟା ତରଳି ଗଲା । ତାପରେ କବାଟରେ ଧକ୍କା ।——

(୧୮)

**'ତା'ପରେ ଯାହା ଘଟିଲା—**

"କିଏ, କିଏ—ଏ" କହି କବିରାଜ ଭୂମିଶଯ୍ୟା ତ୍ୟାଗ କରି ଉଠି ବସିଲେ । ଆଗନ୍ତୁକ "ଚୁପ୍" କହି ତାଙ୍କୁ ନିରସ୍ତ କରି ପଚାରିଲେ "ନାଏବ କେଉଁ ଘରେ ?"

କବିରାଜ—ଲୀଳା !!!——ତୁ——

ଆଗନ୍ତୁକ—ଫେର କଥା, ଚୁପ !

ଉଭୟେ ନାଏବଙ୍କ କକ୍ଷ ଆଡ଼କୁ ଅଗ୍ରସର ହୋଇ ଚଲେ । ସେମାନେ ଆପାଦ ମସ୍ତକ କୃଷ୍ଣବର୍ଣ୍ଣର ପୋଷାକ ଢାଙ୍କି ହୋଇଥିଲେ, ସେଥିଯୋଗୁଁ ଅନ୍ଧକାରରେ ମିଶିଗଲେ । କଳା ପୋଷାକ ତଳେଟା ଲୀଳା ଆଣିଥିଲା । ନାଏବଙ୍କ କକ୍ଷ ସମ୍ମୁଖରେ ହତଭାଗ୍ୟ ପ୍ରହରୀ ଯେମିତି ପଛକୁ ବୁଲିଛି ଠିକ୍ ସେତିକିବେଳେ ଲୀଳା ତାର ଉପରେ ପଡ଼ି ଏତେ ଜୋରରେ ତାର ତଣ୍ଟିଟା ଚାପି ଧରିଲା ଯେ ଦୁଇ ମିନିଟ୍ ମଧ୍ୟରେ ପ୍ରହରୀ ଗତ-ପ୍ରାଣ ହୋଇ ଭୂଇଁରେ ପଡ଼ିଗଲା । ପୂର୍ବବତ୍ ରଶ୍ମି ସାହାଯ୍ୟରେ ଦୁଆର ତାଲା ତରଳାଇ ଦୁଆର ଠେଲି ଭିତରେ ପଶି ନାଏବଙ୍କୁ ଧକ୍କାଦେଇ ଉଠାଇଲେ । ନାଏବ ଉଠି ଚମକି ଏମାନଙ୍କୁ ଦେଖି ଚିତ୍କାର କରି ଉଠିଲା ବେଳେ ତାଙ୍କ ମୁହଁ ଲୀଳା ହସ୍ତରେ ଲୀଳା ଚିପିଧରିଲେ । ଲୀଳାକୁ ସେ କେବେ ଦେଖି ନାହାନ୍ତି । କବିରାଜ ହସି ତାଙ୍କ କାନରେ କହିଲେ "ଏହି ଲୀଳା ନାରଣବାବୁ, ପୁଣି ମୋର ପତ୍ନୀ ।"—ବହୁରୂପୀ ଲୀଳା ନାରଣବାବୁ ଓ କବିରାଜଙ୍କ ପତ୍ନୀ!!!—ଅବାକ୍ ହୋଇ ନାଏବବାବୁ ବହୁରୂପୀର ଭୀଷଣ ରୂପ ଦେଖୁଥାନ୍ତି

Digitized by srujanika@gmail.com

ନାଏବଙ୍କୁ ଗୋଟାଏ କଳା ପୋଷାକ ପିନ୍ଧାଇ ଦେଇ ଅତିଶୀଘ୍ର ସମସ୍ତେ ମିଳି ଜେଲର ଉତ୍ତର ଦିଗସ୍ଥ ପାଚେରି ଆଡ଼କୁ ଗଲେ । ସେଠାରେ ଗୋଟିଏ ରଜ୍ଜୁ ଲମ୍ବିତ ଥିଲା । ତାରି ସାହାଯ୍ୟରେ ବାନର ପରି କନ୍ଦର୍ପଙ୍କ ଆଗେ ଉଠିଗଲେ ଉପରକୁ । ନାଏବ ବଡ଼ ଦୁର୍ବଳ । ସେ ଚଢ଼ି ପାରିଲେ ନାହିଁ, କହିଲେ:—"ମୁଁ ଉଠିପାରୁ ନାହିଁ, ମୋର ହାତ କମ୍ପୁଛି ହୋଇଅସିଛି" "ନା, ତୁମେ ଏଠି ମରି ପାରିବ ନାହିଁ—ମରିବା ତ ସମସ୍ତେ ଏକାସଙ୍ଗେ !"—ଏହା କହି ନାଏବଙ୍କୁ କାଖରେ ଯାକି ଅବଲୀଳା କ୍ରମେ ଲୀଳାବତୀ ରଜ୍ଜୁଧରି ଜେଲ୍ ପାଚେରି ପାରହୋଇ ଗଙ୍ଗା-ପାଦର ପୋଲିସ ଘାଟରେ ଉପସ୍ଥିତ ହେଲେ ।

ପୂର୍ବରୁ ମଟୋର ଅପେକ୍ଷା କରୁଥିଲା, ସମସ୍ତେ ମଟୋର ରତି ମୁହୂର୍ତ୍ତ ମଧ୍ୟରେ କେଉଁଆଡ଼େ ସେହି ଅନ୍ଧକାରରେ ଯେ ଅନ୍ତର୍ହିତ ଗଲେ ତାହା ସେମାନେ ଏକା ଜାଣନ୍ତି ।

କନ୍ଦର୍ପ ପଥରେ ପଚାରିଲେ "ଲୀଳା, ତୁମେ କେମିତି ଜେଲ ଭିତରକୁ ଆସିଲ ?" ଲୀଳା ଉତ୍ତରଦେଲେ "ବୁଦ୍ଧି ବଳରେ !—ଜେଲଘଣ୍ଟା ବାରଟା ବାଜିଲା ବେଳେ ଗୁପ୍ତଭେଦରେ ଗୋଟାଏ ଲୁହାଏଁ ଜଙ୍କା ପ୍ରାଚୀର ଗାତରେ ପୋତି ପୋତି ବାଟ ତିଆରି କଲି, ତାର ପରେ ପହରା ବଦଳି ହେବା ସମୟରେ ଭିତରକୁ ରଜ୍ଜୁ ସାହାଯ୍ୟରେ ଓହ୍ଲାଇ ଆସି ପ୍ରଥମେ ତୁମ କକ୍ଷରେ ଥିବା ପ୍ରହରୀକୁ ହତ୍ୟାକରି ତାରି ପୋଷାକ ପିନ୍ଧି ତୁମ ଘର ଆଡ଼କୁ ଆସିଲି । ଅଗଣାରେ ଥିବା ଅନ୍ୟ ପ୍ରହରୀମାନେ ଓ୍ୱାର୍ଡ଼ର ପୋଷାକ ମୋ ଦେହରେ ଥିବାରୁ ବିଶେଷତଃ ଏହି ଅନ୍ଧକାର ମଧ୍ୟରେ, କେହି ସନ୍ଦେହ କରି ନଥିଲେ ।"

କନ୍ଦର୍ପ କହିଲେ "ଧନ୍ୟ ଲୀଳା ! ତୁମର ଲୀଳା ଭଗବାନ ବୁଝି ପାରିବେ ନାହିଁ, ଆମେ ତ ଛାର !"

ନାଏବ ମନେ ମନେ କହିଲେ "ଭଗବାନଙ୍କୁ କେହି ଠକାଇ ପାରନ୍ତି ନାହିଁ—ଛାର ଲୀଳା !! ତାଙ୍କର ନିଶ୍ଚିତ ଖଡ୍ଗ ବଜ୍ର ଖଣ୍ଡ ମୁଣ୍ଡ ଉପରେ ଝୁଲୁଛି— ଦିନେହେଲେ ମୁଣ୍ଡରେ ପଡ଼ିବ !!!"

## ଶେଷରେ ଯାହା ଘଟିବ ।

ଲୀଳା କନକବାବୁଙ୍କ ଜୀବନ ନିରାପଦ ବୋଲି ଜଣାଇ ତାଙ୍କୁ ଚିଠି ଲେଖିବ । କନକବାବୁ ତାଙ୍କର ଘର ଭିତରେ ଇଲେକ୍ଟ୍ରି ସାହାଯ୍ୟରେ ଗୋଟାଏ ଯନ୍ତ୍ରା ତିଆରି କରିବେ । କନକବାବୁ କଲି-କତା ପିକାଶୁଣି ଲୀଳା ବାଡାଙ୍କ ବେଶରେ ଦଳବଳ ନେଇ ତାଙ୍କ ଘରକୁ ଆକ୍ରମଣ କରିବ । ମାତ୍ର କନକବାବୁ କଳ୍ପନା ନଯାଇ ଲଳିତ ଥିବାରୁ ସେମାନେ ତାଙ୍କ ଯନ୍ତ୍ରାରେ ପଡ଼ିଯିବେ ।

ନାଏବ କନ୍ଦର୍ପ ଓ ଡକାଏତମାନଙ୍କୁ କଠିନ ଦଣ୍ଡ ହେବ ଓ ଲୀଳାକୁ ଫାସୀ ହେବ । ମାତ୍ର ପୋଷ୍ଟମର୍ଟମ ରିପୋର୍ଟରୁ ଜଣାଯିବ ଯେ ମୃତ ଲୀଳାର ଜିଭ ନାହିଁ । କିନ୍ତୁ ଲୀଳା କଦାପି ମୂକ ନଥିଲା । ତେଣୁ ଫାସୀ ପାଇବା ଲୋକ କ'ଣ ପ୍ରକୃତ ଲୀଳା ନୁହେଁ ?

ତାର ସନ୍ଧାନ ମିଳିବ 'ବହୁରୂପୀ'ର ଦ୍ୱିତୀୟ ରୂପ ବ ୨ୟ ଖଣ୍ଡରେ ।

ଟାକିରହନ୍ତୁ

# 'ବହୁରୂପୀ'

ପୁସ୍ତକାକାରରେ ଅତିଶୀଘ୍ର ବାହାରିବ ।

---

## କୁତୁକୁତୁ

ଜଣେ ମିତବ୍ୟୟୀ କହନ୍ତି, "ଟଙ୍କା ଧାର କରିବା ଓ ଦୁଃଖ ବରଣ କରିବା ସମାନ" ତା ସତ୍ତ୍ୱେ ଆମେ ଦୁଃଖ ବରଣ କରୁଛୁ ।

× × × ×

ଭଦ୍ରବ୍ୟକ୍ତି—ମୁଁ ତୁମର ଝିଅକୁ କୌଣସି କୌଣସି ଲୋକ ଚୁମ୍ବନ ଦେବାକୁ ଚେଷ୍ଟା କରୁଥିବାର ଦେଖିଥିଲି ।

ଝିଅର ମା—ସେ ଲୋକ କ'ଣ ସେଥିରେ ସଫଳ କାମ ହୋଇଥିଲା ?

ଭଦ୍ରବ୍ୟକ୍ତି—ନାଁ

ଝିଅର ମା—ତାହାହେଲେ ସେ ମୋର ଝିଅ ନୁହେଁ

'ବସନ୍ତ'.

× × × ×

ଅସାମୀ—ଓକିଲବାବୁ, ଆପଣ ନଥିଲେ ମୁଁ କେଉଁଠି ଯାଇଥାଆନ୍ତି?

ଓକିଲ—ମାମୁଘର !

\+ \+ \+ \+

୧ମ—ମୁଁ ପଦର ଦିନ ଶୋଇ ନାହିଁ

୨ୟ—କି ଆଶ୍ଚର୍ଯ୍ୟ ! କାହିଁକି କଣ ?

୧ମ—ରାତିରେ ଶୁଏଁ ଯେ ।

\+ \+ \+ \+

---

ପରସଂଖ୍ୟାର ଆକର୍ଷଣ
ସର୍ ଆର୍ଥର୍ କୋନେନ ଡାଏଲଙ୍କର
ରୋମାଞ୍ଚକାରୀ ଭୂତଗଳ୍ପ
କଟାହାତ

Digitized by srujanika@gmail.com



# ମଜାକଥା

## ପରଦା

ଲେଖକ:—ହାକିମ ମହମ୍ମଦ ଫାରୁକ୍

ମୁଁ ସେତେବେଳେ ବାର ତେର ବର୍ଷର ପିଲା; ମାମୁ ଘରେ ଥାଏଁ । ମାମୁଁ ଓକିଲାତିରେ ରୋଜଗାର କରୁଥିଲେ, ସୁତରାଂ ଅଜା ଆମ ଘରକୁ ଏକମାତ୍ର ମରଦ । ଆଉ ଘର ଭିତରେ ଆଈ ବୁଢ଼ୀ ଓ ମାଇଁ । ପିଲା ପିଲି ଭିତରେ ମୁଁ ଏକା ।

ଅଜା ଥିଲେ ଆମର ସେ କାଳିଆ ନବାବଙ୍କ ଧରଣର ଲୋକ । ବେହେଡ଼ା କଥା ଶୁଣିବାକୁ ତାଙ୍କ ଆଖିରେ ଯାଏନାହିଁ । ଏକ ଶତ ତାଙ୍କ ନଜର ବଉଁଠି କଣ ବେମହଜ ହୋଇଗଲା । ତାଙ୍କର ଡରରେ ମାମୁଁ ଘରର ମାଇପେ ଦାଣ୍ଡ ଏବୁଣ୍ଡି କେବେହେଲେ ପାର ହେଉ ନ ଥିଲେ । ଘର ଅଗଡ଼କୁ କୌଣସି ପୁରୁଷ ଲୋକର ଛାଇ ପଡ଼ୁ ନ ଥିଲା । ଆଈ ବୁଢ଼ୀ ଓ ମାଇଁ ଏବେ଼ବଡ଼ ହୁଁକାଫାଟାରେ ଦେଖି ଥିଲେ କେବଳ ତାଙ୍କ ଘର ଭିତର ଓ ବାଡ଼ ଉଠାଣ । ଘରର ମିଶିପକର ନଥ ଅନେକ ବେଳରେ ଯଥେଚ୍ଛା ଭିତରେ ପ୍ରବେଶ ନିଷେଧ । ଯାହାକୁ କହନ୍ତି ଅଗ୍ରିସ କାଉର ଶୀର ଦଡ଼୍ ନ ଥିଲା ବୋଲି ।

ଏକଟର କଥା ମନେ ଅଛି ମୋର—ଦୁଖଶ୍ୟାମ ଓଷା ବାସି ଦିନ ମୁକ୍ତିଆ ମା ବୋଲି ଜଣେ ପଡ଼ିଶା ଗଜା ଶୁଣ, ବଗିଆରୁ, କାକୁଡ଼ି ପ୍ରଭୃତି ଖେତ ସରଞ୍ଜାମ ଦେଇ ଆସିଲା ବାଣ୍ଟିବାକୁ । ଅଜା ଦେବ ଯୋଗକୁ କାହିଁକି ବାଡ଼ ଅଗଡ଼େ ଯାଇଥିଲେ ସେତିକି ବେଳେ । ସେ ଘରଅଗଡ଼ ଦେଇ ଆସିବା ବେଳକୁ ତାଙ୍କର ନଜର ପଡ଼ିଗଲା ମୁକ୍ତିଆ ମା ଉପରେ । ଭଏ ଗୋଟାଏ ଦେଖାଦେଇ ପଶିଅଇଲା ବୋଲି ବୁଢ଼ା ବୋଧହୁଏ ମନେ ମନେ କ୍ଷିପ୍ତ ହେଲେଣି; ମାତ୍ର ଦେଖିଲେ ସେ ମାଇପିଟାଏ; ଅଜ ତ କହିବାର ବାଟ ନାହିଁ କିଛି । ଏତିକି ବେଳେ ତାଙ୍କ ନଜର ପଡ଼ିଲା ଗୋଟାଏ ଲୁଞ୍ଚ ଖଲେଇ ଉପରେ ।

ସେ ଦଶାବଧି କାଳିଆ ଭୁଅଁଷ୍ଟା ମୁକ୍ତିଆ ମାର ଖଲେଇ—ତାହାର ସାଙ୍ଗରେ ଗୋଡ଼ାଏ ୨ ଗୁଲ ଅଛି । ବୁଢ଼ାର କଣ ମନେ ହେଲା କେଜାଣି ସେ ଖଲେଇଟା ପାଖକୁ ଚାଲିଯାଇ ନଇଁ ପଡ଼ି ନଟେଇ ଶୁଙ୍ଘିଲେ ପଡ଼ିଏ । କହିବାକୁ ଭୁଲିଯାଇଛି ବୁଢ଼ାଙ୍କୁ ଅଦରଣ କଲାଣି ବୋଲି । ତା ପରେ—ଅଜ ସମାନେ ଭଏ ! ଏତା-ବେଳେ ଯାଚ ଲାଜ ! ବଦ୍ଜାତ, ପାଜି, ଗୁଣ୍ଡା, ଲଣ୍ଡାଖୋର—ମୋ ଅନ୍ଦର ଭିତରକୁ ପଶିଛୁ ! ତରଲା ଭୁଅଷୁଣୀକୁ ବେମହଜ କରୁରୁ—ଏତେ ସାହସ ତୋର, ହାରାମଜାଦା, ବେଇମାନ୍ ! ଏହା କହି ଏକ ଠେଙ୍ଗା ଆଣି ହାଜର, ଖରଡ଼ ବରଗ ଏ ତେଜ, ପାଟି ଓ ତା ସାଙ୍ଗରେ ଠେଙ୍ଗା ଦେଖି ପ୍ରାଣ ବିକଳରେ ଗଲା ପଶି ହାଣ୍ଡିଶାଳ ଭିତରକୁ । ବୁଢ଼ାର ଅଖି ସେତେ-ବେଳେ ଥାନକ୍ଷତ ନାହିଁ । ଠେଙ୍ଗା ସମେତ ହାଣ୍ଡିଶାଳକୁ ଯାଇଁଲା । ସାଙ୍ଗେ ୨ ହାଣ୍ଡିଶାଳ ଭିତରୁ ଠୋ ଠା, ଧୁସ୍ ଧାପର ଶବ୍ଦ ଓ ଅଜବର ବିକଟ ଚିତ୍କାର । ଖଲେଇ ବାପୁଡ଼ା କାନ୍ଥରେ ରକ୍ତି ଗୁଳ ଭଲ ପା'ର୍ । ଦଣ୍ଡ ପାଇଲ ବର୍ଷଣ ଯାକ ସେ ଦିନ ଉପାସ ରହି ।

ଏହାର କିଛିଦିନ ପରେ ଅଜ ଲଗାଇଲେ ଜଗନ୍ନାଥ ଦର୍ଶନକୁ ଯିବେ । କାରଣ ସେ ଅସି ବୁଢ଼ୀ ହେଲେଣି, କେତେକାଳ ବା ବଞ୍ଚିବେ ଇତ୍ୟାଦି । ତହିଁରେ ତାଙ୍କ ଭୁଅଷୁଣୀ ଏବନୁ କେତେ ଗୁଡ଼ାଏ ସଦଣି ବ ରହି ଯାଇଛି । ସେ ମନ୍ଦିରରେ ଠାକୁରଙ୍କ ଧାରଣା ହୋଇ ନର-କରେ ପଡ଼ିବେ ସିନା ।

ପୁରୀ ଯିବାରେ ମନା ନାହିଁ । ମାତ୍ର ମାଇକିନା ଲୋକ ଦାଣ୍ଡଟାରେ ଯିବେ କିମିତି ଏଇଟା ହେଲା ଅଜାଙ୍କର ବିଷମ ସମସ୍ୟା । ଅନେକ କୁହାବୋଲା କନ୍ଦା କୋବାରେ ବୁଢ଼ାର ମିଜାଜ ଟିକିଏ ତରଳିଲା । ତେବେ କଥା—ସାଙ୍ଗରେ ଯିବ କିଏ ? ମାମୁ ଥିଲେ ବା ଯାଇ ଥାଆନ୍ତେ । ବାହାର ମିଶିପକ ସାଙ୍ଗରେ ତ ଅଜ ଯାଇଦେବ ନାହିଁ । ଘର୍ଯ୍ୟ କରୁଁ କରୁଁ ଏକତ ଯିବ ନେ । ଘଟିତ ଅସ ନା ଧର୍ମ ଅସ ? ଶେଷରେ ବାଧ-ହୋଇ ଗୋଡ ଅଛା ସାଆନ୍ତେ ଯିବାର କଥା ହେଲା । ମାଇଁଙ୍କର ଅବଶ୍ୟ ପତଗାଠ ଦୃଷ୍ଟିମିଶ ହୋଇଗଲା । ତାଙ୍କର କଣ ଦିନ କାଳ ସରି ଯାଉଛି ? ଉଚ୍ଛନ୍ନ ସମସ୍ତେ ଗଲେ ଘର ସମ୍ଭାଳିବ କିଏ ? ମୁଁ ତାଙ୍କ ସିଦ ବୋଲି । ବୁଢ଼ା ଦେଖିଲେ ବୋଲି ହାକ କରିବା ପାଇଁ କେହି ଗୋଟାଏ ଲୋଡ଼ା । ଅତଏବ ମୋ ଯିବାଟା ମଞ୍ଜୁର ହୋଇଗଲା ।

ବୁଢ଼ା ହେଲେ ବି ଅଜାଙ୍କର ଦମ୍ଭଟା କେଜାଣେ । ସେ କାହାର ଆଗରେ ମୁଣ୍ଡ ଟେକିକୁ କହିବାର ବା ଦୃଷ୍ଟି ଦେବାର ପାଟ ନୁହେଁ । କାହାର ସାହାଯ୍ୟ ବା ଅନୁଗ୍ରହ ଭିକ୍ଷା କରିବା ତାଙ୍କ ଜାତକରେ ନ ଥିଲା । ପୁଣି ଜଣେ ଯେ କାହିଁ କଥାକୁ ଅଯାଚିତ ଏତା ପ୍ରକାଶ କରିବାକୁ ସେ ଥିଲେ ଢଲଭୁଲ ନାରାଜ । ତୋହଲେ ଗାଁର ଯେ କୌଣସି ଲୋକକୁ କହିଥିଲେ ସେ ଆମ ସାଙ୍ଗରେ ହାସ୍ୟଅର ହୋଇ ଯାଇ ଥାଆନ୍ତା, ଅଜ ଆମଙ୍କ ଏ ବୁଢ଼ାର ଅଡ଼ୁଆ ଅମି ଦେଇ ଏତେ ବଦନାମ ହେବାକୁ ପଡ଼ି ନ ଥାନ୍ତା । କିନ୍ତୁ ତାହା କରିବା ବୁଢ଼ାର ଅସାଧ୍ୟ । ନିଜା-ଟିଟା କାରଣ ତାହାଣ ଟଣ ଲୁଗାଯିବ ଯେ ।

ହେଲ,—ଏବେ ସକାଳ ହୋଇ ସମସ୍ତେ ବାହାରିଲୁଁ । ଷଣ୍ଡି ଅଗୁଆ ବଳଦ ଗାଡ଼ି ଭିତରେ ବୁରୁଖ ମାରିଲା ପରି ବନ୍ଧିଲେ ଅଈ, ମୁଁ ଓ ଅଜା ବସିଲୁଁ ଆଗରେ । ଗାଡ଼ି-ଅଳ ବଡ଼ର ପାଖେ ୨ ଚାଲିଲା । ଜଳାନା ଗାଡ଼ିଟାରେ ସେ ବଡ଼ିଆ କମିଟି । ଆମ ଘରୁ ଠାକୁ ରେଲ ଷ୍ଟେସନ ତିନ କୋଶ । ସକାଳ ଛଅଟା ଥିବ ବୋଲି ବଡ଼ିରେ ବାହାରିଥିଲୁଁ । ମାତ୍ର ଷ୍ଟେସନରେ ପହଞ୍ଚିଲୁ ବେଳକୁ ଦଶଟା । ଦିନ ଦଶଟା ବେଳକୁ ରେଲ ଛାଡ଼ିବ । ନିତାନ୍ତ ଶୀଘ୍ର ଟିକେଟ ପଚ କରିନେଲୁଁ । ଏଣିକି ଦଣ୍ଡା ସଜଳ ବୁଢ଼ୀ ବଡ଼ର ଜେଇ ଗାଡ଼ି ଭିତରେ ପଶିଲ । ଷ୍ଟେସନଟାରେ ବହୁତ ଲୋକ ଭିଡ଼, ଡାକୁବସ୍ତା, ସାହେବସୁବା ଏ ପାଖ ସେ ପାଖ ନଗରର ହେଉଛନ୍ତି । ଏଥିରେ ଡଉଲି ଲୋକ ବାହାରିବ ଜନିତ ।

Digitized by srujanika@gmail.com

ଆମ ଭାଗ୍ୟକୁ ଗୋଟାଏ ରେଲ ଚପରାଶି ମିଳିଗଲା ଯେ, ଯେ ଟିକଟ କରିଦେବ ଓ ଗାଡ଼ିରେ ଚଢ଼ାଇ ଦେବ। ଏ ଲୋକଟା ନ ମିଳିଥିଲେ ଆଜ୍ଞା ଯେ କେମିତି ଟିକଟ କରି ଥାଆନ୍ତେ ଆଉ କେଉଁବାଟେ ଗାଡ଼ିକୁ ପଶି ଥାଆନ୍ତେ ତା ଜଗନ୍ନାଥେ ଜାଣନ୍ତି। ସେ ବିଚରା କିଛି ପାଉଣା ନେଇ ପଛକେ ଏତିକି ଉପକାର କଲା ଏକା।

ଷ୍ଟେସନରେ ଗାଡ଼ିଟା ରହେ ଅନେକ ବେଳ ଯାଏ ତର ନାହିଁ କିଛି। ଆମ ପିଅଦା ଅଗ ଗାଡ଼ି ଦେଖି ଆସି ଆମକୁ ଡାକି ଦେଲା। ମୁଁ ତରିଁଟାଏ ମାରି ତା ସାଙ୍ଗରେ ଚାଲି ଗଲି ଓ ଗୋଟାଏ ମାଇକିନା ଡବାରେ ଚଢ଼ି ବସିଲି। ଆମ ଜିନିଷପତ୍ର କୁଲି ଜଣେ ଥୋଇ ଦେଇ ଗଲା। ମାତ୍ର ବୁଢ଼ା ବୁଢ଼ୀ କାହାନ୍ତି? ମୁଁ ଗାଡ଼ି ଉପରୁ ଚାହିଁଚି। କେତେବେଳେକେ ଦେଖେଁ ଆଜ୍ଞା ଗୋଟାଏ ଜୁଆ ବୁଲୁବାକୁ ଘୋଷାରି ଆଣୁଛନ୍ତି। ଖଣ୍ଡେ ଠେଲି ନେଉଛନ୍ତି, ପୁଣି ଖଣ୍ଡେ ଘୋଷାରୁଛନ୍ତି। ମୁଁ ଦେଖି ଦୌଡ଼ିଗଲି, ଯାଇ ଦେଖେଁ ଯେ ସେଇଟା ଗଣ୍ଠିରି ନୁହେ—ଗୋଟାଏ ମଣିଷ—ଆମ ଆଈ। ଚପରାଶି ବିଚରା ଭଲ ଲୋକ- ସେ କହୁଛି "ବାବୁ, ମତେ କହନ୍ତୁ ମୁଁ ଠେକି ନେଇଯାଏଁ।" ମାତ୍ର ବୁଢ଼ା ସେଥିକୁ ନାରାଜ। ସରକାରୀ ଲୋକଟାଏ, କିଏ ବୋଲି କିଏ, ଜନାନା ଦେହରେ ହାତଦେବ—ପୁଣି ଏତେ ଲୋକ ଆଗରେ! ବୁଢ଼ୀର ହାତ ଧରି ଟାଣିଇ ଆଣିଥିଲେ ସେ ତାହିଁକି ନା ମଞ୍ଜୁର୍ ନ ଥିଲା। ସେ ତ ପୁଣି ଘରର ସବୁ କାମ ଡାଇଟି କରୁଥିଲା। ମାତ୍ର ପରଦା ନସିନ ସ୍ତ୍ରୀଲୋକ ସେ—ଚାଲିବାକୁ ହେଲେ ତ ପରଦା ଠେଲିବାକୁ ପଡ଼ିବ। ସେଥିପାଇଁ ବୁଢ଼ା କଣ କରୁଛି ନା ଯେତେ ଲୁଗାପଟା ଥିଲା ଆମ ସାଙ୍ଗରେ, ସବୁ ଦେଇଛି ଘୋଡ଼ାଇ ବୁଢ଼ୀ ଉପରେ। ମିଣିପଟାର ଓଜନ ଯେତେ, ପଲାଣ ପଡ଼ିଚି ତା ଉପରେ ତିନି ଡେଡ଼ିକା, ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତେ। ସେ ବିଚରାର ଚାଲିବ କଣ ଯେ ପାରେ ଚାଲିବ। ନା ବାଟ ଦିଶୁଚି, ନା ଠେଲି ପାରୁଚି। ଯାହାହେଉ ଯତ୍ନେ କଷ୍ଟେ ଆଜ୍ଞା ନାତି ମିଶି ତାକୁ ଆଣି ଗାଡ଼ି ପାଖରେ ପହଞ୍ଚାଇଲୁଁ। ମୁଁ ଉପରକୁ ଟାଣି ଟାଣିଲି ଓ ବୁଢ଼ା ତଳୁ ଥାଇ ଠେଲିଲରୁ ବୁଢ଼ୀ ଗାଡ଼ି ଭିତରକୁ ପଶିଲା। ବୁଢ଼ା ଯାଇ ଅନ୍ୟ ଡବାରେ ବସିଲେ। ମୁଁ ପିଲା ବୋଲି ରହିଲି ମାଇକିନା ଡବାରେ। ବସିଲାକ୍ଷଣି ଗାଡ଼ି ଚାଲିଲା। ଆଉ ଟିକିଏ ହୋଇଥିଲେ ଆମେ ଚଢ଼ି ପାରି ନ ଥାନ୍ତୁ। ବୁଢ଼ୀର କିନ୍ତୁ ନିସ୍ତାର ନାହିଁ; ଗାଡ଼ି ଭିତରେ ମାଇପଙ୍କ ସାଙ୍ଗରେ ବସି ସୁଦ୍ଧା ସେ ତା ଗୁରୁଜାମା ଘୋଡ଼ହୋଇ ବସିଛି। ଭିତରୁ ଖାଲି ଶବ୍ଦ ବାହାରୁଛି ସିଁ—ସିଁ—ମୁଁ ପିଲା ଲୋକ—ଏତେ କଥାକୁ ଖିଆଲ ନାହିଁ ମୋର। ବୁଢ଼ୀଟା ବି କିଛି କହୁନାହିଁ। ଏ ଗୋଟାଏ ଅଦ୍ଭୁତ ଅବସ୍ଥାରେ ପଡ଼ି ବେଶି ହେଇ ଗଲାଣି ଅକାଟକା। ଜଣେ ସ୍ତ୍ରୀଲୋକ ହାଲଟା ଦେଖି କହିଲା "ଅରେ ଜାଣୁଥିର ନା କଣ? ମଣିଷଟା ମରିଯିବ ଯେ। ଖୋଲି ଦିଅ ଦିଅ।" ସେଇଠୁଁ ମୋର ହୁସ୍ ପଡ଼ିଲା। ତରବରକି ଯାଇ ଛନ୍ଦି ବନ୍ଧ ହୋଇଥିବା ଲୁଗାପଟା ଗୁଡ଼ାକ ଟାଣିଓଟାରି ପକାଇଲି। ଦେଖିବା ବେଳକୁ ଆଈ ବୁଢ଼ୀ ଅଣନିଶ୍ୱାସୀ ହୋଇ ଦମ୍‌ସମ୍ ହେଉଛି। କଥା କହିବାର ଶକ୍ତି ନାହିଁ। ଏଣେ ଓଢ଼ଣା ସାଙ୍ଗରେ ନାକର ନୋଥ ଓ ଗୁଣା ଲାଗିଯାଇ ବାହାରି ଆସିଥିବାରୁ ନାକ ପୁଡ଼ାରୁ ଲହୁ ବହି ଯାଉଛି ସରସର। ଆମ ସାଙ୍ଗ ସ୍ତ୍ରୀଲୋକ ଜଣେ ତାର ଲୋଟା ଆଣି ପାଣି ଛାଟ ମାରିବାରୁ ବୁଢ଼ୀ ଟିକିଏ ସାବ୍ୟସ୍ତ ହେଲା। ମୁହଁ ପୋଛାପାଛି ଦେଇ ବନ୍ଦୋବସ୍ତ କରି ବୁଢ଼ୀକୁ ଶୁଆଇ ଦେଲୁଁ।

ଦୁଇ ତିନି ଘଣ୍ଟା ପରେ, ହଠାତ୍ ଦେଖିଲି ଆମର ଗାଡ଼ିର ଶେଷ ଅଡ଼କୁ ବସିଥିବା ଗୋଟାଏ ମାଇକିନା ତେରମେର ହୋଇ ଯାଇଁ ଆସିଲା ବୁଢ଼ୀ ପାଖକୁ, ମାରେ କି ନ ମାରେ। ବାପଲୋ ସେ ଯେଉଁ ଉଗ୍ରଚଣ୍ଡୀ ମୂର୍ତ୍ତି। ମୋର ତ ସାହା ଉଡ଼ିଗଲା। ବୁଢ଼ୀ ବିଚରା ଜୀବନ ବକଳରେ ଅଛି। କଥାଟା ଯେ କଣ ତାହା ମୁଁ ବୁଝି ପାରିଲି ନାହିଁ ଅଦୌ। କାହିଁକି ନା ସେ ଯେଉଁ ଭାଷାରେ କଥା କହୁଥିଲା ପୁଣି ଯେଉଁ ଭାବରେ ମୁଖ ଭଙ୍ଗୀ ଓ ସ୍ୱର ବଢ଼ାଉ କରୁଥିଲା, କାହା ବାବାର ଗୁଣ କଥା ସେବେ ବୁଝିବ। ସେ କୁଆଡ଼େ ପଞ୍ଜାବୀ ମାଇକିନା। ସେ ଯେଉଁ ସ୍ତ୍ରୀଲୋକଙ୍କ ଆମପାଇଁ ପାଣି ଦେଇକା ଦେଇଥିଲା ଆଗରୁ, ସେହି ଆମକୁ ରକ୍ଷା କରି ଦେଲା। ଆମର ସାହାଯ୍ୟ ପାଇଁ ଭଗବାନ ତାକୁ ପଠେଇଥିଲେ କି କଣ। ସେ ଠିଆ ହୋଇହୁଡ଼ ସେ ପଞ୍ଜାବୀକୁ କଣ ବୁଝା ସୁଝା କରେଇ ତାର ହାତ ଓଠ ଧରି ତାକୁ ଶାନ୍ତ କରାଇଲାରୁ ସେ ତାର ଅସ୍ଥାନକୁ ଫେରିଗଲା ବଳର ୨ ହେଇ ହେଇକା। ଅନେକ କ୍ଷଣ ପରେ କଥାଟା ବୁଝିଲି। ଆଈ କୁଆଡ଼େ କଳେ ପାନପିକ ଝରକା ବାଟେ ବାହାରକୁ ପକାଇ ଦେବାରୁ ତାହା ଚଳନ୍ତି ଗାଡ଼ିର ପବନରେ ଉଡ଼ିଯାଇ ସେହି ପଞ୍ଜାବୀ ସ୍ତ୍ରୀଲୋକ ଉପରେ ପଡ଼ିଲା। ତାର ଲୁଗା ଓ ମୁହଁ ଯାକ ରଙ୍ଗାଇ ଦେଲା।

ମୁଁ ଏହା ଜାଣି ବୁଢ଼ୀକୁ ତାଗିଦ୍ କରିଦେଲି ଓ ଆମ ସାଙ୍ଗ ସ୍ତ୍ରୀଲୋକଙ୍କ ଝରକାର କାଚ କବାଟ ଠେଲି ଦେଇ ବନ୍ଦ କରିଦେଲା, ଯେପରି ବୁଢ଼ୀ ଆଉ ପାନପିକ ପକାଇ ନ ପାରିବ।

ତା ପରେ, ଗୋଟାଏ ଷ୍ଟେସନରେ ଯାଇ ଗାଡ଼ି ଛିଡ଼ା ହେଲା। ମାଳଗା ପାଟପୁର ନା କ'ଣ ସେ ଷ୍ଟେସନର ନାମ। ଏତିକିବେଳେ ଆମ ଆଜ୍ଞା ଥର ଡବାରୁ ଓହ୍ଲାଇ ଆମକୁ ଦେଖିବାକୁ ଆସିଲେ। ଗାଡ଼ିର ଦରଜା କେଉଁଠି ତାଙ୍କୁ ତ ମାଲୁମ୍ ନାହିଁ—ସେହି କାଚ ଝିଡ଼କି ବାଟେ ବୁଢ଼ୀକୁ ଦେଖି ହୁଡ଼ ହୁଡ଼ କରି ସେହି ବାଟେ ପଶି ଆସିଲା ବେଳକୁ ମୁଣ୍ଡଟା ବାଜିଲା ଯେ କାଚରେ କାଚଟା ଭାଙ୍ଗିଯାଇ ବୁଢ଼ାର ମୁଣ୍ଡଟା ଗଳିଆସିଲା ଗାଡ଼ି ଭିତରକୁ। ଏଣେ ଗଣ୍ଡିଟା ରହିଛି ବାହାରେ। ଯେତେ ଚେଷ୍ଟା କଲେ ମୁଣ୍ଡଟା

( ୯୧ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com



ପ୍ରଗତି— ୧ମ ବର୍ଷ ୫ମ ସଂଖ୍ୟା

'ଶ୍ରମିକର ଦାବୀ' ପଦ୍ୟର ଶ୍ରମିକ କାରଖାନାଧି 'ମଜ୍‌ଦୁର୍' ନୂତନ—ଧାନ କ୍ଷେତର ମୂଲିଆ । କାହେଁ କାହେଁ 'ଭାତ ମୁଠେ' ମାତ୍ର ଦାବୀ କରୁଛନ୍ତି । ବାଃ !

ପୁଷ୍ପକୀଟ— ବେଶ୍ ହୃଦ୍‌ଗ୍ରାହୀ ଗଳ୍ପଟି ।

ବସୁନ୍ଧରୀ— ଗଦ୍ୟ କବିତା – 'ଘଟପାତ' ରେ ହତାଶ ହୋଇ୍ କବି 'କୌଣସିମତେ' ଅନାଗତ ଗଦ୍ୟମୟ ଜୀବନଟାକୁ ଚଳେଇ ନେଉଛନ୍ତି ।

ଡାକପିଅନ—ମଫସଲ ଗାଁର ନୈତିକ ଚିତ୍ର ମନ୍ଦ ହୋଇନାହିଁ ।

ଶରତରାଣୀ— କବିତାଟି ମିଠା, କିନ୍ତୁ ନୀଳ-ଭେଳାବୃତ ।

କଳଙ୍କ— ଗପଟି ଫୁଟିନାହିଁ ।

କନ୍ତ୍ରୀ— ତରୁଣ କବିଙ୍କର ଯୌବନ ଏଇ ବାଟରୁ 'ଯେ ପଳାତକ ଖରଗୋସ୍' ତାର ଉଦ୍ଦେଶ୍ୟରେ ବାଣ ଖୋଜିଲାଣି ! ତେବେ ହରିଣ ପରି ପାଗଳ ହୋଇ ଅଲକାତସମସ୍ତୀ ସବିର ରହସ୍ୟ ଭେଦ କରିବ କିଏ ?

"ନେଇ ଅଣି ଥୋଇ ଜାଣିଲେ"- ବଦ୍ରୁ ପାତ୍ରଙ୍କ ନାଟକ । ନେଇ ଅଣି ଥୋଇ ଜାଣିଲେ ସ୍ୱେଚ୍ଛାଚାରିତା ଯେ ଭଲ ଏକଥା କେହି ଅସ୍ୱୀକାର କରିବେ ନାହିଁ । ମାତ୍ର ଲେଖକ ଯେଉଁ ସ୍ୱେଚ୍ଛାର ପକ୍ଷ ସମର୍ଥନ କରିଛନ୍ତି ସେଠି ସେତକ ହୋଇ୍ ପାରୁ ଥିଲେ କାହା ଜୀବନର ବାଳ ଉଠିଛି, କହନ୍ତା ।

# ବହିପତ୍ର

ଶ୍ଲେଷ, ବିଦ୍ରୂପ କରୁ କରୁ ବଶୋଦ୍ଗୀରଣ କଲେ ହାସ୍ୟ ରସଟା ଗାଣି ଫାଟିଯାଏ । କାହାର ବ୍ୟକ୍ତିଗତ ରୂପ, ବେଶ, ବର୍ଣ୍ଣକୁ ବିଦ୍ରୂପ କରିବା ଲେଖକୋଚିତ ଶିଷ୍ଟତା ନୁହେଁ । ଅଜି ଯଦି କେହି ମୂର୍ଦ୍ଧରେ କୃଷୀ-ମଜଦୁର ଓ ପେଟରେ ପୁଞ୍ଜିପତି ହୋଇ ବା ପୁଞ୍ଜିପତି ମାନଙ୍କ ମୁଣ୍ଡରେ ହାତ ବୁଲାଇ ବା ସାଧାରଣ ଅର୍ଥରେ ପେଟ ପୂରାଇ ଦେଶ-ନେତା ବୋଲାଇ ପାରେ ତେବେ ସେଇଟା ତାର ବାହାଦୁର । 'ନେଇ ଅଣି ଥୋଇ ଜାଣିଛି' ବୋଲି କହିବାକୁ ହେବ । private ଅଉ political ଜୀବନ ସାଙ୍ଗରେ ସାହିତ୍ୟିକ ଜୀବନର ବା କି ସମ୍ପର୍କ ଅଛି ? ଏଥିପାଇଁ "ପରଦ୍ରବ୍ୟେଷୁ ଲୋଷ୍ଟ୍ରବତ" ମଣୁଥିବା ଏବଂ "ଅନାଶକ୍ତ କର୍ମ" କରୁଥିବା ପଣ୍ଡିତ ଲୋକଙ୍କର କୁତ୍ସା କରିବା ହୀନମନୋବୃତ୍ତିର ପରିଚୟ ଦିଏ ।

ତେବେ ଥାଉ— ଶିଳ୍ପୀମହାଶୟଙ୍କର ଏକ କଥା ! ଏତେ ଚଞ୍ଚଳ, ନାହିଁ— ଲେଖକା ଭଗିନୀ ନହିଁ— ଖାସା ଗଳ୍ପଟି ।

ଜନତାର—ସବୁଥିରେ ସୀମା ଅଛି । ସାହିତ୍ୟରେ କୁତୁହଳଟା ଅତି ହୋଇଗଲେ ତାକୁ 'ଜଘନ୍ୟ' ବୋଲି କହିବାକୁ ହେବ । ଏଇଥି କଣ ପ୍ରଗତିର ଲକ୍ଷଣ ?

ଗୋଦା ମେହେର୍ ବାନ— କ୍ଷୁଦ୍ର ଗଳ୍ପଟିର ପ୍ରାଣ ଅଛି । ଲେଖାର ଗୁରୁର ପ୍ରଶଂସନୀୟ ।

"ବହ୍ନିଶିଖା"— ପ୍ରଥମ ଭାଗ— ପ୍ରଥମ ସଂଖ୍ୟା ଖଣ୍ଡେ ଉପହାର ପାଇ ଅମ୍ଭେମାନେ ସମ୍ପାଦକ ଶ୍ରୀ ଲକ୍ଷ୍ମୀଧର ନାୟକଙ୍କୁ କୃତଜ୍ଞତା ଜଣାଉଛୁଁ । ପତ୍ରିକାଟି ଜାମସେଦପୁରରୁ ପ୍ରକାଶିତ ଓ କଟକ ନବଭାରତ ପ୍ରେସରେ ମୁଦ୍ରିତ । କଲେବର ଦୃଷ୍ଟିରେ ବାର୍ଷିକ ମୂଲ୍ୟ ୧।୰ ଓ ପ୍ରତି ସଂଖ୍ୟା ୫୦ ଅଧିକ ହେଲା ପରି ମନେ ହୁଏ । ବହ୍ନିଶିଖା ସାହିତ୍ୟ ପତ୍ରିକା ହେଲେ ମଧ୍ୟ ଗୌଣ ଭାବରେ ସମ୍ବାଦ ପତ୍ରର କାମ କରିବ ଓ ଛୋଟିଆ ସିଂହଭୂମିକୁ ଓଡ଼ିଶା ସାମିଲ କରିବା ପାଇଁ ଅନ୍ଦୋଳନ ଚଳାଇବ । ଏହାଛଡ଼ା ସିଂହଭୂମିରେ ଓଡ଼ିଆ ଭାଷା, ସାହିତ୍ୟ ସଭ୍ୟତା, ସଂସ୍କୃତି ପ୍ରଚାର ଓ ଜାମସେଦପୁରର ସହସ୍ର ସହସ୍ର ଓଡ଼ିଆ ଶ୍ରମିକ ମାନଙ୍କ ଅଭାବ ଅଭିଯୋଗ ପ୍ରକାଶ ମଧ୍ୟ ବହ୍ନିଶିଖାର ଉଦ୍ଦେଶ୍ୟ । ଅମ୍ଭେମାନେ ନବ ସହଚରୀଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଉଛୁଁ ଏବଂ ଭଗବାନଙ୍କ ଠାରେ ଅନୁନୟ କରୁଛୁଁ କି ଅଳ୍ପ ଦିନରେ ସେ ସହଯୋଗିନୀଙ୍କର 'ବହ୍ନିଶିଖା' ନାମ ବଦଳାଇ 'ସଂଯୁକ୍ତା' କରାଇ ଦିଅନ୍ତୁ ।

'ମଜଦୁର' କବିତାଟି ସୁନ୍ଦର ହୋଇଛି କବିଙ୍କୁ ସଖାଳ ପାଣିଆ ଭୁଣ୍ଡର 'ମୂଲିଆ' ପସନ୍ଦ ନ ହୋଇ ଚଣା-ଚପାଟି ଖିଆ ମଜଦୁର ଅଧିକ ପସନ୍ଦ ହୋଇଛି । ଯାହାହେଉ ଅଜି କାଲିର ଫେସନ ଏଇଟା । ଶ୍ରୀମତୀ ହେମଲତା ଙ୍କର 'ଭିକାରୁଣୀ' ଗଳ୍ପଟି ବେଶ ମୁଲାଏମ୍ । କବି ମାୟାଧର ମାନସିଂହଙ୍କର ଜନ୍ମଭୂମି ବନ୍ଦନା ଗୋଟିଏ ସଂଗୀତ । ମାତ୍ର ସମ୍ୟକ ରୂପେ ଗୀତ ହେବାର ସମ୍ପୂର୍ଣ୍ଣ ଅନୁପଯୁକ୍ତ । ସମ୍ଭବତଃ ପଦ୍ମମାଳୀଆ ନାମୁଲ ଲେଖା ।

ମାନସୀ— କବିତା ମନ୍ଦ ନୁହେ ।

ଗୋଧୂଳି ଲଗନେ— କଞ୍ଚା କବିତା

ଯୌବନ ପଥେ— ତଥୈବଚ

ଶେଷ ମିନତି—କବିତାଟି ଭାବ ଗର୍ଭକ ଓ ମଧୁର

କୁତୁକୁତୁ—

ପିଲା—ମା, ଯେଉଁ ଗହଣା କଥା କହୁଥିଲୁ ବାପା କଣି ଦେଲେନି ?

ମା— ନାହିଁ, ସେ ଦେଲେ ନାହିଁ ,

ପିଲା— ମୁଁ ଯିଏ ଦାଣ୍ଡିକର ଭୁଲରେ ଗଣ୍ଡ ଚାହେଁଇ ଦେଇଛି ହୁଏ, ତୁ ସେଇମିତି କରୁନାହିଁ ?

Digitized by srujanika@gmail.com

# ୨ ୟ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା ।

**ସିଧା**

୧ । ଚୂଡ଼ାନ୍ତ ।
୩ । ବେପାରୀ ।
୫ । ୨ ତଳ ବାଗରେ ଯାହା ତାହା ।
୬ । ଏହା ବଡ଼ ଝଗଡ଼ାଏ ।
? । ଏହା ପାଇଲେ ଗୋଡ଼ ଅଭ ଉଠେ ନାହିଁ ।
୧୦ । ବରଷା ଝଡରେ ଏହା ପଡ଼େ ।
୧୧ । ଏହା ଅପେ ଅପେ ପଡଲେ ନ ଖାଇ କିଏ ଛଡ଼େ ।
୧୩ । ଏ ଗହଣାକୁ ପୁଅ ଝିଅ ସମସ୍ତେ ପେନନ୍ତି ।
୧୬ । ଏଥିରେ ମୁହଁ ଫୁଲିଯାଏ ।
୧୭ । ଏହା ବଥା କଲେ ଚଳିବାକୁ କଷ୍ଟ ହୁଏ ।
୧୮ । ବ୍ୟାଘ୍ରର ଶିକାର ।

**ଉତ୍ତର**

| | | | | | | |
|---|---|---|---|---|---|---|
| ୧ ଚ | ୨ (ର) | ମ | ■ | ୩ ବ | ଣି | ୪ ଅ |
| ୫ ର | ସ | ■ | ୬ ସ | ■ | ୭ ପ | ଦ |
| ଖା | ■ | ୮ ଗ | ରି | ୯ ସ | ■ | ର |
| ■ | ୧୦ ଛ | ଲ | ■ | ୧୧ ଡା | ବ | ■ |
| ୧୨ କ | ■ | ୧୩ ପ | ୧୪ ଦ | କ | ■ | ୧୫ ମ |
| ୧୬ ଶୋ | କ | ■ | ପ୍ର | ■ | ୧୭ ଗୋ | ଡ |
| ରି | ■ | ୧୮ ହ | ରି | ଣ | ■ | କ |

**ଉପରୁ ତଳ**

୧ । ଯେ ଏହା ସିଡମତ ଚଳାଏ ଲକ୍ଷ୍ମୀ ତା ସ୍କନ୍ଧରେ ବସନ୍ତି ।
୨ । ଏଥିରେ ଲୁଣ ନ ଥିଲେ ରସିକ ଅପବନ୍ତ ହୁଏ
୪ । ଏହା ନ ଥିଲେ ମନୁଷ୍ୟ କାମରେ ଅଗେଇ ପାରେ ନାହିଁ ।
୬ । ଗୋଲକାର ଅଧାଇ ।
୮ । ଶୟନ ସମୟରେ ଏଥିରେ ଆରାମ ମିଳେ ।
୯ । ଡଗର ବାର୍ଷିକ ମୂଲ୍ୟ 'ଡାକସହ ବର୍ତ୍ତମାନ' ଦୁଇ ଟଙ୍କା ।
୧୨ । ...ଦେବୁ କ ଗୋ କଣୋରେ ପ୍ରୀତି ଦବୁ ?
୧୪ । ବାହୁ ବଢ଼ାଇ କରେ ।
୧୫ । ଏହା ମରଣକୁ ଡାକିଅଣେ ।

**ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନଙ୍କର ନାମ**

ପ୍ରଥମ ପୁରସ୍କାର— ଟ୩୯   ୩ ଟି ଭୁଲ   ଶ୍ରୀଯୁକ୍ତ ବ୍ରଜଗୋପାଳ ଦାସ   ଲୁହଗଡ଼ିଆ—ସୋର

୨ୟ ପୁରସ୍କାର— ଟ୨୯ (ପ୍ରତ୍ୟେକ ଟ୧୯ କରି) ୪ ଟି ଭୁଲ
- ଶ୍ରୀମତୀ ମହାବିଦ୍ୟା ଦେବୀ   ମିଶନ ବାଳିକାସ୍କୁଲ   ବାଲେଶ୍ୱର
- ଶ୍ରୀ ପୁଲିନ ବିହାରୀ ବ୍ରହ୍ମା   ୯ ଶ୍ରେଣୀ   ବାରିପଦର   ହାଇସ୍କୁଲ   ମୋଡଗଞ୍ଜ

୩ୟ ପୁରସ୍କାର— ଟ୧୯ (ପ୍ରତେକ ଟ୦।୬ କରି) ୫ ଟି ଭୁଲ
- ଶ୍ରୀ ଅଦ୍ୱୈତ ପ୍ରସାଦ ଦାସ   ଅଫିସ ପେଷ୍ଟାଫ ଖାଲଗି ଷ୍ଟେଟ ପୋଃ ରାଜନଗର
- ଶ୍ରୀ ରାଧାଗୋବିନ୍ଦ ଦାସ   C/o ସାମନ୍ତ ରାଧାପ୍ରସାଦ ଦାସ   ସୁନହଟ   ବାଲେଶ୍ୱର
- ଶ୍ରୀ ଧରଣୀଧର ଚନ୍ଦ   ବଙ୍କ, ବାସୁଦେବପୁର

**ଆସୁଛି     ଆସୁଛି     ଆସୁଛି**

୩ନମ୍ବର **ଡଗର** ଶବ୍ଦଧନ୍ଦା ପ୍ରତିଯୋଗୀତା

ବିନାମୂଲ୍ୟରେ

## ଟ୧୦ଙ୍କା ପୁରସ୍କାର ।

ଏହି ଶବ୍ଦଧନ୍ଦାର ବିଶେଷତ୍ୱ ଏହି ଯେ ଉତ୍ତର ପଠାଇବା ବେଳେ ପ୍ରବେଶିକା ଫିସ ଦେବାକୁ ପଡ଼ିବ ନାହିଁ । ଡଗରର ପାଠକ ମାନେ ଡଗରର କୁପନ କାଟି ପଠାଇ ପାରିବେ । ପ୍ରଥମ ପୁରସ୍କାର—ଟ୫୯ ଦ୍ୱିତୀୟ ପୁରସ୍କାର ଟ୩୯ ଓ ତୃତୀୟ ପୁରସ୍କାର ଟ୨୯ ମିଳିବ । ନିର୍ଭୁଲ ଉତ୍ତରଦାତା ପ୍ରଥମ ପୁରସ୍କାର ପାଇବେ । ଗୋଟିଏ ଭୁଲରେ ଦ୍ୱିତୀୟ ପୁରସ୍କାର ଓ ଯୋଡ଼ିଏ ଭୁଲରେ ତୃତୀୟ ପୁରସ୍କାର ମିଳିବ । ସମସ୍ତ ଉତ୍ତର ନିରୂପିତ ସମୟ ମଧ୍ୟରେ 'ଡଗର' ଅଫିସ ଭଦ୍ରକ ଠିକଣାରେ ପହଞ୍ଚିବା ଆବଶ୍ୟକ ।

ଏହି ପ୍ରତିଯୋଗୀତାରେ ଯୋଗ ଦେଇ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଇଚ୍ଛା ଥିଲେ ଆଗରୁ ଆପଣଙ୍କର ନିକଟସ୍ଥ ଡଗର ଏଜେଣ୍ଟଙ୍କୁ ଅର୍ଡ଼ର ଦେଇ ରଖନ୍ତୁ । ନୋହିଲେ ହତାଶ ହେବେ ।

## ଡଗର ନିୟମାବଳୀ

୧—'ଡଗର' ମାସକୁ ଦୁଇଥର ବେଖାଦିଏ ।
୨—ଡଗର ବାର୍ଷିକ ଅଗ୍ରିମ ଟ୨୯
୩—ଛାତ୍ରମାନଙ୍କ ଠାରେ ଟ୧୷୯
୪—ଯେ କୌଣସି ସଂଖ୍ୟାରୁ ଗ୍ରାହକ ହେବାର ସୁବିଧା ଅଛି ।
୫—ସମସ୍ତ ପତ୍ର ସମ୍ବାଦ ଓ ଟଙ୍କା ପ୍ରକାଶକ ଡଗର ଅଫିସ ଭଦ୍ରକକୁ ପଠାଇବାକୁ ହେବ ।
୬—ଉତ୍ତର ପାଇବାର ଆଶାଥିଲେ ଟିକଟ ପଠାଇବାକୁ ହେବ ।
୭—ସ୍ଥାନୀୟ ଏଜେଣ୍ଟଙ୍କ ନିକଟରେ ବାର୍ଷିକ ଗ୍ରାହକ ହେଲେ କୌଣସି ଗୋଳମାଳ ନିମନ୍ତେ ଡଗର ଅଫିସ ଦାୟୀ ନୁହନ୍ତି ।
୮— ଲେଖା ଡଗର ଅଫିସରେ ପହଞ୍ଚିବା ଦରକାର ।
୯—ଟିକଟ ନ ଦେଲେ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।

Digitized by srujanika@gmail.com



ଆମର ପିଲାଙ୍କୁ ଆମେ ସ୍ୱରସାଧନ, ଖିଆଲ୍, ଧ୍ରୁପଦ ଇତ୍ୟାଦି ମାର୍ଗ ସଙ୍ଗୀତ ନ ଶିଖାଇ 'ପତଳାଦରେ ଗୀତ ଫସାରୁ ଚଳ' ସ୍ୱଭାବେ ସୃଷ୍ଟିଦେଲୁଁ— ଝାରୁଝମ୍ପା ଝୁଟ୍, ଖାଡ଼ପଡ଼ଣା ଝୁଟ୍, ଓସ୍ତାଦେ ଝୁଟ୍. ଏଥିରେ ଆମଠୁଁ ଉଚ୍ଚ ଦ୍ରବ୍ୟ ମିଳିବାର କଥାକୁ ଆଶା କରି ପାରିବେ-? ଉଚ୍ଚ କଳାବିଶିଷ୍ଟ ସଙ୍ଗୀତ ଦେଖାଇବା ପାଇଁ ଆମକୁ ଉଚ୍ଚତର କଣ୍ଠ ସାଧନା ତାଳ ସାଧନା ମଧ୍ୟରେ ଗତି କରିବାକୁ ହେବ ।

ଚମ୍ପୂର ସ୍ୱରଭଙ୍ଗୀରୁ ତାଳଭେଦରୁ ଅନୁମାନ ହୁଏ, କବିସୂର୍ଯ୍ୟ ଏହି ଖିଅଲଜାତୀୟ ମାର୍ଗ ସଙ୍ଗୀତର ପ୍ରଭାବ କାରଣେ ସରଳ ତଳ ଉପରେ ସରଳ କଳା କୌଶଳ ଉପରେ ଏହି ଚମ୍ପୂ ନାମକ ଗୀତାବଳୀ ରଚନା କରିଥିଲେ । ଦକ୍ଷିଣାତ୍ୟ ପଦ୍ଧତିରେ ତାଳ ସାତଂଗାଟି ପୁଣି ପ୍ରଧାନ ୫ ପ୍ରକାର । ତାଳ ସାତୋଟି ଧ୍ରୁବ, ମଠ, ରୂପକ, ଝମ୍ପା, ଅଷ୍ଟ, ତ୍ରିପୁଟା, ଏକ— ଏବଂ ପ୍ରତ୍ୟେକ ଲଘୁର ମାତ୍ରା ଭେଦରେ ତିସ୍ର, ଚତୁସ୍ର, ଖଣ୍ଡ, ମିଶ୍ର, ସଂକୀର୍ଣ୍ଣ । ଧ୍ରୁବ ତାଳର ( ଚମ୍ପୂରେ ଯାହା, ହୁଡ଼ୁକ୍କାର ଏଡ଼ା ଚୌତାଳ ) ଚମ୍ପୂ ବା ଅପର ଓଡ଼ିଆ ଗୀତ ଶୁଣିବାର ଯତ୍ନ କରିଛି କିନ୍ତୁ କେଉଁଠାରେ ଶୁଣି ନାହିଁ । ମଠତାଳ ( ସ୍ୱର ଫାକ ତାଳ) ର ଗୀତ ଅଳ୍ପ ଶୁଣିଛି । ଝମ୍ପା ମଧ୍ୟ ଅଳ୍ପ । ସାଧାରଣ ଗୀତ ଯାହା ଦକ୍ଷିଣରେ ଶୁଣୁଁ ଅଧିକାଂଶହିଁ ତ୍ରିପୁଟା ବା ଏକତାଳ । ଅଷ୍ଟ ତାଳରଗୀତ ବୋଲି ଯେଉଁ ଗୀତ ସବୁ ଶୁଣୁଛୁଁ ତାହା ଅଷ୍ଟ ତାଳୀୟ ନୁହେ । ଅଷ୍ଟତାଳର କଳା ଓସ୍ତ ଚତୁସ୍ରରେ ଦଶ ଲମ୍ବା ତାଳ ହେବାର କଥା— ( ଅଷ୍ଟତାଳ ବା ଆଠତାଳ ଗୀତରେ

# କଳାକମ

ଚୌତାଳ ) କିନ୍ତୁ ଏହି ସବୁ ଗ୍ରାମ୍ୟ ଓସ୍ତାଦ ମାନେ ଆଠତାଳ ବୋଲି ଯାହାକୁ ଶୁଣାନ୍ତି ତାହା ଶାସ୍ତ୍ରାନୁମତ ଅଷ୍ଟତାଳ ନୁହେଁ । ଅନେକ କିବା ଭ୍ରାନ୍ତ ଧାରଣା ଆଠତାଳକୁ ଯତ୍ ( ୧୪ ମାତ୍ରା ) ଧରୁ । ସେମାନଙ୍କର ଭ୍ରମ ଦୂର ହେବା ଉଚିତ । ଏଣେ ଆଉ ଦିଗ ଜଗାର ସହମାନ ଇତ୍ୟାଦି ନାମୀୟ ନାନା ବାଦ୍ୟ ମଧ୍ୟ ଆମର ବାଦ୍ୟକାରମାନେ କହନ୍ତି ଏବଂ ତାହାକୁ ସପ୍ତତାଳ ମଧ୍ୟରେ ପୁମାଇ କରି ଆନ୍ତି. କିନ୍ତୁ ସପ୍ତତାଳ ତାଲିକାରେ ଏମାନଙ୍କର ନାମ ନାହିଁ ଏବଂ ଏମାନେ ସମସ୍ତେ ଉଡ଼ନ୍ତ । କଏ ବାହାରିବା କିଏ କରିଆଲି କଏ ଠୁଂର, ଏକ ପ୍ରକାର, ଏକ ଜାତୀୟ ।

## ଓଡ଼ିଶାରେ ସଙ୍ଗୀତ ଶିକ୍ଷା

ଶ୍ରୀ କୃଷ୍ଣ ପ୍ରସାଦ ବସୁ

ସଙ୍ଗୀତ ସମିତିମାନଙ୍କ କର୍ତ୍ତାମାନେ ଏ ଦେଶରେ ଛାତ୍ରମାନଙ୍କୁ ଅଧିକତ ବଢ଼ାଇବାର ଯତ୍ନ କରନ୍ତୁ । ଦକ୍ଷିଣ ଓ ଉତ୍ତର ପଦ୍ଧତିର ସାମଞ୍ଜସ୍ୟ ସ୍ଥାପନ କରି ଶିକ୍ଷା ଦେବାର ସମୟ ହୋଇଛି । ଟିକିଏ ଉଚ୍ଚସ୍ତରକୁ ଉଠିଗଲେ ଦେଖିବେ ଉତ୍ତର ଓ ଦକ୍ଷିଣ ପଦ୍ଧତି ପ୍ରାୟ ସମାନ, ଅନେକାଂଶ ସାଧାରଣ ସ୍କୁଲ କଲେଜର ପିଲାମାନେ ଯେ ଢଙ୍ଗରେ ବେଙ୍ଗର [ନାନାକାର ଶବ୍ଦ ] ଗୀତ ଗାଉଥାନ୍ତି—ତାହା ପ୍ରକୃତରେ ଖିଅଲର ଦୃଷ୍ଟାନ୍ତ ନୁହେଁ । ଯେତେକ୍ଷଣ ଓସ୍ତାଦ ଆଳାପ ତାନବର୍ଣ୍ଣ କୃତି ନ ଅସିଥାଏ, ତେତେ କ୍ଷଣ ଖିଅଲ ପୂର୍ଣ୍ଣାଙ୍ଗ ନୁହେଁ । ଅବଶ୍ୟ ଏ ସମସ୍ତ ଗଭୀର ବିଷୟ ଅଲୋଚନା ବର୍ତ୍ତମାନ କ୍ଷେତ୍ରରେ ; ସାଧାରଣଙ୍କର ହୃଦୟଙ୍ଗମ ହେବା ବଡ଼ କଠିନ ।

ଏଣୁ ତେଣୁ ନାନା କଥା କହିଲି । ସଙ୍ଗୀତର ଏହି ସମସ୍ତ Theory ବର୍ତ୍ତମାନ ସାଧାରଣଙ୍କର ବୋଧଗମ୍ୟ ହେବନାହିଁ ।

ଆମ ଦେଶର ଢୋଲ ମର୍ଦ୍ଦଳ ସମ୍ପର୍କେ କୁହାଯାଇ ପାର ଜଣାଇବାର ଅଛି— କଟକ ଯାଜପୁର, କେନ୍ଦ୍ରାପଡ଼ା ବାଲେଶ୍ୱର କେତେକ ଅଞ୍ଚଳରେ ଯୋଡ଼ିମର୍ଦ୍ଦଳର ବ୍ୟବହାର ଅଛି... ପ୍ରାୟତଃ ଦେଖାଯାଏ ଦୁଇଟି ପୃଥକ ପୃଥକ ଦଳରୁ ବାହାରୁଥିବା ସ୍ୱରମାନ ଟିକିଏ ଭିନ୍ନ ଗତ ଥାଏ... ସେ କାରଣ ଦୁଇଟିର ମିଳେ ନାହିଁ...ତେଣୁ ତାହାର ବାଦ୍ୟମାନ ଶ୍ରୁତିକଟୁ ସ୍ୱରରେ କାନ ଉତ୍ତ୍ୟକ୍ତ ହୋଇ ଉଠେ । ଆମର ବୋଧହୁଏ ଏ ଯୋଡ଼ିମର୍ଦ୍ଦଳ ପରିବର୍ତ୍ତେ ଏକ ଦଳର ମର୍ଦ୍ଦଳ ଯାହାକି ବଙ୍ଗଳାର ଉତ୍ତରାଞ୍ଚଳରେ ଏବଂ କଟକର ଦକ୍ଷିଣାଞ୍ଚଳରେ ଅଧିକ ବ୍ୟବହୃତ ହେଉଥିବାର ଦେଖାଯାଏ । ତାହାହିଁ ଭଲ...ଏବଂ ଯେ ସ୍ୱର କର୍କଶ ନୁହେ ଏବଂ ତାହାହିଁ ସଙ୍ଗୀତର ସ୍ୱର ଦେବାକୁ ଯୋଗ୍ୟତର !

ସାଧାରଣତଃ ତାଳଯନ୍ତ୍ରରୂପେ ଘଣବାଦ୍ୟର ଯନ୍ତ୍ର...ଢୋଲ, ଝାଞ୍ଜ, ତାସା, ଘଣ୍ଟ ଇତ୍ୟାଦି ବ୍ୟବହୃତ ହେଉଥିବାର ଦେଖାଯାଏ । ଢୋଲରେ ବିକଟ ଶବ୍ଦ ବ୍ୟତୀତ ଅପର କୌଣସି ପ୍ରକାରର ମଧୁର ସୂକ୍ଷ୍ମ ବାଦ୍ୟଧ୍ୱନି ଯଥା ତିନ୍, ଧିନ୍, ତୁନ୍, ଧୁନ୍, କେଟେ, ତେଟେ ଇତ୍ୟାଦିର ବାଦ୍ୟ ବାହାରିବା ଏକାନ୍ତ ଅସମ୍ଭବ...ଏ ବିଷୟରେ ବାଲେଶ୍ୱରର ଉତ୍ତରାଞ୍ଚଳରେ ବ୍ୟବହୃତ ହେଉଥିବା ଢୋଲ ଗୁଡ଼ିକ ଅଧିକତର ଉପଯୋଗୀ ... । ଏହି ସମସ୍ତ ଉତ୍ସବ ବାଦ୍ୟ ମଧ୍ୟରେ ନାଗରାହିଁ ସଙ୍ଗୀତ ପକ୍ଷେ ଅଧିକ ଉପଯୋଗୀ... ମାତ୍ର ଯେଉଁମାନେ ବର୍ତ୍ତମାନ ଢୋଲ ବା ନାଗରା ବ୍ୟବହାର କରନ୍ତି ସେମାନେ ତାଳାଦିର ଶୁଦ୍ଧ ବୋଲ ବାଣୀ— ଠେକା, ପରନ, ମଟୁକା, ତେହାଇ ନାଜାଣି ଏକାନ୍ତ ଦରିଦ୍ରଶ୍ରେଣୀ ଦେଶମାନଙ୍କର ଏକାନ୍ତ ଅବହେଳା ଓ ଅର୍ଥାଭାବ ହେତୁ— ଉପଯୁକ୍ତ ଶିକ୍ଷା କରିବାର ଅବସର ନ ଥାଏ... ସାଧନାର ଶ୍ରମ ସ୍ୱୀକାର କରିବାକୁ କାତର... କେବଳ ପଟ ଝଙ୍କାର, ଝାଡ଼ଖଣ୍ଡି ମଦନ୍, ଘୋଡ଼ାନାଚ, କନ୍ଦ୍ୟା ବଜାଇ ଓ

Digitized by srujanika@gmail.com

ଅଭ୍ୟନ୍ତରସ୍ଥ ବଳେଇ ଜାଣିଲେ ହେଲା, ଏମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଶିକ୍ଷା ଦେବାର ପ୍ରୟୋଜନ ହୋଇଛି… ଅଧୁନାତନ ଯୁଗରେ ହରିଜନ ଆନ୍ଦୋଳନ ଫଳରେ ଶିକ୍ଷିତ ଭାରତର ଜାତିଙ୍କର ଅଧିକ ସହାନୁଭୂତି ଓ ଦୃଷ୍ଟି ପଡ଼ୁଛି। ସେମାନଙ୍କ ଗ୍ରାମେ ଗ୍ରାମେ ଯେଉଁ ସମସ୍ତ ହରିଜନ ପାଠଶାଳା ବା ସ୍କୁଲମାନ ସ୍ଥାପିତ ହେଉଛି ତହିଁରେ ଏକ ଦୁଇ ମଷ୍ଟରରେ ତାଳସଙ୍ଗୀତ ସଂକ୍ରାନ୍ତ ଜଣ ଜଣ ଶିକ୍ଷାଦେଲେ ମନ୍ଦ ହୁଅନ୍ତା ନାହିଁ ମଧ୍ୟ ସେମାନଙ୍କର ଜାତୀୟ ବୃତ୍ତିର ଅନେକ ପରିମାଣରେ ସହାୟତା କରନ୍ତା।

ଯାହାହେଉ ଏ ସମସ୍ତ ଅନୁଷ୍ଠାନ ସଙ୍ଗେ ସଙ୍ଗେ ଆପାତତଃ ଏ ପ୍ରଣାଳୀରେ ଶିକ୍ଷାଦେଲେ ଛାତ୍ରମାନେ ସରଳଭାବରେ ଏବଂ ଆଗ୍ରହାନ୍ୱିତ ହୋଇ ଉଚ୍ଚ ସ୍ତରକୁ ଯାଇପାରିବେ ଏବଂ ଦେଶ ସକାଶେ ଦାୟିତ୍ୱ ତାହା ଉପରେ ଏବେ ସେ ବିଷୟରେ ପଦେ ଅଧେ କହିବୁଁ। ସଙ୍ଗୀତ ରାଜ୍ୟକୁ ପ୍ରବେଶ କରିବାର ପ୍ରଥମ ପନ୍ଥା ସ୍ୱର ସାଧନ… ଯନ୍ତ୍ରେ ସିଙ୍ଗଲ ସ୍ୱର ହାରମୋନିୟମ ଘର ଯାହାଙ୍କର ଯେଉଁଠାରୁ ଗଳାରେ ଟାଣି ଓଟାରି ହେବାର ପ୍ରୟୋଜନ ହୁଏନାହିଁ— ସହଜ ସ୍ୱାଭାବିକଭାବେ ସ୍ୱର ବାହାର ପାରେ…( ଦେଖିବାକୁ ହୁଏ ଯେପରି ତାର ଗ୍ରାମର ପଞ୍ଚମ ଓ ଉଦାରା ଗ୍ରାମର ପଞ୍ଚମ ସମସ୍ତ ସ୍ପଷ୍ଟ ଶୁଭିପାରେ) ସେହିପରି ଉପାୟ କରି ଜଳତରଙ୍ଗର ପ୍ରିନ୍ସିପଲ ସେଠାରୁ ହାରମୋନିୟମ ସହିତ ଗାଇବାକୁ ହୁଏ— ଅବଶ୍ୟ ନିଜର କେଉଁ ସ୍କେଲରେ ଗାଇଲେ ସୁବିଧା ହେବ, ସେ ବିଷୟରେ ଜଣେ କେହି ବିଜ୍ଞ ଗାୟକଙ୍କର ପରାମର୍ଶ ନେବା ଉଚିତ୍, ସ୍ୱର ସାଧନାର ନାନା ପୁସ୍ତକ ଅଛି। ଗୋପେଶ୍ୱରବାବୁ, ଭାତଖଣ୍ଡେ, ବେଙ୍କଟସ୍ୱାମି ଅନେକ ଗୁଣିଜନ ପ୍ରକାରର ସ୍ୱର ସାଧନାର ପନ୍ଥା ଲେଖିଛନ୍ତି… ମଧ୍ୟ ଅଳ୍ପକାଳ ଅଠଅଣା ଟଙ୍କାଏ ଖର୍ଚ୍ଚ କଲେ ସରଳ ହାରମୋନିୟମ ଶିକ୍ଷା, ବେହେଲା ଶିକ୍ଷା, ଏସ୍ରାଜ ଶିକ୍ଷା ଇତ୍ୟାଦି ନାନା ପୁସ୍ତକ ମିଳିପାରେ… ପ୍ରାୟ ପ୍ରତି ପୁସ୍ତକରେ ସ୍ୱର ସାଧନାର ଲିପିମାନ ଥାଏ… ସେପରି ସ୍ୱର ଧୀରେ ଧୀରେ ସାଧନ କରିବା ଉଚିତ୍। ଠାଉ ଠାଉ ତରବରରେ ସାଧିଲେ ସ୍ୱରଜ୍ଞାନ ଭଲ ହୁଏନାହିଁ, ଏହାର ବାହାରେ ନାହିଁ… ନିକଟରେ ଜଣେ କେହି ପ୍ରବୀଣ ଓସ୍ତାଦ୍ ଥିଲେ ଭଲ… କାରଣ ନିଜର ସ୍ୱର କେଉଁସ୍ଥଳରେ ଓହ୍ଲାଇ ପଡ଼ୁଛି ବା ଚଢ଼ି ଯାଉଛି, ତାହା ପ୍ରଥମ ଶିକ୍ଷାର୍ଥୀଙ୍କର ବୁଝିବା କଠିନ୍। ସ୍ୱର ସାଧନା କରୁଁ କରୁଁ ସାନ ସାନ ଚେତସ ଗୀତ ଅଭ୍ୟାସ କରି ତହିଁ ସଙ୍ଗେ ଉକ୍ତ ସ୍ୱର ସାଧନ ସଂଯୋଗ କରିବାକୁ ପଡ଼େ। ସରଳ ସାଧନ ପରେ ଜଟିଳ ସାଧନ -ଠାଟ୍ ସାଧନ, ତହିଁପରେ ତନ୍ତ୍ରୀର ସାଧନ, ତାନଉର୍ଦ୍ଧି, ଅଳାପ ପ୍ରଭୃତି ଶିକ୍ଷା କରିବାକୁ ପଡ଼େ। ଅବଶ୍ୟ ବିଦ୍ୟା ମାତ୍ରହିଁ ଶ୍ରମ ଓ ଅଧ୍ୟବସାୟ ସାଧ୍ୟ… ଯେଉଁମାନେ ଏଥିର ଜ୍ଞାନ ଅର୍ଜନ କରିବାକୁ ଇଚ୍ଛୁକ, ସେମାନେ ନିତ୍ୟକର୍ମ ପ୍ରାୟ ଦୈନିକ ଦୁଇଘଣ୍ଟା ପ୍ରତ୍ୟହ ସକାଳେ ହେଉ ବା ସନ୍ଧ୍ୟା-ନବ ଗୁରୁଠାରେ ଘଣ୍ଟାଏ ଅଧେ ଖଟିବାର ବ୍ରତରକ୍ଷା କରିବେ… ଏହାଥିରେ ଓଳଏ ଖଣ୍ଡିଏ ଚୋଡ଼ କଣ୍ଠସ୍ଥ ହୋଇ ପୁଣି ପଦରଦ ଶୋଇ ପଡ଼ିଲେ ହୁଏ ନାହିଁ… ନୂତନ ପରେ ନୂତନର ଅନୁସନ୍ଧାନରେ ଥାଇଁ ଥିବେ… ଯେଉଁମାନଙ୍କର ଈଶ୍ୱରଦତ୍ତ କଣ୍ଠସ୍ୱର ଅଛି ସେମାନେ ଗାୟକ ହୁଅନ୍ତୁ… ଯେଉଁମାନଙ୍କର କଣ୍ଠସ୍ୱର ନାହିଁ ସେମାନେ ଯନ୍ତ୍ର ଅଭ୍ୟାସ କରନ୍ତୁ… ଯେଉଁମାନେ ସ୍ୱର ତାଳ ଜ୍ଞାନରେ ଭାଗ୍ୟହୀନ ସେମାନେ ମର୍ମଜ୍ଞ ଶ୍ରୋତା ହୁଅନ୍ତୁ… କାରଣ ଏ ବିଦ୍ୟାର ରହସ୍ୟ ସବୁକୁ ଅଳ୍ପ ବହୁତ ଶିଖିବାକୁ ହେବ। ଜନ ସାଧାରଣ ଯେତେ ଶିକ୍ଷିତ ମର୍ମଜ୍ଞ ହେବେ ସଙ୍ଗୀତଜ୍ଞ-ମାନଙ୍କର ସମାଦର ସେତେ ଅଧିକ ହେବ। ଜୀବିକା ନିର୍ବାହର ପଥ ସେତେ ପ୍ରଶସ୍ତ ହେବ। ତେଣୁ ପ୍ରତ୍ୟେକ ସଙ୍ଗୀତଜ୍ଞ ଲୋକ-ଙ୍କର ତାଙ୍କର ଗୁରୁ ପିଠି ପଛାଏ ସମସ୍ୟାର ଗାୟକ ବାଦକ ତିଆର କରିବାକୁ ପଡ଼ିବ… ସଙ୍କୀର୍ଣ୍ଣ ଭାବରେ ନିଜର ଅଭିଜ୍ଞତାକୁ ପ୍ରଚାର ନ କରି ଗୋପନ ରଖିଲେ ଚଳିବ ନାହିଁ… ଅନେକ ଏହି ଢଙ୍ଗର ଓସ୍ତାଦ ଅଛନ୍ତି ଯେଉଁ-ମାନେ ନିଜର ଅଭିଜ୍ଞତାକୁ ଦେଖାଇ ଦେଇ ଭାବନ୍ତି ଏବଂ ଭଲ ଦକ୍ଷିଣା ନ ମିଳିଲେ କଥା କହନ୍ତି ନାହିଁ… କିନ୍ତୁ ସେମାନଙ୍କର ଶୋଚନୀୟ ପରିଣାମ ପଦେ ୨ ଦେଖି ପାରିବେ… ଆଉ ମଧ୍ୟ ଗୋଟାଏ ଅତି ସୁନ୍ଦର କୈଫିୟତ ରଖିଛନ୍ତି। "ଏ ବେହିପୋକ୍ ଆମେ ଯାହା ଶିଖାଉଁ ଶିଖେଇଲେ ଏଇ ଆମକୁ ମାନିବେ ନା ଆମ ଦଳରେ ରହିବେ।" ହୋଇପାରେ କଥାଟା ଯେ ଏକାନ୍ତ ଅସାର ତା ନୁହେଁ…ଏପରି ଦୃଷ୍ଟାନ୍ତରେ ଆମ୍ଭେମାନେ ମଧ୍ୟ ଭୁକ୍ତଭୋଗୀ… ହୁଏତ ଆମ୍ଭେମାନେ ସେହି ବିଦ୍ୟାର୍ଥୀଙ୍କ ନିଜେ ଭରଣ ପୋଷଣ ବେତନ ଦେଲୁଁ… ୩।୪ ବର୍ଷ ପ୍ରତିପାଳନ କଲୁଁ। କିନ୍ତୁ ଛାତ୍ର ସବୁ ସ୍ଥଳରେ ହଠାତ୍ ନାମିକା ହେଉଛନ୍ତି ତାଙ୍କୁ ମିଳିଗଲା ଓସ୍ତାଦ…ଯାଙ୍ଗେ ୨ ଆମର ଏତେ ଶ୍ରମ, ଏତେ ଅର୍ଥ ବ୍ୟୟ ଏତେ ସହାନୁଭୂତି ଦଳଦେଇ ଦଳ ବାଲ୍ୟକୁ ଶ୍ଳେଷ କରଇ ସୁଖ ପଲେ…ଏ ଦୃଷ୍ଟାନ୍ତ ପ୍ରଚୁର ଦେଖାଯାଏ… କିନ୍ତୁ, ତାହାବୋଲି ଶିକ୍ଷାଦାତାମାନେ ଶିକ୍ଷା ଦାନରେ କୃପଣତା କରିବେ ଏହା ଶିକ୍ଷା-ଦାତାଙ୍କ ପକ୍ଷେ ନିନ୍ଦନୀୟ ଓ ଅମର୍ଯ୍ୟାଦାର କଥା; ବିଶେଷତଃ ଯେତେବେଳେ ଗୁଣୀମାନେ ଦେଖୁଛନ୍ତି ଯେ ଉଚ୍ଚାଙ୍ଗ କେବଳ ଅନ୍ଧକାର। ତେଣୁ ସେ ବିଷୟରେ ଉଦାର ନୋହିଲେ ଚଳିବ ନାହିଁ। ବିଶେଷତଃ ଏହାମଧ୍ୟ ସବୁ ସ୍ଥଳରେ ଦେଖା ଯାଉଛି ଯେ କେଉଁମାନେ ଛାତ୍ରମାନଙ୍କର ଅତି ଦ୍ରୁତରେ ବିଦ୍ୟାଲାଭ ହୋଇ ଯାଉଛି…ଦୁଇ ତିନି ବର୍ଷ ପରେ ୨ ଚକ୍ ଚକ୍ ହୋଇ ଧୀରେ ୨ ମଉଳି ଯାଉଛନ୍ତି।

( କ୍ରମଶଃ )

Digitized by srujanika@gmail.com

( ୭ ପୃଷ୍ଠା ପରରୁ )

ଛାଡ଼ି ନ ପାରନ୍ତି ଓ ସଙ୍ଗେ ଭିତରକୁ ପଶି ନ ପାରନ୍ତି । ଗାଡ଼ିଯାକ ମାଇକିନା ହୋ ହୋ କରି ହସି ଉଠିଲେ । ଏତିକିବେଳେ ପୁଣି ଗାଡ଼ିଟା ଚାଲିବାକୁ ଆରମ୍ଭ କଲା । ବୁଢ଼ାର ବିପଦ ଦେଖି ବୁଢ଼ୀ ଝରକା ହାତଲ ଖାଲି ବୁଢ଼ା ଚାଲେ ପଡ଼ିଯିବ ବୋଲି ତା ମୁଣ୍ଡଟାକୁ ଟାଣି ଧରିଲା । ବୁଢ଼ାର ଚିତ୍କାର କରି ଉଠିଲା । ବୁଢ଼ାର ଚିତ୍କାର, ବୁଢ଼ୀର ରୋଦନ, ମୋର ଧାଡ଼ି, ମାଇକିନାଙ୍କ ହସ ସବୁ ମିଶି ଏକ ବିକଟ ବ୍ୟାପାର ହୋଇ ଉଠିଲା । ଏତଣେ ଷ୍ଟେସନ ମାଷ୍ଟର ଧାଇଁଆସି ଚଳନ୍ତା ଗାଡ଼ିଟାରେ ଲୋକଟାଏ ପାଦାନରେ ଛିଡ଼ା ହୋଇଛି ଦେଖି ଗଣ୍ଡିକୁ ଧରି ଭିଡ଼ିବାକୁ ଲାଗିଲେ । ମାତ୍ର ମୁଣ୍ଡଟା ଏଣେ ଭିତର କବାଟ ଧରିଛି ତ ବୁଢ଼ୀ ଧରିଛି । ବୁଢ଼ା ଯାଏ କୁଆଡ଼େ ! ଷ୍ଟେସନ ବାବୁ ବଡ଼ କରି ନାଲି ପତାକା ହଲାଇଲେ ଗାଡ଼ି ଛିଡ଼ା ହେଲା । ଲୋକବାକ, କୁଲି, ସାହେବ ସବୁ ଧାଇଁଆସି ସେ କବାଟଟାକୁ ପୂରା ଭାଙ୍ଗି ବୁଢ଼ାର ମୁଣ୍ଡକୁ ବାହାର କଲେ । ତା ପରେ ଡ୍ୟାମ୍, ସୁଅର, ଉଲ୍ଲୁ, ଗଧା ଇତ୍ୟାଦି ଇତ୍ୟାଦି ଇଂରାଜି ବୁଲିରେ ଯେତେ ପ୍ରକାର ଗାଳିର ବୃଷ୍ଟି ହେଲା ତାର ଠିକଣା ନାହିଁ । ବୁଢ଼ାର ବାକ୍ୟ ବାହାରୁ ନାହିଁ । ଲୋଟାଏ ପାଣି ପିଇ ଯାଇ କଥା କହିଲା । ଦ୍ୱାର ଭାଙ୍ଗିବା ବାବଦ ଟ୧୬୮ ଜରିମାନା ବୁଢ଼ାଠୁଁ ଆଦାୟ ହୋଇଗଲା ସାଙ୍ଗେ ସାଙ୍ଗେ ।

ଏହାପରେ ଆଉ କିଛି ଉଲ୍ଲେଖ ଯୋଗ୍ୟ ଘଟଣା ଘଟିନାହିଁ । କିନ୍ତୁ ପ୍ରବାସରୁ ଫେରିଲା ବେଳେ ବୁଢ଼ା ଆଉ ରେଲରେ ନ ଚଢ଼େ । କହିଲା କି "ଅରେ ବେ-ପରଦା ହୋଇ କରି ଏତେ ଦରଶନ—ଆଉ ପୁଣି ! ଅରେ ବାପ—"

ଶେଷରେ ବୁଢ଼ା ବୁଢ଼ୀ ସ-ପରଦା ସବାରିରେ ଫେରିଲେ ।

ଓଡ଼ିଶାରେ ନୂତନ ଆବିଷ୍କାର

ଭାରତ ବିଖ୍ୟାତ ହାକିମୀ ( ୟୁନାନୀ ) ଚିକିତ୍ସା ଶାସ୍ତ୍ରର

**ଅମୃତ ତୁଲ୍ୟ ସାର ଔଷଧ**

**ତୀରୟାକ୍-ସୁଲେମାନୀ**

ସମସ୍ତ ପ୍ରକାର ପେଟ ରୋଗର ଅବ୍ୟର୍ଥ ମହୌଷଧ

ପାକସ୍ଥଳୀର ବିକାର [ପେଟର ଦୋଷ] ସମସ୍ତ ରୋଗର ମୂଳ—ଏହାର ଏକମାତ୍ର ୟୁନାନୀ ସାର ଔଷଧ ତୀରୟାକ୍ ସୁଲେମାନୀ ଅଟେ । ଏହା ସେବନ ଦ୍ୱାରା ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଅମ୍ଳୋଦ୍ଗାର, କୋଷ୍ଠବଦ୍ଧତା, ପେଟ କାମୁଡ଼ା ପେଟ ଫମ୍ପା, ପେଟରେ ବାୟୁ ଜମିବା, ଓ ବାୟୁ ଗୋଳା, ସର୍ବ ପ୍ରକାର ଶୂଳ, ଅଜୀର୍ଣ୍ଣ ଝାଡ଼ା, ବେକ ଓ ଛାତି ପୋଡ଼ା, ଆହାର ପରେ ବାନ୍ତି, ଅର୍ଶ, ହିକ୍କା, ଯକୃତ ଇତ୍ୟାଦି ଆରୋଗ୍ୟ ହୁଏ । ସ୍ତ୍ରୀଲୋକଙ୍କ ତଳପେଟ ବେଦନା ବା ଅନିୟମିତ ରଜସ୍ୱଳା, ଆରୋଗ୍ୟ ହୁଏ । ବାତଜ୍ୱର ରୋଗୀଙ୍କ ପାଇଁ ବହୁ ଉପକାରୀ । ମୂଲ୍ୟ ୧ ଶିଶି ପୂଜା ଉପଲକ୍ଷେ ଟ୧। ସ୍ଥଳେ ଟଙ୍କା ମାତ୍ର—ସେବନ ବିଧି ଔଷଧ ସଙ୍ଗେ ଥାଏ ।

**ଆକସୀର୍-ସୁଜାକ** [ଧାତୁରୋଗ ପାଇଁ] ଯନ୍ତ୍ରଣା ଦାୟକ ନୂତନ ବା ପୁରାତନ ଧାତୁ ପଡ଼ୁଥିବା ୩ ଦିନ ସେବନରେ ଯାବତୀୟ ଜ୍ୱାଳା ଓ ଯନ୍ତ୍ରଣା ଦୂରୀଭୂତ ହୋଇ ମାରାତ୍ମକ କଷ୍ଟ ରୋଗରୁ ଆରୋଗ୍ୟ ଲାଭ ହୁଏ । ମୂଲ୍ୟ ଛଅ ଶିଶି ଟଙ୍କା । ଏତଦ୍‌ଭିନ୍ନ ସମସ୍ତ ପ୍ରକାର ରୋଗର ଔଷଧ ମିଳେ । ରୋଗର ବିବରଣ ଲେଖି ଜଣାଇଲେ ଔଷଧ ପଠାଉଁ ।

ସବ ଏଜେଣ୍ଟ ଆବଶ୍ୟକ—ଅମ୍ଭ ନିକଟ ବହୁ ପ୍ରକାର ପେଟେଣ୍ଟ ଔଷଧମାନ ରହିଅଛି ।

ସ୍ୱାକ୍ଷର—ଏମ୍-ଏ-ରସିଦ୍, ବାଲୁବଜାର, କଟକ ।

ପୂଜା ଉପଭୋଗ

**ପାରାଡାଇସ୍ ହଲ୍**

ଏକ ନମ୍ବର ଶ୍ରେଷ୍ଠ ଓ ବିଶୁଦ୍ଧ ଓଡ଼ିଆ ହିନ୍ଦୁ ହୋଟେଲ

[illegible] [ କଟକ ]

ଏଠାରେ ସାଧାରଣ ଅଭ୍ୟାଗତମାନଙ୍କଠାରୁ ଆରମ୍ଭ କରି ଅତି ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି । ଏପରି କି ଏ ସହରରେ ଏପରି ଉଚ୍ଚ ଦରେ ସର୍ବସାଧାରଣର ସୁବିଧା ହୋଟେଲ ଏକମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ଘିଅ, ପାଇପ ପାଣି ଓ ଭାତ ତରକାରି, ଚେଙ୍ଗିଭୁଜା ଖଜା ଇତ୍ୟାଦି ବରାଦ ଅନୁସାରେ ଯୋଗାଇ ଦିଆଯାଏ । ଅନ୍ୟାନ୍ୟ ହୋଟେଲଠାରୁ ଦର କମ କରାଯାଏ । କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ କାନନ୍‌ଗୋ ।

ଶ୍ରୀମାନ୍ ରଘୁନାଥ ମହାନ୍ତିଙ୍କର '**ଶବରବାଳା**' ପଢ଼ନ୍ତୁ

ଅରୁଣୋଦୟ ପ୍ରେସ, କଟକ ।

FOR ALL SORTS OF

# MEDICINES

PLEASE COME TO

**CROWN MEDICAL HALL,**

**RANIHAT CUTTAK.**

Digitized by srujanika@gmail.com

| | |
|---|---|
| ରାବଣ—ଭାରତ ଲଙ୍କାର ଅଧୀଶ୍ୱର । | ଜାମ୍ବବାନ ବୃଦ୍ଧ ଋକ୍ଷ ପତି । |
| ମେଘନାଦ—ଜ୍ୟେଷ୍ଠପୁତ୍ର crown prince | ହନୁମାନ—ଲଙ୍କାପୋଡ଼ା କପି । |
| ଅତିକାୟ— ,, (ଲଳିତ) | ଇନ୍ଦ୍ର—ଐରାବତ ପତି । |
| ଅକ୍ଷୟ କୁମାର—,, (ଯା:ଜତ) | ବରୁଣ, କାଳନେମୀ, ନଳ, ନୀଳ, ସମ୍ପୃ-ଗବାକ୍ଷ |
| ଶ୍ରୀରାମଚନ୍ଦ୍ର—ମହାତାପୀ କ୍ଷତ୍ରିୟ ରାଜପୁତ । | ଅଙ୍ଗଦ ପ୍ରଭୃତି ଅନେକ ବହୁସଂଖ୍ୟକ ରଙ୍ଗମଞ୍ଚରେ |
| ଲକ୍ଷ୍ମଣ—ରାମ ଭକ୍ତ । | ପରିଦୃଷ୍ଟ । |



# ନବରାମାୟଣ

ଅତିକାବ୍ୟ

ଛେଣିରା କାଣ୍ଡ

କପିବର ହନୁମନ୍ତ ବିରଚିତ

( ପୂର୍ବ ପ୍ରକାଶିତ ଉତ୍ତାରୁ )

ରାବଣ—କି ଭାବୁଲ୍, କି କହୁଲ୍; ପାଗଳା ଅକ୍ଷୟ! ।
ଆଉ କା ରହିଲା କିଏ ?
କାହାକୁ ଭରସା କରି ବାନ୍ଧିବ ସାହସ ?
ହାୟ, ହାୟ, କି କୁକ୍ଷଣେ ପଶିଲା ଏ ବୁଦ୍ଧି ।

ଏହା କହି ଲଙ୍କେଶ୍ୱର ବୁଜିଲେ ନୟନ
ଅଜ୍ଞାନ ପଛକୁ କ୍ଷଣେ ପଡ଼ିଲେ ଝିଙ୍କାଇ ।
କ୍ଷଣ ଅନ୍ତେ ପୁଣି ମାରି ହାକ୍
ଅତିକାୟଙ୍କୁ ଚାହିଁ ପୁନଃ ବୋଇଲେ ବଚନ ।
ରାବଣ—ଏଠାରେ question ନୁହେଁ ଜୀବନ, ମରଣ,
ବ୍ୟବସାୟ ଯାର ରଣ,
କ୍ରୀଡ଼ା ଭୂମି ସମର ପ୍ରାଙ୍ଗଣ,
ସାତର କରେଇ ସେନ୍ତୁ ଜୀବନ, ମରଣେ,
Military ଜାତ ଯେବେ,
ମରିବାଟା ଅଟେ ଖେଳ ଘର ।
ଆଉ ପୁଣ ?
ପିଲାମାନେ ହୋଇବେ ପଇଦା
ଯେତେ ଇଚ୍ଛା ତେତେ ;
ଦୁଃଖ କରି ଫାଇଦା କା କସ ?
ଅତ—ଜରୁର୍ ଜରୁର୍ ପ୍ରଭୋ—
ରାବଣ—ଚୁପକର—ଶୁଣ ମୋର କଥା—
ଜାଣିଛଟି, ବିରାଡ଼ିର ନଅଟା ଜୀବନ ?
ଅତ—ସେହିପରି ଅଛି ଏକ ଇଂରାଜ ପ୍ରବାଦ—
ରାବଣ—Well,—
ସେହିପରି ଜାଣିରଖ ଅଠର ଜୀବନ
ମାନବର, ଯେଉଁଥିରେ politics ପେଶା;
ହତାଶ ହେବାର ନୁହେ ଥରେ ହେଲେ ଫେଲ୍ ।
ପାପ, ଫେଲ ଭୁଲଅଛି ଚନ୍ଦ୍ରନେମୀ ବଡ ।
ରବାଟ ବ୍ରୁସର କଥା ପଢ଼ିଛ ପୁସ୍ତକେ ?
ଜାଣିରଖ, ଅଛଟାର ଫେଲ୍ୟୁରର ଯାହା
ସ୍ତମ୍ଭ ଅଟେ କାଇକାର ବଡ଼ ସକ୍ସେସର ।

ଫେଲ୍ୟୁରର ରୂପୀ ମହା ଧ୍ୱଂସ ସ୍ତୂପ ପରେ
ଛିଡ଼ାହୁଏ ସକ୍ସେସର ଦୃଢ ଇମାରତ ।
ଅକ୍ଷୟ, ଅନନ୍ତ,
ତାଜମହଲ ବତ୍
ଦୁନିଆକୁ କରେ ଚମତ୍କୃତ ।
ପଢ଼ିଛଟି ଗୀତା’ ତୁମ୍ଭେ
Annie Besant ର ?
ବେଶ ବଢ଼ିଆ ଜିନ୍ଷ—ବାଃ, ଲେଖିଅଛି ଖାସା
ଅଶାର message ତାହା christ କଥିତ ।
Very hopeful—original ବିଲ୍କୁଲ୍
Fighter's hand book ପୁଣି politics
Diplomacy ଖେଳ—ବଡ଼ ପକ୍କା ସେ ଓସ୍ତାଦ୍
ଝାନ୍ ଅଛି ଖୁବ୍ - States man like
Give the devil's due.
ସେଥିପାଇଁ ଦେଖୁ ନାହିଁ - Old boy Gandhi
କାନରେ ରଖିଛି ବାନ୍ଧି, ସେହି ବହି ଖଣ୍ଡି
ଯାନ୍ତି ଅଛି କେତେ ଫନ୍ଦା ନୂତନ ନୂତନ
ଅବଶ ଚରଣ ସ୍ତମ୍ଭ Stud Bull କର
ଅତ—(ସ୍ୱଗତ) ସତ୍ୟ କହୁଛନ୍ତି ପ୍ରଭୁ ।
ହାରୁ ତ ବ୍ରି ଖାଉଛନ୍ତି ଜୀବନର ସାଗରେ ।
ଯଦ୍ୟପି ଜନ୍ମ କରି, ଜାଣିଛନ୍ତି ନାନାକଥା
ନାନାଶାସ୍ତ୍ର, ନାନାଶସ୍ତ୍ର ହୋଇଛି ହାସଲ
ମେଟଭିଲ୍ ପଲିସିରେ ‘ସଞ୍ଚିତ ସବଥା
ରାବଣ—ହେଉଛ କି ଅନମନା ?
Absent mindedness—ଅତି ବଡ଼ ଦୋଷ ।
ଖୋଲି ଦେଖ ଭାଷାକୋଷ,
ହୋଇବ ସନ୍ତୋଷ;
Inferiority Complexର
ଅନ୍ତରର ଏହା—
ଛାଡ଼ିଦିଅ ଅବସୋସ୍—
କର ଦେଲ୍ ଖୋସ୍
ନୋହିଲେ ଲଙ୍କରୁ ଖୋସ୍ତ ହୋଇଜିବ ଉଣା—

Digitized by srujanika@gmail.com

ପଢ଼ିଛନ୍ତି Zoology ଭଳ ଟେଭୋଉର ?
ଅଡ—ଅଗାଧ—ଅଗାଧ—!
ସ୍ୱବଣ—Elephant psychology
ଖୋଲି ଦେଖ ଯାଇ—
ଚନ୍ଦ୍ରିର ପାଇବ ତଥ୍ୟ ଏହ maladyର।
Fatର action ଉପ brainର ଉପରେ।
× × × Well—ହଁ—
ତୁମ୍ଭ Commandରେ ଥିଲେ ଯେତେ ସେନାପତି
ଗୋଟି ଗୋଟି ହେଲେ ଚ୍ୟୁତ ଭାଜ୍ !
ନିର୍ଘାତ୍ ନିପାତ୍ !
ଜ୍ୟା ତାଙ୍କର ବ ବାତ୍ !
ଅତିମାତ୍ର ଭରଦେଲେ ବନ୍ଧାତ୍ମ ଦଳ !
ଭୂତାଣିଅ ଯାଉ ମିଳ ଦଳେ ଗଣ୍ଡଗୋଳ
ଅଡ—ଦୋଷ ନୁହେ ମୋର ପ୍ରଭୁ,
Final selection ଥିଲା ଖୋଦ ହାତେ।
ମୁହଁ ଯଦ ରହିଥାନ୍ତି ଜଗି ବେଲାଭୂମି,
ଯନ୍ତ୍ର ଏ ପାରନ୍ତା ପଶି !
ଅଚାନ୍ତା ଅଜଣା ପୁଣି ବାଜଦ ଅଷମ୍ଭୁ
କହ୍‌ଦେବ—
ସ୍ୱବଣ—Shut up—Shut up
ଜାଣିଛନ୍ତି କାହା ଅଗେ କହୁଅଛୁ କଥା—
ପୁଣି କାହା ନାମେ !
ଦୋଷାରୋପ ଖାଣ୍ଟି bread ପରେ
ବ୍ୟବଧାନ ଅଛନ୍ତି ମାଲିକ୍ !
ଅଡ—Beg your pardon ପ୍ରଭୁ
ଅତର୍କିତ ମୁହୂର୍ତ୍ତରେ ହିତ ଗଲି କହ—
ସ୍ୱବଣ—ସଦା ତୋତେ ଦେଖେଁ ଅତର୍କିତ,
Trainingର ଫଳ ସବୁ ବ୍ୟର୍ଥ,
ଭୂତ ଓଳଅଳୁ ଯଦ ଶିଖିଥାନ୍ତି ଏବେ,
ସେ ଅବ ହୋଇଣ ଉଡ଼ା ପଳାଆନ୍ତା ଧାନ।
× × × ×
ଅଣ୍ଟ—ଶୁଣେ, କହ ଏବେ ଅପଣାର କଥା—
ଭଦେଲା ସେ ରଣସ୍ଥଳେ—ଖାସ ଦୁର୍ଗେ ତୋର
କେମନ୍ତେ ପରସ୍ତ ହେଲୁ କପିସେନା ହାତେ।
ଅଡ—ଏ ବର୍ଣ୍ଣିବ କଥା ନାହିଁ !
ପଢ଼ିଥିବେ ଖବର କାଗଜେ

କେମନ୍ତେ ସ୍ୱୀୟରଣ ରଣ ହେଲା ମୋର ସହେତ୍ୟ।
ଦେଖି ମୋର ଚକ୍ଷୁ ବଡ଼ଟାଲ
ପୁଣି ଚକ୍ଷ ପୁଛଶାଳ,
ଇନ୍ଦ୍ରଜାଳ ତା ଚନ୍ଦ୍ରିଂ ଗଗନ,
ଚଳାଇଲେ ପେକୁକୁନ ଅସମ୍ଭାଳ ହୋଇ
ସୁବର୍ଣ୍ଣୀର୍ଣ୍ଣ ରଣଭୂମେ ବସାଇଲି ଥାନା
ଘୁରଘୋଟା ଘୁରପାଶେ—
ରଖାଇଲି ଜନ୍ତୁର ପ୍ରହରୀ,
ଅପ୍ରେ ସଦା ତଇନାତ୍ କରୁଥିଲି ଯାଙ୍କ
ଅପଣା ବାସ୍ପୀୟ ରଥେ—
ମାତ୍ର ପଶିବାର ଅଛ ନ ରହିବା ବାଟ
ହାଟ ମାଠ ବସିଗଲି ମାତ,
First in the field ହୋଇ ଜଗିଦେଇ ଘାଟ।
ଅବସ୍ଥା ଦେଖିଣ ଶତ୍ରୁ ହୋଇଲେ ଅବୁଜ
moral ଭାଙ୍ଗିଲା ଜାଣି ଚଳନ ନଚାନ୍ତି
ଚନ୍ଦ୍ରିଂ ସେହ ମାନବ ଦୁର୍ମତି,
ପତିବାଜ ଅଡ,
ସ୍ୱଜନ୍ମନ ହୋଇ ଯତ ସାଛ ଅଛ ଯେତ୍ମ,
ବୋଲାଇଛି ମହାତପୀ ସ୍ତ୍ରୀବଜ ମହରେ,
ନାକ ଧର ଜାଟଣ ନାହିଁ ଧନୁ
ଧରୁଲେ ମାନଙ୍କ ଶର ବଅର ସେ ଭକ୍ତି,
(ଯଥା ଲଙ୍କି ଦେଇଥିଲା ନିଶ୍ଚିଲ ନଗରେ)
ଅଧି ଅପେ ଛଡ଼ା ହେବ ରଣଭୂମି ପରେ।
ମାଡ ମୁଁ ଦେଖିଲି ତାଙ୍କୁ ନିପଟ Coward—
ନ ଧରନ୍ତି ଭଜେ ଅସ୍ତ୍ର,
(ହୁସିଅର, ଇଦ୍ୟାନ୍ତା କାଲେ ପଡ଼ଯିବ ଜଣା;)
ସେମନ୍ତ ଜରିଲା କୃଷ୍ଣ ଅର ଧନବାଜ,
କୁରୁକ୍ଷେତ୍ର ରଣ କାଳେ, ଏହାର policy
ସ୍ୱବଣ—ତାର୍ ପର୍—ତାର୍ ପର୍ ?
ଶଇରେଣ ଭୂତ ତାଙ୍କୁ ଦେଲ ନାହିଁ ମାର
ଦେଲନାହିଁ ଫୁଟାଇ ତା ପେଟ,
ପନ୍ତୁବର୍ଣ୍ଣୀ ଖାଇ ଯାହା ବହୁ ଅଛି ଲକ୍ଷ୍ମେ !
ଅଡ—ଷମେ ନମେ କହୁଅଛି ସବୁ—
ପଛଅଢ଼େ ରହ ଧୈର୍ଯ୍ୟ,
ଅଗେ ବସିଲା ଛଡ଼ା ଶିର ବର୍ଷାପଣେ,
ଦରବୁଡ଼ା, ଭୋଜିଛଡ଼ା, ଚୁଡ଼ାମାଞ୍ଜି ଡ଼ାଳୁ

Digitized by srujanika@gmail.com

ରାବଣ—ଜନନୀ ତା କଥା ଥୋଇଦେ—
ସେହି ମୁଖ ପୋଡ଼ା,
ଘୋଡ଼ା ଚୋର କରୁଥିଲା ଯେବେ,
ସେଠିରେ ଝୁପୁଡ଼ା ତାରମାନଥିଲା କେବେ,
ମନେ ଶୁଣ ପାଇଲେ ଅଗ୍ରତ
ଭାଜ ମୋଡ଼ା ଦେଇ ତାକୁ ଜଅନ୍ତା ବସାଇ
ପିଠିରେ ଘୋଡ଼ା ଛୋଟରା ଜର ସପାସପ୍ ।
ମୁଖା ମାର ଦ୍ୟାନ୍ତ ଝର୍ଙ୍କି ହୁଣ୍ଡିଦନ୍ତ ଡାକ,
ସ୍ୱାଗର ସନ୍ଦେଶ ଜୀବନର ଦାକ୍ ପୁରସ୍କାର
ଅଦ୍ଭୁଲାଣୀ, hypocrite, selfish, Devil!

କର୍ଣ୍ଣ କର୍ଣ୍ଣ ରାବଣର ବାକ୍ୟ ହେଲା ଶେଷ,
ବୋଧା ବୋଧ ଗଲା ଥୁଡ଼;
"ପ୍ରତିଯୋଧ ପ୍ରତିଶୋଧ" ବୋଲି ଦେଲା ରଡ଼,
ପଡ଼ ଦଡ଼ ଛାଡ଼ିଲା ହୁଙ୍କାର ।
କ୍ରୋଧ ଯେବୁ ହୋଇ ମୂର୍ତ୍ତିମାନ
ଅଟ୍ଟିଜାଣେ, ପାଟିବାନେ ପଡ଼ିଲେ ବାହାର
ହୁ—ହୁ କରି,
ଜ ଅବା ଅନ୍ତେଷ୍ଟି ଶିଖ ଉଠିଲା ଚହଟି ।
ଦଶ ମୁଣ୍ଡ ଦନ୍ତ ପନ୍ତ ହେଲେ କଡ଼ମଡ଼,
ବିଂଶ ଲୋଚନରେ ନର୍ତ୍ତେ ଜଳେ ବଡ଼ ବଡ଼,
ତାଙ୍କା ଜହ୍ନ ଉଡ଼ଉଡ଼, ଜଣେ ଦଡ଼ଦଡ଼,
ଛାତି ପରି ହେଲେ ପିଅ ନସ ବଡ଼ବଡ଼,
ଚମ୍ପକ ଏ ପଙ୍କଜ ଅଙ୍କାଳେ—
ଦେଖି ଅଭିଲାଷ୍ଟର ଥରହର ଛାତି
ଲୁଗା ପଟା ସମ୍ଭାଳି ନ ପାରେ—
ରାବଣ— ଜହ୍ନ ତାହ ଏ ଜଗ ସେ. ଜନକ ହାସନ୍
ହାହାକିଅ ମାନବ ଶେଷନ୍
ଭକ୍ଷଣ ନିର୍ଦ୍ଦୋଷ ପଦ,
ଜାତେ ବଂଶର ପ୍ରତି ଲଜ୍ଜାର ଜନକ,
ଚାଣ୍ଡାଳ, ଜଘନ୍ୟ ଚୁହିଅ !
ଅଟ— ଯୁଦ୍ଧର ଜନ୍ମୋର୍ଗ ଜାଣିନ ଅଟେ,
ଜାଣ ରମଣୀ କଥା;
ଏଥିପାଇଁ ଯେ ବଦ୍ୟାଣା କରନ୍ତି ହାସନ୍
ଭକ୍ତମାନ ଜଗ ଜଗ ବନ୍ଧୁତ୍ତ୍ୱ ବାନ୍ଧି ।
ଅନ୍ୟଅନ୍ତ ଡେବେ ସେଥି, ଲୁକ୍କର ବାଳକ
ଦଂଶ ଲଙ୍କ ଯୋଧ ନନ ଧୂରନ୍ଧର

ମାତ୍ର ଏଠି ହେଲା ସବୁ ବୃଥା—
ବୋଡାଇ ଲକ୍ଷିଲ୍ଲ ତଣ୍ଡ ରାମ ମହାବଳୀ
ଜାଣିଲ୍ଲ ଅସ୍ତ୍ରର ମାତ୍ରା ବସ୍ତୁ ମାତ୍ରା ଜଳେ ।
ଅଚ୍ଛ ସନ୍ଧ ଭୁଲି ଭୁଲି ଧାଇଁଲେ ଲେକ୍‌ଟେର
ଯାଇଲ୍ଲ ଦଳକୁ ଲଢ଼୍ ଥାମା ଥାମା କରି
ମାହାରଙ୍କ ଜସମତ ଜାଇଦେଇ ଚୂନା,
ଶିଖାଇଲ୍ଲ ଜନେ ଜନେ ଧର୍ମ୍ମବାଣ ନୀତି
ବଦନସୃତ, ବେଇମାନ, ଟ୍ରେଟେର ଇତ୍ୟାଦି
ରାବଣୁଙ୍କ ମୁଖଶାକ୍ ଜଣଦେଲା ବନ୍ଦ ।
ଶେଷେ, ଅମ୍ଭ ଜାତଲଇ 'ଦୂନ୍' ସରଦାରେ ।
ଅକ୍ତିଅର ଜଲ୍ଲଯାଇ ଛତୁବୋଡ ପଦାନେ
ଦଳ ଦଳ ହୂନ୍ ଅସି ଜଲେ ମହାରଣ
ପଣ ପଣ . ବାଳ ବୃଦ୍ଧ ଯୁବା,
ମାଛ ଭଲି ଭୂଣ ଭଣ ହେଲେ ଗୃହଥଡେ
ନେଣିକ ଗୃହିଁଲେ ସେହି ପଙ୍ଗପାଳ ପଛ
ଭୂଲଣ୍ଡିଅର ଗଦା ଗଦା
ଜଲ ବଲ ସଲ ପଲ ହେଉଛନ୍ତି ସଦା ।
ଜବା ସେ ଭୀଷଣ ଦୃଶ୍ୟ
ମନେ ହେଲା ହେଉଛି କି ସମୁଦ୍ର ମନ୍ଥନ
ଅବା ଯଥା ରାଜପୁରେ ବ୍ରାହ୍ମଣ ଭୋଜନ
ଦହି, ଭୂତା, ଘୃତ ଲଡ଼୍ଡା, ଡେନ୍ନୂଳ ଚକଟା
ଅଣ୍ଡା, ବଗ୍ଧ, ଗୁଡ଼ ଗୁଡ଼ କେଟେଡ ବେଲେଣ୍ଟର
ତେଲବୁଣି ମଳା ଯଥା ଅବା ଜନ୍ଦା ମଦା
ଅବରୁକ ଜମ୍ବୁ ଜାଡେ ଜମାଇଲେ ଜଗ
ଚୂନାକରି ଦେଇ ଜନ ସେଦାର moral
ରାବଣ War ର tactic ଏଟା
ଜଣା କି ନ ଥିଲା ତୋତେ, ଯୋଦ୍ଧାର ଲକ୍ଷଣ
ଅଟ—Honesty, honesty ପ୍ରଭୁ ।
Honesty, ମୋ ଜୀତ ଜୀବନର
ରଣସ୍ଥଳେ Gallantry ର ଜଗେଁ ମୁଁ ଦସନ
ରାବଣ—ଏକ୍କେବାରେ ତାହା ମୂର୍ଖ, ନନ୍‌ସେନ୍‌ସ୍ ଜେଲୁର୍ ।
ଜାଣୁ ନା ସେ ନୀତ ବାକ୍ୟ ପିଲାକୁ ମାରୁନ
All is fair in love and war!
ଜଣ ଜଣ ଡର୍ଦ୍ଦ ହେଲା ଜପ—

(କ୍ରମଶଃ)

Digitized by srujanika@gmail.com



# ନାଗବଗା ଦଳ

ପ୍ରିୟ ପିଲେ,

ବୁଢା ଟାଙ୍ଗର ମୁଣ୍ଡିଆ ଗାନ୍ଧିଙ୍କୁ ତମ ଭିତରୁ ଅନେକେ ତ ଆଖିରେ ଦେଖିଥିବ। ଫଟୋ ବା ଛବି ଦେଖିଥିବ। ତା କଥାମାନ ତ ସମସ୍ତେ ଜାଣ। ହାତ ହତିଆର କିଛି ନାହିଁ—ଦେହ ଭଳିଆ ବି ନାହିଁ—କିନ୍ତୁ ସେ ହାଡ଼ ପଞ୍ଜରର ଅନ୍ତରଶକ୍ତି ଗୁଣ। ବ୍ରିଟିଶ-ହିନ୍ଦୁ ସେ ଅଙ୍ଗୁଳି ହଲାଇ ଦେଉଥିଲେ—ଦେଶଭକ୍ତ। ମାତ୍ର, ପିନ୍ଧି ଚଦରଟିଏ ଲୁଗା—ଖାଲି ପିଠି ଅହିଂସା ଦେଇ—ଧୋତି ଲୁଗା ଗୁଡ଼େଇ ସେ ଲୋକଙ୍କ ମନକୁ କିଣି ନେଲେ। ବଡ଼ କୃତିତ୍ୱ ଜଣେ ସେ।

ତାଙ୍କ ଜନମ ଦିନ ଗଲା ଏବେ। ୮୯ ବୟସ ହେଲା ସେ ଦୁର୍ବଳ ବୁଢାର। ଭଗବାନ ତାଙ୍କୁ କୋଟି ବରଷ ପରମାୟୁ ଦିଅନ୍ତୁ। ତା କଥା ତମେ ଜାଣ?

ସେ କାଥିଆୱାଡ଼ରେ ଜନ୍ମ ହୋଇଥିଲେ—ବଢିଥିଲେ। ବିଲାତରେ ବାରିଷ୍ଟରୀ ପଢି ଆସି କେତେ ଦିନ ପରେ ଦକ୍ଷିଣ ଆଫ୍ରିକାରେ ବାରିଷ୍ଟରୀ କାମ କଲେ। ସେଠି ଅନେକ ଭାରତର ଲୋକେ ଅନେକ ଥାଆନ୍ତି। ତାଙ୍କ ଉପରେ ଗୋରା ଲୋକଙ୍କର ଘୋର ଅତ୍ୟାଚାର ହେଉଥିଲା କୁହା ନ ଯିବା କଥା। ଗାନ୍ଧି ସେଥି-ପାଇଁ ଏକ ସତ୍ୟାଗ୍ରହ ଆରମ୍ଭ କଲେ। ଜେଲ ଗଲେ, ମାଡ଼ ଖାଇଲେ, ଶେଷକୁ ଭାରତୀୟଙ୍କ ଦାବୀ ପୂରଣ ହେଲା। ଗାନ୍ଧିଙ୍କି ସେଠୁ ସମସ୍ତେ ଜାଣିଲେ। ତାଙ୍କର ଭାରି ସୁନାମ ହେଲା।

୨୦ ବର୍ଷ ପରେ ସେ ଅହମଦାବାଦରେ ତାଙ୍କ କାମ ଆରମ୍ଭ କଲେ। ଗୁଜରାଟ ବିଦ୍ୟାପୀଠ, ନବଜୀବନ ଗ୍ରନ୍ଥମାଳା, ୟଙ୍ଗଇଣ୍ଡିଆ, କାଗଜ ଓ ସାବରମତୀ ଆଶ୍ରମ ତାଙ୍କ ସହିତ ମନଭାବକୁ ଭଲ ଭାବରେ ଜଣାଇ ଦିଏ। ୧୯୨୧ ରେ ସେ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ—ଭାରତର ସ୍ୱାଧୀନତା ପାଇଁ। ସେ ଆନ୍ଦୋଳନ ଜାଲିଆନାୱାଲାବାଗର ଶହ ଶହ ନିରୀହ ଦେଶବାସୀଙ୍କ ଶବ ଉପରେ ପ୍ରତିଷ୍ଠା ହେଲା। ଇଂରେଜ ସରକାର ଏମାନଙ୍କୁ ଗୁଳି କରି ମାରିଥିଲେ—ବିନା କାରଣରେ। ପୁଣି ୧୯୩୦ରେ ସତ୍ୟାଗ୍ରହ ଆନ୍ଦୋଳନ ଚାଲିଲା। ଫଳରେ ଗାନ୍ଧି ଆରଉଇନ (ଚୁକ୍ତି) ସନ୍ଧି ହେଲା। ସେ ବିଲାତର ଗୋଲଟେବୁଲ ବୈଠକକୁ ଗଲେ ଭାରତ ଶାସନ ପାଇଁ ନୂଆ ବ୍ୟବସ୍ଥା କରିବାକୁ। ସେଥିରେ ଏଇଫଳ ହେଲା ଯେ ସେଠୁ ଫେରି ଭାରତରେ ଗୋଡ଼ ଦେଲାକ୍ଷଣି ହାତରେ ହାତକଡ଼ି ପଡ଼ିଗଲା। ସରକାର ଭାରତକୁ ଯେଉଁ ନୂଆ ଶାସନ ଖସଡ଼ା ଦେଲେ ସେଥିରେ ହରିଜନ (ଅସ୍ପୃଶ୍ୟ) ଓ ସବର୍ଣ୍ଣ ହିନ୍ଦୁଙ୍କୁ ଅଲଗା ଅଲଗା କରି ଦେଲେ। ଏହି ଅନ୍ୟାୟ ଅଲଗାକୁ ରଦ୍ଦ ନ କଲେ ହିନ୍ଦୁ ଧର୍ମର ଘୋର ଅନିଷ୍ଟ ଘଟିବ; ଏହା ଭାବି ଗାନ୍ଧି ଉପବାସ ଆରମ୍ଭ କଲେ। ପଣ କଲେ ଯେ ଏ ଅଲଗା ନ ହଟିଲାଯାଏ ସେ ଅନଶନ କରିବେ। ମଲେ ମରିବେ ପଛେ—ପଣରୁ ଟଳିବେ ନାହିଁ। ଶେଷରେ ତାଙ୍କ କଥା ରହିଲା।

ସେ ଦୁଇବର୍ଷ ହେବ ରାଜନୀତିରୁ ଦୂରରେ ରହି ଦେଶର ସାମାଜିକ କାମରେ ଲାଗିଛନ୍ତି। ତା ହେଲେ ମଧ୍ୟ କଂଗ୍ରେସ କର୍ତ୍ତାଙ୍କର ଧ୍ରୁବତାରା ସେ। ତାଙ୍କରି ନିର୍ଦ୍ଦେଶରେ ଭାରତର ୧୧ଟି ପ୍ରଦେଶ ଭିତରୁ ୭ଟି ପ୍ରଦେଶର ସରକାର ଚାଲିଛି।

ଏଇ ବୁଢା ମଣିଷ ଭିତରେ କେଣ ଅଛି ପିଲେ ଭାବିକି ଚାଲ ଦେଖିବା!

ତମର ଅଜା

ପିଲେ—ତମକୁ ଗୋଟେ କଥା କହୁଛି—ଶୁଣିବ? ତମ ଭିତରୁ ଯିଏ ଭଲ ଭଳି ଗପଟିଏ ଲେଖି ମୋତେ ପଠାଇବ ମୁଁ ତାକୁ ଟ୧୧ ବା ଟଙ୍କାଏର ବହି ପୁରସ୍କାର ଦେବି। ମନେ ରଖି ଶୀଘ୍ର ପଠାଇବ। ଭୁଲିବ ନାହିଁ।

ତମର

ଅଜା

## ପ୍ରାପ୍ତି ସ୍ୱୀକାର

ଜଣେ ନାତି ମୋ ପାଖକୁ ଖଣ୍ଡେ ବହି ଉପହାର ପଠାଇଛନ୍ତି। ତା'ନା—'ବିଲୁଆ ନବାବ ବାହାଦୁର।' ବହି ଖଣ୍ଡି ଦେଖିବାକୁ ଭଲ। ଛପା ଚକ ଚକ। ନାତିଏ ପାଇଲେ ଛାଡ଼ିବେ ନାହିଁ। ଭାଷା ବଡ଼ ସୁନ୍ଦର। ନାତିଏ ଭଲ ବୁଝି ପାରିବେ। ସବୁ ନାତିଙ୍କ ହାତରେ ଏଭଳି ବହି ଖଣ୍ଡେ ଖଣ୍ଡେ ଦେଖିଲେ ଅଜାର ଭାରି ଆନନ୍ଦ ହୁଏ। ଏ ବହିର ଲେଖକ ଶ୍ରୀଯୁକ୍ତ ଜଗନ୍ନାଥ ଦେହୁରୀ। ସାବୁତ ପେପରର ଛପା—ଦାମ ମୋଟେ ଚାରିଅଣା।

---

### ଗୁଡ଼ଗୁଡ଼ି

ଶ୍ୟାମ ଦେଉଥିବା ମାଷ୍ଟର—(ନୂଆ ଭର୍ତ୍ତି ହୋଇଥିବା ବାଳକ ପ୍ରତି) ତମେ ଜାଣ ମୋର ଏଠି ସମସ୍ତ ତମକୁ ପଢିବାରେ ସୁଖ ଲାଗୁଛି।

ବାଳକ—ମୁଁ ସେଥିପାଇଁ ଦୁଃଖିତ। କିନ୍ତୁ ମୋର ସମସ୍ତ ସମୟ କେବଳ ଅଙ୍କକୁ ଦେବାରେ ସୁଖ ଲାଗୁଛି।

'କୁସୁମ'

Digitized by srujanika@gmail.com

## ବ୍ୟବସ୍ଥା ସଭାରେ ଭକ୍ତି

ପ୍ରଭାତୀ ଡଗର ସମ୍ପାଦକେ,

ବ୍ୟବସ୍ଥା ସଭାରେ ଯେତେ ଜଣଙ୍କର ସଭ୍ୟ ମୋ ଅଛିରେ ଦେଖିଲେ ତା ଭିତରୁ ବଡ଼ଭକ୍ତ, ଅନ୍ଧଭକ୍ତ, ଚକ୍ଷୁଭକ୍ତ-ଉପକ୍ରମ, ଓ ସର୍ବତୋଭଦ୍ର ପ୍ରକୃତ ପ୍ରଧାନ ।

ବଡ଼ଭକ୍ତ ସଭ୍ୟମାନେ ଯେଉଁ କଥା ନେଇ ଉଠିଲେ—ଅନର୍ଗଳ ବର୍ଣ୍ଣ ସ୍କନ୍ଦରେ । ସ୍ୱର ପୂର୍ବରେ ବାକ୍ୟ ବାଚେ ନାହିଁ । ଏମାନ ସଭ୍ୟସଂଖ୍ୟା ୨ ୦ ଜଣ ।

ଅନ୍ଧଭକ୍ତମାନେ କହିବାବେଳେ ଗୋଡ଼ର ଅଙ୍ଗୁଠି ଠାରୁ ଲେଖକ ଶେଷ ପର୍ଯ୍ୟନ୍ତ ଗୋଟିଏ ଧରୁଥାନ୍ତି । ଯାକୁ ଜବାବ ଦେବା ଅଣି ନପଡ଼ିଲା ତାଙ୍କର ନାହିଁ ସତ । ଏମାନଙ୍କ ସଭ୍ୟଙ୍କ ଭିତରେ ସ୍ୱର ସଂଖ୍ୟା ଖୁବ୍ ବେଶୀ ।

ଚକ୍ଷୁଭକ୍ତ ସଭ୍ୟମାନେ ଟିକେ କଥାରେ ନେଇ ଉଠନ୍ତି । ଏ ଗୁଣଟା ଗୋଟାଏ additional ଗୁଣ । ଅନେକ ବଡ଼ଭକ୍ତଙ୍କ ଠାରେ ଏହା ଦେଖାଯାଇ ଥାଏ ।

ଉପକ୍ରମ ସଭ୍ୟମାନେ ଉତ୍ତର ଶୁଣାରେ ଭକ୍ତିମା ଦେଖନ୍ତି । ସ୍ୱାକ ଉପରେ ସରକାରଙ୍କର ବଡ଼ ଭଲ ଦୃଷ୍ଟି । ସରକାରଙ୍କ ଯେଉଁମାନେ ନଜର ନପଡ଼େ ଏ ଲୋକ ଯେତେବେଳେ ଏହିପରି ଯୋଗଦାନ କରିବାର କଥା ତା’ ଠାରୁ ୨ ଗୁଣ ଅଧିକ ତାଙ୍କ ଭକ୍ତିମା ସହଜ ନ ନାହିଁ ସନ୍ଦେହ ।

ସର୍ବତୋଭଦ୍ର ସଭ୍ୟ ସଂଖ୍ୟା ଟିକାରେ ଚାରି ଟଙ୍କା ବେଶୀ ହେବେ । ଏମାନେ କେବେ ହେଲେ ଠିଆ ହୋଇ କହିବାର କେହି ଦେଖେ ନାହିଁ । ଯେତେବେଳେ କୁଲେଇ ବାଦ ପକେ ଅଥ ବା କହିବାକୁ ହୁଏ ଏକାବେଳେକେ ଯଦି ସଭି ହୋଇଯାନ୍ତି ।

ଏହି ଭକ୍ତମାନଙ୍କ ଭିତରୁ ପାଞ୍ଚ ଶତକଡ଼ା ୯୯ ଜଣଙ୍କର ଗୋଟାଏ ୨ ମୁଦ୍ରା ଦୋଷ ଶୁଣାଯାଏ ଦେଖିଲି । ସମସ୍ତଙ୍କ ମୁଦ୍ରା ଦେଖିଲି ଗୋଟାଏ G. C. M. ବାଚିଲେ ଦେଖାଯିବ ଯେ ଅନେକ ମୁଦ୍ରାକୁ So far as ଅମୁକ is concerned’. ଏହି ମୁଦ୍ରା ଦୋଷଟା ଏବେ ସାଧାରଣ ଯେ ବାହିର ତାହା ଆଉ ମୁଁ ନୂତନ ଚିଜ କହି ପାରନ୍ତି ନାହିଁ । ତେବେ ଏଥରେ କେଉଁ ମୀମାଂସା କଲି ତାହା ମତରେ ଭଲ ବୋଧ ହେବ କି ନାହିଁ ଜାଣେନାହିଁ—

ତଥାପି କହୁଛି, ଏହି ସଭ୍ୟମାନଙ୍କ ଭିତରୁ ଅଧିକାଂଶ ଅଇନ ବ୍ୟବସାୟୀ ଥିଲେ । ଅର୍ଥାତ ମିଛ କହିବାରେ ପଟୁତା ଲାଭ କରି certificate ପାଇଲେ ବୋଧହୁଏ ଏମାନଙ୍କରେ ବସିବାର ଯୋଗ୍ୟତା ହୁଏ । ଯାହାହେଉ ଏହି ବ୍ୟବସାୟୀଙ୍କର ଯାହାର ଯେପରି ପସାର ସେହି ଅନୁପାତରେ ସେ ଯେତେ ବେଶୀ ଏହି So far as ଅମୁକ is concerned ମୁଦ୍ରା ଦୋଷରେ ଦୁଷ୍ଟ । ଜଣେ ମନ୍ତ୍ରୀଙ୍କର ଏ ଯେଉଁ ସବୁଠୁ ବେଶୀ—ତା ପରେ ଜଣେ ମୁସଲମାନ ବଡ଼ଲୋକ ସଭ୍ୟ—ତା ପରେ ଜଣେ ଅଳ୍ପ ପଟୁ ମନ୍ତ୍ରୀ ବା Late ମନ୍ତ୍ରୀ । ସରକାରଙ୍କର ମୁଦ୍ରା ଦୋଷଟା ହେଉଛି—as a matter of fact. କେବଳ ସରକାର matter ଆଉ fact ନେଇ ଥାଆନ୍ତି ବୋଲି ବୋଧହୁଏ ତାଙ୍କ ମୁହଁରୁ ତାହା ବାହାର ପଡ଼େ ।

ପ୍ରଧାନ ମନ୍ତ୍ରୀ ବୋଲି ଯାହାଙ୍କୁ କହୁଥାନ୍ତି ମୁଁ ଦେଖିଲି ତାଙ୍କର ଅଳଙ୍କାର ଜ୍ଞାନ ବଡ଼ ପ୍ରଖର । ଚିଜର ପ୍ରତ୍ୟେକରେ ‘tion’ ଯୋଗ ଦେଇଥାଏ । ଯଥା—Education, cultivation, only profession, Indian nation, under consideration ପ୍ରଭୃତି ।

ଆଉ ଜଣେ ସଭ୍ୟ କଥା କହିବାକୁ ଉଠିବା ବେଳେ ଉଡ଼ିଆ ଦର୍ଶକମାନେ ଟିପ୍ପଣୀ କରୁଥାନ୍ତି ଓଃ ଖୁବ କହିଲା ବାବୁ ଏବା ଏ । କର୍ଣ୍ଣ ରୋଗ ଏମିତ ଇଂରେଜ କହି ପାରେ ? କିନ୍ତୁ ଦୁଃଖର କଥା ଅଫିସର ଗେଲେରି ଅଡ଼ିକୁ ମୁହଁ ନେଇ ଦେଖିଲି ଯେ ସାହେବ ଲୋକ ମାନେ ଟୋପି ହୋଇ ହାତ ମାନରେ ହସୁଥାନ୍ତି—ଅବଶ୍ୟ in their sleeves.

ଆଉ ଜଣେ ସଭ୍ୟ, ଉଦ୍ଘୋଷୀ ଦଳର ଜଣେ ପ୍ରଧାନ ଲୋକ ଯେ, ଖୁବ ଗୁହାଳିଆ ଏଟା । ତାଙ୍କର ଉଚ୍ଚାରଣରୁ ଇଂରେଜ ଉଡ଼ିଆ ପାର୍ଟୀ, କମିଶନ ବନାନ୍ତେ କେତେ ଅଭ୍ୟସ୍ତ ନ ହେଲେ ବୁଝିବା କଠିନ । ତାଙ୍କ ମୁଦ୍ରା ଦୋଷଟା ହେଉଛି—ୱିଥ୍ ରିଗାର୍ଡ୍ ଟୁ—(As regard to)

ଆଜ ଏତେ ଥାଉ । ବେଳ ହୋଇଗଲାଣି ଅବଧାନ ଅଛି—ଶେଷମୁଦ୍ରେ ଶତକୋଟି । ପୁଣି ଦେଖାହେବ—

ଅପରେକ
ରହିଅଫୁଲା

## ଭିଲୁଆ ଦଗର ।

ଜଣା ଯାଉଛି ସ୍ୱମ୍ଭ ବାହାଦୂର ସାର୍ ସାହେବ ପ୍ରଭୃତ ଖେତାବ ଦିଅ ଯିବାକୁ କଂଗ୍ରେସ ମନ୍ତ୍ରୀମାନଙ୍କର ମତ ନାହିଁ । କିନ୍ତୁ ଭଲ କାମ ପାଇଁ ଭଲ ଲୋକଙ୍କୁ ଉପାଧି ଦେବାଟା ଆମ ଦେଶରେ ସବୁ-ଦିନେ ସବୁ ଯୁଗରେ ଗୋଟାଏ ଅଦତ୍ । ଆଗ କାଳରେ ମହାରାଜ, ଉତ୍ତର କବାଟ, ଦକ୍ଷିଣ କବାଟ, ବଳଆର ସିଂ ପ୍ରଭୃତ ଥିଲା । ଏବେ ମଧ୍ୟ ଦେଶପ୍ରିୟ, ଲୋକମାନ୍ୟ, ଦେଶବନ୍ଧୁ, ପଞ୍ଜାବ କେଶରୀ, ଉତ୍କଳ ମଣି ପ୍ରଭୃତ ଯୋଗ୍ୟ ଲୋକଙ୍କୁ ଦିଆ ହେଉଛି । ଏପରି ସ୍ଥଳରେ ଉପାଧି ଦେବାର ଅପଷ୍ଟା ଯେ ଧ୍ୱଂଶ ହୁଏ ଯାଉନାହିଁ । ପ୍ରବୁଣା ସରକାରଙ୍କ ଗଢ଼ା ଉପାଧି ଗୁଡ଼ା ଯଦି ଗଲାଣି ତେବେ ଉପଯୁକ୍ତ ଲୋକଙ୍କୁ ବାଛି ବାଛି ଏହିପରି ଉପାଧି ଦେଲେ କ୍ଷତି ଅଛି ନାହିଁକି ? ଯଥା—ମନ୍ତ୍ରୀ ମଣ୍ଡଳ, ନେତା ଶାର୍ଦ୍ଦୂଳ, ବକ୍ତା ବାଗୀଶ, ନ୍ୟାୟ ରତ୍ନ, ଦାତା ଶୃଙ୍ଗ, ଦାତା ଶର୍ମ, ଦେବ କୁଳ ଓ ସର୍ଚ୍ଚିଳା ଲୁଣ୍ଠିତ ଇତ୍ୟାଦି ଇତ୍ୟାଦି—

---

## ଅନ୍ୟାନ୍ୟ ପୃଷ୍ଠାରେ


ଗାଙ୍ଗନ ... ପୃଷ୍ଠା ୧
ଗଲ୍ପ ଅବସର ,, ୨
ବନ୍ଧୁ ରୁଥୀ ... ... ,, ୩
ମଙ୍ଗଳ କଥା ...( ପରବା ) ,, ୪
ବହୁପଦ ... ... ,, ୭
୨ୟ ଶଙ୍କଧରା ଉତ୍ତର ... ,, ୮
କଲାକାନ (ଓଡ଼ିଶାରେ ସଙ୍ଗୀତ ଶିକ୍ଷା ,, ୯
ନବ ରାମାୟଣ ... ... ,, ୧୨
ନାଗରିକ୍ ଦଳ ... ୧୫
ବ୍ୟବସ୍ଥା ସଭାରେ ଭକ୍ତି ୧୬


Printed & published at the Gopinath Press, Bhadrak by Editor N. Mahapatra & issued from the Dagaro office, Bhadrak.

Digitized by srujanika@gmail.com

## ସାବଧାନ ! ଠକାମିକି ସାବଧାନ ! ନକଲିକି ସାବଧାନ !

ଆମର ଅସଲ ଅଜବର ଗୁଡ଼ାଖୁ ମାମାଙ୍କ ଅଳ୍ପ ସମୟରେ ପ୍ରସିଦ୍ଧ ତାହା ଆମର ପିତା ମହୋଦୟ ୰ ଅଜବର ଖାଁଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ବର୍ତ୍ତମାନ ଅନେକ ଲୋକ ଏହାର ଗୁଡ଼ାଖୁ ତିଆରି କରି ଆମର ନାମରେ ବିକ୍ରି କରୁଛନ୍ତି । ତାହାଠାରୁ ସାବଧାନ ରହିବେ । ସେହି ସାବଧାନ ନିମିତ୍ତ ଏବେ ଆମର ଗୁଡ଼ାଖୁର ରେଜିଷ୍ଟ୍ରି କରାଅଛୁଁ । ତେଣୁ ଆମେ ଆପଣମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଗୁଡ଼ାଖୁ କିଣିବାବେଳେ ଆମର ଉକ୍ତ ତାରା ଟ୍ରେଡ୍‌ମାର୍କ ଦେଖି ଗୁଡ଼ାଖୁ କିଣିବେ । ଯଦି ଆପଣମାନେ ଅନ୍ୟ ନିକଟରୁ ଗୁଡ଼ାଖୁ କିଣିବେ ତେବେ ଠକାମିରେ ପଡ଼ି ପାରିବେ ନାହିଁ ।

ପ୍ରୋପ୍ରାଇଟର—ହାଜି ଅଲତାଫ ଖାଁ ଓ ଜବ୍ବର ଖାଁ ।
। ସ୍ତ୍ରୀ । ବାଲୁବଜାର, ପୋ: ଅ: ବୁଧେଶ୍ୱରୀଚକ
କଟକ (ବି. ଏନ୍. ଆର୍.)

---

ଆପଣଙ୍କର ମନର କଥା ପାଇବେ
ଶ୍ରୀମାନ୍ କନ୍ଦର୍ପାନନ୍ଦଙ୍କ
ମରମ ବାଣୀ
ଅମର ରଚନା

## 'ମରମ'ରେ

ମୂଲ୍ୟ—୨୦୧

---

ଓଡ଼ିଶାର ଶ୍ରେଷ୍ଠ ମାସିକ ପତ୍ରିକା

## ସହକାର

ପଢ଼ନ୍ତୁ

---

## 'ବିଶଲ୍ୟକରଣୀ ମଲମ'

କଟା ଘା, ଖୋସ୍ପ ଘା, ମୁଣ୍ଡ ବଥା, ଫୋଟକା ବସନ୍ତ, ଗଡ଼ୁ, ବାଗି, ଗିଲଟି ଇତ୍ୟାଦି ସବୁ ପ୍ରକାର ବାଥା ଯନ୍ତ୍ରଣାର ଧନ୍ୱନ୍ତରି ମହୌଷଧ । ଓଡ଼ିଶା କେମିକାଲରେ "ବିଶଲ୍ୟ କରଣୀ"ର ପ୍ରସ୍ତୁତ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷିତ ଓ ପ୍ରସ୍ତୁତ । ଦ ନଭଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନୀ କାରଖାନାରେ ଦେଖି ବଜାରରେ ଖୁବ ଆଦର ପାଉଅଛି ।

**ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ।**
ପ୍ରୋପ୍ରାଇଟର
ଦ ନଭଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନୀ ।
କଟକ ।

---



## ଅଜବ ପଥରୀ ଚୋରା

ସାନ୍ଧ ସାନ୍ଧ ବଥା; ମଚକା; ବଧ ଚାଟୁହା, ମେରୁ ମୁଣ୍ଡିଆ ବାତ; ଘୋ ବାତ ପ୍ରଭୃତି ସମସ୍ତ ପ୍ରକାର ଯନ୍ତ୍ରଣାରୁ
ମୂଲ୍ୟ ୫୦ । ମା୫୦ ।

---

### ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ଜାଣନ୍ତି ସେ ସମସ୍ତେ ସେବନକାରୀଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ସ୍ୱୟଂ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅତିମାତ୍ରା ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗିତା, ଉଦ୍ୟମହୀନତା, ନୈରାଶ୍ୟ, କଟିରେ ଯନ୍ତ୍ରଣା ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ଶିରଃଶୂଳତା, କୋଷ୍ଠବଦ୍ଧତା, ଅନିଦ୍ରା, ଶିରଃଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ ଅଥବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ଏହା ବ୍ୟବହାର ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ମୂଲ୍ୟ କେବଳ ବ୍ୟବହାର କରିବା ମାତ୍ରକେ ଫଳ ଦେଖିପାରିବେ । ୨୧ ଦିନ ବ୍ୟବହାର ନିମନ୍ତେ ଶିଶିଟିର ମୂଲ୍ୟ ୫୲୰ ମାତ୍ର ।

### ରତି ଶକ୍ତି

ଏହା ବ୍ୟବହାର କଲେ ଦୁର୍ବଳ ପୁରୁଷ ପୁରୁଷତ୍ୱ ଫେରି ପାଏ । ଯେଉଁମାନେ ଯୁବାବସ୍ଥା ଓ ଶୁକ୍ରତାରଲ୍ୟ ହେତୁ ଧ୍ୱଜଭଙ୍ଗ ରୋଗ ଅଛି, ସେମାନଙ୍କୁ ଏହା ଅବ୍ୟର୍ଥ ଫଳ ଦାନ କରେ । ପରୀକ୍ଷା କରନ୍ତୁ । ୨୧ ଦିନ ବ୍ୟବହାର ନିମନ୍ତେ ଶିଶିଟିର ମୂଲ୍ୟ ୩୲ ।

### କର୍ପୂରାରିଷ୍ଟ

ହଇଜା ରୋଗର ଅବ୍ୟର୍ଥ ଔଷଧ । ସ୍ୱର୍ଣ୍ଣ ଵର୍ଣ୍ଣ ... ଅନେକ ... । ଗୋଟିଏ ଶିଶି ... ଘରେ ରଖନ୍ତୁ, ଆଉ ... ଭୟର କାରଣ ରହିବ ନାହିଁ ।

—ବଡ଼ ଶିଶିର ମୂଲ୍ୟ ୧୰, ଛୋଟ ଶିଶିର ମୂଲ୍ୟ ୮୦—

| | |
|---|---|
| ନମୁନା ଦୋକାନ<br>ପୋ: ଅ: ବୁଧେଶ୍ୱରୀଚକ, କଟକ । | ବୈଦ୍ୟଶାସ୍ତ୍ରୀ C/o ଶ୍ରୀ ... ଆୟୁର୍ବେଦ ... ଜନସେବକ<br>ଶ୍ରୀ ଲକ୍ଷ୍ମୀନାରାୟଣ ଶର୍ମ୍ମା<br>ଆୟୁର୍ବେଦ ଗୃହ |

---

## 'ଚ୍ୟାଲେଞ୍ଜ' ???

ଆପଣଙ୍କ ଗୁଡ଼ାଖୁ ଖାଇବା ଫଳରେ ପରମାଣୁ ବୃଦ୍ଧି କରିବାକୁ ଚାହିଁଲେ ଏହି ... ଦୋଷ ଦୂର ହୋଇ ... ଚ୍ୟାଲେଞ୍ଜ ପାଇଁ ... ... କରନ୍ତୁ ।

ପ୍ରସ୍ତୁତ କାରକ
ଓଡ଼ିଶା କେମିକ୍ୟାଲ ଲିମିଟେଡ୍

---

କାନ୍ତକବି ଲକ୍ଷ୍ମୀକାନ୍ତଙ୍କ
ଲୁହ ଲହରେ ଲେଖା

## ଜୀବନ ସଙ୍ଗୀତ

ପଢ଼ନ୍ତୁ

Digitized by srujanika@gmail.com

Tec. c. P 441






ହାତୀ ମାର୍କା

**ବାଲି କାଗଜ**

[illegible] ହାତୀ [illegible] ନାହିଁ ଓ [illegible]

ନମ୍ବ ବଳି ପାଇବ୍ର ନାହିଁ ।

[illegible] ।

# ଡାକ୍ତର-ରଘୁନାଥ ସାହୁ

ଏଲ୍. ଏମ୍. ବି. [illegible]

[illegible]

## ସାଗର ସୁଧା

[illegible]

[illegible]

[illegible], [illegible] ।

[illegible]

### ଡାକ୍ତର ପାଲିତଙ୍କ ଫାଇଲେରିୟାର ଯମ

## କୋଷବୃଦ୍ଧି ଓ ଗୋଦର

[illegible], ଗୋଦର [illegible] ଓ [illegible] ଓ [illegible] ଓ [illegible] ମୂଲ୍ୟ [illegible] ଭି. ପି. [illegible] ।

[illegible]

[illegible]

[illegible] ଓ [illegible]

[illegible]

**[illegible] ଡାକ୍ତର ଶ୍ରୀ ନବକିଶୋର [illegible]—କଟକ**

[illegible] ।

[illegible] ।




ସମ୍ପାଦକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସହକାରୀ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com



# ବିଶାଳ ଉତ୍କଳ



**ଶ୍ରୀଯୁକ୍ତ [illegible] ଦାସ**

ଇଏ Bengal Musical Association ([illegible])ର [illegible] । [illegible] ଅର୍ଜନ କରିଛନ୍ତି ।



**ଶ୍ରୀଯୁକ୍ତ ମଦନମୋହନ ସାବତ ଶର୍ମା**

[illegible] (demonostrator) [illegible] । [illegible] କରିଥିଲେ ।

( [illegible] )

Digitized by srujanika@gmail.com





# ଇଲେକ୍ଟ୍ରୋ ପ୍ଲେଟିଂ କାରୁକାର୍ଯ୍ୟ

( ସୁନା ଏବଂ ରୁପାର ଅଳଙ୍କାର )

ଟ ୨୦୮ କା ପୁରସ୍କାର ! ଟ ୨୦୮ କା ପୁରସ୍କାର !!



ଭଦ୍ରବ୍ୟକ୍ତିମାନଙ୍କର ଫରମାସୀ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁ ମୂଲ୍ୟ ପଥରର ଚମତ୍କାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁତ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଅମ୍ଭେମାନେ କାହାରିକୁ ବଞ୍ଚନା ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ତଉଲ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରିପାରିଲେ ଅମ୍ଭେମାନେ ଟ୨୦୮କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ—

ବିନୀତ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ (ଜହୁରୀ)**

ବାଲୁବଜାର, ପୋ: ଚୌଧୁରୀବଜାର—କଟକ ।



| | | | |
|---|---|---|---|
| ହାର | ତୋଳା ପ୍ରତି | ମଜୁରି | ଟ ୩ ୮ |
| ଗୋଖରୁ ଚୁଡ଼ି | ,, | ,, | ଟ ୧ ୪ |
| ଚେନ | ,, | ,, | ଟ ୨ ୪ |
| ବଙ୍କ | ,, | ,, | ଟ ୨ ୪ |
| ଚୁଡ଼ି | ,, | ,, | ଟ ୨ ୮ |
| ଖଡ଼ୁ | ,, | ,, | ଟ ୩ ୮ |
| କାନ ଫୁଲ | ,, | ,, | ଟ ୨ ୪ |
| ମାଙ୍ଗ ଯୋଡ଼ା | ,, | ,, | ଟ ୨ ୪ |
| ମୁଦି | ,, | ,, | ଟ୪୮୦ରୁ ଟ ୨୪ |
| ଖୋସା କଣ୍ଟା | ,, | ,, | ଟ ୫ ୮ |
| ପାନଥି | ,, | ,, | ଟ ୨ ୪ |

# ଉତ୍କଳର ଘରେ ଘରେ ପ୍ରବେଶ କରୁଅଛି !

**ହଜାର ହଜାର ତରୁଣ ତରୁଣୀ ଆଦର କରି ତାହାର ପଢ଼ୁଛନ୍ତି ।**

ଲୋକେ ଜାଣିଲେ ସିନା ବେପାର କରିବ !

**ବିଜ୍ଞାପନ ବେଉସାର ମୂଳ ।**

ତାହାରେ ବିଜ୍ଞାପନ ଦେଇ ଆପଣଙ୍କ ବେଉସାର ଉନ୍ନତି କରନ୍ତୁ



Digitized by srujanika@gmail.com



# ବିଲୁଆ ବିଚାର

[ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, ନିର୍ଦ୍ଦୋଷ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଏଥିର ମୁଖ୍ୟ ଉଦ୍ଦେଶ୍ୟ]

## ସମ୍ପାଦକୀୟ

ବନ୍ଦେମାତରଂ ଗୀତଟା ଜାତୀୟ ଗୀତ ହବ ନାହିଁ ବୋଲି ବଙ୍ଗଳାର ମୁସଲମାନମାନେ ଏକ ଜବର ଆପତ୍ତି ଉଠାଇଥିଲେ । ଆପତ୍ତି କରିବାର କାରଣ କ'ଣ ଆମେ ବୁଝି ପାରିଲୁ ନାହିଁ । ଶହେ ବରଷ ଆଗେ ଆମ ପଣଗୋସାପ କି ଅଣଗୋସାପଙ୍କ ଅମଳରେ ସାହେବମାନେ ଯେତେବେଳେ ଏ ଦେଶରେ ପହିଲୁ ପହିଲୁ ତରବୁଜ ଶିଖୁଥାନ୍ତି ସେତେବେଳେ କାଳେ 'ବନ୍ଦେମାତରଂ' ଶୁଣିଲା କ୍ଷଣି ତରକା କଳଦ ପରି ନାଙ୍ଗୁଡ଼ ଟେକି ପଳାଉଥିଲେ । କାରଣ ସେମାନେ ସେତେବେଳେ ହିନ୍ଦି ଟିକିଏ ୨ ବୁଝୁଥିଲେ କିନ୍ତୁ ସଂସ୍କୃତ ଆଦୌ ବୁଝିପାରୁ ନଥିଲେ । ସେଥିପାଇଁ ବନ୍ଦେମାତରଂ କହିଲେ ତାଙ୍କ କାନକୁ ଶୁଭୁଥିଲା 'ବାନ୍ଧୋ-ମାରୋ' କିନ୍ତୁ ମୁସଲମାନ ଭାଇଙ୍କୁ ଏ କଥାରେ ଭୟ ହେବାର କାରଣ କ'ଣ ? ସେଥିରେ ମାତୃଭୂମିକୁ ଯେଉଁ ଦୁର୍ଗା ମୂର୍ତ୍ତିର କଳ୍ପନା କରାଯାଇଛି ସେ କ'ଣ ଗଲା ପୂଜାସମୟରେ କିନା, ହର ପ୍ରଭୃତିଙ୍କ ପାଖକୁ ଆସି ମହିଷ ମର୍ଦ୍ଦନ ଆରମ୍ଭ କଲେ କି ? ଏ ବିଷୟରେ ସଠିକ୍ ଖବର ଆମେ ପାଇବା ଆଶାରେ ବସିଲୁଁ ।

+ + +

'ବହୁତ ଦିନ ଓଡ଼ିଶାରେ ବସବାସ କରି ଆପଣାକୁ ଖାଣ୍ଟି ବୋଲି ମନେ କରନ୍ତି ସେମାନେ ଅନେକ ଧନଅର୍ଜ୍ଜନ ହୁଦା ଲଜଟରେ ବଡ଼ ବିଚଳିତ । ମାତ୍ର ମାପ କାଠିଟା ଯେ ଦୁଲଭରେ ହାକିମଙ୍କ ମରଜି ଉପରେ ନିର୍ଭର କରେ । ଧରିବାକୁ ଗଲେ ଯେଉଁମାନେ ଆପଣାକୁ ଖାଣ୍ଟି ଓଡ଼ିଆ ବୋଲି କହୁଛନ୍ତି ତାଙ୍କ ନାକ ଚିପିଲେ ଦୁଧ

(birds of the passage) ବଙ୍ଗାଳୀ ଫେରିଙ୍ଗିମାନଙ୍କର ଦୋମିଶା ବୋଲାଇ ହାପୁଲ ମାରିବାର ବାଟ ଟା ବନ୍ଦ ହୋଇ ଯାଆନ୍ତା । ମାତ୍ର କାହାକୁ କହିବା !

କାଳର ହେଲାଣି କାବସା,
ଦାସୀଏ ଖାଇଲେ ଡାଲି ଗୁଡ଼ଳ
ବ୍ରାହ୍ମଣୀ ଖାଇଲେ କାବୁଡ଼ା

+ + +

ଜମିଦାରଙ୍କ ତରଫରୁ ଓଡ଼ିଶା ଏସେମ୍ବ୍ଲିର ସଭ୍ୟ ହେବା ପାଇଁ କଂଗ୍ରେସବାଲା ବାହାରୁ କାହାକୁ ଗୋଟେ ବିଣିକର ଆଣିଥିଲେ ଶୁଣିଲୁ । ଯାହାହେଉ ଏବେ ସୁବୁଦ୍ଧି ଦେଖା ଦିବାରୁ ସେ ବାବୁମାନେ ମାନେ ମାନେ ଫେରିଛନ୍ତି । ମୁକୁର ସମ୍ପାଦକ ବ୍ରଜବାବୁ ନିର୍ବିବାଦରେ ସଭ୍ୟ ହୋଇ ଯାଇଛନ୍ତି । ବ୍ରଜବାବୁ କଂଗ୍ରେସବାଲା ହୁଅନ୍ତୁ ନହୁଅନ୍ତୁ, ଜଗପୁଚ୍ଛ ହୁଅନ୍ତୁ ନହୁଅନ୍ତୁ ଅନ୍ୟ ଯେ କୌଣସି ଅଣଓଡ଼ିଆଙ୍କଠୁଁ ଆମପାଇଁ ଢେର ଭଲ । ନିଜ ବୁଦ୍ଧିରେ ଘାସ କାଟିବୁଁ ପଛେ ପର ବୁଦ୍ଧିରେ ଘୋଡ଼ା ଚଢ଼ିବୁଁ ନାହିଁ ।

+ + +




ଆଗ ଦେଖିନିଏ କାହାର ଓଜନ କେତେ, ତାପରେ ଯାଇଁ ତମ ଦୁହିଁଙ୍କୁ କଣ୍ଟା ଦେବାର ବିଚାର କରିବି ।——ପ୍ରଧାନମନ୍ତ୍ରୀ ।

ବହୁଦିନ ପରେ ରାଜା ବାହାଦୁର କନିକାଙ୍କ ହୃଦଗଗନରେ ଉଷାର ପରବେଶ ଘଟିଛି । ମା ସରସ୍ୱତୀ କଣ୍ଠରେ ବସିଛନ୍ତି ! ଏଥର ସେ ଘୋଷଣା କରିଛନ୍ତି କି ଗୃହବର୍ଣ୍ଣ ଅଗର ବାଳ୍ୟ [illegible] ଛାଡ଼ି ଦେଇଛନ୍ତି । ବାସ୍ତବିକ ବଡ଼ ବାହାଦୁରୀ [illegible] । ଆଦାଲତ ଏ ସବୁ [illegible] ଦେଖିଥିଲା ପରି ! ତାପରେ ପୁଣି ଘୋଷଣାରେ

+ + +

**Domiciled** (ଦୋମିଶା) କିଏ ? ଏ ବିଷୟରେ ଗଲା ଏସେମ୍ବ୍ଲିରେ ବଡ଼ ଚଢ଼ାଉ ଉତାର ପଡ଼ିଥିଲା । ହାକିମଙ୍କଠାରୁ Certificate ରୂପ ହୁଦା ପାଇଲେ ଯାଇଁ କାଳେ ଖାଣ୍ଟି ଦୋମିଶ ଭଲ ହୋଇ ପାରିବ ନୋହିଲେ ଡେଲ । ଯେଉଁମାନେ ଜଣାଯିବ ସେମାନେ ବି ଦିନେ ନୂଆକୁଳିଆ ଥିଲେ । ଅସଲ ଖାଣ୍ଟି ଅମିଶା କିଏ ? ଏଥିରୁ ମନେ ହୁଏ ଦୋମିଶା ରୂପ ଏହି ଅରୁଚିଆ ଶବ୍ଦଟାକୁ ଏକାବେଳକେ ରାଜନୈତିକ ଅଭିଧାନରୁ ଉଠାଇ ଦେଲେ ଭଲ ହୁଅନ୍ତା । ଏହା ହେଲେ ଉଡ଼ନ୍ତା ଚଢ଼େଇ

Digitized by srujanika@gmail.com

ଆଉ ଗୋଟାଏ ସର୍ତ୍ତ ଦେଖି ବଡ଼ ଆନନ୍ଦ ହୁଏ । କଂଗ୍ରେସ ସରକାର ଗଛ ଉପରେ ପ୍ରଜାଙ୍କ ଅଧିକାର ସାବ୍ୟସ୍ତ କରି ଆଇନ ଆଣିଛି—ଏହି ଡିସେମ୍ବରରେ ପାସ୍ ହେବ । ତା ଆଗରୁ ଜମିଦାରିଜ ତାଙ୍କ ନବପୌନ ଜନ୍ମ କାରଣରୁ ଗଛଗୁଡ଼ିକ ମାଫି ଦେଇଦେଲେ । କଥା ଶୁଣି ଆଦର ଗୋଟାଏ ଶ୍ଳୋକ ମନେପଡ଼େ । କିଏ ଜଣେ ପଣ୍ଡିତ କହିଥିଲେ ପରା—'ଉଚ୍ଛିଷ୍ଟ ଖାଇ ବସ୍ତ୍ରବେ ସ୍ୱାହା'

+ + +

ବେଙ୍ଗଲା ଦେଶରେ ଖାଲି ହିନ୍ଦୁଙ୍କ ଭିତରେ ଏ ଧରଣଟା ଚଳିଆସୁଥିଲା । ଏଣିକି ସେଇଟା ଜାତି ଧର୍ମ ନିର୍ବିଶେଷରେ ହେବାକୁ ବସିଲାଣି । ସେ ଦିନ ବଙ୍ଗଳାର ପ୍ରଧାନମନ୍ତ୍ରୀ ଯାଇଁ ତାଙ୍କ ବିରୋଧୀ ଜିନ୍ନାଙ୍କ ଲକ୍ଷ୍ନୌଠାରେ ଭାରି କୁଣ୍ଢାକୁଣ୍ଢି କଲେ । ସେ ଦୁଇଙ୍କ ଢଙ୍ଗ ଦେଖି ପ୍ରେମରେ ଖାଲି ଗଦ୍‌ଗଦ ହୋଇ ଗଡ଼ିଲେ । ଏହି ସମ୍ମିଳନଟା ହିନ୍ଦୁ ବିଦ୍ୱେଷଭାବ ବା ସାମ୍ପ୍ରଦାୟିକ ଭାବ ସେଇଟା ବୁଝିବାପାଇଁ ଆମର ବାକି ଅଛି ।

+ + +

ଆମେ ଶୁଣିଲୁ ବଙ୍ଗ ଦେଶରେ ଆଉ ପଞ୍ଜାବ ଦେଶରେ ଅଧାଠୁ ଅଧିକ ମୁସଲମାନଙ୍କ ଭିତରେ ପ୍ରଚାର କରାଯିବା ପାଇଁ ଆରବ ଓ ପାରସି ଭାଷାରେ କୋରାନର ଗୋଟିଏ ପରିବର୍ଦ୍ଧିତ ଓ ପରିମାର୍ଜିତ ସଂସ୍କରଣ ହେଉଛି । ସେଥିରେ ରହିବ—ମହମ୍ମଦଙ୍କ ପରେ ୧୩୫୬ ହିଜରାବ ମହାନାଙ୍କର ଜଣେ ଦୂତ ( prophet ) ଜାହାଇବେ । ସେ ତାଙ୍କ ଜୀବନକାଳ ମଧ୍ୟରେ ମୁସଲିମ୍ ଭାରତ ସ୍ଥାପନ କରିବେ । ସେ ହେବେ ପାକିସ୍ଥାନର ପ୍ରତିଷ୍ଠାତା । ସେ ବାଣୀ ପ୍ରଚାର କରିବେ— କଂଗ୍ରେସବାଲାମାନେ ମୁସଲମାନ ବିରୋଧୀ । ଭାରତ କେବଳ ଇଂରେଜମାନଙ୍କର ବାହୁଚ୍ଛାୟାତଳେ ହିନ୍ଦୁ ମୁସଲମାନ, ପତାକା ଉଡ଼ାଇ ଶାନ୍ତିରେ ରହି ପାରିବ ଅନ୍ୟଥା ନୁହେଁ । ସେ ଆହୁରି ନିର୍ଦ୍ଦେଶ କରିବେ ଯେ ଭଗବାନଙ୍କର ଆଦେଶ—କିୟାମତ ପର୍ଯ୍ୟନ୍ତ ଭାରତ ପରାଧୀନ ହୋଇ ରହିବ । ଆମେ ଭଗବାନଙ୍କର ଦୂତ ଅଟୁଁ—ଆମେ ତାଙ୍କର ଇଚ୍ଛା ପ୍ରଚାର କରିବୁ— ଆମେ ତାଙ୍କର କାର୍ଯ୍ୟ କରିବୁଁ ।

ଏ ପ୍ରଫେଟ ଜଣକ ଲକ୍ଷ୍ନୌ ମୁସଲିମଲିଗର ପ୍ରେସିଡେଣ୍ଟ ଜିନା ସାହେବ ବୋଲି ଆମ୍ଭମାନଙ୍କର ସନ୍ଦେହ ହୁଏ । ବଙ୍ଗଳାମନ୍ତ୍ରୀ ହକ୍ ଆଉ ପଞ୍ଜାବମନ୍ତ୍ରୀ ହାୟାତଙ୍କୁ ପଚାରିଲେ ସେ ଏହାର ତଥ୍ୟ ଦେଇ ପାରନ୍ତେ ।

+ + +

ଅଗଷ୍ଟ ଆମ ଦେଶରେ ଯେତେବେଳେ ଗୌଡ଼େଶ୍ୱର ( ଯାଦବ କ୍ଷତ୍ରିୟ ? ) ମାନେ ରାଜୁତି କରୁଥିଲେ ସେତେବେଳେ ଲୋକଙ୍କର ଅଣି ବର୍ଷରେ ନାବାଳକୀ ଫିଟୁଥିଲା । ଇଂରେଜୀଙ୍କ ଅମଳରେ ରେଲ, ଏରୋପ୍ଲେନ ପ୍ରଭୃତିରେ ଚଢ଼ି ସାବାଳକୀଟା ଜଲଦି ଜଲଦି ଆସି ଅଠର ବରଷରେ ପହଞ୍ଚିଲା କିନ୍ତୁ ଏ କଂଗ୍ରେସ ସରକାର ସମୟରେ ଗାନ୍ଧି ଯେଉଁ ଉପାୟ କଲେଣି ସେଥିରେ ମଣିଷ ଛୁଆ ଯଦି କ୍ରମନ୍ତହେବା ମାତ୍ରେ କଂସଛୁଆ ପରି ହେଲା ପରି ପୂର୍ବଜନ୍ମର ସଂସ୍କୃତ ନେଇ ପଢ଼ାପଢ଼ା ଆରମ୍ଭ କରେ ତେବେ ସେ ୭ ବରଷରେ ନାବାଳକୀ ପାରହୋଇ ସାବାଳକ ହୋଇଯିବ । କମ୍ କଥା ନୁହେଁ । ଏଥିରେ ଉପକାର ଛଡ଼ା ଅପକାର ନାହିଁ । ତେବେ ଡର ହେଉଛି ଏହି ସାତବରଷରେ ଯଦି ମନ୍ତ୍ରୀମାନଙ୍କର ଛୁଆପିଲା ହେବାକୁ ଆରମ୍ଭ କଲେ ତେବେ ଜନ୍ମନିରୋଧ ପାଇଁ ଗୋଟାଏ ସର୍ବାଦେଶ ପନ୍ଥା ଆବିଷ୍କାରର ଦରକାର ପଡ଼ିବ । ସୂତାକାଟା ଗୁଡ଼ ଚାଅରକର ପ୍ରଭୃତି ହାତକାମ କରିବା ସଙ୍ଗେ ସଙ୍ଗେ ଚରିତ୍ର ସୁଧାର ପାଇଁ ଗାନ୍ଧିଜୀ କ'ଣ ପାଞ୍ଚୁଛନ୍ତି କେଜାଣି । ଗୋଡ଼ରେ ଯୋତା ପିନ୍ଧିଥିବା ଲୋକ ପୃଥିବୀଟାକୁ ଚମଡ଼ାରେ ତିଆରି ବୋଲି ଭାବିଲାପରି ବ୍ରହ୍ମଚର୍ଯ୍ୟ ଗାନ୍ଧୀ ଯଦି ଦୁନିଆଟାକୁ ବ୍ରହ୍ମଚର୍ଯ୍ୟ ଭାବନ୍ତି ତେବେ ଆମର କିଛି କହିବାକୁ ବାଟନାହିଁ ।

## ଏ ଦୀପାଳି ଆଉ କେତେଦିନ ଜଳିବ ?

ଏ ଦୀପାଳି ବହୁ ଦିନରୁ ଜଳୁଛି— କିନ୍ତୁ ଜଳାଇ ପାରୁନାହିଁ; ଏ ଦୀପାଳି ବହୁଯୁଗରୁ ଲାଗୁଛି— କିନ୍ତୁ ଲଗାଇ ପାରୁନାହିଁ— ତଥାପି— ତଥାପି କ'ଣ ଏ ପୁରାତନ କ୍ଳାନ୍ତ କ୍ଷୀଣ ଦୀପାଳି ସେହିପରି ଜଳୁଥିବ ? ଆଜି ପରାଧୀନତାର ଘନ ଅନ୍ଧକାର ରଜନୀରେ କୋଟି କୋଟି ଅଗଣିତ ଅତ୍ୟାଚାରିତ ପ୍ରାଣରେ କ'ଣ ସେଇ ବିଶ୍ୱଗ୍ରାସୀ ଅଗ୍ନି ଜଳିଉଠିବ ନାହିଁ ? ଜ୍ୱଳନ ପ୍ରବଣ ତରୁଣ ପ୍ରାଣ ଆଜି କ'ଣ ଖାଣ୍ଡବ ଦହନର ଧ୍ୱଂସ-ଶିଖା ଜଗାଇ ପାରିବ ନାହିଁ— ଉଗ୍ରର ଆଜି ଏ ଶୁଷ୍କ ହସ କ'ଣ ରଣଧୂର୍ଜଟୀର ଅଟ୍ଟହାସରେ ପରିଣତ ହେବନାହିଁ ?

ଜଳ ଦୀପାଳି ଜଳ— ଉଜ୍ଜ୍ୱଳର ଲଳନା ଆଜି ତାର ପତି ପୁତ୍ରଙ୍କୁ ତୋ'ର ଜ୍ୱଳନ ଦୀପ୍ତିରେ ଜଳାଇ ଦେଇ ଗାଇ ଉଠୁ—

"ଘରେ ଘରେ ନିଆଁ ଲଗାଇ ଦିଅ
ପ୍ରତେ ପ୍ରତେ ପ୍ରାଣ ଜଗାଇ ଦିଅ ।"

## ସାମୟିକୀ ।

ପୁଞ୍ଜିପତିଙ୍କ ଠାରୁ ଆରମ୍ଭ କରି ଗରିବ ଭିଖାରୀ ଯାଏ ସମସ୍ତେ ଦିଅଲି ଜାଳ ତେଲ ଘଣ୍ଟାରୁ ଯେତେ ତେଲ ସାରୁଛନ୍ତି । ହାକିମ ହୁକୁମା, କଂଗ୍ରେସ ନେତା ଆଉ ସାମ୍ୟବାଦୀ ଟୋକାଙ୍କ ଗୋଡ଼ରେ ଲଗାଇବାପାଇଁ ଆଉ ରହିବ କ'ଣ ?

ପଦ୍ମା ଅମାବାସ୍ୟାରେ ନଳିତା ଖାଡ଼ ଜାଳିଲେ ପିତୃପୁରୁଷଙ୍କୁ ସ୍ୱରଗ ବାଟ ଦେଖାଯାଏ । ଗୋପବନ୍ଧୁ ମଧୁସୂଦନଙ୍କ ପାଇଁ ଆଉ ସ୍ମୃତି ମହଲ, ସ୍ମୃତି ପୂଜାପାଇଁ ଗୃହା ନଉଠାଇ ଟଙ୍କିବ ଉଡ଼ିଆ ଜାତି ଏଇ ସହଜ କଥାଟା ନକରୁଛନ୍ତି କିଆଁ ?

Digitized by srujanika@gmail.com



# ଖବରଅନ୍ତର

୨

ମୁର୍ଶିଦାବାଦର ନବାବ ବାହାଦୁର ସାମ୍ପ୍ରଦାୟିକ ଦ୍ୱେଷ ଭାବ ଭୁଲି ଭାରତର ଏକମାତ୍ର ସର୍ବସମ୍ପ୍ରଦାୟ-ସମନ୍ୱୟ କଂଗ୍ରେସ ଅନୁଷ୍ଠାନ ସହିତ ଯୋଗଦେବା ପାଇଁ ମୁସଲମାନମାନଙ୍କୁ ଆହ୍ୱାନ କରିଛନ୍ତି । ଜିନା ଓ ହକଙ୍କ ମତରେ ଏହି କାର୍ତ୍ତିକ ମାସରେ ସେ କାଫେର କ'ଣ ଜାହାନ୍ନମକୁ ଯିବେ ?

ବନ୍ଦେମାତରଂ ସଙ୍ଗୀତ ଜାତୀୟଗୀତ ନହେବା ପାଇଁ ମୁସଲମାନ ଭାଇମାନେ ଆପତ୍ତି କଲରୁ କଂଗ୍ରେସ ସେଥିରୁ ଅଧେ କାଟି ପକାଇ ମୂଳପଦ ଦୁଇଟିକୁ ଜାତୀୟ ସଂଗୀତ କରି ରଖିଲେ । ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜନ୍ତି ପଣ୍ଡିତାଃ ।

ବଙ୍ଗଳା ପ୍ରଧାନ ମନ୍ତ୍ରୀ ହକ୍ ସାହେବ କହିଲେ ଯେ କଂଗ୍ରେସ ମନ୍ତ୍ରୀମାନେ ଅନ୍ୟାନ୍ୟ ପ୍ରଦେଶରେ ମୁସଲମାନମାନଙ୍କୁ ହଇରାଣ କରୁଛନ୍ତି । ବଙ୍ଗଳାରେ ସେ ତାର ପ୍ରତିଶୋଧ ନେବେ । ମଧ୍ୟପ୍ରଦେଶର ମନ୍ତ୍ରୀ ସଫି ଅହମଦ କିଦ୍‌ବାଇ ଏହାକୁ ହିଷ୍ଟିରିଆ ଜନିତ ପ୍ରଳାପ ବୋଲି ଆଖ୍ୟା ଦେଇଛନ୍ତି । ବଙ୍ଗଳାର ଡାକ୍ତରମାନେ ପୁରୁଷଙ୍କ ହିଷ୍ଟିରିଆର ଲକ୍ଷଣ ଓ ପ୍ରତିକାର ଖୋଜୁଛନ୍ତି ବୋଲି ଆମେ ସମ୍ବାଦ ପାଇଛୁଁ ।

ପୁରୀ ଜଗନ୍ନାଥ ମନ୍ଦିର ଭଳି ଭୋଜନାଳୟ ପୁରୀରେ କାହିଁକି ଭାରତରେ ଖୁବ୍ କମ ଯାଗାରେ ଦେଖିବାକୁ ମିଳେ । ପୁରୀ ସଙ୍କାକଠି ଯଦି ସେହି ଭୋଜନାଳୟର ମାଲିକାନା ଛଡ଼ାଇ ନେବା ପାଇଁ ଓଡ଼ିଶା ବ୍ୟବସ୍ଥା ପରିଷଦ ଠିକ୍ କରେ ତେବେ ପୁରୀର ଅନ୍ୟତମ ବୃହତ ଭୋଜନାଳୟ **B. N. R.** ହୋଟେଲର ପରିଚାଳନା ଭାର ଓଡ଼ିଶା ସରକାର ତାଙ୍କୁ ଦଅଇବାର ବ୍ୟବସ୍ଥା କଲେ କିପରି ହୁଅନ୍ତା ।?

ୱାର୍ଦ୍ଧାଠାରେ ମହାତ୍ମାଙ୍କ ନିର୍ଦ୍ଦେଶରେ ଯେଉଁ ଶିକ୍ଷା ସମ୍ମିଳନୀ ବସିଥିଲା ତାହାର ପ୍ରସ୍ତାବ ସମୂହକୁ କଲିକତାରେ ବସିଥିବା କଂଗ୍ରେସ କମିଟି ପାସ କରିଛନ୍ତି । ଆମର ବିଶ୍ୱାସ ଏହି ଶିକ୍ଷା ପଦ୍ଧତିକୁ ଆମ ପିଲାଏ ବି ଏହାପରି ବଡ଼ ସହଜରେ ପାସ କରିଦେଇ ଚାଲିଯିବେ ।

ଭାରତ ଆଉ ବିଲାତ ମଧ୍ୟରେ ବାଣିଜ୍ୟ ସନ୍ଧି ସମ୍ବନ୍ଧରେ ଯେଉଁ କଥାବାର୍ତ୍ତା ଚାଲିଥିଲା ତାହା ଫେଲ୍ ମାରିଗଲା । ଆଗରୁ ଓଟୋଆ ସର୍ତ୍ତରେ ଭାରତ ଯେଉଁ ମିଠା ଅଙ୍ଗୁଳି ଦେଖେଇ ଥିଲା ତା ଫଳରେ ଇଂଲଣ୍ଡ ବାହା ଗିଳିବାକୁ ବସିବାରୁ ଏ ଘଟଣା ଘଟିଛି । ଭାରତ ଆସେମ୍ବ୍ଲି ନେତା ସତ୍ୟମୂର୍ତ୍ତି ସରକାରଙ୍କ ଏ ବିଷୟରେ ଗୋଟାଏ ସତର୍କବାଣୀ ଶୁଣାଇ ଛନ୍ତି । ତାଙ୍କ ବନ୍ଧୁ ହଗ୍ ସାହେବ ତାହା ଶୁଣି କାଳେ ମୁରୁକି ମୁରୁକି ହସୁଥିଲେ ବୋଲି ଖବର ପାଇଲୁଁ ।

ଓଡ଼ିଶା ପ୍ରଧାନମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ ସମୟରେ ସଂବାଦ ମିଳିଛି ଯେ ଚିଲିକା ମୁହଁ ଖୋଲାହୋଇ ବନ୍ଦର ହେବ । ଚନ୍ଦବାଲି ଠାରେ ନୌଚାଳନ ଶିକ୍ଷା ଦିଆଯିବ । ଆମ ଓଡ଼ିଶା ପ୍ରଦେଶଟି ଶ୍ରେଷ୍ଠ ହେଲେ କ'ଣ ହେବ ତାର ସବୁଦିନେ ଏଇପରି ବଡ଼ ବଡ଼ କଥା । ଯଥା—ବଡ଼ଦାଣ୍ଡ, ବଡ଼ ଠାକୁର, ମହାପ୍ରସାଦ, ମହାନଦୀ, ମହୋଦଧି ପ୍ରଭୃତି କିନ୍ତୁ କାମଟା ବଡ଼କର ହୋଇପାରିଲେ ରକ୍ଷା । ଏବେ ପ୍ରଥମଟା ହେବ କେଉଁଠି ଜଣା ଯାଇନାହିଁ ।

କଲିକତାରେ ବସିଥିବା କଂଗ୍ରେସ କମିଟି ଏବେ ଠିକ୍ କରିଛନ୍ତି ଯେ ସମ୍ରାଟ ଯେଉଁ ସବୁ ଖିତାବ୍ ବିତରଣ କରିବେ ସେଥିରେ କଂଗ୍ରେସ ମନ୍ତ୍ରୀମାନେ ସାହାଯ୍ୟ ଦେବେନାହିଁ । କଥାରେ ଅଛି, କହିଦେଉଥା ଏ ପଦକୁ, ବୁଦ୍ଧି ନ ଆସଇ ଘରକୁ । କଂଗ୍ରେସ ମନ୍ତ୍ରୀ ଓ ସଭାପତିମାନେ କିନ୍ତୁ ମାନ୍ୟବର ଉପାଧି ଲଙ୍ଗଡ଼ଟା କାଟିଦେଇ ନାହାନ୍ତି ତ ! ତା କଲେ ଏମାନେ ଲାଙ୍ଗୁଳହୀନ ଶୃଗାଳ ବୋଲି କହିବେ ଯେ ।

ଘରେ ପଶି ପାଣି ଅଣିଏ ହେବାରୁ ଓଡ଼ିଶା ଜମିଦାରମାନେ ଏବେ ଓଡ଼ିଶା ଟ୍ରେନାନ୍ସି ସଂଶୋଧନୀ ଆଇନ ବିରୁଦ୍ଧରେ ଆନ୍ଦୋଳନ ଚଳାଇବା ପାଇଁ କଟକରେ ଏକ ସଭା କରିଥିଲେ । ଆଇନ ଅମାନ୍ୟ ନକଲେ ମଙ୍ଗଳ ।

ଆମ ନୂଆ ସମ୍ରାଟ ଗାଦିଲାଭ କଲ ଦିନରୁ ପାର୍ଲିଆମେଣ୍ଟ ବସି ନଥିଲା । ଏବେ ସେ ସଭା ଖୋଲି ସମ୍ରାଟ ଯେଉଁ ବକ୍ତୃତା ଦେଇଛନ୍ତି ସେଥିରେ ଭାରତକୁ ନିକଟରେ ଆସିବା କଥା ଉଲ୍ଲେଖ ଅଛି । ଫେଡ଼ରେସନ ପିପାସୀ ଭାରତବାସୀ ତାଙ୍କ ଆଗମନକୁ ଚାତକ ପରି ଚାହିଁ ବସିଛନ୍ତି ଏଣା ।

ସ୍ପେନ ବିପ୍ଳବରେ ଜାତୀୟଦଳ ଅର୍ଥାତ୍ ବିପ୍ଳବୀମାନେ ଜିଣୁଛନ୍ତି । ଗତ ସପ୍ତାହ ବ୍ୟୋମ ଯୁଦ୍ଧ ଫଳରେ ୧୦ଟି କମ୍ୟୁନିଷ୍ଟ (ସରକାରୀ) ବ୍ୟୋମଯାନ ଓ ୦ଟି ଜାତୀୟ (ବିପ୍ଳବୀ) ଯାନ ନଷ୍ଟହୋଇଛି । ବିପ୍ଳବୀ ଦଳପତି ଫ୍ରାଙ୍କୋ ସାଲମାଙ୍କ ଠାରୁ ତାଙ୍କ ଗଣ୍ଠିଲି ପୁଟୁଳି ନେଇ ଭଟୋରିଆ ଯାଏ ମାଡ଼ି ଆସିଲେଣି । ଶୁଣାଯାଏ ଇଂରେଜ ସରକାର ଯେଉଁ ଅଡ଼ୁ ପାଣିପଡ଼ିବ ସେଇ ଅଡ଼କୁ ଛତା ଦେଖାଇବା ନୀତିରେ ବିପ୍ଳବୀ ଦଳପତି ଫ୍ରାଙ୍କୋଙ୍କ ସାଙ୍ଗରେ ଗୋଟାଏ ଭିତର ସଂପର୍କ ରଖିବାର ବ୍ୟବସ୍ଥା କରୁଛନ୍ତି

ବ୍ରସେଲ୍‌ସ୍‌ଠାରେ ନବ (୯)ଶକ୍ତି ସଭା ବସୁଛି । ଏହା ନବ ଶକ୍ତି କି ମୁରୁଣା ଘୁଣ ଲଗା ଶକ୍ତି ସେକଥା ଏବିସିନିଆ ଓ ଇଟାଲିର ଗତ ୨ବର୍ଷର ଇତିହାସ ପୃଷ୍ଠା ଖୋଲିଲେ ଜଣାପଡ଼ିବ । ଏମାନେ ଯେ ଚୀନକୁ ଜାପାନ ହାତରୁ ରକ୍ଷା କରିବେ ସେକଥା ଜଣାଅଛି । ଶ୍ୱେତ ଯଦି ଶ୍ୱେତକୁ ଧରାଇ ଦେଇ ପାରେ ତେବେ ଏମାନେ ମଧ୍ୟ ଉପନିବେଶ-ଲୋଭୀ ଜାପାନକୁ ଦମନ ନ କରିବେ କାହିଁକି ?

ଜମିଦାରମାନଙ୍କ ଅବସ୍ଥା ଦେଖି ଲକ୍ଷ୍ନୌ ଜମିଦାର ସଭାରେ ଜଣେ ଜମିଦାରଆଣୀ କହିଛନ୍ତି କି ସେ ଜମିଦାରମାନଙ୍କ ସ୍ୱାର୍ଥ ରକ୍ଷାପାଇଁ କାରା ବରଣ ମଧ୍ୟ କରି ପାରନ୍ତି । ଏ ଦେଶକୁ ପଦ୍ମିନୀ ଓ ସଂଯୁକ୍ତାଙ୍କର ଦେଶ ବୋଲି କ'ଣ ମିଛରେ କହନ୍ତି !

Digitized by srujanika@gmail.com

ରାବଣ – କନକ ଲଙ୍କାର ଅଧୀଶ୍ୱର ।
ମେଘନାଦ— ଜ୍ୟେଷ୍ଠପୁତ୍ର crown prince
ଅକ୍ଷୟକୁମାର— ,, (କନିଷ୍ଠ)
ଅତିକାୟ— ,, (ମଧ୍ୟମ)
ରାମଚନ୍ଦ୍ର—ମହାତାପୀ କ୍ଷତ୍ରିୟ ରାଜପୁତ୍ର ।
ବିଭୀଷଣ—ରାମ ଭକ୍ତ ।



# ନବରାମାୟଣ

ଜାମ୍ବୁବାନ ବୃଦ୍ଧ ଭଲ୍ଲୁକ ପତି ।
ହନୁମାନ—ଲଙ୍କାପୋଡ଼ା କପି ।
ଇନ୍ଦ୍ର—ଐରାବତ (ଗଜ) ପତି ।
ବରୁଣ, କାଳନେମୀ, ନଳ, ନୀଳ, ଗୟ-ଗବାକ୍ଷ
ଅଙ୍ଗଦ ପ୍ରଭୃତି ଅନେକ ରହସ୍ୟମୟ ଚରିତ୍ରରେ
ପରିପୂର୍ଣ୍ଣ ।

## ତେଶିରା କାଣ୍ଡ

## କପିବର ହନୁମନ୍ତ ବିରଚିତ

ଅତ—ଏକା ହୋଇଥାନ୍ତେ ଯଦି ବୀର ବିଭୀଷଣ
ଭାବିଥିଲି ଲଙ୍କପତି ଦେଇଥାନ୍ତି ଚୁପି
ଏକାଥରେ; ପଡ଼ିଥାନ୍ତେ ହାପି ।
ମାତ୍ର—
ସ— Comment ନକରି ଏବେ କହ ଖାଲି fact
ଆପଣା tactର ଗୁଣ ବଖାଣି ବଖାଣି
ପାଣିରେ ବଢ଼ାଣି ଯଥା ପାଲୁଣୀ ଆଗରେ ।
ଅତ—ଅଙ୍ଗଦ ନାମରେ ଏକ ଥିଲା ଦନ୍ତା ହନୁ
ଗର୍ବ୍ବୀ ତାହାର ଅଛିକର ରାମକାର୍ଯ୍ୟ
ତେଣୁ ଆଶା ବଳବତୀ ପୋଷିଥିଲା ମନ
ଲଭିବାକୁ ଉପଯୁକ୍ତ ପୁରସ୍କାର ତାର
ନଗଦାନଗଦ୍ ।
ମାତ୍ର ତାର ଦାବିଟାକୁ କରିଦେଲେ ରଦ୍
ଯେଣୁ ଖୋଦ୍ ରାମ ଗୁଣମଣି,
ବିଭୀଷଣେ ବରିଦେଲେ ସେନାପତି ପଦେ,
ପଣକରି ନିରାଶ ଅଙ୍ଗଦ
ଜାମ୍ବୁବାନ ପାଦେ ଯାଇ ପଶିଲା ଶରଣ ।
ଦେଖିଲି ମୁଁ ଏ ସୁଯୋଗ ନୁହେ ଛାଡ଼ିବାର,
ପକାଇଲି ଥୋପ;
ରବ—କି ହେଲା କି ହେଲା ତହୁଁ—
କହି ହୁରି କର—
ଅତ—ପାତଜାତ ବାନରର ବଂଶ ସେ ଅଙ୍ଗଦ
ତ୍ରିଶିରା ତାର ମସ୍ତିଷ୍କର ଶ୍ରେଷ୍ଠ,
ଅପଣ ଧଡ଼ିଲା ଥୋପେ ରଦନ କେଳାଇ ।
ମନେ ଥିଲା ଅସନ୍ତୋଷ, ପୁଣି ଅବଶୋଷ
ଡେଲ୍ ଖୋସ ହୋଇଗଲା ଶୁଣି ମୋ offer
ବିଦ୍ରୋହ କରଣ ଯେହ୍ନ ମାରିଲା ଧପର
ପୁଣି ତାହା sympathyରେ ଏକଜଳା ହନୁ
ବଳଚାଳ ତନୁ,
ଦୁଷ୍ଟ ବିଭୀଷଣ ପ୍ରତି ରୁଷ୍ଟ ନୁହେଁ ମତ
ରଣଭୂମି ତ୍ୟଜିଗଲେ ସାଙ୍ଗୋପାଙ୍ଗ ନେଇ
କୈତବ ବାହାନା ଧରି ଶ୍ୱଶୁର ଆଳୟ ।
ରବ—ନିଃସହାୟ ହୋଇଗଲା ତେବେ ବିଭୀଷଣ ?
ଅତ—ମନେକଲି ନିଃସହାୟ ହୋଇଗଲା ବୋଲି
ସେଥିପାଇଁ କରିଥିଲି ଏତେକ କୌଶଳ
ମାତ୍ର ରାମ ଚତୁର ଶେଖର
ଖାତିର କରିଲା ନାହିଁ ତିଳ ପରିମାଣେ ।
ଏକେଶ୍ୱର ହୋଇ ଛିଡ଼ା କରିଲା ସମର
ଏକାକୀ ବତିଶ ପଳ ଯେସନ ମାଧିଅ ।
ଇଙ୍ଗିତ ମାତ୍ରକେ ଝେପି ଆସିଲେ ରୌହିଣୀ ।
ଅଗଣନ କପିଟୋକୁ ହୋଇ ଭଲକଲ ।
ରବ—ବଳ ଠାରୁ ଗଣେ ବଡ଼ ଛଳ ଓ କୌଶଳ,
ସମରରେ ଭେଦନୀତି ଅତି ପ୍ରୟୋଜନ ।
ବିପକ୍ଷର ମେରୁଦଣ୍ଡ ଭଙ୍ଗିହୁଏ ଯାହା ।
କହ ବତ୍ସ ସେହି ଦୁଷ୍ଟ ଗରିଲା ନନ୍ଦନ
, କାଳଅ ଅନନ୍ତା ବାଗେ ପଡ଼ିଲା କେମନ୍ତେ ?
ଶୁଣିଥିଲି ଅଟେ ସେହି staunch ନୀତିବାଦୀ ।
Dogmaticଅତି, ପୁଣି ଗୋଆଁର-ଗୋବିନ୍ଦ ?
ଅତ—ସତ୍ୟ ପ୍ରଭୋ—ସେ ଅତି ରହସ୍ୟ—
ହନୁମାନ୍ଙ୍କୁ ବାଗେଇବା ଅଟଇ ସହଜ ,
ବାଧାଦେଲେ ହୁଅନ୍ତି ସେ ଅତୀବ ଭୀଷଣ,
ମାତ୍ର ତାଙ୍କ ଗୌଡ଼ାମିକୁ ଦରିଦେଲେ fan
ଦପ୍କରି ଉଠେ ଜ୍ୱଳି fanaticism;
ସେହି ନୀତି ଧରି ମୁଁ ହି ମାରିଲି success,
ରବ—କିକଲି କକଲ୍ ପୁତ୍ର କହ ଖୋଲିକରି
ଲଗାଇଲୁ କି ପୁଣି ଏ ଖାଞ୍ଚ ?
ଅତ—ପ୍ରଥମେ କହିଲି ତାକୁ ଛଳ ବେଶଧରି,
ରାମାନୁଜୀମତବାଦୀ ଗୌଡ଼ା ବଇଷ୍ଣବ ।
ସେନାପତି ପଦେ ଯେଣୁ ହୋଇଲେ ବରଣ
ବୀର ବିଭୀଷଣ,
ଅପୂର ବଂଶଜ, ପୁଣି burgeois ଜାତ,
ମନତାର ହୋଇଅଛି ଉଣା—
ଯେଣୁ ସେହି ନୀତିବାଦୀ, ବ୍ୟକ୍ତିବାଦୀ ନୁହେ,
ଅନୀତି ଦେଖିଣ ଝେପିଥିଲା ମନେ ମନେ,
କହାଇଲି ନାନାରୂପ କୌଶଳ ବଚନେ--
Person ଓ principle ଥୋଇ ଦୁଇପାଖେ
ବାଛିନେଲା ସେ ଏକ ନିଃଶ୍ୱାସେ
କାହାର ମାୟାକୁ ଛାଡ଼ି ଅଧିନୀତ ଘୃଣ୍ୟା
ଝେପି ସେ ଉଠିଲା ଧରି ବସି ଏକା ଜିଦ୍
ବଢ଼ିରଦ୍ କାଟେ ମାଡ଼ ଗଲା କି ସହିଦ୍ । [କ୍ରମଶଃ]

Digitized by srujanika@gmail.com



# ମଜାକଥା

ଧୂଆଁ ଘଟିଆ ଗଳିର ଏକ ମୁଣ୍ଡରେ ଗୋଟାଏ ଆଡ୍ଡା । ନିତି ସଞ୍ଜ ବେଳଠୁଁ ପାଞ୍ଚ ସାତ ସେଠି ଜମନ୍ତି; ବୃଦ୍ଧେ ତାସ ଖେଳ ରାତି ଏଗାର ବାର ଯାଏ । ଆଡ୍ଡାଟିର ଯେତେକ ମେମ୍ବର ସମସ୍ତେ 'ଶିକ୍ଷିତ' । ଅନ୍ତତଃ ଗ୍ରାଜୁଏଟ ହୋଇ-ଗଲେ ତାସ ପୁଡ଼ା ଫିଟେ—ସେଥାକେ ଅଫିସରୁ ଆସିଥିବା ଲୋକ ବସି ବସି ଦୁନିଆ ଯାକର ଖବର ଚର୍ଚ୍ଚା କରନ୍ତି—ପଲିଟିକ୍ସ, ଯୁଦ୍ଧ, ସାହିତ୍ୟ, ଥିଏଟର, ସିନେମା, ଫୁଟବଲ, ଯେତେବେଳେ ଯେଉଁଟା । ତା ଭିତରେ ଯେ ଅମୁକର ଘର ଭିତର କଥା, ସମୁକର ସ୍ୱଭାବ ଚରିତ୍ର କଥା, କଳି କଜିଆ, ମାଲି ମାମଲତ ନ ପଡ଼େ ତାହା ନୁହେ ।

ଦିନେ ବିଶୁ, ସୁଦାମ ଓ ମଧୁ ଆସି ପହଞ୍ଚି ଯାଇଛନ୍ତି—କେବଳ କେହି ଜଣେ ଚତୁର୍ଥର ଅଭାବରେ ତାସଟା ମେଲା ହୋଇ ପାରୁନାହିଁ । କଥାରେ କଥାରେ ବହୁତ କଥା ପଡ଼ିଲା, ମାତ୍ର 'ଚତୁର୍ଥ' ହେବାପାଇଁ କାହାର ସାକ୍ଷାତ ମିଳିଲା ନାହିଁ ସେ ଦିନ । ରାତି ଆଠ ବାଜିଲାଠୁଁ ବିଶୁ କହିଲା "ହବନାହିଁ ଆଉ ଆଜି—ଚାଲ ଯିବା !" ମଧୁ କହିଲା "ଯିବା ତ ଉଚିତ, ମାତ୍ର ଯିବା କଉ ଚୁଲୀକି ?" ସୁଦାମ କହିଲା "ନାଇଁ ହେ, ବସି ଗପ କର, ଖିଆ ପିଆ ବେଳ ହେଇଗଲେ ଚଲେ ଯିବା ତ ।"

ସେଇଥିରୁ ଗପ ଚାଲିଲା ପୁଣି । ମଧୁ କହିଲା "ହଇରେ ବିଶୁ, ତୁ ଯେ ଇନସିଓରେନ୍ସ ଏଜେଣ୍ଟ ନା କଣ ହେଇଥିଲୁ, ସେଥିରୁ କିଛି ମିଳିଲା କଣ ?"

ବିଶୁ—ହଁ ମିଳିଲା ନାହିଁ କଣ ? କେତେ ଗୁଡ଼ାଏ ଲୋକଙ୍କ ସାଙ୍ଗରେ ମିଠା ଆଳାପ ଆଉ ତାଙ୍କ ମିଠା ଅର୍ଦ୍ଧଚନ୍ଦ୍ର ।

ମଧୁ ଓ ସୁଦାମ 'ହୋ-ହୋ' କରି ହସି ଉଠିଲେ ।

ବିଶୁ—ମୋ ବେଳକୁ ତ ହସିଲ ବଡ଼ହେ । ଅଚ୍ଛା ତୋର କଣ ଭଲ ହେଲା ସୁଦାମ ?

ସୁଦାମ—ମୋର, ଛେନା —

ମଧୁ ଚଟ୍‌କିନା କହି ପକାଇଲା "ମୋର ପାଚିଲା କଦଳୀ ।"

ବିଶୁ—ତେବେ ତ ବେଶ୍ ଚଳିଟାଏ ହବ । ତିନିହେଁଯାକ ଦାନ୍ତ ନିକୁଟି ହସିଲେ ପୁଣି ।

ତା ପରେ ବିଶୁ କହିଲା "ଦେଖ, ଖାଲି ଛେନା ବା ଖାଲି କଦଳୀରେ କିଛି ହୁଏ ନା—ତିନିଟାଯାକ ମିଶିଲେ ଯାଇ ବାହାରେ ଇଲ୍ଲତ । ଏତେ ପରିଶ୍ରମରେ ହାସଲ ହୋଇଥିବା ଆମ ତିନିଙ୍କର ଏ ତିନି ପଦାର୍ଥ ଚାଲ ମିଶେଇ ଦବା—ଦେଖିବ ତାର ଗୁଣ ।

## ଆଶ ଇନ୍‌ସିଓର

ଲେଖକ——ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ମଧୁ କହିଲା "ଅରେ ସେ ପାହିତ୍ୟକ କଲକତା ରସଗୋଲା ଯାଡ଼ ଆମ ଗେ.ବନ ତଥଡ଼ିଆ କଞ୍ଚା ପୁରିଆ ସର୍ବାଙ୍ଗ ସ୍ୱାଦରେ କହ ଭଲା ।"

ବିଶୁ—ଯାଃ—ବେରସିକ ହେଲେ କଥା ସରିଲା । ଉମର taste ସେଇ ଭଳିଆ—ଘୁଷୁରି କନା ! ଅଚ୍ଛା କହୁଚ ଶୁଣ । ଏଇ ଦେଖ ଆମେ ତିନିକୁ ତିନିହେଁ ଯାକ unem-ployed—ଯାହାକୁ କହନ୍ତି ବେକାର । ବୁଝିଲୁ ଟି ?

ସୁଦାମ—ହାଡ଼େ ହାଡ଼େ—

ବିଶୁ—ହଁ, ଫଳାତ ଯଦି ହଉଛି ତେବ—ଏକା ଲାଗୁଛି କଉଁଟା ? ମୁଁ କହେଁ, ଜୀବନଟା କଣ ଏଇପରିକା ବିତିବ ?

ମଧୁ—ଆଉ କଣ ଲେକ୍‌ଚର ଦେଇ 'ଜନନି' କଲେ ପାଲଟିବ ?

ବିଶୁ—ତା ନୁହେ, ତିନିହେଁ ମିଳିମିଶି ଗୋଟାଏ କୋ ଅପରେଟିଭ ସେ ସାଇଣ୍ଟ ଖୋଲିବା—ଏକା ଏକା କିଛି କରିହେବ ନାହିଁ ।

ସୁଦାମ—କଣ ସେନ୍‌ଟ୍ରେଲ ବ୍ୟାଙ୍କରୁ କରଜ ଆଣିବା ?

ବିଶୁ ଦୂର୍—ସେ କାଳ ପଡ଼ାଳ ବାଘ ଖାଇଲାଣି । ତା କହୁନାହିଁ, ପରସ୍ପର ସାହାଯ୍ୟ କରି ଏକା ମତରେ କୌଣସି ଗୋଟାଏ କାର୍-ବାର କରିବା । ଦେଖ ୟୁରୋପ, ଅମେରିକା ଆଡ଼େ ସବୁ କାରବାର ଏଇ joint stock company system ରେ । ଲାଭ ବେଶି, ଲୋକସାନ କମ୍, ବୁଝିଲୁ ?

ସୁଦାମ—କଥାଟା ଖୁବ୍ ଠିକ୍ । ଏକା ଯେଉଁ କାରବାର କରିବାକୁ ଗାଅ, capital ଲୋଡା ଅଛ । ସେଇଟା ତ ଠଣ୍ !

ବିଶୁ—ତୁ କଣ ଏଡ଼େ ଫୁଲ୍ ହେଇଚ ! ବିନ୍ ମୂଳ ଧନରେ ଯଉଁ କାରବାର ହବ ସେଇଟା ।

ସୁଦାମ—ତା ହେଲେ ମୁଁ ରାଜି ।

ମଧୁ—କମ୍ପାନିଟାର ଗୋଟାଏ ନା'ଟ—

ବିଶୁ—ହଁ—ନା' ହଉଚ "ବେକାରଫଣ୍ଡ ।"

ସୁଦାମ—Fine, fine.

ମଧୁ—Up-to-date ବି—ଯବନ୍ତ indigenous.

ବିଶୁ—କମ୍ପାନୀଟା ଏଇଠି ଅଜ ରେଜିଷ୍ଟର ହେଇଗଲା ଧର । ତିନିଜଣ ଅଛେ partner-working partner.

ସୁଦାମ—ତା' ପରେ—

ବିଶୁ—ତା' ପରେ ତୁରନ୍ତ କାମ ଆରମ୍ଭ । ଆଜିଠୁଁ ।

ମଧୁ—Schemeଟା କଣ ? ଶୁଣ ?

ବିଶୁ—ଅରେ ଛି—ଛି—educated ଲୋକ, ଚୋର, ଜୁଆଚୋର, dishonesty! ରାମ, ରାମ ।

ମଧୁ—ତେବେ ?

ବିଶୁ—Economic specula-tion—idle, dorment wealth କୁ tap କରିବାକୁ ହେବ ।

ମଧୁ—ପକ୍କା moralist ଦେଖୁଛି ।

Digitized by srujanika@gmail.com

ବଣ୍ଟୁ—ତା ନୁହେ କଣ ! Gandhi ଅମଳ ଯେ ! ଯାହାଙ୍କର, ପଛରେ moral force ଗୁହଁ । ଏହା ପରେ ତନ ଜଣ ଯାକ ଫୁସୁରୁ ଫାସର ହେଲେ ।

ବାହାରଲ ବେଳେ ସୁଦାମ କହଲ "ବଣ୍ଟୁ ଗୋଟାଏ Genius ଏଢା । ବଲାତ ହେଇ-ଥିଲେ—"

ମଧୁ—ଅମର ଏହ ଅଭଶପ୍ତ ଦେଶରେ merit ବୁଝୁଛ କଏ । ଦେଖୁ ନା, ଦହବଲେ—

ସୁଦାମ—ଭାଙ୍କରେ ନ ହେଲା କଣ ?

ମଧୁ—ଓଃ, ସେହପର ଭୁଇଁଫୋଡ଼ merit ଥିଲ ବୋଲ ନା ? କନ୍ତୁ ବଲାତ ଅମେରକା ହୋଇଥିଲେ ସେ ଅଢ଼ ହୋଇ ଥାନ୍ତେ millionaire – ପାଇଥାନ୍ତେ Nobel Prize.

ସୁଦାମ—କାହିଁ କ, ଅନ ଦାଶଙ୍କ କଥା !

ମଧୁ—ହଁ ଏଢା କାହିଁକ, ନିଶ୍ଚେ ବ । ଅପଣା ସଙ୍ଗରେ ଅପେ ମାଷ୍ଟଖୋଲ ଯାହା ପାରଲେ ନା ! ଗୁଣ ବୁଝି ଦେଶ ଲୋକେ ଯାଚି କଛ ଦେଉଛନ୍ତି କ ? ତା କର ନ ଥିଲେ ଅଜ ତାଙ୍କ ଗନ୍ଧ ବ ପାଉ ନ ଥାନ୍ତ ।

ବଣ୍ଟୁ—ସେମିତେ ଲୋକଙ୍କ କଥା କହୁଲ ସମସ୍ତେ ପ୍ରତଭାବାନ୍, ସମସ୍ତେ honest. ଏଢା ଖାଲ ପ୍ରତଭାବାନ ହେଲେ ତ ଚଳେ ନାହିଁ—ଏଇ ଯନ୍ତ୍ର tap କରବାର କୌଶଳ ଜଣା ନ ଥିଲେ ପ୍ରତଭା ଛଡ ମହା ପ୍ରତଭା ବ ଏ ଦେଶରେ ଟେକବ ନାହିଁ । ଜାଣିଲ ?

ଦୁହେଁଯାକ କହ ଉଠିଲେ 'ଠିକ୍ ଠିକ୍ ।'

ଉତ୍ସାହ ପାଇ ବଣ୍ଟୁ କହଲ "ଅଉ ଗୋଟାଏ କଥା । ପ୍ରତଭାଟା ଅପେ ବଢାଶେ ନାହିଁ—ଯେପର ଖାସ ore—ତାକୁ ଘଷିଲେ ମାଜଲେ ହେଲେ । କଏ ଜାଣେ ତମର ଭିତରେ, ମୋର ଭିତରେ, ଏପର କି ଏଇ ବାଟରେ ଯାଉଥିବା ଝଙ୍କାଲଟା ଭିତରେ ବ ପ୍ରତଭା ଲୁଚ କର ବହୁଛ ?

ଷେତ ପାଇଲେ, ଘର୍ଷଣ ପାଇଲେ, ଘଷା ମଜା ପାଇଲେ ହୁଏତ ଏମିତ ବାହାରବ ଯେ ଦୁନଅ ଚମକ ଯିବ ।

## ଦୁଇ

ବନମାଳ ଗୁପ୍ତ ଜଣେ ଷାଠିଏ ବର୍ଷର ବୁଢ଼ା । ସେ ତାଙ୍କ ବୟସ ବେଳେ ବର୍ମା ମୁଲକରେ ଡାକ୍ତର କରୁଥିଲେ । ପେନ୍‌ସନ୍ ପାଇ ଗୋଟାଏ ନର୍ଜନ ସ୍ଥାନରେ ନଇ କୂଳଅ ଘରଟିଏ ତିଆର କର ବସବାସ କରୁଛନ୍ତି । ବେଉପା ପତ କରନ୍ତ ନାହିଁ କଛ । କେବଳ କାହାର କେତେବେଳେ ବପଦ ଅପଦ ପଡ଼ିଲେ ତାଙ୍କୁ ସାହାଯ୍ୟ କରନ୍ତ ମୋଟା ଭାବରେ କରଜ ଦେଇ । ହେଣ୍ଡନୋଟ ତମସୁକ ପ୍ରଭୃତରେ ତାଙ୍କର ବଶ୍ୱାସ ନ ଥିଲା । ମାଲ ବନ୍ଧକ ଦରୁ ତ ନେ—ନ ଦରୁ ତ ନାହିଁ । ବସ୍ ବାଟ ଦେଖ୍ । ତାଙ୍କର ଖାତକ ଗୁମା ଭୀମା ନୁହେଁ ସବୁ ବଡ଼ ବଡ଼ ମହାଜନ, ଜମିଦାର, ଅଫିସର ପ୍ରଭୃତ । ଲୋକେ କହନ୍ତ ବର୍ମା ଗଇନରୁ କେତେ କଣ ବୋହ ଅଣିଚ ତାର ଠିକଣ ନାହିଁ । କଏ କହେ ଠୁକୁସ ବୁଢ଼ାଟା ଗୋଟାଏ ଯଖ । ଘରେ ବଧବା ଭଉଣୀଟିଏ, ପିଲା ପୁଅଟି, ଅଉ ଦାସୀ, ଗୁକର ଦୁଇଜଣ । ଏଇପର ପାଞ୍ଚ ପରାଣୀ କୁଟୁମ୍ବ । ହେଲେ ବ ସହରରେ କେହ ଯଦ ଘରେ ପଶି ବୋହ ନେଇ ଯିବ ତ 'ହୁହ' ବୋଲ କହବାକୁ କେହ ନାହିଁ ।

ଯଉଁଦନ ସହରରେ 'ବେକାର ସଂଘ' ଗଢ଼ା ହେଲ, ତହିଁ ଅରଦନ ସକାଳୁ ଦେଖାଗଲା ବନମାଳଙ୍କ ଘରେ ହୋଇଛ ସିନ୍ଧୁ । ମାତ୍ର ଗାଡଟା ପୂର ଫୁଟିନାହିଁ ବୋଧହୁଏ ଚୋର ସିନ୍ଧୁ କରୁଥିବା ସମୟରେ କେହ ହାରୁଡ଼ି ଯାଇଛ କମ୍ବା ଘର ପାହ ଯାଉଛ ଦେ ଦରକମା ହୋଇ ଚୋର ପଳାଇ ଯାଇଛନ୍ତ । ବାଢ଼ଅଢେ ବ ଲୋକ ଯିବା ଅସିବାର ପାଦ ପଡ଼ିଚ—ଏଇପର କେତେ ପ୍ରକାର ଚହ୍ନ । ଜଣେ ଅଧେ ପାଖ ପଡ଼ଶା କହଲେ ପୁଲସରେ ଖବରଦେବା ପାଇଁ । ମାତ୍ର ବନମାଳ ବାବୁ ତନ୍‌ଖୁଦ୍ ମଙ୍ଗିଲେ ନାହିଁ । କହଲେ ଏସବୁ କଥାରେ ଗୋଳମାଳ କରବାର ନୁହେ । ଚୁପ୍ ଚାପ୍ ରହବା ଭଲ ।"

ତହିଁ ଅରଦନ ଡାକରେ ଖଣ୍ଡେ ଚିଠି ଅସିଲା । ସେ ଚିଠିରେ ଲେଖାଥିଲା—

ମାନନୀୟ ମହାଶୟ,

ଅପଣ ଏତେ ଟଙ୍କା ଓ ସୁନା ଜମା-କର ରଖିଛନ୍ତ, ଏଣେ କେତେ ଗରବ ଖାଇ ବାକୁ ନ ପାଇ ମରୁଛନ୍ତ । ଏଥିପାଇଁ ଅପଣଙ୍କ ଘରୁ ଅମର ହକ୍ ପାଉଣା ଠିକ ଅଣିବାର ହୁକୁମ ହୋଇଛ । ଅପଣ ଗୁହଁ ଥାଇ ଜାଣି-ବାରୁ ଥରେ ଅମେ ଫେଲ ହୋଇ ଅସିଲୁଁ । ଏଥର ଅଉ ରକ୍ଷା ନାହିଁ । ଜବରଦସ୍ତି ଅଣିବାକୁ ହେବ । ଅପଣଙ୍କ ଚଳବା ମୁତାବକ ରଖି ଦେଇ ଅସିବୁଁ । ଏତଦ୍ୱାରା ସାବଧାନ କରଇ ଦଉଛୁଁ କ ଅପଣ ସୁରଖୁରରେ ଅମ କାର୍ଯ୍ୟ କରବାକୁ ଦେବେ । ବାଧା ଦେଲେ ଅପଣଙ୍କ ଅକର୍ମଣ୍ୟ ଜୀବନ ନେବାକୁ କୁଣ୍ଠିତ ହେବୁଁ ନାହିଁ । ଇତ

ଅପଣଙ୍କର ହତାକାଂକ୍ଷୀ
ବକ୍ଷଜଙ୍ଘା ସମିତ ।

ଚିଠି ଖଣ୍ଡ ପାଇ ବୁଢ଼ା କାହାରକୁ କଛ କହଲେ ନାହିଁ ବା ଥାନାକୁ ଦୌଡ଼ଧପଡ଼ ଲଗାଇଲେ ନାହିଁ ।

ଏହପର ଦୁଇ ତନ ଦନ ଗଡ଼ ଗଲା । ଦନେ ଜଣେ ଭଦ୍ରଲୋକ ବନମାଳୀ ବାବୁଙ୍କ ସହତ ସାକ୍ଷାତ କଲେ ନରେଳାରେ । ପରଚୟ ଦେଲେ ଯେ ସେ ଜଣେ ଡ଼ଟେକ୍‌ଟିଭ ଇନସ୍‌ପେକ୍ଟର ।

ବନମାଳ—ଅପଣ କଉଠୁ ଅସୁଛନ୍ତ ?

ଭଦ୍ରଲୋକ—ପଞ୍ଜାବରୁ ।

ବନ—ମୋ ଠାକୁ କଅଁ ?

ଭଦ୍ର—(ହସିଲେ)ଅମର କାମ ସେଇଅ ଅଞ୍ଚ

ବନ—ମୁଁ ତ ଚୋର ବା ଜାଲ ଖୁଣ କରନାହିଁ କଉଁଠି ?

ଭଦ୍ର—ତା ନୁହେଁ—ଅମର ହଉଛ All India Department—Imperial service. ଏଟିକାର ପୁଲିସ

Digitized by srujanika@gmail.com

ସାଙ୍ଗରେ ଅମର ସମ୍ପର୍କ ସ୍ପଷ୍ଟ ନ ଥାଏ । ଅଭ୍ ଅମେ ବ ଛଦ୍ମ ବେଶରେ ଗୁରୁଅଛେ ବୁଲୁଥାଉଁ କାହାରିକୁ ପରିଚୟ ନ ଦେଇ । ଥାନାର ପୁଲିସ ବା ଏଠାକାର C. I. D. ଅମ ଗତିବିଧି ଜାଣିପାରେ ନା । ଅମେମାନେ ବଡ଼ ବଡ଼ ଗଭର୍ଣ୍ଣମେଣ୍ଟ ଅଫିସର, ପୁଲିସ ଅଫିସର । କଚେରୀ, ଥାନା ସବୁଅଡ଼ର ଖବର ରଖୁଁ—ସବୁଅଡ଼େ ସନ୍ଧାନ ନେଉଁ ଗୁପ୍ତ ଭାବରେ ।

ବନ - ଓଃ, ତାହାହେଲେ ମୋ ଠେଇଁ ଆପଣଙ୍କର କାମଟା କଣ କହନ୍ତୁ ।

ଭଦ୍ର—ରହନ୍ତୁ କହୁଚି । ଅମର ଡ଼ିଉଟିହେଲା ବଡ଼ ୨ ଡ଼କାଏତଙ୍କର ସନ୍ଧାନ ରଖିବା ଓ ଧରିବା—Interprovincial Gango—ବୁଝିଲେ ତ ?

ବନ—ହିଁ ବୁଝିଲି, କହନ୍ତୁ—

ଭଦ୍ର—ଅଭ୍ ସେମାନଙ୍କର ଶିକାରମାନଙ୍କୁ ରକ୍ଷା କରିବା । ଏ କାମ ସ୍ଥାନୀୟ ପୁଲିସର ସାଧ୍ୟ ନୁହେ । ବୁଝିଲେ ?

ବନ—ଅଜ୍ଞା –

ଭଦ୍ର—ମୁଁ ଗୋଟାଏ ଦଳର ବୋମ୍ବେଇ ଠାରୁ ପିଛା ଧରି ଧରି ହାଇଦ୍ରାବାଦର କିଛି ଠାବର ପାଇଲି । ତାଙ୍କର ଯେ Programme ତାହାର କପି ଗତକାଲି ମୋତେ ମିଳି ଗଲା । କିନ୍ତୁ ଅସଲ ଦଳକୁ ଧରିବା ସହଜ ନୁହେଁ । ଦୁଇ ଚାରି ଜଣଙ୍କୁ ଧରି ପକାଇଲେ ହୁଗୁଳି ଯିବେ । ତାଙ୍କର ଖୁବ୍ ଶକ୍ତ Organisation, ବୁଝିଲେ ? ସନ୍ଧାନଟା ପୂରାପୂରି ହୋଇଗଲେ ଏକା ଥରକେ ଧରିନେବୁଁ whole ଦଳକୁ । ଅମର ବ ଇମିତ କଟକଣା ଯେ ଏକ ମିନିଟ ଅଗରୁ କେହି ତାର ପତ୍ତା ପାଇବ ନାହିଁ । ମାତ୍ର ଏକା ମୁହୂର୍ତ୍ତରେ ଏଇ ପୁଲିସ arrest କରିବ ଗୋଟାଯାକ ଦଳକୁ ନାନା ସ୍ଥାନରେ - ସେ ପୁଣି ସିମଲା ଠାରୁ ସିଲୋନ ପର୍ଯ୍ୟନ୍ତ, କରାଚି ଠାରୁ କଲିକତା ପର୍ଯ୍ୟନ୍ତ ।

ବନ—ହିଁ, ଆପଣଙ୍କ କଥା ସବୁ ଜାଣିଲି । ଏକା ମୋ କଥାଟାତ କହିଲେ ନାହିଁ ।

ଭଦ୍ର—ସେଇଥି କହୁଚି ପରା, ମୂଳଟା ଖୋଲି ନ କହିଲେ ବୁଝିବେ କିମିତି ? ଏଇଯେ— ଏଇଯେ—ଆପଣ ଚମକିବେ ନାହିଁ— —କାରଣ ସେମାନେ ରାକ୍ଷସ, ସଇତାନ, ପିଶାଚ—ଚନ୍ଦ୍ରଁ ବଳ—କଣ ନକରି ପାରନ୍ତି ସେ—ଚୋରି, ଖୁଣ, ଗୁମ୍ ସବୁ ରକମ । ଦୟା ମାୟା ନାହିଁ ।

ବନ-- ମୋ କଥାଟା—

ଭଦ୍ର—ହିଁ-ହିଁ- ଆପଣଙ୍କ କଥାଟା, ସେମାନଙ୍କର ତ କହିଲି ଭାରତ ବର୍ଷ ତମାମ organisation ଅଛି, ଅଫିସ ଅଛି, ଗୋଇନ୍ଦା spy ଅଛନ୍ତି । ସବୁଠାର ଖବର special code ରେ ଟେଲିଗ୍ରାମ ଦେଉଛି । ହିଁ Wire-less ବ ଅଛି—radio ବୁଝିଲେଟି- Special Wave lengthରେ broadcast. ଭୀଷଣ, ଭୀଷଣ—

ବନ—ଅଚ୍ଛା—ଏବେ କହନ୍ତୁ ଭଲା ।

ଭଦ୍ର—ମାଫ କରିବେ । ସେମାନେ ତାଙ୍କର ଭାବି ଶିକାର ସବୁ (Victim) ଅଗରୁ ଠିକକରି ରଖି programme issue କରନ୍ତି । ତା ଭିତରେ ଅଛି ଆପଣଙ୍କର ନାମ । ଆପଣଙ୍କ ଘରର plan ପର୍ଯ୍ୟନ୍ତ— ଚାଟ ଘାଟ ସବୁ complete. ଏଇ ଦେଖନ୍ତୁ ।

ଏହାକହି ଖଣ୍ଡେ କାଗଜ ପକେଟରୁ କାଢ଼ି ଦେଖାଇଲେ । ସେଥିରେ ଗୋଟାଏ ନକସା ଅଙ୍କା ଅଛି ଓ ଲାଲ ନାଳ ଦାଗ ରହିଛି ସ୍ଥାନେ ସ୍ଥାନେ ।

ବନମାଳ ବାବୁ ଚମକି ପଡ଼ି କହିଲେ "କେବେ ମୋ ଉପରେ ହେବ ଛାପ କିଛି ସମୟ ଜଣା ପଡ଼ିଛି ?"

ଭଦ୍ର—ନାହିଁ, ସମୟଟା ଠିକ ଜଣା ପଡ଼ି ନାହିଁ । ତେବେ ମାସ ଭିତରେ, ହୁଏ ସେମାନେ ଏ ସହରକୁ ଅସି ଗଲେଣି ଜମା ଏଇ ଅସିଲେ ବୋଲି । ଆପଣ ବଳେ ଜାଣି ପାରିବେ ନାହିଁ କି ।

ବନ—କିମିତ ଜାଣିବ ?

ଭଦ୍ର—ଏ ଦଳର ଗୋଟାଏ peculiar method ଅଛି । ସେମାନେ ଯଉଁଠି ଡକାଏତ କରିବେ, ଅଗରୁ ସେଠିକି ନୋଟିସ ଦେବେ ।

ବନ—ଯେତେ ! ମୁଁ ତ ଗୋଟାଏ ସେଇ ପରିଥ ଚଠି ପାଇଚି ।

ଭଦ୍ର - ଅରେ ! ପାଇ ସାରିଲେଣି । ତେବେ calculationଟା ଠିକ । ଏକା ଏତେ ଶୀଘ୍ର ସେମାନେ ଅସି ଯିବେ ବୋଲି ମୁଁ ଅନୁମାନ କରି ନ ଥିଲି ।

ବନ—ତେବେ ସେମାନେ ଏ କାମ କରିବେ ?

ଭଦ୍ର—ସେଟା କଣ ଜଣାଇ ଦେବେ ଅଭ୍ ! ତେବେ ନୋଟିସରେ—ଏଇଟା ଠିକ । ଅଭ୍ କଉ ଉପାୟରେ କଉ ସମୟରେ, କଉଠି ସେ କଣ କରିବେ ତାହା କେହି ଅଗରୁ ବୁଝି ପାରିବ ନାହିଁ । ଭାରି କୌଶଳୀ । ଛେକକୁ ଛେକ ପୁଲିସକୁ ଚଟା କାଟୁଛନ୍ତି ।

ବନ—ମୋତେ କଣ କରିବାକୁ ହେବ ଏଇକ୍ଷଣି ? ଭଦ୍ରଲୋକ ଘଡ଼ିଏ ଗୁମ୍ମାରି ରହିଲେ—ତା ପରେ କହିଲେ "ତାଙ୍କର ଯେତେବେଳେ ନଜର ପଡ଼ିଲାଣି ଆପଣଙ୍କ ଉପରେ, ତାଙ୍କ listରେ ଉଠିଲେଣି ଆପଣ—ସେଥିରେ ଚପଟର chance ଯେ ଖୁବ ବେଶି ଏହା ବୁଝି ପାରୁଥିବେ, ଅବଶ୍ୟ ଆପଣ ସାବଧାନ ହେବେ ଏବଂ ଅମେ ବ ସଜାଗ ହେବୁଁ ।

ବନ—ରକ୍ଷାର ଉପାୟ କଣ କିଛି ନାହିଁ ?

ଭଦ୍ର—ଅମର ଚାକିରିତ ସେଇଥି ପାଇଁ । ସେ ରକ୍ତ ପିପାସୁ ଡକାୟତ ଦଳର ଫନ୍ଦାକୁ ଭ୍ରଷ୍ଟ କରିବା ଅମର କର୍ତ୍ତବ୍ୟ । ତେବେ ତା ସାଙ୍ଗରେ ଆପଣଙ୍କୁ ବ ସାବଧାନ କରି ଦେବା ଅମର ଉଚିତ ।

Digitized by srujanika@gmail.com

ବନ—ପୁଲିସରେ ଖବର ଦେଇ···

ଭଦ୍ର—ସେ କଥା କେବେ କରିବେ ନାହିଁ, ତା ହେଲେ ଅପଣଙ୍କର ତ ଲାଭ ନାହିଁ କିଛି ବରଂ ଅମର ହେବ କ୍ଷତି । କାରଣ ଅମେ ଯଉଁ ଜାଲ ବେଛୁଛୁଁ ତାଙ୍କୁ ସେ ଏଡ଼େଇ ଖସିଯିବେ । ଅପଣ ଗୋଟାଏ କାମ କରନ୍ତୁ କେତେବେଳେ କି କଥା—କେହି କହି ପାରେନା—ଅମ department ତ ଅପଣଙ୍କୁ ଜଗିଛି, ତେବେ ଅପଣ ବି ଅପଣଙ୍କର ଗୋଟାଏ Life Insurance କରି ପକାନ୍ତୁ । ତୋ ହାଲେ କୋ ଭବିଷ୍ୟତ । ଏହା ଗୋଟାଏ ବୁଝିହେବା protective measure ମୋର ଏତିକି advice—ଚିନ୍ତା ଛୁଇଁଥିତ ଅଛନ୍ତି—

ଏତିକି କହି ସେ ଉଠିଲେ । ନମସ୍କାର କରୁଁ କରୁଁ କହିଲେ "ମୋର ଅନେକ କାମ ବିଶେଷତଃ ଅପଣଙ୍କ ନୋଟିସ ପାଇବା କଥା ଶୁଣିଲା ବେଳୁ ମନଟା ସେଇଥିରେ ରହିଛି । Alert ରହିବାକୁ ହେବ ବୁଝିଲେ ଏଇକ୍ଷଣି ।" ଭଦ୍ରଲୋକ ଚାଲିଗଲେ ।

## ତିନି

ଏହାର ଦୁଇ ଦିନ ପରେ ଚାକର ଖଣ୍ଡେ କାର୍ଡ ନେଇ ଦେଲା । କାର୍ଡଟା ଦେଖି ବନମାଳୀ ବାବୁ ଟିକିଏ ହସିଲେ ଓ ଖଣ୍ଡେ slip ଲେଖି ଚାକର ହାତରେ ଦେଇ କାନରେ କଣ କହି ଦେଲେ । ସ୍ଲିପ ନେଇ ସେ ବାହାରି ଗଲା । ବାବୁ ବାହାରକୁ ଅସି ଦେଖିଲେ ଜଣେ ଯୁବକ ବସିଛନ୍ତି । ଯଥୋଚିତ ନମସ୍କାର ପରେ ବନମାଳି ବାବୁ କହିଲେ "ଅପଣ . ତେବେ କଲିକତା ବା ବମ୍ବେଇ କଉଠୁଁ ଅସୁଛନ୍ତି ?"

ଯୁବକ—ଅଜ୍ଞା ଅମର ହେଡ଼ ଅଫିସ ବମ୍ବେ—କଲିକତାରେ ବ୍ରାଞ୍ଚ । ଅଉ ମୁଁ ହେଉଛି The great Safety Valoc Assuarance companyର provincial organiser.

ବନ—ତା—ଏ ଅହୁଙ୍କୁ···ଅପଣ···

ଯୁବକ—ଯୁବକ ହସି କହିଲେ "ଏଇ, ଭଦ୍ରଲୋକର ଜାନ୍, ମାନ, ଧନ, ଜନ, ଏଇ ଗୁଡ଼ିକର ରକ୍ଷାକରିବା ଅମର business—ଅମଠୁଁ ଗୋଟାଏ Policy ନେଲେ ଯେଉଁଥି ପାଇଁ ନେଇ ଥିବେ ତାର safety ପାଇଁ ଅମେ ଦାୟୀ । ନ ପାରିଲେ କ୍ଷତି ପୂରଣ କରିବୁଁ ।

ବନ—ମୋର ବୟସ ତ ୬୦ରୁ ଉପର । ଏଥିରେ···

ଯୁବକ—ସେଟା ଅମ ହାତରେ—ତା'ପରେ accident, danger, ଏଇ ଯାହାକୁ ମଡ଼ର ପଡ଼ିବ କେତେବେଳେ କଣ—ଯଉଁ କାଲ ପଡ଼ିଛି—ବୁଝିଲେଟି !···

ବନ—ଏତ ଗଲା Life Insurance. ଅଉ କଣ ?

ଯୁବକ—ଅଉ ଅପଣଙ୍କ ଯାହା valuables ତା ବି insure ହୋଇ ପାରିବ । ଏଇଟା ଅମ କମ୍ପାନୀର speciality—ଅମର ତା ପାଇଁ ସ୍ୱତନ୍ତ୍ର ବନ୍ଦବସ୍ତ, big organisation ଅଛି—ଏକ୍କେବାରେ ନିରାପଦ ।

ବନ—ଓଃ, ବୁଝିଲି । ଅପଣ ଏସମୟରେ ଅସି ମୋର ବଡ଼ ଉପକାର କଲେ । ଶତ୨ ଧନ୍ୟବାଦ ।

ଯୁବକ—ଅଜ୍ଞା ସେଇଟାତ ଅମର duty—business—ଲୋକର ଉପକାର ଅଉ ଅମର ଦି'ପଇସା···ଏଇ କମିସନ—

ବନ—ତା ଠିକ୍, ତା ଠିକ୍—ସେଟା ନୋହିଲେ···

ଯୁବକ—ତେବେ ଅପଣ ଏଇକ୍ଷଣି ଯୋଡ଼ାଏ policy ନିଅନ୍ତୁ । Premium ବେଶି ନୁହେଁ । ମୋ ହାତରେ ସେଇଟା । ଅଉ ଅମ କମ୍ପାନୀର Capital ପଚିଶ କୋଟି । Reserve fund ଅଠର କୋଟି । investment···

ବନ—ଥାଉ୨ ମୁଁ ଜାଣିଛି ସବୁ । ଖୁବ ବଡ଼ କମ୍ପାନୀ ଏଟା ।

ଯୁବକ—ତା ଜାଣିଥିବେ । ଅପଣ ହେଉଛନ୍ତି···

ବନ—ହଁ, ଗୋଟାଏ କଥା ମହାଶୟ, ମୋର ଜଣେ ବନ୍ଧୁ ଅଛନ୍ତି, ତାଙ୍କ ସାଙ୍ଗରେ ଟିକିଏ ପରାମର୍ଶ ଦରକାର ଏ ବିଷୟରେ । ସେ ବୋଧହୁଏ ଏଇକ୍ଷଣି ଅସିବେ । ଅପଣ ଚା' ଖାଆନ୍ତି ତ ?

ଯୁବକ ଟିକିଏ ବ୍ୟସ୍ତ ହେଲେ । କହିଲେ "ମୁଁ ଚା' ଖାଇ ଅସିଛି । ଦରକାର ନାହିଁ । ଅପଣ ବୁଝିସୁଝି ଦେଖିବେ । ମୁଁ ଅଜ ··"

ବନ—ନାହିଁ ୨ ଟିକିଏ ବସନ୍ତୁ । ଏଡ଼େବଡ଼ ଦରକାର କଥାଟା । ଯାହାହେଉ ଗୋଟାଏ ବ୍ୟବସ୍ଥା···ଓଃ, ହେଇ ତ ଅଇଲେଣି ।

ଏତିକିବେଳେ ଜଣେ ଲମ୍ବା ଚଉଡ଼ା ଭଦ୍ରଲୋକ ପ୍ରବେଶ ହେଲେ ।

ବନବାବୁ କହିଲେ "ଏଇ ହେଉଛନ୍ତି ମୋର ବନ୍ଧୁ, ଯାହାଙ୍କ କଥା କହୁଥିଲି ।"

ବନ୍ଧୁଙ୍କ ଅଡ଼କୁ ଚାହିଁ କହିଲେ "ଏ ବାବୁ ଜଣେ ବଡ଼ ଇନ୍‌ସିଓର କମ୍ପାନୀର—କଣ ବାବୁ ?"

"Organiser"

"ହିଁ, organiser"

ଉଭୟେ ଉଭୟଙ୍କୁ ଅଭିବାଦନ କଲେ ।

ଅଗନ୍ତୁକ କହିଲେ "ମହାଶୟ ଅପଣଙ୍କ 'ବେକାର' ସମସ୍ୟା ପୂରଣର ବନ୍ଦବସ୍ତ କରିବା ପାଇଁ ମୁଁ ଅସିଛି । ଅପଣଙ୍କ ବନ୍ଧୁମାନେ ଅପଣଙ୍କୁ ଅପେକ୍ଷା କରୁଛନ୍ତି । ଏବେ ଚାଲନ୍ତୁ ।

ଅଗନ୍ତୁକଙ୍କର ସ୍ୱର ଓ କଥା ଶୁଣି ବଶୁ ଅବାଚକା ମାରିଗଲେ । ପରେ ଅପଣାକୁ କଷ୍ଟିତ ସମ୍ଭାଳି ନେଇ କହିଲେ "କଉଠିକି ଯିବାକୁ କହୁଛନ୍ତି ।

ଅଗନ୍ତୁକ ହସି କହିଲେ "ସେଇଯେ ଅମ କମ୍ପାନୀର ହେଡ଼ ଅଫିସ—ଯାହାକୁ ଅମେ କହୁଁ guest house—ଅଉ ଲୋକେ କହନ୍ତି lock up—

ବଶୁ କଣ କହିବାକୁ ଯାଉଥିଲେ କିନ୍ତୁ ପାଟିରୁ ଛେପ ଶୁଖି ଯାଇଥିବାରୁ ରାବ ଅଉ ଲେଉଟିବାକୁ ମଙ୍ଗିଲା ନାହିଁ ।

ଅଗନ୍ତୁକ ପୋଲିସ ଇନ୍‌ସପେକ୍ଟର ଏତିକିବେଳେ Whistle ବଜାଇଲେ । ଦୁଇ ଜଣ Uniform ଧାରୀ କନଷ୍ଟେବଲ ହାତ କଡ଼ି ସହ ପ୍ରବେଶ ହେଲାରୁ ଇନ୍‌ସପେକ୍ଟର ଅଙ୍ଗୁଳି ନିର୍ଦ୍ଦେଶ କରି ବଶୁଙ୍କୁ ଦେଖାଇ ଦେଇ କହିଲେ "କଡ଼ି ଲଗାଇବାର ଦରକାର ନାହିଁ—ଚେମିତି ।"

ବଶୁ ଓ ସିପାହି ଦ୍ୱୟ ବାହାରିଗଲା ବେଳକୁ ବନମାଳି ବାବୁ କହିଲେ "Organiser ବାବୁ କିଛି ମନେ କରିବେ ନାହିଁ କ୍ଷମା କରିବେ; ମୁଁ ଅଗରୁ ଯୁଆଙ୍କ କମ୍ପାନୀରେ ଇନ୍‌ସିଓର କରି ସାରିଥିଲି ।"

Digitized by srujanika@gmail.com



# କଳାକମ

## କଅଁଳ କଢ଼ୁହା

ଶ୍ରୀ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ।

ଆମ ପିଲା ଦିନେ ଆମେ ପଢ଼ି ଥିଲୁଁ ଜଣେ ମୁସଲମାନ ରଜା ଯେତେବେଳେ ଆଲେକଜାଣ୍ଡ୍ରିଆ ସହର ଦଖଲ କଲେ, ସେତେବେଳେ ସେ ଦେଖିଲେ ଯେ ସେଠି ଗୋଟାଏ ବଡ଼ ଲାଇବ୍ରେରି ବା ବହିଭଣ୍ଡାର ଅଛି। ସେ ବଡ଼ ପାଠୁଆ ଜନା। ଗୋଟାଏ ଥର ଘିନ ବସିଲେ। କହିଲେ "ଦେଖ, ଯାହା କୋରାନରେ ନାହିଁ, ସେ ଗୁଡ଼ାକ ପଢ଼ିବା ଓ ରଖିବା ପାପ। ଯାହା କୋରାନରେ ଅଛି, ତା ପାଇଁ ଅଉ ଅଲଗା ବହି ରଖିବା ମଧ୍ୟ ଖାଲି ଚକ୍ଷୁ କୁଟିବା। ଅତଏବ ଏ ସବୁ ବହିକୁ ପୋଡ଼ି ପକାଅ।" ଏବେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେହିପରି ଦଳେ କଳାପାହାଡ଼ଙ୍କର ଆବିର୍ଭାବ ହେଲାଣି। ସେମାନଙ୍କ ମତରେ ଯୁ ସାହିତ୍ୟରେ ସାମ୍ୟ-ବାଦ ପୁଣି ଲେନିନ-ଷ୍ଟାଲିନୀୟ ସାମ୍ୟବାଦର କଥା ନାହିଁ, ସେ ଗୁଡ଼ାକ ସାହିତ୍ୟ ନୁହେଁ; ସେ ଗୁଡ଼ାକ ରଖିବା ଦରକାର ନାହିଁ ଅଉ ସେ ତ.ର ଲେଖାର ଲେଖକମାନଙ୍କୁ ମଧ୍ୟ ମାରି ଦେଶରୁ ଘଉଡ଼େଇ ଦବା ଉଚିତ। କାରଣ ସେମାନେ ଗୋଲାମ। ଦେଶଟାଯାକ ଖାଲି ସାମ୍ୟବାଦ ମାଢରେ ଭସିଯାଉ। ଋଷିଅର ବା ଫରାସି ବିପ୍ଳବର ରକ୍ତଧାରକୁ ବହଲେଇ ରକ୍ତଧାର ଏ ଦେଶରେ ପଡ଼ିଅ-ମାନଙ୍କୁ ଉଠାଅ କରି ପକାଉ; କଳା ପାହାଡ଼ ହାତରେ କୋଣାର୍କ ଯାଇଚି, ଏ ଥରକ ଜଗନ୍ନାଥ ଓ ଭୁବନେଶ୍ୱର ମନ୍ଦିରକୁ ଭାଙ୍ଗି ମାଟିରେ ମିଶାଇ ତା ଜାଗାରେ ଗୋଲାମ ଓ ଧର୍ମୀ ଲୋକମାନଙ୍କ ପାଇଁ ବନ୍ଦୀଖାନା ତିଆରି ହଉ; ଗୋଟାଏ ଅଧ ଶ୍ୟାମ ପାଗଳଙ୍କ ଯଥେଚ୍ଛାଗ୍ରସ୍ତତା ପାଇଁ, ଦେଶର ଘରେ ଲେଖକଙ୍କର ସ୍ୱାଧୀନତା ଯାଉ—ଇତ୍ୟାଦି।

ଏ ବିଷୟରେ କିଛି କହିବାର ଅଧିକାର ମୋର ତ ନିଶ୍ଚୟ ନାହିଁ, କାରଣ ମୁଁ ଯେତେବେଳେ ଗତର ଖାଟି ପଇସା ରୋଜଗାର କରି ପେଟ ପୋଷୁଚି ସେତେବେଳେ ମୁଁ ଗୋଲାମ। ମୁଁ ବା ମୋ ଭଳି ହତଭାଗା ପାପିଗୁଡ଼ାକ ୪୦୦।୫୦୦ ରୋଜଗାର କରୁଚୁଁ। ସେଇଟା ଗୋଲାମିର ଲକ୍ଷଣ ଓ ଛାପ। ଆମେ ତ କହିପାରୁଁ ନାହିଁ; ଏ ଦେଶରେ ଯେ କାହାରି କିଛି ଏ ବିଷୟରେ କହିବାର ଅଧିକାର ଅଛି ମୁଁ ଦେଖି ପାରୁ ନାହିଁ। କାରଣ ଯେ କହିବ ସେ ମଧ୍ୟ ହବ ଗୋଲାମ। ସେ ଯଦି ଗୋଲାମ ନ ହୋଇ ଥାଏ, ତା ହେଲେ ତା ମନଟା ମଧ୍ୟ ଗୋଲାମ। ମନଟା ଯେ ଗୋଲାମ ନୁହେ ଏହା ପ୍ରମାଣ କରିବା ଯେତେବେଳେ ଅସମ୍ଭବ, ସେତେବେଳେ ଗୋଲାମିଟା ମାନିନେବା ଭଲ। ଏପରି ଅବସ୍ଥାରେ ମୋର ଦୁଃଖର କଥା କହିବାର କିଛି ଯତ ନାହିଁ ବୋଧହୁଏ। ବାଇଗଣ କାଟିଟାଏ ଲାଗି ଫାସି କାଠ, ମଣିଷ ମାରିବାକୁ ମଧ୍ୟ ଫାସି କାଠ। ଅତଏବ ପଛେଇବାର ଅଉ ଲାଭ କଣ?

ମୁଁ ସାମ୍ୟବାଦର ଭଲ ମନ୍ଦ, ରୂପ ଅରୂପ କହିବାକୁ ଯାଉନାହିଁ। କାରଣ ସେ ରାଜନୈତିକମାନଙ୍କ କାମ। ମୁଁ ରାଜନୈତିକ ନୁହେ। ମୁଁ ଖାଲି ଏତିକିମାତ୍ର ନିବେଦନ କରିବାକୁ ଚାହେଁ ଯେ ସାହିତ୍ୟ ଭିତରକୁ ରାଜନୀତି କାହିଁ? ସାମ୍ୟବାଦୀ କବି ସାମ୍ୟବାଦ କବିତା ଲେଖିବ; ରାଜତନ୍ତ୍ର ବାଦୀ ରାଜତନ୍ତ୍ର କବିତା ଲେଖିବ; ଲେଖକର ରୁଚି, ଶିକ୍ଷା, ଦୀକ୍ଷା ଅନୁସାରେ ତାର କବିତା ବା ଲେଖା ହବ। ଲେଖକର ରାଜନୈତିକ ରୀତି ନେଇ ଯେଉଁମାନେ ସାହିତ୍ୟ ପଢ଼ନ୍ତି ସେମାନେ ଲୁହୁଡ଼ା ପହିଁରା ଛଡ଼ା ଅଉ କିଛି କଲ ଭଲ ମୋଟେ ଦିଶୁ ନାହିଁ। ସାହିତ୍ୟକର ଲକ୍ଷ ସୌନ୍ଦର୍ଯ୍ୟ, ଶୋଭା। ଲେଖକର ରାଜନୀତି ଯାହା ଇଚ୍ଛା ତାହା ହେଉ—ତା ଲେଖାରେ ଯେବେ ସୌନ୍ଦର୍ଯ୍ୟ ଥାଏ, ତାହେଲେ ପଢ଼ାଳି ଓ ସମାଲୋଚକ ତାକୁ ପିଇ ଆମୋଦ ପାଇବେ, ପିଇବା ଉଚିତ ମଧ୍ୟ। ଲେଖକ ଯେବେ ସେତିକି କରିପାରେ, ତା ହେଲେ ସେ କୃତୀ ଲେଖକ, ସାବାସ୍-କବି ସେତକ ଯେବେ ନ ଥାଏ, ତା ହେଲେ ହଜାର ୨ ବଡ଼ ବଡ଼ କଥା ତୁମେ ଲେଖ, ଖୁବ ଚହଟ ଚମକ ଏକଦମ ତାଜା ଭାବ ଆଣି ତୁମ ସାହିତ୍ୟରେ ଅଜାଡ଼ି ଦିଅ, ସେ ସାହିତ୍ୟ ସାହିତ୍ୟର ଉପଯୋଗୀ ହବନାହିଁ। ସେ ସାହିତ୍ୟ ନୁହେ; ସାହିତ୍ୟ ପୋଷାକ ପିନ୍ଧି ଦର୍ଶନ, ରାଜନୀତି, ସାମାଜିକ ନୀତି ଅଉ କେତେ କଣ ହୋଇପାରେ।

କିନ୍ତୁ ଏ ସୌନ୍ଦର୍ଯ୍ୟ କଣ? କିମିତି କହିବି? ଏ ସୌନ୍ଦର୍ଯ୍ୟ କହି ବୁଝାଇବାର ନୁହେ; ବୁଝି ବୁଝିବାର। ଅନୁଭବ ବିନା ଏ ସୌନ୍ଦର୍ଯ୍ୟ କେହି ବୁଝିପାରେ ନାହିଁ; ଅଉ ବୁଝିଲେ କହି ହୁଏ ନାହିଁ। ସେ ଲାଗି ପାଣ୍ଡିତ୍ୟ ଦରକାର ନାହିଁ; ଶାସ୍ତ୍ର ଜ୍ଞାନ ନାହିଁ; ଉନ୍ନତ ରୁଚି, ସଭ୍ୟ ସଭ୍ୟତା କିଛି ଲୋଡ଼ା ନାହିଁ; ସେକ୍ସପିୟରଙ୍କ ଠାରୁ ଇଟ୍ସଙ୍କ ପର୍ଯ୍ୟନ୍ତ କାଳିଦାସଙ୍କ ଠାରୁ କାଳିନ୍ଦିଙ୍କ ପର୍ଯ୍ୟନ୍ତ—ଏ ସୌନ୍ଦର୍ଯ୍ୟ କେହି ଶିଖାଇ ପାରନ୍ତି ନାହିଁ। ସେମାନେ ଦେଖେଇ ପାରିଥାନ୍ତି, ପାରନ୍ତି ମଧ୍ୟ। କେଣ, ଏତିକି। ଏ ସୌନ୍ଦର୍ଯ୍ୟ ଗୁହିଆ ମେହେନ୍ତର ଠାରୁ ଲାଟ ସାହେବଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଅଛି। ଧାନ କ୍ଷେତରେ ପବନର ଢେଉ, ଫୁଲ ଗେଣ୍ଡୁରେ ଫୁଲର ସମ୍ଭାର, ନଦୀର ପାହାଡ଼ କଳା ପରଦା ପରେ ସୁନେଲି ସୂର୍ଯ୍ୟର ନୁଳୁକାଳି ଖେଳ—ଏ ସୁନ୍ଦର। ଏଥିରେ ସୌନ୍ଦର୍ଯ୍ୟ ଅଛି। ଅଉ ସେ ସୌନ୍ଦର୍ଯ୍ୟ ସମସ୍ତେ ପାନ୍ତି। ଛୋଟଶ୍ରେ ପିଲାଟି

Digitized by srujanika@gmail.com

ଅକୁଳ କାନ୍ଦଣାରେ ଡଂସେଇ ଅଖିରେ ମଧ୍ୟ ପାଣି ଆସେ । ଛୋଟ ପିଲାର ଦରୋଟି କଥା ଶୁଖିଲା କାଠ ଦେହରେ ମଧ୍ୟ ଛତୁ ଫୁଟାଇ ଦିଏ । ଏ ସୁନ୍ଦର । ଏ ସୌନ୍ଦର୍ଯ୍ୟ ସମସ୍ତେ ବୁଝିପାରନ୍ତି । ଡିକେନ୍ସଙ୍କ ଜରଅ-ହୁପ୍, ସେକ୍ସପିଅରଙ୍କ କାଲିବାନ, ବାଲ୍ମୀକଙ୍କ ରାବଣ,—ଏ ସମସ୍ତେ ସୁନ୍ଦର । ଘୁଡଫଟା ଜାଡରେ ସୌନ୍ଦର୍ଯ୍ୟ, ପଞ୍ଜରଭଙ୍ଗା ହସରେ ମଧ୍ୟ ସେହି ସୌନ୍ଦର୍ଯ୍ୟ । ଏ ସୌନ୍ଦର୍ଯ୍ୟରେ ମନ, ବୁଦ୍ଧି, ରୁଚି ଜାହାର କଷ୍ଟ ନାହିଁ । ମୋ ମନକୁ ଯେ ପାଇଲା, ମୋ ବୁଦ୍ଧିକୁ ଯେ ଅସିଲା, ମୋ ରୁଚିକୁ ଯେ ଲାଗିଲା— ସେ ମତେ ଆମୋଦ ଦେଇପାରେ । ସେ ଆମୋଦରେ ଭାସିଯାଇ ମୁଁ ତାକୁ ସୁନ୍ଦର ବୋଲି କଳ୍ପନା କରିପାରେଁ । କିନ୍ତୁ ସେ ସୌନ୍ଦର୍ଯ୍ୟ ନୁହେଁ । ବେଶ୍ୟାର ମଜାଦିଆ ରୂପରେ ଯେ ସୌନ୍ଦର୍ଯ୍ୟ ଥାଏ—ଏ ସେଇ ସୌନ୍ଦର୍ଯ୍ୟ । ଭାଙ୍ଗ ଗିଲାସଙ୍କରେ ଯେ ଆମୋଦ ଥାଏ—ଏହା ସେଇ ଆମୋଦ । ଉନ୍ମାଦ ଛାଡ଼ିଯିବ; ବେଶ୍ୟାର ପ୍ରକୃତ ଶୁଖିଲା ନୀରସ ମୁହଁଟା, ତାଠାରୁ ବଳି ତାର ଶୁଖିଲା ନୀରସ ମନଟା ମୁଁ ବୁଝିପାରିବି । ନିଶା ଭାଙ୍ଗିଯିବ, ଆମୋଦ ଚାଲିଯିବ: ତା ସ୍ଥାନରେ ଆସିବ ଅବସାଦ, ହାଡ଼ଭଙ୍ଗା, ମୁଣ୍ଡଫଟା, ଅଳସୁଆମି । ଏ ସତ୍ୟ ସୌନ୍ଦର୍ଯ୍ୟ ନୁହେ, ବିଭ୍ରମ ସୌନ୍ଦର୍ଯ୍ୟ; ଏ ଶ୍ରୀକୃଷ୍ଣଙ୍କର ମୋହନ ରୂପ ନୁହେ ମାୟାଦେବୀଙ୍କର ଠକାମିଖେଳ ।

ପ୍ରକୃତ ସୌନ୍ଦର୍ଯ୍ୟର ମୋହ ତୁଟେ ନାହିଁ ଯେତେ ଏ ଭାଙ୍ଗ ପିଇଲେ ମଧ୍ୟ; ଏଥିରେ ଅବସାଦ ନାହିଁ । କିଟସ୍ କହିଥିଲେ "Truth is beauty; beauty is truth" । ଯାହା ସତ ତାହା ସୁନ୍ଦର; ପୁଣି ଯାହା ସୁନ୍ଦର ତାହା ସତ । ଏ ସତ ସ୍ୱର୍ଗ ଉର୍ବଶୀର ସତ୍ୟ ନୁହେ; ଉତ୍କଳର ମାୟା ଜାଲ ଭୁଟୁଙ୍କ ସତ୍ୟ ନୁହେ । ଏ ସତ୍ୟ ଚିର-ଜାଗ୍ରତ, ବିଶ୍ୱସୃଷ୍ଟିର ସତ୍ୟ । ମଣିଷ ଜୀବନ ଥିବା ଯେପରି ସତ୍ୟ, ଏ ଖଣ୍ଡବ୍ରହ୍ମାଣ୍ଡ ଥିବା ଯେପରି ସତ୍ୟ, ଦରିଦ୍ର ଉପରେ ଧନୀର, ଦୁର୍ବଳ ଉପରେ ସବଳର ଅତ୍ୟାଚାର ଯେପରି ସତ୍ୟ, ମା'ର ପିଲା ପ୍ରତି ସ୍ନେହ ଯେପରି ସତ୍ୟ, ଶତ୍ରୁର ଶତ୍ରୁ ପ୍ରତି ଘୃଣା ଯେପରି ସତ୍ୟ—ଏ ସେହିପରି ଚିରନ୍ତନ, ସନାତନ ।

ଜାତୀୟ ସାହିତ୍ୟର କାମ ହେଲା ଏଇ ସତ୍ୟକୁ ଏଇ ସୌନ୍ଦର୍ଯ୍ୟକୁ ଅନୁଭବକରି, ଅଙ୍ଗେ ନିଭେଇ, କଥାରେ କହିବା । ଓଡ଼ିଶାରେ ଏ ସୌନ୍ଦର୍ଯ୍ୟର ଅଭାବ ନାହିଁ । ବଙ୍ଗଳାର ଶାନ୍ତମୟୀ ଅଭୟ ବରଦା ଶ୍ରୀଦୁର୍ଗାମୂର୍ତ୍ତିଙ୍କ ପାଖରେ ଓଡ଼ିଶାର ଏଇ ଅସ୍ଥିକଙ୍କାଳ ମାଳା ବିମଳାମୂର୍ତ୍ତି, ହିନ୍ଦୁସ୍ଥାନର ସ୍ଥିର ଗମ୍ଭୀର ଉଦାର ଚତୁର୍ମୁଖ ବ୍ରହ୍ମାଙ୍କ ପାଖରେ, ଉତ୍କଳର ଏଇ ଫମ୍ପା-କାଷ୍ଠ ଭୈରବମୂର୍ତ୍ତି, ଅସୁନ୍ଦର ଦିଶିପାରେ; କିନ୍ତୁ ଅସୁନ୍ଦର ନୁହେ । ଏ ହେଇପାରେ ମଶାଣିର ସୌନ୍ଦର୍ଯ୍ୟ, ମରୁଭୂମିର ମନୋହାରିତା— କିନ୍ତୁ ଏ ସତ୍ୟ ସୌନ୍ଦର୍ଯ୍ୟ; ଏ ସତ୍ୟ ମନୋହାରିତା । ଏ ସୌନ୍ଦର୍ଯ୍ୟ ବଙ୍ଗଳାର ବା ହିନ୍ଦୁସ୍ଥାନର ସୌନ୍ଦର୍ଯ୍ୟ ଅପେକ୍ଷା କୌଣସି ମତେ ନ୍ୟୁନ ନୁହେ । ଓଡ଼ିଶାର ପ୍ରତି ପଲ୍ଲିରେ ମା ପିଲାକୁ ଖୁଆଇ ନିଜେ ନ ଖାଇ ମରୁଚି, ଗର୍ଭିଣୀ ସ୍ତ୍ରୀ ସ୍ୱାମୀର ଜୀବନ ଇଂସେଇ ହାତରୁ ରକ୍ଷିବ ବୋଲି, ନିଜର ଗୁପ୍ତ ପେଟ ଇଂସେଇର ହାତରେ ଟେକି ଦେଉଚି, ଓଡ଼ିଆ କୁଲି ନିଜର ନୂଆ ଯୁବତୀ ସ୍ତ୍ରୀ ମୁହଁରେ ହସ ଟିକିଏ ଦେଖିବ ବୋଲି ସାରା ବରଷଟା ପର ଦୁଆରେ ଜୋତା ମାଡ଼ ଖାଇ ଖଣ୍ଡିଏ ଶାଢ଼ୀ, ଗୋଟିଏ କାନଫୁଲ, ବୋତଲେ ତେଲ କିଣି ଧାଇଁଛି, ଅତ୍ୟା-ଚାରୀ ଜମିଦାରକୁ ଦାନ ଦିଆହେବେ ମାର ତାର ରକ୍ତରେ ଶତାଧିନ ତାର ଅନ୍ତ ଭୁଜଙ୍ଗା କାନ୍ଧରେ ପକାଇ ଓଡ଼ିଶା ପ୍ରଜା ଦାଣ୍ଡ ମଝିରେ ତାଣ୍ଡବ ନୃତ୍ୟ କରୁଚି, ସ୍ତ୍ରୀ ମନଇଚ୍ଛା ପ୍ରେମିକର ମୋହରେ ପଡ଼ି ବିବାହିତ ସ୍ୱାମୀର ନିଦ ଭାଉଁଳ ବେଳରେ କଣ୍ଠର ଚପେଇ ଦଉଚି । ଏ ଦେଶର ହାଡ଼କଙ୍କାଳ ଚମ ଧୁଡ଼ୁଧୁଡ଼ୁ ଦୁଧଶୋଷା ପିଲାର ଦରୋଟି କଥା କହି ମା'ର ଶୁଖିଲା ମୁହଁରେ ଟିକିଏ ହସ ଆଣିପାରୁଚି ।

ଓଡ଼ିଶାରେ ସୌନ୍ଦର୍ଯ୍ୟର ଅଭାବ ନାହିଁ । ଓଡ଼ିଶା କବି ହାତରେ ଓ ମନରେ କବି-ଭାବ ଜୋର ମଧ୍ୟ ଅଛି ବହୁତ । କିନ୍ତୁ ଓଡ଼ିଶା କବି, ସାହିତ୍ୟିକ, ପର ସନ୍ଦର୍ଭର ଝଲକରେ ଆଖି ଝପସା କରି ବସିଚି ସେଇ ପର ସନ୍ଦର୍ଭ ଧ୍ୟାନରେ । ଓଡ଼ିଆ ସାହିତ୍ୟିକ ଯେବେ ଅପଣା-ପାସୋରି ଏଇ ପର-ସେବା ଭୁଲି ପାରନ୍ତା, ସେ ଯେବେ ଟିକିଏ ନିଜ ଜାତିକୁ ଅଖି ପକାନ୍ତା, ତା'ହେଲେ ତା' ମନରେ ଏ ସୌନ୍ଦର୍ଯ୍ୟର ଝଲସ ବାଜନ୍ତା । ସେ ଲେଖନ୍ତା ପରପାଇଁ ନୁହେଁ; ନିଜ-ପାଇଁ ଲେଖନ୍ତା । ନିଜେ ଏଇ ସୌନ୍ଦର୍ଯ୍ୟରେ ବିଭୋର ହୋଇ ଦେଶଟାକୁ ମଧ୍ୟ ବିଭୋର କରନ୍ତା ।

ମାଟି କାଦୁଅର ଏ ଓଡ଼ିଆ ପ୍ରାଣରେ ଏ ସୌନ୍ଦର୍ଯ୍ୟ ବୁଝିବାର ଶକ୍ତି ଅଛି । କିନ୍ତୁ ଅନେକ ଦିନ ହେଲା ସେ ସେ ସୌନ୍ଦର୍ଯ୍ୟ ଦେଖିବାକୁ ପାଇ ନାହିଁ ବୋଲି, ତାର ସୁଆଦ ଭୁଲି ଗଲାଣି । ଓଡ଼ିଶାରେ ଯେଉଁ-ମାନେ ମୁହଁରେ ଏଇ ମାଟି କାଦୁଅ ମଣିଷଙ୍କ ପାଇଁ କାନ୍ଦୁଛନ୍ତି ବୋଲି କହନ୍ତି ସେଇମାନେ ତାଙ୍କୁ ପଦେ କଥା ବୁଝାଇ କହିବା ଶିଖି ନାହାନ୍ତି ।

ଏ ଜାତି ଭିତରେ ସାମ୍ୟବାଦର ସୁଅ ବୁହାଇବାକୁ ପଡ଼ିବ; କିନ୍ତୁ ସାମ୍ୟବାଦର ସେ ସନ୍ଦେଶ ଆମେ ଲେଖିବୁଁ ଓ କହିବୁଁ ଏପରି ଏକ ଭାଷାରେ ଯାହା ଏ ଜାତି ବୁଝିବ ନାହିଁ । ଆମର ଓ ଦରକାର ? କିଏ ଏତେ ଶ୍ରମ କରି ଗାଉଁଲି ଭାଷା ଶିଖେ ? ଆମେ ସାହିତ୍ୟରେ ଲେଖୁଚୁଁ,

(୧୧ ପୃଷ୍ଠା ପ୍ରଥମ ସ୍ତମ୍ଭର ଶେଷ)

Digitized by srujanika@gmail.com

# ଓଡ଼ିଶାରେ ସଙ୍ଗୀତ ଶିକ୍ଷା

ଶ୍ରୀ କୃଷ୍ଣପ୍ରସାଦ ବସୁ (ପୂର୍ବାନୁବୃତ୍ତି)

କେବଳ ଛାତ୍ର ଶ୍ରେଣୀଙ୍କର ଦୋଷ ଧରିଲେ ଚଳିବ କିପରି ? ମାଷ୍ଟର ଶ୍ରେଣୀ ମଧ୍ୟ ନାନା ଭାବରେ ଦୁଷ୍ଟ । ଓସ୍ତାଦମାନେ ପ୍ରାୟ ମଫସ୍ୱଲରେ ୧୫ । ୨୦ ଟଙ୍କା ଲେଖାଏଁ ନିଅନ୍ତି… ଦୁଇ ତିନି ବର୍ଷ ରହିଲେ ମଧ୍ୟ ଉପଯୁକ୍ତ ଛାତ୍ର ତିଆରି କରୁଥିବାର ଦେଖା ଯାଉନାହିଁ— ପ୍ରଥମତଃ ଅଧିକାଂଶ ଓସ୍ତାଦଙ୍କୁ ପ୍ରଣାଳୀ ଜଣା ନ ଥାଏ… ଯେଉଁମାନଙ୍କ ଜଣା ଅଛି ତାଙ୍କ ମଧ୍ୟ ଦହି ଲଗେଇ ଶକ୍ତ ଶିକ୍ଷା ଦେବାକୁ ଅଧ୍ୟବସାୟ ନାହିଁ । ଛାତ୍ରମାନେ କିପରି କଥିକରୁ ଅଧିକ ଆଗ୍ରହାନ୍ୱିତ ହୋଇ ଶିକ୍ଷା କରିବେ ତାହାଁର ଉପାୟ ହେଲେ ଜାଣନ୍ତି ନାହିଁ… କେବଳ ମାତ୍ର ଛାଟ ଧମକ ଚମକ ଦେଇ କାର୍ଯ୍ୟ ସମାଧା କରିବାରେ ଉଦ୍ୟୋଗୀ… ଏଣେ ପ୍ରକୃତରେ ଛାତ୍ର ସ୍ୱାଧୀନ ସ୍ୱତନ୍ତ୍ର ଭାବରେ ମାର୍ଗ ସଙ୍ଗୀତର ଚଉପଦ (ଅସ୍ଥାୟୀ ଅନ୍ତରା ଭୋଗ ସଞ୍ଚାରୀ ଥିବା ଗୀତମାନ) ଗାଇବାକୁ କିପରି ସକ୍ଷମ ହେବେ ତେଣିକି ଦୃଷ୍ଟି ଦିଅଗଲା ନାହିଁ… କୌଣସିମତେ ନାଟକର ନିର୍ଦ୍ଦିଷ୍ଟ ଅଠ ଦଶ ଖଣ୍ଡି ସରଳ ଓ ଏକସ୍ୱର ଗୀତ ଗାଇଦେଲେ ମାଷ୍ଟରଙ୍କର ଦରମାର ଦାୟିଦାୟୀ ବଞ୍ଚାଯାଏ… ପିଲାଏ ହାହୁ… ବାପ ମା'ମାନେ କିଛି ଜାଣନ୍ତି ନାହିଁ, ପାଦ୍ୱ ପଢ଼ୁଥାଏ କିଛି ବୁଝନ୍ତି ନାହିଁ, ପିଲାଏ କଣ୍ଠି ଉଦଗ୍ର ହୋଇ ବୁଲୁଥାନ୍ତି… ନହେଲା ଯାଅନ୍ତୁ, ଗୋଟାଏ ଶାସନବନ୍ଧନ ମଧ୍ୟରେ କିଛି ଦିନ ପଡ଼ି ଥାନ୍ତୁ ଏହି ଭାବରେ ଅଧିକାଂଶ ଗ୍ରାମ୍ୟ ଯାତ୍ରାଦଳମାନଙ୍କରେ କାର୍ଯ୍ୟ ଚାଲିଛି— ଯଦି ବା କେହି ଓସ୍ତାଦ ବା ମାଷ୍ଟରଙ୍କୁ ଏ କାରଣରେ ଅମ ପିଲାଏ ଶିକ୍ଷିତ ନୋହିଲେ, ଗାଇ ବଜେଇ ନ ପାରିଲେ ପଛରେ ଓସ୍ତାଦେ ଗଣ୍ଠିଲି ପୁଟୁଳି ଯେନ୍ ବଦାୟ… ପ୍ରଶ୍ନ କଲେ, ଏ ଯାଗାଟା ବଡ଼ ବଦମାସ୍, କାରଣ ଏକୁ ଠିକ ଯିବା ବଡ଼ କଠିନ । କିନ୍ତୁ ପଲ୍ଲି-ବାସୀମାନେ ଓସ୍ତାଦମାନଙ୍କୁ ଯେତେ ଶ୍ରଦ୍ଧା ଆଦର କରନ୍ତି, ତେତେ ଶ୍ରଦ୍ଧା ଆଦର ଯଦି ଅନ୍ୟ କେହି ପାନ୍ତି କି ନାହିଁ… କିନ୍ତୁ ଅଧିକାଂଶ ସ୍ଥଳରେ ଓସ୍ତାଦମାନେ ଏ ନିରୀହ କୃଷକ ଶ୍ରେଣୀଙ୍କୁ ଏତେ ଠକନ୍ତି ଯେ ଭାବିଲେ ହୃଦ କମ୍ପିଯାଏ… ଦରମାକୁ ଦରମା ନିଅନ୍ତି କିନ୍ତୁ ସେମାନଙ୍କର ପିଲାଙ୍କୁ କିଛି ଶିଖାନ୍ତି ନାହିଁ । ଅଜି କାଲି ପନ୍ଦର ଟଙ୍କାକୁ ପଚେ ପଚଣ ମେଟ୍ରିକୁଲେସନ୍ ପାସ କରିଥିବା ପିଲା ମିଳିବେ କିନ୍ତୁ ପନ୍ଦର ଟଙ୍କାକୁ ଜଣେ ଭଲ ଓସ୍ତାଦ ମିଳିବା କଠିନ… କିନ୍ତୁ ଏହି ପଲ୍ଲୀ ଯାତ୍ରାଦଳର ଓସ୍ତାଦମାନେ କି କାରଣେ ନିଜର କର୍ତ୍ତବ୍ୟ ନିଜର ଜୀବିକା ବୃତ୍ତି ଉପରେ ଦ୍ୟାଜ୍ୟ ଦୃଷ୍ଟି ଦିଅନ୍ତି ନାହିଁ ବୁଝି ପାରୁନାହିଁ । ଅଜ୍ଞ ଗୋଟିଏ କୌତୁକର କଥା… ହସିବେ ବା କାନ୍ଦିବେ ଭାବନ୍ତୁ… ଅମେ ଜାଣୁଁ ଦୁଇ ବ୍ରଦେଷ୍ଟ ଗରିବ ଛାତ୍ର… ସେମାନେ ଗରିବ ବୋଲି ସେମାନଙ୍କ ପାଇଁ ମଫସ୍ୱଲର ଅବସ୍ଥାପନ୍ନ ଲୋକଙ୍କୁ ଧରାଧରି କରି ଖଣ୍ଡେ ଖଣ୍ଡେ ଟ ୧୫୯ କିଅ ଓସ୍ତାଦ ଯୋଗ କରାଇ ଦେଲୁଁ… ଏହି ଛାତ୍ରମାନେ ଅମ ଅଗ୍ନି ଉପରେ ଥିଲାବେଳେ ଭୂମରେ ଶିଖୁଥିଲେ କିନ୍ତୁ ଓସ୍ତାଦ ହୋଇ ସେ ଗାଁରେ ପହଞ୍ଚିଲା କ୍ଷଣି… ପ୍ରଥମେ ବଢ଼ିଗଲା ମୁଦ୍ରାର ପରିମାଣ… ସୌଖିନର ପରିମାଣ… ମଥାରେ ଥିବା କେଶର ପରିମାଣ… ଗୁରୁ ମାସ ପରେ ଦେଖିଲୁ ବେଳକୁ ଖାଣ୍ଟିଅସ୍ୱାନ୍ଦ୍ରୁ ଚୌଧୁରୀଙ୍କର ପ୍ରତିମୂର୍ତ୍ତି… ଲମ୍ବିଗଲା ଚାଲିଟା… ଛନ୍ତିଗଲା ନାଶ ତୁଣ୍ଡପଥର ଦୁଇ ପ୍ରାନ୍ତ ଭାଗ… ବଡ଼ ଅଶାନ୍ୱିତ ହୋଇ ଗୀତ ଶୁଣିବାକୁ ଗଲୁଁ— କଣ୍ଠର ସ୍ୱରକୁ ଶୁଣି ସେଠାରେହି ଚମକି ଗଲୁ… ଗୀତ ଗାଇବାର ଭଙ୍ଗି ଠାରୁ ଦେଖିଲୁଁ ତାଙ୍କର ମୁଖର ଭଙ୍ଗି ଅନେକ ବଢ଼ି ଯାଇଛି… ସ୍ୱର ତାଳର ବନ୍ଧନ ମଧ୍ୟରେ ରହିବାକୁ ଏକାନ୍ତ କୁଣ୍ଠିତ… ସ୍ୱାଧୀନତାର ପରିକଳ୍ପନା କରୁଁ କରୁଁ ହେତ୍ୱାସ୍ୱର ମଧ୍ୟରେ ସ୍ୱତନ୍ତ୍ର ଜୀବ ହୋଇ ଫେରିଛନ୍ତି… ଯିବାବେଳେ ଅମ୍ଭେମାନେ ବାରମ୍ବାର ତାଙ୍କିଦ୍ କରି ଦେଇଥିଲୁଁ ଯେ ୧୫। ୨୦ଟ ପିଲାଙ୍କୁ ନାଚ କସରତ ଦେଇ ନାଟକ ପ୍ରତ୍ୟହ ଭିନ୍ନ ଖଣ୍ଡିଜଙ୍କର ବହି ଧରି ନିଜର ଶିକ୍ଷାରେ ମାତି ଯିବେ… କହିବା ବାହୁଲ୍ୟ ଯେ ଏ ଛାତ୍ରମାନେ ସେଠାରେ ଆଶାନୁରୂପ କିଛି ଶିକ୍ଷା ଦେଇ ନାହାନ୍ତି… ମାସକୁ ଟ୧୫ଙ୍କା ଦରମା ନେଇ ଭଦ୍ରଲୋକଙ୍କର ତିନି ବର୍ଷ ଅନ୍ନ ଶ୍ରାଦ୍ଧ କରି ନିଜାଭିଷ୍ଟାର, ଦକ୍ଷୀ ଲକ୍ଷ୍ୟୋରବ ନାନା ଶୁଣିଲା ଗଳ୍ପ ଶୁଣାଇ ସେମାନଙ୍କୁ ବହୁ ପରିମାଣରେ ସଭ୍ୟତାର ଅଲୋକ ପ୍ରଦାନ କରିବାରେ ଅବହେଳା କରି ନାହାନ୍ତି କିନ୍ତୁ ଅସଲ କାର୍ଯ୍ୟରେ କିଛି ହୋଇ ନାହିଁ… ଏହି ପ୍ରକାର ଓସ୍ତାଦମାନଙ୍କ ଶିଥିଳ ନିଷ୍ଠା କଳାପ ମଧ୍ୟ ଲୋକମାନଙ୍କର ଉଦାସୀନତା ଜନିତ ଉଣା ଦାୟୀ ନୁହେଁ— ଗ୍ରାମ୍ୟ ଯାତ୍ରା ଦଳର ଓସ୍ତାଦମାନଙ୍କର ଛାତ୍ରମାନଙ୍କର, ଗୀତ ବାଦ୍ୟର ଯୋଗ୍ୟତା କେତେ ବଢ଼ିଲା ତାହାର ଉପଯୁକ୍ତ ହିସାବ ଦେବାକୁ ହେବ… ସଙ୍ଗୀତରେ ଦକ୍ଷ ନ କରାଇ କେବଳ ରଜା, ମନ୍ତ୍ରୀ, ରାଣୀ, ଦୁଆରୀ ଏ ଗୁଡ଼ିକରେ ଦକ୍ଷ କରାଇଲେ ତାହା ଗ୍ରହଣୀୟ ହେବା ଉଚିତ ନୁହେଁ…

(କ୍ରମଶଃ)

---

ସାହିତ୍ୟିକ ଭାଷାରେ; କିଏ କେବେ ଶୁଣିଛି ଏ ଗାଁର ମାଲ ମୁଣ୍ଡିଆ ଅନେକଶତ ଲକ୍ଷ ଲୋକଙ୍କ ଭାଷାରେ ସାହିତ୍ୟ ଲେଖିବା ? ଅମେ ଯାହା କହୁଚୁଁ ତା' ବେଦର ଗାର; ଏ ଅନେକଶତ ଲକ୍ଷ ଅମ ଭାବ ପାଉଥିବାକୁ ଅସି ଅମ କଥା ବୁଝନ୍ତୁ, ନହେଲେ ମେଣ୍ଢା ପଲ ପରି ଆମେ ଯୁଆଡ଼େ ଅଙ୍ଗୁଠି ଦେଖାଉଚୁଁ, ସେଇଆଡ଼େ ବିନା କଥାରେ ମାଡି ଚାଲନ୍ତୁ । ଖାଲରେ ପଡ଼ି ହାଡ଼ ଗୋଡ ଭାଙ୍ଗିଲେ ତାଙ୍କର ଦୋଷ । ଯଦି ସେମାନେ ଭୁଲ ଭାବନାରେ ନନ୍ଦନ କାନନରେ ପଶିଗଲେ, ତା' ହେଲେ ସେ ଅମର ବାହାଦୁରି ।

Digitized by srujanika@gmail.com

# ପ୍ରହରାଜଙ୍କ କୋଷନିଷ୍ଠ କଲମରୁ

'ହଗର'ର ସମ୍ପାଦକ ମହାଶୟ,

ଭକ୍ତ ମହାପ୍ରଭୁଙ୍କୁ ଡାକୁଛନ୍ତି "ଅରସିକେଷୁ ରସସ୍ୟ ନିବେଦନଂ ଶିରସି ମା ଲିଖ ମା ଲିଖ ମା ଲିଖ" ଅର୍ଥାତ ହେ ପ୍ରଭୁ ! ସବୁ ଦୁଃଖ ସବୁ ଦଣ୍ଡ ଦିଅ, କିନ୍ତୁ ଅରସିକ ଠାରେ ରସ ନିବେଦନ କରିବା ମୋ ଭାଗ୍ୟରେ ନଦିଅ । ଅଦ୍ୟାବଧି ସୁରସିକତା ( art & humor ) ପ୍ରସଙ୍ଗ ଚର୍ଚ୍ଚା କରିବାକୁ ଉତ୍କଳରେ କୌଣସି କାଗଜ ନ ଥିଲା । ଆପଣ ସେ ଅଭାବ ପୂରଣ କରିବାକୁ ଅଣ୍ଟା ଭିଡ଼ିଛନ୍ତି; ଭଲ କଥା । ଆପଣଙ୍କ ପତ୍ରିକାରେ ରସିକମାନେ ଲେଖିବେ, ତାକୁ ରସିକମାନେ ପଢ଼ିବେ ଓ ବୁଝିବେ, ତେବେ ସିନା ଆପଣଙ୍କ ଆପଣଙ୍କ ମନର ଓଜମାନା ମେଣ୍ଟିବ । ଏଥିପାଇଁ ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ଆପଣ ରସିକ ଓ ଅରସିକମାନଙ୍କର ଗୋଟିଏ ସେନ୍ସସ୍ କରନ୍ତୁ । ତାହାହେଲେ ଅରସିକ-ମାନଙ୍କଠାରେ ରସ ନିବେଦନ ଦୁଃଖରୁ ଆପଣ ରକ୍ଷା ପାଇବେ । କିନ୍ତୁ ଏଥିକରେ ପ୍ରାଲୁଣ୍ଠି ସହଜ ନାହିଁ । ରସିକଙ୍କ ମଧ୍ୟରେ କେତେ କୁସମର, କେତେ ଗୁଣ୍ଠର, କେତେ ଚୁଟର, କେତେ ସତ୍ତ୍ୱର ରହିଛ ଅଛନ୍ତି ସେମାନଙ୍କର ମଧ୍ୟ ଜାତି ବିଭାଗ, କର୍ମ ବିଭାଗ, ମଜଲି ବିଭାଗ, ରୁଚି ବିଭାଗ, କରିବାକୁ ପଡ଼ିବ । ତାହାହେଲେ ଆପଣଙ୍କ କାଗଜର କାଟତି ସଙ୍ଗେ ସଙ୍ଗେ ଆପଣଙ୍କ ମନ ବୋଧ ହେବ । ମୁଁ କେବଳ ଦିଗ୍ ଦର୍ଶନ କଲି । ଆପଣ କାହାକି ଚଳାନ୍ତୁ । ରସିକଙ୍କ ମଧ୍ୟରେ ମୂଳରସିକ, ବଦରସିକ ହିଣ୍ଡା ରସିକ, ନାଗରୀ ରସିକ, ବଡ଼ୁଆ ରସିକ, ନୋଳ ରସିକ, ପାଗଳ ଗାମୁଛା ରସିକ, ପାଗ୍ରା ରସିକ, ଗୋବର ଗଡ଼େଇ ରସିକ, ନାଠ ରସିକ, ନାଠୁଆ ପିଲା ରସିକ, କାଳ ରସିକ, ଏହିପରି କେତେ ରସିକ ଅବଶ୍ୟ ଅଛନ୍ତି । ଅଜ କାଲି ରାଜନୀତିକ କାନୁନ ଅନୁସାରେ "The greatest good to the greatest number' ସଂଖ୍ୟାଧିକଙ୍କ ମଙ୍ଗଳ ହିଁ ସମସ୍ତଙ୍କର ଅନୁସରଣୀୟ । ଅତଏ ସେନ୍ସସ୍ ନେଇ ସାରି ଯେଉଁ ଶ୍ରେଣୀର ରସିକଙ୍କ ସଂଖ୍ୟା ଅଧିକ ଥିବା ଦେଖିବେ ତାଙ୍କ ପାଇଁ 'ଡଗର'କୁ ଉପର କରନ୍ତୁ ବୋଲି ମୋର ଉପଦେଶ ।

ଅତଏବ କେଉଁ ଶ୍ରେଣୀର ରସିକଙ୍କ ଦିଲ୍‌ଖୁସ୍ କରିବାକୁ ଆପଣଙ୍କ ଅଭିପ୍ରାୟ ତାହା ଜାଣିଲେ ବେଳେବେଳେ ମୋ ପରସ୍ର ଡଗରଙ୍କ ପାଖେ ବାଢ଼ିବି ବୋଲି କଳ୍ପନା ଧରି ରହିଲି । ଆପଣ ଜାଣନ୍ତି ମୁଁ କେଉଁ ଶ୍ରେଣୀର ରସିକ । ମୁଁ ଗତ ୨୫ ବର୍ଷ ହେଲା ଓଡ଼ିଆ ଭାଷାର କୋଷ ସଂଗ୍ରହରେ ଲାଗିଛି । ତାକୁ ମୁଁ କହୁଛି ଭାଷାକୋଷ, କିଏ କହୁଛନ୍ତି ଗୋପାଳ କୋଷ, କିଏ କହୁଛନ୍ତି ବାଳଗୋପାଳ କୋଷ, କିଏ କହୁଛନ୍ତି ପାଳ କୋଷ । ପୁଣି ଏଣିକି କିଏ କେତେ କୋଷ ନାମ ଦେବେ । ଫଳତଃ ମୋତେ 'କୋଷର ସିକ' ବୋଲି ବୋଲାଯାଇ ପାରେ ଓ ଏ ସମ୍ବନ୍ଧେ କିଛିର ସନିବେଦନ ଆପଣ ଫର-ମାସ କଲେ ମୁଁ ଲଗୁଅ ଦେବାକୁ ପ୍ରସ୍ତୁତ ।

। ଇତି ।

ଗୋପାଳ ଚନ୍ଦ୍ର ପ୍ରହରାଜ ।

## ଦୁଇ ପଥ

ତମ ପାଇଁ ସଖି ସାଇତା ହୋଇଛି ଫଗୁଣର ମଧୁ ଫୁଲହାଟ,
ମୋ ପାଇଁ ରହିଛି କଲ୍ୟାଣ ଆଉ ଅସୀମ କଷଣ କାରାଗାର ।
ତମ ପାଇଁ ସଖି କାନନେ କୁସୁମ ଝରିଛନ୍ତି ନୁଆ ପରିମଳ,
ମୋ' ପାଇଁ ନାଗର କଳା ଫଣା ତଳେ ସଞ୍ଚିତ ଯେତେ ହଳାହଳ ।
ତମ ପାଇଁ ନାଚି ଅଛି ଫୁଲ-ଦୋଳି, ଫୁଲ-ରେଣୁ-ମଡା ପଥଧାର,
କଣ୍ଟକ ସିନା ଦୁର୍ଗମ ପଥେ ମୋ' ପାଇଁ ଝେଙ୍କିଛି ଶିର ତାର ।
ତମେ ଯାଅ ସଖି ତମ ପଥେ ଚାଲି ଶୂଳ ଗୁରୁ ପଦ ସୁକୁମାର,
ଚରଣ ଅଳତା ନିଭୁବନ ସଖି ଭୟ କର ଅଙ୍କ ପରିହାର ।
ମୋତେ ତ ଡାକୁଛି ଦଳିତ ଜୀବନ, ଲଳିତ କଥାରୁ ମୁଁ ବଧୀର,
କୋଇଲି ଖଣିର କୁଲି-ରମଣୀର ପୀଡ଼ିତ ଲୋର କି ଭୁଲିବାର ?
ଚଟକଳେ ଯହିଁ ଶିଶୁର ଶୋଣିତ ପାଣି ପରି ଯାଏ ଚିରକାଳ,
ସେଠାରୁ ଆସୁଛି ଡାକ ମୋହପାଇଁ, ତୁମେ କି ସେକଥା ଶୁଣିପାର ?
ମୋ' ମୁଖେ ଚାହିଁଛି ଦାଆ ଓ ହାତୁଡ଼ି, ଭିକ୍ଷା ମାଗେ ମୋତେ ମୁକ୍ତଛବି,
ଧରଣୀରେ ଯେତେ ଦୀନ ଓ ଦଳିତ ମୁହିଁ ସବୁ ତାର ସମ୍ଭ-କବି ।
ତମେ ସଖି ଯାଅ ତା' ପାଶେ ଯେ ନିତି କାନରେ ଢାଳିବ ମଧୁ ବାଣୀ,
କଣ୍ଢେଇ ଓଠର ହସୁ ହସ ଯାର ପରାଣେ ଦେବ ଗୋ ଶରହାଣି ।
କୁନ୍ତଳ ବେଣୀରୁ ଝରି ଗନ୍ଧ-ଫୁଲ ସପନ ରଚିବ ଯା ପରାଣେ,
ତାହା ପାଶେ ଯାଅ ସୁଖୀ ହେବ ତୁମେ, ସୁଖ କରାଇବ ପୁଣି ଆନେ ।
ଲକ୍ଷ୍ମୀଛଡା ମୁଁ ଚିର ହତଭାଗା, ଦୀନ ଦଳିତର ଲିପିକର,
ତମ ରୂପଲାଗି ଭାଷା ଯୋଗାଇବା ମୋ' ପାଖରେ ପାଠ କାଠିକର ।
ତେଣୁ କହେ ସଖି ବିନୟ ହୋଇ ମୁଁ ତୁମ ପଥେ ଯାଅ ତୁମେ ଚଳ,
ମୋ' ପଥ ଡାକଇ ମୋତେ ରହି ରହି ପାରିବ କି ତାହା ରୋଧ କରି ?
ଦଳିତ ଫୁଲର ଡାକ ଯେ ଶୁଣିଛି, ଆହତ ଜୀବନ କେତେ ଯାରେ,
ସେକି ସହି ତବ ଗୁରୁ ଅଞ୍ଚଳେ ଚଞ୍ଚଳ ବୁକୁ ଥାପି ପାରେ ?
ତେଣୁ ଆଜ ଏହି ମୋଡ଼ ପାଶେ ଦେହି ମେଲାଣି ମାଗୁଛି ବିନୟରେ,
ତୁମେ ଯାଅ ସଖି ତୁମ ପଥେ ମୋତେ ଚାଲିବାକୁ ଦିଅ ମୋ ପଥରେ ।
ଏକାଠି ଚାଲିବା ସମ୍ଭବ ନୁହେ ଯେବେ ଏ ଜୀବନେ ଏକାବେଳେ,
ଅକ ରଣେ କାହିଁ ପରସ୍ପରର ସରଣୀ ରୋଧିବା ତେବେ ହେଲେ ?
ଏଇ ଦେଖ ଦୂରେ ଦିଶିଲାଣି ମୋଡ଼—ଦୁଇ ପଥ ଯାଏ ଦୁଇଆଡ଼େ,
ବାଛିନିଅ ସଖି ତୁମର ସରଣୀ, ଯେଉଁବାଟ ତାହା ଲୋଡ଼ା ବାଡ଼େ ।
ଯଦି ଏହା ପରେ ଦେଖାହୁଏ ତେବେ ମୃଦୁ ଚାଲି ବାଟ ଭରୁ ତଳେ,
ତୁମେ କି କହିବ ? କି କହିବ ମୁହିଁ ? ସେ କଥା ଭାବ କି ଅଣ୍ଟ ଜଳେ ?
ତମେ କି କହିବ ତୁମକୁ ତା ଜଣା, ମୁଁ ଯାହା କହିବ ଶୁଣ ତେବେ,
"ମିଳନରେ ଯାହା ପାଇଥିଲେ ଆମେ ଅଧିକ ପାଇଲେ ତହୁଁ ଏବେ" ।

ଶ୍ରୀ ସଚ୍ଚି ରାଉତରାୟ

Digitized by srujanika@gmail.com



# କାହାଣୀ

## ଅରକ୍ଷିତ

ଶ୍ରୀ ରମେଶଚନ୍ଦ୍ର ମହାନ୍ତି

### ଏକ

ଗାଁଟିର ସବା ଶେଷ ପଶ୍ଚିମ ମୁଣ୍ଡକୁ ମଶାଣି ଭୂଇଁକୁ ଲାଗି ନଈଆର ଛୋଟ କୁଡ଼ିଆ ଘରଟେ। ନାଁରେ ବାଉରୀ—ଗାଁର ପଚାଶ ଘର ସହିତ ଚାଷିମାନଙ୍କ ଭିତରେ ବାଉରୀ ବୋଇଲେ ଏ ଏକୁଟିଆ; ଘାଇ କି ପଡ଼ୋଶୀ, ଜାତି କି କୂଳ କଉଣସିଟିରେ ହେଲେ ତା'ର ଆପଣାର ବୋଲିବାକୁ ଆଉ କେହି ନ ଥିଲେ। ସେଇଥି ସକାଶେ ଗାଁର ସେଇ ପଟକୁ ନିଛାଟିଆ ଭାବରେ ନିଇଚ୍ଛୁଣିଆ ହୋଇ ସେ କୁଡ଼ିଆଟେ ବାନ୍ଧିଛି। ଗାଁର ଭଲ-ମନ୍ଦ କି କାହାର ହାନି-ଲାଭ କଉଣସିଥିରେ ହେଲେ ସେ ନ ଥାଏ। କଥାରେ ଯା' କହନ୍ତି, 'ଏକା ମାଧିଆ ଚାଉଳି ପଲ'— ସେଇମିତି, ସେ ଆପଣା ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ହୋଇ ଆପଣା ଗାଁ ଓ ଆଗ-ପାଖ ଗାଁଗଣ୍ଡାରେ ମୂଲ ମଜୁରି ଲାଗି ଅବା ମାଗି ଯାଚି ଗୁଜୁରାନ୍ ମେଣ୍ଟାଇ ନଉଥିଲା। ବଡ଼ି ଭୋରରୁ ଉଠି ପଖାଳପାଣିରୁ ଢୋକେ ପିଇ ସେ କାମକୁ କାହାର ଯାଏ ଯେ ସୂର୍ଯ୍ୟ-ଦେବତା ମୁଣ୍ଡ ଉପରେ ଥିଲେ ଯାଇ କୁଡ଼ିଆକୁ ଫେରେ। ଦି-ପହରେ ବାସିବାଢ଼ି ଖାଇପିଇ ମୂଲକୁ ଯିବାକୁ ବେଳ ନଅଣ୍ଟା ହବ ଆଶଙ୍କା କରି ସେ କେବେ ଦୃଷ୍ଟି ଲଗାଏ ନାହିଁ; ସଞ୍ଜରେ ଯାହା ଟଙ୍କା ପୁଞ୍ଜିକ ବାନ୍ଧିଥାଏ, ସେଇଥିରୁ ମୁଠିଏ ଚାଉଳ ବାଙ୍ଗାଳକୁ ପକାଇ ଦେଇ ସେ ପକାଳ ଉପରେ ଉଠିନା ସେଇ ଖୋଲ ହେବି ଚାଲିଯାଏ ତା'ର। ଦିନମାନ ଖଟି ଖଟି ନଈଆ ଏତେ କ୍ଲାନ୍ତ ହୋଇ ପଡ଼େ ଯେ ରାତିରେ ଭଲ କରି ମୁଠିଏ ରାନ୍ଧି ଖାଇବାକୁ ତା'ର ହୁଏ ନାହିଁ;—ଯିମିତି ସିମିତି ଲୁଣିଆଁ ଅଲଣାରୁ ଦି'ମୁଠା ନ କଲାରେ ଭକ୍ତି ହୋଇ, ଆ...ଟା ଦାଉଁପଣ ପାଉ ନ ଥିବା-

ମୁହଁ ତାଙ୍କଟାକୁ ଭିତର ପଟୁ ଅଛା କରି ବାନ୍ଧି ଦେଇ ଛିଣ୍ଡା ମସିଣା ଖଣ୍ଡକରେ—ଯହିରେ କେଜାଣି କେତେ ତେଲ ଚିକିଟା ଦାଗ କଳା-ଚଟଚଟା ହୋଇଥାଏ। ପୁଣି, ରାତି ନ ପାହୁଣୁ କାହିଁ 'ହା' କରିଥିବ କି ନାହିଁ ଉଠେ ଯେ ସାରା ଦିନଟା ଭିତରେ ତାକୁ ତଳେ ବୋଲି ବିଶ୍ରାମ ମିଳେ ନାହିଁ। ଏଇମିତିକା ନିଛାଟିଆ ନିରଳସ, ନିରୁପଦ୍ରବ, ନିଶ୍ଚିନ୍ତ ଜୀବନ ବିତାଉ ଥାଏ ସେ। ଭଙ୍ଗାକୁଡ଼ିଆ ଖଣ୍ଡିକରେ ତା'ର ହାଣ୍ଡିକୁଣ୍ଡି ହେବ ପଞ୍ଚେ, ବାସନକୁସନ ବୋଲି ହ'ପଟ, ଗାଁଲି ଟୋକେଇରୁ ଗଣ୍ଡେ, ଖଇଛ ଅନୁକୂଳ ହୋଇ ଦ'ଟା, ଗାମୁଛା କରିଆ ହେରି-ଖଣ୍ଡ—ସମ୍ପତ୍ତି ବୋଇଲେ ଏଇ କେତୋଟି ତଳରେ ମୁଣ୍ଡ ମରିଛି। ସେତ୍ ରୋଜଗାର କରିବ ତ ପେଟକୁ ଦାନା ମୁଠିଏ ମିଳିବ; ନଇଲେ, ଜମେଇ ଧନ ପେଟରେ ଓଦାକନା ଦେଇ ଶୋଇବ,—ଏଇମିତିକା ଅବସ୍ଥା ତା'ର, ପଇସା କଉଡ଼ି ଛୁଇଁ ରଖିବାର ସୁଯୋଗ ନ ଥାଏ ଅଦୌ!

### ଦୁଇ

ଗାଁ ଭିତରେ ଇମିତି କେହି 'ଜାତିଆ' ଲୋକ ନ ଥିବ ଯାହାକୁ ଯଉଣସି ଅପୂର୍ଣ୍ଣ ନଈଆ ବେଳି-ନା-ବେଳ ଗୋଟିଏ ହେଲେ ମୁଣ୍ଡିଆ ନ ପକେଇଛି। ସେମାନଙ୍କୁ ଏଇ ଗୁଣ ଯୋଗେ ଗାଁର ସଭିଏଁ ଭାରି ଅସ୍ନେହ ଭଲ ପାଆନ୍ତି। ହେଲେ, ନଈଆ ସବୁଠୁଁ ଅଧିକ ମାନେ, ଭକ୍ତି କରେ, ଶ୍ରଦ୍ଧା ଦେଖାଏ ପାଣି-ଗ୍ରାହି ବଉଁଶକୁ। ବୁଢ଼ା ଦନେଇ ପାଣିଗ୍ରାହି ଯିମିତି ବୁଝାଉ, ସମିତ ଦୟାବନ୍ତ ହେବି ଏକା। ମାଛିକି 'ମର' ବୋଲି କହନ୍ତି ନାହିଁ କି କୁକୁର ବିରାଡ଼ିକି 'ଦୂର' ବୋଲି କହିବାର କେହି ତାଙ୍କ ମୁହଁରୁ ଶୁଣି ନାହିଁ। ପୁଣି, ଦୁଆରେ ଭିକାରୀ ଦୁଃଖୀ କେହି ମାଗୁଥିବାର ଶୁଣିଲେ ବୁଢ଼ା ଭାତ ଥାଳି ଛାଡ଼ି ଉଠି ଆସିବ—ଆଗ ସେଇମାନଙ୍କୁ ଦିଆଇ ପିଏଇ ବିଦା କରିଦେଇ ପଛେ ଯାଇ ଖାଇବ। ଦରିଦ୍ରଙ୍କ ହୃଦରେ ପରା ସାକ୍ଷାତ୍ ନାରାୟଣ ରହନ୍ତି? ଏଇମିତିକା ସେ ବୁଢ଼ାର ଧାରଣା। ତାଙ୍କ ପୁଅଝିଅ ଗୁଡ଼ାକ ବି ସେଇମିତି—ଗୋଟାଗୋଟା ବାପ ଭଳି। କିନ୍ତୁ, ସବୁଠୁଁ ସରସ ସେଇ ପାଣିଗ୍ରାହିଆଣୀ ବୁଢ଼ୀଟା। ବାବୁରେ, ପୁଣି କେ, ଓଡ଼ାଚୁଲା ଯାହା କିଛି କହନ୍ତୁ ନା କାହିଁ ସବୁଥିରେ ବାଳକ ଲୀଳା, କାଙ୍ଗାଳୀ ଭୋଜନ ହୁଏ। ପାଇ ପଡ଼ୋଶୀ, ବାରଜାତି ଛତିଶ ପାଟକ ଭିତରେ କେଉଁ ଘରର କଥା ହୁଏ। ଏ'ଥିରୁ ସଇଲାକୁ ବୁଢ଼ୀ ଯାଇ ସଳଖା କରିବ—ନଇଲେ ତେତେବେଳଯାଏଁ ଖାଡ଼ା ନିର୍ଜଳା ଓପାସ, ଟୋପିଏ ଦେଲେ ପାଣି ଟୋପିବେ ଭଳି ନ ଥିବ; ସେ ସତ୍ତ ହଉ କି ରାତି ଦପହ୍ର ହଉ! କିନ୍ତୁ ବୁଢ଼ାର ବଡ଼ ଶରଧା ନଈଆ ଠେଇଁ। ନ ହବ କାହିଁ? ନଈଆ ଯେ ପାଣିଗ୍ରାହି ବଂଶର ଡାହାଣ ହାତ। ଘର ଅଧରେ କାହାର କିଛି ଦରକାର ପଡ଼ିଲାକ୍ ନଈଆକୁ ଡାକ, ଗାଈ ଦୁଧ ଦରକାର—କିଏ ଦଗାଡ଼ି ଦେଉଛି, ଡାକ ନଈଆକୁ, ଛୁଆପିଲାଙ୍କୁ ଦୃଷ୍ଟି ହେଉଛି—ନଈଆକୁ ଡାକ ଝାଡ଼ଫୁଙ୍କି ଦେବ, ସାଥିରେ ଯାତରକାଳେ କୁଆଡ଼େ ଯିବେ ତ ନଈଆ ଛାଇରେ ଦେଙ୍ଗା ଟେଙ୍ଗା ଧରି ଚାଲିବ ତାଙ୍କ ପିଛା ଧରି। ଏଇ ମିତିକା; ନଈଆ ନ ହେଲେ ଯେ ବନ୍ଦିଶର ହେବ ତା ନ ଥିଲା। ଏ' ପାଣିଗ୍ରାହିଙ୍କ ପୁଣି ... ଛଡ଼ା ଝାଲ ଦିନରେ ବି ପାଣିଗ୍ରାହି

Digitized by srujanika@gmail.com

ଉପରକୁ ଚାଲି ନଖିଆ ବୁଢ଼ାହାତରେ କେବେ ଫେର ଅଟେ ନାହିଁ: ଅଳ୍ପ କୃଷକ କଟେ ତ କାଲି ସେ'କଡ଼ା ବାଇଗଣରୁ ପୁଞ୍ଜେ, ପଥରଦଳ ବଡ଼ରୁ ଦି ଗଛା, କେବେ ଶାଗ କେବେ ତ କେବେ ଅମ୍ବରୁ ଟାରେ—କଛି ବା କଛି ଅଧାରେ ପ୍ରଚଳ ଫେରେ। ସେଇଥି ପାଇଁ ଖାସ୍ ଏକବୁଢ଼ା ବୁଢୀ ଦଇଙ୍କ ଯୋଗେ ନଖିଆ ପାଣିଗ୍ରାହି ବଂଶର କଣା ହୋଇ ରହିଯାଏ।

## ତିନି

ଏଇ କାରଣରୁ ଦବାଦର ନାହାକେ ନଖିଆକୁ ଅନ୍ତରର ଘୃଣା ନ କରୁଥିଲେ ବି ଟିକିଏ ଖରାପ ଦୃଷ୍ଟିରେ ଦେଖୁଥିଲେ। ପାଣି-ଗ୍ରାହିଙ୍କ ଭଳି ନାହାକେ ବି ତ ଗାଁର ଜଣେ ଖାନ୍‌ଦାନ ବନିଆଦ ବଂଶର ଲୋକ; ଆଉ, ଘର ବାଡ଼ବି ଟୋକାଟା ତାଙ୍କ ହାତ ମୁଠାକୁ ଅଇଲା ନାହିଁ—ନାହାକଙ୍କର ତ ଏଥିରେ ରାଗ ହେବାର କଥା। ଗାଁର ଦୁଷ୍ଟ ଲୋକେ ତାଙ୍କ ନାଁରେ ବଦ୍‌ନାମୀ ରଟାନ୍ତି ଯେ ସକାଳୁ 'ଅମୁକ' ନାହାକଙ୍କ ନାଁ ଯେ ଧରିବ ତା'କୁ ସେଇ ଦିନ ଦାଣ୍ଡରେ ମୁଠିଏ ଦୁଷ୍ଟରେ ପେଟ ପୁରେଇ ଦାନା ମିଳିବ ନାହିଁ। କଥାଟାକୁ ମିଛ ବୋଲିବା ବା କିମିତି? ଭିକାରି ତ କେବେ ହେଲେ ଦିନେ ମୁଠେ ଭିକ ତାଙ୍କ ଦୁଆରୁ ପାଇଥିବାର କେହି ଦେଖି ନାହାନ୍ତି—ଗାଁର ହରିହାଟ, ମେଳନ ପୁରେଇବା ଅବେ ହେଲେ ହାତ ଟେକି କାଣୀ କଉଡ଼ିଟିଏ ଦେଲେ ସେ ଦେଇ ନାହାନ୍ତି। ଟଙ୍କା ପଇସାର ମହାଜନୀ କରନ୍ତି ଚୋରିରେ—ଗାଁର ଗରିବଗୁରୁବାଙ୍କ ଶୋଷି ଟିପି ବେଶି ଦି ପଇସା ହାତପଇଠ କରନ୍ତି ବୋଲି ତାଙ୍କର ଖୁବ୍ ସୁଖ୍ୟାତି (?) ରହିଛି। ଅଭାବ ନଅସରେ ଯନ୍ତ୍ର ଯିଏ ଗାଁ ବାଲେ ତାଙ୍କଠୁ ଟଙ୍କା କରଜ ନିଅନ୍ତି—ସେ ଗହଣା ପାତ ବନ୍ଧା ପକେଇ ହେଉ, ବିଲବାଡ଼ି ବନ୍ଧକ ରଖି ହେଉ କି ହ୍ୟାଣ୍ଡନୋଟ ତମସୁକ ଲେଖି-ଦେଇ ହେଉ। କିନ୍ତୁ ଜବାବ ଦେବ ନ ହେଉଣୁ ସେମାନେ ଯେଉଁ ହଇରାଣ ହରକତ ହୁଅନ୍ତି; ନାହାକଙ୍କ ଷଣ୍ଡାମାର କାଳିଆ ଭୁଷୁଣ୍ଡା ଦାଢ଼ୀଆ ପଠାଣ ପିଅଦାଟା ସେମାନଙ୍କ ଯିମିତି ହଇରାଣ ହରକତ କରେ, ଅଜଲରେ ପଡ଼ ବିଚାରା-ମାନଙ୍କୁ ଘର ଦୁଆର ବିକି ଭାଙ୍ଗି ପାଉଣାତକ ସୁଝିଦେଇ ଅସିବାକୁ ନଇଲେ ସେଇ ନାହାକଙ୍କ ନାଁରେ ଜମୀବାଡ଼ି ସବୁ ଲେଖେଇ ଦବାକୁ ପଡ଼େ—ସ୍ତ୍ରୀ' ଛୁଆ ଗତ୍ୟନ୍ତର କି ଉପାୟାନ୍ତର ଯେ ସେତେବେଳକୁ ଆଉ ନ ଥାଏ।—

ନାହାକଙ୍କ ଗୋପେଇଁ ବାପାଙ୍କ ଅମଳରୁ ପାଣିଗ୍ରାହି ବଂଶ ସାଥିରେ ଏ' ବଂଶର କଜିଆ। ତିନି ପୁରୁଷ ହେଲା, ଏ' ଦି ବଂଶର ଜମା ପଡ଼େନାହିଁ ପରା। କାହାର ଛାଇ କେହି ମାଡ଼ନ୍ତି ନାହିଁ—ଛାଇ ଦେଖିଲେ ନାହିଁ ଡିଏଁ ଏ' ଭଳି। ଥୋଡ଼କରୁ ବାଆଁ ଫଇଫର ପର ଟିକିଏ କିଛି ରଖି କିଳିଲେ ତଳକୁ ତାଳ ପ୍ରମାଣେ କରି ଏ' ଦି ବଂଶର କଜିଆ ଲାଗିଯାଏ, ଅପୁନାର ମାଲିମୋକଦ୍ଦମା ହୁଏ। ଏଇମିତିକା ଅହି—ନକୁଳ ସମ୍ବନ୍ଧ ରଖି ଏକା ଗାଁରେ ଦୁଇ ବନିଆଦି ବଂଶଙ୍କ ସନ୍ତତି ରହିଥାଏ ଗାଁ-ଲୋକେବି ଦଳେ ପାଣିଗ୍ରାହିଙ୍କ ପଟ ହୋଇ ଥାଆନ୍ତି ତ ଆଉ କେ ନାହାକଙ୍କ ତରଫ୍ ହୋଇ ଥାଆନ୍ତି; ଯେଝା ଯେଝାର ସ୍ୱାର୍ଥ ନେଇ, ସୁଖ, ସୁବିଧା ଭିତ୍ତି।

## ଚାରି

ପଉଷ ମାସ। କୃଷକମାନେ ସେମାନଙ୍କ ସାରା ବରଷକର ସମ୍ବଳ ଧାନତକ ଅମଳ କରି-ବାରେ ଲାଗିପଡ଼ ଥାଆନ୍ତି। ଏତିକିବେଳେ ଉଦୁଉଦିଆ ଖରାବେଳରେକି ନଖିଆ ଘରକୁ ଲାଗି ସେଇ ମଶାଣି କଡ଼ ଖଣ୍ଡିଏ ଧାନ ବିଲ ଉପରେ ଲାଗିଲା ଦଦଲ ଧାନ କଠାଲୀଙ୍କ ଭିତରେ ମାଡ଼ପିଟା। ଠିକ ସେତିକିବେଳେ ନଖିଆ କାମରୁ ବାହୁଡ଼ି ଗାଧୋଇ ପାଧୋଇ କଂସେ ପଖାଳ ବାଢ଼ି ଅଣି ପିଅଳ ଦି ଫଡ଼ା ଲଙ୍କା ମେଞ୍ଚେ ଦେଇ ଖାଇବାକୁ ବସିଥାଏ। ଭୁଣ୍ଡକୁମ୍ପଡ଼ା ଉଠେଇଛି କି ନାହିଁ ତା'କାନରେ ହୁରିଡାକ ପାଟିଗୁଣ୍ଡ ବାଜିଗଲା। ମନକୁ କ'ଣ ଥିଲା କେଜାଣେ, ପଖାଳ କଂସା ଛାଡ଼ି ଦଣ୍ଡକୁ ବାହାରି ଅଇଲା—କାନଫାଟ ଯନ୍ତ୍ର-ଣାରୁ ଭୁଣ୍ଡ ଶୁଭୁଥିଲା ସେଇ ଆଡ଼କୁ ଅନାଇ କରି ଦେଖିଲା ତା'ର ସାଆନ୍ତଙ୍କ ଭଳି ଜଣେ ଜଣେ ନେହୁନ୍‌ହାଣ ହୋଇ ତଳେ ପଡ଼ିଗଲେଣି ଓ ସେଇ ନାହାକ ବାପୁଡ଼ା ବାଙ୍କିବ ଆଡ଼କୁ ଅଙ୍ଗୁଳି ବଢ଼େଇ ତା' ପଟ ଲୋକଙ୍କୁ କ'ଣ କହୁଛି—ଭୀଷଣ ରାଗ ଓ ଉତ୍ତେଜନାରେ। ନଖିଆ ନଖିଆ ଆଉ ଖାଇବ କ'ଣ? ସେ କି ଆଉ ସମ୍ଭାଳି ପାରେ? ସେଇ ଅଇଁଠା ହାତରେ ତା' ଠେଙ୍ଗା ଖଣ୍ଡକୁ ଧରି ଧାଇଁଲା। ଜମା ମରଦ, ବଳିଷ୍ଠ ଗଢ଼ଣ, ଚାଣୁଅ ଦେହ ତା'ର—ତା' ସାଥିରେ ପାରୁଛି କିଏ? ସେ ଯିମିତିକା ଠେଙ୍ଗା ବୁଲେଇ ଭିଡ଼ ଭିତରେ ପଶି ଯାଇଛି କିଏକୁଆଡ଼େ ଛନ୍‌ଛତ୍ର ହୋଇଗଲେ, ଜଣକେତେ ଜଖମହୋଇ ତଳେ ଲୋଟିପଡ଼ିଲେ ଓ ନାହାକେ 'ଥଲେ ସଖି, ଆପଣା ମହତ ଆପେ ରଖି' ଗତି ଅନୁସରଣରେ ପରମ୍ପାହି ହୋଇ ପଳେଇଲେ। ନଖିଆ ପାଣିଗ୍ରାହି ବୁଢ଼ାଙ୍କ ମୁହଁ କାନରେ ପାଣି ଛିଞ୍ଚି ଚେତା କରାଇ ତାଙ୍କୁ ପିଠିରେ ପକେଇ ତାଙ୍କ ଉଆସରେ ନେଇ ଛାଡ଼ି ଆସିଲା। କଥାଟା କିନ୍ତୁ ଏତିକିରେ ମେଣ୍ଟିଲା ନାହିଁ,—ବେଲବୁଡ଼କୁ ଥାନଦାରୁ ଫେରି ଲୋକେ କିଏ କେତେ ପ୍ରକାର କଥା-ଟାକୁ ଅତିରଞ୍ଜନ କରିବାକୁ ଲାଗିଲେ; ଝାଗବର ଟୁଙ୍ଗୀରେ, ହରିହାଟ ପଦାରେ, କଳ ଗୋସେଇଁଙ୍କ ତୁଳସୀ ଚଉଁରା ଉପର ତାସ ଅଡ୍ଡାରେ, ହରି ଓଝାର ଦୋକାନ ପିଣ୍ଡା ପଶାପାଲି ବଇଠକରେ କେବଳ ସେଇ ନାହାକ-ପାଣିଗ୍ରାହିଙ୍କ କଜିଆ ଖବର।

ପାଣିଗ୍ରାହିଏ କହୁଥାନ୍ତି, 'ଦେଖିଲରେ-ଦେଖିଲ, ଦବାକରଥର ଏତେ ଦମାକ୍! ମଗଜକୁ ପିତ ଚଢ଼ିପାଇଛି ପରା—ରହଥା' ଦେଖିଛି ଏବେଇ।'

ନାହାକେ ତାଙ୍କ ଦଳ ଆଗରେ କହୁଥାନ୍ତି, 'ଦେଖିଲରେ ଭଲା, ଘର ବାଡ଼ବି ଟୋକାଟା ମୋତେ ଏତେ ସରକଲା। ପାଣିଗ୍ରାହି ବୁଢ଼ା କେତେ ତା' ପିଠିରେ ପଡ଼ିବ ଦେଖିବି ଏଇଥର।'

Digitized by srujanika@gmail.com

## ସାକ୍ଷୀ

ସେ ଦିନର ଘଟଣା। କ'ଣକି, ସାଧୁ ମଲ୍ଲିକ ଭିନ୍ନ ବ୍ଲକ୍‌ରେ ତା' ଜମି ଗୁଡ଼ିକୁ ଏ' ଦି ଜଣଙ୍କଠି ବନ୍ଧା ପକେଇ ଦଶହଜାର୍ ଟଙ୍କା କରଜ ନେଇଥାଏ । ପାଣିଗ୍ରାହୀଏ ଜମି କବଜ ରଖିଲେ ସିନା, ଜମାରୁ ହଳ ବୁଲେଇଲେ ନାହିଁ କି ଦିନେହେଲେ ସେ ଆଡ଼କୁ ବୁଲିଗଲେ ନାହିଁ । ନାହାକଙ୍କୁ ଏତେ ଦେଖି କ'ଣ ମାଲୁମ୍ ଅଛି ? ସେ ସତମତ ମୂଲମଜୁରି ପକେଇ ଜମି ଅବାଦ କରାଉଲେ । ଧାନ କାଟିବାକୁ ଯାଇ ଏତେ ବିପଦ । ପାଣିଗ୍ରାହୀଏ ବି ପହଲେ ଏ'କଥା ଜାଣିଥିଲେ କି ? ଦିନ ଦିପହରେ ସବୁକି ସେ ତାଙ୍କ ମଙ୍ଗ ବାହାରେ ବସି ମାଲପାଣି ଘଷି ହଜରତନ୍ତି ଗାଧୋଇଯିବେ ବୋଲି ଏକମିତି ସମ୍ଭୁରେ ତାଙ୍କ ବାରନାରୀ ମୂଲିଆଟି ପହଞ୍ଚି ତାଙ୍କୁ ଏ' ଖବର ଦେଲା । ସାଅନ୍ତେତ ରାଗରେ ଟଗାଠାପଣେ ବଉଡ଼ାପଣ ପରି ଥର-ଥର୍‌ଲ—ସାଙ୍ଗେ ୨ ଅଧା ଗାଧୋଇବେ କ'ଣ ସେଇ ତେଲ୍ ବଳ ୨ ଧଇରେ କାନ୍ଧରେ ପାଟଲା ଗାମୁଛାଟା ପକେଇ ଦଶ୍‌ବଜଣ ମୂଲି-ଅଙ୍କୁ ନେଇ ଧାଇଁଲେ ସେହି ଜମିକି । ତା' ପରେ ଯାହା ଘଟିଲା—ତା'ସାଇ ପଡ଼ଶା, ଦୂର ନିକଟ ସମସ୍ତଙ୍କି ମାଲୁମ୍ ।

ଏ' ଦିନଙ୍କା ମଡ଼ାଗୋଳ ନେଇ ଦି ପକ୍ଷରୁ ମାଲମୋକଦ୍ଦମା ଲାଗିଲା । ନିମ୍ନ ଅଦାଲତରେ ପାଣିଗ୍ରାହୀଙ୍କ ଜିତ୍ ହେଲା—ନାହାକେ ଜଜ୍ କୋର୍ଟରେ ଅପିଲ କଲେ, ସେଥର ବି ନାହାକ ହାରିଲେ—ପୁଣି ହାଇକୋର୍ଟରେ ଅପିଲ ଦାଏର ହେଲା । ଏଥର, ବିଚାରପତି ଦି ପକ୍ଷର ଆଉ ସମସ୍ତଙ୍କି ନିରପରାଧ ବୋଲି ମୁକ୍ତି ଦେଲେ, କେବଳ ନଖିଅକୁ ଦୁଇବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କଲେ ! ଗୋଳଧାଣ୍ଡରେ ଏଇଠି ଯବନିକା ପଡ଼ିଲା । ନଖିଅ ଦସ୍ତୁର କରମକୁ ଆଦର ବୁଝି କାରାଗାର ସୁଦୃଢ ପ୍ରାଚୀର-ଭ୍ୟନ୍ତରରେ ଅବଦ୍ଧ ରହିଲା ।

## ଛୁଟି

କାରାର କଠୋର ଦୁଃଖ ଓ ନିଠୁର ଶାସ୍ତି ମଧ୍ୟରେ ନଖିଅର ଦିନ ଆଉ ସରୁ ନ ଥାଏ । ଦିନକ ତା'କୁ ଯୁଗକ ଭଳି ଜଣା ପଡୁଥିଲା । ସେ ରୋଜ ରାତରେ ଭଗବାନଙ୍କଠି ଗୁହାରି ଜଣାଏ, 'ପ୍ରଭୁ ହେ, ଏଇ ରାତିଟାକୁ କାଳରାତି କରି ପକାନ୍ତ ନି ?' ରାତିଟା ସାରା ସେ ଜମାରୁ ଶୋଇପାରେ ନାହିଁ,—ମଶାର ଦଂଶନ ଓ ଓଡ଼ଶର କଣ୍ଟୁ ରସ୍ମନ ତାକୁ ସେତେ ନ ବାଧେ, ସେତିକି ବାଧେ ଲୋକଙ୍କ ଅବିଚାର – ନ୍ୟାୟ ନାମରେ ଅନ୍ୟାୟର ଉପାସନା, ଧର୍ମ ନାମରେ ଅଧର୍ମର ଧ୍ୱଜା ଉତ୍ତୋଳନ । ରାତଯାକ ତା'ର କଳ୍ପନା ଓ ଚିନ୍ତା ଜମାରୁ ଅଟକ ମାନୁ ନ ଥିଲା; କେତେ କଥା ଭାବେ, କେତେ କ'ଣ ସ୍ୱପ୍ନ ଦେଖେ; କେତେଥର ଦୁଃଖରେ ଶିହରି ଉଠିଲା, ତଥାପି—ତଥାପି ରାତରେ ସୁଖ ଅଛି, ରାତିଟା ପାଇଁ ହେଲେ ତ ସେ ସ୍ୱାଧୀନ ? ସେ ଘଡ଼ିଏ ନିରୋଳାରେ ବସି ଭାବି ପାରିବ, କେବେଳେ ଈଶ୍ୱରଙ୍କୁ ନିଷ୍ଠୁର ହେଇ ଡାକି ପାରିବ—ଅପଣା ମନକୁ ହସିବ, କାନ୍ଦିବ, ଉଠିବ, ବସିବ । ଏତିକିତ କରିପାରିବ ନିର୍ବି-ବାଦରେ— । ଦିନରେ ଓଃ—ପହରାବାଲାଙ୍କ ସେ କର୍କଶ ଆହ୍ୱାନ, ସେ ମଧୁର ସମ୍ବୋଧନ, ତେଲ-ଘଣାର ସେ ବିକଟ ବୋଳ—ନାଃ ନିସ୍ତାର ନାହିଁ, 'ପ୍ରଭୁ ହେ, ଦୀନବନ୍ଧୁ, ଆଉ ଏତେ ଦର କଷ୍ଟ ଦିଅନା । ତୁମର ରାଜ୍ୟରେ ନ୍ୟାୟର-ଏଭଳି ଅବମାନନା ତୁମେ ସହୁଚ କିମିତି ? ଉଣ୍ଡିଆ ମୁଣ୍ଡରେ ତେଲ ଦେଇ ଗଞ୍ଜିବଳୁ ପେଣ୍ଡି ମାରୁବାର ଏ ରୀତି ତୁମେ ଦେଖି ଅଦେଖା ହେଇ ରହୁଚ କିମିତି ? ନାହାକ ଚାପୁଡ଼ା ଗୁଡ଼ୁଳ ଗଲା, ଅଉ ମୁଁ— ମୋ'ର ସ୍ୱାର୍ଥ କ'ଣ ଥିଲାଜ, ମୁଁ କି ପାପ କିମିତ କରି ପକେଇଲି ଯେ—ଛାଡ଼ ।' ପଣ୍ଡା ପିଣ୍ଡି ଉପରେଜ ରାଗରେ ଓ ଦୁଃଖରେ ନଖିଅ ମୁଣ୍ଡ କୋଡ଼ି ହେଲା ।

ଖେଳ୍ ହେଇ ଥାଏ ସେତେବେଳକୁ, ଚତୁର୍ଦ୍ଦଶୀର ଜହ୍ନ ଦଦମଉଳା ହେଇ ପଡ଼ି-ଲାଣି—କେଳେ ୨ ଦୁରରୁ ନଦରୁ ଉଠିଥିବା ସାଥିଛଡ଼ା କାଉର ବିକଳ ବିକଟ ଶବ୍ଦ ଶୁଭୁଥାଏ । ଏତିକିବେଳେ ନଖିଅ ଶୋ'ଇଥିବା ପିଣ୍ଡି ପାଖ ପିଣ୍ଡି ଉପରୁ ଆଉ ଜଣେ କଇଦି ଚିତ୍କାର କରି ଉଠିଲା, 'ଅଜ ମୋ'ର ଛୁଟି— ଦିନେ ନୁହେଁ ଅଧେ ନୁହେଁ ଯୁଗ ୨ ଛୁଟି ! ଏ ନଖିଅ ଭାଇ, ଉଠ ମ—ଫରଚ୍ଛ ପଡ଼ି ଆସିଲାଣି, କେତେ ନିଦଜିରୁ ମ ! ଜୁହାର ଭାଇ, ଅଜ ମୋର ସଲାମ—ଯାଉଚ, ମନେ ରଖିଥିବୁଟି । ଛୁଅପିଲା ଦୋଟିଙ୍କି ମହାପ୍ରଭୁ ସୁଖରେ ରଖିଥିବେ; ନୁହେଁ ? ଅନାଥିତଙ୍କୁ ଦଇବ ଯାହା—ନୁହେଁ ନଖିଅ ଭାଇ ?'

ନଖିଅକୁ ନିଦ ଲାଗି ଆସୁଥାଏ ସେତେ-ବେଳକୁ—ରାତ ସାରା ଉଜାଗର ରହି—ପାହାନ୍ତ କାକର ବୋଳା ପବନର ମୃଦୁଳ ପରଶ ପାଇ । ରାଗରେ, ବିରକ୍ତିରେ କଡ଼ ଲେଉଟି ୨ କହିଲା, 'ହଁ ଭାଇ, ଖାଲି ମୋର ବେଳକୁ ସିନା କପାଳ ଭଣାଙ୍କୁ ନାଟେସ୍ କଣା ?'

ଏତିକି ବେଳେ ପଣସ ଗଛରେ ବନ୍ଧା ହୋଇଥିବା ଘଣ୍ଟା କମ୍ପି ଉଠିଲା ଠନ୍ ଠନ୍ ଠନ୍ ଠନ୍ କଏଦୀମାନଙ୍କୁ ଉଠିବା ପାଇଁ ତାଗିଦ୍ କରିଦେଇ । ନଖିଅ ଅଉ ଶୋଇବ କଣ—କମ୍ବଳ ବାଡ଼ି ଧେନ ଯୋଡ଼ି ଧରି ତଳେ ବସିଗଲା—ପୁଣି ଅବ ରାତକ ଅଣାସ୍ମୀ ହେଇ ।

---

ଆସନ୍ତା ସଂଖ୍ୟାରେ

**ଶ୍ରୀମତୀ ସୁପ୍ରଭା ଦେବୀଙ୍କର**

ଅମୂଲ୍ୟ ଅବଦାନ

**ଉଦୟ ଓ ଅସ୍ତ**

ଛୋଟ ଗଳ୍ପଟିଏ

—୦—

Digitized by srujanika@gmail.com

# କଟାହାତ

ଲେଖକ—ସର୍ ଅର୍ଥର୍ କୋନନ୍ ଡ଼ାଏଲ

ମୋ ଦାଦା, ସର ଡୋମିନିକ ହୋଲ୍‌ଡ଼ନ୍ C. B. K. C. S. I. (ପ୍ରଭୃତି) ତାଙ୍କ ବେଳର ଜଣେ ବଡ଼ ସର୍ଜନ ଥିଲେ । ପହିଲୁ ସେ ସୈନ୍ୟ ବିଭାଗରେ କାମ କରୁଥିଲେ, ତାପରେ ବମ୍ବେଇରେ ବ୍ୟବସାୟ (Practice) ଆରମ୍ଭ କରିଦେଲେ । ପୂର୍ବୀୟ ହସପାତାଲ ସଂପର୍କରେ ତାଙ୍କର ଭାରି ନାମ ମଧ୍ୟ ହେଲା ।

ଏତକ ବେଳେ ତାଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହେବାକୁ ଲାଗିଲା । ତାଙ୍କ ସଙ୍ଗୀ ଡାକ୍ତରମାନେ ତାଙ୍କୁ ଅବସର ନେବାକୁ ଉପଦେଶ ଦେଲେ । କିନ୍ତୁ କିଛିଦିନ ସେହିପରି କାମ କରିବାରୁ ସ୍ନାୟୁ ରୋଗରେ ପୀଡ଼ିତହୋଇ ଏକାବେଳେକେ ସ୍ୱାସ୍ଥ୍ୟ ହରାଇଲେ ଓ ଇଂଲଣ୍ଡର ବିଲ୍‌ଥାମ୍ପରରେ ଅସି ତାଙ୍କୁ କେବଳ ବସିରହିବାକୁ ପଡ଼ିଲା । ସେଠି ସେ ଜମିବାଡ଼ି କରି ବୁଢ଼ା ହେବା ବେଳକୁ 'ପେଥୋଲଜି' ଚର୍ଚ୍ଚା ଓ ଆଲୋଚନା କରି ସମୟ କାଟିଲେ ।

ସେ ଆମକୁ ବହୁତବାର ତାଙ୍କ ସେଠିକି ଯିବାକୁ ଡାକନ୍ତି କିନ୍ତୁ ଖୁଡ଼ୁତା ପୁଅ ଭାଇମାନଙ୍କଠୁଁ ସେଠିକା ଢଙ୍ଗଡ଼ାଙ୍ଗ ଶୁଣି ଯିବାକୁ ମନହୁଏ ନାହିଁ । ମାତ୍ର ପିଲାଗୁଡ଼ିକ କଥା ମନେ ପଡ଼ିଲେ ଟିକିଏ ମୁଁ ବିଚଳିତ ହୋଇପଡ଼େଁ । ନିହାତି ଥରେ ସ୍ତ୍ରୀ ସହିତ ପରାମର୍ଶ କରି, ଗଲି ।

ସମୁଦ୍ର ନିକଟରୁ ପର୍ବତର ଉପତ୍ୟକା ଭୂମିରେ ଦାଦାଙ୍କର ଜମିଦାରୀ । ସଂଧ୍ୟାର ମୁହଁ-ଅନ୍ଧାର ଭିତରେ ଷ୍ଟେସନଠାରୁ ତାଙ୍କ ଘର ପର୍ଯ୍ୟନ୍ତ ବ୍ୟବଧାନ ସ୍ଥାନର ଦୃଶ୍ୟ ଅତି ଭୟଙ୍କର ମନେହେଉଥିଲା । ସ୍ଥାନେ ସ୍ଥାନେ କୃଷକମାନଙ୍କର କ୍ଷୁଦ୍ର କୁଟୀର ଖଣ୍ଡେ ଖଣ୍ଡେ ଅଦ୍ଭୁତ ଅସୀମତାରେ ବିଲୀନ ହୋଇ ଯାଉଥିଲା ଏବଂ ସବୁ ଗୋଟାଏ ବିରାଟ ସ୍ୱପ୍ନ ଭଳି ମନେ ହେଉଥିଲା । ପର୍ବତର ଘାଟି ମଧ୍ୟଦେଇ ରାସ୍ତାରେ ଘୂରି ଘୂରି ଯିବାକୁ ହେଉଥାଏ । ଶିଖର ପ୍ରଦେଶରେ କେତେକ ବ୍ରିଟିସ୍ ଓ ରୋମାନ ବାହିନୀ ଘର ରହିଥାନ୍ତି । କେଉଁଠି କେଉଁଠି ଗୋଟିଏ ଗୋଟିଏ ସମାଧି ଦୃଷ୍ଟିଗୋଚର ହେଉଥିଲା । ସେଗୁଡ଼ିକ ଏହି ପୁରାତନ ଜାତିର ପୂର୍ବପୁରୁଷଙ୍କର ସମାଧି । ସେହିମାନେହିଁ ପାହାଡ଼ କାଟି ଏଠାରେ ଘରଦ୍ୱାର କରି ରହିଥିଲେ ।

ଏହି ଭୟଙ୍କର ଜଙ୍ଗଲ ପଥଦେଇ ମୁଁ ଚାଲିଲି । ଦାଦାଙ୍କ ଘର ବି ତାର ଚାରିପାଖର ଭୀଷଣତା ସହିତ ବେଶ୍ ଖାପଖାଇ ଥିଲା ପରି ଜଣାଗଲା । ଅଗଣା ଆଗ ଫାଟକ ଉପରେ ଯୋଡ଼ାଏ ଚୂନଦିଆ ଭଙ୍ଗା ମସ୍ତ ବଡ଼ ବଡ଼ ଖୁମ୍ବ ଠିଆ ହୋଇଥାଏ । ଫାଟକ ପାରହୋଇ ଭିତରକୁ ଗଲି । ଥଣ୍ଡା ପବନ ଗଛ ପତ୍ରର ଦିହରେ ବାଡ଼େଇ ହେଉଥାଏ—ଦୂରରେ ଠିକ ନାକ ସିଧାରେ ଗୋଟିଏ ହଳଦିଆ ଲ୍ୟାମ୍ପ ଗଛ ଗହଳର ଫାଙ୍କ ଭିତରୁ ଜଳୁଥିବାର ଦେଖାଗଲା । ସେହି କ୍ଷୀଣ ଆଲୋକରେ ମୁଁ ଦାଦାଙ୍କର ଘରଟିକୁ ପ୍ରଥମ ଦେଖିବାକୁ ପାଇଲି । ଘରଟି ନୀଚ୍ଚ ଓ ଲମ୍ବା । ଦୁଇ ଭାଗରେ ବିଭକ୍ତ । ବାଁ ପାଖ ଘରର ଗୋଟିଏ ଝରକା ଭିତରୁ ଆଲୁଅ ଆସି ବାହାରେ ପଡୁଥିଲା । ସେଇଟି ଦାଦାଙ୍କର ପଢିବା ଘର । ଚାକର ମୋତେ ସେଇଠିକି ନେଇଗଲା ।

ଦାଦା ସାମନାକୁ ଝୁଙ୍କିହୋଇ ବସିଥିଲେ । ଅକ୍ଟୋବର ମାସର କଣିକଣିଆ ଜାଡ଼ରେ ସେ ଗୋଟିପଣେ ଥରୁଥିଲେ । ମୁଁ ଗଲାକ୍ଷଣି ସେ ଉଠି ମୋତେ ବଡ଼ ଆତ୍ମୀୟତାର ସହିତ ସ୍ୱାଗତ କଲେ । ସଙ୍ଗେ ସଙ୍ଗେ ପୁରୁଣା କିଣାଲୀ ଭଳି ମୋତେ ପରଖି ନେଉଥିଲା ପରି ମନେହେଲା ମୋର ।

ମୁଁ ବି ତାଙ୍କୁ ଭଲକରି ଦେଖିଲି । ତାଙ୍କ ଦେହ ଖୁବ୍‌ପରି ବିଶାଳ ଥିଲା । କିନ୍ତୁ ଇତିମଧ୍ୟରେ ସେ ଏତେ ଭାଙ୍ଗିଯାଇ ଥିଲେ ଯେ ତାଙ୍କ କୋଟଟା କାନ୍ଧଉପରେ ଝୁଲୁଥିଲାପରି ଜଣାପଡ଼ିଲା । ସବୁଠାରୁ ବେଶୀ ମୋର ଦୃଷ୍ଟି ଆକର୍ଷଣ କଲା—ତାଙ୍କର ରୁକ୍ଷ ନୀଳ ଆଖି । ମନେହେଲା ଯେପରି ଦଣ୍ଡିତ ଆତ୍ମାର ପ୍ରତିବିମ୍ବ ପଡ଼ିଛି ସେଠି । ପ୍ରଭୁଙ୍କ ହାତରେ ଚାବୁକ ଦେଖିଲେ ଠିକ କୁକୁର ଯେପରି ହୁଏ ସେଇପରି । ମୁଁ ମନେକଲି ସେ ନିଶ୍ଚୟ ଏକ ଅସାଧ୍ୟ ରୋଗରେ ଆକ୍ରାନ୍ତ ଏବଂ ସର୍ବଦା ବୋଧହୁଏ ମୃତ୍ୟୁର ଆଶଙ୍କା ତାଙ୍କଭିତରେ ପରିପୂର୍ଣ୍ଣ ।

ଲେଡ଼ିହୋଲ୍ଡନ ଡେଙ୍ଗା, ମଜବୁଦ୍ କିନ୍ତୁ ବଡ଼ ଶାନ୍ତ ଓ ଦୟାଶୀଳା ସ୍ତ୍ରୀ ଥିଲେ । କିନ୍ତୁ ସେ ମଧ୍ୟ ଠିକ ସେହିପରି ଭୟଗ୍ରସ୍ତ ଥିଲାପରି ଜଣାପଡ଼ିଲା । କଥାବାର୍ତ୍ତାର ଗତି କେତେବେଳେ ସୁଖ-ଉତ୍ପାଦକ କେତେବେଳେ ବା ଦୁଃଖପୂର୍ଣ୍ଣ ଜଣାପଡୁଥିଲା । କିନ୍ତୁ ସୁଖଦାୟକ କଥାରେ ଯେପରି ଗୋଟାଏ ଜବର୍ଦ୍ଦସ୍ତି ଆନନ୍ଦ ପ୍ରକାଶ ପାଉଥିଲା ଏବଂ ଶୋକପୂର୍ଣ୍ଣ କଥାରେ ଯେପରି ବଡ଼ ସ୍ୱାଭାବିକତା ଜଣାଯାଉ ଥିଲା ।

ଅତେବ ସମସ୍ତେ ମଦ୍ୟପାନ କରିବାପାଇଁ ବସିଥିଲୁଁ ମୋର ଖିଆଲ ନାହିଁ ଇତିମଧ୍ୟରେ ହଠାତ୍— କେତେବେଳେ ପ୍ରସଙ୍ଗ ପରିବର୍ତ୍ତିତ ହୋଇ ଭୂତପ୍ରେତ ଅବତାରଣା ପହଞ୍ଚିଗଲାଣି । ସେମାନେ ମୋ ଢଙ୍ଗରୁ ମନେକଲେ ଯେ ମୁଁ ଡାକ୍ତରବୋଲି ଏସବୁକୁ ପରିହାସ କରୁଛି । ମୁଁ ତାଙ୍କୁ ନିଜର ଅଭିଜ୍ଞତା ସବୁ କହିଲି । ମୁଁ କାହିଁକି Psychical Research Societyର ମେମ୍ବର ଥିଲାବେଳେ ଗୋଟାଏ

Digitized by srujanika@gmail.com

ଭୂତଘରେ କାର୍ବିଗ୍ଲରେ ଗୋଟାଏ ରାତି କଟାଇ ଦେଇଥିଲି, ତାହା ମଧ୍ୟ କହିଲି । ମୋ କଥା ଖୁବ ରୋମାଞ୍ଚକର କିମ୍ବା ବିଶ୍ୱାସ ଯୋଗ୍ୟ ହେବାର କଥା ନୁହେଁ । ସେମାନେ ମୋ କଥାକୁ ଥଟ୍ଟା ମନେକଲେ ଏବଂ କିଛିସମୟ ପରେ ଲେଡିହାଲ୍ଟନ ସେଠୁ ଉଠି ଚାଲିଗଲେ ।

ସର୍ ଡୋମିନିକ ସିଗାର ବାକ୍ସଟା ମୋ ଆଡ଼କୁ ବଢ଼ାଇ ଦେଲେ । ଦୁହେଁଯାକ ଖୁବ୍ ଘମାଘୋଟ ଧୂଆଁ ଛାଡ଼ିଲୁ । ତାଙ୍କର ପ୍ରକାଣ୍ଡ ଶରୀର ଚଉଡ଼ା ହାତ ଗୋଡ଼କୁ ଜଡ଼ାଇଲା ବେଳେ ଥରି ଉଠିଲା । ସେ ସେତେବେଳେ ନିଶ୍ଚୟ ଭୟ ପାଇଥିଲେ । ମୁଁ ବୁଝି ପାରିଲି ଯେ କୌଣସି ଗୁପ୍ତ ରହସ୍ୟ ପ୍ରକାଶ ପୂର୍ବର ଭୂମିକା ଏ ।

ଶେଷରେ ସେ ମୋ ଆଡ଼କୁ ନଚାହିଁ କହିଲେ "ଡାକ୍ତର ହାଉକର, ମୁଁ ତମର ଯେଉଁ ପରିଚୟ ପାଇଛି, ମୋର ମନେହୁଏ ମୁଁ ଠିକ ତମରି ଭଳି ଜଣେ ଲୋକ ସାଙ୍ଗରେ ଦେଖା କରିବାକୁ ଚାହୁଁଥିଲି ।

"ଅପ୍ୟାୟିତ ହେଲି ।" ମୁଁ ଉତ୍ତର ଦେଲି ।

"ତମେ ଅଣ୍ଟା ଏବଂ ସ୍ଥିର ପ୍ରକୃତି ଲୋକ ଜଣା ପଡ଼ୁଛ । ବୈଜ୍ଞାନିକ ଦୃଷ୍ଟିରୁ ତମେ ଭୂତପ୍ରେତ ପ୍ରଭୃତି ବସ୍ତୁ କାହାକୁ କହନ୍ତି ଜାଣନାହିଁ । ବୋଧହୁଏ ଭୂତ ଦେଖିଲେ ଡରିବ ନାହିଁ ମଧ୍ୟ ?"

"ମୋରତ ସେହିପରି ଧାରଣା ।"

"ତା ସଙ୍ଗେ ସଙ୍ଗେ ତମକୁ ଏଠା ରହସ୍ୟମୟ ଲାଗିବ ।"

"ଖୁବ୍ ।"

"ଆଉ ଜ୍ୟୋତିଷ ଯେପରି ନୂଆ କୌଣସି ଗ୍ରହକୁ ଠିକ୍ ଠିକ୍ କରି ଦେଖେ, ତମେ ମଧ୍ୟ ବୈଜ୍ଞାନିକ ଦୃଷ୍ଟିକୋଣରୁ ତାର ଅନୁସନ୍ଧାନ କରିବ ।"

"ନିଶ୍ଚୟ ।"

ଦାଦା ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ିଲେ ।

"ଡାକ୍ତର ହାଉକର, ମୁଁ ବି ଦିନେ ତମରି ଭଳିଆ କଥା କହୁଥିଲି । ମୋର ସାହସ ସୀମା ଭିତରେ ବାହାରେ ବି ମୋର ନାହିଁଥିଲା କିନ୍ତୁ ଆଜି ଦେଖ ମୋର ଅବସ୍ଥା । ଅତି ସାମାନ୍ୟ ଶବ୍ଦରେ ମୁଁ ଚମକି ପଡ଼ୁଛି । ବୋଧହୁଏ ଏ ଇଂଲଣ୍ଡରେ ମୁଁ ସବୁଠାରୁ ବେଶୀ ଡରୁଛି । ଏ ବିଷୟରେ ତମର ବେଶୀ ବାହା-ଦୁରୀ କରିବା ଠିକ୍ ନୁହେଁ । ଭୟହୁଏ, ମୋ ଭଳି ତମେ ପୁଣି ଏ ବିପତ୍ତିରେ ନପଡ଼ ।

ମୁଁ ଧୈର୍ଯ୍ୟଧରି ସବୁ ଶୁଣିଗଲି । ତାଙ୍କର ଲମ୍ବା ଚଉଡ଼ା ଭୂମିକା ଶୁଣି ମୋତେ ହସ ଲାଗୁଥାଏ । ମୁଁ ଆଶାପୂର୍ଣ୍ଣ ଚକ୍ଷୁରେ ତାଙ୍କୁ ଚାହିଁ ରହିଲି ।

"ଗଲା ବର୍ଷଠାରୁ,"—ସେ କହିବାକୁ ଲାଗିଲେ—"ମୋର ଆଉ ମୋର ସ୍ତ୍ରୀର ଜୀବନ ବଡ଼ ସଙ୍କଟାପନ୍ନ ହୋଇ ପଡ଼ିଛି । ଅତି ଆଶ୍ଚର୍ଯ୍ୟ ଜନକ କାରଣ ତାର ଅଛି । ଶୁଣିଲେ ଅବିଶ୍ୱାସ ହେବ ନିଶ୍ଚୟ । ସେହି ରହସ୍ୟପୂର୍ଣ୍ଣ ଘଟଣା ସମ୍ବନ୍ଧରେ ତମର ମତ ଜାଣିବାକୁ ମୋର ବଡ଼ ଆଗ୍ରହ—ଅବଶ୍ୟ ଯଦି ତମର କୌଣସି ପ୍ରକାର ଭୟ ନଥାଏ ତା' ପ୍ରକାଶ କରିବାରେ ।"

"ମୁଁ ଆପଣଙ୍କ ସେବାପାଇଁ ସର୍ବଦା ପ୍ରସ୍ତୁତ"—ମୁଁ କହିଲି। "ମାତ୍ର ସେ ଘଟଣା ସମ୍ବନ୍ଧରେ ମୁଁ କିଛି ଜାଣି ପାରିବିକି?"

ସେ ସେହି ଘଟଣା ସମ୍ବନ୍ଧରେ କହିବାକୁ ରାଜି ହେଲେ ନାହିଁ କାରଣ ହୁଏତ ତାଙ୍କ ବର୍ଣ୍ଣନା ପ୍ରଭାବରେ ମୁଁ ପ୍ରଭାବିତ ହୋଇ ଭ୍ରମ ଦର୍ଶନ କରିପାରେଁ । ସେଥିପାଇଁ ସେ ମୋର ସ୍ୱତନ୍ତ୍ର ଅନୁଭୂତି ଓ ସ୍ୱାଧୀନ ଅଭିମତକୁ ଅପେକ୍ଷା କଲେ ।

ମୁଁ ପଚାରିଲି—ମୋତେ କ'ଣ କରିବାକୁ ହେବ ?

ସେ ମୋତେ ଖାଇବା ଘରୁ ଗୋଟାଏ ଲମ୍ବା ବାରଣ୍ଡାକୁ ଡାକି ନେଇଗଲେ । ବାରଣ୍ଡା ମୁଣ୍ଡରେ ଗୋଟିଏ ଦରଜା ପାଖରେ ଠିଆ ହେଲେ । ତାପରେ ସେ ଘର ଭିତରକୁ ମୋତେ ନେଇ-ଗଲେ । ଏହି ଘରଟି ଗୋଟିଏ (laboratory) ପ୍ରୟୋଗ ଶାଳା ପରି ଜଣା ଯାଉଥିଲା । ଆଲମାରୀ ପରିଚୟ ଗ୍ଲାସ ଓ ବୋତଲ ସବୁ ଭରି ରହିଥିଲା । କାନ୍ଥକୁ ଲାଗି ଗୋଟିଏ ଲମ୍ବା ଥାକ ଉପରେ ବଡ଼ ବଡ଼ କାଚର ପାତ୍ର ଥୁଆ ହୋଇଥିଲା । ତା' ଦେହରେ ଭିନ୍ନ ଭିନ୍ନ ରୋଗଗ୍ରସ୍ତ ଶରୀରର ଅଂଶମାନ ସଂଗୃହୀତ ହୋଇ ରହିଥିଲା ।

"ଦେଖିପାରୁଛ ? ମୋର ଏହି ଅବସ୍ଥାରେ ମଧ୍ୟ ମୁଁ ଅଧ୍ୟୟନରେ ଆନନ୍ଦ ଉପଭୋଗ କରେଁ ।"—ସର ଡୋମିନିକ କହିଲେ—"ମୋର ଅଲୌକିକ ସଂଗ୍ରହର ଏ କେବଳ ଗୋଟିଏ ଭାଗମାତ୍ର । ଦୁର୍ଭାଗ୍ୟ ବଶତଃ, ବମ୍ବେରେ ମୋ ଘରେ ନିଆଁ ଲାଗି ଯିବାରୁ ୧୮୭୨ ରୁ ଅଧିକ ସଂଗ୍ରହ ନଷ୍ଟହୋଇ ଗଲା । ଅନେକ କାରଣରୁ ସେହି ଦୁର୍ଘଟଣା ମୋର ବହୁ ଦୁର୍ଭାଗ୍ୟର ହେତୁ ହେଲା ।"

ମୁଁ ଦେଖିଲି, ଯେଉଁ କେତେକ ସଂଗ୍ରହ ରହିଛି ତାହା ପ୍ରକୃତ ଅଦ୍ଭୁତ । ନାନା ପ୍ରକାର ଅସ୍ଥି, ଶୋଥଯୁକ୍ତ ଶରୀରଗାତ୍ର, ବକ୍ର ହସ୍ତ ପଦ ପ୍ରଭୃତି ବହୁଦ୍ରବ୍ୟ ଥିଲା । ଯେ ସବୁ ମୋ ଦାଦାଙ୍କ ପରିଶ୍ରମ ଫଳର ଅଳ୍ପ କେତେକ ପ୍ରମାଣ ମାତ୍ର ।

"ସେଠି ସେ ଲୋହ ଗଠିଆ ଖଟ ଦେଖୁଛ ?"—ଦାଦା କହିଲେ—"ଆଜି ରାତିରେ ତମେ କେଉଁଠି ଶୋଇପାରିବ ? କୌଣସି ଅଟଥିକୁ ଏହି [illegible] ସ୍ଥାନରେ ଶୋଇବାକୁ

Digitized by srujanika@gmail.com

କହିବାପାଇଁ ମୋର ଇଚ୍ଛା ହୁଏନାହିଁ । କିନ୍ତୁ ଏପରି ପରିସ୍ଥିତିରେ ଉତ୍ତମ ହେବ ବୁଝିଥାଅ ତେବେ ଆଜି ରାତିଟା ସେଇଠି କଟେଇ ଦିଅ । ଯଦି ମନରେ ସାମାନ୍ୟ କୁଣ୍ଠା ଥାଏ ତେବେ ପ୍ରଥମରୁ କହିଦେବା ଉଚିତ— ତାହେଲେ ମୁଁ ଅନ୍ୟ ବ୍ୟବସ୍ଥା କରିବି ।"

"ଅଚ୍ଛା, ମୁଁ ବଡ଼ ଆନନ୍ଦରେ ଏଠି ଶୋଇବି ।" ମୁଁ ଉତ୍ତର କଲି ।

"ବାଁପାଖ ପହିଲି ଘର ଛାଡ଼ି ତା ପର ଘରଟି ମୋର ଶୋଇବାଘର । ଯଦି ଦରକାର ହୁଏ ମୋତେ ଡାକିବ ।"

"ମୋର ବିଶ୍ୱାସ, ଆପଣଙ୍କୁ ଉଠାଇବାର ଦରକାର ହେବ ନାହିଁ ।

"ମୁଁ ତ ଶୋଇ ପାରିବି ନାହିଁ ଅଚ୍ଛା—କାରଣ ମୁଁ ବେଶୀ ଶୁଏଁ ନାହିଁ । ଯଦି ଦରକାର ହୁଏ ଡାକିବାରେ କଦାପି ହେଳା କରିବ ନାହିଁ ।"

ତାପରେ ଲେଡ଼ି ହୋଲ୍ଡେନଙ୍କ ସହିତ ଅଳ୍ପ ସମୟ ଏଣୁ-ତେଣୁ କଥାବାର୍ତ୍ତା ହୋଇ ପରେ ମୁଁ ସେ ଘରେ ଯାଇ ଶୋଇଲି ଯେପରି ଶିକାରୀ ଭାଡ଼ି ଉପରେ ଗୋଟାଏ ଅଦ୍ଭୁତ ଶିକାରର ପ୍ରତୀକ୍ଷାରେ ରହେ—ସେହିପରି । ମୁଁ କବାଟ କିଳିଦେଲି ଓ କମ୍ବଳ ଘୋଡ଼ାଇ ଶୋଇ ପଡ଼ିଲି ।

ପ୍ରେତାତ୍ମାଙ୍କ ଶଙ୍କାକୁ ଶୋଇବା ଘରେ ପରିଣତ କରିବା କେବଳ ଧୃଷ୍ଟତା । ରାସାୟନିକ ଦ୍ରବ୍ୟ ଓ ସ୍ପିରିଟ୍‌ର ଗନ୍ଧରେ ନିଶ୍ୱାସ ରୁଦ୍ଧ ହୋଇଯାଉ ଥାଏ । ଯେଉଁ ଜାଗାରେ ମନୋହର ଚିତ୍ରାବଳୀ ଶୋଭା ପାଇବାର କଥା ସେଠି ଥୁଆହୋଇ ଥାଏ କାଚ ପାତ୍ରରେ ରକ୍ଷିତ ନାନା ରୋଗ-ଦୂଷିତ ମାନବ ଅଙ୍ଗ ପ୍ରତ୍ୟଙ୍ଗର ଭଗ୍ନାଂଶ । ଝରକାରେ ପର୍ଦ୍ଦା ବି ନଥିଲା । ରୁପେଲି ଚନ୍ଦ୍ର କିରଣ କାଚଉପରେ ଝଙ୍କି ଲେଖିଦେଇ ଥିଲା । ମୁଁ ମୋର ମହମବତୀ ଲିଭାଇ ଦେଲି । କ୍ଷଣି ମନେହେଲା, ସତେ ଯେପରି ସେ ସବୁ ପ୍ରେତ ଲୋକର କାରୁକାର୍ଯ୍ୟ । ସେହି ପୁରୁଣା ବୁଢ଼ା ଘରଟା ଏପରି ନିସ୍ତବ୍ଧ ଥିଲା ଯେ ବାହାରର ଗଛପତ୍ରର ଶାଇଁ ଶାଇଁ ଶବ୍ଦ ପରିଷ୍କାର ଶୁଣାଯାଉ ଥିଲା । କାଠ ଥକାରେ ହେଉ ବା ପତ୍ରର ମୃଦୁ ମର୍ମର ଶବ୍ଦ ରୂପକ ନାନାବାଇ ସଙ୍ଗୀତରେ ହେଉ ମୋତେ ନିଦ ମାଡ଼ିଆସିଲା ଓ ଚେଷ୍ଟା ସତ୍ତ୍ୱେ ମୁଁ ସ୍ୱପ୍ନହୀନ ଘନ ନିଦ୍ରାରେ ମଗ୍ନହୋଇ ପଡ଼ିଲି ।

ହଠାତ୍ ଘର ଭିତରେ ଗୋଟାଏ ଶବ୍ଦରେ ମୋର ନିଦ ଭାଙ୍ଗିଗଲା । ମୁଁ ଉଠିପଡ଼ି ବସିଲି । ଇତିମଧ୍ୟରେ ନିଶ୍ଚୟ କେତେ ଘଣ୍ଟା ବିତିଯାଇଛି । କାରଣ କାଚ ଉପରୁ ଚନ୍ଦ୍ରମାର ଖସିପଡ଼ି ମୋ ଗୋଡ଼ ପାଖରେ ଲେଉଟି ଚଉକିଣି ସେଇଠିବେଳକୁ । ଘରର ଅବଶିଷ୍ଟ ସ୍ଥାନ ଅନ୍ଧାର ହୋଇଥିଲା । ପ୍ରଥମେ ମୁଁ କିଛି ଦେଖିପାରିଲି ନାହିଁ । କିନ୍ତୁ ଧୀରେ ଧୀରେ ଆଖି ଯେତେବେଳେ ଅନ୍ଧକାର ଭେଦ କରିବାକୁ ସକ୍ଷମ ହେଲା, ମୁଁ ଦେଖି ପାରିଲି ଘର ଭିତରେ କ'ଣ ଗୋଟାଏ ବୁଲୁଛି ଯେପରି । ମୁଁ ଜଣେ ଡାକ୍ତର—ବୈଜ୍ଞାନିକ । ବିଷୟଟାକୁ ବୁଝିବାପାଇଁ ମୋର କୌତୁହଳ ହେଉଥାଏ । କିନ୍ତୁ ତଥାପି ମୋ ଲୋମମୂଳ ଟାଙ୍କରି ଉଠିଲା । ଅଳ୍ପ ଫଟ୍ ଫଟ୍ ଶବ୍ଦ ଯେମିତି ଚଟି କି ଚପଲ ପିନ୍ଧି-ଥିଲେ ଶୁଭେ, ମୋ କାନରେ ପଡ଼ିଲା । ମୁଁ ଦେଖିଲି ଗୋଟିଏ ମନୁଷ୍ୟ ନିଃଶବ୍ଦରେ ଦୁଆର ଆଡ଼କୁ ଆସୁଛି । ସେ ଜହ୍ନଆଲୁଅ ପାଖକୁ ଆସିଲା । ମୁଁ ଥରଉଠିଲି । ଏଥର ତାର ରୂପଟା ମୋତେ ଭଲକରି ଦେଖାଗଲା । ଲମ୍ବା ଚେଙ୍ଗା ଲୋକଟା ଖାକିରଙ୍ଗର ଢିଲା ଗାଉନପରି ଗୋଟାଏ କ'ଣ ପିନ୍ଧିଥିଲା । ସେଟା ଗୋଡ଼ ପର୍ଯ୍ୟନ୍ତ ଲମ୍ବିଥାଏ । ଚନ୍ଦ୍ରମାରେ ଚେହେରା ବେଶ ପରିଷ୍କାର ଦେଖାଗଲା । ଦେହର ରଙ୍ଗ ସଫା—ଗୋରାମାନଙ୍କ ଭଳି । କଳା କଳା ବାଳ ଗୁଡ଼ାକ ବେଶ୍ ଲମ୍ବା । ମଥାର ପଗଡ଼ି ତଳକୁଯାଏ ଓହଳି ଥାଏ । ସେ ଧୀରେ ଧୀରେ ବୁଲୁଥିଲା କିନ୍ତୁ ତାର ଦୃଷ୍ଟି ବୋଇବେଇ ସେଇ କାଚପାତ୍ର ଗୁଡ଼ିକ ଉପରେ ପଡ଼ୁଥାଏ । ସେ ପ୍ରତ୍ୟେକ ପାତ୍ରକୁ ଉଠାଇ ଦେଖେ, ରଖିଦିଏ, ପୁଣି ଅନ୍ୟଏକ ପାଖକୁ ଯାଏ—ସତେ ଯେପରି ନିରୀକ୍ଷଣ କରିବାରେ ଲାଗିଥାଏ । ଧାଡ଼ିର ଶେଷକୁ ଆସିଲା ବେଳକୁ ସେ ଏକଦମ୍ ମୋ ସାମନାରେ ହାଜର ହୋଇଗଲା । ସେ ମୋ ଆଡ଼କୁ ଚାହିଁଥିଲା ଆଉ ସବାଶେଷ ପାତ୍ରଟିକୁ ଧରିବାକୁ ଉଦ୍ୟମ କରୁଥିଲା । ସେହି ପାତ୍ରଟିକୁ ଛୁଇଁ ସେ ହଠାତ୍ ତାକୁ ଛାଡ଼ିଦେଇ ଗୋଟାଏ ନିରାଶା ସୂଚକ ଭାବରେ ହାତ ଉପରକୁ ଉଠାଇ ଦେଇ କେଉଁଆଡ଼େ ଉଭେଇ ଗଲା । ସେ ହାତ ଟେକିଲାବେଳେ ଦେଖିଲିଯେ ତାର ଗୋଟିଏ ହାତ—ଆଉ ଗୋଟିଏ ହାତ ନାହିଁ । ତାର ଶରୀର ଏତେ ସୁଗଠିତ ଏବଂ ସ୍ୱାଭାବିକ ଯେ ମୋର ମନେହେଲା ସର୍ ଡୋମିନିକଙ୍କ ଭାରତୀୟ ଭୃତ୍ୟ କୌଣସି କାର୍ଯ୍ୟରେ ଏ ଘରକୁ ଆସିଥିଲା । ମାତ୍ର ତାର ଅନ୍ତର୍ଦ୍ଧାନ ହେବା ଦେଖି ମୋର ବଡ଼ ସଂଶୟ ହେଲା । ମୁଁ ସଙ୍ଗେ ସଙ୍ଗେ ବିଛଣାରୁ ଡେଇଁପଡ଼ି ମହମବତୀ ଜାଳିଦେଲି । ଘରଟାଯାକ ଖୋଜି ପକାଇଲି କିନ୍ତୁ ସେ ଅଗନ୍ତୁକର କୌଣସି ଚିହ୍ନବାର୍ତ୍ତା ମଧ୍ୟ ମିଳିଲା ନାହିଁ । ମୁଁ ବର୍ତ୍ତମାନ ମାନିବାକୁ ବାଧ୍ୟ ଯେ ମୋତେ ଗୋଟାଏ ଅସାଧାରଣ ଦୃଶ୍ୟ ଦେଖିବାକୁ ହେଲା—ସେଥିପାଇଁ ମୁଁ ବଡ଼ ଦୁଃଖିତ ହେଲି । ରାତିର ଅବଶିଷ୍ଟ ଭାଗ ମୋତେ ଅନିଦ୍ରା କଟାଇବାକୁ ହେଲା କିନ୍ତୁ ଆଉ ସେପରି କିଛି ଦେଖିଲି ନାହିଁ ।

Digitized by srujanika@gmail.com

ମୁଁ ଖୁବ୍ ଚଞ୍ଚଳ ଉଠେ । କିନ୍ତୁ ଦାଦା ମୋ ଆଗରୁ ଉଠି ଚାହାଳେ ଘାସ ଉପରେ ଚହଲୁ ଥିଲେ । ମୋତେ ଦେଖିବା ମାତ୍ରେ ମୋ ପାଖକୁ ଛୁଟିଆସି ବଡ଼ ଉତ୍ସୁକତାରେ ପଚାରିଲେ "ଡାକ୍ତର, ତମେ ତାକୁ ଦେଖିଲ ?"

"ଜଣେ ଏକହାତିଆ ଭାରତବାସୀ ତ ? ହଁ, ମୁଁ ତାକୁ ଦେଖିଛି ।"

"ବିଲକୁଲ ଠିକ୍ । ଏକହାତିଆ—ଠିକ୍ ଏକହାତିଆ ସେ ।"

"ହଁ ମୁଁ ଦେଖିଛି ।" କହି ତାଙ୍କୁ ରାତିର ସମସ୍ତ ଘଟଣା ଶୁଣାଇଲି । ସେ ମୋତେ ତାଙ୍କ ଘରକୁ ଡାକିନେଲେ ।

ଟିକିଏ ଥାଣିଆଣି ସେ କହିବାକୁ ଆରମ୍ଭ କଲେ "ଜଳଖିଆ କରିବା ପୂର୍ବରୁ ମୋର କିଛିସମୟ ଅବସର ଅଛି । ମୋର ତମକୁ ଇତିମଧ୍ୟରେ ଅନେକ କଥା ସେ ସମ୍ପର୍କରେ କହିବାର ଅଛି । ଗତ ଚାରିବର୍ଷ ମଧ୍ୟରେ, ବମ୍ବେଇରେ କ'ଣ, ଦେଶକୁ ଆସିବା ବେଳେ ଜାହାଜ ଭିତରେ କ'ଣ, ବା ଏଠି କ'ଣ, ଏପରି କୌଣସି ରାତି ମୋର ବାଦ୍ ଯାଇନାହିଁ ଯେଉଁଦିନ ସେ ଲୋକଟା ମୋର ନିଦ ଭାଙ୍ଗିଇ ନଥିବ । ମୋର ସ୍ୱାସ୍ଥ୍ୟ ଏପରି ଖରାପ ହେବାର କାରଣ ତମେ ବୁଝିପାରୁଥିବ । ସବୁଦିନେ ତାର ଏକ-ପ୍ରକାରର କାର୍ଯ୍ୟକ୍ରମ । ପ୍ରତିଦିନ ଆସେ । ପହିଲେ ଅଙ୍ଗୁଳି ମୋ ବିଛଣା ପାଖରେ ଆସି ପହଞ୍ଚେ ଆଉ ମୋ କାନକୁ ଧରି ଖୁବ୍ ଜୋରରେ ଭୟଙ୍କର ଭାବରେ ହଲାଇ ଦିଏ । ତାପରେ ପ୍ରୟୋଗ-ଶାଳାକୁ ଚାଲିଯାଏ । ବୋତଲ ଯେଉଁଠି ଅଛି ତା ଆଗରେ ସେ ଧୀରେ ଧୀରେ ଚାଲେ ଆଉ ଅନ୍ତିମ ଥାକ ପାଖରେ ଅନ୍ତର୍ଦ୍ଧାନ ହୋଇଯାଏ ।"

"ସେ କ'ଣ ଚାହେଁ ?"

"ସେ ଖୋଜେ ତାର ହାତ ।"

"ତା' ହାତ ?"

"ହଁ, ଘଟଣାଟା ଶୁଣ । ମୁଁ ଭାରତରେ ଥିବାବେଳେ ରୋଗୀ ଦେଖିବା ପାଇଁ ଥରେ ପେଶାବାର ଯାଇଥିଲି । ସେଠି ମୁଁ ଗୋଟିଏ ପଠାଣ ରୋଗୀ ଦେଖିଲି । ସେ କୌଣସି ବ୍ୟବସାୟୀ ସାଙ୍ଗରେ ଅଫଗାନିସ୍ଥାନ ଯାଉଥିଲା । ସେ ଖୁବ୍ ଲମ୍ବା ଚଉଡ଼ା ମଣିଷ ଥିଲା । ତା ହାତରେ ଏପରି ଗୋଟାଏ ଘାଆ ହୋଇଥିଲା ଯାହାକି ଧୀରେ ଧୀରେ କାନ୍ଧପର୍ଯ୍ୟନ୍ତ ପଚାଇ ଦେଇଥିଲା । ହାତ କଟାଇ ନଥିଲେ ସେ ତା କେବେ ଶୁଖି ନଥାନ୍ତା । ମୁଁ ତାକୁ ବହୁ କଷ୍ଟରେ ବୁଝାଇ କଟାଇବାକୁ ରାଜି କରାଇଲି । ସେ ହାତ କଟାଇ ମୋତେ ମୋର ଫିସ ପଚାରିଲା । ମୋତେ ତା କଥାଶୁଣି ହସମାଡ଼ିଲା । କାରଣ ସେ ଅତି ଦରିଦ୍ରଭିକାରୀ ଥିଲା । ମୁଁ ତାକୁ ପରିହାସ ଛଳରେ କହିଲି ଯେ ଫିସ ବଦଳରେ ମୋର ସେଇ ହାତଟି ଲୋଡ଼ା । ତାକୁ ପାଣିରେ ଯତ୍ନସହକାରେ ନିଜ ସଂଗ୍ରହା-ଳୟରେ ରଖିବାକୁ ତାକୁ ଜବାବ୍ ଦେଲି ।

କିନ୍ତୁ ଆଶ୍ଚର୍ଯ୍ୟର କଥା ସେ ସେଥିରେ ଆଦୌ ରାଜିହେଲା ନାହିଁ । ତାର ଧର୍ମ ବିଶ୍ୱାସ ଅନୁସାରେ ଅଙ୍ଗ ସହିତ କବର ପ୍ରବେଶ କରିବାକୁ ହୁଏ କାରଣ ଖୁଦାଙ୍କ ଡାକ ପହଞ୍ଚିବା ମାତ୍ରେ ସେ ଯେପରି ତାଙ୍କ ନିକଟକୁ ପୂର୍ଣ୍ଣଶରୀରରେ ଯାଇପାରେ । ଏ ବଡ଼ ପୁରାତନ ବିଶ୍ୱାସ । ଏହି ବିଶ୍ୱାସ ଯୋଗୁ ପୂର୍ବକାଳରେ ମିଶର ଦେଶରେ ଶବକୁ ପୂର୍ଣ୍ଣାଙ୍ଗ ରଖିବାର ପ୍ରଥା ଥିଲା । ମୁଁ ତାକୁ ପଚାରିଲି—"ହାତ ତ ଦେହଠାରୁ ଅଲଗା ହୋଇ ଯାଉଛି—ତୁ ତାକୁ ରଖିବୁ କିପରି ?" ସେ ଉତ୍ତର ଦେଲା ଯେ ଲୁଣ ଲଗାଇ ସେ ତାକୁ ସବୁବେଳେ ନିଜ ପାଖେ ପାଖେ ରଖିବ । ମୁଁ ତେଣୁ ତାକୁ ବୁଝାଇଲି ଯେ ଲୁଣଠାରୁ ଭଲ ମସଲା ମୋ ପାଖରେ ଅଛି—ସେଥିରେ ଖୁବ୍ ଭଲରେ ହାତ ରହିବ—କିଛି ଖରାପ ହେବ ନାହିଁ । ସେ ରାଜିହେଲା ଓ ଶେଷରେ କହିଲା—"ସାହାବ୍, ଭୁଲ୍ ନଯାନା ! ମୁଝେ ମରନେ ପର ଉସ୍‌କୋ ଜରୁରତ୍ ହୋଗୀ ।"

ମୁଁ ହାତ ନେଇ ବମ୍ବେ ଫେରିଲି । ସେ ନିଜ ଜାମିଦ ସଙ୍ଗରେ ଚାଲିଗଲା ।

ମୁଁ କାଲି ରାତିରେ ତମକୁ କହିଛି ଯେ ବମ୍ବେଇରେ ମୋ ଦୋକାନରେ ନିଆଁ ଲାଗିଲା । ଘରର ଅଧେ ଜଳିଗଲା । ମୋ ସଂଗ୍ରହର ଅଧିକାଂଶ ତା ସହିତ ନଷ୍ଟ ହୋଇଗଲା । ତା ସଙ୍ଗରେ ସେଇ ପଠାଣର ହାତଟା ବି ଜଳିଗଲା କିନ୍ତୁ ସେତେବେଳେ ମୁଁ ସେ ବିଷୟପ୍ରତି ଆଦୌ ଧ୍ୟାନ ଦେଇ ନଥିଲି । ଏ ଆଜିକି ୬ବର୍ଷ ତଳର କଥା ।

ଚାରିବର୍ଷ ହେବ, ଘରପୋଡ଼ର ଦୁଇବର୍ଷ ପରେ, ଦିନେ ରାତିରେ ମୋତେ ଜଣେ କିଏ ଖୁବ୍ ଜୋରରେ ହଲାଇ ଦେଲା । ପ୍ରଥମେ ମୁଁ ମନେକଲି ମୋ କୁକୁର ମୋତେ ଉଠାଉଛି । କିନ୍ତୁ ମୁଁ ଭଲକରି ଦେଖି ଚହଲିଗଲି - ସେ ସେହି ପଠାଣ ରୋଗୀ । ସେ ନିଜ ଜାତୀୟ ଢିଲା ପୋଷାକ ପିନ୍ଧିଥିଲା । ସେ ନିଜର ଓଠ କାମୁଡ଼ି ମୋତେ ଚାହିଁଥାଏ—ଗୋଟାଏ ଅପମାନ ସୂଚକ ଦୃଷ୍ଟିରେ । ତାପରେ ସେ ମୋ ବୋତଲ ପ୍ରଭୃତି ପାଖକୁ ଗଲା । ସେତେ-ବେଳେ ମୁଁ ସେସବୁ ଶୋଇବା ଘରେ ରଖୁଥିଲି । ସେ ଭଲ-ଭାବରେ ସବୁ ଠିକ୍ ଠିକ୍ କରି ଦେଖିଲା ପରେ ରାଗରେ ଗୁଁ ଗର ଗର କରି କୁଆଡ଼େ ଉଭେଇଗଲା । ମୁଁ ସେତେବେଳେ ଯାଇଁ ବୁଝିଲି ଯେ ତାର ମୃତ୍ୟୁ ହୋଇ ଯାଇଛି ଆଉ ମୋର ପ୍ରତିଶ୍ରୁତ ତାର କଟାହାତଟି ନେବାକୁ ଏଠିକି ଆସିଛି ।

Digitized by srujanika@gmail.com

"ସବୁକଥା ମୁଁ ତୁମକୁ କହିଲି । ଚାରିବର୍ଷ ହେଲା ବରାବର ପ୍ରତି ରାତିରେ ସେ ମୋତେ ଜଗିଛନ୍ତି । କିଛି କଥାନାହିଁ—କିନ୍ତୁ ମୁଁ ଶୋଇପାରୁ ନାହିଁ—ସେ ଅଛନ୍ତି, ଦେଖିଲେ ମୋତେ ନିଦ ହୁଏନାହିଁ । ସେ ଖାଲି ମୋର ନୁହେଁ—ମୋ ସ୍ତ୍ରୀର ଆୟୁ ମଧ୍ୟ ହାନି କରି ଦେଉଛି ।"

ଦାଦାଙ୍କର କଥା ଅଗରୁ ଶୁଣିଥିଲେ ସତ ବୋଲି ମୁଁ ହୁଏତ ମାନି ନଥାନ୍ତି କିନ୍ତୁ କାଲି ରାତିର ଘଟଣା ପରେ, ଆଉ ଅଧିକ ପ୍ରମାଣ ପାଇଁ କିଛି ବାକି ନଥିଲା । ମୁଁ ଜଳଖିଆ ଖାଇସାରି ଲଣ୍ଡନ ଫେରି ଆସିବାକୁ ବାହାରିଲି । ଦାଦା ବଡ଼ ଦୁଃଖିତ ହେଲେ । କହିଲେ—ତାଙ୍କର ଆଦୌ ଧାରଣା ନଥିଲା ଯେ ସେ ଘରେ ଶୋଇବା ଦ୍ୱାରା ଓ ତାଙ୍କର ସେ ଗଳ୍ପ ଶୁଣିବା ଦ୍ୱାରା ମୋର କଷ୍ଟ ହେବବୋଲି । ମୁଁ ତାଙ୍କୁ ମନାଇଲି ଏବଂ ବିଶ୍ୱାସ ଦେଇଥିଲି ଯେ ଖାଲି ସେଇ ଘଟଣା ନେଇ ମୁଁ ଲଣ୍ଡନ ଫେରିଯାଉ ନାହିଁ ଏବଂ ବୁଝାଇ କହିଲି ଯେ ତାଙ୍କର କାମରେ ମୋର ଲଣ୍ଡନ ଯିବା କଥା; ମୁଁ ନିଶ୍ଚୟ ସନ୍ଧ୍ୟା ବେଳକୁ ଫେରିଆସିବି ଓ ସେ ଦିନ ରାତିରେ ପୁଣି ସେଇଠି ଶୋଇବି । କାରଣ ପୁଣି ସେ ଭୂତକୁ ଦେଖିବା ପାଇଁ ମୋର ବଡ଼ ଇଚ୍ଛା ।

ଦାଦା ମୋର ଉଦ୍ଦେଶ୍ୟ ପଚାରିଲେ । ମାତ୍ର ମୁଁ କହିଲି ନାହିଁ । କାରଣ ମୋର ଉଦ୍ଦେଶ୍ୟ ଯଦି ସଫଳ ନହୁଏ ତେବେ ବୃଥା ଆଶା ଦେଇବା ଦ୍ୱାରା ତାଙ୍କର ଅଧିକ ଅନିଷ୍ଟ ଘଟିବାର ଯଥେଷ୍ଟ ସମ୍ଭାବନା ଥିଲା ।

ଦିନ ଦୁଇଟାବେଳେ ମୁଁ ଲଣ୍ଡନରେ ମୋ ଘରେ ପହଞ୍ଚି ଲାଇବ୍ରେରୀରୁ ଖଣ୍ଡେ ବହି କାଢ଼ି ପଢ଼ିଲି । ବହିର ଲେଖକଙ୍କୁ ପ୍ରେତ ବିଦ୍ୟା ସମ୍ବନ୍ଧରେ ଜଣେ ପଣ୍ଡିତ ବୋଲି ମୁଁ ମାନୁଥିଲି ।

ସେ ବହି ପଢ଼ୁଁ ପଢ଼ୁଁ ଠାଏ ଦେଖିଲି ଲେଖାଥିଲା—ମୃତ୍ୟୁ ପୂର୍ବରୁ ଯେଉଁ ବିଷୟ ପାଇଁ ଚେଷ୍ଟା କରି ମନୁଷ୍ୟ ଅକୃତକାର୍ଯ୍ୟ ହୋଇ ଥାଏ, ପରଲୋକରେ ସେ ସେହି ଚିନ୍ତାରେ ଚଞ୍ଚଳ କରି ବୁଲେ । ସେ ପିତୃଲୋକ ଏବଂ ପ୍ରେତଲୋକ ଭିତରସ୍ଥ ସ୍ଥାନକୁ ଯାଏ । ଯେଉଁ କାରଣରୁ ସେ ଜୀବନର ମୋହ ଛାଡ଼ି ପାରି ନ ଥାଏ, ତାହା ତାକୁ ଗଭୀର ଦୁଃଖ ଦିଏ । ଦ୍ୱେଷ, ଘୃଣା, ଲୋଭ, ଅଶକ୍ତି ଏବଂ ଦୟାଳୁତା ପ୍ରଭୃତିର ପ୍ରଭାବ ଆତ୍ମା ଉପରେ ପ୍ରତିଫଳିତ ହୁଏ । ତାର ପରିତୃପ୍ତି ବିନା ସେ ଶାନ୍ତି ପାଏ ନାହିଁ । ଅଧିକାଂଶ ସ୍ଥଳରେ ଦେଖାଯାଏ ଯେ ପ୍ରେତାତ୍ମା ଅପୂର୍ଣ୍ଣକାମନା ଦ୍ୱାରା ବଡ଼ ଯନ୍ତ୍ରଣା ଉପଭୋଗ କରେ ଏବଂ ଇଚ୍ଛା ପୂର୍ଣ୍ଣ ହେବା ମାତ୍ରେକ ସେ ମୃତ୍ୟୁଲୋକର ମୋହ ତ୍ୟାଗ କରେ । ଏପରି କେତେକ ଘଟଣା ଦେଖା ଯାଉଛି, ପ୍ରେତାତ୍ମା ଗୋଟାଏ ସ୍ଥାନକୁ ବାରବାର ଆସୁଛି ଯାଉଛି, ଏପରି ଅବସ୍ଥାରେ ଯଦି ସେ ପ୍ରଶ୍ନ ଅପେକ୍ଷା ପୂର୍ବରୁ ତାର ଇଚ୍ଛା ପୂର୍ଣ୍ଣ କରି ଦିଆଯାଏ କିମ୍ବା ତାର ଇଚ୍ଛା ପୂର୍ଣ୍ଣ ହୋଇଛି ବୋଲି ସେ ଭଲଭାବରେ ବୁଝିଯାଏ—"

"ଇଚ୍ଛା ପୂର୍ଣ୍ଣ ହୋଇଛି ବୋଲି ଭଲଭାବରେ ବୁଝିଯାଏ !" ଏହି କଥାଟା ମୁଁ ସକାଳୁ ବରାବର ମନେକରୁଥିଲି ଆଉ ବହିରେ ବି ଆସି ସେଇୟା ଦେଖିଲି । ଭାବିଲି ପୂର୍ଣ୍ଣରୂପେ ଇଚ୍ଛାପୂର୍ଣ୍ଣ କରିବା ଅସମ୍ଭବ କିନ୍ତୁ ତାକୁ ସେପରି ବୁଝାଇଦେବା କଷ୍ଟକର ହେବନାହିଁ ।

ସଙ୍ଗେ ସଙ୍ଗେ ଗାଡ଼ିଚଢ଼ି 'ସଡ଼ବେଲ ଓମେନ ହସପିଟାଲ୍'ରେ ଯାଇଁ ପହଞ୍ଚିଲି ।

ସେଠାରୁ ମୋର ବନ୍ଧୁ କେକହିବେଟଙ୍କ ଠାରୁ ଗୋଟିଏ ଭାଙ୍ଗିଯିବାର କଣ୍ଠାହାଡ଼ ମାଗିଆଣି ମୁଁ ସେଇଦିନ ଦାଦାଙ୍କ ଘରକୁ ସିଧା ଚାଲିଆସିଲି ।

ଉତ୍କଣ୍ଠାରେ ମୋର ନିଦ ମୋଟେ ହେଲା ନାହିଁ । ପାଖରେ ଢିବା ଲେମ୍ପଟା ରଖି ମୁଁ ନିଜର ମିତ୍ରର ପ୍ରତୀକ୍ଷାରେ ରହିଲି ।

ଏଥର ମୁଁ ତାକୁ ଖୁବ୍ ପରିଷ୍କାର ଭାବରେ ଦେଖିଲି । ପ୍ରଥମେ ସେ ଗୋଟାଏ ଛାୟା ସଦୃଶ ପ୍ରତୀତ ହେଲା କିନ୍ତୁ ଧୀରେ-ଧୀରେ ସ୍ପଷ୍ଟ ମନୁଷ୍ୟରୂପ ଧାରଣ କରିଲେ । ତା ଚଟିତଳ ଲାଲ୍, ମଇଳାହୋଇ ଥିଲା । ସେଥିପାଇଁ ଖୁବ୍ ଜୋରରେ ଚଟଚଟ ଶବ୍ଦ ଶୁଣାଯାଉ ଥାଏ । ଅଗ ରାତିପରି ଆଜି ବି ସେ ପ୍ରତ୍ୟେକ ବୋତଲକୁ ଦେଖି ଦେଖି ଗଲା ଓ ଅନ୍ତିମ ପାତ୍ର ପାଖରେ ଯାଇଁ ରହିଗଲା । ତାହାରି ଭିତରେ ମୁଁ ସେଇ କଣ୍ଠାହାଡ଼ଟା ରଖିଥିଲି ।

ଦେଖିଲି, ତା'ର ମୁଖମଣ୍ଡଳରେ ଗୋଟାଏ ଆନନ୍ଦର ଜ୍ୟୋତି ଖେଳିଗଲା ଯେପରି । ତାର ସମଗ୍ର ଶରୀର ଉତ୍କଣ୍ଠାରେ ଥର ଉଠିଲା । ବଡ଼ ଆଗ୍ରହରେ ସେ ସେହି ହାଡ଼କୁ କାଢ଼ିଲା ଓ ଖୁବ୍ ସାବଧାନ ସହିତ ତାକୁ ଦେଖିଲା କିନ୍ତୁ ହଠାତ୍ କ୍ରୋଧରେ ଚିତ୍କାର କରି ନିରାଶା ପୂର୍ଣ୍ଣ ଭାବରେ ତାକୁ ତଳେ ଫୋପାଡ଼ି ଦେଲା । ପାତଟା ତଳେ ପଡ଼ି ଘର୍ଷଣ ଯୋଗରେ ଗୋଟାଏ ଶବ୍ଦ ପ୍ରତିଧ୍ୱନିତ ହୋଇ ଉଠିଲା । ସେ ସେତିକିବେଳେ ସେଇ ରାତିର ନିସ୍ତବ୍ଧତା ଦେହରେ କୁଆଡ଼େ ମିଶିଗଲା । ମୁଁ ମୁଣ୍ଡଟେକି ଚାହିଁଲା ବେଳକୁ ସେ ପଠାଣ ଉଭେଇ ଯାଇଥିଲା । ମୁହୂର୍ତ୍ତକ ଭିତରେ ଦୁଆରଖୋଲି ଦାଦା ଦୌଡ଼ି ଆସିଲେ ।

"କଣ ହେଲା ? ତୁମର କେଉଁଠି ଚୋଟ୍ ଲାଗିନାହିଁ ତ ?" ସେ ପଚାରିଲେ ।

"ନା—କିଛି ହୋଇନାହିଁ । କିନ୍ତୁ ଟିକେ ନିରାଶ ହେଲି ।"

Digitized by srujanika@gmail.com

ସେ ସେହି ଭଗ୍ନ କାଚପାତ୍ର ଭିତରେ ସେଇ ହାତଟିକୁ ଦେଖି ଚମକିପଡ଼ି କହିଲେ——'ହେ ଭଗବାନ, ଏକ'ଣ ?'

ମୁଁ ମୋର ଉଦ୍ଦେଶ୍ୟ ତାଙ୍କୁ କହିବାକୁ ବାଧ୍ୟ ହେଲି ।

ସେ ମୁଣ୍ଡ ହଲାଇ ଦେଲେ ଏବଂ କହିଲେ "ଯା କରିବାକୁ ଯାଉଥିଲ ସେ ବଡ଼ ବୁଦ୍ଧିର କାର୍ଯ୍ୟ, ମାନୁଛି । କିନ୍ତୁ ମୋର ଦୁଃଖ ଯେ ଏ ଜୀବନରେ ଶେଷ ହେବାର ନୁହେଁ—ତମେ ଶତ ଚେଷ୍ଟା କଲେ ମଧ୍ୟ କ'ଣ ହେବ । ସେ ଯାହାହେଉ ମୁଁ ଆଉ କେବେହେଁ ତମକୁ ଏ ଘରେ ଶୋଇବାକୁ ଦେବି ନାହିଁ ।

ସେ ଘରର ଅବଶେଷ ମୋତେ ସେଇଠାରେ ବିତାଇବାକୁ ଅନୁମତି ଦେଇ ଚାଲିଗଲେ । ମୁଁ ସକାଳ ପର୍ଯ୍ୟନ୍ତ ସେଇ ଖଟିଆ ଉପରେ କେବଳ କଡ଼ ଲେଉଟାଇବାରେ ଲାଗିଲି । ଅବିଶେଷ ଏବଂ ତନ୍ଦ୍ରାରେ ନିଦ ଆଦୌ ହେଲା ନାହିଁ । ସକାଳର ପ୍ରଥମ ଆଲୋକରେ ଦେଖିଲି, ମୁଁ ଯେଉଁ ହାତଟିକୁ ଆଣିଥିଲି, ତାହା ମୋର ଅସଫଳତାରେ ପରିହାସ କରି ଉଠିଲେ ଭଳି ଯାଉଛି ଯେପରି । ଅକସ୍ମାତ ମୋର ଗୋଟାଏ କଥା ମନେ ପଡ଼ିଗଲା । ନିଜ ହାତରେ ସେ ହାତଟାକୁ ନେଇ ଦେଖିଲି । ଯାହା ଭାବିଥିଲି ଠିକ୍ ସେଇଆ—ମୁଁ ଶବର ବାଁ ହାତଟା ନେଇ ଆସିଥିଲି ।

ସଙ୍ଗେ ସଙ୍ଗେ ପ୍ରଥମ ଗାଡ଼ି ଧରି ଲଣ୍ଡନ ଚାଲିଗଲି । ସେଠି ପହଞ୍ଚିବା ମାତ୍ରେ ସୀମେନ୍ସ ଅସପାତାଲ ଆଡ଼କୁ ଦୌଡ଼ିଲି । ସେ ଶବଟାର ଦୁଇହାତ ଯାକ କଟାହୋଇ ଯାଇଥିଲା ବୋଲି ମୋର ମନେ ପଡ଼ୁଥିଲା । ସେଥିପାଇଁ କାଳେ ଡାହାଣ ହାତଟା କଟା ହୋଇଥିବ ଏଥିପାଇଁ ଡରି ହେଉଥିଲା ଭାରି । କିନ୍ତୁ ମୋର ସନ୍ଦେହ ଶୀଘ୍ର ଦୂର ହୋଇଗଲା । ଯାଇ ଦେଖିଲି ସେ ଶବର ଡାହାଣ ହାତଟା ସେ ପର୍ଯ୍ୟନ୍ତ 'ପୋଷ୍ଟମର୍ଟମରୁମ'ରେ ଥୁଆ ହୋଇ ଥିଲା । ସେ ଦିନ ସନ୍ଧ୍ୟା ବେଳକୁ ମୁଁ ପୁଣି ନୂଆ ଉପାୟ ପ୍ରୟୋଗ କରିବାକୁ ତାହା ସଙ୍ଗେ ନେଇ ଗ୍ରେଡ଼ନହର୍ଷ୍ଟରେ ଆସି ପହଞ୍ଚି ଗଲି ।

ଦାଦା ମୋତେ କୌଣସିମତେ ଆଉ ସେ ଘରେ ଶୋଇବାକୁ ଦେଲେ ନାହିଁ । ମୋର ସମସ୍ତ ପ୍ରାର୍ଥନା ବିଫଳ ହେଲା । ତାଙ୍କ ମତରେ ତାହା ଅତ୍ୟନ୍ତ ସାହାସ - ବିରୁଦ୍ଧ କାର୍ଯ୍ୟ ଥିଲା । ଅବଶେଷରେ ପ୍ରୟୋଗଶାଳା ( laboratory ) ରେ କାଚପାତ୍ରରେ ସେ ହାତକୁ ରଖି ଅନ୍ୟ ସ୍ଥାନରେ ଶୋଇବାକୁ ଗଲି ।

କିନ୍ତୁ ମୋର ନିଦ ଘଣ୍ଟାକରେ ଭାଙ୍ଗି ଯାଉଥାଏ । ଅଧରାତି ସମୟରେ ହଠାତ୍ ମୋ ନିଦଟା ଭାଙ୍ଗିଗଲା । ମୁଁ କେତେ ବୁଝିବାକୁ ଚାହିଁ ଦେଖିଲି କେହି ଜଣେ ମୋ ଆଡ଼କୁ ଆସୁଛି । ପାଖରେ ଆସି ହେବାରୁ ଦେଖି ଆଶ୍ଚର୍ଯ୍ୟ ହେଲି ଯେ ସେ ମୋର ଦାଦା ନିଜେ । ତାଙ୍କର ବିଶାଳ ଶରୀର ନଇଁ ଯାଇଥିଲା । ସେ ଗୋଟାଏ ଢିଲା ଗାଉନ ପିନ୍ଧିଥିଲେ । ତାଙ୍କର ବେଶ ଦେଖି ଯେ କୌଣସି ଦୁର୍ବଳମନା ଲୋକ ପଠାଣଠାରୁ ଅଧିକ ଡରିବ । ମୁଁ କିନ୍ତୁ ତାଙ୍କ ଅସିବାଦ୍ଵାରା ସେତେ ଆଶ୍ଚର୍ଯ୍ୟାନ୍ୱିତ ହେଲି, ମୋତେ ତାଙ୍କର ମୁଖର ଭାବ ଦେଖି ଆଶ୍ଚର୍ଯ୍ୟ ଲାଗିଲା ବେଶି । ମନେ ହେଲା ଯେପରି ସେ ଯାହାଥିଲେ ଏହି ରାତି ମଧ୍ୟରେ ତାଠାରୁ କୋଡ଼ିଏ ବର୍ଷ ସାନ ହୋଇଯାଇଛନ୍ତି । ତାଙ୍କର ଚକ୍ଷୁ ଜଳି ଉଠିଥିଲା—ଏବଂ ମୁଖ ଉଜ୍ଜ୍ୱଳ ଦେଖା ଯାଉଥିଲା । କେଉଁ ଉଲ୍ଲାସରେ ସେ ଗୋଟାଏ ହାତ ଉପରକୁ ଉଠାଇ ଦେଉଥିଲେ । ମୁଁ ତାଙ୍କୁ ବଲ ବଲ କରି ଚାହିଁ ରହିଲି । ତାଙ୍କର କଥାର ଶବ୍ଦ ଶୁଣି ମୁଁ ପ୍ରକୃତିସ୍ଥ ହେଲି ।

—'ଆମେ ଗୋଟାଏ ଚମତ୍କାର ଦେଖାଇ ଦେଲେ —ପ୍ରୟୋଗ ସଫଳ ହେଲା" ସେ ଖୁବ୍ ବଡ଼ ପାଟିରେ କହି ଉଠିଲେ— "ହୋରେସ୍,— ତପର ରାତି ମୁଁ କାହାର ଶୁଣିବାକୁ ଜାଣେ ନାହିଁ"

"କଅଣ ସବୁ ଠିକ ହୋଇଗଲା?"

"ହଁ ହଁ ମୁଁ ତ ସେଇଆ କହୁଛି— ସବୁ ଠିକ ହୋଇଗଲା । ତମକୁ ଏପରି ଆସି ଉଠାଇବା ଅଭଦ୍ରତା— କିନ୍ତୁ— କିନ୍ତୁ ଏ କେଡ଼େ ବଡ଼ ଖୁସି ଖବର— ନକହି ରହି ପାରନ୍ତି କିପରି ?"

"କ'ଣ ପ୍ରକୃତରେ ମୋର ଚେଷ୍ଟା ସଫଳ ହୋଇଛି ।"

"ନିଶ୍ଚୟ ! ମୁଁ ତମଠାରେ ବଡ଼ ଋଣୀ ହୋରେସ୍ ! ମୁଁ ତମପାଇଁ ସବୁ କରିପାରେଁ ହୋରେସ୍ ! ଭଗବାନ ତମକୁ ମୋ ରକ୍ଷା ପାଇଁ ପଠାଇ ଥିଲେ । ତମେ ମୋର ପ୍ରାଣ ଓ ମନ ଉଭୟର ରକ୍ଷାକର୍ତ୍ତା । ଯଦି ଆଉ ଛ ମାସ ପୂର୍ବପରି ଚାଲିଥାନ୍ତା ତେବେ ନିଶ୍ଚିତ ମୋତେ ମୃତ୍ୟୁମୁଖରେ ପଡ଼ିବାକୁ ହୋଇଥାନ୍ତା ନତୁବା ପାଗଳ ଖାନାରେ ଆଶ୍ରୟ ନେଇଥାନ୍ତି । ମଁ ପ୍ରିୟ ହୋରେସ୍ ମୋର ଏ କଷ୍ଟ ଘୁଞ୍ଚିବ ଏକଥା ମୁଁ କେବେ ବିଶ୍ୱାସ କରିପାରୁ ନଥିଲି ।"

ସେ ମୋ ହାତକୁ ଜୋରରେ ଧରି ନେଲେ ।

ମୁଁ କହିଲି— "ଏ ତ ଗୋଟାଏ ଚେଷ୍ଟା— ଗୋଟାଏ ପ୍ରଚେଷ୍ଟା ଖାଲି ଗୋଟାଏ ଆଶା । ଆଜିହିଁ ତାହା ସଫଳ ହୋଇଛି । କିନ୍ତୁ ଆପଣ ସବୁ ସଫଳ ହୋଇଗଲା ବୋଲି ଜାଣିଲେ କିପରି ? କ'ଣ ଆପଣ କିଛି ଦେଖିଛନ୍ତି ?'

ସେ ମୋ ଖଟ ଉପରେ ଆସି ବସି ପଡ଼ିଲେ ।

(୨୨ ପୃଷ୍ଠାର ପ୍ରଥମ ସ୍ତମ୍ଭରେ ଦେଖନ୍ତୁ)



Digitized by srujanika@gmail.com

# ବହିପତ୍ର



### ସହକାର-ଅଷ୍ଟାଦଶଭାଗ-ଷଷ୍ଠସଂଖ୍ୟା

ବର୍ଷା—କବିତାଟି ନମ୍ର ଗମ୍ଭୀର ଏବଂ ସୁଯୋଗୋପଯୋଗୀ । ବାସ୍ତବରେ ଏହା 'ଅନାଗତ ସ୍ୱାଗତ କବିତା ।'

ବନ୍ୟା ଅଟେ ମୋ—ଚନ୍ଦ୍ରାଧାର ମୌଳିକ । ଭାଷା ବର୍ଣ୍ଣନା ଭଙ୍ଗୀବହୁ ତରଳ ଏବଂ ପ୍ରଖର ।

କଏ କହେ ତାକୁ ବାଟି ମାଟିଏ
ଗଡ଼ାବର ବାନ୍ଧ ହାଡ଼ ମାଂସେ
ପହଣତ ହେବ ଯବେ ଦେର୍ଘ
ବନ୍ୟା ମଡ଼ା ଶମଶାନ ପାଞ୍ଚେଶେ ।

ଲେଖକଙ୍କର ଦେଶ— ପ୍ରାଣତା ଏହାଭିତ ଅନେକ ପଦରେ ବେଶ୍ ପରିସ୍ଫୁଟ ।

ତାଙ୍କ ଅଭିମାନରେ ଲେଖିଛନ୍ତି—

ଚିରଦିନ ଛଟକର ଦେଶ ଏ
ଚଢ଼ା ଅର୍ତ୍ତି ହାହାକାର ଏ ଭାଷା
ଏହି ଭୂମି ଏହି ଭାଷା ତେଜିଲେ
ଘୁଞ୍ଚିଯିବ ଜୀବନର ଦୁର୍ଦ୍ଦଶା ।

ଯାହାକୁ ଯେ ଯେତେ ଭଲପାଏ ତା' ଉପରେ ରାଗିବାର, ଆକ୍ଷେପ କରିବାର ଅଧିକାର ତାର ସେତେ ବେଶୀ

ବରଦେ—ଲେଖକ ଯେ କାହା ବରଦରେ ଅଧୀର ତାହା ଗଳ୍ପବାସୀ ମାନେ ଭଲ କରି ପାରିବେ । ଗଳ୍ପଟିରେ ବୁଝିଆଏ ବୋଲି ଶୁଣି । ଲେଖକ କଳ୍ପନା-ମେଧ ହୋଇ ଥିବେ ଅବା ।

ଅବସାଦ—ଲେଖିକାଙ୍କ ବଙ୍ଗମୂଳୀ କଲମ ଓଡ଼ିଶା ଦାଣ୍ଡିପଡ଼ାରେ ସେ ଉଦେଇବ ଏ ଆଶା ଅବସାନ ଯଥେଷ୍ଟ ଦେଇଛି । ଗଳ୍ପଟି ଯେପରି ଜୀବନ୍ତ ସେହିପରି ସ୍ୱାଭାବିକ ଓ ସୁନ୍ଦର ।'

ଅସଂନାସ—ଲେଖିକାଙ୍କର ଉଦ୍ୟମକୁ ଧନ୍ୟବାଦ ଦେବା ଛଡ଼ା ଆଉ ବେଶୀ କିଛି ଲେଖିବା ଆବଶ୍ୟକ ମନେ କରୁନାହିଁ ।

ଶେଷ ରାତ—"ଅନ୍ଧାରୁଆ ବରଗଛର ପତ୍ର ଫାଙ୍କରୁ ଅଣବ୍ୟସ୍ତ ପ୍ରେତର କଙ୍କାଳ ପରି ଜହ୍ନ ଉଠୁଛି କୁହୁକୁହୁଳିଆ ପୋକ । ଫାଶୀ ମଞ୍ଚ ଆଗରେ ଥିବା ଗାଧ କଅଁରରେ ଯୋଡ଼ାଏ ଝିଙ୍କିଟା ଝିଁ ଝିଁ କରି ହପ୍ତାତ ଲଗାଇଛନ୍ତି ।" ଏଭଳି ଆଲୋଚନ ବର୍ଣ୍ଣନା ଓଡ଼ିଆ ଗଦ୍ୟରେ ଖୁବ କମ୍ ମିଳେ ।

ଏ ଦେଶରେ ବଗୁର ନାହିଁ—ଏ ଦେଶରେ ଆଇନ ନାହିଁ । ଏ ଦେଶରେ "ଜଗା' କୁ ଫାଶି ହୁଏ । ଏ ଦେଶ ଆଇନ ଏ ଦେଶର ଶାସନ ନୀତି ଜମିଦାର ଭଳିଆ ଲୋକଙ୍କୁ ନିର୍ଭୟ ଦେଇ କହେ—"ତମେ ଗରିବର ସବୁ ଖାଅ—ତାର ଇଜ୍ଜତ ନାହିଁ—ତାର ମାନ ନାହିଁ—ତାର ଜୀବନ ନାହିଁ—ସେ ମଣିଷ ନୁହେଁ ।" ତାର ଅପରାଧ—ସେ ଗରିବ । ତେଣୁ ଲେଖକ ଯଥାର୍ଥରେ ଲେଖିଛନ୍ତି—"ମୁଁ ଯେ ଗରିବ, ମୁଁ ଯେ କୃଷି—ଭୋକ ଉପାସ ସାଙ୍ଗରେ ଲଢ଼ିଛି, ମରଣଠାରେ ଅମର ସବୁ ବେଳର ସାଥୀ—ତା ସହିତ ଖୁବ ଜଣାଶୁଣା; ମୁଁ କ'ଣ ବଡ଼ ଲୋକ ହୋଇଛି, ଜମିଦାର ହୋଇଛି ଯେ ମରିବାକୁ ଡରିବ ?

ମୁହୂର୍ତ୍ତିକ ଦେଖା—ଜହ୍ନ ସେ ଚିରଦିନର ହୋଇ ରହିଲା । ଏ ତୀକ୍ଷ୍ଣ ଅନୁଭୂତିକୁ କାଗଜ କଲମରେ ଫୁଟାଇବାରେ ବାହାଦୁରୀ ଯଥେଷ୍ଟ ଅଛି । ପ୍ରିସ୍ଥାର୍ ଚୁମ୍ବନ ସ୍ୱପ୍ନରତ ଓଡ଼ିଆଙ୍କ ଲେଖନୀର ଗତି ଏଭଳି କ୍ଷେତ୍ରରେ ଚଳାଇବା ବାଚଳିତ ହେବା ଯେ ଶୁଭର ଲକ୍ଷଣ ଏଥିରେ ସନ୍ଦେହ ନାହିଁ ।

### ଉତ୍କଳସାହିତ୍ୟ,୪୧ଭାଗ ୬ଷ୍ଠସଂଖ୍ୟା

ସାହାରା ମରୁ— ପରିଚିତ ଲେଖକ ଚନ୍ଦ୍ରଶେଖର ମିଶ୍ର— ଅମିତ୍ରାକ୍ଷର କବିତା— ଭାଷା'ରେ ଠାଏ ଠାଏ ଅସ୍ପଷ୍ଟତା ଛଡ଼ା ଆଉ ସବୁ ସୁନ୍ଦର ହୋଇଛି ବୋଲି ମନେହୁଏ ।

ବିଜ୍ଞାନର କରଣି— ଲେଖକ— ବୃଦ୍ଧ ଶଶିଭୂଷଣ ରାୟ— ଉତ୍କଳସାହିତ୍ୟ ସମାଜରେ ପଠିତ । ବିଜ୍ଞାନର ଗୋଟିଏ ଦିଗ ଦେଖାଇ ଦିଆ ହୋଇଛି— ଶିରୋନାମାଟି 'ବିଜ୍ଞାନର ଉତ୍ତର' ବୋଲି ଦେଇଥିଲେ ବେଶ୍ appropriate ହୋଇଥାନ୍ତା ।

---

"ମୁଁ ଯାହା ଦେଖିଛି, ଖୁବ୍ ଭଲ ଭାବରେ ଦେଖିଛି ।" ସେ ଆରମ୍ଭ କଲେ—"ଆଜ ମୋର ଦୃଢ଼ ବିଶ୍ୱାସ ଯେ ଚନ୍ଦନ ପାଇଁ ମୋର ବିପତ୍ତି ଘୁଞ୍ଚିଲେ । ମୁଁ ସବୁ ଘଟଣା କହୁଛି ଶୁଣ । ସବୁଦିନ ପରି ଆଜି ସକାଳେ ବି ସେ ଆସିଲା ଆଉ ହଠାତ୍ ଉଦ୍ଦୀପନା ବେଗରେ ମୋତେ ଉଠାଇଲା । —ବୋଧହୁଏ ଗତ ରାତିର ଚାହାଣୀ ହେତୁ । ଖୁବ ଆଗ୍ରହର ମୋତେ ସେ ଘୁଞ୍ଚାଇଲା ଓ ଯେପରି ସେ ସବୁ ଦିନେ ଯାଏ, ପ୍ରୟୋଗଶାଳାକୁ ଗଲା । ମୁଁ ଏହି ପ୍ରଥମବାର ଦେଖିଲି ଯେ ସେ ପ୍ରୟୋଗଶାଳାରୁ ଫେରିଲା । ସେ ମୂର୍ତ୍ତିଟି ମୂର୍ଚ୍ଛିତ ହୋଇଥିଲା । ତାର ସବୁସ୍ଥାନ ଦାନ୍ତ ଛିନ୍ ଛିନ୍ ହୋଇଥିଲା । ସେ ଆସି ମୋ ଆଗରେ ଛିଡ଼ା ହୋଇଗଲା ଓ ମୁସଲମାନୀ କାଇଦାରେ ତିନଥର ନଇଁପଡ଼ି ସଲାମ କଲା—ବିଦାୟ ନେବାବେଳେ ଯେପରି କରନ୍ତି ସେଇପରି ତୃତୀୟଥର ସଲାମ କଲାପରେ ସେ ତାର ହାତ ଉପରକୁ ଉଠାଇ ଦେଲା ଓ ମୁଁ ଆଶ୍ଚର୍ଯ୍ୟ ହେଲି ଦେଖି ଯେ ତାର ଦୁଇଟିଯାକ ହାତ ଅଛି । ତାପରେ ସେ ଉଭାଇଗଲା କୁଆଡ଼େ ମୋର ମନେହୁଏ ଚନ୍ଦନ ପାଇଁ" .

ତା ପରଠୁ ଆଉ କେବେ କୌଣସିଦିନ ସେ ପ୍ରେତ ପଠାଣ ଆସିବା ଯୋଗୁଁ ତାଙ୍କର ନିଦ ଭାଙ୍ଗିବାର ଦୁର୍ଭାଗ୍ୟ ଘଟିନାହିଁ ।

Digitized by srujanika@gmail.com

ଶାରଦସ୍ପର୍ଶ ପଦ୍ୟ (ବଙ୍ଗଳାର ନବୀନ୍ ସେନ) ରଚୟିତା—ବଂଶୀଧର ସାମନ୍ତ ରାୟ । ପୁରୁଣା ଯୁଗର ପୁରୁଣା ଲେଖା—ମୌଳିକତାର ଧାର ଧାରିଲାପରି ଦଣୁନାହିଁ ।

ଅଧୁନାର ପ୍ରଥମ ଓଡ଼ିଆ ନାଟକ—(କାଞ୍ଚି କାବେରୀ ନାଟକର ସମାଲୋଚନା)—ସାହିତ୍ୟ ସମାଜରୁ ପ୍ରଥମ ପୁରସ୍କାର ପ୍ରାପ୍ତ ଟଙ୍କା ପ୍ରବନ୍ଧ ସୁତରାଂ ତା' ଉପରେ ୯ଟଙ୍କା ଟୁପ୍ପଣୀଟା ନକ୍ କାଜର କଲେ, ଅଗଲ୍ଲା ଖଟ୍‌କା ଲାଗିପାରେ । ତେବେ ସାହିତ୍ୟଶିଳ୍ପୀ ନନ୍ଦକିଶୋର ଦାସଂକର ସବୁ କଳା-କଲମ ମୁନ 'ଦେବୀ ପ୍ରଭାବ'କୁ ଏକା ବେଳେକେ ବାଦ୍‌ଦେବା ଠିକ୍‌ବୋଧ କଲୁନାହିଁ ସମାଲୋଚନାଟି ମୋଟଉପରେ ସମୟୋପଯୋଗୀ ହୋଇଛି, ସନ୍ଦେହ ନାହିଁ ।

ଷମାର ପ୍ରସାଦ ମାଗେ—ଜଣାଶୁଣା ସାହିତ୍ୟିକ କୃଷ୍ଣଚନ୍ଦ୍ର କରଂକ ପଦ୍ୟ କବିତା—ଭଷା ଚୁଳିର । ଭାବ-ମଧୁର । ସଫଳାଅ ଶଦ୍ଦଟା କମିତକା କନିଡକା ଲାଗିଲା—ଏଠା ଝ୍ୟ,ଓକତ ପ୍ରୟୋଗ ହେବପଲ !

ଏ ପୃଥିବୀର ନୁହେଁ - ବଜ୍ରବିଦ୍ୟୁତଂକର ସଂକଳେବଳଅ ଗବଜମେଣ୍ଟ ଗଳ୍ପ । ନାଲାଭ ଦୃଷ୍ଟାନ୍ତ ଓ ଅବଦାନ ଉପଭୋଗ୍ୟ—ମାତୃଚରିତ ରେ କିଞ୍ଚିତ ଅସାମଞ୍ଜସ୍ୟ ରହିଯାଇଛି ।

ଶୋକ ସଗୀତ—ଅଭାଗିନୀ ବଧୂ ଅର୍ଣ୍ଣପୂର୍ଣ୍ଣାଂକର ନଜର ଶ୍ୱଶୁରଂକ ପରଲୋକ ଗମନ ଉପଲକ୍ଷେ ରଚିତ—

କୌଣସି ସ୍କୁଲ ମାଟିକ ପଢିଲାବେଳେ ସ୍ଥାନ ପାଇଥିଲେ, ସୁଖୀ ତଥା ଖୁସି ହୋଇଥାନ୍ତୁ ।

ଗୋଲକବୁଲା—ଧାରାବାହିକ କ୍ରମଶଃ ଲେଖା--ଟିକାଦେବା ଧୃଷ୍ଟତାମାତ୍ର ।

କୋଣାର୍କ ସଭ୍ୟତାରେ ବଉଦ୍ଧ ଧର୍ମର ପ୍ରଭାବ ପୂର୍ଣ୍ଣଚନ୍ଦ୍ର ରଥଂକର ଐତିହାସିକ ତତ୍ତ୍ୱାନୁସନ୍ଧାନ--ପ୍ରବନ୍ଧଟି ଉପାଦେୟ ହୋଇଛି ।

ଶ୍ରଦ୍ଧାଞ୍ଜଳି—କବି ଅକ୍ଷୟ କୁମାରଂକ ପୁଣ୍ୟଜୀବନର ପୂର୍ଣ୍ଣତାଠାରୁ ଆରମ୍ଭରେ ଭକ୍ତିରା ପର୍ଯ୍ୟନ୍ତ ଛଳକ କବିତାରେ ଫୁଟାଇପାରି ଛନ୍ତି ।

ରଜା ରାମମୋହନଂକର ଭାରତକୁ ଦାନ—ସରଳାଦେବୀଙ୍କ ବକ୍ତୃତା ପ୍ରବନ୍ଧର ଭୂମିକାଟି ଏତେ ଦୀର୍ଘ ନହୋଇଥିଲେ, କ୍ଷତି ହୋଇ ନଥାନ୍ତା ।

ରଣବନ୍ୟା—ପଦ୍ୟଟି ପଢି 'ରଣବନ୍ୟା' ନାମର ସାର୍ଥକତା ବୁଝିପାରିଲୁ ନାହିଁ—ନାମଟା 'ରକ୍ତବନ୍ୟା' ବା 'ରକ୍ତକ୍ଷୁଧା' ହେବକି ? ଶେଷ ଅଡ଼କୁ ଦଳେଇ କବିଂକର ୯ଲେଇ କବ ଉଦ୍ଦେଶ୍ୟ ବଳେଇଗଲା । ଯୋବା ଚୂଲରେ ଘିଅ ଢାଳିବାର ଦରକାର ନଥିଲା କ ପଦ୍ୟର ଏ ଉପସଂହାର ବାଞ୍ଛନୀୟ ନଥିଲା ।

ଜାତିସଂଘର ଦୁର୍ଗମ ପଥ—ରାଜନୈତିକ ପ୍ରବନ୍ଧ—ଲେଖକ ଗୀରେନ୍ଦ୍ର ମହାପାତ୍ର –

ନୈତିକବାହିନୀ ରଖିଲେ, ଜାତିସଂଘ ବଳଶାଳୀ ହୋଇପାରିବ ବୋଲି ଫ୍ରାନ୍ସ ମତ ସଙ୍ଗେ ସେ ଲେଖକ ସାୟ ଦେଉଛନ୍ତି, ଏହା କେତେଦୂର କାର୍ଯ୍ୟକାରୀ ହୋଇପାରେ । ଦେଖାଇଥିଲେ ଭଲ ହୋଇଥାନ୍ତା । ଏ ତେବେ କଣ ଅସ୍ତ୍ର ସାହାଯ୍ୟରେ ନିରସ୍ତ୍ରୀକରଣ ହେବ ? ଯାହାହେଉ, ପୃଥିବୀର ଅସଂଖ୍ୟ ଶକ୍ତିଶାଳୀ ରାଜ୍ୟ ଜାତିସଂଘ ଉପରେ ଆସ୍ଥା ହରାଇଥିବା ସ୍ଥଳେ, ଲେଖକଂକର ଆଶାବାଦିତା ହାସ୍ୟାସ୍ପଦ ହେବ ନାହିଁ ।

ଅସଲ ପୂଜା— ନିତ୍ୟାନନ୍ଦଂକ ଯନ୍ତ୍ରସ୍ଥ 'ମରମ' ପୁସ୍ତକରୁ ଗୃହୀତ । ପୂଜା ଅସଲ ସଙ୍ଗେ ଭାବମଧ୍ୟ ଅସଲ ରହିଯାଇଛି ।

ଦୁଇବର— ବାଉରିବନ୍ଧୁଙ୍କ ଏଟା ଗପ ନା ଚପ୍—ସେଟା ପୁଣି କାହିଁ ! କଲେଜ ନହେଲେ, ରକ୍ଷା !

ବଳଭଦ୍ର ମୂର୍ତ୍ତି—ଅର୍ଘ୍ୟ—ଗୀତଛନ୍ଦ ରାଗ ରୂପକଲ୍ୟା—ରଚୟିତା ବଞ୍ଛନ ଚରଣ ପଟ୍ଟନାୟକ—ମାମୁଲି ଧରଣର—ତେବେ ଶେଷ ପଦର କଣ୍ଠହେଲେ ନୂତନତ୍ୱ ଅଛି ।

ପ୍ରଗତି-୧୯୩୭, ୧ମ ବର୍ଷ ୭ମ ସଂଖ୍ୟା

ବନ୍ଦୀ-ଦ୍ୱୀପ—ପଢି ରାଉତରାୟଙ୍କର "ରବି-ନଜରୁଲ" କବିତା । ତେବେ ମଧ୍ୟେ ମଧ୍ୟେ ଯତିପାତ ଦୋଷଟାକୁ 'ରଣ ଭବ' ନା 'ରଣ ଭବ' ମହୋଦୟ ଦୃଷ୍ଟି ଦେବେ ବୋଲି ଆଶା କରୁଁ । କବିତାଟିର ନାମ 'ବନ୍ଦୀ ଦ୍ୱୀପ' ନ ହୋଇ 'ସତେ ସେମାନେ ଆସିବେ ଫେରି' ହୋଇଥିଲେ ଯୁକ୍ତି ସଙ୍ଗତ ହୋଇଥାନ୍ତା ବୋଧହୁଏ ।

ଅନ୍ଧକାର—ଗଳ୍ପ; ଲେଖକ ଶିଶିର ବାବୁ ଗଳ୍ପଟିକୁ ସୁନ୍ଦର କରିବା ଲାଗି ବରଗଡ କଥାରେ ହିତଶ୍ରୀ ପ୍ରିୟ ପତ୍ନୀ ଦରବ ବୁଢ଼ା ଉକାଶ ମୁଖରେ ଯେ ମିଶ୍ର-ସମାଲୋଚନା ଫୁଟାଇବାର ପ୍ରୟାସ କରିଛନ୍ତି, ସେଥିରେ ଭାଷା ଟିକିଏ କମିତ ବଶ୍ରି ବା ଅସ୍ୱାଭାବିକ ହୋଇ ଉଠୁଛି । ପହିଲିବ, ସଙ୍ଗେ ୨ ପତ୍ନୀତାର ସାର୍ଥକତା ଉପରେ କଷାଘାତ ସମୟୋପଯୋଗୀ ଓ ଆକର୍ଷଣ ମୁଖୀ ହୋଇପାରେ; ମାତ୍ର "ବନ୍ଧ ଭାଙ୍ଗି ଗାଁ ଉଜାଇ ଦେଇ ସହରକୁ ରକ୍ଷା" କରିବାର ଯେ ଆଶଙ୍କା—ତାହା କାରଣାନୁମୋଦିତ କି ନା ଦେଖିବା ଉଚିତ । ବିଶେଷତଃ ଗଲା ଏପ୍ରେଲ୍ ବୈଠକରେ ପ୍ରଧାନ ମନ୍ତ୍ରୀଙ୍କର ଏ ବିଷୟରେ ଆକ୍ଷେପ ପରେ !

ମଦ୍ୟ କଲେ ଟୁନ୍ନନ୍ତି ବଳ—ଶିଳ୍ପୀ ବ, ବର୍ମାଙ୍କର କ୍ଷୁଦ୍ର କବିତା । ଏ Prohibition ଯୁଗରେ, 'ମଦ୍ୟ'ର ଏ ପ୍ରକାର ଗୁଣଗାନ 'ମଧୁର, ଅଧୀରକରେ' ପ୍ରଭୃତି କବି ବୋଲି ମାଫ୍ କରାଯାଇ ପାରେ କିନା । ନ ହେଲେ, ତ—

ସ୍ୱର୍ଗ ବାଟରେ ଖାଲି ଏତେ ଘାନମାନ ?—ଗଳ୍ପ, ଶ୍ରୀନିବାସ ମିଶ୍ରଙ୍କର । ବିବେକ ଓ ମନ ମଧ୍ୟରେ ଡାଏଲଗ୍ ସ୍ୱାଭାବିକ ଓ ସୁନ୍ଦର ହୋଇଛି । ଶେଷ ଅଡ଼କୁ ଯେଉଁଟା, ସେଟା 'ଘାନମାନ' ନା 'ଘାଟକର' ?

ଅପୋଷ—ସନେଟ୍ (କବିତା)—ସାହିତ୍ୟାଚାର୍ଯ୍ୟ ଶ୍ରୀ ରାମକୃଷ୍ଣ ପାଢ଼ୀ—

କେଉଁ ଯୁଗର କବି ? ପୁଣି 'ପ୍ରଗତି'ର ଅଗ୍ରଗତିରେ ପଥ ପଡ଼ାଇଛନ୍ତି ! ବେଶ୍ ! ଗାନ୍ଧି Govt ଅମଳରେ 'ବୃଥା ମରେ ଖାଲି

Digitized by srujanika@gmail.com

# ୩ୟ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା ।

ଟ ୧୦ ଙ୍କା ପୁରସ୍କାର! 'ଡଗର' ପାଠକମାନେ ପାଇପାରିବେ । ଟ ୧୦ ଙ୍କା ପୁରସ୍କାର!!

### ଡିଧା ଭାବରେ

୧ । କର୍ଣ୍ଣଙ୍କ ଯୋଦ୍ଧା ।
୩ । ନରପତି ।
୫ । ଏହା ଥିଲେ ଲୋକ ସହଜରେ ପାରିହୁଏ
୮ । ଯମ ପାଖରେ ଏହା ଦେଖାଇ କି ଲାଭ?
୧୦ । ଏଠାରେ ଗୁଳି ବସିଲେ ପକ୍ଷୀର ପ୍ରାଣଯାଏ
୧୧ । ଏହା ହେଲେ ଗାଁ ଗଣ୍ଡା ବିଲ ବନ ଜଳାଣ୍ଡିବ ହୋଇଯାଏ ।
୧୨ । ଜୀବନ ।
୧୩ । ସ୍ୱର୍ଗ ।
୧୪ । ଖାଦ୍ୟ ଉପଯୋଗୀ ସବୁଜ ପତ୍ର ବିଶେଷ
୧୬ । ଦେବତାଙ୍କର ଆଭରଣ ବିଶେଷ ।
୧୯ । ଏଥିରେ ନିଆଁ ଲାଗିଲେ ଜଳିଲା ।
୨୦ । ଅଛି ନିଜେନିଜ...ଦେବାକୁ ଅନୁମତି ଦେଲେ ଅନେକାଂଶ ସ୍ଥାନରେ ପଇସା ବୁଡ଼େ ।



ନାମ ________________

ଠିକଣା ________________

### ଉପର ତଳ ଭାବରେ

୨ । ଯିଏ ପ୍ରକୃତରେ ପ୍ରଜା ପାଳନ କରେ ।
୩ । ଶ୍ରୀକୃଷ୍ଣ କରୁଣ୍ଡରେ 'ଏହ କିଯ୍ୟା' କଲେ ରାଧାର ଆନନ୍ଦର ସୀମା ରହେ ନାହିଁ ।
୪ । ନଦୀ ପାରି ହେବାକୁ ଯାହା ଲୋଡ଼ା ।
୬ । ବ୍ୟବସାୟ ପ୍ରତିଯୋଗୀତାରେ ଏହା ସହିବାକୁ ପଡ଼େ ।
୭ । ଏମାନେ ମନୁଷ୍ୟ ନୁହନ୍ତି ।
୯ । 'କବଳ'କୁ ବାମହାତରୁ ପଢ଼ିଲେଯାହାହେବ
୧୦ । ଏହା ହେବା ଆଗରୁ ପତର ପଡେ ।
୧୩ । ଆବର୍ଜନା ଯେଉଁ ପଥ ଦେଇ ବାହାରେ
୧୫ । ଏହାର କୋପଦୃଷ୍ଟି ପଡ଼ିଲେ ସବୁଯାଏ ।
୧୬ । ଦୁଇ ବିଶିଷ୍ଟ ଅଙ୍ଗର ସଂଲଗ୍ନ ସ୍ଥାନ
୧୭ । ଝାଲାଲୁଗା ଏହା ହେଲେ ଜଳଜଳ ଦିଶେ
୧୮ ବେଣୀ ଝୁଡ଼ାଏ ଏହା କଲେ ଶୁଣିବାକୁ ବିରକ୍ତି ବୋଧହୁଏ ।

### ୩ୟ ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ । ସାବଧାନ ସହିତ ପଢ଼ନ୍ତୁ ।

ଏ ଧନ୍ଦାର ଠିକ ଉତ୍ତର ସମ୍ପାଦକଙ୍କ ଠାରେ ସିଲବନ୍ଦ ହୋଇ ରଖା ହୋଇଛି । ଯାହାର ଉତ୍ତର ଏହା ସଙ୍ଗେ ଠିକ ମିଳିଯିବ ତାଙ୍କପାଇଁ ପ୍ରଥମ ପୁରସ୍କାର—ଟ ୫୯ । ଯାହାର ଗୋଟିଏ ଭୁଲଥିବ ତାଙ୍କ ପାଇଁ ଦ୍ୱିତୀୟ ପୁରସ୍କାର—ଟ ୩।୯ ଯୋଡ଼ିଏ ଭୁଲଥିବା ଉତ୍ତରର ପୁରସ୍କାର ଟ ୨। । ଠିକ ଉତ୍ତର ଅଭାବରେ ସବୁଠାରୁ କମ ଭୁଲ ହୋଇଥିବା ଉତ୍ତର ପାଇଁ ପୁରସ୍କାର ମିଳିବ । ଯେ କୌଣସି ବ୍ୟକ୍ତି ପ୍ରତିଯୋଗୀତାରେ ଯୋଗଦେଇ ପାରିବେ । କେବଳ ଡଗରରେ ଛାପା ହୋଇଥିବା କୁପନକୁ କାଟି ତହିଁରେ ଉତ୍ତର ଦେବାକୁ ହେବ । ବାକେ କାଗଜରେ ଲେଖିଲେ ଅଗ୍ରାହ୍ୟ ହେବ ଉତ୍ତର ଡିସେମ୍ବର ତା ୧୦ ରିଖ ମଧ୍ୟରେ ପହଞ୍ଚିବା ଦରକାର । ଉତ୍ତର ସଙ୍ଗରେ ପ୍ରବେଶିକା ଫିସ ଦେବାକୁ ପଡ଼େ ନାହିଁ । ଜଣେ ଲୋକ ଯେତେ ଇଚ୍ଛା ସେତେ ଉତ୍ତର ଦେଇ ପାରେ । ଉତ୍ତରରେ ନିଜ ନାମ—ଠିକଣା ସ୍ପଷ୍ଟଭାବରେ ଗୋଟା୨ କରି ଲେଖିବେ । ଠିକ ଉତ୍ତର ଯଥା ସମୟରେ ଡଗରରେ ବାହାରିବ ଓ ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନଙ୍କ ନାମ ପ୍ରକାଶିତ ହେବ । ଏକାଧିକ ବ୍ୟକ୍ତିଙ୍କ ଉତ୍ତର ଠିକ ହେଲେ, ଶ୍ରେଣୀ ଅନୁଯାରେ ସମାନ ଭାବରେ ବଣ୍ଟନ କରି ଦିଆଯିବ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ କେବଳ ଉତ୍କୃଷ୍ଟ ପୁରସ୍କାରଟି ପାଇବେ । ଏ ସବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ ।

---

୧୩ ପୃଷ୍ଠା ଉତ୍ତରୁ

ସୂତାକାହିଁ କାହିଁ ଅବାଲ ବନ୍ଦତା ଖିଅ' ! କଂଗ୍ରେସ code ର କୌଣସି sectionରେ 'ପଢ଼ିପାରନ୍ତି କି ? ନା, ସେହା ହିତ'ରହା ପ୍ରଦର୍ଶନରେ ଚିନ୍ ହୋଇ ଥିବଯାଇ ପାରେନ ?

ଗାର୍ଲସ ସ୍କୁଲ—ଡଲ୍, ଲେଖକ—ଚନ୍ଦ୍ର ନଥି ହସ । ସ୍କୁଲ ହୋଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟଙ୍କ ଭିତରେ ସାଧାରଣ କାମାରୁଡ଼ ପର 'ଭଡ ଯୁବର ନାଗ ପ୍ରବୃତ୍ତି ଜଗରଣ' ଯୌବନ । ଯୁବକ ଲେଖକଙ୍କ ଦେଲ୍‌ଟାଖେ କଲମରୁ ଶରୀରଙ୍କ; କିନ୍ତୁ ସେଥି ସମାଜର ସଭ-ବାଦ Shirt ଉପରେ ଲଜ୍ଜ୍ୟାର ଇତିହାସ ବଦଳ Advertisement.

### ୨ ନମ୍ବର ଶବ୍ଦଧନ୍ଦା ସମ୍ବନ୍ଧରେ ପଦେ ଅଧେ ।

କେତେକ ଜଣଣ ପ୍ରତିଯୋଗୀ ସେମାନଙ୍କ ଉତ୍ତର କାହିଁକି ଠିକ ନହେବ ବୋଲି ପ୍ରଶ୍ନ କରିଛନ୍ତି । ସେମାନଙ୍କ ପ୍ରତ୍ୟେକଙ୍କୁ ପୃଥକ ପୃଥକ ପତ୍ର ନ ଲେଖି ମୁଁ ଡଗର ଜରିଆରେ ଜଣାଇ ଦେବାକୁ ଇଚ୍ଛା କରୁଛି ।

୩ ନମ୍ବର ଡିଧା ଭାଗରେ ବଣିକ ନ ହୋଇ ବଣିଅ କାହିଁକି ହେଲା । ପ୍ରକୃତରେ ବଣିକ ଓ ବଣିଅ ଅର୍ଥ ଏକା । କିନ୍ତୁ ୫ ନମ୍ବର ଉପର ତଳ ଭାଗରେ ଥିବା ଅର୍ଥକୁ ଭଲ ରୂପେ ଦେଖିଲେ ହୋଇ ତାତ୍ପର୍ଯ୍ୟ ବୁଝା ପଡ଼େ । 'ଏହା ନ ଥିଲେ ମନୁଷ୍ୟ କାମରେ ଅଟେଇ ପାରେ ନାହିଁ' । ଏଠାରେ କଦର ବ ଖେଳି ପାରେ ଅଦର ମଧ୍ୟ ହୋଇ ପାରେ । କିନ୍ତୁ ଟିକିଏ ଭାଷା ଦିଗରୁ ଦୃଷ୍ଟି ଦେଲେ ଜଣାଯିବ ଯେ ଅଦରହିଁ ଉପଯୁକ୍ତ ହେବ । କାରଣ କଦର 'ନଥିଲେ ମନୁଷ୍ୟ କାମରେ ଅଟେଇ ପାରେ ନାହିଁ' । ଏଠାରୁ କଦର ନାଗି ହିଁ ଥିଲେ ବହୁବଚନ ହେବ ନାକି ସଙ୍ଗତ । ତେଣୁ 'ଅଦର ନ ଥିଲେ' ଲେଖିବାକୁ ହେବ । ତାହାହେଲେ ବଣିଅ ନ ହୋଇ ବଣିକ କିପରି ହେବ ?

Digitized by srujanika@gmail.com

## ବହିପତ୍ର—[୨୪ ପୃଷ୍ଠା ଉତ୍ତାରୁ]

**ଅଣବାନ୍ଧୁତା**—ଲେଖକ ଉପେନ୍ଦ୍ର ସାମଲ—ଇସ୍କୁଲରୁ ପିଲାଂକ କଷ୍ଟକୃତ କଲମର ଗଳ୍ପ ବୋଲି ବୋଧହେଲା କାହିଁକି ତ !

**ମାନସୀ ସୁଧା**—କବିତା—ବିନୋଦ ଚନ୍ଦ୍ର ନାୟକ ।

କବିତା ଫୁଟିଛି; କିନ୍ତୁ ଲଜ୍ଜା ଲୁଚିଛି ।

**ନର୍ଭି**—ରାଜକିଶୋରଙ୍କ ଗଳ୍ପ । ନିର୍ମମ ସମାଜଦ୍ୱାରା ନିର୍ଯ୍ୟାତିତା ନାରୀର ନିବେଦନ ଅନୁ କାହାଣୀ—ପୁରୁଣା ହେଲାଣି । ଅଜି କାହିଁକି ? ବେଶୀଦୂର ନ ଅଗେଇ ଏତିକିରେ ସମାଦ୍ୟଟା ମୀମାଂସିତ ହେଲେ ଭଲ !

**ସ୍ୱଜାଂଙ୍କ ଲୁଠୀବ ଶିଳ୍ପ**—ଶିଳ୍ପୀ ଗୋଦାବରୀଶ ମହାପାତ୍ର—'ପ୍ରଗତି' କର ଏଇ ସଂଖ୍ୟାର ଶ୍ରେଷ୍ଠ ଦାନ । ଗଳ୍ପ ଛଳରେ ବନ୍ଧୁ ପାତ୍ରଙ୍କ ସମାଲୋଚନା ସୁନ୍ଦର ହୋଇଛି—ଟିକିଏ suggestve ହୋଇଥିଲେ ଚମତ୍କାର ହୋଇଥାନ୍ତା ।

ଅମେ ଯାହା ହୋଇପାରି ଥାନ୍ତୁ—

**ଶ୍ରୀ ବୋହେମିଅନ**—ଗଦ୍ୟ କବିତା—ନା କବ୍ୟ ଗଦ୍ୟତା ? ଯାହାହେଉ, ଭାବଟା ବାଦ୍ ଯାଇ-ନାହିଁ ।

**କରଣ ସରର ଝିଅ**—ରାଜକିଶୋର ପଟ୍ଟ-ନାୟକ । କଥା ବସ୍ତୁକୁ Problematic କରିବାର ଚେଷ୍ଟା ହୋଇପାରେ କିନ୍ତୁ କଞ୍ଚା ଲେଖା ।

'ସ୍ୱୈମାନଂକୁ ଫେରାଇ ଅଣାହେଉ'—ଶ୍ରୀ ସର୍ବେଶ୍ୱରଂକର ଗଦ୍ୟ—କବିତା । ସର୍ବେଶ୍ୱରଂକ ବିଷୟରେ ପଦ୍ୟମଧ୍ୟ ଜୀବନ ଯୁକ୍ତନାହିଁ ବୋଲି ଭଣ ଏ କବ୍ୟ ରଚନା—ନା, (ଭୁଲ ହୋଇ-ଗଲା) ଗଦ୍ୟ—ଛନ୍ଦର ଅବଚ୍ଛେଦ୍ୟ ସଦ୍ୟ ସମ୍ବରଣ !

**ଅଙ୍କୁରଦୂ**—ଗଳ୍ପ—ନରହରି ପ୍ରଧାନ ଉପ-ନ୍ୟାସକୁ ଏପରି ଅବୋଧ କ୍ଷୁଦ୍ର ଗଳ୍ପ ଅକାରରେ ରୂପ ଦେବାର କି ତାତ୍ପର୍ଯ୍ୟ ବୁଝିଗଲାନାହିଁ ।

## 'ଶବ୍ଦଧନ୍ଦାରୁ ପଦେ ଅଧେ

୨ ନମ୍ବର ଉପର ଜଳ ଭାବରେ 'ରସ' ବ ହୋଇପାରେ 'ରକ୍ତ' ବି ହୋଇପାରେ । ମାତ୍ର ରସିକ ଶବ୍ଦ ବ୍ୟବହାର ଦ୍ୱାରା କେବଳ ମାତ୍ର ରସ ହୋଇପାରେ ଏହି ନିର୍ଣ୍ଣୟ । କାରଣ ପକ୍ଷୀ ରସିକ କି ତାର ରକ୍ତ ଶୋଷଣରେ ସୋତ୍ର ମତ ଥାଏ ନାହିଁ ଯେତେ ଥାଏ ରସ ଉପଭୋଗର ମତ ।

୧ ନମ୍ବର ଉପର ତଳର ନକ୍ସା ନ ହୋଇ ଚରଣ ହେବା ପକ୍ଷରେ କୌଣସି ଯୁକ୍ତି ନାହିଁ । କାରଣ ଜଣେ ଲୋକ ନକ୍ସା କେବଳ ଶୁଣିଥାଏ ତେବେ ସେ କଦାପି ଉପାର୍ଜ୍ଜନ କରି ପାରିବ ନାହିଁ । କିନ୍ତୁ ଚରଣ ଚଳାଇଲେ ସେ ଉପଜୀବୀ ପାଇବ । ଫଳଶ୍ରୁତିଃ ଶାକିଙ୍କ ନୃପ ଅଷ୍ଟେକ ଚରଣରେ

ପୁଣି ନା ଅଛି ଭୂଷାର ଗୁରୁତ୍ୱ—ନା ଅଛି; ଭାବର ସ୍ପଷ୍ଟ ଅଭିବ୍ୟକ୍ତି !

ନୁଆଁଇ ଯେ—ଶାନ୍ତିବାଳା ଦେବୀ ଲେଖିକା ପଦ୍ୟ—ଭାବ ଗଭୀର, ଭାଷା ଧବଳ, ତେବେ ଠାଏ ଠାଏ ଅଫଲଗ୍ନ ହୋଇ ଦେଇଛି ।

ସବାସ୍, କଗ୍ରମତ—ଗଳ୍ପ—ଅତୁଳ ସାଏ । ଦୁର୍ବଳ ପ୍ରଜା ଉପରେ ପ୍ରବଳ ଜମିଦାରର ନିର୍ବଳ ପ୍ରୟୋଗ । କେତେ ଯୁଗର ସ୍ତୁପ କାରଣେ ଲଜ୍ଜାପରେ ଚାପି ଶୁଣୁଥିଲା; ମାତ୍ର ବାବୁଂ-ଙ୍କର ପ୍ରବଳ ତୋଫାନ ଅଗରେ ସେ ଟିପ ଭିଡ଼ିପାରିଲା ନାହିଁ । ଏତେଟା ଲଘୁତା କାହିଁକି ? ପୁଣି ଅଜ କାଲିକାର ସୋରି ଯାଉ ମୁକ୍ତ ତାର' ଯୁଗରେ—

ସର୍ବେଶ୍ୱରର ସ୍ୱପ୍ନ ଅସୁ—ଅନନ୍ତ ପଟ୍ଟନାୟକ ଭାବଟା ଗଳନ ଗହ ହେଲେ କଣ ହେବ, ଭାଷା ଓ ଧାରଣ (Style) ପ୍ରକାଶ ଭଙ୍ଗୀ ଅମୋଦ ଯୋଗ୍ୟ ନୁହେ ।

ଭଫଲ ଅଶା—ଏଥରେ କୃଷ୍ଣ ମହାନ୍ତିଙ୍କ ଠାକେ ଲେଖା ଓସ୍ତଟାକୁ ଅନ୍ତ୍ୟ ଶିରୋଣା ନାମ ଦେଇଥିଲେ ଭଲ ହୋଇଥାନ୍ତାକି ?

ଧେ ବେଶୀ ପାଇବାର କଥା । ହିଁ ଅମ ପ୍ରଧାନ ମନ୍ତ୍ରୀ ବିଶ୍ୱନାଥ ଯେଉଁ ମଡ଼େଲ ଦେଖି ଅନୁଷ୍ଠାନ କରି ପ୍ରସ୍ତୁତ କରିବାକୁ ବସୁଛନ୍ତି, ସେଥିରେ ଚରଣ ଚଳାଇଲେ ଅମ ସ୍କୁଲ ଛାତ୍ର ଖାଇବ । କିନ୍ତୁ ସେ ତ ବାହାର ନାହିଁ ।

୭ ନମ୍ବର ଉପର ତଳରେ ଦୁଇଟି ଶବ୍ଦ ହୋଇପାରେ—ସର, ଧର ଓ ଗର । ଗର ବା ସରର ପ୍ରକୃତରେ ଗୋଲ ନୁହେଁ । ସୁତରାଂ ଧର ଓ ଧର ଦୁଇଟି ଭିତରୁ ବଛାଯିବା ହେବା କଥା । ମାତ୍ର ଧର ଯେ ଗୋଲ ଏ ବିଷୟରେ ଭୂରି ଭୂରି ପ୍ରମାଣ ଥିଲେ ମଧ୍ୟ ତାହା ଅମେ-ମାନେ ଅଖି ସାମନାରେ ଦେଖି ପାରୁନାହିଁ ।

୭ ନମ୍ବର ସିଧା—ପଦ ଓ ଗଦ ଭିତରେ ତୁଳନା କଲେ ଦେଖାଯାଏ ଗଦ ଖାଇଲେ ବିଷ ନାଶ ହୁଏ ଅର୍ଥାତ ଗଦଟା ବିଷନାଶକ ଔଷଧ । ମାତ୍ର ଝଡ଼ାଇବା ପଦରୁ ଏହା ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଗୁଣିଅ ପଦ ତ କି ବିଷ ଝାଡ଼େ—ଗଦ ଦେଇ ବିଷ ଝାଡ଼େ ନାହିଁ, ଗଦ ଦେଇ ବିଷ ଲୋପ କରେ ।

୮ନମ୍ବର ସିଧାରେ ଗରସ ଓ ତରସ ଉଭୟ ହେବ । ମାତ୍ର ହାସ ପାଇଲେ ଲୋକ ସ୍ଥାନ-ଗ୍ରହ ପଳାଇ ଯାଏ, ଗରେ ନାହିଁ କିନ୍ତୁ ଗ୍ରେଜନ (ଗ୍ରାସ) ମିଳିଲେ ମଣିଷ ହୁଏତ ଲୋଭରେ ବସି ନଗୁବା ଫେଟ ଭରି ହୋଇ ଚଳନ୍ତିଶକ୍ତି ରହିତ ହୋଇ ବସି ଯାହାହେଉ ଗୋଟିଏ ହୁଏ । —ଜ୍ୟୋତିଷ

## କୁତୁକୁତୁ :—

ଜଜ—ତମକୁ ପୁଣି କାଠଗଡ଼ାରେ ଠିଆ ହେବାକୁ ହେଲା ?

ଚୋର—ଅଜ୍ଞା ଦୁର୍ଭାଗ୍ୟବଶତଃ ।

ଜଜ—ଏଥର ତମେ କେମିତି ଅସିଲ ?

ଚୋର—ଦୁଇ କନଷ୍ଟେବଲଙ୍କ ମଝିରେ ହାତ-କଡ଼ି ଦେଇ ।



Digitized by srujanika@gmail.com

# ବିଜ୍ଞାପନ

## ପୂଜା ଉପଭୋଗ

## ପାରାଡାଇସ୍ ହୋଟେଲ

ଏକମାତ୍ର ବିଶିଷ୍ଟ ଓ ବିଶୁଦ୍ଧ ଓଡ଼ିଆ ହିନ୍ଦୁ ହୋଟେଲ

ଗୁଡ଼ିଲଥ ଗଞ୍ଜ [ କଟକ ]

ଏଠାରେ ସାଧାରଣ ଅଭ୍ୟାଗତମାନଙ୍କଠାରୁ ଆରମ୍ଭ କରି ଅତି ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି ଏବଂ କଟକ ସହରରେ ଏପରି ଉଚ୍ଚ ଦରର ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ପଙ୍ଖା, ସାଇପି ପାଣି ଓ ଖାଟ ବିଛଣା, ଟେବୁଲ ଚୌକି ଇତ୍ୟାଦି ବର୍ତ୍ତମାନ ଅନୁଯାୟୀ ଯୋଗାଇବାକୁ ହୁଏ । ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ ହୋଇଯାଏ । କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ କାନନ୍‌ଗୋ

---

FOR ALL SORTS OF

# MEDICINES

PLEASE COME TO

**CROWN MEDICAL HALL,**
**RANIHAT CUTTAK,**

---

## ସୁବର୍ଣ୍ଣ ସୁଯୋଗ ! ସୁବର୍ଣ୍ଣ ସୁଯୋଗ ! !

ଗରିବ ରୋଗୀ ମାନଙ୍କ ପାଇଁ ବିନା ମୂଲ୍ୟରେ ସର୍ବପ୍ରକାର ଧାତୁ ରୋଗ ଓ ସାଧାରଣ ରୋଗର ପରାମର୍ଶ ଦିଆଯାଏ ॥ ମଫସଲ ରୋଗୀ ମାନଙ୍କ ପାଇଁ ସୁବନ୍ଦୋବସ୍ତ କରା ହୋଇଅଛି ॥

ହାସପାତାଲ ସକାଳେ ଖୋଲା ଥାଏ ॥

ଗରିବ ରୋଗୀ ମାନଙ୍କ ପାଇଁ ଔଷଧ କିମ୍ବା ଡାକ୍ତର ଫିସ ଲାଗିବ ନାହିଁ ॥

ଏଠାରେ ବିଶୁଦ୍ଧ **ଆମେରିକାର** ହୋମିଓପାଥିକ ଓ ଏଲୋପାଥିକ ପେଟେଣ୍ଟ ଔଷଧ, ଇନଜେକସନ ଓ ନାନାପ୍ରକାର ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ମୂଲ୍ୟରେ ପାଇ ପାରିବେ, ଥରେ ପରୀକ୍ଷା କରନ୍ତୁ ॥ ଇତି—

ଡାକ୍ତର:— ଶ୍ରୀରାଧାମୋହନ ମହାନ୍ତି ।

ଏଚ, ଏମ, ବି ।

ଯୁଗଳପଲ୍ଲୀ (ଜାନସେଦ ପୁର)

---

**ଅସନ୍ତା** ସଂଖ୍ୟାରେ—

ପ୍ରସିଦ୍ଧ ଲେଖକ

କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ

**ଚୌଧୁରୀ ବଜାର**

---

## ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

## ଜଗନ୍ନାଥ ତୈଳ

**ଜଗନ୍ନାଥ** ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ହଇଜା, ତରଳଝାଡ଼ା, ବସନ୍ତ, ପ୍ରମେହ ( ଜ୍ୱାଳାଯନ୍ତ୍ରଣାସହ ଧାତୁପଡ଼ିବା ) ପେଟଫମ୍ପା, ଅଜୀର୍ଣ୍ଣ, କାଶ, ପ୍ଲୀହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର ଆମବାତ, ଅଣ୍ଡଗଣ୍ଠିବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବିନ୍ଧା, ମୁଣ୍ଡବୁଲା, ଦାନ୍ତମୂଳ ଫୁଲା, ଘଣ୍ଟିକାଫୁଲା, କାଉଁଶିଆ, କାଛୁ, କୁଣ୍ଡିଆ, ଦାଉଦ, ମରଳା, ଚମଦଳା, ଯାଦୁ, ଛଉ, କଟାଘା, ଛେଚିଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ପ୍ରଭୃତି ଜୀବଜନ୍ତୁ ମାନଙ୍କର ଦଂଶନ, କାନଟଣା, କାନପୂଜ ସ୍ତ୍ରୀ ମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା **ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ** ହେଉଅଛି । ଏପରିକି ଏ ଔଷଧଟି ଲଗାଇ ଦେବା ମାତ୍ରେ ଯାବତୀୟ ଯନ୍ତ୍ରଣା ସଙ୍ଗେ ସଙ୍ଗେ ଭଲ ହୁଏ । କେତେକ ରୋଗରେ ଏ ଔଷଧଟି ଖାଇଦେଲାମାତ୍ରେ ୧୫ ମିନିଟ ମଧ୍ୟରେ ଆରୋଗ୍ୟ ହୋଇ ଯାଏ । ଜଗନ୍ନାଥ ତୈଳ ଅନୁପାନ ଭେଦରେ ସମସ୍ତ ପ୍ରକାର ରୋଗକୁ ନାଶ କରୁଅଛି । ମୋଟ ଉପରେ ଜଗନ୍ନାଥ ତୈଳ ୧ ଶିଶି ଗୋଟିଏ ଔଷଧାଳୟର କାର୍ଯ୍ୟ ଦେବ । ଗୋଟିଏ ଶିଶି ପାଖରେ ଥିଲେ ଡାକ୍ତର କବିରାଜଙ୍କୁ ଡାକିବାର ଆବଶ୍ୟକ ହେବ ନାହିଁ । ଅଥଚ ଅତି ଅଳ୍ପ ଖର୍ଚ୍ଚରେ ସମସ୍ତେ ନିଜେ ଚିକିତ୍ସା ନିଜ ହାତେ କରି ପାରିବେ । ପରିବାରବର୍ଗବେଷ୍ଟିତ ଗୃହୀଙ୍କ, ବିଦେଶୀ ବ୍ୟବସାୟୀ, ସ୍କୁଲ କଲେଜର ଛାତ୍ର, ମାଷ୍ଟର, ପଥିକ ମାନଙ୍କ ନିକଟରେ ଜଗନ୍ନାଥ ତୈଳରୁ ଗୋଟିଏ ଲେଖାଏଁ ଶିଶି ରହିବା ଉଚିତ । ଥରେମାତ୍ର ପରୀକ୍ଷା ସ୍ୱରୂପ ଜଗନ୍ନାଥ ତୈଳ ବ୍ୟବହାର କରି ବୁଝିପାରିବେ ଏହାର ଗୁଣ ଜୀବନରେ ଭୁଲିପାରିବେ ନାହିଁ । ବଡ ଶିଶି ୫୧୦, ସାନ ଶିଶି ୫୦୯

**ଜ୍ୱରର ଦୁଇ ପାନିଆ ଔଷଧ**—ନୂତନ ଓ ପୁରାତନ ଯେତେ ଦିନର ମ୍ୟାଲେରିଆ ଜ୍ୱର ହୋଇ ଥାଉନା, ଦୁଇଦିନରେ ଦୁଇ ପାନ ଖାଇଦେଲେ ସବୁ ଦିନ ପାଇଁ ଜ୍ୱର ଛାଡ଼ିଯିବ । ଜ୍ୱର ନ ଛାଡ଼ିଲେ ମୂଲ୍ୟ ଫେରାଇ ଦିଆଯିବ । ବୟସ୍କମାନଙ୍କ ପାଇଁ ଦୁଇ ପାନ ଔଷଧର ମୂଲ୍ୟ ୫୧୦, ପିଲାମାନଙ୍କ ପାଇଁ ୫୦୯ ।

**ବିଳାସିନୀବଲ୍ଲଭ ମୋଦକ**—ଯେଉଁମାନଙ୍କର ଧାତୁଦୌର୍ବଲ୍ୟ ଓ ଧ୍ୱଜଭଙ୍ଗ ହୋଇଅଛି, ଅଧିକ ସ୍ୱପ୍ନଦୋଷ ହେଉଅଛି, ଯେଉଁମାନଙ୍କର ସ୍ତ୍ରୀମାନଙ୍କୁ ଦେଖିଲେ ସ୍ପର୍ଶ କଲେ, କିମ୍ବା ପ୍ରେମାଳାପ କରୁ କରୁ ବୀର୍ଯ୍ୟ ପତନ ହୋଇଯାଉଅଛି ଯେଉଁମାନେ ବୀର୍ଯ୍ୟ ସ୍ତମ୍ଭନ କରିବାକୁ ଓ ଅଧିକ ସମୟ ସହବାସପାଇଁ ଇଚ୍ଛୁକ ସେମାନେ ଏହି ବିଳାସିନୀ ମୋଦକ ସେବନ କରନ୍ତୁ । ୧ମାସ ସେବନୋପଯୋଗୀ ମୋଦକର ମୂଲ୍ୟ ୫୨୯ ୧ଡବାର ମୂଲ୍ୟ ୫୦୯୮ ।

ଠିକଣା—**ସ୍ୱାସ୍ଥ୍ୟ ସହାୟ ଔଷଧାଳୟ**

**କବିରାଜ ଶ୍ରୀ ବିଶ୍ୱନାଥଦାସ ଏମ୍ ବି ଏଲ୍ ଏଚ ଏମ୍ ଏସ୍**

ଅଲିଶା ବଜାର, ପୋଃ ବକ୍ସିବଜାର କଟକ ।

Digitized by srujanika@gmail.com



# ନାଗବଗା ଦଳ

ସ୍ନେହର ନାତିନାତୁଣୀଏ,

ଆଜି ଦିଅାଲି । ତମେ ସବୁ ଦୀପ ଜଳେଇ ପଟକା ଫୁଟଉଛ, ନାଚିବ ଖେଳିବ । ମୁଁ ତ ବୁଢ଼ା ହେଲିଣି । ତମ ସାଙ୍ଗରେ ନାଚିଲେ ଖେଳିଲେ ଲୋକେ କହିବେ, 'ବୁଢ଼ାଟା ଦିନକୁ ଦିନ ଛୁଆ ହୋଇ ଯାଉଛି ।' କିନ୍ତୁ ଛୁଆ ହବା ପାଇଁ ମୋର ଯା' ମନ ହୁଏ ସେ କଥା ତମକୁ କ'ଣ କହିବି ? କଥାରେ କହନ୍ତି ପରା— 'ବାଳକ ବୃଦ୍ଧ ସମାନ ।' କିଛି କିଛି ଛୁଆଙ୍କର ଦାନ୍ତ ନ ଥାଏ — ମୋର ବି ଦାନ୍ତ ନାହିଁ — ମୁଁ ପାକୁଆ । ତମେ ଦିନକୁଦିନ ବଡ଼ ହୋଇ ହୋଇଯାଅ ମୁଁ ଦିନକୁଦିନ ଛୁଆ ହୋଇଯାଏ — ମୋ ଅଣ୍ଟା ନଇଁପଡ଼େ - ତମ ଅଣ୍ଟା ଅସ୍ତେ ସିଧା ହୁଏ — ତମେ ହାମୁଡ଼େଇ ହାମୁଡ଼େଇ ପୁଣି ସଳଖ ହୋଇ ଠିଆ ହୁଅ । ତମ ବାଳ କଳା — ମୋ ବାଳ ଝୋଟ ଭଳି । ତମ ମୋ ଭିତରେ ଏତିକି ଯାହା ତଫାତ ।

ହଁ, କ'ଣ କହୁଥିଲି କି ? ଓ — ଏଇ ଦିଅାଲି ଅମେଇସା କଥା । ଅଚ୍ଛା କହିଲ ପିଲେ ଚଉଣ୍ଠଟା ଯାଇକି ପଡ଼ୁଛି — ଅଜି କେଉଁଦିନ ଦିଅାଲି ନ ଜାଣି ଏ ଶୀତ ଦିନଟାରେ କାହିଁକି ଜାଳିଲ । କ'ଣ ଏମିତି କଲେ ଶୀତ ଛାଡ଼ିଯାଏ ? ନା-ନା-ତା' ନୁହେଁ । ହିନ୍ଦୁ ଧରମରେ ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୁଦ୍ର ଚାରି ଜାତି ଚାରିଟା ପରବ ବଡ଼ କରି ମାନନ୍ତି । ବ୍ରାହ୍ମଣେ ମାନନ୍ତି ଗହ୍ମା ପୁନେଇଟାକୁ, କ୍ଷତ୍ରିୟ ମାନନ୍ତି ଦଶହରାକୁ, ଶୁଦ୍ର ମାନନ୍ତି ହୋଲି ଯାତକୁ ଆଉ ବୈଶ୍ୟ ବା ବ୍ୟବସାୟୀମାନେ ମାନନ୍ତି ଏଇ ଦିଅାଲିକୁ । ଏଇ ଦିଅାଲି ଉଛବ କଥା ମନେ ପଡ଼ିଲେ ମୋ ଅଖିରେ ଲୁହ ଜମିଯାଏ । ଦିନେ ଅମର ପୂର୍ବ ପୁରୁଷମାନେ ଏଇ ଉଚ୍ଛବରେ ନାଚି ଉଠୁଥିଲେ । ସେ ଅନନ୍ଦ ସେ ଉଲ୍ଲାସ ଅଜି ଅମ ତମ ମୁହଁରେ ଫୁଟିବ କାହିଁ । ସେ ଥିଲେ ସ୍ୱାଧୀନ — ଅମେ ଅଜି ପରାଧୀନ । ସେତେବେଳେ ଏ ଜାତି ଥିଲା ବଣିକ ବା ବୈଶ୍ୟ ଜାତି — ସାଧବ ଜାତି, ଅଜି ଏ ଖାଲି ଚାଷି ଜାତି କୂଳ ମୂଲିଆ ଜାତି । ସେତେବେଳେ ଲୋକେ କହୁଥିଲେ 'ବାଣିଜ୍ୟେ ବସତି ଲକ୍ଷ୍ମୀ' ଅଜି ଅମେ ଖାଲି ଚାକିରି କଲେ, କଳାକଡ଼ା ଗଲେ ଲକ୍ଷ୍ମୀ ପସନ୍ନ ହୁଅନ୍ତି । ସେ ଦିନର ଓଡ଼ିଆ ଜାତି ଅଜି ଓଡ଼ିଆ ଭିତରେ ଜମିକି ଅସମାନ ତଫାତ ।

ଏଇ ଦିଅାଲି ଉତ୍ସବ ବେଳକୁ ଚଉରମାସିଆ ସରି ଯାଇଥାଏ । ହିନ୍ଦୁ ଶାସ୍ତ୍ର ଅନୁସାରେ ଅଷାଢ଼ ଶୁକ୍ଳ ହରି ଶୟନ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦେବ ଉତ୍ଥାନ ଏକାଦଶୀ ଯାଏ ଚଉରମାସ୍ୟା । ଅଗରୁ ତ ରେଳଗାଡ଼ି ନ ଥିଲା ସେଥିପାଇଁ ଏଇ ଚଉରମାସିଆ ଭିତରେ ଦେଶ ବୁଲି ବଣିଜ ବେପାର କରିବାକୁ ମନା ଥିଲା । ତା' ଛଡ଼ା ସମୁଦ୍ର ବର୍ଷାଦିନେ ଭାରି ଉଚ୍ଛୁଳା ଥାଏ । ପାଲ ଲଗା ଜାହାଜରେ ଯାଇହୁଏ ନାହିଁ । ସେଥିପାଇଁ ଏ ଚଉମାସ ବେଉସା ବଣିଜ ବନ୍ଦ ଥାଏ । ଯେମିତି ବର୍ଷା ଛାଡ଼ିଯାଏ ବଣିକମାନେ ନୂଆ ଖାତାବହି ନେଇ ଖୁସିରେ ଆସନ୍ତା ବର୍ଷରେ କିପରି ଭଲ ବେଉସା କରିବେ ତାହାଁକୁ ତତ୍ପର ହୋଇ ପଡ଼ନ୍ତି ।

ସେଇ ବେଉସା କଥା ଅମେ ଅଜି ଭୁଲି ଯାଉଛୁଁ । କିନ୍ତୁ ଇଂରେଜ ଜାତି ଅଜି ଏତେ ବଡ଼ କାହିଁକି ଜାଣ ? ଏଇ ବେଉସା ବୁଦ୍ଧି ତାଙ୍କର ଅଛି ବୋଲି । ଅମ ଦେଶରେ ଏଇ ମାଡ଼ୁଆଳିଙ୍କୁ ଦେଖୁନାହଁ, ତମର ଅଗରେ କପଡ଼ ଖଣ୍ଡେ ଲୋଟା, ଖଣ୍ଡେ କମ୍ବଳ ଧରି ଅସି ପୁଣି କୋଠା ବାଡ଼ି ପିଟି ଯାନ ଓଳିଆ ପରି ପେଟେ ଭାଡ଼ି ଗାଦି ମାଡ଼ି ବସିଯାନ୍ତି ।

ମନେରଖ, ତମ ଦେଶ କୃଷକର କେବେ ବଡ଼ ହେବନାହିଁ — ଯଦି ବଡ଼ ହବ ବେଉସା କର — ବଣିଜ କର । ତମ ଦେଶ ସୁନାଥିଲେ ଦରିଦ୍ର । ତମ ଦେଶର ଧନ ଦଉଲତ ତମ ବାପ ଦାଦି ମାଟିରେ ପୋତି ଦେଇ ଯାଇ- ନାହାନ୍ତି — ଦରିଆ ମଝିରେ ଫିଙ୍ଗିଦେଇ ଯାଇ- ଛନ୍ତି । ସେଥିପାଇଁ ଜା ନା' ଚଳାଇବ ।

ସେ... ଅଜି ଶାଳବାର ଛିଣ୍ଡିଥିଲେ ତମେ ଦରିଆ ପାରିକୁ ଯାଅ । ଦରିଅର ଢେଉରେ ଢେଉରେ ଡଙ୍ଗା ଦେଇ ନାଚ ନାଚ ତମେ ଗାଅ--

ଘୁ——ଘୁ—— ଗରଜ ଉଠେ
ଦରିଅ ଲହରୀ,
ଓଡ଼ିଆ ପୁଅ ଯିବୁ ଅଜି
ବୋଇତ ପରେ ଚଢ଼ି ।
ବୋଇତ ପରେ ଢାଲ ବାନା
ଉଡ଼େ ଫର ଫର
ବେପାର କରି ଅଣିବୁଁ ବୋହି
ଧନ ଦଉଲତ
ଓଡ଼ିଶା ଅମ ଜନମ ଭୂଇଁ
ଓଡ଼ିଶା ଅମ ମାଟି
ଅମ ବୋଇତ ଭାସି ବୁଲେ
କଳାପାଣି ଛାତି ।
ଅମ ବୋଇତ ମାନିବ ନାହିଁ
ଉଚ୍ଛଳା ଢେଉ ଘଣି
ଅମର ପଦେ ଖଟିବେ ଅଜି
ବରୁଣ ରଜା ଅସି—

→(*)←

ନାତି ନାତୁଣୀମାନେ,

ଅରଥର ଭୂତକଥା ଯିଏ ଲେଖିବ ତାକୁ ପୁରସ୍କାର ଦେବାକୁ କହିଥିଲି । କାହିଁ କେହି ପଠାଇଲ ନାହିଁ । ଏଥର ୧୫ ଦିନ ଭିତରେ ଯିଏ ସବୁଠୁଁ ଭଲ ଗପଟିଏ ଲେଖି- ଦେବ ତାକୁ ଡଗରର ଛପା ମେଡେଲ ଦିଅଯିବ । ଅସନ୍ତା ଡିସେମ୍ବର ଦେଢ଼ି ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।

ଡଗର ଅଜା ।

Digitized by srujanika@gmail.com

# ବ୍ୟବସ୍ଥା ସଭାରେ ଉର୍କ୍କି ।

ଗାରଡ଼ିଆଗାବବର ସମ୍ପାଦକେ,

ଶୁଣିବାକୁ ସାବଧାନ ହେଇ ହେ:—

ବ୍ୟବସ୍ଥା ସଭାର ବାଘ ପାଲ ଅଖେର୍ ହଇଗେଲ । ଟାଲ ସରବା ଅଗରୁ ସତ୍ୟନାରାୟଣ ଶୀର ସିରିଣୀ ଫିରିଣି କିଛ ନଖାଇ କୁଅଟେ଼ ଚମ୍ପଟ ଦେଲେ । ଅସ୍ଥାନଟା ଖାଲି ପଡ଼ିବାରୁ ଦେବଗଣ ମହେଶ୍ୱରଙ୍କୁ ଡାକି ବସାଇଲେ । ମହେଶ୍ୱରଙ୍କ କଥାବାର୍ତ୍ତା ବେଶ୍ ଭଦ୍ର । କାରଣ ଅସ୍ଥାନ ପତି ହେବେ ବି ବ୍ୟବସ୍ଥା ସଭରେ ଜଣେ ବଶିଷ୍ଟ ସଭ୍ୟ ସେ । ତାଙ୍କ କାର୍ଯ୍ୟ କାଳରେ ମଧ୍ୟ କେହି କିଛି ଗମ୍ଭୀର ପ୍ରଶ୍ନ ଉଠାଇଲେ ନାହିଁ । କାରଣ ତାଙ୍କ ସାଙ୍ଗରେ ତ କାହାର ବିବାଦ ରହିବାର କଥା ନୁହେଁ । ତାଙ୍କ ପଦଟା ଏତେ ନିକୃଷ୍ଟ ଯେ ତାକୁ ପାଇବା ପାଇଁ କେହି କେବେ ଲାଳାୟିତ ହୁଅନ୍ତି ନାହିଁ । ସୁତରାଂ ତାଙ୍କର ପ୍ରତିଦ୍ୱନ୍ଦୀ ମଧ୍ୟ କେବେହେଲେ କେହି ହେବାକୁ ଚାହିଁବେ ନାହିଁ ।

ସମ୍ପାଦକେ, ଆପଣ ତ ସାଧୁ ଲୋକ, ଆପଣ ଜାଣିଥିବେ କି ନା ଜାଣେ ନାହିଁ, ତେବେ ଦୁନିଆର ଚଳଣିରୁ ବେଶୀ ଲୋକ ଜାଣନ୍ତି ଯେ ଗୋଟେ ଜାତିଆ ସ୍ତ୍ରୀ ଲୋକ ଥାଆନ୍ତି ଯେମାନେ ପତିଙ୍କ ଠାରୁ ଉପପତିଙ୍କୁ ବେଶୀ ଆଦର କରନ୍ତି । ସେହି ହିସାବ୍‌ରେ ବି ଅନେକ ସଭାପତିଙ୍କ ଠାରୁ ଉପସଭାପତିଙ୍କୁ ବଡ଼ ପସନ୍ଦ କଲେ କେଜାଣି । ପ୍ରକୃଣ୍ଣ ସନ୍ଦିହାନ ଉପର କେଜାଣି ଏ ଆଧୁନିକ ଯୁଗରେ ପୁଛେ କିଏ ?

ଏ ସଭରେ ଗୋଟେ ଜିନିଷ ଏକା ମୋର ପସନ୍ଦ ହେଲା ନାହିଁ । ଯାହା କହନ୍ତୁ ସଭାପତି ଆପଣ, ମୁଷା ଲୋକ, ସେଥିପାଇଁ ବୋଧେ ଭାରି ଡର ଲାଗୁଥାଏ ତାଙ୍କ କେମିତି ସମୟରେ ଦ୍ୱାର ଉପରେ ପଡ଼ ସେଇ ଜନତା ଭିତରେ ହଜିଯାଇଁ ତେବେ ବାହାରିବାକୁ ବାଟ ପାଇବା ମୋତେ କଠିନ ପାଠ ହୋଇଯିବ । ସେ ଭିଡ଼ଟା କେଡ଼େ ବଡ଼ ଥିଲା । ସାହେବମାନେ ତ ଯୋଡ଼ି ଚଢ଼ିବ ପିନ୍ଧିଥିବେ, ତାଙ୍କ ପ୍ରକରର ଗୁଡ଼ା ଜାହିଁକି ଯେଉଁଠାରେ ପିନ୍ଧିକି ଆସୁଥିଲେ ମୋତେ ଜଣାପଡ଼ିଲା ନାହିଁ । ଅଙ୍ଗ, ହଜୁର ଖାଲି ସେଇ ସଭାରେ ନୁହେଁ ଏ କଂଗ୍ରେସସରକାରଙ୍କ ଅମଳରେ ସେକ୍ରେଟେରିଏଟର କିରାଣିଙ୍କଠାରୁ ଆରମ୍ଭ କରି ମାଜିଷ୍ଟ୍ରେଟ ସାହେବଯାଏ ସମସ୍ତଙ୍କର ସେଇ ଗାନ୍ଧିମୁଣା । ଅଚ୍ଛା ଏମାନେ ଯେତେବେଳେ ତାଙ୍କ ମୁନିବ ମନ୍ତ୍ରୀଙ୍କ ପାଖକୁ ସାକ୍ଷାତ କରିବାକୁ ଯାଆନ୍ତି କ'ଣ ଏଇ ଟୋପି-ଖୋଲ ବା ଜଂଘିଆ ଖୋଲ ପିନ୍ଧି ଯାଉଥିବେ ? ତାଙ୍କୁ ଟିକିଏ ଲାଜ ଲାଗେ ନାହିଁ ? ଆଗରୁ ଯେତେବେଳେ ସାହେବମାନେ ଆମ ମୁନିବ ଥିଲେ ସେତେ ବେଳେ କିଏ କେତେଦୂର ଗୋଲାମ ସାଜି ପାରୁଛି, ନିଜର ନିଜତ୍ୱକୁ ଭୁଲି ପାରୁଛି ତା ଦେଖାଇ ହବାପାଇଁ 'ପେଣ୍ଟ କୁଟ'ପିନ୍ଧି ବାହାରୁ ଥିଲେ । ଏବେ ବୋଧହୁଏ ମୁନିବ ଯାହା କରୁଛନ୍ତି ଚାକର ତାହା କଲେ ଦାସତ୍ୱ ଜଣାଯିବ ଏବଂ କଂଗ୍ରେସ ମତବିରୁଦ୍ଧ ହେବ ବୋଲି କମ୍ରେଡ଼ ଷ୍ଟ୍ରିଟରେ ଏପରି ହେଉଛି ନା କ'ଣ ? ସାହେବ ମାନେ ପିନ୍ଧିଲେ ଆମର କିଛି କହିବାର ନାହିଁ କିନ୍ତୁ ଏ ଓଡ଼ିଆ ଗୁଡ଼ା କେଉଁ କାରଣରୁ ଜଙ୍ଘିଆ ପିନ୍ଧିବାରେ ଲାଗିଛନ୍ତି ? ଏ ଜଙ୍ଘିଆ ପିନ୍ଧିବାରେ ସମ୍ପାଦକଙ୍କ ଆପଣେ ମୋର ସବୁଠାରୁ ଅଧିକ କାହିଁକି ଜାଣନ୍ତି ? କଥାଟା ହଉଚି ଯେ ଲୁଗାଟା କାଟିଲେ ତାକୁ କୁଣ୍ଡ ଭିତରେ ବା କିଛି କାମରେ ଲଗାଇ ଦେଇ ହୁଏ କିନ୍ତୁ ଅଧାଗା ଦେଖି ଯେଣେ କାଟିଦେଲେ ଇଜ୍ଜତ ମହିମା ପଦାରେ ପଡ଼ିଯାଏ ତେଣୁ ମତେ ସଦ୍ୟ ନ ଲେଚାଇବାଯାଏ ଜତ୍ୟକ୍ତ ଲୋକେ ଅଜନା ଛି ସପ୍ନ ବି ଦେଖିବେ ନାହିଁ ବୋଧହୁଏ ।

ଅଚ୍ଛା ଅବଧାନେ, ମୋ ହିଏ କଥା ଏକା ଆପଣଙ୍କୁ ପଚାରିବ ପଚାରିବ ବୋଲି ଅନେକ ଦିନୁ ଭାବୁଥିଛି । କିନ୍ତୁ ମୋତେ ଆପଣ ମୂର୍ଖ ସମଝିବେ ବୋଲି ଏକଥା ପଚାର ନଥିଲି । ବିଶେଷତଃ ଗଣେଶଙ୍କ ବାହନ ବୋଲି ଅଭିମାନଟା ମୋର କମ୍ ନୁହେଁ । କିନ୍ତୁ ନ ପଚାରି ଆଉ ରହିପାରୁନାହିଁ । ମନଟା ଖାଲି ଗୋଳେଇ ଘାଣ୍ଟି ହେଉଛି । ଏଇ ଯଉ ଏସେମ୍ବ୍ଲିରେ ଦୁଇଟା ଦଳ, ସେଥିରୁ ଗୋଟିଏ ସରକାରୀ (କଂଗ୍ରେସ) ଦଳ ଆଉ ଗୋଟେ ବିରୋଧ ଦଳ ବା ମାଡ଼ଦଳ ବୋଲି କହନ୍ତି । କିନ୍ତୁ ମୁଁ ତ ଦେଖିଲି ସେଠି ଅନେକୋଟି ଦଳ । ଦଳ ଭିତରେ ଦଳ ତା ଭିତରେ ଦଳ ତା ଭିତରେ ଦଳ ଏମିତି କେତେ ଦଳ ସୀମାନାହିଁ । ଗଣ୍ଡଦଳ, ବୋଲହାକ୍ଷିଦଳ, ଚିଙ୍ଗୁଡ଼ିଖିଆଦଳ, ଘୋଡ଼ାମୁହାଦଳ, ଏମିତି ଏମିତି କେତେଦଳ, ଯେଉଁମାନେ ସବୁବେଳେ ଲାଟ ସାହେବଙ୍କ କାନ୍ଥ ଛାୟା ତଳେ ଆଶ୍ରୟ ନେବାପାଇଁ ବ୍ୟସ୍ତ ଏମାନେ ବାଲୁଙ୍ଗଦଳ । ଯାଙ୍କ କଥା ସବୁବେଳେ ଠିଆ । ବୋଲହାକ୍ଷିଦଳ ବେଶୀ ପବନ ନଥିଲେ ହଲନ୍ତି ନାହିଁ । କ୍ଲିବତ୍ୱ ପ୍ରାପ୍ତ ହେଇଥାନ୍ତି । ଯେଉଁ ଦଳ ଜୋର ବେଶୀ ଦେଖିଲେ ସେଆଡ଼କୁ ଚାଲନ୍ତି । ଘୋଡ଼ାମୁହା ଦଳଙ୍କ ଦେଇ ଶାଗ ସିଝେ ନାହିଁ । ଏମାନେ ବିରୋଧ କରନ୍ତି ଭାରି କିନ୍ତୁ ଭୁଡ଼ୁର ଠାରୁ ବେଶୀ କିଛି ନଥାଏ । ଚିଙ୍ଗୁଡ଼ିଦଳର ଲୋକେ ଖାଲି ନିଶ ଫୁଲାଇ ବସନ୍ତି । ସରକାରଙ୍କ ପକ୍ଷ ନେଇ ଆଙ୍କର ଭାରି ଗର୍ବ । ଚିଙ୍ଗୁଡ଼ି ମାଛ ଯେପରି ମାଛ ନୁହେ ଏମାନେ ସେହିପରି ଦଳର ହୋଇ ବି ଦଳର ନୁହନ୍ତି । ଦଳର ନେତା ନ ହୋଇପାରି ଯାଙ୍କର ମନର ଯଉଁ ଅବଶୋଷ, ହାୟ, ହାୟ ଶୁଣି ଦେଖି ମୋ ଆଖିରେ ଛେପମାର କାନ୍ଦିବାକୁ ମନହେଲା । ସମ୍ପାଦକେ ଆଜି ଏତିକି ଥାଉ ଚବଲ ହୋଇଗଲା । ଯାଉଛି । ଦେଖାହେବ ।

ଆପଣଙ୍କ ମୂଷା

## ଜ୍ୟୋତିଷ କାର୍ଯ୍ୟାଳୟ

ଗୋପିନାଥ ପ୍ରେସ

ଭଦ୍ରକ

ବର୍ତ୍ତମାନ ଜନ୍ମ ପତ୍ରିକା ମାନଙ୍କରେ ଲଗ୍ନ ଓ ଗ୍ରହ ସ୍ଥାନ ଅଧିକାଂଶ ସ୍ଥଳରେ ଭୁଲ ଥିବାର ଦେଖାଯାଏ । ସେଥିପାଇଁ କୋଷ୍ଠିଗଣନାରେ ଫଳ ମିଛ ହୋଇଯାଏ । ସୁତରାଂ ଜ୍ୟୋତିଷ ପ୍ରତି ସାଧାରଣଙ୍କର ଅନାସ୍ଥା ଜନ୍ମିବା ସ୍ୱାଭାବିକ ଏହି ଅସୁବିଧା ଦୂର କରିବା ପାଇଁ ଆମ୍ଭେ ବର୍ଷ ମାସ ଦିନ ଓ ଜନ୍ମର ଅନୁମାନିକ ସମୟ ପାଇଲେ ଶୁଦ୍ଧ କୋଷ୍ଠି ତିଆରି କରି ଭବିଷ୍ୟତ ଗଣନା କରି ଦେଇ ପାରୁଁ । ଏଥିରେ ଭବିଷ୍ୟତ ଫଳ ନିଶ୍ଚୟ ଘଟିବ । ପରୀକ୍ଷା ପ୍ରାର୍ଥନୀୟ ।

Printed & published at the Gopinath Press, Bhadrak by Editor N. Mahapatra & issued from the Dagaro office, Bhadrak.

Digitized by srujanika@gmail.com

## ସାବଧାନ ! ଠକାମିକି ସାବଧାନ ! ନକଲିକି ସାବଧାନ !

ଆମ୍ଭର ଅସଲ ଅକବର ଗୁଡ଼ାଖୁ ସାନାଙ୍କ ଅଳ ଏସାରରେ ପ୍ରସିଦ୍ଧ ତାହା ଆମ୍ଭର ପିତା ମହୋଦୟ ୰ ଅକବର ଖାଁଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ବର୍ତ୍ତମାନ ଅନେକ ଲୋକ ଖରାପ ଗୁଡ଼ାଖୁ ତିଆର କରି ଆମ୍ଭର ନାମରେ ବକୁଅଛନ୍ତି । ତାହାପ୍ରତି ସାବଧାନ ରହିବେ । ସେହି ସାବଧାନ ନମିତ୍ତ ଆମ୍ଭେ ଆମ୍ଭର ଗୁଡ଼ାଖୁର ରେଜେଷ୍ଟ୍ରି କରିଅଛୁଁ । ତେଣୁ ଆମ୍ଭେ ଆପଣମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଗୁଡାଖୁ କଣିବାବେଳେ ଆମ୍ଭର ଚନ୍ଦ୍ର ତାରା ଟ୍ରେଡ଼ମାର୍କା ଦେଖି ଗୁଡ଼ାଖୁ କଣିବେ । ଯଦି ଆପଣମାନେ ଆମ୍ଭ ନକଟରୁ ଗୁଡ଼ାଖୁ କଣିବେ ତେବେ ଠକାମିରେ ପଡ଼ି ପାରିବେ ନାହିଁ ।

ପ୍ରୋପ୍ରାଇଟର—ହାଜି ଅଲତାଫ ଖାଁ ଓ କବର ଖାଁ
। ମୁ । ବାଲୁବଜାର, ପୋ: ଅ: ବୁନ୍ଦାଳଚୌକ
କଟକ (ବି. ଏନ୍. ଆର୍.)

---

ଆପଣଙ୍କର ମରମ କଥା ପାଇବେ
ଶ୍ରୀମାନ୍ ନତ୍ୟାନନ୍ଦଙ୍କର
ମରମ ବାଣୀ
ଅମର କବିତା

# 'ମରମ'ରେ

ମୂଲ୍ୟ—୫୦୰

---

ଓଡ଼ଶାର ଶ୍ରେଷ୍ଠ ମାସିକ ପତ୍ରିକା

# ସହକାର

ପଢ଼ନ୍ତୁ

---

# 'ବିଶଲ୍ୟ କରଣୀ ମଲମ'

କଟା ଘା, ପୋଡ଼ା ଘା, ମୁଣ୍ଡ ବଥା, ଘୋଳା ବନ୍ଧା, ଋକା, ବାଗି, ଗିଲ୍ଟି ଇତ୍ୟାଦି ସବୁ ପ୍ରକାର ବ୍ୟଥା ଯନ୍ତ୍ରଣାର ଅବ୍ୟର୍ଥ ମହୌଷଧ । ଓଡ଼ଶା କେମିକେଲରେ "ବିଶଲ୍ୟ କରଣୀ"ର ପ୍ରସ୍ତୁତ କାରକମାନଙ୍କ ଦ୍ୱାରା ପରିଚାଳିତ ଓ ପ୍ରସ୍ତୁତ । ଦି ନଉଓଡ଼ଶା ଇଣ୍ଡଷ୍ଟ୍ରିଅଲ କମ୍ପାନି କାରଖାନାରେ ହୋଇ ବଜାରରେ ଖୁବ ଆଦର ପାଉଅଛି ।

**ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ।**
ପ୍ରୋପ୍ରାଇଟର
ଦି ନଉଓଡ଼ଶା ଇଣ୍ଡଷ୍ଟ୍ରିଅଲ କମ୍ପାନି ।
କଟକ ।

---



# ଅସଲ ପଞ୍ଚକୁଶା ତେଲ

ଘା; ଘାଉଜ; ବଥା; ମଚକା; ବିଛା କାମୁଡ଼ା, ମେଣ୍ଢା ମୁଣ୍ଡିଆ ବାତ; ଏପରି ଘାଉ ପ୍ରଭୃତି ସମସ୍ତ ପ୍ରକାର ପଞ୍ଚଶାକ୍
ମୂଲ୍ୟ ୫୦ । ମାତ୍ର ।

---

### ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

## ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗୀତା, ଉଦାସୀନତା, ଚୌରାଶୀ, କଟେକ୍ତ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅତିସାର, ଶିରଃଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ତାହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବକୁଳ ପରି ଶକ୍ତି ଖେଳେ । ଦାଃ୫ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

## ରତି ଶକ୍ତି

ଏହା ବ୍ୟବହାର କଲେ ବୃଦ୍ଧ ଯୁବକ ତୁଲ୍ୟ ଉତ୍ତେଜନା ପାଏ । ଯେଉଁମାନେ ଧ୍ୱଜଭଙ୍ଗ ଓ ଶୁକ୍ରତାରଲ୍ୟ ହେତୁ ହୀନବୀର୍ଯ୍ୟ ହୋଇ ଅଛନ୍ତି, ସେମାନଙ୍କୁ ଏହା ଐଶ୍ୱରିକ ଶକ୍ତି ପରି ଫଳ ଦିଏ । ଥରେ ପରୀକ୍ଷା କରନ୍ତୁ । ଦା୧୫ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୰ ।

## କର୍ପୂରାରିଷ୍ଟ

ହଇଜା ଗୋଟିଏ ଭୟଙ୍କର ରୋଗ । କୋଟି କୋଟି ଲୋକଙ୍କର ଅମୂଲ୍ୟ ଜୀବନ ନଷ୍ଟ କରିଦିଏ । ଗୋଟିଏ ଶିଶି କର୍ପୂରାରିଷ୍ଟ ଘରେ ରଖନ୍ତୁ, ଆଉ ଭୟର କାରଣ ରହିବ ନାହିଁ ।

—ବଡ଼ ଶିଶିର ମୂଲ୍ୟ ୫୦୰, ଛୋଟ ଶିଶିର ମୂଲ୍ୟ ୫୦—

| | |
|---|---|
| ନୟା ସଡ଼କ<br>ପୋ: ଅ: ବୁନ୍ଦାଳଚୌକ,<br>କଟକ । | ବୈଦ୍ୟରାଜ<br>C/o ଶ୍ରୀ ବାଲୁକେଶ୍ୱର ଅଗ୍ରୱାଲ<br>ରେଡ଼ିଓ<br>କବିରାଜ<br>ଶ୍ରୀ ଲକ୍ଷ୍ମୀନାରାୟଣ ଅଗ୍ରୱାଲ<br>ଆୟୁର୍ବେଦାଚାର୍ଯ୍ୟ |

---

# 'ଚ୍ୟାଲେଞ୍ଜ' ???

ଆପଣଙ୍କ ମୂଲ୍ୟବାନ କଲମର ପରମାୟୁ ବୃଦ୍ଧି କରିବାକୁ ଚାହିଁଲେ ସର୍ବଦୋଷ ବିରହିତ ଚ୍ୟାଲେଞ୍ଜ ଫାଉଣ୍ଟେନ ପେନ, କାଳୀ ବ୍ୟବହାର କରନ୍ତୁ ।

ପ୍ରସ୍ତୁତ କାରକ
**ଓଡ଼ିଶା କେମିକ୍ୟାଲ ଲିମିଟେଡ୍**

---

କାନ୍ତକବି ଲକ୍ଷ୍ମୀକାନ୍ତଙ୍କ
ବୁକୁ ରକ୍ତରେ ଲେଖା

# ଜୀବନ ସଙ୍ଗୀତ

ପଢ଼ନ୍ତୁ

Digitized by srujanika@gmail.com

REG. NO. P-441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନ୍ସୁରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁବୃହତ୍ ସୁଦୃଢ଼, ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ।

ବୀମା ପଲିସିର ସର୍ତ୍ତ ସର୍ବୋତ୍କୃଷ୍ଟ।

ଅକସ୍ମିକ ମୃତ୍ୟୁରେ ୨ଗୁଣ ବୀମା ଟଙ୍କା ମିଳିବ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା।

ପିଲାଙ୍କର ବାହା, ସ୍ୱଳ୍ପ ବୀମାପ୍ରଭୃତି ନାନା ପ୍ରକାର ସୁବିଧା ଜନକ ବୀମାର ଉତ୍କୃଷ୍ଟ ବ୍ୟବସ୍ଥା।

ବୀମା ଅପଣା ଛଡ଼ିଁ ଚଳିବାର ସୁନ୍ଦର ବ୍ୟବସ୍ଥା ଅଛି।

୧୯୩୬-୩୭ ନୂତନ ବୀମାର ପରିମାଣ ୨ କୋଟି ୮୩ ଲକ୍ଷରୁ ଊର୍ଦ୍ଧ୍ୱ
୧୯୩୬-୩୭ ବୀମା ପାଣ୍ଠି ପ୍ରାୟ ୨ କୋଟି।
ବୋନସ:—
ଯାବଜ୍ଜୀବନ ବୀମାରେ ହଜାରେ ପ୍ରତି ବର୍ଷକୁ ୫ ୨୩,
ମିଆଦୀ ବୀମାରେ ,, ,, ବର୍ଷକୁ ୫ ୨୦,
୧୯୩୬-୩୭ ମୋଟ ଚଳନ୍ତି ବୀମାର ପରିମାଣ ୧୨ କୋଟିରୁ ଊର୍ଦ୍ଧ୍ୱ
୧୯୩୬-୩୭ ବାର୍ଷିକ ଆୟ ୭୧ ଲକ୍ଷରୁ ଊର୍ଦ୍ଧ୍ୱ
ସୁଧର ଆୟ ... ୨ ଲକ୍ଷରୁ ଊର୍ଦ୍ଧ୍ୱ

(ଓଡ଼ିଶାରେ, ବିଶେଷତଃ ଦକ୍ଷିଣ ଓଡ଼ିଶାରେ ଉତ୍ତମଶୀଳ ଶିକ୍ଷିତ ଲୋକ, ଏଜେଣ୍ଟ ଓ ସ୍ପେଶାଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ।)
ଭାରତବର୍ଷ, ସିଂହଳ, ବର୍ମା, ପୂର୍ବ ଆଫ୍ରିକା ପ୍ରଭୃତି ପ୍ରତ୍ୟେକ ବଡ଼ ୨ ସହରରେ କମ୍ପାନୀର ଅଫିସ ଅଛି।
ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ।
ଏନ୍. ଦତ୍ତ, ସେକ୍ରେଟାରୀ
... କଲିକତା।

ଓଡ଼ିଶା ଅଫିସ:— ନରେନ୍ଦ୍ର ପ୍ରସାଦ ଦାସ
ଅର୍ଦ୍ଦନାବଜାର, କଟକ।

---

ହାତୀ ମାର୍କା



# ବାଲି କାଗଜ

ଏହି କାଗଜରେ ଲେଖିଲେ କାଳୀ ଚପେ ନାହିଁ ଓ ଏହାକୁ ପୋକ ସହଜରେ ନଷ୍ଟ କରି ପାରନ୍ତି ନାହିଁ।

ଏଜେଣ୍ଟ:—ଟଙ୍ଗ ମିଲ ରାମେଶ୍ୱର ଲାଲ, କଟକ।

---

# ଡାକ୍ତର-ରଘୁନାଥ ସାହୁ

ଏଲ୍. ଏମ୍. ବି. ଙ୍କର ଅବିଷ୍କୃତ
ସର୍ବପ୍ରକାର ଜ୍ୱର ଓ ଚର୍ମରୋଗର ଅବ୍ୟର୍ଥ ବ୍ରହ୍ମାସ୍ତ୍ର

# ସାଗର ସୁଧା

ଏହାଛଡ଼ା ସମସ୍ତ ପ୍ରକାର ରୋଗର ହୋମିଓପାଥିକ ଔଷଧ ମିଳେ।
ଅବାଳରେ କରନ୍ତୁ...—
ପୋ: ବୃନ୍ଦାବନଚୌକ, କଟକ।

ହତାଶର ଶେଷ ଆଶା
ଡାକ୍ତର ପାଲିତଙ୍କ ଫାଇଲେରିଆର ଯମ

## କୋଷବୃଦ୍ଧି ଓ ଗୋଦର

ବାତଶିରା, ଗୋଦର କୋଷବୃଦ୍ଧି ନାଲ ଓ ଦରଜ ବା ଖର୍ଜୀ ଦବଳହେବା ଓ କମ୍ପ ସହ ଜ୍ୱରର ୧୫ ବର୍ଷର ସିଦ୍ଧ ମହୌଷଧି ଗୋଟିଏ ଡବିଁଆ ଓ ୩ମାସ ଖାଇବାର ଔଷଧର ମୂଲ୍ୟ ୫୲ ଭି, ପି, ଖର୍ଚ୍ଚ ସ୍ୱତନ୍ତ୍ର।

ବୋଷ କମ୍ପାନୀ ଡାକ୍ତରଖାନା
ନ ୧୦ ମୁର କର୍ଣ୍ଣଓ୍ୱାଲ ଷ୍ଟ୍ରିଟ କଲିକତା

---

ପଥର ଦାନ୍ତ ବନ୍ଧାଇବା ଓ ଯୋଜିବା
ଦାନ୍ତ ଚେଳିଆ କରାଇବା ପାଇଁ
ଦାନ୍ତ ଡାକ୍ତର ଶ୍ରୀ ନବକିଶୋର ମିସ୍ତ୍ରି—କଟକ
ଓଡ଼ିଶାର ଏକ ପ୍ରଥମ ଓ ପ୍ରାଚୀନ ଅଟନ୍ତି।
ସହ ମୂଲ୍ୟରେ ଉତ୍ତମ କାର୍ଯ୍ୟ ହୁଏ।




---

ପ୍ରଯୋଜକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର          ସାଧାରଣ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର।

Digitized by srujanika@gmail.com

ଡାକ୍ତର ବିଜ୍ଞାନୀଙ୍କ ଓ ମାର୍ଗଗାମୀର ପ୍ରୟାସ,—ସସ୍ତା, ସୁନ୍ଦର, ହାସ୍ୟରସ ପ୍ରଧାନ ସଚିତ୍ର ପାକ୍ଷିକ—୧୨ଶ ଃ ୧୬ଶ ସଂଖ୍ୟା




କୌତୁକ କାବ୍ୟ

ନବ ରାମାୟଣ



ଗଳ୍ପ କଥା

ବୁଦ୍ଧିର ଡଗର

ନବ ଆବିଷ୍କୃତ [illegible] ଢେଙ୍କି ଉପରେ ପ୍ରଧାନମନ୍ତ୍ରୀ

Digitized by srujanika@gmail.com



# ଇଲେକ୍ଟ୍ରୋ ପ୍ଲେଟିଂ କାରୁକାର୍ଯ୍ୟ

( ସୁନା ଏବ ରୁପାର ଅଳଙ୍କାର )



ଟ ୫୦୦ ର ପୁରସ୍କାର ! ଟ ୫୦୦ ର ପୁରସ୍କାର!!

[illegible] ଅନୁସାରେ ଆମ୍ଭମାନେ ଖାଣ୍ଟି ସୁନା, ରୁପା ଏବ [illegible] ଅଳଙ୍କାରମାନ [illegible] ପ୍ରସ୍ତୁତ କରୁଅଛୁଁ । [illegible] କୌଣସି [illegible] କରାଯାଉ ନାହିଁ । ଆମ୍ଭମାନେ [illegible] ଅଳଙ୍କାର [illegible] ଦେବାକୁ ପ୍ରସ୍ତୁତ ଅଛୁଁ । [illegible] ପଦାର୍ଥ [illegible] କୌଣସି ପ୍ରକାର [illegible] ଟ ୫୦୦ ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । [illegible] ପ୍ରାର୍ଥନୀୟ—

ଭବଦୀୟ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ (ଜହୁରୀ)**

[illegible], ପୋଃ [illegible]—[illegible]



| | | | |
|---|---|---|---|
| ହାର | ତୋଳା ପ୍ରତି | ମଜୁରୀ | ଟ ୩୦ |
| ମୋହର ଚୁଡ଼ି | ,, | ,, | ଟ ୧୫ |
| ବେଣୀ | ,, | ,, | ଟ ୨୫ |
| [illegible] | ,, | ,, | ଟ ୨୫ |
| [illegible] | ,, | ,, | ଟ ୨୦ |
| [illegible] | ,, | ,, | ଟ ୩୦ |
| କାନ ଫୁଲ | ,, | ,, | ଟ ୨୫ |
| ମଳି ତୋଡ଼ା | ,, | ,, | ଟ ୨୫ |
| ମୁଦି | ,, | ,, | ଟ୫୦ରୁ ଟ ୨୫ |
| ଯୋଖା [illegible] | ,, | ,, | ଟ ୨୦ |
| ଘଣ୍ଟି | ,, | ,, | ଟ ୨୫ |

## ଅର୍ଡର ନିୟମାବଳୀ ।

୧ । ଅର୍ଡର [illegible] ।
୨ । [illegible] ଟ ୨୦ ରୁ ।
୩ । [illegible] ଟ ୧୨ ରୁ ।
୪ । [illegible] ଗ୍ରାହକ ହେବାର ସୁବିଧା ଅଛି ।
୫ । [illegible] ଅର୍ଡର [illegible] ପଠାଇବାକୁ ହେବ ।
୬ । [illegible] ଟଙ୍କା ପଠାଇବାକୁ ହେବ ।
୭ । [illegible] ଗ୍ରାହକ ହେଲେ କୌଣସି ଗୋଳମାଳ ହେଲେ ଅର୍ଡର ଅଫିସ ଦାୟୀ ନୁହନ୍ତି ।
୮ । ଲେଖା ଅର୍ଡର ଅଫିସରେ ପଠାଇବା ଦରକାର ।
୯ । ଟଙ୍କା ନ ଦେଲେ [illegible] ହେବ ନାହିଁ ।

Digitized by srujanika@gmail.com

ମହାଶୟ,

ଆପଣ ଅନୁଗ୍ରହ କରି ଯେଉଁ ଚାନ୍ଦା ଦେଇଥିଲେ
ର ଅନୁସାରେ ଉପର ପାଇ ଯାଉଛନ୍ତି । ଦୟାକରି ଆପଣଙ୍କର
ଦେଇ ପଠାଇଲେ ପରସଂଖ୍ୟା ପଠାଇବୁଁ । ଆପଣଙ୍କ—
ଅଂଶରେ— ପରିଚାଳକ ।



# ବିଲୁଆ ବିଚାର

**ସମ୍ପାଦକୀୟ**

[ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, ନିର୍ମଳ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଉପରେ ମୁଖ୍ୟ ଉଦ୍ଦେଶ୍ୟ]

ଆମ ସରକାର ଏବେ ଘୋଷଣା କରିଛନ୍ତି ଯେ ଯେଉଁ ବ୍ୟକ୍ତି ଉନ୍ନତ ଧରଣର ଢେଙ୍କି ଅବିଷ୍କାର କରିବ ତାକୁ ହଜାରେ ମୁଦ୍ରା ପୁରସ୍କାର ଦିଆଯିବ । ଜାଣିବା ଉଦ୍ଦେଶ୍ୟରେ ଆମେ ପଚାରୁଁ ଢେଙ୍କି ତ ସରଗକୁ ଗଲେ ବି ଧାନ କୁଟେ, ଏ ନୂଆ ଢେଙ୍କି ତା'ଠୁଁ ବଳି ଆଉ କି କାମ କରିବ ? ମନ ପବନ ଢେଙ୍କି ହେଲେ ସେ ଆମ ପ୍ରଧାନ ମନ୍ତ୍ରୀଙ୍କୁ ପିଠିରେ ନେଇ ଯଦି ଉଡି ପାରନ୍ତା ତେବେ ଗରିବ ଓଡିଶା ଦେଶ ବ୍ୟୋମଯାନ ଓ ଏରୋପ୍ଲେନ କରିବାର ଖରଚରୁ ବର୍ତ୍ତି ଯାଆନ୍ତା । ··· ···

ଜଣେ ସାମ୍ୟବାଦୀ କିନ୍ତୁ ଏ ଢେଙ୍କି କଥାରେ ବଡ଼ ଆପତ୍ତି ଉଠାଇଲେ । ତାଙ୍କ ମତରେ ଏ ମନ୍ତ୍ରୀଟା ଗୋଟାଏ reactionary ପ୍ରତି-କ୍ରିୟା ଶୀଳ—କିମ୍ବା ଓଡ଼ିଆରେ ମରହଟି ମଣିଷ—ସିଧା କଥାରେ ଗଣ-ଦ୍ରୋହୀ । କାରଣ ମନୁଷ୍ୟ ଯେତେବେଳେ ବିଜ୍ଞାନ ବଳରେ ପୃଥିବୀ ଓ ପ୍ରକୃତିକୁ ଜୟ କରିବାକୁ ଯାଉଛି ସେତେବେଳେ ସେ ଆମର ଏହି ନିଷ୍ପେଷିତ ଓଡ଼ିଆ ଜାତିକୁ ଅନ୍ଧାର ନିଷ୍ପେଷଣ କରିବାପାଇଁ ହଜାରେ ବର୍ଷ ପଛକୁ ପକାଇ ଦେଉଛନ୍ତି । ମାତ୍ର ସେ ନିକଟ ଭବିଷ୍ୟତରେ ଦେଖିବେ, ହାତୁଡ ଆଉ ଦା ନିକଟରେ ପ୍ରଧାନମନ୍ତ୍ରୀଙ୍କର ଏ କଳନା ପରିଛନ୍ନ ମାନିବ । ନାସ୍ତାରଙ୍କ ଉଡାଜାହାଜ ଭଳି ପ୍ରଧାନ ମନ୍ତ୍ରୀଙ୍କ ଢେଙ୍କି ତଳେ ପଡି ଚୁର୍ ମାର୍ ହୋଇଯିବ ।

ଭଗବାନ୍ ! ଭଗବାନ୍ ! ପ୍ରଧାନମନ୍ତ୍ରୀଙ୍କ ଏ ଢେଙ୍କି ଯେପରି ନାରଦ ମୁନିଙ୍କ ବାହାନ ଢେଙ୍କି ସାଙ୍ଗରେ ବନ୍ଧୁତା ନ କରେ ଶେଷକୁ ।

× × × ×

ଭାରତବନ୍ଧୁ ଲର୍ଡ଼ ଜେଟଲେଣ୍ଡ ସେଦିନ ହିନ୍ଦୁ ଦର୍ଶନ ଶାସ୍ତ୍ରକୁ ବ୍ୟାଖ୍ୟାନ କରୁଁ କରୁଁ କହିଲେ ଯେ ମନୁଷ୍ୟ ଯେପରି ମାୟା ବଳରେ ଦଉଡ଼ିକୁ ସାପଜ୍ଞାନ କରେ ସେହିପରି ଆମର ସବୁ ଭଲ କାମରେ ଭାରତବାସୀମାନେ ମନ୍ଦଉଦ୍ଦେଶ୍ୟ ଆରୋପ କରୁଛନ୍ତି । କିନ୍ତୁ ସେ ଯେଉଁ ନୂଆ ଶାସନ ଝପଡ଼ା ରୂପ ଭଲ୍ଲ- ଲଙ୍ଗୁଡ଼ ଦେଖେଇ ଦେଲେ ତାକୁ ଦଉଡ଼ି ଜ୍ଞାନ କରି କଂଗ୍ରେସ ବାଲା ମୁଠେଇ ନାହାନ୍ତି ତ ?

× × × ×

ଆମ ଦେଶରୁ ବାହାରୁ କିପରି ପନିପରିବା ଶାକ ସବ୍ଜି ନ ଆସି ଘରେ ଘରେ ସେ ସବୁ ପଇଦା ହେବ, ସେଥିପାଇଁ କଂଗ୍ରେସ ସରକାର କୃଷିର ଉନ୍ନତି ଦିଗରେ ଉପାୟମାନ କରିବେ । କିନ୍ତୁ ମାଗି ଖାଇଲା ତୁଣ୍ଡରେ ଏ ଲାଗି ଖାଇବା ଦରବ ସୁଆଦ ଲାଗିବ ନା ଓଡ଼ିଆଙ୍କୁ ?· · ··· ···

କଥାରେ କହନ୍ତି ମଣିଷ ହବୁଡ଼ ବାଡରେ ହାତ ଚପେଇବୁ । କିନ୍ତୁ ଏ ହାଟଦାଣ୍ଡିଆ ବାନ୍ଦରଗୁଡ଼ାକୁ ଭଲ ସରକାର କିଛି ସୁନ୍ଦର କରି ଯଉଁ ନୂଆ ବନ୍ଦର କରୁଛନ୍ତି ସେଇବାଟେ ତାଙ୍କ କିସ୍କିନ୍ଧ୍ୟାକୁ ପଠାଇ ଦିଅନ୍ତେ ।· ····

ଲୋକେ କହୁଛନ୍ତି କିସ୍କିନ୍ଧ୍ୟାଟା ବିଲାତ ଦେଶରେ କଉଁଠି । ସେଟା ସତ କି ମିଛ ଆମେ ଜାଣୁ ନାହୁଁ । କିନ୍ତୁ ଏ କଥା କହିଲେ ନିମାନ କାହାରି ବୃପାର ଗୃସ ନାହୁଁ ଯେ ଏ କିସ୍କିନ୍ଧ୍ୟାବାସୀ ମାଙ୍କଡ଼ଗୁଡା ଯେମିତି ଆମ ଦାନା ମାରୁଛନ୍ତି ବିଲାତ ବାସୀ ତା'ଠୁଁ କଉଣସି ଗୁଣରେ କମ ନୁହନ୍ତି ଭବ କବିପ୍ରାଣ ଓଡିଆ ସେଥିପାଇଁ ଖୋଜି ଖୋଜି ଗୋଟାଏ ଉପମା ପାଇଛନ୍ତି—ସହଜରେ ଛାଡବେ କିମିତି ?···

କମ୍ ବେଶୀ କି ଇଂରେଜୀ ପାଠୁଆ ଯେତେ ସମସ୍ତେ ଡାରଉଇନବାଦୀ ଅର୍ଥାତ୍ ମାଙ୍କଡ଼ଙ୍କ ବଂଶଧର । ମନ୍ତ୍ରୀମାନେ ସେଥିରୁ ବାହାର ହେବେ କିଆଁ ? ଅବଶ୍ୟ ଏ ଶାସନ ଭାରଟା ସେଇ ସୂତ୍ରରେ ପାଇଛନ୍ତି ବୋଲି କହିବାକୁ ଆମେ ପ୍ରସ୍ତୁତ ନୋହୁଁ । ତେବେ ମାଙ୍କଡ ଯେ ଆମର ତାଙ୍କର ସମସ୍ତଙ୍କର ପୂର୍ବପୁରୁଷ ଏକଥା ସେ ମନା କରି ପାରିବେ ନାହିଁ । ଶାସ୍ତ୍ର ପ୍ରମାଣ ରହିଛି । ସୁତରାଂ ଏ ମାଙ୍କଡ଼ ନିପାତ କରିବା ତାଙ୍କ ପକ୍ଷରେ ସମ୍ଭବ ହେବ କିପରି ?

ଓଡିଶାରେ ଯେ ଏତେ ମାଙ୍କଡ଼ ହୋଇଛନ୍ତି ତାର ଗୋଟାଏ ବଡ଼ ଆଧ୍ୟାତ୍ମିକ, ଆଧିଭୌତିକ ଏବଂ ଆଧିଦୈବିକ କାରଣ ଅଛି । ଗୟାତୀର୍ଥଟା ଏଠୁଁ ରହିଗଲା ବହୁତ ଦୂରରେ । ଓଡ଼ିଆମାନେ ଏତେ ଦୂରରେ ରହିଥିବାରୁ ପୂର୍ବପୁରୁଷମାନଙ୍କୁ ପିଣ୍ଡ ବାଢ଼ି ପାରିଲେ ନାହିଁ । ସେଥିପାଇଁ ସେମାନେ ବାଡ଼ିରେ ପଶି ଅପେ ଅପେ ଆସି ଖାଇ ଯାଉଛନ୍ତି । ସୁତରାଂ ମାଙ୍କଡ଼ଙ୍କୁ ଗୃଙ୍ଖଣ ନକରି ଗୟାଟାକୁ ଯଦି ଓଡିଶା ସାଙ୍ଗକୁ ଆଣି ପାରନ୍ତେ ତେବେ ବୋଧହୁଏ ଆମ ପୂର୍ବପୁରୁଷ-ଙ୍କର ଦୌରାତ୍ମ୍ୟ କମିଯାନ୍ତା । ଯୁା ନ କରି-ପାରିଲେ ତ କି ମନ୍ତ୍ରୀ ସିଏ ?

× × ×

"ବଙ୍ଗାଳିମାନେ ଆମ ହିନ୍ଦୁଭୂମିକୁ ନେଇ ଫନେଇଲେ ହୋ—ଧାଇଁ ପଡ଼—ଧାଇଁ ପଡ଼—" ଏ ପାଟି ଶୁଣି ଟୋକା ବୁଢ଼ା ସବୁ ଲୁଗା ପିନ୍ଧା ଠେକ ଦଉଡ଼ ଯାଇଁ ଦେଖିଲେ ବାଘ ଫାଗ କିଛି ନାହିଁ, ଗୋପାଳ ତ ଳ ମାରି ଠୋ ଠୋ ହସୁଛି ।

ବାବୁ ଜଣେ ବଙ୍ଗାଳି ଭଦ୍ରଲୋକ କଥାରେ କଥାରେ କହି ଦେଇଥିଲେ ଯେ ହିନ୍ଦୁଭୂମିଟା ବଙ୍ଗଳା ଦେଶ । ସେ ତ ଆଉ ପ୍ରସ୍ତାବ କରି ନାହାନ୍ତି ଯେ ହିନ୍ଦୁଭୂମିଟା ବଙ୍ଗଳା ସାଙ୍ଗରେ ମିଶୁ ବୋଲି !—ଛଡ଼ଅ କାହିଁକି ? ସେଟା ତାଙ୍କର ବ୍ୟକ୍ତିଗତ ଦୋଷ ନୁହେଁ ଜାତି ଗତ ଦୋଷ । ବୃହତ୍ତର ବାଂଲା ଦେହରେ ମାତ୍ରାଛ ବଢ଼େ ବି ଗୁଣିଯାଏ । କଟକଟାତ ବହୁଦିନରୁ ବଙ୍ଗଳା ଦେଶ ଥିଲା । ହିନ୍ଦୁଭୂମିଟାକୁ ବଙ୍ଗଳା ଦେଶ କହିବାଟା ଆଉ ବଡ଼ କଥାଟାଏ କ'ଣ ଏମିତି ? ଆମେ ଟାଳି ଦେଇ ଦିନକୁ ଆଖେର ରହିଛୁଁ ଯେତେବେଳେ ସମଗ୍ର ପୃଥିବୀ ବଙ୍ଗଳାରେ ପରିଣତ ହୋଇଯିବ । କିନ୍ତୁ ବାବା, ଦୁର୍ ରାଜକୁ ନହେଲେ ରଚା ! ହଗି ହଗ ମରିଯିବ ମଣିଷ ।



Digitized by srujanika@gmail.com



# ଖବରଅନ୍ତର

ବ୍ରିଟେନର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଶ୍ରୀ ର୍ୟାମସେ ମେକଡୋନେଲଡ଼ ମହା ପ୍ରୟାଣ କରିଛନ୍ତି । "ଜାଗ୍ରତ ଭାରତ" ବୋଲି ଗ୍ରନ୍ଥ ବହି ଲେଖି ସେ ଆମର ସ୍ୱଜାତି ସେ ଭି ଅଧିକ ପିଅାରା ହୋଇଥିଲେ । ସେ ଯେଉଁ ଶାସନ ଗଠଡ଼ା ଦେଇ ଯାଇଥିଲେ ତା' ଫଳରେ ଆମେ ଆଜି ସାମ୍ପ୍ରଦାୟିକ ଭୋଗ କରୁଛୁ । କଂଗ୍ରେସ ମନ୍ତ୍ରୀମାନେ ଭଲ୍‌ଭାଇ ଭଳି ବଳ ତାଙ୍କ ପାହୁଡ଼ା ଅସ୍ଥାନ ଉପରେ ଥାପି ସ୍ୱଶାସନ ଚଳାଉଛନ୍ତି । ବଙ୍ଗଳା କଥା ଅଲଗା ।

ବୁଢ଼ା ଗାନ୍ଧି ବଙ୍ଗଳାମନ୍ତ୍ରୀ ଆଉ ଲାଟଙ୍କ କାନରେ କି ମନ୍ତ୍ର ଫୁଙ୍କିଲେ କେଜାଣି ବଙ୍ଗ ସରକାର ଏବେ ୧୦୦୦ରୁ ଅଧିକ ରାଜଦ୍ରୋହୀଙ୍କୁ ଖଲାସ କରି ଦେଉଛନ୍ତି । ଏମାନେ ସମସ୍ତେ ଆତଙ୍କବାଦୀ ବା ବୋମାବାଲା । ବର୍ତ୍ତମାନ ସେମାନଙ୍କ ମତରେ ଆତଙ୍କବାଦ ଅତୀତ କାଳର କଥା । ତେବେ କଅଣ ସେମାନେ ଆତଙ୍କବାଦକୁ ଜେଲ୍ ମିଉଜିଅମରେ ରଖିଦେଇ ଆସିଲେ ?

ଜଣେ ହରିଜନ ମାନ୍ଦ୍ରାଜ କର୍ପୋରେସନ ମେମ୍ବର ହୋଇଛନ୍ତି । ଏଥର ଗାନ୍ଧି ତାଙ୍କୁ କି 'ଜନ' ବୋଲି କହିବେ କେଜାଣି ?

ଭାରତବାସୀ ବଲାଣ୍ଟ ଟେନିସନ ଦଳ ଓ ଦୋରେଜାଥିଆନ ଦଳକୁ ବିଜେଟ ଆଉ ଫୁଟବଲରେ ଜିତିଛନ୍ତି । ଇଂରେଜମାନେ ଭାରତ ଜୟ କରି ଥିଲେ ବୋଲି ଏ କ'ଣ ତାର ପ୍ରତିଶୋଧ ?

ଭଦ୍ରକକୁ ମାନ୍ୟବର ଦୁବେ ଆସିଥିଲେ । ସାଧାରଣ ଲୋକେ ତାଙ୍କଠାରେ ବହୁ ଆପତ୍ତି ଅଭିଯୋଗ କଲେ । ସବୁ ବିଷୟରେ ଓଡ଼ିଶା ମନ୍ତ୍ରୀମଣ୍ଡଳ ଚିନ୍ତା କରୁଛନ୍ତି ବୋଲି ସେ କହିଯାଇଛନ୍ତି । କିନ୍ତୁ ଏତେ ଚିନ୍ତାକରି ମଧ୍ୟ ଯେପରି ଖବର ନଥିବ ସେଥିପ୍ରତି ଟିକିଏ ସାବଧାନ ହେବା ଉଚିତ ନୁହେଁକି ?

ପ୍ରଜାଙ୍କୁ ଆଇନ ସଂଶୋଧନୀ ପ୍ରସ୍ତାବର ଜାଞ୍ଚ କମିଟି ବସିଥିଲା । ଗୁଜବ ଯେ ଏଥିଉପରେ ଜମିଦାରଙ୍କର ଅଧିକାର କାଏମ ରଖିବା ସପକ୍ଷରେ କେତେକ କଂଗ୍ରେସବାଲା ଭୋଟ ଦେଇଥିଲେ । ଏମାନେ ରକ୍ଷିତ ସ୍ୱାର୍ଥ ନା ଭକ୍ଷିତସ୍ୱାର୍ଥ ?

ବାଜନୌର ମୁସଲମାନ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସପ୍ରାର୍ଥୀ ମନୋନୀତ ହୋଇଛନ୍ତି । ଜିନା ହକ୍ ପ୍ରଭୃତିଙ୍କ ମୁହଁରେ ଚୂନକାଳି ଲାଗିଯାଇ ଥିବାର ସମ୍ବାଦ ମିଳିଛି । ସେମାନେ ଶୋଇଥିବା ଅବସ୍ଥାରେ ଏପରି ଘଟିଯାଇଥିବ ।

ସାର୍ ଜଗଦୀଶ ବୋଷ ଦେହ ତ୍ୟାଗ କରିଛନ୍ତି । କିନ୍ତୁ ଗଛପତ୍ର ଦେହରେ ସେ ଚିରଦିନ ବଞ୍ଚି ରହିବେ ।

ବ୍ରିଟିଶ ଆଫ୍ରିକାରେ ଭାରତବାସୀମାନଙ୍କୁ ଗୋରାମାନେ ଅସ୍ପୃଶ୍ୟପରି ବ୍ୟବହାର କରୁଛନ୍ତି ବୋଲି ସେଠ୍ ଗୋବିନ୍ଦଦାସଙ୍କ କଥାରୁ ପ୍ରକାଶ । ଏ କ'ଣ ଭାରତରେ ଅଛୁଆଁ ଜାତିଙ୍କର ଅଭିଶାପ ?

ବଙ୍ଗଳା ମନ୍ତ୍ରୀମଣ୍ଡଳ କେତେକ ରାଜବନ୍ଦୀଙ୍କୁ ଛାଡ଼ିଦେବା ଦ୍ୱାରା ଗୀତାଭକ୍ତ ଗାନ୍ଧି ଭାରି ଖୁସି ହୋଇ କହିଛନ୍ତି ଯେ ବଙ୍ଗଳା ମନ୍ତ୍ରୀମାନେ କଂଗ୍ରେସବାଲାଙ୍କ ପାଖାପାଖି ହୋଇ ଆସୁଛନ୍ତି । ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ?

ପୁରୀରେ ମହନ୍ତମାନେ ସଭାକରି ଏଣିକି ସ୍ୱଦେଶୀ ପିନ୍ଧିବେ, ସ୍ୱେଚ୍ଛାସେବକ ଦଳଗଢ଼ିବେ ବୋଲି ଠିକ କରିଛନ୍ତି । ଏ ଯାଏ ଜଣେଇ ମଙ୍ଗବେ କଂଗ୍ରେସବାଲା ଯିବେ କୁଆଡ଼େ ?

କଟକରେ ଉତ୍କଳ ସଙ୍ଗୀତ ସମାଜର ବାର୍ଷିକ ଅଧିବେଶନ ହୋଇଗଲା । ଡପି ସାହେବ ସଭାପତି ହୋଇଥିଲେ । ଜଣେ ସାହେବଙ୍କୁ ଓଡ଼ିଆ ଧର୍ମ ଶିକ୍ଷିତ କରିବା ଦ୍ୱାରା ସଙ୍ଗୀତ ସମାଜ କମ କାମ କରିନାହିଁ ।

ଓଡ଼ିଶାର ପଣ୍ଡିତମାନେ ସଂସ୍କୃତର ପୁନରୁଦ୍ଧାର କରିବା ମାନସରେ ଚନ୍ଦ୍ରପୁରଠାରେ ଏକ ସଭା କରିଥିଲେ । ସଂସ୍କୃତ ଭାଷାରେ ଲିଖିତ ମନ୍ତ୍ରବଳରେ ମଲ୍ଲମଣିଷ ଜିଇଁଥିଲେ ଯେତେବେଳେ, ଏପରି ସଭାପତି ସଂସ୍କୃତରେ ଭାଷଣ ଦେବାଦ୍ୱାରା ସେ ଭାଷା ପୁଣି ଗାତରୁ ନ ଉଠିବ କାହିଁକି ?

ଧରଦୋଟଙ୍କର ଇଲେକ୍ସନ ମୋକଦ୍ଦମା ଡିସ୍‌ମିସ୍ ହୋଇଛି । ଆଉ ମକଦ୍ଦମାଟା ଡିଗ୍ରୀ ହେଲେ ଜମା ଖରଚ ସମାନ ହୋଇଯାନ୍ତା । କଂଗ୍ରେସବାଲାଙ୍କ କପାଳ ।

କଲିକତା ଓଡ଼ିଆମାନେ ତାଙ୍କର କେତେକ ଆପତ୍ତି ଆମ ପ୍ରଧାନମନ୍ତ୍ରୀଙ୍କଠି ଜଣାଇଥିଲେ । କେଉଁ ପାଣି ଗୁଡ଼ିକ ପ୍ରଧାନମନ୍ତ୍ରୀ ସୁଭାଷବୋଷଙ୍କୁ ସଅଁପି ଦେଇ ଆସିଲେ । ବଳେଇ ହାତରେ ପୋଡ଼ପିଠା ।

## ବଡ଼ଲୋକଙ୍କ ମୁହଁରେ

ଲେଖକ ଶ୍ରୀ ବାଡ଼ ଓ ବଢ଼ା

ଡ଼ାକ୍ତର ମୁଞ୍ଜେ—"ବିଜନୌରରେ କଂଗ୍ରେସର ଜୟ ହେବା ଦ୍ୱାରା ସାମ୍ପ୍ରଦାୟିକତାର ଦୁର୍ଗ ଧ୍ୱସ୍ତ ହୋଇଯାଇଛି ।"

କଂଗ୍ରେସ କ'ଣ ତୋପ ?

"ଗୃହକାଇଶେଲ - ଠ'ନ ଶେଷ ପର୍ଯ୍ୟନ୍ତ ଲଟିଦ୍ୟାଆନ ସଙ୍ଗରେ ମିଳାମିଶା ଅସମ୍ଭବ ।"

ମୁହଁ ବଟାଣିଠା ଛାଡ଼ିବେ କାହିଁ ?

ମାନ୍ଦ୍ରାଜ କୃଷିମନ୍ତ୍ରୀ—"ସବର୍ଣ୍ଣ ହିନ୍ଦୁଙ୍କର ହୃଦୟ ପରିବର୍ତ୍ତନ ନହେଲେ ଆଇନ କାନୁନ ଦ୍ୱାରା ଅସ୍ପୃଶ୍ୟତା ନିବାରଣ କରିବା ଅସମ୍ଭବ ।"

ହିନ୍ଦୁଙ୍କ ହୃଦୟ ପରିବର୍ତ୍ତନ ପାଇଁ ସରକାର କ'ଣ ଏମେରିକାରୁ ଡାକ୍ତର ଆଣି ଅପରେସନ କରାଇବେ ?

ରାଜଗୋପାଳଚାରୀ—"କଂଗ୍ରେସ ମନ୍ତ୍ରୀଙ୍କ ବିରୁଦ୍ଧରେ ଟୀକାଟିପ୍ପଣୀ କରିବା ଅନୁଚିତ ।"

ଦଉଡ଼ିଲା ଘୋଡ଼ାର ଲଗାମରେ କି ଲୋଡ଼ା ?

ମୌଲାନା ଖଲିଲ ଅହମଦ—"ମହମ୍ମଦ ଓ ଖ୍ରୀଷ୍ଟ ଏ ଦୁଇ ମହାତ୍ମା ବାସ୍ତବରେ ଏକ ଥିଲେ ।" ମହମ୍ମଦ ହିନ୍ଦୁଥିଲେ କି ଖ୍ରୀଷ୍ଟ ମୁସଲମାନ ଥିଲେ ସେକଥା କିଏ ପ୍ରମାଣ କରିବ ?

Digitized by srujanika@gmail.com

# ମଜାକଥା



## ବୁଦ୍ଧିର ଖେଳ

ଲେଖକ:—
ଡ. କେ. ବସୁ ଓ ଚେ. ମୁଖର୍ଜୀ

ମିସ୍ ସୁଷମା ତାଙ୍କ drawing room ଝରକା ନିକଟରେ ବସି ବାହାରକୁ ଚାହିଁ ଥିଲେ। ବୈଶାଖର ତପ୍ତ ନିଶ୍ୱାସ ବାହାରେ ଖର ବହୁଥିଲେ ମଧ drawing roomର ପ୍ରତି ଝରକା ଓ ଦୁଆରରେ ବେଣାଚେର ଟାଟି ଦିଆଯାଇଥିବା ହେତୁ ଘର ଭିତରର ଅବହାଓ୍ୟାଟା ବେଶ ଥଣ୍ଡା ଓ ଆରାମପ୍ରଦ ଥିଲା। ଘରଭିତରେ ଠିକ୍ ସେହି ସମୟରେ ଦୁଇଟି ଭଦ୍ରଲୋକ ମିସ୍ ସୁଷମାଙ୍କ ବୃଦ୍ଧ ପିତା ସହିତ ଗଳ୍ପର ଅଖଡ଼ା ଜମେଇବାର ବୃଥାଚେଷ୍ଟା କରୁଥିଲେ। ବୃଦ୍ଧ ମଝିରେ' ତାଙ୍କ କଥାର ଦୁଇଟି ଗୋଟିଏ ଉତ୍ତର ଦେଇ ଧୀରେ ଧୀରେ ଢୁଳେଇ ପଡ଼ୁଥିଲେ।

ପିତାଙ୍କର ଏପରି ଅବସ୍ଥା ଦେଖି ମିସ୍ ସୁଷମା ଚେୟାରଟାକୁ ଟିକିଏ ଘୁଞ୍ଚେଇ ଦେଇ ଅପ୍ରେ' କହିଲେ "ଆପଣ ଦୁଇଜଣଙ୍କୁ ପାଇ ବାପାଙ୍କର ଖୁସି ହୋଇଛନ୍ତି— ପ୍ରାୟ ସବୁବେଳେ ଏକା ଥାନ୍ତି ବେଲ୍ ମଝିରେ ' ଏପରି ଜଣେ ଅଧେ କଥା କହିବାର ଲୋକ ଜୁଟିଲେ ସେ ବଡ଼ ଖୁସି ହୁଅନ୍ତି।"

କ୍ୟାପ୍ଟେନ ଦାସ ଅଳ୍ପ ଟିକେ ଗମ୍ଭୀର ସ୍ୱରରେ କହିଲେ "ଆପଣଙ୍କ ପାଖରେ ଥାଇଁ ଆଉ କାହାର ସମୟ କଟାଇବାର ଯେ ଅସୁବିଧା ହୋଇପାରେ ତା' ମୁଁ ଚେଷ୍ଟାକରି ଧାରଣାକରି ପାରେ ନାହିଁ ମିସ୍ ସୁଷମା!"

Captainଙ୍କର ଅନ୍ୟବନ୍ଧୁ ମିଷ୍ଟର ରାୟ କଥା କହିବାକୁ ବଡ଼ ବ୍ୟସ୍ତ ହେଉଥିଲେ ମଧ ଅଧେ କଥା କହିପାରୁ ନଥିଲେ ;—କାରଣ ସେଇ ଅଗ-ଚଲା Captainଟା Mr Rayଙ୍କ ମୁହଁର ଭାବ ଚଟ୍ଟ କଥାଟିଏ ସଜାଡ଼ି ଓଠ ଖୋଲିଲାକୁ ଠିକ ତାଙ୍କର ଅଙ୍ଗ ସଜଡ଼ା ଭଳିଆ ଅଙ୍ଗଭଙ୍ଗୀ କରି ମଜାଇଥାନ୍ତି। ଏପରିକି ଲକ୍ଷେଇ ଏପରି ବାର ବାର ଚାଲିବାର ହେଲା।

ବୃଦ୍ଧ ଏହା ମଧରେ ହଠାତ୍ ଉଠିଗଲା ଭଳି ଟିକିଏ ତରବରରେ କହି ଉଠିଲେ "ନା, ନା ମତେ ଏକା କହିବାକୁ ବରାବର ଭଲଲାଗେ।"

Captain ବଡ଼ ଓସ୍ତାଦ ଲୋକ, ଏଭଳି ଗୋଟାଏ Cutting remark ଯେମିତି ସେ ଆଦୌ ଶୁଣିନାହାନ୍ତି ସେଇପରି ଭାବ ଦେଖାଇ ଏଣେତେଣେ ତାଙ୍କ ଖୋଜା—ଆଖିକୁ ବୁଲାଇ ନେଉଥାନ୍ତି ଅଥଚ ସେତେବେଳକୁ ସେ ବୁଢ଼ାଙ୍କ Rayଙ୍କ ଏକାଥରକେ ଚେୟାର ଉପରେ ପଥରମୂର୍ତ୍ତି ପାଲଟି ଗଲେଣି। ଘର ଭିତରେ ନିସ୍ତବ୍ଧତା କ୍ଷଣକପାଇଁ ଖେଳ ଗଲା। ବୁଢ଼ାମଧ ହଠାତ୍ ଏଭଳି କଥାଟା କହିପକାଇ ମନେ ମନେ ବଡ଼ ଅପ୍ରସ୍ତୁତ ହୋଇଯାଉଥିଲେ। ସେଥିଲାଗି କଥାଟା ବାଆଁରିବା ପାଇଁ ପୁଣି କହିଲେ "ହଁ ଆପଣମାନେ ମୋର ସୁନୀର ଛାତ ଉପରର ବଗିଚାଟି ଦେଖିଛନ୍ତି ନା?—ବଡ଼ ସୁନ୍ଦର ହୋଇଛି!" Captain ଅଗ-ଭର ହୋଇ କହିପକାଇଲେ "ଅଜ୍ଞା ହଁ, ବଡ଼ ସୁନ୍ଦର - ମୁଁ କାଲି ଦେଖି ଆସିଛି ଯେ!" ବୁଢ଼ା ପୁଣି ତନ୍ଦ୍ରାମଗ୍ନ ହେଲେ। ଏଣେ Captain ବୁଢ଼ାଙ୍କୁ ଢୁଳେଇବାର ଦେଖି ମିସ୍ ସୁଷମା ନିକଟକୁ ଚେୟାରଟା ଅଳ୍ପଟିକେ ଟାଣି ନେଇ ଟୁପ୍‌ଟାପ୍, ଫିସ୍ ଫାସ୍‌କରି ଗଳ୍ପ ଆରମ୍ଭ କରିଦେଲେ:— କିପରି ସେ ମେସୋପୋଟେମିଆ ଯୁଦ୍ଧକ୍ଷେତ୍ରକୁ ଗଲେ— କେମିତି ଯୁଦ୍ଧ ଯେଉଁଠାରେ ହୋଇଥିଲା— General Townsend କିପରି ଘୁରିରେ ଅବରୁଦ୍ଧ ହୋଇଥିଲେ, ଏମିତି, ସେମିତି— ନିଜର ବାହାଦୁରୀ ଓ ବୀରତ୍ୱର ସତ, ମିଛ କଳ୍ପିତ କଥା ଅଙ୍ଗର ଭଙ୍ଗ-ସଞ୍ଚାଳନ ଦ୍ୱାରା Captain ତାଙ୍କର ସୁନ୍ଦରୀ ଶ୍ରୋତ୍ରୀଙ୍କ ହୃଦୟରାଜ୍ୟ ଜୟକରିବାରେ ସଚେଷ୍ଟ ଥିଲେ।

Mr Ray ବିଚାର ଅତି ନିରୁପାୟ ଚିତ୍ତ ଭାବରେ ତାଙ୍କର chairଟି ଉପରେ ବସିଥିଲେ "ନବାବ"-"ନନ୍ଦନ"!!

କିଛିକ୍ଷଣ ପରେ ମିସ୍ ସୁଷମା ହଠାତ୍ ବାହାରକୁ ଚାହିଁଦେଇ କହିଲେ "ଆଚ୍ଛା, ବର୍ତ୍ତମାନ କୋଠା ଉପରେ କଣ ଗରମ ହେବ?"— Captain କହିଲେ ଅତି ଆଗ୍ରହରେ "ଓଃ, କୋଠାଉପରେ ବୁଲିବା ବର୍ତ୍ତମାନ ବଡ଼ ଆରାମ ଦାୟକ।"

ମିସ୍ ସୁଷମା ଆବାକାବା ରାୟ ମହାଶୟଙ୍କ ଆଡ଼କୁ ଚାହିଁ କହିଲେ "ଦେଖନ୍ତୁ Mr Ray ଆମର କଥାବାର୍ତ୍ତାରେ ବାପାଙ୍କର ନିଦ୍ରାମର ବ୍ୟାଘାତ ହେଉଛି, ଆମେ ଟିକେ କୋଠାଉପରେ ବୁଲିଆସୁଁ। ବାପା ଉଠିଲେ ତାଙ୍କୁ ଟିକିଏ କହିଦେବେ ଅନୁଗ୍ରହକରି।"

ଅଗତ୍ୟା Mr. Ray ଅତି ସନ୍ତ୍ରମର ସହିତ ମସ୍ତିଷ୍କ ସଞ୍ଚାଳନ ଦ୍ୱାରା ସ୍ୱୀକୃତ ଜ୍ଞାପନ କରି ପୂର୍ବପରି ବସିରହିଲେ, ଶୂନ୍ୟ ହୃଦୟରେ ମହାଶୂନ୍ୟକୁ ଚାହିଁ। ପରେ ତାଙ୍କର ମନେ ହୋଇଥିଲା ବୃଦ୍ଧଙ୍କୁ ନିଦରୁ ଉଠାଇ ସବୁକଥା କହିଦିଅନ୍ତେ—

ଅର୍ଦ୍ଧଘଣ୍ଟା ପରେ ବୃଦ୍ଧ ଚକ୍ଷୁଖୋଲି ଚାହିଁ ଏକା Mr. Rayଙ୍କୁ ଘରଭିତରେ ଦେଖି ପଚାରିଲେ "ସେମାନେ କୁଆଡ଼େ ଗଲେକି?

ରାୟ—ଆଜ୍ଞା ଏଇ—କୋଠା ଉପରେ—

ବୃଦ୍ଧ—(ଟିକିଏ ଚଟିଲା ଭଳି) ତୁମେ ଗଲ ନାହିଁ କାହିଁକି?

ରାୟ—ଆଜ୍ଞା, ମତେ କେହିତ ଡାକି ନାହାନ୍ତି।

ବୃଦ୍ଧ—ଦେଖ, Mr. Ray! ତୁମର ଏତେ ବୟସ ହେଲା ଅଥଚ ଜମା ବୁଦ୍ଧି ବା ସାହସ ହେଲାନାହିଁ।

Ray—ମତେ କେହି ନଡାକିଲେ ମୁଁ ଯାଏନା—

ବୃଦ୍ଧ—ଏଇଠି ତମେ କରୁଛ ମସ୍ତ ଭୁଲ। ଜାଣ, ସ୍ତ୍ରୀଲୋକମାନେ ଜବରଦସ୍ତ ଲୋକଙ୍କୁ ଏକା ପସନ୍ଦ ବେଶୀ କରନ୍ତି। ତୁମେ କଲୁ ସୁବିଧା ବାର କାଢ଼ ହୁଣ୍ଡାଇ ବସି

Digitized by srujanika@gmail.com

ରହୁଛ ଯେପରି ଖୋଷ୍ଟାଏ ପେଷା—
ପେଷା——

Ray—(ଅପରିଚିତଙ୍କ ସୁରରେ)-ପେଷା ?-
ପୋଷା ବୁଝ ?

ବୃଦ୍ଧ—(ଚମକି)-ତେଣୁ ଜାଣେନା,
ସେତେବେଳେ ଜଳପ୍ଲୁତ ଅନର୍ଥ୍ୟ,
ଅଦ୍ଭୁତ କାହିଁ ଯାହା କେବଳ
ତାହା ତୁମ !— ତୁମେ ଏଠାରେ
ବସି ରହିଲ କିମ୍ବା, ଯେପରି ଖୋଷ୍ଟାଏ
ତାରିକ କରଣ ଆଜି ସେହି Cap-
tainଟା ତୁମ କାଳେ ନିଜ କଥା,
ସବୁ ବଦ୍ଧ ସବୁ ଓ୍ଵଣା ଖୋଲି
ଦେଲଣି । ତାରି ପାଖରେ ଏକା, ବାଦ-
ମାର ଚଟ୍ଟ ସେଫେଲ ନାକ ଦେଇ
ଅର୍ଥର କଥାଟା କହୁଛି । ମୋର
ଗୋଷ୍ଟାଏ ପରଣ ଝୁଲି ସ୍ଵାମୀ ଅଛନ୍ତି
ତୁମର ଗୋଷ୍ଟାଏ ଭଲ ପତ୍ନୀ ବନ୍ଦୋବସ୍ତ
କରାଇ ଯାଉଛି ଦେଖ ।

Ray ଅଛ. ଏକ Captain Das
ଏଠାକୁ ଗିଲା ଅଗିଲା ଚଢ଼ିବା ଠାରୁ
ମୋର ମଧ୍ୟ କେତେ ଧାରଣା ଥିଲା ।

ବୃଦ୍ଧ—ବାସ୍ତବ ଉଚ୍ଚତ୍ୟ !—ତୁମର ଅଳ୍ପ ବୟସ
ସେତେବେଳେ ବୁଝି ଗୋଲିକ !—
ଚରିତ୍ର ତ' ଦେଖ ଦନ୍ଧପାଇଁ ଏଣେ ବୁଦ୍ଧି
ଖେଳକୁ ଅଠାକାଠି !

Ray—ଥାଉ, ଚଟ୍ ଚଟ୍ ମତେ ଉଚ୍ଚ ପଇଟେ
ନାହିଁ । ଭିତରେ ଅଟଣା ଚାଲିଲେ ଯାଇ
ମୁଁ ବୁଝିପାରେ କେତେ ଚିନ୍ତା ପାଇବେ ।
ଅପଟା କିନ୍ତୁ ଖୁବ ମୋର ଭଲ ଲାଗୁ !-

ବୃଦ୍ଧ କଣ ଭାବିଲେ ବା ଜାଣେନା ଏକଥା
ଶୁଣି କିନ୍ତୁ chairକୁ ଉଠି ପଡ଼ି । ତାହାର
ଦୁଇଥର ବୁଦ୍ଧ ଅର୍ଥରେ— ନା ପରେ Ray
ପାଖରେ ଗୋଷ୍ଟାଏ chair ଟାଣିଆଣି
ବସିଲେ ।

ବୃଦ୍ଧ—Ray । ତୁମେ ବୋଧହୁଏ ହିସାବ
ଅର୍ଥ ଦେଖୁଛ ଦେଖ, ଆଜି
ଯେପରି ମୁଁ ସ୍ଵାମୀକୁ ଶୀଘ୍ର ଉଦାସୁକର
ଦେଇ ପାରିଲେ ନିଶ୍ଵାସ ମାରି ବଞ୍ଚେ ।
କିନ୍ତୁ ଅପର କଥା—ମୁଁ ଜେଉଁ
ବିବାହ କରିବାକୁ ଯିବି—

Ray—ଅପଣ !- ବିବାହ !—

ବୃଦ୍ଧ—ହିଁ, ହିଁ ମୁଁ ବିବାହ କରିବାକୁ ଯିବି
କିନ୍ତୁ ସ୍ଵାମୀର ବାହାଘର ନ ସରିଲେ
'ସେ' ମତେ ବିବାହ କରିବ ନାହିଁ ।

Ray—ସେ—କିଏ ?

ବୃଦ୍ଧ—ସେ ଏଇ ଛକ ଉପର ହୋମଟ୍ୟଲରେ
ରହନ୍ତି । ସେ ହେଉଛନ୍ତି ଜଣେ
M. B. ଲେଡ ଡାକ୍ତର ।
ମୋର ଉପଦେଷ୍ଟା ସେ ମୁଁ ଯଦି ମୋର
ଏ ଲଜ୍ଜାର ଚିହ୍ନଏ ଭଲ ବାସନା ପାଏ
ତେବେ ହୁଏତ ସେ ଅଳ୍ପ ବିବାହ
କରିବ ନାହିଁ ମୁଁ । ବର୍ତ୍ତମାନ ମୁଁ
ଦେଖୁଛି ସ୍ଵାମୀ ସେହି Captainଙ୍କୁ
ଖୁବ ପସନ୍ଦ କରନ୍ତି ତେବେ ମୋର
ସେଇଟିହୁର ଜଣାସ ସେ ଟେଙ୍କ
ବିବାହ କରିବ ନାହିଁ । ଅଭ ବୁଝିଲ
କେବେ ମୁଁ ଦୁଃଖ ଭଟିବେ ତୁମ କଥା
ସ୍ଵାମୀ ପାଖରେ ପକାଇ ଥିଲି—

(Mr. Rayଙ୍କର ବିଷାଦ ଭରା ଗମ୍ଭୀର
ମୁଖଶ୍ରୀ ହଠାତ୍ ଉଜ୍ଜ୍ୱଳ ହୋଇ ଉଠିଲା । )

ସ୍ଵାମୀ କହିଲା "Mr. Rayଙ୍କ
ଭିତରେ ଶାଗତ୍ଵର ଗନ୍ଧ ଟିକେ ନାହିଁ, ବଡ଼ ଭୀରୁ, ବଡ଼ ନିରସ ସେ !"
ବୃଦ୍ଧ ପୁଣି କହିଲେ "ମୁଁ ତୁମର
ପକ୍ଷ ନେଇ କହିଲି ସେ—'ନା ! Mr.
Ray ଖୁବ ବୁଦ୍ଧିଆ ଲୋକ, ଏମିତ
କ ଘଡ଼ି ଦେଖା ଦେଇ ସହଜେ
କହିବେ ଲକ୍ଷ୍ମୀ ସୋହାଗ ଥାଏ ।
ସେ ଗାମ୍ଭୀର୍ଯ୍ୟ ଜନ ହିତାର୍ଥେ
ମୁଣ୍ଡଟାକ ରଖନ୍ତାକୁ ଅପର ଜଣ-
ଙ୍କୁ କିନ୍ତୁ ପାଅନ୍ତି ନାହିଁ ।

Ray—ଅଚ୍ଛା ସେଥିରେ କହିଲେ "ଅଛ
ମୁଁ ସବୁବେଳେ କୁର୍ତ୍ତା ପିନ୍ଧେ
ହୋଇଥାଏ କ ଟାଙ୍ଗୁ ପିନ୍ଧିଥାଏ
ଦେହରେ ଖାଉଁଥିବା ଲୋକର ଏତେ
ଗୁଣ ବଢ଼ିଥାଏ କାହିଁକି ?"

ବୃଦ୍ଧ—ଅରେ ତୁମେ ଚିନ୍ତା ନ କର ଚଟ୍ଟୁ
କାହିଁକି ? ତୁମରି ଭଲ ପାଇଁ ଏସବୁ ।
ଦେଖ ତୁମେ ଯଦି ସ୍ଵାମୀ ସାମନାରେ
ଗୋଟାଏ ସାହସିକ କାମ ଦେଖାଇ
ପାରନ୍ତ—ଏଇଥର ଯଦି ସ୍ଵାମୀ ସାମନା-
ରେ ଗୋଟାଏ ଲୋକକୁ ମାରୁ ମାରୁ
ବଞ୍ଚାଇ ଦିଅ ଯଦି ବା ଜଣେ
ବୁଡ଼ି ଯାଉଥିବା ଲୋକକୁ ପାଣିରୁ
ଟେକି ଆଣି ପାରନ୍ତ—

Ray—ହିଁ ଯଦି କେହି ମୋ ସାମନାରେ
ବୁଡ଼ି ଯାଉଥାଏ ତେବେ ସିନା !—
ଅଲ୍ପ ପିଲାଦିନରେ ମୁଁ ପହଁରା
ଶିଖିଥିଲି ସତ କିନ୍ତୁ ଏଣିକି ଅଭ୍ୟାସ
ଛାଡ଼ିବା ଠାରୁ ଅଛି ଦେହ ଭାରି
ଲାଗୁଛି । ସେଥିପାଇଁ ବର୍ତ୍ତମାନ
ଅଳ୍ପ ବୟସର ସେ ନ ପାରେ ତାହା
ନୁହେଁ କିନ୍ତୁ ଭୟ ହୁଏ ? -

ବୃଦ୍ଧ - ଅହେ ଓହୋ ଦୁର୍ଭାଗିଣି ! ଲୋକ ନ
ପାଇଲେ, ଗୋଟାଏ କଲକ ମିଛି-
ମିଛିକା ପାଣିରେ ପଡ଼ିଗଲା ବୋଲି
ଭାବିଲେ ତୁମେ ପାଣିକୁ ଡେଇଁ ପଡ଼
ପାର ତ—

Ray—ହିଁ, ତାହାରେ ସ୍ଵାମୀ ଓ captain
ପାଖରେ ଝୁରୁ ହାସ୍ୟାସ୍ପଦ ହେବି,—
ନାହିଁ ? ସ୍ଵାମୀ ବଡ଼ ଚତୁର, ତାଙ୍କୁ
ମିଛ କହି ଠକାଇବା —

ବୃଦ୍ଧ—ହୋଇପାରିବ ନାହିଁ ? ଧର ଦେଖିବା
ବାଦ ଦିଅ ସବୁ କଥାକୁ ଛାଡ଼ି :—
ଏଥିରା ଅଟକାଇବି—ସେଇଟା ହୋଇ
ପାରିବନା !—

Ray - ଅଛ, ଦେଖ ଯେବେ ପାଣିରେ ଡୁବି
ସ ଯାଏ ମୁଁ କମିତ କଣ କରିବି !

ବୃଦ୍ଧ ଟିକେ ନୀରବ ହୋଇଗଲେ, ପରେ ଉତ୍ତେଜିତ ହୋଇ କହିଲେ, "ସ୍ୱଳ୍ପ Ray କାଲି ଜୋରରେ ବୃଦ୍ଧଙ୍କୁ ବୁଝି ଯିବା ଅନେ ସମସ୍ତେ ।"

Ray—ଅଚ୍ଛା, ଯଦି କେହି ବୁଡ଼ି ଯାଉଥାଏ ଏହି ଅଣାରେ ବା କଣ ?

ବୃଦ୍ଧ—ହଁ ଏକରକମ ସେହି ଅଣାରେ—ଏହି ଧନ Captain ଜଣେ ପଡ଼ିଲେ ! ଅଥଳ ପାଣି, ବୁଝିଲ ?—

Ray—ସେ କଣ ପିଲା ?—ସେ କାହିଁକି ପଡ଼ିଲେ ଯିବେ ?

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇ ନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନଯୋଗୀତା, ଉଦାସୀନତା, ନୈରାଶ୍ୟ, ନିଦ୍ରାହୀନତା ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅମ୍ଳପିତ୍ତ, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ଏଥି ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ବିପୁଳ ବଳ ଶକ୍ତି ଖେଳେ । ଦୁଇ ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

### ରତି ଶକ୍ତି

ଏହା ବ୍ୟବହାର କଲେ ବୃଦ୍ଧ ଯୁବକ ତୁଲ୍ୟ ରତିଶକ୍ତି ପାଏ । ଯେଉଁମାନେ ଧ୍ୱଜଭଙ୍ଗ ଓ ଶୁକ୍ରତାରଲ୍ୟ ହେତୁ ହୀନବୀର୍ଯ୍ୟ ହୋଇ ଅଛନ୍ତି, ସେମାନଙ୍କୁ ଏହା ଆଶ୍ଚର୍ଯ୍ୟଜନକ ଶକ୍ତି ପ୍ରଦ ଫଳ ଦିଏ । ଥରେ ପରୀକ୍ଷା କରନ୍ତୁ । ଦୁଇ ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୧ ।

### କର୍ପୂରାରିଷ୍ଟ

ହଇଜା ଗୋଟିଏ ଭୟଙ୍କର ରୋଗ । କେତେ ଶହ ଲୋକଙ୍କ ଜୀବନ ନଷ୍ଟ କରିଦିଏ । ଗୋଟିଏ ଶିଶି କର୍ପୂରାରିଷ୍ଟ ଘରେ ରଖନ୍ତୁ, ଆଉ ଭୟର କାରଣ ରହିବ ନାହିଁ ।

—ବଡ଼ ଶିଶିର ମୂଲ୍ୟ ୫୦, ଛୋଟ ଶିଶିର ମୂଲ୍ୟ [illegible]—

| | |
|---|---|
| ନୟା ସଡ଼କ | ବୈଦ୍ୟରାଜ |
| ପୋ: ଅ: ଗୃହକାଟୌକି, | C/o ଶ୍ରୀ ବାଲ୍ମିକେଶ୍ୱର ଆଚାର୍ଯ୍ୟ [illegible] |
| କଟକ । | କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦାଚାର୍ଯ୍ୟ |

---

## 'ଚ୍ୟାଲେଞ୍ଜ' ???

ଆପଣଙ୍କ ମୂଲ୍ୟବାନ କଲମର ପରମାୟୁ ବୃଦ୍ଧି କରିବାକୁ ହେଲେ ସନ୍ଦୋଷ ବର୍ଜିତ ଚ୍ୟାଲେଞ୍ଜ ଫାଉଣ୍ଟେନ ପେନ, କାଳୀ ବ୍ୟବହାର କରନ୍ତୁ ।

ପ୍ରସ୍ତୁତ କାରକ

ଓଡ଼ିଶା କେମିକ୍ୟାଲ ଲିମିଟେଡ୍

---

କାନ୍ତକବି ଲକ୍ଷ୍ମୀକାନ୍ତଙ୍କ

ବୁକୁ ରକ୍ତରେ ଲେଖା

## ଜୀବନ ସଙ୍ଗୀତ

ପଢ଼ନ୍ତୁ


Digitized by srujanika@gmail.com

REG. NO. P-441 THE DAGARO.

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସ୍ୟୁରେନ୍ସ ସୋସାଇଟି ଲି: କଲିକତା

ଉମା ଅଫିସ: — ଜିତେନ୍ଦ୍ର ପ୍ରସାଦ ଦାସ

---

ହାତୀ ମାର୍କା



## ବାଲି କାଗଜ

---

# ଡାକ୍ତର-ରଘୁନାଥ ସାହୁ

ଏଲ୍. ଏମ୍. ପି ଙ୍କର ଅବିଷ୍କୃତ

# ସାଗର ସୁଧା

---

ଡାକ୍ତର ପାଲିତଙ୍କ ଫାଇଲେରିୟା'ର ଯମ

## କୋଷବୃଦ୍ଧି ଓ ଗୋଦର

---



---

ସମ୍ପାଦକ— ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସହକାରୀ ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com

ମାର୍ଗଶିର ଦ୍ୱିତୀୟାର୍ଦ୍ଧ — ସସ୍ତା, ସୁନ୍ଦର, ହାସ୍ୟରସ-ପ୍ରଧାନ ସଚିତ୍ର ପାକ୍ଷିକ— ପ୍ରଥମ ବର୍ଷ ୧୪ ଶ ସଂଖ୍ୟା




କୌତୁକ ଚିତ୍ର

ଝଡାଙ୍କ ଚେଲେଦେଗା



ମଜା କଥା

ଛୁଟି

ଅପର୍ଣ୍ଣା ପାଣିଗ୍ରାହୀ

Digitized by srujanika@gmail.com




# ଇଲେକ୍ଟ୍ରୋ ପ୍ଲେଟିଂ କାରୁକାର୍ଯ୍ୟ

( ସୁନା ଏବଂ ରୂପାର ଅଳଙ୍କାର )

ଟ ୨୦୮ ଙ୍କା ପୁରସ୍କାର ! ଟ ୨୦୮ ଙ୍କା ପୁରସ୍କାର !!



ଭଦ୍ରବ୍ୟକ୍ତିମାନଙ୍କର ଫରମାସୀ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁ ମୂଲ୍ୟ ପଥରର ଚମତ୍କାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବ୍ୟସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଆମ୍ଭେମାନେ ତାହାଙ୍କୁ ଭୁଲିବ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ତଉଲ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହୁ କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରିପାରିଲେ ଆମ୍ଭେମାନେ ଟ୨୦୮ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ—

ବିନୀତ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ (ଜହ୍ଲରୀ)**

ବାଲୁବଜାର, ପୋ: ଚୁଡ଼ଙ୍ଗପଟ୍ଟେୈ—କଟକ ।



| | | | |
|---|---|---|---|
| ହାର | ତୋଳା ପ୍ରତି | ମଜୁରୀ | ଟ ୩ ୮ |
| ଗୋଖିରୁ ଚୁଡ଼ି | ,, | ,, | ଟ ୧ ୪ |
| ଚେନ | ,, | ,, | ଟ ୨ ୪ |
| ବଷ୍ଟ | ,, | ,, | ଟ ୨ ୪ |
| ଚୁଡ଼ି | ,, | ,, | ଟ ୨ ୮ |
| ଖଡୁ | ,, | ,, | ଟ ୩ ୮ |
| କାନ ଫୁଲ | ,, | ,, | ଟ ୨ ୪ |
| ମଙ୍ଗ ଯୋଡ଼ା | ,, | ,, | ଟ ୨ ୪ |
| ମୁଦି | ,, | ,, | ଟ୪୮୦ାରୁ ଟ ୨୪ |
| ଖୋସା କଣ୍ଟା | ,, | ,, | ଟ ୫ ୮ |
| ପାନଥି | ,, | ,, | ଟ ୨ ୪ |



# ଉତ୍କଳର ଘରେ ଘରେ ପ୍ରବେଶ କରୁଅଛି !

**ହଜାର ହଜାର ତରୁଣ ତରୁଣୀ ଆଦର କରି ତାଙ୍କର ପଢ଼ୁଛନ୍ତି ।**

ଲୋକେ ଜାଣିଲେ ସିନା ବେପାର କଟିବ !

## ବିଜ୍ଞାପନ ବେଉସାର ମୂଳ ।

ଡଗରରେ ବିଜ୍ଞାପନ ଦେଇ ଆପଣଙ୍କ ବେଉସାର ଉନ୍ନତ କରନ୍ତୁ


Digitized by srujanika@gmail.com

# ୰ଅପର୍ଣ୍ଣା ପାଣିଗ୍ରାହୀ

ଗତବର୍ଷ ଅପର୍ଣ୍ଣା ପାଣିଗ୍ରାହୀ କଲିକତାରେ ଗ୍ରାମୋଫୋନ ରେକର୍ଡ଼ରେ ଗୀତ ଦେଇ ପାରଳା ଖେମୁଣ୍ଡିକୁ ଫେରୁଥିଲେ, ରାସ୍ତାରେ ଜ୍ୱର ହେଲା, ଏବଂ ଘରେ ପହଞ୍ଚି ତାଙ୍କର ମୃତ୍ୟୁ ହେଲା ।

ଅପର୍ଣ୍ଣା ପାଣିଗ୍ରାହୀ କେବଳ ପାରଳା ଖେମୁଣ୍ଡିର ନୁହେ ସମଗ୍ର ଉତ୍କଳର ମଧ୍ୟ ପ୍ରସିଦ୍ଧ ବୀଣକାର ଥିଲେ । ସେ ଉତ୍କଳରେ ସର୍ବଶ୍ରେଷ୍ଠ ବୀଣକାର ଥିଲେ ବୋଲି କହିଲେ ଚଳେ ।

ନଅ ଦଶ ବର୍ଷ ବେଳକୁ ଅପର୍ଣ୍ଣାଙ୍କର ନତୁ ପିବା ଉପରେ ବସିଲାଣି । ବସନ୍ତ ରୋଗ ଯୋଗୁଁ ତାଙ୍କର ଚକ୍ଷୁ ଫୁଟିଗଲା । ସେ ଅନ୍ଧ ହୋଇଗଲେ । ଉତ୍କଳର ସୁରଦାସ ଥିଲେ ଅପର୍ଣ୍ଣା । ତାଙ୍କର ମଧୁର ଲଳିତ ସ୍ୱରର ସରୁ କଣ୍ଠ ପୁଣି ତହିଁ ସଙ୍ଗରେ ତାଙ୍କର ବୀଣା ବାଦନ, ଅଙ୍ଗୁଳି ଚାଳନର ସୂକ୍ଷ୍ମ ଦକ୍ଷତା ବାସ୍ତବରେ ଅପର୍ଣ୍ଣାଙ୍କୁ ବହୁ ଉଚ୍ଚକୁ ଉଠାଇଥିଲା ।

ସେ ବିଜୟନଗରର ସୂର୍ଯ୍ୟନାରାୟଣ ଓସ୍ତାଦ (ସେ ପାରଳା ଖେମୁଣ୍ଡିରେ ୬ । ୭ ବର୍ଷ ରାଜ ଦରବାରରେ ରହୁଥିଲେ) ଙ୍କ ଠାରୁ ୬ । ୭ ବର୍ଷ ଧରି ବୀଣା ବାଦନ ଅଭିନିବେଶ ସହରେ ଶିକ୍ଷା କରିଥିଲେ ।

ଅପର୍ଣ୍ଣାଙ୍କର ଏପରି ଗୁଣ ଥିଲା ସତ୍ୟ କିନ୍ତୁ ଓଡ଼ିଶାରେ ଅପର୍ଣ୍ଣାଙ୍କର ଗୁଣଗ୍ରାହୀ ଲୋକ ଖୁବ୍ କମ ଥିଲେ । ସେ ପାରଳା ଖେମୁଣ୍ଡିର ରାଜ ଦରବାରର ସଙ୍ଗୀତଜ୍ଞ ଗାୟକ ଓ ବାଦକ ।

ଉତ୍କଳ ସଙ୍ଗୀତ ସମାଜ (ଏହା କଟକରେ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ଚଉଧୁରୀଙ୍କ ଚେଷ୍ଟାରେ ହୋଇଛି) ତରଫରୁ ଅପର୍ଣ୍ଣାଙ୍କୁ ନିଖିଳ ଭାରତ ସଙ୍ଗୀତ ସମ୍ମିଳନୀକୁ ୩ ବର୍ଷ ଆଗରୁ ପଠା ହୋଇଥିଲା ଏବଂ ଅପର୍ଣ୍ଣା ସେଠାରେ ମଧୁର ଲଳିତ କଣ୍ଠରେ ଯେଉଁ ଗାନ ଏବଂ ବୀଣା ଉପରେ ଯେଉଁ ସୁମଧୁର ଅଙ୍ଗୁଳି ଚାଳନ ଓ ମଧୁର ଅଲୌକିକ ସୂକ୍ଷ୍ମ ଶିଳ୍ପ କମ୍ପନ ପ୍ରକାଶ କରିଥିଲେ ତାହା ଦେଖି ସମସ୍ତେ ଚମତ୍କୃତ ହୋଇ ଯାଇଥିଲେ ଏବଂ ସହସ୍ର ମୁଖରେ ଅପର୍ଣ୍ଣାଙ୍କର ପ୍ରଶଂସା କରିଥିଲେ ।

ଅପର୍ଣ୍ଣା ଆଜି ନାହାନ୍ତି । ଦୂର ଦେଶକୁ ଚାଲି ଯାଇଛନ୍ତି । କି ମଧୁର ସଙ୍ଗୀତ, ସେଠାରୁ—ଦେବ ନୃତ୍ୟ ହେଉଛି ସେ ଭାବି ଅଛନ୍ତି ତାହା ହତଭାଗ୍ୟ ମୁଁ କିପରି ବର୍ଣ୍ଣନା କରିବି ?

ଅପର୍ଣ୍ଣା ଘରେ ଭୂମିବାଡ଼ି କିଛି କରି ଯାଇ ନାହାନ୍ତି । ତାଙ୍କର ଘର ପାରଳାର ବଡ଼ଗଡ଼ ସାହିରେ । ସେ ଜଣେ ବୈଷ୍ଣବ ଥିଲେ ଏବଂ ବଡ଼ ନିଷ୍ଠାବାନ୍ ବ୍ୟକ୍ତି ଥିଲେ । ତାଙ୍କର ଦୁଇଟି କନ୍ୟା । ସେଥିରୁ ଗୋଟିଏ ବିବାହ ହୋଇ ଯାଇଅଛି । ବୁଢ଼ୀ ମା ଏବଂ ସ୍ତ୍ରୀ ଘରେ ଅଛନ୍ତି । ସାମାନ୍ୟ ଅଳଂକାର ପତ୍ର ଯାହା ସେମାନଙ୍କ ନିକଟରେ ଅଛି, ତାହାଛଡ଼ା ଆଉ କିଛି ନାହିଁ ।

ଅପର୍ଣ୍ଣା ଚାଲି ଯାଇଅଛନ୍ତି । ଆଜି ତାଙ୍କ ନାମକୁ ଉଜ୍ଜୀବିତ ରଖିବା ପାଇଁ ଉତ୍କଳରେ ଗୋଟିଏ ବୀଣାବାଦନର ସ୍କୁଲ ସ୍ଥାପିତ ହୋଇ ପାରିଲେ ତାଙ୍କୁ ଯଥେଷ୍ଟ ସମ୍ମାନ ଦେଇ ହେବ ।

ଅପର୍ଣ୍ଣାଙ୍କର ପୁତ୍ର ସନ୍ତାନ ଅଛି କି ନା, ମୁଁ ଠିକ ଜାଣି ନାହିଁ । ଯାହାହେଉ, ଅପର୍ଣ୍ଣା ପ୍ରଭୃତି ପାଇଁ ଓଡ଼ିଆର ଏତେ ରାଜା ମହାରାଜାମାନେ କିଛି କରନ୍ତୁ—ନୋହିଲେ ସେହିମାନଙ୍କ ମୁହଁରେ କଳଙ୍କ ଲେପି ହେବ । ଅଧିକ କଣ ? "ଜାନାତ୍ ପରତରଂ ନ ହି"—ଏହି କଥା ସମ୍ପୂର୍ଣ୍ଣ ସାର୍ଥକତା ଲାଭ କରିଥିଲା ଅପର୍ଣ୍ଣାଙ୍କ ଠାରେ ।

ସଙ୍ଗୀତମୟ ଉତ୍କଳର ଯୁବକ, ବାଳକ, ଯୁବତୀ, ବାଳିକା, ଶିଶୁ କଣ୍ଠରେ ଅପର୍ଣ୍ଣାଙ୍କର ଗୌରବମୟ ସ୍ୱର ଝଙ୍କାର ଉଠୁ । କିମଧିକଂ ?

ଚଉଦୁଆର ( କଟକ ଜି: ) — ଲକ୍ଷ୍ମୀନାରାୟଣ ସାହୁ

୯ । ୧୨ । ୧୯୩୭ — ଭାରତ ସେବକ ସମିତି ।

Digitized by srujanika@gmail.com

# ବିଲୁଆ ବିଚାର



[ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, ନିର୍ମଳ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଲେଖକର ମୁଖ୍ୟ ଉଦ୍ଦେଶ୍ୟ]

## ସମ୍ପାଦକୀୟ

ଛାତ୍ରବୋର୍ଡ଼ ଷ୍ଟେଟ ବେଙ୍କ ଯେଉଁଠି' ପରୀକ୍ଷା ଅଛି ଆଶାପ୍ରାର୍ଥୀ ଦେଇ ଯେତେ ଯେତେ ଦେଇଥିଲେ ଯାଉଛନ୍ତି । ଯେଉଁମାନେ ଅବର୍ଣ୍ଣ ଓ ଅଲ୍ପାୟୁଷୀ ତାଙ୍କର ଛାତି ଫାଟିଯାଉଛି । ସେଥିରୁ ଅନେକେ କହୁ ବୁଝିଲେଣି ଯେ 'ଦ୍ରାକ୍ଷାଫଳ ଖଟା' (grapes are sour) ।

ଗତ ଅକ୍ଟୋବର ଷ୍ଟେଟ ଲଟେରୀ ଟିକଟ ଶିଖା ଦେଉଛି ସେଥିରେ ଏଥର ଯେ ଅଜଣାର ବୋର୍ଡ଼ ପାଇଁ କ୍ରୋରପତି ହେବ ସେ ଆଶା ବୃଥା । ନାଁ ଟଙ୍କା ମାନଙ୍କ ମନ୍ଦିରରେ ଚଢ଼ାଇ ଦେଇ ଓ ମାର୍କେଟବୋର୍ଡ଼ ଛଡ଼ା ବେଙ୍କରେ ଯାଉଁଥିବା ପଡ଼ିଲା ପରି ଜଣା ପଡ଼ୁଛି । ଏହା ନିଶ୍ଚୟ ଯେ କଂଗ୍ରେସ ନେତାମାନଙ୍କ ଲଙ୍କାରେ ହିଟ ବାଣ ଓ ପିଷ୍ଟରେ ମୋହର ଦାବମାନ ଛାପ ଦେବ ସେମାନେ କେବଳ ଦେଖା ପାଇବା ଯାଏଁ ବୁଝିବେ ।

କିନ୍ତୁ କାହା ହୃଦୟରେ ଏହି ନିଦାରୁଣ ସେ କଥା ଅତଳରେ ଜଣା ପଡ଼ୁ ନ ଥିବାରୁ ସମସ୍ତେ କେତେକ ଅସ୍ତ୍ରାଗାର ବାହାରନ୍ତି ଓ କେତେକ ପ୍ରତାପେ ଦାବିଶ୍ରୁତ କରି ନେ, ଅପଣାରୁ ବଳବୀର ଚଢ଼ାଇ ପାଇଁ ଚାହିଁବାରେ ଲାଗିପଡ଼ିଲେଣି ଅନେକ । ଏହି କାମ୍ପବନ୍ଧ କେତେକ ଯେ ଅସଲ ଲକ୍ଷ୍ୟ ଲାଗିବ ଏହିଠାରେ ନାହିଁ । ପଟେପଟେ ଜନସାଧାରଣ ମୂଢ଼ାଇ, ଓ ଇଂରେଜ ବାହାର କରିବେ । ଏଥିପାଇଁ ନେତା ମାନଙ୍କୁ ଅମର ପଦ୍ମବର୍ଣ୍ଣ ଯେ ଯେଉଁମାନେ କେତେ କେଉଁଠାରେ ବା ଅଣାକର ହୋଇଯାଉଛନ୍ତି ସେମାନଙ୍କୁ ଅନେକ ଗୋଟିଏ ଗୋଟିଏ ଅଭାବ ରହିଛି — ସେ ଶିକ୍ଷିତମାନେ ତ ପରଅର ସାଥିର ମ.ଉ ସବୁ ଶାଳାଭଳ ପାଇ ଶାଇଛନ୍ତି । ସେହି ଯେ ବା କଲ ବଢ଼ାଇବେ ତାହାପାଇଁ ନାହାନ୍ତି, ଲୋକେଲ ବୋର୍ଡ଼, ହାସ୍ପିଟାଲ ସେମିତି ଭୁଲ କରୁଛନ୍ତି । ପଣ ନିଜର ।

ଏଣୁକରି ତାହାଙ୍କୁ ଅସନ୍ତୁଷ୍ଟ ବା ନିରାଶ କରିବାକୁ ପଡ଼ିବ ନାହିଁ । ସେମାନଙ୍କ ପକ୍ଷରେ ଇସ୍କୁଲ, ହାସ୍ପିଟାଲ, ବାଣିଜ୍ୟଦ୍ୱାରରେ ଟିକିଏ ଟିକିଏ ପ୍ରେସିଡେଣ୍ଟ-ଗିରି ପାଇଲେ ଯଥେଷ୍ଟ ହେବ ।

× × ×

ସମାଜରେ ପ୍ରକାଶିତ ରିପୋର୍ଟରୁ ଜଣାଯାଏ ଯେ ନଭେମ୍ବର ତା ୨୮ ରିଖରେ କଟକରେ ହୋଇଥିବା ଓଡ଼ିଶା ଜମିଦାର ସମ୍ମିଳନୀରେ ଗୋଟିଏ ପ୍ରସ୍ତାବ ହୋଇଛି କି ଜମିର ଖଜଣା ଶତକଡ଼ା ୫୦ ଅର୍ଥାତ୍ ଯାହା ଅଛି ତହିଁରୁ ଅଧେ କମାଇ ଦିଆଯାଉ । ଏହା ସାଙ୍ଗରେ ଜମିଦାର ମାନଙ୍କ ମୁନାଫା ବାବଦ ଶତକଡ଼ା ୪୫ ସ୍ଥଳରେ ୧୦୦ କରାଯିବାର ପ୍ରସ୍ତାବ ମଧ୍ୟ ଅଛି କି ନାହିଁ ତାହା ସମାଜ ପ୍ରକାଶ କରି ନାହାନ୍ତି । ଯଦି ନ ଥାଏ ତେବେ ବଡ଼ ଭୁଲ ବା ବେକୁବ ହୋଇ ଯାଇଛି ବୋଲି ମନେ କରିବାକୁ ହେବ ।

ବୁଝିବାକୁ ଗଲେ ଏହେଉଁବଡ଼ ପ୍ରଜାମଙ୍ଗଳ କାମ କଂଗ୍ରେସ ସରକାର ତ ପ୍ରସ୍ତାବ କରିବାକୁ ସାହସ କରି ନାହାନ୍ତି । ବରଂ ନଥିରେ ସେମାନେ ଯେଉଁ ଦାଖଲ ଖାରଜ ଫି ଉଠାଇ ଦେଇ ଓ ଗଛ ଅଧିକାର ଦେବାର ଆଇନ କରୁଅଛନ୍ତି ତାହା ଜମିଦାର ମାନଙ୍କ ମତରେ ଉଚିତ ବୃତ୍ତିଭୁକର ସର୍ବନାଶ କରାଇଦେବ ଓ ବଡ ଲସ୍କର ମାନଙ୍କର ଶାନ୍ତି ବଢ଼ାଇବ । ଜନସାଧାରଣର ଉପକାର କରିବାକୁ ହେଲେ ଅଗ୍ରେ ଖଜଣା ହ୍ରାସ କମାଇବା ଦରକାର । ପ୍ରଜାଙ୍କର ଉନ୍ନତ ମା ବାପ ହେଉଛନ୍ତି ଜମିଦାର—ତାଙ୍କୁ ସିନା ପ୍ରଜାଙ୍କ ଦୁଃଖ ଲାଗିବ ବୋଲି ଏ ପ୍ରସ୍ତାବ କଲେ —କେବଳ ଦେଶୀୟ ମାନଙ୍କର ଚହିଁଲେ ବଳ ଅଛି ?

ଅବର ମନେହୁଏ ବୁଦ୍ଧିଆ ଜମିଦାରମାନେ ଏ ପ୍ରସ୍ତାବଟି କରି କଂଗ୍ରେସ ବାଲାଙ୍କ ମୁଣ୍ଡରେ ଏକ ଚଟା ଚଢ଼ାଇଛନ୍ତି । ଲୋକେ ଜାଣିବେ ତାଙ୍କର ପ୍ରକୃତ ବନ୍ଧୁ କିଏ । ଏହି ଅବସ୍ଥାରେ କଂଗ୍ରେସର ପ୍ରସ୍ତାବ ହେବା ଉଚିତ ଯେ ଖଜଣା ଶତକଡ଼ା ୧୦୦ ଛାଡ଼ ହୋଇଯାଉ । ତେବେ ସିନା ଜମିଦାରଙ୍କୁ ଟପିବ ।

କେଜାଣି ସେତେବେଳକୁ ଜମିଦାରେ ପଦ କହିବେ ନେ ଆମେ ବିନା ଖଜଣାରେ ପ୍ରଜାଙ୍କୁ ଜମି ଦେବୁଁ ଓ ତା ଉପରେ ହଳ ଯୋଗାଇ ଜମି ଚଷି ଭାତ ଦେଇ ଆସିବୁଁ ।

× × ×

ଇଂରାଜରେ ଗୋଟାଏ ପ୍ରବାଦ ଅଛି Charity begins at home. [ଦାନ ଧର୍ମ ଘର ଭିତରୁ ଆରମ୍ଭ ହୁଏ ।] କଥାଟା କେତେଦୂର ସତ ତାହା ଆମେ ଆଜିରେ ଦେଖିଲୁଣି । ଆମ ଦେଶ ସ୍ୱାଧୀନ ହେବା କଥା ଯେତେବେଳେ ପହିଲୁ ପହିଲୁ ପଡ଼ିଲା ବଡ଼ ବଡ଼ ନେତାଏ କହିଲେ "ଆଗେ ଆପଣା ଘରେ ସ୍ୱାଧୀନ ହୁଅ - କ୍ରମେ ସ୍ୱାଧୀନତାର ପରିସର ବଢ଼ିବ ।" ଇସ୍କୁଲ ପିଲେ ମାଷ୍ଟରଙ୍କୁ ମାନିଲେ ନାହିଁ ସେହିଠାରୁ, ତାପରେ ବାପ କଥା ପୁଅ ପୋଡ଼ାଇ ଦେଲା, ଶେଷକୁ ମାଇପ ବିବାହକୁ ଛୁଟି ଦେଇଥିଲା । ଏହାପରେ ଘର ଭିତରେ ସ୍ୱରାଜ ହୋଇ ସାରିବାରୁ—ବାହାରକୁ ବାହାରିଲେ ଆଗେ ଶ୍ରେଷ୍ଠ ସହଜ ଜମିଦାରଙ୍କ ଉପରେ । ଏ ବାପୁଡ଼ାଙ୍କୁ ଚହଟିଲେ ପାରି ନ ଗଲେ ଆଉ ଉପରକୁ ଉଠିବା କେମିତି ? ତାଙ୍କୁ ନିପାତ କରି ସାରିଲେ ଆଉ ଗୋଟାଏ ପାହାଚ— ତେଣିକି ପୂର୍ଣ୍ଣ ସ୍ୱରାଜ ।

Digitized by srujanika@gmail.com

ସେତେବେଳ ପର୍ଯ୍ୟନ୍ତ ଯଦ ଭଗବାନ ଟେକି ରହିଥାଆନ୍ତି ତେବେ ସେ ଭଗବାନଙ୍କୁ ଏଡ଼ା ଖଣ୍ଡାପରେ ଉଦ୍ଧାର ଦବା ପାଇଁ ବେଶୀ ବେଳ ଲାଗିବ ନାହିଁ ସେ ।

× × ×

ସିଂହଭୂମିକୁ ବଙ୍ଗଳା ପାଖରେ ମିଶାଯାଉ ବୋଲି ଗୋଟାଏ ପ୍ରସ୍ତାବ କଲିକତା କଂଗ୍ରେସ କମିଟିରେ ପାଶ ହୋଇଥିବାରୁ ଥୋଡ଼ାଏ ଓଡ଼ିଆ କେଁ କଟର ଲଗାଇ ଦେଲେଣି । ଜମ୍ବାନ ଅମଳରୁ ଅବଧି ଓଡ଼ିଶାକୁ କୁକୁର ଲାଙ୍ଗୁଡ଼ ଭଳି କଟ କଟ ଓ ମଧୁବାବୁଙ୍କ କଥାରେ ଫୁଟବଲ ଭଳି ଗୋଡ଼ରେ ପୋପାଡ଼ ପୋପାଡ଼ ଶେଷେ ଭେଜାଣି ବାହାଁବ ଗୋଟାଏ ସ୍ୱତନ୍ତ୍ର ସ୍ଥିତ ଲଭିଗଲା ଏତେଦିନେ; ତାହା ପୁଣି ଏତେ ଦରଖଣ୍ଡିଆ କରି ଯେ କେବେ ଯେପରି ନିଜ ଗୋଡ଼ରେ ନିଜେ ମୁଣ୍ଡ ଟେକି ଛିଡ଼ା ହୋଇ ନ ପାରିବ । ବଙ୍ଗଳାର ମୋହବଶରେ ଧାନ୍ଦି ରହିଲା, ବେହାର ମୋହବଶରେ ସିଂହଭୂମି ରହିଲା, ମଧ୍ୟପ୍ରଦେଶ ମୋହବଶରେ ଫୁଲଝର ରହିଲା, ମାନ୍ଦ୍ରାଜ ମୋହବଶରେ ଫେନା, ମଞ୍ଜୁଷା, ଟେକାଲି ଓଗେର ରହିଲା । ନୂଆ ତେଲଙ୍ଗି ପ୍ରଦେଶ ଗଢ଼ାହେଲେ ପାରଳାର ଯେଉଁ ଟିକିଏ ଏବେ ଖୋଳ ପତଳ କରି ଅଛି ସେତକ ବି ଯିବାର ସମ୍ଭାବନା । ଓଡ଼ିଶାର ପୂର୍ବପଟ ଦରିଆ ଖଣ୍ଡିଏ ହିଁ ବଙ୍ଗୋପସାଗର ବୋଲି ନାମ କରଣୀ ହୋଇ ଯାଉଛି—କହିବା କାହାକୁ ? ଅମର ବୁଝିଁ ଅଣ୍ଡା ଉଠିବା ଉଚିତ ଯେ "ଭାରତ—ସମସ୍ତିଙ୍କର । ଜ୍ଞାପନ"......

ଏଇ କଲିକତା ସହରରେ ଯେତେବେଳେ ଅନେକ ଦିନ ତଳେ କଂଗ୍ରେସ ମହାସଭା ବସିଥିଲା, ସେତେବେଳେ ଅଲଗା ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବରେ ସମ୍ମତି ମୋତିଲାଲ ନେହେରୁ ଓଡ଼ିଆଙ୍କୁ ଯେ ଉଲଟ କାନମୋଡ଼ା ଖାଲବୁଡ଼ା ଦେଇଥିଲେ ସେ କଥାଟା ଓଡ଼ିଆ ପୁଏ ଭଲ ରୂପରେ ପାସୋରି ଦେଲେଣି ସବ ! ମୋତିଲାଲ ଆଉ ନାହାନ୍ତି ମାତ୍ର ସେଇ କଂଗ୍ରେସ ନ ଅଛି, ସେଇ ନେତାମାନେ ତ ଅଛନ୍ତି । ମହାତ୍ମା ଗାନ୍ଧୀ କବା ଏବଂ ପୂର୍ବ ପାହେବ ଓଡ଼ିଶାକୁ ଦନ ସ୍ଥାନ ଦରିଦ୍ର ଭଙ୍ଗାର ବୋଲି ଯେଉଁରେ କରୁଣା-ଦୃଷ୍ଟିରେ ଦେଖନ୍ତି ପଛରେ, ଅନର ବଡ଼ବଡ଼ିଆ ଜବରଦସ୍ତ ନେତାଙ୍କ କଥା ଏଡ଼ାଇବାର କ୍ଷମତା କାହାର ଅଛି ? ଭକାଟର ଭିଖ ମୁଠାକରେ ଅଧିକାର ବିନା,—ତହିଁରୁ ଅଧିକ ଦାବୀ କରିବା ଧୃଷ୍ଟତା । ବଳେ ଦେବହସା । ଯେଉଁଠି ସତେନ୍ଦ୍ର ପ୍ରସାଦ ପଟ୍ଟାଭି ସିତାରମିଆ ଶରତ ବୋସ ଓଗେର ଅଛନ୍ତି, ସେଠି ହରିଆ, ଜଗା, ଦୁଗା, ନବାଙ୍କ କଥା ପଡ଼ିବ କାହିଁ ପଡ଼ିବରେ ? ନାହିଁ ନାହିଁ ହୋଇ ମାଗନ୍ତା ଲୋକ ଦମ୍ଭାର ପାଞ୍ଚ ହୋଇ ପାରିବ, ଦମ୍ଭାନର ପାଞ୍ଚ ହେବ କାହିଁ ? ଏପରି ଅବସ୍ଥାରେ ଅପଣାର ମୁଣ୍ଡଜଳ ଅପେ ରୂପ ରହିବା ଉଚିତ । କ୍ଷରଟନ୍ତ କଂଗ୍ରେସ କମିଟିରେ ଓଡ଼ିଶା ପ୍ରତିନିଧିଙ୍କର ଶୁମାର ବା ମଜନ ବ୍ରତ ବଡ଼ ସ୍ୱାଭାବିକ । ... ... ...

କେହ କେହି ପଚାରୁଛନ୍ତି କି ଏ ବିଷୟରେ ଓଡ଼ିଶାର କଂଗ୍ରେସ ନାୟକ ମାନେ କାହିଁକି ତୁନି ତନ୍ଦ୍ରାଳ ପଡ଼ିଛନ୍ତି ମାହାନ୍ତି । ଯେଉଁମାନେ ଏ ଭଳି ପ୍ରଶ୍ନ କରୁଛନ୍ତି ସେମାନେ ବୋଧହୁଏ ଭୁଲି ଗଲେଣି ଯେ ନିଖିଳ କଂଗ୍ରେସ ଦେଶ ମିଶଣ ଓ ନୂତନ ଓଡ଼ିଶା ପ୍ରଦେଶ ଗଠନ ବେଳରେ ନ ଯଷ୍ଟୀ ନ ତଣ୍ଟୀ ଲାଠି ଧରିଥିଲେ ଏବଂ ଅନ୍ଦୋଳନକାରୀ ମାନଙ୍କୁ ଧନ୍ୟବାଦ କରିଥିଲେ—କାରଣ ତାଙ୍କ ମତରେ ଏପରି ଅନ୍ଦୋଳନ କରିବା ମହା-ଜାତୀୟତା ଗତର ପରିପନ୍ଥୀ ଓ କ୍ଷୁଦ୍ର ପ୍ରାଦେଶିକ ସଙ୍କୀର୍ଣ୍ଣତାର ସହାୟକ । ମାତ୍ର ଏହିମାନେ ପୁଣି ନୂଆପ୍ରଦେଶ ହେଲାପରେ ତଟଲ ଉପାହାରେ ଖାଦ ମାଡ଼ି ବସିଲେ । ଯେ ଦଳ ଛଡ଼ାଇଲେ କଣ୍ଠ ଖାଇ ତାହା ତାଙ୍କ ଶ୍ରବଣେ ପଡ଼ ପାରୁନା ନାହିଁ । ହାସ୍ୟରେ ମନ ଅଧି । ... ... ... ...

ଯେ ଯେତେବଡ଼ ମହାକାଂକ୍ଷୀ ବା ଅଳ୍ପ-କାଂକ୍ଷୀ ନେତା ହୁଅନ୍ତୁ ଅଥବା ବିଷୟବ ବା ବ୍ୟକ୍ତି ବିଶେଷଙ୍କୁ ଦେଖନ୍ତୁ ପଛେ, ଅମ ଦେଶରେ ପ୍ରାଦେଶିକ ସଙ୍କୀର୍ଣ୍ଣତା ଛାଡ଼ୁଛି କାହାକୁ ? ନୂଆ ଅନ୍ଧ୍ର ପ୍ରଦେଶ ଗଠନ ପାଇଁ ପ୍ରସ୍ତାବ କରିବାରେ ଡ଼ାଃ ପଟ୍ଟାଭିଙ୍କ ଶୋଭୁଥାଏନା ବଙ୍ଗାଳୀଙ୍କ ସଭାରେ ବଙ୍ଗ (Bengal for Bengalees) ବୋଲି ହେଉଛି ଧାଡ଼ି ବିହାର (Bihar for Biharees) କହିବାକୁ ଅନେକ କଂଗ୍ରେସୀଙ୍କୁ ବାଧୁନାହିଁ । କେବଳ ଓଡ଼ିଆଙ୍କ ପାଇ ଓଡ଼ିଶା କହିଲା ବେଳକୁ ଅମ ନେତା ମାନଙ୍କ ଡର ମାଡ଼ୁଥିଲା । ଯେଉଁ କେତେଜଣ କଂଗ୍ରେସ ଲୋକ ଏବେ ସିଂହଭୂମି କଥାରେ ପ୍ରତିବାଦ କରି ହୁରି କରୁଛନ୍ତି ସେମାନେ ବରୁ "ଶ୍ରେୟଅ" ଅର୍ଥାତ "ଜିଣିବାର ଓ ନିଜର ନେତା" ତାଳର କଥି ସବୁନାହିଁ ! ଅର୍ଥାତ୍ ଅପଣ (position) ଓ ଅର୍ଥ (emoluments) ନ ହେବାରୁ ବଡ଼ିଭଡ଼ିଅଙ୍କ ହିଁ ଡରି ଉପୁ ବାହି ଉଠି ଅଛି ! ମାତ୍ର ଯାହାଙ୍କର ଅଦନ ଓ ଅର୍ଥର ଜୁରି ଅଛି,ଅପରର ଅନୁଗ୍ରହର ଅପେକ୍ଷା ଅଛି ସେମାନେ ସବୁ ଭୁଲି ବସିଲେତ ପୁଣି । ଏହାକୁ ହିନମନ୍ୟତା ବ୍ୟାଧି [Inferiority complex] ନ କହିବ ତ ଅଉ କହିବା କଣ ?

× × ×

ପ୍ରାଚ୍ୟ ବୈଦିକ ପଣ୍ଡିତ ଅର୍ଦ୍ଧିବସ୍ତ୍ରଙ୍କ କୁଅଡ଼େ ଏକ ପୁସ୍ତିକା ପୋଥିରୁ ଅବିଷ୍କାର କରି ଅଛନ୍ତି ଯେ ଓଡ଼ିଶାର ପ୍ରକୃତ ଅଦମ ଅଧିବାସୀ 'ଓଡ଼ିଶ' ଙ୍କଠାରୁ ଓଡ଼ିଶା ବିଶ୍ୱବିଦ୍ୟାଳୟର ଜଣାତେଇଛନ୍ତି । ତତ୍ତ୍ୱରହ (Doctorate in Comparative philology) ପାଇବା ହେତୁରେ ଏକ ପ୍ରବନ୍ଧ (thesis) ଲେଖିବା ବେଳେ ଗବେଷଣା କରୁଁ କରୁଁ ଏ ତତ୍ତ୍ୱଟି ତାଙ୍କ ନଜରରେ ପଡ଼ିଥା ଖାଉଳ ବୋଲି ଶୁଣାଯାଏ । Eureka!

ଅମ୍ଭେମାନେ ତାଙ୍କୁ ଶ୍ରଦ୍ଧାପର୍ଣ ଦେଉଁ କି ପ୍ରକୃତ ଓଡ଼ିଆ କେଏ ତାହା (ବୃହସ୍ପତି ପଚନ ପ୍ରମ୍ନ ଦେଖନ୍ତୁ)

Digitized by srujanika@gmail.com



# ଖବରଅନ୍ତର

ଷ୍ଟେଟେନୀର ମୁସଲମାନ ନବାବ ମନ୍ତ୍ରୀଙ୍କ ପ୍ରାର୍ଥୀପଦ ପାଇଁ କଂଗ୍ରେସ ସାଗରେ ଲଢ଼ି ଡେଜିଟ୍ୟୁଲ୍ ହାର ଯାଇଥିଲେ ସେ ଏବେ କଂଗ୍ରେସର 'ପୁଞ୍ଜ' ସଭ୍ୟ ହୋଇଛନ୍ତି ।

ନାଆଁରେ ପଇଲେ ପୁନା ଫୁଲେ । ...

ଚେନ୍ନ ଓ ମଧ୍ୟପ୍ରଦେଶ ସରକାର ଇଦର୍ ଦାଖ ପାଇଥିବା କଂଗ୍ରେସ କମିଟିର ଟଙ୍କା ଫେରତ୍ ଦେଉଛନ୍ତି ।

ରଙ୍ଗ ବଦଳିଲା । ... ...

ରୁ୍ଷିଆ ସରକାର ପାର୍ଲିଆମେଣ୍ଟରେ ପ୍ରଚାରିତ କରଚନ୍ତି ହିନ୍ଦୁସ୍ଥାନ ଟେସେନାଙ୍କୁ ଚୁଲାର ପାଉଣ୍ଡ ଦିଆଯିବ ।

ଜମିଦାରମାନେ ଅନାବ ଦା ଜମିକୁ ଚଷାର ପାଇଁ ନକୁଉଲେ ଏ ପାଉଣ୍ଡ (ଦାକ୍ଷିଣାତ୍ୟ) ବଡ଼ କାମରେ ଲାଗିବ । ... ...

ଏବେଠୁଁ ଗ୍ରେଲଜନ ପରେ ହୁଦାର ଡାଳେ ଭରି ନଥିବାରୁ ଦେବତାରୁ, ବାପ୍ପ-ସାହାଦୂର ଓ ଦେଗାନ ଆଛାଦଙ୍କ ପୁଷ୍ପ କାଲଚୋର୍ଡ ଚନ୍ଦ୍ର ପଦାନ୍ତି ରି ଧାଡ଼ ଖାଇଲେ । ଦାତ୍ରୀବ ନାଥୁ, ଅଥିକବି ପଥ୍ରୀ ବା ଗଛ!

---

ଦେଖ ଗଲ୍ପ ।

ଗଥ ୧୧ ଟିକ ଦେନ୍ଦୁ । ଉଦ୍ଭିଦର ପ୍ରଧାନ ଗୁଣ ତା ଧର୍ମ ନୋଷଣ । ଏଥରେ ଅମ ଓଡ଼ିଶାର ବଟା, ଚିଚିନାର, ବଡ଼ାକେନ, ଇନ୍ଦନ, କଶନ, ପିଅଡା ଦେକାର । ଏବାଳର ମଧ୍ୟରୁ ଦେଇ ଉଦ୍ଭିଦ ଅର୍ଦ୍ଧରୁ ଭାଷି ଓଡ଼ିଆ ଏଏ ଡାହା ସେ ଦେଇନ ଦେଇ ଅବରୁ । ଏଥିପାଇଁ ସମାନ୍ତରାଳ ପରୀକ୍ଷା (Protoplasmic analisis) ପଦ୍ଧ-ତାର ହୁଏ ଦେବେ ଦେଖା ପାରଦେବନ୍ଦର ଓ [Electric recorder] ଦେଖା ଦେବେ ନଂଗଠି ଶାଦେବଙ୍କର'ଉଦ୍ଭାବିତ ଦେଇ ପାରନ୍ତି । ଭାହାଦେଲେ ଅଧରେ ୧୧ ଉପ୍ପ ବାହାହୁର— ଦବ ଦପ—କଂଗ୍ରେସ ସରକାର ବେଳେ ତାହା ଅନେକ ଦେ—ଅନୁରା ଓଡ଼ିଆ ଓ ଓଡ଼ି-ଦେବେ ହିସାବ ଉପ ପାରନ୍ତି ।

---

ବାଲେଶ୍ୱର ସହରରେ ବକୁଲ ବଣ ଟମିଟାର ଠିକ ହୋଇଛି । ବାଲେଶ୍ୱରଅଞ୍ଚଳ ଅଞ୍ଚଳ ଗୁମ୍ଫା ଏଥର । ଯଧ୍ୱପାଦେବ ଅଉ ଭଣି କପାଳବ ? ... ... ...

ଗାପାନ ଚୀନାର ରାଜଧାନୀ ଦଖଲ କଲେବି ମିଛ ଗୁଳିର ବୋଲି ଶନା ଯାଉ-ଛନ୍ତି । ଚଉଜା ତ କମ ନୁହଁ ! ......

ଜାପାନ ଇଂରେଜଙ୍କ ଜାହାଜ ଉପରେ ବୋମା ପକାଉଛି, ଗୋଟିଏ ଜାହାଜକୁ ଦଖଲକରି ବ୍ରିଟିସ ପତାକା ଫିଙ୍ଗି ଦେଉଛି, ଡଚଦ୍ୱାର କାରଖାନା ଧ୍ୱଂସ କରୁଛି, ରାଜ-ଦୂତଙ୍କୁ ଦାଉଳ କରୁଛି—ତଥାପି ଇଂରେ-ଇଂରେଜ ନୀରବ । ଚଡ଼ୁଚିଲଉ ପିନା ସହେ ।

ଲିଆଲି ଲିଗଅଫନେସନ ସଭାରୁ ବାହାରି ଅଛିଛି । ତାହା ସଲ୍ଲଶ୍ୱରେ ରଷ୍ଟ୍ର ଲାଭ କଣ ?

ଅନ ପ୍ରଧାନ ମନ୍ତ୍ରୀ କ୍ରେଭେଲାଇନେଣ୍ଟ ସରକାରେ ଯୋଗ ଦେବା ପାଇଁ ଲଣ୍ଡନ ଯାଉଛନ୍ତି । ତାଙ୍କ ଦେହେର ଦେଖି ସମସ୍ତେ ଜାଣିବେ ଏଣ୍ଡି ଓଡ଼ିଆ କି ଭଲ undeve loped !

ମନ୍ତ୍ରୀ ଭାନତୋର ବନ୍ୟା ବିଷୟରେ ଲମ୍ବା ଇସ୍ତାହାର ଦେଉଛନ୍ତି । ନୂଆ କଥା ନୁହେଁ ତ ! ... ... ... ...

ଲୁମାଦବୀ ଓ ପ୍ରଫୁଲ୍ଲ ଘୋଷ ଓଡ଼ିଶାର ପିଲୋନ୍ନତି ବିଷୟ ବୁଝିବାକୁ ଅସିଥିଲେ । ଏଣିକି ଆଉ ଭାବନା ନାହିଁ । ... ...

ପ୍ରଶ୍ନ, ବାଲେଶ୍ୱରରେ ଧମା ଧମ ମ୍ୟୁନିସି-ପାଲ ବୋର୍ଡ ଭଣ୍ଡି ଅରମ୍ଭ ହୋଇଗଲଣି । ଲିଗେ ନମ୍ । ଖାର ଓଡ଼ିଆ ଭୋଟ ଯୁଦ୍ଧରେ ଭଣା ନୁହନ୍ତି । ... .. ...

ମଧ୍ୟ ପ୍ରଦେଶ ମନ୍ତ୍ରୀଙ୍କ ପାଇଁରେ ଟେପଠା ଲଟକାଇ ଡେପଉଲ କଂଗ୍ରେସ ଲଣ୍ଡ୍ରୀଙ୍କ ଟିକେଟାର ନେଇ ଅନନ ହୋଇଛି । ଦେବାର ଭାଆ—ଅଗ ବା ଉଚ ! ......

ବିହାର ଶଫ୍ ସେକ୍ରେଟାରୀ ଏକ ପତ୍ର ହୁକୁମ ନାମା ସବୁ ଅଫିସରଙ୍କପାକୁ ପଠାଇ ଛନ୍ତି କି ଶାସନ କାର୍ଯ୍ୟରେ ମନ୍ତ୍ରୀମାନଙ୍କ ହୁକୁମ ଶୁଣିବ ନାହିଁ । ମନ୍ତ୍ରୀ ଖାଲି ବାହିବେ ପଥର ।

---

## ବଡ଼ ମୁହଁର ବଡ଼ କଥା

ଯଷ୍ଟ୍ର ଫଣ୍ଡ ସଭାରେ ବଡ଼ଲାଟ ଯଦି କହୁଛନ୍ତି— "ମୁଁ ଯେତେ ଅଣା ଦେବିଁ ସେତକ କୃତକାର୍ଯ୍ୟ ହୋଇ ପାରିଲେ—"

ଅଣା ତ ବୈତରଣୀ ନଦୀ—ବିଶେଷତଃ ଏ ଦେଶରେ । ... ... ...

ଜବାହାରଲାଲ ଗୋଟିଏ ଥର କହୁଛନ୍ତି— "ଯୁବକମାନେ ଅମର ଅଣା ଭରସା— ମାତ୍ର ମୁଁ ଯାହାଙ୍କୁ ଦେଖୁଛି ସମସ୍ତେ ଖୁବ ବୁଦ୍ଧିମାନ ଦେଖା ଯାଉଛନ୍ତି— ହେଲେ ତାହାର ପୁରୁଷତ୍ୱ ନଥିଲା ପରି ଲାଗୁଛି—"

ସମସ୍ତେ ସ୍ତ୍ରୀ ପାଲଟିଲେ ଏକା ସେ ବିଶାଳ ନାରୀ-ସେନା-ବାହିନୀ ଦେଇ ଲଢ଼ାଇ କରିବେ । ମତ କଣ ? ... ...

ସେ ପୁଣି କହିଲେ "ଯଦି ଅମେ ସିଧା ସଳଖରେ ନ ଭାବିବୁ, ସିଧା କାମ ବି କରି ପାରିବୁ ନାହିଁ—"

ସେ ଜାଣି ନାହାନ୍ତି ପରି—ସଂସାର ପଥ ବଙ୍କେଙ୍କେ ବଙ୍କା ! ... ... ...

ବୋମ୍ବାଇର ପ୍ରଧାନ ମନ୍ତ୍ରୀ ଖେର କହୁଛନ୍ତି "ହିନ୍ଦୁ ଧର୍ମ ଶିକ୍ଷାର ସାର ହେଉଛି ମାନବ ଜାତିର ସେବା ।"

ଯାହି ମାନବ ଜାତି ହିନ୍ଦୁ ହୋଇଗଲେ କିଏ କାହାର ସେବା କରିବ ? ... ...

କାନପୁରରେ ଶ୍ରୀମତୀ ବିଜୟ ଲକ୍ଷ୍ମୀ ପଣ୍ଡିତ—"କଂଗ୍ରେସ ସରକାର ହୋଇ ପୂର୍ବରୁ ଅମେ ଯେଉଁ ଗୋଲମକୁ ସେହି ଗୋଲମ ରହିଛୁଁ ।"

ଅଗରୁ ଏ କଥା ଜଣା ନ ଥିଲା କି ?...

ହିଟଲର କହିଲେ—"ଜର୍ମାନୀ ଅପହୃତ ରାଜ୍ୟ ସବୁ ଫେରି ନ ପାଇଲା ଯାଏ ଥୟ ହେବ ନାହିଁ ।"

ଏ ଯୁଗରେ ମୁଗଣ୍ଡ ଭେଳିର ଜୟ ଜୟ କାର । ... ... ... ... ...

ସର୍ଦ୍ଦାର ପଟେଲ କହୁଛନ୍ତି— "ଗାଁଗା ଖାଇ ଉତମ ଗୁଲାମ ହୋଇ ରହୁଛ—"

ବାଃ, ନିଶା ନୀତିରେ ନିଶାଖୋର-ମାନେ ବଡ଼ ହୋଇ ଯାଅନ୍ତି ପରା ! ...

ଗୋବିନ୍ଦ ବଲ୍ଲଭ ପନ୍ତ— "ମୋ ଉପରେ ଗାନ୍ଧିଜୀଙ୍କ ଶକ୍ତି କାମ କରୁଛି ।"

କେତେ ହର୍ସ ପାୱାର ? (horse power) ?

Digitized by srujanika@gmail.com



(ଏକ)

ବାପାଙ୍କ ଜାଗାର୍ ଚଳ୍ ଚଳନ୍ତା ହୋଇଥିବା ସମୟେ ମୋର ଜନ୍ମ ହେଲା ଜନ୍ମ। ମା କୁହନ୍ତି କେତେ ଉପାସ, ମନାସ, ବାର ବ୍ରତ କରି କରି କେତେ ଭାଗ୍ୟରେ ମୋତେ ପାଇଥିଲେ। ସେଥିପାଇଁ ମୋ ନା ଦେଇଥିଲେ 'ଭାଗ୍ୟ' ବାପା ଡାକନ୍ତି 'ଭଗ୍ନ', ଗାଁ ପଡ଼ିଶା କହନ୍ତି 'ଭଗା', ଖେଳଙ୍ଗା ଟୋକାଏ ବୋଲନ୍ତି 'ବେକା' ଯେତେବେଳେ ସ୍କୁଲରେ ନା ଲେଖାଇଲି ମାଷ୍ଟରେ ଶୁଦ୍ଧ କରି ନାଁଟା ଲେଖାଇଲେ ଶ୍ରୀ ଭାଗିରଥୀ।

ପାଠ ପଢ଼ୁଥିଲି ଭଲ, କିନ୍ତୁ ଅଳ୍ପ କଥାରେ ଖୁବ ମୋହାରୁଣ୍ଡିଆ କୁହନ୍ତେ, ଅର୍ଥାତ ଓଁଲ୍, ସ୍ୱପ୍ନା-ମାଳିଆ ଧରଣର ପିଲାଟା। କଥା କଣ କି ସ୍କୁଲରେ ପିଲମାନେ ମୋର ପେନସିଲ୍ କଲମ ନେଇଗଲେ ମୁଁ ଜାଣିପାରେନା, ପଇସାଟିଏ ମୋ ହାତରେ ଦେଖିଲେ ଚଞ୍ଚଳ ଟୋକାଏ ଧପେଇ ମାରିନେଇ ଯାଇ ଚଣା-ବାଦାମ ବା ମୁଆଁ କିଣି ଖାଇ ଦିଅନ୍ତି। ମୁଁ କାନ୍ଦ କହେନା; ବାଟରେ ହୁମ୍ ଦାମ ଛଁଟା ଲଢ଼ ଦେଲେ ଫେରାଦ ହୁଏଁ ନା—ଏହି ସବୁ କାରଣରୁ ମୁଁ ଖୁବ ହସ୍ତା। ସତ ଏକା ଏ ଯୁଗରେ ଶାନ୍ତ, ଶିଷ୍ଟ, ଧୀର, ସ୍ଥିର ହେବାଟା ଗୋଟାଏ ଦୋଷ—ଅଭ ଚଳଚଳିଆ, ଫର-ଫରିଆ, ଡ଼ଗଡ଼ଗିଆ ହେବାଟା ଗୁଣ। ଯାହାହେଉ ମୋ ସ୍ୱଭାବଟା ତ ଥିଲା ସେଇପରି ଭଲକା ଶଗଡ଼ରେ ହାତ ଦେଇ ମୁଁ କେବେ smart, forward, uptodate ହୋଇ ପାରିଲି ନାହିଁ ଏକା।

ବାପା ଘରେ ମାଷ୍ଟରଙ୍କ ଆଗରେ ଏକଥା ଜଣାଇ ଦୁଃଖ କରିବାରୁ ସେ ହସି ହସି

# ମଜାକଥା

କହିଲେ ତାଙ୍କୁ ଉଚିତ ଶାସନଟିଏ ଦେଉଛନ୍ତି ପିନା—ଏକା ସ୍ୱଭାବ ଉଠରେ ଉଡରେ ଖୁବ ଚଲାକିଆ ଟୋକା। ବଡ ହେଲେ ଦେଖିବେ ଦୁଣି"। ବାସ୍ତବିକ ମାଷ୍ଟରଙ୍କର ଆମର ମୋ ଉପରେ ଖୁବ ଭଲ ଭଲ ଧାରଣା। କଥା ପଡ଼ିଲେ ସେ କହନ୍ତି "ଟୋକାଟା ଅସଲ ପ୍ରାଗଲ୍ଭିଆ—ମୋହନମୁର୍ତ୍ତି, ଦର୍ଶନକୁହା। ଏକା ତା ନଜର ଉପରେ ଗୋଟାଏ ଦାକ୍ଷିଣ୍ୟ ପଡ଼ ଯାଇଛି। ଦେଖ ପଢ଼ାଟା ଯଥେଷ୍ଟ ଦିନ ଟିକ୍ସ ଯିବ, ତା ବୁଦ୍ଧିଟା ଯେ ଭାଙ୍ଗିବା ପଛ ଯାଇଛି ସେ ଯିବ ଚଟ୍ ଖୋଲ୍ ଖୋଲ୍।" ଦୁନିଆ ଭିତରେ ମାଷ୍ଟର ଏକା ମୋତେ ଚିହ୍ନି ପାରିଥିଲେ। କାରଣ ତାହାଙ୍କ ସ୍କୁଲର ନ ଥିଲେ ମଧ୍ୟ ମୁଁ ପାଠ ପଢ଼ାରେ ଖୁବ ସରସ। ସେ ନବ୍ ଛିଥ ସେ ପୁଣି ପାଠ ଭଲପଢ଼ନ୍ତା ତାହିଁ।

## ଭଣ୍ଡ

ଲେଖକ:—
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ବି,ଏ,

ମାଷ୍ଟର ଯେତେ ଦୃଢ଼ାଶୟ କଲେ କଣ ହେବ ମୋର ଏ ଭାଙ୍ଗିବା, ମାଇଚିଆ ଅପବାଦ ଟା ଗଲା ନାହିଁ କାହୁଁ। ହାଇସ୍କୁଲରେ ପଢ଼ିଲି, କଲେଜରେ ପଢ଼ିଲି, ବି, ଏ, ଏମ, ଏ ପାସ କଲି—ତେବେ ବି ଯକ୍ଷ ଦୁଣ୍ଡାକୁ ଯେଉଁ ଦୁଣ୍ଡା—ଗବ୍‌ଦଲ ଖାସୁ—ଗୋବରଗୁବ।

ଏମ୍, ଏ, ପାସ କରି ଯେତେବେଳେ ଘରେ ବସିଲି, ସମସ୍ତେ କହନ୍ତେ ଭାଗଗା ଗୋଟାଏ କଣ ନାହିଁ କଣ ହବ। ବାପାଙ୍କର ବି ଯଥ ଜ୍ୟୁଜ ମୋଟ। କାରଣ ମୋହରି ସାଙ୍ଗ କେତେ ହାକିମ ହୁକୁମା, ଡେପୁଟି ମୁନସଫ, ଓକିଲ ମାଷ୍ଟର କେତେ କଣ ହୋଇଗଲେ, କେତେ ଜଣ ଦେଶନେତା ବନିଗଲେ ମୁଁ ଯଉ ଭାବନାକୁ ଚୋଇ ଭାବରା। ଆଉ ଭାଷାକୁ ପାଥେୟ କରିବା, ପାର୍ଶ୍ୱଜଣଙ୍କ ପାଖରେ ଦେଖା ସାକ୍ଷାତ କରିବା, ଟିକିଏ ଅଗତର, ଅବବୋଧ ହେବା ତ ମୋ ଧାତୁରେ ନାହିଁ ନାହିଁ। ମୋର ହେବ କଣ? ପେଲାପେଲି (pushing) ପଣ ନ କଲେ ଏ ଯୁଗରେ ନ ଧଳା ମୁଠେ ବି ମିଳେ ନାହିଁ। ମୋ ଭିତରେ ଲାଜକୁଳା (shy)ର ଭାବ ଛଡ଼ି। ସେଥିପାଇଁ ମନ ଯେତେ ଦୁଃଖ ହେଉ ନ ହେଉ ବାପାଙ୍କର ଜନ୍ମ ବଡ଼ ଅପଶୋଷ। ମାଡ଼ ହେଲେ ତୁମ୍ଭ ଫୁଟାଇ ମୋତେ କହ ସେ କଥା ଜାହାନ୍ନ। ବୋଧହୁଏ ତାଙ୍କର ମାଷ୍ଟରଙ୍କ କଥାଟା ମନରେ ଥିଲା ଯେ ଦିନେ ନା ଦିନେ ମୋ ମୁହଁ ଦେଖିବେ। ଆଶା ତ ବୈତରଣୀ ନଦୀ।

ଏଣୁ ସବୁ ମୁହଁ ଦୁହିଁ ବାପାଙ୍କର ଦାଉ ହୋଇଗଲି। ମା ଙ୍କର ବଡ଼ ଦୁଃଖ ଯେ ବୋହୂ ଦେଖି ଯାଇ ପାରିଲେ ନାହିଁ। ମୋ ମୁଣ୍ଡରେ ଜନ୍ମ ବଜ୍ର ପଡ଼ିଲା। ଅଳ୍ପ ଦିନରେ ବୁଝି ପାରିଲି ଯେ ଘରେ ବସି ରହିବାଟା ହେଉନା ନାହିଁ। କିଛି ଗୋଟାଏ କରିବାକୁ ହେବ। କହିଁଙ୍କ ବଡ ଅଶାରେ ଚାଷ ଉଦ୍ୟୋଗ ଚିନ୍ତା କରୁଥିଲେ, କହିଁରେ ଚାଁରେ ରହି ଗ୍ରାମଭାବ, ଫଳଫିକର ବଡ ମାନ ମହତ ଢିବା ବା ମୁଣ୍ଡରେ ଟେକି ପୋଷିବା ସହଜ ନୁହେଁ। ସେ କାମକୁ ଏକାବେଳେ ଅଯୋଗ୍ୟ କହିଦେଲ ଗଲେ। ପଢ଼ିବାକୁ ଯାଇ କାହାର ଅନୁସରଣ ବା ଯୋଗାଡ଼ ଯନ୍ତ୍ର କରିବାକୁ ଗୋଡ଼ ହଟିଲି ନାହିଁ। ସ୍ୱସ୍ୱ ଲୁହ ପଠାଇ ବେପାରଙ୍କର ହେଉ ଅଧମ ଚାକିରୀ ମନ୍ତ୍ର ଜପ ସାଧନ କରି ବାରେ ଲାଗିଲି—ଖବର କାଗଜର ନୋଟିସ ଦେଖି ଦରଖାସ୍ତ ଛାଡ଼ିବା। ଯଦି କେଉଁଠି ଲାଗି ଯାଏ ପାରେ by chance। ମୋର ଖାସ କାମ ହେଲା ଖବରକାଗଜ ଖୁଣ୍ଡାଇବା, ଓ ଦରଖାସ୍ତ ଲେଖିବା। ମାଷ୍ଟର, କିରାଣି, ଅମିନ, ଆମଲା, ଟ୍ୟୁଟର, ଗାର୍ଡ଼ିଆନ, ପ୍ରାଇଭେଟ-ସେକ୍ରେଟାରି, ଇନ୍‌ସ୍ପେକ୍ଟର, ଗ୍ଲ, ସାବୁନ, ଅତର, କମ୍ପାନୀ ଦାମ ଇତ୍ୟାଦି ଇତ୍ୟାଦି କେତେ କଣ। କିନ୍ତୁ କେଉଁଠୁ ଜଣେ ଉତ୍ତର ଦେଇଥିଲେ ଭଲ। କେଉଁଠୁ ବା ଆସେଛି, ଏଠି ଖୋଜିଲି ପୂର୍ବ ଅଭିଜ୍ଞତା, ଏଠି ନଗଦ ଡ଼ିପୋଜିଟ୍, ଏହିପରି।

ସବୁଠୁଁ ବଡ଼ କଥା ପଠାଇବା କଷ୍ଟକର। ଗାଁରେ କେତେ ଜଣେ ହେଡ ନଜରରେ ଦେଖିବାକୁ ଲାଗିଲେ—କେହି ବା ଅହା ଅହା କରି



Digitized by srujanika@gmail.com

ସହାନୁଭୂତ ହବେ— ଗଡ଼ଣ୍ଡ ବା ଦୁଃଖରେ 'ସୋଡ଼ା ପୁଡ଼ି' 'ଅପଦାର୍ଥ' ବୋଲି କହିବେ । ଏଇ ଦେହ ସବୁ ସହିଲି ।

ପାଞ୍ଚଟି ବର୍ଷକୁ ଦର୍ଶନଶାସ୍ତ୍ର ଅନ୍ତେ ଡେଭିଲଙ୍କି ଚେଷ୍ଟା କୁନ୍ଦିକି ଛଡ଼ିଥିଲି—ମନେ ହେଉଥିଲା ଏଥରକ ନିଶ୍ଚୟ ଲକ୍ଷ୍ମୀ ମିଳିବେ । କିନ୍ତୁ ତାଙ୍କ ଭାଗ୍ୟରେ ନିଶ୍ଚୟ ହୋଇଥିଲା ସେ ଛୁଟିଟା ଅନ୍ତିମରେ ଘେରେ । ଏଣିକି ଦର୍ଶନଶାସ୍ତ୍ର ତବାଟା ଗୋଟାଏ ଅନାଗତ୍ତ ଅଭ୍ୟାସରେ ପଡ଼ିଗଲା । ଚିନ୍ତାର ନାହିଁ, ଉପାୟ ନାହିଁ, ଅଣ୍ଟା ନାହିଁ ଅର୍ଥାତ୍ ନାହିଁ—ମାତ୍ର ନିତ୍ୟକର୍ମ ଯୋଗଣ ।

ଏବେ ଦଶ ବାଡ଼ିରେ କେତେଣି ଗୋଟାଏ ବିଜ୍ଞାପନ ଦେଖିଲି ସଂବାଦପତ୍ରରେ । ତାହା ଏହି ରୂପ—

Wanted immediately Professor M. A. (Eng) Salary Rs.150, free quarters. Must be young. Nationality no question Single preferable--Apply Principal G. F. College, Karachi.

"ଅର୍ଥାତ୍ ଇଂରାଜୀରେ ଏମ୍. ଏ ପାଶ ପ୍ରଫେସର ଜଣେ ତତ୍‌କ୍ଷଣାତ୍ ଦରକାର ଲୋଡ଼ା । ବେତନ ୧୫୦ ଟଙ୍କା ଭଡ଼ାଦେଇ ଘର ମିଳିବ । ଜାତି ପ୍ରଶ୍ନ ହେଉ ବାଧା ନାହିଁ । ବୟସ ଅଳ୍ପ ହୋଇଥିବ । ଏକୁଟିଆ, ଅର୍ଥାତ୍ ଅବିବାହିତ ହୋଇଥିଲେ ଭଲ ।"

ଏମିତିଆ କେତେ ବିଜ୍ଞାପନ ଦେଖିଛି ଏବଂ ଦରଖାସ୍ତ ବି କରିଛି । କିନ୍ତୁ ଏ ବିଜ୍ଞାପନଟାରେ ଦରଖାସ୍ତ କଲା ବେଳକୁ ଜାଣିଥିବି କେତେଣି ଗୋଟାଏ ମଧୁ ଅଧାର ମୂର୍ତ୍ତି ଉଙ୍କିମାରି ଦେଲା । ତାଙ୍କ ଏହି ବୋଇଥିବା ବିଜ୍ଞାପନ ସେତେ ଯାହା କହୁଁ ମୁଁ ମନ ମୋହିତ ଏତା ଥିଲା । ଏଥିଟା ବଳିଗି ଯିବ ଲୁଗାଡ଼େ ।

ଦରଖାସ୍ତ ଛାଡ଼ିଲେ ଦେଖେ ଠିକ ସାତ ଦିନ ପରେ ଗୋଟାଏ ଟେଲିଗ୍ରାମ ପାଇଲି—

Join at once Principal G. F. College Karachi

"ଅତିଶୀଘ୍ର ଅର୍ଥାତ ଚବିଶଘଣ୍ଟା ଭିତରେ ଆସି କାମରେ ଯୋଗଦିଅ ।" ପ୍ରିନ୍‌ସିପାଲ

ଜି, ଏଫ କଲେଜ, କରାଚୀ

ଟେଲିଗ୍ରାମ ପଢ଼ି ଖୁସି ଆନନ୍ଦ ପାତାଳ ବ୍ରହ୍ମାଣ୍ଡ ସବୁ ଥରେ ମୋ ମନର ଭିତରେ ଦେଖିଲି ମାଆଙ୍କ ଘର ଖୋଜିଗଲି । ଟେଲିଗ୍ରାମକୁ ସମ୍ଭାଳି ନେଇ ମା'ଙ୍କୁ ଯାଇ କହିଲି "ମା ମୋର ଚାକିରି ହେଉଛି,"

"କେଉଁଠିରେ, କିଏ ହେଲୁ ?"

"ସେ ଅନେକ ଦୂରରେ, ପ୍ରଫେସର,"

"କ ଯଣ ?"

"ପ୍ରଫେସର—ଏଇ, ଏଇ ମାଷ୍ଟର—ଠିକ୍ ମାଷ୍ଟର ନୁହେଁ ସେ—କଲେଜ ବୁଝିଲୁ—ବେପରେ ମାଷ୍ଟର ।" ଏ କଥା କହିଲି ସେ କାଳେ ମା ଭାବିବେ କି ପୁଅ ଏତେ ପଢ଼ିପଢ଼ି ଶେଷରେ ହେଲା ମାଷ୍ଟରଟା—ଯେପରି ଆମ ଗାଁ ଇସ୍କୁଲର ଗୋବିନ୍ଦ ମାଷ୍ଟର ! କାରଣ ଅହଂକାରକୁ ତ ବାଧିଲା ।

ମା ପଚାରିଲେ "ଦରମା କେତେ ?"

"ଦେଢ଼ ଶ—ଏବେ ଆଗରେ ଯିବାକୁ ହେବ । ରେଳରେ ଦୁଇ ଦିନର ବାଟ ।"

କଥାଟା ଶୁଣୁଁ ଶୁଣୁଁ ମାଁ ଯାକ ବସ୍ତ୍ର ହୋଇ ପଡ଼ିଲା—ଆଉ ମାଉସୀ ମଣ୍ଡଳରେ, ତାପରେ ମିଶିପାରି କହିଲେ । ତାଙ୍କ ପାଟ ଖରୁଥିଲେ ସେଇ କଥା—ଭଲଭଲ ବଡ଼ ସହର ହେଉଛି । ବୁଢ଼ାବୁଢ଼ୀଙ୍କ ପୁଅଁ ଆମେ ଭଲ ଟୋକାଟାକଶ ଯାଉ କେତେ ଲୋକ ସେ ଆସି କେତେ ତକାର ତର୍କ କରିଗଲେ ତାହା କହିଲେ ନ ସରେ । ମୁଁ କଣ ତା'ଣିକି ସେ ଉତ୍ତର ଦେବି । ବ୍ୟସ୍ତତାରେ ଫେର ପଡ଼େ ।

ମାଙ୍କ କାନରେ ଆସି ପଡ଼ିଲେ ମୋର ବାହାଘର କଥା । ଏବେ ତ ସେ ନାହିଁ ତ ତାହାର ଛଡ଼ ତାଙ୍କୁ ନଥିଲା । ତାଏ ପ୍ରଥମରୁ ବାହାର ହେଲେ ତ ସେ କୋଉଠାଏ ବେଶ୍ ବାହା ହୋଇ ଆସିବ । ମୋର ଦେବଧୂଣୀ ଅଦ୍ଭୁତା-ଭେଷା ଜନେଇ ନଜା ମୁହଁଟାକୁ ଗମ୍ଭୀର କରି କହିଲେ "କଂଦେଶ ଯାଆରେ ଏକୁଟିଆ ରହିବା ବଡ଼ କଷ୍ଟ ହବ - ବାହାଟା କରି ନେଇ ଚାଲି ଯାଆନ୍ତୁ ଆଜ୍ଞା ।"

"ନା ସେଠିକି ଗୃହିଣୀ ନେଇ ନ ଯାଆନ୍ତି ଯେ ।"

"ଏ କଣ ?

"ସେମାନେ ଅବିବାହିତ ଚାହାଁନ୍ତି ।"

ସେ ହାତ ତାଳି ମାରି ଦେଇ କହିଲେ "ତେବେ ଇସ୍ତା ଭିତରେ ଭଲ ରହସ୍ୟ ଅଛି ନିଶ୍ଚୟ—ନୋହିଲେ ଗୃହିଣୀଟା ସାଙ୍ଗରେ ବିବାହର ସମ୍ପର୍କଟା କଣ ?" ମୁଁ ଏ କଥାର ତେତେ ତନେଇ କଥ ଭବ ନ ଥିଲି । ସୁତରାଂ ଟିକିଏ ଅପ୍ରା ଥମା ହୋଇ ପଡ଼ିଲି । ସେ କହିଲେ "ଯାହା ହଉ, ଅବିବାହିତ ଲୋକ ବାର ଉଦ୍ଦେଶ୍ୟ ଅଛି ନିଶ୍ଚୟ । However I wish you good luck –"

ମୁଁ ତ ଏବେ ଲାଜକୁଳା—ଏ କଥାରେ ଅଡ଼ିଗଲି ଏବଂ ବଡ଼ା ଅନ୍ୟ ସେ ଭଲ ବୁଦ୍ଧିମାନ ଏହା ଜାଣି ମନଟା ଖୁସି ବି ହେଲା ଶୁଣି ଅଣ୍ଟା ଓ କୌତୁହଳରେ ।

ବଡ଼ା ପୁଣି କହିଲେ, "ଦେଖ୍ ଭାଇ, ଏ chanceଟା ଛାଡ଼ିବାର ନୁହେଁ । କାଲେ ଦାଖଲ ଯିବ ତା ପରେ ଗୋଟାଏ ଘଟଣା ଜରୁରି ଜଣା କରିବ । 'ଘଟଣା ଏଥିରେ ପୁଣି କଣ ?"

"ଆଜ୍ଞା ତୁ ଯାଉଛୁ କେବେ ?

"ଏଇ ଆଜ କାଲି ଭିତରେ,"

"ନା, ସେ କଥା ନୁହେଁ—ଆଜ, ଆଜ positively ବୁଝିଲୁ । opertunity ଥରେ ଛାଡ଼ିଲେ ପୁଣି ମିଳେନା । ଆଜରେ ଗୋଟାଏ ଟେଲିଗ୍ରାମ କରିଦେ— ବାରଣ, ଘାଟ ପଦ୍ମ ପଦ୍ମ ପାଞ୍ଚ ସାତ ଦିନ—କେତେବେଳେ କଉଁ କଥା ।"

"କଣ ଟେଲିଗ୍ରାମ କରିବି ?"

ସେ କହିଲେ "ଅଣ୍ ଦାରଜ କଲମ ଅଣ୍" କାଗଜ କଲମ ଅଣିବାରୁ ସେ କହିଲେ "ଲେଖି

Digitized by srujanika@gmail.com

ତେ—ଅଜ ରାତରେ ରଓ୍ୱାନା ହେଲେ ।"

ମୁଁ କହିଲି "ଅଜ ତ ଯାଇ ପାରିବି ପର ଲଗ୍ନ ନାହିଁ ।" ସେ କହିଲେ "ସ୍ତ୍ରୀ ମାନେ ଯେତେବେଳେ ତାଙ୍କ ପ ଲଗ୍ନ ଗିଲୁ— ଏଇଟା ସେ ଟାଏ କେ ଖବର ଦଅଗଲା, ବୁଝିଲୁ ।"

ଦେଖିଲି —Starting to-night
Bhngirathi Das

ଦେଖି ସେ ପୁଣି କହିଲେ "ପଛକୁ ଅଡ଼ର ଗୋଟାଏ ଯୋଡ଼ଦେ "Wait"
ଯୋଡ଼ ଦେଇ ଟେଲିଡାଡ ପ୍ରିନ୍ସିପାଲଙ୍କ ନାମରେ ଟେଲିଗ୍ରାମ କରି ଦେଇ ଆସିବୁ ଓ ଫେରିଅଇଲା ଶୁଭବେଳ ଯାଇ, ରଣ୍ଡୁର କେଁତ ବାନ୍ଧି ଟଙ୍କା ପଇସା ନେଇ ବାହାରି ପଡ଼ିଲି ।

ଦୁଇ

ଏକା ଦଅଟରେ ଏକେଡନ ରେଲଗାଡ଼ିରେ ଚଢ଼ିବା ମୋ ଜୀବନରେ ନେବେ ପହି ନଥିଲା । ଠିକ୍ ଭଲ୍ରେ, ଯଉଁ ଅବା, ଅନ୍ତ୍ରା, ଭଗପ, ଟା କଣ କହୁଡ । କେବଳ ଅଘାରେ ଅଘାରେ ଖବ୍ ଶବ୍ଦ ଯାଇଥାଏ । ତସବରେ ପହଁଞ୍ଚିଲି ଯାଯ ଡନ ଏଗାରଟାରେ । ଗୋଟାଏ ଏକ୍କା ଭଡ଼ା କରି ଜ, ଏଫ, କଲେଜକୁ ଗଲି । କଲେଜ ଗେଟରେ ପହଞ୍ଚ ଦେଖିଲି ଭିତ ଯାଉଛନ୍ତି କେଷ୍ଟେଲ କଡ଼ ଦଟା ଲୁହାଭଦଳର କବା ଗେଟ—ତାହା ପୁଣି ବନ୍ଦ । ଫାଟକର ଜଳା ହୋଇ ଭିତରର କଣ ଦେଖିବାର ଜ୍ଞ ନାହିଁ । ଏବେ ବଦେଶୀ, ଦ୍ୱିତୀୟରେ ନୂଆଲୋକ ବୁଝଇରେ ସ୍ୱଭାବ—ସବୁ ମିଶି ମୁଁ ଏକାବେଳେ କିଂକର୍ତ୍ତବ୍ୟ ବିମୂଢ଼ ହୋଇଗଲି । ମୋର ଏହି ବେଲୁବ୍ ହାଲତ ଓ ଦଯ୍ନୀୟ ଅବସ୍ଥା ଦେଖି ଭାତୃଅନ ଡଗୁର ଅଣ୍ଟାଙ୍ଗନାର ହରବେ କହିଲା "ମୁସାଫିର୍ ଅଦମି—ଇହାଁକା ଦସ୍ତୁର ମାଲୁମ ନେହିଁ ।'ବାବୁଜୀ ସବରଇଏ ମତ୍—ହମ୍ ଦଣ୍ଟା ବଜାଇବେ ।"

ଦେଖିଲି ଫାଟକ ଥଡରେ ଘଣ୍ଟାଏ ଝୁଲୁଛି । ମୋର ବେଳୋଡ ରୂପ ଦେଖି ନିଜେ ଭଦ୍ରଅନ ଡଗୁ ପାଇ ସେ ଘଣ୍ଟା ବଜାଇ ଦେଲା । ସାଙ୍ଗେ ସାଙ୍ଗେ ଫାଟକ ଖୋଲିଦେଇ ଓ ଜଣେ ଦରୁଆନ ଅଡେଇ ଅଡି ପଚାରିଲା "କ୍ୟା ଚାହିଏ ବାବୁ ?" ମୋର ଡେଡେଲକୁ ହଠାତ ସାଧ ଅଟକିଲା । ମୁଁ କହିଲି "ପ୍ରିନ୍ସିପାଲ ବା ସୁପରିଣ୍ଟେ ।" "ଚଲିଏ" ବୋଲି କହି ସେ ଅଡ଼ୁଇ ଜଳକୁ ଭାତୃଅନକୁ ଅପେକ୍ଷା କରିବା ପାଇଁ ଇଙ୍ଗିତ କରି ମୁଁ ଭିତରକୁ ପଶିଲି । ମୋର ଭଡ଼ଣ, ଟ୍ରଙ୍କ ପଡୁଛି ଗାଡ଼ିରେ ରହିଲା । ଦରୁଆନ୍ ଫାଟକ ବନ୍ଦ କରି ମୋତେ ସାଙ୍ଗରେ ନେଇ ଅଫିସ ଘର ଦେଖାଇ ଦେଲା ।

ଅଫିସରେ ଜଣେ କିରାଣି ବସିଥିଲେ । ସେ ମୋତେ ଦେଖି ଅପରିଚିତ ଭାବରେ ପଚାରିଲେ । ମୁଁ ଜାଣେ ତେବେ ଜଣେ ପ୍ରଫେସର । ଭିତର ଅଗରେ ଯଦ୍ଧବାହାକୁ ଭଦ୍ର ବଚ୍ଚାକୁ ଅସିବା ଉଠାଏ କହିବାକୁ ଭଏର ସଙ୍କୋଚ ଲାଗିଲା । କହିଲି "ପ୍ରିନ୍ସିପାଲଙ୍କ ସାଙ୍ଗରେ ଦେଖା କରିବା ମୋର ପ୍ରୟୋଜନ ।"

ସେ କହିଲେ "ଅନୁଗ୍ରହ କରି ଟିକିଏ ଅପେକ୍ଷା କରନ୍ତୁ ଏଠି—ମୁଁ ଖବର ଦେବି ।" ମୁଁ ଗୋଟିଏ ଚେୟାରରେ ବସିଲି । ସେ ଜଣେ ପିଅନକୁ ଡାକି ଭିତରକୁ ପଠାଇଲେ । ତାପରେ ମୋତେ କହିଲେ "ଅପଣଙ୍କ ନା—ଅପଣଙ୍କର କାର୍ଡ ଅଛି ତ ?" ଭିଜିଟିଂ କାର୍ଡ ମୋର ନଥିଲା । ସେ ଗୋଟିଏ slip ଦେବାରୁ ମୁଁ ସେଥିରେ ମୋର ନାମ ଲେଖି ଦେଲି । କିରାଣି ସାହେବ slipଟାକୁ ଧରି ମୋ ଅଡକୁ ବଡ଼ ସନ୍ଦିଗ୍ଧ ଦୃଷ୍ଟିରେ କଟମଟ କରି ଚାହିଁଲେ । ତାପରେ slip ଟା ଚପରାଶି ହାତରେ ଦେଇ କଣ ଇଙ୍ଗିତ କଲେ । ସେ ଚାଲିଗଲା ।

ପାଞ୍ଚ ସାତ ମିନିଟ ମଧ୍ୟରେ ଡାକରା ଆସିଲା । ଚପରାଶି ମୋତେ ହାତରେ ଧରି ପ୍ରିନ୍ସିପାଲଙ୍କ ଖାସ କାମରାକୁ ନେଇଗଲା । ମୁଁ ପ୍ରବେଶ କରି ଦେଖିଲି ଜଣେ ବର୍ଷୀୟସୀ ମହିଳା ଗମ୍ଭୀର ମୂର୍ତ୍ତିରେ ବସିଛନ୍ତି । ପ୍ରିନ୍ସିପାଲ ସାହେବଙ୍କ ପରିବର୍ତ୍ତେ ଜଣେ ଲେଡ଼ିକୁ ଦେଖି ମୁଁ ଏପରି ହତବୁଦ୍ଧି ହୋଇ ପଡ଼ିଲି ଯେ ନମସ୍କାର କରିବାକୁ ପଥ ଭୁଲିଗଲି । ଦେଖିଲି ସେ ମଧ୍ୟ ଟେବୁଲ ଉପରେ ସ୍ଲିପଟା ଦେଖୁଛନ୍ତି । ଶେଷରେ ଅପଣାକୁ ସମ୍ଭାଳି ନେଇ ଟିକେ ହୋଇ ପରି କିଂଏଇଜରେ କହିଲେ "ଅସନ୍ତୁ" । ସେ ଏହା କହି ନ ସାରି କଲେ ଓ ଗୋଟିଏ ଚେୟାର ଦେଖାଇ ଦେଲେ । ମୁଁ ଅତ୍ୟନ୍ତ ଅଜ୍ଞତାର ଦେଇ ଘବଡ଼େଇ କରି ଓ ଲଜ୍ଜା ବୋଧ କରି ଚେୟାରରେ ବସି ପଡ଼ିଲି । ମୋ ଅଡ଼କୁ ଟିକିଏ ଚାହିଁ ସେ କହିଲେ "ମିଷ୍ଟ ଦାସ ଆପଣ ?"

ମୁଁ ଟେବୁଲ ଉପରେ ଚାହିଁ କହିଲି "ମୋହର ନାମ ଭଗିରଥୀ ଦାସ ।"

ପ୍ରି—ଅଁ—ଅପଣ ନଛେ !

ଏ କଥାର ଉତ୍ତର ସେ କଣ ଦେଲେ ତାହା ମୋ ମୁଣ୍ଡକୁ ପଶିଲା ନାହିଁ । "ଅଜ୍ଞ ହଁ" ବୋଲି କହିବାକୁ ଯାଇ ଦେଖିଲି ଯେ ପାଟି ଶୁଖି ଉଠିଲା ବୋଲି କାନୁ ନାହିଁ । ବହୁ ଚେଷ୍ଟାରେ ଜୋର କରି କହିଲି "ପ୍ରିନ୍ସିପାଲଙ୍କ ସାଙ୍ଗରେ ସାକ୍ଷାତ—" ସେ ଉଠେଇ ହସି କହିଲେ 'Girls' free collegeର ମୁଁ ହିଁ ଲେଡ଼ି ପ୍ରିନ୍ସିପାଲ ।" ପୁଣି କହିଲେ,

ଅପଣ ଯେଉଁ ଲ୍ୟାଡ଼ିଟୋ ଦସ ଚେହେ-ରାଅନ୍ତ୍ର ବେବେ ବୁଝିବାକୁ ହେବ ଯେ ବଡ଼ ଭୁଲ ଟାଏ ହୋଇଯାଇଛି ।"

"ଅପଣଙ୍କ କଥାରୁ କେଳିଗ୍ରାମ ପାଇ ମୁଁ ଅସିଛି । ଅପଣ ବୋଧହୁଏ ମୋ ଉତ୍ତର ବ ପାଇଥିବେ ।"

"ହଁ ସେ, ସବୁ ଠିକ ହୋଇଛି—ନାହିଁ ଅମର ଏଠା ମହିଳା ବଦ୍ୟାଳୟ - ଅମର ନାଶ ପ୍ରଫେସର ଲେଡ଼ି ଦନା—"

ମୁଁ ଟିକିଏ ଚେତ ଉଠି କହିଲି "ଅପଣଙ୍କ ବିଜ୍ଞାପନରେ ସେପରି କିଛି କଥା ଲେଖା ନାହିଁ—ଜ, ଏଫ, କଲେଜ ଯେ ମହିଳାଙ୍କର ତାହା ଜାଣିବା—"

ପ୍ରିନ୍ସିପାଲ ବାଧାଦେଇ ଜୋରରେ କହି ଉଠିଲେ "ଅପଣଙ୍କ ଦେଶରେ ଯେ ପ୍ରତ୍ୟେକ



Digitized by srujanika@gmail.com

ମାନଙ୍କର ସ୍ତ୍ରୀ ପୁତ୍ରଙ୍କ ନାମ ଦେଖାଯାଏ ତାହା ଜାଣିବା ପାଇଁ—"

ଏତିକି କହୁ କହୁ ସେ ରହିଗଲେ। ତା ପରେ ଟିକିଏ ଥରେ କହିଲେ "ମହାଶୟ ଆପଣଙ୍କ ପାଇଁ ମୁଁ ଅନ୍ତରରୁ ଦୁଃଖିତ—ଏହି ଭୁଲ ପାଇଁ ଏଥର—କ୍ଷମା କରିବେ।"

ଏତିକି କହୁ ସେ ଚେୟାର ଛାଡ଼ି ଉଠିଲେ ଏବଂ ଦୁଇ ହାତ ଯୋଡ଼ି କହିଲେ "ତେବେ ନମସ୍କାର"। 'ନମସ୍କାର' ମାନେ, ତମେ ଉଠ—ମୁଁ ବେଞ୍ଚରୁ ଉଠି ଗୋଟାଏ ପ୍ରତି-ନମସ୍କାର କରି ଉଠିଲି ଓ ଏକ ମୁହୂର୍ତ୍ତରେ ବାହାରି ଆସିଲି। ମୋର ଗାଡ଼ିବାଲା ଫାଟକରେ ଅପେକ୍ଷା କରୁଥିଲା। ଗାଡ଼ିରେ ବସିବାରୁ ସେ ପଚାରିଲା "ବାବୁଜୀ, କାହିଁ ଚଳିଁ?"

ମୁଁ କହିଲି "ଏକଦମ୍ ଷ୍ଟେସନ।"

ତିନି

ଏ ମୁହଁଟା ଆଉ କାହାରିକୁ ଦେଖାଇବାକୁ ମନ ବଳୁନାହିଁ। ଯେ ପଚାରିବ କଣ କହିବି? ତାଠାରୁ ଲୁଚିରହିବା ବରଂ ଭଲ। ପ୍ରଥମେ ପ୍ରଶ୍ନ କରିବେ ସେହି ପିଲ୍ଟଡାଉନରେ ମାଷ୍ଟରଙ୍କ ଉପରେ ଯେ ମୋ ନାଁ ଲେଖିଥିଲେ। ତାଙ୍କର ବା ଦୋଷ କଣ? ମା ଓ ଅନେକ ବାଟ ଦେଖାଇ ଦେଇଥିଲେ ସେ ହିଁ ତା ଲେଖିଲେ। ସେ ତ ଗ୍ରାଜୁଏଟ, ଏତେ ବୁଦ୍ଧି କଣ ଅଛି। ତାପରେ ଏହି ମାଗୁଣିବୋଉ ଆଉ ତଉଣି ଭଳି—ଅଳ୍ପ ସେମାନେ ସବୁ ତ ମ ତ ସ ଲ ଅ ଅଶିକ୍ଷିତ ଲୋକ। ହାଇସ୍କୁଲରେ ନାମ-ଲେଖାଇବା ବେଳକୁ ବି ତ ସୁବିଧା ଥିଲା। ଯେମିତି ବଦଳାଇ ଦେଇ ହୋଇ ପାରୁଥାନ୍ତା ସହଜରେ। ହାଇସ୍କୁଲର ହେଡ୍‌ମାଷ୍ଟର ବଡ଼ ଚଲାକର ଧ ଅଛି ବଣ ଫ୍ଟ ମାରିଥିଲେ। ପୁଣି କଲେଜରେ ଏତେ ଏତେ ପ୍ରଫେସର—କେହି ବି ଟିକିଏ ହେଲେ ଏଣେତେଣେ ଭୁଲ୍ ଦିଖାଇ ପାରିଲେ। କୁଆଡ଼େ ଦୋଷ। କୁଆ ନା ଦରଜା!

ଏହିପରି ଅବାଧ ଚିନ୍ତାର ସ୍ରୋତ କ୍ଲବ ଚାଲିଥାଏ ସେଇଠି। ଏତେ ସ୍ତ୍ରୀ ଏ ଡକାଗା ଏତେ କଷ୍ଟ ଏତେ ଅର୍ଥବ୍ୟୟ। ସବୁ ହେଲ ହେଲା—ଘୋର ଅପମାନ! ଆଉ କଣ ବଦଳାଇ କାର ଉପାୟ ଅଛି? ୟୁନିଭରସିଟିର ସାର୍ଟିଫି-କେଟ୍ ଗୁଡ଼ାକ କିଏ ବଦଳାଇବ? ଗଭର୍ଣ୍ଣମେଣ୍ଟ ଗେଜେଟ କିଏ କାଟିବ? ଏ ଜୀବନରେ ଆଉ ଉପାୟ ନାହିଁ। ପୁଣି ନୂଆ କରି ଜନ୍ମ ହେଲେ ଯାଇ ସେଥି କଥା।

ପଚିଶି ବର୍ଷ, ଏହି ଦରଖାସ୍ତ ଦେବାକାହିଁ କ ଗ୍ରହର ଖୋଜ ପ୍ରକାଶ ନାହିଁ; କିନ୍ତୁ ତା ପାଇଁରେ କଣ ଗୋଟାଏ ନମ୍ବର ବା ନ-ହୋଇ ପାରିଲା ବ ଫେରସ୍ତ ନାହିଁ, ସମ୍ଭବତଃ ଲୋକେ ମାଗଣାରେ କହୁଥିଲେ, ଏବେ ପୁଣି ନାଁଟାବି ଗଲା— !

କାନରେ ଅପି ପହଞ୍ଚିଲା ଷଣ୍ଢ ଦେଖାଦେଲା ପୁଣି ବଡ଼ାଙ୍କ ସଙ୍ଗରେ। ସେ ତ ମୋତେ ଦେଖି ତାଙ୍କଠା ହୋଇଗଲେ ପହିଲୁ। ସବୁ କଥା ଶୁଣିବାର ଫଳରେ ନିଶ୍ୱାସଟାଏ ପକାଇ କହିଲେ

"ଏତେ ଅଦ୍ଭୁତ କରିଦେଲ ଏଇ ନାଁଟା! ଭେ ଭଗିରଥୀ—ଚରଣ—"

"ଭାଗିରଥୀ— ଚରଣ"!

ଘଲେନ୍ଦ୍ରି ଯୁଗର୍ ହରି ଦେଇଥିଲି ଯିମିତ ମାନମାନ ଅଳ୍ପ ଜଳଛିଟି ଗୃହରୁ ବାହାର ଦିଏ, ବଡ଼ାଙ୍କର ଏଇ ଶେଷ କଥାଟା ମୋ ମନକୁ କଟା ଘରଦାନ୍ତି ଦହରି ଦ୍ୱାଦଲ ଦେଇଦେଲା ଲୁହର କାଠିପରି। ମଥା ଭିତରେ ଉପି ବନ୍ଦଥିବା ବୁଦ୍ଧି ଗୁଡ଼ାକ ଯିମିତ ଉଠିଲା ଦପ୍ କରି ଜକ ବାଷ୍ପୋଦ୍ଗାର ଭଳି। ଭଗି-ରଥୀ—ଚରଣ୍! ଭଗିରଥୀଣ୍। ଅଛ କଣ! ଠିକ୍ ଏଇତ ପୁରୁଷର ନାମ। ଆଉ ବାହା ଦ୍ୱିଗୁଣୁସର ବୃଦ୍ଧ କହିବ। ଯେଉଁ ଲୋକ ଯିନ୍‌ଷ୍ଟୋଲ ହାତରେ ପୁଣି ଦେଖା ହୁଅନ୍ତା ତ ଅଛି ବଡ଼ ପଦେ ଉତ୍ତର ଦିଅନ୍ତି।

ସେହି ମୁହୂର୍ତ୍ତରେ ମୁଁ ପାଲଟିଗଲି ଗୋଟାଏ ନୂଆ ଲୋକ। ପୂର୍ବଜନ୍ମ ବା କଣ? ସବୁ ଭଲ ହେଲା। ମୋର ଭିତରେ ଏତେ ସ୍ୱାଭିମାନ ମୁଁ ବି ଜାଣିନଥିଲି। ସବୁ ତେଜ, ସବୁ ସାହସ, ସବୁ ଦୌରୁଷ ଏକାବେଳେକେ ଉଠିଲା ଜ୍ୱଳନ୍ତ ହୋଇ! ଭଗିରଥୀଣ ନାଁରେ ବାଇଦ ବାଜିଲା ଚଉଦିଗ। ଦାଣ୍ଡରେ ଘାଟରେ, ରାସ୍ତାରେ, ବଜାରରେ, କଚେରୀରେ ଦରବାରରେ, ଛକରେ, ସଭାରେ ଏପରିକି ଖବର କାଗଜର ବଡ଼ ଅକ୍ଷରରେ ବି ଦେଖା ଦେଲା। ହାଟରେ ପଡ଼ି ଦାଣ୍ଡରେ ଗଡ଼ିଲା ନାଁଟା। ପଣ୍ଡିତ କହ, ଦେବତା କହ, ଶାସ୍ତ୍ରଜ୍ଞ କହ—ସବୁ ଉଠିଲା ଏହାଥରେ ରହିଛି।

ବୁଝିଲି ସେ ଗୋଟାଏ ଜନ୍ମ ଅବସରରେ ମୋର ମଣିଷ ପଣିଆକୁ ଏତେଦିନ ଚାପିଦେଇ ରଖିଥିଲା। ଏବେ ମନେପଡ଼ୁଛି ସେହି ମାଷ୍ଟରଙ୍କ କଥା—ଯେ ମୋ ବିଷୟରେ ଭବିଷ୍ୟତ ବାଣୀ କରିଥିଲେ। ଦୁଃଖର ବିଷୟ, ସେ ଆଜି ଆଉ ନାହାନ୍ତି! ନଥିଲେ ତ ନାହିଁ—ବାପା ହେଲେ ବଞ୍ଚି ଥାଆନ୍ତେ।।

## କୁଚ୍ଛୁ କୁଚ୍ଛୁ

ପିତାଙ୍କ ଲକ୍ଷ ଅପି ନୂଆକୁ କଦଳୀ ଛାଡ଼ନ୍ତି ଲାଗି ରଖିଦେଇ ଗଛଟିକୁ ପାଣି ପକାଇ ବାହାର କରୁଥିଲେ।

ପୁଅ:— କଲେଜରୁ ଫେରି କହିଲେ ବାପା ଗଛଟିକୁ ପାଣି ପକାଇଲ।

ପିତା:—କାହିଁକି?

ପୁଅ:—ଆଜ ଫଳିଥାନ୍ତା!

ସ୍ତ୍ରୀ ପ୍ରସବ କରିବାର ୫।୬ ଦିନ ପରେ ଅବସ୍ଥା ଭଲ ନ ଦେଖି ପୁଅଠାକୁ ଲେଖିଲେ Stationରୁ ଗୋଟିଏ ବ୍ରାଣ୍ଡି (brandy) ଆଣିବୁ।

ପୁଅ:— ଦେଖ ଅପି ପଢ଼ନ୍ତି କହିଲେ ବାପା ମା ଭଂଶ ଏ ମଦୁଆଙ୍କ ଖାଇବେ?

ପିତା:—ନା ପେଟକୁ ଦରକାର ହେବ।

ପୁଅ:— ବାଛ ଦେବ?

ପିତା:—ଅଜ୍ କଣ ହେବ ଶିଙ୍ଘାଅପିଲ।

ପୁଅ:—କାହିଁକି, ଅରଥକୁ ରଖିଦେଲେ!



# କାହାଣୀ

"ଗନ୍ଧର୍ବ ବାହିନୀ? ତୁମର ଭୟର କିଛି କାରଣ ନାହିଁ—ଉଦ୍ଦେଶୀ—କୁହ।"

"କହି ଲାଭ?"

"ଲାଭ ଥାଉ ବା ନଥାଉ ନିଜର ହୃଦୟ ବେଦନା ଅନ୍ୟ ଆଗରେ ଖୋଲି କହିଲେ ଦୁଃଖ ଭାର ଲାଘବ ହୁଏ ସିନା—ମୋତେ କଣ ଅବିଶ୍ୱାସ କରୁଛ?"

"ନା—ଅବିଶ୍ୱାସ ନୁହେଁ—କିନ୍ତୁ—"

"କିନ୍ତୁ କହି ରହିଗଲେ ଯେ?"

"ହଁ—ତୁମେ କିଏ?"

"ମୁଁ ଯେ ହୁଏଁ ପଛେ—ତୁମର ଶତ୍ରୁ ନୁହେଁ।"

"କାହାର ବିଶ୍ୱାସ କରିବ?"

"ଅବିଶ୍ୱାସର କାରଣ ତ କିଛି ନାହିଁ।"

"ନ ଥାଉ। କିନ୍ତୁ ତୁମେ ଏଠି କାହିଁକି?"

"ଓଃ—ଏ ସବୁ ତେବେ ଶୁଣିଲେ ଲାଭ ଅଛି କି?"

"ନା—କିନ୍ତୁ ଶୁଣିଥିଲି ଏଠି ଡକାଏତ—"

"ହଁ—ଠିକ୍ ଶୁଣିଛ, ମୁଁ ଦସ୍ୟୁସର୍ଦ୍ଦାର—"

"ଦସ୍ୟୁ ସର୍ଦ୍ଦାର!"

"ଚମକି ପଡ଼ିଲ କାହିଁକି? ମୁଁ ଦସ୍ୟୁ ସତ—କିନ୍ତୁ ଧନ ରତ୍ନ ଅପହରଣ ମୋର କାର୍ଯ୍ୟ ନୁହେଁ—ମୁଁ ଅପହରଣ କରେ ଗର୍ବୀର ଗର୍ବ—ଦମ୍ଭୀର ଦମ୍ଭ—ଅତ୍ୟାଚାରୀର କ୍ରୂର ଅତ୍ୟାଚାର। ପୁଣି ଅନ୍ୟ ପକ୍ଷରେ ଦୁଃଖୀର ଦୁଃଖ—ପୀଡ଼ିତର ଆର୍ତ୍ତ କ୍ରନ୍ଦନ—ବୁଭୁକ୍ଷୁର କ୍ଷୁଧା। ମୋତେ ଚିହ୍ନିଲ? ଏବେ କୁହ—ତୁମେ କିଏ?"

"କହିବି— କିନ୍ତୁ ପରେ—"

"ହଉ—ମୁକୁନ୍ଦ!—ଏ ଅତିଥିଙ୍କର ସବୁ ସୁବିଧା କରିଦିଅ—ମୁଁ ଗ୍ରାମରୁ ଆସେଁ।"

ଜଳଗିରିର ପଙ୍କ ନିକଟ ବଣ—କୃଷ୍ଣପକ୍ଷ—ଘୋର ଅନ୍ଧାର ହୋଇ ଆସିଲାଣି। ପକ୍ଷୀଙ୍କର

ମ ର ହାଉଆ ଘନ ଅନ୍ଧକାର ବନ ମଧ୍ୟରେ ମଧ୍ୟ ଶ୍ରାନ୍ତ କ୍ଲାନ୍ତ ପଥିକ ଦେହରେ ଚମତ୍କାର ବୋଲି ଦେଉଛି। ସନ୍ଧ୍ୟାର ପ୍ରଥମ ପହର ଜାଣି ବନ୍ୟ ଶୃଗାଳ ବେଳେ ବେଳେ ହଠାତ୍ "ଜହ୍ୟୁନ" କରି ଉଚ୍ଚ ରୁହାଟ ଛାଡ଼ୁଥାନ୍ତି।

ଗୋଟିଏ ବଟବୃକ୍ଷ ମୂଳରେ ଜଣେ ଅପରିଚିତା ନାରୀ ବସି ଗୁଣୁ ଗୁଣୁ ସ୍ୱରରେ କ୍ରନ୍ଦନ କରୁଥିଲେ। ସେ ଯୁବତୀ ଦେହର ବେଶରୁ ବିଧବା ବୋଲି ସ୍ପଷ୍ଟ ଦିଶୁଛି। ହଠାତ୍ ଜଣେ ଯୁବକ—ବୟସ ୨୩।୨୪ ହେବ—ଅତ୍ୟନ୍ତ ସୁନ୍ଦର, ଚେହେରା ଦେଖିଲାକ୍ଷଣି ଅମିତ ବଳଶାଳୀ ବୋଲି ଜଣା ଯାଉଛି—ଆସି ଉଭା ହେଲେ। ଯୁବକଙ୍କୁ ଦେଖି ଯୁବତୀ ଭୟରେ ଛଡ଼ ପଡ ହୋଇ ପଡ଼ିଥିଲେ—କିନ୍ତୁ ଯୁବକ ତାଙ୍କୁ ଅଭୟ ଦେବାରୁ ଉପଯୁକ୍ତ ଭାବେ କଥୋପକଥନ କଲେ।

## ଦସ୍ୟୁ ସର୍ଦ୍ଦାର

ଲେଖକ:—
କ୍ଷେତ୍ରମୋହନ ଗଉଳ

—ଦୁଇ—

"ହଁ ତୁମ ନାମ କଣ ଟି? ମୁଁ ସବୁବେଳେ ଭୁଲି ଯାଉଛି।"

"ମୋ ନାମ ମୁକୁନ୍ଦ।"

"ହଁ—ମୁକୁନ୍ଦ—ଏହି ବଣ ଦେଶରୁ ଡକାଏତ ଓ ହତ୍ୟାର ମୂଳ କାରଣ?"

ପରଦିନ ସକାଳ—ସେହି ଘନ ବନ ମଧ୍ୟରେ ଗୋଟିଏ କୁଟୀର ସମ୍ମୁଖରେ ବସି ସେହି ଅପରିଚିତା ମୁକୁନ୍ଦଙ୍କୁ ଏହି ପ୍ରଶ୍ନ ପଚାରୁଥିଲେ।

"ହଁ—ସେ ସବୁ ହତ୍ୟା ଓ ଡକାଏତି ଅମର ଦ୍ୱାରା ଏହି ରାଜକୁମାରଙ୍କ ଆଦେଶରେ ହୋଇଛି।"

"ଓଃ ସବୁ କଥା ମୋର ମନେ ପଡୁଛି—ମୁଁ ଯେତେବେଳେ ପ୍ରଥମେ ବିବାହ ହୋଇ ଶାଶୁ ଘର ବିଜୟପୁରକୁ ଆସିଲି—ସେତେବେଳେ ସେହି ରାଜବାଟୀର ବାପାଙ୍କର କି ପ୍ରତାପ! ଗର୍ଭିଣୀ ଗାଈ ବାଛି ଛାଡ଼ି ଦେଉଥିଲା—ବାଳ-ପରର ବିଳମ୍ବର ପର୍ଯ୍ୟନ୍ତ ଦାନ ଲାଭରେ ତାଙ୍କୁ ଜୟଧ୍ୱନି ଉଚ୍ଚାରୁଥିଲେ। ତାଙ୍କ ହାତ ନଡ଼ୁଥିଲେ ପୃଥ୍ୱୀ କମ୍ପୁଥିଲା—ତାଙ୍କର ପୁଅ ସବୁ ସମ୍ପତ୍ତିର ମାଲିକ ଛଡ଼—ଆହା—ପୁଣି ଏକ ଦେଶ?—କାହା ପାଇଁ? ତାଙ୍କର କଣ ନାହିଁକି? ଏ ଜଙ୍ଗଲରେ ସେ କାହିଁକି ପଶିଲେ ଏଥିରେ ଯେ ଗୋଡ଼ ଦେଇଛନ୍ତି—ତାଙ୍କ ଜୀବନକୁ କଣ ଭରସା ନାହିଁ?"

"ହଁ ଜଙ୍ଗଲୀ ଜୀବନକୁ ଭରସା ନାହିଁ।"

"ସତ କଥା—ଜୀବନକୁ ମୁକ୍ତି—ସେମିତି ଶାନ୍ତ କରି ନଥିଲେ—କଣ ଆଉ ଆନ ଏ ଅଞ୍ଚଳରେ କେହି ରହି ପାରୁଥାନ୍ତେ? ଯେଉଁ ଦିନୁ ମହାନ୍ତଙ୍କ ପୁଅ ହାଣ ଖାଇଛି ଓ ହରିଙ୍କର ସବୁ ଟଙ୍କା ନଷ୍ଟ ହେଉଛି—ସେହିଦିନୁ—ଡକାଏତଙ୍କ ଡରେ ମହାନ୍ତ ସମସ୍ତଙ୍କୁ ନେଉଛନ୍ତି।—ନହେଲେ ପିଟିରେ ଖଡ଼ଗର ଘାଃ ଖାଇ ଖାଇ ଚମଡ଼ା ଉଡ଼ୁଥିଲା ଯାଉଥିଲା ଅନଙ୍ଗ ବାଳକର। ଆଚ୍ଛା ତୁମେ ମଧ୍ୟ ରାଜବାଟୀ ସହିତ ସଦାଘରେ ଅଛ?"

"ହଁ—ରାଜକୁମାରଙ୍କ ବାପା ଜଗନ୍ନାଥ ମହାନ୍ତଙ୍କ ସହିତ ମୋ ବାପାଙ୍କର ଘନିଷ୍ଠ ବନ୍ଧୁତା ଥିଲା—ରାଜକୁମାରଙ୍କର ଯେମିତି ଟଙ୍କା କଉଡ଼ି ଓ ଧନ ଦଉଲତ ଥିଲା, ଆମର ମଧ୍ୟ ସେହିପରି ଥିଲା—ମୁଁ ବାପାଙ୍କ ସହିତ ପିଲାଦିନୁ ରାଜକୁମାରଙ୍କ ଘର ମଧୁପୁରକୁ ଯାଏଁ—ସେହିଦିନଠୁଁ ତାଙ୍କର ମୋର ସାଙ୍ଗ—ତାପରେ ମୋ ବାପା ମରିଗଲେ—ଅମର ସମସ୍ତ ସମ୍ପତ୍ତି ଅସୁବେଦବ ମହାନ୍ତ ନେଲା—କେବଳ ମହାନ୍ତ କାହିଁକି ସେହି ଗ୍ରାମର ହଜାରେ ମାଲୁଅଡ଼ର



Digitized by srujanika@gmail.com

ନାଧ ୧୧୪୮ରେ ସଞ୍ଚି ଥିବ । ଆମର ଲୁଣ୍ଠ ନେବ—ଆମ ଠାରୁ ଧନ ଧାନ କାଢ଼ିନେବ ସମ୍ପତ୍ତିରେ ଅଛ ଷ୍ଟେଟ୍‌ର ଓ ନିଜସ୍ୱ ଭୂଲଣ କୋଟିପତି ହୋଇ ବସିଛନ୍ତି । ମୁଁ ଦେଖେ ଅନ୍ୟମାନ୍ୟ କରନ୍ତି ମହନ୍ତଙ୍କୁ ମୋହର ସମ୍ପତ୍ତି ତାଙ୍କ—କିନ୍ତୁ ଏଦେଶରେ କଣ ହେଉ ଜାଣ ଭଉଣୀ— ଲଜ୍ଜା— ଅପମାନ— ଲାଞ୍ଛନା ! ଏ ସବୁକଥା ତୁମେ ତ ଅନେ ଶୁଣିଥିବ ଅଭ କଣ କହିବ ? ଦେଖ ରାତି ହୋଇ ଆସି ଗଲାଣି । ଆଉ ତୋର ପାଖକୁ ଯିବା ।—”

—ତିନି—

“ନା ଆଉ ଅସହ୍ୟ । ରାକ୍ଷସ, ନର ପିଶାଚ— ଏତେ ଦିନ ପର୍ଯ୍ୟନ୍ତ ତୁମ୍ଭର ଔଦ୍ଧତ୍ୟ ସହି ଆସୁଥିଲି—ଆଉ ନୁହେଁ ।

ହଁ ଭଉଣୀ ତମକଥା ସବୁ ମୁଁ ଶୁଣିଛି— କେବଳ ଏହି ଗୋଟିଏ ଘଟଣା ନୁହେଁ । ଏହିପରି ଶତ ସହସ୍ର ଅନାଥଙ୍କୁ ଦାଣ୍ଡରେ ଭିକାରୁଣୀ କରିଛି ଓ ପୁଣି ସତୀତ୍ୱ ମଧ୍ୟ ନଷ୍ଟ କରିଛି । ଅଥଚ ଏହିମାନେ ପୁଣି ଧର୍ମର—ସମାଜର ରକ୍ଷକ ! ଏହିମାନଙ୍କ ହସ୍ତରେ ସମାଜର ଓ ଧର୍ମର ସୁବ୍ୟବସ୍ଥା, ଭୂମି ଅସ୍ପୃଶ୍ୟହେବ ।

ଶୁଣିଲ, କେବଳ ଏହି ମହନ୍ତ ନୁହେଁ ଯେ ବାବୁ ଅହଙ୍କାର ଅତ୍ୟାଚାର ମଧ୍ୟ ଦଳକୁ ଦଳ ଚାଲିଛି । ଆମ ଗାଁରେ ମାରୁଥିବା ଗାଣ ତାଙ୍କ ପିଲାଙ୍କ ବାଳ କହିବ ନାହିଁ ବୋଲି ମଟା ଭଉଣୀକୁ ତାଙ୍କୁ ଯଥେଷ୍ଟ ମାଡ଼ ତ ଦେଇଛି— ପୁଣି ସିପାହୀ ଲେଖ କେତେବେଳେ ପ୍ରଭାତକୁ ଧରାଇ ଦେଇଛି । ଏ ସବୁ କେତେଦିନ ସହିବ ତୁମେ ମୁକୁନ୍ଦ ! ଓଃ କି ଅତ୍ୟାଚାର—ଯେ ପର୍ଯ୍ୟନ୍ତ ଏମାନଙ୍କ ଷଡ଼ଯନ୍ତ୍ର ଏ ଅତ୍ୟାଚାରର ଶେଷ ନ ହେବ ପ୍ରତୀକାର ହେବ । ପେଟର ଖାଇବାକୁ ପିଲାଙ୍କୁ ପାଉନାହିଁ—ତାର ସମ୍ପତ୍ତି ଅପହରଣ କରି—ତାର ଘରଦ୍ୱାର ଲୁଟିକରି ଚାକରକୁ ସେମାନେ କେତେ ଲୋକଙ୍କ ଧ୍ୱଂସ କରନ୍ତି ! ଭଗବାନ—କଣ ଏସବୁ ଦେଖୁଛନ୍ତି ମୁକୁନ୍ଦ ! ପୁଣି ଏସବୁ ଘଟଣାରୁ ଭଗବାନଙ୍କ ପାଖ ବ ହେବ ପୂଜା ! ଭଗବାନ କଣ ଦେଖୁଛନ୍ତି ? ଗରିବର ଡାକ ସେ କଣ ଶୁଣିବେ ନାହିଁ—ଗରିବର ତ ଆଉ ପୂଜା ସମ୍ଭବ ନାହିଁ । ନା— ଆଉ ଦେଖି ଦେଖିବା ପରେ ସହିପାରେ ନାହିଁ । ଏଥର ଦେଖାଇ ଦେବୁଁ ସେହିମାନଙ୍କୁ— ସେହି ରକ୍ଷସମାନଙ୍କୁ ଯେ ଗରିବର ଦେହରେ ରହି ରକ୍ତ ଶୋଷଣ କରୁଛନ୍ତି—ସେମାନେ ବୁଝିବେ, ଆମେ ମନୁଷ୍ୟଭାବେ ରହିବାକୁ ଚାହୁଁ—ତାଙ୍କର ଏଭଳି ଶୋଷଣ ଆମେ ସହୁଁଛୁ ଆମେ ଆଉ ସହି ପାରିବୁଁ ନାହିଁ ।”

ମୁକୁନ୍ଦ, ତୁମେ ଯାଅ, ଦେବାଶିଷ, ନଟବର, ଅମର ଓ ଭୈରବଙ୍କୁ କହିଦେବ । ସେମାନେ ସମସ୍ତେ ପ୍ରସ୍ତୁତ ରହନ୍ତୁ । ଆଉ ଗଣି ପଣ୍ଡା ବାମ ପଣ୍ଡାଙ୍କୁ ମଧ୍ୟ କହିଦେବ ! ସେମାନେ ଅଭଣୀସ୍ତ ମଠର ଓ ମଠର ଲୋକଙ୍କୁ ଜଗି ରହିଥାନ୍ତୁ । ଆଉ ବିଳମ୍ବ ଅସହ୍ୟ । ରକ୍ତ ମାଂସ ଶରୀର ଧରି ଆଉ ଆମ ଆଖି ଆଗରେ କେତେ ଅତ୍ୟାଚାର ଆମେ ଦେଖୁଥିବୁ । ତୁମେ ଯାଅ ଭଉଣୀ— ତୁମ ଘରେ ରହିବ । ଆତ୍ମହତ୍ୟାଠାରୁ ଅଧିକ କାର୍ଯ୍ୟ ଆଉ କଣ ଅଛି ? ଦେଶରୁ ଚାଲିଯାଅ । ତୁମେ ଘରକୁ ଯାଅ । ଅଚିରେ ତୁମର ଦମ୍ପତି ତୁମେ ଫେରି ପାଇବ । ଆଉ ତୁମପ୍ରତି ଯେ ଅତ୍ୟାଚାର କରିଛି ତାର ଉପଯୁକ୍ତ ପୁରସ୍କାର ମଧ୍ୟ ପାଇବ ।”

କଟକେଶ୍ୱର ଝୁର ବୋଇରେ ସେଠାରୁ ପ୍ରସ୍ଥାନକଲେ—ମୁକୁନ୍ଦ ମଧ୍ୟ ସେଠାରୁ ଚାଲି ଯାଇଥିଲେ । ରହିଲେ କେବଳ ଯୁବତୀ । “ବାପୁ—ଭଗବାନ ! ଏମାନଙ୍କୁ ଲୋକେ ପୁଣି ଦସ୍ୟୁ ବୋଲି କହନ୍ତି ! ଧନ୍ୟ ହୃଦୟ; ବାସ୍ତବରେ ଏହାଙ୍କ ହୃଦୟ କେତେ ମହତ । ମୋ ଆଖି ଲୁହଗୋଳା ଦେଖି—ରୁ ଉଣ୍ଡି ଛପି ରକ୍ତ ଶୋଷି ଭିକାରୁ ଅଜର ଉପଦ୍ରବ କରୁଛି ସେହି ଗରିବର ମହାନ ଚକ୍ଷୁ ଆଗରେ ତାହା ଅସହ୍ୟ । ସେଥିପାଇଁ ସେ ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରୁଛି । ହୃଦୟର ବ୍ୟଥା ଗଭୀର ଛଡ଼ା ଧନ ଚଳିବା ଅସମ୍ଭବ !” କ୍ରମଶଃ

## ଠାକୁରେ କହନ୍ତୁ

ଯଦି ଓଡ଼ିଶା କଂଗ୍ରେସ ସରକାର ଧ୍ୱଂସ ସଙ୍କୋଚ କରନ୍ତି !

ତେବେ କୁଞ୍ଜବିହାରୀ ଉଣ୍ଡ୍ରାସ୍ୱ ହେବ ।

---

ଯଦି ସାମ୍ୟବାଦର ଚର୍ଚ୍ଚା ଓଡ଼ିଶାରେ ହୁଏ –

ତେବେ ପ୍ରଥମେ ମନ୍ତ୍ରୀଙ୍କ ଦରମାକୁ କାଟି ମେମ୍ବରଙ୍କୁ ଦିଆଯିବ ।

---

ଯଦି ଓଡ଼ିଶା ସରକାରର ଟଙ୍କା ବେଶି ଦରକାର ହୁଏ—

ତେବେ ଗୋଟିଏ ‘ନେତା’ ଟାକ୍ସ ଧାର୍ଯ୍ୟ କରିବାକୁ ପଡ଼ିବ ।

---

ଯଦି ଜମିଦାରଙ୍କୁ ନଚେଇବାର ଇଚ୍ଛା ଥାଏ—

ତେବେ ପ୍ରଜାସତ୍ୱ ଆଇନରେ ଅଧିକ ଦୁଇଟା ସଂଶୋଧନ ପ୍ରସ୍ତାବ ଅଣ ।

---

ସବୁ ପୁରୁଷ ଯଦି ନାରୀ ହୋଇଯାନ୍ତି –

ତେବେ ନାରୀଙ୍କର ପ୍ରସବ ବେଦନାର ଭୟ ରହନ୍ତା ନାହିଁ ।

---

ଦାସେ ଯଦି କଂଗ୍ରେସ ସଭାପତି ହୁଅନ୍ତେ–

ପ୍ରଧାନମନ୍ତ୍ରୀ ଦାଢ଼ୀ ରଖନ୍ତେ ।

---

ବାଉଁଶ ବଣ ଯଦି ସଫା ହୁଅନ୍ତା—

ତେବେ ସେ ନେଉଟାଳ ବାନ୍ଧନ୍ତେ ।

---

Digitized by srujanika@gmail.com

ରାବଣ — ଜନୈକ ଲଙ୍କାର ଅଧୀଶ୍ୱର ।
ମେଘନାଦ— ଜ୍ୟେଷ୍ଠପୁତ୍ର crown prince
ଅତିକାୟ— ,, (ଜାରଜ)
ଅକ୍ଷୟ କୁମାର— ,, (ପାଳିତ)
ରାମଚନ୍ଦ୍ର—ମହାତ୍ୟାଗୀ କ୍ଷତ୍ରିୟ ରାଜପୁତ୍ର ।
ବିଭୀଷଣ—ରାମ ଭକ୍ତ ।



ଜାମ୍ବୁବାନ—ବୃଦ୍ଧ ଭଲ୍ଲୁକ ପତି ।
ହନୁମାନ—ଲଙ୍କାପୋଡ଼ା କପି ।
ଇନ୍ଦ୍ର—ଐରାବତ (ହସ୍ତୀ) ପତି ।
ବରୁଣ, କାଳନେମି, ନଳ, ନୀଳ, ଗଜ-ଗବାକ୍ଷ
ଅଙ୍ଗଦ ପ୍ରଭୃତି ଅନେକ ଅପ୍ରଧାନ ଚରିତ୍ରରେ
ପରିପୂର୍ଣ୍ଣ ।

# ନବରାମାୟଣ

କପିବର ହନୁମନ୍ତ ବିରଚିତ

## ଚୌପଟ କାଣ୍ଡ

ହଂସ ବାହିନୀ ମାଗୋ ଦେବୀ ବୀଣାପାଣି
ଓଡ଼ିଆ କବିର ହବି (hobby) କଣ୍ଠ ନିବାସିନୀ
ଶାରଦେ, ସୁଦୟା ତବ ଅଧମ ସନ୍ତାନେ,
ଦନ୍ତ କୁଟି କୁଟି ରସ ପଢ଼ୁ ଗୋ ନିଗେଇ,
ରସ ରସ ହୋଇ, ଯାହା ସୁଧୀଜନ ରୁଚି
ଖାସରେ ଶଙ୍ଖାଳି ଭଳି ଗିଜିଉଠେ ଦାନ୍ତ;
କପି ହନୁମନ୍ତ ଯଥା କରେ ଖିଁଚଖିଁଚ
ଖୋଳାଏ ପିଙ୍ଗିଲେ ଟେକା ଦୌଡ଼ୁଚ ରାବଣେ ।

ଜନନୀ ଗୋ ଏହି ଭିକ୍ଷା ପଦ୍ମେରେ ତୋହର
ବୀଣା ଛାଡ଼ି ଲଉଡୁମ୍ବା ବଜାଅ ଏଥର
ଗୁବୁ ଗୁବୁ ଗୁବୁ;—
ଅଥବା ଡମ୍ବରୁ ବାଦ୍ୟ ଡବ ଡବ ଡବ;
ତାହା ଶୁଣି ଲଙ୍କ ଦେଇ ନାଚନ୍ତୁ ସକଳେ,
ତୋ ମୋହନ ମନ୍ତ୍ର ବଳେ, କଲି ହଲି କଲି;
ଯେଣୁ ମାଗୋ, ମାତୁଅଛୁ ଡ଼ିଡ଼ଂ;
ମୂଢ଼ କବି ପଦାମ୍ବୁଜେ ମାଗୁଛି ଏ ବର
ମୋ କର କଲମ ନୂନ ଗୁଲ୍ଲି ଚଉଚର ।

ଗୁଳ ମାଗୋ ସେହି ସ୍ଥଳେ, ଯହିଁ ରଘୁବର
ଶିବିର ମଧ୍ୟରେ ବସି ପ୍ରେସିଡେଣ୍ଟ ରୂପେ
ବିକ୍ରମ ଖ୍ୟାତନ୍ତ୍ର ଭଲ୍ଲୁ-କପି ସଭ୍ୟ ଗଣେ ।
ଅସଭ୍ୟ ହେଲେହେଁ, ଯହିଁ ସଭାରେ ଆସୀନ,
ସଭ୍ୟ ନ ବୋଲିଣ ତାଙ୍କୁ କି ବୋଲିବା ଆନ ?

ରାମ—ଭ୍ରାତା ଓ ଭଗିନୀଗଣ,
ଶୁଣ ମୋ ବଚନ,
ମାୟାବୀ ଅଟଇ ଅତି ରାବଣ ଦୁର୍ମତି,
ଶଠବାଜ, କୂଟନୀତି ଧାସ୍ତା, ଲମ୍ପଟ,
ନାଶ କର ଗଡ଼ ଅନୁକ୍ଷଣି,
ସ୍ୱଦେଶ ଦେହଟି କାଳେ ମୃତ୍ୟୁ ଦେବ ଥୋପି ।
ରାଜପୁତ୍ରେ ହୁଅ ନାହିଁ ଭୋଳ,
ଡର ନାହିଁ ଶତ୍ରୁ ଉଦ୍ବେଳ,
ଘଣ୍ଟ ଗୋଳ ଘୋଡ଼ ନିଜ ମଧ୍ୟେ,
ରଣ ସାବଧାନେ, ହାତେ ମାପିଣ ଗୃହଗଣ୍ଡ ।

ବିଭୀଷଣ—ଚିନ୍ତା ନାହିଁ ରଘୁପତି,
ସବୁ ଗଡ ବାଟ ଘାଟ, ସମସ୍ତ କୌଶଳ
ଛଳ, ବଳ, ଧଳ, ଖଳ, ଦଳ,
ଜଳ ଜଳ ହୋଇ ସବୁ ଦିଶିଯାଏ ମୋତେ ।

ଦେଖିଛନ୍ତି ଅତିକାୟ ମାତାଲ ବାପକୁ
ହତଭାଗ ରୋଲାର ବଳା (roller) ଦେଇଛି ଗଡ଼ାଇ,
ଛଡ଼ାଇ ଦେଇଛି ତାର ପେଟର ଜାରଜୁଦ୍ଧ,
ଫୁର୍‌ଫାର୍, କୌଶଳ ଗୁଳୁଜ,
ବୁଦ୍ଧି ନାହିଁ ଚଳେମାନେ, କହୁଅଛି ଖାଲି
ଫଣ୍ଟାମାର୍କା ଗଣ୍ଡା ଭୁଲେ କଣ୍ଡା ଗଣ୍ଡେଠାରୁ ।
ଅଣ୍ଡା ହୋଇ ଗଲା ଏବେ;
ଆଉ ନ ଆସିବ ଗୁଣ୍ଡା ହେଣ୍ଡା ମାରିବାକୁ
ମୁଣ୍ଡ ଟେକି,—ମିଛାଚର ଗୁଣ୍ଡା,
ଗଣ୍ଡ ମୂର୍ଖ, କୁଣ୍ଡା ଖାଇ ପଢ଼ିଥିଲା ପାଠ ।
ମୋହର ସାହାରେ ଥୋଡ଼ା ମାରିଥିଲା ନାଚ,
ଜାନ ଧରି ଦେଇଅଛି ବେଡେ,
ଅଟୁଳ, କଲମି ତାକୁ
ଅସିଥିଲା ଗୁରୁସଙ୍ଗେ ମାରିବାକୁ ଗୁଲି ।
ଅପେ ଅପେ ହୋଇଲା ବେହାଲ ।
ନାକାଲ୍, ନାଖୁସ୍ ହୋଇ କାନ୍ଦି ଉମାନ୍ ।

ଏତିକେ ଭୁଲାଉଥିଲେ କୁମାର ଅଙ୍ଗଦ
ଗଲେଇ ଗଲେଇ ପୁଣି ମୁଣ୍ଡକୁ ହଲେଇ
ଦାନ୍ତକୁ ଦେଖାଇ ସେହି ଭାଷିଲା ଏହାକୁ—
ଅଙ୍ଗଦ—ହଁ, ଜାଣିଅଛୁ ବଡ଼ପଣ ବିଭୀଷଣଙ୍କର,
ରାମ ସହାୟତା ବିନା ମିଳିଥାନ୍ତା ଛୁଟା

Digitized by srujanika@gmail.com

ଚଟ୍ଟଣୀ, ପଟ୍ଟଣୀ ଯାଙ୍କ କପାଳରେ ।
ମୋଟ—ଦେଖି ଲୁଚ୍ଚେ ରାମ କଲେ partiality ।

ଉଠିଲା ରୌରବରେ ରବ, "ଛିଏ ଛିଏ" ବୋଲି
ଏତେ ବଡ଼ କଥା କହେ, କାହାର ସାହସ ।
ଏମନ୍ତେ ହୋଇଲା ସୃଷ୍ଟି pandemonium
ହୋ-ହୋ, ଘୋ-ଘୋ, ଚୂପ-ଚୂପ ଧ୍ୱନି ।
ଡାକିଲେ ଯୋଡାଏ ରଡ଼ି order order ।
କେ ଶୁଣୁଛି କାହା କଥା—ସକଳେ ମୁଖର !
ସୁଷେଣ ଗଲେ ମିଶି ଅଙ୍ଗଦ ପକ୍ଷରେ
କପିଗଣ କହୁଗଲେ ହୋଇ neutral
ଯେଣୁ ସେ ଅଟନ୍ତି ଯାତ, ପୁଣିଟି ଅର୍ଭକ ।
ଫଁ—ଫଁ ହେଉଥାନ୍ତି ବୀର ବିଭୀଷଣ,
ବାଳକୁ ଛୁଞ୍ଚାଇ ଅଉ ଦାନ୍ତକୁ କାମୁଡ଼ି,
ମାତ୍ର ଏକେଶ୍ୱର ଯୋଗ୍ୟଁ ନ କଲେ ସାହସ.
କେମନ୍ତେ ଗୁପିବାକୁ ଅଙ୍ଗଦର ମୁଣ୍ଡ ।
ତହୁଁ ସୁଗ୍ରୀବର ଠିଆ ହୋଇ କରଯୋଡ଼େ
କହିଲେ "ସ୍ୱାମୀ ଏବେ ତୁ ଅଛ ସୁସ୍ଥିର;
ଟୋକା ଝାଟଘାଟା ତୁଚ୍ଛ ଗ୍ରାହିଦେଲା ପଟେ.
ଦେଶ ଭଲ ଚାହୁଁଅଛ ତାକୁ ବଡ଼ ହୃଦେ ।

ମତି ହନୁମନ୍ତ ବୀର ଜଙ୍କୁ ପୁଚ୍ଛଇ,
ଲଗୁଡ଼ିର ଲଗୁଡ଼ିକୁ ପଠାପ, ପଠାପ;

ହନୁ—ରାମ ଅଜ୍ଞା ନାହିଁ—ନୋହିଲେ ଦେଖନ୍ତ
ଲାଞ୍ଜୁଡ଼ିରେ ବାନ୍ଧି ତୁମ ଗୋଟା ଦଳଯାକ
ଭାଙ୍ଗା ପୁଞ୍ଜି ଦେଇ ଯାଇ, କୁଯାଞ୍ଚ ଆ ବାଢ଼ୀ,
ପୋକସ୍ତ ଝଙ୍କରେ ନେଇ ହଅନ୍ତି ଭରୁଢ଼ ।
ଅସହ୍ୟ ଏ ରାମନାଦ—
ବସୁ ତୁଲ ଖଳଙ୍କ ଯେ ଜନୀବ ତ୍ୱେଷଜ
ତାଙ୍କ ନାମେ ଅରୋପିଲ partiality ଦୋଷ !
ଏଣି ଯଦ ସଭାଜନେ ପ୍ରାର୍ଥନା ଯୋଗାଇ,
ଯେଉଁ ଦନ୍ତେ ଛଡାଉଛ ରାମନାମ ବୋଲି
ସେହି ଦନ୍ତ ଉପାଡ଼ଣ—

ରାମ—ସ୍ଥିର ହୁଅ, ବତ୍ସ ହନୁମାନ,
କ୍ଷମା, କ୍ଷମା—କ୍ଷମା ଅଟେ ଧର୍ମ୍ମ ସାରେତ୍ତ୍ୱ

Politics ରଣ ଯେବେ ଗଲ ପଶିବାକୁ
ଭେଟେ ମାଡ଼ ଗାଳି ନାନା ସହିବାକୁ ପଡ଼େ—
ଏଥେଁ ବିଚଳିତ ହେବା ନୁହଇ ଉଚିତ
ପେଟ କଥା ପେଟେ ରଖି ଯାଉଥିବ ଚେଷ୍ଟ ।
ମୁହଁରେ କହିବ ସଦା ମଧୁ ମଧୁ ବୋଲି ।
ସୁଦଷର ଏହା ଅଟେ ରାଜନୀତି ରୂଲ୍ ।
ନ ଯାଅ ନ ପାଅ ଭୁଲି ନିଜ Good breed,
ନିଜ ଜାତ creed ଛାଡ଼ି ନ କର divorce,
ଭେଦେ ସିଧା course ଅଟେ non-violence ନିତି
ଶ୍ରୀ ଶୂନ୍ୟ, ପ୍ରୀତି ପୂର୍ଣ୍ଣ, ଅଦାଟ୍ୟ ଯା force,
ପୁଣି source ଅଟେ ଉନ୍ନତର ।

ପ୍ରଭୁଙ୍କ ଅଦେଶେ ତହୁଁ ବୀର ହନୁମନ୍ତ,
ଦନ୍ତ ଚିପି ଧୀର ହୋଇ ବସିଲେ ଆସନେ;
କାଅଁରେ ଯେସନ ପଡ଼ିଗଲା ଥଣ୍ଡା ପାଣି ।
ମାତ୍ର ତାଙ୍କ ରୋମ୍ୱାଟାର ଉତ୍ତପ୍ତ ପବନ,
ବାଧା ନ ମାନିଣ ଖରର ଗଲେ ସୂ—ସୂ
ଅଧୋମାର୍ଗେ—ଯେମନ୍ତ କି ମଟର ପଛରୁ;
ଅକସ୍ମାତ ଗଲେ ବ୍ରେକ ଚଳନ୍ତା ମଟର ।
ଏଣେ ଲମ୍ବ ଲାଙ୍ଗୁଡ଼ିଟି ବୁଦ୍ଧ energyରେ
Pendulum ଭଳି ହେଉ ଥାଏ ଲଟ ପଟ !
ସକଳେ ହୋଇଲେ ଚୁପ୍—ଖାଲି ଫୁସଫାସ୍
ଶବ ଅଜୁଥିଲୁ ଭାସି ଅସୁଥିଲା ଖାଲି
ବାନର ବଚ୍ଛାଙ୍କ ମୃଦୁ ଚେଁ—ଚେଁ ଧ୍ୱନି
ବାନରୀମାନଙ୍କ କୋଳେ ପିଇଁ ପିଇଁ ଦୁଧ ।
ହୃଷ୍ଟ ଜମ୍ବୁବାନ ତହୁଁ କହିଲେ ହୁଙ୍କାରି
ମୁରବ୍ବି ଅନା ଟୋନ କରି ଦାଢ଼ିକୁ ହାଙ୍କରି,

ଜମ୍ବୁ—ଯେତେ ଗୋଳ, ସବୁ ଏଇ ମାଇପି ଜାତର,
ପିଲା ଖେଳାଇବା ଲେଖା ନୁହେ ସମ୍ବୃନ୍ଦଳ,
ହାଣ୍ଡି ଧୁଅ, ଲୁଗାଧୁଅ କାମରେ ଅଭ୍ୟସ୍ତା
ମିଳିଟାରି ଭାବନ୍ତିଲେ କି କରିବେ ନାରୀ ?

ଏତକରେ ପର୍ଦ୍ଦାପାଳ ହେଲା ଶଟାଂଫାଁଡ୍—
ଯେମନ୍ତେ ବାଜନ୍ତେ ଘଣ୍ଟା ଦୁଣାନ୍ତର ଢାଳେ
ରଙ୍ଗ ମଞ୍ଚେ ପଡ଼ିଲା ଯୋଲେ ଡ୍ରପ୍‌ସିନ୍ ।

କ୍ରମଶଃ

Digitized by srujanika@gmail.com



# ଝିଙ୍କଟା ।

ଶ୍ରୀ କୃଷ୍ଣଚନ୍ଦ୍ର କର

(ଡଗର ଝିଙ୍ଗଟା ଉପଲକ୍ଷେ ଗୋଟିଏ
ଅଦର୍ଶ ଓ ଅସଲ୍ ପ୍ରଗତିଶୀଳ କବିତା ।)

## କଳାକମ

—୧—

(୧)ଶୂନାଙ୍କି (୨)ପଡ଼ନ୍ତି ପିଲ    ପିନ୍ଧନ୍ତେ (୩)ଘଡ଼ନ୍ତି ଝୁଲ
(୪)ସେଲ୍ସରେ (୫)ଏତେଭୌଣିଆ ସକଲ,
ଢଢ଼ାବ ନାଟଖ ଛାଡ଼ି    ସମସ୍ତ ଗଲ ବହୁ
ନୋଦ୍ଧଲ ବଥା (୬)ସତ୍ତ୍ୱରେ । ହୋଇଲ;
(୭) ଗୃହ୍ଣା ସେ ଡଗଡଗ    ଯେସନେ କାଁଟିବଗ,
ମଗର (୮) ପିର୍ଜା ପୁଣି    (୯) ବୁଲ୍ଲେବ୍ସ କଁଟା ଖଗ;
ଚାନକ (୧୦) ଛାନ୍ଦୁ ମିଠ    ଚାଲୁଛ ଛାନ୍ (୧୧) ଛେମ୍ତ
(୧୨) ଭେଢ଼ଭେଢେ ଅଘା, ବଢା ମାଇଲ;
ଧାରଣି ପେଁଚମକ୍ସ    (୧୩) ଚାମ୍ଚୁଣ ଦାଢ଼ୁଚୁସ୍ (୧୪)
ଗୋଡ଼େଇ ପୋଡ଼େଇ ତ ସାଇଲ ।

—୨—

'ଡଗର' ହେଲ ନାଅଁ;    (୧୫)ବାଲୁଣ ସଦର୍ଗାଅଁ (୧୬)
ବଗଡ଼ ଗ୍ରୈଦଗା ସେ ଖେଦାଲ,
ଗବଡ଼ ବୁଣି ବୁଣି    (୧୭) ମିପେ ଗଡ଼ରେ ପୁଣି
ଖେଉଁକ୍ସ ଖଁଟେକ ଖଁଟେକ ଖେଦାଲ;
(୧୮) ଝୁଣ୍ଡଲ (୧୯) ଜାଗ୍ଣୁ ଦେଶେ,
(୨୦) ନଣ୍ଡଲ ଭେଢେଭେଁୟସେ (୨୧),
ଅଁଟଲ ପେଟ ଛାର    ପିଠି ପଟରେ ମିଶେ;
ମାତର 'ଡଗର'ଟି    ଧେଁଡ଼ୁସ୍ ପିଠି ପିଠି
(୨୨) ପାଟିରେ ଖଜା ଭୁକା ଖେଁଦାଲ;
ଗରଡ଼ ବୁଣି ବୁଣି    ମିପି ଗଡ଼ରେ ପୁଣି
କେଉଁକ୍ସ ଖଁଟେକ ଖଁଟେ ଖେଦାଲ ।

—୩—

ଅଜ୍ଞ ଏ 'ଝିଗ୍ରଟା'    ମଉଜୁଲରେ ଝୋଡା
ସବୁର ପଟେ ଝିଗ୍ର ଭରଲ,
ତା ଦେଖି ଅମେ ସବୁ    ଯେତକ ବୁଢ଼ାଚାବୁ
(୨୨) ଗୁଁହୁଲୁ (୨୩) ସେନ୍ଦେ ବଣ-ଗରଲ;
ପହଡ଼ ପଡେ଼ ନାହିଁ    ତାହାକୁ ଗୁଁହ ଗୁଁହ,
ତଥାପି ପିବା ପାଇଁ    ରୋକ୍ଲେଇ ମନ 'ନାହିଁ',
ସ୍ୱବଶ ଦଳ ଛାଡ଼ି    (୨୪) ଦୁଅଁତ କୁହାକୋହୁ—
"ଝୋଡା ବଳେଛେ ତ ନ ଭରସ;
(୨୫) ପହିଁରେ ଦେଲ ହାତ    (୨୬)ଚହିଁରୁ (୨୭)ଦେଖ୍ ମିଠ !
ମତୁ ତ (୨୮) ଝୁର୍ଝୁର୍ ଝୁରିଲ ।"

### ଟିପ୍ପଣୀ ।

(୧) ଶୂନାଙ୍କି, ଶୂନ୍ୟ, ଶୂନ୍ୟରୁ ।
(୨+୩) ପଡ଼ନ୍ତି, ଘଡ଼ନ୍ତି='ଡ' ସ୍ଥାନରେ 'ଡ' ଅଦେଶ । ଏହା ସମ୍ବଲପୁରୀ ଉଚାରଣ । ସମ୍ବଲପୁରୀ ଉଚାରଣ କବିତା ବା ଭାଷାରେ ସ୍ଥାନ ନ ପାଇଲେ ସମ୍ବଲପୁର ପ୍ରତି ଅପମାନ ହେବ ନାହିଁ କ ?
(୪+୫+୯) ସେଲ୍ସରେ, ଏତେଭୌଣିଆ, ବୁଲ୍ଲେବ୍ସ
(୭) ଗୃହ୍ଣା—ଗୃହ୍ଣଳ । (୮) ପିର୍ଜା—ପିନ୍ଧିବା, ପଦ ।
(୧୫) ବାଲୁଣ—ବାଲ+ତଣ । (୧୬) ସଦର୍ଗାଅଁ ସଦର+ଗାଅଁ
(୧୯) ଜାଗ୍ଣୁଦେଶେ—ଜାଗନ୍ଥ ଦେଶରେ ଅର୍ଥାତ୍ ଗବର୍ଣ୍ଣମେଣ୍ଟ ମହଲରେ ।

Digitized by srujanika@gmail.com

(୨୧) କ୍ୟେସେ—କଏସେ । (୨୨) ଦେଖୁ—ଦେଖ୍+ମ । ଏଠାରେ ସେଗୁଡ଼ିକ ସଂଷିପ୍ତୀକୃତ ହୋଇଅଛି । American spelling ପରି ଏଗୁଡ଼ିକ ଉଚ୍ଚାରଣ ସୌକର୍ଯ୍ୟ ଓ ଶୋଭନ ଶ୍ରବଣତା ପାଇଁ ଭାଷାରେ ଅନୁମୋଦ୍ୟ; ତେଣୁ ଅନବଦ୍ୟ ] ।

(୨) ପହ୍ନ୍‌ରେ 'ହହ୍ନରେ' ଓ 'ସହ୍‌ରେ' ର ସଙ୍କୋମର୍ଦ୍ଦି ଉଚ୍ଚାରଣ । ଅତ୍ୟନ୍ତ ଭକ୍ତି କାଳରେ ଏପରି ଉଚ୍ଚାରଣ ଅନୁରାଗୀ କଣ୍ଠରେ ଅତି ସ୍ୱାଭାବିକ ।

(୧୦+୧୩+୨୩) କାନ୍ହୁ, ବାମ୍ହଣ, ମେନ୍ହେ—ଯଥାକ୍ରମେ 'କାହ୍ନୁ', 'ବାହ୍ମଣ' ଓ 'ମେହ୍ନେ'ର ଅନୁରୂପ । ଏ ବିଷୟରେ ଲମ୍ବା ଲେଖି ଅନାବଶ୍ୟକ । ସଂସ୍କୃତ ବ୍ୟାକରଣର ଦୃଷ୍ଟି ଏହି ମତର ପରିପୋଷକ । ପ୍ରହରାଜଙ୍କ କୋଷର ୨ୟଖଣ୍ଡର ୧୩୦୬ ପୃଷ୍ଠାରେ ଥିବା 'କହ୍ନାଇ' ଶବ୍ଦ ପଢ଼ୁଥିଏ ଦେଖନ୍ତୁ ଉଦାହରଣ ଲେଖିଲେ ।

(୧୧+୧୨) କେମ୍‌ତ, କେତ୍‌କେତେ—କେମିତ, କେତେ-କେତେ । ଏହାହିଁ ଲୋକମୁଖର ଉଚ୍ଚାରଣ ।

(୧୪) ଦହ୍‌ଚୂର—'ଦହିଚୁଡ଼ା' (ଦ୍ୱନ୍ଦ୍ୱସମାସ)ର ପଲ୍ଲୀ ଉଚ୍ଚାରଣ । ଏହାକୁ ଷଷ୍ଠୀତତ୍ପୁରୁଷ କରି 'ଦହି'ର 'ଚୂର' ('ଚୂର୍ଣ୍ଣ') ଅର୍ଥାତ୍ ଦଧିଚୂର୍ଣ୍ଣ ବୋଲି ଯେପରି କେହି ଅର୍ଥ ନକରନ୍ତି ।

(୧୭) ମୈପି='ମାଇପି'ର ସଂକ୍ଷେପ । ଏହି ସମ୍ପର୍କରେ ଗୋଟିଏ ଛୋଟିଆ ଆଲୋଚନା ଅବଶ୍ୟକ । ଓଡ଼ିଆ ଭାଷାରେ 'ସଇନିକ' ହୁଏ 'ସୈନିକ'; 'ପଇସା' ହୁଏ 'ପୈସା'; 'ବଇଶ୍ୟ' ହୁଏ 'ବୈଶ୍ୟ' । ଏଠି ସଂସ୍କୃତ ନିୟମର ଶାସନ ଖାଟେ ନାହିଁକି ଖାଟେ ନାହିଁ । ସଂସ୍କୃତ ବ୍ୟାକରଣରେ 'ଅ+ଇ' ମିଶି 'ଏ' ହୁଏ; ମାତ୍ର ଏଠି 'ଅ+ଇ' ମିଶି 'ଐ' ହେଉଛି । ଏ ତ ଗଲା ମହାଜନ ସମସ୍ୟା; ଏବେ ଦ୍ୱିତୀୟ ସମସ୍ୟା ପଡ଼ୁ । ଯଦି 'ଅ+ଇ' ମିଶେ, ତାର ଉଚ୍ଚାରଣ 'ଐ' (ଅଇ) ହେବନାହିଁ—'ଅଇ' ହେବ । ପାଠକମାନେ 'ହାଇସ୍', 'ଟାଇସ୍', 'ମାଇପି', 'ଯାଇଛି', 'ଖାଇଲ୍' ଏଗୁଡ଼ିକର ଉଚ୍ଚାରଣକରି ନିଜେ ନିଜେ 'ଐ'ର ଉଚ୍ଚାରଣ ଓ 'ଅଇ'ର ଉଚ୍ଚାରଣ ମଧ୍ୟରେ ପାର୍ଥକ୍ୟ ଉପଲବ୍ଧି କରନ୍ତୁ । ଯଦି ଏଗୁଡ଼ିକୁ ଆମେ 'ମୈପି', 'ହୈସ' 'ଖୈଲ'......ଏହିପରି ଲେଖୁଁ, ତାହାହେଲେ ଉଚ୍ଚାରଣ 'ମଇପି', 'ହଇସ୍', 'ଖଇଲ୍'...ଏହିପରି ହେବସିନା ! କିନ୍ତୁ ତାହାତ ଆମର ଉଦ୍ଦେଶ୍ୟ ନୁହେଁ । ତେଣୁ ଏହାକୁ ତ୍ରୁଟିର ନିରାକରଣ ପାଇଁ ଆମେ ଏକ ନୂଆ ଚିହ୍ନ ଉଦ୍ଭାବନ କରିବାର ଉପଯୋଗୀତା ପ୍ରାଣେ ପ୍ରାଣେ ଅନୁଭବ କରି ତାହାର ସୂଚନା ଏହି 'ମୈପି' ଶବ୍ଦ ପ୍ରୟୋଗରେ ପ୍ରକାଶକଲୁଁ । ତେଣୁ 'ଅଇ' (ଐ)କୁ "ୈ" ଏହିପରି ଏବଂ 'ଅଇ'କୁ "ୗ" ଏହିପରି ଲେଖିବା ଭଲ । ଠିକ୍ ଏହିପରି 'ବଉଳ' 'ଦଉଣି' 'ଧଉଡ଼' ଏଗୁଡ଼ିକ 'ବୌଳ' 'ଦୌଣି' 'ଧୌଡ଼' ହେବ; କିନ୍ତୁ 'ବାଉଳ' 'ଦାଉଣି' 'ଧାଉଡ଼' ଯଥାକ୍ରମେ 'ବୗଳ', 'ଦୗଣି', ଧୗଡ଼', ଏହିପରି ଲେଖାହେବ । 'ଅଉ' (ଔ) ଓ 'ଅଉ'ର ଉଚ୍ଚାରଣରେ ଉଚିତ ପାର୍ଥକ୍ୟ ରଖିବାଇଁ ଯଥାକ୍ରମେ "ୌ" ଓ "ୗ" ଏହିପରି ଦୁଇ ଭିନ୍ନ ବ୍ୟବହାର ହେବା ଦରକାର । ଏ ସମସ୍ୟାର ସମାଧାନ ଏଇଥିରେ ହୋଇଗଲା ନାହିଁ । ତେଣୁ 'ବ୍ୟାକରଣୀ' ବୁଢ଼ା 'ଗିଧ' ଗଣ ଓ ନୂଆକିଆ 'ଇଂରେଜିଆ' ଟୋକା 'ଗଧ' ଗଣ ଏକାଠି ହେଇ ଗୋଟିଏ ମେଳାକରି ଏସବୁ ବିଚାର କରନ୍ତୁ ଏବଂ କିଛି ଗୋଟାଏ ସ୍ଥିର କରନ୍ତୁ । [ 'ଡଗର' ପୋଷାଳ (ପୋଷକ) ସଂପାଦକ ତଥା 'ଡଗର' ପେଷାଳ (ପ୍ରେରକ) ସଂଗ୍ରହକଙ୍କ ଅପର ଅଳି—ସେ ଉପର ଦୁଇ ଜାତର ମୁଖିଆ ମୁଖିଆ "ଗିଧ+ଗଧ"ଙ୍କ ପାଖକୁ ଏ ସମସ୍ୟାର ବେଶ୍ୟାଲୋଚନା (ବେଶୀ+ଅଲୋଚନା) ପାଇଁ ଏ ସଂଖ୍ୟାର ଗୋଟିଏ ଗୋଟିଏ କପି ମାହାଲିଆ ପଠାଇବେ ।]

(୧୮+୨୦) ଝଡ଼ିଲା=ଝଡ଼ ହେଲା । ନଡ଼ିଲା=ନଡ଼ା ହେଲା, ଅର୍ଥାତ୍ ନାନାପରି ଉଲେ ଶୋଇଗଲା । କବିବର ସ୍ୱର୍ଗତ ରାଧାନାଥ ଓ ମଧୁସୂଦନ ଏ ପ୍ରୟୋଗର ପ୍ରବର୍ତ୍ତକ ବା ପଦ୍ଧତି ବାଟସଫାଳ । ଯଦି ବିରୁଦ୍ଧରେ କାହାର କହିବାର ଥିଲେ ସେ ତାଙ୍କ ପାଖକୁ ଯମ (ନରକରାଜ) ତଥା ଇନ୍ଦ୍ର (ସ୍ୱର୍ଗରାଜ)ଙ୍କ C/oରେ ଚିଠି ଲେଖିପାରନ୍ତି । ଯାହାହେଉ, ସେ ଦୁଇ କବି-ରାଜଙ୍କର ଗୋଟିଏ ଗୋଟିଏ ଉଦାହରଣ ପାଠକେ ଶୁଣିମା ହେଉନ୍ତୁ:—

ରାଧାନାଥ:— "**ପ୍ରଭାତିଲା** ବିଭାବରୀ ହସିଲେ ଉତ୍କଳେ ।" (ପ୍ରଭାତିଲା=ପ୍ରଭାତ ହେଲା)

ମଧୁସୂଦନ:— "**ନୀରବନ୍ତେ** ରାମ ଦେବ ବିମାନ ।" (ନୀରବନ୍ତେ=ନୀରବ ହୁଅନ୍ତେ)

(୨୨+୨୪+୨୫) ଗୁଁହନ୍ତୁ=ଗୁହିଁନ୍ତୁ । ଯିଁହିରେ=ଯହିଁରେ । ତିଁହିରୁ=ତହିଁରୁ । ଏ ସବୁର ଉଚ୍ଚାରଣ ବେଳେ ଚନ୍ଦ୍ରବିନ୍ଦୁଟା ଶବ୍ଦର ପ୍ରଥମ ଅକ୍ଷର ଉପରେ ରହି ଉଚ୍ଚାରିତ ହୁଏ ବୋଲି ଏପରି ଲେଖାଯିବା ଭଲ ।

(୨୭) ଝ୍ଝ୍ଝ୍ଝ୍ଝ୍ଝେଲ୍=ଝର୍+ଝର୍+ଝର୍+ଝର୍+ଝଲେ ସଂସ୍କୃତପରି ଏଠି ଏତେ ଗୁଡ଼ିଏ ଶବ୍ଦର ସନ୍ଧିହୋଇ କେଡ଼େ ସୁନ୍ଦର ଓ ମଧୁର ହୋଇଅଛି । ଏହା ଛଡ଼ା କାଁଟି, କାଁଟା, ପେଁଚ, ଖାଁଜ, ଥାଁଲେ, ଖେଁଦିଲ ପ୍ରଭୃତିର କୌଣସି ଟୀକା-ଟିପ୍ପଣୀ (foot note) ଅବଶ୍ୟକ ନାହିଁ । କାରଣ ସଂପ୍ରତିକାଳେ ଅଧୁନା ତରୁଣତମ କବିପୁଙ୍ଗବ ମଣ୍ଡଳୀଙ୍କ ଲେଖାରେ ଏ ସବୁର ପ୍ରୟୋଗ ଅତି ପ୍ରଚୁର ।

Digitized by srujanika@gmail.com

# ଓଡ଼ିଶାରେ ସଙ୍ଗୀତ ଶିକ୍ଷା

## ଶ୍ରୀ କୃଷ୍ଣ ପ୍ରସାଦ ବସୁ

ପୂର୍ବ ପ୍ରକାଶିତ ପରରୁ

ଯାତ୍ରାଦ ଅଭିନୟକୁ ଗୌଣ ରଖି ବର୍ତ୍ତମାନ କ୍ଷେତ୍ରରେ ସଙ୍ଗୀତକୁ ମୁଖ୍ୟ ରଖିବାର ପ୍ରୟୋଜନ ହୋଇଛି···କାରଣ ଯାତ୍ରାନାଟ ଇତ୍ୟାଦ ଅନ୍ଦେଇ ଦନଅ ବ୍ୟାପାର···ବହୁ ଧନ ବହୁ ଜନ ସାପେକ୍ଷ...ପୁଣି ଆମଦେଶରେ ବହୁ ଖୋସାମଦ୍ ସାପେକ୍ଷ···ଯେ କୌଣସି ଶକ୍ତିଶୀଳ ଭାବୁକ ଲୋକେ କଥା କହିବାର ଠାଣି ଶିଖାଇ ପାରନ୍ତି···ଏବ ଯାହା ବା ନାଟକରେ ଯାହା ଶିକ୍ଷାଦିଆଯାଏ ତାହା ନାଟକ ଯାତ୍ରା ବ୍ୟତୀତ ଅନ୍ୟସ କିଛି ପ୍ରୟୋଜନରେ ଲଗେନାହିଁ···ସେକାରଣରୁ ନାଟକାଦିର ଆଖଡ଼ା ସଙ୍ଗେ ପିଲାମାନଙ୍କୁ ସ୍ୱର ତାଳ ବିସ୍ତାର, ତାନବର୍ଣ୍ଣ, ଆଳାପ ଇତ୍ୟାଦ କିଛି ଶିଖାଇବା ଏକାନ୍ତ ପ୍ରୟୋଜନ···ଗ୍ରାମେ ଯାତ୍ରାଦଳମାନ ଅଛି··· କେତେ ଶିକ୍ଷାର୍ଥୀ ଅଛନ୍ତି, ଏମାନଙ୍କୁ ପ୍ରଣାଳୀବଦ୍ଧ ଶୁଦ୍ଧ ବିଦ୍ୟାର ଶିକ୍ଷା ଦେଲେ ଗୃହେଁ ଗୃହେଁ ପାଞ୍ଚ ଦଶ ବର୍ଷ ମଧ୍ୟରେ ପୁଣି ସେହି ପ୍ରାଚୀନର ସୌରଭ ବାହାରିପଡ଼ିବ··· ନାଟ ନାଟ ନାଟରେ ଦେଶ ଭରି ଅଛି, ଅଥଚ ପାଠରୁ ସିଦ୍ଧିବସ୍ତୁ ନାହିଁ । ତେବେ ଏ ଶ୍ରମ ଏ ବ୍ୟୟ କାହିଁ ଲଗି ? ଯାତ୍ରାଯାକ ଜାଗର ହେଲେ ମଧ୍ୟ ଖଣ୍ଡେ ସୁଦ୍ଧା ମାର୍ଜିତ ମାର୍ଗ-ସଙ୍ଗୀତ କି ଥିଏଟର କି ଯାତ୍ରାଦଳ ଏଥିରେ ଶୁଣିବାକୁ ମିଳୁ ନାହିଁ···କିନ୍ତୁ ବଙ୍ଗଳା କି ତେଲଙ୍ଗୀ ଦେଶକୁ ଦେଖନ୍ତୁ ତ! ଧ୍ରୁପଦ, ଖିଆଲ, ଠୁଁରି ଗୋଟାଏ ଗୋଟାଏ ଶ୍ରେଣୀ ଯାହାର ଭେଦ ମିଳିବା ଦୂରେଥାଉ ନାଁ'ଟି ପର୍ଯ୍ୟନ୍ତ ଯାତ୍ରାବାଲାଙ୍କ ଓସ୍ତାଦଙ୍କୁ ଅଜଣା···ଯେଉଁମାନେ ଏ ବିଦ୍ୟାରେ ପ୍ରଥିତ ତାଙ୍କର ଯେବେ ଏ ଅବସ୍ଥା ତାହାରବ ନୌଖିନ ଶିକ୍ଷାର୍ଥୀଙ୍କୁ କହିବୁଁ କଣ । ତାହାଙ୍କ ଓସ୍ତାଦମାନେ ନିଜେ କିଛିଦିନ ଧାଁ ଧପଟ କରି ପ୍ରାରମ୍ଭ କୌଶଳ ସବୁ ଅଭ୍ୟସ୍ତ କରି ଲପି ଶିକ୍ଷା କରିପାରନ୍ତି ନାହିଁ ଏବଂ ନିଜର ଶିକ୍ଷା ସଙ୍ଗେ ପିଲାଙ୍କୁ ଶିକ୍ଷା ଦେଇ ପାରନ୍ତି ନାହିଁ ?

ଅନେକ ଗାୟକଙ୍କୁ ଦେଖାଯାଏ ପିଲାଦିନରେ ଚମତ୍କାର ଗାଉଥିଲେ, କିନ୍ତୁ ବୟସ ସଙ୍ଗେ କଣ୍ଠସ୍ୱର ଟିକିଏ ମୋଟ ହୋଇଗଲାକ୍ଷଣି ଓସ୍ତାଦ୍‌ମାନେ ସେମାନଙ୍କର ଗାଇବାର ସ୍କେଲ୍ ପରିବର୍ତ୍ତନ ନ କରାଇ ସେମାନଙ୍କୁ ଜବରଦସ୍ତି ସାନପିଲାଙ୍କର ଚଢ଼ା ସ୍କେଲରେ ଗାଇବା ଲାଗି ବାଧ୍ୟ କରନ୍ତି...ଯଦି ସେ ଗାଇ ନ ପାରିଲା ତାକୁ ଅବହେଳା କରନ୍ତି; ତହିଁରେ ଗାୟକଙ୍କର ଉତ୍ସାହ ତୁଟିଯାଏ । ବୀ୧୬ବର୍ଷ ଠାରୁ ବୀ୨୧ବର୍ଷ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର କଣ୍ଠସ୍ୱରର ନାନା ପରିବର୍ତ୍ତନ ହୁଏ···ସେ ସମୟରେ ନିଜର ସ୍ୱଚ୍ଛନ୍ଦ ସ୍ଥାନରୁ ଅଧିକ ପରିମାଣରେ ଗାଇଲେ ସ୍ୱରର ଝଙ୍କାର କମେ ଓ ଗଳା ବାନ୍ଧିଯାଏ·· ଯେଉଁମାନେ ଶୁଦ୍ଧମାର୍ଗ ପ୍ରଣାଳୀରେ ପିଲାଦିନରୁ ସଙ୍ଗୀତ ସାଧନ କରିଥାନ୍ତି···ସେମାନେ ସ୍ୱରର ପରିବର୍ତ୍ତନରେ ମଧ୍ୟ ନିରୁତ୍ସାହ ବା ଉଦାସୀନ ହେବାର କିଛି କାରଣ ନାହିଁ···ସେମାନେ ଯେତେ ସାଧନ କରୁଥିବେ, ଦେଖିବେ ସେମାନଙ୍କର ସ୍ୱର ତେତେ ଉଜ୍ଜ୍ୱଳ ହେଉଛି; ଗଳା ଭାଙ୍ଗିଲା ବେଳେ କଦାପି ଅବହେଳା କରିବେ ନାହିଁ···ଦେଖିଛୁଁ ଏପରି କେତେଦିନ ଗୀତ ନ ଗାଇବାରୁ କଣ୍ଠସ୍ୱର ବଡ଼ କର୍କଶ ହୋଇଯାଇଛି···ତେଣୁ ଏହି ସମୟରେ ଅଧିକ ଗାଇବେ—

ଗାୟକମାନଙ୍କର ପ୍ରାରମ୍ଭରୁ କାହାପରେ କଣ ଶିଖିବାକୁ ହୁଏ ତାହାହିଁ କହୁଁ ନାନା କଥା କହିଲି···କିନ୍ତୁ ଏଥିରେ ସାଧକ ରହିଗଲା ଅନେକ ବିଷୟ ଜଣାଇଦେଲି··· ବଡ଼ ଛୁଅଙ୍କୁ ଗାଳିଦେଇ ଓ ସାନ ଛୁଅଙ୍କୁ 'ସାବାସ୍, ସାବାସ୍ ! ଖାସା ଗାଉଛି !' କହି ଶିକ୍ଷା ଦେବାକୁ ହୁଏ···ତହିଁରେ ଅଶାତୀତ ଫଳ ମିଳେ···"ହେ: ଏଉଟା ଅଗାଉଟା ଏ! ଏଉଟା ଜଣ ଶିଖିବ !' କିମ୍ବା ଏହିପ୍ରକାର ବିରକ୍ତିର କ୍ଷୁଦ୍ର ଇଙ୍ଗିତ ମଧ୍ୟ ଯେପରି ସାନ ପିଲାଙ୍କ କାନରେ ନ ବାଜେ । ହସ ମୁହଁ ଛଡ଼ା...କୁଞ୍ଚିତ୍ରା ଗୁରୁଗମ୍ଭୀର ମୁହଁରେ ଶିକ୍ଷା ଦେବେ ନାହିଁ···ଜାଣୁଛନ୍ତି ବେସ୍ୱର ହେଉଛି, ବେତାଳ ହେଉଛି, ତଥାପି 'ସାବାସ, ସାବାସ !' କହିବାକୁ ହେବ··· ପରେ ଗୀତ ଗାଇ ସାରିଲେ "ଅଚ୍ଛା ଇମିତ କାହିଁକି କଲ" କହି କୋମଳରେ ବୁଝାଇ ଭ୍ରମ ସଂଶୋଧନ କରାଇ ନେଉଥିବେ··· ଯେଉଁ ପରଦାଟି ବେସ୍ୱର ହେଉଥିବ ତାହାର ପୂର୍ବସ୍ୱର, ସେ ସ୍ୱର, ଓ ପରବର୍ତ୍ତୀ ସ୍ୱରର ବାରମ୍ବାର ସାଧନା କରାଇ ପୁଣି ମୂଳରୁ ଗାଇବାର ଚେଷ୍ଟା କରିବେ···ସାନ ବେଳରୁ ବା ପ୍ରାରମ୍ଭରୁ ୧. ୨. ୩. ୪କଲା ବାନ୍ଧି ଗାଇବାର ଶିକ୍ଷାଦେବେ··ପ୍ରଥମେ ପିଲାଙ୍କ ସାଙ୍ଗରେ ଗୋଟାଏ ଧାଡ଼ିକୁ ଅନ୍ତତଃ କୋଡ଼ିଏ ଥର ଏକାଠି ଗାଇବେ···ତତ୍‌ପରେ ପୃଥକ ପୃଥକ ଗାୟକଙ୍କୁ ଗୋଟିଏ ଗାଇବାକୁ କହି ଶୁଦ୍ଧ କରାଇ...ପୁଣି ଯୋଡ଼ିଏ ଗାଇବାକୁ କହିବେ···ଯେତେବେଳେ ଦେଖିବେ ଏକାକୀ ଓ ଯୋଡ଼ିଏ ଗୀତରେ ବେସ୍ୱର ବେତାଳ ନାହିଁ...ସେତେବେଳେ ସଭିଙ୍କୁ ଏକାଠି ଗାଇବାକୁ କହିବେ...ଗୋଟାଏ ଧାଡ଼ିର କାର୍ଯ୍ୟ ଶେଷ ନ କରି ଅନ୍ୟ ଧାଡ଼ିକୁ ଯିବେ ନାହିଁ···

କ୍ରମଶଃ

Digitized by srujanika@gmail.com

# ବହିପତ୍ର



## ଉତ୍କଳ ସାହିତ୍ୟ, ୧୩୪୪-କାର୍ତ୍ତିକ

ଦେବର ବନ୍ଦନା—ଟିଛି ଗଣ୍ଡତଯପୁଂକର । ଗଦ୍ୟ-କବିତା ହେଲେ ମଧ କଦ୍ୟ-ଟବିତା ନୁହେଁ । ଭାବ ଉନ୍ନତ ଓ ମୌଳିକ ।

ବୃଦ୍ଧ ସାହିତ୍ୟିକ ଶଶିଭୂଷଣଙ୍କ 'ବିକ୍ଷିପ୍ତ-ଚିନ୍ତା' କୁଇନାଇନ ପରି ତିକ୍ତ ହେଲେ ଜଣ ହେବ, ଔଷଧର କାମ କରିବାର ଶକ୍ତି ଅଛି ।

ବଂଶୀଧର ସାମନ୍ତ ରାୟଙ୍କ ପ୍ରେମ-କବିତା—ପ୍ରେମର ଇତିହାସ ଟାଇଛି । 'ଓଢ଼ଣା ତଳେ ଯୁଗଳ ଦୁଇଟି ନୟନ'ର କବିମତ କମ୍ ନୁହେଁ ।

ଶ୍ରମିକ ଅଇନ—ଦୀନବନ୍ଧୁ ମହାପାତ୍ରଙ୍କର । negative ଅର୍ଥ ଅଇନର ଉପଯୋଗିତା ଅରମ୍ଭ । କେବଳ ଲୋକଙ୍କର ମଟର ଓ ଗାଡ଼ିର ଉପରେ ଅଇନ ପ୍ରଯୁକ୍ତ କଲେ, ଶ୍ରମିକ driver ଓ ମଜଦୁରଙ୍କୁ ବାଧିବ ନାହିଁକି ।

ସୁପ୍ରଭା ଦେବୀଙ୍କର ଗଳ୍ପ—'ଅନ୍ତର ବାହାର' କ୍ଷୁଦ୍ରକଥା—ସାହିତ୍ୟରେ ଲେଖିକାଙ୍କର ଦଖଲ ଅଛି; ମାତ୍ର ବିଷୟ-ବସ୍ତୁରେ ଟିକିଏ ସ୍ୱଦେଶୀ-କତାର ବା ଜାତୀୟତାର ଛାପ ପଡ଼ିଥିଲେ, ସୁନାରେ ସୋହାଗାର ମିଶ୍ରଣ ହୋଇଥାନ୍ତା ।

ପ୍ରଭାତ—ଶିଳ୍ପୀ ନବକିଶୋରଙ୍କର କଥା କବିତା । ଯାହାହେଉ, ଅଯଥା ମଥା-ବ୍ୟଥାରେ ଗୁରୁ-କଲା ସାରୁ-ମଲା ହୋଇ ନଥିବାର ଦେଖି ସୁଖୀ ହେଲୁଁ । ବିଷୟ-ବସ୍ତୁଟି ସୁନ୍ଦର ଓ ଉନ୍ନତ ଧରଣର ।

ରାଜା ରାମମୋହନଙ୍କର ଚରିତ—ସ୍ମୃତି-ସଭାରେ ପଠିତ । ଆଲୋଚନା ଟିକିଏ ବିସ୍ତୃତ ହୋଇଥିଲେ, ଭଲ ହୋଇଥାନ୍ତା ।

ମଶାଟଳା—ଗଳ୍ପଟି ସମାଜରେ ନାରୀର ସ୍ଥାନ ସମ୍ବନ୍ଧୀୟ ସମାଲୋଚନା । ଟିକିଏ ଏକ ଦେଶ ଦର୍ଶୀ ହୋଇଯାଉ ନାହିଁ ତ ?

ଜାଗ ଜନନୀ—ସ୍ୱର—ସଙ୍ଗୀତ ରଚୟିତା ବାଞ୍ଛାନିଧି ଚରଣ । ପୁରୁଣା ଗୀତ ହେଲେ ମଧ ନୂତନ ଭାବ-ଧାରା ରୂପ ପାଇଥିଲେ, ଅଧିକ ଭଲ ହୋଇଥାନ୍ତା ।

'ଅନ୍ନ-ବିପ୍ଳବ'ର ଭୟଙ୍କରତା ଦର୍ଶାଇବାରେ କୃତୀ ହୋଇଛନ୍ତି ଗଙ୍ଗାଧର ମିଶ୍ର । ବେଶ୍ କଥା; କିନ୍ତୁ ସମାଧାନର ଇଙ୍ଗିତ ଯଥେଷ୍ଟ ନୁହେଁ—ଅଗ୍ରପଶ୍ଚାତ ବିଚାରକରି ସମସ୍ୟାର ଲାଭ କ୍ଷତି ବୁଝାଇବା ଉଚିତ ।

ଶୈଳ କୋଳେ—କବିତା; ଇଂରେଜି କବିଙ୍କର ଲେଖା ଛାୟା ଗୃହୀତ—ନାୟିକାଟି ଓଡ଼ିଆ ।

ସାନ୍ତାଳିନୀ—ବୈଦ୍ୟନାଥ ସାହୁଙ୍କର ଗଳ୍ପ । ବିଷୟଟିର ସାର୍ଥକତା ବୁଝିହେଲା ନାହିଁ—ଉଦ୍ଦେଶ୍ୟ ମଧ ବ୍ୟର୍ଥତାରେ ଭରିଲା ପରି ଦେଖାଯାଏ ।

ଠାଟ—ସଙ୍ଗୀତରେ ଶିଳ୍ପ-କଳାର କୌଶଳ (Technique) ବିମଳ ଚରଣ ଗୈତ୍ରୀଧୁରୀଙ୍କର ବେଶ୍ ଜ୍ଞାତ ! ତେବେ ସଙ୍ଗୀତ ନିରାଭରଣା ହେଲେ ଯାହାହୁଏ, ସେଇ ଦଶା—!

## ପ୍ରଗତି, ୮ମ ସଂଖ୍ୟା ।

ଇତିମଧ୍ୟରେ 'ପ୍ରଗତି'ଙ୍କର ସ୍ୱର୍ଗଗତ ହୋଇଚି; ନା—ନା—ଅସ୍ତଗତ ହୋଇଚି । ନୂଆ ସମ୍ପାଦକେ ତାଙ୍କର 'କୈଫିୟତ'ର ଅନ୍ତତଃ ତାହାହିଁ ନାଗରୀ ବାହେଇଚନ୍ତି । ହାସ୍ୟ କ୍ୟାପିଟେଲ 'ଟଙ୍କା'ର ସୌଜନ୍ୟରୁ 'ରାଣୀବାଲ' ("ଲ"ଟା କ ଭାଷା ବୁଝିଲୁ ନାହିଁ !)ଙ୍କ ଟିପ୍ପଣୀ ଦେବାର ଯେ ଦୁରଭ୍ୟାସ, ସେଟା ତ ଗଲା ନାହିଁ—ହିଁ, ପୁଣି ପ୍ରଚ୍ଛଦପଟର 'ଯମୁନା ଓ ପାହାଡ଼' [ପ୍ରେମର ଶାଳନୀ ଓ ବିରହାଗ୍ନି]ର ଚିତ୍ର । ତାହିଁବଳ ଚମତ୍କାର । ଚିଙ୍କ ସ୍ୱର୍ଗକୁ ଗଲେ ବି ଧାନକୁଟେ !

ପ୍ରଥମେ କଂଗ୍ରେସୀ-ମନ୍ତ୍ରୀଙ୍କୁ ବଡ଼େ ଗାଳ । ବିଚରାଙ୍କ କପାଳ ଫାଟିଲା ନା କଣ ?

ମାର୍କଏଣ୍ଟୋଣୀଙ୍କ 'ସୋହ୍ୱେଟଭୂଷ୍' ଶିରୋନାମାଟି ଦେପରିଓଡ଼ିଆ ଜନସାଧାରଣଙ୍କୁ ବୋଧଗମ୍ୟ ନୁହେଁ । ତା'ଠୁଁ ବଳି ତାର ଅନ୍ତର୍ନିହିତ ବିଷୟ । ତେବେ କାହାପାଇଁ ଏ ଲେଖା ? ନବ୍ୟ-ସଭ୍ୟ [?] ଇଂରେଜ ପଢ଼ୁଆଙ୍କ ଲାଗି ? ତେବେ ଇଂରାଜିରେ ଲେଖିଥିଲେ ଅବା ବୋଧଗମ୍ୟ ହୋଇଥାନ୍ତା ତା ମଧ ନୁହେଁ—ତେବେ ଦରଖଣ୍ଡିଙ୍କ ଲାଗି ହେବପରି !

ଶିଶିର କୁମାରଙ୍କ 'ବିଦ୍ରୋହୀ'ର ଯବନିକା ପଡ଼ିଚି । ନାଟକର ନା ଅଛି plot, ନା ଅଛି thought ମଝିରେ ଖୋଟାଏ ମସ୍ତବଡ଼ But ! ବିଦ୍ରୋହୀଙ୍କ ଦୌଡ଼ କଥାରେ ମାତ୍ର ତ୍ୟଜ୍ୟପୁତ୍ର ହେବା ପର୍ଯ୍ୟନ୍ତ—ଅର୍ଥାତ୍, ଏଣ୍ଡ୍ରାକା ଦୌଡ଼ ସିଜୁବୁଦା ମୂଳକୁ !

କଳା ମଲା—ହରି ରାଉତଙ୍କ ଗଣସାହିତ୍ୟ । ଶବ୍ଦା ନାମ ବସ୍ତା ବସ୍ତା ! ଗୃହ ବିବାଦ ନ ଘଟିଲେ ରକ୍ଷା ! ତେବେ ଉପଦେଶ ସୂଚକ 'ଡ୍ରାଇଭର୍ ···ଅଳ୍ପ ତୁ ବେଗରେ ଚଳ'—(ଓହୋ ! ସାହିତ୍ୟ ଅଗ୍ର-ପଥ ଦେଖାଇ ଚାଲିଚି ପରି !)—କଥାଟା ମନ୍ଦ ନୁହେଁ ।

ସରସ୍ୱତୀ ପାଣିଗ୍ରାହୀଙ୍କ ସଙ୍କେତ ମୂଳକ ଗଳ୍ପ—ସ୍ୱପ୍ନ ନା ସତ୍ୟ ! ପ୍ରକାଶ-ଭଙ୍ଗୀ ସୁନ୍ଦର ମାତ୍ର ଏକପତ୍ନୀ ପ୍ରତି ଏକାନ୍ତ-ଅନୁରକ୍ତ ରାମଚରଣ ସୁଦାର ପରିତ୍ରାଣ କଲେ କାହିଁକି ?

'ଆମେ ମୂଲିଆର ଜାତି ଜାଗିବୁ'—ଅନନ୍ତ ପଟ୍ଟନାୟକଙ୍କର ଅନୁଭୂତି-ମୂଳକ କବିତା । ଭାଷା ଗ୍ରାମ୍ୟ, ସୁତରାଂ ସହଜ ଓ ସରଳ । ତେବେ 'ମାରିବୁ' କଥାଟାର ତାତ୍ପର୍ଯ୍ୟ ବୁଝି ପାରିଲୁ ନାହିଁ ।

'ରକ୍ତରେଖା'—ଗଳ୍ପ—ଲେଖକ ରାଜକିଶୋର ରାୟ । ଏପରି ବିଭିନ୍ନ ଚରିତ୍ରଙ୍କ ଶ୍ରେଣୀ-ସଂଘର୍ଷ ଲଗାଇବାର ଉଦ୍ୟମ ହିତକର କି ନା, ତାହା ରାଜନୀତିଜ୍ଞ କହିବେ

ସାମନ୍ତବାଦୀ ସମାଜର ଇତିହାସ ଲେଖିଚନ୍ତି-ବିଶ୍ୱନାଥ ପଟ୍ଟନାୟକ । ବେଶ୍, କୌଣସି ଟୀକା-ଟିପ୍ପଣୀ ନଦେଇ ନଜର ଦେଖାଇ କେବଳ ଘଟଣା ଗୁଡ଼ିକ ଧାରାବାହିକ ଭାବରେ ପ୍ରକାଶ ପାଇଲେ, ବେଶ୍ ହେବ ।

Digitized by srujanika@gmail.com

# ୩ୟ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା ।

ଟ ୧୦ ଙ୍କା ପୁରସ୍କାର! 'ଡଗର' ପାଠକମାନେ ପାଇପାରିବେ । ଟ ୧୦ ଙ୍କା ପୁରସ୍କାର!!

**ଦିଧା ଭାବରେ**

୧ । କର୍ଣ୍ଣଙ୍କ ଯୋଦ୍ଧା ।
୩ । ନରପଣ୍ଡ
୫ । ଏହା ଥିଲେ ଲୋକ ସହଜରେ ପାର ହୁଏ
୮ । ଯମ ପାଖରେ ଏହା ଦେଖାଯାଏ କି ଲଦ?
୧୦ । ଏଠାରେ ବୃକ୍ଷ ହେଲେ ପକ୍ଷୀର ପ୍ରାଣଯାଏ
୧୧ । ଏହା ହେଲେ ଗାଁ ମେଣ୍ଟା ଭଲ ବନ କଳାଣ୍ଡବ ହୋଇଯାଏ ।
୧୨ । କାଦନ ।
୧୩ । ସ୍ବର୍ଗ ।
୧୫ । ଖାଦ୍ୟ ଉପଯୋଗୀ ବନ୍ଧୁକ ଫଳ ବିଶେଷ
୧୬ । ଦେବତାଙ୍କର ଅଙ୍ଗ ବିଶେଷ ।
୧୯ । ଏଥିରେ ନିଆଁ ଲାଗିଲେ ଜଳନ୍ତା ।
୨୦ । ଅଙ୍କ ନ ନେଇ ··· ଦେବାକୁ ଅନ୍ଧୁଣ୍ଠ ଦେଲେ ଅଧିକାଂଶ ସ୍ଥାନରେ ପଇସା ବୁଡ଼େ ।




ନାମ ——————————

ଠିକଣା ——————————

**ଉପର ତଳ ଭାବରେ**

୨ । ଯିଏ ପ୍ରକୃତରେ ପ୍ରଜା ପାଳନ କରେ ।
୩ । ଶକ୍ତୁନ୍ତଳା ନାଟ୍ୟକରେ 'ଏହା କିଆଁ' କଲେ ସଂସାର ଅନନ୍ତ ସୀମା ରହେ ନାହିଁ ।
୪ । ନବା ଘର ହେବାକୁ ଯାହା ଲୋଡ଼ା
୬ । ବ୍ୟବସାୟ ପ୍ରତିଯୋଗୀତାରେ ଏହା ସହିବାକୁ ପଡ଼େ ।
୭ । ଏମାନେ ମନୁଷ୍ୟ ନୁହନ୍ତି ।
୯ । 'କେବଳ'ରୁ ବାମଦିଗରୁ ପଢ଼ିଲେଯାହାହେବ
୧୦ । ଏହା ହେବା ଅଗରୁ ପଇର ପଡ଼େ ।
୧୩ । ଅବମାନା ଯେଉଁ ପଥ ଦେଇ ବାହାରେ
୧୪ । ଏହାର କୋପଦୃଷ୍ଟି ପଡ଼ିଲେ ସବୁଯାଏ ।
୧୬ । ଦୁଇ ବସ୍ତୁ ଅଙ୍ଗର ସଂଲଗ୍ନ ସ୍ଥାନ
୧୭ । ଠକାଲୋକର ଏହା ହେଲେ ଜଳକାଳ ଦିଶେ
୧୮ । ବେଣୀ ଘୁରାଏ ଏହା କଲେ ଶୁଣିବାକୁ ବଡ଼ ବୋଧହୁଏ ।

## ୩ୟ ଶବ୍ଦଧନ୍ଦା ପୁରସ୍କାର

### ପ୍ରତିଯୋଗୀମାନେ ଦଶଟଙ୍କା ମାରି ନେଇଗଲେ ।

ମୋଟ ଠିକ୍ ଉତ୍ତର ନ ମିଳିବାରୁ ସବୁଠାରୁ କମ୍ ୮ଟି ଭୁଲ କରିଥିବା ପ୍ରତିଯୋଗୀ ଦୁଇଜଣ ପ୍ରଥମ ପୁରସ୍କାର ପାଇଲେ । ଜଣେ ପ୍ରତିଯୋଗୀ ୨ଟି ଉତ୍ତରରେ ନଥାଇମେ ୮ଟି ଏବଂ ୯ଟି ଭୁଲ୍ କରିଥିବାରୁ କେବଳ ଉତ୍କୃଷ୍ଟ ପ୍ରଥମ ପୁରସ୍କାରଟି ପାଇଲେ । ୧୦ଟି ଭୁଲ୍ କରିଥିବା ପ୍ରତିଯୋଗୀ ୩ୟ ପୁରସ୍କାର ୫୨୯ ପାଇଲେ ଓ ୧୧ଟି ଭୁଲ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ୨ୟ ପୁରସ୍କାରର ୫୩୯ କୁ ସାନ୍ତ୍ୱନା ପୁରସ୍କାର ସ୍ୱରୂପ ସମାନ ଭାବରେ ବାଣ୍ଟି ଦିଆଗଲା ।

୮ଟି ଭୁଲ—ପ୍ରଥମ ପୁରସ୍କାର—୫୫୯ (ପ୍ରତ୍ୟେକ—୫୨॥ କରି)

ଶ୍ରୀ ଜଗଦାନନ୍ଦ ମହାନ୍ତି C/o Jenamani mohanty. Time keeper. I. S. & W. P. Ltd. Tatanagar.—

ଶ୍ରୀମତୀ ମହାବିଦ୍ୟା ଦେଈ—ମିଶନ ବାଳିକା ସ୍କୁଲ—ବାଲେଶ୍ୱର

୯ଟି ଭୁଲ—ଦ୍ୱିତୀୟ ପୁରସ୍କାର—ଶ୍ରୀମତୀ ମହାବିଦ୍ୟା ଦେଈ— ··· ଉତ୍କୃଷ୍ଟ ଅର୍ଥାତ ପ୍ରଥମ ପୁରସ୍କାର ପାଇଛନ୍ତି ।

୧୦ଟି ଭୁଲ—ତୃତୀୟ ପୁରସ୍କାର—୫୨୯ ··· ··· ଶ୍ରୀ ଅଦ୍ୱୈତ ପ୍ରସାଦ ଦାସ । ଅଫିଲ ଚେଷ୍ଟାର ଗାଲଗିର ଷ୍ଟେଟ ।

୧୧ଟି ଭୁଲ—ସାନ୍ତ୍ୱନା ପୁରସ୍କାର ୫୩୯ (ପ୍ରତ୍ୟେକ ୫୦।୯ କରି)

୧ । ମିଃ ଏମ୍. ସି. ଦାସ, Y. M. Office. ଜଗତ୍ପୁର ।
୨ । ଶ୍ରୀ ଶ୍ୟାମସୁନ୍ଦର ମହାପାତ୍ର, ବଙ୍ଗଳାମେଣ୍ଟ କାଠଗଡ଼ା ସାହି କଟକ ।
୩ । ଶ୍ରୀ ସୀତାରାମ ମହାପାତ୍ର, ହିନ୍ଦୁସ୍ତାନୀ ଉ: ପ୍ରା: ସ୍କୁଲ ପୋ: ବଡ଼ସାହି— ମୟୂରଭଞ୍ଜ ।
୪ । ଏନ୍. ସି. ପାତ୍ର. ଡିଣ୍ଡିରେଡ଼, ପୋ: ଚାନ୍ଦନଗର ।
୫ । ଲିଙ୍ଗରାଜ ମହାପାତ୍ର—ସାହାଶୀ ଗୋପାଳପୁର ପୋ: ସୁବର୍ଣ୍ଣ ପୁର— ବାଙ୍କି, କଟକ ।
୬ । ଶ୍ରୀମତୀ ହରପ୍ରିୟା ଦେବୀ C/o K. B. Das. Kupari. Po. Khaira.
୭ । ଶ୍ରୀ ଦେବେନ୍ଦ୍ର ମୋହନ ପଣ୍ଡା—ଦାମୋଦର ତୋଲ ଭଦ୍ରକ ।
୮ । ଶ୍ରୀ ଦେବେନ୍ଦ୍ର ମହାପାତ୍ର । ୭ମ ଶ୍ରେଣୀ ଭଦ୍ରକ ହାଇସ୍କୁଲ ।

Digitized by srujanika@gmail.com

କ୍ରମାଗତ ୩ଟି ଶବ୍ଦଧନ୍ଦାରେ ପୁରସ୍କାର ପ୍ରାପ୍ତ ପ୍ରତିଯୋଗୀଙ୍କର ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ସମ୍ପାଦକ ମହୋଦୟ ସମୀପେଷୁ—

ମହାଶୟ !

ଆପଣଙ୍କର ଶବ୍ଦ-ଧନ୍ଦାର ପ୍ରତିଯୋଗିତାରେ ୧ମ ଧନ୍ଦାରେ ୧ମ ପୁରସ୍କାର ଓ ୨ୟ ଧନ୍ଦାରେ ୨ୟ ପୁରସ୍କାର ପାଇ ସୁଦ୍ଧା ମୁଁ ତୃପ୍ତି ଲାଭ କରିପାରି ନାହିଁ । ଯେଉଁଦିନ



ଶ୍ରୀମତୀ ମହାବିଦ୍ୟା ଦେବୀ ।

ସମ୍ପୂର୍ଣ୍ଣ ନିର୍ଭୁଲ ରୂପେ ଆପଣଙ୍କର ଧନ୍ଦା ଭେଦ କରିପାରିବି—ସେହିଦିନ ବ୍ୟୂହ-ଭେଦ ପରି ପ୍ରକୃତ ରଣ ଜୟର ଆନନ୍ଦ ଉପଭୋଗ କରିବି । ଏହାହିଁ ମୋର ଅନ୍ତରର ବାସନା । ନିବେଦନ ଇତି ।

ଶ୍ରୀମତୀ ମହାବିଦ୍ୟା ଦେବୀ
ମିଶନ ବାଳିକା ଉଚ୍ଚ ଇଂରାଜୀ ବିଦ୍ୟାଳୟ ।
ଭୁବନେଶ୍ୱର ।

୨ ନମ୍ବର ଶବ୍ଦଧନ୍ଦା ସମ୍ବନ୍ଧରେ ପଦେ ଅଧେ ।

୧୬ ସିଧା—ଶୋଥ ରୋଗ ହେଲେ କେବଳ ମୁହଁ ଫୁଲେ ନାହିଁ, ଦେହ ହାତ ସବୁ ଫୁଲିଯାଏ ମାତ୍ର ଶୋକ ସନ୍ତପ୍ତ ଲୋକର ଅନ୍ୟ କୌଣସି ଅଂଶ ଫୁଲିଲା ପରି ଜଣାଯାଏ କି ?

୧୭ ସିଧା—ହାତ ନ ଥାଇଲେ ଲୋକ ଚାଲି ନପାରିବାର ସେପରି କୌଣସି କାରଣ ନାହିଁ । ମାତ୍ର ଗୋଡ଼ ଯଦି ନ ଥାଏ ତେବେ ପ୍ରକୃତରେ ଚାଲିବାକୁ କଷ୍ଟ ହେବା କଥା ।

୧୮ ଉପର ତଳ—ମୁଁ ଅନେକ ପ୍ରକାର ଉତ୍ତର ପାଇଛି ଯଥା—ମିରିଗ, ମେରିଅ, ପାରିଧି ପ୍ରଭୃତି । ମେରିଅ ଗୋଟାଏ ଅର୍ଥରେ ବଳି ଯୋଗ୍ୟ ନର । ବଳିଯୋଗ୍ୟ ନରକୁ କୋଣସି ଦେବୀ ନିକଟରେ ଛାଡ଼ିଦିଆ ଯାଇଥିବା ବେଳେ ଠାକୁରାଣୀ ବାଘ ତାକୁ ଶିକାର କରିପାରେ ମାତ୍ର ଏହା କ୍ୱଚିତ ପରିଦୃଷ୍ଟ ହୁଏ । ମେରିଅ ଅନ୍ୟ ଅର୍ଥରେ ଗୋଟିଏ କ୍ଷୁଦ୍ର ବନ୍ୟ ଜନ୍ତୁ ସତ୍ୟ ମାତ୍ର ତାହା ମୃଗପରି ସେପରି ଆକାଂକ୍ଷିତ ଶିକାର ନୁହେଁ । ପାରିଧି ଗୋଟିଏ ସୁଚିନ୍ତିତ ଶବ୍ଦ । ମାତ୍ର ପାରିଧିରେ କେବଳ ବ୍ୟାଘ୍ର—(ର) ଶିକାର କରାଯାଏ ନାହିଁ ବରଂ ବେଶୀଭାଗ ରାଜପୁତ୍ରମାନେ ବନ୍ୟ ବରାହ ଓ ମୃଗ ଶିକାର କରିବା ଉଦ୍ଦେଶ୍ୟରେ ପାରିଧିରେ ବାହାର କରନ୍ତି ବର୍ତ୍ତମାନ ହରିଣ ଓ ମିରିଗ ଏହି ଦୁଇଟି ଶବ୍ଦ ଭିତରେ ବାଛିବା ପାଇଁ ଚିନ୍ତା ଲାଗିବାର କଥା । କାରଣ ମିରିଗ ଅର୍ଥ ଯାହା ହରିଣ ଅର୍ଥ ମଧ୍ୟ ତାହା । ମାତ୍ର ବ୍ୟାଘ୍ର ଶବ୍ଦ ନିକଟରେ ନିତାନ୍ତ ଗାଉଁଲି କଥା ହରିଣ ଶବ୍ଦ ପ୍ରୟୋଗ ଶୋଭନୀୟ ନୁହେଁ । ଯେଉଁମାନେ ମିରିଗ ଶବ୍ଦ ବ୍ୟବହାର କରନ୍ତି ସେମାନେ ବ୍ୟାଘ୍ର ଶବ୍ଦ ନ କହି ବାଘ ଶବ୍ଦ ବ୍ୟବହାର କରିଥାନ୍ତି । ତେଣୁ ବ୍ୟାଘ୍ରର ଶିକାର ମିରିଗ ନ କହି ହରିଣ କହିଲେ ଅଧିକ ଯୁକ୍ତି ସଙ୍ଗତ ହେବ ।


ବଡ଼ଦିନ ଉପଭୋଗ

## ପାରାଡାଇସ୍ ହୋଟେଲ

ଏକମାତ୍ର ବିଶିଷ୍ଟ ଓ ବିଶୁଦ୍ଧ ଓଡ଼ିଆ ହିନ୍ଦୁ ହୋଟେଲ

ଚାନ୍ଦିନୀଚୌକ ଗଞ୍ଜ [ କଟକ ]

ଏଠାରେ ସାଧାରଣ ଆଗନ୍ତୁକମାନଙ୍କଠାରୁ ଆରମ୍ଭ କରି ଅତି ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି । ଏପରି କି ଏ ସହରରେ ଏପରି ଉଚ୍ଚ ଦରର ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ପଙ୍ଖା, ପାଇପ ପାଣି ଓ କାଠ ଚେୟାର, ଟେବୁଲ, ଚାଉଳ ଇତ୍ୟାଦି ବରାଦ ଅନୁଯାଇ ଯୋଗାଇବାକୁ ହୁଏ । ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ କରାଯାଏ । କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ କାନନ୍‌ଗୋ

FOR ALL SORTS OF

# MEDICINES

PLEASE COME TO

**CROWN MEDICAL HALL,**
**RANIHAT CUTTAK.**


Printed & published at the Gopinath Press, Bhadrak by Editor N. Mahapatra & issued from the Dagaro office, Bhadrak—1937.

Digitized by srujanika@gmail.com



# ନାଗବଗା ଦଳ

ସ୍ନେହର ପିଲେ,

ପ୍ରାୟ ଅଶୀବର୍ଷ ତଳେ ଗୋଟିଏ ପିଲା ଜନ୍ମ ହୋଇ ଥିଲା ବଙ୍ଗଦେଶର ଢାକା ଜିଲ୍ଲାରେ । ସେ ବଢ଼ି ତମର ପରି ହେଲା, ପାଠ ପଢ଼ିଲା, ପିଲାଟି ଯେପରି ବୁଦ୍ଧିମାନ, ସେଇପରି ଧୀର । ବଡ଼କାଳକୁ ସେ ବିଜ୍ଞାନ ଶାସ୍ତ୍ରରେ ଜଣେ ବଡ଼ ପଣ୍ଡିତବୋଲି ଜଗତରେ ଖ୍ୟାତି ଲଭିଲେ । ତାଙ୍କ ନାମ ଜଗଦୀଶ ଚନ୍ଦ୍ର ବୋଷ । ସରକାର ତାଙ୍କର ପାଣ୍ଡିତ୍ୟ ଓ ନୂଆ ନୂଆ ବିଜ୍ଞାନ ତଥ୍ୟ ଆବିଷ୍କାର ଦେଖି ବଡ଼ ଉପାଧି ଦେଲେ—ଦେଶ ବିଦେଶର ବଡ଼ ପଣ୍ଡିତମାନେ ତାଙ୍କୁ ବହୁତ ସମ୍ମାନ ଦେଖାଇଲେ । ଶେଷବେଳକୁ ସେ ଗୃହରଗାଡ଼ ନିଜେ ଗୋଟିଏ ବିଜ୍ଞାନ ମନ୍ଦିର ତିଆରି କରି ସେଇଠି ନୂଆ ନୂଆ ସତ୍ୟ ବାହାର କରିବାରେ ଲାଗିଲେ । ତାଙ୍କର ଚରିତ୍ର ତପସ୍ୟା ଦେଖି ସମସ୍ତେ ତାଙ୍କୁ ଋଷି ବୋଲି କହୁଥିଲେ । ସେହି ପ୍ରଥମେ ବେତାର ବାର୍ତ୍ତା ତଥ୍ୟ ଆବିଷ୍କାର କରି ଥିଲେ ଓ ପ୍ରମାଣ କରି ଦେଖାଇ ଦେଲେ ଯେ ଗଛ, ପତ୍ର, ମାଟି, ଗୋଡ଼, ଧାତୁ ପଥର ସବୁରି ଜୀବନ ଅଛି । ଏତେ ବଡ଼ ପଣ୍ଡିତ ହୋଇସୁଦ୍ଧା ସେ ପିଲାଟି ପରି ସରଳ ଥିଲେ ।

ସେ ଏବେ ଦେହ ଛାଡ଼ି ଯାଇଛନ୍ତି । ତାଙ୍କ ପାଇଁ ପୃଥିବୀ ଯାକ ଲୋକେ ଶୋକ ପ୍ରକାଶ କରୁଛନ୍ତି । ସେ ତାଙ୍କର ଜୀବନ ଯାକର ଉପାର୍ଜନ ସତର ଲକ୍ଷ ଟଙ୍କା ନାନା ଲୋକହିତ-କର କାମରେ ଦାନ କରି ଯାଇଛନ୍ତି । ଏ ଭଳି ଆଦର୍ଶ ମହାତ୍ମାପୁରୁଷ କୋଟିକରେ ଗୋଟିଏ ମିଳନ୍ତି ସିନା । ହେ ପିଲେ, ତୁମ ଭିତରୁ କିଏ ତାଙ୍କର ସ୍ଥାନ ପୂରଣ କରି ଦେଶର ଜାତିର ମୁଖ ଉଜ୍ଜଳ କରିବ ନାହିଁକି ? କିଏ ଜାଣେ !

ତୁମ୍ଭ ଅଜା

ନାତି ନାତୁଣୀଏ,

ଭଲ ଭୂତଗପ ପାଇଁ ଗୋଟିଏ ପଦକ ପୁରସ୍କାର ଘୋଷଣା କରାଯାଇ ଥିଲା । ତାହା ତମେ ସବୁ ଜାଣିଥିବ । ଅନେକ ନାତି ନାତୁଣୀ ଗପ ପଠାଇ ଥିଲେ । ତା ଭିତରୁ ଗୋଟିଏ ନାତୁଣୀ ସମସ୍ତଙ୍କଠୁଁ ଭଲ ଭୂତଗପ ଲେଖିଥିବାରୁ ତାଙ୍କୁ ଗୋଟିଏ ରୁପା ପଦକ ମିଳିବ । ଆଉ ଯୋଡ଼ିଏ ନାତିଙ୍କୁ ସାନ୍ତ୍ୱନା ପୁରସ୍କାର ଦିଆ ଯାଇଛି । ପଦକ ପୁରସ୍କାର ଯିଏ ପାଇଛି ତା' ଗପଟି ତଳେ ଦିଆଗଲା । ଅନ୍ୟ ଦୁଇଟି ଅନ୍ୟାନ୍ୟ ସଂଖ୍ୟାରେ ବାହାରିବ ।

## ଭୂତଗପ

ଦିନେ ରାତିରେ ଭାରି ଅନ୍ଧାର ହୋଇଥିଲା । ମେଘ ଟିପିଟିପି ପଡ଼ୁଥିଲା । ବିଜୁଳି ବେଳେ ବେଳେ ଚକ୍‌ଚକ୍ କରି ମାରୁଥିଲା । ବାପା ଥିଲେ ନାହିଁ ସେତେବେଳେ । ସେ ଯାଇଥିଲେ ଅନେକ ଦୂରକୁ— ମଉସାଙ୍କ ଘରକୁ । ଘରେ ମା ଓ ମୁଁ ଦୁଇଜଣ ଥିଲୁଁ । ରାତି ୯ଟା ବେଳକୁ ଖଣ୍ଡିଏ ଫୁଟାଇ ଖାଇଦେଲୁଁ । ମୋତେ ସେତେବେଳେ ୭ ବର୍ଷ ହୋଇଥିଲା । ବାପା ମୋତେ ଏତେ ଟେଛା କହୁଥିଲେ ଯେ ଦଣ୍ଡେ ଛାଡ଼ି କୁଆଡ଼େ ଯାଉ ନଥିଲେ । ସେଦିନ ମୁଁ ବାପାଙ୍କ ଅଭାବରେ ମାଙ୍କ ପେଟତଳେ ମୁହଁ ଗୁଞ୍ଜି ଶୋଇ ପଡ଼ିଲି । ଆମେ ଶୋଇବାର ଚଉଦଣ୍ଡା ପରେ ବାଡ଼ି କବାଟ ପାଖରେ କଣ ଗୋଟାଏ ଖସ୍ ଖସ୍ ହେଲା । ମୁଁ ଉଠି ଭୟରେ ମାଙ୍କୁ ଡାକିବାରୁ ସେ ଉଠି ଲଣ୍ଠନ ଜାଳିବାକୁ ବସିଲେ । ଏହି ସମୟରେ ଛାତ ଉପରୁ କଣ ଧୁପ୍‌ଧାପ୍ ହୋଇ ପଡ଼ିବାର ଶୁଣାଗଲା । ଆମେ ଲଣ୍ଠନ ଜାଳିବୁଁ କଣ, ଯାଇ ସିନ୍ଦୁକ ପାଖ ଦର କୋଣରେ ପଶିଲୁଁ । ଜୋରରେ କେହି ନିଶ୍ୱାସ ନେଉ ନ ଥାଉଁ । କାଳେ ଭୂତଗୁଡ଼ା ଆସି ଆମେ ଏଇଠି ଅଛୁଁ ଜାଣି ଧରି ନେଇଯିବେ, ଅଥଚ ଉପରର ବାରଣ୍ଡାପଟର ଝର ଅଟୁଥାଉଁ । ତା ପରେ ଦୁମ୍‌ଦୁମ୍ ପାଦ ଶବ୍ଦ ସହିତ ବୋତଲସ୍ଥିତ ସୁଖ ଦେବୀଙ୍କର ଝଣ୍‌ଝଣ୍ ନୂପୁର ଧ୍ୱନି ଜନକି ଉଠିଲା । ତା ପରେ "କାହିଁ ?" "କେଉଁଠାରେ ?" ଶବ୍ଦରେ ଆମ ଛାତ ଥରି ଗଲା । ଚେଙ୍ ଚେଙ୍ କରି ବାଡ଼ରେ ବାଡ଼ ବାଜିବାର ଶୁଣାଗଲା । ତାର ଏକ ଘଣ୍ଟାପରେ ସବୁ ନୀରବ । ଖୁବ୍ ସାହାସର ସହିତ ମା ଝିଅ ଦୁହେଁ ବାହାରି ଆଲୁଅ ଜାଳି ଦେଖିଲୁଁ ଯେ ପୂଜ୍ୟ ପାଦ ଶ୍ରୀ ଜମିଦାର ମହୋଦୟଙ୍କର ମୁଣ୍ଡ ଦୁଇ ଫାଳ ଓ ତାଙ୍କର ଦମଦୁଃଖିମାନେ ଅଜ୍ଞାନ । ସମସ୍ତଙ୍କ ମୁହଁରୁ ଫେଣ ବାହାରୁଛି । ତାହା ପରଦିନ ଆମ ଘର ଚତୁଃପାର୍ଶ୍ୱ ନାଲି ପଗଡ଼ିଆ ଘେରିଗଲେ । ଭଗବାନଙ୍କ ଦୟାରୁ ଆମର କିଛି କ୍ଷତି ହୋଇନଥିଲା । ଏହି ପରି ଅନେକ ବାର ଭୂତ ଆକ୍ରମଣ କରେ ଆମକୁ ।

ଅଜା, ଆଉ ଏତିକିରେ ବିଦାୟ ନେଲି । ସବା ଶେଷରେ ମୋର ଭକ୍ତି ଭରା ପ୍ରଣାମ ନେବେ । ଇତି ।

ଆପଣଙ୍କର
ସ୍ନେହାଧୀନା ନାତୁଣୀ
ଅନ୍ନପୂର୍ଣ୍ଣା ଦେଇ
ରେଭେନ୍ସାଗାର୍ଲସ ସ୍କୁଲ
କଟକ ।

'ପଦକ' ଶ୍ରୀମତୀ ସରଳା ଦେବୀ ଏମ୍ ଏଲ୍ ଏ ଙ୍କ ଦ୍ୱାରାରେ ଦିଆ ଯାଉଛି । ତାହା ଉକ୍ତ ସ୍କୁଲର ପୁରସ୍କାର ବିତରଣ ସଭାରେ ପ୍ରତିଯୋଗୀଙ୍କୁ ଦିଆଯିବ ।

ସମ୍ପାଦକ

ଅଜା,
ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ବର୍ଷରୁ ବେଶୀ ନୁହେଁ । ମୁଁ ସତ୍ୟ ସେବା ଓ ଅହିଂସା ବ୍ରତ ପାଳନରେ ଯତ୍ନବାନ ହେବି । ନାଗବଗ୍ଗ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ ୦/୧ର ପଇସିଆ ଡାକ ଟିକଟ ପଠାଇଲି ।
ଆପଣଙ୍କର ସ୍ନେହର ନାତି/ନାତୁଣୀ
ଶ୍ରୀ ____________
ଠିକଣା ____________

ନାଗବଗ୍ଗମାନଙ୍କର ନାମ ପର ସଂଖ୍ୟାଠାରୁ କ୍ରମାନ୍ୱୟରେ ବାହାରିବ ।

Digitized by srujanika@gmail.com

# ଅଜାଙ୍କ କୋରିନ୍ଥିଆନ ଖେଳ ଦେଖା ।

## କଟକରୁ ବାରିପଦାଯାତ୍ରା

ପ୍ରଥମ ଅଙ୍କ

**ପ୍ରଥମ ଦୃଶ୍ୟ**
୧ ଟଙ୍କାର



ଏ ଗାଡ଼ି ବାଲା— ଗାଡି ବାଲା !—
ଜଲ୍ଦି—ଜଲ୍ଦି— ଗାଡ଼ିବେଳ ହୋଇ
ଗଲା !

**୨ ୟ ଦୃଶ୍ୟ**
୨ ସଡ଼କ



ଦୁଇଟେରଙ୍କ— ଅଉହବନାହିଁ ।
କୁଅଡ଼େ ସବୁ ମଲେଣି—
ବୁଦ୍ଧିଥିଲେ————

**୩ ୟ ଦୃଶ୍ୟ**
୩ ଷ୍ଟେସନ




ଗାର୍ଡ଼ସାହବ— ଏ ବୁଢ଼ବକ୍ । ଗାଡ଼
ଛୋଡ଼ଦଅ ମତ୍ ଚଢ଼ୋ—
ଅଜା— ଅଟରେ ରହ ମ !

**ଆସନ୍ତା ସଂଖ୍ୟାରେ ୨ ୟ ଅଙ୍କ ବାହାରିବ ।**

---


## ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

### ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ହଇଜା, ତଳକଣ୍ଠାଡ଼ା, ବସନ୍ତ, ପ୍ରମେହ ( ଜ୍ୱାଳାଯନ୍ତ୍ରଣାସହ ଧାତୁପଡ଼ିବା ) ପେଟମରା, ଅଜୀର୍ଣ୍ଣ, କାଶ, ପ୍ଲିହା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅପରସ୍ମାର ଅମବାତ, ଅଣ୍ଟୁଗଣ୍ଠିବାତ, କୋଷବୃଦ୍ଧି ଉନ୍ମାଦ ଅପସାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବନ୍ଧା, ମୁଣ୍ଡବୁଲା, ଦାନ୍ତମୂଳ ଫୁଲା, ଘଣ୍ଟିକାଫୁଲା, ଝଉଁଆ, ଛାଲୁ, କୁଣ୍ଡିଆ, ବିଇଁଷ, ମଚଲା, ଚମଦଳା, ଯାଦୁ, ଛଉ, କଟାଘା, ଛେଚିଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ଅଦ୍ଭୁତ ଜୀବଜନ୍ତୁ ମାନଙ୍କର ଦଂଶନ, କାନଟଣା, କାନପଚା ସ୍ତ୍ରୀ ମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତବର୍ଣ୍ଣର ସ୍ରାବହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି । ଏପରିକି ଏ ଔଷଧଟି ଲଗାଇ ଦେବା ମାତ୍ରେ ଯାବତୀୟ ବନ୍ଧାଯନ୍ତ୍ରଣା ସଙ୍ଗେ ସଙ୍ଗେ ଭଲ ହୁଏ । କେତେକ ରୋଗରେ ଏ ଔଷଧଟି ଖାଇଦେଲାମାତ୍ରେ ୧୫ ମିନିଟ ମଧ୍ୟରେ ଆରୋଗ୍ୟ ହୋଇ ଯାଏ । ଜଗନ୍ନାଥ ତୈଳ ଅନୁପାନ ଭେଦରେ ସମସ୍ତ ପ୍ରକାର ରୋଗକୁ ନାଶ କରୁଅଛି । ମୋଟ ଉପରେ ଜଗନ୍ନାଥ ତୈଳ ୧ ଶିଶି ଗୋଟିଏ ଔଷଧାଳୟର କାର୍ଯ୍ୟ ଦେବ । ଗୋଟିଏ ଶିଶି ପାଖରେ ଥିଲେ ଡାକ୍ତର କବିରାଜଙ୍କୁ ଡାକିବାର ଅବଶ୍ୟକ ହେବ ନାହିଁ । ଅଥଚ ଅତି ଅଳ୍ପ ଖର୍ଚ୍ଚାରେ ସମସ୍ତେ ନିଜର ଚିକିତ୍ସା ନିଜ ହାତେ କରି ପାରିବେ । ପରିବାରବର୍ଗବେଷ୍ଟିତ ଗୃହରେ, ବିଦେଶୀ ବ୍ୟବସାୟୀ, ସ୍କୁଲ କଲେଜର ଛାତ୍ର, ମାଷ୍ଟର, ପଥିକ ମାନଙ୍କ ନିକଟରେ ଜଗନ୍ନାଥ ତୈଳରୁ ଗୋଟିଏ ଲେଖାଏଁ ଶିଶି ରଖିବା ଉଚିତ । ଥରେମାତ୍ର ପରୀକ୍ଷା ସ୍ୱରୂପ ଜଗନ୍ନାଥ ତୈଳ ବ୍ୟବହାର କରି ବୁଝିପାରିଲେ ଏହାର ଗୁଣ ଜୀବନରେ ଭୁଲିପାରିବେ ନାହିଁ ।

ବଡ଼ଶିଶି ଟ୧୯, ସାନ ଶିଶି ଟ୦୫

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

**କବିରାଜ ଶ୍ରୀ ବିଶ୍ୱନାଥଦାସ ଏମ୍ ବି ଏଲ୍ ଏଚ ଏମ୍ ଏସ୍**

ଅଲିଶା ବଜାର, ପୋଃ ଚୁଡ଼ାଙ୍ଗଚୌକି କଟକ ।


Digitized by srujanika@gmail.com

## ସାବଧାନ ! ଠକାମିକି ସାବଧାନ ! ନକଲିକି ସାବଧାନ !

ଆମର ଅସଲ ଅକବର ଗୁଡ଼ାଖୁ ଯାହାକି ଅତି ସୁଯଶରେ ପ୍ରସିଦ୍ଧ ତାହା ଆମର ପିତା ମହୋଦୟ ୬ ଅକବର ଖାଁଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ବର୍ତ୍ତମାନ ଅନେକ ଲୋକ ସେହିପରି ଗୁଡ଼ାଖୁ ତିଆରି କରି ଆମର ନାମରେ ବେଚୁଅଛନ୍ତି । ତାହାଠାରୁ ସାବଧାନ ରହିବେ । ସେହି ସାବଧାନ ନିମିତ୍ତ ଅଦ୍ୟ ଆମର ଗୁଡ଼ାଖୁକୁ ରେଜଷ୍ଟ୍ରି କରିଅଛୁଁ । ତେଣୁ ଆମ୍ଭେ ଆପଣମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଗୁଡ଼ାଖୁ କିଣିବାବେଳେ ଆମର ନାମ ଓ ଟ୍ରେଡ୍‌ମାର୍କ ଦେଖି ଗୁଡ଼ାଖୁ କିଣିବେ । ଯଦି ଆପଣମାନେ ଆମ ଦୋକାନରୁ ଗୁଡ଼ାଖୁ କିଣିବେ ତେବେ ଠକାମିରେ ପଡ଼ି ପାରିବେ ନାହିଁ ।

ପ୍ରୋପ୍ରାଇଟର—ହାଜି ଅଲତାଫ ଖାଁ ଓ କନ୍ଧର ଖାଁ
। ମୁ । ବାଲୁବଜାର, ପୋ: ଅ: ଚୌଧୁରୀ ବଜାର
କଟକ (ଇ. ଏନ୍. ଆର୍.)

---

ଅନେକଙ୍କର ମନର କଥା ପାଇବେ
ଶ୍ରୀମାନ୍ ନିତ୍ୟାନନ୍ଦଙ୍କର
ନବମ ବାହି
ଅମର କବିତା
## 'ମରମ'ରେ
ମୂଲ୍ୟ—୧୦ ।

---

ଜାତୀୟକବି ଲକ୍ଷ୍ମୀକାନ୍ତଙ୍କ ଅନନ୍ୟ ଉଦ୍‌ଗାର
## ଧନୁଭଙ୍ଗ
ପଢ଼ନ୍ତୁ

---

## 'ବିଶଲ୍ୟ କରଣୀ ମଲମ'

କାଟା ଘା, ପୋଡ଼ା ଘା, ଫୁଟ୍ର ଘା, ଫୋଟା ଫୋଡ଼ା, ଦାଦ, ଖାଜି, ବିଲିଖ ଇତ୍ୟାଦି ସର୍ବ ପ୍ରକାର ଘାଆ ଆରୋଗ୍ୟ କରିବାର ଅବ୍ୟର୍ଥ ମହୌଷଧ । ଓଡ଼ିଶା କେମିକେଲରେ "ବିଶଲ୍ୟ କରଣୀ"ର ପ୍ରସ୍ତୁତି କାରିଗରମାନଙ୍କ ଦ୍ୱାରା ପରୀକ୍ଷିତ ଓ ପ୍ରସ୍ତୁତ । ଦି ନଉଉଡ଼ିଶା ଇଣ୍ଡଷ୍ଟ୍ରିଏଲ କମ୍ପାନୀ କାରିଗରମାନଙ୍କ ଦ୍ୱାରା ବଜାରରେ ଖୁବ ଆଦର ପାଉଅଛି ।

**ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ।**
ପ୍ରୋପ୍ରାଇଟର
ଦି ନଉଉଡ଼ିଶା ଇଣ୍ଡଷ୍ଟ୍ରିଏଲ କମ୍ପାନୀ ।
କଟକ ।

---



## ଅସଲ ପଞ୍ଚଗୁଣୀ ତେଲ

ଘା; ପାଉଁଜି; କଣ୍ଡୁ; ମଚକା; ବାତ କାମୁଡ଼ା, ମେଣ୍ଡା ମୁଣ୍ଡିଆ ବିନ୍ଧା; ଖୋସ ଦାଦ ପଚଡ଼ା ସମସ୍ତ ପ୍ରକାର ବେଦନାର ଏକ ମାତ୍ର ଔଷଧ :—ମୂଲ୍ୟ ୫୦ ପଇସା ।
ଠିକଣା—ଅସଲ ପଞ୍ଚଗୁଣୀ ତେଲ ଅଫିସ—କଟକ ।

---

## ଉତ୍କଳରେ ଆୟୁର୍ବେଦ ବିଜ୍ଞାନର
## ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରି ଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ନିଜେ ମଧ୍ୟ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କାର ହୋଇ ନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ କାର୍ଯ୍ୟରେ ଅମନଯୋଗିତା, ଉଦାସୀନତା, ନୈରାଶ୍ୟ, ମସ୍ତିଷ୍କ ପ୍ରଭୃତି ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ରକ୍ତହୀନତା, କୋଷ୍ଠବଦ୍ଧତା, ଅନିଦ୍ରା, ଶିରୋଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦିର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ମଧ୍ୟ ଏହାଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ସୁସ୍ଥ ଲୋକ ବ୍ୟବହାର କଲେ ଶରୀରରେ ନୂତନ ଶକ୍ତି ଆସେ । ୨୧ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

### ରତି ଶକ୍ତି

ଏହା ବ୍ୟବହାର କଲେ ବୃଦ୍ଧ ଯୁବକ ତୁଲ୍ୟ ହୋଇଥାନ୍ତି । ଯେଉଁମାନେ ଧ୍ୱଜଭଙ୍ଗ ଓ ଶୁକ୍ରତାରଲ୍ୟ ହେତୁ ଦାମ୍ପତ୍ୟ ସୁଖରୁ ବଞ୍ଚିତ ହୋଇ ଅଛନ୍ତି, ସେମାନଙ୍କୁ ଏହା ଆଶ୍ଚର୍ଯ୍ୟ ଫଳ ଦିଏ । ଥରେ ପରୀକ୍ଷା କରନ୍ତୁ । ୨୧ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୧ ।

### କର୍ପୂରାରିଷ୍ଟ

ହଇଜା ଗୋଟିଏ ଭୟଙ୍କର ରୋଗ । କେତେ କେତେ ଲୋକଙ୍କ ଜୀବନ ନଷ୍ଟ କରିଦିଏ । ଗୋଟିଏ ଶିଶି କର୍ପୂରାରିଷ୍ଟ ଘରେ ରଖନ୍ତୁ, ଆଉ ଭୟର କାରଣ ରହିବ ନାହିଁ ।

—ବଡ଼ ଶିଶିର ମୂଲ୍ୟ ୧୦, ଛୋଟ ଶିଶିର ମୂଲ୍ୟ ୧୦—

| | |
|---|---|
| ନମ୍ବର ଏଜେଣ୍ଟ<br>ପୋ: ଅ: ଚୌଧୁରୀବଜାର,<br>କଟକ । | ବୈଦ୍ୟରାଜ<br>C/o ଶ୍ରୀ ବାଞ୍ଛାନିଧିଅଗ୍ରୱାଲ<br>ଆୟୁର୍ବେଦାଚାର୍ଯ୍ୟ<br>କବିରାଜ<br>ଶ୍ରୀ ଲକ୍ଷ୍ମୀନାରାୟଣ ଅଗ୍ରୱାଲ<br>ଆୟୁର୍ବେଦ ଗୃହ |

---

## 'ଚ୍ୟାଲେଞ୍ଜ' ???

ଆପଣଙ୍କ ମୂଲ୍ୟବାନ କଲମର ପରମାୟୁ ବୃଦ୍ଧି କରିବାକୁ ହେଲେ ଏକ-ଦୋଷ ବର୍ଜିତ ଚ୍ୟାଲେଞ୍ଜ ଫାଉଣ୍ଟେନ ପେନ୍, କାଳୀ ବ୍ୟବହାର କରନ୍ତୁ ।

ପ୍ରସ୍ତୁତ କାରକ
ଓଡ଼ିଶା କେମିକ୍ୟାଲ ଲିମିଟେଡ୍

---

କାନ୍ତକବି ଲକ୍ଷ୍ମୀକାନ୍ତଙ୍କ
ବୁକ ଚିତ୍ରର ଲେଖା
## ଜୀବନ ସଙ୍ଗୀତ
ପଢ଼ନ୍ତୁ

Digitized by srujanika@gmail.com

REG. NO. P-441 THE DAGARO.

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସୁରେନସ୍ ସୋସାଇଟି ଲି: କଲିକତା

ଶର୍ଦ୍ଧ ୫୦ ବର୍ଷ ବୀମା ହାତରେ ଗଚ୍ଛିତ ରହିଲେ ବୀମା ବେଶୀ ଲାଭ ଓ ଭରସା ସାଧ୍ୟ ହୁଏ।

ବୀମା ଉପର ଟଙ୍କା ସରକାରୀ।

ଅନିଶ୍ଚିତ ମୃତ୍ୟୁରେ ପୂରା ବୀମା ଟଙ୍କା ମିଳିବ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁବିଧା ରହିଛି।

ମିଳିବାର ବୀମା, ମୃତ୍ୟୁ ... ସୁବିଧା ରହିଛି।

୫୦. ଅନ୍ତର ... ସୁବିଧା ଅଛି।

ଉଡ଼ିଶାରେ, ... ଜଣେ ଉଡ଼ିଶାରେ ... ଲୋକ, ... ଦେଶାଧାର ... ପ୍ରତ୍ୟେକ ... ଅଛି।

ବିସ୍ତାରିତ ଠିକଣାରେ ... କରନ୍ତୁ।

ଏସ୍. ବସ୍. ...

ହିନ୍ଦୁସ୍ଥାନ ... କଲିକତା।

... ଅଫିସ୍ — ...



ହାତୀ ମାର୍କା

# ବାଲି କାଗଜ

ଏହି କାଗଜରେ ଲେଖିଲେ କାଳି ଚଡ଼େ ନାହିଁ ଓ ଏହାକୁ ପୋକ ସହଜରେ ନଷ୍ଟ କରି ପାରନ୍ତି ନାହିଁ।

ଏଜେଣ୍ଟ:—ଉତ୍କଳ ... ଲିମିଟେଡ, କଟକ।।

# ଡାକ୍ତର-ରଘୁନାଥ ସାହୁ

ଏଲ୍. ଏମ୍. ପି. ଙ୍କର ଅନୁଭୂତ

... ଓ ପିଳ୍ଳେଇର ... ବାହାରିବା ...

# ସାଗର ସୁଧା

... ମହଉ।

... ଠିକଣା:—

... କଟକ।

... ପ୍ରୟୋଗ

ଡାକ୍ତର ... ଫାଉଣ୍ଟେନ ...

## କୋଷ୍ଠବଦ୍ଧି ଓ ... 

ବାତପିତ୍ତ, ରୋଗର ... ନାଶ ଓ ...

ଉପକାର ହେବ। ଓ ଏ ଶିଶୁ ... ୧୫ ବର୍ଷର ...

... ଓ ... ମୂଲ୍ୟ ...

ଭି, ପି, ଖର୍ଚ୍ଚ ସ୍ୱତନ୍ତ୍ର।

...



ପୌଷ ପ୍ରଥମାର୍ଦ୍ଧ — ସସ୍ତା, ସୁନ୍ଦର, ହାସ୍ୟରସ ପ୍ରଧାନ ସଚିତ୍ର ପତ୍ରିକା — ପ୍ରଥମ ବର୍ଷ ୧୬ ଶ ସଂଖ୍ୟା




## ଓଡ଼ିଶା ବାହାରେ ଓଡ଼ିଆ

କୌତୁକ ଚିତ୍ର

ଶବ୍ଦ ଗୋଲକଧନ୍ଦା



କୁମାରୀ ଅନ୍ନପୂର୍ଣ୍ଣା

ମଜାକଥା

ଚୁଟକି ପ୍ରତିଯୋଗ

ଆପଣ ୬ ବର୍ଷର ଶିଶୁମାତ୍ର । କିନ୍ତୁ ଆପଣଙ୍କର ସଙ୍ଗୀତ ପ୍ରତିଭା ଓଡ଼ିଶା ବାହାରେ ଓଡ଼ିଆର ନାମ ଉଜ୍ଜ୍ୱଳ କରିଛି । ଓଡ଼ିଆ ସଙ୍ଗୀତ ସାର୍ କଲିକତା ସଙ୍ଗୀତ ସମ୍ମିଳନୀରେ ଆପଣ ବଙ୍ଗଳାରେ ପ୍ରଥମ ହୋଇଥିଲେ ୧୯୩୪ ମସିହାରେ । ପୁଣି ୧୯୩୬ ରେ କଲିକତା ସଙ୍ଗୀତ ସମାରୋହ ଅଧିବେଶନରେ ସେଥିରେ ସଙ୍ଗୀତ ଓ ଗୀତ ତଥା ଗାନ୍ଧିଙ୍କୁ ଏହା ଜଣାଇ ଦେଇଥିଲେ ଯେ ଆପଣଙ୍କର ଅସାଧାରଣ ପ୍ରତିଭା ପାଇଁ ଆପଣଙ୍କୁ ପ୍ରଥମ ପୁରସ୍କାର ଦିଆ ଯାଇଥିଲା । ଅଧୁନା କଲିକତା ... ଆପଣ । ଆପଣ ... ପାରେ 'ଡଗର'ର ଏହି ପ୍ରାର୍ଥନା ।






# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକଙ୍କ ସ୍ୱର୍ଣ୍ଣମନ୍ଦିର



ବାଲୁବଜାର, ପୋ. ଚାନ୍ଦିନୀଚୌକ — କଟକ ।




୫ ୨୦୯ ନଂ ସୁଦ୍ରସ୍ତାର ! ୫ ୨୦୯ ନଂ ସୁଦ୍ରସ୍ତାର !!

[illegible] ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରର [illegible] ଅଳଙ୍କାରମାନ [illegible] କରିଆଉଁ । [illegible] କୌଣସି [illegible] ଆମ୍ଭମାନଙ୍କର [illegible] ବଜାଇ ଦେଇ ପାରୁ ନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରକାର କରିଥିବାରୁ ବଜାରର ଦର ଅପେକ୍ଷା ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରୁଅଛୁଁ ତାହାର ଗୁଣଗୌରବରେ ଆମ୍ଭେମାନେ ତାହାଙ୍କୁ ଭରସା ଦେବାକୁ ପ୍ରସ୍ତୁତ ଛୁଁ । [illegible] ପଦାର୍ଥ [illegible] ଦେଇ ଆଛୁଁ । ଯେବେ କୌଣସି ପ୍ରକାର ଦୋଷ ଦେଖା ଯିବ [illegible] ଫେରାଇ ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଭବଦୀୟ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ (ଜହୁରୀ)**

ବାଲୁବଜାର, ପୋ: ଚାନ୍ଦିନୀଚୌକ—କଟକ




## ଜରୁରୀ ନିୟମାବଳୀ ।

୧ । ଅର୍ଡର [illegible] ।
୨ । ଅର୍ଡର [illegible] ।
୩ । [illegible] ।
୪ । [illegible] ଦେବାର ସୁବିଧା [illegible]
୫ । [illegible] ହୋଇଥିବ ।
୬ । ଅର୍ଡର ପାଇବାର ପରେ [illegible] ପଠାଇବାକୁ ହେବ ।
୭ । [illegible] ହୋଇଲେ କୌଣସି —[illegible] ।
୮ । [illegible] ଅଳଙ୍କାର ।
୯ । [illegible]



# ବିଲୁଆ ବିଚାର

[ପ୍ରତ୍ୟେକ ଘଟଣାକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ, ଦ୍ୱେଷ ରହିତ, ନିର୍ମଳ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଏ ସ୍ତମ୍ଭର ମୁଖ୍ୟ ଉଦ୍ଦେଶ୍ୟ]

## ସମ୍ପାଦକୀୟ

ଅସନ୍ତ ଉପଦ୍ରବରେ ବ୍ୟସ୍ତ, ତ୍ରସ୍ତ, ଓଡ଼ିଶାର ଜମିଦାର ଶ୍ରେଣୀ ଯୂଥଭ୍ରଷ୍ଟ କୁରଙ୍ଗୀ ପରି କି-କର୍ତ୍ତବ୍ୟ ବିମୂଢ଼ ଅବସ୍ଥାରେ ପଡ଼ିଛନ୍ତି । ସେମାନଙ୍କର ଏକ ଘରୋଇ ସଭାରେ କୁଆଡ଼େ ସ୍ଥିର ହୋଇଛି ଯେ ଜଣେ ଉପଯୁକ୍ତ ଯୂଥପତି ବରଣ କରିବା ନିହାତି ଦରକାର । ଉପଯୁକ୍ତ ଏବଂ, ଏ ବିଷୟରେ ମତଭେଦ ଘଟିବାରୁ ଶ୍ରେଷ୍ଠ ଉପାୟ ସ୍ଥିରିବାରେ ମେଜରିଟି ହାସଲ ଜଣେ କାନପଟ୍ଟାକଲେମ୍ପୀ ଜମିଦାରଙ୍କ ମତ; ମାତ୍ର ସେ ମହାଶୟ ବର୍ତ୍ତମାନ ଉଚ୍ଚପଦବୀଧାରୀ କାଳେ ନାମଜ ଗିରିଗୁମ୍ଫାରେ ଅଣ୍ଟନ ବାନ୍ଧିଥିବାରୁ, ତାଙ୍କୁ ପୁଣି ସଂସାରକ୍ଷେତ୍ରକୁ ଆକର୍ଷଣ କରିବା ପାଇଁ ଏକ ଡେପୁଟେସନ ଯିବାର ସ୍ଥିର ହୋଇ ଅଛି । ଆଶାକରୁଁ ସ୍ୱଜାତିର ଏହି ଦୁର୍ଦ୍ଦିନରେ ଏହି 'ଭୟାବହ ପରଧର୍ମ' ସେବାଫଳରୁ ତ୍ୟାଗ କରି ସ୍ୱଧର୍ମ ସଂଗ୍ରାମରେ ପ୍ରବେଶ କରିବେ । ସେ ଥାଇଁ ଥାଇଁ ଯଦି ତାଙ୍କର ଶ୍ରେଣୀ ବିଧ୍ୱସ୍ତ, ବିପର୍ଯ୍ୟସ୍ତ ହୋଇଯାନ୍ତି ତେବେ ଧର୍ମତଃ ସେହି ଦାୟୀ ହେବେ ନାହିଁ କି ? ଜନ ଦେଶର ବିପଦ ଦେଖି ତର୍ପଣଭାବଶେଷଙ୍କ ତ ପୁଣି ତରବାର ଧରିଲେ । ଆଉପରି ମହାତ୍ମା ଗାନ୍ଧୀ ତ ପୁଣି ହରିଜନ ସେବା ପ୍ରତିଜ୍ଞା ଭଙ୍ଗ କରି କଂଗ୍ରେସ ପରାମର୍ଶରେ ଯୋଗଦେଲେ । ପୂର୍ବକାଳରେ ଶତ୍ରୁଘ୍ନ ବ ଏହିପରି କରିଥିଲେ କୁରୁକ୍ଷେତ୍ରରେ । ଏଭଳି ମହାଜନମାନଙ୍କ ଥାଉଁ ଥାଉଁ, ବୁଝିବା ଉଚିତ ଯେ ଏଥିରେ ତାଙ୍କର ଦୋଷ ପଡ଼ିବାର ନାହିଁ ॥

× × ×

ବଙ୍କିମଚନ୍ଦ୍ରଙ୍କ 'ବନ୍ଦେ ମାତରମ୍' ଗୀତ ଭାରତର ଜାତୀୟସଙ୍ଗୀତ ରୂପେ ବହୁଦିନରୁ ଚଳି ଆସୁଛି । ଏବେ କିନ୍ତୁ ଦାଲିଆ ମୁସଲ୍‌ମାନମାନେ ତାଙ୍କ ଧର୍ମପ୍ରତି ବାଧା ହେଉଛି ବୋଲି ଏକ ହୁଲ୍ଲା ଉଠାଇବାରୁ କଂଗ୍ରେସ ସେ ଗୀତରୁ କେତେ ଅଂଶ ଉପରେ ୧୪୪ ଜାରି କରି ବାସନ୍ଦ କରି ଦେଇଛି ।

ଏହା ଦେଖି ଅମ ଓଡ଼ିଆ ମହାଜନମାନେ କୁଆଡ଼େ ଭାଗବତ ବାଇଁରେ ଏକ ସଭା ସ୍ଥିର କରିଅଛନ୍ତି କି ଜଗନ୍ନାଥ ଦାସଙ୍କ ଭାଗବତର ନାନା ସ୍ଥାନରେ ସ୍ତ୍ରୀ ଜାତିକୁ ନିନ୍ଦା ସୂଚକ ପଦମାନ ଅଛି । ଯେପରି 'ରମଣୀ,' 'କାମିନୀ' 'ସ୍ତ୍ରୀଙ୍କୁ ବିଶ୍ୱାସ ନାହିଁ'

"ସ୍ୱଭାବେ ସ୍ତ୍ରୀ ଜନ୍ମ ହୋଇ
ଧର୍ମ ଅଧର୍ମ ନ ଜାଣଇ" ଇତ୍ୟାଦି ।

ଏ ସବୁ ଅପମାନ ସୂଚକ ପଦ ଉଠାଇ ନ ଦେଲେ ସେମାନେ ଭାଗବତକୁ ବର୍ଜ୍ଜନ କରିବେ ବୋଲି ଭୟ ଦେଖାଇ ଅଛନ୍ତି । ଏ କଥା ସତ ହୋଇଥିଲେ କଟକୀ ବହି-ବାଲାଙ୍କର ମହା ବିପଦ । ବୋଧହୁଏ ଜଣେ ସବଳା ଅବଳା ବ୍ୟବସ୍ଥାପକ ସଭାରେ ଏ ସମ୍ବନ୍ଧରେ ଏକ ନୂଆ ବିଲ୍ ଆଣି ପାରନ୍ତି । ଏ ଅବସ୍ଥାରେ କଟକର ବହି ଦୋକାନ-ମାନେ ଉଦ୍‌ଯୁକ୍ତ ହୋଇ ଜନକୋଣିଆ କମିଟି ବା ଇଦଗା ପଡ଼ିଆରେ ଏକ ପ୍ରତି-ବାଦ ସଭା କରିବେ ବୋଲି ଶୁଣା ଯାଉଛି । ଗୋଟାଏ ସାଲିସ୍ ନିଷ୍ପତ୍ତି ହୋଇ ପାରିବ ନାହିଁ କି ?

× × ×

ଜଣେ ବିଲାତି ବୈଜ୍ଞାନିକ ଗୋଟାଏ ଯନ୍ତ୍ର ଆବିଷ୍କାର କରିଛନ୍ତି, ଯାହାଦ୍ୱାରା ନର ନାରୀଙ୍କ ହୃଦୟର ପ୍ରେମ ମାପିହେବ ବୋଲି କହୁ-ଛନ୍ତି, କରେଣ୍ଟ ଚଳାଇ ଦେଲେ ଯନ୍ତ୍ରଉପରେ ଯେଉଁ ଗ୍ରାଫ ଦାଗ ପଡ଼ିବ, ତଦ୍ୱାରା ତାହାର କେତେ ପ୍ରେମ, ତାର ଗମ୍ଭୀରତା ବା ଉଦା-ମତା କେତେ, ସେ ଛଇଳିଆ ଯାତର ପ୍ରେମ ଇତ୍ୟାଦି ଜଣା ପଡ଼ିବ । ଯେମିତି ଯେ ଲଭ୍ ଗ୍ରେସ ମାମଲା ଥିଲା ତାହା ଏଣିକି ରହିବ ନାହିଁ । ଏ ଯନ୍ତ୍ର ଯିମିତି ପେଟେଣ୍ଟ ନ ହୁଏ ଇସ୍କୁଲ କଲେଜର ଛାତ୍ର ଛାତ୍ରୀମାନେ ଏବେଠୁ ତେଳରୁ ଆନ୍ଦୋଳନ କରନ୍ତୁ ।

\+ \+ \+

ପ୍ରଧାନମନ୍ତ୍ରୀ ଅଭି ଏକ ନୈତିକ ଉପଦେଶ ଛାଡ଼ିଛନ୍ତି କି ସମସ୍ତ ଜମିଦାରମାନଙ୍କୁ ଆପଣା ଆପଣା ଖଜଣା ସୁବିଧାରେ ଦେଇ ଦେବେ । ଏଣିକି ଆଉ କର୍ମଚାରୀ-ମାନଙ୍କର ଦରକାର ପ୍ରୟୋଜନ ନାହିଁ । କାରଣ ପ୍ରଧାନମନ୍ତ୍ରୀଙ୍କ ଭଳି କେତେ ବଡ଼ ପ୍ରଜାଙ୍କର ମୋଟା ଜମା ସବୁ ସହଜରେ ପାଇଗଲେ ଜମିଦାରମାନେ ଗୋଡ଼ ଉପରେ ଗୋଡ଼ ପକାଇ ନିଶ୍ଚିନ୍ତରେ ଖାଇପି ପାରିବେ । ସାମନ୍ତବାଦୀଙ୍କର ବୋଲ୍‌ବାଲା ।

\+ \+ \+

ପ୍ରଧାନମନ୍ତ୍ରୀ ଏକ ବଡ଼ା ପତ୍ରିଆ ଜାରି କରିଛନ୍ତି କି କେହି ସରକାରୀ ନୈକ ଲାଞ୍ଚ ନେବେନାହିଁ । କିନ୍ତୁ ଜନସଂଖ୍ୟା ଏଥିରୁ ଚୁପ ନାହିଁ । ନେବା ଲୋକଠାରୁ ଦେବାଲୋକ ଏଥିରେ ବେଶୀ ଦାୟୀ । ଯେତେ ଦିନଯାଏ ମଣିଷ, ମଣିଷ ହୋଇଥିବ ତାର ଲୋଭ ଲାଗି ସେ ଚଳିବାକୁ ବାଧ୍ୟ । ଏପରି ଅବସ୍ଥା-ରେ କେବଳ 'ମିଥ୍ୟା କହିବା ନାହିଁ'—'ଚୋରି କରିବା ମହା ପାପ' ଭଳି ବର୍ଣ୍ଣବୋଧ ପାଠ ପଢ଼ାଇବା ପରି moral class ଖୋଲି ଲାଞ୍ଚଖିଆ ସୁଧାରିବା ସହଜ ନୁହେଁ । ଶୁଣି ଓ ମାତାଲ ଉଭୟ ଯେତେ-ବେଳେ ସତ୍, ପ୍ରମାଣ ହେବା ତହୁଁ ଅସମ୍ଭବ । ଏଥିପାଇଁ ଆମେ ପରାମର୍ଶ ଦେଉଁ ଓ ମନ୍ତ୍ରୀ ମହାଶୟ ଡାକ୍ତର୍‌ଅଲ୍ ରସିଦଙ୍କ ଭଳି ଛଦ୍ମବେଶରେ ଗୋପ୍ୟ ଗସ୍ତ କରନ୍ତୁ ଓ ଦୋଷୀଙ୍କୁ ଧରି ଉପଯୁକ୍ତ ଦଣ୍ଡବିଧାନ କରନ୍ତୁ ।

× × ×

ଇତି ମଧ୍ୟେ ଗଞ୍ଜାମ ଜିଲ୍ଲାରେ କେତେ-ଗୁଡ଼ାଏ ଫୌଜଦାରୀ ମକଦ୍ଦମା ରଫା



Digitized by srujanika@gmail.com

ହୋଇଥିବା ଓ ପୁଲିସ ଫୋର୍ସ୍ ଉଠାଇ ନେବା ହେତୁ ଆମର କୌଣସି କୌଣସି ସହଯୋଗୀ ପ୍ରଧାନ ମନ୍ତ୍ରୀଙ୍କ ପ୍ରତି ଆକ୍ଷେପ କରିଛନ୍ତି ।

ସେମାନେ ଭଲ ଜାଣୁନାହାନ୍ତି ଯେ ଶାନ୍ତି ଓ ଅହିଂସାବାଦୀ କଂଗ୍ରେସ ମନ୍ତ୍ରୀ ପକ୍ଷେ ଏକଥା ନିନ୍ଦା ନ ହୋଇ ବରଂ ପ୍ରଶଂସାର କଥା । ବଳପ୍ରୟୋଗ ଦ୍ୱାରା ଶାସନ ଠାରୁ ଶାନ୍ତିପୂର୍ଣ୍ଣ ଉପାୟରେ ଶାସନ ଲୋକ ପ୍ରତିନିଧି—ମୂଳକ ସରକାରର ଆଦର୍ଶ ହେବ ।

\+ + +

ସ୍କାଉଟମାନଙ୍କ ପାଠ୍ୟ ପୁସ୍ତକ ଲେଖିବାକୁ ନେଇ ମୁଣ୍ଡାଏ ଲେଖକଙ୍କ ରହସ୍ୟ କୌଣସି କଣ୍ଟ୍ରାକ୍ଟୀ ସହଯୋଗୀ ପଦାରେ ପକାଇଦେଇଛନ୍ତି । ତା ଭିତରେ ଆହୁରି କି କିଛି କିଛି ଜଟିଳ ରହସ୍ୟ ଅଛି ବୋଲି ଆମେ ତାଙ୍କ ମର୍ମରୁ ଶୁଣୁଛୁଁ । ଛିଦ୍ର ଜାଣି ପଦାରେ ପକାଇବା ମହତ୍ତ୍ୱ ନୁହେଁ । ଯେଉଁକଥା ନିଜଠାରେ ରଖିବା ଓ ଲୁଚାଇବା ପାଇଁ ଲୁଧଡ଼ି ପାଉଛ ଦେଖିବାଟା ହଜିଗଲା ଲୋକର ଭାବ । ଏମିତି ଏକତ ଭାଜନା ଫଟାଫଟା ଚାଲିବ ।

ଆମର କେବଳ ଦୁଃଖ ହୁଏ ବୁଢ଼ା ଛଠେ ସାହେବଙ୍କ ପାଇଁ । ଅନେକ କହନ୍ତି "ଜୀବନ', ସ୍କାଉଟମାନଙ୍କ ପାଠ ସାଙ୍ଗେ ଗାଣ୍ଠି ଇମିତ ବେ-ବହିଚ , ଭଣ୍ଡାରକରର ପାଲଟି ଯାଉଛ କାହିଁ? ଇଂରେଜ ବଡ଼ ହୋଇ sportive spirit ଟା ଛାଡ଼ ନାହିଁ ।"

× × ×

ପିଲାଦିନେ କେତେ କହୁଥିଲେ "ଗୋଡ଼ ବାଙ୍କଟେଳ 'ବସ୍ତୁ ବସ୍ତୁ' କରିବୁ ।" ସେଥିପାଇଁ ଆମ ସମା ଯାହାକୁ ପାଇ ତାଙ୍କୁ ଦଶାବଠାଏ ନଲେଖା ପକାଇଲା ଓ "ବସ୍ତୁ" କହି ଦୋଷ ଛଡ଼ାଇ ଦେଲା । ସେଇପରି ଯାପାନ ଇଂରେଜ ଓ ଆମେରିକାକୁ ଦାନ୍ ପକାଇଲେ ଜବର ନୋଡ଼ଠାଏ ଲେଖା କଷୁଛି ଅବ ପଞ୍ଚ ବେଳକୁ କହୁଛି "ବସ୍ତୁ ବସ୍ତୁ" । ଏଥିଭିତରେ ଇଂରେଜ, ଆମେରିକା ବି ଅପ୍ରସ୍ତୁତ ।

ଏହା ଦେଖି ବିହାର ଡେପୁଟି ସେକ୍ରେଟେରୀର ଲେଣ୍ଟ୍ ସାହେବ ସେଦିନ ସେଠା ମନ୍ତ୍ରୀଙ୍କୁ ଏକା ଲଥେ ଭଷ ଦେଲେ ଚଳିଥିବ ,ଧରି ପକାଇଲା ବେଳକୁ ବୁଲିପଡ଼ି କହିଲେ "ଓହୋ, ଅଜାଣତରେ ବାଳ୍ପାଭରି—ବସ୍ତୁ ବସ୍ତୁ" । "ଆହା,ସାହେବପୁଅ କିନ ଭଲରେ" ବୋଲି ମନ୍ତ୍ରୀ ମଣ୍ଡଳି ବି ପ୍ରେମରେ ଗଦଗଦ ହେଇ ଗଲେ ?—ଯେ କହେ ନା ଯେ ସହେ ?

\+ + +

ବାଳଚର (scout) ଆନ୍ଦୋଳନର ଗୋଟାଏ କେନ୍ଦ୍ର ସମିତି ଥିଲା । ଏବେ ନୂଆକରି ଗୋଟିଏ ହୋଇଛି, ତାର ନାମ "ଜାତୀୟ ସେବା ସଙ୍ଘ" । ଏ ଦୁହିଙ୍କ ଭିତରେ ପଡ଼ୁ ନଥିବାରୁ ଏବେ ଗୋଟାଏ ସ ଲିସ ହୋଇ ପାରଛି । ସେଥିରେ ଏହିନ୍ୟା ଦାର ହୋଇଛି କି ବାଳଚର ପ୍ରତିଜ୍ଞା ଭିତରେ ଯେ 'ରଜା'ଙ୍କୁ ମାନିବା କଥା ଅଛି--ସେ ସ୍ଥାନରେ ଦେଶ ପ୍ରେମକୁ ମାନିବା କଥା । ଏ democratic ଯୁଗରେ 'ରଜା' ନାଁଟା ଏକା ବଡ଼ଗଳିଆ !

× × ×

ଶୁଣାଯାଏ ଓଡ଼ିଶା ସରକାରଙ୍କ ଖରଚ କମାଇବା ପାଇଁ ଗୋଟାଏ ଗୋଦାବଟା କମିଟି ଗଢ଼ା ହୋଇଛି । ପଂଝତ ଗୋଦାବରୀଶ ଏଥିର ସଭାପତି । ଏଣୁ ଆଶାକରାଯାଏ ଯେ ଫାଳରୁ ବୁଦ୍ଧି ଗଡ଼ାଇ ଛାଟିକୁଟି ସାଫ ସୁତର କରାହେବ । କମିଟିରେ ଡାକ୍ତର କେହି ଅଛନ୍ତି ତ ?

\+ + +

ବିହାର ବିଶ୍ୱବିଦ୍ୟାଳୟର ଭାଇସଚ୍ଚାନ୍ସେଲର ଫିଭ ସାହେବ କହୁଛନ୍ତି କି ଓଡ଼ିଶା ସରକାର ଆମ ଅଧୀନରେ ରହିବା ପାଇଁ ବର୍ଷକୁ ୫୨୦୦୦ ଦେବେ ବୋଲି କଥା ହୋଇଛି । କଳବତା ଓ ଅନ୍ତରାଳ ଭଣ ଭଡ଼ୁଛନ୍ତି । ଦର କଷାକଷି କରିବାର ଖୋସା ବେଳ ପଡ଼ିଛି । ବେପାରୀ ମନ୍ତ୍ରୀ ଆମର ଏ bargaining ପାଇଁ ଛାଣ ଦେବେ କି? କଷି କଷାଇ ଧନ ନେବ—ନୋହିଲେ ବାହୁଡ଼ାଇ ଦେବ ।

× × ×

ମାନ୍ଦ୍ରାଜ ପ୍ରଧାନ ମନ୍ତ୍ରୀ ରାଜଗୋପାଳାଚାରୀ କଂଗ୍ରେସର ଜଣେ ବଡ଼ ନେତା ଓ ସ୍ୱୟଂ ମହାତ୍ମାଜୀଙ୍କ ସମୁଦୀ । ସେ ନିଜେ ବୈଷ୍ଣବ ଓ ମାଦ୍ରାସର ଲାଟ ଖ୍ରୀଷ୍ଟିଆନ । ବୈଷ୍ଣବ ଓ ଖ୍ରୀଷ୍ଟିଆନ୍ ଉଭୟ ଧର୍ମର ମୂଳ ନୀତି 'ସହ୍ୟ' ଓ 'ପ୍ରେମ' । ଏଣୁକରି ସେ ଉଚିତ ମତ ଦେଇଛନ୍ତି ଯେ, ସେଦିନ ମନ୍ତ୍ରୀସଭାରେ ବହୁ ପକାଇଲେ କି 'ଆମେ ସମସ୍ତେ ଗୋଟାଏ ସୁଖର ପରିବାର (happy family) ବୋଲି ଜାଣନ୍ତୁ' ।

ଏକଥା ଶୁଣି ମନେ ପଡ଼ୁଛି, ଆମ ଓଡ଼ିଶାର ଗଡ଼ଜାତ ବେ କଂଗ୍ରେସୀ ଜଣେ ମନ୍ତ୍ରୀଙ୍କ କଥା । କୁକୁର ଅରଣ୍ୟ ପଡ଼ ପାଇଲେ କୃତକୃତ୍ୟ ହୁଏ । କିନ୍ତୁ ମଣିଷ ପକ୍ଷରେ କ'ଣ ଏହା ସମ୍ଭବ ?

\+ + +

ଅଟେମ୍ବ୍ଲି ସଭାପତି ମୁକୁନ୍ଦ ବାବୁଙ୍କ ବାଲେଶ୍ୱର ପୁଲିସ ଡାକ ଖେଳରେ (sports) ସଭାପତି ହେବାକୁ ଡାକିଲେ ମାତ୍ର ମୁକୁନ୍ଦବାବୁ ତାହା ମନା କରିଦେଲେ । ମୁକୁନ୍ଦବାବୁଙ୍କ ଉପରେ ବାଲେଶ୍ୱର ପୁଲିସର ସୁଅଗ ଶରଧା ସମନ୍ତଙ୍କୁ ଜଣା । ଯୋଉ ବେଳରୁ ପୁଲିସ ଡାକ ସାଙ୍ଗେ ଯେତେ ଲୀଳା (sports) ଖେଳିଛନ୍ତି ସେଥିରୁ 'ଗୋଟ ପିରତି କେତେ ଗଭୀର' ତାହା ଜଣାପଡ଼େ । ଏବେ ବୁଢ଼ା ସେ ପୁରୁଣା ପିରତି ଭୁଲିପାରୁ ନାହାଁନ୍ତି । ମାତ୍ର ମୁକୁନ୍ଦବାବୁ ?—ବୁଢ଼ା ହେଲେ, ଲୋକ ଏମିତିଆ ବଦ୍ ଭଲିଆ ହୋଇ ଯାନ୍ତି ପରା ।

\+ + + |

Digitized by srujanika@gmail.com

# ମଜାକଥା



ଜେ ଯାହା ଉପରେ ସନ୍ତୋଷ, ରାଗଟେ, ପାଇଲେ ତା ଠେଇଁ ହାତ ବାଢ଼ିବେ। ମାତ୍ର ସୁଦ୍ଧ ଚଢ଼ାଇ ଯେ ମଣିଷ ଉପରେ ସବୁ ଅନୁମାନ ମେଣ୍ଟାନ୍ତି ଏକଥା କେହି ବିଶ୍ୱାସ କରିବେ? ଗ୍ରହମାନେ ଯଦି ଦେବତା? ଦେବତା ହୁଅନ୍ତୁ ବା ନ ହୁଅନ୍ତୁ ମଣିଷ ତ ନୁହନ୍ତି। ହେଲେ ଛଳସ୍ଥାନ ଭଳି ଚିତ୍ର ହୋଇ ପାରନ୍ତି। ଏଥିରେ ପୁଣି ସବୁ ଅଧିକାର କାହିଁ ଅଛି? ସେ ଗ୍ରହାଦିଙ୍କ ତାଙ୍କ ଅବସ୍ଥାରେ ପଡ଼ି ମୁଁ ଯେ ଅବସ୍ଥା ହୀନସ୍ଥା ହେଉଛି, ସେଇ କଥା କହୁଛି ଏବେ।

ମୁଁ ଥିଲି ମା ବାପଙ୍କର ଏକୁଟିଆ ନନ୍ଦନର ଚନ୍ଦ୍ରେଲ। ଏପରି ପିଲା ପାଠ ଯେତେ ପଢନ୍ତି ଅଛ ପାଠ ଯେତେ ହାସଲ କରନ୍ତି ତାହା କାହାରିକୁ ଅଜଣା ନଥିବ। ବାପା ଆମର ଥିଲେ ପଣ୍ଡିତ, ଅର୍ଥାତ୍ ପୋଥି, ଶାସ୍ତ୍ର ବ୍ୟବସ୍ଥା ପୁରାଣ ଜଣା ସଂସ୍କୃତ ବ୍ରାହ୍ମଣ। ପୁରୋହିତ, ପୂଜା, ମାର୍ଜନା, କହିବା ଓ ଜ୍ୟୋତିଷ ଦେବା ଥିଲା ତାଙ୍କର ପେଷା। ଏ ପେଷା କରିବାକୁ ହେଲେ ଜ୍ୟୋତିଷଟା ଜାଣିବା ନିହାତି ଦରକାର। ସେଇଟା ବି ତାଙ୍କର ଜଣାଥିଲା। ଦାନ ବାର ଘର, କୋଷ୍ଠି ପତ୍ର ଲୁହେ, ବେଦ୍, ଜପତପ ସମାଧାନ କରୁଥିଲେ ସେ, ଅଛ ପାଞ୍ଚଜଣରେ ମାନ ସାତର ବି ଥିଲା ମନ୍ଦ ନୁହେଁ। କିନ୍ତୁ ସ୍କୁଲକୁ ଦେଇଁ ମୋତେ ସେ ଇଂରାଜୀ ପାଠ ପଢ଼ାଇବାକୁ ମନକଲେ। ଷୋଳ ବର୍ଷ ବୟସରେ ହାଇସ୍କୁଲ ଟପି ମୁଁ ଗଲି କଟକର ବଡ କଲେଜରେ ବଡ ପାଠ ପଢ଼ିବାକୁ। ବାପାଙ୍କର ବଡ଼ ଆଶା ଆମର ଯେଉଁ ବୁଦ୍ଧି, ପାସ କରି ପାରିଲେ ଦଶଜଣରେ ଜଣେ ହୋଇ ପାରିବ। ଆଜି ମୋର ପଞ୍ଜିକାରେ ବୃହସ୍ପତି ଓ ସବୁ



ଖୁସୀ ହୋଇ ଥିବାରୁ କୋଷ୍ଠି ବି ସେଇଆ କହୁଥିଲା।

ମା ବାପଙ୍କର ସ୍ନେହପୁଅ। ସହରରେ ସ୍ୱାଧୀନତାରେ ରହି, ଓ ହାତରେ ପଇସା ପାଇ ମୋ ଭଲଅ ବୁଦ୍ଧି ଟୋକାଙ୍କ ପାଖ ହୁଏ ଚଢ଼ିଲୁ ଭଲ ଭଣା ହେଲା ନାହିଁ ମୋର। ଏଥିପାଇଁ ଠିକ ଆରମ୍ଭ କରିଦେଲି, ହୋଟେଲ, ଫୁଟବଲ, କ୍ରିକେଟ, ତାସ, ପଶା, ଥିଏଟର, ବାଇସ୍କୋପ, ଦଳ, ଆଡ୍ଡା, କିଛି ବାଦ ଦେଲି ନାହିଁ। ଏଥିରେ ପାଠ ଯାହା ହୁଏ, ମା କାଳୀ ଜାଣନ୍ତି। ଆମ ଗାଁଟା ମଫସଲ ହେଲେ ଭଣ ହେବ ସହରକୁ ବେଶୀ ଦୂର ନୁହେଁ। ଦୈବ ଯିବା ଆସିବା ସ୍ୱାସ୍ଥ୍ୟ ଲଗିଥାଏ; ମଧ୍ୟେ ମଧ୍ୟେ ଭଲ ଦିନ ମଜଲିସରେ ମୁଁ ବି ଗାଁକୁ ଲୁଚିଯାଏ, ପାଇଁକିଲରେ। ମୋ ନାଁରେ ଟ୍ରାଉଜର ବାପାଙ୍କ ଠେଇଁ ପୋଷ୍ଟରେ, ସେ କେଉଁଥି ଭାବନ୍ତି ନାହିଁ—ବରଂ କହନ୍ତି "ଛୋଟାଟାର କୋଷ୍ଠୀ ଭାରି ହାଣ—ପାସ କରିବାକୁ ଦେଖିବ। ଏଇଭଳି ବହୁତ ହେବ ସବୁ।"

## ଗ୍ରହଙ୍କ ପ୍ରତିଶୋଧ

ଲେଖକ:—ଶ୍ରୀ ଜ୍ୟୋତିଷ ଶର୍ମା

ଏଇ ଯେଉଁ ଟଣା ଟଣି କରି ଦୁଇ ଥର କ୍ଲାସ ଉଠି ଫାଷ୍ଟ ଇୟରରେ ଗୋଡ଼ ଦେଇଛି ବି ନ ଦେଇଛି, ସେତେବେଳେ ବାପା ଗଲେ ଗୁଜରି, ମତେ ଦରିଆରେ ବୁଡ଼ାଇଦେଇ ମୋତେ। ସହରରେ ରହିବାକୁ ଟଙ୍କା କାହୁଁ ବା ଦରକାର ହୁଏ—ତେଣେ ସବୁ ବା ସମାପ୍ତ ହୁଏ? ବାପାଙ୍କ ଶ୍ରାଦ୍ଧଘରକୁ ଯେ ଗଲି, ଆଉ କଟକ ଫେରିବା ପଛ ଉଠିଲା ନାହିଁ। ଦେଖିଲି ପରେ ମା ଙ୍କର ମୁହ ଚାହିଁ ଏ ନାହିଁ ସେ ଭବ ଭଙ୍ଗି ଅଛି। ତେଣେ ଯାହା ଜମି ଦଶମାଣ ଥିଲା, ତହିଁରୁ ବି ଅଧକର ବେଶୀ ବନ୍ଧା ପଡ଼ିଛି, ସବୁ ମୋହର ପାଇଁ। ଏଣେ ପାପଟା ଯେ ନିଶ୍ଚୟ ହେବ ସେ ଅଣ୍ଟା ବି ନେଇଥିଲି। ତା ଥିଲେ ବାପ ଜମି ତକ ବନ୍ଧା ଦେଇ ଋଣ ଅଛି ଥାନ୍ତି। ସେତେ ହେଲେ ମୁଁ ବୁଦ୍ଧିମାନ ପିଲା, ଏ ଭଳି ଅବସ୍ଥାରେ ବେପାରରେ ମୂଳଧନ ଖଟାଇବାର ପ୍ରବୃତ୍ତି ହେଲା ନାହିଁ। ଘରର ନେଇ ଖୁଆଟା ଚଳେଇ ପାରିଲେ ଯଥା ବହୁତ ପଛାଳ ଗଲା।

ମା'ଙ୍କ କଥାଟା, ବାହାଦୁର ହେଇ ଯଦି ରଜଟାଏ ଆମ ଦୁଆରକୁ ପଞ୍ଚ ଗ୍ରହଙ୍କୁ ଦେଖି ପଣ୍ଡିତିଆ ହେବାଟା ଚଳାଏଁ। ବାହାଦୁର ହେବାଟା ମୋର ଅନ୍ତରୀ ମୁଁ ତା ନ ଥିବା କିନ୍ତୁ ଯଜମାନ ବା ଟୋକେଇ ବେଉଷା ଚଳ କ୍ଷୁମ୍ର ଚଳାଇବା କଥା ମୋ ମନକୁ ପାଇଲା ନାହିଁ। ଗୁଣ ଯାହା ମୋର ପିଲାବେଳରୁ ଥିଲା ଜାଣୁଛ, ଅଜ ଜ୍ୟୋତିଷ ପ୍ରତି ଥିବା ତହିଁରେ। ମୁଁ ଜାଣିଥିଲି ଏ ଜ୍ୟୋତିଷଟା ଖୋଟାଏ ବିଦ୍ୟା। କେବଳ ବୁଦ୍ଧିଚାତୁରୀ ଓ ସରଳ ଶ୍ଳୋକ ଉପରେ ଚଳିବ କେବଳ ଭାରତରେ। ଜଣେ ଜାଣିବ ଭଲ ନକ୍ଷତ୍ର ଗ୍ରହମାନେ ଯେ ମନୁଷ୍ୟର ଭାଗ୍ୟ ନିୟନ୍ତ୍ରଣ କରି ପାରନ୍ତି ଓ କୋଟି କୋଟି ମାଇଲ ଦୂରରେ ଥାଇ ତାର ପ୍ରତ୍ୟେକ କର୍ମର ଫଳାଫଳ ଦିଅନ୍ତି ଏହା ଭଳି ଅଦ୍ଭୁତ କଥା ବଳର—ପୁଣି ଅଧୁନାର ବିଜ୍ଞାନ ଯୁଗରେ! ସେ ତ କେବଳ ବାପା ଚଳୁଛନ୍ତି ବୋଲି କିଛି କହି ପାରୁନାହିଁ, ହେଲେ ଏ ବିଷୟରେ ମୋର ମତଟା ଅନେକଙ୍କୁ ଜଣା ଥିଲା। ବାପାଙ୍କର ଦରବାର ଓ ସେନା ମୁଁ ବୁଝି ନ ଥିଲେ ମଧ୍ୟ ଅଙ୍କ ପଞ୍ଚରେ ଅଳ୍ପ ଅଭ୍ୟସ ଦେଖିଛି ଯେ ତହିଁରେ ପାଟୀରୁ ଶାଠିଏ ଦେଖ ଅଧିକ! ସବୁବେଳେ ଶୁଣିଶୁଣି ଜ୍ୟୋତିଷ ତତ୍ତ୍ୱର କେତେ ସୂତ୍ରାଏ ଗାଠ ଓ ବୋଲି ମୋର ହାସଲ ହୋଇ ଯାଇଥିଲା। ସେ ସୂତ୍ରାଦ ମୁଁ କୌତୁକ ଓ ଉପହାସ କରିବାରେ ବେଳେ ବେଳେ ଲଗାଇଦିଏ। ଏଥିରେ ସାଙ୍ଗମେଳରେ ବେଶ୍ ମଜା ଓ ହସ ଖୁସି ଲାଗେ।

ଆମର ଗାଁରେ ବନ୍ଧୁଙ୍କ ମିଶ୍ରଙ୍କ ଘର। ସେ ଥିଲେ ଜଣେ ଉକିଲ। ତାଙ୍କ ପାଖରେ ବାପାଙ୍କର ଢେର ଥିଲା। ପୁଣି ତାଙ୍କ ଘରଣୀ ମୋ ମାଙ୍କର ସହି। ଏଥିପାଇଁ କାରଣରୁ ଆମ ଦୁଇ ପରିବାର ମଧ୍ୟରେ ଖୁବ୍ ମେଳ। ମିଶ୍ର ଅପଣଙ୍କ

Digitized by srujanika@gmail.com

ଝିଅ ଛବି, ପିଲାଙ୍କ ହାତରୁ ଆମ ଘରକୁ ଯା ଆସ କରେ । ମୁଁ ବି ତାଙ୍କ ଘରକୁ ଚାଲିଯାଏଁ । ସେ ମୋତେ 'ଝଡ଼ ଝରଣା' ବୋଲି ଡାକେ । ଆମେ ଦୁହେଁ ସାଙ୍ଗରେ ଖେଳୁ । ମୁଁ ପିଲାଙ୍କ ଖେଳରେ ଡାକେ ପିଲାଙ୍କ ଯାଉଥାଏ । ଫେରା ମାତ୍ର ଚୋରି କରୁଏଁ । ପାଚିଲା ଆମ୍ବ ଚାରି । ସେ କହେ ତେତେମ ଖା—ମୁଁ କହେଁ ତୁ ଖା । ମୁଁ ଚୋରାଇବାରେ ପଡ଼ିଲେ ଠିଆ ରହିବି ଦେଇ ମଜିତ ଭୁଲରେ ସାହାରେ ଭରି ଅଛି ସ୍ୱପ୍ନପରାଏ ଝରଣା ଟେର ଅଛି । ଯେ ନ ଡାକିବା ଯାଏଁ ଅତି ଆଦରେ ଗୁଡ଼ିଏ ମୋର ଲେଖିବାକୁ ମନ ହେଉ ନଥାଏ । ତାର ମୋର ଏଇମିତିକା ।

ଦୁଇ ଗଣ୍ଡିର ଭିତରେ ଭୁଅନ୍ତି 'ସତ୍ୟ' ହୋଇଥିଲା ଆମ ଦୁହିଙ୍କ କଥା । ଅସିର ଯେତେବେଳେ ନ'ବର୍ଷ ମୋର ସେତେବେଳେ ଷୋଳ—ମୁଁ ଗଲି ଗାଁ ସ୍କୁଲ ଜାଉ । ସେତେ-ବେଳେ ପଢ଼ିଲେ କଥା ପଡ଼ିଲା ବାହାଘରଟା ହଉ ବୋଲି । ମିଶ୍ରଙ୍କର ବି ଗୌରବଦାନ ତରି ଚାର ଲାଗିଥିବ ସେତେବେଳେ । କିନ୍ତୁ ବାପା ତହିଁରେ ହେଲେ ନାରାଜ । କହିଲେ ଯେ "ଝିଅର ବୟସ ଅଛି, ଷୋଳବର୍ଷଟା ବାହାର ଯାଉ ।" କଥା ରହିଲା । ଷୋଳ ଉଣ୍ଟପରେ ବି ପ୍ରଥମ ବାହା ଲଗ୍ନରେ ଟେଳଥା ଅଛିରେ ଲେଖାଁ ପଡ଼େ—କିନ୍ତୁ ପାତ୍ରଟା କହେବା ଯାଏଁ ବଳି ଦର ଦେବାର ମତ ଅଛି ବାପାଙ୍କର ଥିଏ ନାହିଁ । ତହିଁକି ପ୍ରଧାନ ବାଧା ଗୋଟାଏ ଉତ-ମଧରେ ପଡ଼ିଥିଲା—ସାରଦା ଅଇନ । ମା ଯେତେ ଲଗାଇଲେ କଣ ହେବ ବାପାଙ୍କର ଭିତର ଇଚ୍ଛା ମୋର ଗୋଟାଏ ମୂଳ ଲାଗି-ଯାଇ । କଥା ତ ଠିକ ହେଇ ରହିତ । ଅଉ କଣ ? ଯେତେବେଳେ ଷୁଷି ହାତକୁ ଦହାତ ଛାଡ଼ିଦେବା । କଉ କଥାଟାଏ ଯେ !

ଇଙ୍ଗ୍ଲିସରେ ଅସି ଗାଁର ଅପର ପ୍ରାଇମେର ସ୍କୁଲକୁ ପାସ କଲି । ଚୋଖିଟା ଯେପରି ସୁନ୍ଦର ସେପରି ଲୁଚିମଣ ମଧ । ଉହର୍ଷ ତାର ମୋର ଅସପର ତେଣା କମ ହୁଏ, ତଠାକୁ ମୁଁ ତା-ପାଇଁ ନୂଆ ନୂଆ ଗପ, ନାଟକ ବହି ଆଣି ଦିଏଁ, ରାଧାନାଥ, ମଧୁସୂଦନ ଗ୍ରନ୍ଥାବଳୀ ଲାବଣ୍ୟବତୀ, ବଦଗ୍ଧଚନ୍ଦ୍ରାମଣି ପ୍ରଭୃତି । ଅଉ ମାସିକ କାଗଜ ପାଇଲେ ସେ ଛାଡ଼େ ନାହିଁ । ଏଥିରେ ତାର ବାପା ତ ଭାରି ଦଦନ୍ତି; କାରଣ ଅଢ଼ବାଲବା ଝିଅ ପାଠ ନ ପଢ଼ିଲେ ଚଳତା । ମୁଁ ଯେ ଇଂରେଜୀ ବହି ସବୁରେ ପଢ଼ୁଛି ଏଥିରେ ପଢ଼ିବ ଯେ ବାପ ଝିଅ ଭାବୁଥିବ ଉପରେ ପଢ଼ୁ ନଥିବ ତାହା କିଏ କହିପାରେ !

ନାଟକରେ ପଢ଼ୁଥିବା ବେଳେ ମୁଁ ଯେବେ ଘରକୁ ଆସେ, ଅସି ସାଙ୍ଗରେ ଦେଖାହୁଏ । ବାହାଘର କଥା ଉତରଅ ଲାଗିଥିଲେ ତ ଅମର ଭାଇ ଭଉଣୀ ସମ୍ପର୍କଟା ଭୁଲି ନଥାଏ । ମନ ଭିତରେ ଯାହାଥାଉ, ମୁଁ 'ଅସିତା' ବୋଲି କହି ସ୍ନେହକୋଳରେ ଘଡ଼ିଯାଏଁ, ଅଉ ସେ ବି 'ଝରଣା' ବୋଲି ଯୌବନ ସ୍ୱପ୍ନର ମଧୁର ଝଙ୍କାରରେ ସ୍ୱହତ ମୋ ଅଗରେ ହୁଏ । ମୁଁ ତାକୁ ନାଟକ କଥା, ସ୍କୁଲ କଥା, ଫୁଟବଲ ଖେଳ କଥା, ଥିଏଟର କଥା, ସିନେମା କଥା, ନାମଜାଦା ଲୋକଙ୍କ କଥା, ଏଇପରି ଶହ ସହସ୍ର ବାଜେ କଥା ଶୁଣାଏଁ । ସେ ମୁଗ୍ଧ ହୋଇତର ଶୁଣେ ଅଉ କେତେବେଳେ ପଚାରେ ।

ବାପାଙ୍କ ଅସୁସ୍ଥ ଜନ୍ମ ଅଜ୍ଞେ ହେଲେ ମା ମିଶ୍ର ଅପଣଙ୍କୁ ଡକାଇ କହିଲେ "ଏବେ ତ ଖଳା ତାକୁ ଲାଗିଲା—ବାକଥା କଣ କରୁଛନ୍ତି ।'

ମିଶ୍ରେ କହିଲେ 'କଣ କଥା' ! ମା କହିଲେ 'ସେତ ସ୍କୁଲରେ, ମୁଁ ବା ଅଉ କେତେଦିନ-ମୁଁ ତାକୁ କଣ ପଢ଼ାଇ ପାରିବି ?'

ମିଶ୍ରେ–ସେ କଥା ତ ସତ । ମୁଁ ବା କଣ କହିପାରିବି । ସବୁ କପାଳ କଥା ।

ମା—ବାହାଘରଟା କରିଦେଲେ ଏଇ ଭିତରେ—

ମିଶ୍ରେ ଏତେ କଣ କହିଲେ "ଦେଇଛି କଣ ସଜେଇ ଥାଉଛ । ସେ ଅଧୁ ଧରୁ ଅଛେ । ଅଟେ ଚାଲିବାର ଗୋଟାଏ ବାଟ ଲାଗି, ନାଟକଣା କରୁ । ଦେଖାଯିବ ତେଣିକି" । ମା ଖୁସି ହୋଇ କହିଲେ ।

ଅସ୍ତ୍ରପରୁ ମିଶ୍ରଙ୍କ କଥାର ତାତ୍ପର୍ଯ୍ୟଟା ବୁଝିବାକୁ ମୋର ବାକି ରହିଲା ନାହିଁ । ପତ୍ନୀଟା ବନ ହେବାର ଦେଖି ମୋର ଇଚ୍ଛାଏତ ଷ୍ଟଛ ସ୍ୱପ୍ନରେ ସେ ସନ୍ଦେହ ହୋଇ ମୋତେ ଝିଅ ଦେବାପାଇଁ ଦୋହୋହଣା କଲେଣି । ଦେଖିଲି ଯେ କୌଣସି ପ୍ରକାରେ ମୁଣ୍ଡଧର ହୋଇଥା ସେଇଥିପାଇଁ ଫନ୍ଦା କରିଲେ ଅସିକୁ ପାଇବା ସୁବିଧାଜନକ ନୁହେଁ ।

ଠିକ ତାଲି ନାଟକ ସ୍କୁଲଯିବ । ସ୍ତ୍ରୀକୁ ଏତେ ଚନ୍ଦ୍ରାଶରତ, ଏତେ ସାଙ୍ଗ ପୁଷ, ମୋତେ କଣ ଗୋଟାଏ କିଛି ମିଳିବ ନାହିଁ ଏତେ ବଡ଼ ସହରରେ !

କଟକରେ ପହଞ୍ଚି ଚନ୍ଦ୍ରଚ ଭୁଲିଲି, ବହୁତ ଖୋଜିଲି । କିନ୍ତୁ କଉଁଠି କିଛି ଅନୁକୂଳ ମିଳିବ ନାହିଁ । ଏତେଦିନ ଅଲି ଯେଉଁ ଆଶାରେ, କିନ୍ତୁ ଏ ଘଟଣାକୁ ମୋର ନଜର ପଡ଼ ନଥିଲା । ନାଟକକୁ ଯେତେ ସୁଖ, ସୁବିଧା ଓ ପୂର୍ଣ୍ଣ ଜେଗା ବୋଲି ଭାବିଥିଲି, କାମରେ ଦେଖିଲି ତା ଓଲଟା । ହାତରେ ଯାହା ଥିଲା, ସେତକ ବି ସରିଲା । ମୁଁ ଏସା ତା ଘର କୁଣିଅ ହୋଇ କେତେଦିନ କଟିଲା । ଏପରି ଭି ଭୁଲିଲା ଗୋଷତ ଖାଇ ଟଙ୍କେ ନିଜ ସ୍ୱପନ ବି ଜୁଟିଲା ନାହିଁ ।

ନିଜ ପାଇଁ ଯେତେ ଦୁଃଖ ନ ହେଉ, ତହିଁ ବଳି ଗଭେଷଣ ହେଉଥାଏ ଅସି କଥା ଭାବି । ମୁଁ ଅକର୍ମା, ଅଯୋଗ୍ୟ, ଅଲ୍ପଗା, ଦରିଦ୍ର ବୋଲି ଅସିକୁ ଅନ୍ୟଜଣେ ନେଇଯିବ ଏବେ । ଓଃ କି ଲଜ୍ଜା, କି ଅପମାନ । ଧିକ୍ ! ଅଛା, ଦେଖିବି ।

ଥରେ ମନେହେଲା ସତେ କ'ଣ ଲୋକର ଭଲପଣ ମନ୍ଦପଣ ବୋଲି କିଛି ଅଛି—ଯାହା ଉପରେ ମଣିଷର ଅଧିକାର, ଅନ୍ତତଃ ଥିବ ନାହିଁ ? ତା ନୋହିଲେ ମୋର ଏ ସୁଖର ସୌଧ ଏକା ଥରକେ ଭାଙ୍ଗିଯାଆନ୍ତା କପରି ? ବାଗା ମନେ,—ମୋର ପତ୍ନୀ ବନ ହୋଇ-ଗଲା,—ଏତେ ଆଶା, ଏତେ ଅଭିଳାଷ, ଏବେ

Digitized by srujanika@gmail.com

ଦୁଃଖରୁ ସବୁ ହୋଇଗଲା ଶୂନ୍ୟ । ତାଙ୍କପରି ଦରିଦ୍ର ଦଳନ ଭଳି ପୂର୍ତ୍ତିକର ଜୁଳୁଥିଲା ଏସ ସହରରେ, ଅନ୍ନ ପାଠ ଉଖାସ୍ତ ପର ଦୃଷ୍ଟିତ ତୁଷାର ତୁଷାର ହୋଇ ! ସେଥିରେ ପୁଣି ଛପି ବ୍ୟା— ତାରିଖର ନମ୍ବର ଗୁଣନ୍ ଜୁଣ୍ଡି— ଗାତ ଜୁଳୁଥିଲେ ହିସାବ—ଆଉ ସେଥିରେ ଯେ ଲୁଚିଥିବା ବାଲେ ହୋଇଥିଲା ଉପଦ୍ରବ ! ଅଦ୍ଭୁତପ୍ରା ଦୁର୍ଦ୍ଦୈବ ଜଣ !

ଆରେ ! ମୁଁ ଇଏ ସ୍ୱଭାବ ଭାବୁଛି ଜଣ ! ଦୁର୍ବଳତା—ମନର ଗ୍ଲାନତା ! ତାହା କୋଉଁ'ଏ କିଏ ? ଦଶା କୋଉଁଏ ଜଣ ? ଭାଗ୍ୟ କୋଉଁଏ ଜଣ ? ଦୁନିଆରେ ଭଲ-ଘଟ ଲାଗିଛି, ଭଲମନ ଲାଗିଛି । ଯେ ବୋକା, ଅଜ୍ଞାନ ସେଇ ପଡ଼ିଯାଉଛି ତଳକୁ, ଆଉ ଯେ ଅକ୍କଲବନ୍ତ, ସିଏ ସେ ଯାଉଛି ଚଢ଼ି । ବୁଦ୍ଧିର ଖେଳ—ଗାଳି କୌଶଳ, ପ୍ରଫେର । ଗୋଟାଏ ମାର୍ଗେ ସେ ସହଜ, ପୋଡ଼ିବାକୁ ସେ କୋଷ୍ଠୀକୁ, ଅପଣାର ଭବିଷ୍ୟ ଅପଣା ହାତରେ । ହାତରେ ଗଢ଼ିଥିବ ଭବିଷ୍ୟତ ଅପଣାର ଭାଗ୍ୟ ।

ଏଇ କଥାରେ ବାହାର ପଡ଼ିଲି । ବାଟରେ ଦେଖା ହେଲା ଧୂର୍ଜଟୀ ବାବୁଙ୍କ ସଙ୍ଗରେ । ତାଙ୍କ ସହିତ ପରିଚୟ ଥିଲା ଅଗରୁ । ତାଙ୍କଠୁଁ ଜାଣିଲି ଯେ ସେ ଗୋଟାଏ ପତ୍ରିକା ବାହାର କରୁଛନ୍ତି—ତା'ନା' "ଫୁଲ୍ ଫୁଲ୍" । କାଗଜଟାର କି ଦୋଷ ହେଉଛି ଜେଜାଣି ଭଲ ଚଳୁ-ନାହିଁ । ବଡ଼ ଲୋକସାନ ହେଉଛି । କହିଲି କାଗଜଟା ପାଖରେ ଅଛି କି ?" ସେ କହିଲେ "ନାହିଁ, ଅଫିସ ବୁଲନ୍ତୁ ଦେଖାଇବ ।" ସାଙ୍ଗହୋଇ ଗଲୁଁ । ଅଫିସରେ ପଡ଼ିଥ ଦୁଇବର୍ଷର ସଂଖ୍ୟା ଦେଖିଲି । ଦେଖୁଁ ଦେଖୁଁ ମଥାକୁ ଗୋଟାଏ ନୂଆ ଫନ୍ଦି ଆସିଲା । କହିଲି, "ବାବାଜୀ ! ତ ଖୁବ୍ ଭଲ ଲେଖା ହେଉଛି—ହେଲେ ଏ ଦେଶର ଲୋକେ ପାହା ସ୍ୱଭାବ ତାହା ହୋଇ ପାରୁ ନାହିଁ ମୋ ମତରେ ।"

ଧୂର୍ଜଟୀ—କି ରକମ ?

ମୁଁ—ଏଇ ଦେଖନ୍ତୁ, ଅପଣ ଲେଖୁଛନ୍ତି ସବୁ ଗମ୍ଭୀର ଲେଖା—ନୂଆ ଭାବ, 'ନୂଆ ଶିକ୍ଷା, ନୂଆ ମତ ଏଇପରି, ନାହିଁ ?

ଧୂ—ଠିକ୍ ସେଇଥିପାଇଁ—ମୋର ଇଚ୍ଛା ଲୋକଙ୍କ ଆଗରେ ନୂଆ ନୂଆ କଥା ଥୋଇ, ନୂଆ ଚିନ୍ତାଧାରା ଯୋଗାଇ ମନ ଓ ହୃଦୟର ଉତ୍କର୍ଷ ବଢ଼ାଇ ସମାଜ ଓ ଜାତିକୁ ଅଗ୍ରଗତିଶୀଳ କରିବାର ।

ମୁଁ—ସେଇଠିଁ ତ କରୁଛନ୍ତି ଭୁଲ ।

ଧୂ—ଅପଣ କଣ କହୁଛନ୍ତି ଅଉ ?

ମୁଁ—ମୁଁ କହୁଛି, ଯଦି କାଗଜର ଉନ୍ନତି ଚାହାନ୍ତି ତେବେ ଜାତି ବା ସମାଜର ଉନ୍ନତି ଛାଡ଼ିବାକୁ ହେବ । ଅମର ଯାହା ଦେଶ, ଏଥିରେ ଏ ଦୁଇଟା ପରସ୍ପର ବିରୋଧୀ । ଲୋକଙ୍କୁ ଖାଇଦେଇ, ଲୋକଙ୍କ ଗୋଟି ଖୋଜି, କୃପା କରାଇ ଦେଲେ କାଗଜର ଉପର ଆଦର ହେବ ।

ଧୂ—ନାହିଁ, ସେ କଥା ମୁଁ ପାରିବି ନାହିଁ । ଅଉ କିଛି ବାଟ ଥାଏତ କହନ୍ତୁ ।

ମୁଁ—ଅଛି । ଲୋକଙ୍କ ବୋଧାମିରେ ବାଥ ଦେଇ ।

ଧୂ—ବୁଝିପାରିଲି ନାହିଁ ।

ମୁଁ—ସିଧାସିଧା ଲୋକଙ୍କୁ ଠକାଇ ଲୋକଙ୍କ ସରଳ ବା ଅବୋଧ ବିଶ୍ୱାସର ସୁବିଧା ନେଇ ।

ଧୂ—ଯଥା ?

ମୁଁ—ଯଥା, କାଗଜର ଗୋଟାଏ ପୃଷ୍ଠା ରହିବ ଯେ ଗ୍ରାହକମାନେ ଅଳ୍ପ ମୂଲ୍ୟରେ ତାଙ୍କର କୋଷ୍ଠୀ ଗଣନା କରାଇ ପାରିବେ-ଭାଗ୍ୟଫଳ ଜାଣିବେ—ପ୍ରଶ୍ନର ଉତ୍ତର ପାଇବେ ।

ଧୂ—ଖୁବ ଭଲକଥା । ପରୀକ୍ଷା କଲେ ଦ୍ୱିଅଭ୍ୟା ମାତ୍ର ସେ କଥା କରିବ କଏ ? ଜ୍ୟୋତିଷ ଜଣେ ଦରକାର; ପୁଣି ଭଲ ଜ୍ୟୋତିଷ, ଯେ ଠିକ ଠିକ ଉତ୍ତର ଦେଇ ପାରିବ, ଫଳ ମିଳିବ !

ମୁଁ—ସେଥିପାଇଁ ଚିନ୍ତା ନାହିଁ । ଅପଣ ଜାଣି ଥିବେ ମୋର ପିତା ଜଣେ ବଡ଼ ଜ୍ୟୋତିଷ ଥିଲେ । ଏ ଅମର ବଂଶର ବିଦ୍ୟା । ବୁଝିଲେ ।

ଧୂ—ଅପଣ କଣ ମୋତେ ସାହାଯ୍ୟ କରିବେ ଏଥିରେ ? ମାତ୍ର କାଗଜର ଅବସ୍ଥା ଏପରି ଯେ ମୁଁ ତ ଅପଣଙ୍କ ପାରିଶ୍ରମିକ ଦେଇ ପାରିବି ନାହିଁ ।'

ମୁଁ—ତା ପାଇଁ ଚିନ୍ତା ନାହିଁ ବର୍ତ୍ତମାନ ଭଗବାନଙ୍କ ଦୟାରେ ବନ୍ଧୁର ଉପକାର କରି ପାରିବି । ତେଣିକି ଦେଖିଲେ କମିଶନ ନେବେ ।

ଧୂ—ମୁଁ ତହିଁରେ ରାଜି । ଅପଣ ଆଜିଠୁଁ ମୋ ବସାରେ ରହନ୍ତୁ ।

ଏହି କଥାବାର୍ତ୍ତା ପରେ ମୁଁ ଧୂର୍ଜଟୀ ବାବୁଙ୍କ ବସାରେ ରହିଲି । 'ଦୈବଜ୍ଞଙ୍କରେ' ବିଜ୍ଞାପନ ବାହାରିଲା । ଖୁବ୍ ଖୁବ୍ ବଡ଼ା ବଡ଼ା ହୋଷ୍ଟି ଓ ପ୍ରଶ୍ନ ଅସିବାକୁ ଲାଗିଲା । କାଗଜର କମା ଏତେ ବଢ଼ିଲା ଯେ ସଂଖ୍ୟା ଛପା ହେଉଥିଲା ଦୁଇମାସ ଭିତରେ ତାର ଅଠଗୁଣ ହୋଇଗଲା । ମୋର କମିଶନ ବାବଦ ମୁଁ ବି ଯଥେଷ୍ଟ ପାଇବାକୁ ଲାଗିଲି ।

ତ୍ରିମ ଧନାରେ ଜଣ ଲୋକମାସ ଘରକୁ ଯାଇ ପାରୁନାହିଁ । ମନୋଜର ହାତରେ ପଇସା ବଢ଼ନ୍ତି ଜମିଲେ ଏକାବେଳେ ପିଠ ଅଳି ଶନିତ୍ରିକୁ ଦମକାଇ ଦେଇ ବାହାଘରର ଧନଟା ଧରିଦେଇ ଅସିବ । ବ୍ରାହ୍ମଣ ବଂଶ (ଗୋତ୍ର) ପତ୍ୟକୁ ପାଇ ହବ ।

ସକାଳୁ ଟିକା ଧନ ଅଛେ ଏଥି ପାଇଁ ଭଲ ଭଲ ବହୁ ଦେଡଗୁଣ୍ଡ ହଣିଲି । ତାଃପାଇ ସୁବଦା, ଉଠିବାରେ କଣ କରୁଛ ବୋଲି ବୁଝିବ ଯାଇଁ ଠକାମି ବେଳସାଟା ଜରୁର ଏଇଟା ଲୋକଙ୍କ ଅଗରେ କସେସଟଃ ଯଦି ଅଗରେ କହିବାକୁ ଲାଜ ମାଡ଼ିଲା । କାରଣ ଜ୍ୟୋତିଷ ଶାସ୍ତ୍ରର ସତ୍ୟାସତ୍ୟ ବିଷୟରେ ମୋର ଜିଜ୍ଞାସା ମତଟା ଅପିଲୁ ଅଜଣା ନଥିବ ଏବଂ ମୋ.ଠାରୁ

Digitized by srujanika@gmail.com

ଲୁଚି ଲୁଚି ତାର ମତଟା ମଧ୍ୟ ଜାଣିବା ମୁଁ ତାହା ବେଶ୍ ଜାଣିଥିଲି । ଏପରି ସ୍ଥଳେ ମୋର ଦୂର ସମ୍ପର୍କୀୟା ଭଉଣୀ ଜଣା ମୋ ପ୍ରତି ଅପରି ସୀମ ପ୍ରୀତି ଦେଖାଇବାର ଚେଷ୍ଟା ମୋର ଅଜଣା ନଥିଲା । କିନ୍ତୁ ତା ଆଗରେ ହାସ୍ୟାସ୍ପଦ ହେବା ତ ପର ମୋତେ ଏତେ ଭଲ, ଠକ ବୋଲି ଚାହେଁ କେବେ ? ତେବେ ନିହାତି ଅଚୁଆଁସ ମଜଲିସ୍‌ଖାନୀ ହିଁ ଅନୁଚେ । ସଭାମଧ୍ୟ ଶିକ୍ଷିତା ଓ ଚଞ୍ଚଳ ଚଳୁବ । ପୁଣି ହଠାତ୍ ଉଠିଲେ ଯଦି ଖୁଣ୍ଟ ଦେଖି ପରି କଥା ତାର !

ମୁଁ ଯେ ଜଣେ ବଡ଼ ମଣିଷ ହୋଇଛି ଏଇଟା ତ ଜଣାଇବାର କଥା । କିନ୍ତୁ ସେଇଟା କ ଜୁପା- ସ୍ମିତ ଜଂଲାଇ ଦେଇ ହୁଆଁଟା ଠିକ କହିବା ପାଇଁ ଉଦ୍ଭଟ ମୂର୍ଖ କଥା କହିବାକୁ ପଡ଼ିଲା ଯେତେ ଉଦ୍ଭଟ ଲାଗିଲେ ବି ମନକୁ ପାଇଲି ନାହିଁ । ଯେବେ ସେ ଚଞ୍ଚଳ ହୋଇଉଠେ— ଜଗତ ଉଦ୍- ଘଟେଇନ୍ତୁ । ଠିକ ହେଉଛି । ସ୍ୱାଧୀନ ବ୍ୟବସାୟ, ଲକ୍ଷ ଲକ୍ଷ ଟଙ୍କା ରୋଜଗାର ମାନେ ଜଗତ— ଉଦ୍ୟୋଗ ଉଦ୍ୟୋଗ । ଅଜି କଣ !

ତାଙ୍କୁ ଯାଇ କହିଲି ପଢ଼ିଗଲି "ପତ୍ରିକାର ମୃତ ଜନାର ବଡ଼ାଇ ଦେଖିଲି ଯାହା ଦେଖା । ତାହାର ଧର୍ମ୍ମବଳ ଅଛି ।" ଏବେ କହୁଛି 'ଟୋକାଟା ଛୁଟ ଗ୍ରୁଣ୍ଡିସ୍' । ଏବେ କହୁଛି 'ଏଥର ବାହାରିଯାଉଛି ଦୋଳଯିବ ଜଣା ଯାଉଛି ।'

ଅନେକ ଦିନ ପରେ ଅଧି ଶାଗରେ ଦେଖା ହେଲା । ବହୁ ଗୁଡ଼ାଏ ହେଲା । ମୁଁ ଭାବିଲି ଅଭିଲେ ସେ ଅନେକ ଯେପରି ତୃଷ୍ଟି ଦ୍ୟୁଏ ଓ ବନ୍ଧୁଟାଏ ପଛଟାଏ ହେଲେ ଯେପରି ପାଇ ପରେ ଏଥର ସେ ଭଲ ଦେଖିଲି ନାହିଁ । ମାନୁଛି ଧରଣରେ ଭଦ୍ରତାର ସହିତ କଥାବାର୍ତ୍ତା କହିଲା । ଭୁଲିଲି ପଚାରିଲି । ମୋ ସମ୍ବନ୍ଧରେ ତାର ଏଭଳି ଅଶ୍ରଦ୍ଧେୟ ଭାବ ଦେଖି ମୋର ହୃଦୟ ଲୁହିଲା । ମୋ କଥା ବୋଲି ତାଙ୍କୁ ନ ଏକୁଟି ବୋଲି ଯେତେ ବାର ଦେଖାଇଲି ସେ ମୂଳକୁ ଧରିନଥିଲା ଦେଖୁନାହିଁ । ଏଥର

ମୋତେ ହିଁ କଥା ପକାଇବାକୁ ପଡ଼ିଲା । ମୁଁ କହିଲି "ଅପି, ଭୁ ଲୁଟଫନ୍ସ୍‌ପିଅର କଣ ଜାଣିଛୁନା ?" ସେ କହିଲା "ଲଣ୍ଡନ ବାସୀ ତ ! ଏବେ ନ ଜାଣେ ? ବାପା କହୁଛନ୍ତି ଯେ, କଣ ହେଲା କ ?" ମୁଁ ଅପରାହ୍ନର ହସଟାଏ ହସି ଦେଇ କହିଲି "ନାଇ, ସେଇ କଥା ପଚାରୁ ଥିଲି, ଭୁ ଜାଣୁ କ ନଜାଣୁ ।" ଅପି କହିଲା "ହିଁ ଅନେକ ନଫଲ ଲୋକ, କାହିଁ ଜାଣିବୁଁ !" ପୁଣି କହି ଉଠିଲା "ତମେ କଣ ଲଣ୍ଡନବାସୀ କହୁଛ କ ?" ଏଥର ହସିଏ ନୃତ କରାଇ ପାରିଲି । କହିଲି, "ମୁଁ କହେ ନାହିଁ ଭଲେ—ପରଲୁ କହିବ ।"

ଅପି—ତା ମାନେ ଏଜେଣ୍ଟ ?

ମୁଁ—ହିଁ, ଯାହା କହିଲୁ ସେଇଆ । ବେଶ୍ ଭଦ୍ରପରିବାର ଅଛି ତହିଁରେ । ଲକ୍ଷ ଲକ୍ଷ ଟଙ୍କାର କାମ । ଲୋକ ଯିମିତ, ହାକିମ୍ଭୁ ସିପିଅ ଅଳ୍ପ ମାଦ ଖାତିରି ବି କମ ନୁହେଁ । ନାହିଁ କଣ ଅପି ?

ଅପି ଜୋରାଏ ଜଗହୀଅ 'ହୁଁ' ମାରିଲା । ମୁଁ ସେ 'ହୁଁ'ଟାର ଅର୍ଥ ବୁଝି ନପାରି କହିଲି "ଜାଣିଲୁ, ମୁଁ ଜଣେ ଏଜେଣ୍ଟ ହୋଇଛି । ସ୍ୱାଧୀନ ବ୍ୟବସାୟ । ଉନ୍ନତିର ଆଶା ଖୁବ୍ । ଭଲ ନୁହେଁ ?"

ଥୋମଣିଟାକୁ ଲୁଟେଇ ଦେଇ ଚାହିଁଲା ଏଥର ଅପି କହିଲା "ଖୁବ୍ ଭଲ । କହି- ବାକୁ ଅଛି । ତାର ଦୁଆର ଦୁଲି ଲୁକ, ତାର ଛଣାଙ୍କ ଗୋଡ଼ ଧରି, ତାର ଲୋଗାରୁ ଧକ୍କା ଖାଇ କମ ଧାଡ଼ ତ ? ଟଙ୍କାଟା ଯିବ ଲୁଣ୍ଠାଇ ହାତକୁ; ଇଜ୍ଜତଟି ଭଲ ମାରିବା ଭଲ ।"

ଅପେ ଯାଃ । ଅତ ବୁଦ୍ଧି କଣ ରାଜୁ ମାରି ହେଉଥିଲି କିହା—ଫଟ୍ଟା ହେଲା ଓଲଟା । ଏ କଥା କଣ୍ଠ ଦନ୍ତରେ କଲି ହୋଇ ଆସିଲା । ଅପି ଆଖିରେ ଚଢ଼ ହେବାକୁ ଯାଇ ଯେତେ ସ୍ଥିତ ହୋଇଗଲି ମ ! କଣ ଉତ୍ତର ଦେବ ଭାବ ହିଉଛି, ଏତିକିବେଳେ ସେଠି ଅପି ପଢ଼ୁଥିବା କଲ୍ପ ପୁଚିଅ । ଅମରୁ ତାଙ୍କର ଭଲ,

ଅମର ଜାତ, ମୋ ଠାରୁ ବର୍ଷେ ବଡ଼ ବସ୍ତୁରେ ଭଣା ହେବ ସେ । ପୁଚିଅ ମାଇନର ଯାଏ ପଢ଼ିଥିଲା, କିନ୍ତୁ ନା ପରୀକ୍ଷାଙ୍କର ପୁସ୍ତକ ଅଧ୍ୟୟନଠାରୁ ଖେଳ ଅଭ୍ୟାସ ପ୍ରତି ତାର ଉତ୍କଣ୍ଠା ଅଧିକ ହେବାରୁ ସେ ସେହି ଖାଲ୍‌ସ ବଦ୍ୟା ସାଧନରେ ମାତିଗଲା । ତା ପରେ ପଢ଼- ଛାଡ଼ି ସ୍କୁଲ ଯାଉଥିଲା ଦହେଇ । ଅନେକ ଥର ସ୍କୁଲ ବଡ଼ ଛାତ୍ରମାନଙ୍କର ତାଲିମ ନେଇ ଲୁଅଡ଼େ ହେଉଛି ଖୁବ୍ ସରସ ଗବେଷା । ସଙ୍ଗୀତ ଯନ୍ତ୍ର ପାଇ ଲୁଅଡ଼େ ଖୁବ୍ ଭଲ ବଜାନ୍ତି ।

ପୁଚିଅ ଖାଇରେ କଟ୍ଟର ସହକୁ ଦେଖା ସାକ୍ଷାତ ନଥିଲା । ସେ ଏଇ ଥର ପୁଚିଅ ଥାନ୍ତି । ବଡ଼ ବଡ଼ ଲମ୍ବ ଲମ୍ବ ବାଳ ମୁଣ୍ଡରେ, ପଛକୁ ଟଣା ଟେଡ଼ଣ ଟେଢ଼ି, ସଜବା ନଣ, ବଟର ଫ୍ଲାଇ ଛାଣରେ ହାଫ ଲମ୍ବା କଲି, ଦେହ ଢୋଲା ପଞ୍ଜାବୀର ହାଫ ଭଳିଆ, ଗୋଡ଼ରେ ଭେଲଭେଟ ଚପଲ, ବାଁ ହାତରେ ଘଡ଼ି, ଛାତିରେ କଲମ, ବାଆଁ ପଟ ପକେଟରେ ଲୁଙ୍ଗିଟା ଖୋଷା—ନବ୍ୟ ଆଧୁନିକର ସବୁ ସଜ । ସେ ମୂଲ୍ୟ ୨ ହସି ସେଠି ପହଞ୍ଚି ବଜ୍ର ଓ ଜୋରରେ ଏ ଧ୍ୱନିରେ ଉଚ୍ଚ ଗଳାରେ ଉକିଲି ଦେଲା । ତଥାରେ କଥାରେ ସଲ୍ଲା, ଲଗରୌ, ଧଡ଼, ମହାରାଜା, ଥିଏଟର, ସିନେମା ପ୍ରଭୃତି ବେତେ କଣ କହିଗଲା ଅବଶ୍ୟ ଭଲ ପଡ଼ । ତା ପୂର୍ବି ତେଜ ଆଗରେ ମୁଁ ଯେପରି ଝଡ଼ି ଏବେ ଟିକିଏ ହୋଇଗଲି ।

ପୁଚିଅ ହାତରେ ଖଣ୍ଡେ 'ଦୁଲସ୍ତୁଲ' ଧରି ଥିଲା । ସେ ଶ୍ରେଣିର ଅପି ଅଡ଼ଲୁ ନଚାଇ ଦେଇ କହିଲା "ନୂଆ 'ଦୁଲସ୍ତୁଲ' ଦେଖିଲୁଣି ଅପି ?" ଅପେ ଏ ଟୋକାଟା ଯେ ମୌରସି ସବୁବେ ଦୁଲସ୍ତୁଲ ଲଗାଇବାର ଉତ୍ତମ ଜଣାଣି ଦେଖୁଛ ! ଏବେ କଣ ! ଏଇଟା ଗାଙ୍ଗରେ ଅତିର କ ପର୍ଷ୍ଣ ? ସେଥିରେ ପୁଣି ଚଢ଼ିବା ଯେ ନିଅର ଧନସ୍ପୃହା । ଭଲ ନୁହେଁ ତ । ମୁଁ ହଠାତ୍ ଜାଣେଟା ତା ହାତକୁ ଝାମ୍ପ ନେଇ କେଉଁଠାକୁ

Digitized by srujanika@gmail.com

ସେଥିପାଇଁ କହିଲି "ଓଃ, ଏ କାଗଜ ଏଠିକି ତ ଆସୁଛି ଯେ !" ପ୍ରଜାପ କହିଲା "ଆସୁଛି ଯେ ! ଗୁରୁଙ୍କୁ ଭଲେଇ ଦେଇଛି ବୋଲି ଜାଣୁନ ।"

ମୁଁ—ଉ ଉଦମ ?

ପ୍ର—ଶୁଦ୍ଧ ଚନ୍ଦ୍ରିକା ଏଥିରେ ।

ମୁଁ—ଏ ଦୃଷ୍ଟା ମଫସଲ ଯେ ?

ପ୍ର—ଅଉ କଣ !

ଅପି ଏଇଠି କହିଲା "ଜାଣିନ ପରି—ଏଥିରେ ଯଉଁ ଫଳାଫଳ ଜ୍ୟୋତିଷ ବାହାରୁଛି ସେ ସବୁ ଠିକ । ସେଇଥି ପାଇଁ—

ମୁଁ ବାଧା ଦେଇ ଅପି ଆଡକୁ ଚାହିଁ ହୋଇ କହିଲି, "ତୁ ବି କଣ ସେ କାଳେ ଜ୍ୟୋତିଷରେ ବିଶ୍ୱାସ କଲୁଣି ଅପି ?"

ଅପି କହିଲା, "କରୁ ତ ନଥିଲି ଜାଣ—କେବେ ନ କରନ୍ତାରୁ ଉପାୟ ନାହିଁ । ଏଇ ସମୟ ଭିତରେ ତିନି ଦୁଇଟା କଥା ଯାହା ଲେଖିଲାଣି, ଅକ୍ଷରେ ଅକ୍ଷରେ ତାର ଫଳ ମିଳୁଛି ।

ପ୍ର—ସେ ଦୁଇ ପ୍ରଧାନ କଥା କହୁନୁ !

ଅପି—ଏକା ଦୁଇ ପ୍ରଧାନ କଣ, ଶମ ଶୁଣଲିଁ, ଲବାଣ ପାଣିଗ୍ରାହୀ, ସପନ ଲେଖା—ଅଲଗ ଜେଟେ—ଏଇ ସେଦିନ ମିତ୍ର ମିଶ୍ରଙ୍କ ପୁଅ ଅନାଦି ହଜିଥିଲା, ସେ ଲେଖିଥିଲେ—ଉତ୍ତର ଅପିଲୁ ଜଣକ ଆଶାରେ ଅଛି । ପନ୍ଦର ଦିନ ଭିତରେ ଉତ୍ତର ଦକ୍ଷରେ ମିଳିବ । ସତକୁ ସତ ନଅଣ ପୁରିବେ ସେ ଥିଲା, ମିଳିଲା । ଆଉ ମହାପାତ୍ରଙ୍କ ଲୁଅଲିବ ଗ୍ରହର ବିଲମ୍ବ ହୋଇଥିଲା । କାଳକ ଘଟା ହୋଇଥିଲା ତାଙ୍କ ଛିଉର । ସେଇଥିରୁ ସେ ଉତ୍ତର ଦେଲେ ଜଣେ ଲୋକ ସହିତ ବିବାଦ କରି ଗ୍ରହର ଯାଇଛି—ତାହାର ଅନୁସରଣ କଲେ ମିଳିବ । ବୁଝିବା ବେଳକୁ ସେ କଥା ଠିକ୍ । ପୁଣି ତାକୁହିଁ ଭୁଲାଇଲା କରି ଗୋଟି ହାତ ଧରି ସ୍ୱଜନ ମିଳିଲା ।

ଧଡ଼୍‌କାରରେ ମୋ ଛାତି ସେତେବେଳକୁ ଜଳି ଗଲାଣି । ଦୁଇଟାର ଫଳାଫଳ ଜ୍ୟୋତିଷ ବିଭାଗର ସମ୍ପାଦକ, କର୍ତ୍ତା ମୁଁ ନିଜେ—ସେହି କଥାଟା ମୂଳରୁ କହିଥିଲେ ଆଜି ମୋର ଦଶା ହୋଇଥାଆନ୍ତା—ଅପି ଆଗରେ ମୁଁ କେତେ ବଡ଼ ହୋଇ ପାରିଥାଆନ୍ତି—ମୋହର ବେକୁବରୁ ବଡ଼ ନ ହୋଇ ହୋଇଗଲି ବେଢ଼େ ଛୋଟ ! ଏବେ ପସ୍ତାଉଛି ମୁଁ । ମାତ୍ର ଏଣିକି ତ ଆଉ ଉପାୟ ନାହିଁ । ଅନେକଟା ଯାହା ହବାର ହେଇ ଗଲାଣି । ହଉ, ପାଞ୍ଚ ଏଥର । ଆରଥର ଅପିକେ ଯାଉ ଥୋ ।

ପ୍ରଜାପ କଥା କହିବା ବେଳେ ଅପିର ଯଉଁ ଚେହେରା, ଚିଲିକାର ଛବି, ତା ମୋ ନଜର ଏଡ଼ାଇ ପାରି ନଥିଲା । ସେ ପାଇଁ ଅପି ଉପରକୁ ଯେତେ ଅଭିମାନ ହେଉ ନ ହେଉ, ପ୍ରଜାପଟା ଉପରେ ରାଗଟା ହୋଇଥିଲା ବେଶୀ । ଠିକ୍ ରାଗ ନୁହେଁ, ଗୋଟାଏ ଈର୍ଷାର ଭାବ । ସତେ ଯେପରି ସେଇ ମୋର ଖାଇବା ଥାଳରେ ଭାଗ ବସେଇଛି । କିନ୍ତୁ ତାର ରୂପ, ଗୁଣ ଏମିତି ଯେ ଯାହାକୁ ପାଇ ତାହାକୁ ତା ଆଡ଼େ ଆକର୍ଷଣ କରି ପାରେ, ମୁଗ୍ଧ କରି ପାରେ । ମୋର ସେଥିରେ କଣ ଅଛି ? କିନ୍ତୁ ମୋ ସାଙ୍ଗରେ ତାର କଣ ତୁଳନା ? ଯେତେବେଳେ ସେକଥା ପାଇଲି, ଲଜ୍ଜାରେ ।

ପ୍ରଜାପ ଚାଲି ଗଲା ସେଠୁ । ସ୍କୁଲ୍‌ରେ ବେଳେ ଦେଖିଲି ଅପି ତାହାର ଆଡ଼କୁ ଏକ ଧ୍ୟାନରେ ଚାହିଁଛି । ମନେ ହେଲା ମୁଁ ଯେପରି ଗୋଟାଏ ଅଲୋଡ଼ା ଅଗନ୍ତୁକ—କେବଳ ଭଦ୍ରତା ଖାତିରରେ ବାଧ୍ୟ ହୋଇ ଅପି ସେଠି ରହିଛି ।

ପ୍ରଜାପ ଅଦୃଶ୍ୟ ହେବା ପରେ ମୁଁ ଗମ୍ଭୀର ହୋଇ ଅପିକୁ କହିଲି "ଏ ଲଙ୍ଗଳା ବାଗବୁଲାଟା ଏଠି କଣ କରୁଛି ?" ଅପିର ମୁହଁ ଲାଲ ପଡ଼ିଗଲା କ୍ଷଣକେ । ସେ ଥମ ଥମ ହୋଇ କହିଲା "ତମେ ଏପରି ଅସହଣି କାହିଁକି ? ସେ ବାଉଳାକୁ କାହିଁକି ହବ ? ଯାର ଗୁଣ ଶିଖିତ ତାର ସବୁଆଡ଼େ ଆଦର । ପରର ନିନ୍ଦା କରିବା ଭଲ ନୁହେଁ ଶୁଣିଲ ।"

ହଠାତ୍, ଅଭିମାନରେ, ହିଂସାରେ, ଦୁଃଖରେ ମୋର ମଥା ଗରମ ହୋଇ ମୁଁ ଅପଣାକୁ ସମ୍ଭାଳି ପାରିଲି ନା କଣ ? ଭିତରର କଥାଟା ଭିତରେ ରଖି ପାରିଥିଲେ ଭଲ ହୋଇ ଥାଆନ୍ତା । କି ଯୋଗୁଁ ଜାଣେ ନାହିଁ—ଯେ ସବୁ ପଦେ ଅଧେ ଅଛି କେବଳ ଭୁଲ ହିଁ ଜଣାଯାଉଛି । ସମାନ ଦେଇ କହିଲି "ସହିଲୁଣ ଅପି, ମୋର ଦୋଷ ହୋଇ ।"

ଅପି ହସି ପକାଇ କହିଲା, "ନା, ଦୋଷ ନୁହେଁ, ଅନ୍ୟ କିଛି ।"

ସେ ଦିନ ଅପିଠାରୁ ଶୁଣିଲି ଅପି ମାକୁ କହିଲା ଅକାଳରେ ବନ୍ଧୁସଙ୍ଗ କଥା ବୁଝିବା ପାଇଁ । ମା ଗଲେ ମିଶ୍ରଙ୍କ ଘରକୁ ଯାଇ ଅଗ୍ରେ ତାଙ୍କ ସଙ୍ଗେ କହିଲେ ସବୁ କଥା । ମୁଁ ଭଣ୍ଡାରେ ଭଲ ନାମଟିଏ ପାଇଛି, ଭଲ ବ୍ୟବସାୟ ବୋଲି ଗାରଣ୍ଟି । ପରେ ବସ୍ତୁତ ଲୋକଗାରର ଅଣ୍ଡା ପଞ୍ଝ, ଇତ୍ୟାଦି ଇତ୍ୟାଦି । ଏଥି ବି ତାଙ୍କ ସ୍ୱାମୀଙ୍କୁ ସେ କଥା କହି ସବୁ ସତ୍ୟଟା ପଚାରିବା ପାଇଁ ଜିଦ୍ ଧରିଲେ । ସବୁ ଶୁଣି ମିଶ୍ରେ କହିଲେ, "ଏତେ ବ୍ୟସ୍ତ କାହିଁକି, ଏଣିକି ତ କାହାଲଗ୍ନ ନାହିଁ । ତା ପରେ ମହାପ୍ରଭୁ ଜଗନ୍ନାଥର ବର୍ଷକ ଭିତରେ ମଙ୍ଗଳକାର୍ଯ୍ୟ ତ ହୋଇ ପାରିବ ନାହିଁ । ବାପ ବର୍ଷଟାଏ ଯାଉ ।"

ଏଥିରେ ଆଉ ଉତ୍ତର ନାହିଁ । ମୋର ଇଚ୍ଛା ଥିଲା କଥାଟା ଚୂଡ଼ାନ୍ତ କରି ଦେବାର ଧରି ଅପି ଥାଆନ୍ତି । ଅନ୍ତତଃ ଲଗ୍ନ ବେଳକୁ ଛମାସରେ ବର୍ଷଟା ଶିଖିଥିଟା ଦେଇ କାମ ତୁଟାଇ ଦିଅନ୍ତେ । ଦିନ ଯାଉଥାନ୍ତା । କିନ୍ତୁ ତାହା ହୋଇ ପାରିଲା ନାହିଁ । ଭୁଲ ଉପରେ ଗୋଟାଏ ପଥରର ଭରା ବନ୍ଧି ଦେଇ ଦେଲି ।

କ୍ରମଶଃ

Digitized by srujanika@gmail.com

# କାହାଣୀ



## ଦସ୍ୟୁ ସର୍ଦ୍ଦାର

ଲେଖକ:—
ଷେବମୋହନ ରାଉଳ

(ପୂର୍ବ ପ୍ରକାଶିତ ଉତ୍ତାରୁ)

-- ଚାରି --

"ତୁମେ ଯାହାକୁହ ସୁଶୀଳା, ଗାଁରବାରଙ୍କ ଜୀବନ ହେଲେ—ସଂସାରର ଜଞ୍ଜାଳ ଘେରି-ଯିବ, ଆଉ ଦେଶ ସେବା ଅସମ୍ଭବ ହୋଇ ପଡ଼ିବ । ନିଜର ଗୃହ ପିଲା ପିଲାଙ୍କ ଚିନ୍ତା ସବୁ ବେଳେ ଘାରି ପକାଇବ ।"

ଗୋଟିଏ ଛୋଟ କୋଠରୀ—ଅତି ପରିଷ୍କାର ପରିଚ୍ଛନ୍ନ ରହିଛି – କିନ୍ତୁ ଚାକଚକ୍ୟ କିଛି ନାହିଁ । ସାଧାରଣ ଗୃହସ୍ଥର ଯାହା ଦରକାର ସେହିପରି ଜିନିଷ ସବୁ ଠିକ ସବୁ ସ୍ଥାନରେ ଥୁଆ ହୋଇଛି ସର୍ବେଶ୍ୱର ଗୋଟିଏ ବିଛଣା ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ ହାତକୁ ଭରଦେଇ ଶୋଇଛନ୍ତି— ସୁଶୀଳା ନିକଟରେ ବସି ପାନ ଭାଙ୍ଗୁଛି – ରାତ୍ରି ପ୍ରାୟ ନଅଟା ହେବ । ଗୋଟିଏ ବିରାଡ଼ି ଲଣ୍ଠନର ଦୂରପଟେ ଲାଙ୍ଗୁଳ ହଲାଇ ମିଆଁଉ ମିଆଁଉ ହେଉଛି, ଏହି ତିନିଜଣ ଛଡ଼ା ଅନ୍ୟ କେହି ସେ ଘରେ ନାହିଁ ।

ସୁଶୀଳା—"ଏହିପରି ହୋଇତ ସବୁ ସମ୍ପତ୍ତି ଗଲା—ପୁଣି ନିଜର ଚଳିବାର ବ୍ୟବସ୍ଥା ତ କରିବ ?" "ତୁମେତ ଦେଖୁଛ—ତୁମ ଆଖି-ଆଗରେ ଲୋକେ ତିନି ଦିନରେ ଥରେ ଖାଇ-ବାକୁ ପାଉନାହାନ୍ତି—ଆମେ ସେପରି ନରହିବା କାହିଁକି ? ଆମର ସମ୍ପତ୍ତି ଅନ୍ୟାୟରେ ଉପା-ର୍ଜିତ ହୋଇଥିଲା - ତାହା ଅନ୍ୟାୟରେ ପୁଣି ମହନ୍ତ ହାତକୁ ଯାଇଛି । ଯାହାଥିଲା ଆମେ ଓ ଆମ ଗ୍ରାମବାସୀ ବାଣ୍ଟି ନଖାଇ କଣ କରନ୍ତେ ? ସେମାନେ ଉପବାସ ରହିବେ ଆମେ ଭରିତ ଖାଇବା—ଏହା କଣ ଅଧର୍ମ ନୁହେଁ ସୁଶୀଳା? ଦେଖୁନାହିଁ ଗରିବ ଲୋକଗୁଡ଼ାକ ମୋର ରୋଗ-ହେଲେ ଔଷଧ ଟିକିଏ ପାଉ ନାହାନ୍ତି—ପଥ୍ୟ ଖାଇବାକୁ ଅଳ୍ପ ବା ଛଦାମଟିଏ ନାହିଁ—ଏମାନେ ମଉଜ ମଜଲିସରେ ନିଶାରେ କେତେ ଖରଚ କରୁଛନ୍ତି ? ତୁମେ ଜାଣିରଖ ଯେତେକ ଗରିବ ଆମର ବନ୍ଧୁ—ଜଗତର ବନ୍ଧୁ— ତାଙ୍କର ଝାଳରେ ଜଗତର ସମସ୍ତ ଚଳୁ-ଛନ୍ତି—ତାଙ୍କୁ ସବୁଠାରେ ହୀନମାନ କରି ରଖା ହେଉଛି—ସମାଜ କୁହ—ଧର୍ମଦ୍ୱାର କୁହ—ରାଜନୀତି କୁହ ସବୁଠାରେ ସେ ହୀନମାନ । ସେ ନଥିଲେ ଆଜି ସଂସାର କିପରି ଚଳନ୍ତା ? ଜାଣି ପାରୁ ନାହିଁ । ଯେତେକ ଧନୀ —ଯେତେକ ମଧ୍ୟବିତ୍ତ—ସ୍ୱାର୍ଥପର ସେମାନେ ଆମର ଶତ୍ରୁ । ଏ ଦେଶରେ ଯେତେଦିନ ପର୍ଯ୍ୟନ୍ତ ଧନ ଥିବ— ଧନୀ ଥିବେ—ସେ ପର୍ଯ୍ୟନ୍ତ କେହି ସୁଖ ଭୋଗ କରି ପାରିବେ ନାହିଁ—କେହି ସ୍ୱଚ୍ଛନ୍ଦରେ ଚଳି ପାରିବେ ନାହିଁ । ଭଗବାନ ପେଟ ଦେଇ-ଛନ୍ତି—ଖାଇବାକୁ ଦେବେ । ତୁମେ ସୁଶୀଳା ଯାହା ପାଇବ ଗାଁର ଗରିବ ଭାଇ ଓ ଭଉଣୀଙ୍କୁ ସେଥିରୁ ଅଧେ ଦେବ । ସେମାନଙ୍କର ନିଶ୍ୱାସରେ ତୁମର ମଙ୍ଗଳ ଜାଣ !"

"ସେମାନେ ଯେପରି ଅତ୍ୟାଚାର କରୁଛନ୍ତି, ସେହିପରି ଧର୍ମକାର୍ଯ୍ୟ କରୁଛନ୍ତି ।"

"ଛି—ସୁଶୀଳା—ଥିଲା ସେ ଧର୍ମ କାର୍ଯ୍ୟକୁ । ଯେଉଁ ଦେଶରେ ଗରିବ ରୋଗରେ ମରୁଛି ଔଷଧ ପାଉନାହିଁ, ଖାଇବାକୁ ତିନି ଦିନରେ ଥରେ ପେଟପୁରା ପାଉନାହିଁ, ଲୁଗା ଖଣ୍ଡେ ପିନ୍ଧି ଲୁଚାଇବାକୁ ପାଉନାହିଁ, ସେ ଦେଶରେ ଦେଉଳ ମଠ ବାଡ଼ିରେ ଏତେ ଧନ ନ ରଖି ଠାକୁରଙ୍କ ପୂଜା କମରେ କଲେ କଣ ଠାକୁର ସନ୍ତୁଷ୍ଟ ହେବେ ନାହିଁ ?—ସେଠି ଏତେ ଧନ ଥିବ ଅଥଚ ଗରିବ ଖାଇବା ବିନା ହାହୁ ହାହୁ ହୋଇ ମରିବ—ଏହା କିଏ ସହିବ କହିଲ ? ଗରିବର, ଅର୍ତ୍ତର—ଦୁଃଖୀର ପୂଜା କଣ ଈଶ୍ୱରଙ୍କ ପୂଜା ନୁହେଁ ? ସେ ଦିନ ଡେରି ନାହିଁ—ସୁଶୀଳା—ଦିନ ଆସିବ ଏହି ସବୁ ମଠ ଧର୍ମ ପୀଠର ସମ୍ପତ୍ତିକୁ ଗରିବଙ୍କ ମଧ୍ୟରେ ବିତରଣ କରାଯିବ । ମନ୍ଦିରର ଝାଡ଼ୁଦାର ଖାଇବାକୁ ପାଇବ ନାହିଁ, ଅଥଚ ମନ୍ଦିରରେ ଷୋଳଶ ପ୍ରକାର ପୂଜା—ମାସ ମାସ ର ଶହ ଶହ ଖରଚ ହେବ—କି ଅନ୍ୟାୟ ! ନିଜର ରକ୍ତ ଦେଇ ଏ ସବୁର ସମାଧାନ କରିବାକୁ ହେବ, ଜଗତର ଅମୂଳ ପରିବର୍ତ୍ତନ ଆଣିବାକୁ ହେବ ।"

"ଶୁଣ—ଶୁଣ—କିଏ ଆସି କବାଟରେ ହାତ ମାରୁଛି ?"

"ଥାଉ—ଭୟ ନାହିଁ—ମୁଁ ଦେଖେଁ"— ସର୍ବେଶ୍ୱର ଉଠିଯାଇ ଦାଣ୍ଡ କବାଟ ଫିଟାଇ ଦେଲେ—"କି ଆଶ୍ଚର୍ଯ୍ୟ, ମୁକୁନ୍ଦ, ତୁମେ ଡାକୁ ନାହଁ, ଆସ ଭିତରକୁ ।"

ମୁକୁନ୍ଦ—"ସବୁ ଠିକ"

"ସବୁ ଠିକ" ?

"ହଁ—ଆସନ୍ତା ଗୁରୁବାର ଦିନ ପାଞ୍ଚଟା ବେଳେ ସନ୍ନିକଟ ପଡ଼ିଆରେ ସମସ୍ତେ ଜୁଟିବେ—ସେଠିକୁ ପଣ୍ଡା—ମହେନ୍ଦ୍ରର ସାହେବ ସମସ୍ତେ ଓ ମିଲର ସବୁ କୁଲି ଆସିବେ—ସେ ଦିନ ଅଷ୍ଟମୀ ଅଛି । ମିଲ ବନ୍ଦ—ଏହାଠାରୁ ବଡ଼ ସୁବିଧା ଆଉ ପାଇବ ନାହିଁ ।"

"ସାବାସ— ମୁକୁନ୍ଦ— ତୁମେହିଁ ପ୍ରକୃତ ଗରିବର ସେବକ । ଏ କାର୍ଯ୍ୟ ଯଦି ସଫଳ ହୁଏ ତୁମେ କେବଳ ପ୍ରଶଂସା ପାଇବାର ଉପଯୋଗୀ ।"

"ଆଚ୍ଛା ଆମେ ଯଦି ସେଦିନ ସବୁ ଗିରଫ ହୋଇଯାଉ—ବା ଗୁଳିରେ ମରିଯାଉ ପୁଣି ଏମାନେ କିପରି ଚଳିବେ ?"

Digitized by srujanika@gmail.com

"ସେଥିପାଇଁ ଚିନ୍ତା କର ନାହିଁ—ହିଁ—ଏ ନ୍ୟାୟ ଓ ସତ୍ୟ ସହିତ ଅନ୍ୟାୟ ଓ ଅତ୍ୟାଚାର ସଂଗ୍ରାମ—ଭଗବାନ ଏହାକୁ ଚଳାଇବେ—ସେ ଚିନ୍ତା ଆମକୁ କରିବାକୁ ପଡ଼ିବ ନାହିଁ । ସତର୍କ ଓ ବ୍ୟଗ୍ର ଆତ୍ମତ୍ୟାଗ ଆମର ଲୋଡ଼ା । ଯେଉଁ ଦିନଠାରୁ ଲୋକେ ନିଜର ଅଧିକାର ବୁଝିଲେଣି—ଅନ୍ୟାୟ ଅତ୍ୟାଚାର ତାଙ୍କ ଆଖିରେ ଜଳ ଜଳ ହୋଇ ଦିଶିଲଣି ସେ ଦିନଠାରୁ ସେ ଜଗତରେ ଏପରି କେହି ନାହିଁ ତାଙ୍କୁ ଆଖି ଲୁଚାଇ ବା ଅତ୍ୟାଚାର କରି ତାଙ୍କ ଅଧିକାରରୁ ବଞ୍ଚିତ କରିବ ! ଦେଖୁନାହିଁ କପରି ଏ ବିଦ୍ରୋହ ସୃଷ୍ଟି କରି ଜଣ ଛାତ୍ର ପରମ ତ୍ୟାଗ ଦେଖାଇଲେ—ଅତ୍ୟାଚାରର ପ୍ରତିବାଦ କରି ପ୍ରାଣ ଦେଲେ ଅନ୍ୟର ଚେତନା ଆସିବ । ଅତ୍ୟାଚାରୀର ଚକ୍ଷୁ ଫିଟିବ—ଶାସନରେ ଅତ୍ୟାଚାର ସହିବା ମାନେ ଅତ୍ୟାଚାରକୁ ପ୍ରଶ୍ରୟ ଦେବା । ଆଉ କହିଲ—ମଦନ୍ ପୁଅ ଗୋବିନ୍ଦ ଏ ପର୍ଯ୍ୟନ୍ତ ଥିଲେ ଆଜି ଏଠି ପ୍ରଜା ରହିପାରନ୍ତେ ? ହଁ ଆଉ ଗୋଟିଏ କଥା ମନେ ପଡ଼ୁଛି,—ନିଳଗିରି ବନରେ ଯେଉଁ ଅଫିସ ଅଛି ସେଠି ସନାତନକୁ ରଖାଇ ଦେଇ ସବୁ ଖର୍ଚ୍ଚ ବୁଝାଇ ଦେବ । ତୁମେ କହି ଦେବ ତାର ବେକରେ ପଡ଼ିଲେ ସେ ବଞ୍ଚାଇ ରଖିବ । ସେଥିପାଇଁ ଚିନ୍ତା କରିବା ଉଚିତ ନୁହେଁ । ଅଛି ଅନେକ ରାତି ହେଲଣି ତୁମେ ଏଠି ଶୋଇପଡ଼—ଆଉ କୁଆଡ଼େ ଯିବ ?"

ମୁକୁନ୍ଦ—"ଆଚ୍ଛା ହେଉ"

ରାତି ଦ୍ୱିପ୍ରହର । ମୁକୁନ୍ଦ ଦାଣ୍ଡ ବଙ୍ଗଳାରେ ଗୋଟିଏ ପଲଙ୍କ ଉପରେ ଶୋଇବାକୁ ଗଲେ । ସର୍ବେଶ୍ୱର ନିଜ ଶୋଇବା ଘରକୁ ଗଲେ କିନ୍ତୁ ବିଛଣାରେ ପଡ଼ି ପଡ଼ି ନିଦ ହେଲାନାହିଁ । ଝରକାଟେ ନିଶବ୍ଦ—ଦୂରେ ଆକାଶରେ ଟିଂ ଟିଂରେ ଟାଏ ନକ୍ଷତ୍ର ଜଳ ଦେଇ ଦେଇ କେଉଁ ଅଜଣା ଦେଶକୁ ଉଡ଼ ଉଡ଼ ଚାଲିଗଲା—ସର୍ବେଶ୍ୱର ବିଛଣାରୁ ଉଠି ଆସି ବାହାରେ ବୁଲିଲେ ।

—ପାଞ୍ଚ—

"ଆଜି କେତେ ଯୋଟ ଯୋଟ କଥା ସବୁ ଆପଣମାନଙ୍କୁ ବୁଝାଇବ—ଯେଉଁ ଅତ୍ୟାଚାର—ଯେଉଁ ଶୋଷଣ ଆପଣମାନେ ପ୍ରାଣେ ପ୍ରାଣେ ଅନୁଭବ କରୁଛନ୍ତି—ଅନେକ ଅଛନ୍ତି ନିଜର-ଛନ୍ତି—ସେ ସବୁର ପ୍ରତିକାର କରିବାକୁ ତତ୍ପର ହୋଇଯାନ୍ତୁ - ମନୁଷ୍ୟ ଭଳି ବଞ୍ଚି ରହି ଅତ୍ୟାଚାରୀକୁ ଦେଖାଇ ଦିଅନ୍ତୁ—ଆମର ତମର ଭଳିଆ ବଞ୍ଚି ରହିବାର ଅଧିକାର ଅଛି—ମନୁଷ୍ୟ ହୋଇ ତୁମେ ଆମ ପିଠି ଉପରେ ବସି ରକ୍ତ ଶୋଷଣ କରିବାର ତୁମର କଛି ଅଧିକାର ନାହିଁ—"

ଅତ ସନ୍ନିଜଣା ପଡ଼ିଆ ପୂରି ଉଠୁଛି—ଶହ ଶହ କୁଲି, କୃଷକ ଓ ଇତର ସାଧାରଣ ଶ୍ରେଣୀର ଲୋକ ଜମା ହୋଇଛନ୍ତି । ସର୍ବେଶ୍ୱର ବକ୍ତୃତା ମଞ୍ଚରେ ଠିଆ ହୋଇ ଏହିପରି ଅନର୍ଗଳ ବକ୍ତୃତା ଦେଇ ଯାଉଛନ୍ତି—ମଝିରେ ମଝିରେ କେବଳ ଗରିବ ଜନତା ମଧ୍ୟରୁ କରତାଳି ଧ୍ୱନି ଉଠୁଛି । ସର୍ବେଶ୍ୱରଙ୍କର ସଙ୍ଗୀମାନେ ମଧ୍ୟ ତାଙ୍କରି ପାଖରେ ବସିଛନ୍ତି ।

"ଆଜି ଯେତେ ପ୍ରକାର ଆଇନ ତିଆରି ହୋଇଛି ସବୁ ଗରିବଙ୍କୁ ବାନ୍ଧି ରଖିବା ପାଇଁ—ଦବାଇ ରଖିବା ପାଇଁ—କୃଷକ, ମଜୁରିଆଙ୍କୁ ଜବତ କରି ରକ୍ତ ଶୋଷଣ କରିବା ପାଇଁ—ଧନୀଙ୍କ ପକ୍ଷରେ ଶାସନ କର୍ତ୍ତାଙ୍କ ପକ୍ଷରେ ସେ ଆଇନ ମଙ୍ଗଳ ଦାୟକ ତାଙ୍କ ଅତ୍ୟାଚାରକୁ ସାହାଯ୍ୟ କରିବାକୁ—ତାଙ୍କୁ ଶୋଷଣରେ ଅଧିକ ବଳଶାଳୀ କରିବାକୁ ଏ ଆଇନ ସୃଷ୍ଟି । ଅନ୍ଧ ପରି ବସି ରହିଛ—ପଶୁ ପରି ଜୀବନ ଯାପନ କରୁଛ—ଭାଇ—ମୁଣ୍ଡ ଝାଳ ତୁଣ୍ଡରେ ମାରି ତୁମ୍ଭେ ଦିନ ଦିନରେ ଅଧେ ପେଟପୂରି ଖାଇବାକୁ ପାଉ ନାହିଁ—ଅଥ ତୁମ୍ଭ ପରିଶ୍ରମ ଅର୍ଜିତ ଧନରେ ସେମାନେ ପରିଶ୍ରମ ନକରି ବସି ବସି ବିଳାସରେ ମସ୍ତ ଛନ୍ତି—ଧନ ସମ୍ପ କରି ଅତ୍ୟାଚାର ପରେ ଅତ୍ୟାଚାର କରି ଗରିବର ରକ୍ତ ମାଉଁସରେ ନିଜର ପୁଷ୍ଟି ସାଧନ କରୁଛନ୍ତି । ବୁଝ ଭାଇ—ଆଖି ଖୋଲି ଦେଖ—କେତେ ଧନ ମିଲି ହେଲା ବା ମଠ ଖମାରି ହେଉ ବା ଜମିଦାରୀ ହେଉ—ସବୁ ଧନ ତୁମର—ତୁମରି ଖାଇବା ଅଇନ୍ତୁ କଷ୍ଟ ହୋଇ ଉପାର୍ଜିତ ହୋଇ ତୁମ ହେଉଛି । ମିଲରେ କାମ କରୁଛ—ଧାନ ଓ ଗୁହାଳରେ ମିଲ୍ ପୂର୍ଣ୍ଣ—କିନ୍ତୁ କେଉଁ ପେଟ ତୁମେ ପଦ୍ମ ଉପବାସ ରହୁଛ—ଏହି ଅବିଚାର ଆଉ କେତେ ବୁଝିବ ଭାଇ ?"

ହଠାତ୍ ଜନତା ମଧ୍ୟରୁ ଶେଳ ଉଠିଲା—"ସବୁ ବୁଝୁଛୁଁ—ସବୁ ବୁଝୁଛୁଁ—ସବୁ ଦେଖୁଛୁଁ"

"ତେବେ ପ୍ରତିକାର କରୁନାହିଁ କାହିଁକି ? ପ୍ରତିକାର ତୁମ ନିଜ ହାତରେ—କାହାଠାରୁ ମିଳିବ ନାହିଁ—ନିଜକୁ ଦେବ ଯାଅ ନାହିଁ—ମହାନ୍ତର ସେବା କର ନାହିଁ—ସବୁ ଏକ ଜୋଟ ହୋଇ ଚାଷ ମିଲର ଧାନ ଲୁଟ କର—ପେଟ ପାଇଁ—ନିଜର ଜୀବନ ବଞ୍ଚାଇବା ପାଇଁ ।"

ହଠାତ୍ ଦୂରରୁ ଆର୍ତ୍ତନାଦ ଶୁଭିଲା "ମରିଗଲି, ମରିଗଲି, ମରି—ଗ—ଲି ଜନତା ମଧ୍ୟରୁ କିଏ କହିଲା "ପୋଲିସ—ଲାଠି—ଲାଠି"

ସର୍ବେଶ୍ୱର—"ସ୍ଥିର ହୋଇ ବସି ରୁହ ଭାଇ—ଆମେ ଭଗବାନଙ୍କୁ ସାକ୍ଷି ରଖି ଅନର ଅତ୍ୟାଚାର—ଅନେକ ମା ଭଉଣୀଙ୍କ ପ୍ରତି ଅତ୍ୟାଚାରର ପ୍ରତିବାଦ କରୁଛୁଁ—ଆମର ଦାବି ନ୍ୟାୟପୂର୍ଣ୍ଣ—ଯୁକ୍ତି ସଙ୍ଗତ—ଧର୍ମକୁ ସାକ୍ଷି ରଖି ଆମେ ଲଢୁଁ ପେଟପୁରା—ଖାଇବାକୁ ଆମେ ଲଢୁଁଛା ବାବୁଗିରି—ପ୍ରାଧାନ୍ୟ ବିସ୍ତାର ଆମର ଲକ୍ଷ୍ୟ ନୁହେଁ ।"

"ମାରେ ଯାଲେ ଲୋଗୋ କୌ—ମାରେ ଯାଲେ ଲୋଗୋ କୌ—ମାରେ—ମାରେ—"

ଲାଠି ଧାରୀ ପୁଲିସ ପ୍ରାୟ ଏକଶତ ଆସି ଅସିରୁହା ଲାଠି ଚଳାଇଲେ କେହି ବିରୋଧ କରୁନାହିଁ—ପ୍ରତିକାର ପ୍ରବୃତ୍ତ ନାହିଁ—କଥା କହିବାକୁ ଅବସର ନାହିଁ—ପୁଲିସଙ୍କ ମୁହଁରୁ କେବଳ—"ମାରେ ଯାଲେ କୌ" ଜନତା ମଧ୍ୟରୁ କେବଳ ଆର୍ତ୍ତନାଦ "ମରିଗଲି ମରିଗଲି" ହାୟ ଭଗବାନ ।

କ୍ରମଶଃ

Digitized by srujanika@gmail.com

# ଅଜାଙ୍କ କୋରିନ୍ଥିଆନ ଖେଳ ଦେଖା

## କଟକରୁ ବାରିପଦା ଯାତ୍ରା

ଚିତ୍ରଶିଳ୍ପୀ—ଶ୍ରୀ ବିମ୍ବାଧର ବର୍ମା

### ୨ୟ ଅଙ୍କ

**ପ୍ରଥମ ଦୃଶ୍ୟ**
ପଡ଼ିଆ ବାହାରେ



ଓଃ – ବାପ୍ରେ ଗୁଡ଼—
କିଛି ଦିଶିଲା ନାହିଁ ଯେ

**୨ ୟ ଦୃଶ୍ୟ**
ପଡ଼ିଆ ଭିତରେ



ଅରେ,ବାଁପରେ ବାପ୍ —
ମରିଗଲି—

**୩ ୟ ଦୃଶ୍ୟ**
ହସପାତାଲ ଦଗରେ



ଶେଷଦଶା

---

## ଯଦି ହୁଅନ୍ତା—!

କଂଗ୍ରେସବାଲା ଯଦି ମନ୍ତ୍ରୀତ୍ୱ ନେଇ ନ ଥାନ୍ତେ···ତେବେ ଅନାହାର ମାଳକ୍ରେଟ-ମାନେ ଅବସରରେ ଘୁଙ୍ଗୁଡ଼ି ମାରୁଥାନ୍ତେ ।···

ବହିମାନଙ୍କରେ "ଉତ୍ସର୍ଗପତ୍ର" ପୃଷ୍ଠା ଯଦି ନଥାନ୍ତା··ତେବେ ଅନେକ ବହି ଛପା ହୁଅନ୍ତା ନାହିଁ । ··· ··· ······

ଓଡ଼ିଶା ପ୍ରଧାନମନ୍ତ୍ରୀଙ୍କ ହାତରେ ଯଦି କୃଷିବିଭାଗ ରହନ୍ତା···ତେବେ ଓଡ଼ିଶା ଯାକ ନୈଶବାଇଲ୍ ଗଛ ହୋଇଯାନ୍ତା । ·········

ଓଡ଼ିଶା କୃଷି ମନ୍ତ୍ରୀଙ୍କୁ ଯଦି ଟଙ୍କା ମିଳନ୍ତା ······ତେବେ ପାତାଳଘଣ୍ଟା (tomato) ଗଛ ବଢ଼ିଯାନ୍ତା ।··· ··· ··· ···

ସରଳା ଦେବୀ ଯଦି ମନ୍ତ୍ରୀ ହୁଅନ୍ତେ— ··ଚେବେଲନ୍ତା କଲେଜ ପ୍ରିନ୍ସିପାଲ୍, ପ୍ରଫେସର ସବୁ ମିସ୍ ଓ ପିଲେ ଗାର୍ଲସ୍ ପାଲଟି ଯାଅନ୍ତେ ।··· ··· ··· ··· ···

ପଣ୍ଡିତଙ୍କେ ଯଦି ଡାକ୍ତର ଶିଖନ୍ତେ··· ··· ଓଡ଼ିଶାରୁ 'କୋଷ' ବ୍ୟାଧି ଲୋପ ପାଆନ୍ତା ।

କବି ସଚ୍ଚି ରାଉତରାୟ ଯଦି ଇସରତ୍ କରନ୍ତେ ··· କଲ୍କି ଅବତାର ଘୋଡ଼ାରେ ଚଢ଼ି ମ୍ଲେଚ୍ଛ ସଂହାର କରନ୍ତେ । ·········

ଭଗବାନ ଯଦି ମଣିଷ ରୂପ ହୋଇ-ଥାନ୍ତେ···'ଅଭିଜାତ' ବୋଲି ସାମ୍ୟବାଦୀ ତାଙ୍କୁ ବମ୍ବାର୍ଡ଼ କରି ଦିଅନ୍ତେ । ··· ···

ଆଧୁନିକାମାନଙ୍କ ହାତରେ ଯଦି ଶାସନ ଭାର ପଡ଼ନ୍ତା ··· ମିଶିପେ ହାଣ୍ଡିଶାଲକୁ ଯାନ୍ତେ ଓ ମାଇପେ ଡ୍ରିଲ୍ କରନ୍ତେ ।·····

'ପ୍ରକାଶକ'ମାନେ ଯଦି ଟେକ୍ସଟ୍ ବୁକ କମିଟିର ମେମ୍ବର ହୁଅନ୍ତେ···ମାସକୁ ମାସ ପଢ଼ା ବହି ବଦଳନ୍ତା କିବା ଅନେକ ପ୍ରକାର approved list ବାହାରନ୍ତା । ······

ସ୍ନୋ, ସାବନ ଯଦି ଉଠି ଯାଅନ୍ତା··· ଗୃହଲକ୍ଷ୍ମୀଙ୍କର ସୌନ୍ଦର୍ଯ୍ୟ ରହନ୍ତା ନାହିଁ ।···

ଗାନ୍ଧୀ ମହାତ୍ମା ଯଦି ପ୍ରଧାନ ମନ୍ତ୍ରୀ ହୁଅନ୍ତେ···ଲାଟ ସାହେବ ହରିଜନ ହୋଇ ଗୀତା ପଢ଼ନ୍ତେ ।··· ··· ···

ମହାତ୍ମା ଗାନ୍ଧୀ ଯଦି କଂଗ୍ରେସ ପ୍ରେସି-ଡେଣ୍ଟ ହୁଅନ୍ତେ···"ଅପ୍ ଚଲିଯେ, ଅପ୍ ଚଲିଯେ" ବୋଲି କୁହାକୁହି ହୋଇ, ପ୍ରାଦେଶିକ ସଭାପତି ପଦକୁ ସମସ୍ତେ ଫାଙ୍କା ପକାନ୍ତେ । ···· ··· ···

ଜିନ୍ନା ଓ ଜବାହାରଲାଲ ଯଦି ମିଳି ଯାଆନ୍ତେ···ଫଜଲୁଲ ହକ୍ ଓଲଟି ଶର୍ମାର ବୌଦ୍ଧ ଧର୍ମ ଗ୍ରହଣ କରନ୍ତେ । ···

ଗୋଦାବରୀଶ ପଣ୍ଡିତେ ଯଦି ଶିକ୍ଷା ମନ୍ତ୍ରୀ ହୁଅନ୍ତେ···ଟେକ୍ସଟ ବୁକ୍ କମିଟି ଆଉ ବସନ୍ତା ନାହିଁ । ··· ···

Digitized by srujanika@gmail.com

# ୪ର୍ଥ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା ।

'ଡଗର' ପାଠକମାନେ ପାଇପାରିବେ ।

**୧୦ ଙ୍କା ପୁରସ୍କାର!**

### ସିଧା ଭାବରେ

୧ । ଡଗର ଶବ୍ଦଧନ୍ଦାରେ ପୁରସ୍କାର ପାଇଲେ ଯାହା ହୁଏ ।

୩ । ଯେ ଏହା ନକରେ ସେ ମଣିଷ ନୁହେଁ ।

୬ । ଏଥିରେ ପଡ଼ିଲେ ସବଳ ଲୋକ ମଧ୍ୟ ଅନେକ ସମୟରେ ଉଠି ପାରେ ନାହିଁ ।

୮ । ଯିଏ କରଜ ଦିଏ ।

୯ । ବର୍ତ୍ତମାନ ପରିସ୍ଥିତିରେ ଇଂରେଜମାନେ ଯାହାକୁ ଡର ଯାଉଛନ୍ତି ।

୧୧ । ଏମାନେ ଅସୁରମାନଙ୍କୁ ଅକ୍ଳେଶରେ ଜୟ କରୁଥିଲେ ।

୧୨ । ସମସ୍ତଙ୍କୁ ଯିଏ ଆନନ୍ଦ ଦିଏ ।

୧୪ । ଏପରି ହୋଇ କାର୍ଯ୍ୟ କଲେ ଫଳ ମିଳିଥାଏ

୧୬ । ଗୋଟିଏ — ସବୁଦିନେ ଭୋଗ କରେ ନାହିଁ ।

୧୯ । ଛନିଷ ନ କିଣି ଟଙ୍କା ଭଙ୍ଗାଇଲେ ଦୋକାନମାନେ ଯାହା ନିଅନ୍ତି ।

୨୦ । କେତେକ ଲୋକ ଏହା ନକଲେ ଭଲ ମନ୍ଦ ବୁଝି ପାରନ୍ତି ନାହିଁ ।

୨୧ । ସୁଆଦିଆ ଜିନିଷ ।

**୮ ୧୦ ଙ୍କା ପୁରସ୍କାର!!**

### ଉପର ତଳ ଭାବରେ

୧ । ଆଳସ୍ୟ ।

୨ । ପ୍ରଭୁ ନିକଟରେ ଭୃତ୍ୟ ଏହା ହୋଇଥାଏ ।

୪ । ପୃଥିବୀର ଅନ୍ୟ ନାମ ।

୫ । ଏ ମଦ ପାନଗାମୀ ଯୋଦ୍ଧାମାନଙ୍କର ପାନୀୟ ।

୭ । ଏହି ଭଜନ କଲେ ଶମନ ଭୟ ଦୂର ହୁଏ ବୋଲି ଆଜିକାଲି ମଧ୍ୟ କେତେକ ହିନ୍ଦୁ ବିଶ୍ୱାସ କରନ୍ତି ।

୯ । ଦୁଷ୍ଟ ଚରିତ୍ର ଲୋକର ଯାହିଁକି ଭୟ ନଥାଏ ।

୧୦ । ଏହି ତିନୋଟି ଅକ୍ଷରକୁ ସଜାଇ ଲେଖି ପାରିଲେ 'ନରକ' ହେବ ।

୧୩ । —ବ୍ୟବହାର କଲେ ସଙ୍ଗୀମାନେ ବିରକ୍ତ ହୁଅନ୍ତି ।

୧୫ । କଳାବତୀ ଯୁବତୀର ଯାହା ଅତି ଶୋଭନୀୟ ।

୧୬ । ଏ ଲୁଗା ହଠାତ୍ ମଇଳା ଦେଖାଯାଏ ନାହିଁ ।

୧୮ । ଅଜୀର୍ଣ୍ଣ ଦୋଷରୁ —ରୋଗ ହୁଏ ।

୧୯ । ଚିଡ଼ ବାଟି ଖିରିରେ ଦେଇ ଯେଉଁ ଏକ ପ୍ରକାର ଶୁଷ୍କ ଖାଦ୍ୟ ପ୍ରସ୍ତୁତ କରାଯାଏ ।

ନାମ ________________

ଠିକଣା ________________

**ପ୍ରବେଶିକା ଫିସ୍**

**ଏକ ଅଣା ମାତ୍ର**

## ମନଦେଇ ପଢ଼ନ୍ତୁ!

### ୪ର୍ଥ ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ ।

**ଶେଷ ତାରିଖ**

୨୦ । ୧ । ୩୮

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଉଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦଗୁଡ଼ିକର ବ୍ୟାଖ୍ୟା ଦୁଇ ପାଖରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘରଗୁଡ଼ିକୁ ପୂରଣ କରିବାକୁ ହେବ । କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆଯାଇ ଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବାକୁ ହେବ ।

ଏହି ଧନ୍ଦାର ଠିକ୍ ଉତ୍ତର ଯାହା ତାହା ସିଲ୍ ବନ୍ଦ ହୋଇ ସମ୍ପାଦକଙ୍କଠାରେ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ଟ ୫୦ ପାଇବ । ଏକ ବା ତତୋଧିକ ଭୁଲଥିବା ଉତ୍ତର ଦାତାମାନଙ୍କୁ ଗୁଣାନୁଯାୟୀ ବାକୀ ଟଙ୍କା ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପୁରସ୍କାର ମିଳିବ । ଯେ କୌଣସି ଲୋକ ପ୍ରତି- ଯୋଗୀତାରେ ଯୋଗ ଦେଇପାରେ । ଗୋଟିଏ କୁପନରେ ଗୋଟିଏ ପ୍ରକାର ଉତ୍ତର ଦିଆ ଯାଇ ପାରିବ । ଡଗରର କୁପନ କାଟି ତହିଁରେ ଗୋଟିଏ ଉତ୍ତର ଦେବା ବ୍ୟକ୍ତି ସାଧା କାଗ- ଜରେ କୁପନ ନକଲ କରି ଯେତେ ଇଚ୍ଛା ତେତେ ପରବର୍ତ୍ତୀ ଉତ୍ତର ଦେଇ ପାରିବେ । କିନ୍ତୁ ପ୍ରତ୍ୟେକ ଉତ୍ତର ପାଇଁ ଏକଅଣାର ପଇସିଆ ଡାକଟିକଟ ପଠାଇବାକୁ ହେବ । ୧୯୩୮ ମସିହା ଜାନୁଆରି ୨୦ ତାରିଖ ସନ୍ଧ୍ୟା ପାଞ୍ଚଟା ମଧ୍ୟରେ ସମସ୍ତ ଉତ୍ତର ଡଗର ଅଫିସ ଭଦ୍ରକ ଠିକଣାରେ ପହଞ୍ଚିବା ଆବଶ୍ୟକ । ଲଫାପା ଉପରେ '୪ନମ୍ବର ଶବ୍ଦଧନ୍ଦା' ଏବଂ ପ୍ରେରକଙ୍କ ନାମ ଓ ଠିକଣା ମଧ୍ୟ ରହିବା ବିଧେୟ । ଏ ଧନ୍ଦାର ଉତ୍ତର ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନଙ୍କର ନାମ ଓ ଠିକଣା ୧୬ଶ ସଂଖ୍ୟା ଡଗରରେ ବାହାରିବ । କୌଣସି ବ୍ୟକ୍ତି ଏକା- ଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏ ସମ୍ବ- ନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ଉପର ଲିଖିତ ନିୟମାନୁଯାୟୀ ଆସି ନଥିବା ଉତ୍ତର ଅଗ୍ରାହ୍ୟ ହେବ ।— ସଂ.ଦ.ବ

Digitized by srujanika@gmail.com

## ୬ ନମ୍ବର ଶବ୍ଦ ଧନ୍ଦା ସମ୍ବନ୍ଧରେ ପଦେ ଅଧେ ।

୨ନମ୍ବର ତଳ ସ୍ତମ୍ଭରେ ଦେଖ । ଓ ଦେଖା ଯାଉଛି
ଦେଖା ଗର୍ଜିବ-ଦୋଷି । ତାର ପ୍ରଜା ପାଳନ
ଅଛିବ ନାହିଁ ? ପ୍ରଜା ରକ୍ଷାକୁ ରାଜାର କାମରେ
ଯାଏ । ରକ୍ଷା କଲେ ପ୍ରଜା ପାଳନ କରେ
ଅନୁବାଦର ଭାଷାରେ ବିଚାରିବାକୁ ଗଲେ ତ
'ପ୍ରକୃତିରେ ବା ପ୍ରତ୍ୟକ୍ଷରେ ଯିଏ ପ୍ରଜା ପାଳନ

୩ ନମ୍ବର ତଳ ସ୍ତମ୍ଭରେ ଦେଖନ୍ତୁ । ସେଠ
ଦୋଷ ପାଇବ ନାହିଁ । କାରଣ 'ସୁପକ୍ୱ ସ୍ୱାଦୁ'
ଗଚ୍ଛିତ୍ରା ବୁଝାଯାଏ । 'ଏହୁ ଅପ୍ରକ୍ଳେ' କ
ଯାଉଛି ଯେ ଗଜଧାଳୁ କଷ୍ଟର କୌଣସି ଅଧମ ଜି
ଶତ୍ରୁ ସ୍ୱଜନ୍ତ୍ରଜ୍ଞ କରିଲ ଅର୍ଥାତ୍ ବଳରେ
ହେବାର କଥା ।

୪ ନମ୍ବର ସିଧାରେ ନାବ ଓ ନାଥ ଦୁଇ
ଶବ୍ଦର ଅର୍ଥ ମଧ୍ୟ ସମାନ । କିନ୍ତୁ 'ଥ' ଦେ
ତାହା ୮ନମ୍ବର ସିଧା ଭିତରେ ଥିବା ଶବ୍ଦ
ସେଠାରେ କଳ ଓ ଅଳ ଦୁଇଟି ହେବ । ଯଦ ଯ
କେବେ ଦେଖାଏ ନାହିଁ । କିନ୍ତୁ କଥାରେ କହନ୍ତି ଦୈବ ଦୋଷେଇ
ହୋଇ ଗୋଇଲେ ଯମ କ'ଣ ସହଜରେ ଛାଡ଼ିବ ? ଅର୍ଥାତ୍ ଛଳନା
କଲେ ବା ଅଳ ଦେଖାଇଲେ ଯମ ସହଜରେ
ଛାଡ଼େ ନାହିଁ ।

୫ ନମ୍ବର ସିଧାରେ ଖାହାସ ନହୋଇ
ଜାହାଜ ଅଟେ ଅଟେ ହୋଇପାଏ ! ତା'
ହେବାରେ ମଧ୍ୟ ଅକାଟ୍ୟ ଯୁକ୍ତି ଅଛି । 'ପାର'
ହେବା ଓ 'ପର' ହେବା ଦୁଇଟି ଶବ୍ଦର
ବ୍ୟବହାର ଏକ ନୁହେଁ । ପାର ହେବା କହିଲେ
ନଦୀ ଜମ୍ବା ଦରିଅ ପାରହେବା ବୁଝାଏ । କିନ୍ତୁ
ବୋଇତକୁ କେହି 'ପାର' ହୁଏ ନାହିଁ—'ପାର୍'
ହୋଇ ଯାଏ । ତେଣୁ ଜାହାଜ ଥିଲେ କେହି
ପାରହୁଏ ଓ ଖାହାସ ଥିଲେ କେହି ପାର୍
ହୋଇଯାଏ ।

୭ ନମ୍ବର ତଳକାଠରେ ହାର ଓ ହାର୍
ଉଚ୍ଚସ୍ଥ ହେବ । ଜୟରକୁ ଜଣାଯାଏ ହାର ହିଁ
ପ୍ରକୃତ ଅଛି । କାରଣ ବ୍ୟବସାୟରେ ହାର
ସହିବାକୁ ପଡ଼େ । କିନ୍ତୁ ବ୍ୟବସାୟ ପ୍ରତି-
ଯୋଗୀତା ଜନ୍ୟ ପ୍ରତ୍ୟେକ ହାର କ୍ଷମାଜନ-
କର ପ୍ରକୃତ ଉଦ୍ଦେଶ୍ୟ ବୁଝା ଯାଉଛି । ପ୍ରତି-
ଯୋଗୀତାରେ ହାର୍ ବା ଜିତ୍ ହୁଏ । ପ୍ରତି-
ଯୋଗୀତାରେ ହାର ବା ଲାଭ ହେବାକଥା
କେହି କହେ ନାହିଁ ।

୭ନମ୍ବର—ତଳ—ଯକ୍ଷ, ରକ୍ଷ, (ଗ୍ରକ୍ଷପ)
ବୃକ୍ଷ ଏମାନଙ୍କ ଭିତରୁ କେହି ମନୁଷ୍ୟ ନୁହନ୍ତି
ସତ କିନ୍ତୁ ନର ଗ୍ରସଷ କଥାଟା ଯେପରି
ଶୋଭନୀୟ, ଶ୍ରୁତିଶ୍ରାବ୍ୟ ଏବଂ ସମୀଚୀନ ଅନ୍ୟ
କୌଣସି ବେ ସେପରି ଜଣାଯାଉ ନାହିଁ ।

୧୦ ନମ୍ବର ସିଧାରେ—ବକ୍ଷ ପକ୍ଷ ଠାରୁ
ବେଶୀ ପ୍ରଯୁଜ୍ୟ ଜଣାଯାଏ । କାରଣ ବକ୍ଷରେ
ଗୁଳି ବାଜିଲେ ପକ୍ଷୀର ପ୍ରାଣ ସଙ୍ଗେ ସଙ୍ଗେ
ଯାଏ ମାତ୍ର ପକ୍ଷରେ ବାଜିଲେ ପକ୍ଷୀ ତଳେ
ପଡ଼ିଯାଇ ପାରେ କିନ୍ତୁ ହଠାତ୍ ପ୍ରାଣ ଯିବାର
ଭୟ ନଥାଏ, କିନ୍ତୁ ଶିକାର ଉପରେ ଦେଖାଯିବ
ଯେ କ୍ଷଅଯାଇ ଥିବା ଅର୍ଥ ଦୃତର କାର୍ଯ୍ୟରେ
ସଙ୍ଗେ ସଙ୍ଗେ ପ୍ରାଣ ଯାଏ, ଏକଥା "ନାହିଁ" ।
ସଙ୍ଗେ ସଙ୍ଗେ ପ୍ରାଣ ଯାଏ ବୋଲି ଲେଖାଥିବେ
ବୋଧ ହୁଏ ଭ୍ରମରେ ହୋଇ ଥାଇପାରେ । ପକ୍ଷରେ
ଗୁଳି ବାଜିଲେ ସଙ୍ଗେ ସଙ୍ଗେ ହେଉ ବା କିଛି
କ୍ଷଣ ପରେ ହେଉ ପକ୍ଷୀର ପ୍ରାଣ ଯିବ ନିଶ୍ଚୟ ।
କାରଣ ପକ୍ଷୀ ତଳେ ପଡ଼ିଲେ ଶିକାରୀ ତାକୁ
ପେଟରେ ନପକାଇ ଛାଡ଼ିଦେବ କି ?

୧୦ ନମ୍ବର ତଳକାଠରେ ବେଶ୍ୟାପାଇଁ ବରଷା
ନହୋଇ ପରଶା ହେବ । କାରଣ ୧୫ ନମ୍ବର
ଶାଗ ଛଡ଼ା ଅନ୍ୟ କିଛି ହୁଏ ନାହିଁ । ଶାଗ
ପଦ ମୂର୍ଦ୍ଧନ୍ୟ ଷ କରି ଅକାର ଷା ହୋଇ ଥାନ୍ତା
ତେବେ ବରଷା ହୋଇ ଥିଲେ ଚଳନ୍ତା ।

ଏହା ଛଡ଼ା ବରଷା ନହୋଇ ପରଶା
ହେବାରେ ଆଉ ଗୋଟିଏ ଯୁକ୍ତି ମଧ୍ୟ ଅଛି ।
ବରଷା ହେବା ଅପରୁ ଯଦି ଦେହହୁଏ ବା
ପବନ ହୁଏ ତେବେ ସିନା ଘରରୁ ପଡ଼ର ପଡେ
କିନ୍ତୁ ପରଷା ଅପରୁ କର୍ମକର୍ମାଣୀରେ ପଡ଼ିବ
ନପଡ଼ିଲେ ନଚଳେ ।

କ୍ରମଶଃ

ବଡ଼ଦିନ ଉପଭୋଗ
ଡାଲ୍ଭେସ୍ ହଲ୍
ବଣ୍ଡର ଓ ହୋଟେଲ
ଅ ଗଛି [ ଦାଟକ ]
...ମାନଙ୍କଠାରୁ ଅବଶ୍ୟ କରି ଅତ ବଡ଼ିକ୍ତ
ଓ ଆହାରର ସୁବନ୍ଦୋବସ୍ତ ହୋଇଅଛି ।
ଏ ଭଳି ଦରର ସର୍ବସାଧାରଣଙ୍କ ସୁବିଧା
ଅସୁବିଧା ହେବନାହିଁ । ପଙ୍ଖା, ପାଇପ ପାଣି
...ଟା ଗୃହର ଇତ୍ୟାଦ ବନ୍ଦୋବସ୍ତ ଅନୁଯାୟୀ
...ୟ ହୋଟେଲଠାରୁ ଗୃହ କମ କରାଯାଏ ।
ପ୍ରାର୍ଥନୀୟ ।
ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ କାନନ୍ଗୋ

.LL SORTS OF
ICINES
PLEASE COME TO
CROWN MEDICAL HALL,
RANIHAT CUTTAK,

Digitized by srujanika@gmail.com

ରାବଣ — ଉତ୍ତର ଲଙ୍କାର ଅଧୀଶ୍ୱର ।
ମେଘନାଦ— ତତ୍‌ପୁତ୍ର crown prince
ଅତିକାୟ— ,, ( କ୍ରୀତ )
ଅକ୍ଷୟ କୁମାର—,, ( ପାଳିତ )
ରାମଚନ୍ଦ୍ର—ମହାତାପୀ କ୍ଷତ୍ରିୟ ରାଜପୁତ୍ର ।
ଲକ୍ଷ୍ମଣ—ରାମ ଭକ୍ତ ।



# ନବରାମାୟଣ

ଜାମ୍ବୁବାନ —ବୃଦ୍ଧ ଭଲ୍ଲୁକ ପତି ।
ହନୁମାନ—ଲଙ୍କାପୋଡ଼ା କପି ।
ଇନ୍ଦ୍ର—ଐରାବତ (ଗଜ) ପତି ।
ବରୁଣ, କାଳନେମୀ, ନଳ, ନୀଳ, ଜମ୍ବୁ-ଗବାକ୍ଷ ଅଙ୍ଗଦ ପ୍ରଭୃତି ଅନେକ ବହୁଧ୍ୟମାନ ଚରିତ୍ରରେ ପରିପୂର୍ଣ୍ଣ ।

## ବୈପ୍ରଗ କାଣ୍ଡ

କପିବର ହନୁମନ୍ତ ବିରଚିତ

ପଲ୍ଲଭ ମାନବଙ୍କେ ଉଡ଼ୁଁ ପଡ଼ିଲେ ବାହାର,
ଜ୍ୱଳନ୍ତ ଅଗ୍ନେୟ ଗିରି ସମତୁଲ୍ୟ ଭବା—
କସ୍ମିକ୍ୟା ସାମ୍ରାଜ୍ଞୀ, ସତୀ ଶିରୋମଣି ତାଙ୍କ,
ଅସିଥିଲେ ସେତ୍ତୁ ତାଙ୍କ ପଛଙ୍କ ଗହଣେ,
Ambulence Corps ସନେ consort ରୂପରେ
ରଣ କ୍ଷେତ୍ରେ କରିବାକୁ ଅନୁରକ୍ତ ସେବା ।

ସଭାସ୍ଥ ସକଳ କ୍ଷଣେ ପଡ଼ିଲେ ଚହଲି;
ଦାନବ ଦଳନୀ ଅବା ବ୍ରହ୍ମମୟୀ ତାର
ଅବତୀର୍ଣ୍ଣା ହେଲେ ଅସି ପ୍ରଳୟ ତାଣ୍ଡବେ !
ବାଜିଲେ ସଙ୍ଗେ ସଙ୍ଗେ ବାଣୀ, ମୃଦଙ୍ଗ ଝଙ୍କାର
ମାଲଗାଡ଼ି ଘଟେ ଯଥା ସଣ୍ଟିଂ (shunting) ସମୟେ ।
ତାପ—କି କହିଲୁ ! କି—କହିଲୁ—ଅରେ ବୁଢ଼ା ଭାଲୁ !
ଗୃହୁଁ ଗୃହୁଁ କରିଗଲୁ ନାରୀଜାତି ନିନ୍ଦା !
ଜାଣୁନା କି ନାରୀଜାତି, ନୁହେଁ ଅନ୍ଧ dumb,
ନୁହନ୍ତି ଅବଳା, ପୁଣି ନବ ମୃତାପେକ୍ଷୀ;
ନିଜ ସ୍ୱାର୍ଥ ଜଗିବାକୁ ଉଠିଅଛ ସକଳେ,
ନେବାକୁ ସଦମ୍ଭେ ଝିଙ୍କି ନିଜ birth right,
ନାରୀର ସ୍ୱେଚ୍ଛିକ ଅଭ ନାରୀଙ୍କର Claim !
ଗୃହ କୋଣ ନିବାସିନୀ, ଗୃହୀ ବିଳାସିନୀ,
'ରମଣୀ', 'କାମିନୀ' ଅବ ନାହାନ୍ତି ମହିଳା;
'ପିକଭାଷୀ,' 'ଗଜଗତି,' 'କେଳି କଳହଂସୀ,'
'ସୁବଦନୀ,' 'ଶୁଦ୍ଧମୁଖୀ,' 'ଚପଳା' 'ଲଳନା,'
ଇତ୍ୟାଦି ନୁହନ୍ତି ସେହୁ—ଏବେଠି ହେଲେଣି
'ଉଗ୍ରଚଣ୍ଡୀ,' 'ଖଣ୍ଡାହସ୍ତା' 'ଶୁମ୍ଭଘ୍ନୀ,' 'କରାଳୀ' ।
ହଠାତ୍ ହଠାତ୍ କେତେ ରେ ମୂର୍ଖ ଫ·ଙ·ଡ !
ଭୁମ୍ ଭୁଷା ଗୋଲ-ଖୋଷ୍ଟୁ ଏହୁ ଶବ୍ଦ ଗୁଡ଼ା,
ବାମା ଏହୁ ଶବ୍ଦ ଅର୍ଥ ଅଟେ ପୁରୁଷେ,
ଯତ୍ନଚରେ ମାଙ୍କା ଭାବ ଧରିଲେଣି ଯେତ୍ତୁ,
କର୍ଷିଲ ରବାଧ୍ରୀ ଗ୍ରୁଁଟେ ମହନ ପିଲ୍ଲୁଲା ।
ଜାଣିଛଟି birth controlର ଅନ୍ଦୋଳନ,

Test tube baby କଥା ?
ଏହା ପରେ ହେବ ବିଲ୍‌କୁଲ୍ ଜନ୍ମରୋଧ,
marriage ଉଠିଯିବ ଲଭିଯିବ କୋଷମୁଣ୍ଡ;
ତା ପରେ ବାଣ୍ଡିନ ବଳେ, ସେହୁ ଲାଳଗୁଡ଼ା
ସୃଷ୍ଟିସ ହୋଇନ୍ତି ଯେତ୍ତୁ,
ସେମାନେ କରିବେ ଜନ୍ମ ଅଗଣାର ପିଲ୍ଲ ।
ନଳରେ ପାଳନ୍ତେ ପୁଣି ଶୁଆଇବେ ଦୁଧ,
ଅତି ଶୀଘ୍ର ଅସୁଅଛି ଏହି ଦାନବୀକାଳ,
ସ୍ୱାଧୀନତା ସଙ୍ଗେ ସଙ୍ଗେ ମିଳାଯିବ ଫଳ ।

ନବୀନ ନାଷମ ଘୋର ଶୁଣିଥିଲେ ସବେ,
ଓଜସ୍ୱିନୀ ବଜ୍ରମାଟି ସବସ୍ତ୍ର ପ୍ରଦମ୍ଭେ,
Loud Speakerର ଘୋରେ ଟର୍ଭୁଥିଲା ଯାହା
ଗଗନ ପବନ ବନ ଦିଗନ୍ତ ଅଳ୍ପ ।
Microphone ଉଠିଥିଲ ଅବ,
ତୀବ୍ର ନାଦ ବେଗଠାକୁ ସମ୍ଭବ ସମ୍ବର,
ଢାଲୁଅ ବେଗୁସା,
ରବ୍ବୁର ବେଲୁନ ପର ଫିବଣ୍ଟ ସେ ଫାଟି ।

କଣେ ଏବା ହେଉଥିଲେ ଗାଲ ଧଡ଼ଫଡ଼,
ଲଭୁଥିଲେ ଦନ୍ତ କଡ଼ମଡ଼,
ଚକ୍ଷୁ ରକ୍ତ ବଡ଼,
ମଡ଼ ମଡ଼ ଶ୍ମେଭାବରେ ତାଙ୍କ ମଣ୍ଡ ଗୋଟି,
ଫଡ଼ ଫଡ଼ ଉଡୁଥିଲା ଦାଢ଼ୀ ଅଭ ଚୁଟି !
ତାଙ୍କର ଭାଷଣ ଅନ୍ତେ ପଡ଼ିଲା cheer
Hear Hear ବୋଲି କମ୍ପିଥିଲା ସଭା,
ତାହା ଶୁଣି ଜାମ୍ବୁ ନେତ୍ରୁ ପଡ଼ିଲା tear,
Fearରେ ଢିଲା ହେଲା ତାହାର Gear—
ଉଦେନ୍ତେ ଲାଂଗୁଡ଼ ଧର ଛୁଡ଼ା ହେବ ବୃଦ୍ଧ
ଚତୁର୍ଦ୍ଦିଗ ଗୃହିଁଦେଲେ ଚକ୍ଷୁ ମିଟ୍‌କାର,
Oratory ଛନ୍ଦେ,
Magnatise କରିବାକୁ ସଭାସଦ ବୃନ୍ଦ ।

Digitized by srujanika@gmail.com

ଜମ୍ବୁବାନ—ମାନଶାସ୍ତ୍ର ସମ୍ଭାଗତ ଓ ସ୍ତ୍ରୀସ୍ତ-ମାନେ,
ଉପସ୍ଥିତା ଭଗିନୀ ମଣ୍ଡଳୀ,
ମାନ୍ୟବର ଚନ୍ଦ୍ରଶ୍ରୀ ଯାହା ଗାଳିଦେଲ ଏତେଶି,
ଚେଚର୍ମ୍ପୀନା, ରେନ୍ଦ୍ରମ୍ପୀନା, ଛକଡ଼ୀନା କଥା
ମନେ କ୍ଷୁଣ୍ଣ ଦୁର୍ବାଦଳ, ଶ୍ୟାମଳୀର ସଙ୍ଗୀ,
ଅଥବା ପତ୍ନୀକା କଥା ଅମଳେ ଫେଇଛି;
ଏଥୁ ମାଏ କଣ।
ଚୋବଦାର୍ନ୍ନି ଅର୍ଘ୍ୟାବର୍ତ୍ତ ଗାବୁଡ଼ନା ବୃନ୍ଦ୍ୟ;
ନାହ ସଭାରେ ଏହା ଅବାଧ ସ୍ୱଗତ,
ଝଡ଼ଳ୍ପି ଜନ୍ତ୍ରୁ ଶ୍ରୀ ଜଗତ,
ଜନା ଅଛୁ ନୀତିଶାସ୍ତ୍ର ମନୁସଂହିତାରେ—
ନବ୍ୟ ଭାରତର ଏହି ସଭ୍ୟତାଟାଳର
କର୍ତ୍ତବ୍ୟ କି କେବେ ଏହି ଅକର୍ତ୍ତବ୍ୟ ଅନାଚ ?
କେ ନ ଜାଣେ, ସବଚାପି ସନ୍ଧ୍ୟାର ବଚନ,
କେବେ ବନିତା ଲଭିବ ନହେଁ ସ୍ୱାଧୀନ ?
ସ୍ତ୍ରୀ ବୁଦ୍ଧି ପ୍ରଳୟଙ୍କରୀ, ଯାହା ହେତୁ ଦେଖ
ନିଜେ ଅମ୍ଭ ଜଗନ୍ନାଥ ହୋଇଲେ ଶାନ୍ତ୍ରିଅ।
ସ୍ତ୍ରୀଙ୍କୁ ବିଚକ୍ଷଣେଙ୍କର ନାହିଁଟି ସ୍ୱଭାବ।
ପୁରୁଷ ଯେତେକ ଅର୍ଥେ ଜନ୍ମିବନ୍ତ ନାରୀ,
ଅଛୁ race ସଂରକ୍ଷଣ ହେତୁ,
ଏହାଛଡ଼ା ଆନ କର୍ମେ ନାହିଁ ଅଧିକାର।
ଏପାଇଁ ପ୍ରବୃତ୍ତ ବ୍ୟାଘ୍ର ଜର୍ମାନ ହିଟଲର
ନର ଧୂରନ୍ଧର,
ଏହାଙ୍କନ ତଳ୍ପ ଦେଲେ ନାରୀ ଜାତିଶାଳେ।
ସଭ୍ୟ ନବ୍ୟ-ଭାରତର ଉପରେ ଭିତରେ,
ଅନ୍ଦରେ, ବାହାରେ,
ଗ୍ରାମ, ଗଡ଼, ନଗର, ସହରେ
ବ୍ୟାପୁଛି ଏହି ସ୍ୱର ବୈଦ୍ୟିକ ଛାନ୍ଦେ।
ଲେଡ଼ି-ମାନ ବଢ଼ିଛି ଏହି activity,
ଅଛି ଜୁଏ ବୁଟି ଭାବି, ପିଟି ପିଟି ପିଟି
ରଥଯାତ୍ରା ପ୍ରାକ୍କୁ ଭର Cityକୁ ନିଜାଇ।

ଏତକ କହନ୍ତେ ବୃଦ୍ଧ ଭାଗ ଜମ୍ବୁବାନ
ଚତୁର୍ଦ୍ଦିଗରେ ଉଠିଲ ତୁଫାନ,
order, order ପୁଣି Withdraw withdraw
ହୁଙ୍କାର ସ୍ତୁତିବସର ମାର ମାର ନାଦେ
ଲକ୍ଷ୍ମଣାଙ୍କ ଏକାତାନେ ପଞ୍ଚ ବୃଦ୍ଧ ଅଗେ
ଧରିଲେ ଦାଢ଼ୀକୁ ତାର ଚେତନ ବାମ କରେ,
ଡାହାଣରେ କାନମୋଡ଼ି ଦେଲେ ବଣି ଜୋରେ।
କୌଶଳରେ ଠାଣ ଭଳି ବ୍ରହ୍ମଗ୍ରନ୍ଥିଜାଏ।
ଦଳ ମଧ୍ୟ ସ୍ୱର୍ଗାଦାସ୍ୟ ବୃନ୍ଦ ତୃତୀ ଛାଡ଼ି
କେ ହ୍ରସ୍ୱ ସେହି ଠାରେ,
ଜମ୍ବୁବାନ ସ୍ତମ୍ଭଦେଶେ ଗଲେଟି ଚଲିଛି
ଅଜାନୁ ଚପଳ ଧାଇଁ ପଡ଼ାପଡ଼ି ପଡ଼ାପଡ଼ି।
ପ୍ରତୀନୀର ବର୍ଷିଲ ବୃନ୍ଦ ନଷ୍ଟ ଋଣ ବାଣୀ—
ଚନ୍ଦ୍ରୁଁ ବ୍ରହ୍ମ ପତିତ ପାବନ,
ଯୋଗଳ ନୂତନ ଜାନୁ, ଜାନକୀ ଜୀବନ
ଆଜାନୁ ଲମ୍ବିତ ଭୁଜ କମଳ ନୟନ,
ଛନ୍ଦି ନିଜାପଣ, 'ଶାନ୍ତ,' 'ଶାନ୍ତ' ବଚନେ ଉଚ୍ଚାର,
ବଳିଥର ଦୁଇବାହୁ ଦେଲେ ଚେଷ୍ଟ କ୍ଷଣେ—
ମାତ୍ର ପଦ୍ମ ନହୋଇଲ ଗୋଳମାଳ ବନ୍ଦ,
ଉଗ୍ରୀର ଅବସ୍ଥା ଦେଖି,
Declare କଲେ ସଭା ହେଲା ବୋଲି ଭଙ୍ଗ।
ପୋଲିସବୃନ୍ଦ ଶଙ୍ଖ ଧ୍ୱନି ଦେଲ,
ଅନ୍ଧ୍ୟ ସମର ବୃତ୍ତ ସବୁରେ ସ୍ଥାପିତ,
ଚାଲିଥା କର୍ଦ୍ଦମ (mud) ନେଇ ଦେଲେ ପିଟା। ମିଛି
ଛାଲିଗଣ ପଳାଇଲେ, ଛେପ ଥୁ—ଥୁ।
ଏକ ଭଲି କପିବୃନ୍ଦ ଗୁଣ୍ଡିଲେ ଭକରେ
ଏମନ୍ତେ ଜଗନ୍ତେ ଶାନ୍ତି ରଣ ଭାଙ୍ଗୁଛନ୍ତି,
ସପ୍ତତାଳ ଭେଦୀ ରାମ କୋଦଣ୍ଡ ଧାରଣ।
ପ୍ରଚଣ୍ଡ ମୂରତ ଧରି ଭାଷିଲେ ଗମ୍ଭୀରେ—
ରାମ—ଧର୍ମ ଯୁଦ୍ଧ ଅସି ସଟେ ସାଧୁଙ୍କ ଅଧର୍ମ,
ବୁଝଂ ନାହ ସଭ୍ୟାରହ ମର୍ମ,
ମିଛ୍ୟାସ ଗର୍ଜିରେ ଖାଲି କରୁଛ ଅଧର୍ମ
ଏଡ଼ଲ ପଡ଼ଳା ଚର୍ମ ନୂଆଳ ଜଗତ,
ଅତି ଅସଙ୍ଗତ, ସ୍ୱଜନୀତ ବର୍ଗହୀତ—
କହୁଛି—ନିୟମ ଭଙ୍ଗ କଲେ ଏଥର
Disciplinary action ନିଅଯିବ ଚତୁରତ—
ଜାଣିଛ ତ inherent Power ମୋହର,
ରଣ ଯେବେ ଚାଲିଅଛି martial ଅଇନ,
ତୁମିଅବ, ତୁମିଅବ ଭାଇ ଶତବ ଦାର,
ତୁରୁପ ଅମାନ୍ୟ କଲେ ହୋଇଲେ ଏବାର,
ଜବର ଶୃଙ୍ଖଳ ଦେଇ କରିବି ବାହାର।

ସ୍ୱବଣାର ଚକ୍ର ଶୁଦ୍ଧା ଖାଇ ସନ୍ତୋଷିତ,
ଲଙ୍କୁଳ ଗୋଟାଇ ଗଲେ ଖସି ଏକେ ଏକେ,
ସଭାସ୍ଥଳ ହୋଇଗଲ ଏକଦମ୍ ସାଫ,
ଦ୍ୱୀପ ଛାଡ଼ି କପି ହନୁମାନ ଦିଲେ ଲମ୍ଫ।

ପଚେର ଆସିଲା—— ପର ସଂଖ୍ୟାରେ ପେଞ୍ଚୁଆ କାଣ୍ଡ——ବାକି ରହିଲ

Digitized by srujanika@gmail.com



# ନାଗବଚା ଦଳ

ସ୍ନେହର ପିଲେ,

ବଡ଼ଦିନ ଛୁଟି ଗଲା । ତମ ଭିତରୁ ଯିଏ ଖ୍ରୀଷ୍ଟିଆନ୍ ଥିବ ସେ ବଡ଼ ଆନନ୍ଦରେ ଛୁଟିଟା ଉପଭୋଗ କରିବାକୁ ଚେଷ୍ଟା କରିଥିବ । କିନ୍ତୁ ଆଉ ଗୋଟାଏ ଦେଶ ଅଛି, ଯେଉଁଠି ନାଚ ଗୀତ ଖିଆ ପିଆ ମଜଲିସ ମଜଲିସିରେ ଖାଲି ଦେଇ ଖେଳ ଯାଉଥିବ, ଏଇ ବଡ଼ଦିନରେ । ସେ ହେଉଛି ଆମ ରଜାଙ୍କ ଦେଶ ଇଂଲଣ୍ଡ । ଆମ ଦେଶର ଲୋକେ ଭୋକ ଉପାସରେ, ବଡ଼ି ମଡ଼କରେ ଯେତେବେଳେ ଯେତେବେଳେ ସଢ଼ି ମରୁଛନ୍ତି ସେ ଦେଶର ଲୋକେ ସେତେବେଳେ ଖୁସିରେ ନାଚ ଗାଇ ମଦ ପିଇ ହସି ହସି ଗଡ଼ି ଯାଉଛନ୍ତି । ଏ ଦେଶରେ ହିନ୍ଦୁ ମୁସଲମାନ ଲୋକମାନେ ପର୍ବ ପର୍ବାଣିରେ ଉପବାସ କରି ପୂଜା କରନ୍ତି । ସେ ଦେଶରେ ବଲଡାନ୍ସ (ଯୋଡ଼ିନାଚ)ର ସ୍ରୋତ ପ୍ରବାହ ବହନ୍ତି । ଏ କଥା କ'ଣ ତମ ଭିତରୁ କେହି ଥରେ ଭାବିଛ ? ଏ ଅମେଳ, ଏ ତଫାତ୍ ଭାବି ଆମ ମନରେ ଧାନ୍ଦି ଲାଗୁଛି ? କାରଣ ସେ ରଜା ଆମେ ପ୍ରଜା । ସେ ଆମକୁ ଶାସନ କରୁଛନ୍ତି — ଆମେ ତାଙ୍କ କଥାମାନି ଚଳୁଛୁଁ । ତମେ କହିବ ସ୍ୱାଧୀନ ସରକାର କ'ଣ ? ତା'ର ସରକାର ଇଂରେଜ ନକ୍ସୀଙ୍କ ହାତରେ ନାହିଁ ? ତମ ଗୁଡ଼ା ଚାକିରି ଆଜାଦ ପାଣ୍ଟି ଭିତରେ ପଡ଼ି ନାହିଁ । ତାର ସରକାର ତମ ହାତରେ । ତମେ ଅନ୍ତତଃ ଜାଣିରଖ, ତମ ଦେଶ ପରାଧୀନ ଏବଂ ଷଡଯନ୍ତ୍ରୀ ସରକାର ଫଳରେ, ସମ୍ପ୍ରଦାୟ ବା ବଡ଼ଲୋକର ଧନୀମାନଙ୍କ ଅତ୍ୟାଚାରରେ ତମ ଦେଶ ମଲାପରି—ତାକୁ ଉଦ୍ଧାର କରିବାକୁ ହେଲେ ତମକୁ ପ୍ରାଣ ଦେବାକୁ ପଡ଼ିବ । ତମେ ପାଠ ପଢ଼ୁଛ ଚାକିରି କରିବା ପାଇଁ ନୁହେଁ—ଏସବୁ ହୋଇ ବଡ଼ଦିନ ଛୁଟିରେ ଖିଆ ପିଆ ମଜଲିସ ପାଇଁ ନୁହେଁ; ତମେ ପଢ଼ୁଛ, ତମେ ତମର ଅବସ୍ଥା, ସାଙ୍ଗ ସଙ୍ଗାତଙ୍କ ଅବସ୍ଥା, ଦେଶର ଅବସ୍ଥା ବୁଝିବା ପାଇଁ । ତମେ ବଡ଼ ହେଲେ, ଏ ଦେଶକୁ ସ୍ୱାଧୀନ କରିବାର ଭାର ତମରି ଉପରେ ପଡ଼ିବ । ଯେତେବେଳେ ଖାଣ୍ଟି ନାଗବଚା ହୋଇ ଦେଶର ସ୍ୱାଧୀନତା ପାଇଁ ତମେ ପ୍ରାଣ ଦେବ ସେହି ଦିନ ଆସିବ ଏତେ । ଭଗବାନ ତମକୁ ସାହସ ଦିଅନ୍ତୁ ।

ତମର ବୁଢ଼ାଅଜା

## ୨ୟ ପୁରସ୍କାର ପ୍ରାପ୍ତ ।

### ଭୂତ ଗଳ୍ପ

ଶୀତଦିନ ରାତି । ବାବୁଟି ଖାଇପିଇସାରି ଖଟ ଉପରେ ଶୋଇ ପଡ଼ିଲେ । ଆଖିକୁ ମୋଟେ ନିଦ ଆସୁ ନଥାଏ ତାଙ୍କର । ନିଜର ଧର୍ମପୁସ୍ତକ ବାଇବେଲ୍ ଖଣ୍ଡିକ ପୃଷ୍ଠଦେଶରୁ ବାହାର କରି ପଢ଼ିବାକୁ ଲାଗିଲେ । କିଛି ସମୟ ପରେ କାନ୍ଥରେ ଜଳୁଥିବା ବିଜୁଳି ବତିଟା ଥପ୍ କରି ଲିଭିଗଲା । ବାବୁଙ୍କୁ ଟିକେ ଭୟ ଲାଗିଲା । ସେ ଡାକବଙ୍ଗଳାର ଚପରାଶି ଠାରୁ ଜାଣିଥିଲେ ଯେ, ସେ ଡାକବଙ୍ଗଳାରେ ରାତିରେ କେହି ରହନ୍ତି ନାହିଁ । ଦିନ ଥାଉଁ ଥାଉଁ ବାବୁମାନେ ସ୍ଥାନଯାନ୍ତ୍ରି ଅନ୍ୟ ଯାଗାକୁ କାରଣ ରାତି ହେଲେ ସେ ଯାଗାଟା ଟିକେ ମାଡ଼ ମାଡ଼ ପଡ଼େ । ଖଟରୁ ସଙ୍ଗେ ସଙ୍ଗେ ଡେଇଁପଡ଼ି ବାବୁ ସୁଇଚ ଟିପିଦେଇ ପୁଣି ଆସି ବସିଲେ ସେ ଖଟ ଉପରେ । ପକେଟରୁ ପେନ୍‌ସିଲଟି ବାହାରକରି ପାଖରେ ରଖି, ଶୋଇବାକୁ ଯାଉଛନ୍ତି ଦେଖିଲେ ତାଙ୍କ ସାମ୍ନାରେ ଥିବା ବଡ଼ ଆଇନାରେ କାହାର ଗୋଟାଏ ପ୍ରତିବିମ୍ବ ପଡ଼ିଛି—ଅଥଚ ସେ ତାକୁ ଦେଖି କି ପଦାର୍ଥ ବୋଲି ଠଉରି ପାରୁ ନାହାନ୍ତି । ମଣିଷ ପରି ହାତ ଗୋଡ଼ କିନ୍ତୁ ଅସ୍ୱାଭାବିକ ଭାବେ ମୋଟା । ମନରେ ସାହସ ଆଣି ସେ ସୁଇଚ ଟିପିଦେଲେ । ଆଉଥରେ ଲାଇଟଟା ଜଳି ଉଠିଲା । ଟେବୁଲ ଉପରେ ଲାଗିଥିବା କାଚ ଗ୍ଳାସ୍ଟା ଭାଙ୍ଗି ଗଲା । ତା ପରେ ହଠାତ୍ କାହିଁକି ପଛକୁ ବୁଲି ଦେଖନ୍ତି ତ ତାଙ୍କ ବିଛଣା ଉପରେ ମଣିଷର ଗୋଟାଏ ଗଣ୍ଡି ପଡ଼ିଛି— ହାତ, ଗୋଡ଼ ବା ମୁଣ୍ଡ ନାହିଁ । ବାବୁଙ୍କ ଛାତି ଥରିଗଲା । ଖୁବ ସାହସ କରି ସେଇଠାରୁ ଖଟ ଉପରୁ ଠେଲି ତଳେ ପକାଇ ଦେବାକୁ ଚେଷ୍ଟା କଲେ । କିନ୍ତୁ ପାରିଲେନାହିଁ । ହଠାତ୍ ବିଜୁଳି ବତୀଟା ଥପକରି ନିଭିଗଲା । ପକେଟରୁ ଟର୍ଚ୍ଚଲାଇଟ୍ ବାହାରକରି ବାବୁଟି ଘରର ଚାରିଆଡ଼କୁ ପକାଇ ଦେଖିଲେ ସେ ଘରର ଛାତ ଓ କାନ୍ଥ ଦେହରେ ମଣିଷର ବଡ଼ ବଡ଼ କଟାହାତ ଝୁଲୁଛି । ଆଉ ସେ ସବୁ ଖଣ୍ଡ ଖଣ୍ଡ ହୋଇ ଆସି ସେ ଶୋଇଥିବା ଗଣ୍ଡିରେ ଲାଗିଯାଉଛି । ଏସବୁ କଥା ଦେଖି ବାବୁଙ୍କ ହାତରୁ ପିସ୍ତଲଟା ତଳକୁ ପଡ଼ିଗଲା । ଟର୍ଚ୍ଚଲାଇଟ୍‌ଟା ହାତରେ ସେହିପରି ଜଳୁଥାଏ ଓ ବାଇବେଲ୍ ଖଣ୍ଡି ହାତରେ ଧରିଥାନ୍ତି । ତାପରେ ସେ ଚାରି ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ାକ ସେ ଗଣ୍ଡିରେ ଲାଗିଗଲେ ଝଟିଏ । ବାବୁଟି ଦେଖନ୍ତି ତ ତାଙ୍କ ଖଟ ଉପରେ ଜଣେ ଉଲଗ୍ନ ମନୁଷ୍ୟ । ବାବୁଟି ଭୟରେ ଅଧୀର ହୋଇ ସେହି ବିକଟାଳ ମୂର୍ତ୍ତି ଉପରକୁ ଟର୍ଚ୍ଚଲାଇଟ୍‌ଟା ପକାଇଲେ । ସେହି ଭୂତଟି ସେହିପରି ବସିଥାଏ ସେ ଖଟ ଉପରେ । ତାପରେ ହାତରେ ଧରିଥିବା ବାଇବେଲ୍‌ଟି ଫିଙ୍ଗିଲେ ଖୁବ୍ ଜୋରରେ ସେ ଭୂତ ଉପରକୁ । ଏଥର ସେ ଭୂତ ବହିଖଣ୍ଡିକୁ ହାତରେ ଧରି ମାଡ଼ିଆସିଲା ବାବୁଙ୍କ ଆଡ଼କୁ । ତା ପରେ ସବୁ ଶେଷ । ସକାଳୁ ଚପରାଶି ଆସି ଦେଖେ ତ ଭଙ୍ଗା ଖାଟଟା ଉପରେ ବାବୁ ଶୋଇଛନ୍ତି ନଡ଼ୁନଥିଲା ହୋଇ । ଦେହରେ ପ୍ରାଣ ନାହିଁ ।

ଶ୍ରୀ ଗୁରୁଚରଣ ପଣ୍ଡା
C/o Headmaster
P. M. Academy.
Boxibazar. Cuttack.

## ନାଗବଚ୍ଚାମାନଙ୍କର ନାମ ।

୧ । ଶ୍ରୀମାନ୍ ସୂର୍ଯ୍ୟକାନ୍ତ ଦାସ
ଭବାନୀପାଟଣା ହାଇସ୍କୁଲ ।
ପୋ:ଅ: ଭବାନୀପାଟଣା—
କଲାହାଣ୍ଡି-ଷ୍ଟେଟ ।

୨ । ଶ୍ରୀମାନ୍ ଦେବେନ୍ଦ୍ରନାଥ ପଟ୍ଟନାୟକ
ନୂତନ ଛାତ୍ରାବାସ,
ପୋ:ଅ: ବାରିପଦା ମୟୂରଭଞ୍ଜ-ଷ୍ଟେଟ

୩ । ଅନାଦି ଚରଣ ଦାସ ।
ନୂତନ ଛାତ୍ରାବାସ, ପୋ:ଅ: ବାରିପଦା

କ୍ରମଶଃ

Digitized by srujanika@gmail.com



# ଖବରଅନ୍ତର

ମୟୂରଭଞ୍ଜ ରାଜଧାନୀ ବାରିପଦାରେ ଧମାଧମ ଏରୋପ୍ଲେନ ଉଡ଼ୁଛି ।

କିଏ ଅସୁଛି କି ? ଜାପାନ ନା ଇଟାଲି ?

ଦୁଃଖର କଥା, ଗଞ୍ଜାମର ପ୍ରବୀଣ ଦେଶନେତା ହରିହର ପଣ୍ଡା ସ୍ୱର୍ଗାରୋହଣ କରିଅଛନ୍ତି । ଦେଶ ମିଶ୍ରଣଟା ଦେଖି ଯାଇଛନ୍ତି ନା ?

ଗଞ୍ଜାମର ଜଣେ ପୁଲିସ କନେଷ୍ଟବଲ କେତେକ ଦେଶକର୍ମୀଙ୍କ ଠାରୁ ମାଡ଼ଖାଇ ମକଦ୍ଦମା ଦାଏର କରିଥିଲା । ମାତ୍ର ତାହା ଏବେ ଉଠାଇ ନେଇଛି । କନେଷ୍ଟବଲଟି ବୈଷ୍ଣବ କି ଖ୍ରୀଷ୍ଟିଆନ ଜଣାନାହିଁ — ତେବେ ସତ୍ୟାଗ୍ରହୀ ନିଶ୍ଚୟ ।

ସଭା ଦେଖାଳୀଙ୍କ ଉପରେ ଟେକା ପକାଇ ଥିବା ଅପରାଧରେ ଗଞ୍ଜାମ ପୁଲିସ କେତେକ ଲୋକ ସେବକଙ୍କୁ ଚାଲାଣ କରିଥିଲା । ଏବେ ତାହା ବନ୍ଦ କରା ହୋଇଛି । ଅହିଂସାବାଦୀ ସରକାରର ଅମଳ ଯେ ।

ଓଡ଼ିଶା ସରକାର ଗୃହିମାନଙ୍କୁ ପୋଟଳ, ଓ ଆଳୁ ବିହନ ବିନା ମୂଲ୍ୟରେ ବାଣ୍ଟିବାର ବ୍ୟବସ୍ଥା କଲେଣି । ଭଦାଳୀ ବିଚରା କ'ଣ ଦୋଷ କଲା ? ଓଡ଼ିଆ ଗୃହୀ ସେଥିରୁ ବଞ୍ଚିତ ହେବେକି ?

ଶ୍ରୀମତୀ ଜାହ୍ନବୀ ଦେବୀ ତାଙ୍କ ବାଲେଶ୍ୱର ସହର ନିର୍ବାଚନ ମଣ୍ଡଳୀରୁ ତାଙ୍କର ପ୍ରାଦେଶିକ କଂଗ୍ରେସ ପ୍ରାର୍ଥୀ ପଦ ଉଠାଇ ନେବାରୁ ଉପସଭାପତି ମୁକୁନ୍ଦବାବୁଙ୍କୁ ଖଲାସରୁ ନିର୍ଦ୍ୱନ୍ଦ୍ୱରେ ଛାଡ଼ିଦିଆ ଯାଇଛି । ଶୁଣାଯାଏ ଏହା ମଧ୍ୟରେ କୌଣସି ସାଲିସ ହୋଇଛି । ନାସ୍ତି ପ୍ରତିଦ୍ୱନ୍ଦ୍ୱିରୂପେ ଜାହ୍ନବୀ ଦେବୀ ପ୍ରାଦେଶିକ କମିଟିକି ପିଠାଲି ଇଚ୍ଛାକରନ୍ତି ବୋଲି ନିର୍ବାଚନ ପ୍ରଚାର କରୁଥିଲେ । ତାଙ୍କ ସ୍ଥାନ ପୂରଣକାରୀ ପୁରୁଷ କଣକ ନାସ୍ତି ପ୍ରତିଦ୍ୱନ୍ଦ୍ୱି ହୋଇ ପାରିବେତ ?

ଅଲର ଅସେମ୍ବ୍ଲି ସଭ୍ୟ ଗୋବିନ୍ଦ ସିଂହଙ୍କ ବିରୁଦ୍ଧରେ ମକଦ୍ଦମା ହୋଇଥିଲା । ତର୍କର ଫଳରେ ସେ ଛାଟ ଖାଇଗଲେ । କଂଗ୍ରେସ ବାଲଙ୍କୁ ଛାଟ ପିଟିଲ ।

ଗଞ୍ଜାମ ଜିଲ୍ଲାର କଂଗ୍ରେସ ବାଲାଙ୍କ ଭିତରେ ଯେଉଁ ଗୋଳ ଘଟିଛି ତାହା ପ୍ରାଦେଶିକ ନେତାମାନେ ମିମାଂସା ନ କଲେ ସେ ଉପବାସ କରି ପ୍ରାଣ ହାରିବେ ବୋଲି ପ୍ରତିଜ୍ଞା କରିଛନ୍ତି ।

ଶୁଣାଅଛି, ସଞ୍ଜେ ବି ଉମିଧ ଧମକକ ଥିଲେ ।

ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟ ଧୀରେ ଧୀରେ ଉନ୍ନତି କରୁଛି ବୋଲି ଖବର ମିଳୁଛି ।

ଧୀର ପାଣି ପଥର କାଟେ ।

ହରିପୁର କଂଗ୍ରେସକୁ ପ୍ରତିନିଧି ନିର୍ବାଚନରେ ଅଗ୍ରର୍ଯ୍ୟେ ଆପଣେ ସାମ୍ୟବାଦୀଙ୍କ ସହିତ ମୁଣ୍ଡ ଲଢ଼ାଇ ଜୟ ହାରିଛନ୍ତି । ଏଣିକି ସେ କ'ଣ ଦାଢ଼ୀଗାଟି ପଇତା ଛିଣ୍ଡାଇ ସାମ୍ୟବାଦୀ ହେବେ ?

ଏହି ନିର୍ବାଚନରେ ଭାରତର ନାନା ସ୍ଥାନରେ ସୋସିଏଲିଷ୍ଟମାନେ ଭାରି ଗଣ୍ଡଗୋଳ କରିଛନ୍ତି । ଫଳରେ ମାରପିଟି ପର୍ଯ୍ୟନ୍ତ ନିଜ ନିଜ ଭିତରେ ହୋଇଛି ।

ଏଥିରେ ଦୋଷ ନାହିଁ – କାରଣ ସ୍ଥାନୀ – ଅହିଂସା ସମର ବା ଅହିଂସା ମାଡ଼ ।

ବିହାର କଂଗ୍ରେସ କମିଟି, ସେଠାରେ କିଷାନ ସଭାକୁ ଏକ ପ୍ରକାର ବେଆଇନ ଘୋଷଣା କରିଛନ୍ତି । କାରଣ, ସେମାନେ ହିଂସା ପ୍ରଚାର କଲେ ।

ପୃଥିବୀରୁ ହିଂସା ଲୋପ ହେଲେ ବିଲାଉ ବଗ ସବୁ ବି ବିହାର କଂଗ୍ରେସବାଲାଙ୍କ ଭଳି ବଇଷ୍ଣମ ପାଲଟିବେ ।

ବାଟ୍‌ଲିବାଲାଙ୍କୁ ଗିରଫ କରିବା ପରେ ମାନ୍ଦ୍ରାଜର କଂଗ୍ରେସ ସରକାର ପୁଣି କେରଳ କଂଗ୍ରେସ କାର୍ଯ୍ୟକାରୀ କମିଟିର ଜଣେ ସଭ୍ୟଙ୍କୁ ଏକମାସ ଜେଲ ଦଣ୍ଡ ଦେଇଛନ୍ତି ।

ଲଙ୍କାରୁ ଯେତେକ ବାହାର
ସମସ୍ତେ ଅସୁର ଆକାର ।

ବିହାର ଚିଫ ସେକ୍ରେଟାରୀ ବ୍ରେଟ ସାହେବ ଯେଉଁ ସରକ୍ୟୁଲର ଜାରି କରିଥିଲେ ଉପରେ କରିବାଟା ତାଙ୍କର ଭୁଲ ବୋଲି ସ୍ୱୀକାର କରିଛନ୍ତି । କିନ୍ତୁ ସରକ୍ୟୁଲରଟା ଯେ ଠିକ ତାହା ମନ୍ତ୍ରୀ ସ୍ୱୀକାର କରି ନେଇଛନ୍ତି । ଅର୍ଥାତ୍ ଏଣିକି ବିନା ସେକ୍ରେଟାରୀଙ୍କ ଜରିଆରେ ମନ୍ତ୍ରୀ ହୁକୁମଜାରି କରିପାରିବେ ନାହିଁ । କଥାରେ ଅଛି--

କାଗଜ କାଟେ ଗୁଡ଼ି ଉଡ଼ାଏ
ଭିଜେ ପବନ୍‌କା ସାଥ୍
ଗୁଡ଼ି ବେଚାରୀ କିଆ କରେଗା
ଡୋର ମେରେ ହାଥ୍ ।

ବଙ୍ଗଳା ସରକାର ଖଲାସ ହୋଇଥିବା ଡେଟିନ୍ୟୁମାନଙ୍କୁ ମାସିକ ୫୦ଟଙ୍କା ଲେଖାଏଁ ଭତ୍ତା ଦେବେ ।

ସାବୁଲ ନେଇ ଛୁଞ୍ଚି ଦାନ । ଅଧାରେ ଦସ୍ତା ।

ବଙ୍ଗଳାର ଇଉରୋପିଏନ ଏସୋସିଏସନକୁ ଭାରତରେ କହନ୍ତି କି ଆକଟ (repre-ssive) ଆଇନ ଉଠିଲେ ସେମାନେ ଓ ଆମମାନେ ବନ୍ଦୀ ଆଉ ରହି ପାରିବେ ନାହିଁ ।

ବୁଢ଼ା ଗାନ୍ଧି ଗଲେ ଲୁଅରେ ଏତେବେଳେ ?

ଚୀନକୁ ଧନଜନ ଦେଇ ସାହାଯ୍ୟ କରିବା ପାଇଁ ତାଙ୍କର ଜଣେ ସେନାପତି ଜହରଲାଲଙ୍କ ଜରିଆରେ କଂଗ୍ରେସ ଆଉ ଭାରତକୁ ବଡ଼ କାକୁତି କରି ଲେଖିଛନ୍ତି ।

ହିମାଳୟ ପାର ହୋଇ ଏ ଶୀତଟାରେ ବୀରମାନେ ଯୁଦ୍ଧକୁ ଯିବେ କିପରି ? ଟିକିଏ ଶୀତ ଛାଡ଼ିଯାଉ ।

ଓଡ଼ିଶାର କେତେକ ସାମ୍ୟବାଦୀଙ୍କୁ ଗିରଫ କରିବାପାଇଁ ବନ୍ଦୋବସ୍ତ ଚାଲିଥିଲା । ପ୍ରଧାନମନ୍ତ୍ରୀ ଜାଣେ ଲାଟଙ୍କ ଗୋଡ ହାତ ଧରି ସେତେକ ବନ୍ଦ କରାଇଛନ୍ତି ।

ଡାକେ ପି, ଦାଣ୍ଡେ ଜି ମାତ ଏ । ଏଥିରେ କଂଗ୍ରେସ ସରକାର କେତେଦିନ ଟେକିବ ?

କେତେକ ଖବର କାଗଜ ତାଙ୍କ ଗାଳି ଦେବା ଓ ନିନ୍ଦା କରିବା ହେତୁ ବଙ୍ଗଳାର ପ୍ରଧାନ ମନ୍ତ୍ରୀ ହକ୍ ସାହେବ କହିଛନ୍ତି କି "ଖବରଦାର, ଶକ୍ତ ଠେଙ୍ଗା ଛାଡ଼ିବି ଓ ଜବରଦସ୍ତି ଆଇନରେ ତାହା ଚଳାଇବି" ।

ଭୟ ନାହିଁ ଆମର—ଆମ ମନ୍ତ୍ରୀ ତ ଗୋରୁ ଖିଆ ନୁହଁନ୍ତି—ପଖାଳ ଖିଆ ।

Printed & published at the Gopinath Press, Bhadrak by EditorN, Mahapatra & issued from the Dagaro office, Bhadrak—

Digitized by srujanika@gmail.com

## ସାବଧାନ ! ଠକାମିକି ସାବଧାନ ! ନକଲିକି ସାବଧାନ !

ଆମର ଅସଲ ଅଳକନନ୍ଦା [illegible] ଅନୁପାନରେ ପ୍ରସ୍ତୁତ ତାହା ଆମର [illegible] ଦ୍ୱାରା ପ୍ରସ୍ତୁତ ହେଉଛି । ବର୍ତ୍ତମାନ ଅନେକେ [illegible] ସେହି ସାବଧାନ [illegible] । [illegible] ନାହିଁ ।

ପ୍ରୋପ୍ରାଇଟର—[illegible]
[illegible] ଗୁରୁଖଟୋଲ
[illegible]

## 'ଚ୍ୟାଲେଞ୍ଜ' ???

ଅପଣଙ୍କ ମୂଲ୍ୟବାନ କଲମର ପରମାୟୁ ବଢ଼ାଇବାକୁ ହେଲେ [illegible] ଚ୍ୟାଲେଞ୍ଜ [illegible] ବ୍ୟବହାର କରନ୍ତୁ ।

ପ୍ରସ୍ତୁତ କାରକ

**ଓଡ଼ିଶା କେମିକ୍ୟାଲ ଲିମିଟେଡ୍**

## 'ବିଶଲ୍ୟ କରଣୀ ମଲମ'

କଟା ଘା, ପୋଡ଼ା ଘା, [illegible] ଦାଦ, ଖଜୁରୀ, [illegible] ମହୌଷଧ । [illegible] ପ୍ରସ୍ତୁତ । [illegible]

**ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ।**

[illegible]

## ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର
## ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ [illegible] ସେବନ [illegible], [illegible] ( [illegible] ) [illegible] ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା [illegible] ଆରୋଗ୍ୟ ହୋଇଥାଏ ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

**କବିରାଜ ଶ୍ରୀ ବିଶ୍ୱନାଥଦାସ ଏ, ବି, ଏଲ୍. ଏଚ. ଏମ୍. ଏସ୍.**

[illegible], ପୋଃ ଗୁରୁଖଟୋଲ [illegible] ।



## ଅସଲ ପଞ୍ଚଗୁଣା ତେଲ

[illegible]
[illegible]
[illegible] :—ମୂଲ୍ୟ [illegible] ।
ଠିକଣା :—[illegible]—କଟକ ।

# ଡାକ୍ତର-ରଘୁନାଥ ସାହୁ

ଏଲ୍. ଏମ୍. ପି. ଙ୍କର ଆବିଷ୍କାର

[illegible]

# ସାଗର ସୁଧା

[illegible]

ପଥର ଦାନ୍ତ [illegible]

ଦାନ୍ତ [illegible]

**ଦାନ୍ତ ଡାକ୍ତର ଶ୍ରୀ ନବକିଶୋର ମିଶ୍ର—କଟକ**

[illegible]

[illegible] ।



ପ୍ରଯୋଜକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

[illegible]—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com

REG. NO. P-441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନ୍‌ସୁରେନ୍‌ସ ସୋସାଇଟି ଲି: କଲିକତା

ଗତ ୫୦ ବର୍ଷ ବ୍ୟାପୀ ହିନ୍ଦୁସ୍ଥାନ୍ ସୁନାମ, ସୁଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ପଲିସି ପତ୍ରି ସର୍ବୋତ୍କୃଷ୍ଟ ।

ଅବଶ୍ୟିକ ମୃତ୍ୟୁରେ ୨ଗୁଣ ବୀମା ଟଙ୍କା ମିଳିବ ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ପିଲାଙ୍କର ବୀମା, ସ୍ତ୍ରୀ ବୀମାପ୍ରଭୃତି ନାନା ପ୍ରକାର ସୁବିଧା ଜନକ ନୂଆ ଉନ୍ନତ ବ୍ୟବସ୍ଥା ।

ବୀମା ପରଣା ଉଠାଇ ଚଳିବାର ସୁବନ୍ଦୋବସ୍ତ ଅଛି ।

୧୯୪୬-୪୭ ନୂତନ ବୀମାର ପରିମାଣ ୧ [illegible]

୧୯୪୬-୪୭ ବୀମା ପାଣ୍ଠି ୬ [illegible] ୭ କୋଟି ।

ନିଃ—

ପ୍ରତ୍ୟେକ ହଜାର ବୀମାରେ ହିସାବ ପ୍ରତି ବର୍ଷକୁ ୫ [illegible]

ଆଜୀବନ ବୀମାରେ „ ବର୍ଷକୁ ୨ [illegible]

୧୯୪୬-୪୭ ନୂଆ ବୀମାର ପରିମାଣ ୧୨ କୋଟିରୁ ଉର୍ଦ୍ଧ୍ୱ

୧୯୪୬-୪୭ ବାର୍ଷିକ ଆୟ ୨ ଲକ୍ଷରୁ ଉର୍ଦ୍ଧ୍ୱ

ମୋଟ ଆୟ ୧ $\frac{1}{2}$ ଲକ୍ଷରୁ ଉର୍ଦ୍ଧ୍ୱ

(ଏକ୍ସଟ୍ରାସରେ, ସାଡରଣ୍ଡରରେ ଦାବିଣ ଏକ୍ସଟ୍ରାସରେ ଉନ୍ନତ ସୁବିଧା କୋଡ, ଏଜେଣ୍ଟ ଓ ଅର୍ଗାନାଇଜର୍ ଏଜେଣ୍ଟ ହେବାପାଇଁ ଆବେଦନ କରନ୍ତୁ ।)

ସ୍ଥାନୀୟ, ସିଟି, ଗ୍ରାମ, ମୁଫସଲ ପ୍ରଭୃତି ସ୍ଥାନରେ ୨ ଜଣ ପ୍ରତିନିଧିର କର୍ମୀଙ୍କ ଆବଶ୍ୟକ ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ, ସେକ୍ରେଟାରୀ
ହିନ୍ଦୁସ୍ଥାନ ବିଲ୍ଡିଂସ, କଲିକତା ।

ଓଡ଼ିଶା ଅଫିସ: — ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗାନାଇଜର୍, କଟକ ।



## ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଦେଖିବାକୁ ହେଲେ [illegible] ସେମାନଙ୍କଠାରୁ ଶୁଣନ୍ତୁ ଏବଂ ଜଣେ [illegible] ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ବହୁମତ ପ୍ରତିକାର ଓ ଚିକିତ୍ସା ଏହା ଅପେକ୍ଷା ଆଉ ନାହିଁ । ଶୁକ୍ରଧାତୁର ଏବଂ ସ୍ନାୟବିକ ମାନସିକ ଦୁର୍ବଳତା, ସମସ୍ତ ଦେହରେ ଅବସନ୍ନତା, ସ୍ମୃତିଶକ୍ତିହୀନତା, ଦୌର୍ବଲ୍ୟ, କୋଷ୍ଠବଦ୍ଧ ପ୍ରଭୃତି ଏବଂ ଅଗ୍ନିମାନ୍ଦ୍ୟ, ରକ୍ତହୀନତା, ଦୋଷଜନିତ, ଅମ୍ଳ, ଶିରୋଘୂର୍ଣ୍ଣନ, [illegible] ଯୌବନ ଦୋଷ ଜନ୍ୟ ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ଏଥି ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ଦୁଇ ସପ୍ତାହ ବ୍ୟବହାର କଲେ ଶରୀରରେ ନୂତନ ବଳ ଶକ୍ତି ହେବ । ୨୧ ଦିନ ବ୍ୟବହାର ଉପଯୋଗୀ ଶିଶି ମୂଲ୍ୟ ୨୧୯ ମାତ୍ର ।

### ରତି ଶକ୍ତି

ଏହା ବ୍ୟବହାର କଲେ ବୃଦ୍ଧ ଯୁବକ ଭଳି ଶକ୍ତି ପାଏ । ଯେଉଁମାନେ ଧ୍ୱଜଭଙ୍ଗ ଓ ଶୁକ୍ରତାରଲ୍ୟ ହେତୁ ହତାଶ ହୋଇ ଅଛନ୍ତି, ସେମାନଙ୍କ ଏହା ଐଶ୍ୱରିକ ଶକ୍ତି ପରି ଫଳ ଦିଏ । ଥରେ ପରୀକ୍ଷା କରନ୍ତୁ । ୨୧ ଦିନ ବ୍ୟବହାର ଉପଯୋଗୀ ଶିଶିର ମୂଲ୍ୟ ୫୧୯ ।

### କର୍ପୂରାରିଷ୍ଟ

ହଇଜା ଗୋଟିଏ ଭୟଙ୍କର ରୋଗ । ଘଣ୍ଟା ଘଣ୍ଟା [illegible] ଜୀବନ ନଷ୍ଟ କରିଦିଏ । ଗୋଟିଏ ଶିଶି କର୍ପୂରାରିଷ୍ଟ ଘରେ [illegible] ଥିଲେ ଭୟର କାରଣ ରହିବ ନାହିଁ ।

—ବଡ଼ ଶିଶିର ମୂଲ୍ୟ ୫୦୯, ଛୋଟ ଶିଶିର ମୂଲ୍ୟ ॥୦—

ନୟା ସଡ଼କ
ପୋ: ଅ: ବୃନ୍ଦାବନଚୌକ,
କଟକ ।

ବୈଦ୍ୟରାଜ
C/o ଶ୍ରୀ ବାଲ୍ମୀକେଶ୍ୱର ଆୟୁର୍ବେଦ ଭଣ୍ଡାର
ଲବାପୁର—ଶ୍ରୀ ଲକ୍ଷ୍ମୀନାରାୟଣ ଆୟୁର୍ବେଦ
[illegible]


Digitized by srujanika@gmail.com

ପୌଷ ଦ୍ୱିତୀୟାର୍ଦ୍ଧ— ସସ୍ତା, ସୁନ୍ଦର, ହାସ୍ୟରସ-ପ୍ରଧାନ ସଚିତ୍ର ପାକ୍ଷିକ— ପ୍ରଥମ ବର୍ଷ




# ଓଡ଼ିଶା ବାହାରେ ଓଡ଼ିଆ



କୁମାରୀ ସତ୍ୟରଞ୍ଜନୀ

—:0:—

ଆପଣ ଯେତେବେଳେ ମାତ୍ର ୭ ବର୍ଷର ଶିଶୁ। ୧୯୩୬ ମସିହାରେ ନିଖିଳ ଭାରତ ସଙ୍ଗୀତ ସମାଜର ଗୋଟିଏ ବାର୍ଷିକ ଅଧିବେଶନରେ ବହୁ ପ୍ରତିଯୋଗୀ ଗାୟକ ଯୋଗ ଦେଇଥିଲେ। ଆପଣ ତାଙ୍କଠାରୁ ବଡ଼ ବୟସ୍କମାନଙ୍କ ଗୋଷ୍ଠୀ ଭିତରୁ ସଙ୍ଗୀତରୁ ଗୁଟିଏ ସ୍ୱରରେ ଗାଇ ସେଠାରେ ସମସ୍ତ ପ୍ରତିଯୋଗୀମାନଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଥିଲେ। 'ଡଗର' ଆଜି ଉତ୍କଳର ପକ୍ଷରୁ ଆପଣଙ୍କୁ ସମ୍ବର୍ଦ୍ଧନା ଦେଇ ଗୌରବ ଅନୁଭବ କରୁଛି। ଭଗବାନ ଆପଣଙ୍କର ସ୍ୱାସ୍ଥ୍ୟ ଉନ୍ନତିରେ ସହାୟ ହୁଅନ୍ତୁ।

Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର








ବାଲୁବଜାର, ପୋ. ଗୁଡିଶିଗୌରିକ — କଟକ।




ବହୁ ଦେଶହିତୈଷୀମାନଙ୍କର ପରାମର୍ଶ ଅନୁସାରେ ଆମ୍ଭମାନେ ଖାଣ୍ଟି ସୁନା, ରୁପା ଏବଂ ବହୁ ମୂଲ୍ୟ ପଥରର [illegible] ପ୍ରସ୍ତୁତ କରୁଅଛୁ। ଆମ୍ଭମାନଙ୍କର [illegible] ଅନ୍ୟ [illegible] କୌଣସି [illegible] ଆମ୍ଭମାନଙ୍କର [illegible] ହେଲେ ସନ୍ଦେହ କରୁନାହାନ୍ତି। ଅତଏବ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରଣାଳୀ [illegible] [illegible] ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଆଉଁ ବାହାର ସ୍ଥାନମାନଙ୍କରେ ଅମ୍ଭମାନେ [illegible] [illegible] ଅର୍ଡର [illegible] ଆଉଁ। ତେଣୁ କୌଣସି ପ୍ରକାର [illegible] [illegible] ପ୍ରସ୍ତୁତ ଅଛୁଁ। ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଇତି

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ (ଜୁଏଲର)

[illegible]




## ଅର୍ଡର ନିୟମାବଳୀ।

୧। ଅର୍ଡର ସଙ୍ଗରେ ଦୁଇଅଣ [illegible]।

୨। [illegible] ୫ ୨୧ ଦିନ।

୩। [illegible] ୧୫ ଦିନ।

୪। [illegible] ଦେବାକୁ ହେବ।

୫। [illegible]

୬। ଅର୍ଡର ପାଇବାର ଇଚ୍ଛା ଥିଲେ [illegible] ପଠାଇବାକୁ ହେବ।

୭। [illegible] କୌଣସି [illegible] ଦାୟୀ ନୁହଁନ୍ତି।

୮। [illegible]

୯। [illegible]

Digitized by srujanika@gmail.com



# ବିଲୁଆ ବିଚାର

**ସମ୍ପାଦକୀୟ**

[ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, କେବଳ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ]·

କଥାରେ ଅଛି "ସାବଧାନରେ ବିନାଶ ନାହିଁ"। ସେଥିପାଇଁ ଶତ୍ରୁ ପକ୍ଷ ଉଡ଼ାଜାହାଜ ଗ୍ୟାସ ବୋମା ଛାଡ଼ିଲେ କିପରି ଆତ୍ମରକ୍ଷା କରିବାକୁ ହେବ ତାର ଗୋଟାଏ ପ୍ରେକ୍ଟିକାଲ ରିହାର୍ସାଲ୍ ବମ୍ବେର ସହରରେ ହୋଇଗଲା। ସତକୁ ସତ ଜାହାଜ ଉଡ଼ିଲା, ବୋମା ପଡ଼ିଲା, ଲୋକେ ଧାଇଁଲେ ମୁଖା ପିନ୍ଧି, ଗାତରେ ପଶିଲେ ଆଲୁଅ ଲିଭାଇ ଇତ୍ୟାଦି। କରାଚି, କଲିକତା, ମାଡ୍ରାସରେ ମଧ୍ୟ ଶୀଘ୍ର ଏ ଅଭିନୟ ହେବ। ବୋମ୍ବାଇ, କରାଚି ପଶ୍ଚିମ ସମୁଦ୍ର କୂଳରେ ଓ କଲିକତା ମାଡ୍ରାଜ ପୂର୍ବ ଉପକୂଳରେ କୁଆଡୁ କିଏ ଆସିବ ଓ ଅଟେ କିଏ ଧସିବ ଏହା ପାଠକେ ଅନୁମାନ କରନ୍ତୁ ତ!

ମାଇପେ ଯେ 'ପୋଡ଼ାମୁହାଁ' 'ଗାତପଶା' ବୋଲି ଗାଳି ଦିଅନ୍ତି ସେକଥା ସତକୁ ସତ ଫଳିଲା ଏବେ।

\+ + +

କେତେ ଲୋକ ହାଜିଲ ଖାଇ ପଡ଼ୁଛନ୍ତି ଆମ ଉପରେ ବୋମା ପଡ଼ିଲେ କଣ କରିବା। ଆମେ କହୁଁ, ଆମେତ ଜାତୀୟ ନିରୁପଦ୍ରବ ଅହିଂସାବାଦୀ! ଜାପାନ ଆସୁ ବା ଇଟାଲି ଆସୁ, ଆମେ ଫୁଲମାଳ ନେଇ ଶଙ୍ଖୋଳିବାକୁ ଯିବା, ଓ ମାନ-ପତ୍ରରେ ଲେଖିବା, ସ୍ୱାଗତ ମହାପ୍ରଭୁ, ଆମେ ଘୋଡ଼ା ଜାତି— ଯେ ନିବ ଚଢ଼ିବ ଓ ଘାସ ଦେବ। ତାହାଙ୍କ ଏ ଧାରଣ ଆମର ନୁହେଁ— ଆମେ ଏଠି, ଉଡ଼ିଆ ମାନ— ପୁଣି ଦେଢ଼ଶ ବର୍ଷର ଘରଭଡ଼ା କଡ଼ା ଗଣ୍ଡା କରି ସୁଝିସାରିଛୁଁ। ଏଥିରେ ଆଉ ଡର କଣ!

× × ×

ଓଡ଼ିଶାରୁ ଶ୍ରୀମତୀ ସରଳା ଦେବୀ ତାଙ୍କ ବାନ୍ଧବୀଙ୍କ ସହ ଭାରତୀୟ ମହିଳା ସମ୍ମିଳନୀରେ ଯୋଗ ଦେବା ନିମନ୍ତେ ନାଗପୁର ଯାଇ ଓଡ଼ିଶାର ନାଁ ରଖିଛନ୍ତି!

କଂଗ୍ରେସର 'ଘୋ ଘୋ' 'ହୋ ହୋ' ଦିନରେ ଏହା ସରଳା କାହିଁକି ଆଉର କେତେ ଜଟିଳା, କୁଟିଳା ଓଡ଼ିଆ ନାରୀଙ୍କ ଜାଗରଣ ନିମନ୍ତେ ବହୁତ ଧାଁ ଧପଡ଼ କରୁଥିଲେ। ଏବେ ଏହା ରହିଛନ୍ତି ସରଳା। ମହିଳା ସଂଘ ପ୍ରଭୃତି କାମ ତାଙ୍କର ଏବେ ଧୀମା ପଡ଼ିଲା ପରି ଜଣା ଯାଉଚି। ନର କାମକୁ ତ ଅନେକ ଅଛନ୍ତି ମାତ୍ର ନାରୀ କାମକୁ ଆଉ ଅଛି କିଏ? ଅବଶ୍ୟ ସରଳାଙ୍କର କାମ ଢେର। ସାହିତ୍ୟ ସେବା, ଆସେମ୍ବ୍ଲି ସେବା, ସନ୍ତାନ ସେବା, ପତି ସେବା ପ୍ରଭୃତି ରହିଛି। ତଥାପି ତାଙ୍କୁ ନ କହି ଆଉ କହିବୁଁ କାହାକୁ?

**ବାଲେଶ୍ୱର ପୋଲିସ ସ୍ପୋର୍ଟସ**



ପୁ— ଆସିବକି ରସାଣିବା ପୁରୁଣା ପ୍ରୀତି,
ଷଣ୍ଢ— ତୁମ୍ଭବାନା ଦେଖି ମୋର ନ ବଳଇ ମତି।

ସେ ଯଦି କେବଳ ସଫା ସୁତୁରା ସହରୀ ମହିଳାଙ୍କ ସେବା କରନ୍ତି, ତେବେ ମଫସଲର 'ମଇଳା' ଗୃହିଣୀଙ୍କର ଦଶା କଣ ହେବ?

\+ + +

ନୂଆ ହୋଇ ଗୋଟିଏ ବଗିଚା ଓଡ଼ିଆଙ୍କ ନିଜ ଗୃହକୁ ଆସିଛି। ବଗିଚାଟିର ଗୃହ-ପାଖରେ କଇଆଁ ଗଛ ଓ ମଞ୍ଚରେ ଲଙ୍କା-ମରିଚ ଗଛ। ଏହାର ଦଖଲ ନେଇ ଦୁଇଟା ଦଳ ଭିତରେ ବେଜାୟ ଝିଙ୍କା ଓଟରା ଲାଗି ଲାଗିଛି। ଦିଲ୍ଲୀ କା ଲଡ୍ଡୁ ଶାସନ କ୍ଷମତା ପାଇଲା ଦିନୁ ଭିତରେ ଭିତରେ ନିଆଁ କୁହୁଳୁଥିଲା; ଏବେ ପଦାକୁ ବାହାରି ଜଳିଉଠିଲାଣି ହାଉ,ହାଉ। ଏହି ଲଢ଼େଇ ପାଲରେ ଏକଣି ଖାଲି ଦାମ୍ଭିକା ମାଡ଼, ଚଅଁର କୁହାଟ ଶୁଭୁଚି। ଶେଷ ବେଳକୁ କିଏ ହାରୁଚି କି ଦାଗୀ ପୋଡ଼ୁଛି ଦେଖା ଯାଉ। ଆମେ ପାଳି ଧରୁଛୁଁ —"ପାଳି ଲାଗିଲାରେ—"

× × ×

ଶୁଣା ଯାଉଥିଲା କି କଂଗ୍ରେସ ସରକାର ଅମଳରେ ଅଗ୍ନାଳ ପରି ଉପାଧି ତାଲିକା ବାହାରିବ ନାହିଁ। ଆମେ ମନେ କରୁଥିଲୁଁ ତେବେ ବେକଂଗ୍ରେସ ପ୍ରଦେଶମାନଙ୍କ ପାଇଁ ତ ପୁଣି ବାହାରିବ ହେଲେ! ଏହା ହୋଇଥିଲେ ପ୍ରଜାପୁଅଙ୍କ ଭିତରେ 'ତୋର ମୋର' (ପକ୍ଷପାତ) କରା ହୋଇଥାନ୍ତା। ତାହା ମା-ବାପ ମାଲିକର ଧର୍ମ ନୁହେ। ଯାହାହେଉ ଏଥରକା ନୂଆବର୍ଷରେ ଗୋଟାଏ ବଡ଼-ଛତରିଆ ତାଲିକା ବାହାରି କେତେ ଲୋକଙ୍କ ନିଶ୍ୱାସ ରହି ଯାଇଚି।

ଓଡ଼ିଶା ଭାଗ୍ୟକୁ ଯେ ପଦବୀ ଛେଦନ କରା ହୋଇ ନାହିଁ ଏତକରେ ଆମେ ଦେଖଣାହାରୀ ଖୁବ୍ ଖୁସି। ଏଥିରୁ 'ମୃଷଣାହାରୀ' କେତେ ଖୁସି ହୋଇଥିବେ ତାହା ଜଣା ଯାଉଛି ନୋହିଲେ ଅଣ୍ଟିର ଟଙ୍କା ଖରଚ କରି ଖବର କାଗଜମାନଙ୍କରେ ଲମ୍ବ ଲମ୍ବ ଖେତାବ ସହିତ ଛବି-ମାନ ବାହାରନ୍ତା କି! ମାଇପେ କହନ୍ତି "ବୋହୂଅ ... ... ଗଛ ....." କଣ କି?

Digitized by srujanika@gmail.com



# ଖବରଅନ୍ତରେ

କଟକରେ ବାର୍ଷିକ ନିଖିଳ ଉତ୍କଳ ସଙ୍ଗୀତ ସମ୍ମିଳନୀ ହୋଇ ଯାଇଛି । ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କ ଉଦ୍ୟମ ଓ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କର ଉଦ୍‌ଯୋଗ ପ୍ରଶଂସନୀୟ । 'ଲକ୍ଷ୍ମୀ'ଗଣ ତ ଭାବ 'ସରସ୍ୱତୀ'ଙ୍କ କାମରେ ଲାଗିଛନ୍ତି । ଦେଖାଯାଉ ।

\+ + +

ଉତ୍ତର ଓଡ଼ିଶାର ସରକାରୀ (କଲ)ହାଇ-ସ୍କୁଲମାନ ବେସରକାରୀ ହୋଇ ଯିବାର କଥା ହେଉଛି । ମାଷ୍ଟର ମାନଙ୍କର ବେକାର ! ତେବେ ପ୍ରସ୍ତାବ କାହାର ?

\+ + +

ଗାନ୍ଧିଙ୍କ ଯୋଜନା ମୁତାବକ ଓଡ଼ି-ଶାରେ ପ୍ରାଇମେରୀ ଶିକ୍ଷାର ବ୍ୟବସ୍ଥା ହେବାର କଥା ଶୁଣାଯାଉଛି । ଉଚ୍ଚ ପରମ ହଂସ ଶିକ୍ଷକମାନେ ଅରଟ ଧରନ୍ତୁ । ଦୁଧ ପିଇ ପିଲାଙ୍କ ବୁଦ୍ଧି ସବୁ ଓ ପାଗଳ ହେବ ।

\+ + +

ଏକା ଧନଟି ଏକା ଟେଲରେ କଲ-କତା ଠାରେ ଯୋଡ଼ାଏ "ନିଖିଳ ଭାରତ ମୁସଲମାନ ଛାତ୍ର ସମ୍ମିଳନୀ ହୋଇ ଯାଇଛି ।" ଗୋଟାଏ ଦଳ ଅନାବିଳ ଜାତୀୟତାବାଦୀ, ଅପରଟି ଖାଣ୍ଟି ଶ୍ରେଣୀ-ବାଦୀ । ଧନ୍ୟରେ !

\+ × +

କଲିକତାରେ ଲିବାରେଲ ଦଳର ବାର୍ଷିକ ସମ୍ମିଳନୀ ହୋଇଗଲା । ସେମାନେ କହୁଛନ୍ତି କଂଗ୍ରେସ ତ ଆମର କଥା କହିଲା—ଅଭି ଖଣ୍ଡ ! ତେବେ ଆମକୁ ପାଙ୍ଗ କରୁ ନାହାନ୍ତି କାହିଁକି ?—ଭାରେ ଗୁମାନ

\+ + +

କଲିକତାରେ ନିଖିଳ ଭାରତ ଶିକ୍ଷା ସମ୍ମିଳନୀ ହୋଇ ଯାଉଛି । ସାରା ଦେଶ ଏଥର ପଣ୍ଡିତ ପାଲଟିବ । ଯାହାହେଉ ।

\+ + +

କଲିକତାରେ ଭାରତୀୟ ବିଜ୍ଞାନ କଂଗ୍ରେସର ରଜତ ଜୁବିଲି ହୋଇଗଲା । ପୃଥିବୀର ଚାରିଆଡ଼ୁ ବଡ଼ ବଡ଼ ବୈଜ୍ଞାନିକମାନେ ଯୋଗ ଦେଇଥିଲେ । ଭାରତବାସୀ ଏଥର ସ୍ୱର୍ଗକୁ ନିଶୁଣି ବାନ୍ଧିବେ ।

\+ + +

ଯୁକ୍ତ ପ୍ରଦେଶରେ ତିନି ହଜାର ଗ୍ରାମରେ ସଂଗଠନ କାମ ଏବେ ଲାଗିଯିବ । ଓଡ଼ିଶା ସରକାର ତ ଲବେଇ ଉଚ୍ଛେଦରେ ବ୍ୟସ୍ତ । ଯାଗ ଉଦୁ ଉଦୁ ଶେଷେ କଟେଇ ବରଖାସ୍ତ ନ ହୁଏ ।

\+ + +

ସବୁ ଅସେମ୍ବ୍ଲିର ସଭାପତିମାନେ ଦକ୍ଷିଣରେ ଗୋଟାଏ ସମ୍ମିଳନୀ କରିଛନ୍ତି ତା ନବଣୀ ଦିନ । ସର୍ ଅବଦୁର ରହିମ ସମସ୍ତଙ୍କୁ ଟ୍ରେନିଂ ଦେବେ—'ପଢ଼ୋ ମଇନା, ରାମ୍ ରାମ୍ ।' କୃଷ୍ଣା ଭାଲେ ଓଡ଼ିଆ ସଭା-ପତିଙ୍କୁ ଏ ନାମ ଢାମେ ଅସିବ ଏକା ।

\+ + +

ଜାପାନ ଏପର୍ଯ୍ୟନ୍ତ ଚୀନ ଦେଶରେ ଅଠ ଭାଗରୁ ଭାଗେ ଦଖଲ କରିଛି । ଚୀନାମାନେ ବହୁତ ବନ୍ଧୁକ, ତୋପ, ଗୋଳା ବାରୁଦ ବିଦେଶରୁ ମଗାଉଛନ୍ତି । ଲଢ଼େଇ ସହଜରେ ଛିଡ଼ିବାର ନୁହେଁ । ମାଗି ଆଣିଲା ଋଣ ସହକାର ଭାସ୍ରମତ ଦେଖାଯାଉ ।

## ବଡ଼ ଲୋକଙ୍କ ମୁହଁରୁ

ଜିନ୍ନା ସାହେବ—"ସ୍ୱରାଜ୍ୟ ମିଳିବା ପରେ ଆମ ଅବସ୍ଥା ଅପେକ୍ଷାକୃତ ନିରୋଳ ବଳ ନ ହେଉ ।"

...ଜଣେ ଲିଞ୍ଚ (lynch) ହେବାକୁ ଡର ?

× × ×

ମହିଳା ସମ୍ମିଳନୀରେ ଶ୍ରୀମତୀ ପଣ୍ଡିତ—"ସଂସାରକୁ ଅଧିକ ସୁନ୍ଦର କରିବା ପାଇଁ ଆମେ (ନାରୀ) ଯଦି ସହାୟକ ନ ହେଉ ତ ଏହି ସମ୍ମିଳନୀର ଉପଯୋଗୀତା କଣ ?"

...ଲକ୍ଷ୍ମୀ ରୂପରେ, ନା ସରସ୍ୱତୀ ରୂପରେ ? ଦୁର୍ଗା ନ ହେଲେ ହେଲା ।

ସୋସେଲିଷ୍ଟ ନେତା ମି: ମଶାଣି—"ସାମ୍ରାଜ୍ୟବାଦୀ କଣ ମୃତ୍ୟୁଛନ୍ତି ?"

...ଖଟା ଦ୍ରାକ୍ଷା (sour grapes)

× × ×

ସୋସେଲିଷ୍ଟ ନେତା ମି: କାହିର—"କଂଗ୍ରେସ ମନ୍ତ୍ରୀଙ୍କୁ ସମାଲୋଚନା କରିବା ଦ୍ୱାରା ତାଙ୍କ ହାତ ମଜବୁତ କରି ହେଉଛି ।"

...ଅବଧାନ ଯେପରି ଛାଟ ଦିଏ ?

× × ×

ପୁଣି ମି: କାହିର—"ଫେଡ଼େରେସନର ଅର୍ଥ ଦୁଃଖକୁ ସ୍ଥାୟୀ କରିବା ।"

...ଏ ଅର୍ଥ କାହା କୋଷରେ ଅଛି ? ଯାଳ-କୋଷ ନା ଗୋଳ-କୋଷ ?

× × ×

ମି: ଜିନ୍ନା—"ମୁଁ ହିନ୍ଦୁଙ୍କ ସହିତ ନୁହେଁ—ଯେଉଁ କଂଗ୍ରେସ ହିନ୍ଦୁଙ୍କୁ ପଥଭ୍ରଷ୍ଟ କରୁଛି ତାହାରି ସାଙ୍ଗରେ ଲଢ଼ୁଛି ।"

...Light, more light ! ଆଲୋକ ଦିଅ ପ୍ରଭୁ !

\+ + +

ଶ୍ରୀ ସମ୍ପଦ ଜହର—"ରୁଷର ମସ୍କୋ ହେଉଛି ଏ ଯୁଗର ମକ୍କା, ଜେରୁଜାଲମ, କାଶୀ ।"

...ୟିହୁଦୀ—ଖ୍ରୀଷ୍ଟିଅନ, ହିନ୍ଦୁ, ମୁସଲ-ମାନ ଗୋଳ ଏବେ ଉଠି ଯିବ ତ, ପାଦ୍ରୀ, ପୀର, ପଣ୍ଡା କପର ବଞ୍ଚିବେ ?

× × ×

ମନ୍ତ୍ରୀ ମି: ମୁନ୍ସି—"ଯଦି ଭାରତ ସ୍ୱତନ୍ତ୍ର ହେବ ତ ଗୋଟା ଦୁନିଆ ସ୍ୱାଧୀନ ହୋଇଯିବ ।"

...ସେତେବେଳେ ପୁଣି ଅଭଣ୍ଡା ବହି ଗୁଡ଼ିବ କିଏ ?

\+ + +

ହିଟଲର—"ଯୁଦ୍ଧ ବନ୍ଦ କରିବା ନିମନ୍ତେ ଯୁଦ୍ଧ କରିବା ଦରକାର ।"

ଠିକ୍—ବିଷସ୍ୟ ବିଷମୌଷଧମ୍ ।

---

ଆସନ୍ତା ସଂଖ୍ୟାର
ଅଭିନବ ଆକର୍ଷଣ
ଚୋପିଆ
ଲେଖକ—ଶ୍ରୀ ପ୍ରାଣକୃଷ୍ଣ ଦାସ ।

Digitized by srujanika@gmail.com

# ମଜାକଥା

## ଗ୍ରହଙ୍କ ପ୍ରତିଶୋଧ

ଲେଖକ:—ଶ୍ରୀ ଜ୍ୟୋତିଷ ଶର୍ମା



(ପୂର୍ବ ପ୍ରକାଶିତ ପରରୁ)

ହଠାତ୍ ଦିନେ ବଜାରରେ ପୁଲିଅ ସାଙ୍ଗରେ ଭେଟ । ଦେଖା ହେଲା ମାତ୍ରେ କ୍ରାଉଣ୍ଡର ପଡ଼ାର ଗଳିର ଶଳିର ହୋଇ କେତେ କଣ ଓହ୍ଲାଇ ଗଲି । କେତେ ଅଜବ ଅପତ ହେଉ ପଛରେ ଅପଣାର ପାଉଡ଼ିଆ ସାଙ୍ଗରେ ବଦେଶ କେଉଁଠିର ଅନ୍ତିମ୍ଭାବ୍ ଭେଟ ହୋଇ ପଡ଼ିଲେ ପରିଷ୍କାରରେ ସବୁ ପାଳଣାର ଯାଏ । ସାର୍ଥରେ ଥିଲା ବେଳେ ଯାହା ଥାଙ୍ଗରେ ହଦେ କହୁଥିଲେ ଜ୍ୟୋତିଷି- ସମ୍ପର୍କ ବା କଥାବାର୍ତ୍ତା ନାହିଁ, ତାଙ୍କୁ ଯତ ଉଦେଶ ଧ୍ୟାନରେ ଦେଖି ପଲାଇବ ତ ମନଟା ଫୁଲି ପଡ଼େ ଅନ୍ୟ ସେ କହୁଥିବା ହୃତ ଟେଲକ ପଦ ଲାଗେ । ଏ କଥାଟା ଅଲ୍ପ କେତେକ ସମସ୍ତେ ବୁଝୁଥିବେ ।

ପୁଲିଅଙ୍କୁ ଦେଖି ମୋର ବ ଦୃଷ୍ଟିଭ୍ରମଟା ହେଲା । ତା ହାତରେ ହାତ ଦଦାଗ ବସୁଙ୍କୁ ଦେଇଗଲି । କହିଲି ଦେଲି । "ବାଃକ ଭୁଅତେ ଅସିଥିଲ" ବୋଲି ପଚାରିବାରେ ସେ କହିଲା କ "ଜାବନାର ଗ୍ରାମୋଫୋନ କମ୍ପାନୀର ଏଜେଣ୍ଟ ଭ୍ୟାଲଶ୍ୟନ ଚେଷ୍ଟା କରିବା ପାଇଁ । ମୋତେ ସିଲେକ୍ଟ କରିଛ ସ୍ୱରଟା ଗୀତରେ ଅଭ ଡନସାଟରେ ସ୍ୱେଚ୍ଛାର ବଜେ- ଗତ । ଅଣା ଦେଇଛ ମୋ ପ୍ରିନ୍ସିପ୍ ଭଲ କଣ୍ଠରେ ଓଡ଼ିଆ ମ୍ୟୁଜିକାଲ . ଅନ୍ତର୍ବର୍ତ୍ତୀ ଜିଇ ଲକ୍ଷ . ଦବ । ତାପରେ, ଲୁଇଜା, ଏଠିକାର ଅଙ୍ଗଂ ରେ-ଖ୍ୟାତନାମା ଜ୍ଞାଣ ତ, ବାଲ୍ୟର ଜଣେ ମିଉଜିକ ମାଷ୍ଟରଙ୍କ ହାଲ୍ଲାର । ମାସକୁ ୩୦।୪୦ ଟଙ୍କା ମିଳୁଛି । ମୁଁ ଦାଳିକ ପଛୁଣ ।" ଏତକ କହି ଠୋ ଠୋ ହସି ପକାଇଲା ।

ମୁଁ କହିଲି "ବେଶ ଭଲ । କେବେ କଥାଟା—"

ପୁ—ମୋ ଗୀତ ଅଜ ବାଜା ଶୁଣି ଧଇଥ ନା !

ଅରେ ଏଇ ବଜାର ଟୋକାଟା ଯାହାକୁ ମୁଁ ନପଃ ଟେକା ବୋଲି କ ଶିଥିଲି—ଏଇଟା ପୁଣି ଏତେ ଅଦବ୍ ସାଜିଛି । ପାଠସାଠ ତ ସିଦ୍ଧିକଣ୍ଟୁ—ଜଣ ଷବଏ ଟଂ୨୨ ଲାଗିଛି ବ କଣ, ଟେରଣ୍ଡରେ ଏତେ ବେଡଗାର କରୁଛ— ପୁଣି କଟେ ଷହରରେ ! ଅନ୍ଧ ମୁଁ—ମନଟା ଖଟା ହୋଇଗଲା । କିନ୍ତୁ ତାର ସରଳତା, ମମତା, ଅମାୟିକତାରେ ପୁଲିଅ ମୋତେ ଜିଣି ପକାଇ ପାରୁଥିଲା ।

"ପାନ ଖାଇବନା ଲୁଇଜା ?" ଏହା କହି ତବାରୁ ପାନ ବାହାର କରି ମୋତେ ଦେଲା । ନଚେ ବ ଖାଇଲା । ତାପରେ କହିଲା "ଜଣ ଜାଣିବ ନାହିଁକ—ଯେତେ ହେଲେ ତୁମେ ଏଠି ପୁରୁଣା ଲୋକ; ଅନ୍ୟ କହିଲା, ମୁଁ ଏକୁ- ଟିଆ ଲୋକ, ଜଣ ଚଳାଇବ ନାହିଁ ? ବାଜେ ଖରଚ ଭିତରେ ଯାହା ଏଇ ପାନ, ସିଗାରେଟ, ତ । ଅଭି ଦର୍ଶକ ଲୁଚ ଗଣ୍ଡ ବ । ଗୋଟାଏ ଗଣ୍ଡେ ଟୁଇସନ ନିଜରେ କଥା ପଚାରିଲି ।

ଏଇଟା କଣ ଗାଲ୍ ମାରୁଛି ନା କଣ ? ମୁଁ ଏତେ କଷ୍ଟ କରି ପଚାରିଥିଲା ଟଙ୍କା ହେଉ ନାହିଁ— ଅଭ ଲୁଏ ଅଇଲା ଓ ନ ଅଇଲି— ସନ୍ଦେହରେ କହିଲି "ହଁ, ତା ଚଳାଇବ ଭଲ । ଲଗୁ ନା !"

ଟେସନ ପୁଲିଅ ମୋ ବସାରେ ବସିଲା । ମୁଁ ବ ତା ପାଖରେ ମୋ କଥାଟା ଲୁଚାଇଲି ନାହିଁ । 'ସ୍ୱରଯୁଦ୍ଧ' କାଗଜ ସାଙ୍ଗରେ ମୋର ସମ୍ପର୍କଟା ତାକୁ ଖୋଲି କହିଦେଲି । ଅଜିରୁ ଥରେ ଲୁଚାଇ ଯଦି ଦିନ ଚଳୁଛି ତାର ସଂଶୋଧନ ହୋଇଗଲା ବୋଲି କହିଲି ଶୁଣି ଟିକେ ହସି ଦେଲା—ତାପରେ କହିଲା "ଦେଇ କଥା କହିବା,—ମୁଁ ଯା କହୁଛି ଗୋଟାଏ ଖଣ୍ଡେ ଇଂଗ୍ଲିଶ୍‌ବେଙ୍କ କମ୍ପାନୀରେ ଚମର ଚଇ- ନାହିଁ କର ଅଇଛି । ଯଦି ବାଇଗଣ,— ଘଟକରୁ ନାଁଟା ବ କେହ ଶୁଣି ନାହାନ୍ତି କହୁଲେ ।"

ମୁଁ କହିଲି, "ନାଁରେ, ମୁଁ ଅଲବତ ସେ ନାମ ଜାଣିଥିଲି ଜନା—ତାପରେ ମୁଁ ଯେଉଁ କମ୍ପାନୀରେ ଥିଲି, ସେ କମ୍ପାନୀଟା ଉଠି ଗଲାଣି ଏଇକ୍ଷଣି ।"

ପୁଲି ହସି ହସି କହିଲା, "ଅଛା ତେବେ ଏ ବିଦ୍ୟାଟା ତାଙ୍କୁ ହାସଲ କଲ ? ମୁଁ ତ ଶୁଣି- ଥିଲି ତମେ ଏଣୁତାଙ୍କ ବଣ୍ଟାବ କରନାହଁ ?"

"ସେଇଟା ଖାଲି ଉପରେ ନା ।—ବୁ ଜାଣୁ ଜ୍ୟୋତିଷ ଅମର ବଂଶଗତ ବିଦ୍ୟା—ବାପାଙ୍କଠୁ ବହୁ କଷ୍ଟ ହାସଲ କରିଥିଲି ।"

"ସ୍କୁଲ୍ପୁଲର ଜ୍ୟୋତିଷ ଗଣନା ତ ଭଲ ଶିକ୍ଷା ପାଠ ନୁହେଁ ଲୁଇଜା । ତମେ ଜୁଡାଶୁଛ, କଷ୍ଟ କରି ସାଧନା ସାଧନା କରିଛ ଭୁଲ । କୋହିନୁର—"

ହସି କହିଲି, "ତା ଭିତରେ ପାଠ ଅଛି ଯେତେ ଶାଠ ବ ଅଛି ଭତୋଧିକ । ବୁଝି ଖେଳେଇଲେ ହେଲା ।"

"ଦାଇ ଲୁଇଜା, ଖାଲି ବୁଦ୍ଧିରେ ହୁଏ ନ— ଇଏ କଣ ଜାଣ ? ଯାହାକୁ କହନ୍ତି 'ଗଡ୍‌ସ୍' । ଏଇ, ମୋର ସବୁ କହନ୍ତି ସଙ୍ଗୀତ ବିଦ୍ୟାରେ ପ୍ରତିଭା ବୋଲି । ପ୍ରତିଭାଟା କଣ ଲୁଇଜା— ବୁଝିଥ ?"

ମୁଁ କହିଲି "ହୁଁ—ମଗଜ—ଅକ୍କଲ— ମାନେ ଇଂରାଜୀରେ genius—ଏଣ୍ଡର ଦଶ ଶକ୍ତି ଗୋଟାଏ ।"

"ଓହୋ ବୁଝିଲି ଏବେ—ଅଛା—ପ୍ରତି- ଭାରେ ପ୍ରତଭରେ ଯଦ ଲୁହେଇ ଲାଗେ ? ଇଏ ତ ଈଶ୍ୱରଙ୍କ ଶକ୍ତି, ସିଏ ତ ଈଶ୍ୱରଙ୍କ ଶକ୍ତି—ପୁଣି ଜଣିବ କିଏ ?"

"ମାତ୍ରାର ବେଶି ସେଇ ।"

"ଠିକ୍ ଠିକ୍—ଲଗ୍ୟ ଦେବେ ନାହିଁ ?"

ମୁଁ କହିଲି "ହାଁ ।"

ସତାଡ଼ି ଉଠି ସେ ବାହାରିଲା । ସିବା- ବେଳେ କହିଲା "ପୁଣି ଅସିଲେ ଦେଖା । କଲ୍ୟାଣ କରୁଥିବ କହିଁତ ଦୁଃଖ କଟିଯାଏ ।" ନମସ୍କାରଟାଏ ପକାଇ ବାହାରିଲା ସେ ।

Digitized by srujanika@gmail.com

ପୁନଶ୍ଚର ରଙ୍ଗ ଢଙ୍ଗ, କଥାବାର୍ତ୍ତା ଅନ୍ତର ବ୍ୟବହାରରେ ତା ଉପରେ ମୋର ଚମତ୍କାର ଶ୍ରଦ୍ଧା ଜନ୍ମି ଯାଇଥିଲା । କାରଣ ସେ ଗଳ୍ପ-ପତ୍ରର ମଜାଟା ଟିକିଏ ଗୁରୁତର ହେଲା କମିତ ।

ତା'ପରେ ମୋ କାମରେ ମୁଁ ରହିଲି । ପୁନଶ୍ଚ କଥା ଭାବିବାକୁ ଆଉ ଅବସର ପାଇ-ନାହିଁ । ମାସେ ଖଣ୍ଡେ ପରେ ପୁଣି ଅଧି ହାଜର । ହାତରେ ଗୋଟାଏ ବ୍ୟାଗ । ଧଡ଼୍ କନା ବସି ପଡ଼ି କହିଲା "ତମ କଲ୍ୟାଣରୁ ଲାଗିଗଲା ଭାଇନା ।"

"କଣ ରେ ?"

"ସବୁ ଖବର । ଗ୍ରାମୋଫୋନରୁ ପାଇଲି ନଗଦ ଶହେ । ମହିରେ ମହିରେ ବ ମିଳୁଥିବ ସେଠୁ । ତାପରେ ଏଠି ଷ୍ଟେଟର କାମଟା ବ ମିଳିଛି । ଆଜ୍ଞ, 'କଳ୍ପମୃଗୀ' ସିନେମାଟର ଜନ-ସାଂ ବଜଗବ ଠିକାରେ ।"

"ହଁଚେ !—ତେବେ ଅଛୁ କେଉଁଠି ?"

"ନିଃ ସମ୍ବଳ ଘରେ । ସେଠି ଗୋଟାଏ ଟୁଇସନ । ଶୋଇବ ପୋଷାକ ବାଡେ ବୋଡଏ । ଅଭିଭ ବ ଯୋଡ଼ାଏ ଟୁଇସନ ମିଳିଛି । ସ୍ତ୍ରୀ ଉପରେ ପୁଣି 'ଚକଟ-ଚକା-ମଣ୍ଡଳ'ରେ ଅଦାହାସ ପ୍ରଫେସର ।"

"ତେବେ ଏଲଠି ଅଛୁ—ଅସୁ ନାହିଁ ତ ?"

"ଦୂରସରୁ କାହିଁ । ତନ ସତ ସବୁବେଳେ କାମ । ଦୋ'ତର ଚଣା ଖାଇ । ଗୋଟାଏ ମଣିଷ କେଲୁଟା ହେବ କହୁଛ । କସ୍ତୁର କଷ୍ଟରେ ଅଭ ଭୁତ ପରେର ଅସିନ୍ଥ ।"

"ତେବେ ତୋର ଗୋଟାଏ ଭଲ ବଜାସ ହୋଇଗଲା—ନାହିଁ ?"

"ହଁ, ଏବରକମ । ମାସକରେ ଟଙ୍କା ଶହେଟା ହେଲେ, ଆଉ କଣ ? ବାହାର ହେବ ନାହିଁ ।"

ଏଇ କଥାଟାରେ ତା ଉପରେ ମୋର ମନଟା ଭାରି ପ୍ରୁବଏମ ହୋଇ ପଡ଼ିଲା । କିନ୍ତୁ ସେ ଦଶସ୍ତୁରର ଜଣ ପ୍ରଶ୍ନ ନକର ହସି ହସି କହିଲା, "ଛଟେକ ସନ୍ଧ ଭୁଲ ଭୁଲ ଏଟେ-ବଟେ ମାହାରେଇ ଗୋଟାଏ—"

ସେ ବାଧା ଦେଇ କହିଲା "କଣ କରୁଛ ଏଇ ଟଙ୍କା ଶହେଟା ଟଙ୍କା କଥା କହୁଛ—? ବିଦେଶ ଯିବାକୁ ଘରେ ବନ୍ଧୁ ନାହିଁ ବୋଇବାକୁ ଏଠି ରହିଗଲି ନା । ନୋହିଲେ ମୁଁ ବି ଏ ତମ ଦେଶ କିଏ । ଜାଣିଛ, ସେ ଦେଶରେ ଗୋଟାଏ ଗୋଟାଏ ଚଳିଯାରେ ଶହ ଶହ ମାଉଳେଁ । ଏ ସବୁ ଚେଷ୍ଟାରେ ତାର ହୃଦ୍‌ଗତ ବୁଝୁଚ କିଏ—କିମିତ ଦଜିତ ଏଏ ?"

ତାଙ୍କ ପଡ଼ି କହିଲି "ଯାନ୍ତୁ ବିଦେଶକୁ ତ ସେଇ ବିଦେଶ ହେଲା । ତାଙ୍କରେ ରହିଥିଲେ ବା—"

"ଅରେ ଛି, ଛି—ଗାଁଟାରେ ରହିବ ! କଥା ପଦେ କହିବାକୁ କେହି ନାହିଁ—ଗୋଟାଏ ଥଙ୍ଗ ଦେବାକୁ କେହି ନାହିଁ । ଯାହା ହେଉ ଏ ତ ସହର । କିଛି ନ ହେଲେ ଟିକିଏ ଫୁର୍ତ୍ତି ବ ତ ଅଛି । ପାଞ୍ଚଟା ଲୋକ ହେଲେ ଅଛନ୍ତି । ବଡ଼ ବଡ଼ ଥାନରେ ବୁଲି, ବଡ଼ ଲୋକଙ୍କ ପାଖରେ ବସି ଅଭ୍ୟାସଟା ହେଇ ଯାଇଚ ସେଇ ରକମ ।"

କଥାର ସୁଅଟା ଫେରାଇବା ଉଦ୍ଦେଶ୍ୟରେ କହିଲି "ହଉ ବସ୍, ଜଳଖିଆ ଅଣାଏଁ ।"

ସେ ହସି ହସି କହିଲା "ଅଣିବ କଣ—ଦେଉ ମୁଁ ଅଣିଛି ଯେ ।" ଏହା କହି ବ୍ୟାଗଟା ଖୋଲିଲା । ତା ଭିତରୁ ନାନା ପ୍ରକାର ଫଳ, ସନ୍ଦେଶ ପ୍ରଭୃତି ବାହାର କରି ଟେବୁଲ ଉପରେ ଦେଇ କହିଲା—"ଜଇକଟାରୁ ଆସିବାବେଳେ ତମ ପାଇଁ ସାମାନ୍ୟ କିଛି ଘିନ ଅସିଲି ।"

ସାଙ୍ଗ ହୋଇ ଦୁହେଁଯାକ ଖାଇ ବସିଲୁଁ । ଖାଇଁ ଖାଇଁ ସେ କହିଲା "ଭାଇନା, ଗୋଟାଏ କଥା ।"

ମୁଁ—କ କଥା ?

ପୁ—ରଖିବ ତ କହିବ ।

ପୁନଶ୍ଚ ଉପରକୁ ମନଟା ସେତେବେଳକୁ ମୋର ହେଡାସ୍ତ ତରଳି ପଡ଼ିଲାଣି । କହିଲି "ରଖିବାର ହେଲେ ତୋ କଥା ରଖିବ ନାହିଁ ନା ।"

ପୁ—ସେ କଥା ତଳକୁ ନାହିଁ ଭାଇନା—'ହଁ' ଭଲ—ଜବାବ ଦିଅ । ଏହା କହି ସେ ମୋର ହାତ ଧରି ପକାଇଲା ।

"ଆଃ ଛାଡ୍ ଛାଡ୍—ଭଲ ପାଗଳାଃ—ହଉ ଦେଲି ଜବାବ ।"

"ନାହିଁ—ମୋତେ ସ୍ପର୍ଶ କରି—ମୋ ରାଣ ।"

"ଦୂର—କହିଲି ତ—ମରଦକା ଜବାବ ନା"—ହସି ହସି କହିଲି ।

ସେ ହାତ ଛାଡ଼ି ଦେଇ ଗମ୍ଭୀର ହୋଇ ବସିଗଲା । ତା ପରେ ଧାଡ଼ିକୁ ମୁହଁ ଅଧେ ଧୀରେ ଧୀରେ କହିବାକୁ ଆରମ୍ଭ କଲା ।

"ମୋ ଭଉଣୀ ରମାକୁ ଜାଣ ତ ?"

ମୁଁ ମୁଣ୍ଡ ହଲାଇ ହଁ ମାରିଲି ।

"ସେଇ, ବୁଝିଲ । ପିଲାଟି ଦିନରୁ ବୋଉ ତା ପାଇଁ ଗୋଟାଏ ବର କରିଛନ୍ତି । ଏକରକମ ବାକ୍ୟ-ଦାନ । କିନ୍ତୁ ତା ଠାରୁ ଗୋଟାଏ ଭଲ ବର ମୁଁ ପାଇଛି—ସବୁ ଗୁଣରେ । ଏଇଥିରେ କଥା ହେଉଛି ବାପାଙ୍କ କଥା ରହିବ କି ମୋ କଥା ରହିବ । ଆମେ ତ ପୁଣି ହିନ୍ଦୁ-ଟାର ଭଲ ଦେଖିବା ।"

ମୁଁ କହିଲି "ଠିକ ।"

ପୁ—"ସେଇ କଥା କହୁଛି ! ମନଲଖି ଯୋଗ୍ୟ ପାତ୍ର ଥାଉଁ ଥାଉଁ ଖାଲି କେବଳ କହିଛୁ ବୋଲି ଗୋଟାଏ ଅଯୋଗ୍ୟ ଅଦେଖା ଲୋକରେ କମିତ ବାନ୍ଧି ଦବ କହିଲ ?"

ମୁଁ—"ତା ସତ ।"

ପୁ—ତେବେ ସେଇ କଥା ଭାଇନା । ଏଥିରେ ତମର ହାତ ଟିକିଏ—ନା—ସାହାଯ୍ୟ ଦରକାର । ଏଇଥିପାଇଁ କହିଲି ।"

ମୁଁ ଏଥିରେ କରକମ ସାହାଯ୍ୟ କରି ପାରିବ ତାହା କିଛି ଠିକ ପାଇଲି ନାହିଁ । କହିଲି "ମୋତେ କଣ କରିବାକୁ କହୁଛୁ ତୋ ବାପାଙ୍କୁ ଯାଇ କହିବ ନା କଣ ?"

ପୁ—ରାମ ରାମ । ମୋ କଥା ଶୁଣୁ ନାହାନ୍ତି ସେ

Digitized by srujanika@gmail.com

ମୁଁ—ଅଛି ତୋ ଭଉଣୀ ତ ବଡ଼ ହୋଇଗଲାଣି—ତାର ମତ କଣ ?

ପୁ—ସେଇଠି ତ ଗୋଳ । ସେ ଯଦି ମତ ଦିଅନ୍ତା ତେବେ ଆଉ କଥା ଥିଲା କଣ କି ? ତାର ସାଙ୍ଗ ସାଥିଙ୍କୁ ପଚାରିଲେ ଯେତେ ବୁଝିଲି—ସେ ରହିଛି ଦୋଦୋପାଞ୍ଚରେ । ଏଣେ ବାପ, ତେଣେ ଭାଇ । ଏଣେ ବାକ୍ ଦାନ, ତେଣେ ଭଲ ବର । ଏଣେ ପିଲା ଦିନରୁ ଜାଣି ମନରେ ଗୋଟାଏ ଆକର୍ଷଣ, ତେଣେ ଆଖିରେ ଦେଖୁଛି ଅଭିଜଣଙ୍କୁ--ବଡ଼ ଦୋହଦଲରେ ପଡ଼ିଛି ବିଚରା—ଏବେ ପିଲାଲୋକ, ତହିଁରେ ସ୍ତ୍ରୀ ଜାତି । କିଛି ଠିକ୍ କରି ପାରୁନାହିଁ ସେ ।

ମୁଁ—ତେବେ ଉପାୟ ?

ପୁ—ଆମ ବାପ ପୁଅଙ୍କର ମତ ଅମେଳ ହବାରୁ ସବୁ ପକେଇ ଦେଇଛନ୍ତି ତାହାର ଉପରେ । ସେ ଯାହାକୁ କହିବ, ତାର କଥା ହବ ।

ମୁଁ—ଏପରି ସ୍ଥଳେ ମୁଁ କଣ କରିବି ?

ପୁ—କିଛି ତ—ତାର ଚେଷ୍ଟା ଅଛି ତମରି ହାତରେ ଭାଇନା । ଜାଣିଛ ତ ସ୍କୁଲସ୍କୁଲ କାଗଜର ଜ୍ୟୋତିଷ ଗଣନା ଉପରେ ଆମ ଗାଁରେ କେତେ ବିଶ୍ୱାସ ।

ମୋ ଛାତି ଭିତରେ ଗୋଟାଏ ବିଜୁଳି ଖେଳିଗଲା । କିନ୍ତୁ ପୁନିଆର ସରଳ ଓ କାତର ମୁହଁକୁ ଚାହିଁ ଦେଲାଣି ଆଉ ସନ୍ଦେହ ରହିଲା ନାହିଁ ।

ପୁନିଆ କହିଲା "ସାର ହୋଇଛି କନ୍ୟାର କୋଷ୍ଠି ସ୍କୁଲସ୍କୁଲ୍‌କୁ ପଠା ହେବ । ତାଙ୍କୁ ଗଣନା କରି ଦେଇ ଉତ୍ତର ଦେବ ମୋତେ ମାଲୁମ । ଏକଥା ଆମ ଗାଁରେ କାହାରିକୁ ଜଣାନାହିଁ । କୋଷ୍ଠି ଓ ପ୍ରଶ୍ନ ବହୁତ ଶତି ଅଟେ ସାଇଥିବ ତମ ଅଫିସ୍‌କୁ, କେବା କାଲି ଡାକରେ ଆସିବ । କେବଳ ସାହାଯ୍ୟ ମାଗୁଛି । ମୋର ମାନ୍ ଅଭିମାଣିଷର ଜୀବନର ଉପରେ—"

ପୁନିଆର ଉଦ୍‌ବାଡ଼ି ମଙ୍ଗଳବାର୍ତ୍ତା ବୁଝିବାକୁ ମୋର ବାକି ରହିଲା ନାହିଁ । କିନ୍ତୁ ହଠାତ୍ ସମ୍ପାଦକ ସୁଲଭ ଗୁଣ ଦେଖାଇ କହିଲି "ମାଫ କର ଭାଇ—ମୁଁ ଜବାବ ଦେବ ! ଗଣନାରେ ଯାହା ଆସିବ ତାହା କହିବ ତ । କେବଳ ମୋର କାମ । କାଗଜର ମାନ, ଇଜ୍ଜତ, ସୁନାମ ଏସବୁ ଅଛି ତ ପୁଣି ।"

"ସବୁ ଅଛି, ସବୁ ରହିବ । ମୁଁ ତୁମ ପା' ଛୁଇଁ କହୁଛି ଏକଥା କେହି ଜାଣିବେ ନାହିଁ ।"

ଦାଦାର ଗାମ୍ଭୀର୍ଯ୍ୟ ଧରି କହିଲି "ବଡ଼ ଅସମ୍ଭବ, ପିଲାଳିଆ ଭଳି ଭାଇ । ଦାୟିତ୍ୱ ଥିଲେ ଏ କଥା କହନ୍ତୁ ନାହିଁ ପୁନିଆ । ଏ ସବୁ ପାପର କଥା ।"

"ପାପର କଥା କି ! ଯାହାହେଉ ମୋ ପାଇଁ ଏଇ ଥରକ ପାଠକଙ୍କୁ ତମର ପୋତ ପକାଇବାକୁ ହବ ଭାଇନା । ସତ କହୁଛି ଜୀବନରେ—"

ଏଥର କହି ସେ ପୁଣି ମୋର ହାତ ଛାଡ଼ି ଧରିଲା । ବ୍ୟସ୍ତ ହୋଇ ପଡ଼ି କହି ପକାଇଲି "ଅଚ୍ଛା ହଉ ।"

ସେ ଲଗାଇଲା ମୋ ଗୋଡ଼ ତଳେ ପଡ଼ିଗଲା । କହିଲା "ଏ ଉପକାର ଜୀବନରେ ଭୁଲିବି ନାହିଁ ।" ମୁଁ ତାକୁ ଉଠାଇ ଦେଇ କହିଲି, "କିଛି ଚିନ୍ତା ନାହିଁ—ତୋହର ପାଇଁ—" ସେ ବାଧା ଦେଇ କହିଲା "ହଁ, ମୋର ପାଇଁ ଭାଇନା, ମୋହର ପାଇଁ ।" ଉଠୁଁ ଉଠୁଁ ପୁଣି କହିଲା "ଆଉ ଗୋଟାଏ କଥା ଛାଡ଼ି ଗଲି । ଚିଠିଟା ବା ତାରଟା ଦେବ କେମିତି ? ସେ ମୋନା'ରେ, ବାପାଙ୍କ ନାଁରେ ବା ମୋ ଭଉଣୀ ରମା ନା'ରେ ଅସିନାହିଁ ।"

ଛୋଟଟା ଉଚରେ ପୁଣିଥରେ 'ଛନ୍' କରି ଉଠିଲା । କହିଲି "ଆଉ ତେବେ—?"

ସେ କହିଲା "ସେଥିରେ ଭାଇ କଥା ନାହିଁ । ଯାହା ନା'ରେ ଅସୁ ବରଂଟା ଯାହାର, ତାହାର ।"

"ଏଥିର ମଙ୍ଗଳବାର୍ତ୍ତା ବୁଝିପାରୁ ନାହିଁ ପୁନିଆ ।"

"ଏତେ ସନ୍ଦେହ କାହିଁକି ଭାଇନା । ଯେମିତି ହେଲେ ଚିଠିଟାଏ ତ—ଆପଣଙ୍କ ଦପ୍ତରର ନାଁରେ ଆପଣଙ୍କ କୋଷ୍ଠୀ ପଠାଇବାକୁ ଖବର ଲାଗିବ ନାହିଁ ? ସେଇଥିପାଇଁ ତାର ଜଣେ ସାଙ୍ଗ ନା'ରେ ବେନାମି କରି ପଠା ହେଉଛି, ସେ ପୁଣି ବାପାଙ୍କୁ ଲୁଚାଇ । ମୁଁ କେବଳ କଥାଟା ଜାଣେ ।"

ପୁନିଆ ମୁହଁକୁ ଚାହିଁ ଦେଖିଲି ସେ କୃଷକଟାର ଚିହ୍ନ ମାତ୍ର ନାହିଁ—ଅକାଶ ପରି ନିର୍ମଳ ତା ମୁଖ ମଣ୍ଡଳ । କହିଲି "ତେବେ କାହା ନା'ରେ ଅସିବ ?

ପୁ—ଅସିବ ସୁଶୀଳା ନା'ରେ—

ମୁଁ—ସୁଶୀଳାଟା ପୁଣି କିଏ ମ ?

ପୁ—ଗୋଟାଏ ମନ ଗଢ଼ା ନା' । ମିସ୍ ସୁଶୀଳା ଦେବୀ C/o ପୋଷ୍ଟ ମାଷ୍ଟର—

ମୁଁ—ଉତ୍ତର ଠିକ୍ ପାଇବ ତ ?

ପୁ—ସେ ବନ୍ଦୋବସ୍ତ କରି ଦେଇଛି ।

ମୁଁ—ଅଚ୍ଛା, ମୋ ଗଣନାରେ ଯାହା ଥିବ ତାହା କହିବ । ତୁ ନିଶ୍ଚିନ୍ତ ହୋଇ ରହ ।

ପୁନିଆ ଖୁସି ହୋଇ ଚାଲିଗଲା ।

ସେ ଦିନକାର ଡାକ ମଧ୍ୟରୁ ପୁନିଆ କହିଥିବା ମୁତାବକ ଚିଠି ପାଇଲି । ଲଫାପା ଭିତରେ ଖଣ୍ଡିଏ କୋଷ୍ଠୀ ଆଉ ଗୋଟିଏ ପ୍ରଶ୍ନ । ପ୍ରଶ୍ନଟି ଏହିରୂପ:—

ମହାଶୟ,

ଏଥି ସାଙ୍ଗରେ ଥିବା କୋଷ୍ଠୀଟି ଗୋଟିଏ କନ୍ୟା ଜାତକର କୋଷ୍ଠୀ । ତାହା ପାଇଁ ପୂର୍ବରୁ ଗୋଟିଏ ବର ପାଖ ଠିକ୍ ହୋଇଥିଲା । ବର୍ତ୍ତମାନ ଆଉ ଗୋଟିକର କଥା ଲାଗିଛି । ଉଭୟ ବର ମଧ୍ୟରୁ କାହା ସହିତ ବିବାହ ସୁଖ ଓ ସୌଭାଗ୍ୟ ଦାୟକ ହେବ ତାହା ସ୍ପଷ୍ଟ କରି ଆପଣ ଜଣାଇଲେ ଅନ୍ତେ ଚିରବାଧିତ ହେବୁ । ଇତି ।



Digitized by srujanika@gmail.com

ଯୋଡ଼ହସ୍ତେ ଉତ୍ତରଟି ଲେଖି ପଠାଇଲି ।

ମହାଶୟ !

ଆପଣଙ୍କ ପଠାଇଥିବା କୋଷ୍ଠୀ ଉଭୟର ଫଳ ଦେଖିଲି ଯେ ପ୍ରଥମ ବର ଠାରୁ ଦ୍ୱିତୀୟ ବରଟି ଶ୍ରେୟସ୍କର । ବର୍ତ୍ତମାନଙ୍କର କୋଷ୍ଠୀ ଥିଲେ ସମସ୍ତ ଗ୍ରହମାନଙ୍କ ବଳାବଳ ବିଚାର କରିବାର ସୁବିଧା ହୋଇଥାନ୍ତା, ମାତ୍ର ତାହା ନ ଥିବାରୁ କେବଳ କନ୍ୟା କୋଷ୍ଠୀରୁ ଯାହା ଅନୁମାନ ହୁଏ ପ୍ରଥମ ବରର ଗ୍ରହମାନଙ୍କର ଅବସ୍ଥିତି ଏପରି ଯେ କନ୍ୟାର ଗ୍ରହମାନଙ୍କ ସହିତ ସମ୍ପୂର୍ଣ୍ଣ ଅମେଳ ଓ ଶତ୍ରୁକ୍ଷେତ୍ର ହେଉଛି । ଏଥିର ଫଳ ଜୀବନ ତମାମ ଅଶାନ୍ତି, ଦୁର୍ଭାଗ୍ୟ ଓ ବିବାଦ, ଏପରିକି ରୋଗ ଓ ଜୀବନ ହାନିର ଆଶଙ୍କା । ଆଉ ଦ୍ୱିତୀୟ ବରର ଗ୍ରହମାନେ କନ୍ୟା କୋଷ୍ଠୀ ସହିତ ଏପରି ମେଳ ଖାଉଛନ୍ତି ଓ ମିତ୍ରତ୍ୱର ସୂଚନା ଦେଉଛନ୍ତି ଯେ ୮ ବର୍ଷ ଭିତରେ ସବୁ ପ୍ରକାର ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ ପରିବୃଦ୍ଧିର ସମ୍ଭାବନା । ଅତଏବ ମନରେ ଦ୍ୱିଧା ନ ରଖି ଦ୍ୱିତୀୟ ବର ସହିତ ଏ ବିବାହ ସମ୍ପାଦନ କରିବା ବିଧେୟ । ଇତି ।

ତହିଁ ଆରଦିନ ପୂର୍ଣ୍ଣିମା ପୁଣି ଆସିଲା । ଉତ୍ତରଟି ତାକୁ ଦେଖାଇଲି । ସେ ପଢ଼ି ଖିଲ୍ ଖିଲ୍ ହସି ଦେଲା । ତାପରେ ଲଜ୍ଜାରେ ଲାଲ ହୋଇ ଚିଠିଟି ତା'ର ହାତରୁ ନେଇ କହିଲି "ତୁ ମନରେ ନେଇ ଥା ଯେ—ଆଜି ଠାରୁ ତୁ ମୋର । ଦେଖ୍, ଏ କଥା କେହି ଜାଣିବା ଦରକାର ନାହିଁ । ତୋହରି ଅନୁରୋଧ, ଅବଦାର, ଗୁଣ୍ଡାମୀକୁ ପଡ଼ି ଯାହା କଲି—"

ପୂର୍ଣ୍ଣିମା ମୋ ମୁହଁରେ ହାତ ଦେଇ କହିଲା "ଆଉ କହିବା ଦରକାର ନାହିଁ ଭାଇନା—ମୁଁ ତୁମର ଏଣା ଏକଥା ରହିଲି ଅଭିବନ ।"

ଚିଠିଟା ଦେଇ ସାରି ମନଟା ଖାଲି ଯୋଜନାର ସାଙ୍ଗି ହେଉଥାଏ—ତଥାପି ଭଣ- ଜାର ଗୋଟାଏ ଉପକାର କଲି ବୋଲି ମନକୁ ସନ୍ତୋଷ ହେଉ ଥାଇଲା ।

× × ×

ଏଣେ ମୁଁ ଦିନ ଗଣିବାରେ ଲାଗିଛି । ଏଡ଼ିଥର ସବୁଠୁ ଯାଇ ମୋର ଚରଣାବନ୍ଦର ଆଶା ସଫଳ ହେବ । ପୂର୍ଣ୍ଣିମା ପାଇଁ ଯେଉଁ ସନ୍ଦେହ ବା ଭୟ ଥିଲା ତାହା ଦୂର ହୋଇଛି । ତାର ମତ ବୁଝିଛି ଯେ ସେ ବିବାହ କରିବ ନାହିଁ—ଆଜି ସେ ମୋ ଠାରୁ ଯେଉଁ ଉପକାର ପାଇଛି ସେଥିରେ ମୋ ଠେଇଁ ଅକୃତଜ୍ଞ ହୋଇ ପାରିବ ନାହିଁ । ସ୍କୁଲ୍ରୁ କାଗଜର ଦ୍ୱାରା, ପତ୍ରଲେଖି ଦିନକୁ ଦିନ ବଢ଼ିବା ସଙ୍ଗେ ସଙ୍ଗେ ଅସ୍ତ ନ ହେଉଛି । ମୁଁ ସେଥିଲାଗି ବେଙ୍କରେ କିଛି ଟଙ୍କା ରଖିଲିଣି । ଏଥର ତାଙ୍କୁ ଯାଇ ଆଜି ସେ ଭୁଲ କରିବ ନାହିଁ । ନିଜର ସ୍ୱରୂପ ପ୍ରକାଶ କରି ଦେଇ ସମସ୍ତଙ୍କୁ ଚମକାଇ ଦେବ, ବିଶେଷରେ ଅଭିକୁ । ସେ ନିଜର ଭୁଲ ବୁଝିପାରି ମନେ ମନେ ଲଜ୍ଜିତା ହେବ—ହୁଏତ ମୋ ଠେଇଁ କ୍ଷମା ମାଗି ବସିବ । ମୁଁ କହିବ "ନାହିଁ, ନାହିଁ ତୋର ଭୁଲ ନୁହେଁ, ମୋହର ଭୁଲ । ତୁ ବରଂ ମୋତେ କ୍ଷମା କର ।"

ଏହିପରି କେତେ ସୁଖ ସ୍ୱପ୍ନର ଜାଲ ବୁଣି ବୁଣି, ଆଶା କୁହୁକର ମାଳ ଗୁନ୍ଥି ଗୁନ୍ଥି ଦିନ ପରେ ଦିନ କଟି ଯାଉଥାଏ । ଏହା ଭିତରେ ପୂର୍ଣ୍ଣିମାର ଆଉ ଥରେ ପାଇଁ ଦେଖା ନାହିଁ । ଛୁଟି ଏଣେ ଅଫିସ କାମ ଧନ୍ଦାରେ ପଡ଼ି ଅଭି ସବୁ ନଥିବ ।

ଗାଁକୁ ଯିବାପାଇଁ ବାହାରିଲି । ଅଫିସର ଦୁଇ ସ୍କୁଲର କାମ ଶେଷ କରି ଦେଇ ଧର୍ମଶୀ- ବାବୁଙ୍କ ଠାରୁ ବିଦାୟ ନେଇ । ଅମଳ ଗାଡ଼ିରେ କମ୍ପାର୍ଟମେଣ୍ଟରେ ଟିକେଟ ନିଲେ ସିନେମା ବସ୍ଥାନରୁ । ମାତ୍ର ମୁଁ କେବେ ଯାଏ ନାହିଁ । ସେଦିନ ମନଟା ହାଲୁକା ହେବାରୁ ଭାବିଲି କେତେଟି ମନ ହେଲା ଥରେ ଯାଇ ବୁଲି ଆସେ । ସିନେମାରେ ସନ୍ଧ୍ୟା ବେଳକୁ ଖେଳ ଆରମ୍ଭ ହୋଇ ଗଲାଣି । ହଲଟା ଅନ୍ଧାର ନିସ୍ତବ୍ଧ । ଅଳ୍ପ ଆଲୁଅରେ ଟିକେଟ ଅନୁଯାୟୀ ଗୋଟାଏ ଖାଲି ବାକ୍ସରେ ବସିଲି । ଚେୟାରରୁ ମୁହଁ ଘଣ୍ଟାଏ ଭିତ୍ତି ଲାଗିବା ଲାଗି ପାଖ ଦେଖାଳିଙ୍କୁ ପଚାରିବା ପାଇଁ ମନ କଲି । ମାତ୍ର ତାହାର ମୁହଁ ଦେଖି ନ ଥିବାରୁ 'ଇଣ୍ଟରଭାଲ' ପାଇଁ ଅପେକ୍ଷା କରିବାକୁ ପଡ଼ିଲା । ଯେଉଁ ଏ ଅଙ୍କ ସମାପ୍ତି ପରେ ଯେତେବେଳେ ଛବି ବନ୍ଦହୋଇ ହଲର ଆଲୁଅ ସବୁ ଜଳି ଉଠିଲା, ପାଖ ବାକ୍ସରେ ବସିଥିବା ବ୍ୟକ୍ତିଙ୍କୁ ପଚାରିବା ପାଇଁ ଉଠି ପଡ଼ିବା ବେଳକୁ ମୋର ନଜର ପଡ଼ିଗଲା ସାମ୍ନା ଧାଡ଼ିରେ ପୂର୍ଣ୍ଣିମା ପର ଜଣେ ବସିଛି । ଛୁଟି ହୋଇ ଯାଇ ସେଇ ଅଡ଼କୁ ଗଲି । ଏତ ବାକ୍ସରେ ତାହାର ପାଖରେ ବସି—ଇଏ କିଏ ! ଭ୍ରମ ନା କଣ ! ନା ସ୍ୱପ୍ନ ଦେଖୁଛି !—ଅଁ, ଅଭି ନା !—ହଁ ଅଭି ନିଶ୍ଚୟ—ଅଭି ଛଡ଼ା କେହି ନୁହେଁ । ମଥାଟା ମୋର ବନ୍ ବନ୍ କରି ଘୂରି ଉଠିଲା; ହଲଟା ଯାକ ମୋ ଚାରିପଟେ ଚକ୍ର ପରି ବୁଲିଗଲା । ଛାତି ଭିତରେ କିଏ ହାତୁଡ଼ି ପିଟିଲା । ପଡ଼ି ଯିବି ନା କଣ ? ସମ୍ଭାଳି ହୋଇ ଟଳ ଟଳ ହୋଇ ସେଇ ବକ୍ସ ଆଡ଼କୁ ଗଲି । ଆଖି ମଳି ଦେଇ ଦେଖିଲି ଠିକ୍ ପୂର୍ଣ୍ଣିମା ଆଉ ଅଭି । କଣ କହିବାକୁ ଗଲି ଯେ, ପାଟି ଶୁଖି ଗଲାଣି, ଜିଭଟା ଜାକିଆ ମାରି ଦେଲାଣି । ବହୁତ ଚେଷ୍ଟା କରି କହିଲି, "ପୂ—ପୂ—ର୍ଣ୍ଣିମା । ଦୁହେଁ ଚମକି ମୋ ଆଡ଼କୁ ଚାହିଁଲେ । ଅଭି ଥରେ ମାତ୍ର ଚାହିଁ ଦେଇ ତଳକୁ ମୁହଁ ପୋତିଲେ । ମୁଁ ପୁଣି ଦମ ନେଇ ଡାକିଲି "ଅ—ଭି ।" ମୋର ସବୁ ଶକ୍ତି ପ୍ରୟୋଗ କରି, ପ୍ରାଣପଣେ ଡାକିଲି "ଅ—ଭି" । କିନ୍ତୁ ସେ ସ୍ୱରଟା ଖାଲି ଗୋଟାଏ କର୍କଶ ଫସଫସିଆ ସ୍ୱର ପରି ମୋହର କାନକୁ ଲାଗିଲା । ଉଭୟେ ନୀରବ । ପୁଣି ଡାକିଲି "ଅଭି" । ସେତେବେଳକୁ ମୋ ଗୋଡ଼ ତଳ ଭୂଇଁଟା ଥର୍ ଥର୍ ହୋଇ ଦୋହଲୁଥିଲା । ଏତେ ବେଳେ ପୂର୍ଣ୍ଣିମା ଚିତ୍କାର କରି କହିଲା "ବଡ଼ଦାଦା ଅସଭ୍ୟ ଜାନୁଆର ମ ! ଭଦ୍ର- ଲୋକର—" ମୁଁ କହିଲି, "ରେପ୍ ବେଙ୍ଗ- ମାନ୍, ପରଦାନ୍ ବାହିରା । ମୁଁ ଅଭିକୁ

(୧୬ ପୃଷ୍ଠା ଦେଖନ୍ତୁ ।

Digitized by srujanika@gmail.com



# କାହାଣୀ

(ପୂର୍ବ ପ୍ରକାଶିତ ଉତ୍ତାରୁ)

—ଛଅ—

ବାଲେଶ୍ୱର ଜେନେରଲ ହାସପାତାଲରେ ସର୍ବେଶ୍ୱର—ମୁକୁନ୍ଦ ଓ ଅନ୍ୟ ତେଇଶି ଜଣ ଆହତ ହୋଇ ପଡ଼ିଛନ୍ତି—ଏପରି ଅବସ୍ଥାରେ ମଧ୍ୟ ପୋଲିସ ପହରା ବସିଛି—ତିନି ଦିନ ହେଲାଣି ସର୍ବେଶ୍ୱର ଅଚେତ ପ୍ରାୟ ପଡ଼ିଛନ୍ତି—ପାଖରେ ଗୋଟିଏ ଟୁଲରେ ଜଣେ ବାଳକ ବସି ସେବା କରୁଛି—ଅତି କଷ୍ଟରେ ଆଖି ଖୋଲି କ୍ଷୀଣ ସ୍ୱରରେ ସର୍ବେଶ୍ୱର କହିଲେ "ମୁକୁନ୍ଦ ବଞ୍ଚିଛି ?"

"ସେ ଭଲ—ଆପଣ ଶୋଇ ପଡ଼ନ୍ତୁ—ଡାକ୍ତର କଥାବାର୍ତ୍ତା କରିବାକୁ ମନା କରିଛନ୍ତି—"

ଦିନ ପରେ ଦିନ ବିତି ଯାଉଛି—ଜୁଆର ଓ ସମୟ କାହାରିକୁ ପଛକୁ ଫେରି ଚାହେଁ ନାହିଁ, କାହାର ପ୍ରତି ମୁହଁ ମୁରୁକି ଚାହେଁ ନାହିଁ—ସେହି ଝଡ଼ ଦିନଠାରୁ ମିଲରେ ସବୁ କାମ ବନ୍ଦ—ମଠର ମହନ୍ତ ଭୀଷଣ ବ୍ୟସ୍ତ । ଆଉ କେହି ମଠର କାମ କରିବାକୁ ଆସୁ ନାହାନ୍ତି—ମହନ୍ତ ଓ ମାର୍କୁଆଡ଼ ପୋଲିସ ସାହାଯ୍ୟ ନେଇ ଗାଁ ସବୁ ଲୋକଙ୍କୁ ଥରେ ଲେଖାଏଁ ଧମକାଇ ଆସୁଛନ୍ତି—କିନ୍ତୁ ସେ ଧମକ—ଆଖି ରଙ୍ଗ ସବୁ ବିଫଳ ହେଉଛି ।

\+ \+ \+

ଆଜି ଏସିଷ୍ଟାଣ୍ଟ ସର୍ଜନ ସୁରେନ ବାବୁ ଆସି କହିଲେ—"ବର୍ତ୍ତମାନ ଅସାମୀଙ୍କୁ ଜେଲକୁ ନିଆ ଯାଇ ପାରେ—ମୁଁ ପ୍ରତିଦିନ ଔଷଧ ଦେଇ ଆସିବି ଓ ଡ୍ରେସିଙ୍ଗ କରି ଦେଇ ଆସିବି ।" ଠିକ୍ ଦଶଟା ବାଜିବା ବେଳକୁ [illegible] ଗୋଟା ମଟର ଲରି ଓ ବନ୍ଧୁକଧାରୀ ପୋଲିସ ଆସି ପହଞ୍ଚିଲେ । ଅସାମୀମାନଙ୍କୁ ନେଇ ସେଥିରେ ବସାଇ ଦିଆଗଲା । ସେତେବେଳକୁ ହାସପାତାଲ ପାଖରେ ଲୋକ ରୁଣ୍ଡ—କାହାରି ମୁହଁରୁ କଥା ବାହାରୁ ନାହିଁ—ସମସ୍ତେ ମଟର ଆଡ଼କୁ ଚାହିଁଛନ୍ତି—ମଟର ଚାଲିବାକୁ ଆରମ୍ଭ କଲା—ଲୋକସମୂହ ତା ପଛରେ ଛୁଟିଲେ—କଟକରେ ପୋଲିସ ହାଜତ ନିକଟରେ ମଟର ଅଟକିଲା—ଅସାମୀ ସମସ୍ତଙ୍କୁ ପୋଲିସ ଧରି ଧରି ନେଇ ହାଜତରେ ପୁରାଇ ଦେଲେ— ସର୍ବେଶ୍ୱର ଗୋଡ଼ରେ ଓ ମୁଣ୍ଡରେ ଭୀଷଣ ଆଘାତ ପାଇଛନ୍ତି—ଷ୍ଟ୍ରେଚର ଷ୍ଟ୍ରେଚରରେ ନିଆଗଲାବେଳେ ନିକଟରେ ରୁଣ୍ଡ ହୋଇଥିବା ଜନତାଙ୍କୁ ଥରେ ଚାହିଁ—ହସି ଦେଲେ—କଣ କହିବାକୁ ଯାଉଥିଲେ ଆଉ କହି ପାରିଲେ ନାହିଁ ।

କଟକର ଆଜି ଲୋକପୂର୍ଣ୍ଣ—ସଭାରୁ ଯସ ହୋଇଥିବା ଲୋକମାନଙ୍କର ଓ ସର୍ବେଶ୍ୱର ବାବୁଙ୍କର ଆଜି ବିଚାର । କେଉଁ ଦୂର ମଫସଲରୁ ଲୋକେ ଆସି ରୁଣ୍ଡ ହେଉଛନ୍ତି—କଟକରେ ଜନତାଙ୍କୁ ସମ୍ଭାଳିବାକୁ ପୋଲିସ ମଧ୍ୟ ଆଜି ତତ୍ପର । ମାଜିଷ୍ଟ୍ରେଟ ମି. ପି. କେ. ସେନ.—ଯଥା ସମୟରେ ଇଜଲାସରେ ପହଞ୍ଚିଲେ—ସରକାରୀ ଓକିଲ ସୁଧାଂଶୁ ବାବୁ ପୋଲିସ ତରଫରୁ, କୋର୍ଟ ଇନସ୍ପେକ୍ଟର ମଧୁସୂଦନ ବାବୁ ତର ତର ହୋଇ ହାଜର ହେଲେ— ଅସାମୀମାନଙ୍କୁ ପୋଲିସ ହାତକଡ଼ି ଦେଇ ଓ ଦଉଡ଼ିରେ ବାନ୍ଧି ନେଲେ— ସର୍ବେଶ୍ୱର ମୁକୁନ୍ଦ କାନ୍ଧରେ ଭର ଦେଇ ଚାଲୁଥାନ୍ତି— ତାଙ୍କ ପଛରେ ପଛରେ ବିଶାଳ ଜନତା—ଲୋକଙ୍କୁ ଚାହିଁ ସର୍ବେଶ୍ୱର କହିଲେ "ଚିନ୍ତା ମାନ ପରୁଆର ନାହିଁ—ଦେଶ ପାଇଁ ପ୍ରାଣ ଦିଅ—ନିଜର ରକ୍ତ ଦେଇ ଦେଖାଇ ଦିଅ—ଆମେ ଅତ୍ୟାଚାର ସହୁ ନାହିଁ—ମନୁଷ୍ୟ ଭଳିଆ ବଞ୍ଚି ରହିବୁ ।"

ଜଣେ ଲଠିଆଳ ସଜୋରରେ କହିଲେ—"ଚୁପରହ"

ମୁକୁନ୍ଦ—"ସ୍ୱାନ ଲୁଟିବ କହିବା ଅପେକ୍ଷା ନ୍ୟାୟ ପାଇଁ ମରିବା ଭଲ ।"

ଅସାମୀମାନଙ୍କୁ କାଠ ଗଡ଼ରେ ଛିଡ଼ା କରାଇ ଦିଆଗଲା—ଅସାମୀ ସମସ୍ତେ ବସି ପଡ଼ିଲେ—ଭୟଙ୍କର ଭିଡ଼—ପୋଲିସ 'ହଟୋ ହଟୋ' କରୁଛନ୍ତି — ଶୁଣୁଛି କିଏ ?'

ସରକାରୀ ଓକିଲ—ତାଙ୍କ ବକ୍ତୃତା ଆରମ୍ଭ ପୂର୍ବରୁ କହିଲେ 'ସର୍ବେଶ୍ୱର ମହାନ୍ତି ଷଡ଼ଯନ୍ତ୍ର ଓ ଡକାଏତି—ଅନ୍ୟମାନେ ଡକାଏତ ଷଡ଼ଯନ୍ତ୍ର ଅପରାଧରେ ଦୋଷୀ ।"

ପି. କେ. ସେନ—"ଆପଣମାନେ ଉତ୍ତର ଦେବେ ?"

ସର୍ବେ—ନା— ଆମ୍ଭମାନଙ୍କର ଏ କୋର୍ଟ ପ୍ରତି ବିଶ୍ୱାସ ନାହିଁ—ଏହାଠାରୁ ସୁବିଚାର ପାଇବା ଆମର ଆଶା ନାହିଁ—ତେବେ ମୁଁ ଗୋଟାଏ ବକ୍ତବ୍ୟ ( Statement ) ଦେବାକୁ ଚାହେଁ—

"ସେ ସବୁ ପାଇଁ ସୁବିଧା ଦିଆଯିବ"

ସରକାରୀ ତରଫରୁ ସବୁ ସାକ୍ଷୀ ଦିଆଗଲେ— ଦୁଇଜଣ ସବ୍‌ଇନସ୍ପେକ୍ଟର ପାଞ୍ଚ ଜଣ କନଷ୍ଟେବଲ୍—ମହନ୍ତ—ଓ ଅନ୍ୟ କେତେଜଣ—ଘାସିଲାଲ ମାର୍କୁଆଡ଼ ସାକ୍ଷ୍ୟ ଦେଲେ—

—ମା—"ଆପଣଙ୍କର କଣ କହିବାକୁ ଅଛି ?"

ସ—"ଏ ସବୁ ଯେଉଁ ସାକ୍ଷ୍ୟ ଦିଆଗଲା—ସେ ସବୁ ମିଥ୍ୟା ଅଥବା ସତ—ସେ ସବୁର ପ୍ରତିବାଦ କରିବାକୁ ଚାହେଁ ନାହିଁ—ମୁଁ କେବଳ ଆପଣଙ୍କୁ ଏ ମହନ୍ତ ଓ ହାକିମ ବାବୁଙ୍କୁ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କୁ କହି ରଖିବାକୁ ଚାହେଁ—ଏହିଠାରେ ଏ ବିଦ୍ରୋହ ଶେଷ ହେଲା ନାହିଁ—ଏ ବିଦ୍ରୋହ ଯେତେଦିନ ପର୍ଯ୍ୟନ୍ତ ଥିବ ସେ ପର୍ଯ୍ୟନ୍ତ ଦରିଦ୍ର ଲୋକ ପରିଶ୍ରମ କରି



Digitized by srujanika@gmail.com

ପେଟପୁରି ଖାଇବାକୁ ପାଇ ନ ପାରିବେ ଓ ଅନ୍ୟ ପକ୍ଷରେ ବସି ବସି ତାଙ୍କ ରକ୍ତ ଶୋଷଣ କରୁଥିବେ । ଆମ୍ଭେମାନେ ପ୍ରାଣ ଥିବା ପର୍ଯ୍ୟନ୍ତ କରିବୁଁ—ମନୁଷ୍ୟର ଦେହକୁ ଶୋଷଣ କରିବାକୁ ଆମେ ପ୍ରାଣପାତ କରିବୁଁ ଏହି କୁତ୍ସିତ—ମଣିଷଙ୍କ ଦେହରୁ ଶୁଷି ଧନ—ଉପାର୍ଜିତ ହେଉଛି—ତଥାପି ସେ ଦେଖାନ୍ତୁ ନାହିଁ । ଏ ଅନ୍ୟାୟକୁ ଆମେ ସହିବୁ ନାହିଁ—ଆମେ ପ୍ରାଣପାତ କରିବୁ; ଲଢ଼ି ମରିବୁଁ—ନ ମରିବା ପର୍ଯ୍ୟନ୍ତ କିଏ କିଆଁର ଅଧିକାର—ଖାଦ୍ୟ ଓ ଶାନ୍ତିକର ମିଳାମିଶା କରିବ କେବେ ?—ତୁମର ନାହିଁ—ତୁମେ ଶକ୍ତିଶାଳୀ—ଶକ୍ତି ଅସତ୍—ଯେଉଁଦିନ ତୁମର ଚକ୍ଷୁ ଲୋକକୁ ଉଠିଥିଲା—ତୁମେ ଶାସନ କରୁ ପାରୁଥିଲ—ଧନୀକୁ ଶୋଷଣ କରିବାକୁ ସାହସ ଦେଉଥିଲ—ଆଜି ସେ ଦିନ ଯାଇଛି—ତୁମ୍ଭେ ନୈତିକ ଦାସ ଆମେ ଦୈହିକ ଦାସ । ଏ ଦାସତ୍ୱରୁ ତୁମ୍ଭେ ମୁକ୍ତି ଲଭ କରିବ ସେ ଦିନ, ଯେଉଁ ଦିନ ଆମକୁ ବୁଝିବ । ତୁମ୍ଭେ ଆମ୍ଭ ହୃଦୟର ଦୁଃଖ ବୁଝି ପାରିବ ନାହିଁ—ଯେତେଦିନ ଧନ ଗର୍ବରେ ଅନ୍ଧ ଥିବ—ଧନ ତୁମକୁ ଆମଠୁ ଦୂର କରି ଦେଉଛି—ଆମେ ସ୍ୱର୍ଗ—ତୁମର ଅମର ମିଳନ, ଏହି ବ୍ୟକ୍ତିଗତ ଧନର ଲୋପ ପାଇବ । ଆମେ ତୁମର ଶତ୍ରୁ ନୋହୁଁ—ମିତ୍ର—ଏହା ତୁମେ ବୁଝିବାକୁ ଅକ୍ଷମ । ତେଣୁ ତୁମ ଶତ୍ରୁ ପଡ଼ ପଥରେ ସାହାଯ୍ୟ କରୁଛ—କିନ୍ତୁ ବୁଝି ପାରୁ ନାହଁ—ଉଷ୍ଣତି ମନୁଷ୍ୟ ତୁମର ପ୍ରାଣଧନର ମୃତ୍ୟୁଚିତ୍ର । ତୁମେ ଯାହା କରୁଛ ସବୁ ଦୋଷାବହ—ଶୋଷକଙ୍କୁ ଭାଇ ଭାଇ କରି ଗ୍ରାସ କରୁଛ, ଆମର ରକ୍ତ ଦେହରୁ ଏକ ସ୍ୱରରେ ଚାଲିବ ଦୁଃଖ ଯାତ୍ରା ସ୍ଥାପିତ ଦସ୍ୟୁ ଆମେ ତୋହର୍ଡୁ ଦସ୍ୟୁ ଧନୀ—ତୁମେ ଦସ୍ୟୁ ସର୍ଦ୍ଦାର ।"

ଏତକ କହି ରାଜେଶ୍ୱର—ବସି ପଡ଼ିଲେ । ତାହାକୁ ଚାରି ଦେହରେ ଅର୍ଦ୍ଧ ଜଣିଙ୍କ—ସେ ମୂର୍ଚ୍ଛିତ ହୋଇ ପଡ଼ିଲେ—ଧନୀ ଅନୁଗାମୀମାନେ ଯାଣି ଗାଣି ବୋଲି ଚିତ୍କାର କରିଲେ । ଜନତା କାଠଗଡ଼ା ଭାଙ୍ଗି ଭିତରେ ଆସିଲା—ଲାଠିଧାରୀ ପୋଲିସ ସେମାନଙ୍କୁ ଧକ୍କା ଦେଇ ଫେରାଉଥାନ୍ତି—ପାଣି ଆସି ଛିଞ୍ଚା ଦେବାରୁ ପୁଣି ଚେତନା ଆସିଲା । ହାକିମ ଘଣ୍ଟା ବଜାଇବାକୁ ହୁକୁମ ଦେଲେ । ଜଣେ ପୋଲିସ ଘଣ୍ଟା ବଜାଇଲେ ।

ସରକାରୀ ଓକିଲ ସୁଧାଂଶୁ ବାବୁ ତାଙ୍କ ବକ୍ତୃତା ଆରମ୍ଭ କଲେ । ଅନେକ ତର୍କ ଓ ଦର୍ଶନ ଦେଇ ବକ୍ତୃତା ଦେଲେ । ପୁଣି ଅଧଘଣ୍ଟା କାଳ କାନ୍ଥ ଆଉଜି ପରେ ଥକା ମାରି ବସି ପଡ଼ିଲେ । ସେତେବେଳକୁ ପାଞ୍ଚଟା ବାଜି ଯାଇଥାନ୍ତି—ହାକିମ ସେ ଦିନ ପାଇଁ କଚେରି ବନ୍ଦ କରି ମଟରରେ ବସି ଚାଲିଗଲେ । ଅସାମୀମାନଙ୍କୁ ପୁଣି ହାଜତକୁ ନିଆଗଲା ।—

ଲୋକମାନେ କେବଳ ପଛେ ପଛେ ଛୁଟୁଥାନ୍ତି । ମଝିରେ ମଝିରେ "ବିପ୍ଳବ-ସର୍ଦ୍ଦାରକୀ ଜୟ" ବୋଲି ଗୋଟାଏ ଗୋଟାଏ ଧ୍ୱନି ଉଠୁଥାଏ । ଅସାମୀ ମଟର ଜେଲକୁ ଗଲା—

ଲୋକମାନେ ମଟର ପଛରେ ନମସ୍କାର କରୁଥାନ୍ତି—ରାଜେଶ୍ୱର ନମସ୍କାର କରି ବିଦାୟ ନେଉଥାନ୍ତି ।

— ସାତ —

ପରଦିନ ସବୁଦିନ ପରି କଚେରୀ ଅନେକ ଡେରି—ଅସାମୀମାନଙ୍କୁ ଯଥା ସମୟରେ କଚେରିକୁ ନିଆଗଲା—ଅଳ୍ପ କାଳକାଠାରୁ ବେଶି ଡେରି ନୁହେଁ । ହାକିମଙ୍କ ପେସ୍କାର ଟାଇପି ବାବୁ ରାୟ ଶୁଣାଇ ଦେଲେ—

ରାଜେଶ୍ୱର ମହାନ୍ତିଙ୍କୁ ତିନିବର୍ଷ ସଶ୍ରମ—ଦୁଇଶ ଟଙ୍କା ଜରିମାନା । ଗୁରୁଦି ଚୌଧୁରୀଙ୍କୁ ଦୁଇବର୍ଷ ସଶ୍ରମ ଓ ଦେଢ଼ଶ ଟଙ୍କା ଓ ଅନ୍ୟ ଜଣଙ୍କୁ ନଅ ମାସ ଜେଲ ଓ ପଚିଶ ଟଙ୍କା ଜରିମାନା ହେଲା—ସେଠାରୁ ଅସାମୀମାନେ ବାହାରି ଉଠିଲେ "ବିପ୍ଳବ ସର୍ଦ୍ଦାରକୀ ଜୟ" ଉତ୍ତେଜିତ ଜନତା ମଧ୍ୟରୁ କେହି ଉଠିଲା—ଦସ୍ୟୁ ସର୍ଦ୍ଦାର ଜିନ୍ଦାବାଦ୍ ।"

ଯିବାବେଳେ ରାଜେଶ୍ୱର କହୁଥିଲେ "ଭାଇମାନେ ପ୍ରାଣ ଥିବା ପର୍ଯ୍ୟନ୍ତ ଏ ଅତ୍ୟାଚାର ଓ ବ୍ୟଭିଚାର ସହିବ ନାହିଁ — ତିଳ ତିଳ ହୋଇ ମରିବାଠାରୁ ଏକାଥରେ ମରିବା ଶ୍ରେୟସ୍କର—ଭାଇ ବିଦାୟ—ପୁଣି ତିନି ବର୍ଷ—ପରେ ଦେଖା ।"

---

## ଲୁଡୁଲୁଡୁ

ରେଲଗାଡ଼ି ଷ୍ଟେସନରେ ପହଞ୍ଚିଲା । ଗାଡ଼ିରେ ଭାରି ଭିଡ଼ । ଜଣେ ଥାନ ନ ପାଇ ଦେଖିଲା ଯେ ଆଉ ଜଣେ ଆସେ ବସିଛି ଓ ପାଖରେ ଟ୍ରଙ୍କଟାଏ ଥୋଇଅଛି । ସେ ତାଙ୍କୁ କହିଲା "ଟ୍ରଙ୍କଟା ତଳକୁ ଥୋଇ ଦିଅ, ମୁଁ ବସିବି" । ଟ୍ରଙ୍କବାଲା କହିଲା "ମୋ ସାଥୀ ପାଣି ପିଇବାକୁ ଯାଇଛି, ତା ଥାନରେ ଟ୍ରଙ୍କ ଥୋଇ" ।

ଏତିକିବେଳେ ଗାଡ଼ି ଛାଡ଼ିଲା । ତାଙ୍କ ଛିଡ଼ା ହୋଇଥିବା ଲୋକଟି ସେ ଟ୍ରଙ୍କଟାକୁ ଉଠାଇ ଝରକା ବାଟେ ବାହାରକୁ ଫୋପାଡ଼ି ଦେଇ ସେଠି ବସି ପଡ଼ିଲା ।

ଟ୍ରଙ୍କବାଲା ରାଗିଉଠି କହିଲା "ଏ କଣ ! ତମେ କାହିଁ ମୋ ଟ୍ରଙ୍କ ଫୋପାଡ଼ି ଦେଲ ବାହାରକୁ ?" "ଓ; ତମ ଟ୍ରଙ୍କ ! ତମେ ଯେ କହିଲ ତମ ସାଙ୍ଗର ବୋଲି ! ତମ ସାଙ୍ଗ ସିନା ପାଣିପିଇ ଯାଇଥିଲେ । ଗାଡ଼ି ଯେତେବେଳେ ଛାଡ଼ିଲା ମୁଁ ଭାବିଲି ସେ ପାଇ ନ ରହିଗଲେ—ସେଥିପାଇଁ ତାଙ୍କ ଟ୍ରଙ୍କଟା ଫିଙ୍ଗିଦେଲି ।"

+ + +

"ବାଜି ବଳେଇ ଦଶରେ ଭାଇନା ?"

"ଶଠ ପାଇବା କି ନାଗର ପିଲାଟିଏ ହେଲେ"

"ସେଇ ଖୁସି ହେବାର କଥା । ପୁଅ ନା ଝିଅ ?"

"ହେଉଅଛି ଭାବନା ପଡ଼ିଛି—ମୁଁ ମାମୁଁ ହେଲି ନା ମାଉସୀ ହେଲି ।"

Digitized by srujanika@gmail.com



## ସହକାର-ଅଷ୍ଟମ ସଂଖ୍ୟା ।

'ଜୀବନ ପ୍ରବାହ' ପ୍ରଥମ ପ୍ରବନ୍ଧ । ସାହିତ୍ୟରେ ଯେ ବିଜ୍ଞାନର ସ୍ଥାନ ଅଛି ଏହା କେହି ଅସ୍ୱୀକାର କରିବ ନାହିଁ । ତେବେ ସାହିତ୍ୟ ପତ୍ରିକାର ପ୍ରଥମ ସ୍ଥାନ ବିଜ୍ଞାନ ଚର୍ଚ୍ଚାରେ ପୂର୍ଣ୍ଣ ହେବା, ଏକା ବିଜ୍ଞାନ ସ୍ଥଳରେ ସମ୍ଭବ ହୋଇପାରେ ।

ଲେଖକ ଯଥାସମ୍ଭବ ଆରମ୍ଭ ଓ ଶେଷଟାକୁ ଶିରୋନାମା ସହିତ ମେଳାଇ ଦେଇଛନ୍ତି । ମଝିରେ ଗୋଟାଏ ବ୍ୟବଧାନ । ସ୍ୱଚ୍ଛ ଚିନ୍ତାର ଅଭାବ ଖୁବ୍ କମ୍ ମିଳିଲା ।

ପିତା ଓ ମାତାର ଗୁଣ ବଂଶାଣୁର ବାହକ ସୂତ୍ରରେ ଆଗତ ହୋଇ ସମ୍ମିଳିତ କୋଷରେ ଏକତ୍ର ହୁଏ' । ଏମିତିକି ପ୍ରଜନନର ଲେଖକ ଠିକ୍ କହିଛନ୍ତି କି ? Germ cellsରୁ ପ୍ରଜନନ କ୍ରିୟାର ଉତ୍ପତ୍ତି । ମନୁଷ୍ୟର ଗଠନ ପଥରେ ଏହାର କାର୍ଯ୍ୟ ହୋଇପାରେ ଏବଂ ଏହି ଅଦ୍ଭୁତ ଗଠନରେ ପିତାମାତାଙ୍କର ରୂପର ପ୍ରଭାବ ପଡ଼ିଥାଏ । କିନ୍ତୁ ଗୁଣାଦି ଅନ୍ୟାନ୍ୟ ବିଷୟ ଯାହାକି Somatic cellsର କୃତିତ୍ୱ ତା । ବଂଶ ପରମ୍ପରା ଧାରାବାହିକ ଭାବେ inherited ହୁଏ କି ନା, ଏ ସମ୍ବନ୍ଧରେ ଦ୍ୱିଧାମତ ପର ଲକ୍ଷିତ ହୁଏ ନାହିଁ କି ?

ବିଶ୍ୱବୃକ୍ଷ ମଧ୍ୟ ପ୍ରବନ୍ଧ । ତେବେ ପ୍ରସଙ୍ଗଟି ଶାସ୍ତ୍ରୀୟ ନେଇ । ମାତ୍ର ଗୁଳ ତ ବଦଳି ନାହିଁ । ବେଦରେ ବୃକ୍ଷ ବିଷୟରେ fact ଅଛି figure ଦେବାପାଇଁ ଏପରି ବହୁ ଶ୍ଳୋକ ଉଦ୍ଧାର ପ୍ରୟୋଜନ ଥାଇପାରେ । କୌଣସି ମିଶ୍ରଣରେ ପାଠକ ଶୋଷଣା ହୋଇ ନାହିଁ ତ ?

'ପ୍ରବନ୍ଧ ଅନୁବାଦରେ ମଧ୍ୟ ପିଙ୍ଗଳ ଯିବାକୁ ଭିତ୍ତିଟା ଉଦ୍ଭବ ହେଲା, କଥା-ସାହିତ୍ୟର ଛବିଟା



# ବହିପତ୍ର

ଦେଖି । 'ସାନ୍ତ୍ୱନା ବଳିଗଲା ନାହିଁ । କିନ୍ତୁ ଭୂମି ଓ ସୁବେଶ୍ ଅଛନ୍ତି ।' ସୁନ୍ଦର ଚିତ୍ରଣ । ମାତ୍ର ଶେଷକୁ ହିଁ ଏ ଅଯଥା ଘସ ହୋଇ 'କଳା'କୁ ଜାଳିଆ କରି ପକାଇଛି । ବ୍ରାହ୍ମଣ ମୁଚିଲିଙ୍କର ଖ୍ରୀଷ୍ଟିଆନ ହେବାଟା ଲେଖକଙ୍କ ଚିତ୍ରଣର ମୂଳ ବସ୍ତୁ ନୁହେଁ ।

ଶ୍ରୀ କୂର୍ମଶିଳା ଲିପି — ହରିଚନ୍ଦନଙ୍କ ସଙ୍କଳିତ ପ୍ରାଚୀନ ଶିଳାଲିପି କାଗଜ ଉପରେ ଲିଖିତ ହୋଇଛି ।

ବନ୍ଧନ ନା ମିଳନ ? ପ୍ରଥମେ ଗୋଟିଏ ଉଦ୍ଦାମ ଯୌବନର ଉଚ୍ଛ୍ୱଳ ଆବେଗର ଉଚ୍ଛ୍ୱସିତ ବନ୍ୟା । ତା ପରେ ସୁନ୍ଦର ଶାନ୍ତ ସମୁଦ୍ରଙ୍କ ସଂସାର ଚଳାଣି । ଜଣେ କହେ ମିଳନ ଆଉ ଜଣେ କହେ ବନ୍ଧନ । ଦୁଇଟା ଭିତରେ କ'ଣ ଗୋଟିଏ via media ମିଳିଲା ନାହିଁ ? ମୋଟ ଉପରେ analysisଟା ସୁନ୍ଦର ।

ସପ୍ତଶୃଙ୍ଗର ଭ୍ରମଣ କାହାଣୀ । ଦାନ୍ତଭଙ୍ଗା ଭାଷା ନହେଲେ ଗୋଟିଏ ଭ୍ରମଣର ବର୍ଣ୍ଣନା ହେବା କଠିନ ବୋଧହୁଏ । ଛବି ଥିଲେ ଭଲ ହୋଇଥାନ୍ତା ।

ବ୍ୟତିକ୍ରମ — ଚାଳି ପ୍ରସନ୍ନ ଦାସ । ସାଧାରଣ ଗଳ୍ପ ନିୟମର ବ୍ୟତିକ୍ରମ ଏ । ଅଦ୍ଭୁତ ଓ ଅଘଟନ ଘଟଣାରୁ ଚିତ୍ରଣ ସଙ୍ଗେ ପ୍ରେମ ଦର୍ଶନ କାଣ୍ଡ ଗଳ୍ପ ଭିତରେ ଯାଏ — ତେବେ ଏ ମଧ୍ୟ ଗୋଟାଏ ଭଲ ଗଳ୍ପ । ତେବେ ବଙ୍ଗ ଭାଷାର ସଙ୍ଗ ଦୋଷରୁ ଲେଖକଙ୍କ କଲମ ଏବେବି ଖସିଯାଇ ଥିବାର ଜଣା ପଡ଼ିଲା । ବରଂ 'ତାପରେ' କୁ 'ତାପରେ', ଏହି ମାତ୍ର ଲୁ ସଙ୍ଗେ ସଙ୍ଗେ' ଏ ଭଳି ହିଁ ଏ ଛଟ ଏ । ସଂଶୋଧନ କରି ଦେଇଥିଲେ ସଭାମୋଦୀ ସମ୍ପାଦକଙ୍କ ପୁଣ୍ୟ କ'ଣ ଯାଇଥାନ୍ତା ?

ଶିକ୍ଷାର ପଥ — ଶ୍ରୀ ଜଗନ୍ନାଥ ମହାପାତ୍ର । 'ଜଗତରେ ଶିକ୍ଷାର ସ୍ଥାନ ଉଚ୍ଚରେ' ଏ କଥା ନ ଜାଣେ କିଏ । ସାହିତ୍ୟ ପତ୍ରିକାର ବର୍ତ୍ତମାନର ପୂର୍ଣ୍ଣ ପାଇଁ ଲେଖା ଛାପିବାର ଅଭ୍ୟାସଟା ଚଳୁଛି ଲେଖକଙ୍କ କାର୍ଯ୍ୟ ।

'ସଂସ୍କାରର ପରେ ଭୂତ — ଗଳ୍ପ ଲେଖାଣି ହୋଇ ବସିଥିବା ଯାହା କଲମର 'ଭୂତ' ନୁହେଁ । ଏଇ ସତ୍ୟ ଲେଖା ବଡ ଗଳ୍ପ ହୋଇଛି । ଏହି ସଂଯୋଗ ଉପଲକ୍ଷେ ଗଳ୍ପର ମନେହେଲା ।

କୋଣାର୍କ ପ୍ରାଣମୟ କବିତା । କୋଣାର୍କରେ କେତେ କବି କଳାକାର ଛବି ଦେଖିଛନ୍ତି ତହିଁ; କିନ୍ତୁ ଦେହରେ ପାଣି ନ ଲଗାଇ କୁମ୍ଭୀରକୁ ଦେଖିବା ପାଇଁ ଛାତି ଉପର କଥା ଫୁଟିଛି କବିତାରେ । ଗୋଟି ଗୋଟି କରି ମହାରଣାଙ୍କର ଶବ ଉପରେ ତୋଳା ହେଇ କୋଣାର୍କ ଯେ ଜୀବନ୍ତ — ଦରିଦ୍ର, ଧନୀ, ଶୋଷକ ଓ ଶୋଷିତ ସମସ୍ତଙ୍କ ଆଖିରେ ଜୀବନ୍ତ — ଏକଥା କେହି ଅସ୍ୱୀକାର କରି ପାରିବେ ନାହିଁ । ଲଳିତ କଳା ହୃଦୟର ଜିନିଷ । ମନୁଷ୍ୟର ହୃଦୟ ଥିବାଯାଏ ତାହା ଜୀବନ୍ତ — ଯୁଗେ ଯୁଗେ ଗୋଟିଏ କୋଣାର୍କ ଯାଇ ପାରେ - କିନ୍ତୁ ପ୍ରକୃତ କୋଣାର୍କର ମୃତ୍ୟୁ ନାହିଁ । ମାତ୍ର ଶତ ଶତ କଳାପାହାଡ଼ କାଳସ୍ରୋତରେ ଲୁଚି ଯାନ୍ତି ।

ଅଗ୍ରସ୍ୟଜଗଦେଶ -- ଜୀବନର ସ୍ୱପ୍ନରେ ଅବାସ୍ତବତା ଥିଲା । ସମ୍ପାଦକେ ଏ ସ୍ଥାନପାଇଁ ପସନ୍ଦ କରିଥିବେ ।

ମୋର ପୂଜାବକାଶ — ଆଉ ଗୋଟିଏ ଭ୍ରମଣ କାହାଣୀ । ସହକାରର ଭ୍ରମଣ କରିବାର ଶକ୍ତି କମ୍ ନୁହେଁ ତ !

ଅର୍ଥର ଅନର୍ଥ — ଲେଖକ ଶ୍ରୀ ବୈଦ୍ୟନାଥ ସାହୁ । ଚିନ୍ତା ପୂର୍ଣ୍ଣ ଲେଖା । କିନ୍ତୁ ଯୁକ୍ତି ଗୁଡ଼ିକ ମନଯୋଗ ଦେଇ ଶୁଣିଲେ ଜଣାଯାଏ ଲେଖକ ଯେପରି ଯେଉଁ ଡାଳରେ ଠିଆ ହୋଇଛନ୍ତି ସେଇ ଡାଳ ଉପରେ କୁରାଢ଼ି ଲଗାଉଛନ୍ତି ।

ଧୂମକେତୁ —— ଗ୍ରନ୍ଥ, ଅଦ୍ଭୁତ, ଅଦ୍ଭୁତ ଗୋଟିଏ ପ୍ରାଣର ଚିତ୍ର ଅନୁଭୂତ, — ଏତେ ବଡ ସ୍ୱତନ୍ତ୍ର ଅନୁଭୂତି ! ଅଭେ ବାପରେ ବାପ ! ଯୁଆ ଦେହକୁ ଶିଷ୍ଟତାର ବଦଳେ ଛିଣ୍ଡା ଶୁଖି ପର ଲାଗେ ନାହିଁ । "All worthy things are done in solitude." ତେଣୁ କାଳ ପର ଛନ୍ଦଛଳୀ ସହରରେ ଅନୁଭୂତ ବିଷୟର ଲେଖା ଯାହା ହେବାର କଥା ତାହା ହୋଇଛି । ଏଟା ଲେଖକ ଜଣେ ମନୀଷୀଙ୍କ ।

Digitized by srujanika@gmail.com



# କଳାକମ

## ଓଡ଼ିଶାରେ ସଂଗୀତ ଶିକ୍ଷା

ଶ୍ରୀ କୃଷ୍ଣପ୍ରସାଦ ବସୁ

(ପୂର୍ବ ପ୍ରକାଶିତ ପରଠାରୁ)

ପିଲାଙ୍କୁ ଏକାଠି ହୋ'ହା' ନ କରାଇ... ଦୁଇଦଳ କରାଇଦେବେ... ଏବଂ ଉଭୟ ପିଲାଙ୍କୁ ଜଣାଇ ଦେବେ ଦୁହିଁଙ୍କ ମଧ୍ୟରେ ପ୍ରତିଯୋଗିତା ଲଗାଇ ଦେବେ... ତାହାର ବଦଳରେ ଦେଖିବେ, ଆନନ୍ଦ ହେଲା ଏବଂ କି ପ୍ରକାର ଗାଇଥିଲେ ଜଣାପଡ଼ି ହୋଇ ନ ଥାନ୍ତା, ସ୍ୱରଟା ଚଢ଼ିବ ନ ଓହ୍ଲାଇବ, ବୁଝାଇ ଦେବା ପାଇଁ ନିଜେ ଓସ୍ତାଦେ ଗାଇବେ, ମୁଖଡ଼ା ନେବେ... ଓ ଛେକେ ଧରିବେ। ଓସ୍ତାଦେ ତାଙ୍କ ଛାତ୍ରଙ୍କ ସଙ୍ଗରେ ଗାଉଥିବେ... ଅଧିକାଂଶ ଥର ଗାଇ ନ ଛାଡ଼ିଦେବେ। ଛାତ୍ରମାନେ ନିଜେ ନିଜେ ଗାଇବେ... ପୁଣି ସଙ୍ଗରେ ଗାଇବେ... ପୁଣି ଛାଡ଼ିଦେବେ ଏହି ପରିକାରେ ଧୀରେ ଧୀରେ ଶିକ୍ଷା ଦେବାକୁ ହେବ। ହାତରେ ତାଳ ବାଁ ତାଳ ମାରିବା ଅନବରତ ଚାଲିଥିବ... ଏ ପ୍ରକାର ଶିକ୍ଷାଦେଲେ ସୁଫଳ ନାହିଁ ଏଥିରେ ସମୟ ନଷ୍ଟ ହେବ। ପ୍ରଥମ ୮।୧୦ ଘଣ୍ଟା ଗୀତ ସମସ୍ତେ ନେବେ ସତ, କିନ୍ତୁ ଏ ଦ୍ୱାରା ସ୍ୱର ଶିଖିଲେ ଏତେ ଦୃଢ଼ ହେବ ଯହିଁରେ ଭବିଷ୍ୟତ ଗାୟନରେ ଅଳ୍ପ ଅଭ୍ୟାସରେ ବଡ଼ ବଡ଼ ସାଧନାମାନେ ଅତି ସହଜେ ଅଧିକାର କରି ପାରିବେ— ପଛରେ ସେ ଥରେ ଥୋଡ଼ା ସାଧ ହେଲେ ସେ ପଥ... କିନ୍ତୁ ଦୁର୍ଭାଗ୍ୟ ବଶତଃ କାର୍ଯ୍ୟ କରିବେ ନାହିଁ। ପିଲାଙ୍କୁ ପ୍ରତି ଅଧ୍ୟାୟରେ ଦଶଟି ନିଷ୍ଠ ପଦ'ରେ ଝୁଲିବାକୁ ଛାଡ଼ିଦେବା ଉଚିତ୍—ବୟସଙ୍କୁ ନାନା ପ୍ରକାର ବାଦ୍ୟ ଯନ୍ତ୍ର ଇତିହାସ ଦେଶଭ୍ରମଣ ର କଥା ଶୁଣାଇ ମନ ଲଗାଇବାକୁ ହେବ... ଏ ଦ୍ୱାରା ଦେଖିବେ ପିଲାମାନଙ୍କୁ ଡାକିବାର ଦରକାର ନାହିଁ...ସେମାନେ ଆପେ ଆପେ ଆସିବା ଲାଗି ବାଧ୍ୟ ହେବେ... ସମସ୍ତଙ୍କୁ କର୍ଣ୍ଣାଟକୀ ଭାଷା ପ୍ରତି ଦୃଷ୍ଟି ରଖିବେ... ପିଲାଏ ପଢ଼ାରେ ନଷ୍ଟ ପଷ୍ଟ ହେଉଛନ୍ତି... ଓସ୍ତାଦେ ଅବସରରେ ଶୋଉଛନ୍ତି... ଦାନ୍ତକାଠି ଗୁଡ଼ାଖୁ ଯେଉଁ କାହାର ଲୋକଙ୍କ ସଙ୍ଗରେ ପର ନିନ୍ଦା ପର ଚର୍ଚ୍ଚାର ମାଧୁର୍ଯ୍ୟ ଆସ୍ୱାଦନ କରୁଛନ୍ତି... କିଏ ଓସ୍ତାଦଙ୍କ ଅମାନ୍ୟ ପାନ ବଡ଼ ଇନ୍ତଜାମର ବ୍ୟବସ୍ଥାରେ ବ୍ୟସ୍ତ... ଉଚ୍ଛୃଙ୍ଖଳ ଅବସ୍ଥା ନ ହେବା ପ୍ରତି ସାବଧାନ ରହିବେ ... ଉଦ୍ଦେଶ୍ୟ ହେଉ ବା ଅଧ୍ୟବସାୟ ହେଉ sincere କାର୍ଯ୍ୟ କରୁ ଉତ୍ସବରେ ଯାହା କହିବାର କରନ୍ତୁ... ବୋକେଇଲା ପିଲାଙ୍କୁ ଶିକ୍ଷା ଦେବେନାହିଁ, ବରଂ ତାକୁ ଶୋଇବାଲାଗି ବ୍ୟବସ୍ଥା କରିଦେବେ—ଯେ ବୋକେଇଲାଣି ତା' ମଥାରେ କିଛି ପଶିବ ନାହିଁ; ଅଗତ୍ୟା ବୃଥାରେ ସ୍ୱାସ୍ଥ୍ୟହାନିର ପ୍ରୟୋଜନ ନାହିଁ— ତବଲଚି ହେଲେ ସ୍ୱରଜ୍ଞାନ ହେବାକୁ ଅଧିକ କାମ୍ୟ— ହାରମୋନିୟମ୍ ପିଆନୋ ତବଲା ଠାରୁ ଭଲ... ତବଲା ସାଙ୍ଗରେ ଶବ୍ଦରେ କଣ୍ଠସ୍ୱର ବୁଡ଼ିଯାଏ... ପିଆନୋରେ ସେ ଭୟ ନ ଥାଏ, କିନ୍ତୁ ସ୍ୱର ସାଧନାରେ ବେହେଲାହିଁ ସର୍ବୋତ୍କୃଷ୍ଟ — ଅବଶ୍ୟ ବେହେଲା ବାଦକ ଖୁବ୍ ଦକ୍ଷ ହେବା ଆବଶ୍ୟକ, ନୋହିଲେ ତାଙ୍କର ଯେବେ ଟିପ ବା ସ୍ୱର ଜ୍ଞାନର ଭ୍ରମ ହୁଏ ତେବେ ଶିକ୍ଷାର୍ଥୀ ମଧ୍ୟ ବଡ଼-ସୁର ବହିଯିବେ...

ପରବର୍ତ୍ତୀ ସଂଖ୍ୟାରେ ସ୍ୱର ସାଧନ ପଦ୍ଧତିର ବିବରଣୀ ସ୍ୱର ଗ୍ରାମ ହେଉ... ସମ୍ବାଦ ଓ ତାନ ସଂକ୍ରାନ୍ତ ନାନା ପ୍ରସଙ୍ଗର ଅବତାରଣା କରିବୁଁ।

## ଚାଞ୍ଚଲ୍ୟକର ଖବର !

ପରଖେ ନିବେକି ?

ଅଷ୍ଟ୍ରିଆ ଦେଶର ଜଣେ ବୈଜ୍ଞାନିକ ଗୋଟିଏ କ୍ଷୁଦ୍ର ରଶ୍ମିର ପନ୍ଥ ଆବିଷ୍କାର କରିଛନ୍ତି, ଯାହା ଗଳାଇ ଦେଲେ ଯେ କୌଣସି ପଦାର୍ଥ ଅନ୍ତରେ ଥୋଇ ଦେଲେ, ସେ ପଦାର୍ଥଟି କୁହୁଡ଼ି ପରି ପାଖରେ ଥିବା ଲୋକଙ୍କୁ ଅଦୃଶ୍ୟ ହୋଇଯାଏ। ଏହା ସାହାଯ୍ୟରେ ମଣିଷ କି ଭୂତ ବା ଭାନୁମତୀ ପରି ଉଭାଇ ପିବ। ଶ୍ରେୟ ଡକାଇତଙ୍କର ତ ପୋବାର। ଯୁଦ୍ଧରେ ନ ଲଗାଇଲେ ରକ୍ଷା।

\+ + +

ମିଶର ଦେଶର ଗୋଟାଏ ଲୋକ ଡାକ୍ତର ଖାନାରେ ଅପରେସନ କରିଥିଲା। ସେଥିରୁ ଭଲ ହୋଇ ତାର ଜଣା ହେଲା ଯେ ସେ ଦିନକୁ ଦିନ ଲମ୍ବ ବଢ଼ି ଯାଉଛି। ଚଉଠ ଦିନ ଭିତରେ ଏଗାର ଫୁଟ ଲମ୍ବ ହୋଇଗଲାଣି, ଓସାରରେ ଏହା ବଢ଼ିନାହିଁ। ଏଥି ପାଇଁ ସେ ପୁଣି ହସ୍‌ପିଟାଲରେ ବଡ଼ ଚିକିତ୍ସା ହେଉଛି। ତା ପାଇଁ ୧୪ ଫୁଟ ଲମ୍ବା ଖଟିଆ ତିଆର ହେଉଛି। ଡାକ୍ତରଙ୍କର ଅକଲ ଗୁଡ଼ୁମ।

\+ + +

ଯୁଗୋସ୍ଲାଭିଆ ଦେଶରେ ଜଣେ ଲୋକ ତାମସା ଦେଖାଇବା ପାଇଁ ଜୀବନ୍ତ ବେଙ୍ଗ ମୂଷା, ସାପ, ବଟଳିର ଇତ୍ୟାଦି ଭଙ୍ଗା ଶିରୀଜ ଖାଇ ଯାଉଛି। ଦେଖିବା ପାଇଁ ଲୋକେ ଜମା ହେଉଛନ୍ତି ଓ ପଇସା ଦେଉଛନ୍ତି। ପେଟ ପାଇଁ ମଣିଷ କଣ ନ କରି ପାରେ !

\+ + +

ଗୋଟାଏ ଲୋକ ଗ୍ରୀସରେ ଟଗିଗୁ ଭିତରେ ଗଛରେ ଚଢ଼ି ଫଳ ଶ୍ରେୟ କରୁଥିଲା। ଡାଳରେ କାଇ ବସା ହୋଇଥିଲା। ସେ ଡାଳଟି ଭାଙ୍ଗିଗଲା ଓ ଶ୍ରେୟ ତଳେ ପଡ଼ିଯାଇ ତାର ଦୁଇ ଗୋଡ଼ ଖୋଟା ହୋଇଗଲା। ଏତେ ତ ଶ୍ରେୟ, ତହିଁରେ ଗୋଡ଼ ଗଲା ଭାଙ୍ଗି। ତାଙ୍କ ପାଣ୍ଡୁଶ ନା ପଟେଇ ପାରୁଛି। ତାର ଗୁଡ଼ାକ ଏହି ସମୟରେ ତା ଦେହ ଯାକ ଚରିଯାଇ ଉପରିଠ କାମୁଡ଼ିଲେ ଯେ, ଲୋକଟା ପ୍ରାଣ ଛାଡ଼ିଗଲା। ଶ୍ରେୟ ସାବଧାନ !

Digitized by srujanika@gmail.com

# ୪ର୍ଥ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା ।

୧୦ଙ୍କା ପୁରସ୍କାର! 'ଡଗର' ପାଠକମାନେ ପାଇପାରିବେ । ଟ ୧୦ ଙ୍କା ପୁରସ୍କାର!

## ସିଧା ଭାବରେ

୧ । ଡଗର ଶବ୍ଦଧନ୍ଦାରେ ପୁରସ୍କାର ପାଇଲେ ଯାହା ହୁଏ ।
୪ । ସେ ଏହା ନକଲେ ସେ ମଣିଷ ନୁହନ୍ତି ।
୬ । ଏଥିରେ ପଡ଼ିଲେ ସବଳ ଲୋକ ମଧ ଅନେକ ସମୟରେ ଉଠି ପାରେ ନାହିଁ ।
୮ । ମିଠେ ବଚନ ଦଏ ।
୯ । ବର୍ତ୍ତମାନ ପତ୍ରଗୁଡ଼ରେ ସଂବାଦିକମାନେ ଯାହାକୁ ଡର ଯାଉଛନ୍ତି ।
୧୧ । ଏମାନେ ଅସୁରମାନଙ୍କୁ ଅକ୍ଲେଶରେ ଜୟ କରୁଥିଲେ ।
୧୨ । ସମସ୍ତଙ୍କୁ ଯିଏ ଆନନ୍ଦ ଦଏ ।
୧୪ । ଏସବୁ ହୋଇ କାର୍ଯ୍ୟ କଲେ ଫଳ ମିଳିଥାଏ ।
୧୬ । ସୋଡ଼ିଏ — ସନ୍ତୁଦନେ ଭୋଗ କରେ ନାହିଁ ।
୧୯ । ଛକଣ ନ କଣି ଟଙ୍କା ଉଠାଇଲେ ଦୋକାନମାନେ ଯାହା କହନ୍ତି ।
୨୦ । କେତେକ ଲୋକ ଏହା ନକଲେ ଭଲ ମନ୍ଦ ବଝି ପାରନ୍ତି ନାହିଁ ।
୨୧ । ପୁଅଦଅ ଛନଣ ।



ନାମ ——————

ଠିକଣା ——————

## ଉପର ତଳ ଭାବରେ

୧ । ଅଳମ୍ବ ।
୨ । ପ୍ରତ୍ୟ ଜିକଂରେ ବୃତ୍ତାନ୍ତ ଏହା ହୋଇଥାଏ ।
୪ । ସୂର୍ଯ୍ୟଙ୍କର ଅନ୍ୟ ନାମ ।
୫ । ଏ ପଦ ପାଦଗମ୍ଭ ଛାତ୍ରମାନଙ୍କର ସାହାଯ୍ୟ ।
୬ । ଏହା ବହନ କଲେ ଶରୀର ହୃଷ୍ଟ ପୁଷ୍ଟ ହୁଏ ବୋଲି ଅନେକାନେକ ମଧ୍ୟ କେତେକ ହିନ୍ଦୁ ବିଶ୍ୱାସ କରନ୍ତି ।
୯ । ଦୁଷ୍ଟମତ ଲୋକର ଯାହାଙ୍କ ବସ୍ତୁ ନଥାଏ ।
୧୦ । ଏହା ଛକୋଡ଼ି ଅକ୍ଷରକୁ ସଜାଇ ଦେଲେ ପାଠଲେ 'ନଗର' ହେବ ।
୧୩ । —ବ୍ୟବହାର କଲେ ପ୍ରାଣୀମାନେ ଶାନ୍ତ ହୁଅନ୍ତି ।
୧୫ । ଭଲାବଗ ସୁନ୍ଦରର ଯାହା ଅତି ଶୋଭାଯାଏ ।
୧୬ । ଏ ଲୋକ ହଠାତ୍ ମସିଆ ଦେଖାଯାଏ ନାହିଁ ।
୧୮ । ଦାନ୍ତ ଦେଖରୁ —ରୋଗ ହୁଏ ।
୧୯ । ଛନ୍ଦ ବାନ୍ଧି ଖଡ଼ରେ ଦେଇ ସେଥିରେ ଏ ପ୍ରକାର ଶୁଷ୍କ ଖାଦ୍ୟ ପ୍ରସ୍ତୁତ କରାଯାଏ ।

ପ୍ରବେଶିକା ଫିସ୍ — ମନଦେଇ ପଢନ୍ତୁ! — ଶେଷ ତାରିଖ

ଏକ ଅଣା ମାତ୍ର — ୪ର୍ଥ ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ । — ୨୦ । ୧ । ୩୮

ଉପର ବକ୍ସରେ ଯେଉଁ ଘରେ ନମ୍ବର ଥିବ ସେଠାରୁ ଆରମ୍ଭ କରି ପର ଘରେ ଗୋଟିଏ ଲେଖାଏ ଅକ୍ଷରେ ବସି କଳା ଥିବା ଘର ପାଖେ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇ ପାରେ । ଶବ୍ଦଗୁଡ଼ିକର ବ୍ୟାଖ୍ୟା ତାର ପାଖରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାକୀ ଘର ଖାଲି ଘର ଗୁଡ଼ିକୁ ପୂରଣ କରିବାକୁ ହେବ । କେତୁ ଗୋଟିଏ ନମ୍ବରରେ ଯୋଡ଼ିଏ, ତେଣିକି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆଯାଇ ଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିନ୍ତାରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ଧନ୍ଦାର ଠିକ୍ ଉତ୍ତର ଯାହା, ତାହା ସିଲ୍ କରି ହୋଇ ସମ୍ପାଦକଙ୍କଠାରେ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳି ଯିବ ସେ ପ୍ରଥମ ପୁରସ୍କାର ୫୦୧ ପାଇବ । ଏକ ବା ତତୋଧିକ ଭୁଲ ଥିବା ଉତ୍ତର ଦାତାମାନଙ୍କୁ ଗୁଣାନୁସାରୀ ବାକି ଟଙ୍କା ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ଠିକ୍ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପୁରସ୍କାର ମିଳିବ । ଯେ କୌଣସି ଲୋକ ପ୍ରତିଯୋଗୀତାରେ ଯୋଗ ଦେଇପାରେ । ଗୋଟିଏ କୁପନରେ ଗୋଟିଏ ପ୍ରକାର ଉତ୍ତର ଦିଆ ଯାଇପାରିବ । ଡଗର କୁପନ ବାହାରେ ତହିଁରେ ଗୋଟିଏ ଉତ୍ତର ଦେବା ବ୍ୟକ୍ତି ସାଧା କାଗଜରେ କୁପନ ନକଲ କରି ଯେତେଇଚ୍ଛା ସେତେ ସମ୍ଭବଣୀ ଉତ୍ତର ଦେଇ ପାରିବେ । କିନ୍ତୁ ପ୍ରତ୍ୟେକ ଉତ୍ତର ପାଇଁ ଏକଅଣାର ପୋଷ୍ଟେଜ ଷ୍ଟାମ୍ପ ପଠାଇବାକୁ ହେବ । ୧୯୩୮ ମସିହା ଜାନୁଆରୀ ୨୦ ତାରିଖ ସନ୍ଧ୍ୟା ପାଞ୍ଚଟା ମଧ୍ୟରେ ସମସ୍ତ ଉତ୍ତର 'ଡଗର ଅଫିସ, କଟକ' ଠିକଣାରେ ପହଞ୍ଚିବା ଆବଶ୍ୟକ । ଲଫାପା ଉପରେ '୪ନମ୍ବର ଶବ୍ଦଧନ୍ଦା' ଏବଂ ପ୍ରେରକଙ୍କ ନାମ ଓ ଠିକଣା ମଧ୍ୟ ଲେଖିବା ଦରକାର । ଏ ଧନ୍ଦାର ଉତ୍ତର ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନଙ୍କର ନାମ ଓ ଠିକଣା ୨ୟ ସଂଖ୍ୟା ଡଗରରେ ବାହାରିବ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ସ୍ଥଳେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । ଉପର ଲିଖିତ ନିୟମାନୁଯାୟୀ ଯଦି ନଥିବା ଉତ୍ତର ଅଗ୍ରାହ୍ୟ ହେବ ।—

ସମ୍ପାଦକ

Digitized by srujanika@gmail.com

## ଓ ଜଷ୍ଟର ଶବ୍ଦଧାରା ସମ୍ବନ୍ଧରେ ସତେ ଅଟେ । ( ପୂର୍ବ ପ୍ରକାଶିତ ପରଠାରୁ )

୧୧ ନମ୍ବର ସିଦ୍ଧାନ୍ତରେ—ବନ୍ୟା ବା ବନ୍ଧୁ ଭୁଲ ହୋଇଛି, କାରଣ ବର୍ଷା ହେଲେ ଜଳାର୍ଣ୍ଣବ ହୁଏ ନାହିଁ । କିନ୍ତୁ ବନ୍ୟା ଓ ବନ୍ଧୁ ଏକ ଅର୍ଥ ସୂଚକ ପଦ ହୋଇ ଥିଲେ ମଧ୍ୟ ବ୍ୟବହାର ହୋଇଥିବା ବ୍ୟାଖ୍ୟାର ଦ୍ୱାରାକୁ ଭଲରୂପେ ଦେଖିଲେ ବୁଝାପଡ଼ିବ ଯେ ବନ୍ଧୁ ବେଶୀ ଉପଯୋଗୀ । କାରଣ ଶ୍ରୀ ଭଗ୍ନ ଦକ୍ଷିଣ ଭାଗିକ ଶବ୍ଦ ବ୍ୟବହାର କରିବା ସଙ୍ଗେ ସଙ୍ଗେ ବନ୍ୟା ଶବ୍ଦ ବ୍ୟବହାର କରିବା ଉଚିତ ।

୧୩ ନମ୍ବର ଉପର ତଳରେ ଦେଖାଯାଏ ଯେ ଅର୍ଚ୍ଚନା କେବଳ ନାକଦ୍ୱାର ବାହାରେ କାରଣ ନାସା ବା ନାକ ଦେଇ ଅର୍ଚ୍ଚନା ବାହାରେ ନାହିଁ; ନାସା ରନ୍ଧ୍ର ଦେଇ ସିଦ୍ଧାଣି ବା ଅର୍ଚ୍ଚନା ବାହାରି ଥାଏ ।

୧୪ ଉପର ତଳ କାଗଜର ଶବ୍ଦ ଏବଂ ଶାନ୍ତ (ମହାଜନ) ହେବାର କଥା । ମହାଜନର କୋଠଦୃଷ୍ଟି ପଡ଼ିଲେ ଘରଦ୍ୱାର ଧନ ରହି ଯାଏ ମାତ୍ର ସନ୍ତର କୋପଦୃଷ୍ଟି ପଡ଼ିଲେ ସବୁ ଯାଏ—ଏପରିକି ମନୁଷ୍ୟ ମଧ୍ୟ ମରିଯାଏ ।

୧୬ ଉପର ତଳରେ, ଗଳା, ଗର୍ଦ୍ଦି, ଗର୍ଭ, ପ୍ରକୃତ ଅନେକ ଉତ୍ତର ମିଳନ୍ତି । ଗର୍ଦ୍ଦି ଓ ଗଳା ଏହି ଦୁଇଟି ବେଶୀ ଉପଯୋଗୀ ବୋଲି ମନେ ହୁଏ । ମାତ୍ର ଗଳା ଯେପରି ଦେହ ମୁଣ୍ଡ ଦୁଇଟି ବିଶିଷ୍ଟ ଅଙ୍ଗର ସଙ୍ଗମସ୍ଥାନ, ଗର୍ଦ୍ଦି ସେପରି କୌଣସି ବିଶିଷ୍ଟ ଅଙ୍ଗକୁ ସଙ୍କେତ କରୁନାହିଁ ।

୧୭ ଛିଆ ବାଗରେ, ବାହୁଟି ଓ ମଣ୍ଡୁଡ଼ ଦୁଇଟି ହୁଏ । ମଣ୍ଡୁଡ଼ ହେଲେ ୧୭ ନମ୍ବର ଉପର ତଳରେ ମଧ୍ୟ ହୁଏ ଏବଂ ୧୮ ନମ୍ବର ଉପର ତଳରେ ଢଙ୍କା ହୁଏ । ମାତ୍ର ବ୍ୟାଖ୍ୟାକୁ ଦେଖିଲେ ସ୍ପଷ୍ଟ ବୁଝାଯାଏ ଯେ ବାପି ଓ ଢଙ୍କା ଦୁଇଟିଯାକ ଶବ୍ଦ ସେଠାରେ ସେପରି ସୁନ୍ଦର ହେଉନାହିଁ । କାରଣ ଧଳା ଜାଗାରେ ଭାଳ ପଡ଼ିଲେ ଜଳଜଳ ଦିଶେ, କଳକଳ ଦିଶେ-ନାହିଁ । ଧଳା ଲୁଗା ବାଧୀ ହେଲେ ଜଳଜଳ ଅର୍ଥାତ୍ ନିର୍ମଳ ଦେଖାଯାଇଥାଏ । ୧୮ ନମ୍ବରରେ ମଧ୍ୟ ଢଙ୍କା ହେବ ନାହିଁ । କାରଣ ଢଙ୍କା 'ଢଙ୍କା ପଡ଼ାଇବା' ବୁଝାଯାଏ—ଢଙ୍କା କରିବା ବୁଝାଯାଏ ନାହିଁ । ବରଂ ଟୀକା କରିବା ବୁଝାଯାଏ । ପୁନଶ୍ଚ ମଣ୍ଡୁଡ଼ ନହୋଇ ବାହୁଟି ହେବା ଉଚିତ ।

୧୯ ନମ୍ବର ସିଦ୍ଧାନ୍ତର, ଘଷି, ରଗି, ଚୁଚି ଭିତରୁ ରଗିଲେ ଲୁହ ଲାଗିଲେ ଜଳକୁ ଚହଟିବା ସମ୍ଭବ । ଚୁଚିଲେ ଲୁହ ଲାଗିଲେ ସବୁ ଜଳ ଚହଟିବା ସମ୍ଭବ ନାହିଁ । ମାତ୍ର ଘଷି ଓ ଚୁଚିଲେ ଲୁହ ଲାଗିଲେ ଲିଭିଯାଏ । ବହୁ ଦୋକାନ ମାନଙ୍କରେ ଘଷିଲେ ଲୁହ ଲାଗିବା ଅନେକ ଦେଖିଥିବେ ।

୨୦ ନମ୍ବର ସିଦ୍ଧାନ୍ତ—ଢାଳ ଦେବାକୁ କୌଣସି ଅନୁମତି ଦିଆଯାଇ ନାହିଁ—'ଢାଲ' ଦେବାକୁ ଅନୁମତି ଦିଆଯାଇ ନେଣ୍ଟ୍ ବାଲ ସ୍ଥାନରେ ବାଲି ହେବା ଯୁକ୍ତି ସଙ୍ଗତ ।

---

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

## ବୃହତ୍ କନ୍ଦର୍ପ ମୋଦକ

ଏହା ଭିତରେ ଧାତୁ ଗାଢ଼ କରାଏ ଏବଂ ବଳ, ଧାରଣା, ରତିଶକ୍ତି ବୀର୍ଯ୍ୟଶକ୍ତି ଆଦି ଶୀଘ୍ର ବଢ଼ାଇ ଦିଏ ।

| | | |
|---|---|---|
| ମୂଲ୍ୟ | ପୋ୧ରଣ୍ଟୁ | ଟ ୬ ୮ |
| ,, | ପୋ୦୪ରଣ୍ଟୁ | ଟ ୩ ୪ |
| ,, | ପୋ୦ ଲୁ | ଟ ୨ ୮ |

ଭି: ପି: ରେ ଔଷଧ ପଠାଯାଏ ।

ଠିକଣା

କବିରାଜ ଶ୍ରୀ ରାମଚନ୍ଦ୍ର ମିଶ୍ର ଏଲ୍. ଏଚ୍. ଏମ୍. ପି

ଦରିଦ୍ର ବନ୍ଧୁ ଔଷଧାଳୟ

ଶପର ପଡ଼ା

ପୋ : କୋଠାର

ଜି : ବାଲେଶ୍ୱର

ବଡ଼ଦିନ ଉପଭୋଗ

## ପାରାଡାଇସ୍ ହୋଟେଲ

ଏକମାତ୍ର ଶ୍ରେଷ୍ଠ ଓ ବିଶୁଦ୍ଧ ଓଡ଼ିଆ ହିନ୍ଦୁ ହୋଟେଲ

ଖୁଣ୍ଟଫଳ ଗଞ୍ଜ [ କଟକ ]

ଏଠାରେ ସାଧାରଣ ଭଦ୍ରଲୋକମାନଙ୍କଠାରୁ ଆରମ୍ଭ କରି ଅତି ଶ୍ରେଷ୍ଠ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି । ଏପରି କି ଏ ସହରରେ ଏପରି ଉଚ୍ଚ ଦରର ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ପଙ୍ଖା, ଗାଇପି ପାଣି ଓ କାଠ ଚେୟାର, ଟେବିଲ୍ ଉତ୍ତମ ଖଟ ଇତ୍ୟାଦି ଦରଦ ଅନୁଯାୟୀ ଯୋଗାଇଦିଆଯାଏ । ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ ହୋଇଥାଏ । କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ କାନନଗୋ

FOR ALL SORTS OF

# MEDICINES

PLEASE COME TO

**CROWN MEDICAL HALL, RANIHAT CUTTAK.**

Digitized by srujanika@gmail.com

ରାବଣ —ଭାରତ ଜନତାର ଅଧୀଶ୍ୱର ।
ମେଘନାଦ— ରାଜପୁତ୍ର crown prince
ଅତିକାୟ— ,, (ଲାଳିତ)
ଅକ୍ଷୟ କୁମାର—,, (ପାଳିତ)
ରାମଚନ୍ଦ୍ର—ମହାତାପୀ କ୍ଷତ୍ରିୟ ରାଜପୁତ୍ର ।
ଲକ୍ଷ୍ମଣ—ରାମ ଭକ୍ତ ।



ଜାମ୍ବବାନ —ବୃଦ୍ଧ ଭଲ୍ଲୁକ ପତି ।
ହନୁମାନ—ଲଙ୍କାପୋଡ଼ା କପି ।
ଇନ୍ଦ୍ର—ଐରାବତ (ହସ୍ତୀ) ପତି ।
ବରୁଣ, ଡାକଦେମୀ, ଚଳ, ନଳ, ଗୟ-ଗବାକ୍ଷ
ଅଙ୍ଗଦ ପ୍ରମୁଖ ଅନେକ ସ୍ୱଦେଶୀମାନଙ୍କ ଉଦ୍ଦେଶରେ
ପରନ୍ତୁ ଶ୍ରୀ ।

# ନବରାମାୟଣ

## ଫୋଞ୍ଜୁଆ କାଣ୍ଡ

(କପିବର ହନୁମନ୍ତ ବିରଚିତ)

ଶୁଣିଲେ ଗୋ ଦମୟନ୍ତି ଏଙ୍କ ବିଡ଼ମ୍ବନା !
ଘୋଟେଇ ଯାଉଛନ୍ତି କଥା ଉଡ଼ନ୍ତ କଳ୍ପନା ।
Pegasus ପକ୍ଷୀରାଜ ଶୂନ୍ୟମାର୍ଗ ଯାନ୍ତ,
ଏଥା ଗାଡ଼ିଟେ କେଉଁଠା ରୁଜି ପଡ଼ୁଛନ୍ତି ଚଗ୍ଲିଣ ?
ଉଷ୍ମରେ ପାଉଛନ୍ତି ଛୁଞ୍ଚି ଥୋଳା ଥୋଳା ବର୍ଫ
ଜଳପର ଧାରା ଜମି ହେଉଛି ବରଫ ।
ଭୋ ପଦ-ସେବକ ଯେବେ ହୋଇ ହଟହଟା,
ମଝି ବାଟେ ଗଣ୍ଡା ଖାଇ ହେବ ଚୂର୍ଣ୍ଣି ଜଟା,
ତଥାପି କାହିଁକି ତୋର ଅଣ୍ଡା ନେବ ଅଗ,
ଦୂନଅରେ ବନ୍ଧୁଙ୍କ ଜବଡ଼ାବ ଭାଜ ?
ନାକରେ ପୂରାଇ ଭାଠେ ଥରେ ମାନ ଛୁଙ୍କି,
ଯୋପାଏ କରୁଣା ଏଣେ ଦେଖୁ ଯେବେ ଫିଙ୍କି,
ତବର ସୁନ୍ଦର ବୀଣା ଉଠିବଟି ଟେଙ୍ଗ,
ଶିବରେ ନାଚିବେ ବାରେ ଧେଇ ଧେଇ ୨ ।

ଏମନ୍ତେ ସୁଗ୍ରୀବ ସଙ୍ଗେ ବୀରବାର ବୃନ୍ଦ,
ଟେଣ୍ଟା ଖୁଜଣିରେ ଯାଇ ଶୋଇଲେ ଟେଙ୍ଗାଏ;
ବେବଲ ପଂଖାଏ ଟେଇଁ ହୋଇ ଫୁସ୍‌ଫାସ୍
ଖସ୍‌ଖାସ୍ ଘଲେ ଗଳି ଜମ୍ବୁକ ଶିବରେ ।
ଅପଣା ଗଛିଅ ପରେ ଡ଼ହିଁ ଜମ୍ବୁବାନ୍
ଅନ୍ତର ବେଦନା ଉଚ୍ଚ
ଚନ୍ଦନ-ଘନ ସଙ୍ଗେ କରୁଁ କରୁଁ ସେମନ୍ତନ
ମେନ୍ଥଲ (menthol) ଲଗାଇ ଥିଲେ
ଥୋଉ ଚଉପାଶେ ।

ଜାତା ହୋଇ ଭକ୍ତଗଣ ଉଷାପେ ଉଠନ୍ତି,
'ସ୍ୱସ୍ତି ୨' ଲୋକେ କେତେ ବୋଲେ 'ଜନ୍ତୁ' 'ଅହା'
କେ ଯାଇ ଅର୍ଚ୍ଚେ ପେ କେଶ, କେ ଗୁପେ ଚରଣ
(ପିଷ୍ଟ ବାହାଣିରେ ଯଥା ଜଳେ ମଖା ମଣି)

ମାଲିସି କରଇ କେତେ ଗନ୍ଧମ ମାଲିଶ ।
ଜଣେ ବୋଲେ 'ଡୁଅନ୍ତାଙ୍କ ଏକଣା ନମ୍ବର
ଓ୍ୟାନ୍'
ଅନ ବୋଲେ 'ଛି-ଛି—ଟେସ ଯେ ବିଦେଶୀ
ସପୃଡାନ୍ ।'

"ହାସମ୍ ହାସମ୍" ବୋଲି ଉଚ୍ଚେ ଜମ୍ବୁବାନ୍,
କର୍ଣ୍ଣେ ହସ୍ତ ଦେଇ ବଲେ ନିବାର ସଲାମ ।
ପୁଣି କେତେ ବୋଲେ ତେବେ ଅଫିମ ବକଟେ
Internally, externally ଦୁଅନ୍ତା
apply
'ତୋବା, ତୋବା' ବୋଲି ଉଡ ଖାଇଣ
ହୁଙ୍କୁଣି
ଘସିଲେ ସବେଶେ ଚକ୍ଷୁ ଭାତି ଡମା ଡମା,
"କିଏସେ। ଭଡ଼ୁଲ—ପୁଣି ଧଇଲା ମୋ ଅଗେ
ଅ—ଅଦ୍ୟ ଅଭଥ୍ୟ ନାମ—ଉଚ୍ଚାରିଲେ
ଯାହା,
ଲାଗଇ ଝଷମ ପାପ, ପ୍ରାୟଶ୍ଚିତ୍ତ ଯାଇ
ଏକବିଂଶ ଦିନ ବ୍ୟାପୀ ଅନସନ ବ୍ରତ ।
ସକଳେ କହିଲେ ଉଠି shame shame
shame

ତହୁଁ ଜଣେ କହେ ଅଣା ଯାଉ 'ପଞ୍ଚଗୁଣା'
ଅନ କହେ 'ହୁଲିଂ ବାମ' ତହିଁରୁ ପୁରୁଣା,
"ଠୋ—ଠୋ" ଉଠିଲା ହାସ୍ୟ ରୋଳ
ଘନ ଘନ,
ଦୁଲ୍‌କାର ନାସ୍ତିକ ଗର୍ଜନ
ଦମକା ପବନ
ତଷ ଦେଣେ ସନ ସନ ଉଠିଲା ରହଲ ।
'ଶାନ୍ତି, ଶାନ୍ତି' ବୋଲି ତହୁଁ ସ୍ୱପନ୍ତେ
ଜାମ୍ବେବ,

ନିଦ୍ରୁମ, ନୀରବ ହୋଇ ରହିଲେ ସକଳେ ।
ଯେତେ ବୋଲେ ଡୁଅନ୍ତାଙ୍କ ପାଚକ ଟେଲାଏ,
ମଦିଅ କନନ୍ନା ପୁଣି ଶାନ୍ତ ଫହାରଣୀ,
ସୁନାଦ୍ରା ବାରଣୀ ଅଙ୍ଗ ବ୍ୟଥା ନିବାରଣୀ,
ଅବଧ ଦୋଷଖଣ୍ଡ ପାଣି ସରନ-ସାରଣୀ ।
ଅନ ବୋଲେ 'ନାହିଁ ନାହିଁ—ଅତ ଅଣ୍ଡାଶନ,
ଗରମା ଗରମ ଚିନ୍ତା ବେଢ଼ା ଏହିକାଳେ ।
ଟିକିଏ Pick me up,—
ଟପକର ଅଣ ପାଇ ଗୁ ଏକ କପ୍,
ଅଉ ଚପ୍, ସାମ୍‌ଲେଟ ଖଣ୍ଡ ଦୁଇ ଗୁଣ୍ଡ'

ଜମ୍ବୁ—
ନାହିଁ ନାହିଁ ବୃଥାଟାରେ ଦରକାର ନାହିଁ,
କର୍ଣ୍ଣମୂଳ ଭରେ ହଂ ହାଇଁ,
ଦନ୍ତେ ବ୍ୟଥା ହେଉ ତାହା ପାଇବଛ ଖାଇ ?

ଏ ଅନ୍ତେ ସୁଷେଣ ବୈଦ୍ୟ, ଧନ୍ୱନ୍ତରୀ ସୁତ,
(କପି ହେଲେ ମଧ୍ୟ ଯେଣ୍ଟୁ ବୈଦ୍ୟଶାସ୍ତ୍ର ଜ୍ଞାତେ,
Feild surgeon ଉଇଟିରେ ଅସିଥିଲେ
ତହିଁ ।)
ନାଡ଼ି ଧରି ଅଙ୍ଗ ଦୁକ ସ୍ୱପନ୍ତ ସର୍ବାରେ—

ସୁଷେଣ—
Injuryଟା ଭଲ୍ଲୁ ନୁହେଁ, superficial,
Mental strain ଓ ତହିଁ ସଙ୍ଗେ ଅଛି
worry;
ଏକ୍ଦମରେ systemଟା ବିଲ୍କୁ
run down—
ଟନିକ୍ ଗୋଟାଏ ଦେଉଛି—strong
ରକମର ।

Digitized by srujanika@gmail.com

ଏହା ତନ୍ତୁ ବୈଦ୍ୟ ରାଜ ଚୁଷକେ ଲଭନ,
ସବଳେ ଥାଁ ପାଟି ହୋଇ ଗୃହୁଁରେ ସେହିପରି
ତନ୍ତୁ ସ୍ୱଗମୀରେ ବୈଦ୍ୟ ବୋଲନ୍ତି ଏସନ-

ସୁଷେଣ—
Okasa ର course ଟାଏ—ମାତ୍ର ସେ ବିଦେଶୀ,
ତା ଠାରୁ ଢୁଅନ୍ତା ଭଲ 'ମୃତ-ସଞ୍ଜୀବନୀ'—
'ଶକ୍ତି'ର କଳ୍ପିତ ଯାହା, ଡୋଫା ଶକ୍ତିମନ୍ତ୍ରୀ—
ସ୍ୱଦେଶୀ labour ଅଉ ବିଦେଶୀ capital
ଦେଶୀ ମାଲ୍ ମସଲାରୁ ହୋଇଛୁ brewed
ଅଯୁର୍ବେଦ method ରେ ଖାଣ୍ଟି indigenous
ପୁଣି ବଡ଼ ବଡ଼ ଦେଶୀ ନେତା ପ୍ରଶଂସିତ ।
ବିଲକୁଲ୍, କପଟ ତାହା ନାହିଁ ଗଦଡ଼ ।

ଜାମ୍ବୁ—
ଧନ୍ୟ ବୈଦ୍ୟରାଜ, ମାତ୍ର ଯେବେ ହେଲେ 'ସ୍ୱର୍ଗ'

ସୁଷେଣ—
ସେଥିପାଇଁ ତ ଏହା ଏତେ ମୂଲ୍ୟବାନ,
ଶ୍ରବଣ ବୃନ୍ଦେ ଦଅଇ ଅପ୍ରାପ୍ୟ,
ବଡ଼ୁଅଛୁ ତେଣୁ 'ସ୍ୱର୍ଗ' ନାମ,
ଧର୍ମ, ଅର୍ଥ, କାମ, ସୁଧା ମୋକ୍ଷ,
ସ୍ୱର୍ଗ ଦାୟିନୀ ଦେବୀ ସେବ ବିଜୟିନୀ ।

ଜାମ୍ବୁ—
'ସ୍ୱର୍ଗ' ଛଡ଼ା 'ସୁଧା' ତାହା ତହିଁ ସ୍ପଷ୍ଟ କର ।

ସୁଷେଣ—
ନୁହେଁ ତ ପଣ୍ଡିତ ମୂର୍ଖ, କହଅଛୁ ଯାହା,
ପାଣିନୀରେ ନାହିଁ ମୋର ଗଭୀରକୁ ସ୍ପୃହା,
ଭବକୁ ନବାଣ୍ ଖାସ୍ ଝୋଡ ଗୋଟା ଟଳଟେ,
ତେବେ ଫାର୍ମାକୋପିଆରୁ ବୁଝିଛି ଯାହାକୁ,
ଏହା ପର୍ଯ୍ୟାୟରେ ଖ୍ୟାତ 'ସୁରା' ଆଉ 'ସୁଧା'

ଜାମ୍ବୁ—
Prescription ଦିଅ ଲେଖି—ଯାଅ ତ୍ୱରା କରି,

ସୁଷେଣ—
ଅଉ ଏକ କଥା,
ସଞ୍ଜୀବନୀ ଗୁଣ ଏହା ନୁହେଁ ଲବଣାକ୍ତ,
ଶୀଘ୍ର—ସଦା ଫଳ ଦାୟୀ,
ଅପଣଙ୍କୁ କେତେ monkey-gland treatment—
ବାନର-ଗ୍ରନ୍ଥି-ଶଲ୍ୟ ଚିକିତ୍ସା ନବ ଅଦ୍ଭୁତ ।
ସ୍ୱର୍ଣ୍ଣ ତାର ଅବଶ୍ୟ ବେଷ୍ଟିତ ନିର୍ମିତ ।
ମୃତକୁ ଅମୃତ କରେ, ବୃଦ୍ଧକୁ ଯୁବକ,
ବନ୍ଧ୍ୟାକୁ ପ୍ରସୂତା, ନପୁଂସକେ ପାରବତ ।
ଉଚ୍ଛୃଙ୍ଖଳ, ଭ୍ରମର, କାକ, ପିକ, ଘୁଅଣାଳି,
ଅଲକା ଯାପାନଙ୍କ ବ୍ଲାକ ଠାରୁ ଭଲ,
ପକ୍ୱ କେଶ ଡବଡ଼ ଏ କୃଷ୍ଣ ।
ନୂତନ ଜଠର ଦନ୍ତ ବଳବନ୍ତ ହେଲ,
ସ୍ନାୟୁ ଟେଣୀ ଭରେ ଉଦ୍ଦୀପିତ ।
ରାୟୁର ନିବାଶ ସନେ ଅପୂର୍ବ ବିଳାସ,
ଅଣିଦଏ ନବଜନ୍ମ, ନୂତନ ଯୌବନ,
ପ୍ରଲୋଭନା, ଉନ୍ମାଦନା ଉତ୍ତେଜନା ପୁଣି,
ଶୈଷଣୀ, ପୋଷଣୀ ସଙ୍ଗେ ଶୋଷଣ, ପୋଷଣ
ଶାସନ, ଫାଁଶନ ଅଦ ନର୍ତ୍ତନ, କୀର୍ତ୍ତନ,
ମନ୍ଥନ, ଗର୍ଜନ, ପୁଣି ଢର୍ଷଣ, ଧର୍ଷଣ

ଜାମ୍ବୁ—
ଓଃ—ଏତେ କଥା ! ତହ ଭର ବର୍ବରର
ଉପାୟ ତାହାର,
ନିରନ୍ତର ଅଧୀର ଅନ୍ତର,
କେତେ ନବ ଅଶା ପ୍ରାଣେ ଉଠୁଛୁ ଉପୁଡ଼ି ।

ସୁଷେଣ—
ରଘୁପତି,
ନ ହୁଅ ଶଙ୍କିତ ମନ—ଏ ଅତି ଏତକ ।
ହଣି ଯେବେ ବନ୍ଧୁ କପି ହୋନ୍ତି ହତାହତ,
ଅବରତ ଚାଲ ଅଗେ ବନ୍ଦୀ ସ୍ଥଗ ବନ୍ଧ;
ତାଙ୍କ gland ମାନ କାଟୁ କରିବୁ ଯୋଗାଡ଼;
ଏବା ତେଣୁ ଅଟେ ଅଟେ ଭବ୍ଲିକା ଟ୍ରେଡ ଭର,
Mother land ପାଇଁ କେତେ gland ଅର୍ପଣାର,

ନୋହୁଥିଲେ ଟେ ଖାଉଥିବେ ତୁମ୍ ଦଶ pice,
କମ୍ବା ନେଇ ନଗଦ two pice,
ସେ ଭଲ ଇମାନ୍‌ଦାର ନଥିଲେ ତ ହେବ—
ବାଙ୍ଗଚନ୍ଦ୍ର ପଦେ ତବ ଅପଣା ବଦଳ ?
ଏଅନ୍ତେ ଡାଲ୍‌ଡାଜ ଗୃହାନ୍ତେ ଗ୍ରୈଦଗେ,
ଗରଲ, ସିମାଞ୍ଜି, ଡାଲ୍, ଓରାଙ୍ଗଓଟାଙ୍ଗ,
ଏ ଅଦ ଯେତେକ କପି ଥିଲେ ଅଖପାଖେ,
ଏକେ ଏକେ ବୁଲାଇଲେ ସେଅତେ କାଟମ୍ ।
(ଯେଣୁ ସବେ ଅସିଛନ୍ତି ହୋଇବାକୁ 'ନେଙ୍ଗୀ'
'ଦେଡା'ପାଳ ପଡ଼ନ୍ତେ ବା ଅଭିଯାଏ ହଏ ।)
ତହୁଁ ଜାମ୍ବୁବନ୍ତଙ୍କର ଚଢ଼ିଲ ଗରମ,
ହୋଇ ଥମ୍ ଥମ୍,
ବେଦମ୍ ଚୁଲିଲ ହମ୍, ଝାଳ ଗମାଗମ୍,
'ବମ୍' 'ବମ୍' ଘନ ନାଦେ ଉଠିଲେ ହୁଙ୍କାରି
ବଡ଼ ବଡ଼ ବୀରବୃନ୍ଦେ ଲାଗିଲ ଉତ୍ସବ,
ଖାଁଦେଡ଼ ଫଗ୍ୱସ ହେଲ ଓଦା ସଢ଼ ସଢ଼,
ଡାର ସ୍ତମ୍ଭ ଧଡ଼ ପଡ଼, ଉଣ୍ଟି ଘଡ଼ ଘଡ଼,
ତାହୁଁ ଶୁଣିତ ଶବ୍ଦ ପଡ଼ ପଡ଼ ।
କୋପେ ଜାମ୍ବୁବାନ ଚକ୍ଷୁ କୃଟିଲ ଦାଉଦାଉ,
ବଦନ ଓ ମସ୍ତକରେ ବ୍ୟସ୍ତ କେଶାବଳି,
ଚର୍ଚ୍ଚା ଭଲ ହୋଇଗଲେ ଛିଡ଼ା,
ହିଙ୍ଗଡ଼ ଭୁଅଲ ଯଥା ଫାଙ୍କାଇଲେ ଟେକା,
ଶକୁନ୍ତଳା ଅଭିଶାପ ଢାଳେ କି ଦୁର୍ବାଶା !

ଜାମ୍ବୁ—
ନିର୍ଦ୍ଦୟ ହାରାମ ଯାନ କୁଟିଳ ପ୍ରଭୁ;
ସମ୍ବର ଜୋଷ ଗୋଟା ଥିଲାକୁ ମୋହାରେ,
ପୁଣି ତାହା ଗୁଜନର ଯଥେଷ୍ଟ କ୍ଷମତା,
ତୁମ୍ଭଙ୍କୁ ମମତା କର ଦେଇଥିଲି ବାଣ୍ଟି,
ପରାର୍ଥେ, ଅପଣା ସ୍ୱାର୍ଥେ ଦେଇ ଜଳାଞ୍ଜଳି ।
ଅବେ ଏବେ ଅକୃତଜ୍ଞ traitor—...

ଅତ ଲେଖି, ଜାମ୍ବୁ ମୁଖେ ନସ୍ତ ବଦ ବାଣୀ,
ଖାଲ ଥିଲ ହକଟ ଗୃହାଣି
ଅଉ ବହୁଥିବ ଯାକୁ ଦୁର୍ଜନ ବେଦନ ।
ବ୍ରହ୍ମାଣ୍ଡ ବ୍ୟାପ୍ତ କାନ୍ଥ ଯାହା ପଡୁଥିବ ଚାହିଁ,
ଲାଜର ଡେଙ୍ଗର ଯଥା ଲିଣ କହାଣୀକୁ,
ଥପ ଥପ ସ୍ୱଜସ୍ର ଧାଉଁଛିବ ।

କ୍ରମଶଃ

Digitized by srujanika@gmail.com



# ନାଗବଚା ଦଳ

ପ୍ରିୟ ନାତି ନାତୁଣୀମାନେ !

ଭୁଟଗଇ ସେଥି ତମ ଭିତରୁ ତିନିଜଣ ପୁରସ୍କାର ପାଇଛ । ଏବେ ଆଉ ଗୋଟିଏ ପୁରସ୍କାର ମୁଁ ତୁମକୁ ଦେବି । ସେଥିପାଇଁ ତମକୁ ବେଶୀ କିଛି ପରିଶ୍ରମ ପଡ଼ିବ ନାହିଁ । ତମର ବେଶୀ ସମୟ ମୁଁ ନେବି ନାହିଁ । ତମେ ଖାଇ-ସାରି ଶୋଇବା ଆଗରୁ ବିଛଣାରେ ପଡ଼ି ଏପାଖ ସେପାଖ, ଏବଂ ସେ ଜଡ ହୋଇ ନିଦ ନ ଆସିବା ଯାଏ ଏଣୁ ତେଣୁ ଅବଲ ତାବଲ କି କ'ଣ ଗପୁଥାଅ । ତେବେ ତମେ ଆଉ ଟିକିଏ ନିଜର ନିଜକୁ ଗୋଟାଏ ଗୋଟାଏ ମନ୍ତ୍ରୀ ବଡ଼ ଲୋକ ଭାବନାଅ । ମନେକର ସକାଳୁ ଉଠିଲା ବେଳକୁ ତମକୁ ଅବକାଳ ଓଡ଼ିଶା ଭଳିଆ ଗୋଟାଏ ଗୋଟାଏ ଦେଶରେ ପ୍ରଧାନମନ୍ତ୍ରୀ କରିଦିଆ ଯାଇଛି । ସେପରି ଅବସ୍ଥାରେ ତମ ଦେଶର ଭଲ ପାଇଁ ତମେ ସବା ଆଗେ କ'ଣ କରିବାକୁ ଯିବ ? ଯିଏ ସବୁଠାରୁ ଭଲ କଥା ଲେଖିଦେବ ସେ ଗୋଟିଏ ରୂପା ପଦକ ପୁରସ୍କାର ପାଇବ । କେବଳ ଏଇଥରପାଇଁ ଯେଉଁମାନେ ନାଗବଚ୍ଚ ହୋଇ ସାରିଛନ୍ତି ସେମାନେ ଆଉ ଯେଉଁମାନେ ନାଗବଚ୍ଚ ହେବାକୁ ଇଚ୍ଛା କରିଛନ୍ତି ସେମାନେ ଏଥି ପ୍ରତିଯୋଗିତାରେ ଯୋଗଦେଇ ପାରିବେ । ଏହା ପରେ ନାଗବଚ୍ଚ ହୋଇ ନଥିବା ପିଲାଙ୍କୁ ପ୍ରତିଯୋଗୀ-ଭାବରେ ଯୋଗଦେବା ପାଇଁ ଅନୁମତି ଦିଆ ଯିବ ନାହିଁ । ଲେଖା ଯେତେ ଛୋଟ ହେବ ସେତେ ଭଲ । ଏ ମାସ ୨୭ ତାରିଖ ମଧ୍ୟରେ ସମସ୍ତ ଲେଖା ମୋ ନିକଟରେ ପହଞ୍ଚିବା ଦରକାର ।— ଅଜା

## ଭୂତଗପ

### ୩ୟ ପୁରସ୍କାର ।

ଗୋଟିଏ ମଶାଣି ପାଖ କଣରେ ତିନୋଟି ଭୂତ ଥିଲେ । ତିନିଙ୍କର ଭାରି ମେଳ । ସେମାନେ ମାଛକୁ ପାଆନ୍ତି ତାକୁ କଞ୍ଚା ପାଟିପୁରା-ଇଅ କରିଦେଉଥିଲେ । ଦିନେ ତିନିଜଣଙ୍କର ମାଛ ଖାଇବାକୁ ମନହେଲା । କିମିତି ମାଛ ଧରିବେ? ୧ମ ଭୂତ କହିଲା, "ମୋ ପାଖରେ ଗୋଟିଏ ମାଛ ଜାଲ ଅଛି । ସେଥିରେ ମାଛ ଧରିବା ।" ଏହା କହି ସେ ଯାଇ ମାଛ ଜାଲଟି ଆଣି ସମସ୍ତଙ୍କୁ ଦେଖାଇଲା । ତାହା ଦେଖି ୨ୟ ଭୂତ କହିଲା, "ଏଟା କଣ ? ଏ ତ ଗୋଟାଏ ବଙ୍କା ଲୁହା । ଏଥିରେ କିପରି ମାଛ ଧରିବା ?" ୩ୟ ଭୂତ ତାହା ଦେଖି "କହିଲା ଏହା ବଙ୍କା ଲୁହା ନୁହେଁ । ଏହା ଏକ ଦରାଣ୍ଡି ପରି ଦେଖା ଯାଉଛି ।" ଏଣୁ କାହାର ମତ ଠିକ୍ ନ ହେବାରୁ ଭୟଙ୍କର ଗୋଳମାଳ ହେଲା ।

ଦୈବାତ୍ ସେହି ବାଟଦେଇ ଜଣେ ବ୍ରାହ୍ମଣ ଯାଉଥିଲା । ସେ ବଣରେ ଭୂତ ଅଛନ୍ତି ବୋଲି ସେ ଜାଣେ ନାହିଁ । ଭୂତମାନେ ତାକୁ ଦେଖି ତିନୋଟି ମଣିଷ ରୂପ ଧରି ଆସି ତାହା ପାଖରେ ପହଞ୍ଚିଲେ । ୧ମ ଭୂତ କହିଲା, "ଏହା ମାଛଜାଲ ନୁହେଁ ? ମୋ କଥା ମିଛ ହେଲେ ତୋ ମୁଣ୍ଡ ଫଟାଇ ଦେବି ।" ୨ୟ ଭୂତ କହିଲା "ଏହା ବଙ୍କା ଲୁହା ନୁହେଁ ? ସତ ନ ହେବ ତୋ ରକ୍ତ ଘଟ ଘଟ କରି ପିଇବି ।" ୩ୟ ଭୂତ କହିଲା, "ଏହା ଦରାଣ୍ଡି ନୁହେଁ ? ସତ ଦରାଣ୍ଡି ନ ହୁଏ ତେବେ ତୋର କଲିଜା କଞ୍ଚା ଚୋବେଇବି ।" ଏହା ଶୁଣି ଚତୁର ବ୍ରାହ୍ମଣ ଭୀତ ହେଲେ ମଧ୍ୟ ସାଙ୍ଗେ ସାଙ୍ଗେ ଉତ୍ତର ଦେଲା । "ଏହା ତ ଏକ କଠିନ ପ୍ରଶ୍ନ । ଆପଣ ମାନେ ଦୟାକରି ଏହି ପୋଖରୀରେ ବୁଡ଼ନ୍ତୁ । ଯେ ଶେଷରେ ପାଣିରୁ ଉଠିବେ ତାଙ୍କର କଥା ଠିକ ହେବ ।" ଏଣୁ ସମସ୍ତେ ପୋଖରୀ କୂଳକୁ ଗଲେ । ତିନୋଟି ଯାକ ବୁଡ଼ିଲେ । ଏଣେ ବ୍ରାହ୍ମଣ ପ୍ରାଣ ଭୟରେ ଚ - ମ୍ପ - ଟ୍ ।

ଶ୍ରୀ ସୁରେନ୍ଦ୍ର ମୋହନ ପଣ୍ଡା ।
୮ମ ଶ୍ରେଣୀ
ଚାନ୍ଦପଡ଼ା ହାଇସ୍କୁଲ

## ନାଗବଚାଙ୍କ ନାମ

୪ । ଅଭିରାମ ଦାସ । ୯ନମ୍ବର ଷ୍ଟେଟ ମ୍ୟାନ୍ସଲ୍ ଷ୍ଟ୍ରିଟ ପାମସେନ୍ଦ୍ରପୁର । ୫ । ଲଳିତେନ୍ଦୁ ମୋହନ ଦାସ C/o ଏଲ୍. ଏମ୍ ଦାସ, ୫୫ନମ୍ବର ମାଲଙ୍ଗାଲେନ୍, କଲିକତା । ୬ । କୁମାର ଚନ୍ଦ୍ରମୋହନ ସିଂହ ଫ୍ରେଜେର ହଷ୍ଟେଲ ବାଙ୍କିପୁର । ୭ । ଗୋପାଳକୃଷ୍ଣ ଗିରି c/o. A.S. & 'co. 15 clive Street, କଲିକତା । ୮ । ଶ୍ୟାମକିଶୋର ଦାସ ପୋଃ କଣ୍ଟାପାଡ଼ା କଟକ ।

ଅନ୍ୟାନ୍ୟମାନଙ୍କର ନାମ କ୍ରମାନ୍ୱୟରେ ପ୍ରକାଶିତ ହେବ ।

## ନାଗବଚା ଦଳର ଉଦ୍ଦେଶ୍ୟ

୧ । ଉତ୍କଳର ବାଳକ ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଶରୀ—ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କମଧ୍ୟରେ ପ ର ସ୍ପ ର ଭାବର ଆଦାନ ପ୍ରଦାନ କରିବା ଓ ସେମାନଙ୍କ ମଧ୍ୟରେ ସ୍ନେହ, ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି ବାଳକ ବାଳିକାଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ, ସେବା ଓ ଅହିଂସା ବ୍ରତ ସାଧନରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

## ପ୍ରତିଜ୍ଞା ପତ୍ର ।

ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ ବେଶୀ ନୁହେଁ । ମୁଁ ସତ୍ୟ ସେବା ଓ ଅହିଂସା ବ୍ରତ ପାଳନରେ ଯତ୍ନବାନ ହେବି । ନାଗବଚ୍ଚା ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ୫୦/ର ପଇସିଆ ଡାକ ଟିକଟ ପଠାଇଲି ।

ଆପଣଙ୍କର ସ୍ନେହର ନାତି/ନାତୁଣୀ

ଶ୍ରୀ ______________________

ଠିକଣା ____________________

Digitized by srujanika@gmail.com

## ଆକାଶ କୁସୁମ

ଯଦି ଖାଉଥିବା ପଂଡ଼ିତେ ଅମର ଭାଇ ହୁଅନ୍ତେ …ମୟୂର ପୁଚ୍ଛଟେକି ନାଚନ୍ତେ ।

ଯଦି କଳାକାରଙ୍କୁ ଭ୍ରାତା ହା କରୁ ଚୋରା ପଡ଼ନ୍ତା … ଗାଡ଼ରେ ପଞ୍ଚଟା ପ୍ରତିଯୋଗିତାରେ ଓଡ଼ିଆ ପୁଏ ଜିଣନ୍ତେ ।

ଯଦି ଗୋଟିଏ ଲେଟେଷ୍ଟ ଖବର ହୋଇଥାନ୍ତେ … ଲକ୍ଷୀଉଡ଼ି ଦୁଳାଅଣ୍ଡା ଜଳାବଙ୍ଗ ଉଠେଇ ଦଅନ୍ତେ ।

ଦାସେ ଯଦି ଛବି ହୁଅନ୍ତେ •• ରବି ଠାକୁର ଦାଢ଼ୀ କାଟନ୍ତେ ।

ମନ୍ମଥ ଯଦି ଦାଢ଼ୀ ରଖନ୍ତେ … ଲଟେରୀରେ ବାଣ୍ଡୁ ଜିଣନ୍ତେ ।

ଓଡ଼ିଶା କଂଗ୍ରେସଟା ଯଦି ଦୁର୍ଯ୍ୟୋଧନ ହୁଅନ୍ତା… ମ୍ୟୁନିସିପାଲ ହତାରେ ଖଣ୍ଡି ମିଳନ୍ତେ ।

ସରଳା ଯଦି ପୁରୁଷ ହୁଅନ୍ତେ … ଗଙ୍ଗା ତେବେ 'ସରଳା' ହୁଅନ୍ତେ ।

ପଂଡିତଙ୍କର ଯଦି ଦାଢ଼ୀ ନ ଥାନ୍ତା … ଏବେ ତାହାଙ୍କୁ ଖୋଜନ୍ତେ କଉଁଠି ?

ଅଷ୍ଟମ ଏଡ଼ୱାର୍ଡ଼ ଯଦି ଭାରତରେ ଜନ୍ମ ହୋଇ ଥାନ୍ତେ… ବୃନ୍ଦାବନରେ ଚପଳ ଚରନ୍ତେ ।

ମହାନ୍ତ ମହାରାଜଙ୍କର ଯଦି ମାଂସ ଭୁକ୍ତି ନ ଥାନ୍ତା… ସିଏ ଟ୍ୟାପ (tap) ଛଡ଼ି କଣ ପାଆନ୍ତେ ?

ରାଧାନାଥ ଯଦି ମୁଣ୍ଡି ଜନ୍ମନ୍ତେ… କଂଗ୍ରେସୀଙ୍କର 'ଦରବାର' ଲେଖନ୍ତେ ।

ବାଲ୍ମୀକୀ ଯଦି ଦ୍ୱାରାରୁ ବାହାରନ୍ତେ… ରାମାୟଣର ସଂଶୋଧିତ ସଂସ୍କରଣ ବାହାରନ୍ତେ ।

ଅର ଜନ୍ମରେ ମହତାବ ଯଦି ଦୁର୍ଯ୍ୟୋଧନ ହୋଇଥିବେ …ତେବେ ନବ ଚୌଧୁରୀ ଦୁଃଶାସନ ଥିବେ ନିଶ୍ଚୟ ।

କଂଗ୍ରେସ ଯଦି ଏଟମବମ୍ବ ହୁଅନ୍ତା… ଜମିଦାର, ମହାଜନ, ମିଲବାଲା, ମହନ୍ତ, ଏମାନଙ୍କ ଉପରେ ଏକାଥରକେ ବୋମା ପକାନ୍ତା ।

ବହୁରୂପୀ ଏଣ୍ଡ୍ରୁ ଯଦି ସଂସାରରେ ନ ଥାନ୍ତେ … ଖାଉଥା ପଂଡିତଙ୍କୁ ଉପମା ମିଳନ୍ତା ନାହିଁ ।

ବାଳ ଭାଙ୍ଗିବାକୁ କଣ୍ଡାଙ୍କ ଯଦି ନ ମିଳନ୍ତା …ବୃଦ୍ଧାଣୀଙ୍କୁ ଛାଡ଼ିବ ଦେଇ ମୁଣ୍ଡ ପଟେଇ ବସିଗଲେ ଚଳନ୍ତା ।

'ପରଦା' ଯଦି ଭାଲପତ୍ର ହୁଅନ୍ତା… ତାଙ୍କୁ ଉଠାଇବା ପାଇଁ ମୁଣ୍ଡବଥା ପଡ଼ନ୍ତା ନାହିଁ ।

ମୁକୁନ୍ଦବାବୁ ଯଦି ପ୍ରଧାନ ମନ୍ତ୍ରୀ ହୋଇଥାନ୍ତେ… ବାଲେଶ୍ୱରକୁ ରାଜଧାନୀ ଉଠାଇ ଆଣନ୍ତେ ।

ଗୋଦାବରୀଶ ବାବୁଙ୍କୁ ଅଗରୁ ଯଦି ଏ ବୁଦ୍ଧି ଦଶିଥାନ୍ତା …ସେ ପ୍ରେସିଡେଣ୍ଟ ହୋଇ ପାରି ଥାନ୍ତେ ।

ନବକୃଷ୍ଣ ଯଦି ଗୋପବନ୍ଧୁଙ୍କ ଶିଷ୍ୟ ହୋଇ ନ ଥାନ୍ତେ… ଗାନ୍ଧି ଦଳଅ ଓ ସୋସିଅଲିଷ୍ଟ କଂଗ୍ରେସ ବାଲାଙ୍କ ଭିତରେ ଲଢ଼େଇଟା ଶୋଭା ପାଆନ୍ତା ନାହିଁ ।

ସତ୍ୟପତିଙ୍କର ଯଦି ଯୋଡ଼ାଏ ଶିଙ୍ଗ ଥାନ୍ତା …ଷଣ୍ଢ ହୋଇ ଷୋଢ଼ (bully) ପଡ଼ାନ୍ତେ ।

ସବୁ ପଂଡିତ ଯଦି ଏକଯୋଟ ହୁଅନ୍ତେ …'ସମାଜ' ଅଫିସ ମୁକ୍ତିମଣ୍ଡପ ପାଲଟନ୍ତା ।

ସବୁ ଦାସଙ୍କୁ ନେଇ ଯଦି mixture ତିଆର ହୁଅନ୍ତା… … ଦାସବଂଶ (slave dynasty)ର ଅମଳ-ଲେଉଟି ଆସନ୍ତା ।

---

ମଜାକଥା (ଦୃଷ୍ଟାନ୍ତ ଉପରୁ)

ଜନ୍ମିତ—ଅପି ରୁ ଏଠି । ପୁଣି ଏଇ ଏଇ……" । ଆଉ ମୋ ସାଙ୍ଗ ସେଇଲା ନାହିଁ —ଦେଖି ଉଭ ଗଲ ! ପ୍ରଥମ ଏଥର ଗ୍ରାମମୂର୍ତ୍ତି ହୋଇ ଜୁର ଯିବାଲ "ମେନେଜର, ମେନେଜର…" । ଦେଖଣାହାରୀ ମାନେ ଟିକେଟର ଦେଇ ଶୁଣୁବ ମାଲ ଏକ ମାରୁହାଟ ଲଗାଇ ଦେଲେ । ପ୍ରଥମ ମେସାଂଙ୍କୁ ଅଟେଇ ଅପି ସତ୍ୟର ରଜୀତେ ଧୀରେ ଧୀରେ କହୁଥେଲ "ଅରେ ବୋବା—ଶମ, ଅଟି ଅପି କାହାକୁ କହୁଛୁ ? ମିସେସ୍ ପୂର୍ଣ୍ଣଚନ୍ଦ୍ର ବେ ଓଷ । ପସ ବେଂଷ୍ଟୀ ରଣି ଦେଉଛୁ ।" ସିନେମାର ମେନେଜର ଦୌଡ଼ି ଆସିଲେ । ପ୍ରଥମ ତାକୁ ଦେଖି ସ୍ୱରରେ ଖଣ୍ଡଖଣ୍ଡ ହୋଇ କହିଲ 'ଏଇ ସବୁ ଜଣ ମହାଶୟ—ଏଥର ଭଦ୍ରଲୋକ ସିନେମାକୁ ଆସନ୍ତୁ ନାହିଁ' ।

ଦେଖନ୍ତୁ ଏଇ ମାତାଲଟା ଏଠି ମୋ ପତ୍ନୀଙ୍କୁ ଅପମାନ କରୁଛି ମେନେଜର ମୋତେ ଅଗରୁ ଚିହ୍ନିଥିଲେ । ସେ କରଜୋଡ଼ ଅତି ଭଦ୍ର ଭାବରେ କହିଲେ "ଏନ୍ ବାବୁ ସେ—କଥା-ଟଣ ?" ମୁଁ ଶାନ୍ତ ଭାବରେ କହିଲି "ନାହିଁ, କହନ୍ତେ—ଏ ଭଦ୍ରମହିଳା ମୋର ସମ୍ପର୍କୀୟ । ପ୍ରତିବେଶିନୀ—ମୋରବାଲ୍ୟ-—" ପ୍ରଥମ ଗର୍ଜ୍ଜି-ଉଠିଲି "ଶୁଅର, ବଦ୍‌ମାସ, ଗୁଣ୍ଡା !" ମେନେଜର ତାକୁ ବାଧାଦେଇ ଧୀର ଭାବରେ ଅତି ଅଳ୍ପ ବୁଝିଲେ । ଅପି ଭଲକୁ ମୁହଁ ପୋଛି କହିଲ "ମୁଁ ତାକୁ ଚିହ୍ନି ନାହିଁ ।"

ନହାଲେ, ସେ ହବେ, ଅପମାନରେ ମୋର ସାସ୍ ଚେତନା ଲୋପ ହୋଇଗଲା । ମେନେଜର ସହସ ଭଦ୍ରଲୋକ । ମୋର କାହାର ଅବସ୍ଥା ଦେଖି ହାତଧରି ମୋ ନିଜ ସିଟ୍‌ରେ ଆଣି ବସାଇ ଦେଇଁ ଦେଇଁ କହିଲେ, "ଜନ ବାବୁ, ବଡ଼ ଦୁଃଖର କଥା—କାମଟା ବଡ଼ ଅନ୍ୟାୟ, ଅସଙ୍ଗତ ଓ ବେଆଦବ ହୋଇ ଯାଇଛି । କ୍ଷମା କରିବେ ।" ଏତିକି କହି ସେ ଚାଲି ଗଲେ ।

ତାପରେ କେତେ ବେଳଯାଏ ସିନେମାର ଖେଳ ଚାଲିଲା, କେତେବେଳେ ସରିଲା, ମୋତେ ସେ ସବୁ ବେମାଲୁମ୍ । ଜଣେ ଚପରାସି ଦ୍ୱାର ବନ୍ଦ କରିବାକୁ ଯାଇ ମୋତେ ଡାକ-ଉଠାଇ ଦେଲା ଯେତେବେଳେ, ମୁଁ ଦେଖିଲି ହଲଟି ନିଚ୍ଛନ ଶୁନ୍ ଶାନ୍ ତେବେଳ ବାହାର ଗେଟରେ ନଗ୍ନ ଟପ ବଡ଼ ଅନ୍ଧାରଟା ହାଉ ହାଉ ହୋଇ ଜଳୁଛି । ଧୀରେ, ଶିଷ୍ଟ ଭଦ୍ରପିଲ୍ଲ ପରି ଧୀରେ ଧୀରେ ମୁଁ ମୋ ବସାକୁ ଫେରିଲି ।

Printed & published at the Gopinath Press, Bhadrak by Editor N. Mahapatra & issued from the Dagaro office, Bhadrak.

Digitized by srujanika@gmail.com

## ସାବଧାନ ! ଠକାମିକି ସାବଧାନ ! ନକଲିକି ସାବଧାନ !

ଆମର ଅସଲ ଅମ୍ବରର ସୁନାମ ଦ୍ୱାରା ଅନେକ ନଗରରେ ପ୍ରସ୍ତୁତ ଯାହା ଆମର ପିତା ଏବୋଦମ୍ ୰ ଅମ୍ବର ଖାଁଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି ! ବର୍ତ୍ତମାନ ଅନେକ ଲୋକ ଏହାର ସୁନାମକୁ ଦେଖି ଏହା ଆମର ନାମରେ ବିକ୍ରି କରନ୍ତି । ତାହାଙ୍କଠାରୁ ସାବଧାନ ହେବେ । ମୋର ସାବଧାନ କରିବା ଅଭିପ୍ରାୟ ସୁନାମକୁ ରକ୍ଷା କରିବା । ତେଣୁ ଆମ୍ଭେ ଅପଣମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସୁନାମକୁ କିଣିବାବେଳେ ଆମର ଏହି ଛବି ଟ୍ରେଡ୍‌ମାର୍କ ଦେଖି ଖରାଦ କରିବେ । ନାହିଁ ଅପଣମାନେ ଯଦି ନକଲକୁ କିଣିବେ ତେବେ ଠକାମିରେ ପଡ଼ି ପାରିବେ ନାହିଁ ।

ପ୍ରୋପ୍ରାଇଟର—ହାଜି ଅଲତାଫ ଖାଁ ଓ କାଦର ଖାଁ
। ମୁ । ସାହେବଜାଦା, ପୋ: ଅ: ବୁଢ଼ଲାଟେଳି
କଟକ (ବି. ଏନ୍. ଆର୍.)

## 'ଚ୍ୟାଲେଞ୍ଜ' ???

ଅଧିକ ମୂଲ୍ୟବାନ ଚଳମର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ହେଲେ ସର୍ବ-ଶ୍ରେଷ୍ଠ ଚଲିଚ୍ଚନ୍ତ ଚ୍ୟାଲେଞ୍ଜ ଫାଉଣ୍ଟେନ ପେନ, କାଳି ବ୍ୟବହାର କର।

ପ୍ରସ୍ତୁତ କାରକ
### ଓଡ଼ିଶା କେମିକ୍ୟାଲ ଲିମିଟେଡ୍

## 'ବିଶଲ୍ୟ କରଣୀ ମଲମ'

ଛିଣ୍ଡା ଘା, ପୋଡ଼ା ଘା, ମୁଣ୍ଡ ବଥା, ଫୋଲା ବଥା, ଗଣ୍ଠି, ବାତି, ଝିଙ୍କା ଇତ୍ୟାଦି ସବୁ ପ୍ରକାର ବ୍ୟଥା ଯନ୍ତ୍ରଣାରେ ଅବ୍ୟର୍ଥ ମହୌଷଧ । ଦେଶୀ କେମିକେଲଠାରେ "ବିଶଲ୍ୟ କରଣୀ"ର ପ୍ରସ୍ତୁତ କାରକମାନଙ୍କ ଦ୍ୱାରା ଯତ୍ନ ସହକାରେ ପ୍ରସ୍ତୁତ । ଦ କଲିଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନି କାର୍ଯ୍ୟାଳୟ ଓ ଦୋକାନ ବଜାରରେ ସୁଦ୍ଧା ଅଦଳ ପାଉଅଛି ।

**ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ।**
ପ୍ରୋପ୍ରାଇଟର
ଦ କଲିଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନି ।
କଟକ ।

## ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର
### ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ଗଉଚା, ଉପଦଂଶଜାତ, ବାତ, ପ୍ରମେହ (ମୂତ୍ରାଶୟଗତ ଧାତୁଦୌର୍ବଲ୍ୟ) ପେଟଶୂଳ, ଅଜୀର୍ଣ୍ଣ, କାଶ, ମୂର୍ଚ୍ଛା, ଶ୍ୱାସ, ଅର୍ଶ, କୋଷ୍ଠବଦ୍ଧ, କୋଷ୍ଠବୃଦ୍ଧି, ଅମ୍ଳବାତ, ଅସ୍ଥିଭଗ୍ନ, ବାତ, ଛୋଟବଡ଼ି ଫୁଲାଇ ଅଙ୍ଗରେ ବେଦନା, ମୁଣ୍ଡବ୍ୟଥା, ମୁତ୍ରକୃଚ୍ଛ, ମୁଣ୍ଡବୁଲା, ଦାନ୍ତମୂଳ ଫୁଲା, ସର୍ଦ୍ଦି, କାଶ, ଝାଡ଼ା, ଝାଡ଼ା, କୁଷ୍ଠ, ହଇଜା, ମରଳା, ଗଳଗଣ୍ଡ, ଯକୃତ, ଛେଦା, କଲରା, ହେଟ୍ରା, ଫୋଡ଼ା, ସର୍ପ ଦଂଶନ, ଝଣ୍ଡା, କଳଙ୍କ, ହିଷ୍ଟିରିଆ, କାକ ଦଂଶନ, ଦାଦ, ବାଳକଙ୍କ ଶ୍ରୀ ମାନଙ୍କର ନାଭିର ମୁତ୍ରଯୋଗ ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବ ହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଅଦୃଶ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
**କବିରାଜ ଶ୍ରୀ ବିଶ୍ୱନାଥଦାସ ଏ. ବି, ଏଲ୍. ଏଚ. ଏମ୍. ଏସ୍.**
ଅଣ୍ଡା ବଜାର, ପୋଃ ବୁଢ଼ଲାଟେଳି କଟକ ।




ଘା; ପାଉଞ୍ଚ; ବଥା; ପଞ୍ଜରା; ଛେଚ ଯାଉଥିବା, ବୋଝା ମୁଣ୍ଡିଆ ବାତ; କୋଷ ଯାଉ ପ୍ରଭୃତି ସମସ୍ତ ପ୍ରକାର ବେଦନାର, ଏକ ମାତ୍ର ମହୌଷଧ :—ମୂଲ୍ୟ ୫୦ ଟଙ୍କା ।
ଠିକଣା:—ଅସଲ ପଞ୍ଚଗୁଣୀ ତୈଳ ଅଫିସ୍—କଟକ ।

## ଡାକ୍ତର-ରଘୁନାଥ ସାହୁ
### ଏଲ୍. ଏମ୍. ବି. ଙ୍କର ଆବିଷ୍କୃତ

ସବୁପ୍ରକାର ଜ୍ୱରର ଓ ପିଲେଇର ଅବ୍ୟର୍ଥ ଔଷଧ

## ସାଗର ସୁଧା

ଆଉ ସବୁ ପ୍ରକାର ରୋଗର ହୋମିଓପ୍ୟାଥିକ ଔଷଧ ମିଳେ ।

ଅଦାଲତ ରୋଡ୍ରେ ସାହୁ—
ପୋ: ବୁଢ଼ଲାଟେଳି, କଟକ ।

ପଥର ଦାନ୍ତ ବାନ୍ଧିବା ଓ ପୋକଖିଆ
ଦାନ୍ତ ଯନ୍ତ୍ରଣା ଭଲ କରିବା ପାଇଁ
### ଦାନ୍ତ ଡାକ୍ତର ଶ୍ରୀ ନବକିଶୋର ପୃଷ୍ଟି—କଟକ
ଉପଯୋଗୀ ସବୁ ଯନ୍ତ୍ର ଓ ଔଷଧ ସହିତ ।
ଅଳ୍ପ ମୂଲ୍ୟରେ ସନ୍ତୋଷ ଦିଆଯାଏ ।




ପ୍ରକାଶକ—ଶ୍ରୀ ନନ୍ଦକିଶୋର ମହାପାତ୍ର
ପ୍ରିଣ୍ଟାରଣ୍ଟ ପ୍ରେସ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com

REG. NO. P-441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସ୍ୟୁରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁବୃହତ୍ ସୁଦୃଢ଼, ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ପତ୍ରର ସର୍ତ୍ତ ସର୍ବୋତ୍କୃଷ୍ଟ ।

ଅକସ୍ମାତ୍ ମୃତ୍ୟୁରେ ଦ୍ୱିଗୁଣ ବୀମା ଟଙ୍କା ମିଳିବ ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ମିଳିତ ବୀମା, ବୃତ୍ତି ବୀମା ପ୍ରଭୃତି ନାନା ପ୍ରକାର ସୁବିଧା ଜନକ ବୀମାର ଉତ୍କୃଷ୍ଟ ବ୍ୟବସ୍ଥା ।

ବୀମା ଅପଣା ଛାଡ଼ି ଦେବାର ସୁନ୍ଦର ବ୍ୟବସ୍ଥା ଅଛି ।

୧୯୩୭-୩୮ ନୂତନ ବୀମାର ପରିମାଣ ୨ କୋଟି ... ଉର୍ଦ୍ଧ୍ୱ ।

୧୯୩୭-୩୮ ବୀମା ଫାଣ୍ଡ ପ୍ରାୟ ୨ କୋଟି ।

ଲାଭ:——

ମୃତ୍ୟୁ ପ୍ରାପ୍ତି ବୀମାରେ ହଜାର ପ୍ରତି ବର୍ଷକୁ ୫ ୧୫

ଆଜୀବନ ବୀମାରେ ,, ବର୍ଷକୁ ୫ ୨୦

୧୯୩୭-୩୮ ମୋଟ ଚଳନ୍ତି ବୀମାର ପରିମାଣ ୧୨ କୋଟିରୁ ଉର୍ଦ୍ଧ୍ୱ

୧୯୩୭-୩୮ ବାର୍ଷିକ ଆୟ ୭୦ ଲକ୍ଷରୁ ଉର୍ଦ୍ଧ୍ୱ

ମୋଟ ଆୟ ୯ $\frac{੭}{୨}$ ଲକ୍ଷରୁ ଉର୍ଦ୍ଧ୍ୱ

(ଓଡ଼ିଶାରେ, ଚେତନ୍ତାରେ ଦକ୍ଷିଣ ଓଡ଼ିଶାରେ ଭଲ ଭଲ ଲୋକ, ଏଜେଣ୍ଟ ଓ ଅର୍ଗାନାଇଜର ହେବାପାଇଁ ଦରଖାସ୍ତ କରନ୍ତୁ ।)

ହିନ୍ଦୁ ... ଦକ୍ଷିଣ ଓ ଆଫ୍ରିକା ପ୍ରଭୃତି ... ୨ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏସ୍. ବସୁ, ... ହିନ୍ଦୁସ୍ଥାନ ବିଲଡିଂ, କଲିକତା ।

[ଓଡ଼ିଶା ଅଫିସ: — ନରେନ୍ଦ୍ର ପ୍ରସାଦ ଦାସ ଅର୍ଗାନାଇଜର, କଟକ ।



# ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

## ଯୋଗଶକ୍ତି

ମହାଭ୍ରମ ବଶରେ ଯେଉଁମାନେ ସଞ୍ଚିତ ଶକ୍ତି ... ସେମାନଙ୍କଠାରୁ ଶୁଣନ୍ତୁ ଏହା ସେବନ ... ହେଉଛନ୍ତି । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ... ନାହିଁ । ଶୁକ୍ରତାରଲ୍ୟ ଏବଂ ... ଧାତୁ ... ସ୍ୱଭାବରେ ଅସଂଯୋଗିତା, ... ଏବଂ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ... ଶିରଃଘୂର୍ଣ୍ଣନ, ଏବଂ ମଳ ମୂତ୍ରାଦର ବେଗ ... ପ୍ରଭୃତି ସମସ୍ତ ପ୍ରକାର ରୋଗ ... ଆରୋଗ୍ୟ ହୁଏ । ... ବ୍ୟବହାର କଲେ ... ଖେଳେ । ... ବ୍ୟବହାର କଲେ ... ମୂଲ୍ୟ ୫୧୯ ମାତ୍ର ।

## ହେଜି ଶକ୍ତି

ଏହା ବ୍ୟବହାର କଲେ ... ଯୁବକ ... ମାନେ ... ହେଇଛନ୍ତି, ସେମାନଙ୍କୁ ଏହା ... ପରୀକ୍ଷା କରନ୍ତୁ । ... ବ୍ୟବହାର କଲେ ... ମୂଲ୍ୟ ୫୧୧ ।

## କର୍ପୂରାରିଷ୍ଟ

... ଗୋଟିଏ ... ରୋଗ । ... ଗୋଟିଏ ଶିଶି କର୍ପୂରାରିଷ୍ଟ ଘରେ ... ଜାଗଣ ... ନାହିଁ ।

—ବଡ଼ ଶିଶିର ମୂଲ୍ୟ ୫୦, ଛୋଟ ଶିଶିର ମୂଲ୍ୟ ୫୦—

ନବ୍ୟ ସବୁଜ
ପୋ: ଅ: ସୁନ୍ଦରୀଗୋଡ଼ା,
କଟକ ।

ବୈଦ୍ୟରାଜ
C/o ଶ୍ରୀ ବାଳ୍ମୀକେଶ୍ୱର ଆଚାର୍ଯ୍ୟ ...
କଟକ—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ
ଆୟୁର୍ବେଦାଚାର୍ଯ୍ୟ


Digitized by srujanika@gmail.com

ମାଘ ପ୍ରଥମାର୍ଦ୍ଧ— ସସ୍ତା, ସୁନ୍ଦର, ହାସ୍ୟରସ ପ୍ରଧାନ ସଚିତ୍ର ପାକ୍ଷିକ— ପ୍ରଥମ ବର୍ଷ ୧୭ ଶ ସଂଖ୍ୟା




## ସ୍ମୃତି ତର୍ପଣ



୰ କୋକିଳ ଦେବୀ ।

ଆପଣଙ୍କର ମଧୁର କବିତା ଝଙ୍କାର ଦିନେ ଓଡ଼ିଆର ମନପ୍ରାଣ ମୁଗ୍ଧ କରିଥିଲା । ମାତ୍ର ଦେଶର ଡାକରେ ଆପଣ ଜାତୀୟ ସଂଗ୍ରାମକୁ ଡେଇଁ ପଡ଼ିଲେ—ଘରବଣ ଛଡ଼ା ଜଙ୍ଗଲର ଘରେ ଘରେ ବଜ୍ର ବାଣୀରେ ନବବାର୍ତ୍ତା ଘୋଷଣା କଲେ । ପୁଲିସର ଅତ୍ୟାଚାର, କାରାଗାରର କଠୋରତା ଆପଣଙ୍କୁ ଦବାଇ ପାରିନଥିଲା । ନାରୀସମାଜର ଓ ଦଳିତଙ୍କ ସେବା ବ୍ରତରେ ଆପଣଙ୍କର ଐକାନ୍ତିକ ତ୍ୟାଗ ଓ କରଣମାନ କଷ୍ଟ ଦେଶର ଇତିହାସରେ ଅମର ହୋଇ ରହିଥିବ ।

ଆପଣଙ୍କର ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ଡଗର ଆପଣଙ୍କ ପୁଣ୍ୟ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି ।

Digitized by srujanika@gmail.com





# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ସ୍ୱର୍ଣ୍ଣମନ୍ଦିର







ବାଲୁବଜାର ପୋ. ଚୁଡ଼ିଙ୍ଗୀଚୌକ—କଟକ ।





ଟ ୨୦୧ କା ପୁରସ୍କାର !  ଟ ୨୦୧ କା ପୁରସ୍କାର !!

ବର୍ତ୍ତମାନ ଲୋକମାନଙ୍କର ଫରମାସ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରର ଚମତ୍କାର ଅଳଙ୍କାରମାନ ନାନା ନୂଆଢଙ୍ଗ ପ୍ରସ୍ତୁତ କରୁଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରୁଥାଉଁ ବାହାର ଗ୍ରାହକମାନଙ୍କୁ ଆମ୍ଭେମାନେ ତାହାକୁ ବଦଳ ଦେବାକୁ ପ୍ରସ୍ତୁତ ଅଛୁଁ । ପ୍ରତ୍ୟେକ ପଦାର୍ଥକୁ ତାଙ୍କ ଦ୍ୱାରା ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ଦେଖାଇ ପାରିଲେ ଆମ୍ଭେମାନେ ଟ ୨୦୧ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବିନୀତ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ (ଜହୁରୀ)**

ବାଲୁବଜାର, ପୋ: ଚୁଡ଼ିଙ୍ଗୀଚୌକ—କଟକ





## ଅର୍ଡର ନିୟମାବଳୀ ।

୧ । ଅର୍ଡର ମାତ୍ରକେ ଯତ୍ନପୂର୍ବକ ଦେଖାଯାଏ ।

୨ । ଅର୍ଡର ସହିତ ଅଗ୍ରୀମ ୨୯ଙ୍କା ପ୍ରତିଟଙ୍କା ୫୦ /

୩ । ଷ୍ଟଟମାନଙ୍କ ଟାରେଣ୍ଟ ୧୪ ଙ୍କା ।

୪ । ଯେ କୌଣସି ଜିନିଷରୁ ଗ୍ରାହକ ହେବାର ସୁବିଧା ଅଛି ।

୫ । ସମସ୍ତ ପତ୍ର ଫଳାଫଳ ଓ ଟଙ୍କା ପଇସା 'ଅର୍ଡର ଅଫିସ' ଠିକଣାରେ ପଠାଇବାକୁ ହେବ ।

୬ । ଜବାବ ପାଇବାର ଇଚ୍ଛା ଥିଲେ ଷ୍ଟାମ୍ପ ପଠାଇବାକୁ ହେବ ।

୭ । ଡାକଘର ଏଜେଣ୍ଟଙ୍କ ହାତରେ ବାହିକି ଗ୍ରାହକ ହେଲେ କୌଣସି ଗୋଳମାଳ ହେଲେ ଅର୍ଡର ଅଫିସ ଦାୟୀ ନୁହନ୍ତି ।

୮ । ଲେଖା ଅର୍ଡର ଅଫିସରେ ପହଞ୍ଚିବା ଦରକାର ।

୯ । ଷ୍ଟାମ୍ପ ନ ଦେଲେ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।


Digitized by srujanika@gmail.com



# ବିଲୁଆ ବିଚାର

[ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, କେବଳ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଡଗରର ମୁଖ୍ୟ ଉଦ୍ଦେଶ୍ୟ]

**ସମ୍ପାଦକୀୟ**

ଡଗର ଥରେ ମାଙ୍କଡ଼ ଜୁଲୁମ କଥା ଲେଖିଥିଲେ । ଶୁଣି ଖୁସି ହେଲୁ ଯେ କଂଗ୍ରେସ ସରକାର ମାଙ୍କଡ଼ ମାରିବା ପାଇଁ ବଡ଼ା କଟକଣା କରୁ ଅଛନ୍ତି । ଜମିଦାର ମାରିବାର ପଛେ ପଛେ ମାଙ୍କଡ଼ ମାରିବାର କଥା ଉଠିବାରୁ ଜଣାଯାଉଛି କି ମାଙ୍କଡ଼ମାନେ ଏକ ପ୍ରଧାନ ରକ୍ଷିତ-ସ୍ୱାର୍ଥ ଓ ଶୋଷକ ସମ୍ପ୍ରଦାୟ । ଏହାଙ୍କୁ ଅଗେ ନିପାତ ନକଲେ ରକ୍ଷା ନାହିଁ ।

\+ + +

ଏକଥା ଜାଣିପାରି ପୁରୀର ପାଣ୍ଡା ଓ କଟକର ହନୁମାନେ ମେଳ ଋଳ ହୋଇ ଏକ ବିରାଟ ଆନ୍ଦୋଳନ ଚଳାଇବାର ଉଦ୍ୟମ କଲେଣି । ସେମାନଙ୍କ ଦାବି ଯେ ସେମାନେ ସଂଖ୍ୟାଲଘିଷ୍ଠ (minority) ଦଳ ଏବଂ ଦେଶର ସବୁଠାରୁ ନିଷ୍ପୀଡ଼ିତ ଅଧମ ଜାତି ଥିବାରୁ ଦେଶର ଅନ୍ନ ଉପରେ ଅଗ ହକ୍ ତାଙ୍କର । ପ୍ରଥମେ କଟକ ଇଦଗା ପଡ଼ିଆ ଓ ପରେ ପୁରୀ ଦରିଆ ବାଲିରେ ପ୍ରତିବାଦ ସଭା ବସିବ । ବୋଧହୁଏ 'ସତ୍ୟାଗ୍ରହ' ପ୍ରସ୍ତାବ ପାଶ୍ ହୋଇଯିବ ।

\+ + +

ଓଡ଼ିଶାର ବାଚସ୍ପତି (Speaker) ମୁକୁନ୍ଦ ବାବୁ ଏକ ଗ୍ରାମୋନ୍ନତି ଯୋଜନା ସାଧାରଣରେ ପ୍ରକାଶ କରିଅଛନ୍ତି । ମୁକୁନ୍ଦବାବୁ ମନ୍ତ୍ରୀ ହୋଇଥିଲେ ଏ ଯୋଜନାଟା କାର୍ଯ୍ୟକାରୀ ହେବାର ବା ସମ୍ଭାବନା ଥାଆନ୍ତା । ଯାହାହେଉ ତାଙ୍କ ଯୋଜନାଟି ଖୁବ ସୁନ୍ଦର ଓ ତାହା କାମରେ କରିଗଲେ ପ୍ରାଚୀନ ଭାରତର ଗ୍ରାମ୍ୟଶାସନ ପ୍ରଥା ନୂଆ ଅକାରରେ ଫେରି ଆସିବ । ୫ମାଇଲରେ ୫ମାଇଲ ଏରିଆକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ କରିବ ତାକୁ ଗୋଟିଏ ନିର୍ବାଚିତ ବୋର୍ଡ଼ ଅଧୀନରେ ରଖାଯିବ ଯାହାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, କୃଷି ଇତ୍ୟାଦି ଉନ୍ନତି କରିବେ; ଅର୍ଥାତ୍ ୟୁନିଅନ ବା ଗ୍ରାମ-ମେଳ ମଧ୍ୟସ୍ଥଳରେ ୫ଏକର ଜମି ଉପରେ ଆଦର୍ଶ କୃଷି ଫାର୍ମ, ସ୍କୁଲ, ବୋର୍ଡ଼, ଅଫିସ, ଡାକ୍ତରଖାନା, ଷଣ୍ଢଘର ରହିବ । ଖୁବ ଭଲକଥା । ମାତ୍ର ବଡ଼ଲାଟଙ୍କ ଷଣ୍ଢ୍ ମଜଠି ରହିବ ଗାନ୍ଧିଙ୍କ ବୋଦାଟାଙ୍କୁ ଟିକିଏ ଥାନ ହବ ନାହିଁକି ? ଅଥ ବାକି ରହିଗଲା ଗୋଟାଏ ଅଖଡ଼ା ଘର । ମୁକୁନ୍ଦବାବୁ ବୋଧହୁଏ ରସିକ ନୁହନ୍ତି—ନା ବୁଢ଼ା ହେବାରୁ···

**ହରିଶ୍ଚନ୍ଦ୍ର ଓ ବିଶ୍ୱାମିତ୍ର ।**



ବିଶ୍ୱାମିତ୍ର—ଏତକ ଦେଇ କଣ ଭଣ୍ଡଉଛ, ରାଜା ? ତେବେ ମୁଁ ପାଉଚି!

ହରିଶ୍ଚନ୍ଦ୍ର—ତମ ଇଚ୍ଛା—ଅଉକଣ ଅସଲ କଣ୍ଟକାଠିଟା ଦଅନ୍ତି କହଚ !

× × ×

ଭୀଷଣ ସଙ୍ଘର୍ଷଣ ! ! ଇଲେ ବାପରେ—ପିବ ଲୁଅଡ଼େ !···ପୃଥିବୀ ସାଙ୍ଗରେ ଗୋଟାଏ ଗ୍ରହର ସଂଘର୍ଷ କି ? ନା, ତାହା ନୁହେ । ଅଭ ଭେଟର ପ୍ରସ୍ତୁ ଗଞ୍ଜ ରେଲ୍-ଗାଡ଼ି ସଂଘର୍ଷଣ ? ନାଃ—ତା ବି ନୁହେ । ଅଭ ତେବେ କଣ ? ଚୀନ—ଜାପାନ ? ପହ୍ଲଓ୍ୱାନ କୁସ୍ତି ? ନାଇଁ ହୋ, ତା ବି ନୁହେ । ପୁଣି ଅଭ କଣ ମ ?···ଇଏ ହଉଚି—ଜିଣ × ଦାଢ଼ୀର ସଙ୍ଘର୍ଷଣ । ସେ ପ୍ରଭୃତି ବାଚ୍ ହାମ ବଜାର ଭିତରେ । ଜିଣ ପାଟିଲ ଦାଢ଼ିକୁ ଟାଣୁ ଉଛନ୍ତି । ମାତ୍ର ଦାଢ଼ୀ ନାଛୋଡ଼ବନ୍ଦା ଯେ । ଗୃହଅନ୍ତୁ ଭୁଜିଅଣୀ ସୂତା ପରି ମୁହେଇ ଯୁହେଇ··· ଅଥ୍ଚ ଦେଖାଯାଉ ବଢ଼ଉଚି ପାଣି କହୁଚିକି ଯାଉଚି ।

\+ + +

ଓଡ଼ିଶାରେ ଯେତେ ଦେଶୀ ବୀମା କମ୍ପାନୀ ମାନଙ୍କର ବେଉସା ଚାଲୁଛି ତାଙ୍କ ଭିତରେ କଲିକତାର ହିନ୍ଦୁସ୍ଥାନ କମ୍ପାନୀର ସବୁଠାରୁ ବେଶୀ ବୋଲବାଲ । ସେ କମ୍ପାନୀର ସେକ୍ରେଟେରି ବିଖ୍ୟାତ ନଳିନୀରଞ୍ଜନ ସରକାର ବଙ୍ଗଳାର ମନ୍ତ୍ରୀ ହୋଇଥିବାରୁ ଶ୍ରୀଯୁକ୍ତ ନରେନ୍ଦ୍ରନାଥ ଦତ୍ତ ସେକ୍ରେଟେରି ହୋଇଛନ୍ତି ଓ ସରକାରେ ଅପଣେ ଡିରେକ୍ଟର ଅଛନ୍ତି । ଏ କମ୍ପାନୀର ନୂତନ ବୀମା ଓ ବାର୍ଷିକ ଆୟ ଯେପରି ବଢ଼ିବାରେ ଲାଗିଛି ଓ ଖରଚ ଯେପରି ଦିନକୁ ଦିନ କମୁଛି, ସେଥିରେ ଏହା ଯେ ଅଳ୍ପଦିନ ଭିତରେ ସମୃଦ୍ଧିକୁ ଟପିଯିବ ଏଥିରେ ସନ୍ଦେହ ନାହିଁ । ଏଣୁକରି ହେ ଓଡ଼ିଆ ଭାଇମାନେ, ଏହି କମ୍ପାନୀରେ ଜୀବନ ବୀମା କରନ୍ତୁ···ଯେତେ ଶୀଘ୍ର ସମ୍ଭବ - 'ଧାନ୍ତି'ହୋଇ ନିଜର ଓ ଜାତିର ଦାରିଦ୍ର୍ୟ ଘୁଞ୍ଚାନ୍ତୁ । ଯାହା ଘରେ ଏ ସୁବିଧା ଭାଲେ ଗୁଜର ଯିବଟି ।

\+ + +

Digitized by srujanika@gmail.com

ଇଣ୍ଡିଆ ଗତ ଚଉଦ ବରଷ ଧରିଆରେ ଉଗର କର୍ଣ୍ଣଦନ ଅଂଗ କରୁଥିବା ଯେ ମନ୍ତ୍ରୀମାନେ ଯଦି ହାରୁନ୍‌ଅଲ ରସିଦ ଭଳି ଛଦ୍ମବେଶରେ ବୁଲନ୍ତେ ତେବେ କ'ଣ ହେବ। ସତକୁ ସତ ଉତ୍କଳରେ ଜଣେ ମନ୍ତ୍ରୀ ଏହା ବାସ୍ତବରେ ଦେଖାଇଛନ୍ତି।

ଦିନେ ସେ ଜଣେ ନାମଜାଦା ଲକ୍ଷ୍ମୀ ମୁନସିଙ୍କ କଥା ଶୁଣି, ଜାଙ୍ଗାଳିଆ ଚଷା ବେଶ ଧରି ଆନାରେ ପହଞ୍ଚିଲେ। ଦଣ୍ଡବତଟିଏ ହେଉନ୍ତୁ ମୁନସି 'ଭହୁଁଲେ କି ରେ, କୁଆଡ଼େ ଯିବୁ ?'

ଚଷା—ଅଜ୍ଞା ମୋର ବାଡ଼ୁଅଟିଏ ହଜିଛି; ମୁଁ ଡୁଲାଆ କରିବ।

ମୁନସି—ତୋ ବାଡ଼ୁଅ ହଜିଛି ଯେ, ଅମେ ତୋ ବୁଢ଼ାର ଅଣ୍ଟୁ ଖୋଜି ଦେବୁଁ। ଯା, ଦେଖିବୁ କେଉଁଠି ଚରୁଥିବ।

ଚଷା—ଅଜ୍ଞା ଖୋଜି ଖୋଜି ଥକିଲିଣି-- କେଉଁଠି...

ମୁନସି ଯା—ପଳା ଏଠୁ—ନୋହିଲେ.. ଗଉଡ଼ ଚଷାଟି ଚଳଚଞ୍ଚଳ ହୋଇ କହିଲା 'ହଜୁର, ବଡ଼ ସୁନ୍ଦର ବାଡ଼ୁଅଟି—ମୁଁ ତାକୁ ବଡ଼ କଲିଟା...'

ମୁନସି—ତୋର ଏଠି କେହି ବେଠିଆ ନାହାନ୍ତି—ସୁନ୍ଦର ବାଡ଼ୁଅ ତ ସୁନ୍ଦର ପଇସା ଲେଖା। ଜାଣିବୁ ତ ଏଇ ଥାନା—ଖାଲି ହାତରେ ଏଠି...

ଏହାଶୁଣି ଚଷା ଟଙ୍କାଟିଏ ଦେଲା। ମୁନସି ତାକୁ ଫିଙ୍ଗିଦେଲେ। ପୁଣି ଅଉ ଟଙ୍କାଟିଏ। ଏହିପରି ଚାରିଟି ଟଙ୍କା ଦେବାପରେ ମୁନସି ତରୁ ଦସ୍ତଖତ କାଗଜ ଖଣ୍ଡେ ବାହାର କରି କହିଲେ, "ତୋ ନା କଣ କହ",

ଚଷା—ଅଜ୍ଞା ମୋ ନା ଅମୃତ।

ମୁନସି—ବାପ ନା ?

ଚଷା—ଅମୃତ

ମୁନସି—ଘର ?

ଚଷା—ଅମୃତ ଘର

ମୁନସି—ଜାତି

ଚଷା—ଅଜ୍ଞା ଚଷା

ମୁନସି—ପେଷା ?

ଚଷା—ହଜୁର 'ମନ୍ତ୍ରୀ'

ମୁନସି—ମିଛ୍ଛି ? କି ମନ୍ତ୍ରୀ କେ ?

ଚଷା—ଅଜ୍ଞା ମିଛି ନୁହେଁ, ମନ୍ତ୍ରୀ— ଅବକାରୀ ବିଭାଗର ମନ୍ତ୍ରୀ ହଜୁର।

ମୁନସିଙ୍କର ହୃତ୍‌କମ୍ପ ଶୁଣିଗଲା। ତହୁଁ ସେ ମନ୍ତ୍ରୀଙ୍କର ଗୋଡ଼ହାତ ଧରି କ୍ଷମା ମାଗିଲେ। ମନ୍ତ୍ରୀ ବି ଦୟାକରି ତାଙ୍କୁ ଭବିଷ୍ୟତକୁ ତାଗିଦ କରିଦେଇ ଗ୍ରଲେଲେ।

ସବୁ ହାକିମ ହୁକୁମାମାନେ ଯଦି ସ୍ୱା କରିବେ, ତେବେ ଗରିବ ଅମଲା ଫଇଲଙ୍କ ର ପେଟପାଟଣା ଚଳାବ କିପରି ? ଅଉ ଥମେ ଗରିବ ବି ସ୍ୱବଶୁଂ ଦେଇ କାମ ହାସଲ କରିବୁ କିପରି। ବଡ଼ ଭାବନା ପଡ଼ିଲାଣି।

\+ \+ \+

କୁଲୁପ ଯାର ମୂଲ୍ଲ ତାର। ବର୍ତ୍ତମାନ ଧନୀ ଲୋକଙ୍କର କ୍ଷମତା ବଳ ବେଶିବୋଲି ସବୁ ଦେଶର ଅଇନ କହୁଛି ଯେ କେହି କାହାର ଧନ ଚୋରି କଲେ ଦଣ୍ଡ ପାଇବ। ଧନୀର ଗଚ୍ଛିତ ଧନକୁ ନିରାପଦ କରିବା ନିମନ୍ତେ ଏଭଳି ଅଇନ କରା ହୋଇଛି, ଏବଂ ଧନୀମାନେ ତାହା କରିଛନ୍ତି। ମାତ୍ର ଧନୀ ଯେ କେତେ ଉପାୟରେ ଗରିବର ରକ୍ତ ଶୋଷି, ଧନ ଭଣ୍ଡାରରେ ଜମାକରିଛି କରୁଛି, ଅଇନ ତା ପାଇଁ କିଛି କହିବାକୁ ନାହିଁ ! ଅଳ୍ପ ଧନୀ ବଡ଼ଲୋକଙ୍କ କୁଳମ ବା ସଂଖ୍ୟା ଅଧିକ (majority) ହେବାରୁ ସିନା ଏହା ହୋଇଛି। କାଲି ଯେତେବେଳେ ଗରିବଙ୍କର ମେଜରିଟି ହେବ କଣ ହେବ କିଏ ଜାଣେ। ଧନୀଙ୍କର ଯେପରି ଗୋଟିଏ ରକ୍ଷିତ ସ୍ୱାର୍ଥ ରଖିବାର ମତବାଦ ଅଛି ଗରିବ ଗୋଟିଏ କର ବି ସେହିପରି ଧନର ସମାନଭାଗ ରୂପ ମତବାଦ ଅଛି। ଗରିବ ଯଦି ସଂଖ୍ୟା ଗରିଷ୍ଠ (majority) ହୋଇଯାନ୍ତି, ତେବେ ସଂଖ୍ୟାଧିକ ଭୋଟ ବଳରେ ଏପରି ଅଇନ କରିଦେବେ ଯେ ଧନ ଭଣ୍ଡାରରେ ଜମାକରି ରହିଥିବା ଧନକୁ ଚୋରି କଲେ ଅଇନ ବାଧା ଦେବ ନାହିଁ। ମୋଟରେ ଯୁଗ ଲେଉଟୁଛି, ଏପରି ହେବା ଆଶ୍ଚର୍ଯ୍ୟ ନୁହେଁ କି ବେଶି ଡେରିବି ନୁହେଁ। ଅତଏବ ଜମା ରଖିବାବାଲେ ସାବଧାନ।

\+ \+ \+

ଓଡ଼ିଶା ବ୍ୟବସ୍ଥା ସଭାର ମୁଖର (speaker) ମୁକୁନ୍ଦବାବୁ ଗ୍ରାମୋନ୍ନତି ପ୍ରକାଶେ ଯେଉଁ ଚିନ୍ତାପୂର୍ଣ୍ଣ ଯୋଜନାଟି ପ୍ରକାଶ କରିଛନ୍ତି ତହିଁରେ ଗୋଟିଏ ବଡ଼ ସୁନ୍ଦର କଥା ଅଛି। ତାହା ଏହିକି "ପାଗଳ, କୁଷ୍ଠୀ ପ୍ରଭୃତିଙ୍କୁ ଖାସି କରି ଦିଆଯିବ।" ଏହା ଗୋଟିଏ ଭଲ ପ୍ରସ୍ତାବ ହେଁ, ମାତ୍ର ପର୍ଯ୍ୟାପ୍ତ ନୁହେଁ ବୋଲି ଆମକୁ ଲାଗୁଛି। ଏଥିରେ କେବଳ ଜାତି ମଧ୍ୟରେ ବଂଶ ରୋଗ ଗୁଡ଼ିକ ସିନା କମି ହେବ-ମାତ୍ର ଜାତିର ଶାରୀରିକ ମାନସିକ ଉନ୍ନତି ତ ହେଲନାହିଁ। ଆମ ଜାତି ଏତେ ଦୁର୍ବଳ, ରୋଗଗ୍ରସ୍ତ, ଜୀବନହୀନ ଯେ ପ୍ରତି ପୁରୁଷରେ କ୍ରମେ ହୀନତର ହୋଇ ଯାଉଛି। ଏହା ଦୂରୀକରଣ ପ୍ରଗତିଶୀଳ ବ୍ୟବସ୍ଥା ପାଇଁ ଆମେ ବୈଜ୍ଞାନିକ ପଦ୍ଧତି ମହାଶୟଙ୍କ ପାଖରେ ପେଶ୍ କରୁଛୁଁ କି ସମସ୍ତ ପୁରୁଷମାନଙ୍କୁ ଖାସି (sterilise) କରି ଦିଆଯାଉ ଏବଂ ଗୋଜାତିର ଉନ୍ନତି ପ୍ରକାଶେ ସେ ଯେପରି ହଳଅନା ବାହୁଯାଉ ଷଣ୍ଢ ବ୍ୟବସ୍ଥା କରୁଛନ୍ତି, ସେହିପରି ସାଧାରଣ ଜାତିରେ ଉତ୍କୃଷ୍ଟ, ଉନ୍ନତ, ଶକ୍ତିଶାଳୀ ପ୍ରଜନନ ନର-ଷଣ୍ଢମାନ ଆମଦାନି କରି ପ୍ରତି ଗ୍ରାମସ୍ଥଳରେ ଭଲ ହେପାଜତ କରି ରଖାଇବାର ବ୍ୟବସ୍ଥା କରନ୍ତୁ। ନଚେତ୍ ଆମ ଜାତି ସମ୍ପର୍କ ଏବଂ ବିଜ୍ଞାନ ସଂଘ ମଧ୍ୟ। ସୀମାନ୍ତ ବା ପଞ୍ଜାବରୁ ଅଥବା ଜର୍ମାନୀ ପ୍ରଭୃତି ଦେଶରୁ ବାଛି ଷଣ୍ଢ ଅଣାଯାଇ ପାରେ। କ୍ରସବ୍ରିଡ୍ (crossbreed) ଫଳରେ ଜାତିର ଉନ୍ନତି ବିଜ୍ଞାନ ସମ୍ମତ। ସମଗ୍ର ଭାରତର କୁକୁର ଏହାର ପ୍ରମାଣ। ନାନା କୁତ୍ସିତ ବ୍ୟାଧିଗ୍ରସ୍ତ, ଦୁର୍ବଳ ସନ୍ତାନମାନେ ଓଡ଼ିଆ ଜାତି ଲୋପ ପାଇ ଏକ ନୂତନ ତେଜସ୍ୱୀ, ଜଗଜ୍ଜିତା ଜାତିର ଉଦ୍ଭବ ହୋଇ ପାରନ୍ତା ନାହିଁ କି ଅତି ଅଳ୍ପ ଦିନ ମଧ୍ୟରେ ଏହି ଅଳ୍ପକାଳରେ।

Digitized by srujanika@gmail.com

# ମଜାକଥା



ହରମୋହନ ସ୍ୱଭାବ କରିଥିଲେ ସନ୍ତାନ ଥିଲେ; ଗୋପାଳପୁର ବନ୍ଦରରେ ସ୍ୱାସ୍ଥ୍ୟକାମୀ ଅସଂଖ୍ୟ କୌଣସି ଧନୀ ଅଥବା ଭଦ୍ରଲୋକ ଖାଲରେ । କାମ ଥିଲା ତାର ପ୍ରତ୍ୟେକ ବ୍ରହ୍ମପୁର ସହରକୁ ଯାଇଁ ମୁନିବଙ୍କ ପାଇଁ ଡଟକା ଫଳ ଫୁଲେଇ ଆଣିବା । କିନ୍ତୁ ସମ୍ପ୍ରତି ବଜାର ଦର ଅପେକ୍ଷା ଚଢ଼ା ମୂଲ୍ୟରେ କୌଣସି ପଦାର୍ଥ ଆଣିବାରୁ, ଅନ୍ୟାନ୍ୟ ସନ୍ଦେହରେ ମୁନିବ ହରମୋହନକୁ ତାର କାର୍ଯ୍ୟରୁ ଚିରଦିନ ପାଇଁ ଛୁଟି ଦେଇ ଦେଇଛନ୍ତି । ଅବଶ୍ୟ ହରମୋହନ ଜନର ବନ୍ଧୁ ଗୋଡଙ୍କ ଆଗରେ ଏପରି କଥା ଭୁଲରେ ଶୁଣା କେବେ କହେନା, ବରଂ ବଡ଼ ବଡ଼ଲୋକଙ୍କ ପାଖରେ ସ୍ୱଭାବ ତାର ଦେଖାଉଥିଲା ନାହିଁ । ଅଭି ସେଥିରେ ହ ମଣିଷର ଅନୁସନ୍ଧାନରେ କାଟା କରୁଛି । ରାମଚନ୍ଦ୍ର ଥିଲା ହରମୋହନର ପ୍ରାଣର ବାନ୍ଧବ । ସେ କାମ କରୁଥିଲା ଏକ ଜାହାଜ କମ୍ପାନୀର ସାହେବ ବାଡ଼ରେ । ତାଙ୍କ ଅନୁସନ୍ଧାନ ଜନର ବେଗଟା ଅଜକାଲି ରାମଚନ୍ଦ୍ରକୁ ବ ଛନେ ସଂକ୍ରମିତ ହେବାର ଦେଖା ଗଲାଣି । ସବୁବେଳେ ଦୁହିଙ୍କ ଭିତରେ ଫୁସ୍ ଫାସ୍ —କେମିତି ବେଶି ଟଙ୍କା ହବ ।

ଏଥର ତାଙ୍କର ମତଲବ ହେଲାଣି ଯେ ଥରେ 'ଟେଙ୍ଗାନ' ଭୁଲି ଆସିଲେ ତାଙ୍କ ମନସ୍କାମନା ପୂର୍ଣ୍ଣ ହୁଅନ୍ତା । ଶୁଣାଯାଏ ଯେ ସେଠାରୁ ଲୋକେ ରାତାରାତି ବଡ଼ଲୋକ !

ଏମିତି ସମୟରେ ଗୋବିନ୍ଦ ଜେନା ସ୍ୱଭାବ ସହଯୋଗରେ ଆସି ପହଞ୍ଚିଲା ଗୋପାଳପୁର ବନ୍ଦରରେ— ହରମୋହନ ଥିଲା ତାର ଗାଁ ଲୋକ, ସୁତରାଂ ବସା କଲା ସେ ହରମୋହନ ବସାରେ ।

ଦୁର୍ଭାଗ୍ୟରୁ ଗୋବିନ୍ଦ ପିଲା ଦିନରୁ ଛେଉଣ୍ଡ ! ଦେହବର୍ଣ୍ଣ ତାର ଅଳ୍ପ ବେଶ ସୁନ୍ଦର, ସେହି କାରଣରୁ ଯାତ୍ରାଦଳର ଓସ୍ତାଦମାନେ ଅଧମ ଟଙ୍କା ଦେଇ ତାଙ୍କୁ ତାର ବୟସ କାଳରେ ଟେକି ଧରୁଥିଲେ । ଏବେ ସେହି ଦଳ ସବୁ ଭାଙ୍ଗି ଯିବାରୁ ଉଦର ପୋଷଣ ଚିନ୍ତାରେ ବାଟ ନ ପାଇ ବିଦେଶ ଆସିଛି । ରେଳରେ ଆସିବା ବେଳୁ ବଜାରର ହୋଇ ଦି' ପଇସା ପେଟପୂଜା ପରେ ଗୋବିନ୍ଦ ଖବର ନେଉଛନ୍ତି— ସନ୍ତରଣ ଶିଖିବାରେ ନଦ ଭାଙ୍ଗିବ ।

ଗୋବିନ୍ଦ ହାଇ ଉଠାଇ ଚୁଟକି ମାରୁ ମାରୁ କହିଲା "ହରିଭାଇ, ଦିନ ଯାକ କେଉଁଠି ଯାଇଥିଲ କି ?" ହରମୋହନ ଗମ୍ଭୀର ସ୍ୱରରେ ଉତ୍ତର ଦେଲା "ବେପାର ବଣିଜ ଚେଷ୍ଟାରେ— ଭୁତ' ଦିନଯାକ ଘୋରିଲୁ, ଅଭି ଆମେ କେତେ ମଥା ଖର୍ଚ୍ଚ କଲୁଁ ଜାଣୁ ?"

## ଫଟା କପାଳ !

ଲେଖକ:—ଶ୍ରୀ ଦେବ କୁମାର

ଗୋ— ବେପାର, ବଣିଜ ?— କି ବେପାର ହର ଭାଇ ? — ହଁ ହର ଭାଇ ! ତୁମ ହାତରେ ସେ କାହିଁକି ଏଥ ପଶୁର ପାରିଲା ?

ହର— ଏଇ ମୋର ବନ୍ଧୁ ରାମଚନ୍ଦ୍ର ।

ଗୋ— ନମସ୍କାର ରାମ ଭାଇ ! ହଁ କହୁଲ ନାହିଁ ହର ଭାଇ କି ବେପାର ତୁମର ? କଥା ଶୁଣି ହର ମୋହନ ଟିକିଏ ହସିଲା ଓ ରାମ ଟିକିଏ କାଶିଲା । ତା'ପରେ ହର ମୋହନ କହିଲା 'ଏଇ ଗୋଟାଏ ଭଲ ଲାଭବାନ ବେପାରର ସନ୍ଧାନ ପାଇଥିଲୁଁ, ଆଉ ତୁ ବି ଆସିଛୁ, ଭଲ ହୋଇଛି । ଟିକିଏ ମଗଜ ଖର୍ଚ୍ଚ କର ବେପାରଟା ଚଳେଇ ପାରିଲେ ତୋର ଓ ଆମର ବେଶ୍ ଦି' ପଇସା ହାତ ପଇଠ ହବ । ଆମ ରାମ ଭାଇ ତ ବଡ଼ ହିସାବୀ ଲୋକ, ସେ ଯେତେ ବେଳେ କହୁଛନ୍ତି ବେପାରଟା ଭଲ, ସେତେବେଳେ ଆଉ !— କଣ କହୁଛ ରାମ ଭାଇ ?

ରାମ— ଅଜ୍ଞ କହନ୍ତି ଚରିତ୍ର ଅଟେ, ତେବେ ନଈ ନ ଦେଖୁଣୁ ଲଙ୍ଗଳା ହେବ କ ଲଙ୍ଗଳା ହୋଇ ନଈ ଯିବ ଚିରଦିନ । ଜ୍ଞାନଟା କ ଦେଖା ଯାଏ ଖୁବ୍ ଗୋପନରେ ସବୁ କଥା ନିଜ ମନ ପେଟରେ ଚାପି ରୋଜଗାର କରିବା ପ୍ରକୃତ ବୁଦ୍ଧିମାନ ଲୋକର କାମ । ଏତିକିବେଳେ ହରମୋହନ ଭାରି ବେଖାତିରି ଭାବରେ ଓ ଭଙ୍ଗୀରେ ଦୋହରି ଗାଳିଗୁଲଜ କରି ତାର ଚେଷ୍ଟାକର କହିଲା "ଦେଖ ଗୋବିନ୍ଦା, ଆମର ଜଣେ ଲୋକର ଦରକାର, ଯାହାର ବାଳ ଗହଳ କୁଞ୍ଚକୁଞ୍ଚିଆ ହୋଇଥିବ, ଏବଂ ଦେହର ବର୍ଣ୍ଣ ହୋଇଥିବ ଗୋରା; ସେଥିପାଇଁ ମୁଁ ରାମ ଭାଇଙ୍କି କହିଲି ଯେ ଆମର ଅଛ ଚିନ୍ତା କଣ ? ଆମ ଗୋବିନ୍ଦର ଦୁଇ ଗୁଣ ଯାହାଠି ଅଛି, ପୁଣି ସେ ତ ଆମର ଗାଁ ଲୋକ । ଅଧିକ ବିଦେଶୀ ଜଣେ କାହିଁକି ଆମର ଭାଗୀଦାର ହେବ !"

ଗୋବିନ୍ଦ ଟିକିଏ ଚମକି ପଡ଼ିଲା, ତା ପର ହରମୋହନର ଏପରି ଅଦ୍ଭୁତ ଭଙ୍ଗୀରେ ଅଭିଭୂତ ଦେଖି । ହର ମୋହନକୁ ସେ ତ ଜାଣେ ତାର ପିଲା ଦିନରୁ— ନିଜ ଗାଁର ହରମୋହନ ସବୁଠୁଁ ଆଗେ ଚଳନ୍ତି ବାଟ ରଖେ । ଏ ପର୍ଯ୍ୟନ୍ତ ଗୋବିନ୍ଦ ପ୍ରାୟ ଅର୍ଦ୍ଧ-ଶାସ୍ତ୍ରୀୟ ଅବସ୍ଥାରେ ଥିଲା; ଏଇ ଅପ୍ରତ୍ୟାଶିତ ପ୍ରୀତିବାଣୀ ତାକୁ ଉଠାଇ ବସେଇ ଦେଲା । ବସି ସେ ପଚାରିଲା "କଥାଟା କଣ ଟିକିଏ କହିଲ ହର ଭାଇ ?" ହର ମୋହନ ଉଠି ଦୁଆରଟାକୁ ଆଗେ ବନ୍ଦ କଲା, ତା ପରେ ଆସି ବସି ଧୀରେ ଧୀରେ କହିଲା, "ଆମ ଗାଁର ଅର ସୁନ୍ଦରେ ଯେଉଁ ବୁଢ଼ୀ ବସି ବସି 'ପୁଣି 'ବଙ୍ଗାଳୀବୁମ୍ବା,' 'ଉପମା', 'ଦୋଶୀ', 'ପାଟଡ଼' ଓ ଚାପି ଖଟେ ତାର ବସ୍ତିର ମାଲ ଅଛି । ସେ ଜୀଅଟିଏ ବି ଅଣି ପାଳିଛି । ବୟସ ତାର ୧୪ । ୧୫ ହେବ । କି ରୂପ ! କଣ କହିବ ରେ ଭାଇ, ଯେମିତି ସ୍ୱର୍ଗର ଅପସରା ! ବୁଝିଲୁ ରେ ଗୋବିନ୍ଦା, ବୁଢ଼ୀ ଆମକୁ ବହୁ ଭଲ ପାଏ । ଆମେ ମଝିରେ ୨ ଥର ତାକୁ ଫେରିଲେ ତା' ହୋଟେଲରୁ ଅଧ କଡ଼ା—"

ଗୋବି—ହର ଭାଇ ଯା କହୁଛ ଅଧିକ ଟିକେ ଖୋଲି ନ କହିଲେ ମୁଁ ବୁଝି ପାରୁ ନାହିଁ ।



Digitized by srujanika@gmail.com

ହର—ଲୁ ଅମର ବେପାରର ଭାଗୀଦାର ହେବାକୁ ମାଗିଲେ, ପାଣି ପଛ ଖରୁ କଥା ପଦ- ଖାର ହୋଇ ଯିବ ଦଣ୍ଡକେ ପରେ ।

ଗୋବନ ଜବାବ ଦେଲା । ହରମୋହନ ଦେଖିଲେ ଫାଶଟା ଭଲ ହୋଇ ଖାଏ ନାହିଁ ବଣ୍ଡିଆ ଚଣ୍ଡେଇଟାର ପାଦରେ । ପୁଣି ଆରମ୍ଭ କଲେ:—"ବୁଢ଼ୀର ଚାପି ହୋଟେଲ ଛଡ଼ା ଆଉ ଅନ୍ୟ ବେପାର ମଧ୍ୟ ଅଛି—ଭଡ଼ା ଘର ଦ ଗୁଡ଼ାଏ ଏଇ ସହରରେ ତାର ଅଛି । ସେଥିରୁ ବ ମାସକୁ ନାପ ଦଶ ପନ୍ଦର ଟଙ୍କା ଭଡ଼ା ପାଏ । ତାର ଆଉ ଆପଣା ଲୋକ ଲେଖା ଜୋଖାରେ କ ନାହାନ୍ତି । ଗୋଟିଏ ପୁଅ ଥିଲା ଯେ ଆଜକୁ ୧୦।୧୨ ବର୍ଷ ତାର ପତ୍ତା ନାହିଁ । ଠାକୁରାଣୀ ଯାତ୍ରା ଦେଖିବାକୁ ବ୍ରହ୍ମପୁର ଯାଇ- ଥିଲା ମା ସାଙ୍ଗରେ, ସେଇଠି କୁଆଡ଼େ ହଜି ଗଲା—ସେତେବେଳେ ତିଲର ବୟସ ଥିଲା ମାତ୍ର ୫ ବର୍ଷ । ବୁଢ଼ୀ କିନ୍ତୁ ମନେ ମନେ ସ୍ଥିର କରି ରହିଛି ଯେ ତା ପୁଅ ଦିନେ ହେଲେ ନିଶ୍ଚେ ଫେରି ଆସିବ । ଏଇ ଦିନା ୧୫ ହେବ ସେ ସ୍ୱପ୍ନ ଦେଖିଛି ତା ପୁଅ ନାକି ଫେରି ଆସିଛି— ଗୁଣ୍ଡରେ ତାର ଲମ୍ବ ଲମ୍ବ ଲୁହବୁହିଆ ବାଳ, ଠିକ୍ ଯେପରି ସ୍ୱୟଂ ଗୋପପୁରର କହ୍ନେଇ !"

ମଉକାଟା ଏତେବେଳେ ହରେ ହୃଦୟଙ୍ଗମ କରି ପାରି ଗୋବନ ଅତ୍ୟସ୍ତ ହୋଇ ଠିଆ ହୋଇ ପଡ଼ିଲା ଏବଂ କହିଲା "ହଇ ହଇ କଣ ପାଗଳ ହୋଇ ଯାଉଛ, ନା "ଗଡ଼ଜାତ" ର ଚଲନ୍ କାଫୀ ହୋଟେଲରୁ ଅଣ୍ଟ ମେଦ୍ଧ୍ୟ ପାଗରେ ଟାଣି କରାକୁ ଫେରୁଛ ।—ଉଠ, ଉଠ, ମୁଁ ହେଲେ ବାହାରକୁ ଯିବ, ଦରକାର ଅଛି ।" ଏହା କହୁଁ କହୁଁ ତାର ହାତ କଟା କମିଜଟା ପିନ୍ଧିବାକୁ ଆରମ୍ଭ କରିଦେଲା ।

ହରମୋହନ ମୁହଁ ଲୁହୁଣ୍ଡେଇ କହିଲା, "ହେଇ—ଅମର କଥା ଶୁଣିବା ଯଦି ପଡ଼େ- ଇଲା, ତେବେ ଦରକାର ନାହିଁ । ସଂସାରରେ କଣ ଆଉ କାହାର ଲୁହବୁହିଆ ବାଳ ନାହିଁ ନା ତୋ ଛଡ଼ା ଭଗବାନ ଆଉ କାହାକୁ ଗୋସ ରମ ଦେଇ ନାହାନ୍ତି !" ଗୋବନ ଏଥର ନ ରହି ମୃଦୁ ହାସ୍ୟ କରୁ କରୁ କୁର୍ତ୍ତାଟା ଟାଣି ଟୁଣି ଠିକ୍ କରି ପିନ୍ଧି ପଡ଼ାଇଲା ଏବଂ ତାର ଯୋଡ଼ାଟା ଖୋଜିବାକୁ ଏଣେ ତେଣେ ଘର ଭିତରେ ନଜର ଦେବାକୁ ଲାଗିଲା ।

ହରମୋହନ ହଠାତ୍ ବାଟ ଓଗାଳିଲା ଭଙ୍ଗୀରେ କହିଲା "ଦେଖ ଗୋବନ, ଅମର ମତଲବରେ ତୋର ହସିବା ଭଳି କିଛି କଥା ନାହିଁ । ଏଇ ବୁଢ଼ୀର ପୁଅର ବୟସ ବର୍ତ୍ତ- ମାନ ତୋର ବୟସର ସମାନ ହୋଇଥିବ । ଆଉ ପୁଣି ତାର କପାଳରେ ତୋରି ପରି କଟା ଚିହ୍ନଟାଏ ବି ଥିଲା ।"

ରାମଚନ୍ଦ୍ର ଏପର୍ଯ୍ୟନ୍ତ ସ୍ଥିର ଥିଲା । ହଠାତ୍ କହି ଉଠିଲା "ଠିକ୍ ତୁମର ପରି ଗୋବନ ବାବୁ !—କପାଳଟା ତୁମର ଫିଟିଯିବ ଏଥର !—"

ଗୋବନକୁ କାହିଁକି ଆଉ ଜୋରା ଦ'ପଟ ତାର ଦଶିଲା ନାହିଁ ସାରା ଘରଟା ଭିତରେ । ପାପଲୁ ଶୁଣିଥିବ ମନ୍ତ୍ର କାଟି ଜଲ ଜଳ ସେ ସ୍ଥିର ହୋଇ ଦଣ୍ଡେ ରହିଗଲା ଓ ପରେ କହିଲା "ଅଚ୍ଛା ତୁମ କଥା ମାନିଲି, କିନ୍ତୁ କପଟ ପ୍ରମାଣ କରିବ କହିଲ ?—ନା ପଛକୁ ମତେ ନେଇ ଥାନା, ଜେଲ ଖାନାରେ ପୁରାଇ ମୋର କପାଳ ଫିଟାଇବାର ବନ୍ଦୋବସ୍ତ କରିବ ?

ହର—ଅରେ, ଯା—ନାହିଁ ମ—ଏକାଟ ତୋର କ ଅସଙ୍ଗତ କଥା !—ସେ ବୁଢ଼ୀକୁ ଥରେ ଆଣି ତୋ ପାଖରେ ପହଁଚାଇ ପାରିଲେ ହେଲା, ସେ ତ ନିଜେ ତତେ ପୁଅ ବୋଲି ଆଗୁଡ଼ ବଢ଼ିବ !—ଏଥିରେ ତୋର ଅଣ୍ଟ ଠକାଇବା ଦୋଷ କୁଆଡୁ ହବ ଯେ ଥାନା ପୋଲିସ କଥା କହୁଛୁ !

ରାମ—ତୁମେ ଆଜଠୁଁ ଆଉ ସେ ହୋଟେଲ ବାଟ ଦେଇ ଯିବା ଆସିବା କରିବ ନାହିଁ । ଆମେ ବୁଢ଼ୀ ପାଖରୁ ଆଜ କାଲି ଜରୁରୀ ଖବର ଦାଡ଼ି ଆଣୁ—ସେଦିନ ପରି ସେ କହିଥିଲା ତାର ପୁଅର ହାତରେ 'ଚଟାଲୁଚା' ହୋଇଥିଲା ବୋଲି ?

ହର—ହଁ—ହଁ, ତାର ବାଁ ହାତରେ ଗୋଟାଏ ମସ ଓ ଡାହାଣ ହାତରେ ତାର ନାଁ ଟା ଲେଖା ଥିଲା—ଅଉ ଛାତି ଉପରେ ରାଧାକୃଷ୍ଣଙ୍କ ଯୁଗଳ-ମୂର୍ତ୍ତି ।

ଗୋ—ଏଁ ଯା—ଏତେ କଷ୍ଟ—ବିଦ୍ୟାର ଚଟା ଲୁଟେଇବ । ନା—ନା—ମୋର ଦର- କାର ନାହିଁ ଏତେହେର ଗନ୍ଧ ହେଇଯିବ ।

ହରମୋହନ ଓ ରାମଚନ୍ଦ୍ର ଗୋବନକୁ ବୁଝାଇବାକୁ ଚେଷ୍ଟା କଲେ ଯେ କଷ୍ଟ ଖା ଅବସ୍ଥା ତାର ଅଦୌ ହେବ ନାହିଁ । କିନ୍ତୁ ଗୋବନ କୌଣସି ମତେ ତାର ସୁନ୍ଦର ଗୋରା ଦେହ ଉପରେ ଅବାଞ୍ଛିତ ଚଟା ଲୁଟାଇବାକୁ ରାଜି ହୋଇ ପାରିଲା ନାହିଁ । ସେଦିନ ରାତିରେ ଖାଇ ପିଇ ସମସ୍ତେ ଶୋଇଲେ । ପରଦିନ ପୁଣି ରାମ ଓ ହରି ଦୁହେଁ ଗୋବନକୁ ଧରି ବସିଲେ । ପୁରାଣରୁ "ରାଜା ଶିବି"ର ଉଦାହରଣ ଦେଇ ଗୋବନର ମନକୁ ଟଳାଇବାର ବୃଥା ଚେଷ୍ଟା କଲେ । କିନ୍ତୁ ଗୋବନ ଭୁଲିବା ପାତ୍ର ନୁହେଁ । ଏଥିରେ ରାମ ଓ ହରି ମୁହଁରେ ଗୋବନ ଉପରେ ଚିଡ଼ିବାର ଭଙ୍ଗୀ ଦେଖାଇଲେ ମଧ୍ୟ ତାଙ୍କ ମନ ଭିତରେ କ୍ଷୀଣ ଆଶାର ମୃଦୁରଶ୍ମି ଉଙ୍କି ମାରି ଯାଉଥିଲା । ଦିନେ ହେଲେ ନିଶ୍ଚେ ଗୋବନ ରାଜି ହେବ । ପ୍ରକୃତରେ ହେଲା ବି ସେୟା । ତହିଁ ଆରଦିନ ସନ୍ଧ୍ୟାରେ ତିନିହେଁ ଗୋଟାଏ ମନ ଖୁସିଆ ଭ୍ରମଣରେ ବାହାରି ଥିଲେ । ବୁଲି ବୁଲି ଗୋଟିଏ ମଦ ଦୋକା- ନର ସାମନାରେ ଆସି ପହଁଚିଲେ । ସେ ଦିନ ଦ୍ୱିପହରରେ ଅଳ୍ପାଏ ବର୍ଷା ହୋଇ ଥଣ୍ଡାଟା ଟିକିଏ ଜାଗିଥାଏ । ସାମନାରେ ମଦ୍ୟ ପରମ-ଦାମ୍ଭିକ ଅଣନ ଦେଖି ହରି ରାମକୁ କହିଲା "ରାମ ଭାଇ, ଦେହଟା ଟିକେ ତାତି କରିଦେବା କି ? ଏ ନୂଆ ହୁଣା ପାଗଟାରେ ମିଜାଜଟା ଉଡ଼ୁ....."

ରାମ ବାଧା ଦେଇ କହିଲା "ଭଲ କଥା, ତେବେ କଣ କି ଆମ ଗୋବନ ଟିକିଏ ନିଜ- ନିର୍ଣ୍ଣୟ କରଣର—ଏଥିପାଇଁ.....ଥାଉ ।"

Digitized by srujanika@gmail.com

ଗୋବନ ଗାନ୍ଧା ଦଳର ପିଲା । ତାର ସେ ଏ ବୟସରେ ଦାନ୍ତ ଉଠେଇ ନଥିଲା ତାହା ନୁହେଁ । ସେ ବି ସମସ୍ତ ଶୁଣି କହିଲା "ତୁମ-ମାନଙ୍କର ଯେତେବେଳେ ଖେଳିବେ ଆନନ୍ଦ, ମୋର ଅପତ୍ତି କରିବାଟା ଅଭଦ୍ରତା—ବିଶେଷ ପାଗ ଖେଳ ଦେଖି ।"

ତାପରେ ସମସ୍ତେ ପଶିଗଲେ ଗରମ-ଦାଗୁଡ଼ିଆ କମ୍ବଳ ଭିତରେ । ଗୋବନର ପାନାଭ୍ୟାସ ପୂର୍ବେ ଥିଲେ ମଧ୍ୟ ପାଚକ ହୋଇ ନ ଥିଲା । ଅନ୍ୟକେ ସେ କାବୁ ହୋଇଗଲା—ମିଷ୍ଟାପଥା ତାର ହୋଇଗଲା ହାଲୁକା, ହାଲୁକା ହୋଇଗଲା ଖୋଲ ! ଅନଭ୍ୟାସଜନ୍ୟରେ ଅର୍ଦ୍ଧ ଜାଗ୍ରତ ଦଶା ତାର ମେଲି ଦେଲା ହରି ଭାଇର ସ୍ୱର ଭାବରେ—କହିବାକୁ ଲାଗିଲା "ହରି ଭାଇ ସାର ମୋର ଏ ଦୁଃସ୍ୱପ୍ନରେ ଅପଣାର ଲୋକ ଅଜ ଦେଖିଲା ଗଲା ଅଛି ।" ତାପରେ ଭାବ ତନ୍ମ-ୟତା !—କନ୍ଦନ !···ସେଇ ସ୍ୱରରେ "ହରି ଭାଇ ତୁମେ ଯାଁ କହିବ ସେଇଆ କରିବି—ନରକକୁ ବି ଯାଇ ପାରେ ଛତା କୁଟାଇବା ତ' ସ୍ୱଳ୍ପ କଥାଟାଏ ।" ତା'ପରେ ତୂଷ୍ଣୀ ଭାବ—ନିର୍ବିକଳ୍ପ ସମାଧି ! !···ସ୍ୱପ୍ନାବେଶରେ ଗୋବନ ଅନୁଭବ କରିବାକୁ ଲାଗିଲା ଯେ ହରି ଭାଇ କଥାରେ ସେ ନରକକୁ ଯାଇଛି—ଯମ ଦୂତ ଗୁଡ଼ାକ ତାର ହାତ ଓ ଦେହରେ ଶତକୋଟି ସୂତ ବାନ୍ଧି ଦେଇଛନ୍ତି ଅଉ ସେ ହରି ଭାଇର ନାମ ଘୋଷଣ କରି ଗୋଳି ଛାଡୁଛି । ହାତୁ ? ନିଦ୍ରା ଭଙ୍ଗ ହେଲା କିନ୍ତୁ ତନ୍ଦ୍ରାର ଆବେଶ କାଟି ନ ଥାଏ । ଅର୍ଦ୍ଧ ଜାଗ୍ରତ ଅବ-ସ୍ଥାରେ ରାମଚନ୍ଦ୍ରକୁ ପଚାରିଲା—"ରାମ ଭାଇ ! ହରି ଭାଇର ଗଲାଟା କୁଆଡ଼େ ଗଲା ?"—କିନ୍ତୁ ଉତ୍ତର ପାଇବା ପୂର୍ବରୁ ପୁଣି ସ୍ୱପନ ସୁନ୍ଦରୀମାନେ ଗୋବନକୁ 'ରୂପାକାଠି' ଛୁଇଁଇ ଦେଲେ ।

ପରଦିନ ନିଦ୍ରା ଭଙ୍ଗ ପରଠାରୁ ଗୋବନ ଦେଖିଲା ଯେ ଜଣେ ଲମ୍ବା ଦେଢ଼ା ଖୋପି ବାନ୍ଧି 'ଚାରିଶ ପାଉଣ୍ଡ ଭଦ୍ରଲୋକ' ହରି ଭାଇ ଓ ରାମ ଭାଇ ସହିତ ତାର ଶେଯ ପାଖରେ ଠିଆ ହୋଇଛନ୍ତି । ସେତେବେଳେ ଦେଖିବେ ଯେ ଛଅ ବୃଶ୍ଚିକର ଦଂଶନ ଯାତନା ଅନୁଭବ କରୁ-ଥିଲା । ମୁହୂର୍ତ୍ତ ମଧ୍ୟରେ ସେ ତାର ଅବସ୍ଥା ବୁଝି-ନେଲା । ରାତିରେ ଯେଉଁ ଲୁଚାଛପା ହୋଇ ଏକ ଲମ୍ଫରେ ଯେ "ଚାରିଶ ପାଉଣ୍ଡ", ଭଦ୍ର-ଲୋକର ଗୋଡ଼ ଉପରକୁ ଡେଇଁ ପଡ଼ି ତାର ତଳି ଚପି ଧରିଲା । ରାମ ଓ ହରି ଦୁହେଁ ବହୁ କଷ୍ଟରେ ତାକୁ ଧରି ପୁଣି ତାର ଶେଯରେ ଶୁଆଇ ଦେଲେ । ଯମଦୂତ ଓ ବୁଝାଇ ରାମ ଓ ହରି କହିଲେ "ତୋର ଭଲ ପାଇଁ ଏ ସବୁ—ଅଉ 'ଡାକ୍ତର' କାହିଁକି ଲାଗିଲେ ?—ବୃଥା ଚେଷ୍ଟା, ଏଥିରେ ତୋର ମଙ୍ଗଳ ଛଡ଼ା ଅମ-ଙ୍ଗଳ ନାହିଁ !" ହତାଶ ଶୋଭିତ ଗାତ୍ର ଯାତନାରେ ଅବଶ ଗୋବନ ପୁଣି ତନ୍ଦ୍ରା ମଗ୍ନ ହୋଇ ପଡ଼ିଲା ।

ତିନି ଚାରି ଦିନ ପରେ ଗୋବନର ଶରୀରର ଗ୍ଲାନି ଦୂର ହୋଇଗଲା । ଏଇ ୩ । ୪ ଦିନ ରାମ ଓ ହରି ବୁଢ଼ୀର ଲାଗି ହୋଟେଲକୁ ଅଧିକ ମଜଗୁଲ କରି ରଖିଥିଲେ ଓ ତାର ପୁଅ ସମ୍ବନ୍ଧରେ ବହୁତ ନୂତନ ତଥ୍ୟ ସଂଗ୍ରହରେ ବ୍ୟସ୍ତ ଥିଲେ ।

କାଳ ସବୁ ଭୁଲାଇ ଦେଲା । ଗୋବନ ସୁସ୍ଥ ହୋଇ ଉଠିଲା । ମନ ତାର ବି ତତୋ-ଧିକ ସୁସ୍ଥ ହୋଇ ଉଠିଲା ତାର ଭବିଷ୍ୟତ ସୌଭାଗ୍ୟର ସ୍ୱପ୍ନରେ । ସନ୍ଧ୍ୟାର ଉପରେ ଅଦେଖା ସୁନ୍ଦରୀ ତାର ସ୍ୱପ୍ନ ସଙ୍ଗିନୀର ରୂପ ସ୍ୱପ୍ନରେ ତାର ଦେହ ମନ ବର୍ତ୍ତମାନ ପୂର୍ଣ୍ଣ !

ଏଥର ଗୋବନର ମନେ ହେଲା ରାମ ଓ ହରିଭାଇ ସହିତ ତାର ଭବିଷ୍ୟତ ସମ୍ପର୍କ ବିଷୟ କାହୁଁଅଛି କରିବା ପାଇଁ କାରଣ ଉଠାଇ କରିବା । ରାମ ଓ ହରି କିନ୍ତୁ ତାକୁ ବୁଝାଇ ଦେଲେ ଏସବୁ କାମରେ କାହାରି ଲାଭ ନାହିଁ । ଗୋବନ ବି ଭାବି ଦେଖିଲା ଯେ ସେ ତ ହେବ ବୁଢ଼ୀର କରୁଣାଶ୍ରିତ ପ୍ରଜା—ସେତେବେଳେ ପ୍ରକୃତ ଭାଗ କାହୁଁଅଛି ତ' ତାର ହାତରେ ।

ତିନି ଦିନ୍‌କର ଭିତ କାର୍ଯ୍ୟ ସମ୍ବନ୍ଧରେ ସହାର୍ହାର ବନ୍ଧୁତ୍ୱ ଉଭୟର ଉତ୍ତ-ମରେ । ହରମୋହନ ବୁଢ଼ୀର ପାର୍ଶ୍ୱ ଜଗେ । ରାମ ଜଗେ ବୁଢ଼ୀର ପାକଶାଳା ଦନ୍ୟାନ୍ୟ ପାର୍ଶ୍ୱ ଏବଂ ଏମାନେ ଉପଦେଶ ଦିଅନ୍ତି ଗୋବନ କିପରି ବୁଢ଼ୀର ବଂଶଗତ ପ୍ରଜା ପରି ଠିକ ବ୍ୟବହାର କରି ପାରିବ । ହରମୋହନ କହେ ଗୋବନକୁ କହିବା ଅଛି ଯେମାନଙ୍କର ଏ ସମ୍ବନ୍ଧରେ ଶେଷ ଷ୍ଟେଜ ରିହାର୍ସାଲ—ତାହା ସେମାନେ କେଉଁଠି ଭୁଲିଯିବେ ହୋଇ ବୁଢ଼ୀକୁ କହି ଅଛନ୍ତି—ଏଥର ତାଙ୍କର ଛଅ ଦିନ ପରେ ଗୋବନ ବୁଢ଼ୀକୁ ଜଣାଇ ଅଛନ୍ତି । ଏଥର ସେ ଦିନକୁ ତାର ପାର୍ଟର ପ୍ରକୃତ ରିହାର୍ସାଲ ଦେବାକୁ ପଡ଼ିବ । ରାମ ଓ ହରି ପ୍ରକୃତ କାମ କେଉଁଠି ଶୁଣି ଯିବେ. କିନ୍ତୁ ଯିବା ପରେ ଗୋବନ ଯେମିତି ତାଙ୍କୁ ଭୁଲି ନ ଯାଏ ।

ରାମ କହିଲା—"ଗୋବନ, ତୁମକୁ ଭବି-ଷ୍ୟତ ଓ ଅଧେ ରାଜ୍ୟ ଆମ ଚେଷ୍ଟାରେ ମିଳାଇ ଦେଲୁଁ । କିନ୍ତୁ ମାସକୁ ମାସ ଅନ୍ତର ମନ ଅର୍ଡରଟା ଯେପରି ବୈକୁଣ୍ଠ ଠିକଣାରେ ଠିକ୍ ପହଞ୍ଚିବ ? ନମକହାରାମି ହେବ ନାହିଁ ? !—ସାବଧାନ ! !—"

ଗୋବନ ଅତି ଆନନ୍ଦରେ ସଜ ହୋଇ କହିଲା, "ମୁଁ ନିମକ ହାରାମ ତ ନାହିଁ, କାମରେ ଦେଖିବ ।"

ସେଦିନ ସନ୍ଧ୍ୟାରେ ରାମ ଓ ହରି ଦୁହେଁ ଯାଇଥିଲେ ବୁଢ଼ୀ ପାଖରୁ ଶେଷ ବିଦାୟ ନେବାକୁ । କିନ୍ତୁ ଅତି ଅଳ୍ପ ସମୟ ମଧ୍ୟରେ ସେମାନେ ବାହୁଡ଼ି ଆସିଲେ । ଗୋବନ ପଚା-ରିଲା "ଏତେ ଶୀଘ୍ର ଯେ, ବୁଢ଼ୀ ଘରେ ନ ଥିଲା କି ?—ହୋଟେଲ କଣ—"

ହରମୋହନ ଯେମିତି ଗୋବନ କଥା ନ ଶୁଣିଲା ଭଳି ହୋଇ ଆପଣା ମନକୁ କହିଗଲା—"ଓଃ କି ପାପ କାମ ଆମେ କରିବାକୁ ବସି-ଥିଲୁଁ, ଭଗବାନ ରକ୍ଷା କଲେ ସିନା !".



Digitized by srujanika@gmail.com

ସମ ହେଲା "ତା ନୁହେଁ ରେ, ସବୁ ତ ତୋର ଖେଳ !—ହେ ଦୟାମୟ !"

ଗୋବିନ୍ଦ ଆଖି ଦେଇ ତା' ସାଙ୍ଗ ଦେହ ମୁହଁକୁ ଚାହିଁ ରହିଲା । କ୍ଷଣ ପରେ ଉତ୍କଣ୍ଠିତ ହୋଇ କହିଲା, "କି ପାପ ତୁମେ କରିବାକୁ ଯାଉଥିଲ ହରିଭାଇ ?"

ହରି—ପାପ ନୁହେଁ ଆଉ କଣ ? ସେଇଟିଏ ଝିଅବା ବୁଢ଼ୀର ଠକିବାକୁ ଯାଉଥିଲୁ, ଆଉ ସବୁ କରିବ; ପାପ ନୁହେଁ ?—ତୋର ପାପ !

ଗୋବିନ୍ଦ ଉଦ୍‌ବେଗର ସ୍ୱରରେ କହିଲା—"ଓଃ ! ହରିଭାଇ ! ... ଯାଉ ସେ କଥା । ମୁଁ ଜାଣିବାକୁ ଚାହେଁ ମାଉଲୁ ମାଡ଼ ମନଅର୍ଥ ... ପୁଜାଏ ପୁଜାଏ ଟଙ୍କା ଭୂତମାନେ ପାଇବାକୁ ଚାହିଁ ନା ?"

ହରମୋହନ ଓ ରାମଚନ୍ଦ୍ର ଏକାସଙ୍ଗେ କହି ପକାଇଲେ "ନା !"

ଗୋବିନ୍ଦ ଏଥର ଆଶ୍ୱସ୍ତ ହୋଇ ରହିଥିଲା । ହରମୋହନ ପୁଣି କହିଲା, "ଦେଖ, ଗୋବିନ୍ଦ, ତୁ ଯଦି ଏକା ସେ କାମରେ ପଶିବାକୁ ଚାହୁଁ ଥିଲୁ, କିନ୍ତୁ ଆମେ କହୁଁ, ତୋର ଭଲ ପାଇଁ ଅବଶ୍ୟ, ସେ ପଥରେ ଯାଇ ନା—ସେ ପଥରେ ଭଲ ନାହିଁ—

ଗୋବିନ୍ଦ ପାଗଳ ପରି ଚିତ୍କାର କରି ଉଠିଲା । "କଣ କହୁଛ ? ମତେ ଅନ୍ଧକାରରୁ କେହି ମୋର ହାତ ଧରି ବାଟ ଚାଲେଇ ଏବେ କାହିଁକି ଛାଡ଼ି ଦେଉଛ ? ଆରେ ବାଃ !" ହରମୋହନ ଧୀର ଭାବରେ କହିଲା "ଅନେକ ଚିନ୍ତା କରି ମିଛ ଭୋକରେ ଅସହାୟ ବୁଢ଼ୀ ଠକିବାର ଇଚ୍ଛା ଥିଲୁ,—କିନ୍ତୁ ଈଶ୍ୱର ଅଛି ଠିକ ହେଲେ ଦୁର୍ଜନର ସହାୟ ହୁଅନ୍ତି ନାହିଁ ।" ଗୋବିନ୍ଦ ପୁଣି ଉତ୍ସାହ ଚିତ୍କାର କରି ଉଠିଲା "ଆଉ ନାହିଁ ଧର୍ମପୁତ୍ରମାନେ, ମୁଁ ତୁମର ସାହାଯ୍ୟ ଲୋଡ଼େ ନା, ମୋର ପଥ ମୁଁ ନିଜେ ବାଛି ନେଇ ପାରିବି—ମୁଁ ତ ମରଦ ପୁଅ !

ତହିଁ ଆରଦିନ ସକାଳେ ଷ୍ଟେଶନଗାମୀ ଯାତ୍ରୀ-ଗାଡ଼ିରେ ହରମୋହନ ଓ ରାମଚନ୍ଦ୍ର ଷ୍ଟେସନ ଗଲେ । ଯିବାବେଳେ ଗୋବିନ୍ଦକୁ ତାହାଙ୍କ ସମ୍ପର୍କ ଜଣାଇ ଦେଲେ । ଗୋବିନ୍ଦ ସଙ୍ଗ ପ୍ରଣାମ କଲା । ହରମୋହନ କହିଲେ "ଏବେ ବୁଢ଼ୀ ନାହିଁ ବାବୁ—ଆମ ଭଲ କଥା ତ ଏବେ ଲାଗୁଛି—ତେବେ ବୁଝିବେ ଯେ ଆମେ !"

ପ୍ରଥମେ ଗୋବିନ୍ଦକୁ ମନେ ହେଉଥିଲା ବଡ଼ ଏକୁଟିଆ ଲାଗିଲା ପରେ ମନ ସହଜ ହୋଇଗଲା । ସେ ମନକୁ ପ୍ରବୋଧ ଦେଲା—ଆଜି ୩ । ୪ ଦିନ ପରେ ମୁଁ ବୁଢ଼ୀର ସବୁ ସମ୍ପତ୍ତିର ମାଲିକ ହେବି ମୁଁ—ଆଜି ସେହି ସ୍ୱପ୍ନ !—ଏକୁଟିଆ ?—ଏବେ କହେ ମୁଁ ଏକୁଟିଆ !

ହରମୋହନ ଓ ରାମଚନ୍ଦ୍ର ଚାଲିଯିବାର ୩ । ୪ ଦିନ ପରେ ଠିକ୍ ଦ୍ୱିପ୍ରହର ବେଳକୁ ଗୋବିନ୍ଦ ବୁଢ଼ୀର ହାଜିର ହୋଇଗଲା ଅନ୍ଧକୁ ବାହାରିଲା । ଦ୍ୱିପ୍ରହରରେ ଯିବାର ମତଲବ ସେ ସେ ସମୟର ବୁଢ଼ୀ ସହିତ ନିରୋଳାରେ ଦେଖା ହୋଇ ପାରିବ, ବାସ୍ତବିକ କାମରେ ବ୍ୟସ୍ତ ହୋଇଥିଲା । ବୁଢ଼ୀ ଏକୁଟିଆ ବସି ତା'ର ଖାଦ୍ୟ ଖରିଦ ଗ୍ରାହକମାନଙ୍କ ପାଇଁ ଲୁଗା, ଦୁନ୍ଦ, ଦୋଣା ଇତ୍ୟାଦି ଜିନିଷ ବନ୍ଧିବା ସଜାଣି ଆଦି କାମ ଆରମ୍ଭ କରୁଥିଲା । ଗୋବିନ୍ଦ ଦୁଆରରେ ପହଞ୍ଚି ଟିକେ କାଶି ସାରି (ବୋଧହୁଏ ବୁଢ଼ୀ ତାର କଥା ଜଣାଇବା ପାଇଁ ସଫା କରି ନେବା ଉଦ୍ଦେଶ୍ୟରେ) କହିଲା "କିଏ ବାଟ ଦେଇ ପାରିବ କି ?"

ବୁଢ଼ୀ ନବାଗତ ଅତିଥିକୁ ଚାହିଁ କହିଲା "ଦେଉଛି ପୁଅ, ଟିକେ ପିଇ ଦେଖିବା ଭାବରେ ବସ—ଅଳ୍ପ ଟିକେ ବିଳମ୍ବ ହେବ, ପାଣି ଦୁଇଟୋପା ଏକା ।" ଏହା କହି ବୁଢ଼ୀ ତାର ସାନ ଝିଅକୁ ତଳକୁ ପାଣି ଆଣିବାକୁ ଡାକିଲା । ଗୋବିନ୍ଦ ତ ଖୁସି ହେଲା, କାରଣ ଦେଖା ହେଲେ ବଳିଂ ତାର ସୁବିଧା । ବୁଢ଼ୀ ସହିତ ଗୋବିନ୍ଦ ଗଳ୍ପ ଆରମ୍ଭ କରିଦେଲା ଏହି ଅବସରରେ ।

ଗୋ—ଓଃ । ଭାରି ଖରା ପଡ଼ୁଛି । ଏପରି ସମୟରେ ଆମେ ଦରୁ ମୋଟି ଦେଖିଲେ ବୁଢ଼ା ଜଣେ ପିଉଥାନ୍ତି । ବୁଢ଼ୀ ଗୋବିନ୍ଦ ମୁହଁକୁ ସ୍ନେହ ଦୃଷ୍ଟିରେ ଚାହିଁ ପଚାରି କହିଲା "ତୁ କଣ ବାପ ଦୂର ଦେଶରେ ଯାଉଛୁ କରୁ କି ?"

ଗୋ—ହଁ, ମାଉସୀ । ସେ ଅନେକ କଥା । ମୋର ବାପା ଯେତେବେଳେ ୪ । ୨ ବର୍ଷ, ସେତେବେଳେ କେତେ ଲୁଚାଏ ଲୋକ ମତେ ଚୋରେଇ, କୁମ୍ଭୀଳ ନେଇ ଯାଇ ଆସାମ ଚା ବଗିଚାରେ ଛାଡ଼ି ଦେଇଥିଲେ । ସେହି ଦାଢ଼ ଆଜିକୁ ପ୍ରାୟ ୧୨ । ୧୮ ବର୍ଷ ପର୍ଯ୍ୟନ୍ତ ମୁଁ ସେଠା କୁଲିମାନଙ୍କ ସଙ୍ଗେ କାମ କରୁଥିଲି ।

ଏହି କଥା ବୁଢ଼ୀ କହୁଁ କହୁଁ ଯେପରି ଅନ୍ୟମନସ୍କ ଭାବରେ ସେ ତାର ଲୁଗାର ଅଞ୍ଚଳ ଟେକିବାକୁ ଆରମ୍ଭ କଲା ଏବଂ ତାର ହାତରେ ଅଙ୍କା ହୋଇଥିବା ପଦ୍ମର ଚିହ୍ନଟା ଯେପରି ବୁଢ଼ୀର ଆଖିରେ ପଡ଼େ ସେହି ଭାବରେ ହାତଟା ବେଶ ଉପରକୁ ଅଳ୍ପ ଟେକି ରଖିଦେଲା । ବୁଢ଼ୀ ଏକ ଦୃଷ୍ଟିରେ କିଛିକ୍ଷଣ ପର୍ଯ୍ୟନ୍ତ ସେହି ପଦ୍ମ ଅଙ୍କା ଗୋବିନ୍ଦର ହାତଟା ଆଡ଼କୁ ଚାହିଁ ରହିଲା । ପରେ ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ କହିଲା, "ଓଃ ଛଅଟା ମୋର ଛୁଆ ଯାଇଛନ୍ତି ବାପ, ତୋର କଥା ଶୁଣି ।—ତୋ ଭଳି ଏକା ମୋର ଚିହ୍ନଟିଏ ଥିଲା, କେଉଁଠି ଯେ ଗଲା—ଓହୋ !"

ଗୋ—ତୋ କଥା ଶୁଣି ମୋର ଭାରି ଦୁଃଖ ହେଉଛି । ମୋର ମା ଅଛି କି ନାହିଁ କିଏ କହି ପାରିବ ।

ଇତି ମଧ୍ୟରେ ବୁଢ଼ୀର ପାଳିତା କନ୍ୟା ଗଡ଼ୁରେ ପାଣି ଆଣି ଦେଲା । ବୁଢ଼ୀ ତରବର ହୋଇ ଉଠି ଆସେ ଉତ୍ସାହ କରି ଗୋବିନ୍ଦ ହାତକୁ ଭଲକରି ଦେଖିଁ ଦେଖିଁ କହିଲା, "ତୋର ମା ବାପା ଅଛନ୍ତି କି ନାହିଁ ତୁ ଜାଣିଥିବାର ଚାହୁଁଛ ?"

(୧୨ ପୃଷ୍ଠା ଦେଖନ୍ତୁ ।)

Digitized by srujanika@gmail.com



# କାହାଣୀ

## ଗୋପିଆ

ଲେଖକ:—
ଶ୍ରୀ ପ୍ରାଣବନ୍ଧୁ କର

ଗୋପିଅ—ଦଶ ଏଗାର ବର୍ଷର ଗୋଟିଏ ଚନାବାଦାମ ବାଲା—ସେଦିନ ସନ୍ଧ୍ୟାରେ ତାର ଦୁରନ୍ତ କଣ୍ଠଟା ଚିହ୍ନ ଅଛି ମୋର ମନେ ରହିବ ଅନେକ ଦିନଯାଏଁ । ବନ୍ଧୁମାନଙ୍କ ସହିତ ବସି ଯେତେବେଳେ ଜମିଯାଉ ଥାଏ ଠିକ୍ ସେତିକି ବେଳେ ଶୁଣାଯାଏ ତାର ଡାକଟି — ଚନାବାଦା—ମ୍—

ବନ୍ଧୁମାନେ ମୋର ବିରକ୍ତ ହୋଇ ଉଠନ୍ତି — କେହି କେହି କହନ୍ତି ଓଃ—ନଇଲେ ଟେକ ନଦୀରେ ପକେଇ ଦେବ—ସେ ଟିକିଏ ଦୂରେଇ ଛିଡ଼ା ହୁଏ—ମୁଁ ତା ଆଡ଼େ ଚାହିଁ ଟିକିଏ ହସିଦିଏ—ସେଇ ହସ ତାର ଅଧ ପରିଚିତ—ସେ ଆଗେଇ ଆସେ—କହେ— ବାବୁ କେତେକର ?

ଯେତିକିଥର ଯେତେବେ ଇଚ୍ଛାହୁଏ ମୁଁ ଚାହିଁ ବସେ ଚନାବାଦାମ—ଅନ୍ୟାନ୍ୟ ବନ୍ଧୁମାନେ ବି ଖାଆନ୍ତି ପାଖରୁ ଦୁଇ ଚାରି ପଇସାର ସେ ଚନାବଣ୍ଟା ତା ଦୂରେ—

ଚନାବାଦାମ ପୁଡ଼ିଆ ଫିଟେଇ ଗୋଟେ ଛଟେଇଲ ପାଟିରେ ପକେଇ ହୁଏତ କେହି କହି ଉଠେ—ଏ ଇ, ତୋ ଚନାବାଦାମ ଭଲ ଭଜା ହୋଇନି—

—ନାଇଁ ବାବୁ, ତମେ ମିଛ କହୁଚ —

—ଚୁପ୍ ରେ, ମୁଁ ମିଛ କହୁଚ, ଅସିଲ୍ ଦେଖିବୁ—

ଚନାବାଦାମ ଯେତେ ଭଲ ଭଜା ହୋଇଥିଲେ ବି ବାବୁଙ୍କର ଏଇ ଧମକ୍ ଦିଆ କଥାରେ ସେ ଟିକିଏ ଅଟକିଯାଏ—ମନରେ ତାର ଘୋର ସନ୍ଦେହ ଉପସ୍ଥିତ ହୁଏ - ଗୋଟିଏ ପୁଡ଼ିଆ ଫିଟେଇ ସେ ଗୋଟାଏ ଦୁଇ ବାଦାମ ଛଡ଼େଇ ଦେଖି ବାବୁଙ୍କ ହାତକୁ ଦେଇ କହେ-

—ଦେଇ ବାବୁ ଦେଖନ୍ତୁ, କଣ କୋଉଠି ଅଛି—କେହି ହୁଏତ କହିଉଠେ—ନାଇଁ, ତତେ ପଇସା ଦିଆଯିବନି—ଯା ପଳା ଏଠୁଁ…

କିନ୍ତୁ ସେ ଯିବା କେଉଁ ନୁହେଁ ପଇସା ନ ନେଇ ଯାଏଁ—ପଇସା ପାଇଲେ ସେ ଖୁସି ମନରେ ଚାଲିଯାଏ ସେଠୁଁ—ଅଛି ଦୁରନ୍ତ ତାର ଚଟିର ଭଙ୍ଗୀରେ ଉଚ୍ଛ୍ୱଳ ହୋଇଉଠେ—ମଇଳା ଜାମା ପକେଟରେ ପଇସାଟିକୁ ପୁରେଇ ସେ…ଅନ୍ୟ କୋଉଠାଏ କେଉଁ ଆଡ଼େ ଆଗେଇ ଯାଏ—ସନ୍ଧ୍ୟାର ଝାପ୍ସା ଅନ୍ଧାରରେ ସେ ହୋଇ ଉଠେ ଅସ୍ପଷ୍ଟ—ଦଶ ,ଏଗାର ବର୍ଷ ପିଲାର ସୁଲଳିତ ମଧୁର କଣ୍ଠରୁ ଭାସିଆସେ ସାନ୍ଧ୍ୟ ସମୀରଣ ଭେଦକରି— ଚନାବାଦା—ମ୍

ଏଇ ବାଦାମ୍ ଭଜା ପିଲାଟି ମୋ ଉପରେ ଏକରକମ ଗୋଟାଏ ଦାବୀ କରି ନେଇଛି—ସେ ଜାଣେ କେହି ନନ୍ଦିଅନ୍ତୁ ପଛେ ମୁଁ ନିଶ୍ଚୟ ନେବି ଦଶପଇସାର ଦୁଇ ଖ ତିନିପଇସାର ଦୁଇ—ତେଣୁ ସେ ମୋ ଆଡ଼େ ଗୋଟିଏ ସ୍ମିତ ହସର ରେଖା ତାର ସୁନ୍ଦର ସରଳ ମୁହଁରେ ଟାଣିଦେଇ ଚାହେଁ—ତାର ଏଇ ସ୍ମିତ ହସଟି ମତେ ଯେଉଁ ସଙ୍କେତଟି ଦିଏ ସେଇଟା—ବାଦାମ୍ ଯେ ମୁଁ କିଣିବି ସେ ବିଷୟରେ ସେ ନିର୍ଭର ନିଶ୍ଚିନ୍ତ…

ଦିନେ ଦିନେ ବନ୍ଧୁମହଲରେ ଗୋଟାଏ କିଛି ବିଷୟକୁ ନେଇ ଗମ୍ଭୀର ଆଲୋଚନା ଚାଲିଥିଲା ବେଳେ ସେ ଯେତେବେଳେ ଆସି ବ୍ୟାଘାତ କରେ ମୁଁ ବିରକ୍ତ ହୋଇ କହି ପକାଏ—ଯା ଆଜି, ମୁଁ କିଣିବିନି ବାଦାମ୍—

କିନ୍ତୁ ସେ ଭଲକରି ଜାଣି ନେଇଛି ମତେ… ମୋର ଦୁର୍ବଳତାର ସୁବିଧା ନେବାକୁ ସେ ଛାଡ଼ିବ କେବେ—ଦୁଷ୍ଟାମିଭରା ଆଖିରେ ସେ ବରାବର ଆଗେଇ ଆସିବ ମୋ ପାଖକୁ ବାଦାମ ପୁଡ଼ିଆ ଧରି ।

ତା ମନରେ ଟିକିଏ କଷ୍ଟ ଦେବାକୁ 'ମୁଁ ମଝିରେ ମଝିରେ କୁହେଁ—ମୁଁ ତୋଠୁଁ ଆଉ ବାଦାମ କିଣିବିନି—ଖାଲି ପୋଡ଼ା, ପୋକଖିଆ ଅଧ କଞ୍ଚା—ମତେ ଆଜିକାଲି ବାଦାମ ଦେଇ ଯାଉଛୁ—ତା ମୁହଁରେ ଅବସାଦର ଗୋଟାଏ ଅସ୍ପଷ୍ଟ ଛାଇ ପଡ଼ିଯାଏ—ସେ କୁହେ—ନାଇଁ ବାବୁ, ମିଛକଥା—ମୁଁ ଜାଣିଛି ବାଛି—ମୁଁ ଗୁଡ଼ୁଚ ଗୁଡ଼ୁଚ ଦିଏ—ନାହିଁନେଇ ହୋଇ ନପାରି ସେ ପ୍ରଶ୍ନକରେ

—ବାବୁ ସେ ଟୋକା ଟା କିଏ ?

—ତୁ ସେଇଥିରୁ କଣ ପାଇବୁ—ମୁଁ କୁହେଁ—

—ସେଇ, ଯାହା ପାଖରେ କୋଟେ କିଣ ?

—ହଁ ସେଇ ଟୋକା—

—ନାଇଁ ବାବୁ ବାଦାମ ଭୂଷାପାତ ସନ୍ଧାନ ଏଠେ—ଭାଷ ଗୁଳାବ୍ ଟୋକା—କଣ୍ଟ୍ରାକ୍ଟୋର୍—ଓ ସବୁ ପଇସାର ବିଚାର ନକରେ ସେଠୁ କିଣିବନି—

ସେ ପିଲାଟାକୁ ମ ଜାଣିଛି ମତେ ଲାଗେ ଭଲ । ତାର ଏଇ ସ ନ୍ଧୋଟିଆ ଛଳଛଳ ଦିଶୁଥିବାକୁ ମୁଁ ବରାବର ପ୍ରଶ୍ରୟ ଦିଏ ।

ଦିନକର ଘଟଣା ଲାଗି ମୋର ଏଇ ଗଳ୍ପର ଅବତାରଣା—ଭୁଲି ହେବନି ସେ ଦିନଟି—ମନେଥିବା ଦିନମାନଙ୍କ ଭିତରୁ ସେ ଦିନଟି ଓ ଗୋଟିଏ—ଧୂସରତାର ଭିଜା ରଙ୍ଗ ଧରେ ଅଛି ଆଗରେ—

ସେଦିନ ମୋର ମନଟା ଭଲ ନଥାଏ— ଟିକିଏ ଖିଟ୍ଖିଟିଆ ମିଜାଜ୍ ଥିବା—ମୁଁ ବେଶରେ ବସିଥାଏ ଏକା—ବନ୍ଧୁମାନେ ସେଦିନ ସମସ୍ତେ ଅନୁପସ୍ଥିତ । କେମିତି ଥିଲେ ବୋଧହୁଏ ମନଟା ବଦଳି ଯାଇଥାନ୍ତା—

ହଠାତ୍—ମୋର ପାଖ ବାଟ ଗାଧୁଥିରେ ଟୋକାଟା ଡାକ ଭରି ଉଠିଲା—ଚନାବା-ମ-

ଶୁଣିଲି ତା ଆଡ଼େ ବିରକ୍ତିଅ ହୋଇ…

—ଯା ପଳା ଆଜି ମୁଁ ନେବିନି—



Digitized by srujanika@gmail.com

କନ୍ଥି ୧୪ ବରଷ—ଡାକ୍ତର,—ଗାଲ ବାରୁ ନ୍ୟ, ପଦେବେ ଦରକ—

—ଦେଖ୍ ହରକ୍ତ ବରଷ, ମାଡ଼ ଗାଇରୁ··· ଚାଂସେ ଦ ସବକର ଶୁହିଁ ଦେଖିଲ—ହରୁଦନ ପଣ୍ଡ ୨ୟବଳ ତା ଗୁହିଁରେ ସେ ସ୍ଫୁର୍ତ୍ତି ବା ଉତ୍‌ସାହ ··· ମୁ ବାର୍ଦ୍ଧକ ଚାର ଡବନ୍ତିଅ ବେଟାଆଳିତ । କନ୍ଥୁ ତା ବୟସ ବେଇ ହବବାର ଇଚ୍ଛା ମୋର ନଥିଲା ସେତେ-ବେଳେ—ଅନ୍ୟଥିରେ ମୁଁ ବ୍ୟସ୍ତ ହୋଇ ବସିରହିଲି ।

'ବାବୁ'—ହସ୍ତବାନଦ ଗୋଟିଏ ଡାକ—

ହେବ ହରକ୍ତି କହୁଚ୍ଚି, ଦେଖିବୁ ଲେ—ପୁଅ ଘଣ୍ଟାକେ···

ଭଦ୍ର ହସ୍ତ ଉତ୍‌ସର ଦେଇ ମୋ ପାଖକୁ ଅସିଲ ତା ମୁହଁକୁ ଚାହିଁ ଚାହିଁ ବହ ବୃଦ୍ଧିର ଦଣ୍ଡ ସମସ୍ତ ଯାଏଁ···ତାପରେ ଗୋଟାଏ ବାଦାମ ପୁଡ଼ିଆ ତା ଡାହାଣୁ ଛଡେଇ ନେଇ କହିଲି ବୁ ସାର ଏହା ବିଶେଷ ଗୋଟାଏ—ମୁହିଁ ଦେଲିବୁ ପୁତ୍ର-ହାତରେ ଚଢ଼ୁରୁ—ନାଲି—

ବାଦାମ ଗୋଟାଏ ଛଡ଼େଇଲି—ଦ'ଟା—ତିନିଟା—ସେତେଟା ଛଡ଼େଇଲି ଦରୁ ଦଶା ପଡ଼ିଲ—ସତରେ ପୁଡ଼ିଆ ହାତ ବାଳତର ଜା ମୁହଁ ଉପରକୁ ଫୋପାଡ଼ିଦେଲି । ଗାଲରେ ଦାଗଟା ଦେଲି ସେ ମୋର ଅତେ ଚାହିଁରହିଲ—ଦେଖିଲି, ସୁନ୍ଦର ଛୋଟ ଅଖି ଦୁଇଟିରେ ତାର ହୃଦୟର ଭୟ—'

ଲୁହଭରେ ତ ଳ ଘ—ମୋ-ମାକୁ—ଡାକିଲି · ତତ···ବାବୁ···ମୁଁ—ବାଦାମ—ଚୋରି···

ଛୋଟ ଘଟଣାଟା ଗୋଟାଏ ଅଜଣା ବେଦନା-ରେ ମୋ ହୃଦୟ ରହିଗଲ—ଭାବିଲି—ଛି,ଛି, ବ ହୃଦୟହୀନ ମୁଁ ! ନଜାଣତ,ଗୋଟାଏ ବଡ଼ ଲୋଭର ଅସିଲ—ବାସ୍ତବତ ଅବଡ଼ାଳଚାର ଅମେ କ ଉପର ଠାଁଉରେ !—କେତେକଟା ଏ ଅଭାବଗ୍ରସ୍ତ, ଅଜାଲୁର ଶିକ୍ଷାର ଅବର୍ଜନା ମୁଣ୍ଡ ଉପରେ ବୁହେଇ ଶିକ୍ଷାର ବଡ଼େଇରକୁ—ଏଇ ସତ, ଦରିଦ୍ରମାନଙ୍କର ଭିତରେ ଦୁଃଖ କାହାଣୀ ଜାଣି ସହାନୁଭୂତି ଦେଖାନ୍ତି ଅମ ଭିତରୁ କେତେଜଣ? ଏଗାର ବର୍ଷର ପିଲାଟାଏ-ସେ ତ ନିଜ ଗୋଡ଼ ଉପରେ ଉଭାହେବ ଜୀବନର ଦରିଦ୍ରତା ବିରୁଦ୍ଧରେ ଠିଆ ହେବାକୁ ଶିଖିଲଣି—ଅଥଚ ଅମେ ଶିକ୍ଷାର ଗାଦ୍ୱାଜରେ ବସି ବି—ଉପଦେଶ ଦେଇବାର ଭରସାର ଶକ୍ତି ଅମର ନାହିଁ ! ଶିକ୍ଷାର ଗଦରେ ପାଶ୍ଚତ୍ୟ ଅମେ କେବଳ ଏଇ ସବୁଳ, ଯାହାସୀ ଦରିଦ୍ର-ମାନଙ୍କୁ ଘୃଣା କରିବାକୁ ଶିଖିଚୁ—ଛି, ଛି···

—ଏଇ ଗୋପିଅ···ଭୋ ମା ସିଏଡ଼େ ଛଟପଟ୍ କରୁଚ·· ପାଟି ପଡ଼ ଗଲଣି—

କଥାଗୁଡ଼ାକ ଟିକ୍ ବନ୍ଧୁକର ଗୁଳିପରି ମୋ କାନ ଭିତରେ ପଶିଗଲା—ମାତେଇ ପୁତ୍ତିପରି ମୁଁ ବେଞ୍ଚଟା ଉପରେ ବସି ରହିଲି···ତା ପରେ କଅଣ ହେଲ ମୁଁ ଟିକ୍ ଜଣ ପାରୁଚନ··· କେବଳ ଏତିକି ମନେଅଛି—ପ୍ରତ୍ୟୁତ୍ତରପେଇଁ ଗୋପିଅର ଦୁଇଟି ନିଷ୍ପ୍ରଭ କରୁଣ ଅଖି ମୋର ଅନୁତପ୍ତ ଅଖିଉପରେ ପଡ଼ିଥିଲ···ସେ ଦୃଷ୍ଟି କେତେବେଳେ ଭୁଲି ମୁଁ ଜଣ ପାରୁନ—

ତା ବୋଉ କେଉଁ ସେପଟରୁ ଚାଲିଗଲ୍ଲା ସେ ମୋର ଚେତା ଲୁଚିଗଲା—ମୋର ଭୁଲ ସବୁଏତାରେ କେତେବେଳେ ଗୋଟାଏ ବଡ଼ ଅଘାତ ଲଗିଥିଲା—ମୋର ଅନୁତପ୍ତ ଚିତ୍ତ ଟିକିଏ ହାଲୁକା ହୋଇ ଉଠିଥିଲା—ମୁଁ ଗୋପିଅ ଅଡ଼େ ଅଉ ଚାହିଁ ପାରିଲି··ଲଜ୍ଜା ଛାଡ଼ ଅଉ ବଞ୍ଚୁନାହିଁ···

ତା ପର ଦିନଠୁଁ ମୁଁ ଗୋପିଅକୁ ଅଉ ଦେଖିନାହିଁ··କଅଣ ତାର ହେଲ ସେ ଖବର ବି ରଖିବାକୁ ମୋର ସାହସ ହୋଇନି··ତାପୂର୍ବେ ଉଚ୍ଚ ପଢ଼େଇ ଅସିଚି···ଗୋପିଅକୁ କୌଣସି ସାହାଯ୍ୟ କମ୍ବା ଟିକିଏ କଷ୍ଟକରି ତା ଖବର ନବାକ ଦୁଇଟ କଥା—କହିବାକୁ ଲାଜମାଡ଼େ-ଗୋପିଅର ମୋ ଉପରେ ଘୃଣା ପଇଶା ବାଜେ—ମୁଁ ଚାର ଧାରୁଅ !!

ଗୋପିଅର ମା ସେଦିନ ଦଲ କି କହିଚ ମୁଁ ଜାଣେନା—ଏଇ ଜାଣିଚ ଯେ ମୁଁ ସଇତ ଗୋଟାଏ ଅତିବଡ଼ ପାପ୍ନରା—ବାସ୍ତବରେ ମୁଁ ଗୋପିଅ ପ୍ରତି ଉଦାସୀନ ଦୃଷ୍ଟିରେ...ବଞ୍ଚ ନହିଁବେ ସବଳ ଲକ୍ଷାହୁଏ ତା'ର ଖୋଜରେ ଋଣମୁକ୍ତ ହବାକୁ—କିନ୍ତୁ କି ସେଇ ମୁହୂର୍ତ୍ତ ବେ ଅନ୍ତ୍ରୀ ହୃଦରେ ଘନ ଛାଇ ଯାଏଁ—ମୋର ଭସ୍ମ ହୁଏ ସେଦିନର ଘଟଣା ପରଠୁଁ ମୁଁ ହୁକେଇତ ମୋ ଜୀବରେ ଗୋପିଅର ସେଇ ଦାଗଟା—ବର୍ତ୍ତମାନ ମୋର ଅଛି କେବଳ ଗୋଟାଏ ମାତ୍ର ଆଶା—ଦିନେ ଗୋପିଅ ବାଦାମ ଗୁଞ୍ଜିଡ଼ ଧର ହସ ହସ ଅଖିରେ କହିବ—ମୋ ମା ବଞ୍ଚିଚି...

ସେ ଯାହେଉ,—ଗୋପିଅର ସେଦିନର ସେଇ ନିଷ୍ପ୍ରଭ ଛଳଛଳ ଅଖି ଦୁଇଟି ପ୍ରେତା-ତ୍ମାର ଶରୀର ପରି ମୋ ଅଖି ଆଗରେ ଦେଖା-ଦେଇ ମତେ ମଝିରେ ମଝିରେ ଚମ୍‌କେଇ ଦେଇଯାଏ—!!

## ଲୁଚ୍‌କୁଚି

ଦୁଇଟା ଲୋକ ବାଟରେ ମାଡ଼ ମରାମରି ହୋଇ ମକଦମା କରିବାକୁ ଅସିଲେ । ହାକିମ କହିଲେ "ତମ ଲଢ଼ାଟା ବାହାରେ ନିଷ୍ପତ୍ତି କଲେ ହୁଅନ୍ତା ନାହିଁକି !" ହେଥିରେ ମୁଦାଲ କହିଲା "ହଜୁର ଅମେ ସେଇୟା ହି କରୁଥିଲୁଁ ସିପାହିର !

+ + +

ଶଙ୍କରକୁ ଜ୍ୱର ହୋଇଥିଲା ଭାରି । ବଡ଼ ଡାକ୍ତର ଅସି ଦେହରେ ହାତ ଦେଇ କହିଲେ "ଭାରି ଖରାପ ନାହିଁ—ଦେଖ ମୁଁ ଅସିଲ କ୍ଷଣି ଜର ପଳେଇଛି ।"

ରୋଗୀ— ଅଜ୍ଞା, ଠିକଟା ସତ । ଅପଣଙ୍କ ଭିଜିଟ କଥା ଶୁଣି ମୋ ଦେହ ବ୍ରେମାଣ ହୋଇ ଗଲଣି ଯେ ।

Digitized by srujanika@gmail.com

# ଚତୁର୍ଥ ଉଗର ଶବ୍ଦଧନ୍ଦାର

# ଉତ୍ତର ।

ନିମ୍ନଲିଖିତ ବ୍ୟକ୍ତିମାନେ ପ୍ରବେଶିକା ଫିସ ନ ଦେଇ ଥିବାରୁ ଉତ୍ତର ଅଗ୍ରାହ୍ୟ ହୋଇଛି—

(କ) ଗଣ ମୋହନ ଦାସ । ଦେବେନ୍ଦ୍ର ନାଥ ପଟ୍ଟନାୟକ । ସୁଧା ବିନୋଦ ଦାସ । ରାମଚନ୍ଦ୍ର ମିଶ୍ର । କୃଷ୍ଣଚନ୍ଦ୍ର ଦାସ । ଜୟନ୍ତୀ କୁମାର ଦାସ । କୈଳାସ ଚନ୍ଦ୍ର ଜେନା । ରାଧା ଗୋବିନ୍ଦ ଚୌଧୁରୀ । ସାଧୁ ଚରଣ ଦାସ । ଶ୍ୟାମସୁନ୍ଦର ଓଝା । ଶୈଳବାଳା ଦେଇ (ଦୁଇଟି) । ଚୌଧୁରୀ ଗୋଲକ ନାରାୟଣ ପ୍ରହରାଜ ମାନ୍ଧାତା । ଚୌଧୁରୀ ବ୍ରଜ ନାରାୟଣ ପ୍ରହରାଜ ମାନ୍ଧାତା । ହିମାଦ୍ରି କୁମାର ମହାନ୍ତି । ବିଶ୍ୱନାଥ ଲେଙ୍କା । ଲକ୍ଷ୍ମଣ ପ୍ରସାଦ ବର୍ମଲା । ଜନାର୍ଦ୍ଦନ ପ୍ରସାଦ ଦାସ ।

ନିମ୍ନଲିଖିତ ବ୍ୟକ୍ତିମାନେ ଉଗର କୁପନ ନ ଦେଇ ଥିବାରୁ ଉତ୍ତର ଅଗ୍ରାହ୍ୟ ହୋଇଛି ।

(ଖ) ଭୈରବ ଚନ୍ଦ୍ର ଦାସ । କାଳନ୍ଦ୍ରି ଓରାମ । ଉମାମଣି ଦେବୀ । ନାରାୟଣ ପଟ୍ଟନାୟକ । ଦ୍ୱିଜବର ସ୍ୱାଇଁ । ଚୌ: ରମାଶଙ୍କର ଦାସ ମହାପାତ୍ର । କୃଷ୍ଣ ପ୍ରସାଦ ମହାନ୍ତି । ଚନ୍ଦ୍ରମଣି ପଣ୍ଡା ।

| | | | | | | |
|---|---|---|---|---|---|---|
| ୧ ଅ | ୨ (ନ) | ପ | | ୩ ଧ | ୪ ର | ୫ ମ |
| ୬ ବା | ର | | ୭ ର | | ଘା | ସ୍ତ |
| ସ | | ୮ ସ | ମ | ୧୦ ର | | ଯ |
| | ୧୧ ଶୁ | ର | | ୧୨ ଜ | ଡ଼ | |
| ୧୩ ଖ | | ୧୪ ମ | ୧୫ ଭୁ | ନ | | ୧୬ ମା |
| ୧୭ ସ | ୧୮ ସ୍ତ୍ରୀ | | ଗ୍ର | | ୧୯ ବ | ଚି |
| ୨୦ ପ | ର | ଶ | | ୨୧ ଭା | ତ | ଥ |

ନିମ୍ନଲିଖିତ ବ୍ୟକ୍ତିମାନଙ୍କର ଉତ୍ତର ନିର୍ଦ୍ଦିଷ୍ଟ ସମୟ ଗତେ ହସ୍ତଗତ ହୋଇଥିବାରୁ ଅଗ୍ରାହ୍ୟ ହୋଇଛି ।

(ଗ) ସହଦେବ ମହାନ୍ତି । ସୁରେଶ ଦାସ । ନିତାଇ ଚନ୍ଦ୍ର କାନନଗୋ । ମାଷ୍ଟର ମଦନ ବିଶୋଇ । କୁଳମଣି ଚୌଧୁରୀ । ବାମଦେବ ମହାପାତ୍ର । ପ୍ରାଣବନ୍ଧୁ ପଟ୍ଟନାୟକ ।

ଆଶାକରୁଁ ଭବିଷ୍ୟତରେ ପ୍ରତିଯୋଗୀମାନେ ଅଧିକ ସାବଧାନତାର ସହିତ ନିୟମାବଳୀ ପଢ଼ି ଉତ୍ତର ଦେବେ । ସମ୍ପାଦକ ।

## ବିଜ୍ଞାପନ ।

୪ର୍ଥ ଶବ୍ଦଧନ୍ଦାର ପ୍ରତିଯୋଗୀମାନଙ୍କ ମଧ୍ୟରୁ ଯଦି କେହି କାରଣରୁ ସମ୍ପାଦକଙ୍କ ଉତ୍ତର ସହିତ କେତେକ ଶବ୍ଦରେ ସମାନ ଉତ୍ତର ଦେଇଥିଲେ, ତାହା ଦର୍ଶାଇ ଲେଖିଲେ ଅନ୍ୟମାନେ ସେମାନଙ୍କ ଯୁକ୍ତି ଯଥାଯଥ ଦେଖିଲେ ତାହା ପ୍ରକାଶ କରିବୁଁ ଓ ଯେଉଁମାନଙ୍କର ଲେଖା ପ୍ରକାଶିତ ହେବ ସେମାନେ ପ୍ରକାଶିତ ହେବାର ଫେବ୍ରୁଆରୀ ସଂଖ୍ୟାର ଶବ୍ଦଧନ୍ଦାରେ ବିନା ପ୍ରବେଶିକା ଫିସରେ ତିନିଖଣ୍ଡ ଉଗର ଶବ୍ଦଧନ୍ଦା କୁପନ ପୂରଣ କରି ଦେଇ ପାରିବେ ।

# ଚତୁର୍ଥ

# ଶବ୍ଦଧନ୍ଦା ପୁରସ୍କାର

## ବହୁ ପ୍ରତିଯୋଗୀ ଦଶ ଟଙ୍କାରୁ ଉପର ପୁରସ୍କାର ବାଣ୍ଟି ନେଲେ ।

ସମ୍ପୂର୍ଣ୍ଣ ଠିକ୍ ଉତ୍ତର ନମିଳିବାରୁ ସବୁଠାରୁ କମ୍ ୨ଟି ଭୁଲ ପାଇଁ ପ୍ରଥମ ପୁରସ୍କାର ଓ ତଦନୁକ୍ରମେ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ମିଳିଲା ।

ପ୍ରଥମ ପୁରସ୍କାର—୨ଟି ଭୁଲ (ପ୍ରତ୍ୟେକ ୫୦ୟ୦/ କରି)—୧ । ଶ୍ୟାମଳ ଦାସ, ଚୌଧୁରୀ ସାହି, ବାଲେଶ୍ୱର । ୨ । ଯଦୁନାଥ ବଳ, ୯ମ ଶ୍ରେଣୀ, ହ.ଇସ୍କୁଲ ଭଦ୍ରକ । ୩ । କୁଞ୍ଜଦେବୀ ଦେବୀ, ୧୧ଶ ଶ୍ରେଣୀ, ମିଶନ ବାଳିକା ବିଦ୍ୟାଳୟ, ବାଲେଶ୍ୱର । ୪ । ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ୯ମ ଶ୍ରେଣୀ, ହାଇସ୍କୁଲ ଭଦ୍ରକ । ୫ । ଜଗଦାନନ୍ଦ ମହାନ୍ତି C/o L. M. Mahanty, I. S. L. W. P. LTD. ଡାଲମିଆନଗର । ୬ । ହେମମୋହନ ବେହେରା, ୯ମ ଶ୍ରେଣୀ ହାଇସ୍କୁଲ, ଭଦ୍ରକ ।

୨ୟ ପୁରସ୍କାର—୨ଟି ଭୁଲ (ପ୍ରତ୍ୟେକ ୫୦୨ କରି)—୧ । କୁମାର ଲକ୍ଷ୍ମୀନାରାୟଣ ମହାନ୍ତି College of wireless & commerce. ୨୧୨ ବହୁବଜାର ଷ୍ଟ୍ରୀଟ, କଲିକତା । ୨ । ସୁରେନ୍ଦ୍ର ମୋହନ ଦାସ, C/o L. M. Das. B. L. ୫୪ ମାଲଙ୍ଗା ଲେନ, କଲିକତା । ୩ । ପୂର୍ଣ୍ଣିମା ମିତ୍ର, C/o B. B. Mitro. B. N. Ry D. T. O. S. Office. ଖଡ୍ଗପୁର । ୪ । ସୁମତୀ ମାଳତୀ ଦେବୀ C/o ରମେଶ ଚନ୍ଦ୍ର ନନ୍ଦ, ନନ୍ଦ ସାହି ଲେନ୍, ମୁନସିଫ, ବାଲେଶ୍ୱର । ୫ । ରାଜକିଶୋର ମହାନ୍ତି, ୯ମ (ଡ) ଶ୍ରେଣୀ, ପୁରୀ ଜିଲ୍ଲା ସ୍କୁଲ ପୁରୀ । ୬ । ହେମମୋହନ ସାହୁ, ୯ମ (ବ) ଶ୍ରେଣୀ, ପୁରୀ ଜିଲ୍ଲା ସ୍କୁଲ, ପୁରୀ ।

୩ୟ ପୁରସ୍କାର—୮ଟି ଭୁଲ (ପ୍ରତ୍ୟେକ ୫୦/୯ କରି)—୧ । ନନ୍ଦ କିଶୋର ନାୟକ D. C. A. Office ଖଡ୍ଗପୁର । ୨ । ଦେବଦତ୍ତ ନନ୍ଦ, ୧୦ମ ଶ୍ରେଣୀ ଜିଲ୍ଲା ସ୍କୁଲ, ବାଲେଶ୍ୱର । ୩ । ସୁରେନ୍ଦ୍ର ମୋହନ ପଣ୍ଡା, ୯ମ ଶ୍ରେଣୀ, ଜର୍ଜ ହାଇସ୍କୁଲ କାନ୍ଦିପଦା । ୪ । ହରିପିନ ବିହାରୀ ବେହେରା, ପୋଷ୍ଟମାନ ଅଫିସ କଲେକ୍ଟରେଟ୍ ବାଲେଶ୍ୱର । ୫ । ଅଜୟ କୁମାର ଘୋଷ, C/o G. N. Jena, Orissa Nature Cure Home. ଗୃହନଗରୀ, କଟକ । ୬ । ଉର୍ମିଳା ମହାନ୍ତି, ୭ମ ଶ୍ରେଣୀ ରେଭେନ୍ସା ଗାର୍ଲ୍ସ ସ୍କୁଲ କଟକ । ୭ । ସୂର୍ଯ୍ୟମଣି ମହାପାତ୍ର, ୧୧ଶ ଶ୍ରେଣୀ, ହାଇସ୍କୁଲ ଭଦ୍ରକ । ୮ । ଶରତ କୁମାର କାନନଗୋ, C/o ନିରଞ୍ଜନ କାନନଗୋ, Income tax Office. ବ୍ରହ୍ମପୁର । ୯ । ଗଦାଧର ମହନ୍ତି, ସେବା ଏଣ୍ଡ୍ ଗୋପାଳଙ୍କ ପୁରୁଚ, କୁଆଁସ ଭଦ୍ରକ । ୧୦ । ନିତ୍ୟାନନ୍ଦ ମହାପାତ୍ର, ୯ମ ଶ୍ରେଣୀ ହାଇସ୍କୁଲ ଭଦ୍ରକ ।

Digitized by srujanika@gmail.com

## ୪ର୍ଥ ଶବ୍ଦଧନ୍ଦା ସମ୍ବନ୍ଧେ ପଦେ ଅଧେ

ନ ୧ ସୂତ୍ର ସିଧାରେ ହୋଇପାରେ 'ସମର' ଓ 'ଧମକ'। ଇଂରେଜମାନେ ଧମକକୁ ଡରୁଛନ୍ତି ବୋଲି ତାହାଙ୍କ ଦେଶରେ ତାହା ମତ ଅଛି। ମାତ୍ର ସମରକୁ ଯେ ଡରୁଛନ୍ତି ଏ କଥା ଦେଖିବାର ସମ୍ଭବ। ଅତଏବ 'ସମର' ଟା ଠିକ୍।

ନ ୧ ସୂତ୍ର ଉପର ତଳରେ ହୋଇପାରେ 'ସରମ', 'ଧରମ'। ଅନେକ ଦୁଷ୍ଟ ଲୋକ ଭିତରେ ୨ ଧରମ କୁ ଭୟ କରନ୍ତି। ତା ହୋଇଥିଲେ ସେମାନେ ପାପ କରିବା, ବରଂ ଦେବତାଙ୍କୁ ସନ୍ତୋଷ କରିବା ଉଚିତ କରନ୍ତେ କି? ମାତ୍ର 'ସରମ' ଅର୍ଥାତ୍ ଲଜ୍ଜା ତାଙ୍କୁ ଏକାବେଳକେ ଛାଡ଼ି ଯାଏ।

ନ ୩ ସୂତ୍ର ସିଧାରେ 'ଧରମ', 'କରମ' ହୋଇପାରେ। ବ୍ୟାଖ୍ୟାକୁ ବିଶ୍ଳେଷଣ କଲେ ଜାଣି ପାରିବେ ଯେ କେବଳ ମନୁଷ୍ୟହିଁ 'ଏହା' କରେ। କରମ ତ ପଶୁ ବି କରନ୍ତି। ଅତଏବ ଧରମ ଶବ୍ଦ ଠିକ୍।

ନ ୭ ସୂତ୍ର ଉପର ତଳରେ 'ସମ' ଓ 'ନାମ' ହୋଇପାରେ। ବ୍ୟାଖ୍ୟାରେ କେତେ ହିନ୍ଦୁ ପ୍ରଦର୍ଶିତ। 'ନାମ' ଅର୍ଥାତ ଈଶ୍ୱରଙ୍କ ନାମ ଅନ୍ୟାନ୍ୟ ଧର୍ମରେ ଭଜନ କରିବା ପ୍ରସ୍ତୁତ ଅଛି।

---

ନୂତନ ଓ ପୁରାତନ ମ୍ୟାଲେରିଆ ଜ୍ୱର, ବର୍ଦ୍ଧିତ ପ୍ଳୀହା ଯକୃତ ସଂଯୁକ୍ତ ଜ୍ୱର, କମ୍ପଜ୍ୱର, ପାଳିଜ୍ୱର, ଶୀତଜ୍ୱର, ଶ୍ଳେଷ୍ମାଘଟିତ ଜ୍ୱର, ଶୋଥ ଓ ରକ୍ତହୀନତା ପାଇଁ

# ଫିଭରୀନ୍

[ ରେଜିଷ୍ଟାର୍ଡ ]

ଜନସାଧାରଣରେ ଅତି ପ୍ରଶଂସିତ ଓ ପ୍ରକୃତ ଫଳପ୍ରଦ ଔଷଧ।

ବାଲେଶ୍ୱରର ସଦର ହସ୍ପିଟାଲରେ ବହୁ ରୋଗୀଙ୍କୁ ଏହି ଔଷଧ ସେବନ କରାଇ ଆଶ୍ଚର୍ଯ୍ୟ ଉପକାର ମିଳିଥିବାର ଜଣାଯାଇଅଛି। ଜ୍ୱର ନଥିବା ବେଳେ ମଧ୍ୟ ଏହା ବ୍ୟବହାର କଲେ ଟନିକର କାର୍ଯ୍ୟ କରିଥାଏ।

ସର୍ବପ୍ରକାର କୁଇନାଇନ ଅପେକ୍ଷା ଏହାର ମୂଲ୍ୟ ଅପେକ୍ଷାକୃତ କମ୍। ପରୀକ୍ଷା ଏକାନ୍ତ ଆବଶ୍ୟକ।

—ପ୍ରାପ୍ତିସ୍ଥାନ—

## ଦି ଓରିଏଣ୍ଟାଲ୍ ହଲ୍

ବାଲେଶ୍ୱର।

---

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

## ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ରକ୍ତଶକ୍ତି ରମଣଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ।

| | | |
|---|---|---|
| ମୂଲ୍ୟ | ସେରକୁ | ଟ ୭ ୯ |
| ,, | ଅଧସେରକୁ | ଟ ୩ ୪ |
| ,, | ପାଏକୁ | ଟ ୨ ୯ |

ଭି: ପି: ରେ ଔଷଧ ପଠାଯାଏ।

ଠିକଣା

କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍ ଏ୍ ଏମ୍ ପି

ଦରିଦ୍ର ବନ୍ଧୁ ଔଷଧାଳୟ

ଖପର ପଦା

ପୋ : କେଠାର

ଜି : ବାଲେଶ୍ୱର

---

ବଡ଼ଦିନ ଉପଭୋଗ

## ପାରାଡାଇସ୍ ହଲ୍

ଏକମାତ୍ର ବିଶିଷ୍ଟ ଓ ବିଶୁଦ୍ଧ ଓଡ଼ିଆ ହିନ୍ଦୁ ହୋଟେଲ

ବୁଢ଼ାନାଥ ଗଳି [ କଟକ ]

ଏଠାରେ ସାଧାରଣ ଅଭ୍ୟାଗତମାନଙ୍କଠାରୁ ଆରମ୍ଭ କରି ଅତି ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି। ଏପରି କି ଏ ସହରରେ ଏପରି ଉଚ୍ଚ ଦରର ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର ବୋଇଲେ ଅତ୍ୟୁକ୍ତି ହେବନାହିଁ। ପଙ୍ଖା, ପାଇପ ପାଣି ଓ ଭାତ ରୋଷାଇ, ଟେବୁଲ ଚେୟାର ଇତ୍ୟାଦି ଦରଦ ଅନୁଯାୟୀ ଯୋଗାଇବାକୁ ହୁଏ। ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ କରାଯାଏ। କେବଳ ଥରେମାତ୍ର ଅନୁଭବ ପ୍ରାର୍ଥନୀୟ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ ଭାନୁଗୋ]

---

FOR ALL SORTS OF

# MEDICINES

PLEASE COME TO

**CROWN MEDICAL HALL,**
**RANIHAT, CUTTAK.**

Digitized by srujanika@gmail.com



# କଳାକମ

ଭାରତବର୍ଷରେ ସମ୍ବାଦ ପତ୍ର ଶୈଶବାବସ୍ଥା ବୋଲି କହାଗଲେ ମଧ୍ୟ, ଏଠାକାର ଖବର କାଗଜଗୁଡ଼ିକ ଲୋକମତ ଗଠନରେ ଯେପରି ପ୍ରଭାବ ବିସ୍ତାର କରୁଛନ୍ତି, ପୃଥିବୀର ଅନ୍ୟଦେଶମାନଙ୍କରେ ସେତେ ନୁହେଁ । ଆମ୍ଭେମାନେ ଦେଖିଛୁ, ଗତ ନିର୍ବାଚନ ଦ୍ୱନ୍ଦ୍ୱ ବେଳରେ ଶତ ଶତ ଖବର କାଗଜ ଜନ୍ମହୋଇ ପଡ଼ିଲା, ମାତ୍ର ନିର୍ବାଚନ ପରେ ପରେ ତାଙ୍କର ଆୟୁ ସରିଗଲା ।

## ସଂବାଦ ପତ୍ର

( କଲିକତାର 'ଷ୍ଟାର ଅଫ୍ ଇଣ୍ଡିଆ' ନାମକ ଦୈନିକର ଖ୍ୟାତନାମା ସମ୍ପାଦକ ଅହ୍‌ଡିନ୍‌ସନ ସାହେବ ରୋଟାରି କ୍ଲବରେ ସମ୍ବାଦପତ୍ର ସମ୍ବନ୍ଧରେ କେତେ ଗୁଡ଼ିଏ ମୂଲ୍ୟବାନ କଥା କହି ଅଛନ୍ତି । ତାହାର ସାରାଂଶ ଆମ୍ଭେମାନେ ତଳରେ ପାଠକବର୍ଗଙ୍କୁ ଉପହାର ଦେଉଅଛୁଁ । )

ଏ ଦେଶରେ ଖୁବ୍ ଅଳ୍ପ ଲୋକେ ହିଁ ଖବର କାଗଜ କିଣନ୍ତି ଏବଂ କାଗଜ କିଣିବା ପାଇଁ ସେମାନେ ଯେଉଁ ପଇସା ଗୁଡ଼ିଏ ଖର୍ଚ୍ଚ କରନ୍ତି, ତାହା ବଦଳରେ କେତେ ମୂଲ୍ୟବାନ ଜିନିଷ ପାଇଲେ ତାହା ଠିକ୍ ବୁଝନ୍ତି ନାହିଁ । କେବଳ 'ଖବର' ଛଡ଼ା ତହିଁରେ ବିଜ୍ଞାପନ, ବ୍ୟବସା ବାଣିଜ୍ୟ ଇତ୍ୟାଦି ବିଷୟରେ କେତେକ କଥା ଥାଏ ଏବଂ ସେ ସବୁ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟରେ କେତେ ସାହାଯ୍ୟତା କରେ ।

ସଂବାଦପତ୍ର ପରିଚାଳନାରେ ଯେଉଁ ସାଧୁତା, ଓ ନୈତିକତା ଲୋଡ଼ା ତାହା ଅବହେଳନ କାଳ ଚାଲି ଆସୁଛି ଏବଂ ସେ ପଥରୁ ବିଚଳିତ ହେବାର ବେଳ ଅସିଛି ବୋଲି କେହି କହି ପାରିବ ନାହିଁ । ଆଜିକାଲି ଖବର କାଗଜ ସୃଷ୍ଟି ଓ ସୁନ୍ଦର ଭାବରେ ସମ୍ବାଦ ଓ ମତ ପ୍ରକାଶ ଦ୍ୱାରା ସମଗ୍ର ଦେଶ ଓ ପୃଥିବୀର ମତ ଗଠନ କରିବାରେ ସର୍ବଶକ୍ତିମାନ । ଆଧୁନିକ ଯୁଗରେ ଶୀଘ୍ର ସମ୍ବାଦ ପ୍ରକାଶ କରିବାର ସ୍ପୃହା ଅଧିକ ହୋଇଛି ଏବଂ ଉକ୍ତ ଧରଣର କାଗଜ ଏହା ନକରି ଚଳିପାରୁ ନାହିଁ । ଏଥିପାଇଁ କାଗଜ ମାଲିକମାନଙ୍କୁ ବହୁତ ଖର୍ଚ୍ଚ କରିବାକୁ ପଡ଼େ ।

ସମ୍ବାଦପତ୍ର ପାଠକମାନଙ୍କୁ ପ୍ରଧାନତଃ ଦୁଇ ଶ୍ରେଣୀରେ ବିଭକ୍ତ କରିଯାଇ ପାରେ । ପ୍ରଥମ ଶ୍ରେଣୀ ମନେକରନ୍ତି ଯେ କାଗଜରେ ଯାହା ଛପା ହୋଇଛି ତାହା ବେଦ ଅଉ ଦ୍ୱିତୀୟ ମନେ କରନ୍ତି ଖବର କାଗଜରେ ଯାହା ବାହାରେ ସବୁ ଛୁଞ୍ଚା ମିଛ । ସେ ଯାହାହେଉ, ଏଥିରୁ ଆମକୁ ବୁଝିବାକୁ ହେବ ଯେ ଯେଉଁମାନେ ଖବର କାଗଜ ଲେଖନ୍ତି ବା ଚଳାନ୍ତି ସେମାନଙ୍କର ଦାୟିତ୍ୱ କେତେ ଗୁରୁତର ।

ସମ୍ବାଦପତ୍ର ସମ୍ପାଦନା ଖେଳଘର ନୁହେଁ ବା ଫାଙ୍କି ଦେବାର କାମ ନୁହେଁ । ସମ୍ବାଦୌ 'ଜନସେବା'କୁ ଆମର ମୁଖ୍ୟ ଧର୍ମ ବୋଲି ଭାବି କର୍ମ କରିବାକୁ ହେବ । ସମ୍ପାଦକ ଯେ ହେବ ତାର ଫୁରସତ ବୋଲି ନାହିଁ କହିଲେ ଚଳେ । ଯଦି କାଗଜଟି ଛୋଟ ଧରଣର ହୋଇଥାଏ ଅର୍ଥାତ ଅଳ୍ପ ଲୋକ ଓ ଅଳ୍ପ ମୂଳ ଧନରେ ଚଳୁଥାଏ, ତେବେ ସମ୍ପାଦକ ବିଚରାର ଦିନେ ଓଳିଏ ଶୋଇବା ଅବସର ପାଇବାର ବି ସୁବିଧା ନାହିଁ । ତା ପକ୍ଷରେ ଘଣ୍ଟାକୁ ୬୦ ମିନିଟ ନୁହେଁ, ୧୨୦ ମିନିଟ ତାର ଶରୀର ନିର୍ବାହର ସମୟ ବି ନାହିଁ । ଖିଅ, ପିଅ, ରାତି ଦିନ କିଛି ନ ମାନି ତାର କଲମ ଚଳାଇବାକୁ ହେବ । ଏତେ ସବୁ ବାଧା ବିଘ୍ନ ସତ୍ତ୍ୱେ ଭାରତର ସମ୍ପାଦକମାନେ ବଡ଼ କମ ମଜୁରି ପାଅନ୍ତି । ସେଥିପାଇଁ ମାଲିକମାନେ ଦାୟୀ, —କାରଣ ଅଗଣା ଭିତରେ ତନ୍ତ୍ରାଳୁ ବୃତ୍ତି ମୂଲ୍ୟ କମାନ୍ତି ।

ମତ ଦାବଣାର କହିଲି । ସେଥିପାଇଁ ଭଲ ଦରକାର କରନ୍ତି । ଯେଉଁ କାଗଜ ଛିଡ଼ିଏ ଭଲ ଚଳେ, ସେ କାଗଜଟି ଦେଶର ଗୋଟିଏ ସମ୍ପଦ । ଗୁଡ଼ିଏ ଏହି ସମ୍ପଦ ଆପଣା ଭିତରେ ଅନୁଭବ କରି ଆନନ୍ଦ ପାଏ—ହୋଇଥିବ । ଖବର କାଗଜ ସମ୍ପାଦକର ଲେଖାଟି ଗୋଟିଏ ଜିନିଷ ଅଛି ସ୍ତୁତିର । ଏହା କହିପାରେ, ଭାଙ୍ଗି ପାରେ । କେବଳ ପ୍ରଧାନ ସମ୍ପାଦକ ନୁହେଁ, ଉପସମ୍ପାଦକ, ସମ୍ବାଦଦାତା, ସମ୍ବାଦଦାତା, ସମସ୍ତେ ଏହା କରି ପାରନ୍ତି ।

ସମ୍ବାଦ ମାନଙ୍କର ପ୍ରଧାନ ଭାବରେ ଦେଖାଁ ଉଚିତ—ମାତ୍ର ଭାରତରେ ଦଳଗତ ଭାବ ଅତି ବେଶି ଥିବାରୁ ଅନେକ ସମ୍ପାଦକ ଆପଣା ଦଳର ସମ୍ବାଦକୁ ବେଶୀ ଶ୍ରଦ୍ଧା ବା ଆଦର ଦେଖାନ୍ତି, ବିପକ୍ଷର ସମ୍ବାଦକୁ ସେପରି କରନ୍ତି ନାହିଁ ।

ଏହି ବ୍ୟବସାୟରେ କେତେ ଜିନିଷ ଦୁର୍ଦ୍ଦଶା ଲାଭ କରିପାରେ । ଏଥିରେ ମୋଟ କିଛି ହେଲା ନାହିଁ ବୋଲି ଯେ କହେ, ତା ଉପରେ ସେ ରାଗନ୍ତି । ସେ ଜିନିଷ ଅପୋରାଂ କମ୍ପା ଭାଷା । କଥାରେ ଅଛି କି "ରଜନୀ ପଥରରେ ନାଲି ଲାଗେନାହିଁ" ମାତ୍ର ଖୁବ ଧମ ସମ୍ବାଦକ ମୂଳରୁ ଶେଷ ପର୍ଯ୍ୟନ୍ତ ଗୋଟିଏ କାଗଜରେ ଲାଗିପଡ଼ି ରହନ୍ତି ।

ରାଜନୈତିକ ପ୍ରଗତି ସଙ୍ଗେ ସଙ୍ଗେ ସମ୍ବାଦ ପତ୍ରର ଉନ୍ନତି ଅବଶ୍ୟମ୍ଭାବୀ । ଏ ଦେଶରେ ରାଜନୈତିକ ଦଳମାନେ ନିଜର ମୁଖପତ୍ର ନ ରଖିଲେ ଚଳେନାହିଁ । କେତେ ଗୁଡ଼ିଏ କାଗଜ ଭାରତରେ ଏପରି ଉନ୍ନତ ଧରଣର ହେଲାଣି ଯେ ଅନ୍ୟାନ୍ୟ ଦେଶର କାଗଜମାନଙ୍କ ଠାରୁ କୌଣସି ଅଂଶରେ ହୀନ ନୁହେଁ ।

Digitized by srujanika@gmail.com

ସମ୍ବାଦ ପତ୍ରର ପ୍ରଧାନ ଆୟ—ବିଜ୍ଞାପନ ଖର୍ଚ୍ଚ। ଭାରତରେ ଶିଳ୍ପ ବ୍ୟବସାୟର ଉନ୍ନତି ସଙ୍ଗରେ ଏ ଆୟ ମଧ୍ୟ ବଢ଼ିବା ଉଚିତ; ତାହା ହେଲେ ସମ୍ବାଦପତ୍ର ଗୁଡ଼ିକ ସ୍ୱଚ୍ଛନ୍ଦ ଉନ୍ନତି କରି ପାରିବେ।

ସମ୍ବାଦପତ୍ର ସବୁ ଆପଣା ଆପଣା ଭିତରେ କଳି କରିବା ବା ଅନ୍ୟର କୁତ୍ସା ରଟନା କରିବା ଭଲ ନୁହେଁ। ସାଧାରଣ ମଙ୍ଗଳ କାମନାରେ ସମସ୍ତଙ୍କରେ ଯତ୍ନବାନ ହେବା ଉଚିତ।

ଏହା ପରେ ଅମୃତବଜାରର ସମ୍ପାଦକ ଶ୍ରୀଯୁକ୍ତ ତୁଷାରକାନ୍ତି ଘୋଷ କହିଲେ - ଖବରକାଗଜ ସମ୍ବାଦ ପତ୍ରମାନଙ୍କର ଆୟ କେତେ କମ ଯେ ସେମାନେ ଅନ୍ୟାନ୍ୟ ଦେଶପରି କର୍ମଚାରୀମାନଙ୍କୁ ଅଧିକ ବେତନ ଦେଇ ପାରନ୍ତିନାହିଁ। ଗ୍ରାହକ ଓ ପାଠକଙ୍କ ସଂଖ୍ୟା ଉତ୍ତରୋତ୍ତର ବଢ଼ିଲେ ଚଳେ; ତାଙ୍କର ପ୍ରଧାନ ଭରସା ବିଜ୍ଞାପନ। ବଡ଼ ବଡ଼ ବ୍ୟବସାୟ ସବୁ ପ୍ରତିଷ୍ଠାପିତଙ୍କ ହାତରେ ଥିବାରୁ ସେମାନେ ସାହେବୀ କାଗଜଙ୍କୁ ଯାହା ଦିଅନ୍ତି, ଆମ ଦେଶୀଙ୍କୁ ଚାରି ଅଣା।

ଆମ ଦେଶର ସମ୍ବାଦପତ୍ରର ଗ୍ରାହକ ସଂଖ୍ୟା ଯେ ବଢ଼ିପାରୁନାହିଁ, ତାର କାରଣ ଏଠାର କି ଜଣେ ଇଂରେଜି କାଗଜ କିଣିଲେ ଦେଖାଯାଏ, ଏପରି କି ସାଙ୍ଗସାଥି, ପ୍ରତିବେଶୀ ସେଇଁ ଇଂରେଜିରେ ମାଗି ନିଅନ୍ତି। ହାବଡ଼ାର ଅମର ଇଂରେଜି କାଗଜର ପ୍ରାୟ କୋଡ଼ିଏ ଜଣ ପାଠକ।—

ଷ୍ଟେଟସମ୍ୟାନର ସମ୍ପାଦକ କହିଲେ ଯେ "ଆମ ସାହେବଙ୍କ ଭିତରେ ଗୋଟିଏ କାଗଜର ହାରାହାରି ସାତଜଣ ପାଠକ।"

## କୁତୁ କୁତୁ

ଜଣେ ନେତା ହାଟରେ ଗୋଟାଏ କୁକୁଡ଼ାକୁ ବାଡ଼େଇ ବାଡ଼େଇ ମାରି ପକାଇଲା। ଆଉ ଜଣେ ବିରକ୍ତ ହୋଇ କହିଲା, "ହଇରେ ଭାଇ, ଅଣ୍ଡା ବେଲୁଣୀ ବାଡ଼େଇ-ଲୁଣି ?" ସେ ଉତ୍ତର ଦେଲା "ଉତ୍ତେଜିତ ଲାଗେଇ ସାଲୁଣା ହେବ।"

(ପୂର୍ବ ଭାଗ ୭୫ ପୃଷ୍ଠା ଦେଖନ୍ତୁ।)

ଗୋବିନ୍ଦ ଗୁ ସେଇଁ ଉତ୍ତର୍ଦ କହିଲା "ମତେ ଯେତେବେଳେ ସେମାନେ ସେଠାକୁ ନେଇ ଛାଡ଼ି ଦେଇ ଆସିଲେ ତାର ଅଳ୍ପଦିନ ପରେ ମତେ ଭଲ ଗୋଟାଏ ଶକ୍ତ ବେମାରି 'ଟାଇଫଏଡ୍' ନା କଣ ହୋଇଥିଲା—ମରି ଯାଇଥାନ୍ତି, ବହୁତ କଷ୍ଟରେ ଭଲ ହେଲି। କିନ୍ତୁ ସେଇ ବେମାର ପରେ ପିଲାଦିନର ଯେତେ କଥା ସବୁ ଭୁଲି ଗଲି। ମୋର ମା ବାପ, ଘର-ବାଡ଼ି ଥିଲା କି ନାହିଁ କିଛି ଆଉ ବର୍ତ୍ତମାନ ମୋର ମନେ ନାହିଁ।

ଗୋବିନ୍ଦ ଗୋଟାଏ ଦୀର୍ଘନିଶ୍ୱାସ ପକାଇଲା। ବୁଢ଼ୀ— ଅହା, ତୋ କଥା ଶୁଣି ମୋର ସେହି ପିଲାଟା କଥା ମନେ ପଡ଼ୁଛି ରେ। ସିଏଟା ମୋର ପରଦେଶରେ କାହିଁ ପଡ଼ିଥିବ, ତାର ବୁଢ଼ୀ ମା ଝୁରି ଝୁରି ଶେଷ ହେଉଛି ତାର ମନକୁ ଛୁଇଁଥିବ କି ନାହିଁ କି ?—ହଁ ସେ ଯଦି ଜୀଇଁ ଥିବ ହେଲେ ଆସିବ। ତୋ ପରି ଏ ମାଇପିଲାକୁ ମୁଁ ଭୁଲିଛି ତାର ପାଇଁ ପାଳିବାର। ସେ ଆସିଲେ ତାଙ୍କ ହାତକୁ ଦୁଃଖ ଛାଡ଼ି କରି ଦେଇ ପାରିଲେ ମୁଁ ଯାଇ ମରିବି। ହେ ଯଶୋମା - ଗୋପୀନାଥ! ହେ ଜଗନ୍ନାଥ!

ଏତିକି ଭିତରେ ଜଣେ ପିଲା ଆସିଲା ଧଳସାହିର ବଉଳୀ—ଦୁନ୍ୟା ନେବାକୁ। ବୁଢ଼ୀ କଟେଇ ପୋତି ଆଣି ତାକୁ ବିଦାୟ କଲା। ଆଜି କାମରେ ଯେପରି ତାର ମନ ଲାଗୁନାହିଁ। ପୁଣି ଗୋବିନ୍ଦ ଆଡ଼କୁ ଚାହିଁ ଗଲା ଅବଶ୍ୟ କହି:—"ତୋର ପରି ତାର ଦେହର ବର୍ଣ୍ଣ—ଆଜି କୁଞ୍ଚ ଲୁହ ବାଳ, ତୋ ଭଳି ସେ ଏତକଟି ହୋଇ ଥିବଟରେ। ତୋର ପରି ତାର ମୁଣ୍ଡରେ ଗୋଟାଏ ମାଢ଼ ବସିଥିବାର ଗାରୁଟାଏ ଥିବାରରେ। ହାତରେ ସେ ଅପ୍ସରା ଛୁରା ଚଟା ଲୁହେଇ ଥିଲାରେ ଆଉ ଛାତିରେ ଯୁଗଳ ରୂପ ଛାପି ଥିଲାରେ।—" ଏତକ କହି ବୁଢ଼ୀ ଦୀର୍ଘଶ୍ୱାସଟାଏ ପକାଇଲା ଫଁ କରି।

ଗୋବିନ୍ଦ କ୍ରମେ ଅସହିଷ୍ଣୁ ହୋଇ ଉଠୁଥିଲା। ଏ କଥାରେ ତାର ବନ୍ଧ ସ୍ଥିତ ଯୁଗଳ ମୂର୍ତ୍ତିର ଛାପଟା ବୁଢ଼ୀକୁ ଦେଖାଇ ତାର ବହୁ ଅଭିଳଷିତ ଐଶ୍ୱର୍ଯ୍ୟ ଓ ରାଜକନ୍ୟାର ପାଣି ଗ୍ରହଣ କରି ଧନ୍ୟ ହେବ।

ବୁଢ଼ୀର ଅଧ ବାଳ ଭାଙ୍ଗିଛି। ସବୁ କାମ ଭୁଲି ସେ ପୁଣି କହିବାକୁ ଆରମ୍ଭ କଲା— "ମୋ ଦୁକାନରେ ହରମୋହନ ଓ ରାମଚନ୍ଦ୍ର ବେଲ୍ ହଉଟ ଲୋକ ଚା'ପିଇ ପିଇବାକୁ ଯାଉଥିବାର, କାଲି ସକାଳୁ ସେମାନେ ରେଙ୍ଗୁନ ପଳେଇବାର। ତାଙ୍କ ପାଖରେ ମୁଁ ମୋର ପୁଅର କଥା କହି ଦେବାର। ସେମାନେ ରେଙ୍ଗୁନ ଯିବାର ନା ?—ସେଠାରେ ତାଙ୍କେ ମୋର ପୁଅକୁ ଖୋଜିବାର। ସେ ରେଙ୍ଗୁନରେ ଥିବାର ବୋଲି ମୋର ଏକା ମନ ଡାକୁଛି। ତାଙ୍କେ ମୁଁ ମୋ ପୁଅର ସବୁ ଠିକଣା କଥା— ଚଟା ଲୁହେଇବା ଚିହ୍ନ ହେ—କହି ଥିବାର। ସେମାନଙ୍କ ମନରେ କିସ ଅଛି ସେହି ଏକା ଜାଣିବାର ! ମୋର ପୁଅ ଠିକ୍ ତୋର ଭଳି ଦେଖିବାକୁ ଥିଲାରେ। ଖାଲି ତାର ଗାଇର ହାତର କାଣି ଅଙ୍ଗୁଠିଟା ନଥିଲା।

ଗୋବିନ୍ଦର ଏ କଥା ଶୁଣି ଆଶିର୍ଦ୍ଦଟା ଅଚ୍ଛା-ଦିତର ଭୂପେ ବିସ୍ମିତ ହୋଇ ପଡ଼ିଲା। ସେ ଲହୁ 'ଅଁ' ଟାଏ କରି ଦମ୍ଭେ ନିବାତ ନିଷ୍କମ୍ପ ହୋଇ ରହିଗଲା। ତାର ନିଜର କାନକୁ ସେ ଯେପରି ବିଶ୍ୱାସ କରି ପାରିଲା ନାହିଁ।—ଠିକ୍ ସେ ଶୁଣିଛି କି ନା ସେଇଟା ପରୀକ୍ଷା କରିବା ସକାଶେ ପଚାରିଲା "କଣ ନାହିଁ ?"—

ବୁଢ଼ୀ କହିଲା ଯେତେବେଳେ ପୁଅ ମୋର ସାନ ପିଲାଟି ଥିଲା ତାର 'ଅଡ଼ା' ହୋଇଥିବାର ଡାକ୍ତର ତାକୁ କାଟି ଦେଇଥିଲା ··

\+ \+ \+

ବୁଢ଼ୀ ହଠାତ୍ ଚିତ୍କାର କରି ଉଠିଲା— ଏଁ, କସ ହେଲାରେ—କିଏ ହେଲାରେ ! ! ତୋର କଣ କିଛି ଲାଗୁ ବେମାରି ଅଛି କିରେ ! ଏ ମାଳତୀ ! ପାଣି ଅଣ ଲୋ······!!

ଗୋବିନ୍ଦ ଖାଲି 'ନା' ଶବ୍ଦଟି ଉଚ୍ଚାରଣ କରି ମଳୁଅଙ୍କ ଭଳି ଟଳି ଟଳି ସେଠାରୁ ଚାଲିଆସିଲା।

ଗୋବିନ୍ଦର ଛାତିରେ, ହାତରେ ଚଟା ଲୁହା ହୋଇଥିବା କ୍ଷତ ଗୁଡ଼ାକର ବ୍ୟଥା ବଡ଼ ଉଠିଲା ହଠାତ୍ ଶତ ଶତଗୁଣ ! ତାର ମନ ହେଲା କି ଦୋକାନରେ ମଦ ଖାଇବା ଦିନ ସେ ଯେପରି ବମ ଓ ହାଉଥର ବେକରେ ହାତ ପକାଇ ଥିଲା, ଆଜି ଯଦି ତାକୁ ପୁଣି ଥରେ ବାଗରେ ପାଇବ ପାଥରା ଦେବେ ! ·····

Digitized by srujanika@gmail.com

ରାବଣ – ଭାରତ ଲଙ୍କାର ଅଧୀଶ୍ୱର ।
ମେଘନାଦ— ତସ୍ୟପୁତ୍ର crown prince
ଅତିକାୟ— ,, (ଜାରଜ)
ଅକ୍ଷୟ କୁମାର— ,, (ପାଳିତ)
ରାମଚନ୍ଦ୍ର—ମହାଚାପୀ କ୍ଷତ୍ରିୟ ରାଜପୁତ୍ର ।
ଲକ୍ଷ୍ମଣ—ରାମ ଭକ୍ତ ।



ଜାମ୍ବୁବାନ – ବୃଦ୍ଧ ଋକ୍ଷ ଦଳ ।
ହନୁମାନ—ଲଙ୍କାପୋଡ଼ା କପି ।
ଇନ୍ଦ୍ର—ଐରାବତ (ଗଜ) ପତି ।
ବରୁଣ, ଡାକଦେବୀ, ନଳ, ନୀଳ, ଗୟ-ଗବାକ୍ଷ
ଅଙ୍ଗଦ ସୁଷେଣ, ଗୃଧ୍ରବର, ଦୈତ୍ୟଦାସ,
କଳ୍ପିତ ନୂତନ ରାମାୟଣର ଚରିତରେ ମୂର୍ତ୍ତି

# ନବରାମାୟଣ

## ପୋଷୁଆ କାଣ୍ଡ

(କପିବର ହନୁମନ୍ତ ବିରଚିତ)

ଏମନ୍ତ ସମୟେ ତହିଁ ହେଲେ ଉପନୀତ
'ଗୃଧ୍ରବର' ନାମେ ମହାବୀର,
ଖେଚର ସୁଧୀର,
( ସୁବୀର ଚେହେରା, ମାତ୍ର ପ୍ରାଣଟା ଭବର ! )
ଜଟାୟୁ ପକ୍ଷୀର ସେହୁ ଦୂର ବଂଶଧର ।
ପଶ୍ଚିମେଲେ ଜଳଜ ପାଳିତ,
ତେଣୁ ଅର୍ଦ୍ଧ ପଶୁ ପୁଣି ଅର୍ଦ୍ଧ ପକ୍ଷୀ ରୂପ,
ପ୍ରକୃତେ ହୁଲେ ବିଭାଏ ମୁଖୋସ (mask)
ନିପୁଣ ସୁବିଧାବାଦୀ (opportunist),
ଚର୍ଚ୍ଚା ଭାବସାଦ ଜଣା ବାଦୀ ଗାଅଣର ।
ଯେତେବେଳେ ଯେଉଁ ଭାବ ଲୋଡ଼ା,
ସେହି ମୁଖା ପିନ୍ଧି ତହିଁ ହୁଅନ୍ତ ବାହାର—
ଏହି ଗୁଣେ ସବୁ କ୍ଷେତ୍ରେ ନିର୍ବାଧ ପ୍ରବେଶ;
ସର୍ବଜ୍ଞ, ସର୍ବସହା ବେଶ,
ଏଟିକେଟ୍ ଜ୍ଞାନର ଦୁରସ୍ତ,
କୃତଜ୍ଞତା ମାତ୍ର ନାହିଁ ଲେଶ,
ଶୁଭ୍ରଭାଷ, ଶୁଭ୍ରହାସ, ପୁଣି ଶୁଭ୍ରବେଶ,
ସବୁ ଘଟେ ବିଚଳିତ ନିରହଙ୍କାର ମଧ୍ୟ
ସତ୍, ଋତ୍, ଅନାଦରୂପୀ, ବୋଧଗଣ ପରିଚା ।

ଗୃଧ୍ରବରେ ଦେଖି ସର୍ବେ ଦେଲେ ଧାଡ଼ିଛାଡ଼ି;
ଜାମ୍ବୁବାନ୍ତ ସୁଷେଣଙ୍କୁ ସମ୍ବରଣ ବେଗେ,
'ଅଦ୍ଭୁତ' ବୋଲି ଭାଷି ହସିଲେ ମଧୁରେ,

ଗୃଧ୍ର—
ଓଃ, ସୁଷେଣ ଯେ !
ତୁମ୍ଭେ ଏଠି ବୈଦ୍ୟରାଜ ?

ସୁଷେଣ—
ରଘୁରାଜ ହେଉଛନ୍ତି ଟିକିଏ—ମ୍ୟେ—ମ୍ୟେ--

ଗୃଧ୍ର—(ଭାବଗମ୍ଭୀର ହସ ହସି)
ବୁଝିଲି ବୁଝିଲି ଏବେ—ଆଉ କହିବାକୁ,
ବିପଦ ନହେଲେ କିଏ ଡ଼ାକେକି ତୁମ୍ଭକୁ !

ସୁଷେଣ—(ଦାନ୍ତ ନିକୁଟା ହସ ହସି)
ସତ୍ୟ କଥା—କହୁଥିଲି, ଲକ୍ଷ୍ମଣ ସ୍ୱଜନେ
ଗ୍ରନ୍ଥି—ଶକସ୍ତାର କଥା—

ଗୃଧ୍ର—
ବେଶ୍, ବେଶ୍—ତାପରେ ?

ସୁଷେଣ—
ରାଜ ଯେ ଅଶାନ୍ତ—କିନ୍ତୁ—

ଗୃଧ୍ର—
ଶୁଭଙ୍କରେ 'କିନ୍ତୁ' 'ଯିନ୍ତୁ' ନାହିଁ—
ବିଜ୍ଞାନର ତୋଫା ଅବିଷ୍କାର,
ନାହିଁ ନାହିଁ ତୁଳନା ଏହାର,
ପ୍ରଚାରର ତୀବ୍ର ପ୍ରତିଭାର ।
ନିଜେ ମୁହିଁ ତାହାର ପ୍ରମାଣ;
ଯେଉଁ ପ୍ରାଣୀ ଗ୍ରନ୍ଥିଅଣି କରନ୍ତି ରୋପଣ,
ତାର ଗୁଣ ନବ ତେଜେ ହେବ ବିକଶିତ,
ଯୋଡ଼-କଲମର ଗୁଣ ହୁଅଇ ଯେମନ୍ତ ।
ବିହଙ୍ଗମ ପକ୍ଷୀ ଦେହେ ମୋର
ରୋପିଅଛନ୍ତି ବାଲ୍ୟର ଗ୍ରନ୍ଥି;
ପଶୁ-ପକ୍ଷୀ ଦୁଇ ଜନ୍ମୁ cross breed ବଳେ
ରସାୟନୀ ସମ୍ମିଶ୍ରଣ ଫଳେ,
ପଶୁ-ପକ୍ଷୀ ଚେନା ବର୍ଣ୍ଣ ଗୁଣ କର୍ମ ସେନା
ଅଭିନବ 'ମିଶ୍ର' ବର୍ଣ୍ଣ ଶଙ୍କର ଉଦ୍ଭବ
ବିହଙ୍ଗର ନରଶ୍ଚମ୍ଭୀ ଭୃଙ୍ଗ ଅଣ୍ଡା ସଙ୍ଗେ
ମିଶିଯାଇ ବାଲ୍ୟର ଗ୍ରନ୍ଥି, ଫନ୍ଦି;
ଗଢ଼ିଛି ଉତ୍ତର
ନବ ଶକ୍ତିଶାଳୀ ଜୀବ, ବାହୁଛ ଯା ନାମ ।

ଜାମ୍ବୁବାନ—(ବିସ୍ମିତେ ଚଉଣ୍ଟି)
ହୁଁଃ— ତେବେ କି ଭରିବା ଅମେ ।
ଦେଖୁଛୁ ତୁମଠି ଅଛି 'ସନ୍ଧି', 'ଶଙ୍କ' ଦ୍ୱୟ;
ତୁମର ଗୋଟିଏ gland ଦିଅନ୍ତୁ କି ଭାଇ,
ଅମ୍ଭ ଦେହେ ଥୋଇ,
ଦ୍ୱିଗୁଣ ମିଶ୍ରିତ ଜନ୍ତୁ ହୁଅନ୍ତା ପଇଦା,
ଏକାଧାରେ ମହାବୀର୍ଯ୍ୟଶାଳୀ ।

ଗୃଧ୍ର—(ମୁରୁକି ହସି)
ଭୁଲ, ଭୁଲ,—ନିପଟ ବୋକାମି !
ଏକାଧାରେ ମିଶିଲେ ଦ୍ୱିଗୁଣ,
Neutralised ହୋଇ ଯିବ ସବୁ,
ଅଦିପିବ ନିସ୍ତ୍ରୈଗୁଣ୍ୟ ଭାବ,
ନିର୍ବାତ, ନିଷ୍କମ୍ପ ପୁଣି ନିର୍ଗୁଣ ଅବସ୍ଥା,
ନିର୍ବିକଳ୍ପ, ନିରାଲମ୍ବ, ନିର୍ଜ୍ଜୀବ, ସମାଧି ।

ଜାମ୍ବୁ—(କରତାଳି)
ଓହୋଃ – ତେବେ କି କହୁଛ ତୁମ୍ଭେ ?
କି କହୁଛ ତୁମ୍ଭେ ବୈଦ୍ୟରାଜ ?

ସୁଷେଣ—(ଆଖିବୁଜି,ମୁଣ୍ଡ ଝୁଲାଇ)
ଯାହା ସେ କହିଲେ—ହୁଁ—ହେଲେ ହେବ
ପାରେ—

ଗୃଧ୍ର – (ଠୋଠୋ ହସି)
କରୁନ ବିଶ୍ୱାସ ପର କଥାଟାକୁ ମୋର
ଲୋଡ଼ୁଅଛ expert opinion !
ମାତ୍ର ଏ ବିଷୟେ ବୈଦ୍ୟ କାହିଁ ବା କହିବେ,
Anatomy, medicine ବିଦ୍ୟା
ନୁହେ ଏଟା

Digitized by srujanika@gmail.com

ଖାଣ୍ଟି ମନସ୍ତତ୍ତ୍ୱ କଥା,—Frude ପ୍ରଣୀତ
Experimental ଯେଉଁ Sex-
Psychology—

ଜମ୍ବୁ—(ଦାନ୍ତ ହସି)

ଠିକ୍ - ସେକ୍ସବିଦ୍ୟାରେ ତୁମ୍ଭେ ନିପୁଣ ପ୍ରବୀଣ,
କହ, କହ,—କୌତୁହଳ ହେଉଛି ନିତାନ୍ତ

ଗୃଧ୍ର—(ଗମ୍ଭୀର ବଦନେ)

ଏକା feather ର bird ଆମେ ଦୁହେଁ-ଯାକ,
ଘନ ହୋଇବାକୁ ଫାଙ୍କ ଫାଙ୍କ,
ଖୁଲିଅଛୁଁ ଅଙ୍କ ବାଙ୍କ ହୋଇ।
ଦୁହିଁଙ୍କର ଗତିମାର୍ଗେ ପଡୁଅଛି ବାଧା,
ଚାହୁଁଛନ୍ତି ବାଇକ ସୁବିଧା;
ତୁମ ଶାସ୍ତ୍ର ଦିଶିପାଇ ଦୁହନ୍ତାଙ୍କ ଏକା,
ଶତ୍ରୁଙ୍କର ପଣନ୍ତି ଛଳନା,
ତାଷ୍ଟବା ଜଗନ୍ତା ଅବଲୋକେ,
କେ ପାରନ୍ତା ରୋକି ଏହି ମହାଶକ୍ତି ବେଗ।

ଜମ୍ବୁ—(ଗମ୍ଭୀରେ ଦାଢ଼ୀ ଅଉଁସି)

ଅତି ସତ୍ୟ, ନିରାଟ ବଚନ
ସାଉଣ୍ଡ ସଲ୍ୟୁସନ,
ବିବେଚନା କରିବା ଏଥର।

ଗୃଧ୍ର—(ଉତ୍ସାହିତ ହୋଇ)

Common interest ଅଉ common profit
ପୁଣି ଅନୁରକ୍ତି, ଯାହା ଜାତୀୟ instinct
ସୁତେଣ—
Mutual adjustment ହୋଇଯାନ୍ତା ପରା,
Common formula ଗୋଟେ ଭରିଲେ ବାହାର,
ସବର୍ଣ୍ଣ-ଅବର୍ଣ୍ଣ ମଧ୍ୟେ ଯଥା ଯାଏ ହୋଇ,
ଅବା ପ୍ରଜା ଜମିଦାର-, ହିନ୍ଦୁ-ମୁସଲମାନେ।

ଜମ୍ବୁ—(ହସି)

ଯାହାକୁ ପକାଇ ଦେବ formula ଫେରରେ,
ଜ୍ଞାନର ବଳେ ସବୁ ଲଭିବେ ସମତ୍ୱ;
ଅସବର୍ଣ୍ଣ ବିବାହ ଯେମନ୍ତ।
କିବା ଯଥା ବସମ୍ବାଦୀ ବଳେଇଛି କରେଣ୍ଟ।

ଏକାଳେ ନାନାଙ୍କ ବାଦ୍ୟ, ରାମଙ୍କ ଶିବରେ
ଶଙ୍ଖ ଦୁନ୍ଦୁଭି ନାଦ ପଡ଼ିଲା ଉଚ୍ଛୁଳି।
'ଜୟ ଜୟ' ଧ୍ୱନି ସଙ୍ଗେ 'ବନ୍ଦେ'-ମହାନାଦ।
ପଢ଼ିଲେ ଶାନ୍ତି ସର୍ବେ, କହେଲେ କହେଲା!
ଅକାଳେ ଶୁଭିଲା ହର୍ଷ ଅସ୍ଥୈର୍ଯ୍ୟ ଶବଦ।
ସଙ୍ଗେ ସଙ୍ଗେ ନାନାଦଳ ଆବାହନ ତୂରୀ,
'ଉଠ ଉଠ ସଜହୁଅ ବେଗେ ଯୋଦ୍ଧାଗଣ,'
ବୋଲି ତାର୍ବେ ହୁଙ୍କାରିଲା ସଙ୍କେତ ବିଗଲ୍।
ଅହିଂସା ଅସ୍ତ୍ରମାନ ଧରି ବୀରବୃନ୍ଦ
ଜମେଶେ ହୋଇଲେ ଝୁଣ୍ଡ ପତାକା ସନ୍ନିଧେ
ଲାଗିଲା ବିରାଟ ସଭା—ସଭାପତି ରାମ,
ବେତ୍ରାସନ ଉପରେ ଚଢ଼ି ଉଠିଲେ 'ମାଇକେ।'

ରାମ—

ସମବାୟୀ ବୀରବୃନ୍ଦ, ଶୁଣ ସୁସମ୍ବାଦ,
ବିନା ଯୁଦ୍ଧେ ଜୟଲାଭ ହୋଇଛି ଅମ୍ଭର,
ଅହିଂସ ରଣର ତୁବା ପଡ଼ିଲା ଶକତ,
ଷୋଳପଣ ଲଙ୍କା ଚଢ଼ା ନାହିଁ ଖଟ ପହିଁ;
ପଟେସିନେୟ, ପ୍ରପଞ୍ଚବାରେ ଦୁଷ୍ଟ ବଂଶଘାତୁ,
ଲଙ୍କା ତ୍ୟଜି ଜାଗିଣ ହୃଦାସ୍ପେ,
ପତ୍ନୀଜଯୁ ବଟେଯୁ,
ନିଜର Comfort ଖୁଣ୍ଡ ମାରିଲେ ଗମ୍ଟ
ଲୁଟିବାକୁ କେଇଁଦୂର କାଗେନା ଗ୍ରାମରେ।
ନିର୍ବିବାଦେ ସ୍ୱର୍ଣ୍ଣଲଙ୍କା ହୋଇଲା ଅମ୍ଭର।
ମାତ୍ର, ବନ୍ଧୁଗଣ, ଶୁଣ ଦୁଃଖର କାହାଣୀ
ଯେଉଁ 'ସୀତା' ପାଇଁ ଅମ୍ଭ ଏହି ଅଭିଯାନ,
ମିଳୁନାହାନ୍ତି ସେ କାହିଁ—ବିଲକୁଲ୍ ଗୁମ୍।
ନୃପତି ଚରଗଣ ଖୋଜି ହେଲେଣି ବିଫଳ;
ଭାଗ୍ୟ ବିଡ଼ମ୍ବନା—ଯଥା ଆକାଶ ଭଇଁସ୍ତା।
ମନେହୁଏ, ଗୁପ୍ତ ସ୍ଥାନେ ରଖିଛି ଲମ୍ପଟ
ଇନ୍ଦ୍ରର ନନ୍ଦନ ବନ, ଅପସ୍ନ ବଟକେ।

ରାମଙ୍କ ଭାଷଣ ଶୁଣି ସର୍ବେ କ୍ରୋଧାନ୍ୱିତ,
'ମାର ମାର' ମହାଧ୍ୱନି ପଡ଼ିଲା ଉଛୁଳି,
ଝଡ଼ ଭଳି ବାହୁନୀଟା ଉଠିଲା ଚହଲି।
ତହୁଁ ରାମ ଢ଼ଳଢ଼ଳ ଭାଷିଲେ ଗମ୍ଭୀରେ

ରାମ—

ସେଥିପାଇଁ ଡକୁଅଛୁ ସର୍ବ ବୀରେ ମିଳି
ଗୃହ ଅନୁମିତା ଯାଇ ଅସୁରୀ ଭଟର,
ଇନ୍ଦ୍ର, ଅଗ୍ନି, ଯମ ଏହି ଦିଗ୍ପତି ଯେ ଠାରେ
ଆଧିପତ୍ୟ କରି ସୁଖେ ନେଉଛନ୍ତି ମଜା।

ଉଠିଲା ତୁମୁଳ ନାଦ-'ଲଙ୍କା-ଲଙ୍କା-ଲଙ୍କା'!

ରାମ—

ହୁଁ—ଲଙ୍କା କଥା ଏବେ କରିବା ଶ୍ରବଣ।
ଲଙ୍କା ଆଧିପତ୍ୟେ ଅଛି ଅଙ୍ଗଦର claim,
ମାତ୍ର ସେ ଶତ୍ରୁର ଦଳେ ମିଶି ଇତରଥ,
କଳୁଷିତ କରିଅଛି ନିଜ good name.
ତେଣୁ ଡିସିପ୍ଲିନାରି ଏକ୍ସନ୍ ବଳରେ
ଡିସ୍କ୍ୱାଲିଫାଇ ହେଲା ପଞ୍ଚବର୍ଷ ପାଇଁ,
ଏ ମଧ୍ୟେ କରଇ ଯଦି good behaviour
ତାହାର claim ଟା ହେବ reconsideration
ଏଣୁଣି ଯେ ଜଣାଶୁଣା, ଭେଦୀ, ସ୍ୱଦେଶୀଭକ୍ତ,
ପୁଣି stong hand ଅଉ ତହୁଁ strong ଭକ୍ତି,
ସେହି ବିଭୀଷଣ ହସ୍ତେ ଅର୍ପିଲି ଶାସନ।
ଲଙ୍କାକୁ ଶାସିବ ସିନା ଲଙ୍କାର ଅସୁର!
ବାଲିଅ ପଲିରେ ଯଥା ଶୋଭିବ ବାଲିଅ!
ଏବେ ବୀରବୃନ୍ଦ ସର୍ବେ ସଜହୁଅ ବେଗେ,
ଇନ୍ଦ୍ର ଲୋକରେ କରିବାକୁ ଅଭିଯାନ,

ଏହିକାଳେ ଦୂତ ଏକ ହୋଇଲା ପ୍ରବେଶ,
ହସ୍ତରେ ଚିଠାଉ ଘେନି ସଭାର ମଧ୍ୟରେ,

ଦୂତ—

ଆସିଅଛି ଦୂତ ମୁହିଁ ଇନ୍ଦ୍ରଙ୍କ ଛାମୁରୁ,
ତୁମ୍ଭ ଅଭିଯାନ ବାର୍ତ୍ତା ଶୁଣିଲା ମାତ୍ରକେ,
ଦେବରାଜ ଚଢ଼ି ହସ୍ତୀ ଐରାବତ ପିଠେ,
ବୈକୁଣ୍ଠେ ଉପନୀତ ହୋଇ କ୍ଷଣମାତ୍ରେ
ବିଷ୍ଣୁଙ୍କ ପାଖରେ ଦେଲେ ଇସ୍ତଫା ଦାଖଲ।
ଅଗ୍ନି, ଯମ ଦୁଇଜଣ ତାଙ୍କ ପଛେ ପଛେ,
ଆପଣା ଆପଣା ଗୃହେ କଲେ ପଳାୟନ।

(କ୍ରମଶଃ)

Digitized by srujanika@gmail.com



# ନାଗବଗା ଦଳ

ମୋର ନାତନାତୁଣୀଏ,

ବଡ଼ କଷ୍ଟ ହୁଏ ତ, ତମ ପାଖରେ କହିବାକୁ । ଭାରତର ବଡ଼ ଦୁର୍ଦ୍ଦିନ । ଅଗ୍ରଣୀ ଜଗଦୀଶଙ୍କ ପ୍ରୟାଣ ପରେ ପରେ ଆଉ ଜଣେ ମହାତ୍ମା ସେଦିନ ଆମକୁ ଛାଡ଼ି ଅମର ଧାମକୁ ଚାଲି-ଗଲେ । ସେ କିଏ ? ଜଗଦୀଶଙ୍କ ପରି ସେ ଯନ୍ତ୍ର ସାହାଯ୍ୟରେ ଗଛପତ୍ର କେମିତି ଖାଉଛନ୍ତି, ପିଉଛନ୍ତି, ବଢ଼ୁଛନ୍ତି, ହସୁଛନ୍ତି, କାନ୍ଦୁଛନ୍ତି ଏସବୁ ଦେଖୁ ନଥିଲେ । ସେ ନିଜର ନିର୍ମଳ ଦର୍ପଣ ହୃଦୟ ସାହାଯ୍ୟରେ ମହାପ୍ରାଣୀ ମଣିଷର ହୃଦୟ ଦେଖୁଥିଲେ । ସେଥିପାଇଁ ସେ ମଣିଷ ସମାଜରେ ଏତେ ବଡ଼ ହୋଇଥିଲେ । ତାଙ୍କ ନା ପ୍ରଫୁଲ୍ଲ-ଚନ୍ଦ୍ର । ସେ ଥିଲେ ଭାରତର ସର୍ବଶ୍ରେଷ୍ଠ ରସାୟନବିତ । ବଙ୍ଗଦେଶର ଖୁଲ୍ନା ଜିଲ୍ଲା ଅନ୍ତର୍ଗତ ଦେବାନନ୍ଦପୁର ଗ୍ରାମରେ ଗୋଟିଏ ବ୍ରାହ୍ମଣ ପରିବାରର ମୁଖ ଉଜ୍ଜ୍ୱଳ କରି ୧୮୬୧ ଖ୍ରୀଷ୍ଟାବ୍ଦରେ ସେ ଜନ୍ମଗ୍ରହଣ କରିଥିଲେ । ପାଠ ପଢ଼ିଥିଲେ ମାମୁଘରେ ରହି ଖୁଲନା-ପୁରରେ । କଲେଜରେ ପଢ଼ୁ ପଢ଼ୁ ସେ ପଢ଼ା ଛାଡ଼ି କର୍ମୀଙ୍କ ଦଳ ଗଢ଼ାରେ ଲାଗିଲେ । କେତେବେଳେ କେମିତି ଭାଗ୍ୟ ବଳରେ ସ୍କଲାର୍ସିପ୍ ପାଇ ପୁଣି ପଢ଼ିବାକୁ ଗଲେ । ସେଠାରେ ଡକ୍ଟର ହୋଇ ଫେରିଲେ । କିନ୍ତୁ ପାଣ୍ଡିତ୍ୟପ୍ରେମୀ ବଙ୍ଗାଳୀମାନେ ତାଙ୍କୁ ମାତୃଭୂମି ଠାରୁ ଏତେ ଦୂରରେ ରହିବାକୁ ଦେଲେନାହିଁ । ସେଥିରେ ସେ କଲିକତା ପ୍ରେସିଡେନ୍‌ସି କଲେଜରେ ଅଧ୍ୟାପକ ହେଲେ । ନିଜକୁ ଉତ୍ସର୍ଗ କରିଦେଲେ । ଖୁବ୍ ଅଳ୍ପ କେତେଦିନ ମଧ୍ୟରେ ସେ ଖୁବ ନାମ କଲେ । ସବୁଠି ସବୁ ବିଲାତୀ ଲେଖାମାନଙ୍କରେ ନିଜନାମ ଦେଇ ନଥିଲେ । କ୍ରମଶଃ ତାଙ୍କ ଲେଖାକୁ ବଡ଼ ଡାକ୍ତରଙ୍କ ଲେଖା ବୋଲି ମନେ କରୁଥିଲେ । କିନ୍ତୁ ସତ୍ୟ ହେବାରୁ ସେଥିରୁ ଧରା ପଡ଼ିଲେ । ବଙ୍ଗଦେଶ ତାଙ୍କୁ ଆଚାର୍ଯ୍ୟ ଉପାଧି ଦେଲା । ତାଙ୍କ ତତ୍ତ୍ୱବଦ୍ୟାନନ୍ଦ ତାଙ୍କୁ ସେଣ୍ଟ ସାହିତ୍ୟଙ୍କ ସଙ୍ଗରେ ଆସନ ଦେଇ ଉପାଧି ଦାନ କଲେ । ବନ୍ଧୁବାନ୍ଧବରେ ବହୁ ସମ୍ମାନ ସେ ପାଇଛନ୍ତି । କିନ୍ତୁ ସେ କ'ଣ ସେଥିପାଇଁ ଏତେ ବଡ଼ ହୋଇଥିଲେ ? ନା—ସେ ଥିଲେ ବଙ୍ଗଳାର ଦୁହିତା । ତାଙ୍କ ପୃଥ୍ୱୀର ଲୋକଙ୍କ ହୃଦୟରେ ସ୍ଥାନ ପାଇଛନ୍ତି । ଯେ ତାଙ୍କ ଲେଖା ଥରେ ପଢ଼ିଛି ସେ ତାଙ୍କ କଥା ଭୁଲି ପାରିବ ନାହିଁ । ତମ ଭିତରୁ କେହି ତାଙ୍କ ସ୍ଥାନ ପୂରଣ କରୁ । ଆଜି ଭଗବାନଙ୍କ ଠାରେ ଏଇ ପ୍ରାର୍ଥନା ।

ତମର ଅଜା

ନାତ ନାତୁଣୀମାନେ,

"ଜଣେ ମନ୍ତ୍ରୀ ହୋଇ ଦେଶରେ ପ୍ରଥମେ କି କାମ କରନ୍ତି;" ଏ ବିଷୟରେ ଲେଖାମାନ ଲେଖି ମୋ'ଠାକୁ ୨୭ତାରିଖ ଜାନୁଆରୀ ଭିତରେ ପଠାଇବା କଥାଥିଲା । ବିଜୟୀ ଯିଏ ହେଉଥିବେ ତାକୁ ଗୋଟିଏ ପଦକ ପୁରସ୍କାର ମିଳିବ ବୋଲି ମୁଁ ଜଣାଇଥିଲି । କେତେକ ନାତ ନାତୁଣୀ ଚିଠି ଦେଇଛନ୍ତି ଯେ ସମୟ ଅତି ଅଳ୍ପ ହୋଇଥିବାରୁ ସେମାନେ ଲେଖିପାରି ନାହାନ୍ତି । ତେଣୁ ଯେଉଁମାନେ ଏପର୍ଯ୍ୟନ୍ତ ଲେଖା ପଠାଇ ନାହାନ୍ତି ସେମାନଙ୍କୁ ସୁବିଧା ଦେବାପାଇଁ ମୁଁ ଶେଷ ତାରିଖ ଫେବ୍ରୁଆରୀ ତା ୧୦ ରଖି ପର୍ଯ୍ୟନ୍ତ ବଢ଼ାଇ ଦେଲି । ଆଶାକରେ ଏ ଭିତରେ ବହୁତ ନାତ ନାତୁଣୀ ଭଲ ଲେଖା ପଠାଇବେ । ଇତି ।

ତମର ଅଜା ।

## ନୂଆ ନାଗବଗ୍ଧଙ୍କ ନାମ ।

୯ । ଶ୍ରୀମତୀ ସୁଜାତା ଦେଈ, ପୋ: ଚନ୍ଦାବାଲି, ଭଦ୍ରକ, । ୧୦ । ଶୁକଦେବ ଦାସ ଯାଦବ ନଂ ୧୭ ମୁର ଷ୍ଟ୍ରୀଟ୍, କଲିକତା । ୧୧ । କୁମାରୀ ରାଧାରାଣୀ ଦେଈ, ଖାଗମାହାଲ, ଭଦ୍ରକ । ୧୨ । ଶ୍ରୀ ରଜନୀକାନ୍ତ ଦାସ, ୧୧ଶ ଶ୍ରେଣୀ, ହାଇସ୍କୁଲ, ପୋ: ଭବାନୀପାଟଣା । ୧୩ । ଶ୍ରୀ କାଳୀପ୍ରସାଦ ବଳ, ହାଇସ୍କୁଲ, ପୋ: ଭବାନୀପାଟଣା । ୧୪ । କୁମାରୀ ଶୈଳବାଳା ଦାସ C/o ମହେନ୍ଦ୍ର ପ୍ରସାଦ ଦାସ Yard master's Office ଖଡ୍ଗପୁର । ୧୫ । କୁମାରୀ ସ୍ନେହବାଳା ଦାସ C/o ମହେନ୍ଦ୍ର ପ୍ରସାଦ ଦାସ, Yard Master's Office, ଖଡ୍ଗପୁର । ୧୬ । ଶ୍ରୀମାନ୍ ସୁରେନ୍ଦ୍ର ମୋହନ ଦାସ C/o L. M. Das. ୭୭ ମାରକୁଇସ୍ ଲେନ୍, କଲିକତା । ୧୭ । ଶ୍ରୀମତୀ ଶୈଳବାଳା ଦେଈ ବର୍ମାରୋଡ଼ ନଂ ୧୧ ପୋ: ଟାଟାନଗର, ସିଂହଭୂମ । ୧୮ । କୁମାରୀ ସୁଷମା ଦେଈ, ପୋ: ଚନ୍ଦାବାଲି, ଭଦ୍ରକ । ୧୯ । ଶ୍ରୀମତୀ ପାର୍ବତୀ ଦେଈ ଓଝା, ପୋ: ଚନ୍ଦବାଲି ଭଦ୍ରକ । ୨୦ । ଶ୍ରୀ ମହେନ୍ଦ୍ରନାଥ ପଣ୍ଡା ୧୧ଶ ଶ୍ରେଣୀ ଭବାନୀ ପାଟଣା ହାଇସ୍କୁଲ, ଭବାନୀ-ପାଟଣା ।

## ନାଗବଗ୍ଧ ଦଳର ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜନସେବା ପ୍ରବୃତ୍ତି ବଢ଼ାଇବା, ଶରୀର—ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଖବର ଆଦାନ ପ୍ରଦାନ କରିବା ଓ ସେମାନଙ୍କ ମଧ୍ୟରେ ସ୍ନେହ, ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ, ସେବା, ସାହସ ଓ ଅହିଂସା ବ୍ରତ ସାଧନରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

## ପ୍ରତିଜ୍ଞା ପତ୍ର ।

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ବର୍ଷରୁ କମ୍ । ମୁଁ ସତ୍ୟ ସେବା ସାହସ ଓ ଅହିଂସା ବ୍ରତ ପାଳନ କରିବି । ଦୟାକରି ନାଗବଗ୍ଧ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ୫୦/ଠି ଏକ ଟିକଟ ପଠାଇଲି ।

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ ______________

ଠିକଣା ______________

ତାରିଖ ... ... ...

Digitized by srujanika@gmail.com



# ଖବରଅନ୍ତର

ଶ୍ରୀଯୁକ୍ତ ସୁଭାଷ ବୋଷ ଏଥର ଦକ୍ଷିଣର କଂଗ୍ରେସର ସଭାପତି ନିର୍ବାଚିତ ହୋଇଛନ୍ତି । ଯାହାହେଉ, ବଙ୍ଗଳାର ମୁହଁ ରହିଲା ।

ଉତ୍କଳ ତ ପଇଁଏ ନାଚ ନଚିବ ଏଥିଁ ?

ଜବହରଲାଲ୍‌ଙ୍କ ପ୍ରେରଣାରେ ଓଡ଼ିଶାର ଲାଟ୍ ମଧ୍ୟ ଉତ୍କଳରେ ଖବରକାଗଜର ଉଦ୍ଘାଟନ କରିଦେଲେଣି । ମା ଭୈଃ ।

ବଙ୍ଗର ମୁସଲମାନ ମନ୍ତ୍ରୀ ହକ୍ ସାହେବ ଫେଜା ଦରଜାର ସେକ୍ରେଟେରିଏଟ କୋଠାକୁ ଭାଙ୍ଗି ଏକ ମସଜିଦ୍ ତିଆରି ପାଇଁ ମୁସଲମାନ ହଜାର ଟଙ୍କା ମଞ୍ଜୁର କରିଛନ୍ତି ।

'ହକ୍' କଥାରେ ଠକ୍ ଠକ୍ କଥା !

ଉତ୍କଳ ସରକାର ବୃନ୍ଦାବନସ୍ଥ ଗୋସ୍ୱାମୀଙ୍କ ପ୍ରତିଷ୍ଠିତ ଖଣ୍ଡି ପ୍ରବାସୀ ଉତ୍କଳ ଲାଇବ୍ରେରୀ ଭବନରେ ପ୍ରଧାନ ମନ୍ତ୍ରୀ ବିଶ୍ୱନାଥ ଦାସଙ୍କୁ ବିପୁଳ ସମ୍ବର୍ଦ୍ଧନା ସହ ମାନପତ୍ର ଦିଆଯାଇଛି ।

'ମାଇଂବର'ଙ୍କୁ ପୁଣି ମାନପତ୍ର !

ଜାନୁଆରୀ ତା ୨୬ ରିଖରେ ସ୍ୱାଧୀନତା ଦିବସ ପାଳିତ ହୋଇଛି । କଟକରେ ପ୍ରଧାନ ମନ୍ତ୍ରୀ ଓ ମହତାବ ଜାତୀୟ ପତାକା ମହାସମାରୋହରେ ଉତ୍ତୋଳନ କରିଥିଲେ । ଆଜି କେହି ମନ ଜଣା କରୁ ନାହାନ୍ତି ?

ବଙ୍ଗର ବଡ଼ ରାଜନୈତିକ ଲୋକ ... ମାନଙ୍କୁ ଭେଟ କଲାବେଳେ ଅକ୍ଷମରେ କ୍ଷୁଦ୍ରଅଂଶରେ ଶୋଚ ଦଖଲ ଗାଉଥିଲେ । ମତଲବ ଟା କଣ କି !

ଏକ ବାବାଜୀ ବୃନ୍ଦ ମାରବାଡ଼ୀଙ୍କୁ ଉପଯୁକ୍ତ ଭୋଗ ଦେବା ପାଇଁ ଚେଷ୍ଟା କରୁଛନ୍ତି । ମର୍କଟ-ଖଣ୍ଡି ଦୁହେଁ, ଖାଣ୍ଟି ହେଁଶି ମୁଣି । ଗୁଡ଼ାଏ ଟୋକା ଯାଉଛନ୍ତି, ଟୋକାଏ ରହିବେ କଣ !

ହନୁମହାବୀରର ଭକ୍ତ ଜାପାନକୁ ଲେଖି-ଛନ୍ତି ଯେ ଭାରତର ହନୁମାନେ ଜ.ପ.ଚର ବନ୍ଧୁ ଓ ଜାପାନକୁ କେବେ ଛାଡ଼ ନାହାନ୍ତି ।

ଆଗରୁ ବୁଝିଛ ର ! ନା କଣ ?

ବିଖ୍ୟାତ ଚଳଚ୍ଚିତ୍ର ଚନ୍ଦ୍ରମୁଖୀ ଚଳଚ୍ଚିତ୍ର ପାଟଣା ଠାରେ ଲଦଧାମ ... ଦେଖାଉଛନ୍ତି ।

ସବ ଉତ୍କଳ ପାଇଁ ତ !

ଅଧିକାଂଶ କଟକ ଜିଲ୍ଲାବ୍ୟାପୀ ଗାଉଛନ୍ତି ହୃଦୟାନନ୍ଦ ସାହୁଙ୍କ ପ.ଙ୍କ ଚଳାଉଛନ୍ତି ।

ଭାରତ ପାହାଡ଼ୀ ସ୍ୱାଧୀନତା ଚାହିଁବ ଅଧିବେଶନରେ ଏଥର ପାଟଣାର ମହାରାଜା ଖଣ୍ଡପଡ଼ା ଭାଷଣ କରିଥିଲେ । ସ୍ୱାଧୀନ ପ୍ରମାଣରେ କଂଗ୍ରେସୀ-କୃଷକ ନାହାନ୍ତି ?

ଖାଲି ମହାରାଜାଙ୍କ ଦରବାର ଖବରବୋଝ ରାଜାଙ୍କର ଭୂଅଡ଼େ ଚଢ଼ୁଥିଲ । ପୁଣିର କଥା ଏବେ ଦୁହିଙ୍କର ମିଳାମିଶା ହୋଇଯାଉଛି ।

"ଛାଡ଼ ଭଗବ ସିନା ବଡ଼ ପିଲଣ !"

ହରିଜନ ନା'ଟା ଶଙ୍କରାଚାର୍ଯ୍ୟଙ୍କୁ ହରିଜନ ଶାସ୍ତ୍ରୀ ପତ୍ନୀବକ୍ତାର ବଚନ ଅଶେଷ ସ୍ତୁତି ଶୁଣାଇଲେ ।

ଏଥର 'ଲକ୍ଷ୍ମୀଜନ' ବୋଲି ଡାକିଲେ ଚଳିବ କି ?

ରାଜଗୋପାଳାଚାରୀ ମୁଖ୍ୟମାନଙ୍କ ବଚନରେ ମଧ୍ୟ ପୁରଣଭାଷୀଙ୍କୁ ବା ଯୋଗ ଦେବାକୁ ବାରଣ କରିଛନ୍ତି ।

ଏକ ମୁହଁରେ ଖାଅ ପୁଣି ଏକ ମୁହଁରେ ଉଗ୍ଳା ।

## ଯଦି……!

ମୁକୁନ୍ଦ ବାବୁଙ୍କର ଯଦି ଅଉ ଗୋଟାଏ ଜିହ୍ୱା ହୁଅନ୍ତା…ସେ ସ୍ପିକର (speaker) ନ ହୋଇ ଓରେଟର (orator) ପାଲଟି ଯାଆନ୍ତେ ।

ଲାଟଙ୍କର ଯଦି ଗୁନ୍ଦ ଜାମା ଉଆଡ଼ ହୁଅନ୍ତା…ତେବେ ଏ ଅମଳରେ ତାହା ନିବର୍ତ୍ତି ଖଦଡ଼ର ହୁଅନ୍ତା ।

ଭୂଦେବ ମହାଶୟଙ୍କର ଯଦି ଲାଞ୍ଜଟା ନ ଥାନ୍ତା…ସେ ପ୍ରଧାନ ମନ୍ତ୍ରୀ ହୋଇ ପାରି ଥାନ୍ତେ ।

ପତ୍ନୀଗଣ ଯଦିଂ ପତି ହୁଅନ୍ତେ…ପତି ବାଚସ୍ପତି ସ୍ତ୍ରୀ ଶିକ୍ଷା ବନ୍ଦ କରନ୍ତେ ।

ଏ ଦେଶରେ ଯଦି ଲଙ୍ଗଳ-ବାଦ (nudism) ଚଳନ୍ତା…ଦରିଦ୍ର ଓ ଅନ-ଗୁଆ ଭାରତବାସୀ ବିଦେଶୀ ଶୋଷଣ ଓ ଦୁର୍ଭାବନାରୁ ରକ୍ଷା ପାଇ ଯାଆନ୍ତେ ।

ଓଡ଼ିଶା ଯଦି ଜର୍ମାନ ହୁଅନ୍ତା…ମହତାବେ ହିଟଲର, ଗୋଦାବରୀଶ ଗୋବେଲ୍ସ ଓ ମହାପାତ୍ରେ ଗୋଏରିଂ ପାଲଟନ୍ତେ । ଦାସେ ହୁଅନ୍ତେ କଣ ?

ପ୍ରଧାନ ମନ୍ତ୍ରୀଙ୍କର ଯଦି ପଡ଼ିଥିବା ଦାନ୍ତ ପୁଣି ଉଠନ୍ତା…ସେ ଚାକି ଉଡ ଗ୍ରେବାଇ ଚଳାଇବାକୁ ଛାଡ଼ନ୍ତେ କି ?

## କେତ ମୁହଁରେ—

ଓଡ଼ିଶା ପ୍ରଧାନ ମନ୍ତ୍ରୀ ଲାଟହାରରେ—

"ଓଡ଼ିଶାରେ ଆମେ କଣ କଲୁଣି ବୋଲି ଯଦି ପଚାର, ତେବେ ମୁଁ ବଜେଟ୍-ରେ ଆମେ କରିଛୁଁ ଗୋଟାଏ ବଡ଼ ଗୋଲ ଅଙ୍କ (Big zero)

ଆମେ ଜାଣୁ ସେ ଅଙ୍କ ଛଡ଼ା ବଦଳି ଓ ପୋଷ୍ଟିଙ୍ଗ ବ୍ୟବସ୍ଥା ବି କରିଛନ୍ତି !

X X X

କଲିକତା ବଣିକ ସଭାରେ ରାଜ୍ୟପାଳ—

"ପଣ୍ଡିତ୍ ନେହେରୁ ପ୍ରଧାନ ପଦରେ ପହଞ୍ଚି ପାରି ମନେ କରିବା ଜରୁରୀ ନୁହେଁ ଯେ ଭାରତର ଦରିଦ୍ରଙ୍କୁ ସହଜରେ ପାର ହୋଇ ଯିବ ।"

ଏକଥା ଆଗରୁ କହିଥିଲେ କଂଗ୍ରେସ ମନ୍ତ୍ରୀମାନେ ଗୋଟାଏ ଗୋଟାଏ life belt ଯୋଗାଡ଼ କରିଥାନ୍ତେ ଯେ ।

X X X

ମାନ୍ଦ୍ରାଜ ପ୍ରଧାନ ମନ୍ତ୍ରୀ ରାଜଗୋପାଳାଚାରୀ "ଶାସନ ବିଭାଗ ଓ ବିଚାର ବିଭାଗ ଅଲଗା କରି ଦେଲେ ଗଭର୍ଣ୍ଣମେଣ୍ଟର ଏକତ୍ର ଲାଗିଯିବ ଓ ଖରଚ ବି ବେଶି ପଡ଼ିବ ।"

ଏତେ ଜଲ୍‌ଦି ରଙ୍ଗ ବଦଳି ଗଲା !

X X X

ପ୍ରଧାନ ମନ୍ତ୍ରୀ—ଦରମା ପାଇଲେ ସଭ୍ୟ-ମାନେ କାୟମନୋବାକ୍ୟରେ ଦେଶ ସେବା କରିବେ ।

ଦରମା ନ ପାଇବାବେଳେ କ'ଣ ହେଇ କାମ କରୁଥିଲେ ? ଧନ, ଜନ, ଅଉ କ'ଣ କି ?

X X X

ନେହେରୁ—"ଦରମା ନଦେଲେ—ଅହୋ-ରାତ୍ର କର୍ମନିଷ୍ଠ କର୍ମୀ (whole time worker) ପାଇବା ଅସମ୍ଭବ ।"

ଭାରତରେ କ'ଣ କରିବେ ସେମାନେ ? ଗ୍ରେଭ ନୁହେଁ ତ !

ମାନଧାତା—"କଂଗ୍ରେସ ଦଳର ପ୍ରଚାର ପାଇଁ ଗୋଟାଏ ଦରମା ଦିଆ ବାହିନୀ ଗଢ଼ିବାର ଉଦ୍ଦେଶ୍ୟ ରଖି ମେମ୍ବରମାନଙ୍କୁ ଅଣନ (emoluments) ଦିଆଯାଉଛି ।"

ଜାତୀୟ ଦଳର ପ୍ରଚାର ପାଇଁ ରାଜା ମହାରାଜାମାନେ 'ରୀୟତ' ଦିଅନ୍ତୁ ତେବେ ।

ଦାବାଜର ପଟ୍ଟନାୟକ—ଆମ୍ଭେମାନେ ଦେଶସେବା କରି ସର୍ବସ୍ୱାନ୍ତ ହୋଇଛୁଁ । ୨୭୫୦ ଦରମା ଟା ଅମ ପକ୍ଷରେ ନିଅନ୍ତୁ କମ୍ ।

ଅଜ କିଛି ଉପୁରି ଦ'ପଇସାର ବ୍ୟବସ୍ଥା ମନ୍ତ୍ରୀମାନେ କରନ୍ତୁ ଏଥର ।

Printed & Published at the Gopinath Press, Bhadrak by Editor N. Mahapatra & issued from the Dagara office, Bhadrak—1938

Digitized by srujanika@gmail.com

ମାଘ କୃଷ୍ଣାର୍ଦ୍ଧ— . ସସ୍ତା, ସୁନ୍ଦର, ହାସ୍ୟରସ-ପ୍ରଧାନ ସଚିତ୍ର ପାକ୍ଷିକ— ତୃତୀୟ ବର୍ଷ ୧୮ଶ ସଂଖ୍ୟା




## ଓଡ଼ିଶା ବାହାରେ ଓଡ଼ିଆ



**କୁମାରୀ ସତ୍ୟଭାମା**

ଆପଣ ଜମିଦାର ଶ୍ରୀଯୁକ୍ତ ହରେନ୍ଦ୍ର ଦାସଙ୍କର ମାତୃବର୍ଷୀୟା ଶିଶୁକନ୍ୟା ଓ ଖ୍ୟାତ ସଙ୍ଗୀତଜ୍ଞ ପ୍ରଫେସର ମନମୋହନ ଘୋଷଙ୍କ ଶିଷ୍ୟା । ଏହି ଅଳ୍ପ ବୟସରେ ଆପଣ ୧୯୩୭ ହୋଇଥିବା ନିଖିଳ ବଙ୍ଗୀୟ ସଙ୍ଗୀତ ପ୍ରତିଯୋଗିତାରେ ଲକ୍ଷ୍ମୀକାନ୍ତଙ୍କ ଠାରୁ ଗୋଟିଏ ମେଡ଼ାଲ ସଙ୍ଗୀତ ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପ୍ରାପ୍ତ ହୋଇ ଅଛନ୍ତି ଓ ଉତ୍କଳ ବାହାରେ ଓଡ଼ିଆର ଟେକ ରଖି ଅଛନ୍ତି, ସେଥିପାଇଁ ଡଗର ଆଜି ଆପଣଙ୍କୁ ଅଭିନନ୍ଦିତ କରୁଅଛି ।

Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ସ୍ୱର୍ଣ୍ଣ ମନ୍ଦିର











ବାଲୁବଜାର, ପୋ. ଚାନ୍ଦିନୀଚୌକ — କଟକ ।





୧ ୨୦୯ ନଂ ପୁରସ୍କାର ! ୧ ୨୦୯ ନଂ ପୁରସ୍କାର !!

ଗ୍ରାହକମାନଙ୍କର ଫରମାସ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ [illegible] ଅଳଙ୍କାରମାନ [illegible] ପ୍ରସ୍ତୁତ କରିଥାଉଁ । ଗ୍ରାହକଙ୍କର [illegible] ତେଣୁ [illegible] କୌଣସି [illegible] ଆମମାନଙ୍କର [illegible] । ଅନେକମାନେ ଏହି କାର୍ଯ୍ୟାଳୟକୁ ନୂତନ [illegible] ବଜାରର [illegible] ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ [illegible] ଆମ୍ଭେମାନେ [illegible] । [illegible] ଦେଇ ଥାଉଁ । କୌଣସି ପ୍ରକାର [illegible] ଆମ୍ଭେମାନେ [illegible] ଦେବାକୁ ପ୍ରସ୍ତୁତ ଅଛୁଁ । ଗ୍ରାହକମାନଙ୍କର ମହାନୁଭବତା ପ୍ରାର୍ଥନୀୟ —

ନିବେଦକ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ (କଟକ)**

ବାଲୁବଜାର, ପୋଃ ଚାନ୍ଦିନୀଚୌକ — କଟକ





## ଦୋକାନ ନିୟମାବଳୀ ।

୧ । ରବିବାର ଦିନ ଦୋକାନ ବନ୍ଦ ରହିବ ।

୨ । [illegible]

୩ । [illegible]

୪ । ଏଠି କୌଣସି [illegible] ।

୫ । [illegible] ‘[illegible]’ [illegible] ହେବ ।

୬ । [illegible] ହେଲେ [illegible] ହେବ ।

୭ । [illegible] ହେଲେ କୌଣସି [illegible] ।

୮ । [illegible] ।

୯ । [illegible] ନ ହେଲେ [illegible] ନାହିଁ ।


Digitized by srujanika@gmail.com



# ବିଲୁଆ ବିଚାର

[ପ୍ରତ୍ୟେକ ବସ୍ତୁକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ ବା ବ୍ୟକ୍ତିଗତ ଦ୍ୱେଷ ରହିତ, କୌତୁକ ଭାବ ରସ ସଞ୍ଚାର କରିବା ଲେଖକର ମୁଖ୍ୟ ଉଦ୍ଦେଶ୍ୟ]

## ସମ୍ପାଦକୀୟ

ସେ ଦିନ ଗୋଟିଏ ଦୁର୍ଘଟଣା ପଢ଼ି ଥାଅନ୍ତି ଯେ, କଟକ ଭିତରେ ଜଳ ପଶିଲେ, ମା ଅଙ୍ଗରେ ଉତ୍ପାତର ବୋଝ ଧରାଇ ଦିଅନ୍ତି । ଓଡ଼ିଶା ଜମିଦାରମାନେ ସେମାନଙ୍କର କଂଗ୍ରେସ ମନ୍ତ୍ରୀମଣ୍ଡଳକୁ ଲାଟ ସାହେବଙ୍କ ( ହାତବୁଡ଼ ) ଭୟ ଦେଖାଉଛନ୍ତି । ଏଥିରେ କଂଗ୍ରେସ ବାଲାଏ ଡରିବେ କେତେକେ ? ତେବେ ଯଦି ବାଧ ଲେଖି ଥାଏ— ଭବିଷ୍ୟତ ସମ୍ବନ୍ଧରେ କିଛି କହି ହେବ ନାହିଁ ।

\+ + ×

ଯେ ବାବାଜୀମାନେ ସବୁବେଳେ ଦ୍ୱେଷ କରନ୍ତି ଅଭିଧାନ ଦେଲେ 'ସୀତାରାମ' କହନ୍ତି, ସେ ନୁହେଁ— କଂଗ୍ରେସ ବାନା ଧରି ଯେ ସବୁ ଚକ୍ର କରନ୍ତି ମାତ୍ର ସଭାରେ ଲମ୍ବ ବକ୍ତୃତା ଝାଡ଼ନ୍ତି ସେ ନୁହେଁ—ନେତାହେବା ଲୋଭରେ ଯେ ସାମ୍ୟବାଦୀ ସାଜ ସ୍ୱୀକାର କରନ୍ତି ସେ ନୁହେଁ—କର୍ଣ୍ଣାର୍ଜ୍ଜୁନ ନାଟକରେ ଯେ ନଅଦିନିଆ ଖାଇବାର ଗ୍ରାମ ସାଜ ଷ୍ଟେଜ ଜମାନ୍ତି ସେହ ନୁହେଁ —ଏ ସ୍ୱୟଂ ଦର୍ଶକର୍ତ୍ତା ବହୁ ଭଟାଳା, ପ୍ରଭାବ ପ୍ରବଳ ଓଡ଼ିଶାର ପ୍ରଧାନ କଂଗ୍ରେସ ମନ୍ତ୍ରୀବର, ବ୍ୟବସ୍ଥା ସଭା ନାଟକର ବହ୍ନ୍ୟୋଗାନ୍ତକ ଅଭିନୟ ଶେଷରେ ଘୋର ଗମ୍ଭୀର ବଦାନ୍ୟ ବାଣୀ—Let the tillers of the soil live and big tenants like me die" ( ପ୍ରକୃତ କୃଷକ ବଞ୍ଚନ୍ତୁ ଏବଂ ମୋ ପରି ବଡ଼ ପ୍ରଜା ମରିଯାନ୍ତୁ )

ଅହା ! Pathetic ! !

× × ×

୧୯୨୯ ନସିହାରେ ସ୍ୱୟଂ ଗାନ୍ଧିଜୀ ଘୋଷଣା କରିଥିଲେ । ଯେ ତାଙ୍କରେ ଅଧିକାଂଶ ଛୋଟ ମାଲ ଭୋଟରେ ଓ ପଚ ପଡ଼ା ଛୋଟ ଲୋକ କ୍ଷୁଦ୍ରଙ୍କୁ ଦେଖି ପଡ଼ିଲେ । ସେହି ଧନବାନ୍ମାନେ ଆଜ ପର୍ଯ୍ୟନ୍ତ ବଡ଼ ବଡ଼ ନେତାଙ୍କଠୁଁ ଅଧିମ କର ସାନ ସାନ ଉତ୍ସବ ଯାତେ ଦେଖି ହେଲେ ଏଣେ ଛୋଟଙ୍କୁ ମତାଇବାରେ ଛାଡ଼ ନାହାନ୍ତି । ବ୍ରିଟିଶ ସରକାର ଯେବେ କୌଣସି ପ୍ରକାରେ ବାଧା ଦେଉଛି ନେତାମାନେ ଘୋର ଆପତ୍ତି ଅନୋଲନ କରୁଛନ୍ତି । କାଗଜ ସଂଗ୍ରାମ ଲେଖି ଲୁଚି, ଚୀନର ଛୋଟଙ୍କ ଜଦ୍ୟାହରଣ ବାଡ଼ିଛନ୍ତି, ଏବେ ସନ୍ଧାନ କଂଗ୍ରେସ ହାତରେ ପଡ଼ିଲାରୁ, ଓଲଟ ପାଲ୍ଟ ହେଲାଣି । ମାନ୍ଦ୍ରାଜର ପ୍ରଧାନ ମନ୍ତ୍ରୀ, କଂଗ୍ରେସର ପ୍ରଧାନ ପଣ୍ଡା, ମହାତ୍ମାଙ୍କ ପ୍ରଧାନ ଚେଲା ଓ ସମ୍ବନ୍ଧୀ ରାଜଗୋପାଳାଚାରୀ ଏବେ କହୁଛନ୍ତି ଓ ଛୋଟ



ଓଡ଼ିଶାରେ ପାଲା ସଙ୍ଗୀତର ପୁନରୁଦ୍ଧାର

ପ୍ରଧାନମନ୍ତ୍ରୀ—

ଗାଁଉଁଠରୁ ଉଠି ଉଠିଲେ (ବାବା) ପଦ୍ୟୋଦ୍ଧାର ଓଡ଼ିଶାର ପାଲା ହୋଇ ଜନତା ଗାଇବ । ( କାହ୍ନ ନାଚର ମେଘ ଦେଇ ଦବ ନାଚର )

ମାନଙ୍କର ଖଜାଞ୍ଚିରେ ପଶିବା ଉଚିତ ନୁହେ ତହିଁରେ ତାଙ୍କର ଲାଭ ନାହିଁ । ବାହୁଁ, ଅଗରୁ ତ ଏ କଥା କହି ନ ଥିଲ ! ନା ଏହା କ୍ଷମତାର ଫଳ— ନା ଶାସନ ଶୃଙ୍ଖଳା ? ଦେଖା ଦେଖି, ସ୍ୱାଧୀନତା ଦିବସରେ ଚାଟଜ ମେହଟାଙ୍କ ଛାତ୍ରଙ୍କୁ ଜାତୀୟ ପତାକା ଟେକା ବନ୍ଦ କରିଥିଲ ଓ ଗାନ୍ଧୀ ଟେକା ହୋଇଥିବ ତାକୁ ଧମକ ଚମକ ଦେଇ ଖସାଇ ଦଥିଲ । ଏ ସବୁର ଅନ୍ତରୀ କଣ ମୁଖ୍ୟ ଗଣ ମାନ୍ଦୁ । ହେ ବାବା ସାଚ୍ଚିଦାନନ୍ଦ, ତଗାଅ ବଚାଅ କରି, 'ଘଟ୍ୟ ଲେଜ୍ଞଂଘାବେ !

× × ×

ତଣ୍ଡିଚ ଗୋଦାବରୀଶ ହୋମିଓପ୍ୟାଥି ଲେ ନାମରେ ଗୋଟିଏ ନୂଆ ଅଇନ ଗଢ଼ି ଛନ୍ତି । ଏହଦ୍ୱାରା ଦେଶୀ ବୈଦ୍ୟଙ୍କ ବାଟରେ ବାଧା ଉତ୍ପାତର ଦେଖି ବୈଦ୍ୟ ଗୋଷ୍ଠୀ ଅଚକିତ । ଗ୍ରାମରେ ଗୋଟିଏ ବୈଦ୍ୟ ସମିତିରୁ ହୋଇ ଏହାର ପ୍ରତିବାଦ କରିଛି । ତାଙ୍କର ଯୁକ୍ତି ଯେ ଆୟୁର୍ବେଦ ସ୍ଥାନ ସ୍ୱଦେଶୀ ଗରିବ ଥିବା ପ୍ରୁଚର ସ୍ୱଦେଶୀ ଅବସ୍ଥାରେ କଷ୍ଟ ଦେଣି ମିଲ୍-ଓଷଧ ଦ୍ୱାରା କ୍ଷତିକର ଚଳିବା ଅନ୍ୟାୟ ବିଚାର

ଅନଙ୍ଗ ପତ୍ରନର୍ଣ୍ଣ ଯେ ଯତ ଜବାବ ନ ଦେବ, ତେବେ ଗୋଟି ତାଙ୍କୁ ଅଗ୍ନ ଓଡ଼ିଶା ବୈଦ୍ୟଗଣ ବୃଷ ପତ୍ରିକାଙ୍କୁ ଜବ ଯୌବନ ଦେଇ ଦେବେ । ତାହାହେଲେ ବା ଜେଲ୍ ଛଡ଼ାଇ ନେବାର ଆଶା ଅଛି ।

× × ×

ଅସେମ୍ବ୍ଲି ମେମ୍ବରମାନେ ଥରେ ଥରେ ପାଇଁ ମାସକୁ ୧୨୦୦ ଦରମା ଅଗ୍ରଜ ଜରେଞ୍ଚ ଦେଲେ । ଉଚିତ କଥା, ମନ୍ତ୍ରୀ ପଦ ୫୦୦ ପାଇବେ, ମେମ୍ବର ଭାଗିଦ ଗାଙ୍କ କେଉଁ ଛଡ଼ନ୍ତେ ? ଦେଶର ଏହାଦ୍ୱାରା ଗୋଟିଏ ବଡ଼ ଲାଭ ଯେ ବେକାର ସମସ୍ୟାର କିଛିଟା ସମାଧାନ ହୋଇଗଲା । ୯୧ ଜଣ ମେମ୍ବରଙ୍କୁ ଗୋଟିଏ ଲେଖା ଝଣ୍ଡା ଓ ନେଇ ପାଞ୍ଚି ଧରି ଦେବେ ଦେଶର ସମୃଦ୍ଧି ହେବ । ମହାତ୍ମାଙ୍କ ବୋଧହୁଏ ଶୀଘ୍ର ୯ ଫର୍ମ

Digitized by srujanika@gmail.com

ହେବେ, ଜଣେ ସ୍ତ୍ରୀ ନ ବାହିଲେ ଖାଲି ବସି ଖାଇବା ଦୋଷରେ ବାପାଙ୍କ ଭୟରେ ସେମାନେ 'ବେକର' ହୋଇଯିବେ ନାହିଁ । ମନରେ ପୂଜା ଚାହିଁବେ ସେମାନେ ଯୋଗୀ - ବ୍ରହ୍ମଚର୍ଯ୍ୟ - ସନ୍ନ୍ୟାସ—ସବୁ କେ - କାରଣ ତାଙ୍କର ଜନକର ଦରମାଟା ସଦନରେ ବଞ୍ଚାଇ ରଖିବା ସୂତ୍ର ବାଜିଟାରୁ ଟେର ଜାଣ୍ ।

+ + +

ଆଜି "ଚଳନ୍ତି ଭକ୍ତିହାର" ବୋଇଲେ 'ଅତ୍ୟ ସମାଚାର' ବୁଝାଉଥିଲେ ଏବଂ ତା ହାତରେ ଟଙ୍କାଟାଏ ପାଖ ବେଶୀ ଅନେକ ବ ରହିଥିବ । ଏବେ ଚାହା ଚାଲିଗଲାରୁ କଲେଜ କରିବା ଅନେକ ବେଳ ବସି ଥିବାରୁ ତାର ସବୁ ଦୁର୍ଗନ୍ଧ ଶୃଙ୍ଖଳାରେ ପରିଣତ ହୋଇଛି । ଏଥିମଧ୍ୟ ମାଲିକ ଜଣେ ପଛ—କେଉଁଠି ରହୁଛନ୍ତି ?

+ + +

ଓଡ଼ିଶା ରାଜ୍ୟ ଦଳର ଚଳନ୍ତି ହୋଇପାରେ, ଯିଏ ଉଚ୍ଚ ପାରୁ ତାଙ୍କ ନାମର ପୁରସ୍କାର ଏବଂ ସ୍ମାରକୀର ଘେରାଇ ଓଡ଼ିଶା ଖେଳାଳି - ମାନେ ହୋଇ ଜଣେ ନାମ ଦଳଅମାନେ ଯଦି ପରାଜୟରେ ଏକ ଯୋଗ କରେଇଛି ବନ୍ଧୁ ଅନ୍ୟମାନେ ତାଙ୍କୁ ସମବେଦନା ଜଣାଉନ୍ତି । ପଣ୍ଡା ଖେଳରେ ତ ରହି ନାହିଁ ହୋଇଥାଏ ଏପରି । ଏଥିପାଇଁ ଖାଣ୍ଟି ଖେଳୁଅଛି କଣ ଅବରୋଧ କରେ ? ଯଦି ଏ ବି ସୁନାର ଯାଏଁ । ଥାଇପାରି କରିଥିଲେ, ଶାଗର ପାଣି ହେଲେ ବଢ଼ିବ ପାରେ !

× + +

ଆମ ଶିକ୍ଷା ବିଭାଗର ମନ୍ତ୍ରୀଙ୍କର ଦୃଷ୍ଟି ପଡ଼ିବ ତ ନିଶ୍ଚୟ ଭୁଲିବ ବାହାରା ଯଦି ଏପରି କଥା ହେବେ—ମାତ୍ର ଓଡ଼ିଶାର ଭାଷା ଯୋଗ୍ୟ ଛାତ୍ରବିଦ୍ୟା ଲାଗି ଯେ ତାଙ୍କ ସର୍ବିଷ୍ଠା କଟାଇଲୁ ଆନୁଗତ୍ୟ କରି ନେଉଛନ୍ତି । ଉପ-ଭାଷାରେ ଓଡ଼ିଶା ଶିକ୍ଷାର ପରିଶ୍ରମ, ଓ ଦୃଷ୍ଟିରେ ଓଡ଼ିଆଙ୍କ ପାଇଁ ରହିବ, ଓଡ଼ିଆ

ଶିକ୍ଷାଶିକ୍ଷା ସବୁଠାରେ ସୁନ୍ଦରତା, ବୃତ୍ତି ଓ ହାତକଥା, ଇତ୍ୟାଦି ଇତ୍ୟାଦି ଯେତେ ସେ କହୁଥିଲେ, ସେଥିରେ ବୁଢ଼ା ବାଳକରୁ ତାଙ୍କୁ ପ୍ରବ-ସ୍ତାବ ନିକଟରେ ଗୋଟାଏ big zero ଆମର ଦୁଃଖ ଯେ ପ୍ରାଥମିକ ଶିକ୍ଷାର ପଦ-ଯୋଗ୍ୟ ପାଠ ପଢ଼ା ବେଳୁଟାରେ—ସେ ଯାହା ଗୁରୁଜୀ । ବର ଡାଇଣ ଠାରୁ ପର ଡାଇଣ ନେଇତ ଅଧିକ ପ୍ରସିଦ୍ଧ—ଆମ ସର-କାର ସେଥିପାଇଁ ବାହାରରୁ ଜଣେ ବୃଦ୍ଧ expert ଆଣିବା ପାଇଁ ମାତ୍ର ତପିଛି ଭଲ ପୁରୁଣା ଓ ଭେଟରା ଜଣେ ପାଇବା ଅସମ୍ଭବ ହେବନାହିଁ ବୋଲି ଆମର ବିଶ୍ୱାସ ହେଉନାହିଁ ।

ଉତ୍କଳେ ସେ ଏକା କହୁଥିବେ,
"ଅନ୍ଧ ରାଜ୍ୟକୁ ଗଲି ଦର୍ପଣ ଧରି,
ଲଙ୍ଗଳ ହାତରେ ଦେଲି ଘୋଡାର ଚେକ,
କାନ୍ଥଟା ଘୋଡ଼ା ମୁଣ୍ଡ ଦେଲି ବ୍ୟାକ—"
ଏବେ ପାଠକ ଭର ଯାଦ ପୂରଣ ।

ଦେଖିବେ ଏଥର ସୁଖ ଓ ପାତ୍ରତା ଯେ ତାଙ୍କ ଜାଗା ପୂରଣ ପାଇଁ ଜଣେ କୃତୀ ଓଡ଼ିଆ ପୁଅଙ୍କ ମଥାରେ ପାଗ ବନ୍ଧା ଯାଉଛି ।

× + ×

ବଙ୍ଗଳାର ପ୍ରଧାନ ମନ୍ତ୍ରୀ ହକ୍ ସାହେବ ଗୁଲଶନ୍‌ହାର ଟଙ୍କା ମଞ୍ଜୁର କରିଛନ୍ତି କ ବଙ୍ଗ ସେକ୍ରେଟେରିଏଟରେ ଗୋଟାଏ ମସଜିଦ୍ ତୋଳା ହେବ । ଯାହା ହେଉ ଗୋଟାଏ ବାଟ ପଡ଼ି-ଗଲା ଏକା । ଏଣିକି ଖ୍ରୀଷ୍ଟିଆନ ମନ୍ତ୍ରୀ ହେଲେ ଗିର୍ଜା ତୋଳିବେ, ବ୍ରାହ୍ମ ହେଲେ ସମାଜ ତୋଳିବେ, ଇତ୍ୟାଦି । ମାତ୍ର ହିନ୍ଦୁ କଣ କରିବେ କଣ ? ସେ ତୋଳିବେ କାହାର ମନ୍ଦିର ? ରାମ, ନା କୃଷ୍ଣ ? ବିଷ୍ଣୁ, ନା ମହା-ଦେବ ? କାଳୀ, ନା ଜଗନ୍ନାଥ ? ଓଡ଼ିଆ ମନ୍ତ୍ରୀ ସେକ୍ରେଟେରିଏଟରେ ଗୋଟାଏ ଭଗବତ ଟୁଙ୍ଗିର କଳ୍ପନା କଲେଣି ସତ !

+ + ×

ଜଣେ ଭଣଙ୍କୁ ପଚାରିଲି "ଓଡ଼ିଆର ପ୍ରଧାନ ଗୁଣ କଣ ?" ଉତ୍ତର ହେଲା—"ନକଲ ।" ସତ ଏକା ଅନୁକରଣ ପଟୁତାରେ ଓଡ଼ିଆ ସମସ୍ତଙ୍କୁ ଶତା କାଟି ଦେବେ । କେବଳ ଦୁଃଖ ଏତିକି ଯେ ଆଜିର ଭଲ କଥା ଓଡ଼ିଆ ଆଖିରେ ସହଜେ ପଡ଼େ ନା । ବଙ୍ଗାଳି ବେଶ, ବଙ୍ଗାଳି ଚାଲ, ବଙ୍ଗାଳି ବୋଲି, ବଙ୍ଗାଳି ଗୁଣ, ସବୁ ସାଙ୍ଗ ଶେଷରୁ ବଙ୍ଗାଳି କବିଙ୍କୁ ବି ଆମେ 'ଗୁରୁଦେବ' ନକଲ କରି ପକାଇଲୁଣି । ଏବେ ଆମର ଏଥିରେ 'ସ୍ୱୀୟବାଣୀ' ହେଲା ବେଳକୁ କେବଣେ ତାଙ୍କର 'ବୋଲନ୍ତ ଦାସ ଜଗନ୍ନାଥ' ହେବାକୁ ବସିଲେଣି । ସେଦିନ କଲିକତା ବନ୍ଧନ ଓ ପ୍ରଧାନ ସମ୍ପାଦକ ଶରତ ବୋଷ ଓ ସୁଭାଷ ବୋଷଙ୍କ ସାଙ୍ଗରେ 'ମାଙ୍କାମାଣ୍ଡି' କରି ପୁରୁଣା ପୀଡ଼ ବଖାଣି ନେବାର ଶୁଣା ଯାଉଛି । ଆମେ ଏତେ ଭକ୍ତି କରି ଧରିବା ପୁଣି । ହାୟ ରେ ହା,
ମଣି ଦରଥରେ ଭୁଲିଲି ନାଥ ।

+ + ×

ଥରେ ଅଭିନମହଜର ପୁରୁଣା କଥାଟାଏ ଖୋଲି ଟାଣି ହେଉ, ଏବେ ବଡ଼ ବେଶି ପଦାରେ ପଡ଼ି ଯିବାରୁ ଗୃହଅଦ୍ଧ ଚହଲ ପଡ଼ି ଯାଉଛି । ଏପରିକି ଅସେମ୍ବ୍ଲି ହଲରେ ବି ଗୋଟାଏ ଜନେକର ସ୍ଥଳରେ ପ୍ରସ୍ତାବ ଅଦି-ଗଲା । ପ୍ରଧାନ ବକ୍ତାର-ପଣଙ୍କ ମୁଖ ଧରି କେତେ ଲୋକ 'ନୃଶଂସ', 'ଖାଣଦଳ', 'ଉଦ୍ଧତ' ପ୍ରଭୃତି କେତେ ନିନ୍ଦା କରିଗଲେ । ଏହା ଶୁଣି ଆମ ଅବଧାନ ବୁଢ଼ା କଣ କହିଲେ ଶୁଣିବା ହେଉନ୍ତୁ—

"ଅଜକାଲିକା ଅଙ୍ଗରେଜ ପଢ଼ା ବାବୁ ପାଇ ବଢ଼ଧ୍ୱଂସିକ ବା ନାଚର୍ଦ୍ଦ ହୋଇଗଲେଣି । ବସନ୍ତ ସେ ସେ ଏକା ଭଲଲ ବନ ଦାଖଲ କରେ । ଲୋକ ଚଳୁଅ କରିବେ କାହିଁ ?"

ହଟେ ତ । ବିଂଶ ଶତାବ୍ଦୀର ଜନ୍ମନୀୟ ନପୁଂସକମାନଙ୍କର ଅବସ୍ଥା ଅବଲୋକନ କରି କେଉଁ ବୁଦ୍ଧିମାନ୍ କହିବ ଯେ ଏହି ଦେଶରେ ଏବେ ଗୁଣ୍ଡା ଏ ଭଲଅ ନଷ୍ଟଗଲ, ପୁରୁଷଙ୍କ-

୧୨ ପୃଷ୍ଠାରେ ଦେଖନ୍ତୁ

Digitized by srujanika@gmail.com

# ମଜାକଥା



## ଅଭଙ୍ଗା କର୍ଣ୍ଣେଲ

କଳ୍ପନା—ଶ୍ରୀ ହେମେନ୍ଦ୍ରଚନ୍ଦ୍ର ମୁଖାର୍ଜୀ
ଅନୁବାଦ—ଶ୍ରୀମତୀ ଶାନ୍ତି ମୁଖାର୍ଜୀ

ରାଏ ବାହାଦୁର ଭିକାରୀ ଚରଣ ପଟ୍ଟନାୟକ ଯେଉଁଦିନ ସାହିତ୍ୟ କାରଖାନାରୁ ବିଦାୟ ନେଇ କର୍ଣ୍ଣେଲ କାରଖାନାରେ ମନ ଦେଲେ, ସେଦିନ ଅନ୍ୟ କେତେକଙ୍କ ସହିତ ମୋର ମନେ ହୋଇଥିଲା ଯେ ଉତ୍କଳର ସାହିତ୍ୟ ରଙ୍ଗ-ମଞ୍ଚର ଏହା ଅଭି ଗୋଟିଏ ବିୟୋଗାନ୍ତ ନାଟକର ଅଭିନୟ । କର୍ଣ୍ଣେଲ ଗଢ଼ା ସଙ୍ଗେ ସଙ୍ଗେ ଏଣ୍ଡି ପୋକ ଅନ୍ତର୍ଦ୍ଧାନ ହେଲେ । ଏଣ୍ଡି ପୋକ ପୋକେଇ ପୋକେଇ ଗଛ ପତ୍ର ଖାଇବାକୁ ଲାଗିଲେ ଏବଂ ସେମାନଙ୍କ ସଙ୍ଗେ ରାଏ ବାହାଦୁରଙ୍କ ସାହିତ୍ୟ ପ୍ରୀତିକୁ ମଧ୍ୟ ଭକ୍ଷଣ କରି ଦେଲେ । ଫଳରେ ଓଡ଼ିଆ ସାହିତ୍ୟ ଓ ବିଶେଷ ଭାବରେ ହାସ୍ୟ-ରସ କ୍ଷୀଣ ହେଲା— କେବଳ କେତୋଟି କାଗଜର କହିନ ଲଭି ମାରିଲେ ବୋଧ ହୁଏ ।

( ୨ )

କେଉଁଦିନ ମାଁକୁ ଫେରି ବରଗଛ ତଳେ ବସିଛି; ଆମ ଗାଁ ଚିହ୍ନକର ଅସି ମୋ ପାଖରେ ବସିଲା । ତା ବାହଦ ପୁରୁଷ କର୍ଣ୍ଣେଲ ଗଢ଼ି ପେଟ ପୋଷୁଛନ୍ତି । ରାଏ ବାହାଦୁର ସାହିତ୍ୟ ଗଢ଼ିବା ଛାଡ଼ି କର୍ଣ୍ଣେଲ ଗଢ଼ିବାରେ ମତ୍ତ ହେଲାରୁ ମୋ ମନରେ ଯେଉଁ ଦୁଃଖ, ଦେଖିଲି, ଚିହ୍ନକର ମନରେ ଦୁଃଖଟା ତହୁଁ ବେଶୀ । କିନ୍ତୁ ତା ଦୁଃଖର କାରଣ ସମ୍ପୂର୍ଣ୍ଣ ଭିନ୍ନ । ସେ କହିଲା, "ଦେଖନ୍ତ, ରାଏ ବାହାଦୁରଙ୍କ ଉଦ୍‌ଭଟ କଳ୍ପନା ! କର୍ଣ୍ଣେଲକୁ ପୁଣି ଅଭଙ୍ଗା କଲେ । ଆମ ଭଳିଆଙ୍କ ଦାନା ପାଣି ମାରିଲେ ସିନା । କର୍ଣ୍ଣେଲ ଭାଙ୍ଗିଲେ ସିନା ପିଲାଏ ନୂଆ କର୍ଣ୍ଣେଲ କିଣିବେ—ଆମ ପେଟକୁ ଦାନା ମିଳିବ ? କର୍ଣ୍ଣେଲ ଯଦି ନ ଭାଙ୍ଗିଲା, ସେ କଣ ଅଉ କର୍ଣ୍ଣେଲ ? ତୁମେ ତ ବାବୁ ସହରରେ ଅଛ,—ଜାପାନୀ କର୍ଣ୍ଣେଲ ଦେଖିଥିବ । ସେ କର୍ଣ୍ଣେଲ ସୁନ୍ଦର ଅଥଚ ସସ୍ତା; କିନ୍ତୁ ତାର ସବୁଠୁଁ ଭଲ ଗୁଣ ସେ ଦେଖୁ ଦେଖୁ ଭାଙ୍ଗିଯାଏ । ଏଥିପାଇଁ ଜାପାନକୁ ଆମେ ସେତେ ଡରୁନାହୁଁ, ରାଏ ବାହାଦୁରଙ୍କ ଅଭଙ୍ଗାକୁ ଆମେ ଯେତେ ଡରୁଛୁ । ଦିଏ ତାଙ୍କୁ ଟିକିଏ ଭଲ ବୁଝାନ୍ତେ, ସେ ଏ କାମ ଛାଡ଼ି ଅନ୍ୟ କାମରେ ମନ ଦିଅନ୍ତେ ।"

( ୩ )

ଚିହ୍ନକର ବକ୍ତୃତାର କଥାରେ ମୁଁ ଏତେ ବିଚଳିତ ହେଲି ଯେ ଏ କଥା ସହରକୁ ଫେରି ରାଏ ବାହାଦୁରଙ୍କ କର୍ଣ୍ଣଗୋଚର କରିବ ବୋଲି ସ୍ଥିର କଲି, କିନ୍ତୁ ସହରବାସୀ ମୋର ଜଣେ ବନ୍ଧୁ ଏପରି କରିବାକୁ ଗଲି ସେ ନିଷେଧ କଲେ ତାହା ନୁହେଁ,—ଉପରନ୍ତୁ ସେ କହିଲେ, "ଚିହ୍ନକର ଦଳ ତରଫରୁ ଯାଉଛୁ—ରାଏ ବାହାଦୁରଙ୍କ ଅଭଙ୍ଗା କର୍ଣ୍ଣେଲ ଅସି ତୋ ମୁଣ୍ଡ ଯଦି ନ ଭାଙ୍ଗେ, ତେବେ ତୋ ଭାଗ୍ୟକୁ ଧନ୍ୟବାଦ ଦେବୁ । ତୋ କଥା ସହିବା ଅପେକ୍ଷା ସେ କିଛି ତୋ ମୁଣ୍ଡକୁ ଗୋଟାଏ ଦେଲେ ଅଭଙ୍ଗା ପରୀକ୍ଷା ହେବ—ଅଭଙ୍ଗା ତ ଭାଙ୍ଗିବ ନାହିଁ, ଭାଙ୍ଗିବ ତୋ ମୁଣ୍ଡ ।" ରାଏ ବାହାଦୁର ଯେ ହାଁଙ୍ଗା ମାତ ଦ୍ୱାର ବ୍ୟକ୍ତି ତୁଅନ୍ତି, ଏ କଥା ମୋତେ ଜଣା ନଥିଲା । ସୁତରାଂ ସହରବାସୀ ବନ୍ଧୁଙ୍କ ନିଷେଧକୁ ମୁଁ ଭ୍ରୂକ୍ଷେପ ନକରି କର୍ତ୍ତବ୍ୟ ବିଷୟ ଠିକ୍ କରି ନେଲି । ଶୂନ୍ୟ ହୃଦୟରେ ତେଲ ପିଆଇ ସ୍ୱ ଚାଳ ସତ ସତ ଜଣି ରହି ମୋର କର୍ତ୍ତବ୍ୟଟା ବେଶି ପତା-ଲଗି । ଲେଖାଟିକୁ ବାରମ୍ବାର ପଢ଼ି ଏହା-ଠେ ତେବେ ଭରସା ଭଗବାନ ହତ ଧାର୍ଯ୍ୟରେ ହିତର ଅତ୍ୟଧିକ ଅପ୍ରସାଦ ଦେବ କଲି । ସନ୍ଧ୍ୟା ଆଜି ସବୁ ଥିରେ ଯେ ଅନ୍ତକ୍ଷଣ ପାଇଁ ବିଛଣା ଧରିଲି ।

( ୪ )

ବ୍ୟାପାରଟା ମୋର ମସ୍ତିଷ୍କର ଭ୍ରମ ନା ସ୍ୱପ୍ନ ? ମୁଁ ଜାଣେ ନା । ହଠାତ୍ ଦେଖିଲି ପାହାର ଶ୍ରୀମନ୍ତମାନଙ୍କ ଭଳି ଜଣେ ବୃଦ୍ଧ, ମସ୍ତିଷ୍କ ବୃଦ୍ଧ ଗର୍ଦ୍ଦଭ ପୃଷ୍ଠରେ ଆରୋହଣ କରି ମୋ ଶଯ୍ୟା ପାଖରେ ଦେଖା ଦେଲେ । ତାଙ୍କ ପଛରେ ଅସଂଖ୍ୟ କର୍ଣ୍ଣେଲ-ଜଗତର ଜୀବ—କୁମ୍ଭୀର, ଜେବ୍ରା, ରାଜହଂସ ହାତୀ, ଏଣ୍ଡ୍ରି ଓ ହାରଗଜ ମଧ୍ୟ । ମୋତେ ଘେରି ସମସ୍ତେ ଠିଆ ହେଲେ—ଅନେକ ସବୁଜର ମୁଖରକ୍ଷୀ କରିବାକୁ ଲାଗିଲେ । ଶ୍ମଶ୍ରୁମଣ୍ଡିତ ବୃଦ୍ଧ ଧମକ ଦେବାରେ ସମସ୍ତେ ସ୍ଥିର ହୋଇଗଲେ । ପୁଣି ସେ ଅଦେଶ ଦେଲେ, "ଦୂର ଯାଉ ଅଭେଦ୍ୟ ପାଠ ।" ସେଥିର କର୍ଣ୍ଣେଲ ଜଗତର ଜୀବମାନେ ମୋ ଅଡ଼ିକୁ ଦୃଢ଼ପଦ ଅଗ୍ରସର ହେଲେ । ବୃଦ୍ଧଙ୍କ ହାତରେ ଗୋଟିଏ ବାଡ଼ି ଥିଲା । ସେଥିରୁ ସେ ଗୋଟିଏ ଗୋଟିଏ ଛୋଟ ବାଡ଼ ବାହାର କରି ପ୍ରତ୍ୟେକଙ୍କ ହାତରେ ଦେଲେ, ଅଉ ଚିତ୍କାର କରି କହିଲେ, "ଧଅର—ମାର ।"

ଏକ ହିସ ଟେଙ୍ଗା ଅସି ମୋ ମୁଣ୍ଡରେ ପଡ଼ିଲା । ଭୟ ହେଲ ମୁଁ ଚିତ୍କାରରୁ ତଳେ ପଡ଼ିଲି—ମଗଜ ଓ ଶତ ବାଡ଼ା ଅସି ମୋ ମୁଣ୍ଡରେ ପଡ଼ିଲା । ତତବଣ୍ଡ ଦେହ ଦୂର ହୁଇ ଥର ସହିବା ପରେ ହୋଇ ହେଲି—ଦେଖେଁ ମୋ ପଟର ମୁଁ ଏକା—ସେ ସବୁ ତେଲଙ୍ଗା ବଜାରର ଅଭଙ୍ଗା କର୍ଣ୍ଣେଲ ମନ୍ଦିରରୁ ବସ୍ତୁ ଦୂରରେ । ବୃଦ୍ଧଙ୍କର ଅନ୍ତରରେ ରାଏ ବାହାଦୁରଙ୍କ ଅକୃତିର ସାମଞ୍ଜସ୍ୟ ଖୋଜି ନ ପାଇବାକୁ ଲାଗିଲି, କିନ୍ତୁ ଟିକିଏ ହେଲେ ସାମଞ୍ଜସ୍ୟ ପାଇଲି ନାହିଁ । ରାଏ ବାହାଦୁରଙ୍କ ବଡ଼ ବଡ଼ ମୁଛ ଅଛି କିନ୍ତୁ ବୃଦ୍ଧଙ୍କର ଲମ୍ବ ଲମ୍ବ ଦାଢ଼ି ଥିଲା । ସେ ଦାଢ଼ି ବାବଦରେ ରାଏ ବାହାଦୁର ନିଜେ ହଜାର ହଜାର ଅଭଙ୍ଗା କର୍ଣ୍ଣେଲର କୃତ୍ରିମ ଦାଢ଼ି କଲେ ମଧ୍ୟ ତାହା ଶେଷ ହେବାର ନୁହେଁ । ଏ ବ୍ୟାପାର କଣ,



Digitized by srujanika@gmail.com

ଅନେକଙ୍କୁ କହିଲି ବନ୍ଧୁ କେହି ମୋର ଏ ସମସ୍ୟାର ସମାଧାନ କରି ପାରିଲେ ନାହିଁ । ମିଷ୍ଟ ପଟ୍ଟନାୟକ ଏମ୍, ଏ. ବି. ଏଲ୍. ପ୍ରଭୃତିଙ୍କ ଶରଣ ନେବାରୁ କହିଲେ,— ମିସେସ ମାର୍ଗାରେଟ ମହୋଦୟା ତାଙ୍କ "ସ୍ୱପ୍ନ ରହସ୍ୟ" ପୁସ୍ତକ ପଢିବାକୁ କହିଲେ । ଦୁର୍ଭାଗ୍ୟ ବଶତଃ "ସ୍ୱପ୍ନ ରହସ୍ୟ"ର ପଦଟିଏ କେହି କଣ୍ଠରେ ଉଦ୍ଧାର କରି ନ ଥିଲେ,— ସୁତରାଂ ମୋର ଚେଷ୍ଟା ବିଫଳ ହେଲା । ମୋର ପ୍ରବୀଣ ବନ୍ଧୁ ଅନାଦି ପଟ୍ଟନାୟକଙ୍କ ଦର୍ଶନ ହେଲା । ସେ ମୁହଁଟାକୁ ଗମ୍ଭୀର ଭାବରେ ଭଙ୍ଗ କରି କହିଲେ, "ଆପଣ ଜାଣନ୍ତି ନାହିଁ ? ରଘୁନାଥଙ୍କ ମନ୍ଦିରକୁ ଯିବାର ଯେଉଁ ମଉଳା ରାସ୍ତାରେ ସେଠାରେ ଦେଖିବାକୁ ପାଇଥିଲ—ରାଏ ବାହାଦୁର ଅବଗା କରଣ୍ଡର ଗଢ଼ିବା ପାଇଁ ସେ ଗଛଟାକୁ କାଟି ପକେଇଛନ୍ତି । ଏ ଗଛଟାରେ ଗୋଟାଏ ସଇତାନ୍‌ର ବସା ଥିଲା । ଆମ ୯୫ ନମ୍ବର ମୋଟର ତାକୁ ଦେଖିଛି । ତା ବସା ଭାଙ୍ଗିବାରୁ ସେହି ସଇତାନ୍ ରାଏ ବାହାଦୁରଙ୍କ ଅବଗା କରଣ୍ଡରେ ପଶି ବସା ବାନ୍ଧିଛି । ତାଇଠାରୁ ଆପଣ ଯେ ଅବଗା କରଣ୍ଡ ଉପରେ ବସୁଥିବାରୁ ଯନ୍ତ୍ରଣା କରୁଥିଲେ; ସେଥିଯୋଗୁ ସେହି ସଇତାନ୍ ଆପଣଙ୍କ ପାଖକୁ ଉଠିଲାବେଳେ ଆସିଥିଲା ।" ଅନାଦିଙ୍କ ବ୍ୟାଖ୍ୟା ଖୁବ୍ ନିର୍ଭରଯୋଗ୍ୟ । ଶୁଣିଲି, ରାଏ ବାହାଦୁରଙ୍କ ଅବଗା କରଣ୍ଡ ଯାହି ପୁଣ୍ୟରେ ପଡ଼ିବା ଆଗରୁ ମୁଣ୍ଡଟାକୁ ନୁଆଁଇ ରକ୍ଷା କରି ପାରନ୍ତି, ଜନ୍ତୁ ସଇତାନ ସହିତ କଣ୍ଠେ ବାଟେ ହେଟ ହୋଇଯିବ, ଏହା ଶୁଣିଲାରୁ ମୋ ଗଳାରେ କଟେ ପାଣି ହେଲାଣି । ତା ଉପରେ କୌଣସି ଟାର୍ଗ କହିବା ତ ଦୂରର କଥା । ବିଶେଷ କରି ୯୫ ନମ୍ବର ଭଲ ବସ୍ତୁ ଲୋକ ଯେତେବେଳେ ତାକୁ ପ୍ରତ୍ୟକ୍ଷ ଦେଖିଛି । ତଥାପି ବନ୍ଧୁ, ମତେ କ୍ଷମା କରିବ ।

( ୫ )

ଏହି ଘଟଣାରେ ନେଇ ମୋ ଆଜି ବି ଚେଇଁ ରହାରି ପାରି ନାହିଁ, ଏକଥା କହିବା ବାହୁଲ୍ୟ ମାତ୍ର । କଣ୍ଟାଗାରେ ଯେ ସଇତାନ ବସା ଥିଲି, ତାହା ମୋ ଜୀବନରେ ଅଦ୍ୟାପି ଅଛି । ସ୍ମରଣ ହେଉଁ କରି ରାଏ ବାହାଦୁରଙ୍କ ଅବଗା କରଣ୍ଡ ଉପରେ ବସିବ ଜୟନ୍ତୀ ହେବ, ସେହିଦିନ ତାଙ୍କୁ ଉପହାର ଦେବି । ଏ ପର୍ଯ୍ୟନ୍ତ ମୋ ମନରେ ଗୋଟାଏ ସନ୍ଦେହ ରହିଗଲା । ଜନ୍ତୁ ଆଉ ପୁରୁଷମାନେ ସଇତାନ ଅଥବା ସାକ୍ଷାତ୍ ପରମାତ୍ମା ବ୍ରହ୍ମଚୈତନ୍ୟ ଜଗନ୍ନାଥ ଶ୍ରୀକ୍ଷେତ୍ରବାସୀ ହେଲେ ? ମୋ ଶରୀର ସନ୍ଦେହଟାଏ ଘଟ ଆମ ଅନାଦି ଟଳେ ଦେଲେ ସମାଧାନ ହେଲା ନାହିଁ । ବିରକ୍ତ ହୋଇ ସେ ପଚାରିଲା, "ଆଚ୍ଛା, ଗୋଟାଏ ଏଣ୍ଡ୍ରୋବ କଥାରୁ ପ୍ରମାଣ ହୁଏ ? ସାହିତ୍ୟର ଉପରେ କରଣ୍ଡବାଲା ହୁଏ ?"

ଏ ପର୍ଯ୍ୟନ୍ତ ବି ମୋ ସନ୍ଦେହ ତୁଟିଲା ନାହିଁ ।

## ଆଶ୍ଚର୍ଯ୍ୟ ଘଟଣା

ଗୋଟିଏ ସ୍ତ୍ରୀ ତାର ଶେଠ ପିଲାଟିକୁ ଘୋଷଣୀ ଘାଟରେ ଥୋଇ ଗାଧୋଉ ଥିଲା । ଏହିକ୍ଷଣେ ବେଳେ ଇଗଲ୍ ପକ୍ଷୀଟା ଆସି ଲୁଗା ମିଶା କରି ପିଲାଟାକୁ ଝାମ୍ପ ନେଇଗଲା ଓ ଖଣ୍ଡେ ଦୂରରେ ଗୋଟାଏ ଗ୍ଲେଟ ପାହାଡ଼ ଉପରେ ବସିଲା ଲୋକମାନେ ଗୋଡ଼େଇ ଗଲାରୁ ଇଗଲଟା ପିଲାକୁ ଛାଡ଼ି ଦେଇ ଉଡ଼ି ପଳାଇଲା । ପିଲାଟି ଦେହରେ ନଖ ଅଗ୍ରଭାଗଟିଏ ବି ଲାଗି ନାହିଁ । ଲୁଗା ମିଶା କରି ନେଇ ପାଇଥିବାରୁ ପିଲାର ଆଘାତ ହୋଇ ନଥିଲା । ତାପରେ ଲୋକ ଗଲା ବେଳକୁ ପିଲାକୁ ସେ ଖାଇ ପାରିଥାନ୍ତା— ମାତ୍ର ପିଲାର ମା ଖଣ୍ଡିଏ ମାର୍ଜିତ ଲୁଗାର ଉପରେ ପିଲାର ଲୁଗା ଉପରେ ଲୁଗାରେ ରଖିଥିଲା । ଇଗଲ ସେହି ମାର୍ଜିତ ଖଣ୍ଡକୁ ଖାଇବ ଓ ନେଇ ପଳାଇ । ଯାହାକୁ ଆନନ୍ଦ ଲକ୍ଷ୍ୟ ପାରେ ବଳବନ୍ତ ।

## ମଜାକରଣ !

୧ । ଦାନ୍ତ ମାଡ଼ିଲେ ଅଦ୍ଭୁତ ଯନ୍ତ୍ରଣା ହୁଏ । ମାତ୍ର ଟିକିଏ ନେଷ୍ଟରଅଏଲ ପ୍ରିନ୍ଟ ଲଗାଇ ଦେଲେ ଯେତେ ବଡ଼ ଯନ୍ତ୍ରଣା ହେଉ ବହୁତ୍ ଶୀଘ୍ରରେ ଦୂରୀଭୂତ ହୁଏ ।

୨ । ବସନ୍ତ ଆଜିକାଲି ମଫସଲରେ ବହୁତ ଲାଗିଛି । ଏହାର ଔଷଧ ଜାଣି ଥିଲେ ଉତ୍ତମ ନଥିଲେ ଧୋଇ ପଲଙ୍ଗ ପାଣି ରୋଗୀକୁ ସମସ୍ତ ଯନ୍ତ୍ରଣା ଓ ଉପଦ୍ରବରୁ ରକ୍ଷା କରେ । ବସନ୍ତ ବୋଲି ଜାଣିବା ମାତ୍ରକେ ରୋଗୀକୁ ପଲଙ୍ଗ ପାଣିରେ ଗାଧୋଇ ଦେବ । ପିଇବାକୁ ପଲଙ୍ଗ ପାଣି ଦେବ । ସେ ସବୁ ସ୍ଥାନ ବସନ୍ତ ଜନିତ ସେ ସବୁ ସ୍ଥାନରେ ପଲଙ୍ଗ ପାଣି ବାରମ୍ବାର ଲଗାଇଲେ ସେଠାରେ ବସନ୍ତ ହୋଇ ନ ପାରେ । ରୋଗୀ ଯେତେବେଳେ ଅସହ୍ୟ ଯନ୍ତ୍ରଣା ହେଉଛି କହିବ ସେତେବେଳେ ପଲଙ୍ଗ ପାଣି କନାରେ ବୁଡ଼ାଇ ଛୁଇଁ ଦେବ । ସଙ୍ଗେ ସଙ୍ଗେ ରୋଗୀ ସ୍ଥିର ହେବ । ବସନ୍ତର ପ୍ରଧାନ ପ୍ରତିଷେଧକ Preventive ହେଉଛି ଶ୍ୱେତ ଅର୍କ ଗଛର ମୂଳ । ଅଢ଼େଇଟା ଗୋଲ ମରିଚ ସଙ୍ଗେ ବାଟି ଏଥିରୁ ଏକ ଭରି ଖାଇଲେ କଦାପି ବସନ୍ତ ହେବ ନାହିଁ ।

## କୁଞ୍ଜୁକୁଞ୍ଜୁ

ଶିକ୍ଷକ—ରାମ କହିଲୁ ! ମାଛକୁ କେତେ ପକ୍ଷ ?
ରାମ—ଅଙ୍କା ଦୁଇ ପକ୍ଷ ।
ଶିକ୍ଷକ—କେଉଁ, କଣ ?
ରାମ—ଗୋଟିଏ କୃଷ୍ଣପକ୍ଷ ।
ଶିକ୍ଷକ—ଆଉ ଗୋଟିଏ କଣ ?
ରାମ—ଶୁକ୍ଳ ପକ୍ଷ ।

\+ + ×

ଗୋଟାଏ ଚୋର ଜେଲଖାନାରେ ବହୁତ ଦିନ ରହି ତାର ଏପରି ମାୟା ଜନ୍ମିଗଲା ଯେ ସେ ଯେଉଁ ଦିନ ଖଲାସ ହେଲା, ଖାଲି କାନ୍ଦିଲା ଓ ଯିବାକୁ ମଙ୍ଗିଲା ନାହିଁ । ତାକୁ ଜୋର କରି ତଡ଼ି ଦେବାରୁ ସେ ମୁହଁ ଶୁଖାଇ ଚାଲିଗଲା । ଜଣେ ସିପାହୀ କହିଲା "କିରେ ଜେଲର ବାବୁଙ୍କୁ ଜୁହାରଟିଏ ହେଲୁ ନାହିଁଯେ ? ସେ କହିଲା, "କାଲିଠୁ ପୁଣି ମୁଁ ଆସୁ ନାହିଁ କି ।"

Digitized by srujanika@gmail.com



# କାହାଣୀ

## ଗୋଟିଏ ସଞ୍ଜର ଗପ ।

* ଚଦୋଟୀ ଗଳର ଛାୟା ଅବଲମ୍ବନେ
ଲେଖକ—ଶ୍ରୀ ରାଧା କମଳ ଦାସ ।

୧୫ ତାରିଖ ଠାରୁ ପ୍ରଜାଙ୍କୁ ଯଥୋଚିତ ଅନ୍ନ ଓଡ଼ିଶା ବ୍ୟବସ୍ଥା କରୁଥିବ ସରକାର । କଂଗ୍ରେସ ଦଳରେ ଏବେ ଜମିଦାରମାନେ ମୁହଁ ଲୁଚାଇ ବସିଛନ୍ତି, ଅଭ ମହାଜନମାନେ ଦେଖି ମାରୁଛନ୍ତି । ସାହାଯ୍ୟଲୋଭ ସେବକ ପାଇଁ କଂଗ୍ରେସ ଗରିବ ପ୍ରାଣ ବାହାରୁ ଏବା ।

ଅଭିଜ୍ଞ ଲୋକ ମାନ ଦୁର୍ଦ୍ଦିନ ତ ?

+ + +

ମାନ୍ଦ୍ରାଜ ପଣ୍ଡିତ ହରିଶ କମିଶନ ଅଞ୍ଚଳରେ ଯାଇ ପାଣ ଦେଉଥିବା ଲୋକମାନଙ୍କୁ ଦେବାରୁ ଛାତ୍ରମାନେ ଧର୍ମଘଟ କରୁଛନ୍ତି ।

ଭୁଲ ପାଇଁ ତ ପାଠ ପଢ଼ିବା କଥା—ଭୁଲ ତ ହେବ ପାଠ ଭଲ ଆମେ କଣ ?

ଓଡ଼ିଶାର ୩୦ ସଦସ୍ୟମାନେ କଂଗ୍ରେସ ପ୍ରସ୍ତାବ ପତ୍ର ଦାଖ ଦେଇ କେତେକ ସ୍ଥାନରେ ଛଡ଼ାଇ ଦେଇଛନ୍ତି କଂଗ୍ରେସ କର୍ମୀଙ୍କରେ ଦାବା କଥା ଲେଖି ଜାଣୁଛନ୍ତି ବୋଲି ଖବର ମିଳିଛି ।

ଓଡ଼ିଆ ଭାଷା ଅଧ୍ୟାପକ ପିକ କୁଆଡ଼େ ?

× × ×

ବେଙ୍ଗଲୁରୁ ପଦଗ୍ରହଣ ପରେ ପରିଷଦ ପାଠେକ ସାହେବ ଲଗୁଡା ଦେଇଛନ୍ତି । ପ୍ରଧାନ ପଟ୍ଟନାୟକଙ୍କ ହାତରେ ତାଙ୍କର ଦେହରେ ଦମ୍ଭ ନାହିଁ । ପ୍ରଥମେ ଇଂରାଜ ବିଦେଶୀ ଲୋକଙ୍କ ପାଖରେ ମେଳବାନ୍ଧିବାକୁ କହିବାକୁ ସେ ଏ ଷ୍ଟେଟ ନାମରେ ନାଗ୍ରିକ ହେବେ ବୋଲି ଏ ସାଂଶା ।

ଧୈର୍ଯ୍ୟ କୁହ ଚଳି କି ?

× × ×

ଶାନ୍ତି ସେବକ ଦୋବଳ ପ୍ରସ୍ତାବ ପାଇବା ପାଇଁ ଗାନ୍ଧିଙ୍କ ନାମ ପ୍ରଚାରିତ ହୋଇଛି ।

ଚେମ୍ବରଲିନ୍ କ'ଣ ପାଇବେ ? କେବା ?

+ + +

ହୁପ୍ ସୁଇଟାଙ୍କୁ ସାହାର୍ଯ୍ୟ ଦେଇ ପାଇବ ନାହିଁ ବୋଲି ହୁସ୍ ଭଜଦୂତ କହି ଦେଲେଣି ।

ନନ୍ଦେଳଙ୍କୁ କିଏ ବାହାର ?

× × ×

ଲଣ୍ଡନର କୌଣସି ଅନ୍ତର୍ଜାତୀୟ ସମ୍ମିଳନ ଜାପାନ ସନସ ବହିଷ୍କାର କରି ଜାପାନକୁ ଭାବରେ ଚଳାଇ ତାଙ୍କୁ ସଭାରୁ ବହିଷ୍କୃତ କରିବାରେ ବୋଲି ପ୍ରସ୍ତାବ କରିଛନ୍ତି ।

ଏଣ୍ଡ୍ରୁଜର ଦରଦ ସେବକ ।

+ + +

ଜର୍ମାନରେ ଗୋଟିଏ ନୂଆ ଅଇନ ହୋଇଛି ଯେ ଯେଉଁ ସରକାରୀ କର୍ମଚାରୀମାନଙ୍କ ପିଲା ଅବସ୍ଥାରେ ବାହା କରିବେ ତାଙ୍କୁ ଏଣିକି ନିଜର ଓ ସ୍ତ୍ରୀଙ୍କ ପିଲା ଜନ୍ମ କରିବା ପରେ ଅଥବା ଦେହରେ ହୁଅ ନହେବେ ଦଣ୍ଡ ଦିଆ ଯିବ ଆଉ ତାଙ୍କୁ ଦଣ୍ଡ କାଟନ୍ତୁ ଦେବ ।

ସାରଦା ଅଭନ ବଡ଼ ଷଷ୍ଠୀ ସଭାରେ ସଭାପତି ମାନେ ଜନ୍ମଦିନରୁ ଉଠିଗଲେ କେମିତି ବୁଝନ୍ତା ?

+ + +

ସଭାର ଭାରତବର୍ଷର ଅନେକ ପଇସା ଖର୍ଚ୍ଚ ହୋଇଯିବ ଜଳ ଆମ ସମ୍ରାଟ ତାଙ୍କର ସ୍ୱଗତ ଅଭିନନ୍ଦନ ପ୍ରଗତି ଲଭିବେ । କ ଦଣ୍ଡରେ !

ସ୍ୱାଗତ ବଡ଼ ଦଣ୍ଡ ନବ-ନାରାୟଣ !

+ + +

ଶୁଣାଯାଏ କୌଣସି ମୁସଲମାନ ଜମିଦାର ଜିଂଜିରା ଦେଇ ଧାମନଗରରେ ହିନ୍ଦୁ ମୁସଲମାନମାନଙ୍କ ଭିତରେ ଗୋଳମାଳ ସୃଷ୍ଟି କରୁଛନ୍ତି ।

ତା' ନହେଲେ ନେତା ହେବେ କପର ?

+ + +

ବାଲେଶ୍ୱରର ଦେଶୀ ସର୍ଜନ ଶୁଣାଯାଏ ଅନେକାଙ୍କ ଭଲ ଇନକ୍ୱାଏଟ ଦେଇ କାର୍ଯ୍ୟରେ ବ୍ୟସ୍ତ ।

ହସ୍‌ପିଟାଲ ଦେଖିବା ପାଇଁ ଜିଲା ମାଜିଷ୍ଟ୍ରେଟ ଓ ପୁଲିସ ସାହେବଙ୍କ ଦରଦ ହେଉ ପରା ?

## କୁଟିକୁଟୁ

ଜଣେ କଲେଜ ଛାତ୍ର ତାର ବନ୍ଧୁଙ୍କୁ ପଚାରିଲା ମନିଅର୍ଡ଼ର ଫାର୍ମ କେଉଁଠାରେ ମିଳିବ ?

ବନ୍ଧୁ—ଡାକଘରେ ମିଳିବ

ଛାତ୍ର – କେତେ ଦାମ

ବନ୍ଧୁ – ଦୁଇଅଣା ଯାଏ ନେବ ।

× × ×

ଜଣେ ଛାତ୍ର M. A. ପାସ୍ କରି ଚାକିରି ପାଇ Inter view କରିବାକୁ ଯାଇଥିଲେ । ସାହେବ ପଚାରିବାରୁ ବିଶେଷ କିଛି ଉତ୍ତର ଦେଲେ ନାହିଁ ।

ତାଙ୍କର ବନ୍ଧୁ ଏକଥା ଶୁଣି ପଚାରିଲେ କିଛି କହିଲେ ନାହିଁ କାହିଁକି ?

ଛାତ୍ର – ବେଶୀ କଥା କହିଲେ ପରମାୟୁ କମି ଯିବ ।

---

ଆସନ୍ତା ସଂଖ୍ୟାରେ

ପ୍ରତିଭ ଲେଖକ ରାମପ୍ରସାଦଙ୍କ

ଅମର ଲେଖନୀରୁ—

ଅଭିନବ କାହାଣୀ

**'ଭୋକ ସ୍ୱର'**

Digitized by srujanika@gmail.com



# ମଜାକଥା

ଇଂରାଜୀରେ ପାଠ ପଢ଼ିବା ଦିନଠୁଁ, ବନ୍ଧୁ ବାବୁଙ୍କର ନଜର ପଡ଼ିଲା ମୋ ଉପରେ । କଲେଜଟା ପକ୍କା ବଜାର ହାଟ ! ମାତ୍ର ସେତେବେଳେ ଏ ସ୍ତ, ପଢ଼ିଲି ବନ୍ଧୁବାବୁଙ୍କଠୁଁ ଅଭ୍ୟସ୍ତ ନାନା ପ୍ରକାର ଭଲଗ୍ଲେବ ପାଇଁ ଷ୍ଟିଥୋଇ ଦେଲେଣି ଅମଳୁ ।

"କଲେଜ ଲାଇଫ ମାଟ୍ରେନ ପାଇଁ ଷ୍ଟାଇଲ୍ ବଡ଼ ସୁଟେବ୍‌ଲ ।"

ଏ ପରମ୍ପରା ଜଣା ଥିବାରୁ ମନଟା ଦୃଢ଼ କରି ଦେଇଥିଲେ ମଧ୍ୟ, ବାପା ଏବେ ଜିଦ୍ ଧରି ବସିଲେ କି "ପାଶ ହେଲେ ବାପା ଦେବେ"

ଅତଏବ, ଅଳ୍ପ କଷ୍ଟ ପାଇଁ ଦଶ ବା ନଅଶ ଅନ୍ତତଃ ଏଇ ରୋଜଗାରଟା ପାଇଁ ବି ମୋତେ ଉଠାବଣାକର ପାଣ୍ଠିଟା ବରଖାସ୍ତ ହେଲା । ବାପାଙ୍କର ଏଥିରେ ଉଚିତ ଯେ କି ମତଲବ ଥିଲା ତାହା ସେ ଜାଣନ୍ତି—ପୁଅର ମୁଣ୍ଡ ଉପରେ ଭୂତଟା ଯେପରି ନଥାଉ, ପୁଅର ଜଳସମାନ ବଢ଼ାଇବା ଅଶାଟା ଥିଲା ବେଶି ।

ପରୀକ୍ଷା ଦେଇ ଆସିଲି ମାଷ୍ଟରଙ୍କ ବନ୍ଧୁ ଦଳ ଛିଣ୍ଡା ବିନ ଛୁଟିଲେ । ବାପାଙ୍କର ସେଇ ଏକ କଥା—'ପାଣ୍ଠିଟା ବନ୍ଦ ଅଛ ।'

କ୍ରମେ କ୍ରମେ ପାଶ ହେଲି, ସେମେଣ୍ଟ ବାହାରିଲା । ମୋର ଦଶାର ମଧ୍ୟରେ ଅଭାବ ବୋଧଲି ଗଭ ହେଲା । ପରୀକ୍ଷା ପାଇଁ ରୋଷିଥିବା କାବ୍ୟ ନାଟକର ନାୟିକାମାନଙ୍କର ରୂପ ଗୁଣ ସବୁ ଏତେ ବେଳକେ ଦେଖିଲି ଅଭାବ ଥାଇ । ତା ଭିତରେ ସେ ଏତେ ରସ, ଏତେ ମାଦକତା, ପଢ଼ିବାବେଳେ ଅବେଳୀ ବୁଝି ନଥିଲି କେବା ।

'ଏତେ ଜଣ କହନ୍ତି'—ଏ ଚଳନ୍ତିଟା ସନ୍ ଯାଇଲି ପଡ଼ିଲି—ଏବଂ ନାନା ପ୍ରକାର

ପ୍ରସ୍ତାବ, ପରାମର୍ଶ, ଖବର, ଉପଦେଶର ଅଜଳ୍ପ ନଥାଇ ଚୋଟାଏ ସର୍ଟକଟ୍ (shortcut) ଧରି ନଥିଲି—ଅଦେଖା ବାହାରର । ଅଳ୍ପ ବାମ ଅଦେଖା ଦନ୍ତ, ଚେଷ୍ଟିତ ଦେଖାଗଲା ।

ସେ ପରଠୁ ଅସିଲି, ବାବା ଯଦି ଦ୍ୱାରିକେ ହଜାର, ହଜାର । କେତେ ପଲେଇଲେ, କେତେ ଦରଖାସ୍ତ ଲେଖିଲେ । ସେ ଦେଉଥି ହଜାର କରେ ଗଣିଲେ, ବାପା ଛାଡ଼ିଲେ ଦୁଃଖରୁ । ଦୁଃଖରେ ଯେତେ ମଣିଲି ଖରଚି ବାପା ଚଢ଼ିଲେ ତନ । ଯେ ଜାଣି ତାଙ୍କ ପୁଅ ଜଣ ଚୋଟାଏ ହେବନ ଯେ ପଇଁ ଜନଅର ଯାଉ ଧରବ, ତା କ୍ୱୈତଫୁଟଣ ଉଦାର ଦେଇଯିବେ ଏଯାଏଁ ବଡ଼ ବଡ଼ ପାଞ୍ଚ ହଜାରରେ ସେକ୍ ଦେବ ।

## କର୍ମ ନା କପାଳ !

ଲେଖକ—ବ୍ରହ୍ମଗୃଷ

ଯେଉଁ ଦିନର ପୁଣ୍ୟରତ୍ନା ଜନ୍ମ ପିତା ଏ ସଂସାରେ ରଖି ହେଲେ ତାଙ୍କ ଘର କରମପୁର । ଖଣେ ବଡ଼ ଓଳଲ, ନା ଶ୍ୟାମବାବୁ । ବାପା ତ ସନ୍ତୋଷ !

ଏ ଖବରେ କଣ କଣ କହନ୍ତେ, ଲେଖାଣି କେତେ କଳ୍ପନା କରୁଥିବେ । କିନ୍ତୁ ମୋର କଳ୍ପନାଟା ତ ଜଣା ଭଣାଦୁହେ । ମୁଁ ଯେଉଁଠା ମେଷ୍ଟରବାର ଅଛି କୁଳକନାବ ନପାଇ ବଡ଼ ଧାରୁର ହେଲି । ଧଠାରୁ ମତେ ପଡ଼ିଲି, ବ୍ରହ୍ମେନ୍ଦ୍ର କଥା । ଅରେ, ସନ୍ଦେଶର ତ ସେଇଠି ଅଛି—କରମପୁରରେ । ସେ ମୋର କ୍ଲାସ ସାଙ୍ଗ, ଏବଂ ଅଟ୍ଟା ଖୁବ ବୋଲି କହନ୍ତି ଚଳେ କରେକରେ । ତାଠାରୁ ବୁଝିଲେ ହବ । ସେହି ଠିକ ଖବର ଦେଇ ପାରିବ ।

ସେଇ ଦିନ ଚିଠି ଲେଖି ଦେଲି, ସବୁ ବୁଝେଇ ସୁଝେଇ ଅଭ କରୁଚ ନାହିଁଲ ପାଗଲ ହୋଇ ଯେ ମୋ ପାଇଁ ସେ ଏତେ ଉଣ୍ଡ ଦୟ ମୋ ଭାଗ୍ୟର ଖବ ପାଇଁ ସବୁ ଖବରଟା କହିବ ଯେପରି । ଅତ ଶିଘ୍ର ।

ଦଶ ବାର ଦିନ ପରେ ଉତ୍ତର ଅସିଲା, ଛାତି ଦୁରୁଦୁରୁ ହଉଥାଏ ଚିଠି ଖୋଲିବା ବେଳକୁ । ସେଠିରେ ଲେଖା ଥିଲା—

ପ୍ରେମିକ ତୋର,

ତୋ ଚିଠି ପାଇ ସବୁ ବୁଝିଲି, ତୋ ପାଇଁ ଖବରଟା ଅଛି ଭାଇ ମୋ Congratulation ଦେଇ ନାହିଁ ବା ଏଇ ଖବ ଦରଖ, ଖୁବ ବାମ ୪୦; ଫୁଟ୍ରସ ଚୋଲ ଜମାରୁ ନାହିଁ ।

ଯାହା କଥା ଲେଖିଛୁ, ସେ ଅନର ପଣ୍ଡିତା, ରଙ୍ଗ ଲୋକ, ଭଲଘର, ତ କ ଘରକୁ ମୋର ଯାଉଥିବା ଅଛି । ଅଭ ଯେ ଝିଅର ଛବି ମୋର ସନ୍ତୋଷ ବନ୍ଧୁ ଏବର ପ୍ରକେ ମୁଁ ବର-ଘର ମାଗୁଣୀ ହେବେ ବନ୍ଧୁଅବର ପିଲ୍ଲଣୀ ଭାବରେ ଚଳେ ।

ତୋ ଚିଠି ପାଇ କେ ଦୋକାନରେ ଦେଖି ଲେଖି କେ ବାଟି, ଅଥଚ୍ କଲେଷିଲେ ନଠଲେ । କଣ ତବେ, କଣ କହିବ ଖୁବ ଛବି ଏତେ ଚେଷ୍ଟା କରେ । ମୋର ଅସୁବିଧାଟା ବୁଝିପାର ବସ ଡରୁ କାହିଁ ଚୋପସ୍ତ ଏ ।

ଶେଷରେ ଦେଖିଲି ଉପ୍ଟ ଦେଲା କହିତ ଛବି ଛବ ସତବାଣରେ ହ ଯିବାର ସ୍ଥିର କଲି । ଝିଅଟି ମନ ଦୁହେ । ଅଭ ଯାହା ଦୋଷ ତୋର ଉପନ୍ୟ ଏବେବାରେ ନୁହେ । ତାହାର ନଦୀ ବା ବଦନ ମ କହିବା ଭଦ୍ରବେକ ପସନ୍ଦ ବନ୍ଦେଶଟା ମୋଷ୍ଟିତ ତାଙ୍କର ଚାଙ୍କର ଯେପରି ଦର୍ଶନ ହେଉଥିଲେ ମୋ ପକ୍ଷରେ ଅନୁଚିତ । ତେବେ ମୋତେ ଯଦି କ୍ଷୋଭ କରୁ, ଦେଠି ବାହାଦେଲେ ଛବାଦର ସେଭି ଉଦେଶ୍ୟ ତାହା ଜାଣିବ ଏ ବ ଦ୍ୱିଷ ଦବ ନାହିଁ ତୋର ଏତେ ଜାଣିଥା । ଏଠାରେ ଘର ଦେଖ ଦେଇ ସୁଖ ପାଇବ ନାହିଁ କଦାପି ଜୀବନରେ । ଦୁହେଁ ଭଦ୍ର ମଧ୍ୟରେ ବହୁ ଯିବ ବ୍ୟର୍ଥତା । ଏଥିପାଇଁ ଅଧିକ ମୁଁ କହିବ ନାହିଁ ଏବଂ ଅନୁରୋଧ ଭୁ ବ ପଢ଼ିଛୁ ନାହିଁ ମୋତେ ।

ସ୍ନେହର

ସ—

Digitized by srujanika@gmail.com

ଚିଠିଟା ପାଇ ମୁଁ ଗଣେଶ୍ୱରର କେତୁକୁ ଓ ମୋ ନିଜର ବୁଦ୍ଧିକୁ ଯେତେବେ ପ୍ରଶଂସା କଲି ସେତେବେଳେ ଖଣ୍ଡାଏ ଦେଲି ଚାଉଳି—ଲୁ । ଭୁବେନେଶ୍ୱର ଭଲ ବଳେ ନେଉଥିଲେ ଏବେଶିଶି ଚ— ।

ଉପାୟ କଣ ? ଏକଥା ବାପାଙ୍କ ଅଗ୍ରତ କେବଳରେ ତ ଯେ କଥାକୁ ମାନିବେ ନାହିଁ, ବରଂ ଲାଗି ଅଛନ୍ତି ନେଡ଼ ଧରି ବସିବେ । ସେଥିପାଇଁକା ଚିଲିକ ସେ । ମୁଁ ଯେ ତାଙ୍କ କଥା ଏଡ଼ି ଦେଇ ସେ ଲୋକଙ୍କ ପୁଅ ସ ମୁହେଁ ମୁଁ । ତେବେ କଣ କରନ୍ତି !

ଦୁଣି ଚିଠି ଲେଖିଲି ଗଣେଶ୍ୱର ପାଖକୁ ।
ପ୍ରିୟ ସମ,

ତୋ ଚିଠି ପାଇଲି । ମୋ ଜୀବନରେ ସବୁଠୁଁ କଷ୍ଟମ ସଙ୍କଟ ଉପସ୍ଥିତ । ଏଥିରୁ ପାର କରିବାକୁ ତୋ ଛଡ଼ା ଆଉ କାହାରିକୁ ଦେଖୁନି । ତୋର ଗୋଡ଼ ଧରୁଛି, ଏ ବିପଦରୁ ରକ୍ଷା କର । ସେ ଅତି ଦାଗିବା ଏଥରୁ ଦ୍ୱିଜ ଏ ସମସ୍ୟା ଭାଙ୍ଗି ଦେ । ତୋପରି ଲୋକକୁ ମୁଁ ତେ ବୁଦ୍ଧି ଶିଖାଇବାକୁ ଦବ ନାହିଁ । ଜୀବନର ସୁଖ ଦୁଃଖ, ଭବିଷ୍ୟତ, ଭାଗ୍ୟ ଯାହା କହ, ସବୁ ତୋ'ର ହାତରେ । ଇତି ।

ତୋ'ର
ଗୋ—

ଚିଠିଟା ପୋଷ୍ଟ କରି ସାରି ଅପେକ୍ଷା ଅସ୍ଥିରତା ପାଇଲି ସେ ଲେଖିବ—କାରଣ ମୋର ଆଶା ଓ ବିଶ୍ୱାସ ଥିଲା ଏ ସମସ୍ୟା ଯେପରି ଭାଲଖ ଫୋଟ, ବଳ ଜୋରାଏ ହେଲେ କରିବ । ଏତ ସମ୍ମୁଖରେ, ତେବେ ତାଠୁ ଖବର ପାଇବ ।

ସପ୍ତ ସପ୍ତ ସଢର ଦିନ କଟିଗଲା । ଗୁଣେଶ୍ୱର ଉପରେ ରାଗ ବି ଅସିଲି ଖୁବ । କିନ୍ତୁ ତା ଉପରେ ଭରସାଟା ଥିଲା ଏତେ ଯେ, ସେ ରାଗ ଲୀଭ ଅଭିମାନର ରଙ୍ଗ । ମୋ ନାମ—ବଣେଶ୍ୱ ଯୋଜନା ବାତର ହେଲା ଲେଖିଛ—ସେ କଣ ସନ୍ଦେହ ଦବ ! ସେ ତ ସେ ଲୋକ ନୁହେ । ପରମ ହଠାତ୍ ପ୍ରାଣର ବନ୍ଧୁ ମୋର ।

ସେଦିନ ରବିବାର ନା କଣ ହେଉଥାଏ—ବାପା ଅଫିସ୍ ଯିବେ । ମୁଁ ଚଳିଥିଲି ଶାଉଳି ବେଳେ । ସେଠୁ ଥମ ଥମ ହୋଇ ଅଧ ଘଣ୍ଟାକୁ କହିଲେ "ମୁଁ—ମନା କରୁଛି—ଦୁପରକ ଦେବାକୁ ଲଗେଇବେ ଏଇ ମାଇପି ଧୁତାଭ—" କହି ତ ଏକାବେଳେ ଗାଡ଼ିକା ! ତାଙ୍କ ରାଗ ଦେଖି ମୋର ବି ପିଲେହ୍ଡ ପାଣି । ବରି ତାଙ୍କ ମୁହଁକୁ ସତେଏ ଲୁହୁଁ କହିଲି "କଣ ହେଉଛି କ ଜନକ—ଏମିତ ହଉଛ ଯେ" ।

ବାପ—କଣ, ହେଉଛି କଣ ? ଇମେଇ ସବୁ ନାଟକ ଦେଖାବଣ୍ଡି । ମୁଁ ତ ମୂଳରୁ ନାହିଁ କରୁଛି ଏ ଯୋଗରେ ବାହାଘର କରିବ ନାହିଁ ବୋଲି—ତମେଇ ତ ଶାଳୀ ଦ୍ୱାରର ଦଢ଼ବ, ଦଳର ସଙ୍ଗର ହେଲ ।

ବଉ—ହେଲା କଣ କି ? ଯାହା ହେଲେ ତ ତଉରକଙ୍କ ଦୋଷ । ନିଜଟୁଣା ସବୁ !

ବାପା - ହବ କଣ, ମୋ ମୁଣ୍ଡ—ଚଣ୍ଡି—ସେଠି ପୁଅକୁ ବାହା କରିବ ନାହିଁ—ନାହିଁ, ନାହିଁ, ନାହିଁ—ନମ୍ବର କରି ଦେଉଛି ।

ବଉ—ଚିଏ ଅଳ କରୁଛ କ ସେଥିପାଇଁ ? ତମେଇ ତ ଟମର ଟଙ୍କା—

ବାପା—କି ଟଙ୍କା ଦେଖାଉଛ—ଟଙ୍କା, ଟଙ୍କା, ଟଙ୍କା,—ମୋ ଲକ୍ଷେ ଟଙ୍କାର ପୁଅ—ଏଇ ଗୁଡ଼ାଏ ହଜାର ଟଙ୍କା ପାଇଁ—ବିପାର କରିବି ସେ ଟଙ୍କାରେ—

ବଉ—ତମ କଥା କିଛି ବୁଝି ପାରୁ ନାହିଁ ମ—ଖୋଲି କହୁ ନା ?

ବାପା—ଖୋଲି କହିବ କଅଁ, ପାଞ୍ଚଣ ! ହେଲି ଦେଖ—

ଏହା କହି ବାପା ଅଡ଼ିକୁ ଖଣ୍ଡେ ଚିଠି ଫୋପାଡ଼ି ଦେଇ ଦେଓ ଧୁମ୍ ଧୁମ୍ କରି ବାହାରି ଗଲେ ।

ବଉ ମୋ ଆଡ଼କୁ ଚିଠିଟା ବଢ଼ାଇ ଦେଇ କହିଲେ "କଣ ଲେଖିଛନ୍ତି ବୋଧେ", ମୁଁ ପଢ଼ିଲି—

ଚନ୍ଦନପୁର
ତାଂ—

ମହାଶୟ,

ଆପଣ ଜଣେ ଭଦ୍ରଲୋକ ବୋଲି ଜାଣି ଆପଣଙ୍କ ପୁଅ ସହିତ ମୋ କନ୍ୟାର ବିବାହ ପ୍ରସ୍ତାବ କରିଥିଲି, ଆପଣଙ୍କ ସହିତ ଚିଠି ପତ୍ର ମଧ୍ୟ ଚଳିଥିଲା ଏବଂ ଗଲ୍ପ—ଦେବାଳ ୫୦ ହଜାର ଟଙ୍କା ଥିଲା । ଏପରି ଅବସ୍ଥାରେ ଯଦି ଆପଣଙ୍କର ଅମତ ହେଲା, ତେବେ ସେ କଥା ଭଦ୍ର ଭାବରେ ଆପଣ ମନା କରି ପାରିଥାନ୍ତେ, ମାତ୍ର ମୋ କନ୍ୟା କାଳୀ, କୁଜ, ଖେଙ୍ଗୀ ଦାନ୍ତୀ, ବସନ୍ତମୁଖୀ, ଜନ୍ମକୁଡ଼, ଅଲକ୍ଷଣୀ ପ୍ରଭୃତି କହି ଅଶ୍ଳୀଳ, ଅସଭ୍ୟ, ଅଭଦ୍ର ଭାବରେ ମୋ ଠାକୁ ପତ୍ର ଲେଖିବାରେ କି ଉଦ୍ଦେଶ୍ୟ ସାଧିତ ହେଲା ତାହା ମୁଁ ବୁଝିବାକୁ ଅକ୍ଷମ । ବୋଧ-ହୁଏ ଏପରି ଦୁର୍ନାମ ରଟାଇବା ଦ୍ୱାରା ମୋ ଝିଅର ଅନ୍ୟ ଆଡ଼େ ପ୍ରସଙ୍ଗ ବନ୍ଦ ହୋଇଯିବ ଓ ଆପଣ ମୋ ଠାରୁ ଆଉ କିଛି ଅଦାୟ କରିବା ମାନସରେ ଏହା କରିଛନ୍ତି । ଯେ ଯାହା ହେଉ ମୋତେ ଈଶ୍ୱର ଗୋଟାଏ ବଡ଼ ବିପଦରୁ ରକ୍ଷା କଲେ । କାରଣ ମୁଁ ବୁଝି ଜାଣିଲି ଯେ ଆପଣଙ୍କର ଗୁଣଧର ପୁଅଟିର ରୂପ ଯେପରି କୁତ୍ସିତ, ଚରିତ୍ର ତତୋଧିକ ଜଘନ୍ୟ । ଶୁଣି ଖୁସି ହେବେ ଯେ ଆପଣଙ୍କର ନୀଚ ଉଦ୍ଦେଶ୍ୟ ସଫଳ ହୋଇପାରିଲା ନାହିଁ—କାରଣ ମୋ କନ୍ୟା ପାଇଁ ସୁନ୍ଦର ସୁଚରିତ୍ର ଓ ଯୋଗ୍ୟତର ବର ଯୋଗାଡ଼ ହୋଇଛି ଏବଂ ବିନା ମୂଲ୍ୟରେ, ଇତି ।

ଆପଣଙ୍କର
ଶ୍ୟାମଚରଣ

ବଉ ତ ଚିଠି ଶୁଣି ଜାବା । କିନ୍ତୁ ଅସ୍ଥା କଥା ଛାଡ଼ି ଦେଇ ବାପୁଅ ଯେ କୁତ୍ସିତ ଏଇକଥାଟା ତା ମନକୁ ବେଶି ବାଧିଲା । ସେ ସେତେବେଳେ କନ୍ୟାପିତା ଉପରେ ମାଇପି ଭାଷାରେ କଲ୍ୟାଣ ବାଣ୍ଟିବାକୁ ଆରମ୍ଭ କରିଦେଲେ । ମୁଁ ଏଣେ ମନେ ମନେ ମହା ଖୁସି ହୋଇ ଗଣେଶ୍ୱରର ବୁଦ୍ଧି ଓ କୌଶଳକୁ ଶତ ଧନ୍ୟବାଦ ଦେଇ ଦେଲି ସେଠୁ ଖସିଗଲି ।

Digitized by srujanika@gmail.com

୧

ବାପା ସେଦିନ ଶ୍ୟାମବାବୁଙ୍କଠାକୁ ଚିଠି ଲେଖିଲେ —

ମହାଶୟ,

ଆପଣଙ୍କର ପତ୍ର ପଢ଼ି ଜାଣିଲି ଆପଣ ସ୍ୱୟଂ ଜାତକ ଦେଖି ସବୁ ନିର୍ଣ୍ଣୟ କରିଛନ୍ତି। କାରଣ ଆପଣଙ୍କ କନ୍ୟାର ରୂପ ଗୁଣ ବିଷୟରେ କୌଣସି ପତ୍ର ମୁଁ ତ ଲେଖି ନାହିଁ ପୁଣି ଏଭଳି ପତ୍ର ଲେଖିବା ବିଶେଷତଃ ପିତା ପାଇଁ, ମୋ ପକ୍ଷରେ ବାହୁଲ୍ୟ ଯେ କୌଣସି ନବଯୁବ ପକ୍ଷରେ ତ ଅସମ୍ଭବ। ତେବେ ଆପଣଙ୍କର ପତ୍ରରେ ଉଲ୍ଲେଖ ଥିବା ଆପଣଙ୍କ କନ୍ୟାର ଅଲୌକିକ ରୂପ ଅସାମାନ୍ୟ ଗୁଣ ବିଷୟ ଆପଣ ଏକପ୍ରକାର ସ୍ୱୀକାର କରୁଅଛନ୍ତି—କାରଣ ଯେ କଥାର ପ୍ରତିବାଦ ନ କରି ମୋତେହିଁ କେବଳ ଅଭଦ୍ର ଭାବରେ ଗାଳି ଦେଇଛନ୍ତି। ମୋର ପୁଅ ଯାହା ହୋଇଥାଉ, ଆଜି ତାହାର ସଫେଇ ଦେବାର ପ୍ରୟୋଜନ ନାହିଁ—କାରଣ ମୋ ପୁଅପାଇଁ କନ୍ୟା ଯଥେଷ୍ଟ ଅଛି। ମୁଁ ଟଙ୍କା ଲୋଭୀ ନୁହେଁ—ଇଚ୍ଛା କଲେ ଅଧିକ ଟଙ୍କା ବି ମିଳିଯିବ। ଆପଣ ଶୁଣି ଖୁସୀ ହେବେ ଯେ ମୋ ପୁଅର ବିବାହ ଅତି ନିକଟରେ ସମ୍ପାଦିତ ହୋଇଯିବ। ନିଶ୍ଚିନ୍ତ ଥିବେ। ଇତି।

ଆପଣଙ୍କର

ଶ୍ରୀ ବମ୍ବାଧର

ଚିଠିଟି ବାପାଙ୍କୁ ପଢ଼ି ଶୁଣାଇ ଦେଇ ବାପା ଡାକଘରକୁ ପଠାଇ ଦେବେ। ମୋର ଗୋଟାଏ ଶଙ୍କା କଟିଗଲା। ମୋର ହୃଦୟ ଆନନ୍ଦରେ ନାଚି ଉଠିଲା। ତତ୍ କ୍ଷଣାତ୍ ଗଣେଶ୍ୱର ପାଖକୁ ଖଣ୍ଡେ ତାର୍ ଲେଖି ଦେଲି

କେବଳ ଏତକ—

"ଧନ୍ୟବାଦ"

ଆଉରି କହୁଛି, ବାପା ଭାରି ଜିଦ୍‌ଖୋର ଲୋକ। ଭାବିଲି ଆଉ ଯେ, ଭୁଲ ଖୁବ ଭଲ ଅବସରରେ ମୋର ବାହାଘର ଠିକ ହୋଇଗଲା। ଏତେବେଳକୁ ଟଙ୍କା ପଇସା ଲୋଭ ତ ହେଲା ନାହିଁ, ଏଥର କି କନ୍ୟା ଦେଖା ବା ବୁଝାସୁଝା ବି ଦରକାର। ମୁଁ ତ କଲ୍ୟାଣୀକୁ ପଜେଇ ନେଲି ଅଗ୍ରେ ଚିତ୍ତ ଭରି। ଏବେ ଯେତେବେଳେ ଭଗବାନ ଗୋଟାଏ ଜିନିଷକୁ ଲୁଚାଇ ରଖନ୍ତି ତାଙ୍କର କେତେ ଇଚ୍ଛା ନୁହେଁ ମୋତେ ଝଞ୍ଜଟରେ ପକାଇବା ବା ଦୁଃଖ ଦେବା କରିବା।

ଘଟଣା ଘଟି ଯିବା ପରେ ଅବଶେଷରେ ଗଣେଶ୍ୱର ଠାକୁ ଖଣ୍ଡେ ନିମନ୍ତ୍ରଣ ପତ୍ର ପଠାଇ ଦେଲି।

ଯଥା କାଳରେ ବିବାହ ହୋଇଗଲା ମାମୁଲି ଧରଣରେ। କାରଣ ବାପା ଯେତେ ମନ କରିଥିଲେ ସେ ସବୁ ଘଟଣାଟା, ଆଡ଼ମ୍ବର କରିଥିବାରେ ମନ ଦେବେ ନାହିଁ। ବରମ୍ପୁର ଦୁର୍ଦ୍ଦଶାଟା ତାଙ୍କ ମନକୁ ଚିନ୍ତା ପକାଇ ଦେଇଥିଲା, ବିଶେଷତଃ ପାଞ୍ଚ ହଜାର ଟଙ୍କା କଥାଟା ଅସ୍ଥିର କରି ଦେଇଥିଲା ଚିନ୍ତା। ଆନନ୍ଦ ତ ନ ଥିଲା ମୋତେ—ଠିକ୍ ଜଣା ଯାଉଥିଲା ଗୋଟାଏ ଥର ମୁଣ୍ଡରେ ଉଗଡ଼ ବାବୁ ବାହାଦୁରରେ ସବୁ କାମ କରି ଯାଉଥିଲେ।

ମଧୁଶଯ୍ୟା ରାତିର ଅଳ୍ପ ଅଳ୍ପ ଆଲୋକରେ ପ୍ରିୟତମାର ବଦନ କମଳ ସନ୍ଦର୍ଶନ କରି ମୁଁ ଏକା ବେଳକେ ହୋଇଗଲି ଡମ୍-ଫୁଣ୍ଡ! ମାୟା!—ନା ସ୍ୱପ୍ନ! ଇଏ ଯେ ଗଣେଶ୍ୱର ବର୍ଣ୍ଣିତ ଗାଁର ବରମ୍ପୁରୀ ସୁନ୍ଦରୀ! ମଥା ଘୁରିଗଲା। ଭ୍ରମ ନୁହେଁ ତ! ଚକ୍ଷୁ, ମନ ସବୁ ସଜାଗ କରି, ସୁସ୍ଥିର ଦୃଷ୍ଟିରେ ଯେତେ ଚାହିଁଲି—ନା—ଠିକ୍। ମାନସ ପ୍ରତିମା, କଲ୍ପନା ସୁନ୍ଦରୀ ତ ଦୂରର କଥା—ଯେ କୌଣସି ଅତି ସାଧାରଣ, ସରଳ ଭଳିଆ ବି—ଥାଉ—ଛ—ଅପଣା ଦେହକୁ ଖଣ୍ଡା ବିନ୍ଧି ଅଣ୍ଟ ଦଣ୍ଡଦଣ୍ଡା ଦେବ ନାହିଁ। ମନକୁ ବୋଧ ଦେଲି—ଭାଗ୍ୟ!

ତହିଁ ଆରଦିନ ସକାଳୁ ଡାକବାଲା ଚିଠି ଦେଇଗଲା। ଗଣେଶ୍ୱରର ଚିଠି। ଅତ୍ୟନ୍ତ ଆଗ୍ରହରେ ଖୋଲି ପଢ଼ିଲି। ସେ ଲେଖିଛି—

ବରମ୍ପୁର

"ସ୍ନେହର ଭୋଳା,

ତୋର ଆଦରର ନିମନ୍ତ୍ରଣ ପତ୍ର ଯଥା ସମୟରେ ପାଇଲି। ମାତ୍ର ମୋର ଯିବାର ଉପାୟ ନାହିଁ। ତୋର ଯେଉଁଦିନ ବାହାଘର ମୋର ସେଦିନ ଚତୁର୍ଥୀ। ବଡ଼ ଭାରି ଦୁଃଖ, ଭାଇରେ! କ୍ଷମା କରିବୁ।

ମୋ ଅନ୍ତରଟା ଏତେ ସହଜ ହୋଇ ପଡ଼ିଲା ଯେ ତୋତେ ଲେଖିବାକୁ ବା ନିମନ୍ତ୍ରଣ କରିବାକୁ ଅବସର ପାଇଲି ନାହିଁ। [illegible] ବା ତୁ ଅପି ଅନ୍ତୁ ଉଚିତ!

ଶୁଣି ଆଶ୍ଚର୍ଯ୍ୟ ହେଉଥାଇଁ ଯେ ମୋତେ ତୋର ପତ୍ନୀଟି କନ୍ୟା ଅର୍ଥାତ ଏଠିକାର ଶ୍ୟାମ ବାବୁଙ୍କ ଝିଅଟିକୁ ବାଧ୍ୟ ହୋଇ ବେକରେ ବାନ୍ଧିବାକୁ ପଡ଼ିଲା। ତୋତେ ଲେଖିବାକୁ ଯାଇ ଅନେକ ପଡ଼ିଗଲି ଦେଇ ଫାଟରେ।"

ଏତିକି ଦୂର ପଢ଼ି ମୁଁ ଆଁ କରି ରହିଗଲି! ଓଃ! ଓଃ କି sacrifice! ପର ପାଇଁ କି ଆତ୍ମତ୍ୟାଗ! ବାସ୍ତବିକ ମୁଁ ସେଦିନ ତାର ଏ ......ପୁଣି ତଳକୁ ଲେଖା ଥିଲା—

"ଏତେବେଳେ ଗୋଟିଏ କଥା ତୋତେ କହିବାକୁ ପଡ଼ୁଛି। ଆଉ ଲୁଚାଇ ଫଳ କଣ? ଆଶାକରେ ତୁ ବର୍ତ୍ତମାନ ଦୁଃଖୀ ହେବୁ ନାହିଁ ସେ କଥା ଜାଣି। ନବପ୍ରଣୟିନୀର ଚଟୁଳା ପ୍ରେମରେ ବିଭୋର ଥିବୁ ଏଇକ୍ଷଣି କି ନା? ମୁଁ ଯାହା କହିଥିଲି ଶ୍ୟାମ ବାବୁଙ୍କର କନ୍ୟା ତୋର ଅଯୋଗ୍ୟ—ତାର ଅର୍ଥ ତୁ ତାର ଉପଯୁକ୍ତ ବର ନୋହୁ। କାରଣ ସେ ଯେପରି ରୁଚିମତୀ, ସେହିପରି ଗୁଣବତୀ ଓ ଚତୁରପଣା ରୂପସୀ। ତୁ ଯଦି ମୋ ପତ୍ରରୁ ବୁଝି ଥାଉ ଯେ ସେ କନ୍ୟା ଦୁର୍ଲକ୍ଷଣୀ ବା କୁରୂପା ବୋଲି ତେବେ ସେଟା ତୋର ଭୁଲ। ମୁଁ ମୋ ଚିଠିରେ ସେପରି କେବେ ଲେଖି ନାହିଁ। ସେ ଚିଠି ରଖିଥିଲେ ପୁଣି ବର୍ତ୍ତମାନ ଦେଖିପାରୁ। ମୁଁ ତୋ ସହିତ ଅବହେଳା କରିନାହିଁ। ଖାଣ୍ଟି ସତ କଥା ଲେଖିଛି। ତୋର ରୂପକୁ ଯାହା ଓ ତୋର ସ୍ୱଭାବ ଯେପରି ମୋର ଧାରଣା ତୋତେ ପାଇ ଶ୍ୟାମବାବୁଙ୍କ ଝିଅର ହୃଦୟରେ ପିପାସା ତୃପ୍ତ ହୁଅନ୍ତା ନାହିଁ—ପୂର୍ବରୁ ତୋତେ ମୁଁ ଜଣାଇ

(ଆର ପୃଷ୍ଠା ଦେଖନ୍ତୁ।)

Digitized by srujanika@gmail.com



# କାହାଣୀ

## ଏ' ଦେଶରେ ଆଉ ହେବନି !

ଲେଖକ—ଶ୍ରୀ ରଜନୀ କାନ୍ତ ଦାସ ।

ଗାଁ ଓ୍ୱାଡ଼ ଥାନ ପିଠିରେ ଲୁହ ଗୋଟିଏ—

ଏକ ଦୁଃଖିନୀ ଶ୍ରମିକ ରମଣୀର ଚକ୍ଷୁର ଲୁହ ସେ ! ଲୁହ ନୁହେଁ ସତ୍ୟ ଯାଗିଫଟା ରକ୍ତ ! ସେ ଲୁହର ପ୍ରତିବିନ୍ଦୁ ସହେ ମିଶିଛି ତା'ର ଅତ୍ୟାଚାରିତ ପ୍ରାଣର କେତେ ଆକୁଳ ସ୍ମୃତି… ନିଷ୍ପେଷିତ ନାରୀର କେତେ ହାହାକାର ! ସେ ଲୁହ ଲେଖିବ ନୂଆ ଲେଖ ।

ଓଡ଼ିଆ ତରୁଣର କଳ୍ପନାରେ ରୂପୋଲି ଯମୁନା ଧୂସରର ହେମନ୍ତ-ଜ୍ୟୋ-ଜୋଛନା ପୁଲିନ ଦର ଦର ମୁଖ…ତାର ଅଧିକାର ସତ୍ୟ ଲୁଚ ମାଜି ମନୋହର ଛବିଟି । ଓଡ଼ିଆ ଉପନ୍ୟାସର ପରିଚିତ ପଟେହ ହେମାଙ୍ଗବାବୁଙ୍କ ମନୋହର ଛାଡ଼ପତ୍ର—ଟ୍ଲୋ, ହୋମେଟନ ଭାବନାରେ ଭଳା ! ଥଉ ତାଙ୍କୁ ଆଦର କରୁ ପଢ଼ନ୍ତୁ କେତେଜଣ ପୃଷ୍ଠିମେସ୍ଥ ଧନୀର ନନ୍ଦନ— ତଥା ଶିକ୍ଷିତ ଶିକ୍ଷିତ ସମ୍ଭ୍ରାନ୍ତ । ସାରା ସମାଜର କେଉଁ ଅଜ୍ଞାତ କୋଣରେ, ଲୋକଚକ୍ଷୁର ଅନ୍ତରାଳରେ ଯେ କୋଟି ବୁଭୁକ୍ଷିତ ଚକ୍ଷୁର ଲୁହ—କୋଟି ଦରିଦ୍ର ନାରୀ ଅଶ୍ରୁର ମର୍ମଭେଦୀ ଗଭୀର ହାହାକାର ଉଠୁଛି, ତା'ହା କେତେଜଣ ସାହିତ୍ୟ ସେବୀ ଓଡ଼ିଆ ଉପନ୍ୟାସିକଙ୍କ ଅନ୍ତର ତନ୍ତ୍ରୀକୁ ଝଙ୍କାରି ପାରିଛି ?

\+ + +

କରୁଣ କନ୍ୟା ଗୌରୀ । ଅତୀତରୁ ଭାଗ ସମ୍ପଦ ତା'ର ଏଇ ମିଳିଛି । ପିତାମାତା ସମ୍ମୁଖରେ ତାର ପିଲାବେଳ । ଦେଖୁଦେଖୁ ଶୂଦ୍ରତା ମାଧବାନନ୍ଦ ଦାସଙ୍କ ବକ୍ଷପଟରେ ବଢ଼ି ? ସେତେବେଳେ ସେ କିଶୋରୀ । ଜୀବନଯାତ୍ରା ସେ ପୁଣି ପାଇଛି । ନାନା ଅବହେଳା ଲାଞ୍ଛନା-ଗଞ୍ଜନା ଦୁଃଖକୁ ଦଳମଳି କରିଲା ପରେ ତା'ର ବୟସ ହେଲା ଷୋହଳ । ଧନୁଷ ଯୌବନ ଦେହ ସାଧିଲା ତା ସାଥିରେ । ଯୌବନର ପୂର୍ଣ୍ଣ ଭାରିଶ ସ୍ପର୍ଶରେ ଅବାରୀ ଶୁଧା ପ୍ରତିଚ୍ଛବି ଶୀର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଫୁଲ ଉଠିଲା ତାର । ସୁଶ୍ରୀ ବଦନ ମଣ୍ଡଳରେ ଫୁଟିଲା ନୂଆ ରକ୍ତ ପଦ୍ମ । ଶୂଦ୍ରତା ତାକୁ ବାନ୍ଧି ଦେଲେ ପାଖ ଗାଁର ସଦାନନ୍ଦ ମହାନ୍ତି ସାଙ୍ଗରେ । ସଦାନନ୍ଦ ପିତୃମାତୃହୀନ ଗରିବ ପିଲା ।…ସମ୍ପତ୍ତି ବାଡ଼ି ଯାହା ଥିଲା ତାହା ତା'ର ବାପର ଦିନରୁ ଚଢ଼ଇ ଚାଲି ଯାଇଛି ଏକ ମହାଜନଙ୍କ ହାତରୁ ଉଦ୍ଧାରିଲା ନାହିଁ ।

\+ + +

ସେଦିନ ଭ'ଣ ଗାଁରେ ଗୃହର ଗୋଟିଏ ଲଗି ଦଶକ ଅପି ସଦାନନ୍ଦ ଶୁଣିଲା ରଙ୍କନର ଛପିଙ୍କମାନେ ମେଳ ହୋଇ ଦଳ ଦଳ ହଉଛନ୍ତି । ତଳ ମାଲ୍କ ଖବରକାଗଜ ଜରିଆରେ କୁଲି ଖୋଜ ବୁଲୁଛି । ଏଇ ସମୟରେ କଳ କାମରେ ଭର୍ତ୍ତି ହେବା ବଡ଼ ସୁବିଧା ଅଛି ସହଜ । ସଦାନନ୍ଦ ଘରକୁ ଫେରିଲା ଏ ଖବର ଖବର ଶୁଣି । ତାର ଦରିଦ୍ର ହତଭାଗ୍ୟ ପ୍ରାଣରେ ଭାବ ଆନନ୍ଦର ଅସରନ୍ତି ଜୁଆର ଫିଟିଲା । ଶୁଷ୍କ ବିବର୍ଣ୍ଣ ବଦନ ମଣ୍ଡଳରେ ତା'ର ଫୁଟିଲା ହାସ୍ୟର କ୍ଷୀଣ ଦୀପ୍ତି । ଘରକୁ ଯାଇ କଲିକତା ଯିବାକୁ ଗୌରୀକୁ କରୁଣ କଣ୍ଠରେ ମାଗିଲା ଅନୁମତି । ଗୌରୀ କାନ୍ଦିଲା ଗାଲ । ଅହା ! ତା'ର ଜୀବନର ଶ୍ରେଷ୍ଠ ସମ୍ବଳଟି ପାଖଛଡ଼ା ହେଲ ହୁଏ ଦେଖାକୁ ଗୃହଁପିବ ଅଉ ଗାଲ ଏ କଷ୍ଟ ପାଣ୍ଠିଏ ସେଇ ବ୍ୟସ୍ତ ମନରେ ପଡ଼ ବସିଛ ସେ ଏଠି । ଯାହାଙ୍କର ମଧୁର ହସ ହସ ବଚନ ପଦେ ଶୁଣିଲେ ତାକୁ କ୍ଷୁଧା ତୃଷା ବାଧେନା, ତାଙ୍କୁ ସେ ଆଜ ପାଖଛଡ଼ା କରିବ । ଛଳଛଳ ଲୋତକ ଅଶ୍ରୁତ ଚକ୍ଷୁରୁ ଲୋତକଟି ତା'ର ବାକ୍ୟସ୍ରୋତ ରୋଧ କଲା । ସେ କହିଲା, "ହାୟରେ ଦଇବ ! କରଣ ପିଲା ପୁଣି ଚଟ କଳରେ କୁଲି କାମ କରିବ ?"

ସଦାନନ୍ଦ ତଳ ପଣତ କାନିରେ ଲୁହ ପୋଛି ତାର କୋମଳ ଗଣ୍ଡକୁ ବାରମ୍ବାର ଚୁମ୍ବନ କରି କହିଲା, "କଦେଶ ଗଲେ ପଶ ହୁଏ ଫେରେ ଗୌରୀ ! କରଣ ପିଲା, ଏଠି ଅତ ଭ'ଣ ମୂଲ ଲାଗି ଖାଇବ ? କଲିକତାରେ ବରଂ କୁଲିକାମ କରିବ, ମାତ୍ର ସେଥିରେ ଲଜ୍ଜା ନାହିଁ । ଦେଖିବ ମୋ ପରି ଶହ ଶହ କରଣ ଛଅଣା ରୋଜଗାରରେ କୁଲି କାମ କରି ନିଜ ଦେଶରେ ଅସି କଣ ମୋଟା ପୁଣି କଥା କହୁଛନ୍ତି କି ? ମୁଁ ଏଇ ଛ'ମାସ ପରେ ଫେରି ଆସିବି ଜେ ।"

---

([illegible] ପୂର୍ବପୃଷ୍ଠା ଉତ୍ତାରୁ)

ନ ଥାନ୍ତା ସେ ଦୃଷ୍ଟି । ଅତଏବ ତାହାର ଚଡ଼କ୍ତା ନାହିଁ ମୁଁ—ଉଚାହିଁ ଦେଖିଥାନ୍ତା ହୃଦୟ ପରରେ ଗୋଟିଏ ଲାଜକୁ ଅବଶୋଧ । ଚଞ୍ଚଳା ହୃଦୟ ଭିତରେ ଗୋଟିଏ ବ୍ୟବଧାନ, ଅନୁଭୂତି, ମାଦା ଭାବ । ତା ପରେ, ଭୁଲ୍ ମୋତେ ନଡ଼ ଯନ୍ତ୍ର କରିଲ ଏ ସବାକୁ ଭଗି ଦବାଇଛି । ମୁଁ ତୋହର କଥା ରଖି କୌଶଳରେ ଛାଡ଼ି ଦେଇଛି । ଏବେ ଜାଣ ମୁଁ ତୋର ଅନୁରୋଧ ପାଳିଛି କି ନାହିଁ—ତୋର ଉପକାର ଭୁଲିନି ପାଇଁ ।

ଆଶା କରେଁ ଭୁ ତୋର ଭୂଗମୁକ୍ତ ଅର୍ଥାତ୍ ତୋତେ ଖବରକୁ ଖାତ ଖାଇବାବାର ସଙ୍କେତ ପାଇ ସନ୍ତୁଷ୍ଟ ହେବୁ । ଇତି,

ତୋର ସ୍ନେହର

ଶ—

କେବଳ ଥରେ 'ମୁଁ' ଶବ୍ଦ ଜଣାଇଦେଇ ପଚାରି ମୁଁ ତାଙ୍କୁ ଅଲଗ କରି ଦେଲି । କେତେ-କେତେ ଯାଏ ଏକାକୀ ଭ୍ରମିଷ୍ଠ ଅବସ୍ଥାରେ ଥିଲି ଜାଣେ ନାହିଁ । ବାକ୍ସ ଅପି ଖାଇ ଦବାକୁ ଚାହିଁଦି ପଢ଼ ନ ଉଠିଲି ।

Digitized by srujanika@gmail.com

ଗୌରୀ କେବଳ ଏକ ସୁନ୍ଦର ଭବିଷ୍ୟତ ସ୍ୱପ୍ନ-ପୁଞ୍ଜ କାନନରେ ସଞ୍ଚରିତ ହୋଇ ପଚାରିଲା, "କେତେ ଦିନ ? ବାହା ଖର୍ଚ୍ଚ ?"

ସଦାନନ୍ଦ ସ୍ମିତ ମୁଖରେ ଥରେ ହାସ୍ୟର କ୍ଷୀଣ ରେଖା ଫୁଟାଇ କହିଲା, "ବାହା ଖର୍ଚ୍ଚ ହେବନି, ମଧୁ ମିଳିବ ।"

ଦୁଃଖମୟ ଦାମ୍ପତ୍ୟ ପ୍ରେମରେ ଗୋଟିଏ ପର୍ବ ଉଦ୍‌ଘାଟିତ କରି ସଦାନନ୍ଦ ମୁକ୍ତିକୁ ଚାହିଁଲା ।

× × ×

ଠିକ୍ ମାସଟିଏ ପରେ ପୂର୍ଣ୍ଣ ଗୌରୀ ପ୍ରାଣରେ ମହା ଉତ୍ସବର ଚହଳ ପଡ଼ି ଖେଳି ଉଠିଲା । ତାର ପିଲା ଦିନର ସାଥୀ ନିତ୍ୟାନନ୍ଦ ଭାଇ କଲିକତା ଯାଇଥାନ୍ତି । ସେ ଆଜି ଫେରି ଆସି ଛନ୍ତି । ଗୌରୀ ତାଙ୍କୁ ସ୍ନେହ କରେ ଆପଣାଠୁଁ ବଳି । ପିଲାଦିନୁ ଏକ ସଙ୍ଗରେ ଖେଳି ବୁଲି ବଡ଼ ହୋଇଛନ୍ତି । ଏବେ ସିନା ନିତେଇ ଭାଇ ସୁଦୂର କଲିକତା କରି ବଡ଼ ଲୋକ ହେବାକୁ ଗୌରୀକୁ ପରିତ୍ୟାଗ । ମାତ୍ର ଗୌରୀ ହୃଦୟ ପଟରେ ସେ ବାଲ୍ୟ ମଧୁର ସ୍ମୃତି ସେ ଚିର-ଦିନ ପାଇଁ ଅଙ୍କିତ ।

ଏତେଦିନେ ନିତେଇ ଭାଇ ବିଦେଶରୁ ଫେରିଛନ୍ତି । ଘରର ଦେବତାଙ୍କ ଠାରୁ ତା'ର କେତେ ସନ୍ଦେଶ ଆଣିଥିବେ । ଗୌରୀକୁ ଦେଖିଲେ ବସାଇ ତାଙ୍କ ଦେହ ପା କଥା ପଚାରିବେ ଅଭ ଗୌରୀ ଅତି ସ୍ନେହରେ ତାଙ୍କ କୋଳରେ ଢଳି ପଡ଼ି ଅଭିମାନ ଭରା କଣ୍ଠରେ କହିବ, "ବଡ଼ ହେଲେ ସାନକୁ ଏମିତି ଭୁଲି ଯାନ୍ତି ପିଠା ଭାଇନା ।"

ଓଃ କି ଭୀଷଣ !! କି ଦାରୁଣ ଖବର— କି ଲୁଚି ପଟା କାଢ଼ିଲା ସେ ଦେଲେ ଗୌରୀକୁ ଆଣି । ସଦାନନ୍ଦର ହତ୍ୟା ! ନିଷ୍ଠୁର କ୍ରୂର ସଦାନନ୍ଦକୁ କିଏ ନୃଶଂସ ଭାବରେ ହତ୍ୟା କରି କଲିକତା ଚାଲିଗଲେ । ଶମିକ କରୁଣାର ଗଣନା । ସଦାନନ୍ଦର ଚେତେଇ ଅଭ ଦୁଃଖଭାବରେ ମୁକ୍ତ ହୋଇ ଉତ୍କଳ ମାଲିକ ତାଙ୍କୁ ଅତ ଖୁସିରେ ଦେଇଥିଲେ ଘରଦାଣ୍ଡ ଚାମଖଣ୍ଡେ । ହତେଇଙ୍କୁ ସେ ଭଲ ପାଉଥିଲେ ଭାରି । ଧର୍ମପତ୍ନୀ ପାଗଳ ହୋଇଥିଲେ ପୁଣି ତାଙ୍କ ଚାମଖଣ୍ଡ ଯାଇ ନଥାନ୍ତା । ସଦାନନ୍ଦ ଅବଧରେ ଥିଲା, ମାତ୍ର କେତେଜଣ ଧର୍ମପତ୍-ଭାଷ ଶମିକ ତାଙ୍କୁ ଦେଇ ଦାନ କରିବାକୁ ମନା କଲେ ବସ୍ତୁତ । ଶର ନିକ୍ଷେପିତ ମୃଗଶିଶୁ ଅସ୍ଥା ତା'ର ଅତି ଅଳ୍ପ ସମୟର ସେହା ଅନ୍ନ-ଥାଳ ପାଖରେ ପାଉଛି; କାହିଁକି ବା ଅନ୍ୟ କଥାରେ ନରପିଶାଚଙ୍କ ଭଳ ତାହା ସେ ତ୍ୟାଗ କରିବ ? ନାଁ···ଏଥିରେ ଶମିକମାନେ ଉତ୍ତ୍ୟକ୍ତ ହୋଇ ଶେଷରେ ହତ୍ୟା କଲେ ତାକୁ ।

\+ + +

'ଅଭ ଟଙ୍କାରେ ଦୁଃଖ କଷ୍ଟ ସହି ବଡ଼ବଡ଼ୁ ଲୋ ଗୌରୀ' ! ନିତ୍ୟାନନ୍ଦ ସ୍ନେହ ଭରା କଣ୍ଠରେ କହିଲା ।

ଗୌରୀର ଦୁଃଖ ଅକଥନୀୟ । ସଦାନନ୍ଦର ମୃତ୍ୟୁରେ ଏକବର୍ଷ ଗଡ଼ିଯାଇଛି ଏହି ପର୍ବ ଏକବର୍ଷ ଭିତରେ ନିତ୍ୟାନନ୍ଦ ସ୍ନେହରେ ସଦ୍ୟ ଅଭ ପଡ଼ିଛି ଖୁବ୍ କମ୍‌ଦିନ । ଏ ଶାସନରୁ ତାର ସଙ୍ଗ ଚାହୁଁଥିଲା । ଶେଷରେ ବାପଗୃହ ଗଣ୍ଡିର ମଧ୍ୟ ମହାଜନ ମଧ୍ୟ ମିଳି ସଦାନନ୍ଦର ଭିଟାମାଟିକୁ ଯବତ୍ କରି ନେଲେ । ଫଳତ ନିତ୍ୟାନନ୍ଦର ଆଶ୍ରୟ ଅଦର ପାଇ ନ ଥିଲେ ଗୌରୀ ଅଭ ସଂସାରରେ ଥାନ୍ତା କି ନାଁ ସନ୍ଦେହ । ଏଣେ ପୁଣି ଯୁବତୀ ସେ । ତାର ନଗ୍ନ ଯୌବନ ଅଭ ଦରିଦ୍ରତାର ଶତ ଆବରଣକୁ ଠେଲିଦେଇ ଆତ୍ମପ୍ରକାଶ କରିବାକୁ ସଦା ଚେଷ୍ଟିତ । ନିତ୍ୟାନନ୍ଦର ପ୍ରଶ୍ନରେ ଗୌରୀର କୋହ ବଢ଼ିଗଲା ମାତ୍ର । ତାର ମନେ ପଡ଼ିଲା ପିଲାଦିନର ଗୋଟିଏ କଥା । ମା ଥରେ ବାବାଙ୍କ ଆଗରେ କହୁଥିଲେ, "ଗୌରୀ ନିତ୍ୟାନନ୍ଦକୁ ଏକାଠି ଯାଇ ଏକଠ ବାନ୍ଧ ରଖିଲେ ମୁଁ ସ୍ୱର୍ଗସୁଖ ଲାଭ କରନ୍ତି ।"

ବନ୍ଧନ ! ! ସେଇ ମାତାର ମୃତ୍ୟୁରେ ଅନ୍ୟ-ଜଣଙ୍କ ସହିତ ସମ୍ପାଦିତ ହୋଇଛି । ଗୌରୀ ସେହିଁ ବନ୍ଧନ ମୋହରେ ନିତ୍ୟାନନ୍ଦକୁ ଖୋଜିଲା । ତାଙ୍କହିଁ ପାଇ ସର୍ବସ୍ୱ ଦାନ କରିଛି । ମାତ୍ର —ମାତ୍ର ଆଜ ସେ ସର୍ବସ୍ୱ କାହିଁ ? ଗୌରୀ ଅନ୍ତରରୁ ନିଃଶ୍ୱାସ ଶୂନ୍ୟତା ଅଭ ବୈଚିତ୍ର୍ୟର ଚିତ୍କାର ଉଠିଲା 'କାହିଁ ?' ପୁଣି ଭାବିଲା ଗୌରୀ ସଂସାର କେତେ ଭୟଙ୍କର ! ମାଟିର ଅପୂର୍ଣ୍ଣ ଆଶା ! ସେ କି ସମ୍ଭବ ? ଛି—ଛି ପାପଟାକୁ ପରି ସେ ଭଳି ଗୃହାଏ ଭୁଲିଯାଉଛି !

ସଦାନନ୍ଦର ସ୍ୱର୍ଗରେ ଥାଇ ସ୍ମୃତି ତାର ଏ ଅପ୍ରତ୍ୟାଶିତ ବିଶ୍ୱାସଘାତକତାରେ ମର୍ମନ୍ତୁଦ ଯନ୍ତ୍ରଣା ଲାଭ କରୁଥିବ । ଗୌରୀ ଭାବନାକୁ ଏହିଁ ଅଳିଛ ଥରେ ନିତ୍ୟାନନ୍ଦର ଜଙ୍ଘ ମୁଖମଣ୍ଡଳରେ ପଲକ ପାତ କଲା ।

ତାର ଅନ୍ତର ଭିତରୁ ସତେ ଯିମିତି ତାକୁ କିଏ ପଡ଼ାଇଲା ପରି କହିଲା, "ସଦାନନ୍ଦକୁ ତୋତେ ଅଜ ଭୁଲିବାକୁ ହେବ ଗୌରୀ !"

\+ + +

ନିତ୍ୟାନନ୍ଦର ଆଶା ସଫଳ ହୋଇଛି । ଧର୍ମ ପ୍ରବର୍ତ୍ତିକା ଉପଦେଶ ଫଳରେ ଗୌରୀ ସମ୍ମତି ପ୍ରଦାନ କରିଛି । ନିତ୍ୟାନନ୍ଦ ପୁନର୍ବାର ଆନନ୍ଦରେ ଗୌରୀର ଭୂତ ତାଙ୍କ ପାଖକୁ ଗଲା । ଗୌରୀର ତା ସହିତ ପୁନର୍ବିବାହ ବିଷୟରେ ମାଗିଲା ଜନସ୍ତରର ଅନୁମତି । ସେ ହସିଲେ । ନିତ୍ୟାନନ୍ଦର ମର୍ମେ ମର୍ମେ ସେ ବଜ୍ରାଘାତ ହାସ୍ୟର ଛୁରୀ ବାଜିଲା । ତଥାପି ସେ ଜାତର ହେଲନି । ହତଭାଗ୍ୟ,ସାହାସାଶୂନ୍ୟ ନିତ୍ୟାନନ୍ଦକୁ ସଂସାରର ଲୌକିକ ଚରିତ ବିଷୟରେ କିଛି କମ ଜଣାନାହିଁ । ଧନବଳରେ ସେ କଠୋର ଧର୍ମାଚାରର ଏଥିଯାଇ ପାରେ—ପ୍ରବଳ ବେଦ-ମତର ଗତିଗତି ପରିବର୍ତ୍ତନ କରି ନେଇ-ଯାଇପାରେ, ଏ ଅଭିଜ୍ଞତା ନିତ୍ୟାନନ୍ଦର ବେଶ୍ ଜନ୍ମିଛି । ନମ୍ରିତ କଣ୍ଠରେ କହିଲା, ମୁଁ କିଛି ସଂସାର ଛଡା କଥା କହୁନାହିଁ । ଅଜ କାଲି ସମାଜରେ ଏକଥା ଚଳ ଚଳିଣି । ଗୌରୀ ଦୁଃଖିତ ଅଭ ଅବାକ ହୋଇ, ସଂସାର ଦାଣ୍ଡରେ ଠିଆହେବା ଅପେକ୍ଷା ଅନାଗତର ସଙ୍ଗରେ ପୁନର୍ବାର ସଂସାର ଗଢ଼ିବା କ'ଣ ଭଲ ନୁହେଁ ?



Digitized by srujanika@gmail.com

ଦାଶେ କହିଲେ —"ସେ ସମସ୍ତ ମୁଁ ଜାଣେ । ମାତ୍ର ଗତସ ସମାନ୍ୟ ଦାସର ସ୍ୱାର୍ଥ ଲାଗି ପବିତ୍ର ହିନ୍ଦୁ ସମାଜରେ କଳଙ୍କ ଦାଗ ଲଗାଇବା ଲାଗି ମୁଁ କାହାକୁ ଅଦୌ ଅନୁମତି ଦେବନି । ପୁନର୍ବିବାହ ଏକ ସାମାଜିକ କଳଙ୍କ । ତମେ କଣ କୁହଯେ ମୁଁ ଯେ ନଷ୍ଟା ଦୁଷ୍ଟଚରିତ୍ରାଙ୍କି ଏ ଅର୍ବାଚୀନ ଲୋକଙ୍କ କାଣ୍ଡକୁ ଛାଡ଼ିବାରେ ସହାୟ ହେବି ଚାଲିଛନ୍ତି ସମାଜ ଛଡ଼ା ହୋଇ ରହିବ ?"

ନିତ୍ୟାନନ୍ଦ ଡାକିଲେ, ଦାଶଙ୍କ କଥାର ଗତି କେଉଁଆଡ଼େ ? ସେ ପଚାରିଲେ 'ପୁନର୍ବିବାହ ସମାଜରେ ପ୍ରଚଳନ କରିବାର କଣ ପଥ ନାହିଁ ?"

"ହଁ ଅଛି । ତାହା କେବଳ ବଧୂ । ମାତ୍ର ସେଥି ନିମିତ୍ତ ଲୋଡ଼ା ଅଜସ୍ର ଧନ ।" ନିତ୍ୟାନନ୍ଦ କହିଲେ, "ଯାହା ହେଉ ସମସ୍ତ ଅର୍ଥ ଦେବାକୁ ମୁଁ ପ୍ରସ୍ତୁତ ଅଛି, ତେବେ ଆପଣଙ୍କର ସମ୍ମତି ?"

ଦାଶେ ଅଟ୍ଟହାସ୍ୟ କରି କହିଲେ "ହଁ ସେପରି ହୋଇ ପାରେ । ତୁମେ ଯଦି ମୋର ସମାଜ ଗ୍ରହଣ ପାଇଁ ଦାୟୀ ହେବ ତେବେ ଗୌରୀର ପୁନର୍ବିବାହରେ ମୋର ମତ ଦ୍ୱୈଧ ନାହିଁ । ମୋତେ ସମାଜରେ ମିଶିବାକୁ ପଂଚାୟତ ଛୋଟିମୋଟି ଦେଇ ଦିଅ, ଆଉ ତୁମେ ଗୌରୀକୁ ଧର୍ମପତ୍ନୀ ରୂପେ ଗ୍ରହଣ କର ।"

ନିତ୍ୟାନନ୍ଦ ପଚାରିଲେ, "ଆମ ଦୁହିଁଙ୍କୁ ତେବେ ସମାଜ ଗ୍ରହଣ କରିବ ତ ?" ଦାଶେ ହାସ୍ୟର ଫର୍ଦ୍ଦା ଖୋଲି କହିଲେ "ତାହିଁ ନହେଲେ ଅନୁର୍ଥ ଅର୍ଥ ଲୋଡ଼ା ?"

\+ \+ \+

ଗୌରୀ ବସି ଥିବ ନିତ୍ୟାନନ୍ଦଙ୍କ ଅପେକ୍ଷାରେ, ତେବେ ସମସ୍ତ ବୃତ୍ତାନ୍ତ ଶୁଣି ନିତ୍ୟାନନ୍ଦଙ୍କ ହୃଦୟରେ ତୋଫାନ ଉଠେ । ଦୂରରୁ ଦେଖିଲ ନିତ୍ୟାନନ୍ଦ ଫେରୁଛନ୍ତି ମୁଖରେ ଅଛି ସେ ସମ୍ମତିର ଖବର ଗୌରୀକୁ ଦେବ । ଦୁହେଁ ଅନନ୍ତରେ ଭୋଗ ଭୋଗି ହେବେ । ମାତ୍ର ତାହିଁ ଯେ ସୌଭାଗ୍ୟ । ନିତ୍ୟାନନ୍ଦ ଚକ୍ର ମନରେ ଦେଉଛି । ପୁରୁଷାର୍ଥ ଦର୍ଶନ । ନୃଶଂସ ସମାଜ । ପିଶାଚ୍ ସମାଜ ଉଚ୍ଛନ୍ନଯାଉ । ଯେଉଁ ସମାଜ ଦୁଆରେ 'ପତନସ୍ଥଳର କଥାରହେ' 'ପାପାଅଛ କଥା ବାଏଁ ବାଏଁ ଉଡ଼ଯାଏ, ଯେଉଁ ସମାଜ ପାଖରେ ଲକ୍ଷ୍ମୀ ହେଲେ ଦଣ୍ଡ ବାଡ଼ାକୁ ଲୋଡ଼ା ଅଜସ୍ର ଅର୍ଥ—ସେ ସମାଜ ପାଖରେ ସେ ଦେଶରେ ଚାଲୁଛି ସାଧୁତାର ସ୍ଥାନ କେଉଁଠି ସେ ଗୌରୀ ପାଖକୁ ଯାଇ କହିଲ, "ସତ୍ତ୍ୱ ହୋଇଲେ ଗୌରୀ । ଯିବାକୁ । ଆମର ଆଶା ଏଦେଶରେ ଆଉ ପୂର୍ଣ୍ଣ ହେବନି ।"

## ବଡ଼ ମୁହଁରୁ

ସାଂଗୋପାଙ୍ଗସ୍ୱଶ—"ଜମିଦାରମାନେ ଜନ ସାଧାରଣର ସେବକ—"

'ସେବା' ଅର୍ଥ କଣ କି—ଯେପରି ମାଡ଼ାର୍ଦ୍ଦ ସେବା ?

\+ \+ \+

ଶ୍ରୀମାନ୍ ଗାନ୍ଧୀ ଅବଦୁଲ ଗଫର—"କଂଗ୍ରେସ ଜହରଲାଲଙ୍କର ଯେଉଁ ପଥ, ମୋର ବି ସେହିପଥ ।"

...ଅଛି ସ୍ୱର ପରମାନନ୍ଦଙ୍କର, ଜନ୍ମା ଶାହେବଙ୍କର ସେହିପଥ ତ ?

\+ \+ \+

କଂଗ୍ରେସ ନିର୍ବାଚନ ଗ୍ରହଣ କରାରୁ ଲୋକେ ଜାଣି ଗଲେଣି ଯେ କଂଗ୍ରେସ ହିଁ ବାଦଶା ।

...କଣ ନଭ୍ରୁମ ବାଦଶା !

× × ×

ସି. ପି. ପ୍ରଧାନ ମନ୍ତ୍ରୀ—"ସ୍ତ୍ରୀମାନଙ୍କୁ ଅଦାଲତର ମାଜିଷ୍ଟ୍ରେଟ କରାହେବ ।"

...ପୁରୁଷଙ୍କର ମକଦ୍ଦମା ଲଢ଼ିବାକୁ ମଜା ?

\+ \+ \+

ମହାତ୍ମା ଗାନ୍ଧୀ—"ଖାଦ୍ୟ କାଣ ହେଲେ ବି ଜାଣିବ ସେ ତାହା ପାପର ଫଳ ।"

.. ବ୍ୟଭିଚାର ପାପ ତେବେ ପାପ-ନାଶକ ?

\+ \+ \+

ଜର୍ମାନ ସେନାପତି ଗୋବେଲ—"କାମ କର, ବଳବାନ ହୁଅ ଆଉ ଲଢ଼େଇ କର ।"

...ଆଉ ଦୁଇଟା ଗୋଡ଼ ପଛଟା କରିବାକୁ ଓଡ଼ିଆ ଶୁଣ୍ ପଛୁ ।

କଂଗ୍ରେସ ଅଧ୍ୟକ୍ଷ ସଭ୍ୟ—ଆମ ମନ୍ତ୍ରୀଙ୍କୁ ଆମେ ବିଶ୍ୱାସ କରୁନାହୁଁ ଏକଥା ମନ୍ତ୍ରୀ ନିଜେ କହିଥିଲେ ବୋଲି, ଉପସ୍ଥିତ ସଭ୍ୟ ଯାହା କହିଲେ ତାହା ଅତି ଅପମାନକର ହୋଇ ଥିବାରୁ ଅସେମ୍ବ୍ଲି କାର୍ଯ୍ୟାବଳୀରେ ତାହା ନରହୁ ।

ସତକଥା କହିବାକୁ ସତ୍ୟାଗ୍ରହୀଙ୍କୁ ବାଧେ ପରା ।

× × ×

ନବକୃଷ୍ଣ ଚୌଧୁରୀ— ଆଜିରେ ଯେଉଁ ଘଟଣା ହେଲା, ତାହା ଅନ୍ୟ କୌଣସି ସଭ୍ୟ ଦେଶରେ ହୋଇଥିଲେ, ଆତ୍ମସମ୍ମାନ ରକ୍ଷାର ବ୍ୟକ୍ତିଗତ ଅଧିକାରକୁ ବ୍ୟବହାର କରିବା ପାଇଁ ପଦ୍ୟାଗ୍ରସ୍ତଙ୍କୁ ହତ୍ୟା କରା ଯାଇଥାନ୍ତା ।

ଗୋପବାବୁ ଶୁଣିଲେଟି !

\+ \+ \+

ଗାନ୍ଧିଜୀ—ଭାରତର ସ୍ୱାଧୀନତା, ହାତକଟା ସୂତା ଉପରେ ନିର୍ଭର କରେ ।

ସ୍ୱାଧୀନତା ତେବେ ଏଡ଼େ ଶସ୍ତା ?

× × ×

ସେନ—ଭେଟୋର ଶବ୍ଦର ପ୍ରକୃତ ଅର୍ଥ ବୁଝିଥିଲେ ବିହାର ଓ ଯୁକ୍ତ ପ୍ରଦେଶର ମନ୍ତ୍ରୀ ମଣ୍ଡଳକୁ ଇସ୍ତଫା ଦେବାକୁ ପଡ଼ି ନଥାନ୍ତା ।

ମନ୍ତ୍ରୀମାନେ ତାଙ୍କ ଅଭିଧାନ ଖୋଜନ୍ତୁ ଏବେ ।

\+ \+ \+

ସେନ—କଂଗ୍ରେସ ସଭାପତିଙ୍କ ଭାମଠାରୁ କୌଣସି ଫାଉଣ୍ଡ୍ରାରର କାମ କମ୍ ସମ୍ମାନର କାମ ନୁହେଁ ।

ଉଚିତ କଥା । କଂଗ୍ରେସ ସଭାପତି ଗୁମ୍ଫିଣି ଧରିବାର ଯଦି କେହି ଦେଖି ନଥାଅ, ତେବେ ବଡ଼ଲାଟ ଅଉ ତାଙ୍କ ଫେଡେରେସନକୁ ଧର ।

---

## କୁଢ଼ୁ କୁଢ଼ୁ

ଅଜା—ଅଜି ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡ଼ିବାର ଦେଖା ଯାଉଛି ।

ନାତି—ଯେଉଁଥର ଅମାବସ୍ୟାରେ ଚନ୍ଦ୍ର ଗ୍ରହଣ ପଡ଼ିବ ସେଦିନ କଣ ସଫା ଦିଶିବ ନାହିଁ ।

Digitized by srujanika@gmail.com

# ୫ମ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା

**ଟ୨୦ଙ୍କା ପୁରସ୍କାର !**

ଅଣାକର ପଇସିକିଆ ଡାକଟିକଟ ସହ

| | | | | | | |
|---|---|---|---|---|---|---|
| ୧ ଦ | (ର) | ୨ କା | (ର) | ■ | ୩ | ୪ ପ |
| | ■ | | ■ | ୫ | ର | ର |
| ■ | ୬ | ର | ୭ ବ | ଧ | ■ | |
| ୮ ଅ | | ■ | | ■ | ୯ | ସ୍ଥ |
| | ■ | ୧୦ | ଳ | ୧୧ ବା | ଳ | ■ |
| ୧୨ କ୍ଷି | ୧୩ | ପ | ■ | | ■ | ୧୪ |
| ୧୫ | ଳ | ■ | ୧୬ | ର | | ତ |

**'ଡଗର' ପାଠକମାନେ ପାଇ ପାରିବେ ।**

ଅଣାକର ପଇସିକିଆ ଡାକଟିକଟ ସହ


| | | | | | | |
|---|---|---|---|---|---|---|
| ୧ ଦ | (ର) | ୨ କା | (ର) | ■ | ୩ | ୪ ପ |
| | ■ | | ■ | ୫ | ର | ର |
| ■ | ୬ | ର | ୭ ବ | ଧ | ■ | |
| ୮ ଅ | | ■ | | ■ | ୯ | ସ୍ଥ |
| | ■ | ୧୦ | ଳ | ୧୧ ବା | ଳ | ■ |
| ୧୨ କ୍ଷି | ୧୩ | ପ | ■ | | ■ | ୧୪ |
| ୧୫ | ଳ | ■ | ୧୬ | ର | | ତ |


**ଟ୨୦ଙ୍କା ପୁରସ୍କାର !**

ପ୍ରଥମ ଦୁଇଟି ସହ ବିନାମୂଲ୍ୟରେ


| | | | | | | |
|---|---|---|---|---|---|---|
| ୧ ଦ | (ର) | ୨ କା | (ର) | ■ | ୩ | ୪ ପ |
| | ■ | | ■ | ୫ | ର | ର |
| ■ | ୬ | ର | ୭ ବ | ଧ | ■ | |
| ୮ ଅ | | ■ | | ■ | ୯ | ସ୍ଥ |
| | ■ | ୧୦ | ଳ | ୧୧ ବା | ଳ | ■ |
| ୧୨ କ୍ଷି | ୧୩ | ପ | ■ | | ■ | ୧୪ |
| ୧୫ | ଳ | ■ | ୧୬ | ର | | ତ |


ନାମ __________________ ଠିକଣା __________________

## ସିଧା ଭାବରେ

୧ । ଡଗର ଚୌଧନ୍ଦା ଭେଦ କରିବାକୁ ଗଲେ ଚତୁରତା ମଣିଷର ଯାହା ହୁଏ ।

୩ । ସାଧାରଣତଃ ଯାହା ସାହାଯ୍ୟରେ ନଗର ଚତୁରତା ସହଜରେ ଜାଣି ହୁଏ ।

୫ । ସୀତାଙ୍କ ବିଳାପକୁ ଯେଉଁ ପକ୍ଷୀର ବିଳାପ ସହିତ ଭକ୍ତକବି ତୁଳନା କରିଥିଲେ ତାର ସମ୍ବୋଧରେ ଯାହା ହେବ ତାହା

୬ । ପଦ୍ମର ଅନ୍ୟ ନାମ

୮ । ଦୁଇଟି ପଦାର୍ଥକୁ ଯୋଡିବା ପାଇଁ ଏହା ନହେଲେ ନ ଚଳେ ।

୯ । କଦାଚିତ୍ ଭାଗ୍ୟ ଜୋର ନଥିଲେ ରଣକ୍ଷେତ୍ରରେ ବୀରସ୍ଥ ଯୋଦ୍ଧାର ଏହା ଲାଭ ହୁଏ ନାହିଁ ।

୧୦ । ଏଥିରେ ଜଳ ଦେଲେ ପୁଷ୍ପ ବୃକ୍ଷ ମୁକୁଳିତ ହୁଏ

୧୨ । ଯିଏ କ୍ଷିତି ପାଳନ କରନ୍ତି ।

୧୫ । ଅଶୋକ ଯେଉଁଠି ବସି ରଜା ହୋଇଥିଲେ

୧୬ । ଏହାର କାଳ ଅଭି ମନଲୋଭା ହୋଇଲେହେଁ ଏହା ପଥର ଛଡ଼ା ଆଉ କିଛି ନୁହେଁ ।

## ଉପର ତଳ ଭାବରେ

୧ । ଏହା ରକ୍ଷା କାର୍ଯ୍ୟ କଲେ ମଧ୍ୟ କେହି କେହି ଜବଣ ହୁଅନ୍ତି

୨ । ଅକସ୍ମାତେ ଏଥିରେ ପଡିଲେ ଉଦ୍ଧରିବା କଷ୍ଟ ।

୩ । ଯୁବକ ଯୁବତୀଙ୍କ ମଧ୍ୟରେ ମିଳନ ଘଟାଇବାରେ ଯାହାର କରାମତି କମ୍ ନୁହେଁ ।

୪ । ଏହା ଅଧିକ ହେବା ଅନେକ ସ୍ଥଳରେ ଭଲ ନୁହେଁ ।

୫ । ଶୀତ କାଳରେ ଏହି ଫୁଲ ଫୁଟି ଥାଏ

୭ । ଫାସି ହୁକୁମ ଶୁଣି ଅସମୀ ଜନଙ୍କ ଆଗରେ ଯାହା ହୋଇ ଯାଏ ।

୮ । ଏ ବ୍ୟକ୍ତିକୁ ଭୋଜନ ଦେବା ଗୃହସ୍ଥର ସାଧାରଣ ଧର୍ମ ।

୯ । ଏହା ନହେଲେ ବଳ ପ୍ରକାଶ ହୁଏନାହିଁ,

୧୦ । ଏହାର ଅର୍ଥ ଜଳ ।

୧୧ । ଏଥିରେ ଯୁବକ ଯୁବତୀ ମଜ୍ଜି ଯାଆନ୍ତି ।

୧୩ । କ୍ଷୁଦ୍ର ଶସ୍ୟ, ବିଶେଷ

୧୪ । ଏଥିରେ କିଏ ବିମୋହିତ ନହୁଏ ? ।

**ପ୍ରବେଶିକା ଫିସ୍**

**ଖଣ୍ଡକୁ ଟ୦/୭**

# ମନଦେଇ ପଢନ୍ତୁ !

**ଶେଷ ତାରିଖ**

**୧୨ । ୩ । ୩୮**

**୫ମ ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ ।**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏଁ ଅକ୍ଷର ବସି କଳା ଥିବା ଘର ପାଖେ ଗୋଟିଏ ଗୋଟିଏ ଶବ୍ଦ ହେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦଶ ଯାଇଛି । ଏହି ଶବ୍ଦ ଗୁଡିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ । ବନ୍ଧୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ପୂରା ମିଳୁଛି ତାହା ବାଛି ବସାଇବା ଉଚିତ ।

(ଅପରପୃଷ୍ଠା ଶେଷ ଦେଖନ୍ତୁ ।)

Digitized by srujanika@gmail.com

୧୯୩ ସଂଖ୍ୟା ବିଜ୍ଞାପନ


## ବଡ଼ଦିନ ଉପଭୋଗ

# ଟୋରାଣ୍ଡାଜେସ୍ ହଲ୍

ଏକମାତ୍ର ହିନ୍ଦୁ ଓ ଶ୍ରେଷ୍ଠ ଦେଶୀ ହିନ୍ଦୁ ହୋଟେଲ

ବ୍ରହ୍ମପୁର ରୋଡ଼ [ କଟକ ]

ଏଠାରେ ସାଧାରଣ ଅଳ୍ପ ଜାତିଙ୍କଠାରୁ ଅଧମ କରି ଅତି ବଡ଼ିଷ୍ଟ ବ୍ୟକ୍ତିମାନଙ୍କ ସେବା ଓ ଅଭାବରେ ସୁବନ୍ଦୋବସ୍ତ ହୋଇଅଛି । ଏପରି କି ଏ ବେଳରେ ଏଠାରେ ଭଲ ବରେ ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର ଚଳୁଅଛି ଅତ୍ୟନ୍ତ ବେଳେ । ତଥା ପାଇବି ପାଣି ଶୀତଳ ବେଲି, ତେଲିକୁଟା ଗୁଡ଼ିକ ଇତ୍ୟାଦି ବରାବର ଅନୁନାଇ ଯୋଗାଇବାକୁ ହୁଏ । ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ ପଡ଼ିଯାଏ । ଥରେ ପରୀକ୍ଷା କରି ଅନୁଭବ କରନ୍ତୁ ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ ଦାସଗୁପ୍ତ

FOR ALL SORTS OF

# MEDICINES

PLEASE COME TO

**CROWN MEDICAL HALL,**
**RANIHAT, CUTTAK.**

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

# ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ବୀର୍ଯ୍ୟ, ରତିଶକ୍ତି ସ୍ତମ୍ଭନଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ ।

ମୂଲ୍ୟ ସେବକଙ୍କୁ ୪ ୬ ୯
,, ସେବ୍ୟଦିନ୍କୁ ୩ ୩ ୨
,, ସେବା କୁ ୪ ୬ ୯

ଭି: ପି: ରେ ଔଷଧ ପଠାଯାଏ ।

ଠିକଣା

କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍ ଏ୍ ଏମ୍ ପି

## ଦରିଦ୍ର ବନ୍ଧୁ ଔଷଧାଳୟ

ଖଡ଼ଗ ପଡ଼ା

ପୋ : ଭେଲେର

ଜି : ବାଲେଶ୍ୱର


ଛେଲେଧରା ପ୍ରତିଯୋଗିତାର ନିୟମ । (୮ ମ ପୃଷ୍ଠା ଉତ୍ତାଳ)

ଏଥି ଧାରେ ଚିତ୍ ହେବ ଯାହା, ତାର ଶିବ ବେ ହେଲ ମୋଦକଙ୍କଠାରେ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୦୦ ପାଇବ ଏବଂ ଅର୍ଦ୍ଧେକ ଉତ୍ତର ଦେଇଥିବା ଯୋଗୁଁ ସାମନ୍ତ ପୁରସ୍କାର ୫୦ ପାଇବ । ଏତ ଭା ହୋଇଥିବ ଭୁଲ କରିଥିବା ବ୍ୟକ୍ତି ଯୋଗମାନଙ୍କ ଗୁଣାନୁସାରୀ ବାଇ ୩୦ ଭାଗି ଦଅଯିବ । ସମ୍ପୂର୍ଣ୍ଣ ଅର୍ଦ୍ଧେକ ଉତ୍ତର ଅଙ୍କବରେ ସମୁଦାୟ ଭଳ ଭୁଲ ହୋଇଥିବା ବଡ଼ନ ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମନ୍ତ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଅଛି ସେ କେବଳ ସର୍ବୋଚ୍ଚ ପୁରସ୍କାର ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ସେମାନେ ଭାଗ ପାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

ଯେକୌଣସି ବ୍ୟକ୍ତି ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଅଗଷ୍ଟରେ ଗୋଟିଏ କୁପନ ଦିଆ ଯାଇଛି । ଯେ ଗୋଟିଏ ରୁ ଉତ୍ତର ଦେବାକୁ ଇଚ୍ଛା କରନ୍ତି ଗୋଟିଏ ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ପାଖରେ ରଖି ତାହା ସଙ୍ଗେ ସଙ୍ଗେ ଏକତ୍ରରେ ପଠାଇ ଦେବେ ଓ ସେହି ସଙ୍ଗେ ଏକଅଣାର ପୋଷ୍ଟେଜ ଷ୍ଟାମ୍ପ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମ ଦୁଇଟି ପୂରଣ କରି ସେହି ସଙ୍ଗେ ୬୦ ର ପୋଷ୍ଟେଜ ଷ୍ଟାମ୍ପ ପଠାଇବେ । କେବଳ ଏହାପରେ ୬ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । ତାହାହେଲେ ଏକ ବ୍ୟକ୍ତି ଏହାପରଠାରୁ ତିନୋଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଚାହାନ୍ତି ତେବେ ଛପା କୁପନ ଅଥବା ସାଦା କାଗଜରେ ଏହାପରି ବଡ଼ କାଟି ଉପରୋକ୍ତ ନିୟମାନୁସାରୀ ଯେତେଇଚ୍ଛା ସେତେ ଉତ୍ତର ଦେଇ ପାରନ୍ତି । ଅର୍ଥାତ୍ ଅଧିକ ଗୋଟିଏ ପାଇଁ ୧୦/, ଦୁଇଟି ପାଇଁ ୧୦/ ଓ ତିନୋଟି ପାଇଁ ମଧ୍ୟ ସେହି ୬୦ ର ପୋଷ୍ଟେଜ ଷ୍ଟାମ୍ପ ପଠାଇବେ । ଉପରୋକ୍ତ ହିସାବରେ ଅର୍ଥାତ୍ (୫୦ ର ଷ୍ଟାମ୍ପ ଦେଇ) ତିନି ଉତ୍ତର ଦେଇଥିବା ପ୍ରତ୍ୟେକ ପ୍ରତିଯୋଗୀ ପରେ ବର୍ଷି କାଗଜ ବର୍ଷ୍ୟାବଳୀର ଗୋଟିଏ ବାନ୍ଧିତ ପୁସ୍ତକ ଉପହାର ପାଇବେ । ସମସ୍ତ ଉତ୍ତର ୧୯୩୮ ମସିହା ମାର୍ଚ୍ଚ ୧୨ ତାରିଖ ରାତ୍ର ୧୨ଟା ମଧ୍ୟରେ 'ଡଗର, ପୋ: ଓ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ଉପରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୫ ଅଙ୍କ ଲେଖାଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବଳଭଦ୍ର, ଧନକା) ମଧ୍ୟ ଦିଆ ଯିବ । ଉପର ଲିଖିତ ନିୟମାନୁଯାୟୀ ଆସି ନ ଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ସିଦ୍ଧାନ୍ତ ଚରମ ।

Digitized by srujanika@gmail.com



# ବହିପତ୍ର

## ଉତ୍କଳ-ସାହିତ୍ୟ । ମାର୍ଗଶୀର-ପୌଷ

ସାନ୍ତ୍ୱନା—ପଦ୍ୟ—'ଫୁଲର ଭାରି ଯେ ଛୋଟେ ମୋତେ ସେତ୍ତୁ ପରି' ଭାବଟିପାଇଁ କବିତାଟି ସୁନ୍ଦର ।

ନାଗରପ୍ରିୟା ପତ—କଳମର ଢଗମତ ଅଛି—ପୁସ୍ତକଙ୍କର ବି କମ୍ ନୁହେଁ ।

ଲଗାଲଗି—ଲେଖାର ଶୈଳୀ ଏକାବେଳେକେ ନୂଆ—ଲେଖକଙ୍କର ବ୍ୟାକରଣ ଜ୍ଞାନ ଅଛି ତ ? ବୁଢ଼ାମାନେ ରାଗିବେ ଯେ !

ହେ ଶରସ୍ତୁନ୍ଦର—କେଉଁ ଯୁଗର କବିତା ?

ଗ୍ରୀକ୍ ପୁରାଣ—ଲେଖକଙ୍କ ପାଣ୍ଡିତ୍ୟର ଯଥେଷ୍ଟ ପରିଚୟ ଦିଏ ।

ପଥିକ ତୃଟମ୍—ଦୁଇଜଣ ଲେଖକଙ୍କର ଏଭଳି ସମାନ ଅନୁଭୂତି ଙ୍ଖ୍ୟାଲ୍‌ଧିଷ୍ଟ ନାଗ୍ରି ପତାକର ଉପକାରରେ ଥିପିବ କାଣ୍ଡସ୍ୱ । ଲେଖା ବଡ଼ ଚମତ୍କାର ହୋଇଛି କିନ୍ତୁ । 'ଖ୍ରୀଷ୍ଟତର ରୂପରୁ ଯେଉଁ ରୂପକୁ ଅଲଗା କରି ଦେଖି ନହୁଏ' ସେ ରୂପ ଜନ୍ତୁ ଅଖିରେ ସୁନ୍ଦର । ଅତ ଲେଖକଙ୍କ ଅଖିରେ—?

'ଭାରତ ଦୁନିଆରେ କେହି ମମତାସ୍ପନ ଭାବରେ ରହିପାରେ ନାହିଁ ।' କଥାଟା ନୂତନ ଲେଖକଙ୍କ ପକ୍ଷରେ ଶୋଭାପାଏ । ସେମିତ ସ୍ୱୟଂଙ୍କ ପାଖରେ ଦୃଢ଼ ଭାଷାପ ନଜଣି ମନୁଷ୍ୟ ସମାଜରେ ରହିପାରେ ନାହିଁ ସେଭଳି ।

ଅଭିମାନ—ମାନଭଞ୍ଜନର 'ଆଲ୍'ଟା ପାଦରୁ ଉଠି ମୁଖ ପର୍ଯ୍ୟନ୍ତ ଗଲାଣି—ଏମ ସୌଭାଗ୍ୟର କଥା ନୁହେଁ । କବିତାଟି ମନ୍ଦ ହୋଇ ନାହିଁ ।

ଅଭିଭାଷଣ—ଅଭିଜ୍ଞାତଙ୍କ ମୁଖରୁ ଏଭଳି ନିଲେଖମାନ ଅଭିଭାଷଣ ସଭ୍ୟତାଙ୍କ ପ୍ରତି ବିଦ୍ରୂପ ଭଳି ଜାତ କରିବ ।

ଯୁଦ୍ଧଜାତ—କମଳ ଘୋଷ ଶୋଇଲେ ଯମ ଛାଡ଼େ ନାହିଁ । ଯୁଦ୍ଧରୁ ବସ୍ତୁତଃ ଶାନ୍ତି ସ୍ଥାପିତ ହୁଏ ନାହିଁ—ଯୁଦ୍ଧର ଅବସାନ ଯୁଦ୍ଧରେହିଁ । ଯଦି ଭଗବାନ କେହି ଥାଏ ତେବେ ତାର ମଧ୍ୟ ସେଇ ଇଚ୍ଛା । 'ଜୁର-ଯୁଦ୍ଧ-ମୃତ୍ୟୁତାଙ୍କ' ସମାଜ ଥିବାଯାଏ ଥିବ—ତାସୁ କହିବା ବାହୁଲ୍ୟତା ।

କପିଳେଶ୍ୱର ବିଦ୍ୟାଭୂଷଣ—ଏହି ଜୀବନୀ ଲେଖିବା ଦ୍ୱାରା ଲେଖକ ଯେ ଉତ୍କଳସାହିତ୍ୟର ଗୋଟିଏ ଅଭାବ ପୂରଣ କରିଛନ୍ତି ଏଥିରେ ସନ୍ଦେହ ନାହିଁ । କିନ୍ତୁ ଜୀବନୀ ଲେଖିବାକୁ ହେଲେ ଯେ ସେହି ଗୋସାଇ ଅମଳର ଭାଷା ଶୈଳୀର ଅନୁସରଣ କରିବା ଅନ୍ୟ ଗତି ନାହିଁ ଏହା ଅମ୍ଭେମାନେ ବିଶ୍ୱାସ କରିପାରୁ ନାହୁଁ ।

ବୀରେନ୍ଦ୍ର ସୁରେନ୍ଦ୍ର—ଭାଷା କ୍ଲିଷ୍ଟ ନହୋଇ ଥିଲେ ଲେଖା ସବୁ ଦିଗରୁ ଯଶସ୍ୱୀ ବିବେଚିତ ହୁଅନ୍ତା ।

ସମାଲୋଚନା—ପ୍ରଥମରେ କେତେଗୁଡ଼ିଏ ବ୍ୟକ୍ତିଗତ ଆକ୍ଷେପ ବଡ଼ ଖରାପ ଲାଗିଲା । କିନ୍ତୁ ମୂଳବସ୍ତୁ ସମାଲୋଚନାଟି ବଡ଼ ପାଣ୍ଡିତ୍ୟପୂର୍ଣ୍ଣ ତେଣୁ ଉପାଦେୟ ।

## ଝିଙ୍କିନ୍ନା—ମାର୍ଗଶୀର

ଫିହୁର୍ପିର ଅଭିଶପ୍ତ ଓଡ଼ିଆ—କୃଷ୍ଣଚନ୍ଦ୍ରଙ୍କର ଆକୁଳ କ୍ରନ୍ଦନ ଓ ଆତୁର ପ୍ରାର୍ଥନା ଶୁଣିଲେ ଆଖିରେ ଲୁହ ଆସେ । ସେ କେବଳ ଫିହୁରପିର ଓଡ଼ିଆଙ୍କୁ ଅଭିଶପ୍ତ କହି କ୍ଷାନ୍ତ ହୋଇଛନ୍ତି । ମାତ୍ର ଅମ୍ଭେ ତାଙ୍କ ସହିତ ସ୍ୱର ମିଳାଇ ଅଧିକ ବ୍ୟାପ୍ତ ଭାବରେ କହିବାକୁ ସାହସ କରୁଛୁଁ ଯେ—ସମସ୍ତ ଓଡ଼ିଆ ଜାତିହିଁ ଅଭିଶପ୍ତ । ଓଡ଼ିଶା ଆଜି କଂଗ୍ରେସ ଶାସନାଧୀନ । ମାତ୍ର ଓଡ଼ିଶୀ କଂଗ୍ରେସ ନେତାମାନେ ସେମାନଙ୍କର ଉପଦ୍ରବମାନଙ୍କ ନାଲି ଆଖିରେ ଏତେ ଡରନ୍ତି ଯେ ଫିହୁରପିର କୌଣସି ପ୍ରତିକାର କରିବାକୁ ସାହସ କରୁ ନାହାନ୍ତି । ଦେଶର ଡାକକୁ ଶୁଣିବେ ନା କଳର ଆସନ ଜଗିବେ ?

ବିଶ୍ୱଗୀତ—ଗୃହଲକ୍ଷ୍ମୀଙ୍କର ଭକ୍ତିପୂର୍ଣ୍ଣ ଗୀତକା ।

ଫିହୁରପି ଓ କାଳିବାଗୁର—ଚିନ୍ତାଧାରା ନିର୍ମଳ ହୋଇ ନାହିଁ ପ୍ରଥମରେ । ଶେଷ ଅଡ଼କୁ ଲକ୍ଷ୍ମୀନାରାୟଣ ସାହୁଙ୍କ ଲେଖାର ପ୍ରତିବାଦ । ଏସମ୍ବନ୍ଧରେ ବେଶୀ କିଛି ନକହି ଏତିକି ଜଣାଇ ଦେବାକୁ ଚାହୁଁ ଯେ ଅମ୍ଭେମାନେ ନିପାଠୀଙ୍କ ମତ ସମର୍ଥନଶୀଳ ନୋହୁଁ ।

ଉତ୍କଳ ବନ୍ଦନା—ଛନ୍ଦନାହିଁ—ଯତିନାହିଁ ବନ୍ଦେ ଉତ୍କଳ ଜନନୀର ଅନୁକରଣରେ ଲିଖିତ ।

ଅସୀମର ଯାତ୍ରୀ—ଲେଖାଟି ବଡ଼ କରୁଣ । ନାରୀ ହୃଦୟର କମନୀୟ ଚିତ୍ର । ମାତ୍ର କଥାଟା ବଡ଼ ପୁରୁଣା ।

ଉପେକ୍ଷିତା—ଭାଷା ଉପରେ ଲେଖକଙ୍କର ଓସ୍ତାଦ ଅଛି—କିନ୍ତୁ କବିତାଟି ମାମୁଲି ।

ଚୋଲଟିକ—ସରଳା ଦେବୀଙ୍କର ନିର୍ଭୀକ, ଖୋଲା ଓ ସ୍ପଷ୍ଟ କଥା ।

ନାରୀର କେତେ ଯେ ଦୁଃଖ - ଏ ଲେଖକା ଓଡ଼ିଆ ସାହିତ୍ୟରେ ହେଉନାର ରୂପ ଦେଖାଇଲେଣି । ଏ କୁତ୍ସିତ ଦୃଶ୍ୟାବଳୀ ସମାଜରୁ ଲୋପ ପାଇବାକୁ ବସିଲାଣି ଅନେକ ଅସ୍ତ୍ରେ—ଅଜ ତାର ଅବତାରଣା କାହିଁକି ? ଲେଖିକାଙ୍କର ମଧୁସ୍ୟନ୍ଦୀ ଲେଖନୀ ଅନ୍ୟ ଦିଗରେ ଧାବିତ ହେଲେ ଅଧିକ ମଧୁରତର ଉପାଦାନ ପାଇବାର ଆଶା ହେଉଛି ।

ପାଶୋରା ବୃତ୍ତ—ଗଳ୍ପ ସରଳ ଓ ତରଳ ଭାବଟି ମନ୍ଦ ନୁହେଁ ।

କିନ୍ତୁ—ସମ୍ପାଦକ ସାଧାରଣ ଯୋଗସୂତ୍ର କହିବା ଉଦ୍ଦେଶ୍ୟରେ ଏହି ମଧୁମୟ ଲେଖାଟିକୁ ଶେଷରେ ସ୍ଥାନ ଦେଇଛନ୍ତି ବୋଧହୁଏ । 'ବନଫୁଲ' ନାମରୁ ଲଜ୍ଜାର ରଖିଲେ ତା ବାସନା ତାକୁ ଲଜ୍ଜିତ ଦିଏ ନାହିଁ । ଲେଖା ବଡ଼ ମୌଳିକ ।

Digitized by srujanika@gmail.com



# ହଂସପୁର

## ଏ ଯୁଗର ଗୋଲାମି କିଏ ?

ଶ୍ରୀମତୀ ଲତିକା ଦେଈ ।

ଗତ ସଂଖ୍ୟାରେ ଏ ଯୁଗର ଗୋଲାମୀ ବିଷୟରେ ସୂଚନା ଦିଆ ଯାଇଛି ଯେ ବ୍ୟବସାୟ ବାଣିଜ୍ୟ, କଳକାରଖାନା, ଇଞ୍ଜିନ୍, ବହିତ୍ର ପ୍ରଭୃତି ବୈଜ୍ଞାନିକ ଜଗତରୁ ଏ ଯୁଗରେ ଯାହାସବୁ ଯନ୍ତ୍ରପାତି ଆବିଷ୍କୃତ ହୋଇଛି, ତାକୁ ନେଇ ପୃଥିବୀର ଗୁଣା ଅଧିକ ସବୁ ଦେଶର ଶିକ୍ଷିତଙ୍କଠାରୁ ଅଶିକ୍ଷିତ ଲୋକ ପର୍ଯ୍ୟନ୍ତ ତାହାର ଗୋଲାମ ହୋଇ ବସିଛନ୍ତି । ଏହି ଗୋଲାମୀ ପୃଥିବୀର ଅଧିକାଂଶ ଲୋକଙ୍କର ଜୀବିକା ନିର୍ବାହର ପେଶା ହୋଇଅଛି । ଯନ୍ତ୍ରପାତିରୁ ଓ ବୁଦ୍ଧି ବଳରେ ମନୁଷ୍ୟ ବୈଜ୍ଞାନିକ ଉପାୟଦ୍ୱାରା ଯାହା ଉପକାର କରୁଛି, ଏ ଯୁଗର ମନୁଷ୍ୟ ସେ ସବୁରେ କ୍ରୀତଦାସ ହୋଇଛି । ସେ ଯନ୍ତ୍ରପାତିର ମାଲିକ କିଏ ହେବ ଯେ ଯନ୍ତ୍ରପାତି ତାହାର ମାଲିକ ହୋଇଛି । ପୁଣି ଏହି ଯନ୍ତ୍ର ତାହାର ରକ୍ତ ଶୋଷି ଅସ୍ଥିସାର କରାଇ ଦେଉଛି । ବ୍ୟବସାୟ ବାଣିଜ୍ୟ ମୂଳରେ ଯେଉଁ ସତତା ରହିବା କଥା ବ୍ୟବସାୟୀ ଲୋକେ ବଖାଣୁଛନ୍ତି, ସେହି ବ୍ୟବସାୟ ବାଣିଜ୍ୟର ମର୍ମକଥା ଯେଉଁ ମୁଷ୍ଟିମେୟ ଲୋକେ ଜାଣନ୍ତି, ସେମାନେ ବୁଝନ୍ତି, ଏହି ବ୍ୟବସାୟ ବାଣିଜ୍ୟର ନୀତି ଯେତେ ବଡ଼ ବୋଲି ଦାଣ୍ଡକୁ ଦିଶୁ ନା କାହିଁ ଏହାର ମୂଳରେ ପ୍ରକାଣ୍ଡ ଧପାବାଜି ଆତ୍ମଗୋପନ କରି ରହିଅଛି । ଏହି ବାଣିଜ୍ୟ ବ୍ୟବସାୟ ଗୁଡ଼ାଏ ଲୋକଙ୍କୁ ଠକ, ସ୍ୱାର୍ଥପର ଲୋଭୀ, ଢଙ୍ଗୁଆ କରି କୋଟି କୋଟି ଲୋକଙ୍କ ଆଖିରେ ଧୂଳି ଦେଇ ନିଶ୍ଚିନ୍ତ । ଏହି ଠକ ଧନ ଯେଉଁଠି, ଯେଉଁ ଯେଉଁ ଦେଶରେ ଜମା ହେଉଛି, ସେଇଠି ଲୋକଙ୍କ ଭିତରେ ଶ୍ରେଣୀ ବିରୋଧ ହୋଇ ମନୁଷ୍ୟ ଠାରୁ ମନୁଷ୍ୟର ହୃଦୟ ମଧ୍ୟରେ ପ୍ରକାଣ୍ଡ ଭେଦ ରେଖା ଟାଣି ମହା ବ୍ୟବଧାନ ସୃଷ୍ଟି କରି ଦେଉଛି । ବ୍ୟବସାୟରେ ପ୍ରାଚୁର୍ଯ୍ୟର ପ୍ରତିଯୋଗିତା ଛିଡ଼ା ହେବାରୁ ମନୁଷ୍ୟର ମନ ଅତ୍ୟନ୍ତ କ୍ଷୁଦ୍ର ଓ ହୃଦୟ ଅତ୍ୟନ୍ତ ସଙ୍କୀର୍ଣ୍ଣ ହୋଇ ପଡ଼ିଛି । ସେଥିପାଇଁ ମନୁଷ୍ୟ ଏ ଯୁଗରେ ଗୋଲାମୀ ଯଦି କରୁଥାଏ, ତେବେ ସବୁ ପ୍ରଥମେ ତାହାର ଅନ୍ତର୍ନିହିତ ରିପୁ-ଚୟଙ୍କର । ଅନ୍ତର ଜଗତରେ ରିପୁର ଗୋଲାମୀଗିରି କରି କରି, ବହିର୍ଜଗତରେ ବିଜ୍ଞାନ ତଥା ଯନ୍ତ୍ରପାତି କଳ କାରଖାନାର ଗୋଲାମୀଗିରି ଢାଳ କରି ଏ ଯୁଗ ମନୁଷ୍ୟ ଆଉ ମନୁଷ୍ୟ ହୋଇନାହିଁ । ସେ ତାର ଉଦାର ମନୁଷ୍ୟତାର ଆଦର୍ଶକୁ ହରାଇ ଗୋଟିଏ କିମ୍ଭୂତ କିମାକାର ଜନ୍ତୁ ହୋଇ ବସିଛି । ଏଠାରେ ପ୍ରଶ୍ନ ଉଠିବ, ଏ ଯୁଗ ତ ପ୍ରଗତି ଶୀଳ ଯୁଗ । ଏଯୁଗରେ ଦାନ, ଧ୍ୟାନ ଖଇରାତ, ଜନସେବାର ନିଦର୍ଶନ ପ୍ରତି ଦେଶରେ ଦେଖିବାକୁ ମିଳୁଛି, ତେବେ ଏ ଯୁଗରେ ମନୁଷ୍ୟ ଗୋଲାମ କି'ଶ ପାଇଁ ହୋଇଛି ? କିନ୍ତୁ ଯଦି ଜଣେ ରାଜା ତାହା ଦେଶକୁ ଅତ୍ୟାଚାର କରି ଭୟ ଦେଖାଇ ପ୍ରଜାର ରକ୍ତ ଶୋଷି, କୋଟି କୋଟି ଟଙ୍କା ଅମଦାନୀ କରି ୨।୩ ଲକ୍ଷ ଟଙ୍କା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଲୋକହିତୈଷଣା ଦିଗରେ ଖର୍ଚ୍ଚ କରେ, ତେବେ ତାହାକୁ କଣ ଲୋକ ସେବାର ପ୍ରକୃତ ଅର୍ଥରେ ଧରି ନିଆଯିବକି ? ସେପରି ଯେଉଁଠି ଅସାମ୍ୟତାର ଶ୍ରେଣୀ ବିରୋଧ ରହିଛି, ସେହି ସ୍ଥାନରେ ଲୋକ ସେବା ନାମରେ କିଛି ଖର୍ଚ୍ଚ ହେଉଛି । ତ କରି ହେଉଛି— ଏପରି ଦେଖିକରି ଏ ଯୁଗକୁ ପ୍ରଗତିଶୀଳ ଯୁଗ ନ କହି "ଗୋଲାମି ଯୁଗ" କହିଲେ କିଛି ଅସଙ୍ଗତ ହେବ ନାହିଁ ।

ଆମର ଶାସ୍ତ୍ରରେ ଶୂଦ୍ର, ବ୍ରାହ୍ମଣ, ବୈଶ୍ୟ ଓ କ୍ଷତ୍ରିୟ ଚାରି ବର୍ଣ୍ଣଙ୍କର ଯେ ଲକ୍ଷଣମାନ ଲେଖା ଅଛି, ତହିଁରେ ଗୁଣ, ପ୍ରକୃତି ଓ ସ୍ୱଭାବାନୁଯାୟୀ ଜାତି ବିଭାଗ ହୋଇଥିବାର ଜଣାଯାଏ । ଏ ଯୁଗର ମନୁଷ୍ୟର ମନୋବୃତ୍ତି ଯେ ସାତ୍ତ୍ୱିକତା ଉପରେ ଗଠିତ ନୁହେଁ, ଏବ ଯୁଗର ଲୋକେ ଯେ ବ୍ରାହ୍ମଣ ମନୋବୃତ୍ତି ବିଶିଷ୍ଟ ନୁହନ୍ତି, ଏହିକଥା ସଫା ଧରା ପଡ଼ିଯାଉଛି । ଏ ଯୁଗର ଲୋକଙ୍କର ରାଜସିକ ଓ ତାମସିକ ମନୋବୃତ୍ତି ଶୂଦ୍ର ବା ଗୋଲାମ ଧର୍ମର ସୂଚନା ଦିଏ । ଏ ଯୁଗରେ ସବୁର କ୍ରୀତଦାସ ମାନବ ସମାଜ, ସୁତରାଂ ଏ ଯୁଗରେ ସ୍ୱାଧୀନ ଦେଶ, ସଭ୍ୟ ଦେଶମାନ ଯେତେବେଳେ ସ୍ୱତନ୍ତ୍ର ଭାବରେ ନିଜର ଶାସନ ବିଧି ବିଧାନ ପ୍ରଣୟନ, ଧନାର୍ଜ୍ଜନ ତଥା ସରକାର ଗଠନାଦି କଳ୍ପନା କରନ୍ତି, ସେହି ସ୍ୱାଧୀନ ଦେଶର ଲୋକେ ଯେ ପଶୁ ମନୋବୃତ୍ତି ବିଶିଷ୍ଟ ଶୂଦ୍ରଧର୍ମୀ, ପୁଣି ତମୋଗୁଣୀ, ଏଥିରେ ସନ୍ଦେହର ଅବକାଶ ଲବେ ମାତ୍ର ନାହିଁ । ମନୁଷ୍ୟର ମନୁଷ୍ୟତାର ତା'ଅଧ୍ୟାତ୍ମିକ ଆଦର୍ଶର ସନାତନ ପୂଜାରୀ । କିନ୍ତୁ ଏଯୁଗ ମନୁଷ୍ୟକୁ କରିଛି ବସ୍ତୁ ଜଗତର ପୂଜାରୀ—ସ୍ୱର୍ଣ୍ଣମାନର କ୍ରୀତ କିଙ୍କର—ଟଙ୍କାର ଚାକର । ଏହି ଧନ, ବସ୍ତୁ ଜଗତ ମନୁଷ୍ୟକୁ ଯେମିତି ଆଣି ଦେଇଛି ଅର୍ଥର ଅବନତ, ସେମିତି ଖସାଇ ଦେଇଛି ଅମନୁଷ୍ୟତାର ନୀଚସ୍ତରକୁ । ସେଇଠୁ ଆସିଛି ତା'ର ସର୍ବାଙ୍ଗୀନ ଅଧଃପତନ । ଲୋଭ, ମୋହ, ସ୍ୱାର୍ଥପରତା, ତାପରେ ନରହତ୍ୟା ଓ ସାମ୍ରାଜ୍ୟ ଅଭିଯାନରେ ତା'ର ହୋଇଛି ଚରମ ପରିଣତି ।

ବାସ୍ତବରେ ପୁଣି ଏ ଯୁଗରେ ମନୁଷ୍ୟ ଉପରେ ଯାହାର ଗୋଲାମ ହୋଇଛି ଓ ଏ ଯୁଗର ସଭ୍ୟତା ତାକୁ ଉପରେ ଦାନବ ଗୃହିଲ ଭଳି ଗୁପ୍ତ ଶୋଷଣ ନୀତିର ଗୋଲାମ କରିଛି, ତାହାର ବିଷଦ ଆଲୋଚନା କରିବାର ବାସନା ରହିଲା ।

(କ୍ରମଶଃ)

Digitized by srujanika@gmail.com

ରାବଣ—ଉତ୍କଳ ଲଙ୍କାର ଅଧୀଶ୍ୱର ।
ମେଘନାଦ— ତସ୍ୟପୁତ୍ର crown prince
ଅତିକାୟ— ,, (ଜ୍ୟେଷ୍ଠ)
ଅକ୍ଷୟ କୁମାର —,, (ସାନ)
ରାମଚନ୍ଦ୍ର—ମହାତାପୀ ଷଷ୍ଠିସ୍ୱ ରଜପୁତ ।
ଲକ୍ଷ୍ମଣ—ରାମ ଭକ୍ତ ।



ଜାମ୍ବବାନ ବୃଦ୍ଧ ଭଲ୍ଲୁକ ପତି ।
ହନୁମାନ—ଲଙ୍କାପୋଡ଼ା କପି ।
ଇନ୍ଦ୍ର—ଐରାବତ (ଗଜ) ପତି ।
ବରୁଣ,ଭାସ୍କର, ବେତାଗନ, ବୈଶ୍ରବଣ, ମୃଣ୍ଡ,
ଅଙ୍ଗଦ ସୁଷେଣ, ଗୃଧ୍ରବର, ରୈତନଦାସ,
ଅନ୍ୟାନ୍ୟ ଅନୁଚର ଦଳଦ୍ୟୋତସ୍ୟ ଉପରବୋ ଦୃଷ୍ଟି

# ନବରାମାୟଣ

## ପୋଡ଼ୁଆ କାଣ୍ଡ

(କପିବର ହନୁମନ୍ତ ବିରଚିତ)

ଏଣେ ଲଙ୍କ ଘଟେଣି ଯହିଁ ବୃଦ୍ଧ ଜାମ୍ବବାନ
କମ୍ପିଲେ ଫୁଲାଇ ଦାଢ଼ି କୋପ ମୂର୍ତ୍ତିମାନ ।

ଜାମ୍ବୁ—
ଅନ୍ୟାୟ ଅନ୍ୟାୟ ଏହା, ଘୋର ଅବିଚାର,
ଖଟିବାର ବୁଢ଼ାଙ୍କାନେ ଏହି ପୁରସ୍କାର ।
ପକ୍ଷପାତ,—ଛୁଛା Partiality
ଚଢ଼ାଇଲେ ପଛି,

ହଟି ହଟି ଉପିଦଲ ପଛାପଛି ବର

ରାମ—(ସହାସେ)
ଶ୍ୟଙ୍କ କୋପ ବାବଦର
ନିଷ୍ଠାଠ ଉଜ୍ଜଳ ତଵ ତବକ୍ଷୁ ବାଗୁର,
ସବୁ ଦଳ-ସ୍ୱାର୍ଥ ଯାକ ବରଣ ହୁସାବ ।

ବାବାଜୀ—
ଖାଦି ଦାନ୍ତ ହେଉଛି ଅଛୁ ପରା,
ମନଥିଲ୍କ ହୋଇ ଥାନ୍ତେ ନାଟେ ସ୍ୱରପତି ।

ଜାମ୍ବୁ—
ସବୁଥିରେ ଅଟେସିପିବା ଅନ୍ୟଥା motive
ଅବାଧ୍ ଭ୍ରମର ସଦା—
ଅମଗ ଓଡ଼ିଶିକି ଥାଉ, ହେଲେ ଜାହାନ୍ନମ୍
ଭକ୍ତି ରାଜପଣ୍ଡିତାଙ୍କୁ ମଣେ ମୁଁ ହାରାମ୍ ।

ରାମ—
ଖାଦ୍ୟାପ, ଖାତାସ ବଚ୍ଛା, ସଚ୍ଛା ଇମାନ୍‌ଦାର!

ବାବାଜୀ—
ଏପରେ ନାୟୁକ୍ତ ହେଉ ନ୍ୟାୟ୍ୟପତ୍ର ଜଣେ,
ଧର୍ମୋପଦେଶଙ୍କ ରୂପେ, ଅନାହାସି ପଦ,

ରାମ—
ଠିକ୍‌କଥା—ଭବ ଯେବେ ଭବବା ଭାହାକୁ,

ବାବାଜୀ—
ଗୃଧ୍ରବର ଅଛନ୍ତି ଯେ ପୁରୁଣା ଯେ ଭାବେ
ପୁଣି ସେହି ଜାତି ଘାବ ଉପ ପଢ଼ନ୍ତର

ଜାମ୍ବୁ—
ସ୍ୱଜାତି ପକ୍ଷପାତିତ୍ୱ ଅଛଇ ଶାସ୍ତ୍ରରେ
ପୁଣିଟି ଅଟଇ ଗୃଧ୍ର ସର୍ବଭୋଜ ଜାତି;

ରାମ—
ଅନ୍ୟ ଯେବେ ଯୋଗ୍ୟତର ନାହିଁ ଅନ
କେହି,

ବାବାଜୀ—
ଅଛୁ, ଅଛୁ,—ମହାପ୍ରଭୁ, ସେହି ଯେ
ଅନନ୍ତା—

ମୁଖଣ୍ଡ ଯାହାର ନାମ, ହୋଇଅଛୁ ଗୋଧ,
ସେହି ଉପି ଅଟେ ପୁଣି ବାଧ୍ୟରେ ସୁନ୍ଦର,
ତନ୍ତ୍ରୀ ପୁଣି ଖାଣଦାଅ ମୁଖ ।
ରାମ ଭକ୍ତ ଉପି ଥାଇ ହୋଇଅଛୁ ଏବେ,
ଧପା ଖାଇ ଜାମ୍ବୁ ଶରଣିଆ ।
ଧର୍ମ ସଭାପତି ଯଦି ହୁଅନ୍ତେ ମୁଖଣ୍ଡ,
ଅପଭି ବହନ୍ତା ନାହିଁ ଜାମ୍ବୁବାନଙ୍କର ।

ରାମ—(ଅର୍ଦ୍ଧମାର)
ତଥାସ୍ତୁ—ହେଲତ ସନ୍ତୁଷ୍ଟ ଏବେ ?

ଜାମ୍ବୁ—(ଭାଶି)
ନାହି—ସ୍ୱଦେଶ !—

ରାମ—(ସରୋଷେ)
'ମାଡ୍ରୁ ଫାଡ୍ରୁ' ଶୁଣିବାକୁ ନାହିଁ ଅବସର,
ଗାତ୍ର ଜଳେ ଶୁଣି ବାରବାର,
Final order ଏହୁ ମଣିବ ଅବାଟ
good bye, ଏବେ । ଧର ନିଜବାଟ ।

ଏମନ୍ତ ବହ୍ନାଭି ଶୁଣି ଜାମ୍ବୁ ଜଗନ୍ତର
ଭରବରେ ପଳାଣ ଶିବାନେର,
ଜନ୍ଦର ସ୍ୱଦଳ ଥାଭ୍ର ଉଜାଡ଼ ଭୂଦତେ,
ନବ ଲୁଡ଼ାଗାରେ ବସି କହିଲେ ଏମନ୍ତେ

ଜାମ୍ବବାନ—
ଶୁଣ ବନ୍ଧୁଗଣ,
ଲଙ୍କା ଓ ଅଯୋଧ୍ୟା ଜନ୍ମ ହୋଇଲା ଯାହାର,
ଯମ୍ବୁ ବାନ୍ଧୁଗଲେ, ଅବା ଅମ୍ଭର ହୋଇଲେ,
ମଝିରେ ମାରିଲେ ବଡ଼ ମାହାପାଣେ ବାଡ଼ି,
ଜାଲଛା ପରାଏ ଅଟେ ତିନ୍ତାଲ୍‌ ଅନାଦ ।
ଅସହ୍ୟ ଏ ବ୍ୟବହାର, ଅସହ୍ୟ, ଅସହ୍ୟ !

ଜହୁଁ ଜହୁଁ ବାଙ୍ଗ୍ୟଶେଷ ହୋଇଲା ତାଙ୍କର,
ଅଫା ଅଫା ମାର ସଟା ନଷ୍ଟ ରବ ଭଥା
ହେବାଳ ଅନ୍ତର ଉଷ୍ମା ଫଢ଼ିଲ ଉଚ୍ଛ୍ୱଳ,
ଦାର୍ଶନ ଇନ୍ଦ୍ରିୟ ବାହ୍ନି ଅଗ୍ନି କଣା ରୂପେ
ବାଙ୍କଠା ତେଶାଗ୍ର ହୋଇ ଗଡ଼ ଚଡ଼ ନାଦେ
ଛୁଟଇ ବାଗନ୍ତ ଅଡ଼େ ଇଲେକ୍‌ଟ୍ରି ପ୍ରବାହେ ।
'ହୋସିଅର' ଅବସ୍ଥାରେ ଦାଢ଼ି ଗୋଟିଗୋଟି
ହୋଇଗଲେ ଠିଆ
ତରବାଡ଼ି ହେଲ ମୁଷ୍ଟି ଦୃଢ଼
ରକ୍ଷଗଣି ଭାତର ଫଳବସ୍ତ୍ର
ଏମନ୍ତ ସମୟେ ବୀର ଭଲ୍ଲୁ ସେନା ଏତ
ସୂର୍ଯ୍ୟସମ ତେଜାସ୍ୱାନ୍
ଦାନ୍ତେ ଧରି ତେନ୍ତୁଳି ଓ ଲଙ୍କା
ଦକ୍ଷିଣୋକେଲୁଁ ଅସି ବେଢ଼ିଲେ ସେଠାରେ

(କ୍ରମଶଃ)

Digitized by srujanika@gmail.com



# କଳାକମ

ଅନ୍ଧକାର ଦେଖାଯାଏ ଗ୍ରାମୋଫୋନ କମ୍ପାନୀ ମାନଙ୍କର ଓଡ଼ିଆ ରେକର୍ଡ ତାଲିକା । ରେକର୍ଡର ସଂଖ୍ୟା କେବଳ ଅଳ୍ପ ଗଣା ପତ୍ର ଅଛନ୍ତି । ଏଥିପାଇଁ ଦାୟୀ କିଏ ? ଦାୟୀ ଏହି କମ୍ପାନୀ ବୃନ୍ଦ ନା ଗାୟକବୃନ୍ଦ ? ଅଳ୍ପ, ସେହିକଥା ବିଚାର କରି ଯାଉ ।

ପ୍ରଥମେ ଗ୍ରାମୋ ଫୋନ୍ କମ୍ପାନି ମାନେ ନୂଆ ଓଡ଼ିଶା ପ୍ରଦେଶର ଗଠନ ଓ ଓଡ଼ିଆ ଜାତିର ନବ ଜାଗରଣର ଅଭାବ ପାଇ ବ୍ୟବସାୟ ବୃଦ୍ଧି ଅପେକ୍ଷାରେ ପୂର୍ବଠାରୁ ଅଧିକ ବେଗ ଓ ଉତ୍ସାହ ସହିତ ଓଡ଼ିଆ ଗୀତ ଓ ଡ୍ରାମା ରେକର୍ଡ କରିବାକୁ ଆରମ୍ଭ କରିଦେବେ । ଏଥିଲାଗି ସେମାନଙ୍କୁ ଅନେକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ ଓ ଗାୟକମାନଙ୍କୁ ବହୁ ଦୂରରୁ ବହୁ ଶ୍ରମ ସ୍ୱୀକାର କରି ଆସିବାକୁ ପଡ଼େ ।

ଅତଏବ ପ୍ରତ୍ୟେକ କମ୍ପାନୀ ମାସରେ ଅନ୍ତତଃ ଦୁଇଖଣ୍ଡ କରି ରେକର୍ଡ଼ ବାହାର କରୁଥିଲେ, ମାତ୍ର ଏବେ ଆଉ ବାହା କଥା ଛାଡ଼ ଦଅନ୍ତୁ, ହିଜ୍ ମାଷ୍ଟା'ସ ଭଏସ ସ୍ଥଳ ତିନି ମାସରେ ଗୋଟିଏ ବାହାର କରିବାକୁ ନାରାଜ । କାରଣ ଆଗେ ଯେଉଁଠାରେ ଗୋଟିଏ ୨ ଗୀତର ୨୦୦ । ୨୦୦ କପି ବିକ୍ରି ହେଉଥିଲା, ସେ ସ୍ଥଳେ ୫୦।୬୦ କପି ହେବାକୁ ନାହିଁ ।

ଦ୍ୱିତୀୟ କାର୍ଯ୍ୟକର ଅଳ୍ପ ଦିନର ସମ-କ୍ଷରେ ମୁଁ ଯେବେ ଗୋଟିଏ କମ୍ପାନୀର ମାଲିକଙ୍କୁ ଏ ବିଷୟରେ ପ୍ରଶ୍ନ କରିବାରୁ ସେ ଉତ୍ତର ଦେଲେ ଯେ "ଅନେକ ଦୁର୍ଭାଗ୍ୟ ଯେ ଜାତିର ଦୁର୍ଭାଗ୍ୟ ଭଗବାନ ଜାଣନ୍ତି—ମାତ୍ର ଆମେ ଯେ ୨୦୦ ମାଇଲ ଦୌଡ଼ି ଓଡ଼ିଆ ଗାୟକମାନଙ୍କୁ ଧରି ଆଣୁ ଓ ସେଥିପାଇଁ ଏତେ ଟଙ୍କା ଖର୍ଚ୍ଚ କରୁଁ—ତାର ବଦଳରେ ପାଉଁ କଣ ? ସବୁ କଥା ଦୂରେ ଥାଉ, ରେକର୍ଡ଼ର ଖର୍ଚ୍ଚ ଉଠେନାହିଁ । ଏଥିରେ କହିବୁଁ କଣ ଆପଣ ଆଉ କହନ୍ତୁ ଭଲ ।"

ମୁଁ ବର୍ତ୍ତମାନ କହିବାକୁ ଚାହେଁ ଯେ ଏଥିପାଇଁ ଓଡ଼ିଶାର ଜନସାଧାରଣ ବା ରେକର୍ଡ କ୍ରେତା ମାନେହିଁ ଦାୟୀ । କାରଣ ଅନ୍ୟ ଜାତି ଠାରୁ ଏବେ ଖୁବ୍ ଭଲ ଗୀତ ଓ ଭଲ ଗାୟକ ପ୍ରତିଯୋଗିତା କ୍ଷେତ୍ରରେ ବାହାରି ଦେଉଛନ୍ତି— ଏବଂ ରେକର୍ଡ଼ମାନ ଭଲ ହେଉଛି ମଧ୍ୟ ଭଲ । ତଥାପି ଯେ ରେକର୍ଡ଼କୁ କେବଳ ବିକ୍ରି କମି ଯାଉଛି ତାହା ବୁଝି ହେଉନାହିଁ । ଏଥିର ଫଳରେ ଏହା ହେବ ଯେ ଗାୟକ ଓ କଳା-

## ଭାବିବାର କଥା
ଶ୍ରୀ ତରଣ ଚନ୍ଦ୍ର ଘୋଷ

କାରୁ ମାନେ କ୍ରମେ ଆଦର ଓ ଉତ୍ସାହ ନ ପାଇ ହତାଶ ହୋଇ ପଡ଼ିବେ ଓ ସଙ୍ଗୀତ ଚର୍ଚ୍ଚା ଏକାବେଳେ ଛାଡ଼ ଦେବେ ଓ ଅଳ୍ପ ଦିନ ମଧ୍ୟରେ ଓଡ଼ିଆ ସଙ୍ଗୀତ-କଳା ପର-ଦେଶୀ ମାନଙ୍କ ଠାରୁ ଯେଉଁ ସମାଦର ପାଉ-ଥିଲା ତାହା ଭୁଲି ଯିବେ ଓ ଓଡ଼ିଆ ସଙ୍ଗୀତର ଉନ୍ନତି ପଥରେ ବାଧା ଘଟିବ ।

ତେଣୁ ଏହା ମୋର ବିଶେଷ ଅନୁରୋଧ ଯେ ପ୍ରତ୍ୟେକ ଓଡ଼ିଆ ଗ୍ରାହକ ସ୍ୱଦେଶ, ସ୍ୱଜାତି ଓ ଜାତୀୟ କଳାର ଉନ୍ନତି କାମନାରେ ସବୁ ପ୍ରକାର ଓଡ଼ିଆ ରେକର୍ଡ କିଣନ୍ତୁ ଓ କଳାକାରୁ ମାନଙ୍କୁ ଉତ୍ସାହିତ କରନ୍ତୁ ।

"A nation is not known by its resources but by the talents and the entertainments she can boast of."

## କୁତୁକୁତୁ

ଶିକ୍ଷକ—ଆଚ୍ଛା କହ ଦେଖି, ଯଦି ଦଶ ଜଣ ଲୋକ ତିନି ଦିନରେ ଗୋଟିଏ କ୍ଷେତ୍ର ହଳ କରି ସାରି ଦିଅନ୍ତି, ତେବେ କୋଡ଼ିଏ ଜଣ ଲୋକ ତାକୁ କେତେ ଦିନରେ ସାରି ପାରିବେ ?

ଛାତ୍ର—ସାର୍, ଅସମ୍ଭବ, ଦଶଜଣ ତ ତାକୁ ହଳ କରି ସାରି ଦେଇଥିବେ, ଆଉ କୋଡ଼ିଏ ଜଣ କଅଣ କରିବେ ?

× × ×

ଶିକ୍ଷକ—( କ୍ଲାସରେ ) ତୁମ୍ଭେମାନେ ତୁମ୍ଭମାନଙ୍କର ଶିକ୍ଷକମାନଙ୍କୁ ନିଜ ପିତା ପରି ଜ୍ଞାନ କରିବ ଓ ସେମାନଙ୍କ କଥା ମାନିବ ।

ବୁଦ୍ଧିମାନ ଛାତ୍ର—ସାର୍, ମୋ ବାପା ମୋତେ ପ୍ରତିଦିନ ଅଣାକର ମିଠେଇ ଖାଇବାକୁ ଦିଅନ୍ତି, ଆପଣ କଣ ଦେବେ ?

\+ + +

ସ୍ତ୍ରୀ—ଏ ଶୁଣୁଛ, ମୋ ଖଟ ତଳେ କିଏ ଗୋଟିଏ ଘୁଙ୍ଗୁଡ଼ି ମାରୁଛି । ନିଶ୍ଚେ ଗୋଟାଏ ଚୋର ଲୁଚିଥିବ ।

ସ୍ୱାମୀ—ନାଁ, ନାଁ ତାକୁ ଚମକାଅ ନାହିଁ ତା'ଠୁ ରାତି ଗୋଟାକର ଘର ଭଡ଼ା ଆଦାୟ କରିବା ।

\+ + +

ଜଣେ ମୁସଲମାନ ଜମିଦାର ହିନ୍ଦୁଙ୍କ ମେଳଣ ତାଙ୍କୁ ପଇସା ଦାନ ସାହାଯ୍ୟ କରନ୍ତି । ସେ ଥରେ ପ୍ରସ୍ତାବ କଲେ ଯେ ମେଳଣ ପଡ଼ିଆଟି ବଡ଼ ଖାଲ ହୋଇଛି, ଏହାକୁ ପୋତି ଦେବା । ଅନ୍ୟମାନେ କହିଲେ ଏତେ ମାଟି ପୋତିବାକୁ ଅନେକ ଟଙ୍କା ଖର୍ଚ୍ଚ ହେବ ସେହି ଟଙ୍କାଟା ଅନ୍ୟ ପ୍ରକାର ଖର୍ଚ୍ଚରେ ଲଗାଇଲେ ଉପକାର ହେବ । ଖାଲ ଦ୍ୱାରା ତ କିଛି କ୍ଷତି ନାହିଁ ।

ଜମିଦାର—ସବୁ ବର୍ଷ ଫାଲ୍ଗୁନ ମାସରେ ମେଳଣ ପଡୁଛି ବୋଲି କିଛି ଜାଣିପାରୁ ନାହିଁ । ଯେଉଁ ବର୍ଷ ଆଷାଢ଼ ମାସରେ ମେଳଣ ପଡ଼ିବ ?

Digitized by srujanika@gmail.com



# ନାଗବଚାଦଲ



ସ୍ନେହର ନାତି ନାତୁଣୀଏ,

ଗୋଟିଏ କଥା ତମକୁ ଆଜି କହୁଛି । ଶୁଣିଲେ ତମ ଛାତି ନାଚି ଉଠିବ—ମୋ ଛାତି ବି ନାଚି ଉଠୁଛି । ଏ ଦେଶ ଦେବତାର ଦେଶ—ମଣିଷ ଜନମ ପାଇଁ ଏହି ଦେଶର ଲୋକେ ଦେବତା ଆଖ୍ୟା ପାଉଛନ୍ତି । ଖାଲି ବୁଦ୍ଧ, ଚୈତନ୍ୟ ଦେବତା ନଥିଲେ, ପୃଥ୍ୱୀରାଜ ବି ଦେବତା ଥିଲେ, ଗୁରୁଗୋବିନ୍ଦ ବି ଦେବତା ଥିଲେ । ଶିବାଜୀ ବି ଦେବତା, ଜହରଲାଲ ବି ଦେବତା, ସୁଭାଷ ବି ଦେବତା—ଗୋପବନ୍ଧୁ ବି ଦେବତା—

ଏ ଦେବତା ଦେଶ କି ଚିରଦିନ ପରାଧୀନ ହୋଇ ରହିପାରେ ? ଅସମ୍ଭବ । ସ୍ୱୟଂ ଭଗବାନ ମଧ୍ୟ ଏହାକୁ ପରାଧୀନ କରି ରଖି ପାରିବେ ନାହିଁ । କାରଣ ଆମେ ଅମର ଭଗବାନ—ଆମେ ଅମର ଭାଗ୍ୟ ବିଧାତା । ଆଜି ଆମ ଜାତୀୟତା ସବୁ କଂଗ୍ରେସ ହାତମୁଠାରେ ବସିଛି—ଆଜି ବିହାର ମଧ୍ୟପ୍ରଦେଶର ସଙ୍ଗୀନରେ ଇଂରେଜ ଶାସକମାନଙ୍କ 'ଏକଛତ୍ରବାଦ' ଡାକ ଶୁଣୁଛନ୍ତି । ଦେଢ଼ଶ ବର୍ଷ ଅତ୍ୟାଚାରର ଶାସନ ପରେ ଏ ଦେବତା ଦେଶର ସ୍ୱାଧୀନତା ସ୍ପୃହାକୁ ସୁଦ୍ଧା ତମମାନଙ୍କ ବପୁରେ ମଧ୍ୟ ଇଂରେଜ ଛାଡ଼ି ଦେବାକୁ ପାରୁ ନାହିଁ । ମନେରଖ ଆମେ ସେହି ଦେବତା ଦେଶରେ ଜନ୍ମ । ଆମେ ଚିରଦିନ ପରାଧୀନ ହୋଇ ରହିବୁ ନାହିଁ—ଆମକୁ କେହି ପରାଧୀନ କରି ରଖି ପାରିବେ ନାହିଁ ।

ଆଜି ଯେଉଁ କଂଗ୍ରେସ ନାମ ଶୁଣି ଇଂରେଜ ଶାସକମାନଙ୍କର ହୃତ୍କମ୍ପ ହେଉଛି—ମୁଁ ତାହାର ୫୦ ବର୍ଷର ଇତିହାସ କହୁଛି । ଖୁବ୍ ଅଳ୍ପରେ । ଶୁଣିଲେ ଖୁସି ହେବ, ତମ ଛାତି ନାଚି ଉଠିବ ।

୫୧ ବର୍ଷ ତଳେ—୧୮୮୫ ଖ୍ରୀଷ୍ଟାବ୍ଦରେ ବମ୍ବେସହରରେ କେତେ ଜଣ ଭଦ୍ରଲୋକ ଗୋଟିଏ ଦଳ କରିଥିଲେ, ଦେଶର ଦୁଃଖ ଦାରିଦ୍ର୍ୟ ଦୂରକରିବାର ଉପାୟ ଚିନ୍ତା କରିବା ପାଇଁ । ଏହି କଂଗ୍ରେସ ବୋଲି ଏତେବଡ଼ ଗଛଟାକୁ ଦେଖୁଛ—ସେଦିନ ହଇପୁରସରେ ମଞ୍ଜିଏ ଲୋକଙ୍କ ଉଦ୍ଯୋଗରେ ଲକ୍ଷ ଲକ୍ଷ ଲୋକ ପିନ୍ଧି ଯେଉଁ ଖଦ୍ଦରକୁ—ସେ ସେହି ସଦ୍ଧ—୫୧ ବର୍ଷ ପରେ ତାର ରୂପ ଆଜି ଏଇଆ ।

ପ୍ରଥମେ ଏ ସବୁ ମାନୀ ଦଳ ଅଙ୍ଗର କେତେକ ନିଷ୍ପ୍ରଦ ପ୍ରସ୍ତାବକୁ ପାସ୍ କରିଦେଲେ କାମ ସାରି ଦେଉଥିଲେ । କିନ୍ତୁ ମହାତ୍ମା ଗାନ୍ଧି ଆସି ତାର ରୂପକୁ ବଦଳାଇ ଦେଲେ । ୧୯୧୪ ମସିହାରେ ମହାସମର ହେଲା । ଭାରତବାସୀମାନେ ଧନ ଜନ ମନ ଦେଇ ଇଂରେଜଙ୍କର ସାହାଯ୍ୟ କଲେ । ସେମାନେ ଜୟୀ ହେଲେ । ମାତ୍ର ଇଂରେଜମାନେ ଭାରତବାସୀମାନଙ୍କୁ ସ୍ୱାଧୀନତା ଦେବା ପାଇଁ ଯେଉଁ କଥା ଦେଇଥିଲେ ତା ଭୁଲିଗଲେ । ଅଥବା ଭୁଲିଗଲା ଅଭିନୟ କରିଲେ । ଅର୍ଥାତ୍ ଯୁଦ୍ଧବେଳେ ଯେଉଁ କଥା ପଦସବୁ ଆମକୁ ଦିଆଯାଇଥିଲା, ଶାନ୍ତିବେଳେ ତ ଆମେ ସେସବୁ କଥା ମନେ ରଖିବୁ ବୋଲି ଆଶା ନଥିଲା । ଗାନ୍ଧିଜୀ ସତ୍ୟାଗ୍ରହ ଆରମ୍ଭ କଲେ । ଇଂରେଜମାନେ ତାର ପ୍ରତିଶୋଧ ନେଲେ । ପଞ୍ଜାବରେ ଜାଲିଅନୱାଲାବାଗ ବୋଲି ଗୋଟିଏ ଜାଗାରେ ଲୋକେ ସଭାକରି ଏହି ଅନ୍ୟାୟର ପ୍ରତିବାଦ କରୁଥିଲା ବେଳେ ସେନାପତି ଡାୟାର ସାହେବ ନିରୀହ ଲୋକଙ୍କ ଉପରେ ଗୁଳିକଲା—ଅମାନୁଷିକ ଭାବରେ । ବୀର ପଞ୍ଜାବୀମାନେ ଛାତି ପତାଇ ସେ ଗୁଳି ମୁହଁରେ ଠିଆହେଲେ ଭଲ୍ଲ ନଦୀ ବହିଗଲା । କିନ୍ତୁ ସେଇଠାରେ ଯେଉଁ ରକ୍ତ ଲାଗିଛି ସେ ରକ୍ତ ଆଜି ଲିଭିନାହିଁ—ଲିଭିନାହିଁ—ଭାରତ ସ୍ୱାଧୀନ ନହେବା ଯାଏଁ ଲିଭିବ ନାହିଁ । ସେ ରକ୍ତରେ ଅନ୍ତତଃ ଲେଖା ଅଛି ତମ ଆମ ଭଳି ଲୋକ ଅନ୍ତତଃ ଯେ ଦେବେ ଭାଗ ଠିକଣା ତ ନାହିଁ ।

୧୯୨୦ରେ ଗାନ୍ଧି ଅସହଯୋଗ ଆରମ୍ଭ କଲେ । ଅନ୍ଧ ନାଗରିକମାନଙ୍କୁ ଯେଉଁ ସତ୍ୟ ଓ ଅହିଂସା ପାଳନ କରିବା ଲାଗି ମୁଁ ସତ୍ୟ କହିଲି ନେଇଛ ସବୁ ଚାଲିଛି ଦେଇ ଅହିଂସା ଓ ସତ୍ୟ ଉପରେ ତାହାର ଅଭିଯୋଗ କଲେ । ବାହି ଚାଳି ହେଲେ । କିନ୍ତୁ ପରେ ଅନୁଷ୍ଠ ଚୌରି ଚୌରା ପାଇଲେ ।

ତାପରେ ଦେଶବନ୍ଧୁ ଗଲେ । ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଭିତରେ ସ୍ୱରାଜଦଳ ବୋଲି ଗୋଟିଏ ଦଳ ହେଲା । ସେମାନେ ବ୍ୟବସ୍ଥାପକ ସଭା ଭିତରେ ଭିତରୁ ସରକାରଙ୍କ ବାଧାଦେବେ ବୋଲି ଯାଇଥିଲେ ।

୧୯୨୮ରେ କଂଗ୍ରେସ ନେହେରୁ କମିଟିରୋଞ୍ଜ ଗୋଟିଏ କମିଟି ବସାଇ ଭାରତ ପାଇଁ ଗୋଟିଏ ସ୍ୱାଧୀନ ଶାସନ ଧାରା ତିଆରି କରି ସରକାରଙ୍କୁ ମଞ୍ଜୁର କରିବାକୁ କହିଲେ ଓ କହିଲେ ଯେ ଏକବର୍ଷ ମଧ୍ୟରେ ଏଥିରେ ମଞ୍ଜୁରୀ ନ ମିଳିଲେ କଂଗ୍ରେସ ପୁଣି ଅସହଯୋଗ କରିବ ।

ସାଇମନ କମିଶନ ବୋଲି ଆଉ ଗୋଟିଏ କମିଟି ବିଲାତରୁ ଇଂରେଜମାନେ ଭାରତ ଶାସନ ଧାରା ଠିକ କରିବାକୁ ପଠାଇଲେ । କଂଗ୍ରେସ ତାକୁ ମାନିଲା ନାହିଁ । ସବୁ ଜାଗାରେ ସେ କମିଟିକୁ ବର୍ଜନ କରିବାକୁ କଂଗ୍ରେସ ନେତାମାନେ କହିଲେ । ଦେଶଭକ୍ତ ପଞ୍ଜାବକେଶରୀ ଲାଲା ଲଜପତ୍‌ରାୟ ସେହି ପ୍ରତିବାଦରେ ଯୋଗ ଦେଇ ପୁଲିସର ଲାଠିମାଡ଼ ଖାଇଲେ, ତାରି ଫଳରେ ସେ ମରି ପଡ଼ିଲେ । ସଂଗ୍ରାମ ଯୋଦ୍ଧାର ତାଙ୍କର ଆତ୍ମା ଆଜି ତମମାନଙ୍କୁ ଚାହିଁ ବସିଛି—ତାଙ୍କ ଉପର ପ୍ରାଣବଳି ଦେବାପାଇଁ ତମକୁ ଡାକୁଛନ୍ତି— ।

୧୯୩୦ରେ ଲାହୋର କଂଗ୍ରେସ ଭାରତ ପୂର୍ଣ୍ଣ ସ୍ୱାଧୀନତା ଦାବିକଲା । ଗାନ୍ଧିଜୀ ବଡ଼ଲାଟଙ୍କ ପାଖକୁ ଖୁବ୍ ସାମାନ୍ୟ କେତୋଟି ଦାବିର ଅନୁମୋଦନ ଦୂର କରିଦେବା ପାଇଁ ଅନୁରୋଧ କଲେ, ବଡ଼ଲାଟ ସେଥିରେ ବି ନାରାଜ ହେଲେ । ଫଳରେ ଗାନ୍ଧିଜୀ ଲୁଣ ସତ୍ୟାଗ୍ରହ କରିବା ପାଇଁ ଦାଣ୍ଡିଯାତ୍ରା ଆରମ୍ଭ କଲେ । ସାରା ଭାରତବର୍ଷରେ ସତ୍ୟାଗ୍ରହ ହେଲା । କେତେ

Digitized by srujanika@gmail.com

ଲୋକଙ୍କ ହୃଦୟରେ ଜାଗି ଉଠିଲା ଶୁଭଦିନ— ଜାତୀୟତାର ଅନୁଭୂତି ଭାରତର ଅଧିକାର ଦାବି—ଆନ୍ଦୋଳନ ଚଳାଇଲେ। ଇଂରେଜ ସରକାର ଭାରତ ଶାସନ ଯନ୍ତ୍ରରେ ଏକ ଦଳ ଓ ତାଙ୍କ ଅନୁଗତ ଲୋକଙ୍କୁ ଚଳାଇଲେ। ଲୋକଙ୍କ କଥା ସେମାନେ ଆଦୌ ଶୁଣିଲେ ନାହିଁ। ଯେ ଦେଶ ସେବା କରିବାକୁ ଯୋଗ ଦେଇଛନ୍ତି ସେ ଦଣ୍ଡ ବନ୍ଦୀ ହେଲେ। ପୁଣି ଅତ୍ୟାଚାର ହେଲା। ମାତ୍ର ସଂଗ୍ରାମୀମାନେ କଂଗ୍ରେସ ଭିତରେ କେତେକ କାର୍ଯ୍ୟ କରିବାକୁ ଲାଗି ତାଙ୍କୁ ବନ୍ଦ କରିଦେଲେ।

ତା ପରେ ନୂଆ ଶାସନ ସଂସ୍କାର ଅନୁସାରେ କଂଗ୍ରେସ ଆନ୍ଦୋଳନ ଚଳାଇଲା। ଦେଶର ସ୍ୱାଧୀନ ମନୋଭାବ ଜାଗ୍ରତ କରିବା ପାଇଁ ଓ କଂଗ୍ରେସକୁ ଶକ୍ତିଶାଳୀ କରିବା ପାଇଁ କଂଗ୍ରେସ ବାଲାମାନେ ମନ୍ତ୍ରୀତ୍ୱକୁ ଗଲେ। ଏବଂ ବଡ଼ଲାଟ କଂଗ୍ରେସ ବାଲାମାନେ ମନ୍ତ୍ରୀ ହେଲେ ତାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ ବୋଲି ଲାଟ ଦେବାରୁ ସେମାନେ ମନ୍ତ୍ରୀତ୍ୱ ଗ୍ରହଣ କଲେ।

ମାତ୍ର ବଡ଼ଲାଟ ତାଙ୍କ କଥା ରଖିଲେ ନାହିଁ। ବିହାର ଓ ଯୁକ୍ତ ପ୍ରଦେଶରେ ରାଜବନ୍ଦୀମାନଙ୍କୁ ଖଲାସ କରିବା କଥା ମନ୍ତ୍ରୀମାନେ କହିବାରୁ ସେ ତାହା କାଟିଦେଲେ। ଫଳରେ ସେମାନେ ଇସ୍ତଫା ଦେଲେ।

ଏବେ ହରିପୁରଠାରେ କଂଗ୍ରେସ ବସି ବଡ଼ଲାଟଙ୍କୁ ଏ ବନ୍ଦୋବସ୍ତର ସ୍ୱତନ୍ତ୍ର କାର୍ଯ୍ୟ କରିବାକୁ ସମୟ ଓ ସୁବିଧା ଦେଉଛି।

ହରିପୁରଠାରେ କଂଗ୍ରେସ ଯେଉଁ ଅଭିମତ ଦେଇଅଛି ଏଥିରୁ ଜଣାଯାଏ ଯେ କଂଗ୍ରେସଦଳ ଶକ୍ତିଶାଳୀ ଅନୁଷ୍ଠାନ ସ୍ୱରୂପରେ ଗଢ଼ି ଉଠୁଛି। ଅତ୍ୟନ୍ତ ଖୁସିର କଥା ଯେ ଏବେ କଂଗ୍ରେସ ବେଶୀ ଭାବରେ କୃଷୀ ଓ ମୂଲିଆଙ୍କର ଅନୁଷ୍ଠାନ ହୋଇ ଯାଉଛି। ଏମାନେ ଦେଶର ପ୍ରକୃତ ଦୁଃଖୀ, ଓ କଷ୍ଟୀ। ଏମାନଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବା ଯେ କଂଗ୍ରେସର ପ୍ରଧାନ ଓ ପ୍ରଥମ କର୍ତ୍ତବ୍ୟ ଏଥିରେ ସନ୍ଦେହ ନାହିଁ।

ମୋଟାମୋଟି ତମକୁ କଂଗ୍ରେସର ୫୧ ବର୍ଷର ଇତିହାସ କହିଗଲି।

ଚିନ୍ତାକର, ଏଥିରୁ ତମେ କ'ଣ ଶିଖିଲ? ତମେ ଏହି କଂଗ୍ରେସର ନେତାମାନଙ୍କର ଆଦର୍ଶ ଆଖି ଆଗରେ ରଖି ପାଠପଢ଼। ମନେରଖ ତମେ ଯେଉଁ ଜ୍ଞାନ ଅର୍ଜନ କରୁଛ, ତାହା ସ୍ୱାର୍ଥର କରିବା ପାଇଁ ନୁହେଁ—ଦେଶର ସେବା କରିବା ପାଇଁ। ଏତକ କହି ଆଜି ବିଦାୟ ନେଲି।

ତମର
ପ୍ରିୟ ଅଜା

## ନୂଆ ନାଗବନ୍ଧୁଙ୍କ ନାମ।

୩୬। ଶ୍ରୀମାନ ଅମରଚନ୍ଦ୍ର କୁମାର ମହାପାତ୍ର C/o ବିଶ୍ୱମୋହନ ମହାପାତ୍ର, ସାହେବଜାଦା ବଜାର, ପୋ: ଅ: ବୁଦ୍ଧଳାଟେଣ୍ଟିକ, କଟକ। ୩୭। ଶ୍ରୀ ଶୈଳେନ୍ଦ୍ର କୁମାର ମହାପାତ୍ର, ସାହେବଜାଦା ବଜାର, ପୋ: ଅ: ବୁଦ୍ଧଳାଟେଣ୍ଟିକ କଟକ। ୩୮। ଶ୍ରୀ ସୁରେନ୍ଦ୍ରନାଥ ପାଣିଗ୍ରାହୀ। ଦୋଳମଣ୍ଡପ, ମି: ଇ: ସ୍କୁଲ ୭ମ ଶ୍ରେଣୀ, ଦୋଳସାହି, ଭଦ୍ରକ। ୩୯। ଶ୍ରୀମତୀ ପୁତାପିଳା ଦେଈ, ହାତଗୋଲିଆ ଖ: ପା: ସ୍କୁଲ, ପୋ: ଅ: ଖାଜୁରା, ବାଲେଶ୍ୱର। ୪୦। ବସନ୍ତ କୁମାର ଦାସ, ତାଳପଦା ହାଇସ୍କୁଲ, ବାରିପଦା। ୪୧। ଅନ୍ନପୂର୍ଣ୍ଣା ଦେଈ, C/o ଗୋଲକଚନ୍ଦ୍ର ଦାସ, ସେଟେଲମେଣ୍ଟ, କଟକ। ୪୨। ରଘୁନାଥ ଦାସ 39 P. Q. A. Road ବନ୍ଧୁପୁର ପୋ: ଅ: ଜାମସେଦପୁର। ୪୩। ଶ୍ରୀମତୀ ଶିପ୍ରା ମହାନ୍ତି ଅବକାରୀର ଅଫିସ ପୋ: ଅ: ବୁଦ୍ଧଳାଟେଣ୍ଟିକ କଟକ। ୪୪। ଶ୍ରୀମତୀ ରେଣୁକା ମହାନ୍ତି, ଅବକାରୀର ଅଫିସ ପୋ:ଅ: ବୁଦ୍ଧଳାଟେଣ୍ଟିକ କଟକ। ୪୫। ଶ୍ରୀ ସାରେଶ୍ୱର ଦେ, ବାରିପଦା ହାଇସ୍କୁଲ ନବମ ଶ୍ରେଣୀ। ପୋ:ଅ: ବାରିପଦା।

(କ୍ରମାନୁସାରେ ବାହାରିବ)

## ନାଗବନ୍ଧୁ ଦଳର ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜାତିର ପରିଚୟ କରାଇବା, ଜନମନର କଲ୍ୟାଣ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା।

୨। ଉତ୍କଳର ମଧ୍ୟସ୍ଥଭାବରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ, ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା।

୩। ମାତୃଭୂମି ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା।

୪। ସତ୍ୟ, ସେବା, ସାହସ ଓ ଅହିଂସା ବ୍ରତ ସାଧନରେ ସେମାନଙ୍କୁ ଉଦ୍‌ବୁଦ୍ଧ କରାଇବା।

## ପ୍ରତିଜ୍ଞା ପତ୍ର।

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ। ମୋର ବୟସ ୧୮ ବର୍ଷରୁ କମ୍। ମୁଁ ସତ୍ୟ ସେବା ସାହସ ଓ ଅହିଂସା ବ୍ରତ ପାଳନ କରିବି। ଦୟାକରି ନାଗବନ୍ଧୁଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସହ ୦/ର ଡାକ ଟିକଟ ପଠାଇଲି।

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ ________________

ଠିକଣା ________________

ତାରିଖ ... ... ...

## କୁତୁକୁତୁ

ଚାକର—ବାବୁ ଆପଣଙ୍କୁ ଜଣେ ବାହାରେ ଡାକୁଛନ୍ତି।

ବାବୁ—(Avoid କରିବାର ଇଚ୍ଛା ଥିବାରୁ) କହିଲେ ଯା କହିଦେବୁ ବାବୁ ଘରେ ନାହାନ୍ତି।

ଚାକର—ବାହାରକୁ ଆସି ଭଦ୍ର ଲୋକଙ୍କ କହିଲେ ବାବୁ କହିଲେ ବାବୁ ଘରେ ନାହାନ୍ତି।

Printed & published at the Gopinath Press, Bhadrak by Editor N. Mahapatra & issued from Dagaro office, Bhadrak—1938

Digitized by srujanika@gmail.com

ନୂତନ ଓ ପୁରାତନ ମ୍ୟାଲେରିଆ ଜ୍ୱର, କାଳିଜ୍ୱର, [illegible]

ଫିଭରୀନ୍

[illegible]

ବାଲେଶ୍ୱରର [illegible]

[illegible] ବ୍ୟାପୀ କରିଥାଏ ।

ସର୍ବପ୍ରକାର ଜ୍ୱରୌଷଧ ଅପେକ୍ଷା ଏହାର [illegible] ।

ସବୁଠି ଏଜେଣ୍ଟ ଆବଶ୍ୟକ ।

—ପ୍ରାପ୍ତିସ୍ଥାନ—।

ଦି ଓରିଏଣ୍ଟାଲ୍ ହଲ୍

ବାଲେଶ୍ୱର ।

## 'ଚ୍ୟାଲେଞ୍ଜ' ???

[illegible] କାଲି ବ୍ୟବହାର କରନ୍ତୁ ।

ପ୍ରସ୍ତୁତ କାରକ

ଓଡ଼ିଶା କେମିକ୍ୟାଲ ଲିମିଟେଡ୍

## 'ବିଶଲ୍ୟ କରଣୀ ମଲମ'

କଟା ଘା, ପୋଡ଼ା ଘା, [illegible] ଫୋଟକା, [illegible] ମହୌଷଧ । [illegible]

ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ।

[illegible]

## ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

### ଜଗନ୍ନାଥ ବଟିକା

[illegible]

ନିବେଦକ—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

କବିରାଜ ଶ୍ରୀ ବିଶ୍ୱନାଥଦାସ ଏ. ବି, ଏଲ୍. ଏଚ. ଏମ୍. ଏସ୍.

[illegible]



[illegible]

ପଥର ଦାନ୍ତ [illegible]

[illegible]

ଦାନ୍ତ ଡାକ୍ତର ଶ୍ରୀ ନବକିଶୋର ମୂର୍ତ୍ତି—କଟକ

[illegible]



REG. NO. P 441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନ୍ସୁରେନ୍ସ ସୋସାଇଟି ଲିଃ କଲିକତା

[illegible] ଭାରତୀୟ [illegible] ବୀମା କୋମ୍ପାନୀ ମଧ୍ୟରେ [illegible] ।

ଏହା [illegible] ।

[illegible] ।

[illegible] ।

[illegible] ।

[illegible] ।

ନୂତନ ବୀମା [illegible]

[illegible]

[illegible]

[illegible]

[illegible]

ଆଜି କେବଳ [illegible] ହୋଇଛି । [illegible]

[illegible] ।

([illegible] ।)

[illegible] ।

[illegible] ।

[illegible]      [illegible]

[illegible] ।     [illegible] ।

---

## ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

### ଯୋଗଶକ୍ତି

[illegible] ସ୍ୱପ୍ନଦୋଷ (Night Pollution) [illegible] ।

### ରତି ଶକ୍ତି

ଏହା [illegible] ।

### କର୍ପୂରାରିଷ୍ଟ

ହଇଜା ଗୋଟିଏ ଭୟଙ୍କର ରୋଗ । [illegible] ଗୋଟିଏ ଶିଶି କର୍ପୂରାରିଷ୍ଟ [illegible] ନାହିଁ ।

—[illegible]—

[illegible]

[illegible],

[illegible] ।

ବୈଦ୍ୟରାଜ

C/o ଶ୍ରୀ [illegible]

ଠିକଣା — ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ

ଆୟୁର୍ବେଦାଚାର୍ଯ୍ୟ


ପ୍ରକାଶକ — ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ସାହିତ୍ୟ ସମ୍ପାଦକ — ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com

ଫାଲ୍ଗୁନ ଦ୍ୱିତୀୟାର୍ଦ୍ଧ— ସସ୍ତା, ସୁନ୍ଦର, ହାସ୍ୟରସ-ପ୍ରଧାନ ସଚିତ୍ର ପାକ୍ଷିକ— ପ୍ରଥମ ବର୍ଷ ୨୦ଶ ସଂଖ୍ୟା



# ଖଲାସ !

କିପ୍ରେମାଉ୍



ନବବ୍ରହ୍ମାୟଣ

ସେର ଜେଙ୍ଗ୍—ବନ୍ଦିଙ୍କ ଖଲାସ କରୁଁ କରୁଁ--ଆପେ ଲୋପ ହୋଇ ଗଲ କି ବନ୍ଧୁ !

ନାହିଁ ମ !

Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର







ବାଲୁବଜାର, ପୋ. ଗୁଡ଼ିନୀଡ଼ଗୋଡ଼—କଟକ ।




ଟ ୨୦୯ ଙ୍କା ପୁରସ୍କାର !

ଟ ୨୦୯ ଙ୍କା ପୁରସ୍କାର !!

ଗ୍ରାହକମାନଙ୍କର ଫରମାଏସ୍ ଅନୁସାରେ ଆମ୍ଭେମାନେ ସୁନା, ରୁପା ଏବଂ ବହୁମୂଲ୍ୟ ପଥରର ଉତ୍କୃଷ୍ଟ ଅଳଙ୍କାରମାନ ସର୍ବଦା ସୁଲଭରେ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଅନେକ ଦିନରୁ ଅଭିଜ୍ଞ କୌଶଳୀ ମିସ୍ତ୍ରୀଙ୍କ ଦ୍ୱାରା ଆମ୍ଭମାନଙ୍କର ସାଧୁତା [illegible] ପରିଚୟ ଦେଇ ଆସୁଅଛି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରଣାଳୀ କରିଥିବାରୁ ବଜାରଠାରୁ [illegible] ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ଆମ୍ଭେମାନେ [illegible] ଦେବାକୁ ପ୍ରସ୍ତୁତ ନାହିଁ । ପ୍ରତ୍ୟେକ [illegible] ଭରି ବଡ଼ ପଞ୍ଜା ବଜାରର ସୁବିଧା [illegible] ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ [illegible] ଦେଖାଇ ପାରିଲେ ଆମ୍ଭେମାନେ ୧୦୦୦ ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ନିବେଦକ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ (ଜହୁରୀ)**

ବାଲୁବଜାର, ପୋ: ଗୁଡ଼ିନୀଡ଼ଗୋଡ଼—କଟକ





## ଉତ୍କଳ ନିୟମାବଳୀ ।

୧ । ଉତ୍କଳ ମାସରେ ଦୁଇଥର ଦେଖାଯାଏ ।

୨ । ଉତ୍କଳ ବାର୍ଷିକ ଅଗ୍ରୀମ ଟ ୨୮ ଙ୍କା ପ୍ରତିସଂଖ୍ୟା ଟ୦/

୩ । ଛାତ୍ରମାନଙ୍କ ପାଇଁ ଟ ୧୨ ଙ୍କା

୪ । ଯେ କୌଣସି ସଂଖ୍ୟାରୁ ଗ୍ରାହକ ହେବାର ସୁବିଧା ଅଛି ।

୫ । ସମସ୍ତ ଟଙ୍କା ପଇସା ଓ ଚିଠି ପତ୍ର 'ଉତ୍କଳ ଅଫିସ' ଭଦ୍ରକକୁ ପଠାଇବାକୁ ହେବ ।

୬ । ଉତ୍ତର ପାଇବାର ଇଚ୍ଛା ଥିଲେ ଟିକଟ ପଠାଇବାକୁ ହେବ ।

୭ । ପ୍ରାପ୍ତିର ଏକ ମାସ ମଧ୍ୟରେ ବାର୍ଷିକ ଗ୍ରାହକ ହେଲେ କୌଣସି ଗୋଳମାଳ ହେଲେ ଉତ୍କଳ ଅଫିସ ଦାୟୀ ନୁହନ୍ତି ।

୮ । ଲେଖା ଉତ୍କଳ ଅଫିସରେ ପଠାଇବା ଦରକାର ।

୯ । ଟିକଟ ନ ଦେଲେ ଅମନୋନୀତ ଲେଖା ଫେରସ୍ତ ଦିଆଯିବ ନାହିଁ ।

Digitized by srujanika@gmail.com

ଭାବର ମନ୍ଦାକିନୀ ଧାରା !

ରାଗର ବୀଣା ଝଙ୍କାର ! ଭାଷାର ଅମୃତ ନିର୍ଝର !

କବି ଲକ୍ଷ୍ମୀକାନ୍ତଙ୍କର ଅପୂର୍ବ ରସସୃଷ୍ଟି ।

[illegible] **ଜୀବନ ସଙ୍ଗୀତ** [illegible] ଅଣା

**ସଙ୍ଗୀତ ସାହିତ୍ୟରେ ଯୁଗାନ୍ତର ।**

ଜାତୀୟତାର ବିଜୟ ଦୁନ୍ଦୁଭି !

**ସ୍ୱଦେଶ ପ୍ରେମର ବଜ୍ର ଗର୍ଜନ !**

ମୂଲ୍ୟ **ଦୁନ୍ଦୁଭି** [illegible] ଅଣା

ଗୋପୀନାଥ ପ୍ରେସ, ଭଦ୍ରକ ।

( [illegible] ପୁସ୍ତକାଳୟରେ ମିଳେ )

Digitized by srujanika@gmail.com



# ବିଲୁଆ ବିଚାର

[ପ୍ରତ୍ୟେକ ବସ୍ତୁକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, ନିର୍ଦ୍ଦୋଷ କୌତୁକ ହାସ ରସ ସଞ୍ଚାର କରିବା ଉପରର ମୁଖ୍ୟ ଉଦ୍ଦେଶ୍ୟ]

ସମ୍ପାଦକୀୟ:

ମୁସଲମାନ ନେତା ଜିନ୍ନା ସାହେବ ମିରଟରେ ଏକ ଭାଷଣରେ କହିଛନ୍ତି କି ଆଜି କଂଗ୍ରେସ ଆମକୁ କହୁଛନ୍ତି 'ତମେ କଣ ଚାହଁ ?' ତାଙ୍କ ନିଷ୍ପତ୍ତି କହିବେ "ଯାହା ଚାହୁଁଛ ତାହା ନିଅ"। କଂଗ୍ରେସ ଯେପରି ତାଙ୍କୁ ଖୋସାମଦ କରିବାରେ ଲାଗିଛି, ସେଥିରେ ତାଙ୍କର ଏପରି କହିବା ଆଶ୍ଚର୍ଯ୍ୟଜନକ ନୁହେଁ। ତେବେ କଥାଟା ଯେ ଶୁଣିକି ତାର 'ମଧୁରତ୍ୟା' ଘଟଣାଟା ମନେ ପଡ଼ୁଥିବ ନାହିଁକି ?

\+ \+ \+

ଛାତ୍ର—ଏଇଟା କାଗଜ ?

ଗୁରୁ—ବହି ଖୋଲ।

ଛାତ୍ର—ଏତ ଖାଲି ପତର ଗୁଡ଼ାଏ, ଏଥିରେ ଲେଖା କାହିଁ ?"

ଏକଥାଟା ଉ ପ ର ର କୁଳୁକୁଳୁରେ ଚାହାଁଉଛି ବୋଲି କେହୁ ଯେପରି ଭୁଲ ନକରନ୍ତି। ୧୯୩୭-୩୮ ପାଇଁ ଓଡ଼ିଶା ସରକାରଙ୍କ ବଜେଟ ଦେଖି ଜଣେ ସ୍କୁଲଜାତ ଶିକ୍ଷାର୍ଥୀ ପଢ଼ିକୁଯାଉ ଏକଥା ତାଙ୍କ ଗୁରୁଙ୍କୁ ପଚାରିଥିଲେ। ଗୁରୁ ତାଙ୍କେ କହିଲେ— "ସବୁର କର ଏଥିରେ ଲେଖା ପଡ଼ିବ।" କେତେଦିନ ଯେ ସବୁର କରିବାକୁ ହେବ ସେ କଥା ଆଉ କହିଲେ ନାହିଁ।

ସବୁର କର କହି ରାବଣ ସୀତାଙ୍କୁ ପିନ୍ଧା ଶୁଣି ବାନ୍ଧିପାରି ନଥିଲା। ଆମ ଓଡ଼ିଶାମନ୍ତ୍ରୀ କିନ୍ତୁ ପାରିବେ, ଭରସା ଅଛି। ଏ ଅଖି ଦେଖା।

× × ×

ପିଲାଟିଏ କଣ୍ଢେଇ ଧରିଲେ ତାକୁ ଯଦି କେହି ଦୁଷ୍ଟ ବୋଲି ଗାଳିଦିଏ କି ଦଣ୍ଡ କେହି ଅହାହା ଦୋହରିଲା ଭୁଲଟା ବୋଲି କହେ ତେବେ ସେ ତାକୁ ନଥିଲା ବ ଭାବେ ଆଉ ଭାବ ବୁଝିପାରେ। ଆମ ପ୍ରଧାନ ମନ୍ତ୍ରୀଙ୍କୁ ଯଦି କେହି ଭୁଲ କଲ ବୋଲି କହନ୍ତି ତେବେ ସେ ଦେହପଣ ଛାଡ଼ିବାର ଓ ରାଗିବାର ଦେଖାନ୍ତି। ଆଉ ତାଙ୍କ କଣ୍ଢେଇ ପଢ଼ିବା ଦେଖି ଯଦି କେହି ଉଠିଁଟେ ମାରିଦେଲା ବୋଲି କହେ ତେବେ ସେ ଗ୍ରାବ ଖୁସି ହୋଇଯାନ୍ତି। ସ୍ୱା ବୋଲି ଆମେ କ'ଣ ପ୍ରଧାନମନ୍ତ୍ରୀଙ୍କୁ ପିଲାବୋଲି କହୁଛୁ ? ଅସମ୍ଭବ। ତାଙ୍କର ଦାନ୍ତ ନଥାଇ ପଡ଼ିଛି।

× × ×

> ## ନିର୍ଦ୍ଦେଶ।
>
> କୌଣସି ସରକାର ଯଦି ହମସ୍ତି ମଙ୍ଗଳର ଆଳ ଧରି ବ୍ୟକ୍ତିଗତ ସମ୍ମାନ ଓ ସ୍ୱାର୍ଥକୁ ପେଷଣ ଓ ଦଳନ କରୁଥାଏ ତାହା ପ୍ରଶଂସାର କଥା ହୋଇ ନପାରେ—ମାତ୍ର ବ୍ୟକ୍ତି ଯଦି, ତାର ବ୍ୟକ୍ତିତ୍ୱ ହରାଇ ଅଣଶାଳୁ ଦୀନ ହୀନ, ଦୁଷ୍ଟ, ଦୁର୍ବଳ ମଣି ନିଜର ନାଗରିକ ସ୍ୱାଧୀନତା ଓ ନ୍ୟାଯ୍ୟ ଦାବୀ ଛାଡ଼ିଦିଏ, ତାହା ଅତି ଲଜ୍ଜାର କଥା।

ଆମ ଗାଁ ଜମିଦାରେ ଉତ୍ତାର ଦାନ ଶତାବ୍ଦୀକୁ ହିଟ ମୁଠା ଦେଉଥନ୍ତି ବୋଲି ସେ ଦାତାକର୍ଣ୍ଣ ବୋଲାନ୍ତି ଓ ନିଜେ ଜଣେ ମହାତ୍ୟାଗୀ ବୋଲି କହନ୍ତି। କଲିକତାର ଜଣେ ଲୋଡ଼ପତି ମୃତ୍ୟୁରେ ଗୋଟିଏ ଧର୍ମଶାଳା କରି ନିଜ ନାମର ଆଗପଛ ଗୃହଧ୍ୟାନ ଉପାଧି ଲଗାଇ ନିଜକୁ ଜଣେ ସବୁ ଦାନୀ ବୋଲି ସାବ୍ୟସ୍ତ କରନ୍ତି। ଓଡ଼ିଶାର ଅର୍ଥମନ୍ତ୍ରୀ ତଦ୍ଦ ଥାଳୁ ପୋଷେ, ଗୋଳମ ଛାପ ଲଗାଇ ଖୁବ୍ କଲେ। ବୋଲି ଆଉ ପ୍ରବାଦ ଶୁଣାଉଛନ୍ତି ତେବେ ସେଟା ତାଙ୍କର ଦୋଷ ବୋଲି ଯେ କହିବ ସେ ମୂର୍ଖ। କାରଣ ସେଟା ପ୍ରକୃତରେ ତାଙ୍କ ଦୋଷ ନୁହେଁ— ଏ ଦେଶର ପାଣିପାଗର ଦୋଷ।

\+ \+ \+

ଆମ ଚେଙ୍କେଙ୍କର ଗୋଟିଏ ମାମୁଁ ଥିଲା। ସେଉଟି କଣା। କେତେ ଅମର ଦେଖି ଯାଆନ୍ତି, କଣାମାମୁଁଟିକୁ ସାଙ୍ଗରେ ନେଇ ଯାନ୍ତି। ଅଉ ଥାଇ ଥାଇ 'ମୋର ମାମୁଁ ଅଛି' ବୋଲି କହି ଗୋଟାଏ ଗୋଟାଏ ଲଲକାର ଛାଡ଼ନ୍ତି।

ଆ ମ ର କଂଗ୍ରେସ ମନ୍ତ୍ରୀ, କଂଗ୍ରେସ ସରକାର; କଂଗ୍ରେସ କମିଟି, ଅମେ ବି ହୁଁ ହୁଁ ହେଲେ ଦୋଷ କ'ଣ ? ସେଟାତ ଆମ ପୂର୍ବ ପୁରୁଷଙ୍କ ଉତ୍ତରାଧିକାରୀ ସମ୍ପତ୍ତି ପାଇଁକି।

\+ \+ \+

ଓଡ଼ିଶାର ଖବର କାଗଜ ମାନଙ୍କରେ ଗୋଟିଏ ସମ୍ମିଳନୀ ହୋଇଥିଲା, ଓଡ଼ିଶା ଲାଟ ସାହେବ କମିଟି ଚୁମ ଉପରେ, ୨ ତାରିଖ ରାତି ବାରଟା ବେଳେ। ସେଥିରେ ହାଜର ନଥିଲେ କେବଳ ସ୍ଥାନୀୟ ଗୋଟିଏ ଦୈନିକ ଓ ଗୋଟିଏ ସାପ୍ତାହିକ କାଗଜ, ସେଠାରେ ପ୍ରସ୍ତାବ ହେଲା ଯେ, ଗଙ୍ଗାକୁ ପଛେ ଗାଈ ବୋଲି କହିବ, ଦମାଂକୁ ପଛେ ହରକଳା ବୋଲି କହିବ ଆମ ଓଡ଼ିଶା ମନ୍ତ୍ରୀଙ୍କର କିଛି ଦୋଷ ଅଛି ବୋଲି କେହି ଯେପରି ଭ୍ରମରେ ନକହନ୍ତି।

ଆସନ୍ତା ବର୍ଷ ଓଡ଼ିଶା ପ୍ରଧାନ ମନ୍ତ୍ରୀ ଏହାଶୁଣି ବଡ଼ ଆଶ୍ୱସ୍ତ ହେବେ।

\+ \+ \+



Digitized by srujanika@gmail.com

ମୁକ୍ତ ପ୍ରଦେଶ ଓ ବମ୍ବାଇରେ ଯେଉଁ ଝଡ଼ ମନ୍ତ୍ରୀ × କଳ ହୋଇ ପଡ଼ିଥିଲା ତାହା ସେମିତି ସେମିତି ହୋଇ ନଥିଲେ ସାରା ଦେଶରେ କି ଘୋର ପ୍ରତିକ୍ରିୟା ହୋଇ-ଥାନ୍ତା ତାହା କେହି ଅନୁମାନ କରି ପାରିବେ ନାହିଁ। ଏଥିର ଅନେକ ଦେଶ ଓ ପର ଜାତୀୟ ଛାଡ଼ି ହେଇଗଲେ। ଘର କରୁଥିଲେ ବାଘ—ଘରଣୀଙ୍କ ଭିତରେ ଏପରି ମନ୍ଦିରେ ? ହଟାଣ ସ୍ୱାଭାବିକ। ମାତ୍ର ହେଲା Happy family (ସୁଖର-ପରିବାର) ହା ଯେ କୃଷି ପାରିବାରିକ ସୁଖ ଶାନ୍ତିରେ ରହିଗଲେ ଦିନାଦେକେ, ଏଥିରେ ଅମେ ସମସ୍ତେ ଖୁସି— ଅବଶ୍ୟ ମୁସ୍ଲିମ ଲିଗ୍, ମହାସଭା, ମହାଜନ ଓ ମହନ୍ତଙ୍କ ଛଡ଼ା।

× × ×

ଗୋପାଳ କେବେ ମିଥ୍ୟା କହେ ନାହିଁ, ମାତ୍ର ଅବଧାନେ ତାଙ୍କୁ କହନ୍ତି, "ଗୋପାଳ, ମୁଁ ଆଶାକରେ ତୁ ସର୍ବଦା ସତ୍ୟ କଥା କହିବାକୁ ଚେଷ୍ଟା କରିବୁ।" ସେହିପରି ଅତ୍ୟନ୍ତ ଶାନ୍ତ ଏବଂ ସୁଧୀର ବାଳକ ଅଚ୍ୟୁତ ମାତ୍ର ତାର ବାପା ତାକୁ ବୋଧିଦେଇ କହନ୍ତି—"ମୁଁ ଆଶାକରେଁ, ତୁ ଆଉ ଯେପରି ଦୁଷ୍ଟାମି ନକରୁ ସେଥିପାଇଁ ସର୍ବଦା ଚେଷ୍ଟା କରିବୁ।" ଅସାମୀଙ୍କୁ ମଧ୍ୟ ଜଜ୍ ଖଲାସ ଦେଇ ଦେଲେ କହେ, "ଆଶାକରେଁ ତୁ ସାଧୁ ହେବାକୁ ଚେଷ୍ଟା କରିବୁ।" ମାତ୍ର ତା ବୋଲି ଯେ ଅସାମୀଟି ଅସାଧୁ ବା ଚୋର ତାର କିଛି ମାନେ ନାହିଁ।

ମହତାବ ମଧ୍ୟ ସେହିପରି କୌଣସି ପନ୍ଥ ନେଇ କାମ କରନ୍ତି ନାହିଁ, ମାତ୍ର ଜାଲିମ ଲକ୍ଷ୍ମୀଦାସ—ନା ନା ସତ୍ୟ ସମାଚାର—ନା-ନା ଉଣିଟି କ'ଣ ?—ସମାଜ—ହଁ ହଁ, ମୁଦ୍ରିତ, ଚଳିତ, ବିସ୍ତୃତ ମୃତ, ଦେଓଳିଙ୍କ ପରିଷ୍କୃତ ସମାଜ କହେ—"ଆଶାକରୁଛୁ ମହତାବ ଭାଇ ସ୍ୱଚ୍ଛଦାୟିତ୍ୱ ଗାରିପେଣ୍ଟ ସ୍ତରେ ତୁଳାଇବା ପାଇଁ ଚେଷ୍ଟା କରିବେ।" ସାଧୁ ଅଭିବାଦନ।

× × ×

ଟେକ ଧରିବା ଭାମସ୍ଥା ବଡ଼ ସହଜ ନୁହେଁ। ଗୋପପୁର ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ଟେକିଥିଲେ ବୋଲି ଶୁଣାଯାଏ। ଭଗବାନ ମଧ୍ୟ ଭକ୍ତର ମାନ ଟେକ ରଖନ୍ତି ବୋଲି ଶୁଣାଯାଏ—ଭକ୍ତ ମଧ୍ୟ ପରିବର୍ତ୍ତରେ ଠାକୁରଙ୍କୁ ଟେକ ଧରି-ଥାଏ। ତା ନୋହିଲେ ଆଉ କିଏ କାହାର ଟେକ ଧରେ ? ମୁକ୍ତ ପ୍ରଦେଶର ଅକଂଗ୍ରେସୀ ନେତା ଚନ୍ଦ୍ରାସ୍ୱାମୀ, ବିହାରର ବେକଂଗ୍ରେସୀ ନେତା ଚନ୍ଦ୍ରେଶ୍ୱର, ସମସ୍ତେ ଶାସନ ସ୍ତମ୍ଭକୁ ଟେକି ଧରିବାକୁ ମନା କଲେ। କିନ୍ତୁ ଟେକା ଟେକ ହେଲ ନ ପଡ଼ୁଣୁ ଭାବେ ଆମ ଓଡ଼ିଶାର ତନାଜଣ ଟେକୁଅନ୍ନେକ ଲାଟଙ୍କୁ ଦେଖା କରି ଜଣାଇ ଦେଇ ଆସିଲେ ଯେ ପଦ ଦରକାର ପଡ଼େ ସେମାନେ ମନ୍ତ୍ରୀଙ୍କର ଗୃହସ୍ତମ୍ଭକୁ ଟେକି ଧରିବେ।

କମ ସାହସର କଥା ନୁହେଁ—ନହେଲେ କି ଓଡ଼ିଆ ପୁଅ ! — ବୀର !

\+ \+ \+

ଜହରଲାଲ୍ ଜଣେ ଜୁଟ ପ୍ରେମିକ। ସେ କହିଲେ ଲଣ୍ଡି ଅକୁ ଭୁଷିଅ କରିଦେବେ। ସୁଭାଷ ଏଣେ ଅଦୃରଳଣ୍ଡ ରସିକ। ତାଙ୍କ ମନରେ ଲଣ୍ଡି ଅକୁ ଅଭିର ପାଲଟାଇବେ। ଅମେ ଲଣ୍ଡିଅବାସୀ ଏପରି ଘଣ୍ଟ ଗଡ଼ ପାଲଟା ପାଲଟିରେ କୁଆଡ଼େ ହେବୁଁ ତାର ଠିକଣା ମିଳୁନାହିଁ। ତେବେ ଏତିକି ଭରସା ଯେ ଗାନ୍ଧୀ ବୁଢ଼ା ବଞ୍ଚିଥିବା ଯାଏ ଲଣ୍ଡିଅ ଅମର ଯେ 'ଭାରତ' ହେବାକୁ ଗୃଲିଥିବ ଏଥିରେ ସନ୍ଦେହ ନାହିଁ। ଦେଖିଲା—କିଏ ଜିତୁଛି !

\+ \+ \+

କଟ ସମ୍ପ୍ରତି ସୁଭାଷ ବାବୁଙ୍କ ଷ୍ଟେଟ ଓ ଅଲ କଂଗ୍ରେସର ଜାଲ୍ଲତ୍ ଓ କଥିମତ ଖୁବ୍ ହୋଇ ଚାଲିଛି। ତେଣେ ଆନ୍ତର୍ଜାତୀୟ ପରିସ୍ଥିତିରେ ବୃଟିସଙ୍କ ଅବସ୍ଥା ଯେପରି ଦେଖା ଯାଉଛି, ଏ ସୁବିଧା ଆଉ ଆସିବାର ନୁହେଁ। କଥାଟା ସତ। ଗୋଟାଏ ଚଗ ମନେ ପଡ଼ୁଛି—

"କାଇଁ ପଡ଼ିଥିବୁ ସେତେବେଳେ—
ବାଧାଏ ମାରିବୁ ସେତେବେଳେ।"

କିନ୍ତୁ ବାଧା ମାରିବାର ତାକତ୍ ଓ ହିମ୍ମତ ଥିଲେ ତ ! ପଦ ଶଧାଟା ଲେଉଟି ନଆସେ !

\+ \+ \+

ବିଜ୍ଞାନ ନ କଲା କଣ ! ଯାହା ଦେଖା ନ ଥିଲା, ଶୁଣା ନଥିଲା, ସ୍ୱପ୍ନରେ କଳ୍ପନାରେ କେହି ଭାବି ନଥିଲା, ତାହା ସବୁ ହେଲାଣି। ଏବେ ଆଉ ଗୋଟାଏ ଅଦ୍‌ଭୁତ କଥା ହୋଇଥିବାର ଜଣା ଯାଉଛି। ଏଥର, ଜଣେ ବୈଜ୍ଞାନିକ ଗୋଟାଏ ଯନ୍ତ୍ର ଆବିଷ୍କାର କରିଛନ୍ତି ଯାହା ସାହାଯ୍ୟରେ ଯୁବକ-ଯୁବତୀଙ୍କ ପ୍ରେମର ମାତ୍ରା ଓ ପ୍ରଭାବ ମାପି ହେବ ଓ ଜଣାଯିବ। ଏହା ହେଲେ ଆଉ କେହି ଭ୍ରମରେ ପଡ଼ି ପଡ଼ିକୁ ହରାଇଣ ହେବେ ନାହିଁ। ଏ ଯାନ୍ତ୍ରିକ ଯୁଗରେ ସବୁ ସମ୍ଭବ। କିନ୍ତୁ ଦୁଃଖ ହୁଏ ଗୌରବ ପାଇଁ ତାର ଲେଖାନ୍ତ ନଷ୍ଟ ହେଇଗଲେ ପ୍ରେମିକ ପ୍ରେମିକା ଓ କବିମାନେ କ ଯେନ କରିବେ ? ହାୟ ହାୟ। — ପ୍ରଭୁ ହେ !

\+ \+ \+

## ଲୁଚକାଳି

ହାକିମ—ତୋ ନା' କଣ ?

ସାକ୍ଷୀ—ସେଥିରୁ କଣ ପାଇବ ?

ହାକିମ—ଅବେ ତୋ ବୟସ କେତେ ?

ସାକ୍ଷୀ—ହୁଁ—

ହାକିମ—ଓଲୁ ନା କଣ ମ ! ମୁଁ ପଚାରୁଛି ତୋ ନା' ଅଉ ଜନ୍ମଦିନ।

ସାକ୍ଷୀ—କଣ ପିଣ୍ଡ ବାଢ଼ିବ ନା ସତ୍ୟ-ନାରାୟଣ ପୂଜା କରିବ ତୁମେ ?

Digitized by srujanika@gmail.com



ମେଦିନୀପୁର ବଜାରର ଗୋଟିଏ ଗଳି ମୁଣ୍ଡରୁ ମଣୀ-ମଠ । ମଠ ବୋଇଲେ ଯାହା ବୁଝାଏ ଅସଲରେ ଏ ତାହା ନୁହେଁ, ଗୋଟାଏ ଦୋକାନ । 'ଦୋକାନ', କହିଲେ ବି ଠିକ ବୁଝି ହବ ନାହିଁ, ସେଥିପାଇଁ ଟିକିଏ ଭଲକରି ବ୍ୟାଖ୍ୟା କରିବା ଦରକାର ।

ସ୍ୱତନ୍ତ୍ର ଭାବରେ ମଣୀ ଅଥବା ହୋଟେଲ ଖଣ୍ଡେ ପାନ ଦୋକାନ କରିଥିଲା । ମଣୀ ପାନ ପଛ ଘୁଅାର ପାନ ଆଉ ସହର ଯାକ କଉଠି ମିଳେ ନାହିଁ, ଅତଏବ ପାନରୁ ଷ୍ଟେସନ ରୋଡ଼୍, ସିଗାରେଟ, ସୋଡ଼ା-ଲିମନେଡ଼, ବରଫ ସରବତ ଦେଖିଁ ଦେଖିଁ ବଡ଼ ଗୁଲ୍‌ଗୁଲ୍ ଓ ଚଗଲୁଟ ରେ ଅଣ୍ଟପହଞ୍ଚିଲାଣି । ପହିଲ୍ ମଣୀ ଦୋକାନ, ତା ପରେ ମଣୀ ହୋଟେଲ, ମଣୀ-ଗୋଦାମ, ଦେଖି ଦେଖିଁ ସେଥିପାଇଁ ମଣୀ ଗୋଷ୍ଠେଇବାକୁ ନାମ ସେନ ଥିଲେ ଗ୍ରହ ଉଲକ ତଡ଼ା ମାକ-ଝୁଲ ଧଇଲା, ଗୋଦାମ ନାଁଟା ବଦଳି ଅପେ ଅପେ ହୋଇଗଲା 'ମଠ' ।

ମଣୀ ମଠକୁ ନଜାଣେ କିଏ, ମଣୀମଠକୁ ଚଯାଏ କିଏ, ଇମିତ ଲୋକ କାଳିଅ ଗୋଦାମ୍ନ ଭଜାନଧୀ ଯାକେ ଜଣେ ବି ନ ଥିବ । ରାଜ-ମିସ୍ତ୍ରୀ, ବଢ଼େଇ, ଫେରିବାଲା, ଡ୍ରାଇଭର ଇତ୍ୟାଦ ଇତ୍ୟାଦ ଦରେଇ ଜଗମର ସାନ ବଡ଼ ଷଣିଦାର ଲୋକଙ୍କର ମଣୀ ମଠଟି ହେଉଛି ଆଶ୍ରୟ । ଯେ ବାଟ ଦେଇ ଯେ ଯିବ ସେତ ଅଟିବ, ସେ ପାଖ ଅଅ ବାଟରେ ଯେ ଯାଉଥିବ ସେଇ ଥରେ ଭୁଲ ପଦ ଯେଉଟି ଥରେ ମୁହଁଣ୍ଡା ମାର ଯିବ । ଏଣ୍ଡିକିର ମଣୀ ମଠରେ କେତେ-ବେଳେ ଅତିଥି ଅଭ୍ୟାଗତରେ ଗ୍ରାଡ଼ ନ ଥାଏ । ସଞ୍ଜ ସଞ୍ଜାଲେ ତ ବାତୁଣୀ ଲଡ଼ !

ଗଣ୍ଡିଏ ବେଳ ଅଗ ମୁହିଁକୁ ଗୋଟିଏ ଟଲ ଘୋଷ, ତାର ଦୁଇପାଖରେ ଯୋଡ଼ାଏ ଅନ-



# ମଜାକଥା

ଚଉଚ ଢକସିନ ବାକ୍ସ; ସେ ବାକ୍ସ ଉପରେ ଢଅପିଲ, ସିଗାରେଟ, ଢଡ, ପିପରମେଣ୍ଟ, ପାନବଳାସ, ଇତ୍ୟାଦ । ପଛକୁ ଦଧାଡ କାଚ ବୋତଲ । କଉଁଥିରେ କଡ଼ା ଗୁଣ୍ଡି, କଉଁଥିରେ ମିଠା ଗୁଣ୍ଡି, କଉଁଥିରେ ନାଲି, ନେଳ ପାଣି, କଉଁଥିରେ ଲବଙ୍ଗ ଗୁଜରାଟ, ଚମ୍ପାଫୁଲ, ଜାପାନ କାଗଜ ଫୁଲ ଇତ୍ୟାଦ ଇତ୍ୟାଦ କେତେ ପ୍ରକାର ଚଜ ତାର ହିସାବ କରିବା କାଠିକର ପାଠ । ଅଗକୁ ଖଣ୍ଡେ ଖାଲ ସଜା ପଟା ଓ ଗୋଟାଏ ଗ୍ଲାସ ଦାନ ଓ ଖଇର ହଡ଼ା । ସ୍ୱୟଂ ମଣୀ ମାତାଜୀ ଖଟ ଉପରେ ବସି ପାନ ଭଙ୍ଗନ୍ତି ଓ ଗରାଖମାନଙ୍କୁ ବଚନ ଭଙ୍ଗିରେ ଅପ୍ୟାୟିତ କରନ୍ତି ।

## କିସ୍ମତ

ଲେଖକ—ହୁଡ଼ୁଗୁ

ମେଘ ସାମଡ଼ାର ଅଧକ ଏକ ପ ନଦେ ବାଳ ମଡ଼ ବସିଥିଲେବେଁ କଡ଼କୁ ଓ ଭିତରକୁ ଦେଖ ପାଦ । କଡ଼ ଦେଇ ଭିତରକୁ ଯିବାର ବାଟ, ଅନ୍ୟ ବାଟ ପାଖରେ ଦୋଯକା ଚୁଲ୍ଲୀ-ଟାଏ । ତହିଁରେ ହଣ୍ଡି ସବୁ ବେଳେ ଗରମ ଗରମ ଚଣ, ଗୁଡ଼ଗୁଡ଼ ଚଡ଼ା ହୁଏ ଅନ୍ୟ ଗ୍ଲ ପାଣି ବସିଥାଏ । ଯାଉଣ୍ଡ ଅସୁଣ୍ଡୁ ସମ୍ମାରେ ଟିକିଏ ଦେହ ଓ ମିଜାଜଟାକୁ ତାଜା କରିନେବା ଅକାରେ ବହୁତ ଲୋକ ଭିତରେ ଯାଇ ବସନ୍ତି । ଲୁଚିମ ଜାଠର ଦଣ୍ଡେ ବେଞ୍ଚ, ଓ ଦୁଇ ତିନୋଟା ଚେୟାର ଟାଙ୍ଗୁ ତାଙ୍କପାଇଁ ପଡ଼ିଛି । ସେଠି ବସିଲେ ବାଟ ଗଲା ଲୋକର ସହଜରେ ନଜର ପଡ଼େ ନା । କାରଣ ମଣୀର ବିଶାଳ ଦେହ ଉଦାହରଣର ପ୍ରାସ୍ତ ତାହା ରୋଧ କରିଥାଏ ।

ଅସଦାଡ ଭିତରେ ଦୁଇ ମୁଣ୍ଡା ଚଲେଇ ବାଟ ଓ ନଳବାଡ଼ା କାଚ ଗ୍ଲାସ । ବାଟ ଗୁଡ଼ିକ ଦେହରୁ ଗ୍ଲାସ ଲ୍ଲାଗେ କାଳେ ଗ୍ରଚ ଦଇଥ ଅଚାର ଧାରଣ କରିଛି ଓ ଦଳା ଚାଟ

ଗ୍ଲାସ ଦୁଇଟାର ନକ୍ସା ଦେଖିଲେ ଲେ ବସି ଫୁଲଗୁଛିବ ମସି ଛବୁତ ହୋଇ ଉଠିଛି । ଏ ବାସନ ଗୁଡ଼ିକ ବେଳେ ପାଉଁସ ବା ମାଟିରେ ମଜା ହୋଇ ନାହିଁ ଉଦକାଳରୁ । ଗୋଟାଏ ମାଟିମାଡ଼ିଆରେ ଅସକତ୍ତକିଣ୍ଡାଉଜନ ବହୁଥାଏ ଯେ, କେହି ଅଲଗାଙ୍କଲେ ତାହାଟା ତେଲଥିରେ ଗୁଡ଼ାଇ ନଅ ହୁଏ । ସେ ପାଣି ଡ ବଦଳେ ନାହିଁ; କମିଗଲେ ଅଉ ଜଳସିଏ ଢାଳିଦେଲେ ଚଳିଲା ।

ଭିତରର ବେସ ଓ ଢକସିନ ବାକ୍ସ ଥିବା ଥାନଟା ଗୋଟାଏ ଅଡ଼ା । କାଠଉଯାଇର ଏପରି କୌଣସି ହାଲ ଖବର ନାହିଁ ଯାହା ସେଠି ନ ପଡ଼େ । ଯେଉଁମାନେ ନହାତ ବେକାର, ବଜାରରେ ନଟେର ଦେଉଥିବା ଯାହାଙ୍କର କାମ, ସେଇ ବୁଲିଥା ଲୋକଙ୍କର ଏଭିଆ ଅଖଡ଼ା ଓ ଅସନର ଜେଗା ।

ହୁଇଟା ବେଳ—ତହିଁରୁ ଜଣେ ଟେକା-ନାଳିଆ - ସରୁ ଜାମ ଦାଇଷ୍ଟ କରନ୍ତି । ଅଚଇ ନହାଁମେରୁ ଦ୍ରଷ୍ଟାଗ୍ରାଡ଼ାଗ ଝଟ ଉପରେ ବସି ପାନ ଭଙ୍ଗା, ପଇସା ଗଣି ରଖେ ଓ ସେଇଠି ଥାଇ ତଦାରଖ୍ ଚଳାଉଥାଏ ।

ବେଳ ତନଟା ବ ବୁହାଟା ସଜେ, ଏତେ ଜଣଜଣ ଲୋକ ସେଠି ଅସି ବସିଲେ । ସେଦେବେବେ ସମ୍ଭୂରେ ଅଙ୍ଗାର ଗଇମଟା ଜଗା—ଗଦବର କାମ ପାଏ ନାହିଁ ଲେଜରେ ଚଳେ । ଯେ ଜଣେ ଅଯେ ଅସୁଛନ୍ତି, ଖିଲ ପାନ ବା ବିଡ଼ି କିଣି ବାହାରୁ ବାହାରୁ ଉଛି-ଯାଉଛନ୍ତି । ଖୁବ୍‌ହା ପାଣି ବା ତେଲ ଭରେଇ ଚୁଲ୍ଲୀରେ ବସିଜାନ୍ତି । ଜଣଦେହଯାଇ ସେଠାର ପୁରୁଣା ଲୋକ, ଚଯେଗ ପରିଚିତ । ବସିପହିଲ-ଥର ଖବର ବସିଚ ହେଲା । ଶୁଣି ମଣୀ କହିଲା "ଜନ ଠ'ପହରଟାରେ ବାଦ୍ଧା ଗୋଡ଼ରେ ଲଥି ଲଗିଛି ମ !"

ପ୍ରଥମ ଜଣକ ହସି କହିଲା "ଲାଅ ଜଣ, ଟାଲ ପାଉଁସ ମାଗାଇ ।"

ମଣୀ—କଣ ମ ! ଏତ ଜୁଟ ନାହିଁ ଏ ?

୧ମ—ନାହିଁ—ଗଲ୍‌ଲୁଣ୍ ଫାବା—

୨ୟ—ଇଏ ତ ଦେଇ ମାଟଣୀ, ଦାର ଅଧାର

ବାନ—ନିଜଘରେ ପ୍ରକାଏ, ନଇରେ ନାହିଁ, ଖାଇ—

Digitized by srujanika@gmail.com

ମନ୍ତ୍ରୀ—ଅରେ ଯା—ଯା—ସଇତାନ ପିଲା ହୋଇଥିଲେ ଏକଥା କହନ୍ତୁ ନାହିଁ—ଶିକାର କଣ ଗାଛ ଉପରୁ ଖସି ପଡ଼ିବ ଆପଣାଛାଏଁ—ଅପଦାର୍ଥ ଗୁଡ଼ାକ !

୩ୟ—ସେଇଥି ତ ମାଗୁଛି—କୁଆଡେ ଚାଲ ଶିକାର କରି ପାରିଲୁ ପରା—

ମନ୍ତ୍ରୀ ଗୋଟାଏ ଉନ୍ମାଦଅ ହସ ହସି କହିଲା "ସବୁରି କର—ମିଳିଯିବ ।"

ଚାରି ସଇତାନ ଯାକ ସମ ସ୍ୱରରେ କହି ଉଠିଲେ "ଜୁହୁ ପରଓ୍ୱା ନେହି" ।

ମନ୍ତ୍ରୀ କହିଲା, "ହାଉ ବସ ବାଉ, ଟିକିଏ —ଗାଣିଷ୍ଟା ଖତମ ହୋଇଯାଉ—" ଏଥର କହି ତିନି ଜଣଙ୍କୁ ଛାଡ଼ି, ଛଡ ଓ ଢ଼ା ଅସିଲ ଦେଲା । ତାପରେ ବଡ଼ ଲଗେଇ ଗପ ଆରମ୍ଭ କରି ଦେଲେ ।

ଏହା ମଧ୍ୟେ କେତେ ଲୋକ ଆଇଲେ ଗଲେ, —ଭୋଜି ସଜଡ଼ା ଶେଷ ହୋଇଗଲା,—ମାତ୍ର ସଇତାନ ଚାରିଜଣଙ୍କ, ସେଇଠି ସେମିତି ବସିଛନ୍ତି ଅନ୍ଧାରରେ—ଘଣ୍ଟ ପରେ ଘଣ୍ଟ ବାଟି ବାଟି ଯୁ ଓ ଘଡ଼ି ଉଡ଼ି ଯାଉଛି । ମାତ୍ର ଗୋଟାଏ ହେଲେ ଶିକାର ଦେଖା ନାହିଁ, କି ଅଳକାର ଫନ୍ଦା ଠିକ ହୋଇ ପାରୁନାହିଁ ।

କ୍ରମେ ଦୋକାନର ଭିଡ଼ ବଢ଼ି ଚାଲିଲା । ଭଥ ଯାହା ଲାଗିଗଲା । ପ୍ରାୟ ୫ଟା ସରକ ଜଣେ ଲୋକ ଆସି ଦ ପଇସାର ଚା ଓ ଦ ପଇସାର ବରା ମାଗିଲା । ସେ ଅପଣା ମନେ ବସି ଖାଇଗଲା, କୁଆଡକୁ ଚାହେଁ ନାହିଁ । ତାକୁ ଦେଖି ସଇତାନ ମାନଙ୍କ ଭିତରେ ଫୁସ୍ ଫାସ କଥା ଆରମ୍ଭ ହେଲା ।

୧ମ—କେମିତିକା ଦେଖୁଛୁ ?

୨ୟ—ଚାଲି ଚଳଣିର ଜଣାପଡ଼ୁଛି, ବଡ଼ ଅଭାବରେ ପଡ଼ିଛି—ଯିମିତି କାମ ପାଉନି ପାରୁନାହି—ଘରେ ଭାତ ସରି ଯାଉଛି—ଏଣେ ଘରକୁ ଗଲେ ବ—

୩ୟ—ଅନ୍ଧେଠା ନା କଣ ହାତରେ ଯେ ଦ'ଦ'ଟା ଯୁଡା ମୁଦ—

୨ୟ—ଯ—ବୋ—ମୋ ଠିକ୍ ଯୁ ଅଛିଟା—

୧ମ—ଚୁପ୍ ରହ୍ ଯୁଡା ମୁଦ ଦ'ଟା ଯେ ଅଛି, ତା ବ ଠିକ୍—ଅଜି ଲୋକଟାର ଯଉଁ ଭଳ ଲୁଗା ପଟା ଅଉ ଚେହେରା ତହିଁରେ ସେ ଯେ ଖୁବ୍ ଅବସ୍ଥାରେ ପଡ଼ିଛି, ତା ବ ଠିକ୍; ଦେଖ ନା ତା ମୁହଁକୁ—ହୁଏତ ଦିନଟାଯାକ କିଛି ଖାଇ ନାହିଁ—ଏଇଯା ପେଟରେ ପଡ଼ିଲା ।

୩ୟ—ଅଉ ଯୁନାମୁଦ ଥାଇଁ ଥାଇଁ—

୧ମ—ହିଁ—ଯୁନାମୁଦ ଥାଇଁ ଥାଇଁ । ଖୁବ୍ ସମ୍ଭବ ସେତକ ତାର ସମ୍ବଳ, ବିକି ଭାଙ୍ଗି ଚଳେଇ ଚାଲୁଛି । ଆଉର କିଛି ମାଲବ ଥିଲେ ଥାଇ ପାରେ ଅଣ୍ଟାରେ ।

ଚାରି ସଇତାନ ଯାକ ଖୁବ୍ ସାବଧାନରେ କଣ କଥାବାର୍ତ୍ତା ହୋଇଗଲେ । ଅଧେ ଫୁସ୍ ଫାସ୍ ଅଧେ ଠାର ଠୁର୍—ତା ପରେ ପ୍ରଥମ ଉଠି ଚାଲିଗଲା ଏକୁଟିଆ । ଯିବା ବେଳେ ମନ୍ତ୍ରୀଠୁଁ ଗୋଟାଏ ସିଗାରେଟ୍ ମାଗିନେଲା ଓ ସେଇ ଭିତରେ ଦୁହିଁଙ୍କ ଆଖି ଆଖି ବନ୍ଦୋବସ୍ତରେ ଇସାରା ଖେଳି ଗଲା ।

ସେ ସେଠୁ ବାହାରି ଖଣ୍ଡେ ଦୂରରେ ଯାଇ ଅନ୍ୟ ମନସ୍କ ଭାବରେ ସିଗାରେଟ ଟାଣି ବାଲୁ ଲାଗିଲା ଛିଡ଼ାହୋଇ ।

ଶିକାରଟା ସେଠୁ ବାହାରି ଯେତେବେଳେ ରାସ୍ତାରେ ଚାଲିଲା, ଏ ତାର ପାଖେପାଖେ ଚାଲିବାକୁ ଆରମ୍ଭ କଲା । ଖଣ୍ଡେ ବାଟ ଯାଇଥିଲେ ଅଉ ଗୋଟାଏ ଲୋକ ତେଣୁ ଧାଇଁ ଆସି ଶିକାରର ଗୋଡ଼ତଳେ କଣ ଗୋଟାଏ ଫୋପାଡ଼ି ମାରିଲା ପରି ଉଠେଇ ନେଇ ସପଟ କରି ଛୁଟି ପଳାଇଲା । ସେଇଠୁ, ଏକ ନମ୍ବର ସଇତାନ, ଯେ ତା ସାଙ୍ଗରେ ଯାଉଥିଲା, ପାଖକୁ ଲଢ଼ି ଆସି କହିଲା "ଭାଇ ସାବ୍, ସଲାମ୍ ।—ଏ ଲୋକଟା ତମ ଗୋଡ଼ତଳୁ କଣଟା ଝିମ୍ପି ନେଇଗଲା, ଦେଖିଲ ?" ଶିକାର ଅବାକ୍ ହୋଇ କହିଲା, "ହିଁ, ଭାଇ ଗୋଟାଏ ଧଳା ରଙ୍ଗର କାଗଜ ପୁଡ଼ିଆ ପରି ତ ଦିଶିଲା । ବୋଧ ହୁଏ ତାର ଅଣ୍ଟାରୁ ଖସି ପଡ଼ିଥିଲା କି କଣ ।"

ପ୍ରଥମ ସଙ୍ଗୀ—ହେଲେ ହେଇଥିବ···ତେବେ, ସେ ଯଉଁ ରକମରେ ନେଇ ଦୌଡ଼ିଲା, ତହିଁରେ ସନ୍ଦେହ ହଉଛି ତାର ଚାଲ ଦେଖିଥିଲେ, ସେ କଣ ଭଲମଣିଷ···

ଏହି ସମୟରେ ତେଣୁ ଗୋଟାଏ ଲୋକ ସଁ—ସଁ ହୋଇ ଧାଇଁ ଧାଇଁ ସେଇଠି ପହଞ୍ଚି ଅତି ବ୍ୟାକୁଳରେ ପଚାରିଲା "ଗୋଟାଏ ଜିନିଷ ମୋ ଅଣ୍ଟାରୁ ଖସି ପଡ଼ିଛି ବାଟରେ—ତମେ କେହି ଦେଖିଛ କି ?"

ପ୍ରଥମ ସଂ—ଅରେ କେମିତିକା ଲୋକ ମ—କି ଜିନିଷ କେଉଁଠି ପଡ଼ିଲା ତାର ନା ନାହିଁ···

୩ୟ—ଏଇ, ଏଇ···ଗୋଟାଏ ପୁଡ଼ିଆ—ଧଳା ପୁଡ଼ିଆଟାଏ—

ଏତିକି କହି ସେ କାନ୍ଦୁଣିଆ ମାନ୍ଦୁଣିଆ ହୋଇ ପଡ଼ିଲା ।

୧ମ—ସେଥିରେ ଥିଲା କଣ ?

୩ୟ—ସୁନା ! ଦ'ଖଣ୍ଡ ନଦା ସୁନାପଦକ ।

୧ମ—ସୁନା ପଦକ ଇମିତି ବେହୁସିଆରରେ—

୩ୟ—ପାକେଟ ମାରୁଙ୍କ ଡରରେ ଅଣ୍ଟାରେ ଖୋସିଥିଲି—ଅମୂଲ୍ୟ ଜିନିଷ—ଖୋସଣି କୋହଳ ହେଇ ଅଜାଣତରେ—

୧ମ—ଓଃ, ଅତି ବୁଦ୍ଧିରେ,—!

୩ୟ—ଜୁହାର ହଉଛି ଭାଇ, ଦେଖିଥିଲେ କହନ୍ତୁ—ମୋ—ମୋ—ଦଶଟଙ୍କା ଦେବି ।

ଶିକାର—ଗୋଟାଏ ଲୋକ—

୧ମ—(ବାଧାଦେଇ) ରହ,—(ବୁଝାଇଦେଇ) ଅଚ୍ଛା, ଆମେ ଯଦି କହି ଦେବୁ ତ ଠିକ୍ କେତେ ଦେବ କୁହ । କେତେ ଦାମର ଜିନିଷ ଥିଲା ?

୩ୟ—ଦ' ଦ' ଭରି କରି ଚାରି ଭରି । ଖାଣ୍ଟି ପଦ୍ମ— ମଜୁରି ସହିତେ ଟ୧୪୦ ପଡ଼ିଛି ।

୧ମ—ହାଃ, ବଡ଼ ଚାଲାକ ତ ! ୧୪୦ଟଙ୍କାର ମାଲ୍—ଅଉ ଦେବୁ ମୋଟେ ଦଶଟା ଟଙ୍କା ! ହନୁମାନ କଲେ ଦାନ······

୩ୟ—ଅଚ୍ଛା ପଚିଶ । ଧରନ୍ତୁ—ନଗଦ ପଚିଶ ଟଙ୍କା— ଏଇ—

Digitized by srujanika@gmail.com

୧ମ—(ଶିକାର ପ୍ରତି ଅଙ୍ଗୁଠି) ଭଲ ବହୁତ ଭଲ ! ମାରିବା ହାତ !

ଶିକାର—ଅଲବତ୍ ! ଏ ପୁରୁଣା ଢଙ୍ଗ ଯାଏ !

୧ମ—(୨ୟ ପ୍ରତି) ଗୋଟାଏ ଲୋକ ସେ ପ୍ରଥମଟା ଯାଉଛି ଘୋଡ଼ା ତଳୁ ଉଠେଇ ନେଇ ଏଇ ଆଡ଼କୁ ପଳେଇଲା ।

୨ୟ—ମୁଁ ଏତେ ମୋଟା ଲୋକ—ଦୌଡ଼ି ପାରିବି ନାହିଁ—ତମେ ଯା—ମୁଁ ଏଇଠି ଅଛି । ମାଲ ଆଣିଲେ ଏଇ ଟଙ୍କା ।(ପକେଟରୁ ନୋଟ ବଡ଼ାଏ ବାହାର କଲା) ଡେରି କର ନାହିଁ ।

୧ମ—ଠିକ କହୁଛ ?

୨ୟ—ଖୋଦାକା କସମ୍

ପ୍ରଥମ ପଷାଣ ଓ ଶିକାର ଧାଇଁଲେ । ଖଣ୍ଡେ ଦୂର ଯାଇ ୧ମ କହିଲା "ଧାଇଁବାର ଦରକାର ନାହିଁ । ଡାକୁଟା ବେଶ୍ ଧରଖୁସିରେ ଥିବ । ତେବେ ଧାଉଁ ନଥିବ—କାରଣ ଧାଇଁଲେ ଲୋକ ନଜର କରିବେ ଯେ । ଆମର ବି ଉତାଣ୍ଡ ହେଇ ଧାଇଁବାଟା ଠିକ ନୁହେଁ । ବରଂ ଆମକୁ ଦୌଡ଼ିବାର ଦେଖିଲେ ସେ ବି ଚମ୍ପଟ ଦେବ ।

ଏହା କହୁଁ କହୁଁ ସେମାନେ ଦେଖିଲେ ୨ୟ ପଷାଣ (ଯେ ପୁଟୁଳି ନେଇ ପଳେଇ ଥିଲା) ଆଗରେ ଚାଲିଛି ।

ପ୍ରଥମ ଚୁପ ଚୁପ କରି ଶିକାରକୁ କହିଲା "ଦେଖ ତମେ ତାର ଡାହାଣ ପଟରେ ଚାଲ—ମୁଁ ଚାଲୁଚି ବାଆଁ ପଟରେ । ଖୁବ୍ ହୁସିଆର—ଯେପରି ହୁରୁଡ଼ି ନଯାଏ ।

ଶିକାର କହିଲା "ତା ପରେ ଦୁହେଁ ତାକୁ ମାଡ଼ିବସିବା ତ ?"

୧ମ—ଅରେ ଦୂର ବୁଡ଼ବକ୍ । ମାଡ଼ିବସି ରାସ୍ତା ଉପରେ କଣ ଦଙ୍ଗା କରିବୁ ? ପଚାଶଟା ଟଙ୍କା ଆଉ ମିଳିବନି !

କ୍ରମେ ଦୁହେଁ ଲୋକର ଦୁଇ ପାଖରେ ଉଭା ହୋଇ ଚାଲିଲେ ଖଣ୍ଡେବାଟ । ତାପରେ ୧ମ କହିଲା "ସଲାମ ଭାଇ ସାବ୍—ମିଜାଜ ସରଫ୍ ?"

ଏତକରେ ଲୋକଟା ଭଣ୍ଭଣ୍ ହୋଇ ଉଠିଲା; କହିଲା, "ଭୁଟା କଏମ ! ସାତ ଜନ୍ମରେ ବି ତୋ ସାଙ୍ଗେ ଚିହ୍ନା ନାହିଁ ।"

୧ମ ପଛରୁ ଟିକିଏ ମୁରୁକି ହସି ମୃଦୁସ୍ୱରରେ କହିଲା "ତୋ ଠିକ୍, ତତେ ଲୋକ ଚିହ୍ନାଇ ଅଙ୍ଗୁଠିମାନ ବନ୍ଦ ହୋଇ ଯାଉଛି କିନା ।"

୨ୟ ନାଗେଇକି କହିଲା, "ଚୁପ୍‌କର୍—କୁତ୍ତା କାହିଁକା—ମୁଁ ତୋ ସଙ୍ଗେ କଥା କହିବାକୁ ଚାହେଁନା ।"

୧ମ—ଓଃ—ଇନାକ୍ ଟିକିଏ ଗରମ ହବାର କଥା । ଭଲ୍ ବି ନୁହେଁ—ଏକ୍‌ଦମ୍ ଖୁବଭଦ୍ର ସହୁନା ।—

୨ୟ—କି ଦୁନା ! କଣ କହୁଛୁ ! ଭଦ୍ର ସମାଜ ଅପଣା ରାସ୍ତାଧରି ଚାଲଯା ।

୧ମ—ଦେଖ୍, ହିଟିଚ କରିବୁନି ଏଇକ୍ଷିଣି ପୁଲିସ ଡାକିବି । ଆମେ ସବୁ ଦେଖିଛୁ ।

ଏଇ କଥାରେ ୨ୟ ନରମ ହୋଇଗଲା ଓ କହିଲା, "ସେଥିରେ ତମର ଲାଭ ?"

୧ମ—ଆମର ଲାଭ ପଚାଶ ଟଙ୍କା ଇନାମ୍ ।

୨ୟ—ପୁଲିସ ଡାକିଲେ କାହୁଁ ମିଳିବ ତା ?

୧ମ—ଆମକଥା ଆମେ ଜାଣୁ—ଭଲରେ ଅଛି ତ ମାଲଟି ସୁବ୍‌ଖୁସିରେ ଦେଇଦେ ।

୨ୟ—ଅଚ୍ଛା, ପଚାଶ ଟଙ୍କାଟା ବଡ଼ ନା ମାଲରୁ ଭାଗ ନେବାଟା ବଡ଼ ? ଯାହାର ମାଲ ସେ ତ ନବ, ତମେ ପାଇବ ଟଙ୍କା ପଚାଶଟା । ତା ଠାରୁ ଆମେ ତିନିହେଁ କାହିଁକି ଭାଗକରି ନନେବା ?

ପ୍ରଥମ ପଷାଣ ଶିକାରକୁ ଆଖି ଟିପିଲା । ପୁଣି ଯାଇ କାନରେ କଣ କହିଦେଲା । ଶିକାର 'ହଁ' ଭରିଲାରୁ, କହିଲା "ବହୁତ ଅଚ୍ଛା, ସେଇଆ ସଇ ।"

ଦ୍ୱିତୀୟ କହିଲା "ତେବେ ଚାଲ ଗୋଟାଏ ନିରୋଳା ଥାନକୁ ।"

ତିନିଜଣ ସାଙ୍ଗ ଚାଲିଲେ । ଯାଉଁଳାଆଁ ପଟି ଛକ ଉପରେ ଯେଉଁ ପହରାବାଲା ଛିଡ଼ା ହୋଇ ଥିଲା, ସେ ହାକିଲା, "କିଧର ?"

୧ମ କହିଲା, "ଧଲାନ ଅଲେକ୍ଟ୍—ବାଇସ୍କୋପ୍, ଦେଖନେ—ଆପ ଚଲିୟେଗା ?"

ପୁଲିସବାଲା "ନହିଁ" କହି ହାତ ହଲେଇଲା । ପୁଣି ତିନିହେଁ ଆପଣା ବାଟରେ ଚାଲିଲେ ।

ମ୍ୟୁନସିପାଲିଟି ହତା ଗୋଟିଏ କୋଣରେ ନିରୋଳା ଥାନ ଦେଖି ଏକାଠି ବସିଲେ । ଭଣ୍ଟା ପଡ଼ିଲା । ୨ୟ ପଷାଣ ଅଣ୍ଟିରୁ ପୁଡ଼ିଆ ବାହାର କରି ଦେଖେଇଲା । ବାକି ଦୁହେଁ ହାତକୁ ନେଇ ଲେଖାଟାଇ ପରଖାଇ ଦେଖିଲେ । ଦୁଇଟା ହୀରା ପଥର । ୧ମ କହିଲା "ଆମେ ହେଲୁ ତିନିଜଣ—ମାଲ ହେଲା ଦୁଇଟା—ଭାଗ ହବ କିମିତି ?

୨ୟ—ଠିକ୍ତ ! ପୁଣି କଣ କରାଯିବ ?

୧ମ—ଅଚ୍ଛା, ମାଲକୁ ଦାମ କରି ଦଅ—ଯାହା, କାହା ଭାଗରେ କେତେ ପଡ଼ୁଛି—ତାପରେ ଯେଉଁ ଦୁଇଜଣ ମାଲ ନେବେ, ତୃତୀୟକୁ ତା ଭାଗର ଟଙ୍କା ଦେଇଦେବେ । କଣ କହୁଛ ?

ଶିକାର—ହଁ, ମୋର ରାଜି ।

୧ମ—ମାଲ ଅଛି ଗୋଟିଏର—ଯୂନା ଦରରେ ଟ୧୨୦୦—ଗୋଟା ପଡ଼ିଲା ଟ୬୦୦ ଏଣେ ଭାଗକୁ ପଡ଼ୁଚି ଟ୪୦୦ । ତମେ ନିଅ ଗୋଟାଏ, ମୁଁ ନେଉଚି ଗୋଟାଏ—ଏହାଙ୍କ ଭାଗ ଟ୪୦୦କୁ ଆମେ ଦୋହଡ଼ ଦୋହଡ଼ କରି ଦେଇଦବା ।

ଶିକାର—ଏକା ନଗଦ ଟଙ୍କା ତ ମୋର ନାହିଁ ।

୧ମ—ଓଃ, ମୁଦି ଅଛି ତ ହାତରେ । ମୁଦିଟା ଧର ଦଶ + ଅଠ = ଅଠର । ଆଉ ବାକି ହୁଇ ।

ଶିକାର—ମୋ ପାଖରେ ଅଛି ଖଣ୍ଡେ ସୁନା ଅଛି । ସେଟା ହବ ପ୍ରାୟ ଟ୮୦ ।

୧ମ—ତେବେ ତ ହେଲା ଟ୨୭୦... ଅଚ୍ଛା ଗୋଟାଏ କାମ କର । ମୋ ଭାଗ ପଥରଟା ବି ତମେ ନେଇଯାଅ । ଉପରଣ ଗଲେ ତମକୁ ଆଉ ଦେଣି ପଡ଼ୁଛି ଟ୧୪୦

୨ୟ—ତମ ମନେ ୨ତ ସବୁ ହିସାବ କରୁଚ ନା କଣ ? ମୁଦି ଦିଟା ସେ ବାର ଟଙ୍କାରୁ ଏକ ଛଦାମ ଅଧିକା ହବନାହିଁ । ସୁନା ଯଦି ହୁଏ ଆଠ, ତେବେ ହେଲା କୋଡ଼ିଏ । ବାକି କୋଡ଼ିଏ ।

୧ମ—ଯାଃ—ଭାରି ମୁଲଚଲା ବାଲଟା । ମୁଦି ଦିଟା ଅଠର ଚଳିଥିଲା—ନହେଲେ ପନ୍ଦର



Digitized by srujanika@gmail.com

ତ ହବ । ତାହେଲେ ହେଲା ତେଇଶ । ବାକି ଟେର ।···ହଇହେ ଅଉ କିଛି ଅଛି ?

ଶିକାର– ନା, ମୋଠେଇଁ ଅଉ କିଛିନାହିଁ ।

୧ମ—ଅଚ୍ଛା, କିଛି ପରବା'ସୁ ନାହିଁ । ମୋ ଦୋସ୍ତର ଟଙ୍କା ମୁଁ ଦେଇ ଧଉଛି—ପୁରା କ୍ଲେଶ ଟଙ୍କା ।

ଏହା କହି ସେ ପାକେଟରୁ ଏକତାଡ଼ା ନୋଟ୍ ବାହାର କରି ଓ ଗୁଣିଗୁଣି ନୋଟ୍ ୩ୟକୁ ଦେଇଦେଲା । ପୁଣି ଶିକାରକୁ କହିଲା "ଦୋସ୍ତ ଏ ସ୍ପେଶଟଙ୍କା ଦେଇ ମୁଁ ତମର ଏଇ ତେଇଶ ଟଙ୍କାର ଇଜ୍ଜତ ରଖିଲି—ତମେ ଦୁଇଟାଯାକ ପଦକ ନେଇ ଭଜହରି ଦୋକାନରେ ବନ୍ଧା ଦେଇ ଅସ, ମୋ ଟଙ୍କା ମୋତେ ଓାପସ ଦେଇଦେଲେ ତମର ମାଲ ଫେରାଇନବ । ତା ନହେଲେ ବାକି ପଚାଶ ଟଙ୍କା ଦେଇଦେଲେ ବ ଚଳେ । ଯାହା ଖୁସି । ହିଁ ଗୁଣାଟା ବାହାର କରିବଟି ।

ଶିକାର ପକେଟରେ ହାତ ପଶାଇଲା । ମାତ୍ର ବାହାରକଲା ଗୋଟାଏ କଟୁରି ।

୧ମ କହିଲା "ଏକଣ ?"

ଶିକାର– ପଦକ ଦି'ଟା କାଟି ଦେଖିବାକୁ ହବତ ପୁଣି ।

ପ୍ରଥମ ପକ୍ଷଣ ପଛକୁ ଚଳଏମାର ଏକଦମ ଛିଡ଼ାହୋଇ ପଡ଼ି କହିଲା—"ପୁଲିସ୍ !" ଦ୍ବିତୀୟଟା ଚମକି ଛିଡ଼ାହୋଇ ପଡ଼ିଲା ଅଉ ଏକ ଚକଚକିଆ ଛୁରି ଅଣ୍ଟାରୁ ବାହାର କରି ଶିକାର ଉପରକୁ ଝାମ୍ପମାରିବାକୁ ତତ୍ପର ହୋଇଗଲା । ଶିକାର ମଧ୍ୟ ଲଜ୍ଜରୂପ ଧରି ଅଖି ପିଛୁଡ଼ାକେ ଛିଡ଼ାହୋଇ ଗଲା ଓ ପିସ୍ତଲ ଦେଖାଇ କହିଲା "ଚୁପ୍‌ସେ ଖଡ଼ା ରହୋ— ପଳାଇବାର ଚେଷ୍ଟା କଲେ ବା ହଲଚଲ ହେଲେ—ଜାଣିଛ !" ପ୍ରଥମ ଓ ଦ୍ବିତୀୟ ସଜ୍ଜଣ ବା'ଠହୋଇ ରହିଗଲେ । ଗୋଇନ୍ଦା ଇନ୍‌ସ୍ପେକ୍ଟର ଶ୍ରୀ ହରିପଲ୍ ମାଉଲେ । ସୁରଜଣ ସିପେଇ ଗଛ ଉହାଡ଼ରୁ ଧାଇଁଅସି ତାଙ୍କୁ ଦୁହିଁଙ୍କ ବାହା ଧରି ପକାଇଲେ । ଅମର ଦୃଷ୍ଟ ପରିଚିତ ଛଦ୍ମ ଜଙ୍ଗଲରେ ଏବା କନଷ୍ଟେବଳ ସାହେବ ଧାଇଁଅସି ଦୁହିଙ୍କ ହାତରେ ଯୋଡ଼ାଏ ହାତକଡ଼ି ପିନ୍ଧାଇ ଦେଲେ । ସେତେବେଳେ ଗୋଇନ୍ଦା ସାହେବ ପିସ୍ତଲଟି ପକେଟସ୍ଥ କରି ହସି ହସି କହିଲେ, "ଦୋସ୍ତ, ଏବେ ବିଦାୟ,ପରେ ଦେଖା ହବ । ତମର ସେ ମୋଟା ବନ୍ଧୁଟି ତମପାଇଁ ଥାନା ଗାରଦ ଘରେ ଅପେକ୍ଷା କରୁଥିବ । ଯାଅ !"

ହୁକୁମମାନେ ସିପାହୀମାନେ ଦୁହିଙ୍କ କମରରେ ଦଉଡ଼ି ବାନ୍ଧି ନଈଶବ୍ଦରେ ଟାଣିବାକୁ ଅରମ୍ଭ କଲେ ।

୩ୟ ସଜ୍ଜଣଟି ଲଜ୍ଜା, ଭୟ ଓ ଦୁଃଖରେ ଝାଉଁଳିଗଲା ପରି ମୁଣ୍ଡ ତଳକୁ ପୋତିଥିଲା । ମାତ୍ର ୧ମ ସଗରେ ଜରଜର ହୋଇ ଇନ୍‌ସ୍ପେକ୍‌ଟରଙ୍କ ଉପରକୁ ନିର୍ବାକ ବଜ୍ରଦୃଷ୍ଟି ନିକ୍ଷେପ କରୁଥିଲା । ଗୋଇନ୍ଦା ସାହେବ କହିଲେ "ଜଲଦି କରେ—ମୁଁ ଟିକଏ ମାତାଜୀଙ୍କ ମଠ ବାଟେ ବୁଲିପଡ଼ ଯାଉଚି ।

ଯିବାବେଳେ ୧ମ ଧର୍ମାଣ ମୁଣ୍ଡ ହଲେଇ କହିଲା, "ପୁଲିସକୁ ଏତେଦିନ ପିଲଚକ୍କର କରି ଘୁରାଇ ଥିଲୁଁ – ଅଜ ଉସ୍ତାଦଜୀ ଏକା ସ୍ଥଲରେ କିସ୍ତିମାତ୍ କରିଦେଲେ—ସଲାମ୍ ।"

---

## ଯଦି... !

କଂଗ୍ରେସ ଯଦି ନାଗ ହୁଅନ୍ତା ... ...
ସମାଜବାଦୀ ଚୁଚୁନ୍ଦ୍ରା ହୁଅନ୍ତେ ।

\+ + +

ଅଧୁନିକା ଟୋକିଙ୍କର ଯଦି ନିଶ ଦାଢ଼ି ହୁଅନ୍ତା······ ଅଧୁନିକ ଟୋକାଏ ଅଉ କ୍ଲିନ୍ ଶେଭ୍ କରନ୍ତେ ନାହିଁ ।

\+ + +

'ହରିଜନ' ଶବ୍ଦ ଯଦି ପାଚିଲାକଦଳୀ ହୁଅନ୍ତା···ଅମ୍ବେଦକର ବଗ୍‌ହ ଅବତାର ଧରନ୍ତେ ।

\+ + +

ପ୍ରେମ'ଟା ଯଦି ଗୋଟାଏ ରୋଗ ହୁଅନ୍ତା ······ ପାର୍କମାନଙ୍କରେ ଭାରି ଡାକ୍ତର ମିଳନ୍ତେ ।

× × ×

## କାହିଁକି ?

ବ୍ରଜସୁନ୍ଦର ଦାସେ ଏତେ ସୁନ୍ଦର କାହିଁକି?
······ ପାନ ଖାଇ—ରଙ୍ଗ ଅଧର ।

× × ×

ଖଲ୍ଲିକୋଟ ଏଡ଼େ ମୋଟ କାହିଁକି ?
······ ଶୋଷଣକରି । ପ୍ରଧାନ ମନ୍ତ୍ରୀଙ୍କ ରେହେସ୍ ଭାବ ପ୍ରମାଣ ଯେ ।

× × ×

ମହତାବ ନିଶ କାଟିଲେ କାହିଁକି ?
······ ଧବଳେଶ୍ବରଙ୍କ ଠେଇଁ ମାନସିକ ଥିଲାପରି ?

ଦାସେ ଦାଢ଼ି ରଖିଛନ୍ତି କାହିଁକି ?
······ ପଂଡିତ ହୁଅନ୍ତେ କମିତ !

କନିକା ବାହୁଡ଼ିଗଲେ କାହିଁକି ?
······ ଅସ୍ପୃଶ୍ୟତା— ଘୁଡ଼ି ନପାରି······

\+ + +

ପାଳରା ମଉନ ହେଲେ କାହିଁକି ?
······କଳା ମନ୍ତ୍ରିଅଙ୍କ ଅକୃତଜ୍ଞତା ଦେଖି ।

\+ + +

ପ୍ରଧାନ ମନ୍ତ୍ରୀ ଜମିଦାରଙ୍କୁ ଶୋଷୁଛନ୍ତି କାହିଁକି ? ········· ଦାନ୍ତ ନାହିଁଯେ ଗ୍ରେବାଇବେ !

ଦାସେ ଶତପଥୀଙ୍କ ହେଲେ କାହିଁକି ?
······ଭରଣି ପେଟ୍ଟ ?

ମାନଧାତା ଅମ୍ନ ଡ କାମୁଡ଼ ହେଉଛନ୍ତି କାହିଁକି ? ······ମାନ ଗଲା ବୋଲି ନା ?

\+ + +

ଉପି ଖସିଲେ କାହିଁକି ? ······ବୁଢ଼ା ହେବାରୁ ପିଲା ଛାଲମରେ ଅଯୋଗ୍ୟ ହୋଇ ।

ସୁଭାଷ କଂଗ୍ରେସ ପ୍ରେସିଡେଣ୍ଟ ହେଲେ କାହିଁକି ?······ଟୋକାଙ୍କ ପାଲା ପଡ଼ିଛି ।

\+ + +

ଲେଦଅନ ଅସିଥିଲେ କାହିଁକି ?
······ ଉଗର ?

ହରି ପୁରରେ କଂଗ୍ରେସ ହେଲା କାହିଁକି?
······ ହରି ··· ଜନଙ୍କ ପାଇଁ

\+ + +

ସରଳା ପୁରୁଷ ନ ହେଲେ କାହିଁକି ?
······ ଇଲେ ବାପଲେ— । ଘମ ଘମ !
ଥୁ ଥୁ ରକ୍ଷା ।

Digitized by srujanika@gmail.com



# ସତ କାହାଣୀ

## ଶେଷ ସ୍ୱର

ଶ୍ରୀ ରାମପ୍ରସାଦ ସିଂହ ।

( ୧ )

ଗାଁ । ଗାଁ ଆରପାଖେ ବିସ୍ତୀର୍ଣ୍ଣ ଗମ୍ଭୀର ବିଲ ଦିଗନ୍ତ ଦେହକୁ ଲାଗି ଯାଇଛି । ମାଘ ପୂନେଇଁର କୁହୁଡ଼ି ମିଶା ଜହ୍ନ ଆଲୁଅ ଗମ୍ଭୀରଟିକୁ ଏକ ସ୍ୱପ୍ନ ସ୍ୱର୍ଗର ରୂପେଲି ଦେଶ ରୂପେ ଚିହ୍ନିତ କରୁଛି । ଝିଲିକା ଭିତରେ ଧାନ ପାହାଡ଼ଥା ଟାପୁ ପରି ଆଲୁଅ ଭରା ଗମ୍ଭୀର ମଝିରେ ଅନ୍ଧାରୁଆ ଟୋଠା । ତାର ଅନ୍ଧାର ବୋଳା କୋଳ ଦେହରେ ଫୁଟି ଉଠିଥାଏ ମିଞ୍ଜି ମିଞ୍ଜି ହୋଇ ଏକାଟିଆ ଆଲୁଅ । ଏପରି ଗାଁର ସମସ୍ତେ ଜାଣନ୍ତି, ଓସ୍ତାଦ ବୁଢ଼ାର କୁଡ଼ିଆ ଘରରେ ଦୀପ ଜଳୁଛି ।

ସେଇଠି ଥାଏ ବୁଢ଼ା ଓସ୍ତାଦ ଆଉ ତାର ସାନ ନାତୁଣୀ ଟିଏ ।

ପାଇ ନାହିଁ ପଡ଼ଶା ନାହିଁ—ଏକା କୁଡ଼ିଆଟି । ନିଃସହାୟ ଦାରିଦ୍ର୍ୟର ସବୁ ଚିହ୍ନ ଫୁଟି ଉଠିଛି କୁଡ଼ିଆଟି ଦେହରେ । ଝାଟି ମାଟିର କାନ୍ଥ ଫୁଟି ଝାଟି ଯାକ ଅଲଗା ହୋଇ ଦିଶୁଛି । ଚାଳ ଛପରଣୀରେ ଅଧେ ନଡ଼ା, ଅଧେ ବରଡ଼ା । ଦୁଆରେ ବାଉଁଶ କବାଟ ।

କୁଡ଼ିଆରେ ରହୁଥିବା ବୁଢ଼ାଟିର ମଧ୍ୟ ପ୍ରତି ଅଙ୍ଗରେ ଫୁଟି ଉଠିଛି ବାର୍ଦ୍ଧକ୍ୟର ନିଃସହାୟତା । କେତେ ଖରା, କେତେ ବର୍ଷା, କେତେ ଶୀତ, କେତେ ବସନ୍ତ ଚାଲି ଯାଇଛି ବୁଢ଼ାଟି ଉପର ଦେଇ—ଛାପି ଯାଇଛି ସେମାନଙ୍କ ଗଭୀର ନିର୍ମ୍ମଳ ଚିହ୍ନ । ମସ୍ତକର କେଶ ସଙ୍ଗେ ସଙ୍ଗେ ବୁଢ଼ାଟିର ଭ୍ରୂଯୁଗଳ ମଧ୍ୟ ଶୁଭ୍ର ହୋଇ ଉଠିଛି; ମାଂସ ଶିଥିଳ ହୋଇ ପଡ଼ିଛି ମୁଖ; କିନ୍ତୁ ତାର ସ୍ତିମିତ ଚକ୍ଷୁ ଦୁଇଟିରେ ଏକ ଅପରୂପ ସଜୀବତା ସମସ୍ତ ସମୟରେ ଖେଳି ଯାଏ । ସ୍ୱରର ମୂର୍ଚ୍ଛନାରେ ବିଜୁଳି ପରି ଚମକି ଉଠେ ତାର ଆଖି ଦୁଇଟି ।

ବୁଢ଼ାଟିର ସମ୍ବଳ ମଧ୍ୟରେ ବେହେଲା ଖଣ୍ଡି । ଅତୀତର ସମସ୍ତ ସ୍ମୃତିର ପୁଞ୍ଜିଭୂତ ପ୍ରତୀକ ରୂପେ ବୁଢ଼ା ଓସ୍ତାଦର ପ୍ରାଣର ତନ୍ତ୍ରୀ ସହିତ ଏକ ସୂତ୍ରରେ ସେଇଟି ଗ୍ରଥିତ । ସକାଳେ, ସଞ୍ଜବେଳେ, ଦ୍ୱିପ୍ରହର ସମୟରେ, ନିଶା ସମୟରେ ବୁଢ଼ାର ଅଙ୍ଗୁଳି ଓ ଛଡ଼ର ସ୍ପର୍ଶରେ ସେଥିରେ ଜାଗି ଉଠେ ସଜୀବ ଲୀଳାୟିତ ସ୍ୱରର ଅଦ୍ଭୁତ ତରଙ୍ଗ । ଗମ୍ଭୀର ଆରପାରି ଗାଁର ଲୋକେ କହି ଉଠନ୍ତି—"ହେଇଟି, ବୁଢ଼ା ଓସ୍ତାଦ ବେହେଲା ବଜାଉଛି ।"

( ୨ )

ଗାଁ ମଝିରେ ଜଗୁ ସୂତାରର ଘର । ଉଚ୍ଚ ପିଣ୍ଡା, କାଠ ଛପର ଘର । ସାମନାରେ ଚଉତରା । ହୋଳି ବେଳେ ସେଥିରେ ଠାକୁର ବିମାନ ବସେ । ଖାନଦାନୀ ଘର । ଘରେ ଦୁଇ ଭୁଇଁଆ ଅମାର । ସେଥିରେ ଧାନ ପୂରି ରହିଥାଏ । ଦଶ ମାଣ ଚାଷ । ଦି ହଳ ବଳଦ ।

ଜଗୁ ସୂତାରର ଭେଣ୍ଡା, ଭେଣ୍ଡା ଦୁଇ ପୁଅ, ଦୁଇ ବୋହୂ । ପିଲା ପରିବାରରେ ଘର ଧୁ ଧୁ ଡାକୁଥିଲା ।

ସେ ବର୍ଷ ଗାଁ ଗହଳକୁ ପ୍ରଥମେ ମ୍ୟାଲେରିଆ ଆସିଥାଏ । ଛଅମାସ ମଧ୍ୟରେ ସୂତାର ବୁଢ଼ାର ଘର ଖାଲି ହୋଇଗଲା । ଖାଲି ଘରେ ରହିଲେ ବୁଢ଼ାଟି ଆଉ ତାର ସାନ ନାତୁଣିଟି ।

ଜଗୁ ସୂତାର ଓସ୍ତାଦ । ତା ହାତରେ ବେହେଲା କଥା କହେ । ସଂସାରର ସବୁ ଝଞ୍ଜାଳ ମଧ୍ୟରେ କୌଣସି ଦିନ ସେ ବେହେଲାକୁ ପାଖରୁ ଛାଡ଼ି ନାହିଁ ।

ଦିନ ଥିଲା ଯେତେବେଳେ ବଡ଼ ବଡ଼ ଓସ୍ତାଦମାନେ ଥିଲେ । ଜଗୁ ସୂତାର ସେମାନଙ୍କ ସାଙ୍ଗରେ ଟକ୍କର ଦେଇଛି ବୋଲି କହେ । କେଉଁ ସଭାରେ କେଉଁ ଓସ୍ତାଦ ଦୀପକ ରାଗିଣୀ ଗାଇ ଶୀତ ଦିନରେ ବି ଘରଟାକୁ ଗରମ କରିଥିଲେ । ସେ କଥା ସେ କହେ । ବର୍ଷା ରାତିରେ କେଉଁ ଏକ ଓସ୍ତାଦ ମଲ୍ଲାର ଆଳାପ କରୁ କରୁ ରାତି ଭୋର ହୋଇ ଯାଇଥିଲା । ତା ସେ ଦେଖି ଥିବାର କହେ । ଜଗୁ ସୂତାର ରାଜ ରାଜୁଡ଼ାଙ୍କ ସଭାରେ ବେହେଲା ହାତ ଦେଖାଇ ପ୍ରଶଂସା ପାଇଥିବାର ସମସ୍ତେ ଜାଣନ୍ତି । ଗାଁର ସମସ୍ତେ ତାକୁ ଓସ୍ତାଦ ବୋଲି ଡାକନ୍ତି ।

ଯୌବନର ଉଦ୍ଦାମ ଉତ୍ସାହରେ ସେ ଶତ ଶତ ଲୋକଙ୍କୁ ବେହେଲା ଶୁଣାଇ ମୁଗ୍ଧ କରିଛି । ବୟସ ଯେତେବେଳେ ବେଶୀ ହୋଇ ଆସିଲା, ସେତେବେଳେ ସେ ନାତି ନାତୁଣୀମାନଙ୍କୁ ଧରି ତାଙ୍କୁହିଁ ବେହେଲା ଶୁଣାଏ । ସେମାନେ ତାର ହାତ ବୁଝୁଛନ୍ତି କି ନା, ସେଥିରୁ କିଛି ଆନନ୍ଦ ପାଉଛନ୍ତି କି ନା, ତା ସେ ଭାବେ ନାହିଁ । ଏମାନଙ୍କୁ ବେହେଲା ଶୁଣାଇବାରେ ହିଁ ତାର ଆନନ୍ଦ । ଏଇମାନେ ତାର ସମଜଦାର ବୋଲି ସେ ଧରି ନେଇଛି ।

ଗୋଟିକ ପରେ ଆଉ ଗୋଟିଏ ହୋଇ ତାହାର ଭରା ସଂସାରରୁ ସମସ୍ତେ ଖସି ଗଲେ । ବୁଢ଼ା ସେ ସବୁ ଦେଖେ । ତାର ଆଖିରେ ଲୁହ ନ ଥାଏ, ମୁହଁରେ କଥା ନ ଥାଏ । ସମୟ ସମୟରେ ତାର ବେହେଲା ଆର୍ତ୍ତ ହାହାକାର କରି କାନ୍ଦି ଉଠେ; ବାଜି ଉଠେ ସେଥିରେ କରୁଣ ରାଗିଣୀର ଗମ୍ଭୀର ଉଦାସ ବାଣୀ ।

ସମସ୍ତେ ଗଲେ—ବାକୀ ରହିଲେ ସେ ଓ ନାତୁଣୀ ।

ଚାଷ ବାସ, ଘର ଦ୍ୱାର କ୍ରମେ କ୍ରମେ ଭାଙ୍ଗି ପଡ଼ିଲା । ବୁଢ଼ା ସବୁ ଶୁଣେ । ଘର ଭିତରେ ଏକାକୀ ବସି ବେହେଲା ବଜାଏ । ବାହାରେ ବାଜି ଉଠେ, ଜମିଦାରର ନିଲାମ ଢାଉସ ଡିବ ଡିବ ଡିବ ।



Digitized by srujanika@gmail.com

ଝରୁ ପାଉଥିଲା। ଶେଷରେ ଘର ଖଣ୍ଡିକ ବନ୍ଧା। ଦେଢ଼େଇ ଖଣ୍ଡିକୁ ପାଖରେ କର ପିଲାଙ୍କର ହାତ ଧର ବୁଢ଼ା ଦାଣ୍ଡରେ ଛିଡ଼ା ହେଲା। ପୁଣ୍ୟ ଘୁଞ୍ଚିବା ପାଇଁ ଦୁଆରରେ ତାର ସ୍ଥାନ ଶକ୍ତେ ବି ରହିଲା ନାହିଁ। ବୁଢ଼ାଙ୍କ ବୁକୁର ଯନ୍ତ୍ରଣା ମଝି ଚୋଟ ଅବଲୁ।

ଚାଉଁଳ ପନ୍ଦର ଦେଢ଼ଣ ଛଣା ବାନ୍ଧରେ ଶୁଣିଲେ। ଉତ୍ସାହଙ୍କ ଦେଢ଼େଇ ଅଣ୍ଟି ହାହାକାର ଉଠି ଯାଇ ଉଠିଲା।

୩

ବର୍ଷର ଦୋହାଏ ଦିନ ତାହା ବୁଢ଼ାକୁ ଘେରି ଚାରିପ, ତାହା ଖାଲାକୁ ବଡ଼ଡ଼ା ଛଣ ପଞ୍ଝି ସେବ ଭୋଗ ଉପରେ ବୁଢ଼ା ପାଇଁ କୁଡ଼ିଅଟିଏ କରଦେଲେ। ଅଣ ଦାଖଲ ବୃକ୍ଷୀମାନେ ଯେତେବେଳେ ଦୁଇସେର ଗ୍ରହିଲ ଦେଉଥିଲେ ହୁଇପୁଷ୍ପ ବାଉଁଶ, ଯେତେବେଳେ ଦୁଇବୁଢ଼ା ଖାବୁ ଦେଇ ବୁଢ଼ାକୁ ଦେଉଥିଲେ। ନାଲୁଣିଙ୍କ ତାଙ୍କୁ ଖିଆଏ। ବୁଢ଼ା ଦେଖିଥିବେ ଚଳେ। ହଜାରେ, ସନ୍ତ୍ରଜେଲେ, ଦିଅଡରେ, ଘର ଅଧରେ ବାପୁ ମନ୍ତ୍ରକୁ ତ ର ଙ୍ଗି ତ ଢର ଦାନ୍ତ ଉଠେ ଉତ୍ସାହଙ୍କ ଦେଢ଼େଇ।

୪

ଦେଢ଼ ବର୍ଷ ହୋଇ ଥାଏ ଝଙ୍କାର ଯୋଇ। ବୈଶାଖ ମାସରେ ଚଷା ଧାନ ବୁଣିଲେ, ନୋସ୍ତ୍ରରେ ଗଛ ଉଠିଲା। ବଛ ବଛ ହେଲା, ଧାନ ବଅଣ ଦେଖି ଚଷାର ପେଟ ପୂର ଉଠିଲା। ଅଡ଼ ସେଥିରୁ ଅଧିକ ବଢ଼ି— ଧାନର ଦେଇ ମୂଳ ଓଷାଡ଼ ଦେଉଥିଲା।

ଫଗୁଣ ଦିନକୁ ଲୋକେ ଶୀତରେ ବଡ଼ ଉପାୟ ଖୋଜିଲେ। ତା ଉପରେ ଖଜଣା, ଲଗ-ଡଗ, ପଥରର ଦାଜ। ଯିଏ ପାରିଲେ ଘର ଛାଡ଼ି କଲିକତା, ଆସାମ ବା ରେଙ୍ଗୁନ ପଳାଇଲେ। ଯିଏ ରହିଲେ, ତାଙ୍କୁ କ୍ଷୁଧା ସହିତ ଯୁଦ୍ଧ କରି ବଞ୍ଚିବାକୁ ପଡ଼ିଲା।

ଦଣ୍ଡା ଏଥର — ବୁଢ଼ା ଉତ୍ସାହକୁ ଦେଖୁଛ ଏ ମାସ ବୁଝୁ ଯେ କୌଣସି ମତେ ବଞ୍ଚିବ

ବୈଶାଖ ମାସ। ଝଡ଼୍ ବୁଢ଼ାଙ୍କ ଯନ୍ତ୍ରଣାର ଶାନ୍ତି ଦିନୁ ଛ। ଶିମିଡାଳ ଡାଳ ଗଛର ଭିତରେ ପେଚର ଶବ୍ଦ ପଡ଼ ଶୁଣା ଯାଉଛି।

ସେତେ ବେଳକୁ ଉତ୍ସାହ କର ଚାଲ ଦନ ଉପାସ। ପରେ ଯାହା ଗୁଡ଼ାଏ ଖାଇ ଥିଲା ତାକୁ ଚୋବାଇ ନାଲୁଣିଙ୍କ ମୁହଁରେ ଦୁଇ ଓଳି ଦେଉଛି ବୁଢ଼ା। ତା ପରେ ଜୁଣ୍ଡ ଘର।

ଦିନେ ଗଲା, ଦୁଇ ଦିନ ଗଲା, ତିନି ଦିନ ଗଲା, ଖାଲି ପେଟ; କିନ୍ତୁ ଦେଢ଼େଇଙ୍କ ବାଜ ଉଠୁଛି ଡେଣେ ଡେଣେ ବୁଢ଼ା ସଙ୍ଗିଣୀ ସେ ତାର ଲାଗୁନି ନାହିଁ।

ଚଉଦହ ଦିନ ଉପାସ। ଆଉ ଚଳିପାରେ ନା। ପିଲାଟା ମୁହଁରେ ଗୁଡ଼ାଏ ଦାନା ଦେବାକୁ ହେବ। ଉପାୟ କଅଣ ? ଏବା ଦେଢ଼େଇ ଖଣ୍ଡିକ ଛଡ଼ାଇ ଆଉ ପରେ କହ ନାହିଁ। ଗାଁ ଅଖାଡ଼ାରେ ସେ ଖଣ୍ଡି ଦେଇ ସେ ଉଜାଣିଏ ଚାଉଳ ଆଣିବ।

ଝଡ଼୍ ବୁହଅ ଦୁଇ ପହର। ଜ୍ୱଳରେ ପିଲାଟା ଟୋପେ ମାଣ୍ଡ ପଇଁ ପଡ଼ ଯାଉଛି। ଦେଢ଼େଇ ଖଣ୍ଡିକୁ କାଖରେ ଯାକି ବୁଢ଼ା ବାହାରିଲା ଅଙ୍ଗନ ପଦରେ।

ଗୀଷଣ ଖରା। ହଡ଼ ଧୋଡ଼ା ପାଣି ହୋଇ ବୁଢ଼ା ଚାଲିଛି। ଗଛର ଏପାଖ ଖାନ ଚୋଟା ଖଣ୍ଡେ। ତୋଷ୍ଟଏ ଗଛର ମୂଳରେ ସେ ବସିଲା; ପିନ୍ଧିଥିବା ଛିଣ୍ଡା ଲୁଗା କାନିରେ ଦେଢ଼େଇ ଟିକୁ ଭଲ କର ପୋଛିଲା। ବୁଢ଼ାର ଯୁଗର ରଷ୍ଟ ଡାଳରୁ ଦୋହ୍ଣ ପଡ଼ିଲା ଦୁଇ ଧାର ଅଶ୍ରୁ। ଅଜ ତାର ମହା ଧର୍ମପର ଦାନ। ଜୀବନରେ ଯାହା ଲକ୍ଷ ବଂଶର ସନ୍ତତି ମଣିଷକୁ ବାନ୍ଧି-ରଖେ, ତାହା ଯାଉଛି। ସେଥି ଛନ୍ଦି ଟିକୁ ଯନ୍ତ୍ରର ଚାଡ଼ନାରେ ସେ ଜଳ ହାତରେ ଛାଡ଼ କରିବାକୁ ବସିଛି।

ଶେଷଥରପାଇଁ ବୁଢ଼ା ଉତ୍ସାହ ଦେଢ଼େଇଟିକୁ ପଚାର ଧରିଲା। ଛଡ଼ରେ ଝୁଣା ଭରି ଅଶ୍ରୁ ଅଟକ ଦେଢ଼େଇ ଦେହରେ ବସାଇଲା।

ସେହ ମୁହୂର୍ତ୍ତ ଶୀର୍ଷ ଅପୋଲିତ ଭଗ୍ନ ବାଜ ଉଠିଲା ଅଦ୍ଭୁତ ସଙ୍ଗିଣୀ। ଝଡ଼ର ତରଙ୍ଗ ସୁର୍ଯ୍ୟଡ଼େ ଖେଳ ଗଲା। ଦୂରର ଗାଁର ରଖାଳ ପିଲମାନେ କହ ଉଠିଲେ—'ଦେଖଟି, ବୁଢ଼ା ଉସ୍ତାଦ ଦେଢ଼େଇ ବଜାଉଛି।'

କ୍ରମେ କ୍ରମେ ସ୍ୱର କ୍ଷୀଣରୁ କ୍ଷୀଣତର ହୋଇ ଚାଲି। ବୁଢ଼ାର ହାତରୁ ଛଡ଼ ଖସି ପଡ଼ିଲା। ବୁଢ଼ା ଘଡ଼ ପଡ଼ିଲା ସେ ଗଛ ମୂଳରେ। ଦେଢ଼େଇ ଖଣ୍ଡ ତା ଛାତି ଉପରେ ପଡ଼ି ଥାଏ।

ତାପରେ ସବୁ ଶେଷ।

---

## ବଡ଼ ମୁହଁରେ

ଲର୍ଡ଼ ଆମ୍ବେଲ - ଭାରତୀୟମାନେ ବଡ଼ ଭଲ ଅତିଥି ସତ୍କାର କରନ୍ତି।

ତା ଜାଣି ଥିଲେ ଇଂରେଜମାନେ ଅଳ ଯାଏ ଦୂଷା ପାଉଥାନ୍ତେ ?

କାଳ ଜଣାର ଦେଢ଼େଇ— ପ୍ରଧାନ ମନ୍ତ୍ରୀ ଓଡ଼ିଆରେ ନ କହିବା ଦୁର୍ବଳତାର ଚିହ୍ନ।

ସେ କଥା ତାଙ୍କ ଡେଡ଼େଇ କହ ଦେଇଛି ଏକା। ଅଉଜଣ ବେଶୀ ମାଡ଼ିକ ପାଇଲେ ସବଳ ହୁଅନ୍ତେ ନା ?

ପ୍ରଧାନମନ୍ତ୍ରୀ— ଗଭର୍ଣ୍ଣମେଣ୍ଟ ଅବ୍ ଇଣ୍ଡିଆ ଆକ୍ଟରେ ଆମକୁ ଯେତିକି କ୍ଷମତା ଦିଆ ଯାଇଛି ତଦ୍ୱାରା (ନ ବା ଚ ନ ସଉଣ୍ଡ ଅନୁଯାୟୀ।) ଲୋକଙ୍କର ସମସ୍ତ ଅଭାବ ଦୂର କରିବା ଅସମ୍ଭବ।

ଏ ଅଙ୍କଟା କେବେ ହୋଇଥିଲା ?

୧୯୩୮ ରେ— ମନ୍ତ୍ରୀଙ୍କୁ ଦେବାପରେ ବର୍ଷେ।

ବଜେଟ ବକ୍ତୃତାର ଜବ ଦବାବରେ ପ୍ରଧାନ ମନ୍ତ୍ରୀ ଦାବେ ଆପଣେ କହିଛନ୍ତି ଓଡ଼ିଶାର ଅଧିକାଂଶ ସମ୍ପାଦକ ଆମକୁ ନିନ୍ଦା କରୁଛନ୍ତି ସ୍ୱାର୍ଥାନ୍ୱେଷୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଆମର ଅପଷ୍ଟତାଚରଣ କରୁଛନ୍ତି। କିନ୍ତୁ ଜନ ସାଧାରଣ, ଆମ ନିଜ ଦଳ ଆଉ ଆମର ସପକ୍ଷ ଠିକ୍ ରହିଛି।'

ଅସଲ କଥାଟା ଛାଡ଼ିଗଲେ ଯେ—— ଦକ୍ଷିଣା ଓ ଉତ୍ତରଙ୍ଗ।

ଓଡ଼ିଶା ପ୍ରଧାନମନ୍ତ୍ରୀ ବ୍ୟବସ୍ଥା ସମ୍ବନ୍ଧେ କହିଲେ 'ଅନେକ ଭୁବିଶ ଲୋଡ଼ା ନାହିଁ— ଗୁଡ଼ଏ ଆମକୁ ଲୋଡ଼ାଛି।' ଆଶ୍ଚର୍ଯ୍ୟ କିଛି ନାହିଁ ଏଥିରେ। ପ୍ରେମିକା କେବେ ପ୍ରେମିକାକୁ ଲୋଡ଼ନ୍ତି, ପ୍ରେମିକ କେବେ ପ୍ରେମିକାକୁ ଲୋଡ଼େନ।

Digitized by srujanika@gmail.com

# ୫ମ ଶବ୍ଦଧନ୍ଦା ପୁରସ୍କାର

## ପ୍ରତିଯୋଗୀମାନେ ପରାସ୍ତ ହେଲେ ।

### ପାଞ୍ଚୋଟି ଭୁଲରେ ପ୍ରଥମ ପୁରସ୍କାର

ନିର୍ଭୁଲ ଉତ୍ତର ନ ମିଳିବାରୁ ସମସ୍ତ ପୁରସ୍କାରକୁ କେବଳ ଏଥର ପାଇଁ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ବାଣ୍ଟି ଦିଆଗଲା ।

### ପ୍ରତିଯୋଗୀମାନେ ୫୨୦ ରୁ ଊର୍ଦ୍ଧ୍ୱ ପୁରସ୍କାର ମାରିନେଲେ

### ଭାଗ୍ୟବାନ ବ୍ୟକ୍ତିମାନଙ୍କର ନାମ ।

ପ୍ରଥମ ପୁରସ୍କାର—୫ଟି ଭୁଲ—୫୨୦ (ପ୍ରତ୍ୟେକ ୫୨୧ ଟଙ୍କା)—୧ । ଶ୍ରୀ ମାଧବ ନାୟକ, ପୋ: ତରନା କୋଠା, Via—ଡାଣିଡଙ୍ଗା ବ୍ରହ୍ମଗିରି ପୁରୀ । ୨ । ଶ୍ରୀ ଦେବାନନ୍ଦ ମହାପାତ୍ର, ୮ମ ଶ୍ରେଣୀ, ଭଦ୍ରକ ହାଇସ୍କୁଲ, ଭଦ୍ରକ ।

୨ୟ ପୁରସ୍କାର—୬ଟି ଭୁଲ—୫୨୦ରୁ ଊର୍ଦ୍ଧ୍ୱ (ପ୍ରତ୍ୟେକ ୫୦୧୵ ଟଙ୍କା)———୧ । ଶ୍ରୀ ଦେବଦତ୍ତ ନନ୍ଦ, ଜିଲ୍ଲା ସ୍କୁଲ, ୧୦ମ ଶ୍ରେଣୀ (ଖ) ବାଲେଶ୍ୱର । ୨ । ଶ୍ରୀମତୀ ନୀଳକନ୍ତ ଠାକୁର C/o ଶ୍ରୀ ହୃଦୟ ଚରଣ ନାୟକ, ୯ମ ଶ୍ରେଣୀ, ଭଦ୍ରକ ହାଇସ୍କୁଲ । ୩ । ଶ୍ରୀ ବିପ୍ରଚରଣ ମହାନ୍ତି, ଜାମସେଦପୁର ମି: ଇ: ସ୍କୁଲ, ୮ମ ଶ୍ରେଣୀ (ଖ) ଟାଟା ନଗର । ୪ । ଶ୍ରୀ ଯତୀନ୍ଦ୍ରନାଥ ଦାସ, ନରପୁର ଭଦ୍ରକ । ୫ । ଶ୍ରୀ ରତ୍ନାକର ଜେନା, ଓଡ଼ିଶା ଇଞ୍ଜିନିୟରିଂ ସ୍କୁଲ, ମେଡିକାଲ ହଷ୍ଟେଲ କଟକ । ୬ । ଶ୍ରୀ କୃଷ୍ଣଚନ୍ଦ୍ର ଦାସ, ହେଡ଼ ପଣ୍ଡିତ କୃଷ୍ଣପୁର ଉ: ପ୍ରା: ସ୍କୁଲ, ପୋ: ଗୋପାଳଗିରି । ୭ । ଶ୍ରୀମତୀ ବସନ୍ତ ଦେବୀ, ୧୨ ନମ୍ବର ମେଟେରଡ଼ ଟାଟା-ନଗର । ଶ୍ରୀ ଜଗନ୍ନାଥ ଦାସ, Ex-student ଭଦ୍ରକ ହାଇସ୍କୁଲ । ୯ । ମହାଶ୍ୱେତା ଦେବୀ, ୮ମ ଶ୍ରେଣୀ, ମିଶନ ବାଳିକା ବିଦ୍ୟାଳୟ, ବାଲେଶ୍ୱର । ୧୦ । ଲକ୍ଷ୍ମୀନାଥ ଦାସ, କୁଆଁଠ, ଭଦ୍ରକ ।

୩ୟ ପୁରସ୍କାର—୭ଟି ଭୁଲ ୫୪୧ରୁ ଊର୍ଦ୍ଧ୍ୱ (ପ୍ରତ୍ୟେକ ୫୦୮ ଟଙ୍କା) ୧ । ରାଧାଶ୍ୟାମ ମିଶ୍ର, ସାକ୍‌ଚୀ ଓଡ଼ିଆ ସ୍କୁଲ ପୋ: ଜାମସେଦପୁର, Via ଟାଟା ନଗର । ଶ୍ରୀମତୀ ଶାନ୍ତିପ୍ରିୟା ଦେଈ, C/o M. P. Das Yardmaster's office, ଖଡ୍ଗପୁର । ୩ । ହିତାଶ୍ୱ ଚରଣ ଧଳ, ଭଦ୍ରକ ହାଇସ୍କୁଲ ୧୦ମ ଶ୍ରେଣୀ । ୪ । ଶ୍ରୀ ଅକ୍ଷୟ କୁମାର ବେହେରା, ନୂତନ କୃଷ୍ଣାବାସ, ବାରିପଦା । ୫ । ଶ୍ରୀ ଗଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ବର୍ତ୍ତମାନ ଫନିଶ ଗଞ୍ଜାମର ହେଷ୍ଟ । ୬ । ଶ୍ରୀ ରତ୍ନାକର ମହାପାତ୍ର, ନରପୁର ଭଦ୍ରକ । ୭ । ଶ୍ରୀ । ଉଦୟ ନାଥ ମିଶ୍ର, ଜାମସେଦପୁର ମି: ଇ: ସ୍କୁଲ ୮ମ ଶ୍ରେଣୀ (ଖ) ଜାମସେଦପୁର । ୮ । ଶ୍ରୀ ଶ୍ରୀଧର ବେହେରା, ନନ୍ଦଲକ୍ଷ୍ମୀଷ୍ଟେଣ୍ଡ ଲାଇନ, ୮୩ ନମ୍ବର ଟାଟାନଗର । ୯ । ଶ୍ରୀ ରୁକ୍ମିଣୀ ଦେଈ କୃଷ୍ଣପୁର ଉ: ପ୍ରା: ସ୍କୁଲ, ଗୋପାଳଗିରି । ୧୦ । ଶ୍ରୀ ବାମଦେବ ଶ୍ରୀଚନ୍ଦନ I. S. W. P. Ltd, (Po.) E. I. R. Works ଶିବପୁର । ୧୧ । ଶ୍ରୀ ଉପେନ୍ଦ୍ରନାଥ ସେନାପତି, ହାଇସ୍କୁଲ ହଷ୍ଟେଲ, ଭଦ୍ରକ । ୧୨ । ଶ୍ରୀ ଶରତଚନ୍ଦ୍ର ଦାସ, ଫେଜର ହଷ୍ଟେଲ, ବାରିପଦା । ୧୩ । ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଭୂଷଣ ଭଦ୍ରକ । ୧୪ । ଶ୍ରୀ ଅର୍ଜୁନ ମହାନ୍ତି, କଟକ ଇଞ୍ଜିନିୟରିଂ ସ୍କୁଲ 2nd year Student, କଟକ । ୧୫ । ଶ୍ରୀ ପ୍ରଭାକର ମହାନ୍ତି, ଫେଜର ହଷ୍ଟେଲ ବାରିପଦା । ୧୬ । ଶ୍ରୀ । ନୃପେନ୍ଦ୍ର ମୋହନ ଦାସ C/o L. M. Das, ୫୫ ନାରିକେଳ ଡେଙ୍ଗା, କଲିକତା । ୧୭ । ଶ୍ରୀ ଅଭିମନ୍ୟୁ ରାୟ ସାମନ୍ତ K. M. P. M. Night school, ୭ମ ଶ୍ରେଣୀ ଜାମସେଦପୁର । ୧୮ । କୁମାର ଲକ୍ଷ୍ମୀନାରାୟଣ ମହାନ୍ତି College wireless & Commerce. ୨୧୨ ବହୁବଜାର ଷ୍ଟ୍ରିଟ, କଲିକତା । ୧୯ । ଶ୍ରୀ ଶ୍ୟାମସୁନ୍ଦର ଷଡ଼ଙ୍ଗୀ, ବାଙ୍କିପଦା, ମୟୂରଭଞ୍ଜ । ୨୦ । ଶ୍ରୀ ନୀଳାମ୍ବର ମହାନ୍ତି, M 2. 125 P. S. B. ଜାମସେଦପୁର । ୨୧ । ଶ୍ରୀ ଲକ୍ଷ୍ମଣ ଚନ୍ଦ୍ର ମିଶ୍ର, ବାଲେଶ୍ୱର ଜୋନ୍‌ସ ରୋଡ୍, ବାଲେଶ୍ୱର । ୨୨ । ଶ୍ରୀ କୃଷ୍ଣଚନ୍ଦ୍ର ସାହୁ, ୯ମ ଶ୍ରେଣୀ ହାଇସ୍କୁଲ, ଭଦ୍ରକ । ୨୩ । ଶ୍ରୀମତୀ କୁନ୍ଦବିଦ୍ୟା ଦେବୀ, ମିଶନ ବାଳିକା ବିଦ୍ୟାଳୟ ୧୧ଶ ଶ୍ରେଣୀ ବାଲେଶ୍ୱର ।

### ଡ଼ ଗର—କ୍ରୋଡ ପତ୍ର ।

### ୫ମ ଶବ୍ଦଧନ୍ଦା ଉତ୍ତର

| | | | | | | |
|---|---|---|---|---|---|---|
| ¹ଦ | (ଃ) | ²କା | (ଁ) | | ³ଗୁ | ⁴ପ |
| କା | | ନ୍ତା | | ⁵ହ | ଣ | ସ |
| | ⁶ଅ | ର | ⁷ବ | ଣ | | ର |
| ଘ | ଶ | | ତ | | ⁸ନ୍ମ | ମୁ |
| ର | | ¹⁰ଥ | ଳ | ¹¹କା | ନ | |
| ¹²ଝି | ¹³ଝ | ପ | | ହା | | ¹⁴ଗା |
| ¹⁵ତ | ଳ | | ¹⁶ମ | ଗ | ଡ | ଷ |

### ବିଜ୍ଞାପନ

କୌଣସି ପ୍ରତିଯୋଗୀ ନିଜର ଭୁଲ ଦେଖିବା ପାଇଁ ପଠାଇଥିବା କୁପନ ଫେରସ୍ତ ଚାହିଁଲେ ୫୦୵ର ଡାକ ଟିକଟ ସହ ଏହି ଅଫିସକୁ ଲେଖିବେ ।

ସଂପାଦକ

ପ୍ରତ୍ୟେକ ଥର ନୂତନ ପୁରସ୍କାର ୫୦୵ ରୁ ତାହାପରେ ପଠାଇବା ମୁଦ୍ରା ନ୍ୟୁନ ପୋଲ ସ୍ଥିର କରାଯାଇଅଛି ଯେ ପ୍ରତ୍ୟେକ ପୁରସ୍କାର ଦ୍ୱିଗୁଣ ହେବ ବରି ଶନିବାର ୧୦ଟା ପର୍ଯ୍ୟନ୍ତ ଡାକ ଘରେ ପହଞ୍ଚିବ । ପ୍ରତ୍ୟେକ ପ୍ରକାଶିତ ୨ଟି ଶବ୍ଦଧନ୍ଦାକୁ କୁପନ ଉତ୍ତର ଦେବା ପାଇଁ ଅଫିସରେ ୩ଟି ଉତ୍ତର ଦେଇ ପାରିବେ ।

(ସମ୍ପାଦକ)

ଆପଣଙ୍କର ମନେ ନଥିବା ଜାଣିବେ
ଷ୍ଟ୍ୟାମ୍ପ ଲଗାଇବା ଦରକାର
ନେଗମ ଦାସ
ଯତନ ଲେଖା
'ମେରମ'ରେ
ମୂଲ୍ୟ—୫୦୵

କାନ୍ତକବି ଲକ୍ଷ୍ମୀକାନ୍ତଙ୍କ
ବୁକୁ ରକ୍ତରେ ଲେଖା
ଜୀବନ ସଙ୍ଗୀତ
ପଢ଼ନ୍ତୁ

Digitized by srujanika@gmail.com

# ୭ଷ୍ଠ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା

ଟ୨୫ଙ୍କା ପୁରସ୍କାର ! — 'ଡଗର' ପାଠକମାନେ ପାଇ ପାରିବେ । — ଟ୨୫ଙ୍କା ପୁରସ୍କାର !

ଅଶାକର ପଦ୍ମିନିଙ୍କ ଡାକଟିକଟ ସହ — ଅଣାକର ପଦ୍ମିନିଙ୍କ ଡାକଟିକଟ ସହ — ପ୍ରଥମ ଦୁଇଟି ସହ ଏକାଠି ସହରେ







ନାମ ______________ ଠିକଣା ______________

## ସିଧା ଭାବରେ

୧। ସୁଗନ୍ଧି ପୁଷ୍ପ ବିଶେଷ

୨। ଏମାନେ ଅକାଶରେ ଉଡ଼ିପାରନ୍ତି

୬। ଏମାନେ ଅସାବଧାନ କୃଷକର କ୍ଷେତ

ନଷ୍ଟ କରନ୍ତି ସିନା !

୭। ଶ୍ୟାମ ଦ୍ୱାରା ପ୍ରେମିକ ପ୍ରେମିକାକୁ ତାର

ହୃଦୟର ଏହା ଜଣାଇ ଥାଏ ।

୮। ଏହ କାରିଗରୀ ଦେଖିବାକୁ ସୁନ୍ଦର ।

୯। ଏହା ନହେଲେ ଧାନ ଫସଲ ଭଲ ହୁଏ

ନାହିଁ ।

୧୨। ଅଁହିକ ଯୁଗ ଅନ୍ଧକାର କେତେଜଣ ଶ୍ରଦ୍ଧା-

ସୁନ୍ଦ ଏହା କହଥାନ୍ତି ?

୧୪। ଯାହାର ଉଚ୍ଚାର ବଡ଼ ଧାରଣା

କରିଥାନ୍ତି ।

୧୫। ଶବଦାହ ସ୍ଥାନ ।

## ଉପର ତଳ ଭାବରେ

୧। ଏବକ ଜନତା ଉପରେ କଏ ଜାହାକୁ

ପଶୁରେ ?

୩। ଏହା ଉତ୍ତମ ହେଲେ ଅନେକ ସମୟରେ

ଲୋକର ସ୍ୱରୂପ ଚିହ୍ନି ହୁଏ ।

୪। ଏହା ଅତ କଠିନ ପୂର୍ଣ୍ଣ ନୁହେଁ ।

୧୦। ଏହ ଜଳାଶୟ ନଦୀକୁ ନାଆ ଦେବାରେ

ସାହାଯ୍ୟ କରେ ।

୧୧। ଧନାର୍ଜ୍ଜନ ଯାହାର ତାହାର ଜୀବନର

—ଲକ୍ଷ୍ୟ ।

୧୨। ଯେ କାଳର ନୁହେଁ ।

୧୩। 'ଶାଶ'ର ଠିକ୍ ଓଲଟା ।

ପ୍ରବେଶିକା ଫିସ୍ — ମନଦେଇ ପଢନ୍ତୁ ! — ଶେଷ ତାରିଖ

ଶବ୍ଦକୁ ଟ୦/· — ୭ଷ୍ଠ ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ । — ୧୨।୪।୩୮

ଉପର ଚକରେ ଯେଉଁ ସବୁ ନମ୍ବର ଥିବା ଘେରିଅ ଅଛନ୍ତି ତାହା ପାଖରେ ଗୋଟିଏ ଗୋଟିଏ ଅକ୍ଷର ବସି ବର୍ଗ ଥିବା ଘର ମାନେ ଗୋଟିଏ ଗୋଟିଏ ଶବ୍ଦ ଦେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ତଳ ସୂଚନାର ବ୍ୟାଖ୍ୟା ଦିଆଯାଇ ଅଛି । ଏହ ଶବ୍ଦ ସୂଚନାର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ତାହାର ଉତ୍ତର ଘରେ ପୂରଣ କରିବାକୁ ହେବ । କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଯେ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଯିବ ଉତ୍ତରଟିଏ । ମାତ୍ର ଧୀର ଭାବରେ ବିଚାର କରି ଯେଉଁ ଶବ୍ଦଟି ସବୁ ଠିକ୍ ତାହା ବାଛି ବସାଇବା ଉଚିତ ।

ଏହ ଧନ୍ଦାର ଠିକ ଉତ୍ତର ଯାହା, ତାହା ସିଲ କରି ହୋଇ ସମ୍ପାଦକଙ୍କ ପାଖରେ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ୫୧୨୧ ପାଇବ ଏବ କମ୍ ଭୁଲ ଉତ୍ତର ଦେଇଥିବା ଲୋକ ସାମନ୍ତ ପୁରସ୍କାର ୬୫୧ ପାଇବ । ଏକ ବା

(ଅବଶିଷ୍ଟ ଶେଷ ଦେଖନ୍ତୁ ।)

Digitized by srujanika@gmail.com



ନୂଆ ପାଠୋଇଙ୍କ ଭଳି ସମାଜରେ ଅମର ନୂଆ ଶାଠୋଇ ପୂଜାଏ ଏବେ ଗଜେଇଛନ୍ତି । ବର୍ଷାଋତୁରେ ଶରଧା ଜଙ୍ଗଲରେ ଛତୁ ଫୁଟିଲା ପରି । ପ୍ରବଚନ ଦଳର, ଗୀତ ସଙ୍ଗେ ଯେତେବେଳେ ଭେଜର ଦଳ ହେଉଛି, ଠିକ ସେହି ଲକ୍ଷ୍ମୀ ପୂଜାର ଅଧ୍ୟାୟ । ପାଠୋଇଙ୍କ ଙ୍କ ଚଳନ ଅନୁକରଣ କରେ ଶାଠୋଇ ବିଙ୍ଗ । ତନୁ ପାଠୋଇଙ୍କ ଭେଜ ନକଲ ଯୋଗ ଚାପୁପଲଟଣ ଅଢ଼େ, ତାର ଆଗେ ଶାଠର ଦଳ ।

ଏମଗାଁରେ ଗଲାଅମା ବୋହୂ ଏବେ ଦ' ବରଷ ହେଲା ଆସେ ଟାଟାକୁ ବଦେଇ ଦଇ ଜାଇଛନ୍ତି । ଗଲାଅ ଦାନ ଶୁଣି ଘରକୁ ଖାଇ ଟୋକ ପଡ଼ିବାକୁ ଅଗଲେ । ବୋହୂ ଚୋଡ଼କୁ ହଁଶିଅ ଦାଡ଼ିଛି । ଡିଲୁସ ପେସନର କୁଡ଼ ମୁଣ୍ଡ ଦେଖିଁ ଝିଅ ମୁହାଁଳଡ । ନାକ ଟୋ ଦଡ, ମାଛ, କାନର ବାଜରୀ ମଲକଡ଼ୀ ଭାଜଗୁଡ଼ା ନାହିଁ । ସେମିତ ସାଗୁ ନାକଟ, ବ୍ରାଉ, ଚପଲ, ଟେସ ବେଣୀ ପକ୍ ଚୋଡ଼ୁ

# ହଂସପୁର

ପିଞ୍ଚିଛି । ଲୁଗରେ ଦୋଷାର ଦୂଷା ପିଞ୍ଚା ହୋଇଛି—ବାଳ ଗଣ୍ଠିର ପିଠିରେ ପଡ଼ିବା ପରୁ ବଟୁଲ ଦେଖି ଅମ ଗାଁ ମାଇପେ ଆଖି କାନ ଖୋଷିଦେଲେ, ସମସ୍ତେ କହିଲେ ଗଲା ବାରୁ ଶୁଭ ଦାଣ୍ଡ ଦେଖ ସ୍ୱଭାବକୁ ଶିଖିଥା ଦଇ ଅଣିତ । ଗାଁ ଦୋହୁ ଝିଅ ପେଙ୍କିମାନେ ଗଲାଅ ଭଉଣୀକୁ ଚାପର ଧସରେ ଦଥା କହୁଥିଲେ, ସେମାନେ ଆଉ ଭଦମ ପାଟେଣ ପଣିଲେ ନାହିଁ । ଗଲାଅ ଭଉଜା ଏସବୁ ଦେଖି ଭଙ୍ଗିର ଫାଟି ପଡ଼ ମନେ କରୁଥାଏ, ମୋ[illegible] ଏ ଗାଁରେ ଆଉ କେହୁ ନାହିଁ କ ହେବେ ନାହିଁ । ଉଦ୍ରତାଇଷା ମଧ ତାଁ ପଦ ଦେହ ଜାଣି ନଥିବେ ।

## ସାରି ( Sorry )

ଶ୍ରୀ ଜଗ ନତାରା ଦେଇ ।

ଖୁନ୍ତାଗରୁ ଶୁଭଦନ ବାଣ୍ଡୁରୁଣ ଖାଇଲେ । ଗାଁ ଧାଇ ଲୁକ ଉଗରର ନଧ ଖାଇବାକୁ ଅଢିଲେ । ଗଲାଅ ଗଲାଅମା ସମସ୍ତଙ୍କର ତତ୍ୱ ନେଉଥାନ୍ତି । ସର୍ବରେ ମୁଣ୍ଡକଣ ହୋଇଯିବ ବୋଲି ଟୋକୁ ଖାଇ ଧୃତ ବସିଥାନ୍ତି । ଏହି ସମ-ସ୍ତରେ ଖଲଦାର ଝିଅର ପିଲାଙ୍କ ଦୌଡ଼ ଦୌଡ଼ ପାଇଁ ନୂଆ ବହେଣୀ ଶୁଦ୍ଧ କୋଠରେ ମଡ଼ଗଲା । ଝୁଡ଼ ଲଟ ପିଠ ଦୋର ଝିଅଙ୍କୁ ଦେଖ ଦେବାକୁ ବିଆର ପଡ଼ଗଲା, ତତ୍‌ପରାଙ୍ଗ ଦୋଚ, ଖୁଡ଼ ନଧ ଲେଳରେ ଝିଅଙ୍କୁ ଉଠାଇବାକୁ ଯାଇ ଗାଦର ଚୁମୁଚ ଝୀଅର କୋଡ଼ରେ ମାଡ଼ ହୋଇ ଗଲା । ଖୁଡ଼ କହିଲେ ଓ … ସର ! ଗାଁ ମାଇପେ ସେତେବେଳେକୁ ଲୁଣ୍ଡ ହୋଇ ଗଲେଣି । ଝୀଅଶ ୬ ବର୍ଷ ପିଲା । ତା ବାପ ଶୁଣି ମାଆ ତାର ମନେ କଲା, ଝୁଡ଼ର ଲଛ ଜନପ ଖବସ କଲବୁ ଝୁଡ଼ ମାଇଲା ଓ ଦଣ ! ଏପରି ଅବସ୍ଥାରେ ଗଲାଅ ଭଉଜା ବର୍ତ୍ତମ୍ୟ [illegible] ବଡ଼ ଯାଅର ( ପିଳାରମା ) ଧାତପର ଦୁର୍ଗନ୍ଧର ମୁର୍ଦ୍ଦରେ ହଲୁଟାଇ କହିଲ, ପର… ଚମା ତା ମନଲୁ ମନ ଦୌଡ଼ୁ ଦୌଡ଼ୁ ପଡ଼ଲ… … ପାର୍ଜନ । ବଡ଼ ମାଆ ଏନ୍ତ ନୂଆଁପାର ଚାକୁ ଝିଅ ସମ୍ନେଷ ତଟସ୍ଥରେ ବୋହୂ କହୁଛ ବୋଲି ଯା ଉଛ ତା ଚଳ ଗଲେ ଗଲାଅର ତଳସ ଦୋଷ ଗାଁରେ ଭଣାପ ପଡ଼ିଲା ଗଲାଅ କହିଲ— ଟାଟାରେ ଶିକ୍ଷିତା ସ୍ତ୍ରୀଙ୍କ ସଂସ୍କାରରେ ପିବା ଅପିବା ଲଇ ବୋହୂର ଅଭ୍ୟାସ ହେଇଛି ଶୁଣି ଶୁଣି । ସେଥିପାଇଁ ସେ ଦୁଃଖ ପ୍ରକାଶ କରି କ୍ଷମା ପ୍ରାର୍ଥନା କଲା । ଏଥିରେ ଚାର୍ମିଲା ମାଇପେ ନ ବୁଝି ବିଶାତ କହଛନ୍ତି । କିନ୍ତୁ କେହି ଏକଥା ଶୁଣିଲେ ନାହିଁ । ତା ଅର ଦିନୁ— ଯେତେ ଭଲ ସେତେ ଦର ଗାଁଠରେ ଦୁଇପାଖ ଖବେ ଦେଲେ ।

ପ୍ରସ୍ତୁ ପ୍ରେଧଦା ପ୍ରତଯୋଗିତାର ନିୟମ । (୮ମ ପୃଷ୍ଠା ଉତ୍ତାରୁ)

ତତୋଧିକ ଭୁଲ କରିଥିବା ଉତ୍ତର ଦାତାମାନଙ୍କୁ ଗୁଣାନୁଯାୟୀ ବାଣ୍ଟ ୫୮ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମାନ୍ୟ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋଚ୍ଚ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କର ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

ଯେ କୌଣସି ବ୍ୟକ୍ତି ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଅବଗାଣରେ ଚାରଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ପ୍ରକାର ଉତ୍ତର ଦେବାକୁ ଚାହିଁବେ ଉପର ତତୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ତିନୋଟିକୁ ଫାଙ୍କାରଖି ତାହା ଖଣ୍ଡ ଖଣ୍ଡ ନକରି ଏକାସଙ୍ଗରେ ପଠାଇ ଦେବେ ଓ ତାହାଁ ସଙ୍ଗେ ଏକଟଙ୍କାର ପୋଷ୍ଟାଲ ଅର୍ଡରଟିଏ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମ ଦୁଇଟି ପୂରଣ କରି ତାହାଁ ସଙ୍ଗେ ୫୦ ନପର ପୋଷ୍ଟାଲ ଅର୍ଡର ୧ଟି ପଠାଇବେ । କେବଳ ଏଥିପାଇଁ ୪ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । କୌଣସି ଏକ ବ୍ୟକ୍ତି ଏହାପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଉପର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବନ୍ଧ କାଟି ଉପରୋକ୍ତ ନିୟମାନୁଯାୟୀ ଯେତେଇଚ୍ଛା ସେତେ ଉତ୍ତର ଦେଇ ପାରନ୍ତି । ଅର୍ଥାତ୍ ଅଧିକ ଗୋଟିଏ ପାଇଁ ୫୦ ନ, ଦୁଇଟି ପାଇଁ ୫୦ ନ ଓ ତିନୋଟି ପାଇଁ ମଧ ସେହି ୫୦ ନପର ପୋଷ୍ଟାଲ ଅର୍ଡର ଟିଏ ପଠାଇବେ । ଉପରୋକ୍ତ ଭାବରେ ଅର୍ଥାତ୍ (୫୦ନପ ଡାକଟିକଟ ଦେଇ) ଛଅଟି ଉତ୍ତର ଦେଇଥିବା ପ୍ରତ୍ୟେକ ପ୍ରତିଯୋଗୀ ସଙ୍ଗରେ ପ୍ରୀତି ବାବୁ ଚନ୍ଦ୍ର ଲକ୍ଷ୍ମୀକାନ୍ତଙ୍କର ଖଣ୍ଡିଏ ନାଟକ ପୁସ୍ତକ ଉପହାର ପାଇବେ । ସମସ୍ତ ଉତ୍ତର ୧୯୫୮ ମସିହା ମାର୍ଚ୍ଚ ୧୨ ତାରିଖ ଦିନ ୪ଟା ମଧ୍ୟରେ 'କଟକ, ପୋ: ଅ: ଉତ୍କଳ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ଉପରେ ପଟରେ ଗୋଟିଏ ଗୁଣନ ( × ) ଚିହ୍ନ ଓ ୨ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ଧନଞ୍ଜୟ) ମଧ ଦିଆ ଯିବ । ଉପର ଲକ୍ଷିତ ନିୟମାନୁଯାୟୀ ଏସି ନଥିବା ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ । (ବୋଡ଼ପଟରେ ଶମ ଶବ୍ଦଧାର ଉତ୍ତର ଦେଖନ୍ତୁ

Digitized by srujanika@gmail.com

## ସହକାର—ମାଘ—ଦଶମ ସଂଖ୍ୟା ।

ପଶୁ—ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ
କବି ଏଥର ପଶୁଭାବ ଧରି ପ୍ରକୃତରେ ଯାହା କିଛି ସୁନ୍ଦର, ସ୍ନିଗ୍ଧ, କୋମଳ, ମଧୁର ସବୁ ଫାଡି ଦଳି ଧ୍ୱଂସ କରିବାକୁ ବସିଛନ୍ତି । କବିର ଯେପରି ଉକ୍ତି ମୌଳିକ, ଭାଷା ସେହିପରି ତୀବ୍ର—ସ୍ୱଚ୍ଛନ୍ଦ ।

ସୌନ୍ଦର୍ଯ୍ୟ ଓ କଳା—ଡାକ୍ତର ବ୍ରଜବିହାରୀଙ୍କର ଟାଣୁଆ ପ୍ରବନ୍ଧ ।

ଛାପାର ଭୁଲ (ଗଳ୍ପ)—ପକ୍କା ହାତର ପକ୍କା ଲେଖା । ଏଯୁଗରେ ଏଆଦର୍ଶ ବନ୍ଧୁ ଅଚଳ ।

ଦୁଇଧାର—କବିତା—ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ—ନୂଆ ନୂଆ ଅଲଙ୍କାର ।

କେଉଁଦିନ ବୁଝିବ ଅନ୍ୟ ଗୃହବଧୂ—ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡାଙ୍କର ସଫଳ କାହାଣୀ । ମନ୍ଦନୁହେଁ

ମହାକାଶ—(ଗଳ୍ପ) କବିଚନ୍ଦ୍ର କାଳିପ୍ରସନ୍ନ ଙ୍କର । ଗଳ୍ପଟି ପ୍ରାଣର ଟାଣରେ ଲେଖା । ଶେଷଟି ବେଶ ଫୁଟିଛି ଏବଂ ଭାବଗୌରବ ରହିଛି । ତେବେ—

ଫଗୁଣ ରାଣୀ—(କବିତା)—ଶ୍ରୀମତୀ ହରପ୍ରିୟା ଦେବୀ । କବିତାଟି ମଧୁର ହୋଇଛି । ଲେଖିକାଙ୍କର ଉନ୍ନତି କାମନା କରୁଁ ।

ଶ୍ରୀ ପ୍ରାଣକୃଷ୍ଣ ସାମଲଙ୍କର କବିତା । ଶୀତ—ସ୍ୱପ୍ନ । ନୂଆଲେଖା ।

ପେଟର ବିଦ୍ରୋହ—(ଗଳ୍ପ) ଶ୍ରୀ ଗୋଦାବରୀଶ ମହାପାତ୍ର । ଠିକ ଗଳ୍ପ ବୋଲି କହି ହେଉ ନାହିଁ । ତେବେ ଉଦ୍ଦେଶ୍ୟଟା ମହତ୍ ଅବଶ୍ୟ ।

## ବିଚ୍ଛିନ୍ନା—ପୌଷ—୪ର୍ଥ ସଂଖ୍ୟା ।

ନବଯୌବନ ମଦେ (ଗଳ୍ପ)—ଶ୍ରୀ ସୁରେନ୍ଦ୍ର ଚନ୍ଦ୍ର ଦାସ, ବି,ଏ । ଗଳ୍ପର ପ୍ରତିପାଦ୍ୟ ବସ୍ତୁଟି ବିଶିଷ୍ଟ ନହେଲେ ମଧ୍ୟ ନିକୃଷ୍ଟ ସତ୍ୟ । ଭାଷାର ଗତିରେ ଟିକିଏ ଅବାଧ ବନ୍ଧନ ଥିଲେ ଭଲ ହୋଇଥାନ୍ତା । ତମାମ୍ ବଙ୍ଗଳାର ଆମେଜ ରହିଛି । ଘଟନାବଳୀରେ କେତେଗୁଡ଼ାଏ ଅସ୍ୱାଭାବିକତା ଓ ଅସଙ୍ଗତି ଥିବାପରି ଲାଗିଲା ।

ଫଳମ୍—ପ୍ରେକ୍ଷଣା-(କବିତା) ଶ୍ରୀ ଭବାନୀ ଶଙ୍କର ନିମ:ଠୀ । ଯେପରି ଉଚ୍ଛ୍ୱାସ ସେହିପରି ଉପଯୋଗୀ ଭାଷା ।

ଛଦ୍ମବେଶିନୀ (ବଡ଼ଗଳ୍ପ) ଶ୍ରୀମତୀ ସରଳା ଦେବୀ । ଗଳ୍ପଟି 'କ୍ରମଶଃ' ଥିବାରୁ କିଛି କହି ହେଉନାହିଁ ଏତେବେଳୁ । କେବଳ ପହିଲିରୁ ଉଗ୍ରଚଣ୍ଡୀ ମହିଷମର୍ଦ୍ଦିନୀଙ୍କ ବାହାରିବା ଦେଖି ଡର ମାଡ଼ିଲାଣି, ବାବା ।

ଲଗ୍ନର ବ୍ୟଥା (ଗଦ୍ୟ କବିତା) ଲେଖକ ଷଡ଼ଦ୍ରୋହୀ । ଏହା ଗଦ୍ୟ-କବିତା ନୁହେଁ କି ପଦ୍ୟ-କବିତା ବି ନୁହେଁ । ଅଧିକନ୍ତୁ ଲାଗିଲା ଖାଣ୍ଟି ପଦ୍ୟ କବିତା ପରି । ଛନ୍ଦ ଅଛି, ଯତି ଅଛି, - ନାହିଁ କେବଳ ମିଳାକ୍ଷର—ତା'ର ଠାଏ ଠା'ଠା ଭଙ୍ଗ ଯାଇଛି ବୋଧହୁଏ ଭୁଲରେ । ଭାଷାର ତରଳତା ଓ ଭାବର ସରଳତା ଦେଖି ମନେହୁଏ (ଭ)ଗବଙ୍କର (କ)ଗଲମ (କ)ଗଣାନ୍ଦେ ।

---

# ବହିପତ୍ର

---

ଦାମ୍ପତ୍ୟ—(ଗଳ୍ପ)—ଶ୍ରୀ ଯୁଗଳ କିଶୋର ଦାସ । କ୍ଷୁଦ୍ର ଗଳ୍ପଟି ଖାସା ହୋଇଛି ।

କବିତା ରୂପସୀ—ଶ୍ରୀ ଜଗନ୍ନାଥ ମହାପାତ୍ର ବୀଣା ଦେବୀଙ୍କର ଆରାଧନା ଓ ସାଧନାରେ ନିଷ୍ଠାର ସହିତ ଲାଗି ରହିଲେ ସେ ବର-ଦେବେ ଦିନେ ହେଲେ ।

କଳ୍ପନା—(ଗଦ୍ୟ)—ପାଷାଣୀ । 'ପାଷାଣୀ' କିଏ ? ଏକ୍କେବାରେ ଯେ ପଡ଼ିଛନ୍ତି ଚନ୍ଦ୍ର ଭଳି । ଲେଖାଟି ମନ୍ଦନୁହେଁ—ବିଶେଷତଃ ନାମ ପଷ୍ଟର ।

ମର୍ମବ୍ୟଥା—ଶ୍ରୀମତୀ ଲଣାମଣି ଦେବୀ । ସୁନ୍ଦର କରୁଣ ଶବ୍ଦଟି ।

ନୂତନ କବିତା—ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ । 'ନୂତନ' ନୁହେଁତ—ଏଯେ ଚକ୍ଷୁତ ପ୍ରକ୍ଷଣା ପରି ଲାଗୁଛି । ବହୁକାଳର ରୁଦ୍ଧ ହୃଦୟାବେଗ ନୂଆକରି ମୂର୍ତ୍ତିମାନ ହୋଇ ଉଠିଲାକି ! ଅକ୍ଲାନ୍ତ କର୍ମକ୍ଲିଷ୍ଟ କବିଙ୍କର କଠୋର କରର କଲମରୁ ପ୍ରେମ କବିତା ବର୍ଷଣ କରିବାର ଦେଖି ଚାହିଁ ରହିଲୁ । ବୃଦ୍ଧ ଲକ୍ଷ୍ମୀନାରାୟଣ ବାବୁ କବିତା ଓ ସଙ୍ଗୀତରେ ମାତି ଉଠିଛନ୍ତି—ଅଟମ ହ ଶଙ୍ଖ ହୁଳାହୁଳି ଦେଉଛୁଁ ।

## ଭକ୍ତପ୍ରଦୀପ—ଆଶ୍ୱିନ ୧୩୪୫

ଫଗୁଣ ମାସରେ ପ୍ରତ୍ୟାଶିତ ଆଶ୍ୱିନସଂଖ୍ୟା ମିଳିଲା । ରତ୍ନାକର କାରଖାନା । ମଲାଟ ଉପରେ ଖଣ୍ଡିଏ ରଙ୍ଗିନ ଛବି । ଛବିଟି ଭଲ ହୋଇଛି । ଏଥିରେ ଶିଳ୍ପୀ ଶପିନ ଶ୍ରେଣୀର କର ଲବ 'ଅନୁରାଗ' ଓ । ନୂପୁରରେ ଭଗ୍ନ । ଶିଳ୍ପୀ ଗୋପାଳ କାନୁଗୋଇଙ୍କର ଗାଇଡ଼ୁଥିବା ଛବିଟି ମଧ୍ୟ ସୁବ୍ ପ୍ରାଞ୍ଜଳ । ଏହା ଛଡ଼ା ଅନେକ ଗୁଡ଼ି ଲୁଗ୍ନାଚବ ବ ଅଛି । କେତେକ ପ୍ରାଚୀନ ଐତିହ୍ୟ ଓ ଶିଳ୍ପକୁ ଏଭଳି ଭାବ [illegible] ଦ୍ୱାରା ମହାଶୟ କର୍ମ ସୁଦୀର୍ଘ ପରିଚୟ ଦେଖାଇଛନ୍ତି ।

ସଙ୍ଗୀତ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର । କବିଙ୍କର ସରଳା ଫୁଲ୍ଲ [illegible] ରେ କେତେବେଳେ ଗୁଣି ଚନ୍ଦ୍ରାଗତ ଭାଷାଜିଲି ? ସ୍ନେହର ଲକ୍ଷ୍ମୀ ନା ଉର୍ଷ ଜନ୍ମ ?

ଅବସର ବିନୋଦ—ବୈକୁଣ୍ଠ ବାବୁ ଅବସର ବେଳରେ ଅନ୍ୟମନସ୍କ ଭାବରେ ଲେଖି ଦେଇଛନ୍ତି ପରା, ସମ୍ପାଦକଙ୍କ ଉତ୍ତର । କେବେ ପଦକ ପଢ଼ୁଛୁ, ଛନ୍ଦ ରହୁଛି ।

ଶିଶୁଙ୍ଗ—ଶ୍ରୀ ଗିରିଶଚନ୍ଦ୍ର ପାଣିଗ୍ରାହୀ—ଉଷାନାଥୀ ଭଙ୍ଗର କବିତା । କବିଙ୍କର କଳାକୁଶଳତା ଦେଖି ମନେ ହେଉଛି ତୁଳସୀ ଦୁ' ପତରୁ ବାସିଲା । ତାଙ୍କ ନବୀନ ଲେଖନୀରେ ଫୁଲ ଚନ୍ଦନ ପଡ଼ୁ ।

କଳା ଓ ଯୁଗ—କଳାବିଶାରଦ ବାନରୋଭଙ୍କ ଚିନ୍ତାଶୀଳ ଲେଖା । ଦୁଃଖହୁଏ, ଏ ଅନ୍ଧ ଦେଶରେ ଦର୍ପଣର ଭାଷା ବୁଝିବେ କେତେଜଣ ?

ସ୍ମୃତି—ଉପେନ୍ଦ୍ରବାବୁଙ୍କର ସାନ ଗଳ୍ପ । ଗଳ୍ପଟି ବେଶ୍ କରୁଣ ଓ ଶିକ୍ଷାପ୍ରଦ ।

ସଙ୍ଗତ୍ରୈଶ—ଭୂମଧ୍ୟ ନା କଳ୍ପ ? ideaଟି artistic ହେଲେ—

Digitized by srujanika@gmail.com

ବଡ଼ଦିନ ଉପଭୋଗ

## ପାରାଡାଇସ୍ ହଲ୍

ଦେଶୀୟ ଶ୍ରେଷ୍ଠ ଓ ଶ୍ରେଷ୍ଠ ଓଡ଼ିଆ ହିନ୍ଦୁ ହୋଟେଲ

ବୃନ୍ଦାବନ ଚନ୍ଦ୍ର [ କଟକ ]

ଏଠାରେ ସାଧାରଣ ଅତନୁ ମାନଙ୍କଠାରୁ ଆରମ୍ଭ କରି ଅତି ବଶିଷ୍ଟ ହିନ୍ଦୁ ଭଦ୍ରମାନଙ୍କ ରହିବା ଓ ଆହାରାଦିର ସୁବନ୍ଦୋବସ୍ତ ହୋଇଅଛି । କେହି ବି ଏ ସହରରେ ଏପରି ହିନ୍ଦୁ ଦରରେ ସର୍ବସାଧାରଣଙ୍କ ସୁବିଧା ହୋଟେଲ ଏକମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ପଙ୍ଖା, ପାଇପ ପାଣି ଓ ଭାତ ଟେବୁଲ, ଚେଳିଙ୍ଗ୍‌ରୁମ୍‌ ସ୍ନାନାଗାର ଇତ୍ୟାଦି ସବୁର ବନ୍ଦୋବସ୍ତ ହେବାରଦ୍ୱାରା ସୁବିଧା ହୁଏ । ଅନ୍ୟାନ୍ୟ ହୋଟେଲଠାରୁ ଖର୍ଚ୍ଚ କମ ହୋଇଥାଏ । ଥରେ ଆସି ଅନୁଭବ କରନ୍ତୁ ।

ପ୍ରୋପ୍ରାଇଟର ଶ୍ରୀ ସୁରେନ୍ଦ୍ରନାଥ ଦାସ

FOR ALL SORTS OF

# MEDICINES

PLEASE COME TO

**CROWN MEDICAL HALL,**
**RANIHAT. CUTTAK.**

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

## ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ଏବଂ ବଳ, ମାଂସ, ରକ୍ତଶକ୍ତି ହଜମଶକ୍ତି ଅତି ଶୀଘ୍ର ବଢ଼ାଇ ଦିଏ ।

ମୂଲ୍ୟ ସେଂରକୁ ୪୵୦

„ ଅଧସେରକୁ ୨୲୦

„ ପାଏକୁ ୧୵୦

ଭି: ପି: ରେ ଔଷଧ ପଠାଯାଏ ।

ଠିକଣା

କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍. ଏଚ୍. ଏମ୍. ପି

**ଦରିଦ୍ର ବନ୍ଧୁ ଔଷଧାଳୟ**

ଖପର ପଦା

ପୋ : କେଁଠାର

ଜି : ବାଲେଶ୍ୱର

## କୁଡ଼ୁ କୁଡ଼ୁ

ହେଡ଼ମାଷ୍ଟର— ମନ୍ତ୍ରୀମହାଶୟ କାହାନ୍ତି ?

ଚପରାଶି — ସେ ତଳ ହେଡ଼ମାଷ୍ଟରଙ୍କ ସାଙ୍ଗରେ ଟେଲିଫୋନରେ କଥାବାର୍ତ୍ତା ହେଉଛନ୍ତି ।

ହେଡ଼ମାଷ୍ଟର— ତମେ କେମିତି ଜାଣିଲ ତଳ ହେଡ଼ମାଷ୍ଟର ବୋଲି ?

ଚପରାଶି—ଆଜ୍ଞା, ମନ୍ତ୍ରୀ ଯେ ଆଉ ମହିରେ ମହିରେ 'ଅଜ୍ଞେ—ଅଜ୍ଞା ହଁ' କହୁଛନ୍ତି ।

× × ×

ଜଣେ ସାହେବ car ରେ ଯାଉଁ ଯାଉଁ ପେଟ୍ରୋଲ ସରିଯିବାରୁ ରାସ୍ତାପାଖ ଜଣେ ଭଦ୍ରଲୋକଙ୍କୁ ପଚାରିଲେ ଏଠାରେ ପେଟ୍ରୋଲ ମିଳିବ ।

ଭଦ୍ରଲୋକ—ହଁ,

ସାହେବ—can you help me (ମତେ ସାହାଯ୍ୟ କରିପାରିବ ଅର୍ଥାତ୍ କରି ଦେଇପାରିବ ) ?

ଭଦ୍ରଲୋକ, ଦୌଡ଼ିଯାଇ ସେଠାରେ ଥିବା ଗୋଟିଏ ଗାଈଗୁହାଳ ପେଟ୍ରୋଲ୍ ବାବୁଙ୍କୁ ଡ଼ାକି ଆଣି ଠିଆ କରିଦେଲେ ।

ସାହେବ ଭଦ୍ର ଲୋକଙ୍କୁ ଦେଖି ପଚାରିଲେ— କଣ ହେଲା ?

ଭଦ୍ରଲୋକ—ଏହି ଯେ ପେଟ୍ରୋଲ୍ ।

\+ \+ \+

ରାଧ—ଆଜ୍ଞା । ମୁଁ ତାକୁ ଯିବି ?

ଗୁରୁ—ଭଲେ, ତାକୁ କଣରେ ? ପରସ୍ତ୍ରୀ ପାଇଁ ତ ଏଇ, ଝୋଟା ଫେରିବାକୁ ହୁଏ, ତାକୁ ପୁଣି ଗୋଟାଏ କଣ ?

ରାଧ—ଆଜ୍ଞା ! ସେ ଝୋଟା ପରସ୍ତ୍ରୀ ହବନ୍ତୁ କରିବ ?

× × ×

History classରେ ଶିକ୍ଷକ ପଚାରିଲେ, '୧୯୮୩ରେ କଣ ଘଟିଥିଲା ?'

ରାମ ହଠାତ୍ ଉଠିପଡ଼ି କହିଲା, "କୁଆର ଜନ୍ମଗ୍ରହଣ କରିଥିଲେ ସାର ।"

ଶିକ୍ଷକ—ଏହା କଣ ଠିକ୍ ? ତେବେ ୧୪୮୬ ରେ କଣ ଘଟିଥିଲା ?

ରାମ ତତ୍‌କ୍ଷଣ ଉତ୍ତର କହିଲା, କୁଅରଙ୍କୁ ସେତେବେଳେ ୨ ବର୍ଷ ବୟସ ହୋଇଥିଲା ।

x x x

ପ୍ରଫେସର କଲେଜରୁ ଫେରି ତାଙ୍କ ସ୍ତ୍ରୀରୁ କହିଲେ — ମୁଁ ଆଜି ଛତାଟା ନେବାକୁ ଭୁଲି ଯାଇଥିଲି ।

ପ୍ର. ସ୍ତ୍ରୀ — ଛତାଟା ସଂଗରେ ନଥିଲା ବୋଲି ତମେ କେଉଁଠି ଜାଣିଲ ?

ପ୍ର — ଫେରିଲା ବେଳେ ବାଟରେ ଯେତେବେଳେ ଭୟଙ୍କର ବର୍ଷା ହେଲା ସେତେବେଳେ ଛତା ଖୋଲିବା ପାଇଁ ହାତ ଉପରକୁ ଟେକିଲା ବେଳେ । ( ରଜନୀ )

x x x

ଗୋସେଇଁ ମହାପ୍ରଭୁ — କୌଣସି ପଦାର୍ଥ ଦାନ କଲେ ସ୍ୱର୍ଗ ମିଳିବ ।

ଶିଷ୍ୟ — ଠିକ୍‌କଥା ମହାପ୍ରଭୁ । ଗଲ ବୈଶାଖରେ ମୁଁ ଗୋଟିଏ କନ୍ୟା ଦାନ କରିଥିଲି ଯେ, ଏ ବୈଶାଖରୁ ଭଗବାନଙ୍କ ହୋଇ ମୋ ଘରେ ଅଛି ହାଜର ।

Digitized by srujanika@gmail.com

ଦଶରଥ —ଭାରତ ଜନ ର ଅଧୀଶ୍ୱର ।
ଶ୍ରୀରାମ— ତସ୍ୟପୁତ୍ର crown prince
ଭରତ— ,, (ଦ୍ୱିତୀୟ)
ଶତ୍ରୁଘ୍ନ କୁମାର—,, (ତୃତୀୟ)
ସୁମନ୍ତ୍ର—ମହାଚାରୀ ସଚିବ ବରପୁତ୍ର ।
ବିଭୀଷଣ—ରାମ ଭକ୍ତ ।



ଜାମ୍ବବାନ ବୃଦ୍ଧ ଋକ୍ଷ ପତି ।
ହନୁମାନ—ସର୍ବାପେକ୍ଷା ବଳି ।
ଅଙ୍ଗଦ—କିଷ୍କିନ୍ଧ (ଯୁବ) ପତି ।
ସୁଷେଣ,ସୁଗ୍ରୀବ, କେଶରୀ, ବେଙ୍ଗବଳ, ମୁଣ୍ଡ,
ଗଗନ ସୁଷେଣ, ଶୁଭଙ୍କର, ଦେବେନ୍ଦ୍ରହାସ,
ଇତ୍ୟାଦି ବନ୍ଦର ସଇନ୍ୟସ୍ଥ ୦୨୫,୨ ଗୋଟି

# ନବରାମାୟଣ

## ଭେଞ୍ଜୁଆ କାଣ୍ଡ

(କପିବର ହନୁମନ୍ତ ବିରଚିତ)

ଭାଇଙ୍କ ଭେକ ଦେଖି ସର୍ବେ ଦେଲେ ତାଳିଗୁଡ଼;
ତହୁଁ ସେ ବାମୁଡ଼ି ଦାନ୍ତ, ରଙ୍ଗଣ ଚକ୍ଷୁ,
ସିଂହସ୍ୱରେ ହୁଙ୍କାର ସାରଲେ ଏମନ,
"ଆଜ ଜନ୍ମଜାତ ଏଡ଼ା ସହୁ ନାହିଁ ଭେଟବ
ସମ୍ଭବ ନାହିଁଟି ମୁଁ ବି ଏହୁ ଅନ୍ୟାୟର ।
ଯେତେ ଦିନ ଥିବ ରକ୍ତ ଅମ୍ଭ ଧମନୀରେ,
ତେତେ ଶତ୍ରୁଦଳ
ଗୋଟି ଗୋଟି ଉପାଡ଼ିଣ କରିବୁଁ ନିର୍ମୂଳ ।
ଏହି ମୋର ପଣ.
ମନ୍ଦର ଗ୍ରେଷଣ ତଳା ଶଙ୍ଖର ପୋଷଣ
ଲୁଷପତ୍ତ ତହୁଁ ହେଲ ବରଫ ଶୀତଳ
ଦାନ୍ତ ବଜାଇଣ ହର୍ଷେ ବୋଇଲେ ସଧୀରେ
"ଭଏ ଦେ ତୁ ବୀର ଶିଶୁ, ଧାତୁ ବା ଅଟଇ
ଜାତିର ସଙ୍କଟ କାଳେ, ପଡ଼ାଇଲୁ ମଥା,
ଭଦ୍ର ଅଶ୍ୱାସନା କଥା, ଅଟଳ ସମୟେ ।
ସେ ବୋଇଲେ
"ଧନମଣି ନାମ ମୋର,ଜନ୍ମ ଶୁଣ୍ଡି କୁଳେ,
ତୁମ୍ଭର ଚରଣ ଦାସ, ମର୍କଟ ଶବ୍ଦେଶୀ" ।

ଜମ୍ବୁ—
ସାବାସ ସାବାସ, ବଢ଼ୋ,—ବହୁତ ହସିଡ଼୍,
ତୁମ୍ଭଭଳି ବୀର ଜଣେ ଲୋଡ଼ାଥିଲା ଏଥା ।
ସମସ୍ତ ମର୍କଟ ଦଳ ଜଡ଼ ଉଠିବାକୁ,
ତୁମ୍ଭନାମ ଦିଆଗଲା ଏଣୁ "ବଲୁସଲୁ" ।
ତହୁଁ ନବ ବଢ଼ାଯାକୁ କରନ୍ତି ସଲାମ,
ଜୟଧ୍ୱନି ପଡ଼ିଗଲା ଉଣ୍ଣ ଭ ମହଲେ,
ଲୁଷପତ୍ତ ମୁଦଦନ୍ତ ଉପାଡ଼ି ଦେଲେଟି
ଡିକ୍ଟୋଗ୍ରାଫ୍ ପତ୍ରର ତାଲା ବାନ୍ଧିଦେଲେ ନେଇ
ଜଗୁରୁ ସାକ୍ଷାତ ମୁକ୍ତେ, ଲୁଣ୍ଠ ସଫେଦ ।

ଜମ୍ବୁବାନ—
ଗୁଣିବଳ୍ପ,
ଅଜିଠାରୁ ହେଲ ତୁମ୍ଭ ଥାଟ ସେନାପତି
ଦଶଂ ମ ଦେଶର— ପଦ ଦେଲେ ବରାମତ,
ଉଚ୍ଚତର ପଦ ପ୍ରାପ୍ତି କରିବ ନିର୍ମାଣ ।
ମିଲିଟାରି ଡିପାର୍ଟମେଣ୍ଟ ବହୁଳ ଟୋ ହାତେ,
ପ୍ରଶିଷ୍ଟ ବହୁଳ ଅମ୍ଭ ପ୍ରୋପଗଣ୍ଡା ଫାଇଲ
ଲୋକମତ ଗଠନରେ ହେବୁ ତୁ ସିଦ୍ଧ
ଉକ୍ତର ଗୋଟବଲସ ଯଥା ଜର୍ମାନ ରାଜ୍ୟର,

ବାଲୁସାଲୁ—
ପ୍ରଭୋ ମୁହିଁ ହେ କର୍ମରେ ଅକ୍ଷମ ନିତାନ୍ତ,
ଅନ କଂନେ—

ଜମ୍ବୁ—
ଓଃ—ଚିନ୍ତା ନାହିଁ,— ବନ୍ଧୁ ।
ଶନ୍ତାମଣି ହୋଇବେ ସହାୟ,
କର୍ଣ୍ଣଧାର ରୂପେ ଏହି ସ୍ୱାର୍ଥଶୂନ୍ୟ କର୍ମେ
ଦେଶ ଅଜ ଜାତିପାଇଁ
ସ୍ୱାର୍ଥଗନ୍ଧ ଲେଶ ମାତ୍ର ନାହିଁ,
ଅନାଶକ୍ତ, ମୁକ୍ତସଙ୍ଗ, ନିର୍ବିକାର ସର୍ବେ
କେବଳ ନିମିତ୍ତ ମାତ୍ର ହୋଇ
ଶିଖଣ୍ଡୀ ସଦୃଶ ଅଗେ ହୋଇଗଲେ ଛିଡ଼ା,
ନଦେଇ ତୁମକୁ ପୀଡ଼ା,
ପଛଅଡ଼ୁ ଭଡ଼ାବାନ କରିପିବୁଁ ଅମେ ।
ବଡ଼ା ବଡ଼ା, ସିଡ଼ାସିଡ଼ା—ଚାଇଛୁ ଦେଖିବ !
ଏଣିକି ବାଳୁର ହେବ ଅମ୍ଭ କର୍ମପନ୍ଥା ।
Party Programme ର ଏତେ
ଦେହ ମୁଖାର୍ଦ୍ଧା ।
ଲେଖ, ଲେଖ, ଶୁଣ ଅଛ short hand
ଧାରେ ।

Steno ଗଣ ତହୁଁ ଧର ସେନ୍ସିଲ କାଗଜ
ଜହିଁ ଘୋଷଣା ସୃନ୍ତି ଲଖିଲେ ଚଳଲୁ ।

ଜମ୍ବୁବାନ—
ପ୍ରଥମ ଉଦ୍ଦେଶ୍ୟ— ହମ— ଦେ —
ଏର ଧର ଅଟଗ —
ସମର ପେଷଣି ଅଜ ମର୍କଟ ବାଣନ
ଉଦନ୍ତେ Power ଅଜ ପ୍ରେଷ୍ଟିଜ ରକ୍ଷା,
ତାହାପରେ ଉଷଣିଟା ଧରିବା କଥା,
ଜାତ ଓ ଦେଶର ସେବା ଗୌଣ ଲକ୍ଷ ତାର
ଅର୍ଥାତ ବର୍ଷର ଚନ୍ଦ୍ର—ଧୂଅ ମାତ୍ର ସାର
ଏହୁ ଅଳ, ଏହୁ ଥାଳ ଏହୁ ଭୋଜ ଝସ
ଅପଣା ଚରମ ଲକ୍ଷ ଧରିବା ସାଧନ
ବଣରେ ଅନାଥ ନାହିଁ ଜାଣିନ୍ତୁ ସର୍ବେ ,
ନୀତି ଅନାଚର ଭେଦ ଦୂଷକର ଫାନ୍ଦ,
ଛଳ, ବଳ ଅଥବା କୌଶଳ,
ସବୁଠାରୁ ଛଡା ପନ୍ଥା ଭଲ ।
Diplomacy ଖେଳ,
ଶେଷରେ ଦଳ ମର୍ଦ୍ଦଳ ଲେ— ଧମାଧମ୍
(ଜାମ୍ବେବ ବଗନେ,
ଜୟନାଦ ଭେରିଗଳ ରବତାଳ ସନେ
ଗଗନେ, ପବନେ ଅଜ ଭବନେ ଭବନେ )
ଅତ୍ରୁସ୍ତ୍ର ମର୍କଟ ଯୋଦ୍ଧା ଅନନ୍ତ ସେ ଦଳେ,
କର ପଟା ପଟି,
ଦେଖାଇ ଦାନ୍ତୀତା ଲଜ୍ଜୁ ଅଣ ତାଙ୍କୁ ଛଟି,
ସମର ସ୍ମରଣ ଯାଉ ଫାଟି,
ଏମନ୍ତେ ଦମାକୁ ତାର ଶକ୍ତି ବହୁଳରୁ
ଅର ଦଳେ କଣେ ନାଶୋର
ଚଢ଼ାଇବା ଦେଖିବ ପାହାର,
ବାହାର ହୋଇବ ମକା ଡେଟେ ଛୁଏଁ ଛୁଏଁ ।

Digitized by srujanika@gmail.com

ବାଏଁ ବାଏଁ ଉଡ଼ିଯିବ ଯେତେ ଫୁର୍‌ଫାର୍ ।
ଡିଉରିଙ୍ଗ୍‌ଷ୍ଟା ସାବ୍ ବଢ଼ାଇ ମୋ ହାତେ,
ହୋଇଗଲାଣି କାମ ଥୋଡ଼ା ଥୋଡ଼ା,
ବାକି ଅଛି କିଛି ମାତ୍ର ଲୋଡ଼ା,
ଫୁଟ୍‌କି ମାରନ୍ତେ ସବୁ ଅସିବେ ଫାଟକ,
ଦାକ୍ଷିଣାତ୍ୟ ପାଇଁ ଥିଲା ବଡ଼ ଦୁର୍ଭାବନା,
ମାନ୍ଦ୍ରାଜ ଅମ୍ବୁ ବାଗୁସାଙ୍କ ବଦନ ନେବେଶି,
ସେହି ଚିନ୍ତା ହୋଇଅଛି ଦୂର;
ସ୍ୱତମତ ତ୍ରୁଟି ଜଣେ ମିଳିଛି ପାଖକୁ,
ଦୂର କରିବାକୁ କ୍ଷମ ଠେଲୁଲା ବାଜନ ।
କରିଛି ମୁଁ ବଶୀଭୂତ ଦେଶୀ ସାମ୍ନଲାଇ,
ଛେନା, ପଣା ଦେଇ,
କାର୍ଯ୍ୟ ମୋର ହୋଇଲେ ସଫଳ,
ମନାଦିଛି ଝାଡ଼େଶ୍ୱରେ ପକାଇବି ଦାଢ଼ି ।
ଭଦ୍ରକାଳୀ ପାଇଁ ଅଛି ଯୋଗି କଳାବୋଦା,
ଚାରଲାଙ୍କ ଠାରେ ହୋମ୍ ଭେଜିଟେବଲ୍ ଘୃତ,
ବଳିଦେବଙ୍କର ଲାଗି ସେଣ୍ଟରେ ରସାବଳି,
ଜଗନ୍ନାଥ ପାଇଁ ମୋର ନାହିଁଟି ଭାବନା,
ଦେଖ୍ରେ ସେ ଘରକା ଠାକୁର ବୟୁଲ୍
ବସ୍ତବର୍ ।

ଶୁଣି ପ୍ରେ ମନ ଦେଇ,
ଇନ୍ଦ୍ରାଦି ଦେବତା ବୃନ୍ଦ ସ୍ୱର୍ଗୁ ତଡ଼ା ଖାଇ,
ଲୁଚିଛନ୍ତି ଦକ୍ଷିଣ ଦେଶରେ,
ଚାଲାଅ ତାଙ୍କର ସଙ୍ଗେ negotiation
ଅଶାନ୍ତିରେ ଥିବ ଦୁଃଖୀ ମନ,
ମାତ୍ର ରହିଥିବ ନିଷ୍ଟେ ଅନ୍ତରେ ଅନ୍ତରେ,
ଶତ୍ରୁ ନାଶ କରିବାପାଇଁ ହୋଇ ବଳବତ୍ତା;
ଜାଇ ତାଙ୍କ ଭିତ,
ସତା ବତ, ସତା ଫତ, କରିବ କୌଶଳେ,
ପ୍ରଥମ clear କର ଫାଙ୍କ ଯୋଗେ ଅଗେ,
ତେଣିକି ଯା ବାଗ ଥିବ ତାହା ମୋତେ
ଲାଗେ ।
ଯେମା ସର୍ଗଜଭ ଦନ୍ତ ବେଗେ ବେଗେ କର
ତାଙ୍କ ବା କିର୍ତ୍ତାର ଯୋଗେ ଜଣାଅ
ଦମ ଦାବେ ।

ବଗୁଲ ସଙ୍ଗାତ—
ପ୍ରଭୋ, ତୁମ୍ଭ ବଲେ ସିନା ମୁହିଁ ବଳୀଆନ,
କି ଅଛି ମୋହର ଜ୍ଞାନ,
କିବା ଧନ, ବିଦ୍ୟା, ବୁଦ୍ଧି, ମାନ,
ଶିଖଣ୍ଡି ଯେସନ୍ତ ଭୀଷ୍ମାର୍ଜୁନ ରଣେ କାଳେ,
ତୁମ୍ଭେ ମାତ୍ର ଅସ ଯାଇ Whirl-wind tour
ପନ୍ଦ୍ରାଲ୍ ସୁରଟା, ଅଣ୍ଡି ଅସ ଉତ୍କଳରେ,
ତେଣିକି ମାରଲୁଁ ଆମେ ତା ଧିନ୍‌ତା ଗୁଁଟି
ଜମ୍ବୁବାନ—
ବାହବା, ବାହବା—ଅଛ ପକ୍କା ଉସ୍ତାଦ୍ ।
ଶଙ୍ଖ ହୁଳାହୁଳି ନାଦ ଚଢ଼ିଲା ଉଚ୍ଛୁଳି
ନାଚିଲେ ଭାଲୁକ ବୃନ୍ଦ ଦାଲ୍‌ ଦାଲ୍ ହୋଇ
ତେଣେ କପିଗଣ ଶୁଣି ଗଣିଲେ ପ୍ରମାଦ ।
ଏଣେ ଗୃଧ୍ରବର ପ୍ରବେଶି ସେଠାରେ
ଜମ୍ବୁଙ୍କ ପଛେ ପ୍ରେମେ କଲେ ହାଣ୍ଡସେକ୍
ଜମ୍ବୁ—
କାହିଁଥିଲ୍ ଏତେ କ୍ଷଣ କହ ବନ୍ଧୁବର
ଏ ସମୟେ··
ଭିଟାରେ ନ ଛୁଟିଲା ବାଣୀ
ମୁଣ୍ଡକୁ ଝୁଙ୍କାଇ ହେଲେ ଏଣ୍ଡୁଅ ସଦୃଶ
Santa cruz ଦାଗୀ ତାଙ୍କ
ଦୋଳାୟିତ ହେଲେ ପେଣ୍ଡୁଲମ ବତ
ଗୃଧ୍ର—
ଯାଇଥିଲି ସଫରେ ବାହାର
ଉଜାଡ଼ନ୍ତୁ ଟାଣ ମାର ମାର
ଯଦି ଲାଗି ଯାଇପାରେ କେବଣି ଶିକାର ।
ଜମ୍ବୁ (ସହର୍ଷେ)
ହେଲାକ, ହେଲାକ କହୁ—କେଣୁ—
କହ ଶୀଘ୍ର, ଲାଗୁଛି ଉଚ୍ଛନ୍ନ ।
ଗୃଧ୍ର—(ଥୋମଣି ଗୋଜାଇ)
ମୋଟା ଛେଡେ ମିଳିଛି ଶିକାର,
ମାତ୍ର ଯେଣୁ ସବେ ହୁସିଆର,
ଅପଣାର ସ୍ୱାର୍ଥ ଦେନା,
ପକାଇଛି ଗୃଢ଼ ଅଙ୍ଗ ଥୋପ;
କେମଣ୍ଟରେ ବନ୍ଧିଅ ବେଶଣ୍ଡି,

ବାଲଅ, ରାଘବ ହେଲେ—
ଜମ୍ବୁ—(କୁଣ୍ଢାଇ ପକାଇ)
ଅରେ ଯା—କହମ—କେତେ···
ତହୁଁ ଗୃଧ୍ର ଜମ୍ବୁଙ୍କର କାନେ ମୁଖ ଦେଇ,
ଫୁସ୍ ଫୁସ୍ କରି ଦୁଇ ପଦ ଦେଲେ କହି ।
ଅସମ୍ଭାଳ ହୋଇ ଜମ୍ବୁ ମାରିଲେ ଡେଇଁ,
Back ward ହାଇଜମ୍ପ ଦୁଇ ହାତ
ଟେକି,
ତା ଦେଖି ଭାଲୁଗଣ ସବେ କିଳିକିଳା ରଡ଼ି,
ବଲ୍ ଡାନ୍ସ ପଦ୍ଧତିରେ ଜୋଡ଼ିଦେଲେ ନାଚ
କିଅବା କୀର୍ତ୍ତନେ ଯଥା ଉଦଣ୍ଡ ତାଣ୍ଡବ,
ମିଳନ ଅନନ୍ଦେ ସବେ ହୋଇଣ ଉତଳା,
ନାନାରଙ୍ଗେ ଦେଖାଇଲେ ନୃତ୍ୟ ଶିଳ୍ପ କଳା,
କେନାଟର ଓରିଏନ୍‌ଟେଲ୍, କ୍ଲାସିକାଲ୍
କେହି,
ଲୁଡାଗୃହ ଫୋକଡାନ୍ସ, କେହି ମଣିପୁରୀ,
ଝାଡଖଣ୍ଡୀ ଝୁମରକେ ଗୁଜରାଟୀ ଗରବା,
କଥାକାଳୀ, ଛଉନାଚ, ଗୋଟିପୁଅ କେହୁ,
ସବେ ଦିଗମ୍ବର nude dance କଲା
ଛନ୍ଦେ ।
ଥୋକାଏ ହୋଇଣ ଅଳ୍ପା ଉସିଣ ଏକାଠି,
ଗୋବର ପାଣିଅ ମାଲ୍ ଢାଳାଇଲେ ବାଟି
ହରିବାକୁ କାୟା-ମନ କ୍ଲେଶ,
ଫର୍ ପଣଅ ମାଲ ତହୁଁ ହୋଇଲା ପ୍ରବେଶ,
ଅମାଲ୍, ଭାଙ୍ଗ, ଲଡ୍ଡୁ, ଚକଟା, କାନକା—
ଓଁ୍ୟାଟଲ୍ ସମର ପୂର୍ବ ରଜନୀ ଯେମନ୍ତ !
ସରିଲା ପେଙ୍ଗ୍ ଅକାଣ୍ଡ—ଯଥା ଶୁଳୁପାଣି,
ମିର୍ଜାଇଲ୍ ଛୁଟିଦିଅ ଲଙ୍କବୁହା ବାଣୀ,
କପିଙ୍କର ଏବେ ଟିକେ ମାରନ୍ତୁ ଅଖିମ୍,
ବଡ଼ ଅକା—ବାପ୍‌ରେ ବାପ୍—
ହା-ରାମ୍ ହା-ରାମ୍ ।
ସଠିଅ କାଣ୍ଡକୁ ଏବେ ରହୁଥାଅ ଚାକି,
ଟାଉ ଟାଉ ହୁଅନାହିଁ—ଖାଅ ଗୁଣି ଗୁଣି ।

ଇତି ଶ୍ରୀ ନବ ରାମାୟଣେ
ମହାମ୍ଭାରତେ ପେଗ୍‌ଅକାଣ୍ଡ
ସ ମାଂପ୍ତ

Digitized by srujanika@gmail.com



# ନାଗବଗାଦଳ

ପ୍ରିୟ ନାତି ନାତୁଣୀଏ,

ବହୁଦିନଠାରୁ ସମସ୍ତଙ୍କର ଅଜ ଦ୍ୱାର-କାଠ'ରୁ ପୁଣି ଯାଏ ଅମର ଏହି ଯେ ପବିତ୍ର ଜନ୍ମଭୂମି ଭାରତଭୂମି—କୋଟିଏଟି ନରନାରୀଙ୍କ ବାସସ୍ଥଳୀ, ବିଶାଳ ସାମ୍ରାଜ୍ୟ—ଏହାର ଏକଛତ୍ର ଗଣନାୟକ ଅଜି କିଏ ?—ରାଷ୍ଟ୍ରପତି ସୁଭାଷ ଚନ୍ଦ୍ର ।

ସୁଭାଷ ଜାତିରେ ବଙ୍ଗାଳି ହେଲେ ମଧ୍ୟ ଓଡ଼ିଶାରେ ଜନ୍ମ—ଓଡ଼ିଶାର ଅନ୍ନ, ଜଳ, ପବନରେ ପ୍ରତିପାଳିତ । ଅତଏବ ସେ ଜଣେ ଓଡ଼ିଆ ବୋଲି ତ ଆମେ ଗର୍ବ କରି ପାରୁଁ । ତାଙ୍କର ପିତା ଜାନକୀ ବାବୁ କଟକରେ ସର-କାରୀ ଉକିଲ ଓ ଜଣେ ଖ୍ୟାତନାମା ବ୍ୟକ୍ତି ଥିଲେ । ସୁଭାଷ ପ୍ରଥମେ ୟୁରୋପିଅନ ସ୍କୁଲରେ ପାଠ ପଢ଼ି ପରେ ରେଭେନ୍‌ସା କଲେଜିଏଟରୁ ମାଟ୍ରିକ ପାସ୍‌କଲେ ୧୯୧୩ ମସିହାରେ । ସେତେବେଳକୁ ତାଙ୍କର ବୟସ ୧୬ ବର୍ଷ । ସ୍କୁଲରେ ପଢ଼ିବା କାଳରେ ସେ ରାମକୃଷ୍ଣ ଦଳର ସମ୍ପର୍କରେ ଆସିଲେ ଓ ସେହି କାଳରୁ ଧର୍ମ ଓ ଜନ ସେବା ଆଡ଼କୁ ତାଙ୍କ ମନ ଗଲା । ଦେଶର ଓ ଦଶର ହିତ କରିବା ପାଇଁ ଏହି ଶିଶୁ କାଳରେ ସେ ପାଗଳ ପ୍ରାୟ ହୋଇ ଉଠିଲେ ।

ଏହାପରେ ସେ କଲିକତା ପ୍ରେସିଡେନ୍ସି କଲେଜରେ ଭର୍ତ୍ତିହେଲେ । ସେଠାରେ ଥରେ ଶିକ୍ଷମାନେ ମେଳବାନ୍ଧି ଏକ ସାହେବ ପ୍ରଫେ-ସରଙ୍କୁ ବାଡ଼େଇ ଥିବାରୁ ଗୁଡ଼ାଏ ପିଲା ରଷ୍ଟିକେଟ ହେଲେ । ସୁଭାଷ ତାଙ୍କ ମଧ୍ୟରୁ ଜଣେ । ଦୁଇ-ବର୍ଷ ପରେ ପୁଣି ସେ ଅନ୍ୟ କଲେଜରେ ପାଠ ପଢ଼ି ବି. ଏ. ପାସ୍ କଲେ ଓ ବିଲାତ ଯାଇ କେମ୍ବ୍ରିଜରେ ଦର୍ଶନ ପଢ଼ିବା ସଙ୍ଗେ ସଙ୍ଗେ I. C. S. ପାସ୍ କଲେ । ଅଜି ହୁଏତ ସେ କେଉଁଠି କଲେକ୍ଟର ବା କମିଶନର ହୋଇ ରହିଥାନ୍ତେ । ମାତ୍ର ଚାକିରି କରିବାରୁ ତାଙ୍କର ତେଜସ୍ୱୀ ପ୍ରାଣ ବିଦ୍ରୋହ କରି ଉଠିଲା; ସେ ଇସ୍ତଫା ଦେଇ ଦେଶ କାମରେ ଲାଗିଲେ ।

୧୯୨୧ ମସିହାରେ ଯେଉଁ ପ୍ରବଳ ଅସହଯୋଗ ଆନ୍ଦୋଳନ ମହାତ୍ମା ଗାନ୍ଧୀ ଚଳାଇଲେ ସେଥିରେ ସେ ମନ ପ୍ରାଣ ଢାଳି ଦେଲେ । ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ନେତୃତ୍ୱରେ କାମ କରି ସେ ବାରମ୍ବାର କାରା ବରଣ କଲେ । ପୁଲିସଠାରୁ ଲାଠିମାଡ଼ ଖାଇଲେ । ତାଙ୍କ ଦେହ ଅସୁସ୍ଥ ହେବାରୁ ଥରକୁ ଥର ଜେଲରୁ ମୁକ୍ତି ମଧ୍ୟ ପାଇଲେ, ମାତ୍ର ସରକାର ତାଙ୍କୁ ବାରମ୍ବାର ଧରିନେଲେ । ଶେଷେ ସେ ସ୍ୱିଟ୍‌ଜରଲାଣ୍ଡରେ ଚିକିତ୍ସା କରିବା ପାଇଁ ରହିଲେ ଓ ଭାରତ ବିଷୟରେ ଗୋଟିଏ ବହି ଲେଖିଲେ । ଜେଲରେ ଥିବା ସମୟରେ କଲିକତା କରପୋରେସନ ତାଙ୍କୁ 'ମେୟର' ବରଣ କରି ଥିଲେ । ସେ ଫରୱାର୍ଡ ନାମକ ତେଜସ୍ୱୀ ଖବର କାଗଜ ପ୍ରକାଶ କରିଥିଲେ, ସେ ଅଳ୍ପ ଦିନ ହେଲା ଜେଲରୁ ଶେଷ ଖଲାସ ହୋଇଛନ୍ତି ।

ସୁଭାଷଙ୍କ ଭଳି ତ୍ୟାଗ, ନିଷ୍ଠା ଏତେ ଅଳ୍ପ ବୟସରେ ଖୁବ କମ ଲୋକ ଦେଖାଇଛନ୍ତି । ନିଜର ସୁଖ, ସ୍ୱାଚ୍ଛନ୍ଦ୍ୟ, ଧନ, ମର୍ଯ୍ୟାଦା ଗୋଡ଼ରେ ଠେଲି ସେ ଜନ୍ମଭୂମିର ଉଦ୍ଧାର ପାଇଁ ଜୀବନ ଉତ୍ସର୍ଗ କରି ଦେଇଥିଲାରୁ, ଅଜି ଜାତି ତାଙ୍କୁ ଅଧିନାୟକ ରୂପେ ବରଣ କରିନେଲା । ଏ ଭଳି ଦାୟିତ୍ୱ ଅଜି ଯାଏ ଏତେ ଅଳ୍ପ ବୟସରେ ଆଉ କେହି ପାଇ ନାହାନ୍ତି ।

ସୁଭାଷଙ୍କ ସ୍ୱଭାବ ମଧୁର ଓ ବଚନ କୋମଳ ସେହି ସୁନ୍ଦର ଦେହର ଭିତରେ ବଜ୍ର ପ୍ରାଣ ଓ ଅଗ୍ନି ତେଜ ଲୁଚି ରହିଛି ।

ହେ ମୋର ପ୍ରିୟ ନାତିମାନେ, ମୁଁ ଦେଖୁଛି ତମେ ସମସ୍ତେ ଜଣେ ଜଣେ ସୁଭାଷଚନ୍ଦ୍ର । ତାଙ୍କର ଆଦର୍ଶ ଧରି ଏହିପରି ଚାଲିଥିଲେ, ଦିନେ ଦେଖିବ ତମେ ଦିନେ ସ୍ୱାଧୀନ ଭାରତର ସମ୍ରାଟ ହୋଇ ନ ପାରିବ ବୋଲି ! ସେତେବେଳକୁ ଅଜାବୁଢ଼ାକୁ ମନରେ ପକାଉଥିବଟି ତ !

ତମର ଅଜା

## ନାଗବଗୁଦଳର ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ସେମାନଙ୍କର ପରସ୍ପର ବନ୍ଧୁ କରିବା, ଦେହ-ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ, ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ, ସେବା, ସାହସ ଓ ଅହିଂସା ବ୍ରତ ସାଧନରେ ସେମାନଙ୍କୁ ଉଦ୍‌ବୁଦ୍ଧ କରାଇବା ।

## ପ୍ରତିଜ୍ଞା ପତ୍ର ।

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ବର୍ଷରୁ କମ୍ । ମୁଁ ସତ୍ୟ ସେବା ସାହସ ଓ ଅହିଂସା ବ୍ରତ ପାଳନ କରିବି । ଦୟାକରି ନାଗବଗୁଦଳରେ ମୋ ନାମ ଲେଖେଇ ଦେବେ । ମୁଁ ଏଥି ସହ ୦/୧ ର ଡାକ ଟିକଟ ପଠାଇଲି ।

ଆପଣଙ୍କ ସ୍ନେହର ନାତି/ନାତୁଣୀ

ଶ୍ରୀ ____________________

ଠିକଣା ____________________

ତାରିଖ ... ... ...

## ନୂଆ ନାଗବଗୁଙ୍କ ନାମ ।

। ୪୬ । ପ୍ରସନ୍ନ କୁମାର ସାହୁ । ବାରିପଦା ଟ୍ରେନିଂ ସ୍କୁଲ ପୋ: ବାରିପଦା, । ୪୭ । ଶ୍ରୀ ହୃଷିକେଶ ଦାସ । ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ ୭ମ ଶ୍ରେଣୀ ୭ ଗାରଷ୍ଟିନ ପ୍ଲେସ କଲିକତା । । ୪୮ । ଶ୍ରୀ ନବକିଶୋର ପ୍ରସାଦ ଦାସ । ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ ୭ମ ଶ୍ରେଣୀ ୭ ଗାରଷ୍ଟିନ ପ୍ଲେସ କଲିକତା । । ୪୯ । ଶ୍ରୀ ହରମୋହନ ଦାସ । 101/1 Clive Street କଲିକତା । ଶ୍ରୀ ସୀମାଞ୍ଚଳ ଖଣ୍ଡ ଚନ୍ଦ୍ରଭେଟବନ୍ଧା ଉ: ପ୍ରା: ସ୍କୁଲ ପୋ: ପିରହାଟ ।

Digitized by srujanika@gmail.com



# ଖବରଅନ୍ତର

ଓଡ଼ିଶା ସରକାର ଶୀଘ୍ର ଜମିଦାରମାନଙ୍କର ସାର୍ଟିଫିକେଟ କ୍ଷମତା ଉଠାଇ ଦେବେ ବୋଲି ପ୍ରଧାନମନ୍ତ୍ରୀ କହୁଛନ୍ତି । ହାସ୍ଯ ଜନତା !

ଖାତକମାନଙ୍କ ଉପରେ **ଡିକ୍ରୀଜାରି** ହୋଇଥିବା ଏକବର୍ଷ ସ୍ଥଗିତ ରଖିବା ପାଇଁ ଗୋଟାଏ ନୂଆ ଆଇନ ହେବ ବୋଲି ଶୁଣା ଯାଉଛି । ମହାଜନ ହୁସିଅର !—ଖାତକ ବି ଜାଗିଥାଅ ! !

କଟକର ଷ୍ଟେସନ ମୁଣ୍ଡରେ ଗୃହଅଣା ଗୁମ୍ଫ ହେବ ବୋଲି ସରକାର ଜବାବ ଦେଇଛନ୍ତି । ଗୁମ୍ଫା ସ୍ଥିତ ହେବା କଥା କିଏ ହେଲା କି? ନା—ସିଡ଼ଗ ପୋଡ଼ନ୍ତୁ ଯେତେ ଇମ୍ପିରିଆଲ୍ ! ସେତିକି ?

ବିଶ୍ୱବିଦ୍ୟାଳୟକୁ ଦାନ କରିବା ସକାଶେ ପ୍ରଧାନମନ୍ତ୍ରୀ ରଜା, ଜମିଦାର, ମଠାଧୀଶଙ୍କୁ ଡକାଇଛନ୍ତି । ତାଙ୍କ ହାତରେ ଶୂନ୍ଯତା ମାରି ଡାହାଣ ହାତ ପତା ହେଉଛି । ତେବେ ପ୍ରଧାନମନ୍ତ୍ରୀ ଜାଣିଛନ୍ତି—ଓ ଡ ଅ କ ରହସ୍ୟ ଠିକ୍ ବୁଝିଛନ୍ତି ଏହା । "ଓଡ଼ଅସେ ଦାତା ନେହିଁ—ବିନା ମାଡ଼ସେ ଦେତା ନେହିଁ"

କଂଗ୍ରେସ ମନ୍ତ୍ରୀଗଣ ନୂଆ ବର୍ଷ ସକାଶେ ବଜେଟ ହିସାବ ପେଶ କରିଛନ୍ତି । ଶିକ୍ଷା ସ୍ୱାସ୍ଥ୍ୟ, ଶିଳ୍ପ, କୃଷି, ବାଣିଜ୍ୟ, ଗୋରୁ ପ୍ରଭୃତି ସବୁ ଜନ ହିତକର ବିଷୟରେ ବନ୍ଦୋବସ୍ତ ହୋଇଛି । ଶାନ୍ତି ଅଛିବା ଠାରୁ ବନ୍ୟା ପ୍ରତିକାର ଯାଏ କିଛି ବାଦ ପଡ଼ି-ନାହିଁ । କେବଳ ଗୋଟାଏ କଥା ରହିଗଲା ଯେ —ଚାଷ ଶିଳ୍ପ !

ଯେତେ ଫଳଗଛର କଲମ ଗୃହ ବଣ୍ଟା ହେବାର ବରାଦ ହୋଇଛି ସେଥିରୁ ମନେହୁଏ ଓଡ଼ିଶା ଅଳ୍ପଦିନରେ ନନ୍ଦନ କାନନ ପାଲଟି ଯିବ । ମାଛ ଫୁଲ୍ ଗୃହର ଜଣ୍ଟଣା ହୋଇ ନଥିବାରୁ ଫାଇଲାଡ ଅସିବ କାହୁଁ ? ଭୁଲ୍ଲା କେଉଁ ମିଳିବା ।

ଚଳାଇବା ପାଇଁ ହଜାର ହଜାର ଜଳ କୂପ ହେବାର ବ୍ୟବସ୍ଥା ହୋଇଛି । ଏବେ କଷ୍ଟ ଘରବାଡ଼ି ଅର୍ଜୁନଙ୍କ ଶର ଏହା ଜାଣେ ମାରି ଗଙ୍ଗା ଫୁଟାଇ ଦେଲେ ଭଲ ହୁଅନ୍ତା ନାହିଁକି ?

ମହାନଦୀଙ୍କ ବରାବର ଓଡ଼ିଶାର ବନ୍ୟା ବଢ଼ାଉଛି ବୋଲି ମହାନଦୀ ଜଳକୁ ଗୁପ୍ତରେ ଲଗାଇବାର ଚେଷ୍ଟା କରା ହେବ । ଏହା ଯଦି କରି ପାରନ୍ତି ତେବେ ଆମ ପ୍ରଧାନ-ମନ୍ତ୍ରୀ ଭଗୀରଥ ହେଉନ୍ତୁ ବା ନ ହେଉନ୍ତୁ ବିଂଶ ଶତାବ୍ଦୀର ଶଙ୍କରାଚାର୍ଯ୍ୟ ହୋଇ ଯିବେ ନିଶ୍ଚୟ । ଶଙ୍କରାଚାର୍ଯ୍ୟ ଗଙ୍ଗାଙ୍କ ଗତି ବଦ-ଳେଇ ଥିଲେ ପରା ?

ଓଡ଼ିଶାର ଲାଟ ସାର ହାଲାକ ସାହେବ ଗ୍ରୀଷ୍ମମାସ ଛୁଟିରେ ଯିବେ । ରେଭିନ୍ୟୁ କମି-ସନର ଡେନ ସାହେବ ମନ୍ତ୍ରୀଙ୍କ ମୁଣ୍ଡ ଉପରେ ଏକ ଲାଟମାର୍କ ଗାଦିରେ ବସିଯିବେ ।

ହରାନ୍ତ ସାହେବଙ୍କ ଗୋରା ଚମଡ଼ାରେ ଏଦେଶର ତାଜ ସହୁ ନାହିଁ ପରା । ସ୍ତ୍ରୀ ଷ୍ଟୁ-ଡାଲର ନା ମନ୍ତ୍ରୀଙ୍କର ?

ହିନ୍ଦୁସ୍ଥାନ ଷ୍ଟାଣ୍ଡର୍ଡ ନାମକ କଲିକତାର ଇଂରାଜୀ ଖବର କାଗଜର ସମ୍ପାଦକ ଓ ମୁଦ୍ରାକ ବଙ୍ଗମନ୍ତ୍ରୀଙ୍କ ବିରୁଦ୍ଧରେ କୁତ୍ସା କରି ଥିବା ହେତୁ ୬ମାସ ସଶ୍ରମ କାରାବାସ ଓ ୫୦୦୦ ଜରିମାନା ପୁରସ୍କାର ପାଇଛନ୍ତି । ସମ୍ପାଦକ ଜାତିର ଦଶା ସବୁକାଳେ ଏହିପରି । ଏଥିରୁ ଆମ ମନ୍ତ୍ରୀଗଣ କିଛି ଶିକ୍ଷାପାଉ ନାହାଁନ୍ତି ?

ମହାତ୍ମା ଗାନ୍ଧିଙ୍କ ଦେହ ଭଲ ହୋଇ ଚାଲିଲାଣି । ସେ ତା ୧୩ରିଖ ମାର୍ଚ୍ଚରେ କଲି-କତା ଆସୁଛନ୍ତି । ଶ୍ରୀ ଶ୍ରୀ ଭଗମସ୍ତୁ ।

ବାଲେଶ୍ୱରଜିଲ୍ଲା ସବୁଠାରୁ ବେଶି ଅଫିମ ହଜମ କରେ ବୋଲି ତାର ନାମ ଅଛି । ଏ ସୁନାମ ଓ ମଉଜରେ କଂଗ୍ରେସ ସରକାର ବାଧା ଦେବାକୁ ଠିକ କଲେଣି । ଆଗ ଅଫିମ ନିବାରଣର ମାଡ ବାଲେଶ୍ୱର ଉପରେ ପଡ଼ିବ । ବାଡ଼ିରେ ଧୂଳି ମାରୁ ଭୁଷ୍ଟ କଲେ ସସ୍ତା ହୁଅନ୍ତା ନାହିଁକି—ବାଲେଶ୍ୱରଅଙ୍କର ?

ଦୋକଡା, ଅଖୁ, ଆଳୁ, ପୋଟଳ, କଦଳୀ, ଧାନ ଓଗେର ନାନାଜାତି ଫସଲ ବଢ଼ାଇବା ପାଇଁ ସରକାର ବ୍ୟବସ୍ଥା କରୁ-ଛନ୍ତି । କିଛି ବାଦ ପଡ଼ୁନାହିଁ । ଏହା ମାତ୍ର ଗୃହଟାର କି ଦୋଷ ହେଲା—ପ୍ରାଣି ଗ୍ରାମ୍ଯ ନାହିଁଦା ପାର୍ଲିମେଣ୍ଟର ଥାଉଁ ଥାଉଁ !

ଓଡ଼ିଶାରେ କୋଟି କୋଟି ତାଳ ଓ ଖଜୁରୀଗଛ ଅଛି । ଖଜୁରୀରୁ ତାଡ଼ି ଦୁଏ ମାତ୍ର ତାଳରୁ ରସ ବାହାର କରିବା ଆଉ ଦେଶରେ ନାହିଁ । ଏଥର ଗାଁରେ ୨ ତାଳ ଓ ଖଜୁରୀରୁ ରସ ବାହାର କରି ଗୁଡ଼ ମାରିବାର ବନ୍ଦୋବସ୍ତ ହେଉଛି । ଅଫିମ ବନ୍ଦ ହେଉଥିବା ବେଳେ ଗୁଡ଼ ବାହାନାରେ ତାଡ଼ି ଖିଆଟା ଟେସ୍ ଚାଲିବ ଏହା ।

ବାଧ୍ୟତାମୂଳକ ନୁହେ, କେବଳ ପ୍ରି ପାଇମେରି ଶିକ୍ଷା ଏଡ଼ିଜ ଦିଆଯିବ । ଫୋନ୍ଦ ପାଇଲେ ଯାହା ହେବାର ତାହାହିଁ ହେବ । ମଝିରେ ଗୁରୁ ଗୁଣ୍ଡିକର ଦାନା ମଜା ।

ପୁରୀ ଜିଲ୍ଲା ଡେଲାଙ୍ଗ ଠାରେ ଗୋପବନ୍ଧୁ ପ୍ରଭୃତିଙ୍କ ଯତ୍ନରେ ଗୋଟାଏ ଷ୍ଟେଟ ରଜନ କଂଗ୍ରେସ ବସୁଛି । ଗାନ୍ଧିଜୀ ଓଗେର ବଡ଼ ୨ ପଣ୍ଡାମାନେ ଆସିବେ । ପ୍ରଦର୍ଶନୀ ବି ହେବ । ଓଡ଼ିଶାରେ କଂଗ୍ରେସ ହେବା ଯେ ଫସିଗଲା ଯାଇଥିଲା, ଏ ଥର ଯାହା ହେଉ ଗୋଟାଏ ମନବୋଧିଆ ସମ୍ବରଣ !

\+ + +

ପଣ୍ଡିତ ମଦନ ମୋହନ ମାଳବ୍ୟ ଅତି ବୁଢ଼ା ହୋଇ ଅକର୍ମଣ୍ୟ ହୋଇ ପଡ଼ିଥିଲେ । ତପସ୍ୱୀ ବାବା ବୋଲି ଜଣେ ମହାତ୍ମା କାୟକଳ୍ପ ଚିକିତ୍ସା କରାଇ ତାଙ୍କର ଯୌବନ ଫେରାଇ ଆଣିଲେଣି ବୋଲି ପ୍ରକାଶ । ଭୁଅଡ଼େ ଦାନ୍ତ ବି ଉଠିଲାଣି । ଏ ଅଦ୍ଭୁତ ଯୁଗରେ ସବୁ ଅସମ୍ଭବ ସମ୍ଭବ ହେଉଛି । ଗାନ୍ଧୀବୁଢ଼ା ଆଜି କାହିଁକି ହେଉ କହୁଛନ୍ତି ତା ପଛକୁ ରହିଗଲୁର !

Printed & published at the Gopinath Press, Bhadrak by Editor M. Mahapatra & issued from Dagara office, Bhadrak—1938

Digitized by srujanika@gmail.com

ନୂତନ ଓ ପୁରାତନ ମ୍ୟାଲେରିଆ ଜ୍ୱର, ବର୍ଦ୍ଧିତ ପ୍ଲୀହା ଯକୃତ ସଂଯୁକ୍ତ ଜ୍ୱର, କମ୍ପଜ୍ୱର, ପାଳିଜ୍ୱର, ପାକ୍ଷିକଜ୍ୱର, ଶ୍ଳେଷ୍ମାଘଟିତ ଜ୍ୱର, ଶୋଥ ଓ ରକ୍ତହୀନତା ପାଇଁ

# ଫିଭରୀନ୍

[ ରେଜିଷ୍ଟାର୍ଡ଼ ]

ଜନସାଧାରଣରେ ଉଚ୍ଚ ପ୍ରଶଂସିତ ଓ ଚମତ୍କୃତ ଫଳପ୍ରଦ ଔଷଧ ।

ବାଲେଶ୍ୱରର ସଦର ହସ୍‌ପିଟେଲରେ ବହୁ ରୋଗୀଙ୍କୁ ଏହି ଔଷଧ ସେବନ କରାଇ ନିଶ୍ଚିତ ଉପକାର ମିଳିଥିବାର ଜଣାଯାଉଅଛି ।

ଜ୍ୱର ନଥିବା ବେଳେ ମଧ୍ୟ ଏହା ବ୍ୟବହାର କଲେ ଟନିକର କାର୍ଯ୍ୟ କରିଥାଏ ।

ସବୁପ୍ରକାର ଜ୍ୱରୌଷଧି ଅପେକ୍ଷା ଏହାର ମୂଲ୍ୟ ଅପେକ୍ଷାକୃତ କମ୍ ।

ସର୍ବତ୍ର ଏଜେଣ୍ଟ ଆବଶ୍ୟକ ।

—ପ୍ରାପ୍ତିସ୍ଥାନ—

## ଦି ଓରିଏଣ୍ଟ୍ ହଲ୍

ବାଲେଶ୍ୱର ।



## ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର
## ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମହୌଷଧ, ଯଥା— ବାତ, ପକ୍ଷାଘାତ, ଉପଦଂଶ, ପ୍ରମେହ (ଜ୍ୱାଳାଯନ୍ତ୍ରଣାଯୁକ୍ତ ଧାତୁଦୌର୍ବଲ୍ୟ) ଶିରଃପୀଡ଼ା, ଅଜୀର୍ଣ୍ଣ, କାଶ, ମୂର୍ଚ୍ଛା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତଅତିସାର ଆମବାତ, ଅଣ୍ଡବୃଦ୍ଧି ବାତ, କୋଷବୃଦ୍ଧି ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡଘୂରା, ମୁଣ୍ଡଶୂଳ, ଧାତୁଦୌର୍ବଲ୍ୟ ଫୁଲା, ପଣ୍ଡୁକାମଳ, ଉଦର, କାଛୁ, କୁଣ୍ଡିଆ, ଦାଉଦ, ଚରଳା, ରକ୍ତଦରଜ, ଘାଉ, ଛଉ, କଟାଘା, ଛେଚିଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, ବାଲୁଙ୍ଗା, ଜଙ୍ଗଲି ଜୀବଙ୍କ ଆନ୍ତର ଦଂଶନ, କାନଦରଜ, କାନପାଚ, ସ୍ତ୍ରୀ ମାନଙ୍କର ମାସିକ ଋତୁର ଗୋଳମାଳ ହେବା, ଶ୍ୱେତ ଓ ରକ୍ତପ୍ରଦର ସ୍ରାବ ହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା— ସ୍ୱାସ୍ଥ୍ୟ ସହାୟ ଔଷଧାଳୟ
**କବିରାଜ ଶ୍ରୀ ବିଶ୍ୱନାଥଦାସ ଏ. ବି. ଏଲ୍. ଏଚ. ଏମ୍. ଏସ୍.**
ଅଲିଶା ବଜାର, ପୋଃ ଗୁଡ଼ମଙ୍ଗରୀ କଟକ ।





## ଅସଲି ପଞ୍ଚଗୁଣା ତେଲ

ଘା; ଘାଉଚି; ବଥା; ମଚକା; କଟା କାମୁଡ଼ା, ପୋଡ଼ା ମୁଣ୍ଡିଆ ବାତ; ଛୋଟ ବଡ଼ ସବୁ ପ୍ରକାର ବେଦନାର ଏକ ମାତ୍ର ମହୌଷଧ :—ମୂଲ୍ୟ ୫୦ ମାତ୍ର ।
ଠିକଣା:—ଅସଲି ପଞ୍ଚଗୁଣା ତୈଳ ଅଫିସ୍—କଟକ ।



## 'ଚ୍ୟାଲେଞ୍ଜ' ???

ଆପଣଙ୍କ ମୂଲ୍ୟବାନ କଲମର ପରମାୟୁ ବୃଦ୍ଧି କରିବାକୁ ହେଲେ ସର୍ବଦୋଷ ବିରହିତ ଚ୍ୟାଲେଞ୍ଜ ଫାଉଣ୍ଟେନ ପେନ, କାଳୀ ବ୍ୟବହାର କରନ୍ତୁ ।

ପ୍ରସ୍ତୁତ କାରକ
**ଓଡ଼ିଶା କେମିକ୍ୟାଲ ଲିମିଟେଡ୍**



## 'ବିଶଲ୍ୟ କରଣୀ ମଲମ'

କଟା ଘା, ପୋଡ଼ା ଘା, ମୁଣ୍ଡ ବଥା, ଫୋଲା ଫଙ୍କା, ଋଙ୍ଗ, ବାଗି, ଗିଲ୍‌ଟି ଇତ୍ୟାଦି ସର୍ବ ପ୍ରକାର ବ୍ୟଥା ଯନ୍ତ୍ରଣାର ଅବ୍ୟର୍ଥ ମହୌଷଧ । ଓଡ଼ିଶା କେମିକେଲରେ "ବିଶଲ୍ୟ କରଣୀ"ର ପ୍ରସ୍ତୁତ କାରକମାନଙ୍କ ଦ୍ୱାରା ପରିଚାଳିତ ଓ ପ୍ରସ୍ତୁତ । ଦି ନଉଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନୀ କାରଖାନାରେ ହୋଇ ବଜାରରେ ଖୁବ ଆଦର ପାଉଅଛି ।

**ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ।**
ପ୍ରୋପ୍ରାଇଟର
ଦି ନଉଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନୀ ।
କଟକ ।



ପଥର ଦାନ୍ତ ବନାଇବା ଓ ଦୋକଟିଆ ଦାନ୍ତ ଚିକିତ୍ସା କରାଇବା ପାଇଁ

**ଦାନ୍ତ ଡାକ୍ତର ଶ୍ରୀ ନବକିଶୋର ମହାନ୍ତି—କଟକ**

ଓଡ଼ିଶାର ସର୍ବ ପ୍ରଥମ ଓ ପ୍ରବୀଣ ଅଭିଜ୍ଞ ।
ଅଳ୍ପ ମୂଲ୍ୟରେ ସେମାନେ ତିଆରି ହୁଏ ।




Digitized by srujanika@gmail.com

REG. NO. P-441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନ୍‌ସୁରେନ୍‌ସ ସୋସାଇଟି ଲି; କଲିକତା

ଦୀର୍ଘ ୩୦ ବର୍ଷ ବ୍ୟାପୀ ସୁନାମର ସହିତ, ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ପତ୍ରର ସର୍ତ୍ତ ସର୍ବୋତ୍କୃଷ୍ଟ ।

ଆକସ୍ମିକ ମୃତ୍ୟୁରେ ୨ଗୁଣ ବୀମା ଟଙ୍କା ମିଳିବ ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ଶିଶୁଙ୍କର ବୀମା, ଯୁଗ୍ମ ବୀମା ପ୍ରଭୃତି ନାନା ପ୍ରକାର ସୁବିଧା ଜନକ ବୀମାର ଉତ୍କୃଷ୍ଟ ବ୍ୟବସ୍ଥା ।

ବୀମା ଅପଣା ହୁଏ ଚାଲିବାର ସୁନ୍ଦର ବ୍ୟବସ୍ଥା ଅଛି ।

୧୯୩୬-୩୭ ସାଲର ସଂକ୍ଷିପ୍ତ ବିବରଣ

ନୂତନ ବୀମାର ପରିମାଣ ୨କୋଟି ୮୩ଲକ୍ଷ ୬୩ହଜାରରୁ ଊର୍ଦ୍ଧ୍ୱ ।

ବୀମା ଫଣ୍ଡ ୧କୋଟି ୩୧ଲକ୍ଷ ୧୭ ହଜାରରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ୨କୋଟି ୬୦ଲକ୍ଷ ୬୬ହଜାରରୁ ଊର୍ଦ୍ଧ୍ୱ ।

ବାର୍ଷିକ ଆୟ ୭୪ଲକ୍ଷ ୫୯ହଜାରରୁ ଊର୍ଦ୍ଧ୍ୱ ।

ମୋଟ ଚଳନ୍ତି ବୀମାର ପରିମାଣ ୧୨କୋଟି ୮୫ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ଦାବୀ ଦିଆଯାଇଛି ୧କୋଟି ୪୦ଲକ୍ଷରୁ ଊର୍ଦ୍ଧ୍ୱ ।

ଅଧିକା କେବଳ ସରକାରୀ କାଗଜପତ୍ରରେ ମୋଟ ସମ୍ପତ୍ତିର ଶତକଡ଼ା ୫୦.୦୯ କରା ହୋଇଛି । ଏବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକଡ଼ା ୫୩.୧୯ ହୋଇଛି ।

(ଉତ୍କଳରେ, ଛତିଶଗଡ଼ ଓ ଦକ୍ଷିଣ ଉତ୍କଳର ଜିଲ୍ଲାମାନଙ୍କରେ ଚିଫ ଏଜେଣ୍ଟ, ଏଜେଣ୍ଟ ଓ ସ୍ପେଶିଆଲ ଏଜେଣ୍ଟ ହେବାପାଇଁ ଦରଖାସ୍ତ କରନ୍ତୁ ।)

ଭାରତବର୍ଷ, ସିଂହଳ, ବର୍ମା, ମାଲାୟ ପ୍ରଭୃତି ପ୍ରତ୍ୟେକ ବଡ଼ ବଡ଼ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ, ସେକ୍ରେଟେରୀ

ହେଡ଼ ଅଫିସ, କଲିକତା ।

ଓଡ଼ିଶା ଅଫିସ: — ନରେନ୍ଦ୍ର ପ୍ରସାଦ ଦାସ

ଅର୍ଗାନାଇଜର, କଟକ ।



## ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

### ଯୋଗ ବଟିକା

ଏକାଳର ଯୁବକ ଲୋକମାନେ ସମସ୍ତ ରୋଗ ଆକ୍ରାନ୍ତ ହୋଇ ଅନେକ ସମସ୍ତଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନ ନଷ୍ଟ କରି ଦେଉଛନ୍ତି । ସ୍ୱପ୍ନଦୋଷ (Night Pollution) ରୋଗରେ ଆକ୍ରାନ୍ତ ହୋଇ ଅନେକ ଅକାଳରେ ମୃତ୍ୟୁମୁଖରେ ପଡ଼ୁଛନ୍ତି । ସ୍ୱପ୍ନଦୋଷ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସ୍ମରଣଶକ୍ତିର ଅଭାବ, ... ଦୌର୍ବଲ୍ୟ, କଟିଦେଶ ପ୍ରଭୃତି ଏବଂ ଅରୁଚି, ଅଗ୍ନିମାନ୍ଦ୍ୟ, କୋଷ୍ଠକାଠିନ୍ୟ, ... ଅଜୀର୍ଣ୍ଣ, ଶିରୋଘୂର୍ଣ୍ଣନ, ଏବଂ ସକଳ ମୂତ୍ରାଧାର ରୋଗ ନିଶ୍ଚୟ ଶୀଘ୍ର ଦୂର ହୁଏ । ... ମାତ୍ର ସେବନରେ ପ୍ରତ୍ୟକ୍ଷ ଫଳ ... ଅବ୍ୟର୍ଥ ଔଷଧ ... ସେବନ କଲେ ଆରୋଗ୍ୟ ହୁଏ । ... ଶରୀରରେ ... ଶକ୍ତି ହେଲେ । ... ବଟିକାର ... ମୂଲ୍ୟ ... ।

### ରତି ଶକ୍ତି

ଏହା ବ୍ୟବହାର କଲେ ବୃଦ୍ଧ ଯୁବକ ତୁଲ୍ୟ ରତିଶକ୍ତି ପାଏ । ଯେଉଁମାନେ ଧ୍ୱଜଭଙ୍ଗ ... ହେବାରୁ ହତାଶ ହୋଇ ଅଛନ୍ତି, ସେମାନଙ୍କୁ ଏ ... ଶକ୍ତି ସଦ୍ୟ ଫଳ ଦିଏ । ଥରେ ପରୀକ୍ଷା କରନ୍ତୁ । ... ବ୍ୟବହାର ... ମୂଲ୍ୟ ୬୧ ।

### କର୍ପୂରାରିଷ୍ଟ

ହଇଜା ... ଅମୃତର ... ଗୃହେ ଗୃହେ ... ଜୀବନ ରକ୍ଷା କରିଥାଏ । ... କର୍ପୂରାରିଷ୍ଟ ଘରେ ରଖନ୍ତୁ, ... କାରଣ ... ନାହିଁ ।

— ବଡ଼ ଶିଶି ମୂଲ୍ୟ ୧୦, ଛୋଟ ଶିଶି ମୂଲ୍ୟ ୫୦ —

ନବ୍ୟ ସଭ୍ୟ

ପୋ: ଅ: ବୁଢ଼ାଙ୍ଗଡ଼ିଆ,

କଟକ ।

ବୈଦ୍ୟବର

C/o ଶ୍ରୀ ବାଳୁକେଶ୍ୱର ଆଗ୍ରୱାଲ ...

କଟକ — ଶ୍ରୀ ଲକ୍ଷ୍ମୀନାରାୟଣ ଅଗ୍ରୱାଲ

ଆୟୁର୍ବେଦାଚାର୍ଯ୍ୟ


ସମ୍ପାଦକ — ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର    ସହକାରୀ ସମ୍ପାଦକ — ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

Digitized by srujanika@gmail.com

ଚୈତ୍ର ପ୍ରଥମାର୍ଦ୍ଧ—

ସସ୍ତା, ସୁନ୍ଦର, ହାସ୍ୟରସ-ପ୍ରଧାନ ସଚିତ୍ର ପାକ୍ଷିକ—

ପ୍ରଥମ ବର୍ଷ ୨୧ଶ ସଂଖ୍ୟା




ନୂଆନୂଆ ରହସ୍ୟ ଚିତ୍ର

ରସ ରସିଆ କଥା



ଗଳ୍ପଧନ୍ଦା ଦେଖନ୍ତୁ

( ମଜା ସହିତ ଲାଭ ଲୁଟିବେ)

"ଉତ୍କଳ ମୋର ଅତି ପ୍ରିୟ—ଉତ୍କଳର ସେବାହିଁ ଭାରତର ସେବା"— **(ମହାତ୍ମା ଗାନ୍ଧୀ)**

ଭାରତର ମୁକ୍ତିମନ୍ତ୍ରଦାତାଙ୍କୁ ନିଜଘରେ ଅତିଥି ରୂପେ ପାଇ, ଡଗର ସେହି ମହାପୁରୁଷଙ୍କ ଚରଣରେ ଆଜି କୋଟି କୋଟି ପ୍ରଣିପାତ କରୁଛି ।

---

ଜୀବନ ବୀମା ପାଇଁ

# ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଏସୁରେନ୍ସ କୋମ୍ପାନୀ ଲି:

ଓଡ଼ିଶା ଅଫିସ :- ଦେଲା ହାଉସ—କଟକ ।

Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ର ନାଥ ନାୟକ ଜୁଏଲର











ବାଲୁବଜାର, ପୋ. ଚୁଡ଼ିକୀଗୌଡ଼—କଟକ ।





୫ ୨୦୮ ଟଙ୍କା ଗ୍ୟାରେଣ୍ଟି !      ୫ ୨୦୮ ଟଙ୍କା ଗ୍ୟାରେଣ୍ଟି !!

[illegible] ପ୍ରସାଦୀ ଅନୁସାରେ ଆମ୍ଭେମାନେ [illegible] ମୁକ୍ତା, ହୀରା ଏବଂ [illegible] [illegible] ପ୍ରସ୍ତୁତ କରୁଅଛୁ । ଆମ୍ଭମାନଙ୍କର [illegible] ଶୀଘ୍ର [illegible] ଓ କୌଣସି [illegible] ଅନୁଗ୍ରାହକଙ୍କର [illegible] [illegible] ହୋଇନାହାନ୍ତି । ଆମ୍ଭେମାନେ ଏହି [illegible] କରିବାକୁ [illegible] [illegible] ସୁନାରେ [illegible] ଆମ୍ଭେମାନେ ସେମାନଙ୍କୁ ଫେରାଇ ଦେବାକୁ ପ୍ରସ୍ତୁତ ଅଛୁ । ପ୍ରତ୍ୟେକ ପଦାର୍ଥକୁ [illegible] [illegible] ଦେଇ ଥାଉଁ । କେହି କୌଣସି ପ୍ରକାର [illegible] ଦେଖାଇଲେ ଆମ୍ଭେମାନେ ୫୨୦୮ ଟଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବିନୀତ

ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ (କଟକ)

ବାଲୁବଜାର, ପୋ: ଚୁଡ଼ିକୀଗୌଡ଼—କଟକ





---

## ଅର୍ଡର ନିୟମାବଳୀ ।

୧ । [illegible]

୨ । [illegible]

୩ । [illegible]

୪ । [illegible]

୫ । [illegible] ଲେଖାଯିବା ଉଚିତ ।

୬ । [illegible] ପଠାଇବାକୁ ହେବ ।

୭ । [illegible] ଟଙ୍କା ଅଗ୍ରିମ ପଠାଇବାକୁ ହେବ ।

୮ । [illegible]

୯ । [illegible] ନାହିଁ ।

Digitized by srujanika@gmail.com



# ବିଲୁଆ ବିଚାର

[ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, କେବଳ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଉପରର ମୁଖ୍ୟ ଉଦ୍ଦେଶ୍ୟ]

ସମ୍ପାଦକୀୟ

ମାଳକାଳର ଗୋଟାଏ କଥା ସମସ୍ତେ ଶୁଣିଥିବେ—"ତରଙ୍ଗ ଥିବୁ ଚେବଙ୍କୁ ।" ସେଇ ଜେର ଅଙ୍କ ପଡ଼ଲ୍ଷି ପସ ? ତହିଁ ଭ ପୁଣି ମୀନ ଶନ । ଏହି ସୁବିଧା ପାଇ କେତେକ ମାଳିକା ଭକ୍ତ ଗଟେଷ୍ଟର ଶ୍ରେଳରେ ବୃଥରେ କିଥିବା ଜଣାଇଲେ ଜ ତେଲଙ୍ଗରେ ଯେଉଁ ସବୁ ଦେଉଛି, ସେଇଠି ବଡ଼ ଘଟଣା ମାନ ଘଟିବ । ଅର୍ଥାତ ଅଠର ହାତ ଖଣ୍ଡା, କଳା ଘୋଡ଼ା, ଧଳା ଘୋଡ଼ା, ମୋହନା ମୋଗଲ, କୁରୁକ୍ଷେତ୍ର ରଣ ଇତ୍ୟାଦ । ଏ ସବୁଥିରୁ କିଛି ସେ ହେବ ନାହିଁ ଏହା ଜଣା କଥା । ତେବେ ମହାପୁରୁଷଙ୍କ ବାକ୍ୟ ତ ମିଛ ହବାର ନୁହେଁ—କିଛି ଗୋଟାଏ ପୁଣି ହବ ତ । ଅମେ ମଟନ କରୁ କ ଅଜି କିଛି ଦିନ ନହେଉ ଏକ ପ୍ରକାର କୁରୁକ୍ଷେତ୍ରର ଭୂତ ବାହାରିବାର ସମ୍ଭାବନା ଅଛି । ସେଇକଥା କହୁଛୁ ।—

× × ×

ତେଲଙ୍ଗନର ସ୍ୱୟଂ ମହାତ୍ମାଙ୍କ ସାଯୁଜ୍ୟରେ ଗାନ୍ଧି ସେବା ସଂଘର ବାର୍ଷିକ ସଭା କରି ଜାର୍ଯ୍ୟକ୍ରମର ଉଦ୍ଧାଦେବ । ଗାନ୍ଧିବାଦ ଓ ସାମ୍ୟବାଦ ଭିତରେ ଯେଉଁ କଳ ଯାହା ସମସ୍ତେ ଜାଣନ୍ତି । ଏବ ସାମ୍ୟବାଦ ସହିତ ଲଢ଼ିବା ପାଇ ଗାନ୍ଧିବାଦୀ ମାନେ କଟକଣା ଉଡ଼ିବେ ।

ଅଛ କାଲିକାର ଲଢ଼େଇ ଉଡ଼େଇ ତ ଅଛି ଅଗ ପରୁ ଜମି ବାଡ଼ି, କାମିନୀ କାଞ୍ଚନ ନେଇ ନୁହେ—କେବଳ ମତବାଦ ନେଇ । ସୁତରାଂ ଗାନ୍ଧି ବାଦୀ ଓ ସାମ୍ୟବାଦୀଙ୍କ ଭିତରେ ଲଢ଼େଇର ଦୃଢ଼ ପାତ ହୋଇଯିବ ଏହି ତେଲଙ୍ଗରେ । ଫଳରେ ଏକପକ୍ଷେ ଗାନ୍ଧିବାଦୀ ନେତା ଶୋପବନ୍ଧୁ ଓ ଅପରପକ୍ଷେ ସାମ୍ୟବାଦୀ ନେତା ହରେକୃଷ୍ଣ । ଏଭ ଭଜଙ୍କ ଭିତରେ ଲଢ଼େଇକୁ କୁରୁକ୍ଷେତ୍ର ନ କହି ଅଉ କହିବା କଣ ?

ତେବେ ତପାକୁ ଏତିକି ଯେ ସୁଭଦ୍ରା ଏଥର ଅର୍ଜ୍ଜୁନଙ୍କର କପିଧ୍ୱଜ ରଥ ଚଳାଇବା ନିଶ୍ଚିତ । ତେଣେ ଭୁନ୍ଭ୍ମଣ ଦୁର୍ଯ୍ୟୋଧନଙ୍କ ସାରଥି ହେଉଛନ୍ତି କି କଣ ! ନହିଲେ ମହାପାପୀ ଶ୍ରୀକୃଷ୍ଣ କେଉଁ ଭୂଲ ଧରୁଛନ୍ତି ଦେଖାଯାଉ ।

+ + +

## ନିର୍ଦ୍ଦେଶ

ଗାନ୍ଧିବାଦ ସାମ୍ୟବାଦ ? ଏ ଦୁଇଙ୍କ ମଧ୍ୟରେ କେଉଁଟା ବର୍ତ୍ତମାନ ଅବସ୍ଥାରେ ଆମର ମଙ୍ଗଳକର ଏ ସମ୍ବନ୍ଧେ ବାଦ ବିସମ୍ବାଦ ନକରି ଗାନ୍ଧି ଜୟନ୍ତୀ ପଚାର ଦେଲେ ଜନସାଧାରଣ ତାର ସହଜ ବୋଧଶକ୍ତିଦ୍ୱାରା ଉପଯୋଗୀ ଯେଉଁଟା ତାହା ଅଟପ ବାଛି ନେବ ।

### ପ୍ରଧାନ ମନ୍ତ୍ରିଙ୍କ ସଙ୍ଗିନ୍ ହାଲତ୍



ତାହା ଅଣ୍ଟା ଧରେଁ ଏ ତେ ବଗଡ ଶଡ଼ପାଡ଼୍, ଗୋଟାଏ ଛୁଡ଼ିଲେ ଏକେବାର୍ ଶହମାରି !

ଓଡ଼ିଶା କଂଗ୍ରେସର ଦାଳ ଦଳିଅ ବିବାଦ ଫଳରେ ଓଡ଼ିଶା କଂଗ୍ରେସ ସରକାର କି ନିଶ୍ଚୁଟକୁ ସନ୍ତ୍ରିକ ଥିଲା ତେଲଙ୍ଗରେ ଦୋଳ ପୂନିମା । ଗୋଟାଏ ମନ୍ଦବୋଧକ ମୀମାଂସା ହୋଇଯିବ ।

ହଉ, ଭୋଟେ ଦି—ଦତ୍ତ୍ରେ ଛା !

+ + +

ଶୁଣାପାଉଛି କି କଂଗ୍ରେସ ଏସେମ୍ବ୍ଲି ଦଳର ଦଶ ଜଣ ସଦସ୍ୟ ମେମ୍ବର ମନ୍ତ୍ରୀଙ୍କ ଉପରେ ଅନାସ୍ଥା ଜଣାଇ ଏକ ଲେଖା ଦାଖଲ କରିଛନ୍ତି । ଅଦ୍ଭୁତକ୍ଷତା ବୋଲି, ନାମକ ହାସନି ବୋଲି,ବେଇମାନ ବୋଲି—ଅଉ କେତେ କୁହ ଯାଇପାରେ । କରି ନଥି ମାନ୍ତ୍ରୁ ଟେବୁଲ ବେଇ ପୁଛା 'ସହ ପଣ୍ଡିତ ନାହିଁକି ?' ନା—"ଯେତେ ଦେଉଥିଲେ ସେତେ ନେଉଥାଇ, ଭୂତ ନୂଆ ଶର ଗୋ ମିତ !" ଏଣିକି ଗୋଟାଏ କାମ କରାଯାଉ—ଅଉ ଦଶଟା ସଦସ୍ୟ ପାର୍ଲାମେଣ୍ଟେର ସେକ୍ରେଟେର ପଦ ସୃଷ୍ଟି କରାଯାଉ । ତାହା ହେଲେ ସବୁ ଗୋଳ ଯିବ ମେଣ୍ଟି । ବାକି ରହିବେ କେତେ ଜଣ କି ? ସେଟେରେଲଙ୍କୁ ନୋହିଲେ ନୂଆ କମିଟି କେଲୁଟା ଗଢ଼ି ତହିଁର ଚେୟାରମେନ କରି ଦିଆଯିବ । ଟଙ୍କା ତ ହାତରୁ ପଡ଼ୁ ନାହିଁ । ଭୟ ପଇସାର ।

× × ×

ମଧ୍ୟ ପ୍ରଦେଶର କଂଗ୍ରେସ ସରକାର ଶିକ୍ଷାବୃଦ୍ଧି ସକାଶେ ୫୦୦୦ ନୂଆ ଧରଣର ପ୍ରାଥମିକ ସ୍କୁଲ ବସାଇବାର ସ୍ଥିର କରିଛନ୍ତି । ସେ ସ୍କୁଲ ଗୁଡ଼ିକର ନାମ ହେବ—"ବିଦ୍ୟା ମନ୍ଦିର" । ଏଥିରେ କେତେ ମୁସଲମାନ ପ୍ରମାଦ ଗଣିଲେଣି । ସେ କହନ୍ତି କି ଏଭଳି ନାମକରଣ ଦ୍ୱାରା ମୁସଲମାନ ବିରୋଧ, ସମୁ ଓ ଏପରକି ଧର୍ମ ନୂଆରେ କ୍ଷୁଣ୍ଣ ହେବାର କଥା

ହେଉଛି । ଏଣ୍ଟରେ ଶିକ୍ଷା ମନ୍ତ୍ରୀ ମହାଶୟ ଲୁଚେଇ କହିଲେଣି ଯେ ଉର୍ଦ୍ଦୁ ସ୍କୁଲ ସୁନ୍ଦରର ବିଦ୍ୟାଳୟର ନାମ ରଖାଯିବ ନାହିଁ । କେବେ ତ ନାମ ରଖାଯିବ ତାହା ଠିକ୍ ହୋଇ ନ ସ୍ୱଚାରୁ ଆମେ ପରାମର୍ଶ ଦେଉଁ କି ସୁଧନମାନ ସ୍କୁଲର ନାମ 'ଇଲମ୍ ନକେଳ୍' ଓ ଝିଅସ୍କୁଲ ସ୍କୁଲର ନାମ 'ଗାଠ ଗିର୍ଜା' ରଖାଯାଉ । ଅନ୍ତ ତାହାର ଅଚଳ୍ପି ନ ସ୍ୱର ଚେଷିତ ।

\+ + +

ନ୍ୟୁହିଲ ଭ୍ୟାଉଚରେ କେହି ଲେଖିବା, ଆଉ କେହି ହାରେ । ଏତ ନିୟମ । କିନ୍ତୁ ଖାଲି ପର୍ଯ୍ୟନ୍ତ ନୁହେଁ, ଆଦେଶ, ବାଣିଜ୍ୟ, ଜନ୍ମ, ଧର୍ମଦ୍ରୋହ, ଅଦାଲତ୍ ନାସ୍ତା ନମ୍ବର୍, ହୋଇ ପଡ଼ିଲା ଦୁର୍ବଳ ବୋଲି ସେ ନ ମାନେ ତାଙ୍କୁ ବଣ ବୋଲି ଲୁହା ଦିବ ଏକଥା କହେଣି ପଣ୍ଡିତ ଚନ୍ଦ୍ର । ଗଛ ଉଠିଲେ ଛାଇ ହେବ ବୋଲି ଯେ କହେ ତାଙ୍କୁ ଯାହା ଲୁହାଯାଏ ତାହାତ ସମସ୍ତେ ଜାଣନ୍ତି । କିନ୍ତୁ ଗଛ ଉଠିଲା ବୋଲି ବୁଢ଼ା ଯେ ସ୍ୱୀକାର ନ କରେ ତାର ନାମ ପଣ୍ଡିତଙ୍କୁ ମାଲୁମ ଥିବ କି ନାହିଁ । ଓଡ଼ିଆ ଭାଷାରେ ସେପରି ଶବ୍ଦ ନାହିଁ ତାର କାରଣ ଏଦେଶରେ ପୂର୍ବେ ଏପରି ଲୋକ ନଥିବାରୁ ପଣ୍ଡିତମାନଙ୍କୁ ଏ ଶବ୍ଦ ତିଆରି କରିବାକୁ ପଡ଼ି ନଥିଲା । ଗୋଟାଏ ଯାଉଛି ଶବ୍ଦ ଅଛି— ଗମାର । ଏଣୁ ବେହୁଦା + ଗମାର ଏ ଦୁଇ ଶବ୍ଦକୁ ମିଳାଇ ଏକ ନୂଆ ଶବ୍ଦ ଅସମ ଗଢ଼ିଲୁ —"ବେହମାର" । ମାଳତୋଷର ନୂଆ ସଂସ୍କରଣରେ ଏହାକୁ ଭରତ କରିବା ପାଇଁ ତୋଷ ରଚୟିତାଙ୍କୁ ଅନୁରୋଧ କରୁଁ ।

\+ + +

ଠିକ କଥା । ପ୍ରଜାତନ୍ତ୍ରର ଗଡ଼ଜାତ ଭାରତକୁ ଟିକା ନଦେଇ ଯାଇ ବା ସ୍ୱାଧୀନ ରହିବ ବୋଲି ହେଲେ ଉଡ଼ପଡ଼ ମଚିଯିବେ, ତାକର ବଡ଼ ଅସୁବିଧା ହେବ । ଏ ଜବାବଟା ସାହେବ ସେକ୍ରେଟେରିଙ୍କ ମୁହଁରୁ ବାହାରୁ ନାହିଁ କି ତୋର ଲାଟଙ୍କ ମୁହଁରୁ ବାହାରୁ ନାହିଁ । କଂଗ୍ରେସ ସରକାର ନ ହୋଇ ଥିଲେ ଏତେ ବଡ଼ ବାହାର ହୁଅନ୍ତା ? ହଁ, ଯୁବଶାକ ଭରମେ କରମେ ବଦଳୁଛି । ଯେଉଁ ଯୁଗରେ ବାହୁଅରେ ବ୍ରାହ୍ମଣ ରଜା, ଖଣ୍ଡ ପରଜା, ସେ ଯୁଗଟିତ ବାସ ଖାଇ ଗଲାଣି । ଏ ଯୁଗକୁ ପଣ ହାଡ଼ ସବୁ ସମାନ । ବ୍ରାହ୍ମଣେ କ ନିଜକୁ ବ୍ରାହ୍ମଣ ବୋଲି କହିବାକୁ ଘୃଣା କରୁଛନ୍ତି । ଅବ୍ରାହ୍ମଣେ କ ବ୍ରାହ୍ମଣଙ୍କୁ ଅଦରରେ ଅଣି ସଜଗାହରେ ବସାଉଛନ୍ତି । ଏହି ପ୍ରେମମୟ ଯୁଗରେ ପ୍ରଜା ସ୍ୱତାକ ବା ବେଉପିକ ହୁଅନ୍ତେ କମିତ ? ତାଙ୍କ ଦକ୍ଷିଣାଂଶ ଯାନରେ ନଦେଇ ଯନ [ଟିକା] ରେ ଦେବାଟା ଅଧୁନିକ ରୁଚି ସଙ୍ଗତ । ନୋହିଲେ କି କଂଗ୍ରେସ ସରକାର !

× + ×

ରାଜବଧୂ ଯବେ ରାଣୀହଂସ ପୁରରେ ବାଇ ଭଉ ଦେଇଥିଲେ । ସେ କଥା ଦାସୀ ପରିବାସ୍ୱ ଶୁଣି ରାଣୀମାନଙ୍କ ପାଖରେ ଯାଇ କହିଲେ କି ଏକଥା ଯେମିତି କେହି ନ ଶୁଣନ୍ତି । ରାଣୀ ଯାଇ ରାଜାଙ୍କ ପାଖରେ କହିଲେ । ଏଭଳି ଘରକଥା ଯେପରି ଆଉ କେହି ନ ଜାଣନ୍ତି ବୋଲି ସାବଧାନ କରି ଅସିଲେ । ରଜା ତହୁଁ ମନ୍ତ୍ରୀଙ୍କୁ ଡାକି ଏହି ଅସଙ୍ଗତ କଥା କହିଲେ ଅନ୍ତ ବାର ବାର କରି ତାକିଦ୍ କରି ଦେଲେ ଯେ ମନ୍ତ୍ରୀ ଯେପରି ଏକଥା ଆଉ କାହାରି ଆଗେ ନକହନ୍ତି । ମନ୍ତ୍ରୀ ତହୁଁ ଘଣ୍ଟେ ଘଣ୍ଟେ ନାଗରା ବଜାଇ ରାଜ ଦାଣ୍ଡରେ ସେ କଥା ଘୋଷଣା କରିଦେଇ ଅସିଲେ କି ରାଜବଧୂ ବାଇ କରିବା କଥା କେହି ଯଦି ଜାଣିଥାଏ ତେବେ ସେ ଯଦି ଆଉ କାହାରି ଆଗେ କହେ ତାକୁ କଡ଼ା ଦଣ୍ଡ ହେବ ।

ଓଡ଼ିଶା ବ୍ୟବସ୍ଥାପକ ସଭାର କଂଗ୍ରେସ ଦଳ ଭିତରେ ସେଇ ଭଳି କ'ଣ ଗୋଟାଏ ଅଘଟଣ ଘଟିଛି । ସମସ୍ତେ ସମସ୍ତଙ୍କ ପାଖରେ ଫୁସ୍‌ଫାସ୍ କରି ଲୁହା ଲୁହ ହେଉଛନ୍ତି କିନ୍ତୁ ପାଠକଙ୍କର କେହି ତାହା ଖବରର ଅନୁଯାୟୀ କହୁନାହିଁ । ତେଣୁ ଆମେ ବ ପାଠକଙ୍କ କହିବା ଭଲ ନୁହେଁ । ତେବେ ବଡ଼ ସନ୍ଦେହ ହୁଏ କି ଏ ଫସା ଫସର କାରଣ କ'ଣ ? ପ୍ରଧାନମନ୍ତ୍ରୀଙ୍କ ଅଣାରାଜ୍ୟ ପଣରୁ ନା ଆଉ କାହାର ଗାଦିଲୋଭ ଯୋଗରୁ ! କିଏ କହିବ ?

× × ×

କଥାରେ ଅଛି—ଅଲୋ ସଖି, ଆପଣା ମହତ ଅପେ ରଖି । ସରକାର ଦଳର ଜଣେ ଯୋଡ଼ା ଉଦ୍ଧାମୀ ନେତା ଶ୍ରୀଯୁକ୍ତ ଜମାଦାରଣ ପଟ୍ଟନାୟକେ ବେସରକାରୀ ମା—ଡ—ଗୋ ଦଳର ହାତରେ ଗଞ୍ଜାମ ଜିଲ୍ଲା ବୋର୍ଡ଼ର ଚେୟାରମେନ ପଦରୁ ଚଡ଼ା ଖାଇଛନ୍ତି । ଗଞ୍ଜାମରେ ଥପଣାର ବଳ ଦେଖି ଅବରୁ ସାବଧାନ ହୋଇ ପଡ଼ିଥିଲେ ଜମାଦାରଙ୍କୁ ଏ ଦଶା ଦଣ୍ଡରେ ପଡ଼ିବାକୁ ହୋଇ ନ ଥାନ୍ତା । ଏଇଠି ଯେ ମ—ସ—ନ ଦଳର ଗୁଳ୍ ଭୁଲ ହୋଇଗଲା ଏ କଥା ସମସ୍ତେ କହିବାକୁ ବାଧ୍ୟ । କୁରୁକ୍ଷେତ୍ର ରଣର ଏଇଟା ଦ୍ୱିତୀୟ ପର୍ବ ଆରମ୍ଭ ହୋଇଗଲା କି ?

\+ + +

ଜାନକୀ ବାବୁଙ୍କର କଟକ କୋଠାକୁ ଏବେ ତାଙ୍କ ପୁଅ ଦେଶ ଓ ଜାତିକୁ ଦାନ କରିଛନ୍ତି । ଏଠାରେ କଂଗ୍ରେସର ସ୍ୱରାଜ୍ୟ ଭବନ ବା ସେହିପରି କିଛି ଗୋଟାଏ ଜାତୀୟ ଅନୁଷ୍ଠାନ ହେବ । ନେହରୁ ତାଙ୍କ କୋଠା ଆନନ୍ଦ ଭବନକୁ ଏହିପରି ଦାନ କରିଥିଲେ । ସୁଭାଷ ଯେତେବେଳେ କଂଗ୍ରେସ ପ୍ରେସିଡେଣ୍ଟ ହେଲେ ଏଠାକ ନଙ୍କରେ ମାନ ରହନ୍ତା କମିତ । ଯାହାହେଉ ଶରତ୍ ଓ ସୁଭାଷଙ୍କର ଓଡ଼ିଶା ପ୍ରତି ଟାଣଟା ଅଛି ଜାଣିଅନେ ଓଡ଼ିଆଯାକ ଭାରି ଖୁସ୍ । ଅରକ୍ଷିତକୁ ଖୋଦା ସାହା !

\+ + +

ସିଂହଭୂମିକୁ ଓଡ଼ିଶା ସହିତ ମିଶାଇବା ଉଦ୍ଦେଶ୍ୟରେ ଲୁହାର କରି ଏକ ଡେପୁଟେସନ ରାଜେନ୍ଦ୍ର ବାବୁଙ୍କୁ ଭେଟିଛନ୍ତି । ସେ ଧମ୍ମର କରିବେ ବୋଲି ଆଶା ଦେଇଛନ୍ତି । ଏ କ'ଣ ବଳେଇ ଠାକୁ ମୂଷାଙ୍କ ଡେପୁଟେସନ ?

Digitized by srujanika@gmail.com



# ମଜାକଥା

## ଅସ୍ମୁଂ କଃ ?

ଶ୍ରୀ ଦେବେନ୍ଦ୍ର ନାଥ ପଟ୍ଟନାୟକ

ଟୋ.। ନାମଟି ବାପା ବଡ଼ ଆଦରରେ ଦେଇଥିଲେ ମାଧବ। ଗୋଟା ଗାଁଯାକର ତାହାହିଁ ମାଧ। ଗାଁର ଖେଚଡ଼ା ପିଲାଏ ଡାକନ୍ତି "ମାଧା, ଗଧା।" ପ୍ରକୃତରେ ଅନେକ ମୁଁ ଜଡ଼ ଗଧା ଥିଲି ଏବା। ମୋର ମୋଟେ ବୁଦ୍ଧି ନ ଥିଲା। ମୋର ୧୩ ବର୍ଷ ଯାଏଁ ନାମଲେଖା ବି ହୋଇ ନଥିଲା। ମୋର ଜୀବନର ପ୍ରକୃତ ଗୋଟିଏ ଘଟଣା ତୁମ ଆଗରେ ଏଇ ପ୍ରଥମରେ କହୁଛି। ଏଥି ପୂର୍ବରୁ ମୁଁ କାହାରି ଆଗରେ କହି ନଥିଲି। ଦେଖ ମୋ କଥା ଶୁଣି କେହି ହସି ଉଡ଼ାଇ ଦେବ ନାହିଁ ଏବା। ମୋ ପଛରେ ହସିବେ ହସିବ, ଆଗରେ ହସିଲେ ଲାଜ ମାଡ଼ିବ ମୋତେ।

ଦିନେ ମୁଁ ଆମ ଗାଁ ପଣ୍ଡିତଙ୍କ ପାଖରେ ବସି କଥା ହେଉଥାଏ ଏଣୁତେଣୁ। ଏହିସବୁ ସମୟରେ ଜଣେ ପଣ୍ଡିତ ଆସି ପହଞ୍ଚିଲେ। ଉଭୟ ଜଣ ସଂସ୍କୃତରେ କଥା ହେଲେ। ମୋର ସଂସ୍କୃତରେ ବିଶେଷ ପାରଦର୍ଶିତା ଥିବାରୁ ମୁଁ ସେ ସବୁ ବୁଝି ପାରିଲି ନାହିଁ। ଶେଷରେ ଆଗନ୍ତୁକ ପଣ୍ଡିତଙ୍କ ମୋ ଆଡ଼କୁ ସୂଚ କରି ଆମ ପଣ୍ଡିତଙ୍କୁ ପଚାରିଲେ "ଅସ୍ମୁଂ କଃ ?" ଏ କଣ କହିଲେ ଓ ଆମ ପଣ୍ଡିତ କଣ କହିଲେ ମୁଁ ବୁଝି ପାରିଲି ନାହିଁ। କେବଳ ଏତିକି ବୁଝିଲି ଯେ ସଂସ୍କୃତରେ "ଅସ୍ମୁଂ କଃ" ଗୋଟିଏ ଗାଳି। ମୋତେ ବୋକା ଦେଖି ବୋଧହୁଏ ସେ "ଅସ୍ମୁଂ କଃ" ବୋଲି ଗାଳି ଦେଲେ ବା କଣ ? ମୋ ମୁଣ୍ଡରେ ପିତ୍ତ ଚଢ଼ି ଗଲା। ପଣ୍ଡିତ କଥାବାର୍ତ୍ତା ହୋଇ ଗ୍ରାମକୁ ଚାଲିଗଲେ। କିନ୍ତୁ ମୁଁ ଏତେବେଳ ଯାଏଁ ରାଗ ସମ୍ଭାଳି ରଖି ଆଉ ଶେଷକୁ ପାରିଲି ନାହିଁ। ଆମ ପଣ୍ଡିତଙ୍କୁ ପଚାରିଲି "ଅଛା ଅସ୍ମୁଂ କଃ ମାନେ କଣ ?" ସେ କହିଲେ "ଅସ୍ମୁଂ କଃ ମାନେ ଏ କିଏ ?" ମୁଁ ବୁଝିଲି ଆଗ ପଣ୍ଡିତ ଓ ତାଙ୍କର ଅର୍ଥ ଦେଲେଣି। ରାଗ ସମ୍ଭାଳି ନ ପାରି ଦଉଡ଼ିଲି ସେହି ପଣ୍ଡିତଙ୍କ ପାଖକୁ। ଅନେକ ବାଟ ଦଉଡ଼ି ଧାଇଁ ଶେଷରେ ଦେଖିଲି ପଣ୍ଡିତେ ଦୂରରେ ଯାଉଛନ୍ତି। ମାଡ଼ ଦେବା ଭଳି ଭାବରେ ଗାଳି ଦେଇ ତାଙ୍କର ଯେ ପଣ୍ଡିତପଣ। ପଣ୍ଡିତ ବଚସ ଭୟରେ ଥରହର। ଅନେକ ଗାଳି ଦେଲା ପରେ କହିଲି "ତୋ ପଣ୍ଡିତଅ ବୁଝି ଛଡ଼ାଇ ଦେବି। ତୁ କାହିଁକି ମୋତେ 'ଅସ୍ମୁଂ କଃ' ବୋଲି ଗାଳି ଦେଲୁ ?" ସେ କହିଲେ "ନାହିଁ ବାବୁ ମୁଁ କାହିଁକି ତୁମକୁ ଗାଳି ଦେବି। ମୁଁ ପଣ୍ଡିତଙ୍କୁ ପଚାରିଲି ଏ କିଏ ?" ମୁଁ ପଣ୍ଡିତର ଡର ଦେଖି ରାଗ ସମ୍ଭାଳି ନେଲି। କହିଲି, "ଦେଖ ଯା ଏଥର ଛାଡ଼ି ଦେଲି ପଛରୁ ମୋତେ ପୁଣି "ଅସ୍ମୁଂ କଃ" ବୋଲି ଗାଳି ଦେବୁ ତାହାହେଲେ ଜାଣିଥା ତୁ 'ଅସ୍ମୁଂ କଃ' ତୋ ବାପ 'ଅସ୍ମୁଂ କଃ', ତୋ ଚଉଦ ପୁରୁଷ 'ଅସ୍ମୁଂ କଃ।'" ପଣ୍ଡିତ ବିଚରା ଜୀବନ ମୁଣ୍ଡ ଆଉଁସି ଘରକୁ ଫେରିଲା। ସେହି ଦିନରୁ ମୁଁ ଏକ ଜିଦ୍ ଧରି ବସିଲି ଯେ ଭଲ ଓଡ଼ିଆ ଟାପରେ ସଂସ୍କୃତ ପଢ଼ିବି। ଖେଚଡ଼ା ପିଲାଏ ଯୁଟାଇ ଦେଲେ ଗୋଟିଏ ଟେକଡ଼ା ମାଷ୍ଟର। ମାତ୍ର ମୁଁ ତ ବୋକା, ସେ କଥା ଜାଣିବ କିପରି ? ପ୍ରଥମ ଦିନ ମାଷ୍ଟର କହିଲେ "ଅତ ସାହିତ୍ୟ ପଢ଼ିବା ପୂର୍ବରୁ 'ସ୍ତବ' ପାଠ କରାଯାଉ। ଦେଖ ମାଧବ ତୁ ପଢ଼ିଲୁ।"

ମୁଁ ପଢ଼ିଲି—

"ହେ ଅନନ୍ତ ମହାପ୍ରଭୁ କେ ଧାଇବ କର୍ଣ୍ଣ,
ତୋର ମହିମାର କଥା ଅପାର ଅଗମ୍ୟ,
ଚନ୍ଦ୍ରର ଅଗତ ଥିବେ କି ବୁଝିବ ମୁହିଁ,
ଜ୍ଞାନ ବୁଦ୍ଧି ପରିଣତ ତୋ ଚକ୍ର ଚନ୍ଦ୍ରାବେ,
ତୋହର ମହିମା ଶୁଣେ ଦୂର୍ବଳାବଳ ସ୍ଥଳେତେ,
କୋଟି କୋଟି ସୂର୍ଯ୍ୟ କୋଟି ଚନ୍ଦ୍ର ତାର,
ଅଗଣିତ ଗ୍ରହତାରା ମୁକୁଟ ବନ୍ଧୁରେ।
ସେ ମହିମା କ୍ଷୁଦ୍ର ମୁହିଁ କେମନ୍ତେ ବୁଝିବ
ମୋହର ଏ କ୍ଷୁଦ୍ର ଆତ୍ମା ଚକ୍ଷୁରେ ପ୍ରବଳ,
କୃପେ ଅବଧିରେ ଥାଇ ସେ ମହିମା ତହିଁ,
ଅଳୁକେ ମେହର ଆତ୍ମା ତୋର ପାଦତଳେ।"

ମାଷ୍ଟର ପଚାରିଲେ, "ଅନନ୍ତ ସମାସ କର ?"

ମୁଁ—ନାହିଁ ଅନ୍ତ ଯାହାର।

ମାଷ୍ଟର—ବାଃ ! ଠିକ୍ କହିଛୁ। ... କହିଲୁ ଅନନ୍ତ କିଏ ?

ମୁଁ—ବାପା କହୁଥିଲେ ଭଗବାନଙ୍କର ... ନାମ ପରା ଅନନ୍ତ।

ମାଷ୍ଟର—ହୁଁ ମଜା। ଅନ୍ତ ନାହିଁ ଯାହାର ... ବୁଝିବା ଭଳି ଲକ୍ଷିସ୍ ଯୁକ୍ତିଅର।

ମୁଁ ତ ଅବାକ୍।

ମାଷ୍ଟର—ଶୁଣ। ସେହି ଲଣ୍ଡସ୍କ୍ରିପ୍ ... ଗୁଣ ବହୁତ; ତେଣୁ କବି ତାଙ୍କୁ ମହାପ୍ରଭୁ ବୋଲି ସମ୍ବୋଧନ କରିଛନ୍ତି। ତୋର ଆଉ ଅଛି ନା ?

ମୁଁ—ହଁ ଅଛି ! ଅବା ମୋ ପଢ଼ି ଦେ ସନ୍ଧ୍ୟାବେଳେ ସୁକୁଅ ଉଡ଼ି ... ପାଙ୍ଗରେ ଗାଇବାକୁ ହୁଏ।

ମାଷ୍ଟର—ବାଃ ବଢ଼ିଆ ତ ଠିକ୍ ମିଳେଇ। ହଁ, ଆଉ ଛଡ଼ା ସେ ମୁକୁଅର ଗୁଣ କଣ ବୁଝିବ ? ସେ କେତେ ସୁନ୍ଦର ଗୀତ ଦେଇ ସକଳ ପଦାର୍ଥ ସଙ୍ଗରେ ବାନ୍ଧିଦିଏ। ତାହା କହୁଛନ୍ତି ହେ ପ୍ରଭୁ ମହାପ୍ରଭୁ ଆପଣଙ୍କର ବିଷୟ ଚିନ୍ତା କଲେ ମୋର ବୁଦ୍ଧି ବୃଦ୍ଧି ଲୋପ ହୋଇଯାଏ। ଏବା ସେହି ଏବା ଆପଣଙ୍କର ଉଦ୍ଦେଶ୍ୟ ଅଗତ କଥା କହି ପାରିବ। ମୋର ଏ କ୍ଷୁଦ୍ର ମସ୍ତିଷ୍କରେ ସେ ବିଷୟରେ କିଛି ପଶିବ ନାହିଁ। ଆପଣଙ୍କର ଏହି ଯେଉଁ ପ୍ରତାପ କୋଟି କୋଟି ସୂର୍ଯ୍ୟ ଚନ୍ଦ୍ର ତାର ସେ ବିଷୟରେ ଗାନ କରୁଛନ୍ତି। ମୁଁ ତ ସାମାନ୍ୟ ମାନବ। ମୁଁ କେବଳ ଅପଣ-

(୪ର୍ଥ ପୃଷ୍ଠା ଦେଖ)

# ସ୍କୁଲ-ମାଷ୍ଟର

ଶ୍ରୀ ରସାନନ୍ଦ ସାହୁ ।

—୧—

ଅର୍ଥ ଉପାର୍ଜନ
ଜାଣି ନଥିଲି କେମନ୍ତେ ହୁଏ, ଖଟି ଖାଉ ଦିନ ।
ସ୍କୁଲରେ ମାଷ୍ଟରୀ ଚାକିରୀ କରି
ଅଧା ବୟସ ଗଲାଣି ସରି
ଦେଖେ ମୁଁ ଏବେ କି'ଭଳିଆ ହେଇ ଯାଉଛି ମନ ।
କେଡ଼େ କାଟେଣ ଏତେ କଷ୍ଟ ଅର୍ଥ ଉପାର୍ଜନ ।

—୨—

ସକାଳ ହେଲେ ଉଠେ
ଚଟ୍ କରି ଗୁ'ର ସଙ୍ଗେ ବିସ୍କୁଟ ଗୋଟେ ଦି'ଟେ—
ଅବା ପାଳେ ଛୁଟିଲୁ ଧରି—
ଅଧୁଆ ମୁହେଁ ହୁଏତ ଭରି—
ପଞ୍ଜୁଗୋଟା ଗଲେଇ ଦେଇ ଟିଉସନ୍କୁ ଛୁଟେ,
ଦଶଟା ପୂର୍ବରୁ ମଠରୁ ଫେରି ଧାଇଁ ଘରେ ଜୁଟେ ।

—୩—

ଦଶଟି ବେଳେ ଘରେ
ଜାଳେ ଦି'ଟାକେ କୂଅ ପାଣି ମଥାରେ ଅଣି ଢାଳେ;
ଗରମ ଗରମ ଭାତ ଡାଲି
ଦି'ହାତରେ ଦଅବ ଠେଲି—
ଚପମା ପିନ୍ଧି ଛତାଟି ଧରି ସ୍କୁଲକୁ ଚଲେ—
ତବଣ ଦିନ ଖଟି ଖଟି ଚାରା ଗୁଲଣ୍ଡ୍ ମିଳେ ।

—୪—

ସାଢ଼ଟି ଘଣ୍ଟା ପରେ—
ଗୁଡ଼ାଏ ବାଜି ଗଲେ ମୁହାଁ ଘରକୁ ପୁଣି ଫେରେ ।
ତଥାପି ମଧ୍ୟ ନମିଳେ ଛୁଟି—
ଜଳଖିଆରୁ ଖାଇ ଦୁଇଟି—
ଛତାଟି ଧରି, ବେତ ବାଡ଼ିଟି ଧରି ଦଣ୍ଡେ ପରେ—
ଛୁଟ ଡାକେଟା ପଡ଼ି ଓଁ ଟୋପି, ଟିଉସନେ ଯାଆରେ ।

—୫—

ରାତିକି ହେଉ ଦଶଟା ।
ଦୁଆରେ ଅସି ଡାକ ଡାକ ପଣ୍ଡିତ ହାଟାହାଟା !—
ଗୃହିଣୀ କାନ୍ଦେ ଚାଲ ଚାଲ—
ଧୂଆରେ ଦିଏ ଉଡ଼ାଣ୍ଡା ଖୋଲି ।
ଭାତ ଥାଳିରେ ଦିଏ ଦଳେଇ ବସ୍ତ୍ର-ପେଟିନ୍ଟା ।
ଉଦ୍ଗାରରେ ଢୁଳେଇ ପଡ଼େ ମନଟି ଜାଗ ଶଣ୍ଟା ।

—୬—

ରବିବାରର ଛୁଟି
ସପ୍ତାହକ ଭାଗରେ ଖଣ୍ଡେ ମିଳିଲେ ଯାଏ କଟି,
ବରଷ ସାରା ଖଟି ଖଟି—
ଛୁଟି ମୋଟେ ମିଳେ କେଇଟି
ଦଶହରା ଅଉ ଗରମ ଛୁଟି, ଖଣ୍ଡ ଇସ୍କୁଲଟି,
ମାତ୍ର ଧାଇଁ ଟିଉସନକୁ ଯାଏ ସେ ଛୁଟି କଟି ।

—୭—

ଦ୍ୱାପୁରର ଭାଗ୍ୟ ମୋର,
ପର ଦୁଆରେ ମୁଣ୍ଡ ବିକ୍ରି କଟିଗଲା ଉମର ।
ଜୀବନ ସାରା ମାଷ୍ଟ୍ରୀ କରି—
ମୁଣ୍ଡର ବାଳ ଗଲେଣି ଝଡ଼ି ।
କୋଷ୍ଠି ମୋର ଲେଖିଛନ୍ତି ବିଧି ସ୍କୁଲ-ମାଷ୍ଟର କରି
ଦେହଥିରେ ମୁଁ ରହିବି ଜୀବ—ମଣ୍ଡବ ଠାକୁରି ଧରି ।

---

ମଜା କଥା (ଶାସ୍ତ୍ର ପୁସ୍ତା ଭଣ୍ଡାରୁ)

ବର (ଧୂଡାଖ) ଧୂନାମ ଗାନ କରୁଅଛ । ମୁଁ ଅବଶ୍ୟ ଏ ଘରରେ କେବେ ଶୁଣି ନାହିଁ । ଯେଉଁଠି ସେଠ ସୁବାସିତ ହଳା ବାଘଠାରୁ ଅପେକ୍ଷାରେ ରହୁଛି । ତ ମୋ ଶାସ୍ତ୍ର ଭଲ ହୁଏ ନୁହେଁ ?

ମୁଁ—ଅଛ ହଁ ! ଏକଥା ତ ମୁଁ ତୋର ଅଟରୁ ଜାଣିଥିଲି । ମୁଁ ଅପଣଙ୍କଠୁଁ ଅଉ ନୂଆ କଣ ଶିଖିଲି ?

ମାଷ୍ଟର କହିଲେ, "ସବୁ ତ ଏକ୍ସପ୍ରେସ ।"

ସେହିଦିନଠାରୁ ମୋର ଖାଠଡ଼ୋ ଉଠଣ ହୋଇ ରହିଲା । ଅବକାଳ ମୁଁ ବୁଦ୍ଧିଅ ହୋଇ ଗଲଣି । କେବଳ ମନରେ ଥରେ ଥରେ କିସ ଅଟେ ପଣ୍ଡିତଟା 'ଅସ୍ତୁ କୃ' ବୋଲି ଗାଇ ଦେବ କି ?

Digitized by srujanika@gmail.com

# ମଜାକଥା



## ହେଉ ମୋ ସ୍ତ୍ରୀ

ଲେଖକ—ଶଲମ୍ଚୀ

ନାରାୟଣ ବାବୁ କରୁଥିଲେ ଏକ ମଫସଲ ଷ୍ଟେଟିଅ ସହରରେ ଗଣ୍ଡେ ଷ୍ଟେଟଅ ଲୁକର । ପାଞ୍ଚ ଦଶ ଜଣ ଯେ ସରକାରୀ ଲୁକରଅ, ସମସ୍ତେ ପ୍ରାୟ ବିଦେଶୀ । ବସା ଖଣ୍ଡିକରେ ସେ ଓ ତାଙ୍କ ସ୍ତ୍ରୀ ସୁନାମଣି ।

ତାଙ୍କର ବଡ଼ ବନ୍ଧୁ ସପନ ବାବୁ ଥିଲେ ବାଲେଶ୍ୱର ସଦରର ପଶୁ ଡାକ୍ତର । ସେ ବି ସେମିତି ବିଦେଶୀ । ବସାକୁ ନିକେ ଓ ସ୍ତ୍ରୀ ଦୁଇ ପ୍ରାଣୀ ।

ଦିନେ ସପନ ବାବୁଙ୍କଠାରୁ ଚିଠି ଆସିଲା ଯେ ତାଙ୍କ ସ୍ତ୍ରୀ ଭାରି ବେମାର । ବେହାଲ ଅବସ୍ଥା । ନାରାୟଣ ବାବୁ ଏକଥା ତାଙ୍କ ସ୍ତ୍ରୀ ସୁନାମଣିକୁ ଶୁଣାଇଲା ମାତ୍ରେ ସେ ଭଉଣୀକୁ ଦେଖିବା ପାଇଁ ବ୍ୟସ୍ତବସ୍ତ ହୋଇ ଉଠିଲେ । କଥା ହେଲା ରବିବାରର କେଜୁଏଲ ଲିଭ ଛୁଟି ନେଇ ନାରାୟଣ ତାଙ୍କୁ ସାଙ୍ଗରେ ନେଇଯିବେ ବାଲେଶ୍ୱର ଓ ଦେଖାଇ ସାଙ୍ଗରେ ଫେରାଇ ଆଣିବେ । ମାତ୍ର ଯଦି ସେପରି କିଛି ଖରାପ ଦେଖାଯାଏ ତେବେ ନୋହିଲେ ଛାଡ଼ି ଦେଇ ଚାଲି ଆସିବେ । ଯେତେହେଲେ ଭଉଣୀ ତ ! ପୁଣି ବିଦେଶ ଜାଗା । ଭୟ ତ ପଡ଼ିଲେ—ତେଣେ ସପନଙ୍କୁ କିଏ ଦେଖୁଥିବ ?

ନାରାୟଣ ଟିକିଏ ଗେହ୍ଲେଇ ହୋଇ କହିଲେ, "ତେମେ ଘଣ୍ଟାଏ ଛାଡ଼ି ଗଲେ ମୁଁ କିମିତିବା ଚଳିବି ? ତଥାପି, ବନ୍ଧୁ ତ ! ବିପଦ ବେଳରେ କହନ୍ତି ପନ୍ଥ—ବନ୍ଧୁ !

ମଣିଷ ପାଞ୍ଚେ ଏକ, ଦଇବ ଭାବେ ଆନ । ଦରଖାସ୍ତ ଦିଆଗଲା, ମାତ୍ର ସାଲ ତମାମି ବେଳ ବୋଲି ଛୁଟି ମିଳିଲା ନାହିଁ । ଏପରିକି ଦିନକ ପାଇଁ ସୁଦ୍ଧା ନାସ୍ତି ।

ଏଣେ ସୁନାମଣି ଅଥୟ । ଅନେକ ପ୍ରକାର କଳ୍ପନା, ଜଳ୍ପନା, ଫନ୍ଦା, ଫିକର ପରେ ସ୍ଥିର ହେଲା ଯେ କାଲିଠୁ ଗାଡ଼ିରେ ସୁନାମଣିଙ୍କୁ ସେ ଗାଡ଼ି ଚଢ଼ାଇ ଦେଇ ଆସିବେ ଆଉ ଏକଥା ସପନଙ୍କ ଠାକୁ ଆଗରୁ ଟେଲିଗ୍ରାମ କରିଦେବେ ।

ତହିଁ ଆରଦିନ ସକାଳେ ନାରାୟଣ ସପନଙ୍କୁ ଟେଲିଗ୍ରାମ କଲେ ଯେ ତାଙ୍କ ସ୍ତ୍ରୀ ଦିନ ପେ ସେ ଞ୍ଜର ଟ୍ରେନରେ ଯାଉଛନ୍ତି—ସେ ଯେପରି ଷ୍ଟେସନରୁ ଆସି ନେଇଯିବେ । ପୁଣି ନିଜେ ସୁନାମଣିଙ୍କୁ ନେଇ ଫିମେଲ ଡବାରେ ଉଠେଇ ଦେଇ ଆସିଲେ । ଆଉ ଆସିଲାବେଳେ ଟିକଟ ଖଣ୍ଡ ଦେଇ ଭଲ କରି ତାଙ୍କିଦ୍ କରି ଦେଇ ଆସିଲେ କି କାହାରିକି କିଛି କହିବ ନାହିଁ କି ନିଜ ଜାଗାରୁ ଉଠିବ ନାହିଁ । ବାଲେଶ୍ୱର ଷ୍ଟେସନ ହେଲେ ଓହ୍ଲାଇ ପଡ଼ିବ ଷଣି ସପନ ଆସି ପହଞ୍ଚିଥିବେ । ତେଣିକି—ଆଉ କଣ ?

ଏଣେ ସପନବାବୁଙ୍କୁ ଡାକ୍ତର ପରାମର୍ଶ ଦେଲେ କି ତୁମେ ତମ ସ୍ତ୍ରୀଙ୍କୁ ଚେଞ୍ଜରେ ନେଇଯାଅ ଅତି ଶୀଘ୍ର । ସେ ଅନୁସାରେ ସପନ ସେହିଦିନ ଛୁଟି ନେଇ ଦିନ ଗାଡ଼ିରେ ସସ୍ତ୍ରୀକ ବାହାରି ଆସିଲେ ଭୁବନେଶ୍ୱର ।

ତେଣୁ ଆସୁଛନ୍ତି ସୁନାମଣି । ଦୁଇ ଗାଡ଼ି ଯାକ କେନାପୁର ଷ୍ଟେସନରେ କ୍ରସ ହେଲା । ଦୈବ ଯୋଗକୁ ଯେଉଁ ଡବାରେ ସପନ ଅଛନ୍ତି ଠିକ୍ ତାହାରି ପାଖକୁ ରହିଗଲା ସୁନାମଣିଙ୍କ ଡବା । ଶାଳୀ, ଭଉଣୀଙ୍କ ଦେଖା ଭେଟି ହେଲେ । ସପନ କହିଲେ, "ଆମେ ତ ବାହାରି ଆସିଲୁଣି ତମେ ଆଉ କିଏ କର୍ଣ୍ଣଂଠିକୁ ? ଆସ ଝଟ୍ ଓହ୍ଲେଇ ଆସ ହୋଇ ଭୁବନେଶ୍ୱର ଯିବା ।" ସୁନାମଣି ତତ୍କ୍ଷଣାତ୍ ଆପଣା ଡବା ଛାଡ଼ି ସପନଙ୍କ ସାଙ୍ଗରେ ଉତ୍ତରାଭିମୁଖରୁ ପୁଣି ଦକ୍ଷିଣ ମୁହାଁ ହୋଇ ଚାଲିଲେ ।

ସୁନାମଣିଙ୍କ ଗାଡ଼ିର ଅନ୍ୟ ଡବାରେ ଥିଲେ ଜଣେ ତାଙ୍କ ପଡ଼ୋଶୀ ଶ୍ୟାମ ଚରଣ । ସୁନାମଣି ଯେତେବେଳେ ଗାଡ଼ି ଚଢ଼ିଲେ ଓ ତାଙ୍କ ସ୍ୱାମୀ ଛାଡ଼ିଦେଇଗଲେ, ସେ ଦେଖି ଥିଲେ ଏବଂ ଜାଣିଥିଲେ ନାରାୟଣଙ୍କ ସ୍ତ୍ରୀ ବୋଲି । ସେ ଗାଡ଼ିରେ ବସି ଦେଖିଲେ କି ସୁନାମଣି ଆପଣା ଗାଡ଼ି ଛାଡ଼ି ଉଲଟା ଗାଡ଼ିରେ ଜଣେ ଅପରିଚିତ ପୁରୁଷ ସାଙ୍ଗରେ ଚାଲିଗଲେ । ଶ୍ୟାମ ଚରଣଙ୍କ ବିସ୍ମୟର ସୀମା ରହିଲା ନାହିଁ । ମନା ହେଲା କିଛି ସମୟ ପାଇଁ—ତେବେ ଗାଡ଼ି ଛାଡ଼ିଲା ମାତ୍ର—କିନ୍ତୁ ସପନ ଓ ସୁନାମଣିଙ୍କ ଗାଡ଼ି ଛାଡ଼ିଦେଲା । ଶ୍ୟାମ ତହୁଁ ତ୍ରସ୍ତ, ବ୍ୟସ୍ତ ହୋଇ ଷ୍ଟେସନ ଘରକୁ ଧାଇଁଲେ ଓ ଷ୍ଟେସନ ମାଷ୍ଟରଙ୍କୁ କହିଲେ କି "ତାଙ୍କର ଜଣେ ପ୍ରତିବେଶୀ ବନ୍ଧୁଙ୍କର ପତ୍ନୀ ଯେ କି ଉତ୍ତର-ମୁହାଁ ଗାଡ଼ିରେ ଯାଉଥିଲେ, ସେ ହଠାତ୍ ଜଣେ ଅପରିଚିତ ବ୍ୟକ୍ତି ସାଙ୍ଗରେ ଦକ୍ଷିଣ ମୁହାଁ ହୋଇ ପଳାଇଗଲେ ।" ଷ୍ଟେସନ ମାଷ୍ଟର ଶୁଣି କହିଲେ "Elopement" ଆଉ ଜଣେ କହିଲେ "kidnapping ।" ଶ୍ୟାମ ଚରଣ କହିଲେ "Conspiracy" ଯାହା ହେଉ ସମସ୍ତେ ଏକମତ ହେଲେ ଯେ ଗୋଟାଏ ସଙ୍ଗିନ୍ ବ୍ୟାପାର ।

ଶ୍ୟାମ ଚରଣ ଖୁବ ବୁଦ୍ଧି କରି ବନ୍ଧୁର ଉପକାର ନିମନ୍ତେ ଗଣ୍ଡେ ଟେଲିଗ୍ରାମ କରିଦେଲେ ନାରାୟଣଙ୍କଠାକୁ ଯେ "ତମର ସ୍ତ୍ରୀ କୌଣସି ଅଜ୍ଞାତ ବ୍ୟକ୍ତି ସହିତ ପଳାୟିତା—ଖୋଜ । ବନ୍ଧୁ ।" ଟେଲିଗ୍ରାମଟି କରିଦେଇ ସେ ଚାଲିଗଲେ ତାଙ୍କ କାମରେ ।

ଶ୍ୟାମଚରଣ ଅଫିସରେ ଏ ଟେଲିଗ୍ରାମ ପାଇଲା କ୍ଷଣି ପାଗଳ ପ୍ରାୟ ହୋଇଗଲେ । ଅଫିସର ଯେତେ ଲୋକ ସମସ୍ତେ ଶୁଣିଲେ । କିଏ ମୁଣ୍ଡରେ ହାତ ଦେଲା, କିଏ ଆଖି ଠାରି ଦେଇ ମୁରୁକି ହସିଲା । କିଏ ଆସି ସମବେଦନା ଜଣାଇଲା । କିଏ କହୁଛି,



Digitized by srujanika@gmail.com

ପ୍ଲାଟଫର୍ମରେ ଖବର ଦିଅ । ଏହାପରେ ହୋଚ-ଟୋଳ ଲାଗିଗଲା ଚାରିଆଡ଼େ । ନାରାୟଣ ଅଳଙ୍କାରିତ ବେଶରେ ହାଉ ହାଉ ହୋଇ ଏଣେ ତେଣେ ଧାଇଁବାକୁ ଲାଗିଲେ । ତାଙ୍କ ଅବସ୍ଥା ଦେଖି କେତେ ଲୋକ ତାଙ୍କ ପିଛାରେ ମଜା ଦେଖିବା ପାଇଁ ଗୋଡ଼ାଇ ଚାଲି ଲାଗିଲେ । କଲୋନି ବଦମାସ ଟୋକା ଗୁଡ଼ାଏ ତାଙ୍କ ମାଇ ନାରାୟଣଙ୍କ ପଛେ ପଛେ "ହୋ ହୋ!" ହୋଇ ଧାଇଁଲେ ।

କଥାଟା ଚାରିଆଡ଼େ ବ୍ୟାପ୍ତ ହୋଇଗଲା—ଟେଲିଗ୍ରାଫ ମାଇକ୍ରୋ ମହଲରେ । ଏବେ ଠିକ ଟଙ୍କେ ଯେଗା । ପ୍ରାୟ ସମସ୍ତ ସମ୍ଭ୍ରାନ୍ତ ଲୋକ ପହଞ୍ଚେ । ଘରେ ଘରେ ସେଇ କଥା । ସୁନାମଣି ତାହା ସାଙ୍ଗରେ ପଳେଇଛି । କିଏ କହୁଛି "ସ୍ତ୍ରୀ ପାଇଥିବ ।" କିଏ କହୁଛି "ନାହିଁ ହୋ ଏକଦମ ଚେଞ୍ଜ୍' । କିଏ କହୁଛି "ତାଙ୍କ ହେଲଥରେ ଏତେ ଚଞ୍ଚଳ—ଏଇଠି ଲୁଚି ରହି ଥିବ । ପିଟେ ଶେଷ ଚଳଚଳା—ସୁନା ଗାଏବ୍ଟା ନ ହେଲେ ନେମୁଛଳ ।

ନାରାୟଣ ଅଥୟ, ଅଧୀର ହୋଇ ବସାରେ ପହଞ୍ଚନ୍ତି । ଖିଅ ନାହିଁ, ପିଅ ନାହିଁ—ସବୁ ହାଇ ମଲୁଲା । ବନ୍ଧୁ ବାନ୍ଧବ ଟଣ୍ଡଉ ଅସିଲେ । କେହି କହୁଛି "Defamation ଅନ୍ Damage ଏଠା ସାଙ୍ଗରେ କର ।" କିଏ କହୁଛି Adultry —ଶାସ୍ତି ଶୌଚଗାର ସୃଜିତ । ଇତ୍ୟାଦି ଇତ୍ୟାଦି ଯେତେ ପ୍ରକାର ଅଇନ କାନୁନ ଯାହାକୁ ଜଣା ସେ ତାହା କହୁଛନ୍ତି ।

ବାଣୁ ବାବୁ ଧୀର ପ୍ରକୃତିର ଲୋକ, ସେ କହିଲେ "ଆଗ ତମ ଶ୍ୱଶୁରଙ୍କଠାରୁ ତାଙ୍କର ଟେଲିଗ୍ରାମ କରି ବୁଝିବାଟି ଦରକାର ।" ଏ କଥା ସମସ୍ତଙ୍କ ମନକୁ ପାଇଲା । ଶ୍ୱଶୁର ବାବୁଙ୍କ ଠାରୁ Reply paid ଟେଲିଗ୍ରାମ ହେଲା "ମୋ ସ୍ତ୍ରୀର ଖବର କଣ ।" What about my wife

ସେଠିଠୁ ଏଣେ ସକାଳ ନାହାନ୍ତି । ତାଙ୍କ ପତ୍ର ଡାକ୍ତର ଖାନାରେ ଯେ କମ୍ପାଉଣ୍ଡର ବା ପିଅନ ବା ଆସିଷ୍ଟାଣ୍ଟ ସେଇ କାଗଜ ଥିଲା ଗୁର୍ଜରେ । ଟେଲିଗ୍ରାମ ପାଇ ସେ ଅଉ ଜଣକୁ ପଢ଼ାଇଲା । ସେଥିରୁ ଧାଡ଼ି ବୁଝି ଉତ୍ତର ଲେଖିଦେଲା "କି ସ୍ତ୍ରୀ ? ସ୍ତ୍ରୀ ନାହିଁ"—"What wife no wife" ଉତ୍ତର ପହଞ୍ଚିଲା ରାତି ଦୁଇଟା । ସାତ୍ୟସ୍ତ ହୋଇଗଲା ଠିକ ବେଳ । ଯେଉଁ ଟିକଟ ଅଣା ଉଇପା ଥିଲା ତାହା ତ ଗଲା ଉଡ଼ି ।

ସେହିଠୁ ସମସ୍ତେ ପରାମର୍ଶ କରି ସ୍ଥିର କଲେ ଯେ ନାରାୟଣ ନିଜେ ତାଙ୍କ ଶ୍ୱଶୁରଙ୍କ ସଦନକୁ ଯାଆନ୍ତୁ । ସେଠି ଖବର ନେଇ ଗୁଳି ଯାଆନ୍ତୁ ଖଡ଼ଗପୁର, ଟାଟା, ଗାଡ଼ିରେ କଲିକତା ଏ ସବୁ ବାଟେ । ସେଠି ଭାଗ୍ୟଦାଣି, ଧୁଳିଆ ପ୍ରଭୃତିରେ ତଲାସ କରି ଯେଉଁଠି ଯିଏ ଯାହା ଦେଖା । ଏଣେ ଷ୍ଟେସନରେ ବରାବର ତଲାସ ଲାଗିଥାଉ । ପୁଲିସରେ ବି ଡ଼ାଇରି ହେଉ ।

ଏହି କଥା ମୁତାବକ ରହିଁ ଅପରାହ୍ନ ନାରାୟଣ ଚନ୍ଦ୍ର ବାହାରିଲେ ବାଲେଶ୍ୱର । ତାଙ୍କର ଅବସ୍ଥା, ଶାରୀରିକ ଓ ମାନସିକ ପ୍ରକଟିତ୍ ଥାଉଲ୍ । ମୁଣ୍ଡରେ ହାତ ଦେଇ ଭୁଲ୍ରୁ ଝୁରୁଛନ୍ତି "ମୋ ସ୍ତ୍ରୀ—ବାପ୍ପ ମୋ ସ୍ତ୍ରୀ" ହେଉଛନ୍ତି । ଦେଇ ଜଣ ବନ୍ଧୁ ତାଙ୍କର ସାଙ୍ଗରେ ଗଲେ ଦାୟିତ୍ୱ ନେବା ପାଇଁ । ଗାଡ଼ିଟା ଏତେ ପଛ ହୋଇଥିଲା ଯେ ଘଣ୍ଟା ବାହାର ଅଧ ପାଏ ବାଟ ଯାଇ ନ ପାରୁଣୁ ଗୋଟି ଗୋଟି ଅନେକ ଷ୍ଟେସନ ଲୋକ ଆସି ଉଠିଗଲେ । ପାଏ ବାଟ ପାର ହେବା ବେଳକୁ ଲୋକ ପ୍ରାୟ ୨୫।୩୦ । ଷ୍ଟେସନ ନିକଟ ହେଲା ସବୁଠି ଗୋଟାଏ ଗୁଣ୍ଡମାର ଗୋଳମାଳ । ଯେ ଜାଣେ ସେ ବି ଧାଇଁଛି—ଯେ ନ ଜାଣେ ସେ ବି କଣଟା ବୋଲି ଧାଉଁଛି । ଷ୍ଟେସନରେ ପହଞ୍ଚି ସମସ୍ତେ ପ୍ଲାଟଫର୍ମରେ ଅପେକ୍ଷା କରି ରହିଲେ । ସେଠି ବି ଷ୍ଟେସନ ମାଷ୍ଟର, କୁଲି, ପଏଣ୍ଟମେନ ଇତ୍ୟାଦି ଓ ଯେତେ ଯାତ୍ରୀ ସମସ୍ତେ ରୁଣ୍ଡ ହୋଇ ଗଲେ । ସଙ୍ଗରେ ନାରାୟଣ, ଗୃହଗତେ ଶତାଧିକ ଲୋକ ।

ଦକ୍ଷିଣ ଗାଡ଼ି ଅସିଛି । ନାରାୟଣଙ୍କୁ ଧରି ଧରି କରି ଗୋଟାଏ ଡବାରେ ଚଢ଼ାଇବା ପାଇଁ ନେଇ ଗଲେ । ସେଇ ଡବାରୁ ବାହାର ଅସିଲେ ଦୁଇଜଣ ଲୋକ—ଜଣେ ସ୍ତ୍ରୀ, ଆଉ ଜଣେ ପୁରୁଷ । ପୁରୁଷଟି ସ୍ତ୍ରୀର ହାତ ଧରି ଓହ୍ଲାଇ ଅସୁଥିବା ବେଳରେ ନାରାୟଣ ଚିତ୍କାର କରି କହି ଉଠିଲେ —"ହେଉ ମୋ ସ୍ତ୍ରୀ ।" ଆଉ ସମ୍ଭାଳେ କିଏ ! ଏହି ବିପୁଳ ଜନତା ଏକାଥରକେ କହି ଉଠିଲେ "ହେଉ ମୋ ସ୍ତ୍ରୀ" । ନାରାୟଣ ତ ଏକଦମ୍ ପଡ଼ିଲେ ଯାଇ ସୁନାମଣିଙ୍କ ପାଦରେ । "ମୋ ସୁନା ମୋ ସୁନା" ବୋଲି ରଡ଼ି ପକାଇ କାନ୍ଦିବାକୁ ଲାଗିଲେ । ସଙ୍ଗଲୋକେ ବୁଝିଲେ ଯେ ଏହି ଲୋକଟାର ନାରାୟଣଙ୍କ ସ୍ତ୍ରୀକୁ ନେଇ ପଳାଇଥିଲା—ଧର ପଡ଼ି ଗଲା ଏବେ । ଭଲା ନାହିଁ, ବାର୍ତ୍ତା ନାହିଁ, ପଚାରି ନାହିଁ, ବିଚାରି ନାହିଁ—ଦେ ଧମାଧମ୍ । କେତେ ଯେ କଣ ବୁଝି ହୋଇ ଗଲା କଉଅଡ଼ୁ ତାହା କିଏ କହି ପାରିବ । ଗୁଡ଼ୁଭା, ଭୁଷି, ମୁଥା, ଥୋପି ଇତ୍ୟାଦି ଯେପରି ଖଇ ଫୁଟିଗଲା ବିଚାରି ସଜନା ଉପରେ ।

"ସେ ନୁହେଁ, ହାଁ, ହାଁ, ଆଃ, ଆଃ" ବୋଲି କେହୁ ଯେ ନ କହୁଲେ ତାହା ନୁହେଁ—କେବେ ଏ ଗୋଳ ଭିତରେ ଶୁଣନ୍ତା କିଏ ।

ମିନିଟ ପାଞ୍ଚ ପରେ, ନିଜେ ଏ ଅସ୍ତ୍ରା ପଡ଼ିବାକୁ ସମସ୍ତେ ଜାଣିଲେ ଯେ ଯେ ଉଦ୍ଧାରଚନ୍ଦ୍ର ସପନ ବାବୁ,—ନାରାୟଣଙ୍କ ନିଜ ଶ୍ୱଶୁ ଓ ସ୍ୱୟଂ ପଣ୍ଡିତାକ୍ତର ।

ସେପରେ ଗୋଡ଼ିରେ ଯେ ଡାକଲେ ବି ସେ ଅଉ ନାରାୟଣଙ୍କ ବସାକୁ ଗଲେ ନାହିଁ । ସିଧା ସେଇ ଗାଡ଼ିରେ ଖସିଲେ ବାଲେଶ୍ୱର । ସୁନାମଣି ବି ବସାକୁ ଫେରି ଆଉ ମାଉଳଙ୍କ ଆଗରେ ମୁହଁ ଦେଖାଇବାକୁ ମନ କରି ନାହାନ୍ତି କେବେହେଁ ।

Digitized by srujanika@gmail.com



# କାହାଣୀ

## ମଧୁ-ଅଭିମାନ

ଲେଖକ--ଶ୍ରୀ—

ଆଜକୁ ଗୋଟିଏ ବର୍ଷ ତଳର କଥା

ବିନୋଦ ଥିଲା ମୋର ଅନ୍ତରଙ୍ଗ ବନ୍ଧୁ । ତା ସହିତ ମୋର ଏତେ ନିବିଡ଼ ଥିଲା ଯେ ଆମ ସାଙ୍ଗ ପିଲାଏ କହନ୍ତି, ଆମ ଭିତରେ ପାଣି ଗଳୁନାହିଁ । କାରଣ ଆମେ ଖାଉଁ ଏକା ଥାଳିରେ, ପଢୁ ଏକା ସାଙ୍ଗରେ, ଖେଳୁ ଏକା ସାଙ୍ଗରେ, ସବୁ କରୁଁ ଏକା ସାଙ୍ଗରେ । ବିନୋଦକୁ ଦିନେ ନ ଦେଖିଲେ ମୋତେ ଜମା ଭଲ ଲାଗେ ନାହିଁ । କାହିଁକି କେଜାଣି ବିନୋଦର ସେ ସରଳ ମୁହଁଟିକୁ ଦେଖିଲେ ମୋ ହୃଦୟ ଆନନ୍ଦରେ ପୂରି ଉଠେ । ମୋର ମନର ସବୁ ଦୁଃଖ ଉଭେଇଯାଏ । ତା ପାଖରେ କି ଶକ୍ତି ଥିଲା କେଜାଣି ?

ସବୁ ଦିନ ତ ସମାନ ନଥାଏ ? ଦୁଃଖ ପରେ ସୁଖ ପୁଣି ସୁଖ ପରେ ଦୁଃଖ ଏ ସଂସାରରେ ଲାଗିଛି । ଆମେ ଦୁଇଜଣ କଣ ସଂସାରର ବାହାର ଯେ ସବୁବେଳେ ସବୁ ସୁଖ ଅନୁଭବ କରିଥିବୁଁ ? ଦିନେ ଗୋଟିଏ ସାମାନ୍ୟ କଥାରେ ବିନୋଦ ସହିତ ମୋର କଳି ହୋଇଗଲା ।

ସେତେବେଳେ ପୂଜା ଅନ୍ତ ପ୍ରାୟ । ଅଶ୍ୱିନ ମାସର ଭରା ଶରତ ଶେଫାଳି ଗନ୍ଧରେ ଚାରିଆଡ଼ ଆମୋଦିତ । ଚତୁର୍ଦ୍ଦଶୀ ଜହ୍ନ ରୂପୁଅଠା ଆକାଶରେ ହସି ଦେଉଥାନ୍ତି । ନୀଳ ଆକାଶର ତାରଗୁଡ଼ିକ ଯେପରି ହସ ଲଗାଇ ଦେଇଛନ୍ତି । ଦ୍ୱିତୀୟାର ବଙ୍କିମ ଚନ୍ଦ୍ରଟି ପଶ୍ଚିମ ଦିଗରେ ଉଠିଛି । ଠିକ୍ ସେତେବେଳେ ମୋର ହୃଦୟାକାଶରେ କୋଟିଏ ଦୁଃଖର ସ୍ତୂପ ଜମା ହୋଇ ଉଠେ । ମୋତେ ସେତେବେଳେ ଜଗତଟା ଅନ୍ଧକାର ଦିଶୁଥାଏ । ମୁଁ ସେହି ଅନ୍ଧକାର ଭିତରେ କଣ କରିବ ଭାବି ପାରୁ ନଥାଏଁ । ସଙ୍ଗରେ ତ ସବୁ କରିଗଲି, ବର୍ତ୍ତମାନ କରିବି କଣ ? ଏହି କଥାଟା ସବୁ ବେଳେ ମୋର ମନରେ ଜାଗିଲା । ମୁଁ କେଉଁ ମୁହଁରେ ଯାଇ ପୁଣି କଥା କହିବି ? ତା' ମୋ' ଭିତରେ ତ ଉଠିଗଲାଣି ଗୋଟାଏ ମସ୍ତବଡ଼ ବ୍ୟବଧାନ ! ବର୍ତ୍ତମାନ ଉପାୟ କଣ ? ମୁଁ ସେ ବର୍ତ୍ତମାନ ପାଷାଣବତ୍ । ସେ କଣ ପାଷାଣବତ୍ ହୋଇ ବଦଳି ଯିବ ନାହିଁ ମୋ ଆଖିକୁ ମୋତେ ଲୋଟିଆସି ପାଇବାପାଇଁ ? ନା ! ନା ! ସେ ଆଉ ନାହିଁତ ଆସିବ ? ମୁଁ ସେ ତାର ଆଗମନ ପଥ ବନ୍ଦ କରି ଦେଇଛି । ଏହି ସବୁ କଥା ଭାବୁଭାବୁ ମୋତେ ଭୟଙ୍କର ଅଂଧାର ଘୋଟିଗଲା । ବନ୍ଧୁ ବିଚ୍ଛେଦରେ ଘରକୁ ଗଲି । କୌଣସିଥିରେ ମନ ଲାଗିଲା ନାହିଁ । କେବଳ ବିନୋଦର ସେହି ସରଳ ମୁହଁ ମୋର ଆଖି ଆଗରେ ନାଚିଲା । ମନେ ମନେ କେତେ କଥା ଭାବିଲି । ଭାବୁଭାବୁ ଯେତେବେଳେ ଭାବନାରେ ଛେଦ ହୋଇଗଲା ସେତେବେଳେ ଅଧ ରାତି ଘଣ୍ଟା ବାଜିଲା ଦଶ ପରିମିତ ସେହି ରାତ ଅକାଶକୁ ଅନାଇ ମନକୁ ମନ କାନ୍ଦିଲି । ହଠାତ୍ ଶୁଣିଲି ଯେପରିକି ବିନୋଦ ମୋତେ ଡାକି କହୁଛି, "ଚାହୁଁଛ କାହିଁକି ଦେବ ?" ହଠାତ୍ ସେହି ଆଡ଼କୁ ଚାହିଁ ଦେଖିଲି ପଛରେ କେହି ନାହିଁ । କେବଳ ବିନୋଦ ମୋ ପାଖରେ ନୃତ୍ୟ କରୁଛି । ସେଟା ଭ୍ରମ ବୁଦ୍ଧି । ସେହି ଅଂଧାରରେ ଡାକିଲି "ଧନ୍ୟ ! ସୁଠା ଜଗତଟା ପର ଆଉ ହଉ ନାହିଁ । ଆ ! ଆ ମୋର ପାଖକୁ ଆ । ମୁଁ ତୋତେ ଆଉ କେବେ ରାଗ ଦେବ ନାହିଁ ।" କାହିଁ ବିନୋଦ କଣ ଆସିବ ଚାହିଁ ? ତାର ହୃଦୟ କଣ ଏତେ ନିର୍ମମ ? ସେ କଣ ପାଷାଣରେ ଗଢ଼ା ? କେବେହେଁ ନୁହେଁ ; ବିନୋଦ କେବେହେଲେ ଏପରି କଠୋର ହୋଇ ପାରେ ନା । ଏଟା ମୋର ଭ୍ରମ । ସେ ଧ୍ୟାନ ... କେହି ତ ତାକୁ ଦିନେ ବି ନ ଦେଖିଲେ ରହି ପାରେ ନାହିଁ । ସେ ମୋତେ ଛାଡ଼ି କ'ଣ ରହି ପାରିବ ? ଏହିପରି ନାନା କଥା ଭାବୁଭାବୁ ଘର ଗୋଟାକ ପରି ବାହାରୁ ଦେଖିଲି ବିନୋଦ ଘର ଆଡ଼କୁ ।

ନାନା କଥା ମନ ମଧ୍ୟରେ ଆନ୍ଦୋଳିତ ହେଉଥାଏ । ବିନୋଦର ଘରେ ପହଞ୍ଚି ତାର ସେହି ଘରେ ପ୍ରବେଶ କରିବାକୁ ମୋର ପାଦ ଚଳିଲା ନାହିଁ । ଯେଉଁ କୋଠରୀରେ ମୋର ଅବାଧଗତି ଓ ଯେଉଁ କୋଠରୀରେ ଅମ୍ଳେ-ମାନେ ବସୁଥିଲେ ସେହି କୌତୁକ କରୁଥାଉଁ ସେହି ଘରର ଦ୍ୱାର ଆଜ ମାଡ଼ିବାକୁ ସାହସ ହେଉନାହିଁ । ଓ ଅସହ୍ୟ କଥା । ଅନେକ ସମୟ ପରେ ମୁଁ ଚୁପ୍ ଚୁପ୍ ଯାଇ ଝରକା ବାଟେ ଦେଖିଲି, ବିନୋଦ ଖଟରେ ମୁହଁ ଦେଇ କାନ୍ଦୁଛି । ଦୁଇ ଆଖିରୁ ଦୁଃଖର ଲୁହ ବୋହି ଯାଉଛି । ମୁଁ ତାହା ଦେଖି ନ ଯାଇ ରହି ପାରିଲି ନାହିଁ । ମୁଁ କେଡ଼େ ନିର୍ମମ । କେଡ଼େ ନିଷ୍ଠୁର ମୁଁ । ଯେଉଁ ବିନୋଦ ମୋତେ ପ୍ରାଣ ଠାରୁ ବଳି ସ୍ନେହ କରୁଥିଲା, ଯେଉଁ ବିନୋଦ ମୋପାଇଁ ପ୍ରାଣ ଦେବାକୁ ବେଳେ ବେଳେ ମାତ୍ର କୁଣ୍ଠା ବୋଧ କରନ୍ତା ନାହିଁ, ସେହି ବିନୋଦ ଆଜି ମୋ'ର ନିଷ୍ଠୁରତା ଦେଖି କାନ୍ଦୁଛି । ଛିଃ । ମୁଁ ଏତେ ନିଚ୍ଚ ? ମୁଁ କଣ ଏତେ ହୀନ ପ୍ରକୃତି ? ମୋର ହୃଦୟରେ କଣ ସ୍ନେହ ନାହିଁ ? ମୁଁ କଣ ବିନୋଦକୁ ଭଲ ପାଏ ନାହିଁ ? କେବେ କହେ ମୁଁ ବିନୋଦକୁ ଭଲ ପାଏ ନାହିଁ ? ତାହା ହେଲେ ମୁଁ ଭଲ ପାଏଁ କାହାକୁ ? ବିନୋଦ କଣ ମୋତେ ଏତେ ଭଲ ପାଏ ତାର ଦୁଃଖ ଦେଖିବା ପାଇଁ କେବେହେଁ ନୁହେଁ । ମୁଁ ଏ ଜୀବନରେ ବନ୍ଧୁର ଦୁଃଖ ଦେଖି ସହି ପାରିବି କି ? ବନ୍ଧୁର ଦୁଃଖ ଦେଖି ବଞ୍ଚି ପାରିବି କି ? ଏହିପରି କେତେ ସ୍ୱପ୍ନର



Digitized by srujanika@gmail.com

(ପୂର୍ବପୃଷ୍ଠା ଉତ୍ତାରୁ)

ଆଲୋଚନା ମୋ ମନରେ ଚାଲିଲା । ସେଦିନ-ବେଳକୁ ମୋର ବି ଦୁଇ ଆଖିରୁ ଦୁଇ ଧାର ଲୁହ ବହି ଯାଉଥାଏ । ଅଶ୍ରୁ ଜଳରେ ଆଉ ବିନୋଦକୁ ଖୋଜି ପାରିଲି ନାହିଁ ବମ୍ବା ଦୁର୍ଗର ଆବେଗ ଭରା ମନଟିକୁ ନେଇ ସେ ସ୍ଥାନରୁ ଫେରି ପାରିଲି ନାହିଁ । ଏହାପରେ କାନ୍ଦି କାନ୍ଦି କେତେ ସମୟ ବିତିଗଲା । ମୋର ସେ ଆଡ଼କୁ ଲକ୍ଷ୍ୟ ନାହିଁ । ହଠାତ୍ ଶୁଣି ପାରିଲି ମୋ ନିକଟରେ କିଏ କାନ୍ଦୁଛି । ଚାହିଁ ଦେଖିଲି ବିନୋଦ ଝରକା ସେପାଖରେ କାହିଁ ଚହିଁ କରି କାନ୍ଦୁଛି । ଆଉ ରହି ପାରିଲି ନାହିଁ । ଦୁଇହାତ ମେଲାଇ ଦୌଡ଼ି ଚାଲି । ବିନୋଦ ମଧ୍ୟ ଦୁଇ ହାତ ମେଲାଇ ଅନ୍ତର ଆବେଗରେ ଦଉଡ଼ି ଆସି ମୋତେ କୁଣ୍ଢାଇ ପକାଇଲା । ମୁଁ ତାକୁ କୁଣ୍ଢାଇ ପକାଇ ଡାକିଲି, "ଭାଇ ମୋର !" ସେ କହିଲା, "ଭାଇ ତୋତେ ଛାଡ଼ି ମୁଁ ଟିକିଏ ହେଲେ ରହି ପାରିବି ନାହିଁ ।"

ଠିକ୍ ଏହି ସମୟରେ ଚନ୍ଦ୍ର ହସି ହସି ମେଘ ଭିତରରୁ ଦେଇଁ ପଡ଼ିଲେ ଏମ ଦୁଇ ବନ୍ଧୁଙ୍କର ସ୍ନେହର ମିଳନ ଦେଖିବା ପାଇଁ । ଆଜି ତାଙ୍କ ପଛେ ପଛେ କେତେ ତାରା ସେହି ଝରକାରୁ ଉଙ୍କି ମାରି ଆନନ୍ଦରେ ହସି ଉଠିଲେ ।

## ଗାନ୍ଧି ମେଳା

ଗାନ୍ଧି ମେଳାର ମେଳା ନାମ ସାର୍ଥକ । ଖାଲି ଯୋଡ଼ିଏ ଯୁବକ ଯୁବତୀଙ୍କର ମେଳନ ନୁହେଁ—କଂଗ୍ରେସ ଭିତରେ ଯେଉଁ ସଢ଼ରୁଣୀ କଜୁଅ, ତାର ବି ମିଳାମିଶା ହୋଇଗଲା । ଗୋଢବାକୁ ଏଥିରେ ପୁରୋହିତ ହୋଇ ହାତଗଣ୍ଠି ପକାନ୍ତୁ ଏବେ ।

## ଯଦି—

ଜଗନ୍ନାଥ ଦାସେ ଯଦି ପୁଣି ବଞ୍ଚନ୍ତେ...

"ସ୍ୱଭାବେ ସ୍ତ୍ରୀର ଜନ୍ମ ହୋଇ, ଧର୍ମ ଅଧର୍ମ ନ ଜାଣଇ" ଲେଖିଲେ ତାଙ୍କ ନାମରେ ଡିଫାମେସନ କେସ୍ ହୁଅନ୍ତା ବା ପ୍ରତିବାଦ ସଭାରେ ନିନ୍ଦାବାଦ ଘୋଷଣା ହୁଅନ୍ତା ।

କଂଗ୍ରେସବାଲା ଯଦି ମାଛ ହୁଅନ୍ତେ......
ଲିନ୍‌ଲିଥଗୋ କେଉଟ ହୋଇ ଫେଡେରେସନ ଜାଲ ଫିଙ୍ଗନ୍ତେ ।

କଂଗ୍ରେସ ମନ୍ତ୍ରିତ୍ୱ ଯଦି ବର୍ଷାଋତୁ ହୁଅନ୍ତା...
...ଖଦଡ଼ଧାରୀମାନେ ଛତୁ ହୋଇ କେତେ ଫୁଟନ୍ତେ ।

ଲର୍ଡ଼ ଲୋଥିଅନ୍ ଯଦି ମୁସଲମାନ ହୁଅନ୍ତେ
.....ଓ୍ୱାର୍ଦ୍ଧା ମକ୍କା ହୁଅନ୍ତା ।

ରେଳଗାଡ଼ି ଯଦି ଫ୍ରି ହୁଅନ୍ତା.........
ପ୍ରତି ଜିଲ୍ଲାରେ ହାଇକୋର୍ଟ ବସନ୍ତା ।

## ଯୁକ୍ତ ପ୍ରଦେଶ ମନ୍ତ୍ରୀ ଓ ଲାଟ



ମୁଖମପି ମାନପଲ୍ଲବଦାନଂ
ଧ୍ୟେୟ ଗୁରୁଶୀଳେ,
**ଦେହି ପଦପଲ୍ଲବମୁଦାରଂ ।**

Digitized by srujanika@gmail.com

# ୭ଷ୍ଟ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା

ଟ୨୫ଙ୍କା ପୁରସ୍କାର !
ଅଣାକର ପରୀକ୍ଷିଆ ଡାକଟିକଟ ମଜା

| | | | | | | |
|---|---|---|---|---|---|---|
| ୧ ଅ | ■ | ୨ ନ | ୩ (ଆ) | ଳ | ■ | ୪ ଅ |
| ୫ ଚ | | ■ | | ■ | ୬ | ନୁ |
| ର | ■ | ୭ | ର | | ■ | |
| ୮ | ନା | ■ | ଣ | ■ | ୯ | ର |
| ତ | ■ | ୧୦ | ■ | ୧୧ | ■ | ଣ |
| ■ | ୧୨ | ର | | ର | ୧୩ ଣ | ■ |
| ୧୪ | ର | | ■ | ୧୫ ମ | | ଣୀ |

'ଡଗର' ପାଠକମାନେ ପାଇ ପାରିବେ ।
ଅଣାଇର ପରୀକ୍ଷିଆ ଡାକଟିକଟ ସହ

| | | | | | | |
|---|---|---|---|---|---|---|
| ୧ ଅ | ■ | ୨(ନ) | ୩ (ଆ) | ଳ | ■ | ୪ ଅ |
| ୫ ଚ | | ■ | | ■ | ୬ | ନୁ |
| ର | ■ | ୭ | ର | | ■ | |
| ୮ | ନା | ■ | ଣ | ■ | ୯ | ର |
| ତ | ■ | ୧୦ | ■ | ୧୧ | ■ | ଣ |
| ■ | ୧୨ | ର | | ର | ୧୩ ଣ | ■ |
| ୧୪ | ର | | ■ | ୧୫ ମ | | ଣୀ |

ଟ୨୫ଙ୍କା ପୁରସ୍କାର !
ପ୍ରଥମ ଦୁଇଟି ସହ ବିନାମୂଲ୍ୟରେ

| | | | | | | |
|---|---|---|---|---|---|---|
| ୧ ଅ | ■ | ୨ (ନ) | ୩ (ଆ) | ଳ | ■ | ୪ ଅ |
| ୫ ଚ | | ■ | | ■ | ୬ | ନୁ |
| ର | ■ | ୭ | ର | | ■ | |
| ୮ | ନା | ■ | ଣ | ■ | ୯ | ର |
| ତ | ■ | ୧୦ | ■ | ୧୧ | ■ | ଣ |
| ■ | ୧୨ | ର | | ର | ୧୩ ଣ | ■ |
| ୧୪ | ର | | ■ | ୧୫ ମ | | ଣୀ |

ନାମ ____________________ ଠିକଣା ____________________

## ସିଧା ଭାବରେ

୨ । ସୁଗନ୍ଧୀ ପୁଷ୍ପ ବିଶେଷ

୫ । ଏମାନେ ଆକାଶରେ ଉଡ଼ିପାରନ୍ତି

୬ । ଏମାନେ ଅସାବଧାନ କୃଷକର କ୍ଷେତ ନଷ୍ଟ କରନ୍ତି କିନା !

୭ । ଏହାଦ୍ୱାରା ପ୍ରେମିକ ପ୍ରେମିକାକୁ ତାର ହୃଦୟର ଏହା ଜଣାଇ ଥାଏ ।

୮ । ଏହି କାରିଗରୀ ଦେଖିବାକୁ ସୁନ୍ଦର ।

୯ । ଏହା ନହେଲେ ଧାନ ଫସଲ ଭଲ ହୁଏ ନାହିଁ ।

୧୨ । ଶ୍ରୀହରିଙ୍କ ମୁଖ ଅଂଶରେ କେତେଜଣ ଭକ୍ତ-ମୂର୍ତ୍ତି ଏହା କରିଥାନ୍ତି ?

୧୪ । ଯାହାର ଉଦ୍ଧାର ବ୍ରତ ଗାନ୍ଧିଜୀ ଧାରଣ କରିଛନ୍ତି ।

୧୫ । ଶବଦାହ ସ୍ଥାନ ।

## ଉପର ତଳ ଭାବରେ

୧ । ଏହିଲି ଜନତା ଭିତରେ କିଏ କାହାକୁ ପଚାରେ ?

୩ । ଏହା ଉତ୍ତମ ହେଲେ ଅନେକ ସମୟରେ ଲୋକର ସ୍ୱରୂପ ଢାଙ୍କି ହୋଇଯାଏ ।

୪ । ଏହା ଅଧ କରିବା ପ୍ରଶଂସନୀୟ ନୁହେଁ ।

୧୦ । ଏହି ଜଳାଶୟ ନୌକାକୁ ବାଧା ଦେବାରେ ସାହାଯ୍ୟ କରେ ।

୧୧ । ଧନାର୍ଜନ କାହାର କାହାର ଜୀବନର —ଲକ୍ଷ୍ୟ ।

୧୨ । ଯେ ନିଜର ନୁହେଁ ।

୧୩ । 'ଣାଣ' ର ଠିକ୍ ଓଲଟା ।

**ପ୍ରବେଶିକା ଫିସ୍** — **ଖଣ୍ଡକୁ ଟ୦୵**

## ମନଦେଇ ପଢନ୍ତୁ !

**ଶେଷ ତାରିଖ** — **୧୨ । ୪ । ୩୮**

**୭ଷ୍ଟ ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ ।**

ଉପର ବନ୍ଧରେ ଯେଉଁ ଘରେ ନମ୍ବର ଥିବ ସେଇଠୁ ଆରମ୍ଭ କରି ପ୍ରତି ଘରେ ଗୋଟିଏ ଲେଖାଏ ଅକ୍ଷର ବସି ବନ୍ଦ ଥିବା ଘର ଯାଏ ଗୋଟିଏ ଗୋଟିଏ ଶବ୍ଦ ଦେବାର କଥା । ଏହା ସିଧା ଭାବରେ ଓ ଉପରୁ ତଳ ଭାବରେ ହୋଇପାରେ । ଶବ୍ଦ ଗୁଡ଼ିକର ବ୍ୟାଖ୍ୟା ଉପରେ ଦିଆ ଯାଇଛି । ଏହି ଶବ୍ଦ ଗୁଡ଼ିକର ଯେଉଁ ଅକ୍ଷର ଦିଆ ଯାଇନାହିଁ ତାହାକୁ ବ୍ୟାଖ୍ୟା ଦେଖି ବାହାର କରି ଖାଲି ଘର ଗୁଡ଼ିକ ପୂରଣ କରିବାକୁ ହେବ । କିନ୍ତୁ ଗୋଟିଏ ନମ୍ବରରେ ଯୋଡ଼ାଏ, ତିନୋଟି ବା ତହିଁରୁ ଅଧିକ ଶବ୍ଦ ହୋଇପାରେ ଯାହାର ଅର୍ଥ ଦିଆ ଯାଇଥିବା ବ୍ୟାଖ୍ୟା ସହିତ ମିଳିଗଲା ପରି ଜଣାଯିବ । ମାତ୍ର ଧୀର ଚିତ୍ତରେ ବିଚାର କରି ଯେଉଁ ଶବ୍ଦଟି ଠିକ୍ ମିଳୁଛି ତାହା ବାଛି ବସାଇବା ଉଚିତ ।

ଏହି ଧନ୍ଦାର ଠିକ ଉତ୍ତର ଯାହା, ତାହା ସିଲ ବନ୍ଦ ହୋଇ ମୋହରଙ୍କ ଠାରେ ଅଛି । ଏହା ସହିତ ଯାହାର ଉତ୍ତର ଠିକ୍ ମିଳିଯିବ ସେ ପ୍ରଥମ ପୁରସ୍କାର ଟ୧୨୯ ପାଇବ ଏବଂ ନିର୍ଭୁଲ ଉତ୍ତର ଦେଇଥିବା ଯୋଗ୍ୟ **ସାମନ୍ତ ପୁରସ୍କାର** ଟ୫୯ ପାଇବ । ଏବଂ ବା

(ଅପରପୃଷ୍ଠା ଶେଷ ଦେଖନ୍ତୁ ।)

Digitized by srujanika@gmail.com

# ଖବର ଅନ୍ତର

ସଂଗ୍ରାମ ନାଟକ ଅଭିନୟ ପରେ ପୁରୀରେ ଏକପ୍ରସ୍ଥ କଂଗ୍ରେସ ନାଟକର ଅଭିନୟ ଆରମ୍ଭ ହେବାର ପନ୍ଥାଳୁ ଘୋଷଣା ହୋଇ ଗଲାଣି । ତା ପରେ କୋଉପ୍ରସ୍ଥର ପାଳି କି ?

× × +

ପାରଳା ମହାରାଜ କଂଗ୍ରେସ ସରକାର ହେବା ପରଠାରୁ ବ୍ୟବସ୍ଥା ସଭାକୁ ଆସି ନ ଥିଲେ । ବହୁତ ବୁଝେଇ ପୁଣି ଏବେ ଯୋଗ ଦେଉଛନ୍ତି । କନକାଙ୍କପର ମାନ୍ୟ ଦୁର୍ଯ୍ୟୋଧନ ନୁହନ୍ତି ସବ !

Better late than never

+ + +

ଭଦ୍ରକ ସବରେଜେଷ୍ଟ୍ରିର ଖାତାରେ ଦଲିଲ ପିଛା କମିଶନ ରୂପେ ଲାଞ୍ଚ ନିଆ ଯିବା ଦ୍ୱାରା ଲୋକେ ହଇରାଣ ହେଉଛନ୍ତି ବୋଲି ଗୋଟାଏ ଦରଖାସ୍ତ ହୋଇଛି । ଏଣେ ଭଦ୍ରକର ବାର ଏସୋସିଏସନ ଗୋଟାଏ କମିଟି କରି ଏ ବିଷୟରେ ଇନକ୍ୱାଏରି ଓ ପ୍ରମାଣ ସଂଗ୍ରହ କରୁଛନ୍ତି । ବହୁକାଳ ପ୍ରଚଳିତ ପ୍ରଥାଟା ବର୍ତ୍ତମାନ ସବୁରେ ପରିଣତ ହୋଇ ଗଲାଣି । ଗରିବ ଦରଖାସ୍ତକାର ସେ ସବୁ ଧ୍ୱଂସ କରିବା ପାଇଁ ଓକିଲ ମାନେ ଏତେ ବ୍ୟସ୍ତ କାହିଁକି ? ନା, ଆପେ ଲାଗିଲା ହେଲେ ତ ସମସ୍ତେ ଲୁଟନ୍ତୁ ?

× × ×

ଖବର ମିଳିଛି ଯେ ଓଡ଼ିଶା କଂଗ୍ରେସ କଳିର ମୀମାଂସା ହୋଇଗଲା । ଶ୍ରୀଯୁକ୍ତ ମହତାବ ପ୍ରାଦେଶିକ ସଭାପତି ପଦରୁ ଇସ୍ତଫା ଦେଲେ । ଯାହା ହେଉ ପଛେ ସଉତୁଣୀ ଗଣ୍ଡ ହେଲା ତ!

× × ×

ଓଡ଼ିଶା କଂଗ୍ରେସର ଖାଲି ସଭାପତି ନୁହେଁ — ଡିକ୍ଟେଟର ହେଲେ ଗୋପବାବୁ। ଶାନ୍ତି ଗାନ୍ଧୀବାଦୀ ଏବଂ ପ୍ରଥମ ସ୍ୱଜନାଙ୍କୁ ପଣିଲେ, ତେଲଙ୍ଗ ନିର୍ଦ୍ଦେଶ ଫଳରେ। ଗୋପବାବୁଙ୍କୁ ନିରଙ୍କୁଶ କ୍ଷମତା ଦିଆଗଲା । ତାହା ବଳରେ ସେ ମାରି ପାରିବେ ବା ତାରି ପାରିବେ । କିନ୍ତୁ ମାରି ପିଠି ଭଲ ଗୁପି ପାରିବା କି ନାହିଁ କିଏ କହିବ ?

× + ×

ଶୁଣିଥିଲେ ଯେ କଳିଆ ମାଇପ ଦଳରୁ କେନ୍ଦ୍ରାପଡ଼ାରୁ କଂଗ୍ରେସ କାଣ୍ଡିଡେଟ ହୋଇ ଛିଡ଼ା ହୋଇଥିଲେ ସେ ବଡ଼ବଡ଼ିଆ ମାନଙ୍କ ରାଗରେ କଂଗ୍ରେସରୁ ବାଟଖାଇଗଲେ । ଏଇଟା ଗୋଟାଏ ମରମକୁ ବାଧିବାର କଥା ।

---

## ୬ଷ୍ଠ ଶବ୍ଦଧନ୍ଦା ପ୍ରତିଯୋଗିତାର ନିୟମାବଳୀ (୯ମ ପୃଷ୍ଠା ଉତ୍ତାରୁ)

ତତୋଧିକ ଭୁଲ କରିଥିବା ଉତ୍ତର ଦାତାମାନଙ୍କୁ ଗୁଣାନୁଯାୟୀ ବାକି ଟ୮୦ ବାଣ୍ଟି ଦିଆଯିବ । ସମ୍ପୂର୍ଣ୍ଣ ନିର୍ଭୁଲ ଉତ୍ତର ଅଭାବରେ ସବୁଠାରୁ କମ୍ ଭୁଲ ହୋଇଥିବା ଉତ୍ତର ପାଇଁ ପ୍ରଥମ ପୁରସ୍କାର ମିଳିବ ମାତ୍ର ସାମାନ୍ୟ ପୁରସ୍କାର ମିଳିବ ନାହିଁ । କୌଣସି ବ୍ୟକ୍ତି ଏକାଧିକ ପୁରସ୍କାର ପାଇବାର ଥିଲେ ସେ କେବଳ ସର୍ବୋତ୍କୃଷ୍ଟ ପୁରସ୍କାରଟି ପାଇବେ । ଏକାଧିକ ବ୍ୟକ୍ତି ଗୋଟିଏ ପୁରସ୍କାରକୁ ପାଇବାର ଯୋଗ୍ୟ ହେଲେ, ଘୋଷଣା କରା ଯାଇଥିବା ଟଙ୍କା ସମାନ ଭାବରେ ବଣ୍ଟା ହେବ ।

ଯେ କୌଣସି ବ୍ୟକ୍ତି ଏହି ପ୍ରତିଯୋଗିତାରେ ଯୋଗଦେଇ ପାରନ୍ତି । ଅପରପାଖରେ ତିନିଗୋଟି କୁପନ ଦିଆ ଯାଇଛି । ଯେ ଗୋଟିଏ ମାତ୍ର ଉତ୍ତର ଦେବାକୁ ଚାହିଁବେ ଉପର ତିନୋଟି ଯାକ କୁପନକୁ କାଟିନେଇ ପ୍ରଥମଟି ପୂରଣ କରି ବାକି ଦୁଇଟିକୁ ଫାଙ୍କାରଖିତାହା ଖଣ୍ଡ ଖଣ୍ଡ ନକରି ଏକାସଙ୍ଗରେ ପଠାଇ ଦେବେ ଓ ତାହା ସଙ୍ଗେ ଏକଅଣାର ପଇସିଡାଅ ଡାକଟିକେଟ ପଠାଇବେ । ଦୁଇଟି ଉତ୍ତର ଯିଏ ଦେବେ, ସେ ପ୍ରଥମ ଦୁଇଟି ପୂରଣ କରି ତାହା ସଙ୍ଗେ ଟ୦/୧ର ପଇସିଡାଅ ଡାକ ଟିକେଟ ପଠାଇବେ । କେବଳ ଏହିପରି ୨ଟି ଉତ୍ତର ଦେବା ବ୍ୟକ୍ତି ତୃତୀୟ କୁପନଟିକୁ ବିନା ମୂଲ୍ୟରେ ( free ) ପୂରଣ କରି ଦେଇ ପାରନ୍ତି । କୌଣସି ଏକ ବ୍ୟକ୍ତି ଏହିପରିଭାବେ ୩ଟି ଉତ୍ତର ଦେଇ ପୁଣି ଉତ୍ତର ଦେବାକୁ ଇଚ୍ଛାକଲେ ଡଗର ଛପା କୁପନ ଅଥବା ସାଦା କାଗଜରେ ଏହିପରି ବାକ୍ସ କାଟି ଉପରୋକ୍ତ ନିୟମାନୁଯାୟୀ ଯେତେଇଚ୍ଛା ସେତେ ଉତ୍ତର ଦେଇ ପାରନ୍ତି । ଅର୍ଥାତ୍ ଅଧିକ ଗୋଟିଏ ପାଇଁ ଟ୦/, ଦୁଇଟି ପାଇଁ ଟ୦/୧ ଓ ତିନୋଟି ପାଇଁ ମଧ୍ୟ ସେହି ଟ୦/୧ର ପଇସିଡାଅ ଡାକ ଟିକେଟ ପଠାଇବେ । ଉପରୋକ୍ତ ଭାବରେ ଅର୍ଥାତ୍ (ଟ୦/ର ଡାକଟିକେଟ ସହ) ଛଅଟି ଉତ୍ତର ଦେଇଥିବା ପ୍ରତ୍ୟେକ ପ୍ରତିଯୋଗୀ ଘରେ ବସି କାନ୍ତ କବି ଲକ୍ଷ୍ମୀକାନ୍ତଙ୍କର ଖଣ୍ଡିଏ ନାଟକ ପୁସ୍ତକ ଉପହାର ପାଇବେ । ସମସ୍ତ ଉତ୍ତର ୧୯୩୮ ମସିହା ଏପ୍ରିଲ ୧୨ ତାରିଖ ଦିନ ୪ଟା ମଧ୍ୟରେ 'ଡଗର, ପୋ: ଅ: ଭଦ୍ରକ' ଠିକଣାରେ ପହଞ୍ଚିବା ଦରକାର । ଲଫାପା ଉପରେ ପଡ଼ିଆର ଗୋଟିଏ ଗୁଣନ ( × ) ଚିହ୍ନ ଓ ୬ ଅଙ୍କ ଦିଆଯିବା ଆବଶ୍ୟକ । ଏବଂ ତାହା ତଳକୁ ପ୍ରେରକଙ୍କ କେବଳ ମୂଳ ନାମଟି (ଯଥା, ରାମ, ଗୋପାଳ, ବସନ୍ତ, ରଞ୍ଜନା) ମଧ୍ୟ ଦିଆ ଯିବ । ଉପର ଲିଖିତ ନିୟମାନୁଯାୟୀ ଯଦି ନଥିବ । ଉତ୍ତରମାନ ଅଗ୍ରାହ୍ୟ ହେବ । ଏ ସମ୍ବନ୍ଧରେ ସମ୍ପାଦକଙ୍କ ନିଷ୍ପତ୍ତି ଚରମ ।

Digitized by srujanika@gmail.com



# ହଂସପୁର

ଅପା ! 'ସମାଜ' କାଗଜରେ ପଢ଼ିଲି କ୍ରିୟତ୍ରେ ଅନ ଓଡ଼ିଆ ଦେଶର ଲାଟ ସଭ୍ରବ ମଣ୍ଡଳୀ ପକ୍ଷରୁ ସଭ୍ୟ ଶ୍ରୀମତୀ ସରଳାଦେବୀଙ୍କର ବାଲ୍ୟ ବିବାହ ନିରୋଧ ବିଲ ସଭ୍ରରେ ପଢ଼ିଲା ନାହିଁ । କେତେକ ଲୋକ କହିଲେ ସରଳାଦେଈ ବିଲକୁ ତାଙ୍କର ପ୍ରତ୍ୟାହାର କଲେ। ଶୁଣିକରି ମନରେ ବଡ଼ ଦୁଃଖ ହେଲା, କାହିଁକିରେ ପିଲାହେଲ ଶୁଣିଅଛୁ ତାଙ୍କର ନାଁ-ତାଙ୍କ ଲେଖା କାଗଜରୁ ପଢ଼ିଛି, ସେ କେବଳ କଂଗ୍ରେସରେ ପଶି ଜେଲ-ଖାନା ଖଟି ସ୍ୱାଧୀନତା ଧର୍ମକୁ ନିଜର ବ୍ରତ କରି ନାହାନ୍ତି । ତାଙ୍କର ଗାନ୍ଧୀଜୀର ଗୋଷ୍ଠୀ ମିଶନ୍ ନାରୀଜାଗରଣରେ ସମ୍ବନ୍ଧ ଦେଖିବେ; ଏଥିପାଇଁ କାର୍ଯ୍ୟରେ ଲେଖାରେ ଚଳାରେ ଓ ତାଙ୍କର ନିଜର ବ୍ୟକ୍ତିଗତ ଜୀବନର ଆଚରଣରେ ସେ ନାରୀମାନଙ୍କର ରାଜନୈତିକ ଅର୍ଥିକ ତଥା ସାମାଜିକ ଅଧିକାର ପାଇଁ ଜୀବନରେ ଓ ସମାଜରେ ବହୁବାର ଭୂମି ରଚନା କରି ଅଛନ୍ତି । ସେହି ସରଳାଦେବୀ କଣ ଏତେ ଶୀଘ୍ର ନାରୀମାନଙ୍କର ଦାବୀର କଥା, ନାରୀମାନଙ୍କର ସର୍ବାଙ୍ଗୀନ ଉନ୍ନତିର କଥା ଭୁଲିଗଲେ ? ବାଳିକାମାନେ ବାଲ୍ୟକାଳୁ ଦାୟିତ୍ୱ ମୁଣ୍ଡାଇ ପିଲାର ମାଆ ହୋଇ ବସିବେ, ଏକଥା ସେ ଭୁଲିଗଲେ? ଅଜ ଶୁଣିଲି ସେ ଅସ୍ଥିର ବଜାରରେ ତାଙ୍କର ବିଲ୍ ଅଲୋଚନା ନ କରିବାର କୈଫିୟତ ଦେଇଛନ୍ତି । ସେଇଁଥିରୁ ଜଣା ପଡ଼ୁଛି କି ତାଙ୍କୁ ତାଙ୍କର ଦଳ ଜବରଦସ୍ତି କରି ମୁହଁ ବାନ୍ଧିବାରୁ ସେ ବୋଧେ ନିରସ୍ତ ହୋଇ ରହିଲେ । ଆଗାମୀ ସଭାରେ ସରଳା ଦେଈ ତାଙ୍କର ବିଲ୍ ଆଗତ କରିବେ ବୋଲି କହିଛନ୍ତି । ଢଙ୍ଗରୁ ଜଣାପଡ଼ୁଛି—କଂଗ୍ରେସ-ବାଲା ଯେମାନେ ବଡ଼ ବଡ଼ Congress Pledge ବା ଘୋଷଣାପତ୍ର ସ୍ୱାକ୍ଷର କରିଥିବେ ସବୁ? ନାରୀ ପ୍ରରୁଷର ସମାନ କରିବେ !

ଖଜଣା କମାଇବେ , ଦେଶକୁ ଶିକ୍ଷା, ସ୍ୱାସ୍ଥ୍ୟରେ ହସାଇ ଭସାଇ ଦେବେ ? କଂଗ୍ରେସ ସରକାର ଓ କଂଗ୍ରେସ ପକ୍ଷ ପୁରୁଷ ମେମ୍ବରମାନେ ମୂଳରୁ କଣ ଖଜୁରି ଗଛର ପାହାଚ ଦେଖାଉ ଅଛନ୍ତି ? ପୁଣି ପାହାଚର ନମୁନା ଥିବା ଉର୍ଦ୍ଧ୍ୱ ? ନା ଯାହାଙ୍କୁ ଦୋନତ ଭରି ଜବରଦସ୍ତି ମାତୃତ୍ୱର ଦାୟିତ୍ୱ ଦେବା ଦ୍ୱାରା ମାରି ପକାଉଛନ୍ତି, ସେଇମାନଙ୍କର ଉନ୍ନତିର ଦ୍ୱାର ରୁଦ୍ଧ କରିବା ଦ୍ୱାରା ? ବଡ଼ advanced ideasର ନିଦର୍ଶନ ଏକା !

ଅପା ! ଏସବୁ ଦେଖି ମୋର ପୁରୁଷ ଜାତିର ମନୋବୃତ୍ତି ପ୍ରତି ପ୍ରଚଣ୍ଡ ଘୃଣା ହୋଇଛି । ଏ ଘୃଣା ସୋସିଆଲିଷ୍ଟ ଡେମୋକ୍ରାଟ କମ୍ୟୁନିଷ୍ଟ, ସନାତନୀଷ୍ଟ ରଙ୍ଗନିଷ୍ଟ, ହିନ୍ଦୁ, ମୁସଲମାନ, ସମସ୍ତଙ୍କୁ ମିଶାଇ—କାହାକୁ ଛାଡ଼ି ନୁହେଁ ! କାରଣ ଏମାନେ ସଭିଏଁ ପରା ଉତ୍କଳ ମାତାଙ୍କୁ ଦେବୀ ଭାବରେ ବୈତରଣୀ ପାର କରିବା ପାଇଁ ମଙ୍ଗୁଥିଲେ ?

ତୋ'ର ସ୍ନେହର

—ଚିନ୍ତି—

## କୁତୁକୁତୁ

ସତେନ୍ଦ୍ର ବ୍ରାଞ୍ଚ ଉଠି ନପାରି ଘରୁ ପଳାଇଗଲା । ବର୍ଷା ହୋଇ ଥିବାରୁ ବାଟ କାଦୁଅ ହୋଇଥାଏ । ସେ ଯାଇ ରେଲଗାଡ଼ିରେ ବସିଲେ । ଗାଡ଼ି ଗଲିଲା ! ସେ ଗାଡ଼ିରେ ଜଣେ ବଙ୍ଗାଳି ବାବୁ ଥିଲେ । ସତେର କାଦୁଅ ଜୋତା ଦେଖି ରାଗରେ ଜୋତା ଯୋଡ଼ାକ ବାହାରକୁ ଫିଙ୍ଗି ଦେଲେ । ସତ କିଛି କହିଲା ନାହିଁ —ଚୁପ ହୋଇ ରହିଥାଏ । କେତେବେଳେ ବାବୁ କୋଟ ଖୋଲି ଶୋଇଲେ । ତହୁଁ ସତେନ୍ଦ୍ର ସେ କୋଟଟି ବାହାରକୁ ଫୋପାଡ଼ି ଦେଲା । ବାବୁ ଉଠି ପଚାରିଲେ ମୋ କୋଟ କାହିଁ ! ସତ୍ୟ କହିଲା "ଓଃ, ଆପଣଙ୍କ କୋଟ ମୋ ଜୋତା ଖୋଜିବାକୁ ଯାଇଚି ସର" । ବାବୁ ଚୁପ୍ ।

\+ + +

## ତରଙ୍ଗ

ଗାନ୍ଧି ସେବାସଙ୍ଗର ଅଧିବେଶନ ଉପଲକ୍ଷରେ ନେତା ଉପନେତାମାନେ ଚର୍ଖାକୁ ସ୍ୱୀକାର କରି ଡେଲିଗେଟରେ ସମବେଶ କରିଥିବାରୁ ତରଙ୍ଗ ଅଜି କୃତଜ୍ଞତା ଜଣାଇ ସେମାନଙ୍କୁ ନିମ୍ନଲିଖିତ ଉପାଧି ଦାନ କରୁଛି । ଏଣିକି ସେମାନେ ଓଡ଼ିଶା ଏହି ନାମରେ ଡକା ହେବେ ।

ମହାତ୍ମାଗାନ୍ଧି - ବକ୍ସି— ବନ୍ଧୁ
ଜହରଲାଲ—ହିଏଠ୍ ଘି
ସୁଭାଷଚନ୍ଦ୍ର—ନଟୋଣ୍ଡ ବନ୍ଧା
ରାଜେନ୍ଦ୍ରପ୍ରସାଦ—ଭାଇଁ ଫୋଡ଼ଣାଲି
ବଲ୍ଲଭଭାଇ - ଜଙ୍ଗବାହାଦୁର
ଜା:ଉ:ବରଲା—ମନିବ୍ୟାଗ୍
ଡେଜାଇ ଧୋତ ଚଦର
କାଲମ୍ ଅଜାଦ୍ - କ୍ଲିନା ପ୍ରୁଫ୍
ଗଫରଖାଁ—ଫ୍ରେଣ୍ଡ୍ ଅଭ ମେଲ୍
ମହଭାବ୍ --ଥୋଡ଼ି ତୋଡ଼ି ।
ଶରତଚନ୍ଦ୍ର—ଫିଙ୍କଲଲ୍ ସ୍ତେମ୍ବ୍ ।
ବିଶ୍ୱନାଥଦାସ—ମଡ଼ାର୍ଣ୍ଣ ଗେଙ୍କି ।
ଭୁବନ୍ଦେର ଦେଶାଇ ଗିର୍ ଗିଡ଼ିଗିଡ଼ା ।
ଭାନଗୋଇ— ଭେଜାଲ୍ ସେଟ୍
ଦୁବେ - ଗୋବେରୁର
ନୀଳକଣ୍ଠ— ଫାଦାରସ୍ରୀସମାନ୍
ବା ହେଲ୍ପିଲେସ୍
ମଙ୍ଗରାଜ—ବ୍ଲାକ୍‌ଫାୟାର
ସରଳାଦେବୀ – Joan De Arc.
ଗୋପବନ୍ଧୁ—Bee hive
ନବଗ୍ରୈଧୁରୀ—ଦଳମର୍ଦ୍ଦନ
ଭାଗୀରଥି—ଶିଙ୍ଗ୍ରୁପ

## କୁତୁକୁତୁ

ମାଷ୍ଟର— ଆରେ ତୁ କେଉଁଠି ଥିଲୁ ?
ଛାତ୍ର— ଅଜ୍ଞା ସୁବଳ ସଙ୍ଗରେ
ମାଷ୍ଟର— ହଉ, ସୁବଳ କେଉଁଠି ଥିଲା ସେ ?
ଛାତ୍ର— ଅଜ୍ଞା ମୋ ସାଙ୍ଗରେ
ମାଷ୍ଟର— ( ବିରକ୍ତ ହୋଇ ) ଧେତ୍ — ତୁମେ
ଦୁହେଁ ଯାଇ ଥିଲ କେଉଁଠି ମ ?
ଛାତ୍ର—(ହସି ହସି ଭାବି) ଅଜ୍ଞା ଏକାସାଙ୍ଗରେ ।

Digitized by srujanika@gmail.com



# ବହିପତ୍ର

## ବନବୀଣା—ଆଶ୍ୱିନ ୧୩୪୫

ଏହି କାଗଜ ଖଣ୍ଡି କେନ୍ଦୁଝରରୁ ବାହାରୁଛି ମହାରାଜାଙ୍କ ପୃଷ୍ଠପୋଷକତାରେ । ପିଠିର ଛଳଠା ଉଗଠା ରାଜକାର୍ଯ୍ୟ ଦାନରେ ପୋଷିତ ହେଲା ପରି ଲାଗୁନାହିଁ କିନ୍ତୁ । ତାହା ହୋଇ-ଥିଲେ ବନବୀଣାର ଝୀଣ ମଧୁର ଅର୍ଦ୍ଧ୍ୟ'ଜ ବଙ୍କୃ, ଗମ୍ଭୀର ଧ୍ୱନିରେ ପରିଣତ ହୋଇ ସାରନ୍ତାନି ଏତେଦିନେ, ଯେପରି ଭକ୍ତି ପ୍ରଖରର ଚଳମଳିଆ ରଣ୍ଡି ଗୁରଅଡ଼ ଝଙ୍କଣାଇ ଦେଉଛି । ତଥାପି ଉଦ୍ୟୋକ୍ତାମାନଙ୍କ ଦୃଢ଼ସାହସ ଓ ଚେଷ୍ଟାକୁ ଧନ୍ୟବାଦ ।

ବ୍ୟଅର-ଦାନ ଗହମଣଚନ୍ଦ୍ର ପାଣିଗ୍ରାହୀଙ୍କର ସୁନ୍ଦର ଚନ୍ଦୁ ।

ଶରଥ'ଝର—(ପଦ୍ୟ) ଶ୍ରୀଯୁକ୍ତ ସୁଦର୍ଶନ ମିଶ୍ର । ପଦ୍ୟଟି ସ୍ୱାଭାବିକତାରେ ଢଳଢଳ । ଏହାର ମଧୁର, ସୁନ୍ଦର ଭାଷା ଓ ସହଜ ଲୀଳାୟିତ ଗତି, ତିର ଝର ପରି ତରତର ହୋଇ ଭସି ଯାଉଛି । ଏଭଳି ମନମୋହନଆ କବିତା ଯେ ପଢ଼ିବ, କବିଙ୍କ ପରି ଶରଧାରେ ତା ପ୍ରାଣ ଭରି ଉଠିବ ।

ଭ୍ରମଣ କାହାଣୀ ଗୁଡ଼ିଏ ଦେଇ ସମ୍ପାଦକ ମହାଶୟ ଚଢ଼କାଉର ଅଜ୍ଞାତ ପ୍ରାକୃତିକ ଶୋଭା ସମ୍ପଦ ପ୍ରତି ସାଧାରଣର ଦୃଷ୍ଟି ଆକର୍ଷଣ କରାଇ ଅଛନ୍ତି । ପ୍ରଶଂସାର କଥା ।

ବାରୁ—ଭିକାରି—ଶ୍ରୀମତୀ ତାରଣ କୁମାରୀ ମହାରଣା । ପଦ୍ୟଟି ମନ୍ଦ ହୋଇନାହିଁ—ବିଶେଷତ ନୂଆ ପକ୍ଷରେ ।

ଇଲିବ ଯାହା କରନ୍ତି ମଙ୍ଗଳପାଇଁ—ଲେଖାଟି ଶିଶୁଙ୍କ ପାଇଁ ଲେଖା କିନ୍ତୁ ଭାଷାଟି ଶିଶୁଙ୍କ ଉପଯୋଗୀ ହୋଇପାରି ନାହିଁ । ଲେଖକ ମହାଶୟ ଏ ଦିଗକୁ ଦୃଷ୍ଟିଦେଇ ଲେଖିଲେ ଭଲ ହେବ ।

ଏ ସଂଖ୍ୟାରେ ବହୁତ ଗୁଡ଼ିଏ କବିତା ସ୍ଥାନ ପାଇଛି । ଏହା ଦ୍ୱାରା ଅନେକେ ବନବୀଣାରେ ହାତ ସାଧି ନେବାର ସୁଯୋଗ ପାଇଥିବା ପରି ଜଣାଯାଏ । ହୁଏତ କେହି କେହି ହିତ ହୋଇ ବାହାରି ପାରନ୍ତି ।

## ଗୁଣ ଦର୍ପଣ—୧୯୩୮ ପୌଷ ।

ଏହା ଉତ୍କଳର ଆଉ ଗୋଟିଏ ନରପତି ପୃଷ୍ଠ ପୋଷିତ ମାସିକ ସାହିତ୍ୟ ପତ୍ର । ଅବଶ୍ୟ ରେ କିନ୍ତୁ ରାଜାନୁଗ୍ରହର ସ୍ୱଚ୍ଛନ୍ଦ୍ୟ ଦେଖା-ଯାଉ ନାହିଁ । ତଥାପି ଏ ଯୁଗରେ ମଧ୍ୟ ଉତ୍କଳ-ରେ ଯେ କାବ୍ୟାମୋଦୀ, ସାହିତ୍ୟ ରସିକ ରାଜାମାନଙ୍କ ସଂଖ୍ୟା ଭଣା ପଡ଼ନାହିଁ, ଏହା ସୌଭାଗ୍ୟର କଥା ।

ନବବର୍ଷ—ଶ୍ରୀ ବୈକୁଣ୍ଠ ନାଥ ଦାସ । କବି-ତାଟି ସୁନ୍ଦର ହୋଇଛି । ଯେପରି ଭାବମୟୀ ଭାଷା ମଧ୍ୟ ତଦୁପଯୋଗୀ । ଦୁଇଟି ଉପନ୍ୟାସ କ୍ରମଶଃ ଚାଲିଛି ଓ ଶେଷରେ ଭଲମନ୍ଦ କେତେ ଗୁଡ଼ିଏ କବିତା ମନଶୋଭିତ ।

## ଜନ୍ମଭୂମି

ଜନ୍ମଭୂମି ନାମକ ପୁସ୍ତକ ଖଣ୍ଡିଏ ଲେଖକ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଠାରୁ ଉପହାର ପାଇ କୃତଜ୍ଞତା ସ୍ୱୀକାର କରୁଅଛୁଁ । ଏହା ଜଗତସିଂହ ବଣ୍ଡାଲା ପ୍ରେସରେ ମୁଦ୍ରିତ ଓ ମୂଲ୍ୟ ଗୁରୁଅଣା ମାତ୍ର । କଭର ପୃଷ୍ଠାରେ ଛନ୍ଦମୟୀ ଉତ୍କଳ ଜନନୀଙ୍କ ଚିତ୍ରଟି ଭାବବ୍ୟଞ୍ଜକ ହୋଇ-ଅଛି । ଏ ପୁସ୍ତିକାର ବିକ୍ରିଲବ୍ଧ ଅର୍ଥ ଦେଶମିଶ୍ରଣ ପାଣ୍ଠିକୁ ଯିବ ।

ଜନ୍ମଭୂମିର ଲେଖକ ପଦ୍ୟାକାରରେ ଉତ୍କଳର ପ୍ରାଚୀନ ଗୌରବର ବର୍ଣ୍ଣନା କରିଛନ୍ତି ଓ ଏବକାର ଦେଶମିଶ୍ରଣ ଆନ୍ଦୋଳନର ସଂକ୍ଷିପ୍ତ ଇତିହାସ ଦେଇଛନ୍ତି । ଭାଷା ପ୍ରାଞ୍ଜଳ ଓ ତେଜସ୍ୱୀ । ପ୍ରତ୍ୟେକ ଉତ୍କଳୀ ଏଥିରୁ ଖଣ୍ଡିଏ ୨ କିଣି ଦେଶର ମଙ୍ଗଳ କରନ୍ତୁ ଓ ପଢ଼ି ନିଜେ ସ୍ୱଦେଶ ପ୍ରେମରେ ମାତି ଉଠନ୍ତୁ । ଏତିକି ଦେଶ ବାସିଙ୍କ ଅନୁରୋଧ ।

ସ୍ୱତାପରୁଦ୍ର ଚୈତନ୍ୟ ଧର୍ମରେ ଦୀକ୍ଷିତ ହେବା ଦ୍ୱାରା ଉତ୍କଳର ପତନ ହେବା କଥା ଇତିହାସ ସିଦ୍ଧ ନୁହେଁ ବୋଲି ଆମର ବିଶ୍ୱାସ ।

## କାହିଁକି

ସରଳା ଦେବୀ ଗାନ୍ଧୀ ଟୋପି ନିକ୍ଷେପ ଅଭିନ ପରିହାର କଲେ କାହିଁକି ?
·············ସରଳଙ୍କ ଦାଢ଼ି ସହି ନପାରି ।

ମନ୍ତ୍ରୀଙ୍କ ଆଜିନ ଟଳମଳ କାହିଁକି ?
···ଦାନ୍ତ ପଡ଼ିଯିବାରୁ ମନ୍ତ୍ର ଆଉ ଛାଟୁ କରୁ ନାହିଁ ?

ଗୋଦାବରୀଶ ବାବୁ ମଉନ ହେଲେ କାହିଁକି ? ·····କଂଗ୍ରେସର ୧୪୪ !

ନୀଳକଣ୍ଠ କର ଦାଢ଼ୀ ହେଲେ କାହିଁକି ?
···ଗାମ୍ଭା ହଳ ଯିବାରୁ ।

ବୀର ବେହେରା ଝେପିଲେ କାହିଁକି ?
···ପ୍ରଧାନ ମନ୍ତ୍ରୀଙ୍କ ମଧୁର ସମ୍ଭାଷଣରୁ ।

ନବ ବାବୁ କାଙ୍ଗିଆ ଗଲେଇଲେ କାହିଁକି?
···ଦୁଇ ଗୋଡ଼ର ସାମ୍ୟବାଦ ଯୋଗୁଁ ।

ବଡ଼ାଜା ନନ୍ଦବାବୁ ସ୍ୱାମୀ ହେଲେ କାହିଁକି ?
···ଭୁବନାନନ୍ଦଙ୍କ ବିବାହ ଅଭିନ ଯୋଗୁଁ ।

ଓଡ଼ିଶା ସରକାର ମେଣ୍ଢା ପୁଷ କରୁଛନ୍ତି କାହିଁକି··· ଓଡ଼ିଆ ମେଣ୍ଢା ଯେ ।

ହେନ ସାହେବ ଲାଟ ହେଲେ କାହିଁକି ?
···ବେଲ ପଡ଼ିଲେ ସର୍ଦ୍ଦାର ଉପରେ ଯେ ଘୋଡ଼ା ଚଢ଼େ ତାହା ଦେଖାଇବା ପାଇଁ ।

ହିଟଲର ଅଷ୍ଟ୍ରିଆ ଦଖଲ କରିବାରେ ମୁସୋଲିନ ଆପତ୍ତି ନକଲେ କାହିଁକି ?···
·········ଇଥିଓପିଆ ବଦଳ ।

ଓଡ଼ିଆଙ୍କୁ ଗାନ୍ଧିଜୀ ଏତେ ପ୍ରେମ କରନ୍ତି କାହିଁକି ? ···ଗାନ୍ଧିଜୀ ଗୀତା ଭକ୍ତ ଓ ଓଡ଼ିଆ ଭେଳ ।

ପାରଳା ହଠାତ୍ ଗାନ୍ଧୀ ଭକ୍ତ ହେଲେ କାହିଁକି ?
···ଅଙ୍ଗୁର ଫଳ ଖଟା ବୋଲି ବୁଝିପାରି ।

× + ×

Digitized by srujanika@gmail.com





# ସତ କାହାଣୀ

## ଲୁଚା କଥା

ଶ୍ରୀ ଯୁଗଳ ଚରଣ ଦାସ

ବାରବନିତା ଯହିଁ ଦୁଃଖତାପ ଭରା
 ଭଙ୍ଗା ଟିଣର ଘରେ,
ଚଢ଼ା ହୁଏ ନିଜ ଦେହ ଅଉ ମନ
 ଶ୍ରେଷ୍ଠ, ଜମିଦାର ଦରେ ।
ଅଶ୍ଳୀଳ ଅଉ ବୀଭତ୍ସ ହସେ
 ଗୀତ ଗଲା ଗୀତ ଥରେ,
ଅଜାଣତର ଶତ୍ରୁ-ପୂଜ ସମ ଯହିଁ
 ଶିଶୁର ଶବ୍ଦ ଫଟରେ ।
ଯହିଁ ଚୋରମ୍ୟାନ୍, ରିକ୍ସାଚାଳକ
 ଉଅନ୍ତି ନାଚ ଭଳି,
ମିଲ୍ ମଜଦୁର, ଡକ୍ ର ଶ୍ରମିକ
 ଯହିଁ ଅଛେ ନାଚ ଚଳି ।
ଶୋକ ତାପ ଭରା କ୍ଲାନ୍ତ ଜୀବନେ
 ଉଭରେ ପ୍ରୀତି ରସ,
ପେଟ ଲୁଣ୍ଠିତ ପରସରେ ଫୁଟେ
 ଜୀବନର ତାମରସ ।
ତହିଁ ଦେଖେ ମୁହିଁ ପୀଡ଼ିତ ଅଦ୍ଭୁତ
 ଗଣ ମାନବର ରୂପ,
ନଗ୍ନ ବୁଭୁକ୍ଷ ଇତିହାସ ଗାଏ
 ତହିଁ ସେ ଅବନୂତ !!
ଝିଅ ଓ ମଇଳା ଅନ୍ଧାର ଘରେ
 ଚାମ୍ପକ ଦଳ ଜମେ,
ଦିନ ମଜୁରିଆ ଅନେ ଦଳେ ଦଳେ
 ପେଟ ପୁଅଇବା ନାମେ ।
ଧନର ଦାନବତା, ଶୋଷଣ, ଭକ୍ଷଣ
 ଯିବା ପାଇଁ ଅଟେ ଭୁଲି,
ଯାସେ ଦଳେ ଦଳେ ଖଲାସୀ, ବୋଝିଆ
 ମୁଣି କାରଖାନା କୁଲି ।
ପିଠେ ମଦାଗଟି·· ଶସ୍ତା ଧୂଆଁରେ
 ଭର ଗୀତ ପଢ଼େ ଭଳା,
ଶତ ବାକଥାଳ ଗୁମ୍ଫ ମୁଖରେ
 ଅଶ୍ଳୀଳ କଳା ଚଳା !
ଶତ ଗୁଣ୍ଡୀ ଅଜ ଫେରିର ଅସାମୀ
 ପକେଟ୍ ମାରୁର ଦଳ,
ଯହିଁ ନିତ ଅସି ରଣିତାର ଲାଗି
 ଲଭନ୍ତି ବାଦ, ଛଳ ।
ଯନ୍ତ୍ରୀର ପୋଷ ଯହିଁ ଖେଳା ବୁଲେ
 ଢାଙ୍ଗା ଚଳିଙ୍କାର ଅଣେ,
ଉପଦଂଶର ଜୀବାଣୁ ଯେଉଁଠି
 ନିଶ୍ୱାସେ ଚେଙ୍ଗଲ ଭ୍ରସେ ।
ସେହି ନରକରେ ଦେଖେ ମୁହିଁ ଅଜ
 ମାନବଙ୍କଧାର ଛବି,
ସ୍ତବ ତା’ର ଗାଏ ଉଗ୍ର ପୁଲକେ
 ମୋର ଅନ୍ତର କବି !
ସେଠେଠି ଦେଖେ ମୁଁ ମଣିଷର ରୂପ
 ଲଭଇ ପୂର୍ଣ୍ଣ ତାର,
ପଦଧୂଳି ତାର ତୀର୍ଥର ରେଣୁ
 ସମ ତୋଳେ ବାରବାର ।
ସମାଜ ଯାହାକୁ ଘୃଣାରେ ତଡ଼ଇ
 କୁଷ୍ଠ ରୋଗୀର ସମ,
ପଣ୍ଡିତ ଅଜ ନୀତଶତ୍ ଯାକୁ
 ଘୃଣା କରେ; ସେହି ମମ—
ଜୀବନ୍ତ ଅଜ ବଡ଼ ଭଗବାନ
 ପ୍ରଣମେ ତା ପଦତଳେ,
ବୁଭୁକ୍ଷୁ ସେହି ମାନବଙ୍କତାର
 ଅଜ ବନ୍ଦନା କରେ !!
ତୃହେଁ ନାହିଁ ଭଲ ହେବା ପାଇଁ ମୁହିଁ
 ନୀତିବାନ, ଶୁଚି ପୂତ,
ଫରମାସି ମାଜା ଧାର୍ମିକ ହେବା
 ଚୃହେଁ ନାହିଁ ବାବେ ମୁଁ ତ !
ଦାଢ଼ି, ନାଶ ଅଜ ପଣ୍ଡିତ ଜନେ
 ଦୃଷ୍ଟ ମୁଁ କହାର କରେ,
ଟଙ୍କା ପଥର ବନ୍ଧୀ ହେତାଠୁ
 ମୁକ୍ତ ପାପରେ ଟରେ ।
ତେଣୁ ଅଜ ଭଲ ପିବା ପାଇଁ ଚୃହେଁ
 ଯହିଁ ଶକ୍ତିହୀନ,
ସେ ପରଓ୍ୱା ଅଜ ନର୍ତ୍ତକୀ ଭୂଲେ
 ଯାପେ ତା’ ରାତି, ଦିନ !
ଚେଁ ୟ ପ୍ରାଣ ୨ ଉସ୍ରବେ ଯହିଁ
 ତଳେ ନାହିଁ ବାଧା ନସ୍ତ,
ସେହି ବସ୍ତିର ପଙ୍କିଳ ବୃକ୍ଷେ
 ରଚେ ମୁହିଁ ଦେବାଳୟ !

Digitized by srujanika@gmail.com

ରାବଣ – କନକ ଲଙ୍କାର ଅଧୀଶ୍ୱର ।
ମେଘନାଦ— ଜ୍ୟେଷ୍ଠପୁତ୍ର crown prince
ଅତିକାୟ— ,, (ଜାରଜ)
ଅକ୍ଷୟ କୁମାର— ,, (ପାଳିତ)
ରାମଚନ୍ଦ୍ର—ମହାଚାରୀ କ୍ଷତ୍ରିୟ ରାଜପୁତ୍ର ।
ବିଭୀଷଣ—ରାମ ଭକ୍ତ ।



ଜାମ୍ବବାନ—ବୃଦ୍ଧ ଭଲ୍ଲୁକ ପତି ।
ହନୁମାନ—ଲଙ୍କାପୋଡ଼ା କପି ।
ଇନ୍ଦ୍ର—ଐରାବତ (ଗଜ) ପତି ।
ବରୁଣ,କୁବେର, ଜେତାରାମ, ବେଙ୍କଟରାମ, ମୃଗଣ୍ଡ,
ଅଙ୍ଗଦ ସୁଷେଣ, ସୁଧାକର, ଚୈତନଦାସ,
ବର୍ଣ୍ଣାମିଶ ପ୍ରଭୃତି ରହସ୍ୟମୟ ଚରିତ୍ରରେ ପୂର୍ଣ୍ଣ

# ନବରାମାୟଣ

## ଶଠିଆ କାଣ୍ଡ

(କପିବର ହନୁମନ୍ତ ବିରଚିତ)

ଏଥି ଅନ୍ତେ ଭୁସ୍ କର ଉଠିଲେ ଈଶ୍ୱର
ଝାଡ଼ି ଝୁଡ଼ି କୁଶାସନ, ଟେଭଣ ଅସ୍ତ୍ରିନ୍ ।
ହୁଇଭାନ୍ ପାନବୋଲ ବଡେ ଦୁଇଧାର,
ଧୀରବ୍ରତ ରାଗମୟ ରାବ !
ଶୋଷର ଲଙ୍କାର,
ଅଟଳ ଶିଖରେ ଚଢ଼ା ଅରୁଣ ପ୍ରକାଶ
ବିମୋହିତ ହେଲେ ସର୍ବେ ସେ ଶୋଭା ଦର୍ଶନେ,
ଅଶୋକ କମଳ ଦଳ ହେଲା ପ୍ରସ୍ଫୁଟିତ,
କାକ, କୁମ୍ଭୀ ଅରଣ୍ୟ ଛାଡ଼ିଲେ ଝଙ୍କାର ।

ଘନମଣି—

ଶୁଣ ଶୁଣ ସଜ୍ଜନ ବୃନ୍ଦ,
ପ୍ରଖର ତେଜକୁ ମୋର କେ ପାଇବ ସନ୍ଧ ।
ରହ ରହ ଯେବେ ଛାଡ଼ିଦେବ ଧୂଅଁବାଣ !
ଅମ୍ଭ ଦଳପତିଙ୍କର କେଶାଗ୍ର ସହାଇନ୍ସ
ଛିଣି ପାରେଁ ତ୍ରିଭୁବନ ଘଣ୍ଟିକ ମାତ୍ରରେ
ଯୌଧିର ସେନା ଦେଖ ଏବେ କରୁଛି ପ୍ରୟାଣ
ଏକାକୀ ମୁଁ ରଣ କ୍ଷେତ୍ରେ ।
କର ଏହୁ ପଣ,
ରାମର ପତନ ଅବା ଲଙ୍କାର ଖତମ୍ ।
ତତ୍ପରେ ସର୍ବେ ଦେଲେ କରତାଳି,
ଲୁଗା, ବେଶ ବାଜଲା କାହାଳି,
କାହାଳି ଭମ୍ଭୁଳ ସେନା ଚଳିଲେ ଅହବେ ।

ଚତଣେ ବସିଥିଲେ ସଙ୍ଗେ ରାମଙ୍କ ଶିବିରେ,
ସୁଗ୍ରୀବ, ବାବାଜୀ ଦୁହେଁ ବସି ମଞ୍ଚରେ
ଦୁଇ କର୍ଣ୍ଣେ ଶୁଣୁଥିଲେ ମନ୍ତ୍ର ଘନଘନ ।

ବାବାଜୀ—

ସମ୍ମୁଖ ସମର ନୁହେ କଦାପି ଉଚିତ,
ଅଲକ୍ଷ୍ୟରେ ଥାଇ ଏବେ ମାର ଶବ୍ଦଭେଦୀ
ଫଳୁଅ କାହାର ହେଉ ରାମ ପକ୍ଷ ସହ
ଘନମଣିଙ୍କୁ କର କ୍ଲଲ୍‌କ୍ଲୁଲ୍ କେନ୍‌ହେଲ୍ ।
ଦେଖାଯିବ କେତେ ବୁଦ୍ଧି ଧରେ ସୁଧୀବର ।
ପାଠ ବହୁ ଲେଖିବାର କଥା ନୁହେ ଏହା,
ଖାଣ୍ଟି ପଲ୍ଲଟକୁ ଏସେ—ଡ଼ସ୍ପୋଜେମସି ଖେଳ ।

ଗୁହୁଁ ଗୁହୁଁ ବୃଷ ସେନା ଘନେଶ ଗହଣେ
ଚଢ଼ିକଳ ଶିବିରକୁ ଅଟିଗଲେ ଧେଇଁ,
ତ୍ରିତଳ ପ୍ରାସାଦ ଛାଡ଼ି ତହୁଁ ସୁଗ୍ରୀବର
କର୍ଣ୍ଣଦଳେ ବଡ଼ ବଡ଼ ହାଣ୍ଡି ଦମାଦମ୍
ଠୋ ଠା ଶବଦରେ କଳେବର ଧ୍ୱସ୍ତ
ପଳାଇଲେ ଛତ୍ରଭଙ୍ଗ ହୋଇ ବୃଷ ସେନା
ଏକାଳେ ଛାଡ଼ିଲେ ରାମ ଶର ଶବ୍ଦଭେଦୀ
ସମ୍ମୋହନ ବାଣ ଏକ ଟାଣ କରି ହାତ,
ତାହା ଫଳେ ସର୍ବ ସେନା ମନ୍ତ୍ରମୁଗ୍ଧ ହୋଇ
'ହାରମ୍ ହାସ୍କନ୍' ବୋଲି ଉଠିଲେ ହୁଙ୍କାର ।
ବୃଷ ଗଣ ଆରମ୍ଭିଲେ ଅହିଂସା ସମର,
ନଷ୍ଟ୍ରିୟ ଯେ ଅବାଧ୍ୟତା, ଅସାଧ, ଅଚାଷ୍ୟ ।
ଲେଖ ଥିବାଥିବ ଅଭ କାଦ ଫିଙ୍ଗାଫିଙ୍ଗି,
ଲାଗିଲା ନବୀନ ଯୁଦ୍ଧ, ଶୁଦ୍ଧ ସତ୍ୟାଗ୍ରହ,
ବଢ଼ା ବଢ଼, ହୁଡ଼ା ହୁଡ଼, ଗଡ଼ା ଗଡ଼ ଅଦ
ଭିଡ଼ା ଭିଡ଼, ଜଡ଼ା ଜଡ଼, ପୁଣି ଛଡ଼ା ଛଡ଼ ।

ଏହିମତେ ଲଢ଼ା ଲଢ଼ି ଲାଗିଗଲା ଯହୁଁ
ସହସା ଉଠିଲା କମ୍ପି ମେଦିନୀ ମଣ୍ଡଳ,
ସ୍ୱର୍ଗ, ମର୍ତ୍ତ୍ୟ, ରସାତଳ ହୋଇ ଏକାକାର ।
ଏକ ଛାଡ଼େ ଅନେ ଲକ୍ଷ ବରୁଣାସ୍ତ୍ର ବାଣ,
ସେ ପୁଣି କଟଇ ବାଣେ କାଟଇ ତା କ୍ଷଣେ;
ତେଣୁ ଅନେ ଅଣୁ ଯୁଦ୍ଧାସ୍ତ୍ର ବାଣ ଝିଣିଝିଣା ।
ଏ ଦୁଇ ହୁରୁଡ଼ା ବାଣ ଚଳେ ଛକି ଛକି,
ମନ୍ତ୍ରସୂତ୍ର ବାଣ ଏକ ମାରନ୍ତେ ଉଲୁକି,
ଅନ ତା ଉତ୍ତାର ଏଣେ ଉଡ଼ାନ୍-ରୁ ଫୁଟି;
ଏଣୁ ଯାଏ ଯେତେ ଦମ୍ଭେ ଦିମ୍ଭୁଇଅ ବାଣ,
ମାଛଅ ସେ ଅଭ ଖେପି କରେ ହଇରାଣ,
ଏହି ମତେ ବାଣେ ବାଣ ଗୁନ୍ଥିଲା ସମର,
ଯୋଦ୍ଧାଗଣ ଭିଡ଼ଣ କମର,
ରଣକ୍ଷେତ୍ରେ ଖେଳେ ନାଚ ଝମର ଝମର,
ଏକାବେ ଛାଡ଼ିଲେ ରାମ ଗୁରୁମାର ଶର,
ତହିଁ ସଙ୍ଗେ ବାବାଜୀଙ୍କ ହେଲୁ ଖଙ୍ଗା ବାଣ,
ଏହି ଦୁଇ ବାଣେ ଖଲା ଲାଗି ଛକ୍‌ଛକ୍,
ପଡ଼ିଗଲେ କେତେ ଗାଈ ହୋଇ ଚତୁରାଟ୍ଟି ।
କମ୍ପିଲା ପ୍ରଳୟ ଝଞ୍ଜା ଧରା ଥରଥର,
ସ୍ଥାବର ଜଙ୍ଗମ ସବୁ ଗଣିଲେ ପ୍ରମାଦ,
ଛାଡ଼ି ହାହା ହାହା ନାଦ,
ଗୀସହିଲା ପ୍ରଦ ।
ତଥି କି ସାଧିଲ ବାଦ ଅଭାଲେ ଅଶୋକେ ।
ଏହା ଦେଖି ତତକ୍ଷଣେ ଦେବର୍ଷି ନାରଦ
ଫୁତ୍କାରି ଅନ୍ତରେ ଘୋଷି ଘୋଷି ବୀଣାଧ୍ୱନି
ଉପନୀତ ହୋଇ ତେଣୁ ବୋଲନ୍ତି ବଚନ

ନାରଦ—

ଶୁଣ ଶୁଣ ଅହେ ଯୋଦ୍ଧୃବୃନ୍ଦ,
ଆପଣାର ମନ ତୁମ୍ଭେ ନ ପାରୁଛ ଜାଣି;
ମରୁଅଛ ହୋଇ ହଣାହଣି;
ସେମାନଙ୍କୁ ଦେବ ଯେ ଟାଣି, ପର ଏଇକ୍ଷଣେ ।
ରହ ରହ କ୍ଷଣ ମଧ୍ୟେ କର ଶିଘ୍ର ବାଧା,
ମେଳ ହୋଇ ଖାଅ ସର୍ବେ ଗୁଣ୍ଡି କରି ଟାଣ ।

କପିଗଣ—

ଆମ୍ଭେ ତେଣୁ ରାମଙ୍କ ହିତରେ,
ହିତେ ମୃତ୍ୟୁ ଏତା ଜାମ୍ବବାନଙ୍କର ।

( ୯ ପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

# ପର୍ଦ୍ଦା ପଛପଟେ—

ଲେଖକ—ଖଟୁଆ

ତେଲଙ୍ଗରେ ଗାନ୍ଧି କମାଣ୍ଡରର ସାତଦନ କାଳ ବହଣି ହେଲା । ସେଥିପାଇଁ ବହୁ ଲୋକ ଓ ଗାଡ଼ି ସମାଗମ ହୋଇଥିଲା । ଅନେକେ ଅନେକ କଥା ପଚାରୁଛନ୍ତି କିନ୍ତୁ ଅଚକାଲି ତ ସାମ୍ୟବାଦଙ୍କ ଦାଉରେ ଗାନ୍ଧି-କମାଣ୍ଡର ଭି ଅସମ୍ମାନ ଅମ କଥା ବା କଏ ଶୁଣୁଚ । ଶ୍ରେଣୀ ଶ୍ରେଣୀ କରିବ ବଡ଼ ବଡ ବୋଲି ନ କହିଲେ କଥା କହିବା ଅସମ୍ଭବ । ସେଥିପାଇଁ ସେହି ଢଙ୍ଗରେ କହିଲେ ସେଠି ୯ ଶ୍ରେଣୀର ଲୋକ ଥିଲେ । ଯଥା:—

ପହିଲା ଦର୍ଜା— ସ୍ୱୟଂ ବୁଢ଼

୨ୟ ,, ବଦେଯାଗତ ଗାନ୍ଧି ଚେଲା

୩ୟ ,, ବଡେରଣି ପୁର୍ବବାଲା

୪ର୍ଥ ,, ଓଡ଼ିଶି କର୍ମକର୍ତ୍ତା ।

୫ମ ,, ଓଡ଼ିଆ କର୍ମୀ ।

୬ଷ୍ଠ ,, ଦେଶି ପୁର୍ବବାଲା ।

୭ମ ,, ଅନାହୂତ ଉଲ୍ଲଳୀ ପଦ୍ୟ ଦର୍ଶକ

୮ମ ,, ଧକାଖିଆ ଓଡ଼ିଆ ମେଣ୍ଢା ମେଣ୍ଢି

୯ମ ,, ଦୁଧବାଲି ଗାନ୍ଧି ମାତା ।

ଏହାଛଡ଼ା ଅନ୍ୟର କେତେ ପ୍ରକାର ଲୋକ ଓ ଜୀବ ଜନ୍ତୁ ଥିଲେ ତାର ହିସାବ କରିଦେବ ନାହିଁ । ଏହି ୯ ଶ୍ରେଣୀ କଥା ଆପଣମାନଙ୍କୁ ଜଣାଇ ଦେବି । ଯାହା ଜାହିଁଛ ଲୁଚାଇବି । ଯାହା ଜାଣିଛି ତାହା ବାହାରେ ଜଣାଇ ଦେଲେ ମୋର ଦୋଷ ଯାଏ ।

ପହିଲା ଦର୍ଜା—ସ୍ୱୟଂ ବୁଢ଼ା ।

ଏ ବୁଢ଼ା ଜାଗାରେ ବସ୍ତୁଗ ବୁଢ଼ୀ ଅଧା-ପ୍ରାଣ ହେଲଣି । ବସ୍ତୁଗ ଟବେ ଜଗନ୍ନାଥ ଦେଖିବାକୁ ଯାଉଥିଲା ବୋଲି ଏ ବୁଢ଼ାର ଏତେ ରୋଷ ଯେ ସେ ଦନଟା ଯାକ କିଛି ଖାଇଲା ନାହିଁ କି ପିଇଲା ନାହିଁ । ଗୋଷା ହୋଇ କାହାରି ସହିତ ପାଟି ବି ଫିଟେଇଲା ନାହିଁ । ଏ କାଣ୍ଡ ଦେଖି "ବାବା"ର ଅକଲ ଗୁଡ଼ୁମ୍ । ସେ ବସ୍ତୁଗ କାହିଁ କାହିଁ ଅସ୍ଥିର । ଏମିତି କ ପୁରୁଷ ଆଉନ୍ତି ନା ! ଛି, ଛି, ଛି, ଘରକଥା କାହା ଆଗେ କହିବ । ଏହି ବୁଢ଼ା କଥାରେ ବି ଟବେ ଗାଡ଼ି ଚଲିଲା ନାହିଁ ।

୨ୟ ଦର୍ଜା—ବଦେଯାଗତ ଗାନ୍ଧି ଚେଲା ।

ଏମାନେ ହେଲେ White elephant ( ଶ୍ୱେତ ହସ୍ତୀ ) କାହାରି କାହାରି ଘରେ ହୁଏ ତ ଖଡ଼ା ବିନ୍ଦୁ ନ ଥିବ କିନ୍ତୁ ଗାନ୍ଧି କମାଣ୍ଡରରେ ଅଛିଛନ୍ତି ଯେତେବେଳେ ଏଠି ସମସ୍ତେ ଜଣେ ଜଣେ ମସ୍ତବଡ଼ ପଣ୍ଡା । ଖାଲି ଏହି ବଦେଶାଗତ କେତେଜଣଙ୍କୁ ଯିବା ଆସିବା ଖରଚ ଦେବାରେ ପ୍ରାୟ ଏକହଜାର ଟଙ୍କା ଖରଚ ହୋଇଚ ବୋଲି କେତେକ ଓଡ଼ିଆ କର୍ମକର୍ତ୍ତାଙ୍କ ମୁହଁରୁ ଶୁଣିଚ । ଏହି ସାତ ଦନ କାଳ ଏମାନଙ୍କ କାମ ଥିଲା ଭୋର ଉଠି ଲଣ୍ଡ ସମସ୍ତ ମାଳା ଗଡ଼ାଇ ଠିକ ଘଣ୍ଟା ବାଜିଲା ବେଳକୁ ଘଣ୍ଟ ବାଟି ଧରି ଭୋଜନାଳୟରେ ହାଜର ହେବା । କେଉଁ ଦନ ଏଣ୍ଡୁରି ଦ ଚକଟି-ଷଦ ଖୁର୍ଦ୍ଦ ଚଲୁନ ବା କେଉଁ ଦନ ଜାକସ ଦହି । ଏମାନେ ସମସ୍ତେ ଜନ୍ମୁ ଅସ୍ୱାଦୁ ବ୍ରତଧାରୀ ।

ଯାହାହେଉ ଯାହା ଖାଇଲେ ସେ ତ ପୁଣି ହଜମ ହେବ । ବାହାରିଲେ ସେଠୁ ସମସ୍ତେ ଖଣ୍ଡେ ଖଣ୍ଡେ ଗାଣ୍ଡୁଆ ଓ କୋଡ଼ ଧରି ମାଟି ତାଡ଼ି ପୋଖରୀ କାଟି ଶ୍ରମର ଆଦର୍ଶ ଦେଖା-ଇବା ପାଇଁ, ଅବଶ୍ୟ ଏଥିରୁ ପଟେଲ ଓ ରାଜେନ୍ଦ୍ର ପ୍ରସାଦ ପରି କେତେକ ବଡ଼ ଲୋକ ବାଦ ଥିଲେ । ଜାଣ କହିଛନ୍ତି କଅଣ ତାହା ଯେବେ କେହି ଆଜ ଯାଇ ଦେଖେ ତେବେ ମୁହଁରେ ଲୁଗା ଦେବ । ଦଳେ ମଣ୍ଡଳିଆ ମାଟି ଶୁଖାଇ ଏମାନେ ପ'ଡ଼ଟା, ସେଇ ମିଛକୁହିଁ—

## ଅଜାଙ୍କ ଗାନ୍ଧିଦୀକ୍ଷା ।



ଅଜା ଯାଇଥିଲେ ଟେକଯ ଲୁଙ୍ଗି ଧୂଆ ଉପରକୁ ପିନ୍ଧିଲେ କଉପି ମହାତ୍ମା ସାଜିଣ ଅଜା ସନ୍ଧ୍ୟାଁ ଅସି

କରି ଗାନ୍ଧି ଦରଶନ, ମୁଣ୍ଡ କରିଦେଲେ ଲଣ୍ଡା, ଘରଠି ପହଞ୍ଚି ଗଲେ,

ଗାନ୍ଧିଙ୍କୁ ଦେଖିଣ ମହାତ୍ମା ହେବାକୁ ତେବେ ନୋହିବାରୁ ମୁଗୁର ବାଡ଼େଇ 'ପୋଡ଼ା ମୁହାଁ ଏଟା କଏ' ବୋଲି ଅଇ

ଜନ୍ମିଗଲା ତାଙ୍କ ମନ । ଛମୁ ବାଙ୍କ ଢଳେ ଗୁଣ୍ଡା । ତର୍ଷିର ଚଲାଇ ଦେଲେ ।

Digitized by srujanika@gmail.com

ପର୍ଦ୍ଦା ପଛପଟେ ( କ୍ରମଶଃ)

ଠିକ ଗଣିତ ଘଣ୍ଟା ମାଷ୍ଟ ଗାଣ୍ଡୁ ଅରେ ଯଉ ଜଣେ ଅନ୍ୟ ଜଣକ ହାତକୁ ଫୋପାଡୁଥାଏ । ବଙ୍ଗ-ଲବାବୁଙ୍କ କୁଷ୍ଟାନ ଭି ଅଣ୍ଟୁ ଉପରକୁ ଉଠି ନଥିଲା । କାହାର ଫତୁଆରେ ମାଷ୍ଟ ଲାଗୁଥିଲେ ତାହା ଫୁଙ୍କ୍ ଝାଡ଼ି ଦେଉଥିଲେ । ଅବଶ୍ୟ ଅନେକ ଗଉର କର୍ମ - କୋଟି ଉତ୍କଳଙ୍କୁ ଏହା ଯେ ଅନୁପ୍ରାଣିତ ନ କରୁଚ ତାହା ନୁହେଁ । ସୁଦୂର ବାଲେଶ୍ୱର ପ୍ରଭୃତି ଅଞ୍ଚଳ ଦର୍ଶନ ଅସଂଖ୍ୟ କେତେକ, ତାଙ୍କୁ ଯୁବକ କହ ବା ପ୍ରୌଢ଼ କହ ସେମାନଙ୍କ ସହିତ ଆଖା ମିଳାଇଥିଲେ । ଏମାନେ କେବେ ଏବେ ମିଛ ସତ କହ ଲୁଣି ଚପି ପଇସା ନେଇ ଅର୍ଜନ କରୁଥିବା ପାପ କ୍ଷୟ କର କିଛି ପୁଣ୍ୟ ଅର୍ଜନ କରିବା ପାଇଁ କୋଡ଼ି ଧରୁ-ଥିଲେ କି ନେତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କୋଡ଼ ଧରିଥିଲେ ତାହା ଠିକ ବୁଝି ହେଲା ନାହିଁ କାରଣ ଦିନ କରେ ଏମାନେ ଥକିଯାଇ କୋଡ଼ ଛାଡ଼ ପଳାଇଲେ । ଛାଡ଼. ଏମାନଙ୍କ କଥା, ଜନ୍ମଗତବାଳ ଖାତଦନ କାଳ ବହୁ ପରିଶ୍ରମ କର ପୋଷଣୀବ ଗୋଟେ ପାଖରୁ କିଛି ଘାସ ବୃଢ଼ଛନ୍ତି । ସେଠୁ ଆସି ଘଣ୍ଟା ବାଜିବାକୁ ଘଡ଼ିବାଡ଼ି ଧର ଗୃହକ ପରି ବୃହିଁ ବସିଥାନ୍ତି । ଖାଇ ପିଇ ସାମାନ୍ୟ ଷାଠିଏଟା ନିଶ୍ୱାସ ତାହାଣ ପଟରେ ମାଇ ସୂତା କାଟି ବସନ୍ତି । ସତ ନ ପାଷ୍ଟ. ଥରେ ହୋଇଥାଏ ପୁଣି ବର୍ତ୍ତମାନ ଅଭିପରେ ଗଂ ପିଡ଼ାଲି ଉପରେ ମାଡ଼ ଘଲେ । ଅମର ପିନା ପିଅନେ ଯଧ ପିଅଲରେ ଲୁଷ୍ଟା ମେଣ୍ଟେ କିନ୍ତୁ ଏମାନେ ସମସ୍ତେ ଫଯମି ପୁରୁଷ ଏମାନଙ୍କ ୭ । ୮ ପିଅଲି ନ ହେଲେ ନ ଚଳେ । ତାପର ୩ଟାରୁ ୫ଟା ପର୍ଯ୍ୟନ୍ତ ତାଙ୍କର ବୈଠକ ବସୁଥିଲା । ମାଟ ଦିଘଣ୍ଟା ଏହା ହେଲା ତାଙ୍କ ଦିନ ଯାକେ ଯେତେ କାମ କରୁଛନ୍ତି ସବୁଠାରୁ ପ୍ରଧାନ କାମ । ଏଇଥି ପାଇଁ ଏତେ ଟୋଲ ପିଟା ଓ ଏତେ ମାଲ ମପଲା ଯୋଗାଡ଼ । ୪ଟାରୁ ୫ଟା ମଦନ୍ତ ଚାପୁଙ୍ଗୀ ବଳେ କରନ୍ତି ।

ଏଠିକ ସାଧାରଣଙ୍କ no admission Without permission. ଯେ ପେରେ ଖୋଦ ଚୌଧୁରୀଙ୍କ । ଯେ ବ କାହିଁ ସନ୍ଧାନରେ ମିଳୁଛି ? ଯେଉଁଠି ଅଇନର ଏତେ ମାତ, ସାଧାରଣଙ୍କୁ ନାହିଁ ଛାଡ଼, ସେଠି ନିୟମ ତୋଡ଼ ଏବଂ ଜାଲ ଜୁଆରେ ସେ ଗୁଲବ ସେଥିରେ ଆଶ୍ଚର୍ଯ୍ୟ କଅଣ । ଅନେକ ସେଠି ପଶି ଲୁଚାଇ ପାକୁଆ ଖାଇଚୁ ଦ ଏଦ କଥା, ଶୁଣୁ ନ ଶୁଣୁ, ଶୁଣିଲେ ମଧ ବୁଝୁ ନ ବୁଝୁ ଅନ୍ତତଃ ଦେଖିବା ପାଇଁ ବ୍ୟାକୁଳ ହୋଇ ଯାଉ ବଗନ୍ଧିତ ପନ୍ଥାର ଆଶ୍ରୟ ନେବାକୁ କୁଣ୍ଠା ବୋଧ କର ନାହାନ୍ତି । ଖୋଦ ମାଲିକଙ୍କୁ ଦେଖିବା ପାଇଁ ଏତେ ବ୍ୟାକୁଳତା ଯେବେ ସେ ନିଜେ ଜାଣି ପାରନ୍ତେ ତେବେ ସେ ଅତ୍ୟ ପ୍ରସାଦ ଲାଭ କରନ୍ତେ କି ସେ ଯେମିତ ଜଦ୍‌ଖୋର ଲୋକ ଉପବାସ କର ଆତ୍ମହତ୍ୟା କରନ୍ତେ ତା ଜାଣିବା କଷ୍ଟ ତନୁ ଚେଲାଙ୍କ ନଜରେ ବନ୍ଧା । ସେ କେତେକଙ୍କ ପୂର୍ଜା ଛଡ଼ାଇ ନେଇଚନ୍ତି । ତଥାପି କେତେକ ସୁବ-ଧାର ଅପବ୍ୟବହାର କରଚନ୍ତି ।

ତାପର ଘଣ୍ଟା ବାଜେ ସମସ୍ତେ ଘଣ୍ଟ ବାଟି ଧରି କୁଆଡ଼ ଯାଆନ୍ତି ସେହିମାନେ ଜାଣନ୍ତି ମୁଁ ବାବା ତାଙ୍କ ପଛରେ ଏତେ ଗୋଡ଼େଇ ପାରିଲି ନାହିଁ । ସନ୍ଧ୍ୟା ବେଳକୁ ପୁଣି ମାଳା ଗଡ଼ା । କ୍ଷେତ୍ର ଅନ୍ନ ଉଠିବା ଆଗରୁ କାମ ସାରିଥାନ୍ତି ବୋଲି ଦେଖିବା ସୁବିଧା ହୁଏନାହିଁ । ଯାହା ସେବା ପୂଜା କଲେ ଭଲ ଅଳ୍ପରେ କରନ୍ତେ, ନା ତା ହେବନାହିଁ । ଅଳ୍ପ ଜାଳି ସେଠି ଝୁଲେଇବେ ପୁଣି ଗାଣ୍ଡୁଆ ଗୋଡ଼େଇ ତାକୁ ଅନ୍ଧାର କରିବେ । ଯେତେ ସେଠି ବସି-ଥିଲେ ସମସ୍ତେ ନିଶ୍ଚୟ ଆଖି ବନ୍ଦ କର ନ ଥିଲେ । ତା ମଧ୍ୟରୁ ମୁଁ ଜଣେ ।

କ୍ରମଶଃ—]

ନବକ୍ଷମାପ୍ରୟଣ (୭ମ ପୃଷ୍ଠା ଉତ୍ତରୁ)

ତାହା ସଙ୍ଗେ ସୁଗ୍ରୀବର ନାକକୁ ଚେନାଏ,
ଯେହୁ ଅବଶ୍ୱାସୀ ଖଣ୍ଡ, ସ୍ୱୈର ଦଗାଦାର ।

ଋଷଗଣ—

ଅଟେମ୍ଭ ଗୃହିଁ ମାଂସ ସୁଗ୍ରୀବର,
ତାହା ସଙ୍ଗେ ହାପୁଳାଏ ସମର ଉଦରୁ,
ବଢ଼ାଇଛି ଚର୍ବି ଯହିଁ ଖାଇ ଫଳ ମୂଳ ।

ନାରଦ—

ବୁଝିଲି, ବୁଝିଲି, ଏବେ—ପଡ଼ଗଲା ଜଣା,
ଆଜ୍ଞା ମୁହିଁ କରଦେବ ତାର କଟକଣା,
ନୁହ ବଣା, ଠେଣା ଝଣ୍ଟି ଛାଡ଼ ଏଇଥର ।
କର ବୃନ୍ଦାବନେ ଲୀଳା କରନ୍ତୁ କହ୍ନାଇ,
ଗୋପାଙ୍ଗନା ବନ୍ଧ, ବସ ହରୁ, ବ୍ରଜ ଛନ୍ଦ୍,
ତାଳ ଓ ଖଜୁରି ରସ ପାନେ ଉନମତ୍ତ,
ପୁଣି ମଧୁକର ମଧୁ ଅସ୍ୱାଦ ବନ୍ତ୍ରେର ।
ଅଯୋଧ୍ୟାର ସିଂହାସନେ ବସାଇଲେ ତାଙ୍କୁ,
ସବୁ ଲଟ ଘଟ ମେଣ୍ଟି ଯିବ ଏକା ଦିନେ,
ତଥାସ୍ତୁ ତଥାସ୍ତୁ ବୋଲି ବୋଲନ୍ତେ ସକଳେ,
ନାରଦ ସ୍ମରିଲେ କ୍ଷଣେ ବ୍ରହ୍ମବିହାରଙ୍କି,
ତହୁଁ ସେଠାବରେ ଆସି ହେଲେ ଉପନୀତ ।
ବାଜିଲା ବିବିଧ ବାଦ୍ୟ, ଗାଇଲେ ଗନ୍ଧର୍ବ,
ନାଚିଲେ ଅପ୍ସର ଗଣ, ଓରିଏଣ୍ଟାଲ୍ ଛନ୍ଦ,
ବ୍ରଜଇନ୍ଦୁଙ୍କର ଅତି ହେବ ଅଭିଷେକ ।
ପସ ଗର୍ଦ୍ଦବାର ଅଭି ଖଦଡ଼ର ପାଗ,
ଆଥ ହେଲା ଅସି ଶୂନ୍ୟ ସିଂହାସନ ପାଶେ ।
ଏମନ୍ତ କାଳରେ ଶୂନ୍ୟ ପଡ଼ିଲାଟି ଖସି
ଅଦୃଶ୍ୟ ହୁରୁଡ଼ା ବାଣ, ନ ପଡ଼ିଲା ଜଣା,
ମାଙ୍କ ଚାଲି କଳା ଦେଖି ସଣ୍ଢ ହୁଏ ଯଥା,
ହୁରୁଡ଼ି ନାଗର ରାଜ ମାରିଲେ ଚମ୍ପଟ !
ଅଟମ୍ଭାଳ ଲୁଗାପଟା, ଫିଟିଲା ଖୋସଣି;
ଏହି ଅବସରେ ସ୍ୱାମୀ ଚାଳିଲେ କଳପି,
ମହାତାପୀ ଯମ ଶିବେ, ବାନ୍ଧି ଦେଇ ପାଗ,
ଟେକାଟେକି କରଦେଲେ ଥୋଇ ସିଂହାସନେ ।
ବନ୍ଦୁକର ଗତ ପ୍ରାୟେ ହୋଇଗଲା ସବୁ,
କପିଗଣ କରତାଳି ଦେଲେ ଜୟଧ୍ୱନି,
ଭାଲୁଏ ଜଳକା ପ୍ରାୟେ ହେଲେ ଅଜାତକା
'କି ହଇ କି ହଇ' ବୋଲି ମାରିଲେ ଭେଲକା ।
(କ୍ରମଶଃ)

Digitized by srujanika@gmail.com

# ୭ମ ଡଗର ଶବ୍ଦଧନ୍ଦା ପ୍ରତିଯୋଗୀତା

ଟ୨୫ଙ୍କା ପୁରସ୍କାର ! — ଅଣାକର ପଇସିକଅ ଡାକଟିକଟ ସହ

‘ଡଗର’ ପାଠକମାନେ ପାଇ ପାରିବେ । — ଅଣାକର ପଇସିକଅ ଡାକଟିକଟ ସହ

ଟ୨୫ଙ୍କା ପୁରସ୍କାର ! — ପ୍ରଥମ ଧୁଇଟି ସହ ବନାମୂଲ୍ୟରେ

| | | | | | | |
|---|---|---|---|---|---|---|
| ■ | ୧ ପ | ୨(ର) | ୩ ଗୃ | ୪(ଲ) | ନା | ■ |
| ୫ | ■ | ୬ ସ | | ଖ | ■ | ୭ |
| ୮ କ | ୯ | ■ | କ | ■ | ୧୦ | ର |
| ■ | ୧୧ ର | | ■ | ୧୨ | ଥ | ■ |
| ୧୩ ର | | ■ | ୧୪ ପ | ■ | ୧୫ | ୧୬ ଥ |
| | ■ | ୧୭ ପ | | ୧୮ ଭି | ■ | |
| ■ | ୧୯ ଗ୍ନା | | ■ | ୨୦ | ଭ | ■ |

| | | | | | | |
|---|---|---|---|---|---|---|
| ■ | ୧ ପ | ୨(ର) | ୩ ଗୃ | ଲ | ନା | ■ |
| ୫ | ■ | ୬ ସ | | ଖ | ■ | ୭ |
| ୮ କ | ୯ | ■ | କ | ■ | ୧୦ | ର |
| ■ | ୧୧ | | ■ | ୧୨ | ଥ | ■ |
| ୧୩ ର | | ■ | ୧୪ ପ | ■ | ୧୫ | ୧୬ ଥ |
| | ■ | ୧୭ ପ | | ୧୮ ର | ■ | |
| ■ | ୧୯ ଗ୍ନା | | ■ | ୨୦ | ଭ | ■ |

| | | | | | | |
|---|---|---|---|---|---|---|
| ■ | ୧ ପ | ୨(ର) | ୩ ଗୃ | ୪(ଲ) | ନା | ■ |
| ୫ | ■ | ୬ ସ | | ଖ | ■ | ୭ |
| ୮ କ | ୯ | ■ | କ | ■ | ୧୦ | ର |
| ■ | ୧୧ ର | | ■ | ୧୨ | ଥ | ■ |
| ୧୩ ର | | ■ | ୧୪ ପ | ■ | ୧୫ | ୧୬ ଥ |
| | ■ | ୧୭ ପ | | ୧୮ ର | ■ | |
| ■ | ୧୯ ଗ୍ନା | | ■ | ୨୦ | ଭ | ■ |

ନାମ ________ ଠିକଣା ________ କେତୋଟି ଉତ୍ତର ________

## ସିଧା ଭାବରେ

୧ । ଜଳଯୁଦ୍ଧରେ ମନ୍ତ୍ରୀ ଏହା ନକଲେ ଧନ୍ଦା ଭେଦ ଅସମ୍ଭବ ।

୬ । କୁକୁର ଲାଙ୍ଗୁଳକୁ ଏହା କହନ୍ତି କିଏ ?

୮ । ଛନ୍ଦମୟ କାବ୍ୟ ଲେଖକ ।

୧୦ । ଏକପ୍ରକାର ଫଳ ।

୧୧ । ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ ଦେବୀ

୧୨ । ଏ ପକ୍ଷୀକୁ କ ପଢ଼ାଇଲେ ପଢ଼େ ।

୧୩ । ଘାସବନରୁ ଏହାପଢ଼େ ।

୧୫ । ଓଲଟାଇ ପଢ଼ିଲେ ଏହାର ଅର୍ଥ ‘ସହ’ ହେବ ।

୧୭ । ରାମଚନ୍ଦ୍ର... ସ୍ପର୍ଶରେ ଅହଲ୍ୟାକୁ ଶାପମୁକ୍ତ କରିଥିଲେ ।

୧୯ । ଦେବପୂଜା ପାଇଁ ପବିତ୍ର ଭାବରେ ଏହା ଦେବା ଉଚିତ ।

୨୦ । ଅଧୁନିକା ନାରୀମାନଙ୍କ ର ଏହା ଦେଖିବାକୁ ଭଲଲାଗେ

## ଉପର ତଳ ଭାବରେ

୨ । ତଳୁ ଉପର ପଢ଼ିଲେ ‘ସର’ ହେବ ।

୩ । ଯିଏ ଚଲାଏ ।

୪ । ‘ଜଳ’ର ଲେଡ଼ା

୫ । କାହାର ଏହା ଦେଖିଲେ ତତ୍‌କ୍ଷଣାତ ନିବାରଣ କର ।

୭ । ବାଣର ଅନ୍ୟ ନାମ

୯ । ଧନ୍ଦା ଭେଦ କରିନପାରିଲେ ମନ ଶେଷରେ ଯାହାହୁଏ ।

୧୦ । ଛୋଟ ଛୋଟ ଧାନଗଛ ।

୧୩ । ପୃଥିବୀ ଯାହାଦ୍ୱାରା ଆଲୋକିତ ହୁଏ ।

୧୪ । ଏଥିରେ ଯାହା ସବୁ ସମୟରେ ନିରାପଦ ନୁହେଁ ।

୧୬ । ଏହା ଗୋଟିଏ ମିଠାଫଳ ।

୧୭ । ଯାହାକୁ ଆପଣାର କରିବା ମଧ୍ୟ ନାରୀର କର୍ତ୍ତବ୍ୟ ।

୧୮ । ସ୍ୱାମୀର ସୁଆଗ ନ ପାଇଲେ ସେଇ ସ୍ତ୍ରୀର ଏହା ଆପେ ଆପେ ମଉଳିଯାଏ ।

**ପ୍ରବେଶିକା ଫିସ୍ ଖଣ୍ଡକୁ ଟ୦୬** **ପହଞ୍ଚିବାର ଶେଷ ତାରିଖ ୧୬ । ୬ । ୩୮**

**୭ମ ଶବ୍ଦଧନ୍ଦା ପ୍ରତିଯୋଗୀତାର ନିୟମ ପାଇଁ ୨୨ଶ ସଂଖ୍ୟା ଡଗର ଦେଖନ୍ତୁ ।**

## ଛବିଘର

ପାଶିଂସୋ—ହିନ୍ଦ ଛବି-ଦୁନିଆର ଚିରସ୍ଥାୟୀ ଦୃଶ୍ୟର ବିପଦ ଦୁଃଖରେ ପଡ଼ି ଜଣେ ଯୁବକ ଯେ କିପରି ସାଗରର ଢେଉ ସହ ଦୋହଲିବାକୁ ଲାଗିଲା ତା’ର ଗୋଟିଏ କରୁଣ ଇତିହାସ ।

ଫଲେ ଦ ଫ୍ଲିଟ୍—ଆର୍. କେ. ଓ. ରେଡ଼ିଓର ଏକ ବିଖ୍ୟାତ ଛବିରେ ଅନେକବାର ଅତି ପ୍ରିୟ ନୃତ୍ୟ ତାରକା ଫ୍ରେଡ଼୍ ଅଷ୍ଟାୟାର୍ ଓ ଜିଂଜାର ରୋଜାର୍ସ୍ ନୃତ୍ୟ ଗୀତର ଯେଉଁ ନୂତନ ଧାରା ସୃଷ୍ଟି କରିଛନ୍ତି ତାହା ଯେ କୌଣସି ଦେଶର ନୃତ୍ୟ ଗୀତ ପ୍ରିୟ ଦର୍ଶକମାନଙ୍କୁ ଚମତ୍କୃତ କରିବ ।

ପ୍ରେମଲେଖ୍—ହିନ୍ଦ ଛବି— ଅଧୁନିକା ନିର୍ମଳା ତାର ମୂଲ୍ୟବାନ ଯୌବନକୁ ବାପାର ନିର୍ଦ୍ଦେଶ ଅନୁସାରେ କାହାର ହାତରେ ନ ଦେଇ ଘରୁ ପଳେଇ ଆସି ପ୍ରେମର ଯେଉଁ ଦୃଷ୍ଟାନ୍ତମାନ ଭିତରେ ପଡ଼ିଲା ‘ପ୍ରେମଲେଖ୍’ରେ ତାହା ଅତି ଚମତ୍କାର ଭାବରେ ଫୁଟି ଉଠିଛି ।

ଉପର ଲିଖିତ ଛବିମାନ ୪ ମେ ଠାରୁ ୨୦ ମେ ଭିତରେ **କେପିଟାଲ ସିନେମା** (କଟକ)ରେ ପ୍ରଦର୍ଶିତ ହେବ ।

Digitized by srujanika@gmail.com



# କଳାକମ

## ମୟୂର ଭଞ୍ଜର ଛଉ ନାଚ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଛଉର ମୂଳ କେଉଁଠି, ସେଥି ଖୋଜନ୍ତୁ ଐତିହାସିକମାନେ। ମୋତେ ଭଲ ଲାଗିଲା ନାଚଟା—ଆଖିକୁ ରୁଚିଲା—ମୁଁ ଆନନ୍ଦ ପାଇଲି କ୍ଷଣକ ଲାଗି—ମୋର ସେତିକି ଦରକାର। ମୁଁ ତା ଠୁଁ ବେଶୀ ଆଗକୁ ଯିବାକୁ ଚାହେଁ ନାହିଁ। ମୋର ତା ଠୁଁ ବେଶୀରେ ଯାଏ ଆସେ କେତେ ?

ଛଉ ଆମ ଗଡ଼ଜାତ ଓଡ଼ିଆ ରାଜ୍ୟର ଗୋଟିଏ ମୌଳିକ ନାଚ। ଏ କଥା ମୁଁ ଲୋକଙ୍କ ମୁହଁରୁ ଶୁଣିଥିଲି। ଦେଖି ମନେ ବି ହେଲା ସେଇଆ। ତେବେ ସନ୍ଦେହ ହେଲା, ଏହା ପ୍ରକୃତରେ ଆର୍ଯ୍ୟ ଜାତି ଓଡ଼ିଆମାନଙ୍କର ନାଚ କି ଅନାର୍ଯ୍ୟ, ଏ ଦେଶର ଆଦିମ ଅଧିବାସୀ ଯେଉଁମାନେ, ସେଇ କୋଲ୍ହ, କନ୍ଧ ସାନ୍ତାଳମାନଙ୍କର ନାଚ ? ନାଚଟା ଯେଉଁଠୁ ଆସୁ, ଏଥିରେ ଯେ ନୃତ୍ୟ କଳାର ପରିପାଟି ଯଥେଷ୍ଟ ଅଛି ଏହା କେହି ଅସ୍ୱୀକାର କରିବେ ନାହିଁ।

ଦୁଇଟି ଗଡ଼ଜାତ ମୁଲକରେ ଛଉ ନାଚ ଭଲ ଜମକରେ ହୁଏ। ଗୋଟିଏ ଗଡ଼ଜାତର ନାଚୁଆମାନେ ଅଛନ୍ତି ଇଉରୋପରେ। ସେଇ ଗଡ଼ଜାତର ନାମ ହେଉଛି ସରେଇକଳା। ସେଦିନ ସେଠା ଦେବାନଙ୍କ ସାଙ୍ଗରେ ଦେଖା ହେଲା। ଇଉରୋପରେ ତାଙ୍କ ନାଚୁଆମାନେ ନାଚ ଦେଖାଇ ଯେଉଁ ପ୍ରଶଂସା ଓ ଟଙ୍କା ପାଇଛନ୍ତି ତାର ନମୁନା ମୋତେ ସେ ଦେଖାଇଲେ। ୭।୮ ଟି ଲଣ୍ଡନର ପ୍ରସିଦ୍ଧ ଖବର କାଗଜ ଏଥି ଉପରେ ବ ପ୍ରଶଂସା ଢାଳ ପକାଇଛନ୍ତି। ସେହି ଖବର କାଗଜର ଅଭିମତରୁ ଜାଣିଲି ଯେ ନାଚୁଆମାନେ ମୁହଁରେ ଗୋଟାଏ ମୁଖା ଦେଇ ନାଚନ୍ତି। ଏହି ମୁଖାର ନାମ ଛଉ। ନର୍ତ୍ତକ ନିଜ ମୁହଁର ଭାବ ପ୍ରକାଶ କରିବାର ସୁବିଧା ପାଏ ନାହିଁ। କିନ୍ତୁ ସେହି ବୈଦେଶିକ ଖବର କାଗଜବାଲାମାନେ ଲେଖିଛନ୍ତି ଯେ ନାଚୁଆର ଅଙ୍ଗ ପ୍ରତ୍ୟଙ୍ଗ ସଞ୍ଚାଳନ ଏପରି ମଧୁର, ଏପରି ଯଥେଷ୍ଟ ଯେ ନର୍ତ୍ତକର ମୁଖା ଗୃହକ ମଧ୍ୟ ଖଚନ୍ତି, ପ୍ରସ୍ଫୁଟିତ ଭାବ ମନେ ହୁଏ। ଏହା କମ୍ ପ୍ରଶଂସାର କଥା ନୁହେଁ। ମଣିଷ ଜୀବନରେ ଏପରି ଗୋଟାଏ ଗୋଟାଏ ମୁହୂର୍ତ୍ତ ଆସେ ଯେତେବେଳେ ହୃଦୟର ଉଚ୍ଛ୍ୱାସକୁ ପ୍ରକାଶ କରିବା ପାଇଁ ମୁଖ ଯନ୍ତ୍ର ଯଥେଷ୍ଟ ହୁଏ ନାହିଁ—ସେ ବାଧ୍ୟ ହୋଇ ମୂକ ହୁଏ। ସେତେବେଳେ ତାର ସକଳ ମନୋଭାବ ସ୍ନାୟୁ ଅଙ୍ଗର ଠାଣି ଦେଇ ଫୁଟି ଉଠେ। ପ୍ରତ୍ୟେକ ଭାବଭଙ୍ଗୀ—ଭାବଗ୍ରସ୍ତ ହେଉ, ଉତ୍ତେଜନାଗ୍ରସ୍ତ ହେଉ ବା ଶାନ୍ତ୍ୟ ହେଉ, ତାହାର ମୂଳ ବସ୍ତୁ ଏହି ସ୍ୱାଭାବିକ ଠାଣି ଦେହରୁ ରୂପ ନେଇ ଗଢି ଉଠିଛି ବୋଲି ମୋର ମତ। ଏହା ଯେତେ ସୂକ୍ଷ୍ମ ହେବାକୁ ଯାଉଛି ସେତେ ଅନ୍ତରଙ୍ଗ ମଧ୍ୟ ହୋଇଛି - କିନ୍ତୁ ଅସ୍ୱାଭାବିକ ହୋଇନାହିଁ। ସେଥିପାଇଁ ଛଉ ଅତିରିକ୍ତ ହେଲେ ମଧ୍ୟ ଅସ୍ୱାଭାବିକ ନୁହେଁ। ମୁଁ ମୁଖାପିନ୍ଧା ଛଉ ନାଚ ଦେଖିନାହିଁ। ଛଉମାନେ ଯଦି ମୁଖା ଦେଉଥାଏ ତେବେ ମୁଖା ଦେଇ ନାଚିବା ଛଉର ମୌଳିକ ଏବଂ ମୁଖ୍ୟ ବସ୍ତୁ ବୋଲି ବୋଲିବାକୁ ହେବ।

ମୁଁ ଏଥର ଛଉ ଯେଉଁଠି ଦେଖିଲି ସେଠି ନାଚୁଆମାନଙ୍କ ମୁହଁରେ ମୁଖା ନ ଥିଲା। ସମୟର ଗତି ନେଇ ରୁଚିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ନାଚର କେତେକ ପରିବର୍ତ୍ତନ ଘଟିଛି ଏମାନଙ୍କ ନାଚରେ। ଏହା ନିନ୍ଦନୀୟ ନୁହେଁ। ବରଂ ପ୍ରଶଂସାର କଥା। କିନ୍ତୁ ସାଧାରଣ ଯେଉଁଠି ହେଉଛି ସେଇଠି ଯାଉଛି ଫଗିତ। ଦାଣ୍ଡିଏ ଦୁଧ ଦହରେ ଟିକିଏ ଚିଣ୍ଡା ପକାଇଲେ ଯେମିତି ନଷ୍ଟ ହୋଇଯାଏ ମୟୂର ଭଞ୍ଜର ଖା.ଓ ଓଡ଼ିଶୀ ଛଉ ଦେହରେ ବଙ୍ଗଳା ଗୀତ ବୋଲି ଅଭିନୟ କରିବା ବକ୍ତୃତା ଦେବା ପ୍ରଭୃତି ଯୋଗ କରିବା ଫଳରେ ଠିକ ସେହି ଦୋଷ ଘଟିଛି ବୋଲି ମୋର ମନେ ହେଲା।

ମୟୂର ଭଞ୍ଜର ଛଉ ଦେଖିବା ଏହି ମୋର ପ୍ରଥମ। ଯେଉଁ ସେ ଟିଏ ଦିନ ଦେଖିଛି— ଚୈତ୍ରର ଶେଷ ଭାଗ। କାରଣରେ ବସି ମୋର ଭଲ ଲାଗିନ ଯେମିତି, ନୃତ୍ୟଶାଳ ଛଉ ନାଚରେ ଗୀତ ଓ ବାଦ୍ୟାଭିନୟ ଦେଖି ଉପଦ୍ରବ ବି ଲାଗିଲା ସେମିତି। ଛଉ ନାଚର ମୂଳ ବାଜା ମାଦଳ ସହିତ ନୂଆ ନୂଆ ବାଦ୍ୟ ସଂଯୋଗ ଯେଉଁକି ତାହାକୁ ନିଷ୍ଫଳରେ କରିଛି—କୌଣସି ଅବୋଧ ସଙ୍ଗୀତ ଉପରେ ନାଚ ଦେଖାଇବା ତାହାକୁ ସେତେ ପରିମାଣରେ ଅନୁପଯୋଗୀ କରିଛି। ମୋ ମତରେ କୌଣସି ଗୀତର ସ୍ୱର ନେଇ ନାଚ କରିବାକୁ ହେଲେ ଏପରି କେତେ ଗୁଡ଼ିଏ ଗୀତ ବାଛି ନେବା ଉଚିତ ଯାହା ସାଧାରଣଙ୍କୁ ଭଲ ଭାବରେ ଜଣା ଥିବ। ଏପରି ଗୀତ ଓଡ଼ିଆରେ ଅଭାବ ନାହିଁ। ଚମ୍ପୂ, ଛାନ୍ଦ ପ୍ରଭୃତି ସଙ୍ଗୀତ ଓଡ଼ିଆଙ୍କ ମୁହେଁ ମୁହେଁ ଅଛି ଶୁଣାଯାଏ। ବଙ୍ଗଳା ଗୀତ ଉପରେ ନୃତ୍ୟ ପରିପାଟି ନ ଦେଖାଇ ପୁରୁଣା ଓଡ଼ିଆ ଗୀତ ଉପରେ ନାଚ ଦେଖାଇ ଥିଲେ ବୋଧହୁଏ ସୁନ୍ଦର ହୋଇ ଥାନ୍ତା।

ସେ ଦିନ ମୁଁ ଯେତେ ଗୁଡ଼ିଏ ନାଚ ଦେଖିଲି ତା ଭିତରୁ ଭଙ୍ଗ ପର୍ଷା ଯୋଡ଼ି, ଓ ଶମ୍ଭୁ ଲକ୍ଷ୍ମୀ ନାଚ ଯୋଡ଼ିକ ମୂଳ ନାଚ ବୋଲି ମନେ ହେଲା। ଏହା ଖାଲି ଉପର ନାଚ। ଛଉ ଟା ବୋଧହୁଏ ପ୍ରଥମେ କେବଳ ଏହି ଖାଲି-ଉପରକୁହିଁ ଆଶ୍ରୟ କରି ଆରମ୍ଭ ହୋଇଥିଲା। ତା' ପରେ ଅନ୍ୟ ରୂପ ଯୋଗ କରିବା ସଙ୍ଗେ ସଙ୍ଗେ ନାଚର ପରିବର୍ତ୍ତନ ଘଟିବା ସ୍ୱାଭାବିକ। ସେଇ ଦୃଷ୍ଟିରେ ରୂପକୁ ନୂଆ ରୂପରେ ସଜାଇବା ଯଥାର୍ଥ ହୋଇଛି। କିନ୍ତୁ ମୋର ମନେ ହେଲା, ମୟୂର ଭଞ୍ଜର ଦୁଇଟି ଅବଧମାନ ବା ଉପଯୋଗୀ ଦଳ ଭିତରୁ କୌଣସି-ଥିରେ କେହି କଳାନୁରାଗୀ ଯୋଗ୍ୟ ବ୍ୟକ୍ତିର ଅଧ୍ୟକ୍ଷତା କାର୍ଯ୍ୟ କରୁ ନାହିଁ। ଉଭୟର ସାଙ୍ଗର

Digitized by srujanika@gmail.com

ନାଚ ଅନନ୍ୟ ହୁଏ ମୁଁ ବୋଲି ମାନିବାକୁ ହେବ । କିନ୍ତୁ ଇଉରୋପର ଗୋଟାଏ ବିଶିଷ୍ଟ ଦଳ ବୋଲି ଯାହା ମୋର ମନେ ହେଲା, ତାହାଥିଲା ବଲେଷ୍ଟ ବା ଋଷିଏ ଯାଯାବର ନାଚୁଆମାନଙ୍କ ଦଳ ଦୃଷ୍ଟି ଦେବାରେ ସେମାନେ ହିଁ ଏକ ପଦେଷ ଯାଉଛନ୍ତି । ସେଇଟା ହେଉଛି—ନାଚର ଯତ—ତା ମୁଦ୍ରା । ତା ସାଙ୍ଗରେ ଐକ୍ୟ ଓ ମେଳ । ଇଉରୋପ ସାହିତ୍ୟ ଭାବାଭିବ୍ୟକ୍ତି ଖୁବ୍ ସୁନ୍ଦର ହେଲେ ମଧ୍ୟ, ତାଳ, ମେଳ ଓ ମୁଦ୍ରା ଦୃଷ୍ଟିରୁ ଋଷିଏ ସାଙ୍ଗ ହିଁ ଏକ ଜିତିବେ । କିନ୍ତୁ ମୋଟ ଉପରେ ଇଉରୋପ ସାଙ୍ଗ ନାଚଠୁ ବେଶୀ ଉପଭୋଗ୍ୟ ହୋଇଥିଲା । ସେଦିନ ସେତେ-ବେଳେ ନାଚ ଦେଖିଲି ତା' ଭିତରୁ ଓଡ଼ିଆ ନାଚଟି ସବୁଠାରୁ ଭଲ ଲାଗିଲା । କାରଣ ମାର୍ଜିତ ହେଲେହେଁ ମୌଳିକ । ତାର ନାମ ଓଡ଼ିଆ ନ ହୋଇ ଓଡ଼ଶୀ ହେବାହିଁ ଉଚିତ ଥିଲା । ଦେଶ ବିଦେଶ ନାଚଟା ବଡ଼ ହାସ୍ୟା-ସ୍ପଦ । ଦକ୍ଷିଣୀ ନାଚର କସୁରୀଙ୍କୁ ରୁକ୍ଷ୍ମପଟେ ତାହା କେବଳ ଗୋଟାଏ ଉଦ୍ୟମର ଅପଳାପ । ରସ, ତାମ୍ରଶ୍ୟ ବୃକ୍ଷ ନାଚ ସୁନ୍ଦର ହେଲେ ମଧ୍ୟ ସଖୀମାନଙ୍କର ନାଚ ସେତେ କଳାଗତ ( artistic ) ହୋଇ ନ ଥିଲା । ଶୃଙ୍ଗାର ରସରେ ଗଳି ଭରିବ ଦମାଟକର ଯୋଗ୍ୟ ତାର ହେଉଥିବା ରସ ଭଙ୍ଗ ।

ଦେଖେଶ ମୋ'ର ଭଲ ନୃଥ ଦେଖାଇବ ମୁହିଁକୁ ଶୁଣିଲି, ସବୁ ନାଚ ଗୁଡ଼ାକ ଏକା ପରି ଲାଗୁଛି । । ସେଇଟା ଅଭିର ଦୋଷ ଛଡ଼ା ମୁଁ ଅଉ କଛ କହିବ ନାହିଁ । ଯିଏ ପହିଲୁ ପହିଲୁ ସାହେବଙ୍କ ସାଙ୍ଗରେ ମିଶେ ତାକୁ ସବୁ ସାହେବ ସବୁ ସାହେବାଣୀ ଏକା ପରି ଦିଶନ୍ତି । ଗହଳାଇ ହୋଇ ତାଙ୍କର ଚେହେରାକୁ ଖୁବ୍ ଟିକ୍ସ ପର୍ଯ୍ୟବେକ୍ଷଣ କରି ନ ଦେଖିଲେ ଯେପରି ସବୁ ଏକା ଦିଶନ୍ତି ପ୍ରତ୍ୟେକ ନାଟକ ଚରିତ୍ରଙ୍କୁ ମନ ଭିତରେ ଅଲୋଚନା କରି ନ ଦେଖିଲେ ସେହିପରି ଏକା ଦିଶିବା'ର କଥା । ମଣିଷ, ଗାଏ, ନାଚେ ସବୁ—ସବୁ ମଣିଷ ସେଇ ଏକା କଥା କରନ୍ତି । ସମସ୍ତଙ୍କ ସବୁ ସେହି ଏକ ରକମର । କିନ୍ତୁ ପ୍ରତ୍ୟେକ ଗାଇବାରେ ଜଣେଜଣଙ୍କ ଅଛି—ପାର୍ଥକ୍ୟ ଅଛି । ପ୍ରତ୍ୟେକ ଲୋକ ନାଚରେ ବ ସେଇପରି ବିଶେଷତ୍ୱ ମିଳେ—ତା ଭିତରେ ପଡ଼ୁଛି ଯେତେ ଦୋଷ ଥାଉ । ମୋର ବିଶ୍ୱାସ ତତ୍ତ୍ୱାବଧାରକମାନେ ଅଉ ଟିକଏ ଦୃଷ୍ଟି ଦେଲେ ନାଚ ଅନୁଷ୍ଠାନ ଉନ୍ନତ ଧରଣର ହୋଇପାରିବ ।

ଶୁଣିଲି, ପୁରୁଷୋତ୍ତମ ମହାରାଜା ଏହାକୁ ନିଜର ରାଜଧାନୀ ମଧ୍ୟରେ ପର୍ଯ୍ୟବେକ୍ଷିତ କରି ରଖିବାକୁ ପସନ୍ଦ କରନ୍ତି—ବାହାରେ ବିକ୍ଷିପ୍ତ ହେବା ଚାହୁଁନାହାନ୍ତି ସେ । କିନ୍ତୁ ମୋର ମନେ-ହୁଏ ବାହାରଦ୍ୱାର ସୀମା ଛାଡ଼ିଲେ ଏହାର ଖ୍ୟାତି ଅନେକ ବଢ଼ିବ ।

# ପଟା ଟେବୁଲ ମାହାତ୍ମ୍ୟ ।

## (୩) ( ଜଣେ ପ୍ରସିଦ୍ଧ ହାସ୍ୟରସିକଙ୍କ ଅପରନ୍ତ ଟୋଷର୍ )

( ପୂର୍ବପ୍ରକାଶିତ ପରଠାରୁ )

ଏହି ମଧ୍ୟରେ ବଡ଼ ସାହେବଙ୍କ ସଙ୍ଗେ ସମ୍ପର୍କ ଜଣେ ଗଡ଼ଜାତ ରାଜାଙ୍କ ଦସ୍ତାନ୍ତୁ ସାହେବଙ୍କୁ ଏ ରାଜ୍ୟର ଜଙ୍ଗଲରୁ କାଠ କାଟିବା କାନ୍ଟ୍ରାକ୍ଟ ମିଳିଲା ଓ ଏଥିପାଇଁ ଯାହା ମୂଳ-ଧନ ଲୋଡ଼ା ତାହା ଯୋଗାଇବା ପାଇଁ ଜଣେ ବଣ୍ଟୀ ସେଠ ମଧ୍ୟ ହାଜୁଡ଼ ପଡ଼ିଲେ । ସ୍ଥିର ହେଲା ଯେ ଜଙ୍ଗଲରେ ଥିବା ଗଛକୁକାଟି ଉହା ସେମାନ ବ୍ୟବସାୟୋପଯୋଗୀ କରିବା ପାଇଁ ଯାହା ଖରଚ ହେବ ତାହା ସେଠଜୀ ଦେବେ ଓ ଏ କାଠ କମ୍ପାନୀର ତିନିଜଣ ଅଂଶୀ-ଦାର ହେବେ । ରାଜ୍ୟର ସଚ୍ଚା ସାହେବ ସସ୍ତା ମୂଲରେ ମୂଲିଆ, କରଟିଆଦ ଯୋଗାଇବେ ଓ ତାଙ୍କ ପଟୁଆରୁ ହେବେ ଜଣେ ଅଂଶଦାର । ସାହେବ ଗୋଟା ଚମତ୍କାର କଲମରେ ଅନ୍ୟ ସବୁ କାର୍ଯ୍ୟ ବୁଝିବେ, ସେ ହେବେ ଜଣେ ଅଂଶଦାର । ଏହିପରି ତିନି ଜଣ ଅଂଶଦାରଙ୍କର ଏ କାଠ ବ୍ୟବସାୟ ଚାଲିଲା ।

ସେ ଦିନ ସନ୍ଧ୍ୟା ଗୁଡ଼ିବା ପରେ ଟିକାଏ ପଟାଏଡ଼ଆଦ କୁମାରମାନେ ଆସି ତମ୍ବୁରେ ଉପସ୍ଥିତ ହେଲେ ଓ ସାହେବ ମେମଙ୍କ ଅତ୍ୟନ୍ତ-ର ସଦ୍‌ବ୍ୟବହାର କଲେ । ଗୋଟିଏ ବଡ଼ ତମ୍ବୁ ମଧ୍ୟର ଟେବଲ ଓ ଚେୟାର ଚାରିପାଖେ ଚକ୍ରାକାର ସଜାହେଲା । ଟେବଲ ଚାରିପାଖେ ବସିଲେ ସାହେବ ମେମ'ମିଶି ୩ ଜଣ ଓ ରାଜ କୁମାର ୫ଜଣ । ଖାନସମାମାନେ ଆସି ଭୁଦାକୁ ଭୁଦା ଟେବଲ ଉପରେ ସାହେବ ଲେହ୍ୟ ଚର୍ବ୍ୟ ଚୋଷ୍ୟ, ଲେହ୍ୟ, ପେୟ ଆଣି ପରଷି ଦେଇ ଥାଆନ୍ତି । ଭୋଜନ ଶେଷକୁ ଦାଲ ପାଣି ପରଷା ହେଲା । ରାଜକୁମାରମାନେ ତାହାଁର ଖୁବ୍ ସଦ୍‌ବ୍ୟବହାର କଲେ । ଓ ତାହାଁର କଲମତରେ ଶେଷକୁ କୁମାରମାନଙ୍କ ମଧ୍ୟରୁ ୨ ଜଣ ତାଙ୍କ ଛାଡ଼ି ଭୁଦେବୀଙ୍କ କୋଡ଼ରେ ଗଡ଼ାଗଡ଼ି ଦେଲେ, ଜଣେ ବମନ ପ୍ରକ୍ରିୟା ଦ୍ୱାରା ସାହେବଙ୍କ ଠାରୁ ସ୍ୱଗୃହୀତ ଦ୍ରବ୍ୟମାନ ସେହି ତମ୍ବୁରେ ରଖିଲେ ଓ ଅଉଜଣେ ଦେହର ଦ୍ରିମୁଖୀର କାର୍ଯ୍ୟକାରିତା ପ୍ରମାଣିତ କଲେ । ସାହେବ ଦ୍ୱୟ ଓ ମେମ ଏ ସବୁ ଲୀଳା ଦେଖି ପ୍ରେମରେ, ଆନନ୍ଦରେ, ହର୍ଷରେ, ହାସ୍ୟରେ ଉତ୍‌ଫୁଲ୍ଲ ହୋଇ ଥାଆନ୍ତି । ଶେଷକୁ ରାଜକୀୟ ଯାନର ଗୃହକ ଓ ସାହେବଙ୍କ ଖାନସମା, ଖରଦାର, କର୍ଣ୍ଣୀ କୁମାରମାନଙ୍କୁ ଶୋଣା ଭୁଦା କରି ମଟରକୁ ଉଠାଇ ନେଲେ ଓ ମାହାର ସାହାଯ୍ୟରେ ଗାନା ତମ୍ବୁରେ ପଡ଼ିଥିବା ଟେବଲ ଚକ୍ରଣ ଓ ତଳେ ଅନ୍ୟ ସଫା କରାଯାଇ ତହିଁରେ ଫିନାଇଲ ଢଳା ହେଲା । ମଟର ଗାଡ଼ି ସେମାନଙ୍କୁ ନେଇ ତମ୍ବୁ ତ୍ୟାଗ କରି ନଗର ଅଭିମୁଖରେ ଗଲା ।

କ୍ରମଶଃ—

## ସଙ୍ଗୀତ

୬ ବାଞ୍ଛାନିଧି ମହାନ୍ତି

କାହିଁ ଅଇଲେ ବିଦେଶରୁ ବେପାରି
ସବୁ ଖାଇଲେ ଅମ୍ଭେ ଦେଲୁଁ ଶିଖାଇ ॥
ଇଂରେଜ, ଇରାଣୀ, ଜରମାନୀ, ଯାପାନୀ
ଚୀନା, କାବୁଲୀ, ଏ ଦେଶ ସେପାରି ॥
ଟଙ୍କ ଟଙ୍କ ଗୁଣିନା ମାଟିର ବାସନ
ସାରି ଦେଲେ ହୃଦ ଦେଶ ଇଂସାରି ॥
ଫରାସିର ଫ୍ୟାନ୍‌ସି କାମ
ଯାପାନର ସସ୍ତା ଦାମ
କଟ୍‌ଲେରି ହୋସିଆରି
ସ୍ନୋ, ସେଣ୍ଟ୍ ପଟ୍ ଫିସ୍‌ମେଣ୍ଟ
କାଚ ପଣ୍ୟା ମାରିଦେଲେ ଶଙ୍ଖାରି ॥
ନବଳ ଖଦର, ଯାପାନୀ ଖଦର
ଗାନ୍ଧି ଲଗାଇ ସେ ହେଲେ ଭିକାରି ॥

Digitized by srujanika@gmail.com



# ହଂସପୁର

## ଆମ୍ଭମାନଙ୍କର ଦାୟିତ୍ୱ ।

ଶ୍ରୀମତୀ ଲଛବା ଦେଈ

ସଭାନେତ୍ରୀ ମହୋଦୟାଓ ଉପସ୍ଥିତ ଭଉଣୀମାନେ!

ଆମ୍ଭେମାନେ ଯେ ଆଜ ଦେଶର ସ୍ୱାଧୀନତାର ଦାବି କରୁଅଛୁଁ ସେ କେବଳ ଆମ୍ଭମାନଙ୍କର ଜନ୍ମଗତ ଦାବୀ ବୋଲି ନୁହେଁ, ଅର୍ଥନୀତି ଦିଗରୁ ମଧ୍ୟ ଏହି ଦାବୀର ସାର୍ଥକତା ରହିଛି । ମୋର ମନେ ହୁଏ ଆମ୍ଭ ଦେଶ ଯଦି ଏହି ଦରିଦ୍ର ଅବସ୍ଥାରେ ଥାଇ ସୁଦ୍ଧା ସ୍ୱାଧୀନ ହୋଇଥାନ୍ତା ତେବେ ଅନ୍ତତ ବା ୫୦ ବର୍ଷ ଧରି ଜାତି ଯେଉଁ ପ୍ରୟାସରେ କଂଗ୍ରେସର ଆନ୍ଦୋଳନ ଚଳାଇ ଆସିଛି ଏବଂ ଯେଉଁ କୃତିତ୍ୱ ମଧ୍ୟ ଦେଖାଇ ପାରିଅଛି ତାହା ସମ୍ଭବପର ହୋଇ ପାରି ନଥାନ୍ତା । ଆଜ ଓଡ଼ିଶାର ତଥା ଭାରତର ଗାଁ ଗହଳରେ ଯେଉଁ ସଂଘବଦ୍ଧ କୃଷକ ଆନ୍ଦୋଳନ ଦେଖୁଛୁଁ ତହିଁରେ ଏହି ଅର୍ଥନୀତିର ସମ୍ପର୍କ ରହିଛି—ପ୍ରତ୍ୟେକ ବ୍ୟକ୍ତିର ଯୋଗ୍ୟତାନୁସାରକ ଅଧିକାର ଅଛି ସବୁ ଦିଗ ଦେଇ ସବୁ ଦିଗରୁ ଆତ୍ମ ବିକାଶ କରିବାର ଜନ୍ମଗତ ଅଧିକାର ରହିଛି ଦେଶର କୃଷକ ଆନ୍ଦୋଳନ ଓ କୃଷକ ସମସ୍ୟା ତାହା ଚେତାଇ ଦିଏ । ଦେଶରେ ଯେତେ ପ୍ରକାର ଅବନତି ହୋଇଛି ଦେଶ ଉପରେ ଯେଉଁ ଅତ୍ୟାଚାର ଓ ଅବିଚାରର ବାତ୍ୟା ବହି ଯାଉଛି ତା'ର ମୂଳ କାରଣ ହେଉଛି ଜାତିର ପରାଧୀନତା—ଆଜି ଏହି ପରାଧୀନତା ହେତୁରୁ ଆଜ ଭାରତ ନିଃସମ୍ବଳ, ନିଃସହାୟ । ଭାରତବାସୀ ଦୁଇଓଳି ଦୁଇ ମୁଠା ଖାଇବାକୁ ଓ ଖଣ୍ଡେ ପିନ୍ଧିବାକୁ ସୁଦ୍ଧା ପାଉ ନାହିଁ—ଏହି ଦେଶରେ ଲୋକେ ଆଗେ ବହିର୍ବାଣିଜ୍ୟ କରୁଥିଲେ । ବ୍ରିଟିଶ ଶାସନ ପୂର୍ବରୁ ଲୋକଙ୍କର ଆର୍ଥିକ ଅବସ୍ଥା ଭଲ ଥିଲା—ଅନ୍ୟ ଦେଶ ଉପରେ ନିର୍ଭର ନକରି ତାଙ୍କର ଆବଶ୍ୟକୀୟ ପଦାର୍ଥମାନ ଏହି ଜାତିର ଲୋକ ଉତ୍ପାଦନ କରିପାରୁଥିଲେ । ତନ୍ତି, ବଢ଼େଇ, ଚଷା, କମାର ଓ କୁମ୍ଭାର ପ୍ରଭୃତି ଶ୍ରେଣୀର ଲୋକମାନେ ସେମାନଙ୍କର ଜୀବିକା ଉପାର୍ଜ୍ଜନ ଅତି ସହଜରେ କରି ପାରୁଥିଲେ । କିନ୍ତୁ ଆଜି ଯେ ବେକାର ସମସ୍ୟା ଦେଶକୁ ଅସ୍ଥିର କରି ପକାଇଛି ତାହାର କାରଣ କ'ଣ ? ତାହାର କାରଣ—ଶତାବ୍ଦି ବ୍ୟାପି ବିଦେଶୀ ବଣିକ ଜାତିର ଅଧୀନତାର ସେପରି ହୋଇ, ବିଦେଶୀ ଶାସକର ଶୋଷଣ ନୀତିର ଶିକାର ହୋଇ ଆମର ଉତ୍ପାଦନ କରିବାର କ୍ଷମତା, ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରଶୀଳତା ଲୋପ ପାଇଛି—ଏ ଦେଶର ମାଲିକ ଯେ ଆମେ—ଏ ଦେଶର ଭାଗ୍ୟ ନିୟନ୍ତା ଯେ ଆମେ—ତାହା ଆମ୍ଭେମାନେ ଭୁଲି ଯାଇଛୁଁ । ଏହି ଯେ ଦୁରବସ୍ଥା ତହିଁରୁ ଆମକୁ ମୁକ୍ତ କରାଇବାକୁ କଂଗ୍ରେସ ଆଜ ପୂର୍ଣ୍ଣ ସ୍ୱାଧୀନତାର ମହାମନ୍ତ୍ର ଦେଶରେ ପ୍ରଚାର କରୁଛି—କଂଗ୍ରେସ କୌଣସି ସମ୍ପ୍ରଦାୟଗତ ବା ଜାତିଗତ ବା ଧର୍ମଗତ ଅନୁଷ୍ଠାନ ନୁହେଁ । ଏହା ମହାଭାରତୀୟ ଅନୁଷ୍ଠାନ, ନର ନାରୀ ନିର୍ବିଶେଷରେ ଧର୍ମ ସମ୍ପ୍ରଦାୟ ନିର୍ବିଶେଷରେ ସ୍ୱାଧୀନତାର ଲକ୍ଷରୁ ଏହି ଅନୁଷ୍ଠାନ ଆଜି ଭାରତ ଜାତିର ଏକମାତ୍ର ଆଶା ଭରସାର ସ୍ଥାନ ହୋଇଛି—ଏ ଯୁଗରେ ଏକାଳରେ ପୃଥିବୀରେ ଯେତେ ଆନ୍ଦୋଳନ ହୋଇଛି ଏବଂ ହେଉଛି ସେଥିରେ ବ୍ୟଷ୍ଟିର ସ୍ଥାନ ନାହିଁ । ସଂଘବଦ୍ଧ ଭାବରେ ସମଷ୍ଟି ଗତ ପ୍ରୟାସରେ ସମସ୍ତ ଆନ୍ଦୋଳନ ଓ ଅନୁଷ୍ଠାନ ପୁଷ୍ଟି ଲାଭ କରି ନିଜର ଧ୍ୟେୟ ଲାଭ କରି ପାରୁଛି—ସୁତରାଂ ଆମ୍ଭମାନଙ୍କର ଯେ ଦୁରବସ୍ଥା ଆମେ ଦେଢ଼ଶହ ଅଢ଼ାଇଅ ମୁକ୍ତରେ ଉତ୍ପାତ ଶାସନ ତଳେ ଚାପି ହୋଇ ପ୍ରପଞ୍ଚେଶ୍ୱର ବଳ ହୋଇ ମରୁଛୁଁ ତହିଁରେ ଆମ୍ଭମାନଙ୍କର ଏକମାତ୍ର କର୍ତ୍ତବ୍ୟ ହେଉଛି ଏକଜୁଟ ବଦ୍ଧ ଭାବରେ ସମସ୍ତେ ଏହି ଜାତୀୟ ଆନ୍ଦୋଳନକୁ ଜୟଯାତ୍ରୀ କରି ତାରେ ଯୁଗ ଯୁଗର ବନ୍ଧନ ଅର୍ଗଳ ଖୋଲି ଦେବା । ତାହାହେଲେ ସୁନାର ଭାରତ ସ୍ୱାଧୀନ ଭାରତ ପୁଣି ହସି ଉଠିବ । ଜାତି ପୁଣି ହସିଲ ଚତି-ସ୍ୱବା ସଭ୍ୟତା, ଧର୍ମ, ଅର୍ଥ, କାମ ଓ ମୋକ୍ଷର ଚତୁର୍ବର୍ଗ ଫଳ ପାଇବ । ଆମ ଦେଶରେ ଯେଉଁମାନେ ଶ୍ରେଣୀ ସଂଘର୍ଷର ଶ୍ରେଣୀଗତ ଭାବରେ ନିଜର ସ୍ୱାର୍ଥ ରଖିବା ପାଇଁ ଶୋଷକ ସମ୍ପ୍ରଦାୟର ସଙ୍ଗରେ ଯୋଡ଼ ହୋଇ ରହିଛନ୍ତି ସେମାନେ ହେଉଛନ୍ତି ଜମିଦାର, ଧନୀ, ମହାଜନ ଓ ମଠ ମହନ୍ତ । ସବୁ ଦେଶର ସ୍ୱାଧୀନତାର ଆନ୍ଦୋଳନରେ ବାଧା ଦେବାକୁ ଏହିପରି ଗୋଷ୍ଠିଏ ଶ୍ରେଣୀର ଲୋକ ଥାନ୍ତି । ସେମାନଙ୍କ ମୁହଁକୁ ନ ଚାହିଁ, ସେମାନଙ୍କ କଥା ନ ଶୁଣି ନିର୍ଭୟରେ ଆଜ ସମସ୍ତଙ୍କୁ ପ୍ରସ୍ତୁତ ହେବାକୁ ହେବ । ଆମ ଦେଶରେ ଯାହା କିଛି ଅନିଷ୍ଟ ଘଟୁଛି ତାହା ସେହିମାନଙ୍କ ଯୋଗୁଁ । ଯେଉଁମାନେ ସରକାର ହାତ ମୁଠାରୁ ଦେଶଦ୍ରୋହିତା ଦ୍ୱାରା ଖାଣ କରୁଛନ୍ତି । ସେଥିପାଇଁ ସଂଘ ବଦ୍ଧ ଭାବରେ ଆମ୍ଭମାନଙ୍କୁ କଂଗ୍ରେସ ପତାକା ତଳେ ରହି ଆନ୍ଦୋଳନ ଚଳାଇବାକୁ ହେବ । କଂଗ୍ରେସର ଆକାଂକ୍ଷା ସିଦ୍ଧ କରିବା ଦିଗରେ ଲାଗିବାକୁ ହେବ ସେତେଦିନ, ଯେତେଦିନ ପର୍ଯ୍ୟନ୍ତ ଜାତି ତାହାର ପୂର୍ଣ୍ଣ ସ୍ୱରାଜ ନ ପାଉଛି । ତାହାହେଲେ ଦେଶ ତାହାର ଅନ୍ନ, ବସ୍ତ୍ର, ଶିକ୍ଷା, ସ୍ୱାସ୍ଥ୍ୟର ଯେ ସମସ୍ୟା ରହିଛି ତାହାର ସମାଧାନ କରି ପାରିବ । ସେଥିପାଇଁ ମୁଁ ଆଜ ଏ ସଭାରେ ମୋର ଦେଶର ଭଉଣୀମାନଙ୍କୁ ଉନ୍ନତ ନିବେଦନ କରୁଛି ଆପଣମାନେ ଦେଶ ମାତୃକାର ଆବାହନ ଶୁଣନ୍ତୁ । ଦେଶକୁ ମହା ଦୁର୍ଦ୍ଦଶାରୁ ମୁକ୍ତ କରିବାର ଗୁରୁ ଦାୟିତ୍ୱ କଂଗ୍ରେସ ଆପଣମାନଙ୍କ ଉପରେ ନ୍ୟସ୍ତ କରିଛି । ଏହି ଦାୟିତ୍ୱ ବହନ କରିବାକୁ ହେଲେ କୌଣସି ତ୍ୟାଗ ବଡ଼ ନୁହେଁ; କୌଣସି ପରିଶ୍ରମ ବେଶୀ ନୁହେଁ; ଜୀବନର ଶେଷ ରକ୍ତ ବିନ୍ଦୁ ପର୍ଯ୍ୟନ୍ତ ଢାଳି ଦେବାକୁ ପ୍ରସ୍ତୁତ ରହିବାକୁ ହେବ । ଆଜ ପୃଥିବୀର ପଦଦଳିତ ଶୃଙ୍ଖଳିତ ଜାତି ସେମାନଙ୍କର ଶୃଙ୍ଖଳ ମୋଚନ କରିବା ପାଇଁ ପ୍ରାଣ ପ୍ରାୟଶ୍ଚିତ କରୁଛନ୍ତି । ଭାରତ ଜାତି କଦାପି ପଛେଇବ ନାହିଁ, ଏତିକିଥା କହି ମୁଁ ମୋର ବକ୍ତବ୍ୟ ଶେଷ କରୁଛି ।

( କୌଣସି ନାରୀ ସଭାରେ ପଠିତ । )

Digitized by srujanika@gmail.com



# ବହିପତ୍ର

## ଜଙ୍ଗଲ ସାହିତ୍ୟ—

ପୁଣି ପୁଟ ସଂଖ୍ୟାରେ ଦେଖା ଦେଇଛି—ମାଘ ଓ ଫାଲ୍ଗୁନ ସାଠି। ଏ ସଂଖ୍ୟାରେ ଯେଉଁ ଦୁଇଟି ଗଳ୍ପ ପ୍ରକାଶ ପାଇଛି ତନ୍ମଧ୍ୟରୁ କୌଣସିଟି ଛିଡ଼ କୋଟିର ଗଳ୍ପ ପରି ବୋଧ ହେଲାନାହିଁ। ଟୋକାଟିଏ ମାମୁଁଙ୍କ ଅଜ କୋଟିଏ ପିଲ ଳିଅ।

ମେଘଦୂତର ଅକ୍ଷରିକ ଛନ୍ଦାନୁବାଦ ଏ ସଂଖ୍ୟାର ବଡ଼ ସମ୍ପଦ ହୋଇଛି। ଅନୁବାଦର ରକ୍ଷଣଶୀଳତା ହୋଇ ପୁଣି ଟେଣର ଅଧିକ ହୋଇ ନ ଥିଲେ ମଧ୍ୟ ହେଜାଗ୍ରସ୍ତତା ଦୋଷରୁ ମୁକ୍ତ। ଅନୁବାଦକଙ୍କ ଶ୍ରମକୁ ପ୍ରଶଂସା କରୁ।

ଏ ସଂଖ୍ୟାର କବିତା ଗୁଡ଼ିକ ମଧ୍ୟ ତତ୍ତ୍ୱରେ ପରିବର୍ତ୍ତନ ଦେଖିଲୁଁ ନାହିଁ। ପୁଟ ଲେଖକଙ୍କର 'ଯୋଗ୍ୟାତ୍ମା' ଗୋଟିଏ ପ୍ରାଣମୟ କବିତା। ମନ ସଂଖ୍ୟାର ସମ୍ପାଦ ସୂଚକ ସ୍ଥାନ ପାଇଥିବା କବିତା ସମ୍ବନ୍ଧରେ ବିଶେଷ କିଛି କହିବାର ନାହିଁ।

ଏହାଛଡ଼ା ମୁଦ୍ରାକରଙ୍କର ଟିକିଏ ଅନ୍ୟମନସ୍କ ବ୍ୟସ୍ତତା ଏ ସଂଖ୍ୟାରେ ପରିଲକ୍ଷିତ ହୋଇଛି। 'ଗୃହ ଭଣ୍ଡାର' ଲେଖର ଶିରୋନାମା ବନ୍ଧନୀର ଯାଏ ଅଭୋଳ ଭ୍ରମାତ୍ମ ହୋଇ ଦେଖଦ୍ୟମାନ। ସରଳା ଦେବୀଙ୍କର ଲେଖିବ ସ୍କୁଲ ଗୋଟିଏ ଶିକ୍ଷଣୀୟ ପ୍ରବନ୍ଧ।

## ପ୍ରଗତି—

'ସମସ୍ତେ ଅନ ଶୁଣି ଖୁସି ହେବେ, ପ୍ରଗତିର ଅବସ୍ଥା ଫେରି ଯାଇଛି।' ମଝିରେ ଟିକିଏ ଅଚଳ ହେଇ ପ୍ରଗତି ଡାହାଣଛନ୍ତି ଏପ୍ରିଲ ସହଲାରେ ଏହି କଥା ଜାଣି। ପ୍ରଗତିର ଗଳ୍ପ ଚୟନ ଗୁଡ଼ିକ ଏଥର ବଡ଼ ସୁବିବେଚିତ ହୋଇଛି। ସୌଦାମିନୀ ପ୍ରାଣ୍ଡିଙ୍କର ଗଳ୍ପଟି ବେଶ Psychological. ଅଟ୍ୟାଚ୍ୟ ଗଳ୍ପ ଗୁଡ଼ିକ ମଧ୍ୟ ସୁନ୍ଦର। ଅପର୍ଣ୍ଣା ଦେବୀଙ୍କର ଠକିଲ ନାମା ଗପଟି କେଉଁଠି ଯାଇ ଅଟିକା ପରି ଲାଗୁଛି। ଯାହାହେଉ ବେଶ ଶିକ୍ଷଣୀୟ ବସ୍ତୁଟି। କବିତା ଭିତରେ ଗୋଟିଏ ଅଶ୍ଳୀଳତା ହୋଇଛି। ସତ୍ୟର ସୀମାରେ ଯେଉଁ ସତ୍ୟଟିକୁ ବଙ୍ଗଳା ପୁସ୍ତକରୁ ଅନୁବାଦିତ କରି କବି ଯୋଗଛନ୍ତି ତାହା ସେ ଖାଣ୍ଟି ଓଡ଼ିଆ ଛାଞ୍ଚରେ ଢଳାଇ ପାରିଲା ପରି ମନେ ହେଲା ନାହିଁ। 'ଟାହାର ଉପରେ ନାହିଁ' କଥାଟାକୁ ବଙ୍ଗଳା ଢଙ୍ଗରୁ ଅଣି ଓଡ଼ିଆ ହରଫରେ ଥୋଇବା ସମସ୍ତେ ପାରିବେ। ଟିକିଏ ସେ ବିଷୟରେ ଚିନ୍ତା କରିଥିଲେ କେଉଁ ବେଶ ଓଡ଼ିଆରେ ବଙ୍ଗାଳୁ ରଖି ଅନୁବାଦ କରି ପାରି ଥାନ୍ତେ। ଶେଷ ବସ୍ତୁଠାରୁ ଖବର ଅନ୍ତରର ଟିକିଏ ବେଶୀ ହେଲାପରି ଲାଗିଲା।

## ଗୁଣ ଦର୍ପଣ—

ମାଘ ସଂଖ୍ୟା ଚୈତ୍ର ଶେଷରେ ମିଳିଲା। ପତ୍ରିକାଟି ସ୍କୁଲ ପିଲାଙ୍କର ସାମୟିକ ପତ୍ରିକା ସ୍ତରରୁ ଆଉ ଟିକିଏ ଉପରକୁ ଉଠିଲେ ଆମ୍ଭେମାନେ ଖୁସୀ ହେବୁ। ଏହା ଜଣେ ଯୁବକ ଏବଂ ଉତ୍ସାହୀ ସଜ୍ଜନଙ୍କର ଅନୁକୂଲ୍ୟରେ ଚାଲୁ ହେଇ ତାଙ୍କର ସୁନାମକୁ ଅକ୍ଷୁଣ୍ଣ ରଖି ପାରିଲେ ପତ୍ରିକା ପ୍ରକାଶ ସାର୍ଥକ ହୁଅନ୍ତା। ଏ ସଂଖ୍ୟାରେ ଆଲୋଚନା କରିବା ଭଳି ବିଶେଷ ବସ୍ତୁ ପାଇଲୁଁ ନାହିଁ।

କେପିଟୋଲରେ
ନବତମ ଆକର୍ଷଣ
ବିଦ୍ୟାପତି

(ମହାକଥା—୪ର୍ଥ ପୃଷ୍ଠା ଉତ୍ତାରୁ)

ସେ ପାଗଳ ହୋଇ ଯିବ ନା କଣ! ଅର୍ଦ୍ଧଛାତରୁ ବାହାରି ଆସିଲା, ଉଲଗ୍ନ, ଉନ୍ମତ୍ତ ଭଳି ରାସ୍ତା ଉପରେ ଘୂରିବାକୁ ଲାଗିଲା, ପଦ୍ମବଣ ଶୁନଶାନ ହୋଇ। ଯାଇ ଉହୁଙ୍କ ଗଳା ଧାଡ଼ିରେ। ଏଥର ମନେ ହେଲା ଗଳାକୁ ହେଉଁ ପଡ଼ିଛି। ଖାଲି ପାଇଁ ଏତେ କଲି, ଏତେ ସହିଲି, ଲହଡ଼ାଇ ଧରିଲାଇ ସବୁ ଭୁଲିଗଲି, ସେ ସବୁ ଏପରି ସକଳେ ଭାଙ୍ଗି ଉଠିଲି, ତେବେ ଏ ସବୁ ଛାଡ଼ି ଆଉ ସବୁ ହେବ। ତେଉଁକ ଗଳାକୁ ଛାଡ଼େ।...

ନା, ନା, ଏଥର ମନେ ପଡ଼ିଯିବ ଯେ। ଏଇତ ତଳ ଅଗରେ ବନ୍ଦରୁ, ମୋର ନଡ ଜଗାମାଲ ନାଁ ହି। ଲାଲା......

ଯାହା ମନରୁ ଖସିଲା ଅପରୂପ ସ୍ୱରରେ ଯେତେଦିନ୍ଧା ଦେଲାପାଇ, ଖେଳିଲା, ଡାକିଲା—ଓଠ ହେଲା ଜାମୁଡ଼। ମୁଣ୍ଡ ତାର ଟାଣି ପକାଇଲା ଖୁଆଳ, ଚଥାପି, ଚଥାପି......

ପାଣି ଭିତରକୁ ପଶି ଅଞ୍ଜୁଳା ଅଞ୍ଜୁଳା କରି ମୁଣ୍ଡରେ ପାଣି ଥାପିବାକୁ ଲାଗିଲ ବେହୁସ୍ ହୋଇ। ଦଉଡ଼ି ତାର ବୋଝ କଲ ଖଟେ। ଖାଁଖଲ ପ୍ରମାଣ ବ ପାଦ ଅତଳ ପାଣିକୁ ଖସି ଯାଇ ବୁଡ଼ିଗଲ। ତାର ମନେ ହେଲ ଏଥର ମଲି—ଅସ୍ତ ହେଇଚ—ମୋର ମରିବା ଭଳ। ଡ଼ୋବେ ପାଣି ପିଇ ଯେତେବେଳେ ସେ ହାଲୁକା ମାଇ ଉପରକୁ ଉଠି ପଡ଼ିଲ, ଦୁକୁଳ ଖେଳଗଲା ପଢ଼ ତାର ମନେ ପଡ଼ିଗଲ—ଲାଲା ହୁନିଗ୍ରନ୍। ହୁନଗ୍ରନ, ହୁନଗ୍ରନ! ଅବେ କଏ ଅଛ ମୋତେ ବଞ୍ଚାଅ, ବଞ୍ଚାଅ। ମୋ ଟଙ୍କା—ମୋ ଋଜଣ ହଜାର ଟଙ୍କା! ମନେ ପଡ଼ିଚ, ଲାଲ ହୁନଗ୍ରନ!

ସେ ଗର୍ଜ୍ଜନ ସତରେ ଶ୍ୟାମଲାଲର ଡାକ-ବେଶ୍ଚି କେହି ଶୁଣିବେ ନାହିଁ। ମୁହୂର୍ତ୍ତେ ମଧ୍ୟରେ ଜଘାର ମରୁଥିଲା ତରଙ୍ଗ ତାକୁ ଟାଣି ନେଇ ଲୁଲ୍‌ଗଲା କେଉଁ ଅଜଣା ଅତଳକୁ।

Digitized by srujanika@gmail.com



# ନାଗବଚାଦଳ

ସ୍ନେହର ନାତି ନାତୁଣୀଏ ।

ମୋ ପାଖକୁ ଘନ ଘନ ଚିଠି ଦେଇ ମୋତେ ବଡ଼ ଅସ୍ତ ବ୍ୟସ୍ତ କରି ପକାଉଛ । ଏକେତ ବୁଢ଼ା ମଣିଷ, ତା ପରେ ବାହାଅନ୍ତେ ବାଉଧନ୍ଦା । ଯାହାହେଉ ତମଠୁଁ ଚିଠି ଖଣ୍ଡେ ଖଣ୍ଡେ ପାଇଲେ ମନ ଭାରି ଖୁସି ହୁଏ । ତଳେ ଜଣେ ନାଗବତ୍ସଙ୍କ ଚିଠି ଛପାଗଲା । ନାଗବଚ୍ଛା ଦଳ କମିତି ଚଳିବ କ'ଣ କରିବ ଏ ବିଷୟ ହୁଏ ଅନ୍ତ ସେ ବହୁତ କଥା କହୁଛନ୍ତି । ତାଙ୍କ ମତ ସମ୍ବନ୍ଧରେ ଅଜା ତମର ନିଜ ନିଜର ସ୍ୱାଧୀନ ମତ ଯାହା, ମୋ ପାଖକୁ ଲେଖିଲେ ମୁଁ ସେ ବିଷୟ ଯାହା ବିଚାର ଠିକ କରିବି ତାହା ତମକୁ ଜଣାଇ ଦେବି । ଆଶା କରେ ଚିଠି ଦେବ । ଇତି ତମର

ସ୍ନେହର ବୁଢ଼ାଅଜା

## ନାଗବତ୍ସଙ୍କ ଚିଠି

ପ୍ରିୟ ଅଜା,

ପ୍ରଣାମ । ଦେଖ, ଛତମେ ଜଣେ ପକ୍କା ଶିକାରୀ । ଶିଖିଲାବେ ବସି ବେଶି ଭାବୁବ ଧରିବା ଲୋକ ତମେ । ଡଗର ଅଫିସରୁ ଲାଞ୍ଛ ଭୂମିରେ ଓ ପଦ୍ମ ତୋଳା ଡାକ ଦଲ୍ଲୀ ଠଉଁ ଓଡ଼ିଶା ଯାଏ ନାଗବଚ୍ଛାଙ୍କୁ ଖେଳାଉଛ । ତମ ବୁଦ୍ଧିକୁ ସାବାସ୍ ।

ମୋର କିନ୍ତୁ ତମ ଚେହେରାଟା ଥରେ ଦେଖିବା ପାଇଁ ଭାରି ମନ ହଉଚି । ସେହିପରି ଅନ୍ୟ ନାତି ନାତୁଣୀଙ୍କର ବି ହଉଥିବ । ଭେଟ ନେଲେ ନିଶ୍ଚୟ ଜଣା ପଡ଼ନ୍ତା । ଏଣୁ ମୋର ଅଳି ଯେ ତମର ଗୋଟାଏ ଫଟୋ ଡଗରରେ ଛପାଇବ । ପଛେ ନାତି ନାତୁଣୀ ନେଇ ଘର କରୁଚ—ତେଣୁ ଖେଳଟା ବେଶି ହୋଇଥିବ । ସେଥିପାଇଁ ବ୍ଲକ କରିବା ଖରଚଟା ମୁଁ ଦେବାକୁ ରାଜି ଅଛି ।

ଦେଖିବ ଆମ ଅଜାଙ୍କ କମିତିକା । ଲମ୍ବା ମୁଣ୍ଡିଆ ନା ତମ ଧୂଡ଼ୁଧୂଡ଼ିଆ କଳା କିଟକିଟ ନା ଅରୁଆ ଗୁଣ୍ଡିଆ ପରି ଧଳା ? ଆଶାକରେ ମୋ କଥାଟି ରଖିବ ! ଇତି ।

ସ୍ନେହର—ଜଣେ ନାତୁଣୀ

ମୋ ଫଟୋଟା ଛପିବାରେ ମନା ନ-ଥିଲା । କିନ୍ତୁ ମୋର ଡର ଯେ ମୋତେ ନଦେଖି ତୁମେ ସବୁ ମୋତେ ଯେଉଁ ପ୍ରେମ କରୁଛ, ଚେହେରାଟା ଦେଖିଲେ ସେ ଦହି ପାଣି ଫାଟି ଯିବ,— ଚେହେରାଟା ଏତେ ସୁନ୍ଦର ! ସେଥିପାଇଁ ଏ ଜିନିଷ ଚେହେରାଟା ନ ଦେଖାଇବା ଭଲ ତୁମକୁ । ତାପରେ ତୁମ ଅଜାଙ୍କର ଅନୁମତି ଦରକାର—କାରଣ ସେ ତହିଁରେ ଷୋଳପଣ ଦାବି କରି ବସନ୍ତି !

"ଅଜା"

ପ୍ରିୟ ଅଜା,

୨୨ ସଂଖ୍ୟା ଡଗରରେ ଆପଣଙ୍କର ଜଣେ ନାତି ମୋ ଖବର ପଚାରିଛନ୍ତି । ତାଙ୍କର ଏ ଦୟା ପାଇଁ ଧନ୍ୟବାଦ । ମୋ ଉପରେ ସେ ଯେ ଟିକିଏ ରାଗି ବି ହେଇଛନ୍ତି, ତାଙ୍କ ଚିଠିରୁ ଜଣା ପଡ଼ୁଛି ।

ଯେଉଁ ପ୍ରଶ୍ନଟିର ଉତ୍ତର ଦେବାପାଇଁ ମୋତେ ସେ କହୁଛନ୍ତି, ମୁଁ ତାର ଉତ୍ତର ଦେଉଛି । ହଁ, ଆମେ ଓଡ଼ିଶାର ପୂର୍ବ ଯଶ, ପୂର୍ବ ଗୌରବ ଫେରାଇବା । ଆପଣା ଭିତରେ କମ୍ପୁଟା କମ୍ପୁଟି ଲାଗି ନୁହେ—ସ୍ନେହ, ସଦ୍‌ଭାବ ରଖି । ଯେତେକ ନାଗବଚ୍ଛା ସମସ୍ତେ ଏକତାବଦ୍ଧ ହୋଇ, ପରସ୍ପର ମଧ୍ୟରେ ଭାବ ବିନିମୟ କରି, ଅଜାଙ୍କ ଖବର-ଦାରରେ ଚଳି ପାରିଲେ ଦେଶର ଓ ନିଜ ନିଜର ଅନେକ ମଙ୍ଗଳ ହେବ ବୋଲି ମୋର ଆଶା । ବର୍ଷକୁ ଥରେ ଥରେ ସଭା କରିବା ଆଉ ଅଜାଙ୍କୁ ଡାକିବା । ସେଇଠି ଆମ ନାଗବଚ୍ଛାମାନଙ୍କର କାର୍ଯ୍ୟ ପଦ୍ଧତି ଠିକ ହେବ ।

ନାଗବଚ୍ଛା ଭାଇଙ୍କି ଜଣାଇବେ ମୁଁ ଭଲ ଅଛି ଆଉ ସେ ଯଦି ମୋ ଠିକଣାରେ ଚିଠି ଲେଖନ୍ତି ତାର ଉତ୍ତର ପାଇ ପାରିବେ । ଇତି

ତୁମ ସ୍ନେହର

କୁମାରୀ ଶୈଳବାଳା

(ମଲ୍ଲୀ ନାତୁଣୀ)

## ନାଗବତ୍ସଦଳର ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଶରୀର—ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଡଗରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ, ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ, ସେବା, ସାହସ ଓ ଅହିଂସା ସାଧନରେ ସେମାନଙ୍କୁ ଉଦ୍‌ବୁଦ୍ଧ କରାଇବା ।

## ପ୍ରତିଜ୍ଞା ପତ୍ର ।

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ବର୍ଷରୁ କମ୍ । ମୁଁ ସତ୍ୟ ସେବା ସାହସ ଓ ଅହିଂସା ବ୍ରତ ପାଳନକରିବି । ଦୟାକରି ନାଗବତ୍ସଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ୫୦/ର ଡାକ ଟିକଟ ପଠାଇଲି ।

ଆପଣଙ୍କ ସ୍ନେହର ନାତିନାତୁଣୀ

ଶ୍ରୀ ______________________

ଠିକଣା ______________________

ତାରିଖ

## ନୂଆ ନାଗବତ୍ସଙ୍କ ନାମ ।

।୬୬। ଶ୍ରୀମତୀ ବାସନ୍ତୀ ଦେଈ, ୮ମ ଶ୍ରେଣୀ ରେଭେନ୍ସା ବାଳିକା ବିଦ୍ୟାଳୟ, କଟକ । ୬୭ । ଶ୍ରୀ ବଙ୍କବିହାରୀ ହରିଚନ୍ଦନ C/o ବସନ୍ତ ବିହାରୀ ହରିଚନ୍ଦନ, ନୟାପଡ଼ିଆ, ବୁଢ଼ାଗୌଡ଼ କଟକ । ୬୮ । ଅଧିକାରୀ ଗୁରୁଚନ୍ଦ୍ର ଦାସ, ବାରିପଦା ହାଇସ୍କୁଲ, ବାରିପଦା ।୬୯। କୁମାରୀ ସିନ୍ଧୁବାଳା ମହାନ୍ତି, 121H. 6. C.Road ପୋ: ଜମସେଦପୁର । ୭୦ । କୁମାରୀ ଉର୍ମିଳା ମହାନ୍ତି, 121H.6.C. Road. ଜାମସେଦପୁର । ୭୧ । ଶ୍ରୀ ଦିବାକର ନାଥ, ଶାଳିପୁର, ହାଇସ୍କୁଲ, ୮ମ ଶ୍ରେଣୀ, ଶାଳେପୁର, କଟକ । ୭୨ । ଶ୍ରୀମତୀ ଅହଲ୍ୟା, ଗଣେଶ କୁଟୀର, ଧାତକିଡ଼ି ବସ୍ତି, ଜମସେଦପୁର ।୭୩। ଶ୍ରୀ ଗୋକୁଳ ଚନ୍ଦ୍ର ମହାନ୍ତି, Technical Institute, ଜମସେଦପୁର । ୭୪ । ଶ୍ରୀ ଅତୁଳ ଚରଣ ବଳ, ଠାକୁରାଣୀ ପାଳ, ପୋ: ହାଟସାହି, କଟକ । ୭୫ । ଶ୍ରୀ ଶଶିଭୂଷଣ ଦାସ, ୯ ମ ଶ୍ରେଣୀ, ବାରିପଦା ହାଇସ୍କୁଲ, ବାରିପଦା ।

Digitized by srujanika@gmail.com



# ଖବର ଅନ୍ତର

କାଶ୍ମୀର ସାମ୍ୟବାଦୀ କାର୍ଯ୍ୟକର୍ତ୍ତ୍ରୀ ଶ୍ରୀମତୀ ସତ୍ୟବତୀ ଦେବୀଙ୍କୁ ପଞ୍ଜାବ ସରକାର ଜେହଲମ ଠାରେ ଗିରଫ୍ତାର କରି କାଶ୍ମୀରରେ ନେଇ ଛାଡ଼ି ଦେଇ ଅଛନ୍ତି ।

ଯାହାହେଉ ଭଲ ଭାଗଟା ବଣ୍ଟନରେ ତ— ସେ ଏଟା ଷ୍ଟେର୍ଲିଂ ଜଳ କରି ନଥିବେ ତ ।

ହଷ୍ଟ୍ରୀଅର ଗାଁରେ ନାଚ ଦେଖା ପାଇଁ ସାଲିସ ଜଣେ ଇଂଲଣ୍ଡକୁ ୬୦୯ ଗିନି ଦଣ୍ଡ କଲେ । ସେ ଦଣ୍ଡବା ଦୋଷ ଶୁଣେ ଦେଖାଇ ସାଲିସ କହିଲେ "ଦେଶ କାମରେ ଲଗାଇବା ପାଇଁ ପଡ଼ ଏ ପାଞ୍ଚ ଟଙ୍କା ଫେରସ୍ତ ନ ହୋଇ-ଯାଏ ଷଷ ତ'ଣ ?"

ପଢ଼ା ଚଣିଆ ଅଛି ଚୁଡ଼ା । + +

କୁମ୍ଭ ମେଳା ବସିଥିବା ସମୟରେ ହରି-ଦ୍ୱାରରେ ଘରପୋଡ଼ି ହୋଇ ପ୍ରାୟ ୧୦ ଲକ୍ଷ ଟଙ୍କା ଧ୍ୱଂସ ହୋଇଗଲା ।

ହରବୋଲ, ପାପ ହରୁ ପୋଡ଼ିଗଲା । ×

ଦେଶୀୟ ରାଜ୍ୟରେ ବାସ କରି ଭାରତୀୟ ନାଗରିକ ହେଲେମାନଙ୍କ ଠାରୁ ସ୍ୱତନ୍ତ୍ର ବ୍ୟବହାର ଦାବି କରିବାପାଇଁ କୋଠାଏ ଷଣ୍ଢ କରିଥିଲେ । ସେମାନଙ୍କ ଘରେ ବାଲ ଦର୍ଶନ ଓ ତାଙ୍କ ଭ୍ରମଣସ୍ଥ ବନ୍ଧ ଥିଲେ ।

—ଲୋକମାନଙ୍କର ପାଇବାର ଦଣ୍ଡ ବଢ଼ିତ ଏହା ଏ ଥର । + +

ଫ୍ରାନ୍ସ ଅନ୍ତଃମହଲରେ ଯେମିତ ସମତନ୍ତ୍ର ଭବନରେ ଜିଲ୍ଲା ସାଉଥ ଷ୍ଟ୍ରେଲିଆ ହୋଇ ଯାଇଛି । ପଣ୍ଡିତ ଗଠନ ସରକାରର ଅଧିନ ଥରକୁ ବସିଥିଲେ । ମୂଲ୍ୟ ଧାର ଦେଇ ଏଥର ଦ ଜିଲାବାକୁ ଭିତ୍ତିର ଅଣ୍ଡା ଦେବାକୁ ସତକ ନା କଣ ? + ×

ସମ୍ମିଳନରେ ଓଡ଼ିଆ ପ୍ରତିନିଧିମାନଙ୍କର ନିର୍ବାଚନ ଚଳିଲା ନ ହୋଇଥିଲା । କ୍ଷେତ୍ର ନିର୍ଦ୍ଧାରଣ ନା ପର୍ଦ୍ଦିଷ୍ଟି ହାଇସ ? × +

ମଦ୍ରାସ ଠାରେ ପଣ୍ଡିତ ଜବାହରଲାଲ ନେହ-ରୁଙ୍କ ଜନ୍ମଦିନ ସମ୍ମିଳନୀ ମଧ୍ୟ ସମାବେଶରେ ଅନୁଷ୍ଠିତ ହୋଇ ଯାଇଛି । କଂଗ୍ରେସ ଦାବିରେ ଏ ଶୁଭ ଅନୁଷ୍ଠାନ ମାଡ଼ା ପଡ଼ିଥିଲା । ପଣ୍ଡିତ ଅନ୍ତତଃ ଏହା'ଟି ନ ଦେଖାଇଲେ ପ୍ରତ୍ୟେକ ପ୍ରତ୍ୟେକ ଓଡ଼ିଆ ପାଣପଣ କରି ଦେଲେ । କଂଗ୍ରେସିଅଙ୍କ ଲାଭ ଯିବ ନାହିଁ ତ ? +

ସିନ୍ଧ ଓ ହିନ୍ଦୁ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ହାଣକାଟ ହୋଇ ଲାହୋର ଠାରେ ବହୁତ ଅଧିକ ଶୁଣ ଜଖମ ହୋଇଛନ୍ତି । ଭଲ ଭଲ ବୋଲାବୋଲି ! + +

ବମ୍ବେରେ ଯେଉଁ ହିନ୍ଦୁ ମୁସଲମାନ ହାଣ-କାଟ ଲାଗିଥିଲା ତାହା ଶାନ୍ତ ହୋଇଛି । ଏହା ପରେ କର୍ଣ୍ଣାଟିକା ପାଳି ପଡ଼ିବ ? +

ବଙ୍ଗଳାର ଦଶ ହଜାର ଜମିଦାର ଏକ ବୃହତ୍ ଦରଖାସ୍ତ ଦାଖଲ କରିଛନ୍ତି ଲାଟଙ୍କ ଠାରେ । "ରକ୍ଷାକର ରକ୍ଷାକର !" ଦେହ ଦେହ ଭଲ ହାତ ପଡ଼ାଇଲେ କେତେ ଫଳ ମିଳେ କ ? ବନ୍ଧୁ,ବୋଲ ଅଧର୍ମଟାଏ ବା ଭୂଇଁଲ ମୂଠ । × + +

ଓଡ଼ିଶା ଜଜିବାରେ ଯ ଯେଉଁ ଉପାୟ ଧରିଛନ୍ତି । ଉତ୍ତାଦ୍ୱାର କେବେ କେଉଁ ବାହାର ହଠ୍ ରକ୍ଷି ପାରିବ ନାହିଁ । ଭଳ'ରେ ଅଛି ବୋଲି ଯାଇ, ପୂରକ ତାଇ । ଜନ୍ମ ସେ ବୋଲି ଅଧିକ କଣ ନିବେଦନ କରି ? + +

ସମ୍ରାଟ ଷଷ୍ଠ ଜର୍ଜ ୧୯୪୦ ସାଲ ଭାରତକୁ ଆସିବେ ।

କୁଣ୍ଡି ମୁହିଁ ତୋ ଧରଣୀ ଭଳୁଜଳୁରେ । ×

ଲବୋ ସ୍ଲୋଭାକିଆର ଜର୍ମାନମାନେ ଏକ ବିଦ୍ରୋହ ଆରମ୍ଭ କରି ତାଙ୍କ ପାଇଁ ଶାସ୍ତ୍ର ସତ୍ୟକୁ ଅବଶ୍ୟ ଛାଡ଼ି ଦେବାକୁ ଦାବି କରୁ-ଛନ୍ତି । ଅଷ୍ଟ୍ରିଆକୁ ଗ୍ରାସ କରିବା ପରେ ଏ ଏକ ନୂଆ ଖେଳ ଜର୍ମାନୀର ।

ଏହାରେ କୃତ୍ରିମ ଅପବାଦ ନାହିଁ । ଯେତେ ଖାଉଥିଲେ ମିଠା ଲାଗୁଥାଏ । + +

ଚାଇନାରେ ମାଷ୍ଟର ଧୂଳାଗିରି ସୋଲ ପଡ଼ାଇ ବନ୍ଧୁର ବାଣୀ ରେ.ଡ଼ିଏ ହବ୍ ବଜ-ଥିଲେ । ଦେଶ ଦେଶ ତାଙ୍କର ବୋଟିଏ ସ୍ପ୍ରିଙ୍ଗ ରଖିବାର ପ୍ରସ୍ତାବ କଲେ ।

ଟ୍ରଙ୍କ ଖାଲି ସ୍କୁଲରେ ରହିବ ନା କାର୍ଯ୍ୟ ହେବ ? + + +

ରଡ ଜାପାନ ସ୍ୱତ୍ୱରୁ ଜଣାଯାଏ, ଛଡା-ମାନେ ଜାପାନକୁ କ୍ରମେ କ୍ରମେ ହଠାଇ ଦେଉଛନ୍ତି ।

ତଳା ଉପରେ ଏବେ Made in Japan ମାର୍କା ବସିବ ନାହିଁ ? ଅହୋ ହୋ, ମହର୍ଗ ହେବ ତେବେ । + +

ବଙ୍ଗଳା ମନ୍ତ୍ରୀ ପ୍ରଧାନ ମନ୍ତ୍ରୀ ଫଜଲୁଲ ହକ ଲିଗ ସଭାରେ କହିଲେ ଯେ କଂଗ୍ରେସ ପ୍ରଦେଶ ମାନଙ୍କରେ ଅଳ୍ପ ସଂଖ୍ୟକ ସମ୍ପ୍ରଦାୟ ଉପରେ ଅତ୍ୟାଚାର ହେଉଥିବାରୁ ସେଠାରେ ସାମ୍ପ୍ର-ଦାୟିକ ସମ୍ପ୍ରଦାୟ ମାରଦାଣ ସୃଷ୍ଟି ହେଉଛି । କିନ୍ତୁ ବଙ୍ଗଳାରେ ଏ ପର୍ଯ୍ୟନ୍ତ ଟୋପାଏ ବି ରକ୍ତ ବାହାର ହୋଇନାହିଁ ବା ଗୋଟାଏ ବି ମୁଣ୍ଡ କଟି ନାହିଁ ।

ପଚୋଶୀ ଘରେ ନିଆଁ ଲଗାଇ ଦେଇ, ନିଜର ପୁଣ୍ୟ ବଳରେ ଆପଣା ଘର ରହିଥିବା ହୋଇଛି ବୋଲି ନାଚିଲେ ଲୋକେ ତାଙ୍କୁ କ'ଣ କହିବେ ? ବେହିଆ—ଛଛା— +

ସରକାରୀ ଅନୁଷ୍ଠାନମାନଙ୍କ ଉପରେ ଜାତୀୟ ପତାକା ଉଡ଼ା ଅଫିସରେ ଉଚିତ ବୋଲି ବିହାର ମନ୍ତ୍ରୀମଣ୍ଡଳ ଇସ୍ତାହାର ଦେଇ-ଛନ୍ତି । ଏଣେ ବମ୍ବେରେ ଠାରେ ମିଉନିସିପାଲିଟି ଉପରେ ଜାତୀୟ ପତାକା ଉଡ଼ାଇବାକୁ ମନା ହୋଇଛି ।

କଂଗ୍ରେସ ମନ୍ତ୍ରୀ ହେଲେ ବି, ସବୁ ଅଞ୍ଚଳ ତ ସମାନ ନୁହନ୍ତି । + +

---

**ଓଡ଼ିଶା ମନ୍ତ୍ରୀ ପରିଷଦଙ୍କୁ**

ଦେଶବାସୀଙ୍କ ଜାତୀୟ ସ୍ୱାର୍ଥ ପ୍ରତିବାଦ ସ୍ୱରୂପ ପଦତ୍ୟାଗର ନିର୍ଦ୍ଧାରଣ କମନ୍ତେ

**ଭାଗର**

**ଅଭିନନ୍ଦନ ଜଣାଉଛି ।**

Digitized by srujanika@gmail.com



# ବିଲୁଆ ବିଚାର

[ପ୍ରତ୍ୟେକ ବିଷୟକୁ ଲଘୁ ଦୃଷ୍ଟିରେ ଦେଖି, ଦଳଗତ କିମ୍ବା ବ୍ୟକ୍ତିଗତ ଦ୍ୱେଷ ରହିତ, ନିର୍ମଳ କୌତୁକ ଦ୍ୱାରା ରସ ସଞ୍ଚାର କରିବା ଉଚରର ମୁଖ୍ୟ ଉଦ୍ଦେଶ୍ୟ]

**ସମ୍ପାଦକୀୟ**

କେତେକ ପ୍ରଦେଶକୁ ନେଇ ଅନ୍ୟ ମୁସଲମାନ ରାଜ୍ୟ ସହିତ ମିଶାଇ ଦେଇ ଗୋଟାଏ ପାକ ସ୍ଥାନର ବ୍ୟବସ୍ଥା କରିବାପାଇଁ ନେତ୍ରୀମାନେ ଦିନା କେତେ ଭାରି ଜୋର ଅନ୍ଦୋଳନ ଚଳାଇ ଥିଲେ । ସେ ଟିକିଏ ମାଡ଼ା ପଡ଼ି ଯିବାରୁ ଏବେ ବଙ୍ଗଳାର ପଣ୍ଡାମାନେ ବାହାର ଗୋଟାଏ ବେଙ୍ଗିସ୍ଥାନ ଗଢ଼ିବାର କଳ୍ପନା କଲେଣି । ଓଡ଼ିଆ, ଅଶାମି, ବିହାରି ଭାଷା ସବୁ ବଙ୍ଗଳାର ଗର୍ଭରୁ ଜାତ ତେଣୁ ପୁଣି ସେମାନେ ମାତୃ ଗର୍ଭକୁ ଫେରି ଯାଇ ଗୋଟାଏ ବୃହତ୍ତର ଶକ୍ତିଶାଳୀ ଭାଷା ଜନ୍ମ ହେଲେ ତାହା ରାଷ୍ଟ୍ର ଭାଷା ହେବାର ଉପଯୋଗୀ ହେବ ବୋଲି ସେମାନଙ୍କର ଅଉ ଗୋଟିଏ ଯୁକ୍ତି । ଅହା ଏ ଆକାଶ କୁସୁମ ଶଳିତା ମାଛ ସତେ କଣ ଫୁଟିବ ? ବଙ୍ଗାଳି ଭାଇମାନଙ୍କ ସୁଖ ସପନ ସତେ କ'ଣ କାଳିମାଟା ସତ ଲଗାଇବେ । ... ...

ପୁରାଣ କହୁଛି ଯେ କଳିଯୁଗରେ ପିଲାମାନେ ପାରି ଉଠିଲେ, ମୁଣ୍ଡକୁ ହାତ ପାଇଗଲେ ମୁରବିମାନଙ୍କୁ ଅପଦସ୍ତ କରିବେ । ଯାହା ତ ଆଖି ଦେଖୁଛୁ କାନ ଶୁଣୁଛୁ—ସାକ୍ଷାତ ପ୍ରମାଣରେ ଗୁରୁଅଡ଼େ ଘଟି ଯାଉଛି । ବଙ୍ଗାଳିମାନେ ଯଦି ପାଣ୍ଠି ଜୁଟି କର୍ପୋରେସନରୁ ଓଡ଼ିଆମାନଙ୍କୁ ତଡ଼ି ଦିଅନ୍ତି ତେବେ ତାଙ୍କର ଯେ ଅପରାଧଟା କେଉଁଠି ଅମେ ବୁଝି ପାରୁନାହୁଁ । ସେଥିପାଇଁ ମହତାବ ଗୁଡ଼ି ଶହେ ମହତାପ ମୁଣ୍ଡ କାଟିଲେ ବି ଫଳ ନାହିଁ । ତେବେ କଥା ହେଉଛି ଯେଉଁ ଅକର୍ମୀ ବଙ୍ଗାଳିମାନେ ଭୋଟ୍‌ମେଣ୍ଟାଇଲ ବୋଲି ମିଛ ସତ କି ପ୍ରମାଣ ଦେଇ ଓଡ଼ିଶାରେ ଚାକିରି କରିବା ପାଇଁ ଅଣ୍ଟା ବାନ୍ଧିଥିଲେ ସେ କଥାଟା କଣ ହେବ । + + +

ଭଲରେ ଭଲରେ ଯାହା ଛିଣ୍ଡିପାଏ ତାର ନାମ—ସବ ମଙ୍ଗଳ । ଲାଟ ଶାସକ ଯେଉଁ ଯଉଁ ପାଲଟା ଲାଗିଥିଲା ତାର ଏ ଭଲଅ ଫଏସଲ ଦେଖି ସମସ୍ତେ ଖୁସି । ସବୁଠାରୁ ଖୁସି ଅବଶ୍ୟ ମନ୍ତ୍ରୀମାନେ । ଦୁଃଖୀ କେହି କେହି ନଥିବେ ତାହା ନୁହେଁ । ତାଙ୍କ ଦୁଃଖ ଦେଖି ଅମର ବି ଦୁଃଖ ହେଉଛି । ତାଙ୍କୁ ଏତିକି ଅଶ୍ୱାସନା ଦେଉଛୁ କି 'ସବୁର କା ଝାଡ଼ମେ ମେଉଆ ଫଲତା' ।

## ସାଧୁବାଦ

ବର୍ଷେ ଯାଉଛି । ଦେଶବାସୀଙ୍କର ଅପ୍ରତ୍ୟାଶିତ ସହାନୁଭୂତିରେ ଉଚର ଅଜି ଅସୀମ ଉତ୍ସାହ ପାଇ ଅଗେଇ ଚାଲିଛି । ସେଥିପାଇଁ ସେ ତାର ପାଠକ ପାଠିକାମାନଙ୍କୁ ଅନ୍ତରର ସାଧୁବାଦ ଜ୍ଞାପନ କରେ । ଅଶା, ଶରଦିନ ସେ ଏହିପରି ସୌହାର୍ଦ୍ଦ୍ୟ ପାଉଥିବ । ସମ୍ମୁଖରେ ଅନନ୍ତ ପଥ——

ସମ୍ପାଦକ

ଯେ ଯାହା ହେଉ କଂଗ୍ରେସ ଯେ ଏଥର ଗୋଟାଏ ବାଜି ମାରି ନେଲା ଏ କଥା ସାରା ଶତ୍ରୁ ବି ନ କହି ରହିବେ ନାହିଁ । ଏହି ପଡ଼ ଜିତାରେ କଂଗ୍ରେସର ଲଙ୍କିତ କେତେ ଡିଗ୍ରି ଉପରକୁ ଉଠିଲା ଓ ବ୍ରିଟିସ ସରକାର କେତେ ଡିଗ୍ରି ତଳକୁ ଖସିଲା ତା ବିଜ୍ଞାନୀ ହିସାବ କରିବେ । ଗୋଟାଏ ବାଳ କଣ୍ଟକ ପରବ ବି ହୋଇଗଲା ଏହା ଭିତରେ । ଏହା କେବଳ କେବଳ ଭଲ ହୁଏ 'ହାତୀ ଧରା ଖେଦା' ନୁହେଁ ତ ! ...

ଇଂରେଜ ସରକାର ଏ ରଥଁର ମାଡ଼ରେ ଯଦି ହଟି ନ ଥାନ୍ତେ ତେବେ ଦେଶରେ ଗୋଟାଏ ବଡ଼ିଆ ରଙ୍ଗମଞ୍ଚର ସୃଷ୍ଟି ହୋଇ ଥାଆନ୍ତା—ଯାହା ଆଗରେ ଷ୍ଟାର, ମିନାର୍ଭା, ରଙ୍ଗମହଲ ହାର ମାନନ୍ତା, ଏ ଗହମ ଦିନରେ ସେପରି ଟିକିଏ , ପୋଲା ଅମୋଦ ପ୍ରମୋଦରୁ କେତେକ ନାଟ ଦେଖା ଦେବାର ଚ୍ୟକ୍ତ ଯେ ବଞ୍ଚିତ ହେଲେ ସେଥିପାଇଁ ଅମେ ଦୁଃଖିତ । + +

ଖଣ୍ ଖଣ୍ ଲଢେଇ ଲାଗିଲେ । ଭଙ୍ଗୀ ବିଚାରି ବନ୍ଧାପଡ଼ି ତା ଉପରେ ଜୁଅ ଜୁଅ ଉଡ଼ିଗଲା । ଜେନ୍ ସାହାବଙ୍କ ଲାଟ ହେବା ନହେବା ଯେଣି ଯଉଁ ଝଣା ଓଠାରି ହୋଇ ଗଲା, ଶେଷକୁ ବଦଳୀ ବଦଳୀ ହେଲେ ସାର — ଏବା ଭଣ୍ଡା ହେଲା ମହିଁ ବାହାର । ଏଥିରେ ତାଙ୍କର ଦୋଷଟା ରହିଲା କେଉଁଠି ? ସେ କାଳୁ ଲାଟ ହେବାପାଇଁ ଅଳ ଝଳ କରି ନ ଥିଲେ କି ଅମ୍ଭୁତ କାମୁଡ ହୋଇ ନ ଥିଲେ । ଉଛ୍ୱାଟାରେ ବିଚାରିଙ୍କୁ ଜଗତକୁ ଠେଙ୍ଗ ମହିଁ ବାଟରେ— ଦୂମ୍ । ଏଥିରେ ଭାଗ୍ୟ ଦୋଷ ନ କହୁ ଅଉ କହିବା କଣ ? ପାଞ୍ଜି ଦେଖିଲେ ସଂକ୍ରାନ୍ତି ପୁରୁଷ କହିବେ—ମନସ୍ତାପ । ବସ୍ ।...

ଗୋପବନ୍ଧୁ ଶ୍ରୌତ୍ରିୟ ତାଙ୍କ ସଭା— ପଣ୍ଡିତ ନିବାରନ ଦାସ ସାବଜନ୍ତୁ । ମୁସଲମାନ, ସୋସେଲିଷ୍ଟ ପ୍ରଭୃତି ସଂଖ୍ୟା ଲଘିଷ୍ଠ ସମ୍ପ୍ରଦାୟ ଓ ଦଳର ପ୍ରତିନିଧି ମଧ୍ୟ ସେଥି ମଣ୍ଡନ କରିଛନ୍ତି । ମାଇକିନା ଜାତିରୁ ଗୋଟେ ବାହିଁକି ନିଆଁ ନହେଲା ବୋଲି ପଚାରିବାରୁ ଶ୍ରୌତ୍ରିୟ କେମନ୍ତେ କହିଲେ ଯେ, ବାଇବେଲ, ନାରୀ ଜାତିକୁ ଘୃଣା କରିବାକୁ କହୁଛି । ବ୍ରହ୍ମଚର୍ଯ୍ୟ ବ୍ରତଧାରୀମାନଙ୍କୁ ନାରୀମୂର୍ତ୍ତି ଦର୍ଶନ ପାପ ସୁତରାଂ ମୋର ବ୍ରହ୍ମଚର୍ଯ୍ୟ ସଭାରେ ନାରୀର ସ୍ଥାନ ପାଇ ହେଲେ ସବୁ କାର୍ଯ୍ୟ ପଣ୍ଡ ହୋଇଯିବ । ଅମେ ଗୋପବନ୍ଧୁଙ୍କୁ ପଚାରୁଁ, ଏ ଜିନିଷର କି ସଭ୍ୟ ? ✕ ✕

Digitized by srujanika@gmail.com

କଟକ ଦେଶୀ ପାଦ୍ରି ଥରେ କହୁଥିଲେ କି ଲୋକମାନେ ନୂଆ ଖ୍ରୀଷ୍ଟାନ ହୁଅନ୍ତି ତାଙ୍କ ଭିତରେ ଛ ପ୍ରକାର ଖ୍ରୀଷ୍ଟାନ ଅଛନ୍ତି । ଯଥା ଲାଇଟ୍ ଖ୍ରୀଷ୍ଟିଆନ ସାଇଟ୍ ଖ୍ରୀଷ୍ଟିଆନ୍—ହେନ୍ ଖ୍ରୀଷ୍ଟିଆନ, ପେନ୍ ଖ୍ରୀଷ୍ଟିଆନ, ଲେଡ଼ି ଖ୍ରୀଷ୍ଟିଆନ, ଫେଡ୍ ଖ୍ରୀଷ୍ଟିଆନ । ଏହାର ଅର୍ଥ ସେ ବୁଝାଇ ଦେଇଥିଲେ ଏହିରୂପ । 'ଲାଇଟ୍' ଅର୍ଥାତ 'ଆଲୋକ'—ଯେଉଁମାନେ ପ୍ରଭୁ ଯିଶୁଙ୍କ ଆଲୋକ ପ୍ରାପ୍ତ ହୋଇ ଖ୍ରୀଷ୍ଟିଆନ ହୁଅନ୍ତି । ଯେପରି ହୋଇଥିଲେ ଗଞ୍ଜାମର ଲାଲମୋହନ ବାବୁ । ସାଇଟ୍ ଖ୍ରୀଷ୍ଟିଆନ ଅର୍ଥାତ ଦେଖା ଖ୍ରୀଷ୍ଟିଆନ—ଲୋକଙ୍କୁ ଦେଖାଇବା ପାଇଁ ଯେ ହୁଅନ୍ତି; । ହେନ୍ ଖ୍ରୀଷ୍ଟିଆନ ଅର୍ଥାତ୍ କୁକୁଡ଼ା ବା ତଦ୍‌ବତ୍ ସୁଖାଦ୍ୟ ଆଶାରେ ଯେ ହୁଅନ୍ତି; ପେନ୍ ଖ୍ରୀଷ୍ଟିଆନ୍ ଅର୍ଥାତ୍ ଯେ ରୁଟିର ଆଶାରେ ହୁଅନ୍ତି; ଲେଡ଼ି ଅର୍ଥାତ୍ କାମିନୀ ପାଇଁ ଓ 'ଫେଡ୍' ଅର୍ଥାତ୍ ଧାନ, ଅର୍ଥାତ ଖାଇବାକୁ ନ ପାଇ ଇତ୍ୟାଦି ।

ଆମ ଦେଶର ଗୌରବ ସଂଗ୍ରାମ କେଶରୀ ଖ୍ରୀଷ୍ଟିଆନ ହୋଇ ସୁଧାଂଶୁମାଳୀ କନ୍ୟାକୁ ସେଦିନ ବିବାହ କଲେ । ସେ ତେବେ କେଉଁ ଶ୍ରେଣୀରେ ଯିବେ ? ତାଙ୍କ ଭଳି ଆଲୋକ ପ୍ରାପ୍ତ ପଦସ୍ଥ ଯୁବକ ଯେ ନିଶ୍ଚୟ କୌଣସି ଦିବ୍ୟ କିରଣମାଳା ଦର୍ଶନ କରିଥିବେ ଏହା ଆମ୍ଭେମାନେ ବିଶ୍ୱାସ କରିବାକୁ ବାଧ୍ୟ—ଏବଂ ସେଥିପାଇଁ ନବ ଦମ୍ପତିଙ୍କୁ ବଧେଇ ଜଣାଇ ଶଂଖୁଳୁଛୁଁ—ସ୍ୱସ୍ତି, ସ୍ୱସ୍ତି ।...

ସେଦିନ କଟକରେ ଜଣେ କେହି ଗୀତ ଗାଇ ଗାଇ ଯାଉଥିଲା—"ଆମି ସାମ୍ୟେର ଗାନ୍ ଗାଇ—ତୁମି ନାରୀକେ ଗୃହର ସମ୍ମାନ ଦତେ, ଆମି ଇଜ୍ଜତ ଜାତେ ଗୃହ ।" ଆଉ ଜଣେ ତାର ପାଦ ପୂରଣ କଲେ, "ତମେ ଲୁଗାପଟା ପିନ୍ଧି ସଭ୍ୟ ସାଜିଛ, ମୁହିଁ ଲଙ୍ଗଳା ହେବ ଭାଇ ।"

ଠିକ୍ ତାର ଅବ୍ୟବହିତ ପରେ ଆମେ ଶୁଣିଲୁ, ଢେଙ୍କାନାଳ ରାଣୀଙ୍କ ସମ୍ବର୍ଦ୍ଧନାରେ ଗୋଟାଏ ମସ୍ତ ପ୍ରତିବାଦ ସଭା ହୋଇଛି । ଉପରୋକ୍ତ ବ୍ୟକ୍ତି ଦୁଇଜଣ ସେଠାରେ ଉପସ୍ଥିତ ଥିଲେ କି ନାହିଁ, ଆମ୍ଭମାନଙ୍କୁ କେହି ସମ୍ବାଦ ଦେଲେ ସୁଖୀ ହେବୁଁ ।...

ହିନ୍ଦୁ ଶାସ୍ତ୍ରରେ ଅଛି, ସ୍ତ୍ରୀ ସ୍ୱାମୀର ଅର୍ଦ୍ଧାଙ୍ଗିନୀ । ପୁରୁଷ ଯଦି ୨ ଲକ୍ଷ ପାପ କରେ ତେବେ ସ୍ତ୍ରୀ ଭାଗରେ ଏକଲକ୍ଷ । ଏହା ଋଷିଗ୍ରନ୍ଥ ପାଞ୍ଜିରେ ଲେଖାଅଛି ବୋଲି ନିକଟରେ ଯମ ଦରବାରକୁ ଯାଇ ଫେରିଥିବା କଟକର କେତେକ ଭଦ୍ରାଭଦ୍ରବୃନ୍ଦ ଏକ ଇସ୍ତାହାର ଦେଇଛନ୍ତି । ସୁତରାଂ ଢେଙ୍କାନାଳ ରାଜା ଯଦି ପ୍ରକୃତରେ ଅତ୍ୟାଚାରୀ ଅସଭ୍ୟ, ବର୍ବର ଇତ୍ୟାଦି ଇତ୍ୟାଦି ହୋଇଥାନ୍ତି ତେବେ ତାଙ୍କ ରାଣୀଙ୍କ ଭାଗରେ କେତେ ପଡ଼ୁଛି ସେଇଟା ସେଦିନ ପ୍ରତିବାଦ ସଭାର ସଭାପତି ନିକଟ ତଦନ୍ତ କରି କହି ଦେଲେ ଡଗର ଅଫିସରେ ରେକର୍ଡ଼ ହୋଇ ରହନ୍ତା, ଏଥିପାଇଁ କି ଦରକାର ବେଳେ କାମରେ ଲାଗିବ । ... ...

ବ୍ରିଟିସ ସିଂହଟା ବୁଢ଼ା ହୋଇ ଗଲାଣି । ଗଳିତ ଦନ୍ତ, ପଳିତ କେଶ, ଲୋଳିତ ଚର୍ମ । ବେଲ ଜର୍ଣ୍ଣ ନୂଆ ଇଟାଲି ଶୃଗାଳ ତାର ଲାଙ୍ଗୁଳ ମୋଡି ବଣ୍ ସଲାମ କରାଇ ନେଲା । ବ୍ରିଟିସ ଅପେ ଅପେ ଆବିସିନିଆକୁ ଇଟାଲି ସାମ୍ରାଜ୍ୟ ବୋଲି ସ୍ୱୀକାର କଲେ ଓ ସ୍ପେନରେ ଇଟାଲି ସେନା ଲଢ଼ି ପାରିବାର ଦାବିକୁ ମାନିଗଲେ । ଏତିକିବେଳେ ପୁଣି ଅର ଧୂମଧସ୍ତ ହିଟଲରଙ୍କ ସହିତ ମୁସୋଲିନୀଙ୍କର ହୋଇଛି ଭେଟ । ଏ ଭେଟ ଭିତରୁ ପୁଣି କି ଲଟ ବାହାରୁଛି ଦେଖାଯାଉ । ବ୍ରିଟିସ ଯେ ଖାଣ୍ଟି ଓଡ଼ିଆ ବନି ଗଲେ ଦେଖାଯାଉଛି—ଓଡିଆସେ ଦାତା ନେହି, ଦନା ମାଡ଼ସେ ଦେତା ନେହିଁ ।...

ଆମ ଓଡିଶା ସରକାର ଏକ ଲାଞ୍ଚ ନିରୋଧନୀ କମିଟି ବସାଇଛନ୍ତି । ସେଥିର ମେମ୍ବରଗଣ କଟକର, ଅଫିସ ପ୍ରଭୃତିରେ ଲାଞ୍ଚ ବା ଘୂସ୍ ନିବାରଣର ଉପାୟ ମାନ ବାହାର କରି ରିପୋର୍ଟ ଦେବେ ।

ଏଭଳି ରିପୋର୍ଟ, ସରକ୍ୟୁଲାର ଅର୍ଡ଼ର ପ୍ରଭୃତି ଆଗରୁ କେତେ ଯେ ହୋଇସାରିଛି ତାର ଠିକଣା ନାହିଁ । କେଣେ କେଣେ ବଡ଼ ହାକିମ ବି ପ୍ରାଣପଣେ ବେଳେବେଳେ ଲାଗନ୍ତି । କିନ୍ତୁ ନିରୁପାୟ ହୋଇ ଶେଷ ଥକି ପଡ଼ନ୍ତି । ଅତଏବ ଏ ସବୁ ଲୋକ ଦେଖାଣିଆ କଟକଣାରେ ଶାଗ ସିଝେ ନାହିଁ ।

ମନ୍ତ୍ରୀମାନଙ୍କୁ ଆମର ଅନୁରୋଧ ସେମାନେ ଗୋଇନ୍ଦା ନିଯୁକ୍ତ କରନ୍ତୁ—ଯାହାଙ୍କ ରିପୋର୍ଟ ଉପରେ ଲାଞ୍ଚଖିଆ ଅଫିସର, କିରାଣି, ପିଅନମାନଙ୍କୁ ଧରି କଠିଣ ଦଣ୍ଡ (ଉପର-କଣ୍ଠା ତଳକଣ୍ଠା ?) ଦିଆଯିବ । ଏହାଛଡ଼ା ଆମର ଯେଉଁ ଆସେମ୍ବ୍ଲି ମେମ୍ବରମାନେ ମାସକୁ ଟ୭୫୯ ପାଇ ଘରେ ବସି ମଜା ମାରୁଛନ୍ତି ସେମାନେ ଇଚ୍ଛାକଲେ ଏଦିଗରେ ବହୁତ କାମ କରିପାରନ୍ତେ । ତେବେ ଏ ମୌରସି ଧାରାଟା ବଦଳି ଯିବାର ସମ୍ଭାବନା ଅଛି । କିନ୍ତୁ ଡ଼ରମାଙ୍କେ ଟଙ୍କାର ଗୋଲ୍‌ବଦନରେ ଭୁଲି ମେମ୍ବରମାନେ ଶେଷକୁ ଟାଉଟର ପାଲଟି ନଯାନ୍ତୁ । ... ... ...

ନିହାତି ଖରାପ କଥା । ଗାନ୍ଧିଜୀ ବି କହୁଛନ୍ତି ସେଇଆ । ଶଢ଼ ବେଳାବୁରେ ପଡ଼ୁଛି । ଏତେବେଳେ ଚିଠିଟାଏ ଲେଖା ଦେବା ଭାରି ଅନ୍ୟାୟ । ବିହାର ଯୁକ୍ତ ପ୍ରଦେଶରେ ମନ୍ତ୍ରୀ ଯାହା କରିଥିଲେ, ଓଡ଼ିଶାର ସେ ମଡ଼ା ବାବାଜି ମନ୍ତ୍ରୀଟା ବି ଚିଠିଟାଏ ନକରି ପାରିଲା ନାହିଁ । ତା' ଦେଖା ଦେଖି ପୁଣି ବଙ୍ଗଳାର ପେଟା ମନ୍ତ୍ରୀ ଇଂରେଜ ସରକାରକୁ ଧମକ ଦେଲେଣି ଯେ ସେଠା ପ୍ରଜାସ୍ୱତ୍ୱ ଆଇନ ମଞ୍ଜୁର ନ ହେଲେ ସେ ବି ଇସ୍ତଫା ଦେବେ । ଇଂରେଜଙ୍କ ଧାତୁ କଳ ନେଲେ ଏକା ସମସ୍ତେ । ହବାର କଥା । ତାଙ୍କର ଯେଉଁ ସାମ୍ରାଜ୍ୟ ଲୋଭ—ସେଥିର ଫଳ, ଲୋଭାତ୍ ପାପ, ପାପାତ୍—

Digitized by srujanika@gmail.com

# ମଜାକଥା



## ସି-ଆଇ-ଡି

( ଅନୁ—ଶ୍ରୀ ଲଛମନ୍ ଝି )

(ଅସ୍ତ୍ରଗା ଭିତରେ ସି, ଆଇ, ଡି ଓ ଗ୍ରେଟ ସାଧୁ ଜୁଆଚୋରମାନେ କିପରି ଜଣେ ଶେଠଙ୍କୁ ଠକାଇଲେ, ସେଇ ମଜାଦାର କାହାଣି )

ସେତେବେଳେ ଲାଗିଥାଏ ସମାରୋହ ବିଲାତି ଲୁଗା ପିକେଟିଂ । ଦଳକୁ ଦଳ ଭଲେଣ୍ଟିଅର ଓ ଖଦଡ଼ଧାରିଣୀ, ଚଡ଼କଚଉଣୀ ସେବିକା ବିଲାତି ଲୁଗା ଦୋକାନ ଆଗରେ ଲମ୍ବ ଲମ୍ବ ଶୋଇ ଗରାଖମାନଙ୍କୁ ନିବର୍ତ୍ତାଉ ଥାଆନ୍ତି । ବନ୍ଦେମାତରମ୍ ଓ ମହାତ୍ମା ଗାନ୍ଧିଙ୍କ ଜୟ ନାଦରେ ବିଲାତି ଲୁଗା ଦୋକାନଙ୍କ ପିଳେହି ପଣି ।

ଗୋବର୍ଦ୍ଧନ ବସିଥିଲା ଚୌଧୁରୀ ବଜାର ଛକ ଉପରେ ଏକ ଗୁଁ ଦୋକାନରେ । ଅବଦୁଲ ସେଆଡୁ ଅଧି ମୁରୁକି ହସଟିଏ ହସି ଦେଲା ଓ ଆଖି ଠାର ମାରି ଚାଲିଗଲା । ପଛେ ପଛେ ଗୋବର୍ଦ୍ଧନ ବି ଉଠିଲା । ନିରୋଳା ଥାନକୁ ଯାଇ ଦୁଇ ଜଣ ଯାକ କଣ ଫୁସୁରୁ ଫାସର ହେଲେ—ତାପରେ ଦୁହେଁ ଦୁଆଡ଼କୁ ଗଲେ ସଳଖି ।

କଟକର ସବୁଠାରୁ ବଡ଼ ଲୁଗା ବେପାରୀ ବିହାରି ଲାଲ ବାବୁ । ପିକେଟିଂ ତାଙ୍କରୁ ଏକ ଅଧଲା ହେଉ ନାହିଁ ଭଙ୍ଗି । ମାଲିକଙ୍କ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଜରୁପାମ୍ଭ–ଘର୍ଦ୍ଦ ନଣ୍ଟ'ସଟା ଲେଖା ମାବ ଖାଲି କହୁଛନ୍ତି ''ଦୁନିଆ ଉଲଟ୍ ଗୟା ହୋ ଉଲଟ୍ ଗୟା ।''

ଦିନ ୧ଟା ପରେ । ଗୋବର୍ଦ୍ଧନ ପହଞ୍ଚିଲା ଯାଇ ବିହାରିଙ୍କ ଗୋଦାମରେ । ଭଲଣ୍ଟିଅର, ଭଲଣ୍ଟିଅରଗଣ ଗୁରି ପଡ଼ୁ ପକାଇଲେ ଘେର । ''ମୁଁ ଗରାଖ ନୁହେଁ—ମୁଁ ଲୁଗା କିଣିବାକୁ ଆସିନାହିଁ—ଗାଦିରେ ମୋର ଗୋଟାଏ ଜରୁରି କାମ ଅଛି'' ବୋଲି କହି ଗୋବର୍ଦ୍ଧନ ପଶିଲା ଭିତରେ । ଯାଇ ମାଲିକଙ୍କ ହାତରେ ଖଣ୍ଡେ ଚିରକୁଟ ଗୁଞ୍ଜି ଦେଲା । ସେଥିରେ ଲେଖାଥିଲା ''ଅତି ଜରୁରି ଗୋପନୀୟ କାମ ।'' ତାକୁ ପଢି ଶେଠଙ୍କ ମୁଣ୍ଡ ଝୁଙ୍ଗାଇ ନିରୋଳା କୋଠରିକୁ ଚାଲିଗଲେ । ସାଙ୍ଗେ ସାଙ୍ଗେ ଗୋବର୍ଦ୍ଧନ ।

ସେଠି ବସି ଶେଠଙ୍କ ଅଗ୍ରହ ଓ ଅତଙ୍କ ମିଶା ସ୍ୱରରେ ପଚାରିଲେ ''କଣ କଥା ଆପଣଙ୍କର ?''

ଗୋବ—ଏ ପିକେଟିଂ ଦ୍ୱାରା ଆପଣଙ୍କର ବହୁତ କ୍ଷତି ହେଉଛି—ନାହିଁ ?''

ଶେଠ—କହେନେକା ବାତ ଅଛି, ବାବୁଜୀ ! ବିଲକୁଲ—

ଗୋବ—ଅଚ୍ଛା, ଆପଣଙ୍କ ଗୋଦାମରେ କେତେଯାକେ ବିଲାତି ମାଲ ଅଛି ?

ଶେଠ—କରିବ୍ ଲାଖୋ ଟଙ୍କାକା ହୋବେ ।

ଗୋବ—ମୁଁ ଅସଲ କଂଗ୍ରେସ ହେଡ ଅଫିସରୁ । କଂଗ୍ରେସର ଇଚ୍ଛା ନୁହେଁ ଯେ କେହି ବେଶି ଲୋକସାନରେ ପଡ଼ୁ । ଯେତେହେଲେ ଆମର ଦେଶବାସୀ ତ !

ଶେଠ—ଠିକ୍ ଠିକ୍; ହାମେ ଚନ୍ଦା ବି ଦେତା କଂଗ୍ରେସକୁ ।

ଗୋବ—ତେବେ କଥା ହେଉଛି କି—ଆପଣ ଯଦି ଲିଖାଏ ଦେବେ ଯେ ଏତକ ମାଲ ପରେ ଆଉ ବିଲାତି ଆମଦାନି ନ କରିବେ ବୋଲି, ତେବେ ଆମେ ପିକେଟିଂ ଉଠେଇ ନେଇ ପାରୁଁ ଆପଣଙ୍କ ଦୋକାନରୁ ।

ଶେଠ—ଜରୂର୍ ! ଏକଦମ ଏକରାର ନାମା—ବେଜେଷ୍ଟର—

ଗୋବ—ନାହିଁ ନାହିଁ, ସେ ପର୍ଯ୍ୟନ୍ତ ଯିବା ଦରକାର ନାହିଁ—ତେବେ ଆମର ଗୋଟାଏ ସର୍ତ୍ତ ଅଛି । ସେଟା ଆପଣଙ୍କୁ···

ଶେଠ—ଅଚ୍ଛା, ଜେରା ଠହରଏ—ହାମି ହାମାର ମେନେଜର ସାହେବକୁ ପୁଛିଅସେଁ ।

ଏହା କହି ଶେଠ ବିହାରି ଲାଲ ସେଠୁଁ ବାହାରି ଗଲେ ଓ ମିନିଟ୍ ପାଞ୍ଚ ମଧ୍ୟରେ ଆଉ ଏକ ଭଦ୍ରଲୋକଙ୍କ ସହିତ ପ୍ରବେଶ ହେଲେ ।

ଶେଠ—ଏ ହାମାର ମେନେଜର ଅଛି । ଏ ସବ୍ ବାତ ଜାଣ୍ ଯାଉଛି । ଅବ୍ ଆପକା ସର୍ତ୍ତ କାଣ୍ ଅଛି, କହନ୍ତେ, ଡୋର ଧୋକା ନହିଁ ।

ଗୋବ—ସର୍ତ୍ତଟା ହେଉଛି କି—ଏଇ ଯେ—କଂଗ୍ରେସଟା ତ ଆପଣମାନଙ୍କର—ଆପଣଙ୍କ ପଇସାରେ ଚାଲୁଛି—

ଶେଠ—ସଚ୍ ସଚ୍—

ଗୋବ—ତା···ଏଇ ବର୍ତ୍ତମାନ କାମ ଚାଲିଛି ଜୋର—ଖରଚ ବି ବେଶୀ—ବୁଝିଲେ କି ନା—ଆପଣ ଯଦି ଏବକ୍ଷଣି ପାଞ୍ଚୋଟି ହଜାର ଟଙ୍କା କଂଗ୍ରେସକୁ ଦେବେ, ତେବେ ପିକେଟିଂ ବନ୍ଦ ହୋଇଯିବ । ବଡ଼ ବଡ଼ ଫାର୍ମମାନେ ଏହାହିଁ କରୁଛନ୍ତି ।

ଶେଠ ଓ ମେନେଜର ମୁହଁ ଚାହିଁଚାହିଁ ହେଲେ । ପରେ ଗୋବର୍ଦ୍ଧନ କହିଲା—'ଦେଖନ୍ତୁ, ଲକ୍ଷେ ଟଙ୍କାର ମାଲ—ସବୁ ମାଟି ହେଉଛି—ସେ ତୁଳନାରେ ୫୦୦୦······

ମେନେଜର କହିଲେ ''ବାବୁ ସାହେବ, ଆପଣ ଯେ ଏ କଥା ଠିକ କହୁଛନ୍ତି ଆମେ କିପରି ବିଶ୍ୱାସ କରିବୁଁ ? ପ୍ରମାଣ କଣ ?''

ଗୋବ—ଫଳରୁ ଜାଣି ପାରିବେ । ଅଧା ଟଙ୍କା ଦେଲେ କାଲିଠୁଁ ପିକେଟିଂ ଉଠିଯିବ ।

ମେନେ—ନା, ସେ କଥା କହୁନାହିଁ—ଟଙ୍କାଟା ଯେ ଠିକ୍ କଂଗ୍ରେସ ପାଇବ ବାଟରେ ବରବାଦ୍ ନ ହେବ, ଏହା ଜାଣିବୁଁ କିପରି ?

ଗୋବ—ଦେଖନ୍ତୁ, ଏ ସବୁ ଅତି ଗୋପନୀୟ କଥା । ସାଧାରଣ କର୍ମୀ ବା ଲୋକେ ତ ଜାଣିବେ ନାହିଁ । ତାହେଲେ ବଦନାମ ହୋଇଯିବ ଯେ । ତେବେ ମୁଁ ଜଣେ ବଡ଼ ନେତାଙ୍କ ହାତ ଦସ୍ତଖତରେ ରସିଦ ଆଣି ଦେବି । ବିଶ୍ୱାସ ହେବ ତ ?

ଶେଠ—ଖୁବ୍ ଖୁବ୍ । ଅଚ୍ଛା ବାବୁ ସାହେବ ସନ୍ଧ୍ୟାବେଳ ଫୁରସତ୍ କରନ୍ତେ—ହାମି ଶୋଚ କରି ଜବାବ ଦେବେ ।

Digitized by srujanika@gmail.com

ଗୋବ—ଅଚ୍ଛା ଆପଣମାନେ ବସ୍ତୁର ଯାଞ୍ଚ କରନ୍ତୁ । ମୁଁ ଘଣ୍ଟାଏ ପରେ ପୁଣି ଆସିବି । ନମସ୍କାର ।

ଶେଠ—ରାମ ରାମ ।

+ + +

ଠିକ ଘଣ୍ଟାକ ପରେ ଗୋବର୍ଦ୍ଧନ ପୁଣି ଆସି ହାଜର । ମହାଶୟ ଓ ମେନେଜର ଉଭୟେ ତାଙ୍କୁ ଅପେକ୍ଷା କରି ବସିଥିଲେ ଯେପରି । ଗୋବର୍ଦ୍ଧନ ଆସିଲା କ୍ଷଣି ଚଟକରେ ଭିତରକୁ ଚାଲି ଗଲେ । ପୂର୍ବୋକ୍ତ କୋଠରୀରେ ବସି ଶେଠଜୀ କହିଲେ "ବାବୁଜୀ ହାମି ୫,୦୦୦ ରୁପିଆ ଦେଶେକୁ ଠିକ କଲା । ଦେଖିଯେ ଛାଲ୍ ଯେ ପିଟେକଟଂ ହଟ୍‌ବା କରେ ।"

ଗୋବ—ନିଶ୍ଚୟ ନିଶ୍ଚୟ—ଏଥିରେ ସନ୍ଦେହ ନାହିଁ ।

ଶେଠଜୀ ପକେଟ୍‌ରୁ ପାଞ୍ଚ ହଜାର ଟଙ୍କାର ନୋଟ ବାହାର କରି କହିଲେ "ଏଇ ଗିଣ କରି ଲିଜିଏ ।"

ଗୋବ—କେତେ ଅଛି ଶେଠଜୀ ।

ଶେଠ—ପୂରାପୂରି—ଦେଖିଯେ ନ ।

ଗୋବର୍ଦ୍ଧନ ନୋଟ ଗୁଡ଼ାକ ଗଣିବାକୁ ଲାଗିଲା । ଶେଷ ହେଲାରୁ କହିଲା "ହଁ ପୂରା ପାଞ୍ଚ ହଜାର ।"

ଶେଠ—ରସିଦ୍ ?

ଗୋବ—ଓଃ, ହଁ

ଏହା କହି ସେ ପକେଟ୍‌ରୁ ଖଣ୍ଡେ କାଗଜ ବାହାର କରି ମହାଶୟଙ୍କ ହାତରେ ଦେଲା । ମହାଶୟ ତାକୁ ପଢ଼ିବାକୁ ଲାଗିଲେ । ଏଣେ ଗୋବର୍ଦ୍ଧନ ନୋଟ ଗୁଡ଼ାକ ଗୋଟେଇ ପକେଟ୍‌ସ୍ଥ କରିବାକୁ ଯାଉଛି, ମେନେଜର ଝପ୍ କରି ଉଠିପଡ଼ି ଗୋବର୍ଦ୍ଧନର ହାତକୁ ମୁଠାଇ ଧରିଲେ । ଗୋବର୍ଦ୍ଧନ ସ୍ତମ୍ଭିତ ହେଲା ପରି ହୋଇ ରହିଗଲା । ଅକସ୍ମାତ୍ ବିପଦର ଆଶଙ୍କାରେ ତାର ବାକ୍‌ରୋଧ ହେଲା । ଏ ଅବସ୍ଥା ଦେଖି ମହାଶୟ ଲାଲ ଦୋ'ଦୋ' କରି ହସି ଉଠି କହିଲେ "ବାବୁ ସାବ୍, ଅଚ୍ଛା ଚଲାଖି ହାମେ ଅଗରୁ ଜାଣ୍ ପାରଲା । ଏ ସାହେବ ହାମାର ମେନେଜର ନା ଅଛି, ଏ ଅଛି ସି, ଆଇ, ଡ଼ି ଇନ୍‌ସପେକ୍ଟର ଖାଁ ସାହେବ ଜ୍ମନ୍ ଅଲି ।"

ଗୋବର୍ଦ୍ଧନ ଷଣ୍ଢ ଭଙ୍ଗା ହୋଇ ମୁଣ୍ଡ ତଳକୁ ପୋତିଲା ।

ତା ପରେ ସି, ଆଇ, ଡି ଇନ୍‌ସପେକ୍ଟର ସାହେବ କହିଲେ "ଗୋବର୍ଦ୍ଧନ, ତୁ ଗୋଟାଏ ମସ୍ତବଡ଼ ସଇତାନ, ଜୁଆଚୋର, ଖଣ୍ଟ । ଆମେ ଅନେକଦିନ ହେଲା ତୋ ପିଛା ଧରିଲୁଣି—ମାତ୍ର ବାଗରେ ପାଇ ନଥିଲୁଁ । ଆଜ ଭାଗ୍ୟକୁ ମୋର ପାଲରେ ପଡ଼ିଗଲୁ । ଆଜ ତିନଗୋଟା ବଡ଼ ବଡ଼ ଗୁନ୍‌ହରେ ତୋତେ ଅରେଷ୍ଟ କଲି—ନିର୍ଦ୍ଦୋଷୀ ଭଦ୍ରଲୋକଙ୍କୁ ଧପେଇ ଟଙ୍କା ନେବା, ମିଛରେ କଂଗ୍ରେସବାଲା ସାଜିବା, ଆଉ ଜଣେ କଂଗ୍ରେସ ନେତାର ଜାଲ୍ ଦସ୍ତଖତ ରସିଦ ଦେବା ।"

ଗୋବର୍ଦ୍ଧନ ନୀରବ । ଏକଦମ୍ କଲାକାଠ !

ତା ପରେ ସି, ଆଇ, ଡ଼ି, କହିଲେ—'ଚଲେ—ଆଗେ ତତେ ଥାନା ଗାରଦରେ ଜମା କରିଦେଇ ଆସେ—ତା ପରେ ତୋର ସାଙ୍ଗମାନଙ୍କୁ ଦେଖାଯିବ ।"

ଶେଠ ବଞ୍ଜାରିଲାଲଙ୍କ ମନ ଭାରି ଖୁସି । ବିଜୟର ଗର୍ବରେ ଛାତି ତାଙ୍କର କୁଣ୍ଢେ ମୋଟ । ମୁହଁରେ ହସ ଧରୁନାହିଁ ।

ସି, ଆଇ, ଡି, ଇନସ୍‌ପେକ୍ଟର ତହୁଁ ଶେଠଜୀଙ୍କୁ ଚାହିଁ କହିଲେ "ଶେଠଜୀ, ସଲାମ୍-- ଏ ମକଦ୍ଦମାରେ ଆପଣଙ୍କୁ ଟିକିଏ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ—କାରଣ ଆପଣ ପ୍ରକୃତରେ ମୁଦେଇ. ହେଲେବି ଏହା ସରକାରୀ କେଶ୍—ଆଉ ଆପଣ ଏଥିରେ ପ୍ରଧାନ ସାକ୍ଷୀ, ବୁଝିଲେ ।"

ଶେଠଜୀ ଗଦ୍‌ଗଦ୍ ହୋଇ କହିଲେ, "କୁଛ ପରୱା ନହିଁ, ବନ୍ଦା ହାଜିର ଅଛି ।"

ସି, ଆଇ, ଡ, —ହଁ, ଏଇ ନୋଟ ଗୁଡ଼ାକ ମଧ୍ୟ ପ୍ରମାଣର ଅଂଶ—କୋର୍ଟରେ ଦାଖଲ କରିବାକୁ ପଡ଼ିବ ଏକଜିବିଟ୍ ହୋଇ ।

ଶେଠ—ବହୁତ ଅଚ୍ଛା

ସି,ଆଇ,ଡ—ତେବେ ଏ ଗୁଡ଼ାକ ଏଇକ୍ଷିଣି ମୋ ପାଖରେ ରହିଲା । ମକଦ୍ଦମା ଫଏସଲ ପରେ ପରେ ଆପଣଙ୍କ ଟଙ୍କା ଆପଣ ଓୟାପସ ପାଇବେ । ରସିଦଟା ଦେବିକି ?

ଶେଠ—କୁଛ୍ ଜରୁରତ ନେହି ।

ସି,ଆଇ,ଡ "ଅଚ୍ଛା, ସଲାମ" କହି ଗମ୍ଭୀର ଭାବରେ ଟଙ୍କା ଓ ଅସାମୀ ନେଇ ବାହାରି ଗଲେ । ବାହାରେ ଟେକ୍ସି ମଟର ଅପେକ୍ଷା କରୁଥିଲା । ନରମ ଧକ୍କାଟିଏ ଦେଇ ଗୋବର୍ଦ୍ଧନକୁ ମଟର ଭିତରକୁ ପେଲି ଦେଲେ ଓ ନିଜେ ତାହା ପାଖରେ ବସିଲେ । ଡ୍ରାଇଭରକୁ ପାକ୍‌ଟ କରି ହୁକୁମ ଦେଲେ "ସଦର ଥାନା ।"

ମଟର ଉଚ୍ଚଟ ଧ୍ୱନି କରି ପବନ ବେଗରେ ବାହାରି ଗଲା । ଖଣ୍ଡେବାଟ ଗଲା ଉତ୍ତାରୁ ଇନ୍‌ସପେକ୍ଟର ଆଉ ଗୋବର୍ଦ୍ଧନ ଉଭୟଙ୍କର ମୁଖର ଭାବ ଗଲା ବଦଳି । ଗୋବର୍ଦ୍ଧନ ଗୋଟାଏ ସିଗାରେଟ୍ ଲଗାଇଁ ଲଗାଇଁ ସି, ଆଇ, ଡ, ସାହେବଙ୍କ ପିଠିରେ ସାବାସିର ଥାପଡ଼ାଏ ମାରି କହିଲା "ଅବଦୁଲ୍, ଦୋସ୍ତ, ତୋର ଏଇ ସି, ଆଇ,ଡ ପାର୍ଟ ପ୍ଲେ କରିବାର ବାହାଦୁରୀଟା ଦେଖି ମୁଁ ଭାବୁଛି କି ସିନେମାକୁ ଗଲେ ତୁ ଭୁବନ ଗୋଟାଏ ଷ୍ଟାର ବନି ଯାଆନ୍ତୁ ।" ତା ପରେ ଉନ୍ମାଦର ହସଟାଏ ହସି କହିଲା "ମୁଁ ଭାଇ ବାହାର ବିପଦ ଅପଦରେ ଡରେନା, କିନ୍ତୁ ଆଜ ଏଇ ମାରୁଆଡ଼ିଟାର ବେକୁଫି ଦେଖି ନହସି ରହିପାରୁ ନାହିଁ ।"

ଅବଦୁଲ୍ ତାକୁ ଟେକିଦେଇ କହିଲା 'ଚୁପ୍‌ବେ, ହସିବାର ବେଳ ଅଛି ଢେର—"ଏ ଡ୍ରାଇଭର ଚଲାଓ ଏକଦମ୍ ରେଲବାଇ ଷ୍ଟେସନ ।"

କେପିଟାଲ୍‌ରେ

ନବତମ ଆକର୍ଷଣ

ବିଦ୍ୟାପତି

Digitized by srujanika@gmail.com





# କାହାଣୀ

## କଳଘର କୁଲି

ଲେଖକ—ଯୁଗଳ ଚରଣ ଦାସ

ଉତ୍କଳ ପଢ଼ଲା କାରଖାନା ବଂଶୀର ଘନ ଧ୍ୱନି ଶବ୍ଦ। ଶ୍ରମିକ ହେଲେ ସଜବାଜ କାମକୁ। ଧିରେନ୍‌ର ମନଟା କେମିତି ଦବିଗଲା। ଜୀବନର ସମସ୍ତ, ଧନ ନଷ୍ଟ କରି ସେ ଶେଷକୁ ପାଇଲା କୁଲି ଚାକିରି। କରିବ ବା କଣ? ଏ ଅନାହ୍ଟନ ବେକାର ଯୁଗରେ କୁଲି ହେବାକୁ ତାକୁ ଲାଜ ଲାଗିଲାନି। ବୀଜଗଣିତ ବା ଜ୍ୟାମିତିର ସ୍ୱତଃ ସିଦ୍ଧ ଏଇଠି ହେଲା ତାର ସାର୍ଥକ। ୯ ତାରିଖ ମାର୍ଚ୍ଚ ଗୁରୁବାରରେ ସେ ପ୍ରଥମେ ଗଲା କଳଘରକୁ।

କଳ ଘର ଚାକିରି ପାଇବ ବୋଲି ସେ କେତେ ତପସ୍ୟା କରିଥିଲା। କେତେ ଭର୍ତ୍ତି-ସାହାବର ଚପ୍ରାଶିକୁ ସଲାମ କରିଥିଲା, ଛଳ ଛଳ ଆଖିରେ—କେତେ କରିଥିଲା କାକୁତି ମିନତି—ଏ ପଟ ସେ ପଟ ହୋଇ କଳ ଘର ଗୋଡ଼ରେ ତାର ଗୋଡ଼ ଫୁଟି ଯାଇଥିଲା। ପୋଷାକ ଧାରୀ କୁଲି ଠାରୁ ସାହାବ ପର୍ଯ୍ୟନ୍ତ ସେ ସଲାମ କରି କରି ତା ମୁଣ୍ଡରେ ଦଣ୍ଡି ବସି ଥିଲା। କିନ୍ତୁ ଶେଷରେ ତା ସୁଖସ୍ୱପ୍ନ ଭାଙ୍ଗି ପଡ଼ିଲା। ଶେଷକୁ ମିଳିଲା ହପ୍ତା କୁଲି କାମ ତାକୁ। ଠ ୦ ୫ ୯ ପଇସା ପାଇବ। ସହର ପେଟରେ ଚଳିବ କିପରି—କରିବ କଣ, ନିଜେ ଚଳିବ, ବାପ ମାଙ୍କୁ ଚଳାଇବ। ବାପାଙ୍କର ଯେ ଖାଁ'ଲି ଦିନର ୦।/ର ଅଫିମ।

ଧିରେନର ଭାବନାର ଅନ୍ତ ନାହିଁ। ଶ୍ରମିକଙ୍କ ସାଥିରେ ସେ କେବେ ଆସି କଳଘରେ ଛିଡ଼ା ହେଲାଣି ତାକୁ ମାଲୁମ ନାହିଁ। କଳଘର ଘୋଘୋ ଛନ ବାବୁମାନଙ୍କର ଧମ୍ ୨ ଗଲାରେ ସେ ହୋଇ ପଡ଼ିଲା ଥକାଟକା। ଫୋରମେନ୍ ବା କାମ-ନେବା ବାବୁ ତାକୁ ଯେ ଦିନ ଦେଲେ ଫର୍ଣ୍ଣସ ତଳୁ ମାଟି କାଟିବାକୁ। କାମ କରିବା ଦୂରେ ଥାଉ, କାମଟା ଯେ କଣ, ଧିରେନ ତା କଳ୍ପନା ମଧ୍ୟ କରି ପାରିଲାନି।

ପ୍ରଥମେ ଯେତେବେଳେ କୁଲି ସରଦାର କହିଲା ତାକୁ ଭିତରୁ ମାଟି କାଟିବାକୁ ହେବ, କଣ ଯେ ହେବ ସେ କିଛି ବୁଝି ପାରିଲାନି। ତା ମୁହଁକୁ କେବଳ ଭକ୍ ୨ କରି ଅନାଇଲା। କୁଲି ସରଦାର ଏପରି ହେବ, ସେପରି ହେବ ବତାଇ ଦେଲା। ଧିରେନ୍ ଯେତେବେଳେ ପ୍ରଥମେ ଥରେ ଦୁଇ ଥର ହୁକ୍ ମାରିଲା, ତାକୁ ବଡ଼ କଷ୍ଟ ହେଲା, ବେଲ୍‌ଚାରେ ଗାଡ଼ିକୁ ସେ ମାଟି ପକାଇ ପାରିଲା ନାହିଁ—ଯୋଡ଼ଦାର "କହିଲା, ସୁନ୍ଦର ହଲଖ ଭେଣ୍ଡିଆ ଟିଏ, ହାତ ଗୋଡ଼ ନାହିଁ ଖଣ୍ଡିଆ ଟିଏ। କାମ କରିବାକୁ ପ୍ରାଣ ଯାଉଛି?" ଗଳାରେ କୁସ୍ତା ପକାଇଲା ଭଳି, ବୋଝ ଉପରେ ନଳିତା ବିଡ଼ା ରଖିଲା ପରି, ଧିରେନ୍‌କୁ ଏ କଥାଟା ବଡ଼ ବାଧିଲା—ସେ କେବଳ ଭେଁ ଭେଁ ହୋଇ କାନ୍ଦି ପକାଇଲା।

ଯୋଡ଼ଦାର ତ ପୁଣି ମନୁଷ୍ୟ, ତାର ତ ହୃଦୟ ଅଛି, ସେ ଆଉ ଧିରେନ୍ ଦୁଃଖ ସହି ପାରିଲା ନାହିଁ। କହିଲା "ବାବୁ ପାଠ ପଢିଛ। ଏଠି କୁଲି କାମ କରିବାକୁ କାହିଁ ଆସିଲ, ଏ ଟିକୁ, ଟ୍ରେକୁ ଗଲ, ଏ ସୁନ୍ଦର ଦେହରେ ଗ୍ୟାସ ଘରେ କାମ କଲେ କଣ ରହିବ? ବର୍ଷକେ ଅସୁଖ ଏଠି ପଶ ମାସକରେ ଶେଷ—ମୁଁ ତୁମ କାମ କରି ଦେଉଛି, କଥା କଣ କୁହ, କାନ୍ଦନା..." ତା କଥା ଶୁଣି ଧିରେନ୍‌ର ଶ୍ରାବଣ ମାସର ବର୍ଷାଧାର ପରି ଚକ୍ଷୁରୁ ଅନର୍ଗଳ ଅଶ୍ରୁ ଛୁଟିଲା। ସେ କାନ୍ଦ ବନ୍ଦ କରିବାକୁ ପ୍ରବଳ ଚେଷ୍ଟା କଲା, କିନ୍ତୁ ସେ ଚେଷ୍ଟା ହେଲା ପଣ୍ଡ।

ଧିରେନ୍ କହିଲା "କଣ କହିବ ଭାଇ, ଶୁଣିଲେ ପଥର ପାଣି ପାଲଟିବ। ଦିନେ ଓଳକର କଥା ନୁହେଁ। ପାର୍ଶ୍ୱ ୨୦ ବର୍ଷର ଜୀବନ୍ତ କାହାଣୀ—ଶୁଣିଲେ ମାନବର ଧୈର୍ଯ୍ୟ ହେବନି। ମୋ ବାପା ଏଇ ଗ୍ୟାସ ଘରେ ଏଇ ଫର୍ଣ୍ଣସ ତଳେ କାମ କରୁଥିଲେ, ହୁକ ମାରି, ବେଲଚା ଧରି ତାଙ୍କ ଯୌବନ ନଷ୍ଟ କରି ହେଲେ ଅକର୍ମଣ୍ୟ—ତାଙ୍କ ଅଣ୍ଟା ଗଲା ଦବି। ସେ ଟିକିଏ ସିଧା ଭାବରେ ଭଲ କରି ଚାଲି ପାରିଲେ ନାହିଁ। ଶେଷକୁ ବାପାଙ୍କୁ ଚୁନ ଭାଟିକୁ ବଦଳି କଲା ବାବୁ—ସେଠାରେ ତାଙ୍କୁ ଦିଆଗଲା ନିହାତି କଷ୍ଟ କାମ,—ଅଳ୍ପ ଦିନ ଯାଇଛି କି ନାହିଁ ବଡ଼ ଫୋରମ୍ୟାନର କୁଦୃଷ୍ଟିରେ ପଡ଼ିଲେ।"

"ଶେଷକୁ ବାବୁ, ବାପାଙ୍କୁ ଡାକ୍ତରଖାନା ପଠାଇଲା। ଦଉଡ଼ ଦଉଡ଼ ଡାକ୍ତର କହିଲା ବୁଢ଼ା ହେଲଣି, ଆଖି ଖରାପ ହୋଇଛି, ଚଷମା ଲଗାଅ। କିନ୍ତୁ ବାପା ଏକ ଜିଦଖୋର ଲୋକ, କହିଲେ—ନା ମିଛ କଥା ମୋ ଆଖି ଖୁବ ଭଲ ଅଛି, ମୁଁ ଗରିବ ଲୋକ, ବୁଢ଼ାରେ କିଆଁ ଚଷମା କିଣିବି। ଏହାର ଫଳ ହେଲା ତାଙ୍କୁ ୬ମାସପାଇଁ ଅନ୍‌ଫିଟ୍ ବା ଅକର୍ମଣ୍ୟ—"

୨ ମାସ ନ ପୁରୁଣୁ ଡାକ୍ତର ବାବୁଙ୍କ ପକେଟ ଗରମ ହେବା ସାଥେ ୨ ବାପା ପୁଣି କାମକୁ ଯୋଗ୍ୟ ହେଲେ, କିନ୍ତୁ ଗରିବର କପାଳ ସବୁ ବେଳେ ଫଟା—୧୫ ଦିନ ଯାଇଛି କି ନାହିଁ ବଡ଼ ସାହାବ ପୁଣି ବାପାଙ୍କୁ ଆଉ ଥରେ ଡାକ୍ତରଖାନା ପଠାଇଲା। ଏହି ସମୟରେ ମୋର ଥିଲା ଗ୍ରୀଷ୍ମ ଛୁଟି। ମାଟ୍ରିକ ପରୀକ୍ଷା ମୋର ଦେଇ ବର୍ଷ ହେବା କଥା—ମନର ପରିବର୍ତ୍ତନ ପାଇଁ ଏଠାକୁ ବୁଲି ଆସିଥିଲି।"

ସାହାବ କହିଲା,—"ତୋ ପୁଅ ତ ପାଠ ପଢ଼ିଛି, କି ଜୋରଦାର ଅଛି, ତୁ ବୁଢ଼ା ହେଲୁଣି, ଚାକିରି ଛାଡ଼ି ଦେ, ତୋ ପୁଅକୁ ମୁଁ ଭର୍ତ୍ତି କରିଦେବି। ଆମେ ତ ଓଡ଼ିଆ, ବଡ଼ ସରଳ ବିଶ୍ୱାସୀ, ସେହି କଥା କଲୁ? କିନ୍ତୁ ଫଳ ହେଲା ଓଲଟା। ବାପା ଚାକିରି ଛାଡ଼ି ଦେଲେ



Digitized by srujanika@gmail.com

## ଗର୍ବ

ପଦ୍ମି ରାଉତରାୟ

ଭୁଲିବାକୁ ହବ !
ଭୁଲି ଯେ ପାରିଲି ସଖି
ସେହି ମୋର ଅସୀମ ଗରବ ।
ଜୀବନରୁ ବଳି ଯାରେ
ଦିନେ ମୁହିଁ ପାଇଥିଲି ଭଲ
ପ୍ରାଣର ଗୋପନ ଦେଶେ
ତୋଳିଥିଲି ଯା ଲାଗି ଦେଉଳ,
ଭୁଲି ଯେ ପାରିଲି ତାରେ
ହେଲେ ତାରେ ଦେଲି ବିସର୍ଜନ
କଳା ପାହାଡ଼ର ପର
ସେ ମନ୍ଦିରେ କଲି ଯେ ଭଗନ,
ସେ କି ସଖି ଅଳସ ବେଦନା ?
ଗଢ଼ିବାଠୁ ବଡ଼ ସଖି
ଭାଙ୍ଗିବାର ମହତ ସାଧନା ।
ସେ ଦିନ ସପନ ଘୋରେ
ଫୁଲ ସାଥେ ଆଖି ଜଳ ଢାଳି,
ଯାହା ଗଳେ ଦେଇଥିଲି
ସୋହାଗରେ ପ୍ରୀତି-ଫୁଲ-ମାଳ
ଆଜି ସେ ନିଠୁର ହାତେ
ଜୀବନର ରଣ ଭେରୀ ଶୁଣି,
"ପୀରତି ସଜନ" ବୋଲି
ଛିନ୍ନ କଲି ସେହି ପାଶ ପୁଣି ।
ତାହାକୁ ଯେ ଭୁଲି ହେଲା
ରୋଧି ବଳେ ଅଖିଳ ଲୋତକ,
ବାହାରେ କପଟ ହାସେ
କହିଲି "ସେ ପଥର କଣ୍ଟକ ।"
ସବୁଠୁଁ ସେ ବଡ଼ କଥା
ସବୁଠୁ ସେ ବଡ଼ ଗଉରବ,
ଭଲ ପାଇବାଠୁ ଊଣା
ନୁହେ କେବେ ଭୁଲିବାର ଗର୍ବ ।
ତେଣୁ ଆଜି ଭୁଲିବାକୁ ହବ;
ମଳିନ ଅତୀତ ସାଥେ
ଅତୀତର ସକଳ ବିଭବ ।

---

କାହାଣୀ (୫ମ ପୃଷ୍ଠା ପରୁ)

ସାହାବ ଅଫିସ୍‌କୁ ଯାଇଁ ୨ ହେଲେ ବେଦମ୍ । ଅନେକ ଦିନ ପରେ ହସ୍ପାଟରେ ମୋତେ ଉଠାଇଲି; ମନା କରିବାରୁ କହିଲା, ମଇନା ଗୃହକର ନାହିଁ । ତୋ ଇଚ୍ଛା ହେଲେ ଯା' ନଚେତ୍ ଆଉ ମୋ ପାଖକୁ ଆସିବୁ ନାହିଁ ।"

"ମନେ ମନେ ଭାବିଲି କୁଲି ଗୃହକର ମିଳିବ ନାହିଁ ତ ଅଉ କି ଗୃହକର ମିଳିବ ? ଅମେ ତ ମାଡ୍ରାସି ନୋହୁ । ବାପା ତ ଏଠି କାମ କରି ଜୀବନ ଧ୍ୱଂସ କଲେ, କେବଳ ସାଥିରେ ନେଇ ଯିବେ ଅସ୍ଥିକଙ୍କାଳ, ଯେଉଁ କମ୍ପାନୀର ଉପକାର ପାଇଁ ତାଙ୍କର ରକ୍ତ ବିନ୍ଦୁ ବିନ୍ଦୁ କରି ଦେଲେ, କମ୍ପାନୀ ଅଉ କି କୃତଜ୍ଞତା ଦେଖାନ୍ତା.........."

ଧିରେନ୍ ଅଉ କିଛି କହି ପାରିଲା ନାହିଁ— ତାର ବାକ୍‌ରୁଦ୍ଧ ହେଲା । ଯୋଡ଼ିଦାର । କହିଲା "ବାବୁ ଏ ଦୋଷ କାହାର ଜାଣ, ଫ୍ୟାନ୍ ତଳେ ବସି ଲମ୍ବା ୨ କଥା କହି, ଏମାନେ ଦେଖାନ୍ତି ହାକିମ ଗିରି,—ଭୁଲିଯାଆନ୍ତି ଏକଦମ୍ ଗରିବର ଦୁଃଖକୁ । ହୃଦୟ ବୋଲି ଗୋଟାଏ କିଛି ତାଙ୍କର ନଥାଏ । ଗୃହକର—ଗୃହକର । ମନଟା ହୋଇଯାଏ ଗୃହକରମୟ । ଗରିବକୁ ପେଷି ହାଡ଼ ମୁନିବ ଠାରୁ ମାରନ୍ତି ନେକନାମି । କିନ୍ତୁ ଏ ଦୋଷ ତାଙ୍କର ନୁହେ । ଦୋଷ ଅମ ନସିବର । ଏ ଅଭିଶପ୍ତ ଗୋଲାମ ଜାତିର ଅଉ କଣ ଦୁର୍ଗତି ? ସମସ୍ତେ ଗୋଟାଏ ମେଷିନ୍ । ଏ କଥା ଶୁଣିଲେ, ତମେ ତ ମଣିଷ ବାବୁ, ଏ ଲୁହା ଇଞ୍ଜିନର, ଏ ପଥର ପାହାଡ଼ର ବି ଛାତି ଫାଟିଯିବ......"

ଏହି ସମୟରେ ପ୍ରଭାତ ବଂଶୀ ବାଜି ଉଠିଲା, ବଂଶୀର ନିଦାରୁଣ ସ୍ୱର କହିଲା, "ଯା' କାଳି ପାଇଁ ପ୍ରସ୍ତୁତ ହୁଅ.........."

---

## ଚିଟାଉ

ସମୀପେଷୁ—

ସମ୍ପାଦକ ମହାଶୟ !

ନିକଟରେ ଢେଙ୍କାନାଳ ରାଣୀଙ୍କୁ ଓଡ଼ିଶା ନାରୀ ମଙ୍ଗଳ ସମିତି ମାନପତ୍ର ଦେବାରୁ କଟକରେ କେତେ ଭେଲ୍‌ମାର୍କା କଂଗ୍ରେସବାଲାମାନେ ପ୍ରତିବାଦ ପାଇଁ ସଭା ଆରମ୍ଭ କରିଦେଲେ । ସେଥିରୁ ଦିଶିଲା ଯିମିତି ହାତୀ ସମୁଦ୍ରରେ ମୁତି ଦେଲା । ମହାଭାରତ ଅଶୁଦ୍ଧ ହୋଇଗଲା । ଜଣେ ଭଦ୍ର ମହିଳାଙ୍କୁ ଯେ କି ପ୍ରଥମ ରାଣୀ କ୍ଲାସରେ ଥାଇଁ ପର୍ଦ୍ଦା ଛାଡ଼ିଛନ୍ତି ଓ ବିଦେଶରେ ଓଡ଼ିଶାର ନାରୀ ସ୍କାଉଟ ଦଳଙ୍କର ପ୍ରତିନିଧିତ୍ୱ ଦ୍ୱାରା ଦେଶର ଗୌରବ ବଢ଼ାଇଛନ୍ତି, ତାଙ୍କୁ ମାନ ଦେଲେ କଣ ସେ ମାନ ଢେଙ୍କାନାଳ ରଜାଙ୍କଠିକି ଯେଉଁ ପଡ଼ିଲା ! Tempest in the tea Pot ! ଗୋଦାବରୀଶ ମିଶ୍ରେ କଂଗ୍ରେସବାଲା ହୋଇ ଢେଙ୍କାନାଳ ରଜାଙ୍କୁ ତାଙ୍କ ବାଣପୁର ସ୍କୁଲରେ ନେଇ ପ୍ରାଇଜ୍ ଦିଆଇଥିଲେ, ମାନ ସମ୍ମାନ କରିଥିଲେ । ଏଥିରେ କଂଗ୍ରେସରେ ସ୍ପର୍ଶ ଦୋଷ ଲାଗିଲା ନାହିଁ, କିନ୍ତୁ କଟକର କେତେକ ମହିଳା ରାଣୀଙ୍କୁ ମାନପତ୍ର ଦେବାରୁ ଏତେ ଫସାଦ ପ୍ରଳୟ ହେଲା ? ଏ କଣ 'ରଜା'ଙ୍କ ପାଇଁ ନା ଶ୍ରୀମତୀ ସରଳା ଦେବୀ ଏହି ମାନପତ୍ର ଦିଆ ସଭାରେ ନେତୃତ୍ୱ କରିଥିଲେ, ସେଇଥିପାଇଁ ବ୍ୟକ୍ତିଗତ ଇର୍ଷା ହେତୁରୁ ହେଇଥିଲା, ଅମେ ବୁଝି ପାରିଲୁନୁ ? କଂଗ୍ରେସ କଣ ଏଡ଼େ ହାଲୁକା ଅନୁଷ୍ଠାନ ଯେ, ରଜା, ଜମିଦାରଙ୍କ ନାଁ ଧରିଲେ ସେ ଅନୁଷ୍ଠାନରେ ଥିଲା ବ୍ୟକ୍ତି ଛୁଆଁ ହେଇ ପଡ଼ନ୍ତି ? କଲେଜେଟ ସ୍କୁଲରେ ମଧ୍ୟ ରାଣୀ ପ୍ରାଇଜ ଦେଲେ ଏବଂ ସେଠାରେ ଶ୍ରୀମତୀ ସରଳା ଦେବୀ ଯେତେବେଳେ ଜନତାଙ୍କୁ ଅନୁରୋଧ କଲେ ତାଙ୍କର ନାରୀମଙ୍ଗଳ ସଭାକୁ ଯିବାକୁ, ତାଙ୍କର ନିମନ୍ତ୍ରଣ ଉଦ୍ଦେଶ୍ୟ ଶୁଣି କାହିଁ କଟକର ଶିକ୍ଷିତ ଜନତା ଉପସ୍ଥିତ ଶ୍ରୀ ରାଧାକୃଷ୍ଣ ବୋଷ, ଶ୍ରୀ ଯଦୁମଣି ମଙ୍ଗରାଜଙ୍କ ଭଳି ନିଦା କଂଗ୍ରେସବାଲା କେହି ଆପତ୍ତି କରୁ ନ ଥିଲେ ? ପୁଣି ପ୍ରତିବାଦ ସଭା ଡ଼ାକିବାର ପୁରୋଧା ନବ ଚୌଧୁରୀ ଦମ୍ପତି ଉପରୁ ହୋଇ ଥିଲେ ? ଅକ୍ଷୟ ବାବୁ ଉପରୁ ପ୍ରେସିଡେଣ୍ଟ ହୋଇ ଥିଲେ ? ସାମ୍ୟବାଦୀଙ୍କର ସବୁ Sex equality ଗୋଟାଏ ପ୍ରଧାନ ଉଦ୍ଦେଶ୍ୟ ? ନା ଏ ସଭାରେ ସରଳା ଦେବୀ ଥିବାରୁ ସେ ଉଦ୍ଦେଶ୍ୟ ବି ସାମ୍ୟବାଦୀଙ୍କ ମନରୁ ପୋଛି ହେଇଗଲା ! ଆଶ୍ଚର୍ଯ୍ୟ କଥା, ସ୍ୱାମୀଜି ମଧ୍ୟ ଏ ଭୌତିକ ଜନସଭରେ ଯୋଗ ଦେଇଥିଲେ !

ସମ୍ପାଦକେ ! ଆପଣ ଏହି ପତ୍ରର ଉତ୍ତର କଥା ଶୁଣାଇ ଅମ ଅଖିରୁ ପରଳ ଛଡ଼ାଇ ଦେବେ କି ? ନା ଓଡ଼ିଆ କଂଗ୍ରେସରୁ Chivalry ବୋଲି ଗୋଟା ଜିନିସ ଉଠି ଗଲାଣି ?

—ଜଣେ କଟକବାସୀ

Digitized by srujanika@gmail.com

# ଫଟା ଟେବୁଲ ମାହାତ୍ମ୍ୟ ।

## (୪)

(ଜଣେ ପ୍ରସିଦ୍ଧ ହାସ୍ୟରସିକଙ୍କ ଅସରନ୍ତି କୋଷରୁ)

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତା ପରେ ରାଜକୁମାରମାନେ ଉତ୍ତରକୁ ଯାଇ ପରବର୍ତ୍ତୀ ୧୨ ଘଣ୍ଟା ମଧ୍ୟରେ ସେମାନଙ୍କର କି ଅବସ୍ଥା ଘଟିଲା ତାହା ବହୁଦିନ ପରେ ନଦୀତଟରେ ଥିବା ମୁଁ ଏକ ଭଦ୍ର-ଫଟାଟେବୁଲ ଠାରୁ ଶୁଣିଛି । ସେ କଥା ବର୍ତ୍ତମାନ ଥାଉ ।

ତହିଁ ଆରଦିନ ଠାରୁ ଛଣ୍ଟି କଣ୍ଟ୍ରାକ୍ଟରଙ୍କ ପ୍ରସାଦ ଓ ପଇସାରୁ ଜଙ୍ଗଲ କଟା ଆରମ୍ଭ ହେଲା । ଶେଷକୁ ମୁଁ ଯେଉଁ ଗଛରୁ ବାହାରିଲି ସେ ଗଛ କଟା ଯିବାର ପାଳି ପଡ଼ିଲା । ମୁଁ ସେତେବେଳେ 'ଫଟା' ଅବତାର ଧାରଣ କରି ନ ଥିଲେହେଁ ସେହି ଗଛ ମଧ୍ୟରେ ଥିଲି ଓ ସେହି ଅବସ୍ଥାରେ କେତେକଥା ମୋ ଦୃଷ୍ଟିରେ ପଡ଼ିଥିଲା । ବଡ଼ ସାହେବ ଘୋଡ଼ାରେ ଚଢ଼ି କେବେ କେବେ ରାଜନଗରକୁ ଯାଉଥିଲେ, କେତେବେଳେ ନିକଟତମ ରେଳ ଷ୍ଟେସନକୁ ଯାଆନ୍ତି ଓ ରେଳରେ ଦୂରବର୍ତ୍ତୀ ନଗରକୁ ଯାଆନ୍ତି । ବଡ଼ ସାହେବଙ୍କ ଅନୁପସ୍ଥିତିରେ ଅନ୍ୟ ସାହେବ ଓ ମେମଙ୍କ ନିଭୃତ ଭ୍ରମଣ ପାଇଁ ସୁଯୋଗ ପଡ଼େ । କାରଣ ତମ୍ବୁରେ ଖାନସମା, ବବର୍ଚ୍ଚି, ମଶାଲ୍‌ଚି ସର୍ଦ୍ଦାରଆଦିଙ୍କ ଉପସ୍ଥିତି ବେଳେବେଳେ ଭିନ୍ନ ଲିଙ୍ଗରେ ଦୁଇ ପ୍ରାଣୀଙ୍କ ମଧ୍ୟରେ ଅବାଧ ଆନ୍ତରିକ ଭାବର ପ୍ରକାଶ ବାଧା ଘଟାଏ । ଏଥିପାଇଁ ସେ ମୋର ଜନକ ଗଛ ମୂଳକୁ (ତମ୍ବୁରୁ ପ୍ରାୟ ୩ ଫର୍ଲିଙ୍ଗ ଦୂର ହେବ) ଆସନ୍ତି ଓ ସେଠାରେ ବଣମଲ୍ଲୀଲତାପରେ ମନର ଓରମାନ ମେଣ୍ଟାନ୍ତି । ବଡ଼ ସାହେବ ଦମ୍ପତିଙ୍କ ପାଖରେ ବା ମୁହଁଫର୍ଦ୍ଦା ଲୋକଙ୍କ ମଧ୍ୟ ଥରେ ଦୁଇଦିନ ତମ୍ବୁରୁ ଅନୁପସ୍ଥିତ ହେବାକୁ ପଡ଼ିଲା । ବଡ଼ ସାହେବ ସେତେବେଳକୁ ଠାଃ ନଗରକୁ ଯାଇଥିଲେ । ସେହି ସମୟରେ ମେମ ସାହେବ ଓ ରାଜକୁମାରଙ୍କ ମଧ୍ୟରୁ ୩ ଜଣ ମିଶି ସନ୍ଧ୍ୟା-ବେଳେ ଟେନିସ୍ ଖେଳ ଖେଳିଲେ । ସାହେବ ମେମ ୩ ଜଣ ଉପସ୍ଥିତ ଥିଲାବେଳେ ଟେନିସ୍ ଖେଳ ପାଇଁ କେବଳ ଠିକାଦାରଙ୍କ ମୁଣ୍ଡରେ ସୁନା କଳସ ଢଳାହୁଏ । ବଡ଼ ସାହେବଙ୍କ ଅନୁପସ୍ଥିତିରେ ଠିକାଦାର ଓ ପଟ୍ଟାଦାର ଦୁହେଁ ଖେଳରେ ଯୋଗ ଦିଅନ୍ତି । ସାହେବ ଦ୍ୱୟଙ୍କ ଅନୁପସ୍ଥିତିରେ ଠିକାଦାର, ପଟ୍ଟାଦାରଙ୍କ ଛଡ଼ା ତୃତୀୟ ରାଜକୁମାର ମଧ୍ୟ ମିଶିଲେ ଓ ଖେଳ ଚାଲିଲା । ଖେଳ ପରେ ଖେଳର ଉମୋପାଦନ ସକାଶେ ମେମଙ୍କର ନିତ୍ୟ ସାନ୍ଧ୍ୟ ବାୟୁ ସେବନ ନ ହେଲେ ନ ଚଳେ । ବଣ ଜଙ୍ଗଲ ମଧ୍ୟରେ ମେମ ଏକାକିନୀ ବୁଲିବା ନିରାପଦ ନୁହେଁ ବୋଲି ତାଙ୍କ ପଛରେ ଠିକାଦାର ସାହେବ (ଅବଶ୍ୟ ଗୋରା ସାହେବ ନୁହନ୍ତି କିନ୍ତୁ ଗୋଟି କଥା ଶବ୍ଦ ଶିଳକାଳିଆ ଗୁଆକାତଭଳି ଅଛନ୍ତି ହୁଏ ବୋଲି ଏ ସାହେବ ଶବ୍ଦ ରାଜାସାହେବ, ଠିକାଦାର ସାହେବ, ବାବୁ ସାହେବ, କଣ୍ଟ୍ରାକ୍ଟର ସାହେବ, ଖାନସମା ସାହେବ, ସର୍ଦ୍ଦାର ସାହେବ, ବଡ଼ ସାହେବ, ମାଷ୍ଟର ସାହେବ ରୂପେ ସମ୍ମାନ ସୂଚକ ସହଚର ଶବ୍ଦ ସ୍ୱରୂପ ଗୋରା କଳା ଚମଡ଼ା ନିର୍ବିଶେଷରେ ବ୍ୟବହୃତ ହୁଏ, ଏବଂ ଏଥିର ସ୍ତ୍ରୀଲିଙ୍ଗ ଆକାର ପାଣିନି ଓ ଫାର୍ସୀ ବ୍ୟାକରଣର ସୂତ୍ର ଅନୁସାରେ ରାଣୀ ସାହେବା ଯୁବରାଣୀ ସାହେବା, ଆକାର ଧାରଣ କରେ; କିମ୍ବା 'ସାହେବ' ଆକାରକୁ ଆଖ୍ୟା ଧାରୀଙ୍କ ଲିଙ୍ଗ ପ୍ରତି ଦୃଷ୍ଟି ନ କରି ବ୍ୟବହାର କରନ୍ତି । ପାଣିନି ଓ ଫାର୍ସୀ ବ୍ୟାକରଣ ଆମ ପକ୍ଷରେ 'ବରୁଣେଇ ପର୍ବତ' ସ୍ୱୀକାର, ଆମ୍ଭେ ଆଖ୍ୟା ଧାରୀଙ୍କ ଲିଙ୍ଗ ବା ଚମଡ଼ା ପ୍ରତି ଦୃଷ୍ଟି ପକାଉଁ ନାହିଁ ।) ଖଣ୍ଡିଏ ଦୋହରା ନଳ ବ୍ରିଜଲୋଡ଼କ ବନ୍ଧୁକ ଧରି ଗଲେ । ଦୁହେଁଯାକ ଆଗଲି ପଛିଲି ହୋଇ ଚାଲି ଥାଆନ୍ତି । ସେମାନେ ଆସି ମୋ ଗଛ ପାଖେ ପହଞ୍ଚିଲା ବେଳକୁ ଦେଖିଲେ ଯେ ପ୍ରାୟ କୋଡ଼ିଏ ହାତ ଛଡ଼ାରେ ଗୋଟିଏ ପଟାଦାରିଆ ମହାବଳ ବାଘୁଣୀ ଶୋଇଛି ଓ ତାର ଦୁଇଟି ଶିଶୁ ତା ସଙ୍ଗେ ଖେଳୁଛନ୍ତି । ମେମ ସାହେବ ଓ ଠିକାଦାର ସାହେବଙ୍କ ଦୃଷ୍ଟି ବାଘୁଣୀ ଉପରେ ପଡ଼ିଲା ବେଳକୁ ବାଘୁଣୀର ଦୃଷ୍ଟି ଏ ଦୁହିଙ୍କ ଉପରେ ପଡ଼ି ନଥାଏ । ଏ ଦୃଶ୍ୟ ଦେଖି ଠିକାଦାର ସାହେବ ରାଇଫଲ୍‌ର ଗୋଟିଏ ନଳୀରୁ ଉଦ୍ଭବ ଗୁଳିରେ ବାଘୁଣୀର ଇହଲୀଳା ଇତିଶ୍ରୀ କରିଦେଲେ । ସେତେବେଳକୁ ବାଘ ଛୁଆ ଦୁଇଟି କିଂକର୍ତ୍ତବ୍ୟ ବିମୂଢ଼ ହୋଇ ମାଆର ଶବ ପାଖେ ଠିଆ ହୋଇ ଆଗନ୍ତୁକ ଦୁହିଙ୍କ ଆଡ଼କୁ ଅନାଇ ଥାଆନ୍ତି । ଏ ଛୁଆମାନେ ଆକାର ଓ ଉଚ୍ଚତାରେ ବିରାଡ଼ି ପରି ଦିଶୁ ଥାଆନ୍ତି । ଅତଏବ ଅନୁମାନ ହେଉଛି ଯେ ସେମାନେ କଅଁଳା ପିଲା ଥିଲେ । ମେମ ସାହେବ ଏହା ଦେଖି ସେହିଠାରେ ଭୂମାତାଙ୍କ ଅଙ୍କ ଆଶ୍ରୟ କଲେ । ବନ୍ଧୁକର ଆବାଜ ଶୁଣି ଘଟଣା ସ୍ଥଳରେ ତମ୍ବୁରୁ ଖାନସମା ସାହେବ, ଅର୍ଦ୍ଦଳୀ ସାହେବ, ବବୁର୍ଚ୍ଚି ସାହେବ ଆସି ପହଞ୍ଚି ଗଲେ । ଭୂମାତାଙ୍କ ଅଙ୍କରୁ ଠିକାଦାର ସାହେବ ନିଜ ଅଙ୍କରେ ଉଠାଇ କରି ଶୁଆଇ ଥିବା ମେମ ସାହେବଙ୍କୁ ସାଷ୍ଟାମ କଲେ । ଅନ୍ୟ ୨ ଜଣ ଲୋକ ଦଉଡ଼ି ଯାଇ ତମ୍ବୁରୁ ୨ ଖଣ୍ଡ କଷ ଦଉଡ଼ା ଆଣି ବାଘଛୁଆ ଦୁଇଟିକୁ ବାନ୍ଧିଲେ ଓ ସମସ୍ତେ ସେଠାରୁ ତମ୍ବୁକୁ ବାହୁଡ଼ିଲେ । ବାଘର ଲାସ ସେହିଠାରେ ପଡ଼ି ରହିଲା ଓ ତହିଁ ଆରଦିନ ବଡ଼ ସାହେବ ଓ ଅନ୍ୟ ସାହେବ ତମ୍ବୁରେ ପହଞ୍ଚି ଘଟଣା ଶୁଣିଲେ ଓ ଦୂରବର୍ତ୍ତୀ ଗ୍ରାମରୁ କେତେଜଣ ପାଣଙ୍କୁ ଆଣାଇ ମୃତ ବାଘୁଣୀର ଖୋଳକୁ ଉତରା-ଇଲେ ଓ ଖୋଳଟି ଟାନ୍ କରାଯିବା (କଷା ଯିବା) ପାଇଁ ମାନ୍ଦ୍ରାଜକୁ ପଠାଇ ଦେଲେ । ଛୁଆ ଦୁଇଟି ତମ୍ବୁରେ ପାଳିତ ହେଲେ ଓ ଏପରି ପୋଷା ମାନିଲେ ଯେ ମେମ ସାହେବଙ୍କ ସଙ୍ଗେ କୁକୁର ଛୁଆ ପରି ପଛରେ ଗୋଡ଼ାଇଲେ । ୨।୩ ମାସ ବାଦ ବାଘ ଛୁଆ ଗୁଡ଼ିକ ବଢ଼ିଯିବାରୁ ସେମାନଙ୍କୁ ସ୍ୱାଧୀନତା ଦେବା ଅନୁଚିତ ବୋଲି ସ୍ଥିର ହେବାରୁ କଲିକତା ଚିଡ଼ିଆଖାନାକୁ ପଠାଗଲେ । ମୁଁ (ଫଟାଟେବୁଲ) ସେତେବେଳେ ଗଛ ରୂପେ ଥାଏ । ତାପରେ କଣ୍ଟ୍ରାକ୍ଟରଙ୍କ କାଠୁରିଆ ମାନେ ଗଛକୁ କାଟିଲେ ଓ କରତୀ ମାନେ କରତ କରି ଗଛକୁ ବାଟି ପଟା ଗୁଡ଼ିକ କାଢ଼ିଲେ ।

(କ୍ରମଶଃ)

Digitized by srujanika@gmail.com

# ୭ମ ଶବ୍ଦଧନ୍ଦାର ଉତ୍ତର

|  |  |  |  |  |  |  |
|---|---|---|---|---|---|---|
|  | ୧ ପ | ୨(ର) | ୩ ଗ୍ର | ୪(ଜ) | ନା |  |
| ୫ ସ୍ୱେ |  | ୬ ସ | ଳ | ଣ |  | ୭ ଟୀ |
| ୮ ଭ | ୯ ବ |  | କ |  | ୧୦ ବୃ | ର |
|  | ୧୧ ର | ମ୍ବା |  | ୧୨ ନି | ଅ |  |
| ୧୩ ର | ସ |  | ୧୪ ପ |  | ୧୫ ଳି | ୧୬ ଅ |
| ଶ୍ମି |  | ୧୭ ପ | ଧ | ୧୮ ର |  | ତ |
|  | ୧୯ ଶୀ | ର |  | ୨୦ ସ | ଭ |  |

**ପ୍ରତିଯୋଗୀମାନେ ୬୦ ଟଙ୍କା ପୁରସ୍କାର ପାଇଲେ**

ନିର୍ଭୁଲ ଉତ୍ତର ନମିଳିବାରୁ ସାମନ୍ତ ପୁରସ୍କାର ଦିଆଗଲା ନାହିଁ ।

ପ୍ରଥମ ପୁରସ୍କାର ୨ଟି ଭୁଲ, ଟ ୧୨ଙ୍କା ଶ୍ରୀ ପୂର୍ଣ୍ଣଚନ୍ଦ୍ର ରଣା, ରେମୁଣା ମି: ଇ: ସ୍କୁଲ, ପୋ: ରେମୁଣା, ବାଲେଶ୍ୱର । ୨ୟ ପୁରସ୍କାର, ୩ଟି ଭୁଲ, ଟ ୨୮ ଶ୍ରୀ ଇନ୍ଦ୍ରମଣି ଯଣ୍ଡ, କୁଅଁସ ପୋ: ଭଦ୍ରକ । ୩ୟ ପୁରସ୍କାର, ୪ଟି ଭୁଲ, ପ୍ରତ୍ୟେକ ଟ ୦୮ । ୧ । ଶ୍ରୀ କୃଷ୍ଣଚନ୍ଦ୍ର ଦାସ ହେ: ପ: ବ୍ରହ୍ମପୁର ଉ: ପ୍ରା: ସ୍କୁଲ ରାଜ ନୀଳଗିରି । ୨ । ଶ୍ରୀ ଦେବେନ୍ଦ୍ର କୁମାର ଦାସ, ଶତପଥୀ ଲଜ୍ ଚୌଧୁରୀ ବଜାର, କଟକ । ୩ । ଶ୍ରୀମତୀ ପୋଗବଦ୍ୟା ଦେବୀ, ଉ: ପ୍ରା: ବାଳିକା ବିଦ୍ୟାଳୟ, ସୁନହାଟ ବାଲେଶ୍ୱର । ୪ । ଗୋପାଳ ଚନ୍ଦ୍ର ଠାକୁର C/o ବୈଷ୍ଣବ ଚରଣ ନାୟକ ୯ମ ଶ୍ରେଣୀ ହାଇସ୍କୁଲ ଭଦ୍ରକ । ୫ । ଶ୍ରୀ ଗୋକୁଳାନନ୍ଦ ଦାସ ନ ୩୫ ମ୍ବର ଷ୍ଟ୍ରିଟ୍ ରୋଡ଼, ଜାମସେଦପୁର । ୬ । ଶ୍ରୀମତୀ ମହାଦେବ୍ୟା ଦେବୀ ୮ମ ଶ୍ରେଣୀ ମିସନ ବାଳିକା ବିଦ୍ୟାଳୟ, ବାଲେଶ୍ୱର । ୭ । ଶ୍ରୀ ଗଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ନୀଳଗିରି ଦେବାନ ଅଫିସ, ରାଜ ନୀଳଗିରି ।

## ଆପତ୍ତି

ଯଦି କୌଣସି ପ୍ରତିଯୋଗୀ ତାଙ୍କର ପଠାଇଥିବା ଉତ୍ତର ସମ୍ବନ୍ଧରେ କୌଣସି ଆପତ୍ତି କରିବାକୁ ଚାହାନ୍ତି କିମ୍ବା ନିଜର ଭୁଲ ଦେଖିବାକୁ ଚାହାନ୍ତି ତେବେ ଟ ୦୮ ର ଡାକ ଟିକଟ ପଠାଇଲେ, ଅଫିସ ତାଙ୍କର ଭୁଲ ନିର୍ଦ୍ଦେଶ କରି ତାଙ୍କ ପଠାଇଥିବା କୁପନ ତାଙ୍କୁ ଫେରାଇ ଦେବେ ।

**ଚାହିଁ ରହନ୍ତୁ !** ଆସନ୍ତା ସଂଖ୍ୟାରେ ୮ମ ଶବ୍ଦଧନ୍ଦା **ଚାହିଁ ରହନ୍ତୁ !**

# ବର୍ଷ ଆରମ୍ଭରେ ଡଗରର ବିପୁଳ ପୁରସ୍କାର

—o—

## ଡଗରର ବାର୍ଷିକ ଉତ୍ସବ ଉପଲକ୍ଷେ

### ଅପୂର୍ବ ଉପହାର

ଜାନୁମାସ ତା ୨୯ ରିଖ ମଧ୍ୟରେ ନୂଆ ଗ୍ରାହକମାନଙ୍କୁ ଡଗରର ଅଦର ସମ୍ଭାଷଣ ।

ସାଧାରଣଙ୍କ ପାଇଁ ବାର୍ଷିକ ଅଗ୍ରୀମ ଟ ୬୯ ସ୍ଥଳେ ଟ ୧୳ (ସଡାକ)

ନାଗରିକଙ୍କ ପାଇଁ ,, ଟ ୧୳ ,, ଟ ୧୯ ,,

ତା ୨୯ ରିଖ ପରେ ଆଉ ଏ ସୁବିଧା ମିଳିବ ନାହିଁ ।

## ମୋ ଦେଶ !

ମୋ ଦେଶ ! ଦେଖା ସେହି ରୂପକୁ
ଚିର-ହ୍ଲାଦାନନ୍ଦ-ରସ-କୂପକୁ । ଘୋଷା ।
ମନ୍ତ୍ରିବାକୁ ଯାହା ସାଧବକୁଳ
ବୋଇତେ ଉଡ଼ାଇ ଥିଲେ ଶବଳ । ୧ ।
ଖାରବେଳ ଯାହା ଦେଖି ନୟନେ
ଚଳିଲେ ମଗଧ ସେନାଗହଣେ । ୨ ।
କେଶରି-ଭୂପତି-କୀରତି-ଜାଲ—
ଦ୍ୟୁତିରେ ହୋଇଲା ଯାହା ଧବଳ । ୩ ।
ଅନଙ୍ଗଭୀମ ଅବନୀ-ନାୟକ
କଲେ ଯା ଗୌରବ ବିଶ୍ୱବ୍ୟାପକ । ୪ ।
ନରସିଂହ-ଭୂପ-ମନ୍ଦିରବର
ହେଲା କଳାପୁର ଯାହା ବନ୍ଧର । ୫ ।
କପିଳେନ୍ଦ୍ର ବଢ଼ାଇଲେ ଯା ଶିରୀ
ଅସିବେ ବଇରି-ଉରସ ଚିରି । ୬ ।
କାଞ୍ଚୀ-କେମା-ହୃଦ-କୁମୁଦ-ଇନ୍ଦୁ
ଉଛୁଳାଇଲେ ଯା ସୁଯଶ-ସିନ୍ଧୁ । ୭ ।
ଉପେନ୍ଦ୍ର-କବି-ରବି-ଗୋପାଳକୃଷ୍ଣ
ପିଇଲେ ନେତ୍ରେ ଯା ହୋଇ ସନ୍ତୁଷ୍ଟ ।
ରାଧାନାଥ କବି ଲେଖନୀ ମୁନ
ଯାହା ଅଙ୍କି ହେଲା ଭାରତେ ଧନ୍ୟ । ୯ ।
ସାର୍ଦ୍ଧ-କୋଟି-ସୁନ-ସୁତା-ନୟନ-
ଚକୋରେ ଦେବ ଯା ଚନ୍ଦ୍ରିକା-ପାନ । ୧୦ ।

ଶ୍ରୀ ବାଞ୍ଛାଚରଣ ପଟ୍ଟନାୟକ ବ. ଏ,

Digitized by srujanika@gmail.com

# ଗୋପୀଙ୍କ ଶୋକ।



ରାଧା ଧର ସଖି କର,
ବୋଲନ୍ତି ଅକାଠ ଅଳି ନ କର ଗୋ,
ରୁଢ଼ ମରବ ମୋତେ ନ ଧର ସଜନ ଗୋ ॥

ଶ୍ୟାମଚନ୍ଦ୍ର ପ୍ରାଣେଶ୍ୱର,
ଛାଡ଼ି ଦେଇ ଯିବେ ମଥୁରା ପୁର ଗୋ,
ଗୃହ ମାସ ସେ ରହିବେ ଦୂର ସଜନ ଗୋ ॥

ସୁବଳ ଝୋକା ବେଚଣ୍ଡ,
ଭାଙ୍ଗ ମୋତ ଚପ୍ପ ଥିଲେଁ ଯା ଗଣ୍ଡ ଗୋ,
ସେହୁ ହେବ କୋପଦ୍ରେ ଷଣ୍ଡ ସଜନ ଗୋ ॥

ମୁରଲୀ ଧରିଣ ହାତେ,
ପଞ୍ଚଅଙ୍ଗଙ୍କ ଥୋଇବ ସାଥେ ଗୋ,
ଯାଇ ପଡ଼ିବୁଁ କେବଣ ଖାତେ ସଜନ ଗୋ ॥

ଏତେ ଅପମାନ ସତେ,
ଅସ୍ତ୍ର ସନମାନ ଥାଉଁ କେମନ୍ତେ ଗୋ,
ସହୁ ପାରିବ କହନ ମୋତେ ସଜନ ଗୋ ॥

ଲଳିତା —
ଯେଣୁ ସେ ତା ଜାଣି ଭ୍ରମ
ସେଥିରେ କଣ୍ଠ ତ ଦରଜ ନାହିଁ ଗୋ,
ତୋତେ ଡ଼ାକିବ ତ ମାଇଁ ମାଇଁ ଶ୍ରୀମତୀ ଗୋ ॥

ଇମାରୁ ମାସ ସ୍ଥଗେଷ୍ଟି,
ଅଖି ବୁଜ ଦେବେ ଯିବନ୍ତି କଷ୍ଟି ଗୋ,
ଭମା ଏଥିପାଇଁ ହେଜ ଯାଣ୍ଟେ ଶ୍ରୀମତୀ ଗୋ ॥

ବିଶାଖା—
ଶୁଣ ଗୋ ରାଧିକା ଅପା
ଚନ୍ଦନ ମୂଳକ ଦେବା ଉତ୍ତପା ଗୋ,
କଥା ହୋଇଯିବ ସଫା ହଫା ମୋ ଅପା ଗୋ ॥

ଶ୍ରୀମତୀ—
ସେ କଥା ନ ଧର ଭୁଣ୍ଡେ,
ଚାହା କଲେ ବାଛ ପଡ଼ିବ ମୁଣ୍ଡେ ଗୋ,
ବଡ଼ା ହୋଇଯିବା ଦାଣ୍ଡେଦାଣ୍ଡେ ବିଶାଖା ଗୋ ॥

ବୋଟମ୍ବ୍ରୀ ସେ ଚନ୍ଦ୍ରାବଳୀ
ସାଙ୍ଗେ ସାଙ୍ଗେ ଅଧି ଯିବନ୍ତି ମିଳ ଗୋ
ଲାଗି ଯିବ ସିନା ସ୍ୱପ୍ନକେଳି ସଜନ ଗୋ ॥

ଅମେ ଗଲ୍ହଣି ଛାଡ଼
ଅନ ଗୋପି ଅସି ବସିବେ ମାଡ଼ ଗୋ
ପୁଣି ଦଗଲ ଦ୍ୱଲାଇ ଦାଢ଼ି ସଜନ ଗୋ ॥

ସୁଅଦ ପାଇଲେ ଥରେ
ପଳୁରିବ ନାହିଁ ଅନକୁ ବାରେ ଗୋ,
ଦେଖି ନପାରିବ ଦୃ' ଅଖିରେ ସଜନ ଗୋ ॥

କେମନ୍ତେ ବହିବା କନ୍ଧ,
କେମନ୍ତେ ଦେଖାଇବାଟି ଏ ମୁହଁ ଗୋ,
ଖାଲି ଅଖିରୁ ବୋହିବ ଲୁହ ସଜନ ଗୋ ॥

ବିଶାଖା—
ଏତେ ଚିନ୍ତା କାହିଁପାଇଁ,
ଗୋଦାମରେ ଖାଗ ବିଙ୍ଗିଲ ନାହିଁ ଗୋ,
ଦେବା ଭାସ ଖାସ ଧମକାଇ ସଜନ ଗୋ ॥

ହ୍ରାଣ ପାହାଡ଼ୟ ବାନ୍ଧୁ,
ମୁଁ ଚାହିଁଛି—ଅନ ଚନ୍ଦ୍ର ନ ଚିହ୍ନ ଗୋ,

Digitized by srujanika@gmail.com

ନାହିଁ ଉପାୟ ଏବେଟା ବନ୍ଧୁ ସଜ୍ଜନ ଗୋ ॥
ମିଳ ତହିଁ ତିନ ସଖି,
ଛତ୍ରପତ୍ର ଖଟେ ଯତନେ ଲେଖି ଗୋ,
ସାଙ୍ଗ ଢୋଇ ଗଲେ ସଜନି ଘୁଜନେ ହେ ॥
ତେଣୁ—ଗଣ୍ଡର ବନ୍ଧ,
ବସିଥିଲେ କାହ୍ନୁ ଯୋଷାଙ୍କ ପିନ୍ଧି ହେ,

ଗୋପୀ ଓଗାଳଲେ ବାଟ ରୁନ୍ଧି ସୁଜନେ ହେ ॥
ହଲାଇ ହଲାଇ ହାତ,
ରାଧା ବୋଲେ ଶୁଣ ପରାଣ କାନ୍ତ ହେ,
ସତେ ଗଲ ଛାଡ଼ି ଅନାଥ—ପ୍ରାଣେଶ ହେ ॥
ହଠ ଧରି ଅଛୁ ତୁହ,

ଯେତେ ଯେ କହିଲୁଁ କାନ୍ଦ କୁନ୍ଥାଇ ହେ,
ଅମ୍ଭ ବଚନ ଶୁଣିଲୁ ନାହିଁ ହଟିଥ ହେ ॥
ଶେଷ କଥା ଅମ୍ଭ ଶୁଣ,
ଅମ୍ଭ ଛନ୍ଦଙ୍କର 'ଡଲକ୍' ସେନ ହେ,
ଶେଷ ହେଲା ଅମ୍ଭ ପ୍ରୀତିପଣ ହଟିଥ ହେ ॥



କୃଷ୍ଣ—
ଶୁଣ ଗୋ ପରାଣ ଚନ୍ଦ୍ର,
ମନ ଦୁଃଖ ଆଉ ରୁ କର ନାହିଁ ଗୋ,
କଟକଣା କରୁଅଛ ମୁହିଁ ପ୍ରେୟସି ଗୋ ॥
ଦେଖିଣ ତୁମ୍ଭର ବ୍ୟସ୍ତ,
ହେଜ୍‌ସାଲ କର ମଥୁରା ଗସ୍ତ ହେ,

ଏବେ ହେବନି ସବୁ ଦୋରସ୍ତ ପ୍ରେୟସି ଗୋ ॥
ଅଛନ୍ତି ତୁମ୍ଭର ଜାଣେ,
ଗୋପବାଳେ ପଞ୍ଚ ପଟଣେ ବରଣେ ଗୋ,
ତେଣୁ ଅଣାଇବ ଅଭ ଜଣେ ପ୍ରେୟସି ଗୋ ॥
ଭୁଇଁ ଫାଡୁ ଠୋକା ସେନ୍ଧ,

ତାସଙ୍ଗେ ତୁମ୍ଭର ପଟିବ ସନ୍ଧ ଗୋ,
ନୂଆ ନାଗର ଯେଣୁ ଅଟଇ ପ୍ରେୟସି ଗୋ ॥
ରାଧା—
ମାନିଲା ମନ ଅମ୍ଭର
ଯେବେ ଇଚ୍ଛା ଯାଅ ମଥୁରା ପୁର ହେ,
ଫେରି ଆସିଲେ ଅମ୍ଭେ ତୁମ୍ଭର ପ୍ରାଣେଶ ହେ ।

Digitized by srujanika@gmail.com

# ବହିପତ୍ର



## ଉତ୍କଳ ସାହିତ୍ୟ—ଚୈତ୍ର, ୧୩୪୪

ଏଥରକାର ସାହିତ୍ୟ କେବଳ ଗୁଡ଼ିଏ ଛାୟାବାଦୀ କବିତାରେ ପରିଶୋଭିତ । ଏ ଢଙ୍ଗର କବିତା ସାହିତ୍ୟର ପ୍ରଗତି ବା ଅଧୋଗତିର ଲକ୍ଷଣ ସେ ବିଷୟରେ ସାହିତ୍ୟିକମାନଙ୍କର ଭିନ୍ନ ଭିନ୍ନ ଅଭିମତ— ଅତଏବ ପାଠକଙ୍କ ବ୍ୟକ୍ତିଗତ ରୁଚି ଉପରେ ଏଥିର ମୀମାଂସା ନ୍ୟସ୍ତ କଲୁଁ !

ସିଂହଭୂମି ସାହିତ୍ୟ ସମ୍ମିଳନୀର ପୁରୋଧା ସାହିତ୍ୟ ରସିକ ଅଠମଲ୍ଲିକ ରାଜା ସାହେବଙ୍କର ଅଭିଭାଷଣଟି ବେଶ ଚିନ୍ତାଶୀଳ ଓ ସୁଖପାଠ୍ୟ ହୋଇଛି । ରାଜା ସାହେବ ଆକ୍ଷେପ କରି କହିଅଛନ୍ତି—"ସାହିତ୍ୟ ସାଧକମାନଙ୍କ ମଧ୍ୟରେ କେତେଜଣଙ୍କର ମୌଳିକତା ଅଛି ? କେହି ସଂସ୍କୃତ ଶୈଳୀରେ ଲେଖୁଛନ୍ତି, କେହି ବୈଦେଶିକ ଉପାଦାନ, ଭାବ ଓ ଶୈଳୀର ଅନୁକରଣ କରି ଅଭିନବତ୍ୱ ଦେଖାଉଛନ୍ତି । ଫଳରେ, ନବ ଯୁଗର ସାହିତ୍ୟ ଜାତି ମଧ୍ୟରେ ପ୍ରସାର ଲାଭ କରି ପାରୁନାହିଁ ।" ଏହାର ପ୍ରତିକାର ସ୍ୱରୂପ ସେ କହନ୍ତି—ଦେଶର ବିଲ, ବନ, ପାହାଡ଼ରେ ବୁଲି ଏ ଦେଶର ପ୍ରକୃତି ସହିତ ମିଶିବାକୁ ହେବ । ଏ ଦେଶର ପ୍ରାଚୀନ ସାହିତ୍ୟ, ଇତିହାସ ଆଲୋଚନା କରି ସରଳ ସୁବୋଧ ଭାଷାରେ ନବଯୁଗ ରୁଚିରେ ଢାଳି ଏ ଦେଶ ହାତରେ ଦେବାକୁ ହେବ ।"

ଏଭଳି କଥା ସମସ୍ତେ ତ କହୁଛନ୍ତି—କିନ୍ତୁ ଆଦର୍ଶଟା ଦେଖାଉଛି କିଏ ? ଆଜି ନବଯୁଗର ରୁଚିର ସ୍ୱରୂପଟା ଯେ କଣ ତାହା ନିରୂପଣ କରୁଛି ବା କିଏ ?

ଦୂଷିତ, ଅଶ୍ଳୀଳ କୁସାହିତ୍ୟକୁ ଆଇନ ଦ୍ୱାରା ବନ୍ଦ କରିବା ରାଜା ସାହେବଙ୍କ ମତ । ଆମ୍ଭେମାନେ ଏ କଥାଟିକୁ ପସନ୍ଦ କରୁଁ । କିନ୍ତୁ ସନ୍ଦେହ ହୁଏ, ସାହିତ୍ୟ ରୁଚିକୁ ଗଢ଼ିବ କି ନା ରୁଚିର ଅନୁସରଣ କରିବ ?

ପ୍ରବୀଣ ସାହିତ୍ୟିକ ମହାରାଜ ଶ୍ରୀ ଉତ୍ତମ ଦେବଙ୍କର ଗୋଟିଏ ପୁରାଣ ଗଳ୍ପ ସୁରସ ଭାଷାରେ ପୁଲକିତ ।

ଆଧୁନିକ କବିତା—ନାମକ ପ୍ରବନ୍ଧରେ ଶ୍ରୀଯୁକ୍ତ ବଂଶୀଧର ମହାନ୍ତି ଆଧୁନିକ ଛାୟାବାଦୀ (mystic) କବିମାନଙ୍କୁ ଅବୋଧ ବୋଲି ବହୁତ କିଛି ଗାଳି ଗୁଲଜ କରିଛନ୍ତି । ଛାୟାବାଦ କବିତା ଯେ nut-ଜାତୀୟ ଫଳ—ବଂଶୀଧର ବାବୁଙ୍କ ପରି ପାକୁଆ ବୁଢ଼ା ତାର ସ୍ୱାଦ ପାଇବେ କାହିଁ ? ସେଥିପାଇଁ ଛାୟାବାଦୀଙ୍କର ନାରାଜ ହେବାର କଥା ।

କାୟାବାଦୀ—କବିତାର ଗୋଟାଏ ଅର୍ଥ ଥାଏ —ମାତ୍ର ଛାୟାବାଦୀ ବା ମାୟାବାଦୀ କବିତାର ଅର୍ଥ ଅସଂଖ୍ୟ—ଅସଂଖ୍ୟ କାହିଁକି ଅନନ୍ତ । ପାଠକ ଯେଉଁ ଅର୍ଥକୁ ଟାଣିବ, ଯାହା ବୁଝିବ ସେଇଆ । ଏଣୁ ସମସ୍ତଙ୍କର ହୃଦୟକୁ ଲାଗେ । ଏହା ତ କବିତାର ଆଦର୍ଶ । ଆଶାରେ କୁହ, ମିଳନରେ କୁହ, ବିରହରେ କୁହ, ଯେଉଁ ଅବସ୍ଥାରେ ଥିଲେ, ଏ କବିତାରୁ ପ୍ରେମିକ ତାର ମନ ମୁତାବକ ରସ ପାଇପାରେ । ଏଣୁ ଏ କବିତା ଭଗବାନଙ୍କ ନିରାକାରତ୍ୱ ପରି ନିରର୍ଥକ—ଅର୍ଥାତ୍ ସର୍ବାର୍ଥକ । ଅତଏବ ବଂଶୀଧରବାବୁ ମନକୁ ପ୍ରବୋଧ ଦିଅନ୍ତୁ ।

## ସହକାର—

ଫାଲ୍ଗୁନ ଓ ଚୈତ୍ର ସଂଖ୍ୟା ଯୁଗଳ ହୋଇ ବାହାରିଛି । ଏଥିରେ ଦାନ୍ତ ବାଇଗଣ ଠାରୁ ଆରମ୍ଭ କରି ଅକ୍ତ ପ୍ରୋଟନ ଯାଏଁ ସବୁ କଥାର ଚୁଟୁକା ଚୁମ୍ବକ ଟୀକା ରହିଛି । ଅନେକ ଗୁଡ଼ିଏ ଚିନ୍ତା ପୂର୍ଣ୍ଣ ଲେଖା ଏ ସଂଖ୍ୟାର ମୋଟ ବପୁ ମଣ୍ଡନ କରିଛି । ପ୍ରଥମ ସ୍ଥାନ ପ୍ରାପ୍ତ ଲେଖାଟି ଇତିହାସ । ସହକାରର ୧୮ ବର୍ଷର ଇତିହାସ ପଢ଼ି ଏହା ବଡ଼ ଅସଲଗ୍ନ । ଲେଖକଙ୍କ ସ୍ପଷ୍ଟ ଚିନ୍ତାର ଅଭାବକୁ ଦେଖାଇ ଦିଏ । ଅନ୍ୟର ମଧ୍ୟ ଥୋଇଟିଏ ଅଧେ ଐତିହାସିକ ପ୍ରବନ୍ଧ ଅଛି । ଅର୍ଥ ନୀତି, ରାଜ ନୀତି, ସ୍ୱାସ୍ଥ୍ୟ ଯୌନ ଦର୍ଶନ ଜୀବନୀ, ଗୋ ପାଳନ ପ୍ରଭୃତି ସବୁ ଦିଗରେ ଓଡ଼ିଆ ଲେଖକମାନେ କଲମ ଚଳାଇଛନ୍ତି । ସୁଖର କଥା । ଦାର୍ଶନିକ ଦୃଷ୍ଟି କୋଣରୁ ଯେଉଁ ଗୋଟିଏ ଯୋଡ଼ିଏ ଲେଖା ବାହାରିଛି ତାହା ତେତେ ଭଲ ଲାଗିଲା ନାହିଁ କାରଣ ମୌଳିକ ଚିନ୍ତା ନାହିଁ ସେଥିରେ । ଏ ସଂଖ୍ୟାର ଗଣ ସାହିତ୍ୟ ସମ୍ବନ୍ଧରେ ଲିଖିତ ପ୍ରବନ୍ଧଟି ପ୍ରତ୍ୟେକ ସାହିତ୍ୟିକଙ୍କ ଆଖିରେ ପଡ଼ିଥିବ । ରାମ ବାବୁଙ୍କ ମତ ସହିତ ଆମ୍ଭେମାନେ ଏକମତ । ମାତ୍ର ସାହିତ୍ୟକୁ ସେ ଯେଉଁ ଦିଗରୁ ଗ୍ରହଣ କରିଛନ୍ତି ଆମ୍ଭେମାନେ ସେହି ଦିଗରୁ ତାହା ଦେଖିବାରେ ଅକ୍ଷମ ହେଲୁଁ । ଗଣ, ବା ସଂଖ୍ୟାଧିକ ନିଷ୍ପେଷିତ, ଅବନ୍ନତ ଶ୍ରେଣୀର ସାହିତ୍ୟ କେବଳ ସାହିତ୍ୟ ହେଲେ ବର୍ତ୍ତମାନ ସମାଜର ଗୋଟାଏ ବିଶେଷ ଅଙ୍ଗ ଉପେକ୍ଷିତ ହୋଇଯିବ । ଅନେକଙ୍କୁ ବୁଝିବା ନିମନ୍ତେ ଅଳ୍ପ ରହ ଯେପରି ଆବଶ୍ୟକ ଗଣ ସାହିତ୍ୟ ସଙ୍ଗେ ୨ ଶ୍ରେଣୀ ସାହିତ୍ୟର ଆବଶ୍ୟକତା ଠିକ୍ ସେହିପରି । ମନୁଷ୍ୟ ଜୀବନର ଯଥୋଚିତ ସମୀକ୍ଷା କରିବାକୁ ଯାଇ ପ୍ରତ୍ୟେକ ବ୍ୟକ୍ତିଗତ ଜୀବନର ଯେଉଁ ନିକଟତା ଅଛି ସାହିତ୍ୟ, ସହାନୁଭୂତି, ସାହଚର୍ଯ୍ୟ, ସମ୍ଭବ ହୁଏ ତଦ୍ୱାରା ସାହିତ୍ୟର ପୁଷ୍ଟି ସାଧିତ ହୁଏ । ଶ୍ରେଣୀ ଶୂନ୍ୟ ସମାଜ ପ୍ରତିଷ୍ଠିତ ହେବା ପୂର୍ବରୁ ଏବଂ ହେବା ପରେ ମଧ୍ୟ ଶ୍ରେଣୀ ସାହିତ୍ୟ ରହିବ—ରହିବାକୁ ବାଧ୍ୟ । ତେଣୁ ସାହିତ୍ୟର ଉନ୍ନତି ଅର୍ଥ କେବଳ ଗଣ ସାହିତ୍ୟର ଉନ୍ନତି କହିବା ଅନ୍ୟାୟ । ବରଂ ବର୍ତ୍ତମାନ ସନ୍ଧି ସମୟରେ ଶ୍ରେଣୀହିଁ ଏ ଦେଶର ଚିନ୍ତାଶୀଳ, ଅଗ୍ରଗାମୀ ଦଳ । ଶ୍ରେଣୀ ଭ୍ରଷ୍ଟ ବା ଶ୍ରେଣୀ ଚ୍ୟୁତ କେତେକ ଶିକ୍ଷିତ ବ୍ୟକ୍ତିଙ୍କ ଦ୍ୱାରାହିଁ ଗଣ ଚାଳିତ ହେବାକୁ ବାଧ୍ୟ । ସେ ଯାହା ହେଉ ସାହିତ୍ୟର ବୈଚିତ୍ର୍ୟ ନିମନ୍ତେ ଗଣ ଓ ଶ୍ରେଣୀ ଉଭୟ ସାହିତ୍ୟରହିଁ ଆବଶ୍ୟକତା ଅଛି । ପେଟର ବୁଭୁକ୍ଷା ସଙ୍ଗେ ସଙ୍ଗେ ହୃଦୟର ବୁଭୁକ୍ଷାକୁ ମଧ୍ୟ ଦେଖିବାକୁ ହେବ ଏହା ବୋଧହୁଏ ରାମବାବୁ ଅସ୍ୱୀକାର କରିବେ ନାହିଁ । ଗଣତନ୍ତ୍ର ରାଜ୍ୟ ସ୍ଥାପନ ପରେ ପରେ ପେଟ ଶାନ୍ତ ହୋଇପାରିବ କିନ୍ତୁ ହୃଦୟର ଅଶାନ୍ତି ସେହି ବିଶେଷରେ ମନୁଷ୍ୟ ସମାଜରେ ବିଭିନ୍ନ ଆକାରରେ ରହିବ ହିଁ ରହିବ ।

ଏ ସଂଖ୍ୟାରେ ପାଞ୍ଚଟି କବିତା ବାହାରିଛି । ତା ଭିତରୁ ସଚ୍ଚି ରାଉତରାୟଙ୍କ କବିତା ଯୋଡ଼ିକଯାକ ଭାବ ଗର୍ଭ, ସୁନ୍ଦର ଓ ଯୁଗୋଚିତ ହୋଇଛି । କିନ୍ତୁ ଡର ହୁଏ ରାକ୍ଷସ ବନିଲେ କେହି ଯଦି ରାମଚନ୍ଦ୍ର ବାହାରନ୍ତି ପୁଣି ।

ଗଳ୍ପ ଗୁଡିକ ଅତି ନୀଚ ସ୍ତରର । କେବଳ ତୀର୍ଥ ଯାତ୍ରୀ ଗଳ୍ପଟି ଟିକିଏ ପ୍ରାଣସ୍ପର୍ଶୀ ହୋଇଛି ଓ କଥନ ଲେଖାରେ କେତେ ଗୁଡ଼ିଏ ଗୀତ ଦେଖାଇବାରେ ଲେଖକ କଲମର ବେଶ୍ ବାହାଦୁରୀ ଦେଖାଇଛନ୍ତି ।

Digitized by srujanika@gmail.com

ଡଗର



# କଲିକତା ଚିଠି ।

‘ଡଗର’ ସମ୍ପାଦକେ,

ଏହି ସୁଦୂର ବିଦେଶରୁ ପ୍ରଣାମ ଗ୍ରହଣ କରିବେ । ସମସ୍ତଙ୍କି ଦୁଃଖ ଜଣାଇ ଜଣାଇ ଶେଷକୁ ଆସିଲି ଆପଣଙ୍କ ପାଖରେ ପେଟର ଅବ୍ୟଥ ଗୁହାରି କରିବା ପାଇଁ । କାହାରିକୁ ଏ କଥା ଅବିଦିତ ନାହିଁ ଯେ କଲିକତାରେ ଅନେକ ଓଡ଼ିଆ ଦୁଃଖ ଯନ୍ତ୍ରଣାରେ ଉପରେ ପଡ଼ି ସଢ଼ି ମରୁଛି । ସେ ତାର ଜନନୀ ଜନ୍ମଭୂମୀକୁ ଛାଡ଼ି ଆଜ କାହିଁକି ଏଠି ପଡ଼ିଛି ? କାହାପାଇଁ ? କେବଳ ପେଟ ପୋଷଣ ପାଇଁ ନୁହେଁ କି ? ଓଡ଼ିଶାରେ ଯଦି ସୁବିଧାରେ ପେଟକୁ ଦାନା ପାଆନ୍ତା, ଏତେ କଷ୍ଟ ପାଇଁ ପାଇଁ ଆସନ୍ତା କି କାହିଁକି ? ଓଡ଼ିଶାରେ ଯେତେବେଳେ ଅନ୍ନ ସମସ୍ୟା ମଣିଷ ମଣି- ଷକୁ ନଷ୍ଟ କରୁଛି, ତାର ଯେଉଁ ଦୁଃଖକୁ ସେହି ବୁଝେ । ସେ ସମସ୍ତଙ୍କୁ ସାହାଯ୍ୟ କରେ, କିନ୍ତୁ ତାର ବିପଦ ଆପଦ ପଡ଼ିଲେ, ତା ମୁହଁକୁ କେହି ଚାହାନ୍ତି ନାହିଁ । କି ବନ୍ୟା, କି ଦୁର୍ଭିକ୍ଷ, ସବୁବେଳେ ସେ ବିଦେଶର ମାତୃଭୂମି ଉପରେ ଭାବି ମରେ । ତେଣୁ ଯେଉଁ ଉପାୟରେ ହେଉ ଚନ୍ଦା ଟାଣି ହେଉ, ଗୋଲମିଛରୁ ହେଉ, ବଙ୍ଗା- ଳୀଙ୍କ ଅଇଁଠା ଧୋଇ ହେଉ ବା ମ୍ଲେଚ୍ଛଙ୍କର ହେଉ ଦି ପଇସା ସେ ପାଏ । କିନ୍ତୁ ଏମାନେ ଏତେ ସ୍ୱାର୍ଥପର ଯେ ସେ ଯଦି କେବେ ସାହାଯ୍ୟ ମାଗେ, ସାହାଯ୍ୟ ଦବା’ତ ଦୂରର କଥା, ଦେଖା ଦରଶନ ବି କରିଏ ଦିଅନ୍ତି ନାହିଁ । ଏଇଥି କଣ ଜାତୀୟତା ? ଗୋଟିଏ ଭଲ ବିଦେଶରେ ପଡ଼ି ଅନାହାରରେ ଛଟପଟ ହଉଛି, ଆଉ ଭାଇଟି ଉପରି କଟକରେ ଦୁଗ୍ଧଫେନ ନିଭ ଶଯ୍ୟାରେ ଗୋଡ଼ ଆରାମରେ ଦିନ କାଟଉଛି ? ଏଇଥି କଣ ମନୁଷ୍ୟତ୍ୱ ?

ଓଡ଼ିଆ ଭାଇମାନେ ଆଉର କେତେଥର ଯେ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି, ତାର ଠିକଣା ନାହିଁ । ଏଇ କଥା ଭାବିଲେ ମନରେ କି ଦୁଃଖ ନ ଆସେ । ଦେଖିବାକୁ ଗଲେ, କଲିକତାରେ ପ୍ରାୟ ଦେଢ଼ ଲକ୍ଷ ଓଡ଼ିଆ ଅଛନ୍ତି । କିନ୍ତୁ ତାଙ୍କ ଭିତରେ ଟେଲେହେଲ ଏକତା ଅଛି କି ? କାହିଁକି ନାହିଁ ?—କେବଳ ଶିକ୍ଷା ଅଭାବରୁ । ଯେଉଁ କେତେଜଣ ଶିକ୍ଷିତ ଅଛନ୍ତି, ସେମାନେ ତ ବର୍ତ୍ତମାନ ଓଡ଼ିଆ ନୁହନ୍ତି—ଖାଣ୍ଟି ବଙ୍ଗାଳୀ । ଏପରି କି ‘ଓଡ଼ିଆ’ ବୋଲି ପରିଚୟ ଦେବାକୁ ତାଙ୍କୁ ଲଜ ମାଡ଼େ । ଓଡ଼ିଆ ଭାଷା କହିବା ତ ଦୂରର କଥା । କି ଶୋଚନୀୟ ଅବସ୍ଥା ଆଜି ଓଡ଼ିଆର । ଏ ଫେରେ ଗର୍ବରେ ବଡ଼ ଦେଉଳ, କୋଣାର୍କର । ଅଥଚ ନିଜ ଜାତିର ପରିଚୟ ଦେବାକୁ ସଙ୍କୋଚ ବୋଧ ହଉଛି । ପାଟଣା ବିଶ୍ୱବିଦ୍ୟାଳୟ କଷ୍ଟ ବୋଲି ଅନେକ ଓଡ଼ିଆ ଛାତ୍ର ଆସନ୍ତି, ଏଠାକୁ ପଢ଼ିବା ପାଇଁ । ଓଡ଼ିଆ ଶିକ୍ଷକ ଅଭାବରୁ ବାଧ୍ୟହୋଇ ସେ- ମାନଙ୍କୁ ଶିଖିବାକୁ ହୁଏ ବଙ୍ଗଳା ଏବଂ କାଳ କ୍ରମେ ସେମାନେ ପାଲଟି ଯାଆନ୍ତି ଖାଣ୍ଟି ବଙ୍ଗାଳୀ । ତେଣୁ କଲିକତାରେ ନିଜ ପକ୍ଷେ ଓଡ଼ିଆଙ୍କ ଭିତରେ ଏକତା ଆଣିବା ଦରକାର । ଏଥିପାଇଁ ଦୁଇଟି କଥା ଲୋଡ଼ା, ଗୋଟିଏ ଓଡ଼ିଆ ଶିକ୍ଷା ଓ ଅନ୍ୟଟି ସଙ୍ଘ । ଯାହା ଖଣ୍ଡିଆ ମଣ୍ଡିଆ ହୋଇ ଦି ଗୋଟି ସଙ୍ଘ ଏଠି ଥିଲା, ଉପଯୁକ୍ତ ପୃଷ୍ଠପୋଷକ ଅଭାବରୁ ଆଜ ତାହା କାଳ ଗର୍ଭରେ । ତା ଭିତରୁ “ଓଡ଼ିଆ ସମାଜ”ଟିର ଅବସ୍ଥା ଟିକିଏ ଭଲ । ତାର ବି ନାଡ଼ି ନାଡ଼ି ହେଲଣି । ପ୍ରତିଷ୍ଠାତା କଣ ଆଜ ମୂକ, ବଧିର ଓ ଅନ୍ଧ ? ଶୁଣୁଛି, ବର୍ତ୍ତମାନ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ଆମର ପ୍ରାଇମେରୀ ଶିକ୍ଷା ପ୍ରଚଳନ କରିବା ପାଇଁ ଅଗ୍ରସର ହବାକୁ ବସିଛନ୍ତି । ଅଧିକାଂଶ ଓଡ଼ିଆ ତ ମା ପେଟରୁ ପଡ଼ିଲେ ବେଳୁଁ ଆସି କଲିକତାରେ ରହିଲେ, ସେମାନେ ଶିକ୍ଷା ଦେବେ କାହାକୁ ? ଘର ଥିବା ବୁଢ଼ା ବୁଢ଼ୀଙ୍କୁ କଣ ଏ କଳି ଯୁଗରେ ‘ରାମ ରାମ’ ପଢ଼ାଇବେ ? ତେଣୁ ମନ୍ତ୍ରୀମାନଙ୍କୁ ଅନୁରୋଧ ଯେ ସେମାନେ କଲିକତାରେ ଓଡ଼ିଆ ସ୍କୁଲ ବସାଇ ଶିକ୍ଷା ପ୍ରଦାନ କରନ୍ତୁ, ନଚେତ୍ ବା ଏପରି ଗୋଟିଏ ଆଇନ୍ ପାଶ କରନ୍ତୁ ଯା ଦ୍ୱାରା କେହି ଓଡ଼ିଆ କଲିକତାରେ ରହି ପାରିବେ ନାହିଁ ଓ ଯେଉଁ- ମାନେ ଅଛନ୍ତି ସେମାନେ ବି ଖସିଯିବେ । ଶେଷରେ ଉତ୍କଳର କି ଧନୀ, କି ନିର୍ଦ୍ଧନୀ, କି ଜମୀଦାର, କି ପ୍ରଜା, କି ନୂତନ ପ୍ରାସାଦବାସୀ କି ଦାଣ୍ଡର ଭିକାରୀ, କି କଂଗ୍ରେସୀ, କି ଅକ- ଙ୍ଗ୍ରେସୀ ସମସ୍ତଙ୍କୁ ଅନୁରୋଧ କରେଁ ଯେ ଓଡ଼ିଆଙ୍କର ମାନ ମହତ ରକ୍ଷା କରିବା ପାଇଁ କଲିକତାରେ କୌଣସି ସ୍ଥାୟୀ ଅନୁଷ୍ଠାନ ସ୍ଥାପନ କରନ୍ତୁ, କିବା ‘ଓଡ଼ିଆ ସମାଜ’କୁ କିଛି ସାହାଯ୍ୟ ପ୍ରଦାନ କରି ପୂର୍ବ ଗୌରବ ଓ ଟେକ ରଖନ୍ତୁ । ଉତ୍କଳର ପ୍ରତ୍ୟେକ ଛାତ୍ରଙ୍କୁ ଅନୁରୋଧ ଯେ, ସେମାନେ ଏଥିକୁ ଯେପରି ଏକ ଗୁରୁତର କର୍ତ୍ତବ୍ୟ ମନେ କରି ଏହାର ଉନ୍ନତି ପାଇଁ ଯଥାସାଧ୍ୟ ଚେଷ୍ଟା କରନ୍ତୁ । ବିଦାୟ ଆଜି । ଇତି ।

ଆପଣଙ୍କର

ଜଣେ ଗରିବ କଲିକତା ଓଡ଼ିଆ ।

## ପର୍ଦ୍ଦା ପଛରୁ ପଦେ

(ପୂର୍ବ ପ୍ରକାଶିତ ପରରୁ)

କିନ୍ତୁ ଆଉ ଅନେକ ଆଖି ମିଟି ମିଟି କରୁ- ଥିଲେ । ଗୀତ ଯେ ଗାଏ ସେହି ଶୁଣେ ସେହି ବୁଝେ, ବୁଢ଼ା ଅବା ବୁଝୁଥିବ । ଅନ୍ୟ କେହି ଶୁଣି ପାରନ୍ତି ନାହିଁ । କାରଣ ଥାଇ ପାରେ ହୋଇପାରେ ଜ୍ଞାନ କର୍ଣ୍ଣର ଅଭାବ । ମେତେ ତ ଶୁଭିଲା ନାହିଁ ତାଳ ତା ଲୟର ଭୁଲ ଧରିବ କେଉଁଠୁ, ମୋର ଯିବା ବୃଥା ହେଲା । ଆଗ ଦିନର କାମ ସରିଲା ବର୍ତ୍ତମାନ ଏଣୁ ତେଣୁ କଛି ବନ୍ଧ କାହାର ମାଲ ମକଦ୍ଦମା ନିଷ୍ପତ୍ତି କରି ଯେ ଯାହାର ଗୃହାକୁ ଫେରନ୍ତା ।

ଏ ଜମାଓଡରେ ଅନେକ ତ ଆସିଥିଲେ କିନ୍ତୁ ତାଙ୍କ ଭିତରୁ ଜଣେ କବିତ, ନେତା; ନେତା ପଦବୀରେ ପଦାଘାତ କରିଛନ୍ତି ଚୌଧୁରୀଙ୍କ ଭାଷାରେ ସେ ହେଉଛନ୍ତି ମାଇପିବାବୁ । ଗାନ୍ଧି ଜମାଓଡର ମେମ୍ବର ହେଲେ ମଧ୍ୟ ସେ ସୌନ୍ଦର୍ଯ୍ୟ-ସେବୀ । ଫୁଲର ବ୍ୟବହାର ସେ ଜାଣନ୍ତି । ମଦ୍ୟ, ପାଉଡ଼ର ଏବଂ ସ୍ନୋ ବ୍ୟବହାର କରନ୍ତି ବୋଲି କେତେକ ଦେଖଣାହାରୀ କୁହାକୁହି ହେଉଥିଲେ । ତାର ତାର ଏତକ ଆପଣଙ୍କୁ କହିଲି । କହିବେ ନାହିଁ କାହାକୁ । ତାଙ୍କ ଗୃହିଣୀଙ୍କ ମୋର ଭାରି ଡର ।

(କ୍ରମଶଃ)

Digitized by srujanika@gmail.com

ରାବଣ – କନକ ଲଙ୍କାର ଅଧୀଶ୍ୱର ।
ମେଘନାଦ— ଜ୍ୟେଷ୍ଠପୁତ୍ର crown prince
ଅତିକାୟ— ,, (ଲଣ୍ଡନ)
ଅକ୍ଷୟ କୁମାର— ,, (ପ୍ୟାରିସ)
ରାମଚନ୍ଦ୍ର—ମହାତାପୀ କ୍ଷତ୍ରିୟ ରାଜପୁତ୍ର ।
ଲକ୍ଷ୍ମଣ—ରାମ ଭକ୍ତ ।



ଜାମ୍ବୁବାନ—ବୃଦ୍ଧ ଭଲ୍ଲୁକ ପତି ।
ହନୁମାନ—ଲଙ୍କାପୋଡ଼ା କପି ।
ଇନ୍ଦ୍ର—ଐରାବତ (ଗଜ) ପତି ।
ବରୁଣ, ଭାସ୍କର, କେଦାରାମ, ବେଣୁରାମ, ମୁକୁନ୍ଦ,
ଅଙ୍ଗଦ ସୁଷେଣ, ଗୃଧ୍ରବର, ଚୈତନଦାସ,
ଧର୍ମ୍ମାସିଂହ ପ୍ରଭୃତି ରହସ୍ୟମୟ ଚରିତ୍ରରେ ପୂର୍ଣ୍ଣ ।

# ନବରାମାୟଣ

## ଶଠିଆ କାଣ୍ଡ

ମର୍କଟ କଟକ ଦେଖି ରକ୍ଷ ଦଳପତି,
ତ୍ରସ୍ତ, ବ୍ୟସ୍ତ, ହୋଇ କ୍ଷିପ୍ର ମତି,
ଅସ୍ତ୍ର ବିକ୍ରି କଲେ କ୍ଷିତ, ବାଧକ୍ୟ ଅବଶେଷେ ।
ଯାଇ ନିଜ ବାସେ,
ଚତୁର୍ମାସ ପଡ଼ିଲେ ଗଡ଼ି ଖଟ ପାର୍ଶ୍ୱେ'ସେ ।
ଏ ରୁଗ୍ଣ ହାଲତ୍ ତାଙ୍କ ଦେଖି ସେନାବୃନ୍ଦ,
ଚୌପାଶେ ବସିଲେ ଘେରି ସମ ବେଦନାରେ,
କେହୁ ଦିଏ ପ୍ରଶ୍ନୋଦନ, କେହୁ ପ୍ରବୋଧନ,
କେହୁ ଅବା ଆଖି ଜଳ କରଇ ସେଚନ,
ମଧୁର ଶୋଧନେ କେହୁ ହରେ ମନୋବ୍ୟଥା,
ମାତ୍ର କମ୍ବଳଙ୍କର ନ ଫୁଟଇ କଥା,
ଉଉଁ ଉଉଁ ସଦା କରେ ମଥା,
ଖେଣ୍ଟା ଖାଇ ହୁଏ ଯଥା ମହୁମାଛି ବସା ।
କେ ଘଷେ ଡାକ୍ତରର ଆଣି କେଷ୍ଟର ଅଏଲ,
କ୍ୱାର୍ଟର ବଏଲ ଅଣ୍ଡା କେହୁ ଦିଏ ମୁଖେ,
ଲଏଲ୍ ଉକବଟ କେହୁ ଛାଟେ ଉଡ଼ିକୋଲୋନ,
କେ ଅବା ବ୍ୟଜନ କରେ ଉଦର କାନରେ,
କେ ଧାଏଁ ବଜାର ଅଡ଼େ ବରଫ ସନ୍ଧାନେ ।
ଘୋ-ଘର ପଡ଼ିଛି ଏଣେ ଭଲ୍ଲୁକ ଶିବିରେ,
ଲାଗିଛି ଉତ୍ସବ ତେଣେ ଅନ ଛାଉଣିରେ,
କାର ସର୍ବନାଶ ପୁଣି କାର ପୌଷ ମାସ,
କପିଙ୍କ ଶିବିରେ ଉଠେ ଆନନ୍ଦ କଲ୍ଲୋଳ,
ଜଡ଼ାଜଡ଼ି, ଗଡ଼ାଗଡ଼ି, କର ଉଡ଼ାଉଡ଼ି,
ରସଗୋଲା, ଲେମନେଡ୍ ଅଦ ଛଡ଼ାଛଡ଼ି,
ତେ'ଜ୍ ହୋଟେଲରେ ପୁଣି ପଡ଼ିଛି ଅର୍ଡର
ସଲାଡ୍, କୋ'ର୍ମା, ଚପ, କଟଲେଟ୍ ଅଦର,
ସାଦା ସିଧା ଡିସ୍ ପାଇଁ,
ଯେଣୁ ସର୍ବେ ବ୍ରହ୍ମଚର୍ଯ୍ୟ ଅନାଶକ୍ତି ବ୍ରତେ,
ରସନା ଲାଳସା ତ୍ୟାଗୀ, ପୁଣି 'ପକହାତ' ।
ଗୁପ୍ତ ବାର୍ତ୍ତାବହଗଣ ଉଭୟ ପକ୍ଷର,
ଲାଗିଛନ୍ତି ଛୁଟାଛୁଟି ପୁଣି କାନାକାନ,
ଦୁଇ ଶିବିରର ଯେତେ ଭିତର ଖବର,
ଦୁଇ ଅଡ଼େ ହେଉଛି ପ୍ରଘଟ,
କେ ହୁଅଇ ଛଟପଟ, କେ ବା ଉଟ ଉଟ,
କେ କରଇ ଅଖି କଟମଟ,
କେହୁ ଲଟପଟ ହୁଏ, ଘଟଘଟ କେହୁ ।

ଏମନ୍ତ କାଳରେ ଆସି ହେଲେ ଉପନୀତ
ଗୃଧ୍ରବର, ମଙ୍ଗେଶ୍ୱର, ଲଙ୍ଗେଶ୍ୱର ଡନ
ସଙ୍ଗେ ଦେନ ଚେଲା ଓ ଚପାଟ,
ଜାମ୍ବବ ଶିବିରେ ।
ତାଙ୍କୁ ଦେଖି ଯେତେ ରକ୍ଷ ବୀରେ
ଅକୂଳ, ଅଥଳ ନୀରେ ପାଇଲେ କି କୂଳ !

ହୃଦପଦ୍ମେ ଆସିଗଲା ବଳ,
ଚକ୍ଷୁ ଉର୍ଜ୍ଜ୍ୱଳ,
ଖଳଖଳା ନାଦେ ସର୍ବେ ଉଠିଲେ ଚମକେଇ ।
ବାକୁଳ ଜାମ୍ବବ କର ଚକ୍ଷୁ ଛଳଛଳ,
ବୋଇଲେ ଗଦ୍‌ଗଦ୍ କଣ୍ଠେ ଛାଡ଼ି ଦୀର୍ଘ ହାଁପ ।

ଜାମ୍ବୁବାନ—

ମାଫକର ଭାଇମାନେ, ଅଜ ଏହ ଶେଷ,
ପାଇଅଛି ମହାତାପ—ସରିଗଲା ସବୁ,
ଶତ୍ରୁ କରୁଛନ୍ତି ଲମ୍ଫ ଦେଖି ମୋତେ କାବୁ
ହାଫ ପଥେ ।

ଯଉ ଯାଉ, ସବୁ ଯାଉ, ଯାଉ ମହାପାପ୍
କହୁଅଛି ସାଫ୍
ଅଜ ମୁଁ ଫସାର ତ୍ୟାଗୀ, ବେବାଗୀ, ବୈରାଗୀ
ଅଉ କାହା ଲାଗି—
ଭିକ୍ଷା ମାଗି ପେଟେ ଏବେ କରିବି ପାରଣ,
ଅବା ଲେଖି, ଗୀତା, ବ୍ୟାକରଣ ।
ପଲିଟିକ୍ସ ନିକୁଚିସ ହେଲା ଅକାରଣ ।
ଶରୀର ଧାରଣ ପାଇଁ କେତେ ଧନା ଏହା ।
କିନ୍ତୁ ତାହା ମିଳିବାଟେ ଖାଇଲଣି ଭୁଆ ।

ଗୃଧ୍ରବର—(ଓଠ ଗୋଡ଼ାଇ)

କି କହିଲ ରକ୍ଷପତି,
ତୁମ୍ଭ ମୁଖେ ଏହ ବାକ୍ୟ ପାଇଲବ ଶୋଭା !
କାହା ବଳେ ଅମ୍ଭେ ହେବୁଁ ଜଗ୍ଗ ?
ଶୁଭାଶୁଭ ସ୍ୱଦଳର ହେଲ କି ପାଶୋର ?
ସମ୍ମୁଖେ ଗର୍ଜୁଛି ଯେଉଁ ମହା ପାରାବାର,
ଥଳ, କୂଳ ଜଣା ନାହିଁ ଯାର,
କାହାର ଲଙ୍ଗୁଡ଼ ଧରି ପାରି ହେବୁଁ ତାହା ?
ଛାଡ଼ି ଦେବ ହାଲ୍ ଯେବେ ହୋଇ କର୍ଣ୍ଣଧାର,
ମହରଗୁଁ ଯାଇ ଅମ୍ଭେ ପଡ଼ିବୁଁ କାନ୍ଦାରେ !
ଧୈର୍ଯ୍ୟ ଧର,
ଏ କାତର ଦୁର୍ବଳ ବେଭାର,
ନବାର, ନବାର;
ହୋଇଲଣି ଯାହା ତ ହବାର,
ଶତ୍ରୁଙ୍କୁ ତ ଜଣା ଶୁଣା ପଡ଼ିଛି ପ'ବାର,
ଭୁଲ ଟା ସବାର,
ହେଲଣି ଏବାର ତୁମ୍ଭ ଶିଙ୍ଗରେ ଜନ୍ତୁର.?",

ଲଙ୍ଗେଶ୍ୱର—

ଗୃଧ୍ରବର ପ୍ରସ୍ତାବେ ମୁଁ କରୁଛି ଦ୍ୱିତୀୟ;
କ୍ଷତ୍ରିୟ ବ୍ରାହ୍ମଣ୍ୟ ତେଜ କରି କେନ୍ଦ୍ରୀଭୂତ
ମନ୍ତ୍ରପୂତ ବ୍ରହ୍ମ ଶକ୍ତି କରି ଏକ ପୁଞ୍ଜ,
ପଶୁ ଶକ୍ତି ବଳ ଅମ୍ଭେ କରିବା ନିର୍ମ୍ମୂଳ ।
ଆର୍ଯ୍ୟ ସମାଜର ନେତା ଅମେ ବ୍ରହ୍ମଜାତ,
ଯୁଗେ ଯୁଗେ ସମାଜ ପାଳକ,
ଲୋକ ମତ ନିୟାମକ, ଅଣା ସଞ୍ଚାରକ;
ସେ ନେତୃତ୍ୱ କେ କରିବ ହାନ,
ଖଇନି ଓ ନାଶଦାନି ଥିବ ଯେବେ ସାଥେ,
ଛାଏଁ ଖୁଣ୍ଟା ହାତେ,
କୋରବାନ କରିବାର କ୍ଷତ୍ରିୟ ହଲାଲ ।

Digitized by srujanika@gmail.com

ଜାମ୍ବବାନ—(ଅସ୍ତ ମଲ୍ଲ)
ହଁ—ହଁ—! ଭୁମ୍ଭୁଃ ! ଭୁଟଟୁଃ !
ଭୁଟମ ବ କହୁଚ କଥା ! ଓଜ,—ଓଜ !

ଗୁଧ୍ରବର—(ସୁସ୍ତରାଇ)
ସ୍ୱଜାତି ଓ ସ୍ୱଦେଶର ଦେଖି ଦୁର୍ଦ୍ଦିଶା,
ଛାଡ଼ ମାୟା, ସ୍ୱାର୍ଥ ମୋହବ୍ରତ,
ଆସିଛନ୍ତି ସ୍ୱର୍ଗର ରଖିବେ ଇଜ୍ଜତ ।

ମଙ୍ଗେଶ୍ୱର—(ଉତ୍ତେଜିତ)
କହୁଁ ଏକା ବ୍ରହ୍ମ ଫନ୍ଦ,
ହାତେମ ବ ସନ୍ଦେହ ଅଛୁଁ, ଭିଡ଼ି ତନ୍ତୁ ବାନ୍ଧ,
ସ୍ୱଜାତି ଦାଗଟେ ଅଛୁଁ କରୁ ପ୍ରାଣପଣ ।
ଏହା ପ୍ରିଜନ୍ଦୁତର ଅର୍ଥେ ସ୍ୱାର୍ଥ ଦେଇ ଛାଡ଼,
କଲ୍ଷଣ୍ଡ କଣ୍ଟିଜ ତାଙ୍କୁ, ପଙ୍କାଇଣ ଫାଡ଼,
କୋଅଲ ଜବର ଚାର ପୁଣି ଦାନ୍ତ ଝାଡ଼,
ବଅନ୍ତି ଚରଣେ ମାଡ଼ି ଚଡ଼ଅ ଭାରେ ।
ପୂଜାରେ ଯାଅନ୍ତା ଜଡ଼ି ଜଡ଼ି ବସା ପଣ,
ଖାଲ ଡର ଦାଢ଼ି ଯେତେ ହୁଅନ୍ତା ବହାସ୍ତୁ,
ବଜ୍ରଡ଼ି ଦ୍ୟନ୍ତି ସବୁ ଏକା ବାଡ଼ିକରେ ।

ଏମନ୍ତେ ଛାତେଲ ଶୀର ଉଠିଲେ ରେଙ୍ଗାଇ,
ଶୁଙ୍ଗାଇ ଧଅନ୍ତି ଯଥା ମୃତ ସଞ୍ଜୀବନୀ ।

ଜାମ୍ବବାନ—(ଗର୍ଜନ କରି)
ବୀର ବୃନ୍ଦ, ବାନ୍ଧ ହତଅର,
ରଣ ମଦେ ଛାଡ଼ରେ ହୁଙ୍କାର,
ଏରଥର୍ ଏସ୍ପାର, ଓସ୍ପାର୍ ।
ଶତ୍ରୁ ଛାର କରରେ ନକାଶ ।
ଅଜ୍ ନାହିଁ କଥା,
ନାହିଁ ମୁଣ୍ଡ ବଥା,
ହତାପାର ଝାଙ୍କିବାନେ ବଳ ଧଇଲ୍ଡ଼ାଇ,
ପର୍ଶୁରାମ କଲେ ଯଥା ତ୍ରେତୟା ଯୁଗରେ ।
ଡଗମଗି ଉଠିଲାଣି ବ୍ରହ୍ମତେଜ ମୋର,
ଗୁର୍ମ ରକ୍ତ ଚର୍ମ ଭଳ ଉଠିଲେଣି ଚର୍ମ,
ଉଡ଼ିଲାଣି ମୋମୋଜେର ହୃଦୟ ଦୌର୍ବଲ୍ୟ,
ଫଟେ ଫୁଲି ଜଟିଲାଣି ପାଗ,
ଏବେ କାହିଁ ଅର ଅଛେ ସମ୍ଭାଳ, ସମ୍ଭାଳ !

ନେତାଙ୍କ ଭ୍ରୂକୁଟି ଦେଖି ସର୍ବେ ଗଲେ କ୍ଷେପି,
ଉଚ୍ଚ କ ବାହିନୀ ତହୁଁ କରି Quick march
ଦକ୍ଷିଣାଭିମୁଖେ ବେଗେ ଚଳଲେ ହୁଙ୍କାରି ।

ବ୍ରହ୍ମଦେଶ ସର୍ବେ ଯାଇ ହେଲେ ଉପଗତ ।
ଦୁର୍ଗ ପତ ଥିଲେ ତହିଁ ଉମାଗବ ବୋଲି,
ରେ ଅସି ରୋଧନ୍ତେ ପଥ,
ଲାଗିଗଲା ଘନାଘନ ଭୀଷଣ ସମର,
ମାଡ ଟେ ନ ପାରି ଦେଇ ଭୀଷଣ ଚଢ଼ାଉ,
ସେନାପତି ଧନମଣିଙ୍କର ।
ଦୁର୍ଗ ଛାଡ ପଳାଇଲେ ସର୍ମେ ଶତ୍ରୁ ହାତେ ।
ଏ ଅନ୍ତେ ଖପୁର ଧାମ ହୋଇଲା ବିଜୟ ।
ଏଥୁଅନ୍ତେ ମଙ୍ଗେଶ୍ୱର କେନ୍ଦ୍ରପୁରେ ଯାଇ
ଅକ୍ରମଣ କଲେ ପୁଷ ଭୀଷଣୀ ଉଦ୍ୟମେ ।
ରାମଦଳୀ କପିଗଣ ଗଣିଲେ ପ୍ରମାଦ,
ଖେଷେ ବଧି ସାଧିଲୀ ଭ ବାଦ,
ନ ପୂରିଲା ସାଧ, ପାଦ ଗଲା ଭ ଖସଡ଼ି !
ଏହିକାଳେ ନବ-ଦେବ ହୋଇଣ ଫନ୍ଦତ,
ପେଷିଲେ ବ୍ରହ୍ମାଙ୍କ ପାଶେ ଦରଖାସ୍ତ ଏକ,
ନବ ଇନ୍ଦ୍ର ସର୍ଗାନନ୍ଦ ଶାସନ ବରୁଦ୍ଧେ ।
ଏମନ୍ତେ ଲାଗିଲା ଯହୁଁ ମହା ଗଣ୍ଡଗୋଳ,
ଉଭୟେ ବ୍ରହ୍ମ କଠାରେ ହୋଇଲେ ଫେରାଦ ।
ବୃପାଭ୍ର ବୋଲ୍ଲଣ ଏକ ଶ୍ରାଦ୍ଧମୁଁ କରଣ
ବୃଷ ଦଳେ ରଦ୍ ବନ୍ଧ ପେଷିଲେ ଅଦେଶ,
ମାତ୍ର ଲଥଁ ନ ଲଭିଣ ଜଳିଲା ଦ୍ୱିଗୁଣେ,
ବୃହଅଡ଼େ ଅସନ୍ତୋଷ, ଛାଣ ଭିଡ଼ାଭିଡ଼,
(ମାଛ ଓ ରୋଟିର ଲୋଭ ନୁହେଁ ତ ସାମାନ୍ୟ)
ଲାଗିଲା ଯହୁଁ,
ମନେ ହେଲା ଏ କାଳରେ ଦେବାସୁର ଗଣ
ସମ୍ମିଳିତ ହୋଇ ଅବା ବେବେ ଜ ଛଡ଼ାଇ
ରୁଷ କପିଙ୍କର ଦାନା, ଏକା ହନକରେ !
ଯେଉଁ ଦାନା ଯନ୍ତ୍ର କଷ୍ଟେ ହୋଇଲା ହାସଲ୍
କେତେପେଞ୍ଚ କେତେଖୋଞ୍ଚ କେତେଲାଞ୍ଚ ଦେଇ
କେତେ ଗାଲ୍ମାରି, କରି କେତେ ଯେ ଗୁହାରି ।

ବିପଦ ବେଳରେ ତନ୍ତୁ ଗୋପପୁର ବୃନ୍ଦ
ବୃନ୍ଦାବନ ଧାମ ଛାଡ଼ ଗୋପ ଗୋପୀ ବେନ
ଅସିଲେ ବାହାର ଧର୍ମ ସଂସ୍ଥାପନ ପାଇଁ

ଯଥା ସେ କରନ୍ତି ସଦା ଯୁଗ ଯୁଗ ଧରି !
ଲାଗିଲା ବିରାଟ ଯଜ୍ଞ ତେଲଙ୍ଗ କାନ୍ଦାରେ
ହବି ହେଲା ଯହିଁ ସୂନ୍ଦ, ଇନ୍ଧନ ଚରଖା,
ମେଳାରେ ଅସଂଖ୍ୟ ପୁଣି ନାନା ଦ୍ରବ୍ୟମାନ,
ଧାଡ଼ ଧାଡ଼ ବୋହିଗଲା ଜର ନାସି ସ୍ରୋତ ।
ସେ ଯଜ୍ଞରେ ହୋତା ହେଲେ ନିଜେ ଯଜ୍ଞେଶ୍ୱର !
ଅଜ୍ଞାନରେ ପଦ୍ମଯୋନି ହୋଇ ଅବଭୁତ,
ସ୍ୱଗଣ ଗହଣେ ତହିଁ ବୁଝିଲେ ମାମଲା ।
ଦେଖିଣ ବିଷମ ଖଞ୍ଜି ରୁଷପତି ତହୁଁ
ହୁହୁଡ଼ ବୁଣିଲେ ଖସା, ଲେଜହସା ଉଧ୍ୱେ ।

ଆରମ୍ଭିଲେ ତପ ଯାଇ ହେମଗିରି ଶିଖେ,
ଗୃଧ୍ରବର ଅଦ ଖାଲି ରହିଲେ ଟି ଜଗି ।
ଦୁଇପକ୍ଷ କଥା ଶୁଣି ରାଗିଯାଇ ବ୍ରହ୍ମା,
ଅଭିଶାପ ଦେବାପାଇଁ ହୁଅନ୍ତେ ତତ୍ପର;
ରାମ ଜଧୂବର,
ତରବରେ ନିଜ ପଦ କରିଲେ ଇସ୍ତଫା ।
ସହର୍ଷେ ବୋଇଲେ ବ୍ରହ୍ମା "ଅଚ୍ଛା ତେବେ ଏବେ
ଅଯୋଧ୍ୟାର ଅଧୀଶ୍ୱର ହେଉ ଗୋପସଖା ।

ରୁଷ କୁଳ କୂଳ ପାଇ ହୋଇଲେ ଅନନ୍ଦ,
କପିଗଣ ହୋଇ ବ୍ୟସ୍ତ ରାମଙ୍କ କବନେ
ଅଭିମାନ ଭରେ ମୁଣ୍ଡ ତଳେ ହେଲେ ପୋତ ।
ମାତ୍ର ରାମ ଗୁଣମଣି ଜାନକୀଙ୍କ ପତି,
ଅଶ୍ୱାସନା ଦେଇ ତାଙ୍କୁ କଲେ ଅଲିଙ୍ଗନ ।

ରାମ—
ଏ ତ ଗୋଟାଏ ଗଳ୍ପ—ଚୁହିଁନାହ ଭଳ,
ତୁମ୍ଭେ ତ ବଣୁଅ ଜାତ ନ ଜାଣ ପଲିସି,
ଏ ଭଳ ତ୍ୟାଗରେ ମିଳେ ଲାଭ ବହୁଗୁଣ ।
ଶୁଣ ଶୁଣ, ବୋଲ ମୋର, Wait & see
ଡ୍ରିଫର ଘାତ ଯାହା ସବୁରେ ସରସ ।
ଥୋପରେ କେବଣ୍ଡ ଗୁଣ୍ଡି ଧରବା ବାଳଅ ।
ରାମଙ୍କର ସ୍ୱାର୍ଥ ତ୍ୟାଗ ଦେଖି ପଦ୍ମଯୋନି,
ଅତ ଉଚ୍ଚ ଅସନରେ ଦେଲେ ତାଙ୍କୁ ଥୋଇ,
ସପ୍ତର୍ଷି ମଣ୍ଡଳେ; ଯହିଁ ଜୋଡ଼ିଷ ରୂପରେ
ସର୍ବଙ୍କ ମସ୍ତକୋପରି ରହିଲେ ରାଘବ,

(୧୭ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com



# ନାଗବଗାଦଳ

ପ୍ରିୟ ଅଜା;

ପ୍ରଣାମ, ଦେଖୁଛ ତ ତୁମ୍ଭେ ବଡ଼ ଚାଲାକ । ଅନେକ କେତେଜଣ ତୁମର ନାତି ନାତୁଣୀ ଇଚ୍ଛା କରି ଥିଲୁ ଯେ ଆମର ଅଜା ଚୋର କି କଳା ଦେଖିବାକୁ, କିନ୍ତୁ ତୁମ୍ଭେ ଯେପରି କର୍ଣ୍ଣେଲ ସିଲ୍ଭମନଙ୍କୁ କାଛ ନେଲ-ସ୍କୁଲ—ବାଇଥ ଚଢ଼େଇ ଉଡ଼ଗଲା ବହି ଉଣ୍ଡାଇ ବଅନ୍ତୁ ସେହିପରି ଆମ୍ଭମାନଙ୍କୁ ଉଣ୍ଡାଇ ଦେଲ । ଅଜ କହିଲ ଯେ ତୁମ୍ଭ ଉପରେ ଆମ ଅଜଙ୍କର ଷୋଳପଣ ଦାବି । ଏଥିରୁ ସ୍ପଷ୍ଟ ରୂପେ ଜଣା ଯାଉଛି ଯେ ତୁମର ମଧ ଆମ ଅଜଙ୍କ ଉପରେ ଷୋଳପଣ ଦାବି; ଏଥିରେ ଟିକି ସନ୍ଦେହ ନାହିଁ । ତାହାହେଲେ ତୁମ୍ଭେ ଏହି ଷୋଳପଣ ଦାବିରେ ସ୍ୱୀକୃତ ହୋଇ ଆମ ଅଜଙ୍କର ଫଟ ଉପରରେ ଛପାଇଲେ ଆମ୍ଭେମାନେ ଆମର ଅଜଙ୍କୁ ଦେଖି ଅନୁମାନ କରି ପାରିବା ଯେ ଆମର ଅଜା କିପରି ହୋଇ ଥିବେ ।

ଆଶାକରୁଁ ଅଜ ଭୁଲିବ ନାହିଁ ।

ସ୍ନେହର ନାତି
ଶ୍ରୀ ନବକିଶୋର ସାହୁ
କଟକ ।

ସ୍ନେହର ନାତି ନାତୁଣୀଏ,

ଦେଖୁଛ, ଅଜି ତମେ ମୋତେ ବସେଇ ଉଠେଇ ଦବ ନାହିଁ । ଏକା ମୋତେ ନୁହେଁ, କୋଣ ଭୁଆସୁଣୀ ଆଇଟାକୁ ବି ତମର ଦେଖିବା ପାଇଁ ଅବ୍‌ଦାର୍ । ମୁଁ ଦେଖୁଛି ଯିମିତି ଯେତେ ଅଝେଇ ବଢ଼ିଲଣି ଆମ ଯୁଗଳ ମୂର୍ତ୍ତିକୁ ଗୋଟିଏ କାହାରିକି ପାଇଲେ ତମେ ଗୋଟିପଣେ ଗିଳି ଦେଇ ଗୁଲି ଯିବ । ନାଗଛୁଅ ତମେ ସବୁ, ତମକୁ କି ବିଶ୍ୱାସ ! ଅଚ୍ଛା, ମୋତେ ତମେ ଦେଖିବା ଆଗରୁ ମୋ ରୂପଟା କେମିତିକା ହୋଇଥିବ, ଥରେ ମନେ ମନେ ଭାବି 'ଅଜା, ଅଜା, ଅଜା' ବୋଲି ଗଟେ ଅଠଥର ଜପ କରି ମନେ ମନେ ଗୋଟେ ଛବି ଆଙ୍କ । ସେ ରୂପର ବର୍ଣ୍ଣନା କାଗଜରେ ଲେଖି ମୋ ପାଖକୁ ପଠାଅ । ସବୁଠାରୁ ଭଲ ବର୍ଣ୍ଣନା ଯା'ର ହେବ, ସେ ୩ ନମ୍ବର ନାଗବଚ୍ଛା ପଦକ ପାଇବ । ଜୁନ ୧୦ ତାରିଖ ମଧ୍ୟରେ ସମସ୍ତ ଲେଖା ମୋ ପାଖରେ ପହଞ୍ଚିବା ଦରକାର । ଯେଉଁମାନେ ନାଗବଚ୍ଛା ହୋଇଥିବେ କେବଳ ସେଇମାନେ ଏ ପ୍ରତିଯୋଗିତାରେ ଯୋଗ ଦେଇ ପାରିବେ ।

ମୋ ଠିକଣା—ଅଜା, C/o ଡଗର, ପୋ: ଭଦ୍ରକ । ଅଜ ଏତିକିରେ ରହିଲି । ମନେ କରୁଥିବ ।

ତମର
ପ୍ରିୟ ଅଜା

## କୁତୁକୁତୁ

ମହାପାତ୍ରେ କହିଲେ, "ଭାଇ ବୁଝିପାରେ ଅଭାବ । ସଂସାରରେ ବୁଝି ଏତେ ଚଳିବା ଦଉ ଆଉ ସହ୍ୟ ପାରୁନି ନାହିଁ ।

ଦାସେ—କଣ କରିବ ଭାଇ—ଯେତେଦିନ ବଞ୍ଚିବ ତାକୁ ସହିବାକୁ ତ ପଡ଼ିବ ।

ମହାପାତ୍ରେ—ସେଥିରୁ ଏଡ଼ିବା ପାଇଁ ଗୋଟାଏ ବୁଦ୍ଧି ପାଇଛି ।

ଦାସେ—କଣ କହିଲ ?

ମହାପାତ୍ରେ—କଣ କି ଜଣେ ଯୋଗ୍ୟ ଲୋକକୁ ରଖିଛି ଗୃହରେ—ମୋର ଯେତେ ଚଳିବା ଦଉ ସବୁ ଭାର ସେ ମୁଣ୍ଡାଇବ ।

ଦାସେ—ଖୁବ୍ ଭଲ କଥା । ଦରମା କେତେ ଦଉଛ ?

ମହାପାତ୍ରେ—ମାସକୁ ଟ ୫୦୦୦ ।

ଦାସେ—ଆଁ— ଏଣେ କହୁଚ ଅଭାବ—ସେଥିରେ ଏତେ ଟଙ୍କା ଦରମା ଦେଇ ପାରିବ ତ ?

ମହାପାତ୍ରେ—ହଁ, ସେ ଗୋଟାଏ ଚଳାବ କଥା, ମାତ୍ର ସେ ଭାର ଯେ ତାହାରି ଉପରେ ।

## ନାଗବଗୁଦଳର ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜନର ପରିସର ବଢ଼ାଇବା, ଚିତ୍ତ—ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ଉତ୍ତମମାନଙ୍କ ମଧ୍ୟରେ ପରସ୍ପର ଜ୍ଞାନ ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ, ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ, ସେବା, ସାହସ ଓ ଅହିଂସା ସାଧନରେ ସେମାନଙ୍କୁ ଉଦ୍‌ବୁଦ୍ଧ କରାଇବା ।

## ପ୍ରତିଜ୍ଞା ପତ୍ର ।

ପ୍ରିୟ ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ବର୍ଷରୁ କମ୍ । ମୁଁ ସତ୍ୟ ସେବା ସାହସ ଓ ଅହିଂସା ବ୍ରତ ପାଳନ କରିବି । ଦୟାକରି ନାଗବଗୁଦଳରେ ମୋ ନାମ ଲେଖେଇ ଦେବେ । ମୁଁ ଏଥି ସହ ୧୦/ର ଡାକ ଟିକଟ ପଠାଇଲି ।

ଆପଣଙ୍କ ସ୍ନେହର ନାତିନାତୁଣୀ

ଶ୍ରୀ ____________________

ଠିକଣା ____________________

ତାରିଖ

## ନୂଆ ନାଗବଗୁଙ୍କ ନାମ ।

୭୬ । ଶ୍ରୀ ସଚ୍ଚିଦାନନ୍ଦ ମହାପାତ୍ର, ସେକେଣ୍ଡରୀ ଟ୍ରେନିଂ ଅପୋଜିସନ, ବାରିପଦା । ୭୭ । ଶ୍ରୀ ଦ୍ୱାରକାନାଥ ଦାସ, କଲେଜ ଲେନ, ବୁଢ଼ାଗୌରୀ ଚୌକ, କଟକ । ୭୮ । ଶ୍ରୀ ଅଧିକାରୀ ଗୁରୁ ଚନ୍ଦ୍ର ଦାସ, ହାଇସ୍କୁଲ, ବାରିପଦା । ୭୯ । ଶ୍ରୀ ରଘୁନାଥ ପ୍ରସାଦ ଦାସ, ହାଇସ୍କୁଲ, ଭଦ୍ରକ ୮୦ । ଶ୍ରୀ କାମିନୀକାନ୍ତ ପଟ୍ଟନାୟକ, ପୋ: ମୋରଡ଼ା—ମୟୁରଭଞ୍ଜ । ୮୧ । ଶ୍ରୀ କୃଷ୍ଣବଲ୍ଲଭ ଦେ, ୮ମ ଶ୍ରେଣୀ R. C, school, କଟକ ୮୨ । ଶ୍ରୀମତୀ ନିରୁପମା ଦେବୀ, C/o ଶ୍ରୀ ନରେନ୍ଦ୍ର ମୋହନ ତ୍ରିପାଠୀ, ବେତନଟୀ, ମୟୁରଭଞ୍ଜ । ୮୩ । ଶ୍ରୀ ଭାଗୀରଥୀ ପଣ୍ଡା, ଆଶୁତୋଷ କଲେଜ କଲିକତା । ୮୪ । ଶ୍ରୀ ଉପେନ୍ଦ୍ର ମହାପାତ୍ର, ୭ମ ଶ୍ରେଣୀ ଜଳଗିରି ମି:ଇ: ସ୍କୁଲ, ଜଳଗିରି ୮୫ । ଶ୍ରୀ ନବକିଶୋର ସାହୁ, ପ୍ୟାରୀମୋହନ ଏକାଡେମି, ୯ମ ଶ୍ରେଣୀ, କଟକ ।

Digitized by srujanika@gmail.com

# ଖବରଅନ୍ତର



ସୀମାନ୍ତ ପ୍ରଦେଶରେ ମହାତ୍ମା ଗାନ୍ଧି ଯାଇ ଏକ ସଫର ମାରି ଅସିଲେ । ସେଠାକାର ପଠାଣମାନଙ୍କର ହିନ୍ଦୁ ପୀରଙ୍କ ଦର୍ଶନ ପାଇ ଛାତି ଫୁଲ୍‌ ଫୁସ୍‌ !

ସୀମାନ୍ତ ଦେଶ ଅସେମ୍ବ୍ଲି ହଲର ହିମେଣ୍ଟ ଛାତ ପଡ଼ିଯିବାରୁ ସୁପରଣ୍ଟେଣ୍ଡିଂ ଇଞ୍ଜିନିୟର ପ୍ରମୁଖ କେତେ ବଡ଼ ବଡ଼ କର୍ମଚାରୀଙ୍କର ମୁଣ୍ଡ ହୋଇଅଛି । ଭାଗ୍ୟକୁ ଅସେମ୍ବ୍ଲି ବସି ନ ଥିଲା !

ମନ୍ତ୍ରୀଶ୍ରୀର ସରକାର ସେଠା କଂଗ୍ରେସ ବାଲାଙ୍କ ଉପରେ ଯେଉଁ ଗୁଳିମାଡ଼ କରିଥିଲେ ସେଥିପାଇଁ ସାରା ଭାରତରେ ଆନ୍ଦୋଳନ କରିବା କେତେକଙ୍କ ମତ । ବୁଝା ସୁଝା କରିବା ପାଇଁ ସରଦାରଜୀ ଓ ଅଗ୍ରଣୀ ଯାଇଛନ୍ତି । ସମାଳ ! ସମାଳ !

ବିହାର ସରକାର ପୋଲ ପୋଲରେ ଦେଶଯାକ ପାଠ୍ୟ କରିଦେବା ପାଇଁ ଲାଗି ପଡ଼ିଛନ୍ତି । ତାଙ୍କ ଦେଖା ଦେଖି ଯୁକ୍ତ ଓ ମଧ୍ୟ ପ୍ରଦେଶ ବି ଆରମ୍ଭ କଲେଣି । ଓଡ଼ିଆ ହେଉଛନ୍ତି କାହିଁକି ? ନା — ସମସ୍ତେ ଯେବେ ପାଠ ପଢ଼ିବେ, ଘାସ କାଟିବ କିଏ ?

କଟକର ସାହିତ୍ୟ ସମ୍ମିଳନୀ ସାଙ୍ଗେ ସାଙ୍ଗେ ସିଂହଭୂମି ସାହିତ୍ୟ ସମ୍ମିଳନୀ ହୋଇ ଯାଇଛି । ଏଠିକାର ପ୍ରବୀଣା ପଣ୍ଡିତ ନୀଳକଣ୍ଠ ଓ ସେଠି କାର ସଭାପତି ଅଠମଲିକ ରାଜା ହୋଇଥିଲେ । ସାହିତ୍ୟକୁ ବି ଶୁଭଦଶା ପଡ଼ିଛି ।

ମଞ୍ଜୁଷାର ଉତ୍କଳ ସମ୍ମିଳନୀ ପଛେ ପଛେ ପୁଣି କଟକରେ ପ୍ରାଦେଶିକ ସମ୍ମେଳନୀ ହେବାର ଯୋଗାଡ଼ ଲାଗିଲାଣି । ଗୁଡ଼ା ଓ ସମ୍ମେଳନୀ ଯେତେ ବଢ଼ିବ ଦେଶ ସେତେ ଉପରକୁ ଚଢ଼ିବ ।

ମହାତ୍ମାଜୀ ଜବାପ ଦେଇ ଛାଡ଼ି ଦେଇଛନ୍ତି କି କଂଗ୍ରେସ ପତାକା ସାଙ୍ଗରେ ମହୀଶୂର ରାଜ ପତାକା ବି ସେଠି ଉଡ଼ିବ । ଯବନାଣ୍ଡେ ସମୁପ୍ଲନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ ।

ଓଡ଼ିଶାର ଲ୍ୱାଟ ଲାଟ ହେନ ସାହେବ ଛୁଟି ନେଇ ଚାଲିଗଲେ ।

ଜମିଦାରମାନେ ମନ ଦୁଃଖରେ କହୁଛନ୍ତି —କାଲ୍‌ ହବେ ଅଭିଷେକ ଅଜ ଅଧିବାସ୍‌, ହେନକାଳେ ରୁନଜନ୍ଧି ଗେଲ ବନବାସ ।

ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ସାର କୋର୍ଟନି ଟେରେଲ ଛୁଟିରେ ଯାଇ ବିଲାତରେ ଦେହତ୍ୟାଗ କରି ଅଛନ୍ତି । ସେ ଜଣେ ମହାନୁଭବ ଓ ନିର୍ଭୀକ ନ୍ୟାୟପତି ଥିଲେ । ତାଙ୍କର ଆତ୍ମାର ସଦ୍‌ଗତି କାମନା କରୁଁ ।

ମଧ୍ୟପ୍ରଦେଶର ଗୁରୁ ଜଣ କଂଗ୍ରେସ ମନ୍ତ୍ରୀ ହଠାତ୍‌ ପଦ ତ୍ୟାଗ କରି ଅଛନ୍ତି । ଆଉରି ଜଣେ ବି କରି ପାରନ୍ତି । ରହସ୍ୟଟା କଣ ଜଣା ପଡ଼ୁନାହିଁ । ସଦ୍‌ଗତି ନା ବଦ୍‌ଗତି ?

ହିନ୍ଦୁ ମୁସଲମାନ ମିଳନର ସତ୍ୟନାଶପୂର୍ଣ ପ୍ରଶ୍ନ ବମ୍ବେରେ ପୁଣି ଲାଗିଛି । ମହାତ୍ମା ଗାନ୍ଧୀ ଓ ମହମ୍ମଦ ଅଲି ଜିନ୍ନାଙ୍କ ଭିତରେ । ତାଳଥ ଚପେ ସୁଭାଷ, ପଟେଲ ପ୍ରଭୃତି ପହଞ୍ଚି ଗଲେଣି, ହାଣ୍ଡି ପାଡ଼ିବ ନା ?

## କାହିଁକି

ଅବ୍‌ଦୁଲ ଗଫରଖାଁ ସୀମାନ୍ତ ଗାନ୍ଧି ହେଲେ କାହିଁକି······ଯେଣୁ ସେ ଛେଳିର ଅଂଶ ବିଶେଷ ଫଳାହାର କରନ୍ତି

ସୁଭାଷ ବୋଷ ଜହରଲାଲଙ୍କ ପରି ହୋଇ ପାରୁ ନାହାନ୍ତି କାହିଁକି ?···ମନରଖା ଗୋରୁ ଆସନା ପର୍ବ ?

ପ୍ରାଦେଶିକ ସମ୍ମେଳନ ବସୁଛି କାହିଁକି ? ···ସ୍ୱାଗତ ସମ୍ବର୍ଦ୍ଧନା ।

କବିମାନେ ନବାବ ସାହେବଙ୍କୁ ଦଶରଥଙ୍କ ଉପମା ଦିଅନ୍ତି କାହିଁକି ?···ପାଠକେ କହନ୍ତୁ ଦେଖି କିଏ କଣ !

ଖଲିକୋଟ ଏ ଗରମରେ ପୁରୀ ଅସିଥିଲେ କାହିଁକି ?···ଥଣ୍ଡା ହୋଇ ଫେରିଛନ୍ତି ଟି !

ବମନଫାଡ଼ଙ୍କୁ ବରଣ ମାଳା ଦେବା'ରେ ଅପତ୍ତି ନାହିଁ କାହିଁକି ?···ପରକୀୟ ପ୍ରୀତି ସୁଖଦ ଅଟେ !

ପାର୍ଲିଆମେଣ୍ଟର ସେକ୍ରେଟେରୀ ବିଶ୍ୱାସ ପଦତ୍ୟାଗ କଲେ କାହିଁକି ?

'ସେ ପ୍ରୀତିକି ଜୁହାର ହେଉଛି ବାର ବାର ମାଳତୀ ଦେଖା କାଳୀ ହେଲେ କାହିଁକି ଫହାର—ଫହାର ।

## ଯଦି—

ହିନ୍ଦୁ ଯଦି ଘାସ ହୁଅନ୍ତା···ତ କ[...] ଅରବି ଘୋଡ଼ା

ପ୍ରଧାନ ମନ୍ତ୍ରୀ ଯଦି ବ୍ରାହ୍ମଣ ହୁଅନ୍ତେ·· ଜମିଦାର ହୁଅନ୍ତେ ଦହି ଚୁଡ଼ା । + ×

ଯୀଶୁଖ୍ରୀଷ୍ଟ ଯଦି ଅଜି ଥାଆନ୍ତେ···ଇଂରେ[...] ସବୁଣି ଦେଖି କେଡ଼େ ଖୁସି ହୁଅନ୍ତେ । +

ସିନେମା ଯଦି ସ୍ୱର୍ଗ ହୁଅନ୍ତା···ଗୃହେ[...] ପଇସାରେ କେତେ ରମ୍ଭା ମେନକା ମିଳନ୍ତେ ×

ଫେଡ଼େରେସନ ଯଦି ସ୍ୱର୍ଣ୍ଣ ଲଙ୍କା ହୁଅନ୍ତା ···କଂଗ୍ରେସ ହନୁମାନ ହୁଅନ୍ତା । + +

ମହାତ୍ମା ଗାନ୍ଧି ଯଦି ମୁସୋଲିନୀ ହୁଅନ୍ତେ· ତେବେ ପ୍ରେମ ଓ ଅହିଂସାର ବୋମା ତିଆରି କରି ଦେଶରେ ବିତରଣ କରନ୍ତେ । +

ନବ ରାମାୟଣ—୧୪ ପୃଷ୍ଠା ଉତ୍ତାରୁ

ଦୁଇପକ୍ଷ ମଣିଲେ କି ହେଲା ଅମ୍ବ ଜମ୍ବୁ,
ଘିଅ ଓ ଖେଚଡ଼ି ଖାଇ ଯଥା ମନେ ମନେ,
ସନ୍ତୋଷ ହୁଅନ୍ତି ଅପେ ବେହିଆ ମଣ୍ଡଳ ।
ଦେଖିବାକୁ କଳଚୋଲ ହୋଇଗଲା ଥଣ୍ଡା
ଭିତରେ ଭିତରେ ମାଡ଼ ଗୁଳିଲା ଲୁହୁଳ
ଭୂଷଗଡ଼ା ମଧ୍ୟେ ଲୁଚି ରହେ ଯଥା ନିଆଁ,
ଏହି ନିଆଁ ଧପ୍‌ କରି ଜଳି କେଉଁ ଦିନ
ପୋଡ଼ିବ କେବଳ ଲଙ୍କା, କରି ଛାରଖାର,
ଅବା ଦମ୍‌କଳ ଯୋଗେ ଯିବ ସବୁ ଲିଭି ।
ସେହି ନାଟ ଦେଖିବାକୁ ରହି ଦମ୍‌ ଧରି
ଏଡ଼ିକ ଏ ଦୀନ କପି କରୁଛି ଗୁହାରି ।
ଶତିଆ କାଣ୍ଡଟି ଅଟେ ବଡ଼ ସୁଆଦିଆ,
କୁଲପି ବରଫ ସନେ ଯଥା ଜଗେ ଗୁହା,
କଳ କଳ ଗୁଖି ଗୁଖି ଖାଇବ ଏହାକୁ,
ଚୁମୁକ ଲଗାଇ ଯାଇ କରି ଚକୁ ଚକୁ !
ତେବେ ତ ପାଇବ ମିଠା, ମଜା ଯିବ ବଢ଼ି,
ଟାଉ ଟାଉ ହେଲେ ପୁଣି ଦାନ୍ତ ଯିବ ଝଡ଼ି ।
ଶତିଆ **କାଣ୍ଡର କଥା** ରସାଳ ସମାନ,
ହନୁମନ୍ତ କହେ ଶୁଣ ରସିକ ସୁଜାଣ ।

Digitized by srujanika@gmail.com

୫୦୦୦

# ଓଡ଼ିଆ ଘରେ

## ଡଗର ପ୍ରବେଶ କରୁଛି

## ୨୫୦୦୦

ଯୁବକ, ଯୁବତୀ, ବୃଦ୍ଧ, ତରୁଣ ପ୍ରଭୃତି

## ଡଗର ପଢ଼ୁଛନ୍ତି

ଡଗରରେ ବିଜ୍ଞାପନ ଦେଇ ଆପଣମାନଙ୍କ ବ୍ୟବସାୟ ବଢ଼ାନ୍ତୁ ।

**ମେନେଜର 'ଡଗର'**
ପୋ: ଭଦ୍ରକ ।
( ଓଡ଼ିଶା )

---

ଚିକିତ୍ସା ଜଗତରେ ଅଦ୍ଭୁତ ଆବିଷ୍କାର

## ଜଗନ୍ନାଥ ତୈଳ

ଜଗନ୍ନାଥ ତୈଳ ସମସ୍ତ ପ୍ରକାର ରୋଗର ମୂଳୋତ୍ପାଟନକାରୀ, ଦଉଡ଼ା, ତଳକଣ୍ଟା, ବହୁମୂତ୍ର, ପ୍ରମେହ (ଜ୍ୱାଳାପୋଡ଼ା ସହ ଧାତୁପଡ଼ିବା, ପେଟନେଗ, ଅଜୀର୍ଣ୍ଣ, କାଶ, ମୂର୍ଚ୍ଛା, ଶ୍ୱାସ, ଅର୍ଶ, ରକ୍ତପିତ୍ତ, ରକ୍ତ ଅତିସାର, ଅମବାତ, ଅଣ୍ଟ କଣ୍ଟ ବାତ, କୋଷବୃଦ୍ଧି, ଉନ୍ମାଦ ଅପସ୍ମାର, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମୁଣ୍ଡବନ୍ଧା, ମୁଣ୍ଡବୁଲା, ଦାନ୍ତମୂଳ ଫୁଲା, ଘଣ୍ଟି ଫୁଲା, ଛିଡ଼ଘା, କାଛୁ, କୁଷ୍ଠ, ... , ମରଳା, ଚମଦଳା, ଯାଦୁ, ଛଉ, କଟାଘା, ଛେଚାଘା, ପୋଡ଼ାଘା, ସର୍ପ ଦଂଶନ, ବିଛା, କଙ୍କଡ଼ାବିଛା, ଦୁଷ୍ଟ ଜୀବଜନ୍ତୁ ମାନଙ୍କର ଦଂଶନ, କାନପୂଜ, କାନପଚା, ସ୍ତ୍ରୀମାନଙ୍କର ମାସିକ ଋତୁର ଗୋଳମାଳ ଦେଖାଯିବା, ଶ୍ୱେତ ଓ ରକ୍ତ ପ୍ରଦରରେ ସ୍ରାବ ହେବା, ଅନ୍ୟାନ୍ୟ ସମସ୍ତ ପ୍ରକାର ରୋଗ ଜଗନ୍ନାଥ ତୈଳ ଦ୍ୱାରା ଆଶ୍ଚର୍ଯ୍ୟରୂପେ ଆରୋଗ୍ୟ ହେଉଅଛି ।

ଠିକଣା—ସ୍ୱାସ୍ଥ୍ୟ ସହାୟ ଔଷଧାଳୟ

**କବିରାଜ ଶ୍ରୀ ବିଶ୍ୱନାଥ ଦାସ**
ଏ, ବି, ଏଲ୍, ଏଚ, ଏମ୍, ଏସ୍,
ଚଳିଶା ବଜାର, ପୋ: ବକ୍ସିବଜାର କଟକ ।

---



# ଅସଲ ପଞ୍ଚଗୁଣା ତୈଳ

ଘା; ଘାଉଜ; ବଥା; ମଚକା; ବନ୍ଧ କାମୁଡ଼ା, ମେଣ୍ଢା ମୁଣ୍ଡିଆ ବାତ; ପକ୍ଷାଘାତ ପ୍ରଭୃତି ସମସ୍ତ ପ୍ରକାର ବେଦନାର ଏକ ମାତ୍ର ମହୌଷଧ:—ମୂଲ୍ୟ ୧୦ ମାତ୍ର ।

ଠିକଣା:—ଅସଲ ପଞ୍ଚଗୁଣା ତୈଳ ଅଫିସ୍—କଟକ ।

---

ଆପଣଙ୍କର ମରମ କଥା ପାଇବେ

ଶ୍ରୀମାନ୍ ନିତ୍ୟାନନ୍ଦଙ୍କର ମରମ ଦାହ୍ୟ ଅମର କବିତା

## 'ମରମ'ରେ

ମୂଲ୍ୟ—୧୦୨

---

## 'ବିଶଲ୍ୟ କରଣୀ ମଲମ'

କଟା ଘା, ପୋଡ଼ା ଘା, ମୁଣ୍ଡ ବଥା, ଦୋଲା ବନ୍ଧା, ଚଢ଼ା, ବାତି ଚିଲିକି ଇତ୍ୟାଦି ସର୍ବ ପ୍ରକାର ବ୍ୟଥା ଯନ୍ତ୍ରଣାର ଅବ୍ୟର୍ଥ ମହୌଷଧ। ଓଡ଼ିଶା କେମିକେଲରେ "ବିଶଲ୍ୟ କରଣୀ"ର ପ୍ରସ୍ତୁତ କାରକମାନଙ୍କ ଦ୍ୱାରା ପରୀକ୍ଷିତ ଓ ପ୍ରସ୍ତୁତ । ଦ ନଉ ଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନୀ କାରଖାନାରେ ହୋଇ ବଜାରରେ ଖୁବ ଆଦର ପାଉଅଛି ।

**ପ୍ରୋପ୍ରାଇଟର—ଶ୍ରୀ ଗୋବିନ୍ଦଚନ୍ଦ୍ର ଦାସ ।**
ଦ ନଉ ଓଡ଼ିଶା ଇଣ୍ଡଷ୍ଟ୍ରିଅଲ କମ୍ପାନୀ
କଟକ ।

---

ଶୁକ୍ରତାରଲ୍ୟ ଓ ଧ୍ୱଜଭଙ୍ଗ ପାଇଁ

## ବୃହତ୍ କନ୍ଦର୍ପ ମୋଦକ

ଏହା ତରଳ ଧାତୁ ଗାଢ଼ କରାଏ ... ଶକ୍ତି, ସଂଯମ, ରତିଶକ୍ତି ବୃଦ୍ଧି ସଙ୍ଗେ ଅତି ଶୀଘ୍ର ହୋଇ ଯାଏ ।

| | | |
|---|---|---|
| ମୂଲ୍ୟ | ପେ୧ରକୁ | ୮ ୭ ୯ |
| ,, | ପେ୦୪୮କୁ | ୫୩ ୨ |
| ,, | ପେ୦ କୁ | ୪ ୧ ୯ |

ଭି: ପି: ରେ ଔଷଧ ପଠାଯାଏ ।

ଠିକଣା

କବିରାଜ ଶ୍ରୀ ରାମଚନ୍ଦ୍ର ପଣ୍ଡା ଏଲ୍ ଏଚ୍ ଏମ୍ ପି

**ଦରିଦ୍ର ବନ୍ଧୁ ଔଷଧାଳୟ**

ଖପର ପଦା । ପୋ : ଭୋଗରାଇ । ଜି : ବାଲେଶ୍ୱର

---

## ପି: ପ୍ରୁଷ୍ଟି ଏଣ୍ଡ୍ ସନ୍ସ୍

ପଥରଦାନ୍ତ ଓ ଚଶମା ବିକ୍ରେତା

ଅଦାଲତ କଚେରୀ ସାମନା

**ପୋ: ଅ: ଚାନ୍ଦନୀଚୌକ, କଟକ ।**



Digitized by srujanika@gmail.com

REG. NO. P 441 THE DAGARO.


# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସୁରେନ୍ସ ସୋସାଇଟି ଲି: କଲିକତା

ଦୀର୍ଘ ୪୦ ବର୍ଷ ବ୍ୟାପୀ ସୁନାମର ସହିତ, ସ୍ୱଦେଶୀ ବୀମା କମ୍ପାନୀରେ ବୀମା କରି ନିଜର ଓ ଦେଶର ଉପକାର କରନ୍ତୁ ।

ବୀମା ପତ୍ରର ସର୍ତ୍ତ ସର୍ବୋତ୍କୃଷ୍ଟ ।

ଅକସ୍ମାତ ମୃତ୍ୟୁରେ ଦ୍ୱିଗୁଣ ଟଙ୍କା ମିଳିବ ।

ଅକର୍ମଣ୍ୟ ହେଲେ ବୀମା ଟଙ୍କା ମିଳିବାର ସୁନ୍ଦର ବ୍ୟବସ୍ଥା ।

ପିଲାଙ୍କର ବୀମା, ସ୍ତ୍ରୀ ବୀମା ପ୍ରଭୃତି ନାନା ପ୍ରକାର ସୁବିଧା ଜନକ ବୀମାର ଉତ୍କୃଷ୍ଟ ବ୍ୟବସ୍ଥା ।

ବୀମା ଅପଣା ସର୍ତ୍ତ ଚଳାଇବାର ସୁନ୍ଦର ବ୍ୟବସ୍ଥା ଯଥେଷ୍ଟ

୧୯୪୬-୪୭ ସାଲର ସଂକ୍ଷିପ୍ତ ବିବରଣ

ନୂତନ ବୀମାର ପରିମାଣ ୨୦ କୋଟି ୬୦ ଲକ୍ଷ ୭୦ ହଜାରରୁ ଉର୍ଦ୍ଧ୍ୱ ।

ବୀମା ପାଣ୍ଠି ୧୦ କୋଟି ୩୦ ଲକ୍ଷ ୧୭ ହଜାରରୁ ଉର୍ଦ୍ଧ୍ୱ ।

ମୋଟ ସମ୍ପତ୍ତିର ପରିମାଣ ୨୦ କୋଟି ୬୦ ଲକ୍ଷ ୭୦ ହଜାରରୁ ଉର୍ଦ୍ଧ୍ୱ ।

ବାର୍ଷିକ ଆୟ ୭୦ ଲକ୍ଷ ୪୫ ହଜାରରୁ ଉର୍ଦ୍ଧ୍ୱ ।

ମୋଟ ଚଳନ୍ତି ବୀମାର ପରିମାଣ ୧୨ କୋଟି ୮ ଲକ୍ଷରୁ ଉର୍ଦ୍ଧ୍ୱ ।

ମୋଟ ଦାବୀ ଦଆଯାଇଛି ୧ କୋଟି ୪୦ ଲକ୍ଷରୁ ଉର୍ଦ୍ଧ୍ୱ ।

ଆମ୍ଭମାନେ କେବଳ ଭାରତୀୟ ବୀମାକାରୀଙ୍କୁ ମୋଟ ସମ୍ପତ୍ତିର ଶତକଡ଼ା ... କରିଅଛୁ । ଏ ବର୍ଷ ସର୍ବାଧିକ ନୂତନ ବୀମା ସଂଗ୍ରହ ହୋଇଥିବା ସତ୍ତ୍ୱେ କମ୍ପାନୀର ଖର୍ଚ୍ଚର ହାର କମି ଶତକଡ଼ା ୫୩.୧୯ ହୋଇଛି ।

(ଓଡ଼ିଶାରେ, ବିଶେଷତଃ ଦକ୍ଷିଣ ଓଡ଼ିଶାରେ ଉଚ୍ଚ କମିଶନରେ ଏଜେଣ୍ଟ ଲୋଡ଼ା, ଏଜେନ୍ସି ଓ ଅର୍ଗାନାଇଜର ହେବାପାଇଁ ଦରଖାସ୍ତ କରନ୍ତୁ ।)

ବ୍ରହ୍ମଦେଶ, ସିଂହଳ, ବର୍ମା, ପୂର୍ବ ଆଫ୍ରିକା ପ୍ରଭୃତି ସ୍ଥାନରେ ୬ ସହରରେ କମ୍ପାନୀର ଅଫିସ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍. ଦତ୍ତ, ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲଡିଂସ, କଲିକତା ।

ଓଡ଼ିଶା ଅଫିସ: — ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗାନାଇଜର, କଟକ ।



## ଉତ୍କଳରେ ଆୟୁର୍ବେଦ ବିଜ୍ଞାନର

# ନୂତନ ଆବିଷ୍କାର

### ଯୋଗଶକ୍ତି

ଏହାର ଗୁଣ ଯେଉଁମାନେ ପରୀକ୍ଷା କରିଅଛନ୍ତି ସେମାନଙ୍କଠାରୁ ଶୁଣନ୍ତୁ ଏବଂ ଥରେ ମଧ ପରୀକ୍ଷା କରି ଦେଖନ୍ତୁ । ସ୍ୱପ୍ନଦୋଷ (Night Pollution)ର ଅମୋଘ ପ୍ରତିକାର ଏ ପର୍ଯ୍ୟନ୍ତ ଆଉ ଆବିଷ୍କୃତ ହୋଇନାହିଁ । ଶୁକ୍ରତାରଲ୍ୟ ଏବଂ ତଜ୍ଜନିତ ମାନସିକ ଦୁର୍ବଳତା, ସମସ୍ତ ବିଷୟରେ ଅମନୋଯୋଗୀତା, ଉଦ୍ୟମହୀନତା, ବୈରାଗ୍ୟ, ମସ୍ତିଷ୍କ ଘୂର୍ଣ୍ଣନ ଏବଂ ଅନିଦ୍ରା, ଅଗ୍ନିମାନ୍ଦ୍ୟ, କୋଷ୍ଠକାଠିନ୍ୟ, କୋଷ୍ଠବଦ୍ଧତା, ଅଧଶିର, ଶିରଘୂର୍ଣ୍ଣନ, ଏବଂ ଅଳ୍ପ ମୂତ୍ରାଧାର ବେଗ କିମ୍ବା ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣ ମାତ୍ରେ ଶୁକ୍ରସ୍ଖଳନ ପ୍ରଭୃତି ସମସ୍ତ ପ୍ରକାର ରୋଗ ଏଥି ଦ୍ୱାରା ସମୂଳେ ଆରୋଗ୍ୟ ହୁଏ । ଦୁଇ ବୋତଲ ବ୍ୟବହାର କଲେ ଶରୀରରେ ବଳ ଫେରି ଆସେ । ୨୧ ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୯ ମାତ୍ର ।

### ରତି ଶକ୍ତି

ଏହା ବ୍ୟବହାର କଲେ ବୃଦ୍ଧ ଯୁବକ ତୁଲ୍ୟ ରତିଶକ୍ତି ପାଏ । ଯେଉଁମାନେ ଶୁକ୍ରକ୍ଷୟ ଓ ଧ୍ୱଜଭଙ୍ଗ ହେତୁ ହତାଶ ହୋଇ ଅଛନ୍ତି, ସେମାନଙ୍କୁ ଏହା ଔଷଧ ଶତ୍ରୁ ଶତ ଫଳ ଦିଏ । ଥରେ ପରୀକ୍ଷା କରନ୍ତୁ । ୨୧ ଦିନ ବ୍ୟବହାର ନିମନ୍ତେ ଶିଶିର ମୂଲ୍ୟ ୫୧୪ ।

### କର୍ପୂରାରିଷ୍ଟ

ହଇଜା ଗୋଟିଏ ଭୟଙ୍କର ରୋଗ । ଘଣ୍ଟେ ଘଣ୍ଟେ ଲୋକର ଜୀବନ ନଷ୍ଟ କରିଦିଏ । ଗୋଟିଏ ଶିଶି କର୍ପୂରାରିଷ୍ଟ ଘରେ ରଖନ୍ତୁ, ଆଉ ମୃତ୍ୟୁର କାରଣ ଘଟିବ ନାହିଁ ।

—ବଡ଼ ଶିଶିର ମୂଲ୍ୟ ୫୦୪, ଛୋଟ ଶିଶିର ମୂଲ୍ୟ ୫୦—

ନମ୍ବର ସରଦାର
ପୋ: ଅ: ଗୁହାଳେଶ୍ୱର,
କଟକ ।

ବୈଦ୍ୟରାଜ
C/o ଶ୍ରୀ ବାଲୁକେଶ୍ୱର ଅଗ୍ରୱାଲ୍ ...
ଔଷଧାଳୟ — ଶ୍ରୀ ଲକ୍ଷ୍ମୀନାରାୟଣ ଅଗ୍ରୱାଲ
ଆୟୁର୍ବେଦାଚାର୍ଯ୍ୟ


Digitized by srujanika@gmail.com